# ସମାରୋହ



KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

(ISO 9001 : 2008 Certified)

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining, Value Creation and Corporate Social Responsibility

*CORPORATE OFFICE*

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**

# SIKSHA 'O' ANUSANDHAN

SIKSHA 'O' ANUSANDHAN (DEEMED TO BE UNIVERSITY)

*A Bright Future Begins here...*

## Programme & Courses Offered in

- Institute of Technical Education and Research (ITER)
  B. Tech, M.Tech, BCA, MCA, M.Sc., PHD
- Institute of Business and Computer Studies (IBCS)
- SOA National Institute of Law (SNIL)
- Institute of Agricultural Sciences (IAS)
- Institute of Veterinary Scinece and Animal Husbandry (IVSAH)
- School of Pharmaceutical Sciences (SPS) and Center for Biotechnology
- Sum Nursing College (SNC)
- School of Hotel Management (SHM)
- Institute of Medical Sciences and SUM Hospital(IMS & SUM Hospital)
- Institute of Dental Science (IDS)

nirf
INDIA RANKINGS 2023

15th | 27th | 16th | 9th | 8th | 26th Overall

THE WORLD UNIVERSITY RANKINGS

QS WORLD UNIVERSITY RANKINGS

## OUR MAJOR RECRUITERS

Microsoft, IBM, Infosys, Cognizant, amazon, Reliance, Capgemini, BOSCH, MACLEODS, Marriott, TAJ, ICICI Bank, ARISTO, ITC Limited, Deloitte., Zydus, FEDERAL BANK (YOUR PERFECT BANKING PARTNER), HYATT, wipro, BHARAT SERUMS & VACCINES LIMITED

## A Deemed to be University

*declared u/s. 3 of the UGC Act., 1956*

www.soa.ac.in


Bringing SMILE
to the Rural Life...
Mining
Power & Steel
Green Energy
Education
Agritech
SNM
SNM GROUP
Weigh Bridge Road, Barbil, Dist : Keonjhar - 758 035, Odisha
Website: www.snmgroups.com

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )


**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayan Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ
**ପ୍ରଚ୍ଛଦପଟ:**
କଟକ ଦୁର୍ଗାପୂଜା

**Volume - 34 Issue - 1**
**Puja Special October - 2024**
**Price- Rs. 100/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*


## ସୂଚୀପତ୍ର

### ପ୍ରବନ୍ଧ


| | | |
|---|---|---|
| ଶ୍ରୀକ୍ଷେତ୍ରବାସିନୀ - ମା’ ଶ୍ୟାମାକାଳୀ | ଡ.ସୁଚେତା ରାଉତ | ୧୫ |
| ସମତାସିକ୍ତ ଜୀବନ ପାଇଁ ତିନୋଟି ପାହାଚ (ଦ୍ୱିତୀୟ ଭାଗ) | ଡଃ ଜୀବନ କୃଷ୍ଣ ମହାପାତ୍ର | ୧୮ |
| ମହାଶକ୍ତି ମା’ ଦୁର୍ଗା | ଦେବଯାନୀ ରାୟ | ୨୨ |
| କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୀବନ ସଂଗୀତ ଓ ଜାତୀୟ ସଂଗୀତ ଏକ ଅନୁଶୀଳନ | ଡ. ରମାକାନ୍ତ ରାଉତ | ୨୫ |
| ମହାଶକ୍ତି ହିଁ ବ୍ରହ୍ମଙ୍କ ଇଚ୍ଛାଶକ୍ତି | ପ୍ରଶାନ୍ତି ମିଶ୍ର | ୨୯ |
| ଐତିହାସିକ ସହର ସୋନପୁରରେ ବୁଢ଼ୀମା’ ଯାତ୍ରା | ଅଧ୍ୟାପକ ପବିତ୍ର ମୋହନ ବାରିକ | ୩୦ |
| ଖଲ୍ଲିକୋଟ ରାଜା ମହାମତି ରାମଚନ୍ଦ୍ର ଦେଓ ମର୍ଦ୍ଦରାଜ | ଶକୁନ୍ତଳା ବଳିଆରସିଂହ | ୩୨ |
| ଭାରତୀୟ ନାରୀର ଆଦର୍ଶ | ପ୍ରଫୁଲ୍ଲ କୁମାରୀ ରାୟ | ୩୩ |
| ବିଶ୍ୱଗୁରୁ ଭାରତ - କହିବା ଯଥାର୍ଥ କି ? | ବାଉରିବନ୍ଧୁ ଲେଙ୍କା | ୩୪ |
| ଜଗନ୍ନାଥ ସଂସ୍କୃତି ଓ ତା’ର ଭାଷା ସାହିତ୍ୟର ସୁରକ୍ଷା | ବଲ୍ଲଭ ରାଉତ | ୩୬ |
| ଓଡ୍ର, ଉଡ୍ଡୀୟାନ ଓଡ୍ଡାଧୀଶ | ଡ(ଇଂ) ସଞ୍ଜୟ କୁମାର ପଣ୍ଡା | ୩୯ |
| ଶ୍ରୀକ୍ଷେତ୍ରରେ ଅଷ୍ଟଚଣ୍ଡୀ ଉପାସନା | ଡାଃ ସୁରେନ୍ଦ୍ରନାଥ ପତି | ୪୧ |
| ଶକ୍ତି ଉପାସନା ର ଦିଗ ଓ ଦିଗନ୍ତ | ବିଭୂତି ଭୂଷଣ ସେନାପତି | ୪୨ |
| ଦେବୀ ଦୁର୍ଗା ବିଶ୍ୱମାତୃକା | ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ | ୪୪ |
| ଶକ୍ତି ପରମ୍ପରା ଓ ମା ଶ୍ରୀ ବିରଜା | ବିଜୟଲକ୍ଷ୍ମୀ ସାହୁ | ୪୬ |


### ଅନୁବାଦ ଉପନ୍ୟାସ


| | | | |
|---|---|---|---|
| ହୀରା ମଞ୍ଜିଲ୍ | ମୂଳଲେଖା- | ଆଶୁତୋଷ ମୁଖୋପାଧ୍ୟାୟ | |
| | ଭାଷାନ୍ତର- | ସୁପ୍ରଭା ରାୟ | ୪୯ |


### କଥା ଓ କାହାଣୀ (ପ୍ରଥମ ପ୍ରସ୍ଥ)


| | | |
|---|---|---|
| ପଦ୍ମପ୍ରଭା | କୃପାସାଗର ସାହୁ | ୯୦ |
| କଳିଯୁଗ ଶେଷ | ଶାନ୍ତନୁ ବେଜ୍ | ୯୧ |
| ତୁଳସୀ ଚଉରା | ରଂଜନ କୁମାର ଦାସ | ୯୬ |
| ଦର୍ପଣ ମିଛ କହେନି | ଇନ୍ଦିରା ଦାଶ | ୧୦୧ |
| ଯେବେ ମନେ ପଡ଼େ ପଞ୍ଚକଥା | ବିଷ୍ଣୁ ଚରଣ ଚୌଧୁରୀ | ୧୦୪ |
| ଭୁଲାମନ | ରଞ୍ଜନ ସାହୁ | ୧୦୮ |
| ତଥାପି ଜୀବନ | ସୁଜାତା ମହାପାତ୍ର | ୧୧୧ |
| ସମୟ ବୁକ୍ ଷ୍ଟୋର | ବିନୋଦ | ୧୧୫ |
| ତାଲାପକା ହୃଦୟ | ଡକ୍ଟର ସୁବାସିନୀ ଲେଙ୍କା | ୧୧୭ |
| ପ୍ରାୟଶ୍ଚିତ | କମଳ ପ୍ରସାଦ ମହାପାତ୍ର | ୧୨୦ |

ପ୍ରବାସର ଚିତ୍ରଫଳ  କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ  ୧୨୪
କ୍ଷୋଭର ବଳୟରେ ଆଶାର ଆଲୋକ  ଡ.ତ୍ରିନାଥ ପଟ୍ଟନାୟକ  ୧୨୮
ଇନ୍‌ଭରଟର  ସଂଯୁକ୍ତା ମହାନ୍ତି  ୧୩୩
ଶେଷ ସୋପାନର ସାଥି  ଊଷା ଶତପଥୀ  ୧୩୬
ଅପହଞ୍ଚ ପଥିକ  ସରୋଜ କୁମାର ସାହୁ  ୧୪୦
ଅସୀମ  ମୂଳ ମଲୟାଲମ - ଏସ୍.କେ. ପୋର୍ଟେକାଟ୍, ଓଡ଼ିଆ ଅନୁସୃଜନ - ଲିଙ୍ଗରାଜ ମହାନ୍ତି  ୧୪୨
କେଶବତୀ କନ୍ୟା  ଦେବହୂତି କର  ୧୪୪
ସୁଖ ଫେରେ..... ଦୁଃଖ ଫେରେ କେତେବାଟ ଦେଇ  ଚିନ୍ମୟ ରାୟ  ୧୪୬
ବ୍ରେକ୍: ଟିକେ ଦୁଃଖ ପାଇଁ  ଚକ୍ରଧର ସାହୁ  ୧୪୯


## କବିତା (ଆଦ୍ୟ ନିଳୟ)


ବିହନରୁ ଧାନ  ଅମରେଶ ପଟ୍ଟନାୟକ  ୧୫୩
ନୂଆ କବିତା  ଇନ୍ଦିରା ଶୁଭଦର୍ଶିନୀ ତ୍ରିପାଠୀ  ୧୫୩
ପ୍ରତିମା  ଅଶ୍ୱିନୀ କୁମାର ମିଶ୍ର  ୧୫୩
ତମେ କାଳେ ସେହି...  ଡ. ଗୋପବନ୍ଧୁ ଦାଶ  ୧୫୪
ବଧିର ବଂଶୀବାଦକ  ଡକ୍ଟର ନାରାୟଣ ପଣ୍ଡା  ୧୫୪
ଅନୁକ୍ତ  ଅୟସ୍କାନ୍ତ  ୧୫୪
ଜୀବନ  ସୀମା ମିଶ୍ର  ୧୫୫
ସୁନାଝିଅ  ପିନାକୀ ମିଶ୍ର  ୧୫୫
ପଉଷର ଖରାପରି  ମନୋଜ ମହାନ୍ତି  ୧୫୫
ଶାନ୍ତି ଆଶାରେ  ପ୍ରଫେସର ଗିରିଜା ଶଙ୍କର ଶର୍ମା  ୧୫୬
ଘର ଫେରା ରାସ୍ତା  ଦୀନବନ୍ଧୁ ପଣ୍ଡା  ୧୫୬
ପ୍ରଦୂଷଣର ପରଦାରେ  ପ୍ରଫେସର ଅରୁଣ ଚନ୍ଦ୍ର ସାହୁ  ୧୫୭
ଫୁଲ  ତ୍ରିଲୋଚନ ମହାନ୍ତି  ୧୫୭
କଳା ମଇଁଷି  ମନୋରଂଜନ ଶରଣ  ୧୫୭
ବିଶ୍ୱ ଦାଣ୍ଡରେ ଗୁଣ୍ଡିଚା ଯାତ୍ରା  ପାଣ୍ଡବ ନାୟକ (ଶିଶୁ)  ୧୫୮
ମୋବାଇଲ୍  କ୍ଷମାନିଧି ଭୋଇ  ୧୫୯
ସ୍ୱପ୍ନିଳ ଜୀବନ  ନୀଳକଣ୍ଠ ସାହୁ  ୧୫୯
ମୋ ପିଲାଦିନ  ଗୋପାଳ ଚନ୍ଦ୍ର ମିଶ୍ର  ୧୫୯
ଇସ୍ତାହାର  ମହେନ୍ଦ୍ର କୁମାର ମଲ୍ଲିକ  ୧୬୦
କାହିଁକି ମୁଁ ଲେଖୁଛି କବିତା  ସ୍ୱୟଂପ୍ରଭା ରଥ  ୧୬୦
ଗାଁ ଛାଡ଼ିବାର ବେଳ  ଡ. ସୁରେଶ ଚନ୍ଦ୍ର ପଣ୍ଡା  ୧୬୧
ଦେବୀ / ଦେବି  ଡଃ ସରସ୍ୱତୀ ପଣ୍ଡା  ୧୬୧
ମା'ଙ୍କ ମେଲାଣି  ସରୋଜିନୀ ମିଶ୍ର, ଏମ୍.ଏ.  ୧୬୧
ଏକାନ୍ତରେ ତୁମେ  ବିରଜା ଦେବୀ  ୧୬୨
ପିଲାଦିନ  ସୁରଞ୍ଜନ ପାତ୍ର  ୧୬୨
ନିଆଁ  ଝେଙ୍କିଆ ମୂରୁଖ  ୧୬୨
ଭାଷ୍ୟ  କୁମୁଦ ଚନ୍ଦ୍ର ଦାଶ  ୧୬୩
କାହିଁକି ଯେ  ସନ୍ତୋଷିନୀ ଦାଶ (ଗିରି)  ୧୬୩
କଟକ  କୁଳଦୀପ ଦାସ  ୧୬୪
ମୋ ପଛରେ କିଏ ସେ ଆସେ !  ରଞ୍ଜନ ବାଗ  ୧୬୪
ଦୁର୍ଘଟଣା  ଶର୍ମିଷ୍ଠା ପାଣିଗ୍ରାହୀ  ୧୬୪
ନଈର ଢେଉ  ତାରକ ମହାନ୍ତି  ୧୬୫


## ଏକାଙ୍କିକା


ଜାନୁ ଭଗ୍ନ  ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ  ୧୬୬


## ଧର୍ମ


ଭାବଗତ ଶ୍ରୀମଦ୍ ଭାଗବତ  ଇଂ ପ୍ରଶାନ୍ତ କୁମାର ଆଚାର୍ଯ୍ୟ  ୧୭୩


## କଥା ଓ କାହାଣୀ (ଦ୍ୱିତୀୟ ପ୍ରସ୍ଥ)


ହସୁରୀ  କ୍ଷୀରୋଦ ଦାସ  ୧୭୫
ଦି'ହାତ ଜାଗା  ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର  ୧୮୦
ତୀର୍ଥ  ଗାୟତ୍ରୀ ଆର୍ଯ୍ୟ  ୧୮୩
ଗର୍ଭଧାରିଣୀ  ଭାସ୍କର ଜେନା  ୧୮୭
ପ୍ରତ୍ୟାଖ୍ୟାନ ବିଷ  ରାମଚନ୍ଦ୍ର ସାହୁ  ୧୯୧
କ୍ଷମା  ମୂଳ ଫରାସୀ - ମୋପାସାଁ, ଅନୁବାଦ - ଡ. ବିନୋଦିନୀ ପାତ୍ର  ୧୯୩
ସ୍ୱୀକାରୋକ୍ତି  ଭାନୁମତୀ ସାହୁ  ୧୯୬
ପରିଚୟ  ନୃସିଂହ ବେହେରା  ୨୦୦
ଅଦୃଶ୍ୟ  ଲିପ୍‌ସା ପଟେଲ  ୨୦୩
ବାଲିଘର  ଡକ୍ଟର କଜ୍ଜଳଲତା ଦାସ  ୨୦୫
ଶୂନ୍ୟ ଦେହୀ  ପ୍ରଭାତ ସିହ୍ନା  ୨୦୭
ଆ' କାଳିଆ ! ସୁଖ ଦୁଃଖ ଟିକେ ହେବା ?  କୈଳାସ ରାଉତ  ୨୧୧
ଅନ୍ତିମ ଶୋଷ  ଉମାଶଙ୍କର ଷଡଙ୍ଗୀ  ୨୧୫
ବାଇ ଚଢ଼େଇର ଦୁଃଖ  ସବିତା ରଥ  ୨୧୭
ରୋବର୍ଟ  ବନମାଳୀ ସେନାପତି  ୨୧୮
ଶେଷ ସ୍ୱୀକାରୋକ୍ତି ଶ୍ରଦ୍ଧେୟ ସନାତନ !  ସୁଷମା ପରିଜା  ୨୨୧
ଆଉ ଗୋଟେ ହୁମାୟୁନ  ସରୋଜକାନ୍ତ ଚୌଧୁରୀ  ୨୨୪
କବିତା ବିକ୍ରୟ କେନ୍ଦ୍ର  ମନୋଜ କୁମାର ଜେନା  ୨୨୬
ସ୍ୱପ୍ନର ଦୁନିଆ  ବିଭୁତି ଭୂଷଣ ନନ୍ଦ  ୨୨୮
ଦେବଦାସୀ  ପ୍ରତାପ ବିଶ୍ୱାଳ  ୨୩୦
ଭାଗ୍ୟରେଖା  ଶୋଭନା ଜେନା  ୨୩୨
ଅନ୍ଧାର ରାତିର ଦେବଦୂତ  ସମ୍ବେଦନା ମିଶ୍ର  ୨୩୪
ବିଜୟା  ସୁରଭୀ ପତି  ୨୩୬
ଭଦ୍ରାପାର୍ଥର ସଂସାର  ପଦ୍ମନାଭ ସାହୁ  ୨୩୯
ସ୍ୱର୍ଗକୁ ଦ୍ୱାର  ରାଜକିଶୋର ପାଣିଗ୍ରାହୀ  ୨୪୨


## କବିତା (ମଧ୍ୟ ନିଳୟ)


ଛଳନାର ଛାୟାପୁରୁଷ  ସୌଭାଗ୍ୟବନ୍ତ ମହାରଣା  ୨୪୪
ଜୀଅନ୍ତା ମଣିଷ  ଗୁରୁକଲ୍ୟାଣ ମହାପାତ୍ର  ୨୪୪
ଏକମୁହାଁ  ଡକ୍ଟର କମଳାକୃଷ୍ଣ ତ୍ରିପାଠୀ  ୨୪୫
ଗରିବର ରାତି କ'ଣ ଦିନ କ'ଣ  ଡକ୍ଟର ଶ୍ରୀହରି ଧଳ  ୨୪୫
ବାଘ  କୃଷ୍ଣ ମିଶ୍ର  ୨୪୫
ନିଦ ଭାଙ୍ଗିଗଲେ  ସଦାଶିବ ଦାଶ  ୨୪୬
ଜୀବନ  ରମାକାନ୍ତ ଜେନା  ୨୪୬
ଆସିବେ କି ମା'  ଡକ୍ଟର ସୁଷମା ମିଶ୍ର  ୨୪୬

| | | |
|---|---|---|
| ତାଳଗଛ | ଦେବାଶିଷ ଚକ୍ରବର୍ତ୍ତୀ | ୨୪୭ |
| ପରିଚୟ | ଚିନ୍ମୟ ବିବେକ | ୨୪୭ |
| ଅନ୍ତରଙ୍ଗ ପିଲାଦିନ | ବୃନ୍ଦାବନ ଦାସ | ୨୪୭ |
| କଲ୍ୟାଣୀ | ପ୍ରତିଭା ପରିଡା | ୨୪୮ |
| ଯୋଜନ ଗନ୍ଧା | ହରିଶ୍ଚନ୍ଦ୍ର ବେହେରା | ୨୪୮ |
| ମମତା | ଜଳଧର ସ୍ୱାଇଁ | ୨୪୮ |
| ଛାଇ ତଳର ଶିଶୁ | ଭରତ ବେହେରା | ୨୪୯ |
| ଆକାଶ ବୁଝେନା | ହଂସନାଥ ମୁଦୁଲି | ୨୪୯ |
| ଉପପାଦ୍ୟ (୮).... | ଗୋପାଳକୃଷ୍ଣ ଆଚାର୍ଯ୍ୟ | ୨୪୯ |
| ଶ୍ୟାମଳ ସ୍ୱପ୍ନ | ଡା. ମନୋରଞ୍ଜନ ଦାଶ | ୨୫୦ |
| କୀର୍ତ୍ତି | ଡ. ଅନିଲ ନନ୍ଦ | ୨୫୦ |
| ପାଦ | ଚିନ୍ତାମଣି ମହାଳିକ | ୨୫୦ |
| ମିଶ୍ରଣ ପର୍ବ | ଶ୍ରୀ ଭୁବନେଶ୍ୱର ବିଶି | ୨୫୦ |
| ମହାଦେବୀ | ରମେଶ ପତି | ୨୫୧ |
| ବଂଚି ରୁହ ଅଶ୍ୱତ୍ଥାମା ! | ଚୈତନ୍ୟ ପ୍ରସାଦ ବେହେରା | ୨୫୧ |
| ନାଲିମାଟିର ଦୂବରାଜ | ସୁଶୀଲ କୁମାର ପାଣିଗ୍ରାହୀ | ୨୫୨ |
| ଦୁଃଖ ହୃଦୟ ପସରା | ବାସନ୍ତୀ ଦାସ | ୨୫୨ |
| ଦିନଟିଏ | ରବି ଶତପଥୀ | ୨୫୨ |
| ପାହାଚ | ଶରତ କୁମାର ଦାସ | ୨୫୩ |
| ଶୁଣିଲି | ଭାରତ ମାଝୀ | ୨୫୩ |
| ପାଶେ ପାଶେ ସଦା ରହି ଥାଅ | ପୀୟୂଷ ପଟ୍ଟନାୟକ | ୨୫୩ |
| ପୁଣି ମେଘ ! | ରମେଶ ଚନ୍ଦ୍ର ସାହୁ | ୨୫୪ |
| କରତାଳି | ସନ୍ତୋଷ କୁମାର ମିଶ୍ର | ୨୫୪ |
| ଆଶାର ବୋଇତ | ସୌଦାମିନୀ ମିଶ୍ର (ଦାଶ) | ୨୫୪ |
| ଖୋଲା ରହୁ | ବିଜୟ ମହାପାତ୍ର | ୨୫୫ |
| ସତୁରି ଉତ୍ତରର ସତ | ଜ୍ୟୋତି ପ୍ରକାଶ କର | ୨୫୫ |
| ବଦଳି ଯାଇଛି ଠିକଣା ମୋର | ସତ୍ୟନାରାୟଣ ଆଚାର୍ଯ୍ୟ | ୨୫୫ |
| ମୌସୁମୀ | ବିଜୟଲକ୍ଷ୍ମୀ ମହାନ୍ତି | ୨୫୬ |
| ମନୋଭାବ | ଆଶୁତୋଷ କରଣ | ୨୫୬ |
| ଉଁଆସୀ ରାତିର ଜହ୍ନ... | ଶିବ ଶଙ୍କର ଦାସ | ୨୫୬ |
| ବିଚିତ୍ର ଏ ଚଲାପଥ | ମୁରଲୀଧର ମିଶ୍ର | ୨୫୭ |
| ଅଗ୍ନିଶିଖା | ଶାନ୍ତି ମହାନ୍ତି | ୨୫୭ |
| ସ୍ୱାଧୀନତା ଓ ସଂଘର୍ଷ | ବିନୟ ଭୂଷଣ ପାଣିଗ୍ରାହୀ | ୨୫୭ |
| ଚିତ୍ରକର ଓ କବି | ଇଂ ବିଜନ କୁମାର ବେହେରା | ୨୫୮ |
| ପ୍ରବାହ | ରୀନାରାଣୀ ରାଉତରାୟ | ୨୫୮ |


## ରମ୍ୟରଚନା


| | | |
|---|---|---|
| ନିଶ୍ଚେ କହିବାକୁ ହେବ ! | ରାଧାଶ୍ୟାମ ରାଉଳ | ୨୫୯ |
| ପ୍ରଶ୍ନର ଉତ୍ତର ଠିକ୍ ଦେଲେ ତିନିମାସର ମାଗାଜିନ୍ ଫ୍ରି | ପ୍ରବୀର ମହାନ୍ତି | ୨୬୧ |
| ଅଫର୍ | ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ | ୨୬୪ |
| ମଧ୍ୟବର୍ଗର କୁକୁର — ମୂଳହିନ୍ଦୀ - ହରିଶଙ୍କର ପରସାଇ, ଅନୁବାଦ: | ଡଃ କିଶୋର ମହାନ୍ତି | ୨୬୬ |
| ଭୋଜନ ରସିକ ଓଡ଼ିଆ | ଗିରିଜା ମଂଜରୀ ପାଢ଼ୀ | ୨୬୮ |


## କବିତା (ଅନ୍ତଃ ନିଳୟ)


| | | |
|---|---|---|
| ମାୟାଜାଲ | ଡକ୍ଟର ପ୍ରସନ୍ନ ପାଟ୍ଟଶାଣୀ | ୨୭୧ |
| ଛଳ | ଦୁର୍ଗାଚରଣ ଷଡ଼ଙ୍ଗୀ | ୨୭୧ |
| କବିତା ପାଇଁ କବିତା | ଭିକାରୀ ଧଳ | ୨୭୨ |
| ଅଫେରା ପଥ | ଶରତ ଦାଶ | ୨୭୨ |
| ନାୟକ | ଅରୁଣ କୁମାର ସାହୁ | ୨୭୨ |
| ଦର୍ପଣ : ତମେ | ଶଶାଂକ ଚୂଡ଼ାମଣି | ୨୭୩ |
| ବିଶ୍ୱାସର ବିଶ୍ୱ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୨୭୩ |
| ସେଇ କେଉଁ ପ୍ରତିଷ୍ଠାନ ଭାଙ୍ଗି | ଶିଶିର ନାୟକ | ୨୭୩ |
| ମୁଁ ଏବେ କେଉଁଠି | ଅମିୟବାଳା ପଟ୍ଟନାୟକ | ୨୭୪ |
| ଆସ 'ମା' ପ୍ରକଟିତ ହୁଅ | କିଶୋର କୁମାର ମହାନ୍ତି | ୨୭୪ |
| ଚିତ୍ରଶାଳା | ଡ. କୁଳମଣି ଓଝା | ୨୭୪ |
| ଶରତ ଆକାଶ | ଗଣେଶରାମ ନାହାକ | ୨୭୫ |
| ଭାବ ଗାଂଧାର | ଅଜୟ ପ୍ରଧାନ | ୨୭୫ |
| ଅନାମିକା | ଡଃ ସୁରେନ୍ଦ୍ର ମିଶ୍ର | ୨୭୫ |
| ଜୀବନ ସାଗର | ପ୍ରଣୀତା ମିଶ୍ର | ୨୭୬ |
| ଶବମାନଙ୍କ ଭିଡ଼ | ସୁଶାନ୍ତ ଦାଶ | ୨୭୬ |
| ଦିନେ ନା ଦିନେ | ଯୋଗେନ୍ଦ୍ର ନାୟକ | ୨୭୬ |
| ପରିଧି ଭିତରେ ଘୂରୁଛି ଆଜି ମୁଁ | ବାବାଜୀ ଚରଣ ଜେନା | ୨୭୭ |
| ନିର୍ଯ୍ୟାସ | ବିଭୂତି ଭୂଷଣ ଗୁହାଚାର୍ଯ୍ୟ | ୨୭୭ |
| ଧାନଫୁଲ | ଅଧ୍ୟାପିକା ପ୍ରିୟଦର୍ଶିନୀ ନାୟକ | ୨୭୮ |
| ଛାଇବେଶ | ବିପ୍ଳବ ରଞ୍ଜନ ପତି | ୨୭୮ |
| ଆକାଂକ୍ଷିତା | ଯଶସ୍ୱିନୀ ପଟ୍ଟନାୟକ | ୨୭୮ |
| ମା' | କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ | ୨୭୯ |
| ରାତିର ପୋଷାକ | ଜୟନ୍ତୀ ପଢ଼ିଆରୀ | ୨୭୯ |
| 'ମୁଁ' ଓ 'ଆମେ' | ଅର୍ଚ୍ଚିତା ଦାସ | ୨୮୦ |
| ଆସିଲା ଦ'ଶରା | ଡ.ଚିତ୍ରକାନ୍ତି ସେଠୀ | ୨୮୦ |
| ସମାରୋହ | ଧୀରେନ ଆଚାର୍ଯ୍ୟ | ୨୮୦ |
| ଅଣସର | ଡକ୍ଟର ରାମଚନ୍ଦ୍ର ପଲାଇ | ୨୮୧ |
| ଡାକ | ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ | ୨୮୧ |
| ଅତୁଟ | ରାଜଶ୍ରୀ ମହାପାତ୍ର | ୨୮୨ |
| ଖରା | ରବିରଶ୍ମି ସାହୁ | ୨୮୨ |
| ପତ୍ରଝଡ଼ା ଋତୁ | ଡଃ. ନୀଳମଣି ଲେଙ୍କା | ୨୮୨ |
| ଝର୍କା | ଜୟନ୍ତୀ ବିଶ୍ୱାଳ ବେହୁରିଆ | ୨୮୩ |
| କର୍ମକ୍ଷେତ୍ର | ସନ୍ତୋଷ କୁମାର ଦେବତା | ୨୮୩ |
| ବୀଜମନ୍ତ୍ର | ଅଧ୍ୟାପକ କୈଳାସ ଚନ୍ଦ୍ର ସାହାଣୀ | ୨୮୩ |
| ଦରଦୀ ଚାନ୍ଦ | ବିଭୁତି ଭୂଷଣ ତ୍ରିପାଠୀ | ୨୮୪ |
| ଅନ୍ତରଙ୍ଗ ଆଲିଙ୍ଗନ | ସସ୍ମିତା ରାଉତ | ୨୮୪ |
| ୱାଇନାଡ଼ରେ ପ୍ରଳୟ | ସ୍ନେହଲତା ରଥ | ୨୮୪ |
| ଉଠ କବି, ଉଠ | ସୁବାସ ଚନ୍ଦ୍ର ସାହାଣୀ | ୨୮୫ |
| ଜହ୍ନରାତି | ସୁରେଶ କୁମାର ନାୟକ | ୨୮୫ |
| ଶରତେ ଶରତ ଉତ୍ସବ | ରବୀନ୍ଦ୍ର କୁମାର ମହାପାତ୍ର | ୨୮୬ |
| ଦୂର ଦିଗ୍‌ବଳୟ | କବିତା ନାୟକ | ୨୮୬ |
| ଅପେରା | ସଂଜୟ କୁମାର ତ୍ରିପାଠୀ | ୨୮୭ |

| | | |
|---|---|---|
| ଜୀବନ ଏମିତି | ସବିତା ରାଣୀ ବେହେରା | ୨୮୭ |
| ପ୍ରେମ ଏକ ନୀଳ ପକ୍ଷୀ | ସୁକୁମାର ଦାସ | ୨୮୭ |
| ବିଭାବନ ବେଳ | ଡା. କୃଷ୍ଣଚନ୍ଦ୍ର ରଥ | ୨୮୮ |
| ଶୀତ | କପିଳ ଚନ୍ଦ୍ର ମହାନ୍ତି | ୨୮୮ |
| ଅକ୍ଷୟ ତୃତୀୟା | ଆରତୀ ରାଣୀ ଡାକୁଆ | ୨୮୮ |
| ଫୁଲ ଫୁଟିବାର ବେଳ | ରସାନନ୍ଦ ମହାପାତ୍ର | ୨୮୯ |
| ମଲାଛାଇର ଭଗ୍ନାଂଶ | ସୁଶାନ୍ତ କୁମାର ନାୟକ | ୨୮୯ |


## କଥା ଓ କାହାଣୀ (ଶେଷ ପ୍ରସ୍ଥ)


| | | |
|---|---|---|
| ପାଟିଲା ତାଳ ଓ ନାନାବାୟା ଗୀତ | ଅରବିନ୍ଦ ଦାସ | ୨୯୦ |
| ଜେନି ମୂଳ ଗଳ୍ପ - | ଭିକ୍ଟର ହୁଗୋ (ଫ୍ରାନ୍ସ) | |
| ଓଡ଼ିଆ ରୂପାନ୍ତର - | ଜୟକୃଷ୍ଣ ସାମଲ | ୨୯୨ |
| ଝଡ଼ ପରର ଆକାଶ | ରୁମ୍‌ଝୁମ୍ ନାୟକ | ୨୯୫ |
| ପ୍ରେମ ଚିରନ୍ତନ | ଇନ୍ଦ୍ରମଣି ଜେନା | ୨୯୮ |
| କାଳିଝିଅ | ସୀମାଞ୍ଚଳ ଦାଶ | ୩୦୧ |
| ଆଗନ୍ତୁକ | ରଜତ ରଶ୍ମି ସ୍ୱାଇ | ୩୦୪ |
| ଅଭିମାନ | ରାଜଲକ୍ଷ୍ମୀ ଦାଶ | ୩୦୬ |
| ଜିଅନ୍ତା ଭୂତ | କାଳିନ୍ଦୀ ଚରଣ ଭଞ୍ଜ | ୩୦୯ |
| କବିର କବିତା | ପ୍ରଦ୍ୟୁମ୍ନ ପଟ୍ଟନାୟକ | ୩୧୩ |
| ଆଭିଜାତ୍ୟ | ଡକ୍ଟର ମଧୁସ୍ମିତା ମିଶ୍ର | ୩୧୭ |
| କନ୍ୟାଦେଖା, କାଙ୍କଡ଼ କିଣା | ରମେଶ ପଟ୍ଟନାୟକ | ୩୧୯ |
| ବାପା ଫେରିଆସ... | ନଗେନ୍ଦ୍ର ନାଥ ପଟ୍ଟନାୟକ | ୩୨୧ |
| କଳାବତୀ ମାନ୍ଧାତା | ଜାନକୀ ବଲ୍ଲଭ ମହାପାତ୍ର | ୩୨୩ |
| ପୁନର୍ଜନ୍ମ | ବିଜୟିନୀ ତ୍ରିପାଠୀ | ୩୨୭ |
| ଚକ୍ରବ୍ୟୁହରେ ଅଭିମନ୍ୟୁ | ଦାଶରଥି ଭୂୟାଁ | ୩୩୦ |
| ନଈକୂଳ ବୁଢ଼ାବୃକ୍ଷ | ଭାଗିରଥି ବେହେରା | ୩୩୩ |
| ସନ୍ଦେହକୁ ସନ୍ଦେହ | ବୀରେଶ୍ୱର ମହାନ୍ତି | ୩୩୫ |
| ହଜିଲା ଆକାଶ | ବିଜୟ ପଟ୍ଟନାୟକ | ୩୩୮ |
| ବିବଶ ବୟସ | ଜ୍ୟୋତ୍ସ୍ନା ସାମନ୍ତରାୟ | ୩୪୫ |
| ନୀଳାଦ୍ରି ବିଜେ | ଚୌଧୁରୀ ବରଦାପ୍ରସନ୍ନ ଦାସ | ୩୪୭ |
| ଛେଳି | ସୁଷମା ଦାଶ | ୩୫୦ |
| କାଉ ବସାରେ କୋଇଲି | ରବି ନାରାୟଣ ନନ୍ଦ | ୩୫୨ |


## ଜ୍ୟୋତିଷ ବିଚାର


| | | |
|---|---|---|
| ରାଶିଫଳ | ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ | ୩୫୬ |


## ତନ୍ମାତ୍ର


| | |
|---|---|
| ଓଡ଼ିଆ ଚଳଚ୍ଚିତ୍ର - ୨୦୨୪ | ୩୫୯ |


## ଖେଳ ଓ ଖେଳାଳୀ


| | |
|---|---|
| ଶ୍ରେଷ୍ଠ ୫ ଜଣ ଭାରତୀୟ ଟେଷ୍ଟ ଅଲରାଉଣ୍ଡର | ୩୬୨ |


**ସମାରୋହର ଆଜୀବନ ପୃଷ୍ଠପୋଷକ**

**ଶ୍ରୀ ଦେବ ପଟ୍ଟନାୟକ**

**ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର**

**ଡ. ସିଦ୍ଧାର୍ଥ ପାଢ଼ୀ**

**ଡା. ଅମରେନ୍ଦ୍ରନାଥ ଦାସ**

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**


## ଯୋଗାଯୋଗ ଠିକଣା

**ସହଯୋଗୀ ସଂପାଦକ : ସମାରୋହ**

**ସି-୧୬୩, ବିଡିଏ ଡୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩**

**ଫୋନ୍ ନମ୍ବର : ୦୬୭୪-୨୩୫୪୮୭୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬**

E-mail: thesamaroha@gmail.com



| ସମାରୋହର ଦେୟ | |
|---|---|
| | ବାର୍ଷିକ................ ଟ. ୨୫୦.୦୦    ଦ୍ୱିବାର୍ଷିକ.............. ଟ. ୫୦୦.୦୦ |
| | ୩ ବର୍ଷ ପାଇଁ.......... ଟ. ୭୫୦.୦୦    ୫ ବର୍ଷ ପାଇଁ.......... ଟ. ୧୨୫୦.୦୦ |
| | *ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।* |

# ସଂପାଦକୀୟ

ବିଭିନ୍ନ କାର୍ଯ୍ୟକ୍ରମ ସହିତ ସେପ୍ଟେମ୍ବର ମାସଟି ଏଥର ବହୁତ ଲମ୍ବିଯାଇଛି ବୋଲି ମନେ ହେଉଥିଲା ସତ, ହେଲେ ସେ ବିଦାୟ ନେଉ ନେଉ "ମା' ଦୁର୍ଗତି ନାଶିନୀ" ଦୁର୍ଗାଦେବୀ ଏତେ ଶୀଘ୍ର ପଦକ୍ଷେପଣ କରିବେ ଏପରି କଳ୍ପନା ନଥିଲା। ମନେ ହେଲା ଗୋଟାଏ ପ୍ରଚଣ୍ଡ ବୋମା ଶବ୍ଦ କରି ଆସିଗଲା।

ଅକ୍ଟୋବର ପହିଲା- ତା'ପର ଦିନ ଦୁଇ ଦୁଇ ମୁଖ୍ୟ ଆକର୍ଷଣ ମହାତ୍ମାଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜନ୍ମଦିବସ। ପୁଣି ଯୋଡ଼ି ହୋଇଯାଇଛି ମହାଳୟା ଅମାବାସ୍ୟା। କ'ଣ ଲେଖିବି କାହାକୁ ପାଥେୟ କରିବି କିଛି ଥଳକୂଳ ନପାଇ (ଦୁଇ ତାରିଖ) ଆଜିର ସମାଜକୁ ଖୋଲି ଦେଖିଲି। ଆଶା କରିଥିଲି ଏଥିରୁ ନିଶ୍ଚୟ କିଛି ଉପାଦାନ ପାଇ ଆଗେଇ ଯାଇପାରିବି। କିନ୍ତୁ ଶାନ୍ତି ପରିବର୍ତ୍ତେ ଅଶାନ୍ତିର ଘନଘଟା ସତେ ଯେପରି ମାଡ଼ି ଆସିଲା।

(କଥା କଥାରେ) ପ୍ରତିଦିନ ସମାଜରେ ପ୍ରକାଶିତ ହେଉଥିବା ପଦ୍ୟାଂଶ ପାଠ କଲେ ଦେଶର ଖବର ମିଳିଯାଏ- ଲେଖାଅଛି-

ଆଜି ଜନ୍ମିଥିଲେ ଜାତିର ଜନକ
ସତ୍ୟ ଅହିଂସାର ପୂଜକ
ତାଙ୍କ କୃତି ଆଉ କିର୍ତ୍ତୀ ପାଇଁ ଝୁରୁଛି ଏ ଜାତି ମୁଲକ।
ଦେଖାଇ ଦେଇ ସେ ଯାଇଛନ୍ତି ବୋଲି
ସ୍ମରେ ଆଜି ସାରା ଭୂଲୋକ।

ସେହି ପୃଷ୍ଠାଟିରୁ ଭଲ କିଛି ପାଇବି ବୋଲି ଆଗେଇଲି। ପ୍ରଥମ ଖବର- "ଅନୁଗୋଳ ଡାକ୍ତରଖାନାରେ ଶିଶୁ ବିଭାଗରେ ଉତ୍ତେଜନା", ଶଯ୍ୟା ବଦଳ ଅଭିଯୋଗରେ ନେଇନାହାଁନ୍ତି ପରିବାର। ଯେଉଁମାନେ ସେହି ବିଷୟ ପାଠ କରିଥିବେ ସମସ୍ତେ ଅନୁଭବ କରିଥିବେ, କି ପ୍ରକାରର କାଣ୍ଡ କାରଖାନା ଏହା। ଆଜିକାଲି ହସ୍‌ପିଟାଲ୍ ବିଷୟରେ ପ୍ରାୟତଃ କିଛି ଘଟଣା ବାହାରି ଚାଲିଛି। ସମସ୍ତେ ସେ ସମ୍ବନ୍ଧରେ ଅବଗତ ଥିବେ।

ଦ୍ୱିତୀୟ ଖବର- "ଆଖି ଥାଇ ପରୀକ୍ଷାରେ ଅନିୟମତା।" ସମ୍ବାଦ, କଳାତାଲିକା ଭୁକ୍ତ ସଂସ୍ଥାକୁ ପରୀକ୍ଷା ଚାଳନା ଦାୟିତ୍ୱ। ଛାତ୍ରଛାତ୍ରୀ ଆଶ୍ୱସ୍ତ ରହନ୍ତୁ। ଠିକ୍ ସମୟରେ ନିଷ୍ପତ୍ତି ନେବେ ସରକାର। ଏ ଯେଉଁ ଖବର ତାହା ପାଣିରେ ଗାର ପରି ମନେହୁଏ। ଯିଏ ଚାଲନ୍ତି ସତ୍ ପଥରେ ତାଙ୍କ ପଦପାତ ସର୍ବଦା ସୁଦୃଢ଼ ରହିଥାଏ। ବାପୁ କହୁଥିଲେ ଯେଉଁ ଶରୀର ଏଇ ଦେଶର ମାଟିରୁ ଗଢ଼ା ହୋଇଛି ରୋଗ-ଶୋକରେ ତା'ର ଉପଚାର ଏଇ ମାଟିରୁ ମିଳିବ।

ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କର ଜନ୍ମଦିବସରେ ଶତ ଶତ ନମନ କରି ଯେଉଁ ବାଣୀ ପ୍ରକାଶିତ ହୋଇଛି- ସ୍ୱଦେଶୀ ଆପଣାନ୍ତୁ, ରାଷ୍ଟ୍ରୀୟ ବିକାଶରେ ଭାଗୀଦାର ହୁଅନ୍ତୁ। ଏଥି ନିମନ୍ତେ ମହାତ୍ମାଙ୍କ ପରିପୂର୍ଣ୍ଣ ସତ୍ୟନିଷ୍ଠ ମନୋବୃତ୍ତି ଧରି, ଦୃଢ଼ହସ୍ତରେ କାର୍ଯ୍ୟକ୍ରମ କରିପାରିଲେ ସଫଳ ହେବାର ସମ୍ଭାବନା ରହିଛି। ନିଜ ଭିତର ଲୋଭ, ମଦ, ମୋହ, ମାତ୍ସର୍ଯ୍ୟକୁ ଯେଉଁସବୁ ଜୀବନ ଦୃଢ଼ ପଦରେ ନେଇ ଗତି କରୁଛି- ତା'ର ଗତିରେ ପବିତ୍ରତାର ଚିହ୍ନ ମଧ୍ୟ ରହିବା ସମ୍ଭବ ନୁହେଁ। ଆଉ ଅଧିକ ଆଶାକରିବା କେବଳ ସ୍ୱପ୍ନର ମହକ। କାରଣ- ଆଜିର ସମାଜରେ ପ୍ରକାଶିତ ଖବର- "ପ୍ରତିବାଦ କରି ଦୁଇ ଗୋଷ୍ଠୀ ଗଣ୍ଡଗୋଳ"- ଜାତୀୟ ରାଜପଥ ରଣକ୍ଷେତ୍ର। ଅନ୍ୟ ଖବର ଧାମନଗର ଓ ଭଦ୍ରକରେ ସ୍ଥିତି ଅନୁଧ୍ୟାନ କଲେ ପୋଲିସ ମହାନିର୍ଦ୍ଦେଶକ, ଗିରଫ ସଂଖ୍ୟା ତେତିଶିକୁ ବୃଦ୍ଧି। ଆଉ ଏକ ଖବର ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପୋଷାକ ରଙ୍ଗ ବଦଳିଲା। କଣ ବଦଳୁଛି ଓ କଣ ଘଟୁଛି ତାହା ପ୍ରଭୁଙ୍କୁ ଜଣା। ଏ ସମ୍ବନ୍ଧରେ ମୁଣ୍ଡଖର୍ଚ୍ଚ କରି କିଛି ଲେଖିବା ମୂଲ୍ୟହୀନ। ବର୍ତ୍ତମାନ ପ୍ରତିଟି ମୁହୂର୍ତ୍ତ ମୂଲ୍ୟବାନ। କେବଳ ଆଜିର କାଗଜରୁ ଯାହା ସାଉଁଟିଲି, ତାକୁ ମଧ୍ୟ ଲେଖିବାକୁ ବେଳ କିମ୍ବା ବଳ ନାହିଁ। ତେଣୁ ପାଠ କରିଥିବା କିଛି ସମ୍ବାଦକୁ ନିଜର ମନୋବୃତ୍ତିରେ ଲେଖିପାରିଲି ଆଶାକରି ସୃଷ୍ଟି, ସ୍ଥିତି, ଲୟର ଅପାର ଶକ୍ତିକୁ ଶତ ଶତ ନମନ କରୁଛି। ଏ ବର୍ଷର ପୂଜାସଂଖ୍ୟାକୁ ସେ ସମୃଦ୍ଧ କରିଦିଅନ୍ତୁ। କତୃମ୍ ଅକତୃମ୍ ଅନ୍ୟଥା କତୃମ୍ ସତ୍ୟ ଦୀନ ଧାରିଣୀ।, ଦୁରିତନାଶିନୀ, ବର୍ତ୍ତମାନ ସମୟରେ ବାରମ୍ବାର ଘଟି ଚାଲିଥିବା ସମସ୍ତ ବିପର୍ଯ୍ୟୟରୁ ଏ ଦେଶକୁ ରକ୍ଷାକରି ଭାରତୀୟ ସଂସ୍କୃତିର ଶୁଦ୍ଧ ପରମ୍ପରା ପ୍ରକାଶିତ କରନ୍ତୁ। ଏତିକି ପ୍ରାର୍ଥନା କରି ନିଜର ଅଯୋଗ୍ୟତା ସ୍ୱୀକାର କରି ଅନୁନୟ ବିନୟ ହୋଇ, ବହୁ ପ୍ରକାରର ଉତ୍‌ଥାନ, ପତନ ଚାଲୁ ରହିଛି- ତାଙ୍କର ବରଦ ହସ୍ତ ପ୍ରସାରଣ କରି ଜଗତର ମଙ୍ଗଳ ନିମନ୍ତେ କିଛି ନୂତନ ଦିଗନ୍ତ ସୃଷ୍ଟି କରନ୍ତୁ। ଯାହାକୁ ପାଥେୟ କରି ଏ ପର୍ଯ୍ୟନ୍ତ ଦେଶ ତା'ର ପୂର୍ବ ଦିଗନ୍ତକୁ ଉପଲବ୍ଧ କରିପାରିବ।

ହରିଓଁ ତତ୍‌ସତ୍
ବ୍ରହ୍ମାର୍ପଣମସ୍ତୁ

ସୌଦାମିନୀ ମିଶ୍ର


Powering
Odisha's tryst with
safe and sustainable power
We ensure:
Generation of clean, safe, and reliable power
Adopting best global practices
Contributing to national growth
Strengthening the power sector of the state and economy
Committing to environment-friendly practices
OPGC
Power for Progress
Odisha Power Generation Corporation Ltd.
(A Government Company of the State of Odisha)
7th Floor, Fortune Towers, Bhubaneswar - 751023
www.opgc.co.in







*With Best Compliments from:*

# TRUPTI AUTOMOTIVES

**LIGHT COMMERCIAL VEHICLE DEALER**
**N.H.-5, MANGULI CHOWK, CUTTACK-754025**
**Tel:- 0671-2392392, Email:- info.ctc@truptigroup.co.in**

**BRANCH:- ANGUL, JAJPUR, JAGATSINGHPUR, KENDRAPARA, DHENKANAL**


ସର୍ବାଧିକ
ବିଶ୍ୱାସଯୋଗ୍ୟ
ସମ୍ବାଦପତ୍ର
ସମ୍ବାଦ କଳିକା
The Sambad Kalika
ଆମେ ରଙ୍ଗ
ଭଲ ପାଉ
ତେବେ ଖବରରେ
ରଙ୍ଗ ବୋଳୁନା
ଇଣ୍ଡିଗ୍ରାଲ ପବ୍ଲିକେସନ୍ସ ପ୍ରା.ଲିଃ
୪୬୪, ଶହୀଦନଗର
ଭୁବନେଶ୍ୱର-୭୫୧୦୦୭


Rotary
THE MAGIC OF ROTARY
Rotary International District - 3262
THE MAGIC OF ROTARY
Think Big...
Dream Big...
Do Big....
District
Governor
ଯଜ୍ଞାଶିଷ Mohapatra




Not Just Mining Minerals...

# MINING HAPPINESS

Odisha_mining | OmcOdisha

www.ohpcltd.com | /ohpc.odisha | /ohpc_odisha

# BUILDING A POWERFUL ODISHA



**OHPC,** a gold-rated state PSU of Odisha, has been enabling a future of sustainability by operating, maintaining and modernizing hydroelectric power and other non-conventional energy sources by supplying 25%-40% power demand of its people, single-handedly.

## OUR PROJECTS AT A GLANCE

TOTAL INSTALLED CAPACITY: **2099.80 MW**

**BURLA**-287.80 MW | **CHIPLIMA**-72 MW | **BALIMELA**-510 MW | **RENGALI**-250 MW

**UPPER KOLAB**-320 MW | **UPPER INDRAVATI**-600 MW

**MACHKUND**-60 MW (ODISHA SHARE)

**ODISHA HYDRO POWER CORPORATION LTD.**

OHPC Corporate Office, Bhoi Nagar, Janpath, Bhubaneswar-751022

**Phone:** 91-0674-2542983, 2542802, 2545526, 2542826

# Magnum Auto

Passion for Cars

**CALL NOW- 9937067609 / 9937062627**

A PIT STOP FOR CAR LOVERS

WASHING | CLEANING | REPAIRS | SERVICE

DETAILING | FOAM WASH | UNDER- BODY | SOUND-SYSTEM

SEATS | ALLOYS | ALIGNMENTS | LIGHTS BULB | HORNS TYRES

3M WÜRTH JBL AutoBros KENWOOD Listen to the Future

TSERV
TOTAL CAR SERVICE



**We are now authorised TOYOTA Channel Partners**

YOKOHAMA MICHELIN

MARUTI SUZUKI HONDA TOYOTA HYUNDAI Ford TATA

Plot No: 891/1046, Pahala, Bhubaneswar, Behind PAL Heights Mantra
20°20'32.8"N 85°52'56.3"E

ପ୍ରବନ୍ଧ



# ଶ୍ରୀକ୍ଷେତ୍ରବାସିନୀ - ମା' ଶ୍ୟାମାକାଳୀ

ଡ.ସୁଚେତା ରାଉତ

ଭାରତୀୟ ଧର୍ମ ଓ ସଂସ୍କୃତିରେ ମାତୃପୂଜାର ପରମ୍ପରା ଅତି ପ୍ରାଚୀନ। ପୁରାଣ ଯୁଗରେ ଦେବୀମାନଙ୍କର ରୂପ ପରିକଳନା କରାଗଲା। ସେ ମଧ୍ୟରେ ଜଗଜ୍ଜନନୀଙ୍କ ମୂର୍ତ୍ତିରେ ଦୁଇଟି ବୈଶିଷ୍ଟ୍ୟ ଥିବାର ଦୃଷ୍ଟିଗୋଚର ହୁଏ। ଗୋଟିଏ ସୌମ୍ୟ, ଶାନ୍ତ ଓ ସୁନ୍ଦରୀ ପରିଲକ୍ଷିତ ହେଉଥିବାବେଳେ ଅନ୍ୟଟି ଅତି ଭୟଙ୍କର। ଭୟଙ୍କର ରୂପଟି ହେଉଛନ୍ତି ଦେବୀ ମା' କାଳୀ। ଓଡ଼ିଶାର ବିଭିନ୍ନ ସ୍ଥାନରେ କାଳୀ, ଦକ୍ଷିଣକାଳୀ, ଭଦ୍ରକାଳୀ, ଶ୍ୟାମାକାଳୀ, ଶ୍ମଶାନ କାଳୀ ଭାବରେ ପୂଜା ପାଆନ୍ତି।

ଶ୍ରୀକ୍ଷେତ୍ର ପୁରୀରେ ବହୁକାଳୀ ମୂର୍ତ୍ତିମାନ ଉପାସିତ ହେଉଛନ୍ତି ଯଥା - ଶ୍ୟାମାକାଳୀ, ଦକ୍ଷିଣକାଳୀ, ବାଟକାଳୀ, କାଳିକରାଳୀ, ଭଦ୍ରକାଳୀ, ଗଛକାଳୀ, ବେଢ଼ାକାଳୀ ପ୍ରଭୃତି ଦେବୀ। ଶ୍ରୀମନ୍ଦିରର ବାହାରେ ଅଥଚ ଶ୍ରୀକ୍ଷେତ୍ର ମଧ୍ୟରେ ପ୍ରସିଦ୍ଧି ଲାଭ କରିଥିବା ଦେବଦେବୀଙ୍କ ମଧ୍ୟରେ ଓଡ଼ିଶାର ଗଜପତି ମହାରାଜାଙ୍କ ପ୍ରାଚୀନ ଆବାସ ସ୍ଥଳୀ ଅର୍ଥାତ୍ 'ପୁରୁଣାନଅର' ଅଞ୍ଚଳରେ ଅବସ୍ଥିତ ଥିବା ମା' ଶ୍ୟାମାକାଳୀ ଅନ୍ୟତମ।

ଶ୍ରୀମନ୍ଦିରର ବାହାରେ ଦକ୍ଷିଣ ଦିଗରେ ଶ୍ରୀମନ୍ଦିର ଏବଂ ସମୁଦ୍ରକୂଳଠାରୁ ଅଳ୍ପ ଦୂରରେ ଥିବା ବାଲିସାହିରେ ଶ୍ୟାମାକାଳୀଙ୍କ କ୍ଷୁଦ୍ର ମନ୍ଦିରଟି ଅବସ୍ଥିତ ଏବଂ ଦେବୀଙ୍କ ନାମାନୁସାରେ ଏହି ଅଞ୍ଚଳ ଶ୍ୟାମାକାଳୀ ଲେନ୍ ନାମରେ ପ୍ରସିଦ୍ଧ। ପ୍ରାୟ ୩୦୦ ବର୍ଷ ପୂର୍ବର ଏହି ମନ୍ଦିରଟି ପୁରୀ ଗଜପତି ମହାରାଜାଙ୍କ ପୁରାତନ ରାଜପ୍ରାସାଦ ବା ପୁରୁଣା ନଅରର ସ୍ମୃତିବହନ କରିଥାଏ। ଦେବୀଙ୍କ ପ୍ରତିଷ୍ଠାକାଳ ଐତିହାସିକ ଦୃଷ୍ଟିକୋଣରୁ ଓଡ଼ିଶାର ଗଙ୍ଗବଂଶୀୟ ରାଜତ୍ୱକାଳ ବୋଲି କୁହାଯାଇପାରେ। କିମ୍ବଦନ୍ତୀ ଅନୁଯାୟୀ ପୁରୀରେ ଗଜପତି ରାଜା (ଗଙ୍ଗବଂଶ) ନଅର ତୋଳିବା ସମୟରେ ଅନେକ ବାଧାବିଘ୍ନ ସୃଷ୍ଟି ହେବାରୁ ରାଜା ଚିନ୍ତିତ ହୋଇ (ସ୍ୱପ୍ନାଦେଶ ପାଇ) ସମ୍ପୃକ୍ତ ସ୍ଥାନରେ ପ୍ରଥମେ କାଳୀ ମନ୍ଦିର ନିର୍ମାଣ କରି ମା' ଶ୍ୟାମାକାଳୀଙ୍କୁ ପୂଜା କରିବାରୁ ସମସ୍ତ ବିଘ୍ନବିନାଶ ହୋଇ ଉଆସ ନିର୍ମିତ ହେବା ସଙ୍ଗେ ସଙ୍ଗେ ଶ୍ୟାମାକାଳୀଙ୍କ ଅନୁଗ୍ରହରୁ ଗଙ୍ଗବଂଶୀୟ ରାଜାମାନେ ଦିଗ୍‌ବିଜୟୀ ଓ ପ୍ରଖ୍ୟାତ ହେଲେ।

ଅନ୍ୟ ଏକ କିମ୍ବଦନ୍ତୀରୁ ଜଣାଯାଏ ଯେ ଓଡ଼ିଶାର ଜନୈକ ରାଜା ଯୁଦ୍ଧରେ ବାରଂବାର ପରାଜିତ ହେବା ପରେ ପରାଜୟର ଗ୍ଲାନି ଓ ଅନୁଶୋଚନା ନେଇ ପ୍ରଭୁ ଜଗନ୍ନାଥଙ୍କ ପାଖରେ ଅଧିଆ ପଡ଼ିଲେ। ଜଗନ୍ନାଥ ସ୍ୱପ୍ନାଦେଶ ଦେଲେ ଯେ ଶ୍ରୀମନ୍ଦିରର ଦକ୍ଷିଣ ଦିଗରେ ଯାତ୍ରା କଲେ ବିଜୟର ସୂଚନା ମିଳିବ। ରାଜା ସେ ଦିଗରେ ଅଗ୍ରସର ହେଲାପରେ ଶୂନ୍ୟବାଣୀ ଶୁଣି ପାରିଲେ, ଏଠାରେ ବାଲୁକାରେ ଆଚ୍ଛାଦିତ ଗୋଟିଏ ଖଡ଼୍‌ଗ ଅଛି। ଏହି ଖଡ଼୍‌ଗ ନେଇ ଅଭିଯାନ ଆରମ୍ଭ କଲେ ବିଜୟ ଅବଶ୍ୟମ୍ଭାବୀ। ସତକୁ ସତ ରାଜା ସେହି ଖଡ଼୍‌ଗ ନେଇ ଅଭିଯାନ ଆରମ୍ଭ କଲେ ଏବଂ ବିଜୟ ମଣ୍ଡିତ ହେଲେ। ସେହି ଖଡ଼୍‌ଗ ବାହାରିଥିବା ସ୍ଥାନଟି ବର୍ତ୍ତମାନର ଶ୍ୟାମାକାଳୀ ମନ୍ଦିର ବୋଲି ଅନେକ କହିଥାନ୍ତି।

ଓଡ଼ିଶାର ସ୍ୱାଧୀନତା ଅସ୍ତମିତ ହେବାପରେ ଏବଂ ପୁରୁଣା ନଅରରୁ ରାଜାଙ୍କ ଉଆସ ଅପସାରିତ ହେବା ପରେ ଏଠାରେ ମା' ଶ୍ୟାମାକାଳୀ ଦୀର୍ଘଦିନ ଧରି ଅପୂଜା ହୋଇ ରହିଥିଲେ, ତାହା ଅନୁମାନ କରି ହେଉଛି। ସେ ସମ୍ବନ୍ଧରେ କିମ୍ବଦନ୍ତୀମାନ ରହିଛି। ଶ୍ୟାମାକାଳୀ ଅପୂଜ୍ୟା ରହିବାର କାରଣ ସମ୍ବନ୍ଧରେ କୁହାଯାଏ ଯେ, ଯେତେବେଳେ ବ୍ରିଟିଶ ଆକ୍ରମଣରେ ଖୋର୍ଦ୍ଧାର ପତନ ହେଲା, ରାଜା ଆତ୍ମଗୋପନ କରି ପଳାଇ ଆସିଲେ ଏବଂ ଏକ ପକ୍ଷରେ ଶ୍ୱେତଗଙ୍ଗା ଓ ଅପରପକ୍ଷରେ ପରିତ୍ୟକ୍ତ ପୁରୁଣା ନଅର ନିକଟସ୍ଥ ଗଙ୍ଗାମାତା ମଠରେ ଲୁକ୍‌କାୟିତ ଭାବରେ ଆଶ୍ରୟ ନେଲେ। ସେତେବେଳେ ତାଙ୍କର ଏକ ମାତ୍ର ବିଶ୍ୱସ୍ତ ସେନାପତି ଜୟୀ ରାଜଗୁରୁ ଅନୁଭବ କଲେ ବିନା ଦେବୀ ଆଶ୍ରାରେ ଓଡ଼ିଶାର ସ୍ୱାଧୀନତାକୁ ରକ୍ଷା କରା ଯାଇପାରିବ ନାହିଁ। ଏହା ଅନୁଭବ କରି ସେ ପରିତ୍ୟକ୍ତ ନଅରର ସେହି ଭଙ୍ଗାରୁଜା ଗମ୍ବୁଜ ଆକାରର ମନ୍ଦିରରେ ଥିବା ଶ୍ୟାମାକାଳୀଙ୍କୁ ଆରାଧନା କଲେ। ରାଜଗୁରୁ ପୂଜା ଆରମ୍ଭ କଲେ ସତ୍ୟ, କିନ୍ତୁ ଦେବୀ ପ୍ରସନ୍ନା ହେବା ପରିବର୍ତ୍ତେ ହେଲେ କ୍ରୁଦ୍ଧା, ରୁଷ୍ଟା। ଦେବୀ ସ୍ୱପ୍ନାଦେଶ ଦେଲେ, "ମୁଁ ନିଦ୍ରାରେ ବର୍ତ୍ତମାନ ଶାୟିତା, ତେଣୁ ନିଦ୍ରାରେ ବାଧା ଦେଲେ ଫଳ ଭଲ ହେବନାହିଁ," ରାଜଗୁରୁ ଶ୍ୟାମାକାଳୀଙ୍କ ଦ୍ୱାର ଦେଶକୁ ଅବରୁଦ୍ଧ କରି ଚାଲିଗଲେ। କ୍ରମେ ଭଙ୍ଗା, ପଥରଗଦା, ଲତାଗୁଳ୍ମ ଓ ଜଙ୍ଗଲି ଗଛ, ସପ୍ତଫେଣିଆ ବଣ ଆଦିରେ ପରିପୂର୍ଣ୍ଣ ହୋଇ ଅଗମ୍ୟ ଏବଂ ପରିତ୍ୟକ୍ତ ଅବସ୍ଥାରେ ଶ୍ୟାମାକାଳୀ ପଡ଼ିରହିଲେ। ଶ୍ୟାମାକାଳୀ ପୀଠରେ ଯେ ଏକ ମନ୍ଦିର ଥିଲା ଓ କାଳୀବିଗ୍ରହ ଏଠାରେ ପୂଜା ପାଉଥିଲେ ଲୋକେ କ୍ରମଶଃ ଭୁଲିଗଲେ। ଏହି ପରି ଅନେକ ବର୍ଷ ବିତିଗଲା, କଥିତ ଅଛି ପୁରୀ ରାଜଗୁରୁ (ଜୟୀ ରାଜଗୁରୁ) ବଂଶର ଅନ୍ୟତମ ଜଣେ ବ୍ରାହ୍ମଣ ମାତାଙ୍କୁ ନିଦ୍ରାରୁ ଉତ୍‌ଥିତ କରିବାକୁ ପୁନର୍ବାର ଉଦ୍ୟମ କରିଥିଲେ। କିନ୍ତୁ ସେ ଉଦ୍ୟମ ମଧ୍ୟ ସଫଳ ହେଲା ନାହିଁ। ପୂଜାର ତିନିଦିନ ପରେ ରାଜଗୁରୁଙ୍କୁ ସ୍ୱପ୍ନାଦେଶ ହେଲା "ବର୍ତ୍ତମାନ ସୁଦ୍ଧା ଉଠିବାର ସମୟ ହୋଇନାହିଁ। ମୁଁ ଯଥା ସମୟରେ ଉଠିବି। ଜଣେ ସର୍ପାଘାତ ବ୍ରାହ୍ମଣ ମୋର ପୂଜା କରିବ ଏବଂ ସେହି ଦିନଠାରୁ ମୁଁ ଜାଗ୍ରତ ହେବି।"

ଜନଶ୍ରୁତି ଅନୁସାରେ ବାଲିସାହି ଆଠଗଡିଆ ଗଳିରେ ବାସ କରୁଥିବା ବାମଦେବ ମିଶ୍ର ନାମକ ଜନୈକ ବ୍ରାହ୍ମଣ ଏହି ମନ୍ଦିର ନିକଟକୁ ପ୍ରତ୍ୟହ ଫୁଲ ତୋଳିବାକୁ ଆସୁଥିବାବେଳେ ତାଙ୍କର ଏହି ଦ୍ୱାରରୁଦ୍ଧ ମନ୍ଦିର ଉପରେ ଦୃଷ୍ଟି ପଡ଼ିଥିଲା। ମନ୍ଦିରର ଉପର ପଟେ ଥିବା ଫାଙ୍କରୁ ଦେଖି ସେ ଜାଣିପାରିଥିଲେ ସେଠାରେ

ଅପୂଜା ଦେବତା ଅଛନ୍ତି । ତେଣୁ ସେହିଦିନଠାରୁ ପ୍ରତ୍ୟହ ସେହି ଫାଙ୍କ ଦେଇ କିଛି ପାଣି ଓ ଫୁଲ ସେହି ମନ୍ଦିର ଭିତରକୁ ପକାଇ ଦେଉଥିଲେ । ଦିନେ ତାଙ୍କର ବାଳୁତ ପୁତ୍ର ଦୟାନିଧି ମିଶ୍ର ସର୍ପାଘାତ ହୁଅନ୍ତେ, ସେହି ଅପୂଜା ଦେବୀଙ୍କ ମହିମାରୁ ଭଲ ହୋଇଗଲେ । ସେହିଦିନଠାରୁ ପିତାଙ୍କ ନିର୍ଦ୍ଦେଶରେ ପୁତ୍ର ଦୟାନିଧି ମିଶ୍ର ମା' ଶ୍ୟାମାକାଳୀଙ୍କୁ ବଣରୁ ଉଦ୍ଧାର କରି ଜୀବନର ଶେଷ ପର୍ଯ୍ୟନ୍ତ ମା'ଙ୍କୁ ପୂଜା ଆରାଧନା କଲେ । ତାଙ୍କ ପରେ ତାଙ୍କ ବଂଶଧରମାନେ ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା କରୁଅଛନ୍ତି ।

ଯେଉଁ ରାଜ ନଅରର ଅଂଶବିଶେଷରେ ଏହି କାଳୀ ମୂର୍ତ୍ତି ପୂଜିତା ହେଉଥିଲେ ସେହି ରାଜନିବାସର ଭଗ୍ନାବଶେଷ ଏବେ ନାହିଁ । ବର୍ତ୍ତମାନ ରାଜାଙ୍କ ସେ ପୁରୁଣା ନଅର ପୋଖରୀରେ ପୋତି ହୋଇ ନିଶ୍ଚିହ୍ନ ହୋଇଯାଇଛି । ଏହା ଉପରେ ଘରୋଇ ବସ୍ତିମାନ ଗଢ଼ି ଉଠିଛି । କିନ୍ତୁ ଗଜପତିଙ୍କ ଅମଳରୁ ଏ ଅଞ୍ଚଳରେ ରହିଥିବା ବାରାହୀ, ପ୍ରଖ୍ୟାତ ଅଷ୍ଟଶମ୍ଭୁ, ରାଧାକୃଷ୍ଣ ମନ୍ଦିର ଓ ଶ୍ୟାମାକାଳୀଙ୍କ ପ୍ରାଚୀନ ଆସ୍ଥାନ ପୀଠ ପ୍ରାୟ ପରସ୍ପର ସଂଲଗ୍ନ ହୋଇ ଅବ୍ୟାହତ ରହିଛନ୍ତି । ଅତୀତର ଜରାଜୀର୍ଣ୍ଣ ମନ୍ଦିର ଏବଂ ତହିଁର ମୁଖଶାଳା ଆଜି ଅତ୍ୟାଧୁନିକ ଏହାର ଶୋଭାଯୁକ୍ତ । ଶ୍ରୀବୃଦ୍ଧି, ସମୃଦ୍ଧି ଦେଖିଲେ ମନେହୁଏ କନାରୁ ଉଡ଼ିଯାଇଥିବା କର୍ପୂର ବୋଧହୁଏ ଫେରି ଆସିଛି ।

ପ୍ରଥମେ ଏହି ମନ୍ଦିର ପୁରୀ ଗଜପତି ମହାରାଜାଙ୍କ ଅଧିନରେ ଥିଲା । କିନ୍ତୁ ବର୍ତ୍ତମାନ ଗଜପତି ମହାରାଜା ପୁରାତନ ନଅର ଛାଡ଼ି ବଡ଼ଦାଣ୍ଡସ୍ଥିତ ଶ୍ରୀନଅରରେ ଅବସ୍ଥାନ କରୁଥିବାରୁ ବର୍ତ୍ତମାନ ଶ୍ୟାମାକାଳୀ ମନ୍ଦିର ସଂପ୍ରତି ପୂଜକମାନଙ୍କ ଦ୍ୱାରା ପରିଚାଳିତ ହେଉଅଛି । ଏବେ ମଧ୍ୟ ଦେବୀଙ୍କ ଆସ୍ଥାନ ଉପରେ ରାଜବଂଶର ପ୍ରତୀକ ଚିହ୍ନ ରହିଅଛି । ଏପରିକି ରାଜକୀୟ ପ୍ରଥାନୁସାରେ ନୂଆ ରାଜା ଅଭିଷିକ୍ତ ହେବା ପରେ ସର୍ବ ପ୍ରଥମେ ଏହି ମନ୍ଦିରକୁ ଆସି ମା'ଙ୍କ ଦର୍ଶନ ଏବଂ ପୂଜାର୍ଚ୍ଚନା କରିଥାନ୍ତି । ଦୀପାବଳି ଏବଂ କାଳୀପୂଜା ପ୍ରଭୃତିରେ ମଧ୍ୟ ଗଜପତି ତାଙ୍କ ରାଜଗୁରୁଙ୍କ ସହ ଆସି ମା'ଙ୍କ ଦର୍ଶନ କରିଥାନ୍ତି ।

ଶ୍ୟାମାକାଳୀଙ୍କ ବିଗ୍ରହରେ ନିମ୍ନରେ ଶାୟିତ ଶିବଙ୍କ ଲିଙ୍ଗ ସହିତ ମା'ଙ୍କର ଉନ୍ମୁକ୍ତ ଯୋନି ସଂଯୋଜିତ ହୋଇଅଛି ଏବଂ ଶିବଙ୍କ ଜଟାସମୂହ ମା'ଙ୍କ ପାଇଁ କଉପୁନିର କାମରେ ଲାଗିଛି । ପୂର୍ବରୁ ହତ୍ୟା ଓ ହତ୍ୟାର ବିଭୀଷିକା ଖେଳାଇବାକୁ ଲହଲହ ଜିହ୍ୱା କିମ୍ବା ଅଣାୟତ୍ତ କ୍ରୋଧ ଯୋଗୁ ନିଜର ସ୍ୱାମୀଙ୍କ ଉପରେ ପାଦପକେଇ ଦେବାର ଲଜ୍ଜା ଓ ସଙ୍କୋଚରେ ଜିଭ କାଢ଼ି ଦେବାତ ଦୂରର କଥା ବରଂ ଜିଭ ଆଦୌ ଦେଖାଯାଉନଥିବା, ଏପରି ସୌମ୍ୟ ଓ କମନୀୟ ମୁଖକାନ୍ତି ଧରି କଳା ମୁଗୁନି ପଥରର ପ୍ରଭା ସହିତ ପ୍ରାୟ ସାଢ଼େ ତିନି ଫୁଟ ଉଚ୍ଚତାର ମସୃଣ କରୁଣା ଦାୟିନୀ ମାତୃମୂର୍ତ୍ତି ଅନ୍ୟତ୍ର ଦେଖାଯାଏ ନାହିଁ । ଭାରତ କିମ୍ବା ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଭିନ୍ନ କାଳୀ ମୂର୍ତ୍ତି ଥିଲେ ହେଁ ଶ୍ୟାମାକାଳୀଙ୍କ ଭଳି ଲାବଣ୍ୟମୟୀ ବିଗ୍ରହ ଅନ୍ୟ କେଉଁଠାରେ ଦୃଷ୍ଟିଗୋଚର ହୁଏ ନାହିଁ । ହୋଇପାରେ ଶ୍ୟାମାକାଳୀ କାଳୀଙ୍କର ମହାକାଳଙ୍କ ସହିତ ସମନ୍ୱିତ ହେବାର ପରବର୍ତ୍ତୀ ଅବସ୍ଥା, ହୋଇପାରେ ଦେବତାମାନଙ୍କ ଇଚ୍ଛା ବା ଯୋଜନା ଅନୁଯାୟୀ ରତିରତା ମାତାଙ୍କର ଶାନ୍ତ ଓ ପ୍ରଶାନ୍ତ ଅବସ୍ଥା । "ଶ୍ୟାମାକାଳୀ" ମୂର୍ତ୍ତିର ମୁଖଲାବଣ୍ୟ ସାଙ୍ଗକୁ ଜିହ୍ୱା ଆଦୌ ଦେଖା ଯାଉନଥିବାରୁ କୌଣସି ଭକ୍ତ, " ମାଆ ତୋର ଭୟଙ୍କରୀ ରୂପ ଦେଖିପାରିବିନି" କହି ଆକୁଳ ପ୍ରାର୍ଥନା କରିବାରୁ ମାଆ ତାଙ୍କ ଜିହ୍ୱାକୁ ଭିତରକୁ ନେଇ ଯାଇଥିବା କେହି କେହି କହିଥାନ୍ତି । ଆଉ କେହି କେହି ଅର୍ଥ କରନ୍ତି, ମାଆ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ମିଳିତ ମାୟା ବଳରେ ଶିବଙ୍କ ଉପରେ ଅଜ୍ଞାତରେ ପାଦ ପକାଇବା ପରେ, ପରବର୍ତ୍ତୀ ରତି-ରତା ଅବସ୍ଥା ମା' ଶ୍ରାମାକାଳୀଙ୍କ ବିଗ୍ରହରେ ସ୍ପଷ୍ଟ ଭାବରେ ପ୍ରତୀତ ହେଉଛି । ମହା ଶ୍ମଶାନର ଏହି ସଂଯୁକ୍ତ ହେବାର ଦ୍ୟୋତକ ସ୍ୱରୂପ ଶ୍ୟାମାକାଳୀଙ୍କ ପୃଷ୍ଠ ଭାଗରେ ଥିବା ସମାନ ଉଚ୍ଚତା ବିଶିଷ୍ଟ ପ୍ରସ୍ତର ପ୍ରଭାରେ ଶ୍ୱାନ, ଶୃଗାଳ, ଶାଗୁଣା ଓ କୁଆ ରୂପମାନ ଖୋଦିତ ହୋଇଛି । ଚତୁର୍ଭୁଜା ମାତାଙ୍କ ବାମ ପାର୍ଶ୍ୱସ୍ଥ ନିମ୍ନହାତରେ ମଣିଷର ମୁଣ୍ଡ ଓ ସେହି ପାର୍ଶ୍ୱର ଉପରହାତରେ ଖଡ଼୍ଗ । ଦକ୍ଷିଣ ପାର୍ଶ୍ୱର ନିମ୍ନହସ୍ତର ଆଙ୍ଗୁଳି ସବୁ ଉନ୍ମୁକ୍ତ ହୋଇ 'ବର' ଓ ସେହି ପାର୍ଶ୍ୱର ଉର୍ଦ୍ଧ୍ୱ ହସ୍ତ ଉନ୍ମୁକ୍ତ ଭାବରେ ଉପରକୁ ଲମ୍ବିତ ହୋଇ ଅଭୟର ସୂଚନା ଦେଉଛି । ମାତା ସତେ ଯେପରି ଏକ ପକ୍ଷରେ ଦୁଷ୍ଟ ସଂହାରକାରିଣୀ ରୂପ ସାଙ୍ଗକୁ ଅନ୍ୟ ପକ୍ଷରେ ଅନୁଗତଭକ୍ତ ବା ସାଧୁମାନଙ୍କୁ ଅଭୟ ବର ଦେବାକୁ ସଦାସର୍ବଦା ପ୍ରସ୍ତୁତ ଥିବା ପରି ମନେହୁଏ ।

ତ୍ରିଶକ୍ତିର ଗୂଢ଼ତତ୍ତ୍ୱ କେବଳ ହିନ୍ଦୁ ଧର୍ମରେ ନୁହେଁ, ସମ୍ଭବତଃ ସମସ୍ତ ଧର୍ମରେ ଏହାର କିଛି ପ୍ରଭାବ ବା ତାତ୍ପର୍ଯ୍ୟ ରହିଛି । ସତ୍ତ୍ୱଃ, ରଜଃ, ତମଃ, ସତ୍ୟ - ଶିବ - ସୁନ୍ଦର, ବ୍ରହ୍ମା - ବିଷ୍ଣୁ - ମହେଶ୍ୱର, ଜଗନ୍ନାଥ - ବଳଭଦ୍ର - ସୁଭଦ୍ରା, କିମ୍ବା ରାମ - ଲକ୍ଷ୍ମଣ - ସୀତା, ଗଙ୍ଗା - ଯମୁନା - ସରସ୍ୱତୀ, ସର୍ବୋପରି ଦେବୀତତ୍ତ୍ୱରେ ମହାକାଳୀ, ମହାଲକ୍ଷ୍ମୀ, ମହା ସରସ୍ୱତୀ ଭଳି ବାରବାର ତ୍ରିବାର ସତ୍ୟ, କିମ୍ବା ଇସଲାମ୍ ଧର୍ମରେ ସ୍ୱାମୀ ତିନିବାର 'ତଲାକ' କହିଦେଲେ ଧର୍ମଗତ ବିବାଦ ବନ୍ଧନ ବିଚ୍ଛିନ୍ନ ହେଲାପରି, ଏହି ତ୍ରିବାର ବା ତ୍ରିଶକ୍ତିର କିଛି ମାହାତ୍ମ୍ୟ ରହିଛି । ମନ୍ଦିର କାନ୍ଥର ଚତୁର୍ଦ୍ଦିଗରେ ଖୋଦିତ ହୋଇଥିବା ବିଲୁଆ, ଶାଗୁଣାଙ୍କ ଦ୍ୱାରା ପରିବେଷ୍ଟିତା ଶିବାରୂଢ଼ା ମା' ଶ୍ୟାମାକାଳୀ ଶ୍ମଶାନବାସିନୀ ବୋଲି ପ୍ରତିପାଦିତା ହେବା ସଙ୍ଗେ ସଙ୍ଗେ ତ୍ରିନେତ୍ରା ଯୁକ୍ତା ଭୂତ, ବର୍ତ୍ତମାନ ଓ ଭବିଷ୍ୟତର ସମ୍ୟକ ଅବଧାରଣା କରିପାରୁଥିବାର ଦ୍ୟୋତକ । ପୁନଶ୍ଚ ମାୟା ରହିତାଚିତ୍ ବ୍ରହ୍ମରୂପିଣୀ ହେତୁ ସେ ଦିଗମ୍ବରା ବା ବସନରହିତା ରୂପେ କଳ୍ପିତା । 'ବିମଳାନନ୍ଦ ଦାୟିନୀ' ବ୍ୟାଖ୍ୟା ଅନୁସାରେ (ଅଧୋହସ୍ତେନ ବିଗତ ରଜଂତତ୍ତ୍ୱ ଜ୍ଞାନାଧାରଂ ମସ୍ତକଂ) ଏହା ରାଜୋଗୁଣ ରହିତ ତତ୍ତ୍ୱ ଆଧାରର ପ୍ରତୀକ । ମା' ଶ୍ୟାମାକଳୀଙ୍କ ହାତରେ ଶୋଭାପାଉଥିବା ଖଡ଼୍ଗ ସତ୍ୟମାର୍ଗରେ ଚାଲିବା ପାଇଁ ପ୍ରେରଣାର ପ୍ରତୀକ । ପୁନଶ୍ଚ ଏହା ଜୀବ ଓ ବ୍ରହ୍ମର ଭେଦ ରୂପକ ଅଜ୍ଞାନର ନାଶକ ଅର୍ଥାତ୍ ତତ୍ତ୍ୱମସି" ଜ୍ଞାନର ପ୍ରତିପାଦକ । ସର୍ବୋପରି ମା' ଶ୍ୟାମାକାଳୀ, ସ୍ୱପ୍ରକାଶ ସତ୍ତ୍ୱଗୁଣ ଦ୍ୟୋତକ, ସୌମ୍ୟଦର୍ଶନ ଦ୍ୱାରା ରଜୋଗୁଣ ଦ୍ୟୋତକ ରକ୍ତବର୍ଣ୍ଣ ଓ ଲାଲଜିହ୍ୱାକୁ ସଂଯମିତ କରିଛନ୍ତି । ଏଥିରୁ ପ୍ରତୀତ ହୁଏ ଦେବୀ ସତ୍ତ୍ୱଗୁଣ ଦ୍ୱାରା ରାଜୋଗୁଣ ଓ ତମୋଗୁଣକୁବିନାଶ କରନ୍ତି ।

ଶ୍ୟାମାକାଳୀଙ୍କ ପୀଠରେ ଦେବୀଙ୍କ ପାର୍ଶ୍ୱରୁ ଆଉ ଦୁଇଗୋଟି ଚତୁର୍ଭୁଜା ନାତିଉଚ୍ଚ ପାଷାଣ ମୂର୍ତ୍ତି ରହିଛନ୍ତି । ସେମାନଙ୍କର ନାମ ବିମଳା ଓ ସର୍ବମଙ୍ଗଳା । କେହି କେହି ଏହି ମଙ୍ଗଳାଙ୍କୁ ଚନ୍ଦକା ବା ଚଣ୍ଡିକା ନାମରେ ଆଖ୍ୟାୟିତ କରିଛନ୍ତି । ଶ୍ରୀମନ୍ଦିରରେ ବିରାଜିତା ବିମଳାଙ୍କ ଭଳି ଏହି ମୂର୍ତ୍ତି ଏବଂ ଚଣ୍ଡିକା ମୂର୍ତ୍ତି ମଧ୍ୟ ଦଣ୍ଡାୟମାନା ଏବଂ ବିମଳାଙ୍କ ପରି ଏହି ମୂର୍ତ୍ତିର ହସ୍ତମାନଙ୍କରେ ନାଗଫାଶ, ଅଭୟ, ମଣିଷ ଓ କୁମ୍ଭ ରହିଛି । ସେହିପରି ମଙ୍ଗଳାଙ୍କ ଚାରିହସ୍ତରେ ଚକ୍ର (ପୂର୍ଣ୍ଣଚନ୍ଦ୍ର ବା ଧର୍ମ ଚକ୍ର), ଜପାମାଳା ଏବଂ ପଦ୍ମକଢ଼ ରହିଅଛି । ଏ ମୂର୍ତ୍ତିର (ଚଣ୍ଡିକା) ବିଶେଷତ୍ୱ ହେଉଛି ବାମ ପାର୍ଶ୍ୱସ୍ଥ ଉପର ହାତରେ ଗୋଟିଏ ମୁଦ୍‌ଗର ରହିଛି । ଏ ମୂର୍ତ୍ତି ମଧ୍ୟ ମଙ୍ଗଳାଙ୍କ ପରି ବସିଛନ୍ତି । ପୌରାଣିକ ତଥ୍ୟ ଅନୁସାରେ ଦେବୀ ଦୁର୍ଗାଙ୍କ ସହିତ ଯୁଦ୍ଧରେ ମହିଷାସୁର ଅନେକକାଳ ଧରି ଅପରାଜିତ ରହିବାରୁ ଏବଂ ଦେବୀ ସେଥି ପାଇଁ ସ୍ୱାଭାବିକ ଭାବରେ ଚିନ୍ତିତା ହେବାରୁ, ମା ମଙ୍ଗଳା ଦେବୀଙ୍କ ଅନ୍ତରରୁ ଉପଜାତ ହୋଇ ମହିଷା ବ୍ରହ୍ମାଙ୍କ ବରଦାନରେ ଏପରି ବଳୀୟାନ ହୋଇଥିବା ଏବଂ ବିଶ୍ୱର କଲ୍ୟାଣ ପାଇଁ ବିବସନା ହୋଇ ଜାନୁ - ଯୌବନ ଦେଖାଇଲେ ଯାଇ ମହିଷାର ନିଧନ ହେବ ବୋଲି ସୂଚନା ଦେଇଥିଲେ । ସମସ୍ତଙ୍କର ମଙ୍ଗଳ ପାଇଁ ଏହା ଅତ୍ୟନ୍ତ କରଣୀୟ ବୋଲି ମଙ୍ଗଳାନିର୍ଦ୍ଦେଶ ଦେଇଥିବାରୁ ଦେବୀ ଦୁର୍ଗା ତାଙ୍କୁ 'ସର୍ବ ମଙ୍ଗଳା' ନାମରେ ସମ୍ବୋଧନ କରିଥିଲେ । ତେଣୁ ମା' ଶ୍ୟାମାକାଳୀଙ୍କ ପୀଠରେ ମଙ୍ଗଳା, ବିମଳା ଏହି ତ୍ରିମୂର୍ତ୍ତିର ସମନ୍ୱୟ ଦେଖିବାକୁ ମିଳେ ।

ପୂର୍ବାଭିମୁଖୀ ମନ୍ଦିରର ଦ୍ୱାର ଦେଶରେ ଶ୍ରୀଯନ୍ତ୍ର ଏବଂ ଶ୍ୟାମାକାଳୀ ଯନ୍ତ୍ର ଚିତ୍ରିତ ହୋଇଅଛି। ମୁଖ୍ୟ ପ୍ରବେଶ ଦ୍ୱାରର ଉଭୟ ପାର୍ଶ୍ୱରେ ଦୁଇଟି ସିଂହମୂର୍ତ୍ତି ରହିଛନ୍ତି। ମନ୍ଦିର ଭିତରର ସମଗ୍ର ଚଟାଣ ମାର୍ବଲ ପଥରରେ ଆଚ୍ଛାଦିତ। ଭିତରପଟ ଦ୍ୱାରର ଉଭୟ ପାର୍ଶ୍ୱରେ କଦଳୀ ଗଛ, ବାମ ପଟ କଦଳୀ ଗଛ ନିକଟରେ ଖଡ୍‌ଗ ଧାରିଣୀ ଯୋଗମାୟା ବସିଥିବାବେଳେ ତାଙ୍କ ଉପରେ ଦଣ୍ଡାୟମାନ ଛାୟା। ସେହିପରି ଦକ୍ଷିଣ ପାର୍ଶ୍ୱରେ ଉପବେଶନରତା ମହାମାୟାଙ୍କ ଉପରେ ଖଡ୍‌ଗଧାରିଣୀ ମାୟାଙ୍କ ଚିତ୍ର ଥିବା ଦେଖିବାକୁ ମିଳେ। ଜଗମୋହନ ସମଗ୍ର କାନ୍ଥରେ ଭୈରବୀ, ଧୂମାବତୀ, ବଗଳାମୁଖୀ, ମାତଙ୍ଗିନୀ, କମଳା, କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଛିନ୍ନମସ୍ତା ପ୍ରଭୃତି ଦଶମହାବିଦ୍ୟା, ନବ ଦୁର୍ଗା ଓ ଅନ୍ୟମାନଙ୍କ ମଧ୍ୟରେ ଯଥା - ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ, ଉଡ୍ଡୀଶ ଭୈରବୀ, ବ୍ୟାଘ୍ର ବାହିନୀ, ତାଡ଼କା, ଜଗଦ୍ଧାତ୍ରୀ, ମହିଷମର୍ଦ୍ଦିନୀ, କାତ୍ୟାୟନୀ, ସ୍କନ୍ଦମାତା, ବୈଷ୍ଣବୀ, ରୁଦ୍ରାଣୀ, ଦଶଭୁଜା ଦୁର୍ଗା, ଚତୁର୍ଭୁଜା ଦୁର୍ଗା, ବ୍ରହ୍ମାଣୀ, ବ୍ରହ୍ମଚାରିଣୀ, ଚନ୍ଦ୍ର ଘଣ୍ଟା, କାଳରାତ୍ରି, ମହାଗୌରୀ, ସିଦ୍ଧିଦାତ୍ରୀ, କୁଷ୍ମାଣ୍ଡ ପ୍ରଭୃତିଙ୍କ ଚିତ୍ର କାନ୍ଥରେ ଶୋଭା ପାଉଛନ୍ତି। ଜଗମୋହନର ଗୋଟିଏ ପାର୍ଶ୍ୱରେ ଯଜ୍ଞକୁଣ୍ଡ ଏବଂ ତା' ନିକଟରେ ଦାନବାକ୍ସ ରହିଅଛି। ଏହି ଯଜ୍ଞକୁଣ୍ଡ ପାଖ କାନ୍ଥରେ ଡମ୍ବରୁ ତ୍ରିଶୁଳଧାରୀ ଉନ୍ମୁକ୍ତ ଜଟାଧାରୀ ଚତୁର୍ଭୁଜ ଶିବ ଏବଂ ତାଙ୍କ ସମ୍ମୁଖରେ ପ୍ରଣାମ ମୁଦ୍ରାରତ ଋଷିଙ୍କ ଚିତ୍ର ରହିଛି। ଏହା ବ୍ୟତୀତ ମନ୍ଦିର ବେଢ଼ା ଭିତରେ କାନ୍ଥରେ ଖୋଦିତ ହୋଇଛି ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ଏବଂ ତାଙ୍କ ଚତୁର୍ଦ୍ଦିଗରେ ଦଶ ଅବତାରଙ୍କ ଚିତ୍ର ଓ ସମ୍ମୁଖରେ ଉପବେଶନ କରିଥିବା ଗରୁଡ଼, ପାର୍ଶ୍ୱରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ, ନିକଟରେ ଏକ ବୃହତ୍ ତ୍ରିଶୂଳ, ତାଙ୍କ ପଛପଟେ ନଟରାଜ ମୂର୍ତ୍ତି, କାନ୍ଥରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ମୁଖଥାଇ ତ୍ରିମୁଖଧାରୀ ଦେବତାଙ୍କ ଚିତ୍ର ଓ ସମ୍ମୁଖରେ ବୃଷଭ ବସିଛନ୍ତି। ମା'ଙ୍କ ଗର୍ଭଗୃହରେ ପ୍ରବେଶ ଦ୍ୱାରରେ ସିଂହମୁଖୀ ଏବଂ ବ୍ୟାଘ୍ରମୁଖୀ ଏହିପରି ଦୁଇଜଣ ଦ୍ୱାରପାଳ ରହିଛନ୍ତି। ଦ୍ୱାରର ଉଭୟ ପାର୍ଶ୍ୱରେ ବସିଥିବା ହସ୍ତୀ ପୃଷ୍ଠରେ ଦଣ୍ଡାୟମାନ ସିଂହମୂର୍ତ୍ତି ଅଛନ୍ତି। ଗର୍ଭଗୃହର ଛାତ ଉପରେ ମଧ୍ୟ ଦୁଇଟି ବିରାଟକାୟ ଓଲଟ ସିଂହ ମୂର୍ତ୍ତି ପରସ୍ପର ଆଡକୁ ମୁଖ କରିଥିବା ଏବଂ ତାଙ୍କ ମଝିରେ ଓଁ ଭିତରେ କଳସ ଏକ ବୃତ୍ତାକାର ଚକ୍ର ଭିତରେ ରହିଛି। ମନ୍ଦିର ଉପରେ ଧ୍ୱଜା ଉଡୁଅଛି।

ମନ୍ଦିର ଭିତରେ ମା'ଙ୍କର ରୋଷଶାଳାରେ ଦୈନନ୍ଦିନ ତଥା ପର୍ବପର୍ବାଣୀ ଭୋଗ, ମାନସିକ ରୋଷାଇ ପ୍ରଭୃତି ପ୍ରସ୍ତୁତ କରାଯାଏ। ମନ୍ଦିର ଅଗଣାର ଦକ୍ଷିଣ ପଟ ଦୀର୍ଘ ବାରଣ୍ଡାରେ ଉଠାବସା କରିବା ସହିତ ପ୍ରସାଦ ସେବନାଦିର ସୁବ୍ୟବସ୍ଥା କରାଯାଇଅଛି। ବାମପାର୍ଶ୍ୱରେ ହସ୍ତପ୍ରକ୍ଷାଳନ ପାଇଁ ବ୍ୟବସ୍ଥା ରହିଛି।

ମା' ଶ୍ୟାମାକାଳୀ ବାର ଅନୁସାରେ ବସ୍ତ୍ର ପରିଧାନ କରିଥାନ୍ତି। ଯଥା ସୋମବାର - ଧଳା, ମଙ୍ଗଳବାର - ନାଲି, ବୁଧବାର - ନୀଳ, ଗୁରୁବାର - ହଳଦିଆ, ଶୁକ୍ରବାର - ଧଳା, ଶନିବାର - କଳା ଓ ରବିବାର - ନାଲି, ସାତବାରରେ ପାଞ୍ଚ ପ୍ରକାର ରଙ୍ଗର ବସ୍ତ୍ର ପରିଧାନ କରିଥାନ୍ତି।

ମା' ଶ୍ୟାମାକାଳୀ ଗଜପତି ମହାରାଜାଙ୍କ ଇଷ୍ଟଦେବୀ ଭାବେ ତନ୍ତ୍ରୋକ୍ତ ବିଧିରେ ପ୍ରତିଷ୍ଠିତା ହୋଇଥିବାରୁ ତାଙ୍କର ସମସ୍ତ ପୂଜାବିଧି ବିଧାନ ମଧ୍ୟ ତନ୍ତ୍ରୋକ୍ତ ବିଧିରେ ହୋଇଥାଏ। ନିତ୍ୟ ତନ୍ତ୍ର, ମନ୍ତ୍ର ପୂଜନ ପଠନାଦି ଅତ୍ୟନ୍ତ ନିଷ୍ଠାରେ ପାଳିତ ହୁଏ। ମା'ଙ୍କୁ କାଳୀଙ୍କ ଧ୍ୟାନମନ୍ତ୍ରରେ ଧ୍ୟାନ କରାଯାଏ ଏବଂ ମା' ଦକ୍ଷିଣକାଳୀଙ୍କ ମନ୍ତ୍ରରେ ପୂଜିତ ହୁଅନ୍ତି।

ପହୁଡ ଫିଟିବା ପରେ ପ୍ରତ୍ୟହ ସକାଳ ପ୍ରାୟ ୫ ଘଣ୍ଟା ବେଳେ ମା'ଙ୍କର ମଙ୍ଗଳ ଆଳତି, ମଇଲମ, ସ୍ନାନ, ବେଶ ପରେ ଖଇକୋରା ପ୍ରଭୃତିରେ ଶୀତଳ ଭୋଗ ହୋଇ ଆଳତୀ କାର୍ଯ୍ୟ ସମ୍ପନ୍ନ ହୋଇଥାଏ। ଦ୍ୱିପହର ଭୋଗରେ ଅନ୍ନ, ଖେଚୁଡ଼ି, ଡାଲେମା, ଖିରୀ ପ୍ରଭୃତି ଭୋଗ ହୋଇଥାଏ। ସନ୍ଧ୍ୟା ସମୟରେ ସନ୍ଧ୍ୟା ଆଳତି, ଶୀତଳଭୋଗ ଏବଂ ରାତିରେ ଖୀର କଦଳୀ ପ୍ରଭୃତି ନୈବେଦ୍ୟରେ ମା'ଙ୍କର ପହୁଡ ନୀତି ଅନୁଷ୍ଠିତ ହୁଏ। ଶ୍ୟାମାକାଳୀଙ୍କ ପ୍ରସାଦ ବିଶେଷତଃ ଆମିଷ ବା ଶଙ୍ଖୁଡ଼ି ଭୋଗର ଖ୍ୟାତି ଅଛି। ମା'ଙ୍କ ଦୈନନ୍ଦିନ ଭୋଗ ସହିତ ପ୍ରାୟ ଅଧିକାଂଶ ଦିନ ମାନସିକଧାରୀଙ୍କ ରୋଷେଇ ଭୋଗ ପ୍ରସ୍ତୁତ ହୋଇଥାଏ।

ମା'ଙ୍କ ପୀଠରେ କାଳୀପୂଜା, ଦୀପାବଳି, ଦୁର୍ଗାପୂଜା ପ୍ରଭୃତି ଅତ୍ୟନ୍ତ ଭକ୍ତି ଓ ନିଷ୍ଠାର ସହିତ ପାଳନ କରାଯାଏ। ଦୁର୍ଗାପୂଜା ସମୟରେ ମାଆଙ୍କର ନୀତି, ବେଶ ଓ ପୂଜାପାଠ ସ୍ୱତନ୍ତ୍ର। ନୈବେଦ୍ୟ ଅର୍ପଣପୂର୍ବକ ଷୋହଳ ଦିନ୍ୟାକ ଷୋହଳପୂଜା ସହିତ ଚଣ୍ଡୀପାଠରେ ପୀଠର ଆଧ୍ୟାତ୍ମିକ ପରିବେଶ ଅତ୍ୟନ୍ତ ଭାବଗମ୍ଭୀର ଓ ମନୋରମ ହୋଇଥାଏ। ମହାସପ୍ତମୀରେ ମା' ହରଚଣ୍ଡୀଙ୍କ ବେଶ, ମହାଷ୍ଟମୀରେ ମହିଷମର୍ଦ୍ଦିନୀ, ମହାନବମୀରେ ତାଡକା ବେଶ ହୋଇଥାନ୍ତି। ମୁଖ୍ୟତଃ ଏହି ତିନିଦିନ ମା'ଙ୍କର ପ୍ରମୁଖ ପୂଜା ଭୋଗନୀତି ହୁଏ। ମା' ଦୁର୍ଗୋତ୍ସବରେ ଚନ୍ଦ୍ରିକା ବିଧିରେ ଉପାସିତା ହୁଅନ୍ତି। ଖେଚୁଡ଼ି, ଡାଲି, ମାଛ ବେଶର, ଦହିପଖାଳ, ଶାଗ, ଖଇଖିରୀ, ମିଷ୍ଟାନ୍ନ ପ୍ରଭୃତି ସୁମିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ ହୋଇ ମା'ଙ୍କୁ ଅର୍ପଣ କରାଯାଇଥାଏ। ସବୁଦିନ ରାତ୍ରିରେ ଆମିଷ ଭୋଗହୁଏ। ଦଶହରା ଦିନ ମନ୍ଦିରର ସାଜସଜ୍ଜା ସହିତ ମା'ଙ୍କ ବେଶ ଭାବୋଦ୍ଦୀପକ ଓ ମନୋମୁଗ୍ଧକର। ସେ ସମୟରେ ଭକ୍ତଗଣଙ୍କ ଭିଡ ବେଶ ପରିଲକ୍ଷିତ ହୁଏ।

କାର୍ତ୍ତିକ ମାସରେ ଦୀପାବଳୀ ଅମାବାସ୍ୟା - କାଳୀପୂଜା ବା ଶ୍ୟାମା ପୂଜା ନାମରେ ସ୍ୱତନ୍ତ୍ର ନୀତି ଓ ବେଶ ବହୁତ ତାତ୍ପର୍ଯ୍ୟପୂର୍ଣ୍ଣ। ଭୋର ଘ. ୪.୩୦ ମିନିଟ ସମୟରେ ପହୁଡ ଫିଟି ମଇଲମ, ମଙ୍ଗଳ ଆଳତି ପରେ ମା'ଙ୍କର ମହାସ୍ନାନ, ମାଜଣାପରେ ଚଣ୍ଡୀପାଠ କରାଯାଏ। ପ୍ରାୟ ଦିନ ୧୦ ଘଣ୍ଟାରେ ବଲ୍ଲଭ ଭୋଗ, ଦିନ ଗୋଟାଏ ବେଳେ ଶଙ୍ଖୁଡି ଭୋଗ ଅର୍ପଣ ହୋଇଥାଏ। ଏହିଦିନ ମା' ଦଶହାତ, ଦଶ ମୁଣ୍ଡ, ଦଶ ଗୋଡ଼ଥାଇ ମହାକାଳୀ ବେଶରେ ଦର୍ଶନ ଦିଅନ୍ତି। ଅଁଳା ନବମୀରେ ମା'ଙ୍କର ଜଗଦ୍ଧାତ୍ରୀ ବେଶ, କାର୍ତ୍ତିକ ବଡ ଏକାଦଶୀରେ ନାରାୟଣୀ ବେଶ, କାର୍ତ୍ତିକ ପୂର୍ଣ୍ଣିମୀ ଦିନ ମହାଲକ୍ଷ୍ମୀ ବେଶ, ଶ୍ରୀପଞ୍ଚମୀରେ ମହାସରସ୍ୱତୀ ବେଶ, ପ୍ରତ୍ୟେକ ଚୈତ୍ର ମଙ୍ଗଳବାରରେ ସର୍ବମଙ୍ଗଳା ବେଶରେ ମା' ଦର୍ଶନ ଦେଇ ଭକ୍ତଙ୍କର ମନୋବାଞ୍ଛା ପୂରଣ କରିଥାନ୍ତି। ହେରାପଞ୍ଚମୀ ଦିନ ଜଗମୋହନସ୍ଥିତ ଯଜ୍ଞକୁଣ୍ଡରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥାଏ।

ଶ୍ୟାମାକାଳୀଙ୍କୁ ଯେଉଁ ଭକ୍ତ ଗଣଦର୍ଶନ କରି ଆରାଧନା କରନ୍ତି, ସେମାନେ ଯାହା କାମନା କରନ୍ତି ତାହା ପାଇଥାଆନ୍ତି। ସୁତରାଂ ମନସ୍କାମନା ପୂରଣ ପାଇଁ ଅଥବା ମା'ଙ୍କର କରୁଣାଲାଭ କିମ୍ବା ପ୍ରସାଦର ଆସ୍ୱାଦନ ଅଭିଳାଷରେ, ସର୍ବୋପରି ପ୍ରତ୍ୟକ୍ଷା ଠାକୁରାଣୀ ମା'ଙ୍କ ଦର୍ଶନ ନିମନ୍ତେ ପ୍ରତ୍ୟହ ଏହି ପୀଠରେ ବହୁଭକ୍ତଙ୍କ ସମାଗମ ହୋଇଥାଏ। ମା' ଶ୍ୟାମାକାଳୀ ଶ୍ରୀକ୍ଷେତ୍ରର ପ୍ରମୁଖ ଦେବୀମାନଙ୍କ ମଧ୍ୟରେ ଅତ୍ୟନ୍ତ ପ୍ରତ୍ୟକ୍ଷା, ପ୍ରସିଦ୍ଧା ଏବଂ ଲୋକପ୍ରିୟ ଠାକୁରାଣୀ ଅଟନ୍ତି।

*ପ୍ଲଟ ନମ୍ବର - ୨୯୨୦, ଲୁଇସ ରୋଡ,*
*ଗ୍ୟାରେଜ ଛକ, ଭୁବନେଶ୍ୱର -୨*

**ସହାୟକ ପୁସ୍ତକ**

୧) ଓଡ଼ିଶାର ଦେବଦେବୀ - ପ୍ରଥମ ସ୍ତବକ, ମା' ଶ୍ୟାମାକଳୀ
ଲେଖକ- ଶ୍ରୀହରିହର ବାହିନୀପତି
୨) ଶ୍ରୀକ୍ଷେତ୍ରର ସାଂସ୍କୃତିକ ଐତିହ୍ୟ - ଡ. ଭାସ୍କର ମିଶ୍ର
ଶ୍ରୀକ୍ଷେତ୍ରସ୍ଥା ମା' ଶ୍ୟାମାକଳୀ - ଅଧ୍ୟାପିକା ବାସନ୍ତୀ ଦେବୀ

# ସମତାସିକ୍ତ ଜୀବନ ପାଇଁ ତିନୋଟି ପାହାଚ

## (ଦ୍ୱିତୀୟ ଭାଗ)

### ଡଃ ଜୀବନ କୃଷ୍ଣ ମହାପାତ୍ର

ପ୍ରଥମ ଭାଗରେ ଆମେ ଆଲୋଚନା କରିଛୁ ଯେ ମଣିଷ ତା' ଜୀବନରେ ମୁଖ୍ୟତଃ ଦୁଇ ପ୍ରକାରର ଦ୍ୱନ୍ଦର ସମ୍ମୁଖୀନ ହୁଏ। ଏଥିରୁ ପ୍ରଥମଟିକୁ ଆମେ "ବାହ୍ୟ ନିବିଷ୍ଟ ଦ୍ୱନ୍ଦ୍ୱ" ବୋଲି ନାମ କରଣ କରି, ସେଇ ପରିପ୍ରେକ୍ଷୀରେ କେମିତି ସମତାସିକ୍ତ ଜୀବନ ପ୍ରାପ୍ତ କରିହେବ, ତାହା ପ୍ରଥମ ଭାଗରେ ଆଲୋଚନା କରିଛୁ।

ଏବେ ଦ୍ୱିତୀୟ ଭାଗରେ ଆମେ "ଆତ୍ମ ନିବିଷ୍ଟ ଦ୍ୱନ୍ଦ୍ୱ" ପରିପ୍ରେକ୍ଷୀରେ କେମିତି ସମତାସିକ୍ତ ଜୀବନ ପ୍ରାପ୍ତ କରିହେବ, ତାହା ଆଲୋଚନା କରିବା। "ଆତ୍ମ ନିବିଷ୍ଟ ଦ୍ୱନ୍ଦ୍ୱ"ର ଭିତ୍ତିଭୂମି ନିଜର ଭାବନା, ମନେଭାବ, ଦୃଷ୍ଟିକୋଣ, ଚିନ୍ତାଧାରା ଇତ୍ୟାଦି ଅଟେ। ଏହା ସୁଖ-ଦୁଃଖ, ଆଶା -ନିରାଶା, ସଫଳତା-ବିଫଳତା, ସମ୍ମାନ-ଅସମ୍ମାନ, ମାୟା-ନିର୍ମାୟା, ମୋହ-ନିର୍ମୋହ, ଲୋଭ-ନିର୍ଲୋଭ, ଶାନ୍ତି-ଅଶାନ୍ତି, ପ୍ରିୟ-ଅପ୍ରିୟ, ପ୍ରଶଂସା-ବଦନାମ, ମୁଁ- ସେ ଇତ୍ୟାଦି ବିଭିନ୍ନ ରୂପ ଓ ରଙ୍ଗରେ ପ୍ରତିଭାତ ହୁଏ।

ଗୋଟିଏ ଉଦାହରଣ ଦେଲେ ଏଇ ଦ୍ୱନ୍ଦ୍ୱର ଆଗ୍ରହ-ବିରକ୍ତି ରୂପ ଯେ କେମିତି ଏକ ଆତ୍ମ ନିବିଷ୍ଟ ଦ୍ୱନ୍ଦ୍ୱ ଅଟେ ତାହା ବୁଝି ହେବ।

ଜଣେ ଅଫିସରଙ୍କର ଗୋଲାପ ଫୁଲ ଅତ୍ୟନ୍ତ ପ୍ରିୟ ଥିଲା। ତାଙ୍କ ବଗିଚାର ମାଳୀ ପ୍ରତ୍ୟେକ ଦିନ ଅଫିସରଙ୍କୁ ଗୋଟିଏ ଲେଖାଏଁ ବାଡ଼ି ଗୋଲାପ ଫୁଲ ଭେଟି ଦିଏ ଓ ସେ ଆଗ୍ରହର ସହିତ ତାକୁ ଗ୍ରହଣ କରନ୍ତି। ଦିନକର ଘଟଣା - ଅଫିସର ବୈଠକଖାନାରେ ବସିଥାନ୍ତି। ମାଳୀ ଅଫିସରଙ୍କୁ ଗୋଲାପ ଫୁଲଟିଏ ଭେଟି ଦେଲା। ଫୁଲଟିଏ ଗ୍ରହଣ କରିବା ତ ଦୂରର କଥା, ଅଫିସର ସେ ଆଡ଼କୁ ମୋଟେ ଦୃଷ୍ଟି ଦେଲେ ନାହିଁ। ମାଳୀ ଦୁଃଖରେ ଫେରିଗଲା। ଅନୁସନ୍ଧାନ ପରେ ମାଳୀ ଜାଣିବାକୁ ପାଇଲା ଯେ ଅଫିସରଙ୍କର ନିକଟ ସମ୍ପର୍କୀୟଙ୍କର ମୃତ୍ୟୁ ଯୋଗୁଁ ଅଫିସରଙ୍କ ମନର ସ୍ଥିତି ଠିକ୍ ନଥିଲା। କିଛି ଦିନ ପରେ, ସେହିପରି ମାଳୀ ଜଣକ ଗୋଲାପ ଫୁଲଟେ ନେଇ ଅଫିସରଙ୍କ ନିକଟରେ ପହଞ୍ଚିବା ମାତ୍ରେ ଅଫିସର ତତ୍‌କ୍ଷଣାତ୍ ମାଳୀକୁ ମାଡ଼ ମାରି ବାହାର କରିଦେଲେ। ପୁନର୍ବାର ଅନୁସନ୍ଧାନ ପରେ ମାଳୀ ଜାଣିବାକୁ ପାଇଲା ଯେ ଚାକିରି ବଦଳି ଯୋଗୁଁ ଅଫିସରଙ୍କ ମନସ୍ଥିତି ଠିକ୍ ନଥିଲା। ଏଣୁ ସେ ଫୁଲଟି ପ୍ରତି ଅତ୍ୟନ୍ତ ନକାରାତ୍ମକ ଭାବରେ ପ୍ରତିକ୍ରିୟାଶୀଳ ଥିଲେ। ସେହି ଘଟଣାର ଠିକ୍ ଗୋଟିଏ ସପ୍ତାହ ପରେ ପୂର୍ବବତ୍ ଅଫିସର ତାଙ୍କର ବୈଠକଖାନାରେ ବସିଥିବା ସମୟରେ ମାଳୀ ଜଣକ ଅଫିସରଙ୍କୁ ଗୋଲାପଫୁଲ ଭେଟି ଦେଲା, ଅଫିସର ଖୁବ୍ ଶ୍ରଦ୍ଧାର ସହିତ ଫୁଲଟି ଗ୍ରହଣ କରିବା ସଙ୍ଗେ ସଙ୍ଗେ ମାଳୀକୁ ଧନ୍ୟବାଦ ଦେଲେ।

ଏହି ଉପକଥାରୁ ସ୍ପଷ୍ଟ ପ୍ରମାଣ ମିଳେ ଯେ, ମଣିଷର ଆଗ୍ରହ ବିରକ୍ତି ସ୍ଥିତି ବାହ୍ୟ ପଦାର୍ଥ (ଗୋଲାପ ଫୁଲ ପରି) ବା ବାହ୍ୟ ବ୍ୟକ୍ତି (ମାଳୀ) ତଥା ପରିସ୍ଥିତି ଉପରେ ନିର୍ଭର ନକରି କେବଳ ନିଜର ମନସ୍ଥିତି ବା ଚେତନ- ସ୍ଥିତି ଉପରେ ନିର୍ଭର କରିଥାଏ।

ଏବେ ଅନ୍ୟ ଏକ ପରିସ୍ଥିତି ଓ "ଆତ୍ମ-ନିବିଷ୍ଟ ଦ୍ୱନ୍ଦ୍ୱ"ର 'ସୁଖ' ଉପରେ ଧ୍ୟାନ ନିବଦ୍ଧ କରିବା।

ଗୋଟିଏ ସ୍ଥାନରେ ଜଣେ ସନ୍ନ୍ୟାସୀ ବସିଥିଲେ। ତାଙ୍କ ସମ୍ମୁଖରେ ଜଣେ ଯୁବକ ଯାତ୍ରା କରୁଥିଲା। ସନ୍ନ୍ୟାସୀ ଯୁବକଙ୍କୁ ପଚାରିଲେ, "କେଉଁଆଡ଼େ ଯାତ୍ରା କରୁଛ ?"

ଯୁବକ କହିଲା, "ମୁଁ କଲେଜ ଯାଉଛି।"

ସନ୍ନ୍ୟାସୀ ପଚାରିଲେ, "କଲେଜ କାହିଁକି ଯାଉଛ।"

ଯୁବକ କହିଲା, "କଲେଜକୁ ଯାଇ ପାଠ ପଢ଼ିଲେ ମୋତେ ବିଭିନ୍ନ ଡିଗ୍ରୀ ଓ ସାର୍ଟିଫିକେଟ୍ ଲାଭ ମିଳିବ।"

ସନ୍ନ୍ୟାସୀ ହସି କରି କହିଲେ, "ଆଚ୍ଛା ! ତୁମର ଡିଗ୍ରୀ ଓ ସାର୍ଟିଫିକେଟ୍ ଦରକାର ? ମୋ ମନ୍ତ୍ର ବଳରେ ସେ ସବୁ, ଅରିଜିନାଲ, ମୁଁ ତୁମକୁ ଦେଇଦେବି। ତୁମର କଲେଜ ଯିବା ଦରକାର ନାହିଁ।"

"ମୁଁ ଆପଣଙ୍କ କଥାରେ ରାଜି ଯେ, ମୁଁ ଯେଉଁ ସାର୍ଟିଫିକେଟ୍ ଖୋଜୁଛି, ତା' ପଛରେ କିଛି ବିଶେଷ ଉଦ୍ଦେଶ୍ୟ ଅଛି।" ଯୁବକ କହିଲା।

ସନ୍ନ୍ୟାସୀ ପଚାରିଲେ, "କ'ଣ ସେ ଉଦ୍ଦେଶ୍ୟ ?"

ଯୁବକ କହିଲା, "ସେଇ ଡିଗ୍ରୀଟା ପାଇଗଲେ ମତେ ଗୋଟାଏ ଚାକିରି ମିଳିଯିବ।"

ସନ୍ନ୍ୟାସୀ କହିଲେ, "ଠିକ୍ ଅଛି। ଆମ ଆଶ୍ରମରେ ବହୁତ ଗୁଡ଼ିଏ ଧନ୍ଦା ଅଛି। ତୁମର ତ ଚାକିରି ଦରକାର, ମୁଁ ତୁମକୁ ଚାକିରି ଦେଇଦେବି।"

ଯୁବକ କହିଲା, "ନାଇଁ ଆଜ୍ଞା, ଖାଲି ଚାକିରିଟିଏ ଦେଇ ଦେଲେ କ'ଣ ହେବ? ଚାକିରି କରିବା ମୂଳରେ ମୋ ଉଦ୍ଦେଶ୍ୟ ହେଉଛି ମତେ କିଛି ଅର୍ଥ ମିଳିବା ଦରକାର। ମୋର ଯାହା ଅର୍ଥ ଦରକାର, ଆପଣ କ'ଣ ତାହା ଦେଇ ପାରିବେ ?"

ସନ୍ନ୍ୟାସୀ କହିଲେ, "ହଁ, ମୁଁ ତୁମକୁ ଅପର୍ଯ୍ୟାପ୍ତ ଅର୍ଥ ଦେଇପାରିବି, କିନ୍ତୁ ସେ କଥା କେହି ଜାଣିବେ ନାହିଁ।" ସବୁ ଅର୍ଥ, ସୁଇସ୍ ବ୍ୟାଙ୍କରେ ତୁମ ନାଁରେ ଗୋଟିଏ ଗୁପ୍ତ ଆକାଉଣ୍ଟ ଖୋଲି, ସେଥିରେ ରଖିଦେବି। ତୁମେ ସେଥିରୁ ଟଙ୍କାଟିଏ ବି ଖର୍ଚ୍ଚ କରିପାରିବ ନାହିଁ। କ'ଣ ତମେ ରାଜି ?"

ସେ ଯୁବକ କଥା ଛାଡ଼, ଆପଣମାନେ ରାଜି କି ? ଯଦି ଆପଣ କହୁଛନ୍ତି, "ମୁଁ ଚାକିରି କରିବା ପଛରେ ଉଦ୍ଦେଶ୍ୟ ହେଉଛି ଅର୍ଥ ଉପାର୍ଜନ କରିବା, "ତେବେ ଅର୍ଥ ମିଳିଗଲା ପରେ ଆମେ କାହିଁକି ଖୁସି ନୁହଁ?

ଯୁବକ ଜଣକ କହିଲା, "ମହାରାଜ! କଥା କ'ଣ କି; ଅର୍ଥ ପାଇଲା ପରେ ଗୋଟିଏ ବିରାଟ ପ୍ରାସାଦ ନିର୍ମାଣ କରିବି।" ସନ୍ନ୍ୟାସୀ ପଚାରିଲେ, "ତା ପରେ ?" ଯୁବ କହିଲା, "ଗୋଟିଏ ମଟର ଗାଡ଼ି କିଣିବି। ଗୋଟିଏ ଭଲ ଦାମୀ ମୋବାଇଲ୍ ସେଟ୍ କିଣିବି। ତା'ପରେ ଗୋଟିଏ ସୁନ୍ଦରୀ ଝିଅ ଦେଖି ତାକୁ ବାହା ହେବି।"

ସନ୍ନ୍ୟାସୀ ପଚାରିଲେ, "ଏସବୁ ତୁମର କାହିଁକି ଦରକାର ?"

ଯୁବକ ଜଣକ କହିଲା, "ଏସବୁ ନେଇ ମୁଁ ଜୀବନକୁ ଉପଭୋଗ କରିବି ଏବଂ ଉପଭୋଗ କରି ସୁଖରେ ବଞ୍ଚିବି।"

ଓହୋ! ସୁଖରେ ବଞ୍ଚିବା ପାଇଁ କଲେଜ ଯିବା ଦରକାର, ସାର୍ଟିଫିକେଟ ଦରକାର, ଚାକିରି ମିଳିବା ଦରକାର, ଅର୍ଥ ଦରକାର, ବିଲ୍‌ଡିଂ ତିଆରି କରିବା ଦରକାର, ମଟରଗାଡ଼ି ଚଢ଼ିବା ଦରକାର, ସ୍ତ୍ରୀଟିଏ ଦରକାର ! !

ଏଥିରୁ ଦୁଇଟି ତଥ୍ୟ ସୁସ୍ପଷ୍ଟ ଅଟେ; ଆମେ ସୁଖ

(ଯାହା ଆମର ଏକ ମାନସିକ ସ୍ଥିତି) ତାହୁଁ ଏବଂ ଆମର ଧାରଣା ଯେ ସେଇ ସୁଖ, ବାହ୍ୟ ବସ୍ତୁ / ବ୍ୟକ୍ତି ଉପରେ ନିର୍ଭର କରେ,ଯେଉଁ ଧାରଣା ସଂପୂର୍ଣ୍ଣ ଭୁଲ, କାରଣ ସୁଖ କେବଳ ମନସ୍ଥିତି ଉପରେ ନିର୍ଭର କରେ।

ଏଇ "ଆତ୍ମ-ନିବିଷ୍ଟ ଦ୍ୱନ୍ଦ୍ୱ"ର ବିଭିନ୍ନ ଭାବ ଆଧାରରେ ଶେଷ ପଦିଏ କଥା, କବିଙ୍କର କବିତା ରୂପରେ।

ଶରତରତୁ ସୃଷ୍ଟି କରେ
ରଙ୍ଗିନ ସ୍ୱର୍ଣ୍ଣାଭ ସ୍ୱପ୍ନ
ଦ୍ୱିତୀୟ ବସନ୍ତର
ଯେତେବେଳେ ଗଛର ସବୁପତ୍ର
ହଳଦିଆ ରଙ୍ଗ ପିନ୍ଧି
ଦେଖାଯାନ୍ତି ଅତୀବ ସୁନ୍ଦର ॥

ଆସନ୍ନ ମୃତ୍ୟୁକୁ ସ୍ୱାଗତ କରି ଗଛର ପତ୍ର ସବୁ ମୃତ୍ୟୁ ପୂର୍ବରୁ ହଳଦିଆ ପଡ଼ିଯିବା ଭିତରେ କବି ଦ୍ୱିତୀୟ ବସନ୍ତର ସ୍ୱପ୍ନ ଦେଖୁଛନ୍ତି ....!! ସବୁ "ଆତ୍ମ-ନିବିଷ୍ଟ ଦ୍ୱନ୍ଦ୍ୱ"ର ପରିପ୍ରକାଶ ମାତ୍ର !!

ଏବେ ମନରେ ପ୍ରଶ୍ନ ଉଠେ। ଏପରି ବିଚିତ୍ର "ଆତ୍ମ-ନିବିଷ୍ଟ ଦ୍ୱନ୍ଦ୍ୱ" ଭିତରେ ଯେତେବେଳେ ମଣିଷ ଜୀଇଁଛି, ସେତେବେଳେ ପୁଣି ସମତାର ଅର୍ଥ କ'ଣ, ଗୁଣ ଓ ଧର୍ମ କ'ଣ ??

ସମତାର ସ୍ୱରୂପ କ'ଣ ?

ଶ୍ରୀମଦ୍ ଭାଗବତରେ 'ସମତା' ସମ୍ବନ୍ଧରେ ତିନୋଟି ଉକ୍ତି ଏଠାରେ ଉଲ୍ଲେଖନୀୟ।

- ସମଃ ସମାନୋତ୍ତମ ମଧ୍ୟମା ଧମଃ ସୁଖେଚ ଦୁଃଖେ ଚ ଜିତେନ୍ଦ୍ରୟାଶ୍ରୟଃ
(ଭା: ୪/୨୦/୧୩)

ଭାବାର୍ଥ :ସୁଖ-ଦୁଃଖ ପ୍ରଭୃତିରେ ସମାନ ଜିତେନ୍ଦ୍ରିୟମାନଙ୍କ 'ସମତା' ଉତ୍ତମ ମଧ୍ୟମ-ଅଧମ ଭେଦରେ ତିନି ପ୍ରକାର ପରିଲକ୍ଷିତ ହୋଇଛି।

- ନପଶ୍ୟାମି ପରଂ ଭୂତମ କର୍ତ୍ତୁଃ ସମଦର୍ଶନାତ୍ (ଭା:୩/୨୯/୩୩)

ଭାବାର୍ଥ : ସମଦର୍ଶୀ ଅକର୍ତ୍ତାଠାରୁ ଆଉ ଶ୍ରେଷ୍ଠ ପ୍ରାଣୀ ଦେଖାଯାଏ ନାହିଁ।

ସମଃ ପ୍ରିୟଃ ସୁହୃତ୍ ବ୍ରହ୍ମନ୍ ଭଗବାନସ୍ୱୟମ୍ (ଭା:୭/୧/୧)

ଭାବାର୍ଥ: ଭଗବାନ ସ୍ୱୟମ୍ ପ୍ରାଣୀମାନଙ୍କ ନିକଟରେ ସମପ୍ରିୟ ସୁହୃତ୍ ବ୍ରହ୍ମନ୍ ସ୍ୱରୂପ ଅଟନ୍ତି।

ଗୀତାରେ ମଧ "ଆତ୍ମ-ନିବିଷ୍ଟ ଦ୍ୱନ୍ଦ୍ୱ" ପରିପ୍ରେକ୍ଷୀରେ 'ସମତା' ସ୍ୱରୂପ ବିଷୟରେ ବିଭିନ୍ନ ଜାଗାରେ ଉଲ୍ଲେଖ ଅଛି। ସେଥିରୁ କେତୋଟି ଏଠାରେ ଦେବା ସମୀଚୀନ ହେବ।

ପ୍ରଥମ : ପ୍ରକାଶଂ ଚ ପ୍ରବୃତ୍ତିଂ ଚ ମୋହମେବ ଚ ପାଣ୍ଡବ।

ନ ଦ୍ୱେଷ୍ଟି ସମ୍ପ୍ରବୃତ୍ତାନି ନ ନିବୃତ୍ତାନି କାଂ କ୍ଷତି ।୧୪/୨୨॥

ଭାବାର୍ଥ : ଗୁଣାତୀତ ପୁରୁଷ ସତ୍ତ୍ୱ, ରଜ,ତମ ଆଦିର ପ୍ରଭାବରୁ ଉପରକୁ ଉଠିଯାଇଥାନ୍ତି। ତାଙ୍କ ମନରେ ଯେତେବେଳେ ଯେଉଁ ଭାବ ଅର୍ଥାତ୍ ସତ୍ତ୍ୱ ଗୁଣର ଜ୍ଞାନ, ରଜୋଗୁଣର କର୍ମପ୍ରବୃତ୍ତି, ତମୋଗୁଣର ମୋହ ରୂପରେ ଯେ କୌଣସି ପ୍ରଭାବ ଆସିଲେ ବି, ସେ କୌଣସିଟା ଚାଲିଯାଉ ବା ଆସି କରି ରହିଯାଉ ଏପରି କାମନା କରିନଥାନ୍ତି। ଏହା ହିଁ 'ସମତା'ର ସ୍ୱରୂପ ଅଟେ।

ଏହି ଭାବାର୍ଥକୁ ଅତି ସରଳ ଓ ସୁନ୍ଦର ଭାଷାରେ ଶିବବାବା ଲେଖିଛନ୍ତି ।

"ପ୍ରକାଶ 'ସତ୍ତ୍ୱ'ଗୁଣ କାର୍ଯ୍ୟ। ପ୍ରବୃତ୍ତି ଗୁଣ 'ରଜ' କାର୍ଯ୍ୟ ॥
ମୋହ 'ତମର' କାର୍ଯ୍ୟ ହୋଇ। ପୂର୍ବରୁ ତୋତେ କହିଛଇଁ ॥
ଏହି ତିନି ଗୁଣରୁ ଜାତ। ଯେ କରେ ସ୍ୱପ୍ନ ପରି ଜ୍ଞାତ ॥
ତହିଁରେ ଶ୍ରଦ୍ଧା ନ କରଇ। ପୁଣି ତହିଁରେ ଦ୍ୱେଷ ନାହିଁ॥
ଏହା ଅଟଇ ଗୁଣାତୀତ। ଏହାଠୁ ସକଳ ସମ୍ଭୂତ ॥

ଏପରି ସମତାକୁ ଗୁଣାତୀତ ବ୍ୟକ୍ତିଙ୍କ ସମତା ବୋଲି ଅନେକ ଆଖ୍ୟା ଦେଇଥାନ୍ତି।

ଦ୍ୱିତୀୟ:

ବିଦ୍ୟା ବିନୟ ସମ୍ପନ୍ନେ ବ୍ରାହ୍ମଣେ ଗଜ ହସ୍ତିନି।
ଶୁନିଚୈବ ଶ୍ୱପାକେ ଚ ପଣ୍ଡିତାଃ ସମଦର୍ଶନଃ ॥ (୫/୮)

ଭାବାର୍ଥ: ଅଜ୍ଞାନ ଓ ଅହଂକାର ଅନ୍ତରରୁ ଦୂର ହୋଇଯାଇଥିବା ତତ୍ତ୍ୱଜ୍ଞାନୀ ବ୍ୟକ୍ତିମାନେ ସମସ୍ତଙ୍କଠାରେ ପରମାତ୍ମାଙ୍କ ସତ୍ତା ଅନୁଭବ କରନ୍ତି ଏବଂ ତେଣୁ ତାଙ୍କର ସଦ୍‌ଗୁଣ ସମ୍ପନ୍ନ, ଶାସ୍ତ୍ରଜ୍ଞାନୀ ଓ ବିନୟ ସ୍ୱଭାବର ସାତ୍ତ୍ୱିକ ବ୍ରାହ୍ମଣ, ରାଜସିକ ଗୁଣର ଗୋରୁ, ତାମସିକ ଗୁଣ ସମ୍ପନ୍ନ ହସ୍ତୀ, କୁକୁର ଏବଂ ଚଣ୍ଡାଳ ଆଦିଙ୍କ ପ୍ରତି ସମାନ ଭାବ ଥାଏ।

ଏହି ଭାବାର୍ଥକୁ ଅତି ସରଳ ଓ ସୁନ୍ଦର ଭାଷାରେ ଶିବବାବା ଲେଖିଛନ୍ତି।

ପଣ୍ଡିତ ଦୈତାରୀ ମହାପାତ୍ର, ଯିଏ 'ଶିବ ବାବା' ନାମରେ ପରିଚିତ ଓ ପ୍ରଖ୍ୟାତ।

"ବିଦ୍ୱାନ ବିନୟୀ ବ୍ରାହ୍ମଣ। ଗୋରୁ ଚଣ୍ଡାଳ ହସ୍ତୀ ଶ୍ୱାନ
ଏ ସର୍ବ ଜ୍ଞାନ ସମ ଦେଖେ। କାହାକୁ ପ୍ରଭେଦ ନ ରଖେ।
ସମୁଦ୍ର ହ୍ରଦ ନଦନଦୀ। ତଡ଼ାଗ କୂପ ବାଙ୍ଗି ଆଦି।
ପଡ଼ିଲେ ଚନ୍ଦ୍ରର କିରଣ। ଭିନ୍ନତା ନୁହେଁ ଏକ ଜାଣ
ଜ୍ଞାନୀ ସେପରି ସର୍ବ ଜୀବେ। ସମାନ ଦେଖେ ଏହି ଭବେ

ଅଜ୍ଞାନୀ ତାହା ନ ଦେଖଇ। ମୁକତି ପାଇବ ସେ କାହିଁ।

ଏପରି ସମତାକୁ ଜ୍ଞାନୀ ବ୍ୟକ୍ତିଙ୍କ ସମତା ବା କେହି କେହି ଜ୍ଞାନ ବିଜ୍ଞାନ ଭିତ୍ତିକ ସମତା କହିଥାନ୍ତି। ଏହି କ୍ରମରେ ଗୀତାର ଆଉ ଦୁଇଟି ଶ୍ଳୋକ ମନେ ପଡ଼େ।

ଜ୍ଞାନ ବିଜ୍ଞାନ ତୃପ୍ତାତ୍ମା କୂଟସ୍ଥୋ ବିଜିତେନ୍ଦ୍ରିୟ
ଯୁକ୍ତ ଇତ୍ୟୁଚ୍ୟତେ ଯୋଗ୍ୟ ସମଲୋଷ୍ଟାଶ୍ମ କାଞ୍ଚନଃ(୬/୮)

ଭାବାର୍ଥ: ଯେଉଁ ଜ୍ଞାନବାନ ବ୍ୟକ୍ତି ନିତ୍ୟ -ଅନିତ୍ୟ ବିଚାର କରିବାର ଶକ୍ତି ପ୍ରାପ୍ତ ଅଟନ୍ତି ଓ ଯାହାଙ୍କର ସ୍ଥିତି ବିକାର ଶୂନ୍ୟ ଅଟେ, ତାଙ୍କର ମନରେ ମାଟିର ଢେଲାଟିଏ ପାଇଁ, ପଥର ଖଣ୍ଡେ ପାଇଁ ବା ସୁନା ମୁଣ୍ଡାଏ ପାଇଁ ସମଭାବ ଜାତ ହୋଇଥାଏ।

ସେହିପରି,

ସୁହୃନ୍ମିତ୍ରାର୍ଯୁଦାସୀନ ମଧ୍ୟସ୍ଥ ଦ୍ୱେଷ୍ୟ ବନ୍ଧୁଷୁ।
ସାଧୁଷ୍ୱପି ଚ ପାପେଷୁ ସମବୁଦ୍ଧିର୍ବିଶିଷ୍ୟତେ।
(୬/୯)

ଭାବାର୍ଥ : ଯେଉଁ ଜ୍ଞାନବାନ୍ ବ୍ୟକ୍ତି ସବୁ ବସ୍ତୁ କ୍ଷଣିକ ଓ ଅନିତ୍ୟ ବୋଲି ହୃଦୟଙ୍ଗମ କରିଥାନ୍ତି (ଶ୍ଳୋକ ୬/୮ ର ଜ୍ଞାନୀ ବ୍ୟକ୍ତି) ସେହିପରି ବ୍ୟକ୍ତି ସୁହୃଦ୍, ମିତ୍ର, ବୈରୀ, ଉଦାସୀନ, ମଧ୍ୟସ୍ଥ, ଦ୍ୱେଷୀ, ବନ୍ଧୁ, ସାଧୁ, ଅସାଧୁ ଧର୍ମାତ୍ମା, ପାପାତ୍ମା, ଇତ୍ୟାଦି ସବୁ ବ୍ୟକ୍ତିଙ୍କୁ ସମ ଭାବରେ ଦେଖିଥାନ୍ତି ଓ ସମସ୍ତଙ୍କ ସହିତ ସମଭାବରେ ବ୍ୟବହାର କରିଥାନ୍ତି।

ତୃତୀୟ :

ନାନାପମାନୟୋ ସ୍ତୁଲ୍ୟ ସ୍ତୁଲ୍ୟୋ ମିତ୍ରାରିପକ୍ଷୟୋଃ
ସର୍ବାରମ୍ଭ ପରିତ୍ୟାଗୀ ଗୁଣାତୀତଃ ସ ଉଚ୍ୟତେ।(୧୪/୨୫)

ଭାବାର୍ଥ :

ସମ୍ମାନ ଓ ଅପମାନରେ ସମବୋଧ, ମିତ୍ରପକ୍ଷ ଓ ଶତ୍ରୁ ପକ୍ଷରେ ସମବୁଦ୍ଧି-ସମ୍ପନ୍ନ, ଦୃଷ୍ଟାର୍ଥ ଓ ଅଦୃଷ୍ଟାର୍ଥ ଉଭୟ କର୍ମ; କରିବା ତ ଦୂରର କଥା, ଯେ ତା'କୁ ଆରମ୍ଭ ହିଁ କରନ୍ତି ନାହିଁ ସେ ସବୁ ଭାବରେ ସମତା ରକ୍ଷା କରିଥାନ୍ତି।

କେହି କେହି ଏହାକୁ ଭାବାତୀତ ସମତା ବୋଲି କହିଥାନ୍ତି।

'ସମତା' କ'ଣ ? ସେଥିପାଇଁ ଏହି ସଂକ୍ଷିପ୍ତ ଆଲୋଚନା ହିଁ ଯଥେଷ୍ଟ ବୋଲି ଅନୁମାନ କରାଯାଇପାରେ।

ଏବେ, "ଆତ୍ମ-ନିବିଷ୍ଟ ଦ୍ୱନ୍ଦ୍ୱ" ପୂର୍ଣ୍ଣ ପରିବେଶ ଓ ସ୍ଥିତିର ଉର୍ଦ୍ଧ୍ୱକୁ ଉଠି କିପରି ସମତା-ସିକ୍ତ ଜୀବନ ପ୍ରାପ୍ତି ହୋଇପାରିବା, ସେଥିପାଇଁ ତିନୋଟି ପାହାଚ

ବିଷୟରେ ଅଲୋଚନା କରିବା ପାଇଁ ସମୟ ଆସି ଯାଇଛି। ତେବେ ଏଥିପାଇଁ ମଧ୍ୟ ଗୀତାର ସାହାଯ୍ୟ ନେବା ଆବଶ୍ୟକ ଅଟେ।

**ପ୍ରଥମ ପାହାଚ:**

ଜୀବନର ମହାଭାରତ ଯୁଦ୍ଧରେ ସବୁବେଳେ ଲିପ୍ତ ରହି ମଣିଷ ସୁଖ-ଦୁଃଖ, ଲାଭ-କ୍ଷତି, ଜୟ-ପରାଜୟ, ସିଦ୍ଧି-ଅସିଦ୍ଧି ପରି ଦ୍ୱନ୍ଦ୍ୱମାନ ନିରନ୍ତର ସାମନା କରେ। ଏପରି ପରିସ୍ଥିତିମାନଙ୍କ ପାଇଁ ଗୀତା ନିର୍ଦ୍ଦେଶ ଦିଏ ;-

ସୁଖ ଦୁଃଖେ ସମେ କୃତ୍ୱା ଲାଭା ଲାଭୌ ଜୟାଜୟୌ।

ତତୋ ଯୁଦ୍ଧାୟ ଯୁଜ୍ୟସ୍ୱ ନୈବଂ ପାପମବାପ୍‌ସ୍ୟସି (୨/୩୮)

ଭାବାର୍ଥ: ସୁଖ-ଦୁଃଖ, ଲାଭ-କ୍ଷତି, ଜୟ-ପରାଜୟକୁ ସମାନ ମନେ କରି ଆମେ ଜୀବନର ମହାଭାରତ ଯୁଦ୍ଧ ପାଇଁ ପ୍ରସ୍ତୁତ ହେବାକୁ ଶତଚେଷ୍ଟିତ ହେବା ଉଚିତ୍।

ତା'ହେଲେ ଆମେ ସମତା-ସିକ୍ତ ଜୀବନ ପାଇଁ ପ୍ରଥମ ପାହାଚ ଡେଇଁଯିବା।

ଏଇ ସମ୍ପର୍କରେ ଗୀତାରେ ପୁଣି କୁହାଯାଇଛି: -

ଦୁଃଖେଷ୍ୱନୁଦ୍‌ବିଗ୍ନମନା ସୁଖେଷୁ ବିଗତ ସ୍ପୃହଃ

ବୀତରାଗ ଭୟ କ୍ରୋଧଃ ସ୍ଥିତଧୀର୍ମୁନିରୁଚ୍ୟତେ ।୨/୫୬।

ଭାବାର୍ଥ: ଦୁଃଖ ଆସିଗଲେ ଯିଏ କାତର ହୁଅନ୍ତି ନାହିଁ, ସୁଖବେଳେ ଆନନ୍ଦରେ ମାତି ଉଠନ୍ତି ନାହିଁ, ପୁଣି ରାଗ, ହିଂସା, କ୍ରୋଧ, ଗର୍ବ, ବାଦ, ଦ୍ୱେଷ, ଭୟ ଆଦି ଯାହାର ମନରେ ସ୍ଥାନ ପାଏ ନାହିଁ, ତାଙ୍କୁ ସ୍ଥିତ-ପ୍ରଜ୍ଞ କୁହାଯାଏ।

ଏହା ଏକ ସମ୍ଭାବ୍ୟ ପ୍ରକ୍ରିୟା। ଏହାକୁ ପ୍ରକୃଷ୍ଟ ଭାବରେ ଅଭ୍ୟାସ କରିବା ଏକ ଆଧାତ୍ମିକ ସାଧନା। ଏହି ସାଧନା ଦ୍ୱାରା "ସମତ୍ୱସିଦ୍ଧି" ପ୍ରାପ୍ତ ହୁଏ।

ଏଇ ସମ୍ପର୍କରେ ଚତୁର୍ଦ୍ଦଶ ଅଧ୍ୟାୟ ୨୪ତମ ଶ୍ଳୋକରେ ପୁନର୍ବାର କୁହାଯାଇଛି; -

ସମ ଦୁଃଖ ସୁଖଃ ସ୍ୱସ୍ଥଃ ସମଲୋଷ୍ଟାଶ୍ମକାଞ୍ଚନ।

ତୁଲ୍ୟ ପ୍ରିୟା ପ୍ରିୟୋ ଧୀର ସ୍ତୁଲ୍ୟ ନିନ୍ଦା ମସ୍ସଂସ୍ତୁତିଃ। (୧୪/୨୪)

ଭାବାର୍ଥ: ସୁଖ- ଦୁଃଖ, ପ୍ରିୟ - ଅପ୍ରିୟ, ନିନ୍ଦା - ସ୍ତୁତି, ମାନ - ଅପମାନ ଭଳି ଆଠଟି ବିରୁଦ୍ଧ, ଦ୍ୱନ୍ଦ୍ୱାତ୍ମକ ଭାବରେ ଯିଏ ଆତ୍ମ ଭାବରେ ସ୍ଥିର ଏବଂ ପ୍ରସନ୍ନ ରହନ୍ତି, ସେ ଜୀବନର ସବୁ ସ୍ଥିତିରେ ସମ ଭାବରେ ରହିଥାନ୍ତି।

ଉପରେ ଦତ୍ତ ତିନୋଟି ଶ୍ଳୋକର ନିର୍ଦ୍ଦେଶ ଓ ସିଦ୍ଧାନ୍ତ ଅନୁସାରେ ଜୀବନ ନିର୍ବାହ କଲେ ମଣିଷ ସମତା-ସିକ୍ତ ଜୀବନ ଉପଭୋଗ କରିପାରିବ। ଏହା ନିଶ୍ଚିତ ଅଟେ।

**ଦ୍ୱିତୀୟ ପାହାଚ:**

ପ୍ରଥମ ପାହାଚରେ ଆମେ ଆଲୋଚନା କଲେ ଯେ ବାହ୍ୟ ବସ୍ତୁ / ବ୍ୟକ୍ତିଙ୍କ ସହିତ ଆମର ସକ୍ରିୟ ସମ୍ପର୍କରୁ ସୃଷ୍ଟ ବିକାର ଓ ଭାବନା, ଯଥା: ସୁଖ-ଦୁଃଖ, ଜୟ-ପରାଜୟ, ଲାଭ-କ୍ଷତି, ମାନ-ଅପମାନ ଇତ୍ୟାଦିଙ୍କୁ ନିୟନ୍ତ୍ରଣ ରଖି / ଲୋପ କରି ସମତ୍ୱ-ସିକ୍ତ ଜୀବନ ଉପଭୋଗ କରି ହେବ।

ଏବେ ଆମେ ଦେଖିବା ଆମର ଇନ୍ଦ୍ରିୟ ଲାଳସା ପାଇଁ ଇଚ୍ଛା ଓ ସକ୍ରିୟତା ଯୋଗୁଁ ଆମ ମନରେ ଯେଉଁ ବିକାର ଓ ଭାବନା, ଯଥା: କାମ, କ୍ରୋଧ, ଲୋଭ, ମୋହ, ଇର୍ଷା, ଦ୍ୱେଷ ଆଦି ଷଡ଼ରିପୁଙ୍କୁ ନିୟନ୍ତ୍ରଣରେ ରଖି / ଲୋପ କରି, ସମତା-ସିକ୍ତ ଜୀବନପ୍ରାପ୍ତି ପାଇଁ ଗୀତାର ନିର୍ଦ୍ଦେଶ- ତାହାକୁ ହିଁ ଆମେ ଦ୍ୱିତୀୟ ପାହାଚ ଆଖ୍ୟା ଦେବା।

ସଂନିୟମ୍ୟେନ୍ଦ୍ରିୟ ଗ୍ରାମଂ ସର୍ବତ୍ର ସମବୁଦ୍ଧୟଃ।

ତେ ପ୍ରାପ୍ନୁବନ୍ତି ମାମେବ ସର୍ବଭୂତେ ହିତେ ରତାଃ। ।୧୨/୨୪।

ଭାବାର୍ଥ:

ଯେଉଁ ପୁରୁଷମାନେ ଇନ୍ଦ୍ରିୟ ସମୁଦାୟକୁ ଭଲ ରୂପେ ବଶ କରି, ସମସ୍ତ ପ୍ରାଣୀଙ୍କ ହିତରେ ରତ ଏବଂ ସମସ୍ତଙ୍କଠାରେ ସମାନ ଭାବ ରଖନ୍ତି ସେମାନେ ଯୋଗୀ ଅଟନ୍ତି।

ଏହି ଭାବାର୍ଥକୁ ଅତି ସରଳ, ସୁନ୍ଦର ଭାଷାରେ ଶିବ ବାବା ଲେଖିଛନ୍ତି।

ଯେ ସବୁ ମୋର ଭକ୍ତ ଗଣ। ଇନ୍ଦ୍ରିୟ କରିଣ ଦମନ ॥
ସମସ୍ତ ପ୍ରାଣୀଙ୍କୁ ସମାନ। କରଇ ସକଳ କଲ୍ୟାଣ ॥
ନିଶ୍ଚିନ୍ତେ ବ୍ରହ୍ମକୁ ଭଜନ୍ତି। ଅନ୍ତିମେ ମତେ ସେ ଲଭନ୍ତି ॥

ସେହିପରି,

ଯଦୃଚ୍ଛା ଲାଭ ସନ୍ତୁଷ୍ଟୋ ଦ୍ୱନ୍ଦ୍ୱାତୀତୋ ବିମସ୍ତରଃ।

ସମଃ ସିଦ୍ଧାବସିଦ୍ଧୌ ଚ କୃତ୍ୱାପି ନ ନିବଧ୍ୟତେ। ।୪/୨୨।

ଭାବାର୍ଥ: ଯିଏ ଅପ୍ରାର୍ଥିତ ଓ ଅଯତ୍ନ ପ୍ରାପ୍ତ ପଦାର୍ଥରେ ସଦା ସନ୍ତୁଷ୍ଟ, ଯିଏ ସର୍ବଦା ଇର୍ଷାଶୂନ୍ୟ ଅଟନ୍ତି ଓ ତେଣୁ ଅନ୍ୟର ମଙ୍ଗଳରେ ବିଘ୍ନକାରୀ ନୁହନ୍ତି, ଯିଏ ହର୍ଷ-ବିଷାଦ ଶୂନ୍ୟ ଏବଂ ବିହିତ କର୍ମ କରି ମଧ୍ୟ ଫଳ-ପ୍ରାପ୍ତି ଆଶାରେ ବନ୍ଧା ନୁହନ୍ତି, ଯିଏ ଆରୁରୁକ୍ଷୁ ହେଲେ ଶାସ୍ତ୍ରବିହିତ କର୍ମ ଓ ଯୋଗାରୂଢ଼ ହେଲେ ସ୍ୱାଭାବିକ ଅନ୍ନ ପାନାଦି କର୍ମ କରି ବନ୍ଧନପ୍ରାପ୍ତ ହୁଅନ୍ତି ନାହିଁ, ସିଏ ଏକ ସର୍ବ ସନ୍ତୁଷ୍ଟ ସ୍ଥିତି ଅର୍ଥାତ 'ସମତା' ସ୍ଥିତିରେ ସର୍ବଦା ରହନ୍ତି।

ଏହି ଭାବାର୍ଥକୁ ଅତି ସରଳ, ସୁନ୍ଦର ଭାଷାରେ ଶିବବାବା ଲେଖିଛନ୍ତି।

ମିଳିବା ଦ୍ରବ୍ୟରେ ଅଯତ୍ନ। କରି ସନ୍ତୋଷ ଯେଉଁ ରତ୍ନ ॥

ସୁଖ ଦୁଃଖାଦି ହାନି ଲାଭ। ଏଥିରେ ଯାର ସମଭାବ ॥

ନୁହେଁ ପରଶ୍ରୀ କାତରତା। ସ୍ୱାର୍ଥ ବିହୀନ ପରହିତା ॥

ଯେ କର୍ମ ସଦା କରୁଥାଇ। ତହିଁରେ ଆବଦ୍ଧ ନୁହଇ ॥

କର୍ମ ବନ୍ଧନେ ନପଡିଣ। ଭବେ ହୁଅଇ ଭାଗ୍ୟବାନ ॥

ଏହି ପାଞ୍ଚୋଟି ପଂକ୍ତିରେ ସମତା-ସିକ୍ତ ଜୀବନ ପାଇଁ ପନ୍ଥା-ନିବିଷ୍ଟ ଏକ ସମ୍ପୂର୍ଣ୍ଣ ଆଧାର ଦିଆ ହୋଇଛି।

ସେହିପରି; -

ଯଂ ହି ନ ବ୍ୟଥୟନ୍ତ୍ୟେ ତେ ପୁରୁଷଂ ପୁରୁଷର୍ଷଭ।

ସମ ଦୁଃଖସୁଖଂ ଧୀରଂ ସୋଽମୃତତ୍ୱାୟ କଳ୍ପତେ। ।୨/୫।

ଭାବାର୍ଥ: ସୁଖ ଦୁଃଖକୁ ସମାନ ଦୃଷ୍ଟିରେ ଦେଖୁଥିବା ପୁରୁଷ, ଏହି ଇନ୍ଦ୍ରିୟ ଓ ବିଷୟ ଲାଳସାର ସଂଯୋଗରେ ବିଚଳିତ ହୁଏ ନାହିଁ। ସେ ହିଁ ମୋକ୍ଷ ପାଇଁ ଯୋଗ୍ୟ ହୁଅନ୍ତି, ଏହା ହିଁ ସମତା -ସିକ୍ତ ଜୀବନ ପାଇଁ ଉତ୍ତମ ପନ୍ଥା।

ଏହି ଭାବାର୍ଥକୁ ସରଳ, ସୁନ୍ଦର ଭାଷାରେ ଶିବ ବାବା ଲେଖିଛନ୍ତି; -

ଯେ ଦୁଃଖ ସୁଖ ସମ କରେ। ସୁଖରେ ସେ ଗର୍ବ ନକରେ ॥
ଦୁଃଖେ ନହୁଏ ବିଚଳିତ। ସେହୁ ଲଭଇ ମୋକ୍ଷ ପଥ ॥
ସମାନ ଦୁଃଖ ସୁଖ ଯାର। ମୁକ୍ତିରେ ତା'ର ଅଧିକାର ॥
ଯେ ଜନ ଭବ ସଂସାରରେ। ବିଷୟ ଆଶାରେ ନ ପଡ଼େ ॥
ତା'ଠାରୁ ବଡ଼ କେହି ନାହିଁ। ମହାଜ୍ଞାନୀ ସେହୁ ଅଟଇ ॥

ଉପରେ ତିନୋଟି ଶ୍ଳୋକ ମାଧ୍ୟମରେ ଦିଆ ଯାଇଥିବା ପନ୍ଥା ଯିଏ ପ୍ରୟୋଗ କରି ଅନ୍ତରର ସବୁ ବିକାର ଓ ବିକୃତିକୁ ତଥା ସେଥିରୁ ଉଦ୍‌ଭବ ଷଡ଼ରିପୁକୁ ଲୋପ କରିପାରେ ସେ ହିଁ ସମତା-ସିକ୍ତ ଜୀବନର ଅଧିକାରୀ ହୁଏ। ଏହାହିଁ ଦ୍ୱିତୀୟ ପାହାଚ।

**ତୃତୀୟ ପାହାଚ:**

ଏହି ପାହାଚଟି ଅନନ୍ୟ ଭକ୍ତି, ସୋଽହଂ ଓ ତତ୍‌ତ୍ୱମ୍‌ଅସି ଉପରେ ପର୍ଯ୍ୟବସିତ ଅଟେ। ତେଣୁ ଏହି ପାହାଚଟି ଆତ୍ମା ଓ ପରମାତ୍ମାଙ୍କର ମିଳନରୁ ଉଦ୍‌ଭବ ଅଟେ। ସମତା-ସିକ୍ତ ଜୀବନ ପାଇଁ ଏହା ପରମ ଓ ଚରମ ଏବଂ ଶ୍ରେଷ୍ଠ ପନ୍ଥା ଅଟେ। ଉପରେ ଲିଖିତ ତତ୍ତ୍ୱମାନଙ୍କୁ ଭିତ୍ତିକରି ଗୀତାରେ ଲେଖା ହୋଇଛି।

ଯୋ ମାଁ ପଶ୍ୟତି ସର୍ବତ୍ର ସର୍ବ ଚ ମୟି ପଶ୍ୟତି।

ତସ୍ୟାହଂ ନ ପ୍ରଣଶ୍ୟାମି ସ ଚ ମେନ ପ୍ରଣଶ୍ୟତି। ।୬/୩୦।

ଭାବାର୍ଥ: ଯେଉଁ ବ୍ୟକ୍ତି ସକଳ ପ୍ରାଣୀଙ୍କଠାରେ

ମତେ ଓ ମୋଠାରେ ସକଳ ପ୍ରାଣୀଙ୍କୁ ଦେଖନ୍ତି, ତାଙ୍କ ପାଇଁ ମୁଁ ଅଦୃଶ୍ୟ ହୁଏ ନାହିଁ କି ସେ ମୋ ପାଇଁ ଅଦୃଶ୍ୟ ହୁଅନ୍ତି ନାହିଁ।

ଏପରି ସ୍ଥିତିରେ ବ୍ୟକ୍ତି ପହଞ୍ଚିଲେ ସେ ସମସ୍ତଙ୍କୁ ସମ-ଦୃଷ୍ଟିରେ ଦେଖିବା ଓ ସମସ୍ତଙ୍କ ପ୍ରତି ସମ-ବ୍ୟବହାର କରିବା ସ୍ୱାଭାବିକ। ଏହାହିଁ ତ ସମତା-ସିକ୍ତ ଜୀବନର ଚରମ ସ୍ଥିତି।

ଏହି ଭାବାର୍ଥକୁ ଅତି ସରଳ, ସୁନ୍ଦର ଭାଷାରେ ଶିବ ବାବା ଲେଖିଛନ୍ତି।

ଯେ ମୋତେ ସର୍ବତ୍ର ଦେଖଇ। ସର୍ବତ୍ର ମୋଠାରେ ଦେଖଇ ॥

ସେ ନୁହେଁ ଅଦୃଶ୍ୟ ମୋହର। ମୁଁ ନୁହେଁ ଅଦୃଶ୍ୟ ତାହାର ॥

ଏହି ସମ୍ପର୍କରେ ଗୀତାରେ ପୁଣି କୁହାଯାଇଛି:

ସର୍ବଭୂତସ୍ଥ ମାତ୍ମାନଂ ସର୍ବ ଭୂତାନି ଚାତ୍ମନି।

ଇକ୍ଷତେ ଯୋଗ ଯୁକ୍ତାତ୍ମା ସର୍ବତ୍ର ସମଦର୍ଶନଃ। ।୯/୨୯।

ଭାବାର୍ଥ: ଯିଏ ସର୍ବବ୍ୟାପୀ ଅନନ୍ତ ଚେତନାରେ, ପିମ୍ପୁଡିଠାରୁ ହସ୍ତୀଯାଏଁ, ସମସ୍ତ ଜୀବଙ୍କୁ ବ୍ରହ୍ମମୟ ଭାବି ସମାନ ଦେଖନ୍ତି, ଆତ୍ମାକୁ ସକଳ ଭୂତରେ ଉପସ୍ଥିତ ଓ ସକଳ ଭୂତଙ୍କୁ ଆତ୍ମାରେ ଦେଖନ୍ତି, ସେ ସମ-ଦର୍ଶନ ଯୋଗୀ ଅଟନ୍ତି।

ଆମେ ବି ଏପରି ସ୍ଥିତିରେ ପହଞ୍ଚିଲେ ସମତା-ସିକ୍ତ ଜୀବନ ଉପଭୋଗ କରିପାରିବା।

ସେହିପରି,

ଅଦ୍ୱେଷ୍ଟା ସର୍ବ ଭୂତାନାଂ ମୈତ୍ରଃ କରୁଣଃ ଏବ ଚ।

ନିର୍ମମୋ ନିରହଂକାରଃ ସମ ଦୁଃଖ ସୁଖଃ କ୍ଷମୀ। ।୧୨/୧୩।

ସମଃ ଶତ୍ରୋ ଚ ମିତ୍ରେ ଚ ତଥା ମାନାପମାନ ୟୋଃ।

ଶୀତୋଷ୍ଣ ସୁଖଦୁଃଖେଷୁ ସମଃ ସଙ୍ଗ ବିବର୍ଜିତଃ ।୧୨।୧୮।

ତୁଲ୍ୟ ନିନ୍ଦା ସ୍ତୁତି ମୌନୀ ସନ୍ତୁଷ୍ଟ ଯେନ କେନଚିତ୍। ।୧୨।୧୯।

ଭାବାର୍ଥ: ଯେଉଁ ବ୍ୟକ୍ତି ସକଳ ଭୂତଙ୍କଠାରେ ଦ୍ୱେଷ ରହିତ, ନିସ୍ୱାର୍ଥ ଭାବରେ ସମସ୍ତଙ୍କର ପ୍ରେମ, ଦୟା ତଥା ମମତା ରହିତ, ଅହଂକାର ରହିତ, ସୁଖଦୁଃଖ ପ୍ରାପ୍ତିରେ ସମ, କ୍ଷମାଶୀଳ ଅର୍ଥାତ୍ ଅପରାଧୀକୁ ବି କ୍ଷମା କରନ୍ତି, ଅଭୟ ପ୍ରଦାନ କରନ୍ତି, ଶତ୍ରୁ-ମିତ୍ରଠାରେ ଓ ମାନ-ଅପମାନରେ ସମ, ତଥା ଶୀତ-ଉଷ୍ଣ ଓ ସୁଖ-ଦୁଃଖାଦି ଦ୍ୱନ୍ଦ୍ୱରେ ସମ, ନିନ୍ଦା-ସ୍ତୁତିରେ ସମ, ମନନଶୀଳ ଏବଂ ଯେକୌଣସି ପ୍ରକାରର ଶରୀର ନିର୍ବାହ ହେବାରେ ସଦାହିଁ ସନ୍ତୁଷ୍ଟ ରହନ୍ତି ଓ ଆସକ୍ତି ରହିତ ଅଟନ୍ତି ସେଇ ବ୍ୟକ୍ତି, ସମତା-ସିକ୍ତ ଯୋଗୀ ଅଟନ୍ତି।

ଏ ତିନୋଟି ପାହାଚରୁ, ଯେ କୌଣସି ଗୋଟିଏ ପାହାଚରେ ବି ସିଦ୍ଧି ଲାଭ କଲେ ବ୍ୟକ୍ତି ସମତା-ସିକ୍ତ ଜୀବନ ଉପଭୋଗ କରିବ।

*ପ୍ଲଟ: ନଂ. ୨୧/୪*
*ଆଚାର୍ଯ୍ୟ ବିହାର*
*ଭୁବନେଶ୍ୱର-୭୫୧୦୧୩*
*ଦୂରଭାଷ: ୮୦୯୩୭୬୮୦୬୬*



# ମହାଶକ୍ତି ମା' ଦୁର୍ଗା

## ଦେବଯାନୀ ରାୟ

"କଳାଭ୍ରାଭାକଟାକ୍ଷୈ ଅରଚିକୁଳ ଭୟଦାଂ ମୌଳିବତଦ୍ଧଭରେଖାଂ।

ଶଙ୍ଖ ଚକ୍ରଂ କୃପାଣଂ ତ୍ରିଶିଖମପି କେରୈରୁଜ୍ଵହନ୍ତି ତ୍ରିବେତାଂ।

ସିଂହସ୍କନ୍ଧାଂ ଧିରୁଣଂ ତ୍ରିଭୁବନ ମଖିଳ ତେଜସା ପୁରୟନ୍ତାଂ।

ଧ୍ୟାୟେ ଦୁର୍ଗା ଜୟଖଙ୍କ ତ୍ରିଦଶ ପରିବୃତାଂ

ସେବିତାଂ ସିଦ୍ଧି କାମୈ।"

ସକାଳ ଶକ୍ତିର ଆଧାର ମହାଶକ୍ତି ଦେବୀ ମା' ଏକାଧାରରେ ବରଦାତ୍ରୀ, ପାଳୟତ୍ରୀ ଦୁଃଖଦୁର୍ଦ୍ଦଶାର ଅପହରଣ କାରିଣୀ ମା' ଯୋଗମାୟା ମହାମାୟୀ ଅଟନ୍ତି। ସେ ଶକ୍ତି ସ୍ୱରୂପିଣୀ ଆଦିମାତା ଦୁର୍ଗାହିଁ ଅଟନ୍ତି। ସେ ସମସ୍ତ ଜ୍ୟୋତି, ଶକ୍ତି ଓ ଗୁଣର ଆଧାର ଶକ୍ତି। ସତ୍ତ୍ୱ, ରଜ,ତମ, ଶ୍ୱେତ,-ରକ୍ତନୀର ଓ ସୃଷ୍ଟି ସ୍ଥିତିର ଆଧାର। ସେ ହିଁ ଏକାକ୍ଷରୀ "ଓଁ" ସଗୁଣ ଓ ନିର୍ଗୁଣର ପ୍ରତୀକ ଏବଂ ଜଗତର କାରଣ ଓ ଉପାଦାନର ପ୍ରତୀକ। ସେ ସନାତନୀ ଜଗତର ଆଦି ଓ ଅନ୍ତ। ଆହୁରି ମଧ୍ୟ ସେ ପ୍ରଳୟଙ୍କରୀ, ଉଗ୍ରରୂପା, ଶୈଳବାସିନୀ, ଜଗତମାତା, ଆଦିମାତା, କଲ୍ୟାଣକାରିଣୀ। ତାଙ୍କର ବନ୍ଦନାରେ ଭକ୍ତମାନେ ଗାଇ ଉଠନ୍ତି – "ବନ୍ଦେ ଦେବୀ ଶକ୍ତିମୟୀ ଘୋର ଦୁର୍ଗତି ନାଶିନୀ

ଭୈରବ ମୂରତି ଧାରିଣୀ ଦେବୀ ଦୁର୍ଗେଦୁଗତି ॥"

ପଞ୍ଚଭୁତ ମୂଳ ଜଗତର କାରଣ ସେହି ଶକ୍ତିମୟୀ ମା'। ହେଉଛନ୍ତି ଜଗତରୂପୀ ପ୍ରପଚର ଜନନୀ। ବିଭିନ୍ନ ପୁରାଣର ଶାସ୍ତ୍ରରେ ଦେବୀଙ୍କର ମହିମା ବର୍ଣ୍ଣନା କରାଯାଇଛି। ବାମନ ପୁରାଣ, ଦେବୀ ଭାଗବତ୍, କଳିକା ପୁରାଣ, ମତ୍ସ୍ୟପୁରାଣ, ପ୍ରଭୃତିରେ ଦେବୀଙ୍କୁ ସର୍ବୋଚ୍ଚ ଶକ୍ତି ଭାବେ ବର୍ଣ୍ଣନା କରାଯାଇଛଇ। ଆହୁରି ମଧ୍ୟ ଦେବ ଦେବ ମହାଦେବ ଯେତେବେଳେ ଦୈତ୍ୟ ଜଳନ୍ଧରକୁ ସଂହାର କରିବା ପାଇଁ ଗଲେ, ସେତେବେଳେ ସେ ମା' ସତୀଙ୍କୁ ସ୍ମରଣ ପୂର୍ବକ ଦୁର୍ଗାଙ୍କ ଠାରୁ ଶକ୍ତି ପାଇଁ ଯୁଦ୍ଧରେ ଜୟଲାଭ କରିଥିଲେ। ପୁନଶ୍ଚ ପ୍ରଭୁ ଶ୍ରୀରାମଚନ୍ଦ୍ର ରାବଣକୁ ମାରି ସୀତା ଉଦ୍ଧାର କରିବା ପାଇଁ ମା' ଶକ୍ତିଙ୍କୁ ଆରାଧନା କରି ୧୦୮ ନୀଳ ପଦ୍ମ ପ୍ରଦାନ ପୂର୍ବକ ପୂଜାବିଧି ସମାପନ ପରେ ସେତୁ ବନ୍ଧ ସ୍ଥାପନ ପୂର୍ବକ ଲଙ୍କାଜୟ କରି ରାବଣ ବଧ ସହ ମହାସତୀ ମା' ଜଗତଜନନୀ ସୀତାଙ୍କୁ ଉଦ୍ଧାର କରିଥିଲେ। ଶକ୍ତି ଉପାସନାର ଏକ ମୁଖ୍ୟ ଅଂଶ ତନ୍ତ୍ର ଉପାସନା। ତନ୍ତ୍ର କୌଣସି ଏକ ଶାସ୍ତ୍ର ନୁହେଁ। ଏହା ଏକ ସାଧନା। ଶାକ୍ତ ଉପାସକଙ୍କ ମତରେ ତନ୍ତ୍ର ସାଧନା ଦ୍ୱାରା ଦେବୀଙ୍କର ଆରାଧନା ସମ୍ପୂର୍ଣ୍ଣ ହୋଇଥାଏ। ତନ୍ତ୍ର ବିନା ମନ୍ତ୍ର ଅଧୁରା। ତନ୍ତ୍ର ଓ ମନ୍ତ୍ରର ସମନ୍ୱୟରେ ସାଧନା ସମ୍ପୂର୍ଣ୍ଣ ହୋଇଥାଏ। ଭାରତୀୟ ଧର୍ମ ବିଶ୍ୱାସରେ ତନ୍ତ୍ର ବିଦ୍ୟାର ମହତ୍ତ୍ୱ



ଯୁଗ ଯୁଗ ଧରି ରହି ଆସିଛି। ସାଧାରଣତଃ ଶକ୍ତିପୀଠ ଗୁଡ଼ିକରେ ତନ୍ତ୍ର ସାଧନାର ଗୁରୁତ୍ୱ ରହିଅଛି। ତନ୍ତ୍ର ସାଧନା ପାଇଁ ସାଧକମାନେ ଯୋଗିନୀ ମନ୍ଦିର ଗୁଡ଼ିକୁ ହିଁ ସର୍ବୋତ୍କୃଷ୍ଟ ବୋଲି ଭାବୁଥିଲେ। ଏଭଳି ବିଶ୍ୱାସ ପାଇଁ ଆମ ଦେଶରେ ଯୋଗିନୀ ମନ୍ଦିର ତିଆରି ହୋଇଥିଲା। ଯୋଗିନୀ ମନ୍ଦିରରେ ଜଣେ କି ଦୁଇଜଣ ଯୋଗିନୀ ନୁହନ୍ତି ବରଂ ଚଉଷଠୀ ଯୋଗିନୀଙ୍କର ପୂଜାର୍ଚ୍ଚନା କରାଯାଇଥାଏ।

ଚଉଷଠି ଯୋଗିନୀଙ୍କର ନାମ :-

(୧) - ବ୍ରହ୍ମରୂପା, (୨) -ତାରା, (୩) ନର୍ମଦା, (୪)ଯମୁନା, (୫) ଶାନ୍ତି, (୬) ବାରୁଣୀ, (୭) କ୍ଷମକରୀ, (୮) ଐନ୍ଦ୍ରୀ, (୯) ବରାହୀ, (୧୦) ରଣବୀର, (୧୧) ବାନରମୁଖୀ, (୧୨) ବୈଷ୍ଣବୀ, (୧୩) କାଳରାତ୍ରୀ, (୧୪) ବେଦ୍ୟରୂପା (୧୫) ଚର୍ଚ୍ଚିକା, (୧୬) ବେତାଳୀ, (୧୭) ଛିନ୍ନମସ୍ତିକା, (୧୮) ବୃଷବାହନା, (୧୯) ଜ୍ୱାଲାକାମିନୀ, (୨୦) ଘଟବାରା, (୨୧) କରକାଳୀ, (୨) ସରସ୍ୱତୀ, (୨୩) ବିରୂପା, (୨୪) କୌବେରୀ, (୨୫) ଭାଲୁକା, (୨୬) ନରସିଂହୀ, (୨୭) ବିରଜା, (୨୮) ବିକଟାନନା, (୨୯) ମହାଲକ୍ଷ୍ମୀ, (୩୦) କୌମାରୀ, (୩୧) ମହାମାୟା, (୩୨) ରତି, (୩୩) କରକରୀ, (୩୪) ସର୍ପଶୀ, (୩୫) ଯକ୍ଷିଣୀ, (୩୬) ବିନାୟିକୀ, (୩୭) ବିନ୍ଧ୍ୟବାସିନୀ, (୩୮) ବୀରକୁମାରୀ, (୩୯) ମାହେଶ୍ୱରୀ, (୪୦) ଅମ୍ବିକା, (୪୧) କାମାୟନୀ, (୪୨) ଘଟାବରୀ, (୪୩) ସ୍ତୁତି, (୪୪) କାଳୀ, (୪୫) ଉମା, (୪୬) ନାରାୟଣୀ, (୪୭) ସମୁଦ୍ରା, (୪୮) ବ୍ରାହ୍ମୀ, (୪୯) ଜ୍ୱାଳାମୁଖୀ, (୫୦) ଆଗ୍ନେୟୀ, (୫୧) ଅଦିତି, (୫୨) ଚନ୍ଦ୍ରକାନ୍ତି, (୫୩) ବାୟୁବେଗା, (୫୪) ଚାମୁଣ୍ଡା, (୫୫) ମୂର୍ତ୍ତି, (୫୬) ଗଙ୍ଗା, (୫୭) ଧୂମାବତୀ, (୫୮)ଗାନ୍ଧାରୀ, (୫୯) ସର୍ବମଙ୍ଗଳା, (୬୦) ଅଜିତା, (୬୧) ସୂର୍ଯ୍ୟପୁତ୍ରୀ, (୬୨) ବାୟୁବୀଣା, (୬୩) ଅଘୋରା, (୬୪) ଭଦ୍ରକାଳୀ।

ମହିଷାସୁର ଓ ହିର୍ଣ୍ୟକଶ୍ୟପଙ୍କୁ ବଧ କରିଥିବା ଶକ୍ତିମୟୀ ମା'ଙ୍କ ପୂଜା ବହୁପ୍ରାଚୀନ। ଦେବୀ ଉମାଙ୍କ ଶରୀରକୁ ସୁଦର୍ଶନ ଚକ୍ରରେ ଖଣ୍ଡ ଖଣ୍ଡ କରାଯିବାରୁ ଦେବୀଙ୍କର ଖଣ୍ଡିତ ଅଙ୍ଗ ୫୨ ଟି ସ୍ଥାନରେ ପଡ଼ିବା ସହ ସେହି ସ୍ଥାନଗୁଡ଼ିକ ଶକ୍ତିପୀଠ ଭାବରେ ପ୍ରସିଦ୍ଧି ଲାଭ କରିଅଛି ଏବଂ ସେହି ପୀଠମାନଙ୍କରେ ମହାଶକ୍ତି ମା'ଙ୍କୁ ବିଭିନ୍ନ ନାମରେ ପୂଜା କରାଯାଉଅଛି। ପ୍ରତିବର୍ଷ ପାର୍ବଣ ଅବସରରେ ମହାଆଡମ୍ବର ସହ ଜନସମାଗମ ଏବଂ ସୁନ୍ଦର ସାଜସଜ୍ଜା ମାଧମରେ ଦେବୀଙ୍କର ଉତ୍ସବକୁ ମହାଆନନ୍ଦରେ ପାରମ୍ପରିକ ରୀତିନୀତିରେ ପାଳନ କରାଯାଇଥାଏ। ସମସ୍ତ ପ୍ରକାର ଦୁର୍ଗମ ପରିସ୍ଥିତିରୁ ଉଦ୍ଧାରିବା ନିମନ୍ତେ ପ୍ରତ୍ୟେକ ବର୍ଗର ମନୁଷ୍ୟ ତଥା ଭକ୍ତଜନଙ୍କ ତୁଣ୍ଡରେ ଗୋଟିଏ ସ୍ୱର ଗୁଞ୍ଜରିତ ହେଇଥାଏ:-

"ଯା ଦେବୀ ସର୍ବ ଭୂତେଷୁ
ମାତୃ ରୂପେଣ ସଂସ୍ଥିତା
ନମୋସ୍ତସୈ ନମୋସ୍ତସୈ ନମୋସ୍ତସୈ
ନମୋ ନମଃ।

ଯାହାଙ୍କୁ ଜାଣିବା କଠିନ ବା ଯିଏ ଦୁର୍ଗମ ସଙ୍କଟରୁ ଉଦ୍ଧାର କରନ୍ତି, ସେହି ଦୁର୍ଗା। ଆହୁରି ମଧ ଦୁର୍ଗମ ନାମକ ଅସୁରକୁ ବଧ କରି ସ୍ୱର୍ଗପୁରୀ ତଥା ଦେବତାମାନଙ୍କୁ ଉଦ୍ଧାର କରିଥିବାରୁ ସେ ଦୁର୍ଗା ନାମରେ ପରିଚିତ।

ଚଣ୍ଡୀ କହିବା ଅନୁସାରେ :- କେବଳ ଆର୍ଯ୍ୟଦେଶ ନୁହେଁ। ସମଗ୍ର ଦେଶ ଜଗତରେ ମାନବ କଲ୍ୟାଣ ନିମନ୍ତେ ମା' ଦୁର୍ଗାଙ୍କର "ଶତାକ୍ଷୀ" ଓ "ଶାକମ୍ଭରୀ" ଏହି ଦୁଇ ଅବତାର ଅଯୋନିକା ରୂପରେ ସ୍ୱଅଙ୍ଗରୁ ସମ୍ଭୂତା ହୋଇ ପ୍ରକଟିତ ହୋଇଥିଲେ। ମାର୍କେଣ୍ଡେୟ ମୁନୀ ଏହି ଦେବୀଙ୍କର ମାହାତ୍ମ୍ୟ ଉପଲବ୍‌ଧ କରିଥିଲେ। ଏଠାରେ ମାର୍କେଣ୍ଡେୟଙ୍କ ବିଷୟରେ କିଂଚିତ୍ ଅବତାରଣା ପ୍ରଦାନ କରାଯାଇପାରେ। ମାର୍କେଣ୍ଡେୟ ଋଷିଙ୍କ ଭାଷିତ ପୁରାଣକୁ ମାର୍କଣ୍ଡ ପୁରାଣ ମାନ୍ୟତା ଦିଆଯାଇଅଛି। ଏହି ଋଷିଙ୍କ ପୁରୁଷୋତ୍ତମ କ୍ଷେତ୍ରରେ ଏକ ତୀର୍ଥ ପୁଷ୍କରିଣୀ ଯାହା ମାର୍କଣ୍ଡ ପୁଷ୍କରିଣୀ ଭାବରେ ଖ୍ୟାତ। ମାର୍କେଣ୍ଡେୟ ଭାଷିତ ପୁରାଣ ବିଶେଷ ଯେଉଁଥିରେ କି ଦେବୀ ମାହାତ୍ମ୍ୟ ବା ଦୁର୍ଗାଙ୍କର ଚଣ୍ଡୀ ନାମକ ଗ୍ରନ୍ଥର ବର୍ଣ୍ଣନା ରହିଛି। ଚଣ୍ଡୀଗ୍ରନ୍ଥ ତିନି ଭାଗରେ ବିଭକ୍ତ। ଯଥା :-

ପ୍ରତମ ଚରିକ ମଧମ ଚରିତ, ଉତ୍ତମ ଚରିତ

୧) ପ୍ରଥମ ଚରିତରେ - ୧୦୪ଟି ଶ୍ଳୋକ

୨) ଦ୍ୱିତୀୟ ବା ମଧମ ଚରିତରେ - ୧୫୫ଟି ଶ୍ଳୋକ

୩) ଉତ୍ତର ଚରିତରେ - ୪୪୧ଟି ଶ୍ଳୋକ

ଏହିପରି ସମୁଦାୟ ୭୦୦ଟି ଶ୍ଳୋକ ଦୁର୍ଗାପୂଜାର ସପ୍ତମୀ, ଅଷ୍ଟମୀ, ନବମୀ ଏହି ତିନି ଦିନରେ ଦୁର୍ଗାମଣ୍ଡପମାନଙ୍କରେ ପାଠ କରାଯାଇଥାଏ।

ଏଠାରେ ପ୍ରଶ୍ନ ଉଠେ କିଏ ଏହି ଆଦ୍ୟାଶକ୍ତି ଦୁର୍ଗାଙ୍କୁ କେଉଁଠାରେ ପୂଜା କରିଥିଲେ। ଏହିଠାରେ ପୁରାଣର ଆଖ୍ୟାନ ଦିଆଯାଇପାରେ। "ଚନ୍ଦ୍ରଙ୍କର ଗୁରୁ ଥିଲେ ବୃହସ୍ପତି। ସର୍ବ ଦେବତାଙ୍କର ଗୁରୁ ମଧ ସେ ଅଟନ୍ତି। ଏଣୁ ସେ ଦେବଗୁରୁ ଭାବେ ପରିଚିତ। ଏକଦା ଚନ୍ଦ୍ର ବୃହସ୍ପତିଙ୍କର ପତ୍ନୀ ତାରାଙ୍କୁ ଦେଖି ପ୍ରେମାଶକ୍ତ ହୋଇପଡ଼ିଥିଲେ। ଆଉ ଦିନେ ଗୁରୁଙ୍କ ଅନୁପସ୍ଥିତିରେ ତାଙ୍କୁ ବଳତ୍କାର କରିଥିଲେ। ଫଳରେ ଗୁରୁପତ୍ନୀ ତାରକାଦେବୀ ବୃହସ୍ପତିଙ୍କୁ ନ ଜଣାଇ ଭୟରେ ଦୈତଗୁରୁ ଶୁକ୍ରାଚାର୍ଯ୍ୟଙ୍କର ଶରଣ ପଶିଲେ। ହେଲେ ବୃହସ୍ପତି ଏହା ଜାଣିପାରି ତାରାଙ୍କୁ ଆଣିବା ପାଇଁ ବ୍ରହ୍ମାଙ୍କୁ ଶୁକ୍ରାଚାର୍ଯ୍ୟଙ୍କ ଆଶ୍ରମକୁ ପଠାଇଲେ।

କେତେକ କ୍ଷେତ୍ରରେ କୁହାଯାଏ କି, ଚନ୍ଦ୍ର ଏବଂ ତାରାଙ୍କ ମଧରେ ପ୍ରେମ ସମ୍ପର୍କ ରହିଥିଲା। ଏବଂ ସେମାନେ ବୃହସ୍ପତିଙ୍କ ଭୟରେ ଶୁକ୍ରାଚାର୍ଯ୍ୟଙ୍କର ଶରଣାଗତ ହୋଇ ତାଙ୍କ ଆଶ୍ରମରେ ରହୁଥିଲେ। ବ୍ରହ୍ମାଙ୍କର ଆଶ୍ରମକୁ ଆସିବାର କାରଣର ଜ୍ଞାତ ହେଲା ପରେ ଶୁକ୍ରାଚାର୍ଯ୍ୟ ଚନ୍ଦ୍ର ଓ ତାରାଙ୍କୁ ତାଙ୍କ ସହିତ ଯିବାକୁ ଦେଇଥିଲେ। ହେଲେ ପ୍ରଜାପତି ବ୍ରହ୍ମା ତାରାଙ୍କର ଗର୍ଭବତୀ ଥିବାର ଜାଣିପାରିଥିଲେ ଏବଂ ତାଙ୍କୁ ପ୍ରଶ୍ନ କରିଥିଲେ କି ଏହି ସନ୍ତାନ କାହାର? ବ୍ରହ୍ମାଙ୍କର ପ୍ରଶ୍ନରେ ତାରା ... ଏହି ସନ୍ତାନ ଚନ୍ଦ୍ରଙ୍କର ବୋଲି କହିଥିଲେ ଏବଂ ଲଜ୍ଜାବୋଧକ ମଥାନତ କରି ନିଜର ଭୁଲ ସ୍ୱୀକାର କରିଥିଲେ। ଏହି ସମୟରେ ତତ୍‌କ୍ଷଣାତ୍ ତାରାଙ୍କର ଗର୍ଭଯନ୍ତ୍ରଣା ହୋଇଥିଲା ଓ ସେ ଏକ ଦିବ୍ୟ ଆଭାମୟ ସନ୍ତାନକୁ ଜନ୍ମଦେଇଥିଲେ। ତାରା ଏବଂ ଚନ୍ଦ୍ର ସେହି ସନ୍ତାନକୁ ଶୁକ୍ରାଚାର୍ଯ୍ୟଙ୍କୁ ଅର୍ପଣ କରି ନିଜ ନିଜ ଗନ୍ତବ୍ୟ ପଥରେ ଚାଲିଯାଇଥିଲେ। ଶୁକ୍ରାଚାର୍ଯ୍ୟ ସେହି ସନ୍ତାନଟିର ନାମ "ବୁଧ" ରଖିଥିଲେ।

"ବୁଧ" ବରୁଣ ଓ ଘୃତାଗ୍ନୀଙ୍କ କନ୍ୟା "ଚିତ୍ରା"ଙ୍କୁ ବିବାହ କଲେ। ବୁଧ ଓ ଚିତ୍ରାଙ୍କ ସନ୍ତାନ ହେଉଛନ୍ତି "ଚୈତ୍ର"। ଚୈତ୍ର ଅତ୍ୟନ୍ତ ଧାର୍ମିକ ଥିଲେ। ଏହି ଚୈତ୍ର ରାଜାଙ୍କର ପୁତ୍ର ଥିଲେ "ଅଧିରଥ"। ଅଧିରଥଙ୍କ ସନ୍ତାନ ହେଉଛନ୍ତି "ସୁରଥ"। ଏହି "ସୁରଥ" ରାଜା "ମେଧାଗ୍ର" ଋଷିଙ୍କ ଠାରୁ ଜ୍ଞାନ ଲାଭ କରି ଶରତ କାଳରେ ଦୁର୍ଗାପୂଜା କରିଥିଲେ ବୋଲି ବ୍ରହ୍ମ କୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଅଛି।

ଉପସଂହାର :- ବୈଷ୍ଣବ ମାନେ ନାରାୟଣଙ୍କର ଦଶ ଅବତାର ରୂପକୁ ଗ୍ରହଣ କରି ପୂଜା କରୁଥିବା ବେଳେ ଶାକ୍ତମାନେ ଦୁର୍ଗାଙ୍କର ଦଶ ଅବତାରକୁ ମାନ୍ୟତା ଦେଇଛନ୍ତି। ଶାକ୍ତଗଣ ମା'ଙ୍କର ଦଶ ଅବତାରର ମାନ୍ୟତା ପ୍ରଦାନ ପୂର୍ବକ ତନ୍ତ୍ରବିଧି ଉପାସନା କରି ସର୍ବବିଧ କାମନା ସିଦ୍ଧ କରିଥାନ୍ତି। ସେହି ଦଶବିଧ ହେଉଛନ୍ତି :-

ଦଶବିଧ :-

୧) କାଳୀ

୨) ତାରା

୩) ଷୋଡ଼ଶୀ

୪) ଭୁବନେଶ୍ୱରୀ

୫) ଭୈରବୀ
୬) ଛିନ୍ନମସ୍ତା
୭) ଧୂମାବତୀ
୮) ବଗଳାମୁଖୀ
୯) ମାତଙ୍ଗୀ
୧୦) କମଳାତ୍ମିକା

ଏହି ଦଶମାତୃକା ଅବତାରକୁ - "ଦଶ ମହାବିଦ୍ୟା" କୁହାଯାଇଥାଏ। ପୌରାଣିକ କାହାଣୀ ଅନୁସାରେ ଦେବୀ ସତୀଙ୍କ କ୍ରୋଧରୁ ସୃଷ୍ଟି ହୋଇଥିଲେ ଦଶମହାବିଦ୍ୟା। ଦଶ ପ୍ରକାର ରୂପ ଧାରଣ କରି ଭଗବାନ ଶିବଙ୍କୁ ଦଶଦିଗରୁ ଘେରି ରହିଥିଲେ। ମା' ଆଦିଶକ୍ତି। ଦେବୀ ଅର୍ଥାତ୍ "ଦିବ୍ୟଜନନୀ"। ପ୍ରତ୍ୟେକ ମହାବିଦ୍ୟା ପ୍ରକୃତିଗତ ଭାବେ ତାନ୍ତ୍ରିକ।

ଆମ ଦେଶରେ ଅନେକ ସ୍ଥାନରେ 'କୁମାରୀ ପୂଜା'ର ମହତ୍ତ୍ୱ ରହିଅଛି। କୁମାରୀ ଝିଅମାନଙ୍କୁ ଦେବୀ ବେଶ କରାଇ ପୂଜା କରାଯାଇଥାଏ। ମହାଭାରତରେ ଅର୍ଜ୍ଜୁନଙ୍କ ଦ୍ୱାରା ଭଦ୍ରାକଳୀଙ୍କ ପୂଜା ସହିତ କୁମାରୀ ପୂଜାର ଉଲ୍ଲେଖ କରାଯାଇଅଛି। କୁହାଯାଏ ପୁରାଣ ଯୁଗରେ ଦୈତ୍ୟ କୋଲାସୁରକୁ ଦେବତାଗଣଙ୍କ ପ୍ରାର୍ଥନା ରକ୍ଷା କରି ଦେବୀ କୁମାରୀ ବେଶ ହୋଇ ବଧ କରିଥିଲେ ଏବଂ ଦେବତାମାନଙ୍କୁ ତାଙ୍କ ଅଧିକାର ପ୍ରଦାନ କରିଥିଲେ। ସେବେଠାରୁ ଆମ ଦେଶ ତଥା ଅନ୍ୟ ଦେଶମାନଙ୍କରେ ମଧ୍ୟ କୁମାରୀ ପୂଜା ପ୍ରଚଳିତ ରହିଅଛି।

**୧) ଦଶମହାବିଦ୍ୟାଙ୍କ ପ୍ରଥମ ସ୍ୱରୂପ :- କାଳୀ**

ଘୋର କୃଷ୍ଣବର୍ଣ୍ଣା ଦେବୀଙ୍କ ତ୍ରିନୟନ ହେଉଛି ଅତୀତ ବର୍ତ୍ତମାନ ଓ ଭବିଷ୍ୟତର ପ୍ରତୀକ। ନରମୁଣ୍ଡମାଳାରେ ଶୋଭିତା ଦେବୀଙ୍କ କମର ବନ୍ଧନୀ ନିର୍ମିତ ମଣିଷର ଛିନ୍ନମସ୍ତକ ହାତରେ ଶୋଭାପାଉଥାଏ। ଚାରିହାତ ବିଶିଷ୍ଟ ଦେବୀ ବିଗ୍ରହ ଛିନ୍ନମସ୍ତକ ଏବଂ ଖଡ଼୍ଗ ଧାରଣ କରିଥାନ୍ତି।

**୨) ଦଶ ମହାବିଦ୍ୟାଙ୍କ ଦ୍ୱିତୀୟ ସ୍ୱରୂପ :- ତାରା**

ତାରା ହେଉଛନ୍ତି ପଥ ପ୍ରଦର୍ଶକ ଏବଂ ରକ୍ଷା କାରିଣୀ ଦେବୀ। ବିଶ୍ୱର ଉତ୍ସଶକ୍ତି ଏବଂ ମହାଶୂନ୍ୟର ପ୍ରତୀକ ନରମୁଣ୍ଡର ଅଳଙ୍କାରରେ ଶୋଭିତା ମା' ତାରା ମଧ୍ୟ ତ୍ରିନୟନା। ଅସ୍ତ୍ର ସହିତ ତାଙ୍କ ହସ୍ତରେ ପଦ୍ମଫୁଲ ଶୋଭାପାଇଥାଏ। ବୌଦ୍ଧ ତନ୍ତ୍ର ଶାସ୍ତ୍ରରେ ଗୁରୁତ୍ୱପୂର୍ଣ୍ଣ ଦେବୀ ହେଉଛନ୍ତି ମା' ତାରା।

**୩) ଦଶ ମହାବିଦ୍ୟାଙ୍କର ତୃତୀୟ ରୂପ :- ତ୍ରିପୁରା ସୁନ୍ଦରୀ ବା ଷୋଡ଼ଶୀ**

ଅଳଙ୍କାର ବିଭୂଷିତା ଏହି ଦେବୀଙ୍କ ହାତରେ ଶୋଭାପାଏ। ଅଙ୍କୁଶ ତୀର ଧନୁ ଏବଂ ପଦ୍ମ। ମୁକୁଟରେ ଅର୍ଦ୍ଧ ଚନ୍ଦ୍ର ଶୋଭାପାଏ। ସେ ପୂର୍ଣ୍ଣତା ଓ ପୂର୍ଣ୍ଣାଙ୍ଗର ସ୍ୱରୂପା।

**୪) ଦଶମହାବିଦ୍ୟାଙ୍କର ଚତୁର୍ଥ ଦେବୀ ହେଲେ :- ଭୁବନେଶ୍ୱରୀ**

ସ୍ୱର୍ଣ୍ଣାଭ ଏହି ଦେବୀ ପିତାମ୍ବରୀ। ସେ ପାର୍ଥିବ ଜଗତର ଶକ୍ତି ସମୂହର ପ୍ରତୀକ। ଏହି ଦେବୀଙ୍କର ଶରୀରର ରଙ୍ଗ ଜ୍ୱଳନ୍ତ ନିଆଁ ଭଳି।

**୫) ଦଶମହାବିଦ୍ୟାଙ୍କ ପଞ୍ଚମ ସ୍ୱରୂପ :- ତ୍ରିପୁର ଭୈରବୀ**

ଏହି ଦେବୀଙ୍କ ଆବକ୍ଷଲମ୍ବିତ ମୁକ୍ତ କେଶ ତାଙ୍କ ତ୍ରିନୟନର ଭୟାବହତାକୁ ବଢ଼ାଇ ଦେଥାଏ। ବିଷଧର ଦର୍ପ, ନରମୁଣ୍ଡ ଏବଂ କଟାହାତ ତାଙ୍କ ସାଜସଜ୍ଜାର ଅଂଶ। ତନ୍ତ୍ର ସାଧନାର ଏହି ଦେବୀଙ୍କ ଆଭୂଷଣ ବିଷଧର ସର୍ପ।

**୬) ଦଶମହାବିଦ୍ୟାଙ୍କର ଷଷ୍ଠ ସ୍ୱରୂପ :- ଛିନ୍ନମସ୍ତା**

ଘୋର ରକ୍ତବର୍ଣ୍ଣ ଏହି ଦେବୀଙ୍କ ସ୍ୱରୂପ ଅତ୍ୟନ୍ତ ଭୟଙ୍କର। ଚାରିହାତ ଧରୁ ଗୋଟିଏ ହସ୍ତରେ ସେ ନିଜର କଟାମୁଣ୍ଡ ଧାରଣ କରିଥାନ୍ତିତ ଏବଂ ଅନ୍ୟ ହସ୍ତମାନଙ୍କରେ ଅସ୍ତ୍ରଧାରଣ କରିଥାନ୍ତି। ଧ୍ୱଂସ ଓ ସୃଷ୍ଟି ଚକ୍ରର ପ୍ରବାହମାନରେ ବିଶ୍ୱର ଶାଶ୍ୱତ ଶକ୍ତିର ପ୍ରତୀକ ଏହି ଦେବୀ।

**୭) ଦଶମହାବିଦ୍ୟାଙ୍କ ସପ୍ତମ ସ୍ୱରୂପ :- ଧୂମାବତୀ**

କୁଞ୍ଚିତ ତ୍ୱଚା, ଶୁଭ୍ରକେଶ, ରକ୍ତ ଚକ୍ଷୁ ସହ ଦେବୀ ଧୂମାବତୀଙ୍କର ରୂପ ଭୟଙ୍କର। ଶ୍ୱେତ ଶାଢ଼ୀ ପରିହିତା ଦେବୀ ବାହନ ବିହୀନ ରଥରେ ବିରାଜିତ। ଦେବୀଙ୍କର ଡାହାଣ ହସ୍ତ ବରାଭୟ ମୁଦ୍ରାରେ। ବାମ ହସ୍ତରେ ସେ ଗୋଟିଏ କୁଲା ଧରିଥାନ୍ତି। ଅଗ୍ନିଙ୍କ ଦ୍ୱାରା ଜଗତ ଧ୍ୱଂସ ପରେ ଯେଉଁ ଧୁମ୍ର ବା ଧୂଆଁ ନିର୍ଗତ ହୁଏ ଏହି ଦେବୀ ତାହାର ସ୍ୱରୂପା। ତେଣୁ ତାଙ୍କ ନାମ ଧୂମାବତୀ। ବୈଧବ୍ୟ କଟାଉଥିବା କୌଣସି ଦେବୀଙ୍କ ରୂପ ସନାତନ ଧର୍ମରେ ବିରଳ। ଅନ୍ୟ ସମସ୍ତ ଦେବୀଙ୍କ ରୂପଠାରୁ ତାଙ୍କର ରୂପ ସଂପୂର୍ଣ୍ଣ ଭିନ୍ନ ଧରଣର।

**୮) ଦଶ ମହାବିଦ୍ୟାଙ୍କର ଅଷ୍ଟମ ସ୍ୱରୂପ:-ବଗଳା ମୁଖୀ**

ଦେବୀ ବଗଳାମୁଖୀ ସିଂହାସନ ବା ରାଜହଂସ ଉପରେ ଆସୀନ। ତ୍ରିନୟନା ଏହି ଦେବୀ ପିତାମ୍ବରୀ। ଅଳଙ୍କାର ପରିହିତା ଏହି ଦେବୀଙ୍କ ଗୋଟେ ହାତରେ ଗଦା, ଅନ୍ୟ ହାତରେ ଦୈତ୍ୟ ମଦାସୁରର କଟା ମୁଣ୍ଡ। ଶତ୍ରୁ ଦମନକାରୀ ଏହି ଦେବୀ ଈର୍ଷା, ଘୃଣା, ନିଷ୍ଠୁରତା ଭଳି ମାନବ ଚରିତ୍ରର ଅନ୍ଧକାର ଦିଗ ନିୟନ୍ତ୍ରଣ କରିଥାନ୍ତି।

**୯) ଦଶ ମହାବିଦ୍ୟାର ନବମ ଅବତାର:- ମାତଙ୍ଗୀ**

ଏହି ଦେବୀଙ୍କର ଶରୀରର ରଙ୍ଗ ସବୁଜ ପାନ୍ନା ଭଳି। ସେ ରକ୍ତବର୍ଣ୍ଣର ବସ୍ତ୍ର ପରିଧାନ କରିଥାନ୍ତି। ସେ ଶାନ୍ତିର ପ୍ରତିମୂର୍ତ୍ତି। ଚାରୋଟି ହସ୍ତରେ ସେ ତରବାରୀ, କରୋଟି, ବୀଣା ଏବଂ ଅନ୍ୟ ଗୋଟିକ ହସ୍ତ ଅଭୟମୁଦ୍ରାରେ ରହିଥାଏ। ଏହି ଦେବୀ ତାନ୍ତ୍ରିକ ସରସ୍ୱତୀ ନାମରେ ଖ୍ୟାତ।

**୧୦) ଦଶମହାବିଦ୍ୟାର ଶେଷ ରୂପ ବା ଦଶମରୂପ:- କମଳାତ୍ମିକା**

ଏହି ଦେବୀ ପ୍ରସ୍ଫୁଟିତ ପଦ୍ମରେ ଆସୀନ ପଦ୍ମାଳୟା। ତାଙ୍କର ଚାରିହସ୍ତ ମଧ୍ୟରୁ ଦୁଇଟିରେ ପଦ୍ମ ଏବଂ ଅନ୍ୟ ଦୁଇ ହସ୍ତ ଅଭୟ ମୁଦ୍ରାରେ ଥିବାର ଦେଖିବାକୁ ମିଳେ। ତନ୍ତ୍ରଶାସ୍ତ୍ରରେ ତାନ୍ତ୍ରିକ ଦେବୀ ଲକ୍ଷ୍ମୀ ନାମରେ ସେ ପରିଚିତା।

ନବରାତ୍ରି ଅବସରରେ ମା' ଦୁର୍ଗାଙ୍କର ନଅଟି ସ୍ୱରୂପ ପୂଜା କରାଯାଇଥାଏ। ଦେବୀ ଆଦ୍ୟଶକ୍ତିଙ୍କର ଏହି ନଅଟି ରୂପକୁ "ନବଦୁର୍ଗା" କୁହାଯାଇଥାଏ। ସେହି ନଅଟି ସ୍ୱରୂପ ଯଥା: ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଏବଂ ସିଦ୍ଧିଦାତ୍ରୀ।

୧- ଶୈଳପୁତ୍ରୀ: ଏହି ଦେବୀ କୈଳାସ ପର୍ବତଙ୍କ କନ୍ୟା ଭାବେ ବିଦିତ।

୨ - ବ୍ରହ୍ମଚାରିଣୀ: ଦେବୀଙ୍କର ଏହି ରୂପ ସର୍ବବ୍ୟାପ୍ତ, ଯାହାଙ୍କର ଆଦି ଅନ୍ତ ନାହିଁ, ଯିଏ ଅସୀମ, ଅନନ୍ତ, ବିଦ୍ୟମାନ ଓ ଗତିମାନ ସତ୍ତାକୁ ଦର୍ଶାଇଥାଏ।

୩- ତୃତୀୟ ରୂପ ଚନ୍ଦ୍ରଘଣ୍ଟା: ଏହି ରୂପ ଦେବୀଙ୍କ ଈଶ୍ୱରୀୟ ରୂପ। ମନୁଷ୍ୟର ଅବଚେତନ ମନ ତଥା ଅପରିବର୍ତ୍ତିତ ଭାବନା, ବୋଧଶକ୍ତିର ପ୍ରତୀକ।

୪- ଚତୁର୍ଥ ସ୍ୱରୂପ "କୁଷ୍ମାଣ୍ଡା" ଯିଏ ପ୍ରାଣଶକ୍ତିର ପ୍ରତୀକ।

୫- ପଞ୍ଚମ ସ୍ୱରୂପ: "ସ୍କନ୍ଦମାତା" ହେଉଛନ୍ତି ବୁଦ୍ଧିମତା ଏବଂ ବ୍ରହ୍ମଜ୍ଞାନର ପ୍ରତୀକ।

୬- ଷଷ୍ଠ ସ୍ୱରୂପ ଦେବୀ "କାତ୍ୟାୟନୀ" ଗୁପ୍ତ ରହସ୍ୟର ପ୍ରତୀକ, ପୌରାଣିକ କାହାଣୀ ଅନୁସାରେ ଦେବୀଙ୍କର ଷଷ୍ଠରୂପ ନକାରାତ୍ମକ ଶକ୍ତିକୁ ବିନାଶ କରି ଧର୍ମର ସ୍ଥାପନା କରେ।

୭- ଦେବୀଙ୍କର ସପ୍ତମ ସ୍ୱରୂପ ହେଉଛନ୍ତି "କାଳରାତ୍ରି"। ଦେବୀଙ୍କର ଏହି ଭୟଙ୍କର ରୂପ ଜ୍ଞାନ ଓ ବୈରାଗ୍ୟ ପ୍ରଦାନ କରିଥାଏ।

୮- ନବଦୁର୍ଗାଙ୍କର ଅଷ୍ଟମ ଅବତାର "ମହାଗୌରୀ"। ଯିଏକି ଅପାର ସୌନ୍ଦର୍ଯ୍ୟ ଏବଂ ଅପାର କରୁଣାର ପ୍ରତୀକ ଏବଂ ଅଲୌକିକ ଶକ୍ତି ପ୍ରଦାୟନୀ।

୯- ନବମ ସ୍ୱରୂପା ଦେବୀ "ସିଦ୍ଧିଦାତ୍ରୀ"। ନବଦୁର୍ଗାଙ୍କର ନବମ ତଥା ଅନ୍ତିମ ରୂପ ହେଲେ ସିଦ୍ଧିଦାତ୍ରୀ। ଯିଏ ସମାଜକୁ ଅଦ୍ଭୁତ ସିଦ୍ଧି, କ୍ଷମତା ପ୍ରଦାନ କରିଥାନ୍ତି।

# କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୀବନ ସଂଗୀତ ଓ ଜାତୀୟ ସଂଗୀତ ଏକ ଅନୁଶୀଳନ

ଡ. ରମାକାନ୍ତ ରାଉତ

ଲକ୍ଷ୍ମୀକାନ୍ତ ମହାପାତ୍ର (୧୮୮୮-୧୯୫୩) ଭଦ୍ରକ ଜିଲ୍ଲାର ତାଳପଦା (ତିହିଡି ବ୍ଲକ)ରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ମାତାଙ୍କ ନାମ ରାଧାମଣି ଦାସୀ ଓ ପିତା ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର। ପ୍ରକାଶିତ ପୁସ୍ତକ ଗୁଡ଼ିକ ହେଲା : ଜାତୀୟ ସଙ୍ଗୀତ, ଜୀବନ ସଙ୍ଗୀତ, କଲ୍ଲୋଳ, ଦୁନ୍ଦୁଭି, ଲାଳିକା, ଚଟକ ଚନ୍ଦ୍ର ଦାସ ଚମ୍ପୁ, ଧର୍ମ ସଂଗୀତ, ବାଳଚର, ଚିଡିଆଖାନା, ପାଠଶାଳା, କଣାମାମୁ (ଉପନ୍ୟାସ) ଓ 'ଅସହଯୋଗୀର ଆତ୍ମକଥା' ଓମାର ଖୟାମ (ଅନୁବାଦ) ସେ ବହୁ ଗଳ୍ପର ରଚୟିତା। ସେ ମଧ୍ୟ 'ସୁନା ଫରୁଆ', 'ଚିଡ଼ିଆଖାନା' ଆଦି ଶିଶୁ ସାହିତ୍ୟର ସ୍ରଷ୍ଟା। ବୁଢ଼ା ଶଙ୍ଖାରୀ ପରି କରୁଣ ରସାତ୍ମକ ଗଳ୍ପରୁ ଆରମ୍ଭ କରି 'ଦେହିପଦ ପଲ୍ଲବ ମୁଦାରମ୍' ପରି ହାସ୍ୟ ରସାତ୍ମକ ଗଳ୍ପ ସଂକଳନର ସେ ସ୍ରଷ୍ଟା। ସେ ଓଡ଼ିଶାର ଚାରଣ କବି। ଦୁରାରୋଗ୍ୟ କୁଷ୍ଠ ରୋଗ ରାକ୍ଷସ ଦ୍ୱାରା ତିଳତିଳ ଜଳି ମଧ୍ୟ ସେ ତାଙ୍କ ଲେଖାରେ ବିମଳ ତଥା ବିଦ୍ରୁପାତ୍ମକ ଗଳ୍ପ ରଚନା କରି ପାଠକକୁ ହସେଇ ବେଦମ କରିଛନ୍ତି। ସେ ବିଶିଷ୍ଟ ସାହିତ୍ୟ ପତ୍ରିକା 'ଡଗର'ର ପ୍ରତିଷ୍ଠାତା ସଂପାଦକ ଥିଲେ। ସେ ଫକୀର ମୋହନୋତ୍ତର ଯୁଗରେ ଜଣେ ଅନନ୍ୟ କବି ଓ କଥାକାର। କବିତା କ୍ଷେତ୍ରରେ ତାଙ୍କର ମୌଳିକତା ଅନସ୍ୱୀକାର୍ଯ୍ୟ।

ଜୀବନ ସଂଗୀତ - (ଏକ) : ତାଙ୍କ ଜୀବନ ସଂଗୀତ ବାସ୍ତବରେ ଜୀବନର ସୂକ୍ଷ୍ମତନ୍ତ୍ରୀକି ସ୍ପର୍ଶ କରେ। ଏଥିରେ ନିହିତ କରୁଣ ରସ ପାଠକକୁ ଅଶ୍ରୁପ୍ଲାବିତ କରିପକାଏ। ଜୀବନ ସଂଗୀତ ପାଠକଲେ ଆମେ ସତେ ଯେପରି ଜଣେ ଚିର ନିପୀଡ଼ିତ ବ୍ୟକ୍ତିର କରୁଣ ରାଗିଣୀ ଶୁଣି ବିଷାଦଗ୍ରସ୍ତ ହୋଇପଡୁ। ତାଙ୍କ ଜୀବନ ସଂଗୀତର

"ସୁବଥିରୁ ବଂଚିତ କରି କେଉଁ ଯଶ ବାନା ଉଡ଼ାଇବ ହେ



ଯାହା ଦେଇଥିଲ ସବୁତ ନେଲଣି ଆଉ ଏବେ କିସ ଛଡ଼ାଇବ ହେ।"

ସୃଷ୍ଟିକର୍ତ୍ତାଙ୍କ ନିକଟରେ ଘୋର ଅଭିମାନରେ କବି ତାଙ୍କୁ ଏକଥା କହିଛନ୍ତି। ଜଣେ ଚିରରୋଗୀର ଦୁରନ୍ତ ଯାତନା ବ୍ୟାଧି ଓ ଯନ୍ତ୍ରଣା ଜର୍ଜରିତ ହେବାଠୁଁ ଅଧିକ ଦୁଃଖ କ'ଣ ଆଉ ଥାଇପାରେ! ଶାରୀରିକ, ମାନସିକ ବ୍ୟଥାବେଦନାରେ ସେ ଅହରହ ଜର୍ଜରିତ। ତତ୍କାଳୀନ ସମାଜରେ କୁଷ୍ଠରୋଗୀ ଏକ ରକମ ବାସନ୍ଦ ଥିଲେ। ଜଣେ ସଚେତନ ଲୋକ ପାଇଁ ଯାଠୁଁ ବଳି ଦୁଃଖ ଦୁର୍ଦ୍ଦିନ ଆଉ କ'ଣ ଥାଇପାରେ? ଚରମ ବ୍ୟଥା ବେଦନାରେ ମ୍ରିୟମାଣ କବି ଅନ୍ତରରେ ଏହା ଚରମ ଅଭିଯୋଗ। ଜଣେ ମଣିଷ ହିସାବରେ ଭୂପୃଷ୍ଠରେ ପାଦ ଦେବାବେଳେ ସେ ସମସ୍ତ ସୁଖ ସମ୍ଭୋଗ ଓ ଐଶ୍ୱର୍ଯ୍ୟର ଅଧିକାରୀ ଥିଲେ। କିନ୍ତୁ ସମୟକ୍ରମେ ବ୍ୟାଧିରୂପକ ଦାନବ ତାଙ୍କଠୁଁ ସବୁ ଲୁଟି ନେଲା। ତେଣୁ ସେଇ ସର୍ବନିୟନ୍ତାଙ୍କ ନିକଟରେ ସେ ଏଇ ଅଭିଯୋଗ କରିଛନ୍ତି। ଏ ସୃଷ୍ଟିରେ ଯାହାଯାହା ଈଶ୍ୱର ତାଙ୍କୁ ଦେଇଥିଲେ ସମୟକ୍ରମେ ଯେପରି ଗୋଟିକ ପରେ ଗୋଟିଏ ଏମିତି ସବୁ ଲୁଟି ନେଇ ତାଙ୍କୁ ଦୁଃଖ ଦୁର୍ବିପାକ ପାରାବାରକୁ ଠେଲି ଦେଇଛନ୍ତି। ସେ ନିଃସ୍ୱ ହୋଇ ଯାଇଛନ୍ତି ଏ ଐଶ୍ୱରିକ କରୁଣାରୁ ବଞ୍ଚିତ ହୋଇ। ତେଣୁ କବି ଉଦାସ ଓ ବ୍ୟଥାଭରା କଣ୍ଠରେ କହନ୍ତି, ଯାହା ଦେଇଥିଲ ଗୋଟିକ ପରେ ଗୋଟିଏ ସବୁତ ଛଡ଼େଇ ନେଇଗଲ, ଆଉ କ'ଣ ଏ ଚରମ ବ୍ୟାଧିଗ୍ରସ୍ତ କୁଷ୍ଠୀଠାରେ ଅଛି ଯେ ଏବେ ଛଡ଼େଇ ନେବାର ଉପକ୍ରମ କରିବ? ମୋ ପରି ଏକ ଦୀନ ଅକିଞ୍ଚନ ଓ ଭାଗ୍ୟହୀନ ଠାରେ ଆଉ କ'ଣ ଅଛିଯେ, ଛଡ଼େଇ ନେବ?

ତାପରେ ସେ କହନ୍ତି, ତୁମକୁ ପ୍ରାଣୀ ଭରସାକରେ, କାରଣ ତୁମ କରୁଣା ଅଣୁ ତାକୁ ସମସ୍ତ ବାଧାବିଘ୍ନରୁ ଉଦ୍ଧାର କରିବ। ଯିଏ ଡାକିଡାକି ଅଥୟ ହୋଇ ଧୈର୍ଯ୍ୟହରା ହେଲାଣି ଏବଂ ତା'ର ସମସ୍ତ ଭରସା ତୁଟି ଗଲାଣି ସେ ଆଉ କ'ଣ ପାଇଁ ତୁମଠାରେ ଆସ୍ଥା ରଖିବ ନା ତୁମେ ତାକୁ କରୁଣା ବଞ୍ଚିତ କରିବାର ଧମକ ଦେବ? ଏମିତି ଥରକୁ ଥର ତୁମ କରୁଣାରୁ ବଞ୍ଚିତ ହୋଇ ତୁମ କାରନାମା ମୁଁ ଜାଣିଗଲିଣି। ତୁମେ କ'ଣ ଭାବୁଛକି ମୋତେ ଏମିତି ଥରକୁ ଥର ହଟହଟା କରି ହାଟ ମଝିରେ ଠିଆ କରେଇବ, ଚରମ ଅପମାନରେ ଜର୍ଜର କରିବ। ଏମିତି ମଝି ବାଟରେ ମୋତେ ଠିଆ କରି ମୋତେ ହଟହଟା କରି ଦୁନିଆ ଆଗରେ ଉପହାସିତ କରିବ? ମୋ ଇପ୍ସିତ ମାର୍ଗରୁ ମୋତେ ଭ୍ରଷ୍ଟ କରି ମୋତେ ଭୁଆଁ ବୁଲେଇ ପଥଭ୍ରଷ୍ଟ କରିବ?

ମୁଁ ତୁମ ଫନ୍ଦି ବା ଅଭିପ୍ରାୟ ସଂପର୍କରେ ଅବହିତ। ତେଣୁ ତୁମର ଏ ଫନ୍ଦି ଫିକରକୁ ଲକ୍ଷ୍ୟ କରି ମୁଁ ନିଜକୁ ପ୍ରସ୍ତୁତ କରି ସାରିଛି ଏବଂ ମୋର ସମସ୍ତ ଧନ୍ଦା ତୁଟେଇ ସାରିଲିଣି। ଶେଷରେ ସେ ଏକ ଚରମ ଶବ୍ଦ 'ଚାରିଦଉଡ଼ିକଟା' ଅର୍ଥାତ୍ ଚାରିପଟୁ ଯେଉଁ ବେଡ଼ୀ ପକାଇଥିଲ, ତାକୁ ମୁଁ କାଟି ସାରିଲିଣି। ଆଉ କେଉଁ ସଂପର୍କ ରଜ୍ଜୁ ମୋ ପାଇଁ ଫାନ୍ଦ କରି ରଖିଛ ଯେ ମୋତେ ଆବଦ୍ଧ କରିବ? ଏତେ ସରି କରିବା ପରେ ତମ ମନସାଧ ମେଣ୍ଟିଲା ନାହିଁ ଯେ ଆଉ କି ନାଟ ଦେଖିବାକୁ ହାତଠାରି ଡାକୁଛ? ମିଛମାୟା ଗର୍ବ ଅହଂକାର ଦୂରକରି ଚରମ ଲୋକହସା କରିବାକୁ କ'ଣ ତମର ଏ ଫନ୍ଦି ଫିକର, ଏ କପଟଚାରିତା, ଏ ଅଭିସନ୍ଧି??

**ଜୀବନ ସଂଗୀତ - (ଦୁଇ):** କବି ନିଜ ଅଭିଯୋଗର ସ୍ୱର ବଦଳାଇ ପ୍ରଭୁଙ୍କୁ କହନ୍ତି, 'ସବୁତ ନେଇଛ ଛଡ଼ାଇ' - ଏଥିରେ କିଛିଟା ମାନବିକ ଗର୍ବ

ଅହଂକାରର ସ୍ପର୍ଶ ରହିଛି, ଯାହାକୁ ଈଶ୍ୱର ବରଦାସ୍ତ କରନ୍ତି ନାହିଁ। ତେଣୁ କବିଙ୍କ ଠାରେ ସେଇ ଆତ୍ମୋପଲବ୍ଧିର ଆଭାସର ସ୍ୱର ସ୍ପଷ୍ଟ ପରିଲକ୍ଷିତ ହୁଏ ନିମ୍ନ ପଙ୍କ୍ତିରେ :

"ମୋର ସକଳ ଗର୍ବଚୁର୍ଣ୍ଣ କରିଛ ସବୁତ ନେଇଛ ଛଡ଼ାଇ

ଆଶାର ତୁଙ୍ଗ ଶିଖରୁ ଖସାଇ ଧୂଳିରେ ଦେଇଛ ଗଡ଼ାଇ।"

ପୂର୍ବ ଭାଗରେ ଥିଲା, 'ଯାହା ଦେଇଥିଲ ସବୁ ତ ନେଲଣି, ଆଉ ଏବେ କିସ ଛଡ଼ାଇବ ହେ' – ଯେପରି ଏକ ଈଶ୍ୱରଙ୍କ ଅନ୍ୟାୟ ବିରୁଦ୍ଧରେ ଅଭିଯୋଗ ! କିନ୍ତୁ ଏଠି ଭିନ୍ନ ଏକ ସ୍ୱର ସମ୍ପୂର୍ଣ୍ଣ ଭିନ୍ନ। ଈଶ୍ୱର ତାଙ୍କୁ ହୁଏତ ତାଙ୍କ ପାର୍ଥିବ ବିକାଶର ଉତ୍ତୁଙ୍ଗ ଶିଖରରୁ ଧରଣୀର ଧୂଳି ଧୂସରିତ ଚତ୍ୱରକୁ ଫିଙ୍ଗି ଦେଇଛନ୍ତି ତାଙ୍କର ସକଳ ଗର୍ବ ଅହଂକାରକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରି। ଏ ଛଡ଼େଇବା ଓ ପ୍ରଥମ ପରିଚ୍ଛେଦର ଛଡ଼େଇବାର ମର୍ମାର୍ଥ ସଂପୂର୍ଣ୍ଣ ଭିନ୍ନ। ପ୍ରଥମର ଅର୍ଥ ଲୁଟିବା, କିନ୍ତୁ ଦ୍ୱିତୀୟଟିର ଅର୍ଥ ଦୂର ବା ପୃଥକ କରିଦେବା।

ସେଠାରେ ଥିଲା, ପାର୍ଥିବ ସୁଖ ସମ୍ଭୋଗ ଛଡ଼ାଇବା, ଏଠାରେ କିନ୍ତୁ ମାନବୀୟ ଗର୍ବ, ଅହଂକାର ଓ ଦାମ୍ଭିକତାର ବିଲୋପ ଯାହା ଏକ ସାତ୍ତ୍ୱିକ ଉପଲବ୍ଧି। ଗର୍ବଗଞ୍ଜନ ପ୍ରଭୁଙ୍କର ଅନ୍ୟ ଏକ ଛଡ଼ାଣ ମଣିଷକୁ ବିଭ୍ରାନ୍ତିରୁ ବାଟକୁ ଆଣିବାର ଉପଚାର। ଆଶା କାମନା ବାସନା ଓ ସର୍ବୋପରି ଉଚ୍ଚାଭିଳାସରୁ ଭୂତଳଶାୟୀ କରିବା। ଉପରୋକ୍ତ ପାର୍ଥିବ କାମନା ବାସନା, ସାଂସାରିକ ବାସନା ଆତ୍ମାର ଅଧୋଗତିର କାରଣ ତଥା ମାନବିକତାର ଅବକ୍ଷୟର କାରଣ। ମାନବର କଲ୍ୟାଣ ନିମନ୍ତେ ଏହା ଏକ ଧର୍ମ ମାଡ଼ ବା ଈଶ୍ୱରୀୟ ଆଘାତ ବିଭ୍ରାନ୍ତ ବ୍ୟକ୍ତି ସତ୍ତାକୁ ସୁମାର୍ଗକୁ ଆଣିବା ସକାଶେ। 'ସବୁଥିରୁ ବଞ୍ଚିତ କରି' ସ୍ଥାନରେ 'ସକଳ ଗର୍ବ ଚୂର୍ଣ୍ଣ କରିଛ, ସବୁଥିରୁ କରି ନିଃସ୍ୱ' ପ୍ରୟୋଗ କରାଯାଇଛି – ପରସ୍ପର ବିପରୀତ ମୁଖୀ ପଦଦ୍ୱାରା କବିଙ୍କର ଆତ୍ମ ଉପଲବ୍ଧି ହେଲା, ପ୍ରଭୁ ଏହି ଶିକ୍ଷା ଦେଇଛନ୍ତି। ଆପଣାର ବୋଲି ମଣିବାକୁ ଏବଂ ବିଶ୍ୱ ମନସ୍କ ହୋଇ ଈଶ୍ୱରଙ୍କୁ କୃତଜ୍ଞତା; 'ଅଭାଗା ହାତରେ ଦେଇଛ ଧରାଇ ଆପଣାର ବୋଲି ମଣିବାକୁ ସାରା ବିଶ୍ୱ'। ସାରା ବିଶ୍ୱର ଲୋକଙ୍କୁ ଆତ୍ମବତ୍ ମଣିବା। ସମଦର୍ଶିତାର ମହାମନ୍ତ୍ରର ମହାଦାନ ଈଶ୍ୱରଙ୍କର ତାଙ୍କ ପ୍ରତି ଅମୂଲ୍ୟ ସଂପଦ। ଏହାକୁ କାବ୍ୟିକ ଛଟାରେ କବି କହନ୍ତି: "ଏକି ପ୍ରେମ – ଏକି ଛଳନା / ଏକି କଉତୁକ" ତାଙ୍କ କଳ୍ପନା ବଳୟ ବାହାରେ ଥିଲା। ସତରେ କ'ଣ ମୋ ପରି ଜଣେ ହତଭାଗ୍ୟ ହାତରେ ଏପରି ଅମୂଲ୍ୟ ସଂପଦ ଦାନ କଲ ପ୍ରଭୋ ! ଇଏ ଆଉ ଏକ ଛଳନା ନୁହେଁ ତ ?

କବିଙ୍କର ପୁନଶ୍ଚ ସେଇ କାବ୍ୟିକ ଧୂପଛାୟା ଖେଳ – ମୋ ଲାଗି ଯଦି ଆପଣଙ୍କର ଏତେ ପ୍ରେମ, ଏତେ ଅନୁରାଗ ଆଉ କିଛି ବାଗ କି ଫିକର କ'ଣ ପାଇଲନି ପ୍ରଭୋ ! ଏକ ଗ୍ରାମ୍ୟ ଚିତ୍ରକଳ୍ପ ଛୁଟି'ର ପ୍ରୟୋଗ କରିଛନ୍ତି। 'ଛୁଟି'ର ଅର୍ଥ ଛୁଟି ବା ଛାଡ଼ପତ୍ର, ଯାହା ଗାଈ ବା ଅନ୍ୟ ପଶୁଙ୍କୁ କଂସେଇ ହାତରେ ଟେକିଦେଇ ମାଲିକ ବିକ୍ରି ଅର୍ଥ ଗ୍ରହଣ କରେ। ଏହା ଏକ କରୁଣ ଦୃଶ୍ୟ, ଅନ୍ତତଃ ମୂଳ ମାଲିକ ପାଇଁ, ତା' ପ୍ରିୟ ପଶୁଟିକୁ କଂସେଇକି ଟେକି ଦେବା ହେତୁ। ଛୁଟି ପରେ ପଶୁର ମାଲିକାନା ଚାଲିଯାଏ ବିକ୍ରେତାର, ଦୀର୍ଘଦିନର ସମ୍ପର୍କ ତୁଟିଯାଏ। ଭକ୍ତ ସୁଲଭ ଢଙ୍ଗରେ ସେ କହନ୍ତି 'ଛୁଟି ଛଡ଼ା ହୋଇ ନାଟ ଦେଖୁଛ' ଆଉ ତେଣେ ପାର୍ଥିବ ଲୋକଙ୍କ ମଧ୍ୟରେ ଲଢ଼େଇ (ଭେଲିକି) ଲଗେଇ ଦେଇଛ ! ସତରେ କ'ଣ ଇଏ ତମର ଆଉ ଏକ ଲୀଳା ରହସ୍ୟ ପ୍ରଭୋ ! ଏହା ଜୀବନ ସଂଗୀତର ଏକ ଭିନ୍ନ ଧାରା ଓ ଭିନ୍ନ ଚେତନାର କବିତା। ପ୍ରଥମ ଭାଗର ରାଗରୁଷ୍ଟ, ମାନ, ଅଭିମାନ, ଅଭିଯୋଗ ଭରା ଈଶ୍ୱରୀୟ ଆକ୍ଷେପ ସ୍ଥାନରେ ପରିସ୍ଫୁଟ ହୋଇଛି ପରିବର୍ତ୍ତନର ସ୍ୱର, ଆତ୍ମୋପଲବ୍ଧି ଏବଂ ବଦଳି ଯାଇଛି ଈଶ୍ୱରଙ୍କୁ ଦୋଷାରୋପ କରିବାର ମନୋଭାବ। ଏହା ଅଭାଗା ହାତରେ ଏକ ଅମୂଲ୍ୟ ସମ୍ପଦ ବୋଲି କବି ଜଣାନ୍ତି। ପ୍ରଥମ କବିତାରେ ରାଗରୁଷ୍ଟ ଥିବା ବେଳେ ଦ୍ୱିତୀୟ କବିତାରେ କୃତଜ୍ଞତା ରହିଛି ଈଶ୍ୱରଙ୍କ ପ୍ରତି।

ଜୀବନ ସଂଗୀତ– (ତିନି): 'ଫୁଲଟି ଯେବେ ମୋର ଯାଏ ଝରି', ଜୀବନ ସଂଗୀତର ଏକ ନିଆରା କବିତା। ଜୀବନକୁ କବି ଏକ ଫୁଲ ସଙ୍ଗେ ତୁଳନା କରିଛନ୍ତି। ଏଠାରେ କବି ଜୀବନକୁ ଗୀତ, ବୀଣା, ସଂଗୀତ ସଙ୍ଗେ ତର୍ଜମା କରିଛନ୍ତି। ଯାହାର ଅନ୍ତିମ ସ୍ଥଳ ସେଇ ଈଶ୍ୱରୀୟ କୁଞ୍ଜବନରେ ପୁନଶ୍ଚ ଫୁଲ ହୋଇ ଫୁଟେ। ଜୀବନ ଗୀତଟି ନିଃଶେଷ ହୋଇଗଲେ ସେ ତାଙ୍କ କୁଞ୍ଜବନରେ ଉଜ୍ଜୀବୀତ ହୋଇ ରହେ। ଆଉ ଜୀବନ ବୀଣାଟିର ଅସରା ମୂର୍ଚ୍ଛନା ତାଙ୍କ ମୋହନବଂଶୀର ତାଳେତାଳେ କରୁଣ ବୈରାଗ ତୋଳେ। ଅସୁମାରି ବ୍ୟଥା ବେଦନା ରୂପାନ୍ତରିତ ହୋଇଯାଏ ରକ୍ତ ଜବାକୁ, ଯାହା ସେଇ ଈଶ୍ୱରୀୟ କକ୍ଷରେ ଶୋଭାପାଏ ଏବଂ ନୟନର ଅସରନ୍ତି ନୀରଧାର ବିଭୁ ଚରଣରେ ଅର୍ଘ୍ୟ ହୋଇ ଲୋଟିଯାଏ। ଏହାହିଁ ଶେଷରେ ଈଶ୍ୱରଙ୍କୁ ଅନ୍ତିମ ତର୍ପଣ। ଚମତ୍କାର ଗୀତିମୟିତା ଓ ପ୍ରାଣଭରା ପୁଲକରେ କବି ଈଶ୍ୱରଙ୍କୁ ଜୀବନପୁଷ୍ପ, ଜୀବନବୀଣାର ସୁର୍ ଏବଂ ଜୀବନର ଶେଷ ଅଶ୍ରୁ ବିଭୁ ଚରଣାରବିନ୍ଦରେ ତର୍ପଣ କରିଛନ୍ତି। ଚମତ୍କାର ଆବେଗ ଉଚ୍ଛ୍ୱାସ ଓ ପ୍ରାଣ ପୁଲକରେ କବିତାଟି କଳକଳ ଛଳଛଳ ଆବେଗରେ କବି କଣ୍ଠରୁ ନିଃସରି ଯାଇଛି ବିଭୁଙ୍କ ନନ୍ଦନବନରୁ ବୈକୁଣ୍ଠଧାମ, ତାଙ୍କ ପ୍ରିୟ ମୋହନବଂଶୀ ଏବଂ ଶେଷରେ ଜୀବନର ଅଶ୍ରୁରେ ସେ ଈଶ୍ୱରଙ୍କ ପଦ ପ୍ରକ୍ଷାଳନ କରିଛନ୍ତି। କବିତାଟିରେ ଏକ ଅନାବିଳ ପ୍ରେମ ଭକ୍ତିର ଆବେଗ ଓ ଉଚ୍ଛ୍ୱାସ ଭରି ରହିଛି। କବି ସମ୍ପୂର୍ଣ୍ଣ ରୂପେ ନିଜକୁ ବିଭୁ ଚରଣରେ ସମର୍ପଣ କରିଛନ୍ତି। ଜୀବନ ଫୁଲଟି ଝରିଗଲେ ତା'ର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗ ଯେପରି ଈଶ୍ୱରଙ୍କଠାରେ ଲୀନ ହୋଇଯାଉ ଏହା କବିଙ୍କ ଅନ୍ତିମ ଇଚ୍ଛା। ଏହା ସାଯୁଜ୍ୟ ଭକ୍ତି ଦର୍ଶନ – ଯେଉଁଠି ଭକ୍ତର ଅଭିଳାଷ ଈଶ୍ୱରଙ୍କଠାରେ ଲୀନ ହୋଇଯିବାକୁ। କବି କୁନ୍ତଳା କୁମାରୀ ସାବତଙ୍କ 'ଶେଫାଳୀ ପ୍ରତି' କବିତାର ଭାବତତ୍ତ୍ୱ: "ମାଟିରେ ମିଶିବୁ ତୁହି ମାଟିରେ ମିଶିବି ମୁହିଁ, କିନ୍ତୁ ଆତ୍ମା ଫୁଲ ମୋର ନଯିବରେ ମଉଳି", ଏବଂ କାନ୍ତକବିଙ୍କ ସୁପୁତ୍ର ନିତ୍ୟାନନ୍ଦ ମହାପାତ୍ର: "ଏ ଜୀବନ ମୋର ଅତି ଆପଣାର ହାତେ ଧରି ତାକୁ ଦେଖେ ବାରମ୍ବାର / କବିତାରେ ମଧ୍ୟ ଜୀବନକୁ ଫୁଲ ସଙ୍ଗେ ତୁଳନା କରନ୍ତି: "କେତେ ଫୁଲ ଫୁଟି ବାସଯାଏ ଉଡ଼ି / ବଉଦ ଆକାଶେ ଯାଏ ମାଡ଼ି ମାଡ଼ି"। ଜୀବନର କ୍ରମ ବର୍ଦ୍ଧମାନ ସ୍ୱରୂପ କବିତାରେ ବର୍ଣ୍ଣିତ। ଜୀବନ ନୌକାର ଗତି ଅବାରିତ, କେଉଁଠି ଅଟକେନା। ଲକ୍ଷ୍ମୀକାନ୍ତଙ୍କ କବିତା, 'ଫୁଲଟି ଯେବେ ମୋର ଯାଏ ଝରି', ଏବଂ ବୈକୁଣ୍ଠ ନାଥଙ୍କ ମାନସହଂସ ପରି ଏହା ଉଡ଼ିଯିବ'ର ଭାବତତ୍ତ୍ୱ ଅଦ୍ଭୁତ ଭାବେ ମେଳ ଅଛି। ତିନିଜଣ କବିଙ୍କର ଜୀବନ ଦର୍ଶନ ଓ ଆତ୍ମନିବେଦନ ଚମତ୍କାର ଭାବେ ପ୍ରକାଶ ପାଇଛି। ସେହିପରି କବି ବୈକୁଣ୍ଠନାଥ ଜୀବନ ସଂଗୀତ କବିତାର ଅନ୍ତସ୍ୱର ସତେ ଯେପରି କାନ୍ତକବିଙ୍କ ଚେତନାରେ ଉଦ୍ଦୀପ୍ତ। ବୈକୁଣ୍ଠ ନାଥଙ୍କ "ଚାଲରେ ଚାଲ ମନ / ନିତ୍ୟ ମଧୁବନ / ଦେଖିବୁ ପ୍ରିୟରାସ ଅଦୂର ଗୋଲକରେ / ଅଦୂର ପଥେ ଆଜି ମିଳନ ତା'ର ସାଥେ / ବିଜୟ ରଥେ ତୋର ବିଜୟ ଆଲୋକରେ।" ସେଇ ଏକା ଭାବ, ଏକା ଅଭିଳାଷ। କାନ୍ତ କବି ସାରୂପ୍ୟ ଭକ୍ତି ଉପାସକ ହୋଇଥିବା ବେଳେ ବୈକୁଣ୍ଠନାଥ ସାଲୋକ୍ୟ ଭକ୍ତି କାମନା କରନ୍ତି। କିନ୍ତୁ ରାସଲୀଳା ସଂଦର୍ଶନ କରୁ କରୁ କବି ଲୀଳା ସଙ୍ଗିନୀ ହୋଇଗଲେ। ଅର୍ଥାତ୍ ସାଲୋକ୍ୟ ଭକ୍ତି ସାରୂପ୍ୟକୁ ରୂପାନ୍ତର ହେଲା। ଉଦ୍ଦେଶ୍ୟ ଏକ, କିନ୍ତୁ ମାର୍ଗ ଭିନ୍ନ। ସମସ୍ତ ନଦୀଙ୍କ ଗତି ସିନ୍ଧୁ ସଙ୍ଗମ, ଯଦିବା ମାର୍ଗ ଭିନ୍ନ ଭିନ୍ନ। ଏହା ସ୍ପଷ୍ଟ ଯେ ଯାତ୍ରା ସଂଗୀତରେ ସାଲୋକ୍ୟ ଭକ୍ତି ସାରୂପ୍ୟକୁ ରୂପାନ୍ତରଣ ହୋଇଛି। ଏଠାରେ ଦ୍ୱିବିଧ ଭକ୍ତି ସାଲୋକ୍ୟ ଓ ସାରୂପ୍ୟ ପରିସ୍ଫୁଟ।

ସାମଗ୍ରିକ ସ୍ୱର: କାନ୍ତ କବିଙ୍କ ଜୀବନ ସଂଗୀତର

ତିନୋଟି ପର୍ଯ୍ୟାୟ ଲକ୍ଷ୍ୟ କରାଯାଇପାରେ। ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ରୋଷରୁଷ୍ଟ ଏକ ବିଦ୍ରୋହୀ ଭୂମିକାରେ ଅବତୀର୍ଣ୍ଣ ହୋଇ ଈଶ୍ୱରଙ୍କୁ ଖୋଲା ପ୍ରତିବାଦ କରିଥିଲେ: "ସବୁଥିରୁ ବଂଚିତ କରି ଆଉ କିସ ଏବେ ଛଡାଇବ ହେ।" କିନ୍ତୁ କ୍ରମଶ ସେ ସ୍ୱର ଭିତରେ ଭିନ୍ନ ଏକ ଉପଲବ୍ଧି ରହିଛି। ଶବ୍ଦର ସେ ଆଡ଼ମ୍ବରିକି ଆଡ଼େଇ ଦେଲେ ସ୍ପଷ୍ଟ ବାରିହୁଏ: 'ସବୁଥିରୁ ବଂଚିତ କରି' ଏବଂ 'ସବୁତ ଦେଇଛ ଛଡ଼ାଇ' ମଧ୍ୟରେ ଆକାଶ ପାତାଳ ଫରକ। ତାଙ୍କଠାରୁ ଗର୍ବ ଅହଂକାର ଆଦି ତମଗୁଣକୁ ଛଡ଼େଇନେଇ ପ୍ରଭୁ ଏକ ମହାନ ଚେତନା ଜାଗ୍ରତ କରିଛନ୍ତି। କବି ସ୍ୱୀକାର କରନ୍ତି ଯେ ପରମେଶ୍ୱର ତାଙ୍କ ଅହଂକାର ବିନିମୟରେ ଏକ ମହାନ ଚେତନା – ବିଶ୍ୱ ମାନବିକତାର ଅମୂଲ୍ୟ ସମ୍ପଦ ତାଙ୍କ ହାତରେ ଧରେଇ ଦେଇଛନ୍ତି। କବି ଗଙ୍ଗାଧର ମେହେର ସେଇ ଅହମିକାକୁ ଈଶ୍ୱରଙ୍କୁ ଅର୍ପଣ କରି କହନ୍ତି: "ମୁଁ କାର ମାତର ମୋର ନୁହେଁ ବୋଲି କହିବାକୁ ନାହିଁ ବାଟ / ଦୁରୂ ଶ୍ରୀ ଚରଣେ ଅର୍ପଣ କରୁଛି ଘେନ ତା ବିଶ୍ୱ ସମ୍ରାଟ"। ଗଙ୍ଗାଧର ସ୍ୱେଚ୍ଛାକୃତ 'ମୁଁକାର' ବା ଅହଂଭାବକୁ ପ୍ରଭୁଙ୍କ ଚରଣରେ ଅର୍ପଣ କରି ନିରହଙ୍କାରୀ ହୋଇଛନ୍ତି। ସେହିପରି 'ଗୀତାଞ୍ଜଳି'ରେ ମଧ୍ୟ ରବୀନ୍ଦ୍ର ନାଥ ଲେଖିଛନ୍ତି:

"ଆମାର ମାଥାନତ କରେ ବାଓହେ ତୋମାର
ଚରନ ଧୂଲାର ତଲେ
ସକଲ ଅହଂକାରହେ ଅମାର ଡୁବାଓ
ଚୋଖେରେ ଜଲେ।"

ପ୍ରଭୁ ତୁମ ଶ୍ରୀଚରଣ ଧୂଳିରେ ମୋ ମସ୍ତକ ଧୂସରିତ କରି ମୋର ସମସ୍ତ ଅହଂକାରକୁ ମୋ ଚକ୍ଷୁର ଅଶ୍ରୁରେ ଧୋଇଦିଅ। ସୁତରାଂ ଦ୍ୱିତୀୟ କବିତାରେ କାନ୍ତକବିଙ୍କ ଆଭିମୁଖ୍ୟ ଉଗ୍ରରୁ ଶାନ୍ତ ହୋଇଯାଇଛି ଏବଂ ତୃତୀୟ କବିତାରେ 'ଜୀବନ ଫୁଲଟି ଝରି ଯିବା ପରେ' ନନ୍ଦନକାନନରେ ପାରିଜାତ ହୋଇ ଫୁଟୁଛି। ଏହା ସାଲୋକ୍ୟ ଭକ୍ତିର ଭାବ ତତ୍ତ୍ୱ। ସୁତରାଂ ଜୀବନ ସଂଗୀତର ଆଲୋଚ୍ୟ କବିତା ତ୍ରୟୀକୁ ଉଭରିତ ଚିତ୍ରକଳ୍ପ 'extended metaphor'କୁ ଉତ୍ତୀର୍ଣ୍ଣ କରିଛନ୍ତି କବି। କ୍ରୋଧ ଅଭିମାନ ଓ ଅହଂକାର ଉପଲବ୍ଧି ଅର୍ଥାତ୍ ଈଶ୍ୱରଙ୍କ ମହାନ ଅନୁଗ୍ରହର ଅନୁଭବ, ଯାହା ଟେନିସନ ସଚେତନ ହୋଇ ମାନସିକ ଆନ୍ଦୋଳନ ମଧ୍ୟରେ ଅନୁଭବ କଲେ; 'Good will be the final goal of ill'ସବୁ ମନ୍ଦର ଶେଷ ପରିଣତି ଭଲ। ଈଶ୍ୱରଙ୍କୁ ଚରମ ଦୋଷାରୋପ କରିବା ପରେ ବୁଝିଲେ ଯେ ଈଶ୍ୱରଙ୍କ ସୃଷ୍ଟିରେ ଅନ୍ଧାରରେ ଆଲୁଅ ଲାଗି ଚିତ୍କାର କରୁଥିବା ଶିଶୁର ଏକ ଚିତ୍ରକଳ୍ପ। 'A child at night / crying for light'ସୁତରାଂ In memoriumରେ ତାଙ୍କର ଉପଲବ୍ଧି; ଈଶ୍ୱର ମଙ୍ଗଳମୟ ଏବଂ ସେ ପ୍ରାଣୀର ମଙ୍ଗଳ ବିଧାନ କରିଥାନ୍ତି। କାନ୍ତକବିଙ୍କ ଜୀବନ ସଂଗୀତର ଅନ୍ତଃ ଚେତନାରେ ସେଇ ଭାବତତ୍ତ୍ୱ ନିହିତ।

କାନ୍ତ କବିଙ୍କ ତୃତୀୟ କବିତାର ବାହ୍ୟ ସ୍ୱର ଭିନ୍ନ ପ୍ରତୀତ ହେଲେ ବି ତାହା ଅଦ୍ଭୁତ ଭାବେ ପୂର୍ବୋକ୍ତ କବିତା ଦ୍ୱୟର ଅନ୍ତଃସ୍ୱର ବା ଭାବତତ୍ତ୍ୱକୁ ଉତ୍ତୀର୍ଣ୍ଣ ହୋଇଯାଇଛି। ଏଥିରେ ଏକ ଉଚ୍ଚ ଦାର୍ଶନିକ ତତ୍ତ୍ୱ ନିହିତ, ଯାହା ଲକ୍ଷ୍ମୀକାନ୍ତଙ୍କ ଜୀବନ ସଂଗୀତର ଭାବତତ୍ତ୍ୱ ଜୀବନର ଅନ୍ତିମ ଲକ୍ଷ୍ୟ ବିଭୁ ଚରଣରେ ଲୀନ ହେବା। ତାହାହିଁ କବିତାର ପରିଣତି। ଜୀବନ ସଂଗୀତକୁ ଏକ ବ୍ୟାଜସ୍ତୁତି କବିତା ଭାବେ ଗ୍ରହଣ କରାଯାଇପାରେ। ଏହାର ଅର୍ଥ ନିନ୍ଦା ଛଳରେ ସ୍ତୁତି। ଏହି କବିତାରେ କବି ଆପାତତଃ ନାସ୍ତିକର ଛଦ୍ମମୁଖା ପିନ୍ଧିଥିଲେ ବି ସେ ପରମ ଭକ୍ତ। ହୁଏତ ସାଂସାରିକ ଯାତନାର ଆତିଶଯ୍ୟରେ ଈଶ୍ୱରଙ୍କୁ ସହସା ନିନ୍ଦାର ଆବରଣରେ ସ୍ତୁତି ଛପି ରହିଥାଏ। ଏହି ବ୍ୟାଜସ୍ତୁତିର ଏକ ନିଚ୍ଛକ ଉଦାହରଣ କବିସୂର୍ଯ୍ୟ ବଳଦେବ ରଥଙ୍କ 'ସର୍ପଜଣାଣ' ଯେଉଁଠି କବି କହନ୍ତି : 'ତୁମ୍ଭଙ୍କୁ ଜଗନ୍ନାଥ ଆଜ ମୋ ମନୋରଥ ପୂର୍ଣ୍ଣ କରିବି ଦେଇ ଗାଳି।' ପ୍ରଥମତଃ ଏକ ଉଗ୍ର ମନୋଭାବ ନେଇ ଉଭା ହୋଇଛନ୍ତି କବି। ଶ୍ରୀ ଜଗନ୍ନାଥଙ୍କୁ ସର୍ପ ବୋଲି ସମ୍ବୋଧନ କରି କବି କହନ୍ତି: 'କାଳ ସର୍ପ ଆପଣ କବଳକର ପ୍ରାଣ / ପବନ ମାନଙ୍କୁ ସବୁରି 'ହେ। ପୁନଶ୍ଚ ସେ କହନ୍ତି ତୁମର ସର୍ପପରି ଚକ୍ର ଅଛି। ତେଣୁ ତୁମେ ସର୍ପର ଅନ୍ୟ ନାମ ଚକ୍ରୀ ବୋଲାଉଛ। ତୁମେ ଘରବୁଡ଼ା- ନିଜ ପୁର ଦ୍ୱାରକାକୁ ସମୁଦ୍ରରେ ବୁଡ଼ାଇ ବଂଶନାଶ କରିଛ – ଏପରି କେତେ କ'ଣ। ତେଣୁ ମୁଁ ରାଜରାସ୍ତାରେ ତୁମକୁ ଅପଦସ୍ତ କରିବି, ଏଇଭାବେ ଜଗନ୍ନାଥଙ୍କୁ ଆକ୍ଷେପ ଓ ନିନ୍ଦା କରିଛନ୍ତି। ଏହା ଏକ ବକ୍ରୋକ୍ତି-କିନ୍ତୁ ଜଣାଣ-ଶ୍ରୀ ଜଗନ୍ନାଥ ଜଣାଣ ବା ସ୍ତୁତି। ଅର୍ଥାତ୍ ନିନ୍ଦା ଛଳରେ ସ୍ତୁତି। ଏହି ପ୍ରକାର କାବ୍ୟବିଧି ବ୍ୟାକରଣ ସମ୍ମତ ଏବଂ ଓଡ଼ିଆ ସାହିତ୍ୟରେ ଏହା ଏକ ସୁନିରୂପିତ ଧାରା। ସୁତରାଂ କାନ୍ତ କବି ଲକ୍ଷ୍ମୀକାନ୍ତ ସେହି ପ୍ରାଚୀନ ଧାରା ଅବଲମ୍ବନରେ ଜୀବନ ସଙ୍ଗୀତରେ ଏହି ପଦ୍ଧତି ପ୍ରୟୋଗ କରିଛନ୍ତି।

ଭାବତତ୍ତ୍ୱ : ବସ୍ତୁତଃ ଜୀବନ ସଂଗୀତରେ ଜୀବନ ଯନ୍ତ୍ରଣାର କରୁଣ ରାଗିଣୀ ମୁଖରିତ ହୋଇଛି। ଭିନ୍ନ ଟେକ୍‌ନିକ୍ ବା ଧାରା ପ୍ରୟୋଗ ସତ୍ତ୍ୱେ କରୁଣ ରସର ପ୍ଲାବନ ବ୍ୟାହତ ହୋଇନାହିଁ। କବି ନିଜ ଅନ୍ତର ବେଦନାକୁ ବିଭୁ ଚରଣରେ ଅର୍ପଣ କରିବାକୁ ଯାଇ ଏପରି ଧାରାର ପ୍ରୟୋଗ କରି ତାହାକୁ ବରଂ ଅଧିକ ରସୋତ୍ତୀର୍ଣ୍ଣ କରିଛନ୍ତି। କାନ୍ତକବି ଜଣେ ବ୍ୟଙ୍ଗକାର। ସେ ଫକୀରମୋହନୋତ୍ତର ଯୁଗର ଲେଖକ ହେତୁ ତାଙ୍କ ଲେଖାରେ ବ୍ୟଙ୍ଗ ବିଦ୍ରୁପର ଧାରା ଅବ୍ୟାହତ ରହିଛି। ତାଙ୍କ 'ଚଟକ ଚନ୍ଦ୍ରାହାସ ଚମ୍ପୂ' ଏକ ବିଦ୍ରୁପାତ୍ମକ ରଚନା, ଯାହାକୁ ଆଳଙ୍କରିକ ଭାଷାରେ ଲାଳିକା ବୋଲି କୁହାଯାଏ। ତାଙ୍କ କଥା ସାହିତ୍ୟରେ ଏହି ହାସ୍ୟରସର ତୀବ୍ରତା ପରିଲକ୍ଷିତ ହୋଇଥାଏ। ତାଙ୍କର ଏକମାତ୍ର ଉପନ୍ୟାସ 'କଣାମାମୁ' ଏଥିରୁ ବାଦ ପଡ଼ିନି। ଗଳ୍ପରେ ସେ ବହୁଳ ଭାବେ ହାସ୍ୟରସର ପ୍ରୟୋଗ କରିଛନ୍ତି। ଏହା ଜୀବନର ଏକ ଧାରା, ଯାହାକୁ ସମୀକ୍ଷକ ମାନେ ଜୀବନର ବିଦ୍ରୁପାତ୍ମକ ସମୀକ୍ଷା ବୋଲି କହନ୍ତି। (Satirical Criticism of life) ହାସ୍ୟରସର ମଧ୍ୟ ଭିନ୍ନତା ରହିଛି ଯଥା, ହସକୌତୁକ (Humour), ବିଦ୍ରୁପ (Satire) ଓ ଶ୍ଳେଷ (irony)। କାନ୍ତକବିଙ୍କ ଗଳ୍ପ ଉପନ୍ୟାସରେ ଅଧିକ ଭାବରେ ହସ କୌତୁକର ପ୍ରୟୋଗ କରାଯାଇଛି। ଉଚ୍ଚାଙ୍ଗ ହାସ୍ୟରସର ବେଶି ପ୍ରୟୋଗ ପରିଦୃଷ୍ଟ ହୁଏନାହିଁ। ବୁଢ଼ା ଶଙ୍ଖାରୀରେ କରୁଣ ରସର ପ୍ରୟୋଗ ଗଳ୍ପର ମାନ ବୃଦ୍ଧି କରିଛି। କବିତାରେ ଉଚ୍ଚାଙ୍ଗ ହାସ୍ୟରସର ପ୍ରୟୋଗ ଦେଖାଯାଏ। ଉପରୋକ୍ତ ଆଲୋଚନାରେ ଜୀବନ ସଂଗୀତ ପ୍ରତି ଆଲୋକପାତ କରାଯାଇଛି। 'ଚଟକ ଚନ୍ଦ୍ରାହାସ ଚମ୍ପୂ' ଓ 'ଦେହି ପଦପଲ୍ଲବ ମୁଦାରମ' ଲାଳିକା ପର୍ଯ୍ୟାୟର। ଉଭୟତ୍ର ଯଥାକ୍ରମେ ମୂଳଲେଖାର ବ୍ୟଙ୍ଗରୂପ ପ୍ରକାଶ ପାଇଛି। ଏଇଭାବେ କାନ୍ତକବିଙ୍କ ଲେଖନୀରେ ସାହିତ୍ୟର ବିବିଧ ଦିଗ ପ୍ରକଟିତ ହୋଇଛି। ପରୀକ୍ଷା ନିରୀକ୍ଷାକୁ ବାଦଦେଲେ ଦୁଇଟି କବିତା 'ଜୀବନ ସଂଗୀତ' ଓ 'ବନ୍ଦେ ଉତ୍କଳ ଜନନୀ' ତାଙ୍କୁ ଚିର ଭାସ୍ୱର କରି ରଖିଛି। ଜୀବନ ସଙ୍ଗୀତର କରୁଣ ଉଚ୍ଛ୍ୱାସ ଓ ବନ୍ଦେ ଉତ୍କଳ ଜନନୀର ଜାତୀୟତାବୋଧର ପଟାନ୍ତର ନାହିଁ। ବିଳମ୍ବରେ ହେଲେ ବି ଓଡ଼ିଶା ସରକାର 'ବନ୍ଦେ ଉତ୍କଳ ଜନନୀ'କୁ ଜାତୀୟ ମାନ୍ୟତା ଦେଇଛନ୍ତି। ନବରସ ମଧ୍ୟରେ କରୁଣ ରସକୁ ଆଳଙ୍କାରିକମାନେ ଶ୍ରେଷ୍ଠତ୍ୱ ପ୍ରଦାନ କରନ୍ତି। ଭବଭୂତିଙ୍କ ଭାଷାରେ : "ଏକୋରସ କରୁଣ ଏକ ମଧୁର ...."କରୁଣ ହିଁ ଶ୍ରେଷ୍ଠ ରସ। ଠିକ୍ ସେଇ ମର୍ମରେ ଇଂରାଜୀ କବି କିଟ୍‌ସ କହନ୍ତି : "Our sweetest songs are those that tell the saddest thought." ତେଣୁ ଜୀବନ ସଂଗୀତ କରୁଣତାର ଅନ୍ତରାଳରେ ମଧୁମୟ ଲାଗେ। କରୁଣ ମୂର୍ଚ୍ଛନା ତଳେ ମଧୁରତା ଲୁକ୍କାୟିତ ଥାଏ। ଏହା ହିଁ କାବ୍ୟିକ ସାଫଲ୍ୟ।

କହିବାରେ ଦ୍ୱିଧା ନାହିଁ ଯେ ଏହା କାନ୍ତକବିଙ୍କ ଜୀବନ ସଂଗୀତର ଏକ ପ୍ରତୀକାତ୍ମକ ସମୀକ୍ଷା

(sample survey) ମାତ୍ର ତିନୋଟି କବିତାକୁ ନେଇ ଏ ସମୀକ୍ଷା କରାଯାଇଛି। ବାସ୍ତବ କ୍ଷେତ୍ରରେ ଜୀବନ ସଙ୍ଗୀତ ଶିରୋନାମାରେ ୧୪୦ଟି କବିତା ସଂକଳିତ ହୋଇଥିବା କଥା ବିଶିଷ୍ଟ ସାମ୍ବାଦିକ ତଥା କାନ୍ତକବିଙ୍କ ନାତି ଶ୍ରୀ ଗୁରୁ କଲ୍ୟାଣ ମାହାପାତ୍ର ମତ ଦିଅନ୍ତି। ଏହାର ପ୍ରଥମ ସଂସ୍କରଣ ୧୯୩୨ ଓ ତତ୍ ପରବର୍ତ୍ତୀ ସଂସ୍କରଣ 'ଡଗର' ପତ୍ରିକାରେ ରଜତ ଜୟନ୍ତୀ ଅବସରରେ ୧୬୨ ପୃଷ୍ଠା ବିଶିଷ୍ଟ ସଂସ୍କରଣ କାନ୍ତକବିଙ୍କ ସୁଯୋଗ୍ୟ ପୁତ୍ର ଦ୍ୱୟ ନିତ୍ୟାନନ୍ଦ ଓ ଗୌରଚନ୍ଦ୍ରଙ୍କ ଦ୍ୱାରା ପ୍ରକାଶ ପାଇଥିଲା। ଏବେ ସେ ସଂକଳନ ଦୁଷ୍ପ୍ରାପ୍ୟ। ତେବେ ଜୀବନ ସଂଗୀତ ଯେ ବାସ୍ତବରେ କାନ୍ତକବିଙ୍କ ଜୀବନର ଅନ୍ତଃସ୍ୱର ଏଥିରେ ଦ୍ୱିମତ ନାହିଁ। ଏ ସଂପର୍କରେ ପ୍ରଖ୍ୟାତ ସାହିତ୍ୟିକ ସୁରେନ୍ଦ୍ର ମାହାନ୍ତିଙ୍କ ମନ୍ତବ୍ୟ ପ୍ରଣିଧାନ ଯୋଗ୍ୟ। କାନ୍ତକବି ଯେଉଁ ସମୟରେ ଜୀବନ ସଙ୍ଗୀତ ରଚନା କରିଥିଲେ ......"ସେତେବେଳେ କବିତାର ସଂଜ୍ଞା ମୁଖ୍ୟତଃ ଥିଲା ନୈର୍ବ୍ୟକ୍ତିକ ଅନୁଭୂତିର ଦି-ପରିଧି ବିଶିଷ୍ଟ କେତୋଟି ଉକ୍ତିର ସୁନ୍ଦର ସମାହାର। ମାତ୍ର ସେ ଅନୁଭୂତି ସହିତ ବ୍ୟକ୍ତି ଚେତନା ଓତପ୍ରୋତ ଭାବରେ ଜଡ଼ିତ ହୋଇ ଲକ୍ଷ୍ମୀକାନ୍ତଙ୍କ କବିତାରେ ଏକ ନୂତନ ପରିଧି ଉନ୍ମୋଚିତ କରିଥିଲା। ଜୀବନ ସଙ୍ଗୀତର କବିତା ଗୁଡ଼ିକରେ ମୁଁ ସେଇ ନିବିଡ଼ ଜୀବନ ଧର୍ମୀ ଉପଲବ୍ଧିର ବ୍ୟକ୍ତିକ ସ୍ୱର ଶୁଣିଛି। ସେ ଦୃଷ୍ଟିରୁ ଜୀବନ ସଙ୍ଗୀତ ଓଡ଼ିଆ ସାହିତ୍ୟର ଏକ ଅମୂଲ୍ୟ ସଂପଦ। ଜୀବନ ସଙ୍ଗୀତର କବିତାରେ ମଧ୍ୟ ଅଛି ରହସ୍ୟଲୋକର ଫିକା ଜହ୍ନବୋଳା ଏକ ମିଷ୍ଟିସିଜିମ୍"। ଏଇ ତ କେତୋଟି ପଙ୍‌କ୍ତିରେ ସୁରେନ୍ଦ୍ର ବାବୁ ଜୀବନ ସଙ୍ଗୀତର ସାର ନିର୍ଯ୍ୟାସକୁ ଅଭିବ୍ୟକ୍ତ କରିଛନ୍ତି।

ବଂଶାନୁକ୍ରମେ ବୈଷ୍ଣବ ସନ୍ନ୍ୟାସୀଙ୍କ ସଂସ୍ପର୍ଶରେ ଆସି ହୁଏତ ସେ ବୈଷ୍ଣବୀୟ ଭାବତତ୍ତ୍ୱରେ ଉଦ୍‌ବୁଦ୍ଧ ହୋଇଥିଲେ। ଏହି କାରଣରୁ ସେ କାନ୍ତ କୋମଳ ବୈଷ୍ଣବୀୟ କବିତାବଳୀ ରଚନାରେ ଉଦ୍‌ବୁଦ୍ଧ ହୋଇଥିଲେ। ଅସଂଖ୍ୟ ଭଜନ ଜଣାଣ କୀର୍ତ୍ତନ ଏବଂ ରାସ ସଂଗୀତର କବି ଲକ୍ଷ୍ମୀକାନ୍ତ କିନ୍ତୁ 'ଜଣେ ଭୋଳା ବୈଷ୍ଣବ ନଥିଲେ'। ଆମ ସାହିତ୍ୟର ଜଣେ ସୁପ୍ରତିଷ୍ଠିତ କଥାକାର ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ କାନ୍ତକବିଙ୍କ କାବ୍ୟତତ୍ତ୍ୱ ସଂପର୍କରେ ଆଲୋକପାତ କରିଛନ୍ତି। କିନ୍ତୁ ଭୋଳା ବୈଷ୍ଣବ ତତ୍ତ୍ୱ ହିଁ ତାଙ୍କ କବିତାରେ ପ୍ରତିଫଳିତ ହୋଇଛି। ଏ ପରିପ୍ରେକ୍ଷୀରେ ତାଙ୍କ ଜୀବନ ସଂଗୀତର କିୟଦଂଶ ବିଚାର୍ଯ୍ୟ :

"ରଚିଛି ଏ ମଧୁଶର୍ଯ୍ୟା ଚିରବାଞ୍ଛିତ ଆହେବାଞ୍ଛିତ
ସାରା ଜୀବନର ଆଶା ଆକୁଳତା କରି ସଯତନେ
ସଞ୍ଚିତ"।

ମଧୁଶଯ୍ୟା ଶବ୍ଦ ଖୁବ୍ ସୂଚନାତ୍ମକ ଏବଂ ଏହା ରାଧାଭାବର ପ୍ରତୀକ ଏବଂ ସେଇ ବୈଷ୍ଣବୀୟ ଭାବତତ୍ତ୍ୱର ମୂଳରେ ନିହିତ ଈଶ୍ୱରଙ୍କ ସଙ୍ଗେ ମିଳନର ସମର୍ପଣ ଭାବ। କବି ରବୀନ୍ଦ୍ରନାଥ ମଧ୍ୟ ଏପରି ଏକ ଉତ୍କଣ୍ଠିତ ଭାବ ନେଇ ପରାମାତ୍ମାଙ୍କ ପ୍ରତୀକ୍ଷା କରିଛନ୍ତି, 'ବରନମାଲା ଗାନ୍ଥା ଆଛେ ଆମାର ହୃଦୟ ମାଝେ / କବେ ନୀରବ ହାସ୍ୟମୁଖେ ଆସବେ ବରେର ସାଜେ" ? ସେ ସୁଦିନକୁ ମୁଁ ପ୍ରତୀକ୍ଷା କରିଛି ଏବଂ ତମେ ଆସିବା କ୍ଷଣି ଘର ପରିବାର ଛାଡ଼ି 'ନିଖିଳ ରାତେ ପତିର ସାଥେ ଚଲବ ପତିବ୍ରତା'। ଉଭୟ କବିଙ୍କ କବିତାରେ ମୃତ୍ୟୁ ଚେତନା ରହସ୍ୟ ଘନ ଭାବ ଗୁମ୍ଫିତ ସଙ୍ଗେ ପରମ ପୁରୁଷଙ୍କ ସଙ୍ଗେ ଏକାତ୍ମ ହେବାର ଦୁର୍ବାର ଅଭିଳାସ ନିହିତ। ପୁନଶ୍ଚ ଲକ୍ଷ୍ମୀକାନ୍ତ ଜୀବନର କରୁଣ ଗାଥା ଗାନ କରନ୍ତି। ଦଦରା ଭଙ୍ଗା ଜୀବନ ଡଙ୍ଗାର ରୂପକଳ୍ପ ଗ୍ରହଣ କରି ସେ କହନ୍ତି :

"ଭଙ୍ଗାମୋର ଡଙ୍ଗା ଖଣ୍ଡିକ ଯାଉଛି ଭାସି
କେଉଁ ଅଜଣା ରାଇଜେ କିସ ମନାସି
ରତରତ ହେଉଛି ବେଳ, ଦରିଆରେ ନଦିଶେ
କୂଳ
ମିଶିଯିବ ନିଶି ଅନ୍ଧାରେ ମନ ଉଦାସୀ।"

କବି ଜୀବନକୁ ଏକ ଭଙ୍ଗା ନଉକା ବୋଲି କହିଛନ୍ତି, ଏକ ଅନିଶ୍ଚିତ ସରଣୀରେ ଅଜଣା ରାଜ୍ୟକୁ ଗତି କରୁଛି। ବେଳ ରତରତ। ମୁହୂର୍ତ୍ତକ ମଧ୍ୟରେ ରାତି ଆସିଯିବ। ଅନ୍ଧାର ଘୋଟିଯିବ। ଏହା ଜୀବନର ଚିତ୍ର। ଭଙ୍ଗାଡଙ୍ଗାର ରୂପକଳ୍ପ ତାଙ୍କ ରୁଗ୍ଣ ଶରୀରର ସୂଚନା। ଯେନତେନ ଭାବରେ ଜୀବନତରୀ ଚାଲିଛି। ବେଳ ରତରତ-ଜୀବନର ଅନ୍ତିମ ସମୟ ସୂଚକ।

ଅନୁରୂପ ଭାବେ ନିତ୍ୟାନନ୍ଦ ଜୀବନର ଚିତ୍ର ଆଙ୍କିଛନ୍ତି। ନିତ୍ୟାନନ୍ଦଙ୍କ ଭାଷାରେ :

"ଜୀବନର ନାଆ ଜାଇଁବାର ହୁଏ
ଭାସି ଭାସଯାଏ ନଲାଗେ ନରହେ"।

ଜୀବନ ନାଆ ତା ଗତି ପଥରେ ଧାବମାନ। କେଉଁଠି ଅଟକେନା। ସେ ଲକ୍ଷ୍ୟ ପଥରେ ଧାବମାନ। ଉଭୟେ ଲକ୍ଷ୍ମୀକାନ୍ତ ଓ ନିତ୍ୟାନନ୍ଦ ନାବକୁ ଏକା ପ୍ରକାର ବିମ୍ବ ଗ୍ରହଣ କରି ଜୀବନକୁ ଆଙ୍କିଛନ୍ତି। ଲକ୍ଷ୍ମୀକାନ୍ତ କେବଳ ଭଙ୍ଗା ଡଙ୍ଗା ବୋଲି କହନ୍ତି, ନିଜର ବ୍ୟାଧିଗ୍ରସ୍ତ ଶରୀରକୁ ଲକ୍ଷ୍ୟକରି। ଅନ୍ଧକାର ରାତ୍ରିରେ ଉଦାସୀ ଜୀବନ ଲୀନ ହେଇଯିବ। କବି ପଦ୍ମଚରଣ ପଟ୍ଟନାୟକ ମଧ୍ୟ 'ସୂର୍ଯ୍ୟମୁଖୀ' କବିତାରେ ଜୀବନର ଏକ ଚମତ୍କାର ଚିତ୍ର ଆଙ୍କିଛନ୍ତି :

"ଅଲୋକ ବର୍ତ୍ତିକା ପରି ଜ୍ୱଳେ ଏ ଜୀବନ
ମାନବ ଜୀବନାଲୋକ ଜଳେ କିଛିକ୍ଷଣ
ଆଲୋକ ମିଶଇ ଯେହ୍ନେ ଗଭୀର ଅନ୍ଧାରେ
ମାନବ ହରାଏ ସବୁ ମୃତ୍ୟୁ ପାରାବାରେ।"

ଉଇଲିୟମ ସେକ୍ସପିୟର ମଧ୍ୟ ଜୀବନକୁ ଚଳମାନ ଛାୟା (Walking shadow) ବୋଲି କହନ୍ତି। ଜୀବନ ରଙ୍ଗମଞ୍ଚରେ ମନୁଷ୍ୟ ଜଣେ ଅଭିନେତା ଏବଂ ତା ସଂଳାପ ଆବୃତ୍ତି କରୁକରୁ ହଠାତ୍ ନୀରବି ଯାଏ। କିଛି ସୋର ଶବ୍ଦ ଶୁଣାଯାଏନା। ବୁଦ୍ଧୁ ମୁହଁରେ ଭଣିତା ଜୀବନ ଏକ ଅଜବ କାହାଣୀ। (A tale told by an idiot), ଖାଲି ଧ୍ୱନି ଆଉ ଉଚ୍ଛ୍ୱାସ ଭରା, ଯାହାର ପରିଣତିରେ କିଛି ସନ୍ତକ ରହେନା (singifying nothing)। ଉପରୋକ୍ତ ତିନଜଣ କବିଙ୍କ ଚେତନାରେ ଜୀବନର ଛବି ପ୍ରାୟତଃ ସମାନ। ସେମାନେ ପରିବେଶକୁ ଚାହିଁ ଚିତ୍ରକଳ୍ପ ମଧ୍ୟରେ ଜୀବନର ଛବି ଆଙ୍କିଛନ୍ତି। ଏହା ନିଃସନ୍ଦେହ ଯେ କାନ୍ତ କବିଙ୍କ ଜୀବନ ସଙ୍ଗୀତରେ ଜୀବନର କରୁଣ ମୂର୍ଚ୍ଛନା ଭାକ୍ତିକ. ଚିତ୍ର ପରିସ୍ଫୁଟ।

***ଘର ନଂ ୧୧୭୫/୩୨୦୩, ଉପରସାହି, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬***

# ମହାଶକ୍ତି ହିଁ ବ୍ରହ୍ମଙ୍କ ଇଚ୍ଛାଶକ୍ତି

ପ୍ରଶାନ୍ତି ମିଶ୍ର

ସୃଷ୍ଟିସ୍ଥିତି ବିନାଶାନା ଶକ୍ତିଭୂତେ ସନାତନୀ
ଗୁଣାଶ୍ରୟେ ଗୁଣମୟେ ନାରାୟଣୀ ନମୋସ୍ତୁତେ ।

ଶକ୍ତିତତ୍ତ୍ୱ କହେ – ବ୍ରହ୍ମଙ୍କର ବହୁ ହେବାର ଇଚ୍ଛାରୁ ଜାତ ମହାଶକ୍ତି । ମହାଶକ୍ତି ହି ବ୍ରହ୍ମଙ୍କର ଇଚ୍ଛାଶକ୍ତି ସ୍ୱରୂପା । ତେଣୁ ଶାସ୍ତ୍ର କହେ–ସମସ୍ତ ଶକ୍ତିର ମୂଳ ସ୍ୱୟଂ ପରଂବ୍ରହ୍ମ । ତାଙ୍କରି ଇଚ୍ଛାରେ ତାଙ୍କ ଶକ୍ତି ବିଭିନ୍ନ ରୂପରେ ଏ ସୃଷ୍ଟିର ଭିତରେ ଏବଂ ବାହାରେ କ୍ରିୟାଶୀଳା ହୋଇ ସଂସାର ଲୀଳା, ସୃଷ୍ଟି ଲୀଳା ଓ ନିତ୍ୟଲୀଳା ସମ୍ପାଦନ କରୁଅଛନ୍ତି । ପ୍ରତ୍ୟେକ ଜୀବ ଏବଂ ବସ୍ତୁ ଭିତରେ ଥିବା ଶକ୍ତି ସବୁ ତାଙ୍କରି ଶକ୍ତିର ଉତ୍ସ ମାତ୍ର । ସୁରାସୁର, ସୂର୍ଯ୍ୟଚନ୍ଦ୍ର, ଗ୍ରହ–ନକ୍ଷତ୍ର ଏବଂ ନାଗ–ନରଙ୍କ ଭିତରେ କେବଳ ଏହି ବ୍ରହ୍ମଶକ୍ତି ହିଁ କ୍ରିୟା କରୁଛନ୍ତି । ତେଣୁ କୁହାଯାଇଛି ଯେ – ବ୍ୟକ୍ତି ବିଶେଷ ଅହଂକାର ବଶତଃ ଶକ୍ତିତତ୍ତ୍ୱକୁ ନବୁଝି ନିଜ ଭିତରେ ଥିବା ଶକ୍ତିକୁ ଏକାନ୍ତ ନିଜର ମନେ କରି ଆତ୍ମଗର୍ବ କରନ୍ତି । ତଦ୍ୱାରା ସେମାନେ ପରିଶେଷରେ ପ୍ରତାରିତ ହୋଇ ବିନାଶ ହୋଇଥାନ୍ତି ।

ଶକ୍ତି ବିଭିନ୍ନ କ୍ଷେତ୍ରରେ ଭିନ୍ନ ଭିନ୍ନ ପ୍ରକାରରେ କ୍ରିୟାଶୀଳ । ଏଥିପାଇଁ ଭିନ୍ନ ଭିନ୍ନ ପ୍ରକାର ଆଧାର ବା ମାଧ୍ୟମ ରହିଛି । ଯେଉଁମାନେ ଏହାକୁ ମାନୁନାହାନ୍ତି, ସେମାନେ ନିପାତ ହେଉଛନ୍ତି । ସୃଷ୍ଟିରେ ସବୁ ସଜୀବ, ନିର୍ଜୀବ ବ୍ରହ୍ମଶକ୍ତିଙ୍କ ଦ୍ୱାରା ଯେହେତୁ ପରିଚାଳିତ ହେଉଛନ୍ତି, ତେଣୁ ସୁରାସୁରଗଣଙ୍କୁ ମଧ୍ୟ ଏହି ଶକ୍ତିର ବଶୀଭୂତ ହେବାକୁ ପଡ଼ିବ । କିନ୍ତୁ ବେଳେ ବେଳେ ସେମାନେ କଠୋର ତପସ୍ୟା ବଳରେ ଅତ୍ୟନ୍ତ ଶକ୍ତିଶାଳୀ ହୋଇ ନାନାବିଧ ଧଂସମୂଳକ କ୍ଷୟକ୍ଷତି ଘଟାଇଥାନ୍ତି । ସମୟ କ୍ରମେ ମହାଶକ୍ତି ବା ବ୍ରହ୍ମଶକ୍ତି ସେମାନଙ୍କୁ ଦମନ କରି ହଟାଇଥାନ୍ତି । ଉଦାହରଣ ରହିଛି, କେବେ କେବେ ଦେବତାମାନେ ମଧ୍ୟ ଶକ୍ତିଙ୍କ ପରୀକ୍ଷାରେ ହାରିଯାଇଛନ୍ତି– ଉପନିଷଦରେ ଲେଖା ହୋଇ ରହିଛି ଏକଦା ଦେବୀ ଦେବତାମାନଙ୍କ ଗର୍ବ ଖର୍ବ କରିବା ପାଇଁ ବ୍ରହ୍ମଶକ୍ତି ହୈମବତୀ ଯକ୍ଷ ରୂପ ଧାରଣ କରି ଦେବତାମାନଙ୍କ ସମ୍ମୁଖରେ ଆବିର୍ଭୂତା ହେଲେ । ଅଗ୍ନିଦେବତାଙ୍କର ଦାହିକା ଶକ୍ତିକୁ ପରୀକ୍ଷା କରିବା ପାଇଁ ଖଣ୍ଡିଏ ତୃଣକୁ ଭସ୍ମ କରିଦେବାକୁ ଆଦେଶ ଦେଲେ । ଅଗ୍ନି ଯେତେ ଚେଷ୍ଟା କରିଲେ ମଧ୍ୟ ତୃଣ ଖଣ୍ଡିକୁ ଭସ୍ମ କରିପାରିଲେ ନାହିଁ । ତାପରେ ବାୟୁ ଦେବତାଙ୍କୁ ଆଦେଶ କଲେ ସେହି ତୃଣଖଣ୍ଡିକୁ ଉଡ଼ାଇ ଦେବାକୁ । ବାୟୁ ଦେବତା ତାଙ୍କ ଚେଷ୍ଟା ସତ୍ତ୍ୱେ ତୃଣଟିକୁ ହଲାଇ ପାରିଲେ ନାହିଁ । ଏହି ପରୀକ୍ଷାରେ ଦେବତାମାନଙ୍କ ଗର୍ବ ଭାଙ୍ଗି ଗଲା । ଦେବୀ ସେମାନଙ୍କୁ ବୁଝାଇ କହିଲେ ଯେ ସମସ୍ତ ଶକ୍ତି କେବଳ ବ୍ରହ୍ମଙ୍କର । ସମସ୍ତ ଶକ୍ତିର କେନ୍ଦ୍ର ହେଉଛନ୍ତି ସ୍ୱୟଂ ପରଂବ୍ରହ୍ମ । ଏକଥାକୁ ପ୍ରତ୍ୟେକେ ଉପଲବ୍ଧ କରିବା ହିଁ ଆଧ୍ୟାତ୍ମିକ ଜ୍ଞାନ ଏବଂ କଠୋର ସାଧନା ଦ୍ୱାରା ଏହି ଜ୍ଞାନ ଅର୍ଜନ କରାଯାଇପାରିଥାଏ ।

ପୁରାକାଳରେ ଶକ୍ତି ସାଧନାରେ ହିଁ ମହର୍ଷି, ତପସ୍ୱୀ, ବ୍ରହ୍ମର୍ଷି ଓ ମୁନିଋଷିମାନେ ମହାଶକ୍ତିର ଅଧିକାରୀ ହୋଇ ଗୌରବ ଅର୍ଜନ କରି ଜଗତ ବିଖ୍ୟାତ ବୋଲାଉଥିଲେ । ଅନେକ ରାଜା ମହାରାଜାଙ୍କ ଦରବାରରେ ତପଃଶକ୍ତି ସମନ୍ୱିତ ସନ୍ୟାସୀମାନଙ୍କର ସମ୍ମାନ ଓ ଆଦର ସର୍ବାଧିକ ଥିଲା । ସେମାନଙ୍କୁ ରାଜାମାନେ ରାଜଗୁରୁ ପଦରେ ଅବସ୍ଥାନ କରାଇ ତାଙ୍କ ଆଦେଶ, ଉପଦେଶ ଅନୁସାରେ ରାଜ୍ୟ ପରିଚାଳନା କରୁଥିଲେ । ତଦ୍ୱାରା ଦେଶରେ ଶାନ୍ତିଶୃଙ୍ଖଳା ଓ ସୁଖ–ସମୃଦ୍ଧି ବୃଦ୍ଧି ହୋଇପାରୁଥିଲା । ପ୍ରଜାକୁଳ ଶାନ୍ତିରେ ଦିନ କାଟୁଥିଲେ । ତଦ୍ଦ୍ୱାରା ରାଜାମାନଙ୍କର ମଧ୍ୟ ଯଶକୀର୍ତ୍ତି ବୃଦ୍ଧି ହେଉଥିଲା । ଆଧ୍ୟାତ୍ମିକ ଶକ୍ତିଶାଳୀ ଦେଶମାନ ସଦାସର୍ବଦା ସମ୍ମାନପ୍ରାପ୍ତି ହୋଇପାରିଥାନ୍ତି । କାରଣ ଆଧ୍ୟାତ୍ମିକ ଶକ୍ତି ଚୈତନ୍ୟ ସମନ୍ୱିତ ଶକ୍ତିର ଆଧାର ଥିଲା ।

ଶକ୍ତି ସାଧାରଣତଃ ପ୍ରକଟ ଅବସ୍ଥାରେ ପରିବ୍ୟାପ୍ତ ହୋଇ କ୍ରିୟାଶୀଳା ହୋଇଥାନ୍ତି । ସେହି ଶକ୍ତି ପୁଣି ଅପ୍ରକଟ ଅବସ୍ଥାରେ ସୃଷ୍ଟିରେ ବୀଜରୂପରେ ପରମ କାରଣରେ ସମାହିତ ହୋଇଥାନ୍ତି । ଏଣୁ ଶକ୍ତି ହେଉଛନ୍ତି – ତତ୍ତ୍ୱମୟୀ, ଭାବମୟୀ ଏବଂ କ୍ରିୟାମୟୀ ମଧ୍ୟ । ଏହା ବ୍ରହ୍ମଶକ୍ତିର ବିଶେଷ ବିକାଶ ମାତ୍ର । ତେଣୁ ଏହି ଶକ୍ତି ତତ୍ତ୍ୱକୁ ବୁଝିବା ଏବଂ ତାକୁ ଆୟତ୍ତ କରିବା ଅତ୍ୟନ୍ତ କଷ୍ଟସାଧ୍ୟ । ଶକ୍ତିଙ୍କୁ ଯେ ଆୟତ୍ତ୍ କରିପାରିଛନ୍ତି, ସେ ପ୍ରକୃତ ଶକ୍ତିଶାଳୀ ପୁରୁଷ ଏବଂ ପୁରୁଷୋତ୍ତମ ମଧ୍ୟ । କାରଣ ଶକ୍ତି କାହାର ବଶୀଭୂତା ନୁହଁନ୍ତି ।

ଶାସ୍ତ୍ରରେ ଉଦାହରଣ ରହିଛି ଏକଦା ଶକ୍ତିମାତା ଭଗବାନ ଶିବଙ୍କ ବାକ୍ୟକୁ ଲଂଘନ କରି ଦକ୍ଷଯଜ୍ଞକୁ ଚାଲିଯାଇଥିଲେ । ବିଶେଷ କାରଣ ବଶତଃ ଯଜ୍ଞ କୁଣ୍ଡରେ ସେ ଭସ୍ମୀଭୂତା ହେଲେ । ସେତିକି ବେଳେ ଭଗବାନ ଶିବ ଜାଣିଲେ ଯେ ଶକ୍ତି କାହାରି ବଶୀଭୂତା ନୁହନ୍ତି । ସେ ପୁନର୍ବାର କଠୋର ତପସ୍ୟାରତ ରହି ଶକ୍ତିଙ୍କୁ ପାଇପାରିଥିଲେ । ଏହି ଉଦାହରଣରୁ ଜଣାପଡ଼େ ଯେ ମହାଶକ୍ତି ହିଁ ବ୍ରହ୍ମଶକ୍ତି ।

ମହାଶକ୍ତି ସ୍ୱୟଂ କୋଟି କୋଟି ବ୍ରହ୍ମାଣ୍ଡର ସୃଷ୍ଟି, ସ୍ଥିତି ଓ ପ୍ରଳୟାଦି କର୍ମରେ ବ୍ୟସ୍ତ ରହି ସୁଦ୍ଧା ଅନ୍ତରରେ ଜଗଦ୍‌ଗୁରୁଙ୍କ ଚିନ୍ତାରେ ମଗ୍ନ ରହିଥାନ୍ତି । ତାଙ୍କର ସଂପୂର୍ଣ୍ଣ ଦୃଷ୍ଟି ପରଂବ୍ରହ୍ମଙ୍କ ଆଡ଼କୁ ରଖି ଟିକିଏ ଆଡ଼ଆଖିରେ ବିଶ୍ୱସୃଷ୍ଟିକୁ ନିରୀକ୍ଷଣ କରୁଥାନ୍ତି । ଏହି ମହାଶକ୍ତିକୁ ବ୍ରହ୍ମାଣ୍ଡର ଆଧ୍ୟାତ୍ମିକା ଶକ୍ତି ବୋଲି କୁହାଯାଇପାରେ । ଏହି ଶକ୍ତିକୁ ଆଧ୍ୟାତ୍ମିକ ସାଧନ ଓ ସନ୍ଥଙ୍କୁ ସାଧନ ପଥରେ ବିଘ୍ନ ସୃଷ୍ଟି କରାଉଥିବା ବୃତ୍ତି କବଳରୁ ରକ୍ଷା କରି ଦିବ୍ୟ ଜୀବନ ପ୍ରଦାନ ପୂର୍ବକ ଗୁରୁଇଷ୍ଟଙ୍କ ସମୀପରେ ପହଞ୍ଚାଇ ଦେଇଥାନ୍ତି । ଏହାଦ୍ୱାରା ସାଧକମାନେ ମହାଶକ୍ତିଙ୍କ ସ୍ୱରୂପ ଲାଭ କରି ଭଗବତ୍ ସାରୂପ୍ୟରେ ପ୍ରତିଷ୍ଠିତ ହୋଇପାରିଥାନ୍ତି । ଏହାଦ୍ୱାରା ପୂର୍ଣ୍ଣତ୍ୱ ପ୍ରାପ୍ତି ହୋଇଥାଏ ।

ଶାସ୍ତ୍ରବଚନ ରହିଛି – ଶକ୍ତିର ମୂଳ ଉତ୍ସ ଅନ୍ତର ରାଜ୍ୟରେ ସର୍ବଦା ବିଦ୍ୟମାନ । ବାହାରେ ଏହାକୁ ପାଇବାକୁ ଚେଷ୍ଟା କଲେ, ସବୁ ଚେଷ୍ଟା ବିଫଳତାରେ ପରିଣତ ହୁଏ । ତେଣୁ ପ୍ରକୃତ ଜ୍ଞାନୀମାନେ, ସିଦ୍ଧ ସାଧୁମାନେ ଏବଂ ମହାପୁରୁଷମାନେ ସଦାସର୍ବଦା ମୌନ ଓ ଧୀରସ୍ଥିର ରହି ଭଗବତ୍ ଚିନ୍ତାମଗ୍ନ ହୋଇ ଶକ୍ତିଙ୍କୁ ଲାଭ କରିଥାନ୍ତି । ସେମାନଙ୍କର ମନ ସଦାସର୍ବଦା ଅନ୍ତର୍ମୁଖୀ ରହି ସ୍ଥିର ଅବସ୍ଥାରେ ଅବସ୍ଥାନ କରନ୍ତି । ବହିର୍ମୁଖୀ ମନ କେବେହେଲେ ଅନ୍ତଃଶକ୍ତିର ସନ୍ଧାନ ଲାଭ କରିପାରିନାହିଁ ।

ମହାଶକ୍ତି ବା ଆଧ୍ୟାତ୍ମିକ ଶକ୍ତି ବଳରେ ମନୁଷ୍ୟ ସମସ୍ତ ପ୍ରକାର କାର୍ଯ୍ୟ ପରିଚାଳନାରେ ଦକ୍ଷତା ଲାଭ କରିଥାଏ । ଯଥା :– ସଂସାର ପରିଚାଳନା, ସମାଜ ପରି ଚାଳନା, ସଂଘ ପରିଚାଳନା ଓ ଅନୁଷ୍ଠାନ ପରିଚାଳନା ଇତ୍ୟାଦିରେ ତାଙ୍କ ପରିଚାଳନାର ଦକ୍ଷତା ଓ ନିଷ୍ଠା ସମସ୍ତଙ୍କୁ ସନ୍ତୁଷ୍ଟ କରିଥାଏ ।

ଶାସ୍ତ୍ରବଚନ ରହିଛି – ଆଧ୍ୟାତ୍ମିକ ଶକ୍ତିକୁ ଯେହେତୁ ବ୍ରହ୍ମଶକ୍ତି କୁହାଯାଏ, ତେଣୁ ବ୍ରହ୍ମରୁ ଜୀବ ଓ ଜୀବରୁ ବ୍ରହ୍ମସ୍ୱରୂପ ପ୍ରାପ୍ତିର କାରଣ ହୁଏ । ଜୀବକୁ କେନ୍ଦ୍ରକରି ଆଧ୍ୟାତ୍ମିକ ଶକ୍ତିର ଲୀଳାଭିନୟ ସୃଷ୍ଟି, ସ୍ଥିତି, ଲୟ ମାଧ୍ୟମରେ ଅନନ୍ତ କାଳ ଧରି ଚାଲିଛି । ଏହା ହିଁ ଆନନ୍ଦ ସ୍ୱରୂପୀଣି । ଏହି ଆନନ୍ଦ ସ୍ୱରୂପୀଣି ଶକ୍ତି ହିଁ ଜୀବନକୁ ଶିବତ୍ୱରେ ରୂପାନ୍ତରିତ କରିଥାଏ । ଏହାର ଅନ୍ତର ମଧ୍ୟରେ ରହିଥାଏ ଲୀଳାନନ୍ଦ, ଆତ୍ମାନନ୍ଦ, ବ୍ରହ୍ମାନନ୍ଦର ସମସ୍ତ ଉତ୍ସ । ଏହି ଆଧ୍ୟାତ୍ମିକ ଶକ୍ତି ବା ବ୍ରହ୍ମାନନ୍ଦ ଶକ୍ତିର ଶରଣ ହିଁ ଏକମାତ୍ର ଶ୍ରେଷ୍ଠ ସାଧନା ।

ବେଦ ବଚନ ରହିଛି – ଶକ୍ତି କନ୍ୟାୟେ ନମଃ

*ସି–୮୯ ଏଚ.ଆଇ.ଜି*
*ବରମୁଣ୍ଡା ହାଉସିଂ ବୋର୍ଡ୍ କଲୋନୀ*
*ଭୁବନେଶ୍ୱର – ୭୫୧୦୦୩*
*ଦୂରଭାଷ: ୯୪୩୭୦୭୫୨୪୫*

# ଐତିହାସିକ ସହର ସୋନପୁରରେ ବୁଢ଼ୀମା' ଯାତ୍ରା

## ଅଧ୍ୟାପକ ପବିତ୍ର ମୋହନ ବାରିକ

ମନ୍ଦିର ମାଳିନୀ ଐତିହାସିକ ସହର ସୋନପୁର ତା'ର ନିଜସ୍ୱ ପରିଚୟ ପାଇଁ ସର୍ବଦା ପ୍ରଶଂସିତ ଓ ସମ୍ମାନୀତ। ମହାନଦୀ ଓ ତା'ର ଉପନଦୀ ତେଲର ସଙ୍ଗମ ସ୍ଥଳରେ ସୁବର୍ଣ୍ଣପୁର ଜିଲ୍ଲାର ସଦର ମହକୁମା ସୋନପୁର ଅବସ୍ଥିତ। ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ତ୍ରିବେଣୀସଙ୍ଗମ ପ୍ରୟାଗରାଜ ସୃଷ୍ଟି ହେଲା ଭଳି ସୋନପୁରରେ ହୀରାପ୍ରସୂ (ମହାନଦୀ) ତୈଳବାହୀ (ତେଲନଦୀ), କର୍ପୂର ନଦୀର ତ୍ରିବେଣୀ ସଙ୍ଗମ ଘଟିଛି। ଏଥିପାଇଁ ଏହାକୁ ସାକ୍ଷାତ ବାରଣାସୀ "ତଥା ଭାରତର ଦ୍ୱିତୀୟ ପ୍ରୟାଗକ୍ଷେତ୍ର" ବୋଲି କୁହାଯାଏ। ଐତିହାସିକ ସହର ସୋନପୁର ଅଷ୍ଟ 'ମ' କାର ପାଇଁ ପ୍ରସିଦ୍ଧ ଯଥା :- ମନ୍ଦିର, ମହାନଦୀ, ମଲ୍ଲିଫୁଲ, ମୁଗ, ମଙ୍ଗଳ ମାଛ, ମଠାପାଟ, ମଙ୍ଗା। ସୋମବଂଶୀ, ତେଲୁଗୁଚୋଡ଼, କାଳଚୁରୀ, ଗଙ୍ଗ ଓ ଚୌହାଣ ରାଜବଂଶ ସୋନପୁରକୁ କେନ୍ଦ୍ର କରି ଶାସନ କରି ଆସୁଥିଲେ। ଅନେକ ରାଜବଂଶର ସ୍ମୃତି ଚିହ୍ନକୁ ନିଜ ବକ୍ଷରେ ଧାରଣ କରିଛି ସୋନପୁର। ବୈଷ୍ଣବ, ଶୈବ୍ୟ, ଶାକ୍ତ, ସୌର ପ୍ରଭୃତି ହିନ୍ଦୁଧର୍ମର ବିଭିନ୍ନ ସଂପ୍ରଦାୟ ମଧ୍ୟରେ ମହା ସମନ୍ୱୟ ଦେଖିବାକୁ ମିଳେ ସୋନପୁର ମାଟିରେ। ଯନ୍ତ୍ର, ମନ୍ତ୍ର, ତନ୍ତ୍ରର ଅପୂର୍ବ ଜୀବନ୍ୟାସ ଘଟିଛି ଏହି ପବିତ୍ର ସୋନପୁର ମାଟିରୁ। ସମ୍ଭକର ରାଜା ଉନ୍ଦୁଭୂତିଙ୍କ ଭଗ୍ନୀ ଲକ୍ଷ୍ମୀକରା। ସୋନପୁର ରାଜା ଜଳେନ୍ଦ୍ରଙ୍କ ପୁତ୍ରବଧୂ (ଶିବୋଲାଙ୍କ ପତ୍ନୀ)। ଲକ୍ଷ୍ମୀକରା(ଖ୍ରୀ ୭୨୯) ସୋନପୁରରୁ ଆରମ୍ଭ କରିଥିଲେ ବୌଦ୍ଧ ସହଜଯାନ। ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ସାଧାରଣ ବର୍ଗର ସାତଜଣ ତନ୍ତ୍ର କୁମାରୀ ଯଥା :- ଜ୍ଞାନଦେଇମାଲୁଣୀ, ସୁକୁଟୀ ଚମାରୁଣୀ, ଗାଙ୍ଗୀ ଗଉଡୁଣୀ, ପତର ପିନ୍ଧି ସଉତୁଣୀ., ଲୋହକୁଟା ଲୁହୁରାଣୀ, ନିତାଇ ଧୋବଣୀ ଓ ଶୁଆ ତେଲୁଣୀ ତନ୍ତ୍ର ସାଧନାରେ ନିମଗ୍ନ ହୋଇ ସିଦ୍ଧି ଲାଭ କରିଥିଲେ। ଏମାନଙ୍କୁ ସାତବାହିନୀ କୁହାଯାଏ। ଉପରୋକ୍ତ ସାତବାହିନୀଙ୍କ ପୂଜା ଅଦ୍ୟାବଧି ପ୍ରଚଳିତ ଅଛି। ସୋନପୁର ସହରର ମନ୍ଦିର ସଂସ୍କୃତି, ମହାନଦୀ, ଓ ଭଗ୍ନ ରାଜବାଟୀ ପ୍ରଭୃତି ଆକୃଷ୍ଟ କରେ ବହୁ ଧର୍ମପ୍ରାଣ ଶ୍ରଦ୍ଧାଳୁ ବ୍ୟକ୍ତି ବିଶେଷ, ସୌନ୍ଦର୍ଯ୍ୟପିପାସୁ ପର୍ଯ୍ୟଟକ, ଅଭିସନ୍ଧିସୁ ପ୍ରଜ୍ଞାଦୀପ୍ତ ଐତିହାସିକ, ଗବେଷକ ଓ ବିଦ୍ୱାନମାନଙ୍କୁ। ସୋନପୁର ସହରରେ ରହିଛି ଅଷ୍ଟଶମ୍ଭୁ, ଅଷ୍ଟବିଷ୍ଣୁ, ଅଷ୍ଟଚଣ୍ଡି ଓ ଅଷ୍ଟ ହନୁମାନ ମନ୍ଦିର ସମେତ ୧୦୮ ମନ୍ଦିର। ମନ୍ଦିରମାଳିନୀ ଐତିହ୍ୟସମ୍ପନ୍ନ ସହର ସୋନପୁରରେ ଅନେକ ମନ୍ଦିର ପ୍ରାଚୀନ ମଧ୍ୟ ଓ ଆଧୁନିକ ଯୁଗର ସଗର୍ବେ ଦଣ୍ଡାୟମାନ ହୋଇ ଏହାର ଗୌରବୋଜ୍ଜ୍ୱଳ ଇତିହାସର ସ୍ମୃତିଚାରଣ କରୁଛି। ସୁବର୍ଣ୍ଣପୁର ଜିଲ୍ଲା ତଥା ସୋନପୁର ସହରରେ ବିଭିନ୍ନ



ସମୟରେ ଭିନ୍ନ ଭିନ୍ନ ଓଷା, ବ୍ରତ, ଉପାସନା ଯାନିଯାତ୍ରା, ଉତ୍ସବ ଓ ମହୋତ୍ସବ ପାଳିତ ହୋଇ ପୁଣ୍ୟ ଉତ୍କଳର ସାଂସ୍କୃତିକ ସମ୍ଭାରକୁ ସମୃଦ୍ଧ କରୁଅଛି।

ବୁଢ଼ୀମା' ଯାତ୍ରା ସୋନପୁରର ସାଂସ୍କୃତିକ ବିଭବମାନଙ୍କ ମଧ୍ୟରୁ ଅନ୍ୟତମ। ପରମ୍ପରା ଅନୁଯାୟୀ ଆଶ୍ୱିନ ଶୁକ୍ଳ ଚତୁର୍ଦ୍ଦଶୀ ତିଥି ସନ୍ଧ୍ୟାରେ ଏହି ଯାତ୍ରା ଆରମ୍ଭ ହୋଇଥାଏ। ସୋନପୁରର ଢେରାପଡ଼ାରେ ଥିବା ଅଧିଷ୍ଠାତ୍ରୀ ଦେବୀ ବୁଢ଼ୀ ମା'ଙ୍କ ମନ୍ଦିର ପରିସର ଏହି ଯାତ୍ରାର ମୂଳପୀଠ। ଦକ୍ଷିଣ ଭାରତୀୟ ଆସ୍ଥା, ବିଶ୍ୱାସ ଓ ପରମ୍ପରାରେ ବିଶ୍ୱାସ ରଖିଥିବା ଢେରା ସମ୍ପ୍ରଦାୟ ଏହି ଯାତ୍ରାକୁ ପାଳନ କରିଥାନ୍ତି। ଏହି ଯାତ୍ରାକୁ ତେଲୁଗୁ ଭାଷାରେ "ଗୌରାମ୍ମା ସାମ୍ବାଲୁ" ମଧ୍ୟ କୁହାଯାଏ। ଢ଼େରା ସଂପ୍ରଦାୟର ଏହି ଅନନ୍ୟ ପରମ୍ପରା ବିମଣ୍ଡିତ ଶିବ-ଶକ୍ତି ଉପାସନାକୁ ହରଗୌରୀ ଯାତ୍ରା କୁହାଯାଏ। ଏହି ବୁଢ଼ୀ ମା' ଯାତ୍ରା ବା ହରଗୌରୀଯାତ୍ରାର ଉତ୍ପତ୍ତି ସଂପର୍କରେ ଏକ ରୋଚକ କଥା ଶୁଣିବାକୁ ମିଳେ। ସୋନପୁର ରାଜା ନୀଳଧର ସିଂହଦେଓଙ୍କ ପୁତ୍ର ପ୍ରତାପ ରୁଦ୍ର ସିଂହଦେଓ (୧୮୯୧-୧୯୦୨)ଙ୍କ ବିବାହ ଉପଲକ୍ଷେ ବିଭିନ୍ନ ପ୍ରକାର ପାଟଶାଢ଼ୀ ମଗାଇଥିଲେ। ବନାରସୀ, ଖଣ୍ଡୁଆପାଟ ପ୍ରଭୃତି ପାଟଶାଢ଼ୀ ସଂଗ୍ରହ କରିଥିଲେ ମଧ ବ୍ରହ୍ମପୁର ପାଟଶାଢ଼ୀ ତାଙ୍କର ହସ୍ତଗତ ହୋଇପାରିନଥିଲା। ବ୍ରହ୍ମପୁର ପାଟଶାଢ଼ୀ ବୁଣାକାର ଭଗବାନ ସେନାପତିଙ୍କ ସହିତ ଯୋଗାଯୋଗ ରଖି ରାଜା ନିଜର ଆବଶ୍ୟକତା ଅନୁଯାୟୀ ପାଟଶାଢ଼ୀ ମଗାଇଥିଲେ। ରାଜା ନୀଳଧର ସିଂହଦେଓ ବ୍ରହ୍ମପୁରୀ ପାଟଶାଢ଼ୀରେ ଅତ୍ୟନ୍ତ ପ୍ରୀତ ହୋଇ ଭଗବାନ ସେନାପତିଙ୍କୁ ସୋନପୁରୀ ଗଡଜାତ ରାଜ୍ୟରେ ବସତି ସ୍ଥାପନ ପାଇଁ ନିମନ୍ତ୍ରଣ କରିଥିଲେ। ଭଗବାନ ସେନାପତି ଗଡଜାତ ରାଜାଙ୍କ ନିମନ୍ତ୍ରଣ ରକ୍ଷା କରି କିଛି ଜାତି କୁଟୁମ୍ବଙ୍କୁ ସଙ୍ଗରେ ଧରି ସୋନପୁରରେ ପହଞ୍ଚିଲେ ଏବଂ ରାଜାଙ୍କ ଗଡଖାଇ ନିକଟରେ ବସବାସ କଲେ। କୁଟୀର ଶିଳ୍ପର ପ୍ରଚାର ପ୍ରସାର ଦିଗରେ ରାଜାଙ୍କର ପ୍ରବଳ ଆଗ୍ରହ ଦେଖି ସେନାପତି ପରିବାର ଅତ୍ୟନ୍ତ ଉତ୍ସାହିତ ହୋଇଥିଲେ। ରାଜାଙ୍କ ଅନୁରୋଧ ରକ୍ଷା କରି ସେମାନେ ସୋନପୁର ଆସିଥିବାରୁ ରାଜା ଏକ ସ୍ୱତନ୍ତ୍ର ଉତ୍ସବରେ ସେହି ସେନାପତିଙ୍କୁ ପାତ୍ର ଉପାଧିରେ ଭୂଷିତ କରିଥିଲେ। ସୋନପୁରର ଢ଼େରା ସଂପ୍ରଦାୟର ସମସ୍ତେ ପାତ୍ର ସଞ୍ଜ୍ଞା ଧାରଣ କରିଛନ୍ତି। ଭଗବାନ ସେନାପତି ବ୍ରହ୍ମପୁରର ସୋନପୁର ଆସିବା ସମୟରେ ତାଙ୍କର ଇଷ୍ଟଦେବୀ ବୁଢ଼ୀ ମା'ଙ୍କୁ ସଙ୍ଗରେ ଆଣି ଏକ ବୃହତ ତେନ୍ତୁଳି ଗଛମୂଳରେ ସ୍ଥାପନ କରି ପୂଜାର୍ଚ୍ଚନା କରୁଥିଲେ। ଘର ପୋଡି ଯୋଗୁ ସେହି ତେନ୍ତୁଳି ଗଛ ପୋଡି ଯିବାରୁ ଢ଼େରା ସଂପ୍ରଦାୟର ବ୍ୟକ୍ତିମାନେ ନିଜ ଉଦ୍ୟମରେ ଏଠାରେ ଏକ ଭବ୍ୟ ମନ୍ଦିର ମା'ଙ୍କ ଉଦ୍ଦେଶ୍ୟରେ ନିର୍ମାଣ କଲେ। ଏହା ସଂପୂର୍ଣ୍ଣ ଭାବେ ଦକ୍ଷିଣ ଭାରତୀୟ ଶୈଳୀରେ ନିର୍ମାଣ କରାଯାଇଅଛି। ସେ ସମୟରୁ ଭଗବାନ ସେନାପତି ଓ ତାଙ୍କର ବଂଶଧରମାନେ ବୁଢ଼ୀମା' ଦେବୀଙ୍କର ସେବାପୂଜା କରି ଆସୁଛନ୍ତି। ସେଥି କ୍ରମରେ ହରଗୌରୀ ଯାତ୍ରା ବା ବୁଢ଼ୀମା' ଯାତ୍ରା ସେହି ସମୟରୁ ପାଳିତ ହୋଇଆସୁଅଛି। ବୁଢ଼ୀ ମା' ଯାତ୍ରାର ପରମ୍ପରା ଅନୁଯାୟୀ ସୁବର୍ଣ୍ଣପୁର ଜିଲ୍ଲାର ଇଷ୍ଟଦେବତା ସୁବର୍ଣ୍ଣମେରୁ ମହାଦେବଙ୍କ ନିଜସ୍ୱ ଚାଷଜମିରୁ ଏକ ଧାନଗଛକୁ ପୁଷ୍ପ ଚନ୍ଦନ ଦିଆଯାଇ ବରଣ କରାଯାଏ ଏବଂ ଏକ ଥାଳିରେ ସ୍ଥାପନ କରାଯାଏ।

ଏହାକୁ ମା' ଗୌରୀଙ୍କ ନାମରେ ଆବାହନ କରାଯାଏ। ପରେ ଜଣେ ଅବିବାହିତ ଯୁବକ ମା' ଗୌରୀଙ୍କୁ ମସ୍ତକରେ ଧାରଣ କରି ଏକ ବିରାଟ ଶୋଭାଯାତ୍ରାରେ ବୁଢ଼ୀ ମା'ଙ୍କ ମନ୍ଦିର ନିକଟକୁ ଆସିଥାନ୍ତି। ମା'ଙ୍କୁ ସ୍ୱାଗତ ନିମନ୍ତେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଘରମାନଙ୍କର ଦ୍ୱାରରେ ପୂର୍ଣ୍ଣକୁମ୍ଭ ସ୍ଥାପନ ସହିତ ଦୀପ ଜଳାଯାଏ। ପରବର୍ତ୍ତୀ ଦିନ କୁମାର ପୂର୍ଣ୍ଣିମା ଅବସରରେ ପ୍ରତ୍ୟେକ ଘରୁ ମା'ଙ୍କୁ ଅର୍ପଣ ନିମନ୍ତେ ଖୀରୀ ଓ ପିଠା ଆସିଥାଏ। ତହିଁ ପରଦିନ ଢ଼େରାପଡ଼ା ସାହିତ ଜଣେ ଯୁବକ ସୋନପୁର ସହର ଓ ନିକଟସ୍ଥ ଗ୍ରାମମାନଙ୍କୁ ଯାଇ ହରଗୌରୀ ଯାତ୍ରାର ଶୁଭାରମ୍ଭ ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇଥାନ୍ତି। ଦୀର୍ଘ ନଅ ଦିନ ଧରି ହରଗୌରୀ ଯାତ୍ରା ଆୟୋଜିତ ହୋଇଥାଏ। ଯାତ୍ରାର ଦ୍ୱିତୀୟ ଦିବସରେ ସୋନପୁର ସହରର ତତ୍କାଳୀନ ବଣିଆ ସ୍ୱର୍ଗତ ଗୋରେଖ ନାଥ ସାହୁଙ୍କ ଘରୁ ଏରଭାର୍ଦୁଡୁ ସ୍ୱାମୀଙ୍କ ବା ଦେବଦେବ ମହାଦେବଙ୍କୁ ଆବାହନ କରି ଅଣାଯାଇ ପରବର୍ତ୍ତୀ ଦିନମାନଙ୍କରେ ହରଗୌରୀଙ୍କ ନିକଟରେ ଷୋଡଶୋପଚାରରେ ପିଠା ପୂଜାର୍ଚ୍ଚନା କରାଯାଇ ପରମ୍ପରା କ୍ରମେ ବିରି ଚକୁଳି ପିଠା ଭୋଗ ଲାଗି କରାଯାଏ। ପ୍ରତ୍ୟେକ ଦିନ ଅନ୍ତରରେ ସନ୍ଧ୍ୟା ସମୟରେ ଏକ ଆକର୍ଷଣୀୟ ବର୍ଣ୍ଣାଢ୍ୟ ଉତ୍ସବ ଆୟୋଜିତ ହୋଇ ହର ଓ ଗୌରୀଙ୍କୁ ଦୁଇଜଣ ବିବାହିତ ମହିଳା ମସ୍ତକରେ ଧାରଣ କରି ସାହି ପରିକ୍ରମ କରିଥାନ୍ତି। ଏହି ସମୟରେ ଦାଣ୍ଡ କୁମୁ ବା ତେଲୁଗୁ ସ୍ତୋତ୍ର ଗାନ କରାଯାଇ ହରଗୌରୀଙ୍କୁ ପ୍ରତ୍ୟେକ ଘର ଆଗରେ ବନ୍ଦାଣ କରାଯାଏ। ଏହି ଅବସରରେ କୁଡୁମୁଲୁ ନାମକ ଏକ ସ୍ୱତନ୍ତ୍ର ପିଠା ପ୍ରସ୍ତୁତ କରି ଡେରାପଡାର ବାସିନ୍ଦାମାନେ ହରଗୌରୀଙ୍କ ନିକଟରେ ଅର୍ପଣ କରନ୍ତି। ହରଗୌରୀ ଯାତ୍ରା ଅବସରରେ ପ୍ରତିଦିନ ସକାଳେ ସୁପ୍ରଭାତମ୍ , ଶିବସହସ୍ରନାମ, ରୁଦ୍ରାଭିଷେକ, ମହାପୂଜା, ଓ ଅପରାହ୍ନରେ ସ୍ୱତନ୍ତ୍ର କୁଙ୍କୁମ ପୂଜା କରାଯାଇଥାଏ। ପ୍ରତିବର୍ଷେ ଅନ୍ତରରେ ଏହି ଯାତ୍ରା ଆୟୋଜିତ ହେଉଥିବାରୁ ଏହାର ସ୍ୱତନ୍ତ୍ର ଆକର୍ଷଣ ରହିଥାଏ। ପୂର୍ବେ ସାହିର ଯୁବକ ଓ ବୃଦ୍ଧମାନେ ବିଭିନ୍ନ କୌତୁହଳ ପୋଷାକରେ ସୁସଜ୍ଜିତ ହୋଇ ବିଭିନ୍ନ ସ୍ଥାନକୁ ଯାଇ ଯାତ୍ରାର ସୂଚନା ଦେବା ସହିତ କିଛି ଚାନ୍ଦା ସଂଗ୍ରହ କରୁଥିଲେ। ଏବେ ମଧ ଏହି ପରମ୍ପରାକୁ ବଜାୟ ରଖିଛନ୍ତି। ମାନସିକଧାରୀମାନେ ବିଭିନ୍ନ ପୋଷାକରେ ସୁସଜ୍ଜିତ ହୋଇ ବିଭିନ୍ନ ସ୍ଥାନକୁ ଯାଇ ଚାନ୍ଦା ସଂଗ୍ରହ କରନ୍ତି। ଯାତ୍ରାର ଶେଷ ଦିନରେ ହରଗୌରୀଙ୍କୁ ବିଭିନ୍ନ ଲୋକନୃତ୍ୟ ସହ ନଗର ପରିକ୍ରମା କରି ମହାନଦୀରେ ବିସର୍ଜନ କରାଯାଇଥାଏ। ଏହି ଯାତ୍ରା ଆଞ୍ଚଳିକ ସ୍ତରରେ ହେଲେ ମଧ ବିଭିନ୍ନ ସ୍ଥାନରେ ଥିବା ବୁଢ଼ୀମା'ଙ୍କ ଭକ୍ତମାନେ ନିଜ ସାମର୍ଥ୍ୟ ଅନୁଯାୟୀ ଚାନ୍ଦା ଦେଇଥାନ୍ତି। ବୁଢ଼ୀ ମା'ଙ୍କ ସନ୍ତୋଷ ବିଧାନ ନିମନ୍ତେ ଭକ୍ତମାନେ "କାଠି ପକାଇବା ଉତ୍ସବ" ପାଳନ କରନ୍ତି। ସମୟ ସମୟେ ବୁଢ଼ୀ ମା' ନାରୀମାନଙ୍କ ଶରୀରରେ ଆବିର୍ଭାବ ହୋଇ ଭକ୍ତମାନଙ୍କର ଗୁହାରୀ ଶୁଣିଥାନ୍ତି। ଶିବଶକ୍ତି ଉପାସନା ଏକତା, ସଂହତି ଓ ସଦ୍ଭାବନାର ଚରମ ନିଦର୍ଶନ ଯାହା ସୋନପୁରର ସାଂସ୍କୃତିକ ଇତିହାସକୁ ମହିମା ମଣ୍ଡିତ କରୁଅଛି।

*ଇତିହାସ ବିଭାଗ, ସନାତନ ହରିଚନ୍ଦନ*
*ମହାବିଦ୍ୟାଳୟ, ମଦନପୁର,*
*ଖୋର୍ଦ୍ଧା- ୭୫୨୦୫୪*
*ଦୂରଭାଷ: ୮୮୯୫୧୯୦୪୭୫*

# ଖଲ୍ଲିକୋଟ ରାଜା ମହାମତି ରାମଚନ୍ଦ୍ର ଦେଓ ମର୍ଦ୍ଦରାଜ

**ଶକୁନ୍ତଳା ବଳିଆରସିଂହ**

ଭାଷାଭିତ୍ତିରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଲାଭ କରେ ୧୯୩୬ ମସିହା ଏପ୍ରିଲ ପହିଲାରେ। ଏତାଦୃଶ ମାନ୍ୟତା ଲାଭ କରିବାରେ ଓଡ଼ିଶା ଥିଲା ପ୍ରଥମ। ଏହା ଦ୍ୱାରା ଓଡ଼ିଆ ଭାଷାର ପ୍ରାଚୀନତା ଓ ମହନୀୟତା ପ୍ରତିଷ୍ଠିତ ହୋଇଥିଲା।

ଓଡ଼ିଶା ପ୍ରଦେଶ ଏହି ସ୍ୱତନ୍ତ୍ରତା ଲାଭ କରିବାରେ ଦକ୍ଷିଣ ଓଡ଼ିଶାର ରାଜା ମହାରାଜାମାନଙ୍କ ଅବଦାନ ଥିଲା ଅସୀମ। ବିଶେଷ ଭାବରେ ଖଲ୍ଲିକୋଟ ରାଜା ହରିହର ଦେଓ ମର୍ଦ୍ଦରାଜ ଓ ତାହାଙ୍କ ସୁପୁତ୍ର ରାଜା ରାମଚନ୍ଦ୍ର ଦେଓ ମର୍ଦ୍ଦରାଜଙ୍କ ଦେଶଭକ୍ତି ଓ କଠିଣ ପରିଶ୍ରମ ପ୍ରଦେଶଗଠନ କାର୍ଯ୍ୟକୁ ସୁଗମ କରାଇଥିଲା।

ରାଜା ରାମଚନ୍ଦ୍ର ଦେଓଙ୍କ ବିଷୟରେ ଆଲୋଚନା ଯଥେଷ୍ଟ ନହେଲେ ହେଁ ତାହାଙ୍କ ଇତିହାସ ପ୍ରସିଦ୍ଧି ରାଜ୍ୟର ସୀମା ଲଂଘି ଦିଗବଳୟକୁ ଛୁଇଁ ପାରିଛି।

ରାଜ୍ୟ ଖଲ୍ଲିକୋଟ, ଉତ୍କଳ କମଳା ବିଳାସ ଦୀର୍ଘିକା ଚିଲିକାଠାରୁ ଅନତିଦୂରେ ଅବସ୍ଥିତ। ଅନେକ ପାହାଡ, ଜଙ୍ଗଲ, ଝରଣା, ନଦୀନାଳ ବେଷ୍ଟିତ ଏହି ରାଜ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ।

ପିତା ହରିହର ମର୍ଦ୍ଦରାଜ ଓ ମୟୂରଭଂଜ ରାଜଜେମା କନକମଂଜରୀଙ୍କ କୋଳମଣ୍ଡନ କରି ରାମଚନ୍ଦ୍ର ଭୂମିଷ୍ଠ ହୋଇଥବଲେ ୧୯୦୦ ମସିହା ଜାନୁଆରୀ ମାସ ତେର ତାରିଖରେ। ୧୯୦୯ ରେ ପିତା ହରିହରଙ୍କ ମୃତ୍ୟୁ ବେଳକୁ ରାମଚନ୍ଦ୍ର ମାତ୍ର ନଅବର୍ଷର ବାଳକ। ମାତା କନକମଂଜରୀ ନିଜର ସମସ୍ତ ଦୀକ୍ଷା ଓ ସଂସ୍କାର ଦେଇ ପୁତ୍ରକୁ ଆତ୍ମବଳ ଓ ନୈତିକତା ବଳରେ ବଳୀଆନ କରି ଗଢ଼ିବା ଚେଷ୍ଟାରେ ଲାଗି ପଡ଼ିଥିଲେ।

ମାନ୍ଦ୍ରାଜର ନେୱିଂଗଟନ କଲେଜରେ ଉଚ୍ଚ ଶିକ୍ଷା ଲାଭ କରିବା ସହିତ ମାତୃଦତ୍ତ ନୀତିନିଷ୍ଠତା, କରୁଣା, ଶୃଙ୍ଖଳା ବଳରେ ସର୍ବଗୁଣସମ୍ପନ୍ନ ଶାସକ ରୂପେ ଖୁବଶୀଘ୍ର ଉଭା ହେଲେ ରାମଚନ୍ଦ୍ର ଓ ଅଠରବର୍ଷ ଉପରାନ୍ତେ ଖଲ୍ଲିକୋଟ ରାଜସିଂହାସନରେ ଅଧିଷ୍ଠିତ ହେଲେ।

୧୯୨୨ ମସିହାରେ ଗଞ୍ଜାମ ଜିଲ୍ଲା ପରିଷଦର ସଭାପତି ରୂପେ ମନୋନୀତ ହୋଇ ସମଗ୍ର ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ସାଧନ କାର୍ଯ୍ୟରେ ନିଜର ସମସ୍ତ ଶକ୍ତି ଖଟାଇ ଦେଲେ ରାଜା ରାମଚନ୍ଦ୍ର ଦେଓ।

ପିତା ମହାରାଜା ହରିହରଙ୍କ ଉତ୍ସାହଯୋଗୁଁ ରାଜପ୍ରସାଦରୁ ହିଁ ଉତ୍କଳ ସମ୍ମିଳନୀ ସୃଷ୍ଟିର ଧାରଣା ଜନ୍ମ ନେଇଥିଲା। କାରଣ ଏହା ପୂର୍ବରୁ ରାଜା ହରିହର ୧୯୦୧ରୁ ଗଢ଼ି ସାରିଥିଲେ ଗଞ୍ଜାମ ଜିଲ୍ଲା ସମ୍ମିଳନୀ। ଏହାହିଁ ଉତ୍କଳ ଗୌରବଙ୍କୁ ପ୍ରେରଣା ଦେଇଥିଲା ଉତ୍କଳ ସମ୍ମିଳନୀ ଗଢ଼ିବାକୁ।

୧୯୧୪ରେ ଯେତେବେଳେ ପାରଳା ରାଜା କୃଷ୍ଣ ଚନ୍ଦ୍ର ଗଜପତିଙ୍କ ଉଦ୍ୟମରେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ପାରଳାଖେମୁଣ୍ଡିରେ ଅଧିଷ୍ଠିତ ହେଲା ସେହି ଅଧିବେଶନରେ ଚଉଦବର୍ଷର ରାଜପୁତ୍ର ରାମଚନ୍ଦ୍ର ଉପସ୍ଥିତ ଥିଲେ। ପଗଡିପୁରୁଷ ଉତ୍କଳ ଗୌରବ ମଧୁସୂଦନଙ୍କ ଓଜସ୍ୱିନୀ ବକ୍ତବ୍ୟ, ଦେଶର ମାନ ରଖିବା ନିମନ୍ତେ ବଜ୍ରଶପଥ ଏବଂ ରାଜା କୃଷ୍ଣଚନ୍ଦ୍ର ଦେବଙ୍କ ଉତ୍କଳ ସମ୍ମିଳନୀ ପ୍ରତି ଅକୁଣ୍ଠ ସମର୍ଥନ ଦେଖି ନିଜ ଜୀବନର ଦିଶା ସ୍ଥିର କରି ନେଲେ ଏହି ତରୁଣ ରାଜକୁମାର। ଉତ୍କଳଜନନୀଙ୍କ ସେବା ହେଲା ତାଙ୍କର ଏକମାତ୍ର ଜୀବନବ୍ରତ। ଦେଶପ୍ରେମର ଅତୁଟ ବିଦ୍ୟୁତ ତରଂଗ ଖେଳିଗଲା ତାଙ୍କ ଧମନୀରେ। ସେ ନିଜ ବୀରତ୍ୱ ସହ ଖଲ୍ଲିକୋଟ, ଗଞ୍ଜାମ ଜିଲ୍ଲା ଓ ସମଗ୍ର ଦକ୍ଷିଣ ସଡ଼ିଶାର ସମସ୍ତ ସମ୍ଭାବନା ଓ ସାମର୍ଥ୍ୟକୁ ଏକତ୍ରିତ କରାଇ ଓଡ଼ିଆ ଭାଷାଭାଷୀ ଅଂଚଳମାନଙ୍କୁ ଏକାଠି କରିବାକୁ ଲାଗିପଡ଼ିଲେ।

ପ୍ରଥମରୁ ଲୋକମାନଙ୍କୁ ଶିକ୍ଷିତ କରାଇବା ନିମନ୍ତେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ଥାପନା, ଶହ ଶହ ସଡକ ନିର୍ମାଣ କରାଇ ଗ୍ରାମମାନଙ୍କୁ ପରସ୍ପର ସହ ନିଯୁକ୍ତ କରାଇବା ଓ ନଦୀନାଳମାନଙ୍କରେ ସେତୁ ନିର୍ମାଣ ରାମଚନ୍ଦ୍ରଦେବଙ୍କ ଶାସନକାଳର ଅପୂର୍ବକୀର୍ତ୍ତି। ବିଶେଷ ଭାବରେ ଦକ୍ଷିଣ ଓଡ଼ିଶାର ବଂଶଧାରା, ନାଗାବଳୀ,ବାହୁଦା ଓ ମହେନ୍ଦ୍ର ତନୟା ନଦୀରେ ସେତୁ ନିର୍ମାଣ କରି ବନ୍ୟାପ୍ରକୋପରୁ ସମଗ୍ର ଦକ୍ଷିଣାଞ୍ଚଳକୁ ସେ ସୁରକ୍ଷା ପ୍ରଦାନ କଲେ। ଏହି ଜନହିତକର କାର୍ଯ୍ୟ ପାଇଁ ସମଗ୍ର ଦେଶରେ ରାମଚନ୍ଦ୍ର ଦେଓଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି।

ଏହା ସହିତ ବହୁ ପୁଷ୍କରିଣୀ, ଜଳଭଣ୍ଡାର ଖନନ, ସଂସ୍କୃତ ଶିକ୍ଷାଦାନ ନିମନ୍ତେ ଟୋଲ ପ୍ରତିଷ୍ଠା, ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ନିମନ୍ତେ ଡାକ୍ତରଖାନା ପ୍ରତିଷ୍ଠା କରି ରାଜା ରାମଚନ୍ଦ୍ର ଦେଓ ରାଜବଂଶକୁ ଗୌରବାନ୍ୱିତ କରାଇଛନ୍ତି। ସିଂହାସନ ଆରୋହଣ ପରେ ଦଶବର୍ଷକାଳ ରାଜା ଗଞ୍ଜାମ ଜିଲ୍ଲାର ସର୍ବତୋମୁଖୀ ବିକାଶ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ।

୧୯୨୮ ମସିହାରେ ମହାମତି ରାମଚନ୍ଦ୍ର ଦେଓ ବ୍ରିଟିଶ ପ୍ରତିନିଧି ସାଇମନ କମିଶନଙ୍କ ସମ୍ମୁଖରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ତାହା ଥିଲା ଅଭୂତପୂର୍ବ ଓ ସ୍ୱତନ୍ତ୍ର ଓଡ଼ିଶା ଗଠନ ନିମନ୍ତେ ଅତ୍ୟନ୍ତ ଅନୁକୂଳ।

ତୃତୀୟ ଗୋଲଟେବୁଲ ବୈଠକରେ ଯୋଗଦେବା ପାଇଁ ରାମଚନ୍ଦ୍ର ଦେଓଙ୍କୁ ଓଡ଼ିଶାର ପ୍ରତିନିଧିରୂପେ ବଛା ଯାଇଥିଲା। ୧୯୩୨ ଡିସେମ୍ବର ମାସରେ ଖଲ୍ଲିକୋଟ ରାଜା ଲଣ୍ଡନଯାତ୍ରା କରିଥିଲେ। ସେଠାରେ ନିଜର ସ୍ୱାଭାବିକ ରାଜକୀୟ ତଥା ବନ୍ଧୁବତ୍ସଳ ମନୋଭାବ ନେଇ ରହୁଥିବା କୋଲେରିଜ ହୋଟେଲରେ ଏକ ନୈଶଭୋଜିର ଆୟୋଜନ କରିଥିଲେ। ସାହେବବନ୍ଧୁ ସେକିଂ ଓ ହୋର ସାହେବଙ୍କୁ ଭୋଜିକୁ ଆମନ୍ତ୍ରିତ କରି ନିଜ ସ୍ୱାର୍ଥରେ ନେଇଥିବା ଓଡ଼ିଶାର ସାଂସ୍କୃତିକ ମାନଚିତ୍ର ଦେଖାଇ ଓଡ଼ିଶାର ସ୍ୱତନ୍ତ୍ର ସୀମା ନିର୍ଦ୍ଧାରଣ ଆବଶ୍ୟକତା ବିଷୟରେ ଇଂରାଜୀରେ ଏକ ପ୍ରାଞ୍ଜଳ ତଥା ସୁସ୍ପଷ୍ଟ ବକ୍ତବ୍ୟ ରଖିଥିଲେ। ହୋର ସାହେବ ବିଶେଷ ଭାବରେ ରାମଚନ୍ଦ୍ରଙ୍କ ଇଂରାଜୀ ଉଚ୍ଚାରଣ ଓ ତଥ୍ୟ ଉପସ୍ଥାନା ଶୈଳୀ ଦ୍ୱାରା ପ୍ରଭାବିତ ହୋଇଥିଲେ। ରାମଚନ୍ଦ୍ର ଦେଓଙ୍କ ତଥ୍ୟ ଉପସ୍ଥାପନା ଶୈଳୀ ପୂର୍ବବର୍ଷ ଗୋଲଟେବୁଲ୍ ବୈଠକରେ ଯୋଗଦେଇଥିବା ପ୍ରତିନିଧିମାନଙ୍କ ଉପସ୍ଥାପନା ଶୈଳୀ ତୁଳନାରେ ଥିଲା ଅଧିକ ସ୍ପଷ୍ଟ ଓ ମାର୍ଜିତ ତଥା ଅଧିକ ଯୁକ୍ତିଯୁକ୍ତ। ବ୍ରିଟିଶ ଶାସନକଳ ଓଡ଼ିଶା ପ୍ରଦେଶଗଠନର ଔଚିତ୍ୟ ବୁଝି ପାରିଥିଲେ। ପରିଣାମ ସ୍ୱରୂପ ୧୯୩୬ ମସିହା ଏପ୍ରିଲ ପହିଲା ତାରିଖରେ ଓଡ଼ିଶା ବିହାରଠାରୁ ଅଲଗା ହୋଇ ଗଞ୍ଜାମ, କୋରାପୁଟ, ଫୁଲବାଣୀ, ସମ୍ବଲପୁର, କଟକ, ପୁରୀ, ବାଲେଶ୍ୱରକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ଲାଭ କଲା।

ଓଡ଼ିଶା ପ୍ରଦେଶ ସ୍ୱତନ୍ତ୍ର ହେବା ପରେ ରାମଚନ୍ଦ୍ର ଦେଓ ଚୁପଚାପ ବସିଯାଇନଥିଲେ। ୧୯୩୭, ୧୯୫୭ ଓ ୧୯୬୧ ନିର୍ବାଚନରେ ଜୟଲାଭ କରି ଏମ.ଏଲ.ଏ ଓ ମନ୍ତ୍ରୀ ହୋଇଥିଲେ। ଗଣତନ୍ତ୍ର ଶାସନରେ ମନ୍ତ୍ରୀ ହୋଇ ଓଡ଼ିଶାର ସାମୂହିକ ଉନ୍ନତି ସାଧନ ଥିଲା ତାଙ୍କର ଲକ୍ଷ୍ୟ। ହେଲେ ଖଲ୍ଲିକୋଟ ରାଜା ଭାବରେ ଯେତେ ଜନମଙ୍ଗଳକାରୀ କାର୍ଯ୍ୟ ସେ କରିପାରିଥିଲେ, ମନ୍ତ୍ରୀ ଭାବରେ ଓଡ଼ିଶାର ସେତିକି ସେବା କରିପାରି ନଥିଲେ। ଏହା ତାଙ୍କୁ ଅବସାଦଗ୍ରସ୍ତ କରିଥିଲା।

୧୯୬୩ ମସିହା ଜାନୁଆରୀ ୨୮ ତାରିଖରେ ତେଷଠି ବର୍ଷ ପରେ ହୃଦଘାତରେ ତାଙ୍କର ଦେହାନ୍ତ ଘଟିଥିଲା।

ଖଲ୍ଲିକୋଟ ରାଜ୍ୟର ଉଜ୍ଜ୍ୱଳ ମାର୍ତ୍ତଣ୍ଡ ଚିରକାଳ ପାଇଁ ଅସ୍ତମିତ ହୋଇଯାଇଥିଲା।

# ଭାରତୀୟ ନାରୀର ଆଦର୍ଶ

## ପ୍ରଫୁଲ୍ଲ କୁମାରୀ ରାୟ

ଦେଶ, ପ୍ରେମ, ପରିବାର ତଥା ସ୍ୱାମୀ, ସନ୍ତାନ ପ୍ରଭୃତିଙ୍କ ପାଇଁ ଭାରତୀୟ ନାରୀର ଦାନ ଅସୀମ। ଭାତୃଭକ୍ତି ପିତୃଭକ୍ତି ସନ୍ତାନ ସ୍ନେହ ଏ ଦେଶ ନାରୀଙ୍କର ଅନ୍ୟ ଦେଶ ନାରୀଙ୍କ ସହ ଅତୁଳନୀୟ। ଅନ୍ୟମାନଙ୍କ ସୁଖସ୍ୱାଛନ୍ଦ୍ୟପାଇଁ ଭାରତୀୟ ନାରୀ ନିଜକୁ ତିଳ ତିଳ କରି ଦଗ୍ଧ କରି ମଧ୍ୟ ଆନନ୍ଦ ପାଏ। ପୁରାଣ ଇତିହାସ ଯୁଗରୁ ମଧ୍ୟ ଏ ଦେଶ ନାରୀଙ୍କର ଆଦର୍ଶ ସଂବନ୍ଧରେ ଶତଶତ ଦୃଷ୍ଟାନ୍ତମାନ ରହିଆସିଛି।

ଏ ଦେଶର ନାରୀ ରାଜନନ୍ଦିନୀ ହେଉ ବା କୁଟୀରବାସିନୀ କୃଷକର କନ୍ୟା ହେଉ କିମ୍ବା ଅରଣ୍ୟବାସିନୀ ଋଷିକୁମାରୀ ହେଉ; ସେ ନିଜ ଆଦର୍ଶ ଆଲୋକରେ ଅନ୍ୟମାନଙ୍କୁ ଆଲୋକିତ କରେ, ଦେଶର ଅନ୍ୟାୟ ଅନ୍ଧକାର ଦୂର କରିବାରେ ସହାୟତା କରେ।

ଜନନୀ ହିସାବରେ ପୁରାଣ ଯୁଗର ଯଶୋଦା, କୌଶଲ୍ୟାଙ୍କ ପରି ସ୍ନେହଶୀଳା ସନ୍ତାନ ବାତ୍ସଲ୍ୟମୟୀ ଜନନୀ ଯେଉଁ ଦେଶରେ ସମ୍ଭବ, ଧର୍ମନୀତି, ରାଜନୀତିକୁ ସମାନ ତୁଳାରେ ତୁଳି, ଶତପୁତ୍ରର ଜଜନୀ ଗାନ୍ଧାରୀ ବି ସେହି ଦେଶରେ ସମ୍ଭବ। ପୁଣି ନିଜର ଦେଶ, ବଂଶର ଗୌରବ ପାଇଁ ବୀରା ଜନନୀ 'ଜନା' ଚିତ୍ରାଙ୍ଗଦା, ପ୍ରଭୃତି ସମ୍ଭବ। ନିଜର ଏକ ଏକ ପୁତ୍ରକୁ ରଣସ୍ଥଳକୁ ପଠାଇ ପାରିବା ମଧ୍ୟ କମ୍ ବିସ୍ମୟକାରକ ଘଟଣା ନୁହେଁ।

ପୁରାଣ ବ୍ୟତୀତ ଇତିହାସରେ ଏ ଘଟଣା ମଧ୍ୟ ବିରଳ ନୁହେଁ। ରାଣୀ ଶୁକ ଦେଇ, ରାଣୀ ଦୁର୍ଗାବତୀ, ରାଣୀ ଲକ୍ଷ୍ମୀବାଇ, ଅହଲ୍ୟା ବାଇ ରାଜବଧୂ ନଥିଲେ। ଏମାନେ ଥିଲେ ରକ୍ତ ମାଂସ ଗଢ଼ା ଶରୀରରେ ନାରୀ .... ଜାୟା ଓ ଜନନୀ। ଦେଶ, ଦଶର ମଙ୍ଗଳ କାମନା କରି ପତି ଓ ପୁତ୍ରଙ୍କୁ ରଣକ୍ଷେତ୍ରକୁ ପଠାଇ, ନିଜେ ମଧ୍ୟ ନିଜର କୋମଳ କୁସୁମ କରରେ ଅସ୍ତ୍ରଧାରଣ କରି ରଣ କ୍ଷେତ୍ରରେ ରଣ ରଙ୍ଗୀନୀ ସାଜି ଶତୃର ସମକକ୍ଷା ହୋଇ ରଣ ପ୍ରତିହତ କରି ପାରୁଥିଲେ।

ପତିଭକ୍ତିର ପରାକାଷ୍ଠା ଦେଖାଇବାରେ ଭାରତୀୟ ନାରୀର ସମକକ୍ଷା ହେବାକୁ ଆଉ କେହି ନାରୀ ନଥିଲେ ହେଇପାରିବେ ନାହିଁ, କହିଲେ ଭୁଲ ହେବ ନାହିଁ। ଦକ୍ଷଜେମା ଉମା ଶ୍ମଶାନବାସୀ ହରଙ୍କୁ ପତିତ୍ୱରେ ବରଣ କରିଥିଲେ ବୋଲି ନିଜ ପିତାଙ୍କଠାରୁ ଅପମାନ ପାଇଁ ଆତ୍ମହତ୍ୟା କରିବା ତାଙ୍କ ପକ୍ଷେ ସମ୍ଭବ ହେଲା ପଛେ, ସେ ପତିନିନ୍ଦା ସହିପାରିଲେ ନାହିଁ।

ରାଜଜେମା ସାବିତ୍ରୀ ବନବାସୀ ଅଳ୍ପାୟୁ ସତ୍ୟବାନଙ୍କୁ ମାନସରେ ପତିରୂପେ ବରଣ କରିଥିଲେ। କାହାରି ବାରଣ ନ ମାନି ସତୀତ୍ୱର ପରାକାଷ୍ଠା ଦେଖାଇ ସତ୍ୟବାନଙ୍କୁ ବିବାହ କରି ଅରଣ୍ୟରେ କୁଡ଼ିଆରେ ରହି ପତି ଓ ଶାଶୁ ଶ୍ୱଶୁରଙ୍କ ସେବା କରି ନିଜର ପତିବ୍ରତ୍ୟ ବଳରେ ଯମଦେବତାଙ୍କ କବଳରୁ ଶ୍ୱଶୁରଙ୍କ ଚକ୍ଷୁ ଓ ରାଜ୍ୟ, ମୃତ ପିତାଙ୍କ ଆୟୁଷ ଫେରିପାଇ, ନିଜ ପିତା ମାତାଙ୍କୁ ପୁତ୍ର ଲାଭ କରାଇ, ନିଜେ ପତିଙ୍କ ଔରଷରୁ ଶିଶୁପୁତ୍ରର ଜନନୀ ହୋଇପାରିଥିଲେ।

ଦ୍ରୌପଦୀଙ୍କ ଭଳି ଆଦର୍ଶମୟୀ, କଷ୍ଟସହିଷ୍ଣୁ, କ୍ଷମାଶିଳା, ପତିଭକ୍ତ, ନାରୀଙ୍କ ଜୟଗାନ ଯୁଗେ ଯୁଗେ ଅମର ହୋଇ ରହିଥିବ।

ମହାରାଣୀ ଶୈବ୍ୟା ପତି ରାଜା ହରିଶ୍ଚନ୍ଦ୍ରଙ୍କ ଦୁର୍ଦ୍ଦିନରେ ନିଜେ ଜଣେ ବ୍ରାହ୍ମଣର କ୍ରୀତଦାସୀ ହୋଇ ନାନା ସେବାକାମ କରି ଗାଳି, ମାଡ଼ ଲାଞ୍ଛନା ସହି ନିଜ ଶିଶୁପୁତ୍ରକୁ ନିଜ ପାଇଁ ମିଳୁଥିବା ଖାଦ୍ୟକୁ ଖୁଆଇ ତାଙ୍କ ପ୍ରାପ୍ୟ ଧନରେ ନିଜ ପତି ହରିଶ୍ଚନ୍ଦ୍ରଙ୍କୁ ସାହାଯ୍ୟ କରିଥିଲେ ନିଜ ରାଜ୍ୟଦାନର ଦକ୍ଷିଣା ବିଶ୍ୱାମିତ୍ରଙ୍କୁ ଦେବା ପାଇଁ।

ସତୀ ପତିବ୍ରତା ଜନକ ନନ୍ଦିନୀ ସୀତା, ପତି ରାମଚନ୍ଦ୍ରଙ୍କ ସହ ଚତୁର୍ଦ୍ଦଶ ବର୍ଷ ବନବାସ କରି ଲଙ୍କାର ରାକ୍ଷସ ରାଜା ରାବଣ ଦ୍ୱାରା ଅପହୃତା ହୋଇ, ଅଶୋକ କାନନରେ ରାକ୍ଷସୀଙ୍କ ମେଳରେ ରାକ୍ଷସୀଙ୍କ ଠାରୁ କଟୂକଥା ସହି ଚଉଦମାସ କଟାଇଥିଲେ। ରାମ ରାବଣକୁ ହତ କରିବା ପରେ ନିଜ ସତୀତ୍ୱର ପରାକାଷ୍ଠା ପାଇଁ ସର୍ବ ଜନଙ୍କ ସମ୍ମୁଖରେ ଅଗ୍ନି ପରୀକ୍ଷା ଦେଇ ଅଯୋଧ୍ୟା ଫେରି ଅନ୍ତଃସତ୍ତ୍ୱା ହେବା ପରେ ପୁନର୍ବାର ମିଥ୍ୟା କୁତ୍ସାରଟନା ଶୁଣି ପତି ମହାରାଜ ରାମ ତାଙ୍କୁ ନିର୍ବାସନ ଦଣ୍ଡ ଦେବା ପରେ ଅରଣ୍ୟରେ ବାଲ୍ମିକୀ ଆଶ୍ରମରେ ଲବକୁଶଙ୍କୁ ଜନ୍ମ ଦେଇ ଅତି ଦୁଃଖରେ କାଳ କଟାଇଥିଲେ ସୁଦ୍ଧା ପତିଦେବ ରାମଚନ୍ଦ୍ରଙ୍କ ଦୋଷ ମନରେ ସ୍ଥାନ ଦେଇ ନଥିଲେ।

ସତୀ ଦମୟନ୍ତୀ ପତି ନଳରାଜାଙ୍କ ଦୁର୍ଦ୍ଦିନରେ ରାଜ୍ୟ ହରାଇ ପତିଙ୍କ ସହ ଅର୍ଦ୍ଧବସ୍ତ୍ର ପରିଧାନ କରି ଅରଣ୍ୟବାସ କରିବାକୁ ଦୁଃଖ କରିନାହାନ୍ତି କିମ୍ବା ପତିଙ୍କୁ ଦୋଷ ଦେଇ ନାହାନ୍ତି।

ଧର୍ମପରାୟଣା ମହିଳାମାନଙ୍କ ମଧ୍ୟରେ ବିଷ୍ଣୁପ୍ରିୟା, ମୀରାବାଇ, ସଖୀଦେବୀ, ଶାରଦା ଦେବୀ, ଲକ୍ଷ୍ମୀଦେବୀ ପ୍ରଭୃତି ମଧ୍ୟ ନିଜର ନିଷ୍ଠାପର କର୍ମ ଆଉ ଭକ୍ତି ବଳରେ ଭଗବାନଙ୍କର ସାନ୍ନିଧ୍ୟ ଲାଭ କରିଛନ୍ତି।

ରାଜନୀତି କ୍ଷେତ୍ରରେ ଭାରତୀୟ ନାରୀଙ୍କ ଆସନ ମଧ୍ୟ ଅତି ଉଚ୍ଚରେ। ନିଜକୁ ତିଳ ତିଳ ଦଗ୍ଧ କରି ଗୃହତ୍ୟାଗ କରି, ପତି ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶପ୍ରେମ କାର୍ଯ୍ୟରେ ପୂର୍ଣ୍ଣ ପ୍ରାଣରେ ସହଯୋଗ କରି ବାରମ୍ବାର କାରାବାରଣ କରି କସ୍ତୁରବା ହୋଇପାରିଥିଲେ ଗାନ୍ଧୀଜୀଙ୍କ ସହଧର୍ମିଣୀ, ସହକର୍ମିଣୀ। ଗାନ୍ଧିଜୀଙ୍କ ଉପଯୁକ୍ତ ପତ୍ନୀ ପୂଜ୍ୟନୀୟା ମହିୟସୀ ମହିଳା ରୂପେ ସେ ପରିଚିତା ଓ ବନ୍ଦନୀୟା।

ରାଜନୀତି କ୍ଷେତ୍ରରେ ସରୋଜିନୀ ନାଇଡୁ, ବିଜୟଲକ୍ଷ୍ମୀ ପଣ୍ଡିତ ପଦ୍ମଜା ନାଇଡୁ, କମଳା ନେହେରୁ, ଇନ୍ଦିରା ଗାନ୍ଧୀ, ପ୍ରଭାବତୀ ଦେବୀ, ନନ୍ଦିନୀ ଦେବୀ, ଅନ୍ନପୂର୍ଣ୍ଣା ଦେବୀ, ସରଳା ଦେବୀ, ଲତିକା ଦେବୀ, ପ୍ରଭୃତି ବହୁ ନାରୀ ଦେଶସେବା ନାରୀ ଜାଗରଣ କରି ବାରମ୍ବାର କାରାବାସ ଗ୍ରହଣ କରି ସ୍ୱାଧିନତା ଆନ୍ଦୋଳନକୁ ଆଗେଇ ନେଇଥିଲେ। ଦେଶ ସ୍ୱାଧୀନ ହୋଇଥିଲା।

ପୁଣି ଭାରତ ପରି ଏକ ବିରାଟ ଧର୍ମ ନିରପେକ୍ଷ ଦେଶରେ ଏକାଧିକବାର ପ୍ରଧାନମନ୍ତ୍ରୀ ଆସନ ଗ୍ରହଣ କରି ଦେଶକୁ ଶାନ୍ତି ଶୃଙ୍ଖଳାରେ ଚଳାଇ, ପଡ଼ୋଶୀ ରାଜ୍ୟ ସହ ତୁମୁଳ ସଂଗ୍ରାମରେ ଦେଶକୁ ଜୟଲାଭ କରାଇ 'ଭାରତରତ୍ନ' ଉପାଧି ଗ୍ରହଣ କରି ଶେଷରେ ଗୁଳି ଚୋଟରେ ପ୍ରାଣ ଦେଇ ଇନ୍ଦିରାଗାନ୍ଧୀ ଆଜି ପୃଧବବୀରେ ଜଣେ ମହିୟସୀ ମହିଳା ରୂପରେ ବିଶ୍ୱବିଖ୍ୟାତ ହୋଇପାରିଛନ୍ତି। ଏହା ଭାରତୀୟ ନାରୀ ପକ୍ଷରେ କମ୍ ଗୌରବର କଥା ନୁହେଁ।

ଓଡ଼ିଆ ଘରର ଝିଅ ନନ୍ଦିନୀ ଶତପଥି ମୁଖ୍ୟମନ୍ତ୍ରୀ ଭାବରେ ଶାସନ ଭାର ଗ୍ରହଣ କରି ଦେଶ ଚଳାଉଥିବା କମ୍ ଗୌରବର କଥା ନୁହେଁ। ଏବେ ତ ଅନେକ ନାରୀ କୃଷି, ବାଣିଜ୍ୟ, ରାଜନୀତି, ଶାସନ ନୀତି, ଡାକ୍ତର, ଇଂଜିନିୟର, ଅଧ୍ୟାପିକା, ଶିକ୍ଷୟିତ୍ରୀ, ଆଇ.ଏ.ଏସ୍, ଆଇ.ପି.ଏସ୍. ବୈମାନିକ, ବୈଜ୍ଞାନିକ, ସେବିକା, ହୋଇ ଦେଶର ଛୋଟବଡ଼ ସକଳ କାର୍ଯ୍ୟ ଚଳାଇଛନ୍ତି।

ଏ ସତ୍ତ୍ୱେ ଏ ଦେଶରେ ନାରୀ ନିର୍ଯ୍ୟାତନା ନାରୀହତ୍ୟାର ଅନ୍ତ ନାହିଁ। ନାରୀ ମାତ୍ୟଜାତ୍ୟ କନ୍ୟା, ଭଗିନୀ, ଜାୟା, ଜନନୀ ରୂପରେ ପୁରୁଷର ସେବା କରି ଆସୁଛି। କିନ୍ତୁ ପୁରୁଷ ଆଖିରେ ସତେ ଅବା ସେ ଏକ ଭାଦ୍ୟବସ୍ତୁ ପରି ଦିଶୁଛି। ନାରୀ ନିର୍ଯ୍ୟାତନା ଧର୍ଷଣ, ନାରୀହତ୍ୟାର ଅନ୍ତ ନାହିଁ। କେବେ ସୁଦିନ ଆସିବ, ନାରୀକୁ ସୁଖ, ଶାନ୍ତି, ଆଉ ସମ୍ମାନ ଦେବ ଏ ପୁରୁଷ ଜାତି। କେବେ ସମ୍ମାନିତ ହେବ ଭାରତୀୟ ନାରୀର ଆଦର୍ଶ।

*୧/୦-ଶ୍ରୀ ଜି.ସି.ରାୟ(ଜିଷ୍ଟିର୍ଡ଼ ଜର୍ଜରିଟାର୍ଡ)*
*ଫ୍ଲାଟ -ଏ/୫୫, ରାମେଶ୍ୱର ପାଟଣା*
*ମାଉସୀ ମା ଛକ, ଭୁବନେଶ୍ୱର,*
*ଦୂରଭାଷ: ୮୭୬୩୮୯୫୭୨୭*

# ବିଶ୍ୱଗୁରୁ ଭାରତ - କହିବା ଯଥାର୍ଥ କି ?

## ବାଉରିବନ୍ଧୁ ଲେଙ୍କା

ବିଶ୍ୱଗୁରୁ ଏକ ସଂସ୍କୃତ ଶବ୍ଦରୁ ଆସିଅଛି। ସାଧାରଣ ଭାବେ ଏହାର ଅର୍ଥ ହେଉଛି ପୃଥିବୀର ଶିକ୍ଷକ। କୁହାଯାଏ ଯେ ସର୍ବ ପ୍ରଥମେ ସ୍ୱାମୀ ବିବେକାନନ୍ଦ ଭାରତକୁ ବିଶ୍ୱର ନେତା ବା ଗୁରୁ ରୂପେ ଦର୍ଶାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ବିଶ୍ୱାସ ଥିଲା ଯେ ଭାରତର ଆଧାତ୍ମିକ ଐତିହ ଓ ଜ୍ଞାନ ସମଗ୍ର ପୃଥିବୀର ଜନ ସାଧାରଣଙ୍କୁ ଉପକୃତ କରିବ। ଏବେ କେତେ ବର୍ଷ ହେଲା ଭାରତ ବିଶ୍ୱଗୁରୁ ହେବାର କଥା ଶୁଣିବାକୁ ମିଳୁଛି। କିଛି ଲୋକ ଏହି କଥାକୁ ଟାହି ଟାପରା କରି ଆନନ୍ଦ ମଧ୍ୟ ନେଉଛନ୍ତି। ଅନ୍ୟପକ୍ଷରେ ସକାରାତ୍ମକ ମାନସିକତା ରଖିଥିବା କିଛି ଲୋକ ଦିନେ ଏହା ଘଟିବ ବୋଲି ଆଶାପୋଷଣ କରୁଛନ୍ତି। ଆଉ କିଛି ଲୋକ ଭାବନ୍ତି ଯେ ଆତ୍ମଗର୍ବ କରି ଏପରି ଫମ୍ପା କଥା କହିବା କେବଳ ନିଜ ଦେଶକୁ ଅନ୍ୟ ଦେଶ ତୁଳନାରେ ବଡ଼ ଦେଖାଇବା ଛଡା ଆଉ କିଛି ନୁହେଁ। ଦୁଃଖର କଥା ଯେ ଏହି ଶେଷ ଶ୍ରେଣୀର ଲୋକମାନେ ସର୍ବଦା ସନ୍ଦେହ କରୁଥିବା ଶ୍ରେଣୀର ଅନ୍ତର୍ଗତ ଅଟନ୍ତି। ସମ୍ଭବତଃ ସେମାନେ ଭାରତର ଅନ୍ତର୍ନିହିତ ଶକ୍ତି ସମ୍ପର୍କରେ ସମ୍ପୂର୍ଣ୍ଣ ଭାବେ ଅଜ୍ଞ। ବିଶ୍ୱଗୁରୁ ହେବାର କଳ୍ପନା କରିବା ଏକ ଜାତୀୟ ଭାବନା। ଏପରି କରିବା କିଛି ଭୁଲ ନୁହେଁ। ଯେପରି ଏକ ବ୍ୟକ୍ତିର କିଛି ଲକ୍ଷ୍ୟ ଥାଏ ସେହିପରି ଏକ ଦେଶର ମଧ୍ୟ ଏକ ଲକ୍ଷ୍ୟ ରହିବା ଉଚିତ। ଭାରତ ବିଶ୍ୱଗୁରୁ ହେବାର ଲକ୍ଷ୍ୟ ରଖିବା ପାଇଁ ଅସମର୍ଥ ବୋଲି କହିବାର ଅର୍ଥ ଏହାର ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ପ୍ରତି ଅନ୍ୟାୟ କରବା।

ଭାରତ ନିଜକୁ ବିଶ୍ୱଗୁରୁ ହେବାର କଳ୍ପନା କରିବାର ମୂଳରେ ମୁଖ୍ୟତଃ ତିନୋଟି କାରଣ ରହିଛି। ପ୍ରଥମତଃ ଏହାର ସଭ୍ୟତା ଓ ସଂସ୍କୃତି ସମ୍ପର୍କରେ ବିଶ୍ୱ ସ୍ତରରେ ଅନ୍ୟ ଦେଶମାନଙ୍କର ମତାମତ। ଦ୍ୱିତୀୟତଃ ଗତ ୭୫ ବର୍ଷ ଭିତରେ ଏହାର ଉପଲବ୍ଧି ସମୂହ ଓ ତୃତୀୟରେ ବିଶ୍ୱ ସମୁଦାୟ ଯାହା ଚାହୁଁଛନ୍ତି ତାହା ଦେବା ପାଇଁ ଏହାର ଅନ୍ତର୍ନିହିତ ଶକ୍ତି।

ଭାରତର ସଭ୍ୟତା ଓ ସଂସ୍କୃତି ଏହାକୁ ବିଭିନ୍ନ ଅସାଧାରଣ ବିଶେଷତ୍ୱ ଥିବା ଏକ ସୁଦୃଢ଼ ଦର୍ଶନ ସମ୍ପନ୍ନ ଦେଶର ମାନ୍ୟତା ପ୍ରଦାନ କରିଛି। ଏହି ସବୁ ବିଶେଷତ୍ୱ ଭାରତ କ'ଣ ବୋଲି ଦର୍ଶାଇଥାଏ। ଆଧାତ୍ମିକ କ୍ଷେତ୍ରରେ ଗଣତାନ୍ତ୍ରିକ ମୂଲ୍ୟବୋଧର ନିଦର୍ଶନ ଏହି ଭାରତରେ ହିଁ ଦେଖିବାକୁ ମିଳିଥାଏ। ଏଠାରେ କୁହାଯାଏ "ଏକମ୍ ସତ୍ ବିପ୍ରାଃ ବହୁଧା ବଦନ୍ତି"। ଅର୍ଥାତ୍ ସତ୍ୟ ଏକ ଅଟେ ମାତ୍ର ଜ୍ଞାନୀ ଲୋକମାନେ ଏହାକୁ ବିଭିନ୍ନ ପ୍ରକାରରେ କହିଥାନ୍ତି। ଏହା ହେଉଛି ଭାରତର ସବୁ ଧର୍ମ ପ୍ରତି ଦୃଷ୍ଟିକୋଣ। ସମସ୍ତ ଧର୍ମର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଭାରତରେ ହିଁ ସମ୍ଭବ ହୋଇପାରିଛି। ଏହି ଆଧାତ୍ମିକ ଗଣତନ୍ତ୍ର ଭାରତର ରାଜନୈତିକ ଗଣତନ୍ତ୍ରର ସଫଳତାର ସହାୟକ ହୋଇଛି। ଭାରତୀୟ ସଭ୍ୟତା ପୁରାତନ ସଭ୍ୟତାମାନଙ୍କ ମଧ୍ୟରେ ଅନ୍ୟତମ। ଏହା ଏକ ହିନ୍ଦୁ ବହୁଳ ରାଷ୍ଟ୍ର ହେଲେ ମଧ୍ୟ ସମୟକ୍ରମେ ଏହି ଦେଶରେ ମୁସଲମାନ, ଖ୍ରୀଷ୍ଟିୟାନ, ବୌଦ୍ଧ, ଜୈନ, ଶିଖ ଓ ପାର୍ଶୀ ଆଦି ଧର୍ମକୁ ଅନୁସରଣ କରୁଥିବା ଲୋକମାନେ ଶାନ୍ତିରେ ବସବାସ କରୁଛନ୍ତି। ଭାରତର ସମ୍ବିଧାନର ଭାରତକୁ ଏକ ଧର୍ମ ନିରପେକ୍ଷ ଦେଶ ଭାବେ ଘୋଷଣା କରିଛି। ତେଣୁ ବିଶ୍ୱର ଅନ୍ୟ ଦେଶମାନେ ଭାରତକୁ ବିଶ୍ୱର ନେତୃତ୍ୱ ନେବାରେ ଆଗ୍ରହ ପ୍ରକାଶ ନ କରିବାର କୌଣସି କାରଣ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏବେ ସ୍ୱାଧୀନତା ପରବର୍ତ୍ତୀ ଦୀର୍ଘ ୭୫ ବର୍ଷର ଉପଲବ୍ଧିଗୁଡ଼ିକ ବିଚାରକୁ ନିଆଯାଉ। ଏହି କେତେ ଦଶନ୍ଧି ହେଲା ପ୍ରକୃତିକୁ ନଷ୍ଟ ନକରି ବିକାଶର ଧାରାକୁ ଅବ୍ୟାହତ ରଖିବା ପାଇଁ ବିଶ୍ୱ ପଟଳ ପରେ ଚର୍ଚ୍ଚାର ବିଷୟ ପାଲଟିଛି। କିନ୍ତୁ ଭାରତୀୟ ସଂସ୍କୃତିରେ ପ୍ରକୃତିକୁ ମାତା ରୂପେ ଶ୍ରଦ୍ଧା ଆଉ ସମ୍ମାନ ଦିଆଯାଏ। ପ୍ରକୃତି ସହିତ ବଞ୍ଚିରହିବା ହେଉଛି ଭାରତୀୟ ସଂସ୍କୃତିର ଭିତ୍ତିଭୂମି। ଏହି ସଂସ୍କୃତି ସ୍ୱାଧୀନତା ପରବର୍ତ୍ତୀ ଭାରତର ଉପଲବ୍ଧି ପାଇଁ ଅମୂଲ୍ୟ ପୁଞ୍ଜି ରୂପେ କାର୍ଯ୍ୟ କରିଛି। ଏହି ଦେଶ ଆଜି ସ୍ୱାଧୀନତାର ୭୫ ବର୍ଷରେ ଉପନୀତ ଏହି ଅମୃତକାଳ ମଧ୍ୟରେ ଭାରତ ଯେଉଁ ସବୁ ଲପଲବ୍ଧି ହାସଲ କରିଛି ତାହା ଅନେକ ଭାବରେ ବିଶେଷତ୍ୱ ବହନ କରେ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ଭାରତ ରେକର୍ଡ ପରିମାଣର କୃଷି ଉତ୍ପାଦନ କରି ପାରିଛି। ୧୯୫୦ ମସିହାରେ ଏହାର କୃଷି ଉତ୍ପାଦନ ୫୪.୯୨ ମିଲିୟନ ଟନ୍ ଥିଲାବେଳେ ୨୦୨୦-୨୧ ସୁଦ୍ଧା ଏହାର ଛଅଗୁଣ ବୃଦ୍ଧି ଘଟି ୩୦୫.୪୪ ମିଲିୟନ ଟନ୍‌ରେ ପହଞ୍ଚିଛି। ଦେଶରେ ବୈଦେଶିକ ମୁଦ୍ରାର ଭଣ୍ଡାର ୧୯୫୦-୫୧ରେ ୧୦.୨୯ ବିଲିୟନ ଡଲାର ଥିବାବେଳେ ଏହାର ବୃଦ୍ଧି ହୋଇ ୪୬ ଟ୍ରିଲିୟନ ଡଲାରରେ ପହଞ୍ଚିଛି। ସେହିପରି ବୈଦେଶିକ ମୁଦ୍ରା ନିବେଶରେ ମଧ୍ୟ ବୃଦ୍ଧି ଘଟିଛି। ସଡକ, ରେଳପଥ, ବିମାନ ସେବା, ଟେଲିକମ୍ ଏବଂ ପ୍ରଯୁକ୍ତି ବିଜ୍ଞାନ ଆଦି କ୍ଷେତ୍ରରେ ଅଭୂତପୂର୍ବ ଅଗ୍ରଗତି ହୋଇଛି। ଦେଶରେ ନୂତନ ବିମାନ ବନ୍ଦର ବଡବଡ ଇସ୍ପାତ କାରଖାନା, ବଡ ବଡ ଶିକ୍ଷାନୁଷ୍ଠାନ, ଆଇଟି ହବ ମାନ ପ୍ରତିଷ୍ଠା କରାଯାଇଛି। ଦ୍ରୁତଗାମୀ ରେଳଗାଡିମାନ ପ୍ରଚଳନ କରାଯାଇଛି। ସମସ୍ତ ଗ୍ରାମକୁ ସହର ସହିତ ପକ୍କା ରାସ୍ତା ଦ୍ୱାରା ସଂଯୋଗ କରାଯାଇଛି। ଆର୍ଥିକ ସେବା କ୍ଷେତ୍ରରେ ଅଭୂତପୂର୍ବ ଉନ୍ନତି ଘଟିଛି। ବାଣିଜ୍ୟ ବ୍ୟବସାୟ ତଥା ଅନ୍ୟ ଯେତେ ପ୍ରକାର ଅର୍ଥ ଦେଣନେଣ ଏବେ ଆଖି ପିଛୁଳାକେ ଡିଜିଟାଲ ପେମେଣ୍ଟ ମାଧ୍ୟମରେ ହୋଇ ପାରୁଛି। ଏବେ ପାନ ଦୋକାନୀଠାରୁ ଆରମ୍ଭ କରି ବଡ ବଡ ବ୍ୟବସାୟୀ ସଂସ୍ଥାମାନେ ଡିଜିଟାଲ ପେମେଣ୍ଟ ମାଧ୍ୟମକୁ ବ୍ୟବହାର କରୁଛନ୍ତି। ଅଫିସ୍‌ମାନଙ୍କରେ ପ୍ରାୟ କାଗଜର ବ୍ୟବହାର କରାଯାଉନାହିଁ। ସ୍ୱଚ୍ଛ ଭାରତ ଅଭିଯାନ ଯୋଜନା ମାଧ୍ୟମରେ ପରିବେଶକୁ ସ୍ୱଚ୍ଛ ରଖାଯାଇପାରିଛି। ଗ୍ରାମମାନଙ୍କରେ ପ୍ରତ୍ୟେକ ପରିବାରକୁ ମାଗଣା ଶୌଚାଳୟ ପ୍ରଦାନ କରାଯାଇଛି। ଅକ୍ଷୟ ଶକ୍ତିର ଉତ୍ସକୁ ବିଦ୍ୟୁତ ଶକ୍ତିରେ ରୂପାନ୍ତରିତ କରି ବିଭିନ୍ନ କାର୍ଯ୍ୟ କରାଯିବା କାରଣରୁ ଜୈବ ଇନ୍ଧନ ଉପରେ ନିର୍ଭର କରିବା କ୍ରମଶଃ କମ୍ ହେବାରେ ଲାଗିଛି। ପରମାଣୁ ତଥା ମହାକାଶ ବିଜ୍ଞାନ କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ଉନ୍ନତି କରିଛି। ଭାରତ ପରମାଣୁ ଶକ୍ତି ସମ୍ପନ୍ନ ଦେଶ ହେଲେ ମଧ୍ୟ ଏହି

ଶକ୍ତିକୁ ରଚନାତ୍ମକ ଉଦ୍ଦେଶ୍ୟରେ ବିନିଯୋଗ କରିବ ବୋଲି ଘୋଷଣା କରିଛି। ଏହି ପରମାଣୁ ଶକ୍ତିକୁ ପ୍ରଥମେ କୌଣସି ଦେଶ ବିରୁଦ୍ଧରେ ବ୍ୟବହାର କରିବ ନାହିଁ ବୋଲି ମଧ୍ୟ ଘୋଷଣା କରିଛି।

ମହାକାଶ ବିଜ୍ଞାନ କ୍ଷେତ୍ରରେ ଭାରତର ଚାନ୍ଦ୍ରାୟଣ-୩ ଚନ୍ଦ୍ରର ଦକ୍ଷିଣ ମେରୁ ପାଖରେ ପହଞ୍ଚିଛି। ଭାରତ ପୂର୍ବରୁ ପୃଥିବୀର କୌଣସି ଦେଶ ସେଠାରେ ପହଞ୍ଚି ପାରିନଥିଲେ। ଏହା ପରେ ଭାରତ ସୂର୍ଯ୍ୟଙ୍କ ସମ୍ପର୍କରେ ନିରୀକ୍ଷଣ କରିବା ପାଇଁ ଆଦିତ୍ୟ ଏଲ-୧ ପ୍ରେରଣ କରି ସଫଳତା ହାସଲ କରିଛି। ଏତଦ୍ ବ୍ୟତୀତ ଶୁକ୍ରାୟନ, ମଙ୍ଗଳାୟନ-୨ ଆଦି ମହାକାଶ କାର୍ଯ୍ୟକ୍ରମମାନ ସ୍ଥିର କରିଛି। ପୃଥିବୀର କକ୍ଷରେ ବ୍ୟବସାୟିକ ଭିତ୍ତିରେ ଅନ୍ୟ ଦେଶମାନଙ୍କର ଉପଗ୍ରହ ସ୍ଥାପନ କରିବାରେ ଭାରତ ଆଜି ପ୍ରସିଦ୍ଧି ଲାଭ କରିଛି। ଏବେ ଭାରତ ପୃଥିବୀର ପଞ୍ଚମ ବୃହତ୍ ଅର୍ଥ ବ୍ୟବସ୍ଥା ରୂପେ ଉଭା ହୋଇଛି ଏବଂ ଆଗାମୀ ୨୦୨୭ ମସିହା ସୁଦ୍ଧା ପୃଥିବୀର ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥା ସମ୍ପନ୍ନ ରାଷ୍ଟ୍ର ହେବାର ଲକ୍ଷ୍ୟ ରଖିଛି। ପ୍ରକୃତରେ ସ୍ୱାଧୀନତା ପରବର୍ତ୍ତୀ ଭାରତର ବିକାଶ ଯାତ୍ରା ଅତ୍ୟନ୍ତ ଉଲ୍ଲେଖନୀୟ ଅଟେ। ତୃତୀୟରେ ବିଶ୍ୱ ସମୁଦାୟ ଯାହା ଚାହୁଁଛନ୍ତି ତାହା ଦେଇପାରିବାର ଅନ୍ତର୍ନିହିତ ଶକ୍ତି ଭାରତ ନିକଟରେ ରହିଛି କି ନାହିଁ ସେ ସମ୍ପର୍କରେ ଆଲୋକପାତ କରିବା।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ନୂତନ ହୋଇ ଜନ୍ମ ନେଇଥିବା ଅନେକ ଗଣତାନ୍ତ୍ରିକ ରାଷ୍ଟ୍ର ବିଦ୍ରୋହର ସମ୍ମୁଖୀନ ହୋଇଛନ୍ତି ଏବଂ ସେ ସବୁ ରାଷ୍ଟ୍ରରେ ବ୍ୟକ୍ତି କୈନ୍ଦ୍ରିକ ଶାସନ ଚାଲିଥିବାବେଳେ ଭାରତର ଗଣତନ୍ତ୍ର ଶାସନ ଅବ୍ୟାହତ ରହିଛି। ଲୋକପ୍ରିୟ ପ୍ରତିବଦ୍ଧତା ପାଇଁ ଭାରତ ବିଶ୍ୱର ଅନ୍ୟ ଗଣତାନ୍ତ୍ରିକ ଦେଶମାନଙ୍କ ମଧ୍ୟରେ ଏକ ଚଳଚଞ୍ଚଳ ରାଷ୍ଟ୍ର ଭାବେ ଉଭା ହୋଇଛି। ଭିନ୍ନ ଭିନ୍ନ ଜାତି ଧର୍ମ ଓ ବିଶ୍ୱାସକୁ ଅନୁସରଣ କରୁଥିବା ଲୋକମାନଙ୍କୁ ଏକତା ସୂତ୍ରରେ ବାନ୍ଧି ରଖି ଗଣତନ୍ତ୍ର ଶାସନ ସଫଳତାର ସହ ଦୀର୍ଘକାଳ ପର୍ଯ୍ୟନ୍ତ ଚଳେଇ ରଖିଥିବା ଭାରତ ଆଜି ବିଶ୍ୱର ଅନ୍ୟ ଦେଶମାନଙ୍କ ପାଇଁ ଏକ ଉଦାହରଣ ପାଲଟିଛି। ପ୍ରାଚୀନ ଭାରତର ଆଧ୍ୟାତ୍ମିକ ମନ୍ତ୍ର "ବସୁଧୈବ କୁଟୁମ୍ବକମ୍" ଏବେ ବି ଭାରତର ମୂଳ ମନ୍ତ୍ର ହୋଇ ରହିଛି। ଏହା ବିଶ୍ୱ ସମୁଦାୟ ପାଇଁ ଶିକ୍ଷଣୀୟ ଅଟେ। ଭାରତର ପ୍ରଧାନମନ୍ତ୍ରୀ ମିଳିତ ଜାତିସଂଘରେ ତାଙ୍କର ପ୍ରଥମ ଭାଷଣ ପ୍ରସ୍ତୁତ କରୁଥିବା ସମୟରେ ଆଶ୍ଚର୍ଯ୍ୟ ପ୍ରକାଶ କରି କହିଥିଲେ ଯେ ଜି-୭, ଜି-୨୦ ପରି କାହିଁକି ଜି-ଏଆଇଆଇ ନାମରେ ଏକ ଗୋଷ୍ଠୀ ସୃଷ୍ଟି ହେଉ ନାହିଁ ଯାହା ସମଗ୍ର ମାନବ ଜାତିର କଲ୍ୟାଣ ପ୍ରତି ଧ୍ୟାନ ଦେବ। ଏହି ପ୍ରକାର ଭାବନା କେବଳ ଜଣେ ଭାରତୀୟର ମନରେ ଆସିପାରେ ଯାହା ଅନ୍ୟ ଦେଶମାନଙ୍କ ନିମନ୍ତେ ଶିକ୍ଷଣୀୟ। ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଜି-୨୦ ସମ୍ମିଳନୀରେ ଯେଉଁ ଥିମ୍ ରଖାଯାଇଥିଲା ତାହା ହେଉଛି "ଏକ ପୃଥିବୀ, ଏକ ପରିବାର ଓ ଏକ ଭବିଷ୍ୟତ।" ଏହା ସମସ୍ତ ଦେଶମାନଙ୍କ ପାଇଁ ଗ୍ରହଣୀୟ ହେବା ଆବଶ୍ୟକ।

ସମଗ୍ର ପୃଥିବୀର ଦେଶମାନେ ଆଜି ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇ ତୃତୀୟ ବିଶ୍ୱଯୁଦ୍ଧର ଦ୍ୱାରଦେଶରେ ଦଣ୍ଡାୟମାନ। ରୁଷ, ୟୁକ୍ରେନ୍ ଓ ଇସ୍ରାଏଲ ପାଲେଷ୍ଟାଇନ ମଧ୍ୟରେ ଚାଲିଥିବା ଯୁଦ୍ଧ ଯେ କୌଣସି ମୁହୂର୍ତ୍ତରେ ବିଶ୍ୱଯୁଦ୍ଧର ରୂପ ନେଇପାରେ। ଏପରି ହେଲେ ସମଗ୍ର ମାନବ ସଭ୍ୟତା ପୃଥିବୀ ପୃଷ୍ଠରୁ ଧ୍ୱଂସ ହେବା ନିଶ୍ଚିତ। ଏହି ପରିପ୍ରେକ୍ଷୀରେ ଭାରତର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତ ହିଁ ଏକମାତ୍ର ଦେଶ ଯେକି ଦୁଇ ମହାଶକ୍ତିଙ୍କ ସହିତ ଉତ୍ତମ ସମ୍ପର୍କ ରଖିଛି ଏବଂ ଯୁଦ୍ଧକୁ ଏଡାଇବାକୁ ହେଲେ ଭାରତ ହିଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ନିକଟ ଅତୀତର ଭାରତର ପ୍ରଧାନମନ୍ତ୍ରୀ ରୁଷ ରାଷ୍ଟ୍ରପତିଙ୍କ ସହ କଥାବାର୍ତ୍ତା ସମୟରେ କହିଥିଲେ ଯେ ଏହା ଯୁଦ୍ଧର ଯୁଗ ନୁହେଁ। ଭାରତକୁ ଛାଡି ଅନ୍ୟ କୌଣସି ରାଷ୍ଟ୍ରମୁଖ୍ୟ ଏପରି ଉପଦେଶ ଦେଇ ନାହାନ୍ତି। ଗତ ଦଶ ବର୍ଷ ଭିତରେ ଭାରତର ପ୍ରଧାନମନ୍ତ୍ରୀ ବିଶ୍ୱର କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ବିଭିନ୍ନ ବିଶ୍ୱସ୍ତରୀୟ ସମ୍ମିଳନୀମାନଙ୍କରେ ଭାରତର ଆଭିମୁଖ୍ୟ ଉପସ୍ଥାପନ କରି ଆସୁଛନ୍ତି। ସେହି ସବୁ ବିଷୟଗୁଡିକ ହେଉଛି ଜଳବାୟୁ ପରିବର୍ତ୍ତନ, ଆତଙ୍କବାଦୀ ଆକ୍ରମଣ ଓ ଗ୍ଲୋବାଲ ସାଉଥ ଦେଶମାନଙ୍କର ବିଭିନ୍ନ ସମସ୍ୟା। କେବଳ ଭାରତ ହିଁ ଏହି ସବୁ ବିଷୟ ଉପରେ ବାରମ୍ବାର ଚିନ୍ତାପ୍ରକଟ କରି ଆସୁଛି।

ବିପଦ ସମୟରେ ନିଜର ସାମର୍ଥ୍ୟ ଅନୁସାରେ ସାହାଯ୍ୟ କରିବାକୁ ଭାରତ କେବେ ପଛାଏ ନାହିଁ। ଅତ୍ୟନ୍ତ ମାରାତ୍ମକ କୋଭିଡ ମହାମାରୀ ବ୍ୟାପିଥିବା ସମୟରେ ଭାରତ ୧୦୦ରୁ ଉର୍ଦ୍ଧ୍ୱ ଦେଶମାନଙ୍କୁ କୋଭିଡ ପ୍ରତିରୋଧକ ଭ୍ୟାକ୍ସିନ ପଠେଇ ମାନବସେବାରେ ଭାରତର ନିଷ୍ଠାର ପରିଚୟ ଦେଇଛି।

ଉପରୋକ୍ତ ବିଷୟଗୁଡିକ ବିଚାରକୁ ନେଇ ଆମେ କହି ପାରିବା ଯେ ଭାରତର ଯେଉଁ ଅନ୍ତର୍ନିହିତ ଶକ୍ତି ରହିଛି ତାହା ବିଶ୍ୱର ଦେଶମାନଙ୍କର ଆଶା ଆକାଂକ୍ଷା ପୂରଣକରିବାରେ ସମର୍ଥ ହୋଇପାରିବ। ତେଣୁ ଭାରତକୁ ବିଶ୍ୱଗୁରୁ କହିବାର ଯଥାର୍ଥତା ରହିଛି।

*ଦି ପର୍ଲ ରେସିଡେନ୍ସି, ଦୁର୍ଗାମାଧବ ନଗର*
*ଭୁବନେଶ୍ୱର,*
*ଦୂରଭାଷ: ୯୮୫୩୫୩୫୮୪*

# ଜଗନ୍ନାଥ ସଂସ୍କୃତି ଓ ତା'ର ଭାଷା ସାହିତ୍ୟର ସୁରକ୍ଷା

**ବଲ୍ଲଭ ରାଉତ**



ଜୟ ଶ୍ରୀଜଗନ୍ନାଥ !
ଇଏ ଆମ ସ୍ମୃତି ବିସ୍ମୃତିର ଓଡିଶା ମାଟି
ଇଏ ଆମ ଜଗନ୍ନାଥ ସଂସ୍କୃତି
ଓଡିଶାର ସାଭିମାନ ଓଡିଆ ଜାତିର
ମାଟି ପାଣି ପବନ ଯାର
ଜାଗିଥାଏ ଜଗନ୍ନାଥ ପ୍ରୀତି ॥

ଓଡିଶା ହେଉଛି ଦେବ ଭୂମି, ଯେଉଁ ପବିତ୍ର ଭୂମିରେ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଦାରୁ ବ୍ରହ୍ମ ରୂପେ ଉଭା ହୋଇଛନ୍ତି। ଯାହାଙ୍କ ସାନିଧ୍ୟ ଲାଭ କରିବାକୁ ଦେଶ ବିଦେଶରୁ ଅନେକ ସାଧୁ, ସନ୍ଥ, ମୁନି,ଋଷି, ଯୋଗୀ ଏ ମାଟିକୁ ଆସି କିଛି ଅନୁଭବ କରିବା ସହିତ ଫଳପ୍ରାପ୍ତି ହୋଇ ଅନେକ ଦିଗଦର୍ଶନ ଦେଇ ଯାଇଛନ୍ତି । ପ୍ରତିଦିନ ଦର୍ଶନ ପାଇବାକୁ ରାଜ୍ୟ, ଦେଶ ଓ ବିଶ୍ୱରୁ ହଜାର ହଜାର ସଂଖ୍ୟାରେ ଭକ୍ତମାନଙ୍କର ସମାଗମ ଘଟୁଛି। ଯାହାଙ୍କ ଯୋଗେ ଓଡିଶା ମାଟି ଧନ୍ୟ ହୋଇଛି। ସେ ହେଉଛନ୍ତି ଜଗତର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଜଗନ୍ନାଥ।

ଓଡିଶାର ମାଟି, ପାଣି, ପବନ ଓ ମଣିଷର ପ୍ରତିଟି କାର୍ଯ୍ୟ ପରିଚାଳିତ, ସେ ହେଉଛି ଜଗନ୍ନାଥ ସଂସ୍କୃତି। ଜୀବନର ପରମ୍ପରା, ଆଦର୍ଶ ଓ ରୀତିନିତିକୁ ସଂସ୍କୃତି କହିଥାଉ। ଯେଉଁ ଜାତିର ଆଦର୍ଶ, ଚିନ୍ତାଧାରା, ଜ୍ଞାନ, ସୃଜନଶୀଳତା ଓ ଆତ୍ମବିଶ୍ୱାସ ଯେତେ ବିସ୍ତୃତ ସେ ଜାତିର ସଂସ୍କୃତି ସେତେ ଉନ୍ନତ। ମଣିଷର ଦୈନନ୍ଦିନ ଜୀବନରେ ନୈତିକତା, ଆଚାର, ବିଚାର, ଦେବାଦେବୀ, ଜାନିଯାତ୍ରା, ପର୍ବପର୍ବାଣି, କଳା, ସାହିତ୍ୟ, ଖାଦ୍ୟ, ବେଶପୋଷାକ ଓ କୃଷି ଇତ୍ୟାଦି ହେଉଛି ଜଗନ୍ନାଥ ସଂସ୍କୃତିର ପରିଚୟ। ସମସ୍ତ ବସୁଧାକୁ ଗୋଟିଏ ପରିବାର ଭାବି ସମୁଦାୟ ମାନବ ଜାତିର ସୁଖ କାମନା କରିବା ଜଗନ୍ନାଥ ସଂସ୍କୃତିର ମୂଳ ଆଦର୍ଶ। ଜଗନ୍ନାଥ ଆରାଧନା ମାଧ୍ୟମରେ ଓଡିଶା ବାସୀ ଏହି ଆଦର୍ଶକୁ ପାଳନ କରି ଆସୁଛନ୍ତି। ଓଡିଶାରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ସଂସ୍କୃତି ଗଢି ଉଠିଛି। ଆମର ଧର୍ମ ଜଗନ୍ନାଥ ଧର୍ମ, ଆମର ସଂସ୍କୃତି ଜଗନ୍ନାଥ ସଂସ୍କୃତି। ଜଗନ୍ନାଥ ଧର୍ମ ଉପରେ ଯୁଗେ ଯୁଗେ ଶୈବ, ହିନ୍ଦୁ, ଜୈନ, ବୌଦ୍ଧ, ଶାକ୍ତ ଓ ବୈଷ୍ଣବ ଧର୍ମର ପ୍ରାଧାନ୍ୟ ରହିଛି।

ସେହି ରହସ୍ୟମୟ ଦେବତାଙ୍କୁ ଜାଣିବାକୁ ହେଲେ, ଅତୀତକୁ ଫେରିଯିବାକୁ ହେବ। ଏଠି ସ୍ମରଣ କରାଯାଇ ପାରେ, ଯେତେବେଳ ଦ୍ୱାପର ଯୁଗ ଶେଷ ହୋଇ କଳିଯୁଗର ଆରମ୍ଭ ହେଲା।

ସମ୍ଭବତଃ ଖ୍ରୀଷ୍ଟପୂର୍ବ ୩୧୦୨ବର୍ଷ ଅର୍ଥାତ

୫ ୧ ୨ ୬ବର୍ଷ ତଳେ ଭଗବାନ ଶ୍ରୀକୃଷ୍ଣ ଜାରା ଶବର ଦ୍ୱାରା ନିହତ ହେଲେ। ଦୀର୍ଘ ୬ଦିନ ସଂପୂର୍ଣ୍ଣ ଦାହ ହୋଇପାରି ନଥିବା ଅଧାପୋଡା ଶରୀରକୁ ସହଦେବଙ୍କର ପରାମର୍ଶ କ୍ରମେ ଜାରା ଓ ଅର୍ଜୁନ ସମୁଦ୍ରରେ ବିସର୍ଜନ ଦେଇଥିଲେ। ସେହି ଅର୍ଦ୍ଧ ଦାହ ଶରୀରରେ ଥିବା ହୃତପିଣ୍ଡ ସ୍ପନ୍ଦନ ସୃଷ୍ଟି କରି ଚାଲିଥିଲା। ଦୀର୍ଘ ବର୍ଷ ବର୍ଷ ଧରି ଜଳରେ ଭାସି ଭାସି ରହିଲେ। ଓଡିଶାର ଜଣେ ଶବର ଭକ୍ତ ବିଶ୍ୱାବସୁଙ୍କୁ ସ୍ୱପ୍ନାଦେଶ ହେଲା,ମୁଁ ଜଳରେ ଭାସି ଭାସି ଏଇ ଯାଗାରେ ଅଛି, ମୋତେ ଉଦ୍ଧାର କର । ଭକ୍ତ ବିଶ୍ୱାବସୁ ଚକିତ ହୋଇ ସମୁଦ୍ର କୂଳକୁ ଯାଇ ଦେଖିଲେ ବିଶ୍ୱାସର ଠାକୁର ଗୋଟିଏ ସ୍ଥାନରେ ତାଙ୍କର ଅର୍ଦ୍ଧଦଗ୍ଧ ଶରୀରଟି ନୀଳ ପଥର ମୂର୍ତ୍ତିରେ ପରିଣତ ହୋଇଯାଇଥିଲା। ସେହି ମୂର୍ତ୍ତିକୁ ଆଣି ଗୁମ୍ଫା ମଧ୍ୟରେ ରଖି ପୂଜା କଲେ। ଏ ରହସ୍ୟକୁ କାହାରି ଆଗରେ ପ୍ରକାଶ କଲେ ନାହିଁ। ଏମିତି ବର୍ଷ ବର୍ଷ ବିତିଗଲା। ଦିନେ ଅବନ୍ତୀର ରାଜା ବିଷ୍ଣୁ ଭକ୍ତ ଇନ୍ଦ୍ରଦ୍ୟୁମ୍ନ ଶୁଣିବାକୁ ପାଇଲେ ଭଗବାନ ଶ୍ରୀକୃଷ୍ଣ ନୀଳମାଧବ ରୂପରେ ଶବର ବିଶ୍ୱାବସୁଙ୍କ ଦ୍ୱାରା ପୂଜା ପାଉଛନ୍ତି। ତେଣୁ ମନ୍ତ୍ରୀ ବିଦ୍ୟାପତିଙ୍କୁ ପଠାଇ ଆଣିବାର ବ୍ୟବସ୍ଥା କଲେ । ମନ୍ତ୍ରୀ ବିଦ୍ୟାପତି ଶବର ରାଜା ବିଶ୍ୱାବସୁଙ୍କ କନ୍ୟା ଲଳିତାକୁ ବିବାହ କଲେ। ଲଳିତାର ସହାୟତାରେ ଆଖିରେ ଅନ୍ଧପୁଟୁଳି ବାନ୍ଧି ଚତୁରତାର ସହ ସୋରିଷ ବୁଣି ବୁଣି ସନ୍ଧାନ ନେଲେ। ବିଦ୍ୟାପତି ନୀଳମାଧବଙ୍କୁ ପାଇବାର ସମସ୍ତ ଯୋଜନା କରି, ଆଉ ଦିନେ ସୈନ୍ୟ ସାମନ୍ତ ସହ ସେହି ସ୍ଥାନରେ ପହଞ୍ଚିଲେ। କିନ୍ତୁ ସେଇ ଗୁମ୍ଫାରୁ ନୀଳମାଧବ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ। ମନ୍ତ୍ରୀଙ୍କ ଠାରୁ ଖବର ପାଇ ଦୁଃଖରେ ରାଜା ଇନ୍ଦ୍ରଦ୍ୟୁମ୍ନ ନୀଳମାଧବଙ୍କ ସନ୍ଧାନ ନପାଇ ପ୍ରାଣ ବିସର୍ଜନ କରିବାକୁ ନିଷ୍ପତ୍ତି ନେଲେ। ଦିନେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସ୍ୱପ୍ନାଦେଶ ହେଲା, ହେ ମୋର ପ୍ରିୟ ଭକ୍ତ ରାଜା ଇନ୍ଦ୍ରଦ୍ୟୁମ୍ନ ! ବ୍ୟସ୍ତ ହୁଅ ନାହିଁ ।

ମୁଁ ଦାରୁ ରୂପରେ ଆସି ବାଙ୍କି ମୁହାଣରେ ଲାଗିବି। ମୋତେ ଉଦ୍ଧାର କରିବ। ଠିକ ସମୟରେ ବାଙ୍କି ମୁହାଣରେ ଦାରୁ ଭାସି ଭାସି ଆସି ଲାଗିଲା। ଦାରୁ ଉଦ୍ଧାର କରାଯାଇ, ଭଗବାନଙ୍କ ନିର୍ଦ୍ଦେଶ ଅନୁଯାୟୀ ଦାରୁ ମୂର୍ତ୍ତି ନିର୍ମାଣ ପାଇଁ ବ୍ୟବସ୍ଥା କଲେ। ରାଜା ବଢେଇ ଡକାଇ ବିଫଳ ହେବାରୁ, ନିଜେ ଭଗବାନ ବିଷ୍ଣୁ ବିଶ୍ୱକର୍ମା ରୂପରେ ସେହି ଦାରୁରେ ବିଗ୍ରହ ନିର୍ମାଣ କଲେ। ବିଶ୍ୱକର୍ମାଙ୍କର ନିର୍ଦ୍ଦେଶ ଥିଲା, ନିର୍ମାଣ ୨୧ ଦିନ ର୍ପ୍ୟନ୍ତ କବାଟ ଯେପରି ଖୋଲା ନଯାଏ। ରାଣୀ ଶ୍ରୀଗୁଣ୍ଡିଚାଙ୍କର ଭୁଲ ପାଇଁ ସମ୍ପୂର୍ଣ୍ଣ ବିଗ୍ରହ ନିର୍ମାଣ ଅଧାଗଢାରେ ରହିଗଲା। ରାଜା ନିଜକୁ ଅପରାଧୀ ମଣିଲେ। ସ୍ୱପ୍ନ ହେଲା, ବ୍ୟସ୍ତ ହେବାର ନାହିଁ। ଏଇ ଅଧାଗଢା ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ ରୂପରେ ଆମେ ପୂଜା ପାଇବୁ। ବିଗ୍ରହ ପ୍ରତିଷ୍ଠା ପାଇଁ ରାଜା ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କୁ ଆଣିବା ଉଦ୍ଦେଶ୍ୟରେ ସ୍ୱର୍ଗକୁ ଗଲେ। ରାଜାଙ୍କ ଫେରିବା ପାଇଁ ହଜାର ହଜାର ବର୍ଷ ବିତିଗଲା। ମନ୍ଦିର ବାଲିରେ ପୋତି ହୋଇପଡ଼ିଲା। ଦିନେ ରାଜା ଗାଲମାଧବ ସେହି ପଥ ଦେଇ ଯିବା ସମୟରେ ଅଶ୍ୱର ଖୁରା ମନ୍ଦିରର ଚୂଡାରେ ବାଜି କ୍ଷତାକ୍ତ ହେଲା। ଏହାର ସନ୍ଧାନରେ ରାଜା ସୈନ୍ୟ ସାମନ୍ତଙ୍କ ଦ୍ୱାରା ବାଲି ବାହାର କରି ମନ୍ଦିରର ସନ୍ଧାନ ପାଇଲେ। ରାଜା ଚୋଡ଼ଗଙ୍ଗ ଦେବଙ୍କ ଦ୍ୱାରା ମନ୍ଦିର ମରାମତି କରାଯାଇ ରାଜା ଅନଙ୍ଗଭୀମ ଦେବଙ୍କ ଦ୍ୱାରା ଶେଷ କରାଯାଇ ଥିଲା। ସେବେଠାରୁ ପ୍ରଭୁ ଦାରୁ ଦେବତା ରୂପେ ଉଭା ହେଲେ। ଜଗତ କହିଲେ ପୃଥିବୀ, ନାଥ କହିଲେ କର୍ତ୍ତା। ଜଗତ କର୍ତ୍ତା ଶ୍ରୀଜଗନ୍ନାଥ ନାମରେ ପରିଚିତ ହେଲେ ।

**ପର୍ବପର୍ବାଣି-**

ଜଗନ୍ନାଥ ସଂସ୍କୃତି ଅନୁସାରେ ଆମ ଓଡ଼ିଶାର ବାର ମାସରେ ତେର ପର୍ବ ପାଳିତ ହୁଏ। ସବୁ ପର୍ବପର୍ବାଣି ସାଧାରଣତଃ ଧର୍ମ ଓ ପୌରାଣିକ ଉପାଖ୍ୟାନ ଉପରେ ପ୍ରତିଷ୍ଠିତ। ଓଡିଶାର ଲୋକମାନଙ୍କୁ ଏହି ପର୍ବପର୍ବାଣି ଗୁଡିକ ବହୁ ଆନନ୍ଦ ଦେବା ସହିତ ଅନେକ ଶିକ୍ଷା ଦେଇଥାଏ। ସେଥି ମଧ୍ୟରୁ ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡା ଯାତ୍ରା, ଅକ୍ଷିତୃତୀୟା, ଚନ୍ଦନଯାତ୍ରା, ଝୁଲଣ ଯାତ୍ରା, ଗହ୍ମାପୂର୍ଣ୍ଣିମା, ଜନ୍ମାଷ୍ଟମୀ, ଗଣେଶ ପୂଜା, ଖୁଦୁରୁକୁଣୀ, ଦୁର୍ଗାପୂଜା, କୁମାର ପୂର୍ଣ୍ଣିମା, କାର୍ତ୍ତିକପୂର୍ଣ୍ଣିମା, ଦୀପାବଳୀ, ମାଣବସା, ଶ୍ୟାମ୍ବ ଦଶମୀ, ମକର ସଂକ୍ରାନ୍ତି, ଅଗ୍ନିଉତ୍ସବ, ଶିବରାତ୍ରି, ଦୋଳଯାତ୍ରା, ପଣା ସଂକ୍ରାନ୍ତି, ଝାମୁଯାତ୍ରା, ସାବିତ୍ରୀ ବ୍ରତ, ଶୀତଳ ଷଷ୍ଠୀ, ଦେବସ୍ନାନ ଯାତ୍ରା, ରଜ ପର୍ବ ଓ ରାସ ପୂର୍ଣ୍ଣିମା ପରି ପାଳିତ ହୁଏ ଅନେକ ପର୍ବ, ଯେଉଁ ଠାରେ ଭକ୍ତଙ୍କ ସମାଗମ ହୁଏ। ପର୍ବପର୍ବାଣି ଦ୍ୱାରା ଲୋକମାନଙ୍କ ମଧ୍ୟରେ ସତ୍ୟ, ନିଷ୍ଠା, ଦୟା, କ୍ଷମା ଓ ପବିତ୍ରତା ଆଦିର ବିକାଶ ଘଟି ମିତ୍ରତା ବୃଦ୍ଧି ପାଇ, ଦୂର ସହ ନିକଟର ମିଳନ ହୋଇଥାଏ ।

**ନୃତ୍ୟ -**

ନୃତ୍ୟ ଓ ସଙ୍ଗୀତ ଜଗନ୍ନାଥ ସଂସ୍କୃତିର ଅନ୍ୟତମ ବିଭବ। ସଂସ୍କୃତିର ପ୍ରାରମ୍ଭରୁ ଶ୍ରୀଜଗନ୍ନାଥଙ୍କ ପାଖରେ ଦେବଦାସୀ ନୃତ୍ୟ ଅନୁଷ୍ଠିତ ହୋଇ ଆସୁଥିଲା। ଓଡିଶାର ଓଡିଶୀନୃତ୍ୟ ଓ ସଙ୍ଗୀତ ସଂସ୍କୃତିର ମହାନ ନିଦର୍ଶନ। ଓଡିଶାର ବିଭିନ୍ନ ଅଞ୍ଚଳରେ ଗଢି ଉଠିଥିବା, ସମ୍ବଲପୁରୀ, ଛଉ, ଦଣ୍ଡ, ରଣପା, ଗୋଟିପୁଅ ଇତ୍ୟାଦି ଲୋକ ନୃତ୍ୟ ଅନ୍ୟତମ।

**ସ୍ଥାପତ୍ୟ -**

ଓଡିଶାର ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ କାରୁକାର୍ଯ୍ୟ ଆମ ଜଗନ୍ନାଥ ସଂସ୍କୃତିର ଏକ ମହାନ ନିଦର୍ଶନ। କୋଣାର୍କର ସୂର୍ଯ୍ୟ ମନ୍ଦିର, ପୁରୀର ଜଗନ୍ନାଥ ମନ୍ଦିର, ଶ୍ରୀଗୁଣ୍ଡିଚାର ମନ୍ଦିର, ଶ୍ରୀଲୋକନାଥ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ରାଜରାଣୀ ମନ୍ଦିର, ଶ୍ରୀପର୍ଶୁରାମେଶର ମନ୍ଦିର, ଶ୍ରୀମୁକ୍ତେଶର ମନ୍ଦିର, କେନ୍ଦ୍ରାପଡ଼ାର ଶ୍ରୀବଳଦେବ ଜୀଉ ମନ୍ଦିର, ବ୍ରହ୍ମପୁର (ପୁରୁଷୋତ୍ତମପୁର)ର ମାଆ ତାରା ତାରିଣୀ ପୀଠ, ଝଙ୍କଡ ଶାରଳା ପୀଠ, ଘଟଗାଁ ତାରିଣୀ ପୀଠ, ଯାଜପୁର ବିରଜା ପୀଠ, ନବରଙ୍ଗପୁର ଭଣ୍ଡାର ଘରଣୀ ପୀଠ, ବାଙ୍କି ଚର୍ଚ୍ଚିକା ପୀଠ,ସମ୍ବଲପୁର ସମଲେଇ ପୀଠ, କୋରାପୁଟ ଶାବର ଶ୍ରୀକ୍ଷେତ୍ର, ଇନ୍ଦ୍ରାବତୀ ଗୋପାଳ ଶ୍ରୀକ୍ଷେତ୍ର ପରି ଓଡିଶାର ବିଭିନ୍ନ ସ୍ଥାନରେ ମନ୍ଦିରର କଳା ଚାତୁରୀ ଦେଖଣାହାରୀଙ୍କ ମନକୁ ମୁଗ୍ଧ କରିଥାଏ।

**ଶିଳ୍ପକଳା-**

ଓଡିଶା ଶିଳ୍ପର ଦକ୍ଷତା ସମସ୍ତଙ୍କୁ ପ୍ରଭାବିତ କରିଛି। ସେଥିପାଇଁ ଓଡିଶାର ପ୍ରାଚୀନ ନାମ ଉତ୍କଳ। କଟକ ତାରକସି କାମ ଓ ଶିଙ୍ଗକାମ, ସମ୍ବଲପୁରର ସମ୍ବଲପୁରୀ ଶାଢୀ, ବ୍ରହ୍ମପୁର ପାଟଲୁଗା, ଭୁବନ, କଣ୍ଟିଲୋ, ବାଲକାଟି ଓ ରେମୁଣା କଂସା ବାସନ, ପିପିଲି ଚାନ୍ଦୁଆ ଶିଳ୍ପ କଳାର ପରିଚୟ ଦେଇଛି। ଓଡିଶା ପ୍ରାଚୀନ କାଳରୁ ସାରା ବିଶ୍ୱରେ ପ୍ରସିଦ୍ଧିଲାଭ କରିଥିଲା। ଅତୀତରେ ବୋଇତ ମେଲାଇ ସାଧବ ପୁଅମାନେ ଦୂର ଦେଶକୁ ଯାଇ ବେପାର କରି ଓଡିଶାର ସଂସ୍କୃତି, ସାହିତ୍ୟ ଓ ଶିଳ୍ପକଳାର ପ୍ରସାର ପ୍ରଚାର କରୁଥିଲେ।

**ଭାଷା-**

ସମାଜରୁ ହିଁ ଭାଷାର ଜନ୍ମ। ସମାଜ ନଥିଲେ ଭାଷା ସୃଷ୍ଟି ଅସମ୍ଭବ। ସମାଜ ମାଧ୍ୟମରେ ଭାବର ଆଦାନ ପ୍ରଦାନ ପାଇଁ ମନୁଷ୍ୟର ଯେଉଁ ଚିରନ୍ତନ ପ୍ରଚେଷ୍ଟା, ତା' ମଧ୍ୟରେ ହିଁ ଭାଷା ଜନ୍ମଲାଭ କରିଛି। ଯଦି ଓଡିଆ ଭାଷାର ଜନ୍ମ ଜାତକକୁ ଯିବା, ଯେତେବେଳେ ବୈଦିକ ଭାଷା ଓ ସଂସ୍କୃତ ଭାଷା ନିୟମବଦ୍ଧ ହୋଇ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ମୈରସୀ ସଂପତ୍ତି ରୂପେ ବିବେଚିତ ହେଲା, ସେତେବେଳେ ସଂସ୍କୃତ ଭାଷାକୁ ସାହିତ୍ୟ ଭାଷା ଓ ପ୍ରାକୃତ ଭାଷାକୁ ଜନସାଧାରଣଙ୍କ ଭାଷା ରୂପେ ବ୍ୟବହାର କରାଗଲା। ପରବର୍ତ୍ତୀ କାଳରେ ପ୍ରଚଳିତ ପ୍ରାକୃତ ଭାଷାର ପରିବର୍ତ୍ତନ ହୋଇ, ଆଧୁନିକ ପ୍ରାଦେଶିକ ଭାଷା ଜନ୍ମ ନେଲା। ଯେଉଁମାନେ ଆଧୁନିକ ପ୍ରାଦେଶିକ ଭାଷାକୁ ବ୍ୟବହାର କରୁଥିଲେ,ସେହି ଆର୍ଯ୍ୟଗୋଷ୍ଠୀ ମାନେ ଉତ୍ତର ପଶ୍ଚିମ ଭାରତଭୂଖଣ୍ଡ ପରିତ୍ୟାଗ କରି ଆସି

ମହୋଦଧି ତଟସ୍ଥ ଉତ୍ର ଖଣ୍ଡରେ ବସବାସ କଲେ। ସେମାନଙ୍କ କଥିତ ଭାଷା ପ୍ରାକୃତ, ଓଡ୍ରୀ, ଓଡ୍ରୀମାଗଧି, ଓଡ୍ରୀ ଅର୍ଦ୍ଧମାଗଧି ପର୍ଯ୍ୟାୟ ଦେଇ ଓଡିଆ ଭାଷା ଜନ୍ମ ନେଲା। ଏହା ଥିଲା ପୂର୍ବାଞ୍ଚଳ ଆର୍ଯ୍ୟ ଭାଷା। ଭାଷା କହିଲେ କେବଳ ଲେଖିପଢି କହିବାକୁ ବୁଝାଏ ନାହିଁ। ଭାଷା ହେଉଛି ମଣିଷର ଚିନ୍ତା, ଚେତନା, ଅଭ୍ୟାସ, କର୍ମ, ପ୍ରଚେଷ୍ଟା ଓ ସଂସ୍କୃତି। ଭାଷାର ପ୍ରସାର ଓ ପ୍ରଗତି ସମ୍ଭବ ହୋଇଛି ସେହି ଭାଷା ଭାଷୀ ଅଧିବାସୀଙ୍କ ଦ୍ୱାରା। ନିରବଚ୍ଛିନ୍ନ ଭାବେ ଭାବର ଆଦାନ ପ୍ରଦାନ ଓ ଲେଖାର ନିୟମିତ ଅଭ୍ୟାସ ଯୋଗୁଁ ।

**ଲିପି-**

ଖ୍ରୀଷ୍ଟପୂର୍ବ ୬ ଶତାବ୍ଦୀ ସମୟକୁ ବ୍ରାହ୍ମୀ ଲିପିରୁ ଓଡିଆ ଲିପି ଜନ୍ମ ନେଇଥିଲା। ଏହାର ୩୦୦ ବର୍ଷ ପରେ ଭରତ ମୁନି ନାଟ୍ୟ ଶାସ୍ତ୍ର ପ୍ରଣୟନ କରିଥିଲେ। ଭାରତର ସାତଗୋଟି ଭାଷା ମଧ୍ୟରେ ଭରତମୁନି ଓଡିଆ ଭାଷାକୁ ଅନ୍ତର୍ଭୁକ୍ତ କରିଥିଲେ। ଗର୍ବର କଥା, ଓଡିଶା ହେଉଛି ଏକ ଆଦିମ ମାନବ ଜାତିର ଜନ୍ମ ଭୂମି। ଭରତ ମୁନିଙ୍କ ନାଟ୍ୟ ଶାସ୍ତ୍ର ରଚନା ପୂର୍ବରୁ ଏହା ଥିଲା ଏକ ଉତ୍ର ଦେଶ। ଭାବ ବିନିମୟ ପାଇଁ ଉତ୍ରମାନେ ବ୍ୟବହାର କରୁଥିଲେ ଏକ ଆଷ୍ଟ୍ରିକ ଭାଷା।ତେଣୁ ଓଡିଆ ଏକ ପ୍ରାଚୀନ ଆର୍ଯ୍ୟଭାଷା। ବୈଦିକ ଯୁଗରୁ ଏହି ଭାଷାର ଉନ୍ମେଷ ଘଟି ବିକାଶର ଧାରାରେ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରୁ ଲିଖିତ ଭାଷାର ମର୍ଯ୍ୟାଦା ଲାଭ କରିଥିଲା।

**ସାହିତ୍ୟ-**

ଷଷ୍ଠ-ସପ୍ତମ ଶତାବ୍ଦୀ ବେଳକୁ ଓଡିଆ ଭାଷା ପ୍ରଜ୍ଞାର ଐଶ୍ୱର୍ଯ୍ୟମୟ ଆଭାସରେ ଉଦ୍ଭାସିତ ହୋଇ ସାହିତ୍ୟ ସୃଷ୍ଟି କରିବା ସହଜ ହୋଇଥିଲା। ପରବର୍ତ୍ତୀ କାଳରେ ଓଡିଆ ଭାଷା ସାହିତ୍ୟ ସୃଷ୍ଟିର ପରମ୍ପରା ପ୍ରତିଭାତ ହୋଇଥିଲା ୮୦୦-୧୩୦୦"ଶତାବ୍ଦୀ ମଧ୍ୟରେ ଓଡିଆ ସାହିତ୍ୟର କ୍ରମ ବିକାଶ ପାଇଁ ଏକ ମାର୍ଗ ନିର୍ଦ୍ଦେଶକ ଥିଲା। ସେହି ପ୍ରାଚୀନ ଓଡିଆ ସାହିତ୍ୟ ମଧ୍ୟରେ ଚର୍ଚ୍ଚାଗୀତ ଓ ସିଦ୍ଧି ସାହିତ୍ୟ ସୃଷ୍ଟି ଲାଭ କରି ଓଡିଆ ଭାଷାରେ ଗୌରବ ସୃଷ୍ଟି ହୋଇଥିଲା। ଏତଦ୍‌ଭିନ୍ନ ଏହି ସମୟରେ ବ୍ରହ୍ମ କଥିତ ଲୋକସାହିତ୍ୟ ମଧ୍ୟ ସୃଷ୍ଟି ହୋଇଥିଲା। ଚତୁର୍ଦ୍ଦଶ ଶତାବ୍ଦୀରେ ଚଉତିଶା ଓ ଓଷା ବ୍ରତ କଥା ଓଡିଆ ଭାଷାରେ ରଚନା କରା ଯାଇଥିଲା। ପଞ୍ଚଦଶ ଶତାବ୍ଦୀ ବେଳକୁ ମାଟିର ମହାକବି ସାରଳା ଦାସଙ୍କ ଦ୍ୱାରା ବିଶାଳ ଓଡିଆ ଭାଷାରେ ମହା ଭାରତ ସୃଷ୍ଟି କରାଯାଇ ପୂର୍ଣ୍ଣ ବିକଶିତ ଭାଷାର ମାନ୍ୟତା ଲାଭ କରିଥିଲା। ଶିକ୍ଷା, ରୁଚି, ଜ୍ଞାନ ଅନୁଯାୟୀ ସାରଳା ଦାସଙ୍କ ପରବର୍ତ୍ତୀ ପଞ୍ଚସଖା ଯୁଗରେ ଓଡିଆ ଭାଷାରେ ବ୍ୟାପକ ସାହିତ୍ୟ ସୃଷ୍ଟି ହୋଇ ବିକାଶର ଚରମ ସୀମା ସ୍ପର୍ଶ କଲା। ସେଥି ମଧ୍ୟରୁ ଓଡିଆ ଭାଗବତ ଏହାର ନିଦର୍ଶନ। ତା'ପରେ ଓଡିଆ ଭାଷାର ବିକାଶ ଘଟିଚାଲିଲା। ପରବର୍ତ୍ତୀ ସମୟରେ ଆରବୀ, ପାରସିକ, ପର୍ତ୍ତୁଗୀଜ,ଫରାସୀ ଓ ଇଂରେଜ ଭାଷାର ପ୍ରଭାବ ଓଡିଆ ଭାଷାରେ ପଡି ଭାଷାର ସ୍ୱରୂପ ପରିବର୍ତ୍ତନ ହୋଇଗଲା। ଭାଷାବିତ୍‌ମାନେ ଏହି ପରିବର୍ତ୍ତନକୁ ଭାଷାର ବିକାଶ ବୋଲି ବିବେଚନା କରିଥାନ୍ତି।

ଓଡିଶାର ଭାଷା ସାହିତ୍ୟ ପୃଥିବୀର ପୁରାତନ ଭାଷାମାନଙ୍କ ମଧ୍ୟରୁ ଅନ୍ୟତମ। ଓଡିଆ ଭାଷାରେ ରଚିତ ରାମାୟଣ, ମହାଭାରତ, ଭାଗବତ, ଅନ୍ୟାନ୍ୟ ପୁରାଣ, କାବ୍ୟ କବିତା ଓଡିଶାର ସଂସ୍କୃତିକୁ ସମୃଦ୍ଧି କରିବା ସହିତ ପାଲା,ଦାଶକାଠିଆ, ଯାତ୍ରା, ଘୋଡାନାଚ, ଭଜନ, ଜଣାଣ, ମାଧ୍ୟମରେ ଓଡିଶାର ସାହିତ୍ୟକୁ ସମୃଦ୍ଧ କରିଛି। ଯାହା ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବର୍ତ୍ତମାନ ଓଡିଆ ଭାଷା ସାହିତ୍ୟର ସମୃଦ୍ଧି ଘଟିଛି। କବି, ଲେଖକ, ନାଟ୍ୟକାର, ଗାଳ୍ପିକ ଓ ପ୍ରକାଶକ ମାନଙ୍କର ଅଭାବ ନାହିଁ।

ଅତୀତ ଅପେକ୍ଷା ବର୍ତ୍ତମାନ ସାହିତ୍ୟ ପୃଷ୍ଠା ମେଲିମେଲି ଚାଲିଛି। ଯେଉଁ ସବୁ କାରଣ ଯୋଗୁଁ ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଲା ତା'ର ମୁଖ୍ୟ କାରଣ ହେଉଛି ଓଡିଆ ଭାଷାରେ ସହସ୍ର ବର୍ଷ ଧରି ନିରବଚ୍ଛିନ୍ନ ପ୍ରୟୋଗ ଓ ବ୍ୟବହାର।

ଏବେ କିନ୍ତୁ ବ୍ୟାପକ ଭାବରେ ଭାଷା ଲୋପର ଖବର ସ୍ୱଭାବତଃ ସମସ୍ତଙ୍କୁ ଉଦବିଗ୍ନ କରିଛି। ଭାଷା ହୀନତା ହେଉଛି ଅସ୍ତିତ୍ୱ ହୀନତାର ନାମାନ୍ତର। ଭାଷା ମଣିଷର ବ୍ୟକ୍ତିତ୍ୱ ପରିଚୟ ପ୍ରଦାନ କରିଥାଏ। ଆମେ ଯଦି ଭାଷା କଥା ଚିନ୍ତା କରିବା, କେବଳ ଆମ ଓଡିଶାରେ ଯେତେ ଜିଲ୍ଲା ରହିଛି, ପ୍ରତି ଜିଲାରେ ଆଞ୍ଚଳିକ ଭାଷା ରହିଛି। ଆଞ୍ଚଳିକ ଭାଷା ପ୍ରତି ଅବହେଳା ପ୍ରଦର୍ଶନ କରାଯାଉ ଥିବାରୁ ଭାଷା କ୍ଷୟ ହେବାରେ ଲାଗିଛି। ଓଡିଶା କାହିଁକି, ସାରା ପୃଥିବୀବାସୀ ନିଜନିଜର ମାତୃଭାଷା ପ୍ରତି ଅବହେଳା ପ୍ରଦର୍ଶନ କରୁଥିବାରୁ ଭାଷା କ୍ଷୟ ହବାରେ ଲାଗିଛି । ଆମେ ଯଦି ଅତୀତକୁ ଫେରିଯିବା, ଖ୍ରୀଷ୍ଟପୂର୍ବ ୮୦୦୦ବର୍ଷ ତଳେ ପୃଥିବୀର ପ୍ରାୟ କୋଡିଏ ହଜାର ଭାଷାଥିଲା। ବର୍ତ୍ତମାନ ଜୀବିତ ଭାଷା ସଂଖ୍ୟା ସାତ ହଜାର। ପ୍ରତି ଦୁଇ ସପ୍ତାହରେ ଗୋଟିଏ ଭାଷାର ବିଲୋପ ଘଟୁଛି।

ତେଣୁ ଓଡିଆ ଭାଷାର ସୁରକ୍ଷା ପାଇଁ ୧- ଓଡିଆ ଭାଷାକୁ ପ୍ରତ୍ୟେକଟି ସ୍ତରରେ ବାଧ୍ୟତାମୂଳକ କରିବା, ୨-ଓଡିଆ ଭାଗବତ, ରାମାୟଣ, ମହାଭାରତ ପରି ଅନେକ ପୁସ୍ତକ ଅଧ୍ୟୟନ କରି, ଏହାର ପ୍ରାଚୀନତା ଲୋକଲୋଚନରେ ପଦାର୍ପଣ କରାଇବା। ୩- ପଥ ପ୍ରାନ୍ତ ସାହିତ୍ୟ ସଭା ଅନୁଷ୍ଠିତ କରିବା ୪- ଓଡ଼ିଆ ଭାଷାରେ ଚାକିରୀ ପାଇଁ ଓଡ଼ିଆ। ଭାଷାରେ ପ୍ରଚଳିତ ପରୀକ୍ଷା କରାଇବା ୫-ଓଡିଆ କହିବା, ଓଡିଆ ଲେଖିବା, ଓଡିଆ ପଢିବା,ଓଡିଆ ଭାବିବା, ଓଡିଆ ଲୋକମାନଙ୍କ କର୍ତ୍ତବ୍ୟରେ ପରିଣତ କରାଇବା। ଏହା ନକଲେ ଓଡିଆ ଭାଷା ଅନ୍ଧାର ଭିତରକୁ ଚାଲିଯିବ। ତେଣୁ ଭାଷା ସଙ୍କଟ ଦୂର କରି ବିଶ୍ୱ ସ୍ତରରେ ଭାଷାକୁ ପ୍ରତିଷ୍ଠା କରିବା।

ଭାଷା ପାଇଁ ମମତାରେ ମହୁ ଢାଳି
ସଜାଏ ଯେ ପ୍ରୀତିର ଦୀପାଳି
ତାକୁ ଯେବେ ବୁଝେ ନାହିଁ ଜାତି
ପାଦେ ଦିଏ ଠେଲି ॥
ସେଥିପାଇଁ ଲୋଡା ଆଜି
ଏ ଜାତି ଭାଷା ସାହିତ୍ୟର
ଅନ୍ତରଙ୍ଗ ପ୍ରୀତି ॥

ସୁଦୀର୍ଘ ଅତୀତରୁ ଓଡିଶାର ସାମାଜିକ ଉତ୍‌ଥାନ ପତନ ମଧ୍ୟରେ ସଂସ୍କୃତିର ଧାରା ପ୍ରଭାବିତ ହୋଇ ଆସୁଥିବା ବେଳେ ଏବେ କିନ୍ତୁ ତା'ର ଭାଷା, ସାହିତ୍ୟ, ନୃତ୍ୟ, ଗୀତ ଚଳଣୀ, କାହାଣୀ କମି କମି ଆସୁଛି। ସେଇ ଅତୀତକୁ ଫେରାଇ ଆଣିବା ପାଇଁ ବର୍ତ୍ତମାନ ଏ ପ୍ରଚେଷ୍ଟା। ଆସନ୍ତୁ ସମସ୍ତେ ମିଶି ଆମ ଭାଷା,ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇ ରଖିବା।

*ପ୍ରାକ୍ତନ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ*
*ସା/ପୋ -ଧୋଡ୍ରା, ଉମରକୋଟ, ନବରଙ୍ଗପୁର*
*ଦୂରଭାଷ: ୯୪୩୭୮୨୧୨୪୦*

# ଓଡ୍ର, ଉଡ୍ଡୀୟାନ ଓଡ୍ଡାଧୀଶ

ଡ(ଇଂ) ସଞ୍ଜୟ କୁମାର ପଣ୍ଡା

ପ୍ରଚଣ୍ଡ ଆଧ୍ୟାତ୍ମିକ ଓ ଐତିହାସିକ ପୃଷ୍ଠଭୂମିରେ ପୁରୁଷୋତ୍ତମଙ୍କ ପ୍ରିୟ ଭୂମି ଭାବେ ଗୌରବଶାଳୀ ପରିଚୟ ବହନ କରି ସଭ୍ୟତାର କ୍ରମଃବିକାଶରେ ଓଡ଼ିଶା କେତେବେଳେ ଉତ୍କଳ, ଓକ୍କଳ, କଳିଙ୍ଗ, ଓଡ୍ରଦେଶ, ଓଡ୍ଡକ, ଉଡ୍ଡୀୟାନ ପୀଠ ଭାବେ ବିଭିନ୍ନ ଭୂଖଣ୍ଡରେ କାୟା ବିସ୍ତାର କରି ନିଜର ସ୍ୱର୍ଣ୍ଣିମ ଅଧ୍ୟାୟ ଲିପିବଦ୍ଧ କରିବାରେ ସମର୍ଥ ହୋଇଛି। ଭାରତୀୟ ଇତିହାସ ମାନଚିତ୍ରରେ ବୁଦ୍ଧଦେବଙ୍କ ମହାନିର୍ବାଣ ସମୟ ଖ୍ରୀ.ପୂ. ୪୦୦ ରୁ ୬୦୦ ମଧ୍ୟରେ କଳିଙ୍ଗରେ ବ୍ରହ୍ମଦତ୍ତ ନାମ ଏକ ରାଜା ଶାସନ କରୁଥିଲେ । ଖ୍ରୀ.ପୂ. ୨୬୦ରେ ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ କଳିଙ୍ଗ ଆକ୍ରମଣ ଓ ବୁଦ୍ଧଧର୍ମ ଗ୍ରହଣ, ଖ୍ରୀ.ପୂ. ପ୍ରଥମ ଶତାବ୍ଦୀରେ ଖାରବେଳଙ୍କ ଶୌର୍ଯ୍ୟତା ହେତୁ କଳିଙ୍ଗ ସମୁଦ୍ର ପାରି ଜାଭା (ଇଣ୍ଡୋନେସିଆ) ପର୍ଯ୍ୟନ୍ତ ବିସ୍ତୃତ ହେଲା । ଭୌମକରଙ୍କ ସମୟରେ କଳିଙ୍ଗ ଶୈବ ସଂସ୍କୃତିକୁ ଜାଗ୍ରତ କରିଥିବା ବେଳେ ଗଙ୍ଗ ସାମ୍ରାଜ୍ୟରେ ଅନନ୍ତବର୍ମନ ଚୋଡ଼ ଗଙ୍ଗଦେବଙ୍କ ଖ୍ରୀ. ୧୦୭୮-୧୧୪୭ରେ ପୁରୀରେ ଜଗନ୍ନାଥ ମନ୍ଦିର ଓ କଟକ ରାଜଧାନୀ ସ୍ଥାପନ, ନରସିଂହ ଦେବଙ୍କ ଖ୍ରୀ. ୧୨୩୮-୬୪ରେ କୋଣାର୍କ ମନ୍ଦିର ନିର୍ମାଣ ଆଦି କଳିଙ୍ଗର ଐତିହ୍ୟକୁ ପ୍ରସିଦ୍ଧି ପ୍ରଦାନ କରିଥିଲା। ଏହାର ପରବର୍ତୀ ପର୍ଯ୍ୟାୟରେ ପ୍ରାୟତଃ ଖ୍ରୀ. ୧୩୦୦ ରୁ ୧୬୦୦ ମଧ୍ୟରେ କଳିଙ୍ଗ ଓଡ୍ରଦେଶ ଭାବେ ପରିଚିତ ଲାଭ କରିଥିବା ଅନୁମିତ, ଯାହାକି କାଳଭୂଖଣ୍ଡରେ ଉଡ୍ଡିଶା, ଉଡିଶା, ଓଡ୍ର ଆଦି ନାମରେ ନାମିତ ହୋଇଥିଲା।

ହିନ୍ଦୁଧର୍ମର ନାଟ୍ୟଶାସ୍ତ୍ର ଅ୍ଧ୍ୟାୟ-୧୮ଅନୁଯାୟୀ ଓଡ୍ର ସାତଟି ବିଭାଷା ମଧ୍ୟରୁ ଅନ୍ୟତମ । ପୁନଶ୍ଚ ତ୍ରୟବିଂଶ ଅଧ୍ୟାୟରେ ଓଡ୍ର ଏକ ଆଦିବାସୀ ଜାତି ରୂପେ ବର୍ଣ୍ଣିତ ରହିଛି । ପୌରାଣିକ କିମ୍ବଦନ୍ତୀ ମୁତାବକ ମହାଭାରତର ସଭାପର୍ବ, ଅଧ୍ୟାୟ-୮୧, ପଦ-୨୩ରେ ଧର୍ମପୁତ୍ର ଓଡ୍ରର ରାଜା ଥିବା ବର୍ଣ୍ଣିତ । ସେହିପରି ମହାଭାରତର ସଭାପର୍ବ ଅଧ୍ୟାୟ-୩, ଶ୍ଳୋକ-୫୧ରେ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ ବର୍ଣ୍ଣନାରେ ଓଡ୍ରଦେଶ ସହ ଚତୁଃପାର୍ଶ୍ୱରେ ଅଙ୍ଗ, ବଙ୍ଗ, ପୌଣ୍ଡ୍ରର ବର୍ଣ୍ଣନା ରହିଛି । ଏଠାରେ ବର୍ଣ୍ଣିତ ଥିବା ଓଡ୍ର କେରଳର ପରିଚିତି ଅଦ୍ୟାବଧି ରହସ୍ୟାବୃତ୍ତ ରହିଛି । ଭାଗବତ ପୁରାଣ ଅନୁଯାୟୀ ରାଣୀ ସୁଦେଷ୍ଣା ଓ ରାଜା ଦୀର୍ଘତମଙ୍କ ଛଅଜଣ ପୁତ୍ର ଥିଲେ ଯଥା- ଓଡ୍ର, ପୌଣ୍ଡ୍ରିକ, ଦ୍ରାବିଡ଼, କମ୍ୱୋଜ, ସକ ଓ ଯବନ। ବିଶିଷ୍ଟ ଐତିହାସିକାର ବି.ସି. ମଜୁମଦାରଙ୍କ ମତରେ କଳିଙ୍ଗ ଓ ଦକ୍ଷିଣ କୋଶଳ ମଧ୍ୟସ୍ଥ ପାର୍ବତ୍ୟାଂଚଳ ଓଡ୍ର ଦେଶ ଅଟେ କିନ୍ତୁ ରାଖାଲ ଦାସ ବାନାର୍ଜୀଙ୍କ ମତରେ ଉତ୍ତର ଓଡ଼ିଶାକୁ ଓଡ୍ର ଦେଶ ମାନ୍ୟତା ମିଳେ। ପୁନଶ୍ଚ ସୋମଦତ୍ତଙ୍କ ଦ୍ୱାରା ପ୍ରଦତ୍ତ ତାମ୍ରଶାସନ ଅନୁଯାୟୀ ଉତ୍ତର ତୋଷାଳୀ, ଯାହାକି ଅବିଭକ୍ତ କଟକ, ବାଲେଶ୍ୱର, ମୟୁରଭଞ୍ଜ, ପଶ୍ଚିମବଙ୍ଗର ମିଦନାପୁର ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା, ତାହା ଓଡ୍ରବିଷୟ ଅଧୀନ ଥିଲା । ଫଳରେ ଓଡ୍ରର ବିସ୍ତୃତ ଅଂଚଳ ଉତ୍ତରରେ ସୁବର୍ଣ୍ଣରେଖାରୁ ଦକ୍ଷିଣରେ ବୈତରଣୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଭୌମକର ସମୟରେ ତୋଷାଳୀକୁ ଓଡ୍ର ରୂପେ ମାନ୍ୟତା ଥିଲା। ଆଦିକବି ସାରଳା ଦାସ ମଧ୍ୟ ଉଡିଶାର ବର୍ଣ୍ଣନା କରିଛନ୍ତି, ଯାହା ଓଡ୍ରଦେଶ ସହ ସାମଞ୍ଜସ୍ୟ ରହିଛି । ଅତଏବ ଓଡ୍ର, ଉତ୍କଳ, କଙ୍ଗୋଦ, କଳିଙ୍ଗ, ତୋଷାଳୀ, କୋଶଳ ଆଦି ନିଜ ନିଜ ମଧ୍ୟରେ ନାମ ପରିବର୍ତନ କରିଛନ୍ତି ।

ଶାକ୍ତ ଶାସ୍ତ୍ର ଅନୁଯାୟୀ ଓଡ୍ର ଓଡିଶାର ପ୍ରାଚୀନ ନାମ ଅଟେ, ଯାହା ଉଡ୍ଡୁ ସହ ସମ୍ପର୍କିତ । କୁବ୍ଜାକାମତ ତନ୍ତ୍ର ପ୍ରକାରେ ଉଡ୍ଡୁ ନାମକ ପବିତ୍ର ପୀଠରେ ଦେବୀ କୁବ୍ଜାକାମତା ଓଡ୍ରଦେଶର ଭଗବାନ (ଓଡ୍ର ମହେଶନ) ସହ ମିଳିତ ହୋଇଥିଲେ। କୁବ୍ଜୀକ ତନ୍ତ୍ରସଂସ୍କୃତି ଅନୁଯାୟୀ ଓଡ୍ର ମହେଶ୍ୱର ହଳଦିଆ ରଙ୍ଗର ଓଡ୍ଡୀୟାନ ପୀଠରେ ବିରାଜମାନ । ଏହି ଅଂଚଳ ବର୍ଗାକାର ଥିବା ସ୍ଥଳେ ଏହା ଏକ ପାର୍ବତ୍ୟାଂଚଳ, ନଦନଦୀ ପୂର୍ଣ୍ଣ ଓ ସୁବର୍ଣ୍ଣ ପାଚେରୀ ପରିବେଷ୍ଟିତ ।

ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ବରାହମିହିର ଦ୍ୱାରା ରଚିତ 'ବ୍ରହ୍ମ ସଂହିତା'ର ପଂଚମ ଅଧ୍ୟାୟରେ ବର୍ଣ୍ଣନା କରିଛନ୍ତି ଯେ, ଯଦି ସୂର୍ଯ୍ୟ, ଚନ୍ଦ୍ରଙ୍କ ଅବସ୍ଥିତି ମେଷ ରାଶିରେ ରହେ ତେବେ ପାଂଚାଳ, କଳିଙ୍ଗ, ସୁରସେନ, ଓଡ୍ର, କୀରଟ ଆଦିର ଜନସମୂହ ଓ ସୈନ୍ୟଗଣ ଅଗ୍ନିଦ୍ୱାରା ପ୍ରଭାବିତ ଓ ପ୍ରତାଡିତ ହେବେ।

ବୌଦ୍ଧଶାସ୍ତ୍ର ଅନୁଯାୟୀ ଓଡ୍ର ଏକ ପବିତ୍ର ପୀଠ, ଯାହାକି ମହାଭୈରବଙ୍କ ଦ୍ୱାରା ପରିଚାଳିତ । ପୁନଶ୍ଚ ପ୍ରସିଦ୍ଧ ୨୪ ପୀଠ ମଧ୍ୟରୁ ଓଡ୍ର ଅନ୍ୟତମ ଯେଉଁଠାରେ ଛଅପାଖୁଡ଼ା ବିଶିଷ୍ଟ ଛଅଟି ପଦ୍ମ ପବିତ୍ର ସ୍ଥଳୀ ରହିଛି। ବଜ୍ର ଡାକତନ୍ତ୍ର ଅନୁଯାୟୀ ବାକଚକ୍ରର ଅନ୍ୟତମ କ୍ଷେତ୍ର ହେଉଛି ଓଡ୍ର । ତ୍ରିଚକ୍ର ମଧ୍ୟରୁ ଅନ୍ୟତମ ଚକ୍ର ଓଡ୍ରରେ ୨୪ ଡାକିନୀ ରହନ୍ତି, ଯାହାଙ୍କ ପତି ଏକ ଶରୀରରେ ୨୪ ପ୍ରକାର ଧାତୁରେ ବିରାଜମାନ । ମହାଭୈରବ ଡାକିନୀଦ୍ୱାରା ଓଡ୍ର ପରିଚାଳିତ ହେବାବେଳେ, ଡାକିନୀଙ୍କ ସ୍ୱାମୀ ବଜ୍ରଜଟିଳ ଥିଲେ।

ମନୁସ୍ମୃତିର ଅଧ୍ୟାୟ-୧, ଅନୁଚ୍ଛେଦ-୪୪ରେ ଓଡ୍ରକୁ ଓଡିଶା ରୂପେ ମାନ୍ୟତା ରହିଛି । ମାନବଧର୍ମ ଶାସ୍ତ୍ର (୧୦.୪୪) ରେ ମଧ୍ୟ ଓଡିଶାକୁ ଓଡ୍ର ରୂପେ ବର୍ଣ୍ଣିତ ।

ବୌଦ୍ଧଧର୍ମର ସାଧନାମାଳ ଗ୍ରନ୍ଥ ଅନୁଯାୟୀ ଭାରତରେ ମୁଖ୍ୟତଃ ଚାରୋଟି ତନ୍ତ୍ରପୀଠ ପ୍ରସିଦ୍ଧି ଲାଭ କରିଥିଲା ଯଥା-ଉଡ୍ଡୀୟାନ, କାମାକ୍ଷା, ଶ୍ରୀହଟ୍ଟ, ପୂର୍ଣ୍ଣଗିରି । ଉଡ୍ଡୀୟାନ ପୀଠ ତନ୍ତ୍ରସାଧନାର ଆଦିପୀଠ ଭାବେ ଅନେକ ଐତିହାସିକ ମତବ୍ୟକ୍ତ କରିଛନ୍ତି, ଯାହାକି ଆଧୁନିକ ଓଡିଶା ରୂପେ ପରିଚିତ । ଉଡ୍ଡୀୟାନ କଦାଚିତ୍ ଉଡିଆନ୍, ଓଡ୍ରାୟନ, ଉଡ୍ଡୟନ, ଉଦ୍ୟାନ କିମ୍ବା ଓଡ୍ଡିୟାନ ରୂପେ ମଧ୍ୟଯୁଗରେ ମାନ୍ୟତା ରହିଛି, ଯାହାକି ବଜ୍ରଯାନ ସମୟରେ ପ୍ରସିଦ୍ଧି ଲାଭ କରିଥିଲା। ଏହା 'ହେବଜ୍ରତନ୍ତ୍ର'ରେ ମଧ୍ୟ ଉଲ୍ଲିଖିତ । ଏହା ଅନୁଯାୟୀ ଉଡ୍ଡୀୟାନ ପୀଠ (ଓଡିଶା)ରେ ମାତା ସତୀଙ୍କ ପାଦ, କାମାକ୍ଷା ପୀଠ (ଆସାମ)ରେ ମହାମୁଦ୍ରା ଯୋନୀ, ଶ୍ରୀହଟ୍ଟ (ଆସାମ)ରେ ଗ୍ରୀବା ଓ ପୂର୍ଣ୍ଣଗିରି (ବମ୍ବେ, ମହାରାଷ୍ଟ୍ର)ରେ ଗ୍ରୀବା ଓ ସ୍କନ୍ଧ ପତିତ ହୋଇଥିବାରୁ ଏହି ପୀଠକୁ ପ୍ରସିଦ୍ଧ ସିଦ୍ଧ ପୀଠର ମାନ୍ୟତା ରହିଛି ।

କୌତୂହଳର ବିଷୟ ଏହା ଯେ, ଅନେକ ପଶ୍ଚିମୀ

ଗବେଷକ ପାକିସ୍ତାନର ସ୍ୱତ ଉପତ୍ୟକା (ଖ୍ୟାବର ପଖତୁନ୍‌ଖ୍ୱା) ଅଂଚଳକୁ ଉଡ୍ଡୀୟାନ ପୀଠ କୁହନ୍ତି, ଯାହାକି କାଶ୍ମୀର ନିକଟବର୍ତ୍ତୀ ଅଟେ । କିନ୍ତୁ ବିଶିଷ୍ଟ ଐତିହାସିକ ନବୀନ କୁମାର ସାହୁ ଏହାକୁ ଅସ୍ୱୀକାର କରି ଓଡିଶାକୁ ଉଡ୍ଡୀୟାନ ପୀଠ କହିଛନ୍ତି, ଯାହାକି କାଳୀକା ପୁରାଣରେ 'ଉଡ୍ରାଖ୍ୟଂ' ମଧ ବର୍ଣ୍ଣିତ । ପୁନଶ୍ଚ ଆଧୁନିକ ବିହାର ଅନ୍ତର୍ଗତ ପ୍ରାଚୀନ କାମ୍ପା ରାଜ୍ୟର ଅଭୟଦତ୍‌ତଶ୍ରୀଙ୍କ ଦ୍ୱାରା ସଙ୍କଳିତ ଚତୁରସିତି-ସିଦ୍ଧ-ପ୍ରବୃତ୍ତି ଯାହାକି ଚୈାରାଅଶି ଜଣ ବୌଦ୍ଧାଚାର୍ଯ୍ୟଙ୍କ ଜୀବନୀରେ ସମ୍ବଳକ ରାଜା ଇନ୍ଦ୍ରଭୂତିଙ୍କୁ ଓଡ୍ର ରାଜା ଭାବେ ବର୍ଣ୍ଣନା କରାଯାଇଛି। ସମ୍ବଳକକୁ ନବୀନ ସାହୁ ଆଧୁନିକ ସମ୍ବଲପୁର ରୂପେ ଚିହ୍ନିତ କରିଛନ୍ତି । ଏହା ସହ କର୍ଡୀୟର ଦ୍ୱାରା ତିବ୍ବତରେ ରଚିତ ଦ୍ୱିତୀୟ ବୃହତ ବୌଦ୍ଧଗ୍ରନ୍ଥ 'ବାସ୍ତାନ ଗୁର'ରେ ମଧ ଇନ୍ଦ୍ରଭୂତିଙ୍କୁ ଓଡିଶାର ବା ଉଡ୍ରର ରାଜା ଭାବେ ବର୍ଣ୍ଣନା କରିଛନ୍ତି । ବଜ୍ରଯାନ ପ୍ରବର୍ତ୍ତକ ଇନ୍ଦ୍ରଭୂତି ନିଜର 'ଜ୍ଞାନସିଦ୍ଧି' ପୁସ୍ତକରେ ବୁଦ୍ଧଙ୍କୁ ଜଗନ୍ନାଥଙ୍କ ଅବତାର ରୂପେ ବ୍ୟାଖ୍ୟା କରିଥିବାରୁ ଉଡ୍ଡୀୟାନ ପୀଠ ଯେ ଓଡିଶା, ଏହା ନିଃସନ୍ଦେହ । ଏହି ପୀଠ ଯେ ଏକ ତନ୍ତ୍ରପୀଠ ଯେଉଁଠାରେ ବୁଦ୍ଧଧର୍ମ ସହ ଶୈବ ଓ ଶାକ୍ତ ସଂସ୍କୃତିର ସମ୍ମିଳନ ଘଟିଛି । ପୁନଶ୍ଚ ଏହା ଜଗନ୍ନାଥ ସଂସ୍କୃତିରେ ବିଲୀନ ହୋଇଛି।

ବ୍ରହ୍ମପୁରାଣର ୪୪/୭୯ ର ବଙ୍ଗଳା ସଂସ୍କରଣରେ ବର୍ଣ୍ଣିତ ଅଛି ଯେ-

"ଦଶ ଯୋଜନ ବିସ୍ତୀର୍ଣ୍ଣ ପଂଚଯୋଜନମାୟତମ୍,
ନାନାଶ୍ଚର୍ଯ୍ୟ ସମାଯୁକ୍ତ କ୍ଷେତ୍ର ପରମ ଦୁର୍ଲଭମ୍ ।"

ଅର୍ଥାତ୍ ଏହି ଉଡ୍ଡୀୟାନ କ୍ଷେତ୍ର ନାନା ଆଶ୍ଚର୍ଯ୍ୟର ଭୂମି ହେବା ସହ ପରମ ଦୁର୍ଲଭ ଅଟେ, ଯାହାର ଆୟତନ ପଂଚଯୋଜନ ଥିବା ସହ ଏହାର ଦୈର୍ଘ୍ୟ ଦଶଯୋଜନ ଅଟେ । 'କୁଳାର୍ଣ୍ଣବ ତନ୍ତ୍ର'ରେ ମଧ ଉଡ୍ଡୀୟାନ ପୀଠର ବର୍ଣ୍ଣନା ସହ ମହାଲକ୍ଷ୍ମୀମୟ ପୀଠର ବ୍ୟାଖ୍ୟା ରହିଛି। ଏଣୁ ଉଡ୍ଡୀୟାନ ପୀଠର କେନ୍ଦ୍ରସ୍ଥଳୀ ଯେ ଶ୍ରୀକ୍ଷେତ୍ର ପୁରୀ ଓ ଦେଶ ଯେ ଓଡ୍ର, ଏହା ନିଃସନ୍ଦେହ । ଏହାର ସ୍ପଷ୍ଟ ପ୍ରମାଣ ଦକ୍ଷିଣ ଆର୍କଟ ଜିଲ୍ଲାର ଜମ୍ବାଇ ଶିବ ମନ୍ଦିରର ଶିଳା ଲେଖରେ ଉଲ୍ଲିଖିତ ।

କାଳିକା ପୁରାଣରେ ମଧ ଉଡ୍ଡ ପୀଠର ବର୍ଣ୍ଣନା ରହିଛି ।

ଓଡ୍ଡାଖ୍ୟଂ ପ୍ରଥମ ପୀଠଂ ଦ୍ୱିତୀୟଂ ଜାଳଶୈଳକଂ
ତୃତୀୟଂ ପୂର୍ଣ୍ଣ ପୀଠନ୍ତୁ କାମରୂପ ଚତୁର୍ଥକଂ
ଓଡ୍ଡ ପୀଠଂ ପଶ୍ଚିମେତ୍ ତଥୈଃ ବୋଡ୍ରାଶ୍ୱରୀ ଶିବଂ
କାତ୍ୟାୟିନୀଂ ଜଗନ୍ନାଥ ମୋଡ୍ରେସଂ ଚ ପ୍ରପୂଜୟେତ ।

ଅର୍ଥାତ୍ ଚାରୋଟି ପବିତ୍ର ଶକ୍ତିପୀଠ ମଧ୍ୟରୁ ପ୍ରଥମେ ଉଡ୍ଡୀୟାନ ପୀଠଂ, ଦ୍ୱିତୀୟରେ ଜାଳ ଶୈଳକ ପୀଠ ଯେଉଁଠାରେ ମାତା ସତୀଙ୍କ ଦକ୍ଷିଣସ୍ତନ ପତିତ ହୋଇଥିଲା (ନାଗରକୋଟ, ପଞ୍ଜାବ), ତୃତୀୟରେ ପୂର୍ଣ୍ଣଗିରି ପୀଠ ଏବଂ ଚତୁର୍ଥରେ କାମରୂପ (କାମାକ୍ଷା) ପୀଠ ଅଟେ । ଓଡ୍ର ପୀଠର ପଶ୍ଚିମରେ ଓଡ୍ରାଶ୍ୱରୀ ଶିବ, କାତ୍ୟାୟିନୀ (ବିମଳା) ଓ ଜଗନ୍ନାଥ ପୂଜା ପାଉଛନ୍ତି ।

ଉପରୋକ୍ତ ସମ୍ୟକ ଆଲୋଚନାରୁ ଓଡ୍ର ଦେଶ ହିଁ ଓଡିଶା, ଉଡ୍ଡୀୟାନ ପୀଠ ଯେ ଓଡିଶାର ଅନ୍ତର୍ଭୁକ୍ତ ଏବଂ ଏହାର ଉପାସ୍ୟ ଦେବତା ଓଡ୍ଡାଧୀଶ ଜଗନ୍ନାଥ ଅଟନ୍ତି । ଜଗନ୍ନାଥ ଯେ ତନ୍ତ୍ର ଦେବତା ଭୈରବ ଓ ମାତା ବିମଳା ଭୈରବୀ ରୂପେ ଶ୍ରୀମନ୍ଦିରରେ ପୂଜିତ। ଏଣୁ ତନ୍ତ୍ର ଚୁଡାମଣିରେ ବର୍ଣ୍ଣିତ ଅଛି-

ଉତ୍କଳେ ନାଭିଦେଶସ୍ତୁ ବିରଜାକ୍ଷେତ୍ରମୁତ୍ତମମ୍
ବିମଳା ସା ମହାଦେବୀ ଜଗନ୍ନାଥସ୍ତୁ ଭୈରବ ।

ବୌଦ୍ଧଧର୍ମ କାଳକ୍ରମେ ଦଶମ ଶତାବ୍ଦୀରେ ଶୈବ ଓ ଶାକ୍ତ ସଂସ୍କୃତିରେ ମିଳନ ହୋଇ ତନ୍ତ୍ରାଧୀନ ହେଲା। ବୌଦ୍ଧଧର୍ମର ବୁଦ୍ଧ, ଧର୍ମ ଓ ସଂଘ (ତ୍ରିରତ୍ନ) ଦ୍ୱାଦଶ ଶତାବ୍ଦୀ କାଳକୁ ଜଗନ୍ନାଥ, ସୁଭଦ୍ରା, ବଳଭଦ୍ର ରୂପେ ପୂଜିତ ହେବାକୁ ଲାଗିଲେ । ଏଣୁ ଆଜିର ରତ୍ନବେଦୀ ବୋଧହୁଏ ପୂର୍ବରୁ ତ୍ରିରତ୍ନ ବେଦୀ ଥିଲା । 'ଦାଣ୍ଡାବଂଶ'ରେ ଜଗନ୍ନାଥ ବିଗ୍ରହରେ ବୁଦ୍ଧ ଦନ୍ତ ଥିବା ଲିଖିତ । କିମ୍ବଦନ୍ତୀ ଅନୁଯାୟୀ କ୍ଷେମ ବୁଦ୍ଧଦେବଙ୍କ ନିର୍ବାଣ ପରେ ଚିତାରୁ ବାମପାର୍ଶ୍ୱ ଏକ ଦନ୍ତ ଆଣି ତତ୍କାଳୀନ ରାଜା ବ୍ରହ୍ମଦତ୍ତକୁ ପ୍ରଦାନ କରିଥିଲେ । ଏହି ଦନ୍ତକୁ ସ୍ତୁପ ମଧ୍ୟରେ ସ୍ଥାପିତ କରି ରାଜା ପୂଜା ପ୍ରାରମ୍ଭ କରିଥିଲେ । କାଳକ୍ରମେ ଏହା ଜଗନ୍ନାଥ ମନ୍ଦିରରେ ରୂପାନ୍ତରିତ ହେବାରୁ ଶ୍ରୀକ୍ଷେତ୍ରକୁ ମଧ ଦନ୍ତପୁରୀ କୁହାଯାଏ। ତନ୍ତ୍ରଶାସ୍ତ୍ର ଅନୁଯାୟୀ ଶାକ୍ତ ସଂସ୍କୃତିର ପ୍ରଭାବରେ ଶ୍ରୀମନ୍ଦିରରେ ଜଗନ୍ନାଥଙ୍କୁ ଦକ୍ଷିଣକାଳୀ ସ୍ୱରୂପ ଚିନ୍ତନ କରାଯାଏ । ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ରଙ୍କ ନିକଟରେ ସମର୍ପିତ ଭୋଗ ମାତା ବିମଳାଙ୍କ ପାଖରେ ଲାଗି ହେଲେ ହିଁ ତାହା ମହାପ୍ରସାଦ ହୋଇଥାଏ । ଏହି ମହାପ୍ରସାଦ ଏକ ତାନ୍ତ୍ରିକ ଶବ୍ଦ । ମାତା ବିମଳାଙ୍କୁ ଅଇଁଠା ଭୋଗ ଲାଗି ହେଉଥିବାରୁ ଶ୍ରୀକ୍ଷେତ୍ରର ନାମ 'ଉଚ୍ଛିଷ୍ଟ ପୀଠ' ଅଟେ। କିମ୍ବଦନ୍ତୀ ଅନୁଯାୟୀ ଦକ୍ଷରାଜାଙ୍କ ଅପମାନ ସହ୍ୟ କରି ନପାରି ଯଜ୍ଞ କୁଣ୍ଡରେ ଝାସ ଦେଇଥିବା ସତୀଙ୍କ ପାଦ ପୁରୀରେ ପତିତ ହେବାରୁ ଏହାର ନାମ 'ପାଦପୀଠ' ରହିଛି । ଏହାଛଡ଼ା ପୁରୀକୁ ଶଙ୍ଖପୀଠ, ଜିହ୍ୱାପୀଠ ରୂପେ ମଧ ମାନ୍ୟତା ରହିଛି ।

ତନ୍ତ୍ର ଦେବତା ଓଡ୍ରାଧୀଶ 'ଜଗନ୍ନାଥ'ଙ୍କ ମନ୍ଦିରରେ ମାତା ବିମଳାଙ୍କ ଠାରେ ମାଛ, ଛାଗ ବଳି ପ୍ରତ୍ୟେକ ବର୍ଷ ଆଶ୍ୱିନ ମାସ ଶୁକ୍ଳପକ୍ଷ ସପ୍ତମ, ଅଷ୍ଟମୀ ଓ ନବମୀ ତିଥିରେ ପ୍ରଦାନ କରାଯାଏ । ଏହା ପଶ୍ଚିମ ଦ୍ୱାର ପଟୁ ସାଧିତ ହୁଏ । ଠିକ୍ ସେହିପରି ତୋରାଣିନାଳ ପାର୍ଶ୍ୱରେ ମାନସିକଧାରୀମାନେ ଛାଗବଳି ପ୍ରଦାନ କରନ୍ତି ।

ଜଗନ୍ନାଥ ସଂସ୍କୃତିରେ ସୌର, ଗାଣପତ୍ୟ, ଶୈବ, ଶାକ୍ତ, ବୌଦ୍ଧ ଓ ଜୈନ ସଂସ୍କୃତିର ସମ୍ମିଳନ ସର୍ବଭୌମତ୍ୱର ବାର୍ତ୍ତା ପ୍ରଦର୍ଶିତ। ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନ ମଣ୍ଡପରେ ହାତୀବେଶ ବୌଦ୍ଧ ସଂସ୍କୃତିର ଅନନ୍ୟ ରୂପାନ୍ତର । ଜୈନ ସଂସ୍କୃତିର ଚକ୍ରଚିହ୍ନ ସହ ସୁଦର୍ଶନ ଚକ୍ରକୁ ସଂଯୋଗିତ କରାଯାଇଥାଏ। ପୁନଶ୍ଚ ଗଣେଶ ବେଶ ଗାଣପତ୍ୟ ସଂସ୍କୃତିର ଧାରାକୁ ସୂଚୀତ କରୁଛି ।

ଶାକ୍ତ ସଂସ୍କୃତିରେ ଜଗନ୍ନାଥଙ୍କୁ ଭୈରବ, ଶୈବ ସ୍କୃତିରେ ବଳଭଦ୍ରଙ୍କୁ ରୌଦ୍ର ପୁନଶ୍ଚ ଶାକ୍ତ ମତରେ ଜଗନ୍ନାଥ ଦକ୍ଷିଣକାଳୀ ସ୍ପଷ୍ଟ ଇଙ୍ଗିତ କରୁଛି ଯେ, ଜଗନ୍ନାଥ ଅପୌରୁଷେୟ ଯାହାଙ୍କ ସମ୍ମୁଖରେ ଲିଙ୍ଗ ଭେଦ ଶୂନ୍ୟ ଅଟେ। ତନ୍ତ୍ରଶାସ୍ତ୍ରର ପଂଚମକାର ଯଥା- ମଦ୍ୟ, ମତ୍ସ୍ୟ, ମାଂସ, ମୈଥୁନ ଓ ମୁଦ୍ରାର ପ୍ରୟୋଗ ଜଗନ୍ନାଥ ପୂଜାବିଧିରେ ଦୃଶ୍ୟମାନ।

ସତ୍ୱ, ରଜ, ତମ ଗୁଣକୁ ନିଦର୍ଶିତ କରି ଧର୍ମୀୟ ଭାବଧାରାରେ ସାଂସ୍କୃତିକ ଗୌରବ ବିବର୍ଦ୍ଧନ କରୁଥିବା ଜଗନ୍ନାଥ ସଂସ୍କୃତିର ପରମ ଆରାଧ ଦେବତା ଓଡ୍ଡାଧୀଶ ଜଗନ୍ନାଥ ଓଡିଶାର ଗର୍ବ ଓ ଗୌରବକୁ ବହୁଗୁଣିତ କରୁଥିବା ସହ ସମସ୍ତ ଧର୍ମକୁ ନିଜ ମଧରେ ସମାହିତ କରିଛନ୍ତି । ଶାସ୍ତ୍ରୀୟ ଓ ତନ୍ତ୍ରୀୟ ଭାବଧାରାର ଅନନ୍ୟ ଉଚ୍ଚାରଣ ହିଁ ଜଗନ୍ନାଥ ସଂସ୍କୃତି, ଯାହାର ଦିବ୍ୟ ଅନୁଭୂତିରେ ସମଗ୍ର ଜଗତ ଆଚମ୍ଭିତ ଓ ଉଲ୍ଲସିତ।

*ପ୍ରାକ୍ତନ ଅର୍ଥକମିଟି ସଦସ୍ୟ*
*ଓଡ଼ିଶା ସାହିତ୍ୟ ଏକାଡ଼େମୀ, ବୌଦ୍ଧ*
*ଦୂରଭାଷ: ୯୪୩୭୦୭୯୦୯୯*

# ଶ୍ରୀକ୍ଷେତ୍ରରେ ଅଷ୍ଟଚଣ୍ଡୀ ଉପାସନା

## ଡାଃ ସୁରେନ୍ଦ୍ରନାଥ ପତି

ମହାପ୍ରଭୁ ଜଗନ୍ନାଥ କେଉଁ ପୁରାତନ କାଳରୁ ‘ପୁରସ୍ତମ’ ବା ଏବର ଶ୍ରୀକ୍ଷେତ୍ରରେ ସ୍ଥାୟୀ ଭାବରେ ବିରାଜମାନ କରୁଛନ୍ତି। ସ୍କନ୍ଦପୁରାଣରେ ତଥ୍ୟ ଅଛି ରାଜା ଇନ୍ଦ୍ରଦ୍ୟୁମ୍ନ ତିନିଗୋଟି ଦାରୁବିଗ୍ରହ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପ୍ରତିକୃତି ନିର୍ମାଣ କରି ସେକାଳର ବଡ଼ଦେଉଳରେ ପ୍ରତିଷ୍ଠା କରାଇଥିଲେ। ସ୍ଥାନ ଠିକ ଅଛି, କିନ୍ତୁ କାଳର କରାଳ କବଳରେ ସେ ବଡଦେଉଳ ଲୋପ ପାଇଛି। ବର୍ତ୍ତମାନର ଶ୍ରୀବତ୍ସ ଖଣ୍ଡଶାଳ ମନ୍ଦିର ତୃତୀୟ ଅନଙ୍ଗ ଭୀମଦେବ କର୍ତ୍ତୃକ ଖ୍ରୀଷ୍ଟାବ୍ଦ ୧୨୩୦ରେ ସଂପୂର୍ଣ୍ଣ ହୋଇଥିଲା। ଏହାକୁ ସୁରକ୍ଷା ଦେବାପାଇଁ ବିଭିନ୍ନ କାଳରେ ବିଭିନ୍ନ ଉତ୍କଳୀୟ ରାଜାମାନେ ଶ୍ରୀକ୍ଷେତ୍ରରେ ଚଣ୍ଡୀମାତା ବା ଦୁର୍ଗାଦେବୀଙ୍କୁ ସ୍ଥାପନ କରିଥିଲେ। ଦେଖାଯାଏ ସମୁଦାୟ ଅଷ୍ଟଚଣ୍ଡୀ ବା ଆଠଗୋଟି ଚଣ୍ଡୀ ଠାକୁରାଣୀ ବର୍ତ୍ତମାନ ପୂଜିତ ହେଉଛନ୍ତି । ସେମାନେହେଲେ –

**<u>ମା’ ବିମଳା ଦେବୀ</u>** – ଏହାଙ୍କୁ ଶ୍ରୀକ୍ଷେତ୍ରର ଅଧୀଶ୍ୱରୀ ବୋଲି କୁହାଯାଏ । ବିମଳା ଭୈରବୀ ଯତ୍ର, ଜଗନ୍ନାଥସ୍ତୁ ଭୈରବ, ଶାସ୍ତ୍ରର ଆପ୍ତବାକ୍ୟ ଅଛି। ଶ୍ରୀମନ୍ଦିରର ଭିତର ବେଢା ମଧ୍ୟରେ ଏହାଙ୍କର ମନ୍ଦିର। ସତୀଙ୍କର ‘ପାଦପୀଠ’ ହୋଇଥିବାରୁ ଏହା ଏକ ଶକ୍ତିପୀଠ ରୂପେ ଖ୍ୟାତ। ପୂର୍ବକାଳରେ ସୋମବଂଶୀ ରାଜା ଯଯାତି କେଶରୀ ବିମଳାଙ୍କ ଦେଉଳ ତୋଳାଇଥିଲେ। ତେଣୁ ଶ୍ରୀମନ୍ଦିର ଠାରୁ ଏହା ପୁରାତନ (ଦଶମ ଶତାବ୍ଦୀରେ ନିର୍ମିତ)। ଦୁର୍ଗାପୂଜା କାଳରେ ବିମଳାଙ୍କ ପୀଠରେ ଷୋଳପୂଜା, ବେଶ, ଭୋଗ, ନୈବେଦ୍ୟ ଅନୁଷ୍ଠିତ। ସ୍ତ୍ରୀ ଲୋକମାନେ ମନ୍ଦିରକୁ ପ୍ରବେଶ କରି ନପାରି ବାହାରୁ ଦର୍ଶନ କରନ୍ତି। ଦେବୀମୂର୍ତ୍ତି କଳାମୁଗୁନି ପ୍ରସ୍ତରରେ ଦଣ୍ଡାୟମାନ ଅବସ୍ଥାରେ ନିର୍ମିତ ଚତୁର୍ଭୁଜା। ମହାପ୍ରଭୁଙ୍କର ଅନ୍ନପ୍ରସାଦ ଥାଳୀରେ ମା’ ବିମଳାଙ୍କୁ ସମର୍ପଣ ହେଲାପରେ ‘ମହାପ୍ରସାଦ’ ବୋଲି କଥିତ ହୁଏ। ଏବଂ ଆନନ୍ଦ ବଜାରକୁ ଯାଏ । ଦୁର୍ଗାପୂଜା କାଳରେ ଅଷ୍ଟମୀ ରାତ୍ରି ନିଶାର୍ଦ୍ଧରେ ବହୁତ ସାବଧାନତା ସହକାରେ ମା’ଙ୍କ ସମ୍ମୁଖରେ ମାଛବଳି ଦିଆ ।ଯାଏ।

**<u>ମା’ ବାସେଳୀ</u>** – ଶ୍ରୀମନ୍ଦିର ପଶ୍ଚିମଦିଗକୁ ବାସେଳୀ ସାହିରେ, ବାସେଳୀ ଠାକୁରାଣୀଙ୍କ ଦେଉଳ ବିଦ୍ୟମାନ, ପ୍ରାୟ ୨୦୦ ମିଟର ଦୂରରେ। ସେ ପଣା ଭୋଗ ପ୍ରିୟା ବୋଲି ପରିଚିତା ଅଟନ୍ତି ଚତୁର୍ଭୁଜା। ଜଗନ୍ନାଥଙ୍କ ଧୂପରୁ ଖେଇ ତାଙ୍କ ପାଇଁ ପ୍ରଦାନ କରାଯାଏ।  ଶ୍ରୀ ସୁଦର୍ଶନ ତାଙ୍କ ପରିକ୍ରମା ବେଳେ ମା’ବାସେଳୀଙ୍କୁ ଦର୍ଶନ କରିଥାନ୍ତି।

**<u>ମା’ ବରାହୀ</u>** – ଶ୍ରୀମନ୍ଦିରର ଦକ୍ଷିଣ ଦିଗରେ ବାଲିସାହିରେ ତାଙ୍କ ମନ୍ଦିର। ସେ ଚତୁର୍ଭୁଜା, ତାଙ୍କଠାରେ ଆମିଷ ଭୋଗ, ବ୍ରାହ୍ମଣପୂଜକଙ୍କ ଦ୍ୱାରା ଲାଗି ହୁଏ। ଶ୍ରୀମନ୍ଦିରରୁ ଖେଇ ମଧ୍ୟ ଆସେ। ତ୍ରୟୋଦଶ ଶତାବ୍ଦୀରେ ମା’ଙ୍କର ମୂର୍ତ୍ତି ନିର୍ମିତ। ତଳ ବାମ ହାତରେ ଗୋଟିଏ ଶିଶୁକୁ କୋଳରେ ଧାରଣ କରିବାର ଦେଖାଯାଏ।

**<u>ମା’ ଆଲାମଚଣ୍ଡୀ (ଅଲମ୍ବା ଦେବୀ)</u>** – ଏହି ଶକ୍ତିପୀଠ କୁମ୍ଭାରପଡାଠାରେ, ଅଠରନଳା ନିକଟରେ ଅବସ୍ଥିତ। ଏହି ମନ୍ଦିରଟି ୧୬ଶ ଶତାବ୍ଦୀରେ ନିର୍ମିତ ହୋଇଥିଲା । ନବକଳେବର କାଳରେ ଦାରୁମାନେ ବିଭିନ୍ନ ଠାରୁ ଶଗଡିରେ ଆନୀତ ହୋଇ ଗୋଟିଏ ରାତ୍ର ଏଠାରେ ଅବସ୍ଥାନ କରନ୍ତି। ଦୁର୍ଗାପୂଜାରେ ଷୋଳପୂଜା ଅନୁଷ୍ଠିତ ହୁଏ ଏଠାରେ। ସପ୍ତପୁରୀ ଅମାବାସ୍ୟା ପାଇଁ ୪ଟି ତାଡ଼‘ବିଷୋଇ ସେବକ’ମାନେ ଏଠାରୁ ମହାସମାରୋହରେ ନିଅନ୍ତି ଶ୍ରୀମନ୍ଦିରକୁ।

**<u>ହରଚଣ୍ଡୀ</u>** –  ଏହି ମନ୍ଦିର ବଡ଼ଦେଉଳର ଦକ୍ଷିଣ-ପଶ୍ଚିମ ଦିଗରେ ହରଚଣ୍ଡୀ ସାହିରେ ଅବସ୍ଥିତ। ନବରାତ୍ର, ଦୁର୍ଗାପୂଜା, ଚୈତ୍ର ମଙ୍ଗଳବାର ଏଠାରେ ଧୂମଧାମରେ ପାଳିତ ହୁଏ। ସେ ପ୍ରତ୍ୟକ୍ଷ ଦେବୀ ବୋଲି ସାହି ଲୋକ ବିଶ୍ୱାସ କରନ୍ତି।

**<u>ରାମଚଣ୍ଡୀ</u>** – ଲୁପ୍ତ ବାଙ୍କୀ ନଦୀ ମୁହାଣରେ ମା’ରାମଚଣ୍ଡୀଙ୍କ ମନ୍ଦିର ଅବସ୍ଥିତ। ବହୁ ଅତୀତ କାଳରେ ଦାରୁ ଭାସିଆସି ଏ କ୍ଷେତ୍ରରେ କୂଳରେ ଲାଗିଥିଲେ। ମା’ଙ୍କର ଷଡ଼ଭୁଜ, ମହିଷମର୍ଦ୍ଦିନୀ ବେଶ। ସେ ସମୁଦ୍ରର ନାବିକ ଏବଂ ଡଙ୍ଗାରେ ଯାଉଥିବା ମତ୍ସ୍ୟଜୀବୀଙ୍କୁ ବିପଦବେଳେ ରକ୍ଷା କରନ୍ତି ବୋଲି ବିଶ୍ୱାସ ଅଛି।

**<u>ମା ଦକ୍ଷିଣକାଳୀ</u>** –  ଏହି ପ୍ରଖ୍ୟାତ ମନ୍ଦିରଟି ବାଲିସାହିରେ ଏକ ଗଳି ରାସ୍ତାରେ ଅବସ୍ଥିତ। ସ୍ଥାନ ଅଭାବରୁ ବହୁ ଉଚ୍ଚସ୍ଥାନରେ ନିର୍ମାଣ କରାଯାଇଛି । କାଳୀକା ଦେବୀ ସାହିକୁ ରାସ୍ତା ଅଛି। ମା’ ମୁଗୁନି ପ୍ରସ୍ତରରେ ନିର୍ମିତ ଏକ କ୍ଷୁଦ୍ରମୂର୍ତ୍ତି, ଚତୁର୍ଭୁଜା, ଶବ ଉପରେ ଆସୀନ, ପୁରୀର ବାସିନ୍ଦାମାନେ ଦକ୍ଷିଣକାଳୀଙ୍କୁ ପ୍ରତ୍ୟକ୍ଷ ଦେବୀ ବୋଲି ମାନନ୍ତି। ସେ ଜଗନ୍ନାଥଙ୍କର ପ୍ରତିଭୂ ଅଟନ୍ତି । ‘ନୀଳାଦ୍ରୌତୁ ଜଗନ୍ନାଥ, ସାକ୍ଷାତ ଦକ୍ଷିଣକାଳୀକା’ ବୋଲି ଶାସ୍ତ୍ରୋକ୍ତି ଅଛି। ମା’ଙ୍କ 10ରେ ଦୁର୍ଗାପୂଜା, କାଳୀପୂଜା, ଚୈତ୍ରମଙ୍ଗଳବାର ଆଦି ମହା ଆଡମ୍ବରରେ ପାଳିତ ହୁଏ। କଥିତ ଅଛି, ଦକ୍ଷିଣକାଳୀ, ଶ୍ରୀମନ୍ଦିରର ରୋଷଶାଳାର ରକ୍ଷକ । ପୂର୍ବକାଳରେ ଦକ୍ଷିଣକାଳୀ ଶ୍ରୀମନ୍ଦିର ସଂଲଗ୍ନ ଏକ କ୍ଷୁଦ୍ର ମନ୍ଦିରରେ ଉତ୍ତର ଦିଗକୁ ଅବସ୍ଥାନ କରୁଥିଲେ। କିନ୍ତୁ ଦକ୍ଷିଣକାଳୀ ନାମକୁ ସାର୍ଥକ କରିବା ପାଇଁ ତାଙ୍କୁ ଦକ୍ଷିଣ ଦିଗରେ, ବାଲିସାହିରେ ନୂତନ ମନ୍ଦିରରେ ସ୍ଥାପନ କରାଗଲା।

**<u>ମା’ ଝାଡେଶ୍ୱରୀ</u>** – ଏହି ମନ୍ଦିରଟି କ୍ଷୁଦ୍ର ହେଲେ ମଧ୍ୟ ପୁରୀର ଅତିପ୍ରିୟ ମନ୍ଦିର। ରିଜର୍ଭ ପୋଲିସ ଲାଇନ ଓ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟର ଅତି ନିକଟରେ ଅବସ୍ଥିତ । ଝାଡେଶରୀଙ୍କର ଧାତୁମୁଖାଯୁକ୍ତ ବିଗ୍ରହ ରାସ୍ତା ଉପରକୁ ଦୃଶ୍ୟମାନ ହୁଏ। ଭିତରେ ମହାଦେବ, ଜଗନ୍ନାଥ ପୂଜା ପାଉଛନ୍ତି। ଚୈତ୍ର ମାସରେ ଝାମୁଯାତ୍ରା ମହା ଆଡମ୍ବରରେ ଝାଡେଶ୍ୱରୀଙ୍କ ପୀଠରେ ପାଳିତ ହୁଏ। କେତେକ ମାନସିକଧାରୀ ଜ୍ୱଳନ୍ତ ଅଗ୍ନି ଉପରେ ଚାଲନ୍ତି। ଭୂତପ୍ରେତ ଭୟଦୂର ପାଇଁ ଲୋକେ ମା’ଙ୍କୁ ଦର୍ଶନ କରନ୍ତି। ପୂର୍ବକାଳରେ ମା’ ଏକ ବରକୋଳି ଗଛମୂଳେ ଖୋଲାରେ ବିରାଜମାନ କରୁଥିଲେ । କେବେ ଉକ୍ତ ମନ୍ଦିର ନିର୍ମିତ ହୋଇଛି, ତା’ର କିଛି ତଥ୍ୟ ମିଳେ ନାହିଁ ।

*ରେଣୁକା ଏନକ୍ଲେଭ, ବଡ଼ଶଙ୍ଖ, ପୁରୀ-୨*
*ଦୂରଭାଷ: ୯୪୩୭୪୯୪୭୭୬*

# ଶକ୍ତି ଉପାସନା ର ଦିଗ ଓ ଦିଗନ୍ତ

## ବିଭୂତି ଭୂଷଣ ସେନାପତି

ଶକ୍ତିର ଆଧାର ସୃଷ୍ଟି । ଶକ୍ତି ବିନା ଆଶୁତୋଷ ଶିବ ଶବ ତୁଲ୍ୟ । ଏହି ଶକ୍ତି ବହୁରୂପା । ତନ୍ମଧ୍ୟରେ ପୃଥିବୀରେ ଶକ୍ତି ସ୍ୱରୂପିଣୀ ଦୁର୍ଗା ଉପାସନା ପରମ୍ପରା ପ୍ରାକ୍ ଆଦିମ ସମାଜଠାରୁ ଆରମ୍ଭ କରି ଆଜିପର୍ଯ୍ୟନ୍ତ ସାରା ବିଶ୍ୱରେ ପ୍ରଚଳିତ । ପ୍ରକାରାନ୍ତରେ ପ୍ରାଚୀନ ଜନଗୋଷ୍ଠୀଙ୍କବସ୍ତୁ କୈନ୍ଦ୍ରିକ ଚିନ୍ତନ ଓ ପର୍ଯ୍ୟବେକ୍ଷଣ ସହ ଏହା ଘନିଷ୍ଠ ଭାବେ ସଂପୃକ୍ତ , ଯାହା ସମୟର କଷଟି ପଥରରେ ପରିମାର୍ଜିତ ହୋଇ ଦେବୀ ଉପାସନା ନାମରେ ନାମିତ । ଗୋଟିଏ ପକ୍ଷରେ ସାମାଜିକ ତଥ୍ୟ ତଥା ଅନ୍ୟପକ୍ଷରେ ସଂାସ୍କୃତିକ ଓ ଐତିହାସିକ ଦୃଷ୍ଟିପଥଦେଇ ପାରମ୍ପରିକ ବିଶ୍ୱାସ ଏକ ନିର୍ଦ୍ଦିଷ୍ଟ ମାର୍ଗରେ ଉପନୀତ ହୋଇଛି ।ଐତାହାସିକ ଦୃଷ୍ଟିକୋଣରୁ ବିଚାର କଲେ ଆର୍ଯ୍ୟ ଏକ ଭାଷା କିନ୍ତୁ ଜନଗୋଷ୍ଠୀ ନୁହେଁ । ଦେବୀପ୍ରସାଦ ଚଟୋପାଧ୍ୟାୟ କହନ୍ତି-ଆର୍ଯ୍ୟ ଗୋଷ୍ଠୀର ଲିଙ୍ଗ ପୂଜା ପରବର୍ତ୍ତୀ ପର୍ଯ୍ୟାୟରେ ମାତୃପୂଜାର ରୂପ ନେଇଛି ।

ଅଷ୍ଟ୍ରିକ ମାନଙ୍କ ଠାରୁ ଆରମ୍ଭ କରି ସିନ୍ଧୁ ସଭ୍ୟତା ପର୍ଯ୍ୟନ୍ତ ଏହା ପରିବ୍ୟାପ୍ତ । ମହେଂଜୋଦାର ପ୍ରାପ୍ତ ଧ୍ୱଂସାବଶେଷରୁ ଏହାର ପ୍ରମାଣ ମିଳିଛି । ଦେବୀ ଦୁର୍ଗାଙ୍କୁ ଦଶ ଭୂଜା କୁହା ଗଲେ ମଧ୍ୟ ସେ କେଉଁଠି ଦ୍ୱିଭୂଜା,ଚତୁର୍ଭୁଜା ଓ କେଉଁଠି ଅଷ୍ଟଭୂଜା ନାମରେ ନାମିତା। କେହି କେହି ତାହାଙ୍କୁ ଦ୍ୱାଦଶ, ଷୋଡ଼ଶ, ଅଷ୍ଟାଦଶ, ବିଂଶ ତଥା ଦ୍ୱାତ୍ରିଂଶ ଭୂଜା କହନ୍ତି । ଭିଲସାର ସନ୍ନିକଟ ଉଦୟଗିରିର ଗୁହାରେ ଖୋଦିତ ମହିଷାମର୍ଦ୍ଦିନି ମୂର୍ତ୍ତିଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀର ଯାହାର ଭୂଜ ସଂଖ୍ୟା ଦ୍ୱାଦଶ ଏବଂ ଏଥିରେ ମହିଷାକୃତି ଅସୁରକୁ ଦେବୀ ବିନାଶ କରୁଥିବାର ଦର୍ଶାଯାଇଛି । ବିନ୍ଧ୍ୟ ପର୍ବତ ଠାରୁ ଆରମ୍ଭ କରି ଭାରତର ପୂର୍ବରେ ସ୍ଥିତ ଜାଭା ଦୀପ ପର୍ଯ୍ୟନ୍ତ ସମସ୍ତ ଅଂଚଳକୁ ବିଷ୍ଣୁକ୍ରାନ୍ତା,ମିଶର ଓ ପାରସ୍ୟ ପ୍ରଭୃତି ଦେଶକୁଅଶ୍ୱକ୍ରାନ୍ତା ଏବଂ ନେପାଳ,ତିବ୍ବତଓ ଚୀନକୁ ରଥକ୍ରାନ୍ତାନାମରେ ଅଭିହିତ କରାଯାଇଛି । ଯାହାର ସୂଚନା ମଙ୍ଗଳଚନ୍ଦ୍ରରୁ ମିଳିଥାଏ ।

ତାନ୍ତ୍ରିକ ଯୁଗରେ ତନ୍ତ୍ରୋକ୍ତ ଶକ୍ତିବାଦର ଯଥେଷ୍ଟ ପ୍ରଭାବ ରହିଛି ଏହାକୁ କୌଣସି ସମୟରେ ଅସ୍ୱୀକାର କରିହେବ ନାହିଁ । ଭାରତବର୍ଷର ଉତରରେ ଥିବା ମଧ୍ୟ ଏସିୟାରେ ୧୯୪୬ ମସିହାରେ ପ୍ରତ୍ନତାତ୍ତ୍ୱିକ ଖନନ ବେଳେ ଏକ ପ୍ରାଚୀନ ସହରର ଧ୍ୱଂସାବଶେଷ ମିଳିଥିଲା ସେହି ସହରର ଦ୍ୱିତୀୟ ମନ୍ଦିରରେ ବିଭିନ୍ନ ଚିତ୍ରରାଜି ଅଙ୍କିତ ।ଏହି ମୂର୍ତ୍ତୀଟି ସାଧାରଣ ନାରୀର ନୁହେଁ ମାତ୍ର ଚତୁର୍ଭୁଜା ଓ ଦେବୀ ମୂର୍ତ୍ତି ଭାବରେ ଗ୍ରହଣ କରାଯାଇପାରେ । ପ୍ରାଚୀନ କାଳରେ ମହିଷାମର୍ଦ୍ଦିନୀ ଲକ୍ଷ୍ମୀ,ସରସ୍ୱତୀ ଓ ଗଣେଷ ବ୍ୟତିତ ପୂଜା ପାଉଥିଲେ । ଶକ ଓ କୁଶାଣଯୁଗରେ ଦେବୀମୂର୍ତ୍ତି ସିଂହ ବାହିନୀ ରୂପେ  ପୂଜିତା ବୋଲି କେତେକ ଗବେଷକ ମତା ଦିଅନ୍ତି ।ପରବର୍ତ୍ତୀ ସମୟରେ ୟାଥିନାରେ ସିଂହ ରହିଥିବାର ଦେଖାଯାଏ ।

ସୋଭିଏତ୍ ମଧ୍ୟ ଏସିୟାର ଦକ୍ଷିଣରେ ଅକସାସ୍ ଅବସ୍ଥିତ ।ତାହାର ଦକ୍ଷିଣକୁ ହିନ୍ଦୁକୁଶ ପର୍ବତ ମାଳାର ଉତର ପଶ୍ଚିମରେ ବାହ୍ଲୀକ ଦେଶ ଭୂଖଣ୍ଡରେ ଆବିଷ୍କୃତ କୁଶାଣ ଯୁଗୀୟ ମନ୍ଦିର ଗାତ୍ରରେ ଅଙ୍କିତ ମହେଶ୍ୱର-ଉମା ଚିତ୍ରରୁ ମଧ୍ୟଏହାର ପ୍ରମାଣ ମିଳିଛି । ଆଫଗାନିସ୍ଥାନର ପୂର୍ବାଂଚଳରେ ଗର୍ଦ୍ଦେକ ଅଂଚଳରେ ଧବଳନିର୍ମିତ ନିର୍ମିତ ୮ମ ଏବଂ ୯ମଶତାବ୍ଦୀରେଏକ ମହିଷା ମର୍ଦ୍ଦିନୀ ମୂର୍ତି ଆବିଷ୍କୃତ ହୋଇଛି ଯାହା ଦେବୀ ପୂଜାର ପ୍ରାଚୀନତାକୁ ପ୍ରମାଣ କରୁଛି । ମଧ୍ୟଏସିଆର ଅଧିବାସୀଙ୍କଠାରେ ସିଂହ ବାହିନୀ ଭାରତୀୟ ଦେବୀଅତି ପରିଚିତା । ଚୀନ୍ ଦେଶରେ ଗୋଟିଏ ମାତୃ ମୂର୍ତ୍ତିକୁ ଶାକ୍ତ ଧର୍ମର ଆଦର୍ଶ ବୋଲି ମନେ କରନ୍ତି । ଉକ୍ତ ଦେବୀଙ୍କ ହସ୍ତରେ ପୁସ୍ତକ ଅଛି ଓ ଏହା ସପ୍ତମ ଶତାବ୍ଦୀର ବୋଲି ଗବେଷକ କହନ୍ତି । ତାଙ୍କୁ କୁଆନୟନ ବା କମଳାରୂପିଣୀ କହନ୍ତି । ଜାପାନ ଦେଶରେ ଅନୁରୂପ ମାତୃ ଉପାସନାର ପ୍ରମାଣ ମିଳେ। ଏହି ମାତୃମୂର୍ତ୍ତିକୁ କ୍ୱାମାୟନ କୁହାଯାଏ ।ଏଠାରେ ଥିବା ଅନ୍ୟତମ ମୂର୍ତ୍ତିକିସିମୋସିନ୍ ଭୁବନେଶ୍ୱରୀ ରୂପିଣୀ । ୟୁରୋପରେ ଭିଲେନଡର୍ଫ ଓ ଲାଉସାଲ ପ୍ରଭୃତି ସ୍ଥାନରେ ଶାକ୍ତ ଧର୍ମ ସଂପର୍କରେ ବହୁ ଉପାଦେୟ ତଥ୍ୟ ଆବିଷ୍କୃତ ହୋଇଛି । ଏ ଗୁଡ଼ିକ ପ୍ରସ୍ତର,ଅସ୍ଥି ଓ ହସ୍ତୀ ଦନ୍ତରେ ନିର୍ମିତ ।

ପ୍ରାକ୍ ଐତିହାସିକ ଧର୍ମାନୁଷ୍ଠାନ ମାନଙ୍କରେ ଶକ୍ତିମୟୀ ଦେବୀ ରୂପେ ପୂଜିତା । ଅବଶ୍ୟ ନୂତନ ପ୍ରସ୍ଥର ଯୁଗୀୟ ସଂସ୍କୃତିରେ ନାରୀ ମୂର୍ତ୍ତି କ୍ରୋଡ଼ରେ ଶିଶୁ ସନ୍ତାନ ଧାରଣ କରିଥିବାର ପ୍ରମାଣ ମିଳେ ।ମିଶର ଦେଶର ପ୍ରାଚୀନ ଇତିହାସରୁ ମାତୃତ୍ୱର ପରିକଳ୍ପନା ଆଇସିସ୍ ବା ହୋରସ୍ ମୂର୍ତ୍ତି ମାଧ୍ୟମରେ ପ୍ରକାଶ ଲାଭ କରିଛି ।ଏହି ମୂର୍ତ୍ତି ମାନଙ୍କର ଭାସ୍କର୍ଯ୍ୟରେ ମିଶରୀୟ ସଭ୍ୟତା ମାତୃତ୍ୱକୁ ସମ୍ମାନ ପ୍ରଦର୍ଶନ କରିବାର ଜଣାଯାଏ । ଏଠାରେ ମଧ୍ୟ ମାତୃମୂର୍ତ୍ତିସହିତ ବାଳକ ମୂର୍ତ୍ତିରହିଛି । ସ୍ପେନ ଦେଶ ଲେରିଭାର ନିକଟ ବର୍ତ୍ତୀ କୋଗୁଲ ଗୁଂଫାରେପ୍ରାଚୀନ କାଳର ଦେବୀ ସୂଚିତ ହୋଇଛି । ଫୋନସୀୟ ମାନେ ଦେବୀ ଉପାସନା ମାଧ୍ୟମରେ ପ୍ରକୃତିର ବିଶିଷ୍ଟ ଶକ୍ତିକୁ ଦେବତା ରୂପରେ ପୂଜା କରନ୍ତି । ସେହି ଦେବତାଙ୍କ ନାମ ଏଲ୍ ।ତାଙ୍କ ସ୍ତ୍ରୀଙ୍କ ନାମ ଅଶେରଥ୍ । ସେମାନଙ୍କର ବିଶ୍ୱାସରେ ମଥ୍ ହେଉ ଛନ୍ତି ଗ୍ରୀଷ୍ମ ଶୁଷ୍କ ମୃତ୍ତିକାର ଅଧିଷ୍ଠାତ୍ରୀ ଦେବୀ ।

ଆଉ ଏକ ଦେବୀ ଫୋନସୀୟ ମାନେ ତାଙ୍କ ଧର୍ମ ଇତିହାସରେ ସ୍ଥାନ ଦେଇଛନ୍ତି ତାଙ୍କ ନାମ ଅନଥ୍। ଜାପାନ ସଂସ୍କୃତିରେ ପାର୍ବତୀ ଓ ସରସ୍ୱତୀ ମୂର୍ତ୍ତିପ୍ରଧାନ ଅଛନ୍ତି । ପାର୍ବତୀଙ୍କୁ ଜାପାନୀ ଭାଷାରେ ଉମାହି ଓ ସରସ୍ୱତୀଙ୍କୁ ବେନ୍‌ଜାଇଟେନ କହନ୍ତି । ସମଗ୍ର ସିନ୍ଧୁ ଉପତ୍ୟକାଠାରୁ ଆରମ୍ଭ କରି ବେଲୁଚିସ୍ଥାନ,ଏସିଆମାଇନର,ସିରିଆ,ସାଇପ୍ରସ୍ ଏବଂ ମିଶର ପ୍ରଭୃତି ଦେଶ ମାନଙ୍କରେ ମାତୃ ଉପାସନାର ବହୁ ପ୍ରମାଣ ରହିଛି । ମାଲଟା ଦୀପ ଓ ତୁର୍କୀ ଅନ୍ତର୍ଗତ ଆମକ ପ୍ରାନ୍ତରରେ ପ୍ରସ୍ତର ଖୋଦିତ ମାତୃ ମୂର୍ତ୍ତିମାନଙ୍କରୁ ଶାକ୍ତ ଧର୍ମର ପରିଚୟ ମିଳେ ।

ବେବିଲୋନର ଇସ୍ତାର ଯୁଦ୍ଧଦେବୀ ରୂପେ ଖ୍ୟାତା । ବାମ ହସ୍ତ ନିତମ୍ବ ଦେହରେ ଭରା ଦେଇ ଦକ୍ଷିଣ ହସ୍ତରେ ପଦ୍ମ କଳିକା ଧାରଣ କରିଛନ୍ତି । ରାଜ ପୋହାକ ଆଚ୍ଛାଦିତ ହୋଇଥିବାରୁ ସେ ଅମ୍ବାନନା ଦୁର୍ଗା । ଲଣ୍ଡନରେ ବ୍ରିଟିସ୍ ମ୍ୟୁଜିଅମରେ ସଂରକ୍ଷିତ ସ୍ୱର୍ଣ୍ଣ ମୋହରରୁ ମିଳିଥାଏ ।ପଶ୍ଚିମ ଏସିଆ ଓ ଭୂମଧ୍ୟ ସାଗରୀୟ ଅଂଚଳରେ ମାତୃ ପୂଜା ସହ ସର୍ପ ଓ ସିଂହ ଘନିଷ୍ଟ ଭାବରେ ସଂପୃକ୍ତ । ଇଜିୟାନ୍ ଉପସାଗରସ୍ଥ କ୍ରୀଟ୍ ଦୀପର ଧ୍ୱଂସାବଶେଷରୁ ସିଂହ ବାହିନୀ ଓ ସର୍ପ ଦେବୀଙ୍କ ମୂର୍ତ୍ତି ଉକ୍ତ ସତ୍ୟତାର ଅନୁଗାମୀ । ମିଶର ଦେଶର ସର୍ପ ଦେବୀନେହେବନାମୁ ଓ ବୁତୋ ବିଶ୍ୱ ନାରୀତ୍ୱ ରୂପେ ପ୍ରତୀୟମାନା ।

ଋକ୍ ବେଦରେ ଦଶମ ମଣ୍ଡଳର ବିଷୟବସ୍ତୁ ଦୁର୍ଗା ତତ୍ତ୍ୱର ପରିଚାୟକ । ଦଶମ ମଣ୍ଡଳରେ ଅମ୍ଭୃଣୁ ଋଷିଙ୍କ କନ୍ୟା ଦେବୀ ସୂକ୍ତର ଦ୍ରଷ୍ଟା । ତାଙ୍କର ଆତ୍ମସ୍ୱରୂପ ଦେବୀ ସୂକ୍ତର ଉଚ୍ଚାରଣ । ଦେବୀ ସୂକ୍ତରେ ପରମାତ୍ମା ସଚ୍ଚିଦାନନ୍ଦ  ସ୍ୱରୂପା । ପ୍ରାଣ

ଶକ୍ତିସ୍ୱରୂପା ଦେବୀ ମହାମାୟା ।ସେ ଜଗତକୁ ମୋହିତ କରି ରଖନ୍ତି ।ସମ୍ମୋହିତଂ ଦେବୀ ସମସ୍ତ ମେତତ୍ ତ୍ୱଂ ବୈ ପ୍ରସନ୍ନା ମୁକ୍ତି ହେତୁ ।"ଯିଏ ମହାମାୟା ସେ ପ୍ରାଣ ଶକ୍ତି ରୂପା ଦେବୀ । ତୈତରୀୟ ଆରଣ୍ୟକରେ ଦଶମଖଂଡ ଦ୍ୱିତୀୟ ଅନୁବାକ୍‌ରେ ଦୁର୍ଗାଂକର ବର୍ଣ୍ଣନା କରାଯାଇଛି ।"ଅଗ୍ନିବର୍ଣ୍ଣା ତପସା ଜ୍ୱଳନ୍ତାଂ ବୈରୋଚନ କର୍ମ ଫଳେଷୁରିଷ୍ଠାମ ।"ଅଗ୍ନିବର୍ଣ୍ଣା ଦେବୀଙ୍କ ଚରଣ କମଳରେ ଶତ ଶତ ପ୍ରଣାମ । ମୁଣ୍ଡକ ଉପନିଷଦରେ ଦେବୀଙ୍କର ସପ୍ତ ଜିହ୍ୱାର କଥା ସ୍ପଷ୍ଟ ଭାବେ ବର୍ଣ୍ଣିତ । କାଳୀ କରାଳୀଚ ମବୋ ହବାଚ ସୁରୋହିତ ଯା ଚ ସୁଧୂମ୍ରବର୍ଣ୍ଣା ।"

ଦେବୀ ଭାଗବତରେ ଅଛି ମହିଷାସୁର ଦ୍ୱାରା ଅତ୍ୟାଚାରିତ ଦେବଗଣଙ୍କ ମୁଖରୁ ତେଜ ନିର୍ଗତ ହୋଇ ତାହା ବିଶାଳ ରୂପ ଧାରଣ କଲା ଏବଂ ସର୍ବଦେବ ଶକ୍ତିର ସମନ୍ୱିତ ରୂପ ମହାଶକ୍ତି ଉଦ୍ଭାସିତ ହୋଇ ମହାମାୟା ରୂପ ଧାରଣ କଲା । ଯେ ଚଣ୍ଡୀ ସେହିଁ କାତ୍ୟାୟିନୀ । ସେ କାଳୀ,ଦୁର୍ଗା,ଚାମୁଣ୍ଡା ପ୍ରଭୃତି ନାମରେ ନାମିତା । ଅନ୍ୟ ପକ୍ଷରେ ସେ ଯେ ମହିଷାସୁର ମର୍ଦ୍ଦିନୀ, ଶାକମ୍ଭରୀ, ନୀଳବର୍ଣ୍ଣା, ନୀଳୋତ୍ପଳା ବିଲୋଚନା ନାମରେ ମଧ୍ୟ ଭକ୍ତଙ୍କ ପାଇଁ ଆରାଧ୍ୟ ଦେବୀ । ଦୁର୍ଗାଙ୍କୁ ପ୍ରାର୍ଥନା କରାଯାଏ- "ଜୟନ୍ତୀ ମଙ୍ଗଳା କାଳୀ ଭଦ୍ର କାଳୀ କପାଳିନୀ/ ଦୁର୍ଗା କ୍ଷମା ଶିବା, ଧାତ୍ରୀ, ସ୍ୱାହାସ୍ୱାଧା ନମୋସ୍ତୁତେ ।"ଷଡ ଚକ୍ର ମାଧ୍ୟମରେ ଦେବୀଙ୍କୁ ଉପସ୍ଥାପନ କରାଯାଏ- "ପୀତ ବର୍ଣ୍ଣ ଜ୍ୟୋତି ମୂଳାଧାର ଚକ୍ର ତଥା ସୁବର୍ଣ୍ଣ ବର୍ଣ୍ଣାଭ ଜ୍ୟୋତି ।"ପ୍ରାଣ ଶକ୍ତି ରୂପରେ ଜୀବାତ୍ମା ମଧ୍ୟରେ ଅବସ୍ଥାନ କରୁଥିବାରୁ ତାଙ୍କୁ କୁହାଯାଏ- "ସର୍ବସ୍ୱରୂପେ ସର୍ବେଶସର୍ବଶକ୍ତି ସମନ୍ୱିତେ ।"ଦେବୀ ବିଶ୍ୱ ମାୟା ।ତ୍ୱମ୍ ବୈଷ୍ଣବୀ ଶକ୍ତି ଅନନ୍ତ ବୀର୍ଯ୍ୟା ବିଶ୍ୱସ୍ୟ ବୀଜଂ ପରମାସି ମାୟା ।"ବ୍ରହ୍ମବୈବର୍ତ୍ତ ପୁରାଣ ଅନୁସାରେ ଦେବୀ ବିଷ୍ଣୁଭକ୍ତା,ବିଷ୍ଣୁରୂପା ଓ ବିଷ୍ଣୁଙ୍କର ଶକ୍ତିରୂପିଣୀ ।"ଶରୀରରୂପକ ଦୁର୍ଗର ଶଙ୍କଟାବସ୍ଥାରୁ ସେ ତ୍ରାଣ କରନ୍ତି ବୋଲି ତାଙ୍କୁ ଦୁର୍ଗା କୁହାଯାଏ । ମେରୁଦଣ୍ଡ ମଧ୍ୟରେ ସୁସୁମ୍ନା ପଥରେ ଯାତାୟତ ରୂପୀ ପ୍ରାଣ କ୍ରିୟା ପ୍ରାଣ ଶକ୍ତିର ଯଥାର୍ଥ ସମ୍ବର୍ଦ୍ଧନା । ପୁରାଣ ବର୍ଣ୍ଣିତ ସୁରଥ ଉପାଖ୍ୟାନ ବିଶ୍ଳେଷଣ କଲେ ଯାହା ଜଣା ଯାଏ ସୁରଥ ଶବ୍ଦଟି ସୁ ରଥ -ଜୀବ ଦେହୀ ରୂପୀ ରାଜ୍ୟରରାଜା ସୁରଥ । ସୁରଥ ଶବ୍ଦର ଅର୍ଥ ମଧ୍ୟ ସୁନ୍ଦର ରଥ ଶବ୍ଦ ମଧ୍ୟ ଶରୀରକୁ ବୁଝାଏ ।

ଉପନିଷଦରେ ଅଛି- " ଆତ୍ମାନାଂ ରଥିନଂ ବିଦ୍ଧି ଶରୀରଂ ରଥ ମେବଚ ।" ଅନ୍ୟାନ୍ୟ ଶରୀର ଅପେକ୍ଷା ମାନବ ଦେହ ସୁନ୍ଦର । ସୁନ୍ଦର ଦେହ ଧାରୀ ଦେହ ରାଜ୍ୟର ରାଜା ଜୀବକୁ ସୁରଥ ନାମରେ ନାମିତ କରାଯାଇଛି । ଆସୁରିକ ଭାବରୂପ ଜବନ ରାଜା ଦ୍ୱାରା ପରାଜିତ ଆସୁରିକ ଶକ୍ତିରେ ଏହାଙ୍କର ସାତ୍ତ୍ୱିକ ସ୍ୱରୂପ ଧନ ରତ୍ନାଦି ଅପହୃତ । ସଂସାରିକ ବନ୍ଧନରେ ଜଡିତ ରହି ମନୋରୂପୀ ଅଶ୍ୱରେ ସଂସାରକୁ ଅବତୀର୍ଣ୍ଣ କରିଛନ୍ତି । ସମାଧୀ ନାମକ ବୈଶ୍ୟ ସହିତ ସାକ୍ଷାତ ହେଲା ପରେ ତାଙ୍କର ସାଧୁବାଣୀରେ ବିମୁଗ୍ଧ ହୋଇ ଗୁ ରୂପ ମେଧସ୍ ଆଶ୍ରମରେ ଉପସ୍ଥିତ ହୋଇଛନ୍ତି । ସେଠାରେ ତାଙ୍କର ଜ୍ଞାନ ଉଦୟ ହୋଇଛି । ଯେ ଯୋଗୀ ବା ସାଧକ ତାଙ୍କର ଏକ ମାତ୍ର ଆରାଧ୍ୟ ଦେବତା ଦେବୀ ଦୁର୍ଗା । ତାଙ୍କୁ ଦର୍ଶନ କଲେ ମନର ଛଅ ପ୍ରକାର ଶକ୍ତି ଉଦ୍ରେକ ହୁଏ । ଯଥା-ଐଶ୍ୱର୍ଯ୍ୟ,ବୀର୍ଯ୍ୟ,ଯଶ,ସୌଭାଗ୍ୟ,ଜ୍ଞାନ ଓ ବୈରାଗ୍ୟ । ଏହା ସୁସୁମ୍ନା ନାଡ଼ିର ଷଟ୍ ଚକ୍ର ମଧ୍ୟରେ ପ୍ରବାହିତ ହୁଏ ।

ମୂଳାଧାର, ସ୍ୱାଧୀଷ୍ଠାନ, ମଣିପୁର, ଅନାହତ, ବିଶୁଦ୍ଧ ଓ ଆଜ୍ଞାଚକ୍ର ସାଧନା ବଳରେ ସବୁ କିଛି ସାଧିତ ହୋଇ ଥାଏ । ଯଦି ଭଗବାନ ଶଚିଦାନଂଦ ସ୍ୱରୂପା ତାହା ହେଲେ ମଧୁକୈଟଭ ନିଧନ, ମହିଷାସୁର ବଦ୍ଧ ଓ ଶୁମ୍ଭ ନିଶୁମ୍ଭ ବଦ୍ଧ ତାଙ୍କର ଅନନ୍ୟ ରୂପା ଚୈତନ୍ୟ ପ୍ରତିଷ୍ଠା,ସତ୍ୟ ପ୍ରତିଷ୍ଠା ଓ ଆନନ୍ଦ ପ୍ରତିଷ୍ଠାର ଗୋଟିଏ ଗୋଟିଏ ମାଧ୍ୟମ । ମହିଷାସୁର ବଦ୍ଧ ପରେ ଦେବତା ମାନେ ଦେବୀଙ୍କୁ ସ୍ତୁତିକଲେ କାରଣ ସେ ଜୀବ ଶରୀର ମଧ୍ୟରେ ଦଶ ପ୍ରାଣ । ଯେପରି ପ୍ରାଣ,ଅପାନ,ସମାନ,ଉଦାନ,ବ୍ୟାନ ପଂଚ ପ୍ରାଣ ଓ ନାଗ କୂର୍ମ,କୃକର,ଦେବଦତ୍ତ ଓ ଧନଂଜୟ ମିଶିଲେ ଦଶ ଭୂଜକୁ ବୁଝାଏ । ପୁରାଣରେ ଏହା ପ୍ରତୀକ ଭାବରେ ଦେବୀଙ୍କର ଦଶଭୂଜ ବୋଲି କୁହାଯାଏ ।

ଏହି ଦଶ ଭୂଜକୁ ନେଇ ତାର ଅବତାରଣା ବିଭିନ୍ନ ଭାବରେ କରା ଯାଇଛି । ହୃଦଦେଶରେ ପ୍ରାଣ, ଗୁହ୍ୟଦେଶରେ ଅପାନ, ନାଭି ମଣ୍ଡଳରେ ସମାନ, କଣ୍ଠ ଦେଶରେ ଉଦାନ ଏବଂ ସର୍ବ ଶରୀରରେ ବ୍ୟାନର ଭାବ ବିସ୍ତାର କରାଯାଇଛି । ସମସ୍ତଙ୍କ ପ୍ରାଣ ମଧ୍ୟରେ ପଂଚ ପ୍ରାଣ ହିଁ ଶ୍ରେଷ୍ଠ । ସର୍ବ ବାୟୁ ମଧ୍ୟରେ ପ୍ରାଣ ଶ୍ରେଷ୍ଠ । ଶିଳ୍ପ ସାଧକ ମାନେ ଦୁର୍ଗାଙ୍କ ପାଖରେ ଯେଉଁ ମୂର୍ତ୍ତିର ବିଶେଷତ୍ୱ ପରିକଳ୍ପନା କରିଛନ୍ତି ତାହା ମଧ୍ୟରେ ଅଛି କିଛି ଗୁଢ ତତ୍ତ୍ୱ ।ପ୍ରାଣ ଶକ୍ତି ରୂପା ଦକ୍ଷିଣରେ ଶ୍ରୀ ରୂପା ଲକ୍ଷ୍ମୀ,ବିଦ୍ୟାରୂପିଣୀ ବାକ୍‌ଦେବୀ ଏବଂ ଦୁଇପୁତ୍ର ଗଣେଶ ଓ କାର୍ତ୍ତିକ । କୁମାର କାର୍ତ୍ତିକ ହେଉଛନ୍ତି ସେନା ନାୟକ । ଗଣେଶ ହେଉଛନ୍ତି ପ୍ରାଣ ଶକ୍ତିର ପ୍ରାଣାୟାମ । ସାଧନା ସମରରେ ମଧୁକୈଟଭ ବଦ୍ଧର କାହାଣୀ ପ୍ରକାରାନ୍ତରେ ବ୍ରହ୍ମଗ୍ରନ୍ଥି ଭେଦର ସାଧନା ତତ୍ତ୍ୱ ।

ମହିହାସୁର ବଦ୍ଧ ବିଷ୍ଣୁଗ୍ରନ୍ଥିଭେଦ, ଶୁମ୍ଭ ଅର୍ଥ ଅସ୍ମିତା ଓ ନିଶୁମ୍ଭ ଅର୍ଥ ମମତା । ଯଥାର୍ଥ ଭାବରେ ଆତ୍ମଜ୍ଞାନ ଲାଭ କରିବାକୁ ହେଲେ ଜଗତ୍‌ଜନନୀ ଦୁର୍ଗାଙ୍କ ଶରଣାପନ୍ନ ହେବାକୁ ପଡେ । ସୃଷ୍ଟିର ସମସ୍ତ ଜୀବ, ଜଡ ତଥା ଅଣୁ ପରମାଣୁରେ ଦୁର୍ଗା ଶକ୍ତି ରୂପେଣ ସଂସ୍ଥିତା । ସେଥିପାଇଁ କୁହା ଯାଇଛି ଯାଦେବୀ ସର୍ବ ଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା । ବିଭିନ୍ନନାମ ଓ ରୂପର ସମନ୍ୱୟ ଘଟିଛି । ଦେବୀ ହସ୍ତରେ ଧରନ୍ତି ଶିବଙ୍କ ତ୍ରିଶୂଳ, ବିଷ୍ଣୁଙ୍କ ଚକ୍ର, ଇନ୍ଦ୍ରଙ୍କ ବଜ୍ର, ବାୟୁଙ୍କ ଧନୁ, ଯମଙ୍କ କାଳପାଶ, ବ୍ରହ୍ମାଙ୍କ ଅକ୍ଷମାଳା, ଶେଷ ନାଗଙ୍କ କାଳ ପାଶ, ବ୍ରହ୍ମାଙ୍କ ଅକ୍ଷମାଳା, କାଳୀଙ୍କ ଖଂଜ ଏବଂ କୁବେରଙ୍କ ସୁରାପାତ୍ର । ପ୍ରୟୋଜନ ଅନୁସାରେ ନିଜର ତ୍ରିଶକ୍ତି ବିନିଯୋଗ କରି ମହାକାଳୀ,ମହାଲକ୍ଷ୍ମୀ ଓ ମହା ସରସ୍ୱତୀ ରୂପେ ପ୍ରକଟିତା । ସୃଷ୍ଟିର ଉନ୍ମେଷ କାଳରେ ସେ ସରସ୍ୱତୀ ହୋଇ ବ୍ରହ୍ମାଙ୍କ ଓଁ କାର ଧ୍ୱନୀରେ ସପ୍ତସ୍ୱର ର ବର୍ତ୍ତିକା ଓ ଜଗତ୍ ସୃଷ୍ଟିର ନିୟାମିକା । ପାଳନ କାଳରେ ଲକ୍ଷ୍ମୀ ରୂପେ ବିଷ୍ଣୁଙ୍କୁ ପୌରୁଷତ୍ୱର ଶ୍ରୀ ଶକ୍ତି ପ୍ରଦାନ କାରିଣୀ ।ସଂହାର କାଳରେ ଶିବଙ୍କ ପ୍ରଳୟକାରୀ ଶକ୍ତିରେ କାଳୀ ରୂପିଣୀ ମହାମାୟା । ତ୍ରିଶକ୍ତି ଓ ତ୍ରିଗୁଣ ବିନିଯୋଗ କରି ସୃଷ୍ଟି,ସ୍ଥିତି ଓ ପ୍ରଳୟ ଏବଂ ସତ୍ତ୍ୱ, ରଜ, ତମର ଅଧିକାରିଣୀ ।

ଯେତେବେଳେ ପଂଚଧା ରୂପରେ ସେ ବିରାଜମାନ କରନ୍ତି ସେତେବେଳେ ଦୁଃଖ ହାରିଣୀ ଦୁର୍ଗା, ପ୍ରାଣ ସ୍ୱରୂପା ପ୍ରେମମୟୀ ରାଧା, ମଙ୍ଗଳ ଦାୟିନୀଲକ୍ଷ୍ମୀ, କଳା କୁଶଳୀ ସରସ୍ୱତୀ ଏବଂ ଅଖିଳ ତେଜପୁଂଜ ସମନ୍ୱିତା ସାବିତ୍ରୀ ଅଟନ୍ତି । ସେ ଷଟ୍ ମହାଶକ୍ତି କାମ, କ୍ରୋଧ, ଲୋଭ, ମୋହ, ମାୟା ଓ ତିତିକ୍ଷାକୁ ନିଜ ଶକ୍ତିରେ ମହିମାନ୍ୱିତା କରନ୍ତି ସେଥି ପାଇଁ ସେ ସପ୍ତ ଭଗିନୀ ଇନ୍ଦ୍ରାଣୀ, ବ୍ରହ୍ମାଣୀ, ବୈଷ୍ଣବୀ, କୌମାରୀ, ଚାମୁଣ୍ଡା, ଭୈରବୀ ଏବଂ ମାହେଶ୍ୱରୀ ରୂପରେ ଆବିର୍ଭୂତା । ମହିଷାସୁର ସହିତ ସଂଗ୍ରାମ କାଳରେ ସେ ଅହଂ ଭାବରୁ ବ୍ରାହ୍ମୀ କ୍ରୋଧରୁ ମାହେଶ୍ୱରୀ, ଆସକ୍ତି ଜାଗ୍ରତ କାରିଣୀ କୌମାରୀ, ଈର୍ଷା ରୂପିଣୀ ଇନ୍ଦ୍ରାଣୀ, ଲୋଭରୁ ବୈଷ୍ଣବୀ, ନୀତି ବିବର୍ଜିତା ଚାମୁଣ୍ଡା, ଶତୃଭାବରୁ ବାରାହୀ ଏବଂ ବିଭତ୍ସରୁପିଣୀ ନାରସଂହୀ ରୂପେ ପ୍ରତିଷ୍ଠିତା ଏବଂ ନବଦୁର୍ଗା ଭାବରେ ଚିର ପୂଜିତା । ତେଣୁ ସେହି ଦୁର୍ଗା ଦୁର୍ଗତନାଶିନୀ ଆଦିମ କାଳରୁ ଆଜି ଯାଏ ସାରା ବିଶ୍ୱରେ ଶକ୍ତି ମୟୀ ଦେବୀ ଭାବରେ ଚିର ପୂଜିତା । ମାତୃପୂଜାର ପରିକଳ୍ପନା ସମଗ୍ର ସୃଷ୍ଟି ପାଇଁ ସତେଯେପରି ନୂତନ ରୂପବିକାଶର ବାର୍ତ୍ତାବହ । ସମୟାନୁକ୍ରମେ ସଭ୍ୟତା ଓ ସଂସ୍କୃତିର ଚିରନ୍ତନ ଉତ୍ସ ମା' ଦୁର୍ଗା । ସର୍ବ ଧର୍ମ ସହ ଶାକ୍ତ ଓ ବୈଷ୍ଣବ ଧର୍ମର ମିଳନ ଶକ୍ତିଙ୍କର ରୂପସତ୍ତାକୁ ବୈଚିତ୍ର୍ୟମୟ କରିଛି ସତେଯେପରି ଜଗତ୍‌ଜନନୀ ରୂପରେ ଶାନ୍ତ, ସହାନୁଭୂତଶାଳିନୀ ଏବଂ ସର୍ବ ମଙ୍ଗଳକାରିଣୀ ସେ ମା' ମଙ୍ଗଳା । ସେହି ମହାମାୟାଙ୍କ ଚରଣ କମଳରେ ଆଜି ସାରା ବିଶ୍ୱ କୋଟି କୋଟି ପ୍ରଣାମ ଜଣାଉଛି ।

*ସଂପାଦକ ନାରାୟଣ ସ୍ମୃତି ସାହିତ୍ୟ ସଂସଦ,*
*କୋହ୍ଲ, ତିହିଡି, ଭଦ୍ରକ*
*ଦୂରଭାଷ: ୯୪୩୭୫୭୪୪୬୨*

# ଦେବୀ ଦୁର୍ଗା ବିଶ୍ୱମାତୃକା

## ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ



"ତାଂ ଦୁର୍ଗାଂ ଦୁର୍ଗମାଂ ଦେବୀ ଦୁରାଚାରଘାତିନାମ୍
ନମାମି ଭବଭୀତୋଽହଂ ସଂସାରାର୍ଣ୍ଣବତାରିଣୀମ୍ ॥"

ଦେବୀ ଭାଗବତ ପୁରାଣରେ ଦେବୀ ଦୁର୍ଗା ମହାଦେବୀ ବିଶ୍ୱମାତାଙ୍କ ସାତ୍ତ୍ୱିକ, ରାଜସିକ ଓ ତାମସିକ ତିନୋଟି ଶକ୍ତିର କଳ୍ପନା କରାଯାଇ ସାତ୍ତ୍ୱିକ ଗୁଣର ପ୍ରତିମୂର୍ତ୍ତି ମହାଲକ୍ଷ୍ମୀ, ରାଜସିକ ଗୁଣର ମହାସରସ୍ୱତୀ ଓ ତାମସିକ ଗୁଣର ମହାକାଳୀର କଳ୍ପନା କରାଯାଇଛି। ଭଗବାନ ଯେତେବେଳେ ପୁରୁଷ ରୂପେ ଜଗତ ନିୟନ୍ତ୍ରଣ ଲାଗି ଆବିର୍ଭୂତ ହୁଅନ୍ତି ଅବତାର ଭାବେ ସେତେବେଳେ ସେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଆଦି ନାମରେ ଖ୍ୟାତ ହୁଅନ୍ତି,ଯେତେବେଳେ ସ୍ତ୍ରୀ ରୂପରେ ସୃଷ୍ଟି ମଧ୍ୟରେ ଅବତୀର୍ଣ୍ଣ ହୁଅନ୍ତି ସେ ସେତେବେଳେ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ଭାବେ ସମ୍ବୋଧିତ ହୋଇଥାଆନ୍ତି। ଯେଉଁଭଳି ଭାବେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଯଥାକ୍ରମେ ରଜ, ସତ୍ତ୍ୱ, ତମ ଆଦି ଗୁଣ ଆଧିକ୍ୟ ଅନୁସାରେ ବେଶ ଧାରଣ କରି ତଦନୁରୂପ କାର୍ଯ୍ୟ କରନ୍ତି। ଚିତ୍ ଶକ୍ତିର ତମ ପ୍ରଧାନ ରୂପକୁ ମହାକାଳୀ ଓ ରଜ ପ୍ରଧାନ ବ୍ରାହ୍ମୀ ଶକ୍ତିକୁ ମହାସରସ୍ୱତୀ ନାମରେ ଅଭିହିତ ହୋଇଥାଆନ୍ତି। କହିବାକୁ ଗଲେ, ଜଗତର ସଂହାର, ପାଳନ, ସୃଷ୍ଟି ଆଦି କ୍ରିୟା ମହାଦେବୀଙ୍କ ଦ୍ୱାରା ସାଧିତ। ଏପରି ତିନିକ୍ରିୟା ତ୍ରିଗୁଣର କାରଣ ଭୂତ। ଅବ୍ୟକ୍ତ ହିଁ ତ୍ରିଗୁଣ ଦ୍ୱାରା "ବ୍ୟକ୍ତ ଅବ୍ୟକ୍ତଂ ବ୍ୟକ୍ତରୂପେଣ ରଜ ସତ୍ତ୍ୱ ତମୋ ଗୁଣୈଃ।" ପରମା ପ୍ରକୃତିଙ୍କ ଆଧ୍ୟାତ୍ମିକ ନାମ ଜ୍ଞାନ ଶକ୍ତି, ଇଚ୍ଛାଶକ୍ତି, କ୍ରିୟାଶକ୍ତି, ସେମାନେ ସତ୍, ଚିତ୍, ଆନନ୍ଦ ସ୍ୱରୂପା ଇଚ୍ଛାଶକ୍ତି ତ୍ରିବିଧ ଲୀଳାତ୍ମିକା, ଭଦ୍ରରୂପା ଓ ପ୍ରଭାବରୂପା।

ତ୍ରିଶକ୍ତିର ଏଇ ରୂପାୟନ ହିଁ ଶ୍ରୀଶ୍ରୀଚଣ୍ଡୀ ତତ୍ତ୍ୱର ସାରକଥା। ଏଇ ତ୍ରିଶକ୍ତି ହିଁ ବ୍ରହ୍ମବିଦ୍ୟାରୂପିଣୀ ବ୍ରହ୍ମଶକ୍ତି ଓ ସର୍ବଚୈତନ୍ୟ ସ୍ୱରୂପା। ମାର୍କଣ୍ଡେୟ ପୁରାଣରେ ଶ୍ରୀଶ୍ରୀଚଣ୍ଡୀ ଓ ଚଣ୍ଡୀକା ଏକମାତ୍ର ଶକ୍ତି। ସେ ଶତ୍ରୁନାଶିନୀ ଦୁର୍ଗା, ପୁଣି ହିମାଳୟ ପର୍ବତ ନନ୍ଦିନୀ ଉମା ଓ ପାର୍ବତୀ ଏଇ ବିଶ୍ୱମାତୃକା- ମହାଶକ୍ତି- ଚଣ୍ଡୀକା ସଗୁଣା ଓ ସାକାର, ପୁଣି ନିର୍ଗୁଣା ଓ ନିରାକାର। ସେହି ଆଦ୍ୟାଶକ୍ତି ମହାମାୟା ଦେବୀଦୁର୍ଗା; ସେ ଚଉଷଠିଯୋଗିନୀ, ଦଶମହାବିଦ୍ୟା, ପଞ୍ଚମହାଶକ୍ତି, ନବଦୁର୍ଗା, ସପ୍ତମାତୃକା ଆଦି ନାମରେ ପ୍ରସିଦ୍ଧା। ନିଶୁମ୍ଭଦୈତ୍ୟ ବଧହୁଅନ୍ତେ ତାର ଭାଇ ଶୁମ୍ଭ କ୍ରୋଧରେ ଜର୍ଜର ହୋଇ ରଡ଼ି ଛାଡ଼ି ଡାକଦେଲା, ହେ ଦୁଷ୍ଟ ଦୁର୍ଗେ ! ଅନ୍ୟମାନଙ୍କ ଶକ୍ତି ସାହାର୍ଯ୍ୟରେ ନିଜେ ଶକ୍ତିମତୀର ପରିଚୟ ଦେବାଟା ବୃଥା। ଦେବୀ ଉତ୍ତରକ୍ରମରେ କହିଲେ-

"ଏକୈବାହଂ ଜଗତ୍ୟତ୍ର ଦ୍ୱିତୀୟାକା ମମାପରା /
ପଶୈତା ଦୃଷ୍ଟ ମୟୈବ ବିଶନ୍ତ୍ୟୋ ମଦ୍‌ବିଭୂତୟଃ"

(ଶ୍ରୀଦୁର୍ଗା, ସପ୍ତଶତୀ ୧୦ମ ଅଧ୍ୟାୟ)

ରେ ଦୁଷ୍ଟ। ମୁଁ ହିଁ ଏକାକୀ। ଏ ସଂସାରରେ ମୋର ଦ୍ୱିତୀୟ ଆଉ କେହି ନାହାନ୍ତି। ଦେଖ ମୋର ଏମାନେ ବିଭୂତିଭୂତା, ଏମାନେ ମୋ ଠାରେ ପୁଣି ପ୍ରବେଶ କରୁଛନ୍ତି।

ଏହି ମହାବିଦ୍ୟା ମହାମାୟା ହିଁ ହିମାଳୟବାସିନୀ, ପୁଣି ପରମୁହୂର୍ତ୍ତରେ ହିଁ ସିଂହବାହିନୀ 'Devi on Lion' ଯେପରି ବେବିଲୋନୀୟ(ଏସିରୀୟ) ନନାଦେବୀ ସିଂହାସିନୀ 'Nams on Lion'। ଶ୍ରୀଶ୍ରୀ ଚଣ୍ଡୀରେ ଏଇ ମହାଶକ୍ତି ଚଣ୍ଡୀକା ହିଁ ମହିଷାସୁର ଏବଂ ମଧୁ ଓ କୈଟଭଙ୍କୁ ବଧ କରି ମହିଷମର୍ଦ୍ଦିନୀ ଓ ମଧୁକୈଟଭନାଶିନୀ ଦୁର୍ଗାରୂପେ ପରିଚିତା ହୋଇଥିଲେ।

ବେଦର ମୈତ୍ରାୟଣୀ ସଂହିତାରେ ଦୁର୍ଗା,ଗିରିର ଅପତ୍ୟରୂପେ ଏବଂ ଗୌରୀରୂପେ ବର୍ଣ୍ଣିତ ହୋଇଛନ୍ତି। ଏଠାରେ ପ୍ରଥମେ ଶିବର, ତା'ପରେ ଦୁର୍ଗାର ଏବଂ ତା'ପରେ କାର୍ତ୍ତିକର ଏବଂ ତା'ପରେ ହସ୍ତୀମୁଖ ଗଣେଶଙ୍କର 'ଗାୟତ୍ରୀ' ମନ୍ତ୍ର ଅଛି।

ଆମର ଏଇ ଦୁର୍ଗା ପ୍ରତିମା- ରଚନା ମଧ୍ୟରେ ବି ଗୋଟିଏ ଉଚ୍ଚଭାବର ସମାବେଶ ପରିଲକ୍ଷିତ ହୁଏ। ଯିଏ ମହାଶକ୍ତି ସେ ବିଶ୍ୱବ୍ୟାପିନୀ ଦଶଦିଗ ପ୍ରସାରିତ ତାର ବାହୁ ଏଇ ବିଶ୍ୱବ୍ୟାପକ ତାର ପ୍ରତୀକ। ଜଗତର ଯାହାକିଛି ଅଶୁଭ, ଯାହା କିଛି ଦୁଷ୍ଟ - ତା'ର ହିଁ ପ୍ରତୀକ ଅସୁର। ଏଇ ଅସୁର ମହାଶକ୍ତିର ପଦଦଳିତ ରୂପେ ପରିକଳ୍ପିତ ହୋଇ ଅଶୁଭ ଦଳନରେ ମହାଶକ୍ତିର ମହାପ୍ରଭାବ ଘୋଷଣା କରାଯାଇଛି। ଏଇ ଜଗତର ଅମଙ୍ଗଳ ମଧ୍ୟରେ ମଙ୍ଗଳ ଏବଂ ଅଶିବ ମଧ୍ୟରେ ଶିବ (ମଙ୍ଗଳ ବା କଲ୍ୟାଣ) ନିହିତ ଅଛି। ମହାଶକ୍ତିଙ୍କ ବାହନରୂପେ ସିଂହ ପରିକଳ୍ପିତ ହୋଇଛି। ଏଇ ସିଂହ 'ବଳ ଓ ଶକ୍ତି'ର ପ୍ରତୀକ। ଜଗତର ମଙ୍ଗଳ କ୍ଷେତ୍ରରେ ହିଁ ଅଶୁଭ ଉପରେ ଜୟଲାଭ କରିବାକୁ ହେଲେ ଦୈହିକ ଓ ମାନସିକ ଉଭୟ ବଳର (ଶକ୍ତିର) ପ୍ରୟୋଜନ; ତେଣୁ ସେଇ ସିଂହ ମହାଶକ୍ତିର ପାଦତଳେ ଆଶ୍ରିତ ହୋଇ ମହିଷାସୁରକୁ ନିଃସନ୍ଦେହରେ ଆତ୍ମ- ନିୟୋଗ କରିଛି।

ବିଦ୍ୟା, ସମ୍ପଦ, ସୌନ୍ଦର୍ଯ୍ୟ ଏବଂ ସିଦ୍ଧି ଏ ସମସ୍ତ ଶକ୍ତି ନ ରହିଲେ ଅର୍ଜନ କରିବା ସମ୍ଭବ ନୁହେଁ। ଏଥିପାଇଁ ବିଦ୍ୟାର ଅଧିଷ୍ଠାତ୍ରୀଦେବୀ ସରସ୍ୱତୀ, ସମ୍ପଦର ଅଧିଷ୍ଠାତ୍ରୀଦେବୀ ଲକ୍ଷ୍ମୀ, ସୌନ୍ଦର୍ଯ୍ୟର 'ପ୍ରତୀକ' କାର୍ତ୍ତିକ ଏବଂ ସିଦ୍ଧିଦାତା ଗଣେଶ ମହାଶକ୍ତିଙ୍କ ପରିବାର ଅନ୍ତର୍ଗତ। ଯେଉଁଠି ପ୍ରକୃତଶକ୍ତି ଅଛି, ସେଠାରେ ବିଦ୍ୟା, ସମ୍ପଦ, ସୌନ୍ଦର୍ଯ୍ୟ ଓ ସିଦ୍ଧି ନିଶ୍ଚିତ ଭାବେ ଉପଲବ୍ଧ ହେବ।

ଋଗ୍‌ବେଦରେ ବର୍ଣ୍ଣିତ ବାକ୍‌ସୂତ୍ର, ରାତ୍ରିସୂକ୍ତ ଓ ଶ୍ରୀସୂକ୍ତର ଧାରଣା ପୌରାଣିକ ଓ ତାନ୍ତ୍ରିକ ପରିବେଶରେ ଧୀରେ ଧୀରେ ପରମା ପ୍ରକୃତିରୂପା ମହାଲକ୍ଷ୍ମୀ, ମହାକାଳୀ ଓ ମହାସରସ୍ୱତୀରୂପେ ଆତ୍ମପ୍ରକାଶ କରିଛି। ଏତଦ୍‌ବ୍ୟତୀତ ମହାଶକ୍ତିର ପୁଣି ଗୋଟିଏ ରୂପ ହେଉଛି ବିକାଶ ଦେବୀ ଅମ୍ବିକା। ଦେବୀ ପାର୍ବତୀ ଓ ଅମ୍ବିକା। ଯଜୁର୍ବେଦରେ ଦେବୀ ଅମ୍ବିକାଙ୍କୁ ପୃଥିବୀଦେବୀଙ୍କ ରୂପାନ୍ତର ଭାବେ ବର୍ଣ୍ଣନା କରାଯାଇଛି। ପୃଥ୍ୱୀ ବା ପୃଥିବୀ ଧରିତ୍ରୀଦେବୀ ବିଶ୍ୱମାତା ରୂପେ ଜୀବଜଗତ ପ୍ରାଣୀଜଗତ ଉଦ୍ଭିଦ ଜଗତର ଧାୟିତ୍ରୀ ଓ ପାଳୟିତ୍ରୀ ରୂପେ ବର୍ଣ୍ଣନା କରାଯାଇଛି। ଦେବୀ ମହାତ୍ମ୍ୟର ଉତ୍ତର ଚରିତରେ ଦେବୀ ଅମ୍ବିକା କିନ୍ତୁ ଦେବୀ ସରସ୍ୱତୀ ନୁହନ୍ତି। ଯଦିଓ ଦେବୀ ମାହାତ୍ମ୍ୟର କେନ୍ଦ୍ରରୂପିଣୀ ଦେବୀ ଶ୍ରୀଶ୍ରୀଚଣ୍ଡୀ(ବା - ଚଣ୍ଡୀକା) କେବଳ ହିଁ ମହାସରସ୍ୱତୀ ରୂପେ ନୁହନ୍ତି- ମହାଲକ୍ଷ୍ମୀ ଓ ମହାକାଳୀରୂପେ ମଧ୍ୟ କଳ୍ପିତା ଓ ବର୍ଣ୍ଣିତା।

ଦେବୀତ୍ରୟ- ମହାଲକ୍ଷ୍ମୀ, ମହାକାଳୀ, ମହାସରସ୍ୱତୀ - ଠିକ୍ ଶକ୍ତିସ୍ୱରୂପିଣୀଦୁର୍ଗା ଏବଂ ଋଷି ମାର୍କଣ୍ଡେୟ ଏଇ ଶକ୍ତି ସ୍ୱରୂପିଣୀ ଦୁର୍ଗାଙ୍କୁ ହିଁ - ମହାମାୟା, ଯୋଗମାୟା ଓ ଯୋଗନିଦ୍ରା ରୂପେ ବର୍ଣ୍ଣନା କରିଛନ୍ତି ସପ୍ତଶତୀଚଣ୍ଡୀରେ। ସେ ସର୍ବବିଶ୍ୱର ଧାରୟିତା।

ନତ୍ୟେବ ସା ଜଗନ୍ମୂର୍ତ୍ତିସ୍ତୟା ସର୍ବମିଦଂ ତତମ୍
ତଥାପି ତତ ସମୁତ୍ପତ୍ତିର୍ବହୁଧା ଶ୍ରୁୟତାଂ ମମ।
ଦେବାନାଂ କାର୍ଯ୍ୟସିଦ୍ଧ୍ୟର୍ଥମାବିର୍ଭବତିସାଯଦା
ଉତ୍ପନ୍ନେତି ତଦା ଲୋକେ ସା ନିତ୍ୟାପ୍ୟଭିଧୀୟତେ।
(ଦୁର୍ଗା ସପ୍ତଶତୀ୧-୬୪/୬୫)

ଶ୍ରୀଦୁର୍ଗା ସପ୍ତଶତୀ ଅନ୍ତର୍ଗତ "ଶ୍ରୀଦେବ୍ୟଥର୍ବଶୀର୍ଷମ" ବର୍ଣ୍ଣନା ଚାତୁରୀ ପରାଶକ୍ତିର ମହତ୍ତ୍ୱପୂର୍ଣ୍ଣ ବ୍ୟାଖ୍ୟାନ ମିଳିଥାଏ। ସେଠାରେ ଉଲ୍ଲେଖ ଅଛି ସବୁ ଦେବତାମାନେ ଦେବୀଙ୍କ ନିକଟକୁ ଗଲେ ଓ ନମ୍ରତାପୂର୍ବକ ପ୍ରଶ୍ନ ପଚାରିଲେ- "କାଶୀ ତ୍ୱଂ ମହାଦେବୀ। ହେ ଦେବୀ ତୁମେ କିଏ ? ସା ଅବ୍ରବୀତ୍ ଦେବୀ କହିଲେ ମୁଁ ବ୍ରହ୍ମସ୍ୱରୂପ ଅଟେ। ମୋ ଠାରୁ ପ୍ରକୃତି ଓ ପୁରୁଷାତ୍ମକ ସତ୍‌ରୂପ ଓ ଅସତ୍‌ରୂପ ଜଗତ ଉତ୍ପନ୍ନ। ମୁଁ ଆନନ୍ଦ ଏବଂ ଆନନ୍ଦରୂପା, ବିଜ୍ଞାନ ଅବିଜ୍ଞାନରୂପା, ଅବଶ୍ୟଜ୍ଞାତବ୍ୟ ବ୍ରହ୍ମ ଓ ଅବ୍ରହ୍ମ ମଧ୍ୟ ଅଟେ। ପଞ୍ଚିକୃତ ଓ ଅପଞ୍ଚିକୃତ ମହାଭୂତ ମଧ୍ୟ ମୁଁ। ଏହିସାରାଦୃଶ୍ୟମାନ ଜଗତ୍ ମଧ୍ୟ ମୁଁ ହିଁ ଅଟେ। ମୁଁ ବେଦ ଓ ଅବେଦ, ବିଦ୍ୟା ଓ ଅବିଦ୍ୟା, ଅଜା ଓ ଅନଜା ଅର୍ଥାତ୍ ( ପ୍ରକୃତି ଓ ତାଠୁଁ ଭିନ୍ନ) ନିମ୍ନ ଓ ଉର୍ଦ୍ଧ୍ୱ ମୁଁ। ମୁଁ ଏକାଦଶ ରୁଦ୍ର ଉପରେ ବିଚରଣ କରେ ସବୁ ବସ୍ତୁମାନଙ୍କରେ ଅବସ୍ଥାନ ପୂର୍ବକ। ମୁଁ ବିଷ୍ଣୁ ଆଦି ଦ୍ୱାଦଶ ଆଦିତ୍ୟ ରୂପରେ ବିଚରଣ ଶୀଳା। ମୁଁ ମିତ୍ର ଓ ବରୁଣ ଦୁହିଁଙ୍କୁ ତଥା ଇନ୍ଦ୍ର ଓ ଅଗ୍ନିଙ୍କ ସହ ଅଶ୍ୱିନୀ କୁମାର ଦୁହିଁଙ୍କୁ ଭରଣପୋଷଣ କରିଛି। ମୁଁ ସୋମ, ତ୍ୱଷ୍ଟା, ପୂଷା ଏବଂ ଭଗକୁ ଧାରଣ କରିଛି। ବିସ୍ତୀର୍ଣ୍ଣ ପାଦକ୍ଷେପଣ ଦ୍ୱାରା ତିନିପୁରକୁ ଆକ୍ରାନ୍ତ କରିବା ସମର୍ଥ। ବିଷ୍ଣୁ, ବ୍ରହ୍ମଦେବ ଓ ପ୍ରଜାପତିଙ୍କୁ ମୁଁ ହିଁ ଧାରଣ କ୍ଷମା। ସ୍ୱର୍ଗକୁ ଉତ୍ତମ ହବି ପହଞ୍ଚାଇବାରେ ସମର୍ଥା ଏବଂ ସୋମରସ ଉତ୍ପାଦନକାରିଣୀ ମଧ୍ୟ ଯଜମାନ ନିମିତ୍ତ ହବି ଦ୍ରବ୍ୟରେ ଯୁକ୍ତ ଧନଧାରଣକାରିଣୀ। ସମ୍ପୂର୍ଣ୍ଣ ଜଗତର ଈଶ୍ୱରୀ ଉପାସକର ଧନଦାତ୍ରୀ ବ୍ରହ୍ମରୂପ ଯଜ୍ଞହୋମରେ ଜଜନର ମୁଖ୍ୟକର୍ତ୍ତୀ। ମୁଁ ଆତ୍ମସ୍ୱରୂପକୁ ଧାରଣ କରିଥିବା ବୁଦ୍ଧିବୃତ୍ତି। ଯିଏ ଏଭଳି ତାଙ୍କୁ ଜାଣନ୍ତି ସେ ଦେବ ସମ୍ପତ୍ତି ଲାଭ କରନ୍ତି। ଏହା ଜାଣି ସେହି ଦେବତାମାନେ ତାଙ୍କୁ ସ୍ତୁତି କଲେ ଓ କହିଲେ -

"ନମୋ ଦେବ୍ୟୈ ମହାଦେବ୍ୟୈ ଶିବାୟେ ସତତଂ ନମଃ
ନମଃ ପ୍ରକୃତ୍ୟୈ ଭଦ୍ରାୟୈ ନିୟତାଃ ପ୍ରଣତାଃ ସ୍ମତାମ୍।

ହେ ଭଗବତୀ ଦେବମାତା ନମସ୍ତେ। ଆମ୍ଭମାନଙ୍କୁ ଚାରିଆଡୁ ରକ୍ଷାକର "ନମସ୍ତେ ଅସ୍ତୁ ଭଗବତୀ ମାତରସ୍ମାନ୍ ପାହି ସର୍ବତଃ" ସିଏ ହିଁ ଅଷ୍ଟବସୁ ଏକାଦଶ ରୁଦ୍ର, ଦ୍ୱାଦଶାଦିତ୍ୟ ସେ ସୋମପା ଅସମୋପା ବୈଶ୍ୱଦେବ। ସେ ହିଁ ଜାତୁଧାନ, ଅସୁର, ରାକ୍ଷସ, ପିଶାଚ, ଯକ୍ଷ ଓ ସିଦ୍ଧ ଅଟନ୍ତି। ସେ ହିଁ ସତ୍ତ୍ୱ, ରଜ ଓ ତମରୂପିଣୀ। ସେ ହିଁ ବ୍ରହ୍ମା, ବିଷ୍ଣୁ, ରୁଦ୍ରରୂପିଣୀ, ସେ ହିଁ ପ୍ରଜାପତି, ଇନ୍ଦ୍ର ମନୁ। ସେ ହିଁ ଗ୍ରହ, ନକ୍ଷତ୍ର, ତାରା। ସେ ହିଁ କଳା କାଷ୍ଠାଦି କାଳରୂପିଣୀ। ପାପହାରିଣୀ ଦେବୀ ଭକ୍ତି ମୁକ୍ତି ପ୍ରଦାୟିନୀ। ଆନନ୍ଦ ବିଜୟାଧିଷ୍ଠାତ୍ରୀ, ନିର୍ଘୋଷା, ଶରଣ୍ୟ କଲ୍ୟାଣଦାତ୍ରୀ ଦେବୀଙ୍କୁ ସଦା ପ୍ରଣାମ।

ବିଶ୍ୱମାତା ଚଣ୍ଡୀକା ବା ଅମ୍ବିକା ତ୍ରିଗୁଣମୟୀ ମହାପ୍ରକୃତି - ସୃଷ୍ଟିରୂପା- ସ୍ଥିତିରୂପା- ଧ୍ୱଂସରୂପା। ଅଧ୍ୟାପକ ବଳରାମ ଶ୍ରୀବସ୍ତବଙ୍କ ଭାଷାରେ- ପ୍ରାଧାନିକ ରହସ୍ୟ୫-୬ ଶ୍ଳୋକରେ କୁହାଯାଇଛି-

"ମାତୁଲିଙ୍ଗ ଗଦା ଖେଟଂ ପାନପାତ୍ରଂ ଚ ବିଭ୍ରତୀ
ନାଗଂ ଲିଙ୍ଗଞ୍ଚ ଯୋନିଞ୍ଚ ବିଭ୍ରତି ନୃପ ମୂର୍ଧନି,
ତପ୍ତକାଞ୍ଚନ ନବର୍ନାଭା ତପ୍ତକାଞ୍ଚନ ଭୂଷଣା।"

ଦେବୀ (ଅମ୍ବିକାରୂପିଣୀ) ମହାଲକ୍ଷ୍ମୀ ତପ୍‌କାଞ୍ଚନବର୍ଣ୍ଣା, ଖଡ୍ଗ- (ଖେଟକଧାରିଣୀ ଓ ତପ୍‌କାଞ୍ଚନବର୍ଣ୍ଣରଂଜିତ ଭୂଷଣରେ ଅଳଂକୃତା ମହାଶକ୍ତି। ରୂପମଣ୍ଡଳ ଗ୍ରନ୍ଥରେ ଓ ଅପରାଜିତ ପୃଚ୍ଛାରେ ଦେବୀ ପୁଣି ଭିନ୍ନ ଭାବେ ବର୍ଣ୍ଣିତା। ଶ୍ରୀ ତତ୍ତ୍ୱନିଧିଦେବୀ ମହାଲକ୍ଷ୍ମୀଙ୍କ ଅଷ୍ଟାଦଶ ହସ୍ତଧାରିଣୀ ପାନପାତ୍ର ସହିତା- ନୀଳକଣ୍ଠୀ ଓ ବରଦାତ୍ରୀରୂପିଣୀ ବୋଲି ବର୍ଣ୍ଣନା କରିଛନ୍ତି-

"ବରଂ ତ୍ରିଶୂଳଂ ଖେଟେ ପାନପାତ୍ରଂ ବିଭୂତି
ନୀଳକଣ୍ଠ ତଥା ନାଗଂ ମହାଲକ୍ଷ୍ମୀ ପ୍ରକୀର୍ତ୍ତିତା।"

ଦେବୀ ମାହାତ୍ମ୍ୟରେ ଦେବୀ ଖଡ୍ଗ, ଶୂଳ- ଚକ୍ର ପ୍ରଭୃତି ଅସ୍ତ୍ରଧାରିଣୀ (୧-୩୦/୩୧)।

କାଞ୍ଚନବର୍ଣ୍ଣା ମହାଲକ୍ଷ୍ମୀ ରଜୋଗୁଣ ସଂପନ୍ନା ଦେବୀ ଏବଂ ସତ୍ତ୍ୱଗୁଣ ଓ ତମୋଗୁଣରେ ସେ ସରସ୍ୱତୀ ଓ ମହାକାଳୀ। ଦେବୀ ମହାକାଳୀ ପୁନରାୟ

ମହାମାୟା, କ୍ଷୁଧା, ତୃଷ୍ଣା, ନିଦ୍ରା, ଏକବୀରା, କାଳରାତ୍ରି, ମହାରାତ୍ରି ପ୍ରଭୃତି ନାମରେ ଅଭିହିତା। ବିଷ୍ଣୁ ଧର୍ମୋତ୍ତର ପୁରାଣରେ ମହାକାଳୀ ଅନୁରୂପ ଭାବେ ହିଁ ବର୍ଣ୍ଣିତା ( ଗୋପୀନାଥ ରାଓ, ଲିଖିତ Elements of Hindu Iconography Vol. 1pt., 2pp, 117, 358 ଦ୍ରଷ୍ଟବ୍ୟ)। କାର୍ତ୍ତିକ ରହସ୍ୟରେ ଦେବୀ ମହାକାଳୀ ତମୋଗୁଣର ପ୍ରତୀକ ଏବଂ ଦଶବକ୍ତ୍ରା, ଦଶଭୂଜା ଓ ଦଶପାଦ ବିଶିଷ୍ଟା ବୋଲି ଦେବୀଙ୍କୁ ବର୍ଣ୍ଣନା କରାଯାଇଛି-

"ଯୋଗନିଦ୍ରା ହରେରକ୍ତା ମହାକାଳୀ ତମୋଗୁଣା
ମଧୁକୈଟଭ ନାଶାର୍ଥଂ ଯାଂ ତୁଷ୍ଟାବାମ୍ବୁଜାସନଃ।
ଦଶବକ୍ତ୍ରା ଦଶଭୂଜା ଦଶପାଦାଞ୍ଜନ ପ୍ରଭା
ବିଶାଳୟା ରାଜମାନା ତ୍ରିଂଶଲ୍ଲୋଚନମାଳୟା।
ସ୍ଫୁରଦ୍ଦଶନଦଂଷ୍ଟ୍ରା ସା ଭୀମରୂପାପି ଭୂମିପ।"

ଏଇ ଦେବୀ ଦୁର୍ଗା- ଆର୍ଯ୍ୟ, କୌଶିକୀ, କାତାୟିନୀ ଓ ଅମ୍ବିକା ଇତ୍ୟାଦି। ପୁଣି ମହାବିଦ୍ୟା, ମହାବାଣୀ, ଭାରତୀ, ବାକ୍, ବ୍ରାହ୍ମୀ, କାମଧେନୁ, ବେଦଗର୍ଭା, ଧୀଶ୍ୱରୀ ପ୍ରଭୃତି ବି ଗୋଟିଏ ଦେବୀର ରୂପାନ୍ତର। ଏଇ ଦେବୀ ହିଁ ବିଶ୍ୱମାତା - ଦୁର୍ଗା- କାଳୀ- ଚଣ୍ଡୀ- ଲକ୍ଷ୍ମୀ- ସରସ୍ୱତୀ- ଅମ୍ବିକା। ଅଭିନ୍ନ ଓ ଏକ।

ବିଭିନ୍ନ ପୁରାଣରେ ଯେପରି ସ୍କନ୍ଦପୁରାଣ,ଶିବପୁରାଣ, କୂର୍ମପୁରାଣ, ଲିଙ୍ଗପୁରାଣ, ବାୟୁପୁରାଣ, ବିଷ୍ଣୁ ପୁରାଣ, ନାରଦ ପୁରାଣ - ଶୈବ ଓ ବୈଷ୍ଣବ ପ୍ରଭୃତି ପୁରାଣରେ ଦେବୀଙ୍କ ମହାମାତୃତ୍ୱ ରୂପର ଉଲ୍ଲେଖ ଓ ବର୍ଣ୍ଣନା କରାଯାଇଛି - ଯେପରି ଅପର୍ଣ୍ଣା, ଉମା, ହୈମବତୀ, କଲ୍ୟାଣୀ, ଗୌରୀ, ପ୍ରକୃତି, ରୌଦ୍ରୀ, ଦୁର୍ଗା, କାଳରାତ୍ରୀ, ରେବତୀ, ଭୂତନାୟିକା ଇତ୍ୟାଦି। ଏତଦ୍‌ବ୍ୟତୀତ ଦେବୀ ଦୁର୍ଗାଙ୍କର ଗୌତମୀ, କୌଶିକୀ,ଚଣ୍ଡୀ, କାତାୟନୀ, ସତୀ, କୁମାରୀ, ଯାଦବୀ, ଦେବୀ, ବରଦା, କୃଷ୍ଣା, ପିଙ୍ଗଳା, ଶୂଳଧରା, ପରମ ବ୍ରହ୍ମଚାରିଣୀ, ମହେନ୍ଦ୍ରୀ, ଅପରାଜିତା, ପ୍ରଗଳଭା, ସିଂହବାହିନୀ, ପ୍ରକାନମସା, ଭଦ୍ରକାଳୀ ପ୍ରଭୃତି ନାମରେ ବିଶ୍ୱମାତାଙ୍କୁ ଆହ୍ୱାନ କରାଯାଇଛି। ଲିଙ୍ଗ ପୁରାଣରେ ଦେବୀ ଶିବଙ୍କ ସହିତ ବିରାଜିତା, କିନ୍ତୁ ଏକରୂପା ଅଦ୍ୱିତୀୟା। ଦେବୀଙ୍କ ମୂର୍ତ୍ତି ବର୍ଣ୍ଣନାରେ ଅଗ୍ନିପୁରାଣ ଶତମୁଖ। ଏଠାରେ ଦେବୀ ତିନି ଭାଗରେ ବିଭକ୍ତ।

(୧) ଆର୍ଯ୍ୟା, ଦେବଗର୍ଭା, ଅମ୍ବିକା, ଭଦ୍ରା, କ୍ଷେମା, କ୍ଷେମଙ୍କରୀ, ବହୁନାୟିକା ପ୍ରଭୃତି।
(୨) ଉମା, ମେନା, ଶଚୀ, ଗୌରୀ, ଶିବା ପ୍ରଭୃତି।
(୩) ବାମା, ଜ୍ୟେଷ୍ଠା, ରୌଦ୍ରୀ, କାଳୀ, ଲକ୍ଷ୍ମୀ, ସରସ୍ୱତୀ, ବ୍ରାହ୍ମଣୀ ପ୍ରଭୃତି।

ସ୍କନ୍ଦ ପୁରାଣରେ ଦେବୀ ବିଚିତ୍ର ଭାବେ ବର୍ଣ୍ଣିତା- ଶିବ, ମାୟା, ବାକ୍‌ଦେବୀ, ଦିବାରାତ୍ରି, ଦୌଃ,ପୃଥିବୀ, ବ୍ରହ୍ମା- ଗାୟତ୍ରୀ, ଶତରୂପା ପ୍ରଭୃତି। ନାରଦ ପୁରାଣରେ ଦେବୀ ଦୁର୍ଗା ବିଷ୍ଣୁଶକ୍ତିରୂପେ ବର୍ଣ୍ଣିତା। ଏଠାରେ ବି ଦେବୀ କୌମାରୀ, ଭଦ୍ରକାଳୀ, ଅମ୍ବିକା, ଗିରିଜା, ଚଣ୍ଡୀ, ମାହେଶ୍ୱରୀ, ଭାରତୀ, ଦୁର୍ଗା ପ୍ରଭୃତି ନାମରେ ଅଭିହିତା। ବରାହ ପୁରାଣରେ ଦେବୀ ଭୀମାଦର୍ଶନା, ପୁଣି ବିଶ୍ୱମୁଖୀ ଓ ଶଙ୍କରୀ। ପରେ ବରାହ ପୁରାଣରେ ଦେବୀ - ବୀଣାବାଦିନୀ- କାତ୍ୟାୟନୀ। ସେ ବିଶ୍ୱମାତା, ଦାନବର ମୃତ ଶରୀର ଉପରେ ଆସୀନ। ବାମନ ପୁରାଣରେ ଦେବୀଙ୍କୁ ମହିଷମର୍ଦ୍ଦିନୀ ରୂପେ ବର୍ଣ୍ଣନା କରାଯାଇଛି।

ମୋଟାମାଟି ଭାବେ ଦେଖାଯାଏ ଯେ, ପୁରାଣ ସାହିତ୍ୟରେ ବିଶ୍ୱମାତା- ଦେବୀଙ୍କୁ ପ୍ରଧାନ ତିନୋଟି ସ୍ତବରେ ବର୍ଣ୍ଣନା କରାଯାଇଛି- (୧) ଶିବଯୁକ୍ତା ଓ ଶିବ ସୋହାଗିନୀ, (୨) ଦେବତାଙ୍କର ଅର୍ଦ୍ଧନାରୀଶ୍ୱରଭଳି ଅର୍ଦ୍ଧ ଶିବ ଓ ଅର୍ଦ୍ଧ ଶକ୍ତି- ହରଗୌରୀ ଏବଂ (୩) ବ୍ରହ୍ମରୂପିଣୀ ସର୍ବତନ୍ତ୍ର ସ୍ୱତନ୍ତ୍ରା। ଏଠାରେ ଦେବୀ ମହାତତ୍ତ୍ୱମୟୀ- ସର୍ବତତ୍ତ୍ୱର ପ୍ରତ୍ୟକ୍ଷ ପ୍ରତିମୂର୍ତ୍ତି। ଏଠାରେ ଦ୍ୱନ୍ଦ୍ୱ, ଶିବ-ଶକ୍ତିର ରୂପ, କିନ୍ତୁ ଚିତ୍‌ଶକ୍ତି, ଆନନ୍ଦଶକ୍ତି, ଜ୍ଞାନଶକ୍ତି ଓ କ୍ରିୟାଶକ୍ତି। ଏଠାରେ ସଂପୂର୍ଣ୍ଣ ଭାବେ ତନ୍ତ୍ରର ଧାରଣା ଯେ, ଦେବୀ ଜ୍ଞାନ- ଇଚ୍ଛା- କ୍ରିୟାମୟୀ, ପଞ୍ଚତତ୍ତ୍ୱମୟୀ- ପଞ୍ଚଭୂତ, ପଞ୍ଚେନ୍ଦ୍ରିୟ ଓ ପଞ୍ଚପ୍ରାଣମୟୀ। ମହାକବି କାଳିଦାସ ରଘୁବଂଶ କାବ୍ୟରେ ଏଇ ଭାବରେ ହିଁ ଦେବୀଙ୍କୁ ଚିନ୍ତା ପ୍ରକଟ କରିଛନ୍ତି। ଋଗ୍‌ବେଦରେ ଏଇ ଦେବୀ ତତ୍ତ୍ୱକୁ ହିଁ ଦୌଃ- ପିତା ଓ ମାତା ପୃଥିବୀ ରୂପେ ବର୍ଣ୍ଣନା କରାଯାଇଛି। 'In the Rigveda, this frundamental principle (Siva - Sakti-Principle) was explained by the conception of father sky and mother Earth'। ଏଇପରି ଭାବରେ ବେଦରେ ଆକାଶ ( ବା ବରୁଣ)କାରି ବର୍ଷଣ ଦ୍ୱାରା ମାତା - ପୃଥିବୀକୁ ସିକ୍ତ ଓ ଶସ୍ୟଶାଳିନୀ କରିଥାଏ। ପାଶ୍ଚାତ୍ୟରେ ମନୀଷୀଗଣଙ୍କର 'Fertilizing theory ଏଇ ଭାବରେ ରୂପାୟିତ।

ବିଶ୍ୱମାତୃତ୍ୱର ଅଧିକାରିଣୀ ଅଦ୍ୱିତୀୟା ମହାଶକ୍ତି ଦେବୀ ଓ ଦିବ୍ୟତତ୍ତ୍ୱରୂପ ଭଗବାନ ଶ୍ରୀକୃଷ୍ଣଙ୍କ ଭଳି 'ବିଷ୍ଟଭ୍ୟାହମିଦଂ କୃତ୍ସ୍ନମେକାଂଶେନ ସ୍ଥିତୋ ଜଗତ୍'। ଟୀକାକାର ଶ୍ରୀ ଧରମସ୍ୱାମୀ କହିଛନ୍ତି: 'ନମୟତି ରିକ୍ତଂ କିଞ୍ଚିଦାନ୍ତି - 'ପାଦୋହସ୍ୟ ବିଶ୍ୱଭୂତାନି ଇତି ଶ୍ରୁତୋ।" ଶ୍ରୀଶ୍ରୀ ଚଣ୍ଡୀରେ ମହାଶକ୍ତିମୟୀ ଦେବୀ ଚଣ୍ଡୀକାର ଉକ୍ତି ଓ ଏକରକମର- ଏକୈବାହଂ ଦ୍ୱିତୀୟାକା' - ଏଇ ମହାଶକ୍ତି ଶୈବୀ ହୁଅନ୍ତୁ ବା ବୈଷ୍ଣବୀ ହୁଅନ୍ତୁ - ସମସ୍ତ ଦେବୀ ପରାଶକ୍ତି ରୂପେ ବିଶ୍ୱମାତୃତ୍ୱର ଶାସନରେ ସଗୌରବେ ଅଧିଷ୍ଠିତା। ଋଗ୍‌ବେଦରେ ହିଁ ଏଇ ବିଶ୍ୱମାତୃତ୍ୱର ବୀଜ ନିହିତ। ପାଶ୍ଚାତ୍ୟ ଓ ଭାରତୀୟ ମନୀଷୀଗଣ ବିଭିନ୍ନ ରକମର ମତବାଦ ଏଇ ଧାରଣା ସୃଷ୍ଟିର ଗୋଟିଏ ଦିଗମାତ୍ର। ସୁପ୍ରାଚୀନ ଆଦିମ ବା ପ୍ରିମିଟିଭି ମଣିଷ ପ୍ରକୃତି ପୂଜାରେ ଅଭ୍ୟସ୍ତ ଥିଲେ। ଲୌକିକ ସମସ୍ତ କିଛି କାରଣକୁ ସେମାନେ ଅଲୌକିକତାର ଆବରଣରେ ଯୁକ୍ତି ଓ ବିଶ୍ୱାସକୁ ଆବୃତ ରଖନ୍ତି ଓ ରଖିବା ବି ସ୍ୱଭାବିକ। ଭାରତର ସୁପ୍ରାଚୀନ ସାହିତ୍ୟ ବେଦରେ ସେଇ ସମୁନ୍ନତ ଦୃଷ୍ଟି ଓ ଧାରଣାର ବୀଜ ନିହିତ। କ୍ରମେ ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ, ବିଭିନ୍ନ କାବ୍ୟ ଓ ସାହିତ୍ୟରେ, ତନ୍ତ୍ର ଓ ପୁରାଣରେ ତାହା ପରିପୁଷ୍ଟ ଓ ସମୁନ୍ନତ ହୋଇଛି। ପରିଣତିରେ ଲୌକିକ ଓ ପୌରାଣିକ ଧାରାରେ ଦେବୀଙ୍କୁ ବିଶ୍ୱମାତୃତ୍ୱର ଆସନରେ ପ୍ରତିଷ୍ଠିତ କରାଯାଇଛି ଏବଂ ଆମ ଭାରତୀୟ ସଂସ୍କୃତିରେ ଏଇ ମହାମାତୃତ୍ୱର ସହ ବିଶ୍ୱମାତୃତ୍ୱର ଧାରଣା ଏକୀଭୂତ ହୋଇଛି ବୋଲି ମନେହୁଏ।

*ସଭାପତି, ଚାନ୍ଦବାଲି ସାଂସ୍କୃତିକ ପରିଷଦ,*
*ଚାନ୍ଦବାଲି, ଭଦ୍ରକ, ପିନ୍ - ୭୫୬୧୩୩*
*ଦୂରଭାଷ: ୯୭୭୮୪୫୮୩୦୫*

ସହାୟକ ଗ୍ରନ୍ଥ ସୂଚୀ :-
୧. ଚୌଧୁରୀ, ମାନବେନ୍ଦ୍ର ନାଥ। ଭାରତୀୟ ସଂସ୍କୃତିରେ ଦେବୀଦୁର୍ଗା। କୋଲକତା, ଜୟଶ୍ରୀ, ୨୦୧୫
୨. ରାଉତ, ଲଛମନ। ଶାକ୍ତଧର୍ମ ଓ ସଂସ୍କୃତି
୩. ଦୁର୍ଗା ସପ୍ତସତୀ ୧- ୬୪/୬୫
୪. ଦାଶଗୁପ୍ତା, ଶଶୀଭୂଷଣ। ଭାରତର ଶକ୍ତି ସାଧନା ଓ ଶକ୍ତି ସାହିତ୍ୟ।

# ଶକ୍ତି ପରମ୍ପରା ଓ ମା ଶ୍ରୀ ବିରଜା

**ବିଜୟଲକ୍ଷ୍ମୀ ସାହୁ**



ଶକ୍ତିଜାତଂ ଜଗତ୍ ସର୍ବଂ ତସ୍ମିନ ସତି ଜଗତ ତ୍ରୟମ
ତସ୍ମିନକ୍ଷୀଣେ ଜଗତ୍ କ୍ଷୀଣଂ ତତ୍ ଚିକିସ୍ୟ ବିଶେଷତଃ ।।

ଏ ସଂସାର ଶକ୍ତିଙ୍କ ଲୀଳା ବିଳାସ ମାତ୍ର । ଶକ୍ତିଙ୍କ ଆବିର୍ଭାବରେ ହିଁ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ତ୍ରିଲୋକର ଉତ୍ପତ୍ତି ସମ୍ଭବ ହୋଇଅଛି । ମହାଶକ୍ତିଙ୍କ ଅଭାବରେ ଏ ଜଗତର ସତ୍ତା ନାହିଁ । ସ୍ରଷ୍ଟା, ପାଳକ, ଓ ସଂହାରକ ବ୍ରହ୍ମା ବିଷ୍ଣୁ ମହେଶ୍ୱର ସେହି ମହାଶକ୍ତିଙ୍କଠାରୁ ଜାତ ହୋଇଛନ୍ତି । ଶକ୍ତିଙ୍କ ବିନାଇଂଗିତରେ ସୃଷ୍ଟି ଚାଲିପାରେ ନାହିଁ । ଦେବୀ ଭାଗବତରେ ବର୍ଣ୍ଣନା କରାଯାଇଛି –

ଐଶ୍ୱର୍ଯ୍ୟବଚନଂ ଶଣ୍ଟକ୍ତିଃ ପରାକ୍ରମ ଏବଚ
ତତ୍ ସ୍ୱରୂପା ତୟୋଃ ଦାତ୍ରୀ ସା ଶକ୍ତିଃ ପରିକୀର୍ତ୍ତିତା ।।(୬)

ଐଶ୍ୱର୍ଯ୍ୟ ଓ ପରାକ୍ରମ ପ୍ରଦାନ କରୁଥିବା ତତ୍ତ୍ୱ ହିଁ ଶକ୍ତି ଅଟନ୍ତି । ସେ ପରା ପ୍ରକୃତି ଅଟନ୍ତି । ପ୍ରର ଅର୍ଥ ପ୍ରକୃଷ୍ଟ, କୃତି ଶବ୍ଦ ସୃଷ୍ଟିବୋଧକ । ଏଣୁ ସୃଷ୍ଟି କାର୍ଯ୍ୟରେ ଯେ ପ୍ରବୀଣ, ସେ ପ୍ରକୃତି ଅଟନ୍ତି । ଭାରତୀୟ ଦର୍ଶନରେ ଶକ୍ତିଙ୍କ ସ୍ୱରୂପ ଅତ୍ୟନ୍ତ ଉଦାର ଓ ଦିବ୍ୟ । ଶକ୍ତି ହିଁ ବିଶ୍ୱକୁ ସୃଜନ କରିଛନ୍ତି । ସ୍ୱକୀୟ ସୃଷ୍ଟିକୁ ସଂଚାଳନ କରିଛନ୍ତି ଓ ସଂହାର ମଧ୍ୟ କରନ୍ତି । ଶକ୍ତି ବ୍ରହ୍ମଙ୍କର ସକ୍ରିୟ ଅବସ୍ଥା । ମାୟା ମହାମାୟା, ମୂଳ ପ୍ରକୃତି ବିଦ୍ୟା, ଅବିଦ୍ୟା, କୁଣ୍ଡଳିନୀ ଯୋଗମାୟା, ପରାଶକ୍ତି, ତମସ ଓ ଅଜ୍ଞାନ ଏସବୁ ମା' ଶକ୍ତିମୟୀଙ୍କ ନିର୍ଗୁଣ ସ୍ୱରୂପ । ଏହି ତତ୍ତ୍ୱକୁ ଆମ୍ଭେ ଯେତେବେଳେ ପୁରୁଷ ରୂପରେ ଉପାସନା କରୁ ସେତେବେଳେ ଈଶ୍ୱର, ଶିବ ଅଥବା ଭଗବାନ ନାମରେ ପୂଜା କରୁ । ଯେତେବେଳେ ସ୍ତ୍ରୀ ରୂପରେ ଏହି ତତ୍ତ୍ୱକୁ ଉପାସନା କରୁ ଏହି ତତ୍ତ୍ୱକୁ ସ୍ତ୍ରୀ ଦେବତା ରୂପରେ ଆରାଧନା କରୁ । ସେତେବେଳେ ଈଶ୍ୱରୀ ଦୁର୍ଗା, ବିରଜା, ସାବିତ୍ରୀ, ଗାୟତ୍ରୀ, ସରସ୍ୱତୀ, ଲକ୍ଷ୍ମୀ, କାଳୀ ଅଥବା ଭଗବତୀ ରୂପରେ ସ୍ତୁତିକରୁ । ନାମ ମାତ୍ର ଭେଦ ଥାଏ । କିନ୍ତୁ ଭାରତୀୟ ମହାଶକ୍ତିଙ୍କୁ ବିବିଧ ରୂପରେ ଭିନ୍ନ ନାମରେ ପରିକଳ୍ପନା କରିଅଛନ୍ତି ।

ଶକ୍ତି ଆରାଧନାରେ କାଳ ନିର୍ଣ୍ଣୟ ସମ୍ପର୍କରେ ବିଦ୍ୱାନ ମତ ଦିଅନ୍ତି ଯେ, ଯେତେବେଳେ ତନ୍ତ୍ରଶାସ୍ତ୍ରର ବହୁଳତାର ପ୍ରସାର ଘଟିଲା । ସେତେବେଳେ ଶକ୍ତି ପୂଜାର କ୍ରମ ବିକାଶ ଘଟିଲା । ପରନ୍ତୁ ଆଧୁନିକ ଐତିହାସିକ ଗବେଷଣା ଦ୍ୱାରା ଏହା ଜଣାପଡିଲା ସିନ୍ଧୁ ନଦୀ ଉପତ୍ୟକାରୁ ଯେଉଁ ଯୋନି, ଲିଙ୍ଗ ଯେଉଁ ମୂର୍ତ୍ତିଗୁଡିକ ମିଳିଅଛି ତାହା ଭାରତୀୟ ଶକ୍ତି ଉପାସନାର ପ୍ରାଚୀନ ନିଦର୍ଶନ ଅଟେ । ଖ୍ରୀ.ପୂ ୨୫୦୦ ପୂର୍ବରୁ ସିନ୍ଧୁ ସଂସ୍କୃତିକୁ ଅନୁଶୀଳନ କଲେ ସେଠାରେ ମାତୃଶକ୍ତିର ଉପାସନା ପ୍ରଚଳିତ ଥିବାର ଜଣାଯାଏ । ରାଜ୍ୟ କଲ୍ୟାଣ ହେଉ, ରାଜ୍ୟ ସମ୍ପଦ ବୃଦ୍ଧି ନିମିତ୍ତ, ଶକ୍ତି ମୂର୍ତ୍ତି ନିର୍ମାଣ ଓ ଆରାଧନା ଖ୍ରୀଷ୍ଟପୂର୍ବ କାଳରେ ଆରମ୍ଭ ହୋଇଥିବା ଗବେଷକମାନେ ମତ ଦିଅନ୍ତି । ବାୟୁ ପୁରାଣ, ହରିବଂଶ, ମହାଭାରତ ଆଦି ଗ୍ରନ୍ଥରୁ ବିକ୍ଷିପ୍ତ ବର୍ଣ୍ଣନାରୁ ଜଣାଯାଏ, ଯାଜପୁରର ବିରଜା ଓ ଶକ୍ତିପୀଠ ବିରଜା କ୍ଷେତ୍ର ଶକ୍ତି ପୂଜାର ପ୍ରାଚୀନତମ ପୀଠ ସ୍ଥଳୀ ଅଟେ । ଓଡ଼ିଶାର ଶକ୍ତି ପରମ୍ପରାର ଆଦ୍ୟ ଉନ୍ମେଷ ଘଟିଥିଲା ସ୍ତମ୍ଭେଶ୍ୱରୀ ଉପାସନାରୁ । ପରନ୍ତୁ ସ୍ତମ୍ଭ ଆକାରରେ ପୂଜିତା ସ୍ତମ୍ଭେଶ୍ୱରୀଙ୍କ ମୂର୍ତ୍ତିମତୀ ଶାକ୍ତଦେବୀ ମା ବିରଜା ପ୍ରାଚୀନ କାଳରୁ ପୂଜା ପାଇ ଆସୁଛନ୍ତି । ତେବେ କୌଣସି ପ୍ରକାର ଅଭିଲେଖରେ ବିରଜା ଠାକୁରାଣୀଙ୍କ ନାମୋଲ୍ଲେଖ ନ ଥିବାରୁ ସେ କେବେଠାରୁ ମୂର୍ତ୍ତିମତୀ ଦେବୀ ରୂପେ ବିଧିବଦ୍ଧ ପୂଜା ରୀତିରେ ଉପାସିତ ହେଲେ ତାହା ନିର୍ଣ୍ଣୟ କରିବା ସହଜ ନୁହେଁ । ପରନ୍ତୁ ମା'ଙ୍କ ପୂଜାରୀତିକୁ ଅନୁଧ୍ୟାନ କଲେ ସ୍ତମ୍ଭେଶ୍ୱରୀ ପରମ୍ପରାରୁ ଶ୍ରୀ ବିରଜାଙ୍କ ରୂପ କଳ୍ପ ଓ ଉପାସନା ପ୍ରକାରର ତାହା ନିର୍ଣ୍ଣୟ କରାଯାଇ ପାରେ ।

ପୁରାଣରେ ଲିଖିତ ଅଷ୍ଟାଦଶ ଶକ୍ତି ପୀଠ ମଧ୍ୟରୁ ବର୍ତ୍ତମାନ ଯାଜପୁରରେ ଥିବା ମା' ବିରଜାଙ୍କ ପୀଠକୁ

ଏକାଦଶ ଶକ୍ତିପୀଠ ଭାବେ ବିବେଚନା କରାଯାଉଛି। ମା ଏହି ସ୍ଥାନରେ ବିରାଜମାନ ଯୋଗୁ ଏହି କ୍ଷେତ୍ରକୁ ବିରଜା କ୍ଷେତ୍ର ବୋଲି କୁହାଯାଏ। ଏହି କ୍ଷେତ୍ରକୁ କୋଣ ଅନୁକୋଣରୁ ଭକ୍ତମାନେ ଛୁଟି ଆସନ୍ତି। ପୁରାଣରେ ଏହି କ୍ଷେତ୍ରକୁ ନାଭିଗୟା କ୍ଷେତ୍ର ନାମରେ ନାମିତ। ପୁରାଣରେ ବର୍ଣ୍ଣିତ ଅଛି ଯେ ଭଗବାନ ବ୍ରହ୍ମା ଦେବୀଙ୍କୁ ସେହି କ୍ଷେତ୍ରରେ ଥଇଥାନ କରାଇଥିଲେ। ଏହି କ୍ଷେତ୍ରକୁ ଦେବୀଙ୍କ ନାମ ଅନୁସାରେ ବିରଜା କ୍ଷେତ୍ର ବୋଲି ରଖାଗଲା। ବର୍ତ୍ତମାନ ମଧ୍ୟ ବ୍ରହ୍ମାଙ୍କ ଦ୍ୱାରା ଆୟୋଜନ କରାଯାଇଥିବା ଯଜ୍ଞକୁଣ୍ଡର ନାମ ବ୍ରହ୍ମକୁଣ୍ଡ ବୋଲି ନାମିତ ହୋଇ ଆସିଅଛି। ସେହି କୁଣ୍ଡରେ ସ୍ନାନ କଲେ ମଣିଷର ସକଳ ପାପ ବିନାଶ ହୋଇଯାଏ ବୋଲି କିମ୍ବଦନ୍ତୀ ଅଛି। ପୁରାଣରେ ବର୍ଣ୍ଣିତ ଅଛି ଯେ ଯେତେବେଳେ ଦକ୍ଷଯଜ୍ଞ ବା ବୃହସ୍ପତି ଯଜ୍ଞରେ ଭଗବାନ ଶିବଙ୍କୁ କରାଯାଇଥିବା ଅପମାନକୁ ସହ୍ୟ କରିନପାରି ମାତା ସତୀ ଅଗ୍ନିରେ ଝାସଦେଇଥିଲେ। ସତୀ ଅଗ୍ନିରେ ଝାସ ଦେବା ପରେ ଶିବ ଅତ୍ୟନ୍ତ ଦୁଃଖିତ କ୍ରୋଧିତ ଓ ମର୍ମାହତ ହୋଇପଡ଼ିଲେ। ସେ ସତୀଙ୍କ ମୃତଦେହକୁ ନିଜର କାନ୍ଧରେ ପକାଇ ପ୍ରଳୟଙ୍କର ତାଣ୍ଡବ ନୃତ୍ୟରେ ଲିପ୍ତ ହୋଇଗଲେ। ତାହା ଦେଖି ଭଗବାନ ବିଷ୍ଣୁ ସୁଦର୍ଶନଙ୍କ ସହାୟତାରେ ସତୀଙ୍କ ମୃତଦେହକୁ ଖଣ୍ଡବିଖଣ୍ଡିତ କରି ତଳେ ପକାଇ ଦେଇଥିଲେ। ସତୀଙ୍କର ଶରୀରର ନାଭିଖଣ୍ଡ ଆସି ଯାଜପୁରର ଏହି ସ୍ଥାନରେ ପଡ଼ିବା ପରେ ଏହାକୁ ନାଭିକ୍ଷେତ୍ର ବା ବିରଜା କ୍ଷେତ୍ର ବୋଲି ନାମିତ କରାଗଲା। ଆଉ କେତେକ ପୁରାଣରେ ବର୍ଣ୍ଣିତ ଅଛି ଯେ ଗୟାସୁର ନାମକ ଜଣେ ଅସୁରରାଜା ଯାଜପୁରକୁ ଶାସନ କରୁଥିଲେ। ସେ ଅତ୍ୟନ୍ତ ପରାକ୍ରମଶାଳୀ ଏବଂ ପୁଣ୍ୟବନ୍ତ ମଧ୍ୟ ଥିଲେ। ଇନ୍ଦ୍ର ମଧ୍ୟ ଗୟାସୁରର ପୂର୍ଣ୍ଣ୍ୟ କାର୍ଯ୍ୟରେ ଥରହର ହେଲେ। ତା' ପରେ ଦେବତାମାନେ ଉପାୟ ଚିନ୍ତା କରି ଗୟାସୁରକୁ କୌଶଳକ୍ରମେ ସେଠାରେ ବଧ କଲେ। ଗୟା ସୁର ଏତେ ବଡ଼ ଥିଲା ଯେ ତା'ର ନାଭି ଅଂଶ ଯାଜପୁରରେ ବ୍ରହ୍ମାଙ୍କ ଯଜ୍ଞକୁଣ୍ଡ ନିକଟରେ ରହିଲା। ଉତ୍ତରରେ ଥିବା ପବିତ୍ର ନଦୀ ଗଙ୍ଗାକୂଳ ନିକଟରେ ମୁଣ୍ଡ ରହିଲା ଓ ପାଦଦେଶ ରହିଲା ଦକ୍ଷିଣରେ ଥିବା ରାଜମହେନ୍ଦ୍ରୀ ନିକଟରେ। ଗୟାସୁର ରକ୍ତରେ ବ୍ରହ୍ମାଙ୍କ ଯଜ୍ଞର ଅଗ୍ନି ଶାନ୍ତ ହେଲା ବୋଲି ପ୍ରମାଣ ରହିଛି। ମାତ୍ର ଗୟାସୁରର ନାଭିସ୍ଥାନ ହେଲା ନାଭିଗୟା। ସେଠାରେ ପୂର୍ବପୁରୁଷଙ୍କ ପିଣ୍ଡଦାନ କଲେ ମୁକ୍ତି ମିଳିବ। ସେହି ଦିନଠାରୁ ନାଭିଗୟା ପିତୃପୁରୁଷଙ୍କ ପିଣ୍ଡଦାନ କଲେ ମୁକ୍ତିମିଳିବ। ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ଯାଜପୁର ନାଭିଗୟାଠାରେ ଆମ ରାଜ୍ୟ ଓ ରାଜ୍ୟ ବାହାରୁ ଅନେକ ଭକ୍ତ ତଥା ପୂଣ୍ୟବନ୍ତ ଲୋକ ପିତୃପୁରୁଷ ଅସ୍ଥି ଆଣି ଏଠାରେ ପିଣ୍ଡଦାନ କରନ୍ତି। ଏହା ଦ୍ୱାରା ମନ ପବିତ୍ରହୁଏ।

କେହି କେହି ଯାଜପୁରର ମା ବିରଜାଙ୍କୁ ବ୍ରାହ୍ମଣ ତନ୍ତ୍ରର ସର୍ବ ପ୍ରାଚୀନ ଦେବୀ ବୋଲି ଉଲ୍ଲେଖ କରାଯାଇଥାଏ। ମହିଷାମର୍ଦ୍ଦିନୀ ଦୁର୍ଗାଙ୍କର ରୂପ ପରିକଳ୍ପନା ହିଁ ସର୍ବ ପ୍ରଥମେ ବିରଜାଙ୍କଠାରେ ଦେଖିବାକୁ ମିଳେ ଆଉ କେହି କେହି ତାଙ୍କୁ ପଞ୍ଚମ ଶତାବ୍ଦୀର କହିଥାନ୍ତି। ବିରଜା ଦେବୀଙ୍କର ମୂର୍ତ୍ତି ପରିକଳ୍ପନାରେ ବାମ ହସ୍ତରେ ମହିଷାର ଲାଙ୍ଗୁଳ ଓ ଦକ୍ଷିଣ ହସ୍ତରେ ମହିଷର ବକ୍ଷରେ ଶୂଳ ନିକ୍ଷେପ କରୁଥିବାର ଦୃଶ୍ୟ ଦେଖିବାକୁ ମିଳେ। ମାଙ୍କ ମସ୍ତକସ୍ଥିତ ମୁକୁଟରେ ପଞ୍ଚଲକ୍ଷଣ ବିଦ୍ୟମାନ। ତାହା ଅନ୍ୟ କୌଣସି ଶାକ୍ତ ମୂର୍ତ୍ତିଠାରେ ପରିଦୃଷ୍ଟ ହୋଇନଥାଏ। ସେହି ପଞ୍ଚଲକ୍ଷଣ ପାଞ୍ଚ ମୁଦ୍ରା ହେଲା - ଗଣେଶ, ସର୍ପ, ଯୋନି, ଲିଙ୍ଗ ଓ ଚନ୍ଦ୍ରା ଏହିପଞ୍ଚ ମୁଦ୍ରା ପ୍ରତି ତାତ୍ତ୍ୱିକ ଦୃଷ୍ଟିପାତ କଲେ ଜଣାଯାଏ ଦେବୀଙ୍କଠାରେ ସର୍ବବର୍ଗର ସମନ୍ୱୟ ଘଟିଅଛି। ଉଦାହରଣ ବିଘ୍ନବିନାଶନ ଗଣପତିଙ୍କୁ ଧାରଣ କରିଥିବାରୁ ମା ବିରଜା ଭକ୍ତମାନଙ୍କ ବିଘ୍ନନାଶ କରନ୍ତି। ଫଣି ସମ୍ରାଟ ବାସୁକୀ ମୁଦ୍ରାର ଦେବୀ ସର୍ବସଂହା ରୂପେ ଶିଷ୍ଟାଶିଷ୍ଟ ସନ୍ତାନପାଳନ କରନ୍ତି। ଯୋନି ଚିହ୍ନରୁ ଜଣାପଡ଼େ ସେ ହିଁ ଜଗତର ହେତୁ ଜଗତଜନନୀ। ପରିଶେଷରେ ଔଷଧୀୟ ଚନ୍ଦ୍ର ଯାହାକୁ ଅମୃତର ପ୍ରତୀକ ଭାବରେ ଗ୍ରହଣ କରାଯାଏ। ତାଙ୍କୁ ଧାରଣ କରି ଦେବୀ ଅଧିବଆଧି ନାଗ କରି ଜଗତର ମଂଗଳ କରୁଅଛନ୍ତି। ଯାଜପୁର ପ୍ରାଚୀନ ଉତ୍କଳର ରାଜଧାନୀ ଥିଲା। ସେତେବେଳେ ବିରଜା ମନ୍ଦିର ଖୁବ୍ ବଡ ମନ୍ଦିର ଥିଲା। କିନ୍ତୁ ଏହା କଳାପାହାଡ ଆକ୍ରମଣରେ ଭାଙ୍ଗି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ଯାଜପୁରର ବିଶିଷ୍ଟ ବ୍ୟକ୍ତି ନୃସିଂହ ଚୌଧୁରୀଙ୍କର ପୂର୍ବ ପୁରୁଷ ସୁଦର୍ଶନ ଚୌଧୁରୀ ପୁନର୍ବାର ଏହି ମନ୍ଦିରକୁ ନିର୍ମାଣ କରାଇଥିଲେ। ଯାଜପୁର ଥିଲା ମନ୍ଦିର ମାଳିନୀ ପୀଠ। ମା ବିରଜାଙ୍କ ସ୍ୱନକ୍ଷତ୍ର ମାଘ ମାସର ତ୍ରିବେଣୀ ଅମାବାସ୍ୟା ଦିନ ମାଆଙ୍କୁ ସ୍ୱତନ୍ତ୍ର ବସ୍ତ୍ର ପରିଧାନ କରାଯାଇ ସାବିତ୍ରୀ ବେଶରେ ପୁଷ୍ପ ଓ ସ୍ୱର୍ଣ୍ଣ ଅଳଙ୍କାରରେ ଭୂଷିତ କରାଯାଏ। ମାଆଙ୍କ ନିକଟରେ ବିରି ପୀଠା ଭୋଗଲାଗେ ଓ ଗାୟତ୍ରୀ ମନ୍ତ୍ର ପାଠ କରାଯାଏ। ମାଙ୍କ ଆଉ ଏକ ପର୍ବ ଦୋଳ ପର୍ବରେ ବିରଜାଙ୍କ ନିକଟରେ ନୂତନ ପଞ୍ଜିକା ପାଠ କରାଯାଏ। ଦେବୀଙ୍କୁ ଦୋଳମଣ୍ଡପକୁ ନେଇ ପୂଜାର୍ଚ୍ଚନା କରି ପୂଜକମାନେ ମାଆଙ୍କୁ ଅବିର ଦିଅନ୍ତି। ବୈଶାଖୀ ମାସରେ ମହାବିଷୁବ ସଂକ୍ରାନ୍ତିରେ ମାଆଙ୍କୁ ସ୍ୱତନ୍ତ୍ର ଭାବେ ବେଶ କରାଯାଇ ପୂଜାର୍ଚ୍ଚନା ସହ ପୋଡପୀଠା ଭୋଗ ଦିଆଯାଏ। ଚିତାଲାଗି ଅମାବାସ୍ୟାରେ ବିଧି ଅନୁସାରେ ପୂଜା କରି ଚିତଉ ପୀଠା ଭୋଗ କରାଯାଏ। ମାଙ୍କ ନିକଟରେ ଦୁର୍ଗାପୂଜାରେ ଶରତକାଳୀନ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଏ। ପ୍ରତିପଦାଠାରୁ ଅଷ୍ଟମୀ ନବମୀ ଯାଏଁ ନଦୀରୁ ଜଳ ଆଣି ସ୍ୱତନ୍ତ୍ର ସ୍ନାନ କର୍ମ କରନ୍ତି। ବିଭିନ୍ନ ରୂପରେ ଦେବୀଙ୍କୁ କୁମାର ପୂର୍ଣ୍ଣିମା ଯାଏ ସୁନାବେଶ କରାଯାଏ। ସ୍ୱତନ୍ତ୍ର ପୂଜା ମଧ୍ୟରେ ମହାଷ୍ଟମୀ ଦିନ ଛାଗବଳି ଓ ମହାନବମୀରେ ମହିଷବଳି ଦେବାର ବିଧି ରହିଛି କିନ୍ତୁ ବଳି ପ୍ରଦାନ ସମୟରେ ମାଙ୍କ ମୁଖ୍ୟ ଦରଜା ବନ୍ଦ ରହେ କାରଣ ଉକ୍ତ ନୈବେଦ୍ୟ ଦେବୀଙ୍କୁ ଅର୍ପଣ କରାଯାଏ ନାହିଁ। ମା ପରମ ବୈଷ୍ଣବୀ।

ନବମୀରେ ମା'ଙ୍କ ବିଜେ ପ୍ରତିମାଙ୍କୁ ପୂଜକମାନେ ପହଣ୍ଡିକରି ଲାଖ ବିନ୍ଧା ପଡ଼ିଆକୁ ନେଇଥାନ୍ତି। ପୂଜାର୍ଚ୍ଚନା ପରେ ଚାରିଦିଗକୁ ଚାରି ଗୋଟି ଶର ନିକ୍ଷେପ କରାଯାଇଥାଏ। ମାଂସ (ବଳି) ପ୍ରଦାନ କରାଯାଏ। ତା' ପରେ ଦେବୀ ସେ ସ୍ଥାନରୁ ଏକ ମୁହାଁ ହୋଇ ନିଜ ମନ୍ଦିରକୁ ଫେରି ଆସନ୍ତି ଓ ମନ୍ଦିର ବୁଜି ହୋଇଯାଏ। ଏଭଳି ବିଧିବିଧାନ କୌଣସି ଶକ୍ତି ପୀଠରେ ପାଳନ କରାଯାଏ ନାହିଁ। ଏତଦ୍ ବ୍ୟତୀତ ବିରଜା ଦେବୀଙ୍କ ଶାରଦୀୟ ମହୋତ୍ସବରେ ଅନ୍ୟ ଏକ ବିଶେଷତ୍ୱ ରଥଯାତ୍ରା। ବିରଜା ଦେବୀ ରଥର ନାମ ବିଜୟା, ଯାହାର ଉଚ୍ଚତା ୧୦ ମିଟର, ୧୨ ଚକ ବିଶିଷ୍ଟ ଏହି ରଥର ସାରଥି ସ୍ୱୟଂ ବ୍ରହ୍ମା। ୭୫୨ ଖଣ୍ଡ କାଠ ଏଥିରେ ଲାଗିଥାଏ। ତିନୋଟି କଳସ ଓ ପତାକା ଲାଗିଥାଏ ମନ୍ଦାକିନୀ, ମହାମାନ୍ୟ, ଦ୍ୱାରପାଳ ରକ୍ଷକ ଓ ରଥର ପାଞ୍ଚଟି ଶ୍ୱେତବର୍ଣ୍ଣ ଅଶ୍ୱ ଓ ୨୪ ଜଣ ପାର୍ଶ୍ୱଦେବତା ରହିଅଛନ୍ତି। ରଥର ବିଭିନ୍ନ ଅଂଶକୁ ୩୨ ଭାଗରେ ବିଭକ୍ତ କରାଯାଇଛି। ପ୍ରତିପଦାଠାରୁ ନଅଦିନ ପର୍ଯ୍ୟନ୍ତ ମାଆଙ୍କର ରଥଯାତ୍ରା ପାଳିତ ହୋଇଥାଏ। ପ୍ରତିପଦା ଭିତରେ ସିଂହଦ୍ୱାର ସନ୍ନିକଟରେ ଥିବା ପ୍ରସ୍ତର ଚଟାଣ ବେଦୀରେ ଯଥାବିଧି ମାର୍ଜନା ଓ ହୋମ କରାଯାଇ ପ୍ରତିଷ୍ଠା କରାଯାଏ। କାଙ୍ଗବାଦ, ହୁଳହୁଳି ଦେଇ ଭକ୍ତମାନେ ମାଙ୍କ ବିଜେ ପ୍ରତିମାଙ୍କୁ ପହଣ୍ଡି କରି ଆଣନ୍ତି। ଏହି ରଥ ନଅଦିନ ବ୍ୟାପୀ ମନ୍ଦିର ବେଢ଼ା ପରିକ୍ରମା କରିଥାନ୍ତି। ରଥରେ ମାଙ୍କ ଷୋଡଶ ଉପଚାର ପୂଜାହୁଏ। ରଥରେ ଡାହୁକ ଡାକ ପରିବର୍ତ୍ତେ ପାର୍ବଣୀ ଡାକର ବ୍ୟବସ୍ଥା ରହିଅଛି। ମାଙ୍କ ପୂଜା ଭୋଗ ଦେଇ ଦର୍ଶନ କଲେ ଦେବୀ ମାଙ୍କ କୃପା ଲାଭ କରେ।

ମା'ଙ୍କ ନିକଟବର୍ତ୍ତୀ ସମ୍ପୂର୍ଣ୍ଣ କଳା ମୁଗୁନି ପଥରରେ କାରୁକାର୍ଯ୍ୟରେ ସଜ୍ଜିତ ହୋଇ ଅବସ୍ଥାପିତ ହୋଇଅଛି। ଯାହାକୁ ଶୁଭସ୍ତମ୍ଭ କୁହାଯାଏ। କିମ୍ବଦନ୍ତୀ ରହିଅଛି ସ୍ତମ୍ଭଟିର ଉପରିଭାଗରେ ଗରୁଡ ମୂର୍ତ୍ତି ଥିଲା ଯାହାକୁ କଳାପାହାଡ ଭାଙ୍ଗି ଚୂରମାର କରିଦେଇଥିଲା। ତାହା ବର୍ତ୍ତମାନ ମଧ୍ୟ ସେହି ଭଗ୍ନ ଗରୁଡ ମୂର୍ତ୍ତିଟି ଏହି ଶୁଭସ୍ତମ୍ଭଠାରୁ ଏକ କିଲୋମିଟର ଦୂରରେ ରହି ପୂଜା ପାଇ ଆସୁଛନ୍ତି ମାଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ମଧ୍ୟ ଏହି ଶୁଭସ୍ତମ୍ଭକୁ ଦର୍ଶନ କରି ଶାନ୍ତିଲାଭ କରନ୍ତି। ମାଙ୍କ କୃପାରୁ ଜଗତର ମଙ୍ଗଳ ହେଉ।

***ଷ୍ଟେଟ ବ୍ୟାଙ୍କ କଲୋନୀ, କେଶୁରା,***
***ଭୁବନେଶ୍ୱର-୨***
***ଦୂରଭାଷ: ୮୮୯୫୪୯୫୧୭୦***

ଅନୁବାଦ ଉପନ୍ୟାସ

# ହୀରା ମଞ୍ଜିଲ୍

## ମୂଳଲେଖା - ଆଶୁତୋଷ ମୁଖୋପାଧ୍ୟାୟ
## ଭାଷାନ୍ତର - ସୁପ୍ରଭା ରାୟ

ଷ୍ଟେସନରେ କେହି ନାହାନ୍ତି ଦେଖି ମନେ ମନେ ଟିକେ ଅବାକ ହେଲି । କେହି କହିଲେ ସ୍ୱୟଂ ବନ୍ଧୁଙ୍କୁ ହିଁ ଆଶା କରିଥିଲି ।

ବନ୍ଧୁ ଜଣକ ବର୍ତ୍ତମାନ ପୂରାପୂରି ପ୍ରବାସୀ । ଷୋହଳ, ସତର ବର୍ଷ ହେଲା ୟୁପି'ର ପ୍ରୟାଗ ଧାମରେ ଅଛନ୍ତି । ପୂର୍ବେ କୋଲକାତାର ଗୋଟିଏ ନାମୀ ବେ-ସରକାରୀ କଲେଜରେ ମାଷ୍ଟର ଥିଲେ । ନାଁର ଆଗ ଓ ପଛରେ ବିଶ୍ୱବିଦ୍ୟାଳୟର ଉଜ୍ଜ୍ୱଳ ଛାପ କିଛି ଥିଲା । ତେବେବି ଏଠି ଗୁଣର ଖାତିର ବିଶେଷ ହେଇନାହିଁ, କିନ୍ତୁ ଚେଷ୍ଟା ବା ତଦବିର ତଦାରକର ବିଷୟରେ ମଣିଷଟି ଟିକେ ବେଶୀ ନିର୍ଲିପ୍ତ । ନାଁ ତାଙ୍କର ସୁଭାଷ ଗାଙ୍ଗୁଲୀ । ପ୍ରୟାଗ-ଧାମର ବିଶ୍ୱବିଦ୍ୟାଳୟ ତାଙ୍କୁ ଟାଣି ଆଣିଛି । ସେଇଦିନ ଠାରୁ ସେ ପ୍ରବାସୀ । ଦୁଇବର୍ଷ, ଅଢ଼େଇ ବର୍ଷରେ ସପରିବାରରେ ଥରେ କୋଲକାତା ଆସୁଥିଲେ । ସେତେବେଳେ ମୋର ଡେରା ହିଁ ତାଙ୍କର ଡେରା । କିନ୍ତୁ ପୁଅ, ଝିଅ, ସ୍ତ୍ରୀ ଚାହିଁଲେ ବି ବେଶୀ ଦିନ ରହୁନଥିଲେ । କହୁଥିଲେ ନିଃଶ୍ୱାସ ବନ୍ଦ ହେଇଯାଏ ମୋର, ଏଠିକାର ଏତେ ହେଇ ହଲ୍ଲା ବେଶୀ ଦିନ ଭଲ ଲାଗେନା । ଫେରିବା ପୂର୍ବରୁ ପ୍ରତିଥର ଆମ୍ଭମାନଙ୍କୁ ସାଦର ଆମନ୍ତ୍ରଣ ଜଣାଇ ଯାଉଥିଲେ । ଥରେ ଯେକୌଣସି ମତେ ଆମେ ଯେମିତି ଯାଉ ତାଙ୍କ ପାଖକୁ ।

ଏଯାବତ୍ ଆମର ଯିବା ହେଇନାହିଁ । ତା'ର ବଡ଼ କାରଣ ମୋର ପାରିବାରିକ ଜୀବନରେ ଗୋଟାଏ ଦୁର୍ଯୋଗ ଦୀର୍ଘକାଳ ଧରି ଚାପି ରହିଥିଲା । ତେଣୁ ସମୟ ଓ ସୁଯୋଗ ବି ସୀମାବଦ୍ଧ ଥିଲା ।

ଗତବର୍ଷ ବନ୍ଧୁ ପତ୍ନୀଙ୍କ ବିୟୋଗ ଘଟିଛି । ଏବର୍ଷ ମୋର ଚାକିରିରୁ ଅବସର । ତେଣୁ ପ୍ରଚୁର ଅବକାଶ । ଯିବାଟା ପ୍ରାୟ ହଠାତ୍ ଠିକ୍ କରିପକାଇଥିଲି । ଯିବାର ପ୍ରାୟ ଆଠଦିନ ପୂର୍ବେ ଚିଠି ଦେଇଥିଲି, ଅମୁକ ଦିନ, ଅମୁକ ଗାଡ଼ିରେ ଯାଉଛି ପୁଣି ଚାରିଦିନ ପୂର୍ବେ ଆଉ ଖଣ୍ଡେ ଚିଠି ଦେଇଥିଲି ।

ସ୍ତ୍ରୀ ମୋ ସହ ଯିବେ ଯିବେ କହି ଶେଷରେ ଆସିଲେ ନାହିଁ । ବନ୍ଧୁଙ୍କ ଝିଅର ବିବାହ ହେଇଯାଇଛି, ତା'ର ଶାଶୁଘର ଜୌନପୁରରେ । ଆଉ ପୁଅ ଡେରାଡୁନ୍ ଫରେଷ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ରେ ଭଲ ଚାକିରି କରେ । ଫଳରେ ବନ୍ଧୁଙ୍କ ପୁରୁଣା କମ୍‌ବାଇଣ୍ଡ ହ୍ୟାଣ୍ଡଭରସା, ଘରେ ଆଉ ଦ୍ୱିତୀୟ କେହି ନାହାନ୍ତି । ତା'ପରେ ଆମର ଝିଅ-ଜ୍ୱାଇଁ ପ୍ରାୟ ସେଇ ସମୟରେ ଆମ୍ଭମାନଙ୍କୁ ଦକ୍ଷିଣ ଭାରତ ବୁଲିଯିବାର ଲୋଭ ଦେଖାଇବାରୁ ସେ ଦ୍ୱିଧାଶୂନ୍ୟ ହେଇ ମୋତେ ବାତିଲ କଲେ । - ତୁମେ ସାତ ଆଠ ଦିନ ଆଗେ ଚାଲିଯାଅ- ଯେତେ ଖୁସୀ ବନ୍ଧୁଙ୍କ ସାଙ୍ଗରେ ଆଡ଼ା ଦିଅ, ଖାଲି ଘରେ ମୁଁ ଯାଇ କ'ଣ କରିବି, ଇତ୍ୟାଦି । ସେଠାରୁ ମାଡ୍ରାଜ ଆସି ଆମ୍ଭମାନଙ୍କୁ ମିଟ୍ କରିବେ । ଜ୍ୱାଇଁଙ୍କ ସାଙ୍ଗରେ ଦିନ ତାରିଖ ଠିକ୍ କରିନିଅ ।

କିନ୍ତୁ ଷ୍ଟେସନ୍‌ରେ କେହି ରହିନଥିବେ ବୋଲି ମୁଁ ଭାବିନାହିଁ । ତା'ପରେ ହଠାତ୍ ମନେହେଲା, ଇଦାନୀଂ ପ୍ରାୟ ପୂରା ଭାରତରେ ଡାକର ସଂକଟ ଚାଲିଛି । ଚିଠିପତ୍ର ଛଡ଼ା ଟେଲିଗ୍ରାମ୍ ମଧ୍ୟ ଗୋଟିଏ ରାଜ୍ୟରୁ ଆଉ ଏକ ରାଜ୍ୟକୁ ପହଞ୍ଚିବାକୁ ପନ୍ଦର କୋଡ଼ିଏ ଦିନ ଲାଗି ଯାଉଛି । ଏମିତି ଅଭିଯୋଗ ବି ଇଦାନୀଂ ଖବର କାଗଜରେ ଦେଖୁଛି । ତେଣୁ ସେଇଆ ହେଇପାରେ ଧରି ନେଇ ସୁଟ୍‌କେସ୍‌ଟା ନେଇ ସାଇକେଲ୍ ରିକ୍ସାରେ ଚଢ଼ିଲି । ନାଁ ଓ ଠିକଣା କହିବାରୁ ରିକ୍ସା ବାଲା 'ବଙ୍ଗାଳୀ ମାଷ୍ଟର ବାବୁଙ୍କ' ଦୋକାନ ବି ଚିହ୍ନିଛି ବୋଲି କହିଦେଲା ।

ସୁଭାଷ ବଙ୍ଗାଳୀ, ଘରେ ରହିବାକୁ ଭଲ ପାଇବା ମଣିଷ । ଧକ୍କା ଦେଇ ନ ଠେଲିଲେ କେଉଁଠିକି ବି ହଲିବାକୁ ଚାହାଁନ୍ତିନାହିଁ । ତାଙ୍କର ସମୟ ବିତାଇବାର ଏକମାତ୍ର ସାଙ୍ଗ ବହି ଆଉ ତାସ୍ । ୟୁନିଭର୍ସିଟିରୁ ରିଟାୟାର୍ କଲେ ମଧ୍ୟ ପିଲାମାନଙ୍କୁ ପଢ଼ାଇବା ଛାଡ଼ିନାହାନ୍ତି । ଦୁଇ ବ୍ୟାଚ୍‌ର ଝିଅ, ପୁଅ ସପ୍ତାହକୁ ଦୁଇଦିନ ଘରକୁ ପଢ଼ିବାକୁ ଆସନ୍ତି ବୋଲି ଲେଖିଥିଲେ । ଥଟ୍ଟା କରି ଲେଖିଥିଲେ, ଶେଷ ଚିଠିରେ, ରିଟାୟାର କରିଛି ବୋଲି ମୋର ଉପାର୍ଜନ ବନ୍ଦ ହେଇନାହିଁ ହୋ ! ଆସ, ତୁମ୍ଭମାନଙ୍କର ଯତ୍ନର ତ୍ରୁଟି ହେବନାହିଁ ।

ଛୋଟ କମ୍ପାଉଣ୍ଡ ଭିତରେ ସୁନ୍ଦର ଗୋଟିଏ ଏକତାଲା ଘର । ଦୁଇ ପଟରେ ଗୋଟିଏ ଛୋଟ ଛୋଟ ଜମିରେ ଫୁଲ ବଗିଚା, ସେଥିରେ ବିଭିନ୍ନ ରଙ୍ଗର ଫୁଲ ଫୁଟିଛି । ମଝିରେ ଅଣ୍ଟାଏ ଉଚ୍ଚ ଗେଟ୍‌ର ସିଡ଼ି ଯାଏ କୋଡ଼ିଏ-ବାଇଶ ଗଜ ରାସ୍ତା । ବଗିଚାରେ ଗୋଟିଏ ଲୋକ ମୁଣ୍ଡ ତଳକୁ କରି ଅନାବନା ଗଛ ଓପାଡୁଛି । ବନ୍ଧୁଙ୍କୁ କେବେବି ଫୁଲ ରସିକ ବୋଲି ଭାବିନାହିଁ ।

ରିକ୍ସାରୁ ଓହ୍ଲାଇବା ପୂର୍ବରୁ ଲୋକଟି ମୋତେ ଦେଖି ଉଠିଆସି ମୋ ଆଡ଼କୁ ଆଗେଇ ଆସିଲା । ମୁଁ ସୁଟ୍‌କେସ୍‌ଟା ତା'ହାତରେ ଦେଉ ଦେଉ ପଚାରିଲି, ଷ୍ଟେସନ୍‌ରୁ ରିକ୍ସା ଭଡ଼ା କେତେ ?

କେତେ ହେବ ନକହି ଲୋକ ଜଣକ ସୁଟ୍‌କେସ୍ ହାତରେ ଧରି ବିମୂଢ଼ ମୁହଁରେ ପଚାରିଲା, ଆପଣ କହନ୍ତୁ ବାବୁଜୀ ... ମୋର ବାବୁ ତ ନାହାଁନ୍ତି -

ଘରକୁ ଭଲପାଇବା ମଣିଷଟି ଯେ ପୂରା ଏଠି ନାହାଁନ୍ତି, ସେତେବେଳେ ବି ମନେ ହେଲାନାହିଁ । କହିଲି, ଠିକ୍ ଅଛି, ତୁମେ ସୁଟ୍‌କେସ୍‌ଟା ଘରକୁ ନେଇଯାଅ ... ବାବୁ କେଉଁଠି ଯାଇଛନ୍ତି, କେତେବେଳେ ଫେରିବେ ?

ଜୌନପୁର ... ତିନି ଚାରି ରୋଜ ମେ ଚାଲିଆସିବେ ।

ରିକ୍ସା ଭଡ଼ା ତୁଟାଇବା କଥା ମୁଣ୍ଡରେ ରହିଗଲା । ବ୍ୟସ୍ତ ହେଇପଡ଼ିଲି । - ଜୌନପୁର ! କେବେ ଯାଇଛନ୍ତି ?

ମନେ ମନେ ଟିକେ ହିସାବ କରି କହିଲା, ପାଞ୍ଚଦିନ ହେବ, ଖୋକୀ ଦିଦିଙ୍କ ବେମାର ଲେଖିଥିଲେ, ସେଥିପାଇଁ ଯାଇଛନ୍ତି । ... ଆମେ ବାବୁଜୀ କିଏ ଅଛନ୍ତି ?

ଏପ୍ରକାର ହେଇପାରେ କଳ୍ପନାରେ ବି ନଥିଲା । ହଠାତ୍ ଯେମିତି ଅସୁବିଧାରେ ପଡ଼ିଗଲି । - ତୁମ ବାବୁଙ୍କର କୋଲକାତାର ବନ୍ଧୁ । ... ତୁମେ ମଙ୍ଗଲ ?

ଅଧାବୟସୀ ଲୋକଟି ବିନୟର ସହ ମୁଣ୍ଡ

ହଲାଇ ହଁ କଲା । ପରିସ୍ଥିତିକୁ ଭାବି ସେ ମଧ୍ୟ ଟିକେ ଦ୍ୱିଧାରେ ପଡ଼ିଗଲା । ତା'ର ମୁନିବଙ୍କର କେହି ଅନ୍ତରଙ୍ଗ ହେବେ ଏଇଟା ସେ ଅବିଶ୍ୱାସ କରିନାହିଁ । କିନ୍ତୁ ମାଲିକଙ୍କ ଅନୁପସ୍ଥିତିରେ କେତେଟା ଆପ୍ୟାୟନ କରାଯାଇପାରେ ଏଇଟା ସେ ଭାବି ପାରିଲାନାହିଁ । ନିରୁପାୟ ହେଇ ମୁଁ ହିଁ ତା'ର ସମସ୍ୟାର ସମାଧାନ କରିଦେଲି । ଲୋକଟି ଯେ କେତେ ଭଲ ଆଉ କେତେ କାମିକା ସେଇଟା ସୁଭାଷ ଗାଙ୍ଗୁଲୀଙ୍କ ମୁହଁରୁ ଶୁଣିଥିଲି, କେବଳ କମ୍ବାଇଣ୍ଡ ହ୍ୟାଣ୍ଡ ନୁହେଁ, ବଗିଚାର କାମକୁ ଯେ କେତେ ଯତ୍ନ କରେ ସେଇଟା ମଧ୍ୟ ଦେଖିଲି । ତେଣୁ ଏଇ ବିଚରାକୁ ହଇରାଣରେ ପକାଇ ଲାଭ କ'ଣ ?

ରିକ୍ସାବାଲାକୁ ପଚାରିଲି । ଏଠି ଭଲ ହୋଟେଲ କେଉଁଠି ଅଛି ?

ଦ୍ୱିଧାଗ୍ରସ୍ତ ମୁହଁରେ ମଙ୍ଗଳ କହିଲା, ହୋଟେଲ ତ ବହୁତ ଅଛି, ଲେକିନ୍ ମେହମାନ୍ ମଣିଷ କୋଲକାତାରେ ଆସି ହୋଟେଲରେ ରହିଲେ ବାବୁଜୀ ଫେରି ନାରାଜ୍ ହେବେ ନାହିଁ ତ ? ସେତେବେଳେ ମୋର ମତି ସ୍ଥିର ହେଇଯାଇଛି । – ନା, ତୁମେ କ'ଣ କରିବ ... ଦେଖା ହେଲେ ମୁଁ ତୁମର ବାବୁଙ୍କୁ ବୁଝାଇ ଦେବି, କେଉଁ ହୋଟେଲ୍‌କୁ ଯିବେ କୁହନ୍ତୁ ।

ରିକ୍ସାବାଲା ସହିତ କଥା କହି ଦୁହେଁ ଏକମତ ହେଇ ଗୋଟାଏ ହୋଟେଲର ନାଁ କିହଲେ । ମୁଁ ମଙ୍ଗଳକୁ କହିଲି, ତୁମର ବାବୁ ଏହା ଭିତରେ ଚାଲି ଆସିଲେ ତୁମେ ସେଇ ହୋଟେଲରେ ମୋତେ ଖବର ଦେବ, ଆଉ ମୁଁ ବି ଖବର ନେବି । ...

ପୁଣି ରିକ୍ସାରେ ଚଢ଼ି ସେଇ ହୋଟେଲକୁ ଆସିଲି । ପସନ୍ଦ ଅନୁସାରେ ଘରବି ପାଇଲି । ତେବେବି ବଡ଼ ନିଃଶ୍ୱାସ ପକାଇଲି । ଯାକୁ ହିଁ କହନ୍ତି ବରାଦ୍ । ଠିକ୍ କଲି, ମାଡ୍ରାଜରେ ପହଞ୍ଚିବା ଯାଏଁ ସେଇଠି ରହିଯିବି । ସୁଭାଷ ଗାଙ୍ଗୁଲୀ ଏହା ଭିତରେ ନଆସିଲେ ବୁଝିବାକୁ ପଡ଼ିବ ଏ ଯାତ୍ରାରେ ମଧ୍ୟ ତା'ର ଅତିଥି ହେବା କପାଳରେ ନାହିଁ । ରିଟାୟାର କରିବା ପରଠାରୁ ଛୁଟିର ମିଜାଜ ମୋର । କିଛି ଦିନ ପାଇଁ ଆଉ କୋଲକାତା ଫେରିବାକୁ ଇଚ୍ଛା ହେଉନାହିଁ ।

ନଦେଖିଥିବା କୌଣସି ଜାଗାକୁ ଆସିଲେ ସେଇ ପିଲାବେଳ ପରି ନୂଆ ପବନର ଆକର୍ଷଣ ମୋତେ ଏବେବି ଦେହରେ ଲାଗେ । ତାଛଡ଼ା ରୋମନ୍ଥନ କରିବାକୁ ବସିଲେ, ଅନେକ ସ୍ମୃତି ଆଉ ଅନେକ ଐତିହ୍ୟର ଯୋଗ ଏଇ ଜାଗା ସାଙ୍ଗରେ । ମୋର ସେ ସମସ୍ତ ସାଥିରେ ଏକାତ୍ମ ହେବାକୁ ଭଲ ଲାଗେ । ଟିକେ ବି ନିଃସଙ୍ଗ ମନେହୁଏ ନାହିଁ । ସମୟଟା ବି ଭଲ । ସେପ୍ଟେମ୍ବର ମାସର ଶେଷ ଏଇଟା । ପବନରେ ଦେହକୁ ଭଲ ଲାଗୁଥିବା ଟିକେ ଥଣ୍ଡା-ଭାବ । ମୋର ବିବେଚନାରେ ଏଇଟା ହିଁ ବାର ମାସ ଭିତରେ ସବୁଠାରୁ ଖୁସୀର ଋତୁ । ଘର ଭିତରେ ଭଲ ଲାଗେନା, ଏଇ ଋତୁ ସବୁବେଳେ ବାହାରକୁ ହାତ ଠାରି ଡାକେ ।

ଉପର ବେଳା ସାଢ଼େ ତିନିଟା ପରେ ଆଉ ହୋଟେଲର ଘର ଭଲ ଲାଗିଲା ନାହିଁ । ବାହାରି ଆସି ଗୋଟାଏ ସାଇକେଲ ରିକ୍ସା ନେବି ବୋଲି ମନ ଭିତରେ ଥିଲା । ଯୁପିର ସବୁ ଜାଗାରେ ସାଇକେଲ ରିକ୍ସା ଭର୍ତ୍ତି । ଟାଙ୍ଗାବାଲାମାନଙ୍କୁ ସେମାନେ ପଛରେ ପକାଇ ଦେଇଛନ୍ତି । କିନ୍ତୁ ବାହାରକୁ ଆସି ଗୋଟାଏ ତାଜା ଘୋଡ଼ାର ଟାଙ୍ଗା ଦେଖି ସେଇଟା ପସନ୍ଦ ହେଇଗଲା । ମୋର ସମୟ ବର୍ତ୍ତମାନ କୌଣସି ଘଣ୍ଟା କଣ୍ଟାରେ ଅଟକି ନାହିଁ । ଏଠାକାର ପୁରୁଣା ଖାନ୍‌ଦାନ୍ ସାଙ୍ଗରେ ମନ ମିଶାଇବାକୁ ହେଲେ ସାଇକେଲ ରିକ୍ସା ଠାରୁ ଗୋଟାଏ ଟାଙ୍ଗାର ଦାମ୍ ବେଶୀ । ତାଜା ଘୋଡ଼ାର ସାରଥୀଟି ଅବଶ୍ୟ ଆଦୌ ତାଜା ନୁହେଁ, ତେବେ ତାଙ୍କର ଅଭିଜ୍ଞତାର ଦାମ୍ ଏଇ ବାହନ ବେଳକୁ ଆଗ ଭାବିବା କଥା ।

ଅପଟୁ ହିନ୍ଦୀରେ ଗାଡିଆନକୁ ବୁଝାଇଲି, ପ୍ରଥମେ ଗଙ୍ଗା-ଯମୁନା ସଙ୍ଗମ ଦେଖିବାକୁ ଯିବି । ଶୁଣିଲି ମାତ୍ର ଦୁଇ ମାଇଲ ରାସ୍ତା । ଏକଲା ଯାତ୍ରୀ ସାଇକେଲ ରିକ୍ସା ନନେଇ ଟାଙ୍ଗା ନେଲି ଦେଖି ବୟସ୍କ ଟାଙ୍ଗାବାଲା ଇମାନ୍‌ଦାର୍ ମଣିଷ ବୋଲି ଭାବିଲା ବୋଧହୁଏ । ସଲାମ କରି ଯାହା ଜଣାଇଲା, ତା'ର ସାରମର୍ମ, ବର୍ତ୍ତମାନ ତ ଦ୍ୱିପହର, ତାର ତେଜି ଘୋଡ଼ା, ହଜୁରଙ୍କ ମର୍ଜି ହେଲେ ସନ୍ଧ୍ୟା ଭିତରେ ବହୁତ କିଛି ଦେଖାଇ ଦେଇ ପାରିବ ।

ଟାଙ୍ଗାବାଲା ପ୍ରଥମରୁ ହିଁ ମୋତେ ଏଇଟା ସେଇଟା ଚିହ୍ନାଇବାକୁ ଲାଗିଲା । କିନ୍ତୁ ବର୍ତ୍ତମାନ ଚିହ୍ନିବାର ବା ଜାଣିବାର ଏତେ ବ୍ୟସ୍ତତା ନାହିଁ ମୋର । ଯେତେବେଳେ କିଛିଦିନ ଅଛି, ଚିହ୍ନିବାକୁ ବା ଜାଣିବାକୁ କିଛି ବାକି ରହିବନାହିଁ । ନୂଆ ଜାଗାକୁ ଆସିଲେ ପ୍ରଥମେ ମୁଁ ଆଖିର ରସଦ ଖୋଜେ, ମନର ରସଦ ଖୋଜେ – ପୁରୁଣା ଦିନ ସାଙ୍ଗରେ ନୂଆ କାଳର ଫରକ ଉପରେ ଗୋଟାଏ ସେତୁ ଗଢ଼ି ନେଇ ସାମ୍ନାକୁ ଓ ପଛକୁ ଚାହିଁ ଦେଖେ । ଟାଙ୍ଗାବାଲା ମୋ' ପାଖରୁ କୌଣସି ଉତ୍ତର ନପାଇ ବୋଧହୁଏ ଚୁପ୍ ହେଇ ରହିଗଲା । ଟୁରିଷ୍ଟ ମାନଙ୍କର କୌତୁହଳ ଦେଖିଲେ, ସେମାନଙ୍କର ଉତ୍ସାହ ବଢ଼େ ।

... ଜାଗାଟାର ନାଁ କେତେକାଳ ଆଗେ ବଦଳି ଦିଆ ହେଇଛି ଜଣାନାହିଁ । ପ୍ରାଚୀନ ନାଁ ପ୍ରୟାଗ । ଚାରିପଟକୁ ଚାହିଁ ସେଇ ପୁରାଣର କୌଣସି ନଜିର ଖୋଜିବା ହାସ୍ୟକର । ତେବେବି ନୂଆ ନାଁ ଠାରୁ ପୁରୁଣା ନାଁ ସାଙ୍ଗରେ ଭିତରଟା ଅନ୍ତରଙ୍ଗ ହେବାକୁ ଚାହେଁ । ଭାରତର ଆର୍ଯ୍ୟମାନେ ପ୍ରଥମେ ଯେଉଁସବୁ ଜାଗାରେ ବସତିର ଚିହ୍ନ ରଖିଯାଇଥିଲେ ତା'ର ଅନୁସନ୍ଧାନ କରିବା ପାଇଁ କେହି କାଳର ପୃଷ୍ଠା ଓଲଟାଇଲେ ପୁରାଣର ଏଇ ପ୍ରୟାଗକୁ ହିଁ ବାରମ୍ବାର ଦେଖିବେ । ଆଜି ପ୍ରଶସ୍ତ ପକ୍କା ରାସ୍ତାରେ ଟାଙ୍ଗାରେ ଚଢ଼ି ଯାଉ ଯାଉ ପୁରାଣର ସେଇ ପ୍ରୟାଗ କୌଣସି କଳ୍ପନାରେ ଆସେନାହିଁ । ପୁରାଣ ଛାଡ଼ି ଦୂରର ଇତିହାସ – କାଳର ମଣିଷମାନଙ୍କ ସାଙ୍ଗରେ ମଧ୍ୟ ପ୍ରୟାଗର ନିବିଡ଼ ଯୋଗ । ଭିତରେ ଭିତରେ ରାଜ୍ୟ ଛଡ଼ା ପ୍ରଶ୍ନ ମୋର – ଗଙ୍ଗା, ଯମୁନା, ସରସ୍ୱତୀ ଯେଉଁ ତ୍ରିବେଣୀ ସଙ୍ଗମ ଦେଖିବାକୁ ଯାଉଛି, ପାଦରେ ଚାଲି ଚାଲି ଏଠିକାର ଏଇପରି କୌଣସି ବାଟ ଧରି ରାଜାଧିରାଜ ଅଶୋକ, ଚନ୍ଦ୍ରଗୁପ୍ତ ବା ସମୁଦ୍ରଗୁପ୍ତ ସେଇ ସଙ୍ଗମ ସ୍ଥାନରେ ସ୍ନାନ କରିବାକୁ ଯାଇଥିଲେ କି ନାହିଁ ।

ରାସ୍ତାରେ ଟାଙ୍ଗା ରଖି ଗଙ୍ଗା ଆଡ଼କୁ ଆଗେଇଲି । ଉଚ୍ଚ ରାସ୍ତା ଆଡ଼କୁ କିଛିଟା ଓହ୍ଲାଇ ଆସିଲେ ସାମ୍ନାରେ ଟାଙ୍ଗା । କୂଳରେ ଧଳା ବାଲି । ଏପଟେ ସେପଟେ ଛୋଟ ଛୋଟ ଫୁଲର ମାଳା ଓ ଡାଲାର ଦୋକାନ । କିଛି ଭିକାରି, କିଛି ସ୍ନାନାର୍ଥୀ । ଗଙ୍ଗା କୂଳରେ ଧାଡ଼ି ଧାଡ଼ି ହେଇ ନୌକା ବନ୍ଧା ହେଇ ରହିଛି । ସେଇ ନୌକା ଭଡ଼ା କରି ସଙ୍ଗମକୁ ଯାଇ ସ୍ନାନ ସାରି ଆସିବାକୁ ହୁଏ । ମାଝିମାନେ ଏଇ ଅସମୟରେ ବି ସ୍ନାନ କରିବା ପାଇଁ ଯାତ୍ରୀମାନଙ୍କୁ ଡକାଡକି କରୁଛନ୍ତି । ଦୂରରେ କେତେଟା ଝୁପଡ଼ି, ମନେହୁଏ ସାଧୁମାନଙ୍କର ଡେରା ।

ଚୁପ୍‌ଚାପ୍ ଛିଡ଼ା ହେଇ ଦେଖୁଛି । ସଙ୍ଗମସ୍ଥଳରେ ଦୁଇ ଦିଗରୁ ଦୁଇ ରଙ୍ଗର ପାଣି ଆସି ମିଶୁଛି, ଏଇଟା ସ୍ପଷ୍ଟ ଦେଖାଯାଏ । ଗଙ୍ଗାର ପାଣି ନାଳଚିଆ । ଯମୁନାର କଳା । ଏଇଠି ସରସ୍ୱତୀକୁ ଖୋଜିବା ବୃଥା । ସରସ୍ୱତୀ କେଉଁ ଯୁଗରୁ ମାଟି ତଳେ ପଶି ଯାଇଛି, ସଠିକ୍ ଜଣାନାହିଁ । ତେବେବି ତ୍ରିତାପହାରିଣୀ ସଙ୍ଗମ ସ୍ନାନାର୍ଥୀମାନଙ୍କର ବିଶ୍ୱାସ ସରସ୍ୱତୀ ଏବେବି ଅନ୍ତଃ ସଲିଳା – ବିଶ୍ୱାସ, ମାଟି ତଳୁ ସରସ୍ୱତୀର ପବିତ୍ର ଧାରା ସେଇ ସଙ୍ଗମରେ ଆସି ମିଶିଛି ।

ସଙ୍ଗମ ସ୍ନାନରେ କି ପୁଣ୍ୟ ହୁଏ ତା' ପାଇଁ କେବେ ହେଲେ ମୁଣ୍ଡ ଖେଳାଇନାହିଁ । ପରେ ସ୍ନାନ ବି କରିଛି । କୌଣସି ଅନୁଭୂତିର ମୁହାଣରେ ଭାବର ବନ୍ୟା ଡାକିନାହିଁ । କିନ୍ତୁ ମୁଁ କରେ ବା ନକରେ, କେଉଁ ଅନନ୍ତ କାଳ ଧରି ମଣିଷ କେତେଦୂର ଦୂରାନ୍ତରୁ ଏଠିକି ଦୌଡ଼ି ଆସୁଛନ୍ତି, ଶୋକ ଜମା ଦେଉଛନ୍ତି, ତାପ ଜମା ଦେଉଛନ୍ତି, ପାପ ଜମା ଦେଉଛନ୍ତି । ଐଶ୍ୱର୍ଯ୍ୟ ଜମା ଦେଇ ରିକ୍ତ ହେବାର

ନଜିର ମଧ୍ୟ କମ୍ ନାହିଁ । ପ୍ରତି ପାଞ୍ଚ ବର୍ଷରେ ଥରେ ସଞ୍ଚିତ ସମସ୍ତ ଧନରତ୍ନ ଏଇଠି ଦାନ କରି ଭିକାରି ହେଇ ଫେରୁଥିଲେ ରାଜା ହର୍ଷବର୍ଦ୍ଧନ ।

... ଏଠିକାର ପ୍ରତି ବାର ବର୍ଷର ପୂର୍ଣ୍ଣ କୁମ୍ଭମେଳା ସହ ହୃଦୟ ପଥଗାମୀ ଭାତର ଅନ୍ତରାତ୍ମାର ଯୋଗ । ପ୍ରତି ଛଅ ବର୍ଷରେ ହୁଏ ଅର୍ଦ୍ଧ କୁମ୍ଭମେଳା, ଆଉ ପ୍ରତ୍ୟେକ ବର୍ଷ ମାଘ ମାସରେ ମାଘ ମେଳା ପ୍ରାୟ ସେଇପରି । ଯୁଗ ଯୁଗ ଧରି ଲକ୍ଷ ଲକ୍ଷ ମଣିଷ ଏଇ ସଙ୍ଗମ ସ୍ନାନର ଡାକରାରେ ଛୁଟି ଆସନ୍ତି, ଆସୁଛନ୍ତି, ଆସିବେ ମଧ୍ୟ । ମୁଁ ଦେଖିନାହିଁ । ଦେଖିବି କି ନାହିଁ କହିପାରିବିନାହିଁ । ନଦେଖିବାର କାରଣ ହେଉଛି ଲୋକଟା ମୁଁ ଭୀରୁ । ଭିଡ଼ରୁ ନିଜକୁ ବଞ୍ଚାଇ ଦୂରରୁ ଦେଖିବାର ସ୍ୱଭାବ । ସେଇ ଦେଖାଟା କେତେ ପରିମାଣରେ ଅସମ୍ପୂର୍ଣ୍ଣ ଛିଡ଼ା ହେଇ ଭାବିବାକୁ ଚେଷ୍ଟା କରୁଥିଲି । ଏକା ସାଙ୍ଗରେ ଗୋଟାଏ ପ୍ରଶ୍ନ ମନ ଭିତରେ ଆସୁଥିଲା । ତିନୋଟି ଧାର ବା ତିନୋଟି ସ୍ରୋତର ମିଳନ ଦେଖିଲେ ହିଁ ମଣିଷ ଆବେଗରେ ଅଭିଭୂତ ହେଇଯାଆନ୍ତି କାହିଁକି – ଗୋଟାଏ ଦୁର୍ଲଭ ପୁଣ୍ୟର କଳ୍ପନା ମନରେ ଆସେ କାହିଁକି ?

ନଦୀ ନୁହେଁ, କନ୍ୟା କୁମାରୀରେ ତିନି ସମୁଦ୍ରର ସଙ୍ଗମ ସମ୍ପର୍କରେ ବି ମଣିଷଙ୍କୁ ସେଇ ଏକା ରକମର ଭାବ ବିହ୍ୱଳ ହେବାକୁ ଦେଖିଛି । ସେଇଠି ଗୋଟିଏ ଜାଗାରେ ଆସି ମିଶିଛି ତିନି ଦିଗରୁ ତିନି ସମୁଦ୍ର – ବଙ୍ଗୋପସାଗର, ଆରବସାଗର, ଭାରତ ମହାସାଗର । ପାଞ୍ଚ ବର୍ଷ ପିଲା ଠାରୁ ଅଷ୍ଟାଦଶ ବର୍ଷର ପିଲାମାନେ ନାନା ଆକାରର ଶିଶିରେ ସେଇ ସଙ୍ଗମର ପାଣି ସଂଗ୍ରହ କରନ୍ତି ଆଉ ତିନି ସାଗରର ବାଲି ନେଇ କାଗଜରେ ଛୋଟ ବଡ଼ ପୁଡ଼ିଆ କରି ଟୁରିଷ୍ଟ ବା ଯାତ୍ରୀମାନଙ୍କୁ ମହାସମାରୋହରେ ବିକ୍ରି କରିଚାଲିଛନ୍ତି । – ତିନ୍ ସମୁନ୍ଦ୍ରକା ପାନି ! ତିନି ସମୁନ୍ଦ୍ରକା ବାଲି ଲିଜିଏ – ଲିଜିଏ !

ମଣିଷ ତାକୁ ହିଁ କିଣି ଚାଲିଛନ୍ତି । ମୁଣ୍ଡରେ ମାରୁଚନ୍ତି । ଭକ୍ତି ସହକାରେ ରଖି ଦେଉଛନ୍ତି ।

ଗୋଟାଏ ଜାଗାରେ ଏତେ ସମୟ ରହିବା ଦେଖି ଟାଙ୍ଗାବାଲା ବୋଧହୁଏ ଟିକେ ହତାଶ ହେଇପଡ଼ିଛି । ଫେରି ଆସିବା ପରେ ତା'ର ଭାଷାରେ ମୋତେ କହିଲା, 'ଗୋଟାଏ ଜାଗାରେ ଇତ୍‌ନା ଟାଇମ୍' ଦେଲେ, କେତେ ଆଉ ଦେଖା ହେଇପାରିବ ?

ମୁଁ ମୋ ପରି ତାକୁ ବୁଝାଇଲି, ମୋର ଆଜି ବିଶେଷ କିଛି ଦେଖିବାର ଆବଶ୍ୟକତା ନାହିଁ । ଆପାତତଃ ସୁନ୍ଦର ଆଉ ନିରୋଳା ରାସ୍ତାରେ ଟିକେ ବୁଲିବାର ଇଚ୍ଛା ।

ଟାଙ୍ଗାବାଲା ସମ୍ଭବତଃ ମୋତେ ପ୍ରକୃତି ବିଳାସୀ ଅଥବା ଭାବୁକ ବୋଲି ଭାବି ନେଲା । ମୁଁ ଉଠି ଟାଙ୍ଗା ଉପରକୁ ଆସିବାରୁ ପୁଣି ଟାଙ୍ଗା ଦୌଡ଼ିବାକୁ ଲାଗିଲା ।

କୌଣସି ରାସ୍ତାର ନାଁ ଜାଣିନାହିଁ । ଆଗ୍ରହ ବି ନାହିଁ । ବିରାଟ ଲମ୍ୱା ଆଉ ପ୍ରଶସ୍ତ ରାସ୍ତା । ବେଶ୍ ପରିଷ୍କାର ଓ ନିରୋଳା । ଆଖି ଓ ମନ ଭରିଯାଏ । ଆଉ ଏ ସବୁ ରାସ୍ତା ଓ ପରିବେଶ ଦେଖିଲେ କୋଲକାତାର ମଣିଷଙ୍କର ଛାତି ତଳୁ ଲମ୍ୱା ନିଃଶ୍ୱାସ ବାହାରି ଆସିବ ହିଁ ଆସିବ । ଆମ ରାଜ୍ୟର ଶାସକମାନେ ସବୁବେଳେ ଭାରତର ସର୍ବତ୍ର ଯାଆନ୍ତି । ବୁଲନ୍ତି । ଏସବୁ ରାସ୍ତା ଏ ପ୍ରକାର ପରିବେଶ ସେମାନଙ୍କ ଆଖିରେ ପଡ଼େନାହିଁ ଏମିତି ନୁହେଁ । କିନ୍ତୁ ଫେରି ଯାଇ ସେମାନେ ନିରାସକ୍ତ ଭାବରେ କି ସୁନ୍ଦର ଆଖି ବୁଜି ରହିପାରନ୍ତି ଭାବିଲେ ଅବାକ୍ ଲାଗେ ।

ଇଚ୍ଛା ଅନୁସାରେ ଚାଲିବାର ହୁକୁମ ପାଇ ଆଉ ତା'ର ସବାରିକୁ ପ୍ରକୃତି ପ୍ରେମିକ ଭାବି ଟାଙ୍ଗାବାଲାର ବୋଧହୁଏ ମୋତେ ଆହୁରି ନିର୍ଜନ କୌଣସି ଆଡ଼କୁ ନେଇ ଯିବାର ବାସନା ହେଲା । ଗୋଟାଏ ଲମ୍ୱା ରାସ୍ତା ଛାଡ଼ି ଡାହାଣ ପଟର କିଛିଟା ସରୁ ରାସ୍ତାର ବାଙ୍କ ନେଲା । ସାମ୍ନାରେ ପଚିଶ ତିରିଶ ଗଜର କଲଭର୍ଟର ଦୁଇପଟ ହିଁ ଢାଲୁ । ଅର୍ଥାତ୍ ଆମେ ତଳୁ ଉପରକୁ ଉଠୁଛୁ, କଲଭର୍ଟଟା ପାରିହେଲେ ପୁଣି ଢାଲୁ ଆଡ଼କୁ ଓହ୍ଲାଇବୁ । ତା' ତଳେ ଗୋଟାଏ ଛୋଟ ଖାଲ ପରି ଅଛି । ପଥରରେ ବନ୍ଧାଇ କଲଭର୍ଟର ଗୋଟାଏ ପଟେ କିଛି ମରାମତି କାମ ଚାଲିଛି । ଫଳରେ ସେଇଟା ୱାନ୍ ୱେ ହେଇଯାଇଛି । ତେବେ ଟ୍ରାଫିକ୍ ନାହିଁ କହିଲେ ଚଳେ, ତେଣୁ ଅସୁବିଧା ହେବାରନାହିଁ । ଦୁଇଟା ଗାଡ଼ି ବା ଟାଙ୍ଗା ମୁହାଁମୁହିଁ ହେଇଗଲେ ଯିଏ ପଛରେ ଅଛି ସେ ଆଉ ଟିକେ ପଛକୁ ଚାଲିଗଲେ ହିଁ ହେଇଯିବ ।

ଏଇ କଲଭର୍ଟ ଉପରେ ହଠାତ୍ ଦୁଇ ତିନି ମିନିଟ୍ ପାଇଁ ଯାହା ହେଇଗଲା ତାହା ରମଣୀ ଘଟିତ ହେଲେ ବି ଆଦୌ ରମଣୀୟ ନୁହେଁ । ଟାଙ୍ଗା ସାତ ଆଠ ଗଜ ଉଠିବାରୁ କଲଭର୍ଟର ଓଲଟା ଦିଗଟା ଦେଖାଗଲା । ଗୋଟାଏ ଚକ୍ ଚକ୍ ମଟର ଗାଡ଼ିର ଚକ ସାଧାରଣ ସ୍ପିଡ଼ରେ କଲଭର୍ଟ ଛୁଇଁଛି । ମୁଁ ସଙ୍ଗେ ସଙ୍ଗେ ହାତ ଟେକିଲି, ଅର୍ଥାତ୍ ଥମିବାକୁ ଇସାରା କଲି । କିନ୍ତୁ ପଲକରେ ଗାଡ଼ିଟା ଉଠି ଆସିଲା । ମଟର ଗାଡ଼ି ଦେଖି ଟାଙ୍ଗାଟା ଛିଡ଼ା ହେଇଯାଇଥିଲା । ନିୟମ ମାଫିକ୍ ଏଥର ପଛେଇ ଯାଇ ଆହୁରି କିଛିଟା ପଛକୁ ଯାଇ ସାମ୍ନା ଗାଡ଼ିକୁ ପଥ କରିଦେବା କଥା । କିନ୍ତୁ ମଟର ବନାମ୍ ଟାଙ୍ଗାର କ୍ଷେତ୍ରରେ ଏଇ ରୀତି ଚାଲିବ ନାହିଁ ବୋଲି, ମୁଁ ହାତ ଟେକି ଗାଡ଼ିଟାକୁ ଥମିବାକୁ ଇସାରା କରିଥିଲି । ଘୋଡ଼ା ପଛକୁ ଯିବ ମାନେ ଢାଲୁ ରାସ୍ତା ଧରି ଘୋଡ଼ା ପଛକୁ ଯିବ – ଅନଭିଜ୍ଞ ସବାରିର ସେଇଟା ପସନ୍ଦ କରିବାର କଥା ନୁହେଁ, ସ୍ୱସ୍ତି ବୋଧ କରିବା କଥା ବି ନୁହେଁ । ମୋର ରାଗ ହେଲା ।

... ଗାଡ଼ିର ଷ୍ଟିଅରିଂରେ ବସିଛନ୍ତି ଜଣେ ମହିଳା । ସେ ଗାଡ଼ି ଚଳାଉଛନ୍ତି । ବୟସ ପଚାଶ କି ପଞ୍ଚାବନ ହେବ । କାନର ଦୁଇପଟେ ପାଚିଲା କେଶ, ହଠାତ୍ ବୁଝା ପଡୁନାହିଁ । ପିନ୍ଧିଛନ୍ତି ଗାଢ଼ ନୀଳ ରଙ୍ଗର ଧଡ଼ି ଥିବା ଧଳା ଶାଢ଼ି । ଦେହର ରଙ୍ଗ ଠିକ୍ କଳା ନୁହେଁ, ଟିକେ ତମ୍ୱାଟିଆ କୁହାଯାଇପାରେ । ନାକରେ ଚକ୍ ଚକ୍ ଧଳା ପଥରର ନାକଫୁଲ । ମୁହଁ ଆଡ଼କୁ ଚାହିଁଲେ ସେଇଟା ଆଗ ଆଖିରେ ପଡ଼େ । ଡାହାଣ ହାତରେ ବେଶ୍ ବଡ଼ ରିଷ୍ଟ ୱାଚ୍ । ମୋତେ ଉପେକ୍ଷା କରି ବେଶ୍ ମିଠା ସ୍ୱରରେ ସଇସକୁ କହିଲେ, 'ଜରା ପିଛେ ହଟା ଲେଯାନା...' ।

ମୁଁ ସଙ୍ଗେ ସଙ୍ଗେ ଟାଙ୍ଗାରୁ ଓହ୍ଲାଇ ଆସିଲି । ଗାଡ଼ି ପାଖକୁ ଆସି ବିନୀତ ଅଥଚ ଗମ୍ଭୀର ସ୍ୱରରେ କହିଲି, 'ଓ କେସେ ପିଛେ କରେଗା, ମେ ଆପ୍‌କୋ ହତା ଦିଖାୟା – ଆପ୍ ନେହିଁ ରୁକେ ଥେ, ଘୋଡ଼େ କେ ପାସ୍ ଗାଡ଼ିକି ଚକ୍କା ହେ ନହିଁ ... ଆପ୍ କ୍ରିପା କର୍‌କେ ଜରା ବ୍ୟାକ୍ କର୍ ଲିଜିଏ –

ମହିଳାଙ୍କ ଆଖି ଯୋଡ଼ିକ ସିଧା ମୋ' ମୁହଁ ଉପରେ । ଅସ୍ୱୀକାର କରିବିନାହିଁ, ସେଇ କେତେକ ମୁହୂର୍ତ୍ତ ଭିତରେ ମୋର କୃଷ୍ଣକଳିର କଳା ଆଖି ଯୋଡ଼ିକ କଥା ମନେ ହେଇଛି । ସତରେ ଭାରି ସୁନ୍ଦର ଟଣା ଟଣା ଆଖି ଯୋଡ଼ିକ । କିନ୍ତୁ ପରମୁହୂର୍ତ୍ତରେ ଜଣାଗଲା, ଭିତରଟା ତାଙ୍କର ଥଣ୍ଡା ବା ସୁନ୍ଦର ନୁହେଁ । ମୋର କଥାବର୍ତ୍ତା ଶୁଣିଲା ପରେ ହୁଏତ ତାଙ୍କର ହିନ୍ଦୀ ପ୍ରତି ଅରୁଚି ଆସିଗଲା । ଗମ୍ଭୀର ଅସହିଷ୍ଣୁ ସ୍ୱରରେ କହିଲେ, ପ୍ଲିଜ୍ ଡୋଣ୍ଟ ୱେଷ୍ଟ ଟାଇମ୍, ଆଇ ଆମ୍ ଇନ୍ ଏ ହରି !

ତା'ପରେ ହିଁ ମହିଳାଙ୍କର ଦୁଇ ଆଖି ଟାଙ୍ଗାବାଲା ଆଡ଼କୁ । ସେ ବିଚରା ଅଧାଅଧି ଓହ୍ଲାଇ ଆସି ମୋର କାର୍ଯ୍ୟ କଳାପ ଦେଖି, ସେଇ ଟାଙ୍ଗା ଉପରେ ହିଁ ଛିଡ଼ା ହେଇଯାଇଛି ।

ଆରେ ଟାଙ୍ଗାବାଲା, ବାତ୍ ଶୁନ୍ ରହାହେ ? ଟାଙ୍ଗା ପିଛେ ହଟାଲୋ – ମୁଝେ ବହତ୍ ଜଲ୍‌ଦି ଯାନା ହେ !

ଜୀ ! ଟାଙ୍ଗାବାଲା ଡେଇଁପଡ଼ି ବ୍ୟସ୍ତ ହେଇ ତା'ର ଘୋଡ଼ାର ଲଗାମ୍ ଧରିଲା, ଆଉ ଅନାୟାସରେ ହଟ୍ ହଟ୍ ଆବାଜ୍ କରି ଢାଲୁର ଉପର ଦେଇ ସୁଦକ୍ଷ ହାତରେ ସେଇ ଆଠ, ନଅ ଗଜ ଘୋଡ଼ା ସହ ଟାଙ୍ଗା ପଛକୁ ଓହ୍ଲାଇ ନେଇଗଲା ।

ସରି ! ମହିଳାଙ୍କ ଗାଡ଼ି ବି ଦ୍ରୁତ ଗତିରେଅଦୃଶ୍ୟ ହେଇଗଲା । ମନେହେଲା କଳା ଆଖିରେ ସାମାନ୍ୟ କୌତୁକର ଆଭାସ ଦେଖିଲି । ମୋର ରାଗ ଯାଇ ପଡ଼ିଲା ସେଇ ବୟସ୍କ ଟାଙ୍ଗାବାଲା ଉପରେ । ପାଖକୁ ଆସି ଗମ୍ଭୀର ଗଳାରେ ପଚାରିଲି, ହୋଟେଲ୍ ଯହାଁ ସେ କିତ୍‌ନା ଦୂର ହେ ?

ବାରିଙ୍କର ରାଗ ଲୋକଟି ବେଶ୍ ବୁଝିପାରିଛି । – ପାଞ୍ଚ, ଛେ ମିଲ୍ ହୋଗା, ଆପ୍ ନାରାଜ୍ ମତ୍ ହୋନା ସାହାବ୍ ...

ହମ୍ ଉନ୍‌କୋ ଗାଡ଼ି ବ୍ୟାକ୍ କରନେ ବୋଲା, ତୁମ୍ କାହେ ଟାଙ୍ଗା ପିଛୁ ହଟାୟା ?

କ୍ୟା କରେ ସରକାର – ଓ ମାତାଜୀ କି ମୋଟର ହେ ନା ... ।

ଲୋକଟିର ମୁହଁରେ ଏ ପ୍ରକାର ସମ୍ଭ୍ରମର କଥା ଶୁଣି ମୁଁ ଅବାକ୍ ହେଇଗଲି । ପଚାରିଲି, ମାତାଜୀ କୌନ୍ ?

ସେଇପରି ସମ୍ଭ୍ରମ ସହକାରେ ସେ ଜବାବ୍ ଦେଲା, ହୀରା ମଞ୍ଜିଲ୍ କି ମାତାଜୀ ସାହାବ୍ !

... ମଞ୍ଜିଲ୍ ଅର୍ଥ ପ୍ରାସାଦ । ହୀରା ମଞ୍ଜିଲ୍ କହିଲେ ହୀରାର ପ୍ରାସାଦ ବା ହୀରା ପ୍ରାସାଦ । ରାଗ ଚାଲିଯାଇ ବର୍ତ୍ତମାନ କୌତୂହଳ । ପଚାରିଲି, ହୀରା ମାତାଜୀ କି ନାମ ହେ ?

ଲୋକଟି ଯାହା ଜବାବ ଦେଲା ତାର ଅର୍ଥ ମାତାଜୀଙ୍କୁ ସେମାନେ ସିର୍ଫ ମାତାଜୀ ବୋଲି ହିଁ ଜାଣନ୍ତି – ନାଁ ବା ଆଉ କିଛି ଜାଣିନାହାନ୍ତି ।

ମୋର ଆଉ ରାଗ ନାହିଁ ଜଣାଇବା ପାଇଁ ପୁଣି ଟାଙ୍ଗାରେ ଚଢ଼ିଲି । କଲ୍‌ଭର୍ଟ ପାରି ହେଇ ଟାଙ୍ଗାବାଲା ତା'ର ଇଚ୍ଛା ଅନୁସାରେ ଚାଲିଲା । ଏଇ ଦିଗଟା ଆହୁରି ନିର୍ଜନ । ପ୍ରାୟ ଅଧଘଣ୍ଟା ପରେ ଟାଙ୍ଗାଟା କଣ୍ଟାତାର ଆଉ ଛାତିଏ ଉଚ୍ଚ ଗଛ ଧାଡ଼ି ଧାଡ଼ି ହେଇ ଗୋଟାଏ ବିରାଟ ଚତ୍ୱର ପାଖରେ ଆସି ଥମିଗଲା । ସାମ୍ନାରେ ଗୋଟାଏ ଲୁହାର ବଡ଼ ଫାଟକ ।

ଟାଙ୍ଗାବାଲା ଓହ୍ଲାଇ ଆସି ଜଣାଇଲା, ଇଏ ମାତାଜୀ କି ହୀରା ମଞ୍ଜିଲ୍ ସାହାବ୍ । ମୁଁ ମଧ୍ୟ ଓହ୍ଲାଇ ଆସିଲି । ଫାଟକ ସାମ୍ନାରେ ଆସି ଛିଡ଼ା ହେଲି । ଗେଟ୍ ଖୋଲା । ସେଇଠି ଟୁଲ୍ ଉପରେ ଜଣେ ଦରୁଆନ୍ ବସି ରହିଛି ।

... ପ୍ରାୟ ତିନି ବିଘା ଜମି ଭିତରେ ଧବ୍ ଧବ୍ ଧଳା ଗୋଟାଏ ଦୋତାଲା ଘର । ତା'ର ସାମ୍ନାରେ ଛୋଟ ଛୋଟ ସୁନ୍ଦର ବଗିଚା ଫଳରେ ଝଲମଲ କରୁଛି । ଘରର ପଛପଟେ ମହେହେଲା ପରିବାପତ୍ର ଓ ଫଳର ବଗିଚା । ଘରଟାର ସମକୋଣ ପୁଣି ତା'ର ସମକୋଣରେ ଅର୍ଥାତ୍ ମୁହାଁମୁହିଁ ବେଶ୍ ଲମ୍ବା ଦୁଇଟା ଅଗଣା । ଧାଡ଼ି ଧାଡ଼ି ଘର । ଭିତର ଅଗଣାରେ ନାନା ବୟସର ଝିଅମାନେ ଯିବା ଆସିବା କରୁଛନ୍ତି । ସେଇଟା ବି ଦେଖାଯାଉଛି । ସେମାନେ ସମସ୍ତେ ଇଉ.ପି.ର ବୋଲି ମନେ ହେଲାନାହିଁ । ଜଣେ ଶ୍ୱେତାଙ୍ଗିନୀଙ୍କୁ ମଧ୍ୟ ଦେଖାଗଲା । ସେମାନଙ୍କର କେହି ବଡ଼ ଘର ଭିତରୁ ବାହାରି ଏକତାଲା ଘରର ଅଗଣା ଆଡ଼କୁ ଯାଉଛି, ଆଉ କେହି ଏକ ତାଲା ଘର ଭିତରୁ ବାହାରି ବଡ଼ ଘର ଆଡ଼କୁ ଯାଉଛି ।

ଗେଟ୍‌ର ଗୋଟାଏ ପଟ କାନ୍ଥରେ ଶ୍ୱେତ ପଥରର ଫଳକରେ ବଡ଼ ବଡ଼ ଅକ୍ଷରରେ କେବଳ ଲେଖା ହେଇଛି ହୀରା ମଞ୍ଜିଲ୍ । ଟିକେ ଅବାକ୍ ଲାଗିଲା ଇଂରାଜୀ ଆଉ ହିନ୍ଦୀରେ ଲେଖା ତଳେ ପୁଣି ବଙ୍ଗଳା ଭାଷାରେ ମଧ୍ୟ ହୀରା ମଞ୍ଜିଲ୍ ଲେଖା ଅଛି ।

ମୁଁ ମନଦେଇ ଦେଖୁଥିବା ଲକ୍ଷ୍ୟ କରି ହୁଏତ ଟୁଲ୍ ଉପରେ ବସିଥିବା ଦରୁଆନ୍ ଉଠି ଆଗେଇ ଆସିଲା । ଗୋଟାଏ ହାତ କପାଳରେ ଛୁଆଁଇ ଅଭିଭାଦନ ଜଣାଇଲା । ଏବଂ କହିଲା, ଯାହାର ଅର୍ଥ ହେଉଛି, ଭିତରେ ଆସି ଦେଖିବାକୁ ହେଲେ ମାତାଜୀଙ୍କ ଅନୁମତି ନେବାକୁ ହୁଏ । ମାତାଜୀ ବାହାରକୁ ଯାଇଛନ୍ତି । ତାଛଡ଼ା ସାଢ଼େ ଛଅଟା ବେଳେ ଫାଟକ ବନ୍ଦ ହେଇଯିବ ।

ଫେରି ଆସିଲି । ଟାଙ୍ଗାବାଲା ତା'ର ଟାଙ୍ଗା ସାମ୍ନାରେ ଛିଡ଼ା ହେଇଛି । ଦରୁଆନ୍ ପାଖରୁ ହୀରାମଞ୍ଜିଲ୍‌ରେ କେଉଁମାନେ ରହନ୍ତି, କ'ଣ ହୁଏ ଏଇଠି, ଏସବୁ ଅନ୍ତତଃ ଜଣାପଡ଼ିଥାଆନ୍ତା । କିନ୍ତୁ ସେ ଚେଷ୍ଟା ନକରି ଟାଙ୍ଗାରେ ଚଢ଼ିଲି । ନିଜର ହିନ୍ଦୀ କହିବାର କ୍ଷମତା ଜାଣିଛି । ରାଗିଯାଇ ହିନ୍ଦୀ କହିଲେ ବି ବର୍ତ୍ତମାନ ଆଉ ସେଇ କଷ୍ଟ ଭିତରେ ପଶିବାକୁ ଇଚ୍ଛା ନାହିଁ । ମୋ ସାଙ୍ଗ ଜୌନପୁରରୁ ଫେରିଲେ ହିଁ ଜଣାପଡ଼ିଯିବ, ନ ଫେରିଲେ ମଧ୍ୟ ଅନ୍ୟ ଲୋକମାନଙ୍କ ମୁହଁରୁ ଜଣାପଡ଼ିଯିବ । ସୁଭାଷ ଗାଙ୍ଗୁଲୀର ଘର ଯେଉଁ ଜାଗାରେ, ସେଇ ହିଉଏଟ୍ ରୋଡ଼ ବହୁତ ଚିହ୍ନା ପରିଚୟ ଲୋକ ମିଳିଯିବେ । ତା'ଛଡ଼ା କାଳୀବାଡ଼ି, ଧର୍ମଶାଳା ବା ରାମକୃଷ୍ଣ ମିଶନ୍‌ରୁ ମଧ୍ୟ ଅନେକ ତଥ୍ୟ ମିଳିପାରିବ । କୌତୂହଳ ମନ ଭିତରେ ଥିଲେ ସବୁ କିଛି ଜଣାଯିବ ।

ଟାଙ୍ଗାରେ ବସି ଫେରୁଥିବା ରାସ୍ତାରେ ଶ୍ୟାମବର୍ଣ୍ଣା ମହିଳାଙ୍କ ମୁହଁଟା ବାରମ୍ବାର ମନେପଡ଼ିଲା । ଭିତରର ମିଜାଜ୍ ଜଣାନଗଲେ ଆଖି ଯୋଡ଼ିକ ଅତି ନମ୍ର ଓ ମନେ ହୁଏ । ମୋତେ କବିତା ଲେଖା ଆସେନା, ସେ ଚେଷ୍ଟା ବି କରେନାହିଁ । ନୂଆ ବୟସର କୌଣସି ମହିଳାଙ୍କର ସେମିତି ଆଖି ଦେଖିଲେ କବିମାନେ କବିତା ଲେଖିବାକୁ ପ୍ରେରଣା ପାଇଥାଆନ୍ତେ ବୋଧହୁଏ ।

କିନ୍ତୁ ମୋର ବିବେଚନାର ଆଖି ଯେମିତି ହେଉ, ଗାଡ଼ି ଡ୍ରାଇଭ୍ କରୁଥିବା ମାତାଜୀଙ୍କର ଆଭିଜାତ୍ୟ ବୋଧ ସହ ଭିତରେ ଭିତରେ ଗର୍ବ ମଧ୍ୟ ଅଛି – ତା' ସହିତ ସ୍ୱାର୍ଥପର ମଧ୍ୟ । ଗାଡ଼ିଟା ଟାଙ୍ଗା ଠାରୁ ଅନେକ ଦୂର ଆଗେଇ ଆସିଲେ ବି ଢାଲୁ ପଥରେ ସେଇଟା ବ୍ୟାକ୍ କରିବା କଠିନ ନୁହେଁ ବା ସମୟ ସାପେକ୍ଷ ବି ନୁହେଁ । ହେଲେ, ଅସୁବିଧା ଦେଖି ବି କେମିତି ଭାବରେ ଟାଙ୍ଗାବାଲାକୁ ଧମକାଇ ପଛକୁ ହଟାଇଦେଲେ । ... ଅବଶ୍ୟ ଯେତେଟା ଅସୁବିଧା ହେବ ଭାବିଥିଲି, ସେତେଟା ହେଇନାହିଁ । କିନ୍ତୁ ମୁଁ ଆଗ ହାତ ଦେଖାଇ ଥମି ଯିବାକୁ ଇସାରା କରିବା ସତ୍ତ୍ୱେ ବି ଏଇପରି ଭାବରେ ଆଗେଇ ଆସିବ । ଆଉ ଆଗ ପାରି ହେବାର ଭବ୍ୟତା ବା ସୌଜନ୍ୟବୋଧ ସାଙ୍ଗରେ ମିଶେନାହିଁ ।

ମୋଟ କଥା, ହୀରାମଞ୍ଜିଲ୍‌ର ମାତାଜୀ ସମ୍ପର୍କରେ ମୋର ଭିତରଟା ଅପ୍ରସନ୍ନ ରହିଗଲା । ହୀରାମଞ୍ଜିଲ୍‌କୁ ଦୂରରୁ ଯେତେ ଟିକେ ଦେଖାଗଲା ସେଥିରେ ରୁଚିର ପରିଚୟ ଅଛି । କିନ୍ତୁ ରୁଚି ସାଙ୍ଗରେ ହୃଦୟ ନମିଶିଲେ ତା'ର ମୂଲ୍ୟ କେତେ ?

**॥ଦୁଇ॥**

ଆମେ କେଉଁଠିକି ବାହାରକୁ ବୁଲିବାକୁ ଗଲେ ଗୋଟିଏ ଯୋଡ଼ିଏ ଚିହ୍ନା ମୁହଁ ନିଶ୍ଚିତ ଆଖିରେ ପଡ଼ିବ ଏହା ସ୍ୱାଭାବିକ କଥା । ମୋର ଅଭିଜ୍ଞତାରେ, ଏଇପରି ହଠାତ୍ ଦେଖା-ସାକ୍ଷାତ୍ ହେଇଗଲେ ଯିଏ ପ୍ରବାସୀ ତା'ର ଆନନ୍ଦ ଆହୁରି ବେଶୀ ହୁଏ । ଆଉ ଯାହାଙ୍କ ସାଙ୍ଗରେ ଦେଖା, ଆନନ୍ଦ ସାଙ୍ଗରେ ସେ ଟିକେ ସ୍ୱସ୍ତି ମଧ୍ୟ ବୋଧ କରନ୍ତି । ଅଜଣା ଜାଗାରେ ପରିଚିତ ମୁହଁ ସର୍ବଦା କାମ୍ୟ ।

କିନ୍ତୁ ଅପ୍ରତ୍ୟାଶିତ ଏପରି ଜଣେ ଲୋକଙ୍କ ସାଙ୍ଗରେ ଦେଖା ହେଇଗଲା ଯାହାଫଳରେ ମୋର ଅନୁଭୂତିଟା ଠିକ୍ ଓଲଟା ହେଇଗଲା । ମୁଁ ତାଙ୍କୁ ଆଗ ଦେଖିଥିଲେ ତାଙ୍କ ଅଗଚୋରରେ ନିଃଶବ୍ଦରେ ଆଡ଼େଇ ଯିବାକୁ ଚେଷ୍ଟା କରିଥାଆନ୍ତି । ... ଏଇ ଯୋଗାଯୋଗ ତା'ପରଦିନ ଉପରବେଳା । ସକାଳେ ଆଗଦିନ ସେଇ ଟାଙ୍ଗା ନେଇ ପାଖାପାଖି ଟିକେ ସାଇଟ୍ ସିଂ ଶେଷ କରିଆସିଛି । ଉପରବେଳା ଏମିତି ବୁଲାବୁଲି କରୁ କରୁ, ଘରଦ୍ୱାର ଦେଖୁ ଦେଖୁ, ଏଇ ଚୌକ ବଜାର ଆଡ଼କୁ ଚାଲି ଆସିଛି । ଏଇ ବଜାର କୁଆଡ଼େ ଏଠିକାର ସବୁଠାରୁ ବଡ଼ ବଜାର । ମୋର କିଣାକଟା କରିବାର କିଛି ନାହିଁ । ଫୁଟ୍‌ପାଥ୍‌ରେ ଲୋକଙ୍କ ଭିଡ଼, ରାସ୍ତାରେ ଗାଡ଼ି ଯିବା ଆସିବା ବେଶୀ, ଦୋକାନମାନଙ୍କରେ କିଣା-ବିକାର ବ୍ୟସ୍ତତା । ମୁଁ ଏଇସବୁ ଦେଖୁ ଦେଖୁ ଗୋଟାଏ ଦିଗର ଫୁଟ୍‌ପାଥ୍‌ରେ ନିଃଶବ୍ଦରେ ଚାଲିଛି ।

ସାମ୍ନା ଦୋକାନରୁ ଚକ୍ ଚକ୍ ପ୍ୟାଣ୍ଟ କୋର୍ଟ ପିନ୍ଧିଥିବା ଜଣେ ମୋଟା ଭଦ୍ରଲୋକ ମୋର ପୂରା ମୁହାଁମୁହିଁ । ବାଟ କାଟି ଯିବା ପାଇଁ ବ୍ୟସ୍ତତା ଥିଲେ ବି ଥମ୍‌କି ଛିଡ଼ା ହେଇଗଲେ । ପାଦ ଠାରୁ ମୁଣ୍ଡ ଯାଏଁ ଥରେ ଦେଖିଲେ । ପ୍ରବାସରେ ମୁଁ ସବୁବେଳେ ପାୟଜାମା ଓ ପଞ୍ଜାବି ପିନ୍ଧେ । ଶୀତ ଦିନରେ ପାୟଜାମା ଆଉ ଗରମ ପଞ୍ଜାବି ଆଉ ଚାଦର । ଏଇ କେତେକ ମୁହୂର୍ତ୍ତ ପର୍ଯ୍ୟବେକ୍ଷଣ କରିବାର ଉଦ୍ଦେଶ୍ୟ ମୁଁ ବଙ୍ଗାଳୀ କି ନା ଜାଣିବାର ଚେଷ୍ଟା ।

ପ୍ରଥମ ଦର୍ଶନରେ ମୋର ବି ଏଇ ଲୋକଙ୍କୁ ବଙ୍ଗାଳୀ ମନେ ହେଇନାହିଁ । ଦେହର ରଙ୍ଗ ଗୋରା ତକ୍ ତକ୍, ଲମ୍ବା କିନ୍ତୁ ଭାରୀ ଚେହେରା ପାଇଁ ବିଶେଷ ବୁଝାଯାଉନି । ଡାହାଣ ପଟ କାନରୁ ବେକ ଯାଏଁ ପ୍ରାୟ ଚାରି ଆଙ୍ଗୁଳି ଚଉଡ଼ା ନିଆଁରେ ପୋଡ଼ି ହେଇଥିବା ଶୁଖିଲା କ୍ଷତଚିହ୍ନ । ଚାହିଁଲେ ହିଁ ସେଇ କଦର୍ଯ୍ୟ କ୍ଷତର ଦାଗଟା ଆଖିରେ ଧକ୍କା ଦିଏ । କିନ୍ତୁ ପରସ୍ପର ପର୍ଯ୍ୟବେକ୍ଷଣର ଏଇ କେତେକ ମୁହୂର୍ତ୍ତ ଭିତରେ ମୋର ମଧ୍ୟ ସ୍ମୃତିର ପର୍ଦ୍ଦା ଟିକେ ହଲ୍‌ଚଲ୍ ହେଇଗଲା ।

ଏଇ ସମୟ ଭିତରେ ଲୋକଜଣକର ଆଖି ମୁହଁ ଉଦ୍ଭାସିତ । – ମାଫ୍ କିଜିଏ ... ଆପ୍ ... ଧେତ୍, ତୁମେ ଆମର ସେଇ ଲେଖକ ଦି ଗ୍ରେଟ୍ ନା ? କ୍ୟା ତାଜୁବ୍ କି ବାତ୍ ... କହୁ କହୁ ଖୁସୀରେ ଭଦ୍ରଲୋକ ଏତେ ଲୋକ ଯିବା ଆସିବା କରୁଛନ୍ତି ସେ ଦୃଷ୍ଟିକୁ ତୁଚ୍ଛ କରି ହାତରେ ଧରିଥିବା ବିରାଟ ପ୍ୟାକେଟ୍ ସହ ମୋତେ ଛାତିରେ ଜାବୁଡ଼ି ଧରିଲେ । କିନ୍ତୁ ସେଇ ଅବସ୍ଥାରେ ମୁଁ ବି ସ୍ମୃତିର କବାଟ ଖୋଜି ବୁଲୁଛି । ... ହଁ, କେହିଜଣେ ଦିନେ ମୋତେ ଏଇ ନାଁରେ ଡାକୁଥିଲେ –

କିନ୍ତୁ –

ମୋ ପିଠି ଉପରୁ ତାଙ୍କର ହାତ ହୁଗୁଳିବା ପରେ ଦେଖିଲି ତାଙ୍କର ଗୋରା ମୁହଁରେ ଆନନ୍ଦର ଧାରା ।

ସଙ୍ଗେ ସଙ୍ଗେ କହି ଉଠିଲେ, ଏତେ କାଳ ପରେ ବି ମୁଁ ଦେଖି ଚିହ୍ନିପାରିଲି, ଆଉ ତୁମେ ମୋତେ ଏବେବି ଚିହ୍ନି ପାରିଲନାହିଁ ?

ସଙ୍ଗେ ସଙ୍ଗେ ମୋର ମନେ ପଡ଼ିଲା । – ଅଚ୍ୟୁତ ...

ଆନନ୍ଦରେ ମୁଣ୍ଡ ଝାଙ୍କି ଦେଲେ । ଆଖପାଖର ଲୋକବାକଙ୍କୁ ଖାତିର ନାହିଁ । କହି ଉଠିଲେ, ଜୀ ହାଁ ... ତୁମ୍ଭମାନଙ୍କର ଚକ୍ଷୁଶୂଳ ସେଇ ଚୁ–ଆ ଘୋଷ ଚୌଧୁରୀ !

ମୁଁ ସଚକିତ ହେଇ ଏପଟ ସେପଟ ଚାହିଁଲି । ପ୍ରାୟ ଚାଳିଶ ବର୍ଷ ଫରକର ସେଇ ଆମେ ଆଉ ଆଜିକାର ଏଇ ଆମ୍ଭମାନଙ୍କ ଭିତରେ କେତେ ତଫାତ୍, ତାଙ୍କର କଥା ଶୁଣିବା ମାତ୍ରେ ଅନୁଭବ କରିପାରିଲି । କିନ୍ତୁ ଏଇପରି ଗୋଟାଏ ଅଶ୍ଳୀଳ ନାଁ ମୋ ମୁହଁରୁ ଅନ୍ତତଃ ସେଇ ବୟସରେ ବି ବାହାରିନାହିଁ । ଅସଲ କଥା ହେଲା ସେଇ ନାଁର ଅଳଂକରଣ ତାଙ୍କର ନିଜର । ତାଙ୍କ ଉପରେ ରାଗ ବା କ୍ଷୋଭର କାରଣ ଘଟିଲେ (ଯାହା ହମେସା ଘଟୁଥିଲା) ସେତେବେଳେ ଆଡୁଆଳରେ ଅନ୍ୟମାନଙ୍କ ମୁହଁରେ ବି ସେଇ ନାଁ ଶୁଣା ଯାଉଥିଲା । ଆଡୁଆଳର କାରଣ, ହଷ୍ଟେଲ୍‌ର ସହପାଠୀମାନଙ୍କ ଭିତରେ ବେଶୀ ଭାଗ ପିଲା ତାଙ୍କୁ ଅପସନ୍ଦ ତ କରୁଥିଲେ, ଭୟ ବି କରୁଥିଲେ । ଅପସନ୍ଦ ବୋଧହୁଏ ମୁଁ ହିଁ ସବୁଠାରୁ ବେଶୀ କରୁଥିଲି । ଛାଡ଼, ଏଇ ବୟସରେ ମଧ୍ୟ ଅଚ୍ୟୁତ ଘୋଷ ଚୌଧୁରୀଙ୍କ ମୁହଁରେ ଅତି ସହଜରେ ସେଇ ଅଶ୍ଳୀଳ ଶବ୍ଦଟା ବାହାରି ଆସିଲା ଦେଖି ମୁଁ ଭାରି ଅସ୍ୱସ୍ତି ବୋଧ କଲି ।

ଏହାପରେ ହିଁ ତାଙ୍କର ପ୍ରଶ୍ନବାଣରେ ପଡ଼ିଗଲି ।

ମୁଁ ଏଇଠି କାହିଁକି ? ଏଇଠି ମୋର କିଏ ଅଛନ୍ତି ? କେବେ ଆସିଛି ? କାହିଁକି ଆସିଛି ? କେତେଦିନ ରହିବି ? କେଉଁଠି ରହିବାର ବ୍ୟବସ୍ଥା ହେଇଛି, ଇତ୍ୟାଦି ।

ଧୀରେ ଧୀରେ ସବୁ କଥାର ଜବାବ ଦେଲି । ସେଇ ଫାଙ୍କରେ ଟିକେ ପୂର୍ବେ ଯେଉଁ ଦୋକାନରୁ ଗୋଟାଏ ବଡ଼ ପ୍ୟାକେଟ୍ ଧରି ଅଚ୍ୟୁତ ଘୋଷ ଚୌଧୁରୀ ବାହାରିଥିଲେ ତା'ର ସାଇନ୍ ବୋର୍ଡ ଆଉ ଭିତରେ ଥିବା ଜିନିଷଟା ଲକ୍ଷ୍ୟ କରିଛି । ବିରାଟ ମଦ ଦୋକାନ ଗୋଟାଏ । ତାହେଲେ ତାଙ୍କ ହାତରେ କାଗଜରେ ମୋଡ଼ା ଥିବା ପ୍ୟାକେଟ୍‌ଟା ଆଁଚ କରିବା ଅତି ସହଜ । ଏତେ ବଡ଼ ପ୍ୟାକେଟ୍ – ଅତି କମ୍‌ରେ ଚାରିଟା ବୋତଲ ଅଛି । ଏଇ ଜିନିଷ ପ୍ରତି ମୋର କିଛି ମାତ୍ର ଦୁର୍ବଳତା ନାହିଁ କହିଲେ ସତ୍ୟର ଅପଳାପ ହେବ । କିନ୍ତୁ ସେଇ କଲେଜରେ ପଢ଼ିବା ସମୟରୁ ଅଚ୍ୟୁତ ଚୌଧୁରୀଙ୍କ ଏଇ ଜିନିଷ ଚାଲୁଥିଲା । ଆମ୍ଭେମାନେ ସେତେବେଳେ ତାଙ୍କ ସାଙ୍ଗରେ ସେଇ ବସ୍ତୁଟିକୁ ପରିହାର କରିଚାଲୁଥିଲୁ ।

ଦୀର୍ଘ ଚାଳିଶ ବର୍ଷରେ ମଣିଷଟି କେତେ ବଦଳିଛନ୍ତି ମୋର କୌଣସି ଧାରଣା ନାହିଁ । ଏଇପରି ଭାବରେ ଯୋଗାଯୋଗ ଫଳରେ ନିଜର ପ୍ରାଥମିକ ମନୋଭାବର ପୁନରୁକ୍ତି କରିବିନାହିଁ । ସେଇଟା ପ୍ରଥମରୁ କହିଛି । କିନ୍ତୁ ପ୍ରବାସର ଏଇ ଜନାରଣ୍ୟରେ ମୋତେ ଆବିଷ୍କାର କରିପାରିଥିବାରୁ ମଣିଷଟି ଆଖିରେ ଯେଉଁ ନିର୍ଭେଜାଲ୍ ଖୁସୀର ଉଚ୍ଛ୍ୱାସ ଦେଖୁଛି, ମୁଁ ଏତେ ବେଶୀ ଆଶା କରିନାହିଁ । ଚାଳିଶ ବର୍ଷ କିଛି କମ୍ ନୁହେଁ, ବଦଳିଯିବା ବି କିଛି ଅଂଶରେ ଅସ୍ୱାଭାବିକ୍ ମଧ୍ୟ ନୁହେଁ । ଅଚ୍ୟୁତ ମୋର ସମବୟସୀ, କଲେଜର ସହପାଠୀ । ସତର ଠାରୁ ଏକୋଇଶ–ଏଇ ଚାରିବର୍ଷ ଗୋଟିଏ ହଷ୍ଟେଲ୍‌ରେ ପାଖାପାଖି ରହିଛି । ମୋର ବର୍ତ୍ତମାନ ଏକଷଠି ବର୍ଷ ଚାଲୁଛି, ତାଙ୍କର ବି ସେଇଆ ହେବ । ଏକୋଇଶ ବର୍ଷର ସେଇ ଆମ୍ଭେମାନେ ଏକଷଠି ବର୍ଷର ଆମ୍ଭମାନଙ୍କ ଭିତରେ ଏକରକମ ହେଇରହିପାରୁନା । କିନ୍ତୁ ଚାଳିଶ ବର୍ଷ ପରେ ଦେଖା ହେଲେ ସେଇ ଏକୋଇଶ ବର୍ଷଟାକୁ ହିଁ ମନେପଡ଼େ – ଫଳରେ କେତେ ପରିମାଣରେ ବଦଳିବା ସମ୍ଭବ ସେଇ ପ୍ରଶ୍ନ ମନ ଭିତରେ ଉଙ୍କି ମାରେ ।

ଅବଶ୍ୟ ଏଇ ଦେଖାଟା ଚାଳିଶ ବର୍ଷ ପରେ ନୁହେଁ । ଏକୋଇଶ ବର୍ଷ ବୟସରେ ଅର୍ଥାତ୍ ଆମର ଫାଇନାଲ୍ ଡିଗ୍ରୀ ପରୀକ୍ଷାର କେତେ ମାସ ପୂର୍ବେ ତାଙ୍କୁ ହଷ୍ଟେଲ୍ ଛାଡ଼ିବାକୁ ହେଇଥିଲା । ମିଶନାରି ହଷ୍ଟେଲ୍‌ରେ ବସି ତାଙ୍କର ମଦ ପିଇବା ଧରା ପଡ଼ିବାରୁ ଶ୍ୱେତାଙ୍ଗ ଫାଦର ସୁପରିନ୍‌ଟେଣ୍ଡେଣ୍ଟ ତାଙ୍କୁ ତଡ଼ିଦେଇଥିଲେ । ଗୋଟିଏ ରାତି ବି ତାଙ୍କୁ ରହିବାକୁ ଦେଇନାହାନ୍ତି । ସେତେବେଳେ ପାଖାପାଖି ଗୋଟାଏ ରଦ୍ଦି ହୋଟେଲ୍‌ରେ ରହିଥିଲେ ସେ । ଏହା ସତ୍ତ୍ୱେ ବି ବି.ଏ.ଟା ମୋଟାମୋଟି ଭଲ ଭାବରେ ପାଶ୍ କରିଥିଲେ । ଅନର୍ସ ମଧ୍ୟ ପାଇଥିଲେ । ଏଇ ସମୟରେ କେବଳ କଲେଜରେ ଦେଖାହେଉଥିଲା । ତା'ପରେ ସେ ଠିକଣା ବଦଳାଇଛନ୍ତି । ପାଠ ପଢ଼ା ମଧ୍ୟ ଛାଡ଼ି ଦେଇଛନ୍ତି । ହଠାତ୍, ହଠାତ୍ ଗୋଟାଏ ଗୋଟାଏ ଜାଗାରେ ଦେଖା ହେଇଯାଉଥିଲା । ଦି ଚାରିଟା କଥା ପରେ ହିଁ ମୁଁ ତାଙ୍କୁ ଏଡ଼ାଇ ଚାଲି ଆସିବାକୁ ଚେଷ୍ଟା କରୁଥିଲି । କଲେଜରେ ପଢ଼ିବା ବେଳେ ହିଁ ଅଚ୍ୟୁତ ଘୋଷ ଚୌଧୁରୀ ରାଜନୀତିର ଉଗ୍ର ସମଝଦାର୍ ହେଇ ଉଠିଥିଲେ । ଏଇଟା ବି ମୋତେ କେବେ ହେଲେ ଭଲ ଲାଗୁନଥିଲା । ତାଛଡ଼ା ସେଇ ପରାଧୀନତାର ସମୟରେ ଅଚ୍ୟୁତ ଘୋଷ ଚୌଧୁରୀଙ୍କ ରାଜନୀତି କହିଲେ କଳିଝଗଡ଼ା, ହାତାହାତି, ମରାମରି ।

ତାଙ୍କ ସାଙ୍ଗରେ ମୋର ଶେଷ ଦେଖା ହେଇଥିଲା ମେଟ୍ରୋ ସିନେମା ସାମ୍ନାରେ । – ଯେତେଦୂର ସମ୍ଭବ ସେଇଟା ଅଣଚାଶ ସାଲ୍, ସେତେବେଳେ ଆମର ବୟସ ଥିଲା ଅଣତିରିଶ ବର୍ଷ । ସାଲଟା ମନେ ପଡ଼ିବାର ଗୋଟାଏ ବିଶେଷ କାରଣ ଅଛି । ସେତେବେଳ ଯାଏଁ ଅଚ୍ୟୁତ ଘୋଷ ଚୌଧୁରୀ କଂଗ୍ରେସର ଉଗ୍ରପନ୍ଥୀ ଦଳର ଜଣେ ଥିଲେ । ମଝିରେ ମଝିରେ ତାଙ୍କର ନାଁ କାଗଜରେ ବି ଦେଖାଯାଉଥିଲା । କାରଣ ଏଠାକାର ମୁଖ୍ୟମନ୍ତ୍ରୀ ସେତେବେଳେ ସ୍ମରଣୀୟ ପୁରୁଷ ବିଧାନଚନ୍ଦ୍ର ରାୟ । ସେଇ ଅମଳରେ କଂଗ୍ରେସର କୌଣସି ବିଧାନର ପ୍ରତିବାଦ ଦଳ ଭିତରେ କେହି ବି କରୁନଥିଲେ । ଏଇ ବୈଶିଷ୍ଟ୍ୟ ପାଇଁ କାଗଜବାଲା ବେଳେ ବେଳେ ତାଙ୍କ ନାଁ ଛାପୁଥିଲେ । କିନ୍ତୁ ସେଥର ଦକ୍ଷିଣ

କୋଲକାତାରେ ଗୋଟାଏ ଉପନିର୍ବାଚନ ଉପଲକ୍ଷେ ହଇଚଇ ପଡ଼ିଯାଇଥିଲା, ଆଉ କଂଗ୍ରେସରେ କିଛି ସଙ୍କଟ ଦେଖାଦେଇଥିଲା । ସେଇ ନିର୍ବାଚନରେ ପ୍ରାର୍ଥୀ ହେଇଥିଲେ ଶରତ ଚନ୍ଦ୍ର ବସୁ । ଶରତ ବାବୁ ଏହା ପୂର୍ବେ କଂଗ୍ରେସରୁ ବାହାରି ଆସି ରିପବ୍ଲିକାନ୍ ସୋସାଲିଷ୍ଟ ପାର୍ଟି ଗଠନ କରିଥିଲେ – ଉପନିର୍ବାଚନରେ କଂଗ୍ରେସର ବିପକ୍ଷରେ ସେ ନିଜେ ଥିଲେ କ୍ୟାନ୍‌ଡିଡେଟ୍ । ଉପନିର୍ବାଚନ ଉପଲକ୍ଷେ କଂଗ୍ରେସ ବିରାଟ ସଭା ଡାକିଥିଲା ଦେଶପ୍ରିୟ ପାର୍କରେ । କିନ୍ତୁ ମରାମତି ଆଉ ଝମେଲା ପାଇଁ ସଭା ବନ୍ଦ ହେଇଯାଇଥିଲା । ଜନସଭାରେସେଇ ପ୍ରଥମ ଆସିଡ୍ ବଲ୍‌ବ ଆଉ ଇଟା ଫୋପଡ଼ାର ତାଣ୍ଡବ ଲୀଳା ଚାଲିଥିଲା । ଚରମ ଅରାଜକତା ଭିତରେ ସେଇ ସଭା ପଣ୍ଡ ହେଇଯାଇଥିଲା । ପୋଲିସ ଗୁଳି ମାରେ । ଜବାବରେ ବୋମା ପଡ଼େ । ପୋଲିସର ଗୁଳିରେ ଜଣେ ନିହତ ହୁଅନ୍ତି ।

ଜନସଭାରେ ଏତେ ବଡ଼ ଝମେଲା, ଏଇ ପ୍ରଥମ ଘଟଣା – ସବୁ କାଗଜରେ ପ୍ରଥମ ପୃଷ୍ଠା ଅଂଳକୃତ କରିଥିଲା । ଏହା ସହିତ ପୋଲିସ ଯେଉଁମାନଙ୍କୁ ଗିରଫ୍‌ତାର କରିଥିଲେ, ସେମାନଙ୍କ ନାଁ ବି ଛପା ହେଇଥିଲା । ସେଇ ତାଲିକାରେ ଅଚ୍ୟୁତ ଘୋଷ ଚୌଧୁରୀଙ୍କର ନାଁ ବି ଥିଲା ।

ଏଇ ଘଟଣାର କିଛି ଦିନ ପରେ ହିଁ ମେଟ୍ରୋ ସିନେମା ସାମ୍ନାରେ ତାଙ୍କ ସାଙ୍ଗରେ ମୋର ଦେଖା । ଜେଲ୍‌ରୁ ମୁକ୍ତି ପାଇଛନ୍ତି ଦେଖି ଅବାକ୍ ହେଇନାହିଁ । ପ୍ରଥମତଃ ଏତେ ବଡ଼ ଲୋକଙ୍କ ପୁଅକୁ ସାହାଯ୍ୟ କରିବା ପାଇଁ ମଣିଷ ସବୁବେଳେ ବାହାରେ ଥାଆନ୍ତି । ଦ୍ୱିତୀୟତଃ, ନିଜ ଦଳର ଲୋକଙ୍କ ପ୍ରତି ବିଧାନରାୟ ଅନୁଦାର ନଥିଲେ । ବିଧାନ ରାୟ ସ୍ୱୟଂ ତାଙ୍କୁ ନ ଚିହ୍ନିଲେ ବି ତାଙ୍କର ହେଇ ଓକାଲତି କରିବାର ଲୋକ ଅଭାବ ହେବା କଥା ନୁହେଁ ।

... ଦେଖା ହେବାରୁ ମୁଁ ହସି ଦେଇ ପଚାରିଲି, ବର୍ତ୍ତମାନ କେଉଁ ଦଳରେ ?

ଘୋଷ ଚୌଧୁରୀ ମଧ୍ୟ ସାଙ୍ଗେ ସାଙ୍ଗେ ଉତ୍ତର ଦେଇଥିଲେ, ଆପାତତଃ ସ୍ୱ-ଦଳରେ, ଯାହାର ସଭ୍ୟ ଏକମାତ୍ର ମୁଁ ଏକଲା ।

ସଙ୍ଗେ ସଙ୍ଗେ ପୁଣି କ'ଣ ଗୋଟାଏ ମନେପଡ଼ିବାରୁ ସଚକିତ ହେଇ ତିନିଯୁଗ ପରେ ଏଇ ଅଚ୍ୟୁତ ଘୋଷ ଚୌଧୁରୀ ଆନକୁ ଚାହିଁଲେ । ଠିକ୍ ତାଙ୍କ ଆଡ଼କୁ ନୁହେଁ । ଡାହାଣ ପଟର ଗାଲ ଓ ବେକରେ ଥିବା ଶୁଖିଲା ବିଭତ୍ସ ପୋଡ଼ା ଦାଗଟା ଆଡ଼କୁ । ... ହଁ, ଠିକ୍ ତା'ପରବର୍ଷ, ଅର୍ଥାତ୍ ପଚାଶ ସାଲର ଶେଷରେ କାଗଜରେ ଗୋଟାଏ ରୋମାଞ୍ଚକର ଖବର ବାହାରିଥିଲା । ସେଇ ଅଘଟଣରେ ଗୋଟିଏ ଝିଅର ମୃତ୍ୟୁର ଖବରଥିଲା । ଆଉ ସଙ୍କଟାପନ୍ନ ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାହେଇଛି ଏଇପରି ଜଣେ ପୁରୁଷଙ୍କ ନାଁ ଥିଲା । ସେଇ ନାଁ ଅଚ୍ୟୁତ ଚୌଧୁରୀଙ୍କର । ଏହା କିଚିଦିନ ପରର ପ୍ରସଙ୍ଗ ।

ମୋର କୌଣସି କଥାରେ କାନ ନଦେଇ ଅଚ୍ୟୁତ ଘୋଷ ଚୌଧୁରୀ ମୋତେ ଫୁଟ୍‌ପାଥ୍ ପାଖରେ ଗୋଟାଏ ସେକାଳର ଅଷ୍ଟିନ୍ ଗାଡ଼ି ଆଡ଼କୁ ଟାଣି ନେଇଗଲେ । ଏଇପରି ଗୋଟାଏ ସୁନ୍ଦର ସହରରେ ଏମିତି ଗାଡ଼ି ମୋଟେ ମାନେନା । ଝରକା ବାଟେ ପଛ ସିଟ୍‌ରେ ପ୍ୟାକ୍ ହେଇଥିବା ମଦର ବାକ୍ସ ଗୁଡ଼ାକ ଫୋପାଡ଼ି ଦେଲେ । ମୋତେ ସାମ୍ନାରେ ଠେଲି ବସାଇଦେଇ ନିଜେ ଷ୍ଟିଅରିଂ ଧରିଲେ । ଗାଡ଼ି ଚାଲିବାକୁ ଆରମ୍ଭ କରିବାରୁ ଗାଡ଼ିର ଗର୍ଜନ ଆଉ ଝମ୍ ଝମ୍ ଆବାଜ୍ ଶୁଣି ମନେହେଲା, ତା'ର ପରମାୟୁ ଶେଷ ହେଇଆସିଛି । ଆଉ ଗାଡ଼ି ଦେଖି ଏହା ବି ମନେହେଲା ଗୋଟାଏ କାଳରେ କୃଷ୍ଣନଗରରେ ନାମକରା ଜମିଦାରଙ୍କ ଏକମାତ୍ର ତନୟ ଅଚ୍ୟୁତ ଚୌଧୁରୀଙ୍କର ସେଇଦିନ ଆଉନାହିଁ । ସେମାନଙ୍କର ପ୍ରାସାଦ ଓଲାଇଲେ କୁଆଡ଼େ ସୁନା ମିଳୁଥିଲା । ସେଇ ସୁନା ହୁଏତ ଏତେ କାଳ ପରେ ନିଃଶେଷ ହେଇଯାଇଛି । ତେବେ ବେଶ ପୋଷାକରେ ଚଟକ ଅଛି । ମୋଟ କଥା, ମୁଁ ହେଲେ ଏଇ ସହରରେ ଏମିତି ଗାଡ଼ି ଚଲାଇବାକୁ ଲଜ୍ୟା ପାଇଥାଆନ୍ତି ।

କିନ୍ତୁ ଅଚ୍ୟୁତ ଚୌଧୁରୀ କେବେହେଲେ କୌଣସି ଲାଜ ଲଜ୍ୟାର ପାଖକୁ ମାଡୁନଥିଲେ । ଏବେବି ସେଥିପାଇଁ ଗାଡ଼ିଟା ଆବାଜ୍ କରି ଚାଲିବା ଆରମ୍ଭ କରିବାରୁ ନିଜେ ହିଁ ହସି ଆଶ୍ୱସ୍ତ କଲେ ମୋତେ, ଗାଡ଼ି ଦେଖି ଘାବୁରି ଯାଅନାହିଁ – ଏବେବି ଏହାର ବହୁତ ହିମ୍ମତ ଅଛି । ଦିନରେ କମ୍ ଦୌଡ଼େନାହିଁ, ଜନିଓ୍ୱାକର୍ – ଷ୍ଟିଲ୍ ଗୋଇଁ ଷ୍ଟ୍ରଙ୍ଗ୍ ।

... ଅସ୍ୱୀକାର କରିବିନାହିଁ, ଚିହ୍ନିବାର ପ୍ରଥମ ପର୍ବରେ ଭିତରର ଅନୁଭୂତିଟା ହଠାତ୍ ଯେମିତି ବିମୁଖ ହେଇଯାଇଥିଲା – ଲୋକଟିର ଅନ୍ତରଙ୍ଗ ହସଖୁସୀର ଛୁଆଁରେ ବର୍ତ୍ତମାନ ଆଉ ସେମିତି ଲାଗୁନାହିଁ । ଏଇ ଖୁସୀ ବା ଉଚ୍ଛ୍ୱାସ କୃତ୍ରିମ ହେଲେ ଧରାପଡ଼ିବ ହିଁ ପଡ଼ିବ । ହସି କହିଲି, ତାଛଡ଼ା ଭିନ୍‌ଟେସ୍ କାର୍‌ର ଗୋଟାଏ ଐତିହ୍ୟ ବି ତ ଅଛି ... ।

ଗୋଟାଏ ହାତରେ ଷ୍ଟିଅରିଂ ଧରି ଅନ୍ୟ ହାତରେ ମୋର ପିଠି ଚାପୁଡ଼ି ଦେଲେ ଅଚ୍ୟୁତ ।

– ରାଇଟ୍ । ଏ ଗାଡ଼ିଟା ଅନେକଙ୍କର ଚକ୍ଷୁଶୂଳ, କିନ୍ତୁ ମୋର ପ୍ରେମିକ – ରାସ୍ତା ଘାଟରେ ମୋତେ କେବେବି ହଇରାଣ କରେନାହିଁ ।

ମୁଁ ସଙ୍ଗେ ସଙ୍ଗେ ସତର୍କ କରିଦେଲି, ରାସ୍ତାରେ ଭିଡ଼ ଦେଖୁଛି, ଦୁଇ ହାତରେ ଷ୍ଟିଅରିଂ ଧର । କହିବାରୁ ସେ ହସି ଉଠିଲେ – ଏତେ ନାମକରା ଲେଖକ ହେଇ ମଧ୍ୟ ତୁମେ ଆଗପରି ଭୀରୁ ଅଛ ଦେଖୁଛି !

ଏଇ କଥା ଶୁଣିବା ମାତ୍ରେ ମୋର ଅବାକ୍ ହେବାର କାରଣକୁ ବି ସେ ଖିଆଲ କଲେନାହିଁ । ମୋର ଧାରଣା ସାହିତ୍ୟ ବା ନାଟକ ନଭେଲ ସାଙ୍ଗରେ ଯାଙ୍କର କେବେହେଲେ ମାନସିକ ଯୋଗ ରହିବା କଥା ନୁହେଁ । କଲେଜରେ ପଢ଼ିବା ବେଳେ ସାହିତ୍ୟ ନେଇ ମୁଁ ମୁଣ୍ଡ ଖେଳାଉଥିଲି, ଆଉ କେତେବେଳେ ଟିକେ ଅଧେ ମକ୍ସ ବି କରୁଥିଲି । ସେଇଟା ଅଚ୍ୟୁତ ପାଖରେ ଥଟ୍ଟାର ବିଷୟ ଥିଲା, ସେ ସେତେବେଳେ ମୋତେ ଲେଖକ ଦି ଗ୍ରେଟ୍ ବୋଲି ଟିପ୍ପଣୀ କାଟୁଥିଲେ ।

କିନ୍ତୁ ଚାଳିଶ ବର୍ଷ ପରେ ଏଇ ଉକ୍ତି ଥଟ୍ଟା ବି ନୁହେଁ ଟିପ୍ପଣୀ ବି ନୁହେଁ । ପୂରାପୂରି ଭାବରେ ମୋର ଲେଖକ ଜୀବନରେ ପଦାର୍ପଣ ଖବର ଅନ୍ତତଃ ରଖନ୍ତି । ନହେଲେ ଏଇପରି କହିପାରିନଥାଆନ୍ତେ । ପଚାରିଲି, ତୁମେ ଏଇଠି କେତେଦିନ ?

ପ୍ରାୟ ନଅ ଦଶ ବର୍ଷ ହେବ ... ।

ମୁଁ ଟିକେ ଅବାକ୍ ହେଇ ପଚାରିଲି, ତାହେଲେ ମୁଁ ଯେ ନାମଜାଦା ଲେଖକ ଏଇଠି ବସି ତୁମେ ଜାଣିଲ କେମିତି ?

ବର୍ତ୍ତମାନର ଏଇ ଅଚ୍ୟୁତ ଚୌଧୁରୀଙ୍କ ମୁହଁର ହସଟା ସହଜରେ ଦେଖାଦିଏ, ଲକ୍ଷ୍ୟ କରି, ମୁଣ୍ଡ ଝାଙ୍କି ଦେଇ ଉତ୍ତର ଦେଲେ, ଗୋଲାପର ବାସ୍ନା କ'ଣ ଚାପି ରଖିଲେ ଚାଲିଯାଏ – ନିଜେ ହିଁ ବିକିରଣ କରେ । ତୁମର କଥା ଭାବି ମୋତେ ବହୁତ ଅବାକ୍ ଲାଗେ ... ଅଳ୍ପ ବୟସରେ ଆଜେ ବାଜେ ଥାର୍ଡକ୍ଲାସ୍ ଗଳ୍ପ ଲେଖୁଥିଲ – ସେଇ ତୁମେ ଏମିତି ହଠାତ୍ ଉଚ୍ଚକୁ ଉଠିଗଲ ! ... ଅବଶ୍ୟ ଏବେ ସେଇ ଥାର୍ଡକ୍ଲାସ୍ ଲେଖା ଲେଖୁଛ କି ନାହିଁ ଠିକ୍ ଜାଣେନା, ତୁମର ଦୁଇ ଚାରିଖଣ୍ଡ ବହି ପଢ଼ିବାକୁ ଚେଷ୍ଟା କରିଛି, କିନ୍ତୁ ତୁମେ ବୋଲି ନୁହେଁ, ଯେକୌଣସି ରଥୀ-ମହାରଥୀ ଲେଖକଙ୍କ ବହି ନେଇ ଶୋଇଲେ ହିଁ ପାଞ୍ଚ ପୃଷ୍ଠାରୁ ବେଶୀ ଆଉ ଆଗେଇପାରେନାହିଁ, ଶୋଇପଡ଼େ । ସବୁବେଳେ ପୁଣି ନୂଆ କରି ଆରମ୍ଭ କରିବାକୁ ହୁଏ । ତେବେ ତୁମର ଗପର ଚିତ୍ର ମୋଟାମୋଟି ଭଲ ଲାଗିଛି ।

... ଆଶ୍ଚର୍ଯ୍ୟ, ମୋ ଜୀବନରୁ ଅଚ୍ୟୁତ ଘୋଷ ଚୌଧୁରୀ ନାମକ ଗୋଟିଏ ମଣିଷ ପୂରା ହଜି ଯାଇଥିଲେ, ଅଥଚ ସେଇ ଲୋକ ମୋତେ ମନେ ରଖିଛନ୍ତି, ନପଢ଼ିପାରିଲେ ବି ମୋର ବହି ଖୋଲି

ଦେଖୁଛନ୍ତି, ମୋ' ଗପ ବହିର ଚିତ୍ର ଦେଖୁଛନ୍ତି । ଏଇ ସବୁକିଛି ତାଙ୍କର ସ୍ମୃତି ସାଙ୍ଗରେ ମୋର ଯୋଗ ଅଛି ବୋଲି ।

ହସି ଦେଇ ଘୋଷ ଚୌଧୁରୀ କହିଉଠିଲେ, ଲେଖକମାନଙ୍କ ଭିନ୍ନ ଆଖି ବୋଲି ଶୁଣିଛି, କିନ୍ତୁ ତୁମର ଆଖି କେମିତି ହେ ! ତୁମକୁ ଦେଖି ମୁଁ ଥମକି ଯାଇଛି, ଚିହ୍ନା ମନେ ହେଇଛି ଆଉ ଚିହ୍ନିବି ପାରିଛି, ଆଉ ମୋତେ ଚିହ୍ନିବାକୁ ତୁମକୁ ଏତେ ସମୟ ଲାଗିଗଲା ?

ମୋର ଚିହ୍ନି ନପାରିବାର ଦୁଇଟା କାରଣ । ଗୁଣ ଛାଡ଼ି ରୂପର ବିଚାରରେ ଏଇ ଘୋଷ ଚୌଧୁରୀଙ୍କର ଚେହେରା ଗୋଟାଏ ସମୟରେ ଦେଖିବା ଭଳି ଥିଲା, ଏଇଟା ତାଙ୍କର ଶତ୍ରୁ ବି ଅସ୍ୱୀକାର କରିବେନାହିଁ । ବରଂ ଦୁର୍ଜନଙ୍କର ସେଇଟା ସବୁଠାରୁ ବଡ଼ ଅସ୍ତ୍ର ବୋଲି ଭାବୁଥିଲେ ସମସ୍ତେ । ସେଇ ଘୋଷ ଚୌଧୁରୀ ବର୍ତ୍ତମାନ ଦୁଇଗୁଣ ମୋଟା ହେଇଛନ୍ତି, ପେଟ ବାହାରିଛି, ଗାଲ ଦୁଇଟି ମାଂସାଳ ହେଇଯିବାରୁ ଏଇ ପୁରୁଷ ଭିତରେ ସେଇ ସୌନ୍ଦର୍ଯ୍ୟର ଆଉ କଣିକା ବି ନାହିଁ । ଚିହ୍ନି ନପାରିବାର ଦ୍ୱିତୀୟ କାରଣଟା ଆହୁରି ବଡ଼ । ଡାହାଣ ପଟର କାନ ଠାରୁ ବେକ ଯାଏଁ ସେଇ ଶୁଖିଲା ପୋଡ଼ିଯାଇଥିବା ବୀଭତ୍ସ କ୍ଷତଟା । ସେଇ କ୍ଷତ ତାଙ୍କ ଚେହେରାକୁ କେତେ ବଦଳାଇ ଦେଇଛି ହୁଏତ ସେ ନିଜେ ଅନୁଭବ କରିପାରନ୍ତିନାହିଁ । ଏତେ କଥା କୁହାଯାଇପାରେନା । କେବଳ କହିଲି, ତୁମର କ'ଣ ସେଇ ଆଗର ଚେହେରା ଅଛି ନା କ'ଣ ? – ଅନେକ ମୋଟା ହେଇଯାଇଛ ।

କିଏ କାହାକୁ କହୁଛନ୍ତି ! ତୁମେ ବିତ ଦେଢ଼ଗୁଣ ମୋଟା ହେଇଯାଇଛ ... ତେବେ ତୁମର ଚେହେରା ଏକା ରକମର ହିଁ ଅଛି ସତ ।

ସବୁ ରାସ୍ତା କହିବାକୁ ଗଲେ ମୋ ପାଇଁ ଅଜଣା । ଘୋଷ ଚୌଧୁରୀଙ୍କ ଅଷ୍ଟିନ୍ ଜନିଓ୍ୱାକର୍ କେଉଁ ବାଟ ଦେଇ ବଙ୍କେଇ ହୋଟେଲର ଫାଟକ ପାଖରେ ଆସି ଛିଡ଼ାହେଲା ଜାଣିପାରିଲିନାହିଁ । ଦିନର ଆଲୁଅ ବେଶ୍ ପରିଷ୍କାର ଅଛି । ଏଇ ସମୟରେ ସେ ମୋତେ ମୋ ଜାଗାକୁ ନେଇ ଆସିଲେ କାହିଁକି ବୁଝିପାରିଲିନାହିଁ ।

ଓହ୍ଲାଇଲା ପରେ ଦେଖିଲି ହୋଟେଲର ମାଲିକ ବି ଭଲକରି ଚିହ୍ନନ୍ତି ଘୋଷ ଚୌଧୁରୀଙ୍କୁ । ହସ ହସ ମୁହଁରେ ଅଭ୍ୟର୍ଥନା ଜଣାଇଲେ । ଜବାବରେ ସେ ମୁଣ୍ଡ ଝୁଙ୍କାଇ ପରିଷ୍କାର ହିନ୍ଦୀରେ କହିଲେ, ଯାଙ୍କ ରୁମ୍‌ରେ ଜଣେ ପୋର୍ଟର ପଠାଇ ଦିଅ, ଆଉ ତୁମେ ବିଲ୍ ରେଡ଼ି କର । ହି ଉଇଲ୍ ଚେକ୍ ଆଉଟ୍ ରାଇଟ୍ ନାଓ !

ହି କହିଲେ ମୁଁ । ତାଙ୍କର ଏଇସବୁ କାଣ୍ଡ କାରଖାନା ଦେଖି ମୁଁ ହତବାକ୍ । ଆଉ ସମୟ ନଷ୍ଟ କରିବାର ନୁହେଁ ବୋଲି ଏଇପରି ଭାବ ଦେଖାଇ ଘୋଷ ଚୌଧୁରୀ ସେତେବେଳେ ସିଢ଼ି ଆଡ଼କୁ ଆଗେଇ ଯାଇଛନ୍ତି ।

ଆରେ, ରୁହ ରୁହ – ଇଏ ପୁଣି କ'ଣ କରୁଛ ...

ଘୋଷ ଚୌଧୁରୀ ଛିଡ଼ା ହେଇଗଲେ । ତା'ପରେ ରାଗ ମୁହଁରେ ଫେରି ଆସି ମୋର ହାତକୁ ନିଜ ହାତରେ ଧରି ମ୍ୟାନେଜରଙ୍କୁ କହିଲେ, ଜଲ୍‌ଦି କିଜିଏ ଜନାବ୍ – ମେରି ଟାଇମ୍ ଇଜ୍ ମନି !

ଯେମିତି ସେ ହିଁ ଜଣେ ଅବାଧ ଲୋକର ଗାର୍ଜେନ ! ମୋତେ ଟାଣି ନେଇ ଯାଉ ଯାଉ କହିଲେ, ଦେଖା ହେଇଯିବା ପରେ ବି ତୁମକୁ ହୋଟେଲରେ ରହିବାକୁ ଦେବି । ତୁମେ ଗୋଟିଏ ବାଜେ ଲେଖକ ହିଁ ଧରିନେବାକୁ ହେବ – ପିଲାଟିବେଳୁ ତ ତୁମ୍ଭେମାନେ ଜାଣିଛ ମୁଁ ଜୁଲମବାଜ ବୋଲି ! ଚରିତ୍ର କ'ଣ ବଦଳିଯାଏ ?

ମୋର କାହିଁକି ମନେହେଲା ବଦଳିଯାଏ । ତାଙ୍କର ପିଲାବେଳର ସାଥିରେ ଏଇ ଜୁଲମ୍ ଟିକେ ବି ମିଶେନାହିଁ । ସିଢ଼ିରେ ଉଠୁ ଉଠୁ ତେବେବି ଚେଷ୍ଟା କଲି ତାଙ୍କର ଏଇ ଜୁଲମ୍‌ରୁ ନିଷ୍କୃତି ପାଇବା ପାଇଁ । – ଶୁଣ, ଶୁଣ ଆଉ ଏପଟ ସେପଟ କରନାହିଁ – ମୋର ସାଙ୍ଗ ଦିନେ ଦୁଇଦିନ ଭିତରେ ଫେରିଆସିଲେ ସେଠିକି ତ ଯିବାକୁ ହିଁ ହେବ – ଏଇ ସମୟ ଭିତରେ ତୁମ ଘରେ ଆଡ଼ା ଦେଲେ ହିଁ ତ ହେବନା ?

ଦୋତାଲାକୁ ଉଠିବାରୁ ହାମ୍ପି ହେଉଛନ୍ତି ଦେଖିଲି । ମୁହଁଟା ଟିକେ ଲାଲ୍ ଦିଶୁଛି । ସେଇଟା ମୋର ଆପତ୍ତି ଦେଖି ହେଇପାରେ ବା ସିଢ଼ିରେ ଚଢ଼ି ଆସିବା ପାଇଁ ବି ହେଇପାରେ । ମୋ ଆଡ଼କୁ ଚାହିଁ ହୁକୁମ୍ କଲେ, କେତେ ନମ୍ବର ଘର ତୁମର – ଖୋଲୋ !

ଆଗେଇ ଯାଇ ଲନ୍ ସାମ୍ନା ଘରଟା ଖୋଲିଲି । ଅଚ୍ୟୁତ ଘୋଷ ଚୌଧୁରୀ ଫଟ୍ କରି ଯାଇ ଖଟ ଉପରେ ବସି ପଡ଼ିଲେ । – ପଚାରିଲେ, କେଉଁ ସାଙ୍ଗ ଘରକୁ ଯିବାକୁ ହେବ ?

ଦୋକାନ ସାମ୍ନାରେ ଛିଡ଼ା ହେଇ ଥରେ କହିଥିଲି । ସେତେବେଳେ ସେ ମୋର ଏତେ ଖବର ନେଉଥିଲେ ଯେ ବୋଧହୁଏ ଭୁଲିଯାଇଛନ୍ତି । ପୁଣି କହିଲି । ମୋତେ କାହିଁକି ହୋଟେଲ୍‌ରେ ରହିବାକୁ ହେଇଛି ସେଇଟା ମଧ୍ୟ ବୁଝାଇ ଦେଲି ।

ଏହା ମଧ୍ୟରେ ପୋର୍ଟାର ଆସି ମୁହଁ ଦେଖାଇଲା ।

ଘୋଷ ଚୌଧୁରୀ ତାକୁ ଡାକି କହିଲେ, ଆଓ ସାମାନ୍ ଉଠାଓ । ମୋ ଆଡ଼କୁ ଚାହିଁ କହିଲେ, ତୁମର ସାଙ୍ଗ ଆସିଲେ ଦେଖାଯିବ କାହାର ଜୋର୍ କେତେ – ନିହାତି ଅସୁବିଧା ହେଲେ ସେତେବେଳେ ଦେଖାଯିବ – ଏବେ ତ ଚାଲ ।

ଅଗତ୍ୟା ମୋର ଲୁଙ୍ଗି, ତଉଲିଆ ଆଉ ଅନ୍ୟାନ୍ୟ ଜିନିଷ ସୁଟ୍‌କେସ୍‌ରେ ଭରିଦେବାକୁ ଦେଲା । ପୋର୍ଟାର ସୁଟ୍‌କେସ୍ ନେଇ ଚାଲିଗଲା । ମୁଁ ରୀତିମତ ଅସ୍ୱସ୍ତି ବୋଧ କରୁଥିଲି । ପଚାରିଲି, ତୁମର ଡେରା କେଉଁଠି ?

ସଗର୍ବରେ ଜବାବ ଦେଲେ, ସିଭିଲ୍ ଲାଇନ୍‌ସ୍‌ରେ ... ପୂରାପୂରି ସାହେବପଡ଼ା ଏଠାକାର – ବୁଝିପାରିଲ ?

ବୁଝି ବି ଆସ୍ୱସ୍ତ ହେଇପାରିଲିନାହିଁ । – ସେଇଠି ଆଉ କିଏ ... ?

ମୋ ଆଡ଼କୁ କିଛି ସମୟ ଚାହିଁ ରହିଲେ । ତା'ପରେ ଜବାବ ଦେଲେ, ସେଇଠି ମୁଁ ଆଉ ମୋର ପ୍ରେୟସୀ ।

କୁହା ନାହିଁ ବୋଲା ନାହିଁ ଚଟ୍ କରି ମୋତେ ନେଇଯାଉଛ ... ତାଙ୍କର ଅସୁବିଧା ହେବନି ?

ତାଙ୍କର ଅସୁବିଧା ହେବନାହିଁ, ତୁମର ବି ଅସୁବିଧା ହେବନାହିଁ – ସେ ତୁମକୁ ଆଉ ମୋତେ ଦୁହିଁଙ୍କୁ ସମାନ ଭାବରେ ଆପ୍ୟାୟନ କରିବେ ଆଉ ତୁମକୁ ବରଦାସ୍ତ ହେଲେ ସମାନ ଅଧିକାର ବି ଦେବେ ।

ମୋର ବିମୂଢ଼ ମୁହଁ ଦେଖି ତାଙ୍କର ଗୋରା ମୁହଁରେ ହସର ଲହରୀ ଖେଳିଗଲା ।

କହିଲେ, ମୋର ସେଇ ପ୍ରେୟସୀମାନଙ୍କୁ ତୁମେ ଦେଖିଛ – ସେମାନେ ଗାଡ଼ିର ପଛ ସିଟ୍‌ରେ ହିଁ ଅଛନ୍ତି ।

ଝାଳ ଦେଇ ଜ୍ୱର ଛାଡ଼ିଲା ମୋର । ତାଙ୍କର ପ୍ରେୟସୀ କହିଲେ ବୋତଲ । ଏବେ ମୋର କୌତୂହଳ । – ତୁମେ କ'ଣ ବାହାଘୋରା ହେଇନାହିଁ ନା କ'ଣ ?

ନା, ନା, ଦେଖୁ ଦେଖୁ ବେଳ ଗଡ଼ିଗଲା । ତୁମର କ'ଣ ମନେହୁଏ, ଏବେବି ସମୟ ଅଛି ?

ହସି ଦେଲି । କିନ୍ତୁ ଭିତରଟା ଉତ୍ସୁକ । ଯେତେଦୂର ଜାଣିଥିଲି ଯାଙ୍କୁ, ଏଇ ଲୋକଙ୍କର ରମଣୀ ରହିତ ଜୀବନ ଭାବିବା ଅସମ୍ଭବ । ଦେଖାହେବା ପରଠାରୁ ଆହୁରି କିଛି ମୋ ଆଖିରେ ପଡ଼ିଛି, କାନରେ ମଧ୍ୟ । ଏଇ ବୟସରେ ଅଚ୍ୟୁତ ଘୋଷ ଚୌଧୁରୀ ବେଶ୍ ସୁରସିକ ହେଇଉଠିଛନ୍ତି । ଚାଳିଶ ବର୍ଷ ପୂର୍ବର ଘୋଷ ଚୌଧୁରୀ ଭିତରେ ରସିକତା ନାଁରେ ଯାହା ଥିଲା, କହିବାକୁ ଗଲେ ଅଭଦ୍ରତା ଛଡ଼ା ଆଉ କିଛି ନୁହେଁ । ଛାଡ଼, ସେତେବେଳେ ଆଉ ବ୍ୟସ୍ତ ହେଲିନାହିଁ । ଆସ୍ତେ ଆସ୍ତେ ସବୁ ଜଣାପଡ଼ିବ ।

ମୁଁ ପୁଣି ତାଙ୍କ ପାଖରେ ବସିଛି, ଘୋଷ ଚୌଧୁରୀ ତାଙ୍କର ଜନିଓ୍ୱାକର୍ ଆରାମ୍‌ରେ ଚଳାଇ ଚାଲିଛନ୍ତି ।

ହିଉଏଟ୍ ରୋଡ଼ରେ ସୁଭାଷ ଗାଙ୍ଗୁଲୀଙ୍କ ଘରେ ଖବର ଦେଇଆସିବା କଥା କହିଦେଇଛି । ନହେଲେ ଜୌନପୁରରୁ ଫେରିଆସି ମୋତେ ହୋଟେଲରେ ଆସି ଖୋଜିଲେ ମୋର ପତ୍ତା ପାଇବେନାହିଁ । ମଙ୍ଗଳ ଫାଟକ ପାଖରେ ହିଁ ଛିଡ଼ା ହେଇଥିଲା । ଘୋଷ ଚୌଧୁରୀ ତାଙ୍କର ସିଭିଲ୍ ଲାଇନ୍ସ ଘରର ଠିକଣା ଦେଇ ହିନ୍ଦୀରେ କହିଲେ, କୌଣସି ପ୍ରକାର ବ୍ୟସ୍ତତା ନାହିଁ, ତୁମ ମୁନିବ କ୍ଳାନ୍ତ ହେଇ ଫେରିବେ, ତେଣୁ ତିନି ଚାରି ଦିନ ବିଶ୍ରାମ କରିବା ପରେ ୟାଙ୍କର ଆସିବା ଖବରଟା ଦେଇଦେବ ।

ଭଲ ମଣିଷ ମଙ୍ଗଳ । ଏ କଥା ଶୁଣି ବି ମୁଣ୍ଡ ହଲାଇଲା । ମୁଁ ଇସାରା କରି ହସି ଦେବାରୁ ସେତେବେଳେ ସେ ଭାବିଲା, ଏଇଟା ଥଟ୍ଟା ।

ଟିକେ ପରେ ଆମେ ଗୋଟାଏ ନିର୍ଜନ, ପରିଷ୍କାର ରାସ୍ତା ଧରି ଚାଲିଲୁ । ଘୋଷ ଚୌଧୁରୀ ଏଠି ଅନେକ ଦିନ ହେଲା ଅଛନ୍ତି ମନେପଡ଼ିବାରୁ ପଚାରିଲି, ନଅ, ଦଶ ବର୍ଷ ହେଲା ଏଇଠି ଅଛ ... ବ୍ୟବସାୟ - ଫ୍ୟବସାୟ କରୁଛ ନା କ'ଣ ?

ନା, ନା, ତୁମେ ତ ଜାଣିଛ, ମୋ ଦ୍ୱାରା କ'ଣ କିଛି କେବେ ହେଇଛି ?

ତାହେଲେ କ୍ରମାଗତ ଭାବରେ ଏଇଠି ଅଟକି ରହିଛ ... କେଉଁ କାରଣରୁ ?

ମୁହଁଟାକୁ ନିର୍ଲିପ୍ତ କରିବାର ଚେଷ୍ଟା ଲକ୍ଷ୍ୟ କଲି । ଜବାବ ଦେଲେ, ଆସିଲି ... ଦେଖିଲି ... ଅଟକି ଗଲି ।

ଦେଖିଲି, ମାନେ, ଜାଗାଟା ତୁମକୁ ଏତେ ଭଲ ଲାଗିଗଲା ?

ହଁ, ଗଲା । ତାଙ୍କର ଗୋରା ମୁହଁରେ ପୁଣି ହସର ଢେଉ । - ଧୀରେ ବନ୍ଧୁ ଧୀରେ, ଏତେ ପ୍ରଶ୍ନ ଭିତରେ ମୋତେ ଟାଣି ଆଣୁଛ କାହିଁକି, ମୋର ବାହାରଟା ଯେମିତି ଧଳା, ଭିତରଟା ସେମିତି କଳା ବୋଲି ଜାଣିଛ ତ ।

କଥା ଗୁଡ଼ାକ ଧନ୍ଦା ପରି ଲାଗୁଥିଲା । ମୋର ମନେ ହେଉଥିଲା, ସେ ଯେମିତି ଭିତରରେ କୌଣସି ରସକୁ ଉପଭୋଗ କରୁଛନ୍ତି ।

ସେ କିଛି ବଡ଼ କରି କହିନାହାନ୍ତି । ସିଭିଲ୍ ଲାଇନ୍ସ ଅଭିଜାତ ଇଲାକା ସତ କଥା । ବର୍ତ୍ତମାନ ଏହାର ନାଁ ମହାତ୍ମା ଗାନ୍ଧୀ ମାର୍ଗ । ତା' ବୋଲି ସଭିଲ୍ ଲାଇନ୍ସ କହିବା ମଧ୍ୟ ବନ୍ଦ ହେଇଯାଇନାହିଁ ।

ଘୋଷ ଚୌଧୁରୀଙ୍କ ଡେରା ଦେଖି ମୋ ମୁହଁରେ କିଛି ସମୟ କଥା ବାହାରିଲା ନାହିଁ । ପ୍ରାୟ ଦଶ କଠା ଜମିରେ ଗୋଟାଏ ଏକତାଲା ବଙ୍ଗଲୋ । ଚାରିପଟରେ ସାତ ଆଠ ଫୁଟ ଉଚ୍ଚର ମେହେନ୍ଦି ଗଛର ବାଡ଼ । କଣ୍ଟା ତାରରେ ଘେରା । ଏଠିକାର ଅନେକ ଘର ଅବଶ୍ୟ ଆଖିରେ ପଡ଼ିଛି । ମଝିରେ ଲୁହାର ଫାଟକ । ଦୁଇପଟ ବଗିଚାରେ ଫୁଲର ସମାରୋହ ।

ରୀତିମତ ସେବା ଆଉ ଯତ୍ନ ଛଡ଼ା ଏପରି ବଗିଚା ହେବା ସମ୍ଭବ ନୁହେଁ । ସେଇ ଅଚ୍ୟୁତ ଘୋଷ ଚୌଧୁରୀ ଆଜି ଏମିତି ଫୁଲ ରସିକ କିଏ ଭାବିବ ? ଫାଟକରୁ ବଗିଚାର ଦୁଇପଟ ମଝିଦେଇ ସେଇ ଏକତାଲା ବଙ୍ଗଲୋ । ଏମିତି ବଙ୍ଗଲୋରେ କେବଳ ବେମାନାନ ଘୋଷ ଚୌଧୁରୀଙ୍କର ସେଇ ଅଷ୍ଟିନ ଜନିଓ୍ୱାକରଟି । ମୋର ସଙ୍ଗେ ସଙ୍ଗେ ମନେହେଲା, ଯାହାଙ୍କର ଏମିତି ବଙ୍ଗଲୋ, ତାଙ୍କର ଭଲ ଗାଡ଼ି କିଣିବାର କ୍ଷମତା ମଧ୍ୟ ଅଛି । କିଛି ଗୋଟାଏ ବୈଶିଷ୍ଟ୍ୟ ଦେଖାଇବା ପାଇଁ ହୁଏତ ଏପ୍ରକାର ଗାଡ଼ି ଚଳାନ୍ତି । ଗାଡ଼ିର ଆବାଜ୍ ଶୁଣି ବଙ୍ଗଲୋ ପାଖରୁ ପଚିଶ, ଛବିଶ ବର୍ଷର ଜଣେ ଲୋକ ଧଳା ପ୍ୟାଣ୍ଟ ଆଉ ଧଳା କୁର୍ତ୍ତା ପରିହିତ ଗେଟ୍ ଆଡ଼କୁ ଦୌଡ଼ି ଆସିଲା । ମନେହେଲା, ଇଏବି ଏଇ ବଙ୍ଗଲୋର କର୍ତ୍ତାଙ୍କର କମ୍ବାଇଣ୍ଡ ହ୍ୟାଣ୍ଡ ହେବ ।

ମୁଁ ସଙ୍ଗେ ସଙ୍ଗେ ଗାଡ଼ିରୁ ଓହ୍ଲାଇ ପଡ଼ିଲି । - ବଗିଚା ଦେଖି ଦେଖି ଯାଏ, ତୁମେ ତୁମର ଜନିଓ୍ୱାକର୍ ନେଇ ଭିତରକୁ ଆସ ।

ଯଦିଚ ଏଇଟା ବଗିଚା ଦେଖିବାର ସମୟ ନୁହେଁ । ସନ୍ଧ୍ୟାର ଛାଇ ବର୍ତ୍ତମାନ ବେଶ୍ ଘନ । ତେବେବି ଲୋଭ ସମ୍ଭାଳି ପାରିଲିନାହିଁ । ଲୋକ ଜଣକ ଗେଟ୍ ଖୋଲି ଦେବାରୁ ମୁଁ ଭିତରେ ପଶିଲି ।

ପରିବେଶର ଏମିତି ସୁନ୍ଦର ସ୍ୱାଦ ବହୁଦିନ ହେଲା ପାଇନି । ମୋ ପଛରୁ ଘୋଷ ଚୌଧୁରୀ ତାଙ୍କର ଅଷ୍ଟିନ୍ ନେଇ ବଙ୍ଗଲୋ ସିଡ଼ି ପାଖରେ ରଖିଲେ । ମୋ ସାଙ୍ଗଙ୍କ ଛୋଟ ଘରର ଛୋଟ ବଗିଚାଟି ବି ଭଲ ଲାଗିଥିଲା । କିନ୍ତୁ ଏମିତି ସୁନ୍ଦର ଏତେ ବଡ଼ ବଗିଚା ପଛରେ କେତେ ଯତ୍ନ କେତେ ପରିଚର୍ଯ୍ୟା ଦରକାର ତାହା ମିନିଟ୍‌ରେ ବୁଝିହୁଏ । ମନଭରି ଦେଖୁଛି । ଦେଖୁ ଦେଖୁ ଆଗେଇ ଯାଉଛି ।

ଆଠ ଦଶ ମିନିଟ୍ ଭିତରେ ଦିନର ରଙ୍ଗ ଆହୁରି ଅପସରିଗଲା ।

ବାଙ୍ଗଲୋର ବାରଣ୍ଡାରେ ଘୋଷ ଚୌଧୁରୀ ମୋ ଆଡ଼କୁ ପ୍ରସନ୍ନ ମୁହଁରେ ଚାହିଁଥିଲେ । ପାଖକୁ ଆସିବାରୁ କହିଲେ, ତୁମ ହୋଟେଲ୍ ଠାରୁ ଟିକେ ଭଲ ମନେ ହେଉଛି ?

ବାରଣ୍ଡା ଉପରକୁ ଉଠୁ ଉଠୁ ହସିଦେଇ ମୁଣ୍ଡ ହଲାଇଲି । - ନ ଆସିଥିଲେ ପସ୍ତେଇବାକୁ ହେଇଥାଆନ୍ତା ।

ମୁଣ୍ଡ ଝୁଙ୍କାଇ କହିଲେ, ଆପ୍‌କେ ତାରିଫ୍ ସେ ବନ୍ଦେକି ଗରିବ୍‌ଖାନା ରୋଶନ୍ ହେ - ସତରେ ଭଲ ଲାଗିଛି ?

ବହୁତ ଭଲ । ଏ ବଙ୍ଗଲୋ ତୁମ ନିଜର ନା ଭଡ଼ା ନେଇଛ ?

ନିଜର ନୁହେଁ, ଭଡ଼ା ବି ନୁହେଁ । ସବୁ ନିଜର ପୁଣି ସବୁ ପରସ୍ମୈପଦୀ ।

କେମିତି ? ଏଇ ପ୍ରକାର କଥା ଶୁଣିଲେ କୌତୁହଳ ସ୍ୱାଭାବିକ୍ ।

ଯେମିତି, ଏଇ ବଙ୍ଗଲୋ ଷୋହଳ ଅଣା ମୋର କିନ୍ତୁ ଅସଲରେ ମୋର ନୁହେଁ । ଏଇ ବଗିଚା ମୋର ଅଥଚ ମୋର ନୁହେଁ । ବଗିଚାରେ ଦିନକୁ ତିନିଟା ମାଳୀ ଆସି କାମରେ ଲାଗନ୍ତି ... ସେମାନେ ମୋର ଲୋକ କିନ୍ତୁ ମୋର ନୁହଁନ୍ତି - ମୁଁ ସବୁଦିନ ଦେଖେ କିନ୍ତୁ ସମସ୍ତଙ୍କ ମୁହଁ ଚିହ୍ନେନାହିଁ । ଆସ ଭିତରକୁ ଆସ ।

ଆହୁରି ଗୋଲକ ଧନ୍ଦା ଭିରେ ପଶିଯାଇ ତାଙ୍କର ପଛ ନେଲି । ବଙ୍ଗଲୋର ଭିତରଟା ମଧ୍ୟ ସୁନ୍ଦର ଓ ପରିଷ୍କାର ହେଇଥିବ ବୋଲି ଭାବିନେଇଥିଲି, ଠିକ୍ ସେଇଆ । ପ୍ରଥମେ ସୁନ୍ଦର ଭାବରେ ସଜା ହେଇଥିବା ବଡ଼ ବସିବା ଘର । ସେପଟେ ଡାଇନିଂ ସ୍ପେସ୍, ପଛରେ କିଚେନ୍ କମ୍ ଷ୍ଟୋର୍ ।

ଅନ୍ୟଆଡ଼େ ଦୁଇଟା ବଡ଼ ବେଡ଼ରୁମ୍ । ଗୋଟିଏ ଘୋଷ ଚୌଧୁରୀ ବ୍ୟବହାର କରୁଛନ୍ତି, ତା'ର ଅବସ୍ଥା ଦେଖିଲେ ହିଁ ଜଣାପଡ଼େ । ଅନ୍ୟଟା ଦେଖାଇ କହିଲେ, ଏଇଟା ଗେଷ୍ଟ ରୁମ୍, କିନ୍ତୁ ଏ ବଙ୍ଗଲୋ ତିଆରି ହେବା ପରେ କୌଣସି ଗେଷ୍ଟ ଆସିନାହାନ୍ତି ।

- ଏ ଘରେ ତୁମେ ହିଁ ପ୍ରଥମ ଗେଷ୍ଟ । ଭଲକରି ଦେଖିନିଅ, ହୋଟେଲ୍ ଘର ପରି ନହେଲେ ବି ଆଉ କ'ଣ ଦରକାର କୁହ ।

କହିଲି, ମୋର ଭୁଲ୍ ହେଇଛି, କାହିଁକି ଲଜ୍ୟା ଦେଉଛ !

ହସ ହସ ମୁହଁରେ ଡ୍ରଇଁରୁମ୍‌ରେ ଆସି ବସିଲୁ । ଘୋଷ ଚୌଧୁରୀ ଡାକିଲେ, ଜନ୍ !

ସଙ୍ଗେ ସଙ୍ଗେ ଧଳା କୁର୍ତ୍ତା ପିନ୍ଧିଥିବା ଲୋକଟା ହାଜର ହେଲା ।

ମୋତେ ଦେଖାଇ ତାଙ୍କର ମୁନିବ କହିଲେ, ୟେ ସାହାବ୍ ମେରା ବଚ୍‌ପନ୍ କି ଦିଲ୍‌ଲଗି ୟାର୍ ହେ - କ୍ୟା ହେ ଘର୍ ମେ - ଇନ୍‌କୋ କେସେ ଖାତିର୍ କରୋଗେ ?

ମୋର ଆପେ ଆପେ ବଡ଼ ନିଃଶ୍ୱାସ ପଡ଼ିଲା ଗୋଟାଏ । ନଅ ଦଶ ବର୍ଷ ଏଇଠି ରହିଲେ ବି ଏମିତି ପରିଷ୍କାର ହିନ୍ଦୀ ମୋ ଜିଭରେ ଆସିବ କି ନାହିଁ ସନ୍ଦେହ ।

ହୁକୁମ୍‌ର ପ୍ରତୀକ୍ଷାରେ ଜନ୍ ସବିନୟରେ କହିଲା, ଫର୍‌ମାଇଏ -

ଘୋଷ ଚୌଧୁରୀ ମୋ' ଆଡ଼କୁ ଚାହିଁଲେ । - କ'ଣ ଖାଇବ ? ମୋ' ଘରର ଷ୍ଟକ୍‌ରେ କେବଳ ଟି, ବ୍ରେଡ଼ ଆଣ୍ଡ ବଟର୍ । ବିସ୍କୁଟ୍ ଆଉ ଅଣ୍ଡା ପାଇବ

– ମୋର ଦୁଇ ଓଳିର ଲଞ୍ଚ ଆଉ ଡିନର ପ୍ରତିଦିନ ହୋଟେଲ୍‌ରୁ ଆସେ – ସାଧୁ ହେବା ସତ୍ତ୍ୱେ ବି କେବଳ କାମିନୀ କାଞ୍ଚନ ଆଉ ଭୋଜନର ଲୋଭ ଟିକକ ଗଲାନାହିଁ ।

ହତାଶାର କଥା ଶୁଣି ହସ ମାଡ଼େ । ପୁଣି ମନେହେଲା, ଲୋକଜଣକ ସତରେ ରସିକ ହେଇଛନ୍ତି । ହୁକୁମ୍ ପ୍ରତୀକ୍ଷାରେ ଜନ୍ ଛିଡ଼ା ହେଇଛି । କହିଲେ, ବର୍ତ୍ତମାନ ସେଇ ଚା’ ବିସ୍କୁଟ୍ ହେଲେ ହିଁ ଚଳିବ ... ଏହାପରେ ତ ତୁମର ବୋତଲ ଖୋଲି ବସିବାର ଅଛି ।

ସେଇଟା ତ ଡେରି ଅଛି । ଭଲ କଥା ମନେ କରାଇ ଦେଇଛ । ଜନ୍ ଆଡ଼କୁ ଚାହିଁ ଚା’ ବିସ୍କୁଟ୍ ଦେବାକୁ କହିଲେ । ତା’ପରେ ହୁକୁମ୍ କଲେ, ଛଅଟା ସୋଡ଼ା ଆଉ ଏଠାକାର ‘ସବ୍ ସେ ବଢ଼ିଆ’ ମାଂସର ଚାଟ୍ ଆଣି ଫ୍ରିଜ୍‌ରେ ରଖିବା ପାଇଁ । ଲୋକ ଜଣକ ମୁଣ୍ଡ ହଲାଇ ହୁକୁମ୍ ତାମିଲ୍ କରିବାକୁ ଦୌଡ଼ିଲା । ଘୋଷ ଚୌଧୁରୀଙ୍କ ଭିତରେ ସବୁବେଳେ ଖୁସୀ ବିରାଜମାନ କରେ । – ଏଇଠି ବେଶ୍ ଭଲ ଅଛି । ବୁଝିଲ, ଏଇ ଲୋକମାନେ ସମସ୍ତେ ମୋତେ କୌଣସି ଶହେନ୍‌ଶାହ ବା ବାଦ୍‌ଶାହଙ୍କ ଶଳା ବୋଲି ଭାବନ୍ତି । ସେମାନଙ୍କ ଯତ୍ନରେ ଆଉ ଖାଇ ଖାଇ ମୁଁ କେମିତି ହାତୀ ହେଇଉଠିଛି ଦେଖ ।

କାଲି ଆସିବା ପରଠାରୁ ଏଠାରେ କ’ଣ କ’ଣ ମୋର ଦେଖା ହେଇଛି ସବୁ ଖବର ନେଲେ । ଆହୁରି କେତେ କ’ଣ ଦେଖିବାର ଅଛି ସେ ତାଲିକା ଦେଲେ । ଶେଷରେ ନିଜେ ନିଜକୁ ତାରିଫ୍ କଲେ, ଘରେ କିଛି ମଦ ମହଜୁଦ୍ ଥିବା ସତ୍ତ୍ୱେ ବି କି ଭାଗ୍ୟ ତାଙ୍କର, ସେ ଚୌକ ଯାଇଥିଲେ ରସଦ ଆଣିବା ପାଇଁ – ନହେଲେ ହୁଏତ ଦେଖା ହେଇନଥାଆନ୍ତା ମୋ ସାଙ୍ଗରେ ।

ଘୋଷ ଚୌଧୁରୀଙ୍କ ମୁହଁରୁ ଜଣାପଡ଼ିଲା ଦେଖା ହେଇନଥିଲେ ଭାରି ଦୁଃଖର ବିଷୟ ହେଇଥାଆନ୍ତା ସେଥିରେ ସନ୍ଦେହ ନାହିଁ ।

ଏଇ ସମୟରେ ଜନ୍ ଚା’ ଓ ବିସ୍କୁଟ୍ ରଖିଦେଇ ଚାଲିଗଲା ।

ଘୋଷ ଚୌଧୁରୀ ମୋର ଖବର ନେବାରେ ମନୋଯୋଗୀ ହେଇଉଠିଲେ । ମୁଁ କାଗଜର ଅଫିସ୍‌ରେ ଚାକିରି କରୁଥିଲି ଆଉ ରିଟାୟାର୍ କରିଛି ଶୁଣି କହିଲେ, ଆମେ ଜାଣିଥିଲୁ ଲେଖା ହିଁ ତୁମର ପେଶା – ଚାକିରି କରୁଥିଲ ବୋଲି ଜାଣିନଥିଲି ତ ... ।

ମୁଁ ସେତେବେଳେ ସଚକିତ ହେଇ ପଚାରିଲି – ଆମେ କିଏ ?

ଆମେ କହିଲେ ତୁମର ପାଠକକୁଳ ।

ଯେକୌଣସି ପ୍ରକାରେ ହେଉ ମୋର କିଛି ଖବର ରଖନ୍ତି ଘୋଷ ଚୌଧୁରୀ, ସେ ପ୍ରମାଣ ପୂର୍ବରୁ ପାଇଛି । ହସିଦେଇ କହିଲି, ତୁମେ ତ ପାଞ୍ଚ ପୃଷ୍ଠାର ପାଠକ ।

ତାହେଲେ ବି ପାଠକ ତ ! ... କେବେଠାରୁ ଲେଖା ଆରମ୍ଭ କରିଛ, ଏଯାଏଁ କେତେ ଖଣ୍ଡ ବହି ଲେଖା ହେଇଛି – ବହିରୁ ରଏଲିଟି କେତେ ପାଏ – କେତେ ବହି ସିନେମା ଆଉ ନାଟକ ହେଇଛି – ସେସବୁ ଜାଗାରୁ କେତେ ଟଙ୍କା ପଇସା ଆସେ, ଇତ୍ୟାଦି । ମୋର ରୋଜଗାରର ଖବର ନେବାର ଆଗ୍ରହଟା ବଡ଼ ନୁହେଁ, କ’ଣ କ’ଣ ହୁଏ ଜାଣିବାର କୌତୂହଳଟା ହିଁ ବେଶୀ । ସେଇଥିପାଇଁ ମୁଁ ମଧ୍ୟ ସଙ୍କୋଚବୋଧ କରିନାହିଁ ।

ଘୋଷ ଚୌଧୁରୀ ଏହାପରେ ମୋର ଘର କବର ନେବାକୁ ଆରମ୍ଭ କଲେ । ମିସେସ୍‌ଙ୍କୁ ଛାଡ଼ି ତୁମେ ଏକା ବାହାରି ଆସିଛ, ବ୍ୟାପାର କ’ଣ ... ସେ ସାଙ୍ଗରେ ନାହାନ୍ତି କାହିଁକି ?

ବ୍ୟାଚଲର୍ ବା ଉଇଡୋଆରର ଡେନ୍ ତାଙ୍କର ପସନ୍ଦ ନୁହେଁ, ତାଛଡ଼ା ଆଉ ଦୁଇ ଚାରି ଦିନ ପରେ ସେ ଅନ୍ୟ କାହାରି କାନ୍ଧରେ ବସି ତାମିଲନାଡୁ ସଫର୍‌ରେ ବାହାରିଯିବେ ।

ଘୋଷ ଚୌଧୁରୀଙ୍କ ଆଖି ପୂରା କପାଳରେ ! – କ’ଣ କହୁଛ ! ଏଇ ବୟସରେ ତୁମକୁ ଛାଡ଼ି ସେ କାହାର କାନ୍ଧରେ ବସିବାକୁ ଗଲେ !

ଝିଅ – ଜ୍ୱାଇଁଙ୍କର ।

ସେତେବେଳେ ସେ ଟିକେ ସଂଯତ ହେଇଗଲେ । – ସରି, ତୁମର ପୁଅ – ଝିଅ କେତୋଟି ?

ବର୍ତ୍ତମାନ ସେଇ ଗୋଟିଏ ଝିଅ ।

ବର୍ତ୍ତମାନ କଥାଟା କାନରେ ଭଲ ଲାଗିବନାହିଁ ହୁଏତ, କିନ୍ତୁ କିଛି ମନେ କରିବାକୁ ଚେଷ୍ଟା କରୁଛନ୍ତି । ଟିକେ ପରେ କହିଲେ, ରୁହ ... ମନେ ପଡ଼ିଛି । ... ତୁମର ଗୋଟିଏ ପୁଅକୁ ନେଇ ଅନେକ ଦିନ ଯାବତ୍ ଅଶାନ୍ତି ଭିତରେ ଥିଲ ... କ’ଣ ଗୋଟାଏ ଇନ୍‌କିଓରେବଲ୍ ରୋଗରେ ଭୋଗୁଥିଲା ... ସେ ନାହିଁ ?

ମୁଁ ସତରେ ଏଥର ପୂରା ବିମୂଢ଼ା କୋଲକାତାରୁ ... ଶହ ଶହ ମାଇଲ୍ ଦୂରରେ ବସି ଅଚ୍ୟୁତ ରାୟ ଚୌଧୁରୀ ମୋର ଏ ଖବର ରଖନ୍ତି କେମିତି ? ହେଇପାରେ, ମୋର ଲେଖା ଗୋଟାଏ ଦୁଇଟା ବହି ସେ ଏଠିକାର କୌଣସି ଲାଇବ୍ରେରିରୁ ଆଣି ଓଲଟାଇ ଦେଖିଛନ୍ତି । ଆମ ଜାତିର ସଂଖ୍ୟା ଯେଉଁଠାରେ ବେଶୀ ସେଇଠି ଏଇ ଦୁଇଟା ସମ୍ଭବ । କିନ୍ତୁ ଏ ଖବର ସେ ପାଇଲେ କେମିତି !

ମୁଁ ମୁଣ୍ଡ ହଲାଇଲି । ସେ ନାହିଁ, ତା’ପରେ ପଚାରିଲି, କିନ୍ତୁ ଏତେ ସବୁ ଖବର ତୁମେ ଜାଣିଲ କେମିତି ?

ଜବାବ୍ ନଦେଇ ପୁଣି ପଚାରିଲେ, କେତେ ବୟସରେ ଗଲା ?

ଅଠର ବର୍ଷ ।

ନିଜର ଆଖି ଯୋଡ଼ିକକୁ କେତେଟା ବିଶ୍ୱାସ କରିବି ଜାଣେନା । ଘୋଷ ଚୌଧୁରୀଙ୍କ ଗୋରା ଭାରୀ ମୁହଁରେ ଏଇ ପ୍ରଥମ ବିଷାଦର ଘନ ଛାୟା ଦେଖିଲି । ମୋ ଆଡ଼କୁ କିଛି ସମୟ ଚୁପ୍‌ଚାପ୍ ଚାହିଁ ରହିଲେ, ତା’ପରେ ନିଜ ଚେୟାର୍‌ରେ ମୁଣ୍ଡଟି ଆଉଜିଦେଲେ ।

ସତକଥା କହିବାକୁ ଗଲେ, ଏଇ କେତୋଟି ମୁହୂର୍ତ୍ତ ଭିତରେ ଦିନକର ଅବାଞ୍ଛିତ ଘୋଷ ଚୌଧୁରୀ ମୋର କେତେ ପାଖକୁ ଚାଲି ଆସିଲେ ତା’ ଅନୁଭବ ନକରି ରହିପାରିଲିନାହିଁ । ଏଇ ଲୋକଙ୍କ ଭିତରେ ହୃଦୟର ସନ୍ଧାନ ଏଇ ପ୍ରଥମ ପାଇଲି । ଚାଳିଶ ବର୍ଷ ପୂର୍ବେ ଯେଉଁ ଘୋଷ ଚୌଧୁରୀଙ୍କୁ ମୁଁ ଚିହ୍ନିଥିଲି ଜାଣିଥିଲି – ଏଇ କେତୋଟି ନୀରବ ମୁହୂର୍ତ୍ତ ହିଁ କହି ଦେଲା ଇଏ ସେ ନୁହଁନ୍ତି । ଯାଙ୍କୁ ମୁଁ ଚିହ୍ନେନାହିଁ ।

ଏହାପରେ ବି ଯେଉଁ କୌତୂହଳ ମୋ ଭିତରେ ବାରମ୍ବାର ଓଠରେ ଆସି ଥମିଯାଉଛି ସେଇଟା ପୁଣି ବ୍ୟକ୍ତ ନକରି ପାରିଲିନାହିଁ । – ମୋ ସମ୍ପର୍କରେ ତୁମେ ଏତେ ଖବର ତୁମେ ରଖ କେମିତି, ଜାଣିପାର କେମିତି ?

ଆସ୍ତେ ଆସ୍ତେ ସିଧା ହେଇ ବସିଲେ ସେ । ବିଷର୍ଣ୍ଣ ଆଖିରେ ସାମାନ୍ୟ କୌତୁକର ଛୁଆଁ ଲାଗିଲା କି ନାହିଁ ବୁଝାଗଲାନାହିଁ । ଜବାବ୍ ଦେଲେ, ପରେ ଶୁଣିବ । ତା’ପରେ ହିଁ ନିଜ ହାତଘଣ୍ଟା ଆଡ଼କୁ ଚାହିଁ ସଚକିତ ହେଇଗଲେ । – ଦେଖିଲ ! ଇଏ ଯେ ରାତି ହେଇଗଲା ! ଉଠି ଛିଡ଼ା ହେଲେ । – ତୁମେ ରେଡ଼ି ତ ? ଚାଲ ଟିକେ ବୁଲି ଆସିବା –

ଘରେ ତ ବୋତଲ ମହଜୁଦ୍, ଏ ସମୟରେ ପୁଣି ବାହାରକୁ ଯିବେ ଭାବିନଥିଲି – କେଉଁଠି ?

ଚାଲ ନା, ଭଲ ଲାଗିବ ।

ତାଙ୍କ ସାଙ୍ଗରେ ପୁଣି ସେଇ ଜନିଓ୍ୱାକରରେ । ରାସ୍ତା ପୂରା ଫାଙ୍କା, ତା’ଉପରେ ବର୍ତ୍ତମାନ ଆହୁରି ବେଶୀ ନିର୍ଜନ । କିନ୍ତୁ ଏଇ ଗାଡ଼ିରେ ଲୋକଟି ଯେପରି ସ୍ପିଡ୍‌ରେ ଦୌଡ଼ିଲେ ସେଥିରେ ଅସ୍ୱସ୍ତି ବୋଧ କଲି । ସେଇଟା ବୁଝିବାକୁ ନଦେଇ ପୁଣି ପଚାରିଲି, ଏତେ ବ୍ୟସ୍ତ ହେଇ ଯାଉଛ କୁଆଡ଼େ ... କୌଣସି ଆପୟେଣ୍ଟମେଣ୍ଟ ଥିଲା ନା କ’ଣ ?

ଆପୟେଣ୍ଟମେଣ୍ଟ କହିପାର, ତେବେ ସେଇଟା ନୈମିତ୍ତିକ ।

ଚିହ୍ନା ଜଣାନାହିଁ, ଏହା ଭିତରେ ପୁଣି ମୋତେ ଟାଣିଲ କାହିଁକି ?

ହସି ଉଠି ଜବାବ୍ ଦେଲେ, ତୁମେ ଏବେ ଜଣେ ଷ୍ଟାର୍ ମୂଲ୍ୟର ଲୋକ, ନିଜର ମୂଲ୍ୟକୁ ବଢ଼ାଇବା ପାଇଁ ତୁମକୁ ସାଙ୍ଗରେ ଟାଣି ଆଣିଲି ।

ତାଙ୍କର ରସିକତା ବୋଧ ଟିକକ ଯେ ବେଶ୍ ସରସ ହେଇ ଉଠିଛି, ସେଇଟା ପୂର୍ବେ କେତେଥର ଟେର୍ ପାଇଛି । ପଚାରିଲି, କୌଣସି କ୍ଲବ୍ - ଫ୍ଲବ୍‌କୁ ?

ନା, ବୟସ ତ ହେଲା, ସନ୍ଧ୍ୟା ପରେ ଟିକେ ଭଜନ କୀର୍ତ୍ତନ ଶୁଣିବାକୁ ଯାଏ । ତିନି ଯୁଗ ପରେ ଅଚ୍ୟୁତ ଘୋଷ ଚୌଧୁରୀଙ୍କୁ ଦେଖି ଆଉ କେତେ ଅବାକ୍ ହେବି ଜାଣିପାରୁନାହିଁ ।

ଏଇ ସ୍ପୀଡ୍‌ରେ ଆଉ ଏଇପରି ଫାଙ୍କା ରାସ୍ତାରେ ପ୍ରାୟ ଦଶ ମିନିଟ୍ ଭିତରେ ଛଅ ମାଇଲ୍ ରାସ୍ତା ପାରି ହେଇଛି ନିଶ୍ଚିତ । କେଉଁ ରାସ୍ତା ବାଟେ କେଉଁଠି ଚାଲିଛି ମୋ ପକ୍ଷରେ ସନ୍ଧାନ ପାଇବା କଥା ନୁହେଁ । କିନ୍ତୁ ଟିକେ ପରେ ପୂରା ଅବାକ୍ ହେଇଗଲି । ସେଇ ତ ବ୍ରିଜ୍‌ଟା ? ଗତକାଲି ଉପରବେଳା ଯେଉଁ ବ୍ରିଜ୍‌ର ଗୋଟାଏ ପଟ ତିଆରି କରାହେଉଥିଲା । ଟ୍ରାଫିକ୍ ୱାନ୍‌ୱେ ହେଇଯାଇଥିଲା - ଯାହାଫଳରେ ଗାଡ଼ି ଚଲାଉଥିବା ଜଣେ ମହିଳାଙ୍କ ସାଙ୍ଗରେ କ୍ଲାଶ୍ - କିନ୍ତୁ ରମଣୀୟ କ୍ଲାଶ୍ ନୁହେଁ ।

ସେତେବେଳେ ବୁଝିପାରିଲି, ଅଚ୍ୟୁତ ଘୋଷ ଚୌଧୁରୀ ଜନିୱାକର୍ ଅଷ୍ଟିନ୍ ନେଇ ତରବର ହେଇ କେଉଁଠିକି ଯାଉଛନ୍ତି । ମୋ ମୁହଁରେ ପ୍ରଶ୍ନଟା ଆସିଗଲା । ପଚାରିବାକୁ ଯାଉଥିଲି ହୀରା ମଞ୍ଜିଲ୍‌କୁ ଯାଉଛୁ ନା କ'ଣ ? ସମ୍ଭାଳି ନେଲି । ବିସ୍ମୟ ତ ହେଲି, ତା'ପରେ ଆହୁରି ଅନେକଗୁଡ଼ିକ ପ୍ରଶ୍ନ ଏକା ସାଙ୍ଗରେ ମନର କବାଟରେ ଭିଡ଼ କରିବାକୁ ଆରମ୍ଭ କଲା । ଆଗ ଦେଖେ, ତା'ପରେ ନିଜର କଥା କହିବା ପାଇଁ ଅନେକ ସମୟ ପାଇବି ।

ଫାଟକର ଦୁଇ ପଟରେ ଦୁଇଟା ଜୋର୍‌ଦାର୍ ଆଲୁଅ ଜଳୁଛି । ଗତକାଲି ଶୁଣିଯାଇଥିଲି ସନ୍ଧ୍ୟା ଛଅଟା ବେଳେ ହୀରା ମଞ୍ଜିଲ୍‌ର ଗେଟ୍ ବନ୍ଦ ହେଇଯାଏ । ଦୂରରୁ ଗାଡ଼ିର ଆବାଜ୍ ଶୁଣି ଦରବାନ୍ ଗେଟ୍ ଖୋଲୁଛି ମନେହେଲା । ଆମକୁ ଆଉ ଅପେକ୍ଷା କରିବାକୁ ହେଲାନାହିଁ । ଘୋଷ ଚୌଧୁରୀ ଠିକ୍ ସମାନ ସ୍ପୀଡ଼୍‌ରେ ଗାଡ଼ିଟା ଭିତରକୁ ପୂରାଇଦେଲେ । ଦରବାନ୍‌ଟା ବୃଥା ସଲାମ୍ ମାରିଲା, ଯାହାଙ୍କ ଉଦ୍ଦେଶ୍ୟରେ ସଲାମ୍, ତାଙ୍କର ଆଖି ଯୋଡ଼ିକ ସାମ୍ନା ପଟକୁ ।

ଗାଡ଼ି ଯାଇ ସିଡ଼ି ପାଖରେ ଥମିଗଲା । ବେଶ୍ କେତେଗୁଡ଼ାଏ ଚଉଡ଼ା ଚଉଡ଼ା ସିଡ଼ି । ସୁନ୍ଦର ଅଗଣା । ତା'ପରେ ଗୋଟାଏ ବଡ଼ ହଲ୍ ଘର । ସିଡ଼ିରେ ଚଢୁ ଚଢୁ ଜଣେ ରମଣୀଙ୍କ ସୁରେଲା ସ୍ୱରରେ ବାଜଣା ସାଙ୍ଗରେ ଭଜନର ସୁର କାନକୁ ଆସିଲା । ହଲ୍‌ର ବାହାରେ ମାଳ ମାଳ ଜୋତା । ଘୋଷ ଚୌଧୁରୀ ବ୍ୟସ୍ତ ହେଇ ତାଙ୍କର ଜୋତା ଖୋଲିଦେଲେ । ମୋର ପାଦରେ ଥିଲା ଚଟି । ଖୋଲି ଦେଇ ତାଙ୍କ ସାଙ୍ଗରେ ଭିତରକୁ ଗଲି ।

ଭିତରେ ଏତେ ବଡ଼ ହଲ୍‌ରେ ପୂରାପୂରି ମୋଟା ସୁନ୍ଦର ଗାଲିଚା ବିଛା ହେଇଛି । ଶ୍ରୋତାଙ୍କ ସଂଖ୍ୟା ବେଶୀ ନୁହେଁ । ପଚାଶ, ଷାଠିଏ ଜଣ ହେବେ । ସମସ୍ତେ ନାନା ବୟସର ଝିଅ । ସେମାନେ ସାମ୍ନା ଆଡ଼କୁ ବସିଛନ୍ତି । ହଲ୍‌ର ପଛ ପଟ ପ୍ରାୟ ଖାଲି । ଶେଷ ଧାଡ଼ିରେ ଝିଅମାନେ ବସିଥିବା ଜାଗାରୁ ଆମେ ଟିକେ ଦୂରରେ ବସିଲୁ ପାଖାପାଖି ହେଇ ।

ଯିଏ ଭଜନ ଗାଉଛନ୍ତି ସେ ତନ୍ମୟ । ଯେଉଁମାନେ ଶୁଣୁଛନ୍ତି ସେମାନେ ମଧ୍ୟ ତନ୍ମୟ । ଗାୟିକା ଆଉ ଶ୍ରୋତା ମିଶି ଗୋଟାଏ ସମର୍ପଣର ମୂର୍ଚ୍ଛନାରେ ଏତେ ବଡ଼ ହଲ୍‌ର ପବନ ଭରି ହେଇ ରହିଛି । ଆମେ ତ ପରେ ଆସିଛୁ । କିନ୍ତୁ ବିଭୋର ହେବା ପାଇଁ ଟିକେ ବି ସମୟ ଲାଗିଲା ନାହିଁ । କଥା ବେଶୀ ନୁହେଁ, ସ୍ୱର ଆଉ ସମର୍ପଣ ହିଁ ବେଶୀ । ହିନ୍ଦୀ ବୟାନର ଗୋଟାଏ ଆକୁତିସୁରର ଜାଲରେ ବାରମ୍ବାର ବିସ୍ତାର ହେବାରୁ ଭଜନର ଭାବ ଟିକକ ଅନ୍ତତଃ ସୁନ୍ଦର ଭାବରେ ବୁଝିହେଲା । ... ମୀରା ଚାଲିଛନ୍ତି ତାଙ୍କ ପ୍ରଭୁଙ୍କ ପାଖକୁ, ସେଇ ଚାଲିବା ଭିତରେ ସମସ୍ତେ ଠମକ ଦେଖୁଛନ୍ତି । ମୀରାଙ୍କ ପାଦରେ ନୂପୁର ବାଜୁଛି । କିନ୍ତୁ ମୀରାଙ୍କ ପ୍ରଭୁ କ'ଣ ଜାଣନ୍ତିନାହିଁ, ପ୍ରଭୁ ଆସି ହାତ ନଧରିଲେ ସେ ଆଉ ଚାଲିପାରୁନାହାନ୍ତି ବୋଲି ତ ସେଇପରି ଭାବରେ ଚାଲୁଛନ୍ତି - ପ୍ରଭୁ କ'ଣ ଜାଣନ୍ତି ନାହିଁ, ସେଇଟା ତାଙ୍କର ନୂପୁରର ଠମକ ନୁହେଁ, ସେଇଟା ତାଙ୍କର ହୃଦୟର ତାରର ଆର୍ତ୍ତନାଦ !

ଗାଉଛନ୍ତି ମାତାଜୀ । ତାଙ୍କ ଦେହରେ ଅଛି ଆକାଶୀ ଧନିର ଗରଦ ଶାମି । ଆଉ ଧବଧବ ଧଳା ସିଲ୍କର ବ୍ଲାଉସ୍ । ନାକରେ ସେଇ ଚକ୍ ଚକ୍ କରୁଥିବା ଧଳା ପଥର । କୋଳରେ ତାନପୁରା । ଦୁଇ ପାଦକୁ ପଛରେ ମୋଡ଼ି କୋଳ ଓ କାନ୍ଧରେ ସେ ତାର ନେଇ ବସିବାର ଭଙ୍ଗୀ ଦେଖିବା ଭଳି । ଦୁଇ ଆଖି ବୁଜି ହେଇ ରହିଛି । ଯେଉଁମାନେ ଶୁଣୁଛନ୍ତି ସେମାନଙ୍କର ବୋଧହୁଏ ସେଇଆ । ଆମେ ଦୁହେଁ ଆସିଛୁ କେହି ବୋଧହୁଏ ଟେର୍ ପାଇନାହାନ୍ତି । ଜଣେହେଲେ ବି ମୁହଁ ଫେରାଇ ଚାହିଁନାହାନ୍ତି । ମାତାଜୀଙ୍କ ପାଖରେ ସେଇ ଉଚ୍ଚ ମଞ୍ଚ ଉପରେ ଗୋଟାଏ ପଟେ ଜଣେ ବସି ତବଲା ବଜାଉଛନ୍ତି, ତାଙ୍କ ପାଖରେ ଜଣେ ହାର୍‌ମୋନିୟମ୍‌ରେ ମୃଦୁ ସ୍ୱର ବଜାଇ ଚାଲିଛନ୍ତି । ମାତାଜୀଙ୍କ ସାମ୍ନାରେ ଗୋଟାଏ ଛୋଟ ମାଇକ୍ ।

ଭଜନ ଶେଷ ହେଲା । ତା'ପରେ ବି ପବନରେ କିଛି ସମୟ ସେଇ ସୁର ଆଉ ସମର୍ପଣର ଝଙ୍କାର ଲାଗି ରହିଲା । ଗତକାଲି ଉପରବେଳା ଏଇ ସୁନୟନୀ ଶ୍ୟାମବର୍ଣ୍ଣା ମହିଳାଙ୍କ ଆଚରଣରେ ଭିତରେ ଭିତରେ ମୁଁ ରୀତିମତ କ୍ରୁଦ୍ଧ ହେଇଉଠିଥିଲି । ସେଇ ମନୋଭାବ ଯେ ପୂରା ପୋଛି ହେଇଗଲା ତା'ନୁହେଁ । କିନ୍ତୁ ଏଇ ବୟସରେ ଗୀତ ଗାଇ ଲୋକଙ୍କୁ ଅଭିଭୂତ କରିବାର ଶକ୍ତି ଅଛି ମହିଳାଙ୍କର ସେ ଟିକକ ସ୍ୱୀକାର କରିବାକୁ ହିଁ ହେଲା ।

ଗୀତ ଶେଷ ହେବା ପରେ ସେ ଆଖି ଯୋଡ଼ିକ ମେଲି ଚାହିଁଲେ । ସିଧା ଆମ ଆଡ଼କୁ ପ୍ରଥମେ ଘୋଷ ଚୌଧୁରୀଙ୍କ ଆଡ଼କୁ । ତା'ପରେ ମୋ ଆଡ଼କୁ । ତା'ପରେ ଅପଲକ ଭାବରେ ମୋରି ଆଡ଼କୁ ।

ଏତେ ବଡ଼ ଘର ଭିତରେ ଆମେ ଦୁହେଁ ମାତ୍ର ପୁରୁଷ, ମହିଳାମାନଙ୍କ ଠାରୁ ପାଞ୍ଚ ସାତ ହାତ ଦୂରରେ ବସିଛୁ - ଆଖି ପଡ଼ିବ ହିଁ ପଡ଼ିବ । କିନ୍ତୁ ଦ୍ୱିତୀୟ ଥର ମୋ ଆଡ଼କୁ ସେଇ ଆୟତ ଆଖି ଯୋଡ଼ିକ ପ୍ରସାରିତ ହେବାରୁ ମନେହେଲା, କିଛି ସ୍ମରଣ କରିବାକୁ ଚେଷ୍ଟା କରୁଛନ୍ତି । ଆଉ ମୋ ଆଡୁ ମନେହେଲା, ଏଇପରି ଦୁଇଟି ଥଣ୍ଡା ଆଖି ସାଙ୍ଗରେ ଗତକାଲିର ସେଇପରି ସ୍ୱାର୍ଥପର ମିଜାଜ୍ ଯେମିତି ମିଶୁନାହିଁ । ମହିଳାଙ୍କର ଦେହର ରଙ୍ଗ ଟିକେ ଚାପା ବୋଲି ହିଁ ସେଇ ମୁହଁରେ ଏଇପରି ଦୁଇଟି ଆଖି ବେଶୀ ମାନୁଛି ।

ହଠାତ୍ ମୁଁ ସଚକିତ ହେଇଗଲି । ସାମ୍ନାରେ ବସିଥିବା ଝିଅମାନେ ମଧ୍ୟ । ଘୋଷରାୟ ଚୌଧୁରୀ ଚିତ୍କାର କରି ଫରମାଇଶ୍ କଲେ, କୀର୍ତ୍ତନ ! ଅବଏକ କୀର୍ତ୍ତନ ହୋ ! ସାମ୍ନାରେ ବସିଥିବା ଝିଅମାନେ ସମସ୍ତେ ବୁଲିପଡ଼ି ପଛକୁ ଚାହିଁଲେ । ଆଉ ପାଖରେ ବସିଥିବା ମହିଳାମାନେ ହାତ ଯୋଡ଼ି ଘୋଷ ଚୌଧୁରୀଙ୍କୁ ଅଭିବାଦନ ଜଣାଇଲେ । ଜବାବରେ ସେ ମୁଣ୍ଡ ହଲାଇ ଚାଲିଛନ୍ତି ହସ ହସ ମୁହଁରେ । ସେଥିରୁ ବୁଝାଗଲା ସେ ଏଠିକାର ଜଣେ ପ୍ରିୟ ସମ୍ମାନିତ ବ୍ୟକ୍ତି ।

ମୋର ଦୃଷ୍ଟି ମଞ୍ଚରେ ବସିଥିବା ମାତାଜୀଙ୍କ ଆଡ଼କୁ । ତାଙ୍କର ଆଖି ଯୋଡ଼ିକ ଘୋଷ ଚୌଧୁରୀଙ୍କ ଆଡ଼କୁ । ଓଠାରେ ସାମାନ୍ୟ ହସ । ତା'ପରେ ଚାହାଣିଟା ଥରେ ଆଡ଼କୁ ପୁଣି ଫେରି ଆସି ମଞ୍ଚ ଉପରେ ବସିଥିବା ଜଣଙ୍କ ଆଡ଼କୁ ପଡ଼ିଲା । ମୁଣ୍ଡ ହଲାଇ କ'ଣ ଇସାରା କରିବାରୁ ସେ ସଙ୍ଗେ ସଙ୍ଗେ ପଖୋଜ ନେଇ ଆସି ଟିକେ ଦୂରରେ ବସିଲେ । ଗୋଟିଏ ମିନିଟ୍ ଭିତରେ କରତାଳ ଧରି ପ୍ରାୟ ଜଣେ ତିରିଶ ବର୍ଷ ବୟସର ଗୋଟିଏ ଝିଅ ବି ଆସି ବସିଲା ।

ଟିକେ ଅବକାଶ ପାଇବାରୁ ମୋ ମଗଜରେ କିଛି ବକ୍ର ଚିନ୍ତାର ଧାରା ବୋହିବାକୁ ଆରମ୍ଭ କଲା । ହୀରା ମଞ୍ଜିଲ୍‌ର ହୀରା ଇଏ ଜଣାପଡ଼ିଲା । କେବଳ ହୀରା ନାଁ ହେଇ ପରେନା, ହୀରାବାଇ – ଫାଇ କିଛି ଗୋଟାଏ ହେଇଥିବ ନିଶ୍ଚିତ । ... ହୁଏତ ବୟସ କାଳରେ ନାମୀ ବାଈଜୀ ଥିଲେ । ନାମୀ ନଥିଲେ ଏବେ ଗାଡ଼ି ପାଖରେ ଥିବା କଥା ନୁହେଁ ବା ନିଜେ ଡ୍ରାଇଭ୍ କରିବା କଥା ନୁହେଁ । ଚେହେରା, ଚାଲିଚଳଣ ଦେଖିଲେ ଜୀବନର ସେଇ ଅଧ୍ୟାୟରେ ପ୍ରଚୁର ରୋଜଗାର କରିଛନ୍ତି, ସେଥିରେ ସନ୍ଦେହ ନାହିଁ । ତା'ପରେ ପଡ଼ନ୍ତ ବୟସରେ ଅନେକଙ୍କର ଯାହା ହୁଏ ସେଇଆ ହେଇଛି ବୋଧହୁଏ । ଆଗ ଜୀବନ ପାଇଁ ସ୍ପୃହାଶୂନ୍ୟ ବା ବିତୃଷ୍ଣା ଆସିଛି । ସେଇ ଜୀବନକୁ ତ୍ୟାଗ କରି ଏଇ ଆଶ୍ରମ ପରି କିଛି କରି ମାତାଜୀ ହେଇ ବସିଛନ୍ତି । ଏହାଛଡ଼ା ଆଉ କ'ଣ ହୋଇପାରେ ? ଆଜୀବନ ସନ୍ନ୍ୟାସିନୀ ହେଇଥିଲେ ତାଙ୍କର ବେଶଭୂଷା ଚାଲିଚଳଣ ଏଇପରି ହେଇପାରେନା – ଏ ଦେଶର ସନ୍ୟାସିନୀ ମାନେ କେହି ଗାଡ଼ି ଡ୍ରାଇଭ୍ କରନ୍ତି ବୋଲି ଶୁଣିନାହିଁ । ତାଛଡ଼ା ଗତକାଲି କଲ୍‌ଭର୍ଟ ଉପରେ ଯାହା ଦେଖିଛି – କୌଣସି ସନ୍ୟାସିନୀଙ୍କ ସେଇପରି ସ୍ୱାର୍ଥପର ମିଜାଜ୍ ହେବା କଥା ନୁହେଁ ।

କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟ ଲାଗୁଛି ମୋତେ ଅଚ୍ୟୁତ ଘୋଷ ଚୌଧୁରୀଙ୍କ କଥା ଭାବି । ସେ କହିଥିଲେ, ଏଠିକି ଆସିଲି ଦେଖିଲି ଅଟକିଗଲି । କାହାକୁ ଦେଖିଲେ ଆଉ ଅଟକି ଗଲେ ସେଇଟା ବୁଝିବା ବର୍ତ୍ତମାନ ଅତି ସହଜ । କିନ୍ତୁ ଦୁହିଁଙ୍କର ଏଇ ବୟସରେ କି ଆଶା କି ଆକର୍ଷଣ ? ହାତଘଣ୍ଟା ଦେଖି ଚମକିଉଠି ଘୋଷ ଚୌଧୁରୀ ଯେପରି ଭାବରେ ତାଙ୍କର ଜନିଓ୍ୱାକର୍ ଚଲାଇ ଦୌଡ଼ି ଆସିଲେ, ସେଇଟା କ'ଣ କେବଳ ଭଜନ ଆଉ କୀର୍ତ୍ତନ ଶୁଣିବା ଆଶାରେ ? ସେଇଆ ଯଦି ହୁଏ, କହିବାକୁ ହେବ ମାନବ-ରୀତିର କ-ଖ ମଧ୍ୟ ମୋର ଶିକ୍ଷା ହେଇନାହିଁ ।

ସଙ୍ଗେ ସଙ୍ଗେ ଆହୁରି କିଛି ମନେହେଲା । ... ଅଚ୍ୟୁତ ଘୋଷ ଚୌଧୁରୀ ବହୁତ ବଦଳି ଯାଇଛନ୍ତି, ଆଉ କେତେ ବଦଳିଛନ୍ତି ଏଇ ଗୋଟାଏ ଦିନ ଭିତରେ ମୁଁ ବହୁତଥର ଅନୁଭବ କରିଛି । ଏମିତି ବଦଳିବା ପଛରେ ସେଇ ମହିଳାଙ୍କ ପ୍ରଭାବ କେତେ ଟିକେ ? ଯେତେ ହେଉ, ତାର ସବୁ ଅଂଶ ଯେ ଧଳା, କଳା କେଉଁଠି ନାହିଁ ସେଇଟା ଅସ୍ୱୀକାର କରିବି କିପରି ?

କୀର୍ତ୍ତନ ଏହା ଭିତରେ ଜମି ଉଠିଛି । ମୁଁ ଖିଆଲ କରିପାରିନି । ଏଥର ଦୁଇକାନ ଆଉ ଦୁଇ ଆଖି ପୂରା ସଜାଗ । କୀର୍ତ୍ତନର ଛନ୍ଦରେ ଛନ୍ଦରେ ମହିଳା ଟିକେ ହଲୁଛନ୍ତି । ବେଳେ ବେଳେ ହସୁଛନ୍ତି ମଧ୍ୟ । ଚାହାଣି ସେତେବେଳେ ମୋ ପାଖରେ ବସିଥିବା ଘୋଷ ଚୌଧୁରୀଙ୍କ ଆଡ଼କୁ ।

ଗୀତ ଶେଷ ହେଲା । ତାନପୁରା ରଖି ମହିଳା ଜଣକ ଆସ୍ତେ ଆସ୍ତେ ଉଠିଲେ । ସାମାନ୍ୟ ଉଚ୍ଚ ମଞ୍ଚରୁ ଓହ୍ଲାଇ ଭିତରର କବାଟ ବାଟରେ ଚାଲିଗଲେ । ତା'ପରେ ପରେ ଶ୍ରୋତାମାନେ ବି ସମସ୍ତେ ଉଠିଗଲେ । ମୋ ପାଖରେ ଘୋଷ ଚୌଧୁରୀ ବସି ନାହାନ୍ତି ମୁଁ ଜାଣି ମଧ୍ୟ ପାରିଲିନାହିଁ । ତା'ପରେ ଲକ୍ଷ୍ୟ କଲି, ସେ ଟିକେ ଦୂରରେ ଛିଡ଼ା ହେଇଛନ୍ତି । ବୟସ୍କା ମହିଳାମାନେ ଗୋଟିଏ ମିନିଟ୍ ଦୁଇ ମିନିଟ୍ ଛିଡ଼ା ହେଇ ତାଙ୍କ ସାଙ୍ଗରେ କଥା କହି ତା'ପରେ ଚାଲିଯାଉଛନ୍ତି ।

ବସି ରହିଲି ମୁଁ । ନିଜର ବିଶ୍ଳେଷଣ ଉପରେ ମୋର ଆସ୍ଥା କମିଛି । ଆଗର ଜୀବନ ଯେମିତି ହେଉ, କୌଣସି ଗ୍ଲାନିର ଗୋଟିଏ ବିନ୍ଦୁ ବି ଅବଶିଷ୍ଟ ଥିଲେ କାହାରି ଗଳାରୁ ଏମିତି ଗୀତ ଝରିପାରେ ?

ଘୋଷ ଚୌଧୁରୀ ସାଙ୍ଗରେ ଦେଖା ହେଇଯିବାରୁ ମୁଁ ଉଠିଲି । ପାଖକୁ ଯିବାରୁ ସେ ଚାପା ସ୍ୱରରେ ରସିକତା କରି କହି ଉଠିଲେ, ପୂରା ବିମୋହିତ ହେଇ ବସି ରହିଛ ଯେ !

ଆସ –

ହଲ୍‌ର ଭିତର ଦେଇ ଅନ୍ଦର୍ ଆଡ଼କୁ ଅର୍ଥାତ୍ ମାତାଜୀ ଯେଉଁ କବାଟ ବାଟେ ଭିତରକୁ ଯାଇଛନ୍ତି ସେଇ ଆଡ଼କୁ ବ୍ୟସ୍ତ ହେଇ ପାଦ ବଢ଼ାଇଲେ । ମୁଁ ବି ତାଙ୍କ ପଛେ ପଛେ ଚାଲିଲି । ହଲ୍ ଛାଡ଼ି ଭିତରକୁ ପଶିଲେ ହିଁ ସାମ୍ନାରେ ଲମ୍ବା ସରୁ ବାରଣ୍ଡା । ତା'ର ଶେଷ ମୁଣ୍ଡରେ ଗୋଟାଏ ଘରର ପାଖାପାଖି ଯାଇ ବୁଲିପଡ଼ି ଚାହିଁଲେ । ମୁଁ ପାଖକୁ ଯିବାରୁ ଅତି ଧୀରେ କହିଲେ, ପାଦ ବି ତ ଚାଲୁନାହିଁ ଦେଖୁଛି !

ତା'ପରେ ମୋତେ ସାଙ୍ଗରେ ନେଇ କବାଟ ସାମ୍ନାରେ । ଗଳାରେ ମହୁ ଢାଳି କହିଲେ, କ୍ୟା ... ହମ୍ ଲୋଗ୍ ଚଲେ ଆଏଁ ...

ମହିଳା ଜଣକ ଗୋଟାଏ ଚୌକି ଉପରେ ବସି ଆଉ ଗୋଟିଏ ଝିଅକୁ କ'ଣ କହୁଥିଲେ । ସୋଫା ଉପରେ ଗୋଟାଏ ସୁନ୍ଦର ରଙ୍ଗିନ୍ ପତଳା ଗାଲିଚା ପରା ହେଇଛି । ତକିଆ – ଫକିଆ ନାହିଁ ।

ମହିଳା ସଙ୍ଗେ ସଙ୍ଗେ ଆମ ଆଡ଼କୁ ଫେରି ଚାହିଁଲେ । ତାଙ୍କ କପାଳରେ ଭ୍ରୁକୁଟିର ଚିହ୍ନ ଦେଖିଲି, କିନ୍ତୁ ସେଇଟା ବିରକ୍ତିର ବୋଲି ମନେହେଲାନାହିଁ । ଅନ୍ୟ ଝିଅଟି ସେଇ ଘରର ଆଉ ଗୋଟାଏ କବାଟ ବାଟେ ଚାଲିଗଲା । ମହିଳାଙ୍କର ମୋ ଆଡ଼କୁ ଆଖି, ସାଙ୍ଗେ ସାଙ୍ଗେ ଉଠି ଅଭ୍ୟର୍ଥନା ଜଣାଇବା ଉଦ୍ଦେଶ୍ୟରେ ଆସିବା ଫାଙ୍କରେ ମୋର ମନେ ହେଲା ଘୋଷ ଚୌଧୁରୀ ଯେମିତି ଆଖିର ଇସାରାରେ ତାଙ୍କୁ କିଛି ବୁଝାଇବାକୁ ଚେଷ୍ଟା କରୁଥିଲେ । ଆଉ ସେ ଅଭ୍ୟର୍ଥନା ଜଣାଇବା ପୂର୍ବେ ହିଁ କହିଲେ, ମେରେ ଜିଗରି ଦୋସ୍ତ ଭି ସାଥ୍ ଆୟେ ହେ – ଆପ୍‌କି ଦର୍ଶନ ପ୍ରାର୍ଥୀ ହେ । ମହିଳା ଜଣକ ବେଶ୍ ସଦୟ ଭାବରେ ଅଭ୍ୟର୍ଥନା ଜଣାଇଲେ । – ଆଇୟେ ଆଇୟେ – ୟେ ମେରା ଖୁସ୍‌ନସିବ୍ ହେ ।

ଆମେ ଭିତରକୁ ପ୍ରବେଶ କଲୁ । ମେଜିଆ ଉପରେ ଦୁଇଟା ଗଦି ଲାଗିଥିବା ସୁନ୍ଦର ମୋଢ଼ା ରଖା ହେଇଛି – ଆମେ ଆସିପାରୁ ଅନୁମାନ କରି ହୁଏତ ସେ ଦୁଇଟା ସେଇଠି ରଖା ହେଇଥିଲା ।

ମୋଢ଼ା ଦୁଇଟା ଦେଖାଇ ସବିନୟରେ କହିଲେ, ତସରିଫ୍ ରଖିଏ –

ଦୁହେଁ ବସିଲୁ । ସୌଜନ୍ୟର ଖାତିରରେ ଏଥର କହିବା ଉଚିତ୍, ଆପଣ ପରିଶ୍ରାନ୍ତ, ଏ ସମୟରେ ଆମ୍ଭମାନଙ୍କର ଆସିବାଟା ଠିକ୍ ହେଲାନାହିଁ । ବହୁତ ଚେଷ୍ଟା କରି କହିଲି, ଆପ୍‌କୋ ବହତ୍ ପରେଶାନ୍ ହୁଆ – ୟେ ଟାଇମ୍ ମେ ...

ବଞ୍ଚିଗଲି । ଆଉ କିଛି କହିବା ଦରକାର ହେଲାନାହିଁ । ମହିଳା ହସି ହସି କହିଲେ, ମୁଝେ କୋଇ ଥକାଓଟ୍ ନେହିଁ ହେ – ଆପ୍ ଆଏ, ୟେ ତୋ ଖୁସୀ କି ବାତ୍ ହେ । ମୁହଁର ହସ ସାଙ୍ଗରେ ନାକରେ ପିନ୍ଧିଥିବା ଧଳା ପଥର ବି ଚକ୍ ଚକ୍ ହେବାକୁ ଲାଗିଲା । ... କାଲ୍ ଆପ୍ ତୋ ମୁଝପର୍ ବହତ୍ ନାରାଜ୍ ହୁଏ ଥେ ?

ଘୋଷ ଚୌଧୁରୀ ତାଙ୍କର ମୋଢ଼ା ଛାଡ଼ି ଉଠି ଛିଡ଼ା ହେଲେ । ବଡ଼ ବଡ଼ ଦୁଇଟା ଆଖି ମୋ ମୁହଁ ଆଡ଼କୁ । – ଏ କ୍ୟା ବାତ୍ ?

ମୁଁ ହସିଲି । ତାଙ୍କ କଥାର ଜବାବ୍ ନଦେଇ ମହିଳାଙ୍କ ଆଡ଼କୁ ଚାହିଁଲି । କିନ୍ତୁ ଭାଷା ବିଷୟଟା ହିଁ ମୋ ପାଖରେ ବିଡ଼ମ୍ବନାର ବିଷୟ । କହିଲି, ନାରାଜ୍ ନହିଁ – ୟୁ ଓ୍ୱେର୍ ଇନ୍ ଏ ହରି ।

ହସ ହସ ମୁହଁରେ ମହିଳା ଏଥର ଘୋଷ ଚୌଧୁରୀଙ୍କ ଆଡ଼କୁ ଚାହିଁଲେ – କ୍ୟା ଆପ୍ ଆଶ୍ମାନ୍ ସେ ଗିରେ ? କାଲ୍ ଲାୟଲିକି ଆକ୍‌ସିଡେଣ୍ଟ ହୁଇ – ହାସ୍‌ପାତାଲ୍ ସେ ତୁରନ୍ତ ଜାନେକେଲିଏ ଟେଲିଫୋ୍ ଆୟାଥା – ବ୍ଲଡ୍ ଦେନା ହେ ... ମେ ଛୁଟା । ଆପ୍‌କା ଦୋସ୍ତ ତବ୍ ଓ ରିପେୟାର୍‌ବାଲା କଲ୍‌ଭର୍ଟ ପର୍ ଟାଙ୍ଗେମେ ଥେ ! ବସ୍ ! ଦୋନା ଜଲ୍‌ଦି ଆଗେ ବଢ଼ନେକି କୋଶିସ୍ ମେ କଲ୍‌ଭର୍ଟ ପର୍ କ୍ଲାଶ୍ !

କ୍ଲାଶ୍ ! ଘୋଷ ଚୌଧୁରୀ ଭୟଭୀତ ହେଇପଡ଼ିଲେ ।

ମହିଳା ଟିକେ ଜୋର୍‌ରେ ହସି ଉଠିଲେ । ହସିଲେ, ତାଙ୍କର ସୁନ୍ଦର ଚକ୍ ଚକ୍ ଦାନ୍ତ ଗୁଡ଼ିକ

ଝଲସି ଉଠେ । ଆଉ ନାକର ଧଳା ପଥରଟା ଯେମିତି ବେଶୀ ଚକ୍ ଚକ୍ କରେ । ପୁଣି ମୋ ଆଡ଼କୁ ଚାହିଁ ବିନୟର ସହ କହିଲେ, ମେରି କସୁର ହୁଇ ... କାଲ୍ କି ଏସି ବାତ୍ କେ ଲିଏ ମାଫି ମାଙ୍ଗତି ହୁଁ ।

ତାଙ୍କର କାହିଁକି ଆଗ ଯିବାର ଦରକାର ଥିଲା ଶୁଣି ନିଜେ ହିଁ ଲଜ୍ୟା ପାଇଲି । ସାଙ୍ଗେ ସାଙ୍ଗେ କହିଲି, ମାଫ୍ ତୋ ହାମ୍‌କୋ ହି ମାଙ୍ଗନା ହେ – ଆପ୍ କାହେ ଇତ୍‌ନା ହ୍ୟାରିମେ ଥେ – ଆଇ ମିନ୍ ...

ମହିଳା ଜଣକ ଏଥର ଛୋଟ ଝିଅ ପରି ହଠାତ୍ ଖିଲି ଖିଲି ହେଇ ହସି ଉଠିଲେ, ଆଉ ଗୋଟାଏ ହାତ ଉଠାଇ ମୋତେ ଥମାଇ ଦେଲେ । ତା'ପରେ କହିଲେ, ଥାଉ, ଆପଣଙ୍କୁ ଆଉ ହିନ୍ଦୀ ପାଇଁ କସରତ୍ କରି ଝାଳ ନାଳ ଆଣ୍ଠୁଏ ହେବାକୁ ପଡ଼ିବନାହିଁ ।

– କାଲି ସେଇ ହିନ୍ଦୀ ପାଇଁ ହିଁ ଆପଣଙ୍କୁ ରାଗଟା ହଜମ କରିବାକୁ ପଡ଼ିଥିଲା – ଆପଣଙ୍କ ବଙ୍ଗଳରେ କୁହନ୍ତୁ, ମୁଁ କଷ୍ଟ କରି ବୁଝିନେବି ।

ଏଥର ମୋର ଆକାଶରୁ ପଡ଼ିବା ମୁହଁ, ଆଉ ମୋଡ଼ା ଛାଡ଼ି ଉଠି ଛିଡ଼ା ହେବା ଅବସ୍ଥା ଉପୁଜିଲା – ଆପଣ ତ ଖାଣ୍ଟି ବଙ୍ଗାଳୀ ଦେଖୁଛି !

ମହିଳା ହସୁଛନ୍ତି । – ନା, ଖାଣ୍ଟି ଆଉ ନାହିଁ – ଏଇଠି ରହି ରହି ଅନେକ ଭେଜାଲ୍ ମିଶିଯାଇଛି ।

ଘୋଷ ଚୌଧୁରୀଙ୍କ ମୁହଁରେ ହସ ଅଜାଡ଼ି ହେଇପଡୁଛି । ମହିଳାଙ୍କୁ ଚାହିଁ ପ୍ରାୟ ଧମକର ସ୍ୱରରେ ଅନୁଯୋଗ କଲେ, ତୁମେ ସବୁ ମାଟି କରିଦେଲ – ମାତାଜୀଙ୍କୁ ନେଇ ଗୋଟାଏ ସୁନ୍ଦର ଆଟ୍‌ମସ୍‌ଫିୟର୍ କରିପକାଇବି ବୋଲି ଭାବିଥିଲି –

କିନ୍ତୁ କ'ଣ କରିବି, ଭଦ୍ରଲୋକଙ୍କର ଦୁରାବସ୍ଥା ଆଉ କେତେ ଦେଖିବି ! ମୋ ଆଡ଼କୁ ଚାହିଁଲେ, କହିଲେ, ଆପଣ ଯେ ବଙ୍ଗାଳୀ କାଲି ଜାଣିପାରିଥିଲି । ଅନର୍ଥକ କଷ୍ଟ ଦେଲି –

ଏମିତି ଗୋଟାଏ ବିସ୍ମୟର ମୁହାଁମୁହିଁ ଜୀବନରେ ବୋଧହୁଏ କେବେବି ହେଇନାହିଁ । ଏଇପରି ଭାବରେ ମହିଳାଙ୍କ ଆଡ଼କୁ ଚାହିଁ ରହିବା ବି ଅଶୋଭନ ହେଇପାରେ କି ନାହିଁ ସେଇଟା ମୋର ଖିଆଲ ନାହିଁ । କହିଲି, ଏମିତି ସୁନ୍ଦର କଷ୍ଟ ମୋର ଚିରକାଳ ମନେ ରହିବ । ... କିନ୍ତୁ ତାହେଲେ ହୀରା ମଞ୍ଜିଲ୍ କ'ଣ ? ହୀରା ଆପଣଙ୍କ ନାଁ ?

ସଙ୍ଗେ ସଙ୍ଗେ ଶ୍ୟାମବର୍ଣ୍ଣ ମୁହଁରେ ଗାମ୍ଭୀର୍ଯ୍ୟ ଫୁଟି ଉଠିଲା । – ନା, କାଚ । କାଚ ମଞ୍ଜିଲ୍ ଆଉ କରିବି କେମିତି – ହୀରା ମଞ୍ଜିଲ୍ ତିଆରି ଦେଇଛି ।

ଏଇଟା ମଧ୍ୟ ଥଟ୍ଟା ବୋଲି ବୁଝିପାରିଲି । କାଚ କ'ଣ କୌଣସି ନାରୀର ନାଁ ହେଇପାରେ ?

ଘୋଷ ଚୌଧୁରୀ ମୋ କାନ୍ଧରେ ଧକ୍କା ଦେଇ କହିଲେ, ତୁମେ ହୀରା ନାଁରୁ ହୀରା ମଞ୍ଜିଲ୍ ଭାବିଥିଲ ?

ସଙ୍ଗେ ସଙ୍ଗେ ମହିଳାଙ୍କର ଦୁଇ ଭ୍ରୂ ମଝିରେ ଟିକେ ଭ୍ରୂକୁଟି ଲକ୍ଷ୍ୟ କଲି । ଅର୍ଥାତ୍ ଏ ପ୍ରସଙ୍ଗ ବାତିଲ୍ କରିବାର ଇଚ୍ଛା । ତେବେବି ଘୋଷ ଚୌଧୁରୀ ନିଜ ମିଜାଜ୍‌ରେ ତାଙ୍କ ଆଡ଼କୁ ଚାହିଁ କହି ଉଠିଲେ, ତା'ରମାନେ ସେ ତୁମକୁ ହୀରା ବାଈ ବା ହୀରା ବାଈଜୀ – ଫାଇଜୀ କିଛି ଗୋଟାଏ ଭାବିଥିଲେ ।

ମହିଳା ଜଣକ ଏଥର ଧମକ୍ ଦେଇ କହି ଉଠିଲେ – କେତେଥର କହିଛି, ରୋଜ୍ ଥରେ ଲେଖାଏଁ ଯାଇ ପ୍ରୟାଗ ସଙ୍ଗମ ପାଣିରେ ମୁହଁଟା ଭଲକରି ଧୋଇ ଆସିବେ ?

ଘୋଷ ଚୌଧୁରୀ ହସିବାକୁ ଲାଗିଲେ । ମୁଁ ମଧ୍ୟ ମନେ ମନେ ଲଜ୍ଜିତ ହେଉଛି । ବାଈଜୀର ସମ୍ଭାବନାଟା ହିଁ ମୋ ମନରେ ଗାର କାଟିଥିଲା । ଏଇଟା ମଧ୍ୟ ଶୁଣିଲି, ଘୋଷ ଚୌଧୁରୀ ମହିଳାଙ୍କୁ 'ତୁମେ' କହୁଛନ୍ତି, କିନ୍ତୁ ସେ ତାଙ୍କୁ 'ଆପଣ କହୁଛନ୍ତି ।'

ଧମକ ଦେବା ପରେ ପୁଣି ମୋ ଆଡ଼କୁ ଚାହିଁ ହସି ଉଠିଲେ । ଅନୁଯୋଗର ସ୍ୱରରେ କହିଲେ । ଏତେ ବୟସ ହେଲା, ଜିଭରେ ଯଦି ଲଗାମ୍ ଥାଆନ୍ତା ! ଛାଡ଼ – ଏତେ ସମୟ ବିତିଗଲାଣି ବନ୍ଧୁଙ୍କ ପରିଚୟ ବି ସେ ଦେଲେନାହିଁ । – ଆପଣ କୋଲକାତାରେ ଥାଆନ୍ତି ?

ଜବାବ ଦେବା ପୂର୍ବେ ହିଁ ମୋର ବନ୍ଧୁ ଜଣକ ବ୍ୟସ୍ତ ହେଇଉଠିଲେ – ରୁହ, ରୁହ, ପରିଚୟ ମୁଁ ଦେଉଛି । ନିଜର ପରିଚୟ ଦେବାକୁ ତାଙ୍କୁ ଲାଜ ଲାଗିବ । ୟାଙ୍କର ଖାଣ୍ଟି ପରିଚୟ ହେଉଛି, ଜଣେ ଥାର୍ଡକ୍ଲାସ୍ ଲୋକ, ମିଛ ବ୍ୟବସାୟରେ ଫୁଲି ଉଠିଛନ୍ତି – ବୋଝ ବୋଝ ମିଥ୍ୟାକୁ ସତ୍ୟକରି ସଜାଇ ଲୋକଙ୍କୁ ଗିଳେଇ ଦିଅନ୍ତି ଆଉ ପକେଟ୍‌ରେ ଟଙ୍କା ପୁରାନ୍ତି ... ୟାଙ୍କର ନାଁ –

ଖୁବ୍ ଗମ୍ଭୀର ହେଇ ପୁରା ନାଁଟା କହିଲେ ।

ମନେହେଲା ଯେମିତି ବୁଝିବାକୁ ସମୟ ଲାଗିଲା ଗୋଟାଏ ଦୁଇଟା ମୁହୂର୍ତ୍ତ । ତା'ପରେ ଶ୍ୟାମଳ ମୁହଁରେ ବିସ୍ମୟର କାରୁକାର୍ଯ୍ୟ ବି ମୁଁ ଖୁବ୍ କମ୍ ଦେଖିଛି । – କି ଭାଗ୍ୟ ମୋର – ଭାଗ୍ୟ କାହାର ଭଲ ଅସଲରେ ମୁଁ ଅନୁଭବ କରୁଛି ।

ମୋଡ଼ା ଛାଡ଼ି ଘୋଷ ଚୌଧୁରୀ ଉଠି ଛିଡ଼ା ହେଲେ । ଗମ୍ଭୀର । – ଦେଖ ସୁନୟନୀ, ମୋର ଏତେଟା ବରଦାସ୍ତ ହେବନାହିଁ –

ସଙ୍ଗେ ସଙ୍ଗେ କିଛି ମିଛ କଥା କହିଦେଲେ ବୋଲି ଜିଭ କାଟିଲେ । ଗାମ୍ଭୀର୍ଯ୍ୟ ବଦଳରେ ମୁହଁ ସଂକୁଚିତ ହେଇଗଲା । ତାଙ୍କର ଆଖି ଏଡ଼ାଇ କୈଫିୟତ୍ ପରି ଘୋଷ ଚୌଧୁରୀ ମୋତେ ହିଁ କହିଲେ, ମୁହଁରୁ ନାଁ ଟା ହଠାତ୍ ବାହାରିଗଲା, ଅସଲ କଥା କ'ଣ ଜାଣିଛ, ପିଲାମାନେ ଯେମିତି ଘରଛାଡ଼ି ବ୍ରହ୍ମଚାରୀ ବା ସନ୍ୟାସୀ – ଫନ୍ୟାସୀ ହେଲେ ନାଁ, ପଦବୀ ସବୁ ଛାଡ଼ି ଦିଅନ୍ତି, ଇଏ ମଧ୍ୟ ମାତାଜୀ ହେଇ ନାଁ ପଦବୀ ସବୁ ଛାଡ଼ିଦେଇଛନ୍ତି । କିନ୍ତୁ ମୁଁ ତ ଆଉ ମାତାଜୀ – ଫାତାଜୀ କହି ପାରିବିନାହିଁ, ପୁଣି ଅସଲ ନାଁଟା ମଧ୍ୟ ମୋତେ କହିବା ମନା – ତେଣୁ ବ୍ୟବହାରିକ କାର୍ଯ୍ୟରେ ସେଇ ନାଁଟା ମୋରି ଦେବା ନାଁ – ପୁଣି ଏହାଶୁଣିଲେ ବି ତାଙ୍କର ରାଗ – ଆଚ୍ଛା, ତୁମେ ତ ଏତେ ବଡ଼ ପୟଗମ୍ବର ସାହିତ୍ୟିକ ମଣିଷ ଯେଉଁ ନାଁ ଶୁଣି ବି ଭାଗ୍ୟର କୂଳ – କିନାରା ପାଉନାହାନ୍ତି – ତୁମେ କୁହ ତ, ସୁନୟନୀ ନାଁ ଟା କ'ଣ ମୁଁ ଖରାପ ଦେଇଛି ?

ମହିଳାଙ୍କ ମୁହଁରେ ପୁଣି ହାଲ୍‌କା ଶାସନ । – ପୁଣି ? ତା'ପରେ ପୁଣି ମୋ ଆଡ଼କୁ ଚାହିଁଲେ ।

– ଆଚ୍ଛା, ଦେଖନ୍ତୁ ତ, ମହିଳାମାନେ ମୋତେ କେତେ ଭକ୍ତି ଶ୍ରଦ୍ଧା କରନ୍ତି – ତାଙ୍କ ସାମ୍ନାରେ ବି ସେଇ ନାଁ ଧରି ଡାକ ଛାଡ଼ନ୍ତି – ପ୍ରଥମେ ସେମାନେ ଭାବିଥିଲେ ସେଇଟା ହିଁ ବୋଧହୁଏ ମୋର ନାଁ – ସେ ପୁଣି ସେମାନଙ୍କୁ ବିସ୍ତାରିତ ଭାବରେ ବୁଝାଇ ଦେଇଛନ୍ତି, ସେଇ ନାଁରେ କାହିଁକି ଡକା ହେଉଛି – ବର୍ତ୍ତମାନ ଶୁଣିଲେ ସେମାନେ ମଧ୍ୟ ହସି ଥାଆନ୍ତି, ମଜା କରନ୍ତି ।

କହିଲି, ମୁଁ କିନ୍ତୁ ମଜା ପାଉନାହିଁ । ସୁନୟନୀ ହିଁ ଆପଣଙ୍କର ଠିକ୍ ନାଁ – ଆଉ ଯଦି କୌଣସି ନାଁ ଥାଏ ସେଇଟା ବାତିଲ୍ କରିଦେବା ଉଚିତ୍ – ବନ୍ଧୁଙ୍କର ବୁଦ୍ଧି ବିବେଚନା ଉପରେ ମୋର କୌଣସି ଦିନ ଆସ୍ଥା ନଥିଲା – ଏବେ ଟିକେ ହେଲା । ନାଁ ନେଇ ମୁଁ ବି ଆଉ ବ୍ୟସ୍ତ ହେଇନାହିଁ – ସୁନୟନୀକୁ ହିଁ ପକ୍କା କରିନେଲି ।

ବାସ୍, ବାସ୍, ବାସ୍ ! ଘୋଷ ଚୌଧୁରୀ ଆନନ୍ଦରେ ଆପ୍ଲୁତ । ଜୋର୍ ଗଳାରେ କହିଲେ, ତୁମେ ସତରେ ଭଲ ସାହିତ୍ୟିକ ଦେଖୁଛି ! ଉଠ, ଉଠ – ଏଥର ଚାଲ ଯିବା – ତୁମେ ସୁବିଧାଜନକ ଲୋକ ନୁହେଁ – ପ୍ରଥମ ଦିନରେ ହିଁ ମୋର ଦେଇଥିବା ନାଁ ନେଇ ବ୍ୟସ୍ତତା !

ପୁଣି ଚାପା ଧମକ୍ । – ଆରେ ! କିଏ କେଉଁଠି ଶୁଣିବ ଠିକ୍ ନାହିଁ, ଇଏ କ'ଣ ! ଆପଣ ଉଠୁଛନ୍ତି କାହିଁକି – ବସନ୍ତୁ, ବସନ୍ତୁ ! ସେଇ କେତେବେଳୁ ଆସି ସେ ପରିଚୟ ଦେଲେ ବର୍ତ୍ତମାନ – ବସନ୍ତୁ, ମୁଁ ସାଙ୍ଗେ ସାଙ୍ଗେ ଆସୁଛି –

ଆଜି ସାଙ୍ଗେ ସାଙ୍ଗେ କିଛି ନୁହେଁ । ଘୋଷ ଚୌଧୁରୀ ବେଶ୍ ଜୋର୍‌ରେ କହି ଥମାଇ ଦେଲେ ତାଙ୍କୁ ।

– ଆପ୍ୟାୟନ କରିବାର ଇଚ୍ଛା ଥିଲେ, ଆସନ୍ତା କାଲି ଆସିବା ପାଇଁ ନିମନ୍ତ୍ରଣ କରିଦିଅ, ବହୁତ ଡେରି ହେଇଯାଇଛି, ଆଉ ଦୁଇ ମିନିଟ୍ ବି ନୁହେଁ ।

ସୁନୟନୀଙ୍କ ଆଖି ଯୋଡ଼ିକ ତାଙ୍କ ମୁହଁକୁ ଚାହିଁ ଥମକିଗଲା । ତା'ପରେ ହଁ ଟିକେ ରାଗି ଚାହିଁଲେ ତାଙ୍କ ଆଡ଼କୁ । – ଡେରି କ'ଣ ପାଇଁ କହୁଛ ! ଏବେ ଯାଇ ତ ସେଇ ପାଉଁଶ ନେଇ ବସିବ ? ଘୋଷ ଚୌଧୁରୀଙ୍କ ଭାରୀ ମୁହଁରେ ହସର ଢେଉ । – ଆଉ ସେ ସବୁ ମତ୍ ବୋଲିଏ ମାତାଜୀ, ତୁମର ସମାଦରର ଲେଖକ ବି ଏହାର ମର୍ମ ବୁଝନ୍ତି – ମୋତେ ନିଜ ମୁହଁରେ କହିଛନ୍ତି ।

ପ୍ରାୟ ଅବିଶ୍ୱାସ ନେଇ ମହିଳା ମୋ ଆଡ଼କୁ ଚାହିଁଲେ । ସତ କି ନାହିଁ, ଜାଣିବାର ଚେଷ୍ଟା । ଅଗତ୍ୟା ମୋର ମଧ୍ୟ ଚପାଇ ଦେବାର ଚେଷ୍ଟା । – ସେ ବେଶୀ ବଢ଼େଇ କହୁଛନ୍ତି, ଟିକେ ଅଧେ ସାଙ୍ଗରେ ବସିବି ବୋଲି କହିଥିଲି । ... ନହେଲେ ଚଳିବ ନାହିଁ, ଏମିତି କେବେହେଲେ ନୁହେଁ । କିନ୍ତୁ ଆଜି ଯାଉଛି, ଆପଣଙ୍କୁ ନିମନ୍ତ୍ରଣ କରିବା ଦରକାର ହେବନାହିଁ, ଯେଉଁ ଗୀତ ଶୁଣି ଆଜି ମୁଁ ଗଲି, କାନରେ ଏବେବି ଭରି ରହିଛି – କାଲି ସନ୍ଧ୍ୟାରେ ଗୀତ ଆରମ୍ଭ ହେବା ପୂର୍ବରୁ ଚାଲି ଆସିବି ।

କାଲି ତ ମୋର ଗୀତ ନାହିଁ । ଛାଡ଼, ସକାଳେ ଗାଧୁଆ ପାଧୁଆ ଶେଷ କରି ଚାଲି ଆସନ୍ତୁ – ଦ୍ୱିପହରେ ଏଇଠି ଖାଇବେ – କିନ୍ତୁ କଥା ଦେବାକୁ ହେବ, ମୁଁ ସମସ୍ତ ବ୍ୟବସ୍ଥା କରି ରଖିବି ।

ଘୋଷ ଚୌଧୁରୀ ଚଟ୍ କରି କହି ଉଠିଲେ, ସେ କଥା ଦେବାକୁ କିଏ ? ସେ ମୋର କେୟାର୍‌ରେ ଅଛନ୍ତି ମୋତେ କୁହ । ଦ୍ୱିପହର ବେଳେ ସେ ଏଇଠି ଏକଲା ଖାଇବେ ନା ମୁଁ ବି ଅଛି ?

ମହିଳା ହସିଲେ । – ଆପଣଙ୍କର ଯଦି ବଙ୍ଗାଳୀ ଖାନା ପସନ୍ଦ ହେବ ତାହେଲେ ଆସିବେ –

ଘୋଷ ଚୌଧୁରୀ ଛଦ୍ମ ରୋଷରେ ମୋ ଆଡ଼କୁ ଚାହିଁଲେ । – ତୁମକୁ ପାଇ ଗୋଟିଏ ଦିନ ଭିତରେ ମୋ ଉପରେ ଏତେ ହତଶ୍ରଦ୍ଧା ! ହଉ, କାଲି ତୁମର ଏଠିକି ଆସି ଲଞ୍ଚ ଖାଇବା ଦେଖାଇ ଦେବି ! ରୁହ ଦେଖୁଛି –

## ।।ତିନି।।

ମହିଳାଙ୍କ ବୟସ ପଞ୍ଚାବନ ଛପନ ହେବ, ଆଉ ଘୋଷ ଚୌଧୁରୀ ତ ପୂରା ମୋ ବୟସର – ଏକଷଠି । ଏଇ ବୟସର ଦୁଇଟି ଅବିବାହିତ ସ୍ତ୍ରୀ ପୁରୁଷର ସମ୍ପର୍କ କେମିତି ମିଠା ହେଇପାରେ ଏଇ ଗୋଟାଏ ରାତିରେ ଯେତେ ଟିକେ ଦେଖିଛି, ଅନୁଭବ କରିଛି ତା'ଠାରୁ ଯଥେଷ୍ଟ ବେଶୀ । ଅବଶ୍ୟ ବୟସ ଥିବାବେଳେ ଏମାନଙ୍କୁ କେହି ବିବାହ କରିଥିଲେ କି ନାହିଁ ଏବେବି ଜାଣିନାହିଁ । କିନ୍ତୁ ଚାଳିଶ ବର୍ଷ ପୂର୍ବେ ସେଇ ଅଚ୍ୟୁତ ଘୋଷ ଚୌଧୁରୀ ପରି ମଣିଷ ଯେ ରମଣୀଙ୍କ ପ୍ରଭାବରେ ଏପରି ହେଇପାରନ୍ତି ତାଙ୍କ ମହିମା ମୋ ଆଖିରେ ଅନ୍ତତଃ କମ୍ ନୁହେଁ । ବୋତଲ ଗିଲାସ ନେଇ ବସିବା ପରେ ମୋ ଭିତରର ଭରା କୌତୁହଳର ଟେର୍ ପାଉଛନ୍ତି ଘୋଷ ଚୌଧୁରୀ । କିନ୍ତୁ ସେଇ ପ୍ରସଙ୍ଗରେ ନଯାଇ ବର୍ତ୍ତମାନର ଚାଟ୍ର ପ୍ରଶଂସା ଆରମ୍ଭ କରିଦେଇଛନ୍ତି ସେ । କିନ୍ତୁ ଭିତରେ ଭିତରେ ଆନନ୍ଦ ପାଉଛନ୍ତି ପରିଷ୍କାର ଭାବରେ ଜଣାପଡୁଛି ।

ନିଜ ଗିଲାସରେ ପୁଣି ଢାଳିବା ସମୟରେ ମୋ ଗିଲାସ ଆଡ଼କୁ ଆଖି ଗଲା । – କ'ଣ ହେଲା ତୁମର ? ଚାରିଅଣା ବି ତ ଶେଷ ହେଲାନାହିଁ !

ତୁମର କେତେ ଦରକାର ହେବ ?

ପ୍ରାୟ ଅଧବୋତଲ ...

କ'ଣ କହୁଛ ତୁମେ ! ଏତେ ଖାଅ କାହିଁକି ?

ହସିଲେ । ମୋତଲରେ ସୋଡ଼ା ମିଶାଉ ମିଶାଉ ଜବାବ୍ ଦେଲେ, ଆଗେ ଏକଲା ପ୍ରାୟ ଗୋଟାଏ ବୋତଲ ଶେଷ କରିଦେଉଥିଲି ... ଆସ୍ତେ ଆସ୍ତେ କମାଇ ଆଣିବି ବୋଲି କଥା ଦେବାକୁ ପଡ଼ିଛି – କି ମୁସ୍କିଲ୍ କୁହତ, ଯାକୁ ଖାଇଲେ ମୋର ଭିତର ବାହାର ପରିଷ୍କାର ହେଇଯାଏ, ଏଇଟା କେହି ବିଶ୍ୱାସ କରନ୍ତିନାହିଁ ।

କାହାକୁ କଥା ଦେବାକୁ ହେଇଛି ବା କିଏ ବିଶ୍ୱାସ କରିବାକୁ ଚାହାଁନ୍ତି ନାହିଁ ଜାଣିପାରିବି ସେତେବେଳେ କିଛି କହିଲିନାହିଁ । ଆଶା କରୁଛି, ଆଉ କିଛି ସମୟ ପରେ ଭିତର – ବାହାର ପରିଷ୍କାର ହେବା କଥା ନିଜ ଆଡୁ ହିଁ ଆରମ୍ଭ କରିବେ । କିନ୍ତୁ ପଇଁଚାଳିଶ ମିନିଟ୍ ଭିତରେ ଆହୁରି ଦୁଇ ରାଉଣ୍ଡ ଶେଷ କରିବା ପରେ ବି ତାଙ୍କର ଭିତର – ବାହାର ପରିଷ୍କାର ହେବାର ଲକ୍ଷଣ ଦେଖାଗଲାନାହିଁ । ମୁଁ ସେତେବେଳେ ଗୋଟାଏ ଶେଷ କରି ଦ୍ୱିତୀୟ ଦଫା ନେଇଛି । ଘୋଷ ଚୌଧୁରୀ ଏଠିକାର ପାଣି – ପବନ, ଖାଇବା – ପିଇବା, ସୁବିଧା – ଅସୁବିଧା, ମଣିଷ, ଦ୍ରଷ୍ଟବ୍ୟ ବିଷୟ ଇତ୍ୟାଦି ସମ୍ପର୍କରେ ମୋତେ ଟିକେ ଅଧେ ଜ୍ଞାନ ଦେଇ ଚାଲିଛନ୍ତି । ଶେଷରେ ମୁଁ ଟିକେ ଅସହିଷ୍ଣୁ ହେଇ କହିଲି, ଦେଖ ତୁମେ ଏଠି ଦଶବର୍ଷ ବିତାଇଲ, ଏଠିକାର ଇତିହାସ ଭୂଗୋଳ ବା ପୁରାଣ ତୁମଠାରୁ ମୁଁ କମ୍ ଜାଣେନା ।

ଘୋଷ ଚୌଧୁରୀ ହସିବାକୁ ଲାଗିଲେ । କହି ଉଠିଲେ – ରହୁ ଧେର୍ଯ୍ୟଂ –

ଘୋଷ ଚୌଧୁରୀଙ୍କ ମୁହଁରେ ପଦାବଳୀର ବୁଲି ! ସେ ପୁଣି କ'ଣ ?

ସେଇପରି ଖୁସ୍ ମିଜାଜ୍‌ରେ ହସି ହସି ଜବାବ୍ ଦେଲେ, ତୁମର ସେଇ ମହିଳାଙ୍କ ମୁହଁରେ ସେଦିନ 'ରହୁ ଧେର୍ଯ୍ୟଂ ରହୁ ଧେର୍ଯ୍ୟଂ'ର ଗୋଟିଏ ଗୀତ ଲୁଣିଥିଲି, ତାର ଝଙ୍କାର ମୋ କାନରେ ଲାଗି ରହିଛି । ସୁରାକ୍ରିୟାର ଗୋରା ମୁହଁରେ ନାଲି ରଙ୍ଗର ଆଭାସ – ଦେଖ, ତୁମେ ସେତେବେଳୁ କ'ଣ ଶୁଣିବାକୁ ଚାହୁଁଛ ବୁଝିବି ମୁଁ ନାଚାର – ହଉ, ତୁମର ଭିତରଟା କ'ଣ କ'ଣ ଜାଣିବା ପାଇଁ ଟଗଟବ ହେଇ ଫୁଟୁଛି, ପଚାରି ଯାଅ – ଜବାବ୍ ଦେଇପାରିଲେ ଦେବି, ନପାରିଲେ ଜେରା କରିବନାହିଁ ।

ଟିକେ ସିଧା ହେଇ ବସିଲି । – ମହିଳାଙ୍କ ନାଁ କ'ଣ ?

ହୁକୁମ୍ ନାହିଁ । ଗିଲାସରୁ ପୁଣି ଆଣି ପିଇବାକୁ ଲାଗିଲେ । ସେଇ ସୁନୟନୀ କୁହ, ମନେ ହୁଏ ତୁମର ଏଇଟା ଅପସନ୍ଦ ହେବନାହିଁ ।

ହୀରାମଣ୍ଡିଲ୍ କ'ଣ ... ଆଶ୍ରମ ପରି ?

ନା, ଠିକ୍ ସେଇଆ ନୁହେଁ ... ପ୍ରାର୍ଥନା – ଫାର୍ଥନା ବିଶେଷ କରି ନିର୍ଲୋଭ ହେବାର ପ୍ରାର୍ଥନା ପ୍ରତିଦିନ ହୁଏ ଅବଶ୍ୟ, ତେବେ ଅସଲରେ ଏହାକୁ ସହାୟ ସମ୍ବଳଶୂନ୍ୟ ମହିଳାମାନଙ୍କର କର୍ମକ୍ଷେତ୍ର କହିପାର, କେହି ସେଇଠି ରହି ପଢ଼ାଶୁଣା କରନ୍ତି, ହାତ କାମ ଶିଖିବାର ଅନେକ ପ୍ରକାର ବ୍ୟବସ୍ଥା ଅଛି, ବାହାରରୁ ଅନେକ ମହିଳା ସେସବୁ ଶିଖିବାକୁ ଆସନ୍ତି, ସବୁ ମହିଳାମାନଙ୍କୁ ସେବା କରିବାର କାମ ଶିଖିବାକୁ ହୁଏ – ଡାକ୍ତରଖାନାରେ ସେମାନଙ୍କୁ ଟ୍ରେନିଂ ଦେବାର ବ୍ୟବସ୍ଥା ଅଛି – ଏପର୍ଯ୍ୟନ୍ତ ସେଠିକାର ଅନେକ ମହିଳାମାନଙ୍କର ଭଲ ଭଲ ଜାଗାରେ ବାହାଘର ବି ହେଇଯାଇଛି ... ସେମାନଙ୍କର ମାତାଜୀ ମଧ୍ୟ ମଧ୍ୟସ୍ଥତା କରିବାରେ କମ୍ ନୁହଁନ୍ତି ।

ଶୁଣି ଭାରି ଭଲ ଲାଗିଲା । – ତାଙ୍କ ନିଜର କେବେ ବିବାହ ହେଇଥିଲା ?

ମୋ ମୁହଁ ଆଡ଼କୁ ଚାହିଁ ଚାପି ଚାପି ହସିଲେ । ଲକ୍ଷ୍ୟ କଲି ଏତେ ପରିମାଣରେ ମଦ ପିଇବା ପରେ ବି ଟିକେ ବି ଅସମ୍ଭାଳ ହେଇନାହାନ୍ତି । କହିଲେ, ହେଇନାହାନ୍ତି ।

ଜବାବର ଏଇ ବ୍ୟତିକ୍ରମ ଦେଖି ସଙ୍ଗେ ସଙ୍ଗେ ପଚାରିଲି, ତୁମର ?

କ'ଣ କହୁଛ ! ତୁମକୁ ନିଶା ହେଲାଣି ନା କ'ଣ ! ସେ ବଡ଼ ବଡ଼ ଆଖିରେ ମୋତେ ଚାହିଁଲେ । ନିଜର ଗାଲ – ବେକର ବଡ଼ ପୋଡ଼ାର ଦାଗ ଉପରେ ଥରେ ହାତ ବୁଲାଇ ଜବାବ ଦେଲେ, ବୟସ କାଳରେ ମୋର ଏଇ ଅଂକାରଟି ଆହୁରି କେତେ ବୀଭତ୍ସ ଥିଲା ଜାଣିଛ ? ଦେଖିଲେ ଝିଅମାନେ ଭୟରେ ପଳାଇଯାଉଥିଲେ । କେବଳ ... ନା, ଆଉ କେବଳ – ଫେବଳ ନୁହେଁ, ଅନେକ କହିଦେଇଛି ।

ମୋର ମନେ ହେଲା ସେ କହିବାକୁ ଯାଉଥିଲେ କେବଳ ଜଣେ ଛଡ଼ା । ଅବଶ୍ୟ ସେଇଟା ବି ନହେଇପାରେ । ଏଇ ପୋଡ଼ା ଦାଗ ପ୍ରସଙ୍ଗରେ ମୋର ଗୋଟିଏ ଅପ୍ରିୟ ସ୍ମୃତି ମନେପଡ଼ିଲା । ଆପାତତଃ ସେଇଟା ବାତିଲ୍ କରିଦେଲି । ପୁଣି ଆଉ

ଗୋଟାଏ ଦଫା ଡ୍ରିଙ୍କ ଢାଳି ସେଥିରେ ସୋଡ଼ା ମିଶାଇ ଆନନ୍ଦରେ ମୋର ଅନ୍ୟ ପ୍ରଶ୍ନର ଜବାବ ଦେବାକୁ ପ୍ରସ୍ତୁତ ହେଇଗଲେ ସେ । ମୁଁ କହିଲି, ଯାଙ୍କୁ ନେଇ ତୁମର ପାଞ୍ଚଟା ହେଲା, ଏଥର ଆଉ ନୁହେଁ, ବନ୍ଦ କର ।

ମୋର ଛଅଟା କୋଟା, ତୁମର ଅନରରେ ଆଜି ଟିକେ ବେଶୀ ଚାଲିପାରେ, ତାହେଲେ ମଧ ପେଟରୁ କଥା ବାହାର କରିବାକୁ ତୁମର ସୁବିଧା ହେବନାହିଁ, ଚେଷ୍ଟା କରି ଦେଖ ।

ଚେଷ୍ଟା କାହିଁକି କରିବି, ତୁମେ ନିଜ ଆଡୁ କହୁନ କାହିଁକି ?

ହୁକୁମ୍ ନାହିଁ, ମୋର ପ୍ରାଣରେ ଡର – ଭୟ ଅଛି, ରତ୍ନ ଖଣ୍ଡିକ ଯେ କ'ଣ ସେଇଟା ତ ଜାଣିନାହିଁ ନା !

ଟିକେ ଥମି ଯାଇ ପଚାରିଲି, ହୀରା କ'ଣ ତାଙ୍କର ଗୀତର ଗୁରୁଦେବୀଙ୍କ ନାଁ ?

ମୁଣ୍ଡ ହଲାଇଲେ । – ତାଙ୍କ ଗୀତର ଗୁରୁଦେବୀ କେହି ନାହାନ୍ତି, ଗୁରୁଦେବ ଥିଲେ । ଯେଉଁ ନାଁଟି କହିଲେ ସଙ୍ଗୀତ ଜଗତରେ ପ୍ରଥମ ଧାଡ଼ିରେ ତାଙ୍କର ଆସନ ।

ତାହେଲେ ହୀରା ମଞ୍ଜିଲ୍ କାହିଁକି ?

ହୁକୁମ୍ ନାହିଁ ! ହସୁଛନ୍ତି । – ସେଇ ନାଁଟି କାହିଁକି ସେଇଟା ତ ଶ୍ରୀମତୀ ତୁମକୁ କହିଛନ୍ତି । କ'ଣ କହିଛନ୍ତି ମନେ ଅଛି ! କହିଥିଲେ କାଚ ମଞ୍ଜିଲ୍ ହେଇପାରେନାହିଁ ତେଣୁ ହୀରା ମଞ୍ଜିଲ୍ ତିଆରି କରାହେଇଛି । ... ହେଇପାରେ ହୀରାର ଛଟାର ତୁଳନା ନାହିଁ ବୋଲି ହିଁ ସେଇ ନାଁ ରଖା ହେଇଛି । କିନ୍ତୁ ଘୋଷ ଚୌଧୁରୀ ତାହେଲେ ହୁକୁମ୍ ନାହିଁ କହିବେ କାହିଁକି ?

ମୁଁ ପୁଣି ଆଗେଇଲି । – ତୁମେ କହିଥିଲ, ଦଶ ବର୍ଷ ପୂର୍ବେ ତୁମେ ଏଠିକି ଆସିଲ – ଦେଖିଲ ଅଟକିଗଲ – ବର୍ତ୍ତମାନ ଧରିନିଆଯାଇପାରେ ବୋଧହୁଏ ତୁମ ଯାଙ୍କୁ ଦେଖି ଆଉ ହଲିପାରିନାହଁ ?

ରସିକତା କରି ଜବାବ୍ ଦେଲେ, ତୁମର ବେଶ୍ ବୁଦ୍ଧି ଅଛି ଦେଖୁଛି !

ଦଶବର୍ଷ ପୂର୍ବେ ମାନେ ତୁମର ବୟସ ସେତେବେଳେ ଏକାବନ ... ଆଉ ସୁନୟନୀଙ୍କର ସେଥିରୁ ଛଅ ବର୍ଷ କମାଇଦିଅ । ଅର୍ଥାତ୍ ପଇଁଚାଳିଶ । ... ତାହେଲେ ସେଇ ବୟସରେ ତୁମର ଏଠି ଅଟକିଯିବା ଆଧାତ୍ମିକ ନା ଆଉକିଛି ?

ଭାରୀ ମୁହଁରେ ହସର ଆଭାସ । – ବୋକାଙ୍କ ଭଳି କ'ଣ ଯେ ସବୁ ଲେଖି ଲୋକଙ୍କର ପକେଟ୍ କାଟୁଛ ତୁମ୍ଭେମାନେ ବୁଝିପାରୁନାହିଁ । ମୋ ଭିତରେ ଆଧାତ୍ମିକ ! ସେଇ ବୟସରେ ତାଙ୍କୁ ବାହା ହେବା ପାଇଁ କେମିତି ପାଗଳ ହେଇଯାଇଥିଲି ତୁମେ ଜାଣନା – ଫଳରେ ଶ୍ରୀମତୀ ମୋତେ ଏଠୁ ତଡ଼ିବା ପାଇଁ ବ୍ୟବସ୍ଥା ପକ୍କା କରିଦେଇଥିଲେ ।

ଏଥର ପ୍ରଶ୍ନଟା କରିବାକୁ ମୁଁ ଟିକେ ସମୟ ନେଇଥିଲି । ତାଙ୍କ ମୁହଁକୁ ଚାହିଁ କହିଲି, ବୋକାଙ୍କ ଭଳି ମୁଁ କହିବାକୁ ଚାହୁଁଛି, ସେଇ ଏକାବନ ବର୍ଷ ବୟସରେ ପଇଁଚାଳିଶ ବର୍ଷର କୌଣସି ଶ୍ରୀମତୀଙ୍କୁ ଦେଖି ବାହାହେବା ନାଇଁ ସଚରାଚର କେହି ପାଗଳ ହେଇ ଯାଆନ୍ତିନାହିଁ – ବିଶେଷକରି ତୁମପରି ମଣିଷ – ତାହେଲେ ପ୍ରଶ୍ନ ଶ୍ରୀମତୀ ସାଙ୍ଗରେ ତୁମର ଆଗର ସମ୍ପର୍କଟା କେତେ ଘନିଷ୍ଠ ଥିଲା ?

ହୁକୁମ୍ ନାହିଁ ! ହୁକୁମ୍ ନାହିଁ ! ହୁକୁମ୍ ନାହିଁ ! ଘୋଷ ଚୌଧୁରୀ ବ୍ୟସ୍ତ ହେଇଉଠିଲେ । – ବାପ୍‌ରେ ବାପ୍ – ତୁମେ ତ ଦେଖୁଛି ମୋତେ ଶେଷ କରିଦେବ ! ଗିଲାସଟା ଗୋଟିଏ ଢୋକରେ ଖାଲି କରିଦେଲେ । – ଆଚ୍ଛା, ଆଜି ତୁମର କଥା ଏତିକିରେ ଥାଉ । ଆଉ ନୁହେଁ ।

ପୂରା ଦିନରେ ଯେତେ ବୁଲାବୁଲି ହେଇଛି ସେଥିରେ କ୍ଳାନ୍ତି ଅନୁଭବ କରିଥିଲି । ତାଛଡ଼ା ପେଟକୁ ଯେଉଁ ଜିନିଷ ଯାଇଛି, ବିଛଣାକୁ ଯିବା ମାତ୍ରେ ନିଦରେ ଅଚେତନ ହେବାକଥା । କିନ୍ତୁ ନିଦ ପାଖକୁ ବି ଆସିଲାନାହିଁ । ସେପଟ ଘରୁ ଘୋଷ ଚୌଧୁରୀଙ୍କ ନାସିକା ଗର୍ଜନ ଏ ଘରକୁ ଭାସି ଆସୁଛି । ସେଥିପାଇଁ ନିଦ ନ ଆସିବା ହିଁ କଥା ।

ନିଦ ନ ଆସିବାର କାରଣ ହୀରା ମଞ୍ଜିଲ୍‌ର ସେଇ ମହିଳା । ତାଙ୍କ ସହ ଅଚ୍ୟୁତ ଘୋଷ ଚୌଧୁରୀ ମଧ । ଦିନଟିଏ ଦେଖାରେ ଏମାନଙ୍କ ଦୁହିଁଙ୍କ ସମ୍ପର୍କରେ ଯେଉଁ ସୁଷମା ମୋର ମନର ତାରରେ ରିନ୍ – ରିନ୍ ହେଇ ବାଜି ଚାଲିଛି, ଭିତରରେ ଦୁର୍ବାର କୌତୂହଳ ତା'ଠାରୁ ଯଥେଷ୍ଟ ବେଶୀ । ଯାହା ଦେଖୁଛି ମାନବ ରୀତିର ଦିଗଟା ହିଁ ମୋ ପାଖରେ ବଡ଼ ରହସ୍ୟ ।

ମହିଳାଙ୍କ ଦେହ ରଙ୍ଗ କଳା ହେଲେ ବି ସୁଶ୍ରୀ । ମୁହଁଟି କମନୀୟ । ଆଖିର ତ କଥା ହିଁ ନାହିଁ । ଶିକ୍ଷିତା, ଆଖିରେ ମୁହଁରେ ବୁଦ୍ଧିର ଛାପ, ବ୍ୟକ୍ତିତ୍ୱର ଛାପ । କିନ୍ତୁ ତାହେଲେ ବି ରୂପସୀ ଆଦୌ ନୁହଁନ୍ତି । ଘୋଷ ଚୌଧୁରୀ ଏପରି ମଣିଷ ପାଇଁ ପାଗଳ ହେବାର କୌଣସି କାରଣ ନାହିଁ । ଏମାନଙ୍କ ସମ୍ପର୍କ ବା ଯୋଗାଯୋଗ ଯେ ଦୀର୍ଘକାଳର ସେଥିରେ ସନ୍ଦେହ ନାହିଁ । ସମ୍ଭବତଃ ସେଇ ଯୋଗାଯୋଗ ଦୀର୍ଘଦିନ ପାଇଁ ଛିଣ୍ଡି ଯାଇଥିଲା । ତା'ପରେ ସେମାନେ ବିଚ୍ଛିନ୍ନ ହେଇ ରହିଯାଇଛନ୍ତି । କିନ୍ତୁ ଭିତରେ ଯାହା ଦେଖୁଛି ସେଇଟା ଆଉ ଏ ଜୀବନରେ ଛିଣ୍ଡିବାର ନୁହେଁ । ସେଥିପାଇଁ ଆହୁରି ଅବାକ୍ ଲାଗୁଛି । ବୟସ କାଳରେ ଅଚ୍ୟୁତ ଘୋଷ ଚୌଧୁରୀଙ୍କର ଯଦି ଏଇ ଅନୁରାଗ ଥାଆନ୍ତା, ତାହେଲେ ବିଚ୍ଛିନ୍ନ ହେବାର କଥା ନୁହେଁ । ଘୋଷ ଚୌଧୁରୀଙ୍କର ସେତେବେଳର ଚରିତ୍ର ଯଦି କିଛି ମାତ୍ର ଚିହ୍ନିଥାଏ – ତାହେଲେ କେବଳ ଆଖିର ଜାଦୁରେ କେଉଁ ଶ୍ୟାମଳ ବର୍ଣ୍ଣର ଝିଅ ତାଙ୍କପରି ପାଷଣ୍ଡଙ୍କୁ ହୃଦୟର ଅନ୍ତଃପୁରକୁ ଟାଣି ନେଇଯାଇପାରେ ଏଇଟା ମୋତେ ମନେ ହୁଏନାହିଁ । ଅଥଚ ସେଇ ମହିଳା ଏ ବୟସରେ କେଉଁ ଜାଦୁ – ମହିମାରେ ଲୋକଟି ଭିତରୁ ସବୁ କାଳି ଏମିତି ଭାବରେ ଧୋଇ ପୋଛି ଦେଇପାରିଲେ ?

... ହଁ, ଆଢୁଆଳରେ ସେଇ ଘୋଷ ଚୌଧୁରୀଙ୍କୁ ଆମେ ପାଷଣ୍ଡ କହୁଥିଲୁ, ଲମ୍ପଟ କହୁଥିଲୁ, ଯାହା ମୁହଁରେ ଆସୁଥିଲା ଗାଳି ଦେଉଥିଲୁ । ଆଢୁଆଳରେ କାରଣ ଭୟରେ । ପାଷଣ୍ଡଙ୍କୁ କେଉଁ ପିଲା ସାମ୍ନାସାମ୍ନି ରଗାଇବାକୁ ଚାହେଁ ? ଅଚ୍ୟୁତଙ୍କ ବାପା ଥିଲେ କୃଷ୍ଣନଗରର ଜମିଦାର । ଅଚ୍ୟୁତ ଗୋଟିଏ ମାତ୍ର ପୁଅ । – ବାପ ମା'ଙ୍କର ଆଖିର ମଣି । ଜମିଦାରୀ ପ୍ରଥାର ବିଲୋପ ପରେ, ତା'ର ଗୋଟାଏ ଯୁଗର ବେଶୀ ପରବର୍ତ୍ତୀ ଘଟଣା । ଫଳରେ ସେତେବେଳ ପର୍ଯ୍ୟନ୍ତ ଜମିଦାର ମାନଙ୍କର ଦୁର୍ଦ୍ଦଣ୍ଡ ପ୍ରତାପ କହିଲେ ନସରେ । ଅଚ୍ୟୁତ ଘୋଷ ଚୌଧୁରୀଙ୍କ ଚାଲିଚଳଣ ଧରାକୁ ସରା ଜ୍ଞାନ କରିବା ଭଳି । ପୂରା ଦୁନିଆଟା ଯେମିତି ତାଙ୍କ ପାଦ ତଳରେ ।

ସେ ନିଜେ ହିଁ କହୁଥିଲେ ତାଙ୍କର ପୂର୍ବପୁରୁଷ ମାନଙ୍କର ଭିତରେ କେଉଁମାନେ କୁଆଡ଼େ କୃଷ୍ଣନଗରରେ ପ୍ରସିଦ୍ଧ ଡକାୟତ ଥିଲେ । ସେ ପୂର୍ବପୁରୁଷମାନଙ୍କ ତେଜ ଆଉ ହିମ୍ମତ ତାଙ୍କ ରକ୍ତରେ । ସେଠିକାର ବିରାଟ ପ୍ରାସାଦ ଛାଡ଼ି ସେ ଆମ ସାଙ୍ଗରେ ମୂଷାଙ୍କ ପରି ହଷ୍ଟେଲ୍ ଘରେ ଅଛନ୍ତି, ଏଇଟା ପ୍ରାୟ ଶୁଣାଉଥିଲେ । ଆଶା କରୁଥିଲେ ଆମେ ବର୍ତ୍ତିଯିବୁ । ସାମ୍ନାସାମ୍ନି ଆମ୍ଭମାନଙ୍କ ଭିତରୁ ଅନେକେ ଅନେକ ସମୟରେ ବର୍ତ୍ତି ଯାଉଥିଲେ ସତ, କାରଣ ମାସକୁ ତାଙ୍କର ଜମିଦାର ବାପା ଥୋକ ଯେଉଁ ଟଙ୍କା ଯୋଗାଉଥିଲେ ସେଇଟା ଆମ ଆଖିରେ ଐଶ୍ୱର୍ଯ୍ୟ ସମାନ । ଆଉ ଅଚ୍ୟୁତଙ୍କ ଖର୍ଚ୍ଚ ହାତ କମ୍ ଏଇଟା ତାଙ୍କର କୌଣସି ଶତ୍ରୁ ବି କହିବେ ନାହିଁ । ସାଙ୍ଗମାନଙ୍କ ପାଇଁ ଦେଦାର ଖର୍ଚ୍ଚ କରୁଥିଲେ । କାହାରି ହଠାତ୍ ଟଙ୍କା ଦରକାର ହେଲେ, କାହା ପାଖରୁ ପାଇବେ ସେଇଟା ମଧ ସମସ୍ତଙ୍କୁ ଜଣାଥିଲା । ଟଙ୍କା ଧାର୍ ନେଇ କେହି ଫେରାଇବାକୁ ଆସିଲେ ସେଇଟା ଭିନ୍ନ କଥା, ଅଚ୍ୟୁତ ଘୋଷ ଚୌଧୁରୀ ମୁହଁ ଖୋଲି କେବେହେଲେ ଟଙ୍କା ମାଗୁନଥିଲେ । ଫଳରେ ତାଙ୍କର ଅନୁଗତଙ୍କ ସଂଖ୍ୟା କିଛି କମ୍ ନଥିଲା, ଆଉ ଯେଉଁମାନେ ଭିତରେ ଭିତରେ ଅନୁଗତ ନୁହଁନ୍ତି, ସେମାନେ କେବେହେଲେ ସ୍ୱତଃ

ତାଙ୍କ ସାଙ୍ଗରେ କୌଣସି ବିଷୟରେ ଲାଗିବାକୁ ଆସୁନଥିଲେ ।

ହଷ୍ଟେଲରେ ରହିବା ସମୟରେ ଏଇ ଘୋଷ ଚୌଧୁରୀ ମୋ ଉପରେ ତୁଷ୍ଟ ନଥିଲେ । ମୁଁ କେବେବି ତାଙ୍କ ସାଙ୍ଗରେ ଆଗେଇ ଯାଇ କଳି ଝଗଡ଼ା କରୁନଥିଲି, କୌଣସି ବ୍ୟାପାରରେ ତର୍କ କରୁନଥିଲି । ମୋ ଉପରେ ତାଙ୍କର ରାଗିବାର ଅସଲ କାରଣ ବୋଧହୁଏ ସେ ଯେ କେତେ ବଡ଼ ଘରର ପୁଅ ଦୟାକରି ଆମ୍ଭମାନଙ୍କ ସାଙ୍ଗରେ ରହିବାକୁ ଆଉ ପଢ଼ିବାକୁ ଆସିଛନ୍ତି ଏଇପରି ଗୋଟାଏ ଭାବ ମୋ ମୁହଁରେ ବା ଆଚରଣରେ କେବେହେଲେ ପ୍ରକାଶ ପାଉନଥିଲା । ତାଙ୍କ ଦଳ ସାଙ୍ଗରେ ସିନେମା ଦେଖିବାକୁ ଯାଉନଥିଲି, ରେଷ୍ଟୁରେଣ୍ଟରେ ଚପ୍, କଟ୍‌ଲେଟ୍ ଖାଇବାକୁ ଯାଇନଥିଲି, କେବେବି ତାଙ୍କ ପାଖରୁ ଧାର୍ ମାଗୁନଥିଲି । ଅଚ୍ୟୁତ ଡାକିଲେ ବି ଏଡ଼ାଇବାକୁ ଚେଷ୍ଟା କରୁଥିଲି । ସେଇ ମିଜାଜୀ ପୁଅ ଆଦୌ ବୋକା ନଥିଲେ । ମୁଁ ଯେ ତାଙ୍କୁ ପସନ୍ଦ କରୁନଥିଲି ସେଇଟା ସେ ସ୍ପଷ୍ଟ ବୁଝିପାରୁଥିଲେ । ଏପରିକି ତାଙ୍କ ସାଙ୍ଗରେ ଟିକେ ବ୍ୟବଧାନ ରଖିବା ପାଇଁ ମୁଁ କେବେବି 'ତୁମେ'ରୁ 'ତୁ'ରେ ଓହ୍ଲାଇନାହିଁ ।

ଫଳରେ ହଷ୍ଟେଲ୍ ପିଲାମାନଙ୍କ ଭିତରେ ମୋ ଉପରେ ହିଁ ଆକ୍ରୋଶଟା ବେଶୀ ଥିଲା ଘୋଷ ଚୌଧୁରୀଙ୍କର । ସୁବିଧା ପାଇଲେ ହିଁ ବ୍ୟଙ୍ଗ ବିଦ୍ରୂପ କରି ମୋତେ ଆଘାତ ଦେବାକୁ ଚେଷ୍ଟା କରୁଥିଲେ । ମୋ ଆଡୁ ତାଙ୍କୁ ଏଡ଼ାଇ ଚାଲିବାର କାରଣ ହେଉଛି କେବଳ ବିତୃଷ୍ଣା । ମୁଁ ଟିକେ ଗପ – ଫପ ଲେଖିବାକୁ ଚେଷ୍ଟା କରେ, ସାହିତ୍ୟ ନେଇ ଟିକେ ଦେଖାଦେଖି କରେ ଏଇଟା ହଷ୍ଟେଲରେ ସମସ୍ତେ ଜାଣିଥିଲେ । ହଷ୍ଟେଲକୁ ଆସି ସେଇ ପ୍ରଥମ ବର୍ଷରେ ଅଚ୍ୟୁତ ସୁନ୍ଦର ମୁହଁରେ ତିର୍ଯ୍ୟକ ହସ ହସି କହିଥିଲେ, ଗପ ଲେଖି, ସାହିତ୍ୟ ରଚନା କର, ଅଥଚ ସେକ୍ସ ସମ୍ବନ୍ଧରେ କୌଣସି ଧାରଣା ନାହିଁ, ଏମିତି ସାହିତ୍ୟ ଏକଦମ୍ ବାଜେ ଆଉ ପାଣିଆ ଛଡ଼ା ଆଉ କ'ଣ ହେଇପାରେ !

ସେଇ ପ୍ରଥମ ସମୟର ଗପ ମକ୍ସ କରିବା ସମୟରେ କେହି ବାଜେ କହିଲେ ଭାବୀ ସାହିତ୍ୟିକଙ୍କର ମିଜାଜ୍ କେମିତି ହୁଏ ସେଇଟା କେହି ବୁଝିପାରିବେନାହିଁ । ଜବାବ୍ ଦେଇଥିଲି ବାଜେ ବା ପାଣିଆ ତୁମେ ବିଚାର କରୁଛ କିପରି ଭାବରେ ? ତୁମର ସେକ୍ସ ସମ୍ପର୍କରେ ଧାରଣା କ'ଣ ?

ଏକଥା ଶୁଣି ଅଚ୍ୟୁତ ରାୟ ଚୌଧୁରୀ ହସି ହସି ବେଦମ୍ । ତା'ପରେ କହିଥିଲେ, ମୋର ଷୋହଳ ବର୍ଷ ବୟସରେ ସେଇ ବିଷୟରେ ଖଡ଼ି଼ଛୁଆଁ ହେଇଯାଇଛି ବୁଝିଲ ଖୋକା, ମୁଁ ଯାହା କହୁଛି ଅଭିଜ୍ଞତାରୁ ହିଁ କହୁଛି ।

ଏହାପରେ ଆନନ୍ଦ ସହକାରେ ଖଡ଼ିଛୁଆଁ ବିଷୟଟା ବି ମୋତେ ଶୁଣାଇଛନ୍ତି । ... ସେମାନଙ୍କ ଘରେ କମ୍ ସେ କମ୍ ଚାରୋଟି ଚାକରାଣୀ କାମ କରନ୍ତି । ପ୍ରାସାଦ ପରି ଏତେବଡ଼ ଘର ଓଳାଇବା ଆଉ ପୋଛିବାକୁ ଚାରିଜଣ ଚାକରାଣୀ ନୟାନ୍ତ ହେଇଯାଆନ୍ତି । ତେଣୁ ସେମାନଙ୍କର ପୁଅ ବା ଝିଅ ବଡ଼ ହେଲେ, ପିଲାଟି ବେଳୁ ମା' ମାନଙ୍କ ସାଙ୍ଗରେ କାମରେ ସାହାଯ୍ୟ କରିବାକୁ ଆସୁଥିଲେ । ଗୋଟିଏ ଝିଅର ନାଁ ଥିଲା ଫୁଲୁ । ପନ୍ଦର ବର୍ଷ ବୟସରେ ଫୁଲୁର ବାହାଘର ଠିକ୍ ହେଇଯିବାରୁ ଷୋହଳ ବର୍ଷର ଅଚ୍ୟୁତଙ୍କ ତା' ଆଡ଼କୁ ଆଖି ଗଲା । ତା'ର ମା' ଘରର କର୍ତ୍ତ୍ରୀଙ୍କ ପାଖରେ ମୋଟା ପ୍ରତ୍ୟାଶା – ଅଚ୍ୟୁତ ମଧ୍ୟ ଅନେକ ଚେଷ୍ଟା କରି ଶହେ ଟଙ୍କା ଯୋଗାଡ଼ କରି ଫୁଲୁ ହାତରେ ଗୁଞ୍ଜିଦେଲେ । ତା'ପରେ ସେଇ ବିରାଟ ଘରେ ଆଉ ଖରାବେଳର ନିରୋଳା ସମୟରେ ତାକୁ ପାଇବାକୁ ଆଉ ଅସୁବିଧା କେଉଁଠି ?

ପ୍ରଥମ ଦିନର ଲଜ୍ୟା ଭୟ କଟାଇ ବାହାଘର ପୂର୍ବରୁ ଫୁଲୁ ମୋ ପାଖକୁ ଆହୁରି ପାଞ୍ଚ ଦିନ ଆସିଥିଲା – ବୁଝିଲ ?

ସେଇଦିନ ଠାରୁ ଅଚ୍ୟୁତ ଉପରେ ମୋର ବିତୃଷ୍ଣା । ସେଇ ବିତୃଷ୍ଣା ଦିନକୁ ଦିନ ବଢ଼ିଛି ତ କମି ନାହିଁ । ଅଚ୍ୟୁତଙ୍କ ସବୁଠାରୁ ବଡ଼ ଅସ୍ତ୍ର ତାଙ୍କର ଚେହେରା । ତା' ସାଙ୍ଗରେ ଟଙ୍କାର ଜୋର୍ ଥିଲେ ତ ଆଉ କିଛି ନକହିଲେ ଭଲ । ଦୁଇ ପଟର ଦୁଇଟି ଘରର ଦୁଇଟି ଭଦ୍ର ଘରର ଝିଅଙ୍କୁ ସେମାନଙ୍କ ଝରକା ସାମ୍ନାରେ କ୍ରମାଗତ ଭାବରେ ଛିଡ଼ା ହେଇଥିବା ମୁଁ ଦେଖିଛି । ସେମାନଙ୍କ ଆଖି ଅଚ୍ୟୁତଙ୍କ ଘର ଆଡ଼କୁ । ଅନ୍ୟ ସାଙ୍ଗମାନଙ୍କ ପାଖରୁ ଶୁଣିଥିଲି ଦୁହିଁଙ୍କ ସାଙ୍ଗରେ ହିଁ ଚିଠିପତ୍ର ଦିଆନିଆ ଚାଲିଛି ଅଚ୍ୟୁତଙ୍କର । ଝିଅ ଦୁଇଜଣ କାହାରି ନା କାହାରି ସାଙ୍ଗରେ ଉପରବେଳା ବିଡନ୍ ସ୍କୋୟାରରେ ଅନେକେ ତାଙ୍କୁ ବୁଲାବୁଲି କରୁଥିବାର ଦେଖିଛନ୍ତି । ଏହାପରେ ଦିନେ ଶୁଣିଲି, ସେଇ ଦୁଇ ଝିଅଙ୍କ ଭିତରୁ ଜଣେ ଅଚ୍ୟୁତଙ୍କୁ ଚିଠି ଲେଖିଛି, ଗୋଟାଏ ଜାଗାରେ ତା'ର ବାହାଘର ହେବା ପକ୍କା ହେଇଯାଇଛି, ବର୍ତ୍ତମାନ ଏକମାତ୍ର ଉପାୟ ଅଚ୍ୟୁତଙ୍କ ସାଙ୍ଗରେ ପଳାଇ ରେଜିଷ୍ଟ୍ରି କରି ବାହାହେବା । ଯେତେଶୀଘ୍ର ବ୍ୟବସ୍ଥା ନକଲେ ତାକୁ ଆତ୍ମହତ୍ୟା କରିବାକୁ ହେବ ।

ଅଚ୍ୟୁତଙ୍କ ଭିତରେ ଲୁଚାଛପା କିଛି ନାହିଁ । ଯେ ଯାହା କରିଛନ୍ତି ତାକୁ ସାଙ୍ଗମାନଙ୍କୁ ଅତି ସହଜରେ ବର୍ଣ୍ଣନା କରିପାରିଛନ୍ତି । ଅଚ୍ୟୁତ ସେଇ ଝିଅର ଚିଠିର ଜବାବ୍‌ରେ ଲେଖିଛନ୍ତି, ଛାତ୍ର ଅବସ୍ଥାରେ ତାଙ୍କର ବାହା ହେବାର କୌଣସି ପ୍ରଶ୍ନ ହିଁ ଉଠେନା, ଆଉ ଆତ୍ମହତ୍ୟାର ଚିନ୍ତା କୌଣସି ସୁସ୍ଥ ଝିଅ କରନ୍ତିନାହିଁ । ତେଣୁ ବାହାଘର ଯେଉଁଠି ଠିକ୍ ହେଇଛି ଆଖି କାନ ବୁଜି ସେଇଠି ହିଁ ବିବାହ ହେଇଯାଉ । ବାହାଘରରେ ନିମନ୍ତ୍ରଣ ପାଇଲେ ସେ ଖୁବ୍ ଆନନ୍ଦରେ ଯିବେ, ଆଉ ଭଲ ପ୍ରେଜେନ୍‌ଟେସନ୍ ଦେବେ । ସତରେ ଏହାପରେ ସେଇ ଦୁଇ ଝିଅମାନଙ୍କ ଭିତରୁ ଜଣକର ଝରକା ସବୁବେଳେ ବନ୍ଦ ଲକ୍ଷ୍ୟ କରୁଛି ।

ଏହାପରେ ଦିନେ ସାମ୍ନାସାମ୍ନି କ୍ଲାଶ୍ ମୋ ସାଙ୍ଗରେ । ଅବଶ୍ୟ ସେଇଟା ଏକତରଫା । ମୁଁ ବୁଦ୍ଧିମାନ ପରି ଚୁପ୍ ହେଇଯାଇଥିଲି । ଗୋଟାଏ ସୁନ୍ଦର ପୁଅ କି ପ୍ରକାର କଦର୍ଯ୍ୟ ଭାବରେ ଗୋଟାଏ ଝିଅର ଜୀବନ ନଷ୍ଟ କରିଲେ ସେଇ ଗପ ଲେଖିଦେଇଥିଲି । ଆଉ ଦୁର୍ଭାଗ୍ୟ, ଏତେ ଗପ ଫେରି ଆସେ ଛପା ନହେଇ କିନ୍ତୁ ସେଇ ଗପ ଆଉ ଫେରି ତ ଆସିଲା ନାହିଁ । ଗୋଟିଏ ମାସିକ ପତ୍ରିକାରେ ଛପା ହେଇଗଲା । ଫଳରେ ସେଇଟା ଚାପା ପଡ଼ି ଆଉ ରହିଲାନାହିଁ । ତାଙ୍କର ପ୍ରିୟ ସାଙ୍ଗମାନଙ୍କ ଭିତରେ କେହି ସେଇ ଗପକୁ ଅଚ୍ୟୁତଙ୍କୁ ଦେଖାଇଥିବେ । ସେଇଦିନ ସନ୍ଧ୍ୟାରେ ସେ ସିଧା ମୋ ଘରେ ଆସି ହାଜର । – ମୋ ସାଙ୍ଗରେ ଲାଗିବା ପାଇଁ ତାହେଲେ ହିମ୍ମତ୍ ଅଛି ରାଇଟର୍ ଦି ଗ୍ରେଟ୍‌ଙ୍କର ?

ଭିତରେ ରାଗିଗଲେ ବି ଜବାବ୍ ଦେଲି, ଖାଲି ଖାଲି ତୁମ ସାଙ୍ଗରେ ଲାଗିବାକୁ ଯିବି କାହିଁକି ? ସେ କହିଲେ, ଲାଗିଛ, କିନ୍ତୁ ମୂଷା ପରି ଲାଗିଛ । ଶୁଣ, ସାହସ ଥିଲେ ମୋତେ କଟାକ୍ଷ କରି ଆଉ ଗୋଟାଏ ଗପ ଲେଖ, ମୁଁ ବାପା – ଜେଜେବାପାଙ୍କ ନାଁ ଧରି କହୁଛି, ତୁମର ସେଇ ଡାହାଣ ହାତଟା ମୁଁ ମୋଡ଼ି – ମାଡ଼ି ଭାଙ୍ଗିଦେବି ।

ଚାଲିଗଲେ । ମୁଁ ରାଗରେ ଜଳୁଥିଲି । ତେବେ ପାଗଳା କୁକୁର ସାଙ୍ଗରେ ଲାଗିବା ବୋକାମି ଭାବି ନିଜେ ନିଜେ ଥଣ୍ଡା ହେଇଗଲି ।

– ଭିତରେ ଭିତରେ ତାଙ୍କ ଉପରେ ଆମ ଭିତରୁ ଅନେକେ ବିରୂପ ହେଇଥିଲୁ, ଏପରି ଗୋଟାଏ କଡ଼ା ହଷ୍ଟେଲରେ ସେ ମଦ ଆମଦାନୀ କରୁଥିଲେ । ଦୁଃସାହସ ତନିଶ୍ଚିତ, କିନ୍ତୁ ଏମିତି ଦୁଃସାହସ କିଏ ବରଦାସ୍ତ କରିବାକୁ ଚାହେଁ ? ତେଣୁ ଧରାପଡ଼ିବାରୁ ଫାଦର ସୁପରିନ୍‌ଟେଣ୍ଡେଣ୍ଟ ତାଙ୍କୁ ହଷ୍ଟେଲରୁ ବାହାର କରିଦେବାରୁ ଆମେ ଆଉ ଅନ୍ୟ କେତେଜଣ ସ୍ୱସ୍ତିର ନିଃଶ୍ୱାସ ପକାଇଥିଲୁ । ଆଉ ମନେ ମନେ ଠିକ୍ କରିଥିଲୁ, ଲେଖକ ଯଦି କେବେ ହେଇପାରେ ସେଇ ଅଚ୍ୟୁତ ଚୌଧୁରୀଙ୍କୁ ମୁଁ କଲମର ଧକ୍କା କାହାକୁ କହନ୍ତି ଦେଖାଇଦେବି, ଗପ ଛାଡ଼ି ତାଙ୍କୁ ନେଇ ବଡ଼ କିଛି କଳ୍ପନା କରିବି । କହିବା ବାହୁଲ୍ୟ, ଲେଖକ

ହେବାପରେ ସେ ପ୍ରତିଜ୍ଞା ମୋର ମନେନଥିଲା ।

ମୋ ସ୍ମୃତିରୁ ଅଚ୍ୟୁତ ଘୋଷ ଚୌଧୁରୀଙ୍କ ଅସ୍ତିତ୍ୱ ପୋଛି ହୋଇଯାଇଥିଲା । ଆଜି ଠାରୁ ଏକତ୍ରିଶ ବର୍ଷ ପୂର୍ବେ ଅର୍ଥାତ୍ ପଚାଶ ସାଲର ପରେ । ମୋ ବୟସ ସେତେବେଳେ ତିରିଶ । ଏହା ପୂର୍ବରୁ ମୁଁ ଚାକିରିରେ ପଶିଯାଇଛି । ଆଉ ସାହିତ୍ୟର ଅଳି - ଗଳିରୁ ବାହାରି ରାଜପଥରେ ପଶିବା ଚେଷ୍ଟାରେ ଛଟ୍‌ପଟ୍ ହେଉଛି ।

ସେଇ ପଚାଶ ସାଲଟା ଥିଲା କୋଲକାତାର ଖରାପ ବର୍ଷ ଭିତରେ ଗୋଟିଏ । କହିବାକୁ ଗଲେ ସେଇ ପୂରା ବର୍ଷଟାରେ ଦୁଇ ବଙ୍ଗଳାରେ ସାମ୍ପ୍ରଦାୟିକ ନିଆଁ ଜଳୁଥିଲା । ଉଦ୍‌ବାସ୍ତୁଙ୍କ ଆଗମନରେ କୋଲକାତାର ଅବସ୍ଥା ସାଂଘାତିକ । କଥାରେ କଥାରେ ଯେକୌଣସି ଗୁଜବକୁ ଧରି ମରାମରି କଟାକଟି ଆରମ୍ଭ ହେଇଯାଉଥିଲା । ଯେଉଁ ସମୟର କଥା କହୁଛି ସେତେବେଳେ କୋଲକାତା, ହାଓଡ଼ା ଆଉ ଏଠିକାର ବହୁତ ଜାଗାରେ କ୍ରମାଗତ କର୍ଫ୍ୟୁ ଚାଲିଛି । ଅବସ୍ଥା ସମ୍ଭାଳିବାକୁ ବିଧାନ ରାୟ କଣ୍ଠାଗ୍ରତ ହେଇ ଉଠୁଛନ୍ତି । ସେଇ ସମୟରେ କେବଳ ସାମ୍ପ୍ରଦାୟିକ ଦଙ୍ଗା ନୁହେଁ ଏଇ ସୁଯୋଗରେ ବ୍ୟକ୍ତିଗତ ସଂଗ୍ରାମ ଘଟାଇ ରକ୍ତାକ୍ତ ଫଇସଲା ବି କିଛି ହେଇଯାଇଛି । କୋଲକାତା ସହର ଏହାର ପୂର୍ବ ବର୍ଷ ଠାରୁ ବୋମାବାଜିରେ ମଧ୍ୟ ଆଗେଇ ଯାଇଛି ।

ଏଇ ସମୟରେ ଖବର କାଗଜରେ ରୋମହର୍ଷକ ଖବର ବାହାରିଲା ଗୋଟାଏ । ମୋର ଧାରଣା ସେଇ ଅଘଟଣ ପଛରେ ସାମ୍ପ୍ରଦାୟିକ ତ ନୁହେଁ, ରାଜନୀତି ବିଷୟରେ ମଧ୍ୟ କିଛି ନଥିଲା । ଯଦିଚ ଏଇ ଘଟଣା ସହିତ ଯୁକ୍ତ ଯିଏ, ଅର୍ଥାତ୍ ଏଇ ଅଚ୍ୟୁତ ଘୋଷ ଚୌଧୁରୀ ରାଜନୀତିର ଉଗ୍ରପନ୍ଥୀ ହିସାବରେ ସେତେବେଳେ ଅନେକଙ୍କ ପାଖରେ ପରିଚିତ । ସେ ଏହା ପୂର୍ବରୁ ଦଳରୁ ବାହାରକୁ ବାହାରି ଆସିଥିଲେ । ଅବଶ୍ୟ ଏହା ହେଇପାରେ, ରାଜନୈତିକ ବଦ୍‌ଲାର କିଛି ବିଷୟ । କିନ୍ତୁ ମୋର ଧାରଣା ସେଇଟା ନୁହେଁ ।

ଖବର କାଗଜର ସେଇ ବିସ୍ତାରିତ ଖବର ସଂକ୍ଷେପରେ ଏଇପରି - ଦୁଇବର୍ଷ ଆଗେ ପାର୍କ ଷ୍ଟ୍ରିଟ୍ ଆଡ଼େ ଏକ ମାରୁଆଡ଼ି ଭଦ୍ରମହିଳା ଗୋଟିଏ ମହିଳା ବାସ ଖୋଲି ବସିଛନ୍ତି । ନାଁ 'ମହିଳା ବାସ' । ମଧ୍ୟବିତ୍ତ ଚାକିରିଆ ଝିଅମାନେ ସେଠିକାର ବାସିନ୍ଦା । ଗତ ସନ୍ଧ୍ୟାର କିଛି ସମୟ ପରେ ହିଁ ସେଇ ମହିଳା ବାସର ତିନି ତାଲାର ଛାତ ସଂଲଗ୍ନ ଗୋଟିଏ ମାତ୍ର ଘରେ ମାରାତ୍ମକ ନିଆଁରେ ତିନି ତିନିଟା ବୋମା ପଡ଼େ । ସଙ୍ଗେ ସଙ୍ଗେ ନିଆଁ ଲାଗିଯାଏ । ଚାକିରିଆ ମହିଳାମାନଙ୍କ ହଷ୍ଟେଲ, କେବଳ ମହିଳାମାନେ ହିଁ ରହନ୍ତି ସେଇଠି । କିନ୍ତୁ ସେଇ ଘରେ ସେତେବେଳେ ଗୋଟାଏ ଝିଅ ସାଙ୍ଗରେ ଜଣେ ପୁରୁଷ ବି ଥିଲେ । ସେମାନଙ୍କ ଭିତରେ ସେତେବେଳେ କିଛି ପ୍ରେମ - କାଣ୍ଡର ଅନୁଷ୍ଠାନ ଚାଲୁଥିଲା, ଏଇ ଅନୁମାନ ଥିଲା ପୋଲିସମାନଙ୍କର । ଅର୍ଦ୍ଧନଗ୍ନ ପୁରୁଷଟି ଗୁରୁତର ଜଖମ ହେଇ ଦୌଡ଼ି ବାହାରି ଯାଇପାରିଛନ୍ତି । ସେ ଛାତର କାର୍ଣ୍ଣିସ୍ ଡେଇଁ ମହିଳା ବାସ ମାଲିକଙ୍କ ଘରକୁ ଚାଲି ଆସି ପାରିଛନ୍ତି । ସେଇଟା ସହଜ ବ୍ୟାପାର, କହିବାକୁ ଗଲେ ଗୋଟିଏ ଘରର ଛୋଟ ବଡ଼ ଦୁଇଟା ପୋର୍ସନ । ଦୁଇ ଘରର ଦୁଇଟା ଛାତର କାର୍ଣ୍ଣିସ ବି ପୂରା ଲଗାଲଗି । ... ଝିଅଟି ଘର ଛାଡ଼ି ବାହାରିପାରିନାହିଁ, ସେଇ ନିଆଁରେ ସେ ପୋଡ଼ି ମରିଯାଇଛି । ପୁରୁଷର ନାଁ ଅଚ୍ୟୁତ ଚୌଧୁରୀ । ରାଜନୀତି ସାଙ୍ଗରେ ତାଙ୍କର ଯୋଗାଯୋଗ ଥିଲା ।

... ଝିଅଟିର ନାଁ ଆରତି ଚାଟାର୍ଜୀ । ବୟସ ତେଇଶ । ତାଙ୍କର ସୁନ୍ଦର ଫଟୋଟା ବି କାଗଜରେ ଛପା ହେଇଥିଲା । ଦେଖି ମୋତେ ମଧ୍ୟ ସୁନ୍ଦରୀ ମନେ ହେଇଥିଲା । ଛାଡ଼, ଏମିତି ଖବରଟା ପଢ଼ି ମୁଁ ଯେ ଅଚ୍ୟୁତ ଚୌଧୁରୀଙ୍କୁ ଦେଖିବାକୁ ଡାକ୍ତରଖାନାକୁ ଦୌଡ଼ି ଯାଇନି ଏ କଥା ପୂର୍ବେ ମୁଁ କହିଛି । ତାଙ୍କ ପରି ପୁଅର ଏଇପରି ପରିଣାମ ହେବା ହିଁ ସ୍ୱାଭାବିକ ମନେ ହେଇଥିଲା ମୋର ।

ତାଙ୍କର ଗାଲରୁ ବେକ ଯାଏଁ ଶୃଙ୍ଖଳା ବୀଭତ୍ସ ଚିହ୍ନଟା ରହିଯାଇଛି । ଆଜୀବନ ରହିଯିବ ମଧ୍ୟ । ଅଥଚ ଆଶ୍ଚର୍ଯ୍ୟର କଥା, ମଣିଷଟା ଏମିତି ଭାବରେ ବଦଳିଯାଇଛନ୍ତି । ... ଯାହାଙ୍କ ପାଇଁ ଏପ୍ରକାର ପରିବର୍ତ୍ତନ ବି ସମ୍ଭବ ସେଇ ମହିଳାଙ୍କୁ ନଜାଣିବା ନ ଚିହ୍ନିବା ପର୍ଯ୍ୟନ୍ତ ବା ତାଙ୍କର ରହସ୍ୟର ଭେଦ ଖୋଲିବା ଯାଏଁ କୌଣସି ଲେଖକ କ'ଣ ଆରାମ୍‌ରେ ଶୋଇପାରେ ?

## ॥ ଚାରି ॥

ଭୋର୍‌ରେ ନିଦରୁ ଉଠି ଗୋଟାଏ ପତଳା ଚାଦର ଦେହରେ ଜଡ଼ାଇ ବଗିଚାରେ ପାଆଚାରି କରୁଥିଲି । ଘୋଷ ଚୌଧୁରୀଙ୍କର କେତେବେଳେ ସକାଳ ହେବ ଜଣାନାହିଁ । ମୋତେ ନିଦରୁ ଉଠିବା ଦେଖି ଜନ୍ ଗୋଟାଏ କପ୍ ଚା' ମୋତେ ଦେଇଯାଇଛି ।

ଟିକେ ପରେ ଜଣ ଜଣ ହେଇ ତିନିଜଣ ମାଳି ଆସି କାମରେ ଲାଗିଗଲେ । ଏ ଘରେ କୌଣସି ଅତିଥି ଦେଖିବାର ସେମାନେ ଅଭ୍ୟସ୍ତ ନୁହଁନ୍ତି ବୋଧହୁଏ, ତେଣୁ ସେମାନେ ଟିକେ ଅବାକ୍ ହେଇଗଲେ । ପରେ ଜନ୍ ସେମାନଙ୍କୁ କହିଥିବ ଯେ ସେମାନଙ୍କର ସାହେବଙ୍କ ମୁଁ ପରମ ବନ୍ଧୁ । ତେଣୁ ତାଙ୍କର ଚାହିଁବାଟାରେ ସମ୍ଭ୍ରମତା ମିଶି ଯାଇଥିଲା ।

ମୁଁ ବଗିଚା ଦେଖୁଥିଲି ସତ, କିନ୍ତୁ ମୁଣ୍ଡଟା ଦଖଲ କରି ବସିଥିଲେ ହୀରା ମଞ୍ଜିଲ୍‌ର ସେଇ ଶ୍ୟାମଳା ମହିଳା । ରୂପସୀ ନହେବା ସତ୍ତ୍ୱେ ବି ଘୋଷ ଚୌଧୁରୀ ପରି ମଣିଷଙ୍କୁ ବି ଏଇପରି ଭାବରେ ବଦଳାଇ ଦେବା ଭଳି କେଉଁ ଜାଦୁ ଅଛି ସେଇ ସୁନୟନୀଙ୍କ ହାତରେ ସେଇଟା କେବଳ ଭାବି ଚାଲିଥିଲି ।

ଘୋଷ ଚୌଧୁରୀ ବିଛଣା ଛାଡ଼ି ବାରଣ୍ଡାକୁ ଆସିଲେ ପ୍ରାୟ ଘଣ୍ଟାଏ ପରେ । ଦେହରେ ପାଇଜାମାର ଉପର ପାଦ ଯାଏଁ ଗୋଟାଏ ମୋଟା ରଙ୍ଗିନ ଡ୍ରେସିଂ ଗାଉନ୍ । ସୁଖ ନିଦ୍ରାରେ ମୁହଁ ଆଖି ଫୁଲି ଯାଇଛି । ମୁଁ ପାଖକୁ ଆସିବାରୁ ଅଭ୍ୟର୍ଥନା ଜଣାଇଲେ, - ଗୁଡ୍‌ମର୍ଣ୍ଣିଂ, ରାତିରେ ଭଲ ନିଦ ହେଇଥିଲା ନା ମୁଣ୍ଡ ଭିତରେ ସୁନୟନୀ ବୁଲୁଥିଲେ ?

ମୁଁ ସଙ୍ଗେ ସଙ୍ଗେ କହିଲି, ସୁନୟନୀ ବୁଲୁଥିଲେ ।

ହସି ଉଠିଲେ - ଲେଖକ ମଣିଷ ଯେତେବେଳେ, ତୁମର ବାରଟା ବାଜିଗଲା ମୁଁ ଜାଣିଥିଲି ।

ଗୋଟାଏ ଚେୟାର ଟାଣି ନେଇ ବସି କହିଲି, ଅତିଥି ବନ୍ଧୁର ବାରଟା ବଜାଇ ତୁମେ ମଜା ଦେଖୁଛ ?

ଘୋଷ ଚୌଧୁରୀ ପାଖ ଚେୟାରଟା ଟାଣି ଆଣି ବସିଗଲେ । - କ୍ୟା କରେ ଦୋସ୍ତ, ହୁକୁମ୍ ନାହିଁ । କିନ୍ତୁ ଏଇଠି ଆହୁରି ଯେତେଦିନ ରହିବ ତା'ଭିତରେ ଯଦି ଗୋଟାଏ ବାରଟାରୁ ଆଉ ଗୋଟାଏ ବାରଟାକୁ କଣ୍ଟା ନବୁଲାଇ ପାର, ତାହେଲେ କେମିତି ଲେଖକ ତୁମେ ?

ଜବାବ୍ ଦେଲି, ତୁମେ କୋ-ଅପରେଟ୍ କଲେ ପାରିବି ।

ସେ ମଧ୍ୟ ଅମ୍ଳାନ ବଦନରେ ଜବାବ୍ ଦେଲେ, ଭଲ କାମରେ ମୁଁ ସବୁବେଳେ ବର୍ତ୍ତମାନ ଜଣେ ଆକ୍ଟିଭ୍ କୋ-ଅପରେଟର୍ । ତୁମେ ଲାଗିଯାଅ ।

ଜନ୍ ପ୍ରାତରାଶ ଆଣି ହାଜର୍ । ଫଳ, ବଟର ଟୋଷ୍ଟ, ଜେଲି ଟୋଷ୍ଟ, ଡବଲ୍ ଅଣ୍ଡାର ପୋଚ୍ । ଆୟୋଜନ ଦେଖି ମନ୍ତବ୍ୟ କଲି, ଭାରି ଆନନ୍ଦରେ ଅଛ ତୁମେ ।

ଗ୍ରାଣ୍ଡ ଅଛି ... ସକାଳେ ଏଇସବୁ ମେନୁ ବି ମୋର ନୁହେଁ, ବୁଝିଲ ... ଏଇଠି ସବୁ ଆଉ ଜଣକର ହୁକୁମ୍ ଅନୁସାରେ ହୁଏ । କିନ୍ତୁ ମୁଁ ମଣିଷଟା ଭାରି ବଦ୍‌ମାସ୍, ଲୋଭ, ଲୋଭ - ରାଇଜର ଲୋଭ ଏଇ ବୟସରେ ମଧ୍ୟ - ମନ ଦୁଃଖରେ ଗୋଟାଏ ଗୋଟାଏ ସମୟରେ ସଙ୍ଗମର ପାଣିରେ ବୁଡ଼ି ମରିବାକୁ ଇଚ୍ଛା ହୁଏ । କହି - ଅଦ୍ଭୁତ ଭାବରେ ହା, ହା, ହା ହସ ।

ହସୁଛି ମୁଁ ମଧ୍ୟ । ଲୋଭ ଆଉ ସଙ୍ଗମ ଦୁଇଟାର ଦ୍ୱିଅର୍ଥବୋଧକ । କିନ୍ତୁ ଏଇ ମୁହଁ ଆଡ଼କୁ ଚାହିଁଲି, କୌଣସି କାଳିମା ଦେଖିପାରିଲିନାହିଁ । କ'ଣ ଗୋଟାଏ ମନେପଡ଼ିବାରୁ ପଚାରିଲି, ତୁମେ କାଲି କହୁଥିଲ, ଏଠିକାର ସବୁକିଛି ତୁମର ଅଥଚ କିଛି ବି ତୁମର ନୁହେଁ ... ସେଇ ଯେଉଁ ମାଳିମାନେ କାମ

କରୁଛନ୍ତି ସେମାନେ କ'ଣ ସମସ୍ତେ ହୀରା ମଞ୍ଜିଲ୍‌ର ?

ହୀରା ମଞ୍ଜିଲ୍‌ର । ସେମାନଙ୍କର ମାତାଜୀ ସେମାନଙ୍କର ମୁନିବ ।

ଆଉ ଏଇ ବଙ୍ଗଳାଟା ?

ସବୁ – ସବୁ ।

ହୀରା ମଞ୍ଜିଲ୍‌ର ମାତାଜୀଙ୍କର ତାହେଲେ ପ୍ରଚୁର ଟଙ୍କା ? ତାଙ୍କର ପ୍ରତିଷ୍ଠାନ ଚଳାଇବାକୁ ତ ଅନେକ ଟଙ୍କାର ଦରକାର ହୁଏ ?

ନିଜର ଭଲ ମୂଳଧନ ଥିଲା, ତେବେ ଯାହା ସେ କରିଛନ୍ତି ତା' ତୁଳନାରେ ସେଇଟା ବା କେତେ ! ... ଟଙ୍କା ଦେବା ପାଇଁ ଲୋକ ଥିଲେ ଟଙ୍କାର ଅଭାବ କାହିଁକି ହେବ ? ସେଇ ମାତାଜୀଙ୍କୁ କ'ଣ ସହଜ ମହିଳା ଭାବିଛ ? ମନ୍ତ୍ରୀମାନେ ବି ଖାତିର କରନ୍ତି, ଶ୍ରଦ୍ଧା ଭକ୍ତି କରନ୍ତି । ମାସକୁ ସରକାରଙ୍କ ତରଫରୁ ମୋଟା ଗ୍ରାଣ୍ଟ ପାଆନ୍ତି, ତାଛଡ଼ା ପଇସାବାଲା ଡୋନରମାନଙ୍କ ପାଖରୁ ବି ନିୟମିତ ମୋଟା ଅଙ୍କର ଚେକ୍ ପାଆନ୍ତି । ପ୍ରତିଷ୍ଠାନ ପାଇଁ ଗାଡ଼ି କିଣା ହେଇଛି – ସେଇ ଗାଡ଼ି ସାଙ୍ଗରେ ତ ତୁମେ କ୍ଲାଶ୍ କରିଦେଇଥିଲ !

ପଚାରିଲି, ପ୍ରତିଷ୍ଠାନର ନାଁରେ ଗାଡ଼ିର ଡ୍ରାଇଭର ରଖା ହେଇନି କାହିଁକି ?

ଦରକାର କ'ଣ ? ହୀରା ମଞ୍ଜିଲ୍‌ର ଅନ୍ତତଃ ଛଅ, ସାତ ଜଣ ଝିଅ ବର୍ତ୍ତମାନ ଅଭିଜ୍ଞ ଡ୍ରାଇଭର୍ ବନିଯାଇଛନ୍ତି । ପ୍ରଥମେ ଅବଶ୍ୟ ଡ୍ରାଇଭର୍ ରଖିବା ଦରକାର ହେଇଥିଲା । ସେଇ ମାତାଜୀ ହୀରା ମଞ୍ଜିଲ୍‌ର ବଗିଚାରେ କାମ କରିବା ପାଇଁ ମହିଳା ମାଳି ଆଉ ଗେଟ୍ ପହରା ଦେବା ପାଇଁ ମହିଳା ଦରବାନ୍ ପାଇଲେ ତାଙ୍କ ଇଲାକାରେ ପୁରୁଷ ରଖିନଥାଆନ୍ତେ ।

ତାଙ୍କ ଆଖିରେ ଆଖି ରଖି ମୁଁ ହସିଲି । – ମହିଳା ତାହେଲେ ନିଜ ଜୀବନରେ କେଉଁ ଧରଣର ପୁରୁଷ ଦେଖିଛନ୍ତି ଯାହାପାଇଁ ପୁରୁଷମାନଙ୍କ ପ୍ରତି ତାଙ୍କର ଏତେ ଅବିଶ୍ୱାସ ?

ହସ ହସ ମୁହଁରେ ଘୋଷ ଚୌଧୁରୀ ମୋ ଆଡ଼କୁ ଚାହିଁ ରହିଲେ କିଛି ସମୟ । ଆସ୍ତେ ଆସ୍ତେ କହିଲେ, ମୋପରି ଗୋଟାଏ ପୁରୁଷ କ'ଣ ଯଥେଷ୍ଟ ନୁହେଁ ?

ଚା' କପ୍‌ଟା ରଖି ମୁଁ ଗୋଟାଏ ସ୍ୱସ୍ତିର ନିଶ୍ୱାସ ପକାଇଲି । – ଯାହାହେଉ ଗତକାଲି ନାଲି ପାଣି ପେଟରେ ପଡ଼ି ଯାହା ହେଇନାହିଁ ଆଜି ଚା' ପେଟରେ ପଡ଼ି ସେଇଆ ହେଲା । ତୁମେ ତାହେଲେ ସ୍ୱୀକାର କଲ ଯେ ଦଶ ବର୍ଷ ପୂର୍ବେ ବି ସୁନୟନାଙ୍କ ଜୀବନରେ ତୁମେ ଥିଲ ?

ଏଥର ଘୋଷ ଚୌଧୁରୀ ହାଁ କରି ମୋ ଆଡ଼କୁ କିଛି ସମୟ ଚାହିଁ ରହିଲେ । ତା'ପରେ କହି ଉଠିଲେ, ବୋକା ଭଳି ମୁହଁ କରି ରହିଥାଅ – ତୁମେ ତ ଭୟଙ୍କର ଲୋକ ହେ ! ଆଜି ଯାଇ ସୁନୟନୀଙ୍କୁ ସାବଧାନ କରିଦେବାକୁ ହେବ ।

ତାହେଲେ କଥାର ଖିଲାପ ହେବ, ତୁମେ କୋଅପରେଟ୍ କରିବ ବୋଲି କଥା ଦେଇଛ ।

ହା ହତୋ ସ୍ମି !

ଠିକ୍ ଦଶଟା ବେଳକୁ ସେଇ ଜନିଥ୍ୱାକରରେ ବସି ଆସେ ଦୁହେଁ ହୀରା ମଞ୍ଜିଲ୍‌କୁ ଆସିଲୁ । ଶଶବ୍ୟସ୍ତ ଦରବାନ୍ ସଲାମ୍ କରି ଗେଟ୍ ଖୋଲିଦେଲା । ଭିତରେ ଆଜି ଟିକେ ଅନ୍ୟପ୍ରକାର ତତ୍ପରତା ଦେଖିଲି । ଗାଡ଼ିର ଆବାଜ୍ ପାଇ ଆଠ ଦଶ ଜଣ ନାନା ବୟସର ଝିଅ ମେନ୍‌ବିଲ୍ଡିଂର ବାରଣ୍ଡା ଉପରେ ଆସି ଛିଡ଼ା ହେଲେ । ଗାଡ଼ିରୁ ଓହ୍ଲାଇବା ପରେ ସେମାନେ ଦୁଇହାତ ଯୋଡ଼ି ନମସ୍କାର କରି ମୋତେ ଯେମିତି ସାଦର ଅଭ୍ୟର୍ଥନା ଜଣାଇଲେ । ଭିତରୁ ଶଙ୍ଖଧ୍ୱନି ମଧ୍ୟ ଶୁଭିଲା । ମୁଁ ଭାବିଲି ଏଇଟା ବୋଧହୁଏ ପୂଜା ଅର୍ଚ୍ଚନାର କିଛି ଅନୁଷ୍ଠାନ । ମୋତେ ଘୋଷ ଚୌଧୁରୀ ତାଙ୍କ ହାତ ଦ୍ୱାରା ଠେଲି ଦେଇ ଉତ୍ଫୁଲ୍ଲ ହେଇ କହିଲେ, ଆଜି ତୁମକୁ –

ମୁଁ କିଛି ବୁଝିନପାରି ସେଇ ବଡ଼ ହଲ୍ ସାମ୍ନାରେ ଜୋତା ରଖି ସମସ୍ତଙ୍କ ସାଙ୍ଗରେ ଭିତରେ ପଶିଲି । ତା'ପରେ ସତରେ ମୁଁ ହତଭମ୍ବ ହେଇଗଲି । ମେଜିଆ ଉପରେ ଗାଲିଚା ପରା ହେଇଛି । ତା'ଉପରେ ଗୋଟିଏ ଆସନ । ସେଇଠି ବରଣ କରିବା ପାଇଁ କୁଲା ଧରି ଛିଡ଼ା ହେଇଛନ୍ତି ସୁନୟନୀ ହସ ହସ ମୁହଁରେ । ଅନ୍ୟ ଦୁଇଜଣ ଝିଅଙ୍କ ହାତରେ ଟଟକା ଫୁଲର ତୋଡ଼ା ଆଉ ଫୁଲର ଷ୍ଟିକ୍ । ଆଉ ଗୋଟିଏ ଝିଅ ହାତରେ ଗୋଟାଏ ଟ୍ରେରେ ଧୋତି ଆଉ ଚାଦର ।

ମାତାଜୀଙ୍କ ଇସାରାରେ ଅପେକ୍ଷାକୃତ ଜଣେ ବୟସ୍କା ମହିଳା ବିନା ଦ୍ୱିଧାରେ ମୋର ହାତ ଧରି ମୋତେ ସେଇ ଆସନ ଉପରେ ଛିଡ଼ା କରେଇଦେଲେ । ମୁଁ ସଙ୍ଗେ ସଙ୍ଗେ କହି ଉଠିଲି, ଆରେ, ଏସବୁ କ'ଣ ହେଉଛି ?

ସୁନୟନୀ ହସି ଜବାବ ଦେଲେ, ଟିକେ ଚୁପ୍ ହେଇ ଛିଡ଼ା ହୁଅନ୍ତୁ, ବ୍ୟସ୍ତ ହୁଅନ୍ତୁନି । ଗୁଣୀଜନଙ୍କୁ ପାଇଲେ ଆମେ ଆଗ ତାଙ୍କୁ ବରଣ କରୁ, କିଛି ନକହି ଯେମିତି ଭାବରେ ସେ କାଲି ଆପଣଙ୍କୁ ନେଇ ଆସିଲେ, କିଛି ବି କରିପାରିଲିନାହିଁ ।

ତେବେ ମୁଁ ଟିକେ ବ୍ୟସ୍ତ ହେଇ କହିଲି, ମୁଁ ଗୁଣୀଜନ !

ମହିଳାଙ୍କୁ ଦେଖି ଅନ୍ୟ ସମସ୍ତେ ପ୍ରାୟ ହସି ଉଠିଲେ । ହଲ୍‌ରେ ଝିଅଙ୍କ ସଂଖ୍ୟା ପ୍ରାୟ ଚାଳିଶ ଜଣ ହେବ ଥିଲେ ।

ସୁନୟନୀ ଜବାବ ଦେଲେ, ଆମେ ଯାହାଙ୍କୁ ଗୁଣୀଜନ ଭାବୁ ତାଙ୍କୁ ହିଁ ସମ୍ମାନିତ କରୁ ।

ସୁନୟନୀ ନିଜର ବାଁ ହାତର କାଣି ଆଙ୍ଗୁଠିରେ ଚନ୍ଦନ ନେଇ ଟିକେ ଲମ୍ବା କରି ମୋ କପାଳରେ ପିନ୍ଧାଇ ଦେଲେ । ତା'ପରେ ମୁହଁ ସାମ୍ନାରେ ତିନିଥର ବରଣ କୁଲା ଆଉ ଦୀପ ବୁଲାଇଲେ । ସେତେବେଳେ ଏକା ସାଙ୍ଗରେ ସାତ ଆଠଟା ଶଙ୍ଖ ବାଜି ଉଠିଲା । ଟ୍ରେ ସହ ଧୋତି – ଚାଦର ସୁନୟନୀ ମୋ ହାତରେ ଧରାଇ ଦେଇ କହିଲେ, ଏହାର ଗୋଟାଏ ସୂତା ବି ବଜାରରୁ କିଣା ନୁହେଁ, ସବୁ ମୋ ଝିଅମାନେ କରିଛନ୍ତି, ମୋଟା ହେଲେ ବି ପିନ୍ଧିବାକୁ ଅସୁବିଧା ହେବନାହିଁ ।

ମୁଁ ସତରେ ଅଭିଭୂତ ।

ଗୋଟିଏ ଝିଅ ଧୋତି – ପଞ୍ଜାବିର ଟ୍ରେ ମୋ ହାତରୁ ନେଲେ । ଏହାପରେ ଅନ୍ୟ ଝିଅମାନଙ୍କର ଫୁଲ ଦେବାର ପାଳି । ସେଗୁଡ଼ିକ ଜମା କରି ଆଉ ଗୋଟାଏ ଦିଗରେ ରଖିବାକୁ ହେଲା । ସୁନୟନୀ ଝିଅମାନଙ୍କୁ ନିର୍ଦ୍ଦେଶ ଦେଲେ, ସବୁ ସଜାଡ଼ି ରଖିବା ପାଇଁ, ସେ ଯିବା ସମୟରେ ସବୁ ଜିନିଷକୁ ଗାଡ଼ିରେ ରଖିଦେବ । ହସ ହସ ମୁହଁରେ ମୋ ଆଡ଼କୁ ଚାହିଁ କହିଲେ, ଆପ୍ଣମାନଙ୍କୁ ଆଶୀର୍ବାଦ କରନ୍ତୁ, ସମସ୍ତେ ଯେମିତି ନିର୍ଲୋଭ ହେଇପାରୁ – କାମରେ ଅଳସୁଆମି ନକରି ଦକ୍ଷ ହାତରେ କାମ କରିପାରୁ ।

ମୁଁ ହସି ମୁଣ୍ଡ ହଲାଇଲି । – ନିଜେ ଯାହା ହେଇପାରିନାହିଁ, ସେଇଟା ପୁଣି ଆଶୀର୍ବାଦ କରିବି କେମିତି ?

ଏହା ଶୁଣି ଯେଉଁମାନେ ବୁଝିପାରିଲେ ସେମାନେ ହସି ଉଠିଲେ । ଯେଉଁମାନେ ବୁଝିପାରିଲେ ନାହିଁ ସେମାନଙ୍କୁ ବୁଝିଥିବା ଝିଅମାନେ କାନ ପାଖରେ କହିଦେଲେ । ଘୋଷ ଚୌଧୁରୀଙ୍କ ମୁହଁରୁ ଶୁଣିଥିଲି, ନିର୍ଲୋଭ ହେବାର ପ୍ରାର୍ଥନା ଝିଅମାନଙ୍କୁ ପ୍ରତିଦିନ କରିବାକୁ ହୁଏ । ଏଥର ଝିଅମାନଙ୍କ ଆଡ଼କୁ ଚାହିଁ କହିଲି, ମୁଁ ପ୍ରାର୍ଥନା କରୁଛି, ତୁମ୍ଭେମାନେ ତୁମର ମାତାଜୀଙ୍କ ପରି ହୁଅ ।

ଯେଉଁମାନେ ବୁଝିପାରିଲେ ସେମାନେ ଖୁସୀ ହେଲେ । ଯେଉଁମାନେ ବୁଝିପାରିଲେ ନାହିଁ ଅନ୍ୟ ଝିଅମାନେ ବୁଝାଇ ଦେବା ପରେ ଖୁସୀ ହେଇଗଲେ । କେବଳ ସୁନୟନୀ ଗମ୍ଭୀର ହେଇ ବଡ଼ ବଡ଼ କରି କହିଲେ, ଭଲ କଲେନାହିଁ, ମୋ ପରି ହୁଅନ୍ତୁ, ଏଇଟା ମୁଁ ମୋଟେ ଚାହେଁ ନାହିଁ ।

ଅନୁଷ୍ଠାନ ଶେଷ ହେବା ପରେ ତାଙ୍କୁ ଅନୁସରଣ କରି ପୁଣି ଆମେ ତାଙ୍କର ଗତକାଲି ସନ୍ଧ୍ୟା ସମୟରେ ବସିଥିବା ଘରେ ଆସି ପହଞ୍ଚିଲୁ । ଆଜି ଆଉ ମୋଡ଼ା ଉପରେ ନ ବସି ଘୋଷ ଚୌଧୁରୀ ଗାଲିଚା ବିଛା

ହେଇଥିବା ଜାଗା ଉପରେହାତ ଗୋଡ଼ ମେଲାଇ ବସିପଡ଼ିଲେ । କପଟ ରାଗରେ ସୁନୟନୀଙ୍କ ଆଡ଼କୁ ଚାହିଁଲେ । – ମୁଁ ଜାଣିବାକୁ ଚାହେଁ ଦଶ ବର୍ଷରେ ବି ମୋତେ ଏମିତି ସମ୍ବର୍ଦ୍ଧନା ଦିଆହେଲାନାହିଁ କାହିଁକି ?

ସୁନୟନୀ ମୁହଁ ଚାପି ହସିଲେ । – ସମ୍ବର୍ଦ୍ଧନା ପାଇବା ଭଳି ଆପଣ କ'ଣ କରିଛନ୍ତି ?

– ମୁଁ କ'ଣ କରିଛି ? ମୋ ପରି ଆଉ କିଏ କରିଛି ? ... ହୀରା ମଞ୍ଜିଲର ମାତାଜୀଙ୍କୁ ମୁଁ ଏଇଠି ଉପଦ୍ରବ ବିନା ରହିବାକୁ ଦେଇଛି, ସେଇପରି ଭାବରେ ଚେଷ୍ଟା କରିଥିଲେ ଝିଅମାନଙ୍କ ପାଖରୁ ମୁଁ ତାଙ୍କୁ ନେଇଯାଇ ପାରିନଥାଆନ୍ତି କହିବାକୁ ଚାହୁଁଛ ? ଗୋଟାଏ ପଟର ଗାଲ ପୋଡ଼ି ଯାଇଛି, ଆଉ ଗୋଟାଏ ପଟ ପୋଡ଼ିବାକୁ ଚାହିଁଥିଲେ ତୁମେ କ'ଣ କରିଥାଆନ୍ତ ?

ସୁନୟନୀ ରାଗିଯାଇ କହିଲେ, – ଆରେ ! ଏସବୁ କ'ଣ ହେଉଛି ? ସବୁବେଳେ କହିଛି ଏସବୁ ଥଟ୍ଟା ତାମ୍‌ସା ଏଇଠି ଚାଲିବନାହିଁ ? ବୟସ କ'ଣ ଦିନକୁ ଦିନ କମୁଛି – ନା ?

ମୋ ଆଡ଼କୁ ମୁହଁ କରି ଆଖି ଚିପି ଘୋଷ ଚୌଧୁରୀ ସାମ୍ନାକୁ ଝୁଙ୍କି ଫୁସ୍ ଫୁସ୍ କରି କହିଲେ, ତୁମ ସାଙ୍ଗରେ କୋ-ଅପରେଟ୍ କରିବି କହିଥିଲି, ଆରମ୍ଭ କରିଦେଇଛି ।

ଶୁଣି ନପାରି ସୁନୟନୀ ସେଇପରି ରାଗ ମିଶା ସ୍ୱରରେ କହିଲେ, କ'ଣ ହେଲା ?

କିଛି ନୁହେଁ, ମୁଁ ତାଙ୍କୁ ହୋଟେଲରୁ ନିଜ ବଙ୍ଗଳାକୁ ନେଇଆସିଥିଲି, ଆଜି ପୁଣି ସେଇ ହୋଟେଲ୍‌ରେ ହିଁ ଛାଡ଼ି ଦେଇ ଆସିବି, କାଲି ରାତିରେ ମୋତେ ଜେରା କରି କରି ହଇରାଣ କରିଦେଇଛନ୍ତି ।

ମହିଳାଙ୍କ ପଲକହୀନ ଆଖି ଯୋଡ଼ିକ ମୋ ମୁହଁ ଆଡ଼କୁ । ଏଥର କଥାଗୁଡ଼ାକ ବି ଭାରି ଥଣ୍ଡା ମିଜାଜ୍‌ରେ କହିଲେ । ବିଶ୍ୱାସ କରନ୍ତୁ, ମୁଁ ଆପଣଙ୍କ କୌତୁହଳର ଯୋଗ୍ୟ ନୁହେଁ । ମନେହେଲା, ଇଏବି ଗାଳି ଦେବାର ଆଉ ଗୋଟାଏ ରୂପ । ଆଉ ମନେହେଲା, ମହିଳାଙ୍କର ନାକ ଉପରେ ସେଇ ଧଳା ପଥରର ଚକ୍ ଚକ୍‌ଟା ଯେମିତି ହସିଲେ ଗୋଟାଏ ପ୍ରକାର, ଗମ୍ଭୀର ହେଲେ ଆଉ ଗୋଟାଏ ପ୍ରକାର ।

ତାଙ୍କର ଚା' ଆଉ ଜଳଖିଆ ଆଣିବାର ପ୍ରସ୍ତାବରେ ମୁଁ ହିଁ ବାଧା ଦେଲି । ସେ ପର୍ବ ଖୁବ୍ ଭଲ ଭାବରେ ସମାଧାନ କରିଆସିଛୁ, ଆଉ ଗୋଟାଏ ପରସ୍ତ ହେଲେ ଦ୍ୱିପହରର ଖାଇବା ପୂରା ମାଟି ହେଇଯିବ ।

ମହିଳା ଦ୍ୱିତୀୟ ଥର ଆଉ ଜୋର୍ କଲେନାହିଁ । କହିଲେ, ଥାଉ ତାହେଲେ – ଚାଲନ୍ତୁ, ଆମର କାମଦାମ ସବୁ କିଛି ଦେଖେଇ ଦିଏ ଆପଣଙ୍କୁ ।

ଘୋଷ ଚୌଧୁରୀ କହିଲେ, ତୁମର ଲାଇବ୍ରେରୀଟା ଆଗ ଦେଖାଅ – ତିନି ଯୁଗ ହେଲା ଦେଖାନାହିଁ, ଅଥଚ ମୁଁ ତାଙ୍କ ଖବର ରଖେ କେମିତି ଭାବି ଅବାକ୍ ହେଇଯାଉଥିଲେ ।

ଏଥର ଶ୍ୟାମଳ ମୁହଁରେ ମିଠା ହସ ଦେଖିଲି । ଲାଇବ୍ରେରୀରେ କ'ଣ ଦେଖାଇବେ ଅନୁମାନ କରିପାରୁଛି । ତେବେବି ଏ ରକମ୍ ଯୋଗାଯୋଗ କେଉଁ ଲେଖକଙ୍କର କାମ୍ୟ ନୁହେଁ ! ସୁନୟନୀ ସେଇ ମେନ୍ ବିଲ୍ଡିଂର ଏକତାଲାର ଗୋଟାଏ ବଡ଼ ଘରେ ନେଇ ଆସିଲେ ଆମକୁ । ଯାହା ଆଶା କରିଥିଲି ଠିକ୍ ସେଇଆ ଦେଖିପାରିଲିନାହିଁ ବୋଲି ଆହୁରି ଭଲ ଲାଗିଲା । ପରିଷ୍କାର ପରିଚ୍ଛନ୍ନ ର୍ୟାକ୍‌ରେ ସଜା ହେଇ ରହିଛି ଧାଡ଼ି ଧାଡ଼ି ହେଇ କାମର ବହି । ମାଟି କାମ, ସିଲେଇ କାମ, ତନ୍ତ କାମ, ବଗିଚାର କାମ, ରୋଷେଇ ଘର ସଜାଇବା ବହି । ବହୁତ ରକମର କାରିଗରି ଶିକ୍ଷାର ବହି ।

ପୂରା ଶେଷ ଆଡ଼କୁ କେତେଗୁଡ଼ିଏ ର୍ୟାକ୍‌ରେ କେବଳ ଗଳ୍ପ ଉପନ୍ୟାସ । କେବଳ ବଙ୍ଗଳା ନୁହେଁ, ପୂରା ରାଜ୍ୟର ନାମୀ ଲେଖକମାନଙ୍କର ବଛା ବଛା ବହି । ଅବଶ୍ୟ ବଙ୍କିମଚନ୍ଦ୍ର ଠାରୁ ଆରମ୍ଭ କରି ଆଧୁନିକ ଲେଖକମାନଙ୍କର ପରିଚିତ ବହିର ସଂଖ୍ୟା ହିଁ ବେଶୀ । ତାର ପାଖ ର୍ୟାକ୍‌ରେ କେତେକ ହିନ୍ଦୀ ଅନୁବାଦର ବହି ।

ମୋ ନାଁର ଲେବେଲ୍ ମରାହେଇଥିବା ବହି ସାମ୍ନାରେ ଆସି ସୁନୟନୀ କହିଲେ, ଦେଖନ୍ତୁ, ସବୁ ତ କିଣିପାରିନାହିଁ, ତେବେବି କମ୍ ନାହିଁ –

ଏ ଟିକକ ସବୁ ଲେଖକଙ୍କର ଅନୁଭବର ସମ୍ପଦ । କହିଲି, ଆଉ କିଣିବା ଦରକାର ନାହିଁ, ମୁଁ ପଠେଇ ଦେବି ।

ସତରେ ? ବହୁତ ଖୁସୀ ହେଇଗଲେ । – ରୁହନ୍ତୁ ଆପଣଙ୍କ ଭକ୍ତମାନଙ୍କୁ ଡାକେ – ସାମ୍ନାରେ ଯେଉଁ ଦୁଇଜଣ ଝିଅ ଲାଇବ୍ରେରୀ ଦେଖାଶୁଣା କରନ୍ତି ସେମାନଙ୍କ ଭିତରୁ ଜଣକୁ କ'ଣ କହି ଆସିଲେ ।

ଘୋଷ ଚୌଧୁରୀ ସଙ୍ଗେ ସଙ୍ଗେ କହି ଉଠିଲେ, ସବୁଠାରୁ ବଡ଼ ଭକ୍ତ ତ ସାମ୍ନାରେ ଛିଡ଼ା ହେଇଛନ୍ତି –

ନୁହେଁ ତ କ'ଣ ? ହସ ହସ ମୁହଁରେ ଆଖି ଯୋଡ଼ିକ ମୋରି ଆଡ଼କୁ । – ସେ ଆପଣଙ୍କର କେମିତି ସମଝଦାର୍ ପାଠକ ଜାଣନ୍ତି ? ଉତ୍ସାହ ଦେଖାଇ ସାଙ୍ଗଙ୍କ ଲେଖା ବହି ନେଇଯାଆନ୍ତି – ପଢ଼ିବା ବି ସମ୍ଭବ ହୁଏନାହିଁ । ବହି ଆଉ ଫେରିବି ତ ଆସେନାହିଁ । ତାଙ୍କ ଏବେ ବହି ଦେବା ବନ୍ଦ କରିଛି – ବର୍ତ୍ତମାନ କେବଳ ମୋ ପାଖରୁ ଆପଣଙ୍କ ଗଳ୍ପର ସାରମର୍ମ ଟିକକ ଶୁଣନ୍ତି ଆଉ ଭଲ ମନ୍ଦ ମନ୍ତବ୍ୟ କରନ୍ତି ।

ଘୋଷ ଚୌଧୁରୀ କହିଲେ, ହିଂସା କରି ଭଲ ଠାରୁ ମନ୍ଦ ମନ୍ତବ୍ୟଟା ହିଁ ବେଶୀ କରେ ଜାଣିରଖ । ... ଭଲ କଥା, ଯେଉଁ ଉପନ୍ୟାସଟା ତାଙ୍କର ପୁଅକୁ ନେଇ, ସେଇଟା ବାହାର କର ତ ... ସେଇ ପୁଅ ଆଉ ନାହିଁ, ଜାଣିଛ ?

ମୁହୂର୍ତ୍ତକ ଭିତରେ ଦୁହିଁଙ୍କ ମୁହଁରେ ବେଦନାର ଛାଇ ପଡ଼ିବା ଦେଖିଲି । ସୁନୟନୀ ବହିଟା ଟାଣି ବାହାର କଲେ । ସେଇ ବହିରେ ଆସ୍ତେ ଆସ୍ତେ ହାତ ବୁଲାଉଥିବା ଦେଖି ମନେହେଲା ଅଦେଖା ପୁଅ ଦେହରେ ହିଁ ଯେମିତି ହାତ ବୁଲାଉଛନ୍ତି । କହିଲେ,

ସେ ଯେ ରହିବ ନାହିଁ ସେ ଆଭାସ ତ ଏଥିରେ ହିଁ ଅଛି ... ଯିଏ ପଢ଼ିବେ ପିଲାଟା ତାଙ୍କର ଆପଣାର ହେଇଯିବେ ।

ଏହାକୁ କ'ଣ କୌଣସି ବିଷର୍ଣ୍ଣ ମୁହୂର୍ତ୍ତ କହିବି ? ମୋର ଦୁଇ ଆଖିର କୋଣ ପାଣିରେ ଚିକ୍ ଚିକ୍ କରିଉଠିଥିଲା କି ନାହିଁ କହିପାରିବିନାହିଁ । କିନ୍ତୁ ଏମିତି ଆନନ୍ଦର ମୁହୂର୍ତ୍ତ ମଧ୍ୟ ମୋ ଜୀବନରେ କମ୍ ଆସିଛି ।

ଦଳ ବାନ୍ଧି ଏକା ସାଙ୍ଗରେ ପ୍ରାୟ କୋଡ଼ିଏ ଜଣ ଲାଇବ୍ରେରୀ ଭିତରେ । ମାତାଜୀଙ୍କ ନୀରବ ଇସାରାରେ ଉତ୍ସୁକ ଆଗ୍ରହରେ ସୋମନେ ପାଖକୁ ଆସିଲେ । ଲକ୍ଷ୍ୟ କଲି, ଏମାନଙ୍କ ଭିତରେ ଆଠ, ନଅ ଜଣ ବଙ୍ଗାଳୀ ବାକି ସମସ୍ତେ ଅନ୍ୟ ଜାତିର । ପଚିଶରୁ ପଇଁତିରିଶ ଛତିଶ ବର୍ଷ ଭିତରେ ଏଇ ମହିଳାମାନଙ୍କର ବୟସ । ସବୁ ମହିଳାମାନଙ୍କ ସହ ପରିଚୟ କରାଇଦେଲେ । କହିଲେ, ଏମାନଙ୍କ ଭିତରୁ କେତେଜଣ ଆପଣଙ୍କ ହିନ୍ଦୀ ଅନୁବାଦ ବହି ପଢ଼ି ହିଁ ଭକ୍ତ ହେଇଯାଇଛନ୍ତି । ମହିଳାମାନଙ୍କୁ କହିଲେ, କ'ଣ – ଖୁସୀ ତ ସମସ୍ତେ ? ଏଥର ଯିଏ ଯାହାର କାମରେ ଚାଲିଯାଅ । ସେ ଆଜି ପୂରା ଦିନ ଏଇଠି ଅଛନ୍ତି ।

ସେମାନେ ଚାଲିଯିବା ପରେ ଆମେ ବି ଲାଇବ୍ରେରୀରୁ ବାହାରି ଆସିଲୁ । ଏହାପରେ ଏଠାକାର ଅନ୍ୟାନ୍ୟ ସାଗ୍ରହ ସହକାରେ ଦେଖାଇ ଦେଖାଇ ଚାଲିଲେ ସୁନୟନୀ । ଭିତର ପଟର ଅଗଣା ଆଉ ବାହାର ପଟ ଅଗଣା ସବୁ ଜାଗାକୁ ବୁଲି ବୁଲି ଦେଖିଲି । କେଉଁଠି ତନ୍ତର ଧୋତି, ଶାଢ଼ି, ଜାମା, ଚାଦର ତିଆରି ହେଉଛି, କେଉଁଠି ଆସନ, ଶତରଞ୍ଜି, ବିଛଣା ଚାଦର, କେଉଁଠି ନାନାରକମର ମାଟି କାମ ଆଉ ଶିଳ୍ପକର୍ମ, କେଉଁଠି ବା ନାନା ପ୍ରକାରର ଧୂପକାଠି । ସୁନୟନୀ ଜଣାଇଲେ, ଏସବୁ କାମରୁ ହୀରା ମଞ୍ଜିଲ୍‌ର କମ୍ ରୋଜଗାର ହୁଏନା ବୋଲି ଭାବିବେନାହିଁ –

ଘୋଷ ଚୌଧୁରୀ କହିଲେ, ସେଇଟା ତ ହେବ ହିଁ ହେବ, ଏମାନଙ୍କର ସବୁ ଜିନିଷର ଦାମ୍ ବଜାରର

ଦାମ୍ ଠାରୁ ବେଶୀ । - ଏପରିକି ଏଇ ବଗିଚାର ଫୁଲର ଦାମ୍ ମଧ୍ୟ ।

- ଯଦି ବେଶୀ ତାହେଲେ ଲୋକମାନେ କିଣନ୍ତି କାହିଁକି ? ସଙ୍ଗେ ସଙ୍ଗେ ସୁନୟନୀ ଜବାବ୍ ଦେଲେ ।

- ଦୁର୍ବଳତାରେ କିଣନ୍ତି - ମହିଳାମାନଙ୍କର ହାତର ଛୁଆଁ ଜିନିଷ ତ !

ସେତେବେଳେ ଆମେ ବଗିଚା ଆଡ଼କୁ ଚାଲିଛୁ । ସୁନୟନୀ ରାଗିବାକୁ ଯାଇ ହସିଦେଲେ । ଚଟ୍ କରି ଥରେ ଏପଟ - ସେପଟ ଦେଖି ନେଇ ଗୁଣୁ ଗୁଣୁ କରି ଗାଇ ଉଠିଲେ 'କତରେ କଳାବତୀ, ଯୁବତୀ, ସମୂରତି ନିବସତି ଗୋକୁଲ - ମାହ' ।

କାନ ପାରି ଶୁଣିବା ଭଳି ଗୀତ । କିନ୍ତୁ ଭାଗ୍ୟରେ ସେତିକି ଜୁଟିଲା । ଥମିଗଲେ ।

ମୁଁ ଅନୁରୋଧ କଲି, ଆଉ ଟିକେ ହେଉ -

ଆଉ ଟିକେ ବି ନୁହେଁ । ବଗିଚା ଦେଖନ୍ତୁ । ... ଏବେ ସମୟ ହେଇନାହିଁ, ଶୀତର ସମୟ ଆସିଲେ ଆଖି ଫେରାଇ ପାରିବେନାହିଁ ।

ଗୋଟାଏ ଦୀର୍ଘ ନିଃଶ୍ୱାସ ଛାଡ଼ି ଘୋଷ ଚୌଧୁରୀ ମୋ ଆଡ଼କୁ ଚାହିଁ କହିଲେ, ତୁମକୁ ବହୁତ ବେଶୀ ନିରାପଦ ବୋଲି ସେ ଭାବୁଛନ୍ତି ... ନହେଲେ ଏଇ ମୁହଁରେ କଳାବତୀ ଯୁବତୀର ଗୀତ ! ଦଶ ବର୍ଷ ଭିତରେ ବି ଏମିତି ମୁଡ଼ କେବେହେଲେ ଦେଖିନାହିଁ ହେ ବନ୍ଧୁ !

ମୁଁ ହସିଲି । ଟିକେ ଗମ୍ଭୀର ହେଇ ସୁନୟନୀ ମୋତେ କହିଲେ, ଆପଣ ତାଙ୍କୁ କୋଲକାତା ନେଇଯାଇ ଜଣେ ଭଲ ଡାକ୍ତରଙ୍କୁ ଦେଖାଇପାରିବେ ? - କିଛି ବୁଝିବା ବିଷୟ ନାହିଁ । ମଝିରୁ କେବଳ କଳାବତୀ ଯୁବତୀ ଶୁଣିଲେ ।

ଏଥର ଘୋଷ ଚୌଧୁରୀଙ୍କ ତରଫରୁ ଜବାବ୍ ଦେଲି, କେମିତି ଲୋକ ଥିଲେ ଆଉ କେମିତି ଲୋକ ହେଇଛନ୍ତି - ଏତେ ବେଶୀ ଇମ୍ପ୍ରୁଭ୍‌ମେଣ୍ଟ ପରେ ବି ଡାକ୍ତର ବଦଳାଇବା ଉଚିତ୍ ହେବ ?

ସୁନୟନୀ ପ୍ରଥମେ କିଛି ନବୁଝିପାରି ଚାହିଁଲେ । ତା'ପରେ ଶ୍ୟାମଳ ମୁହଁରେ ଲଜ୍ୟା ଆସି ଚମକ ଦେଖାଇଲା । ମୋର ମନେହେଲା, ରମଣୀଙ୍କ ସୁଚାରୁ ଲଜ୍ୟା ବୟସ ଉପରେ ନିର୍ଭର କରେନା । କିନ୍ତୁ ଅଡୁଆରେ ପକାଇ ଦେଲେ ଘୋଷ ଚୌଧୁରୀ । ସେ ଜୋର୍‌ରେ ମୋର ବନ୍ଦନା ଆରମ୍ଭ କରିଦେଲେ । କହି ଉଠିଲେ, ଜବାବ୍ ନାହିଁ - ଜବାବ୍ ନାହିଁ ! ମୁଁ ତୁମର ଖଣ୍ଡେ ବହି ନ ପଢ଼ି ମଧ୍ୟ ସାର୍ଟିଫିକେଟ୍ ଦେଉଛି - ତୁମେ ଜଣେ ପ୍ରସିଦ୍ଧ ଲେଖକ ।

ସୁନୟନୀ ସେତେବେଳେ ଆମଠାରୁ ଦଶ ଗଜ ଦୂରରେ । ଯାଉ ଯାଉ କହିଲେ, ଆପଣମାନେ ଗପ କରନ୍ତୁ ନହେଲେ ଘର ଭିତରେ ଆସି ବସନ୍ତୁ - ମୋର ଏତେ ସମୟ ନାହିଁ ।

ଆହୁରି ଜୋର୍‌ରେ ପାଦ ଚାଲିଲା । ଘୋଷ ଚୌଧୁରୀ ସେପଟକୁ ଚାହିଁ କହିଲେ, ତୁମେ ଯେମିତି କହିଲ ନା !

ରାଗିଲେ ନାହିଁ ତ ?

ରାଗିଯିବେ ? ମୁଁ କହୁଛି, ତୁମେ ଲାଗିଥାଅ ଦୋସ୍ତ, ତୁମର ଆଶା ଅଛି ।

ଦ୍ୱିପହରରେ ଟିକେ ଗୁରୁଭୋଜନ ହେଇଗଲା । ଅଥଚ ଆୟୋଜନରେ ସେମିତି ଯେ ବେଶୀ କିଛି ଆଡ଼ମ୍ବର ଥିଲା ତା ନୁହେଁ । ଆନ୍ତରିକତା ମିଶିଲେ ସବୁ ଜିନିଷର ହିଁ ସ୍ୱାଦ ବଢ଼ିଯାଏ । ଖାଇବା ବେଳେ ସୁନୟନୀ ମୋ ଘରର ଖବର ନେଉଥିଲେ । ସ୍ତ୍ରୀଙ୍କୁ ସାଙ୍ଗରେ ନେଇ ଆସିଲିନାହିଁ କାହିଁକି ? ସେ ମୋ ଲେଖାରେ କେଉଁ ଧରଣର ସାହାଯ୍ୟ କରନ୍ତି, ଝିଅର ବାହାଘର କେଉଁଠି ହେଇଛି, ବାପା - ମା'ଙ୍କୁ ଜ୍ୱାଇଁ ରୋଜ ଦେଖିବାକୁ ଆସନ୍ତି ଶୁଣି ଭାରି ଖୁସୀ । କହିଲେ, ଝିଅ ଓ ଜ୍ୱାଇଁଙ୍କୁ ଏଠିକି ନେଇ ଆସି ଏଠାରୁ ମାଡ୍ରାଜ ଚାଲିଗଲେ ଭାରି ଭଲ ହେଇଥାଆନ୍ତା -

ମୁଁ ଏକମତ ହେଲି, ସେଇଟା ନିଶ୍ଚୟ ହେଇଥାଆନ୍ତା, ତେବେ ଏଠାକୁ ଆସି ଜଣେ ପାଷଣ୍ଡ ବନ୍ଧୁଙ୍କ ଚରିତ୍ରରେ ପରିବର୍ତ୍ତନ ଦେଖିବି ଆଉ ତା' ସାଙ୍ଗରେ ଜଣେ ମାତାଜୀ ପାଇବି ଏଇଟା କଳ୍ପନା ଭିତରେ ନଥିଲା ।

ଖାଉ ଖାଉ ଘୋଷ ଚୌଧୁରୀ ଚଟ୍ କରି କହି ଉଠିଲେ, ଦେଖ, ବନ୍ଧୁଙ୍କ ଚରିତ୍ର ଏତେ ହୁଗୁଳା ନୁହେଁ ଯେ ସାଙ୍ଗେ ସାଙ୍ଗେ ବଦଳିଯିବ ।

ସୁନୟନୀ ହସିଦେଇ କହିଲେ, ସେଇଟା ଠିକ୍ ।

ଖାଇବା ପରେ ପ୍ରାୟ ଦୁଇ ଘଣ୍ଟା ବିଶ୍ରାମ । ତା'ପରେ ଚା'ପାନ, ପୁଣି ବଗିଚାରେ ବୁଲିବା । ତା'ପରେ ବି ପ୍ରାୟ ଦେଢ଼ ଘଣ୍ଟା ସୁନୟନୀଙ୍କର ଦେଖାପାଇଲିନାହିଁ । ଘୋଷ ଚୌଧୁରୀ ଗୋଟିଏ ଝିଅକୁ ପଚାରିବାରୁ ସେ କହିଲା, ମାତାଜୀ ଲାୟଲୀକୁ ଦେଖିବାକୁ ଡାକ୍ତରଖାନା ଯାଇଛନ୍ତି, ସନ୍ଧ୍ୟା ପୂର୍ବରୁ ଫେରି ଆସିବେ ।

ଘୋଷ ଚୌଧୁରୀଙ୍କୁ ପଚାରିଲି, ଲାୟଲୀ କିଏ ?

ସେ କହିଲେ, ଘର ଦ୍ୱାର ଓଳାଓଳି କରେ । ହୀରା ମଞ୍ଜିଲ୍‌ର କାହାରି କିଛି ହେଲେ ସମସ୍ତେ ଭି.ଆଇ.ପି. - ବିଚାରୀ ରାସ୍ତାରେ ପଡ଼ି ଆଘାତ ପାଇଛି ବୋଲି ପହରଦିନ ଫୋନ୍‌ରେ ଜଣାଇଥିଲା ।

ଘୋଷ ଚୌଧୁରୀଙ୍କ ଶୋଇବା ଘରେ ଫୋନ୍ ଦେଖିଛି । ଆଉ ଏଇଠି ତ ରହିବା କଥା । ମୁଁ ସନ୍ଧ୍ୟାରେ ଗୀତ ଆସରର ଅପେକ୍ଷାରେ ଥିଲି । ସୁନୟନୀ ଆସିଲେ । ଗୀତର ଆସର ବସିଲା । କିନ୍ତୁ ଗାଇବାକୁ ବସିଲେ ଅନ୍ୟ ଦୁଇଜଣ ମହିଳା । ସେମାନଙ୍କ ଗୀତ ଶେଷ ହେଲା । ମୁଁ ଭାବିଥିଲି ଏଥର ସୁନୟନୀ ବସିବେ । କିନ୍ତୁ ଦେଖାଗଲା ଗୀତ ଆସର ମଧ୍ୟ ଶେଷ ହେଇଗଲା । ଭିତରେ ଭିତରେ ଟିକେ କ୍ଷୁର୍ଣ୍ଣ ହେଇଥିଲି । ବିଦାୟ ନେବା ପୂର୍ବରୁ ତାଙ୍କୁ ହିଁ କହିଲି, ଆପଣଙ୍କର ଝିଅମାନେ ଭଲ ଗାଇଲେ, କିନ୍ତୁ ଆପଣଙ୍କ ଆଶାରେ ସନ୍ଧ୍ୟା ଯାଏଁ ବସିଥିଲି ।

ସୁନୟନୀ କହିଲେ, କାହିଁକି, ସେ ତ ଜାଣନ୍ତି, ଆଜି ମୋର ଗୀତ ଗାଇବାର ଦିନ ନୁହେଁ ।

ଏ କଥା ଗତକାଲି ସେ ନିଜେ ହିଁ କହିଥିଲେ, ମନେପଡ଼ିଗଲା । ତା' ବୋଲି ମୋଟେ ହେବନାହିଁ ବୋଲି ଭାବିନଥିଲି ।

ଜନିଓ୍ୱାକର୍‌ରେ ବସି ବଙ୍ଗଳାକୁ ଫେରୁଛି । ଘୋଷ ଚୌଧୁରୀଙ୍କୁ ପଚାରିଲି, ତାଙ୍କର ଗୀତ ଗାଇବାର ଦିନ ନୁହେଁ ମାନେ କ'ଣ ?

ମାନେ ହେଉଛି, ସେ ସପ୍ତାହରେ କେବଳ ଦୁଇ ଦିନ ଗୀତ ଗାଇବାକୁ ବସନ୍ତି - ଆଉ ଆତ୍ମ ଶୁଦ୍ଧି କରନ୍ତି ।

ବୁଝି ପାରିଲିନାହିଁ ।

କେବଳ ସୋମବାର ଆଉ ଶୁକ୍ରବାର ଗୀତ ପାଇଁ ବସନ୍ତି - ତାଙ୍କର ଧାରଣା ସେଇ ଦୁଇଟା ଦିନ ସାଙ୍ଗରେ ତାଙ୍କର ବଡ଼ ରକମର ଅପରାଧର ଯୋଗ ଅଛି । - ଆଣ୍ଡ ନୋ ଫର୍‌ଦର୍ ।

ଅର୍ଥାତ୍ ଆଉ କିଛି କହିବେନାହିଁ । କିନ୍ତୁ କିଛି ସମୟ ପରେ ନିଜେ ହିଁ ପୁଣି ପଚାରିଲେ, ଆତ୍ମଶୁଦ୍ଧି ନାଁରେ ମହିଳାମାନେ ଟିକେ କଷ୍ଟ ପାଇବାକୁ ଭଲପାଆନ୍ତି ନା - କ'ଣ ?

ଜବାବ ନ ଦେଇ ମୁଁ ପ୍ରଶ୍ନକଲି, ଯେମିତି ... ?

ଯେମିତି ଧର, ନିଜେ ଗାଡ଼ି ଡ୍ରାଇଭ୍ କରନ୍ତି, ବାହାରେ ସିଲ୍କର ଲୁଗାପଟା ପିନ୍ଧନ୍ତି - ଅଥଚ ରାତିରେ ଗୋଟାଏ ଶତରଞ୍ଜି ବା କମ୍ବଳ ବିଛାଇ - ଗୋଟାଏ ତକିଆ ବି ନଥିବ । ତା'ପରେ ଧର ଲୋକଙ୍କୁ ଆଦର ଯତ୍ନ କରି ଖୁଆଇବେ, ମନେ ହେବ ଖାଇବା ବିଷୟରେ କୌଣସି ଆଚାର ବିଚାର ନାହିଁ - କିନ୍ତୁ ବର୍ଷ ପରେ ବର୍ଷ ତାଙ୍କର ନିଜର ଖାଇବା ସକାଳେ ଗୋପାଳଙ୍କ ଭୋଗ ପ୍ରସାଦ, ଆଉ ରାତିରେ ଟିକେ କ୍ଷୀର ଆଉ ଫଳ । ଏସବୁ କ'ଣ ଆତ୍ମଶୁଦ୍ଧି ନା କଷ୍ଟ ପାଇବାର ବିଳାସ ?

ସଙ୍ଗେ ସଙ୍ଗେ ଜବାବ୍ ଦେଇପାରିନଥିଲି । କିଛି ନଜାଣିଲେ ବି ମନେ ହେଇଛି, ସେଇ ମହିଳାଙ୍କ ପକ୍ଷରେ ଏହା - ମଧ୍ୟ ସମ୍ଭବ । ତା'ପରେ ନିଜର ଧାରଣାରୁ କହିଛି । - ଦୁଇ ଭିତରୁ ଗୋଟାଏ ବି ନୁହେଁ । ନିଜ ଭିତରେ ଆଉ ଗୋଟାଏ ସତ୍ତାକୁ ଖୋଜି ପାଇଛନ୍ତି ସେ ଯାହା ବାହାରେ କୌଣସି କିଚିର ଦାସ ନୁହେଁ ।

ଘୋଷ ଚୌଧୁରୀ କହିଲେ, କେଜାଣି କ'ଣ - ମୁଁ ବୁଝିପାରେନା ... ଏମିତିରେ ଲୋକମାନଙ୍କ ପାଇଁ

କେତେ ମାୟା ମମତା ତାଙ୍କର, କିନ୍ତୁ ନିଜେ ଯାହା ଠିକ୍ କରିବେ ସେଥିରୁ ହଲ୍‌ଚଲ୍ ହେବାର ଉପାୟ ନାହିଁ ।

ତା'ପରଦିନ ସକାଳେ ଘୋଷ ଚୌଧୁରୀ ହସ ହସ ମୁହଁରେ ଜଣାଇଲେ, ଟିକେ ପୂର୍ବେ ଶ୍ରୀମତୀଙ୍କ ଫୋନ୍‌ରେ ନିଦ ଭାଙ୍ଗିଲା – ଏଇଠି ତୁମର ଦେଖାଶୁଣା କେମିତି ଚାଲିଛି ଖବର ନେଲେ । ମୁଁ ଆଖି କାନ ବୁଜି କହିଦେଲି, ଦେଖାଶୁଣା କିଛିବି ହେଉନାହିଁ – ତୁମର ଅପେକ୍ଷାରେ ଅଛନ୍ତି । ଗୋଟାଏ ଆଖି ଚାପି ପଚାରିଲେ, ଠିକ୍ କହିନି ?

ପୂରାପୂରି ଠିକ୍ କଥା କହିଛ । ... ତା'ପରେ ?

ତା'ପରେ ଆଉ କ'ଣ, ଉପର ବେଳା ଚାରିଟା ବାଜିଲେ, ଜନିଓ୍ୱାକାର୍‌ରେ ବସି ତୁମକୁ ନେଇ ତାଙ୍କ ପାଖକୁ ଯିବି – ସେଠୁ ତାଙ୍କ ଗାଡ଼ିରେ ପ୍ରାୟ ଦୁଇଘଣ୍ଟା ପାଇଁ ସାଇଟ୍ ସି-ଇଙ୍ଗ । ... ଓଃ, ଆସନ୍ତା ଜନ୍ମରେ ଯେମିତି ଲେଖକ ହେଇ ଜନ୍ମନିଏ ।

ହସି ଦେଇ ଜବାବ୍ ଦେଲି, ମୁଁ ବି ଆସନ୍ତା ଜନ୍ମରେ ଆଜିକାର ଏଇ ଘୋଷ ଚୌଧୁରୀ ହେବାକୁ ରାଜି ଅଛି ।

ସେ ହୋ ହୋ ହେଇ ହସି ଉଠିଲେ । – ସୁନୟନୀଙ୍କୁ କହିବାକୁ ହେବ କଥାଟା ।

ମୁଁ ଚାଲିଗଲା ପରେ ଯାହା ଖୁସୀ ତୁମେ କୁହ, ନହେଲେ ଅସ୍ୱୀକାର କରିବି । କିନ୍ତୁ ଆମକୁ ଛଅ ମାଇଲ୍ ପାରି ହେଇ ସେଠିକି ଯିବାକୁ ହେବ କାହିଁକି, ସେ ତ ଆସି ଆମକୁ ଏଇଠୁ ଗାଡ଼ିରେ ବସାଇ ନେଇଯାଇପାରନ୍ତେ ?

ଏହା ଶୁଣି ଘୋଷ ଚୌଧୁରୀଙ୍କ ଆଖି କପାଳକୁ ଉଠିଗଲା । – ଏଠିକି ଆସି – ଏଇ ବଙ୍ଗଳାରୁ ?

ମୁଁ ଟିକେ ଅପ୍ରସ୍ତୁତ ହେଇଗଲି । – କାହିଁକି, କେବେବି କ'ଣ ଆସନ୍ତିନାହିଁ ?

ଏଇ ଦଶବର୍ଷ ଭିତରେ ତ ଆସିନାହାନ୍ତି । ତା'ପରେ କ'ଣ ଟିକେ ହସିବାକୁ ଲାଗିଲେ ।

– ମୁଁ ଇଚ୍ଛା କଲେ ଯେ ଆଣିପାରିବି ନାହିଁ ଏମିତି ନୁହେଁ ... ।

କେମିତି ? ମୁଁ ଉତ୍ସୁକ ହେଇ ପଚାରିଲି ।

ମୋର ଯଦି ଗୋଟାଏ ବଡ଼ ଅସୁସ୍ଥତାର ଖବର ପହଞ୍ଚିଯାଏ । ଗୋଟାଏ ଗୋଟାଏ ସମୟରେ ଇଚ୍ଛା ହୁଏ ... କିନ୍ତୁ ଏଇ ବୟସରେ ଆଉ ଏତେଟା ନିର୍ମମ ହେଇପାରେନା ।

ତାଙ୍କର ମୁହଁ ଆଡ଼କୁ ଚାହିଁ ଭାବୁଥିଲି, ଏଇ ଘୋଷ ଚୌଧୁରୀ ଯେ ବର୍ତ୍ତମାନ କାନ ପାରି ଶୁଣିବା ଭଳି କିଛି କହିପାରନ୍ତି, ସେଇଟା କ'ଣ ସେ ନିଜେ ହିଁ ଜାଣନ୍ତି !

ଲାଗ୍ ଲାଗ୍ ଦୁଇଟା ଦିନ ସୁନୟନୀ ନିଜ ଗାଡ଼ିରେ ମୋତେ ଦ୍ରଷ୍ଟବ୍ୟ ଜାଗାଗୁଡ଼ାକ ଦେଖାଇଦେଲେ । ତାଙ୍କର ହାତରେ ଷ୍ଟୀୟରିଂ । ମୁଁ ତାଙ୍କ ପାଖରେ । ପଛପଟେ ଘୋଷ ଚୌଧୁରୀ । ମୁହଁ ଭାରୀ କରି ଘୋଷ ଚୌଧୁରୀ କହିଥିଲେ, କାହିଁକି, ଏତେ ବଡ଼ ଆମ୍ବାସ୍ୟାଡ଼ାର୍ ଗାଡ଼ି, ତିନିଜଣଙ୍କୁ କ'ଣ ସାମ୍ନାରେ ଜାଗା ହେବନାହିଁ ?

ଭ୍ରୂକୁଟି କରି ସୁନୟନୀ ମନା କରିଦେଇଥିଲେ ।

ମୁହଁକୁ ଭାରୀ କରି ପଛ ସିଟ୍‌ରେ ବସିଛନ୍ତି ଘୋଷ ଚୌଧୁରୀ । – ମୋତେ ସେ କେମିତି ଶାସନ କରନ୍ତି ଲକ୍ଷ୍ୟ କରିଛ ?

ମୁଁ ଆଶ୍ୱାସ ଦେଇ କହିଥିଲି, ରମଣୀଙ୍କର ଶାସନ ଭାରି ଦୁର୍ଲଭ ବସ୍ତୁ ହେ ବନ୍ଧୁ ! ତୁମେ ଭାଗ୍ୟବାନ ।

ହସିଦେଇ ସୁନୟନୀ ମୋତେ କହି ଉଠିଲେ, ଆପଣ ଆଉ ବେଶୀ ଭାଗ୍ୟ ଦେଖାଇବେନାହିଁ ତ !

ଦୁଇଦିନ ନଦେଖିଥିବା ଜାଗା ବ୍ୟତିତ ଦେଖିବା ଜାଗା ବି ବୁଲି ବୁଲି ଦେଖିଲି । ଏଇ ବୁଲିବାର ସ୍ୱାଦ ଅଲଗା । ବହୁତ ଜାଣିବା କଥା ନଜାଣିଲା ପରି ବାହାନା କରି ଏଇ ମହିଳାଙ୍କ ମୁହଁରୁ ଶୁଣିବାକୁ ଭଲ ଲାଗିଛି ।

... ମରହଟ୍ଟା ଅମଳର ଗପ ଶୁଣିଲି, ତା'ପରେ ନବାବ ଆଉ ଇଂରେଜ ଅମଳର । ସେଇ ସମୟର ଅନେକ ସ୍ମୃତି ଶତାବ୍ଦୀର ସେତୁ ପାରିହେଇ ଏବେବି ମୁଣ୍ଡ ଉଚ୍ଚ କରି ରହିଛନ୍ତି । ... ଦେଓ୍ୱାନି ଅଦାଲତ, ସଦର ନିଜାମତ ଅଦାଲତର ପରବର୍ତ୍ତୀ ଚେହେରା ହାଇକୋର୍ଟ । ଅତୀତ ଆଉ ବର୍ତ୍ତମାନ ମିଶାମିଶି ହେଇ ରହିଛି । ଏଠିକାର ବିଶ୍ୱବିଦ୍ୟାଳୟର ବୟସ ବି ପ୍ରାୟ ଶହେ ବର୍ଷ ହେଲା ବୋଲି ଶୁଣିଲି । ବହୁତ ରାଜନୈତିକ ଘଟଣାର ସାକ୍ଷୀ ନେହେରୁ ପରିବାରର ଆନନ୍ଦ ଭବନ, ମେଡ଼ିକାଲ୍ କଲେଜ, କୃଷି କଲେଜ୍ ଆଉ ଇଞ୍ଜିନିୟରିଂ କଲେଜ ମଧ୍ୟ ଦେଖିବା ବାକି ରହିଲାନାହିଁ । ସାଙ୍ଗସାଥୀ ଗୁଣରେ ସବୁ ଭଲ ଲାଗୁଥିଲା । ଆହୁରି ଭଲ ଲାଗିଲା, ନିଜ ଜୀବନ ଯେପରି ଭାବରେ ବିତୁ, ବାହାରେ ଏଇ ସୃଷ୍ଟିର ଜଗତ ତାଙ୍କ ପାଖରେ ଟିକେ ବି ତୁଚ୍ଛ ନୁହେଁ, ଏତିକି ମନେହେଲା ।

ଏସବୁ ସହିତ ପୁରାଣ ଆଉ ଇତିହାସର ସ୍ମୃତି ଆଡ଼କୁ ମଧ୍ୟ ସେ ନେଇ ଆସିଛନ୍ତି । ଗଙ୍ଗା, ଯମୁନା, ସରସ୍ୱତୀଙ୍କ ସେଇ ତ୍ରିବେଣୀ ସଙ୍ଗମ୍‌ରେ । ଏଇଠି ଆସି ହିଁ ଘୋଷ ଚୌଧୁରୀ ଆଙ୍ଗୁଳି ଟେକି ଦେଖାଇ କହିଲେ, ସେଇ ସଙ୍ଗମ୍‌ରେ ଗାଧୋଇବାକୁ ହେଲେ ନୌକାରେ ଯିବାକୁ ହୁଏ, କିନ୍ତୁ ଦିନେ ବି ନ ଗାଧୋଇ ଜୀବନର ସବୁଠାରୁ ବଡ଼ ପୁଣ୍ୟଫଳ ମୁଁ ଏଇଠି ଛିଡ଼ାହେଇ ଲାଭ କରିଥିଲି ... ସତରେ ଜାଗାର ମହାତ୍ମ୍ୟ ଅଛି ହେ ବନ୍ଧୁ !

... ଅଦୂରରେ ବାଦ୍‌ଶାହ ଆକବରଙ୍କ ଦୁର୍ଗ । ତଳେ ଗଙ୍ଗା ବୋହି ଚାଲିଛି । ଏଇ ଦୁର୍ଗ କେବଳ ଇତିହାସର ସ୍ମୃତି ନୁହେଁ, ପୁରାଣରେ ମଧ୍ୟ ଆଗନ୍ତୁକ ମାନଙ୍କୁ ଆକର୍ଷଣ କରେ । ଏଇଠାରେ ଭୂ-ଗର୍ଭର ବ୍ରାହ୍ମଣ୍ୟ ମନ୍ଦିର । ପୁରାଣର ସେଇ ଅକ୍ଷୟବଟ ସଂଲଗ୍ନ । ଏତେ ପ୍ରାଚୀନ ଯେ ହୁଏନସାଂଙ୍କ ବିବରଣରେ ବି ଏଇ ଅକ୍ଷୟବଟର ଉଲ୍ଲେଖ ଅଛି । ଏଇ ଦୁର୍ଗ ଭିତରେ ପଇଁତ୍ରିଶ ଫୁଟ ଉଚ୍ଚର ସେଇ ଅଶୋକ ସ୍ତମ୍ଭ । ଦୁର୍ଗ ଯାହାର ହେଉ, ଏସବୁର ଯେ ବିନାଶ ନାହିଁ, ସେଇଟା ହିଁ ଅନୁଭବ କରୁଥିଲି ।

ସେଇ ଜାଗାରୁ ଖୁସ୍ରୁ ବାଗ । ସହର ମଝିରେ ଜାହାଙ୍ଗୀର ତନୟ ଖୁସ୍ରୁଙ୍କ ସମାଧି – ଦୁଇ ପଟରେ ତାଙ୍କ ମା' ଓ ଭଉଣୀଙ୍କ ସମାଧି । ଏସବୁର ଶିଳ୍ପ କାରକାର୍ଯ୍ୟ ସ୍ୱତ ଆଖିକୁ ଆକର୍ଷଣ କରେ । ଭରଦ୍ୱାଜ ମନ୍ଦିର, ଏପରିକି ଜୁମା ମସ୍‌ଜିଦ୍ ବି ବାଦ୍ ଗଲାନାହିଁ ।

ଦୁଇଦିନ ପରେ ଶୁକ୍ରବାର । ଆସନ୍ତା କାଲି ମୋର ନାଗପୁର ହେଇ ମାଦ୍ରାଜ ଯାତ୍ରା । ଆଉ ବିଶେଷ କିଛି ଦେଖିବାରନାହିଁ, ତେବେବି ଆଶା କରିଥିଲି ସୁନୟନୀ ଆଜି ବି ଆମକୁ ନେଇ ବୁଲିବାକୁ ବାହାରିବେ । ପଚାରିବାରୁ ଘୋଷ ଚୌଧୁରୀ କହିଲେ, ଆଜି ଆଉ କେଉଁଠି ଯିବାର ନାହିଁ, ଫୋନ୍‌ରେ ଆଜି ଆମର ହୀରା ମଞ୍ଜିଲ୍‌କୁ ଉପରବେଳା ଜଳଖିଆ ଖାଇବାର ନିମନ୍ତ୍ରଣ କରାହେଇଛି । – ତା'ପରେ ସୁନୟନୀଙ୍କ ଗୀତ ଅଛି ।

ସୋମ ଆଉ ଶୁକ୍ରବାର ଏଇ ଦୁଇଦିନ ଗୀତରେ ଆତ୍ମଶୁଦ୍ଧି ହୁଏ ଶୁଣିଥିଲି । ମୋର ଯିବାର ଦିନ ଏତେ ଚଞ୍ଚଳ ଡେଇଁ ଆଗେଇ ଆସିଲା ବୋଲି ଭଲ ଲାଗୁନଥିଲା । ଉପରବେଳାର ଜଳଖିଆର ବ୍ୟବସ୍ଥା ବେଶ୍ ଭଲ ଥିଲା, କିନ୍ତୁ ଅବାକ୍ ଲାଗିଲା ସେଇ ସମୟରେ ସୁନୟନୀଙ୍କୁ ଅନୁପସ୍ଥିତ ଦେଖି । ଏହା ପୂର୍ବେ ପାଞ୍ଚ ମିନିଟ୍ ପାଇଁ ଥରେ କେବଳ ଦେଖା ହେଇଥିଲା । ଘୋଷ ଚୌଧୁରୀ କହିଲେ, ଗୀତ ପୂର୍ବରୁ ଆଉ ଦେଖା ମିଳିବନାହିଁ, ଏଇ ଦୁଇଟା ଦିନ ସେ ଅନ୍ୟ ଭାବରେ ଥାଆନ୍ତି ... ଗୀତ ସରିଲା ପରେ ପୁଣି ଯେମିତି ଥିଲେ ସେମିତି ।

ହଁ, ଏଇ ସନ୍ଧ୍ୟାରେ ଭଜନ ଶୁଣିଲି, କିପ୍ରକାର ଆତ୍ମଶୁଦ୍ଧି ଦେଖିଲି ଜାଣେନାହିଁ । ମନ ପ୍ରାଣ ଢାଳି ଗୋଟାଏ ପରେ ଗୋଟାଏ ଭଜନ ଗାଇ ଚାଲିଲେ । ସେତେବେଳର ପବନରେ ବି ସମର୍ପଣର ସ୍ପର୍ଶ – ଯେଉଁ ସମର୍ପଣରେ କେବଳ ଉତ୍ତରଣ – ଆଉ କିଛି ନୁହେଁ ।

ଗୀତ ଶେଷ ହେବା ପରେ ଘୋଷ ଚୌଧୁରୀ ବି ପୂରା ଚୁପ୍ ହେଇ ରହିଥିଲେ । ସମସ୍ତଙ୍କର ତନ୍ମୟତା ନଷ୍ଟ କରି ଆଉ କୀର୍ତ୍ତନର ଫରମାସ୍ କଲେନାହିଁ ।

ପ୍ରାୟ ଦଶ ମିନିଟ୍ ପରେ ଘୋଷ ଚୌଧୁରୀଙ୍କ

ସାଙ୍ଗରେ ମୁଁ ପୁଣି ସେଇ ଘରେ । ସୁନୟନୀ ଗାଲିଚା ବିଛା ହୋଇଥିବା ସୋଫା ଉପରେ ବସିଛନ୍ତି । ଟିକେ ଶ୍ରାନ୍ତ ମନେହେଲା । କିନ୍ତୁ ମୁହଁରେ ପ୍ରସନ୍ନ ହସ । – ବସନ୍ତୁ । କାଲି ତ ଯିବା କଥା ?

– କାଲି ଯିବା କଥା ।

କେତେବେଳେ ଯିବା କଥା, କେତେଟା ବେଳେ ଟ୍ରେନ୍, କେବେ ଓ କେତେବେଳେ ମାଡ୍ରାଜ ପହଞ୍ଚିବି ଇତ୍ୟାଦି ସବୁ ଖବର ନେଲେ । ଘୋଷ ଚୌଧୁରୀଙ୍କୁ ହୁକୁମ୍ କଲେ ସାଙ୍ଗରେ ଖାଇବାର ବ୍ୟବସ୍ଥା କରିଦେବାପାଇଁ । ଟିକେ ପରେ କହିଲେ, ଏଇ କେତେଟା ଦିନ ବେଶ୍ ଭଲଭାବରେ କଟିଗଲା, ଆଉ ଦୁଇଟା ଦିନ ରହିଯାଇଥିଲେ ଆହୁରି ଭଲ ଲାଗିଥାଆନ୍ତା ।

କହିଲି, ସେମାନେ ମାଡ୍ରାଜରେ ପହଞ୍ଚି ମୋ ଅପେକ୍ଷାରେ ଥିବେ, ତେବେବି ଆପଣ ଲୋଭ ଦେଖାଇଲେ ରହିଯାଇପାରେ ।

ଟିକେ ଥମି ଗଲେ । – ମୁଁ ପୁଣି କି ପ୍ରକାର ଲୋଭ ଦେଖାଇବି ?

ମୋର ଯନ୍ତ୍ରଣା ଦୂର କରିବା ଲୋଭ ।

ଆପଣଙ୍କର ଯନ୍ତ୍ରଣା ?

ସେଇଆ । ଆପଣମାନେ କେବଳ ଦୟାକରି ପଢ଼ନ୍ତି, ଲେଖକର ଯନ୍ତ୍ରଣାର ଖବର ରଖନ୍ତିନାହିଁ ।

ଚୁପ୍‌ଚାପ୍ ହେଇ ଚାହିଁ ରହିଲେ । ଦୃଷ୍ଟି ଗଭୀର ।

ମୁଁ ପୁଣି କହିଲି, ମୋ ବନ୍ଧୁଙ୍କର ଆଗର ଜୀବନ ଜାଣିଥିଲି, ପରବର୍ତ୍ତୀ ଏ ଜୀବନ ନିଜ ଆଖିରେ ଦେଖିଗଲି । ମଝିରେ ଏଇ ଫରକ୍ ଟିକକ ନଯୋଡ଼ିପାରିଲେ ମୋର କେତେ ରାତିର ନିଦ ନଷ୍ଟ ହେବ ଭାବିପାରୁଛନ୍ତି ? ହୁଏତ ନିଜର କଳ୍ପନାରୁ ସଂଯୋଗ କରି କହିବି – କିନ୍ତୁ କାଳେ ଆପଣଙ୍କର ଅସମ୍ମାନ ହେବ, ସେଇଟା କରିବା ମଧ୍ୟ ମୁସ୍କିଲ୍ ।

ଶ୍ୟାମଳ ମୁହଁରେ ବେଦନାର ଛାଇ ପଡ଼ିଲା । ଆହୁରି କମନୀୟ ଦିଶୁଛି, ନାକରେ ପିନ୍ଧିଥିବା ଧଳା ପଥରଟାରେ ଯେମିତି ଆଉ ଏତେ ଚକ୍ ଚକ୍ ପଣ ନାହିଁ । ଟିକେ ପରେ ଆସ୍ତେ ଆସ୍ତେ କହିଲେ, ମୁଁ ତ କହିଛି, ଆପଣଙ୍କର କୌତୁହଳର ଯୋଗ୍ୟ ନୁହେଁ ... ସବୁ ଜାଣିଲେ ବରଂ ଆପଣଙ୍କର ଘୃଣା ହେବ ।

ଏହା ଶୁଣିବା ପରେ ମଧ୍ୟ ଗୋଟାଏ ମୁହୂର୍ତ୍ତ ପାଇଁ ସତରେ ମୁଁ ନିର୍ମମ ହେଇଉଠିଲି । କହିଲି, ଆପଣଙ୍କର ତ ଆତ୍ମଶୁଦ୍ଧି ଆଉ ଉତ୍ତରଣର ସାଧନା – ସେଇ ପ୍ରକାର ଯଦି କିଛି ଥାଏ ତାକୁ ଗୋପନତାର ଅନ୍ଧକାରରେ ରଖିଦେବେ ? ମୋର ବିବେଚନାରେ ଆତ୍ମଶୁଦ୍ଧିର ରାସ୍ତାଟା ତା'ର ଓଲଟା ଦିଗରେ ।

ବିସ୍ତାରିତ ଆଖି ଯୋଡ଼ିକ ନିଜ ଅଗୋଚରରେ ମୋ ମୁହଁ ଉପରେ ସ୍ଥିର । ତା'ପରେ ଧଡ଼ପଡ଼ ହେଇ ଛିଡ଼ା ହେଇଗଲେ । ପ୍ରାୟ ଧମକ ଦେବା ସ୍ୱରରେ ଘୋଷ ଚୌଧୁରୀଙ୍କୁ କହିଲେ, କାଲି ସକାଳେ ୟାଙ୍କର ଟ୍ରେନ୍ ଆଉ ଆପଣ ଏବେବି ବସି ରହିଛନ୍ତି ! ଜିନିଷପତ୍ର ସବୁ ସଜାଡ଼ି ଦେଇଛନ୍ତି, ଖାଇବାର ବ୍ୟବସ୍ଥା କରାହେଇଛି – ଆଉ ଡେରି କରନ୍ତୁନାହିଁ ।

ମୁଁ ବିଷର୍ଣ୍ଣ ମୁହଁରେ ଉଠି ଛିଡ଼ା ହେଲି । ଆଶା କରିଥିଲି ଏଇ ଆବେଦନ ହୁଏତ ବ୍ୟର୍ଥ ହେବନାହିଁ । ଚୁପ୍‌ଚାପ୍ ଅଗଣା ଭିତରକୁ ଓହ୍ଲାଇ ଆସିଲି । ଏବଂ ଗେଟ୍ ଆଡ଼କୁ ଚାଲିଲି । ସେଇ ପର୍ଯ୍ୟନ୍ତ ସୁନୟନୀ ଆସି ନମସ୍କାର ଜଣାଇଲେ ମୋତେ । ଆଉ କହିଲେ, ମାଡ୍ରାଜରେ ପହଞ୍ଚି ବନ୍ଧୁଙ୍କୁ ଖଣ୍ଡେ ଚିଠି ଦେବେ । ଆଉ ଛିଡ଼ା ନହେଇ ଫେରିଗଲେ ।

ମୁଁ ଲକ୍ଷ୍ୟ କଲି, ଘୋଷ ଚୌଧୁରୀ ମୁହଁ ଚାପି ହସୁଛନ୍ତି ।

ତାଙ୍କର ଜନିଓ୍ୱାକାର୍‌ରେ ବସିବା ପରେ ବି ମନେହେଲା, ତାଙ୍କର ଭାରୀ ମୁହଁରେ ହସର ରେଖା ଲାଗି ରହିଛି । କିନ୍ତୁ ମହିଳାଙ୍କର ଅକରୁଣ ଦିଗଟା ହିଁ ମନ ଭିତରେ ବାଜୁଛି ସେତେବେଳ ଯାଏଁ । ଅସଲରେ ତାଙ୍କୁ ମୁଁ ଅକରୁଣ ଭାବିନାହିଁ ବୋଲି – ଚୁପ୍‌ଚାପ୍ ରହିଛି ।

ବଙ୍ଗଳାରେ ଆସିବା ପରେ ବି ଘୋଷ ଚୌଧୁରୀଙ୍କର ସେଇପରି ହସ ହସ ମୁହଁ । ଜାମା ପ୍ୟାଣ୍ଟ ବଦଳାଇ ଲୁଙ୍ଗି ପିନ୍ଧିଲେ । ଜନ୍‌କୁ କହିଲେ, ଫ୍ରିଜ୍‌ରୁ ଥଣ୍ଡା ସୋଡ଼ା ବାହାର କରି ଶୋଇବା ଘରେ ଦେଇଯିବା ପାଇଁ ।

ଆସ, କହୁଛି ।

ନିଜ ବିଛଣାର ସାମ୍ନାରେ ଛଅ କୋଣିଆ ଟେବୁଲ୍‌ଟା ଟାଣି ଆଣିଲେ । ଦରାଜ୍‌ରୁ ଗୋଟାଏ ନୂଆ ବୋତଲ ବାହାର କରି ଟେବୁଲ୍ ଉପରେ ରଖିଲେ । ଜନ୍ ସୋଡ଼ାର ବୋତଲ ଆଉ ଗିଲାସ ଦେଇଗଲା । ବିଛଣା ଉପରେ ବସି ଘୋଷ ଚୌଧୁରୀ ମୋତେ ଖଟର ସାମ୍ନାରେ ବସିବାକୁ କହିଲେ –

ମୁହଁ ଦେଖି ମନେହୁଏ, କାହାରି ଅନୁମତିକୁ ପରୁଆ ନକରି ସେ ହୁଏତ ମୋତେ କିଛି କହିବେ ।

କିନ୍ତୁ ହୃଷିତ ବଦନରେ ମଦ ବୋତଲ ଖୋଲୁ ଖୋଲୁ ସେ ଯାହା କହିଲେ, ତା' ଶୁଣି ମୁଁ ମଧ୍ୟ କମ୍ ଅବାକ୍ ହେଇନାହିଁ । – ଏଇଠି ଆରାମ୍‌ରେ ବସିଲି, କାରଣ ଅନ୍ତତଃ ଗୋଟିଏ ରମଣୀଙ୍କ ଚରିତ୍ର ଜାଣିବା ପାଇଁ ମୋର ଯଦି ଭୁଲ୍ ନହେଇଥାଏ ତ ମୋର ଧାରଣା ଦଶ ମିନିଟ୍ ଭିତରେ ସେଇ ଫୋନ୍‌ଟା ବାଜି ଉଠିବ ... ତା'ପରେ ବହୁତ ରାତି ଯାଏଁ ଆମ୍ଭମାନଙ୍କୁ ଏଇ ଘରେ ବସିବାକୁ ହେବ ।

ଡ୍ରିଙ୍କ ଢଳା ହେଲା । ସୋଡ଼ା ମିଶା ହେଲା ।

ଚିୟର୍ସ ! ଆନନ୍ଦରେ ଗିଲାସରୁ ଅଧା ପିଇ ଚାର୍ଟର ଡିସ୍ ଆଡ଼କୁ ହାତ ବଢ଼ାଇଲେ । ... ସତରେ ଫୋନ୍‌ଟା ବାଜି ଉଠିଲା । ଫୋନ୍‌ର ଆବାଜ୍‌ରେ ବୋଧହୁଏ ମୁଁ କେବେ ହେଲେ ଏତେ ଚମକି ପଡ଼ିନି ।

ଆନନ୍ଦରେ ମୋତେ ନୀରବ ରହିବା ପାଇଁ ନିର୍ଦ୍ଦେଶ ଦେଇ ଘୋଷ ଚୌଧୁରୀ ଫୋନ୍‌ଟା ଆଉ କିଛି ସମୟ ବାଜିବାକୁ ଦେଲେ । ଅର୍ଥାତ୍ ଜଣାଇବାକୁ ଚାହିଁଲେ ଯେ, ସେ ଅନ୍ୟ ଘରୁ ଆସି ଫୋନ୍‌ଟାକୁ ଧରୁଛନ୍ତି ।

ହ୍ୟାଲୋ ... ।

... ହଁ, ... ବର୍ତ୍ତମାନ ବସୁଛି ।

... ହଉ ... ଆଚ୍ଛା । ... ମୁଁ ଏଇପରି ହିଁ ଆଶା କରିଥିଲି ... ଗୋଟିଏ ମୁଁ ବ୍ୟତିତ । ସମସ୍ତଙ୍କ ଉପରେ ତୁମର ଅଶେଷ କରୁଣା ... ଲେଖକଙ୍କୁ ଫୋନ୍‌ରେ ଡାକିବି ?

... ଠିକ୍ ଅଛି, ଠିକ୍ ଅଛି – ଡାକିବି ନାହିଁ – ଏମିତି ଧମକ୍ ଦେଉଛ କାହିଁକି ? ... ନା, ବଢ଼େଇ କହିବାର କ'ଣ ଅଛି ତୁମ ଭିତରେ ... ଆଉ ଲେଖକ ତୁମକୁ ମହୀୟସୀ କରି ତୋଳିଲେ ବି ମୋର କି ଲାଭ ...

... ନା, ବେଶୀ ଖାଇବି ନାହିଁ । ... ଶୋଇ ପଡ଼ିବି ଶୀଘ୍ର । ... ଜନ୍‌କୁ କହିବି, ରାତିର ଖାଇବାର ଆଣିବା ବେଳେ ତାଙ୍କର ଟ୍ରେନ୍‌ରେ ନେବା ପାଇଁ ଖାଇବା ଅର୍ଡର୍ ଦେଇ ଆସିବାକୁ ।

... ଆଚ୍ଛା । ରଖିଲି ... ।

ରିସିଭର୍ ଜାଗାରେ ରଖି ଘୋଷ ଚୌଧୁରୀ ବିଜୟ ଗର୍ବରେ ମୋ ଆଡ଼କୁ ଚାହିଁଲେ ।

ମୁଁ ମଧ୍ୟ ଆନନ୍ଦରେ କଥା କହିପାରିଲିନାହିଁ ।

## ।। ପାଞ୍ଚ ।।

କାହାଣୀର ସଙ୍ଗତିର କାରଣରେ ଏଥର ଯାହାକୁ ନେଇ ପର୍ଦ୍ଦା ଉଠାଇବି ସେ କୌଣସି ପୁଅ ନୁହେଁ । ଗୋଟିଏ ଝିଅ । ତା'ର ନାଁ ଦୀପାଳି । ଦୀପାଳି ମିତ୍ର । ଘରେ ସମସ୍ତେ ଦୀପୁ ବୋଲି ଡାକନ୍ତି । ସମସ୍ତେ କହିଲେ, ବାପା, ଦୁଇ ବଡ଼ ଭାଇ, ଦୁଇଜଣ ଭାଉଜ । ବୟସ ପନ୍ଦର ବର୍ଷ । କଳା ରଙ୍ଗରେ କମନୀୟ ମୁଖଶ୍ରୀ । ଭଲ ସ୍ୱାସ୍ଥ୍ୟ, ପୂରିଲା ଗଢ଼ଣ । ତେଣୁ ଚାଳିଶ ବର୍ଷ ଆଗର ପ୍ରଥା ଅନୁଯାୟୀ ଫ୍ରକ୍ ଛାଡ଼ି ଶାଢ଼ି ପିନ୍ଧିଛି । ମା' ଚାରିବର୍ଷ ପୂର୍ବେ ଗତ ହେଇଛନ୍ତି ।

ବାପା ଏଲଏମ୍ଏଫ୍ ଡାକ୍ତର ହେଲେ ବି ତାଙ୍କର ଉପାର୍ଜନ ମୋଟାମୋଟି ଭଲ । ଲୋକେ ଅଭିଜ୍ଞତାର ଦାମ୍ ଦିଅନ୍ତି । ନୂଆ ଏମବିବିଏସ୍ ପାଶ୍ କରିଥିବା ଡାକ୍ତରଙ୍କ ପାଖରୁ ତାଙ୍କର ଚାହିଦା ବେଶୀ । ବଜାର ପାଖରେ ନିଜର ଚେମ୍ବର । ସକାଳରୁ ରାତି ଯାଏଁ ଅକ୍ଳାନ୍ତ ପରିଶ୍ରମ କରନ୍ତି । ବାହନ ଗୋଟିଏ ସାଇକେଲ୍ । ପଛ କ୍ୟାରିୟାର୍‌ରେ ବ୍ୟାଗ୍ ଥାଏ ।

ତାଙ୍କର ଶ୍ରୀବୃଦ୍ଧିର ଆହୁରି କାରଣ ହେଉଛି, କୃଷ୍ଣନଗରର ନାମଜାଦା ଜମିଦାର ବାବୁ ତାଙ୍କର ବାଲ୍ୟବନ୍ଧୁ । ତାଙ୍କର ନାନା ରକମର ବ୍ୟାଧି । ଘରେ ଦୀପାଳି ବି ଶୁଣିଛି, ସେଇ ଜମିଦାର ବାବୁ ବହୁତ ମଦ ପିଅନ୍ତି । ସେଥିପାଇଁ ସେ ଏତେ ରୋଗ ବ୍ୟାଧିରେ ପଡ଼ନ୍ତି । ଆଉ ଟିକେ କିଛି ହେଲେ ବଡ଼ମା' ମାନେ ଜମିଦାର ଗୃହିଣୀ ବାପାଙ୍କୁ ଡାକି ପଠାନ୍ତି । ବାପାଙ୍କୁ ଅତି କମ୍‌ରେ ସପ୍ତାହରେ ତିନି ଚାରି ଥର ଜମିଦାରଙ୍କ ଘରକୁ ଯିବାକୁ ହୁଏ । ପରବର୍ତ୍ତୀ ସମୟରେ ଏହା ମଧ୍ୟ ଜାଣିଛି, ମାସ ଶେଷ ହେଲେ ଜମିଦାର ବାବୁ ବାପାଙ୍କର ପକେଟ୍‌ରେ ମୋଟା ଟଙ୍କା ପୂରେଇ ଦିଅନ୍ତି । ସ୍ୱୟଂ ଜମିଦାରଙ୍କ ପାଖରେ ଯେଉଁ ଡାକ୍ତରଙ୍କର ଏତେ ସମ୍ମାନ ସେଇ ଡାକ୍ତରଙ୍କର ସାଧାରଣ ମଣିଷଙ୍କ ପାଖରେ ତାଙ୍କର ସମ୍ମାନ କମ୍ ହେବ କେମିତି ?

ଏଇ ଜମିଦାରଙ୍କ ଘରେ ଦୀପାଳିର ଯାତାୟାତ ଥିଲା । ବାପା ତା' ମାର୍‌ଫତ୍ ଅନେକ ସମୟରେ ଜମିଦାର ବାବୁଙ୍କ ପାଇଁ ଔଷଧ ପଠାଉଥିଲେ । କହୁଥିଲେ – ଯାଆ, ବଡ଼ମା'ଙ୍କୁ ଦେଇ ଆ । ମା' ନାହାନ୍ତି ବୋଲି ବଡ଼ ମା' ତାକୁ ସତରେ ଭାରି ସ୍ନେହ କରୁଥିଲେ । ଭାଉଜମାନେ ଯେ ଆଦର ଯତ୍ନ କରୁଥିଲେ ସେଇଟା ଦୀପାଳି କଥାରୁ ଜଣାପଡୁଥିଲା । ବଡ଼ ମା' ଆଉ ଗୋଟାଏ କାରଣ ଯୋଗୁଁ ତାକୁ ସ୍ନେହ କରୁଥିଲେ । ଗୀତା, ଦୀପୁ, ଗୀତ ଶିଖିବାକୁ ଆରମ୍ଭ କରିଥିଲା, ଆଠ ବର୍ଷ ବୟସରୁ । ତା'ର ମାମୁଁ ଜଣେ ନାମଜାଦା ଗାୟକ । ମାମୁଁ ଘର ସେଇ କୃଷ୍ଣନଗରରେ । କିନ୍ତୁ ମାମୁଁ ବର୍ଷକ ଭିତରେ ଦୁଇମାସ ବି ନିଜ ଘରେ ରହିପାରୁନଥିଲେ । ରହିବେ କେମିତି, କୋଲକାତା, ବନାରସ, ଲକ୍ଷ୍ନୌ, ଦିଲ୍ଲୀ – ମାମୁଁଙ୍କର ଗୀତ ପାଇଁ ନିମନ୍ତ୍ରଣ ଲାଗି ହିଁ ରହୁଥିଲା । ଯାହାହେଉ ସେଇ ଆଠବର୍ଷ ବୟସରୁ ମାମୁଁ ହିଁ ତା'ର ଗୀତର ଗୁରୁ । ଦୀପୁର ସେଇ ଆଠ ବର୍ଷର କଥା ସ୍ପଷ୍ଟ ମନେଅଛି । ତା'ର ଦେହର ରଙ୍ଗ ଗୋରା ନୁହେଁ ବୋଲି ମା'ଙ୍କର ଖେଦ ଥିଲା । ମାମୁଁ ମା'ଙ୍କୁ କହୁଥିଲେ, କୃଷ୍ଣକଳି କଳା ହେବନାହିଁ କି ଗୋରା ହେବ, ସେ ଗୀତ ଗାଇ କେମିତି ସବୁଙ୍କୁ ଆଲୁଅ କରିଦେବ ଦେଖିବୁ । ମାମୁଁ ସ୍ନେହରେ ତାକୁ ଡାକୁଥିଲେ କୃଷ୍ଣକଳି ବୋଲି ।

ସେଇ ଆଠ ବର୍ଷ ବୟସରୁ ମାମୁଁ ତାକୁ ଗୀତର ପ୍ରେରଣା ଆଉ ଉତ୍ସାହ ଯୋଗାଉଥିଲେ । ମାମୁଁ କୃଷ୍ଣନଗରରେ ଥିଲେ । ଦୀପାଳି ରୋଜ୍ ଭୋର୍‌ରୁ ମାମୁଁ ଘରକୁ ଯାଉଥିଲା । ମାମୁଁଙ୍କର ରେଆଜ୍ ଆରମ୍ଭ ହେଉଥିଲା ରାତି ଅନ୍ଧାରରୁ । ଗୀତ ପ୍ରତି ତା'ର ଯେ ଗୋଟାଏ ଅସ୍ୱାଭାବିକ ଶ୍ରଦ୍ଧା ଅଛି ସେଇଟା ଦୀପୁ ନ ବୁଝିଲେ ବି ମାମୁଁ ଠିକ୍ ବୁଝିଥିଲେ । ତା'ର ଗୀତ ଶୁଣି ମାମୁଁ ଗୋଟାଏ ଗୋଟାଏ ସମୟ ଭାରି ଖୁସୀ ହେଇଯାଉଥିଲେ ।

ମାମୁଁ ତାକୁ ସେଠାକାର ଗୀତ ସ୍କୁଲ୍‌ରେ ତାକୁ ଭର୍ତ୍ତି କରିଦେଇଥିଲେ । କିନ୍ତୁ ସ୍କୁଲ୍ ଠାରୁ ମାମୁଁଙ୍କ ପାଖରେ ଗୀତ ଶିଖିବାକୁ ବେଶୀ ଭଲପାଉଥିଲା ଦୀପୁ । ଛୋଟ ପିଲାଙ୍କ ଗୀତ କମ୍ପିଟିସନ୍‌ରେ ଦୀପାଳି ଦତ୍ତ ପ୍ରଥମ ନିଶ୍ଚିତ । ଦଶବର୍ଷ ବୟରୁ ତା'ର ଛୋଟ ବଡ଼ ଗୀତ ଆସରରେ ଗାଇବା ଆରମ୍ଭ ହେଇଯାଇଥିଲା । ଲୋକେ କହୁଥିଲେ, କାହାର ଭାଣିଜୀ ଦେଖିବାକୁ ହେବ ତ !

ଦୀପାଳି ଗୀତ ପାଇଁ ପ୍ରାଇଜ୍ ପାଉଥିଲା, ଆଉ ମନେ ମନେ ଭାବୁଥିଲା ପ୍ରାଇଜ୍‌ଟା ଅସଲରେ ମାମୁଁଙ୍କର ହିଁ ପାଉଣା । ବାରବର୍ଷ ବୟସରେ ଜମିଦାର ଘରର ବଡ଼ମା' ଗୋଟାଏ ଆସରରେ ନିଜେ ତା'ର ଗୀତ ଶୁଣିଥିଲେ । ଯେମିତି ଅବାକ୍ ହେଇଥିଲେ ସେମିତି ମୁଗ୍ଧ ହେଇଥିଲେ । ତା'ପରଦିନ ହିଁ ତାକୁ ଡାକି ସେଇ ବିସ୍ମୟ ସେ ପ୍ରକାଶ କରିଛନ୍ତି । – ତୁ ଏତେ ସୁନ୍ଦର ଗାଇପାରୁ ଆଉ ଆମେ ଜାଣିନଥିଲୁ ! ଏତେ ଅଳ୍ପ ବୟସରେ, ସମସ୍ତଙ୍କୁ ପୂରା ଅବାକ୍ କରିଦେଇଛୁରେ !

ତା'ପରଠାରୁ ଯେତେବେଳେ ସେତେବେଳେ ବଡ଼ମା'ଙ୍କର ଡାକରା ଆସେ । ଗୀତ ଶୁଣାଇବାକୁ ହେବ ନାମ ଶୁଣାଇବାକୁ ହେବ । ବଡ଼ମା'ଙ୍କୁ ଶୁଣାଇବା ପାଇଁ ଆଗ୍ରହରେ ଦୀପାଳି ମାମୁଁଙ୍କ ପାଖରୁ ଅନେକ ଭଜନ ଶିଖିଛି । ବଡ଼ମା'ଙ୍କୁ କୀର୍ତ୍ତନ ଶୁଣିବାକୁ ବହୁତ ଭଲଲାଗେ । ଗୀତ ସ୍କୁଲ୍‌ର ଦିଦିଙ୍କ ପାଖରୁ ଅନେକ କୀର୍ତ୍ତନ ଶିକ୍ଷା ବି ହେଇଛି । ସେ ଗାଉଥିବା ବେଳେ ବଡ଼ମା' ଆଖି ବୁଜି ଶୁଣୁଥିଲେ ଆଉ ମନକୁ ମନ ମୁଣ୍ଡ ହଲାଇଥିଲେ । ... ଦୀପାଳିର ଏତେ ଆଗ୍ରହର ଆହୁରି ଗୋଟାଏ କାରଣ ଥିଲା । କେବଳ ସେ ହିଁ ଜାଣିଥିଲା, ଆଉ କେହି ନୁହେଁ । ତା'ର ସେଇ ଆଗ୍ରହ ଜମିଦାର ଘରର ଗୋଟିଏ ଦୁର୍ଦ୍ଦାନ୍ତ ପୁଅକୁ ନେଇ । ଦୀପାଳି ବଡ଼ମା'ଙ୍କର ଦୁଃଖ ଜାଣିଥିଲା । ସେ ପୁଅର ଆହୁରି ଦୁଇଜଣ ବଡ଼ଭାଇ ଥିଲେ । ସେମାନଙ୍କ ଭିତରୁ ଜଣେ ଶିକାରକୁ ଯାଇ ପ୍ରାଣତ୍ୟାଗ କରିଛି । ଆଉ ଜଣେ କୋଲକାତାର ଗଙ୍ଗାରେ ବର୍ଷା ପାଣିରେ ପହଁରିବାକୁ ଯାଇ । ତେଣୁ ବାକି ଯିଏ ରହିଲା ତାର ଦାପଟର ସୀମା ନାହିଁ । ମାରଧର କ୍ରମାଗତ ଚାଲିଛି । ଦୀପାଳିର ଦଶବର୍ଷ ବୟସରୁ ଏଇ ପିଲାଟି ଆଡ଼କୁ ଆଖି – ବାପା – ମା' ପୁଣି ଏଇ ପୁଅକୁ ଆଦରରେ ଡାକନ୍ତି ଶାନ୍ତ ବୋଲି । ମନକୁ ମନ ଦୀପାଳି ଖିଲି ଖିଲି ହେଇ ହସି ଉଠୁଥିଲା । ଏଇ ପୁଅ ଯଦି ଶାନ୍ତ ତାହେଲେ ପୃଥିବୀରେ ଆଉ ଅଶାନ୍ତ କିଏ ?

ଯାହାର ଏତେ ସୁନ୍ଦର ରୂପ ସେଇ ପୁଅ ଏମିତି ଦୁର୍ଦ୍ଦାନ୍ତ ହୁଏ କିପରି ? ଦୀପାଳି ତ ରୂପ କଥା ପଢ଼ିଛି । ରୂପ କଥାରେ ରାଜପୁତ୍ରମାନେ ଏତେ ସୁନ୍ଦର ଥିଲେ କି ନାହିଁ ସନ୍ଦେହ । ଦୀପାଳି ଦୂରରୁ, ପାଖରୁ କେତେ ଯେ ତାକୁ ଦେଖୁଥିଲା ତାର ଠିକଣା ନାହିଁ । କିନ୍ତୁ ସେଇ ପୁଅ କ'ଣ ଜାଣିଥିଲା ? ତାକୁ ନେଇ ଗୋଟାଏ ଝିଅର କେତେ ବିସ୍ମୟ ବୁଝି ପାରୁଥିଲା ? ଦୀପାଳିକୁ ଚହିଁଥିବା ଦେଖିଲେ ହିଁ ବୋକା ଭଳି ମନେ ହେଉଥିଲା । କେବେବି ଚାହୁଁନଥିଲା । ଚାହିଁବ କ'ଣ, ଧରାକୁ ସରା ଭାବୁଥିଲା ଯେ ! ଦୀପୁର ଭାରି ଇଚ୍ଛା ହେଉଥିଲା, ବଡ଼ମା'ଙ୍କୁ ସେ ଯେତେବେଳେ ତାଙ୍କ ଘରେ ବସି ଗୀତ ଶୁଣାଏ ହଠାତ୍ ଯଦି ସେଇ ପୁଅ କୌଣସି ଦିନ ଆସି ଶୁଣନ୍ତା ତାହେଲେ ଭାରି ଭଲ ହୁଅନ୍ତା । କିନ୍ତୁ ସେ ଆଶା, ଆଶାରେ ହିଁ ରହିଯାଏ । ଦିନରାତି କେବଳ ଯେତେ ବାଜେ, ଦୁଷ୍ଟ ପିଲାମାନଙ୍କ ସାଙ୍ଗରେ ଆଡ୍ଡା, ସନ୍ଧ୍ୟାରେ ବି ତାକୁ ଦେଖାଯାଏନାହିଁ ।

ଦୀପାଳିର ଗୀତରେ ଯେତେ ଝୁଙ୍କ ପଢ଼ାଶୁଣାରେ ସେତେ ନୁହେଁ । ସ୍କୁଲ୍‌ରେ ପଢ଼େ । ମୋଟାମୋଟି କୌଣସିମତେ ପାଶ୍ କରିଯାଏ । ପନ୍ଦର ବର୍ଷ ବୟସରେ କ୍ଲାସ୍ ନାଇନ୍‌ରେ ପଢୁଛି । ସତର ବର୍ଷ ବୟସରେ ମାଟ୍ରିକ୍ ପାଶ୍ କରିବ । କିନ୍ତୁ ଯାକୁ ନେଇ ତା'ର ଚିନ୍ତା ଭାବନା ନାହିଁ । ଗୀତ ପ୍ରତି ଆକର୍ଷଣ ବହୁତ ବେଶୀ । ପ୍ରାଇଜ୍‌ରେ ଘର ଭର୍ତ୍ତି ହେଇଯାଇଛି । ମାମୁଁଙ୍କ ଉତ୍ସାହରେ ଗୀତ ଶିଖାଇବା ସମୟ ଆହୁରି ବଢ଼ି ଯାଇଛି । ମାମୁଁଙ୍କ ପାଖରୁ ଖିଆଲ ବଡ଼ମା'ଙ୍କୁ ଶୁଣାଇବା ପାଇଁ ଭଜନ ଆଉ କୀର୍ତ୍ତନ ସବୁଯାକ ଏକାଠି ଶିଖିଚାଲିଛି । ତା'ର ଗୀତ ଜଗତର ବାହାରେ ନିଜସ୍ୱ ଜଗତରେ ଜମିଦାର ଘରର ସେଇ କନ୍ଦର୍ପକାନ୍ତି ସଇତାନ ପୁଅଟି ଆହୁରି ବହୁତ ପାଖକୁ ଆଗେଇ ଆସିଛି । କୋଲକାତାର କଲେଜରେ ପଢ଼େ ବର୍ତ୍ତମାନ । ଛୁଟି ହେଲେ ଆସେ । ପ୍ରତିଥର ହିଁ ତାଙ୍କୁ ଆଗ ଅପେକ୍ଷା ଆହୁରି ସୁନ୍ଦର ମନେହୁଏ । ଘରକୁ ଆସିଲେ ଦୀପାଳି ଅନେକ ସମୟରେ ନିଜ ଘରର ଝରକା ପାଖେ ଠିଆ ହେଇ ଦେଖେ, କାରଣ, ଜମିଦାର ଘର ସେମାନଙ୍କ ଘରୁ ସାତ ଆଠ ମିନିଟ୍‌ର ପାଦଚଲା ରାସ୍ତା, ଆଉ ଏଇଟା ହିଁ ବଡ଼ ରାସ୍ତା । ଝରକା ପାଖରେ ଛିଡ଼ା ହେଲେ ଦେଖାଯାଏ । ରାସ୍ତାରେ ବି ଅନେକ ସମୟରେ ଦେଖା ହେଇଯାଏ । କିନ୍ତୁ ଦେଖା ହେବାଟା ଏକ ତରଫରୁ । ଦୀପାଳିର ମନେହୁଏ, କୋଲକାତାର କଲେଜରେ ପଢ଼ିବାକୁ ଯାଇ ପୁଅର ରୂପ ଆହୁରି ସୁନ୍ଦର ହେଇଯାଇଛି ଦିମାକ୍ ସେଇପରି ବଢ଼ିଯାଇଛି । ଚାହିଁବି ଦେଖନ୍ତିନାହିଁ

କାହାରିକି । ଦୀପାଳିର ଯେ ସେତେବେଳେ ଗୀତରେ କେତେ ନାଁ ଆଉ ବଡ଼ମା' କେତେ ସ୍ନେହ କରନ୍ତି ସେ ଖବର କ'ଣ ସେ ରଖନ୍ତି ? ଏସବୁ ଭାବିଲେ ଦୀପାଳିର ରାଗ ହୁଏ ।

ଏଇ ପୁଅକୁ ତା'ର ଚିନ୍ତା ଘନୀଭୂତ ହେବା ପାଇଁ ଭାଉଜମାନେ ଟିକେ ଅଧେ ଇନ୍ଧନ ଯୋଗାଇଛନ୍ତି । କେବଳ ଭାଉଜମାନେ କାହିଁକି, ନିଜର ଅଜାଣତରେ ବଡ଼ମା' ମଧ୍ୟ । ଦୁଇ ଭାଉଜ ଥଟ୍ଟା କରନ୍ତି, କ'ଣ କିରେ ! ଜମିଦାର ଗୃହିଣୀ ତୋତେ ଏତେ ଭଲପାଆନ୍ତି ଆଉ ଦୁଇଦିନ ତୋର ଗୀତ ନଶୁଣିଲେ ଅସ୍ଥିର ହେଇଯାଆନ୍ତି, ପୁଅକୁ ବାହାଦେଇ ପୂରା ଘରକୁ ନେଇଆସନ୍ତୁନା – ତାହେଲେ ତ ସମସ୍ତଙ୍କର ମଙ୍ଗଳ ହୁଅନ୍ତା ।

... ମାତ୍ର ଗୋଟିଏ ବର୍ଷ ପୂର୍ବର କଥା, ସେଇ ପୁଅ, ଭଲ ନାଁ ଯାହାର ଅଚ୍ୟୁତ ସେତେବେଳେ ସେ କୋଲକାତାର ହଷ୍ଟେଲ୍‌ରେ – ଦୀପାଳି ପ୍ରାୟ ସନ୍ଧ୍ୟା ଯାଏଁ ବଡ଼ମା'ଙ୍କୁ ଗୀତ ଶୁଣାଇ ଘରୁ ବାହାରୁଥିଲା । ଭିତର ମହଲ ପାରିହେଇ ସିଡ଼ି ପାଖକୁ ଆସିଲାରୁ ମନେପଡ଼ିଲା, ବାପା ଜମିଦାର ବାବୁଙ୍କ ଦେହର ଖବର ନେଇ ଆସିବାକୁ କହିଥିଲେ । ତାଙ୍କର କୁଆଡ଼େ ଦେହଟା ଭଲଯାଉନାହିଁ । ପୁଣି ଫେରିଆସି ବଡ଼ମା'ଙ୍କ କବାଟ ସାମ୍ନାରେ ଥମ୍‌କି ଛିଡ଼ା ହେଇଗଲା । ସେ ଯେ ପୁଣି ଫେରି ଆସିବ ବଡ଼ମା' ଜାଣିବେ କେମିତି ? ପୂରା ସ୍ୱାଭାବିକ୍ ଗଳାରେ ନିଜର ସାନ ଭଉଣୀଙ୍କ ସାଙ୍ଗରେ କଥା ହେଉଥିଲେ । ସାନ ଭଉଣୀ ଏଇଠି ହିଁ ରହନ୍ତି । ରୋଜ୍ ଆସନ୍ତି ବଡ଼ ଭଉଣୀଙ୍କ ଘରକୁ । ବଡ଼ମା' କହୁଛନ୍ତି, ଟିକେ ରଙ୍ଗ ମଇଳା, ସେଥିରେ କ'ଣ ଅଛି ... ପୂରା କଳା ତ ନୁହେଁ – ଝିଅଟିର ଆଖି ଯୋଡ଼ିକ କି ସୁନ୍ଦର । ଆଉ ମୁଖଶ୍ରୀ ବି ସୁନ୍ଦର । ଗୀତ ଶୁଣିଲେ ହିଁ ପ୍ରାଣ ଭରିଯାଏ । ... ମୋର ଇଚ୍ଛା ହେଲେ କ'ଣ ହେବ ଏ ପିଲା ତ କେଉଁ ମୂର୍ତ୍ତି ଧରିବ କିଏ ଜାଣିଛି ?

ଦୀପାଳି ପକ୍ଷରେ ଜମିଦାର ବାବୁଙ୍କ ଅସୁସ୍ଥତାର ଖବର ଆଉ ନିଆହେଇପାରିନାହିଁ । ନିଃଶବ୍ଦରେ ପଳାଇଆସିଥିଲା । ତା'ପରେ ରାସ୍ତାରେ ଚାଲୁ ଚାଲୁ ସେଇ ପୁଅର ଉଦ୍ଦେଶ୍ୟରେ ମନେ ମନେ କହିଥିଲା, ମୂର୍ତ୍ତି ଯାହା ଧରିବା କଥା, ଧରିସାରିଲେଣି !

... ହଁ, ଚଉଦ ବର୍ଷ ବୟସରୁ ଦୀପାଳିର ଚିନ୍ତାରେ ଜମିଦାର ଘରର ସେଇ ପୁଅ ଜଣେ ଅନୁବାର୍ଯ୍ୟ ହେଇଉଠିଥିଲେ । ଭବିଷ୍ୟତରେ ସମ୍ପର୍କଟା ସ୍ୱତଃସିଦ୍ଧ ବୋଲି ଧରିନେଇଥିଲା । କିନ୍ତୁ କେମିତି ହେବ ଧାରଣା ନାହିଁ । ନିଶ୍ଚିତ ହେବ ଏଇ ବିଶ୍ୱାସ କହିବାକୁ ଗଲେ ଅତୁଟ ।

... ପନ୍ଦର ବର୍ଷ ବୟସରେ କ୍ଲାସ୍ ନାଇନ୍‌ରେ ପଢୁଥିବା ଦୀପାଳି ଆଚମକା ଗୋଟା, ବିଷମ ଆବର୍ତ୍ତ ଭିତରେ ପଡ଼ିଗଲା । ଜମିଦାର ବାବୁଙ୍କର ଭୀଷଣ ଶରୀର ଅସୁସ୍ଥ ସେତେବେଳେ । ବାପା ବି ଟିକେ ଚିନ୍ତିତ । ଖରାବେଳେ ଘରକୁ ଫେରି ଝିଅକୁ ପଠାଇଲେ ଖବର ନେବା ପାଇଁ, ସକାଳେ ଯେଉଁ ଔଷଧଟା ଦିଆହେଇଛି ତାର ଫଳ ଜାଣିବା ପାଇଁ । ଖରାବେଳେ ଏତେ ବଡ଼ ଅଗଣା ପୂରା ନିଝୁମ୍ ଥାଏ । କିନ୍ତୁ ଦୀପାଳି ଏ ଘରେ ଯିବା ଆସିବା କରି ଅଭ୍ୟସ୍ତ । ସିଧା ଦୋତାଲାକୁ ଉଠି ବଡ଼ମା'ଙ୍କ ଘରକୁ ଚାଲିଗଲା । ଶୁଣିଲା, ରୋଗୀ ଟିକେ ଭଲ, ବର୍ତ୍ତମାନ ଶୋଇଛନ୍ତି । ବଡ଼ମା' ସସ୍ନେହରେ କହିଲେ, ଏଇ ଖରାରେ ତୋ ବାପା ପୁଣି ତୋତେ ପଠାଇଲେ ... ମୁଁ ତ କାହାରିକି ପଠାଇ ଖବର ଦେବି ବୋଲି ଭାବିଥିଲି, ବସ୍, ଗୋଟାଏ ଗିଲାସ ସରବତ୍ ପିଇ ଯା ।

ବଡ଼ମା'ଙ୍କ ପାଖରେ ଦୀପାଳିର ଟିକେ ବି ସଙ୍କୋଚ ନାହିଁ । ସରବତ୍ ସାଙ୍ଗରେ ଗୋଟାଏ ବଡ଼ ମିଠା ବି ଖାଇଲା । ତା'ପରେ ଘର ଆଡ଼କୁ ଫେରିଲା । ଓହ୍ଲାଇଲା ବେଳେ ତିନିଟା ସିଡ଼ି ବାକି ଅଛି, ଥମ୍‌କି ଛିଡ଼ା ହେଇଗଲା । ପୂରା ଚମ୍‌କି ପଡ଼ିଲା । ତଳ ବାରଣ୍ଡା ବାଟେ ସିଡ଼ି ଆଡ଼କୁ ଆସୁଛନ୍ତି କୋଲକାତାର ହଷ୍ଟେଲ୍‌ରେ ପଢୁଥିବା ଏ ଘରର ସେଇ ଧରାକୁ ସରା ଜ୍ଞାନ କରୁଥିବା ପୁଅ – ରୂପରେ ଗର୍ବରେ ମାଟିରେ ଯାହାର ପାଦ ପଡ଼େନା । ସେଇ ପିଲା ଥମ୍‌କି ଛିଡ଼ା ହେଇଛି ଆଉ ତା'ର ପାଦରୁ ମୁଣ୍ଡ ଯାଏଁ ଚାହିଁ ଦେଖୁଛନ୍ତି ।

ଦୀପାଳି କୌଣସି ପ୍ରକାରେ ବାକି ସିଡ଼ି କେତେଟା ଓହ୍ଲାଇ ବାଟ କାଟି ପଳାଇପାରିଲେ ବଞ୍ଚିଯିବ । ଇଏ ଯେ କୋଲକାତାରେ ନୁହେଁ – ଏଇଠି – ସେଇଟା କ'ଣ ସେ ଜାଣିଥିଲା ? କୌଣସିମତେ ଟିକେ ଆଗେଇବାରୁ ଡାକ ଶୁଣି ପାଦ ଯୋଡ଼ିକ ପୁଣି ମାଟି ସାଙ୍ଗରେ ଅଟକିଗଲା ।

ଶୁଣ !

ପୁଣି ଝାଳେଇ ଗଲା । ଧୀରେ ଧୀରେ ବୁଲି ଛିଡ଼ା ହେଲା । ତା'ର ଆଖି ଯୋଡ଼ିକ ମୁହଁ ଆଡୁ ପାଦ ଆଡ଼କୁ ଗଲା, ଆଉ ପାଦ ଆଡୁ ମୁହଁ ଆଡ଼କୁ ଉଠିଲା । ଦୀପାଳିର ମନେହେଲା, ଦେଖୁଛି ନା ତା' ଦେହରେ ଯେମିତି କିଛି ବୋଳି ଦେଉଛି ।

ତୁମେ ଆମର ଡାକ୍ତରବାବୁଙ୍କର ଝିଅ ଦୀପାଳି ନା ?

ଏଥର ମୁହଁ ଟେକିଲା । ଆଖିରେ ଆଖି ରଖିଲା । ଟିକେ ରାଗ ବି ହେଲା । କିନ୍ତୁ ସେଇଟା ପ୍ରକାଶ କଲାନାହିଁ । ବରଂ ଟିକେ ହସିଲା । ... କୋଲକାତାରେ ପଢ଼ିବାକୁ ଯାଇ ଏହା ଭିତରେ ଚିହ୍ନିବାକୁ ବି ଅସୁବିଧା ହେଉଛି ?

ଆଖିରେ ଆଖି ମିଳାଇ, ହସ ହସ ମୁହଁରେ, ମିଠା ସ୍ୱର ସେଇ ପୁଅ ଭିତରେ କି ପ୍ରକାର ଅବସ୍ଥା ସୃଷ୍ଟି କିରପାରେ ଜଣାଥିଲେ ଦୀପାଳି ଦୌଡ଼ି ପଳାଇଯାଇଥାଆନ୍ତା ।

ଅଚ୍ୟୁତ କହିଲେ, ସେଇଆ ନୁହେଁ ଯେ ... ତୁମେ ଏତେ ବଡ଼ ହେଇଯାଇଛ, ଭାବିବି କେମିତି ... ଶାଢ଼ି ପିନ୍ଧି ପୁରା ଲେଡ଼ି ବନିଯାଇଛ ... ଏଇଠି କେଉଁଠିକି ଆସିଥିଲ ?

ବଡ଼ମା'ଙ୍କ ପାଖକୁ ।

ବଡ଼ମା' କିଏ ?

ବଡ଼ମା' ଆପଣଙ୍କ ମା', ଇଚ୍ଛା ନଥିଲେ ବି ମୁହଁରୁ ଆପଣ ବାହାରିଗଲା ।

ମୋ' ମା' ତୁମର ବଡ଼ମା' ହେଲେ କେବେଠାରୁ ?

ଦୀପାଳି ଏଥର ନହସି ରହିପାରିଲାନାହିଁ । – ପାଞ୍ଚ ବର୍ଷ ଆଗରୁ ।

ଜମିଦାରଙ୍କ ପୁଅ ସିଧା ଚାହିଁରହିଛନ୍ତି । ଏପରି ଭାବରେ ଦେଖିବାର ଅର୍ଥ ବୁଝିପାରୁନାହିଁ କେବଳ ଅସ୍ୱସ୍ତି ଲାଗୁଛି । – କହିଲେ, ତୁମେ ମୋତେ ଅବାକ୍ କରିଦେଇଛ – ଆସ, ତୁମ ସାଙ୍ଗରେ ଟିକେ ବସି କଥା ହୁଏ ।

ସିଡ଼ି ପାଖ ବାରଣ୍ଡା ପାରିହେଇ ଗୋଟାଏ ଘର ଆଡ଼କୁ ଚାଲିଲା । ଦୀପାଳିର ଛାତି ଥରିବା କମିଯାଇଛି । ଦିନେ ଯେ ଏହା ଘଟିବ ଜାଣିଥିଲା, ଏଇଟା ତାର ଆରମ୍ଭ ଛଡ଼ା ଆଉ କ'ଣ ହେଇପାରେ । କିନ୍ତୁ ତା ବୋଲି ସଙ୍କୋଚ ଯିବ କେଉଁଠି ? ପୁଣି ଡାକି ଯେଉଁପରି ଭାବରେ ଆଗେଇ ଚାଲିଲେ ନଯାଇ ଆଉ ଉପାୟ ନଥିଲା ।

ସାଙ୍କ ପଛେ ପଛେ ଆସ୍ତେ ଆସ୍ତେ ଆଗେଇଲା । ଘର ଭିତରକୁ ପାଦ ପକାଇଲା । ଥରେ ଘର ଭିତରଟାକୁ ଚାହିଁବାରୁ ବୁଝିପାରିଲା, ଏଇଟା ବାବୁଙ୍କର ପଢ଼ା ଘର । ଛୁଟିରେ ଆସିଲେ ଏଇଠି ପାଠ ପଢ଼ା ହୁଏ । ସାମ୍ନାରେ ଗୋଟାଏ ସୁନ୍ଦର ଟେବୁଲ୍ । ତା' ଉପରେ ଦୁଇଟା ବହି, ଦୁଇଟା ବହି ଉପର ମଲାଟ୍‌ରେ ଦୁଇଟା ଝିଅର ଛବି, ଚାହିଁବାକୁ ଲଜ୍ୟା ଲାଗେ ।

ଗଦିଦିଆ ଚେୟାରଟା ଦୀପାଳି ଆଡ଼କୁ ଟାଣି ଦେଇ କହିଲେ ବସ ।

ଭାରି ଅସୁବିଧାରେ ପଡ଼ିଲା ଦୀପାଳି । ଦିନେ ଏଇ ପିଲାଙ୍କର ଦିମାକ୍ ଦେଖି ରାଗ ହେଉଥିଲା, ଆଜି ସେଇ ଦିମାକ୍ ପାଣି ହେବା ଦେଖି ବି ଅସ୍ୱସ୍ତିର ଶେଷ ନାହିଁ । କୌଣସି ମତେ କହିଲା, ଘରକୁ ଯାଉଛି, ବାପାଙ୍କୁ ଗୋଟାଏ ଖବର ଦେବାକୁ ହେବ ।

ଗୋଟାଏ ହାତରେ ତା'ର କାନ୍ଧରେ ଚାପ ଦେଇ କହିଲା, ପାଞ୍ଚ ମିନିଟ୍ ବସ ନା –

ଦୀପାଳି ପୁଣି ଝାଳେଇବାକୁ ଲାଗିଲା । ତେବେବି ବସିଲା ।

ଅଚ୍ୟୁତ ଇଜି ଚେୟାରଟା ପାଖକୁ ଟାଣି ଆଣି ନିଜେ ବସିଲେ । ଦୁଇ ତିନି ବର୍ଷ ପୂର୍ବେ ଝିଅଟା ବୋକା ଭାବରେ ଚାହୁଁଥିଲା । କିନ୍ତୁ ସେଇ କଳା ଝିଅର ଏମିତି ଆଖି କେବେ ହେଲେ ତାଙ୍କର ନଜର ପଡ଼ିନି । ସିଡ଼ି ଉପରେ ଝିଅଟାକୁ ଦେଖି ହଠାତ୍ ଚିହ୍ନି ପାରିନାହାନ୍ତି ସତକଥା । ତା'ପରେ ଚିହ୍ନିପାରିଛନ୍ତି । ଆଉ ଆଜି ତା'ର ଆଖି ଯୋଡ଼ିକ ଦେଖି ଅଚ୍ୟୁତର ମନେ ହେଉଛି, ଏମିତି ଆଖି ଯୋଡ଼ିକ ଯାହାର, ସେ ବୋକା ହେଇପାରେନା - ଝିଅମାନଙ୍କର ମନର ବୟସ ଆଗ ବଢ଼ିଯାଏ ବୋଲି ଶୁଣିଛନ୍ତି - ଏହା ମଧ୍ୟ ସେଇଆ ହେଇଛି । ଅଚ୍ୟୁତ ଘୋଷ ଚୌଧୁରୀ ନିଜ ଆୟତ୍ତରେ ପାଇ ସେ ଛାଡ଼ି ଦେବେ, ଏମିତି ବୋକା ସେ ନୁହଁନ୍ତି ।

ବଡ଼ମା' ପାଖକୁ କାହିଁକି ଆସିଥିଲ ?

ଅସୁସ୍ଥତାର ଖବର ନେବାକୁ ।

ଅଚ୍ୟୁତଙ୍କର କେବଳ ଆଖି ଦୁଇଟା ସଜାଗ, କାନ ନୁହେଁ । - କାହାର ଦେହ ଖରାପ ?

ନିଜ ବାପାଙ୍କର ଅସୁସ୍ଥତାର ଖବର ରଖନ୍ତିନାହିଁ ?

ହଁ ... ଆଜି ସକାଳେ ଆସିଛି । ମା' ମୋତେ ଏବେବି ଭଲକରି କିଛି କହିନାହାନ୍ତି । ତୁମେ କୁଆଡ଼େ ଭୀଷଣ ସୁନ୍ଦର ଗୀତ ଗାଇପାର ?

ଦୀପାଳି ଟିକେ ହସିଲା - ନଚାହିଁ ରହିପାରିଲା ନାହିଁ । - ଭୀଷଣ କଥା ତ ଭୟ ପାଇଲେ କହନ୍ତି ।

ଠିକ୍ କହିଛ ତ ! ତୁମେ ସ୍କୁଲ୍‌ରେ ପଢ଼ ?

ମୁଣ୍ଡ ହଲାଇଲା । ପଢ଼େ ।

କେଉଁ କ୍ଲାସ୍ ?

ନାଇନ୍ । ଏଇ ଜବାବ୍‌ରେ ଟିକେ ଦ୍ୱିଧା ବୋଧ କଲା, କାରଣ ଏଇ ବୟସରେ କ୍ଲାସ୍ ଟେନ୍‌ରେ ପଢ଼ିବା କଥା ।

ଗୀତ କେଉଁଠି ଶିଖିବାକୁ ଯାଅ ?

ଗୀତ ସ୍କୁଲ୍‌ରେ ଶିଖେ ... ମୁାମୁଁଙ୍କ ପାଖରୁ ହିଁ ବେଶୀ ସମୟ ଶିଖେ ।

- ମୋତେ ଗୀତ ଶୁଣାଇ ପାରିବ ?

ଦୀପାଳି ଉଠି ଛିଡ଼ା ହେଲା । ଇଏ କ'ଣ ପାଗଳ ନା କ'ଣ ? ଏଇ ଖରାବେଳେ ଗୀତ ଶୁଣିବେ ? ସାଙ୍ଗେ ସାଙ୍ଗେ କହିଲା, ବାପା ଅପେକ୍ଷା କରୁଛନ୍ତି ମୋତେ, ଯାଉଛି ... ଶୀଘ୍ର ବାହାରି ଆସିଲା । ଅଧା ବାଟ ନଯାଉଣୁ ତା'ର କାନ୍ଧ ଉପରେ ହାତ ପଡ଼ିଲା । ଧୀରେ ପଛକୁ ଚାହିଁଲା । ଧବ୍ ଧବ୍ ଗୋରା ହାତ । - କାଲି ପୁଣି ଆସିବ ?

... କେତେବେଳେ ?

ଏଇ ସମୟରେ ... ?

ବାପା ପଠାଇଲେ ଆସିବି ।

ନପଠାଇଲେ ବି ଆସିବ । ... ବଡ଼ମା'ଙ୍କୁ ତୁମେ ଭଲପାଅ, ଥରେ ଆସି ବାପାଙ୍କର ଖବର ନେବନାହିଁ ?

ଦୀପାଳିର ଟିକେ ସନ୍ଦେହ ହେଲା । - ଆସିପାରେ ... କିନ୍ତୁ ଏ ସମୟରେ ଗୀତ ହେବନାହିଁ ।

ତାହେଲେ କେଉଁ ସମୟରେ ହେବ ?

... ସେ ସୁସ୍ଥ ହେଇଯିବା ପରେ । ଉପରବେଳା ବଡ଼ମା'ଙ୍କୁ ଗୀତା ଶୁଣାଇବାକୁ ଆସେ । ... ସେତେବେଳେ ଶୁଣିଲେ ଭଲ ।

ସେତେବେଳେ କେମିତି ହେବ, ମୁଁ ତ ଦୁଇଦିନ ପରେ ଚାଲିଯିବି । କହି ହସିବାକୁ ଲାଗିଲା ।

- ବଡ଼ମା' ଶୁଣିଲେ ତେବେ ମୁଁ ଶୁଣିପାରିବି ... କାହିଁକି, ମୁଁ କ'ଣ ଭିକାରି ?

ଏହାର କ'ଣ ଜବାବ୍ ଦେବ ଦୀପାଳି ଭାବିପାରିଲାନାହିଁ ।

ଯାହହେଉ, କାଲି ଏଇ ସମୟରେ ନିଶ୍ଚିତ ଆସିବ !

ଅବ୍ୟାହତି ପାଇବା ପାଇଁ ଦୀପାଳି ମୁଣ୍ଡ ହଲାଇଲା । ରାସ୍ତାକୁ ଓହ୍ଲାଇ ଆସି ବଞ୍ଚିଗଲା । କାଲି ଆସିବ ନା ଆଉ କ'ଣ ! କି ଲୋକରେ ବାପା, ଦେହରେ କାନ୍ଧରେ ହାତ ଲଗାଇ ଦିଅନ୍ତି । ଆଖିରେ ମୁହଁରେ ବଦ୍‌ମାସି ହସ ... କେହି ଯଦି ଦେଖିଥାଆନ୍ତେ !

ଦିନେ ସେ ଏଇ ଜମିଦାର ଘରେ ଏଇ ପୁଅର ହିଁ ବୋହୂ ହେଇ ଆସିବ ଏଇଟା ଜଣା କଥା, ଦେହର ରଙ୍ଗ କଳା ବୋଲି ମନ ତଳେ ଯେଉଁ ଟିକକ ଅଶାନ୍ତି ଥିଲା ସେଇଟା ବି କଟିଯାଇଛି । ଆନନ୍ଦରେ ଫୁଲି ଉଠିବା କଥା । ଆନନ୍ଦ ହେଉଛି ତା' ସହିତ ଏମିତି ଦେହଟା ଥରୁଛି କାହିଁକି ? ଯାହା ପାଖକୁ ଯିବ ଦିନେ, ସେ ପାଖକୁ ଆସିଲେ ବା କାନ୍ଧରେ ହାତ ଦେଲେ, ଏମିତି ହୁଏ ନା କ'ଣ ?

ତା'ପରଦିନ ସକାଳୁ ଟିକେ ବ୍ୟସ୍ତତା ବୋଧ କଲା । ନା, ଯିବନାହିଁ ତ ନିଶ୍ଚିତ । କିନ୍ତୁ ଯେତେ ଭାବୁଛି ସେତେ ବ୍ୟସ୍ତତା ବଢ଼ୁଛି । ପାଞ୍ଚ ମିନିଟ୍ ଛାଡ଼ି ଛାଡ଼ି ରାସ୍ତା ଆଡ଼କୁ ଥିବା ଝରକା ପାଖରେ ଆସି ଛିଡ଼ା ହେଉଛି । ଯଦି ଦେଖିନିଏ ତ କ'ଣ କରିବ ? କେବଳ ମୁଣ୍ଡ ହଲାଇବ । ଆଶା କରିଥିଲା, ବାପା ଯଦି ତାକୁ ସେ ଘରୁ ଖବର ନେଇ ଆସିବାକୁ କହନ୍ତି ! କହିଲେ ନାହିଁ । ବାପା ଖାଇବା ପରେ ଦୁଇଘଣ୍ଟା ଶୁଅନ୍ତି ।

ଦୀପାଳିକୁ ଯେମିତି କେହି ଠେଲି ଘରୁ ବାହାର କରିଦେଉଛି । ପୁଣି ମନେ ହେବାକୁ ଲାଗିଲା, ଏତେ ରୂପ ଥିବା ପିଲାର ଯେମିତି ତା' ଆଡ଼କୁ ଆଖି ପଡ଼ିବ, ସେଇଟା ତ ଶିବ ଠାକୁରେ ବ୍ୟବସ୍ଥା କରିଛନ୍ତି, ଦୁଇ ଚାରି ବର୍ଷ ହେଲା ଭାଉଜ ମାନଙ୍କ ସାଙ୍ଗରେ ଶିବରାତ୍ରିର ଉପାସ କରୁଛି । ତା'ର ମନର କଥା କ'ଣ ଶିବ ଠାକୁରଙ୍କୁ ଜାଣିବା ବାକି ଅଛି ? ତା'ନହେଲେ କାଲି ସେମିତି ଘଟଣା ହେଇଥାଆନ୍ତା କେମିତି ? ଯଦି ଆଜି ନଯାଏ ତାହେଲେ ଠାକୁରଙ୍କୁ ଅମାନ୍ୟ କରାହେବ । ତା'ଫଳରେ ଯଦି ସବୁ ମାଟି ହେଇଯାଏ ?

ସେ ଯିବ । ଜମିଦାର ଘରକୁ ଯିବା ତା' ପାଖରେ ନୂଆ ନା କ'ଣ ?

ଫାଟକ ପାରି ହେଇ ଅଗଣାରେ ପଶିଲା କ୍ଷଣି ସେଇ ପୁଅର ମୁହାଁମୁହିଁ । ମୁହଁରେ ସେଇ ବଦ୍‌ମାସି ହସ । ଦୀପାଳିର ଛାତି ଧକ୍‌ଧକ୍ ହେବାକୁ ଲାଗିଲା । ପାଖକୁ ଆସି କହିଲା, ମୁଁ ଭାବିଲି ତୁମେ ଆଉ ଆସିଲନାହିଁ -

ତା'କୁ ଆଡ଼େଇ ଦୀପାଳି ଦୋତାଲାକୁ ଉଠିବାକୁ ଗଲା । ସଙ୍ଗେ ସେଙ୍ଗ ହାତଟା ଧରିପକାଇଲେ । - ସେପଟେ କେଉଁଠି ? ... ଓହୋ ! ବାପା ଆଜି ବେଶ୍ ଭଲ ଅଛନ୍ତି, ତୁମର ବଡ଼ମା' ବି ଏବେ ଶୋଇଛନ୍ତି ଦେଖି ଆସିଲି । ଆସ, ଆମେ ଏଇ ଘରେ ଟିକେ ବସିବା, ନିଦ ଭାଙ୍ଗିଲେ ତୁମକୁ ମୁଁ ବଡ଼ମା'ଙ୍କ ପାଖକୁ ନେଇଯିବି -

ହାତ ଧରି ହିଁ ନେଇ ଚାଲିଲେ । ଆଉ ଦୀପାଳିର ମନେହେଲା କାହିଁକି ଯେ ମରିବାକୁ ଆସିଥିଲା ! ଭାରୀ ପର୍ଦ୍ଦା ଠେଲି ଭିତରକୁ ନେଇଗଲେ ତାକୁ । ହାତ ଛାଡ଼ି ତା'ର ଚିବୁକରେ ହାତ ଦେଲା । ମୁହଁଟା ନିଜ ଆଡ଼କୁ ଟୋଳି ଧରିଲେ । - ତୁମେ ଘାବରି ଯାଉଛ କାହିଁକି ? ଏ ସମୟରେ କେହି ଏପଟକୁ ଆସିବେନାହିଁ । ଆଚ୍ଛା ରୁହ -

ଆଗେଇ ଆସି କବାଟଟା ଆଉଜିଦେଲା । - ଏଥର ନିଶ୍ଚିନ୍ତ ?

ନିଶ୍ଚିନ୍ତ ହେବା ବଦଳରେ ଛାତିର ଧଡ଼ ଧଡ଼ ଶବ୍ଦଟା ଯେମିତି ନିଜେ ହିଁ ଶୁଣିପାରୁଛି ଦୀପାଳି । ପୁଣି ତା'ର ଚିବୁକରେ ହାତ ଦେଲେ । ମୁହଁକୁ ନିଜ ଆଡ଼କୁ ଟୋଳି ଧରିଲେ ।

- ତୁମର ଆଖି ଯୋଡ଼ିକ ଏତେ ସୁନ୍ଦର ମୁଁ ଜାଣିନଥିଲି ।

ଦୀପାଳି ପ୍ରାଣପଣେ ଭାବିବାକୁ ଚେଷ୍ଟା କଲା, ଠାକୁରଙ୍କ ଦାନ ଛଡ଼ା ଏଇପରି ହୁଏନା ।

କହିଲା, ମୁଁ ତ କଳା ...

କଳା ଏତେ ଭଲ ସେଇଟା ବି ଜାଣିନଥିଲି । ତୁମକୁ ବହୁତ ଭଲ ଲାଗୁଛି ।

... ଆଉ ତୁମକୁ କେମିତି ଲାଗୁଛି ?

କୁହ – କୁହନା ? ମୋତେ ତୁମକୁ ଭଲ ଲାଗେନାହିଁ କହିଲେ ହିଁ ଛାଡ଼ିଦେବି, ଆଉ କେବେହେଲେ ବିରକ୍ତ କରିବିନାହିଁ । – ଭଲ ଲାଗେ କି ନାହିଁ କୁହ ?

ଦୀପାଳି ଲଜ୍ୟାରେ ମରିଯାଉଛି । ତେବେବି ଖୁବ୍ ଆସ୍ତେ ମୁଣ୍ଡ ହଲେଇ କହିଲା ଭଲ ଲାଗେ ।

ତାହେଲେ ତୁମେ ମୋତେ ଏତେ କଷ୍ଟ ଦେଉଛ କାହିଁକି ?

ଦୀପାଳି ବୁଝି ପାରିଲାନାହିଁ ସେ କି କଷ୍ଟ ଦେଉଛି । ତା' ମୁହଁରେ ଗରମ ନିଃଶ୍ୱାସ ଲାଗୁଛି ।

– ତୁମେ ପାଖକୁ ଆସିବାକୁ ଚାହଁନା, ଭୟ ପାଅ, ମୁଁ କ'ଣ ବାଘ ନା ଭାଲୁ ? ଏଇପରି କଲେ ମୁଁ ଆଉ କୋଲକାତାରୁ ଆସିବିନାହିଁ ।

ଦୀପାଳି ଯାହା କହିଲା, ଭାବି କହିନାହିଁ । ପ୍ରାଣ ବିକଳରେ ମୁହଁରୁ ଆପେ ଆପେ ବାହାରି ଆସିଛି । – ବାହାଘର ପୂର୍ବରୁ କୌଣସି ଝିଅ ପାଖକୁ ଆସେନାହିଁ । ବାହାଘର ହେବାଟା ତ ବହୁତ ଡେରି ଅଛି ।

... ବାହାଘର ? ଅଚ୍ୟୁତ ଟିକେ ଥମ୍‌କି ଗଲେ । – ତୁମ ସାଙ୍ଗରେ ମୋର ?

ଧୀରେ ଧୀରେ ମୁଣ୍ଡ ହଲାଇ ହଁ ଭରିଲା ।

ତୁମେ ଜାଣିଲ କେମିତି ?

... ମୁଁ ଜାଣେ ।

କେବେଠାରୁ ଜାଣିଛ ?

ବହୁତ ଦିନ ହେଲା ।

କେହି କହିଛନ୍ତି ?

ମୁଣ୍ଡ ହଲାଇଲା । କେହି କହିନାହାନ୍ତି ।

ତା'ହେଲେ ତୁମେ ତ କେବେଠାରୁ ମୋର – ଆଉ ପାଖକୁ ଆସି ବି ପଳାଇବାକୁ ଚାହୁଁଛ ? – ଏହାପରେ ତୁମକୁ ଶାନ୍ତି ନଦେଇ ଛାଡ଼ିବି ମୁଁ !

ଶାସ୍ତି ଆରମ୍ଭ ହେଇଗଲା । ଏମିତି ଶାସ୍ତି ଯେ ବାଧା ଦେବା ପାଇଁ ଫୁରସତ୍ ପାଇଲାନାହିଁ ଦୀପାଳି । ଓଠ ଯୋଡ଼ିକ ଜଳିଯାଉଛି । ଏତେ ଜୋର୍‌ରେ ଜାବୁଡ଼ି ଧରିଛନ୍ତି ଯେ ମନେ ହେଉଛି ଦୀପାଳିର ଦମ୍ ବନ୍ଦ ହେଇଯିବ । ଗୋଟାଏ ଇଜିଚେୟାର ଉପରେ ଶୁଆଇ ଦେଇ ତା' ଉପରେ ନାନା ଭାବରେ ଅତ୍ୟାଚାର ଆରମ୍ଭ କରିଦେଲା । କ'ଣ ସବୁ ଘଟିଯାଉଛି ଦୀପାଳି କିଛି ବି ବୁଝିପାରୁନି । – ସର୍ବାଙ୍ଗ ଯେମିତି ଅବଶ ହେଇ ଆସୁଛି ।

ହଠାତ୍ ଇଲେକ୍‌ଟ୍ରିକ୍ ସକ୍ ଖାଇବା ପରି ଛିଟ୍‌କି ଓହ୍ଲାଇ ଆସିଲା । କିଏ ଶକ୍ତି ଯୋଗାଇ ଦେଲା ସେ ଜାଣେନା । ନିଜ ଶାଢ଼ିକୁ ଅଣ୍ଟାରେ ଭିଡ଼ିଦେଲା । ପୁଣି ସେଇ ପିଲାଟି ହସି ହସି ତା' ଆଡ଼କୁ ଆଗେଇ ଆସିବାରୁ ଏମିତି ଗୋଟାଏ ଧକ୍କା ମାରିଲା ଯେ ପିଲାଟା ଇଜି ଚେୟାର ଉପରେ ଓଲଟିପଡ଼ିଲା । ଚେୟାରର କାଠ ତାଙ୍କ ମୁଣ୍ଡରେ ବହୁତ୍ ଜୋର୍‌ରେ ଆଘାତ ଦେଲା । ଏଥର ଅଚ୍ୟୁତ ନିଜେ ଅନ୍ଧକାର ଦେଖିଲେ । ସେଇ ଫାଙ୍କରେ ଦୀପାଳି ଦୌଡ଼ି ଘରୁ ବାହାରି ଆସିଲା । କେହି ଦେଖିବେ କି ନାହିଁ ସେ ଚିନ୍ତା ବି ମୁଣ୍ଡରେ ନାହିଁ । ରାସ୍ତାକୁ ଆସି ପୂରା ଘର ମୁହାଁ ଦୌଡ଼ିଲା । ମନେ ମନେ ପାଜି, ବଦ୍‌ମାସ୍ କେତେ କ'ଣ ଗାଳି ଦେଲା ସେଇ ପିଲାକୁ ।

ଘରେ ପଶିବା ପୂର୍ବରୁ ଶାଢ଼ିର କାନିରେ ଭଲକରି ମୁହଁ ଆଖି ପୋଛିନେଲା । ଘରେ ଯାଇ ଶୋଇପଡ଼ିଲା ।

ତା'ପରଦିନ ମଧ ଭାଉଜ ମାନଙ୍କ ଠାରୁ ଦୂରେଇ ରହିଲା । ତା'ର କେବଳ ମନେହେଲା, କାଳେ ତା'ର ମୁହଁ ଆଡ଼କୁ ଚାହିଁଲେ କେହି କିଛି ଜାଣିପାରିବେ ।

ଖରାବେଳେ ଝରକା ପାଖରେ ଛିଡ଼ା ହେଇଥିଲା । ହଠାତ୍ ଦେଖିଲା, ସାଇକେଲ୍‌ରେ ସେଇ ପୁଅ ଏ ଦିଗକୁ ଆସୁଛନ୍ତି ତାକୁ ଦେଖିଛନ୍ତି ଆଖିରେ ଓ ମୁହଁରେ କାଲିପରି ହସ ।

ଦୀପାଳି ଥରେ ଭାବିଲା ଦୌଡ଼ି ପଳାଇବ । ତା'ପରେ ରାଗରେ ଭିତରଟା ଜଳି ଉଠିଲା । ନିଜ ଘରେ ପଳାଇବାର କି ଦରକାର ! କ'ଣ କରିବ ?

ସାଇକେଲ ନେଇ ସେଇ ଝରକା ପାଖରେ ହିଁ ଥମିଗଲେ । – ଗତକାଲି ମୋତେ ମାରି ପକେଇଥିଲ, ଚେୟାରର କାଠରେ ଲାଗି ମୋର ମୁଣ୍ଡ ପଛପଟ ଏବେବି ଫୁଲିରହିଛି ।

ସ୍ଥାନ କାଳ ଭୁଲି ଦୀପାଳି କହି ଉଠିଲା, ଆଉ ତୁମେ ? ତୁମେ କ'ଣ କରିଛ ?

– କବାଟ ଟା ଖୋଲ, ଏଇପରି ଭାବରେ ଦୁହିଁଙ୍କୁ କଥା କହିବାକୁ ଦେଖିଲେ ଲୋକେ ଭାବିବେ କ'ଣ ! ... ଆଜି ସତରେ ବହୁତ ଭଲ ହେଇ ରହିବି, ଦୁଇଟା ଦରକାରୀ କଥା କହି ଚାଲିଯିବି ।

ପରିସ୍ଥିତିର କଥା ଖିଆଲ ହେବାରୁ ଦୀପାଳି ଚମ୍‌କି ଉଠିଲା । ... ଘରେ ଭାଉଜମାନେ ଶୋଇଛନ୍ତି । ଇଏ ପୁଅର କ'ଣ ମୁଣ୍ଡ ଖରାପ ହେଇଗଲା ନା କ'ଣ ! ସେଇ ମୁହୂର୍ତ୍ତରେ ପୁଣି ଧକ୍କା । ସେଇ ଦୂର ବାଙ୍କରେ ବାପାଙ୍କର ସାଇକେଲ । ଏପଟକୁ ଚାହିଁବା ଆଗରୁ ଦୀପାଳି ଆଗ ଝରକା ପାଖରୁ ଘୁଞ୍ଚି ଆସିଲା ।

କିଛି ଗୋଟାଏ ଘଟିଛି ବୁଝି ଅଚ୍ୟୁତ ବି ବୁଲି ଛିଡ଼ା ହେଲେ । ତା'ପରେ ସଙ୍ଗେ ସଙ୍ଗେ ସାମ୍ନା କବାଟ ପାଖକୁ ଆଗେଇ ଆସିଲେ । ଡାକ୍ତର ବାବୁ ସେତେବେଳେ ପୁରା ପାଖରେ । କବାଟ ଦୀପାଳିକୁ ହିଁ ଖୋଲିଦେବାକୁ ହେବ । ତେଣୁ ଖୋଲିଦେଲା । ସାଇକେଲ୍‌ରୁ ଓହ୍ଲାଇ ବାପା ଅବାକ୍ । ଘଟଣା କ'ଣ, ତୁମେ ଏ ସମୟରେ !

ବାପାଙ୍କ ଖବରଟା ଦେବାକୁ ଆସିଲି ।

ବାପା ଉଦ୍‌ଗ୍ରୀବ । – ସକାଳେ ଶୁଣିଲି ଭଲ ଅଛନ୍ତି – ଏହା ଭିତରେ ପୁଣି କ'ଣ ହେଲା ?

ଓହୋ ! ଆପଣ ଖବର ପାଇଛନ୍ତି ଜାଣିନଥିଲି । ... ଆଡ଼େଇ ଆଡ଼େଇ ଦୀପାଳିର ନିରୀହ ମୂର୍ତ୍ତିକୁ ଦେଖୁଛନ୍ତି ।

ଅଚ୍ୟୁତ କହିଲା, ତାହେଲେ ଆସୁଛି ... ଆଚ୍ଛା, ଗୋଟାଏ ଗିଲାସ ଥଣ୍ଡା ପାଣି ପିଇ ଯାଏ, ଭାରି ଶୋଷ କରୁଛି –

ବାପା ବ୍ୟସ୍ତ ହେଇ କହିଲେ, ଆସ ଭିତରକୁ ଆସ, ବାହାରେ ଛିଡ଼ା ହେଇ କ'ଣ ପାଣି ପିଇବ !

ବାପା ନିଜ ସାଇକେଲ୍‌ଟା ନେଇ ଘରକୁ ପଶିଲେ । ଆଉ ଅଚ୍ୟୁତ ତାଙ୍କ ପଛେ ପଛେ ।

ବାପା କହିଲେ, ଶୀଘ୍ର ଗୋଟାଏ ଗିଲାସ ଥଣ୍ଡା ସରବତ୍ କରି ଦେ ତାକୁ । –

ସେ ବାଧା ଦେଇ କହିଲା, ନା ନା, ସରବତ୍ ଦରକାରନାହିଁ, କେବଳ ପାଣି – ଆଣିଦିଅ । ବାପା ଭିତରକୁ ଚାଲିଗଲେ । ପାଣି ସୁରେଇଟା ନିଜର ଘରେ ହିଁ ଅଛି, ଦୀପାଳିର ଇଚ୍ଛା ହେଲା, ସୁରେଇଟା ଟେକି ଆଣି ତା' ମୁଣ୍ଡରେ ଢାଳି ଦେବାକୁ । ଟେବୁଲ୍ ଉପରୁ କାଚ ଗିଲାସଟା ଆଣି ପାଣି ଆଣିବାକୁ ଗଲାବେଳେ ସେ ଚମ୍‌କି ଉଠିଲା । ସେଇ ପିଲା ନିଃଶବ୍ଦରେ ଘରେ ପଶି ତା'ର କାନ୍ଧରେ ହାତ ରଖିଲେ । ଦୀପାଳି ଚମ୍‌କି ତାକୁ ଚାହିଁବାରୁ ତା'ର ହାତରେ ଗିଲାସ ଥିବା ସତ୍ତ୍ୱେ ବି ସେ ତାକୁ ଜାବୁଡ଼ିଇ ଧରିଲା ଏବଂ ଗାଲରେ ଗୋଟାଏ ଚୁମ୍ବନ ଦେଇ ବାହାରକୁ ବାହାରି ଆସିଲା ପର ମୁହୂର୍ତ୍ତରେ । ଟିକେ ପରେ ଦୀପାଳି ଦେଖିଲା ସାଇକେଲ୍‌ରେ ଚଢ଼ି ସାଇଁ ସାଇଁ ହେଇ ଦୌଡ଼ି ପଳାଉଛନ୍ତି ।

ଦୀପାଳି କାଠ ପାଲଟିଗଲା । ଏତେ ସାହସ କୌଣସି ପିଲାର ହୁଏ ସେ ଭାବିପାରେନାହିଁ ।

... ସେଇବର୍ଷ ଭାଉଜ ମାନଙ୍କ ସାଙ୍ଗରେ ଶିବରାତ୍ରି ଉପାସ କରିଛି । ପ୍ରାର୍ଥନା କରିବା ସମୟରେ ସେଇ ପିଲାର ରାକ୍ଷସ ପ୍ରକୃତିର ମୁହଁଟା ହିଁ କେବଳ ତା' ସାମ୍ନାକୁ ଆସିଛି ।

## ॥ ଛଅ ॥

ଗୋଟିଏ ଗୋଟିଏ ହେଇ ଆଠ ବର୍ଷ ବିତିଯାଇଛି । ଏହା ଭିତରେ ଅନେକ ଦୁର୍ଯୋଗ ମଧ ଘଟିଯାଇଛି । ଭଲ ଯେ କିଛି ହେଇନାହିଁ ଏମିତି ନୁହେଁ । ଦୀପାଳିର ସବୁଠାରୁ ବଡ଼ ଅଘଟଣ ଘଟିଯାଇଛି ଗତବର୍ଷ । ବାପା ହଠାତ୍ ହାର୍ଟ ଆଟାକ୍‌ରେ ମୃତ୍ୟୁବରଣ କରିଛନ୍ତି । ଜମିଦାର ଘରର ବଡ଼ମା' ମଧ ଚାଲିଯାଇଛନ୍ତି

ତିନିବର୍ଷ ପୂର୍ବେ । ସୁନ୍ଥାରେ ସିନ୍ଦୂର ନେଇ ମହିଳା ଯାଇଛନ୍ତି । ଆଉ ଠିକ୍ ଛଅ ମାସ ପରେ ଜମିଦାର ବାବୁ ବି ଆଖି ବୁଜିଛନ୍ତି । ସେ ଘର ବର୍ତ୍ତମାନ ଅଚ୍ୟୁତ ଘୋଷ ଚୌଧୁରୀଙ୍କ ମାଉସୀଙ୍କ ଜିମ୍ମାରେ । ବାପାଙ୍କ ମୁହଁରୁ ଦୀପାଳି ଶୁଣିଥିଲା, ସେଇ ପୁଅ କେବଳ ଟଙ୍କାର ଦରକାର ହେଲେ ଆସନ୍ତି, ନହେଲେ ଆସନ୍ତିନାହିଁ ।

ଜମିଦାର ଘରକୁ ତଦାରକ କରିବା ମାଉସୀଙ୍କ କ୍ଷମତାର ବାହାରେ । ଦୁଇ ଚାରି ମାସ ଅନ୍ତରରେ ତାଙ୍କ ଦେଖା ମିଳେ । ... ବାପାଙ୍କ ଦେହାନ୍ତ ପରେ ଥରେ ଘରକୁ ଆସିଥିଲେ । ଭାଇ, ଭାଉଜ ତାଙ୍କର ଯତ୍ନ କରିଥିଲେ । ଦୀପାଳି କଥା କହିନି । ଚୁପ୍‌ଚାପ୍ ତାଙ୍କୁ ଦେଖିଥିଲା । ତା'ର ସ୍ପଷ୍ଟ ମନେ ହେଉଥିଲା ଲୋକଟି ଅସ୍ୱସ୍ତି ବୋଧ କରୁଛନ୍ତି ।

... ଦୀପାଳିଙ୍କୁ ସେଦିନ ଜୋର୍ କରି ଏଠିକାର ଗୋଟାଏ ବଡ଼ ଗୀତର ଜଲ୍‌ସାରେ ନେଇଯାଇଥିଲେ ସମସ୍ତେ । ସାମ୍ନା ଆସନରେ ସେଇ ଲୋକଙ୍କୁ ସେ ବସିବାକୁ ଦେଖିଛି । ସବୁଠାରୁ ମାନୀ ମଣିଷର ଆସନ ତ ସାମ୍ନାରେ ହିଁ ହେବା କଥା ।

ଲୋକଙ୍କର ତାଗିଦ୍‌ରେ ବହୁତ ଗୁଡ଼ିଏ ଗୀତ ଗାଇବାକୁ ହେଇଥିଲା ଦୀପାଳିକୁ । ତାରିଫ୍ ଓ ଉଚ୍ଛ୍ୱାସରେ ଆସର ଯେମିତି ଫାଟି ପଡୁଥିଲା । କର୍ମକର୍ତ୍ତାମାନେ ତାକୁ ଗାଡ଼ିରେ ନେଇ ଆସିଛନ୍ତି, ପୁଣି ଗାଡ଼ିରେ ନେଇ ଛାଡ଼ିଦେଇ ଆସିବେ । ଆହୁରି କେତେଜଣଙ୍କର ଗୀତ ବାକିଥିଲା । ଦୀପାଳି ଉଠି ଆସିବାରୁ ଅଚ୍ୟୁତ ଘୋଷ ଚୌଧୁରୀ ବି ଉଠି ଆସିଛନ୍ତି । ସେଇ ଲୋକମାନଙ୍କୁ କହିଛନ୍ତି, ତୁମ୍ଭମାନଙ୍କର ବ୍ୟସ୍ତ ହେବାର ଦରକାର ନାହିଁ – ମୋ ଗାଡ଼ିରେ ନେଇ ପହଞ୍ଚାଇ ଦେଉଛି ।

ଦୀପାଳି ଏଥର ବି ଆପତ୍ତି କରିନାହିଁ । ସାମ୍ନାର କବାଟ ଖୋଲିଦେବାରୁ ଉଠି ବସିଛି । କବାଟ ବନ୍ଦ କରି ଚାଳକ ଆସନରେ ନିଜେ ବସିଛନ୍ତି । ବାପାଙ୍କ ଅମଳର ଗାଡ଼ି ବିକ୍ରି କରି ନୂଆ ଗାଡ଼ି କିଣା ହେଇଛି ସମସ୍ତେ ଜାଣିଛନ୍ତି । ଆଉ ଦୀପାଳି ଜାଣିଛି ଯେ କୋଲକାତାରେ ଆଉ ଗୋଟିଏ ନୂଆ ଗାଡ଼ି କିଣାହେଇଛି । ବଡ଼ମା' ନାହାନ୍ତି । କିନ୍ତୁ ମାସରେ ଥରେ ଦୁଇଥର ସେ ଜମିଦାର ଘରକୁ ଯାଏ । ନଗଲେ ଏଇ ଲୋକଙ୍କ ମାଉସୀ ଫୋନ୍‌ରେ ଡାକନ୍ତି । ଭାଇମାନେ ବାପାଙ୍କ ଫୋନ୍‌ଟା ଫେରାଇ ଦେଇନାହାନ୍ତି । ବଡ଼ମା'ଙ୍କ ଏଇ ଭଉଣୀଙ୍କର ବାତରୋଗ ଆଉ ହାର୍ଟର ଅସୁବିଧା ଅଛି । ସେଥିପାଇଁ ସେଇ ମାଉସୀ ଜଣଙ୍କ ଦୀପାଳିକୁ ଭଲ ଆଖିରେ ଦେଖୁଥିଲେ ଅର୍ଥାତ୍ ଖାତିର୍ କରୁଥିଲେ । ଦୀପାଳି ଯେ ମଝିରେ ମଝିରେ ନିଜ ପାଇଁ ଯାଉଥିଲା, ଏଇ ଲୋକଙ୍କର ଖବର ପାଇବା ପାଇଁ ସେଇଟା ମାଉସୀ ଜାଣିନଥିଲେ । କିନ୍ତୁ ପ୍ରାୟ ଦୁଇବର୍ଷ ପୂର୍ବେ ଗୋଟାଏ ଘଟଣା ଘଟିଯାଇଛି । ସେଇଦିନ ଠାରୁ ବଡ଼ମା'ଙ୍କ ଭଉଣୀ ସାଙ୍ଗରେ ସମ୍ପର୍କଟା ଏବେ ଅନ୍ୟ ରକମ । ଆଗଠାରୁ ବହୁତ ବେଶୀ ଆନ୍ତରିକ । ... ଦୀପାଳି ସେତେବେଳେ ଏଠିକାର କଲେଜ୍‌ରେ ବି.ଏ ପଢୁଛି । ପଢ଼ାଶୁଣାରେ ସାଧାରଣ କିନ୍ତୁ ଗୀତରେ ଭଲ ଭାବରେ ନାଁ କରିସାରିଛି । ମାମୁଁଙ୍କ ଚେଷ୍ଟାରେ ଦୁଇ ମାସରେ ଥରେ କୋଲକାତାର ରେଡ଼ିଓରେ ପ୍ରୋଗ୍ରାମ୍ ପାଏ । ଜମିଦାର ଘର ମାଉସୀ ସେଇ ସମୟରୁ ତାଙ୍କ ଗୁରୁଦେବଙ୍କ ଆଦେଶ ଅନୁସାରେ ଗୋଟିଏ ବର୍ଷ ପାଇଁ ମାସର ଶେଷ ଶନିବାରରେ ଘରେ ଶନିପୂଜା ଆରମ୍ଭ କରିଥିଲେ । ସେଦିନ ତାକୁ ମା'ଙ୍କର ନାମ ଗାଇବାକୁ ଯିବାକୁ ହେଉଥିଲା । ସେ ଯାଉଥିଲା ବୋଲି ଅନେକ ମହିଳା ସେଠାକୁ ଯାଉଥିଲେ । ମାଉସୀ କହୁଥିଲେ, ତୁ ନଥିଲେ ମୋର ଶନିବାରର ପୂଜା ମାଟି ।

ସେଇପରି ଗୋଟିଏ ଶନିବାରରେ ଯେତେବେଳେ ସମସ୍ତେ ଚାଲିଯାଇଛନ୍ତି, ମାଉସୀ ତା' ପାଖରେ ମନର ଦୁଃଖ ପ୍ରକାଶ କରିଥିଲେ । ତାକୁ ନେଇ ତାଙ୍କ ଦିଦିଙ୍କର ଅର୍ଥାତ୍ ବଡ଼ମା'ଙ୍କ କେତେ ଆଶା ଥିଲା, ସବୁ କହିଥିଲେ । ଆଉ ସେଇ ପିଲାର ମତିଗତି ଦେଖି ଦୀର୍ଘନିଶ୍ୱାସ ପକାଇଥିଲେ ।

ଠାକୁର ଘରେ ବସି କଥା ହେଉଥିଲା । ବଡ଼ମା'ଙ୍କ ଇଚ୍ଛାର ଖବର ଯେ ତାକୁ ବି ଜଣାଥିଲା ସେଇଟା କହିନଥିଲା । ମାଉସୀଙ୍କ କଥା ଶେଷ ହେବା ପରେ ସେ ସିଧା କହିଥିଲା, ଆପଣ ନିଶ୍ଚିନ୍ତ ରୁହନ୍ତୁ – ବଡ଼ମା'ଙ୍କର ଯାହା ଇଚ୍ଛା ଥିଲା ତାହା ହିଁ ହେବ ।

ଏମିତି ଭାବରେ ବିନା ଦ୍ୱିଧାରେ କହିଥିଲା ଯେ ସେଇ ମାଉସୀ ବି ଚମ୍‌କି ପଡ଼ିଲେ । – କ'ଣ ହେବ ... ଏଇ ଶାନ୍ତ ସାଙ୍ଗରେ ତୋର ବାହାଘର ?

ଏଇ କଥାଟା କହିଦେବା ପରେ ଦୀପାଳିର ମାନସିକ ଯନ୍ତ୍ରଣା ବଢ଼ିଗଲା । ଜବାବ୍ ନଦେଇ ଆଗ ସମ୍ଭାଳିବାକୁ ଚେଷ୍ଟା କଲା । – କିନ୍ତୁ ମାଉସୀ, ମୁଁ ଏକଥା କହିଛି, ଏଇଟା ଯଦି କେହି କୌଣସି ପ୍ରକାରେ ଜାଣିପାରନ୍ତି – ମୁଁ କିନ୍ତୁ ଆଉ ଏ ଘରର ତ୍ରିସୀମାରେ ପାଦ ପକାଇବିନାହିଁ ।

ନାଇଁରେ ନାଇଁ, ମୁଁ କାହାରିକି କିଛି କହିବିନାହିଁ । ତାଙ୍କର ବି ଆଗ୍ରହର ସୀମା ନାହିଁ । ଗଳାର ସ୍ୱର ଫୁସ୍ ଫୁସ୍ । – କିନ୍ତୁ ଏହା ଯେ ହେବ ତୁ ଜାଣିଲୁ କେମିତି ?

ଦୀପାଳି ମୁଣ୍ଡ ଖଟେଇ ଜବାବ୍ ଦେଲା, ନହେଲେ ଠାକୁର ଘରେ ବସି ଠାକୁରେ ମୋତେ ଦେଇ ଏ କଥା କୁହାଇଲେ କାହିଁକି ?

ମାଉସୀ ଟିକେ ବିମୂଢ଼ ହେଇଗଲେ । ତା'ପରେ କହିଲେ, ତୋ' ମୁହଁରେ ଫୁଲ ଚନ୍ଦନ ପଡୁ – ସେଇଆ ଯେମିତି ହୁଏ ।

ଦୀପାଳି ଜାଣେ ମାଉସୀ ନିଜର ଭବିଷ୍ୟତ ପାଇଁ ଉଦ୍‌ବିଗ୍ନ, ସେଥିପାଇଁ ଏପରି କହୁଛନ୍ତି । କିଏ କେଉଁଠି ଆସିବ, ସେତେବେଳେ ତାଙ୍କର ଏଇଠି ସ୍ଥାନ ହେବ କି ନାହିଁ କିଏ ଜାଣିଛି ! ସେ ଆସିଲେ ମାଉସୀ ପୂରା ନିଶ୍ଚିନ୍ତ । ସେଇଦିନ ଠାରୁ ମାଉସୀଙ୍କ ସାଙ୍ଗରେ ଦୀପାଳିର ଭଲପାଇବା ଅନେକାଂଶରେ ସାଙ୍ଗପରି । କୋଲକାତାରେ ଗାଡ଼ି କିଣିବାର ଖବର ମାଉସୀ ହିଁ ଦେଇଥିଲେ । ଆଉ ପୁଅର ମତିଗତି ଭଲ ଆଡ଼କୁ ଯାଉନାହିଁ, ସେଇ ଆଭାସ ମଧ ଦେଇଥିଲେ ।

ଗାଡ଼ି ଚଳାଉ ଚଳାଉ ଅଚ୍ୟୁତ ଘୋଷ ଚୌଧୁରୀ କହିଲେ, ତୁମର ଗୀତ ପ୍ରଥମ ଶୁଣିଲି, ଭଲ ଗୀତ ଗାଅ ବୋଲି ଶୁଣିଛି ... ଏତେ ଭଲ ବୋଲି ଭାବିନାହିଁ ।

ଦୀପାଳିର ବୟସ ବର୍ତ୍ତମାନ ତେଇଶ । କୌଣସି ପ୍ରକାରେ ବି.ଏ ପାଶ୍ କରିବା ପରେ ମାମୁଁଙ୍କ ଚେଷ୍ଟାରେ ଏହା ଭିତରେ କୋଲକାତା ଯାଇ ଅନେକ ଗୁଡ଼ିଏ ଆସରରେ ଗୀତ ଗାଇ ଆସିଛି । ଆଉ ରେଡ଼ିଓ ପ୍ରୋଗ୍ରାମ୍ ଅଛି । ... ମାମୁଁଙ୍କୁ କହିଛି, କୋଲକାତାର କୌଣସି ଗୀତ ସ୍କୁଲ୍‌ରେ ଚାକିରି କରାଇ ଦେବାକୁ ହେବ । କିନ୍ତୁ ସେ କଥା ଉଠିଲେ ହିଁ ମାମୁଁ କହନ୍ତି, କୋଲକାତାରେ ରହିବୁ କେଉଁଠି ?

ମାମୁଁ ମାସକୁ ବେଶୀ ଦିନ କୋଲକାତାରେ ତାଙ୍କର ଜଣେ ଭକ୍ତଙ୍କ ଘରେ ରହନ୍ତି । ଆଉ ରହିବା ପାଇଁ ତାଙ୍କର ଅଲଗା ଘର । ଭକ୍ତ ଜଣକ ବହୁତ ଭଲ ମଣିଷ ଆଉ ବିବାହିତ, କିନ୍ତୁ ଭାଣିଜୀକୁ ନେଇ ସେଇଠି ରଖିବା ସମ୍ଭବ ନୁହେଁ । କୋଲକାତା ଗଲେ ଦିନେ ଓଳିଏ ପାଇଁ ସେଠିକି ଯାଏ, ସେଇଟା ଅଲଗା କଥା । ଛାଡ଼, ଏଇ ଲୋକ କୁଆଡ଼େ ତା'ର ଗୀତ ପ୍ରଥମ ଶୁଣିଲେ । ଜବାବ୍ ନଦେଇ ଦୀପାଳି ଚୁପ୍‌ଚାପ୍ ବସି ରହିଲା ।

ଟିକେ ପରେ ଅଚ୍ୟୁତ ବୁଲି ଚାହିଁଲେ । – ଏଇପରି ଚୁପ୍‌ଚାପ୍ କାହିଁକି ! ... ମୋର ସେଇ ପିଲାବେଳର ପାଗଳାମି ଏବେବି ମନେରଖି ବସିଛ ନା କ'ଣ ?

ଆଠ ବର୍ଷ ପୂର୍ବେ ଏଇ ଲୋକଙ୍କର ବୟସ ଥିଲା ଏକୋଇଶ, ସେଇଟା ବର୍ତ୍ତମାନ ପିଲାବେଳ ହେଇଯାଇଛି । ଦୀପାଳି ଏଥର ସାମାନ୍ୟ ହସି ଜବାବ୍ ଦେଲା, ଭୁଲିବା ଏତେ ସହଜ ନୁହେଁ ।

ହଠାତ୍ ପୁଣି ବୁଲି ଚାହିଁଲେ । ତା'ପରେ ଜୋର୍‌ରେ ହସି ଉଠିଲେ । ଶେଷରେ ଅମ୍ଳାନ ବଦନରେ କହିଲେ, ମୁଁ ସତରେ ଭାରି ବାଜେ ଲୋକ, ଆଉ ତୁମେ ସେମିତି ଭଲ ... ଆଜି ତୁମର

ଗୀତ ଶୁଣୁ ଶୁଣୁ ମୋ ପରି ପାଷଣ୍ଡ ବି ସେଦିନର କଥା ଭାବି ମନେ ମନେ ଲଜ୍ୟା ପାଉଥିଲି । ସେଥିପାଇଁ ତୁମ ସାଙ୍ଗରେ ଉଠି ଆସିଲି ... ପ୍ଲିଜ୍ ଟ୍ରାଏ ଟୁ ଫରଗିଭ୍ ମି ।

ଟିକେ ଚୁପ୍ ରହି ଦୀପାଳି କହିଲା, ତାହେଲେ ଆଉ ନିଜକୁ ପାଷଣ୍ଡ ଭାବିବାର ଦରକାର କ'ଣ ... ମନୁଷ୍ୟତ୍ୱ କିଛି ଅଛି ଦେଖୁଛି ।

ଅଚ୍ୟୁତ ଘୋଷ ଚୌଧୁରୀ ପୁଣି ନ ଚାହିଁ ରହିପାରିଲେନାହିଁ । ମନେହେଲା ଏଇ ଝିଅର ଆଖି ଯୋଡ଼ିକ ଆଗ ଅପେକ୍ଷା ସୁନ୍ଦର ହେଇଛି । ଗୀତ ଆସରରେ ମଧ୍ୟ ମନେ ହେଇଥିଲା । ହଠାତ୍ କାହିଁକି ଅସ୍ୱସ୍ତିବୋଧ କଲେ । ଟିକେ ଜୋର୍ ଦେଇ କହି ଉଠିଲେ, ମୁଁ ଗୋଟାଏ ଥାର୍ଡ଼କ୍ଲାସ୍ ଲୋକ, ସେଥିପାଇଁ ମୋର କୌଣସି ଦୁଃଖ ନାହିଁ ।

ତା'ପରେ ଦୁହେଁ ଚୁପ୍ ହେଇ ରହିଲେ ।

ମଝିରେ ଗୋଟାଏ ଦିନ ଗଲା । ତା'ପରଦିନ ଜମିଦାର ଘରର ଫୋନ୍ । – ଥରେ ଆ –, ବିଶେଷ କଥା ଅଛି ।

ଦୀପାଳି ଦ୍ୱିଧାରେ ପଡ଼ିଲା । – ଘରେ ଆଉ କିଏ ଅଛି ?

କେହି ନାହାନ୍ତି । – ଗତକାଲି ରାତିରେ ଗୋଟାଏ ଫୋନ୍ ପାଇ ଶାନ୍ତ ଆଜି ଭୋର୍‌ରେ କୋଲକାତା ଚାଲିଗଲା । ଆହୁରି ପାଞ୍ଚ ସାତ ଦିନ ରହିବା କଥା ଥିଲା । ଫୋନ୍‌ରେ କହିବା ସମ୍ଭବ ନୁହେଁ । ତୁ ଥରେ ଆ– ।

ଦୀପାଳି ଗଲା । ମାଉସୀ ତାକୁ ନିଜ ଘର ଭିତରକୁ ନେଇ କବାଟ ବନ୍ଦ କଲେ । – ଶାନ୍ତ ସେଦିନର ଫଙ୍କସନ୍‌ରେ ତୋର ଗୀତ ଶୁଣିଛି ... ଖୁବ୍ ଭଲ ଗାଇଛୁ ବୋଲି ଶୁଣିଲି ?

– ଏଇଟା ଆପଣଙ୍କର ବିଶେଷ କଥା ?

ଟିକେ ଇତସ୍ତତଃ କରି କହିଲେ, ନା ... ଅନ୍ୟ କଥା ଅଛି । ଆଚ୍ଛା, କୋଲକାତାର ମହିଳାବାସ କ'ଣ ତୋର ଜଣା ଅଛି ?

ଦୀପାଳି ଭାବିପାରିଲାନାହିଁ କ'ଣ ହେଇପାରେ, ବା ହଠାତ୍ ଏ ପ୍ରଶ୍ନ ବା କାହିଁକି ! ମୁଣ୍ଡ ହଲାଇଲା, ଜଣାନାହିଁ । ମାଉସୀ କାନି ତଳୁ ଗୋଟାଏ ଖାମ୍ ବାହାରକରି ସାମ୍ନାରେ ଧରିଲେ ।

– ଆଗ ଏଇଟା ପଢ଼ି ଦେଖ, ପହର ଦିନ ଡାକରେ ଆସିଥିଲା ... ପୁଅ ତ କାହାରିକି ପରବାୟ କରେନା ... ଯାହା ଆସେ ଟେବୁଲ୍ ଉପରେ ପଡ଼ିଥାଏ ।

ଦ୍ୱିଧା ସତ୍ତ୍ୱେ ବି ଦୀପାଳି ଖାମ୍‌ରୁ ଚିଠି ବାହାର କଲା । ଉପର ଲେଖା ଲେଖା ମହିଳାବାସ, ତା'ର ତଳକୁ ଠିକଣା । ତା'ପରେ ତିନି ଚାରି ଲାଇନ୍‌ର ଚିଠି । – ଅଚ୍ୟୁତ ତୁମେ ଏଠି ନାହଁ ଟେର୍ ପାଇ ଜୁଲମ୍ ବଢୁଛି । ଯେତେ ଶୀଘ୍ର ପାରିବ ଚାଲିଆସ । ଯେତେ ଇଚ୍ଛା ସ୍ନେହ ନେବ । ତୁମର ଆରତି ।

ଶେଷ ଅଂଶ ଟିକକ ପଢ଼ି ଦୀପାଳିର ମୁହଁ ଲାଲ୍ ହେଇଗଲା । କିନ୍ତୁ ମାଉସୀଙ୍କ ମୁହଁ ରାଗରେ ଲାଲ୍ । କହିଲେ, ପିଲାଟା କୌଣସି ଖରାପ ଝିଅର ପାଲରେ ପଡ଼ିଯାଇଛି, ସେଥିରେ କୌଣସି ସନ୍ଦେହ ନାହିଁ ! ତା'ପରେ ଶୁଣ, କାଲି ରାତିରେ ହଠାତ୍ ଟେଲିଫୋନ୍ । ଝିଅର ସ୍ୱର । ମୁଁ ଧରିଥିଲି, ଶାନ୍ତ ଖାଇବାକୁ ବସିଥିଲା । ଅଚ୍ୟୁତ ଘୋଷ ଚୌଧୁରୀଙ୍କୁ ଚାହାଁନ୍ତି । କୋଲକାତାର ମହିଳାବାସରୁ କହୁଛନ୍ତି । ... ସେଇ ଫୋନ୍ ପାଇ ପୁଅ ଆଜି ସକାଳେ କୋଲକାତା ଚାଲିଗଲା ।

ଘରକୁ ଫେରି ଆସି ଦୀପାଳି ପ୍ରଥମେ ମହିଳାବାସର ଠିକଣାଟା ଲେଖି ରଖିଲା । ତା'ର ଧାରଣା ସେଇଟା କୌଣସି ଚାକିରିଆ ମହିଳାମାନଙ୍କର ହଷ୍ଟେଲ୍ ହେବ । ନଚେତ୍ ସେଇ ପ୍ରକାର ନାଁର କୌଣସି ମାନେ ହୁଏନା ।

ତା'ପରେ ଜୋର୍ ଜୋର୍ ପଦ ପକାଇ ମାମୁଁଙ୍କ ପାଖକୁ ଗଲା ଗୋଟାଏ ବ୍ୟବସ୍ଥା କରିବାକୁ । ମାମୁଁ କାଲି ପହର ଦିନ ଭିତରେ କୋଲକାତା ଚାଲିଯିବେ । ମାମୁଁଙ୍କୁ କହିଲା ଏଥର ସେ ତାଙ୍କ ସାଙ୍ଗରେ କୋଲକାତା ଯିବ ନିଶ୍ଚିତ । କୋଲକାତାରେ ମାମୁଁ ଯେଉଁ ଲୋକଙ୍କ ଘରେ ରହନ୍ତି, ତାଙ୍କ ସ୍ତ୍ରୀ ବହୁତଥର କିଛିଦିନ ତାଙ୍କ ଘରେ ରହିବାକୁ କହିଛନ୍ତି – ଏଥର ରହିବ – ଆଉ ମହିଳାମାନଙ୍କର କୌଣସି ହଷ୍ଟେଲ୍ ଦେଖି ଚାଲିଯିବ । ଏଇ ସମୟ ଭିତରେ କୌଣସି ଭଲ ଗୀତ ସ୍କୁଲ୍‌ରେ ତା'ର ଚାକିରିର ବ୍ୟବସ୍ଥା କରିବାକୁ ହେବ – ଏହା ସହିତ ଦୁଇ ତିନିଟା ଟ୍ୟୁସନ୍ – ମାମୁଁ ନପାରିଲେ ସେ ନିଜେ ଟ୍ୟୁସନ୍ ଯୋଗାଡ଼ କରିନେଇପାରିବ । ନିରୀହ ଏଇ ଭାଣିଜୀ ଜଣକ ଭିତରେ ଯେ ବେଶ୍ ଦୃଢ଼ ସେଇଟା ମାମୁଁ ଜାଣନ୍ତି । ତା'ର ବଡ଼ ଭାଇମାନେ ତା'ର ବିବାହ ଚେଷ୍ଟା କରି ବର୍ତ୍ତମାନ ଥକି ଯାଇଛନ୍ତି । ଗୀତ ପାଇଁ କଳା ଝିଅକୁ ଘରକୁ ନେବା ପାଇଁ ଅନେକେ ଆସିଛନ୍ତି । କିନ୍ତୁ ଦୀପାଳି ଭଲ ଭଲ ବର ଘରକୁ ନାକଚ୍ କରିଦେଇଛି । ବଡ଼ ଭାଇମାନେ ବିରକ୍ତ, ଭାଉଜମାନେ ଅସନ୍ତୁଷ୍ଟ । ତାକୁ ବୁଝାଇବା ପାଇଁ ମାମୁଁଙ୍କୁ କୁହାହେଇଥିଲା । କିନ୍ତୁ ଭାଣିଜୀଙ୍କ ସାଫ୍ କଥା, ବାହାହେବାକୁ ଇଚ୍ଛା ଆପାତତଃ ନାହିଁ, ଯଦି କେବେ ଇଚ୍ଛା ହୁଏ ସେତେବେଳେ ପାତ୍ରର ଅଭାବ ହେବନାହିଁ ।

ସେମାନଙ୍କ ବାପା ଝିଅର ବାହାଘର ପାଇଁ ପଚିଶ ହଜାର ଟଙ୍କା ବ୍ୟାଙ୍କରେ ରଖିଥିଲେ । ଭଦ୍ରଲୋକଙ୍କ ମୃତ୍ୟୁ ହେଇଛି ଉଣେଇଶହ ସତଚାଳିଶ ସାଲରେ । ସେଇ ସମୟରେ ପଚିଶ ହଜାର ଟଙ୍କାର ମୂଲ୍ୟ କମ୍ ନୁହେଁ । ତା'ଛଡ଼ା ବୋହୂମାନଙ୍କ ଦ୍ୱାରା କିଛି ଗହଣା ମଧ୍ୟ ତିଆରି କରି ରଖିଥିଲେ । ସେସବୁ ଏବଂ ବ୍ୟାଙ୍କର ପାଶ୍ ବହି ବର୍ତ୍ତମାନ ଦୀପାଳିର ଟ୍ରଙ୍କରେ ହିଁ ରହିଚି । ଭାଇ ଭାଉଜମାନେ କହି କହି ଥକି ଗଲେ । ମାମୁଁ ସଙ୍ଗେ ସଙ୍ଗେ ତାକୁ ନେଇଗଲେନାହିଁ ସତ କିନ୍ତୁ କଥା ଦେଲେ ଚେଷ୍ଟା କରିବେ । ସପ୍ତାହକ ଭିତରେ ମାମୁଁ ଟ୍ରଙ୍କ-କଲ୍ କରି ତାକୁ ଚାଲିଆସିବାକୁ କହିଲେ । ମୋଟାମୋଟି ବ୍ୟବସ୍ଥା ହେଇଛି ବୋଲି ଜଣାଇଲେ । ଦୀପାଳି ତା'ପରଦିନ ଯିବ ବୋଲି କହିଦେଲା ।

କୋଲକାତା ଠାରୁ ବାଷଠି ମାଇଲ୍ ରାସ୍ତା । ଭଲ ଟ୍ରେନ୍‌ରେ ଦୁଇଘଣ୍ଟା ବି ଲାଗେନାହିଁ । ମାମୁଁ ଷ୍ଟେସନ୍‌କୁ ଆସିଛନ୍ତି ତାକୁ ନେବାପାଇଁ ।

ବ୍ୟବସ୍ଥା କ'ଣ ହେଇଛି ଶୁଣିଲା, ଦକ୍ଷିଣ କୋଲକାତାର ସବୁଠାରୁ ନାମୀ ସ୍କୁଲ୍‌ରେ କାମ ପାଇଛି । ସପ୍ତାହକୁ ତିନିଦିନ ଅର୍ଥାତ୍ ଗୁରୁବାର, ଶନିବାର ଆଉ ରବିବାରରେ ଗୀତ ଶିଖାଇବାକୁ ହେବ । ଦରମା ମାସକୁ ଷାଠିଏ ଟଙ୍କା । ମାମୁଁଙ୍କର ପ୍ରସ୍ତାବ ପ୍ରତି ସପ୍ତାହରେ ବୁଧବାର ଆସି ଗୁରୁବାର, ଶନିବାର ଆଉ ରବିବାର କ୍ଲାସ୍ ନେଇ ଦ୍ୱିପହର ଗାଡ଼ିରେ ପୁଣି କ୍ରିଷ୍ଣନଗର ଫେରିଯାଇପାରେ । ଏଇ ତିନିଟା ଦିନ ସେ ଯେଉଁଠି ଅଛନ୍ତି ସେଇଠି ରହିପାରେ – ତାଙ୍କର ଛାତ୍ର ଓ ଛାତ୍ରଙ୍କର ସ୍ତ୍ରୀ ଏଇ ପ୍ରସ୍ତାବ ଦେଇଛନ୍ତି ।

ନା ନା, ସେଇଟା ହେବନାହିଁ । ଦୀପାଳି ଏ ପ୍ରସ୍ତାବ ନାକଚ୍ କରିଦେଲା । – ମୋର ନିଜର କ'ଣ ସବୁ ଶିଖିବା ଶେଷ ହେଇଯାଇଛି ? ତୁମ ପାଖରୁ ତାଲିମ୍ ନେବାକୁ ହେବନାହିଁ ? ଚାକିରି ନପାଇଲେ ବି କେବଳ ଏଥିପାଇଁ କୋଲକାତାରେ ରହିବି ବୋଲି ଠିକ୍ କରିଥିଲି । ମାମୁଁ ହସିବାକୁ ଲାଗିଲେ । କହିଲେ, ମୁଁ ଆଗରୁ ଜାଣିଥିଲି ଏଇଆ ହେବ ବୋଲି । ଯାହାହେଉ, ଆହୁରି ଷାଠିଏ ଟଙ୍କା ତୋ ପାଇଁ ବ୍ୟବସ୍ଥା କରିଛି । ସପ୍ତାହରେ ଦିନେ ଦୁଇଟା ଜାଗାରେ ଗୀତ ଶିଖାଇବାକୁ ହେବ – ସୁବିଧା ଅନୁସାରେ ଦିନ ଠିକ୍ କରିନେବୁ ।

ଦୀପାଳି ବର୍ତ୍ତମାନ ପୁରାପୁରି ନିଶ୍ଚିନ୍ତ ।

ସେ ବରାବର ହିସାବୀ ଝିଅ । ଭାଉଜମାନେ ତାକୁ କୃପଣ ବୋଲି କହନ୍ତି । ଟଙ୍କା ଜମାଇବା ପାଇଁ ତା'ର ଟିକେ ଝୁଙ୍କ ଅଛି । କ୍ରିଷ୍ଣନଗରରେ, ରେଡ଼ିଓରୁ ଯାହା ଟଙ୍କା ପାଇଛି, ସେଥିରୁ ବିଶେଷ କିଛି ଖର୍ଚ୍ଚ ନକରି ସବୁ ବ୍ୟାଙ୍କରେ ରଖିଦେଇଛି । ମନେ ମନେ ଦୀପାଳି ଗୋଟାଏ ହିସାବ କରି ରଖିଛି । ମାମୁଁ ଶହେ

କୋଡ଼ିଏ ଟଙ୍କାର ବ୍ୟବସ୍ଥା କରିଚନ୍ତି । କୋଲକାତାକୁ ଆସିବାରୁ ମାସକୁ ଗୋଟିଏ ସିଟିଂ ଅର୍ଥାତ୍ ପଚିଶ ଟଙ୍କା ନିଶ୍ଚିତ ହେଲା । ଶହେ ପଇଁଚାଳିଶ ହେଲା ସମୁଦାୟ । ବାପା ଦେଇଥିବା ପଚିଶ ହଜାର ଟଙ୍କା ଫିକ୍ସଡ୍ ଡିପୋଜିଟ୍ । ସବୁକୁ ମିଶାଇଲେ ପ୍ରାୟ ମାସକୁ ଶହେ ଟଙ୍କା ସୁଧ ଆସିଯାଉଛି । ସର୍ବମୋଟ୍ ହେଲା ଦୁଇଶହ ପଇଁଚାଳିଶ । ଆଉ ଗୋଟାଏ ଦୁଇଟା ଟ୍ୟୁସନ୍ ଯୋଗାଡ଼ କରିନେଇପାରିବ । ତେଣୁ ନିଶ୍ଚିନ୍ତ ହେଇ ଆରାମ୍‌ର ନିଃଶ୍ୱାସ ପକାଇଲା ଦୀପାଳି ।

ଦକ୍ଷିଣ କୋଲକାତାରେ ସ୍କୁଲ, ତେଣୁ ମାମୁଁ ସେଇ ଦିଗରେ ଟ୍ୟୁସନ୍‌ର ବ୍ୟବସ୍ଥା କରିଛନ୍ତି । ଏଇଟା ମାସର ପଚିଶ ତାରିଖ । ସବୁ ଜାଗାରେ ତା'ପରେ ମାସର ପ୍ରଥମ ଦିନରୁ କାମରେ ଲାଗିବ ବୋଲି ସ୍ଥିର ହେଇଛି ।

ତା'ପରଦିନ ଦିନବେଳା ଏ ଘରର ଭଦ୍ରଲୋକଙ୍କର ଅଠର ଉଣେଇଶ ବର୍ଷର ପୁଅକୁ ସାଙ୍ଗରେ ନେଇ ଦୀପାଳି ବାହାରିଗଲା । ଗୀତ ପାଇଁ ଆଉ ମାମୁଁଙ୍କ ପାଇଁ ଏ ଘରର ସମସ୍ତଙ୍କ ପାଖରେ ଦୀପାଳିର ଖୁବ୍ ଖାତିର୍ ।

ପୁଅଟି ଅତି ଚାଲାକ୍ । କେଉଁ ଇଲାକାକୁ ଯିବ ଶୁଣି ଗୋଟାଏ ଟ୍ରାମ୍‌ରେ ଉଠିଲା । ଯେଉଁଠି ଓହ୍ଲାଇବା କଥା ସେଇଠି ଓହ୍ଲାଇଲା, ତା'ପରେ ବେଶୀ ଖୋଜିବାର ଆଉ ଦରକାର ହେଲାନାହିଁ । ବଡ଼ ରାସ୍ତା ପାଖାପାଖି ମହିଳାବାସ । ପୁରୁଣା ଦୋତାଲା ଘର । ଏକତାଲା, ଦୋତାଲାରେ ତିନି ଆଡ଼େ ତିନି ଧାଡ଼ି ଘର । ମଝିରେ ଅଗଣା । ଅଗଣା ସାମ୍ନାରେ ଗେଟ୍ ପ୍ରାୟ ଖୋଲା । ଦୀପାଳି ବାହାରେ ଛିଡ଼ା ହେଇ ଘରଟାକୁ ଥରେ ଦେଖିନେଲା । ଗେଟ୍ ପାଖ କାନ୍ଥ ବୋର୍ଡରେ ଇଂରାଜୀରେ ଲେଖା ହେଇଛି ମହିଳାବାସ । ତାର ଠିକ୍ ତଳେ ୱାର୍କ ଲେଡିଜ୍ ହଷ୍ଟେଲ୍ ।

ପୁଅଟି ସାଙ୍ଗରେ ଅଛି, ତାକୁ ନେଇ ଝିଅମାନଙ୍କ ହଷ୍ଟେଲ୍‌କୁ ଯିବା ଠିକ୍ ହେବ କି ନାହିଁ ଭାବି, ତାକୁ ବାହାରେ ଅପେକ୍ଷା କରିବାକୁ କହି ନିଜେ ଭିତରକୁ ଗଲା । ସାମ୍ନାରେ ବୋର୍ଡରେ ଲେଖା ହେଇଛି 'ଅଫିସ୍' । ତା'ପାଖରେ ଯେଉଁମାନେ ଏଇଠି ରହନ୍ତି ସେମାନଙ୍କ ନାଁ ଆଉ ଘର ନମ୍ବର । ଦୀପାଳିର ଗୋଟିଏ ନାଁ ଦରକାର । ଆରତି ଚ୍ୟାଟାର୍ଜି, ଫାଷ୍ଟ ଫ୍ଲୋର୍, ଘର ନମ୍ବର ଉଣେଇଶ ।

ଅଫିସ୍ ଘରେ ପଶି ଦେଖିଲା ଟେବୁଲ୍ ଉପରେ ମୁଣ୍ଡ ରଖି ଗୋଟିଏ ପତଳା ଝିଅ ଶୋଇଛି । ତା'ର ଗୋଟାଏ ପଟେ ଟେଲିଫୋନ୍, ଅନ୍ୟ ପଟରେ ଦୁଇଟା ଲମ୍ବା ବନ୍ଧାଇ ଖାତା ଆଉ ଗୋଟାଏ ଫାଇଲ୍ ।

ଭିତରକୁ ଆସିପାରେ ? ଦ୍ୱିଧା ସତ୍ତ୍ୱେ ବି ଦୀପାଳିକୁ ଡାକିବାକୁ ହେଲା ।

ସେଇ ଗୋଟିଏ ଡାକରେ ହିଁ ଝିଅଟି ସ୍ପ୍ରିଂ ପରି ଛିଡ଼ା ହେଇଗଲେ । – ଗୁଡ୍ ଆଫ୍ଟରନୁନ୍ ... କମ୍ ଇନ୍ ପ୍ଲିଜ୍ ! ଆଇଆମ୍ ଡଲି ରେ, ମ୍ୟାନେଜର୍ ।

ଡଲି ରେ ଦେଖିବାକୁ ପତଳା ଡେଙ୍ଗା, ଆଖି ଯୋଡ଼ିକ ଟିକେ ଭିତରେ, ଗୋରା ତେବେ ପ୍ରସାଧନର ଚାପରେ ମୁହଁର ଅସଲ ରଙ୍ଗ ଜଣାଯାଉନାହିଁ ... ଲିପଷ୍ଟିକ୍‌ରେ ଦୁଇ ଓଠ ରକ୍ତାକ୍ତ । ବୟସ ଅଠେଇଶ ଅଣତିରିଶ ହେବ । ଦୀପାଳି ଭିତରେ ପଶିବାରୁ ଡଲି ରେ ହାତ ବଢ଼େଇ ଓଠରେ ଅମାୟିକ ହସ ଫୁଟାଇ କହିଲେ, ଦୟା କରି ବସନ୍ତୁ ।

ଦୀପାଳି ବସିଲା । – ଏଇଟା ମହିଳାମାନଙ୍କର ହଷ୍ଟେଲ୍ ?

ୱାର୍କିଂ ଲେଡିଜ୍ ହଷ୍ଟେଲ୍ । ନିଜେ ତାଙ୍କ ଚେୟାରରେ ବସିଲେ ।

ଦୀପାଳି ମୁଣ୍ଡ ହଲାଇ କହିଲା, ସେ ବି ୱାର୍କିଂ ଲେଡ଼ି । – ଘର ଖାଲି ଅଛି ?

ଜବାବ୍‌ରେ ଡଲି ରେ ଇଂରାଜୀ ଭାଷାରେ ବହୁତ କିଛି କହିଲେ । – ଏକ ତାଲାରେ ଥ୍ରି – ବେଡ୍‌ରୁମ୍‌ରେ ଦୁଇଟା ବେଡ୍ ଖାଲି ଅଛି, ଦୋତାଲାରେ ଫାଷ୍ଟ ଉଇଂର ସିଙ୍ଗଲ୍ ବେଡ୍‌ରୁମ୍‌ରେ ଦୁଇଟା ଖାଲି ଅଛି, ସେକେଣ୍ଡ ଉଇଂରେ ଡବଲ୍ ଆଣ୍ଡ ଥ୍ରି–ବେଡ୍ ରୁମ୍‌ର ଚାରିଟା ବେଡ୍ ଖାଲି ଅଛି, ଆଉ ରାଇଟ୍ ଆଇମିନ୍ ଫ୍ରଣ୍ଟ ଉଇଂର ସିଙ୍ଗଲ୍ ବେଡ୍‌ରୁମ୍‌ର ଗୋଟାଏ ଖାଲି ଅଛି । ହ୍ୱାଟ୍ ଇଜ୍ ଇଓର୍ ରି କ୍ୱାୟାରମେଣ୍ଟ ?

ଦୋତାଲାର ଘର ଗୁଡ଼ାକ ଟିକେ ଦେଖିହେବ ?

ଓ, ସିଓର୍ ! ଡ୍ରୟାରରୁ ଚାବିର ପେନ୍ଥା ହାତରେ ଧରି ଉଠି ଛିଡ଼ା ହେଲେ । – ଦୟାକରି ମୋ ସାଙ୍ଗରେ ଆସନ୍ତୁ ।

ଦୀପାଳି ବିନୀତ ଡଲି ରେ ର ପଛରେ ଦୋତାଲାକୁ ଉଠିଆସିଲା । ତା'ର ସାଧାରଣ ବେଶଭୂଷା ଦେଖି ଦୁଇ ଆଉ ତିନି ବେଡ୍‌ର ଘର ଆଡ଼କୁ ଯାଉ ଯାଉ ଜଣାଇଦେଲେ, ଏକତାଲା ଠାରୁ ଦୋତାଲାର ଦୁଇ ଆଉ ତିନି ବେଡ୍‌ରୁମ୍ ଭଡ଼ା କିନ୍ତୁ ମୁଣ୍ଡ ପିଛା ଚାରି ଟଙ୍କା ଅଧିକ ।

ସବୁ ଘର ବର୍ତ୍ତମାନ ବନ୍ଦ, ଅର୍ଥାତ୍ ୱାର୍କିଂ ଲେଡ଼ିମାନେ ଯିଏ ଯାହାର କାମରେ ଯାଇଛନ୍ତି । ଆଉ ଏହା ବି ବୁଝିପାରିଲା, ଯେତେବେଳେ ଦେଖାଇବାକୁ ନେଇଯାଉଛନ୍ତି, ସମସ୍ତଙ୍କ ଘରର ଚାବି ମ୍ୟାନେଜରଙ୍କ ପାଖରେ ହିଁ ଥାଏ । ଡଲି ରେ ଗୋଟାଏ ଘର ଖୋଲିବା ଫାଙ୍କରେ ଦୀପାଳି ଏ ପଟର ସବୁ ଘରର ନମ୍ବର ଦେଖିନେଲା । ତା'ପରେ ଫେରିଆସି କହିଲା, ସିଙ୍ଗଲ୍ ବେଡ୍‌ରୁମ୍ ଦେଖାନ୍ତୁ ।

ଡଲି ରେ ପୁଣି କହିଲେ, ଏ ଭଡ଼ାରୁ ତାର ଭଡ଼ା ଆହୁରି ଛଅ ଟଙ୍କା ବେଶୀ । ଏଥର ଫାଷ୍ଟ ଉଇଂର ଯେଉଁ ଘରଟା ଖୋଲିଲେ, ଦୀପାଳିର ଟିକେ ବି ପସନ୍ଦ ହେଲାନାହିଁ । ସିଙ୍ଗଲ୍ ବେଡ୍ ତ ଠିକ୍ କିନ୍ତୁ ପୂରା ଛୋଟ । ସେ ଘରୁ ବାହାରି ସବୁ ଘର ସାମ୍ନା ଦେଇ ବୁଲି ଆସିଲା । ଏଥର ଫ୍ରଣ୍ଟ ଉଇଂ ଦେଖିବା ବାକି । ଫେରି ଆସି କହିଲା, ଆଟାଚଡ୍ ବାଥ୍ ଥିବା ସିଙ୍ଗଲ୍ ରୁମ୍ ନାହିଁ ?

ଏଥର ସାମ୍ନା ଉଇଂ ଆଡ଼କୁ ଆଗେଇଲା । ଡଲି ଜଣାଇଦେଲେ ଆଟାଚଡ୍ ବାଥ୍ ସିଙ୍ଗଲ୍ ରୁମ୍ ଗୋଟାଏ ଖାଲି ଅଛି – ଭଡ଼ା ଆହୁରି ଦଶ ଟଙ୍କା ବେଶୀ ।

ଦୀପାଳିର ଭିତରଟା ଟିକେ ଆନ୍ଦୋଳିତ ହେଲା, ଅର୍ଥାତ୍ ସବୁ ମିଶାଇ କୋଡ଼ିଏ ଟଙ୍କା ବେଶୀ । କିନ୍ତୁ ନିରୁପାୟ, କମନ୍ ବାଥ୍ ତା'ର ଆଦୌ ପସନ୍ଦ ନୁହେଁ ।

ସାମ୍ନା ଧାଡ଼ିର ପ୍ରଥମ ଘରଟା ହିଁ ଉଣେଇଶ ନମ୍ବର । କବାଟରେ ତାଲା ଝୁଲୁଛି । ଆଉ ଲାଗିଛି ଆରତି ଚ୍ୟାଟାର୍ଜିର ନେମ୍‌ପ୍ଲେଟ୍ । ସେଇ ଧାଡ଼ିର କୋଣ ଘରଟା ବାଇଶ ନମ୍ବର । ଡଲି ରେ ସେଇ ଘରର ତାଲା ଖୋଲିଦେଲେ ।

ଏଇଟା ମଧ୍ୟ ଛୋଟ ଘର । ଆଟାଚଡ୍ ବାଥ୍ ଅଛି ବୋଲି ଟିକେ ବଡ଼ ଲାଗୁଛି । ଝରକା ପାଖରେ ଜଣକ ପାଇଁ ସରୁ ଖଟ, ତା'ପଛରେ ଗୋଟାଏ ଛୋଟ ଆଲଣା, ଗୋଟାଏ କାନ୍ଥ ଆଲମାରି, ପାଖରେ ସେଇପରି ଛୋଟ ସାଇଜର ରଙ୍ଗ ଉଠିଯାଇଥିବା ଆଉ ଆରିଶିରେ ଦାଗ ଲାଗିଥିବା ଡ୍ରେସିଂ ଟେବୁଲ୍ । କବାଟ ପାଖରେ ଗୋଟାଏ ଛୋଟ ବାଥ୍‌ରୁମ୍ । ଦୀପାଳି କହିଲା, ଠିକ୍ ଅଛି – ଏଇଟା ଦିଅନ୍ତୁ ।

ଡଲି ରେ ସାଙ୍ଗରେ ପୁଣି ଅଫିସ୍ ଘରେ ଆସି ବସିଲା । ମ୍ୟାନେଜରଙ୍କ ହସ ବର୍ତ୍ତମାନ ଆହୁରି ଅମାୟିକ, ଗଳାର ସ୍ୱର ଆହୁରି ଅନ୍ତରଙ୍ଗ । – ଆପଣଙ୍କର ନାଁ ମ୍ୟାଡାମ୍ ?

ନାଁ କହିଲା ।

ଅକୁପେସନ୍ ?

ଦ୍ୱିଧା କଟାଇ ଦୀପାଳି ଜବାବ୍ ଦେଲା, ଗୀତ ସ୍କୁଲ୍‌ରେ କାମ ନେଇ ଏପଟକୁ ଆସିଛି ... ।

ଶୁଣି ଡଲି ରେଙ୍କୁ ଭାରି ଅବାକ୍ ମନେହେଲା । ଗୀତ ସ୍କୁଲରେ କାମ କରି ଏଇପରି ଝିଅ ଆଟାଚାଡ୍ ବାଥ୍ ସିଙ୍ଗଲ୍ ରୁମ୍ ନିଏ କିପରି ମୁଣ୍ଡରେ ପଶୁନାହିଁ । ଫୋନ୍ ଉଠାଇ ଗୋଟାଏ ବୋତାମ୍ ଚିପିଲେ । କେଉଁଠି ଡାଇରେକ୍ଟ କନେକ୍ସନ୍ ଅଛି ବୋଲି ମନେହେଲା । ଅନ୍ୟ ଦିଗରୁ ଜବାବ୍ ପାଇବା ସଙ୍ଗେ ସଙ୍ଗେ ମ୍ୟାନେଜରଙ୍କ ଗଳାର ସ୍ୱର ନରମ ହେଇଗଲା ।

– ଗୁଡ଼ ଆଫ୍ଟରନୁନ୍ ମ୍ୟାମ୍ ... ସରି ଟୁ ଡିଷ୍ଟର୍ବ ୟୁ ... ହିଅର ଇଜ୍ ଏ ଲେଡ଼ି ଦୀପାଳି ମିଟର୍ ... ୱାର୍କିଂ ଇନ୍ ଏ ମ୍ୟୁଜିକ୍ ସ୍କୁଲ୍ ୱାଣ୍ଟସ୍ ରୁମ୍ ନମ୍ବର

ଟ୍ୱେଣ୍ଟିଟୁ ... ଦୀପାଳି କେବଳ ଏପଟର କଥା ଗୁଡ଼ାକ ଶୁଣିପାରୁଛି ।

... ୟେସ୍ ମ୍ୟାମ୍ ରୁମ୍ ନମ୍ବର ଟ୍ୱେଣ୍ଟିଟୁ ।

... ୟେସ୍ ମ୍ୟାମ୍ ମ୍ୟୁଜିକ୍ ସ୍କୁଲ୍ ।

... ଓ.କେ ମ୍ୟାମ୍ ।

ରିସିଭର୍ ରଖି ହସ ହସ ମୁହଁରେ ଦୀପାଳି ଆଡ଼କୁ ଚାହିଁଲେ । – ଆମର ପ୍ରୋପ୍ରାଇଟର୍ ମିସେସ୍ ଅବନ୍ତୀ ଅଗରୱାଲା ଆସୁଛନ୍ତି ... ଆଡ଼ମିସନ୍ ନେବା ପୂର୍ବେ ସେ ଟିକେ ଇଣ୍ଟରଭ୍ୟୁ କରିନିଅନ୍ତି । ତା'ପରେ ହିଁ ଆଖିରେ ଓ ଓଠରେ ତିର୍ଯକ୍ ହସ, ବଟ୍ ଇଫ୍ ୟୁ ଆର୍ ରେଡ଼ି ୱିଥ୍ ମନି, ଡୋଣ୍ଟ ୱରି ... ଇଟ୍ ୱିଲ୍ ବି ଅଲ୍‌ରାଇଟ୍ । ... ଘରଟା ମାତ୍ର ଚାରିଦିନ ପୂର୍ବେ ଖାଲି ହେଇଛି, ଟ୍ରାଏ ଟୁ ବୁକ୍ ଇଟ୍ ନାଓ – ଅଫ୍‌କୋର୍ସ ଇଟ୍ ଇଜ୍ ଅଲ୍ ଇଓର୍ ବିଜ୍‌ନେସ୍ – ମୁଁ ଆପଣଙ୍କୁ ଟିକେ ସାହାଯ୍ୟ କରିବା ପାଇଁ ହିଁ କହିଲି –

କଥା ଶେଷ ହେବା ପୂର୍ବେ ହିଁ ବ୍ୟସ୍ତ ହେଇ ଚେୟାର ଛାଡ଼ି ଉଠି ଛିଡ଼ା ହେଲେ । ଦୀପାଳି ବି ଉଠି ଛିଡ଼ା ହେବାକୁ ଗଲା । କିନ୍ତୁ ଠିକ୍ ତା' ପୂର୍ବେ ଘର ଭିତରକୁ ଅବନ୍ତୀ ଅଗରୱାଲା ପଶି ବଙ୍ଗଳାରେ କହିଲେ, ବସନ୍ତୁ ବସନ୍ତୁ –

ଆଗେଇ ଯାଇ ମ୍ୟାନେଜରଙ୍କ ଚେୟାର୍‌ରେ ବସିଲେ । ବେଶ୍ ମୋଟା ଚେହେରା, ମୁଣ୍ଡର ବେଶୀ ଭାଗ ଚୁଟି ଧଳା । ବୟସ ଷାଠିଏ ହେବ । ଦୁଇ ହାତରେ ପଟେ ଲେଖାଏଁ କାଚ ଚୁଡ଼ି । ପିନ୍ଧିଛନ୍ତି ନୀଳ ଶାଢ଼ି । ବେକରେ ରୂପା ଚେନ୍‌ରେ ସୁନାର ଲକେଟ୍ ।

ଆପଣ ଗୀତ ସ୍କୁଲ୍‌ରେ କାମ କରନ୍ତି ?

ଦୀପାଳି ମୁଣ୍ଡ ହଲାଇ ହଁ କଲା ।

ଆପଣ କେଉଁ କାମ କରନ୍ତି ?

ଝିଅମାନଙ୍କୁ ଗୀତ ଶିଖାଇବା ... କାମଟା ନୂଆ ପାଇଛି ... ।

କହି ଭାବିଲା ଭୁଲ୍ କଲା । ମହିଳାଙ୍କ କପାଳରେ ଭାଙ୍ଗ ଦେଖାଦେଲା । ତା'ପରେ ପ୍ରଶ୍ନ – ।

– ବୋର୍ଡର ମାନଙ୍କ ମୋଟାମୋଟି ଇନ୍‌କମ୍ ଆମର ଜାଣିବା ଦରକାର, ଆପଣଙ୍କର ମାସିକ ଇନ୍‌କମ୍ କେତେ ?

ଦୀପାଳି ଆଖି କାନ ବୁଜି ଜବାବ୍ ଦେଲା, ଅଢ଼େଇ ଶହ । –

ଏ ଅଙ୍କଟା ମାଲିକ ଛଡ଼ା ମ୍ୟାନେଜର୍ ବି ଆଶା କରିନାହାନ୍ତି ମନେହେଲା । ମାଲିକଙ୍କ ଆଖି ମୁହଁ ଦେଖି ମନେହେଲା ବିଶ୍ୱାସ କରୁନାହାନ୍ତି । – ଅଲ୍ ଫ୍ରମ୍ ଦ୍ୟାଟ୍ ସ୍କୁଲ୍ ?

ନା ... ରେଡ଼ିଓରେ ଗୀତ ଗାଏ, ଦୁଇ ତିନିଟା ଟ୍ୟୁସନ୍ ଅଛି –

ସଙ୍ଗେ ସଙ୍ଗେ ଡଲି ରେ କହି ଉଠିଲେ, ୟେସ୍, ଦୀପାଳି ମିତ୍ର ... ମୁଁ ରେଡ଼ିଓରେ ତାଙ୍କର ଗୀତ ଶୁଣିଛି ମନେ ପଡୁଛି –

– ଡିଡ୍ ଆଇ ଆସ୍କ ୟୁ ? କେତେଥର କହିଛି, ସବୁବେଳେ ଆଗ କହିବା ଅଭ୍ୟାସଟା ଛାଡ଼ ।

ଡଲି ରେ ସଙ୍ଗେ ସଙ୍ଗେ ଚୁପ୍ ହେଇଗଲେ । – ଆଇ ଆମ୍ ସରି ମାଡ଼ାମ୍ ...

ୟୁ ୱାଣ୍ଟ ରୁମ୍ ନମ୍ବର ଟ୍ୱେଣ୍ଟିଟୁ ? କେବେଠାରୁ ?

ଆସନ୍ତା ମାସ ପହିଲାରୁ ।

ସେଇ ଗୋଟାଏ ରୁମ୍‌ର ଡିମାଣ୍ଡ ବହୁତ ବେଶୀ, ଖାଲି ଥିଲେ ପାଇବେ ।

ଦୀପାଳି କହିଲା, ମୁଁ ଟଙ୍କା ଦେଇ ପହିଲାରୁ ବୁକ୍ କରିଯାଉଛି !

ସଙ୍ଗେ ସଙ୍ଗେ ଜବାବ୍ ଆସିଲା, ଆଜି ବା କାଲି କେହି ଯଦି ଘର ନେବାକୁ ଚାହାଁନ୍ତି ମୁଁ ଏଇ କେତେଦିନର ଭଡ଼ା ଲୁଜ୍ କରିବି କାହିଁକି ?

ନିରୁପାୟ ହେଇ ଦୀପାଳି ଜବାବ୍ ଦେଲା, ଭଲ କଥା, ମୁଁ ଆଜି ଠାରୁ ବୁକ୍ କରୁଛି । କିନ୍ତୁ ଏଥିରେ ବି ଫଇସଲା ହେଲାନାହିଁ । ମିସେସ୍ ଅଗରବାଲା କହିଲେ, ତା'ସହିତ ଗୋଟାଏ ମାସର ରେଣ୍ଟ ଆଡ଼ଭାନ୍ସ ଦେବାକୁ ହେବ – ଓନ୍‌ଲି ରେଣ୍ଟ ।

ସେଇଆ ଦେବି ।

ଏଥର ଅବନ୍ତୀ ଅଗରବାଲା ସନ୍ତୁଷ୍ଟ ହେଲେ । ଛିଡ଼ା ହେଉ ହେଉ କହିଲେ, ଆପଣ ଏଇଠି ଗୀତ ବାଜଣାର ଆସର ବସାଇବେନାହିଁ ତ ?

ଦୀପାଳି ସଙ୍ଗେ ସଙ୍ଗେ ମୁଣ୍ଡ ହଲାଇଲା । ନା, ଆସର ବସାଇବି ନାହିଁ ।

ୟୁ ସି, ମହିଳାବାସ ମିଡ଼ ଇନ୍‌କମ୍ ଗ୍ରୁପ୍‌ର ମହିଳାମାନଙ୍କର ନାମଜାଦା ହଷ୍ଟେଲ୍ – ଦେ ନିଡ୍ ଗୁଡ୍ ହୋମ୍ ଆଣ୍ଡ ଦି ସେମ୍‌ଟାଇମ୍ ପ୍ରୋଟେକ୍ସନ୍ – ଆଇ ଆମ୍ ହିଅର୍ ଫର୍ ଦେମ୍ । ମେନ୍ ଆର୍ ନଟ୍ ଆଲାଉଡ୍ ଇନ୍‌ସାଇଡ୍ – ଭିଜିଟିଂ ରୁମ୍‌ରେ ସେମାନେ ଦେଖା ସାକ୍ଷାତ କରିପାରନ୍ତି – ଓ.କେ ଆପଣ ଏଠିକି ଆସିଛନ୍ତି ଡଲି ପାଖରୁ ସବୁ ବୁଝାବୁଝି କରିଯାଆନ୍ତୁ ।

ଗଜେନ୍ଦ୍ର ଗମନରେ ମହିଳା ଜଣକ ଭିତର କବାଟ ବାଟେ ଆଖିର ଆଢୁଆଳ ହେବାରୁ ଡଲି ରେଙ୍କ ମୁହଁରେ ହସ ଦେଖାଗଲା । ଡ୍ରୟାର୍‌ରୁ ଗୋଟାଏ ଛପା ଫର୍ମ ବାହାର କରି ଦୀପାଳି ଆଡ଼କୁ ବଢ଼ାଇ ଦେଇ କହିଲେ, ଫିଲ୍ ଅପ୍ କରନ୍ତୁ । ନିଜେ ବି ଗୋଟାଏ ମୋଟା ଖାତା ବାହାର କଲେ । ତା'ପରେ କହିଲେ, ଏଥିପାଇଁ ମୁଁ ଆପଣଙ୍କୁ ସେଇ କଥାଟା କହିଥିଲି ... ସି ଇଜ୍ ଆପ୍ ଆଣ୍ଡ ଡୁଇଂ ବାଇ ଓନ୍‌ଲି ୱାନ୍ ଟନିକ୍ – ଦ୍ୟାଟ୍ ଇଜ୍ ଭିଟାମିନ୍ 'ଏମ୍' – 'ଏମ୍' ଫର୍ ମନି !

ଦୀପାଳି ହସିଦେଲା ।

ଡଲି ରେ ଏ କଥା କହିଦେବା ପରେ ଟିକେ ଅସମ୍ଭାଳ ହେଇପଡ଼ିଲେ । – ଆପଣଙ୍କୁ ଭଲ ଲାଗିଲା ବୋଲି ହିଁ ଇନ୍ କନ୍‌ଫିଡେନ୍ସ କଥାଟା କହିଦେଲି – ପ୍ଲିଜ୍ ଆଉ କାହାରିକି କହିବେନାହିଁ ।

ଏତେ ଅଳ୍ପ ସମୟ ଭିତରେ ଭଲ ଲାଗିବାର କାରଣ ଖୋଜି ପାଇଲା ନାହିଁ ଦୀପାଳି । ତେବେବି ମୁଣ୍ଡ ହଲାଇଲା, କହିବନାହିଁ ।

ତା'ପରେ ଫର୍ମ ଫିଲ୍ ଅପ୍ କଲା । ଡଲି ରେ ଯେତେ ଟଙ୍କା ମାଗିଲେ ବ୍ୟାଗ୍ ଖୋଲି ବାହାର କରିଦେଲା । ଖାତାରେ ଲେଖା ଆଉ ରିସିଟ୍ ଦେବା ପାଞ୍ଚ ମିନିଟ୍‌ରେ ଶେଷ ହେଇଗଲା । ତା'ପରେ ଦୀପାଳି ଆଡ଼କୁ ଚାହିଁ କହିଲେ, ଏତେ ଟଙ୍କା ଖର୍ଚ୍ଚ କଲେ, ଏହାଠାରୁ ଭଲ ଜାଗା ପାଇଲେନାହିଁ ?

ଦୀପାଳି ପଚାରିଲା – କାହିଁକି, ଏ ଜାଗା କ'ଣ ଭଲ ନୁହେଁ ?

ଡଲି ରେ ଧଡ଼ ଧଡ଼ କହି ଉଠିଲେ, ନା ନା, ବହୁତ ଭଲ । ବହୁତ ଭଲ – ମୁଁ କ'ଣ କହିଲି, ଆପଣ କ'ଣ ବୁଝିଲେ – ଆପଣ ଶିଳ୍ପୀ ମଣିଷ, ସେଥିପାଇଁ ଗୀତ – ବାଦ୍ୟର ଆଟମସ୍‌ଫିଅର୍ କଥା କହୁଥିଲି – ଆପଣଙ୍କର ଗୀତ ମୋତେ ବହୁତ ଭଲଲାଗେ । ପ୍ରତି ସପ୍ତାହରେ କାନ ଡେରି ଶୁଣେ ।

ଏଥର ଦୀପାଳି ଅବାକ୍ ହେଇଗଲା । ରେଡ଼ିଓରେ ମାସକୁ ତ ଗୋଟାଏ ପ୍ରୋଗ୍ରାମ୍ ଜୁଟି ଯାଏ । ବୁଝିପାରିଲା ଆଗର କଥାଟାକୁ ଚପାଇବାକୁ ଯାଇ ଏଇପରି ପ୍ରଶଂସା – ହସ ହସ ମୁହଁରେ ଉଠିବାକୁ ଯାଇ ପଚାରିଲା, ମିସେସ୍ ଅବନ୍ତୀ ଅଗରୱାଲା ପାଖରେ ଥାଆନ୍ତି ? ଏଇ ପଛରେ ହିଁ ଥାଆନ୍ତି । – ଗୋଟାଏ ଘରର ଦୁଇଟା ଭାଗ କହିପାରନ୍ତି ।

ଯୁଦ୍ଧ ସମୟରେ ପାଣି ଦରରେ ଜମି କିଣି ଏଇ ବ୍ୟବସାୟ ଚଳାଉଛନ୍ତି ... ସରି ... ମାନେ ମହିଳାବାସ ଖୋଲିଛନ୍ତି ।

ଡଲି ରେ ଯେ କଥା ବେଶୀ କହନ୍ତି ଦୀପାଳି ପ୍ରଥମରୁ ଲକ୍ଷ୍ୟ କରିଛି । ଇତସ୍ତତଃ କରି ପୁଣି ପଚାରିଲା, ନିଜ ଘରର କବାଟ ବନ୍ଦ କରି ଟିକେ ରେଆଜ କରିବା ଚଳିବ ତ ?

ରେଆଜ ! ଓ ... ଗଳା ସାଧିବା ? କାହିଁକି ଚଳିବ ନାହିଁ, କିଏ କେତେ ନିୟମ ମାନି ଚାଲନ୍ତି ଏଇଠି ଦୁଇ ଦିନରେ ଜାଣିପାରିବେ, ସରି – ଆପଣଙ୍କୁ ଭଲ ଲାଗିଛି ବୋଲି ସବୁ କହିଦେଲି ।

ଏଥର ହସ ହସ ମୁହଁରେ ଛିଡ଼ା ହେଇ ଦୀପାଳି କହିଲା, ଆପଣଙ୍କୁ ମଧ୍ୟ ମୋତେ ବହୁତ ଭଲ ଲାଗିଛି ।

ହସ ଭରା ମୁହଁ ନେଇ ଡଲି ରେ ବି ଚେୟାର ଛାଡ଼ି ଉଠିଲେ । – ରିଏଲି ? ୟୁ ଆର ସୋ କାଇଣ୍ଡ – ଉଇ ଉଇଲ୍ ବି ଗୁଡ୍ ଫ୍ରେଣ୍ଡସ୍ ଦେନ୍ – ଆପଣ ଆସି ଯାଆନ୍ତୁ । ଆପଣଙ୍କର ଯେମିତି କିଛି ଅସୁବିଧା ନହୁଏ ଦେଖିବି ମୁଁ । ... ଆଉ ଅନୁମତି ପାଇଲେ ଥରେ ଅଧେ ଆପଣଙ୍କ ରୁମ୍‌କୁ ଯାଇ ଗୀତ ବି ଶୁଣିବି – ଆଇ ଆମ୍ ସିଓର୍, ୟୁ ଉଇଲ୍ ଆଲାଉମି ?

ନିଶ୍ଚୟ ।

ଡଲି ରେ ହାତ ବଢ଼େଇ ଦେଲେ, ଓ ... ୟୁ ଆର୍ ସୋ ଗୁଡ୍ !

॥ ସାତ ॥

ଭାଇମାନେ ବା ଭାଉଜମାନେ କେବେହେଲେ ଅତି ପାଖରେ ଥିଲେ ନାହିଁ ଦୀପାଳିର । କିନ୍ତୁ ସେମାନଙ୍କର ଯେତେ ଟିକେ ମନ ଖରାପ ହେଇଥିଲା, ତା'ର ସେଇଟା ବି ହେଇନାହିଁ । ଗୀତ ଉପଲକ୍ଷ୍ୟ । ଗୀତ ଆଶ୍ରୟ । ଦୀପାଳିର ମନ ଅନ୍ୟ ତାରରେ ବନ୍ଧା । ବ୍ୟାଙ୍କର ପାଶ୍ ବହି ଆଉ ଗହଣା ଗୁଡ଼ାକ ମଧ୍ୟ ଟ୍ରଙ୍କ ତଳେ ରଖି ନେଇଆସିଛି । କୋଲକାତାରେ ଯେଉଁ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବ, ସେଇଠି ଗୋଟାଏ ଲକର୍ ବି ଯୋଗାଡ଼ କରିନେବାକୁ ହେବ ।

ମାସର ପ୍ରଥମ ଦିନରୁ ଗୀତ ସ୍କୁଲ୍‌ରେ କାମରେ ଲାଗିବା କଥା । ତେଣୁ ଆଗଦିନ ଉପରବେଳା ମହିଳାବାସକୁ ଚାଲିଆସିଲା । କର୍ତ୍ତବ୍ୟବୋଧରେ ସାନଭାଇ ସାଙ୍ଗରେ ଆସିଛନ୍ତି । ମାମୁଁ ବି ସେ ସମୟରେ ଉପସ୍ଥିତ ଥିଲେ । ତାକୁ ହଷ୍ଟେଲ୍‌ରେ ରଖି ସେମାନେ ନିଶ୍ଚିନ୍ତ ମନରେ ଫେରିଯାଇଛନ୍ତି ।

ତାନପୁରା ଆଉ ସ୍କେଲ୍ ଚେଞ୍ଜିଂ ହାରମୋନିୟମ୍ ନେଇ ଆଉ କୌଣସି ଝିଅକୁ କେହି ଏଇ ହଷ୍ଟେଲ୍‌ର ବାସିନ୍ଦା ହେବା ଦେଖିନାହାନ୍ତି । କାମରୁ ବେଶୀ ଭାଗ ମହିଳା ସେତେବେଳେ ଉପସ୍ଥିତ ଥିଲେ । ସେମାନଙ୍କର କୌତୁହଳ ହେବା ସ୍ୱାଭାବିକ୍ । ନୂଆ ବୋର୍ଡର ଦେଖି ଯିଏ ଯାହାର ରୁମ୍‌ରୁ ବାହାରି ଆସିଛନ୍ତି । ଡଲି ରେଙ୍କ ମୁହଁରୁ ଶୁଣିଥିଲେ, ରେଡ଼ିଓରେ ଗୀତ ଗାଉଥିବା ଜଣେ ଆର୍ଟିଷ୍ଟ ଏଠି ରହିବାକୁ ଆସିଛନ୍ତି । ବାଇଶ ନମ୍ବର ଆଟାଚଡ୍ ବାଥ୍ ଘର ନେଇଛନ୍ତି ଶୁଣି କେହି କେହି ଟିକେ ବେଶୀ ଉତ୍ସୁକ ।

... କିନ୍ତୁ, ସେଇ ଝିଅ ଏତେ ସାଧାରଣ ହେବେ ବୋଲି କେହି ଆଶା କରିନାହାନ୍ତି ।

ଡଲି ରେଙ୍କ ତଦାରକରେ ମାଲପତ୍ର ସବୁ ରୁମ୍‌କୁ ଚାଲିଗଲା । ମାମୁଁ ଓ ବଡ଼ ଭାଇଙ୍କୁ ବିଦାୟ ଦେଇ ଦୀପାଳି ଭିଜିଟର୍ସ ରୁମ୍‌ରୁ ବାହାରି ଆସିଲା । ଯେଉଁମାନେ ସାମ୍ନାକୁ ଆସିଲେ ସେମାନଙ୍କୁ ନମସ୍କାର ଜଣାଇଲା । ନିଜର ଉଇଂ ଆଡ଼କୁ ପାଦ ବଢ଼ାଇବାକୁ ଯାଇ ଟିକେ ଥମ୍‌କି ଛିଡ଼ା ହେଇଗଲା । ବାକି ତିନି ଘରର ତିନିଜଣ ମହିଳା ସେମାନଙ୍କର ରୁମ୍ ସାମ୍ନାରେ କୌତୁହଳ ନେଇ ଛିଡ଼ା ହେଇଛନ୍ତି ।

... ଉଣେଇଶ ନମ୍ବର ଘରେ ଆରତି ଚ୍ୟାଟାର୍ଜୀଙ୍କ ସାଙ୍ଗରେ ପ୍ରଥମ ଦେଖା । ଝିଅଟା ସୁନ୍ଦରୀ ତ ନିଶ୍ଚିତ, ତା'ଛଡ଼ା ପୁରୁଷମାନଙ୍କୁ ଆକୃଷ୍ଟ କରିବା ପରି ତାଙ୍କ ପାଖରେ କିଛି ଅଛି ବୋଲି ଦୀପାଳିର ନଜରରେ ପଡ଼ିଲା । ଗୋରା, ଡେଙ୍ଗା ସୁଠାମ ସ୍ୱାସ୍ଥ୍ୟ । ଦୀପାଳିର ସମବୟସୀ ବା ବର୍ଷେ ପାଖାପାଖି ସାନ ହେଇପାରେ । ଅନ୍ୟ ଦୁଇ ଝିଅଙ୍କ ବୟସ ଛବିଶ ସତେଇଶ ହେବ । ଜଣେ ସାଲୁଆର୍ କମିଜ୍ ପିନ୍ଧା ଝିଅ, ଅନ୍ୟ ଜଣେ ଦାମୀ ଶାଢ଼ି ବ୍ଲାଉସ୍, ହାତରେ ଚୁଡ଼ି-ବାଲା, ବେକରେ ଇମିଟେସନ୍ ମୁକ୍ତାର ହାର, ମୁହଁରେ ପ୍ରସାଧନର ଛାପ । ସୁନ୍ଦରୀ ନୁହେଁ କିନ୍ତୁ ସ୍ମାର୍ଟ ।

ଦୀପାଳି ଏମାନଙ୍କୁ ନମସ୍କାର ଜଣାଇଲା, ଫଳରେ ତିନିଜଣ ଟିକେ ଅପ୍ରସ୍ତୁତ ହେଇ ପ୍ରତି ନମସ୍କାର ଜଣାଇଲେ – । ଦୀପାଳି ସେମାନଙ୍କୁ ଅତିକ୍ରମ କରି ନିଜ ରୁମ୍‌ରେ ପଶିଗଲା ।

ଜିନିଷପତ୍ର ସଜାଡ଼ି ରଖିବାରେ ଡଲି ରେ ତାକୁ ସାହାଯ୍ୟ କଲେ । ଆଉ କହି ଚାଲିଲେ ଯେ ଅପେକ୍ଷା କରିଛନ୍ତି, ତାକୁ ଯେତେବେଳେ ବନ୍ଧୁତ୍ୱର ମର୍ଯ୍ୟାଦା ଦେଇଛନ୍ତି, ମିସ୍ ମିତ୍ରଙ୍କର କୌଣସି ଚିନ୍ତା ନାହିଁ । ତାନ୍‌ପୁରାଟା କାନ୍ଥ କୋଣରେ ରଖିଦେଲେ ଭଲହେବ । ହାରମୋନିୟମ୍ ବାକ୍ସଟା ଖଟ ତଳେ ଥାଉ । ତା'ପରେ କହିଲେ, ଚା' ପଠାଇ ଦେଉଛି, ଯେଉଁ ଲୋକଟା ଚା' ବା ଖାଇବା ଜିନିଷ ଦେଇଯିବ ତା'ର ନାଁ ଅନାଦି, ଯେତେବେଳେ ଯାହା ନେବେ ତା'ର ଖାତାରେ ଲେଖି ସହି କରିନେବେ, ନହେଲେ ହିସାବରେ ଗଣ୍ଡଗୋଳ ହେବ – ମୁଖୋରା ଲୋକ, ମୁହଁ ଦେଖି ବୁଝିନେବ ଆପଣ ଭଲ ଲୋକ ।

ଦୀପାଳି ମୁହଁରେ ହସ ଆସୁନାହିଁ, ଆରତି ଚ୍ୟାଟାର୍ଜୀଙ୍କୁ ମନରୁ ଦୂରେଇପାରୁନାହିଁ । ତେବେ ବି ହସି କହିଲା, ଚା' ସାଙ୍ଗରେ ଆପଣଙ୍କର ଯାହା ଇଚ୍ଛା ଆଣିବାକୁ କୁହନ୍ତୁ, ଆଜି ଆପଣ ମୋ ସାଙ୍ଗରେ ଚା' ପିଇବେ ।

ଓ, ମାଇ ଡିଅର୍, ହାଓ ନାଇସ୍ ୟୁ ଆର୍ –

ତାଙ୍କ କଥା ଶେଷ ହେବା ପୂର୍ବେ ଦୀପାଳି ଚମ୍‌କି ପଡ଼ିଲା । କବାଟ ବାହାରେ ହସ ହସ ମୁହଁରେ ଆସି ଛିଡ଼ା ହେଲେ ଆରତି ଚ୍ୟାଟାର୍ଜୀ । ପଚାରିଲେ, ଆସିବି ?

ଆସନ୍ତୁ । ଦୀପାଳି ଟିକେ ଆଗେଇ ଆସିଲା ।

ପାଖକୁ ଚାହିଁ ଆରତି ଚ୍ୟାଟାର୍ଜୀ ଡାକିଲେ, ଇନ୍ଦ୍ରାଣୀ ଦିଦି ଆସ ।

ତାଙ୍କ ସାଙ୍ଗରେ ସେଇ ସ୍ମାର୍ଟ ମହିଳା ଜଣକ ବି ଘରେ ପଶିଲେ । ଘର ଭିତରେ ଗୋଟାଏ ଚେୟାର୍‌ରେ ଡଲି ରେ ବସିଥିଲେ, ସେ ସଙ୍ଗେ ସଙ୍ଗେ ଉଠି ଛିଡ଼ା ହେଲେ । ଦୀପାଳି ଅଗତ୍ୟା ବେଡ୍ କଭର ବିଛା ହେଇଥିବା ଖଟଟା ଦେଖାଇ କହିଲା, ବସନ୍ତୁ – ।

ଆରତି ଚ୍ୟାଟାର୍ଜୀଙ୍କ ହସ ମିଠା, କଥା ମଧ୍ୟ ମିଠା । ଟିକେ ପିଲାମୀ ଚାଲିଚଳଣ । ବସିବା ପରେ ହସ ମୁହଁରେ କହିଲେ, ଆପଣଙ୍କର ନାଁ ତ କବାଟର ପ୍ଲେଟ୍‌ରେ ଦେଖିଲି, ମୁଁ ଆରତି ଚ୍ୟାଟାର୍ଜୀ, ଆଉ ଇଏ ଇନ୍ଦ୍ରାଣୀ ଦତ୍ତ ... ଆମ ଅଫିସ୍‌ର ପି.ଏ ଟୁ ସେକ୍ରେଟାରି – ଖୁବ୍‌ଶୀଘ୍ର ଅଫିସ୍ ସୁପରିନ୍‌ଟେଣ୍ଡେଣ୍ଟ ହେବା କଥା । ... ମୁଁ ଜଣେ ସାମାନ୍ୟ ଆସିସାଣ୍ଟ ।

ଇନ୍ଦ୍ରାଣି ଦତ୍ତ ହସି କହିଲେ, ଏତେ ଆଉ ବିନୟିନୀ ହୁଅନା, ଦୀପାଳି ଆଡ଼କୁ ଚାହିଁଲେ, ତା'ର କଥା ବିଶ୍ୱାସ କରିବେନାହିଁ, ଅପର୍ ଡିଭିଜନ୍‌ରୁ ଏଥର ସିଲେକ୍ସନ୍ ଗ୍ରେଡ୍ ପାଇଁ ତାର ନାଁ ରେକୋମେଣ୍ଡ ହେଇଛି –

ଆରତି ଚ୍ୟାଟାର୍ଜୀ ହସି ଦୀପାଳିକୁ କହିଲେ, ନାମୀ ଆର୍ଟିଷ୍ଟ ଶୁଣି ଆମ୍ଭେମାନେ ଭାବିଥିଲୁ କେମିତି ହେବେ କେଜାଣି ! ଏମିତି ସହଜ ସାଧାରଣ ଭାବିନାହୁଁ ...

ସସ୍ନେହ ଅନୁଯୋଗର ସ୍ୱରରେ ଇନ୍ଦ୍ରାଣୀ ଦତ୍ତ କହି ଉଠିଲେ, ତୁ ଟିକେ ସ୍ମାର୍ଟ ହୁଅ ତ – ସେ ଅସାଧାରଣ କି ନାହିଁ ଜାଣିଲୁ କେମିତି ?

ଆରତି ଚ୍ୟାଟାର୍ଜୀ ଟିକେ ଥମିଗଲେ – ମୁଁ ଯାହା କହିଲି ତୁମେ ବୁଝିପାରିନାହଁ ... ଆପଣ କିଛି ମନେ କଲେ ନା କ'ଣ ?

ଶେଷ କଥା ଟିକକ ଦୀପାଳିର ଉଦ୍ଦେଶ୍ୟରେ କହିଲେ । – ମୁଁ ସତରେ ବହୁତ ସାଧାରଣ । ଡଲି ରେ ଆଡ଼କୁ ଚାହିଁ ଦୀପାଳି କହିଲା, ଆଜି ଆମର ସମସ୍ତଙ୍କ ପାଇଁ ଚା' ଆଉ କିଛି ଆଣିଦେବାକୁ କୁହନ୍ତୁ ।

ଡଲି ରେ ଉଠି ଚାଲିଗଲେ । ସଙ୍ଗେ ସଙ୍ଗେ ଆରତି ଚ୍ୟାଟାର୍ଜୀ କହିଲେ, ଇନ୍ଦ୍ରାଣୀ ଦିଦି ଲକ୍ଷ୍ୟ କରିଛ ?

କ'ଣ ?

ତାଙ୍କର ଆଖି ଯୋଡ଼ିକ କି ସୁନ୍ଦର ?

ଇନ୍ଦ୍ରାଣୀ ଦତ୍ତ ଦେଖିଲେ । କୌଣସି ମନ୍ତବ୍ୟ କଲେନାହିଁ । ଦୀପାଳି କହିଲା, ଆପଣ ଏମିତି କହିଲେ ଲୋକେ ଥଟ୍ଟା ବୋଲି ଭାବିବେ ।

ଦୀପାଳିର ମନେହେଲା ଇନ୍ଦ୍ରାଣୀ ଦତ୍ତଙ୍କ ଚାହାଣିରେ ଯେମିତି ବିଦ୍ରୂପର ଛୁଆଁ – କାରଣଟା କିଛିଦିନ ଭିତରେ ଜଣାପଡ଼ିଥିଲା । ସ୍ମାର୍ଟ ନହେଲେ ମିସ୍ ଦତ୍ତଙ୍କ ପାଖରେ ଆଉ କିଛିର ଦାମ୍ ନାହିଁ । ସେ ନିଜକୁ ଏଇ ମହିଳାବାସର ସବୁଠାରୁ ସ୍ମାର୍ଟ ଝିଅ ବୋଲି ଭାବନ୍ତି ।

ଡଲି ରେ ଫେରି ଆସିଲେ । ପଛରେ ଯେଉଁ ମୂର୍ତ୍ତିକୁ ଦେଖାଗଲା, ତା'ର ଗୋଟାଏ ହାତରେ ଚା'ର କେଟିଲ୍ ଅନ୍ୟ ହାତରେ କାଠର ଟ୍ରେ । କାଖ ତଳେ ଲମ୍ବା ବନ୍ଧେଇ ଖାତା ।

ଟ୍ରେ ରେ ଚା' କପ୍, ପାଞ୍ଚ ଖଣ୍ଡ ପ୍ୟାଟିସ୍ । ଲମ୍ବା ଖାତାଟା ଟେବୁଲ୍ ଉପରେ ରଖି କପ୍‌ରେ ଚା' ଢାଳିବା ସମୟରେ ଆରତି ଚ୍ୟାଟାର୍ଜୀ ଆରତି ଚ୍ୟାଟାର୍ଜୀ ହଠାତ୍ ଉଠିଯାଇ ଖାତାଟା ଖୋଲି କ'ଣ ସବୁ ଲେଖି ଟେବୁଲ୍ ଉପରେ ରଖିଦେଇ କହିଲେ, ଆଜି ପ୍ରଥମ ଦିନରେ ଆମେ ଆପଣଙ୍କୁ ଖୁଆଇବୁ ନା ଆପଣ ଆମକୁ ଖୁଆଇବେ – ଏଇଟା କ'ଣ ହୁଏ ନା କ'ଣ ?

ଦୀପାଳି ନିଜକୁ ଅପ୍ରସ୍ତୁତ ମନେକଲା । ତା'ର ଶତ୍ରୁ ବୋଲି ଯଦି କେହି ଥାଆନ୍ତି ତାହେଲେ ଏଇ ଜଣେ । ତା'ର ମହିଳା ବାସରେ ଆସି ରହିବାର ଅସଲ ଉଦ୍ଦେଶ୍ୟ ହେଉଛି ଏଇ ଝିଅ । କିନ୍ତୁ ଝିଅଟା ଭିତରେ ଏମିତି କିଛି ଅଛି ଯାହା ଦେଖିଲେ ପୁରୁଷ ତ ପତଙ୍ଗ ପରି ଉଡ଼ି ଆସିବେ । ଝିଅମାନେ ବି ଉପେକ୍ଷା କରିପାରିବେନାହିଁ । ଏଇ ସମୟ ଭିତରେ ଦୀପାଳିର ମନେ ହେଇଛଇ ଝିଅଟାର ହସରେ ଖୁସୀରେ, କଥା କହିବାରେ ସର୍ବାଙ୍ଗେ ଗୋଟାଏ ତାଜା ପ୍ରାଣର ଢେଉ ଦୋଳି ଖେଳେ । ହସିଲେ ବାମ ପଟ ଗାଲରେ ଟୋଲ ପଡ଼େ ।

ଦୀପାଳି କହିଲା ବହୁତ ଖରାପ ଲାଗିଲା ।

ସ୍ମାର୍ଟ ଇନ୍ଦ୍ରାଣୀ ଦତ୍ତ ମନ୍ତବ୍ୟ କଲେ, ଦୁଇଦିନ ଗଲେ ହିଁ ଦେଖିବେ, ଲଜ୍ୟା ବା ଖରାପ ଲାଗିବା ମହିଳାବାସର ଝିଅମାନଙ୍କର ଭୂଷଣ ନୁହେଁ ।

ଆରତି ଚ୍ୟାଟାର୍ଜୀ ପ୍ରସ୍ତାବ କଲେ, ଆମେ କେବେ ଗୀତ ଶୁଣିବୁ, ବର୍ତ୍ତମାନ ଗୁଣ ଗୁଣ କରି ଟିକେ ହେଇଯାଉନା –

ଦୀପାଳି ସବିନୟରେ ପ୍ରସ୍ତାବ ନାକଚ କରି କହିଲା, ମୁଁ ତ ଏଇଠି ଅଛି, ପରେ ଶୁଣିବେ ...

– କିନ୍ତୁ ଏଠିକାର ପ୍ରୋପ୍ରାଇଟର୍ ମୋତେ ରଖିବା ପୂର୍ବେ କହିଦେଇଥିଲେ ଏଇଠି ଗୀତର ଆସର ବସାଇବା ଚଳିବନାହିଁ ।

ଇନ୍ଦ୍ରାଣୀ ଦତ୍ତ ଲଘୁ ରସିକତା କଲେ –

ଚା' କପ୍ ଥୋଇ ହସ ମୁହଁରେ ଡଲି ରେ ଉଠି ଛିଡ଼ା ହେଲେ । – ଏକ୍ସକିଉଜ୍ ମି ... ମୁଁ ବହୁତ ସମୟ ହେଲା ଘର ଛାଡ଼ି ଆସିଛି – ଥ୍ୟାଙ୍କସ୍ ଏଭ୍ରିବଡ଼ି ।

ଚାଲିଗଲେ ଯେମିତି ମୁନିବଙ୍କ ନିନ୍ଦା ଶୁଣିବା ଉଚିତ୍ ନୁହେଁ ।

ଏଥର ହଠାତ୍ ଆରତି ଚ୍ୟାଟାର୍ଜୀଙ୍କ ହୋ ହୋ ହସ । ହସ ଥମାଇବାକୁ କହିଲେ ଇନ୍ଦ୍ରାଣୀ ଦିଦି । – ପୁଣି କହିଲେ, ଟଙ୍କା ପାଇଲେ ଅବନ୍ତୀ ଅଗରଓ୍ୱାଲା ଏଇ ବୟସରେ ବି ତାଙ୍କ ବିଛଣାରେ ଲୋକ ଆଳାଉ କରିପାରନ୍ତି ।

ଏଇପରି ସ୍ଥୁଳ ରସିକତା ଦୀପାଳିର କାନରେ ଟିକେ ଖଟ୍ କରି ଲାଗିଗଲା । ସେପଟେ ଇନ୍ଦ୍ରାଣୀ ଦତ୍ତ ଗାମ୍ଭୀର୍ଯ୍ୟ ଦେଖାଇ ଧମକ୍ ଦେଲେ, ୟୁ ... ! ସେ ଆଜି ଆସିଛନ୍ତି, ଆର୍ଟିଷ୍ଟ ମଣିଷ, ଏସବୁ ରସିକତା ପସନ୍ଦ କରନ୍ତି କି ନାହିଁ ନ ଜାଣି ଆରମ୍ଭ କରିଦେଲୁ ! ଅଗତ୍ୟା ଦୀପାଳିକୁ ଟିକେ ହସିବାକୁ ହେଲା । ଅର୍ଥାତ୍ ସେ କିଛି ମନେ କରିନାହିଁ ।

ନିଜର ହାତ ଘଣ୍ଟା ଆଡ଼କୁ ଆଖି ପଡ଼ିବାରୁ ଆରତି ଚ୍ୟାଟାର୍ଜୀ କହିଲେ, ତୁମର 'ସୋ' ଛଅଟା ବେଳେ ନା ଇନ୍ଦ୍ରାଣୀ ଦିଦି ? ନିଶ୍ଚିତ ଲେଟ୍ ହେବ ।

ଇନ୍ଦ୍ରାଣୀ ଦତ୍ତ କହିଲେ, ହଁ, ଠିକ୍ କଥା କହିଛୁ । ଆଚ୍ଛା, ଆସୁଛି ।

ଘଣ୍ଟାରେ ସେତେବେଳେ ଚାରିଟା ବାଜି ପଇଁତାଳିଶ ମିନିଟ୍ । ଏଇ ମହିଳା ଚାଲି ଯିବାରୁ ଆରତି ଚ୍ୟାଟାର୍ଜୀ ହସିବାକୁ ଲାଗିଲେ । କହିଲେ ଇନ୍ଦ୍ରାଣୀ ଦିଦି ଖୁବ୍ ଭଲ, କେବଳ ନିଜକୁ ସଜାଇବା ପାଇଁ ଟିକେ ସମୟ ଲାଗେ । ବର୍ତ୍ତମାନ ନ ଉଠିଥିଲେ ଛଅଟା ପୂର୍ବରୁ ପହଞ୍ଚି ପାରିବେନାହିଁ । ପୁଣି କ'ଣ ଗୋଟାଏ କହିବାକୁ ଯାଇ ଥମିଗଲେ ... ମୋର କୌଣସି କଥା କହିବା ସମୟରେ ମୁହଁରେ ଲଗାମ୍ ରହେନାହିଁ । ମୁଁ ସବୁକିଛି ବେଶି କହିଦିଏ ବୁଝିଲେ ...

ଦୀପାଳି ଏହା ଶୁଣି କିଛି ବି କୌତୂହଳ ଦେଖାଇଲା ନାହିଁ ।

ନୂଆ ବୋର୍ଡର ଦୀପାଳି, ତେଣୁ ମହିଳାବାସର ସୁବିଧା ଅସୁବିଧାର କଥା ଜଣାଇବାକୁ ବସିଲେ ଆରତି ଚ୍ୟାଟାର୍ଜୀ । ଟ୍ରାମ୍ – ବସ୍ ଦୋକାନ ବଜାର ସବୁ ପାଖରେ, ଏଇଠି ରହିବାର ସେଇଟା ଗୋଟାଏ ବଡ଼ ସୁବିଧା – ରାତିରେ ହଷ୍ଟେଲ୍‌କୁ ଫେରିବା ପାଇଁ ରାତି ନଅଟା – ନିୟମ ଅଛି – ତେବେ ଅବନ୍ତୀ ଅଗରବାଲାଙ୍କୁ ମଝିରେ ମଝିରେ କିଛି ପ୍ରେଜେଣ୍ଟେସନ୍ ଦେଲେ ଯାକୁ ନେଇ କୌଣସି କଥା ଉଠେନାହିଁ । ଦିନବେଳାର ଖାଦ୍ୟ ବିଶେଷ ଭଲ ନୁହେଁ, ତେବେ ରାତି ବେଳା ପ୍ରାୟ ବାହାରୁ ଖାଇ ଆସନ୍ତି ଇତ୍ୟାଦି । ଏଇ ପ୍ରସଙ୍ଗରେ ମ୍ୟାନେଜର ଡଲି ରେଙ୍କ ପ୍ରଶଂସା, କିଛି ଦରକାର ହେଲେ ତାଙ୍କୁ କହିବେ, ମୁଁ ବି କହିଦେବି – ଏଇ ହଷ୍ଟେଲ୍‌ର ନାଡ଼ି – ନକ୍ଷତ୍ର ସବୁ ଜାଣନ୍ତି ସେ ... ମୋତେ ବହୁତ ଭଲ ପାଆନ୍ତି ... ମନର କଥା ମୋତେ କହନ୍ତି ।

କବାଟ ପାଖରେ ପରିଚାରିକା ପରି ଜଣେ ମହିଳା ଆସି ଛିଡ଼ା ହେଲେ । ତା'ର ହାତରେ ଚିରକୁଟ୍ । ଯାକୁ ଡଲି ରେଙ୍କ ରୁମ୍‌ର ସାମ୍ନା ବାରଣ୍ଡାରେ ଟୁଲ୍ ଉପରେ ବସିଥିବାର ଦେଖିଥିଲା ଦୀପାଳି । ଆରତି ଚ୍ୟାଟାର୍ଜୀ ଏପଟକୁ ମୁହଁ କରି ବସିଥିଲେ, ତେଣୁ ତାକୁ ଦେଖିପାରିନାହାନ୍ତି ।

ଦୀପାଳି କହିଲା, ଆପଣଙ୍କୁ ଡାକୁଛନ୍ତି ବୋଧହୁଏ ...

ଆରତି ଚ୍ୟାଟାର୍ଜୀ ପଚାରିଲେ, କ'ଣ ଶ୍ୟାମା ?

ଜବାବ୍ ନଦେଇ ସେଇ ଶ୍ୟାମା ଚିରକୁଟ୍‌ଟା ହାତକୁ ବଢ଼ାଇ ଦେଲେ । ଆରତି ଚ୍ୟାଟାର୍ଜୀ ସଙ୍ଗେ ସଙ୍ଗେ ଉଠି ସ୍ଲିପ୍‌ଟା ନେଲେ । ଗୋରା ମୁହଁର ରଙ୍ଗ ବଦଳିଯିବା ଲକ୍ଷ୍ୟକଲା ଦୀପାଳି ।

ଆଚ୍ଛା, ଆଜି ଆସୁଛି ।

ଏଇ ସ୍ଲିପ୍ କାହାର ଦୀପାଳି ସନ୍ଦେହ କରିଥିଲା । ଉଠି ଆସ୍ତେ ଆସ୍ତେ ନିଜ ଘରର ଝରକା ପାଖରେ ଆସି ଛିଡ଼ା ହେଲା । ଏଇ ଧାଡ଼ିର ସବୁ ରୁମ୍‌ର ମୁହଁ ମହିଳାବାସକୁ ପ୍ରବେଶ କରିବାର ରାସ୍ତା ଆଡ଼କୁ । ଫାଟକ ସାମ୍ନାରେ ଗାଡ଼ି ଦେଖିବ ବୋଲି ଆଶା କରିଥିଲା ।

ନା, କୌଣସି ଗାଡ଼ି ନାହିଁ ।

କେତେ ସମୟ ଛିଡ଼ା ହେଇଥିଲା ଖିଆଲ ନାହିଁ ।

– ଆରତି କେଉଁଠି ?

ସଙ୍ଗେ ସଙ୍ଗେ ବୁଲି ଛିଡ଼ାହେଲା । ଦେଖିଲା ଇନ୍ଦ୍ରାଣୀ ଦତ୍ତ । ସାଜସଜ୍ଜା ଆଉ ପ୍ରସାଧନରୁ ଅସଲ ମହିଳାଙ୍କୁ ଚିହ୍ନିବା ଅସମ୍ଭବ । ହାତରେ ମୁଦି, କାନରେ ଦୁଲ୍, ବେକରେ ହାରରେ ସୁନାର ଲକେଟ୍ ।

ଦୀପାଳିର ମନେହେଲା, ଆରତିଙ୍କୁ ଖୋଜିବାକୁ ନୁହେଁ, ସାଜସଜ୍ଜା ଟିକକ ଦେଖାଇବା ପାଇଁ ମହିଳା ଆସିଛନ୍ତି । ଦୀପାଳି କହିଲା – କୌଣସି ଭିଜିଟର୍ ଆସିଛନ୍ତି ବୋଧହୁଏ ...

ସ୍ଲିପ୍ ପାଇ ଚାଲିଗଲେ । ...

ନିଜ ରୁମ୍ ସେପଟେ ପୁରା ଖୋଲା । ଏଇ ଘରର ଆଇନା ପାଖକୁ ଯାଇ ନିଜକୁ ଦେଖିନେଲେ ଟିକେ । – ଆପଣ କେଉଁଠିକି ...

ଥମିଯାଇ ଗଳାର ସ୍ୱରକୁ ଟିକେ ଅନ୍ତରଙ୍ଗ କରିନେଲେ । –ପାଖାପାଖି ରୁମ୍‌ରେ ରହିବୁ, ବୟସରେ ବି ବଡ଼ ହେବି – ତୁମେ କହି ଆରମ୍ଭ କରିଦିଏ – ?

ଦୀପାଳି ଅଳ୍ପ ହସି ମୁଣ୍ଡ ହଲାଇଲା ।

– ତୁମେ ଟିକେ କଥା କମ୍ କୁହ ବୋଲି ମନେ ହେଉଛି ।

ଜବାବ୍‌ରେ ପୁଣି ଟିକେ ହସ ।

– ହଁ, କ'ଣ କହୁଥିଲି ... ତୁମେ ବାହାରକୁ ଯିବନାହିଁ ?

ଦୀପାଳି କହିଲା – ଥରେ ଷ୍ଟେସ୍‌ନାରି ଦୋକାନକୁ ଯିବାକୁ ହେବ ।

- ପାଖରେ । ଠିକ୍ ଅଛି, ଆସୁଛି -

ପୁଣି ଫେରିଆସି କହିଲେ, ନିଜର ବାହାରିବାକୁ ଇଚ୍ଛା ନହେଲେ ଡଲିଙ୍କୁ କହିପାର, ଶ୍ୟାମାଙ୍କୁ କହି ଅଣାଇଦେବେ । ... ତୁମେ ଆର୍ଟିଷ୍ଟ - ମୁଁ ବୁଝିପାରୁଛି, ଡଲିଙ୍କୁ କହିଦେବି, ତୁମର ଯେମିତି କିଛି ଅସୁବିଧା ନହୁଏ ... ଡଲି ମୋତେ ବହୁତ ଭକ୍ତି କରେ, ଶ୍ରଦ୍ଧା କରେ, ବହୁତ ଭଲପାଏ - ଆଚ୍ଛା ଆସୁଛି, ସମୟ ହେଇଗଲା -

ଏତେ କଥା କହିବା ପରେ ମଧ୍ୟ ଦୀପାଳି ମୁହଁ ଖୋଲି ଇନ୍ଦ୍ରାଣୀ ଦତ୍ତଙ୍କର ସାଜସଜ୍ଜାର ଟିକେବି ପ୍ରଶଂସା କରିପାରିଲାନାହିଁ । କ'ଣ କରିବ, ଏସବୁ ତା'ର ପକ୍ଷରେ ଅସମ୍ଭବ । ଡଲି ରେଙ୍କ ପ୍ରଶଂସା ଶୁଣି ହସିବା କଥା । ପ୍ରଥମ ଦିନରେ ହିଁ ସେ ଦୀପାଳିଙ୍କୁ କହିଥିଲେ, ତାଙ୍କୁ ବହୁତ ଭଲ ଲାଗିଛି - ସେଥିପାଇଁ ଭରସା କରି ଏଠିକାର ମାଲିକ ଅବନ୍ତୀ ଅଗରବାଲାଙ୍କ ସମ୍ପର୍କରେ କିଛି ମନ୍ତବ୍ୟ କରିଥିଲେ । ବର୍ତ୍ତମାନ ଦେଖାଗଲା ଆରତି ଚ୍ୟାଟାର୍ଜୀ ଆଉ ଇନ୍ଦ୍ରାଣୀ ଦତ୍ତଙ୍କର ବି ଅଲଗା ଅଲଗା ଭାବରେ ସେ ଜଣେ ଭରସାଯୋଗ୍ୟ । ବୋଧହୁଏ ସବୁ ବୋର୍ଡର ମାନଙ୍କର ସେଇଆ, ନହେଲେ ସମସ୍ତଙ୍କର ଭିତର ଖବର ରଖିବେ ବା କେମିତି ?

କିନ୍ତୁ ଦୀପାଳି ମନରେ ଏସବୁ କୌତୁକର କୌଣସି ଆଭାସ ନାହିଁ ବର୍ତ୍ତମାନ । ଷ୍ଟେସନାରି ଦୋକାନକୁ ଆସିବା ବାହାନାରେ ତଳକୁ ଆସିବା ପାଇଁ ସୁବିଧା ପାଇଛି । ନହେଲେ ଡଲି ରେଙ୍କୁ କିଛି କହିବା ବାହାନାରେ ତଳକୁ ଆସିବାକୁ ପଡ଼ିଥାଆନ୍ତା । ତଳକୁ ଆସିବାର କାରଣ ସେଇ ଭିଜିଟର୍ସ ରୁମ୍ । ସିଡ଼ିରେ ଓହ୍ଲାଇ ଅଗଣାର ପାଖ ବାରଣ୍ଡା ଦେଇ ଆଗେଇଲେ ହିଁ ଡାହାଣପଟର ହଲ୍‌ଟା ଭିଜିଟର୍ସ ରୁମ୍ । ସେଇଠି କୌଣସି ପର୍ଦ୍ଦା ନାହିଁ । କିଏ ଆସିଲା ନ ଆସିଲା ସମସ୍ତଙ୍କର ନଜରରେ ପଡ଼ିପାରେ । ... ସେଇ ଘରର ଭିଜିଟର୍ ଦୀପାଳିଙ୍କୁ ଦେଖି ଅବାକ୍ ହେବେ, ଅସ୍ୱସ୍ତି ବୋଧ କରିବେ କି ନାହିଁ ଜାଣେନା ।

ଦୀପାଳି କ'ଣ କରିବ ? ଆରତି ଚ୍ୟାଟାର୍ଜୀଙ୍କ ପାଖକୁ ଯେଉଁ ଭିଜିଟର୍ ଆସିଛନ୍ତି ତାଙ୍କୁ ଦେଖି ତା'ର ବି ତ ଆକାଶରୁ ପଡ଼ିବା ଭଳି ମୁହଁ ହେବା ଉଚିତ୍ ।

ବ୍ୟାଗ୍‌ଟା ହାତରେ ଧରି ତାଲା ଲଗାଇ ଆଗେଇ ଆସିଲା । ପାଖରେ ଇନ୍ଦ୍ରାଣୀ ଦତ୍ତଙ୍କ ଘରେ ତାଲା ଝୁଲୁଛି । ତା'ପର ଘରଟା ଭିତରୁ ବନ୍ଦ । ନେମ୍‌ପ୍ଲେଟ୍‌ରେ ଲେଖା, ନନ୍ଦିନୀ ମାଲହୋତ୍ରା । ... ସାଲୁଆର୍ କମିଜ୍ ପିନ୍ଧା, ଗୋରା - ସେଇ ଝିଅଟା ହେବ ବୋଧହୁଏ । ତା'ପରେ ଊଣେଇଶ ନମ୍ବର ଅର୍ଥାତ୍ ଆରତି ଚ୍ୟାଟାର୍ଜୀର ଘର ବାହାରୁ ବନ୍ଦ ।

ତଳକୁ ଓହ୍ଲାଇ ଆସିଲା । ତା'ପରେ କାହାରିକି ଚମକାଇଦେବା ବଦଳରେ ନିଜେ ହିଁ ବିମୂଢ଼ । ଭିଜିଟର୍ସ ରୁମ୍ ଶୂନ୍ୟ । କେହି ନାହାନ୍ତି । ହଲ୍ ଘରର ଶେଷ ମୁଣ୍ଡକୁ ଯାଇ ପୁଣି ଫେରିଲା, ସେପଟ କବାଟ ପାଖରେ କେତେଜଣ ଝିଅ ଲକ୍ଷ୍ୟ କରୁଛନ୍ତି ତାକୁ - ବିଶେଷକରି ଗୋଟିଏ ଘରର ବେଶୀ ବୟସର ତିନିଜଣ ମହିଳା । ଅଫିସ୍ ଘର ଆଡ଼କୁ ଯିବାରୁ ଦେଖିଲା, ଟୁଲ୍ ଉପରେ ଶ୍ୟାମା ବସିଛି । ସଙ୍ଗେ ସଙ୍ଗେ ଡଲି ରେ ଆଗେଇ ଆସିଲେ ।

କ'ଣ ଦରକାର ?

- ଏପଟେ କୌଣସି ଷ୍ଟେସନାରି ଦୋକାନ ଅଛି ?

- ଏଇତ ବହୁତ ପାଖରେ । ବଡ଼ ରାସ୍ତା ଉପରେ । ଶ୍ୟାମା ଯାଅ, ଦେଖାଇଦିଅ ।

- ନା ନା, ଦରକାର ନାହିଁ ମୁଁ ନିଜେ ଯିବି ।

ବାହାରିଗଲା । ଆରତି ଚାଟାର୍ଜୀଙ୍କ ଭିଜିଟର୍ ତାଙ୍କୁ ନେଇ କେଉଁଠି ଅଦୃଶ୍ୟ ହେଇଗଲେ - ଭାବିପାରିଲାନାହିଁ । ... ଗାଡ଼ିରେ ଯାଇନାହାନ୍ତି ନିଶ୍ଚିତ । କାରଣ ଆରତି ଚ୍ୟାଟାର୍ଜୀ ସ୍ଲିପ୍ ପାଇ ଶୀଘ୍ର ଶୀଘ୍ର ବାହାରିଯିବା ପରେ ହିଁ ଦୀପାଳି ଝରକା ପାଖରେ ଆସି ଛିଡ଼ା ହେଇଥିଲା । ଫାଟକ ପାଖରେ କୌଣସି ଗାଡ଼ି ନଥିଲା ।

ଅଧଘଣ୍ଟା ପରେ ପୁଣି ନିଜ ଘର ଆଡ଼କୁ ଯିବାବେଳେ ଦେଖିଲା ଊଣେଇଶ ନମ୍ବର ଘର ସାମ୍ନାରେ ଥମ୍‌କିଗଲା । ଆରତି ଚ୍ୟାଟାର୍ଜୀଙ୍କ ରୁମ୍‌ରେ ତାଲା ଝୁଲୁଛି ।

ଅର୍ଥାତ୍ ଫେରିଆସି ପୁଣି ତାଲା ବନ୍ଦ କରି ବାହାରକୁ ଯାଇଛନ୍ତି ।

ରାତି ନଅଟା ବେଳେ ଖାଇବା - ପିଇବା ଶେଷ ହେଇଗଲା । ଊଣେଇଶ ଆଉ ଏକୋଇଶ ନମ୍ବର ରୁମ୍‌ରେ ଏବେବି ତାଲା ଝୁଲୁଛି । ଘରର କବାଟ ବନ୍ଦ କରି ଦୀପାଳି ବିଛଣାଟା ଝାଡ଼ିଦେଲା । ଏଥର ଶୋଇବାକୁ ଯିବ ।

କବାଟରେ ମୃଦୁ ଟକ୍ - ଟକ୍ ଆବାଜ୍ । ଦୀପାଳି ମୁହଁରେ ବିରକ୍ତିର ଛାୟା । ତା'ପରେ ହିଁ ମନେହେଲା ଆରତି ଚ୍ୟାଟାର୍ଜୀ ହେଇପାରନ୍ତି । କିନ୍ତୁ କବାଟ ଖୋଲି ଅବାକ୍ । ଶ୍ୟାମା ଛିଡ଼ା ହେଇ ହାତରୁ ଚିରକୁଟ୍‌ଟା ବଢ଼େଇ ଦେଲେ ।

ମୋର ? ତା'ପରେ ଖୋଲି ହତଭମ୍ବ କେତେକ ମୁହୂର୍ତ୍ତ । ସ୍ଲିପ୍‌ରେ ନାଁ ଲେଖା, ଅଚ୍ୟୁତ ଘୋଷ ଚୌଧୁରୀ ।

ଠିକ୍ ଅଛି, ଯାଅ ।

ନିଜକୁ ସ୍ଥିର କରିବା ପାଇଁ ଟିକେ ସମୟ ଦରକାର ନିଶ୍ଚିତ । ... ଆରତି ନୂଆ ବୋର୍ଡରର ଗପ କହିଥିବେ । ନାଁ ଆଉ ଗାୟିକା ଦୁଇଟା କହିଥିବେ ଯଦି ତାହେଲେ ବୁଝିବାକୁ ଅସୁବିଧା କେଉଁଠି ! ନାଁ ଏବଂ ଗାୟିକା ଶୁଣିବା ପରେ ବି ଡଲି ରେଙ୍କର ରେଜିଷ୍ଟ୍ରି ବହିରୁ ଘରର ଠିକଣା ଜାଣି ନିଶ୍ଚିତ ହେଇଛନ୍ତି, ଏ ଖବର ପରେ ଶୁଣିଛି ।

ଅବାକ୍ ହେବା ପାଇଁ ଆହୁରି କିଛି ବାକି ଦୀପାଳି ଜାଣିବ କିପରି ? ତଳକୁ ଓହ୍ଲାଇ ଭିଜିଟର୍ସ ରୁମ୍ ଆଡ଼କୁ ପାଦ ବଢ଼ାଇବା ପୂର୍ବେ ଡଲି ଅଟକେଇ ଦେଲେ ତାକୁ । ତାଙ୍କର ମୁହଁରେ ଓ ଆଖିରେ ବିସ୍ମୟ । ଶ୍ୟାମାକୁ ହୁକୁମ୍ କଲେ, ସାଙ୍ଗରେ ନେଇଯାଅ । ଦୀପାଳିକୁ କହିଲେ, ସେପଟେ ନୁହେଁ, ଏପଟେ ଯାଆନ୍ତୁ -

ଅଫିସ୍ ଘର ଭିତର ବାଟେ ଶ୍ୟାମା ତାକୁ ସାଙ୍ଗରେ ନେଇ ଚାଲିଲେ । ଦୀପାଳିର ମନେପଡ଼ିଲା, ଏଇ ଅଂଶଟା ମାଲିକ ଅବନ୍ତୀ ଅଗରବାଲାଙ୍କର । ... ହଁ, ସାମ୍ନାରେ ଗୋଟାଏ ବଡ଼ ଘରେ ନିୟନ୍ ଲାଇଟ୍ ଜଳୁଛି, ପଙ୍ଖା ଘୂରୁଛି । ଶ୍ୟାମା ହିଁ କବାଟ ପାଖରେ ଛିଡ଼ା ହେଇ ଭାରୀ ପର୍ଦ୍ଦା ଘୁଞ୍ଚାଇଦେଲେ ।

ଦୀପାଳି ମିତ୍ର ଘର ଭିତରେ ପଶିଲେ । ଗୋଟାଏ ସୋଫା ଉପରେ ବସିଛନ୍ତି ଆରତି ଚ୍ୟାଟାର୍ଜୀ - ଖୁସୀରେ ଆଉ କୌତୁକରେ ଗୋରା ମୁହଁ ଟକ୍ ଟକ୍ ହେଉଛି । ତାଙ୍କ ପାଖ ସୋଫାରେ ବସି ଅଳ୍ପ ଅଳ୍ପ ହସୁଛନ୍ତି ଅଚ୍ୟୁତ ଘୋଷ ଚୌଧୁରୀ । ଆଉ ସେଇ ଦୁହିଁଙ୍କ ପାଖରେ ଅବନ୍ତୀ ଅଗରବାଲାଙ୍କ ଭାରୀ ମୁହଁଟି ମଧ୍ୟ ବେଶ୍ ହସ - ହସ ।

ସମସ୍ତଙ୍କୁ ଛାଡ଼ି ଦୀପାଳି ଅଚ୍ୟୁତ ଘୋଷ ଚୌଧୁରୀଙ୍କ ଆଡ଼କୁ ଚାହିଁ ରହିଲେ । ଅଚ୍ୟୁତ କହି ଉଠିଲେ, କ'ଣ ଘଟଣା କୁହ ତ ?

- ଓଠରେ ଟିକେ ହସ ଫୁଟି ଉଠିଲା । - ମୁଁ ମଧ୍ୟ ପଚାରିବାକୁ ଯାଉଥିଲି ... ଆପଣ ଏଇଠି ?

- ବସ ବସ । ସେଇପରି ଅପଲକ ଚାହାଣି ଯେମିତି ଅସ୍ୱସ୍ତିର କାରଣ ମନେହେଲା ଦୀପାଳିର । ତେଣୁ ମୁହଁକୁ ଚାହିଁ ବସି ରହିଲା । ଅଚ୍ୟୁତ ଜଣାଇଲେ, ଦିସ୍ ଓଲଡ୍ ଲେଡ଼ି ମିସେସ୍ ଅଗରବାଲା ମୋର ବନ୍ଧୁ - ସେଥିପାଇଁ ପ୍ରାୟ ସବୁବେଳେ ମୁଁ ଏଠିକି ଆସେ । କିନ୍ତୁ ତୁମ କଥା କ'ଣ ? କେଉଁ ଗୋଟାଏ ଗୀତ ସ୍କୁଲରେ କାମ ନେଇ ଆସିଛ ବୋଲି ଶୁଣିଲି ?

ଦୀପାଳି ମୁଣ୍ଡ ହଲାଇ କହିଲା, ଠିକ୍ ଶୁଣିଛନ୍ତି ।

କୋଲକାତା ଆସୁଛ ମୋତେ ତ କହିନାହଁ ?

ଆପଣଙ୍କର ଦେଖାପାଇଲେ ନା କହିଥାଆନ୍ତି ?

କାହିଁକି, କେତେଦିନ ପୂର୍ବେ ତ ତୁମର ସେଇ ଗୀତ ଆସରରେ ଦେଖା ହେଇଥିଲା, କଥା ହେଇଥିଲା ...

ସେତେବେଳେ ବି ଚାକିରି ଯୋଗାଡ଼

ହେଇନଥିଲା ... ହଠାତ୍ ମାମୁଁ ବ୍ୟବସ୍ଥା କଲେ ।

ଓ ... କିନ୍ତୁ ଏଇ ମହିଳାବାସର ଖବର ପାଇଲ କେମିତି ?

ସାମାନ୍ୟ ହସି ଦୀପାଳି କହିଲା, ହଷ୍ଟେଲ୍ ଖୋଜିବାକୁ ବାହାରିଲେ ମହିଳାବାସର ଖବର ତ କାନରେ ପଡ଼ିବ ହିଁ ପଡ଼ିବ, ତା'ଛଡ଼ା ଏପଟରେ ଯେତେବେଳେ ମୋ ସ୍କୁଲ୍ ... ।

ଖୁସୀରେ ଅବନ୍ତୀ ଅଗରବାଲାଙ୍କର ସ୍ଥୁଳ ବପୁ ଦୋଳାୟିତ ହେଇଗଲା । କହିଲେ, ଘୋଷ ଚୌଧୁରୀ ତୁମର ଆତ୍ମୀୟ ବୋଲି ଜାଣିଥିଲେ, ମୁଁ ତୁମ ପାଖରୁ ଆଡ଼ଭାନ୍ସ ରେଣ୍ଟ ନେଇନଥାଆନ୍ତି । 'ଆପଣ' କହୁଥିଲେ ସଙ୍ଗେ ସଙ୍ଗେ 'ତୁମେ'ରେ ଓହ୍ଲାଇ ଆସିଲେ ।

ତାଙ୍କର ଅଲକ୍ଷ୍ୟରେ ଆରତି ଚ୍ୟାଟାର୍ଜୀ ଟିକେ ମୁହଁ ମୋଡ଼ିଦେଲେ । ଅର୍ଥାତ୍ କେତେ ଉଦାର ସମସ୍ତଙ୍କୁ ଜଣାଅଛି । ଦୀପାଳିର ଆଖିରେ ଏହା ସୁଦୃଶ୍ୟ ଲାଗିଲା ।

ଅବନ୍ତୀ ଅଗରବାଲାଙ୍କ ସୌଜନ୍ୟବୋଧ ବି ଅଛି । – ଟିକେ ଚା' ପିଇବ ? ଦୀପାଳି ବିନୟର ସହ ଜଣାଇଲା, ମୋର ରାତି ଖାଇବା ହେଇଯାଇଛି । ତା'ପରେ ଅନଭ୍ୟସ୍ତ ଭାବରେ କହିଲା, ଥ୍ୟାଙ୍କସ୍ ।

ଅଚ୍ୟୁତ ଘୋଷ ଚୌଧୁରୀ ଖୁସୀର ଭାବ ଟିକକ ସ୍ୱତଃ ଉତ୍ସାରିତ ମନେହେଲାନାହିଁ ଦୀପାଳିର ।

– ତୁମେ ମୋତେ ଅବାକ୍ କରିଦେଇଛ ... ତୁମର ବଡ଼ ଭାଇମାନେ ତୁମକୁ ଏକଲା ଛାଡ଼ିଦେଲେ ?

– ନ ଛାଡ଼ିବାର କ'ଣ ଅଛି ?

– ସେଇଟା ଅବଶ୍ୟ ଠିକ୍ ... । ହସି ପାଖରେ ବସିଥିବା ଆରତି ଚ୍ୟାଟାର୍ଜୀଙ୍କୁ ଚାହିଁଲେ ।

– ଦୀପାଳିର ଗୀତ ଶୁଣିବ କେତେବେଳେ, ଭାରି ସୁନ୍ଦର ଗୀତ ଗାଏ ।

ଆରତି ଚ୍ୟାଟାର୍ଜୀ ବିସ୍ମିତ ହେଇ କହିଲେ, – ତୁମେ ଏତେ ଗୀତର ସମଝଦାର୍ ଜାଣିନଥିଲି ତ !

... ଆପଣ ନୁହେଁ, ତୁମେ ... ଦୀପାଳି କାନରେ ଟିକେ ବାଜିଲା । ଆଖି ଯୋଡ଼ିକ ସିଧା ତାଙ୍କ ମୁହଁ ଉପରେ ରଖିଲା । ଆଉ କହିଲା, ସେ ଗୀତର ସମଝଦାର୍ ନୁହଁନ୍ତି ।

ଅଚ୍ୟୁତ ଘୋଷ ଚୌଧୁରୀ ସ୍ୱୀକାର କରିବାକୁ ଚାହିଁଲେନାହିଁ । – ତୁମେ ଜାଣିଲ କେମିତି ?

ଦୀପାଳିର ଓଠରେ ହସ, କେବଳ ଥରେ ଚାହିଁଲା, ଜବାବ୍ ଦେବାର ଦରକାର ବୋଧ କଲାନାହିଁ । ତା'ପରେ ଆସ୍ତେ ଆସ୍ତେ ଉଠି ଛିଡ଼ା ହେଲା । – ମୋତେ ଭୋର୍‌ରୁ ଉଠିବାକୁ ହେବ, ସକାଳେ କ୍ଲାସ୍ ...

ଅଚ୍ୟୁତ ଘୋଷ ଚୌଧୁରୀ ମଧ୍ୟ ସଙ୍ଗେ ସଙ୍ଗେ ଉଠି ଛିଡ଼ା ହେଲେ । – ମୁଁ ବି ଯିବି ବର୍ତ୍ତମାନ । ମୋର ଠିକଣା ଓ ଫୋନ୍ ନମ୍ବର ଆରତି ପାଖରୁ ପାଇବ ... ହଠାତ୍ ଦରକାର ହେଲେ ... । ହଠାତ୍ ଆଖିରେ ଆଖି ମିଶି ଯିବାରୁ ସେତିକି କହି ଶେଷ କଲେ ।

ଆରତି ଚ୍ୟାଟାର୍ଜୀ ତାଙ୍କୁ ପଚାରିଲେ, କାଲି କେତେବେଳେ ଆସିବ ?

ଅଫିସ୍‌ରେ ଫୋନ୍‌ରେ ଜଣାଇବି । ଆସୁଛି ।

ସମସ୍ତଙ୍କ ଆଗରେ ସେ ହିଁ ଘର ଛାଡ଼ି ବାହାରିଗଲେ ।

ଭିତର କବାଟ ବାଟରେ ଆରତି ଚ୍ୟାଟାର୍ଜୀ ଏବଂ ଦୀପାଳି ମିତ୍ର । ଗୋଟିଏ ହାତରେ ଆରତି ପ୍ରାୟ ଦୀପାଳିକୁ ଜଡ଼ାଇ ଧରିଲେ । – ଆପଣଙ୍କୁ – ଧେତ୍ ଆପଣ – ଏସବୁ ମୋ ପାଇଁ ବେଶୀ ସମୟ ରହେନାହିଁ – ଏହା ପରଠାରୁ ଦୁହେଁ ଦୁହିଁଙ୍କୁ 'ତୁମେ' – କହିବା, ଏଗ୍ରି ?

ଦୀପାଳି ତାଙ୍କର ଖୁସୀର ମୁହଁଟା ଦେଖିନେଲା । ଏ ଅନ୍ତରଙ୍ଗତା ଭଲ ଲାଗିବାର କଥା ନୁହେଁ, ଅଥଚ ଖରାପ ବି ଲାଗୁନାହିଁ । ରୂପ ଛାଡ଼ି ମହିଳାଙ୍କର ଏହା ମଧ୍ୟ ଗୋଟାଏ ବୈଶିଷ୍ଟ୍ୟ । ହସି ଜବାବ୍ ଦେଲା, ଆପତ୍ତିର କ'ଣ ଅଛି –

ତୁମକୁ ଏଇ ଗୋଟାଏ ଦିନରେ ଭାରି ଭଲ ଲାଗିଛି – ଅବଶ୍ୟ ତୁମର ପ୍ରଶଂସା ମଧ୍ୟ ବହୁତ ଶୁଣିଲି – କିନ୍ତୁ ଭଲ ଲାଗିବା ସେଥିପାଇଁ ନୁହେଁ – କାହିଁକି କହିଲ ?

... କାହିଁକି ?

କେଜାଣି କାହିଁକି ! ମୋଟ୍ କଥା ଭଲ ଲାଗିଛି ।

ପାଖାପାଖି ଆସି ସିଡ଼ି ପାଖରେ ପହଞ୍ଚିଗଲେ । ଦୀପାଳି କହିଲା, ଏତେଶୀଘ୍ର ଭଲ ଲାଗିଲେ ଶେଷରେ ପସ୍ତାଇବାକୁ ହେଇପାରେ ।

– ଏତେ କଞ୍ଚା ମୁଁ ନୁହେଁ ... ତୁମ ସମ୍ପର୍କରେ ବହୁତ ଜାଣିସାରିଛି । ବୁଝିଲ ?

ଦୋତାଲାରେ ପାଦ ପକାଇ ଦୀପାଳି ତାଙ୍କ ଆଡ଼କୁ ସିଧା ଚାହିଁ କେତେଟା ଜଣାହେଇଛି, ଜାଣିବାକୁ ଚେଷ୍ଟାକଲା ।

ଆରତି ହସି କହିଲେ, ତୁମକୁ ବର୍ତ୍ତମାନ ଶୋଇବାକୁ ଦେବିନାହିଁ, ରୁମ୍ ଭିତରେ ପଶି କବାଟ ବନ୍ଦ କରିଦିଅନାହିଁ, ଲୁଗାପଟା ବଦଳି ତୁମ ପାଖକୁ ଆସୁଛି । ଦୀପାଳି ଆଗେଇ ଆସିଲା । ଦୁଇଟା ରୁମ୍ ହିଁ ଭିତର ପଟୁ ବନ୍ଦ ଅଛି । ଅର୍ଥାତ୍ ଇନ୍ଦ୍ରାଣୀ ଦତ୍ତ ବି ସିନେମା ଦେଖି ଫେରି ଆସିଛନ୍ତି । ଦୀପାଳି ମୁଣ୍ଡ ଭିତରେ ସେଇ ଆରତିଙ୍କ ଖୁସୀର ଝଙ୍କାର ବାଜି ଚାଲିଛି । ଏତେ ସହଜରେ ଜଣେ ରୂପସୀ ଝିଅ ଏତେ ଅନ୍ତରଙ୍ଗ ହେଇ ଉଠିପାରେ ଜଣାନଥିଲା । ଏପ୍ରକାର ଆଚରଣ ଅକୃତ୍ରିମ କି ନାହିଁ ମନକୁ ଆସିଲା । କିନ୍ତୁ ସେଇଟା ବି ମନେହେଲାନାହିଁ ।

ପାଞ୍ଚ – ସାତ ମିନିଟ୍ ଭିତରେ ନାଇଟି ପିନ୍ଧି ଆରତି ଘରେ ଆସି ହାଜର ହେଲେ । କବାଟ ଆଉଜି ଦେଇ ବିଛଣା ଉପରେ ବସି ପଡ଼ିଲେ । ଦୀପାଳି ମଧ୍ୟ ପାଖରେ ବସିଗଲେ । ଏବଂ ଆରତି ଆଡ଼କୁ ଚାହିଁ ରହିଲେ ।

କ'ଣ ଦେଖୁଛ ? ଆରତି ମୁହଁରେ ଦୁଷ୍ଟାମିର ହସ ।

ସତରେ ତୁମେ ବହୁତ ସୁନ୍ଦର ।

ଜାଣେ । ଏଇ ଟିକକ ଅଛି ବୋଲି ତ ଯାହା ମୋର ଚାହିଦା –

ଏଇ ଜାବବ୍‌ଟା ଦୀପାଳିକୁ ଭଲ ଲାଗିଲା ନାହିଁ ।

କିନ୍ତୁ ଆରତିଙ୍କର କୌତୂହଳର ବିଷୟ ବର୍ତ୍ତମାନ ଦୀପାଳି । – ଆଚ୍ଛା, ଅଚ୍ୟୁତ କହିଲେ, ତୁମକୁ ପୁରା ଫ୍ରକ୍ ପିନ୍ଧା ପିଲା ବୟସରୁ ଦେଖିଛନ୍ତି – ସତରେ ?

ତାଙ୍କ ମୁହଁରେ ଅଚ୍ୟୁତ ନାଁ ଟା ବି ଟିକେ କାନରେ ବାଜିଲା । – ସତ, ତେବେ ସେ – ବି ସେତେବେଳେ ହାଫ୍ ପ୍ୟାଣ୍ଟ ପିନ୍ଧୁଥିଲେ ।

ଏଇ ଜବାବ୍‌ରେ ବି ସେ ବେଶ୍ ଖୁସୀ ହେଲେ । – ତୁମର ବୟସ ବର୍ତ୍ତମାନ କେତେ ?

– ତେଇଶ ।

ଆରେ, ତୁମେ ତାହେଲେ ମୋଠାରୁ ବର୍ଷେ ବଡ଼ । ... ତୁମକୁ ଫ୍ରକ୍ ପିନ୍ଧା ଦେଖିଛନ୍ତି ଯେତେବେଳେ ସେ ତ ସେତେବେଳେ ହାଫ୍ ପ୍ୟାଣ୍ଟ ପିନ୍ଧିଥିବେ ।

ଦୀପାଳି ପଚାରିଲେ, ତୁମ୍ଭମାନଙ୍କ ଭିତରେ ଆଜି ହଠାତ୍ ମୁଁ ଆସିଗଲି କେମିତି ?

ଆରତି ହସିଲେ । – ଆଜି ଭାରି ମଜା ହେଲା । ... ମୁଁ କଥାରେ କଥାରେ କହିଥିଲି, ନୂଆ ବୋର୍ଡର ଆସିଛନ୍ତି, ରେଡ଼ିଓ ଆର୍ଟିଷ୍ଟ ଯେତେବେଳେ ଭଲ ଗୀତ ଗାଉଥିବେ ନିଶ୍ଚୟ । – ଗୀତ ସ୍କୁଲ୍‌ରେ ନୂଆ ଚାକିରି ... ଝିଅଟିର ରଙ୍ଗ କଳା ହେଲେ ବି ଆଖି ଯୋଡ଼ିକ କି ସୁନ୍ଦର !

... ଶୁଣି ସଙ୍ଗେ ସଙ୍ଗେ ନାଁ ପଚାରିଲେ । ସୁନ୍ଦର ଶୁଣିଲେ ହିଁ ପୁରୁଷମାନଙ୍କର ବ୍ୟସ୍ତତା ବଢ଼ିଯାଏ । ମୁଁ ଭାବିଲି ସେଇଆ । କିନ୍ତୁ ନାଁ କହିବାରୁ ପୁରା ରହିଗଲେ ! ପଚାରିଲେ, ଆମ କୃଷ୍ଣନଗରର ଝିଅ ? ... ତୁମେ କେଉଁ ଜାଗାର ଝିଅ ମୁଁ ଜାଣିବି କେମିତି ? କହିନପାରିବାରୁ ଅଚ୍ୟୁତ ତୁମ ଚେହେରାର ଡେସ୍କ୍ରିପ୍‌ସନ୍ ଶୁଣିଲେ, ତା'ପରେ ପୁରା ସିଓର୍ ହେଇ କହିଲେ, କୃଷ୍ଣନଗରର ଦୀପାଳି ମିତ୍ର ଛଡ଼ା ଆଉ କେହି ନୁହେଁ –

ଆଶ୍ଚର୍ଯ୍ୟ ... ସେ ଏଇଠି ଏଇ ହଷ୍ଟେଲ୍‌ରେ !

ଗୋଟାଏ ସତ କଥା ସ୍ୱୀକାର କରୁଛି ଭାଇ ତୁମ ପାଖରେ । ଅଚ୍ୟୁତଙ୍କୁ ସେଇପରି ଅବାକ୍ ହେବା ଦେଖି ମୋ ମନରେ ସନ୍ଦେହ – ପୁରୁଷ ମଣିଷ ଗୁଡ଼ାଙ୍କୁ ତ ମୁଁ ଆଉ କମ୍ ଚିହ୍ନିନାହିଁ – ସେଇ ପନ୍ଦର ଷୋହଳ ବର୍ଷ ବୟସରୁ ତ ଧକ୍କା ସହିବାକୁ ହେଉଛି – ସିଧା ପଚାରିଲି, ତୁମ ସାଙ୍ଗରେ ଆଫେୟାର୍ ଥିଲା ନା କ'ଣ ?

ଶୁଣି ହସିବାକୁ ଲାଗିଲେ । ତା'ପରେ କ'ଣ କହିଲେ ଜାଣିଛ ?

ଦୀପାଳି ଯେ ଉନ୍ମୁଖ ସେଇଟା ବୁଝିବାକୁ ଦେବାପାଇଁ ଆପତ୍ତି ଥିଲା ।

– କହିଲେ, ହଠାତ୍ ଲୋଭରେ ପଡ଼ି ପିଲାବେଳେ ଥରେ ଦେହରେ ହାତ ଲଗାଇବାକୁ ଯାଇଥିଲି, ତାର ଜବାବ୍‌ରେ ସେଇ ଝିଅଟା ମୋର ମୁଣ୍ଡଟାକୁ ଚେୟାର୍‌ରେ ଏମିତି ଭାବରେ ପିଟି ଦେଇଥିଲା ଯେ ସାତଦିନ ଯାଏଁ ମୋ ମୁଣ୍ଡ ପଛପଟ ଗୋଟାଏ ଗୁଆ ଆକାରରେ ଫୁଲି ରହିଛି । ତା'ପରେ ଆଉ ସାହସ କରି ହାତ ବଢ଼ାଇନାହିଁ ।

ହସି ହସି ବେଦମ୍ ହେଇଗଲେ । – ସତରେ ତୁମେ ଏଇ କାଣ୍ଡ ଘଟାଇଥିଲ ?

ଦୀପାଳି ବି ଚେଷ୍ଟା କରି ହସୁଛି । – କ'ଣ ଗୋଟାଏ କରିଥିଲି ... ପିଲାବେଳର କଥା ଆଉ ଏତେ ମନେନାହିଁ ।

ହସର ଆବେଗରେ ଆରତି ଦୁଇ ହାତ ବଢ଼ାଇ ତାକୁ ଜଡ଼ାଇ ଧରି ଶୋଇପଡ଼ିଲେ ।

ଦୀପାଳି ଏଥିରେ ମୋଟେ ଅଭ୍ୟସ୍ତ ନୁହେଁ । – ତୁମେ ସତରେ ଅଦ୍ଭୁତ ଝିଅ ... ସେଇ ଘରେ ତାଙ୍କୁ ଏଇପରି ହଇରାଣ କରିଛ ? ତୁମେ ସେ ଘରେ ଯାଉଥିଲ କାହିଁକି – ତୁମର କ'ଣ କୌଣସି ସାଙ୍ଗ ଥିଲେ ?

ଉଠି ବସି ଦୀପାଳି ଜବାବ୍ ଦେଲା, ନା, ଜମିଦାର୍ ବାବୁ ମୋ ବାପାଙ୍କର ସାଙ୍ଗ ଥିଲେ, ତାଙ୍କ ସ୍ତ୍ରୀ ମୋତେ ବହୁତ ଭଲପାଉଥିଲେ – ମୁଁ ତାଙ୍କୁ ବଡ଼ମା' ବୋଲି ଡାକୁଥିଲି –

ଅଚ୍ୟୁତଙ୍କ ମା'ଙ୍କୁ ?

ହଁ । ସେ ନାମ – ଗାନ ଶୁଣିବା ପାଇଁ ମୋତେ ଡାକି ପଠାଉଥିଲେ ।

ତା'ର ମୁହଁ ଆଡ଼କୁ ଚାହିଁ କ'ଣ ମନେକରି ଆରତି ପୁଣି ଖିଲି ଖିଲି କରି ହସି ଉଠିଲେ । କହିଲେ, ତୁମର ଯେଉଁ ଆଖି ଯୋଡ଼ିକ – ମୁଣ୍ଡରେ ଆଘାତ ଦିଅ ବା ଯାହା କର, ମୋପରି ଦେହର ରଙ୍ଗ ହେଇଥିଲେ ସେ ତୁମକୁ ଆଉ ରଖିନଥାଆନ୍ତେ ଆଉ ତାହେଲେ ମୁଁ ମଧ୍ୟ ତାଙ୍କର ପତ୍ତା ପାଇନଥାଆନ୍ତି – ଈଶ୍ୱର ବଞ୍ଚାଇ ଦେଇଛନ୍ତି !

ଦିମାକିଆ କଥା ହେଇଥିଲେ, ଦୀପାଳିର ରାଗ ହେଇଥାଆନ୍ତା । ଝିଅଟାକୁ କେମିତି ଗୋଟାଏ ଅଦ୍ଭୁତ ଧରଣର ଲାଗୁଛି । ପୁଣି ଦୀପାଳି ଆଡ଼କୁ ଚାହିଁ ଆରତି ଯେମିତି କିଛି ଆବିଷ୍କାର କଲେ । – ତୁମକୁ ଗୋଟିଏ ଦିନରେ କାହିଁକି ଏତେ ଭଲ ଲାଗିଥିଲା ବର୍ତ୍ତମାନ ବୁଝିପାରୁଛି । ... ତୁମ ଭିତରେ ଗୋଟାଏ ସୁନ୍ଦର ପର୍ସନାଲିଟି ଅଛି, ତୁମେ ଅବନ୍ତୀ ଅଗରବାଲାଙ୍କ ଘରେ ଆସିବା ପୂର୍ବେ ଅଚ୍ୟୁତ ତୁମର ବହୁତ ପ୍ରଶଂସା କରୁଥିଲେ, କିନ୍ତୁ ତାଙ୍କ ପରି ମଣିଷ ଯେ ତୁମକୁ ଖାତିର କରନ୍ତି, ସେଇଟା ବି ଲକ୍ଷ୍ୟ କରିଛି ।

କିପରି ... ? ଦୀପାଳିର କୌତୂହଳ ।

ପ୍ରଥମେ ଡଲି ରେଙ୍କ ଘରୁ ରେଜିଷ୍ଟ୍ରି ଖାତା ମାଗିନେଇ ତୁମର ନାଁ ଓ ହୋମ୍ ଆଡ୍ରେସ୍ ଦେଖିବା ପରେ ସିଓର୍ ହେଇ ବି ତୁମକୁ ଡାକିବେ କି ଡାକିବେ ନାହିଁ ଭାବୁଥିଲେ । ମୁଁ ଜୋର୍ କରିବାରୁ ଡାକିଲେ । ତୁମେ ଆସିବା ପୂର୍ବେ ମୋତେ ନେଇ ରସିକତା ଚାଲୁଥିଲା ଅବନ୍ତୀ ଅଗରବାଲାଙ୍କ ସାଙ୍ଗରେ – କହୁଥିଲେ, ଆଉ ବେଶୀଦିନ ଅପେକ୍ଷା କରିବାକୁ ହେଲେ ଆତ୍ମହତ୍ୟା କରିବେ – ଆଉ ସେଇ ବୁଢ଼ୀଙ୍କର ମୁହଁ ବି ଜାଣିନାହିଁ – ମୋତେ ଧମକ ଦେଇ ଯାହା ମୁହଁରେ ଆସୁଥିଲା ତାହା କହୁଥିଲେ – ତୁମେ ଆସି ଛିଡ଼ା ହେବାରୁ ଘରର ପବନ ଯେମିତି ବଦଳିଗଲା – ମୋତେ ସେଥିପାଇଁ ତୁମକୁ ଭାରି ଭଲ ଲାଗିଲା ସେତେବେଳେ ।

– ତାଛଡ଼ା ଯିବା ପୂର୍ବରୁ ସେମିତି ଚାଲିଯାଆନ୍ତି ନା କ'ଣ – ଭାରି ହଇରାଣ କରନ୍ତି ମୋତେ !

ହଇରାଣ କରିବା ଯେ କେଉଁ ଧରଣର ଆଉ ସେଟା କେତେ ଲୋଭନୀୟ ଆରତି ଚ୍ୟାଟାର୍ଜୀଙ୍କ ମୁହଁ ଦେଖି ଜଣାଗଲା । ଦୀପାଳିଙ୍କ ଭିତରେ ଗୋଟାଏ ପରେ ଗୋଟାଏ ଆଘାତ ଲାଗୁଛି କିନ୍ତୁ ତା' ସତ୍ତ୍ୱେ ବି ଝିଅଟା ଉପରେ ରାଗିପାରୁନାହାନ୍ତି ଏହା ହିଁ ଆଶ୍ଚର୍ଯ୍ୟର କଥା ! ଏଥର ଅନୁଯୋଗର ସ୍ୱରରେ କହିଲା, ତୁମେ କ'ଣ ମୋତେ ଆସନ୍ତା କାଲିର ପ୍ରଥମ ଦିନର କ୍ଲାସ୍ ବି କରିବାକୁ ଦେବନାହିଁ ବୋଲି ଠିକ୍ କରିଛ ?

ସଙ୍ଗେ ସଙ୍ଗେ ଖଟ ଛାଡ଼ି ଉଠି ଛିଡ଼ା ହେଲେ । – ସରି – ସରି – ଭେରି ସରି । ଗୁଡ୍ ନାଇଟ୍ – ଚାଲିଗଲେ । ଦୀପାଳି ଉଠି ଆସି କବାଟ ବନ୍ଦ କରିଦେଲା ।

... ନିଦ ? ନିଦ ଏହାପରେ ଆସିବ କି ନାହିଁ ସନ୍ଦେହ । ଆଲୁଅ ଲିଭାଇ ଖଟ ଉପରେ ଆସି ବସିଲା ।

... ଗୋଟିଏ ଦିନ ଭିତରେ ଏପ୍ରକାର ଯୋଗାଯୋଗ କଳ୍ପନା କରିପାରିନାହିଁ । ହଜାର ଝିଅ ଭିତରେ ମିଶି ରହିଲେ ବି ପୁରୁଷର ଆଖି ଆରତି ଚ୍ୟାଟାର୍ଜୀଙ୍କୁ ଖୋଜି ବାହାର କରିପାରିବ ଏଇଟା ଦୀପାଳି ଭଲ ଭାବରେ ବୁଝିପାରିଛି । ସେ ଭାବୁଛି ସେଇ ଅଚ୍ୟୁତ ଘୋଷ ଚୌଧୁରୀଙ୍କ କଥା । ତାଙ୍କ ଆଚରଣର କିଛି ଅର୍ଥ ଖୋଜୁଛି । ଦେହରେ ହାତ ଲଗାଇବାକୁ ଯିବା ଫଳରେ ଦୀପାଳି ଚେୟାରର କାଠରେ ତାଙ୍କର ମୁଣ୍ଡ ଆଘାତ ଦେଇଥିଲା ସେ ଗପ କରିଛନ୍ତି । କିନ୍ତୁ ସେ କେତେଦୂର ଆଗେଇଥିଲେ ସେ କଥା କହିନାହାନ୍ତି ... ତା'ପରଦିନ ସେଇ ଲୋକ ତାଙ୍କ ଘରକୁ ଆସି କ'ଣ କରିଥିଲେ ସେଇଟା ବି କହିନାହାନ୍ତି । ... ଆରତିଙ୍କୁ କେବଳ କହିଛନ୍ତି, ମୁଣ୍ଡରେ ଆଘାତ ଲାଗିବା ପରେ ସେ ସାହସ କରି କେବେହେଲେ ଆଉ ହାତ ବଢ଼ାଇନାହାନ୍ତି । ... ଏପ୍ରକାର କହିବାର ଗୋଟିଏ ଅର୍ଥ ଆରତିଙ୍କୁ ହରାଇବାକୁ ଚାହାଁନ୍ତିନାହିଁ । ଆରତିଙ୍କ ଭିତରେ ଟିକେ ବି ଭୁଲ୍ ବୁଝାବୁଝିର ଗାର ପଡୁ – ସେ ଚାହାଁନ୍ତି ନାହିଁ । ତେଣୁ ଯେତେଟିକେ କହିବା କଥା ନିଜେ କହି ଭଲ ସାଜିଛନ୍ତି । ଏହାପରେ ଦୀପାଳି ଯଦି ଆରତିଙ୍କୁ କିଛି କହେ, ଆରତି ବିଶ୍ୱାସ କରିବେନାହିଁ – ଭାବିବେ ହିଂସା କରୁଛି । ଆରତି ଚ୍ୟାଟାର୍ଜୀ ତା'ର ପର୍ସନାଲିଟି ଦେଖିଛନ୍ତି । କିନ୍ତୁ ଅଚ୍ୟୁତ ଘୋଷ ଚୌଧୁରୀ କାହାରି ପର୍ସନାଲିଟି ଦେଖନ୍ତିନାହିଁ । ତାଙ୍କର ସେଇପରି ଆଚରଣର କାରଣ ଗୋଟାଏ । ପ୍ରେମ ପର୍ବର ଏଇ ଅଧ୍ୟାୟରେ ଦୀପାଳିର ଆଖି ସାମ୍ନାରେ ଆସିବା ଆଦୌ ବାଞ୍ଛିତ ନୁହେଁ ।

## ।। ଆଠ ।।

ପନ୍ଦର ଦିନ ଭିତରେ ଦୀପାଳିର ସବୁଠାରୁ ବେଶୀ ବନ୍ଧୁତ୍ୱ ହେଇଗଲା ମ୍ୟାନେଜର ଡଲି ରେଙ୍କ ସାଙ୍ଗରେ । ଏଇ ବନ୍ଧୁତ୍ୱ ପଛରେ ଦୀପାଳିର ଟିକେ ପ୍ରଚ୍ଛନ୍ନ ଆଗ୍ରହ ଥିଲା । ... ସେ ଏଇ ଲେଡ଼ିଜ୍ ହଷ୍ଟେଲ୍‌ର ସମସ୍ତଙ୍କର ଖବର ରଖନ୍ତି ସେଇଟା ସେ ଦିନେ ଦୁଇଦିନ ଭିତରେ ଟେର୍ ପାଇଛି । ସ୍ମାର୍ଟ ଇନ୍ଦ୍ରାଣୀ ଦତ୍ତ କହିଥିଲେ, ଡଲି ରେ ସମସ୍ତଙ୍କ ଠାରୁ ତାଙ୍କୁ ବହୁତ ଭଲପାଆନ୍ତି – ମନର କଥା ଖୋଲି କହନ୍ତି । ଆରତି ଚ୍ୟାଟାର୍ଜୀ ବି ସେଇପରି କହିଥିଲେ । ଇନ୍ଦ୍ରାଣୀ ଦତ୍ତଙ୍କୁ ନେଇ ଦୀପାଳିର କିଛିବି ଆଗ୍ରହ ନାହିଁ । ତା'ର ଲକ୍ଷ୍ୟ ଏକମାତ୍ର ଜଣେ । ଆରତି ଚ୍ୟାଟାର୍ଜୀ ।

ଡଲି ରେଙ୍କ ସାଙ୍ଗରେ ଘନିଷ୍ଠ ହେବାର ସୁଯୋଗ ଦୀପାଳିର ହିଁ ବେଶୀ । ଡଲି ରେଙ୍କର ତ ସମସ୍ତଙ୍କ ସାଙ୍ଗରେ ଘନିଷ୍ଠତା ଅଛି । ଦୀପାଳି ଯେତେବେଳେ ଗୀତ ସ୍କୁଲ୍‌କୁ ଯାଏ, ସେତେବେଳେ ମହିଳାବାସରେ କାହାରି ନିଦ ଭାଙ୍ଗି ନଥାଏ । ଗୁରୁବାର, ଶନିବାର ଆଉ ରବିବାର କ୍ଲାସ୍ ହେଲେ ବି ତିନି ଦିନ ଭିତରେ ସ୍କୁଲ୍ ବା କଲେଜ୍‌ରେ ନପଢୁଥିବା ଝିଅ ଓ ମହିଳାମାନଙ୍କର କୋଚିଂ କ୍ଲାସ୍ ନେବା ପାଇଁ ସୁଯୋଗ

ପାଇଛି । ଗୀତ ତ ଭଲଗାଏ, ତା'ଛଡ଼ା କାହାର ଭାଣିଜୀ ଏବଂ ଶିଷ୍ୟା ସେଇଟା ମଧ୍ୟ ଜଣାଜଣି ହେଇଯାଇଛି । ଫଳରେ ବାକି ଚାରିଦିନ ଝିଅ ଓ ମହିଳାମାନଙ୍କର କୋଚିଂକ୍ଲାସ୍ ନେବାକୁ ହେଉଛି । ଏ ବିଷୟରେ ତା'ର ଖାତିର ବେଶୀ କାରଣ ଆଧୁନିକ ଆଉ କ୍ଲାସିକ୍ ଦୁଇ ପ୍ରକାର ଗୀତ ସେ ଶିଖାଇବାକୁ ପାରେ ।

ଗୀତ ସ୍କୁଲ୍‌ରୁ ଯେତେବେଳେ ଫେରିଆସେ, ସେତେବେଳେ ଡଲି ରେ ଆଉ ଶ୍ୟାମା ଛଡ଼ା ଆଉ ଗୋଟିଏ ମହିଳା ବି ହଷ୍ଟେଲ୍‌ରେ ନଥାଆନ୍ତି । ସମସ୍ତେ ଯିଏ ଯାହାର କାମରେ ଚାଲିଯାଇଥାଆନ୍ତି । ଖରାବେଳେ ଏକମାତ୍ର ଦୀପାଳି । ମାମୁଁ ଦୁଇଟା ଟ୍ୟୁସନ୍ ଯୋଗାଡ଼ କରିଦେଇଥିଲେ, ସେଗୁଡ଼ାକ ବି ଶେଷ କରି ଚାଲିଆସିଛି, ପାଞ୍ଚଦିନ ହେଲା । ସନ୍ଧ୍ୟାରେ ମାମୁଁଙ୍କ ପାଖରେ ତାଲିମ୍ ନେବାକୁ ଯାଏ, ସେଇଟା ବି ସପ୍ତାହକୁ ଦିନେ । ଫେରିଲା ବେଳକୁ ପ୍ରାୟ ସମସ୍ତଙ୍କ ରୁମ୍ ବନ୍ଦ ଥାଏ । ତେବେ ଆରତି ଚ୍ୟାଟାର୍ଜୀ ସାଙ୍ଗରେ ପ୍ରାୟ ଦେଖା ହୁଏ । ଦିନେ ଦିନେ ରାତି ଦଶଟା ପରେ ବି ଆରତି ଧକ୍କା ଦେଇ ଘରକୁ ପଶନ୍ତି । ଟେର୍ ପାଇଲେ ଇନ୍ଦ୍ରାଣୀ ଦତ୍ତ ବି ଚାଲିଆସନ୍ତି ।

ଏହା ପରଦିନ ଦୀପାଳି ଡଲି ରେଙ୍କ ଘରେ ଆସିଥିଲା । ଡଲି ରେ ଚେୟାର ଛାଡ଼ି ଉଠି ଛିଡ଼ା ହେଇଥିଲେ । ଗତ ରାତିରେ ମାଲିକ ତାଙ୍କ ଘରକୁ ଦୀପାଳିକୁ ଡାକିନେଇଯିବା ଫଳରେ ଦୀପାଳି ମିତ୍ରର ଦାମ୍ ତାଙ୍କ ଆଖିରେ ଚାରିଗୁଣ ବଢ଼ିଯାଇଛି । ତା'ଛଡ଼ା ଆଜି ସକାଳେ ଅବନ୍ତୀ ଅଗରବାଲା ତାଙ୍କୁ କହିଛନ୍ତି, ବାଇଶ ନମ୍ବର ରୁମ୍‌ରେ ଥିବା ଝିଅର ଯେମିତି କୌଣସି ଅସୁବିଧା ନହୁଏ – ସି ଇଜ୍ ଏ ଗୁଡ୍ ଆଣ୍ଡ ରେସ୍‌ପେକ୍ଟେବଲ୍ ଗାର୍ଲ ।

ଦୀପାଳି ହସି କହିଲା, ଏକଲା ବସି ରହିଛି, ଟିକେ ଗପ କରିବାକୁ ଆସିଲି ।

ଡଲି ରେ କହିଲେ, – ୟୁ ଆର୍ ସୋ କାଇଣ୍ଡ ... ମୁଁ କ'ଣ ଆପଣଙ୍କ ସାଙ୍ଗରେ ଗପ କରିବାର ଯୋଗ୍ୟ ! ବସନ୍ତୁ ବସନ୍ତୁ – ଆଇ ଆମ୍ ରିଏଲି ଫରଚୁନେଟ୍ ।

– ତାହେଲେ ଚାଲିଯିବି ?

କାହିଁକି ? ଡଲି ରେଙ୍କର ଭୟାର୍ତ୍ତ ମୁହଁ । – ମୁଁ କ'ଣ କିଛି ଅନ୍ୟାୟ କଲି ?

କଲେ । ... ମୋତେ ଆପଣାର ଭାବିଥିଲେ ଏତେ ବ୍ୟସ୍ତ ହେଇନଥାଆନ୍ତେ ! ଚେୟାର ଟାଣି ବସିଲେ । – ଆପଣ କ'ଣ ଛିଡ଼ା ହେଇଥିବେ ?

ଡଲି ରେ ବସି ପଡ଼ିଲେ । କିଛି ସମୟ ଚାହିଁରହି କହିଲେ, ଆପଣ ସତରେ ବହୁତ ଭଲ ...

– ଆପଣଙ୍କର ବୟସ କେତେ ?

ଡଲି ରେ ଟିକେ ବ୍ୟସ୍ତ ହେଇଗଲେ । – ଟ୍ୱେଣ୍ଟି ଫୋ ... ନା, ଆପଣଙ୍କୁ ସତ କଥା ହିଁ କହିବି ... ଅଠେଇଶ ... କାହିଁକି କହନ୍ତୁ ତ ?

ମୁଁ ଆପଣଙ୍କ ଠାରୁ ପାଞ୍ଚ ବର୍ଷ ସାନ, ମୋର ତେଇଶ, ଆଜିଠାରୁ ମୁଁ ତୁମକୁ ଡଲି ଦିଦି ଡାକିବି । ଆଉ ତୁମେ ମୋତେ ନାଁ ଧରି ଡାକିବ । ତା'ନହେଲେ ତୁମ ସାଙ୍ଗରେ କଥା ନାହିଁ ।

କ'ଣ କହୁଛନ୍ତି ଡଲି ରେ ? ଏମିତି କଥା ଏଇ ମହିଳାବାସର କୌଣସି ଝିଅ କହନ୍ତି ? ଏଇଠି ସାନ ଝିଅମାନେ ବି ତାଙ୍କୁ ନାଁ ଧରି ଡାକନ୍ତି – ଆଉ ସେ ସମସ୍ତଙ୍କୁ ଖାତିର କରନ୍ତି ।

ଡଲି ରେଙ୍କ ଖୁସୀ କହିଲେ ନସରେ । କହିଲେ, ଏତେ ଭାଗ୍ୟ ମୋର ଭାବିପାରୁନାହିଁ ... ତୁମେ ଶିଳ୍ପୀ ବୋଲି ବୋଧହୁଏ ଏଇପରି ... ଘଣ୍ଟା ଦେଖିଲେ, ତିନିଟା ବାଜିଲା । – ଅନାଦି ଉଠିଲାଣି ବୋଧହୁଏ ଟିକେ ଚା' ଦେବାକୁ କହୁଛି ?

– ନିଶ୍ଚୟ, ମୋ ପାଖରେ ତ ତୁମର ଚା' ପାଉଣା ଅଛି – ତେବେ ବର୍ତ୍ତମାନ ନୁହେଁ, ମୋ ରୁମ୍‌ରେ । – ଏଇ ଖୋଲା ହାଟ ଭିତରେ କ'ଣ ଗପ ହେଇପାରେ ! ଶ୍ୟାମା ତ ଅଛନ୍ତି, ଅସୁବିଧା ହେବନାହିଁ ବୋଧହୁଏ ?

ନା ନା, କିଛିନୁହେଁ – ଏ ସମୟରେ ଅସୁବିଧା କ'ଣ ?

ତୁମେ ତାହେଲେ ଚା' ଆଣିବା କଥା କହି, ମୋ ରୁମ୍‌କୁ ଚାଲିଆସ ।

ଦୀପାଳି ନିଜ ଘରକୁ ଚାଲିଆସିଲା । ତା'ପରେ ପନ୍ଦର ମିନିଟ୍ ପରେ ବି ଡଲି ରେଙ୍କର ଦେଖାନାହିଁ । କବାଟ ଠେଲି ଯେତେବେଳେ ଆସିଲେ ତାଙ୍କ ହାତରେ ଚା'ର ଟ୍ରେ ।

– କହିଲେ, ଅନାଦି ଏବେବି ଉଠିନାହାନ୍ତି, ନିଜେ କରି ନେଇଆସିଲି ।

ଦୀପାଳି ହସ ମୁହଁରେ ତାଙ୍କ ଆଡ଼କୁ ଚାହିଁ ଗୁଣ ଗୁଣ କରି ଗାଇ ଉଠିଲା – ସଜନୀ ଗୋ, ମନର କଥା ଶୁଣ । ସେଇ ଚା' ବିହୁନେ ମୁଁ ଉଦାସ – ଆଣ ସଜନୀ, ତ୍ୱରିତେ ଆଣ । –

ଡଲି ରେ ବୁଝିଲେ କେମିତି, ଶ୍ୟାମ ବିହୁନେ ଜାଗାରେ ଚା' ବିହୁନେ କୁହା ହେଇଛି । ଯାହା ହେଉ ମିଠା ସ୍ୱର ଶୁଣି ମୁଗ୍ଧ ହେଇଗଲେ । ଚା' ପିଉ ପିଉ ଜୋର୍ କରି ସେଇ ଗୁଣୁଗୁଣୁ ସ୍ୱରରେ ଗୋଟାଏ ଗୀତ ଶୁଣିଲେ ।

ଏଇ ପନ୍ଦର ଦିନ ଭିତରେ କେବଳ ଶନିବାର ଓ ରବିବାର ଛଡ଼ା ରୋଜ୍ ଖରାବେଳେ ଦୀପାଳି ରୁମ୍‌ରେ ଦୁହିଁଙ୍କର ଆଡ଼ା ବସିଛି ।

... ଅବନ୍ତୀ ଅଗରବାଲା ? ସି ଇଜ୍ ଏ ଭଲ୍‌ଚର୍ । ତାଙ୍କୁ ଟଙ୍କା ଦିଅ ତାହେଲେ ସେ ତୁମ ପାଇଁ ସବୁ କରିଦେବେ ।

... ଝିଅମାନଙ୍କ କଥା ଆଉ କ'ଣ ଶୁଣିବ, ଯେଉଁମାନଙ୍କର ବୟସ କମ୍, ସେମାନେ ସମସ୍ତେ କାହାରି ନା କାହାରି ସାଙ୍ଗରେ ଇନ୍‌ଭଲ୍‌ଭଡ୍ ... ଯେଉଁମାନେ ନୁହଁନ୍ତି ସେମାନେ ବି ଅପେକ୍ଷାରେ ବସି ରହିଛନ୍ତି । ... ମିସେସ୍ ଅଗରବାଲା ତୁମକୁ ପ୍ରଥମ ଦିନ କହିଥିଲେ, ଏଇଟା ସାଧାରଣ ରୋଜଗାର କରୁଥିବା ଝିଅମାନଙ୍କର ହଷ୍ଟେଲ୍ – ଯେଉଁମାନଙ୍କର ପ୍ରୋଟେକ୍ସନ୍ ଦରକାର ସେମାନଙ୍କ ପାଇଁ ଏ ହଷ୍ଟେଲ୍ – ଠିକ୍ ତାର ଓଲଟା, ବୁଝିଲ ? ଏଇ ହଷ୍ଟେଲ୍‌ର ଝିଅମାନଙ୍କ ଠାରୁ ବରଂ ପୁରୁଷମାନଙ୍କର ପ୍ରୋଟେକ୍ସନ୍ ଦରକାର !

ଶୁଣି ଦୀପାଳି ହସିବାକୁ ଲାଗିଲା ।

ହସୁଛ କ'ଣ, ସେଇ ଯେଉଁ ତଳ ଘରେ ବୟସ୍କା ତିନି ସ୍କୁଲ୍ ଟିଚର୍ ଦେଖୁଛ ... ସୁରମା ସାନ୍ୟାଲ୍, ଅନିମା ସେନ୍ ଆଉ ଅରୁନ୍ଧତୀ ବୋସ୍ – ଏଠିକାର କୌଣସି ଝିଅଙ୍କୁ ସେମାନେ ଦେଖିପାରନ୍ତିନାହିଁ –ନିଜ ନିଜ ଭିତରେ ସମସ୍ତଙ୍କ ନାଁରେ ଟୁପୁର୍ ଟାପୁର୍ କରନ୍ତି – ତା'ର ଗୋଟାଏ କାରଣ – ବୁଝିଲ ? ବୟସ କାହାରି ଚଉତିରିଶ କାହାରି ଛତିଶ କାହାରି ଅଠତିରିଶ – ଘର ସଂସାର କରିବା ପାଇଁ ମଣିଷ ପାଇଲେ ନାହିଁ ବୋଲି ଦୁନିଆରେ ସମସ୍ତଙ୍କ ଉପରେ ରାଗ ।

ତଳ ମହଲାରେ କାହାରି ପ୍ରତି ଦୀପାଳିର ଆଗ୍ରହ ନାହିଁ । ଆଗ୍ରହ ଯାହାଙ୍କୁ ନେଇ ତାଙ୍କ ସମ୍ପର୍କରେ ବି ସିଧା ପ୍ରଶ୍ନ କରିନାହିଁ । ପଚାରିଛି, ଏକୋଇଶ ନମ୍ବର ଘରର ନନ୍ଦିତା ମାଲହୋତ୍ରାଙ୍କ ଖବର କ'ଣ – କାହାରି ସହିତ କଥାବାର୍ତ୍ତା କରନ୍ତି ନାହିଁ, ବେଶୀ ଭାଗ ସମୟ ଘରର କବାଟ ବନ୍ଦ କରି ରହନ୍ତି ...

କ'ଣ କରିବେ, କଥାବାର୍ତ୍ତା କରିବେ ମାନେ କଳି ଝଗଡ଼ା । ଭାରି ଏକ୍‌ସେନ୍‌ଟ୍ରିକ୍ ଝିଅ ... ଅସଲ କଥା ହେଲା ମୁଣ୍ଡର ରୋଗ, ବୁଝିଲ ? ବାପା ବଡ଼ଲୋକ ବ୍ୟବସାୟୀ ଥିଲେ, ବ୍ୟବସାୟରେ ବୁଡ଼ି ଫକିର ହେଇଛନ୍ତି । ତା'ପରେ ସ୍ୱାମୀ, ମାନେ ମାଲହୋତ୍ରା ଆକ୍ସିଡେଣ୍ଟରେ ଚାଲିଗଲେ । ଚେହେରା ପୂର୍ବେ ଭଲ ଥିଲା – ବର୍ତ୍ତମାନ କେଉଁ ଗୋଟାଏ ଏମ୍ପୋରିଏମ୍‌ରେ ସେଲସ୍ ଗାର୍ଲ – କେତେ ବା ଦରମା, ଅଥଚ ରହନ୍ତି ତୁମମାନଙ୍କ ପରି ଆଟାଚଡ୍ ବାଥ୍ ସିଙ୍ଗଲ୍ ରୁମ୍‌ରେ । ... ବୁଝିପାରୁଥିବ । ମୋର ଧାରଣା ତିନିଥର ଅପରେସନ୍ ହେଇଯାଇଛି ... ଏକ୍‌ସେନ୍‌ଟ୍ରିକ୍ ହେବେନାହିଁ ତ କ'ଣ ? ଏକୋଇଶ ନମ୍ବରରୁ କୋଡ଼ିଏ ନମ୍ବରର ଅର୍ଥାତ୍ ସ୍ମାର୍ଟ ଝିଅ ଇନ୍ଦ୍ରାଣୀ ଦତ୍ତଙ୍କର ପ୍ରସଙ୍ଗ ଉଠିଛି । ଇନ୍ଦ୍ରାଣୀ ଦତ୍ତ କହିଥିଲେ, ଡଲି ରେ ତାଙ୍କୁ ସବୁଠାରୁ ବେଶୀ ଭଲପାଆନ୍ତି, ଭକ୍ତି

ଓ ଶ୍ରଦ୍ଧା କରନ୍ତି ଆଉ ମନର କଥା କୁହନ୍ତି । କିନ୍ତୁ ଦେଖାଗଲା ଡଲି ରେ ତାଙ୍କୁ ସବୁଠାରୁ ଅପସନ୍ଦ କରନ୍ତି – ଏକ ନମ୍ବର ଧୂର୍ତ୍ତ ବୁଝିଲ ? ଡେପୁଟି ସେକ୍ରେଟାରୀଙ୍କୁ ତେଲ ଦେଇ, ତାଙ୍କ ସାଙ୍ଗରେ ସିନେମା ଥିଏଟର ଯାଇ ବର୍ତ୍ତମାନ କେବଳ ଅଫିସ୍ ସୁପରିନ୍‌ଟେଣ୍ଡେଣ୍ଟ ହେବା ସ୍ୱପ୍ନ ଦେଖୁଛନ୍ତି । ମାସକୁ ତିନି ଚାରି ଦିନ ଟୁର୍ ଯାଆନ୍ତି – କେଉଁଠିକି ଯାଆନ୍ତି ଟୁର୍‌ରେ ଆମେ ଜାଣୁନାହୁଁ । ଫୋନ୍ ତ ମୋ ରୁମ୍‌ରୁ ହିଁ ହୁଏ ଆଉ ମୋତେ ସବୁ କହନ୍ତି । ଆଉ ଏତେ ସାଜିବାର ଲୋଭ ମୁଁ କୌଣସି ଝିଅର ଦେଖିନାହିଁ । ସତରେ ସ୍ମାର୍ଟ ଝିଅ କ'ଣ ଏତେ ସାଜନ୍ତି ? ... ତୁମର ଭଲ ଶାଢ଼ି ନାହିଁ ତ ସୁଟ୍‌କେସ୍‌ରେ ? ସାବଧାନ କରିଦେଉଛି, ଦେଖିଲେ ହିଁ ବନ୍ଧୁତ୍ୱ ଜମାଇ ପିନ୍ଧିବାକୁ ମାଗିବେ । ସେଇ ଆରତି ଚ୍ୟାଟାର୍ଜୀଙ୍କ ଠାରୁ ଶାଢ଼ି ଗହଣା ପିନ୍ଧିବାକୁ ବାକି ରଖିନାହାନ୍ତି ।

ସବୁଠାରୁ ଶେଷରେ ଊଣେଇଶ ନମ୍ବର ଘର ଅର୍ଥାତ୍ ଆରତି ଚ୍ୟାଟାର୍ଜୀ । ତାଙ୍କ ସମ୍ପର୍କରେ ଡଲି ରେଙ୍କର ବିଶ୍ଳେଷଣ ନିର୍ଭୁଲ୍ ମନେ ହେଉଛଇ ଦୀପାଳିର । ଆଉ ସେଇ ଝିଅ ସମ୍ପର୍କରେ କିଛି ଖବର ଜାଣିପାରିଛି ଯାହା ଡଲି ରେ ଛଡ଼ା ଜାଣିବା ସମ୍ଭବ ନଥିଲା । – ଆରତି ନିଜେ ହିଁ କହୁଥିଲେ ଷୋହଳ ବର୍ଷ ବୟସରୁ ତାଙ୍କୁ ପୁରୁଷର ଝମେଲା ସହିବାକୁ ପଡୁଛି ବୋଲି ...

ହେବନାହିଁ ? ଚେହେରା ଦେଖୁଛ ତ ? ଝିଅମାନେ ହିଁ ଆଖି ଫେରାଇ ପାରନ୍ତିନାହିଁ, ପୁରୁଷମାନଙ୍କର କି ଦୋଷ ? ମୁହଁରେ କହନ୍ତି, ଇନ୍ଦ୍ରାଣୀ ଚାକିରି ଦେଇଛନ୍ତି – କିନ୍ତୁ ଚାକିରି ହେଇଛି ସେଇ ଚେହେରା ପାଇଁ – ପ୍ରମୋସନ୍ ମଧ୍ୟ । କାହିଁକି କ'ଣ ହେଇଛି ବା ହେଉଛି ସେଇ ଝିଅ ବେଶ୍ ଭଲ ଜାଣିଛନ୍ତି । ମୋ ପାଖରେ ଇନ୍ଦ୍ରାଣୀ ଦତ୍ତଙ୍କୁ କମ୍ ଥଟ୍ଟା କରନ୍ତି ? ଡିଭୋର୍ସ ଫାଇଲ୍ ସୁଟ୍ କରିବାର ତିନିଦିନ ଭିତରେ ସିଧା ଇଣ୍ଟରଭିୟୁ ଦେଇ ନିଜେ ଚାକିରିଟା ଯୋଗାଡ଼ କରିଛନ୍ତି । – ଖୋଦ୍ ବଡ଼ ସାହେବଙ୍କ ମନ ବୁଝି, ଇନ୍ଦ୍ରାଣୀ ଦତ୍ତ କୌଣସି ଅସୁବିଧା ସୃଷ୍ଟି କରିନାହାନ୍ତି । ଏତିକି –

କିନ୍ତୁ ଦୀପାଳି ଅବାକ୍ ଅନ୍ୟ କାରଣ ପାଇଁ । – ଡିଭୋର୍ସ ଫାଇଲ୍ ସୁଟ୍ କରିଛନ୍ତି ! ଆରତିଙ୍କ ବିବାହ ହେଇଥିଲା ନା କ'ଣ ?

ଆରେ, ତୁମେ ତ କିଛି ଜାଣିନାହଁ । ଯାକୁ ନେଇ ତାଙ୍କର କମ୍ ଝମେଲା ଚାଲିଛି ? ବାହାଘର ହେବାର ଗୋଟିଏ ବର୍ଷ ଭିତରେ ତ ଡିଭୋର୍ସ ଫାଇଲ୍ ସୁଟ୍ କରିଛନ୍ତି । କେସ୍‌ଟା ଏବେବି ଝୁଲୁଛି । ସ୍ୱାମୀ ଜଣକ ସବୁବେଳେ ତାଙ୍କୁ ସନ୍ଦେହ କରୁଥିଲେ, ଫଳରେ ଟିକେ ଅତ୍ୟାଚାର ମଧ୍ୟ କରୁଥିଲେ । ଆରତି ଅବଶ୍ୟ କହୁଥିଲେ, ବହୁତ ଅତ୍ୟାଚାର କରୁଥିଲେ । ଆରତି ତାଙ୍କ ସ୍ୱାମୀଙ୍କର ଜଣେ ବନ୍ଧୁଙ୍କ ସାଙ୍ଗରେ ବେଶୀ ମିଳାମିଶା କରିଚାଲିଥିଲେ । ବୋଧହୁଏ ଏଇଟା କାରଣ ହେଇପାରେ । ଏସବୁ କଥା ଡଲିଙ୍କ ପାଖରେ ସେ ଗପ କରିଛନ୍ତି । ସ୍ୱାମୀଙ୍କର ସେଇ ସାଙ୍ଗର ଆଉ ଜଣେ ସାଙ୍ଗ ପଲିଟିକ୍ସ କରୁଥିଲେ, ଦଳର ଜୋର୍ ଥିଲା । ଚାକିରି ପାଇବା ପାଇଁ ବି ସେ ସାହାଯ୍ୟ କରିଥିଲେ । ଚାକିରି ପାଇବା ସଙ୍ଗେ ସଙ୍ଗେ ଘରୁ ନେଇଆସି ଏଇ ହଷ୍ଟେଲ୍‌ରେ ରଖିବାର ବ୍ୟବସ୍ଥା କରିଦେଇଥିଲେ । ଆରତି ଚ୍ୟାଟାର୍ଜୀ ବର୍ତ୍ତମାନ ତାଙ୍କ ପ୍ରେମରେ ବିଭୋର୍ । କିନ୍ତୁ ଡିଭୋର୍ସ ନ ମିଳିବା ଯାଏ । ଡିଭୋର୍ସ ହେବ କେମିତି ?

ଦୀପାଳି ହଠାତ୍ ଏତେ ଘଟଣା ବୁଝିପାରିଲାନାହିଁ । ସ୍ୱାମୀଙ୍କର ପଲିଟିକ୍ସ କରୁଥିବା ଜଣେ ସାଙ୍ଗ ଆରତିଙ୍କୁ ଆଣି ମହିଳାବାସରେ ରଖିବାର ବ୍ୟବସ୍ଥା କରିଛନ୍ତି ।

... କିନ୍ତୁ ଅଚ୍ୟୁତ ଚୌଧୁରୀ ତ ପଲିଟିକ୍ସ କରୁଥିଲେ ! ତେବେ କ'ଣ ଜଣେ ପଲିଟିସିଅନ୍‌ଙ୍କ ପାଖରୁ ଆଉ ଜଣେ ପଲିଟିସିଅନ୍ ତାଙ୍କୁ ଏଇ ହଷ୍ଟେଲ୍‌କୁ ନେଇଆସିଲେ ? ଦୀପାଳିର ଧୈର୍ଯ୍ୟ ଅଛି – ବେଶୀ ଆଗ୍ରହ ଦେଖାଇବା ପରି ବୋକା ସେ ନୁହେଁ । ଝିଅ ହିସାବରେ ଡଲିଙ୍କ ମୁହଁରୁ ପ୍ରଶଂସା ଶୁଣିଛି ଦୀପାଳି । –

ଝିଅଟିର ରୂପର ଗର୍ବ ଅଛି, କିନ୍ତୁ ସରଳ ପ୍ରକୃତିର । ତା'ଛଡ଼ା ଖୋଲା ହାତ ଖୋଲା ମନର ଝିଅ ସେ । ତାଙ୍କ ସହ ମିଶିଲେ ଭଲଲାଗେ ।

ଏକଥା ଦୀପାଳି ମନେ ମନେ ସ୍ୱୀକାର କରେ । ପୁଣି ପଚାରେ ଡିଭୋର୍ସ ନେଇ ତାଙ୍କ ସ୍ୱାମୀ ତାହେଲେ ଏବେବି ଝମେଲା କରୁଛନ୍ତି ?

କେବଳ ଝମେଲା ? ଦୁହେଁ ପାଳି କରି ଧମକ୍ ଦେଉଛନ୍ତି ।

ଦୁଇଜଣ ପୁଣି କିଏ ?

ଜଣେ ତ ଆରତିଙ୍କ ସ୍ୱାମୀ ଆଉ ଜଣେ ତାଙ୍କର ସେଇ ସାଙ୍ଗ । ମଝିରେ ମଝିରେ ଅଚିହ୍ନା ଲୋକ ଏଠିକି ଆସି ଆରତିଙ୍କ ସାଙ୍ଗରେ ଦେଖା କରିବାକୁ ଚାହାଁନ୍ତି । ଚିଠି ପଠାନ୍ତି – ଅବନ୍ତୀ ଅଗରବାଲାଙ୍କ ଘରକୁ ଯାଇ ତାଙ୍କୁ ଶାସନ କରନ୍ତି – ଆରତି ଚ୍ୟାଟାର୍ଜୀଙ୍କୁ ଏଇ ହଷ୍ଟେଲ୍‌ରେ ରଖିବା ଚଳିବନାହିଁ । ମିସେସ୍ ଅଗରବାଲା ତ ଘାବରି ଯାଇଥିଲେ – କିନ୍ତୁ ଆରତିଙ୍କ ଏଇ ପ୍ରେମିକ ଜଣକ ଯେମିତି ଦୁର୍ଦ୍ଦାନ୍ତ ସେମିତି ତାଙ୍କ ପାଖରେ ଟଙ୍କାର ଜୋର୍ ମଧ୍ୟ କମ୍ ନୁହେଁ । ଜମିଦାରଙ୍କ ପୁଅ ବୋଲି ଶୁଣିଥିଲି । ତାଙ୍କ ପାଖରୁ ଟଙ୍କା ଆଉ ଉପହାର ପାଇ ପାଇ ମସେସ୍ ଅଗରବାଲା ଏବେ ସ୍ୱସ୍ତି ପାଇଛନ୍ତି । ଆଉ ସେ କୁଆଡ଼େ ଭରସା ଦେଇଛନ୍ତି, ଆରତିଙ୍କର କେହି ଟିକେ ବି କ୍ଷତି କରିପାରିବେନାହିଁ, ଯଦି କରନ୍ତି ତାହେଲେ ଉପଯୁକ୍ତ ଶାସ୍ତି ପାଇବେ । ତୁମେ ଆସିବାର କେତେଦିନ ପୂର୍ବରୁ ତ ଗୋଟାଏ ବଡ଼ ଗଣ୍ଡଗୋଳ ହେଇଥିଲା ।

କେତେଜଣ ଅଚିହ୍ନା ଲୋକ ହଷ୍ଟେଲ୍ ଆଉ ମାଲିକଙ୍କ ଘର ସାମ୍ନାରେ ବୁଲାବୁଲି କରୁଥିଲେ । ଆରତି, ଇନ୍ଦ୍ରାଣୀ ଦତ୍ତଙ୍କ ସାଙ୍ଗରେ ଅଫିସ୍ ଗାଡ଼ିରେ ଯିବା ଆସିବା କରନ୍ତି, ତେଣୁ ଭୟ ନାହିଁ । କିନ୍ତୁ ଅନ୍ୟ ସମୟରେ ଆରତି ବାହାରକୁ ଯିବା ଆସିବା କରିପାରନ୍ତିନାହିଁ । ସେତେବେଳେ ସେଇ ଜମିଦାରଙ୍କ ପୁଅ ବି କୋଲକାତାରେ ନଥିଲେ । କିନ୍ତୁ କିଛିଦିନ ଭିତରେ ଗୋଟାଏ ସାଂଘାତିକ ଘଟଣା ଘଟିଗଲା । କେଉଁଠାରୁ କେତେଜଣ ସାଧାରଣ ମଣିଷ ଆସି ହଠାତ୍ ସେଇ ଲୋକମାନଙ୍କ ଉପରେ ଆକ୍ରମଣ କଲେ । ତିନିଜଣଙ୍କର ମୁଣ୍ଡ ଫାଟି ରକ୍ତାକ୍ତ ଅବସ୍ଥା ହେଇଗଲା, ଆଉ ତିନିଜଣ ପଳେଇ ବଞ୍ଚିଗଲେ । ... ତା'ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଅସୁବିଧା ହେଇନାହିଁ । ପରିସ୍ଥିତି ଶାନ୍ତ ।

ଡଲି ରେଙ୍କର ଥରେ ମୁହଁ ଖୋଲିଲେ ସହଜରେ ବନ୍ଦ ହୁଏନାହିଁ । – ତେବେ ଆରତିଙ୍କ ପସନ୍ଦ କହିବାକୁ ଗଲେ ବହୁତ ଭଲ । ସେଇ ଜମିଦାର ପୁଅଙ୍କର କେବଳ ସାହସ ନୁହେଁ, ଚେହେରା ମଧ୍ୟ ରାଜାପୁଅ ପରି । ସେ ଦୁହିଁଙ୍କର ବିବାହ ହେଲେ ଅତି ସୁନ୍ଦର ହୁଅନ୍ତା ... ଏଇ ଭିଜିଟିଂ ରୁମ୍‌ରେ ମଝିରେ ମଝିରେ ଆସନ୍ତି – ତେବେ ବେଶୀ ଯାଆନ୍ତି ମିସେସ୍ ଅଗରବାଲାଙ୍କ ଘରେ । – ସେଇଠାରୁ ଆରତିଙ୍କୁ ଡାକି ପଠାନ୍ତି ।

... ଆରତିଙ୍କୁ ସତରେ ଭାରି ଭଲପାଆନ୍ତି ସେ – ତା'ନହେଲେ ଏତେ ବଡ଼ ହୀରାର ଲକେଟ୍ କେହି କାହାକୁ ଦିଅନ୍ତି – ଦେଖିଲେ ଆଖି ଲାଖି ହେଇଯିବ । ଅତି କମ୍‌ରେ ପଚିଶ, ତିରିଶ ହଜାର ଟଙ୍କା ଦାମ୍ ହେବ । ମୋତେ ଡର ଲାଗେ, ଶେଷରେ ଇନ୍ଦ୍ରାଣୀ ଦତ୍ତଙ୍କ ଆୟତ୍ତକୁ ଚାଲିନଯାଏ – ଦିନେ ନିଜ ଆଖିରେ ଦେଖିଛି ଆରତିଙ୍କ ଘରେ ତାଙ୍କ ସାମ୍ନାରେ ପିନ୍ଧି ବସିଛନ୍ତି । ଆରତି କାହିଁକି ସେଇ ଲକେଟ୍‌ଟାକୁ ଇନ୍ଦ୍ରାଣୀଙ୍କୁ ଦେଖାଇବାକୁ ଗଲେ ?

ହୀରା ଖଚିତ ଲକେଟ୍ କଥା ଶୁଣି ଦୀପାଳିର ଭିତରଟା କେମିତି ଦୋହଲିଗଲା । ଜମିଦାର ଘରର ମାଙ୍ଗଳିକ ଅନୁଷ୍ଠାନରେ ବଡ଼ମା'ଙ୍କୁ ଲକେଟ୍‌ରେ କମଳ ହୀରା ଖଚିତ ଗୋଟାଏ ହାର ପିନ୍ଧିବା ଦେଖିଛି । ଦେଖିଲେ ଆଖି ଲାଖି ଯିବା ପରି ଲକେଟ୍ ସେଇଟା । ବଡ଼ମା'ଙ୍କ ମୁହଁରେ ଶୁଣିଥିଲା, ବଂଶ ବଂଶ ଧରି ଶାଶୁମାନେ ବଡ଼ ପୁଅର ବୋହୂକୁ ଏଇଟା ଦେଇଯାଉଥିଲେ । ସେଇ କମଳ ହୀରାର ଲକେଟ୍‌ଟା

ବର୍ତ୍ତମାନ କ'ଣ ଆରତି ଚ୍ୟାଟାର୍ଜୀ ପାଇଛନ୍ତି ? ନା, ଅନ୍ୟ କୌଣସି ହୀରା ସେଇଟା ?

ମନ ଖୁସୀରେ ଏହାପରେ ଆରତି ହିଁ ସେଇ ହୀରାର ଲକେଟ୍‌କୁ ଦୀପାଳିକୁ ଦେଖାଇଛନ୍ତି । ଅଚ୍ୟୁତ ଘୋଷ ଚୌଧୁରୀ ପରି ମଣିଷ ଯେ ଝିଅଙ୍କୁ ବେଶୀ ଖାତିର୍ କରନ୍ତି ବୋଲି ମନେହୁଏ, କଥା ଉଠିଲେ ହିଁ ପ୍ରଶଂସା କରନ୍ତି – ତାଙ୍କ ସାଙ୍ଗରେ ଆରତିଙ୍କ ବେଶୀ ଘନିଷ୍ଠତା ହେବନାହିଁ ତ କ'ଣ ? ଶନିବାର – ରବିବାର ଉପରବେଳା ଯେତେବେଳେ ଦୀପାଳିକୁ ଏକଲା ପାଆନ୍ତି ଛାତ ଉପରକୁ ଡାକି ଆଣି ଗୀତ ଶୁଣନ୍ତି ।

ଖୁସୀର ଉଚ୍ଛ୍ୱାସରେ ହୀରା ଖଚିତ ହାରଟା ଦେଖି ଦୀପାଳି କିଛି ସମୟ ସ୍ଥିର ହେଇଗଲେ । ବଂଶର ବଡ଼ ବୋହୂଙ୍କ ପ୍ରାପ୍ୟସେଇ କମଳ ହୀରା ! ଧୀରେ ଧୀରେ ଆରତି କହିଛନ୍ତି, ଏଇଟା ଡଲି ଆଉ ଇନ୍ଦ୍ରାଣୀ ଦିଦି ଦେଖିଛନ୍ତି ।... ସେମାନଙ୍କୁ କହିଛି ପଚିଶ ତିରିଶ ହଜାର ଟଙ୍କା ଦାମ୍ ହେବ ହୀରାଟାର । ବର୍ତ୍ତମାନ ଏଇ ହୀରାର ଦାମ୍ କେତେ ହେବ ଜାଣିଛ ? ଅଚ୍ୟୁତ ନିଜେ କହିଛନ୍ତି ଅତି କମ୍‌ରେ ଦେଢ଼ଲକ୍ଷ ଟଙ୍କା ହେବ – ଇଜ୍ ନଟ୍ ହି ରିଏଲି ଗ୍ରାଣ୍ଡ ଆଣ୍ଡ ଜେନରସ୍ ? ସାଢ଼େ ବାର ରତି ପାଖାପାଖି ଓଜନ !

ଦୀପାଳିର ଯେମିତି ଛାତି ଶୁଖି ଆସୁଥିଲା । ଟିକେ ପରେ କହିଲା, ଏଇ ଜିନିଷଟା ବ୍ୟାଙ୍କର ଲକର୍‌ରେ ନରଖି ଘରେ ରଖିଛ କାହିଁକି ? ...

ହସି ଦେଇ ଆରତି କହିଲେ, କୃପଣ ପରି ସବୁ ଜିନିଷ ରଖିଦେବାକୁ ଭଲ ଲାଗେନାହିଁ । ଯାହା ପାଏ ସଙ୍ଗେ ସଙ୍ଗେ ବ୍ୟବହାର କରିଦିଏ ।

ବହୁତ କହିବା ସତ୍ତ୍ୱେ ବି ସେଦିନ ଛାତ ଉପରେ ଦୀପାଳି ତାଙ୍କୁ ଗୀତ ଶୁଣାଇପାରିନାହିଁ । କହିଛି, ଦେହଟା ଆଜି ଭଲ ଲାଗୁନାହିଁ ।

ଛାତ ଉପରେ ଏଇ ଘରଟା ସମ୍ପର୍କରେ ମଧ ଗୋଟାଏ ଗପ ଅଛି । ଏହାକୁ ମହିଳାବାସର ଏକମାତ୍ର ଲକ୍‌ଜୁରି ଘର କରିବାକୁ ଚାହିଁଥିଲେ ଅବନ୍ତୀ ଅଗରବାଲା । ତଳ ମହଲାର ସବୁ ଘର ଠାରୁ ଏଇଟା ବଡ଼ । ମୋଜାଇକ୍ ମେଜିଆ, କାନ୍ଥରେ ଡିସ୍‌ଟେମ୍ପର୍ । ପାଖରେ ଗୋଟାଏ ବକ୍ସ ରୁମ୍ – ଅନ୍ୟଆଡ଼େ ଅଧା ତିଆରି ଆଟାଚଡ୍ ବାଥ୍ । କିନ୍ତୁ ଘର ଫିନିସ୍ ନକରି ରଖିଦେଇଥିଲେ । କାରଣ ତାଙ୍କର ମନେହେଇଛି ଏତେ ଭଡ଼ା ଦେଇ ଲକ୍‌ଜୁରି ଘରେ ରହିବା ଭଳି ଝିଅ ଜୁଟିବେ ନାହିଁ । ତା'ଛଡ଼ା ଏତେବଡ଼ ଛାତ ଉପରେ ଏକଲା ଜଣେ ଝିଅ ରହିବାକୁ ଚାହିଁବେ ବି ନାହିଁ । ଛାତଟା ପୂରା ତିନିତାଲା କରିଦେଲେ ସେତେବେଳେ ସେଇ ଘରଟା ଲକ୍‌ଜୁରି ରୁମ୍ ହିସାବରେ ରଖିଦିଆଯାଇପାରେ ।

ବର୍ତ୍ତମାନ ଆରତି ଚ୍ୟାଟାର୍ଜୀଙ୍କ ତାଗିଦ୍‌ରେ ଅବନ୍ତୀ ଅଗରବାଲା କଥା ଦେଇଛନ୍ତି ଛଅ ମାସ ଭିତରେ ତିନିତାଲାର ସେଇ ସୁଟ୍ କମ୍ପ୍ଲିଟ୍ କରିଦେବେ । ଡବଲ୍ ଠାରୁ ବେଶୀ ଭଡ଼ା ଗଣି ଆରତି ଚ୍ୟାଟାର୍ଜୀ ସେଇ ସୁଟ୍ ବୁକ୍ କରିଛନ୍ତି – ଆଗୁଆ ବହୁତ ଟଙ୍କା ମଧ ଦେଇଛନ୍ତି ।

ଦୀପାଳି ପଚାରିଲା, ହଠାତ୍ ତୁମର ଏକଲା ରହିବା ପାଇଁ ଇଚ୍ଛା ହେଲା କାହିଁକି ?

ଆରତି ଚ୍ୟାଟାର୍ଜୀ ହସି ଦେଇ କହିଲେ, ବର୍ତ୍ତମାନ ଭାଇ ଟିକେ ନିରୋଳାରେ ରହିବାକୁ ଭଲଲାଗେ । ତୁମ ସାଙ୍ଗରେ ରହିବା ଅଲଗା କଥା – କିନ୍ତୁ ସମସ୍ତେ ତ ଆଉ ତୁମପରି ନୁହଁନ୍ତି ।

ଏହା ମଧରେ ଗୋଟାଏ ଛୋଟ ଘଟଣା ଘଟିଗଲା । ଡଲି ବେଳେ ବେଳେ ତାଙ୍କୁ ଅବନ୍ତୀ ଅଗରବାଲାଙ୍କ ଘରକୁ ଡାକି ନେଇଯାଆନ୍ତି । ଅବଶ୍ୟ ସେଇଟା ରାତିରେ । ଅଚ୍ୟୁତ ଘୋଷ ଚୌଧୁରୀ ସେତେବେଳେ ଥାଆନ୍ତି ସେଇଠି । ଦୀପାଳିର ନିଜ ଉପରେ ରାଗ ହୁଏ । କାରଣ ଆରତି ଡାକିଲେ ନଯାଇ ଉପାୟ ନାହିଁ । ସେଇଠି ବସି ତାଙ୍କର ଉଚ୍ଛ୍ୱାସ ଦେଖିବାକୁ ହୁଏ କପଟ ରାଗ ଦେଖିବାକୁ ହୁଏ, ଶୁଣିବାକୁ ହୁଏ । ଦୀପାଳି କଥା କମ୍ କହେ, କେବଳ ହସେ ଅଳ୍ପ ଅଳ୍ପ । କିନ୍ତୁ ସେ ଯାଏ ତାର କାରଣ ଅଛି । ମନେହୁଏ ସେ ସାମ୍ନାରେ ବସିଥିଲେ ଆରତିଙ୍କ ପ୍ରେମିକ ଜଣକ ସ୍ୱାଛନ୍ଦ୍ୟବୋଧ କରନ୍ତିନାହିଁ । ଏଇପରି ମନେହୁଏ ବୋଲି ହିଁ ଦୀପାଳି ଗୋଟାଏ ଗୋଟାଏ ସମୟରେ ଚୁପ୍‌ଚାପ୍ ସେଇ ଲୋକଙ୍କ ମୁହଁକୁ ଚାହିଁ ବସିଥାଆନ୍ତି । ସେଥିରେ ଯେମିତି ଆହୁରି ଆସ୍ୱସ୍ତି ହୁଏ ଲୋକଜଣକର ।

ଏହା ମଧରେ ଆରତିଙ୍କୁ ପ୍ରାୟ ତିନିଦିନ ଉପରବେଳା ବା ରାତିରେ ଘରଛାଡ଼ି ବାହାରିବାକୁ ଦେଖିଲାନାହିଁ । ଶୁଣିଲା, ଅଚ୍ୟୁତ ଘୋଷ ଚୌଧୁରୀ ନିଜ ଘରକୁ ଯାଇଛନ୍ତି । ଦୀପାଳି ଜାଣେ, ଜମିଦାରୀ ଦେଖିବା ଆଉ ମନ ଭିତରେ ନାହିଁ । କେବଳ ଟଙ୍କାର ଦରକାର ହେଲେ ନିଜ ଘର କଥା ମନେପଡ଼େ ।

ତା'ପରେ ଗୋଟାଏ ସନ୍ଧ୍ୟାରେ ଶ୍ୟାମା ସେଇ ଲୋକଙ୍କର ସ୍ଲିପ୍ ନେଇ ଆସି ହାଜର । ଦୀପାଳି ମନେ ମନେ ଟିକେ ଅବାକ୍ ହେଲା, କାରଣ ସେଇ ଗୋଟିଏ ଦିନ ସେ ସ୍ଲିପ୍ ପଠାଇଥିଲେ । ଅନ୍ୟାନ୍ୟ ଦିନଗୁଡ଼ାକ ଆରତି ଡାକି ପଠାଇଛନ୍ତି ବା ନିଜେ ଆସି ନେଇଯାଇଛନ୍ତି ।

ଅବନ୍ତୀ ଅଗରବାଲାଙ୍କ ବସିବା ଘରେ ପଶି ଦୀପାଳି ଆହୁରି ଅବାକ୍ ହେଇଗଲା । ସୋଫାରେ ଅଚ୍ୟୁତ ଘୋଷ ଚୌଧୁରୀ ଏକଲା ବସିଛନ୍ତି – ଆରତି ନାହାନ୍ତି ।

ଅଚ୍ୟୁତ ହସିଲେ – ବସ –

ଦୀପାଳି ବସିଲା । ତା'ର ଆଖି ଯୋଡ଼ିକ ତାଙ୍କ ମୁହଁ ଆଡ଼କୁ । – ଆରତି କେଉଁଠି ?

– ଅଫିସ୍‌ରୁ ଫୋନ୍ କରିଥିଲେ, ସେଇଠି ସେମାନଙ୍କର କ'ଣ ଫଙ୍କସନ୍ ଅଛି ।... କିଛି ସମୟ ପରେ ଆସିଯିବେ ।

ଦୀପାଳିର ମନେହେଲା ଆରତିଙ୍କ ଅନୁପସ୍ଥିତିରେ ତାକୁ ଡାକିବାର କିଛି କାରଣ ଅଛି । ଚୁପ୍‌ଚାପ୍ ବସି ରହିଲା ।

– ମୁଁ ତିନିଦିନ ପାଇଁ କ୍ରିଷ୍ଣନଗର ଯାଇଥିଲି, କାଲି ଆସିଲି ।

ଶୁଣିଛି ...

ପୁଣି ଟିକେ ଚାହିଁରହି ଅଚ୍ୟୁତ କହିଲେ, ଦେଖ, ମୁଁ ଲୋକଜଣକ ବୋକା ନୁହେଁ, ... ସେଇଠି ମାଉସୀଙ୍କୁ ଟିକେ ପଚରା ପଚରି କରିବାରୁ ବୁଝିପାରିଲି ଏଇ ମହିଳାବାସର ଠିକଣା ତୁମେ କେମିତି ପାଇଲ ... ମୋ ମା'ଙ୍କର କ'ଣ ଇଚ୍ଛା ଥିଲା, ସେଇଟା ମଧ ଶୁଣିଛି । କିନ୍ତୁ ମୁଁ ଲୋକଟା କେତେ ବାଜେ ଜାଣିଛ ତ, ଆଉ ଏଇଠି ନିଜ ଆଖିରେ ବି ଦେଖୁଛ ... ମୁଁ ସତରେ ବର୍ତ୍ତମାନ ତୁମକୁ ଅନ୍ୟ ଆଖିରେ ଦେଖେ ... ଆଉ ପାଞ୍ଚଜଣ ଝିଅ ପରି ହାଲ୍‌କା ଭାବେ ନୁହେଁ । ତୁମେ ମିଛଟାରେ ଦୁଃଖ ପାଅନାହିଁ ।

ଦୀପାଳି ସ୍ଥିର ଭାବରେ ଚାହିଁ ରହିଛି । ଆସ୍ତେ ଆସ୍ତେ କହିଲା, ମୁଁ ଏଇଠି ଅଛି ବୋଲି ଆପଣଙ୍କର ଅସୁବିଧା ହେଉଛି ?

ନା, ତେବେ ତୁମ କଥା ଭାବି ମୋର ଟିକେ କଷ୍ଟ ହେଉଛି – ମୋ ପରି ଲୋକର ଯାହା ସାଧାରଣତଃ ହୁଏନାହିଁ ।

ଅତି ଧୀର ସ୍ୱରରେ କହିଲା, ଆପଣଙ୍କର ଅସୀମ ଦୟା । ମୁଁ ଏଇଠି ଆସି ରହିଛି ସତ କିନ୍ତୁ କେତେଦିନ ରହିବି ଭାବି ଦେଖିନାହିଁ ...

ଅଚ୍ୟୁତ ବ୍ୟସ୍ତ ହେଇ ଉଠିଲେ, ନା ନା, ମୁଁ ସେ ବିଷୟରେ କିଛି କହିନାହିଁ, ମୁଁ କେବଳ –

ବାଧା ଦେଇ ଦୀପାଳି ଉଠି ଛିଡ଼ା ହେଲା । – ମୁଁ କ'ଣ କରିବି ନ କରିବି ସେଇଟା ଆପଣଙ୍କ କହିବା ଉପରେ ନିର୍ଭର କରେନାହିଁ ।

ଦୀପାଳି ଘରୁ ବାହାରି ଆସିଲା ।

... ରାତି ଦଶଟା ପରେ ଧକ୍କା ମାରି ଆରତି କବାଟ ଖୋଲିବାକୁ କହିଲେ । ଏଇଟା ପ୍ରାୟ ହେଇଥାଏ । ଅନ୍ୟ ଦିନ ପରି ଖୁସୀ ମିଜାଜ୍ ।

ଦୀପାଳି ବୁଝିଗଲା ସନ୍ଧ୍ୟାର ଘଟଣାଟା ଅଚ୍ୟୁତ ଘୋଷ ଚୌଧୁରୀ ତାଙ୍କୁ କହିନାହାନ୍ତି ।

॥ ନଅ ॥

ଦୁଇ ମାସ ଭିତରେ ଆରତି ଚ୍ୟାଟାର୍ଜୀଙ୍କ ଲକ୍‌ଜୁରି

ସୁଟ୍ ରେଡ଼ି । ସେ ତିନିତାଲାକୁ ଉଠି ଯାଇଛନ୍ତି । ଯାକୁ ନେଇ ଅନ୍ୟ ଝିଅମାନଙ୍କ ଭିତରେ କଳ୍ପନା - ଜଳ୍ପନା ଚାଲିଛି । ଦୀପାଳି ସେଇଟା ବୁଝିପାରେ । ଆରତିଙ୍କ ଏଇପରି ଲକ୍‌ଜୁରି ସୁଟ୍‌ରେ ରହିବା ପାଇଁ ଯେଉଁ ଟଙ୍କାର ପ୍ରୟୋଜନ ସେଇଟା କେଉଁଠାରୁ ଆସୁଛି ସେଇଟା ମଧ ଅନେକଙ୍କର ଜଣା । ତେବେ ରହିବାର ବ୍ୟବସ୍ଥା ସୁନ୍ଦର ଏଥିରେ କୌଣସି ସନ୍ଦେହ ନାହିଁ । ଝକ୍ ଝକ୍ ଘର ତକ୍ ତକ୍ ଆସବାବପତ୍ର । ଘର ଭିତରେ ଦୁଇଟା ସବୁଜ କାଚର ଝରକା । ଝରକାରେ ପର୍ଦ୍ଦା ନାହିଁ, ଦରକାର ବି ନାହିଁ - ସିଡ଼ିର କବାଟ ବନ୍ଦ କରିଦେଲେ, ତିନିତାଲା ଯାଏଁ ଚଢ଼ିବାର ଆଉ କୌଣସି ରାସ୍ତା ନାହିଁ । ସବୁ ଭଲ, କିନ୍ତୁ ସଙ୍ଗ ଛଡ଼ା ଯେଉଁ ଝିଅଙ୍କର କେବେହେଲେ ଭଲ ଲାଗେନା, ତାଙ୍କର ଏଇପରି ନିରୋଳା ରହିବାର ଆଗ୍ରହଟା କେମିତି ଗୋଟାଏ ଅସ୍ୱାଭାବିକ୍ ଲାଗୁଥିଲା ଦୀପାଳିକୁ ।

ରହସ୍ୟ ଭେଦ କଲେ ଡଲି ରେ । କହିଲେ, ନିରୋଳାରେ ରହିବାକୁ ଚାହିଁବେନାହିଁ କାହିଁକି, ସେପଟେ ଆରତିଙ୍କ ସ୍ୱାମୀ ଆଉ ତାଙ୍କର ସେଇ ପ୍ରାଣପଣେ ସାଙ୍ଗ ଡିଭୋର୍ସର ମାମଲା ବୁଝାମଣା କରୁଛନ୍ତି । ଏପଟେ କେତେ ଆଉ ବିରହ ସହିବେ ! ... ତାଙ୍କର ପ୍ରେମିକ ମଧ ମୋଟା ଟଙ୍କା ଦେଇ ଅବନ୍ତୀ ଅଗରବାଲାଙ୍କ ଦୋତାଲାରେ ଗୋଟାଏ ରୁମ୍ ଭଡ଼ା ନେଇଛନ୍ତି - ତାଙ୍କର ଏତେ ବଡ଼ ଘରେ ମଣିଷ କହିବାକୁ ଗଲେ ପାରାଲିସିସ୍‌ରେ ବାରମାସ ପଙ୍ଗୁ ମିଷ୍ଟର ଅଗରବାଲା - ଜମିଦାରଙ୍କ ପୁଅ ପରି ମୁରବି ଭଡ଼ାଟିଆ ପାଇଲେ ଭଡ଼ା ଦେବେନାହିଁ କାହିଁକି ! ଡଲି ରେ ହସିବାକୁ ଲାଗିଲେ । ତା'ପରେ କହିଲେ, ତୁମେ ସବୁ କଥା ଭାରି ଡେରିରେ ବୁଝ - ଆମର ଛାତ ଆଉ ଅବନ୍ତୀ ଅଗରବାଲାଙ୍କ ଛାତ ଟିକେ ଭଲ କରି ଲକ୍ଷ୍ୟ କରିବ, ତାହେଲେ ସବୁ ବୁଝିପାରିବ ।

... ନଦେଖି ମଧ ଏହାପରେ ସବୁ ବୁଝିପାରିଛି ଦୀପାଳି । ଡଲିଙ୍କ ଅନୁପସ୍ଥିତିରେ ଛାତ ଉପରକୁ ଯାଇ ସବୁ ଦେଖିଛି । ଦୁଇଟା ଛାତ ଭିତରେ ମାତ୍ର କେତେ ଫୁଟ୍ ଫରକ୍ । ଗୋଟାଏ ଛାତର କାର୍ନିଶ ପାରି ହେଇ ତିନିଗଜ ବନ୍ଧାଇ କଲ୍‌ଭର୍ଟ ଟିକକ ପାରିହେଇ କାର୍ନିଶ ବାଟେ ପୁଣି ଅନ୍ୟ ଛାତକୁ ଆସିହୁଏ ।

ଦୀପାଳିର ଦେହ ଶିର୍ ଶିର୍ ହୁଏ । ଯେତେ ହସ ଖୁସୀ ଆଉ ଫୁର୍ତ୍ତିବାଜ୍ ହେଉ, ଆରତି ଚ୍ୟାଟାର୍ଜୀଙ୍କୁ ଭିତରେ ଭିତରେ ଆଉ ସେ ବରଦାସ୍ତ କରିପାରେନା । ତାଙ୍କର ବେକରେ ବଡ଼ମା'ଙ୍କର ସେଇ କମଳ ହୀରାର ହାର ଦେଖିବା ପରଠାରୁ ତା'ର ଭିତରଟା ବିରୋଧୀ ହେଇଉଠିଛି । ମନେହେଲା କମଳ ହୀରା ଯେମିତି ଅଶୁଚି ହେଇଯାଇଛି । ଦୀପାଳିର ମୁହଁ ଦେଖି ତା'ର ଭିତର ବୁଝିବା କଠିନ । ଆରତି ତାକୁ ଆଜିକାଲି ଆହୁରି ବେଶୀ ତିନିତାଲାକୁ ଧରି ନେଇଆସନ୍ତି । ସେ ବର୍ତ୍ତମାନ ପରମ ଶାନ୍ତିରେ ଅଛନ୍ତି । ଦୀପାଳି ତାଙ୍କର ଗଦି ଦିଆ ଖଟରେ ବି ବସେନାହିଁ । ଚେୟାର୍‌ରେ ବସେ । ଖଟରେ ବସିବାକୁ ତାକୁ ଅସହ୍ୟ ଲାଗେ । ପୁଣି ଆଶ୍ଚର୍ଯ୍ୟର କଥା, ଆରତି ଡାକିଲେ ନ ଆସି ରହିପାରେନା । କେବେ କେବେ ନଡାକିଲେ ବି ଚାଲିଆସେ । କ'ଣ ଗୋଟାଏ ଅମୋଘ ଆକର୍ଷଣ ତାକୁ ଟାଣିନେଇଆସେ ।

... ସେଦିନ ସୋମବାର । ଟିକେ ପରେ ଟ୍ୟୁସନ୍‌କୁ ଯିବ । ଡଲି ରେ ଆସି ଜଣାଇଲେ, ତା'ର ଛାତ୍ରୀ ଫୋନ୍ କରିଥିଲା, ସେ ରହିବନାହିଁ । ତେଣୁ ସେ ଯେମିତି ଗୀତ ଶିଖାଇବାକୁ ନଯାଆନ୍ତି । ଦୀପାଳି ସ୍ୱସ୍ତିର ନିଃଶ୍ୱାସ ପକାଇଲା । ଟିକେ ପୂର୍ବେ ଆରତି ଉପରକୁ ଯାଇଛନ୍ତି । ଘନ ଘନ ଘଣ୍ଟା ଦେଖୁଥିଲେ । ମୁହଁ ଦେଖି ମନେହେଉଥିଲା କାହାରି ଅପେକ୍ଷାରେ ଅଛନ୍ତି । କାହାର ଅପେକ୍ଷାରେ ସେଇଟା ତମେ ଜାଣିଛ । ଦୀପାଳିର ଟ୍ୟୁସନ୍ ଯିବା କଥା ଶୁଣି ଉଠି ଚାଲିଯାଇଛନ୍ତି ।

ସେତେବେଳେ ପ୍ରାୟ ସନ୍ଧ୍ୟା ଛଅଟା । ଶୀତ ଦିନର ବେଳ । ଦୀପାଳି ନିଜେ ନୁହେଁ, କେହି ଯେମିତି ତାକୁ ଠେଲି ଠେଲି ସିଡ଼ିରେ ଉପରକୁ ନେଇ ଆସିଲା । ସିଡ଼ିର କବାଟ ଖୋଲା, ସେତେବେଳେ ସେ ଘରେ ଏକଲା ହିଁ ଅଛନ୍ତି । ଆଉ ଅନ୍ଧାର ନହେବା ଯାଏଁ ଅନ୍ତତଃ ଛାତ ପାରି ହେଇ କୌଣସି ପ୍ରେମିକ ଆସିବେନାହିଁ ।

କିନ୍ତୁ ଛାତ ଉପରେ ପାଦ ଦେଇ ଭିତରଟା ଥରି ଉଠିଲା । ଦୁଇ ଛାତର ଦୁଇ କାର୍ନିଶ ପାଖରେ ଛିଡ଼ା ହେଇ ଦୁହେଁ ହସ ହସ ମୁହଁରେ କଥା କହୁଛନ୍ତି । ଆରତିଙ୍କର ଦେଖିବାର କଥା ନୁହେଁ, କାରଣ ସେ ସେପଟକୁ ମୁହଁ କରି ଛିଡ଼ା ହେଇଛନ୍ତି । ସେପଟ ଛାତର କାର୍ନିଶ ପାଖରେ ଅଚ୍ୟୁତ ଚୌଧୁରୀ ବି କଥାବାର୍ତ୍ତା କରୁଛନ୍ତି ସେପଟକୁ ଚାହିଁ । ତେଣୁ ସେ ବି ଦୀପାଳିକୁ ଦେଖିନାହାନ୍ତି । ସଙ୍ଗେ ସଙ୍ଗେ ଦୀପାଳି ଆରତିଙ୍କ ଘର ଭିତରକୁ ପଶିଗଲା । ଛାତି ଭିତରଟା ପୂରା ଧକ୍ ଧକ୍ ଅବାଜ୍ ହେଉଛି । ନିଃଶବ୍ଦରେ ଚେୟାର୍‌ଟା ଟାଣି ବସିଲା । ଘର ଭିତରଟା ଏବେବି ହାଲ୍‌କା ଅନ୍ଧାର ।

... ପ୍ରାୟ ଦଶ ମିନିଟ୍ ବସିବା ପରେ ଉଠିଗଲା । କିନ୍ତୁ ସେତେବେଳ ଯାଏଁ ତା'ର ଦେହଟା ଥରୁଥିଲା । ନିଃଶବ୍ଦରେ କାନ୍ଥକୁ ଲାଗିହେଇ ତଳକୁ ଚାଲିଆସିଲା । ନିଜ ଘର ଭିତରକୁ ଆସି କବାଟ ବନ୍ଦ କଲା । କିନ୍ତୁ ଭିତରେ ଗୋଟାଏ ଅବ୍ୟକ୍ତ ଯନ୍ତ୍ରଣା ଅନୁଭବ କଲା ।

ସେତେବେଳେ ରାତି ପ୍ରାୟ ଆଠଟା ହେବ । କାଳେ କେହି ଆସିବେ, ସେଥିପାଇଁ ଘର ଭିତରର ଆଲୁଅ ଲିଭେଇ ଦେଲା । ହଠାତ୍ ଲାଗ୍ ଲାଗ୍ କେତେଟା ବୋମାର ଆବାଜ୍‌ରେ ମହିଳାବାସଟା ଥରି ଉଠିଲା । କ'ଣ ହେଲା, କେଉଁଠି ବୋମା ପଡ଼ିଲା ଭଲକରି ଜାଣିବା ପୂର୍ବେ ହିଁ ପାଟିତୁଣ୍ଡ ଚିତ୍କାର ଆରମ୍ଭ ହେଇଗଲା । - ନିଆଁ ନିଆଁ ! ତିନି ତାଲାର ଘର ଜଳିଗଲା - ତିନି ତାଲାର ଘର ଜଳିଗଲା !

ହଷ୍ଟେଲ୍‌ର ସବୁ ଝିଅ ତଳକୁ ଓହ୍ଲାଇ ଆସିଛନ୍ତି । ତିନିତାଲାରେ ଆରତି ଚ୍ୟାଟାର୍ଜୀଙ୍କ ଘର ଜଳୁଛି । ବାହାରର ଲୋକମାନେ ବି ହଷ୍ଟେଲ୍ ଭିତରକୁ ପଶିଆସିଛନ୍ତି । ଦୀପାଳି ସ୍ଥାଣୁ ପରି ଛିଡ଼ା ହେଇ ଦେଖୁଛି, ତିନି ତିନିଟା ଦମ୍‌କଳ ଆସିଲା - ।

... ତା'ପରେ ଗୋଟାଏ ସମୟରେ ଯାହା ଶୁଣିବା ଦୀପାଳି ଶୁଣିଲା । ନା, ଆରତି ନାଁରେ କୌଣସି ଝିଅକୁ ସେ ଘରେ କେହି ଚିହ୍ନିପାରିନାହାନ୍ତି । ଦଗ୍ଧ ଗୋଟିଏ ଝିଅର ମୃତଦେହ ଉଦ୍ଧାର ହେଇଛି । ... ଆଉ ଦଗ୍ଧ ଆହତ ଅବସ୍ଥାରେ ଅଚ୍ୟୁତ ଘୋଷ ଚୌଧୁରୀଙ୍କୁ ଅଚେତ ଅବସ୍ଥାରେ ମିଳିଛି ଅବନ୍ତୀ ଅଗରୱାଲାଙ୍କ ଘର ଛାତ ଉପରେ । ତାଙ୍କୁ ଡାକ୍ତରଖାନା ନିଆହେଇଛି ।

... ଚାରିଟା ବୋମା ହିଁ ଆସି ପଡ଼ିଛି, ସେଇ ଘରର ଗାରଜଶୂନ୍ୟ ରାସ୍ତା କଡ଼ର ଖୋଲା ଝରକା ବାଟେ । ଘର ଭିତରେ ଆଲୁଅ ଜଳୁଥିଲା, ତେଣୁ ଅନ୍ଧାରିଆ ସରୁ ରାସ୍ତାରେ ଛିଡ଼ା ହେଇ ଦୁଷ୍କୃତିମାନଙ୍କର ନିଶାନା ଭୁଲ୍ ହେଇନାହିଁ ।

ଦୀପାଳି ତା'ପରଦିନ ଡାକ୍ତରଖାନା ଯାଇଥିଲା । ତା'ପରେ ପ୍ରତିଦିନ ଦୁଇବେଳା । ଅଚ୍ୟୁତ ଘୋଷ ଚୌଧୁରୀଙ୍କୁ ସ୍ପେଶାଲ୍ କେବିନ୍‌କୁ ନେବାର ବ୍ୟବସ୍ଥା ଦୀପାଳି ହିଁ କରିଛି । ଗୋଟିଏ ପଟ ଗାଲ ଓ ବେକରେ ଅତି ବୀଭତ୍ସ କ୍ଷତ । ଅଧା ବେହୋସ୍ ଅବସ୍ଥାରେ ଅଚ୍ୟୁତ ଘୋଷ ଚୌଧୁରୀ ଗୋଟିଏ ଉନ୍ମୁଖ ଶ୍ୟାମଳ ମୁହଁ ତାଙ୍କ ଆଡ଼କୁ ଝୁଙ୍କି ଦେଖୁଥିବା ଦେଖିଛନ୍ତି । ସୁସ୍ଥ ହେବା ପରେ ବି ଦେଖିଛନ୍ତି । ଡାକ୍ତରଖାନାରୁ ଛାଡ଼ ପାଇଛନ୍ତି ପ୍ରାୟ ଦେଢ଼ ମାସ ପରେ । ସେତେବେଳେ ଆଉ ଝୁଙ୍କିନଥିଲେ ବି ସେଇ ଆୟତ ଗଭୀର ଦୁଇ ଆଖିର ଉଦ୍‌ବେଗ ଦେଖିଛନ୍ତି ।

ଭିତରେ ଭିତରେ ଗୋଟାଏ ଅଦ୍ଭୁତ ପରିବର୍ତ୍ତନ ଅନୁଭବ କରିଛନ୍ତି ଅଚ୍ୟୁତ ଘୋଷ ଚୌଧୁରୀ । ତାଙ୍କର କେବଳ ମନେ ହେଇଛି, ପୃଥିବୀରେ ଏଇ ଗୋଟିଏ ଝିଅ ଚିରକାଳ ତାଙ୍କର ଆପଣାର ଥିଲା - ଏତେ ବଡ଼ ଘଟଣାର ପରେ ମଧ ଆପଣାର ହେଇ ରହିଛି । ତାଙ୍କର ଏଇ ଗାଲ ଓ ଗଳାର କ୍ଷତ ଯିଏ ଦେଖନ୍ତି ସେ ଶିହରି ଉଠନ୍ତି, ମୁହଁ ଫେରାଇ ନିଅନ୍ତି - କେବଳ ଏଇ ଜଣକ ବ୍ୟତିତ । ପୋଲିସର ଲୋକ

ଆସି ମୁହଁ ବୁଲାଇ କଥାବାର୍ତ୍ତା କରନ୍ତି, ମହିଳାବାସରୁ ଅବନ୍ତୀ ଅଗରୱାଲା, ଡଲି ରେ, ଇନ୍ଦ୍ରାଣୀ ଦତ୍ତ ତାଙ୍କୁ ଦେଖିବାକୁ ଆସିଥିଲେ – କିନ୍ତୁ କେହି ମୁହଁ ଆଡ଼କୁ ଭଲକରି ଚାହିଁ କଥା କହିପାରିନାହାନ୍ତି । ଏପରିକି କ୍ରିଷ୍ଣନଗରରୁ ଖବରପାଇ ମାଉସୀ, ନାଏବ ଓ ଅନ୍ୟାନ୍ୟମାନେ ଆସିଥିଲେ । ଏଇ ବୀଭତ୍ସ କ୍ଷତ ସେମାନେ ମଧ୍ୟ ବରଦାସ୍ତ କରିପାରିନାହାନ୍ତି । କିନ୍ତୁ ଦୀପାଳି ପ୍ରତିଦିନ ଦୁଇବେଳା ତାଙ୍କ ଫ୍ଲାଟ୍‌କୁ ଆସେ । କ୍ଷତ ଶୁଖିଆସିଛି, ତେବେବି ଯେତେ ଟିକେ କରଣୀୟ ଦୀପାଳି ନିଜ ହାତରେ କରେ । ଅଚ୍ୟୁତ ଘୋଷ ଚୌଧୁରୀ ସେତେବେଳେ ବି ଲକ୍ଷ୍ୟ କରିଛନ୍ତି । ଏତେ ସ୍ନେହ ଆଉ ମମତା ସେ ଆଉ କୌଣସି ଝିଅ ପାଖରୁ ଦେଖିଛନ୍ତି କି ନାହିଁ ଜାଣନ୍ତିନାହିଁ ।

ଡାକ୍ତରଖାନାରେ ଥିବା ବେଳେ ଟିକେ ଭଲ ଅବସ୍ଥା ହେବା ପରେ ସେ ଦୀପାଳିକୁ କହିଥିଲେ, ଆରତିଙ୍କ ପାଖରେ ତାଙ୍କର ଗୋଟାଏ ଭଲ ହୀରା ହାର ଥିଲା ... ସେଇଟା କେଉଁଠି ଗଲା କିଛି ଜଣାପଡ଼ିଲାନାହିଁ ... ହୀରା ତ ନିଆଁରେ ପୋଡ଼ିଯିବା ଜିନିଷ ନୁହେଁ – ସେଇ ଘରେ ଟିକେ ଖୋଜି ଦେଖ ତ ... ।

ହଁ ... ତା'ପରଦିନ ଡଲି ଅବନ୍ତୀ ଅଗରୱାଲାଙ୍କୁ କହିବାରୁ ସେ ତିନି ଚାରିଜଣ ଲୋକ ଦ୍ୱାରା ଖୋଜାଖୋଜି କରିଥିଲେ । ନପାଇ ଡଲି କହିଛନ୍ତି ଦୀପାଳିକୁ, ସମସ୍ତଙ୍କ ଆଖିରେ ଧୂଳି ଦେଇ ଇନ୍ଦ୍ରାଣୀ ଦତ୍ତ ହିଁ ସେଇ ରାତିରେ ଘରେ ପଶି ସେଇଟାକୁ ନେଇଯାଇଛନ୍ତି – ତାଙ୍କ ଘର ସର୍ଚ୍ଚ କଲେ ମିଳିଯିବ, ମୁଁ ହଲପ କରି କହିପାରେ ।

କିନ୍ତୁ ଦୀପାଳି ଅଚ୍ୟୁତ ଘୋଷ ଚୌଧୁରୀଙ୍କୁ ଏସବୁ କିଛି ନକହି, କେବଳ କହିଛି ଅବନ୍ତୀ ଅଗରୱାଲା ଲୋକ ଲଗାଇ ଖୋଜାଖୋଜି କରାଇଥିଲେ କିନ୍ତୁ ପାଇନାହାନ୍ତି ।

ଅଚ୍ୟୁତ ଘୋଷ ଚୌଧୁରୀ ଟିକେ ଭାବି ପୁଣି କହିଥିଲେ, ହୁଏତ ପୋଷ୍ଟମର୍ଟମରେ ନେଇଯିବା ସମୟରେ କିଛି ଗୋଟାଏ ହେଇଛି । ଛାଡ଼ – ଯାହା ଯିବା କଥା ଯାଇଛି ।

ଏତେ ଦାମୀ ହୀରା ପାଇଁ ଗୋଟାଏ ବଡ଼ ଆକ୍ଷେପ ବି ଦେଖିନାହିଁ ଦୀପାଳି । କିନ୍ତୁ ଏଇ ମଣିଷଙ୍କର ବର୍ତ୍ତମାନ ପରିବର୍ତ୍ତନ ମଧ୍ୟ ଦୀପାଳି ଆଶା କରିନାହିଁ । ସେ ଯେମିତି ହୀରା ଠାରୁ ବେଶୀ ଦାମୀ ଜିନିଷ ପାଇଛନ୍ତି । ପ୍ରତିଦିନ ତା'ର ଆସିବା ଅପେକ୍ଷାରେ ଉନ୍ମୁଖ ହେଇ ବସିଥାଆନ୍ତି । ଯେତେ କଥା ନକହନ୍ତି, ତା'ଠାରୁ ବେଶୀ ମୁହଁ ଆଡ଼କୁ ଚାହିଁ ବସିଥାଆନ୍ତି । ଏପ୍ରକାର ଶାସ୍ତି ତାଙ୍କର ପ୍ରାପ୍ୟ ଥିଲା ବୋଲି ସବୁବେଳେ କୁହନ୍ତି ।

ଦୀପାଳି ବୁଝିପାରୁଛି ଏଇ ସେବା କରିବା ଦିନ ମଧ୍ୟ ଆସ୍ତେ ଆସ୍ତେ ସରି ଆସୁଛି । ଛାତି ତଳେ ଗୋଟାଏ ଯନ୍ତ୍ରଣା ଠେଲି ଦେଇ ହସ ମୁହଁରେ କହିଲା, ଶାସ୍ତିକୁ ପ୍ରାପ୍ୟ ବୋଲି ଯଦି ଭାବନ୍ତି ତା'ହେଲେ ଆଉ ଅକ୍ଷେପ କାହିଁକି, କ୍ରିଷ୍ଣନଗର ଯାଇ ଜମିଦାରୀ ବୁଝାବୁଝି କରନ୍ତୁ, ଆଉ ସୁସ୍ଥ ରହନ୍ତୁ ।

ମୁହଁ ଆଡ଼କୁ ଚାହିଁ ଅଚ୍ୟୁତ ଘୋଷ ଚୌଧୁରୀ ଜବାବ୍ ଦେଲେ, ସେସବୁ ତ ତୁମ ଉପରେ ନିର୍ଭର କରୁଛି ।

ଏହା ଶୁଣି ଦୀପାଳି ଥମ୍‌କି ଗଲା । ତା'ର ଆୟତ ଆଖି ଯୋଡ଼ିକ ତାଙ୍କର ଅନ୍ତସ୍ଥଳ ଯାଏଁ ଦେଖିନେଉଛି । ଗଳାର ସ୍ୱର ଥଣ୍ଡା ଓ କୋମଳ । – ମୁଁ ଆଉ କୌଣସି ଆଶା ନେଇ ବସିନାହିଁ ଏ ଟିକକ ଆପଣ ବିଶ୍ୱାସ କରିପାରନ୍ତି । ... ମୋ କଥା ଭାବି ଆପଣଙ୍କର ବିବ୍ରତ ହେବାର କୌଣସି ଦରକାରନାହିଁ ।

ଅଚ୍ୟୁତ ଘୋଷ ଚୌଧୁରୀ ବହୁତ ସମୟ ସ୍ତବ୍ଧ ହେଇ ବସିରହିଲେ । ହସିବାକୁ ଯାଇ ପୂର୍ବର ସେଇ ସୁନ୍ଦର ମୁହଁଟି ଟିକେ ବିକୃତ ଦିଶିଲା । ଜାଣିନପାରି ଦୀପାଳି ଆଗେଇ ଆସି କ୍ଷତ ଆଡ଼କୁ ଝୁଙ୍କି ପଚାରିଲା, – ଯନ୍ତ୍ରଣା ହେଉଛି ?

ଆସ୍ତେ ଆସ୍ତେ ମୁଣ୍ଡ ହଲାଇଲେ । ଖୁବ୍ ଧୀରେ ଧୀରେ କହିଲେ, ହେଉଛି ... ତେବେ ଏଇଠି ନୁହେଁ । ଆଖି ଯୋଡ଼ିକରେ ଆକୁତି, ତୃଷ୍ଣା । କ୍ଷତ ଦାଗଟା ଆଡ଼କୁ ଆଙ୍ଗୁଠି ଦେଖାଇ କହିଲେ, – ମୋର ଏଇ ବୀଭତ୍ସ କ୍ଷତଟାକୁ ବର୍ତ୍ତମାନ ସମସ୍ତେ ଘୃଣା କରନ୍ତି, କିନ୍ତୁ ତୁମେ ? ତୁମର ବି ଘୃଣା ହୁଏ ?

ଦୀପାଳି ସିଧା ଚାହିଁ ହସି କହିଲା – ଏଇ ଦୁଇମାସ ଦେଖି ଆପଣଙ୍କର ସେଇଆ ମନେହେଲା ?

ନା, ସେଇଟା ମନେ ହେଇନାହିଁ । ହେଇନାହିଁ ବୋଲି ମୁଁ ବହୁତ ବହୁତ ଆଶା କରିଥିଲି । ଅନ୍ଧକାରରୁ ଆଲୁଅକୁ ଫେରିବା କ'ଣ ମୁଁ ଜାଣିନଥିଲି । ଜୀବନରେ ନୂଆ କରି ବଞ୍ଚିବାର ଏଇ ସ୍ୱାଦ ଏଇ ଆକାଂକ୍ଷା ମୋର ଜଣାନଥିଲା । ମୋ ଉପରେ ତୁମର ଘୃଣା ଏଇ କ୍ଷତ ଠାରୁ ବହୁତ ବେଶୀ ହେବା ସ୍ୱାଭାବିକ୍ ... କିନ୍ତୁ ବଞ୍ଚିବା ପାଇଁ ତୁମର ଏଇ ଘୃଣା ହିଁ ଯେ ମୋର ପ୍ରାପ୍ୟ ସେଇଟା ମଧ୍ୟ ଭାବିନାହିଁ ।

ଦୀପାଳି ଅପଲକ ଚାହିଁଛି ସେଇ ମଣିଷଙ୍କୁ । ଛାତି ଭିତରଟା ମନ୍ଥି ହେଇଯାଉଛି । କହିଲା, ତୁମକୁ ମୁଁ ଘୃଣା କରିପାରେନା ।

ଆଶାରେ ଉତ୍ତେଜନାରେ ଅଚ୍ୟୁତ ଘୋଷ ଚୌଧୁରୀ ଉଠି ଛିଡ଼ା ହେଲେ । ଆଗେଇ ଆସିଲେ । ନିଜର ଅଗୋଚରରେ ହାତ ଯୋଡ଼ିକ ତା'ର କାନ୍ଧ ଉପରକୁ ଉଠିଆସିଲା – ତା'ହେଲେ ? ତା'ହେଲେ ତୁମେ ଏମିତି କଥା କହୁଛ କିପରି ? ମୋତେ ଚେଷ୍ଟା କରି ଭଲ କରି ପୁଣି କାଦୁଅ ଭିତରକୁ ଠେଲି ଦେଉଛ କାହିଁକି ? ଦୀପାଳି କୁହ ! ଦୀପାଳି ଚୁପ୍ ହେଇ ରୁହନାହିଁ – କେବଳ ମୋତେ ଥରେ ତୁମେ ଦୟାକରି ସୁଯୋଗ ଦିଅ – ଦୀପାଳି କଥା ଦିଅ ?

ଆକୁତି ଆଉ ଉତ୍ତେଜନାରେ ଦୁର୍ବଳ ମଣିଷ ଜଣକ ପୁରା ଥରୁଛନ୍ତି । ଦୀପାଳିର ମନେହେଲା ପଡ଼ିଯାଇପାରନ୍ତି । ଦୁଇ ହାତରେ ତାଙ୍କର ଦୁଇ ବାହୁକୁ ଟାଣ କରି ଧରିଲା । କିନ୍ତୁ ସେଇପାଇଁ ଏଇ ଲୋକ କ'ଣ ବୁଝିଲେ କେଜାଣି । ଆଶାର ଆନନ୍ଦରେ ଏବଂ ଉତ୍ତେଜନାରେ ତାକୁ ଛାତି ଉପରକୁ ଟାଣି ଧରିଲେ । ଆହୁରି ବେଶୀ ଥରିବାକୁ ଲାଗିଲେ । କାଳେ କ୍ଷତ ଉପରେ ଆଘାତ ଲାଗିପାରେ ଏଇ ଭୟରେ ଦୀପାଳି ମଧ୍ୟ ତାଙ୍କୁ ଜାବୁଡ଼ି ଧରିଲା ଆଉ ଅସ୍ପଷ୍ଟ ସ୍ୱରରେ କହିଲା, ଖଟ ଉପରେ ବସିଯାଅ – ଥରୁଛ ... ।

କଥା ଶେଷ ହେଲାନାହିଁ । ଦୁଇ ଓଠର ଆକୁତି ଏଥର ଦୀପାଳିର ଅଧରରେ ଘନ ହେଇ ଉଠିବାକୁ ଲାଗିଲା । ଦୀପାଳି ବାଧା ଦେଲାନାହିଁ । କାରଣ ଏଇ ଅବସ୍ଥାରେ ଆଘାତ ଲାଗିଲେ କ୍ଷତ ଜାଗାରେ କ୍ଷତି ହେଇପାରେ ।

ରାତି । ନିଜ ଘରେ ବସି ଦୀପାଳି ମିତ୍ର ଗୋଟିଏ ଗୋଟିଏ କରି ତିନୋଟି ଚିଠି ଲେଖିଲା । ଗୋଟାଏ ମାମୁଁଙ୍କୁ, ଗୋଟାଏ ଗୀତ ସ୍କୁଲ୍‌କୁ ଆଉ ଗୋଟାଏ ଅବନ୍ତୀ ଅଗରୱାଲାଙ୍କୁ । ଶେଷ ଚିଠି ଦୁଇଟା ସଂକ୍ଷିପ୍ତ । ଗୀତ ସ୍କୁଲ୍‌ରେ ଇସ୍ତଫା ଦେଲା । ଆଉ ଅବନ୍ତୀ ଅଗରୱାଲାଙ୍କ ଘର ଛାଡ଼ି ଦେଲା । ସେଇ ଖାମ୍‌ରେ ଟଙ୍କା ହିସାବ କରି ରଖି ମୁହଁ ବନ୍ଦ କଲା । ଆଖିରେ ପାଣି ତେଣୁ ସବୁ ଝାପ୍‌ସା ଦିଶୁଛି । ମାମୁଁଙ୍କୁ ଲେଖିଛି, ତା'ର ଜୀବନରୁ ଗୀତ ଆଜିକୁ ଦୁଇମାସ ହେଲା ବନ୍ଦ ହେଇଯାଇଛି – ଏଇ ଗୀତକୁ ଉଦ୍ଧାର କରିବା ଆଶାରେ ଦୂରକୁ ଯିବାକୁ ହେଉଛି । କାହାରି କୌଣସି ଚିନ୍ତା କରିବାର କାରଣ ନାହିଁ, କେବଳ ତାକୁ ଖୋଜିବା ପାଇଁ ଯେମିତି ସମସ୍ତେ ବ୍ୟସ୍ତ ନହୁଅନ୍ତି । ବଡ଼ ଭାଇମାନେ ଆସି ତା'ର ଜିନିଷପତ୍ର ନେଇଯାଆନ୍ତି ।

ଉଠିଲା । ବଡ଼ ଟ୍ରଙ୍କଟା ଖୋଲି ତଳୁ ଗୋଟାଏ ପୁଟୁଳି ଟାଣି ବାହାର କଲା । ଖୋଲିଲା । ଲକେଟ୍‌ରେ ସେଇ କମଳ ହୀରା ଖଚିତ ବଡ଼ମା'ଙ୍କର ହାର ।

– ହଁ, ଏଇ ହାର ଦୀପାଳି ନେଇ ଆସିଥିଲା । ଆରତି ଚ୍ୟାଟାର୍ଜୀଙ୍କ ଘରେ ବୋମା ପଡ଼ିବା ବା ନିଆଁ ଲାଗିବା ପରେ ନୁହେଁ । ତାର ଦୁଇଘଣ୍ଟା ପୂର୍ବେ । ଯେତେବେଳେ ଦୁଇ ଛାତରେ ଦୁହେଁ ବିଭୋର ହେଇ କଥାବାର୍ତ୍ତା କରୁଥିଲେ, ଆଉ ସେ ଆରତିର ଘରେ ଟେବୁଲ୍‌ର ସାମ୍ନା ଚେୟାରରେ ବସିଥିଲା । ସେଇ

ଘର ବି ସେତେବେଳେ ଅନ୍ଧକାର ଥିଲା । ଟେବୁଲ୍‌ର ଡ୍ରୟାର୍‌ଟା ଚାରି ଆଙ୍ଗୁଳି ଫାଙ୍କ ଥିଲା । ତା'ର ଲକ୍ଷ୍ୟ ନଥିଲା । ହଠାତ୍ ସେଇ ଫାଙ୍କରେ ଚକ୍ ଚକ୍ ହେଉଥିଲା ହାରଟା ଦେଖି ସେ ଡ୍ରୟାର୍‌ଟା ଟାଣି ଖୋଲିଥିଲା ।

ଡ୍ରୟାର୍ ଭିତରେ ସେଇ ହାର ! ... ହୁଏତ ପିନ୍ଧିବେ ବୋଲି ସେଇଠି ରଖିଥିଲେ, ସେପଟ ଛାତରେ କେହି ଆସିଛନ୍ତି ଭାବି ଡ୍ରୟାର୍ ଭିତରେ ରଖି ଦୌଡ଼ିଥିଲେ ।

ସେଇ କେତେଟା ମୁହୂର୍ତ୍ତ ମୁଣ୍ଡ ଭିତରେ ଗୋଟାଏ ଓଲଟ ପାଲଟ କାଣ୍ଡ ଘଟିଯାଇଥିଲା ଦୀପାଳିର । ହଁ, ଲୁବ୍ଧ ହେଇଥିଲା ସତ । ଆଉ ତା' ସହିତ ଭାବିଥିଲା, ବଡ଼ମା'ଙ୍କର ବେକର ଏଇ ହୀରା ବଂଶର ବଡ଼ ବୋହୂର ପ୍ରାପ୍ୟ – ସେଇ ବଡ଼ ବୋହୂ ଆରତି ନୁହେଁ । ଏଇ ହାର ତାଙ୍କର ନୁହେଁ । ଗୋଟିଏ ପୁରୁଷର ଘର ଛାଡ଼ି ଡିଭୋର୍ସ ନ ହେଉଣୁ ଆଉ ଜଣେ ପୁରୁଷକୁ ବାହାଘର ପୂର୍ବେ ଦେହକୁ ନିଜର ଦଖଲ୍ ଦିଏ – ଏଇ ହାର ତାଙ୍କର ହେଇପାରେନା !

ଡ୍ରୟାର୍‌ରୁ ସେଇଟା ନେଇ ନିଃଶବ୍ଦରେ ଚାଲିଆସିଛି । ନିଜ ରୁମ୍ ଭିତରେ ପଶି ହିଁ ମାନସିକ ଯନ୍ତ୍ରଣା ଭୋଗିଛି । ପୁଣି ଯାଇ ସେଇଟା ରଖି ଆସିବା କଥା ମଧ୍ୟ ଭାବିଛି । ଅସହ୍ୟ ଉତ୍ତେଜନା ଚାପି ଠିକ୍ କରିଛି, ସକାଳେ ଉଠି ଯେମିତି ଗୀତ ସ୍କୁଲ୍‌କୁ ଯାଏ, ଏଇଟା ସାଙ୍ଗରେ ନେଇଯିବ । ଆରତି ନିଦରୁ ଉଠେ ଆଠଟା ପରେ । ଗୀତ ସ୍କୁଲ୍‌ରୁ ଫେରିବା ବେଳକୁ ବ୍ୟାଙ୍କ ଯାଇ ନିଜର ଲକର ଖୋଲି ରଖିଦେଇଆସିବ । ନା, ତା'ର ଲକର ଅଛି ବୋଲି କେହି ଜାଣନ୍ତିନାହିଁ । ତା'ଛଡ଼ା ତା' ଉପରେ କାହାରି ସନ୍ଦେହର ଛାଇ ବି ପଡ଼ିବନାହିଁ ।

... କିନ୍ତୁ ଠିକ୍ ତା'ର ଦୁଇଘଣ୍ଟା ପରେ ବୋମା ପଡ଼ିଲା, ନିଆଁ ଲାଗିଲା – ସେଇ ବିପର୍ଯ୍ୟୟ ଘଟିଗଲା । ଦୀପାଳିକୁ ଆଉ କିଛି କରିବାକୁ ଦରକାର ହେଲାନାହିଁ । ... କିନ୍ତୁ ଏଇ ମଣିଷଙ୍କ ଭିତରେ ଏଇପରି ପରିବର୍ତ୍ତନ ଘଟିବ, ଏହା କ'ଣ ଜାଣିଥିଲା ? ଅଚ୍ୟୁତ ଘୋଷ ଚୌଧୁରୀଙ୍କ ଭିତରଟା ଏଇପରି ବଦଳିଯିବ କଳ୍ପନା ବି କରିପାରିନାହିଁ ବୋଲି ହିଁ ଏଇ କମଳ ହୀରା ପ୍ରତି ଲୋଭ ଥିଲା ଦୀପାଳିର । ଭାବିଥିଲା, ପୁଣି କେଉଁ ଗୋଟାଏ ଝିଅ ଆସିବ ଅଚ୍ୟୁତ ଘୋଷ ଚୌଧୁରୀଙ୍କ ଜୀବନରେ, ଏଇ କମଳ ହୀରା ପୁଣି ତାଙ୍କ ବେକରେ ଯାଇ ଶୋଭା ପାଇବ । ନା, ସେଇଟା ହେଇପାରିବନାହିଁ, ଦୀପାଳି ସେଇଟା ହେବାକୁ ଦେବନାହିଁ । ... ବଡ଼ମା'ଙ୍କର ଇଚ୍ଛା ଥିଲା ବୋଲି ହିଁ ଏମିତି ଅସମ୍ଭବ ଭାବରେ କମଳ ହୀରା ତା'ର ଦଖଲକୁ ଆସିଛି । ବଡ଼ମା'ଙ୍କର ଏଇ ହୀରା କେବଳ ତା'ର ଛଡ଼ା ଆଉ କାହାରି ନୁହେଁ ।

... କିନ୍ତୁ ଆଜି ? ଆଜି ଦୀପାଳି କ'ଣ କରିବ ?

ଏଇ ହୀରା ଆଜୀବନ ଗୋପନ ରଖି ସେଇ ଲୋକଙ୍କର ଘର କରିଯିବ ? ଏତେ ବଡ଼ ଚୋରି ଛାତି ତଳେ ପୋଷି ରଖି ? ସେଇଟା ହେଇପାରେନା । ଦିନେ ନା ଦିନେ ଧରା ପଡ଼ିବ ହିଁ ପଡ଼ିବ । ... ସେତେବେଳେ ସେଇ ଲୋକ ପାଖରୁ ସେ କ'ଣ ପାଇବ ?

... ସବୁ ଖୋଲି କହିବ ? ଲୋଭ ସ୍ୱୀକାର କରିବ ? ସେଇଟା ଆହୁରି ଅସମ୍ଭବ । ସବୁ ଜାଣିଲେ ଘୃଣା କରିପାରନ୍ତି, ସମ୍ପର୍କ ନରଖିପାରନ୍ତି – ସେଥିପାଇଁ ଦୀପାଳିର ଭୟ ନାହିଁ । ଅସଲ ଭୟ, ସବୁ ଜାଣି ସେଇ ଲୋକ ତାକୁ ଦୟା କରିପାରନ୍ତି – କିନ୍ତୁ ଯାହାର ହାତ ଧରି ଅନ୍ଧକାରରୁ ଆଲୁଅକୁ ଆସିବାର ଏମିତି ଆକୁତି ତାଙ୍କର – ସବୁ ଜାଣିବା ପରେ, ଶୁଣିବା ପରେ ତା' ଭିତରେ ସେଇ ଝିଅକୁ ସେ ଖୋଜିପାଇବେ କେଉଁଠି ? ଏମିତି ଗୋଟିଏ ସାଧାରଣ ଝିଅକୁ ପାଇବା ପରେ ପୁଣି ତାଙ୍କର ଅନ୍ଧକାର ଭିତରକୁ ଚାଲିଯିବାକୁ କେତେ ସମୟ ଲାଗିବ ? ଏଇ ଲୋଭୀ ଝିଅ, ଚୋର ଝିଅ ସେତେବେଳେ କେଉଁ ଜୋର୍ ଦ୍ୱାରା ସମ୍ଭାଳିବ ତାଙ୍କୁ ? ବରଂ ସେଇ ଲୋକ ପାଖରେ ସେ ଅସାଧାରଣ ହେଇ ରହିଲେ ହିଁ ବେଶୀ ଆଶା । ତାକୁ ନପାଇ ହୁଏତ ଆହୁରି ପୋଡ଼ିଯିବେ, କିନ୍ତୁ ପୋଡ଼ି ପୋଡ଼ି ଆହୁରି ଖାଣ୍ଟି ସୁନା ହେବେ – ଆଜି ଯାହା ଦେଖି ଆସିଲା ସେଥିରେ ଏଇ ବିଶ୍ୱାସ ହିଁ ଦୀପାଳିର ବଦ୍ଧମୂଳ । ... ସେଇ ଲୋକଙ୍କର ପରିବର୍ତ୍ତନର ଟେର୍ ପାଇ ଦୀପାଳି ବହୁତ ଭାବିଛି, ବହୁତ ରାତିରେ ଶୋଇପାରିନାହିଁ । ଆଜିକା ପରେ ତା'ର ହଜିଯିବା ହିଁ ଠିକ୍ ହେବ ।

## ॥ ଦଶ ॥

ଅଚ୍ୟୁତ ଘୋଷ ଚୌଧୁରୀଙ୍କ ହିସାବରେ ଦୀପାଳି ମିତ୍ର ହଜି ଯିବାର ଏକୋଇଶ ବର୍ଷ ପରେ ଅର୍ଥାତ୍ ବର୍ତ୍ତମାନ ଠାରୁ ପ୍ରାୟ ଏଗାର ବର୍ଷ ଆଗେ ପ୍ରୟାଗର ସେଇ ସଙ୍ଗମ କ୍ଷେତ୍ରରେ ହୀରା ମଞ୍ଜିଲ୍‌ର ମାତାଜୀଙ୍କ ସାଙ୍ଗରେ ତାଙ୍କର ଦେଖା । ସେଇ ଏକୋଇଶ ବର୍ଷ ଘୋଷ ଚୌଧୁରୀ ଦେଶ ଦେଶ ବୁଲି କାହାରିକି ଖୋଜି ବୁଲୁଥିଲେ ଏମିତି ନୁହେଁ । ଦୀପାଳି ମିତ୍ର ହଜିଯିବାର କିଛିଦିନ ପରେ ତାଙ୍କର ମାମୁଁଙ୍କ ସାଙ୍ଗରେ ଦେଖା କରିଥିଲେ । ବିମୂଢ଼ ମାମୁଁ ଭାଣିଜୀଙ୍କ ଲେଖା ଚିଠି ତାଙ୍କୁ ଦେଖାଇଥିଲେ । ... ଦୁଇ ମାସ ହେଲା ସେ ଗୀତ ହରାଇଛି, ସେଇ ଗୀତ ଉଦ୍ଧାର କରିବା ଆଶାରେ ସେ ପୂରାପୂରି ହଜିଲା –

ଏଇ ଘଟଣାଟା ଘୋଷ ଚୌଧୁରୀଙ୍କର ବି ମୁଣ୍ଡରେ ଢୁକିନାହିଁ । ସେ ଗଭୀର ହତାଶାରେ ବୁଡ଼ିଯାଇଥିଲେ ସତ, କିନ୍ତୁ ଏସବୁ ଭିତରେ ମନେ ହେଇଛି, ଏଇ ଝିଅ ଦୁଇଟି ସାଧନା ନେଇ ଆସିଥିଲେ । ପ୍ରଥମ ହେଉଛି ତାଙ୍କୁ ଫେରାଇ ଆଣିବା । ଦ୍ୱିତୀୟ ଗୀତ । ତାଙ୍କୁ ଫେରାଇ ଆଣିବା ପରେ ହିଁ ନିର୍ମମ ସାଧିକାଙ୍କ ପରି ଦ୍ୱିତୀୟ ସାଧନାକୁ ସମ୍ବଳ କରି ତାଙ୍କ ପାଖରୁ ଚାଲିଯାଇଛନ୍ତି । ଏହାଠାରୁ ବେଶୀ ଘୋଷ ଚୌଧୁରୀ ଆଉ କିଛି ଭାବିପାରିନାହାନ୍ତି ।

ବର୍ଷ ପରେ ବର୍ଷ ଅଚ୍ୟୁତ ଘୋଷ ଚୌଧୁରୀ ଖାମଖିଆଲି ପରି ବହୁତ ଜାଗା ଘୂରି ବୁଲିଛନ୍ତି । ଯେଉଁଠି ଭଲ ଲାଗିଛି ସେଇଠି ରହିଛନ୍ତି କିଛିଦିନ । ସେଇଠି ଭଲ ସାଧିକା ଗାଇକା କେହି ଅଛନ୍ତି କି ନାହିଁ ଖବର ନେଇଛନ୍ତି । ତା'ପରେ ଭଲ ନଲାଗିଲେ ପୁଣି ଅନ୍ୟ ଜାଗାକୁ ଚାଲିଯାଇଛନ୍ତି ।

... କ'ଣ ଗୋଟାଏ ଉପଲକ୍ଷ ଥିଲା ସେଦିନ । ପ୍ରାୟ କୋଡ଼ିଏ ଜଣ ଝିଅଙ୍କ ସାଙ୍ଗରେ ହୀରା ମଞ୍ଜିଲ୍‌ର ମାତାଜୀ ସଙ୍ଗମ୍‌କୁ ସ୍ନାନ କରିବାକୁ ଆସିଥିଲେ । ଘୋଷ ଚୌଧୁରୀ ଛିଡ଼ା ହେଇ ନୌକାରେ ପୁଣ୍ୟାର୍ଥୀମାନଙ୍କର ସଙ୍ଗମ – ସ୍ନାନକୁ ଯିବାର ତତ୍ପରତା ଦେଖୁଥିଲେ । ହଠାତ୍ ଦେହରେ ଶିର୍ ଶିର୍ ଭାବ ଅନୁଭବ କଲେ । ଦୂରରୁ ଦେଖିବା ମାତ୍ରେ ଚିହ୍ନି ପାରିଛନ୍ତି । ମଝିରେ ଏକୋଇଶ ବର୍ଷ ପାରି ହେଇଯାଇଛି – ତେବେବି ... ।

... ସେଇ ମହିଳା ଆସିବାରୁ ଝିଅମାନେ ତାଙ୍କୁ ସମ୍ମାନ ସହ ନୌକାରେ ବସାଇଛନ୍ତି । ନୌକା ସଙ୍ଗମ ଆଡ଼କୁ ଚାଲିଯିବା ପରେ ଜଣକ ଠାରେ ପଚାରି ବୁଝିଛନ୍ତି, ସେଇ ମହିଳା କିଏ ? ଶୁଣିଛନ୍ତି ହୀରା ମଞ୍ଜିଲ୍‌ର ମାତାଜୀ । ଆହୁରି ପଚାରି ବୁଝିଛନ୍ତି, ଏଇ ପ୍ରୟାଗରେ ଯେଉଁ ବୃଦ୍ଧ ଫକିରଙ୍କ ପାଖରେ ସେ ରହୁଥିଲେ, ତାଙ୍କରି ଆଦେଶରେ ମାତାଜୀ ବର୍ତ୍ତମାନ କର୍ମଯୋଗିନୀ ସାଧିକା ।

ଗୋଟାଏ ସମୟ ସ୍ନାନ ଆଉ ପୂଜା ଶେଷ ହେଲା । ମାତାଜୀ ଝିଅମାନଙ୍କୁ ନେଇ ନୌକାରେ ଫେରିଲେ ।

ଗଙ୍ଗା କୂଳରେ ପାଦ ପକାଇ ଦେଖିଲେ ଘୋଷ ଚୌଧୁରୀ ତାଙ୍କର ତିନି ହାତ ବ୍ୟବଧାନରେ । ପୁରା ମୁହାଁମୁହିଁ ।

ମାତାଜୀ ଛିଡ଼ା ହେଇଗଲେ । ଦେଖିଲେ । ପୁରା ସ୍ଥିର ନିଶ୍ଚଳ । ଚାହିଁ ରହିଛନ୍ତି । ଦେଖୁଛନ୍ତି ।

ଘୋଷ ଚୌଧୁରୀ ବି ଚାହିଁ ରହିଛନ୍ତି । ଦେଖୁଛନ୍ତି ।

ମାତାଜୀଙ୍କ ସାଙ୍ଗରେ ଥିବା ଝିଅମାନେ ଅବାକ୍ ହେଇ ଛିଡ଼ା ହେଇଛନ୍ତି । ଝିଅମାନଙ୍କର ମୁହଁ ଦେଖି ମାତାଜୀ ହସିଲେ । ହିନ୍ଦୀରେ କହିଲେ, ଯେଉଁ ଲୋକଙ୍କ ପାଇଁ ଆଜି ତାଙ୍କର ଏତେ ସୌଭାଗ୍ୟ ଏବଂ

ହୀରା ମଞ୍ଜିଲ୍‌ର ମାତାଜୀ ହେଇପାରିଛନ୍ତି – ସେ ହେଉଛନ୍ତି ଇଏ ।

ଝିଅମାନେ ସମ୍ମାନ ସହ ଅଭିବାଦନ ଜଣାଇଲେ ତାଙ୍କୁ ।

ଘୋଷ ଚୌଧୁରୀଙ୍କର ଆଉ କୌଣସି ଆଡ଼କୁ ଆଖି ନାହିଁ । କେବଳ ମାତାଜୀଙ୍କୁ ହିଁ ଦେଖୁଛନ୍ତି । କିଛି ସମୟ ପରେ କହିଲେ, ମୁଁ ଜାଣିଥିଲି, କୌଣସି ଗୋଟାଏ ଦିନ ଦେଖା ହେବ ହିଁ ହେବ ... ହେଲା ତା'ହେଲେ ?

ମାତାଜୀ ହସି ଉଠିଲେ, ମୁଁ ବି ଜାଣିଥିଲି ଦେଖା ହେବ, ଦେଖା ନହେଲେ ମୋର ପ୍ରାୟଶ୍ଚିତ୍ତ ଶେଷ ହେବ କିପରି ?

ତୁମର ନା ମୋର ?

ମୋର ମୋର ! ମୋର ଗୁରୁ ବି କହି ଯାଇଥିଲେ, ଏତେ ଚିନ୍ତା କରନା –, ଦେଖା ହେବ – ପ୍ରାୟଶ୍ଚିତ୍ତ ପାଇଁ ସମୟ ମିଳିବ ।

ସେଇଠି ଆଉ ବେଶୀ କଥା ନକହି ଝିଅମାନଙ୍କୁ ଆଉ ଗୋଟାଏ ଟାଙ୍ଗା ଠିକ୍ କରିବାକୁ କହିଲେ । ସେମାନଙ୍କ ପାଇଁ କେତେଟା ଟାଙ୍ଗା ଅପେକ୍ଷା କରୁଥିଲା । ଝିଅମାନଙ୍କୁ ସେଇ ଟାଙ୍ଗାରେ ଯିବାକୁ କହି ଘୋଷ ଚୌଧୁରୀଙ୍କୁ ନେଇ ମାତାଜୀ ଏଇ ଟାଙ୍ଗାରେ ବସିଲେ । ପିନ୍ଧିଛନ୍ତି ନୀଳ ରଙ୍ଗ ଧଡ଼ିର ଗରଦର ଶାଢ଼ି । ପିଠି ଉପରେ ଭିଜା କେଶଗୁଚ୍ଛ ।

ଘୋଷ ଚୌଧୁରୀ ଆଉ ଆଖି ଫେରାଇ ପାରୁନାହାନ୍ତି । – କେଉଁଠି ଯାଉଛୁ ?

ହୀରା ମଞ୍ଜିଲ୍‌କୁ ।

ଯେଉଁଠି ତୁମେ ମାତାଜୀ ?

ମୁଁ ସବୁ ଜାଗାରେ ହିଁ ମାତାଜୀ ।

ଘୋଷ ଚୌଧୁରୀ ଜୋର୍‌ରେ କହିଲେ, ରୁକ୍ ଯାଓ ।

ମାତାଜୀ ସଚକିତ । – କ'ଣ ହେଲା ?

ମୁଁ ଓହ୍ଲାଇ ଯାଏ ।

ମାତାଜୀଙ୍କ ଓଠରେ ସୁନ୍ଦର ହସ । ଟାଙ୍ଗା ପ୍ରାୟ ଥମି ଯାଇଥିଲା । ସେ ହୁକୁମ୍ କଲେ, ଠିକ୍ ହେ, ଚଲୋ –

ଚାହିଁ ରହିଛନ୍ତି । କହିଲେ, ମୋର ପ୍ରାୟଶ୍ଚିତ୍ତ ଶେଷ ହେଲେ ଧରି ରଖିବିନାହିଁ – ଏତିକି ସମୟ ମୋତେ ଦେବାକୁ ହେବ – ତା'ପରେ ଚାଲିଯିବେ ।

ଚାଲି ଯିବେ ! ଚାଲି ଯିବ ନୁହେଁ ?

ଜୋର୍‌ରେ ହସି ଉଠିଲେ । – ବୁଦ୍ଧି ଏତେ ଦିନ ପରେ ବି ପାଚିନାହିଁ ଦେଖୁଛି । ମୋର ବର୍ତ୍ତମାନ ଗୋଟାଏ ଦଳ ଝିଅ – ମୁଁ ସେମାନଙ୍କର ମାତାଜୀ – ସେମାନଙ୍କର କୌଣସି କୌତୁହଳ ଭିତରେ ମୋର ପଡ଼ିବା କ'ଣ ସୁନ୍ଦର ହେବ ? ଆପଣ ଯାହାକୁ ଚିହ୍ନିଥିଲେ ସେ କେଉଁ କାଳରୁ ମରିଗଲାଣି – ଖବରଦାର, ହୀରା ମଞ୍ଜିଲ୍ ଯାଇ ଆପଣ ସେଇ ନାଁ ମଧ୍ୟ ମୁହଁରେ ଧରିବେନାହିଁ ।

ବିଷର୍ଣ୍ଣ ଗଳାରେ ଘୋଷ ଚୌଧୁରୀ କହିଲେ, କିଛି ଦରକାର ନାହିଁ, ମୋତେ ଏଇଠି ଓହ୍ଲାଇ ଦିଅ ନା !

ହସିଲେ । – କହିଲି ତ, ମୋର ପ୍ରାୟଶ୍ଚିତ୍ତ ଶେଷ ହେଉ ।

ଘୋଷ ଚୌଧୁରୀ ସେଇ ପ୍ରାୟଶ୍ଚିତ୍ତର ଅର୍ଥ ବୁଝିଛନ୍ତି ଖରାବେଳେ ଖାଇବା – ପିଇବା ପରେ । ଏକତାଲାରେ ନିଜ ଘରେ ମାତାଜୀ ତାଙ୍କୁ ନେଇ ବସିଛନ୍ତି । ତା'ପରେ କ୍ରିଷ୍ଣନଗରରେ ନଅ ବର୍ଷ ବୟସ ଠାରୁ ମହିଳାବାସରେ ତେଇଶ ବର୍ଷ ବୟସ ପର୍ଯ୍ୟନ୍ତ ଦୀପାଳି ନାମରେ ଗୋଟିଏ ଝିଅର ମନ, ଚିନ୍ତା, ଭାବନା ସବୁ ତାଙ୍କ ଆଖି ସାମ୍ନାରେ ତୋଳି ଧରିଛନ୍ତି । ପ୍ରତିଦିନର କୌଣସି ତୁଚ୍ଛ ଘଟଣା ବି ବାଦ୍ ଦେଇନାହାନ୍ତି । ସେଇ ଜାଗାରୁ ଅତି ସହଜରେ ସେ ଆରତି ଚ୍ୟାଟାର୍ଜୀଙ୍କ ଡ୍ରୟାର୍ ଭିତରୁ କମଳ ହୀରାର ହାର ଆଣିବା କଥା କହିଛନ୍ତି । କେଉଁ ନିଦାରୁଣ ଯନ୍ତ୍ରଣା ନେଇ କାହିଁକି ଦୀପାଳି ମିତ୍ର ପୂରାପୂରି ହଜିଯିବା ବ୍ୟତିତ ଗତିନଥିଲା, ସେଇଟା ବି ଅକପଟରେ କହିପାରିଛନ୍ତି ।

ଘୋଷ ଚୌଧୁରୀ ସ୍ତବ୍ଧ ଅଭିଭୂତହେଇ ଶୁଣିଛନ୍ତି । ଶୁଣିଛନ୍ତି, ସେଇ ଝିଅର ଜୀବନ ସେଇପରି ମୂଳରୁ ଆଉ ସମସ୍ତ ଖୋଲି ଅନ୍ୟ ଜଣଙ୍କ ପାଖରେ ମଧ୍ୟ କହି ବହୁତ ହାଲ୍‌କା ହେଇପାରିଥିଲେ । ସେ ଏଠିକାର ସେଇ ଛପର ଘରର ଫକିର ଗୁରୁ । ତାଙ୍କରି ନିର୍ଦ୍ଦେଶରେ ସେ କମଳ ହୀରା ବିକ୍ରି କରି ଆଉ ସେଇ ଝିଅଙ୍କର ଯାହା କିଛି ଥିଲା, ତା'ର ବିନିମୟରେ ଏଇ ହୀରା ମଞ୍ଜିଲ୍ । ଯାର ନାଁ ମାତାଜୀଙ୍କର ପ୍ରଦତ୍ତ । ଫକିର ଗୁରୁ ଏଇଟା ଆରମ୍ଭ ହେବାର କିଛି ଦିନ ପରେ ଦେହ ତ୍ୟାଗ କରିଥିଲେ । ସେ ହସି ହସି କହୁଥିଲେ, ଏହାଠାରୁ ଆଉ ଖାସା ନାଁ କିଛି ହେଇପାରେନା – ତୋର ଏଇ ହୀରା ମଞ୍ଜିଲ୍‌ରୁ କମଳ ହୀରା ଜ୍ୟୋତି ବାହାରିବ ଦେଖିବୁ ।

... ଏହାର ପ୍ରାୟ ମାସେ ପରେ ଘୋଷ ଚୌଧୁରୀ ଥରେ ମାତ୍ର କିଛିଦିନ ପାଇଁ ନିଜ ଗାଁ ଅର୍ଥାତ୍ କ୍ରିଷ୍ଣନଗର ଯାଇଥିଲେ । ଜମିଦାରୀର ଯୁଗ ବହୁତ ଦିନ ପୂର୍ବରୁ ଆଇନ୍‌ର କଳରେ ପଡ଼ି ଶେଷ ହେଇଯାଇଥିଲା । କିନ୍ତୁ ପ୍ରାସାଦ ପରି ଘର ଜମିବାଡ଼ି କମ୍ ନଥିଲା । ସେ ସବୁକୁ ପାଣି ଦରରେ ବିକ୍ରି କରି ପ୍ରାୟ ଦଶ ଲକ୍ଷ ଟଙ୍କା ନେଇ ଘୋଷ ଚୌଧୁରୀ ପୁଣି ଏଠାକୁ ଫେରି ଆସିଛନ୍ତି । ସବୁ ମାତାଜୀଙ୍କ ହାତରେ ସମର୍ପି ଦେଇ ପୂରା ମୁକ୍ତ । ତା'ପରର ଦାୟ ଦାୟିତ୍ୱ ସବୁ ସେଇ ମାତାଜୀଙ୍କର ।

... ହଷ୍ଟେଲ୍‌ରେ ଥିବା ସମୟରେ ଅଚ୍ୟୁତ ଘୋଷ ଚୌଧୁରୀଙ୍କୁ କଟାକ୍ଷ କରି ଥରେ ମୁଁ ଗୋଟାଏ ଗଳ୍ପ ଲେଖିଥିଲି । ସେଇଟା ଜଣାଜଣି ହେଇଯିବା ପରେ ସେଇ ଅଚ୍ୟୁତ ଘୋଷ ଚୌଧୁରୀ ମୋ ଘର ଭିତରେ ପଶି ମୋତେ ଯା ଇଚ୍ଛା ତା ଅପମାନ କରିଥିଲେ । ଶାସନ କରିଯାଇଥିଲେ, ଦ୍ୱିତୀୟଥର ଏଇପରି କିଛି ଲେଖିଲେ ମୋର ଡାହାଣ ହାତଟା ସେ ଭାଙ୍ଗି ଦେବେ ।

... ମୁଁ ରାଗରେ ଅପମାନରେ ଭିତରେ ଭିତରେ ଜଳୁଥିଲି । ମନେ ମନେ ପ୍ରତିଜ୍ଞା କରିଥିଲି ଯଦି କେବେ ସତରେ ମୁଁ ଲେଖକ ହେଇପାରେ ତେବେ କଲମର ଖୁନ୍ଦା କାହାକୁ କହନ୍ତି ଅଚ୍ୟୁତ ଘୋଷ ଚୌଧୁରୀଙ୍କୁ ମୁଁ ଦେଖାଇଦେବି – ଗଳ୍ପ ଛାଡ଼ି ତାଙ୍କୁ ନେଇ କିଛି ଫାନ୍ଦି ଲେଖିବି ।

... ଘଟଣା ଚକ୍ରରେ ତାଙ୍କୁ ନେଇ କଲମ ଧରିଛି । କିନ୍ତୁ ଏଇ ବଡ଼ ଗପଟା ଯେ କେତେ ତଫାତ୍ ସେଇଟା – କ'ଣ କଳ୍ପନା ଭିତରେ ଥିଲା ?

*୪୬୪, ସହିଦନଗର, ଭୁବନେଶ୍ୱର-୭*

କଥା ଓ କାହାଣୀ

ପ୍ରଥମ ପ୍ରସ୍ଥ

# ପଦ୍ମପ୍ରଭା

## କୃପାସାଗର ସାହୁ

ବୃନ୍ଦାବନର ବର୍ଷାନା ଗ୍ରାମ। ଭାଦ୍ରବମାସର ମଧ୍ୟାହ୍ନର ଟାଣଖରାରୁ ନିଷ୍କୃତି ପାଇବା ପାଇଁ ଯେତେବେଳେ କିଛି ଗୋପାଳ ବାଳକ ସେଠିକାର ପଦ୍ମ-ପୁଷ୍କରିଣୀ ସମୀପବର୍ତ୍ତୀ ଛାୟାଘନ ବୃକ୍ଷତଳେ ବିଶ୍ରାମ ନେଉଥିଲେ ଏବଂ ତୃଷାର୍ତ୍ତ ଗୋ-ବତ୍ସାମାନଙ୍କୁ ଜଳପାନ ପାଇଁ ଛାଡି ଦେଇଥିଲେ, ପଦ୍ମବନ ଭିତରୁ ଭାସିଆସିଲା ଏକ ନବଜାତ ଶିଶୁର କ୍ରନ୍ଦନ।

ନିର୍ବୋଧ ପଶୁଗୁଡିକ ଭୟ ପାଇ ହମ୍ବାରଡି ଦେଇ ଜଳପାନଛାଡି ଉପରକୁ ଉଠି ଆସିଲେ। ଗୋପାଳ ବାଳକମାନେ ଧଡକରି ଉଠିଲେ ତାଙ୍କ ପର୍ଣ୍ଣଶଯ୍ୟାରୁ।

ସେମାନେ ପୁଷ୍କରିଣୀର ମଧ୍ୟଭାଗରେ ଯାହା ଦେଖିଲେ, ତାଙ୍କ ଆଖିକୁ ବିଶ୍ୱାସ କରି ପାରୁ ନଥିଲେ। ପଦ୍ମବନ ଭିତରେ ଢଳ ଢଳ ପତ୍ର ଉପରେ ଶୋଇଥିଲା ଅନିନ୍ଦ୍ୟ ସୁନ୍ଦରୀ କନ୍ୟାଟିଏ। ସେମାନେ ତାଙ୍କର ସାଥୀମାନଙ୍କୁ ଡାକ ପକାଇଲେ- ଧାଇଁଆସ ହୋ ଧାଇଁଆସ। ଦେଖ ପଦ୍ମବନରେ ପରୀଟିଏ।

ଅଦୂରରେ କେଉଁ ବାଳକ ବଂଶୀ ବଜାଉଥିଲା। ଆଉ କିଏ ବୃକ୍ଷ ଉପରେ ଚଢି ଫଳ ତୋଳୁଥିଲା। କେତେକ ଗ୍ରାମବାସୀ ଶସ୍ୟକ୍ଷେତ୍ରରେ କାର୍ଯ୍ୟରତ ଥିଲେ। ସମସ୍ତେ ଏକତ୍ରିତ ହେଲେ ପୁଷ୍କରିଣୀ କୂଳରେ। ସେମାନେ ଭୟ ପାଇ ପାଖକୁ ଯିବାକୁ ପ୍ରସ୍ତୁତ ନଥିଲେ।

- ଯେ କୌଣସି ମାୟାବିନୀ କନ୍ୟା ନୁହେଁ ତ !

- ସାତତାଳ ପଙ୍କ ଭିତରକୁ ଟାଣି ବୁଡାଇ ଦେବନି ତ !

ପରସ୍ପର ଭିତରେ ଯୁକ୍ତିତର୍କ କରି ସ୍ଥିର କଲେ- ଚାଲ ଗୋପାଳରାଜ ବୃଷଭାନୁଙ୍କୁ ଏ ସମ୍ବାଦ ଦେବା। ସେ ଯାହା ନିଷ୍ପତ୍ତି ନେବେ।

ବୃଷଭାନୁଙ୍କୁ ଲାଗିଲା- ଏ ଘଟଣା ବଡ ଅଦ୍ଭୁତ। ସେ କିଛି ଅନୁଚରଙ୍କୁ ନେଇ ପୁଷ୍କରିଣୀ ନିକଟକୁ ଆସିଲେ।

ସତକୁ ସତ ଶିଶୁକନ୍ୟାଟିଏ ପଦ୍ମପତ୍ରର ଶଯ୍ୟାରେ ଶୋଇ ହସ୍ତପଦ ସଂଚାଳନ କରୁଥିଲା ଏବଂ କ୍ରନ୍ଦନ ରତ ଥିଲା।

ବୃଷଭାନୁ ନିଜେ ଦୁଇଜଣ ଅନୁଚରଙ୍କ ସହ ପୁଷ୍କରିଣୀ ଅଭ୍ୟନ୍ତରରେ ପ୍ରବେଶ କଲେ। ତାଙ୍କୁ ଦେଖି ଶିଶୁଟିର କ୍ରନ୍ଦନରୋଳ ବନ୍ଦ ହୋଇଗଲା। ବରଂ ମୁହଁଟି ଦିଶିଲା ହସହସ। ସେ ହାତ ହଲାଇ ସତେଯେପରି କହୁଥିଲା- ମୋ ପାଖକୁ ଆସ ଆସ।

ସେ ଦେଖିଲେ ଅପୂର୍ବ ସୁନ୍ଦରୀ କନ୍ୟାଟିଏ। ତା'ର କାନ୍ତି ଥିଲା ଅଗ୍ନିପରି ଉଜ୍ଜ୍ୱଳ- ଯାହାକି ମଧ୍ୟାହ୍ନର ସୂର୍ଯ୍ୟକିରଣରେ ଝଲସୁଥିଲା। ଶିରିଶ ପୁଷ୍ପପରି କୋମଳ ଶରୀର ପାନପତ୍ର ପରି ମୁହଁ। ଖଡ୍‌ଗ-ଧାର ପରି ନାସାଗ୍ର। ଭାବିଲେ, ଏଭଳି ଅପରୂପା କନ୍ୟା ଏ ଭୂମଣ୍ଡଳରେ ନଥିବ।

ସେ ନିଜେ ସନ୍ତାନହୀନ ଥିଲେ। ତେଣୁ ଭାବିଲେ ଏ କନ୍ୟାଟି ତାଙ୍କ ପାଇଁ ଈଶ୍ୱରଙ୍କ ବରଦାନ। ସେ ତାକୁ ନିଜପୁରକୁ ଆଣି ପତ୍ନୀ କୀର୍ତ୍ତିଦାଙ୍କୁ କହିଲେ- ଆମକୁ ଇଷ୍ଟଦେବ ସହାୟ ହେଲେ। ଏ କନ୍ୟାଟିକୁ ପାଳନ କରି ସନ୍ତାନ ସୁଖ ଲାଭ କର। ଯାହାହେଉ, ଆମର ଅପୁତ୍ରିକ ଦୋଷ କଟିଗଲା। ପୁତ୍ରୀ ହେଉ ପଛେ ଆମ ଅନ୍ତେ ଆମକୁ ପିଣ୍ଡ ଦେବ।

କୀର୍ତ୍ତିଦା ତାକୁ ନେଇ ରତ୍ନ ପଲଙ୍କରେ ଶୁଆଇଲେ। ତାଙ୍କ ପରିଚାରିକାମାନେ ଶୁଭଶଙ୍ଖ ବଜାଇଲେ ଏବଂ ପୁରନାରୀଙ୍କୁ ଏ ସମ୍ବାଦ ଜଣାଇ ଦେଲେ।

ବୃଷଭାନୁ ପ୍ରାସାଦ ବାହାରେ କଳସ ଏବଂ ରମ୍ଭାବୃକ୍ଷ ସ୍ଥାପନ କରାଇଲେ। ଆମ୍ରତୋରଣ ଲଗାଇଲେ। ପ୍ରାସାଦ ସମ୍ମୁଖରେ ଚନ୍ଦ୍ରାତପ ଟାଣିଲେ। ରାଜପୁରୋହିତ ଏବଂ ଜ୍ୟୋତିଷଙ୍କୁ ଡକାଇ ପଠାଇଲେ।

ଗୋପନାରୀମାନେ ଦଳଦଳ ହୋଇ ନବଜାତ କନ୍ୟାକୁ ଦେଖିବା ପାଇଁ ଧାଉଡି ଲଗାଇଲେ। ସମସ୍ତଙ୍କ ମନରେ ହର୍ଷୋଲ୍ଲାସ। ଶଙ୍ଖ ହୁଳହୁଳି ଶବ୍ଦରେ କମ୍ପିଲା ବର୍ଷାନାର ଆକାଶ। କେତେକ ଗୋପୀ ମୃଦଙ୍ଗ ବଜାଇ ଗୀତ ବୋଲିଲେ ଏବଂ ନୃତ୍ୟ କଲେ। କେତେକ ଗୋପାଳ ପହଞ୍ଚି ଲଉଡି ଖେଳ ପ୍ରଦର୍ଶନ କଲେ।

କୀର୍ତ୍ତିଦା ସମସ୍ତଙ୍କୁ ଭୂରିଭୋଜନରେ ଆପ୍ୟାୟିତ କଲେ।

ଗୋପନାରୀମାନଙ୍କ ମଧ୍ୟରେ ଆଲୋଚନା ଚାଲିଲା-

- ଏ କାହାର ସନ୍ତାନ ?

କିଏ କହିଲା- କୌଣସି ଜଳପରୀର।

ଆଉ କିଏ କହିଲା- ଆକାଶର ଅପ୍ସରୀର।

ଆଉ କିଏ କହିଲା- ନାଗକନ୍ୟା ହୋଇପାରେ।

କିଛି ହିଂସିକା ଗୋପାଳୁଣୀ କହୁଥିଲେ- ଯାହାର ବି ହେଉଥାଉ ଅବୈଧ ସନ୍ତାନ ହୋଇଥିବ। ନହେଲେ କେଉଁ ମାତା ଏତେ ନିର୍ଦ୍ଦୟୀ ଯେ ଶିଶୁକନ୍ୟାକୁ ପୋଖରୀ ମଝିରେ ଛାଡି ଦେଇ ଚାଲିଯିବ !

ସନ୍ଧ୍ୟାରେ ପୁରୋହିତ ଏବଂ ଜ୍ୟୋତିଷ ଆସିଗଲେ। ଗଣା ପୋଛା ହୋଇ କୋଷ୍ଠୀ ପ୍ରସ୍ତୁତ ହେଲା। ଭାଦ୍ରବ ମାସ ଶୁକ୍ଳପକ୍ଷ ଅଷ୍ଟମୀ। ଅନୁରାଧା ନକ୍ଷତ୍ର। ପଦ୍ମବନରୁ ଉଦ୍ଭବ। ତେଣୁ ପୁରୋହିତ ତା'ର ନାମକରଣ କଲେ- ପଦ୍ମପ୍ରଭା। ଶ୍ରଦ୍ଧାନାମ ରାଧା।

ଉତ୍ସବ ସମାପ୍ତ ହେବାପରେ ସମସ୍ତେ ଯେଝାଯେଝା ଘରକୁ ଫେରିଲେ। ରାତିରେ ବୃଷଭାନୁଙ୍କୁ ନିଦ ହେଲାନି। ସେ ଏକାଧାରରେ ଥିଲେ ବିହ୍ୱଳିତ ପୁଣି ଚିନ୍ତାଗ୍ରସ୍ତ।

- ଏ କାହାର କନ୍ୟା ହୋଇପାରେ ? ଆଗରୁ କେତେକେତେ ଦେବ, ଗନ୍ଧର୍ବ, ମୁନିଋଷିଙ୍କ ଔରସରୁ ଅପସରାଙ୍କ ଗର୍ଭରୁ ସନ୍ତାନ ଜନ୍ମ ହୋଇଥିବାର ସେ ଜାଣନ୍ତି।

ମଧ୍ୟରାତ୍ରିରେ ସେ ସ୍ୱପ୍ନ ଦେଖିଲେ। ସ୍ୱପ୍ନରେ ଆସିଥିଲେ ସ୍ୱୟଂ ଭଗବାନ ବିଷ୍ଣୁ। ହାତରେ ଶଙ୍ଖଚକ୍ର ଗଦା ପଦ୍ମ। ଗଳାରେ କୌସ୍ତୁଭ ମଣିଖଚିତ ହାର। କର୍ଣ୍ଣରେ ମକର କୁଣ୍ଡଳ। କୋଟି ସୂର୍ଯ୍ୟଙ୍କର ପ୍ରଭା ଥିଲା ତାଙ୍କ ଶରୀରରେ।

ସେ କହିଲେ- ବୃଷଭାନୁ ! ଏ କନ୍ୟା ସାଧାରଣ କନ୍ୟା ନୁହେଁ। ସେ ଅଯୋନି-ସମ୍ଭୂତା। ତାକୁ ଆଦର ଯତ୍ନ ସହକାରେ ଲାଳନପାଳନ କରିବ। ସେ ମୋର ପ୍ରାଣପ୍ରିୟା ଲକ୍ଷ୍ମୀ। ତାଙ୍କୁ ମର୍ତ୍ତ୍ୟଲୀଳା ପାଇଁ ମୁଁ ପ୍ରେରଣ କରିଛି। ମୁଁ ମଧ୍ୟ କିଛି ବର୍ଷ ଉପରାନ୍ତ ମର୍ତ୍ତ୍ୟଲୀଳା ସମ୍ପାଦନ ପାଇଁ ଭୂପୃଷ୍ଠକୁ ଅବତରଣ କରିବି ଏବଂ ତାଙ୍କ ସହ ମିଳିତ ହେବି।

ଏହି ବାଣୀ ଶୁଣାଇ ସେ ଉଭେଇ ଗଲେ। ବୃଷଭାନୁଙ୍କ ନିଦ ଭାଙ୍ଗିଗଲା। ସେ ଧଡ କରି ଶଯ୍ୟାରୁ ଉଠି ଡାକ ଛାଡିଲେ- ଉଠ କୀର୍ତ୍ତିଦା ! ଅହୋ ଭାଗ୍ୟ ! ଆମ ଘରେ ସ୍ୱୟଂ ମାତା ଲକ୍ଷ୍ମୀ ଆବିର୍ଭୂତା ହୋଇଛନ୍ତି।

*-୨୫୫, ଡିଷ୍ଟ୍ରିକ୍ଟସେଣ୍ଟର, ଚନ୍ଦ୍ରଶେଖରପୁର*
*ଭୁବନେଶ୍ୱର-୭୫୧୦୧୬*
*ଦୂରଭାଷ: ୯୪୩୭୧୭୦୦୩୩*

# କଳିଯୁଗ ଶେଷ

– ଶାନ୍ତନୁ ବେଜ୍

ଅନ୍ୟଦିନ ପରି ସକାଳ ପାଞ୍ଚ ବେଳକୁ ନିଦ ଭାଙ୍ଗିଗଲା ସତ୍ୟଜିତ୍‌ବାବୁଙ୍କର । ନଜର ପଡିଲା ଟେବୁଲ ଉପରେ ଥୁଆ ହୋଇଥିବା ଫୁଲତୋଡା ଆଉ ଫୁଲମାଳ ଉପରେ । ଗତସନ୍ଧ୍ୟାରେ ତାଙ୍କୁ ଅବସର ସମ୍ବର୍ଦ୍ଧନା ଦେଇ ସାରିଛନ୍ତି ଅଫିସ୍‌ର ସହକର୍ମୀମାନେ । ଆଉ ଦି'ଦିନ ପରେ ଅବସର । ଗତକାଲି ରବିବାର ଥିଲା । ଦିନଟା ସଭିଙ୍କର ଉପଭୋଗ୍ୟ ହେବ ବୋଲି ରବିବାରଦିନଟିକୁ ବିଦାୟ ସମ୍ବର୍ଦ୍ଧନା ପାଇଁ ବାଛିଥିଲେ ସହକର୍ମୀମାନେ । ଆଗାମୀକାଲି ତାଙ୍କୁ ଡିଭିଜନ ଅଫିସରୁ ପାରମ୍ପରିକ ବିଦାୟ ସମ୍ବର୍ଦ୍ଧନା ଦିଆଯିବ । ଆଉ ସେ ଚାକିରିର ବନ୍ଧନରୁ ମୁକ୍ତ ହୋଇଯିବେ ଚିରଦିନ ପାଇଁ । ତାଙ୍କୁ ଆଉ ଶୁଣିବାକୁ ପଡିବନି ଅଧିକାରୀଙ୍କ ଅବାନ୍ତର ହୁକୁମ୍ କି, ଅଫିସରୁ ଛୁଟି ହେବା ପାଇଁ ଘଣ୍ଟାର କଣ୍ଟାକୁ ଚାହିଁ ବସିବାକୁ ପଡିବନି। ସେ ହେବେ ମୁକ୍ତଆକାଶର ବିହଙ୍ଗ ! ବାଇଶିବର୍ଷର ନିସଙ୍ଗ ଜୀବନରୁ ବି ମୁକ୍ତି ମିଳିବ । ନିତି ରନ୍ଧାବଢା, ଲୁଗାସଫା ପରି ଅବାଞ୍ଛିତ ଗୃହକର୍ମଗୁଡିକ ଆଉ କରିବାକୁ ପଡିବନି । ବାଇଶିବର୍ଷ ହେଲାଣି ପିଲାମାନଙ୍କ ଶିକ୍ଷାଦୀକ୍ଷା ଦାୟରେ ପରିବାର ତାଙ୍କ ଠାରୁ ଦୂରରେ । ନିଃସଙ୍ଗ ଜୀବନ ଜିଉଛନ୍ତି ସେ । ଏଇଥିପାଇଁ ଅବସର ଦିନକୁ ମନ ଭିତରେ ଅବଗଣନା, କାହିଁ କୋଉଦିନରୁ ।

ଫୁଲମାଳ ଓ ଫୁଲତୋଡା ସତେଜ ଦିଶୁଥିଲା । ଠିକ୍ ପଇଁତିରିଶବର୍ଷ ତଳର ଅତୀତ ପରି ! କାଲି ପରି ପଇଁତିରିଶି ବର୍ଷ ତଳେ ସେ ଚାକିରିରେ ଭର୍ତ୍ତି ହୋଇଥିଲେ । ଆଜି ଅବସରର ଦ୍ୱାରଦେଶରେ । ନିଜ ଭିତରେ ଖାସ୍ କିଛି ପରିବର୍ତ୍ତନ କରୁନଥିଲେ ବି ଖୁବ୍ କ୍ଲାନ୍ତ ଲାଗୁଥିଲା । ସତେ ଅବା ସେ କେଉଁ ଦୁଷ୍କର କାମଟିକୁ ନଗଦ ଶେଷ କରିଛନ୍ତି ! ବିଛଣାରୁ ଉଠିବାକୁ ଇଚ୍ଛା ହେଉନଥିଲା । ବିଛଣାରେ ଲୋଟି ସତ୍ୟଜିତ୍‌ବାବୁ ଭାବିଲେ ରୋଷେଇ କରିବେନି । ହୋଟେଲରୁ ଖାଇନେବେ । ଶେଷଦିନଟି ହେଲେ ନିତ୍ୟନୈମିତ୍ତିକତାରୁ ମୁକ୍ତି ମିଳୁ !

ରାତିରେ କାଳେ କିଏ ଫୋନ୍ କରିଥିବ ଭାବି ଫୋନ୍‌କୁ ଦେଖିଲେ । ମିସକଲ୍ ନଥିଲା । ଭାବିଲେ ଧର୍ମପତ୍ନୀ ଅନୁପମାଙ୍କୁ ଫୋନ୍ କରିବେ । କିନ୍ତୁ ମନ ହେଲାନି । ଗତକାଲି ବିଦାୟ ସଭାକୁ ଯିବାବେଳେ ସେ ଅନୁପମାଙ୍କୁ ଫୋନ୍ କରି ଜଣାଇଥିଲେ । ଏଯାକେ କୌଣସି ଫୋନ୍ ନାହିଁ ତାଙ୍କର । ଫୋନ୍ କରିବାକୁ ଅନୁପମାଙ୍କୁ ଯଦି ଡର ନାହିଁ, ସେ କାହିଁକି ଆଗକୁହାଙ୍କ ପରି ଫୋନ୍ କରିବେ ? କିନ୍ତୁ ମନର ଅଭିମାନ ତାଙ୍କର ଶୀଘ୍ର କୁଆଡେ ମିଳେଇଯାଏ ସକାଳର କୁହୁଡି ପରି ! ଫେଆରୱେଲ ପାର୍ଟି ବିଳମ୍ବରେ ଶେଷ ହେବ ଭାବି ବୋଧହୁଏ ରାତି ଶୋଇ ପଡିଥିବେ ଅନୁପମା । ଏବେ ଉଠି ନିତ୍ୟକର୍ମ କରୁଥିବେ । ଫୁରସତ୍ ଦେଖି ଫୋନ୍ କରିବେ ।

ଏମିତି ବି ଖୁବ୍ କମ୍ ଫୋନ୍ କରିଥାନ୍ତି ଅନୁପମା । ଫୋନ୍‌ରେ ଗପିବାର ଅଭ୍ୟାସ ତାଙ୍କର ନାହିଁ । କେବେ କୌଣସି କାମ ଥିଲେ ଫୋନ୍ କରନ୍ତି, ନୋହିଲେ ନାହିଁ । ପୁଣି, ଫୋନ୍ କଲେ ଯେତିକି ଦରକାର ସେତିକି କହନ୍ତି । ପଦେ ବି ଅଧିକ ନୁହେଁ । ଆଉ ସେ ?? ନିଜେ ବା କୋଉ ଫୋନ୍ କରି ପୋତି ପକେଇଥାନ୍ତି ଅନୁପମାଙ୍କୁ ? ସାରାଦିନ ତ ଯାକୁ ତାକୁ ଫୋନ୍ କରୁଥାନ୍ତି । ଦିନରେ ଥରେ ଅନୁପମାଙ୍କୁ ଫୋନ୍ କରିଥାନ୍ତି ? ଉତ୍ତର ପାଆନ୍ତି ନାହିଁ ସତ୍ୟଜିତ୍‌ବାବୁ । ଚାକିରିଟା ସେମିତି । ଅଫିସର ବଡବାବୁ ସେ । ଫୋନ୍‌ରେ ଅଫିସର ଯାବତୀୟ କାମକୁ ତୁଲାଇବାକୁ ପଡିଥାଏ । ସାରାଦିନ ଫୋନ୍ କରି କରି ମଥା ଦହି ହୁଏ । ଅଫିସର୍ ଠାରୁ ପବ୍ଲିକ୍ ଫୋନ୍ କରି ମଥା ଖାଇଥାନ୍ତି । ଅଫିସ ପରେ ଅନୁପମାଙ୍କୁ ଫୋନ୍ କରିବା ପାଇଁ ମିଜାଜ ନଥାଏ । ତା'ଭିତରେ କେବେ ଅନୁପମା ଫୋନ୍ କଲେ ହଁ ନାରେ ଜବାବ ଦେଇ ଫୋନ୍ ରଖିଥାନ୍ତି । ତାଙ୍କ କଲ୍ ବେଳେ ଅଫିସ୍ କଲ୍ ଆସିଲେ ସେ ଅନୁପମାଙ୍କୁ ଫୋନ୍ ରଖିବାକୁ କହିଥାନ୍ତି । ତାଙ୍କ ଫୋନ୍ ବ୍ୟସ୍ତତା ଅନୁପମାଙ୍କୁ ଜଣା । ତଥାପି ଆଜି ଅଫିସ୍‌ରେ ତାଙ୍କର ଶେଷଦିନ । ଏକଥା ଅନୁପମାଙ୍କୁ ଜଣା । ତଥାପି ସେ ଟିକେ ଫୋନ୍ କରିବେନି ??

ଭାଗ୍ୟବାନ୍‌ମାନଙ୍କୁ ପରିବାର ଲୋକ ଆସି ଅଫିସରୁ ଘରକୁ ପାଛୋଟି ନେଉଛନ୍ତି ଅବସର ଦିନ । ଯୁଦ୍ଧଫେରନ୍ତା ସିପାହି ପରି ଘରେ ବନ୍ଦାପନା କରି ସ୍ୱାଗତ କରୁଛନ୍ତି ! ଚାକିରିଟା ବି କ'ଣ ଯୁଦ୍ଧ ଠାରୁ କମ୍ ? ଚାକିରିରେ କେତେ ଘାତପ୍ରତିଘାତ, ସଙ୍ଘାତ ସହିବାକୁ ହୋଇଥାଏ ତାହା କେତେଜଣ ବୁଝନ୍ତି ? ତାଙ୍କୁ ପାଛୋଟି ନେବା ପାଇଁ ଘରୁ କେହି ଆସିବେ ନାହିଁ । ମାଆ ଝିଅ ଘରେ । ପୁଅ ହଷ୍ଟେଲରେ । ପି.ଜି ଫାଇନାଲ ପରୀକ୍ଷା ତା'ର । କିଏ ଆସିବ ? କିନ୍ତୁ ... ଚାହିଁଲେ ସେମାନେ କ'ଣ ଆସି ପାରନ୍ତେ ନାହିଁ ? ଯେଉଁମାନେ ଆସୁଛନ୍ତି ସେମାନଙ୍କର କ'ଣ ଜଞ୍ଜାଳ ବୋଲି କିଛି ନାହିଁ ?

ମୋବାଇଲରେ ରିଂ ହେଲା । ଅନୁପମା ଫୋନ୍ କରିଛନ୍ତି ଭାବି ଚଟ୍ କରି ଫୋନ୍ ଧରିଲେ ସତ୍ୟଜିତ୍‌ବାବୁ । କିନ୍ତୁ ଅନୁପମାଙ୍କ ଫୋନ୍ ନଥିଲା । ଥିଲା ସହକର୍ମୀ ରମେଶବାବୁଙ୍କର । ରମେଶବାବୁ କହିଲେ – ଗୁଡ୍ ମର୍ଣ୍ଣିଂ, ବଡବାବୁ ! ଉଠିଲେଣି ?

– ହଁ । ଗୁଡ୍ ମର୍ଣ୍ଣିଂ !

– ଆପଣ ଚାଲିଯିବେ ଭାବିଲା ବେଳକୁ କେମିତି କେମିତି ଲାଗୁଛି, ଆଜ୍ଞା ! ଆପଣଙ୍କ ସହ କାମ ଭିତରେ ସାତଟା ବର୍ଷ କେମିତି ବିତି ଯାଇଛି ଜାଣି ହୋଇନି । ...

– ସମସ୍ତେ ଦିନେ ଯିବେ । ଆଜି ମୋ ପାଳି ।

– ଆଜ୍ଞା, ଚାର୍ଜଲିଷ୍ଟଟା ବନେଇ ସାରିଛି । ଆପଣ ଯଦି ଅଧଘଣ୍ଟେ ଆଗରୁ ଆସନ୍ତେ, ଅଫିସ୍ ପୂର୍ବରୁ ଚାର୍ଜ ଦିଆନିଆ କାମଟା ସରିଯାନ୍ତା । ଅଫିସ ବେଳକୁ ଆଉ ସେଝମେଲା ରହନ୍ତା ନାହିଁ । ...

– ହଉ, ମୁଁ ଅଧଘଣ୍ଟା ପୂର୍ବରୁ ପହଞ୍ଚିବି ।

ଫୋନ୍ ରଖିଲେ ସତ୍ୟଜିତ୍‌ବାବୁ । ବିଛଣାରୁ ଉଠି ନିତ୍ୟକର୍ମ ପାଇଁ ତତ୍ପର ହେଲେ । ଏତିକିବେଳେ କବାଟରେ ଖଟଖଟ୍ ହେଲା । କବାଟ ଖୋଲିଲେ ସତ୍ୟଜିତ୍‌ବାବୁ । ବାହାରେ ଠିଆ ହୋଇଥିଲା ପଡିଶା କ୍ୱାର୍ଟରର ଗୁଲୁଗୁଲିଆ ବାଳୁତପୁଅ ଚିକୁ । ଚିକୁ କହିଲା – ଅଙ୍କଲ ! ମମ୍ମି କହିଛନ୍ତି ଆଜି ଆପଣ କିଛି ରୋଷେଇ କରିବେନି । ଆମଘରେ ଲଞ୍ଚ ଡିନର ଆମ ସହ ଖାଇବେ । ...

– ହଉ ।

ଚିକୁ ଚାଲିଗଲା । ନିତ୍ୟକର୍ମ ପାଇଁ ତତ୍ପର ହେଲେ ସତ୍ୟଜିତ୍‌ବାବୁ ।

ସବୁ ପ୍ରତୀକ୍ଷା, ଅବଗଣନାର ଅନ୍ତ ହେଲା । ଉପସ୍ଥିତ ହେଲା ମୁକ୍ତିର ଦିନ । ସହକର୍ମୀମାନଙ୍କୁ ଅଲବିଦା କହି ଘରକୁ ବାହାରିଲେ ସତ୍ୟଜିତ୍‌ବାବୁ । କାରରେ ବସୁ ବସୁ ଅନୁପମାଙ୍କୁ ଫୋନ୍ କରି କହିଲେ, ଏଇ ମୁଁ ବାହାରିଲି !

ଆସବାବପତ୍ରକୁ ବୋହି ପିକ୍‌ଅପ୍‌ଟି ଚାଲିଲା କାର ପଛେ ପଛେ । ଗାଡ଼ି ଦୁଇଟି ଅଙ୍କାବଙ୍କା ପଥରେ ଗୃହ ଅଭିମୁଖେ ଅଗ୍ରସର ହେଉଥିବା ବେଳେ ସତ୍ୟଜିତ୍‌ବାବୁଙ୍କ ମନ ଆନନ୍ଦରେ ନାଚି ଉଠୁଥିଲା । ମଣିଷର ପ୍ରକୃତ ଜୀବନ ଷାଠିଏରୁ ଆରମ୍ଭ । ପ୍ରକୃତ ଜୀବନକୁ ସେ ଖୁସି ଆନନ୍ଦରେ ଜିଇବେ । ନଥିବ ଚାକିରିର ବନ୍ଧନ, ମାସ ପରେ ମିଳି ଯାଉଥିବ ପେନସନ । କି ଆନନ୍ଦ !

ଘରେ ପହଞ୍ଚିବା ବେଳକୁ ଗୋଟାଏ ହେଲା । ବୋଝେଇ ଓହ୍ଲେଇ ଦେଇ ଗାଡ଼ି ଦୁଇଟି ଫେରିବେ । କାର୍‌ରୁ ଓହ୍ଲେଇ ଗେଟ୍ ଖୋଲିଲେ ସତ୍ୟଜିତ୍‌ବାବୁ । ଗେଟ୍‌ଖୋଲା ଶବ୍ଦ ଶୁଣି ଘରୁ ବାହାରିଲେ ଅନୁପମା । ସତ୍ୟଜିତ୍‌ବାବୁଙ୍କୁ ଦେଖି ଚୁପଚାପ ପଶିଗଲେ ଭିତରକୁ । ବ୍ୟସ୍ତ ଥିଲେ ସେ । ବୋଧହୁଏ କିଛି ରାନ୍ଧୁଥିଲେ କି କ'ଣ ! ଘରେ ତାଙ୍କର ସ୍ୱାଗତ ହୋଇଗଲା ବୁଝି ଘର ଭିତରକୁ ପଶିଲେ ସତ୍ୟଜିତ୍‌ବାବୁ । ଅନୁପମା ରୋଷେଇ କରୁଥିଲେ । ସତ୍ୟଜିତ୍‌ବାବୁ କହିଲେ – ଅନ୍‌ଲୋଡ ସାରି ଡ୍ରାଇଭର ଦି'ଜଣ ଖାଇବେ । ରାନ୍ଧି ସାରିଲଣି ?

– ସେମାନଙ୍କ ପାଇଁ ରାନ୍ଧିନି । ସେମାନଙ୍କୁ ପଇସା ଦେଇଦିଅ । ହୋଟେଲରେ ଖାଇନେବେ । ଫଟ୍ କରି କହିଲେ ଅନୁପମା ।

ଡ୍ରାଇଭର ଦି'ଜଣଙ୍କୁ ଘରେ ଖୁଆଇ ଛାଡ଼ିବେ ଭାବୁଥିଲେ ସତ୍ୟଜିତ୍‌ବାବୁ । ଅନୁପମାଙ୍କ କଥା ଶୁଣି ତାଙ୍କୁ ଭଲ ଲାଗିଲାନି । ସକାଳରୁ ବାହାରିଛନ୍ତି ଡ୍ରାଇଭରମାନେ । ବାଟରେ କଣ ଟିକେ ଜଳଖିଆ ଖାଇଥିଲେ । ବୋଝେଇ ଓହ୍ଲେଇ ସାରିବା ବେଳକୁ ଦିନ ଦୁଇ ହେବ । ଖାଇବାବେଳରେ ଲୋକଗୁଡ଼ା ଅଖିଆ ଯିବେ ଘରୁ ! ସେମାନଙ୍କୁ ଅଖିଆ ଛାଡ଼ିଦେବେ ସେ ? ବାଟରେ ସେମାନଙ୍କୁ କୋଉଠି ଭାତମୁଠେ ମିଳିବ କି ନାହିଁ । ଅତିଥି ହୋଇଲେ ନିରାଶ, ସକଳ ଧର୍ମ ଗଲା ନାଶ । କିଛି ମାଗିଲା ପରି ନରମ ହୋଇ ସତ୍ୟଜିତ୍‌ବାବୁ କହିଲେ – ଲୋକଗୁଡ଼ାକୁ ଅଖିଆ ଛାଡ଼ିବା ଉଚିତ ହେବନାହିଁ । ତୁମେ ଯାହା ରାନ୍ଧିଛ ସେମାନଙ୍କୁ ଦେଇଦିଅ । ଆମେ ବରଂ ପରେ କ'ଣ ଟିକେ ତିଆରି କରି ଖାଇନେବା ।

ଏକ ତୀକ୍ଷ୍ଣ ଶାଣିତ ଚାହାଣିରେ ସତ୍ୟଜିତ୍‌ବାବୁଙ୍କୁ ଅନେଇଲେ ଅନୁପମା । ତାଙ୍କ ରୁଦ୍ରାଣୀର ଆଖି ଦେଖି ସତ୍ୟଜିତ୍‌ବାବୁ କିଛି କହିଲେ ନାହିଁ । ଚୁପ୍‌ଚାପ କାମରେ ଲାଗିଲେ ଅନୁପମା । ତାଙ୍କ ଆବେଦନ ଗୃହୀତ ହୋଇଛି ବୁଝିପାରିଲେ ସତ୍ୟଜିତ୍‌ବାବୁ ।

ତାଙ୍କ ପାଇଁ ରନ୍ଧା ଚିକେନ୍ ଭାତ ଖାଇ ଚାଲିଗଲେ ଡ୍ରାଇଭରମାନେ । ଚିକେନ୍ ଦୁଇପିସ ଆଉ ରୋଟି ଦିଖଣ୍ଡ ଖାଇ ବିଶ୍ରାମ ନେଲେ ସତ୍ୟଜିତ୍‌ବାବୁ । ତାଙ୍କ ସମ୍ମାନ ରହିଯାଇଥିବାରୁ ନିଜକୁ ଭାଗ୍ୟବାନ୍ ମଣୁଥିଲେ ସେ ।

ସତ୍ୟଜିତ୍‌ବାବୁ ବିଶ୍ରାମରୁ ଉଠିବା ବେଳକୁ ଅପରାହ୍ନ ମଳିନ ହେଉଥିଲା । ଆସବାବପତ୍ରଗୁଡ଼ିକୁ ଘରେ ସଜେଇ ରଖିଥିଲେ ଅନୁପମା । ସ୍ୱାଭାବିକ ଲାଗୁଥିଲେ ସେ । ଚିକୁମା', ବାବୁମା' ହେରିକାଙ୍କ ବିଷୟରେ ପଚାରିଲେ ଅନୁପମା । ନୂଆ ବଡ଼ବାବୁଙ୍କ ବିଷୟରେ ବି ପଚାରିଲେ । ରାତିରେ ତାଙ୍କ ପ୍ରିୟ ଖିରି ସାଙ୍ଗକୁ ପରଟା ଓ ଆଳୁକୋବି କଷା କରି ଖୁଆଇଲେ । ବିଛଣାରେ ଲାଗୁଥିଲେ ପୂରା ଅଲଗା । ଯେମିତି ତାଙ୍କ ସହ ତାଙ୍କର କେବେ କୌଣସି ବିଭେଦ ନଥିଲା ।

ଚିରଦିନ ଅନୁପମା ଏମିତି । କେତେବେଳେ ନିଦାଘର ଡହଡହ ଖରା ତ କେତେବେଳେ ଶ୍ରାବଣର ଧାରା ! କେତେବେଳେ ଆଶ୍ୱିନର ନିର୍ମଳ ଜହ୍ନରାତି ତ କେତେବେଳେ ପୌଷର ଶିତୁଆ ସକାଳ ! ଅନୁପମାଙ୍କର ଏଇ ପରିବର୍ତ୍ତନଶୀଳ ମିଜାଜ ପାଇଁ ଅନେକ ସମୟରେ ତାଙ୍କର ବହୁ ମଧୁରମୁହୂର୍ତ୍ତ ବିଷାଦରେ ପରିଣତ ହୋଇଛି । ଏହି ଅଶାନ୍ତିରୁ ମୁକୁଳିବା ପାଇଁ ଅଧିକାଂଶ ବେଳେ ସେ ନିଜ ମୁହଁକୁ ଚୁପ୍ ରଖିଛନ୍ତି । ଅନୁପମାଙ୍କ ଠାରୁ ନିଜକୁ ଦୂରେଇ ନେଇଛନ୍ତି । ଭାବିଛନ୍ତି, ସମୟସୁଅରେ ଅନୁପମା ବଦଳିଯିବେ । କିନ୍ତୁ ଆଶା ଆଶାରେ ରହିଛି । ଅନୁପମାଙ୍କ ସ୍ୱଭାବରେ ପରିବର୍ତ୍ତନ ହୋଇନାହିଁ । ଚାକିରିରେ ଛୁଟି କମ୍ ମିଳୁଥିଲା । ଘରକୁ କମ୍ ଆସୁଥିଲେ ସତ୍ୟଜିତ୍‌ବାବୁ । ତା'ଭିତରେ ଅନୁପମାଙ୍କ ସହ ମନୋମାଳିନ୍ୟ ହେଲେ ଚାଲିଯାଉଥିଲେ ଚାକିରିକୁ । ଏବେ ସେବିକଳ୍ପଟି ଆଉ ନାହିଁ । ତାଙ୍କୁ ଅନୁପମାଙ୍କ ସହ ଆଡଜଷ୍ଟ୍ କରି ରହିବାକୁ ପଡ଼ିବ । ଟିକେ ଆଡଜଷ୍ଟ୍ କରିଗଲେ କ୍ଷତି ବା କ'ଣ ? ଭାବିଲେ ସତ୍ୟଜିତ୍‌ବାବୁ ।

ଆଡଜଷ୍ଟ୍ କରି ଖୁସିରେ ଦି'ଦିନ ବିତିଗଲା ଘରେ । ଆଡଜଷ୍ଟ୍ ପରି ସିଦ୍ଧମନ୍ତ୍ରଟିକୁ ପାଇ କୃତକୃତ୍ୟ ହେଲେ ସତ୍ୟଜିତ୍‌ବାବୁ । ତୃତୀୟଦିନଟି ଥିଲା ଶୁକ୍ରବାର । ସପ୍ତାହିକ ହାଟବାରି । ହାଟବଜାର କରି ଆଣିବାକୁ କହିଲେ ଅନୁପମା । ହାଟକୁ ଗଲେ ସତ୍ୟଜିତ୍‌ବାବୁ । ଘରେ କାମ ନଥିବାରୁ ଫୁରସତ୍‌ରେ ହାଟ ବୁଲି ଟଟକା ପନିପରିବା କିଣିଲେ, ବାଛି ବାଛି ଆଳୁପିଆଜ କିଣିଲେ । ପରିବାପତ୍ର କିଣିସାରି ଆସିଲେ ମାଛ ମାର୍କେଟକୁ । ଭଲ ସାଇଜ୍ ଫିରିକି ମିଳୁଥିଲା । ବିଲାତି ଫିରିକି ଝୋଳରେ ଭାତଖିଆ ଜମିବ କହି ଅଧକିଲୋ ଫିରିକି କିଣିଲେ । ମାଛ ମାର୍କେଟରୁ ବାହାରୁଥିଲେ ସତ୍ୟଜିତ୍‌ବାବୁ । ଜଣେ ମାଛଧରାଳୀ ଆଗକୁ ଆସି କହିଲା, ବାବୁ ! ନଦୀମାଛ ନବ ? ନଦୀମାଛ ଶୁଣି ସତ୍ୟଜିତ୍‌ବାବୁଙ୍କ ମନଟା ଖୁସି ହୋଇଗଲା । କୋଉଦିନୁ ନଦୀମାଛ ପାଟିରେ ବାଜିନି । ମନକୁ ଭାସି ଆସିଲା ପିଲାଦିନର ସ୍ମୃତି । ପିଲାଦିନେ ଗାଁରେ ନଦୀମାଛ ମିଳୁଥିଲା । ମାଆହାତର ମାଛବେସର, ମାଛପତୁଆ ଆଉ ମାଛ ଚଡ଼ଚଡ଼ିରେ ଚୁପ୍‌ଚାପ ଭାତ ଗଳି ଯାଉଥିଲା ତଣ୍ଟି ସେପାରିକୁ । ଅଭୁଲା ତା'ର ସ୍ୱାଦ ! ମାଛକୁ ଦେଖିବା ପାଇଁ ଚାହିଁଲେ ସତ୍ୟଜିତ୍‌ବାବୁ । ବେଗ୍ ଖୋଲି ଦେଖାଇଲା ଲୋକଟି । ଚିଙ୍ଗୁଡ଼ି, ଜହ୍ଲା, କଣ୍ଟିଆ, ବାଲିକିଡ଼ା, ଗଡ଼ିଶ, କରାଣ୍ଡି ଆଦି ନାନା ଜାତିର ଟଟକା ମାଛ ପୁଟୁଳେ ! ତାକୁ କିଣିଲେ ସତ୍ୟଜିତ୍‌ବାବୁ । ବହୁଦିନ ପରେ ନଦୀମାଛ ପାଇଥିବାରୁ ନିଜକୁ ଭାଗ୍ୟବାନ୍ ମନେ କରୁଥିଲେ ସେ ।

ଆଉ ଗୋଟିଏ ଜିନିଷ ବାକିଥିଲା, ଛେନାପୋଡ଼ । ଛେନାପୋଡ଼କୁ ଝିଅର ଭାରି ଶ୍ରଦ୍ଧା । ଛେନାପୋଡ଼ ପାଇଁ ମୁଦୁଲି ହୋଟେଲକୁ ଆସିଲେ ସତ୍ୟଜିତ୍‌ବାବୁ । ନଗଦ ଭଜା ଜିଲାପିକୁ ସଜାଇ ରଖୁଥିଲା ହୋଟେଲର ପିଲା । ପାଖରେ ଥୁଆ ହୋଇଥିବା ସିଙ୍ଗଡ଼ାଗୁଡ଼ା ବି ନଗଦ ବାହାରିଛି ପରି ଲାଗୁଥିଲା । ସିଙ୍ଗଡ଼ା ଓ ଜିଲାପିକୁ ମନ ବଳିଲା ସତ୍ୟଜିତ୍‌ବାବୁଙ୍କର । ଦଶଟା ଲେଖାଁ ଦେବାକୁ କହିଲେ ସେ । ମୁଦୁଲି ପ୍ୟାକ୍ କରିଦେଲା । ଘରେ ପହଞ୍ଚି ଜଳଖିଆ ପ୍ୟାକେଟ୍‌କୁ ଅନୁପମାଙ୍କ ହାତକୁ ବଢ଼େଇ ଦେଇ ସତ୍ୟଜିତ୍‌ବାବୁ କହିଲେ, ସବୁ ଗରମ ଅଛି !

ରୋଷେଇଘରେ ଜଳଖିଆ ପକେଟ୍‌କୁ ଖୋଲୁ ଖୋଲୁ ଗରମ ହେଲେ ଅନୁପମା । ଏତେ ଜଳଖିଆ ଖାଇବ କିଏ ? ଆମେ ତିନିଟା ଲୋକ । ତିନିଟା ହେଲେ ଢେର । ବାବୁ କିଣି ଆଣିଛନ୍ତି ପୂରା ଦୋକାନ ! ହାଟରୁ ଆସିଲେ ଜଳଖିଆ କରିବେ ବୋଲି ମୁଁ ଚୁଡ଼ାସନ୍ତୁଳା କରିଛି । ବାବୁ ନେଇ ଆସିଲେ ଜଳଖିଆ । ଚୁଡ଼ାସନ୍ତୁଳାଗୁଡ଼ା କ'ଣ ହେବ ? ... ଫୋନ୍ ଧରିଛ । ମୋତେ ପଚାରିଥାନ୍ତ ଭଲା ! ...

– କେତକୀକୁ ମିଶେଇ ଆମେ ଚାରିଜଣ । କିଏ କାଳେ ଆସିଯିବ ସେଥିପାଇଁ ଦଶଟା ଆଣିଛି । ଗରମ ଅଛି । ଯୋଡ଼ିଏ ବଦଳରେ ତୁମେ ବି ତିନିଟା ଖାଇବ । ଦଶଟା କେତେ ? ତୁମେ ପହିଲେ ଖାଅ, ପରେ କହିବ । ... କହିଲେ ସତ୍ୟଜିତ୍‌ବାବୁ ।

– ହଁ ଯେ, ତୁମେ ପଚାରିବନି ? ଏକାବେଳେ ଦଶଟା ଧରି ଚାଲିଆସିବ ? ସିଙ୍ଗଡ଼ାଗୁଡ଼ା କ'ଣ ଗାଈଗୋରୁଙ୍କ ପରି ଖାଇବ ?

ଚାରୋଟି ସିଙ୍ଗଡ଼ା ଓ ଚାରୋଟି ଜିଲାପିକୁ ଆଣି

ସତ୍ୟଜିତ୍‌ବାବୁଙ୍କ ଆଗରେ ଥୋଇଦେଇ ଚାଲିଗଲେ ଅନୁପମା । ଜିଲାପିଗୁଡ଼ା ଓପରଓଳି ଖାଇବେ କହି ସେ ପ୍ଲେଟରୁ ତିନୋଟି ଜିଲାପି ଆଉ ଗୋଟିଏ ସିଙ୍ଗଡ଼ା କାଢ଼ି ବାକି ତକ ଖାଇଲେ । ସିଙ୍ଗଡ଼ାଗୁଡ଼ା ଭଲ ଥିଲା । ସିଙ୍ଗଡ଼ାକୁ ଉପଭୋଗ କଲେ ସତ୍ୟଜିତ୍‌ବାବୁ । ଖାଇ ସାରି ସେ ପ୍ଲେଟକୁ ସିଙ୍କ୍‌ରେ ଥୋଇବା ବେଳକୁ ଦୁଇଟା ମାତ୍ର ସିଙ୍ଗଡ଼ା ଗଡ଼ୁଥିଲା ଠୁଙ୍ଗାରେ, କେତକୀ ପାଇଁ ।

ଜଳଖିଆ ପର୍ବ ସାରି ମାଛ ଧୋଇବାକୁ ବାହାରିଲେ ଅନୁପମା । କଟା ଫିରିକିମାଛ ସାଙ୍ଗକୁ ନଦୀମାଛ ଦେଖି ତାଙ୍କ ମୁଣ୍ଡକୁ ପିତ୍ତ ଚଢ଼ିଲା । ଏତିକି ମାଛ ଆଣିଛ ? ଏଗୁଡ଼ା କିଏ ଖାଇବ ? ବଡ଼ମାଛ ଯେତିକି ଆଣିଛ ସେତିକି ଆମ ତିନିଜଣଙ୍କୁ ଅଧିକ ହେବ । ସାନମାଛ କିସ ହବ ?

– ଫିରିକି କିଣିବା ପରେ ନଦୀମାଛ ପାଇଲି । ମାଛଗୁଡ଼ା ତଟକା ଥିଲା । ଲୋଭ ସମ୍ଭାଳି ପାରିଲିନି । ନେଇ ଆସିଲି । ସଫେଇ ଦେଇ କହିଲେ ସତ୍ୟଜିତ୍‌ବାବୁ ।

– ଲୋଭ ହେଲା ବୋଲି ପୂରା ମାଛ ବଜାର କିଣି ଆଣିବ ? ପକେଟରେ ପଇସା ଅଛି ପରା ... ମୁଁ ତଳେ ବସି ପାରୁନି । ଏ ମାଛକୁ କେଳେଇବ କିଏ ?? ମାଛ ସବୁ ପଡ଼ିଥାଉ । ମୁଁ ଖାଇବିନି କି କରବିନି । ... ଗର୍ଜିଲେ ଅନୁପମା ।

ଅନୁପମା ପରି ଜୀବନ୍ତ ଆଗ୍ନେୟଗିରି ଠାରୁ ଦୂରେଇ ଗଲେ ବଞ୍ଚିବେ ଭାବି ବାରିବଗିଚା ଆଡ଼କୁ ଚାଲିଗଲେ ସତ୍ୟଜିତ୍‌ବାବୁ । ତାଙ୍କ କଟୁରି ସ୍ପର୍ଶର ଅଭାବରୁ ବଗିଚାର ଗଛବୃଛ ସବୁ ଅଲରା ହୋଇ ପଡ଼ିଥିଲେ, ରୂଢ଼ଭର୍ତ୍ତି ମୁହଁ ପରି ! ବାଡ଼ିରେ ସାପମାପ ରହିବେ କହି ଆଣିଥିବା ନୂଆ ଦାଢୁଆ କଟୁରିକୁ ପ୍ରୟୋଗ କଲେ ଅର୍ଘାଡ଼ିଆ ବଢ଼ିଥିବା ମନ୍ଦାର ଓ ଟଗରଙ୍କ ଡାଳ ଉପରେ । ସେ ବଗିଚାକୁ ଅଧା ସଫା କରିଛନ୍ତି, ଗର୍ଜନ ଶୁଭିଲା ପଛରୁ । ମୋ ଫୁଲଗଛଗୁଡ଼ା ଛଡ଼ା ତୁମକୁ ଆଉ କ'ଣ କିଛି ଦିଶେନି ? ଫୁଲଗଛଗୁଡ଼ା ହାଣିଦେଲ, ପୂଜା କରିବା ପାଇଁ ମୁଁ ଫୁଲ ଦୁଇଟା ଆଣିବି କୋଉଠୁ ? ଥରେ ମୋତେ ପଚାରିଥାନ୍ତ ଭଲା ! କାମ କରି ଦେଖେଇଦେଲେ ! ଗ୍ୟାସଚୁଲିଟା କେତେ ଦିନରୁ ଭଲ ଜଳୁନି । କହି କହି ଥକିଲିଣି । ସେକାମଟା ତ ଦେଖାଯାଉନି । ଫୁଲଗଛଗୁଡ଼ା କାଟି ପକେଇଲେ । ... ମାଛ ଧୋଇବା ପାଇଁ ବାଡ଼ିପଟକୁ ବାହାରିଥିଲେ ଅନୁପମା ।

ବଗିଚାରେ ଗଛଗୁଡ଼ା ଯେମିତି ବଢ଼ିଥିଲେ, ସାପମାପ ରହନ୍ତେ ! ଅପରାଧୀଙ୍କ ପରି କହିଲେ ସତ୍ୟଜିତ୍‌ବାବୁ । କିନ୍ତୁ ମନ ତାଙ୍କର ଆହତ ହେଲା । ବାଡ଼ିକୁ ସଫାସୁତୁରା କରିବା ପାଇଁ ଫୁଲଗଛର ଡାଳ କେଇଟା ସେ କାଟିଦେଲେ । କ'ଣ ବା ଅପରାଧ କରି ପକାଇଲେ ଯେ, ତା'ପାଇଁ ଏତେ ଗର୍ଜନ ? ଗଛର ଡାଳ ଖଣ୍ଡେ କାଟିବାର ଅଧିକାର ବି କ'ଣ ତାଙ୍କର ନାହିଁ ? ସବୁକଥାରେ ସ୍ତ୍ରୀକୁ ପଚାରିବେ ? ତାଙ୍କର ନିଜର ବୁଦ୍ଧି ନାହିଁ ? କେତେ ବଡ଼ ଅଫିସକୁ ସେ ଚଳାଇ ଆସିଛନ୍ତି । ଅଫିସ୍‌ର ଲୋକେ ତାଙ୍କ କାମକୁ ଝୁରୁଛନ୍ତି । କେତେ ସମ୍ମାନ ତାଙ୍କୁ ଦେଉଥିଲେ ଲୋକେ । ଘରେ ତାଙ୍କର ସମ୍ମାନ ବୋଲି କିଛି ନାହିଁ ?? ... କି ଯୋଗରେ ରାତି ପାହିଥିଲା କେଜାଣି !

ଦି'ପହରେ ଫିରିକି ଝୋଳ କି ନଦୀମାଛ ଭଜା କେଉଁଟି ବି ସ୍ୱାଦିଷ୍ଟ ଲାଗିଲାନି ସତ୍ୟଜିତ୍‌ବାବୁଙ୍କୁ । ସତ୍ୟଜିତ୍‌ବାବୁଙ୍କ ମାଆଙ୍କୁ ନବେବର୍ଷ ବୟସ ହେଉଥିଲା । ଗାଁରେ ବଡ଼ଭାଇଙ୍କ ପରିବାର ସହ ରହୁଥିଲେ ସେ । ନବେବର୍ଷ ବୟସରେ ବି ମାଆ ଚଳପ୍ରଚଳ ହୋଇପାରୁଥିଲେ । ନିଜକାମ ନିଜେ କରିପାରୁଥିଲେ । ପ୍ରବାସରେ ରହୁଥିଲା ବେଳେ ସତ୍ୟଜିତ୍‌ବାବୁ ଭାବୁଥିଲେ ଅବସର ପରେ ମାଆଙ୍କୁ ଗାଁରୁ ନେଇ ଆସିବେ ! ମାଆର ସେବା କରି ପୁତ୍ରଜନ୍ମକୁ ଧନ୍ୟ କରିବେ । ମାଆଙ୍କୁ ନେଇ ଆସିଲେ ଅନୁପମାଙ୍କ ମୁହଁ ବନ୍ଦ ହେବ ଭାବିଲେ ସତ୍ୟଜିତ୍‌ବାବୁ । ଗାଁକୁ ଯାଇମାଆଙ୍କୁ ଆଣିବା ପାଇଁ ବାହାରିଲେ ସେ । ବିରୋଧ କଲେ ଅନୁପମା ।

ଅନୁପମା କହିଲେ – ଘରକୁ କେହି ଜଣେ ଆସିଲେ ଟିକେ ଚାଲିବା ବୁଲିବା ପାଇଁ ଜାଗା ହଉନି । ମାଆ ଆସିଲେ ରହିବେ କୋଉଠି ? ପୁଣି, ତାଙ୍କର ବୟସ ହେଲାଣି । ସେ ବିଛଣାରେ ପଡ଼ିଲେ ତାଙ୍କ ସେବା କରିବ କିଏ ? ଗୁହମୁତ କରିବାକୁ ଏଠି କେହି ଲୋକ ମିଳୁନାହାନ୍ତି । ଏଇ ମାୟାଧରବାବୁଙ୍କ ମାଆ ... ତିନିମାସ ବିଛଣାରେ ପଡ଼ିଲେ । ବହୁକଷ୍ଟରେ ମାୟାଧରବାବୁ ଗୋଟେ ଘାସିଆଣୀକୁ ପାଇଥିଲେ । ପନ୍ଦରଦିନ ଗୁହମୁତ କରିଛି କି ନାହିଁ କହିଲା ଆଉ କରିବ ନାହିଁ । ଶେଷକୁ ତାଙ୍କ ଘରଲୋକେ ...

– ସେସବୁ ଦୁନିଆ ନୀତି । ସଭିଙ୍କ ଘରେ ଲୋକେ ମରୁଛନ୍ତି, ମରିବେ । ଲୋକେ ଡାକ୍ତର ନର୍ସଙ୍କ ହାତରେ ବୁଢ଼ାବୁଢ଼ୀଙ୍କ ସେବା କରାଉଛନ୍ତି । ଯିଏ ନପାରୁଛି ନିଜ ହାତରେ କରୁଛି । ସେଇଟା ସମସ୍ୟା ନୁହେଁ । ଆମେ ବି ମରିବା । ମୁଁ ବିଛଣାରେ ପଡ଼ିଲେ ତୁମେ ମୋ ସେବା

କରିବ କି ନାହିଁ ? ତେବେ ମାଆ ପାଇଁ ଚିନ୍ତା କରନି । ମାଆର ସେବା ମୁଁ କରିବି । ... କହିଲେ ସତ୍ୟଜିତ୍‌ବାବୁ ।

ମାଆଙ୍କ ମାମଲାରେ ସତ୍ୟଜିତ୍‌ବାବୁ କାହାର ପଦେ ବି ଶୁଣିବେନି ଜାଣୁଥିଲେ ଅନୁପମା । ଏଣୁ ଚୁପ ରହିଲେ । ମାଆଙ୍କୁ ଗାଁରୁ ନେଇ ଆସିଲେ ସତ୍ୟଜିତ୍‌ବାବୁ । ମାଆ ପୂରା ଜୀବନ ଗାଁରେ ବଢ଼ିଥିଲେ । ଏଣୁ ତାଙ୍କର ବ୍ୟବହାର ଥିଲା ଗାଉଁଲିଆ । ଛୋଟପିଲାଙ୍କ ପରି ଖାଇବା ବେଳେ ଡାଇନିଂ ଟେବୁଲ ତଳେ ପାଣି ଢାଳି ଦେଉଥିଲେ । ଘର ଭିତରେ ଏଣେତେଣେ ଛେପ ପକାଉଥିଲେ । ବାଥରୁମରେ କଳକୁ ଖୋଲା ଛାଡ଼ି ଦେଉଥିଲେ । ତେଲମସଲା ଦିଆ ତରକାରି ପସନ୍ଦ ନଥିଲା ତାଙ୍କର । କମ୍ ତେଲ ଦେଇ ରାନ୍ଧିବାକୁ କହୁଥିଲେ । ବେସର, ଆମ୍ବୁଲଦିଆ ତରକାରି ରାନ୍ଧିବାକୁ କହୁଥିଲେ । ପିଠାପଣା କରିବାକୁ କହୁଥିଲେ ।

ମାଆ ଆସିବା ପରେ ଯେଉଁ ସମ୍ପର୍କୀୟମାନେ ବର୍ଷରେ କି ଛ'ମାସରେ ଥରେ ଦୁଆରେ ପାଦ ପକାଉନଥିଲେ ସେମାନେ ସବୁ ଆସିଲେ । ସେମାନଙ୍କୁ ଚର୍ଚ୍ଚା କରିବାକୁ ପଡ଼ିଲା ଅନୁପମାଙ୍କୁ । ଘରେ ପାଞ୍ଚଜଣଙ୍କ ପାଇଁ ରାନ୍ଧିବାରେ ଅସୁବିଧା ନାହିଁ । ଜଣେ ଅତିଥିଙ୍କୁ ଚର୍ଚ୍ଚା କରିବା କଷ୍ଟ । ତା'ଭିତରେ ଯଦି ଦିନେ ଚାକରାଣୀ ନଆସିଲା, କାମରେ ଅଣ୍ଟାପିଠି ଭାଙ୍ଗିବାଟା ଥୟ । ମାଆ ମାସେ ରହିଛନ୍ତି କି ନାହିଁ ଅନୁପମା କହିଲେ – ମାଆଙ୍କୁ ନେଇ ଗାଁରେ ଛାଡ଼ିଦିଅ । ସେ ଏଠି ଚଳି ପାରିବେନି କି, ତାଙ୍କୁ ନେଇ ଆମେ ଚଳି ପାରିବାନି । ...

ଚିନ୍ତିତ ହେଲେ ସତ୍ୟଜିତ୍‌ବାବୁ । ସୁଖରେ ରଖିବେ ବୋଲି ମାଆଙ୍କୁ ଗାଁରୁ ନେଇ ଆସିଥିଲେ । ପାଖରେ ରଖି ମାଆଙ୍କର ସେବା କରିବେ । ଏବେ କେମିତିକା ନେଇ ପୁଣି ଗାଁରେ ଛାଡ଼ି ଆସିବେ ? ଲୋକେ କ'ଣ କହିବେ ? ତାଙ୍କରି ଯୋଗୁଁ ସେ ଦୁନିଆ ଦେଖୁଛନ୍ତି । ସରକାରୀ ଚାକିରି କରି ଘରଦ୍ୱାର ତୋଳିଛନ୍ତି । ଦୁନିଆରେ ଯଶ ଅର୍ଜିଛନ୍ତି । କେତେ ବଡ଼ଲୋକଙ୍କ ସହ ସଦ୍‌ଭାବ, ସୁସମ୍ପର୍କ ସ୍ଥାପନ କରିଛନ୍ତି । ସବୁ ତାଙ୍କରି ପାଇଁ । ସେ ଏବେ ସେବା ଲୋଡ଼ୁଥିବା ବେଳେ ସେବା ନକରି ତାଙ୍କୁ ନେଇ ଘରେ ଛାଡ଼ି ଆସିବେ ? ପିଲାମାନେ କ'ଣ ଶିଖିବେ ?

ମାଆଙ୍କ ପ୍ରତି ଦୟା ଓ ସହାନୁଭୂତିରେ ସତ୍ୟଜିତ୍‌ବାବୁଙ୍କ ଅନ୍ତର ଛଳଛଳ ହେଉଥିଲା । ଆହା ବିଚାରୀ ! କେବେ ଜୀବନରେ କିଛି ମାଗିନାହିଁ କି ଅଭିଯୋଗ କରିନାହିଁ । ସେମାନେ ଯାହା ଖାଉଛନ୍ତି, ତାଙ୍କୁ ବି ତାହା ଦେଉଛନ୍ତି । ସେତିକିରୁ ବି ବଞ୍ଚିତ କରିବେ ତାଙ୍କୁ ? ନା, ଅସମ୍ଭବ । ସେ କଦାପି ଏତେ ହୃଦୟହୀନ ହୋଇ ନପାରନ୍ତି । ସେ ଯେତେଦିନ ବଞ୍ଚିଛନ୍ତି ପାଖରେ ରହିଥାନ୍ତୁ ! ସ୍ଥିର କଲେ ସତ୍ୟଜିତ୍‌ବାବୁ ।

ମାଆ ରହିଥିଲେ । ଦିନେ ବଡ଼ଭଉଣୀଙ୍କୁ ଆଣି ଚିକିତ୍ସା ପାଇଁ ଛାଡ଼ି ଦେଇଗଲା ଭଣଜା । ନଦୀଘାଟରେ ପଡ଼ି ଭାଙ୍ଗି ଯାଇଥିଲା ତାଙ୍କ ହାତ । ଗୋଡ ବି ମୋଡ଼ି ହୋଇଯାଇଥିଲା । ବିନ୍ଧାବଥା ହେତୁ ରାତିରେ ଶୋଇ ପାରୁନଥିଲେ ସେ । ତାଙ୍କୁ ଡାକ୍ତର ଦେଖାଇବା ପାଇଁ

ସମ୍ବଳ ନଥିଲା ତାଙ୍କ ଏକମାତ୍ର ପୁତ୍ରର । କେଉଁ କଣ୍ଟ୍ରାକ୍ଟରର ଛାଟିଆ ହୋଇ ପେଟ ପୋଷୁଥିଲା ସେ। ଭାଇ ପାଖରେ ରହି ଡାକ୍ତର ଦେଖାଇବେ ଉଦ୍ଦେଶ୍ୟ ବଡଭଉଣୀଙ୍କର । ତାଙ୍କୁ ସତୁରିବର୍ଷ ହେଉଥିଲା । ଭିଣୋଇଙ୍କ ସ୍ୱର୍ଗବାସ ପରେ ତାଙ୍କ ଘରର ଅର୍ଥନୀତି ରସାତଳକୁ ଯାଇଥିଲା ।

ବଡଭଉଣୀଙ୍କ ଦୁରବସ୍ଥା ପରିସ୍ଫୁଟ ହେଉଥିଲା ତାଙ୍କ ପିନ୍ଧାଲୁଗାରୁ । ବଡଭଉଣୀଙ୍କ ଦୟନୀୟ ଅବସ୍ଥା ଦେଖି ଦୁଃଖିତ ହେଲେ ସତ୍ୟଜିତ୍‌ବାବୁ । ତୁରନ୍ତ ବଜାରକୁ ଯାଇ ତାଙ୍କ ପାଇଁ ଗୋଟିଏ ସମ୍ବଲପୁରୀ ଶାଢି ଆଉ ଦୁଇଟି ନିତିପିନ୍ଧା ଶାଢି କିଣି ଆଣିଲେ । ଡାକ୍ତରଖାନାକୁ ନେଇ ଭଙ୍ଗା ହାତକୁ ପ୍ଲାଷ୍ଟର କରାଇଲେ । ସାତଦିନ ରହି ଭଉଣୀ ସାଷ୍ଟାମ ହେବା ପରେ ଦିନେ ତାଙ୍କ ପୁଅ ଆସି ତାଙ୍କୁ ନେଇଗଲା । ଯିବାବେଳକୁ ତାଙ୍କ ପୁଅକୁ ବି ଦି'ହଜାର ଟଙ୍କା ଦେଲେ ସତ୍ୟଜିତ୍‌ବାବୁ । ନୂଆ ସାର୍ଟପେଣ୍ଟ୍ ହଲେ କିଣିବା ପାଇଁ । ଭାଇର କର୍ତ୍ତବ୍ୟ କରି ଅନ୍ତରରେ ଆତ୍ମସନ୍ତୋଷ ଲାଭ କଲେ ସତ୍ୟଜିତ୍‌ବାବୁ ।

ବଡଭଉଣୀ ଥିବାବେଳେ ଅନୁପମା ମୁହଁ ବନ୍ଦ ରଖିଥିଲେ । ଅନ୍ତରର ଜ୍ୱାଳାମୁଖି ତାଙ୍କର ବ୍ୟାକୁଳ ହେଉଥିଲା ଉଦ୍‌ଗୀରଣ ପାଇଁ । ବଡଭଉଣୀ ଯିବା ମାତ୍ରେ ଆରମ୍ଭ ହେଲା ଉଦ୍‌ଗୀରଣ । ତୁମର କ'ଣ ସେଇ ଗୋଟିଏ ଭଉଣୀ ?? ଗୋଟିଏ ଭଉଣୀ ପଛରେ ଦଶହଜାର ଢାଳିଦେଲ ! ବାକି ତିନିଜଣଙ୍କ ପଛରେ କେତେ ଢାଳିବ ? ନିଜ ଛୁଆଙ୍କର କିଛି ଭବିଷ୍ୟତ ଅଛି ନା ନାହିଁ ? ଆଜିକାଲି ବାହାଘର ଗୁଡାକରେ କେତେ ଖର୍ଚ୍ଚ ହେଉଛି ଜାଣୁଛ ? ତୁମର ପୂରା ଭବିଷ୍ୟନିଧି ଆଉ ଗ୍ରାଚୁଇଟି ଟଙ୍କା ଦୁଇଟା ବାହାଘରରେ ଚାଲିଯିବ । ପୁଅଟା ଏଯାକେ କିଛି କରିନି, ଭାବୁଛ କି ନାହିଁ ? ...

– ଭଉଣୀଟା କେମିତି ଅଭେକ ହୋଇ ଆସିଥିଲା ! ତାକୁ ଲୁଗା ଦି'ଖଣ୍ଡ ଆଣି ଦେଇନଥିଲେ କ'ଣ ଭଲ ହୋଇଥାନ୍ତା ? ତାଙ୍କୁ ଡାକ୍ତର ପାଖକୁ କେମିତି ନେଇଥାନ୍ତି ? ଭଉଣୀ ବୋଲି କେମିତି ପରିଚୟ ଦେଇଥାନ୍ତି ? ଈଶ୍ୱରଙ୍କ ବିଧାନରେ ଯେଉଁ କାମ ଯେମିତିକା ହେବା କଥା ସେମିତିକା ହେବ । ଭଉଣୀକୁ ଲୁଗା ଦି'ଖଣ୍ଡ ଦେଇଦେଲେ ଆମର ଊଣା ହୋଇଯିବନି । ତୁମେ ବୃଥା ଚିନ୍ତା କରନି । ...

– ସେ ଶୁଖିଲା ଜ୍ଞାନଗୁଡା ରଖ ! ରିଟାୟାର୍ଡ ହେଲଣି । ତୁମର ଆଉ ଚାକିରି ନାହିଁ ଯେ, ଯାହା ଭାବିବ କରିଯିବ । ଏବେ ଟଙ୍କାଟିଏ ବି ଭାବିଚିନ୍ତି ଖର୍ଚ୍ଚ କରିବାକୁ ପଡିବ । ମୋତେ ଏଟିଏମ କାର୍ଡ ଦିଅ । ସେଇଟା ମୋ ପାଖରେ ରହିଲେ ତୁମେ ମନଇଚ୍ଛା ଖର୍ଚ୍ଚ କରିପାରିବନି ।

ଅନୁପମା ଘରେ ଗର୍ଜୁଥିବା ବେଳେ ମାଆ ବାହାରେ ବସିଥିଲେ । ସତ୍ୟଜିତ୍‌ବାବୁ ବାହାରକୁ ବାହାରିବାରୁ କହିଲେ, ଅନୁ କାହିଁକି ପାଟି କରୁଥିଲା ? ମାଆ ତାଙ୍କ ଗର୍ଜନର ବିଷୟବସ୍ତୁ ଜାଣି ଦେଇଛନ୍ତି ମନେହେଲା ସତ୍ୟଜିତ୍‌ବାବୁଙ୍କୁ । ମାଆଙ୍କୁ କ'ଣ ଜବାବ ଦେବେ ବୁଝି ନପାରି କହିଲେ – ତା ବଡଭାଇ କାହିଁକି ଫୋନ୍ କରିଥିଲେ । ଫୋନରେ ଭାଇଭଉଣୀ କ'ଣ କୁହାବୋଲା ହେଉଥିଲେ ।

ଏମିତି ବିତୁଥିଲା ଦିନଗୁଡା । ଦିନେ ଗାଁ ଯୁବକସଙ୍ଘର ପିଲାମାନେ ଫୋନ୍ କରି କହିଲେ – କକା ! ମାଆ କୋଟବାସିନୀଙ୍କ ମନ୍ଦିର ତିଆରି କରିବା ଆମେ ନିଷ୍ପତ୍ତି ନେଇଛୁ । ଏମଏଲଏଙ୍କ ସହ କଥା ହୋଇଛି । ସେ ତାଙ୍କ ପାଣ୍ଠିରୁ ଦୁଇଲକ୍ଷ ଦେବେ । କିନ୍ତୁ ଖର୍ଚ୍ଚ ତିନିଲକ୍ଷରୁ ଅଧିକ ହେବ । ଗାଁ ପାଶବୁକ୍‌ରେ ଷାଠିଏ ହଜାର ଅଛି । ବାକି ଟଙ୍କା ଆମେ ଗାଁରୁ ଚାନ୍ଦା କରିବା । ଗାଁକଥା ତ ତୁମେ ଜାଣିଛ । ତୁମେ ଆଉ ଶରତକକା ଯାହା ଦବ । ତମକୁ ଦଶହଜାର ଚାନ୍ଦା କରୁଛୁ । ...

– ମାଆଙ୍କ ମନ୍ଦିର ପାଇଁ ମୁଁ ନିଶ୍ଚୟ କିଛି ଦେବି । କିନ୍ତୁ ଏବେ ଦେଇ ପାରିବିନି । ତୁମେ କାମ ଆରମ୍ଭ କର । ସୁବିଧା ଦେଖି ଦେବି । କହିଲେ ସତ୍ୟଜିତ୍‌ବାବୁ । ଯୁବକସଙ୍ଘ ପିଲାମାନେ କହିଲେ – ଏମଏଲଏ ବି କହିଛନ୍ତି କାମ ଆରମ୍ଭ ପରେ ପାଣ୍ଠିରୁ ଟଙ୍କା ଦେବେ । ତାଙ୍କ ଟଙ୍କା ମିଳିବାରେ ବିଳମ୍ବ ହେବ । ଆମକୁ ଚାନ୍ଦା କରି କାମ ଆରମ୍ଭ କରିବାକୁ ପଡିବ । ବାବା ଡାଳିମ୍ବେଶ୍ୱର, ପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରରେ ରହିଲେ । ଗ୍ରାମଦେବତୀ ଚାଳିଆରେ ରହିବେ ନା ? ...

ସତ୍ୟଜିତ୍‌ବାବୁଙ୍କ ଗାଁ ଗୋଟେ ରାଜାରାଜୁଡା ଗାଁ । ସେଇମାଟିରୁ ସେ ମଣିଷ ହୋଇଛନ୍ତି । ତାଙ୍କ ପରି ଗାଁରୁ ମଣିଷ ହୋଇ କିଏ କେତେ କୁଆଡେ ରହିଲେଣି । ଜନ୍ମମାଟି ପ୍ରତି ତାଙ୍କର ଦାୟିତ୍ୱ ରହିଛି । ନୈତିକ କର୍ତ୍ତବ୍ୟ ମଧ୍ୟ ରହିଛି । ଏଣୁ ସେ ଦୁଇହଜାର ଦେବେ ବୋଲି କହିଲେ । କିନ୍ତୁ ଯୁବକସଙ୍ଗ ପିଲା ମୋଟେ ମାନିଲେ ନାହିଁ । ମନ୍ଦିର ପ୍ରତିଷ୍ଠା ବେଳେ ଆଉ ଦି'ହଜାର ଦେବେ କହିବାରୁ ମାନିଲେ । ଝମେଲା ତୁଟେଇବାକୁ ସେମାନଙ୍କ ଫୋନପେ ନମ୍ବର ମାଗି ଦୁଇହଜାର ପଠାଇଦେଲେ ସତ୍ୟଜିତ୍‌ବାବୁ ।

ସଞ୍ଜ ବେଳକୁ ପୁଅ ଆସି ପହଞ୍ଚିଲା । ତା'ର ଶେଷ ପ୍ରାକ୍ଟିକାଲ ପରୀକ୍ଷାଟି ଆଠଦିନ ପରେ ହେବ । ସପ୍ତାହଟେ ଫାଲତୁରେ ମେସରେ ପଡିରହିବ କାହିଁକି ଭାବି ସେ ପଳେଇ ଆସିଥିଲା ଘରକୁ । ୱାଟର ଫିଲଟରଟି ବହୁଦିନରୁ ଖରାପ ହୋଇ ପଡିଥିଲା । ପୁଅକୁ ଦେଖି ନୂଆ ଫିଲଟରଟିଏ ଆଣିବାକୁ କହିଲେ ଅନୁପମା । ଦୋକାନରେ ପେମେଣ୍ଟ୍ ବେଳେ ପୁଅ ଜାଣିଲା ବାପା ସକାଳେ ଦୁଇହଜାର ଚାନ୍ଦା ଦେଇଛନ୍ତି ଗାଁକୁ । କଥା ଅନୁପମାଙ୍କ କାନକୁ ଆସିଲା । ଆରମ୍ଭ ହେଲା ମହାଭାରତ । ଦି'ହଜାର ଦାନ ଦେଲ, ଭଲ କଲ ! ଆମକୁ କହିବନି ? ଆମେ କ'ଣ ଏଘରେ କେହି ନୋହୁଁ? ... କିଏ ଫୋନ୍ କରି କହିଦେଲା ମନ୍ଦିର ହେବ । ଆଉ ବାବୁ ପଚାଶ ଶହେ ନାହିଁ, ଗଣିଦେଲେ ଦି'ହଜାର । ସେମାନେ ମନ୍ଦିର କରୁଛନ୍ତି କି ମଦ ପିଉଛନ୍ତି ତୁମେ ଯାଇ ଦେଖୁଛ ? କେବେ ଯା'ଙ୍କର ଅକଲ ଫିଟିବ କେଜାଣି ! ... ଗର୍ଜିଲେ ଅନୁପମା ।

ନିଜକୁ ଅପମାନିତ ଓ ସଙ୍କୁଚିତ ମନେକଲେ ସତ୍ୟଜିତ୍‌ବାବୁ । ପିଲାମାନେ ଚାନ୍ଦା ମାଗିଲେ ଆଉ ସେ ଦେଲେ । ନିଜ ଗାଁ ବୋଲି ସେ ଦୁଇହଜାର ଦେଲେ । ଚାନ୍ଦାପଇସାରେ ଯଦି କିଏ ମଦ ପିଇବ ସେ କରିବେ କ'ଣ ? ଚାନ୍ଦା ଦେଇଛନ୍ତି ବୋଲି ସେମାନଙ୍କ ପଛରେ ସିଆଇଡି ପରି ଯାଇ ଦେଖିବେ ? ଅତୀତରେ ସେ ଅନେକ ଲୋକଙ୍କୁ ଚାନ୍ଦା ଦେଇଛନ୍ତି । ସେମାନେ କୋଉଠି ଖର୍ଚ୍ଚ କଲେ ବୋଲି ତ କେବେ ପଚାରିବାକୁ ଯାଇନାହାନ୍ତି ! ତଥାପି ତାଙ୍କ ତର୍କ ଅଯଥା ଅନର୍ଥ ସୃଷ୍ଟି କରିବ ବୋଲି ଚୁପ୍ ରହିଲେ ସତ୍ୟଜିତ୍‌ବାବୁ ।

ଚାନ୍ଦା ଦି'ହଜାର ଦେବାର ସ୍ୱାଧୀନତା ବି ତାଙ୍କର ନାହିଁ । ଏମିତି ଅବଦମିତ ହୋଇ ରହିବେ ସେ ? କେତେଦିନ ବା ରହିବେ ? ତାଙ୍କର ବ୍ୟକ୍ତିଗତ ସ୍ୱାଧୀନତା ବୋଲି କ'ଣ କିଛି ନାହିଁ ? ଏତେକାଳ ଘର ଅର୍ଥନୀତି ପାଇଁ ସଙ୍ଘର୍ଷ କଲେ, ଏବେ ନିଜଘରେ ନିଜର ସ୍ୱାଧୀନତା ପାଇଁ ଲଢିବେ ? ବାଃ ରେ ଜୀବନ ! ବିଭାଗରେ ଦିନେ ଯା'ର ହୁକୁମରେ ଅଫିସ ଚାଲୁଥିଲା, ସେ ପୁଣି ସ୍ତ୍ରୀ ହୁକୁମରେ ରହିବ ?

ମାଆ ପାଖକୁ ଆସିବା ପରେ ଅନୁପମାଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟା ବଦଳି ଯାଇଥିଲା । ବଡି ସକାଳେ ବିଛଣା ଛାଡୁଥିଲେ ସେ । ସ୍ନାନଶୌଚ ହୋଇ, ଠାକୁରପୂଜା କରି, ପହିଲେ ଜଳଖିଆ ପ୍ରସ୍ତୁତ କରୁଥିଲେ । ବିଛଣାରୁ ଉଠି ଜଳଖିଆ ଖୋଜୁଥିଲେ ମାଆ । ପୁଣି, ପ୍ରାୟ ନିତି କେହି ଜଣେ ଅତିଥି ଘରକୁ ଆସୁଥିଲା । ଆଇଲାଗଲା ଲୋକଙ୍କ ପାଇଁ ରାତି ପର୍ଯ୍ୟନ୍ତ କାମ ଲାଗି ରହୁଥିଲା ତାଙ୍କର । ତାଙ୍କ କର୍ମବ୍ୟସ୍ତତା ବ୍ୟଥିତ କରୁଥିଲା ପୁଅଝିଅଙ୍କୁ । ଘରକୁ ଆସୁଥିବା ସମ୍ପର୍କୀୟମାନେ ସେମାନଙ୍କ ପାଇଁ ଥିଲେ ଅବାଞ୍ଛିତ । ନିଜ ମାଆର ଦୁଃଖ ଦେଖି ସେମାନେ ସତ୍ୟଜିତ୍‌ବାବୁଙ୍କୁ କହିଲେ, ଜେଜେମାଆକୁ ନେଇ ଘରେ ଛାଡି ଆସ ।

ପିଲା ଦୁହିଁଙ୍କୁ ସତ୍ୟଜିତ୍‌ବାବୁ ବୁଝାଇଲେ – ଘରକୁ ଅତିଥି ଆସୁଛନ୍ତି ବୋଲି ଜେଜେମା'ଙ୍କୁ ନେଇ ଗାଁରେ ଛାଡି ଆସିବା ? ଏଇଟା କ'ଣ ଉଚିତ ହେବ ? ଅତିଥିମାନଙ୍କୁ ଆତିଥ୍ୟ ପ୍ରଦାନ କରିବା ପାଇଁ ଆମକୁ

ଯଦି କଷ୍ଟ ହେଉଛି, ତାହା ଆମର ନିଜସ୍ୱ ବ୍ୟାପାର । ଆନ୍ତରିକତାରେ ପାଣି ଗିଲାସେ ଦେଲେ ବି ଅତିଥିମାନେ ସନ୍ତୁଷ୍ଟ ହୋଇ ଯିବେ । ଆମେ ସମାଜରେ ରହୁଛୁ । ଆମେ ଲୋକଙ୍କୁ ଯେମିତି ଶ୍ରଦ୍ଧା କରିବା ସେମାନେ ଆମକୁ ସେମିତି ଶ୍ରଦ୍ଧା କରିବେ । ତେବେ ଆଜି ବଡଭାଇ ଅଛନ୍ତି ବୋଲି ମାଆଙ୍କୁ ନେଇ ଗାଁରେ ଛାଡି ଆସିବା ପାଇଁ କହୁଛ । ମୁଁ ଯଦି ମାଆଙ୍କର ଏକମାତ୍ର ପୁତ୍ର ହୋଇଥାନ୍ତି ? କୋଉଠି ଛାଡିଥାନ୍ତି ତାଙ୍କୁ ?

ପିଲା ଦୁହିଁଙ୍କ ମୁହଁ ବନ୍ଦ ହେଲେ ବି ନିଜ ମାଆର ଦୁଃଖ ପାଇଁ ସେମାନେ ପିତା ସତ୍ୟଜିତ୍‌ବାବୁଙ୍କୁ ଦାୟୀ ବୁଝିଲେ । ମାଆଛୁଆ ମିଳିତ ହୋଇ ବୃଦ୍ଧା ଜେଜେମାଙ୍କ ବିରୁଦ୍ଧରେ ବିଷ ଓଗାଳିଲେ ବନ୍ଦ କୋଠରୀ ଭିତରେ । କ'ଣ କରିବେ କିଛି ବୁଝିପାରିଲେନାହିଁ ସତ୍ୟଜିତ୍‌ବାବୁ । ବୁଢୀ ମଣିଷଟିକୁ କେମିତି ବା ନେଇ ଗାଁରେ ଛାଡି ଦେଇ ଆସିବେ ? ତାଙ୍କର ବିବେକ ବୋଲି କ'ଣ କିଛି ନାହିଁ ? ଦି'ଫାଳ ହେଲା ପରିବାର । ଅନୁପମା ଓ ପିଲାମାନେ ଉପେକ୍ଷା କଲେ ସତ୍ୟଜିତ୍‌ବାବୁଙ୍କୁ । କଥାବାର୍ତ୍ତା ବି କମେଇ ଦେଲେ । ତଥାପି ଦୁଃଖ ନଥିଲା ସତ୍ୟଜିତ୍‌ବାବୁଙ୍କ ମନରେ । ସେ ନ୍ୟାୟରେ ଅଛନ୍ତି, ପିଲାମାନେ ଦିନେ ଅବଶ୍ୟ ତାଙ୍କୁ ବୁଝିବେ, ଏହି ଆଶା ପୋଷଣ କରି ରହିଲେ । ଦୁନିଆରେ ପାରିବାରିକ କଳହର କରୁଣ ପରିଣତିକୁ ଆଖି ଆଗରେ ରଖି ପଥର ହୋଇଗଲେ ସେ ।

ଏମିତି ଦିନଗୁଡା ବିତୁଥିବା ବେଳେ ହଠାତ୍ ଦିନେ ସକାଳେ ମାଆ ବିଛଣାରୁ ଉଠିଲେନି । ଆଖିବୁଜି ପଡିରହିଲେ ବିଛଣାରେ । ଖରନିଃଶ୍ୱାସ ଚାଲିଲା । ମାଆଙ୍କର ଶେଷସମୟ ଉପନୀତ ହୋଇଛି ଭାବି ଭାଇଭଉଣୀମାନଙ୍କୁ ଖବର ଦେଲେ ସତ୍ୟଜିତ୍‌ବାବୁ । ଧାଇଁ ଆସିଲେ ଭାଇଭଉଣୀମାନେ । ମାଆ ଶେଷାବସ୍ଥାରେ ବୋଲି କହିଲେ । ବିମୂଢ଼ ହେଲେ ସତ୍ୟଜିତ୍‌ବାବୁ । ରକ୍ଷା କର ପ୍ରଭୁ କହି ଜଗନ୍ନାଥଙ୍କୁ ହାତ ଯୋଡିଲେ । ଝାଡା ପରିସ୍ରା ବିଛଣାରେ ହେଲା । ଅନୁପମା ତ ଏମିତି ମାଆଙ୍କୁ ନାକ ଟେକୁଥିଲେ । ପାଖକୁ ଆସିଲେ ନାହିଁ । ସଫାସଫି କିଏ କରିବ ଚିନ୍ତା ହେଲା । ସେକାମରେ ସତ୍ୟଜିତ୍‌ବାବୁଙ୍କର ଅଭିଜ୍ଞତା ନଥିଲା । ତଥାପି ମାଆଟା ଗୁହମୁତରେ ଘାଣ୍ଟି ହେଉଥିବ, ସେ ଦେଖୁଥିବେ ?? ନିଜ ହାତରେ ମାଆଙ୍କ ମଳମୂତ୍ର ସଫା କଲେ ସତ୍ୟଜିତ୍‌ବାବୁ । ମାଆଙ୍କ ମଇଳା ଲୁଗାପଟାକୁ ଧୋଇ ଶୁଖାଇଲେ ।

ମୁଖ୍ୟ ସମସ୍ୟାଟି ସମାହିତ ହେବାରୁ ଅନୁପମା ମାଆଙ୍କ ଖାଇବା ଦିଗଟି ବୁଝିଲେ । ସମ୍ପର୍କୀୟମାନେ ଆସୁଥିଲେ । ଦେଖି ଦେଇ ଚାଲି ଯାଉଥିଲେ । ଡାଏପର ଆଣି ପିନ୍ଧେଇବାରୁ ମାଆଙ୍କ ଝାଡା ପରିସ୍ରା ସମସ୍ୟା ଲାଘବ ହେଲା । ଦୁଇଓଳି ଡାଏପର ବଦଳାଇଲେ ସତ୍ୟଜିତ୍‌ବାବୁ । ଶୀଘ୍ର ଏହା ତାଙ୍କର ଅଭ୍ୟାସରେ ପରିଣତ ହେଲା । ଗୁହମୁତ ପାଇଁ ତାଙ୍କ ମନରେ ଘୃଣାଭାବ ନଥିଲା । ତଥାପି ଦୂର ହେଉନଥିଲା ଅନୁପମାଙ୍କ ଦୁଃଖ । ଏମିତି ସାରାଦିନ କାମ କଲେ ମାଆ ସ୍ୱର୍ଗକୁ ଯିବା ଆଗରୁ ସେ ସ୍ୱର୍ଗକୁ ଚାଲିଯିବେ ବୋଲି କାନ୍ଦି କହୁଥିଲେ । ଦୁନିଆରେ ନାରୀମାନେ କେତେ କଠିନ କାମ କରୁଛନ୍ତି, ସେମାନଙ୍କର ସ୍ୱର୍ଗବାସ ହେଉନି । ଆଉ ଇଏ ଘରୋଇ କାମରେ କୋଉ ଟିକେ ନଟପଟ ହେଉଛନ୍ତି ଯେ ପ୍ରାଣ ଚାଲିଯିବ ? ଅନୁପମାଙ୍କ ଅଭିଯୋଗକୁ ଅଶୁଣା କଲେ ସତ୍ୟଜିତ୍‌ବାବୁ । କିନ୍ତୁ ଅନୁପମାଙ୍କ ଅଭିଯୋଗ ବିସ୍ଫୋରଣ କଲା ଦିନେ । ମାଆର ଅଭିଯୋଗ ଶୁଣି ଶୁଣି ପୁଅ ଗର୍ଜନ କଲା - ଜେଜେମା'କୁ ନେଇ ଗାଁରେ ଛାଡି ଆସ ! ଯା'ପାଇଁ କ'ଣ ମୋ ମା' ମରିବ ?

ପୁଅର ଗର୍ଜନ ଶୁଣି ବିଛଣାରେ ପଡିଥିବା ମାଆଙ୍କ ଆଖି ଖୋଲି ଲୁଲୁଲୁଲୁ କରି ଅନେଇଲେ । କଥା ଆସି ଏଇଠି ପହଞ୍ଚିବ କେବେ ଭାବି ନଥିଲେ ସତ୍ୟଜିତ୍‌ବାବୁ । କିଂକର୍ତ୍ତବ୍ୟବିମୂଢ଼ ହେଲେ ସେ । ତଥାପି ମାଆଙ୍କୁ ନେଇ ଘରେ ଛାଡିବା କଥା ଭାବି ପାରିଲେ ନାହିଁ । ଏତେ ହୃଦୟହୀନ କେମିତି ହେବେ ସେ ? ଜନ୍ମଦେଇଥିବା ମାଆ ପ୍ରତି ଏତେ ନିଷ୍ଠୁର କେମିତି ହେବେ ?? ଗମ୍ଭୀର ହୋଇ ସତ୍ୟଜିତ୍‌ବାବୁ କହିଲେ - ମୁଁ ତୁମମାନଙ୍କର ସମସ୍ୟା ବୁଝୁଛି । ତୁମେ କେହି ମାଆଙ୍କର କିଛି କରିବା ଦରକାର ନାହିଁ । ସବୁକାମ ମୋ ଉପରେ ଛାଡିଦିଅ । ଜଣେ ବୁଢୀ ମଣିଷର ସେବା ମୁଁ ଅନାୟାସରେ କରିପାରିବି । ସେ ପ୍ରତ୍ୟୟ ମୋର ଅଛି ।

- ତୁମର ନିଜର କ'ଣ ହେବ ଭାବୁଛ ? ତୁମର କିଛି ହେଲେ ଏଘର ଆଉ ଆମର କ'ଣ ହେବ ? ପ୍ରଶ୍ନ କଲା ପୁଅ ।

- ମୋର କିଛି ହବନି କି ତୁମମାନଙ୍କର କିଛି ହବନି । ଉପରବାଲାଙ୍କ ଉପରେ ଏ ବିଶ୍ୱାସ ମୋର ଅଛି ।

ଚୁପ୍ ହୋଇ ପୁଅ ଶୋଇବାଘରକୁ ଚାଲିଗଲା । କିନ୍ତୁ କେବେ ଆଗରେ ମୁହଁ ଖୋଲୁନଥିବା ପୁଅ ଉଚ୍ଚବାଚ କରିବାରୁ ମନ ତାଙ୍କର ଆହତ ହେଲା, ଅସ୍ଥିର ହେଲା । ପୁଅକୁ ଭରସା କରୁଥିଲେ ସେ । ତା'ର କେଇପଦ କଥା ସେଇ ଭରସାକୁ ଭୂଲୁଣ୍ଠିତ କରିଦେଲା । ଭବିଷ୍ୟତ ପାଇଁ କେମିତି ଭରସା କରିବେ ପୁଅକୁ ? ପ୍ରଶ୍ନବାଚୀ ହେଲା ମନରେ । ଦୁନିଆ ସ୍ୱାର୍ଥପର ପ୍ରତ୍ୟୟ ହେଲା । ସ୍ୱାର୍ଥପର ଏହି ଦୁନିଆରେ କା'କୁ ସେ ବିଶ୍ୱାସ କରିବେ ? କା'କୁ ଭରସା କରିବେ ? ଏଇ ପ୍ରଶ୍ନ ଦୁଇଟି ନିରବ କରିଦେଲା ସତ୍ୟଜିତ୍‌ବାବୁଙ୍କୁ । ନିଜଘରେ ନିଜକୁ ପର ମନେକଲେ । ତଥାପି ଶଯ୍ୟାଶାୟୀ ମାଆକୁ ଅନେଇ ପଡିରହିଲେ ସେ । ଗତାନୁଗତିକତାରେ ବିତିଲା ଦିନ ।

ଦିନେ ସକାଳେ ସତ୍ୟଜିତ୍‌ବାବୁ ଉଠିଲା ବେଳକୁ ମାଆ ଆଉ ନଥିଲେ । ଚୁପଚାପ ଚାଲି ଯାଇଥିଲେ ସ୍ୱର୍ଗକୁ, ବାପାଙ୍କ ପାଖକୁ । ମାଆଙ୍କ ବିୟୋଗ ସ୍ତମ୍ଭୀଭୂତ କଲା ସତ୍ୟଜିତ୍‌ବାବୁଙ୍କୁ । ଚତୁର୍ଦ୍ଦିଗ ଅନ୍ଧାର ଦିଶିଲା ତାଙ୍କୁ । ଦୁନିଆରେ ତାଙ୍କୁ ଭଲ ପାଉଥିବା ଏକମାତ୍ର ମଣିଷଟିର ମୃତ୍ୟୁ ହୋଇସାରିଛି ! ସହାନୁଭୂତିହୀନ ବାକି ଲୋକଗୁଡାକଙ୍କ ସହିତ କେମିତି ଘରେ ରହିବେ ସେ ?? ଘରର ବାତାବରଣ ଶ୍ୱାସରୁଦ୍ଧ କଲା । କୁଆଡେ ଚାଲିଯିବା ପାଇଁ କହିଲା ଅନ୍ତର । କିନ୍ତୁ କୁଆଡେ ଯିବେ ???

କେଉଁ ଏକ ଅଜଣା ସହରରେ ନାମହୀନ ଜୀବନ ବିତେଇ ଦେବା ପାଇଁ କହିଲା ମନ । କିନ୍ତୁ ତାହା ସମ୍ଭବପର ମନେହେଲାନି । ଅଜଣା ସହରରେ କିଏ ଘର ଦେବ ତାଙ୍କୁ ? ପୁଣି, ଆଜିକାଲି ସହରଗୁଡିକରେ ଯେମିତି ଅଭାବନୀୟ ଘଟନା ସବୁ ଘଟିଚାଲିଛି, କେଉଁଠି ନିରାପଦରେ ରହିବେ ସେ ? ଭାବିଲେ କେଉଁ ଏକ ଆଧ୍ୟାତ୍ମିକ ଗୁରୁଙ୍କ ଆଶ୍ରମକୁ ଚାଲିଯିବେ । ଆଜୀବନ ସଦସ୍ୟ ହୋଇ ସାତ୍ତ୍ୱିକ ଜୀବନ ବିତାଇବେ । ଆଶ୍ରମଗୁଡିକର କେଲେଙ୍କାରୀ ସବୁ ମନକୁ ଭାସିଆସି ଆଶ୍ରମ ଆଡକୁ ମୁହାଁଉଥିବା ଡଙ୍କକୁ ମୋଡିଦେଲା । ତେବେ ବନାରସ ଚାଲିଯିବେ ? କାଶୀ ବିଶ୍ୱନାଥଙ୍କ ଆଶ୍ରିତ ହୋଇ ଗଙ୍ଗାମା କୂଳରେ ବାକି ଜୀବନ ବିତାଇବେ ? ବନାରସର ସଂଗୀତ ଓସ୍ତାଦ୍‌ଙ୍କ ଶାଗିର୍ଦ ହୋଇ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିବେ ? ଏତେବଡ ଦୁନିଆରେ ତାଙ୍କୁ ମୁଣ୍ଡ ଗୁଞ୍ଜିବା ପାଇଁ ଅବଶ୍ୟ କୋଉଠି ଟିକେ ଆଶ୍ରା ଅବଶ୍ୟ ମିଳିଯିବ, ଭାବୁଥିଲେ ସତ୍ୟଜିତ୍‌ବାବୁ ।

ମାଆଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଶେଷ ହେଲା । ଏକ କିଂକର୍ତ୍ତବ୍ୟଭାବ ଭିତରେ ବୁଡି ରହିଥିଲେ ସତ୍ୟଜିତ୍‌ବାବୁ । ଦୈବାତ୍ ଦିନେ ବନ୍ଧୁ ରଞ୍ଜନଦାସଙ୍କ ସହ ସାକ୍ଷାତ ହେଲା । ବନ୍ଧୁଙ୍କ ଠାରୁ ଶୁଣିଲେ ଶିମିଳିପାଳର ଶମୀବୃକ୍ଷ ତୀର୍ଥରେ ଜଣେ ସାଧୁ ଆଶ୍ରମ ତୋଳି ରହୁଛନ୍ତି, ସ୍ୱାମୀ ନିତ୍ୟଚୈତନ୍ୟ । ଭାରି ମହିମା ସ୍ୱାମୀଜିଙ୍କର । ସେ ଭୂତ ଭବିଷ୍ୟତ କହିପାରନ୍ତି । ସାଂସାରିକ ସମସ୍ୟାଗୁଡିକର ନିଦାନ କହିପାରନ୍ତି । କିନ୍ତୁ ତାଙ୍କ ସାକ୍ଷାତ ପାଇବା କଷ୍ଟ । ଥରେ ତାଙ୍କ ସାକ୍ଷାତ ପାଇଗଲେ ଆଉ କିଛି ଅସୁବିଧା ନାହିଁ ।

ସାଧୁଙ୍କ ସାକ୍ଷାତ ପାଇଁ ବ୍ୟାକୁଳ ହେଲା ସତ୍ୟଜିତ୍‌ବାବୁଙ୍କ ମନ । ଶମୀବୃକ୍ଷକୁ ଚାଲିଲେ ସେ । ଶମୀବୃକ୍ଷର ପାଦଦେଶରେ ପ୍ରବାହିତ ନିର୍ଝରିଣୀ କୁଶଭଦ୍ରା କୂଳରେ ଛୋଟ ଆଶ୍ରମଟିଏ ଥିଲା ସ୍ୱାମୀଜିଙ୍କର । ଏକ ଲଣ୍ଡାପାହାଡ ଆକୃତିର ବିଶାଳ ଶିଳାଖଣ୍ଡଟି ଶମୀବୃକ୍ଷ ନାମରେ ଖ୍ୟାତ ଥିଲା । ମହାଭାରତ ଯୁଗରେ ସ୍ୱର୍ଗକୁ ଛୁଉଁଥିଲା ଶମୀବୃକ୍ଷର

ଶାଖା । ବୀର ଅର୍ଜୁନ ଓ ତାଙ୍କ ଭ୍ରାତାମାନେ ଏହି ବୃକ୍ଷର କୋରଡରେ ଅସ୍ତ୍ରଶସ୍ତ୍ର ଲୁଚେଇ ରଖିଥିଲେ । ଅସ୍ତ୍ରଶସ୍ତ୍ର ସବୁକୁ କାଢି ନେବା ପରେ ଅର୍ଜୁନ ତୀର ମାରି ଶମୀବୃକ୍ଷକୁ ତିନିଖଣ୍ଡ କରି ଦେଇଥିଲେ । ଅଦୂରରେ ପତିତ ଛୋଟ ଦୁଇ ବିଶାଳ ଶିଳାଖଣ୍ଡକୁ ଶମୀବୃକ୍ଷର ଅଂଶ ଭାବେ ପରିଚିହ୍ନିତ କରୁଥିଲେ ଲୋକେ । କେହି କେହି ଶମୀବୃକ୍ଷକୁ ଶିବଲିଙ୍ଗ ବୋଲି ବି କହୁଥିଲେ । ଦୂରରୁ ଶିମିଳିପାଳର ଶ୍ୟାମଳ ପଟ୍ଟଭୂମିରେ ଶମୀବୃକ୍ଷ ଦେଖା ଯାଉଥିଲା ଏକ ବିଶାଳ ଶିବଲିଙ୍ଗ ପରି ! ଶମୀବୃକ୍ଷର ନୈସର୍ଗିକ ଶୋଭା ଦେଖି ମୋହିତ ହେଲେ ସତ୍ୟଜିତ୍‌ବାବୁ ।

ସ୍ୱାମୀ ନିତ୍ୟଚୈତନ୍ୟଙ୍କ ଆଶ୍ରମଟି ଥିଲା ସୁରମ୍ୟ ଉଦ୍ୟାନ ପରିବେଷ୍ଟିତ । ଉଦ୍ୟାନ କୋଣରେ ଥିଲା ବରଗଛଟିଏ । ଉଦ୍ୟାନ ଥିଲା ସ୍ୱାମୀଜିଙ୍କର ପ୍ରିୟ । ତାଙ୍କ ଦର୍ଶନାଭିଳାଷୀମାନଙ୍କୁ ସେ ଯେତିକି ସମୟ ଦେଉନଥିଲେ, ତା'ଠାରୁ ଅଧିକ ସମୟ ଦେଉଥିଲେ ଉଦ୍ୟାନକୁ । ସ୍ୱାମୀଜିଙ୍କ ହାତସ୍ପର୍ଶ ହେତୁ ନାନାଜାତିର ଫୁଲଫଳରେ ହସୁଥିଲା ଉଦ୍ୟାନଟି । ସନ୍ଧ୍ୟାରେ ସ୍ୱାମୀଜି ଦର୍ଶନ ଦେଉଥିଲେ । ସନ୍ଧ୍ୟାକୁ ଅପେକ୍ଷା କଲେ ସତ୍ୟଜିତ୍‌ବାବୁ । ସମୟାନୁବର୍ତ୍ତୀ ଥିଲେ ସ୍ୱାମୀ ନିତ୍ୟଚୈତନ୍ୟ । ସାକ୍ଷାତ ସମୟ ଭିତରେ ଯେତିକି ସମ୍ଭବ ସେତିକି ଲୋକଙ୍କୁ ସାକ୍ଷାତ ଦେଉଥିଲେ । ଯୋଗକୁ ସ୍ୱାମୀଜିଙ୍କ ସହ ସାକ୍ଷାତ ହେଲା । ସତ୍ୟଜିତ୍‌ବାବୁଙ୍କୁ ଆଗ୍ରହରେ ଶୁଣିଲେ ସ୍ୱାମୀଜି । ଶୁଣି ସାରି ମୁହଁରେ ସ୍ମିତହସଟିଏ ଫୁଟେଇ କହିଲେ, ଦୁଇଦିନ ପରେ ଆସ, ବାବା !

ଫେରିଲେ ସତ୍ୟଜିତ୍‌ବାବୁ । ମହିମାମୟ ଲାଗୁଥିଲେ ସ୍ୱାମୀଜି । ସେହି ସଂକ୍ଷିପ୍ତ ସାକ୍ଷାତ ଭିତରେ ସେ ତାଙ୍କ ମନ ଅଳିନ୍ଦରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ନେଇଥିଲେ । ଦି'ଦିନ ପରେ ସ୍ୱାମୀଜିଙ୍କ ପାଖକୁ ଗଲେ ସତ୍ୟଜିତ୍‌ବାବୁ । ସାକ୍ଷାତ ବେଳେ ସ୍ୱାମୀଜି କହିଲେ – ତୁମ ପ୍ରସଙ୍ଗଟି ଏକାନ୍ତରେ ଆଲୋଚିତ ହେଲେ ଭଲ । ତୁମେ ଆଜି ଆଶ୍ରମରେ ରୁହ । ଏଠାରେ ରାତ୍ରୀଯାପନ ପାଇଁ କୌଣସି ଅସୁବିଧା ନାହିଁ । ...

ସତ୍ୟଜିତ୍‌ବାବୁଙ୍କୁ ଟିକେ ଅଡୁଆ ଲାଗିଲା । ଅପ୍ରତିଭ ବୋଧ କଲେ ସେ । ରାତ୍ରୀରେ ସେ କେବେ କୌଣସି ଆଶ୍ରମରେ ରହିନଥିଲେ । ତାଙ୍କ ମନର ଅସମଞ୍ଜସତାକୁ ଲକ୍ଷ୍ୟ କରି ସ୍ୱାମୀଜି କହିଲେ – ତମେ କେବେ କୌଣସି ଆଶ୍ରମରେ ରାତ୍ରୀଯାପନ କରିନାହଁ । ଇଏ ତୁମ ଜୀବନର ପ୍ରଥମ ହେବ । ସେଇଥିପାଇଁ ମନରେ ଏ ଅନାସ୍ଥା ଭାବ । ଗୃହତ୍ୟାଗ କରିବା ପରେ କେତେବେଳେ କାହା ପିଣ୍ଡାରେ ବି ତୁମକୁ ଶୋଇବାକୁ ପଡିପାରେ । ଇଏ ତା'ପାଇଁ ଏକ ପରୀକ୍ଷା ବୋଲି ବୁଝିପାର । ...

ସ୍ୱାମୀଜିଙ୍କ ଉକ୍ତିର ବାସ୍ତବିକତାକୁ ହୃଦୟଙ୍ଗମ କଲେ ସତ୍ୟଜିତ୍‌ବାବୁ । ଆଶ୍ରମରେ ରାତ୍ରିଯାପନ କରିବାକୁ ସ୍ଥିର କଲେ । ସଞ୍ଜ ନଇଁ ରାତି ହେଲା । ପରସ୍ତ ପରସ୍ତ ବହଳ ଅନ୍ଧାର ମେଘାସନ ଶିଖର ଉପରୁ ଓହ୍ଲେଇ ଆସିଲା ଉପତ୍ୟକାକୁ । ଆଚ୍ଛାଦିତ କଲା ଚତୁର୍ଦ୍ଦିଗକୁ, ଆଶ୍ରମକୁ । ଏକ ଅବ୍ୟକ୍ତ ଆଧ୍ୟାତ୍ମିକତା ଲହଡି ମାରିଲା ଆଶ୍ରମରେ । ଦୂର କେଉଁ ଆଦିବାସୀ ବସତିରୁ ଭାସି ଆସୁଥିବା ବାଦ୍ୟଗୀତର ଝଙ୍କାର ଆଶ୍ରମ ବାହାରେ ଏକ ଦୁନିଆ ଅଛି ବୋଲି ସୂଚୀତ କରୁଥିଲା କେବଳ । ଧ୍ୟାନରେ ବସିଲେ ସ୍ୱାମୀଜି । ସତ୍ୟଜିତ୍‌ବାବୁ ବି । ଐନ୍ଦ୍ରଜାଲିକର ଇନ୍ଦ୍ରଜାଲ ପରି ସବୁ କିଛି ବିସ୍ମୟାବହ ଲାଗୁଥିଲା ସତ୍ୟଜିତ୍‌ବାବୁଙ୍କୁ ।

ବେଶ୍ କିଛିକ୍ଷଣ ଧ୍ୟାନରେ ବସିବା ପରେ ଧ୍ୟାନ ଭାଙ୍ଗିଲା ସ୍ୱାମୀଜିଙ୍କର । ଏକ ଗୁରୁଗମ୍ଭୀର ସ୍ୱରରେ ସେ କହିଲେ – ତୁମ ଘରେ ଯାହା ହେଉଛି, ସବୁଘରେ ତାହା ହେଉଛି । ଚାରିଆଡେ ଅନାଚାର, ଅତ୍ୟାଚାର, ବ୍ୟଭିଚାର । ଏହା କଳିଯୁଗର ଲକ୍ଷଣ । ଭାରତରେ ନିତି ପ୍ରତିଦିନ କେମିତି ଘଟନା ସବୁ ଘଟୁଛି ତୁମେ ଦେଖୁନ ! କଲିକତାରେ ଜଣେ ଡାକ୍ତରାଣୀକୁ ନରପିଶାଚମାନେ କେମିତି ଝୁଣି ପକେଇଲେ ଦେଖିଲ ଯେ ? ବିଚାରୀ ! ମଣିଷ ଦେହର ରୋଗକୁ ଭଲ କରିବ ବୋଲି ଘରୁ ବାହାରିଥିଲା ! ମଣିଷର ରୋଗ ଯେ ତା'ମନରେ, ସେ ଜାଣନ୍ତା ଜାଣନ୍ତା ବା କେମିତି ? ଦେଶରେ ଭାରତମାତାଙ୍କର ଜୟଗାନ କୋଉଠି ଶୁଭୁନି । ବିଦେଶର କୁଚକ୍ରୀ ଶକ୍ତିଙ୍କ ଦଲାଲ ହୋଇ ଭାରତମାତାର ନିନ୍ଦାଗାନ କରିବାକୁ ପଶ୍ଚାତ୍‌ପଦ ହେଉନାହାନ୍ତି ତଥାକଥିତ ନେତାମାନେ । ଇସ୍ରାଏଲ ଠାରୁ ପଡୋଶୀ ବଙ୍ଗଳାଦେଶ ପର୍ଯ୍ୟନ୍ତ କେମିତି ଜଘନ୍ୟ ଘଟନା ସବୁ ଘଟିଗଲା ତା ବି ତ ଦେଖିଲ ! କଳିଯୁଗର ଶେଷ ଇଏ । ଏଣୁ ପ୍ରବଳ ହେଉଛି କଳି ।

ଅଚ୍ୟୁତାନନ୍ଦଙ୍କ ମାଳିକା ବଚନ ସବୁ ଗୋଟି ଗୋଟି ସତ ପ୍ରମାଣିତ ହୋଇସାରିଲାଣି । କେବଳ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ କଳ୍‌କୀ ଅବତାରଟି ବାକି । ତା ବି ହେବ ! ଆଉ ଶୀଘ୍ର ହେବ । ବିଶ୍ୱସାରା ମ୍ଲେଚ୍ଛମାନେ ଯେମିତି ମାତିଲେଣି, ମହାପ୍ରଭୁ ନଅବତରିଲେ ଏମ୍ଲେଚ୍ଛଙ୍କୁ ମାରିବ କିଏ ? ଛତିଆବଟରୁ ମହାପ୍ରଭୁଙ୍କ କଳାଧଳା ଘୋଡା ଆସିବେ ଶ୍ରୀମନ୍ଦିରକୁ । ଧୂମକେତୁ ପରି କରାଳ ରୂପ ଧରି ଜଗନ୍ନାଥ ବଳଭଦ୍ର ବେନିଭାଇ ବାହାରିବେ ଶ୍ରୀମନ୍ଦିରରୁ । ଲମ୍ଫ ଦେବେ ଅଶ୍ୱପୃଷ୍ଠକୁ । ଆଖିଦୁଇଟି ସେମାନଙ୍କର ଲୁହାପିଣ୍ଡ ପରି ଜଳୁଥିବ ! ହାତରେ ଶୋଭା ପାଉଥିବ ବାରହାତ ଖଣ୍ଡା, ବିଜୁଳି ପରି ! କମ୍ପି ଉଠିବ ମେଦିନୀ । ଭୈରବ ଡାକୁଥିବ । ଖଡ୍ଗଖର୍ପର ଧରି ଚାଲିଥିବେ ଚଣ୍ଡୀଚାମୁଣ୍ଡୀମାନେ । ମ୍ଲେଚ୍ଛଙ୍କ ବେକ କାଟି ପାନ କରୁଥିବେ ରୁଧିର । ... ଅଚ୍ୟୁତାନନ୍ଦଙ୍କ ଏଇ ବାଣୀ ସବୁକୁ ବାହୁଲ୍ୟ ଭାବୁଛ ? ମୋଟେ ନୁହେଁ । ନୃସିଂହ, ପରଶୁରାମ, ପରି ଇଏ ବି ପ୍ରଭୁଙ୍କର ଏକ ଅବତାର । ଦୁଷ୍ଟଦଳନ ପାଇଁ ପାଇଁ ପ୍ରଭୁ ଅବତାର ନେଇଥାନ୍ତି । କଳିଯୁଗ ଶେଷରେ ମହାପ୍ରଭୁ କଳ୍‌କୀ ଅବତାର ନେବେ ! ଅବଶ୍ୟ ନେବେ । କାହିଁ କୋଉଯୁଗରୁ ପୁରାଣକାରମାନେ ଏକଥା ଲେଖି ଯାଇଛନ୍ତି ।

ମ୍ଲେଚ୍ଛସଂହାର କରିବାକୁ ମହାପ୍ରଭୁ ଯେତେବେଳେ କଳ୍‌କୀ ଅବତାର ଧାରଣ କରିବେ, ସେତେବେଳେ ତାଙ୍କର ସେନା ହେବେ କିଏ ? ... ଆମେ । ଆମେ ଯେତେ ସାଧୁସନ୍ଥ ବ୍ରହ୍ମଚାରୀ ହୋଇ ବନପାହାଡରେ ରହିଛୁ ! ଆମେ ଅସ୍ତ୍ର ଧରିବୁ । ମହାପ୍ରଭୁଙ୍କ ସହ ମିଶି ମ୍ଲେଚ୍ଛଙ୍କୁ ହତ୍ୟା କରିବୁ । ଏହି ଫୌଜ୍ ଏଯାକେ ପ୍ରସ୍ତୁତ ହୋଇନି । ଏହି ଫୌଜ୍ ପ୍ରସ୍ତୁତ ହେଲେ ମହାପ୍ରଭୁ ମହାନାୟକ କଳ୍‌କୀର ରୂପ ନେବେ ! ଆଉ ଏହି ସଂଗ୍ରାମ ପାଇଁ ଆମକୁ ପ୍ରସ୍ତୁତି କରିବାକୁ ହେବ । ଏହି ସଂଗ୍ରାମ ପରେ ଯିଏ ବଞ୍ଚି ରହିବ, ସେ ହେବ କୂଳକୁ ବିହନ । ପୂର୍ବଜନ୍ମର ସୁକୃତି ବଳରେ ତୁମେ ସଂସାରର ସତ୍ୟକୁ ଜାଣି ପାରିଛ । ସଂସାରର ମାୟାମୋହରୁ ମୁକ୍ତ ହେଉଛ । ଧର୍ମରକ୍ଷା ପରି ମହତ୍ କାମରେ ପ୍ରଭୁଙ୍କ ଆଜ୍ଞାକାରୀ ହେବାପାଇଁ ସଂକଳ୍ପ କର । ଦେବାସୁର ସଂଗ୍ରାମ ପରି ହଜାରେ ବର୍ଷରୁ ଭାରତବର୍ଷରେ ସଂଗ୍ରାମ ଚାଲିଛି । ଏହି ସଂଗ୍ରାମରେ ସହଯୋଗ କର ! ...

– କିନ୍ତୁ ... ଏକେଲା ମୁଁ କ'ଣ ବା କରିପାରିବି ?

– ତୁମେ ଏକେଲା ନୁହଁ । ଚାକିରିର ବ୍ୟବସ୍ଥା ଭିତରେ ତୁମ ପରି ବୁଦ୍ଧିଜୀବିମାନଙ୍କୁ ଏକେଲା ରଖାଯାଇଛି । ତୁମେ ଏକେଲା ବୋଲି ଧାରଣା ସୃଷ୍ଟି କରାଯାଇଛି ମନରେ । ଏହା ବି ଏକ ବଡ ଷଡ଼ଯନ୍ତ୍ର । ତେବେ ସେଥିରୁ ତୁମେ ତ ଏବେ ମୁକ୍ତ ! ...

ଆଶ୍ରମର ମଳିନ ଆଲୋକରେ ସ୍ୱାମୀ ନିତ୍ୟଚୈତନ୍ୟ ଦିଶୁଥିଲେ ଏକ ଦିଗବାରେଣୀ ବତୀଖୁଣ୍ଟ ପରି ! ସତେ ଅବା ନେତାଜୀ ସୁଭାଷଚନ୍ଦ୍ର ବୋଷ ଛଦ୍ମବେଶରେ ଆସି ତାଙ୍କ ସମ୍ମୁଖରେ ଉଭା ହୋଇଛନ୍ତି, ଲାଗୁଥିଲା ସତ୍ୟଜିତ୍‌ବାବୁଙ୍କୁ ।

*ନାଗପାଳ, ଉଦଳା, ମୟୂରଭଞ୍ଜ*



# ତୁଳସୀ ଚଉରା

ରଂଜନ କୁମାର ଦାସ

ହେମ ସକାଳୁ ସକାଳୁ ଉଠି ଝରକା ଖୋଲିଦେଲା। ଦଲକାଏ ଶୀତଳ ପବନ ପଶି ଆସିଲା ଘର ଭିତରକୁ। ସୂର୍ଯ୍ୟ ଉଠିନାହାନ୍ତି ଆକାଶକୁ ଏଯାଏ। ପିଲାଙ୍କୁ ଉଠେଇବାକୁ ହବ। ସ୍କୁଲ ଯିବା ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବାକୁ ସମୟ ଲାଗିବ। ହେମ ଡାକ ପକେଇଲା ଏ ସିଲୁ, ଏ ମିଲୁ ଉଠରେ, ଆଜି ସ୍କୁଲ ଯିବନି କି? ହେଲେ କାହାରି ଉତ୍ତର ନାହିଁ। ହେମ ଯାଇ ଦିଜଣଙ୍କୁ ଖଟ ଉପରେ ଦୋହଲେଇ ଦେଲା। କହିଲା ସବୁଦିନ ତମ ଦିଜଣଙ୍କର ଏମିତି ଲେଟ୍‌। ଜଲ୍‌ଦି ଉଠ। ସେଆଡ଼େ ସ୍କୁଲରେ ଡେରି ହେଇଯିବ ଯେ।

ସିଲୁ ଚଦର ଫାଙ୍କରୁ କହିଲା, ବୋଉ ଆଜି ସ୍କୁଲ ନାହିଁ। କହିଥିଲି ପରା ତତେ। ହେମ ପଚାରିଲା କ'ଣ ପାଇଁ ଛୁଟି? ମିଲୁ ଶେଯରୁ ଉଠି ବସିଲା। କହିଲା, ଆଜିଠୁ ଛୁଟି। ଖରାଛୁଟି ଭଳି ଲମ୍ବା ଛୁଟି। ଦିଦି କହୁଥିଲେ କେବେ ଖୋଲିବ ଜଣା ନାହିଁ। ହେମ କହିଲା, ସ୍କୁଲ ନଯିବ ବୋଲି ମିଛ କହୁଚ ଦି ଜଣ ଯାକ। ରୁହ ତମ ଦିଦିଙ୍କୁ ଆଜି ପଚାରିବି। ଦି ଜଣ ଯାକ ଏକା ସ୍ୱରରେ କହିଲେ, କାଲି ପରା ପ୍ରାର୍ଥନା ସଭାରେ ହେଡ୍‌ ସାର୍‌ କହିଲେ କରୋନା ଆସିଚି। ସ୍କୁଲ କଲେଜ ସବୁ ବନ୍ଦ ହବ। ଆଜିଠୁ ଆମେ ଆଉ ଯିବୁନି।

ହେମ କହିଲା, ହଉ ତାହାହେଲେ ଉଠ। ଦାନ୍ତ ଘଷି କ'ଣ ଟିକେ ଟିକେ ଖାଇଦେଇ ଘରେ ବସିକି ପଢ଼। ସ୍କୁଲ ବନ୍ଦ ହେଲା ବୋଲି କ'ଣ ପାଠପଢ଼ା ବନ୍ଦ ହେଇଯିବ?

ହେମ ବାରିରୁ ଶାଗ ଦି ବିଡ଼ା ତୋଳି ଆଣି ଡାଲାରେ ବାଛୁଥାଏ। ଛୁଆମାନେ ନିଜ ଭିତରେ ପାଟିତୁଣ୍ଡ ଝଗଡ଼ା କରୁଥାନ୍ତି।

ଓହୋ, ଏ ଛୁଆଗୁଡ଼ା ସ୍କୁଲ ନଗଲେ ଘରେ ଏମିତି ଉତ୍ପାତ ହେବେ। ଯେତେ କହିଲେ ମାନିବେନି। ହେମ ପାଟିକଲା, ଆରେ ପାଠ ପଢୁଚ ନା ମାଡ଼ଗୋଳ ହଉଚ?

ସିଲୁ କହିଲା ବୋଉ ମିଲୁ ମୋ ଉପରକୁ କାଳି ଛାଟିଦେଲା। ମିଲୁ କହିଲା ନାଇଁ ବୋଉ ସିଲୁ ଆଗେ ମୋ ଖାତାର ମଲାଟ ଚିରିଦେଲା।

ହେମ ବାହାରୁ ଶୁଣେଇ ଶୁଣେଇ କହିଲା, ବାଡ଼ିଟା କୁଆଡ଼େ ଗଲା। ରୁହ ତମେ ଦିଜଣ, ମୁଁ ଶାଗ ବାଛିସାରି ଯାଉଚି। ଦି ଦି ପାହାରେ ନହେଲେ ତମେ ପାଠ ପଢ଼ିବନି।

ଭିତରୁ ଦୁହିଁଙ୍କ କିରିକିରି ହସ ଶୁଭିଲା। ମା'ର ଗାଳିକୁ ପିଲାଏ କୋଉ ଖାତିର କରନ୍ତି?

ହେମ କହିଲା ତମ ଦୁହିଁଙ୍କି ମୁଁ ଆଉ ପାରିବିନି। ଏଥର ତମ ବାପା ଆସିଲେ କହିବି ତମ ଦି'ଜଣଙ୍କ ଭିତରୁ ଜଣକୁ ସାଙ୍ଗରେ ନେଇଯିବେ। ଏକାଠି ହେଲାଠୁ ସିନା ଦୁଷ୍ଟ ହଉଚ।

ଏଇ ସମୟରେ ଫୋନ୍‌ଟା ବାଜିଲା। ହେମ ହାତ ଧୋଇ ଆସି ଦେଖିଲା କାର୍ତ୍ତିକ ସୁରାଟରୁ କରିଛନ୍ତି। କହିଲା ହଁ, କୁହ, କେମିତି ଅଛ ସେଠି?

କାର୍ତ୍ତିକ କହିଲା, ଆଲୋ, ଏଠି ଫ୍ୟାକ୍ଟ୍ରି ବନ୍ଦ ହେଇଗଲାଣି। କର୍ଫ୍ୟୁ ହେଇଚି। କେହି କୁଆଡ଼େ ବାହାରି ପାରିବେନି। ଘର ଭିତରେ ବନ୍ଦୀ। ବାହାରକୁ ବାହାରିଲେ ପୁଲିସ ବାଡ଼ଉଚି।

ହେମ କହିଲା, କ'ଣ କରିବ ତାହାହେଲେ? କାର୍ତ୍ତିକ କହିଲା, କିଛି ନାହିଁ ଘରେ ବସି ରୋଷେଇ କରି ଖାଅ ନହେଲେ ରେଡ଼ିଓ ଶୁଣ, ତାସ ଖେଳ। ଏୟା ତ କାମ ଆଉ କ'ଣ? ହେମ କାର୍ତ୍ତିକ କଥା ଶୁଣି କହିଲା ପଳେଇ ଆସୁନ ତାହାହେଲେ? କାର୍ତ୍ତିକ କହିଲା, କେମିତି ଯିବି ଟ୍ରେନ ବସ ସବୁ ତ ବନ୍ଦ।

ହେମ କହିଲା, ଦେଖ, କିଛି ବାଟ କରିକି ଆସି ହବ ଯଦି। ଏଠି ତ ଛୁଆଙ୍କ ସ୍କୁଲ ବନ୍ଦ ହେଇଗଲାଣି। ଘରେ ବସିବସି ଉତ୍ପାତ ହଉଛନ୍ତି। ଖାଲି ପହରକୁ ପହର ଖାଇବୁ ଖାଇବୁ ବୋଲି ହଉଛନ୍ତି। ହଁ, ଘରୁ ପଇସାପତ୍ର ସଇଲାଣି। କିଛି ପଠେଇଲେ ଭଲ ହୁଅନ୍ତା। କାର୍ତ୍ତିକ କହିଲା, ଆମର ତ ପ୍ଲାଣ୍ଟ ବନ୍ଦ। ଦରମା ବି ମିଳିନି। ମାଲିକ କ'ଣ କରୋନାରେ ପଡ଼ି ଡାକ୍ତରଖାନାରେ ଅଛି। ଦରମା କିଏ ଦବ। ତୁ ବରଂ ବାକିସାକିରେ ଆଣି ଚଳଉଥା, ମୁଁ ଗଲେ ଶୁଝିଦବା।

ହେମ କହିଲା, କେବେ ଆଡ଼କୁ ଆସିବ ତାହାହେଲେ? କାର୍ତ୍ତିକ କହିଲା, ଯଦି ଗାଡ଼ି ମଟର ଚାଲେ ରଜ ବେଳକୁ। ହେମ କହିଲା ରଜ? ରଜ ତ ଆହୁରି ତିନି ମାସ। ଆମେ ଚଳିବୁ କେମିତି?

କାର୍ତ୍ତିକ କହିଲା, ହଉ ମୁଁ ଦେଖୁଚି କ'ଣ କରିହବ। ଫୋନ ରଖିଲା ହେମ। ଭାବିଲା, ସେ ଗଲେଣି ତିନିମାସ ହେଲାଣି। ଏବେ କ'ଣ କହିଲଣି ତିନିମାସ ପରେ ଆସିବେ। ଘରେ ଟଙ୍କା ପଇସା ନାହିଁ କେମିତି ଚଳିବ ସେ ତିନିତିନିଟା ଛୁଆଙ୍କୁ ନେଇ? ଆଉ କିଛି ନହେଲା ନାହିଁ ସଉଦାପତ୍ର ତ ଦରକାର ନା।

ଚାରିଦିନ ତଳେ ପଡ଼ିଶା ଘର କାଞ୍ଚନ ଭାଉଜ କହୁଥିଲେ, ହାଟ ଘାଟ ସବୁ ବନ୍ଦ ହେଇଗଲାଣି। ଗାଁ ମୁଣ୍ଡର ଦୋକାନଗୁଡ଼ା ବି ବନ୍ଦ। କେହି କୁଆଡ଼େ ବାହାରୁ ନାହାନ୍ତି। ବାଡ଼ି ପଡ଼ିଲା ଭଳି ସମସ୍ତଙ୍କ ଟାଟି କବାଟ ପଡ଼ିଗଲାଣି। ମଝିରେ ମଝିରେ ପୁଲିସ ଗାଡ଼ି ପଇଁତରା ମାରୁଚି। ଅଯଥାରେ ବାହାରେ ବୁଲିଲେ ପୁଲିସ ବାଡ଼ଉଚି।

ଆଗକୁ କ'ଣ ସେ କେମିତି କରିବ କିଛି ବୁଝି ପାରୁନଥିଲା। ଭାବିଲା କାଞ୍ଚନ ଭାଉଜଙ୍କଠାରୁ କିଛି ଟଙ୍କା ଧାର ଆଣିବ। ହେଲେ କାଞ୍ଚନ ଭାଉଜ କହିଲେ, ମୋ ପାଖରେ ଟଙ୍କା ନାହିଁ, ତମ ଦେଢ଼ଶୁରଙ୍କ ପାଖରେ ସବୁ ଟଙ୍କା। ତାଙ୍କ କଥା ତ ତମେ ଜାଣିଚ। ଟଙ୍କା ମାଗିଲେ ଶହେ ପ୍ରଶ୍ନ ପଚାରିବେ। ଦେଖିବା ଯଦି ସୁବିଧା ହବ ମୁଁ ଆଣିଦେବି। ହେଲେ କାଞ୍ଚନ ଭାଉଜଙ୍କଠୁ ଆଉ ଜବାବ୍‌ ମିଳିଲାନି।

ଭାବିଲା କିଛି ନହେଲେ, ତା ନରିଭାଇକି ଫୋନ କରିବ ଡାଲି ଚାଉଳ ପରିବା କିଛି ଆଣି ଦେଇଯିବାକୁ। ଭାଇକି ଯେତେବେଳେ ଫୋନ କଲା, ଭାଇ କହିଲା ତୁ ବ୍ୟସ୍ତ ହ'ନି ମୁଁ ନେଇକି ଯିବି। ହେଲେ କଥା ଛଡ଼େଇ ନେଇ ରାନୁ ଭାଉଜ ପଛରୁ କହିଲେ, କୁଆଡ଼େ ଯିବ ଶୁଣେ? ଚାରିଆଡ଼େ କରୋନା ବ୍ୟାପିଚି ପରା। ଭଉଣୀ ସୁଆଗ ବଳି ପଡୁଚି ନାଇଁ। ତମର ଯଦି କୁଆଡ଼େ କ'ଣ ହେଇଯିବ ଆମେ କ'ଣ କରିବୁ?

ଭାଇ କହିଲେ ହେମ ଫୋନ କରିଥିଲା, ତା ସ୍ୱାମୀ ପାଖରେ ନାଇଁ। ଘରେ ଖାଇବାକୁ କିଛି ନାହିଁ, ଛୁଆଗୁଡ଼ା ଡହଳବିକଳ ହେଉଛନ୍ତି। କ'ଣ ଯୋଡ଼େ ତା ଘରେ ଯାଇ ଦେଇ ଆସିଥାନ୍ତି।

ଭାଉଜ କହିଲେ, ରଖ ରଖ, ତମ ଭଉଣୀ ସୁଆଗ। ତା କଥା ସିଏ ବୁଝିବନି। ତା ପାଇଁ ଏତେ ବାହାରି ପଡ଼ନି।

ହେମ ଭାବୁଥିଲା, ଏଇ ଭାଉଜଙ୍କୁ ଯେତେବେଳେ ଭାଇ ବାହାହେଇ ଘରକୁ ଆଣିଲା, ମାଆର ଯୋଉ କାନ୍ଦ। କହିଲା ଏଇଟାକୁ କୋଉ ନା କୋଉ ଜାତିରୁ ଉଠେଇ ଆଣିଚି। ମୁଁ ତା ହାତରୁ ପାଣି ପାଇବି ? ଇଏ ମୋର ଘରେ ରହିଲେ ମୋ ଠାକୁର ଘର ମାରା ହେଇଯିବ। ମୁଁ ଘରଛାଡ଼ି ବରଂ ବୃନ୍ଦାବନ ଚାଲିଯିବି।

ହେମ ମାଆକୁ ଦିନରାତି ବୁଝେଇ ତା ମନ ପରିବର୍ତ୍ତନ କରିଥିଲା। ରାନୁ ଭାଉଜ ସେତେବେଳେ କହିଥିଲା, ହେମ ତମେ ମୋ ନଣନ୍ଦ ନୁହେଁ ବରଂ ମୋ ଭଉଣୀଠୁ ବଳି। ତମେ ନଥିଲେ ମାଆ ମୋତେ ଗ୍ରହଣ କରି ନଥାନ୍ତେ କି ମୋ ହାତରୁ ପାଣି ଛୁଇଁ ନଥାନ୍ତେ। ତମେ ବାହାହେଇ ଯୁଆଡ଼େ ଗଲେ ବି ସବୁବେଳେ ମୋ ନୟନ ପିତୁଳା ହେଇରହିଥିବ।

ହେଲେ ଆଜି ସେଇ ଭାଉଜ କେତେ ବଦଳିଗଲା। କେତେ ବଦଳିଗଲା କାଞ୍ଚନ ଭାଉଜ। ତାଙ୍କ ଘରେ ଦିନେ ଏଇମିତିକା ଅସୁବିଧା ପଡ଼ିଥିଲା, ହେମ ତାଙ୍କୁ ସେତେବେଳେ ଧାରକରଜ ଦେଇ ତାଙ୍କୁ ସାହାଯ୍ୟ କରିଥିଲା। ଏ ମଣିଷ ଏମିତିକା କାମ ଥିଲା ବେଳେ ନସରପସର ହେବେ କାମ ସରିଲେ ନାତ ମାରିବେ।

ହେମ ଭାବିଲା ଯାହା ହେଉ ଅପର୍ତ୍ତି ଦୋକାନୀ ପାଖକୁ ଯିବ। ବାକିରେ କିଛି ସଉଦା ଆଣିବ। ହେଲେ ଅପର୍ତ୍ତିକୁ ସେ ବାକି କଥା କହୁ କହୁ, ଅପର୍ତ୍ତି ନାକଟେକି ଭିଡ଼ିମୋଡ଼ି ହେଇ କହିଲା, ଦେଖ ହେମ, ମୁଁ ତ ହୋଲ୍‌ସେଲ୍‌ର ପାଖରୁ ନଗଦ ପଇସା ଗଣି ଜିନିଷ ଆଣୁଚି। ବାକି ଦେଲେ ମୋ ଦୋକାନ ବୁଡ଼ି ଯିବନି ?

ହେମ କହିଲା, ଭାଇନା ମୁଁ ଶୁଝିଦେବିନି ସେ ସୁରାଟ୍‌ରୁ ଫେରିଲେ ? ଦିନ କେଇଟାର କଥା। ପିଲାଗୁଡ଼ା ବଡ଼ ହଇରାଣ ହଉଛନ୍ତି। ମୁଁ ତାଙ୍କ ଦୁଃଖ ସହି ପାରୁନି। କ'ଣ ଦିଟା ଦେଇଥା ମୁଁ ଶୀଘ୍ର ଶୁଝିଦେବି ତମ ଋଣ।

ଅପର୍ତ୍ତି ଚାରିଆଡ଼କୁ ଅନେଇ କହିଲା, ଦେଖେ ମୁଁ ବେପାରୀ ଲୋକ। କିଛି ଗୋଟେ ନରଖି ମାଗଣାରେ କେମିତି ତତେ ସବୁ ଦେଇଦେବି ? ଟଙ୍କା ନଥିଲେ ବି ତୋ ପାଖରେ ଆଉ ଯାହା ଅଛି ଆଣୁନୁ।

ହେମ ତା ଠାରୁ ବୁଝିପାରିଲାନି। ଦୋଦୋ ପାଞ୍ଚ ହେଇ ବେକରୁ ମଙ୍ଗଳସୂତ୍ରଟା ବାହାର କରି କହିଲା ଏଇଟାକୁ ରଖି ଯାହା ଯେତିକି ହଉଚି ଦିଅ। ମଙ୍ଗଳସୂତ୍ରଟା ବାହାର କଲାବେଳେ ତାର ମନେ ପଡୁଥିଲା କାର୍ତ୍ତିକ କଥା। ଏଇ ମଙ୍ଗଳସୂତ୍ରଟା କାର୍ତ୍ତିକ ତାକୁ ଚଉଠି ରାତିରେ ଉପହାର ଭାବେ ଦେଇଥିଲା। ହେମର ମନ ବୁଝିନଥିଲା ମଙ୍ଗଳସୂତ୍ରଟା ବେକରୁ ବାହାର କଲାବେଳେ। ହେଲେ ବେକର ସୁନା ମାଳ ପକେଇ ଛୁଆଙ୍କ ପେଟ ନଚିହ୍ନିଲେ କି ମାଆ ? ଯାଉ ବରଂ ମଙ୍ଗଳସୂତ୍ରଟା, ଛୁଆ ଗୁଡ଼ାଙ୍କ ପେଟ ପୂରିଯାଉ। ଛୁଆଏ ତା'ର ବଞ୍ଚିଲେ ଆଗକୁ କେତେ ସୁନା ସେ କିଣିପାରିବ। ଛୁଆଗୁଡ଼ା ତ ତା'ର ସୁନାରୂପା ସବୁକିଛି।

ଅପର୍ତ୍ତି ସେଦିନ ମଙ୍ଗଳସୂତ୍ରଟା ରଖି ତାକୁ ସଉଦା ଦେଲା। ହେଲେ କହିଲା ହେମ ତୋ ଲଙ୍ଗଳା ବେକଟା ଦେଖି ଭାରି ଖରାପ ଲାଗୁଚି। ମୋ ଛାତି ଫାଟି ଯାଉଚି ଲୋ ତୋର ଏ ଦୁର୍ଦ୍ଦଶା ଦେଖି। କାର୍ତ୍ତିକଟା କିଛି ନବୁଝି ତମମାନଙ୍କୁ ଏଠି ଛାଡ଼ି ଚାଲିଗଲା। ଫେରିପାରିବ କି ନାହିଁ ଜଣାନାହିଁ। ଏ ମଙ୍ଗଳସୂତ୍ର ବିକା ଟଙ୍କାରେ କେତେଦିନ ଚଳିବୁ ? ଏ ସଉଦା ତକ ସରିଗଲେ ଆଉ କ'ଣ ତୋର ଅଛି ଯେ ବିକିକି ଚଳିବୁ ?

ତଥାପି ଅପର୍ତ୍ତିର ଠାର ବୁଝିପାରି ନଥିଲା ହେମ। ସେ କହିଲା, ଭାଇନା ଆଜି ପିଲାଏ ମୋର ଖାଇପିଇ ବଞ୍ଚିଯାଆନ୍ତୁ। କାଲି କଥା ଅଛି। ଠାକୁରେ ଯାହା ବରାଦ କରିବେ।

ହେମ ଯେବେ ବି କାର୍ତ୍ତିକକୁ ଫୋନକରେ କାର୍ତ୍ତିକ କହେ ଆଲୋ ପଇସା ମିଳିଲେ ସିନା ଯିବି। ଖାଲି ହାତରେ ଏତେ ବାଟ କେମିତି ଯିବି ? ହେମ ବ୍ୟସ୍ତ ହେଇ କହେ, ମୁଁ ହାନି କପାଳୀ କାହିଁକି ତମକୁ ଯିବାକୁ ଦଉଥିଲି କେଜାଣି ? ଆମେ ଯେନତେନ ପ୍ରକାରେ ଶାଗପଖାଳ ଖାଇ ଚଳିଯାଉଥିଲେ। ତମେ ପାଖରେ ଥିଲେ ମୋର କେତେ ବଳ ଥିଲା। ତମ ବିନା ଆମେ ଭାରି ହଇରାଣ ହେଲୁଣି। ତମେ ଶୀଘ୍ର ଫେରିଆସ।

ହେଲେ କାର୍ତ୍ତିକ କେବେ ଆସିବ ସେ ନେଇ କିଛି ଠିକ୍ ଉତ୍ତର କିନ୍ତୁ ହେମ ପାଖରେ ନଥିଲା। ଏଣେ ଅପର୍ତ୍ତି ଦୋକାନରୁ ଆସିଥିବା ବାକି ସଉଦା ସରିଯାଉଥିଲା। ପିଲାଗୁଡ଼ା ଭୋକ ବିକଳରେ ଆଉଟୁ ପାଉଟୁ ହଉଥାନ୍ତି। ହେମ ହାତଯୋଡ଼ି ଠାକୁରଙ୍କୁ ଡାକେ, ଠାକୁରେ ମତେ ନହେଲେ ନାଇଁ, ମୋ ଛୁଆଙ୍କ ପାଇଁ ଦି ମୁଠା ଭାତ ଯୋଗାଡ଼ କରିଦିଅ। ହେଲେ କୋଉଠୁ ଆଉ କିଛି ସାହାଯ୍ୟ ପାଇବାର ଆଶା ନଥିଲା ତା'ପାଖରେ। କୂଳ କିନାରା କିଛି ଦିଶୁନଥିଲା ତାକୁ। ଦିନକୁ ଦିନ ସେ ଭାଙ୍ଗି ପଡୁଥିଲା। ଛୁଆଗୁଡ଼ା ଭୋକବିକଳରେ ଝାଉଁଳି ପଡ଼ିଲେଣି। ଛୁଆମାନଙ୍କର ଝାଉଁଳା ମୁହଁକୁ ଦେଖିଲେ ତା' ମାଆ ମନ ବିଳପି ଉଠୁଥିଲା। ଏଇ ଅପର୍ତ୍ତି ବି ଏଡ଼େ ସ୍ୱାର୍ଥପର। ଯେତେବେଳେ ଅନ୍ୟ ଭାଇମାନଙ୍କଠୁ ଭିନ୍ନେ ହେଇ ଘରେ ବେକାର ହେଇ ବସିଥିଲା, ସବୁଦିନେ କାର୍ତ୍ତିକ ପାଖକୁ ଧାଏଁ। କହେ କାର୍ତ୍ତିକ ! ଗହମ, ଚାଉଳ ପେଡ଼େଇବାକୁ ଯୋଉମାନେ ଆଣୁଛନ୍ତି ମତେ ଦବୁ ଯେ ମୁଁ ଧୁଆ, ବଛା ଶୁଖା କରି ତାକୁ ସଫା କରିଦେବି। ଯାହା ମିଳିବ ମତେ କିଛି ଦବୁ। କାର୍ତ୍ତିକ ତାକୁ ଧାନ ଦିଏ, ସିଏ ଅରୁଆ ଧାନକୁ ସିଝେଇ, ଶୁଖେଇ ମିଲ୍‌ରେ ଦିଏ ପେଡ଼େଇବାକୁ। ସେଇଥିରୁ ଚଳେ। ଏବେ ଦୋକାନ ଖଣ୍ଡେ କରି ବସିଚି। ହେଲେ ଆଜିର ଅସୁବିଧା ବେଳେ ସେ ବି ମୁହଁ ମୋଡ଼ିଦେଲା।

ହେମ ଆଖି ବୁଲେଇଲା। ଆଉ କେହି ଦିଶୁନାହାନ୍ତି ଯାହା ପାଖକୁ ସେ ସାହାଯ୍ୟ ପାଇଁ ଯିବ। ପାଖ ପଡ଼ୋଶୀ କେହି କବାଟ ଝରକା ଖୋଲୁନାହାନ୍ତି। ଯାହାକୁ ମାଗିଲେ ସେମାନେ ନାନା ବାହାନା କରି ଏଡ଼େଇ ଯାଉଛନ୍ତି। ଭାବିଲା ପୁଣି ଯାଇ ଅପର୍ତ୍ତି ପାଖରେ ନେହୁରା ହବ। ଭଗବାନ ତ ପୁଣି ଅସୁବିଧାରେ ଗଧପାଦ ଧରିଥିଲେ।

ଅପର୍ତ୍ତି ଦୋକାନରେ ସେ ପହଞ୍ଚିଲାବେଳକୁ ସେ ଦୋକାନ ବନ୍ଦ କରୁଥିଲା। ହେମକୁ ଦେଖି ଅପର୍ତ୍ତି କହିଲା ଆଜି କି ବେଳାରେ ଆସିଛୁ ଲୋ, ଦୋକାନ ବନ୍ଦ କରିଦେଲିଣି। ହଉ ଆସିଲୁଣି ଯଦି ଆ'। ଅପର୍ତ୍ତି ପୁଣି ଦୋକାନ ଖୋଲିଲା। କହିଲା ଟଙ୍କା ଆଣିଚୁ ? ହେମ କହିଲା ଟଙ୍କା ଥିଲେ ଆଣିନଥାନ୍ତି ? ମୋ ପାଖରେ ଟଙ୍କା ପଇସା ନାହିଁ ବୋଲି ତ ଏତେ କଥା। ଏଇ ଥରଟା ମତେ ବାକିରେ ଦେଇଥା। ସେ ଫେରିଲା ମାତ୍ରେ ମୁଁ ଶୁଝିଦେବି।

ଅପର୍ତ୍ତି କହିଲା, ମୁଁ ଜାଣେ ତୁ ଶୁଝିଦେବୁ। ହେଲେ ତୋ ଠୁ ମୁଁ ଯେ ବଡ଼ ଅଭାବୀ। ମୋ କଥା ତୁ ବୁଝୁନୁ କାହିଁକି ?

ହେମ କହିଲା, ତମର କ'ଣ ଅଭାବ ଭାଇନା ? ଅପର୍ତ୍ତି କହିଲା, ମୋ ସ୍ତ୍ରୀଟା ଚାରି ପାଞ୍ଚ ବର୍ଷ ହେଲା ପାରାଲିସିସ ହେଇ କତରା ଧରି ପଡ଼ିଚି। ରୋଷେଇବାସ ଘରସଫା ସବୁ ମୁଁ କରୁଚି। ମୋର ପୁଣି ଗୋଟେ ମନ, ଦେହ ଅଛି ନା ନାହିଁ ? ତୁ ମୋ ଭୋକ କଥା ବୁଝ ମୁଁ ତୋ ପିଲାଙ୍କ କଥା ବୁଝିବି। କେହି ଜାଣିବେ ନାହିଁ। ତୁ ବଞ୍ଚିଯିବୁ, ତୋ ପିଲାଏ ବଞ୍ଚିଯିବେ। ହେମର ଇଚ୍ଛା ହେଉଥିଲା ତା ଗାଲରେ କଷି ଦିଅନ୍ତା ଦିଟା ଚାପୁଡ଼ା। ହେଲେ ତାର ହାତ ବନ୍ଧା। କ'ଣ କରିବ ସେ ବୁଝି ପାରୁନଥିଲା। ତା ଆଖିରୁ ବହିଗଲା ଦି ଧାର ଲୁହ। ଅପର୍ତ୍ତି ଧୀରେ କି ତା ଗାଲରୁ ଲୁହ ଦି ଧାର ପୋଛିନେଇ ତାକୁ ଟାଣିନେଲା ଦୋକାନ ଭିତରକୁ।

ଆସିଲା ବେଳକୁ କହିଲା ତୋର ଯେବେ ଯାହା ଦରକାର ପଡ଼ିବ ଆସି ନେଇଯିବୁ। ଜାଣେ ଯେ ମୁଁ ଥିବାଯାଏ ତୋର କିଛି ଅଭାବ ରହିବନି ଆଉ। ହେମ ଏକ ମୁହାଁ ହେଇ ସଉଦା ଧରି ଘରକୁ ଫେରିଗଲା। ଆଖିରେ ତା'ର ଟଳମଳ ଲୁହର ଝରଣା। ଆସି ରୋଷେଇ ଆରମ୍ଭ କଲା। ଆଜି ତା ପିଲାଏ ଏତେଦିନ

ପରେ ପେଟଭରି ଖାଇବେ । ରୋଷେଇ ବେଳେ ସିଲୁ ପଚାରିଲା ବୋଉ ତୁ କାନ୍ଦୁଚୁ କାହିଁକି ?

ହେମ ଲୁହ ପୋଛିଦେଇ କହିଲା ନାଇଁ ଲୋ, ଧୂଆଁ ବାଜି ଆଖିରୁ ଲୁହ ବାହାରୁଚି ।

ପିଲାଙ୍କୁ ଭାତ ବାଢ଼ିଲାବେଳେ ମିଲୁ କହିଲା, ବୋଉ ତୁ ବି ତ ଖାଇନୁ । ଆ ଏକାଠି ବସି ଖାଇବା ।

ହେମ କହିଲା, ତମେ ସବୁ ଖାଅ । ମୁଁ କାମଦାମ ସାରି ପଛରେ ଖାଇବି ।

ପିଲାଏ ଖାଇ ଶୋଇଗଲେ । ହେଲେ ହେମ ଆଖିରେ ନିଦ ନଥାଏ । ସେ ଭାବି ପାରୁନଥାଏ, ସେ ଯାହା କଲା ଠିକ୍ ନା ଭୁଲ୍ ? ପାପ ନା ପୁଣ୍ୟ ?

ମନେମନେ ସେ ଭାବୁଥାଏ କାର୍ତ୍ତିକ ଆସିଲେ କ'ଣ ହବ । କହିଦବ କି ସେ ସବୁ ସତକଥା ? ସବୁ ଶୁଣିଲା ପରେ କାର୍ତ୍ତିକ ତାକୁ ଗ୍ରହଣ କରି ପାରିବ ତ ? ଏମିତି ନାନା ପ୍ରଶ୍ନର ଘୂର୍ଣ୍ଣିଝଡ଼ରେ ତା ମନ ବିକ୍ଷୁବ୍ଧ ହେଇ ଉଠୁଥାଏ ।

ସେଦିନ ରାତିରେ କାର୍ତ୍ତିକ ଫୋନ କଲା । କହିଲା, ହେମ ଆଜି କିଛି ଟଙ୍କା ମିଳିଲା ମାଲିକଠୁ । ଭାବୁଚି କାଲି ଭାସ୍କରର ମୋର ବାହାରିବୁ ।

ହେମ ପଚାରିଲା, କେମିତି ଆସିବ ?

କାର୍ତ୍ତିକ କହିଲା, ବହୁତ ଲୋକ ଚାଲିଚାଲି ପଳଉଛନ୍ତି । ଆମେ ବି ଭାବୁଛୁ ଚାଲିଚାଲି ଯିବୁ ଭାରି ।

ହେମ ପଚାରିଲା, କେତେ ଦିନ ଲାଗିବ ଚାଲିଚାଲି ଆସିବାକୁ ? କାର୍ତ୍ତିକ କହିଲା, କେଜାଣି ଚାଲୁଚାଲୁ ଯାହା ଲାଗିବ । ଏଠି ବସିରହି ବି ଲାଭ କ'ଣ ? ଭାସିଆ ବାପାଙ୍କ ଦେହ ଖରାପ, ସେ ବି ବ୍ୟସ୍ତ ହଉଚି ଯିବାକୁ । ତେଣୁ କାଲି ସକାଳୁ ଆମେ ବାହାରିବୁ ।

ଏତେ ଦିନ ପରେ ହେମର ମୁହଁ ଟିକେ ଉଜ୍ଜ୍ୱଳି ଉଠିଲା । ହେଲେ ତାର ସେ ହସ ବେଶି ସମୟ ରହିପାରିଲାନି । ତା ମନ ଭିତରେ ଅନେକ ଦ୍ୱନ୍ଦ୍ୱ, ଅନେକ ଅସମାହିତ ପ୍ରଶ୍ନ ତାକୁ ଅସ୍ତବ୍ୟସ୍ତ କରିପକଉଛି ।

ସଂଜବେଳକୁ ଅପର୍ତ୍ତି ସଉଦା ବ୍ୟାଗ ଧରି ଆସି ପହଞ୍ଚିଲା । କହିଲା ମୁଁ ଜାଣିଥିଲି ତୋ ସଉଦା ସରିଯିବଣି । ମୁହଁ ଲାଜରେ ତୁ ମାଗିବାକୁ ଆସିପାରୁ ନଥିବୁ । ହେଲେ ମୁଁ କ'ଣ ଏଡ଼େ ଅବୁଝା ଅମଣିଷ ଯେ ତୋ ଦୁଃଖ ମୁଁ ବୁଝିପାରିବିନି । ନେ ନେ...ସଉଦା ନେ । ଅଣ୍ଡା ଆଣିଚି ଝୋଳ କରି ଛୁଆଙ୍କୁ ଦେ' ।

ହେମ ରୋଷେଇ ଆରମ୍ଭ କଲା । ରୋଷେଇ ସାରି ପିଲାଙ୍କୁ ଖାଇବାକୁ ବାଢ଼ିଦେଲା । ପିଲାଏ ଖାଇପିଇ ଶୋଇଲେ । ହେଲେ ଅପର୍ତ୍ତି ପିଣ୍ଡାରୁ ଉଠିଲାନି । କହିଲା, ମତେ ବି ଭୋକ ହେଲାଣି । ମୋ କଥା ବୁଝିବୁନି ?

ହେମ କ'ଣ କରିବ ବୁଝିପାରୁନଥାଏ । କାର୍ତ୍ତିକ କହିଲା ପାଣି ଟିକେ ହେଲେ ଦେ, ତଣ୍ଟି ଶୁଖି ଗଲାଣି । ହେମ ପାଣି ଗ୍ଲାସଟା ବଢ଼େଇଲା ବେଳକୁ ଅପର୍ତ୍ତି ତା ହାତକୁ ଧରି ଟାଣିନେଲା ଆଉ ଘର ଭିତରକୁ । ମନର ଓରମାନା ମେଣ୍ଟେଇ ସେ ଚାଲିଗଲା ତା ବାଟରେ ।

ହେଲେ ହେମ ପଡ଼ିରହିଥାଏ ସେ ଶେଯ ଉପରେ ଅସାଡ଼ ହେଇ । ତା ଦେହରେ ଯେମିତି ଜୀବନ ନଥାଏ । ସେ ଭାବୁଥାଏ କେତେ ଦିନ ଚାଲିବ ଏମିତି ? ହେ ଭଗବାନ ତମେ ଏଡ଼େ ନିଷ୍ଠୁର ? ଏତେ କଳବଳ କାହିଁକି କରୁଚ, କି ପାପ କରିଥିଲି ତମ ପାଖରେ ?

ହେମର ଖାଇବାକୁ ପେଟରେ ଆଉ ଭୋକ ନଥିଲା । ସେ ପଥର ହେଇ ଯାଇଥାଏ ଯେମିତି । ସତରେ ପଥରର ବା କି ଭୋକ ଥାଏ ? ପଥରର କି ଦୁଃଖ ଥାଏ, କୋହ ଥାଏ ?

କାର୍ତ୍ତିକ ସେଦିନ ରାତିରେ ଫୋନକରି କହିଲା, ହେମ ଭାସିଆଟା ଉପରେ ଆଜି ଗାଡ଼ି ମାଡ଼ିଗଲା, ସେ ମରିଗଲା । ମୁଁ ଏକୁଟିଆ ହେଇଗଲି । କେମିତି ଏତେବାଟ ଏକାକୀ ଯିବି ଜାଣିପାରୁନି । ତୁ ଟିକେ ଯାଇ ଭାସିଆ ମା' ଖୁଡ଼ୀକୁ ଏ ଖବରଟା ଦେଇ ଦିଅନ୍ତୁନି ।

ହେମ କହିଲା, ଭାସିଆ ବାପା ଦାଦା ପରା ଆଜି ପ୍ରାଣ ଛାଡ଼ିଲେ ଏଠି । ଜ୍ୱର ହେଇଥିଲା କେଇଦିନ ହେଲା, ଜମା ଛାଡ଼ିଲାନି । କିଏ କେତେ ପ୍ରକାର କହିଲେ । ଏଇ ଅବସ୍ଥାରେ ଖୁଡ଼ୀଙ୍କୁ ଯାଇ କେମିତି କହିବି ଏକଥା ?

କାର୍ତ୍ତିକ ଭୋ ଭୋ ହେଇ କାନ୍ଦୁଥାଏ ସେପଟେ । ଭାବୁଥାଏ ଭଗବାନ କେଡ଼େ ନିଷ୍ଠୁର । ଭାସିଆର ତା'ର ଯେତେବେଳେ ମିଶିକି ସୁରାଟ ଆସିଲେ ଖୁଡ଼ି କହିଲେ, କାର୍ତ୍ତିକରେ ମୋ ଏକୋଇରବଳା ବିଶିକେଶନ ଭାସିଆ ତତେ ଲାଗିଲା । ସେ କେବେ ବାହାରକୁ ଯାଇନି କି ରୋଷେଇବାସ ଜାଣିନି, କେମିତି ଚଳିବ ସେଠି ? କାର୍ତ୍ତିକ ସେଦିନ ବାହାସ୍ଫୋଟ ମାରି କହିଥିଲା, ଖୁଡ଼ି ମୁଁ ଅଛି ନା ଭାସିଆ ସାଥିରେ । ତା'ର କିଛି ହବନି । ଆମେ ଛଅ ମାସ ବେଳକୁ ପୁଣି ଫେରି ଆସିବୁନି ।

ହେଲେ ଏ କରୋନା କବଳରେ ପଡ଼ି ଛଅମାସ ପୂର୍ବରୁ ତାଙ୍କୁ ଫେରିବାକୁ ପଡ଼ିଲା । ହେଲେ ଭାସିଆଟା ଏଡ଼େ ହୀନିକପାଳିଆ ଗାଁରେ ପହଞ୍ଚି ପାରିଲାନି କି ତା ବାପାଙ୍କୁ ଦେଖି ପାରିଲାନି । ଗାଁକୁ ଯେବେ ସେ ଏକା ଫେରିବ ଖୁଡ଼ୀ ତାକୁ ଯେବେ ପଚାରିବେ ମୋ ଏକୋଇରବଳା କୁଆଡ଼େ ଗଲା, କୋଉଠି ତାକୁ ଛାଡ଼ି ଆସିଲୁ, ସେ କି ଉତ୍ତର ଦବ ?

କାର୍ତ୍ତିକ ଏକା ଏକା ଚାଲିଥାଏ ଅଜଣା ପଥରେ । ନା କେହି ଥାଆନ୍ତି ସାଥିରେ ନା ସେ ଜାଣିଥାଏ ବାଟଘାଟ । ଦିନେ ଗୋଟେ ଟ୍ରକ ଡାଲାରେ ବସି ସେ ଚାଲିଆସିଲା ରାୟପୁର ଦେଇ ସମ୍ବଲପୁର ଯାଏ । ସମ୍ବଲପୁରରୁ ପୁଣି ଆହୁରି କେତେ ନା କେତେ ବାଟ ଯାଜପୁର । ଆଉ ତା ଦେହରେ ବଳ ନଥାଏ କି ମନରେ ଶକ୍ତି ।

ଲୁଗାପଟା ସଫା ସୁତୁରା ନଥାଏ । ମୁହଁରେ ଦାଢ଼ି ବଢ଼ିଯାଇଥାଏ । ମୁଣ୍ଡ ନୁଖୁରା । ପାଦ ଆଡୁ ନିର୍ଜୀବ ହେଇ ହେଇ ଯାଉଥାଏ ସେ । ଦେହସାରା କ୍ଳାନ୍ତି । ପ୍ରତି ମୁହୂର୍ତ୍ତରେ ସେ ଭାବୁଥାଏ, ସତେ ଯେମିତି ତା ଜୀବନଟା ଆଉ କେଇ ମୁହୂର୍ତ୍ତ ପରେ ଚାଲିଯିବ । ସେ ଘରେ ଆଉ ପହଞ୍ଚି ପାରିବନି ।

ତଥାପି ଶକ୍ତିସଂଚୟ କରି ସେ ଚାଲୁଥାଏ । ସତରେ ଭାସିଆ ମଲା ଦିନଠୁ କାର୍ତ୍ତିକର ବଳ ଅଧା କମିଗଲା । ତା ଶବକୁ ମହାନଦୀରେ ଭସେଇ ସେ କୂଳକୁ ଯେତେବେଳେ ଉଠିଲା, ଭାବୁଥିଲା ଏଇ ନଈ ମତେ ବି ଭସେଇ ନେଇଥାନ୍ତା ହେଲେ । ଭାସିଆ ମା ଖୁଡ଼ୀକୁ ଆଉ ସାମ୍ନା କରିବାକୁ ପଡ଼ିନଥାନ୍ତା ତାକୁ । ହେଲେ ସବୁ ଅଂଧାର, ସବୁ ନିରାଶା ଭିତରେ ତାକୁ ମଝିରେ ମଝିରେ ହେମ, ସିଲୁ, ମିଲୁଙ୍କ ମୁହଁ ଦିଶି ଯାଉଥିଲା ଦୀପଶିଖା ପରି । ସେମାନେ ଯେମିତି ତାକୁ ହାତଠାରି ଡାକୁଥିଲେ ଅହରହ ।

କାର୍ତ୍ତିକ ଭାବିଲା, ନାଁ ତାକୁ ବଞ୍ଚି ରହିବାକୁ ପଡ଼ିବ । ଯେମିତି ହେଲେ ତା ପିଲାମାନଙ୍କ ପାଖରେ ତାକୁ ପହଞ୍ଚିବାକୁ ପଡ଼ିବ । ସେଥିପାଇଁ ସେ କେତେ ସଂଗ୍ରାମ କରିଚି । ଢାବାରୁ ବଳକା ଖାଦ୍ୟ ଗୋଟେଇକି ସେ ଖାଇଚି । ବାଟରେ ଭୋକ ବିକଳରେ ଆମ୍ବକୋଇଲିଠୁ ଆରମ୍ଭ କରି ଜାମୁକୋଳି ଆଦି ଗୋଟେଇ ଗୋଟେଇ ସେ ଖାଇଚି । ତାକୁ ଯେମିତି ହେଲେ ବଞ୍ଚି ରହିବାକୁ ପଡ଼ିବ ।

ରାସ୍ତା କଡ଼ର ପଥର ଉପରେ ବସି କାର୍ତ୍ତିକ ଭାବିଲା, ହେଲେ ଏ ଖରାରେ ଚାଲିଚାଲି କେତେ ଦିନରେ ସେ ଗାଁରେ ପହଞ୍ଚିବ ? ବାଟରେ ସେ ଭାସିଆ ଭଳି ମରିଯିବନି ତ ? ପାଣି ନାହିଁ, ଖାଦ୍ୟ ନାହିଁ । ତା ହାତକୁ ଚାହିଁଲା । ବାହାଘର ବେଳେ ଚତୁର୍ଥୀରେ ହେମ ତାକୁ ମୁଦିଟେ ପିନ୍ଧେଇ ଦେଇଥିଲା । ଭାସିଆ ଭାବିଲା ଏ ମୁଦିଟା ଆଉ କ'ଣ ହବ ? କାଲି ଯଦି ସେ ରାସ୍ତାରେ ପଡ଼ି ମରିଯାଏ, କିଏ ନା କିଏ ତା ହାତରୁ ମୁଦିଟା ଖୋଲି ନେଇଯିବ । ସେ ତା ପିଲାଙ୍କ ପାଖରେ ପହଞ୍ଚି ପାରିବନି । ଏମିତି ମୁଦିଟା ଥାଇ ବି ଲାଭ କ'ଣ ? ବରଂ ସେ ମୁଦିଟା ବିକିଦେଇ ଗୋଟେ ସାଇକେଲ ଯୋଗାଡ଼ କଲେ ଗାଁରେ ଯାଇ ଶୀଘ୍ର ପହଞ୍ଚି ଯାଇପାରନ୍ତା ।

କାର୍ତ୍ତିକ ଖୋଜି ଖୋଜି ଗୋଟେ ଲୋକକୁ ସେ ମୁଦିଟା ବିକି ବାଟରୁ ଗୋଟେ ସାଇକେଲ କିଣିଲା । ଏଥର ସେ ଖୁବ୍ ଶୀଘ୍ର ତା ଗାଁରେ ପହଞ୍ଚି ପାରିବ ବୋଲି ତା ମନରେ ଗୋଟେ ପ୍ରତ୍ୟୟ ଆସିଲା । ଯୋଉଠି ସେ ଚାଲିଚାଲି ଦଶ ବାର ମାଇଲ ଯାଇ ପାରୁଥିଲା ଏବେ ନିହାତି ତିରିଶ ଚାଳିଶ ମାଇଲ ଯାଇପାରିବ ।

କାର୍ତ୍ତିକର ମନ ଆଉ ତା'ପାଖରେ ନଥିଲା । ପ୍ରତିଦିନ ତା ମନ ଉଡ଼ିଉଡ଼ି ଯାଇ ଯେମିତି ତା ଛୁଆପିଲାଙ୍କୁ ଓ ହେମକୁ ଭେଟି ଦେଇ ଆସୁଥିଲା । ସେପଟେ ହେମ

ଆଖିର ପଲକ ବିଛାଇ ବସିଥାଏ କାର୍ତ୍ତିକର ରାସ୍ତାରେ। ଶେଷରେ ସେ ଯାଇ ଗାଁରେ ପହଞ୍ଚିଲା।

କାର୍ତ୍ତିକର ଆସିବା କଥା ଶୁଣି ଅପର୍ତ୍ତି କହିଲା, ଏଗୁଡ଼ା ଗାଲୁ ଗପ। ସେ କୁଆଡ଼େ ଯାଇ ରହୁଚି ଆଖି ପାଉନି। ପଳେଇ ଆସିବ ଏତେ ଶୀଘ୍ର ? ଆଉ....ସେ କ'ଣ ପକ୍ଷୀରାଜ ଘୋଡ଼ାରେ ବସି ଆସିବ ନା କ'ଣ ?

ଅପର୍ତ୍ତି ମନ ଭିତରେ କିଛି ଗୋଟେ ହରେଇବାର ଭୟ ତାକୁ ଘାରୁଥିଲା। ସେ ବୋଧହୁଏ ଚାହୁଁନଥିଲା କାର୍ତ୍ତିକ ଗାଁକୁ ଫେରୁ। ତେଣୁ ସେ ସରପଞ୍ଚକୁ ଟିହେଇଲା। କହିଲା ଦେଖ ସେ ଟୋକା ଗୁଜରାଟ୍‌ରୁ ଫେରୁଚି। ସାଙ୍ଗରେ କରୋନା ଧରିକି ଆସୁଥିବ। ତାକୁ ଗାଁରେ ପୂରେଇଲା ମାତ୍ରେ ସେ ବାଣ୍ଟିଦବ ରୋଗ। ଗାଁ ସାରା ସଫା ହେଇଯିବେ। ତୁ ତ ହେଲୁ ସରପଞ୍ଚ। ତୋ ଦାୟିତ୍ୱ ଗାଁକୁ ଜଗିବା। ତୁ ତ ଏବେ କଲେକ୍ଟର ପାୱାର ପାଇଚୁ ନା। ବନ୍ଦକର ସେ ଟୋକାର ଗାଁକୁ ଆସିବା। ସରକାରକୁ କହ ତାକୁ ସ୍ୟାଡ଼େ କୁଆଡ଼େ ବାନ୍ଧିକି ରଖିବେ। ଏଠିକି ସିଏ ଆସି ପାରିବନି। ଆସିଲେ ସବୁ ମରିବା।

ସରପଞ୍ଚ ବି କ'ଣ ବୁଝିଲା ମୁଣ୍ଡ ହଲେଇ କହିଲା ଠିକ୍ କହିଚ ଅପର୍ତ୍ତି ନନା, ମୁଁ ଦେଖୁଚି।

ଏଣେ ଅପର୍ତ୍ତି ଯାଇ ପହଞ୍ଚିଲା ହେମ ପାଖରେ। କହିଲା, ଦେଖେ କାର୍ତ୍ତିକ ଆଉଚି ପରା। ଜଗିକି ଚଳିବୁ। ତାକୁ ଘରେ ପୂରେଇଲେ ତୋ ପିଲାଛୁଆ ତୁ ସବୁ ସ୍ୱାହା ହେଇଯିବ। ଗାଁ ବାଲା ଟାକି ବସିଛନ୍ତି। ସିଏ ଘରକୁ ଆସିଲେ ତମକୁ ଗାଁରୁ ବାହାର କରିଦେବେ। କାର୍ତ୍ତିକକୁ କହ ସେ ଗାଁକୁ ନଆସୁ। ସିଆଡ଼େ ସିଆଡ଼େ ରହୁ।

ହେମ ବୁଝିପାରୁନଥିଲା କ'ଣ କରିବ। ସଂଜ ବେଳକୁ ପଡ଼ିଶାଘର ଝିଅ ସିଲୁକୁ କହିଲା, ସିଲୁ ତୋ ବାପା ଆସି ସ୍କୁଲରେ ଅଛନ୍ତି। ତାଙ୍କୁ ପୋଲିସ ନେଇ ସେଠି ରଖିଚି। ତାଙ୍କୁ କରୋନା ହେଇଚି କି ?

ସିଲୁ ଯାଇ ହେମକୁ କହିଲା। ହେମ ବାହାରିଲା ସ୍କୁଲକୁ ଯାଇ କାର୍ତ୍ତିକକୁ ଭେଟିବାକୁ। ହେଲେ ସ୍କୁଲ ଜଗିଥିବା ପୋଲିସ ବାବୁ ଭିତରକୁ ଛାଡ଼ିଲାନି।

ସ୍କୁଲରୁ ଫେରିଲାବେଳେ ଭାସିଆ ମା ଖୁଡ଼ୀ ପଚାରିଲେ, କୁଆଡେ ଯାଇଥିଲୁ କିଲୋ ହେମ ?

ହେମ କହିଲା, ଶୁଣିଲି ସେ ଗୁଜୁରାଟ୍‌ରୁ ଫେରି ସ୍କୁଲରେ ଅଛନ୍ତି, ଦେଖିବାକୁ ଯାଇଥିଲି। ପୁଲିସ ଛାଡ଼ିଲାନି।

ଖୁଡ଼ୀ କହିଲେ, ମୋ ଭାସିଆ ଆସିଚି କିଲୋ ? ହେମ କ'ଣ କହିବ ଭାବି ପାରିଲାନି। କହିଲା, ଜାଣିନି ଖୁଡ଼ୀ।

ଭାସିଆ ମାଆ କହିଲେ, ଯାଏ ଟିକେ ମୁଁ ବୁଲିଆସେ, ଦୂରରୁ କାଳେ ତାକୁ ଦେଖିହେବ।

ହେମ ଭାସିଆ ମାଆଙ୍କୁ ଯାଅ ବୋଲି କହି, ଘରଆଡ଼େ ମାଡ଼ିଚାଲିଲା। ଖଣ୍ଡେ ବାଟ ଯାଇଚି କି ନାଇଁ ଦୂରରୁ ଭାସିଆ ମା ଖୁଡ଼ୀର ବାହୁନା ଶୁଭିଲା...ହେମ ଜାଣିପାରିଲା। ହାତ ଯୋଡ଼ି ଠାକୁରଙ୍କୁ ଡାକିଲା ପ୍ରଭୁ, ଖୁଡ଼ୀକୁ ସାହା ହୁଅ। ଆଖିଆଗରେ ସ୍ୱାମୀ ଚାଲିଗଲା... ଆଉ ଏବେ ପୁଅର ଚାଲିଯିବା ଖବର ଶୁଣି କ'ଣ ହଉଥିବ ତାଙ୍କ ମନ ?

କାର୍ତ୍ତିକକୁ ପରୀକ୍ଷା କଲାପରେ ଜଣାପଡ଼ିଲା ତା'ଠି କିଛି ରୋଗ ନାହିଁ। ତାକୁ ସ୍କୁଲରୁ ଛାଡ଼ି ଦିଆହେଲା। ଯାହାହେଉ ଶେଷରେ ସେ ତା' ପିଲାଙ୍କ ମୁହଁ ଦେଖିବ। ହେମ କେମିତି ଥିବ, କେମିତି ଥିବେ ସିଲୁ, ମିଲୁ। କେତେ ଦିନ ପରେ ଦେଖିବ ତାଙ୍କୁ। ଘରେ ସେ ପହଞ୍ଚିଲା ବେଳକୁ ହେମ ଏରୁଣ୍ଡି ବନ୍ଧ ଉପରେ ଆକାଶକୁ ହାଁ କରି ଚାହିଁ ବସିଥିଲା। ପିଲାଏ ପାଖରେ କ'ଣ ଖେଳୁଥିଲେ। ହେମ, କାର୍ତ୍ତିକକୁ ଦେଖି ଉଠିଆସିଲା ସତ ମାତ୍ର ତା' ପାଦ ତାକୁ ପଛଆଡୁ ଭିଡ଼ି ଧରୁଥାଏ। ତା ମୁହଁର ଔଜ୍ଜଲ୍ୟ କେଇକ୍ଷଣ ଭିତରେ ପୁଣି ଲୁଚିଗଲା। ତାର ମେଘଢ଼ଙ୍କା ମୁହଁକୁ ଦେଖି କାର୍ତ୍ତିକ ପଚାରିଲା, ହେମ ତୁ ମୋ ଆସିବାରେ ଖୁସି ନାହୁଁ କି ?

ହେମ କହିଲା, କାଇଁ ନାଇଁ ତ। ମୁଁ ବହୁତ ଖୁସି ତମେ ଆସିଗଲ। ଛୁଆଏ ବି ବାପାଙ୍କୁ ଦେଖି ନାଚିଗଲେ। ହେମ ରନ୍ଧାବଢ଼ା କରି ସମସ୍ତଙ୍କୁ ଖାଇବାକୁ ଦେଲା। କାର୍ତ୍ତିକ ବି ଖାଇସାରି ଶେଯକୁ ଗଲା। ଶେଯରେ ପଡ଼ିପଡ଼ି ସେ ହେମର ବାଟ ଚାହିଁଥାଏ। ମଝିରେ କାର୍ତ୍ତିକର କ୍ଳାନ୍ତ ଆଖିକୁ ନିଦ ଆସିଗଲା। କେତେ ରାତିରେ ଯେତେବେଳେ ତା ନିଦ ଭାଙ୍ଗିଗଲା, ସେ ଦେଖିଲା ହେମ ନାଇଁ ପାଖରେ। ସେ ହେମ ହେମ ବୋଲି ଡାକି ବାହାରକୁ ଆସିଲା। ହେଲେ ହେମ କୋଉଠି ନାହିଁ, କୋଉଠି ତାର ସୋରଶବ୍ଦ ଶୁଭୁନି।

ହେମ ଗଲା କୁଆଡ଼େ ? କାର୍ତ୍ତିକ ଖୋଜିଖୋଜି ଦେଖିଲା ବେଳକୁ ହେମ ତାଙ୍କ ବାରିପଟ ଗାଡ଼ିଆ ପାଖରେ ପଥର ହେଇ ବସିଚି। କାର୍ତ୍ତିକ ଯାଇ ତାକୁ ପଚାରିଲା, ଆଲୋ ଏ ରାତି ଅନ୍ଧାରରେ ଏଠି କାହିଁକି ବସିଚୁ, ସାପ ବେଙ୍ଗ ବାହାରିବେ ଘରକୁ ଆସୁନୁ ?

ହେମ ଗମ୍ଭୀର ହେଇ କହିଲା, ତମେ ଯାଅ ମୁଁ ଆଉ ସେ ଘରକୁ ଯିବିନି।

କାର୍ତ୍ତିକ ପଚାରିଲା, କ'ଣ ହେଇଚି ତୋର ? ଏମିତି କ'ଣ କହୁଚୁ ?

ହେମ କହିଲା, ମୁଁ ଆଉ ସେ ଘରର ଯୋଗ୍ୟା ନୁହେଁ। ମୁଁ ତମର ବି ଯୋଗ୍ୟା ନୁହେଁ। ଖାଲି ଅପେକ୍ଷା କରିଥିଲି ତମେ ଆସିଲେ ଛୁଆଙ୍କୁ ତମ ହାତରେ ଟେକିଦେଇ ମୁଁ ଚାଲିଯିବି ମୋ ବାଟରେ।

କାର୍ତ୍ତିକ କହିଲା, କ'ଣ କହୁଚୁ ପାଗଳ ହେଇଗଲୁଣି ନା କ'ଣ ? ଆ ମୋ ସାଥିରେ ଘରକୁ ଯିବା। କାର୍ତ୍ତିକ ହେମର ହାତ ଧରି ଟାଣିଲା।

ହେମ ତା ହାତକୁ ଛାଟିଦେଇ କହିଲା, ମତେ ଆଉ ଡାକନି। ମୁଁ ମରିଯିବି ଏଇ ପୋଖରୀରେ। ମତେ ଛୁଅଁନା ମୁଁ ଅପବିତ୍ର ହେଇ ଯାଇଚି। ମତେ ଛୁଇଁଲେ ତମ ଆୟୁଷ କମିଯିବ।

କାର୍ତ୍ତିକ ପଚାରିଲା କ'ଣ ହେଇଚି ସତ ସତ କହ। ହେମ କାନ୍ଦିକାନ୍ଦି କହି ଚାଲିଲା ସବୁକଥା। ଢ଼େରବେଳ ଯାଏ ହେମକୁ ଜାବୁଡ଼ି ଧରି କାନ୍ଦୁଥାଏ କାର୍ତ୍ତିକ। କହିଲା ତୁ ଅପବିତ୍ର ନୁହେଁ ହେମ, ତୁ ଏଇ ତୁଳସୀ ଚଉରା ପରି ପବିତ୍ର। ତା' ଉପରେ ଯେତେ କୁକୁର ମୂତିଲେ ବି ସେ ପବିତ୍ର। ତା'ର ସ୍ପର୍ଶରେ ସବୁ ଅପବିତ୍ର ପବିତ୍ର ହେଇଯାଏ। ତୁ ସେଇ ପବିତ୍ର ତୁଳସୀ ଚଉରା ପରି ଜଗିକି ରହିଥା ମୋ ଘର ଅଗଣାକୁ। ତୁ ମୋ ଦୃଷ୍ଟିରେ ଆଜିଯାଏ ଗୋଟେ ନାରୀ ଥିଲୁ....ଗୋଟେ ମାନବୀ ଥିଲୁ....ଆଜି ତୁ ଦେବୀ ପାଲଟି ଯାଇଛୁ। ତୋର ନାରୀତ୍ୱକୁ ଜଳାଞ୍ଜଳି ଦେଇ ତୋ ମାତୃତ୍ୱକୁ ତୁ ଗରୀୟାନ କରିଚୁ। ତୁ ମାନବୀ ନୁହେଁ ଦେବୀ। ତୁ ରମଣୀୟା ନୁହେଁ ଆଜି ବନ୍ଦନୀୟା ହେଇଚୁ। ଆଜି ଯାଏ ମୁଁ ତତେ ଭଲପାଇଥିଲି, ଚାଲ୍ ଆଜିଠୁ ତତେ ମୁଁ ପୂଜାକରିବି।

ହେମ କାର୍ତ୍ତିକ କାନ୍ଧରୁ ମୁହଁ ଉଠେଇ ପଚାରିଲା, ମୁଁ ଗୋଟେ କଳଙ୍କିନୀ, ଏ କଳଙ୍କକୁ ନେଇ କେମିତି ମୁଁ ନିତି ତମ ସାମ୍ନାକୁ ଯିବି ? ତମେ ମତେ ଆଗଭଳି ଭଲ ପାଇପାରିବ, ଗ୍ରହଣ କରିପାରିବ ମତେ ?

(କାର୍ତ୍ତିକ ତାକୁ କୁଣ୍ଢେଇ ଧରି କହିଲା, ଦେଖ୍ ଏ ଜହ୍ନରେ କେତେ କଳଙ୍କ। ହେଲେ କେଡ଼େ କମନୀୟ ସେ। ତାକୁ କିଏ ବା ଭଲ ନପାଏ ? ତୁ ସେମିତି ମୋ ମନ ଆକାଶରେ ସବୁବେଳେ ଜହ୍ନଟିଏ ହେଇ ଥିବୁ.....ଜନ୍ମ ଜନ୍ମକୁ.....କାଳ କାଳକୁ।)

ଚାରିଆଡ଼େ ଆକାଶ ଥିଲା ନିସ୍ତବ୍ଧ। ଜହ୍ନ ବୁଡ଼ିବୁଡ଼ି ଆସୁଥିଲା ପୋଖରୀ ପାଣିରେ। କୋଉ ଦୂର ଦିଗନ୍ତରୁ ଗୋଟେ ଚକୋରୀର କୋହଭରା ଡାକ ରହିରହି କହୁଥିଲା ଗୋଟେ ଲୁହଭରା ପ୍ରେମର କାହାଣୀ।

*ଦୂରଭାଷ: ୯୪୩୭୨୮୬୫୧୨*



# ଦର୍ପଣ ମିଛ କହେନି

**ଇନ୍ଦିରା ଦାଶ**

ରୋହନ ଚିକେନ୍ ତରକାରି ପାଟିରେ ଦେଉ ଦେଉ କହିଲା, "ମାମି, ଏକ୍ସେଲେଣ୍ଟ ସୁପରବ, ଆପଣ ଏତେ ଭଲ ରାନ୍ଧନ୍ତି, କିନ୍ତୁ ଝିଅକୁ କିଛି ଶିଖାଇଲେ ନାହିଁ କାହିଁକି ?"

ରୁବି ଟେବୁଲ ପାଖରେ ବସି ହସିହସି କହୁଥାଏ, "ମାମି ମତେ କି ବେବି ନାନୀକୁ କିଛି କେବେ କରିବାକୁ ଦିଏନି। ଖାଲି କହେ ପାଠ ପଢ଼। ଆମେ ରନ୍ଧା ଶିଖିବାକୁ କହିଲେ, "ବେଳ ପଡ଼ିଲେ ବଳେ ଶିଖିଯିବ" କାହିଁ ? ମୁଁ ବାହା ହୋଇ ଦୁଇବର୍ଷ ହେଲାଣି। ଯେତେ ଚେଷ୍ଟା କଲେ ବି ମାମି ରନ୍ଧା ପରି ରାନ୍ଧି ହେଉଛି ?"

ରୋହନ ଆଙ୍ଗୁଠି ଚାଟିଚାଟି କହିଲା,"ଯଦିଓ ଆଙ୍ଗୁଠି ଚାଟିବାଟା ଅଭଦ୍ରାମି, ତଥାପି ତରକାରିଟା ଏତେ ଟେଷ୍ଟି ହୋଇଛି ଯେ ଆଙ୍ଗୁଠି ନ ଚାଟି ରହି ହେଉନି। ଟିକିଏ ବି ନଷ୍ଟ କରିବାକୁ ଇଚ୍ଛା ହେଉନି।

ନମ୍ରତା ଟେବୁଲ ଉପରୁ ବାସନଗୁଡା ଉଠେଇଲା ବେଳେ ଉତ୍ତର ଦେଲେ, "ବୁଝିଲ ରୋହନ, ଏଇଟା ତୁମର ଅତ୍ୟନ୍ତ ଭଦ୍ରାମିର ପରିଚୟ। ସାରା ପୃଥିବୀ ବୁଲୁଛ, କେତେ ବଡବଡ ହୋଟେଲ୍‌ରେ ରହୁଛ, କେତେ ପ୍ରକାର ଖାଦ୍ୟ ଖାଉଛ ? ତୁମକୁ କ'ଣ ଅପୂର୍ବ ହୋଇଛି ? ଖାଲି ମାମିକୁ ଖୁସି କରିବାକୁ ଏମିତି କହୁଛ।"

"ନାଇଁ ମାମି, ଆଇ ସୁଅର -ଆଜି ଯାଏଁ ମୁଁ ଯେତେ ଯେଉଁଠି ଚିକେନ୍ ଖାଇଛି, ଏଇଟା ସବୁଠାରୁ ଭଲ। ତା' ଛଡ଼ା ଘର ଖାଇବା ମୋତେ ସବୁବେଳେ ଭଲ ଲାଗେ। ବାହାରକୁ ଗଲେ ବାଧ୍ୟ ହୋଇ ଖାଏ ସିନା, ନହେଲେ ଆପଣଙ୍କ ଝିଅ ଯାହା ରାନ୍ଧି ଦେଲେ ଚୁପ୍‌ଚାପ୍ ଖାଇଦିଏ।" ରୋହନ ରୁବିକୁ ଚାହିଁ ହସିଲା।

ନମ୍ରତା ଏ ପ୍ରକାର ପରିବେଶକୁ ପୂର୍ଣ୍ଣମାତ୍ରାରେ ଉପଭୋଗ କରୁଥାଆନ୍ତି। ସାନଝିଅ ରୁବିର ଛୁଆ ହେବ ବୋଲି ସେ ଝିଅଘରକୁ ଆସିଛନ୍ତି। ଝିଅ ଜୋଇଁ ଦୁହେଁ ମାମିକୁ ପାଖରେ ପାଇ ଭାରି ଖୁସି। ରୁବିର ଦ୍ୱିଗୁଣିତ ହୋଇଯାଇଛି – ପାଖରେ ମାମି, ପୁଣି ତାର ଓ ରୋହିତର ଭାବି ସନ୍ତାନର ଆଗମନର ଆନନ୍ଦ।

ନମ୍ରତାଙ୍କୁ ପଚାଶ ଭିତରେ ହେବ। ତାଙ୍କ ସମୟରେ ସେ ଅପରୂପା ସୁନ୍ଦରୀ ଥିଲେ। ଚମ୍ପବଲ୍ଲରୀ ରଙ୍ଗ, ଆଜାନୁଲମ୍ବିତ ଘନ କୁନ୍ତଳ, ସିଂହକଟି ପରି ଅଣ୍ଟା, ପୋଟଳ ଚିରା ଚକ୍ଷୁ। ତାଙ୍କ ରୂପ କେତେ ଯେ ଯୁବକଙ୍କୁ ପାଗଳ କରିଥିଲା ତାର ହିସାବ ନାହିଁ। ଥରେ ତାଙ୍କୁ ବହୁତ ଦିନ ଜ୍ୱର ହେଲା। ଯେତେ ଔଷଧ ଖାଇଲେ ବି ଛାଡିଲା ନାହିଁ। ନମ୍ରତାଙ୍କ ବାପା ବି ବଡ଼ ଚିନ୍ତିତ ହୋଇ ଡାକି ଆଣିଥିଲେ ସଦ୍ୟ ବିଗ୍ରତ ଫେରନ୍ତା ଡାକ୍ତର ସୁରେନ୍ଦ୍ର ଦାସଙ୍କୁ। ଡାକ୍ତରଙ୍କ ଔଷଧରେ ନମ୍ରତାଙ୍କ ରୋଗ ଉପଶମ ହୋଇଥିଲା, କିନ୍ତୁ ଡାକ୍ତର ସୁରେନ୍ଦ୍ର ଦାସ ପ୍ରେମ ରୋଗରେ ଆକ୍ରାନ୍ତ। ନମ୍ରତାଙ୍କ ରୂପରେ ମୁଗ୍ଧ ହୋଇ ସେ କୌଣସି ନା କୌଣସି ଆଳ ଦେଖାଇ ତାଙ୍କୁ ଦେଖିବାକୁ ତାଙ୍କ ଘରକୁ ଆସିବାରେ ଲାଗିଲେ। ନମ୍ରତାଙ୍କ ବାପାଙ୍କୁ ଏକଥା ଅଛପା ରହିଲା ନାହିଁ। ନମ୍ରତାଙ୍କୁ ସେତେବେଳେ ମାତ୍ର ଅଠର ବର୍ଷ, ପ୍ରି ୟୁନିର୍ଭସିଟି ପାଶ୍ କରିଥାଆନ୍ତି ମାତ୍ର ଦୁଇମାସ ହେଲା। ଡାକ୍ତର ଦାସ ଭଲ ଡାକ୍ତର କିନ୍ତୁ ଦେଖିବାକୁ ଭାରି ସାଧାରଣ। ବାପା ବୋଉ ବଡ଼ ଦ୍ୱନ୍ଦ୍ୱରେ ପଡ଼ିଥାଆନ୍ତି। ଏଣେ ଏତେ ଭଲ ଡାକ୍ତର ନିଜ ଆଡୁ ଆଗ୍ରହ ଦେଖାଉଛନ୍ତି, ଭବିଷ୍ୟତରେ ଏମିତି ଯୋଗ୍ୟ ପାତ୍ର ନ ମିଳିପାରେ। କିନ୍ତୁ ଶେଷରେ ନମ୍ରତାଙ୍କ ବାପା ପାଟି ଖୋଲି କହିଥିଲେ, "ଝିଅଟା ମୋର ଆଉ ପଢ଼ି ଥାଆନ୍ତା, ନ ହେଲେ ଆପଣଙ୍କ ପରି ପାତ୍ର କ'ଣ ସହଜ ମିଳେ ?" ଡା: ଦାସ ନମ୍ରତାର ବାପାଙ୍କୁ କଥା ଦେଇଥିଲେ ବିବାହ ପରେ ନମ୍ରତା ନିଶ୍ଚେ ପଢ଼ିବେ।

ଯେଉଁଦିନ ନିର୍ବନ୍ଧ ହେଲା ସେଦିନ ରାତିରେ ନମ୍ରତା ଦର୍ପଣକୁ ଚାହିଁ ଚାହିଁ ଅନେକ ସମୟ କଟେଇଛନ୍ତି। ନିଜକୁ ଭଲ କରି ଦେଖିବାକୁ ଚେଷ୍ଟା କରିଛନ୍ତି। ଭାବିଛନ୍ତି ସତରେ କ'ଣ ସେ ଏତେ ସୁନ୍ଦରୀ ଯେ ଡାକ୍ତର ଦାସ ଭଳି ଲୋକ ଯାହାଙ୍କୁ ବାହା ହେବା ପାଇଁ ଡାକ୍ତରାଣୀମାନେ ଲାଇନ୍ ଲଗେଇଥିଲେ ସେ ସେମାନଙ୍କୁ ନ ଚାହିଁ ମତେ ବାହା ହେବା ପାଇଁ ଏତେ ଆଗ୍ରହାନ୍ୱିତ। ନମ୍ରତା ଦର୍ପଣକୁ ଆଉ ଥରେ ଚାହିଁଲେ, ଅଳ୍ପ ହସିଲେ, "ଭାବିଲେ ଦର୍ପଣ ମିଛ କହେନି।"

ନମ୍ରତା ଡାକ୍ତର ଦାସଙ୍କୁ ବିବାହ କଲାପରେ ପୁଣି କଲେଜ ଗଲେ। ପାଠପଢ଼ା ଚାଲିଥାଏ। ତା'ରି ଭିତରେ ତାଙ୍କର ଦୁଇଟି ଝିଅଙ୍କର ଜନ୍ମ। ଇୟାଡେ ପିଲା ବଢ଼େଇ ସିଆଡ଼େ ପାଠ ପଢ଼ିବା ନମ୍ରତାଙ୍କୁ ବହୁତ କଷ୍ଟ ଲାଗିଲା। ବହୁ କଷ୍ଟରେ ବି.ଏ ପାସ୍ କଲା ପରେ ନମ୍ରତା ନିଜେ ମନା କରିଥିଲେ ଆଉ ପାଠ ପଢ଼ିବା ପାଇଁ।

"ଏଣିକି ମୁଁ ସମ୍ପୂର୍ଣ୍ଣ ଘରଣୀ ହେବି। ସ୍ୱାମୀ, ପିଲା ଓ ଘର। ମୋର ଏମ୍.ଏ ପଢ଼ିବା ଦରକାର ନାହିଁ।"

ଡାକ୍ତର ଦାସ ହସି ହସି କହିଥିଲେ, "ତୁମ ଇଚ୍ଛା, ହେଲେ ତୁମ ବାପ। ଯେମିତି ମତେ ଦୋଷ ନ ଦିଅନ୍ତି।"

ବିଗତ ତିରିଶ ବର୍ଷ ହେଲା ଜୀବନ ଚକ୍ର ଏଇମାନଙ୍କୁ ନେଇ ଘୁରୁଛି। ଡାକ୍ତର ଦାସ ଧୀରେ ଧୀରେ ନିଜ ପ୍ରାକ୍ଟିସ ନେଇ ଏତେ ବ୍ୟସ୍ତ ରହିଲେ ଯେ ପରିବାର ପାଇଁ ତାଙ୍କ ପାଖେ ସବୁବେଳେ ସମୟର ଅଭାବ। ଡାକ୍ତର ଦାସଙ୍କ ବଂଧୁମାନେ ନମ୍ରତାଙ୍କ ସୌନ୍ଦର୍ଯ୍ୟର ଅଶେଷ ପ୍ରଶଂସା କରନ୍ତି। ବିଗତ ତିରିଶ ବର୍ଷ ଭିତରେ ବହୁତ ପରିବର୍ତ୍ତନ ହୋଇଛି ଡାକ୍ତର ଦାସଙ୍କର। ଡାକ୍ତର ଦାସ ସ୍ତ୍ରୀ ନମ୍ରତାଙ୍କ ସୌନ୍ଦର୍ଯ୍ୟର ପ୍ରଶଂସାରେ ବିଶେଷ ଗୁରୁତ୍ୱ ଦିଅନ୍ତି ନାହିଁ। ତାଙ୍କ ପାଇଁ ନମ୍ରତା କେବଳ ତାଙ୍କ ସ୍ତ୍ରୀ।

ତଥାପି ନମ୍ରତାଙ୍କ ଅବଚେତନରେ ତାଙ୍କ ରୂପର ପ୍ରଶଂସା ତାଙ୍କ ମନ ଭିତରେ ଗଭୀର ରେଖାପାତ କରିଥାଏ ଓ ସ୍ୱାମୀଙ୍କ ବ୍ୟବହାର ତାଙ୍କ ନିଭୃତ କୋଣରେ ଦୁଃଖର ପତଳା ଛାଇଟିଏ ପକେଇବାକୁ ଲାଗିଲା। ବେବି, ରୁବି ଶଖିଂ କଣ୍ଢେଇ ପରି ସୁନ୍ଦର ଝିଅ ଯୋଡିଏ। ହେଲେ ନମିତା ଜାଣନ୍ତି ସେମାନେ ତାଙ୍କ ପରି ସୁନ୍ଦରୀ ନୁହନ୍ତି। ମନକୁ ବୁଝାନ୍ତି ସେମାନେ କେବଳ ନମ୍ରତାର ଝିଅ ନୁହନ୍ତି, ଡାକ୍ତର ଦାସଙ୍କର ମଧ ଝିଅ, ତେଣୁ ବାପା ପରି କିଛିଟା ହେବା ସ୍ୱାଭାବିକ। ବାପ ପରି ପାଠ ପଢ଼ିଲେ ଯଥେଷ୍ଟ

ନମ୍ରତା ଦର୍ପଣକୁ ଚାହିଁ ଅନେକ ସମୟରେ ହସନ୍ତି, କାହିଁକି ହସନ୍ତି ସେ ନିଜେ ବୁଝି ପାରନ୍ତି ନାହିଁ। ସ୍ନୋହ୍ୱାଇଟର ସାବତ ମାଆର ଦର୍ପଣ କଥା ତାଙ୍କର ମନେପଡେ। ଦର୍ପଣ ସେତେ ବେଳେ ମିଛ କହୁ ନଥିଲା, ତେଣୁ ଆଜି ବି ତାଙ୍କୁ କାହିଁକି ମିଛ କହିବ। ହଁ ସେ ନିଶ୍ଚୟ ବେବି, ରୁବିଙ୍କ ଅପେକ୍ଷା ଯଥେଷ୍ଟ ସୁନ୍ଦରୀ। ଆଉ ତାଙ୍କ ଚାରିପଟେ ଥିବା ଅଧିକାଂଶ ନାରୀଙ୍କ ସହିତ ତାଙ୍କର ସହିତ ତାଙ୍କ ରୂପର ତୁଳନା କରାଯାଇପାରେ ନାହିଁ।

ସମୟ ଗଡି ଚାଲିଲା, ନମ୍ରତା ଖାଲି ସୁନ୍ଦରୀ ନାରୀ ହୋଇ ରହିଲେ ନାହିଁ, ସେ ସୁଗୃହିଣୀ ମଧ ହୋଇ ସାରିଥିଲେ। ଘର ସଜାଇବା, ରନ୍ଧାବଢ଼ା ସବୁଥିରେ ସେ ନିପୁଣା। ତାଙ୍କ ପିଲାମାନେ ମଧ ଭଲ ପଢ଼ିଲେ। ତେଣୁ ବନ୍ଧୁ ମହଲରେ ନିଜର ପ୍ରଶଂସା ଶୁଣିବାଟା ତାଙ୍କ ଅଭ୍ୟାସରେ ପରିଣତ ହୋଇଗଲା।

ବଡ଼ ଝିଅ ବେବି ଡାକ୍ତର ହେଲା, ଦିଲ୍ଲୀରେ ପଢ଼ିଲା ବେଳେ ତା'ର ଜଣେ କ୍ଲାସମେଟ୍‌କୁ ଭଲ ପାଇ ବାହାହେଲା। ଦୁହେଁ ଏକାଠି ଲଣ୍ଡନ ଚାଲିଗଲେ। ସେ ଲଣ୍ଡନରୁ ଫୋନ୍ କରେ, ମାମି ଏଠି ଯେତେ ସ୍ତ୍ରୀଲୋକ ଦେଖିଲିଣି ତୁମ ପରି ସୁଇଟ୍ ନୁହେଁ ଦେଖିବାକୁ କେହି। ମାମି, ତୁମ ରନ୍ଧା ଖୁବ୍ ମିସ୍ କରୁଛି ମୁଁ। ତୁମ ତିଆରି ବିରିୟାନିର ବାସ୍ନା ଏଯାଏଁ ପହଞ୍ଚ ଯାଉଛି...। କିନ୍ତୁ ବେବିର ସ୍ୱାମୀ ତାରାପଦଙ୍କ ସହିତ ନମ୍ରତାଙ୍କର ଏତେ ବେଶୀ ଘନିଷ୍ଠତା ହୋଇପାରିନି। ଯଦିଓ ତାରପଦ ବେବିର କ୍ଲାସମେଟ ଓ ବିବାହ ପୂର୍ବରୁ ତାଙ୍କ ଘରକୁ କେତେ ଥର ଆସିଛନ୍ତି। ତାରାପଦ ଗମ୍ଭୀର ସ୍ୱଭାବର ପିଲା ଓ ବେଶୀ କଥା କହନ୍ତି ନାହିଁ। ବିବାହ ପରେ ଦୁଇମାସ ପରେ ସ୍ୱାମୀ ସ୍ତ୍ରୀ ଦୁହେଁ ଲଣ୍ଡନ ଚାଲିଗଲେ। ଫୋନ୍‌ରେ ବା କେତେ ସମ୍ପର୍କ ବଢ଼େଇ ହେବ?

ବେବିଠାରୁ ରୁବି ମାତ୍ର ଦେଢ଼ବର୍ଷ ଛୋଟ। ସେ ଡାକ୍ତର ହେବାକୁ ମୂଳରୁ ମନା କରି ଦେଇଥିଲା। "ମୁଁ ନାନୀ ପରି ଚବିଶ ଘଣ୍ଟା ବହି ଧରି ବସି ପାରିବିନି। ମୁଁ ଚାହେଁ ମୋ ପାଇଁ କିଛି ସମୟ। ସେ ଲକ୍ଷ୍ନୌରେ ଏମ.ବି.ଏ କଲା। ରୋହନ ସହିତ ତା'ର ସେଇଠାରେ ପରିଚୟ। ତା' ପରେ ଦୁହିଁଙ୍କର ବିବାହ। ରୋହନ ଘର ଆଗ୍ରାରେ, ସେ କିନ୍ତୁ ରୁବିକୁ ବାହା ହୋଇ ଅଧା ଓଡ଼ିଆ ପାଲଟି ଗଲାଣି। ଖଣ୍ଟି ଓଡ଼ିଆ କହି ପାରୁଛି, ଓଡ଼ିଆ ଗୀତ ଗାଇ ପାରୁଛି।

ରୋହନ ପାଇଁ ଜୀବନଟା ଗୋଟାଏ ସଂଗୀତର ଝଂକାର। ତାର ସବୁ କଥାରେ ଗୀତ, ମଜା, ବଂଚିବାର ଅର୍ଥ କ'ଣ ରୋହନଠାରୁ ଶିଖିବା କଥା। ସେ ବୁଝେ ଜୀବନର ମୂଲ୍ୟ ଆନନ୍ଦ। ନମ୍ରତାଙ୍କୁ ରୋହନର ଏଇ ଗୁଣ ଖୁବ୍ ଭଲଲାଗେ। ସେଥିପାଇଁ ସେ ରୋହନଙ୍କୁ ବହୁତ ସ୍ନେହକରନ୍ତି। ସ୍ୱାମୀଙ୍କ ପାଖେ ସେ ଯାହା ଦେଖି ନଥିଲେ ରୋହନ ପାଖେ ସେ ସବୁ ଥିଲା। ପରିବାର ଓ ସ୍ତ୍ରୀ ପାଇଁ ସେ ସମୟ ବାହାର କରେ। ରୋହନର ବ୍ୟବହାର ଦେଖି ସେ ତାଙ୍କ ପର ଜୀବନ କଥା ଭାବି ବସନ୍ତି। ସେ ଦୁଇଟି ପିଲାଙ୍କୁ ଜନ୍ମ ଦେଇଛନ୍ତି, କିନ୍ତୁ ତାଙ୍କ ସ୍ୱାମୀ ତ କେବେ ତାଙ୍କ ପାଇଁ ବ୍ୟସ୍ତ ହେବା ଦେଖି ନାହାନ୍ତି, ଯେମିତି ରୁବି ପାଇଁ ରୋହନ ହେଉଛି। ରୁବିକୁ ଡାକ୍ତରଙ୍କ ପାଖକୁ ନେବାଠାରୁ ରୁବି କ'ଣ ଖାଇବ ସବୁଥିରେ ରୋହନର ନଜର। ଯଦିଓ ନମ୍ରତା ରୁବିର ଛୁଆ ହେବାର ତାରିଖଠାରୁ ସପ୍ତାହ ପୂର୍ବରୁ ତା' ପାଖକୁ ଦିଲ୍ଲୀ ଚାଲି ଆସିଛନ୍ତି, କିନ୍ତୁ ସେ ଭାବୁଛନ୍ତି ରୋହନ ପରି ସ୍ୱାମୀ ଥିଲେ ଆଉ କାହାର ଆବଶ୍ୟକତା କ'ଣ?

ରୁବିକୁ ଜଣେ ଖୁବ୍ ଭଲ ପ୍ରସୂତି ବିଶେଷଜ୍ଞ ଡା. ମିସେସ ଗୋଏଲ ଦେଖନ୍ତି। ତାଙ୍କ ମତରେ ରୁବିର ସବୁ ନର୍ମାଲ - ନର୍ମାଲ ଡେଲିଭରୀ ହେବ ମଧ। ଚିନ୍ତା କରିବାର କୌଣସି କାରଣ ନାହିଁ।

ରୋହନ ସବୁଦିନ ଅଫିସରୁ ଫେରିଲାବେଳକୁ କିଛି ଗୋଟାଏ ପ୍ଲାନ କରି ଆସିଥିବା ରୁବି ଓ ମାମିଙ୍କୁ ଆଜି ସିନେମା ତ କାଲି ମାର୍କେଟିଂରେ ନେଇଯାଏ। ରାସ୍ତାରେ ଭଲ ରେଷ୍ଟୁରାଁରେ ଆଇସକ୍ରିମ ଖୁଆଏ. କେବେକେବେ ସମସ୍ତେ ହୋଟେଲ ଯାଆନ୍ତି।

ସେଦିନ ସେମାନେ ଡିନର ପାଇଁ ହୋଟେଲ ତାଜ୍ ବାହାରିଥାଆନ୍ତି। ରୁବି ଜବରଦସ୍ତି ତା'ର ଗୋଟାଏ କଳାର ସୁନ୍ଦର ସିଫନ୍ନ ଶାଢ଼ୀଟିଏ ମାମିଙ୍କୁ ପିନ୍ଧାଇ ଦେଇଥାଏ। ନମ୍ରତା ରାଜି ହେଇନଥିଲେ। କିନ୍ତୁରୁବିର ଅନୁରୋଧକୁ ସେ ଏଡାଇ ପାରିଲେ ନାହିଁ। ତାଙ୍କର ଅଲିଅଳ ଏ ସାନଝିଅର ଜିଦ୍ ପାଖେ ସେ ସବୁବେଳେ ହାର ମାନି ଆସିଛନ୍ତି।

ମାମି ଉପରେ ଦାମି ପରଫ୍ୟୁମଟାଏ ସ୍ପ୍ରେ କରୁ କରୁ ରୁବି କହିଲା, ମାମି, ୟୁ ଲୁକ୍ ଗର୍ଜିଅସ ଆଣ୍ଡ ଟେନ୍ ଇୟର୍ସ ୟଙ୍ଗର ବୁଝିଲ? ଏଣିକି ସେ ହାଣ୍ଡଲୁମ୍ ଶାଢ଼ୀ ପିନ୍ଧିବା ଛାଡ, ଏମିତି ଶାଢ଼ି ସବୁ ପିନ୍ଧ...।

ନମ୍ରତା ଶାଢ଼ିଟିକୁ ସଜାଡୁ ସଜାଡୁ ଦର୍ପଣକୁ ଚାହିଁ କହିଲେ, 'ତୋ ମାମି ତତେ ସବୁବେଳେ ମିସ୍ ୱ୍ୱର୍ଲ୍ଡ ପରି ଦେଖାଯାଏ। ଛାଡ ସେସବୁ ବାଜେ କଥା। ମୋର ଆଉ ସଜେଇ ହେବାର ବୟସ ଅଛି?'

ରୁବି ନମ୍ରତାଙ୍କୁ ଚାହିଁ କହିଲା, "ତୁମର ସୌନ୍ଦର୍ଯ୍ୟ ନେଇ ତୁମକୁ ଗର୍ବିତ ଲାଗେ ନାହିଁ? ସତ କହିଲ, ତୁମ ବୟସର କେତେଜଣ ସ୍ତ୍ରୀ ଲୋକ ତୁମ ପରି ଏତେ ସୁନ୍ଦର ଦେଖାଯାଉଛନ୍ତି? ସେ ଯାହା ହେଉ ମୁଁ ତୁମକୁ ଦେଖିଲେ ଭାବେ ମତେ ହେଲେ ଭଗବାନ ଏମିତି ସୁନ୍ଦର କରି ଥାଆନ୍ତେ।"

ନମ୍ରତା ଆଉ କିଛି ଉତ୍ତର ଦେଲେ ନାହିଁ ରୁବିକୁ। ତାଙ୍କର ଅନୁଭବ ହେଲା ରୁବି ଆଉ ଗୋଟିଏ ଅଲଗା ବ୍ୟକ୍ତିତ୍ୱ - ସେ ବି ଜଣେ ନାରୀ। ସବୁ ନାରୀ ଚାହେଁ ଅମାପ ସୌନ୍ଦର୍ଯ୍ୟ। ରୁବି ଲାଗି ତାଙ୍କୁ ଟିକିଏଖରାପ ଲାଗିଲା।

ରୋହନ ଆସୁ ଆସୁ ନମ୍ରତାଙ୍କୁ ପୋତି ପକେଇଲା ପ୍ରଶଂସା ଉପରେ ପ୍ରଶଂସା କରି। ମାମି ଏଇ ଶାଢ଼ୀଟା ଆପଣଙ୍କୁ ବହୁତ ମାନୁଛି। ଆପଣ ରୁବିର ମାଆ ନୁହେଁ ଭଉଣୀ ପରି ଦେଖାଯାଉଛନ୍ତି। ଏଇ ଶାଢ଼ୀ ଭିତରୁ ଆପଣ ତାରାଟିଏ ପରି ଝଲସି ଉଠୁଛନ୍ତି। ଠିକ୍ ୱାର୍ଡସ୍ୱର୍ଥଙ୍କର ଲୁସି କବିତାର ସେଇ ନୀଳ ଆକାଶର ଏକାକିନୀ ତାରାଟିଏ ପରି। ମୁଁ ଆପଣଙ୍କୁ ଏମିତି ଗୋଟାଏ ଶାଢ଼ି ପ୍ରେଜେଣ୍ଟ କରିବି, ଓ ମୋ ଛୁଆର ପାର୍ଟିରେ ଆପଣ ସେଇଟି ପିନ୍ଧିବେ। ଗୋଟାଏ କଥା କହିବି କିଛି ଭାବିବେନି - ମୋର ବାପାଙ୍କ ପ୍ରତି ଭୟଙ୍କର ଇର୍ଷା ହେଉଛି, "କହି ହସି ପକେଇଲା ରୋହନ।

ନମ୍ରତା ରୁବି ମୁହଁକୁ ଚାହିଁଲେ। ତାଙ୍କୁ ଲାଗିଲା ରୁବି ମୁହଁଟି ଝାଉଁଳି ପଡିଛି। ରୋହନ ଶେଷ କଥା ପଦଟା ବୋଧେ ରୁବିକୁ ଭଲ ଲାଗିନି। ତାଙ୍କୁ ମଧ ସେଇ କଥା ପଦଟା ଆନନ୍ଦ ଦେବା ପରିବର୍ତ୍ତେ କେମିତି ଅସହ୍ୟ ଲାଗିଛି। ନମ୍ରତା ଟିକିଏ ଗମ୍ଭୀର ହୋଇ କହିଲେ, "କାହିଁକି ରୋହନ ତୁମେ ତ ତୁମ ବାହାଘର ପୂର୍ବରୁ ତୁମ ବାପାଙ୍କୁ କହିଥିଲ, ରୁବି ପରି ସୁନ୍ଦରୀ ଝିଅ ଖୁବ୍ କମ ଅଛନ୍ତି। ଏକଥା ତୁମ ବାପା ନିଜେ ମତେ କହିଛନ୍ତି। ତା' ଛଡା ମୋ ଝିଅର କ'ଣ ଊଣା ହୋଇ ଯାଇଛି କି? ଦେଖିବାକୁ ବେଶ୍ ଭଲ, ଭଲ ପାଠ ତ ପଢୁଥିଲା, ପୁଣି ଭଲ ଚାକିରି ବି କରିଛି। ରୁବି କିମ୍ବା ଏ ଯୁଗର ଯେ କୌଣସି ଝିଅ ଆମ ସମୟର ଝିଅମାନଙ୍କ ଅପେକ୍ଷା କାହିଁ କେତେଗୁଣରେ ଦକ୍ଷ ସେ କଥା ମୁଁ ସବୁବେଳେ ଭାବେ। ମୁଁ ତ ଦିନେ ବାପାଙ୍କ କାମରେ କିମ୍ବା ତାଙ୍କ ଅସୁବିଧାରେ ପଇସାଟିଏ ବି ସାହାଯ୍ୟ କରି ପାରିନାହିଁ। ମୋର ମନେ ହେଉଛି ବାପା ତୁମକୁ ଦେଖି ସେୟା ଭାବୁଥିବେ।'

ଏତକ କହି ସାରିଲା ପରେ ନମ୍ରତାଙ୍କୁ ବହୁତ ହାଲୁକା ଲାଗିଲା, ଠିକ୍ ଯେମିତି ନଅ ମାସ

ଗର୍ଭଧାରଣା କଲା ପରେ ଛୁଆଟିକୁ ଜନ୍ମ ଦେଲା ପରେ ନାରୀଟିକୁ ଯେମିତି ଲାଗେ। ତାଙ୍କୁ ରୁବିର ମୁହଁଟି ଟିକିଏ ଉଜ୍ଜ୍ୱଳ ଦେଖାଗଲା।

ରୋହନ ଶାଶୁଙ୍କ କଥାରେ ଦବିଗଲା। ସେ ହସି ହସି କହିଲେ, "ମାମି, ଆପଣ ଏତେ ସିରିୟସ୍ ହୋଇ ଯାଉଛନ୍ତି କାହିଁକି ? ମୋରେ ସବୁ କଥା ଏମିତି। ଗୁଡାଏକଥା କହି ଦିଏ ତ କ'ଣ କହିଦିଏ ଜାଣିପାରେନି। ପ୍ଲିଜ ମାମି, ରାଗନ୍ତୁନାହିଁ।

ନମ୍ରତା ଝିଅ ଜୋଇଁଙ୍କ ସାଙ୍ଗେ ହୋଟେଲ ଗଲେ, କିନ୍ତୁ ତାଙ୍କ ମନଟା ଭାରାକ୍ରାନ୍ତ ତାଏ। ରୋହନକୁ ଏତେ ଗୁଡେ କଥା କହି ସେ ଉଚିତ କରି ନାହାନ୍ତି ବୋଧେ। ଯଦିଓ ରୋହନ କଥା ତାଙ୍କୁ ଭଲ ଲାଗି ନଥିଲା, ତେବେ ବି ରୋହନ ଜୋଇଁ। ରୋହନଙ୍କୁ ତାଙ୍କ କଥା ବୋଧେ ଅସହ୍ୟ ଲାଗିଛି। ତାଙ୍କୁ ଲାଗୁଥାଏ ଜୁଲାଇ ମାସର ମେଘ ଭରା ଆକାଶ ତାଙ୍କୁ ମାଡି ବସିଛି ଓ ଅତିରିକ୍ତ ଗୁଳୁଗୁଳିରେ ସେ ରୁନ୍ଧି ହୋଇ ପଡୁଛନ୍ତି। ସେ ତାଙ୍କ ମନ ଖରାପର ଠିକ୍ କାରଣ ଜାଣି ପାରୁନଥାଆନ୍ତି। ପୁଣି ଭାବିଲେ ହୁଏତ ରୁବିର ଡେଲିଭରୀ ସମୟ ନିକଟ ହୋଇ ଆସୁଥିବାରୁ ତାଙ୍କ ମନ ଭିତରର ଭୟ ଏପରି ରୂପ ନେଇଛି।

ସେଦିନ ରାତି ଦୁଇଟା ବେଳକୁ ରୁବିକୁ ବହୁତ କଷ୍ଟ ହେଲା। ସଙ୍ଗେ ସଙ୍ଗେ ରୋହନ ଡା.ମିସେସ ଗୋୟେଲଙ୍କ ପାଖକୁ ଫୋନ୍ କଲା। ତାଙ୍କ କହିବା ଅନୁସାରେ ରୁବିକୁ ତାଙ୍କ ନର୍ସିଂହୋମକୁ ନିଆଗଲା। ସବୁ ନର୍ମାଲ ତ ଥିଲା ହଠାତ୍ ଏତେ ଅସୁବିଧା ହେଲା କେମିତି ? ପିଲାର ହାର୍ଟବିଟ୍ କମି ଆସିଲା ପରି ଲାଗୁଥାଏ। ଅଲଟ୍ରାସାଉଣ୍ଡ ଇତ୍ୟାଦି କରି ଯଥା ଶୀଘ୍ର ସିଜରିଆନ କରାଗଲା। ଯାହାହେଉ ଭଗବାନଙ୍କର ଅଶେଷ କୃପାରୁ ଡାକ୍ତର ଗୋୟେଲ ମାତୃଗର୍ଭରୁ ପିଲାଟିକୁ ଭଲରେ ଭଲରେ ପୃଥିବୀକୁ ଆଣିପାରିଲେ।

ଡା: ଗୋୟେଲ ଛୁଆ ଜନ୍ମ ହେବା ପରେ ବାହାରକୁ ଆସି କହିଲେ, "ଡେଲିଭରୀ ନ ହେବା ଯାଏଁ ସବୁ ସେଇ ଭଗବାନଙ୍କ ହାତରେ। କିଏ ଜାଣିଥିଲା ହଠାତ୍ ଏତେ ଅସୁବିଧା ହୋଇଯିବ ବୋଲି ? ଶେଷ ମୁହୂର୍ତ୍ତରେ ରୁବିର ଏପରି ବ୍ଲଡପ୍ରେସର ବଢ଼ିବା ଦେଖି ମୁଁ ନିଜେ ବି ଖୁବ୍ ଡରି ଯାଇଥିଲି। ଭଗବାନ ମୋତେ ରକ୍ଷା କଲେ। ମାଆ, ଛୁଆ ବର୍ତ୍ତମାନ ଭଲ ଅଛନ୍ତି। ଆଉ କିଛି ଡର ନାହିଁ।"

ନମ୍ରତା ଆଖି ବୁଜି ଜଗନ୍ନାଥଙ୍କୁ ପ୍ରଣାମ କଲେ, ଆଉ ଡା: ଗୋୟେଲଙ୍କୁ ଧନ୍ୟବାଦ ଜଣାଇଲେ ତାଙ୍କ ଝିଅକୁ ଏତେ ବଡ଼ ବିପଦରୁ ରକ୍ଷା କରିଥିବାରୁ।

ରୁବିକୁ ଆଠ ଦଶଦିନ ନର୍ସିଂହୋମରେ ରହିବାକୁ ହେବ। ନମ୍ରତା ରୁବି ପାଖେ ରହିଲେ, ଯଦିଓ ସେଠାରେ ନର୍ସମାନେ ଖୁବ୍ ଯତ୍ନଶୀଳ ତଥାପି ନମ୍ରତା ଝିଅ ପାଖେ ରହିବାକୁ ଚାହିଁଲେ। ରୋହନ ସବୁଦିନ ଦୁଇଥର ଶାଶୂଙ୍କ ପାଇଁ ଖାଇବା ନେଇ ଆସେ। ଅନେକ ସମୟ ବସେ। ରୁବି ସାଙ୍ଗେ ଗପ କରେ, ପୁଅକୁ ଗେହ୍ଲା କରେ। ନମ୍ରତା ରୋହନକୁ ଚାହାନ୍ତି, ରୁବି ମୁହଁରେ ଦେଖନ୍ତି ପୂର୍ଣ୍ଣତା। ପଛକୁ ଫେରି ଯାଏ ତାଙ୍କ ମନ। କାହିଁ ଥରେ ତ ସୁରେନ୍ଦ୍ର ଝିଅମାନେ ଜନ୍ମ ହେବା ପରେ ତାଙ୍କ ସହିତ ବସି ଏମିତି ଗପ କରି ନାହାନ୍ତି ? ସତରେ ସେ କ'ଣ ତାଙ୍କୁ ଭଲ ପାଇ ବାହା ହୋଇଥିଲେ ? ହଁ ସେ ଭଲ ପାଇଥିଲେ ତାଙ୍କ ସୌନ୍ଦର୍ଯ୍ୟକୁ, ତାଙ୍କୁ ନୁହେଁ।

ଚାହୁଁ ଚାହୁଁ ସାତ ଆଠଦିନ କଟିଗଲା। ଆଉ ଦିନକ ପରେ ରୁବି ଘରକୁ ଫେରିବା କଥା। ଛୁଆର ଦୋଳିଠାରୁ ଆରମ୍ଭ କରି ନାପି ଯାଏଁ ସବୁ ଠିକ୍ କରି ରଖିବାକୁ ହେବ। ରୁବି ସେଦିନ ମାମାଙ୍କୁ ବାଧ୍ୟ କଲା ଘରକୁ ଯାଇ ସବୁ କିଣାକିଣି କରିବା ପାଇଁ। ନମ୍ରତା ଜୋଇଁ ସହିତ ଘରକୁ ବାହାରିଲେ। ହସପିଟାଲରୁ ଘର ପାଞ୍ଚ ଛଅ କିଲୋମିଟର।

ରୋହନ ରାସ୍ତାରେ କହି ଚାଲିଥାଏ – "ମୋ ସାଙ୍ଗମାନଙ୍କୁ ଡାକିବି, ପୁଅର ନାଁ କ'ଣ ଦେବା ? ପୁଅ କାହାପରି ହୋଇଛି କହିଲେ ମାମି ?

"ବୋଧେ ତୁମ ବାପାଙ୍କ ପରି", ଉତ୍ତର ଦେଲେ ନମ୍ରତା,

"ନାଇଁ, ମାମି ମତେ ଲାଗୁଛି ସେ ଅନେକଟା ଆପଣଙ୍କ ପରି ହେବ। ପୁଅ ନହୋଇ ଝିଅ ହୋଇଥିଲେ ମୁଁ ତାକୁ ବିଶ୍ୱସୁନ୍ଦରୀ ପ୍ରତିଯୋଗିତାକୁ ପଠାଇଥାଆନ୍ତି – ଏକାଠି ନେମ୍ ଆଣ୍ଡ ଫେମ୍। ମୁଁ ଗର୍ବରେ ଚାଲିଥାଆନ୍ତି।"

ନମ୍ରତା ଗମ୍ଭୀର ହୋଇ ଯାଇ କହିଲେ, "ସାତଦିନର ପିଲା ବିଷୟରେ କିଛି କହିହେବନି। ପ୍ରତ୍ୟେକ ମାସରେ ତା' ଚେହେରା ବଦଳିବ। ତା' ଛଡା ସେ ମୋ ପରି ହେବନି କି ତୁମ ବାପାଙ୍କ ପରି ହେବନି, ସେ ତା' ପରି ହେବ। ଭଗବାନଙ୍କ ସୃଷ୍ଟିରେ ଗୋଟିଏ ପତ୍ରର ବିକଳ୍ପ ଦେଖାଯାଏ ନାହିଁ, ଗୋଟାଏ ଫୁଲ ଅନ୍ୟ ଫୁଲ ପରି ନୁହେଁ। ଗୋଟିଏ ନଦୀ ଅନ୍ୟ ନଦୀଠାରୁ ଭିନ୍ନ। ଏହାହିଁ ପ୍ରକୃତିର ନିୟମ।

ସେ ମନେ ମନେ ଭାବିଲେ ସେମିତି ଗୋଟିଏ ପୁରୁଷ ଅନ୍ୟ ପୁରୁଷଠାରୁ ଭିନ୍ନ। ଠିକ୍ ସେହିପରି ସୁରେନ୍ଦ୍ର ରୋହନଠାରୁ ଭିନ୍ନ।

ରୋହନ ଗାଡିର କ୍ୟାସେଟ ବଦଳାଇଲା। କିଛି ହିନ୍ଦୀ ଗଜଲ ଲଗାଇଲା – "ତୁମକୋ ଦେଖାତ ତାଜମହଲ ଯାଦ୍ ଆଗୟା...।"

ନମ୍ରତାକୁ କେଜାଣି କାହିଁକି କିଛି ଭଲ ଲାଗୁ ନଥାଏ। କିଛି ହଜେଇ ଦେବାର, କିଛି ନପାଇବାର ଅନୁଭୂତିର ଦୁଃଖ ତାଙ୍କୁ ଘେରି ପକେଇଲା ପରି ଲାଗୁଥାଏ। ଆଜିକାଲି ରୋହନ ସହିତ ଏକା ରହିଲେ ତାଙ୍କୁ ଅସ୍ୱସ୍ତି ଲାଗେ। ମନଟା ଫାଙ୍କା ଫାଙ୍କା ଲାଗେ।

ତାଙ୍କୁ ଲାଗେ ରୋହନ ତାଙ୍କର ନିକଟତର ହେବାକୁ ଚେଷ୍ଟା କରୁଛି। ଜୋଇଁ ହୋଇ ଯେତିକିରେ ରହିବା କଥା ସେତିକିରେ ରହୁନି। ସବୁ କଥାରେ ଥଟ୍ଟା ପରିହାସ, ଟିକିଏ କଥାରେ ଖୁସି ହୋଇ ଜାକି ପକେଇବା ତାଙ୍କୁ କିପରି ବେଖାପିଆ ଲାଗେ।

ହଠାତ୍ ଗାଡି ଆଗରେ ଆଉ ଗୋଟେ ଗାଡି ଆସିଗଲା। ରୋହନ ଖୁବ୍ ଜୋରରେ ବ୍ରେକ୍ ଦେଇଦେଲା। ନମ୍ରତା ନିଜକୁ ସମ୍ଭାଳି ନ ପାରି ଡାହାଣପଟକୁ ଗଡି ପଡ଼ିଲେ। ସେଇଟା ରୋହନର ପ୍ରଶସ୍ତ ବାମ କାନ୍ଧ ଥିଲା। ରୋହନ ନିଜ ହାତ ଭିତରେ ଧରିନେଲା ନମ୍ରତାଙ୍କୁ। ରୋହନ କଡେଇ କରି ତାଙ୍କୁଚାହିଁଲା। ଅକସ୍ମାତ ବ୍ରେକ୍ ଦେବାରୁ ଗାଡ଼ିର ହଲଚଲରେ ନମ୍ରତା ଦେହର ଲୁଗା ଅସଜଡା ହୋଇ ଯାଇଛି।

ନମ୍ରତାଙ୍କ ଦେହରେ ବିଜୁଳି ପ୍ରବାହିତ ହୋଇଗଲା। ରୋହନ ତ ଗାଡିଟାକୁ ପୂର୍ବରୁ ଦେଖିଥିଲେ, ତେବେ ଏମିତି ବ୍ରେକ୍ ଦେବାର ମାନେ କ'ଣ ? ତେବେ ସେ କ'ଣ ଜାଣିଶୁଣି ଏମିତି କରିଛି ?

ଲୁଗାକୁ ଭଲ କରି ସଜାଡି ନେଇ ନମ୍ରତା ଦୂରେଇ ବସିଲେ। ଟିକିଏ ପରେ ଓଠକୁ ଦାନ୍ତରେ ଚିପି କହିଲେ, "ସାବଧାନରେ ଗାଡ଼ି ଚଲାଅ।"

କୁନି ପୁଅର ଜିନିଷ କିଣା ହେଲା ନାହିଁ। ଦେହ ଭଲଲାଗୁନି କହି ନମ୍ରତା ଭିତରୁ କବାଟ ବନ୍ଦ କରି ଶୋଇବାକୁ ଗଲେ। ନିଦ ହେଲାନି, ରାତିରେ ଉଠି ଦର୍ପଣକୁ ଚାହିଁଲେ ଦର୍ପଣରେ ରୋହନ ଗାଡିରେ ବସିଥିବା ସେ ଦେଖୁଛନ୍ତି, ତା'ପରେ ସେ ରୋହନ କାନ୍ଧ ଉପରେ ହାତ ଭିତରେ ସେ ଆଖିବୁଜି ଦେଲେ, ଭାବିଲେ ଦର୍ପଣ ମିଛ କହେନି, ଆଜି ବି ମିଛ କହୁନି। ସେ ତାଙ୍କ ଝିଅ ଅପେକ୍ଷା ସୁନ୍ଦରୀ, ରୋହନ ନମ୍ରତାଙ୍କ ସ୍ୱାମୀଙ୍କ ଅପେକ୍ଷା ଅନେକେ ସମ୍ବେଦନଶୀଳ ଓ ପ୍ରଦର୍ଶନକ୍ଷଣ। ରୋହନ ଜୋଇଁ ହେଲେ ବି ପୁରୁଷ। ଆଉ ଅଜାଣତରେ ସେ ରୋହନର ଏଇ ସବୁ ଗୁଣ ପ୍ରତି ଆକର୍ଷିତ ହୋଇପଡିଛନ୍ତି।

ରୁବି ପରଦିନ ନର୍ସିଂହୋମ୍‌ରୁ ଘରକୁ ଫେରି ଆସିଲା ପୁଅକୁ ନେଇ। ମାମିଙ୍କ ମୁହଁଟା ଶୁଖିଲା ଦିଶୁଥିଲା। ସେ କିଛି ବୁଝି ପାରିଲା ନାହିଁ। ପଚାରିଲା, "ମାମି, କ'ଣ ହୋଇଛି ତୁମର ? ତୁମେ ଏତେ ଡିପ୍ରେସ୍ ଦେଖା ଯାଉଛ ଯେ ?"

"କିଛି ନାହିଁ, ଦେହ ଟିକିଏ ଭଲ ଲାଗୁନି। ତୁତ ଆସିଲୁଣି, ଏଥର ମୁଁ କଟକ ଚାଲିଯାଏ। ତୋ ପାପାଙ୍କର ଅସୁବିଧା ହେଉଥିବ।

ରୁବି କିଛି ବୁଝିପାରିଲା ନାହିଁ, ନମ୍ରତାଙ୍କୁ ଏକ ଶୂନ୍ୟ ଦୃଷ୍ଟିରେ ଚାହିଁ ରହିଲା।

*ମାର୍ଫତ: ଅରୁଣ କୁମାର ଦାଶ*
*୫୨ ଖାରବେଳ ନଗର*
*ଭୁବନେଶ୍ୱର: ୭୫୧୦୦୧*



# ଯେବେ ମନେ ପଡ଼େ ପଛକଥା

## ବିଷ୍ଣୁ ଚରଣ ଚୌଧୁରୀ

ଜୀବନର ମୋଡ଼ ବଦଳି ଯାଇଛି ରାଧାକାନ୍ତଙ୍କର। ବଦଳିଛି ପତ୍ନୀ ମାଳତୀଙ୍କର ଆଉ ଝିଅ ଭୂମିର ବି। ଦିନେ ଯାହାକୁ କାନ୍ଧରେ ବସେଇ ଖେଳଉଥିଲେ, ବୁଲଉଥିଲେ, ଜହ୍ନ ମାମୁଁ ଦେଖେଇ ଖୁଆଇ ଦେଉଥିଲେ ଆଜି ସେଇ ଝିଅ କାନ୍ଧରେ ଭାରା ଦେଇ ଜୀବନ ଜିଇବାରେ ଲାଗିଛନ୍ତି ପତ୍ନୀ ଆଉ ନିଜେ ରାଧାକାନ୍ତ। ସୂର୍ଯ୍ୟୋଦୟର ବର୍ଣ୍ଣବିଭା, ସନ୍ଧ୍ୟାର ଅସ୍ତରାଗ ଦେଖିବା ଏବେ ସାତ ସପନ। ଆଖିରେ ପଡ଼େନି ତୁଳସୀ ଚଉରା ମୂଳେ ଜଳୁଥିବା ସଂଜ ସଳିତା। ସଂଜ ସଳିତାକୁ ଚାହିଁ ଦୂର ଆକାଶରୁ ଆଖି ମିଟିକା ମାରୁଥିବା ତାରା ସମୂହ। ଆଉ ସେଇ ତାରାଙ୍କ ମେଳରେ ତାରା ହୋଇ ଯାଇଥିବା ତାଙ୍କ ବାପା, ମାଆ, ପୂର୍ବଜମାନେ ଚାହିଁ ଚାହିଁ ରହି ଥାଆନ୍ତି ତାଙ୍କ ଘର ଆଡ଼େ। କାନରେ ପଡ଼େନି ଗୋଧୂଳି ବେଳର ହମ୍ବା ରଡ଼ି ଘର ବାହୁଡ଼ା ଗୋରୁପଲଙ୍କର କି କଳରବ ନୀଡ଼ବାହୁଡ଼ା ପକ୍ଷୀମାନଙ୍କର।

ଦୀର୍ଘ ପାଞ୍ଚ ବର୍ଷ ଧରି ଘର ଭିତରେ ପଡ଼ି ରହିଛନ୍ତି ରାଧାକାନ୍ତ। ଏକା ଏକା ବସିବା ଉଠିବା ସମ୍ଭବ ନୁହେଁ। ପକ୍ଷାଘାତର ଶିକାର ହୋଇ ଶଯ୍ୟାଶାୟୀ। ଦିନେ ସେ କେତେ କ'ଣ କରି ପକାଉଥିଲେ। ସକାଳୁ ନିତ୍ୟକର୍ମ ସାରି ଗଣ୍ଡେ ଖାଇ ଘରୁ ବାହାରି ଆସୁଥିଲେ ବ୍ୟବସାୟ ସ୍ଥଳକୁ। ଦିନ ତମାମ କଟୁଥିଲା ବାହାରେ। ବିଳମ୍ବିତ ରାତିରେ ଫେରୁ ଥିଲେ ଘରକୁ। ଘରର ଭଲ ମନ୍ଦ ବୁଝିବାକୁ ପଡୁଥିଲା ସେଇ ସମୟରେ। ବାପା, ମାଆଙ୍କ ଦେହପା, ପିଲାମାନଙ୍କ ପାଠପଢ଼ା ସଂପର୍କରେ ବୁଝାସୁଝା କରିବାକୁ ଘରର ଅନ୍ୟାନ୍ୟ ଜଞ୍ଜାଳ ସମ୍ଭାଳିବାକୁ ପଡୁଥିଲା। ସେଥିରେ ପୁଣି ମାସକୁ ଦୁଇ ତିନି ଥର କଲିକତା ଯିବାକୁ ପଡୁଥିଲା ବ୍ୟବସାୟ କାମରେ। ଏସବୁ ଭିତରେ ଗାଁକୁ ମଧ୍ୟ ଯିବାକୁ ପଡୁଥିଲା। କେତେବେଳେ କେମିତି। ଗାଁରେ ଜମିବାଡ଼ି, ଘରଦ୍ୱାର ରକ୍ଷଣାବେକ୍ଷଣ ସଂପର୍କରେ ବୁଝିବାକୁ ପଡ଼ିଥାଏ। କାହିଁ କେତେ କାମ ଅନାୟାସରେ କରି ଚାଲିଥିଲେ। କାହିଁ କେତେ ଜଟିଳ ସମସ୍ୟାର ସମାଧାନ ଏକା ଏକା କରୁଥିଲେ ପରିବାରର ଅନ୍ୟମାନଙ୍କୁ କଷ୍ଟ ନ ଦେଇ। ସବୁ ଜଞ୍ଜାଳ ନିଜ ମୁଣ୍ଡକୁ ନେଉଥିଲେ ଅନ୍ୟମାନଙ୍କୁ ସୁଖ ଶାନ୍ତିରେ ରଖିବା ପାଇଁ।

ସମୟ କିନ୍ତୁ ବଦଳି ଗଲା। ବଦଳି ଗଲା ଭାଗ୍ୟଚକ୍ର। ଜୀବନ ନଈରେ ଦିନେ ଭଙ୍ଗା ପଡ଼ିଗଲା। ଚଳଚଞ୍ଚଳ ଜୀବନଟା ଥପ୍ ହୋଇଗଲା। ଦିନେ ରାତିରେ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ତାଙ୍କ ସ୍କୁଟରକୁ ଧକ୍କା ଦେଇ କାରୁଟି ଚାଲି ଯାଇଥିଲା। ଗାଡ଼ିରୁ ଛିଟିକି ଚେତା ହରାଇ ପଡ଼ିଥିଲେ ରାସ୍ତା ଉପରେ। ଚେତା ଫେରିଥିଲା ଡାକ୍ତରଖାନାରେ। ହେଲେ ଶରୀରର ବାମ ପଟ ଅଚଳ ହୋଇ ଯାଇଥିଲା। ସେବେଠୁ ଘର ଭିତରେ ଗୋଟିଏ ଜାଗାରେ ପଡ଼ି ରହିଛନ୍ତି। ଏକା ଏକା ଚଳପ୍ରଚଳ ହେବା ସମ୍ଭବ ନୁହେଁ। ତାଙ୍କର ଏଇ ଅବସ୍ଥା ପାଇଁ ଦୁଶ୍ଚିନ୍ତା ଆଉ ବାର୍ଦ୍ଧକ୍ୟ ଜନିତ ଭିନ୍ନ ଭିନ୍ନ ରୋଗରେ ନଇଁ ପଡ଼ଲେଣି ପତ୍ନୀ ମାଳତୀ। ଆଣ୍ଠୁ ଗଣ୍ଠି, ଅଣ୍ଟା, ପିଠି ଧରିବା ଏବଂ ଶ୍ୱାସ ରୋଗରେ କବଳିତ ପତ୍ନୀ ଚଳପ୍ରଚଳ ହେବା କଷ୍ଟକର। ତାଙ୍କୁ ଉଠା ବସା କରାଇବା ଏବଂ ଘରେ କାମ ଧନ୍ଦା କରିବା ଏବେ ସମ୍ଭବ ନୁହେଁ ତାଙ୍କ ପକ୍ଷରେ। ଘରେ ଆଉ କିଏ ଅଛି ଯେ ଏସବୁ କାମରେ ତାଙ୍କ ସାହାଯ୍ୟ କରିବାକୁ କହିବେ। ଝିଅ ସକାଳୁ ଅଫିସ୍ ଯାଏ ଫେରୁ ଫେରୁ ସଂଧ୍ୟା। ଅଫିସରେ ପ୍ରବଳ ଖଟଣି। ତାଙ୍କୁ କାମରେ ସାହାଯ୍ୟ କରିବାକୁ ଝିଅକୁ କହିବାକୁ ମନ ଚାଲେନା ମାଳତୀଙ୍କର। ପଡ଼ି ଉଠି ଦିନ ତମାମ ଘର କାମରେ ବ୍ୟସ୍ତ ସେ।

ମାଆର ଏଇ ଦୟନୀୟ ଅବସ୍ଥା ଦେଖି ଅଫିସ୍‌କୁ ଠିକ୍ ସମୟରେ ଯା, ଆସ କରିବା ସାଙ୍ଗକୁ ଘର କାମରୁ କିଛି ହାତକୁ ନେଇଛି ଭୂମି। ମାଆକୁ ଏତେ ସବୁ କାମ ନ କରିବାକୁ କହେ। ଅଫିସରୁ ଫେରିଲାଣି ଭୂମି। ବିଳମ୍ବ ଯୋଗୁଁ ତରବର ହୋଇ ଡ୍ରେସ ବଦଳେଇ, ଗୋଡ ହାତ ଧୋଇ ତାଙ୍କ ପାଇଁ ଚା' କରିବାକୁ ରୋଷେଇ ଘରକୁ ଯାଇଥିଲା। କିଛି ସମୟ ଅନ୍ତରରେ ହାତରେ ସ୍ନାକ୍‌ସ ପ୍ଲେଟ ଏବଂ ଚା' କପ୍ ଧରି ଫେରି ଆସିଲା ରୋଷେଇ ଘରୁ। ସୋଫା ଉପରେ ବସିଥିଲେ ରାଧାକାନ୍ତ। ଚା' କପ୍ ଓ ସ୍ନାକସ୍ ପ୍ଲେଟ ଟିପୟ ଉପରେ ରଖି ଖାଇବାକୁ କହି ତାଙ୍କୁ ଚାହିଁ ରହିଥିଲା ଭୂମି। ଚାହିଁ ନଥିଲା ତ ତାଙ୍କୁ ପଢ଼ି ଚାଲିଥିଲା। ତାଙ୍କ ଶୁଖିଲା ମୁହଁ ଅନେକ ପ୍ରଶ୍ନ ଠିଆ କରେ। ସେଥିରୁ କିଛି ବୁଝି ଉତ୍ତର ରଖିବାକୁ ଚେଷ୍ଟା କରେ।

ଉତ୍ତର ରଖିଥିଲା ଭୂମି। ଅଫିସରୁ ଫେରିବାରେ ବିଳମ୍ବ ହେବାର କାରଣ ଦର୍ଶାଇବାକୁ ଯାଇ କହିଥିଲା ଅଫିସରେ ପହଞ୍ଚିବାଠୁ ଫେରିବା ଯାଏ ଅଣନିଶ୍ୱାସୀ କାମ। ସେଥିରେ ପୁଣି ଫେରିବାର ନିର୍ଦ୍ଦିଷ୍ଟ ସମୟ ନଥାଏ ଯେମିତି ନିର୍ଦ୍ଦିଷ୍ଟ ଥାଏ ପହଞ୍ଚିବାର ସମୟ। ପହଞ୍ଚିବାରେ ସମାନ୍ୟ ବିଳମ୍ବ ହେଲେ କେତେ କ'ଣ କୈଫିୟତ ଦେବାକୁ ପଡ଼େ। ଘରୋଇ ଫାର୍ମରେ ଚାକିରିର ଦୁଃଖ ଏବଂ ଜଞ୍ଜାଳ ସଂପର୍କରେ କହିଥିଲା। ସର୍ଭିସ୍ ସେକ୍ଟର ପ୍ରତି ସମସ୍ତଙ୍କର ଅସ୍ୱାଭାବିକ ମୋହ ହିଁ ଏଇ ଦୁର୍ଯ୍ୟୋଗର କାରଣ ପାଲଟିଛି। ନିଜେ କିଛି କରିବାର ମନୋବୃତ୍ତି ନାହିଁ ଯୁବପିଢ଼ୀମାନଙ୍କର। ଚାଷ, ବ୍ୟବସାୟ ବା ନିଜେ କିଛି ଉଦ୍ୟୋଗ କରିବାର ରିସ୍କ ନେବାକୁ ବିମୁଖ। ସମସ୍ତଙ୍କ ଦୃଷ୍ଟି କେବଳ ସର୍ଭିସ ସେକ୍ଟର ଉପରେ ତା' ପୁଣି ପବ୍ଲିକ୍ ସେକ୍ଟର ପ୍ରତି। ହେଲେ ପବ୍ଲିକ୍ ସେକ୍ଟରରେ ଭର୍ତ୍ତି ହେବା କ'ଣ ସହଜ କଥା। ଅନେକ ଗଳି ବାଟ ତା' ଭିତରକୁ ଯିବା ପାଇଁ। ଅଂଧାରୁଆ ଗଳିରେ ବାଟ ମିଳେନି। ଦରାଣ୍ଡି ହୋଇ ପଡ଼ି ଉଠି ସଠିକ୍ ଜାଗାରେ ପହଞ୍ଚିଲେ ବି କେତେ କ'ଣ ପେଞ୍ଚ ଭିତରେ ନିରାଶ ହୋଇ ଫେରିବାକୁ ପଡ଼େ। ଏସବୁ ଭିତରେ ଫାଇଦା ନେଉଛି ପ୍ରାଇଭେଟ ସେକ୍ଟର। ପ୍ରାଇଭେଟ ସେକ୍ଟର କଥା ନ କହିଲେ ଭଲ। ଅଫିସ୍ ଯିବାର ସମୟ ଅଛି। ଫେରିବାର ସମୟ ଜଣା ନଥାଏ।

ଚାକିରି ଛଡ଼ା ଚାରା କାହିଁ ? ଦରମା ଗଣ୍ଡାକ ମିଳିଯାଏ ନା ମାସ ଶେଷରେ। ବଞ୍ଚିବାକୁ ପଡ଼ିବ ଏଇ ମହରଗ ଦୁନିଆରେ। ପକେଟରେ ଟଙ୍କା ନଥିଲେ ବଞ୍ଚିବା ଅସମ୍ଭବ ଆଜିର ଦୁନିଆରେ। ଯେମିତି ତାଙ୍କ ପରିବାର ଚଳି ଯାଉଛି ଝିଅର ମାସକୁ ମାସ ଦରମା ଉପରେ ନିର୍ଭର କରି। ଝିଅର ଦରମା ଗଣ୍ଡାକ ବନ୍ଦ ହୋଇଗଲେ ଖାଇବ ପିଇବା ସବୁ କିଛି

ବନ୍ଦ ହୋଇଯିବ ତାଙ୍କ ପରିବାରର। ଘରୋଇ ଚାକିରି ପ୍ରତି ବିମୁଖତା, ଆନ୍ତରିକତା ନଥାଇ ବି ଚାରି ବର୍ଷ ଧରି ଚାକିରି କରି ଆସୁଛି ଭୂମି। ସେ ଭଲ ଭାବେ ଜାଣିଛି ଏଇ ଚାକିରି ଖଣ୍ଡିକ ହାତ ଛଡ଼ା ହେଲେ ପେଟ ଅପୋଷା ରହିବ ତାଙ୍କ ପରିବାରର। ତା' ବାପା, ବୋଉଙ୍କ ପାଇଁ ଔଷଧ ଯୋଗାଡ଼ କରିବା ସମ୍ଭବ ହେବନି। ତାଙ୍କ ପରିବାର ପାଇଁ ଏକ ମାତ୍ର ଭରସା ପାଲଟି ଯାଇଛି ସେ। ପ୍ଲେଟରୁ ସ୍ନାକସ ଏବଂ କପ୍‌ରୁ ଚା' ସରି ଆସିଥିଲା। କପ୍ ପ୍ଲେଟ ଉଠାଇ ତାଙ୍କ ପାଖରୁ ଉଠି ଯାଇଥିଲା ଭୂମି।

ସଂଜ ନଇଁଲାଣି। ଦାଣ୍ଡ ଚଉରା ମୂଳେ ସଂଜବତୀ ଜାଳିବା ପାଇଁ ଯିବ ଭୂମି। ପରେ ପରେ ଠାକୁର ଘରେ ଆଳତି କରିବ। ସଂଧ୍ୟାଳତି ନେବାକୁ ଡାକିବ ତା' ବୋଉକୁ। ସଂଧ୍ୟାଳତି ଆଣି ଝପଟି ଆସିବ ତାଙ୍କ ପାଖକୁ। ତାଙ୍କୁ ଆଳତି ଦେଖାଇ ଠାକୁର ଘରକୁ ଯାଇ ଭାଗବତ ପଢ଼େ। ଦିଅଁଙ୍କୁ ମୁଣ୍ଡିଆ ମାରି କେତେ କ'ଣ କହିଥାଏ ଗୁଣୁ ଗୁଣେଇ। ଠାକୁର ଘରୁ ଫେରି ଲାଗିପଡ଼େ ରୋଷେଇ କାମରେ। ପରିବା କଟା, ବେସର ବଟା, ଅଟା ଦଳା ପରେ ଫେରିଆସେ ତାଙ୍କ ନିକଟକୁ। ଔଷଧ ଖୁଆଇ ଦେଇ ତାଙ୍କ ରୁଚି ମୁତାବକ ଟି.ଭିର ଚ୍ୟାନେଲ ଲଗାଇ ଦିଏ। ସେ ସିରିଏଲ ଦେଖୁଥିବା ଅବସ୍ଥାରେ ତାଙ୍କ ଦେହମୁଣ୍ଡ ଆଉଁସି ଦେଇ କେତେ କ'ଣ ପଚାରି ବସେ। ତାଙ୍କ ଭାରାକ୍ରାନ୍ତ ମନ ହାଲ୍‌କା କରିବା ପାଇଁ ପ୍ରୟାସ କରେ। ତା' ଯୋଗ୍ୟତା ମୁତାବକ କେଉଁ ଚାକିରି ବାହାରିଥିଲେ ଜଣାଇ ଥାଏ। ଦୂର ସ୍ଥାନରେ ନିଯୁକ୍ତି ହୋଇଥିଲେ ଚୁପ୍ ରହନ୍ତି ସେ। ତାଙ୍କ ମନ କଥା ବୁଝି ପାରି ଆଶା ଛାଡ଼େ।

ବାପ, ଝିଅଙ୍କର ଏମିତି ଗପସପ ଚାଲିଥିବା ବେଳେ ସୋଫା ଉପରେ ବସି ଟିଭି ପରଦା ଉପରେ ଆଖି ବୁଲେଇ ଥାନ୍ତି ମାଳତୀ। ହେଲେ କାନ ଡେରିଥାନ୍ତି ବାପ, ଝିଅଙ୍କ କଥୋପକଥନ ଆଡ଼େ। ବେଳେବେଳେ ପତି-ପତ୍ନୀଙ୍କର ଚାରି ଚକ୍ଷୁର ମିଳନ ଘଟି ଓଦା ହୁଏ ଆଖି। ରାତିର ବୟସ ବଢ଼େ। ବାକି ରହିଯାଏ ଆଉ କିଛି କଥା। ଭୂମି ଉଠି ପଡ଼ି ଆଗେଇ ଯାଏ ରୋଷେଇ ଘର ଆଡ଼େ। ଲାଗିଯାଏ ରୋଷେଇରେ। ରୋଷେଇ ସାରି ଡାଇନିଂ ଟେବୁଲ ଉପରେ ବାଢ଼ି ଦିଏ ଖାଦ୍ୟ। ତାଙ୍କ ଖାଇବା ଚିଜ ଟିପୟ ଉପରକୁ ଆଣି ଖୁଆଇ ଦିଏ। ଔଷଧ ଖୁଆଇ ଦିଏ ଭୋଜନ ପରେ। ପରେ ପରେ ଶେଯ ସଜାଡ଼ି ତାଙ୍କ ହାତ ଧରି ନେଇଯାଏ ଶୋଇବା ଘରକୁ। ଶୋଇବା ପରେ ଘଷା ମୋଡ଼ା କରିଦିଏ। ଘର ଭିତରକୁ ଆସିଥାନ୍ତି ମାଳତୀ। ଭୂମିକୁ ବାରଣ କରନ୍ତି ମୋଡ଼ା ଘଷା କରିବା ପାଇଁ। ଭୂମି ମୋଡ଼ା ଘଷା କରୁଥାଏ ତା ମାଆ କଥା ଶୁଣି ନ ଶୁଣିଲା ଭଳି।

ମାଳତୀ କିନ୍ତୁ ଝିଅ ହାତ ଧରି ଉଠାଇ ଦିଅନ୍ତି ରାତି ଉଛୁର ହେଲାଣି କହି। ନିଜେ ବସି ପଡ଼ି ଆଉଁସି ଦିଅନ୍ତି ଦେହ ହାତ ଆଉ ଭାରି ଭାରି କଣ୍ଠରେ କହନ୍ତି – "କି ବେଳ କାଳରେ ଝିଅଟାକୁ ଜନ୍ମଦେଲେ ଯେ, ତାକୁ ଖୁସି ଦେବା ବଦଳରେ ଦୁଃଖ, ଯନ୍ତ୍ରଣା ଦେଇ ଚାଲିଛେ। ରାତି ନ ପାହୁଣୁ ଉଠିପଡେ ଶେଯରୁ। ଫର୍ଚ୍ଚା ନ ହେଉଣୁ ନିତ୍ୟ କର୍ମ ସାରି ଫୁଲ ତୋଳି ଆଣେ। ରଂଗ, ବେରଂଗ ଫୁଲରେ ସଜେଇ ଦିଏ ଠାକୁରଙ୍କୁ। ଧୂପ, ଦୀପର ନୈବେଦ୍ୟ ଭିତରେ ଦିଅଁ ପୂଜା ସରେ ଆକାଶରେ ସୂରୁଜ ଉଠିବା ଆଗରୁ। ଠାକୁର ପୂଜା ସାରି ଲାଗି ପଡ଼େ ଚା' ଜଳଖିଆ ପ୍ରସ୍ତୁତି। ଆମକୁ ଖାଇବାକୁ ଦେଇ ମଧାହ୍ନ ଭୋଜନ ପାଇଁ ପରିବା ପତ୍ର କାଟି ସଜାଡ଼ି ଦେଇଯାଏ ରୋଷେଇ ପାଇଁ। ତରବର ହୋଇ ନିଜେ କ'ଣ ଟିକେ ପାଟିକୁ ନେଇ ବାହାରି ଯାଏ ଅଫିସକୁ। ଅଫିସରେ ଦିନ ତମାମ ଖଟଣି ପରେ କେବେ ସଂଜରେ ତ କେବେ ବିଳମ୍ବରେ ଫେରେ ଘରକୁ। ମଧାହ୍ନ ଭୋଜନ ଖାଇବା ତଦାରଖ କରେ ଫୋନରେ। ପାଠ ପଢ଼ିବା ନ ସରୁଣୁ ଘରର ସବୁତକ କାମ ତାଙ୍କ ହାତରୁ ଛଡ଼ାଇ ନେଇଛି ଝିଅ।"

କେତେଦିନ ଏମିତି ଚାଲିଥିବ? କେବେ ଅନ୍ତ ହେବ ତା' ଦୁଃଖ ଆଉ ଯନ୍ତ୍ରଣାର? ପାଞ୍ଚ ବର୍ଷ ଧରି ଘରୋଇ ଚାକିରି କରି ମନରେ ଗ୍ଲାନି, ଅନ୍ତର୍ଦ୍ୱନ୍ଦ୍ୱ ଆଉ ପରିବାରର ବୋଝ ବୋହି ବିଚରା ହାଲିଆ ହୋଇ ଗଲାଣି। ଜଡ଼ି ସଡ଼ି ଗଲାଣି ବ୍ୟଥା ଆଉ ବେଦନାରେ। ବଢ଼ିଲା ଝିଅ..... ମନରେ ଉଙ୍କି ମାରୁଥିବ ଅସୁମାରୀ ସ୍ୱପ୍ନ...। ବୟସର ଚମକ ଏବେ ଅଛି। ହଜିଯିବ ଏଇ ଚମକ ସମୟ ଗଡ଼ିବାରେ। ତା' ବୟସର ପିଲା ସଂସାର ଗଢ଼ି ପିଲାଛୁଆର ମାଆ ହେଲେଣି। ତା' ପାଇଁ ଭଲ ପିଲାଟିଏ ଖୋଜା ଖୋଜି କର। ଭଲ ପାତ୍ରଟିଏ ପଛରେ ଅନେକ ପ୍ରସ୍ତାବ। ସମୟ ଲାଗିବ ଜୁଟାଜୁଟି କରିବା ପାଇଁ। ଏଥିରେ ଅବହେଳା କଲେ ଚଳିବନି। ଦେଖୁନ ଏଇ ଆଖପାଖରେ କେତେ ଝିଅଙ୍କର ବୟସ ଚାଲିଗଲାଣି। ବୋହୂ କରି ନେବାକୁ କିଏ ବା ଚାହିଁବ? ଅଭିଆଡ଼ି ହୋଇ ରହିଯିବେ। ମୋତେ ଖୁବ୍ ଡର ଲାଗୁଛି। ଯେତେ ଶୀଘ୍ର ଭୂମି ପାଇଁ ଭଲ ପାତ୍ରଟିଏ ବୁଝାବୁଝି କରିବାକୁ ମଧ୍ୟସ୍ଥିଙ୍କୁ କୁହ।

ପ୍ରତିଦିନ ଶୋଇବା ଶେଯରେ ସମାନ ପ୍ରସଙ୍ଗ ଉଠାଇ ଥାଆନ୍ତି ମାଳତୀ। ଆଉ ଏସବୁ ଶୁଣି ଚୁପ୍ ରହନ୍ତି ରାଧାକାନ୍ତ। ହେଲେ ଆଜି ତାଙ୍କର ଏଇ ନିରବତାକୁ ସହ୍ୟ କରି ପାରିନଥିଲେ ପତ୍ନୀ। ନିରବତାର କାରଣ ଜାଣିବା ପାଇଁ କହିଥିଲେ – ତମେ କ'ଣ ଭାବୁଛ ମୋ ଝିଅ ସବୁଦିନେ ଏମିତି ଆମ ପାଖରେ ରହି ଆମକୁ ପୋଷୁଥିବ। ତା' ଉପରେ ନିର୍ଭର କରି ଆମେ ବଞ୍ଚି ରହିବା। ସେମିତି ହେବାକୁ ଦେବି ନାହିଁ ମୁଁ। ଝିଅକୁ ଦୁଇ ହାତ କରି ଦେଲା ପରେ ଆମେ ଦୁଇ ପ୍ରାଣୀ କେମିତି ଚଳିବା ସେଇଟା ହିଁ ତୁମ ଚିନ୍ତାର କାରଣ ନାଁ... ?

ମୁହଁ ଖୋଲିଥିଲେ ରାଧାକାନ୍ତ। ଭୂମି କ'ଣ କେବଳ ତୁମର ଝିଅ ମୋର ନୁହେଁ? ତା'ର ଭଲ ମନ୍ଦ ସୁବିଧା ଅସୁବିଧା ଚିନ୍ତା କରିବା ମୋ କର୍ତ୍ତବ୍ୟ ନୁହେଁ? ମାନୁଛି ମୋ ଦେହ ଖରାପ ହେବା ଦିନଠୁ ଝିଅ କାନ୍ଧରେ ଆମେ ସବାର ହୋଇଛେ। ତେବେ କେଉଁଠୁ ଭଲ ପ୍ରସ୍ତାବ ଆଖି ଆଗକୁ ଆସିଲେ ଆମେ ଆଗେଇବା ନା ଯେଉଁଠି ସେଠି ବାହାଘର କରି ସାରା ଜୀବନ ପସ୍ତେଇବା। ଭାବୁଛ ଆମ ସୁଖ, ସୁବିଧା ପାଇଁ ଝିଅକୁ ବାହା ନଦେଇ ଘରେ ରଖିବାକୁ ଚାହୁଁଛି? ପୁଅ, ବୋହୂ କେତେ ଥର କହିଲେଣି ତାଙ୍କ ପାଖକୁ ଯିବା ପାଇଁ। ଠାକୁର ଚାହିଁଲେ ଝିଅ ବାହାଘର ସରିଲେ ଆମେ ପୁଅ ବୋହୂଙ୍କ ପାଖକୁ ଚାଲିଯିବା। ସେମାନେ କ'ଣ ଆମକୁ ଫୋପାଡ଼ି ଦେବେ?

ପୁଅ ବୋହୂଙ୍କ ପାଖରେ ରହିବା ବୋଲି ଭାବି ପାରୁଛ କେମିତି? ତାଙ୍କ ପାଖକୁ ଯିବା ପାଇଁ ସେମାନେ ମୁହଁରେ କହୁଥିଲେ ମଧ୍ୟ ଆନ୍ତରିକତା କେତେ ତାହା ଜାଣି ପାରୁନ। ବାହାଘର ପରେ ପରେ ପୁଅ,ବୋହୂ ଘରୁ ଯାଇଛନ୍ତି ଯେ ଯାଇଛନ୍ତି। ଭଲ ମନ୍ଦରେ କେବେ ଆସି ରହିଲେଣି ଆମ ପାଖରେ। କେବେ ଜିଦ୍ କରିଛନ୍ତି ଆମକୁ ତାଙ୍କ ପାଖକୁ ନେବା ପାଇଁ। ଆକ୍ସିଡେଣ୍ଟ ଖବର ପାଇବା ପରେ ଘରକୁ ଆସିଥିଲେ ଯାହା। ତା' ପରଠୁ କେତେବେଳେ କେମିତି ଫୋନ୍ କରିଦେଇ କର୍ତ୍ତବ୍ୟ ସମାପନ କରି ଦିଅନ୍ତି। ଝିଅଟା ପ୍ରାଇଭେଟ୍ ଚାକିରି କରି କେତେଟା ଟଙ୍କା ପାଉଛି ଯେ ସେଥିରେ ଆମେ କେମିତି ଚଳୁଛେ ବୁଝିବାକୁ ଚାହିଁଛନ୍ତି ସେମାନେ? ଗାଁ ଛାଡ଼ି ସହରରେ କେତେ କଷ୍ଟ ସହି ଦି'ପଇସା ରୋଜଗାର କରି ଭାଇ ଭଉଣୀମାନଙ୍କୁ ପାଠ ପଢ଼େଇ ମଣିଷ କଲ। ଭାଇ ଚାକିରି କରି ତା' ପିଲାଛୁଆଙ୍କୁ ଧରି ଏ ସହରରେ ରହିଛି। ଦିନେ ବାପା, ମାଆଙ୍କୁ ନେଇ ପାଖରେ ରଖିଲାନି। ଶାଶୁ, ଶ୍ୱଶୁର ବଞ୍ଚିଥିବା ଯାଏ ରହିଲେ ଆମ ପାଖରେ। ଭଉଣୀମାନଙ୍କୁ ଭଲ ଜାଗାରେ ବାହା ଦେଲ। ଏତେ ରୋଜଗାର କରି କିଛି ହେଲେ ବି ସଞ୍ଚୟ କରି ପାରିଲନି। ଆଜି ଆମର ଏଇ ଦୁର୍ଦ୍ଦିନରେ କେହି ବି ଠିଆ ହେଲେନି ପାଖରେ। ପୁଅକୁ ଇଂଜିନିୟର ପଢ଼ାଇଲ। ଝିଅକୁ ଇଂଜିନିୟର ପଢ଼ାଇବା ପାଇଁ ଚାହିଁ ନଥିଲ ଅର୍ଥାଭାବ ଯୋଗୁ। ସେଇ ଝିଅ ଏବେ ମୋର ସାହା ଭରସା। ଝିଅକୁ

ଆଶ୍ରା କରୁଛେ ବୋଲି ସବୁଦିନ ପାଇଁ ତାକୁ ଘରେ ରଖିବା ନାଁ କ'ଣ ?

ସେମିତି କାହିଁକି ଭାବୁଛ ତମେ। ଆମେ ଯେତେ ଅସୁବିଧାରେ ରହିଲେ ମଧ୍ୟ ଝିଅକୁ ଭଲ ଘର ଭଲ ବର ଦେଖି ଦେବାକୁ ହେବ। ମଧ୍ୟସ୍ଥି ବନ୍ଧୁବାନ୍ଧବ ଏବଂ ସାଙ୍ଗ ସାଥିମାନଙ୍କୁ ବୁଝାବୁଝି କରିବା ପାଇଁ କହୁଛି। ଦେଖି ଚାହିଁ ଉପଯୁକ୍ତ ପାତ୍ରଟି ପାଇବା କ'ଣ ସହଜ କଥା। ଝିଅ ଥରେ ଏରୁଣ୍ଡି ବଂଧ ଡେଇଁଲେ ନିଜ ଘର ହୋଇଯାଏ ଆଉ କାହାର। ସଂପର୍କର ନିବିଡ଼ତାରେ ଦେଖାଦିଏ ଶିଥିଳତା। ଆମର-ତମର ଶବ୍ଦ ଯୋଡ଼ି ହୁଏ ତୁଣ୍ଡରେ। ସଂକୁଚିତ ହୋଇଯାଏ ସ୍ୱାଧିନତା, ସ୍ୱଚ୍ଛନ୍ଦତା। ଅଙ୍କୁଶ ଲାଗେ ନିଜ ଭାବନାରେ କର୍ତ୍ତୃତ୍ୱ ତଥା ଅଧିକାରରେ। ଫିକା ପଡ଼ିଯାଏ ନିଜର ବ୍ୟକ୍ତିତ୍ୱ ଅଜଣା ମଣିଷମାନଙ୍କ ନୀତି ନିୟମ ଏବଂ ନିର୍ଦ୍ଦେଶାବଳୀ ନିକଟରେ। ଜୀବନ ଧାରଣ ସହଜ, ସରଳ ହୁଏ ଭଲ ମଣିଷଙ୍କ ମେଳରେ ପଡ଼ିଲେ। ଭଲ ମଣିଷ ହୋଇ ନଥିଲେ କଥା ସରିଲା। ସଂପର୍କର ମୂଳଦୁଆରେ ଫାଟ ସୃଷ୍ଟି ହୁଏ। ସ୍ନେହ ଶ୍ରଦ୍ଧା ବଦଳରେ ମତାନ୍ତର ମନାନ୍ତର ଦେଖାଦିଏ। ସାରା ଜୀବନ ଛଟପଟ ହେବାକୁ ପଡ଼େ ଦୁଶ୍ଚିନ୍ତା ଦୁର୍ଭାବନାରେ। ଦୁଃଖ, ଯନ୍ତ୍ରଣା ଆଉ ଅବସାଦରେ।

ଏଇଟା ହିଁ ତ ସଂସାରର ଧରାବନ୍ଧା ନିୟମ। ପର ଦ୍ରବ୍ୟକୁ କେତେ ଦିନ ସାଇତି ରଖିବା ନିଜ ଘରେ। ନିଜ ଘର ଛାଡ଼ି ପର ଘରକୁ ଯିବାକୁ ହିଁ ପଡ଼ିବ। ତେଣିକି ଝିଅର ଭାଗ୍ୟରେ ଯାହାଥିବ ତାକୁ କିଏ ବଦଳେଇ ପାରିବ ?

ଭାଗ୍ୟ ଭବିତବ୍ୟ ଉପରେ କାହାର ବା ହାତ ଅଛି। ତେବେ ବି ପ୍ରତି ବାପା ମାଆ ଚାହାନ୍ତି ଭଲ ଘର ଭଲ ବର ଦେଖି ଝିଅକୁ ଦେବା ପାଇଁ ଯେମିତି ସାରା ଜୀବନ ଝିଅ ତାଙ୍କର ସୁଖ ଶାନ୍ତିରେ ରହିବ। ଡାକିଲେ ଚାଲି ଆସିବ ଭଲରେ ମନ୍ଦରେ ଅବା ପୁନେଇ ପରବରେ। ହେଲେ ସମସ୍ତଙ୍କ ଭାଗ୍ୟରେ କ'ଣ ତାହା ଜୁଟେ। ଶାଶୁଘର ଜଂଜାଳରୁ ମୁକୁଳି ଠିକ୍ ସମୟରେ ବାପ ଘରେ ପହଞ୍ଚିବା ସମ୍ଭବ ହୁଏନି। କେତେ କ'ଣ ବାଧା ବିଘ୍ନ ସାମ୍ନାକୁ ଆସି ବାଟ ଓଗାଳେ। ଶାଶୁ ଘର ଲୋକମାନଙ୍କ ଅନୁମତି ଲୋଡ଼ା ହୁଏ। ନିଜର ସ୍ୱାଧୀନତା ବୋଲି କିଛି ନଥାଏ ଶାଶୁ ଘରେ। ସଦାବେଳେ ବନ୍ଦୀ ଜୀବନ ବିତେଇବାକୁ ପଡ଼େ ଘର ଭିତରେ। ସେଇଥିପାଇଁ ଭାବୁଥିଲି ସରକାରୀ ଚାକିରି ଖଣ୍ଡିଏ ମିଳି ଯାଇଥିଲେ ଭୂମିର ବାହାଘର କରିଥାନ୍ତେ।

ଏମିତି ଆଉ କେତେ ଦିନ ଅପେକ୍ଷା କରିବା ଯେ। ପଢ଼ା ସରିବା ଛଅବର୍ଷ ପୁରିଲାଣି। ସମୟ ଗଡ଼ି ଚାଲିଛି। ବୟସ ବଢ଼ିବାରେ ଲାଗିଛି। ଝିଅ ଗିଅ। ଯେତେ ଶୀଘ୍ର ହାତକୁ ଦି'ହାତ କରି ଦେଲେ ଦାୟିତ୍ୱରୁ ମୁକୁଳିବା। ତା' ଛଡ଼ା କେତେ କେତେ ଭୂମି ଚାକିରି ଖୋଜି ହେଉଛନ୍ତି। ବିଶ୍ୱ ବିଦ୍ୟାଳୟରୁ ସର୍ବୋଚ୍ଚ ଡିଗ୍ରୀ ହାସଲ କରି ସକାଳୁ ସଂଜ ଖରା ତରା ବର୍ଷା କାକରରେ ଖାଲି ପେଟରେ ସରକାରୀ, ବେସରକାରୀ ଦପ୍ତର ବୁଲି ହିନସ୍ତା ହେବାରେ ଲାଗିଛନ୍ତି। କେତେ ଜଣଙ୍କ ଭାଗ୍ୟରେ ଜୁଟୁଛି ଚାକିରି ଖଣ୍ଡିଏ ସେମାନଙ୍କ ଯୋଗ୍ୟତା ଅନୁସାରେ। ସରକାରୀ ଚାକିରି ଆଶା କରିବା ଆକାଶ କୟାଁ, ଚିଲିକା ମାଛଭଳି। ମୋ କଥା ମାନି ଆଉ ସମୟ ନ ଗଡ଼େଇ ଭୂମି ପାଇଁ ପ୍ରସ୍ତାବ ଦେଖିବାରେ ଗୁରୁତ୍ୱ ଦିଅ।

ବାପାଙ୍କୁ ମେଡ଼ିସିନ୍ ଖୁଆଇ ଦେବାକୁ ଯିବା ସମୟରେ ବାହାରେ ଥାଇ ବାପା, ବୋଉଙ୍କ କଥୋପକଥନ ଶୁଣିଥିଲା ଭୂମି। ସବୁ ଶୁଣିବା ପରେ ଘରକୁ ଯାଇ ବାପାଙ୍କୁ ମେଡ଼ିସିନ୍ ଖୁଆଇ ଥିଲା। ଭୂମିକୁ ଦେଖି ଚୁପ୍ ରହିଥିଲେ ବାପା,ବୋଉ। ତା' ବାହାଘର ପାଇଁ ବାପା, ବୋଉଙ୍କ ଚିନ୍ତା ବଢ଼ି ଯାଇଛି। ବାହା ବୟସ ଗଡ଼ି ଯାଉଛି। ମଉଳଶ ପଡ଼ିବ ଚେହେରାରେ। ମୁହଁ ମୋଡ଼ି ଫେରିଯିବେ ପୁଅ ପକ୍ଷ। ଅଭିଆଡ଼ି ରହିଯିବ ସବୁ ଦିନ ପାଇଁ। ବୟସ ବଢ଼ିବାରେ ଚେହେରାରେ ପରିବର୍ତ୍ତନ ଆସିବା କଥା ଭାବି ନଥିଲା ଏଯାଏ। ସମୟ ମିଳେନି ଭାବିବାକୁ। ନିଜ ସଂପର୍କରେ। ଦିନ ତମାମ କାମ ଆଉ କାମ। କର୍ତ୍ତବ୍ୟର ଆହ୍ୱାନ। ରୋଗିଣା ବାପା,ବୋଉଙ୍କ ଆଖିରେ ସେ ଦୁନିଆଁ ଦେଖୁଥିଲା। ବଡ଼ ଭାଇ ତା'ର ପିଲା ଛୁଆଙ୍କୁ ଧରି ବାହାରେ ରହୁଛି ସେ କେବେ ବାପା, ମାଆଙ୍କ ଭଲମନ୍ଦ ବୁଝେନି। ଛୋଟ ମୋଟ ଚାକିରି ଖଣ୍ଡେ କରିଥିବାରୁ ଦୁଃଖ, କଷ୍ଟରେ ଚଳି ଯାଉଛି ସେମାନଙ୍କ ପରିବାର। ଅଫିସରୁ ଫେରିଲେ ଘରକାମ କରିବାକୁ ପଡୁଛି। ସକାଳୁ ଶେଯ ଛାଡ଼ିବା ପରଠୁ ପୁଣି ବିଳମ୍ବିତ ରାତିରେ ଶେଯ ଧରିବା ପର୍ଯ୍ୟନ୍ତ ଫୁରସତ୍ ମିଳେନି ନିଜ ସଂପର୍କରେ ଭାବିବା ପାଇଁ। ସମୟ ନଥାଏ ଦର୍ପଣ ସମ୍ମୁଖରେ ଠିଆ ହୋଇ ନିଜ ବୟସ ଦେଖିବାକୁ। ଦିନ ତମାମ ଡେଣା ଝାଡ଼ି ଝାଡ଼ି ଥକି ପଡ଼େ ତା' ସ୍ୱପ୍ନର ପକ୍ଷୀଟା। ବସା ଧରୁ ଧରୁ କିଛି ଭାବିବା ଆଗରୁ ବୁଜି ହୋଇଯାଏ ଆଖିପତା। ହେଲେ ଆଜି ଆଖିକୁ ତା'ର ନିଦ ନଥିଲା ତା' ବିବାହ ସଂପର୍କରେ ବାପା, ବୋଉଙ୍କ କଥୋପକଥନ ଶୁଣି। ବାପାଙ୍କୁ ମେଡ଼ିସିନ୍ ଖୁଆଇ ସାରି ଫେରି ଆସିଥିଲା ନିଜ ରୁମ୍‌କୁ। ଚୁପ୍‌ଚାପ୍ ଶୋଇ ପଡ଼ିଥିଲା ବେଡ଼୍‌ରେ। ଆଉ କେତେ କ'ଣ ଭାବି ଚାଲିଥିଲା ନିଜ ସଂପର୍କରେ। ପରିବାର ସଂପର୍କରେ। ତେବେ ଗୋଟିଏ କଥା ତା' ମନ ଭିତରେ ବାରମ୍ବାର ଗୁଡ଼େଇ ତୁଡ଼େଇ ହେଉଥିଲା ଅଡୁଆ ସୂତା ପରି। ସେ ବାହା ହୋଇ ଚାଲିଗଲା ପରେ ତା' ବାପା, ବୋଉ ସକାଳର ଆଲୁଅ ଦେଖିବେ କେମିତି ? ଯେଉଁଥି ପାଇଁ ନିଜ ଜୀବନର ଡୋରିଟା କର୍ତ୍ତବ୍ୟର ଖୁଣ୍ଟରେ ବାନ୍ଧି ଦେଇ ଏକ ଅନିଶ୍ଚିତତାର ପରିଧି ଭିତରେ ଘୁରି ବୁଲୁଛି ଦିନ ରାତି। ତେବେବି କେତେବେଳେ କେମିତି ମନର କେଉଁ ମେଘୁଆ ଆକାଶ ଦେହରେ ଫାଳିକିଆ ଜହ୍ନଟା ପରି ଲୁଚକାଳି ଖେଳେ ଛବିଟିଏ।

ଆଜି କିନ୍ତୁ ତା'ମନର ଆକାଶରେ ମେଘ ନଥିଲା। ଫାଳିକିଆ ଜହ୍ନ ସ୍ଥାନରେ ପୂନେଇ ଜହ୍ନ ଭଳି ଛବିଟିଏ ଉଇଁ ଆସିଥିଲା ତା' ମନ ଆକାଶରେ। ମାନସ ଦାସର ଛବି। ତା'ର ସହପାଠୀ। ରେଭେନ୍‌ସାରେ ପି.ଜି କରୁଥିବା ବେଳେ ତା' ମନରେ ଢାଳି ଦେଇଥିଲା ଭଲପାଇବାର ରଂଗ। ସେ ରଂଗ ଏ ଯାଏ ଧୋଇ ହେଉନି। ଘସି ମାଜି ଦେଲେ ଦେହରେ ପଡ଼ିଥିବା ରଂଗଟା ସିନା ଧୋଇ ହୋଇଯାଏ। ହେଲେ ମନରେ ପଡ଼ିଥିବା ରଂଗ ଛାଡ଼ିବ କେମିତି ? ଚେଷ୍ଟା କରିଥିଲା ରଂଗଟା ଛଡ଼ାଇ ଦେବା ପାଇଁ। କାରଣ ଦୁହେଁ ଦୁଇଟି ସମାନ୍ତରାଳ ପଥର ପଥିକ ଥିଲେ।

ମାନସ ସହରର ଏକ ସମ୍ଭ୍ରାନ୍ତ ଧନୀକ ପରିବାରର ସନ୍ତାନ ହୋଇଥିବା ବେଳ ସେ ନାମହୀନ ଏକ ସାଧାରଣ ପରିବାରର ଝିଅ। ମାନସର ସାମାଜିକ ପ୍ରତିଷ୍ଠା ଥିବାବେଳେ ତାଙ୍କ ଘରକୁ ବୋହୂ ହୋଇଯିବା ଅସମ୍ଭବ ମନେ ହୋଇଥିଲା। ତା'ଛଡ଼ା ସେହି ସମୟରେ ତା' ବାପା ଦୁର୍ଘଟଣାରେ ପକ୍ଷାଘାତରେ ଶିକାର ହୋଇଥିଲେ। ଭାଇ ବିବାହ ପରେ ପରିବାରଠୁ ଦୂରେଇ ଯାଇଥିଲା। ସେ ସମୟରେ ତା' ଜୀବନର ସବୁଠାରୁ ନିଷ୍ଠୁରତମ ସତ୍ୟ ଥିଲା ନିଜେ ବଞ୍ଚି ତା' ପରିବାରକୁ ବଞ୍ଚେଇବା। ମାନସ ତାକୁ ଭଲ ପାଏ ତାହା ଜାଣି ମଧ୍ୟ ତାଙ୍କ ସହ ସଂପର୍କର ଡୋରି ଲଗାଇବାକୁ ଚାହିଁ ନଥିଲା। କାରଣ ମାନସକୁ ଜୀବନ ସାଥି ରୂପେ ପାଇବା ଅସମ୍ଭବ ମନେ କରିଥିଲା। ନିଜର ତଥା ନିଜ ପରିବାରର ବାସ୍ତବ ଚିତ୍ର ସଂପର୍କରେ ସୂଚନା ଦେଇଥିଲା। ରୋଗୀଣା ବାପା, ମାଆଙ୍କର ବଞ୍ଚିବାର ସେ ଏକାମାତ୍ର ଅବଲମ୍ବନ ହୋଇଥିବାରୁ ତାଙ୍କୁ ଛାଡ଼ି ବିବାହର ସ୍ୱପ୍ନ ଦେଖିବା ସମ୍ଭବ ନୁହେଁ ବୋଲି ବୁଝେଇଥିଲା। ବୁଝେଇଥିଲା ସ୍ୱାର୍ଥର ନିବିଡ଼ତା ଅପେକ୍ଷା କର୍ତ୍ତବ୍ୟର ଗଭୀରତା ହେଉଛି ତା'ର ପ୍ରଥମ ଆବଶ୍ୟକତା। ନିଜ ଜୀବନର ସବୁ ଅପୂର୍ଣ୍ଣତା ଭିତରେ ନିଜ ପରିବାରକୁ ସୁରକ୍ଷିତ ରଖିବାର ପୂର୍ଣ୍ଣତା ହିଁ ତା'ର ଏକ ମାତ୍ର ପ୍ରାପ୍ତି ଏ ଜନ୍ମ ପାଇଁ। ପାଠ ପଢ଼ା ପରେ ଚାକିରି ପାଇଁ ଦୌଡ଼ିବା ଏବଂ ଚାକିରି ପରେ ନିଜ ବାପା ମାଆଙ୍କ ପାଇଁ ସଜ ସକାଳଟିଏ ଚାହୁଁଥିବାରୁ ତା'ଠାରୁ ଦୂରେଇ ଯିବା ପାଇଁ ବୁଝେଇଥିଲା ମାନସଙ୍କୁ।

ସମାରୋହ

ଏତେ ସବୁ ବୁଝେଇବା ସତ୍ତ୍ୱେ ବୁଝି ନଥିଲେ ସେ। କଲେଜରେ ତଥା ତା'ର ସହପାଠୀମାନଙ୍କ ମଧ୍ୟରେ ସୁନ୍ଦରୀ ଝିଅଙ୍କର ଅଭାବ ନଥିଲେ ମଧ୍ୟ କେଜାଣି କାହିଁକି ତାକୁ ଭଲ ପାଇ ବସିଥିଲେ। ଯେଉଁଥିପାଇଁ ତା' ସହପାଠୀ ଝିଅମାନଙ୍କ ମଧ୍ୟରୁ କେତେଜଣ ତା'ଠୁ ଦୂରେଇ ଯାଇଥିଲେ ଇର୍ଷାରେ, ତା'ପର ଶ୍ରୀର କାତରତାରେ। ପରୀକ୍ଷା ସରିଥିଲା। ପରୀକ୍ଷା ସରିବାର ପରଦିନ ସେ ଘରକୁ ଫେରୁଥିବା ଜାଣି ପୂର୍ବରୁ ଷ୍ଟେସନରେ ପହଞ୍ଚି ଅପେକ୍ଷାରେ ଥିଲେ ମାନସ। ଅଟୋରୁ ଓହ୍ଲେଇବା କ୍ଷଣି ପାଖରେ ପହଞ୍ଚି ଲଗେଜ କାଢ଼ିବାରେ ସାହାଯ୍ୟ କରିଥିଲେ। ଅଟୋକୁ ବିଦା କରି ଲଗେଜ ବୋହି ଆଣିଥିଲେ ଷ୍ଟେସନ ଭିତରକୁ। ଟ୍ରେନ ଆସିବାକୁ ଆଉ କିଛି ସମୟ ବିଳମ୍ବ ଥିଲା। ଦୁହେଁ ନିର୍ଦ୍ଦିଷ୍ଟ ପ୍ଲାଟଫର୍ମକୁ ଯାଇ ଗୋଟିଏ ସିମେଣ୍ଟ ବେଞ୍ଚ ଉପରେ ବସିଥିଲେ। କିଛି ସମୟର ଆଳାପ ଆଲୋଚନା ପରେ ତାକୁ ପାଇବା ପାଇଁ ମାନସର ସବୁ ଆବେଦନ, ନିବେଦନ ସମ୍ଭବ ନୁହେଁ ବୋଲି ଲୁହ ଛଳଛଳ ଆଖି ଏବଂ ଭାରାକ୍ରାନ୍ତ କଣ୍ଠରେ କହିଥିଲା ଭୂମି।

ପିଲାଙ୍କ ଭଳି କାନ୍ଦି ଉଠି ତା' ହାତ ଧରି କହିଥିଲେ ତୁମ ବାପା, ମାଆ ତୁମ ନିଜର ଆଉ ମୁଁ କ'ଣ ତୁମର କେହି ନୁହଁ। ମୁଁ ବି ତମ ବାପା,ମାଆଙ୍କୁ ନିଜର କରିପାରିବି। ସାରା ଜୀବନ ତୁମ ବାପା,ମାଆଙ୍କ ଦାୟିତ୍ୱ ନେବି। ତୁମେ ଚାକିରି କର। ମୁଁ ବି ଚାକିରି ପାଇଁ ଚେଷ୍ଟା କରିବି। ଚାକିରି ପାଇବା ପରେ ତୁମ ଘରକୁ ଯାଇ ତୁମ ହାତ ଧରିବାକୁ ଅନୁନୟ କରିବି ତୁମ ବାପା, ମାଆଙ୍କ ପାଖରେ। ଟ୍ରେନ ଲାଗିଥିଲା ପ୍ଲାଟଫର୍ମରେ। ଟ୍ରେନ ଭିତରକୁ ଲଗେଜ ଉଠାଇ ଦେଇଥିଲେ ମାନସ। ପରେ ପରେ ଟ୍ରେନ ଗଡ଼ିଥିଲା ପ୍ଲାଟଫର୍ମରୁ। ଉଭୟେ ଉଭୟଙ୍କଠାରୁ ବିଦାୟ ନେଇଥିଲେ ଲୁହ ଛଳଛଳ ଆଖିରେ।

ସମୟ ଗଡ଼ି ଚାଲିଥିଲା। ପରିବାର ପ୍ରତିପୋଷଣ ପାଇଁ ଧନ୍ଦି ହୋଇଥିଲା ଚାକିରି ଖଣ୍ଡେ ପାଇବା ପାଇଁ। ଭାଗ୍ୟବଳକୁ ପ୍ରାଇଭେଟ ଚାକିରି ଖଣ୍ଡିଏ ମିଳିଯିବାରୁ ବଞ୍ଚିବାର ରାହା ମିଳିଯାଇଥିଲା। ତେବେ ଭଲ ଚାକିରି ଖଣ୍ଡେ ପାଇବା ଲାଗି ସମୟ ମିଳେନି ପ୍ରସ୍ତୁତି ପାଇଁ। ସମୟ ମିଳେନି ମାନସଙ୍କ ନିକଟରୁ ଅନେକ ଚିଠି ପାଇବା ସତ୍ତ୍ୱେ ତାଙ୍କ ନିକଟକୁ ଚିଠି ଖଣ୍ଡେ ପଠେଇବାକୁ। ସମୟ ମିଳେନି ବୋଲି କହି ହେବନି। ମାନସଙ୍କ ମାନସପଟରୁ ଦୂରେଇ ଯିବା ପାଇଁ ଜାଣି ଜାଣି ଯୋଗସୂତ୍ର ରଖିବାକୁ ଚାହୁଁନଥିଲା। ବାପା, ମାଆଙ୍କୁ ଅନିଶ୍ଚିତ ରାତି ପାଖରେ ଛାଡ଼ି ନିଜ ପାଇଁ ସୁଖଦ ସକାଳଟିଏ ଯୋଗାଡ଼ କରିପାରିଥାନ୍ତା କେମିତି ? ବରଂ ମାନସଙ୍କଠାରୁ ଦୂରେଇ ରହି ତାଙ୍କ ଜୀବନଯାତ୍ରାରେ ହସ ଖୁସିର ରାସ୍ତା ଛାଡି ଦେଇ ଆଶ୍ୱସ୍ତ ହୋଇଥିଲା। ରାସ୍ତା ନଥିଲା କିନ୍ତୁ ତା' ଭାରାକ୍ରାନ୍ତ ମନରେ ଇଲାକା ଭିତରକୁ ରୁନ୍ଧି ହୋଇ ପଡୁଥିବା ମୁହୂର୍ତ୍ତମାନେ ନିବୁଜ ମନ ମଧ୍ୟରୁ ବାହାରି ଆସିବାକୁ ଛାଟିପିଟି ହୁଅନ୍ତି। ଛାଟିପିଟି ହୁଅନ୍ତି ଅନ୍ଧାରରୁ ମୁକୁଳି ସଜ ସକାଳର ସଫେଦ ଆଲୋକ ଦେଖିବା ପାଇଁ। ହେଲେ ସେଇ ଅନ୍ଧକାର ଭିତରେ ନିଜକୁ ଅଭ୍ୟସ୍ତ କରି ଦୀପ ଭଳି ନିଜେ ଜଳି ତା' ଚାରିକଡ଼କୁ ଆଲୋକ ଦେଉଥିବାରୁ କିଛିଟା ଆନନ୍ଦ ଅନୁଭବ କରୁଥିଲା।

ନିଦ ନଥିଲା ଆଜି ଭୂମି ଆଖିରେ। ଆଖି ସାମ୍ନାରେ ବାରମ୍ବାର ଭାସି ଉଠୁଥିଲା ଉଦାସ ମୁହଁ ମାନସଙ୍କର ସବୁଦିନ ପାଇଁ କଲେଜ ଛାଡ଼ି ଘରକୁ ଫେରିବା ମୁହୂର୍ତ୍ତରେ। ଭିଜି ଯାଇଥିଲା ଆଖି। ଭିଜି ଯାଇଥିଲା ଦେହ ଆଉ ମନ ଏକ ଅବ୍ୟକ୍ତ ବେଦନାରେ। ଟ୍ରେନ ଗଡ଼ିବା ଆରମ୍ଭ କରିଥିଲେ ମଧ୍ୟ ତା' ପାପୁଲିକୁ ଛାଡ଼ି ନଥିଲେ ତାଙ୍କର ଦୁଇ କୁଣ୍ଠିତ ପାପୁଲି ଭିତରୁ। ଟ୍ରେନର ଗତି ସାମାନ୍ୟ ବଢ଼ିବା କ୍ଷଣି ନିଜ ପାପୁଲି ଖସେଇ ଆଣିଥିଲା ଭୂମି। ଚାହିଁ ରହିଥିଲେ ସେ ଟ୍ରେନ ଅଦୃଶ୍ୟ ହେବା ଯାଏ। ଏବେ ସେ କେଉଁଠି କ'ଣ କରୁଥିବେ କେଜାଣି ? ଯେଉଁଠି ଯେମିତି ଥାଆନ୍ତୁ ଭଲରେ ଥାଆନ୍ତୁ। ମନ ଭିତରୁ ଛୋଟ ଇଚ୍ଛାଟିଏ ଉକୁଟେଇ ଉଠିଥିଲା। ଝାଳେଇ ଯାଇଥିଲା ବିଭୋରତାରେ।

କ୍ଲାନ୍ତ ଆଖି ପତା ଲାଗି ଆସୁଥିଲା ପାହାନ୍ତି ରାତିର ଥଣ୍ଡା ପବନରେ। ଖୋଲା ଝର୍କା ବାଟେ ପଶି ଆସୁଥିଲା ମଲ୍ଲୀଫୁଲର ବାସ୍ନା। ଅନତୀ ଦୂରରୁ ଭାସି ଆସୁଥିଲା କୋଇଲିର କୁହୁ ସ୍ୱନ। ରାତି ଉଜାଗର ଯୋଗୁଁ ଦେହରେ ଜଡେଇ ହୋଇ ରହିଥିଲା ଅସଲପଣ। ସବୁଦିନ ଭଳି ସଅଳ ବିଛଣା ଛାଡ଼ିବାକୁ ଇଚ୍ଛା ନଥିଲା। ଭଙ୍ଗା ହୋଇ ରହିଥିବା ଚଦରଟାକୁ ଫିଟେଇ ଦେହରେ ଗୁଡେଇ ଦେଇଥିଲା। ଆଉ କିଛି ସମୟ ଆଖି ବୁଜି ଶୋଇବାକୁ ଚାହୁଁଥିଲେ ମଧ୍ୟ ଶୋଇ ପାରିନଥିଲା ଗୋଟିଏ ଡାମରା କାଉର କା,କା ରାବରେ। ଝର୍କା ପାଖକୁ ଲାଗିଥିବା ସଜନା ଗଛ ଡାଳରେ ବସି ରାବି ଚାଲିଥିଲା। ବ୍ୟାଘାତ ସୃଷ୍ଟି ହୋଇଥିଲା ଶୋଇବାରେ। ଆଖି ମଳି ମଳି ଉଠି ପଡ଼ି ଝର୍କା ପଟେ ଚାହିଁଥିଲା ରାବୁଥିବା କାଉ ଆଡ଼େ। କାଉଟି ଏ ଡାଳରୁ ସେ ଡାଳ ଉଡ଼ି ରାବି ଚାଲିଥିଲା। ବିରକ୍ତି ପ୍ରକାଶ କରି ଅସ୍ପଷ୍ଟ କଣ୍ଠରେ ଭୂମି କହିଥିଲା – "କେଉଁ କୁଣିଆ ଆମ ଘରକୁ ଆସିବାକୁ ଅଛି ଯେ ଜଣାଇ ଦେଉଛି କା' , କା' ଡାକି।"

ଶୋଇବା ଘରୁ ବାହାରି ଆସିଲା ଭୂମି। ବାହାରେ ସୁନେଲି ସୂର୍ଯ୍ୟକିରଣ ବିଛେଇ ହୋଇ ପଡ଼ିଛି ଘରର କାନ୍ଥ ବାଡ଼ ଏବଂ ଅଗଣାର ଗଛ ଲତା ଉପରେ। ବାପା, ବୋଉ ଉଠି ବସି ରହିଛନ୍ତି। ତା'ର ଉଠିବା ବିଳମ୍ବ ହୋଇଥିଲେ ମଧ୍ୟ ତାକୁ ଡାକିବାକୁ ଉଚିତ ମଣି ନାହାଁନ୍ତି। ଦିନ ସାରା ଖଟି ଖଟି କ୍ଲାନ୍ତ ହୋଇ ପଡ଼ିଛି ବୋଲି ଭାବିଛନ୍ତି। ତା' ପିଇ ନଥିବେ ଭାବି ରୋଷେଇ ଘର ଆଡ଼େ ଯିବା ବେଳେ କଲିଂ ବେଲ୍ ବାଜି ଉଠିଥିଲା। ଲେଉଟି ପଡ଼ି ଦାଣ୍ଡ ଦରଜା ଖୋଲିବାକୁ ଗଲା ଭୂମି। ଦରଜା ଖୋଲି ଯାହା ଦେଖିଲା ନିଜ ଆଖିକୁ ପ୍ରଥମେ ବିଶ୍ୱାସ କରି ପାରିନଥିଲା। ସମ୍ମୁଖରେ ଠିଆ ହୋଇଥିଲେ ମାନସ। ଶାନ୍ତ, ଗମ୍ଭୀର ଚେହେରା। ଅନିସନ୍ଧିତ୍ସୁ ଆଖି ତାଙ୍କର ପହଁରି ଯାଇଥିଲା ତା' ମଥାରୁ ପାଦ ପର୍ଯ୍ୟନ୍ତ। ଆଶ୍ଚର୍ଯ୍ୟଚକିତ ତଥା ବିହ୍ୱଳ ଆଖିରେ ମାନସଙ୍କୁ ଚାହିଁ ରହିଥିଲା ସେ। ଆଖିରେ ତା'ର ଜକେଇ ଆସିଥିଲା ଲୁହ। ନିରବରେ ବିତିଥିଲା କିଛି ମୁହୂର୍ତ୍ତ। ଭୂମି କିଛି କହିବା ପୂର୍ବରୁ ମାନସ ମୁହଁ ଖୋଲିଥିଲେ –

"ମୋତେ ଘର ଭିତରକୁ ଯିବାକୁ ଅନୁମତି ମିଳିବ ନା...।" ଭୂମି ଅବିଚଳିତ ଭାବରେ ଛିଡ଼ା ହୋଇ ଚାହିଁ ରହିଥିଲା ମାନସଙ୍କ ମୁହଁକୁ। ଭାବନା ରାଇଜରେ ବୁଡ଼ି ରହି ମାନସଙ୍କ କଥା ଶୁଣି ପାରିନଥିଲା। ଗତ ରାତିରେ ସ୍ୱପ୍ନ, ଭାବନା ଆଉ ଏବେ ଏବେ ଡାମରା କାଉର ସନ୍ଦେଶ ସମ୍ପର୍କରେ ଭାବି ଚାଲିଥିବାବେଳେ ତା' ବୋଉ ଡାକରେ ଚମକି ପଡ଼ିଥିଲା।

"ଆରେ ଏମିତି ଚୁପଚାପ୍ ଠିଆ ହୋଇ ରହିଛୁ କ'ଣ ? ପୁଅ ସେତେବେଳୁ ସେମିତି ଠିଆ ହୋଇ ରହିଛନ୍ତି, ଆଉ ସେ କ'ଣ କହିଲେ ଶୁଣି ପାରିଲୁ ନାଁ ନାହିଁ ? ଘରକୁ ଆସିବାକୁ ଅନୁମତି ମାଗୁଛନ୍ତି ଅଥଚ ତୁ ତାଙ୍କୁ ଘରକୁ ନଡାକି ଠିଆ ହୋଇ ରହିଛୁ।"

ମାଳତୀ ଦେବୀଙ୍କ ପାଦ ସ୍ପର୍ଶ କରି ମୁଣ୍ଡିଆ ମାରିଥିଲେ ମାନସ। ଦୁଇ ହାତ ତାଙ୍କ ମୁଣ୍ଡରେ ରଖି ଆଶୀର୍ବାଦ କରିଥିଲେ ମାଳତୀ ଦେବୀ। ଲାଜରେ ଝାଉଁଳି ପଡ଼ିଥିଲା ଭୂମି। ମାନସଙ୍କ ହାତ ଧରି ଘର ଭିତରକୁ ଡାକି ନେଇଥିଲେ ଭୂମିର ମାଆ।

ସକାଳର କଅଁଳ ଖରା ଟାଣ ହେବାରେ ଲାଗିଥିଲା। ଏବେବି ରହି ରହି ସ୍ୱର ତୋଳୁଥିଲା କୋଇଲି ଆଉ କା, କା ରାବି ଉଡ଼ିଯାଇଥିଲା ଡାମରା କାଉ ସଜନା ଗଛ ଡାଳରୁ ଅନ୍ୟ କେଉଁଆଡ଼େ।

*ଶାନ୍ତି ନିବାସ, ପ୍ଲଟ ନଂ.୧୨୫୨/୧୪୫୯,*
*ନ୍ୟୁ ଫରେଷ୍ଟ ପାର୍କ, ଭୁବନେଶ୍ୱର*
*ଦୂରଭାଷ: ୯୦୪୦୨୦୫୦୪୯*

# ଭୁଲାମନ

## ରଞ୍ଜନ ସାହୁ

ଜଗନ୍ନାଥଙ୍କ ନବକଳେବର ନିମିତ୍ତ ଚିହ୍ନିତ ନିମଗଛ ଦର୍ଶନ କରିବାକୁ ଶହ ଶହ ଲୋକ ଧାଡ଼ି ବାନ୍ଧିଥିଲେ । ସେମାନଙ୍କ ଭିତରେ ଥିଲେ ମୋର ସ୍ତ୍ରୀ, ଦୁଇଝିଅ, ମୋର ମା' ଓ ମୁଁ । ବୟସାଧିକ୍ୟ ଯୋଗୁଁ ବାପା ମନାକଲେ ଯିବା ପାଇଁ ।

ନିମଗଛ ଚାରିପଟେ ସେବାୟତ ଓ ଦଇତାପତିମାନେ ଘେରି ରହିଥିଲେ । ବାଉଁଶ ବାଡ଼, ଅସ୍ଥାୟୀ ଟେଣ୍ଟ ଘର, ପୋଲିସ ମୁତୟନ, ଅଗ୍ନି ନିର୍ବାପକ ଗାଡ଼ିର ବନ୍ଦୋବସ୍ତ ଇତ୍ୟାଦି ହୋଇଥିଲା । ପ୍ରଶାସନ ତରଫରୁ ଚା ଜଳଖିଆ, ପାନ, ଖେଳନା, ହର୍‌-ଏକ-ମାଲ, ଆଦି ଦୋକାନ ବସିଥିଲା ଚତୁଃପାର୍ଶ୍ୱରେ । ସମ୍ବାଦ ପରିବେଷଣ ପାଇଁ ଗଣମାଧ୍ୟମର ସୁବ୍ୟବସ୍ଥା ମଧ୍ୟ କରାଯାଇଥିଲା । ରୌଦ୍ର ଦଗ୍ଧ ବସୁମାତା, ଉତ୍ତପ୍ତ ବାୟୁମଣ୍ଡଳ । ଦେହ ଘର୍ମାକ୍ତ । ସବୁ ମିଶି କରୁଥାଏ ଅସ୍ତବ୍ୟସ୍ତ ।

ଭିଡ଼ ଭିତରେ ପଶିଛିକି ନାହିଁ ଅଷ୍ଟମ ଶ୍ରେଣୀରେ ପଢୁଥିବା ମୋ ସାନଝିଅ ପାଣି ମାଗିଲା ପିଇବା ପାଇଁ । ତତ୍‌କ୍ଷଣାତ୍ ସ୍ତ୍ରୀ ଲତାକୁ ପଚାରିଲି, ପାଣି ବୋତଲ ଆଣିଛ ?

-ନା, ସେ ହଡ଼ବଡ଼େଇଗଲେ ।

- ତମର ସବୁବେଳେ ଭୁଲାମନ । ଜରି ବ୍ୟାଗ୍‌ରେ ଦି'ଟା ବଡ଼ ବୋତଲ ରଖିଲି ମୋର ଖୋର୍ଦ୍ଧା ଗାମୁଛା ପୂରେଇଲି, ମା'ର ପାନଡବା ଥୋଇଲି । ତମେ ବେଗ୍‌ଟାକୁ ଛାଡ଼ି ଆସିଲ ? ବିରକ୍ତି ବ୍ୟଞ୍ଜକ ସ୍ୱରରେ କହିଲି ।

-ଜାଣିଛତ ମୋର ମନେ ରହୁନି । ତମେ ଧରିଲନି । ସେ ଅଧିକ ଜୋରେ କହିଲେ ।

-ସବୁତ ମୁଁ କରିବି ତମେ କ'ଣ କରିବ ? ଆହୁରି ଜୋରେ ତିକ୍ତତା ପ୍ରକାଶ କଲି ।

-ମୁଁ ତ ବଡ଼ ଝିଅକୁ କହିଥିଲି ଆଣିବା ପାଇଁ । ସେ ଦୋଷମୁକ୍ତ ହେବା ପାଇଁ ସ୍ୱର ଧୀର କରି ନେଇ ଜଣେଇଲେ ।

-ମିଛ କୁହନା । ସବୁବେଳେ ମିଛ ! ତମ ମୋବାଇଲ ଫୋନ୍‌ଟା ଆଣିଛନା ? କଥା ବଦଳାଇ ପଚାରିଲି ।

-ଥିବ ମୋ ଭ୍ୟାନିଟ୍ ବ୍ୟାଗ୍‌ରେ । ଉପେକ୍ଷାଭରା ସ୍ୱରରେ କହିଦେଇ ସେ ଅଗ୍ରସର ହେଲେ ଦୁଇ ପାହୁଣ୍ଡ ।

ମୁଁ ଯେମିତି ଠାକୁର ଦେଖି ଆସିନାହିଁ କଳି କରିବାକୁ ଆସିଛି । ସେମିତି ରୁଷ୍ଟ ସ୍ୱରରେ ପୁନଶ୍ଚ କହିଲି, ବେଗ୍ ଦେଖୁନା । ଭିଡ଼ ଭିତରେ ଫୋନ୍‌ଟା କେତେ ଜରୁରୀ, ଜାଣିଛ ? ହଜିହୁଜା ଗଲେ ମୋ ପାଖକୁ ତ ଫୋନ୍ କରିପାରିବ ।

କାନ୍ଧରୁ ବ୍ୟାଗ୍ କାଢ଼ି ସେ ଖୋଜିଗଲେ । ଦୁଇ ତିନିଥର ଆଗ ପଛ ଅଣ୍ଡାଳି ବିରସ ଗଳାରେ କହିଲେ, ବୋଧେ ଡାଇନିଙ୍ଗ୍ ଟେବୁଲ ଉପରେ ରହିଗଲା ।

-ମୁଁ ପରା ଜାଣିଛି । କୋଉ ଗୋଟିଏ କଥା ତମର ମନେ ରହିବନି । ଯୁଆଡ଼େ ଯିବ କ'ଣ କ'ଣ ଅତ୍ୟାବଶ୍ୟକୀୟ ଜିନିଷ ସଜାଡ଼ିବ । କୋଡିଏ ବର୍ଷ ଭିତରେ କେତେଥର କହିଲିଣି । ଗତ ପନ୍ଦର ଦିନ ତଳେ ପରା ଏଥିପାଇଁ ଝଗଡ଼ା ହୋଇଥିଲା ଓଳିଏ । ଥାଇରଏଡ୍ ଟେଷ୍ଟ ପାଇଁ ସକାଳୁ ବାହାରିଲ ଅଥଚ ଡାକ୍ତର ପ୍ରେଶକ୍ରିପସନ ନେଇନଥିଲ । ଫେରିବାକୁ ପଡ଼ିଲା ପୁଣି କ୍ଲିନିକ୍‌ରୁ. ମୋର ରୁଦ୍ର ସ୍ୱର ବଢୁଥାଏ କ୍ଷଣକୁ କ୍ଷଣ । ସ୍ତ୍ରୀ ଲତା ନିରୁତ୍ତର ରହିଗଲେ । ଆଦର୍ଶ ନାରୀଟିଏ । କଳହପ୍ରିୟ ନୁହେଁ ଆଦୌ । ବଚସା ଆରମ୍ଭ ହୋଇଗଲେ ସେ ନୀରବ ରହିବାକୁ ଶ୍ରେୟସ୍କର ମନେ କରନ୍ତି ।

ମୋର କିନ୍ତୁ ପ୍ରକୃତି ଭିନ୍ନ । ତୁହାଇ ତୁହାଇ ଭଜି ହୁଏ ପୂର୍ବ ଘଟଣାକୁ ଓ ପୂର୍ବ ତିକ୍ତ ବାର୍ତ୍ତାଳାପକୁ ।

-ବାବା ଶୋଷ । ଝିଅ ପୁଣି କହିଲା । ତା' କଥା ପାସୋରି ପକାଇଥିଲି ସ୍ତ୍ରୀଙ୍କ ଉପରେ ବିଦ୍ରୋହ ଜାହିର କରିବା ଅବକାଶରେ । ଲତା କହିଲେ, ଗୋଟିଏ ପାଣି ବୋତଲ କିଣି ଆଣ ସେ ପାଖ ସରବତ ଦୋକାନରୁ । ସେତିକିବେଳେ ଶୃଙ୍ଖଳାରକ୍ଷୀ ଜଣେ ହାତରେ ଠେଲିଦେଲା ମୋତେ । "ଚାଲ ଚାଲ । ଆଗକୁ ଚାଲ । ଏଠି ଭିଡ଼ କରନା ।" ଝିଅଙ୍କୁ ସାନ୍ତ୍ୱନା ଦେଲି, ଟିକେ ରହ ଆଗରେ ପାଣି ବୋତଲଟେ କିଣି ଦେବି । କେତେଜଣ ବ୍ରାହ୍ମଣ ଧୂପ, ଝୁଣା ଧୂଆଁ ବୁଲାଇ ବୁଲାଇ ପଇସା ମାଗୁଥାଆନ୍ତି । ଅନ୍ୟ କେତେଜଣ ଦାରୁ ଗଛର ପତ୍ର ଆଣି ମୁଣ୍ଡରେ ଛୁଆଁଇଦେଉଥାନ୍ତି । ନାମାବଳୀ ପକାଇ ଚନ୍ଦନଚିତା ମାରି କେତେକ ମହିଳା ଭକ୍ତା ବେଶରେ ବେଲପତ୍ରି, ଧଣ୍ଡା ଦେଇ ଭକ୍ତିମୟ ପରିବେଶ ସୃଷ୍ଟି କରୁଥାଆନ୍ତି ନିକଟରେ । ସମୁଦାୟ ଆଧ୍ୟାତ୍ମିକ ପରିବେଶ । ସମୀପସ୍ଥ ହୋଇ ଦେଖିଲୁ ଦାରୁଦିଅଁଙ୍କୁ । ଭକ୍ତିପୂତ ହୃଦୟରେ ଘରଣୀ କ'ଣ କ'ଣ ମେଞ୍ଚାଏ ଗୁହାରି କରିପକାଇଲେ: ଝିଅ ପରୀକ୍ଷାରେ ପ୍ରଥମ ହେଉ, ବଡ଼ ଶୀଘ୍ର ଚାକିରି ପାଉ, ଭୁବନେଶ୍ୱରରେ ଜାଗା ଖଣ୍ଡେ କିଣା ହେଉ, ଆର ବର୍ଷକୁ ସୁନା ଖଡୁଟିଏ ଅଣାଯାଉ ପ୍ରଭୃତି ଥିଲା ତାଙ୍କ ନିଃଶବ୍ଦ ପ୍ରାର୍ଥନାର ଅଭିପ୍ସା । ଯେତେବେଳେ ସେ ଠାକୁରଙ୍କୁ ଡାକନ୍ତି; ସୁନା ଅଳଙ୍କାର କଥା ନିଶ୍ଚୟ କହନ୍ତି । ଆଗରୁ ବହୁତ ଥର ମୁଁ ପରୀକ୍ଷା କରିଦେଖିଛି ।

ଯିଏ ଯୋଉଠି ପାରିଲା ହାମୁଡ଼େଇ ଭଗବାନଙ୍କୁ ସ୍ତୁତି କରିଲୁ । ଠେଲାପେଲା ଲାଗିଥାଏ । ବେଶୀ ସମୟ ଗୋଟିଏ ଜାଗାରେ ଛିଡ଼ା ହେବା ଅସମ୍ଭବ । ସାଷ୍ଟାଙ୍ଗ ଦଣ୍ଡବତ ହୋଇ ମୁଁ ଅଳ୍ପ ଦୂରକୁ ଅପସରିଗଲି । ଝିଅ ମା' ଓ ମୋ ମା' ରହିଗଲେ ଗହଳି ମଧ୍ୟରେ । ପତ୍ନୀଙ୍କର ଭଗବାନ-ସ୍ତୁତି ସରିନଥାଏ । ଗୁଣୁଗୁଣୁ ହୋଇ କ'ଣ କହି ଏକ ଲୟରେ ଚାହିଁଥାନ୍ତି ବୃକ୍ଷଦେବତା ଆଡ଼େ । ମନଭରି ଦେଖୁଥାନ୍ତି ସେ । ସାନ ଝିଅ ଦଉଡ଼ି ଆସିଲା ମତେ ଖୋଜି ଖୋଜି । ମୁଁ ପଚାରିଲି, କ'ଣ ପାଣି ?

-ହଁ । ବହୁତ ଶୋଷ ।

ତାକୁ ନେଇ ଅଳ୍ପ ଦୂରସ୍ଥ ଗୋଟିଏ ଉଠା ଦୋକାନୀ ପାଖକୁ ଗଲି । ପାଣି ଓ ଚକଲେଟ୍ ଦେଇ ତାକୁ ଖୁସି କରାଇବା ଅବସରରେ ଶୁଣିଲି ଲାଉଡ୍‌ସ୍ପିକରରେ ପ୍ରଚାର : "ଚୋର, ପକେଟମାର ପ୍ରତି ସାବଧାନ । ନିଜ ନିଜ ଜିନିଷକୁ ସତର୍କରେ ରଖନ୍ତୁ ।" ପକେଟରେ ହାତ ମାରିଲି । ମୋ ଫୋନ ଓ ଟଙ୍କା ଥଳି ଥିଲା ଯଥା ସ୍ଥାନରେ । ବାପଝିଅ ପାଣି ପିଇ ସାରି ଅନ୍ୟମାନଙ୍କ ପାଇଁ ଗୋଟିଏ ଥଣ୍ଡା ପାଣି ବୋତଲ ଧରି ଫେରିଲୁ । ଖୋଜି ଖୋଜି ପୂର୍ବ ଚିହ୍ନିତ ସ୍ଥାନକୁ ଆସିଲୁ ଅଥଚ ପତ୍ନୀ, ଝିଅ ଓ ଝିଅର

ବୁଢ଼ୀମା'କୁ ଆଉ ପାଇଲୁ ନାହିଁ । ସାନ ଝିଅକୁ ପଚାରିଲି, ଆରେ ସେମାନେ କୁଆଡ଼େ ଗଲେ ?

-ବାବା, ଏଇଠିତ ଥିଲେ।

-ଆଖି ବୁଲାଇବୁଟି କାଳେ ନାନୀର ନାଲିଆ ଡ୍ରେସ ଦେଖାହେବ ।

-କାହିଁ ଦେଖାହେଉନାହିଁ ତ।

-ଚାଲ ସେପଟ ତମ୍ବୁ ପାଖକୁ ଯିବା । ପୁନରାୟ ଚିଡ଼ି ଉଠି ଝିଅକୁ କହିଲି, ତୋ ମା' ସିନା ମୋବାଇଲଟା ଆଣିଥାଆନ୍ତା। ଏଇ ବେଳରେ କେତେ ଦରକାର ହୋଇଥାଆନ୍ତା ଦେଖିଲୁ। କୁଆଡ଼େ ଖୋଜିବ ମଣିଷ ଏ ଭିଡ଼ରେ।

ହଠାତ ଗହଳି ଓ ପାଟିତୁଣ୍ଡ ଶୁଭିଲା ଅନତିଦୂରରେ । ଲୋକ କିଛି ଘେରିଥାଆନ୍ତି । ପୋଲିସ୍ ଆସୁଥାଏ। ଉତ୍ସୁକ ଲୋକଙ୍କ ଭିଡ଼ ଅଧିକ ଅଣନିଃଶ୍ୱାସୀ କରି ପକାଉଥାଏ ପରିବେଶକୁ। ଘଟଣା ସଂପର୍କରେ ଶୁଣିବା ନିମନ୍ତେ ଦୁଇ ତିନିଜଣଙ୍କୁ ପ୍ରଶ୍ନକଲି। କେହି ସଠିକ ଉତ୍ତର ଦେଇପାରିଲେ ନାହିଁ। ଆଉ ଟିକେ ସମୀପସ୍ଥ ହୋଇ ଅବଗତ ହେଲି – କେତେକ ଅଣଓଡ଼ିଆ ମହିଳା ନିଷ୍ଠାବତୀ ଓଡ଼ିଆ ରମଣୀଙ୍କ ବେକରୁ ସୁନାଚେନ ଛିଣ୍ଡାଉଛନ୍ତି । ଜଣେ ଧରାପଡ଼ିଛି । ଭକ୍ତିଭରେ ବେଲପତ୍ର, ସିନ୍ଦୁର, ଚନ୍ଦନ ଦେଇ ପ୍ରଥମେ ଉଦ୍ଦିଷ୍ଟ ମହିଳାକୁ ଆବୋରି ନେଉଛନ୍ତି । ସରଳ ମହିଳାଟି ଆନ୍ତରିକତା ସହକାରେ ମୁଣ୍ଡିଆ ମାରିବା ଅବସରରେ ଅନ୍ୟଜଣେ ଚେନ୍ ଲୁଟି ନେଉଛି । ସଂପୂର୍ଣ୍ଣ ଗୋଟେ ସୁଚିନ୍ତିତ ରାକେଟ୍ କାମକରୁଛି ।

ଛିଃ ! କି ଘୃଣ୍ୟ କାମ ! ଦେବସ୍ଥାନରେ ବି ଲୁଣ୍ଠନ, ଚୋରି, ଡକାୟତି । ବିଷାକ୍ତ ହୋଇଗଲା ମନ। କି ଉଚ୍ଛୃଙ୍ଖଳ ହେଲାଣି ଦୁନିଆ । ବିନାଶ୍ରମରେ ଧନ ଅର୍ଜନର ମାନସିକତା ଏ ନୀଚ ଲୋକଗୁଡ଼ାକର। ପ୍ରଭୁ ହେ, ଏ ସଂସାର ରହିବ କେମିତି ?

ଜଗନ୍ନାଥଙ୍କୁ ହାତ ଟେକି ମୁଣ୍ଡିଆ ମାରି ମନର ବିଷାଦ ଜଣାଇଲି। ଜାଣେ ସମାଜର ଏ ଅଧୋପତନ ପାଇଁ କାହା ହାତରେ ନାହିଁ ନିଦାନ । କେହି ସଜାଡ଼ି ପାରିବେ ନାହିଁ ଏ ଅସଜଡ଼ା ପୃଥିବୀକୁ । ତଥାପି ଈଶ୍ୱରଙ୍କୁ ଖେଦୋକ୍ତି ଜଣାଇଲି ଆତ୍ମସନ୍ତୋଷ ପାଇଁ। ଜଗତରନାଥ ଜଗନ୍ନାଥଙ୍କର ନାଁ ଧରିଲେ ପ୍ରସନ୍ନ ହୋଇଥାଏ ମନ ଓ ଆତ୍ମା। ଏ କଥା ମୋର ପରୀକ୍ଷୀତ।

ଝିଅ ଆକସ୍ମିକ କହିଲା, ବାବା ଦେଖିବଟି ବୁଢ଼ୀମା' ସେଠି ନା କ'ଣ ?

-କୋଉଠି ? ଉତ୍କଣ୍ଠାରେ ପ୍ରଶ୍ନକଲି।

-ହେଇ ସେ ପଟେ। ମା' ଓ ନାନୀବି ଅଛନ୍ତି ପାଖରେ ।

-ଚାଲ୍ ଚାଲ୍ ଯିବା। ସେମାନେ ବୋଧେ ଆମକୁ ଖୋଜୁଛନ୍ତି ।

ଦୁହେଁ ସେମାନଙ୍କ ପାଖରେ ପହଁଚି ମୁଁ ପାଟିକଲି, ତମେ ତ ଏଇ କୁନ୍ଦ ପାଖରେ ଠିଆ ହେବା ଲୋକ । କୁଆଡ଼େ ପଳେଇଥିଲ ଆମେ ବାପ ଝିଅ ଖୋଜି ଖୋଜି ହତାଶ ହେଲୁଣି ?

-ଆମେତ ତମକୁ ଖୋଜୁଛୁ କେତେ ବେଳରୁ। ବଡ଼ ଝିଅ କହିଲା ।

-କାହିଁକି ଯୋଉଠି ଛିଡ଼ା ହୋଇଥିଲ ସେଠି ରହିଲନି ।

-କେମିତି ? ଠେଲା ଠେଲିରେ ପରା ମହିଳା ପୋଲିସ୍‌ଟାଏ ଘଉଡ଼େଇ ଦେଲା ଆମକୁ । ସ୍ତ୍ରୀ ଗରଗର ହୋଇ କହିଲେ ।

-ହଉ ଚାଲ ପଳେଇବା। ମୁଁ ଆଶ୍ୱସ୍ତ ସ୍ୱରରେ କହିଲି ।

ପତ୍ନୀ ଲତା ଓ ମା' ଆଉଥରେ ନଇଁ ପଡ଼ି ଶେଷ ପ୍ରଣତି ଡାଳିଲେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ । ବଡ଼ ଝିଅ ଜାଣିବାକୁ ଚାହିଁଲା, ବାବା ସେଠି କାହିଁକି ପାଟିତୁଣ୍ଡ ଶୁଭୁଛି ?

ଶୁଖିଲା କଣ୍ଠରେ ମୁଁ କହିଲି, ଚେନ୍ ଲୁଟ୍‌କାରିଣୀଟିଏ ଧରା ପଡ଼ିଛି । ଅଣ ଓଡ଼ିଆ ଯୁବତୀଟିଏ ଚେନ ଛିଡ଼ାଉ ଛିଡ଼ାଉ ଧରା ପଡ଼ିଗଲା ।

ଅପ୍ରତ୍ୟାଶିତ ସାନଝିଅ ହାଉଳି ଖାଇଲା ତା' ମା' ବେକକୁ ଚାହିଁ, "ମା' ତୋ ଚେନ୍ ?"

ସମସ୍ୱରରେ ଆମେ ସମସ୍ତେ ବିସ୍ମୟ ପ୍ରକାଶ କଲୁ, କିଏ ନେଲା ? ପ୍ରଣାମ ସାରି ତଳୁ ଉଠୁ ଉଠୁ ଲତା ବିବର୍ଣ୍ଣ ମୁହଁରେ ବେକ ଅଣ୍ଡାଳି ପକାଇ କହି ଉଠିଲେ, ଆଲୋ ମୋ ଚେନ୍ ! କୁଆଡ଼େ ଗଲା ?

ମୋର ଅବସ୍ଥା ଅସ୍ଥିର। ମା' ମୋର ଠାକୁରଙ୍କୁ ସୁମରଣା କରି ଅଭିସମ୍ପାତ ଅଜାଡ଼ି ଯାଉଥାଏ ଚୋର ପ୍ରତି । ଲତା କାନ୍ଦ କାନ୍ଦ ହୋଇ ଚାହିଁଲେ ମତେ । ମୁଁ ନିରୁପାୟ । ଟିକେ ଟିକେ କଥାରେ ତା' ଉପରେ ଚିଡ଼େ । ଏଇଟା ମୋର ବଦାଭ୍ୟାସ । ଆକ୍ରୋଶରେ କହିଲି, ଠିକ୍ ହୋଇଛି। ତମକୁ କେତେଥର କହିଲିଣି ବାହାରକୁ ଆସିବ ମାନେ ସୁନାଚେନ ଓହ୍ଲେଇ ଶହେଟଙ୍କିଆ ଇମିଟେସନ ଚେନ୍‌ଟାକୁ ପିନ୍ଧିବ। ଖବରକାଗଜ, ଟିଭିରେ କେତେ ଦେଖଉଛି ଚେନ୍ ଲୁଟ୍ କଥା । ଦିନ୍ ପରା ସମାଚାର ଆସୁଛି । ଏ ବିଷୟରେ ଟିକିଏ ବି ସତର୍କ ହେଉନା । ଏ ସହର ସାରାତ ଖଣ୍ଟ ବୁଲୁଛନ୍ତି । କୋଉଠି ଟିକେ ଶାନ୍ତିରେ ରଖେଇ ଦେଲେନାହିଁ ।

-ସୁନା ରଙ୍ଗ ଦିଆ ଚେନ୍‌ଟା କାଢ଼ିଥିଲି ଡ୍ରେସିଙ୍ଗ୍ ଟେବୁଲ ଡ୍ରୟାରରୁ । ତମେ ସେତିକି ବେଳେ ରୁମାଲ ନା ଘଡ଼ି କ'ଣଟାଏ ମାଗିଲ ବୋଲି ଭୁଲିଗଲି । ବିଷଣ୍ଣ ଗଳାରେ ଲତା କହିଲେ ।

-ସେଇତ ଭୁଲିଗଲ ! ସବୁବେଳେ ଖାଲି ଭୁଲୁଛ । କି ମନ ତମର କି ? କିଛି ମନେରହୁନି । ପ୍ରଚଣ୍ଡ କ୍ରୋଧରେ ଆକ୍ଷେପ କରି ପୁନଶ୍ଚ କହିଲି, ହେଲା ତ ? ମନବୋଧ ହେଲା ତ ! ଅତିକମ୍‌ରେ ଷାଠିଏ ହଜାରରୁ କମ୍ ହେବନି । ଦୁଇ ଭରି ପାଖାପାଖି ଥିଲା ହାରଟା। ଆଉ କି କିଣି ହେବ ଜୀବନରେ !

-ଏତେ ଟଙ୍କା ? ଆଶ୍ଚର୍ଯ୍ୟାନ୍ୱିତ ସ୍ୱର ଥିଲା ମୋ ମା'ର ।

-ଚାଲ ପୋଲିସକୁ କହିବା। ବଡ଼ ଝିଅ ପ୍ରସ୍ତାବ ରଖିଲା ।

-କହିଲେ କ'ଣ ହେବ ? ହେଙ୍ଗୁଟା ହେବ । ତାଚ୍ଛଲ୍ୟ ସ୍ୱରରେ ଏତକ କହି ଆଗେଇଲି ପୋଲିସର ଅସ୍ଥାୟୀ ଶିବିର ଆଡ଼େ । ମୋ ପଛେ ପଛେ ସମସ୍ତେ ଆସିଲେ । କେତେଜଣ ସେଠି ମେଳିକରି ଅଭିଯୋଗ ଲେଖାଉଥିଲେ । ଦୁଇଟି ଚେନ୍ ପୂର୍ବୋକ୍ତ ଯୁବତୀ ଦୂର୍ବୃର୍ତ୍ତ ଠାରୁ ମିଳିଥାଏ । ମହିଳା କନେଷ୍ଟବଳ ହାତରେ ଥାଏ ସେ ଦୁଇଟା । ଆମର ନଥିଲା ତା' ଭିତରେ ।

ଅଭିଯୋଗ ଲେଖାଇ ବିରସ ମନରେ ଫେରିଲୁ । ବାଟରେ କୌଣସି ରେଷ୍ଟୁରାଣ୍ଟରୁ ଜଳ ଯୋଗ କରିବାକୁ ମଧ୍ୟ ଆଗ୍ରହ ନଥାଏ । ମନଟା ଥାଏ ବେଦନାକ୍ତ । ନିର୍ବେଦ, ନିର୍ବାକ ଥାଏ ଲତା। ମା'ର ଆଖିରେ ଠଳଠଳ ହେଉଥାଏ ଲୁହ ।

ଘରେ ପହଁଚିଲା ପରେ ଘଡ଼ିଏ ଖଣ୍ଡେ ଆଲୋଚନା ହେଲା

ଆମ ଅସନ୍ତୁଷ୍ଟ ପ୍ରତିକ୍ରିୟାରେ ବାପାବି ଆସି ଯୋଗଦେଲେ । ଲତା ନିଜ ଭୁଲାପଣ ପାଇଁ ହାଇପିସାଇସି ହେଉଥାଏ । ଯାଇଥିଲୁ ଦାରୁଦିଅଁ ଦର୍ଶନ ପାଇଁ ଖୁସିରେ – ଫେରିଲୁ ଗୁଡ଼ାଏ କ୍ଳାନ୍ତି, ଅବସାଦ, ଅଶାନ୍ତିରେ ।

ରାତିରେ କେହି ଠିକ୍‌ରେ ଖିଆ ପିଆ କଲେନାହିଁ । ଲତାର ମୁହଁଟା ଦିଶୁଥାଏ ବରଫ ପରି ଶେତାଳିଆ । ନିଜର ଭୁଲ ପାଇଁ ପର୍ବତ ପ୍ରମାଣେ ଆତ୍ମଗ୍ଳାନି ଅଜାଡ଼ି ହୋଇ ପଡ଼ିଥାଏ ତାଙ୍କ ଛାତିରେ । ମୋ ଭିତରେ ଗୁଢ଼ ଚିନ୍ତାଟିଏ ଅହରହ ଖେଳୁଥାଏ । ଟିଭି ଖୋଲିଲି । ଓଡ଼ିଆ ସମ୍ବାଦ ଦେଖାଉଥାଏ । ବେଙ୍ଗଲରୁ ଆସିଛନ୍ତି ଦଳେ ଯୁବତୀ। ଦର୍ଶକଙ୍କୁ ତୁଳସୀ, ବେଲପତ୍ରି ଦେଇ ସୁନାଚେନ୍ ହରଣଚାଲ୍ କରି ନେଉଥାନ୍ତି । ମୁଖାବୃତ ଗୋଟିଏ ଚୋରଣୀର ଫଟୋ ଦେଖାଉଥାଏ । ମନରେ ଅମାପ ଦୁଃଖ ଜାତ ହେଲା । ବିକ୍ଷୋଭ ବି ଘନଘନ ସୃଷ୍ଟି ହେଲା । କେମିତି ନିରୀହ ମଣିଷ ଚଳିବ ଏ କୁଟିଳ ଦୁନିଆରେ । ପ୍ରତି ପଦକ୍ଷେପରେ ବିପଦ। ପ୍ରତି କାର୍ଯ୍ୟରେ ମାନସିକ ଅଶାନ୍ତି ।

ପରଦିନ ସକାଳୁ ଚାଲିବାକୁ ଗଲିନାହିଁ । ପ୍ରାତଃଭ୍ରମଣ ସକାଶେ ମନରେ ସ୍ପୃହାନଥାଏ । ମୋ ମା’ ଜୁହାର ହେବା ପାଇଁ ନିକଟସ୍ଥ ମନ୍ଦିରକୁ ଗଲାନାହିଁ । ବାପା ଖବରକାଗଜ ପଢ଼ି ବସିଲେ ବାଲକୋନୀରେ । ଲତା ଅମନୋଯୋଗୀ ଜଣା ପଡୁଥାଆନ୍ତି । ମୁହଁରେ ହସ ନଥାଏ । କୌଣସି କାମ ଠିକ୍‌ରେ କରୁନଥିଲେ । ଅନ୍ୟ ମନସ୍କତାର ପ୍ରମାଣପତ୍ର ବାରିହେଉଥିଲା ତାଙ୍କ ହାବଭାବରୁ । ଅକସ୍ମାତ ବିକଟ ଶବ୍ଦଟିଏ କର୍ଣ୍ଣକୁହରକୁ ବ୍ୟତିବ୍ୟସ୍ତ କରି ପକାଇଲା । ପତ୍ନୀଙ୍କ ହାତରୁ ଷ୍ଟିଲ୍ ବାସନଟାଏ ଖସିପଡ଼ିଥିଲା ତଳେ। ମୁଁ ବିନା ପ୍ରତିକ୍ରିୟାରେ ନିଶ୍ଚୁପ ରହିଗଲି ।

ବଡ଼ଝିଅ ଫୁଲଝାଡୁ ଧରି ଘର ଝାଡୁକଲା । ବାହାର ଘରୁ ଆସି ବେଡ଼ରୁମ ସଫା କରୁଥାଏ । ମୁଁ ପ୍ୟାଣ୍ଟସାର୍ଟ ପିନ୍ଧି ବାହାରିଲି କ୍ଷୀର ପାଇଁ । ପାହାଚ ପାଖରେ ଚପଲ ପିନ୍ଧୁଛି ହଇଚଇ ଶୁଭିଲା ଭିତରୁ । ବଡ଼ ଝିଅ ଡାକୁଛି, “ମା’ ଦଉଡ଼ି ଆ।”

ଲତା ଓ ମୋ ମା’ ଦୁହେଁ ଶଙ୍କାକୁଳ ହୋଇ ଦଉଡ଼ିଲେ, କ’ଣ ହେଲା- କ’ଣ ହେଲା, ପଚାରି, ପଚାରି।

-ମା’ ଦେଖିଲୁ ଡ୍ରେସିଙ୍ଗ୍ ଟେବୁଲ ତଳେ କ’ଣଟାଏ ଚକ୍‌ଚକ୍ କରୁଛି । ମୁଁ ଘର ଖରକୁ ଖରକୁ ଦେଖିଲି ।

ଝିଅ ପାଟି ଶୁଣି ମୁଁ ମଧ ପଶି ଆସିଥାଏ ଘର ଭିତରକୁ। ଲତା ନଇଁ ପଡ଼ି ଚେନ୍‌ଟାକୁ ଟାଣି ଆଣିଲେ । ମୁଁ ଅକସ୍ମାତ ପ୍ରଶ୍ନକଲି, “କ’ଣ ଇମିଟେସନଟା ତ ?”

-ନା, ଅସଲି ଚେନ୍‌ଟା। ଲତା ଆତ୍ମପ୍ରସାଦରେ ଘୋଷଣା କଲେ । ମୋ ମା’ ପ୍ରଭୁଙ୍କୁ ଡାକି କହିଲା, “ହେ ଜଗାକାଳିଆ ! ପ୍ରଭୁ ହେ ତମ ପାଦରେ କୋଟି କୋଟି ଦଣ୍ଡବତ । ବାପା ବାଲ୍‌କୋନୀରୁ ଆସୁ ଆସୁ କହିଲେ, “ସବୁ ସେହି ଠାକୁରଙ୍କ ଇଛା। ମିଳିଗଲା ତା’ହେଲେ।”

ମୁଁ ନିରଳସ ଗଳାରେ ପ୍ରଶ୍ନକଲି, ଏଠିକି କେମିତି ଆସିଲା ? ଲତା ସହର୍ଷ କହିଲେ, ବେକରୁ କାଢ଼ି ଅସଲି ଚେନ୍‌ଟାକୁ ଡ୍ରେସିଙ୍ଗ୍ ଟେବୁଲ ଉପରେ ରଖିଥିଲି । ଭାବିଥିଲି ଶାଢ଼ି ବଦଳାଇ ସାରିଲେ ଡୁପ୍ଲିକେଟ ଚେନଟା ପିନ୍ଧିବି ଓ ୟାକୁ ନେଇ ଆଲମିରାରେ ରଖିଦେବି । ହେଲେ ଏଣେତେଣେ ହେଉ ହେଉ ଭୁଲିଗଲି ଲଗେଇବାକୁ । ହେଇ ଦେଖ ଇମିଟେସନ ଚେନ୍‌ଟା ବି ଚୁଡ଼ି ଡବା ଦାଢ଼ରେ ଅଛି। ସେଟାକୁ ବି ଲଗେଇନାହିଁ।

-ତେବେ ତମେ ଫୁଙ୍ଗୁଳା ବେକରେ ଯାଇଥିଲ ? ମୁଁ ପ୍ରଶାନ୍ତ ମୁଖରେ ପଚାରିଲି ।

-ସେହିଆ ବୋଧେ।

- ଏତେ ଦିନକେ ତମ ଭୁଲାପଣ କାମରେ ଆସିଲା। ଯଦି ହାର ପିନ୍ଧିବାକୁ ପାସୋରି ନଥାଆନ୍ତ; ତେବେ ଯାଇଥାଆନ୍ତା ସବୁ।

– ସେଠି ଯେମିତି ଚୋରି ହେଉଥିଲାନା- ଆମର ଚୋରି ହେଇନଥାଆନ୍ତା ବୋଲି କିଏ କହିଥାଆନ୍ତା । ବଡ଼ ଝିଅ କଥା ଯୋଡ଼ିଲା। ବାପା ଓ ମା ଅନ୍ୟ କୋଠରିକୁ ଚାଲିଯାଇଥିଲେ। ଲତା ମୋତେ ଚାହିଁ କହିଲେ, ଏବେ ମାନିଲଟି । ସବୁବେଳେ ବିରକ୍ତ ହେବନାହିଁ । କେବେ କେଉଁ ପ୍ରକୃତି ମଣିଷକୁ ସହାୟ ହୁଏ କିଏ କ’ଣ କହି ପାରେ ନା କହିପାରିବ।

ଉଷାକାଳରେ ଉଦିତ ଭାନୁର ପାଟଳ ଆଭା ବାରି ହେଉଥିଲା ବାତାୟନ ସେ ପାଖରୁ । କୋମଳ, ନରମ କିରଣ ବିଛେଇ ହୋଇଥିଲା ବାଲକୋନୀ ସାରା। ପୋଷା ଚଢ଼େଇର କିଚିରିମିଚିର ଶବ୍ଦ ଉଲ୍ଲସିତ କରୁଥିଲା ଦେହ ଓ ମନକୁ । ଆଉ ଗତ କାଲି ଠାରୁ ଉଦାସ, ବିଷଣ୍ଣ, ବିରସ ଥିବା ପ୍ରାଣରେ ସଂଚରି ଉଠୁଥିଲା ଅମାପ ଆନନ୍ଦର ଲହରି ।

*ଏଲ.ପି. ୮୬, ଷ୍ଟେଜ-୧,*
*ଲକ୍ଷ୍ମୀସାଗର କଲୋନୀ, ଭୁବନେଶ୍ୱର*
*ଦୂରଭାଷ: ୯୮୬୧୦୬୦୮୦୩*

DM Associates
Chartered Accountants
307, Block - A, 3rd Floor, Nirmala Plaza
Forest Park, Bhubaneswar
Ph.: +91 674 259511-13
Telefax : +91 674 2595912

*We undertake*
*Auditing, Taxation, Consultancy outsourcing*

# ତଥାପି ଜୀବନ

## ସୁଜାତା ମହାପାତ୍ର

ସଂସାରରେ ଯେଉଁମାନେ ଦୁର୍ବଳ, ବଞ୍ଚିତ, ଉତ୍ପୀଡ଼ିତ ଯେଉଁମାନେ ନିଜ ଜୀବନକୁ ନେଇ ନିରୂପାୟ। ସେଇଭଳି ଏକ ଚରିତ୍ର ହେଉଛି ଗୁରୁବାରୀ। ଏ ଗଳ୍ପର ନାୟିକା ଗୁରୁବାରୀ ମୁଣ୍ଡା। ତାର ଜୀବନ ଚରିତକୁ ନେଇ ଏ ଗଳ୍ପ। ଇଏତ ଏକ ଗଳ୍ପ ନୁହେଁ ଗୋଟିଏ ଆତ୍ମଚରିତ ବୋଲି ଆପଣମାନେ କହିପାରନ୍ତି। ତାର କଥା ଶୁଣିସାରିଲା ପରେ ପାଠକ ମାନେ ବିଚାର କରିବେ ତାର ଦୁଃଖ ଯନ୍ତ୍ରଣାକୁ, ଅନୁଭବ କରିବେ ତାର ନାଚାର ପଣକୁ ଆଉ ଜୀବନରେ କାହିଁକି ଏମିତି ହୁଏ ସେ କଥାର ନାଲିସ୍ ଆପଣମାନେ କାହା ପାଖରେ କରିବେ କହିଲେ।

ଜୀବନ ମରୁଭୂମିକୁ ଅତିକ୍ରମ କଲାବେଳେ ଯଦି ଘନ ସୁଶୀତଳ ବୃକ୍ଷର ଛାୟାଟିକେ ମିଳେ ତାହାଲେ ଘଡ଼ିଏ ଅଟକିଯିବାର ଲୋଭ ସମ୍ବରଣ କରିହୁଏ ନାହିଁ। ସେଇ ଲୋଭ ଟିକକ ଯେ ତାର ଜୀବନକୁ ଏମିତି ବଦଳେଇ ଦେବ ସେକଥାର ଆଭାସ ସିଏ ବା କେମିତି ପାଇଥାନ୍ତା ? କେତେ ଅବା ବୟସ ହୋଇଥିଲା ତାକୁ ହେଇହେଇ ପନ୍ଦର କି ଷୋହଳ ହୋଇଥିବ ଯେତେବେଳେ ସିଏ ଘନ ମୁଣ୍ଡାକୁ ବାହାହୋଇ ଏ ବାଲିପଦର ଗାଁକୁ ବୋହୂହୋଇ ଆସିଥିଲା। ଶାନ୍ତ ଶିଷ୍ଟ ଘନମୁଣ୍ଡାକୁ ଦେଖି ତା ବାପାର ମନ ପାଇ ଯାଇଥିଲା, ବାହା ବୟସ ନ ହେଉଣୁ ବାହା ହୋଇ ଆସିଥିଲା ସିଏ ଘନ ଘରକୁ। କୋରାପୁଟରୁ ନବରଙ୍ଗପୁର ଯିବା ବାଟରେ ଛୋଟିଆ ଗାଁଟିଏ ଏଇ ବାଲିପଦର। ପାହାଡ଼ର ପାଦଦେଶରେ ଥିବା ଏ ଗାଁର ଚାରିପଟେ ଖାଲି ପାହାଡ଼ ଆଉ ଡଙ୍ଗର, ପାହାଡ଼ ସେପଟେ ଘଞ୍ଚ ଜଙ୍ଗଲ। ପାହାଡ଼ ଉପରେ ଡଙ୍ଗର ଜମିରେ ସୁଆଁ ଅଳସୀ କାନ୍ଦୁଲର ଚାଷ ତ ପାହାଡ଼ ତଳେ ଧାନ, ମାଣ୍ଡିଆର କ୍ଷେତ। ଗାଁଟା ଯାକରେ ପଚାଶ ସରିକି ମୁଣ୍ଡା ଆଦିବାସୀ ଘର। ସମସ୍ତଙ୍କର ବେଉଷା ହେଲା ଚାଷବାସ ସହିତ ଜଙ୍ଗଲ ଜାତ ଜିନିଷର ବେପାର। ଏମିତି ତ ଦେଖିବାକୁ ଗଲେ ଅଭାବ ଭିତରେ ସମସ୍ତେ ଥାଆନ୍ତି। ଘନବି ସେଇଥିରୁ ଜଣେ ଅଭାବ ଅସୁବିଧା ଯେମିତି ସେମାନଙ୍କର ଚିର ସହଚର। ଘନମୁଣ୍ଡାର ସାନଭାଇଟିଏ ଅଛି ଚୈତନ ମୁଣ୍ଡା। ଗେହ୍ଲାରେ ତାକୁ ଘନ ଚଇତା ବୋଲି ଡାକେ। ଦୁଇଭାଇ ନିଜର ଚାଷଜମିରେ ମିଳିମିଶି କାମ କରନ୍ତି ତାଛଡ଼ା ଅନ୍ୟମାନଙ୍କ ଜମିରେ ମଧ୍ୟ ହାଡ଼ଭଙ୍ଗା ଖଟଣୀ ଖଟନ୍ତି। ସେଇଥିରେ କଷ୍ଟେ ମଷ୍ଟେ ଚଳିଯାଆନ୍ତି ସେମାନେ। ଏବେ ଗୁରୁବାରୀ ଆସିବା ଦିନୁ ଘରର ସବୁକାମ ସହିତ ଗାଈଟିଏ, ଛେଳି ଦୁଇଟା, କୁକୁଡ଼ା ପଞ୍ଝାଏ ପାଳିଛି। ବେଳ ଅବେଳରେ ସେଇମାନେ କାମରେ ଆସନ୍ତି। ଏହାଛଡ଼ା ଦରକାର ପଡ଼ିଲେ ଗୁରୁବାରୀ ଦୁଇଭାଇଙ୍କ ସାଙ୍ଗରେ କ୍ଷେତରେ ମଧ୍ୟ ଖଟେ। ବଡ଼ଭାଇ ଘନମୁଣ୍ଡା ସାନଭାଇ ଚଇତାକୁ ଢେର ଭଲପାଏ। ବାପା ମା' ଯିବାପରେ ଏଇ ଚଇତା ତ ତାର ସାହାରା... ଦୁଇଭାଇ ଖୁବ୍ ଛୋଟ ଥିଲାବେଳେ ବାପା ମା' ଦୁଇଜଣ ଯାକ ମେଲେରିଆ ଜରରେ ଆଗପଛ ହୋଇ ଚାଲିଗଲେ। ବାଳୁତ ପିଲା ଦୁଇଟା ଯୋଉ କଷ୍ଟରେ ଦିନ କାଟିଥିଲେ ସେକଥା ଆଜିବି ମନେ ପକେଇଲେ ଘନ କାନ୍ଦ କାନ୍ଦ ହୋଇଯାଏ। ବାପା ମା'ଙ୍କ ପରେ ଚଇତା ଯେମିତି ତାର ଜୀବନ। ଦୁଇଭାଇ ଥିଲେ ବୋଲି ଜଣେ ଆରଜଣକୁ ଭରଷା କରି ବଡ଼ ହୋଇଗଲେ। ଚଇତାକୁ ଘନ ଭାଇ ବୋଲି କେବେ ଭାବେନିତ ଭାବେ ତାର ବଡ଼ ପୁଅପରି। ଦୁଇଭାଇଙ୍କ ସ୍ନେହ ଭଲପାଇବା ଦେଖିଲେ ଗୁରୁବାରୀ ଆଖିରେ ମଧ୍ୟ ଲୁହ ଆସିଯାଏ। କେତେ ଦୁଃଖ କଷ୍ଟରେ ଦୁହେଁ ଦୁହିଁଙ୍କୁ ଆଶ୍ରାକରି ଏ ସଂସାରରେ ବଞ୍ଚି ରହିଥିଲେ। ଭାଇକୁ ତ ଭାଇ ଭରଷା। ଦୁଇଭାଇଙ୍କ ଭିତରେ ଥିବା ସ୍ନେହ ମମତା ଦେଖିବାର କଥା। ଚଇତା ଘରେ ନଥିଲେ ଘନ ଯେମିତି ହୁଏ ସେମିତି ଘନ କୁଆଡ଼େ ଗଲେ ଚଇତା ତାର ବାଟ ଚାହିଁ ବସିଥାଏ। ଯେତେ ବଡ଼ ହେଲେ ବି ଘର ଆଗରେ ଚଇତା ଏବେ ଛୋଟ ପିଲାଟାଏ।

ମାତ୍ର ଚଇତାର ଏବେ ବାହା ବୟସ ହେଲାଣି। ସେକଥା ଗୁରୁବାରୀ କହିଲେ ଘନ ଆଶ୍ଚର୍ଯ୍ୟ ହୋଇ ଚାହେଁ। ସତେ ଯେମିତି ସେ ଗ୍ରହଣ କରିପାରେନି ତା ସାନଭାଇଟା ଏତେ ବଡ଼ ହୋଇଗଲାଣି ବୋଲି। ଆଉ ବାହା କଥା କହିଲେ ଚଇତା ବି ଲାଜ ଲାଜ ହୁଏ। କହେ ମୁଁ ବାହା ହେବିନି ଗୋ ବୋହୂ। ମୋ ବାହାଘର କଥା ତମେ ଭୁଲିଯାଅ। ଗୁରୁବାରୀ କହେ କାହିଁକି ବାହା ହେବନି ବାହା ବୟସ ହେଲେ ସମସ୍ତେ ବାହା ହୁଅନ୍ତି ତମେ ବି ବାହାହେବ। ଏ ଘରକୁ ମୋର ଆଉଗୋଟେ ସାନଭଉଣୀ ଆସିବ ମୁଁ ଆଉ ଏ ଘରକାମ ଏକା ଏକା କରିପାରୁ ନାହିଁ। ମତେ ସାହାଯ୍ୟ କରିବାକୁ ଆଉଜଣେ ଦରକାର। ଘନ ଆଉ ଗୁରୁବାରୀ ଏବେ ମନେ ମନେ ଚଇତା ପାଇଁ ଝିଅ ଖୋଜୁଥାନ୍ତି। ବନ୍ଧୁବାନ୍ଧବ ଭିତରେ ଝିଅଟେ ହେଲେ ଭଲ ହୁଅନ୍ତା ବୋଲି ନିଜନିଜ ଭିତରେ ବିଚାର ବିମର୍ଷ କରନ୍ତି। ଏବେ ଗୁରୁବାରୀର ଏବେ ପିଲାଟିଏ ହେଲାଣି। ଘରକାମ ପିଲାକାମ ସବୁକଥା କଲାବେଳକୁ ସିଏ ନାକେଦମ୍ ହୁଏ। ବିଲବାଡ଼ି କାମସିନା ଦୁଇଭାଇ କରିପକାନ୍ତି ହେଲେ ଘରକାମକୁ ଗୁରୁବାରୀ ଆଉ ଏକା ପାରେନି। ବେଳେବେଳେ ଘନ ତାକୁ ସାହାଯ୍ୟ କରେ। କହେ ସାନବୋହୂ ଆସିଲେ ତୋ ଦୁଃଖ ଯିବଲୋ ଗୁରୁବାରୀ। ମିଳିମିଶି ଦୁଇଜଣ ସବୁ କରିପକେଇବ। ଚଇତା ପାଇଁ ଏବେ ସେମାନେ ଝିଅ ଖୋଜିବାରେ ମନ ଦିଅନ୍ତି। ଯେମିତି ହେଉ ଚଇତାକୁ ହାତକୁ ଦିହାତ କରିଦେଲେ ଘନର ଗୋଟେ ବଡ଼ ଦାୟିତ୍ୱ ସରିବ। ଆଜି ବାପା ମା' ବଞ୍ଚିଥିଲେ ସିଏ କାହିଁକି ଏତେ ଧନ୍ଦି ହୁଅନ୍ତା। ଚଇତା ବାହାଘର ଏବେ ତାର ମୁଖ୍ୟ ଚିନ୍ତା। ଅନେକ ଯାଗାରେ ଆଖିପକାଏ ଘନ ମାତ୍ର କେଉଁଠି ତାର ମନ ପାଏନା। ଚଇତା ପାଇଁ ଖୁବ୍ ଭଲ ଝିଅଟିଏ ଦରକାର। ଯିଏକି ତାର ସବୁକଥା ବୁଝିବ।

ଭାଇଭାଉଜ ଚଇତା ପାଇଁ ଝିଅ ଭଲକଥା ଭାବିଲା ବେଳକୁ ଚଇତା ମୁଣ୍ଡରେ ଭୂତ ଚଢ଼େ। ସାଙ୍ଗସାଥିଙ୍କ ମେଳରେ ପଡ଼ି ଚଇତା ବେଶୀ ରୋଜଗାର ଆଶାରେ ଆନ୍ଧ୍ର ଯିବାକୁ ବାହାରେ। ଭାଇକୁ କହେ ବିଲବାଡ଼ିରୁ ଅବା କେତେ ରୋଜଗାର ହେଉଛି ଯେ ଆମେ ଭଲରେ ଚଳିପାରିବା। ଖଟି ଖଟି ସାରା ଜୀବନ ଚାଲିଗଲେ ବି ଆମେ ଯେଉଁଠି ଅଛେ ସେଇଠି ରହିବା। ଗାଁପିଲା ସବୁ ଆନ୍ଧ୍ର ଯାଉଛନ୍ତି

ଇଟା କାମ କରିବା ପାଇଁ ମୁଁ ମଧ୍ୟ ସେମାନଙ୍କ ସହିତ ଯିବି। ଭଲ ଦୁଇପଇସା ରୋଜଗାର ହେଲେ ମୁଁ ଅଳ୍ପ ଦିନରେ ଫେରି ଆସିବି। ଭାଇ ଭାଉଜ ଯେତେ ମନାକଲେ ମଧ୍ୟ ଚଇତା ଶୁଣିଲା ନାହିଁ। ଦିନେ ଘରେ କିଛି କୁହାବୋଲା ନକରି ଗାଁ ପିଲାଙ୍କ ସାଙ୍ଗରେ ଆନ୍ଧ୍ର ଚାଲିଗଲା ଚଇତା। ଗାଁର ମାଟି ପାଣି ପବନ ସବୁଜ କ୍ଷେତରେ ସୁନେଲୀ ଧାନ, ଭାଇଭଉଜଙ୍କର ସ୍ନେହ ମମତା କିଛି ତାକୁ ଅଟକାଇ ପାରିଲା ନାହିଁ।

ଘନ ଏବେ ଘରେ ଏକାଏକା। ସେହି ଜମି ଖଣ୍ଡକରେ ମଧ୍ୟ ଏକୁଟିଆ ସେ ସବୁକାମ କରିପାରେ ନାହିଁ। ଏସନ ଆଦୌ ବରଷା ନାହିଁ। ଜମିରେ ଦୂବଟିଏ ମଧ୍ୟ କଅଁଳୁ ନାହିଁ। ପଥୁରିଆ ଯାଗା ପାଣି ନଥିଲେ ସେ ଜମି ଥାଇ ଯାହା ନଥାଇ ସେୟା। ପାହାଡ଼ ଜଙ୍ଗଲରୁ ବା ଏବେ କ'ଣ ମିଳୁଛି ? ଗୋଟାଏ ପିଲା ହୋଇଥିଲା ତ ହୋଇଥିଲା ଏବେ ଗୁରୁବାରୀ ପେଟରେ ଆଉ ଗୋଟିଏ ପିଲା। ଗୁରୁବାରୀର ଦେହ ବଡ଼ ଅସୁବିଧା। ବଡ଼ପିଲାଟାକୁ ଦି'ବରଷ ହେଉ ହେଉ ପୁଣି ଗୋଟେ ପିଲା। ଗୁରୁବାରୀ ଭାବେ ଏତେ ଅଭାବ ଅସୁବିଧା ଭିତରେ ଦି'ଟା ପିଲାଙ୍କୁ ସେ କେମିତି ଚଳେଇବ ? କ'ଣ ଖାଇବାକୁ ଦେବ ? ଧାନ ଚାଉଳ ଘରେ କିଛି ହେଲେ କିଛି ନାହିଁ। ମାତ୍ର ଘନ ବ୍ୟସ୍ତ ହୁଏନାହିଁ, କହେ ଯିଏ ଦେଇଛନ୍ତି ସିଏ ବୁଝିବେ। ଘନର ଏମିତି କଥା ଶୁଣିଲେ ଗୁରୁବାରୀ ଦେହରେ ଚିଆଁ ଲାଗେ ଯେମିତି। ଖାଲି ପିଲାଜନ୍ମ କରିଦେଲେ କ'ଣ ହେବ ସେମାନଙ୍କୁ ଆଗକୁ କେମିତି ବଢ଼େଇବ ସେଇ ଏବେ ଚିନ୍ତା ତାର।

ଚାହୁଁ ଚାହୁଁ ଏଇଠି ଦୁଇବରଷ ପୁରିବାକୁ ବସିଲାଣି। ଚଇତା କାମ କରିବକୁ ଆନ୍ଧ୍ର ଯାଇଛି ଯେ ଯାଇଛି ତାର ଆଉ କିଛି ଖୋଜଖବର ନାହିଁ। ତା ସହିତ ଯାଇଥିବା ଗାଁ ପିଲାଗୁଡ଼ାକ ମଝିରେ ମଝିରେ ଗାଁକୁ ଆସନ୍ତି। ଘରକୁ ପଇସାପତ୍ର ପଠାନ୍ତି। ମାତ୍ର ସେମାନଙ୍କୁ ଚଇତା କଥା ପଚାରିଲେ ସେମାନେ କହନ୍ତି ଚଇତାକୁ ଆମେ ଡାକିଲୁ ସିଏ ଆମ ସହିତ ଆସିଲା ନାହିଁ କହିଲା ପରେ ଆସିବ। ସେ ପରଟା ଆଉ କେବେ ଆସେନାହିଁ କି ଚଇତା ମଧ୍ୟ ଆଉ ଫେରିନାହିଁ ଗାଁକୁ।

ଘନ ଚଇତାର ବାଟକୁ ସବୁବେଳେ ଚାହିଁ ବସିଥାଏ। ବେଳେବେଳେ ମନ ଖରାପ କରି କହେ ଚଇତାଟାକୁ ଆମର ପଇସା ନିଶା ଲାଗିଗଲା ସିଏ ଗାଁ ଘରଦ୍ୱାର ଆଉ ଆମ ସମସ୍ତଙ୍କୁ ଭୁଲିଗଲା। ଗୁରୁବାରୀ ତାକୁ ଆଶ୍ୱାସନା ଦିଏ କହେ ଦେଖିବ ରୁହ ଚଇତା ଆମର ଏକାଥରେ ଗୁଡ଼ାଏ ପଇସାପତ୍ର ଧରି ଆସିବ ଯେ ଆମର ଦୁଃଖ ଯିବ। ଏ ଭଙ୍ଗା କୁଡ଼ିଆର ଘର ଆମର ରାଜମହଲ ହୋଇଯିବ। ଘନ କହେ ମୋର ପଇସାପତ୍ର କିଛି ଦରକାର ନାହିଁ ଖାଲି ଆମ ଚଇତାଟା ଭଲରେ ଭଲରେ ଘରକୁ ଫେରିଆସୁ।

ଗୋଟାଏ ପୁଅ ପରେ ଏବେ ପୁଣି ଆଉଗୋଟେ ପୁଅ ଜନ୍ମ ହୋଇଛି। ଦୁଇଦୁଇଟା ପିଲାଙ୍କୁ ଧରି ଘନ ଆଉ ଗୁରୁବାରୀ ଭାରି ହନ୍ତସନ୍ତ। ଜମିରେ ଏସନ କିଛି ନାହିଁ। ଘରେ ଖାଇବାକୁ ମଧ୍ୟ କିଛି ନାହିଁ। ପିଲାଙ୍କ ମୁହଁକୁ ଚାହିଁ ଘନ ଏଥର ଗାଁ ବାହାରକୁ ମୂଲିଆ କାମ କରିବାକୁ ବାହାରିଲା। ବାହାରକୁ ନ ବାହାରିଲେ ପଇସା ଆସିବ ଯେ କୁଆଡୁ। ସତରେ ଚଇତାଟା ଯାହା କହୁଥିଲା ଏକଦମ୍ ସତକଥା। ଗାଁରେ ଆଉ କ'ଣ ଅଛି ଯେ। ଘରରୁ ବେଶ୍ ଦୂରରେ ନୂଆ ଡାକ୍ତରଖାନା ତିଆରି ହେଉଛି ସେଇଠିକି ଏବେ ଘନ ମୂଲିଆ କାମ କରିବାକୁ ଯାଏ। ସକାଳୁ ଯାଇ ଘରକୁ ଫେରୁ ଫେରୁ ଏବେ ସନ୍ଧ୍ୟା ହୁଏ। ଦିନକୁ ତିନିଶଟଙ୍କା ମଜୁରୀ। ଏଥର ଗୁରୁବାରୀ ଆଶ୍ୱସ୍ତ। ସେମାନେ ଏବେ ଭଲରେ ଚଳିଯିବେ। ଗାଈଟା ଏବେ କ୍ଷୀର ଦେଉଛି। ପିଲାଦୁଇଟା କ୍ଷୀର ଟିକେ ପାଉଛନ୍ତି ବୋଲି ଗୁରୁବାରୀ ମନ ଖୁସି। ଘନ ତାର ମଜୁରୀ ଟଙ୍କା ସବୁ ଆଣି ଗୁରୁବାରୀ ହାତରେ ଧରେଇଦିଏ। ଗୁରୁବାରୀ ଦେଖି ରଖି ଖର୍ଚ୍ଚ ବାର୍ଚ୍ଚ କରେ। କିଛି ପଇସା ସଞ୍ଚୟ ମଧ୍ୟ କରେ। ଛୁଆ ଦୁଇଟା ଛୋଟ ଅଛନ୍ତି କେତେବେଳେ କୋଉ କଥା। ଦିହ ପା ଭଲମନ୍ଦ ଅଛି। ସୁଖକଷ୍ଟରେ ଚଳିଯାଆନ୍ତି ସେମାନେ। ହେଲେ ସବୁ ସୁଖକୁ ଗ୍ରହଣ ଲଗାଇ ଏମିତି ଘଟଣାଟିଏ ଘଟିବ ବୋଲି ଗୁରୁବାରୀ କ'ଣ କେବେ ଭାବିଥିଲା। ଅଣ୍ଟା ସଳଖି ଟିକିଏ ଠିଆ ହେଲା ବେଳକୁ ବିପଦ କେଉଁଠି ଥିଲା ଘୋଟି ଆସିଲା। ସେଦିନ ଡାକ୍ତରଖାନାର ଛାତ ଖୋଲା ହେଉଥିଲା। ଘନ ସହିତ ଆଉ ଦଶବାର ଜଣ ମୂଲିଆ ଛାତ ଖୋଲିବା କାମରେ ଲାଗିଥିଲେ। ହଠାତ୍ ଛାତଟା ଭୁସୁଡ଼ି ପଡ଼ିଲା। କେମିତି କଣ ହେଲା, ଘନମୁଣ୍ଡା ସହିତ ଆଉ ଦୁଇଜଣଙ୍କ ଉପରେ ବିରାଟ ଲୁହାଚାଦର ଖଣ୍ଡେ ଖସିପଡ଼ିଲା। କେହି କିଛି ବୁଝିବା ଆଗରୁ ଘନ ସହିତ ଆଉ ଦୁଇଜଣ ଚାଲିଗଲେ ଉପରକୁ। ବଜ୍ରପାତ ହେଲା ଯେମିତି ଗୁରୁବାରୀ ମୁଣ୍ଡ ଉପରେ। ଦୁଇଟା ବାଳୁତ ଛୁଆଙ୍କ ସହିତ ଅନାଥ ହୋଇଗଲେ ସେ। ସେଦିନ ଚଇତାର କଥା ବେଶୀ ବେଶୀ ମନେପଡ଼ିଲା ତାର। ଭାଇର ମୃତ୍ୟୁ ଖବର କିଏ ଦେବ ତାକୁ ? ତା ସହିତ କାମ କରୁଥିବା ଗାଁପିଲାଗୁଡ଼ାଙ୍କ ମାଧ୍ୟମରେ ଖବର ଦିଆଗଲା ଚଇତା ପାଖକୁ। ମାତ୍ର କିଛି ଉତ୍ତର ନାହିଁ। ଗୁରୁବାରୀ ଭାବିଥିଲା ଏମିତି ବିପଦ ବେଳେ ଚଇତା ହିଁ ସେମାନଙ୍କୁ ସାହାରା ଦେବ ମାତ୍ର ଚାହିଁ ଚାହିଁ ଆଖିରୁ ପାଣି ମରିଗଲା ସିନା ଚଇତା ଫେରିଲାନି। ଗୁରୁବାରୀ ମଧ୍ୟ କିଛି ବୁଝିବା ଆଗରୁ ତା ହାତରୁ ଚୁଡ଼ି ମଥାରୁ ସିନ୍ଦୁର ଲିଭି ସାରିଥିଲା। ଘନକୁ ହରାଇ ଗୁରୁବାରୀ କ'ଣ କରିବ ଭାବୁଥିଲା। ଏ ଛୋଟ ଛୋଟ ଛୁଆଙ୍କୁ ଧରି ସେ କେମିତି ଚଳିବ। ଅବଶ୍ୟ ଘନର ଜୀବନ ବଦଳରେ ଅଳ୍ପକିଛି କ୍ଷତିପୂରଣ ପଇସା ମିଳିଥିଲା ତାକୁ। ଯାହା ମିଳିଥିଲା ସେତକରେ ବର୍ଷେ ଦୁଇବର୍ଷ ଜଗିରଖି ଚଳିଗଲା ଗୁରୁବାରୀ। ଏବେ କ'ଣ କରିବ ସିଏ ଦୁଇଦୁଇଟା ପିଲାଙ୍କୁ ନେଇ କୁଆଡ଼େ ଯିବ ?

ସେଇ ଡାକ୍ତରଖାନା କାମ ଏବେବି ଚାଲିଥିଲା। କାମପାଇଁ ତାଙ୍କ ଗାଁର ଅନେକ ଲୋକ ଯାଉଥିଲେ। ଗୁରୁବାରୀ ତାଙ୍କରି ସାଙ୍ଗରେ କାମ କରି ଯିବ ବୋଲି ଭାବିଲା। ଦୁଇଦୁଇଟା ଛୁଆଙ୍କୁ କୋଉଠି ଛାଡ଼ିବ ଭାବି ହେଉହେଉ ଗୁରୁବାରୀର ବିଧମା ମା ତାକୁ ସାହା ହେଲା। ସେଇ ମା ପାଖରେ ଛୁଆ ଦୁଇଟାଙ୍କୁ ଛାଡ଼ି ଗୁରୁବାରି ଏବେ ମଜୁରୀ ଖଟିଲା। ଯାହା ମିଳିଲା ସେଇଥିରେ ଚଳିଲେ। କାମ ହେଉଥିବା ଯାଗାକୁ ଲାଗିକରି ଥିଲା ତା ବାପଘର ଗାଁ। ସେଇଠୁ ପାଖହୁଏ କାମକୁ ଯିବାକୁ। ଏବେ ବାଲିପଦର ଛାଡ଼ି ତା ବାପଘର ଗାଁରେ ମା ସହିତ ରହିଲା ସେ।

ସେତେବେଳକୁ ତା ବୟସ କୋଡ଼ିଏ କି ବାଇଶି ବର୍ଷ ଖଣ୍ଡେ ହେଇଥିବ ତାକୁ। ଗୁରୁବାରୀ ଦେହରେ ଭରା ଯୌବନ। ସ୍ୱାମୀ ନଥିବାର ଖାଲିପଣ ସହିତ ପ୍ରତିକ୍ଷଣରେ ଜୀବନ ସହିତ ସଂଗ୍ରାମ ତାକୁ ଯେମିତି କାଠ କି ପାଷାଣ ପ୍ରତୀମାରେ ପରିଣତ କରିଦେଇଥିଲା। ନା କିଛି ଭାବପ୍ରବଣତା ନା କିଛି ପ୍ରଗଳ୍‌ଭତା, କେମିତି ଗୋଟେ ନିସ୍ତବ୍ଧ ରଂଗହୀନ ଜୀବନ ତାର। ସକାଳ ଆଠଟାରୁ କାମକୁ ଯାଏ ଯେ ଫେରେ ଯାଇ ସନ୍ଧ୍ୟା ବେଳକୁ। ମା ଦେଇଥିବା ପଖାଳ କଂସାକୁ ଆମ୍ବୁଲ ଫଡାଏ ତାର ନିତିଦିନିଆ ଖାଦ୍ୟ। ଦ୍ୱିପହରେ ସମସ୍ତଙ୍କ ସହିତ ବସି ଭାତ ଖାଇଲାବେଳେ ଅନ୍ୟମାନେ କଥାବାର୍ତ୍ତା ହୋଇ ଖୁସି ମନାଉଥିବା ବେଳେ, ସିଏ ଭାବୁଥାଏ ତା ପିଲାଦୁହିଁଙ୍କ କଥା, ବୁଢ଼ୀମା'ର କଥା। ବୁଢ଼ୀ ମଣିଷ ଦୁଇଟା ପିଲାଙ୍କୁ ସମ୍ଭାଳିବାକୁ କେତେ ହଇରାଣ ନ ହେଉଥିବ। ତଥାପି ସେଇ ବୁଢ଼ୀମାର ଭରସାରେ ଘରୁ ଗୋଡ଼ କାଢ଼ିଛି ସିଏ। କାମ ନ କଲେ ତା ପିଲା ଖାଇବେ କ'ଣ ବଞ୍ଚିବେ ବା କେମିତି ?

କୋଉଠୁ କେଜାଣି ବଙ୍ଗାଳୀ କଥା କହୁଥିବା ମିସ୍ତ୍ରୀମାନେ ଆସିଥାନ୍ତି ଏଠାକୁ କାମ କରିବାକୁ। ସେମାନଙ୍କ କଥା କିଛି ବୁଝେନା ଗୁରୁବାରୀ। ଡାକ୍ତରଖାନା କାମ କେମିତି ଶୀଘ୍ର ସରିବ ସେଥିପାଇଁ କଂଟ୍ରାକ୍ଟର ଭାରି ତାଗିଦା କରେ ମିସ୍ତ୍ରୀମାନଙ୍କୁ, ମୂଲିଆ ମାନଙ୍କୁ। ଶୀଘ୍ର ଶୀଘ୍ର ହାତ ଚଳେଇବାକୁ କହେ। କଂଟ୍ରାକ୍ଟରର ରାଗ ସବୁ ମିସ୍ତ୍ରୀ ଓ ମୂଲିଆ ମାନଙ୍କ

ଉପରେ ସୁଝାନ୍ତି । ସେମାନଙ୍କୁ ଗାଳିଗୁଲଜ କରନ୍ତି, ଖରାପ ବ୍ୟବହାର ଦେଖାନ୍ତି । ମାତ୍ର ଫିରୋଜ ବୋଲି ମିସ୍ତ୍ରୀଟି ବହୁତ ଭଲ । ତାର କଥାବାର୍ତ୍ତା ଭାରି ଧିରସ୍ଥିର । ଗୁରୁବାରୀ ସାଙ୍ଗରେ କାମ କଲାବେଳେ ଖଣ୍ଡି ଖଣ୍ଡି ଓଡ଼ିଆରେ ଖୁବ୍ କଥାହୁଏ ଫିରୋଜ । ଗୁରୁବାରୀ ସହିତ ସୁଖଦୁଃଖ ମଧ୍ୟ ହୁଏ । ଡାକ୍ତରଖାନା ପାଖରେ ଅସ୍ଥାୟୀ ଟିଣ ଛପର ଘରେ ମିସ୍ତ୍ରୀମାନେ ରୁହନ୍ତି । ଫିରୋଜ ମଧ୍ୟ ସେଇଠି ରହେ । ଗୁରୁବାରୀର ଘର ମଦ୍ୟ ସେଇଠି । ବେଳେ ବେଳେ କାମ ସରିଲେ ଫିରୋଜ ତାଙ୍କ କୁଡ଼ିଆ ଆଡ଼େ ସଂଜରେ ଚାଲିଆସେ ଗପସପ କରିବାକୁ ।

ସେମାନେ ତ ମୁଖ୍ୟତଃ ଆଦିବାସୀ ସମ୍ପ୍ରଦାୟର । ହାଣ୍ଡିଆ ସେମାନଙ୍କର ମୁଖ୍ୟଖାଦ୍ୟ । କାମରୁ ଫେରିଲେ ଗୁରୁବାରୀ ହାଣ୍ଡିଆ କଂସାଏ ପିଇଦେଲେ ଦେହରୁ ତାର ମଦିରା ଛାଡ଼ିଯାଏ । ପୁଣି ସକାଳ ପାଇଁ ତା ଦେହ ଇଟାଉଠା ସିମେଣ୍ଟ ଗୋଳା ପରି ଭାରୀ କାମ କରିବା ପାଇଁ ପ୍ରସ୍ତୁତ ହୋଇଯାଏ । କେଉଁ କେଉଁ ଦିନ ଭାତ ନଥିଲେ ସକାଳୁ ହାଣ୍ଡିଆ କଂସାଏ ପିଇଦେଇ ସିଏ କାମକୁ ବାହାରିଯାଏ । ନିଶା ଚଢ଼ିଆସିଲେ ସେଇ ନିଶାରେ ନିଶାରେ ସେ ସବୁକାମ କରିପକାଏ । ସଞ୍ଜରେ ଫିରୋଜ ଆସିଲେ ଗୁରୁବାରୀ ତାକୁ ମଧ୍ୟ ହାଣ୍ଡିଆ ପିଇବାକୁ ଦିଏ । ଏବେ ହାଣ୍ଡିଆ ପିଇବାକୁ ଫିରୋଜ ପ୍ରାୟ ପ୍ରତିଦିନ ତାଙ୍କ ଘରକୁ ସନ୍ଧ୍ୟାରେ ଆସେ ।

କାମବେଳେ କାହିଁକି କେଜାଣି ଫିରୋଜର ତା ପ୍ରତି ଭାରି ଦରଦ । ବେଶୀ ଉଠାପକା ଭାରି କାମ ସିଏ ତାକୁ ଦିଏ ନାହିଁ । ତାରି ପାଖରେ ଛିଡ଼ା ହୋଇ ତା ହାତକୁ ଇଟା ପାଣି ଯୋଗେଇବ ଗୁରୁବାରୀ । ବେଳେବେଳେ କିଛି ଭିଡ଼ କାମ ନ କରି ପାରିଲେ ଫିରୋଜ ତାକୁ କିଛି କହେନାହିଁ କି କଂଟ୍ରାକ୍ଟର ପାଖରେ ତା ନାଁରେ କିଛି ନାଲିସ କରେ ନାହିଁ । ସେଥିପାଇଁ ଗୁରୁବାରୀ ମନରେ ମଧ୍ୟ ଫିରୋଜ ପାଇଁ ଗୋଟିଏ ସଦ୍‌ଭାବ ସବୁବେଳେ ରହିଥାଏ ।

ଭାଗ୍ୟର ଅଦୃଶ୍ୟ ରଥଚକକୁ ଠେଲି ଠେଲି ଆଗକୁ ବଢୁଥାଏ ଗୁରୁବାରୀ । ବେଡ଼ି ଉପରେ କୋରଡ଼ା ମାଡ଼ ପରି ସବୁବେଳେ କିଛି ନା କିଛି ବିପଦକୁ ସିଏ ସାମ୍ନା କରୁଥାଏ । ଗରୀବଙ୍କ ସ୍ତ୍ରୀ ସମସ୍ତଙ୍କର ଶାଳୀ ଭଳି ତାର ନିଃସଙ୍ଗ ଜୀବନରୁ ସମସ୍ତେ ଫାଇଦା ଉଠାଇବାକୁ ଚେଷ୍ଟା କରନ୍ତି । ପାଦ ପାଦରେ ସତର୍କ ଥାଏ ସିଏ । ଏଇ ଫିରୋଜ ମିସ୍ତ୍ରୀ ତାକୁ ସବୁ ବିପଦରେ ସାହା ହୁଏ । ସେଥିପାଇଁ ଗୁରୁବାରୀ ଫିରୋଜ ପାଖରେ କୃତଜ୍ଞ ଥାଏ ।

ଚାରିଦିନ ହେଲାଣି ସାନପୁଅଟାକୁ କି ଜର ହେଇଛି ଯେ ଜମା ଛାଡ଼ିବାର ନା ନଉନି । ଚାରିଦିନ ହେବ କାମକୁ ଯାଇନି ଗୁରୁବାରୀ । ପିଲାଟାକୁ ଛାଡ଼ି ଯିବାକୁ ମନ ହଉନି । ଚାରିଦିନ ପରେ ଫିରୋଜ ତା ଭଲମନ୍ଦ ବୁଝିଆସିଛି । ପିଲାଟାର ଦେହ ଖରାପ ଦେଖି ଡାକ୍ତର ପାଖକୁ ନେଇଛି ତାକୁ । ମେଲେରିଆ ଜରବୋଲି ଡାକ୍ତର କହୁଛନ୍ତି ଔଷଧ ଇଂଜେକ୍‌ସନ୍ ପାଇଁ କଣ କରିବ କେଉଁଠୁ ପଇସାପତ୍ର ଆଣିବ ସେଇ କଥା ଭାବୁଥିଲା ବେଳେ ପୁଅର ଚିକିତ୍ସା ପାଇଁ ଫିରୋଜ ସବୁ ବ୍ୟବସ୍ଥା କରିଦେଇଛି । କୃତଜ୍ଞତାର ଭାରରେ ନଇଁପଡ଼ିଛି ଗୁରୁବାରୀ । ପୁଅର ଦେହ ଭଲହେଲା ବେଳକୁ ପନ୍ଦରଦିନ ଲାଗିଗଲାଣି । ଏହି ସମୟରେ ଗୁରୁବାରୀକୁ ଖୁବ୍ ସାହାଯ୍ୟ କରିଛି ଫିରୋଜ ।

ଦୁର୍ବଳ ଲଟାଟିଏ ଯଦି ଏକ ସବଳ ଆଶ୍ରୟ ପାଏ ତାହେଲେ ନିଶ୍ଚୟ ତା ଉପରେ ନିର୍ଭରଶୀଳ ହୋଇଯାଏ । ଦୁଇଦୁଇଟା ପିଲା ଓ ବୁଢ଼ୀମାର ଦାୟିତ୍ୱ ତୁଲାଉ ତୁଲାଉ ଥକି ପଡୁଥିବା ଗୁରୁବାରୀ ଟିକିଏ ସାହାର ଖୋଜିଛି, ସମ୍ବେଦନା ଖୋଜିଛି । କେତେବେଳେ ସେଇ ମନୋଭାବ ରୂପାନ୍ତରିତ ହୋଇଛି ଫିରୋଜ ପ୍ରତି ପ୍ରେମ ଭାବରେ ନିଜକୁ ସମର୍ପି ଦେଇଛି ଫିରୋଜ ପାଖରେ ଗୁରୁବାରୀ ସେକଥା ସିଏ ବୁଝି ପାରିନାହିଁ । ଫିରୋଜ ଆଉ ତାର ସେ ସମ୍ପର୍କ ଭିତରେ ଏତେଗୁଡ଼ାଏ ଦିନ ଯେ ବିତିଗଲାଣି ସେକଥା ସିଏ ଜାଣିପାରି ନାହିଁ । ବୁଢ଼ୀମାର ନିରବ ସମ୍ମତି ତା ପିଲାମାନେ ପାଇଛନ୍ତି ବାପର ସ୍ନେହ ଆଉ କଣ ଦରକାର । ଫିରୋଜକୁ ସିଏ ତା ନିଜ ବିଷୟରେ ଆଜି ପର୍ଯ୍ୟନ୍ତ କିଛି ହେଲେ ପଚାରି ପାରିନାହିଁ । ଖାଲି ଏତିକି ଜାଣିଛି ଯେ ତା ଦୁଃଖ ଭିତରେ ଫିରୋଜ ତାକୁ ସାହାରା ଦେଇଛି । ତା ପାଖେ ପାଖେ ଛିଡ଼ା ହୋଇଛି । ଏକୁଟିଆ ସ୍ତ୍ରୀଲୋକଟିଏ ଯେ କେତେ ନିସହାୟ ସେକଥା ତାଠାରୁ ବା ଆଉ ବେଶୀ କିଏ ଜାଣିବ । ଫିରୋଜ ତା ସ୍ୱାମୀ ନୁହେଁ, ତା ଜାତିର ନୁହେଁ, ତା ଦେଶରେ ନୁହେଁ ତଥାପି ତାପାଇଁ ଆଉ ତା ପିଲାମାନଙ୍କ ପାଇଁ ସିଏ ଯାହା କରିଛି ତାକୁ ସେ ଭୁଲିପାରିବ ନାହିଁ ।

ଫିରୋଜ ଆଉ ତାର ପ୍ରେମର ସନ୍ତକ ସ୍ୱରୂପ ଝିଅଟିଏ ଜନ୍ମ ନେଇଛି । ଦୁଇଭାଇ ଜଗା ବଳିଆଙ୍କ ଭିତରେ ଭଉଣୀ ସୁଭଦ୍ରା ପରି । ବେଳେ ବେଳେ ଘନର ସ୍ମୃତି ଆଉ ଚଇତାର କଥା ତା ମନକୁ ଯେ ଆସେନାହିଁ ସେ କଥା ନୁହେଁ । ଆଜି ଚଇତା ଥିଲେ ସିଏ କାହିଁକି ଘରୁ ଗୋଡ଼ କାଢିଥାନ୍ତା । ଏବେ ତା ବଡ଼ପୁଅ ଦଶବାର ବର୍ଷର ହେିଗଲାଣି । ସାନପୁଅ ମଧ୍ୟ ସାତ ଆଠବର୍ଷର ହେଇଗଲାଣି । ଡାକ୍ତରଖାନା କାମ ସରି ସରି ଆସିଲାଣି । ଏଥର ପୁଣି ସିଏ କଣ କରିବ । ଏଇ କାମ ସରିଗଲେ ସିଏ ପୁଣି କୁଆଡ଼େ ଯିବ କାମ କରିବାକୁ । ଫିରୋଜ କଣ ଏଇଠି ସେମାନଙ୍କ ସାଙ୍ଗରେ ରହିବ ? ସିଏ ତ ମିସ୍ତ୍ରୀ କାମ କରେ ଆଜି ଏଠି ତ କାଲି ସେଠି । ସେଇକଥା ତାକୁ ପଚାରିବ ପଚାରିବ ହୋଇ ପଚାରି ପାରେନା ଗୁରୁବାରୀ । କେମିତି ଗୋଟେ ସଂକୋଚ ଭାବ ତାକୁ ମାଡ଼ିବସେ ।

ତା ପ୍ରଶ୍ନ ତା ମନ ଭିତରେ ଅଛି ଦିନେ ହଠାତ୍ ଦେଖିଲା ବେଳକୁ ଫିରୋଜ ତାର ମୂଲିଆମାନଙ୍କ ସହ ଆଉ କୁଆଡ଼େ ଚାଲିଗଲାଣି କାମ ଅନ୍ୱେଷଣରେ । କଂଟ୍ରାକ୍ଟର ତାକୁ ଆଉ କୋଉଠିକୁ କାମ ପାଇଁ ପଠେଇ ସାରିଲାଣି ସେ କଥା କାହାକୁ ପଚାରିବ ଗୁରୁବାରୀ । ଉଡ଼ାଚଢ଼େଇ ପରି ଉଡିଯାଇଥିଲା ଫିରୋଜ । ତାର ଏମିତି ଚାଲିଯିବାଟା ଗୁରୁବାରୀ ସହଜରେ ଗ୍ରହଣ କରିପାରୁ ନଥିଲା । ସତରେ କି ଭାଗ୍ୟ ତା'ର ଯାହାକୁ ସିଏ ଆଶ୍ରା କଲା ସିଏ ତାକୁ ଏମିତି ଧୋକା ଦେଇ ଚାଲିଗଲା ହେଲେ ଏବେ ସିଏ କ'ଣ କରିବ ? ତିନିଟା ପିଲାଙ୍କ ଜୀବନ ତାରି ଉପରେ । ଗଲା ଆଇଲା ଲୋକଙ୍କ ଠାରୁ ଶୁଣୁଥିଲା ଚଇତା କୁଆଡ଼େ ଫେରିଲାଣି ଗାଁକୁ । ମାତ୍ର ଆଜିଯାଏ ଖୋଜି ଲୋଡ଼ି ଆସିନି ତାକୁ, କି ତା ଛୁଆଙ୍କୁ । ଯାହାକୁ ସିଏ ପୁଅପରି ପାଳିଥିଲା । ବଡ଼ଭାଇ ଘନର ସେନେହ ସବୁକୁ ଭୁଲିଗଲା ସିଏ । ତଥାପି ତାକୁ ଫେରିବାକୁ ହେବ ସେଇଠିକୁ ଯେଉଁଠି ଘନର ସ୍ମୃତିକୁ ଛାଡ଼ି ଆସିଛି ସିଏ । ତା ପିଲାଦୁିଟାଙ୍କର ଜନ୍ମସ୍ଥାନ, ସେମାନଙ୍କ ବାପର ଘର । ତାର ଶାଶୁଘର ଗାଁ ସେଇ ବାଲିପଦରକୁ । ନିଜକୁ ନିଜେ ଧିକ୍କାର କରୁଥିଲା ଗୁରୁବାରୀ । ଫିରୋଜର ବିଶ୍ୱାସଘାତକତା ତା ମନକୁ ଖୁବ୍ ଧକ୍କା ଦେଇଥିଲା । ତଥାପି ଏ ନିଷ୍ପାପ ଛୁଆମାନଙ୍କର ବା ଦୋଷ କ'ଣ ? ପଛକଥାକୁ ଧରି ବସିଲେ ହାରିଯିବ ସିଏ । ଆଖିରୁ ଲୁହ ପୋଛିଲା ଗୁରୁବାରୀ । ଭାଇ ତ ଭଗାରୀ ସବୁବେଳେ । ଏବେ ଗାଁ ଲୋକେ ଫିରୋଜ ଆଉ ତା ବିଷୟରେ କେତେ କଥା କହୁଛନ୍ତି । ତା ମା'କୁ ଜାତିରୁ ବାଛନ୍ଦ କରିବା ପର୍ଯ୍ୟନ୍ତ କଥା ଗଲାଣି । ତାଙ୍କ ଜାତିରେ ସବୁବେଳେ ଅଛି ଥରେ ସ୍ୱାମୀ ମରିଗଲା ପରେ ସ୍ତ୍ରୀମାନେ ଦ୍ୱିତୀୟ ବିବାହ କରନ୍ତି । ମାତ୍ର ଗୁରୁବାରୀ ଗୋଟେ ବାହାର ଲୋକ ସହିତ ସମ୍ପର୍କ ରଖିଛି ପିଲାଟେ ଜନ୍ମ ଦେଇଛି, ସେଇ ତାର ଦୋଷ । ସେଥିପାଇଁ ଏବେ କାଠଗଡ଼ାରେ ଛିଡ଼ାହୋଇଛି ଗୁରୁବାରୀ । ମା ମନରେ ଅନେକ ଆଶଙ୍କା ଝିଅପାଇଁ । କେତେ ଲୋକଙ୍କ ମୁହଁ ସିଏ ବନ୍ଦ କରିବ ? ଯେତେ ଲୋକ ସେତେ କଥା । ସେଇକଥା ଭାବିଭାବି ବୁଢ଼ୀ ମା' ମଧ୍ୟ ତାର ଆଖି ବୁଜିଲା ।

ଚାରିଆଡ଼ ଅନ୍ଧାର ଦିଶିଲା ତାକୁ । ବାପଘରର ଏ କୁଡ଼ିଆ ଖଣ୍ଡକରେ ସିଏ ରହିଯାଇଥିଲା କେବଳ

ତା ମା'କୁ ଭରଷା କରି। ଏବେ ସେ ଚାଲିଲା ସେଇ ବାଲିପଦର ଗାଁକୁ। ସକାଳୁ ବାହାରି ଦିନ ବାରଟା ବେଳକୁ ବାଲିପଦରରେ ପହଞ୍ଚିଲା ଗୁରୁବାରୀ। ଚାଲି ଚାଲି ପିଲାଦୁଇଟା ଥକି ପଡିଥିଲେ ସେତେବେଳକୁ। ଝିଅଟା ତାର କାଖରେ ଶୋଇପଡ଼ିଥିଲା। ଭୋକରେ ଶୋଷରେ ହଂସା ଉଡ଼ିଯାଉଥିଲା ତାର। ପିଲାଗୁଡ଼ା ମଧ ଭୋକରେ ଆଉଟୁପାଉଟୁ ହେଲେଣି ସେତେବେଳକୁ। ଗାଁରେ ପହଞ୍ଚିଲା ବେଳକୁ ତାଙ୍କୁ ଦେଖି କୋଉଠିଥିଲା ଚଇତା ଦଉଡ଼ି ଆସିଲା। ଚଇତା ଯେ ଯା ଭିତରେ ଗାଁରେ ଆସି ରହିଛି ସେକଥା ଶୁଣିଥିଲା ଗୁରୁବାରୀ ହେଲେ ବିଶ୍ୱାସ କରୁ ନଥିଲା। ପିଲାଦୁଇଟା କକାକୁ ଦେଖି ଚିହ୍ନିପାରୁ ନାହାନ୍ତି। ଚଇତା ପୁଅ ଦୁଇଟାକୁ କାଖକରି ପକେଇଲା ସିନା ଗୁରୁବାରୀ ସହିତ ପଦେହେଲେ କଥା କହିଲା ନାହିଁ। ପିଲାମାନେ ତାକୁ ଅଚିହ୍ନା ବାରୁଥିବାରୁ କକାପାଖରୁ ଛାଟିପିଟି ହୋଇ ପଳାଇଆସି ମା' ପାଖରେ ଠିଆହେଲେ। ମାତ୍ର ଚଇତା ସେମାନଙ୍କୁ ତା ସହିତ ଯିବାକୁ ନା ଡାକିଲା ନା ଭଲମନ୍ଦ କଥା ପଦେ ପଚାରିଲା। ଗୁରୁବାରୀ ଲୁହରେ କୋହରେ ବତୁରୀ ଯାଉଥିଲା ଯେମିତି। ଏଇ ଚଇତା ତାର ଦିଅର ନୁହେଁ ତ ତାର ବଡ଼ପୁଅ ପରି। କେତେ ଆଦର ଯତ୍ନ ମମତା ଦେଇ ବଢ଼େଇଥିଲା ତାକୁ। ସବୁକଥା ଭୁଲିଗଲା ଚଇତା। ତା ବଡ଼ଭାଇର ସ୍ତ୍ରୀ ତାର ମା' ସମାନ। ସିଏ ତାକୁ ଚିହ୍ନି ନ ଚିହ୍ନିଲା ପରି ବ୍ୟବହାର କରୁଥିଲା ଚଇତା।

ମାତ୍ର ଇଏତ ତାର ଘର ତା ଦୁଇପିଲାଙ୍କର ଏନ୍ତୁଡ଼ିଶାଳ। ସିଏ ଏଇଠି ରହିବ। ମନକୁ ଦୃଢ଼ କରୁଥିଲା ଗୁରୁବାରୀ। ଦାଣ୍ଡ ଦୁଆରମୁହଁରୁ ଘରର ମାଟିପିଣ୍ଡା ଉପରକୁ ଉଠିଗଲା ପିଲାଙ୍କୁ ଧରି। ହେଲେ ଯେ କ'ଣ ? ଘର ତ ଆଉ ଘର ହୋଇ ରହିନାହିଁ। ଚଇତା ତାହେଲେ ରହୁଛି କୋଉଠି। ଖାଲି ଦାଣ୍ଡ ଦୁଆର ମୁହଁଟା ଯାହା ଅଛି। ପଛରେ ଥିବା କୋଠରୀଟା ଭୁଷୁଡ଼ି ପଡ଼ି ଅନାବନା ଗଛର ଜଙ୍ଗଲ ହୋଇଛି। ଗୁରୁବାରୀ ସେଇ ମାଟି ପିଣ୍ଡାଟି ଉପରେ ବସିପଡ଼ିଲା ଘଡ଼ିଏ। ଆଖିର ଲୁହଗୁଡ଼ା ବୋଲ ମାନୁନଥିଲା। ତିନିଟା ପିଲାଙ୍କୁ ନେଇ କୁଆଡ଼େ ଯିବ ସିଏ। ତୋରାଣି ଟୋପାଏ କାହାକୁ ମାଗିବ। ଘର ଆଉ ଘର ହୋଇ ନାହିଁ କେଉଁଠି ମୁଣ୍ଡ ଗୁଞ୍ଜିବ ସିଏ। ନିରୁପାୟ ହୋଇ କିଛି ସମୟ ସେମିତି ବସିରହିଲା ସିଏ। ସାଙ୍ଗରେ ଆଣିଥିବା ବିସ୍କୁଟ ଦୁଇ ଦୁଇ ଖଣ୍ଡ ପିଲାଙ୍କୁ ଖୁଆଇ ନିଜେ ଦୁଇଖଣ୍ଡ ଖାଇଲା। ଏବେ ବେଳ ରତରତ ହେଲାଣି ଆଗକୁ ଅନ୍ଧାର ମାଡ଼ି ଆସିବ। କୁଆଡ଼େ ଯିବ ସିଏ ? ପାଖଘର ଦିନୁଆ କକା ଦେବଦୂତ ପରି ଆସି ଠିଆହେଲା। ତା ପାଖରେ ପହଞ୍ଚି କହିଲା ଝିଅ କାହିଁକି ଆସିଲୁ ଏଠିକି ? କୋଉଠି ରହିବୁ ତୁ ? ଚଇତା ତ ଗାଁ ଭିତରେ କୋଠାଘର କରି ରହିଛି। ତାକୁ ଇନ୍ଦିରାଆବାସ ମିଳିଛି। ଯୋଉ ଇନ୍ଦିରାଆବାସ ଘନ ନାଆରେ ଆସିଥିଲା ତାକୁ ସିଏ ହାତେଇ ନେଇ ଭଲରେ ଜଳୁଛି। ତୁମର ସବୁ ଜମିବାଡ଼ି ଚାଷକରି ଖାଉଛି। ଏ ଘର ଖଣ୍ଡକ ସେମିତି ପଡ଼ିପଡ଼ି ଭାଙ୍ଗିଗଲା ପଛେ ସିଏ ତାକୁ ମରାମତି କଲାନି। ଯୋଉ ସହରିଆ ଝିଅଟାକୁ ନେଇ ପଳେଇ ଆସିଥିଲା ସିଏ ତ ତାକୁ ଉଠବସ କରୁଛି। ଚଇତା କ'ଣ ଆଉ ଆଗଭଳି ଅଛି ? ତା ସ୍ତ୍ରୀ ଟା ଯୋଉ ରଣଚଣ୍ଡୀ ସିଏ କ'ଣ ତୁମମାନଙ୍କୁ ତା' ଘରେ ପୁରେଇବ ?

ନ ପୁରଉ ନିଜେକୁ ନିଜେ ଦମ୍ଭ ଦେଉଥିଲା ଗୁରୁବାରୀ। ଚଇତା କ'ଣ ତା ବାପାର ଏକୁଟିଆ ପୁଅ। ଘନମୁଣ୍ଡା କୁଆଡ଼େ ଗଲା ତାହେଲେ ? ତାହେଲେ ଘନମୁଣ୍ଡାର ସ୍ତ୍ରୀ ସିଏ। ଏବେ ବି ଘନମୁଣ୍ଡାର ଦୁଇ ସନ୍ତକ ତା ପାଖରେ। ନିଜର ହାତଦୁଇଟା ଉପରେ ଖୁବ୍ ବିଶ୍ୱାସ ତାର। ତାର ଏ ଭଙ୍ଗା ଘରକୁ ଏଇ ହାତରେ ସିଏ ନୂଆ ରୂପ ଦେବ। ତା ଜମିରେ ଚାଷକରି ସୁନା ଫଳେଇବ। ନା ତାର ଇନ୍ଦିରାଆବାସ ଦରକାର ନା ଚଇତାର ସାହାଯ୍ୟ। ଦୁଇଟା ପୁଅ ତାର ଦୁଇ ବାହୁପରି ତା କାନ୍ଧକୁ ଆଶ୍ରାଦେବେ। ଦିନୁଆ କକା କହିଲା ତୁ ମାଇପିଟା ହୋଇ ଯଦି ଏତେ ସାହାସ କରୁଛୁ ତାହେଲେ ମୋ ସମର୍ଥନ ବି ତୋ ପଛରେ। ତୁ ଏଇଠି ରହ।

ରାତିଟା ଦିନୁଆ କକା ଘରେ ବିତେଇ ସକାଳୁ ସକାଳୁ ଉଠିଲା ବେଳକୁ ତାର ସେ ଭଙ୍ଗା କୁଡ଼ିଆଖଣ୍ଡକ ହୁତ୍‌ହୁତ୍ ହୋଇ ଜଳୁଥିଲା। ଛୁଆ ତିନିଟାଙ୍କୁ ଧରି ଦାଣ୍ଡରେ ଠିଆ ହୋଇଥିଲା ଗୁରୁବାରୀ। ଯୋଉ ଘରଖଣ୍ଡକ ବାଗେଇ ସିଏ ପିଲାଙ୍କୁ ଧରି ରହିଥାନ୍ତା ସେ ଘର ଆଉ ନାହିଁ। ଏବେ କ'ଣ କରିବ ଗୁରୁବାରୀ ତା ମୁଣ୍ଡରେ କିଛି ପଶୁନଥିଲା। ଗାଁ ସରପଞ୍ଚ, ଦିନୁଆକକା ଓ ଗାଁ ଲୋକଙ୍କ ସହ ପୋଲିସ୍ ଷ୍ଟେସନ ଯିବାକୁ ବାହାରିଲା ସିଏ। ଥାନାରେ ସବୁକଥା କହିସାରିଲା ପରେ ଚଇତାକୁ ପୋଲିସ୍ ଥାନାକୁ ଡକେଇଲା। ନିଜ ଭାଉଜ ଓ ନିଜ ଭାଇର ପିଲାମାନଙ୍କୁ ପୋଡ଼ି ମାରିଦେବା ଚକ୍ରାନ୍ତ ପାଇଁ ପୋଲିସ୍ ତାକୁ ଆରେଷ୍ଟ କଲା। ସେଦିନ ରାତିରେ ସେମାନେ କେବଳ ରକ୍ଷା ପାଇଯାଇଥିଲେ ଦିନୁଆ କକା ଘରେ ଆଶ୍ରୟ ନେଇଥିଲେ ବୋଲି। ଚଇତା ଶେଷକୁ ଜେଲ୍ ଗଲା। ଗୁରୁବାରୀ ଏବେ ବି ସଂଘର୍ଷ କରୁଛି ତା ନିଜର ଅଧିକାର ପାଇଁ। ତା ପିଲାମାନଙ୍କର ଭବିଷ୍ୟତ ପାଇଁ।

*ଅମୃତାୟନ, ମଧୁସୁଦନ ନଗର*
*ତୁଳସୀପୁର, କଟକ*
*ଦୂରଭାଷ: ୯୯୩୭୯୯୩୯୯୭*

# ସମୟ ବୁକ୍ ଷ୍ଟୋର

**- ବିନୋଦ -**

ଆଜି ନୁହେଁ କି କାଲି ନୁହେଁ, ମାସେ ନୁହେଁ କି ବର୍ଷେ ନୁହେଁ, ପ୍ରାୟ ଚାରି ଦଶନ୍ଧି ଧରି ସହରର ମଧ୍ୟଭାଗରେ ରହିଆସିଛି ଏକ ବହି ଦୋକାନ। ଆଭିଜାତ୍ୟମୟ ସହରରେ ସତେ ଯେପରି ଆଧୁନିକତା, ଐଶ୍ୱର୍ଯ୍ୟ ଆଗରେ ନିମିତ୍ତ ହୋଇ ମରି ମରି ଜଳୁଥିଲା ବହି ଦୋକାନ।

ସେହି ରାସ୍ତା ଦେଇ ଯାଇଛି ସହରର କେତେକ ମୁଖ୍ୟରାସ୍ତା। ତା' ଚାରିପାଖରେ ବିଶାଳ ମାର୍କେଟ କମ୍ପ୍ଲେକ୍ସ। ଆଖପାଖରେ ଶହ ଶହ ସରକାରୀ କ୍ୱାର୍ଟର୍ସ। ଶହ ଶହ ବଡ଼ବାବୁ, ଆଇଏଏସ, କୋଟିପତି, ବ୍ୟବସାୟୀ, ଛାତ୍ରଛାତ୍ରୀ, ଶିକ୍ଷକ, ଅଧ୍ୟାପକ ଆଦିଙ୍କ ଆତଯାତ ସେଠାରେ ଥାଏ। ମାତ୍ର ରାସ୍ତା ପାର୍ଶ୍ୱର ଏକ ଗଛ ମୂଳେ ଅତୀତର ଦହଗଞ୍ଜ ଭିତରେ ଜଳୁଥିବା ଏକ ଛୋଟିଆ ଦୋକାନ ହେଲା ସମୟ ବୁକ୍ ଷ୍ଟୋର।

ବର୍ଷର ଅଧିକାଂଶ ଦିନ ଖୋଲା ରହୁଥିଲା ବୁକ୍ ଷ୍ଟୋର। ଖରା, ବର୍ଷା, ଶୀତ କେବଳ ନୁହେଁ, ପ୍ରାକୃତିକ ବିପର୍ଯ୍ୟୟ ବେଳେ ବି ଖୋଲିଥାଏ ବୁକ୍ ଷ୍ଟୋର। ରାସ୍ତା କଡ଼ର ଛୋଟିଆ ଦୋକାନ ହେଲେ କ'ଣ ହେବ, ସେଠାରେ ଅନେକ ପ୍ରକାର ମାଗାଜିନ, ଖବରକାଗଜ, ଧର୍ମଗ୍ରନ୍ଥ, ବର୍ଣ୍ଣମାଳା, ଉପନ୍ୟାସ, ସଙ୍କଳନ, କ୍ୟାଲେଣ୍ଡର ଆଦି ଉପଲବ୍ଧ ଥାଏ। ପିଲାଠାରୁ ବୟସ୍କ- ପ୍ରାୟ ସମସ୍ତଙ୍କ ଲାଗି ଯେପରି ଦୋକାନଟି ପ୍ରଯୁଜ୍ୟ ହୋଇପାରିବ ସେଥିଲାଗି ଗୁରୁତ୍ୱ ଦେଉଥିଲା ବଳରାମ।

ବଳରାମର ବୟସ ଯେତିକି ସେହି ବହି ଦୋକାନର ବୟସ ବି ପ୍ରାୟ ସେତିକି। କାରଣ ତା' ବାପା ହିଁ ଏହି ବହି ଦୋକାନ ଆରମ୍ଭ କରିଥିଲେ। ବଳରାମ ଜାଣିବା ଦିନରୁ ଦେଖିଆସୁଛି ସମୟ ବୁକ୍ ଷ୍ଟୋରର ସୁଖଦୁଃଖ। ବାପା ପ୍ରାୟ ସାରା ଜୀବନ ଏହି ବହି ଷ୍ଟୋରକୁ ମାଧ୍ୟମ କରି କାଟିଥିଲେ। ଅନେକ ଘାତ ପ୍ରତିଘାତ ଆସିଛି, ଝଡ଼ବାତ୍ୟାରେ ବହିଦୋକାନ ଧୂଳିସାତ୍ ହୋଇଯାଇଛି, ଥରେ ଦିଥର ଚୋରି ହୋଇଛି, ଅନେକ ଲୋକ ବାକି ନେଇ ପ୍ରାପ୍ୟ ଦେଇନାହାନ୍ତି, ବହୁ ସମୟରେ ସୁଧ ଲାଗି କିଛି ଲୋକ ଦୋକାନ ଆଗରେ ଗାଳିମନ୍ଦ କରିଛନ୍ତି। ତଥାପି ସବୁକିଛିକୁ ଧୈର୍ଯ୍ୟର ସହ ମୁକାବିଲା କରିଆସିଥିଲେ ବାପା। ସେ ଚାଲିଯିବା ପରେ ସମୟ ବୁକ୍ ଷ୍ଟୋରର ହର୍ତ୍ତାକର୍ତ୍ତା ସାଜିଥିଲା ବଳରାମ। ବୁଲିବା, ଖେଳିବା ବୟସରୁ ସେ ଦୋକାନ ସହ ଭାଗିଦାର ହୋଇଆସିଛି। ପୁଅକୁ ବ୍ୟବସାୟ ଶିଖାଇବା ଲାଗି ବାପା ଅନେକ ପ୍ରଚେଷ୍ଟା କରିଛନ୍ତି। ବାପାଙ୍କ କହିବା ମୁତାବକ ସେ ବି ଧୈର୍ଯ୍ୟ କ'ଣ ତାହା ପରୀକ୍ଷା କରିବା ଲାଗି ସମସ୍ତ ପ୍ରତିବନ୍ଧକକୁ ମୁକାବିଲାର ସାହସ ଠୁଳ କରିପାରିଛି।

ବାପା କହୁଥିଲେ -ଯେତେବେଳେ ବହି ଦୋକାନ ଆରମ୍ଭ ହୋଇଥିଲା ସେତେବେଳେ କିଛି ଶୁଭେଚ୍ଛୁଙ୍କ ସହ ସେ ଆଲୋଚନା କରିଥିଲେ। ଦୋକାନର ନାଁ କ'ଣ ଦିଆଯିବ ସେନେଇ ପରାମର୍ଶ ମାଗିଥିଲେ। କିଏ କେତେ ପ୍ରକାର ନାଁ କହିଲେ। ହେଲେ 'ସମୟ' ନାମଟି ବାପାଙ୍କ ମନକୁ ପାଇଥିଲା। ଶେଷରେ ଏହା ପାଲଟିଯାଇଥିଲା ସମୟ ବୁକ୍ ଷ୍ଟୋର। ସମୟର ତାଳେତାଳେ ସେ କଷ୍ଟେମଷ୍ଟେ ବଞ୍ଚିଆସିଛି। ମରଣମୁହଁରୁ ଅନେକ ଥର ବଂଚିଛି। ସହରର ଭଙ୍ଗାଗଢ଼ା ଖେଳରେ ସେ ମୁକାବିଲା କରିବାକୁ ସକ୍ଷମ ହୋଇଛି।

ଦୋକାନ ଆରମ୍ଭ ବେଳେ ସହରର ଲୋକ ସଂଖ୍ୟା ଥିଲେ ପଚାଶ ହଜାର। ବର୍ତ୍ତମାନ ଲୋକ ହେଲେଣି କୋଡ଼ିଏ ଲକ୍ଷ। ସେତେବେଳେ ସରକାରୀ ବାବୁଙ୍କ ସଂଖ୍ୟା କେଇ ଶହ ଥିଲା। ଏବେ ତାହା ଲକ୍ଷାଧିକ। ସେତେବେଳେ ସ୍କୁଲ, କଲେଜ, ଶିକ୍ଷାନୁଷ୍ଠାନ ହାତଗଣତି ଥିଲା। ଏବେ ଗଣନା କରିବା କଷ୍ଟ। କେଇ ଶହ କୋଠା ଥିବା ସହରରେ ଏବେ ହଜାର ହଜାର ଆକାଶ ଛୁଆଁ କୋଠା। ରାତାରାତି ବଢ଼ିଚାଲିଛି ସହରର ସୀମା। ଲୋକଙ୍କ ନିକଟରେ ଅର୍ଥ ହାଉଯାଉ। ଲୋକ ନିଜର ବିଭିନ୍ନ କ୍ଷୁଧା ମେଣ୍ଟାଇବାକୁ ସର୍ବଦା ତତ୍ପର। ହେଲେ ପଢ଼ିବାର କ୍ଷୁଧା ଏତେ ନିମ୍ନସ୍ତରକୁ ଚାଲିଯାଇଛି ଯେ, ତାହା କଳ୍ପନା କରିବା ସମ୍ଭବ ନୁହେଁ।

ବଳରାମ ସବୁ ଜାଣେ। କାରଣ ବାପା ଚାଲିଯିବା ପରେ ପ୍ରାୟ ତିନି ଦଶନ୍ଧି ଧରି ସେ ବୁକ୍ ଷ୍ଟୋରକୁ ସମ୍ଭାଳି ଆସିଛି। ବାପା ବଞ୍ଚିଥିବାବେଳେ ତାଙ୍କ ନିକଟକୁ ଧରାମତ ଅନେକ ସାହିତ୍ୟିକ ଆସୁଥିଲେ। କେତେକ ପ୍ରଖ୍ୟାତ କବି, ସାହିତ୍ୟିକ, ଲେଖକ, ଔପନ୍ୟାସିକ, ଚିତ୍ରକର ପ୍ରମୁଖ ଆସୁଥିଲେ। ସେମାନଙ୍କ ମଧ୍ୟରେ ଏକ ସୃଜନଗତ ବନ୍ଧୁତା ଯେପରି ରହିଥିଲା। ମାତ୍ର ଆଜିକାଲି ଆଉ ତାହା ଦେଖିବାକୁ ମିଳୁନାହିଁ। ସେଥିଲାଗି ନିରୋଳା ମନର ମଣିଷ ବଳରାମ ମନରେ କ୍ଷୋଭ ଥାଏ। ମାତ୍ର ନିରର୍ଥକ।

ସମୟ ଆସି ଚାଲିଯାଏ। ମାତ୍ର ସମୟ ବୁକ୍ ଷ୍ଟୋର କେତେଦିନ ଆଉ ଏପରି ଲଢ଼ିବ ? ସମୟର ତାଳେତାଳେ ଆଉ କେତେ ପ୍ରତିବନ୍ଧକକୁ ସମୟ ବୁକ୍ ଷ୍ଟୋର ମୁକାବିଲା କରିବ ?

ଦୋକାନରେ ପ୍ରାୟ ଲକ୍ଷେ ଟଙ୍କାର ବହି ଜମା ରହିଛି। କିଛି ବହି ଅନେକ ବର୍ଷ ଧରି ରହିଛି। ପକେଟ ବୁକ୍‌ଠାରୁ ଆରମ୍ଭ କରି ବଡ଼ ଉପନ୍ୟାସ ଓ ଧର୍ମଗ୍ରନ୍ଥ। ଆଠ ଦଶଟି ଓଡ଼ିଆ ଅଭିଧାନ ପ୍ରାୟ ଆଠ ବର୍ଷ ଧରି ରହିଛି। ଅତି ଆଗ୍ରହରେ ସେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ପରି ଏକ ବିଶାଳ ଅଭିଧାନ ସିରିଜ ଆଣିଥିଲା। ମାତ୍ର ତାହା ସେହିପରି ପଡ଼ିରହିଛି। ଏତେ ଟଙ୍କା ଦେଇ ସିରିଜ କିଣି ଭାବିଥିଲା ନିଶ୍ଚୟ କେହି ନା କେହି ଏହାକୁ ନେଇଯିବେ। ଭଲ ଦି ପଇସା ମିଳିଯିବ। ମାତ୍ର ତାହା ହେଲା ନାହିଁ। ତାକୁ ଲାଗୁଥିଲା ଏହି ଭାଷାକୋଷ ରଖି ତା' ଦୋକାନଟି ସମୃଦ୍ଧ। ମାତ୍ର ଛୋଟିଆ ଦୋକାନରେ ଜାଗା ମାଡ଼ିବସିବା, ବିକ୍ରି ନ ହେବାରୁ କିଛି ଟଙ୍କା ଅଯଥା ପଡ଼ିରହିବାକୁ ନେଇ ଦୁଃଖିତ ହେଉଥିଲା ବଳରାମ। ତଥାପି ଅପେକ୍ଷା କରିଥିଲା କେବେ ନା କେବେ ଭାଷାକୋଷ ସିରିଜକୁ କିଏ ନିଶ୍ଚୟ ନେବେ।

କିଛି ବର୍ଷ ପୂର୍ବେ ସାହିତ୍ୟ ମାଗାଜିନଗୁଡ଼ିକର ପାଠକ ଭଲ ଥିଲେ। ମାତ୍ର କାଳକ୍ରମେ ତାହା ହାତଗଣତି ଅବସ୍ଥାକୁ ଆସିଯାଇଥିଲା। କାଁ ଭାଁ ଜଣେ ଦିଜଣ ଆସି ନୂଆ ମାଗାଜିନ କିଣୁଥିଲେ। ଦଶ କୋଡ଼ିଏ ଖବରକାଗଜ ପାଠକ ପାଠିକାଙ୍କୁ ଛାଡ଼ିଦେଲେ ଅବଶିଷ୍ଟମାନଙ୍କର ଦେଖା କମ୍ ମିଳୁଥାଏ।

ଭୋର ପାଞ୍ଚଟାରୁ ଉଠି ନିତ୍ୟକର୍ମ ସାରିବା ପରେ ବହିଗୁଡ଼ିକୁ ଦୋକାନ ବାହାରକୁ ଆଣି ସଜାଇବା, କେଉଁଠି କେଉଁ ବହି ରହିବ ସେଥିଲାଗି ଜାଗ୍ରତ ହେବା- ଏସବୁ ଥିଲା ବଳରାମର ନିତିଦିନିଆ କାମ। ଏହା ନକଲେ ବି ନଚଳେ। ସେଥିରେ ପୁଣି କିଛି କିଛି ନୂଆ ବହି ମିଶାଇବା କାମ ବି କରାଯାଇଥାଏ। ଏହା ନକଲେ ପୁଣି ଯେଉଁ ମୁଷ୍ଟିମେୟ ପାଠକପାଠିକା ଆସୁଛନ୍ତି ସେମାନେ ବି ବନ୍ଦ ହୋଇଯିବେ।

କିଛି ବର୍ଷ ପୂର୍ବେ ପରୀକ୍ଷାର୍ଥୀମାନେ ଦୋକାନକୁ

ଆସୁଥିଲେ। ମେଡିକାଲ, ଇଞ୍ଜିନିୟରିଂ, ରେଳବାଇ ଆଦି ଚାକିରି ଲାଗି ଆବଶ୍ୟକୀୟ ବହି କିଣୁଥିଲେ। ମାତ୍ର କାଳକ୍ରମେ ସେମାନଙ୍କ ଆସିବା ବି ବନ୍ଦ ହୋଇଗଲା। ଅନଲାଇନ ଯୁଗରେ ବହି ଆଉ କିଏ କିଣିବେ ? ଯାହା କିଛି ଡଜନ ଦିଡଜନ କମ୍ପିଟିଟିଭ ମାଗାଜିନ ଥିଲା ତାହା ବି ଅଦରକାରୀ ହୋଇଗଲାଣି। ସେଥିରେ ତା' ହାତକୁ ବେଶ୍ କିଛି ଟଙ୍କା ବାଜିଥିଲା।

ବାପାଙ୍କଠାରୁ ସେ ଶିଖିଥିବା ଧୈର୍ଯ୍ୟ ଅନେକ ବାର ବ୍ୟବହାର କରିଛି। କେବେ ବି ଭାଙ୍ଗିଯାଇନାହିଁ। ତଥାପି ଏହି ସୀମା ଆଉ କେତେ ଦିନ ? ଘରେ ସେ କେବଳ ଏକା ନୁହେଁ, ସ୍ତ୍ରୀ, ଦୁଇ ସନ୍ତାନ। ସେମାନଙ୍କ ମୁହଁକୁ ବି ତ ଦେଖିବାକୁ ପଡ଼ିବ।

ବଳରାମକୁ ବି ଚିନ୍ତାକରିବାକୁ ପଡ଼ିବ ଆଗାମୀ ଦିନ ବିଷୟରେ। ସେ ଆଜିଯାଏ ଭବିଷ୍ୟତ ଲାଗି କିଛି ସଂଚୟ କରିପାରିନାହିଁ। ସନ୍ଧ୍ୟା ସୁଦ୍ଧା ଯେତିକି ଆୟ ସେଥିରେ ଚଳିବା ହିଁ ସାର। ସେଥିଲାଗି ସେ ଜୀବନରେ ଲୋଭ କରିନାହିଁ, କମ୍ ଆୟ ହେଲେ ଦୁଃଖୀ ହୋଇନାହିଁ, ଅଧିକ ଆୟ ହେଲେ ସୁଖୀ ହୋଇନାହିଁ। ଏକ ସାବଲୀଳ ଜୀବନ ଲାଗି ଉତ୍ସର୍ଗୀକୃତ ଥିଲା ବଳରାମ।

ଏହି ଦୋକାନ ବ୍ୟତୀତ ଅନ୍ୟ କିଛି କରିବାକୁ ବି ବଳରାମ କେବେ ଚାହିଁନାହିଁ। ତା'ର ମନରେ ବାପାଙ୍କ ଅବଦାନ, ସୃଜନଗତ ତ୍ୟାଗକୁ ସେ ସମ୍ମାନ ଜଣାଇଥାଏ। କ୍ଷୁଦ୍ର ଦୋକାନ ଭିତରେ ଯେଉଁ ସବୁ ମୂଲ୍ୟବାନ ନୈତିକ ସମୃଦ୍ଧ ପୁସ୍ତକ ରହିଛି ତାହାକୁ ସେ କିପରି କିଲୋ ଦରରେ ବିକି ଦେବ ? ବହି ବ୍ୟବସାୟ କରି ଏକ ଅମୂଲ୍ୟ ସେବାକୁ ସେ କିପରି ତ୍ୟାଗ କରିପାରିବ ?

ତା'ର ମନେଅଛି, ବାପା ଥିବାବେଳେ ଅନେକ ବୟସ୍କ ଲୋକ ଆସୁଥିଲେ। ସେମାନେ କିଛି ଖବରକାଗଜ ତ କିଣୁଥିଲେ, ହେଲେ ଉପନ୍ୟାସ, ଧର୍ମଗ୍ରନ୍ଥ ଆଦି କିଣୁଥିଲେ। ସେମାନେ ନିଜ ନିଜ ପିଲାମାନଙ୍କ ଲାଗି ବି କିଛି ମାଗାଜିନ ଆଦି କିଣୁଥିଲେ। ମାତ୍ର ତାହା ଆଜି ଏତେ ପରିମାଣରେ କମିଯାଇଛି ଯେ, କଳ୍ପନା କରିବା କଷ୍ଟକର। ଯେଉଁ କେତେ ଖଣ୍ଡ ଧର୍ମଗ୍ରନ୍ଥ ପଡ଼ିରହିଛି ତାହା ସେହିପରି ଅବସ୍ଥାରେ ରହିଛି। ନୂଆ କିଛି କିଛି ମିଶାଇବା ଲାଗି ବଳରାମ ଚେଷ୍ଟା କରେ। ମାତ୍ର ସାହସ ହୁଏନି। ଲୋକେ ତ ସହଜେ ପୁରୁଣା ବହି କିଣିବାକୁ ଚାହାଁନ୍ତିନି। କେବଳ ଚକଚକ୍ ବହି କିଣିବାରେ ମନ। ବଳରାମ ଭାବେ- ବହି ତ ବହି, ନୂଆ ପୁରୁଣା କ'ଣ ?

କିଛି ବର୍ଷ ତଳେ ସାହିତ୍ୟ ମାଗାଜିନର ଭଲ ବିକ୍ରି ଥିଲା। ପ୍ରାୟ ପଚାଶ ସାହିତ୍ୟିକ ପ୍ରତି ମାସରେ ତା' ଦୋକାନକୁ ଆସୁଥିଲେ। ସେଥିରୁ ଭଲ ଦି ପଇସା ରୋଜଗାର ବି ହେଉଥିଲା। ମାତ୍ର ତାହା ଆସ୍ତେ ଆସ୍ତେ କମିଗଲା। ମୁଷ୍ଟିମେୟ ସାହିତ୍ୟିକ ହିଁ ଦୋକାନକୁ ଆସିବାରେ ଲାଗିଲେ। ତାହା ପୁଣି ଦିନେ କାଳେ ଅଧେ।

ବଡ଼ ବଡ଼ ସାହିତ୍ୟିକ, ଔପନ୍ୟାସିକ, କବି, ଲେଖକ ପ୍ରମୁଖଙ୍କ ପୁସ୍ତକର ଚାହିଦା ଆଗେ ବହୁ ଅଧିକ ଥିଲା। ବରିଷ୍ଠ ପାଠକମାନେ ବହି ଲାଗି ଅଗ୍ରିମ ଟଙ୍କା ଦେଇ ବହିଟିକୁ ଆଣିବା ଲାଗି କହୁଥିଲେ। ମାତ୍ର ସମୟ ଏପରି ବଦଳିଗଲା ଯେ, ସେହି ସବୁ ପାଠକ ମୂଳପୋଛ ହୋଇଗଲେ।

ଦୁନିଆଟିକୁ ବାରମ୍ବାର ବିଶ୍ଳେଷଣ କରୁଥିଲା ବଳରାମ। ସେ ଆଉ କେତେ ତ୍ୟାଗ କରିବ। ଜୀବନର ପ୍ରାୟ ପଚାଶଟି ବସନ୍ତ ଅତିକ୍ରମ କରିଗଲା। କିଛି ବି ସଞ୍ଚୟ କରିପାରିନାହିଁ କି ଭଲରେ ବଞ୍ଚିପାରିଲା ନାହିଁ। ରାତି ପାହିଲେ ଅର୍ଥ ଚିନ୍ତା। ଗୋଟିଏ ପ୍ରକାର ଅବସ୍ଥା ସହ ସାଲିସ ଆଉ କେତେ ଦିନ ?

ଦିନକୁ ଦିନ ସ୍ଥିତି ବିଗିଡ଼ିବାରେ ଲାଗିଲା। କେବଳ ଖବରକାଗଜ ଛଡ଼ା ଅନ୍ୟ କିଛି ବିକ୍ରିବଟା ପ୍ରାୟ ଶୂନ ହୋଇଗଲା। ଏହାର ପ୍ରଭାବରେ ବଳରାମର ସ୍ଥିତି କ୍ରମଶଃ ଦୟନୀୟ ହେବାରେ ଲାଗିଲା।

ସକାଳ ହେବା ବେଳକୁ ବଳରାମର ଆଶା ଜାଗରଣ ହେଉଥିଲା। ସନ୍ଧ୍ୟା ହେବା ବେଳକୁ ତାହା ମିଳାଇବାରେ ଲାଗୁଥିଲା। ଘନ ରାତି ହେବା ବେଳକୁ ଚିନ୍ତାଗ୍ରସ୍ତ ମନରେ ଶହ ଶହ ଶୂନ୍ୟତା ମଧ୍ୟରେ ନିଦ୍ରାରେ ଯାଉଥିଲା।

ଜଣେ ଜଣାଶୁଣା ପ୍ରକାଶକ ମଧୁସୂଦନଙ୍କ ସହ ବଳରାମର ସମ୍ପର୍କ ଥିଲା। ସେ ପ୍ରାୟ ବଳରାମର ଦୋକାନକୁ ଆସୁଥିଲେ। ବୟସ ଷାଠିଏରୁ ଅଧିକ। ତଥାପି ଏହି ବୃତ୍ତିରୁ ସେ ଅବସର ନେଇ ନଥିଲେ। ମାତ୍ର ସେ ବି ସର୍ବଦା ଦୟନୀୟ ସ୍ଥିତିରେ କାଳ କାଟୁଥିଲେ। ଅତୀତର ସିସା ଛାପା ମେସିନଠାରୁ ଆରମ୍ଭ କରି ଛୋଟିଆ ଅଫସେଟ୍ ମେସିନଟିଏ ପକାଇ ଯାହା କିଛି ଆୟ ସେତିକି ହିଁ ଯଥେଷ୍ଟ। ଆଜିକାଲିର ପ୍ରତାରକ ପ୍ରକାଶକଙ୍କଠାରୁ ସେ ଅନେକ ଗୁଣରେ ଭଲ ଥିଲେ। ଆଜେବାଜେ ଲେଖକଙ୍କ ବହି ନଛାପି, ଟଙ୍କା ଲୋଭରେ ଶସ୍ତା ବହି ପ୍ରକାଶ ନ କରି ସେ ବାଛି ବାଛି ଭଲ ବହି ପ୍ରକାଶ କରୁଥିଲେ। ବହି ପ୍ରକାଶ ମୂଳରେ ସେ ନୈତିକତାକୁ ଗୁରୁତ୍ୱ ଦେଉଥିଲେ। ଅର୍ଥ ଆଳରେ ଆଜେବାଜେ ବହି ଛାପିବେ ବା କାହିଁକି ? ଏପରି ବହି ବି ଛାପିଲେ ଫଳ କ'ଣ ? ତାଙ୍କର ମନେ ଅଛି ଅତୀତରେ ସେ ଅନେକ ସୁନାମଧନ୍ୟ ସାହିତ୍ୟିକଙ୍କ ବହି ପ୍ରକାଶ କରିଥିଲେ। ସେହି ପ୍ରକାଶନରୁ ଖଣ୍ଡିଏ ଖଣ୍ଡିଏ କପି ପାଇବା ଲାଗି ପାଠକମାନଙ୍କର କି ବ୍ୟଗ୍ରତା ଥିଲା। ମାତ୍ର ସେହି ବହିଗୁଡ଼ିକର ପ୍ରକାଶ କରାଯାଉନାହିଁ କି ସେଥିଲାଗି ସରକାରୀ ପ୍ରୋତ୍ସାହନ ନାହିଁ। ପାଠକମାନେ ବି ସେହି ବହି ଆଉ ଚାହୁଁନାହାନ୍ତି। ନିଜ ନିଜ ସମ୍ପର୍କରେ ଥିବା କିଛି କବି, ଲେଖକମାନଙ୍କର ଖଣ୍ଡିଏ ଦୁଇଖଣ୍ଡି ବହି ଛାପିଦେଲେ କାମ ସରୁଛି। ପ୍ରକାଶକମାନେ ବେଶ୍ ଦି ପଇସା ପାଉଥିଲେ ବି ଲେଖକମାନେ ପ୍ରତାରଣାର ଶିକାର ହୋଇଥାନ୍ତି। ସାହିତ୍ୟ ପୁସ୍ତକର ପାଠକ ବଢ଼ିବ କୁଆଡୁ ?

ମଧୁସୂଦନ ଅନେକ ସମୟରେ ଦୀର୍ଘଶ୍ୱାସ ପକାନ୍ତି। ଆଉ ତାଳ ମିଳାଇ ଚାଲିବା ସମ୍ଭବ ବୋଧ ହେଉ ନଥିଲା। ଆଧୁନିକ ଅଫସେଟ ଆଣିବା ତାଙ୍କ ଲାଗି ସମ୍ଭବ ନଥିଲା। ପୁଣି ଆଜିକାଲିର ଦୋନମ୍ବରୀ ବ୍ୟବସ୍ଥାରେ ସେ ତାଳ ମିଳାଇ ଚାଲିବା ସମ୍ଭବ ନଥିଲା। ନିଜର ନୈତିକତା, ମୂଲ୍ୟବୋଧକୁ ସେ ସର୍ବଦା ଗୁରୁତ୍ୱ ଦେଇଆସୁଥିଲେ। ଦିନକୁ ଦିନ ସେ ଶକ୍ତିହୀନ ହେବା ସହ ବୟସାଧିକ କାରଣ, ଆର୍ଥିକ ଦୁରବସ୍ଥା ଆଦି କାରଣରୁ ତାଳ ମିଳାଇବାରେ ସକ୍ଷମ ହୋଇପାରୁ ନଥିଲେ।

ତାଙ୍କର ଅନେକ ମନର କଥାକୁ ସେ ବଳରାମ ପାଖରେ କହି ହାଲୁକାବୋଧ ହୋଇଛନ୍ତି।

ଦିନେ ବଳରାମ ଶୁଣିଲା ମଧୁସୂଦନ ଆଉ ଇହଧାମରେ ନାହାନ୍ତି। ନିଜର ପ୍ରାୟ ତିରିଶ ବର୍ଷର ପୁସ୍ତକ ପ୍ରକାଶନ ସଂସ୍ଥାକୁ ପରକରି ସେ ଚାଲିଯାଇଥିଲେ ଆରପାରି।

ବଳରାମକୁ ଲାଗିଲା ତା'ର ଗୋଟିଏ ଅଙ୍ଗ ପଡ଼ିଗଲା। କାରଣ ମଧୁସୂଦନଙ୍କ ସହ ତା'ର ଏକ ଭିନ୍ନ ସମ୍ପର୍କ ଥିଲା। ବଳରାମର ସୁଖଦୁଃଖରେ ସେ ଠିଆ ହେଉଥିଲେ। ବଳରାମ ବି ତାଙ୍କ ଘରକୁ ଅନେକ ସମୟରେ ଯାଏ। ହେଲେ ମଧୁସୂଦନ ଚାଲିଯିବା ପରେ ବଳରାମ ନିଜକୁ ନିଃସଙ୍ଗ ମନେକଲା।

ଏଥର ବଳରାମ ଲାଗି ଆସିଲା ଆହୁରି ଭୟଙ୍କର ଦୁର୍ଦ୍ଦିନ। ପରିବାରର ଆର୍ଥିକ ଦୁର୍ଦ୍ଦିନ, ପିଲାମାନଙ୍କ ଭବିଷ୍ୟତ, ଘର ଭଡ଼ା...ଏ ସବୁ ସମସ୍ୟାର ବୋଝ ଦିନକୁ ଦିନ ଦୁର୍ବିସହ ହେବାରେ ଲାଗିଲା।

ଏତେ ଅସୁବିଧା ମଧ୍ୟରେ ସେ ବ୍ୟବସାୟ ବନ୍ଦ କଲାନି। ନିତି ସମୟ ନିର୍ଘଣ୍ଟରେ ନ ଆସି ରହିପାରିଲା ନାହିଁ। ରୋଗଗ୍ରସ୍ତ ଶରୀରରେ ବି ସେ ପଦାକୁ ବହି କାଢ଼ି ସଜାଇବାଠାରୁ ଆରମ୍ଭ କରି ବିକ୍ରିବଟା କରୁଥିଲା। ତା'ର ଆୟ କ୍ରମଶଃ କମି କମି ଆସିଲା।

ଅତି ପାଖ ଲୋକ ବୋଲି ସେ ଯେଉଁମାନଙ୍କୁ ଭାବୁଥିଲା ସେମାନଙ୍କୁ ସେ ମନର କଥା କହିଲା। ଆଖିରୁ ଲୁହ ଗଡ଼ାଇଲା। ମାତ୍ର ସେମାନେ ସମସ୍ତେ କ୍ରମଶଃ ଦୂରେଇଯିବାରେ ଲାଗିଲେ। ସେମାନେ ଦୋକାନ ପରିବର୍ତ୍ତନ କରି ଅନ୍ୟ ଦୋକାନରୁ କିଣାକିଣି କଲେ।

ଦିନେ ଖବର ମିଳିଲା ବଳରାମ ଏ ସଂସାର ଛାଡ଼ି ଚାଲିଯାଇଛି।

ବଳରାମକୁ ଭଲ ପାଉଥିବା ଲୋକେ ସମୟ ବାହାର କରି ଶେଷ ଦର୍ଶନ ଲାଗି ତା' ଘରକୁ ଗଲେ।

କାହା କାହା ପାଟିରୁ ବାହାରୁଥିଲା- ଆଃ... ବଳରାମ ପରି ସାଧକ ଆଉ କ'ଣ ତିଆରି ହେବେ ?

କିଛି ଦିନ ପରେ ରାସ୍ତା ସମ୍ପ୍ରସାରଣ କାମରେ ସମୟ ବୁକ୍ ଷ୍ଟୋରକୁ ବି ବୁଲଡୋଜର ଲଗାଇ ମାଟିରେ ମିଶାଇ ଦିଆଗଲା।

**ଭୁବନେଶ୍ୱର**
**ଦୂରଭାଷ: ୯୪୩୭୧୬୪୭୬୪**



# ତାଲାପକା ହୃଦୟ

ଡକ୍ଟର ସୁବାସିନୀ ଲେଙ୍କା

କେତେବେଲୁ ସଞ୍ଜ ହେଲାଣି । ରାତି କେତେହେବ କେଜାଣି । କାନ୍ଥ ଘଣ୍ଟାର ଟିକ୍ ଟିକ୍ ଶବ୍ଦ ପରିଷ୍କାର ଶୁଭୁଛି କାନକୁ । ମୁହଁ ଟେକି ଘଣ୍ଟାକୁ ଚାହିଁବାକୁ ଇଛା ହେଉନି । ଅନେକ କଥା ଭାବୁଛନ୍ତି ଅପରାଜିତା । ମନର ଘାଆକୁ ଦେଖାଇବାକୁ ତାଙ୍କମନ ଚାହୁଁନି । କେଡ଼େ ସ୍ୱାର୍ଥପର ଏ' ଦୁନିଆ । ଯେତେ ଭଲହେଲେ କିମ୍ୱା ପରିବାର ପାଇଁ ଚିନ୍ତା କଲେବି ସଂପର୍କ ଦିଏ ତୁମର ପରିଚୟ । ମା'-ପୁଅର ସଂପର୍କ, ଶାଶୂ-ବୋହୂର ସଂପର୍କ, ସ୍ୱାମୀ-ସ୍ତ୍ରୀର ସଂପର୍କର ବାର୍ତ୍ତାଦିଏ ତୁମେ ଭଲ କି ମନ୍ଦ । ବୋହୂ ହୋଇପାରେନି ଝିଅ । ଏହି କଥାଟି ଆଜି ଅପରାଜିତା ମର୍ମେ ମର୍ମେ ଅନୁଭବ କରୁଛନ୍ତି ।

ସୁନ୍ଦର ସଂସାରର ପରିକଳ୍ପନା କରିଥିଲେ ଅପରାଜିତା । ଉପଦେଶ ଦେଇ ଚାଲିଛନ୍ତି ଆଜିଯାଏ । ତୁମମାନଙ୍କ ଭିତରେ ଭଲ ସଂପର୍କ ରଖିବ । ଆମର ଅଭାବ ନାହିଁ । କେବଳ ମନର ଅଭାବକୁ ନଜର ଦେବ । ସେତକ ମୋର ଦରକାର । ଏହା ମୋର ଚାବି ଖୋଲା ହୃଦୟର କଥା ।

କାହିଁ ତାହାତ ହେଲାନି । ମିଳିଲା ମୁଠା ମୁଠା ତରଳା ନିଆଁ । ସେ ଖଇଫୁଟା ନିଆଁରେ ଅପରାଜିତା ସିଝି ଯାଉଛନ୍ତି ।

ମଣିଷ ଭାବେ ଗୋଟିଏ ପ୍ରକାର । ତା'କୁ ମିଳେ ଅନ୍ୟ ପ୍ରକାର । ସେତେବେଳେ ନିଃସହାୟ ମଣିଷ ଛଟପଟ ହୋଇଯାଏ । ମୃତ୍ୟୁକୁ ଆଲିଙ୍ଗନ କରେ । ଯେତେ ଭଲପାଇଲେ ମଧ୍ୟ ମୃତ୍ୟୁ ହାତ ପାହାନ୍ତାକୁ ଆସେନି । ମଣିଷ ଯଦି ନିଜ ଇଛା ମୁତାବକ ସବୁ ପାଇ ଯାଆନ୍ତା ତା'ର ଦୁଃଖ ବୋଲି କିଛି ରହନ୍ତାନି । ଦୁଃଖ ନଥିଲେ ଜୀବନ ହୋଇଯାଏ ଅଧୁରା । ଅମାବାସ୍ୟା ପରେ ପୂର୍ଣ୍ଣିମା କରିଦିଏ ଦୁନିଆକୁ ଆଲୋକିତ । ଚନ୍ଦ୍ରର ଜ୍ୟୋସ୍ନାରେ ଘୋଡ଼େଇ ଯାଏ ଧରଣୀ । କି ଅପୂର୍ବ ଶୋଭା । ଦୁଃଖ ପରେ ସୁଖ ଆସେ ସୁଖର ପସରା ଧରି । ମନରେ ଭରିଯାଏ ପୁଲକ ।

ଦିନଟିଏ ଦେଇଥାଏ ଜୀବନ ସାରାର କାହାଣୀ । ଆଜି ଅପରାଜିତା ଅସୁସ୍ଥ । ବୟସ ଡେଇଁଲାଣି ସତୁରି । ହାତ ଗୋଡ଼ରେ ବଳ ନାହିଁ । କାମ କରିବାର ଶକ୍ତି ସେ ହରେଇଲେଣି ପାଞ୍ଚବର୍ଷ ପୂର୍ବରୁ । ସମୟ ଛଡ଼େଇନେଇଛି କାମ କରିବାର ଇଛାଶକ୍ତି । ନକାରାତ୍ମକ ମନୋଭବ ଭରିଯାଇଛି ମନରେ । ବୟସର ଏହା ଛାପ । ପ୍ରତ୍ୟେକ ମଣିଷର ମନରେ ଏହାର ଛାପ ଅନୁଭୂତ ହୁଏ । ଗୋଟିଏ ସମୟର ସେ ଅନେକ କାର୍ଯ୍ୟକ୍ଷମ ଥିଲେ । ବଡ଼ି, ଆଚାର ଠାରୁ ଆରମ୍ଭକରି ଜେଲି ଜାମ ଇତ୍ୟାଦି କରି ଖୁଆଉଥିଲେ ପରିବାରବର୍ଗଙ୍କୁ । ଯାହା ଯେଉଁଠୁ ଶୁଣୁଥିଲେ ତା'କୁ ଶିଖି ଆସି ଘରେ କରି ପକଉଥିଲେ । ସେତେବେଳେ ପ୍ରଶଂସା ଲୋଡୁନଥିଲେ । ଏହା ତାଙ୍କର କର୍ତ୍ତବ୍ୟ ବୋଲି ଭାବୁଥିଲେ । ସିଲେଇ ଟ୍ରେନିଂ ନେଇ ବ୍ଲାଉଜ୍, ଶାୟାଠାରୁ ଆରମ୍ଭକରି ପିଲାଙ୍କ ଫ୍ରକ୍, ସାର୍ଟ ସିଲେଇ କରି ପାଉଥିଲେ ପରମ ତୃପ୍ତି । ପିଲାମାନେ ତାଙ୍କ ହାତ ତିଆରି ଡ୍ରେସ୍ ପିନ୍ଧିଲେ ମନରେ ଭରି ଯାଉଥିଲା ଆନନ୍ଦ । ସର୍ବଦା ସୁନ୍ଦର ଏକ ଦୁନିଆ ଦିଶୁଥିଲା ତାଙ୍କ ଆଖିକୁ । ସମୟ ସହିତ ସବୁ ବଦଳି ଯାଇଛି । ତା' ସାଙ୍ଗକୁ ଦେହରେ ଅସୁମାରି ରୋଗ । ମୁଠାମୁଠା ଔଷଧ ଖାଆନ୍ତି ପ୍ରତିଦିନ । ଗୋଟିଏ ରୋଗକୁ ଭଲ କରିବା ସହିତ ଔଷଧ ସୃଷ୍ଟିକରେ ଅନେକ ରୋଗ । ତାହାରି ଭିତରେ ବଞ୍ଚିବାକୁ ପଡ଼େ ରୋଗୀକୁ ।

ଆଜି ଥିଲା ଦୋଳ ପୂର୍ଣ୍ଣିମା । ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ସୁସଜ୍ଜିତ ବିମାନରେ ବସି ଘରେ ଘରେ ବୁଲି ଭୋଗ ଖାଆନ୍ତି । ବିମାନ ସାମନାରେ ଝୁଲୁଥାଏ କଞ୍ଚା ଆମ୍ବ ପେନ୍ଥା । ଯେଉଁ ସମୟରେ ଯାହା ମିଳେ ସେସବୁ ଆଖିକୁ ଆସେ ପର୍ବପର୍ବାଣୀରେ । ଅପରାଜିତାଙ୍କ ଘରକୁ କେତୋଟି ବିମାନରେ ଆସିଆନ୍ତି ରାଧାକୃଷ୍ଣ । ଡ଼ାଲା ସଜାଡ଼ି ରଖିଥାନ୍ତି ଅପରାଜିତା ଓ ତାଙ୍କ ବୋହୂ ପ୍ରତିମା । ଏ' ବର୍ଷ ଅପରାଜିତା ଅସୁସ୍ଥ । ପ୍ରତିମା କରିବ ସବୁକାମ । ରନ୍ଧାବାଲୀ ଅସୁସ୍ଥ ଥିବାରୁ ସେ ଆସିବନି । ଘରର ରନ୍ଧାସାଙ୍ଗକୁ ଦିଅଁଙ୍କ ପାଇଁ ଭୋଗରାଗ ସଜଡ଼ା । ବିଛଣାରେ ପଡ଼ି ମଧ୍ୟ ଅପରାଜିତା ଅନୁଭବ କରୁଥାନ୍ତି ବୋହୂର ଅସୁବିଧା କଥା । ନିରୂପାୟ ସେ । ଆଜିକାଲି କାମକଲାବାଲୀ ମିଳିବା କଷ୍ଟକର । ସରକାରଙ୍କର ଅନେକ ସାହାଯ୍ୟ ପହଞ୍ଚି ଯାଉଛି ହାତ ପାଖରେ । ତେଣୁ ସେମାନେ ପରଘରେ କାମକରି ଦୁଇ ପଇସା ରୋଜଗାର କରିବାକୁ ଚାହୁଁନାହାନ୍ତି ।

ସନ୍ଧ୍ୟାରେ ପହଞ୍ଚିଗଲେ ପ୍ରତିମାର ପିଇଷୀ ଓ ତାଙ୍କ ପିଲାମାନେ । ସେମାନଙ୍କ ଦେଖି ସେ ଝାଉଁଳି ପଡ଼ିଲେ । ଏତେ ଲୋକମାନଙ୍କ ପାଇଁ ରାନ୍ଧିବ କିଏ । ଘରେ ସମସ୍ତେ ଲାଗିପଡ଼ିଲେ ଆଲୋଚନାରେ । ବାହାରୁ ମଗେଇ ଦେବେ ଖାଇବାପାଇଁ । ଆଗରୁ ସେମାନଙ୍କର ନଥିଲା ଅନୁଭୂତି । ଏମିତି ବେଳେବେଳେ ଆସୁଥିବା ଘଟଣା ମଣିଷକୁ ଅନେକ ଶିକ୍ଷାଦିଏ ।

ପ୍ରତିମା ଅମତ ହୋଇଥିଲା ବାହାର ଖାଦ୍ୟ କିଣି ଖାଇବାକୁ । ସେ ଚେଷ୍ଟାକରି ରାନ୍ଧିଦେବ । ସେଥିରେ ସମସ୍ତେ ରାଜି ହୋଇ ଯାଇଥିଲେ ।

ସନ୍ଧ୍ୟାରେ ଠାକୁର ଭୋଗଖାଇ ଚାଲିଗଲେ । ଅପରାଜିତା ତଳେ ଦିଅଁକୁ ଦର୍ଶନକରି ପାରିଲେନି । ଆଣ୍ଠୁଗଣ୍ଠି ଦରଜ । ତାଙ୍କ ଶୋଇବା ଘରେ ଖଟରେ ଶୋଇ ପ୍ରଣାମ ଜଣେଇ ଥିଲେ । ଠାକୁର ସର୍ବବ୍ୟାପୀ । ଯେଉଁଠି ଥିଲେ ମଧ୍ୟ ସେ ଭକ୍ତର ଡାକ ଶୁଣନ୍ତି । ଥରିଲା ପତ୍ରପରି ତାଙ୍କ କଥାକୁହା ଓଠରୁ ଝରି ପଡୁଥିଲା ଭକ୍ତି ନିବେଦନ । ନିଜ ପାଇଁ ସେ ଦିଅଁ ଦେବତାଙ୍କ ପାଖରେ ଗୁହାରି କରନ୍ତିନି । ସବୁଗୁହାରି ଥାଏ ପରିବାରବର୍ଗଙ୍କ ପାଇଁ । ମନରେ କ୍ଷୋଭକୁ ସେ ଅଜାଡ଼ି ଦିଅନ୍ତି ସେହି ଦିଅଁଙ୍କ ପାଖରେ । ତାଙ୍କ ଜୀବନ ନାଆଟି ଭାସିଚାଲେ ଆଗକୁ ଆଗକୁ ।

ଏହି କେତେଦିନ ହେଲା ଅପରାଜିତାଙ୍କ ଘରେ ଅଶାନ୍ତିର ଝଡ଼ । ନିଜେ କାର୍ଯ୍ୟକ୍ଷମ ନୁହନ୍ତି । ପ୍ରତିମା ଉପରେ ସବୁ ଦାୟିତ୍ୱ । ଥରେ ଯଦି ଭାବିହୁଏ ଏ ଘର ମୋର, ଏ' ପରିବାର ବର୍ଗ ମୋର ତେବେ ସବୁ ଜିନିଷ ଫୁଲଭଳି ହାଲୁକା ହୋଇଯାଏ । ପ୍ରତିମା ମନର ଅଗ୍ନିଶିଖା ହୋଇଯାଇଛି ପଜ୍ୱଳିତ । ତେଣୁ ତା' ପାଟିକୁ ତା'ର ଲଗାମ ନାହିଁ । ମନଇଛା ଗପିଚାଲିଛି । ଏହା ଅନ୍ୟକୁ କେତେ ବାଧିବ ସେଥିପ୍ରତି ନଜର ନାହିଁ ।

ଅପରାଜିତାଙ୍କର ସହିବାର ସୀମା ଟପି ଯାଇଛି । ତଥାପି ସେ ଚୁପ୍ ହୋଇ ସବୁକୁ ହଜମ କରୁଛନ୍ତି । ଏହା ତାଙ୍କର ଅଭ୍ୟାସ । ପିଲାବେଳରୁ ଏହିସବୁ ସଂସ୍କାର ସେ ପାଇଛନ୍ତି । ସଣ୍ଣା ଶିଖିଛନ୍ତି । ଗୁରୁଜନ ଓ ଲଘୁଜନମାନଙ୍କ ସହିତ କିଭଳି କଥାହେବ ସେ କଥା ମା' ତାକୁ ଶିଖେଇଛନ୍ତି । ଥରେ ଘରର ପୁରୋହିତ ସାମନାରେ ଯୋରକରି କଥା ହୋଇଥିବାରୁ ମା'ଙ୍କ ଚାପୁଡ଼ା ବାଜିଥିଲା ତାଙ୍କ ଗାଲରେ । ମୃତ୍ୟୁ ପର୍ଯ୍ୟନ୍ତ ଏହାକୁ ସେ ମନେ ରଖିଥିବେ । ଭଲହେଉ ବା ମନ୍ଦହେଉ ସବୁ କଥାକୁ ସେ ଦୀର୍ଘଦିନ ଧରି ମନେରଖନ୍ତି । ଏହା ତାଙ୍କର ଅଭ୍ୟାସ । ସମୟ କ୍ରମରେ ସେହି କଥାକୁ ଉଦାହରଣ ଦିଅନ୍ତି । ତାଙ୍କ ମନର ମୋଟା ବହି ଭିତରେ ଶବ୍ଦମାନେ ଯା' ଆସ କରୁଥାନ୍ତି ।

ପ୍ରତିମାର ଦେହ ଅସୁସ୍ଥ । ଅପରାଜିତାଙ୍କୁ ଘରକାମ କରିବାକୁ ପଡ଼ିବ । ଏଥିରେ ତାଙ୍କର ଦୁଃଖ ନାହିଁ । ନିଜ ପରିବାରର ସବୁ ସୁବିଧା ଓ ଅସୁବିଧାକୁ ସେ ଗ୍ରହଣ କରିନିଅନ୍ତି । ନଥାଏ ତାଙ୍କର ଅଭିଯୋଗ । ଏମିତିକା ସୁନ୍ଦର ମନର ଅଧିକାରୀ ସେ । କାହାଠାରୁ ସେ ଆହା ପଦଟିଏ ଶୁଣନ୍ତିନି । ତଥାପି ନିଜ ମନକୁ ନିଜେ ଶକ୍ତକରି ଦିଅନ୍ତି ଓ ବୁଝେଇ ଦିଅନ୍ତି ।

ଆଜି ଗୋଟିଏ ସଭାରେ ତାଙ୍କୁ ଯୋଗ ଦେବାକୁ ପଡ଼ିବ । ଶହଶହ ଶ୍ରୋତାଙ୍କ ସାମନାରେ କିଛି କହିବାକୁ ପଡ଼ିବ । ମନରେ ତାଙ୍କର ଅଦମ୍ୟ ସାହସ ଓ ଶକ୍ତି । କାହାଠାରୁ ପ୍ରେରଣା ପାଆନ୍ତିନି । ନିଜେ ନିଜର ପ୍ରେରଣାଦାୟୀ । କୁମାରଙ୍କ ପାଖରୁ ଫୋନ ପାଇଥିଲେ ଘଣ୍ଟାଏ ପୂର୍ବରୁ । କେମିତି ଅଛୁ ଅପରାଜିତା । କହି ବସିଲେ ଦୁଃଖ ସରେନି । ତଥାପି ନିଜ ଦୁଃଖର ଆଭାସ ଦେଇଥିଲେ ଅପରାଜିତା । ମନ ତାଙ୍କର କ୍ରମେ କ୍ରମେ ମରିମରି ଯାଉଛି ବୋଲି କହିଥିଲେ । ଏଥିରୁ ସବୁ ବୁଝି ଯାଇଥିଲେ କୁମାର । ତାଙ୍କ ହାତରେ କିଛି ନାହିଁ । ନିବିଡ଼ ଭାବରେ ଭଲ ପାଉଥିବା ଅପରାଜିତା ଆଜି ନିଃସଙ୍ଗ ।

କୁମାର ବୁଝିଗଲେ ଅପରାଜିତା ନିଃସହାୟ ହେବାର କାରଣ । ଅଣନିଃଶ୍ୱାସୀ ଅନ୍ଧକାର ତାଙ୍କୁ କରିଦେଉଛି ଅସହାୟ । ନିଜ ଦୁଃଖକୁ କାହା ଉପରେ ଅଜାଡ଼ି ଦେବାକୁ ଚାହୁଁନାହାନ୍ତି ସେ । ଏକ ନୀରବ ଝଡ଼ର ସମ୍ମୁଖୀନ ସେ ।

କହ ଅପରାଜିତା । ସବୁ ଖୋଲି କହ । ମୋ ଶାନ୍ତ୍ୱନା ତୋତେ ଶାନ୍ତି ଦେବ । ଅପାଜିତା କହିବାକୁ ଚାହୁଁନାହାନ୍ତି, ତାଙ୍କୁ ଅଧିକ ପଚାରିବାକୁ ଚାହୁଁନାହାନ୍ତି କୁମାର । କିଛି ସମୟ ଫୋନରେ ଦୁଇଜଣ ନୀରବ ରହିଲେ ।

କିଛି କହିବୁନି ଅପରାଜିତା । ଉତ୍ତର ଆସିଥିଲା – ଗୋଟିଏ କଥାରୁ ଯାହା ବୁଝିବୁ ସେତକ ହେବ ଯଥେଷ୍ଟ ।

ଜିଭରେ ତାଲା ପକାନା ଅପରାଜିତା ।

ତେବେ ଶୁଣ । ଗଉଡ଼ ହୁଡ଼ିଲେ ଓଳିଏ । ଚାଷୀ ହୁଡ଼ିଲେ ଗୋଟିଏ ବର୍ଷ । ମଣିଷ ହୁଡ଼ିଲେ ଗୋଟିଏ ଜୀବନ ।

କୁମାର ଏହି ଉକ୍ତିରୁ ବୁଝିଗଲେ ଅନେକ । ଅପରାଜିତା ନିଜ ଭୁଲ ପାଇଁ ଅନୁତାପ କରୁଛି । ଜୀବନର କୁସୁମିତ ଚଲାପଥ ଉପରେ ବିଛେଇ ଦେଇଛି କଣ୍ଟା । ଏବେ ଜୀବନ ତା'ର ହୋଇଯାଇଛି ପାଣିଚିଆ, ରଙ୍ଗହୀନ । ତା' ହୃଦୟ ବୀଣାକୁ ସେ ବେସୁରା କରିବାକୁ ଚାହେଁନି । ଅସୁସ୍ଥ ଶରୀର ଅସୁସ୍ଥ ମନରେ ସୁଖର ହୋଲି ପସରା ଧରି ଖେଳୁଥାଏ କାଗଜ କଲମ ଭିତରେ । କ୍ଷୟପ୍ରାପ୍ତ କୃଷ୍ଣପକ୍ଷ ଜହ୍ନପରି କ୍ରମେ କ୍ରମେ ସେ ଶେଷ ହେବନି । ବାରମ୍ବାର ଈଶ୍ୱରଙ୍କ ପାଖରେ ତା'ର ଗୁହାରି ସେ ତାକୁ ଅଶେଷ ଶକ୍ତି ଦିଅନ୍ତୁ ।

ଆଜି ସେ କୁମାରଙ୍କ ଅଭୟବାଣୀ ପାଇଁ ନିଜକୁ ଶକ୍ତି କରିଛନ୍ତି । କାହା କଥା ତାଙ୍କୁ ବିଚଳିତ କରିବନି । ଭାବନା ଭିତରେ ବାରମ୍ବାର ସେ ଦେଖିବେ କୁମାରଙ୍କୁ, ଶୁଣିବେ ତାଙ୍କ ମଧୁର ଉପଦେଶ ।

ଫୋନ ରଖିଦେଇ ନୀରବରେ କିଛି ସମୟ କଟେଇବେ ଭାବିଲେ ଅପରାଜିତା । ହଠାତ୍ ଫୋନ୍‌ରେ ରିଙ୍ଗ୍ । ପୁଅର ଫୋନ୍ । କ'ଣ କହିବୁ ବୋଲି ପଚାରିଲେ ଅପରାଜିତା ।

ପୁଅର କଟୂକ୍ତି ତାଙ୍କୁ ବିଚଳିତ କରି ପକେଇଲା । ସବୁଦୋଷ ଲଦିଦେଲା ବିକ୍ରମ ମା' ଉପରେ । ମା' ହେଉଛି ତୁଠ ପଥର । ସବୁ ଯନ୍ତ୍ରଣାକୁ ସେ ହଜମ କରିଦିଏ । ଠିକ୍ ସେମିତି ହୋଇ ଯାଇଛନ୍ତି ଅପରାଜିତା । ଜୀବନ ସାରା ପରିବାର ସହିତ ଦୌଡ଼ି ଦୌଡ଼ି ସେ ହାଲିଆ ହୋଇ ପଡ଼ିଥିଲେ ମଧ ସହିବାର ପସରାକୁ ମୁଣ୍ଡେଇ ମୁଣ୍ଡେଇ ସେ ଆଗେଇ ଚାଲିଛନ୍ତି । ଦୁଃଖକୁ ମହାଦେବ ଗରଳ ପାନ କଲାଭଳି ପିଇଯାଆନ୍ତି । ଦୁନିଆ ଆଗରେ ଦେଖେଇ ହୁଅନ୍ତି ସେ ସଫଳ ମଣିଷ । ସାଲାଇନ ବୋତଲରୁ ବୁନ୍ଦାବୁନ୍ଦା ହୋଇ ସାଲାଇନ ସରିଗଲାଭଳି ଆୟୁଷ ସରିଯିବ ଅଳ୍ପଦିନ ଭିତରେ । ସେ ସେହି ଦିନକୁ ଅପକ୍ଷୋ କରିଛନ୍ତି । ଈଶ୍ୱରଙ୍କୁ ମାଗୁଛନ୍ତି ଗୋଟିଏ ଆଶୀର୍ବାଦ । ଆଶୀର୍ବାଦ କର ପ୍ରଭୁ । ଶୀଘ୍ର ମୋତେ ନେଇଯାଅ । ସ୍ୱର୍ଗପ୍ରାପ୍ତି ନ ହେଉ ପଛେ, ସେ ପୁରରେ ବାପା, ବୋଉ, ଭାଇ ସାଙ୍ଗରେ ତାରାହୋଇ ରହିଯିବି ।

ସଭା ସମିତିରେ ଅପରାଜିତା ତା'ଙ୍କ ଜୀବନର କିଛି ଗାଥା ପରୋକ୍ଷରେ କହନ୍ତି । ପୁସ୍ତକରେ ସ୍ଥାନ ଦିଅନ୍ତି ଜୀବନର ଗଳ୍ପ । ସମୀକ୍ଷକ ଜାଣିପାରନ୍ତି ଲେଖାର ମର୍ମ । ଲାଜେଇ ଯାଆନ୍ତିନି ଅପରାଜିତା । ଏମିତି ଘଟେ ଅନେକଙ୍କ ଜୀବନରେ । କିଏ ଲୁଚେଇଦିଏ ସାତ ତାଳ ପାଣି ତଳେ ସୁନା ଫରୁଆରେ, କିଏ ପୁଣି ବୁଣିଦିଏ ରାଜରାସ୍ତାରେ । ମଣିଷ ମଣିଷ ଭିତରେ ଏ ତଫାତକୁ ଅନେକ ଥର ତଉଲିଛନ୍ତି ଅପରାଜିତା । ଶେଷରେ ସବୁ କଥାକୁ ଲୁଚେଇ ଦେଇ ହୋଇଯାଇଛନ୍ତି ଭଲ ସ୍ତ୍ରୀ, ଭଲ ମା', ଭଲ ମଣିଷ ।

ଆଜି ପୁଅର ମନ୍ତବ୍ୟ ତାଙ୍କୁ ଖୁବ୍ ବାଧୁଛି । ଶେଷରେ ମନକୁ ବୁଝେଇ ଦେଇଛନ୍ତି । ମା' ଉପରେ ଦୋଷ ଲଦିବା ଖୁବ୍ ସହଜ । ସେ ସହିପାରିବ ସବୁ କଥା । ବିକ୍ରମର ଯେତେସବୁ ଆକ୍ଷେପ ସହି ପାରିବେ ଅପରାଜିତା । ସେ ସହନଶୀଳା । ଦୁଇ ଟୋପା ଲୁହସବୁ ରାଗର ବହ୍ନିକୁ ଶୀତଳ କରିପାରିବ । ଫୋନକୁ କାଟିଦେଲେ ଅପରାଜିତା । ସେ ରୁକ୍ଷ ନୁହନ୍ତି । ଗଢ଼ିଥିବା ଘରକୁ ସେ ଭାଙ୍ଗି ପାରିବେନି । ବିକ୍ରମ କିଛି କହି ସାରିଲାପରେ ନିଶ୍ଚୟ ଅନୁତାପ କରିବ । ସର୍ବସହା ମା'ଙ୍କ ମନରେ କେତେ କଷ୍ଟ ଦେଇ ଆତ୍ମତୃପ୍ତି ଲାଭ କରିଛି କି ଅନୁତାପର ବୋଝ ମୁଣ୍ଡେଇଛି ।

ବିକ୍ରମକୁ ଅପରାଜିତା ଶ୍ରଦ୍ଧା କରନ୍ତି ସେ ସାନପୁଅ ବୋଲି । ସମୟ ସମୟରେ ତା ରୁମ୍‌କୁ ପଶିଯାଇ ମନର କ୍ଷୋଭକୁ ଅଜାଡ଼ି ଦିଅନ୍ତି । ଏଥିରେ କିଛି ଲାଭ ନହେଲେ ମଧ ମନଟା ବୁଝିଯାଏ । ତାଙ୍କ କଥାର ମର୍ଯ୍ଯାଦା ରଖିଲାନି ବିକ୍ରମ ।

ଆଜି ଅପରାଜିତା ଠିକ୍ କରିଛନ୍ତି ସେ ଏକଲାତ୍ୱକୁ ନେଇ ବଞ୍ଚିବେ । ଦୁଃଖକୁ ନିଜ ଭିତରେ ଲୁଚେଇ ଦେବେ । ସହିବା ଲୋକ ବଡ଼ । ସମୟ ସମସ୍ତଙ୍କୁ ସୂଚେଇ ଦେବ କିଏ ଠିକ୍ ଓ କିଏ ଭୁଲ୍ ।

ଆଜି ମିଟିଂକୁ ପଯାଇଥିଲେ ପରାଜିତା । ସମସ୍ତଙ୍କର ପ୍ରଶ୍ନ କାହିଁକି ମୁହଁ ଶୁଖିଯାଇଛି । ଦୁଃଖ କହିଲେ ସରେ । କିନ୍ତୁ ଅପରାଜିତା ପାଟିରେ ତାଲା । ଯାହାକୁ ଦୀର୍ଘଦିନ ଧରି ଲୁଚେଇ ରଖିଛି ତାକୁ ଦେଖେଇବ କେମିତି । କିଛି ଲୋକ ବୁଝିପାରୁଥିଲେ ତାଙ୍କ ଦୁଃଖ ଓ ମୁହଁ ଶୁଖିବାର କାରଣ । ଅପରାଜିତାଙ୍କର ମର୍ଯ୍ୟାଦା ଅଛି ସମାଜରେ । ତେଣୁ କେହି ତାଙ୍କୁ ଆଙ୍ଗୁଳି ଦେଖେଇପାରିବେନି ।

ଘରେ ପହଞ୍ଚି ଅପରାଜିତା ଦେଖିଲେ ରୋଷେଇ ଘର ଅନ୍ଧାର । ଦୁଆର ଖୋଲି ଦେଖିଲେ କିଛି ରନ୍ଧା ହୋଇନି । ରନ୍ଧାବଢ଼ା ସେ ଛାଡ଼ିଲେଣି ଅନେକ ଦିନ ହେଲା । ଅଭ୍ୟାସ କାମ କରିବାକୁ ସାହସ ଦିଏ । ତଥାପି ଅଣ୍ଟା ଭିଡ଼ିଲେ ଅପରାଜିତା । ଦୁଇ ତିନି ପ୍ରକାର ରାନ୍ଧିଦେଇ ଚେୟାରରେ ବସିପଡ଼ିଲେ । ମା'ଙ୍କ ଫଟୋକୁ ଚାହିଁ ଅନେକ ଅତୀତକୁ ରୋମନ୍ଥନ କଲେ ।

ବୋଉ ଶିଖେଇଥିବା ଭାତ ଗାଳିବା, ତରକାରି ବଘାରିବା ଇତ୍ୟାଦି ମନେପଡ଼ିଲା । ଆଖିରୁ ବୋହିଗଲା ଦୁଇଧାର ଲୁହ । ଲୁଗା କାନିରେ ପୋଛିଦେଲେ ଲୁହକୁ । ସବୁ ସଜାଡ଼ି ରଖିଦେଲ ଡ଼ାଇନିଂ ଟେବୁଲ ଉପରେ ।

ନାତି, ନାତୁଣୀ ଆଜି ଭାରି ଖୁସି । ମାମା ରନ୍ଧା ସେମାନଙ୍କୁ ଭଲଲାଗେ । ଖାଇ ସାରିବାପରେ ସେମାନେ ଆତ୍ମତୃପ୍ତି ଅନୁଭବ କଲେ । ସେଇଥିରେ ଅପରାଜିତା ପାଇଗଲେ ଖୁସି ।

ବୋହୂ ଫେରିଲା ବାହାରୁ । ରୋଷେଇ ଘରର ଅବସ୍ଥା ଦେଖି ଗରଗର ହେବାକୁ ଲାଗିଲା । ସବୁ ହେଇଛି ଅସଜଡ଼ା । ଅପରାଜିତା କଷ୍ଟକରି ରାନ୍ଧିଛନ୍ତି । ଏତେକ କ'ଣ ଯଥେଷ୍ଟ ନୁହଁ । କାହାକୁ କହିବେ ଅପରାଜିତା । ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପି ପରୀକ୍ଷା କରାଯାଏ ଭାତର ଅବସ୍ଥା । ଗୋଟିଏ ଦିନର କଥାରୁ ସେ ବୁଝିପାରିଛନ୍ତି ବିକ୍ରମର ମାନସିକତା । ସେ ହୋଇଯାଇଛି ଭିନ୍ନ ପ୍ରକାରର । ତା'କୁ ସେ କିଛି କହିବେନି ବୋଲି ଠିକ୍ କରିଛନ୍ତି ।

ଅପରାଜିତାଙ୍କ ଘର ସାମନାରେ ଛୋଟିଆ ବଗିଚାଟିଏ । ସିମେଣ୍ଟରେ ବସିବା ପାଇଁ ସେ କରିଛନ୍ତି ବେଞ୍ଚ । ଯେତେବେଳେ ମନ ଖରାପ ହୋଇଯାଏ ସେଠାରେ ସେ ବସି ପଡ଼ି ପ୍ରତ୍ୟେକ ଗଛ ଉପରେ ନଜର ପକାନ୍ତି । ଏବେ ଟଗର ଗଛରେ ଭରିଯାଇଛି ଧଳା ଟଗର । ମଲ୍ଲୀ ଫୁଲରେ ଗଛ ହୋଇଛି ଭରପୂର । ବାସନାରେ ବଗିଚା ମହକୁଛି । ବଗିଚାରେ ବସିପଡ଼ିଲେ ସେ ଭୁଲି ଯାଆନ୍ତି ସବୁ ଦୁଃଖ । ପ୍ରଜାପତିମାନଙ୍କ ଭିଡ଼ ଦେଖି ସେ ପାଇଯାଆନ୍ତି ଆନନ୍ଦ । କି ସୁନ୍ଦର ସେମାନଙ୍କ ପର । କିଏ ହଳଦିଆତ କିଏ ସବୁଜ ଓ କଳା । ପ୍ରତିଟି ପ୍ରଜାପତି କହନ୍ତି ଭିନ୍ନ ଭିନ୍ନ କଥା । ବଗିଚାର ଗୋଟିଏ କୋଣରେ ଛୋଟିଆ ଆମ୍ବ ଗଛଟିଏ । ପେନ୍ଥା ପେନ୍ଥା ଛୋଟ ଛୋଟ ଆମ୍ବ ଝୁଲିଛି ଗଛରେ । ପତ୍ର ଫାଙ୍କରେ ଗୋଟିଏ ହଳଦୀ ବସନ୍ତ ବସିବାର ଦେଖି ଅପରିଜିତା ଶୁଭର ସଙ୍କେତ ପାଇଯାଆନ୍ତି । ଛୋଟ କୋଇଲିଟିଏ ପତ୍ର ଗହଳରେ କୁହୁ ତାନରେ ବ୍ୟସ୍ତ । ଘରେ ପିଲାମାନଙ୍କୁ ଗଢ଼ିଥିଲେ ବଗିଚାକୁ ମଧ୍ୟ ସେମିତି ଗଢ଼ିଛନ୍ତି । ବଗିଚାର ଗଛମାନେ ତାଙ୍କୁ ଧୋକା ଦେବନିତ ?

କଥା ନକହିଲେ ମଧ୍ୟ ପ୍ରତ୍ୟେକ ଗଛ ସହିତ ଅପରାଜିତାଙ୍କର ଅଛି ସମ୍ବନ୍ଧ । ସେମାନେ ଅପରାଜିତାକୁ ଚାହିଁ ହସୁଥାଆନ୍ତି । ମଧୁମାଳତି ଲଟାସାରା ଫୁଲର ଆସର । ପେନ୍ଥାପେନ୍ଥା ଫୁଲରେ ଭର୍ତ୍ତି ଗଛ । ବାସନା ମଧ୍ୟ ଖୁବ୍ ଉପଭୋଗ୍ୟ । ମନ ପୁରିଯାଏ ଅପରାଜିତାଙ୍କର । ଘରର ଅଳିଆକୁ ସେ ଝାଡ଼ିଦେଇ ମନ ଓ ଦେହକୁ କରିଦିଅନ୍ତି ନିର୍ମଳ । ଫୁଲ, ପ୍ରଜାପତି, କୋଇଲି, ହଳଦୀବସନ୍ତ ତାଙ୍କ କଥାକୁ ଶୁଣନ୍ତି କି ନାଁ ତାହାକୁ ସେ ଭ୍ରୂକ୍ଷେପ କରନ୍ତିନି । ଦୁଃଖକୁ ଭୁଲିବା ପାଇଁ ସେମାନଙ୍କ ସହ ଗପରେ ସମୟ ବିତାନ୍ତି ।

ପ୍ରଜାପତି ନିର୍ଦ୍ଦିଷ୍ଟଭାବେ କାହାକୁ ନିଜର କରି ନ ପାରି ଧଇଁସଇଁ ହୋଇ ଘୂରି ବୁଲନ୍ତି ଏ ଫୁଲରୁ ସେ ଫୁଲକୁ । ଠିକ୍ ସେମିତି ଅପରାଜିତାଙ୍କ ଜୀବନ । ଆଜି ସେ କାହାର ହୋଇ ପାରୁନାହାନ୍ତି । ପୁଅ ଝିଅଙ୍କ ଦ୍ୱାରକୁ ଛୁଇଁ ଫେରି ଆସୁଛନ୍ତି ନିଜ ଦୁଆରକୁ । ଦୁଆର ମାଡ଼ିଲାକ୍ଷଣି ପାହାର ବାଜୁଛି ତାଙ୍କ ପିଠିରେ ।

ଆଜି ମନେ ପଡ଼ିଯାଉଛି କେତେ ଅତୀତର କଥା । ନିଜେ ରୋଜଗାର କରୁଥିଲେ । ବାପା ଭାଇ ତାଙ୍କ ଉପରେ ନିର୍ଭର କରୁନଥିଲେ । ସଞ୍ଚୟ ତାଙ୍କର ଅଭ୍ୟାସ । ତେଣୁ ରାଇ ଖୁଣ୍ଟିଲେ ବେଲଟିଏ ହେବ ବୋଲି ସେ ସେ ଜାଣିଥିଲେ । ପ୍ରତ୍ୟେକ ଟଙ୍କାର ମୂଲ୍ୟ ସେ ବୁଝିଥିଲେ । ଘର ଖଣ୍ଡେ କରିବା ପାଇଁ କେତେ ତାର ଉଦ୍‌ଯୋଗ ଥିଲା ତାହା ସେହି ପ୍ରଭୁ ପରମେଶ୍ୱର ଜାଣିଥିଲେ ।

ଥଟ୍ଟାରେ ସ୍ୱାମୀ କହୁଥିଲେ ହାତ ପତାଅ । ମାଗ, ମାଗିଲେ ଟଙ୍କା ଦେବି । ଅପରାଜିତାଙ୍କ ମନରେ ନ ଥିଲା କ୍ଷୋଭ । ବାରମ୍ବାର ମାଗି ଚାଲିଥିଲେ । ତା'ଙ୍କ ପାଖକୁ ଟଙ୍କା ଆସିଗଲେ ସେ ହିସାବ କରି ଖର୍ଚ୍ଚ କରିବେ ଓ ବଳକା ଅର୍ଥକୁ ଘର କାମରେ ଲଗେଇବେ । ଗୋଡ଼େଇ ଗୋଡ଼େଇ ସେ ଟଙ୍କା ନେଉଥିଲେ ସ୍ୱାମୀଙ୍କ ଠାରୁ । ଏହି କଥାକୁ ସେ ଲୁଚେଇ ରଖିଛନ୍ତି ନିଜ ଭିତରେ । କାହାକୁ କହି ନାହାନ୍ତି ସେ ଦିନର କଥା । ଆଜି ସେ ଲକ୍ଷେ ଥର ମୃତ୍ୟୁକୁ ନିମନ୍ତ୍ରଣ କରୁଛନ୍ତି । ଅତୀତର ସ୍ମୃତିସବୁ ଲେଖା ହୋଇଛି ଏହି ଛୋଟିଆ ଗୃହଟିରେ । ଥରଟିଏ ପିଲାମାନଙ୍କୁ କହିଦେବାକୁ ଭାବିଲେଣି । ସହସ ହେଉନି । ଯେଉଁ ଘରକୁ ସେ ଗଢ଼ିଛନ୍ତି ତା'କୁ କେମିତି ଭାଙ୍ଗି ଦେବେ । ଚୁପ୍‌ଚାପ୍ ତାଙ୍କ ଦୀର୍ଘଶ୍ୱାସର ଛାଇ ତାଙ୍କ ପାଖେ ପାଖେ ଥାଉ ବୋଲି ଈଶ୍ୱରଙ୍କ ପାଖରେ ପ୍ରାର୍ଥନା । ଅନେକ ଜିନିଷ ପାଇବା ଭିତରେ କିଛିର ଅଭାବ ନିଶ୍ଚୟ ରହିବ । ଏହା ମନଭିତରେ ଗ୍ରହଣ କରିଦେଲେ ଦୁଃଖ ରହିବନି । ନିଜ ଲୋକମାନେ ପର ହୋଇ ଯାଇଛନ୍ତି । ଆନ୍ତରିକତାର ଅଭାବ । ସହି ପାରୁନାହାନ୍ତି ସେ । ଅଙ୍ଗ ପ୍ରତ୍ୟେଙ୍ଗମାନେ ଖୋଲାଖୋଲି ବିଦ୍ରୋହ ଘୋଷଣା କଲେଣି । ତଥାପି କ୍ଲାନ୍ତ ପାଦକୁ ଘୋଷାରି ଘୋଷାରି ଚାଲିଛନ୍ତି । ଜଳନ୍ତା ଲାଭାର ତାତିରେ ସେ ହନ୍ତସନ୍ତ । ତଥାପି ନିଜ ଲୋକଙ୍କୁ ସେ ଛାଡ଼ି ପାରୁନାହାନ୍ତି । ସବୁ ଦହଗଞ୍ଜକୁ ସେ ଗ୍ରହଣକରି ପାରୁଛନ୍ତି । ଆଉଥରେ ବୁଝେଇବାକୁ ମନ କହୁଚି । ତାଙ୍କ ମନ ଭିତରେ ଥିବା କଥାର ଓଜନ ତାହା ସେମାନଙ୍କ ପାଖରେ ପହଞ୍ଚିଗଲା ପରେ ସମୋନେ ସେହି ଓଜନକୁ ଅନୁଭବ କରି ପାରିବେନି । ଦୁଃଖରେ ଝାଳେଇ ଯାଆନ୍ତି ଅପରାଜିତା । ପୁଅର ହେଉ, ବୋହୂର ହେଉ, ନାତି ନାତୁଣୀଙ୍କର ହେଉ ବା ସ୍ୱାମୀଙ୍କ ଗଞ୍ଜଣା ହେଉ ସବୁକୁ ପାନକରି ହଜମ କରି ପାରିବେ । ଏହି ଭାବନା ତାଙ୍କୁ ଦେଉଛି ପ୍ରବଳ ଶକ୍ତି । ଏହି ବିଶ୍ୱାସ ଅଛି ତାଙ୍କ ପାଖରେ । ସେ ଆଗେଇ ପାରୁଛନ୍ତି, ଆଗକୁ ନିଶ୍ଚୟ ଚାଲିପାରିବେ । ଅନ୍ଧାରି ରାସ୍ତାରେ ଆଲୋକର ବିଚ୍ଛୁରଣ ଅନୁଭବ କରୁଛନ୍ତି । ଏହା ତାଙ୍କ ଜୀବନର ସର୍ବସ୍ୱ । ତା' ଦିଗ୍‌ବଳୟକୁ ଛୁଇଁ ପାରିବେନି ତା' ପରିବାର ବର୍ଗ । ତଥାପି ସେ ନୀରବ ରହି ଯାହାକୁ ଗଢ଼ିଛନ୍ତି ତା'କୁ ଭାଙ୍ଗି ପାରୁନାହାନ୍ତି । ଅନେକ କହିବାର ଅଛି ନିଜ କଥା, ସମାଜର କଥା, ପରିବାର କଥା ସେ ସବୁକୁ ତାଲାପକା ହୃଦୟ ଭିତରେ ରଖିଦେଇଛନ୍ତି । ଅନେକ ଦୁଃଖଭିତରେ କିଛି ସୁଖର ରଶ୍ମିକୁ ସେ ଅନୁଭବ କରୁଛନ୍ତି । ଧନ୍ୟ ହେ ଈଶ୍ୱର ।

*'ସ୍ୱାତୀ ଭବନ', ଷ୍ଟେସନ ବଜାର,*
*କଲେଜ ସ୍କୋୟାର, କଟକ - ୩*
*ଦୂରଭାଷ: ୯୮୬୧୪୨୨୨୨୨*

# ପ୍ରାୟଶ୍ଚିତ

କମଳ ପ୍ରସାଦ ମହାପାତ୍ର

ଗ୍ରାମ ଚଉପାଢ଼ି ଉପରେ ତାସ ଖେଳୁ ଖେଳୁ ରମେଶ କହିଲା ଆରେ ଜାଣିଛ ବିଷ୍ଣୁ ଜେଜେ ଆଜି ଚାଲିଗଲେ। ରାକେଶ ହସି ଦେଇ କହିଲା ଚାଲି ଗଲେ ମାନେ ? କୁଆଡ଼େ ଗଲେ ତୁ କଥାଟା ଯୋଉ ଅଧା କହି ରହସ୍ୟାବୃତ କରି ଦେଉ ତୋ କଥା କୁ ତୁହିଁ ବୁଝୁ ଅନ୍ୟ କେହି ବୁଝି ପାରିବେ ନାହିଁ।

ରମେଶ କହିଲା ବିଷ୍ଣୁ ଜେଜେ ଆଜି ଆରପାରିକୁ ଚାଲିଗଲେ। ରାକେଶ କହିଲା ଓଃ ଆରପାରିକୁ ଚାଲିଗଲେ କୋଉପାରିକୁ ଗଲେ ? କେତେ ସମୟ ଲାଗିବ ସେପାରିରେ ପହଞ୍ଚିବାକୁ ପୁଣି ଏପାରିକୁ କେବେ ଫେରିବେ ? ନରି ଜେଜେ ସେଠି ବସି ଭାଗବତ ବହି ପଢୁଥିଲେ। କେହି ତାଙ୍କୁ କିଛି କହି ନାହାନ୍ତି। ସେ କଥାରେ ହସ୍ତକ୍ଷେପ କରି କହିଲେ ହଇରେ ଶଳେ! ଜଣେ ମରିଗଲା ପରେ ସେ ଦେବତା ହୋଇଯାଏ। କି ପିଲା କି କିଶୋର କି ତରୁଣ କି ପୌଢ଼ କି ବୃଦ୍ଧ ସମସ୍ତେ ଦିବଂଗତ ଆତ୍ମାଙ୍କୁ ପୁଷ୍ପ ଧୂପ ଦେଇ ଶେଷ ସମ୍ମାନ ଶ୍ରଦ୍ଧାଞ୍ଜଳି ଜଣାନ୍ତି। ଆଜି ବିଷ୍ଣୁ ଭାଇନା ଚାଲିଗଲେ କାଲି ମୁଁ ଚାଲିଯିବି ତୁମେ ମଧ୍ୟ ଦିନେ ଆର ପୁରକୁ ଚାଲିଯିବ। ଏଇଟା କିଛି ଗୋଟେ ନୂଆ କଥା ନୁହେଁ । ତୁମେ ଥଟ୍ଟା ପରିହାସ କ'ଣ କରୁଛ ? କି ପାଠ ପଢୁଛି ବେ ? ଭାଗବତ କହେ ମର୍ତ୍ତ୍ୟ ମଣ୍ଡଳରେ ଦେହ ବହି ଦେବତା ହେଲେ ହେଁ ମରଇ। ପୁଣି କୁହାଯାଇଛି ପ୍ରାଣୀର ଭଲ ମନ୍ଦବାଣୀ ମରଣ କାଳେ ତାହା ଜାଣି। କହିବାର ତାତ୍ପର୍ଯ୍ୟ ହେଲା ନାତିମାନେ ଏହି ମର୍ତ୍ତ୍ୟପୁର ବା ଏହି ପୃଥିବୀରେ ଦେବତା ଯଦି ବି ଅବତାର ଗ୍ରହଣ କରି ମାନବ ରୂପରେ ଜନ୍ମ ନିଅନ୍ତି ତାଙ୍କୁ ମଧ୍ୟ ମରିବାକୁ ହେବ। କାରଣ ଜାତସ୍ୟ ଧ୍ରୁବ ମୃତ୍ୟୁ, ଯେଉଁ ବ୍ୟକ୍ତି ଜନ୍ମ ଗ୍ରହଣ କରିଛନ୍ତି ସେ ଦିନେ ନା ଦିନେ ଅବଶ୍ୟ ମରିବେ। ସୁତରାଂ ମରିବାରେ କିଛି ଦୁଃଖ କରିବାର ନାହିଁ।

ଆଉ ଏବେ କଥା ରହିଲା ବିଷ୍ଣୁ ଭାଇନା ମରିବା କଥା। ତାଙ୍କ ମୃତ୍ୟୁରେ ଆମ ଅଞ୍ଚଳ ତଥା ସମଗ୍ର ରାଜ୍ୟରେ ଶୋକର ଛାୟା ଖେଳି ଯାଇଛି। ବିଷ୍ଣୁ ଚରଣ ଦାଶ କହିଲେ ସମଗ୍ର ରାଜ୍ୟରେ ତାଙ୍କୁ ଜଣେ ବିଜ୍ଞ ଦେଶଭକ୍ତ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ହିସାବରେ ସମସ୍ତେ ଜାଣନ୍ତି ଓ ଉପଯୁକ୍ତ ସମ୍ମାନ ମଧ୍ୟ କରନ୍ତି। ତୁମେ ସବୁ ସେ ମହାନ ବ୍ୟକ୍ତିତ୍ୱ ପ୍ରଚଣ୍ଡ ପ୍ରତିଭାର ଅଧିକାରୀଙ୍କ ବିଷୟରେ ଜାଣି ନାହିଁ ବୋଲି ଏପରି ପରିହାସ କରୁଛ। ସ୍ୱାଧୀନତା ସଂଗ୍ରାମରେ ଛାତ୍ରାବସ୍ଥାରୁ ସକ୍ରିୟ ଅଂଶଗ୍ରହଣ କରି କେତେ ଥର ଜେଲ ଯାଇଛନ୍ତି। ଦେଶ ସ୍ୱାଧୀନ ହେବାପରେ ଆମ ସରକାର ଯେତେବେଳେ ସ୍ୱାଧୀନତା ସଂଗ୍ରାମୀମାନଙ୍କର ତାଲିକା ପ୍ରସ୍ତୁତ କରି ଭତ୍ତା ଘୋଷଣା କଲା ବ୍ଲକ ମାନଙ୍କରେ ସଭା ଆୟୋଜନ କରାଯାଇ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଭତ୍ତା ଆବଣ୍ଟନ କରାଗଲା, ସେତେବେଳେ ବିଷ୍ଣୁ ଭାଇନା ଆମ ସମଗ୍ର ରାଜ୍ୟରେ ଏକ ମାତ୍ର ସଂଗ୍ରାମୀ ବ୍ୟକ୍ତିତ୍ୱ ଯିଏ କି ଭତ୍ତା ଗ୍ରହଣ କରିବାକୁ ବିନମ୍ରତାର ସହ ପ୍ରତ୍ୟାଖ୍ୟାନ କଲେ। ସେ କହିଲେ ମାତୃଭୂମି ଆମର ଜନନୀ । ଜନନୀ ଯେପରି ଦଶମାସ ଗର୍ଭରେ ଧାରଣ କରି ପିଲାକୁ ଜନ୍ମ ଦେଇଥାଏ, ପିଲାର ମଧ୍ୟ ସେହିପରି ଉତ୍ତର ଦାୟିତ୍ୱ ଥାଏ ମା'ର ଦେଖାଶୁଣା କରିବା ସେବା କରିବା। ସୁତରାଂ ମାତୃଭୂମିର ସୁରକ୍ଷା ଏକତା ଅଖଣ୍ଡତା ରକ୍ଷା କରିବା ପ୍ରତ୍ୟେକ ଦେଶବାସୀର ନୈତିକ କର୍ତ୍ତବ୍ୟ। ନୈତିକ କର୍ତ୍ତବ୍ୟ ସମ୍ପାଦନରେ କୌଣସି ପ୍ରତିଦାନର ଆଶା କରିବା ଉଚିତ ନୁହେଁ। ତେଣୁ ମୁଁ ବିନମ୍ରତାର ସହ ଭତ୍ତା ଅର୍ଥ ରାଶିକୁ ପ୍ରତ୍ୟାଖ୍ୟାନ କରୁଛି ଏବଂ ସେହି ଅର୍ଥ ରାଶିକୁ ଦରିଦ୍ର ଅସହାୟ ଖଟିଖିଆ ଦିନ ମଜୁରିଆଙ୍କ ଉନ୍ନତି ସାଧନରେ ବିନିଯୋଗ କରିବାକୁ ପ୍ରସ୍ତାବ ଦେଉଛି। ଗୁଣ୍ଡୁଚି ମୂଷାର ସେତୁବନ୍ଧରେ କ୍ଷୁଦ୍ର ଅବଦାନ ପରି ମୋର ଏହି କ୍ଷୁଦ୍ର ପ୍ରୟାସରେ ଯଦି ଅଳ୍ପ କେତେଜଣ ଉପକୃତ ହୁଅନ୍ତି ତେବେ ମୁଁ ନିଜକୁ ଧନ୍ୟ ମନେ କରିବି।

ଏତକ ଶୁଣିବା ପରେ ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀ ମାନେ ଓ ଅନ୍ୟଦର୍ଶକମାନେ କରତାଳି ବୃଷ୍ଟିକରି ବିଷ୍ଣୁ ଭାଇନାଙ୍କ ନିଷ୍ପତ୍ତିକୁ ସ୍ୱାଗତ କଲେ।

ଏତଦ୍‌ବ୍ୟତୀତ ବିଷ୍ଣୁ ଭାଇନାଙ୍କ ବ୍ୟକ୍ତିତ୍ୱର ଅନେକ ମହନୀୟ ଦିଗ ମଧ୍ୟ ଅଛି। ସେ ବିଏ ପାସ୍ କରି ସାରିବା ପରେ ତାଙ୍କ ପାଖକୁ ଡେପୁଟି କଲେକ୍ଟର ଚାକିରୀର ନିଯୁକ୍ତି ପତ୍ର ମଧ୍ୟ ଆସିଥିଲା । ସେ ସମୟରେ ଚାକିରୀ କରିବାପାଇଁ କୌଣସି ଦରଖାସ୍ତ ଲିଖିତ ପରୀକ୍ଷା ବା ମୌଖିକ ପରୀକ୍ଷାର ଆବଶ୍ୟକତା ନଥାଏ । ବିଶ୍ୱ ବିଦ୍ୟାଳୟରୁ ଉତ୍ତିର୍ଣ୍ଣ ହେଉଥିବା ଛାତ୍ର ଛାତ୍ରୀମାନଙ୍କ ନିକଟକୁ ସରକାରଙ୍କ ନିଯୁକ୍ତି ପତ୍ର ପଠାଯିବାର ବ୍ୟବସ୍ଥା ଥିଲା। ମାତ୍ର ବିଷ୍ଣୁ ଭାଇନା ଚାକିରୀରେ ଯୋଗ ନଦେଇ ସମାଜସେବା କରିବା ପାଇଁ ଭୀଷ୍ମ ପ୍ରତିଜ୍ଞା କରିଥିଲେ। ଦେଶରୁ କିପରି କୁସଂସ୍କାର, ନିରକ୍ଷରତା, ଅପପୁଷ୍ଟି, ଅସ୍ପୃଶ୍ୟତା ନିବାରଣ ହେବ ନାରୀ ଶିକ୍ଷା ପ୍ରବର୍ତ୍ତନ ହେବ ଯୌତୁକ ପ୍ରଥା ଉଚ୍ଛେଦ ହେବ ଏହିସବୁ କ୍ଷେତ୍ରରେ ସେ ନିଜର ବଳିଷ୍ଠ ନେତୃତ୍ୱ ପ୍ରଦାନ କରି ଅଞ୍ଚଳ ଅଞ୍ଚଳ କିଛି ସମର୍ଥକଙ୍କ ସହ ବୁଲି ସଚେତନତା ସୃଷ୍ଟି କରୁଥିଲେ। ସମ୍ଭ୍ରାନ୍ତ ଜମିଦାର ଓ ନୈଷ୍ଠିକ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇ ମଧ୍ୟ ସେ ଜିଦ୍ ଧରିଲେ ଅବ୍ରାହ୍ମଣ ଘରେ ବିବାହ କରିବା ପାଇଁ । ତାଙ୍କ ବାପା ଯେତେବେଳେ ତାଙ୍କର ଏହି ପ୍ରସ୍ତାବର ଦୃଢ଼ ବିରୋଧ କଲେ ସେ ବଜ୍ର ନିର୍ଘୋଷ ସ୍ୱରରେ ସମସ୍ତ ଗୁରୁଜନଙ୍କ ସାମନାରେ ଘୋଷଣା କଲେ ଯେ ସେ ଆଜୀବନ ବ୍ରହ୍ମଚାରୀ ରହିବେ। ସେ ସେଇଆ ମଧ୍ୟ କଲେ। ଏବେ ତାଙ୍କ ଘରେ ଯେଉଁ ଲକ୍ଷ୍ମୀ ନାୟକ ରୋଷେଇ ଓ ଅନ୍ୟାନ୍ୟ ଘର କାମ କରୁଛି କୁହାଯାଏ ବିଷ୍ଣୁ ଭାଇନା ତାଙ୍କୁ ହିଁ ବିବାହ କରିବାକୁ ଚାହୁଁଥିଲେ।

ଲକ୍ଷ୍ମୀର ବାପା ତାଙ୍କ ଘରେ କୋଠିଆ କାମ କରୁଥିଲା। ଥରେ ତାଙ୍କର ଗହିର ବିଲରେ ଧାନ କଟା ହେଉଥାଏ। ହଳା ହିସାବ କରିବାକୁ ବିଷ୍ଣୁ ଭାଇନାଙ୍କ ବାପା ତାଙ୍କୁ ବିଲକୁ ପଠାଇ ଥାଆନ୍ତି। ମୁହଁ ସନ୍ଧ୍ୟା ହୋଇ ଆସୁଥାଏ ସୂର୍ଯ୍ୟ ଦେବତା ଅସ୍ତାଚଳଗାମୀ ହୋଇ ସାରିଥାନ୍ତି। ଉତ୍ତର ଆକାଶରୁ ମେଘର ଆଭାଷ ମିଳୁଥାଏ। ଡିସେମ୍ବର ମାସ ହୋଇଥିବାରୁ ଶୀତ ମଧ୍ୟ ପ୍ରବଳ ଲାଗୁଥାଏ। ଲକ୍ଷ୍ମୀର ବାପା ମା' ଦୁଇ ବୋଝ ଧାନ ହଳା ନେଇ ସାରି କହିଲେ ଲକ୍ଷ୍ମୀ ତୁ ଆଉ ବୋଝେ ହଳା ମୁଣ୍ଡରେ ନେଇ ଆସେ ଏକା ଥରକେ ଘରକୁ ପଳେଇ ଯିବା। ସାନବାବୁ ତୋ ମୁଣ୍ଡକୁ ହଳା ବୋଝ ଟା ଟେକି ଦେବେ।

ଲକ୍ଷ୍ମୀର ବାପା ଏକଥା କହିବା ବିଷ୍ଣୁ ଭାଇନା

ବୋଧହୁଏ ଶୁଣି ଥିବେ କି କ'ଣ ଜଣା ନାହିଁ ମାତ୍ର ସେ କେଜାଣି କାହିଁକି ଡେରି କରୁଥାଆନ୍ତି। ବିଲର ଏମୁଣ୍ଡରୁ ସେମୁଣ୍ଡକୁ ଖାଲିଟାରେ କ'ଣ ଗୋଟେ ଚିନ୍ତା କଲାପରି ଯାଆସ କରୁଥାନ୍ତି ଏଣେ ଅନ୍ଧାର ହୋଇ ଗଲାଣି।

ଲକ୍ଷ୍ମୀ ଛୋଟ ଜାତିର ହେଲେ କ'ଣ ହେବ ସେ ଦେଖିବାକୁ ରାଜ କୁମାରୀ ପରି ସୁନ୍ଦରୀ ଥିଲା ମାଇନର ପର୍ଯ୍ୟନ୍ତ ପଢ଼ିଛି ସତ, ପାଠ ମଧ୍ୟ ସ୍କୁଲରେ ଭଲ ପଢୁଥିଲା। ରାତି ହୋଇ ଆସୁଛି ଅନ୍ଧାର ମାଡ଼ି ଆସୁଛି ଏଣେ ବିଲ୍‌ରେ ପୂରା ଶୂନ୍ ଶାନ୍। ବିଷ୍ଣୁ ଭାଇନା ଓରଫ ସାନବାବୁ କିଛି କହୁ ନାହାନ୍ତି। ଲକ୍ଷ୍ମୀ ବଡ଼ ଅଡୁଆ ପରିସ୍ଥିତିରେ ପଡ଼ିଲା କ'ଣ କରିବ। ଶେଷକୁ ବାଧ୍ୟ ହୋଇ କହିଲା ବାବୁ ! ଏ ହଳା ବୋଝ ଟା ମୋ ମୁଣ୍ଡକୁ ଉଠାଇ ଦିଅ ଘରକୁ ଯିବା। ଅନ୍ୟ ମନସ୍କ ଥିବା ବିଷ୍ଣୁ ଭାଇନା କହିଲେ ଆରେ ଲକ୍ଷ୍ମୀ ହଁ ହଁ ମୁଁ ଉଠେଇ ଦେଉଛି ମୋତେ କହୁନୁ ସେତେବେଳ ଠାରୁ ତୋ ବାପା ମା ବୋଝ ନେଇ ଗଲେଣି। ଲକ୍ଷ୍ମୀ କହିଲା ନାଇଁ ମୁଁ କେତେଟା ହଳା ଫିଟି ଯାଇଥିଲା ତାକୁ ସବୁ ବାନ୍ଧି କରି ବୋଝ କଲା ବେଳକୁ ଦେଖିଲି ତୁମେ ଅନ୍ୟ ମନସ୍କ ରହି ପଦ ଚାରଣ କରୁଛ, ସେଥିପାଇଁ ମୁଁ ତୁମକୁ ବ୍ୟସ୍ତ ନକରି ଅପେକ୍ଷା କରିଥିଲି। ହଉହଉ ଆସେ ମୁଁ ବୋଝ ଟା ଉଠେଇ ଦେଉଛି।

ଲକ୍ଷ୍ମୀ ପୂର୍ଣ୍ଣ ଯୌବନା। ଗୋଟିଏ ଶସ୍ୟ ଶ୍ୟାମଳା ଉପତ୍ୟକାରେ ବର୍ଷା ପରେ ବୃକ୍ଷମାନେ ସବୁଜିମା ଧାରଣ କରି କେବଳ ପୁଷ୍ପ ଫଳ ଧାରଣ କରିବାକୁ ଅପେକ୍ଷା କଲା ଭଳି ଲକ୍ଷ୍ମୀର ଅଙ୍ଗ ସୌଷ୍ଟବ ଉନ୍ନତ ବକ୍ଷୋଜ ପୁରୁଷର ସ୍ପର୍ଶକୁ ଅପେକ୍ଷା କଲାଭଳି ମନେ ହେଉଥିଲା।

ବିଷ୍ଣୁ ଭାଇନା ଧାନ ହଳା ବୋଝ ଲକ୍ଷ୍ମୀ ମୁଣ୍ଡକୁ ଉଠାଇ ଦେବେ କ'ଣ ସେ ଲକ୍ଷ୍ମୀର ଯୌବନ କନ୍ଦର୍ପର ପୁଷ୍ପଧନୁର ଶରରେ ଏତେ କାମ ଜର୍ଜରିତ ହୋଇଥିଲେ ଯେ ସେ ଲକ୍ଷ୍ମୀକୁ ହିଡ଼ ଉପରେ ଶୁଆଇ ଦେଇ ନିଜେ ତା ଶରୀର ଉପରେ ବୋଝ ହୋଇ ଅଜାଡ଼ି ହୋଇ ପଡ଼ିଲେ। ଲକ୍ଷ୍ମୀ ମଧ୍ୟ ସେଇଆ ଆଶା କରୁଥିଲା ବୋଧହୁଏ। ସେ ସାନବାବୁଙ୍କର କାମ ପିପାଶାକୁ ଅଚିରେ ନିର୍ବାପିତ କଲା। ନିର୍ଜନ ଶ୍ୟାମଳିମା ଭରା ଶସ୍ୟ କ୍ଷେତ୍ରରେ ନିଜର କାମନା ଚରିତାର୍ଥ କଲା ପରେ ବିଷ୍ଣୁ ଭାଇନା ଓ ଲକ୍ଷ୍ମୀ ଧାନ ହଳା ବୋଝ ନେଇ ଘରେ ପହଞ୍ଚିଲେ। ଲକ୍ଷ୍ମୀର ବାପା ପଚାରିଲେ ତୁ ଏତେ ଡେରି କ'ଣ କଲୁ ଆମେ ଏପଟେ ବହୁତ ବ୍ୟସ୍ତ ହୋଇ ପଡ଼ିଥିଲୁ। ତୋ ମା ତ କେତେ କ'ଣ ଭାବି ମୋତେ ଖୋଜି ଯିବାପାଇଁ ପଠଉ ଥିଲା। ମୁଁ କହିଲି ଅପେକ୍ଷା କରିବା ସାନ ବାବୁ ସାଙ୍ଗରେ ଅଛନ୍ତି ଭୟ କରିବାର କ'ଣ ଅଛି ?

ଲକ୍ଷ୍ମୀ କହିଲା ବାପା ! ହଳା ବୋଝ ସାନବାବୁ ମୋ ମୁଣ୍ଡକୁ ଟେକି ଦେବାବେଳେ ତାଙ୍କ ହାତ ଖସି ଯିବାରୁ ବୋଝଟା ତଳେ ପଡ଼ିଗଲା ଓ ସବୁ ତକ ହଳା ଫିଟି ଗଲା । ମୁଁ ପୁଣି ସବୁ ତକ ବାନ୍ଧିଲା ପରେ ବୋଝ ତିଆରି କଲି ତା ପରେ ସାନବାବୁ ମୋ ମୁଣ୍ଡକୁ ଉଠାଇ ଦେଲେ।

ଲକ୍ଷ୍ମୀ ଏତେ ସବୁ ତା ବାପାଙ୍କ ଆଗରେ ବ୍ୟାଖ୍ୟା କଲାବେଳେ ବିଷ୍ଣୁ ଭାଇନା ମୁଚୁକୁନ୍ଦେଇ ମୁଚୁ କୁନ୍ଦେଇ ହସି ଲକ୍ଷ୍ମୀ ମୁହଁକୁ ଏକ ଲୟରେ ଅନେଇ ଥାଆନ୍ତି। ଠିକ୍ ଏହି ଘଟଣା ପରେ ଯେତେବେଳେ ବିଷ୍ଣୁ ଭାଇନାଙ୍କ ବାପା ତାଙ୍କ ବିବାହ ପ୍ରସ୍ତାବ ଆଣିଲେ ସେତେବେଳେ ସେ ଜିଦ୍ ଧରିଲେ ଲକ୍ଷ୍ମୀକୁ ବିବାହ କରିବେତ କରିବେ ନଚେତ ଆଦୌ ବିବାହ ନକରି ସାରାଜୀବନ ଅବିବାହିତ ରହିବେ।

ବିଷ୍ଣୁ ଭାଇନା ଯେପରି ଜିଦ୍‌ଖୋର ତାଙ୍କ ବାପା ମଧ୍ୟ ଆଭିଜାତ୍ୟ ସମ୍ପନ୍ନ ଜମିଦାର ହୋଇ ଥିବାରୁ ଆହୁରି ଜିଦ୍‌ଖୋର। ଯେତେବେଳେ ସେ ଦେଖିଲେ ତାଙ୍କର ଲକ୍ଷ୍ମୀକୁ ବିଭା ହେବାର ସମ୍ଭାବନା ନାହିଁ ସେ ସଙ୍ଗେ ସଙ୍ଗେ ଲକ୍ଷ୍ମୀକୁ କହିଲେ ସେଦିନ ଗହୀର ବିଲ୍‌ରେ ଆମେ ଯେଉଁ ଭୁଲ କରିଛେ, ତା'ର ପ୍ରାୟଶ୍ଚିତ କରିବାକୁ ତୁ ତୋ ବାପା ଯେଉଁଠି ବିବାହ ଠିକ୍ କରିଛନ୍ତି ତୁ ସେଠି ବିଭା ହୋଇ ଯାଆ।

ଭଗବାନ ଭରସା ହେଲା ପରି ଲକ୍ଷ୍ମୀ ବିଭା ହୋଇଗଲା ନିଜର ଅନିଚ୍ଛା ସତ୍ତ୍ୱେ। ବିଭାଘର ପରେ ପରେ ଜାଣିଲା ଯେ ସେ ନିଜ ସ୍ୱାମୀ ଆଡୁ ନୁହେଁ ସାନ ବାବୁଙ୍କ ଆଡୁ ଗର୍ଭବତୀ ହୋଇଛି। ସେଦିନ ସନ୍ଧ୍ୟାରେ ସାନବାବୁଙ୍କ ସହ ପ୍ରଥମ ଶାରୀରିକ ମିଳନର ସନ୍ତକ ଜନ୍ମ ହେଲା। ଗୋରା ତକ୍ ତକ୍ ରାଜ କୁମାର ଭଳି ଚେହେରା।

ବିଷ୍ଣୁ ଭାଇନାଙ୍କର ବାପା ସେତେବେଳକୁ ପରଲୋକ ଗମନ କରି ସାରିଲେଣି। ଲକ୍ଷ୍ମୀ ପୁଅର ନାମକରଣ ପୂଜାକୁ ବିଷ୍ଣୁ ଭାଇନା ଅନେକ ରକମର ଉପହାର ଓ ମିଷ୍ଟାନ୍ନ ନେଇ ଲକ୍ଷ୍ମୀ ଶାଶୁଘରେ ପହଞ୍ଚି ଥିଲେ। ସାନବାବୁଙ୍କ ଆର୍ଥିକ ସାହାଯ୍ୟରେ ହିଁ ଲକ୍ଷ୍ମୀ ପୁଅର ସତ୍ୟନାରାୟଣ ନାମକରଣ ପୂଜାର ଆୟୋଜନ କରାଯାଇଥିଲା। ପୁଅର ନାମ ରଖାଗଲା କେଶବ। ଅଳ୍ପ କେଇଟା ଦିନ ପରେ ଲକ୍ଷ୍ମୀର ସ୍ୱାମୀ କ୍ୟାନ୍‌ସରରେ ପୀଡ଼ିତ ହୋଇ ଆରପାରିକୁ ଚାଲିଗଲା।

ଲକ୍ଷ୍ମୀ ନିଆଶ୍ରୀ ହୋଇଯିବାରୁ ଦୁଇ ବର୍ଷର ପୁଅ କେଶବକୁ ଧରି ବାପ ଘର ଗାଁ ମନୋହରପୁରକୁ ପଳାଇ ଆସିଲା। ଲକ୍ଷ୍ମୀ ଆସିବା ଖବର ଶୁଣି ବିଷ୍ଣୁ ଭାଇନା ଲକ୍ଷ୍ମୀ ବାପ ଘରେ ପହଞ୍ଚିଲେ। ଲକ୍ଷ୍ମୀର ଖୁସି ଯେ କହିଲେ ନସରେ ସଙ୍ଗେ ସଙ୍ଗେ ଆସି ଓଳିଗି ହୋଇ ଆଶୀର୍ବାଦ ଭିକ୍ଷା କଲା। ସାନବାବୁ କହିଲେ ସୌଭାଗ୍ୟବତୀ ଭବ।

ଲକ୍ଷ୍ମୀ ଅଭିମାନ ଭରା କଣ୍ଠରେ କହିଲା କି ସୌଭାଗ୍ୟ ଆସିବ ବାବୁ ତୁମରି ଆଗରେ ତ ଦେଖିଲ ସ୍ୱାମୀ ପିଛା ଏତେ ଟଙ୍କା ଖର୍ଚ୍ଚ କରି ତାକୁ ଭଲ କରି ନପାରି ହରାଇଲି। ଏବେ ଆସି ବୁଢ଼ା ବାପା ଉପରେ ବୋଝ ହେଇ ରହିଲି। ମୋ ଭାଗ୍ୟକୁ ମୋର ଭାଇ ନାହିଁ। ନଚେତ ବାପା ଘରେ ରହିବା ମୋ ପକ୍ଷେ କଷ୍ଟକର ହୋଇ ଥାଆନ୍ତା।

ସାନ ବାବୁ କହିଲେ ଲକ୍ଷ୍ମୀ ଗୋଟିଏ କଥା ଜାଣିଥିବୁ ଯାହା ହୋଇଅଛି ଭଲ ପାଇଁ ହୋଇଛି ଆଉ ଯାହା ହେବାକୁ ଅଛି ତାହା ମଧ୍ୟ ଭଲ ପାଇଁ ହେବ। ଆମ ଶାସ୍ତ୍ର ଗୀତାରେ ଅଛି କର୍ମଣ୍ୟେ ବାଧିକାରସ୍ଥ ମା ଫଳେସୁ କଦାଚନ। ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି ତୁମେ କାମ କରି ଚାଲ ଫଳ ମୁଁ ପ୍ରଦାନ କରିବି। ତେଣୁ ଲକ୍ଷ୍ମୀ ତୁ ଜମା ବ୍ୟସ୍ତ ହୁଅନ୍ତି। ତୋର ଓ ପୁଅର ସବୁ ଖର୍ଚ୍ଚ ମୁଁ ବହନ କରିବି। ତୁ ପୁଅକୁ ଧରି ଆମ ଘରେ ଆସି ରହ। ଭଗବାନଙ୍କର ବୋଧହୁଏ ଏଇଆ ଇଚ୍ଛା।

ଲକ୍ଷ୍ମୀ କହିଲା କେମିତି କହୁଛ ବାବୁ ମୁଁ ତୁମ ପାଖରେ ରହିବି ? ହଁ ରହିବି ମୋର କିଛି ଅସୁବିଧା ନାହିଁ ମାତ୍ର କେଉଁ ଅଧିକାର ନେଇ ରହିବି ? ଲୋକେ କ'ଣ କହିବେ ? ସମାଜ ଆମକୁ ଗ୍ରହଣ କରିବ ତ ?

ସାନ ବାବୁ ଶୁଣିଲେ କହିଲେ ଅଧିକାର ? ଲକ୍ଷ୍ମୀ ତୋର ବୋଧ ହୁଏ ସବୁଠାରୁ ବେଶି ଅଧିକାର ମୋ ଉପରେ ଅଛି, ଆଉ ତା'ର ସାକ୍ଷୀ ହେଉଛି କେଶବ ମୋ ପୁଅ। ତୁ ଯଦି ସେପରି ଭାବୁଛୁ କାଲି ଚାଲ ଆମ ଗ୍ରାମଦେବତୀଙ୍କ ମନ୍ଦିରରେ ମୁଁ ତୋତେ ବିବାହ କରିବି ସବୁ ହକ୍ ସବୁ ଅଧିକାର ତୋତେ ଦେବି ? ଏହି କୁସଂସ୍କାର ଗ୍ରସ୍ତ ସମାଜରେ ଏକ ଉଦାହରଣ ସୃଷ୍ଟି କରିବି। ପ୍ରଥମେ ବିଧବା ବିବାହ ଦ୍ୱିତୀୟରେ ଇଣ୍ଟରକାଷ୍ଟ ବିବାହ। ଏଇଥି ପାଇଁ ତ ମୁଁ ମୋର ଲଢ଼େଇ ଜାରି ରଖିଛି। ତେଣୁ ସମାଜକୁ ଦେଖାଇ ଦେବାକୁ ଚାହେଁ ଯେ ମୁଁ ଖାଲି କଥାରେ କହୁନାହିଁ କାମରେ ମଧ୍ୟ କରି ଦେଖାଉଛି। ମୋର ଆଚରଣ ଓ ଉଚ୍ଚାରଣରେ ପାର୍ଥକ୍ୟ ନାହିଁ।

ସତକୁ ସତ ତା ପର ଦିନ ଗ୍ରାମଦେବତୀ ମନ୍ଦିରରେ ବିଷ୍ଣୁ ଭାଇନା ଲକ୍ଷ୍ମୀକୁ ବୈଦିକ ମତରେ ବିବାହ କଲେ । ପୁରୋହିତଙ୍କ ମନ୍ତ୍ର ଉଚ୍ଚାରଣ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବିଧି ବିଧାନ ରୀତିନୀତିକୁ ସମ୍ମାନ ଦେଇ ବିବାହ କାର୍ଯ୍ୟ ସମ୍ପନ୍ନ ହେଲା।

ଆମ ଅଞ୍ଚଳରେ ସେ ସମୟରେ ଚହଳ ପଡ଼ିଗଲା ସମସ୍ତଙ୍କ ଭୃକୁଞ୍ଚନ ନାସିକା କୁଞ୍ଚନ ସମାଲୋଚନା କଟାକ୍ଷ ସତ୍ତ୍ୱେ ବିଷ୍ଣୁ ଭାଇନା ତାଙ୍କ କଥାକୁ କାର୍ଯ୍ୟରେ ପରିଣତ କଲେ ଏବଂ ସେହି ଅସ୍ଥାୟୀ ବେଦୀରେ ଘୋଷଣା କଲେ କେଶବର ଡିଏନ୍ ଟେଷ୍ଟ କଲେ

ସେ ହୁଏତ ମୋ ପୁଅ ବୋଲି ଜଣାପଡ଼ିପାରେ। ମାତ୍ର ମୁଁ ଏହିଠାରେ ଘୋଷଣା କରୁଛି ଯେ କେଶବକୁ ମୁଁ ପିତୃତ୍ୱର ସମସ୍ତ ଅଧିକାର ଓ ଲକ୍ଷ୍ମୀକୁ ସ୍ତୀର ସମସ୍ତ ଅଧିକାର ପ୍ରଦାନ କରୁଛି।

ଆପଣମାନେ ଆମର ଏହି ଅନନ୍ୟ ବିଭାଘର ପ୍ରଥମ ତ ବିଧବା ବିବାହ ଦ୍ୱିତୀୟରେ ଆନ୍ତଃଜାତି, ଇନ୍‌ଟରକାଷ୍ଟ ବିଭା ଘରରେ ସକ୍ରିୟ ଅଂଶ ଗ୍ରହଣ କରି ଆମକୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ସମାଜରୁ କୁସଂସ୍କାର ଦୂର କରିବା ଦିଗରେ ସଚେତନତାର ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ଆପଣମାନେ ସମସ୍ତଙ୍କୁ ନବ ଦମ୍ପତିଙ୍କର କୋଟି ପ୍ରଣାମ। ଏହି ସଚେତନତା, ମାନବବାଦୀ ସମ୍ବେଦନଶୀଳତାର ମଶାଲ ଜାରି ରହୁ। ବିବାହ ଉତ୍ସବ ଅତ୍ୟନ୍ତ ନିରାଡମ୍ବର ଭାବେ ସରିବା ପରେ ଭୋଜିର ଆୟୋଜନ କରାଯାଇଥିଲା। ବହୁ ସଂଖ୍ୟାରେ ପାଖା ପାଖି ପାଞ୍ଚଶ ଗ୍ରାମବାସୀ ବନ୍ଧୁ ବାନ୍ଧବ ଶୁଭେଚ୍ଛୁ ଶୁଭାନୁଧ୍ୟାୟୀ ସାମ୍ବାଦିକ ସ୍ୱାଧୀନତା ସଂଗ୍ରାମୀ ସମସ୍ତେ ଭୋଜି ଖାଇ ସାରି ବର କନ୍ୟାଙ୍କୁ ଶୁଭେଚ୍ଛା ଜଣାଇ ଯେ ଯାହାର ଗୃହକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ପିଲାଏ ତୁମେ ଶୁଣି ଆଶ୍ଚର୍ଯ୍ୟ ହେବ ସେ ସମୟରେ ପ୍ରଚଳିତ ଯେଉଁ ଜାତି ପ୍ରଥା ବ୍ରାହ୍ମଣ ମାନଙ୍କର ଯେଉଁ ଆଧିପତ୍ୟ ଅହଂଭାବ ଉଚ୍ଚ ଜାତି ବୋଲି ଟାଣ ପଣ ସବୁ ପାଣି ଫୋଟକା ପରି ମିଳାଇ ଗଲା। କେତେ ଜଣ ଦୁଷ୍ଟ କୁଟିଳ ସ୍ୱଭାବର ଲୋକ ପ୍ରସ୍ତାବ ଦେଉଥିଲେ ବିଷ୍ଣୁ ଯାହା କଲା ଅତି ଅସୁନ୍ଦର କାମ। ଆମ ସମସ୍ତଙ୍କ ମୁହଁରେ ଚୂନ କଳା ବୋଳିଦେଲା, ଆମ ଜାତିର ଘୋର ଅସମ୍ମାନ ହେଲା କାଲି ସକାଳେ ସମସ୍ତ ଅବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୁଦ୍ର ଜାତିର ଲୋକମାନେ ଆମକୁ ଖାତିର କରିବେ ନାହିଁ ଆମ କାନ୍ଧରେ ହାତ ପକାଇବେ। ଆମ ସମକକ୍ଷ ବୋଲି ବିଚାର କରିବେ। ଏତେଦିନ ଚଳି ଆସୁଥିବା ପ୍ରଥା ଏବଂ ଆମକୁ ମିଳୁଥିବା ସମ୍ମାନ ସାମାଜିକ ପ୍ରତିଷ୍ଠା ସ୍ୱୀକୃତି ସବୁ ମାଟିରେ ମିଶିଗଲା। ଏହିପରିସ୍ଥିତିରେ ଆମେ ବିଷ୍ଣୁ ଦାଶକୁ ନିଆଁ ପାଣି ବନ୍ଦ କରି ସାମାଜିକ ବାସନ୍ଦ କରିବା ଉଚିତ।

ସବୁ ଶୁଣି ସାରିବା ପରେ ଶିବ ମିଶ୍ର ଉଠି ଠିଆ ହେଲେ ଏବଂ କହିଲେ ମହାତ୍ମା ଗାନ୍ଧି ଅସ୍ପୃଶ୍ୟତା ନିବାରଣ ପାଇଁ ଅନେକ ଉଦ୍ୟମ କରିଛନ୍ତି। ସ୍ୱାଧୀନତା ପରେ ପ୍ରଧାନମନ୍ତ୍ରୀ ନେହେରୁ ମଧ ଭାଷଣ ପ୍ରସଙ୍ଗରେ ଅନେକ ଥର କହିଛନ୍ତି ଆମ ଦେଶରୁ ଜାତି ଭେଦ ଅସ୍ପୃଶ୍ୟତା ଭଳି କୁସଂସ୍କାର ଓ ଅନ୍ଧ ବିଶ୍ୱାସ ଦୂର ନହେଲେ ଆମ ଦେଶର ପ୍ରଗତି ଅସମ୍ଭବ। ସେଥିପାଇଁ ତ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ସୁଯୋଗ ଆରକ୍ଷଣ ସଂରକ୍ଷଣର ବ୍ୟବସ୍ଥା ସମ୍ବିଧାନରେ କରାଗଲା। ତା'ଛଡ଼ା ମୋ ଜାଣିବାରେ ଜାତିପ୍ରଥା ଏଇ ମଣିଷ ନିଜ ଫାଇଦା ପାଇଁ ସୃଷ୍ଟି କରିଛି। ଗୋଟିଏ ବ୍ଲେଡ଼ରେ ଆମ ଆଙ୍ଗୁଠିରୁ ଟିକେ ରକ୍ତ ଓ କାଣିଆ ବାଉରିର ଆଙ୍ଗୁଠିରୁ ଟିକେ ରକ୍ତ ବାହାର କରି ଦେଖାଯାଉ ଦୁଇ ଜାତିର ଲୋକଙ୍କର ରକ୍ତର ରଙ୍ଗ ସେଇ ଲାଲ ବାହାରିବ। ଦୁଇଟି ଜାତି ଦୁଇଟି ସମ୍ପ୍ରଦାୟର ଲୋକ ହୋଇ ପାରନ୍ତି। ମାତ୍ର ମାନବୀୟ ଗୁଣ ଆବେଗ ତିତିକ୍ଷା ଉତ୍କଣ୍ଠା ସମବେଦନା ସେହି ଗୋଟିଏ ପ୍ରକାରର ହେବ ଏବଂ ଏହିଗୁଣଗୁଡ଼ିକ ପଶୁମାନଙ୍କ ଠାରୁ ଭିନ୍ନ ହେବ କାରଣ ପଶୁମାନଙ୍କ ଭଲମନ୍ଦ ଚିନ୍ତା କରିବାର ଶକ୍ତି ନଥାଏ। କେବଳ ମଣିଷ ସେ ଯେଉଁ ଜାତିର ଯେଉଁ ଧର୍ମର ଯେଉଁ ସମ୍ପ୍ରଦାୟର ହେଉନା କାହିଁକି ଜାଣିପାରିବ କୋଉଟା ଠିକ୍ କୋଉଟା ଭୁଲ କୋଉଟା ଭଲ କୋଉଟା ମନ୍ଦ କୋଉଟା ନୀତି କୋଉଟା ଅନୀତି ବା ଦୁର୍ନୀତି। ସୁତରାଂ ଜାତି ମାନଦଣ୍ଡରେ ଆମେ ମଣିଷକୁ ବିବେଚନା କରିବା ଉଚିତ ନୁହେଁ। ତା ବ୍ୟତୀତ ବିଷ୍ଣୁ ଭାଇନା ଯିଏ କି ଜଣେ ଆଦର୍ଶ ସ୍ଥାନୀୟ ବ୍ୟକ୍ତିତ୍ୱ ଏତେ ମହନୀୟ ଗୁଣର ଅଧିକାରୀ ଯାହାଙ୍କର ଆମ ଗ୍ରାମ ଆମ ଜିଲ୍ଲା ସର୍ବୋପରି ଆମ ରାଜ୍ୟ ପ୍ରତି ପ୍ରଭୂତ ଅବଦାନ ଅଛି ତାଙ୍କ ବିରୁଦ୍ଧରେ ଆମେ ନିଆ ପାଣି ବାସନ୍ଦ ଏକଘରିକିଆ ଭଳି କୁସଂସ୍କାର ପୂର୍ଣ୍ଣ ଅନ୍ୟାୟ କାର୍ଯ୍ୟପନ୍ଥା ଗ୍ରହଣ କରିବା ଠିକ୍ ହେବନାହିଁ। ଏତିକି କହିସାରି ଶିବ ମିଶ୍ରେ ସମସ୍ତଙ୍କୁ ହାତ ଯୋଡ଼ି କହିଲେ ଅବଶ୍ୟ ଏଇଟା ମୋର ବ୍ୟକ୍ତିଗତ ମତ। ପଞ୍ଚାୟତ ଯାହା ସିଦ୍ଧାନ୍ତ ନେବ ମୁଁ ସେଥିରେ ସହମତ ହେବି।

ସମସ୍ତେ ଏକ ସ୍ୱରରେ କହିଲେ ନାନା ଶିବ ମିଶ୍ରେ ଯାହା କହିଲେ ତାହା ଅତ୍ୟନ୍ତ ମୂଲ୍ୟବାନ ମନ୍ତବ୍ୟ ଏବଂ ଆଜିର ପଞ୍ଚାୟତ ପାଇଁ ପ୍ରଣିଧାନ ଯୋଗ୍ୟ। ତା ବ୍ୟତୀତ ବିଷ୍ଣୁ ଭାଇନା ସମାଜ ସଂସ୍କାର ଉପରେ ଅନ୍ଧବିଶ୍ୱାସ କୁସଂସ୍କାର ଦୂରୀକରଣ ଉପରେ ଅନେକ ଥର ଅନେକ ମଞ୍ଚରୁ ନିଜର ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଛନ୍ତି। ଶ୍ରୋତା ମଣ୍ଡଳୀ ତରଫରୁ ପରୋକ୍ଷରେ କଟାକ୍ଷ କରାଯାଇଛି ଯେ ବଡ଼ବଡ଼ କଥା କହିବା ସହଜ ନିଜେ ଉଦାହରଣ ସୃଷ୍ଟି କଲେ ଭଲ ହୁଅନ୍ତା। ବିଷ୍ଣୁ ଭାଇନା କି ଡରି ଯିବା ଲୋକ ସେ ସଙ୍ଗେ ସଙ୍ଗେ କହିଲେ ଆପଣ ଠିକ୍ କହୁଛନ୍ତି ମୁଁ ମଧ ସୁଯୋଗ ଅପେକ୍ଷାରେ ଅଛି ଖୁବ୍ ଶୀଘ୍ର ସମାଜ ଆଗରେ ଉଦାହରଣ ସୃଷ୍ଟି କରିବି ନିଶ୍ଚୟ। ଆପଣ ଟିକେ ଧୈର୍ଯ୍ୟର ସହ ଅପେକ୍ଷା କରନ୍ତୁ।

ବିବାହ ଉତ୍ସବ ସମାପନ ହେବା ପରେ ବିଷ୍ଣୁ ଭାଇନା ସମସ୍ତଙ୍କୁ ହାତ ଯୋଡ଼ି ନିଜର ଆତ୍ମସନ୍ତୋଷ ପ୍ରକାଶ କରି କୃତଜ୍ଞତା ଜଣାଇଲେ ଏହି ଆଦର୍ଶ ବିବାହ ଉତ୍ସବରେ ଯୋଗ ଦେଇ ବର କନ୍ୟାଙ୍କୁ ଆଶୀର୍ବାଦ କରିଥିବାରୁ। ଆପଣମାନଙ୍କର ହୁଏତ ମନେଥିବ ବା ମନେ ନଥିବ ଗୋଟିଏ ସଚେତନତା ସଭାରେ ଜଣେ ଦର୍ଶକଙ୍କର ପ୍ରଶ୍ନର ଉତ୍ତର ଦେଇ ମୁଁ କହିଥିଲି ଆପଣ ମୋତେ ଉଦାହରଣ ସୃଷ୍ଟି କରିବାକୁ କହୁଛନ୍ତି ମୁଁ ନିଶ୍ଚୟ ଉଦାହରଣ ସୃଷ୍ଟି କରିବି ମୁଁ କଥାରେ ବିଶ୍ୱାସ କରେ ନାହିଁ, କାମରେ ବିଶ୍ୱାସ କରେ ଦେଖନ୍ତୁ ଆଜି ସେହି ସମୟ ଆସିଲା ମୁଁ ଯାହା କହୁଥିଲି କାର୍ଯ୍ୟରେ କରି ଦେଖାଇଲି । ତେଣୁ ବନ୍ଧୁ ଗଣ ! ଆମ ଦେଶର ପ୍ରଗତି ନିର୍ଭର କରୁଛି ଆମ ନିଜ ମନୋଭାବରେ, ଆମ ନିଜର ଆଭିମୁଖ୍ୟରେ, ଉଦାର ମନୋଭାବରେ। ଆମେ ଉଦାର ହୋଇ କୁସଂସ୍କାର ଓ ଅପସଂସ୍କୃତିକୁ ହଟାଇ ଦେଇ ଗୋଟିଏ ନୂତନ ସଂସ୍କୃତି ସମ୍ପନ୍ନ ସଭ୍ୟତାର ଅୟମାରମ୍ଭ କରି ପାରିବା। ବିଷ୍ଣୁ ଭାଇନାଙ୍କ ଭାବପୂର୍ଣ୍ଣ ଗାମ୍ଭିର୍ଯ୍ୟ ପୂର୍ଣ୍ଣ ବକ୍ତବ୍ୟ ପରେ ସମସ୍ତେ କରତାଳି ବୃଷ୍ଟି କରି ଜୟ ଜୟ କାର କରିଥିଲେ।

ଲକ୍ଷ୍ମୀକୁ ଅର୍ଦ୍ଧାଙ୍ଗିନୀ ରୂପେ ଗ୍ରହଣ କରି ବିଷ୍ଣୁ ଦାସ ନିଜ ଘରକୁ ସମ୍ମାନ ଓ ସାମାଜିକ ସ୍ୱୀକୃତି ସହକାରେ ନେଇଯାଇଥିଲେ। ବିଷ୍ଣୁ ଭାଇନାଙ୍କ ସମାଜ ସେବା କାମ ଆହୁରି ଜୋର ସୋରରେ ଆରମ୍ଭ ହୋଇ କ୍ଷିପ୍ର ଗତିରେ ରାଜ୍ୟର ବିଭିନ୍ନ ସ୍ଥାନକୁ ମାଡ଼ିଗଲା। ଲକ୍ଷ୍ମୀ ମଧ ସମସ୍ତ ଘର କାମ କରି ସ୍ୱାମୀଙ୍କ ସାଙ୍ଗରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଲା।

କେଶବ ବଡ଼ ହୋଇ ପାଠ ପଢ଼ି ଡାକ୍ତରୀ ପାସ୍ କରି ସାରି କଟକ ମେଡ଼ିକାଲ କଲେଜରେ ନିଯୁକ୍ତି ପାଇ ସାରିଲାଣି। ସେ ଏବେ ସର୍ଜେରୀ ବିଭାଗରେ ଆସୋସିଏଟ୍ ପ୍ରଫେସର ଭାବେ କାର୍ଯ୍ୟରତ। ଜଣେ ଦକ୍ଷ ଏବଂ ଲୋକପ୍ରିୟ ଡାକ୍ତର ଭାବେ କେଶବ ଚନ୍ଦ୍ର ଦାସ ଖୁବ୍ ଜଣାଶୁଣା। ରାଜ୍ୟର ଯେତେ ଦରିଦ୍ର ନିସହାୟ ଲୋକଙ୍କର ଅସ୍ତ୍ରୋପଚାର ଦରକାର ପଡ଼େ ସେମାନେ ସମସ୍ତେ ଡଃ କେଶବ ଚନ୍ଦ୍ର ଦାସଙ୍କ ପାଖରେ ଚିକିତ୍ସିତ ହୋଇ ଆରୋଗ୍ୟ ଲାଭ କରନ୍ତି। କେତେ ଯେ ଅସହାୟ ଦରିଦ୍ର ରୋଗୀ ଆରୋଗ୍ୟ ହେବା ପରେ ଆଶୀର୍ବାଦ କରନ୍ତି ତାର ହିସାବ ନାହିଁ।

ଥରେ ଗୋଟିଏ ବିଚିତ୍ର ଘଟଣା ଘଟିଲା। ସାଧାରଣତଃ ବିଷ୍ଣୁ ଭାଇନା କେଶବର ବୃତ୍ତିଗତ ମାମଲାରେ କେବେ ହେଲେ ହସ୍ତକ୍ଷେପ କରନ୍ତି ନାହିଁ। ଏମିତି ତ ଅନେକ ରୋଗୀ ମେଡ଼ିକାଲ ଆସି ଚିକିତ୍ସିତ ହୋଇ ସୁସ୍ଥହେଲା ପରେ ଘରକୁ ଫେରି ଯାଆନ୍ତି ମାତ୍ର ଜଣେ ରୋଗୀ ଯେକି ବେଶ୍ ସମ୍ଭ୍ରାନ୍ତ ନିଜ ବେଶ ଭୂଷାରୁ ଜଣା ପଡୁଥାଆନ୍ତି ଆସି ପହଞ୍ଚିଲେ ଡଃ କେଶବ ଦାଶଙ୍କ ଆଉଟ୍ ଡୋର ଡିଉଟି ସମୟରେ। ତାଙ୍କର ଅଭିଯୋଗ ହେଲା ପେଟରେ ଅସହ୍ୟ ଯନ୍ତ୍ରଣା ହେଉଛି। ବିଭିନ୍ନ ପରୀକ୍ଷା ନିରୀକ୍ଷା କରିବା ପରେ ଜଣାପଡ଼ିଲା ତାଙ୍କ

ଆପେଣ୍ଡିସାଇଟିସ୍‌ରେ ସମସ୍ୟା ଅଛି ସେଇଟି ଅପରେସନ୍ ହେବ। ଯେତେବେଳେ ଏ କଥା ସେ ଶୁଣିଲେ ହଠାତ୍ କହିଲେ ସାର୍ ମୁଁ ଡଃ କେଶବ ଦାଶଙ୍କ ପାଖରେ ଅପରେସନ କରାଇବାକୁ ଚାହୁଁଛି।

ଡଃ କେଶବ ଜଣେ ରୋଗୀ ମୁହଁରୁ ଏଭଳି ବିଶ୍ୱାସ ଆସ୍ଥା ସ୍ଥାପନ ଓ ସ୍ୱୀକୃତି ଶୁଣି ବୃତ୍ତିଗତ ସନ୍ତୋଷ ଲାଭ କରିବା ସଙ୍ଗେ ସଙ୍ଗେ ବ୍ୟକ୍ତିଗତ ଆନନ୍ଦରେ ଅଭିଭୂତ ହୋଇଗଲେ। ଏତକ ଶୁଣିବା ପରେ ସେ ସଙ୍ଗେ ସଙ୍ଗେ ନିଜର ସମ୍ମତି ଜଣାଇ ତାଙ୍କର ନାମ ପୁରା ଠିକଣା ଆଟେଣ୍ଡାଣ୍ଟଙ୍କ ନାମ ଇତ୍ୟାଦି ଲେଖି ଫର୍ମ ପୂରଣ କରାଇଲେ। ଠିକଣାରେ ତାଙ୍କ ନାମ ହେଲା ନିମାଇଁ ଚରଣ ମହାନ୍ତି ଗ୍ରାମ ମନୋହରପୁର। ମନୋହରପୁର ଗ୍ରାମ ଦେଖି ସେ ଟିକିଏ ଚଉଁକି ଗଲେ। ତାଙ୍କ ଚିକିତ୍ସାରେ ଯେପରି କୌଣସି ଅବହେଳା ନହୁଏ ସେ ସମ୍ପର୍କରେ ସବୁ ଷ୍ଟାଫଙ୍କୁ ନିର୍ଦ୍ଦେଶ ଦେଇଦେଲେ। ତାଙ୍କର ଅପରେସନ ଦିନ ସ୍ଥିର ହୋଇ ସବୁ ପ୍ରକାର ଆନୁଷଙ୍ଗିକ ପରୀକ୍ଷା ପାଇଁ ସାମ୍ପଲ ଲାବରେଟୋରୀକୁ ପଠାଇ ଦେଇ ରୋଗୀକୁ ଆଡ଼ମିଟ୍ କରି ପାଞ୍ଚନମ୍ବର କ୍ୟାବିନ ଆଲଟ କରି ଦେଲେ। ନର୍ସମାନେ ଯାଇ ତାଙ୍କ ଟାଇମ୍ ଅନୁଯାୟୀ ବ୍ଲଡ଼ ପ୍ରେସର ଡାଇବେଟିସ୍ ପଲ୍‌ସରେଟ ଆଦି ଚେକ୍ କରି ଆସୁଥାନ୍ତି। ଯେଉଁଦିନ ଅପରେସନ ହେବ କେଶବ ପ୍ରସ୍ତୁତ ହେଉଛନ୍ତି ମେଡ଼ିକାଲରେ ଥିବା ନିଜ କକ୍ଷରେ। ଚପରାଶି ଆସି କହିଲା ସାର ଆପଣଙ୍କୁ କିଏ ଜଣେ ଭଦ୍ରଲୋକ ସାକ୍ଷାତ୍ କରିବାକୁ ଚାହୁଁଛନ୍ତି। କେଶବ କହିଲେ ଆରେ ଏତେବେଳେ କିଏ ଆସିଲେ ? ମୋତେ ଓଟି ଯିବାକୁ ଅଛି ଆପେଣ୍ଡିସାଇଟିସ୍‌ର କ୍ରିଟିକାଲ ଅପରେସନ ଅଛି। ଆଚ୍ଛା ଠିକ୍ ଅଛି ଡାକି ଦିଅ । ଚପରାଶି କହିବା ପରେ ବିଷ୍ଣୁ ଭାଇନା କେଶବ ରୁମ୍‌କୁ ପଶି ଆସିଲେ। କେଶବ ବିଷ୍ଣୁ ବାବୁଙ୍କୁ ଦେଖି ହତ ଚକିତ ହୋଇ କହିଲା ବାପା ! ଆପଣ ଫୋନ ନାହିଁ ଖବର ନାହିଁ ଆପଣ କେମିତି ମେଡ଼ିକାଲ ଭିତରେ ?

ବିଷ୍ଣୁ ଭାଇନା କହିଲେ ନା ଯେ ଆମ ଗାଁର ମୋ ପିଲା ବେଳର ସାଙ୍ଗ ନିମାଇଁର ଆଜି ଅପରେସନ ଅଛି ତାକୁ ଦେଖିବାକୁ ଆସିଛି। ମୁଁ ତାକୁ ପଠାଇଥିଲି ତୋ ପାଖକୁ ତାକୁ କହିଥିଲି ସେ ପରିଚୟ ନଦେଇ ଖାଲି ଜଣେ ସାଧାରଣ ରୋଗୀ ଭାବେ ଚିକିତ୍ସା ହେବା ପାଇଁ ପହଞ୍ଚିବ ମୋର ପ୍ରକୃତ ଉଦ୍ଦେଶ୍ୟ ଥିଲା ତୋତେ ପରୀକ୍ଷା କରିବା। ବାହାର ଲୋକଙ୍କଠାରୁ ତୋର ପ୍ରଶଂସା ଅନେକ ବାର ଶୁଣିଛି ତୋ ମାକୁ ମଧ୍ୟ କହିଛି ଆମ ପୁଅର ମେଡ଼ିକାଲରେ ବହୁତ ସୁନାମ । ଆଜି ଆସିଥିଲି ଦେଖିବାକୁ ତୁ ନିମାଇଁର କିପରି କେଆର ନେଇ ଅପରେସନ କରୁଛୁ। ତୁ ଯା ଟାଇମ୍ ହୋଇଗଲାଣି ସେ ଓଟିରେ ତୋତେ ଅପେକ୍ଷା କରିଥିବ। ବାପାଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇ ଡଃ କେଶବ ଓଟିକୁ ଯାଇ ଅସ୍ତ୍ରୋପଚାର କଲେ। ଘଣ୍ଟାକ ପରେ ନିମାଇଁ ବାବୁଙ୍କର ଚେତା ଫେରିଲା ବେଳକୁ ଦେଖିଲେ ଡଃ କେଶବ ଦାଶ ଅଛନ୍ତି ଏବଂ ତାଙ୍କ ବନ୍ଧୁ ବିଷ୍ଣୁ ଦାଶ ମଧ୍ୟ ଅଛନ୍ତି। ନିମାଇଁ ବାବୁ ଉଠିବାକୁ ଚେଷ୍ଟା କଲାବେଳେ ଡଃ କେଶବ କହିଲେ ନା ନା ମଉସା ଆପଣ ଶୋଇ ରହନ୍ତୁ। ନିମାଇଁ ବାବୁ ଆଶ୍ଚର୍ଯ୍ୟ ହୋଇ ପଚାରିଲା ମଉସା ? ତୁମେ କେମିତି ଜାଣିଲ ? ଏହି ବଦ୍‌ମାସ ବିଷ୍ଣୁ ସବୁ କଥା କହି ଦେଇଥିବ। ତୁ କେତେବେଳେ ଆସିଲୁ ବିଷ୍ଣୁ ? ବିଷ୍ଣୁ ବାବୁ କହିଲେ ତୋ ଅପରେସନ ଆରମ୍ଭ ହେବା ପୂର୍ବରୁ। ତୁ ଓଟିରେ ଥିଲୁ ମୁଁ କେଶବ ରୁମ୍‌ରେ ଥିଲି। ଏବେ ତୋତେ ଆରାମ୍ ଲାଗୁଛି ତ ? ଆରେ ଆରାମ୍ କ'ଣ ? ମୋତେ ଲାଗୁଛି ଯେମିତି ମୋର ଅସ୍ତ୍ରୋପଚାର ହୋଇନାହିଁ ତୋ ପୁଅ ସାକ୍ଷାତ୍ ଧନ୍ୱନ୍ତରୀ। କେଶବ ନିମାଇଁ ବାବୁ ଓ ବାପାଙ୍କର ପାଦଛୁଇଁ ଆଶୀର୍ବାଦ କାମନା କଲେ।

*ଏଚ୍ ଆଇଜି-୨/୪୧,*
*ବିଡ଼ିଏ କଲୋନୀ, କପିଳପ୍ରସାଦ, ଭୁବନେଶ୍ୱର-୨*
*ଦୂରଭାଷ: ୭୩୮୧୦୭୩୧୩୬*




# ପ୍ରବାସର ଚିତ୍ରଫଳ

## କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ

**ନି**ଜ ପ୍ରଦେଶରେ ଦୁଃଖ କଷ୍ଟରେ ରହୁଥିବା ମଣିଷ ପ୍ରବାସର ଚିତ୍ରଫଳ କଥା ଶୁଣି ପ୍ରଲୋଭିତ ହେବା ସାଧାରଣ କଥା। କିଏ ନ ଚାହେଁ ତା' ନିଜ ବର୍ତ୍ତମାନ ପରିସ୍ଥିତିରେ ପରିବର୍ତ୍ତନ ଆଣିବାକୁ ! ଲକ୍ଷ ଲକ୍ଷ ଓଡ଼ିଆ ପୁଅ ନିଜ ପରିବାର, ଗାଁ ଓ ଜନ୍ମଭୂମିକୁ ଛାଡ଼ି ବହୁତ ଦୂରରେ ଥିବା ସୁରତ, ମୁମ୍ବାଇ, ଚେନ୍ନାଇ, ବେଙ୍ଗାଲୁରୁ ଓ ଅନ୍ୟ ସହରକୁ ଯାଉଛନ୍ତି। ଅନେକ ଗରିବ, ଭୂମିହୀନ ଆଦିବାସୀ ଓ ଅନ୍ୟମାନେ ଧାଉଁଛନ୍ତି କେରଳ, ଆନ୍ଧ୍ର ପ୍ରଦେଶ, ତାମିଲନାଡୁ ଓ କର୍ଣ୍ଣାଟକର ଇଟାଭାଟିକୁ। ସେମାନେ ଜାଣନ୍ତି ନାହିଁ ଯେ ସେମାନେ ଦାଦନ ଖଟିବାକୁ ଯାଉଛନ୍ତି, ଗୋତିପ୍ରଥାର ଏକ ଆଧୁନିକ ରୂପ।

ପ୍ରବାସର ଚିତ୍ରଫଳ କଥା ଶୁଣି ପ୍ରଲୋଭିତ ହୋଇଥିଲା ସଞ୍ଜୟ। ତାଙ୍କ ଗାଁ'ର ଦୁଇ ତିନିଜଣ ପିଲା ଯାଇ ବେଙ୍ଗାଲୁରୁ ସହରରେ ସ୍ଥାୟୀ ହୋଇ ରହିଗଲେଣି, ଘରକୁ ନିୟମିତ ପଇସାପତ୍ର ପଠାଉଛନ୍ତି। ବର୍ଷକୁ ଥରେ ଗାଁ'କୁ ଆସୁଛନ୍ତି ସେମାନେ। ନୂଆ ପ୍ୟାଣ୍ଟସାର୍ଟ ଓ ଯୋତା ପିନ୍ଧା ଦେଖି ଗାଁ'ର ଅନ୍ୟ ଯୁବକମାନେ ଆଗ୍ରହୀ – ସେମାନେ ବି ବେଙ୍ଗାଲୁରୁ ସହରକୁ ଯିବେ।

ଘରେ ସଞ୍ଜୟ ଉପରେ ଚାପ ପଡୁଛି। ବାପା କହିଲେ – ଆଉ ମାଟିରେ ମାଟି ହୋଇ ପେଟ ପୋଷି ହେବନି। ଯୁଗ ବଦଳି ଗଲାଣି। ପାଖରେ ଦି' ପଇସା ନଥିଲେ ଜମିରେ ସାର ପକେଇ ହେଉନି। ମୁଁ ତ ଗାଁ'ରେ ଚାଷବାସ ଦେଖୁଛି, ତୁ ବାଙ୍ଗାଲୋର ଯାଇ କିଛି କାମ କର।

ବାପାଙ୍କ କଥା ଶୁଣି ସଞ୍ଜୟ ତାଙ୍କ ଆଡ଼େ ଜଳଜଳ କରି ଅନେଇଲା। ସେ କେବେ ବି ଗାଁ'କୁ ଓ ବାପାମା'ଙ୍କୁ ଛାଡ଼ି ଯିବାର କଥା ଭାବିନି। ପୁଣି ନିର୍ମଳାକୁ ଗାଁ'ରେ ଛାଡ଼ି ଯିବାର ପ୍ରଶ୍ନ ଉଠୁନି। ଗାଁ' ଝିଅ ନିର୍ମଳାକୁ ସେ ଭଲପାଏ। ନିର୍ମଳା ମଧ୍ୟ ସଞ୍ଜୟକୁ ବହୁତ ଭଲପାଏ। ସେ କଥା ଗାଁ'ରେ ସମସ୍ତେ ଜାଣନ୍ତି। କିଛି ବର୍ଷ ପରେ ସେମାନେ ବାହାହେବେ। ଏବେ ଛୋଟ ପିଲା ଭାବରେ ସେମାନଙ୍କୁ ଦେଖନ୍ତି ସେମାନେ। ସଞ୍ଜୟକୁ ଅଠର ପୂରି ଉଣେଇଷ ଚାଲିଛି। ନିର୍ମଳାକୁ ଏଇ ଷୋଳ ପୂରିଛି। ଆଜିକାଲି ଏତେ ଜଲଦି ବାହା ହେଉଛି କିଏ ! ନିର୍ମଳା ବି କହିଛି, ତାକୁ କୋଡ଼ିଏ ନପୂରିଲେ ସେ ବାହା ହେବନି। ଗାଁ'କୁ ଆଶା ଦିଦିମାନେ ଆସିଲେ ଏଇ କଥା କହୁଛନ୍ତି।

ବାପାଙ୍କ କଥା ମାନି ସଞ୍ଜୟ ଗାଁ'କୁ ଆସିଥିବା ରୋହିତ ଭାଇକୁ ଦେଖାକଲା। ରୋହିତ ଜେନା ବେଙ୍ଗାଲୁରୁ ଜୀବନର ଯେଉଁ ଚିତ୍ର ଦେଲେ ସେଥିରେ ଆଶ୍ଚର୍ଯ୍ୟ ହେଲାନି ସଞ୍ଜୟ। ସେ ଏହିପରି କଥା ଅନ୍ୟମାନଙ୍କ ଠାରୁ ଶୁଣିଛି। କିନ୍ତୁ କେଉଁଠି ନା କେଉଁଠି ତା' ମନରେ ଛୋଟ ସନ୍ଦେହ ଟିକେ ଅଛି। ଅଳ୍ପ ପାଠପଢ଼ି ଯାଇଥିବା ଗାଁ'ର ପିଲାମାନେ ଗାଁ'କୁ ଆସିଲେ ବଡ଼ ଚାକିରି କଲା ପରି ଲାଗନ୍ତି।

"ସପ୍ତମ ପାସ୍ ସାର୍ଟିଫିକେଟ୍ ଖଣ୍ଡେ ଯୋଗାଡ଼ କରିଦେ। ତା' ସାଥିକୁ ଚରିତ୍ର ପ୍ରମାଣ ପତ୍ର। ଆଧାର କାର୍ଡ଼ ତ ଅଛି। ବାସ୍, ଆଉ କିଛି ଦରକାର ନାହିଁ। ଚାଲିଆ ବେଙ୍ଗାଲୁରୁ। ଅବଶିଷ୍ଟ କଥା ମୁଁ ବୁଝିବି। ହଁ, ସୁବିଧା ହେବ ତ ହାତରେ ପାଞ୍ଚ ହଜାର ଟଙ୍କା ଆଣିବୁ, ନ ଆଣିଲେ ଚଳିବ।" ସଞ୍ଜୟକୁ କହିଲା ରୋହିତ ଜେନା।

ସଞ୍ଜୟ ଘରେ ଏ ସବୁ କଥା କହିଲା। ବାପା କହିଲେ – ଠିକ୍ ଅଛି। ମୁଁ ନରୁ ମାଷ୍ଟ୍ରଙ୍କ ସହିତ କଥା ହୋଇଯିବି। ତୁ ତ ସେ ସ୍କୁଲରେ ପଢୁଥିଲୁ। ତେଣୁ ପ୍ରମାଣ ପତ୍ର ଯୋଗାଡ଼ ହୋଇଯିବ।

ସଞ୍ଜୟ ଭାବୁଥିଲା – ବାପା କହିବେ, ମିଛରେ ସାର୍ଟିଫିକେଟ୍ ଯୋଗାଡ଼ କରିବା ଦରକାର ନାହିଁ। ଗାଁ'ରେ ରହି ଚାଷବାସ କର, ଆମର କେଉଁ ପାଞ୍ଚଟା ଦଶଟା ପିଲା ଅଛନ୍ତି ଯେ ବଳେଇ ଯାଉଛି। ତୋତେ ବିଦେଶ ପଠାଇବୁ !

ବାପା ରାଜି। ବୋଉ ରାଜି ନଥିଲା, ମାତ୍ର ବାପାଙ୍କ କଥାରେ କିଛି କହିବାକୁ ସେ ପସନ୍ଦ କରେନି। ବାକି ରହିଲା ନିର୍ମଳା। ସଞ୍ଜୟ ନିଶ୍ଚିତ ଥିଲା – ନିର୍ମଳା ତାକୁ ବାଙ୍ଗାଲୋର ଯିବାକୁ ମନା କରିବ। ମାତ୍ର ସେପରି କିଛି ହେଲାନି। ନିର୍ମଳା କହିଲା – ଭଲ କଥା, ବାଙ୍ଗାଲୋର ଯାଇ ଦି' ପଇସା କମାଅ। ବାହାଘରେ ପରେ ତୁମ ସାଙ୍ଗରେ ମୁଁ ବି ବାଙ୍ଗାଲୋର ଯିବି।

ସଞ୍ଜୟ ଜଳଜଳ କରି ଅନେଇଲା ନିର୍ମଳା ଆଡ଼େ। "ଭଲ କଥା, ସମସ୍ତେ ଚାହୁଁଛନ୍ତି ମୁଁ ବାଙ୍ଗାଲୋର ଯାଏ। ମୁଁ ଯିବି।"

ସଞ୍ଜୟ ନିର୍ମଳାକୁ କିଛି ନକହି ଘରକୁ ଚାଲିଆସିଲା, ତାଙ୍କ ବାରିପଟ ପୋଖରୀ କୂଳକୁ ଯାଇ ଚୁପଚାପ୍ ବସିଲା। ତା'ର ବାଙ୍ଗାଲୋର ଯିବାକୁ ଆଦୌ ଇଚ୍ଛା ନଥିଲା।

ପୋଖରୀ କୂଳରେ ଅଳ୍ପ ପାଣିରେ ଛୋଟ ଛୋଟ ମାଛ ଖେଳୁଥିଲେ। ସେମାନେ ସଞ୍ଜୟକୁ ଚିହ୍ନନ୍ତି। ସଞ୍ଜୟ ଆସିଲେ ସେମାନେ କୂଳକୁ ଆସି ତାଙ୍କ ଖେଳ ଦେଖାନ୍ତି। ଗୋଟେ ଗୋଟେ ମାଛ ଉପରକୁ ଡେଇଁ ତାଙ୍କ ଖୁସି ବ୍ୟକ୍ତ କରନ୍ତି। ସଞ୍ଜୟ ଖୁସି ହୁଏ। ତା' ପକେଟ୍‌ରେ ସେମାନଙ୍କ ପାଇଁ କିଛି ନା କିଛି ଥାଏ। ସଞ୍ଜୟ ପାଣିକୁ ମୁଢ଼ି ବା ଚୁଡ଼ା ଦି'ଟା ପକେଇଦିଏ। ମାଛମାନେ ତାଙ୍କ କାମରେ ଲାଗି ଯାଆନ୍ତି, ସଞ୍ଜୟ ଖୁସିରେ ସେମାନଙ୍କୁ ଅନେଇ ରୁହେ। ବାଙ୍ଗାଲୋର ଗଲେ ଏ ଖୁସି ଆଉ ମିଳିବକି ? ସଞ୍ଜୟ ମନକୁ ଏ କଥା ଆସି ତାକୁ ଭାବ ବିହ୍ୱଳ କଲା।

କେବଳ ଏତିକି କଥା ନୁହଁ, ଗାଁ'ର ଅନେକ କଥା ତାକୁ ଭଲ ଲାଗେ। ସେ ଗାଁ'ର ପିଲା, ଗାଁ'ର ମଣିଷ ହୋଇ ବଞ୍ଚିବାକୁ ଚାହେଁ। ସହର ଏକ ସୁନ୍ଦରୀ କନ୍ୟା ପରି ଏବେ ନିମନ୍ତ୍ରଣ ଦେଉଛି, ମାତ୍ର ସଞ୍ଜୟ ସହର ଜୀବନ ଲାଗି ଆଗ୍ରହୀ ନୁହେଁ।

ସଞ୍ଜୟକୁ ଲାଗିଲା, ତାକୁ ଗାଁ'ରୁ ତଡ଼ିବାକୁ ସମସ୍ତେ ପ୍ରସ୍ତୁତ। କାହାର ଟିକେ ଦୟାମାୟା ନାହିଁ। କେବଳ ବିଚାରୀ ବୋଉ ମନେ ମନେ ଦୁଃଖ କରୁଛି। ଆଖିରୁ ଦି'ଟୋପା ଲୁହ ବି ବୋହୁଥିବ। ମାତ୍ର ସେ ତା' ମନକଥା କାହାକୁ କହିପାରିବନି। ମା'ମାନେ ସବୁ ଯୁଗରେ ବିବଶ। କୌଶଲ୍ୟା ହୁଅନ୍ତୁ କି ଯଶୋଦା, କୌଣସି ମା' ତାଙ୍କ ମନକଥା କହି ପାରନ୍ତିନି।

ବୋଉ କିନ୍ତୁ ତା' ମନ କଥା ସବୁବେଳେ

ସମାରୋହ

ଗ୍ରାମଦେବତା ବାଲୁଙ୍କେଶ୍ୱର ମହାଦେବଙ୍କୁ କୁହେ, ବେଳେବେଳେ କିଛି ମନକଥା ତାକୁ କୁହେ। ସଞ୍ଜୟ ମନଦେଇ ବୋଉ କଥା ଶୁଣେ।

ବାପା ନରୁ ମାଷ୍ଟ୍ରଙ୍କ ଠାରୁ ସପ୍ତମ ପାସ୍ ସାର୍ଟିଫିକେଟ୍ ଓ ଚରିତ୍ର ପ୍ରମାଣପତ୍ର ନେଇ ଆସିଲେ। ସଞ୍ଜୟ ରୋହିତ ଭାଇଙ୍କ ସହିତ କଥାବାର୍ତ୍ତା ହୋଇଗଲା। ରବିବାର ଦିନ, ସେମାନେ ଘରୁ ବାହାରିବେ। ସଞ୍ଜୟ ଗୋଟେ ବ୍ୟାଗ୍‌ରେ କିଛି ପ୍ୟାଣ୍ଟସାର୍ଟ ଭର୍ତ୍ତି ଦେଇଦେଲା। "ଘରୁ କିଛି ନ ନେଲେ ଚଳିବ। ବାଙ୍ଗାଲୋରରେ ସବୁ ମିଳେ।" ରୋହିତ ଭାଇ କହିଥିବା କଥା ସଞ୍ଜୟ ମନରେ ଲାଖି ରହିଥିଲା।

ଗାଁ' ସାରା ବୁଲି ସଞ୍ଜୟ ସବୁ ଲୋକଙ୍କୁ ଦେଖା କରିଥିଲା। ଏ କଥା ସତ, ସେ ଏକ ଯୁଦ୍ଧଭୂମିକୁ ଯାଉନି, ମାତ୍ର ନିଜ ପ୍ରିୟ ଜନ୍ମମାଟି ଠାରୁ ଦୂରକୁ ଯାଉଛି। ମନରେ ସବୁବେଳେ ଡର ତ ରୁହେ, ଥରେ ବିଦେଶକୁ ଗଲେ ପୁଣି କେବେ ଗାଁ ମାଟିକୁ ଫେରିବ, ସେ କଥା ତାକୁ ଜଣାନାହିଁ। ସଞ୍ଜୟ ଶୁଣିଛି, ସହର ବୁଢ଼ୀ ଅସୁରୁଣୀ ପରି ଭେଣ୍ଡିଆମାନଙ୍କୁ ମାଛି କରି ତା' ନିୟନ୍ତ୍ରଣରେ ରଖେ। "ସତ ହୋଇଥିବ। ନହେଲେ ଯେଉଁମାନେ ସହରକୁ ଯାଉଛନ୍ତି, ଗାଁ'କୁ ଫେରୁନାହାନ୍ତି କାହିଁକି ?" ଚିନ୍ତାକଲା ସଞ୍ଜୟ।

ରବିବାର ଦିନ ସକାଳୁ ସକାଳୁ ପ୍ରସ୍ତୁତ ହୋଇଗଲା ସଞ୍ଜୟ। ରୋହିତ ଭାଇ ତାଙ୍କ ଦାଣ୍ଡ ଦେଇ ଗାଁ'ମୁଣ୍ଡକୁ ଯିବେ। ସେଠାରୁ ସେମାନେ ଦେବୀ ନଦୀକୂଳକୁ ଯାଇ ଡଙ୍ଗା ଧରି ଆରପାରିକୁ ଯିବେ। ସେଠାରୁ ଚାଲିଚାଲି କାକଟପୁର ଯିବେ। ମା' ମଙ୍ଗଳାଙ୍କ ଦର୍ଶନ କରି ସେମାନେ ଭୁବନେଶ୍ୱର ଯିବେ ଓ ସେଠାରୁ ବାଙ୍ଗାଲୋର ଲାଗି ଟ୍ରେନ୍ ଧରିବେ।

ଗାଁ' ଛାଡ଼ିବା ସଞ୍ଜୟ ଲାଗି କଷ୍ଟକର ଥିଲା, ମାତ୍ର ସେ ହୃଦୟକୁ ଟାଣ କରି ଦେଇଥିଲା। ନିର୍ମଳାର ଛଳଛଳ ଆଖି ସଞ୍ଜୟକୁ ଭାବ ବିହ୍ୱଳ କରିଥିଲା, ସେ କିନ୍ତୁ ନିଜ ଭାବାବେଗକୁ ଲୁଚେଇ ରଖିଥିଲା। ବୋଉ ଆଖିରେ ଲୁହ ଦେଖି ସେ ନିଜକୁ ସମ୍ଭାଳି ପାରି ନଥିଲା, କାନ୍ଦି ପକାଇଥିଲା। ଦେବୀନଦୀ ପାରି ହେଲା ବେଳେ ସେ ନିଜକୁ ସମ୍ଭାଳି ପାରି ନଥିଲା, କାନ୍ଦୁକାନ୍ଦୁ ନଦୀରେ ଥିବା ଦେବୀଙ୍କୁ ପ୍ରାର୍ଥନା କରିଥିଲା – "ମୋତେ ଗାଁ'କୁ ଶୀଘ୍ର ଫେରାଇ ଆଣ।" ମା' ମଙ୍ଗଳାଙ୍କୁ ମଧ୍ୟ ସେ ହାତଯୋଡ଼ି ପ୍ରାର୍ଥନ କରିଥିଲା। "ମୋତେ ତୁମ ପାଖକୁ ଫେରାଇ ଆଣ।"

କାକଟପୁରରୁ ଭୁବନେଶ୍ୱର ଯାଉଥିବା ବସ୍ ଦିନକୁ ଦି' ଦି'ଥର ଯିବା ଆସିବା କରୁଥିଲା। ମା' ମଙ୍ଗଳାଙ୍କ ଦର୍ଶନ ସାରି, ହରି ସାହୁ ଦୋକାନରେ ଜଳଖିଆ ଖାଇ ସଂଜୟ ବସିଲା ଭୁବନେଶ୍ୱର ବସ୍‌ରେ। ସେମାନେ ରେଳ ଷ୍ଟେସନରେ ପହଞ୍ଚିଲେ। ଯନ୍ତ୍ର ଦାନବ ପରି ଦିଶୁଥିଲା ରେଳଗାଡ଼ି ତାକୁ କହିଥିଲା – "ଚାଲ୍, ମୁଁ ତୋତେ ତୋ' ଲକ୍ଷ୍ୟସ୍ଥଳରେ ଛାଡ଼ିଦେବି।

କାକଟପୁର ଛାଡ଼ିଲା ପରେ ରୋହିତ ଭାଇ ଯାହା କହୁଥିଲେ ସଞ୍ଜୟ ସେ କଥା ମାନୁଥିଲା। ଜନ୍ମରୁ ଏ ପର୍ଯ୍ୟନ୍ତ ସେ କାକଟପୁର ଆଗକୁ ଯାଇ ନଥିଲା। ତାକୁ ସବୁ ନୂଆ ନୂଆ ଲାଗୁଥିଲା। ରେଳଯାତ୍ରା ଏତେ ସୁଖଦ ନଥିଲା। ବିନା ଆରକ୍ଷଣରେ ଯାତ୍ରା କରିବା କଷ୍ଟକର ଥିଲା। ସାଙ୍ଗରେ ରୋହିତ ଭାଇ ଓ ଅନ୍ୟ ଦୁଇଜଣ ଥିବାରୁ କଷ୍ଟ ଜାଣି ହେଲାନି।

ବାଙ୍ଗାଲୋର ସହରର ରେଳଷ୍ଟେସନ୍‌ରେ ଯାହା ପ୍ରଥମେ ସଞ୍ଜୟକୁ ଭଲ ଲାଗିଥିଲା ତା' ଥିଲା ବାଙ୍ଗାଲୋରର ଜଳବାୟୁ। ତାକୁ ସବୁ ଥଣ୍ଡା ଥଣ୍ଡା ଲାଗୁଥିଲା। ବୈଶାଖ ମାସରେ ସହର ଥିଲା ଥଣ୍ଡା। ସଞ୍ଜୟ ଆଶ୍ଚର୍ଯ୍ୟ ହେଲା ଓ ଷ୍ଟେସନର ବିଭିନ୍ନ ଭାଗକୁ ଅନେଇଲା – କେଉଁଠି ଶୀତ-ତାପ ନିୟନ୍ତ୍ରଣ କରୁଥିବା ଯନ୍ତ୍ର ନଥିଲେ।

ପ୍ରଥମ ଥର ପାଇଁ ସହରକୁ ଆସିଥିବା ସଞ୍ଜୟକୁ ସବୁ ନୂଆ ନୂଆ ଲାଗୁଥିଲା। ସହରର ଚାକଚକ୍ୟ ତାକୁ ଆଶ୍ଚର୍ଯ୍ୟ କରିଥିଲା। ଲୋକମାନେ ସତ କହୁଥିଲେ – ସହର ଏକ ସୁନ୍ଦରୀ କନ୍ୟା ପରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ବାନ୍ଧିରଖେ ତା' ରାଜନବରରେ। ଥରେ ଏଠାକୁ ଆସିଲେ କେହି ଗାଁ'କୁ ଯିବାକୁ ଚାହିଁବନି।

କିଛି ବାଟ ବସ୍‌ରେ, କିଛିବାଟ ଅଟୋରେ ଓ କିଛିବାଟ ଚାଲିଚାଲି ସଞ୍ଜୟ ଯେଉଁ ଯାଗାରେ ପହଞ୍ଚିଲା ସେଇଟା ସହର ନଥିଲା, ଥିଲା ସହର ପାଖ ଏକ ଗାଁ'। "ଆମମାନଙ୍କ ପାଇଁ ସହରରେ ଯାଗା ନାହିଁ। ବାଙ୍ଗାଲୋର ସହରରେ ଘରଭଡ଼ା ଆକାଶ ଛୁଆଁ, ପୁଣି ତା' ସାଥିକୁ ଭଡ଼ାର ଦଶଗୁଣା ଅଗ୍ରୀମ। ଏତେ ପଇସା ଆସିବ କେଉଁଠୁ! କହିଲା ରୋହିତ ଭାଇ।

ବାଙ୍ଗାଲୋର ପାଖ ଗାଁ' ଓଡ଼ିଶା ଗାଁ'ଠାରୁ ବିଭିନ୍ନ ଦୃଷ୍ଟିରୁ ଅଲଗା। ଗୋଟିଏ କଥା ସାଧାରଣ – ଗାଁ' ମଝିରେ କିମ୍ବା ଗାଁ' ମୁଣ୍ଡରେ ଥିଲା ମନ୍ଦିର ବା ଦେବସ୍ଥାନ। କର୍ଣ୍ଣାଟକରେ ମନ୍ଦିରକୁ ଲୋକମାନେ ଦେବସ୍ଥାନ କୁହନ୍ତି, ଏ କଥା ସଞ୍ଜୟ କିଛି ଦିନ ପରେ ଜାଣିଲା।

ନୂଆ ଜାଗାରେ ସଞ୍ଜୟ ଆରମ୍ଭ କଲା ଏକ ନୂଆ ଜୀବନ।

ବାଙ୍ଗାଲୋର ସହର ପୁରୁଣା ବିମାନ ବନ୍ଦର ପାଖ ଏକ ଛୋଟ ଗାଁ' – ଚଲଗଟା। ଗୋଟିଏ କୋଠରି ଓ ତା' ପାଖକୁ ଲାଗି ଛୋଟ ରୋଷେଇଘର। ଗୋଟିଏ ହତା ଭିତରେ ଏହିପରି ଦଶଟି ଘର ଯେଉଁଠି ରୋହିତ ଭାଇ ପରି ଅନେକ ପିଲା ରହୁଛନ୍ତି। ସେମାନେ ବିଭିନ୍ନ ରାଜ୍ୟରୁ ଆସିଛନ୍ତି। ଆସାମ, ବିହାର ଓ ବେଙ୍ଗଲ୍ ପିଲାଙ୍କ ସଂଖ୍ୟା କମ୍, ଓଡ଼ିଆ ପିଲାଙ୍କ ସଂଖ୍ୟା ଅଧିକ। ଗୋଟିଏ ଗୋଟିଏ କୋଠରିରେ ରହୁଛନ୍ତି ଆଠ ଦଶ ଜଣ ପିଲା। ସଞ୍ଜୟକୁ ଆଶ୍ଚର୍ଯ୍ୟ ଲାଗିଲା। ସେ ଜଳଜଳ କରି ଅନେଇଲା ରୋହିତ ଭାଇ ଆଡ଼େ। "ଧୀରେ ଧୀରେ ତୁ ସବୁ ବୁଝିଯିବୁ।" ଇଙ୍ଗିତ ଦେଲେ ରୋହିତ ଭାଇ।

ସବୁକଥା ବୁଝିବାକୁ ସଞ୍ଜୟକୁ ବେଶି ସମୟ ଲାଗି ନଥିଲା। ଏକ କୋଠରି ବିଶିଷ୍ଟ ଘରେ ଯେକୌଣସି ସମୟରେ କେବଳ ତିନି ଚାରିଜଣ ପିଲା ରହୁଥିଲେ। ଅନ୍ୟମାନେ ତାଙ୍କ କାମରେ ରହୁଥିଲେ। ବ୍ୟବସ୍ଥା ବେଶ୍ ଭଲ ଥିଲା। ସେମାନେ ମିଳିମିଶି ରୋଷେଇ କରୁଥିଲେ। ଖାଇବା ଖର୍ଚ୍ଚ ଓ ଘରଭଡ଼ା କମ୍ ରହୁଥିଲା। ଘରମାଲିକମାନେ ତାଙ୍କ ହିସାବରେ ଭଡ଼ା ପାଉଥିଲେ। ସେମାନଙ୍କର କିଛି ଅଭିଯୋଗ ନଥିଲା।

– ତୁ ଦି' ତିନିଦିନ ମୋ' ସାଙ୍ଗରେ ଯାଇ କାମ ଦେଖେ। ଆମ ଗ୍ରୁପର ମୁଖ୍ୟ ଜଣେ ଓଡ଼ିଆ। ମୁଁ ତାଙ୍କୁ ତୋ' ବିଷୟରେ କହିଛି। ଏବେ ତ ବହୁତ ପିଲାଙ୍କ ଆବଶ୍ୟକତା ଅଛି। ତୋତେ ଚାକିରିରେ ସଙ୍ଗେ ସଙ୍ଗେ ଯୋଗ ଦେବାକୁ ପଡ଼ିବ। ରୋହିତ ଭାଇ କଥା ଶୁଣି ବହୁତ ଖୁସି ହେଲା ସଞ୍ଜୟ। ଭଡ଼ାଘରେ ବସି ବସି ବିରକ୍ତ ହେଉଥିଲା ସେ।

ଦୁଇଦିନ ପରେ ସଞ୍ଜୟ ଚାକିରିରେ ଯୋଗଦେଲା। ଚାକିରି ଥିଲା ସୁରକ୍ଷା କର୍ମୀ ଯାହାକୁ ଇଂରାଜୀରେ କୁହନ୍ତି ସିକ୍ୟୁରିଟି ଗାର୍ଡ଼। ଖାଣ୍ଟି ଓଡ଼ିଆରେ ଅଫିସ୍ ଜଗୁଆଳ। ସଞ୍ଜୟ ମନରେ କିଛି ଦ୍ୱନ୍ଦ୍ୱ କି ଦ୍ୱିଧା ନଥିଲା। ସପ୍ତମ ପାସ୍ ସାର୍ଟିଫିକେଟ୍ ଆଣିଥିବା ପିଲାକୁ ବାଙ୍ଗାଲୋର ସହରରେ ଚାକିରି ମିଳିଛି, ଦରମା ମାସକୁ ସାତ ହଜାର। ତା' ସହିତ ଅନ୍ୟ ସବୁଧା ସବୁକିଛି ଯେପରି ଭବିଷ୍ୟନିଧି, ମେଡ଼ିକାଲ୍ ସୁବିଧା ଓ ଅନ୍ୟକିଛି। ସଞ୍ଜୟ ଦେଖିଲା, ଆଖ ପାଖରେ ବଡ଼ ବଡ଼ ଅଫିସ୍‌ରେ ସୁରକ୍ଷା କର୍ମୀଙ୍କ ଭିଡ଼, ଅଧିକାଂଶ ଓଡ଼ିଶାରୁ।

ଜୀବନ ନିଶ୍ଚିତ ସଂଘର୍ଷପୂର୍ଣ୍ଣ ଥିଲା। ବସାଘରେ ଚଳିବା କଷ୍ଟକର ଥିଲା। ସକାଳୁ ଉଠି ନିତ୍ୟକର୍ମ ଲାଗି ଧାଡ଼ିରେ ଛିଡ଼ା ହେବାକୁ ପଡୁଥିଲା। ବେଳେବେଳେ ପାଣି ଅଭାବରୁ ଗାଧେଇ ପାରୁ ନଥିଲା ସଞ୍ଜୟ। ନୀଳ ରଙ୍ଗର ୟୁନିଫର୍ମ ପିନ୍ଧିଦେଲେ ବେଶ୍ ସ୍ମାର୍ଟ ଦିଶୁଥିଲା ସେ। ମାତ୍ର ପୋଷାକରେ ଲେଖା ହୋଇଥିଲା 'ସିକ୍ୟୁରିଟି ଗାର୍ଡ଼'। ସଞ୍ଜୟର ମନ ମଉଳି ଯାଉଥିଲା। ସେ ଜାଣିଥିଲା, ସେ ତା' ଚାକିରି ବିଷୟରେ କାହାକୁ କହିପାରିବନି। ତା' ଗାଁ'ର ପିଲାମାନେ ବି କୁହନ୍ତିନି।

ବଡ଼ ବଡ଼ ଅଟ୍ଟାଳିକାରେ ପୃଥିବୀ ଓ ଭାରତର ବଡ଼ ବଡ଼ କମ୍ପାନୀ କାମ କରୁଛନ୍ତି। ହଜାର ହଜାର କର୍ମଚାରୀ ଅଛନ୍ତି ସେ କମ୍ପାନୀରେ। ପ୍ରାୟତଃ ସମସ୍ତେ ଅଳ୍ପ ବୟସର। ବିସ୍କୁଟ କମ୍ପାନୀ ଠାରୁ ଆରମ୍ଭ କରି କମ୍ପ୍ୟୁଟର କମ୍ପାନୀ – ସବୁଠାରେ ଯୁବପିଢ଼ିଙ୍କ ଆଧିପତ୍ୟ। ସେଇ କର୍ମଚାରୀଙ୍କ ଭିତରେ ଅଛନ୍ତି ବହୁତ ଓଡ଼ିଆ ପିଲା।

ସଞ୍ଜୟର ଡ୍ୟୁଟି ପଡୁଥିଲା ଏକ ଉଚ୍ଚ ଅଟ୍ଟାଳିକାର ପ୍ରବେଶ ପଥରେ। ତା'ର କାମ ଥିଲା ଅଟ୍ଟାଳିକା ଭିତରକୁ ଆସୁଥିବା ଲୋକଙ୍କ ପରିଚୟ ପତ୍ର ତଦାରଖ କରି ତାଙ୍କୁ ଭିତରକୁ ଛାଡ଼ିବା। ସେଇ କ୍ରମରେ ସେ ଅନେକ ଓଡ଼ିଆ ପିଲାଙ୍କୁ ଦେଖେ, ମହାନ୍ତି, ପଟ୍ଟନାୟକ, ବିଶ୍ୱାଳ, ଜେନା ଓ ସ୍ୱାଇଁ – ଏସବୁ ଶିରୋନାମା କେବଳ ଓଡ଼ିଆଙ୍କର ଅଛି। ସେପରି କିଛି ନାମ ଦେଖିଲେ ସଞ୍ଜୟ ହସିଦିଏ ଓ କୁହେ 'ଜୟ ଜଗନ୍ନାଥ'। 'ଜୟ ଜଗନ୍ନାଥ' ଓଡ଼ିଆଙ୍କର ଏକ ପରିଚୟ, କେବଳ ଧାର୍ମିକ ଭାବନ ନୁହେଁ। କିଛି ଓଡ଼ିଆ ପିଲା ହସି ଦେଉଥିଲେ ଓ 'ଜୟ ଜଗନ୍ନାଥ' କହୁଥିଲେ। ଅନ୍ୟମାନେ କିଛି ନବୁଝିଲା ପରି ତାଙ୍କ ବାଟରେ ଚାଲି ଯାଉଥିଲେ।

ବାଙ୍ଗାଲୋର ସହରରେ ସିକ୍ୟୁରିଟ୍ ଗାର୍ଡ଼ ଚାକିରି କରିଥିବାରୁ ସଞ୍ଜୟ ମନରେ ଦୁଃଖ ନଥିଲା। ଧୀରେ ଧୀରେ ସେ ଦେଖିଲା, ଏଠାରେ ହଜାର ହଜାର ଓଡ଼ିଆ ପିଲା ବିଭିନ୍ନ କାମ କରୁଛନ୍ତି। ସିକ୍ୟୁରିଟ୍ ଗାର୍ଡ଼, ପ୍ଲମ୍ବର, ରାଜମିସ୍ତ୍ରୀ, ଡ୍ରାଇଭର ଓ ରୋଷେଇଆ। କେବଳ ସେତିକି ନୁହେଁ, ବଡ଼ ବଡ଼ ଅଫିସ୍‌ରେ ଓଡ଼ିଆମାନେ ବ୍ୟାଙ୍କ ମ୍ୟାନେଜର, ସଫ୍ଟ ୱେୟାର ଇଞ୍ଜିନିୟର ଓ ବୈଜ୍ଞାନିକ। ସେମାନଙ୍କୁ ଦେଖିଲେ ସଞ୍ଜୟର ଛାତି ଗର୍ବରେ ଫୁଲିଉଠେ, ତା'ର ଓଡ଼ିଆମୀ ଆକାଶକୁ ଛୁଏଁ। ପିଲାବେଳେ ପଢ଼ାପଢ଼ି ଠିକ୍ କରି କରିଥିଲେ ସେ ହୁଏତ ଅନ୍ୟ ଓଡ଼ିଆ ପିଲାଙ୍କ ପରି କମ୍ପ୍ୟୁଟର କାମ କରୁଥାନ୍ତା କିମ୍ବା କିଛି ଭଲ କାମ କରୁଥାନ୍ତା।

ପ୍ରବାସ ଜୀବନ କଷ୍ଟକର ଥିଲା, ମାତ୍ର ଅଳ୍ପ ପଢ଼ିଥିବା ସଞ୍ଜୟ ଲାଗି ଏତିକି ଖୁସି ଥିଲା ଯେ ସେ ଗୋଟେ ଚାକିରି କରିଛି ଓ ଘରକୁ କିଛି ପଇସା ପଠାଇ ପାରୁଛି। ଗାଁ' ସହିତ ସମ୍ପର୍କ ଚିଠିପତ୍ର ଆଦାନପ୍ରଦାନରେ ହେଉଥିଲା। ସେ ମାସକୁ ଖଣ୍ଡେ ଚିଠି ଲେଖୁଥିଲା ଗାଁ'କୁ। ନିର୍ମଳାକୁ ଚିଠି ଦେବାର ସୁବିଧା ନଥିଲା। ଗାଁ'କୁ ଗଲେ ନିର୍ମଳାକୁ ତା' ଠିକଣା ଦେଇ ଆସିବ – ଏ କଥା ଚିନ୍ତା କରିଥିଲା ସଞ୍ଜୟ।

ବାଙ୍ଗାଲୋର ସହରରେ ଗୋଟାଏ ବର୍ଷ ବିତି ଯାଇଥିଲା। ସଞ୍ଜୟ ଗାଁ'କୁ ଯିବା କଥା ରୋହିତ ଭାଇକୁ କହିଥିଲା। ରୋହିତ ଭାଇ ଆଉ ଛଅ ମାସ ଅପେକ୍ଷା କରିବାକୁ କହିଥିଲା। "ଏଠି ଏବେ ପ୍ରବଳ ପ୍ରତିଯୋଗିତା, ତୁ ଛୁଟିରେ ଗଲାମାତ୍ରେ ଆଉ କେହି ସେ ଯାଗାକୁ ଆସିଯିବ। ତୁ ଫେରିଲା ପରେ ଆଉ ଏ ଯାଗା ପାଇବୁନି, ଅନ୍ୟ କେଉଁଠି ଡ୍ୟୁଟି ମିଳିବ। ଭଲ ଯାଗାଟାରେ ଅଛୁ, ଏବେ ସେଇଠି ଥା।" ବୁଝେଇ ଦେଲା ରୋହିତ ଭାଇ।

ରୋହିତ ଭାଇ ଠିକ୍ କହିଥିଲା। ଆଜିକାଲି 'ବେକାର ସମସ୍ୟା' ଜଟିଳ ସମସ୍ୟା। ପେଟ ଲାଗି ଭାରତର ଅନୁନ୍ନତ ଅଞ୍ଚଳର ଲୋକ ଦେଶର ଉନ୍ନତ ଅଞ୍ଚଳକୁ ଯାଉଛନ୍ତି। ଚାକିରି ଲାଗି ସେଠି ବି ପ୍ରତିଯୋଗିତା। ଏହାରେ ସୁବିଧା ନେଉଛନ୍ତି ଚାକିରି ଯୋଗାଡ଼ କରୁଥିବା ସଂସ୍ଥା। ଅଳ୍ପ ଦରମାରେ କର୍ମଚାରୀ ଯୋଗାଇ ଭଲ ଦି' ପଇସା ଉପାର୍ଜନ କରୁଛନ୍ତି।

ସହରର ବୁଢ଼ୀ ଅସୁରୁଣୀ କବଳିତ କରି ସାରିଥିଲା ସଞ୍ଜୟକୁ। ଅଫିସ୍‌ରେ ଡ୍ୟୁଟି କରିବା, ବସାକୁ ଯାଇ ସାଙ୍ଗମାନଙ୍କ ସହିତ ଟିଭି ଦେଖିବା ଓ କଦବା କେମିତି ସମୟ ମିଳିଲେ ସହରକୁ ବୁଲିଯିବାରେ ତା' ସମୟ ବେଶ୍ ଆରାମରେ କଟି ଯାଉଥିଲା। ବେଳେବେଳେ ଗାଁ, ବାପାମା' ଓ ନିର୍ମଳା ତା' ମନକୁ ଆସୁଥିଲେ। ସେ ଭାବବିହ୍ୱଳ ହେଉଥିଲା। ସେତିକି।

ସବୁକିଛି ଠିକ୍ ଚାଲିଥିବା ବେଳେ ସଞ୍ଜୟ ସାମ୍ନା କଲା ଏକ କଠିନ ପରିସ୍ଥିତି। ସେ ଡ୍ୟୁଟି କରୁଥିବା ଅଫିସ୍‌ରେ ଚୋରି ହେଲା ତିନୋଟି ଲାପଟପ୍। ସେତେବେଳେ ସଞ୍ଜୟ ଦିନବେଳା ଡ୍ୟୁଟି କରୁଥିଲା। ରାତିରେ ଅନ୍ୟମାନେ ଥିଲେ। ଅଫିସ୍‌କୁ ଆସୁଥିବା ସବୁଲୋକ ତାଙ୍କ ନିଜ ନିଜ ଲାପଟପ୍ ନେଇ ଆସନ୍ତି। ଜରୁରୀ ପରିସ୍ଥିତି ଲାଗି ଅଫିସ୍‌ରେ କିଛି ଲାପଟପ୍ ଷ୍ଟୋର୍‌ରେ ରୁହେ ଯେଉଁଠି କେହି ଜଗିବା ଦାୟିତ୍ୱରେ ରୁହନ୍ତି ନାହିଁ। ଷ୍ଟୋରରୁ ତିନୋଟି ଲାପଟପ୍ ଗାୟବ।

ଲାପଟପ୍ ଚୋରି ଖବର ଧୀରେ ଧୀରେ ସମସ୍ତେ ଜାଣିଲେ। ଅବିଶ୍ୱାସର ଠେଙ୍ଗା ପ୍ରଥମେ ପଡ଼ିଲା ସୁରକ୍ଷାକର୍ମୀଙ୍କ ଉପରେ। ଏଇଟା ଗୋଟେ ସାଧାରଣ କଥା – ଠେଙ୍ଗା ଆଗ ପଡ଼େ ଗରିବ ଓ ନିର୍ବଳଙ୍କ ଉପରେ। ବିଭିନ୍ନ ସ୍ତରରେ ଖୋଜ ଖବର ନିଆଗଲା। "ସୁରକ୍ଷା ଦାୟିତ୍ୱରେ ଥିବା ଲୋକଙ୍କୁ ଆଗ ପଚରା ଉଚରା କରାଯାଉ। ସେମାନେ ହିଁ କିଛି ତଥ୍ୟ ଦେବେ।" ମତ ରଖିଲେ କମ୍ପାନୀର ମୁଖ୍ୟ।

ସୁରକ୍ଷା କର୍ମୀଙ୍କୁ ନିଯୁକ୍ତ ଦେଉଥିବା ସଂସ୍ଥା ଓ ସୁରକ୍ଷାକର୍ମୀଙ୍କ ମୁଖ୍ୟଙ୍କୁ ପଚରା ଉଚରା କରାଗଲା। ଏ କଥା ନୁହେଁ ଯେ ଏପରି ଘଟଣା ପ୍ରଥମ ଥର ପାଇଁ ଘଟିଛି। ଆଗରୁ କିଛି ସୁରକ୍ଷାକର୍ମୀ ଅଫିସ୍‌ରୁ ଲାପଟପ୍, ଘଣ୍ଟା ଓ ମୋବାଇଲ୍ ଚୋରି କରିଛନ୍ତି।

ଅଫିସ୍‌ରେ କିଛି ଚୋରି ହେଲେ ସୁରକ୍ଷାକର୍ମୀଙ୍କ ଭିତରେ ଆତଙ୍କ ଖେଳିଯାଏ। ସେମାନେ ଜାଣନ୍ତି, ଶେଷକୁ ଦୋଷ ତାଙ୍କ ମୁଣ୍ଡ ଉପରକୁ ଆସିବ ଓ ତାଙ୍କ ଭିତରୁ କେତେଜଣଙ୍କୁ ପୋଲିସ୍‌ରେ ଦିଆଯିବ ପଚରାଉଚରା ଲାଗି। ଥରେ ମାମଲା ପୋଲିସ୍ ପାଖକୁ ଗଲେ ପରିସ୍ଥିତି ଜଟିଳ ହୁଏ। କିଛି ନିରୀହ ସୁରକ୍ଷାକର୍ମୀ ପୋଲିସ୍ ନିର୍ଯ୍ୟାତନାର ଶିକାର ହୋଇ ଚାକିରି ଛାଡ଼ି ଜନ୍ମମାଟିକୁ ଫେରିଯାଆନ୍ତି।

ସଞ୍ଜୟ ଲାପଟପ୍ ଚୋରି ଖବର ପାଇଲା। ସେ ଜାଣେ, ସେ ନିର୍ଦ୍ଦୋଷ। ମାତ୍ର ଅବିଶ୍ୱାସର ଠେଙ୍ଗା ତା' ମୁଣ୍ଡ ଉପରେ ପଡ଼ିପାରେ।

ଚୋରି ଲାଗି ଅନୁସନ୍ଧାନ ଜାରି ରହିଥିଲା। କମ୍ପାନୀର ମୁଖ୍ୟ ଡ୍ୟୁଟିରେ ଥିବା ସବୁ କର୍ମଚାରୀଙ୍କୁ ଏକ ମିଟିଂ ଲାଗି ଡାକିଲେ। ସେ ବହୁତ ଭଲ ଲୋକ ଥିଲେ। ସୁରକ୍ଷାକର୍ମୀଙ୍କ ସହିତ କଥାବାର୍ତ୍ତା ହୋଇ ସେ ଚୋରିର ଚୋରକୁ ଧରିବାକୁ ଚାହୁଁଥିଲେ।

ଅନେକ ବର୍ଷ ତଳେ ଏଇ କମ୍ପାନୀରେ କିଛି କମ୍ପ୍ୟୁଟର୍ ଉପକରଣ ଚୋରି ହୋଇଥିଲା ଯାହା ଜଣେ ଓଡ଼ିଆ ପିଲା କରିଥିଲା। କମ୍ପାନୀ ମୁଖ୍ୟଙ୍କ ମିଟିଂରେ ସୁରକ୍ଷା ସଂସ୍ଥାର ମୁଖ୍ୟ ଗୋଟେ ମନ୍ତବ୍ୟ ଦେଲେ ଯାହା ସଞ୍ଜୟକୁ ଭଲ ଲାଗିଲାନି, ତା' ରକ୍ତ ଗରମ ହୋଇଉଠିଲା।

"କେହି ଜଣେ ଓଡ଼ିଆ ପିଲା ଏ କାମ କରିଥିବ, ଆଗରୁ ମଧ୍ୟ ସେଇମାନେ କରିଥିଲେ। ମୁଁ ଭାବୁଛି ସବୁ ଓଡ଼ିଆ ପିଲାଙ୍କୁ ପଚରାଉଚରା କରାଯାଉ।" ସୁରକ୍ଷା ସଂସ୍ଥାର ମୁଖ୍ୟଙ୍କ ମନ୍ତବ୍ୟ ସଞ୍ଜୟ ରକ୍ତରେ ନିଆଁ ଲଗାଇ ଦେଲା, ମାତ୍ର ସ୍ଥାନ, କାଳ ପାତ୍ରର ବିଚାର କରି ସେ ନୀରବ ରହିଲା।

ସତ କହିଲେ ସୁରକ୍ଷା କର୍ମୀମାନଙ୍କର ଅଫିସ୍ ଭିତରକୁ ଯିବା ସମ୍ଭବ ନୁହେଁ। ଏତେ ବଡ଼ ସଂସ୍ଥା, ଚାରିଆଡ଼େ ଲୋକ ହାଉଯାଉ। ଚାରିଆଡ଼େ ଗୁପ୍ତ କ୍ୟାମେରା ଲାଗିଛି। ଲିଖିତ ନିୟମ ଅଛି ଯେ ସୁରକ୍ଷାକର୍ମୀମାନେ ଅଫିସ୍ ଭିତରକୁ ଯାଇ ପାରିବେନି। ବେଳେବେଳେ କାହାର ନିର୍ଦ୍ଦେଶ ମିଳିଲେ ସେମାନେ କିଛି ସହାୟତା ଲାଗି ଯାଆନ୍ତି।

ସଭାରେ ସୁରକ୍ଷାକର୍ମୀମାନେ ନୀରବରେ ବସିଥିଲେ। ସେମାନଙ୍କ ମଧ୍ୟରୁ ଅନେକ ଥିଲେ ଓଡ଼ିଶାରୁ। ସମସ୍ତଙ୍କ ମୁହଁ ତଳକୁ ଥିଲା। ସଞ୍ଜୟ ସବୁ ଦେଖି ପାରୁଥିଲା।

ସଞ୍ଜୟ ସାହସ ସଞ୍ଚୟ କରି ଛିଡ଼ା ହେଲା ଓ କମ୍ପ୍ୟୁଟର ସଂସ୍ଥାର ମୁଖ୍ୟଙ୍କୁ ନମସ୍କାର ହୋଇ ଦି'ପଦ କହିବାକୁ ଅନୁମତି ମାଗିଲା। ସଞ୍ଜୟର ସାହସ ଦେଖି ସାଥୀ କର୍ମୀମାନେ ଆଶ୍ଚର୍ଯ୍ୟ ହେଲେ।

– କୁହ, କିଛି କହିବାର ଅଛି ତ କୁହ।

ସଂସ୍ଥାର ମୁଖ୍ୟଙ୍କ ଠାରୁ ଅନୁମତି ପାଇ ସଞ୍ଜୟ ତା' କଥା ଆରମ୍ଭ କଲା। "ସାର୍, ଆମ ସୁରକ୍ଷା ସଂସ୍ଥାର ମୁଖ୍ୟ କହିଲେ ଯେ ଓଡ଼ିଆ ପିଲା ହିଁ ଚୋରି କରିଥିବେ। ମୁଁ ଏ କଥା ସ୍ପଷ୍ଟ କରି ଦେବାକୁ ଚାହେଁ ଯେ ସବୁ ଓଡ଼ିଆ ପିଲା ଚୋର ନୁହନ୍ତି। ସବୁ ରାଜ୍ୟର ଅଳ୍ପ କିଛି ଲୋକ ବା ପିଲା ସେପରି କାମ କରନ୍ତି। ସାର୍, ଆପଣ ଅନୁମତି ଦେବେ ତ ଅଫିସ୍‌ର ସବୁ ଗୁପ୍ତ କ୍ୟାମେରାକୁ ତଦାରଖ କରାଯାଇପାରିବ ଓ ଅସଲ ଚୋର କିଏ ଜଣା ପଡ଼ିଯିବ। ମୋର ଆପଣଙ୍କ ପାଖରେ ଏତିକି ପ୍ରାର୍ଥନା।" ଏତିକି କହି ସଞ୍ଜୟ ଚୁପ୍ ରହିଲା।

– ତୁମ ନାମ କ'ଣ ? ସଂସ୍ଥାର ମୁଖ୍ୟ ସଞ୍ଜୟକୁ ପଚାରିଲେ। "ସଞ୍ଜୟ ବିଶ୍ୱାଳ"। ସଞ୍ଜୟ ଉତ୍ତର ଦେଲା।

– ସଞ୍ଜୟ ଯାହା କହିଲେ ସେଇଟା ଠିକ୍ କଥା। ସିସିଟିଭି କ୍ୟାମେରା ଚେକ୍ କରିବା କାମ ଆଗ ଆସିବା କଥା। ମୁଁ ଜାଣିନି, ଏ କଥା କେହି ଚିନ୍ତା ନକଲେ କାହିଁକି ? ସଞ୍ଜୟ, ତୁମକୁ ଏ ଦାୟିତ୍ୱ ଦିଆଗଲା। ଆମ ଅଫିସ୍‌ରୁ ଜଣେ ଅଫିସର୍ ତୁମକୁ କାମରେ ସାହାଯ୍ୟ କରିବ। ତେବେ ମୁଁ ଏଇଠି ଗୋଟେ କଥା କହିରଖୁଛି – ଯେ କେହି ବି ଏ କାମ କରିଛି, ତାକୁ ପୋଲିସ୍‌ରେ ଦିଆଯିବ।

ସଭା ସାଂଗ୍ ହେଲା। ସୁରକ୍ଷା ସଂସ୍ଥାର ମୁଖ୍ୟ ସଞ୍ଜୟକୁ ନାଲିଆଖି ଦେଖାଇଲେ। ସଞ୍ଜୟ ଡରିଲାନି। ଚାକିରି ଯିବ ତ ଯାଉ, ମାତ୍ର ସେ ଦୃଢ଼ ଥିଲା ଚୋରକୁ ଧରି ଏ କଥା ପ୍ରମାଣ କରିବାକୁ ଯେ ଓଡ଼ିଆ ପିଲା ଚୋରି କରି ନାହାନ୍ତି। ସଞ୍ଜୟ ସେଠାରେ କାମ କରୁଥିବା ସବୁ ଓଡ଼ିଆ ପିଲାଙ୍କୁ ପଚାରିଥିଲା ଓ ଏ କଥା ସୁନିଶ୍ଚିତ କରିଥିଲା ଯେ କୌଣସି ଓଡ଼ିଆ ପିଲା ସେ କାମ କରିନାହିଁ।

ଗୁପ୍ତ କ୍ୟାମେରାରେ ଥିବା ଗୋଟେ ସପ୍ତାହର ରେକର୍ଡ଼ ଯାଞ୍ଚ ହେବ। ସଂସ୍ଥାର ମୁଖ୍ୟଙ୍କ ମିଟିଂର ପରଦିନ ଖବର ମିଳିଲା – ଚୋରି ଯାଇଥିବା ତିନୋଟି ଲାପଟପ୍ ତାଙ୍କ ଯାଗାରେ ଅଛି।

ସମସ୍ତେ ଆଶ୍ଚର୍ଯ୍ୟ ହେଲେ। ଏ କଥା ସୁନିଶ୍ଚିତ ହୋଇଗଲା ଯେ ସଂସ୍ଥାରେ କାମ କରୁଥିବା କେହି କର୍ମଚାରୀ ଏପରି କାମ କରିଛନ୍ତି। ସୁରକ୍ଷାକର୍ମୀଙ୍କ ଲାଗି ଏ ଥିଲା ଗୋଟେ ଖୁସି ଖବର।

ସଭାର ଗୋଟିଏ ଦିନ ପରେ ସଂସ୍ଥାର ମୁଖ୍ୟ ସଞ୍ଜୟକୁ ଡକେଇ ପଠେଇଲେ ଓ ଅନୁସନ୍ଧାନକୁ ଆଗକୁ ନ ବଢ଼େଇବାକୁ କହିଲେ। "ତୁଚ୍ଛାଟାରେ ଆମ ସଂସ୍ଥା ବଦନାମ ହେବ ଓ କିଛି ଅପ୍ରୀତିକର ଘଟଣା ଘଟିବ। ତେଣୁ କଥାଟି ଏଇଠି ରହୁ।"

– ଆପଣ ଠିକ୍ କହିଲେ ସାର୍, ମାତ୍ର ଏ ଅନୁସନ୍ଧାନକୁ ଗୁପ୍ତ ରଖାଯାଉ। ଯାହା ଫଳାଫଳ ହେବ, କେବଳ ଆପଣ ଜାଣିବେ, ଆଉ କେହି ନୁହେଁ। ସଞ୍ଜୟ କଥାରେ ସଂସ୍ଥାର ମୁଖ୍ୟ ରାଜି ହେଲେ।

ସଞ୍ଜୟର ଅନୁସନ୍ଧାନ ଆରମ୍ଭ ହେଲା। ତାକୁ ସହାୟତା କରୁଥିଲେ ସଂସ୍ଥାର ଜଣେ କମ୍ପ୍ୟୁଟର କର୍ମୀ। ସିସିଟିଭି କ୍ୟାମେରାର ଚିତ୍ର ଦେଖି ସଞ୍ଜୟ ଆଶ୍ଚର୍ଯ୍ୟ ହେଲା। ଚୋରି କରିଥିବା କର୍ମଚାରୀଙ୍କୁ ଚିହ୍ନିବାକୁ ଆଦୌ କଷ୍ଟ କରିବାକୁ ପଡ଼ିଲାନି। କର୍ମଚାରୀ ଜଣକ ତାଙ୍କ ଲାପଟପ୍ ଆଣୁଥିବା ବ୍ୟାଗରେ ଦୁଇ ଦୁଇଟି ଲାପଟପ୍ ନେଇ ତାଙ୍କ କାର୍‌ରେ ରଖି ଖାଲି ବ୍ୟାଗ୍ ନେଇ ଅଫିସ୍‌ରେ ପ୍ରବେଶ କରିଛନ୍ତି। ଘରକୁ ଗଲା ବେଳେ ପୁଣି ନିଜ ଲାପଟପ୍ ସହିତ ଆଉ ଗୋଟିଏ ନେଇ ସାଧୁ ପରି ଅଫିସ୍‌ରୁ ବାହାରି ଯାଇଛନ୍ତି। ବେଶ୍ ଆଗରୁ ସେ ଏ କଥା ସିକ୍ୟୁରିଟି ଠାରୁ ବୁଝି ନେଇଛନ୍ତି ଯେ ଷ୍ଟୋର୍ ପାଖରେ ସିସିଟିଭି କ୍ୟାମେରା ନାହିଁ। ସୁରକ୍ଷା କର୍ମୀ ତାଙ୍କୁ ମିଛରେ କହିଛି ଯେ ସେଠାରେ କ୍ୟାମେରା ନାହିଁ।

ଚୋରି କରିଥିବା ବ୍ୟକ୍ତି ଜଣଙ୍କ ଭାରି ଭଲ କଥା କୁହନ୍ତି ଓ ସହଜରେ ସବୁ ଲୋକଙ୍କ ସହିତ ମିଶନ୍ତି। ଅଫିସ୍‌ରେ ବହୁତ ରାତିଯାଏ ରହି କାମ କରନ୍ତି ଓ ଘରକୁ ଗଲାବେଳେ ମୁଖ୍ୟ ଫାଟକ ପାଖରେ ଥିବା ସୁରକ୍ଷା କର୍ମୀଙ୍କ ସହି ବନ୍ଧୁତା ଜମାନ୍ତି। ସଞ୍ଜୟ ତାଙ୍କୁ ଭଲ କରି ଜାଣେ। ସଞ୍ଜୟ ଏ କଥା ବି ଜାଣେ ଯେ ସେ ବ୍ୟକ୍ତି ଜଣକ ସଂସ୍ଥାର ମୁଖ୍ୟଙ୍କ ସମ୍ପର୍କୀୟ।

କଥାଟି ବେଶ୍ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ। ସଞ୍ଜୟ ଦ୍ୱନ୍ଦ୍ୱରେ ପଡ଼ିଗଲା। ସେ କ'ଣ କରିବ ବୁଝିପାରିଲା ନାହିଁ। ଶେଷକୁ ସେ ସ୍ଥିରକଲା ଯେ ସଂସ୍ଥାର ମୁଖ୍ୟଙ୍କୁ ସବୁ କଥା ଜଣାଇବା ଠିକ୍ ହେବ।

କାଳବିଳମ୍ବ ନକରି ସଞ୍ଜୟ ମୁଖ୍ୟଙ୍କ ଚେମ୍ବରରେ ପହଞ୍ଚିଲା ଓ ମୁଖ୍ୟଙ୍କୁ ସବୁ କଥା ଜଣାଇଲା। ମୁଖ୍ୟ ନୀରବ ହୋଇଗଲେ। "ହଉ, ମୁଁ ଉଚିତ୍ ପଦକ୍ଷେପ ନେବି।" କହିଲେ ସଂସ୍ଥାର ମୁଖ୍ୟ।

ସଞ୍ଜୟ ମୁଖ୍ୟଙ୍କୁ ଭେଟିବାର ଦୁଇଦିନ ପରେ ଦୁଇଟି ଘଟଣା ଘଟିଲା। ଲାପଟପ୍ ଚୋରି କରି ତାକୁ ପୁଣି ତା' ଯାଗାରେ ରଖିଥିବା ବ୍ୟକ୍ତିଙ୍କର ଅନ୍ୟ ସହରକୁ ବଦଳି ହୋଇଗଲା। ମୁଖ୍ୟଙ୍କ ପରାମର୍ଶକୁ ଗ୍ରହଣ କରି ସୁରକ୍ଷା ସଂସ୍ଥା ସଞ୍ଜୟର ଚାକିରିକୁ ସ୍ଥାୟୀ କଲେ ଓ ସଞ୍ଜୟକୁ ଗୋଟେ ପ୍ରମୋସନ୍ ମିଳିଲା।

ପ୍ରବାସ ଜୀବନର ସବୁ ଦୁଃଖ କଷ୍ଟ ଭୁଲିଗଲା ସଞ୍ଜୟ। ତାକୁ ଲାଗିଲା ସେ ଗୋଟିଏ ଦେଶରେ ଅଛି, ଓଡ଼ିଶା ହେଉ କି କର୍ଣ୍ଣାଟକ। ସଞ୍ଜୟ କିନ୍ତୁ ଏ କଥା ଜାଣେ – ଅନ୍ୟ ପ୍ରବାସୀ ଭାଇମାନେ ତା' ପରି ଭାଗ୍ୟବାନ ନୁହନ୍ତି। ତଥାପି ଓଡ଼ିଶାରୁ ପିଲାମାନେ ବାହାରକୁ ଯାଉଛନ୍ତି।

ପ୍ରବାସର ଚିତ୍ରଫଳ ଓଡ଼ିଶାରୁ ବେଶ୍ ସୁନ୍ଦର ଦିଶେ। ଭାଗ୍ୟ ଭଲ ଥିଲେ ଚିତ୍ରଫଳ ବେଶ୍ ମଧୁର ରୁହେ, ଯାହା ଘଟିଛି ସଞ୍ଜୟ ଲାଗି।

"ଓଡ଼ିଶାରେ ସୁଯୋଗ ଥିଲେ କିଏ ଆସନ୍ତା ଦୂର ପ୍ରବାସ, ଗାଁ'କୁ ଛାଡ଼ି, ବାପାମା'ଙ୍କୁ ଛାଡ଼ି, ଜନ୍ମମାଟିକୁ ଛାଡ଼ି ଓ ନିର୍ମଳାକୁ ଛାଡ଼ି" ସ୍ୱଗତୋକ୍ତି କଲା ସଞ୍ଜୟ।

*ଅବସରପ୍ରାପ୍ତ ବରିଷ୍ଠ ବୈଜ୍ଞାନିକ, ଭାରତୀୟ ମହାକାଶ ଗବେଷଣା ସଂଗଠନ, ୩୦୧, ହେମନ୍ତ ଦୁର୍ଗା ଆପାର୍ଟମେଣ୍ଟ, ବିଜ୍ଞାନ ନଗର ମାର୍ଥାହାଲି ପୋଷ୍ଟ, ବେଙ୍ଗାଲୁରୁ-୫୬୦୦୩୭*
*ଦୂରଭାଷ: ୯୯୮୦୩୦୦୭୫୧*

# କ୍ଷୋଭର ବଳୟରେ ଆଶାର ଆଲୋକ

## ଡ.ତ୍ରିନାଥ ପଟ୍ଟନାୟକ

ପୁଲସ୍ତ୍ୟ !!

ସୃଷ୍ଟିକର୍ତ୍ତା ପ୍ରଜାପତି ବ୍ରହ୍ମାଙ୍କର ଅନ୍ୟତମ ସନ୍ତାନ। ପିତା ପରି ବହୁ ଗୁଣର ଅଧିକାରୀ ହେଉଛନ୍ତି ସେ। ପିତାଙ୍କ ଆଦେଶ ପାଇ ସୁରମ୍ୟ ପର୍ବତ ସୁମେରୁ ଉପରେ ନିଜକୁ ଯୋଗାଭ୍ୟାସରେ ନିୟୋଜିତ କଲେ ସେ।

ସୁମେରୁ ପର୍ବତର ଅପରପାର୍ଶ୍ୱରେ ରାଜର୍ଷି ତୃଣବିନ୍ଦୁ ତପମଗ୍ନ ଥାଆନ୍ତି। ମନୋରମ ସୁମେରୁ ତପୋବନ। ଦେବକନ୍ୟା, ନାଗକନ୍ୟା, ଋଷିକନ୍ୟା ଓ ଗନ୍ଧର୍ବ କୁମାରୀମାନଙ୍କର ବିହାର ଓ କ୍ରୀଡ଼ାସ୍ଥଳ ହେଉଛି ଏହି ତପୋବନ।

ସୁନ୍ଦରୀ ଯୁବତୀମାନଙ୍କର ଅନିନ୍ଦ୍ୟ ରୂପମାଧୁରୀ ଯୁବ ତପସ୍ୱୀ ପୁଲସ୍ତ୍ୟଙ୍କ ମନରେ ଭାବାନ୍ତର ସୃଷ୍ଟି କରୁଥାଏ। ତଥାପି ସେ କଠୋର ସଂଯମ ପାଳନ କରୁଥାନ୍ତି।

ଋଷିବର ପୁଲସ୍ତ୍ୟ ଧ୍ୟାନ ଅବସ୍ଥାରେ ମଧ୍ୟ ମୁଗ୍ଧ ବିସ୍ମୟ। ରାଜର୍ଷି ତୃଣବିନ୍ଦୁଙ୍କ କନ୍ୟାର ନାମ ସ୍ୱୟଂବର। ଅପରୂପା ସୌନ୍ଦର୍ଯ୍ୟର ଜୀବନ୍ତ ପ୍ରତିମୂର୍ତ୍ତି। ସେ ମଧ୍ୟ ପିତାଙ୍କ ସହିତ ତପୋବନରେ ନିବାସ କରିଥାନ୍ତି ପିତାଙ୍କ ସେବା ଶୁଶ୍ରୂଷା ନିମନ୍ତେ।

ରାଜକୁମାରୀ ସ୍ୱୟଂବରାଙ୍କ ମନ ମର୍ମରରେ ବପୁବନ୍ତ ତପନିଷ୍ଠ ପୁଲସ୍ତ୍ୟଙ୍କ ପ୍ରତିଭା ପ୍ରତିଭାତ ହେବାକୁ ଲାଗିଲା।

ସେ ମନେ ମନେ ମୁନିବରଙ୍କୁ ପତି ରୂପେ ବରଣ କଲେ।

ଋଷିବର ତରୁଣୀମାନଙ୍କର ପ୍ରଗଲ୍ଭତା ଓ ସୌନ୍ଦର୍ଯ୍ୟରେ ମୁଗ୍ଧ ହେଉଥିଲେ ହେଁ ପରିବେଶ ଓ ପରିସ୍ଥିତି ଦୃଷ୍ଟିରୁ ବିଚଳିତ ହୋଇଉଠୁଥିଲେ। ତାଙ୍କର ଏକନିଷ୍ଠ ଧ୍ୟାନରେ ବ୍ୟାଘାତ ଘଟୁଥାଏ। ଦିନେ ସେ ସମସ୍ତ ଜାତିର ତରୁଣୀମାନଙ୍କୁ ଡାକି କହିଲେ- ହେ ସୁନ୍ଦରୀଗଣ, ତୁମ୍ଭମାନଙ୍କର କ୍ରୀଡ଼ା ଓ ପ୍ରଗଲ୍ଭତା ମୋର ସାଧନା ପଥରେ ବାଧା ସୃଷ୍ଟି କରୁଛି। ତୁମେମାନେ ଏ ତପୋବନ ତ୍ୟାଗ କରି ଅନ୍ୟତ୍ର ଚାଲିଯାଅ। ନହେଲେ କାଲି ପ୍ରଭାତରେ ଯିଏ ମୋର ଦୃଷ୍ଟିପଥରେ ପ୍ରଥମେ ପଡ଼ିବ ସେ ଗର୍ଭବତୀ ହେବ।

ଏକଥା ଶୁଣିଲା ପରେ ପ୍ରତ୍ୟେକ କନ୍ୟା ଭୟଭୀତ ହୋଇଉଠିଲେ। ସେ ସ୍ଥାନ ଛାଡ଼ି ଚାଲିଗଲେ। ତା'ପରଦିନ କେହି ହେଲେ ଜଣେ ସେ ସ୍ଥାନକୁ ଆସିଲେ ନାହିଁ। କେବଳ ବ୍ୟତିକ୍ରମ ତୃଣବିନ୍ଦୁ ନନ୍ଦିନୀ ସ୍ୱୟଂବରା ପୂର୍ବଦିନ ସେ ତରୁଣୀମାନଙ୍କ ମେଳରେ ଉପସ୍ଥିତ ନଥିବାରୁ ଅଭିଶାପ କଥା ଶୁଣିପାରିନାହାନ୍ତି। ସବୁଦିନ ପରି ସେ ତପୋବନକୁ ଆସି ସଖୀମାନଙ୍କୁ ଖୋଜୁଛନ୍ତି। ମାତ୍ର କେହିହେଲେ ସଖୀ ନାହାନ୍ତି। ତପସ୍ୱୀ ପୁଲସ୍ତ୍ୟଙ୍କୁ ଏକା ଏକା ପାଇ ସେ ଖୁସି ହେଲେ। ତାଙ୍କ ମନ ମୟୂରୀ ନାଚି ଉଠିଲା।

କିନ୍ତୁ ଏ କ'ଣ ମୁନିଙ୍କୁ ଦେଖୁ ଦେଖୁ ସ୍ୱୟଂବରାଙ୍କ ତନୁକାନ୍ତି ପାଣ୍ଡୁର ବର୍ଣ୍ଣ ଧାରଣ କଲା। ତନୁ ମନରେ ସେ ଏକ ଅପୂର୍ବ ପରିବର୍ତ୍ତନ ଅନୁଭବ କରୁଛନ୍ତି।

ସ୍ୱୟଂବରାଙ୍କ ମନ ଆଶଙ୍କାରେ ପୂରି ଉଠିଲା। ସେ ଧାଇଁ ଆସିଲେ ପିତା ରାଜର୍ଷି ତୃଣବିନ୍ଦୁଙ୍କ ନିକଟକୁ। ପିତା କନ୍ୟାର ପାଣ୍ଡୁର ତନୁଲତା ଦେଖି ହତବାକ୍ ହୋଇଉଠିଲେ। ମନସ୍ଥିର କରି ଧ୍ୟାନ ବଳରେ ଜାଣିପାରିଲେ ଅଭିଶାପ ବୃତ୍ତାନ୍ତ।

ମୁନି ତୃଣବିନ୍ଦୁ କନ୍ୟା ସ୍ୱୟଂବରାଙ୍କୁ ସାଥିରେନେଇ ମୁନି ପୁଲସ୍ତ୍ୟ ଆଶ୍ରମରେ ପହଞ୍ଚିଲେ। ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲାପରେ ଅନୁରୋଧ କଲେ ଯେ ପୁଲସ୍ତ୍ୟ ତାଙ୍କର ସୁଶ୍ରୀ କନ୍ୟାର ପାଣି ଗ୍ରହଣ କରନ୍ତୁ।

ସ୍ୱୟଂବରାର ରୂପ ମୁଗ୍ଧ ତାପସ ପୁଲସ୍ତ୍ୟ ତୃଣବିନ୍ଦୁଙ୍କର ଅନୁରୋଧକୁ ଉପେକ୍ଷା କରିପାରିଲେ ନାହିଁ। ସସମ୍ମାନ ସେ ସ୍ୱୟଂବରାଙ୍କୁ ନିଜର ପତ୍ନୀ ରୂପେ ଗ୍ରହଣ କଲେ।

ସ୍ୱୟଂବରାଙ୍କର ବହୁଦିନର ଆକାଂକ୍ଷିତ କାମନା ପୂର୍ଣ୍ଣ ହେଲା।

ଏକ ଶୁଭକ୍ଷଣରେ ସ୍ୱୟଂବରା ପୁତ୍ର ସନ୍ତାନ ଜନ୍ମ କଲେ। ପୁତ୍ରର ନାମ କ'ଣ ରଖାଯିବ ଏହି ପ୍ରଶ୍ନ ନେଇ ବ୍ୟାକୁଳ ହୋଇଉଠିଲେ ମୁନି ଦମ୍ପତି। ତତ୍‌କ୍ଷଣାତ୍ ସମସ୍ୟାର ସମାଧାନ କରିଦେଲେ ମୁନି ପୁଲସ୍ତ୍ୟ। ସେ କହିଲେ ମୋର ବେଦପାଠ ଶୁଣି ପୁତ୍ର ଗର୍ଭରେ ସଞ୍ଚାର ହୋଇଛି। ଏଣୁ ପୁତ୍ରର ନାମ ଦେବା 'ବିଶ୍ରବା'।

ପରବର୍ତ୍ତୀ ସମୟରେ ଏହି ବିଶ୍ରବା ପିତା ପୁଲସ୍ତ୍ୟ ପରି ସର୍ବଶାସ୍ତ୍ରବିତ୍ ମୁନିଶ୍ରେଷ୍ଠ ରୂପେ ନିଜକୁ ପ୍ରତିଷ୍ଠିତ କଲେ। ଚତୁର୍ଦ୍ଦିଗରେ ତାଙ୍କର ସୁନାମ ବିଛୁରି ଉଠିଲା।

ବିଶ୍ରବାଙ୍କ ପ୍ରତି ଆକୃଷ୍ଟ ହେଲେ ଋଷି ଭରଦ୍ୱାଜ। ସେ ତାଙ୍କର କନ୍ୟା 'ଇନ୍ଦୁବିଳା'କୁ ବିଶ୍ରବାଙ୍କ ହସ୍ତରେ ଅର୍ପଣ କଲେ। କାଳକ୍ରମେ ଇନ୍ଦୁବିନ୍ଦାଙ୍କ ଗର୍ଭରୁ ବିଶ୍ରବାଙ୍କ ଔରସରୁ ଏକ ପୁତ୍ର ଜନ୍ମ ହେଲା ଯାହାର ନାମ କୁବେର।

ବ୍ରହ୍ମାଙ୍କ ବରରେ କୁବେର ହେଲେ ଧନରତ୍ନର ଅଧୀଶ୍ୱର। ପୁଣି ସେ ପିତାମହଙ୍କୁ ସନ୍ତୁଷ୍ଟ କରି ଲାଭକଲେ ପୁଷ୍ପକ ରଥ। ବିଧାତା କୁବେରଙ୍କୁ ନିର୍ଦ୍ଦେଶ ଦେଲେ- ତୁମେ ଲଙ୍କା ରାଜ୍ୟକୁ ଯାଇ ରାଜତ୍ୱ କର। ପିତା ବିଶ୍ରବା ମଧ୍ୟ ସମ୍ମତି ଦେଲେ।

ଲଙ୍କା। ସିନ୍ଧୁ ମଧ୍ୟେ ସ୍ୱର୍ଣ୍ଣଦୀପ।

ଦକ୍ଷିଣ ସାଗର ବଳୟ ରୂପେ ଯାହା ପରିବେଷ୍ଟିତ, ସେହି ସୁବର୍ଣ୍ଣ ନଗରୀ ଲଙ୍କା କବି ଭାଷାରେ ଅବର୍ଣ୍ଣନୀୟ। ଅବିକଳ ସ୍ୱର୍ଗପୁରୀ, କଳକଲ୍ଲୋଳିନୀ ସାଗର ନାୟିକା ଲକ୍ଷ ଲକ୍ଷ ତରଙ୍ଗ ବାହୁ ଟୋଳି ପ୍ରତି ମୁହୂର୍ତ୍ତରେ ଯାହାର ସ୍ତୁତି ପାଠ କରୁଛି। ସେହି ସୁବର୍ଣ୍ଣପୁରୀ ଲଙ୍କା।

ସ୍ୱୟଂ ବ୍ରହ୍ମାଙ୍କ ଆଦେଶରେ ହେମମୟୀ ଲଙ୍କାର ନିର୍ମାଣ କରିଛନ୍ତି ଦେବଶିଳ୍ପୀ ବିଶ୍ୱକର୍ମା। ଅପରୂପ ବର୍ଣ୍ଣାଢ୍ୟ ଏହି ନଗରୀର ଭାସ୍କର୍ଯ୍ୟ। ମନେହୁଏ ସତେ ଯେପରି ନୀଳ ମେଖଳା ଧାରଣ କରି ଠିଆ ହୋଇଛି ସ୍ୱର୍ଣ୍ଣମୟୀ ଅପରୂପା ସୁନ୍ଦରୀ, ଏକ ନବୋଢ଼ା ଖଣି ଖଚିତ ସୌଧମାଳା। ନଗରର ପ୍ରବେଶ ଦ୍ୱାରରେ ଠିଆ ହୋଇଛନ୍ତି ଭୀଷଣ ଅବୟବା ବିକଟ ଦର୍ଶନା ଦେବୀ ଚାମୁଣ୍ଡୀ। ପ୍ରଚଣ୍ଡ ଭୈରବୀ ଚାମୁଣ୍ଡାଙ୍କର ଏକ ହସ୍ତରେ ଖର୍ପର ଓ ଅନ୍ୟ ହସ୍ତରେ ଖଣ୍ଡା। ଦେବୀ ଲୋଳଜିହ୍ୱା। ଚରମ ଦେଶରେ ଝୁଲି ରହିଛି ପ୍ରଚଣ୍ଡ ଶୈଳ ସଦୃଶ ମେଘବର୍ଣ୍ଣର ଜଟାଭାର। ଦେବୀଙ୍କର ଅନଳ ବର୍ଷା ବେନିଚକ୍ଷୁ ସତେ ଯେମିତି ଦୁଇଟି ପ୍ରଚଣ୍ଡ ସୂର୍ଯ୍ୟ। ଦେବୀ ପରିଧାନ କରିଛନ୍ତି ବ୍ୟାଘ୍ରଚର୍ମ। ଗଳାରେ ନୃମୁଣ୍ଡ ମାଳା। ଚନ୍ଦ୍ର ଭଳି ଦୁଇଟି ମଣି କୁଣ୍ଡଳ ଦେବୀଙ୍କ କର୍ଣ୍ଣରେ ଶୋଭା ପାଉଛି।

କି ଅଦ୍ଭୁତ ଏହି ନଗରୀର ସ୍ଥାପତ୍ୟ, ସର୍ବତ୍ର ସୁରମ୍ୟ ଉଦ୍ୟାନ ତରୁ ବିଥିକା।

କୁବେର ଏହି ଦୃଶ୍ୟ ଓ ନଗରୀ ଦର୍ଶନ କରି ବିସ୍ମିତ ହୋଇଗଲେ। ଆଖିରେ ଆଖି ଅବିଶ୍ୱାସ। ଏଇ ସେଇ ମାୟାବିନୀ ସୁବର୍ଣ୍ଣ ଲଙ୍କା। ପୂର୍ବ ଭାଗରେ ସୁଫଳରେ, ସ୍ୱର୍ଣ୍ଣଲଙ୍କାର ଅଧିଶ୍ୱର ଆଜି ସିଏ। କୁବେର ରାଜତ୍ୱ କରିବାକୁ ଲାଗିଲେ।

କୁବେରଙ୍କର ସୌଭାଗ୍ୟ ଦେଖି ରାକ୍ଷଣଗଣ କ୍ରୋଧରେ ଅଧୀର ହୋଇଉଠିଲେ। କାରଣ ବିଧାତାଙ୍କ ଆଦେଶରେ ସ୍ୱୟଂ ବିଶ୍ୱକର୍ମା ତିଆରି କରିଥିଲେ ଲଙ୍କା ନଗରୀ।

ପ୍ରାଜସୃଷ୍ଟିର ପ୍ରାଗ୍‌କାଳ।

ପ୍ରଜାପତି ବ୍ରହ୍ମା ବହୁ ଜୀବଜନ୍ତୁ ପ୍ରାଣୀ ସୃଷ୍ଟି ମଧ୍ୟରେ ପ୍ରହେତି ଓ ହେତି ନାମରେ ଦୁଇଟି ରାକ୍ଷସ ସୃଷ୍ଟି କରିଥିଲେ। ବୀର୍ଯ୍ୟ ଓ ପରାକ୍ରମରେ ଏମାନେ ହେଲେ ଅବିକଳ ମଧୁ ଓ .... ପରି। ପ୍ରହେତି ଥିଲା କ୍ଷୀଣଜୀବୀ। ଏଣୁ ସେ ବିବାହ ବନ୍ଧନରେ ପ୍ରବେଶ କରିନଥିଲା। ମାତ୍ର ହେତି ଯୁବକ ବୟସରେ ବିବାହ ନିମନ୍ତେ ଉତ୍ତଳା ହେଲା। ହେତିର ବିବାହ ଭଗିନୀ 'ଭୟା' ସହିତ ସମ୍ପନ୍ନ ହେଲା। ହେତି ଓ ଭୟାର ଯେଉଁ ସନ୍ତାନ ଜାତ ହେଲା ତା'ର ନାମ 'ବିଦ୍ୟୁତକେଶ'। ସେ ସୁନ୍ଦରୀ ଶାଳକଟାଙ୍କୁ ବିବାହ କରି ପରମ ଧାର୍ମିକ 'ସୁକେଶ' ନାମକ ପୁତ୍ରର ପିତା ହୋଇପାରିଥିଲେ। ସୁକେଶ ବିବାହ କରେ 'ବେଦବତୀ'ଙ୍କୁ। ବେଦବତୀଙ୍କ ଗର୍ଭରୁ ଜନ୍ମଲାଭ କରନ୍ତି ତିନିଟି ସନ୍ତାନ। ଏମାନେ ହେଲେ ମାଲ୍ୟାବାନ, ସୁମାଳୀ ଓ ମାଳୀ। ମହବଳୀ ରୂପେ ଏମାନେ ତ୍ରିଜଗତରେ ଖ୍ୟାତି ଅର୍ଜନ କଲେ।

ଏମାନେ ନିଜ ନିଜର ଆତ୍ମବଳ ପ୍ରତି ଏତେଦୂର ବିଶ୍ୱାସୀ ହୋଇଯାଇଥିଲେ ଯେ ସ୍ୱୟଂ ବିଷ୍ଣୁଙ୍କ ସହିତ ଯୁଦ୍ଧ ଘୋଷଣା କରିବା ନିମନ୍ତେ କୁଣ୍ଠିତ ହୋଇନଥିଲେ। ବିଷ୍ଣୁଙ୍କ ସହିତ ଯୁଦ୍ଧ କରି ଏମାନେ ପରାଜିତ ହୋଇଥିଲେ ଓ ଏତେ ଦୂର ଭୟଭୀତ ହୋଇଯାଇଥିଲେ ଯେ ପ୍ରାଣ ଭୟରେ ସମସ୍ତ ଆତ୍ମୀୟ ପରିଜନଙ୍କୁ ଧରି ଲଙ୍କା ତ୍ୟାଗ କରି ପାତାଳକୁ ଚାଲିଯାଇଥିଲେ। ସେଠାରେ ସେମାନେ ଆଶ୍ରୟ ନେଲେ।

ରାକ୍ଷସମାନଙ୍କର ପ୍ରଥମ ବାସସ୍ଥଳି ଲଙ୍କା ନଷ୍ଟଭ୍ରଷ୍ଟ ହୋଇଗଲା। ସ୍ୱର୍ଣ୍ଣଲଙ୍କା ହରାଇଥିବା ଯୋଗୁ ରାକ୍ଷସମାନଙ୍କ ମନରେ ଯେତିକି କ୍ଷୋଭ ନାହିଁ କିନ୍ତୁ ବର୍ତ୍ତମାନ ସେହି ସ୍ୱର୍ଣ୍ଣମୟୀ ଲଙ୍କା କୁବେର ରାଜତ୍ୱରେ, ତାହା ଦେଖି ରାକ୍ଷସମାନଙ୍କ ମନ ବିଷାକ୍ତ ହୋଇଉଠିଲା।

ସେମାନେ ବ୍ୟଥିତ ଓ ଚିନ୍ତିତ। କ'ଣ ସତରେ ସେମାନେ କୁବେରଙ୍କୁ ଲଙ୍କାର ରାଜ ସିଂହାସନରୁ ହଟାଇ ଦେବା ପାଇଁ ସକ୍ଷମ ହେବେ ! ପୁନଃ ରାକ୍ଷସ ରାଜତ୍ୱର ଉତ୍‌ଥାନ ହେବ ! !

ହଠାତ୍ ମାଲ୍ୟବାନଙ୍କର ବିଷାଦ ଅମା ଆକାଶରେ କ୍ଷୀଣ ଆଲୋକ ଦେଖାଦେଲା।

ମୁନିଶ୍ରେଷ୍ଠ ବିଶ୍ରବା ହିଁ ଲଙ୍କାର ପ୍ରକୃତ ଅଧିକାରୀ। ବିଶ୍ରବାଙ୍କର ଉତ୍ତରାଧିକାରୀ ସୂତ୍ରେ କୁବେର ଲଙ୍କାର ଅଧିଶ୍ୱର।

ଯଦି କୌଶଳକ୍ରମେ ସେହି ଉତ୍ତରାଧିକାରୀ ସତ୍ୱ ରାକ୍ଷସମାନେ ହାସଲ କରିପାରନ୍ତେ ? ତେବେ ତ ସବୁ ଯାଆନ୍ତା। ରାକ୍ଷସମାନଙ୍କର ସମସ୍ତ କ୍ଷୋଭର ଦାବାନଳ ଶାନ୍ତ ହୁଅନ୍ତା।

*

ମଦିରାକ୍ଷୀ-ମରାଳ ଗାମିନୀ-ନିକଷା।

ନିକଷାଙ୍କ ରୂପ ଲାବଣ୍ୟ ମୁନି-ଜନ-ମାନସ-ସରୋବରରେ ତରଙ୍ଗ ସୃଷ୍ଟି କରିପାରିବ। ମୁନିଗଣ ତ ସାମାନ୍ୟ ନିଜେ ଯୋଗେଶ୍ୱର ମଧ୍ୟ ନିକଷାଙ୍କୁ ଥରେ ଦେଖିଲେ ଯୋଗ ତ୍ୟାଗ କରି ବସିବେ।

ମାଲ୍ୟବାନ ଭାବିଲେ ନିକଷା ରାକ୍ଷସ କୂଳରେ ଜନ୍ମ ହେଲେ ସୁଦ୍ଧା ଯେ କୌଣସି ଦେବୀଙ୍କ ସୌନ୍ଦର୍ଯ୍ୟରୁ ତାଙ୍କର ସୁଷମା ନ୍ୟୂନ ନୁହେଁ। ବିଶ୍ରବା ଋଷି ଥରେ ଦେଖିଲେ ନିଶ୍ଚୟ ମୁଗ୍ଧ ନ ହୋଇ ରହିପାରିବେ ନାହିଁ।

ପିତାଙ୍କର ପରୋକ୍ଷ ଇଙ୍ଗିତରେ ରକ୍ଷକନ୍ୟା ଉତ୍ତମ ସାଜସଜ୍ଜା ସହିତ ବିଶ୍ରବାଙ୍କ ତପସ୍ୟାସ୍ଥଳକୁ ଯାତ୍ରା କଲେ।

ବିଶ୍ରବା ଧ୍ୟାନମଗ୍ନ।

ଅପରୂପା ସୁନ୍ଦରୀ ନିକଷା ଆରମ୍ଭ କଲେ ଚଳଞ୍ଚଳ ପଦଛନ୍ଦରେ ନୃତ୍ୟ। ପଦମଞ୍ଜୀରୀର ମୃଦୁମାଦକ ଝଙ୍କାର।

ନାରୀର ନିକ୍ୱଣ ନାଦରେ ମୁନି ବିଶ୍ରବାଙ୍କର ଧ୍ୟାନ ଭଗ୍ନ ହେଲା। ବିଶେଷଭାବେ ରୁଚିହୀନ ନହେଲେ କେହିହେଲେ ସୌନ୍ଦର୍ଯ୍ୟର ସରସତାକୁ ପ୍ରଶଂସା ନକରି ରହିନପାରେ। ଯେଉଁମାନେ ହୃଦୟବାନ ଚିନ୍ତକ ସେମାନଙ୍କ ନିକଟରେ ଶ୍ରେଣୀ ବର୍ଣ୍ଣ ନିର୍ବିଶେଷରେ ସୌନ୍ଦର୍ଯ୍ୟର ପ୍ରାଧାନ୍ୟ ଅଛି।

ଅପରୂପା ନିକଷାଙ୍କ ନୃତ୍ୟରେ ବିଶ୍ରବା ମୁଗ୍ଧ। ସେ କିଛିକ୍ଷଣ ପାଇଁ ରହିଛନ୍ତି ପଲକହୀନ ଭାବେ। ଜଣେ ତରୁଣ ଆଉ ଜଣେ ତରୁଣୀ। ଉଭୟଙ୍କର ମନ ମର୍ମରରେ ପ୍ରେମର ବ୍ୟାକୁଳତା, ମିଳନର ଶିହରଣ। କିନ୍ତୁ ମୁଖରେ ଭାଷା ନାହିଁ। ଯେଉଁଠି ମନଭରି ଉଠେ। ପ୍ରେମ ରୂପ ନିଏ। ଆଖି ହିଁ ଯଥେଷ୍ଟ। ମୁଖ ସେଇଠି ମୂକ ହୁଏ। ମନସିଜର ଶରରେ ସେମାନଙ୍କ ମନମର୍ମର କ୍ଷତବିକ୍ଷତ ତନୁ ତନିମାରେ ଶତ କଦମ୍ବର ଶିହରଣ। ମନ ଗହନରେ ପେଚ୍ଛା ପେଚ୍ଛା ବକୁଳର ବାସ୍ନା।

କିଏ ତୁମେ ରୂପସୀ ? ବିଶ୍ରବା ପ୍ରଥମେ ମୌନତା ଭଗ୍ନକରି ପ୍ରଶ୍ନ କଲେ। ମୋ ନିକଟରେ ତୁମର କି ଅଭିପ୍ରାୟ ? ସୁନ୍ଦରୀଠାରୁ ଉତ୍ତର ଅପେକ୍ଷା ନ କରି ବିଶ୍ରବା ପୁଣି କହି ଚାଲିଲେ- ତୁମର ଅଭିଳାଷ ଅପୂର୍ଣ୍ଣ ରହିବ ନାହିଁ ଦେବୀ, ଶୀଘ୍ର ପ୍ରକାଶକର।

ଦେବତା ଯେଉଁଠି ଆଶୁତୋଷ, ସାଧିକାର ବରପ୍ରାପ୍ତିରେ କୌଣସି ଅସୁବିଧା ନାହିଁ।

ସ୍ମିତହାସୀ ରୂପସୀ ଭ୍ରୁଯୁଗଳକୁ ସାମନ୍ୟ ଅବନମିତ କରି ମୃଦୁ ମଧୁର ସ୍ୱରରେ ନିବେଦନ କଲେ- ଆର୍ଯ୍ୟପୁତ୍ର ! ଆପଣଙ୍କ ପୁତ୍ର ସନ୍ତାନର ଜନନୀ ହେବାକୁ ମୁଁ କାମନା କରେ। ହେ ତାସପ ! ମୋତେ ପତ୍ନୀ ରୂପେ ଗ୍ରହଣ କରନ୍ତୁ।

ମୁନି କିଛି ସମୟ ପାଇଁ ଚିନ୍ତାରେ ପଡ଼ିଗଲେ। ତା'ପରେ ଆବେଗଭରା କଣ୍ଠରେ ପ୍ରକାଶ କଲେ- ଦେବୀ ! ତୁମେ ଯେଉଁ କୁଳୋଦ୍ଭବା ହୁଅନା କାହିଁକି, ତୁମର ଯାହାକିଛି ପରିଚୟ ହେଉ, ତଥାପି ରୂପ ମାଧୁରୀରେ ମୁଁ ବି ମୁଗ୍ଧ।

ବେପଥୁ ଯୋଗୁ ତାପସଙ୍କ କଣ୍ଠସ୍ୱର କ୍ରମେ କ୍ରମେ ଥରିଉଠୁଥିଲା। ସେ ତନ୍ଦ୍ରାଚ୍ଛନ୍ନ ଅବସ୍ଥାରେ କହିଲେ- ତୁମର ଅନୁରୋଧ ମୋ ଦ୍ୱାରା ସ୍ୱୀକୃତ। ମୋ ସହିତ କୁଟୀରକୁ ଆସିପାର।

ତରୁଣୀ ନିକଷାର ଅଭିଳାଷ ପୂର୍ଣ୍ଣ।

ମାଲ୍ୟବାନଙ୍କର ଅଭିସନ୍ଧି ସାକାର ହୋଇଛି। କାଳଚକ୍ରର ଆବର୍ତ୍ତନରେ ବର୍ଷ ବର୍ଷ ସମୟ ଅତିବାହିତ ହୋଇଯାଇଛି। ମୁନିଙ୍କ ସଂସ୍ପର୍ଶରେ ନିକଷାଙ୍କର ଆସୁରୀ ପ୍ରକୃତି ସବୁ ରୂପାନ୍ତରିତ ହୋଇଛି। ସେ ଏବେ ଦିବ୍ୟ ତାପସୀ। ସେ ଭଦ୍ରା, ସୌଜନ୍ୟପୂର୍ଣ୍ଣ ବ୍ୟବହାର। ନିକଷା ଦେବୀ ନ ହେଲେ ମଧ୍ୟ ସ୍ୱୟଂସମ୍ପୂର୍ଣ୍ଣା ନାରୀ।

ବିଶ୍ରବାଙ୍କ ଔରସର ଦୁଇଗୋଟି ପୁତ୍ର ସନ୍ତାନର ଜନନୀ ହେଉଛନ୍ତି ନିକଷା। ବଡ଼ ପୁତ୍ରର ନାମ ବୈଶ୍ରବଣ ରାବଣ। ଅନ୍ୟ ପୁତ୍ରର ନାମ କୁମ୍ଭକର୍ଣ୍ଣ।

ମାଲ୍ୟବାନ ପାତାଳପୁରରେ ରହି ଖବର ପାଇଲେ ତାଙ୍କ ପ୍ରିୟ କନ୍ୟା ଏବେ ଦୁଇଗୋଟି ପୁତ୍ର ସନ୍ତାନର ଜନନୀ। ମାଲ୍ୟବାନ ଅତି ସନ୍ତର୍ପଣରେ ବିଷ୍ଣୁଙ୍କ ଭୟରେ ଲୁଚି ଲୁଚି ବିଶ୍ରବା ଆଶ୍ରମରେ ଉପସ୍ଥିତ ହେଲେ। ନାତି ଓ କନ୍ୟାକୁ ଗୋପନରେ ସାକ୍ଷାତ କରି ପୁଣି ପାତାଳପୁରକୁ ଫେରିଗଲେ। ଫେରିଗଲାବେଳେ ମାଲ୍ୟବାନ ଆଦରଣୀୟା କନ୍ୟାକୁ ସ୍ମରଣ କରାଇଦେଲେ ଯେ କେମିତି ଲଙ୍କା ଦ୍ୱୀପରୁ

କୁବେର ବିତାଡ଼ିତ ହେବ। ଆଉ ରାବଣ ବଡ଼ ହେଲେ ଲଙ୍କା ରାଜ୍ୟ ଅଧିକାର କରିବ। ସେହିଭଳି ପ୍ରେରଣା ଦେଇ ପିଲାମାନଙ୍କୁ ବଡ଼ କରିବାକୁ ହେବ।

ଧନପତି କୁବେର ବିଶ୍ରବାଙ୍କର ପ୍ରଥମ ସନ୍ତାନ। ଦିନେ ପିତୃଦର୍ଶନ ନିମନ୍ତେ କୁବେର ଆସିଲେ ବିଶ୍ରବା ଆଶ୍ରମକୁ। ଭଦ୍ର କୁବେର ବିମାତା ନିକଷାଙ୍କୁ ଉଚିତ ସମ୍ମାନ ଦେବାରେ କୌଣସି ତ୍ରୁଟି କଲେ ନାହିଁ। ନିକଷା ମଧ୍ୟ କୁବେରଙ୍କୁ ଦେଖି ବହୁତ ଖୁସି ହେଲେ। କିନ୍ତୁ ନିକଷାଙ୍କ ମନେ ପଡ଼ିଗଲା ପିତାଙ୍କ ନିର୍ଦ୍ଦେଶ।

ନିକଷାଙ୍କ ରକ୍ତରେ ଜାଗିଉଠିଲା ଆସୁରୀ ପ୍ରକୃତି। ସେ ଗୋପନରେ ରାବଣଙ୍କୁ ଡାକି କହିଲେ- ପୁତ୍ର ! ଏଇ ତୁମର ସାବତ ଭାଇ, ଲଙ୍କାର ଅଧିପତି କୁବେର। କିନ୍ତୁ ଲଙ୍କାର ପ୍ରକୃତ ପ୍ରଭୁ ହେଉଛନ୍ତି ତୋର ମାତୁଳ କୁଳ। ସେହି ବଂଶର ନାତି ହିସାବରେ ଲଙ୍କା ଭୂଖଣ୍ଡ ତୋର ପ୍ରାପ୍ୟ। ବିମାତା ପୁତ୍ର କୁବେରର ନୁହେଁ। ଯେଉଁଦିନ ଲଙ୍କାରୁ କୁବେରଙ୍କୁ ବିତାଡ଼ିତ କରି ନିଜେ ଲଙ୍କା ଅଧିକାର କରିବୁ ସେଦିନ ମୋ ହୃଦୟ ଶାନ୍ତିରେ ଶୀତଳ ହେବ। କୁହ କୁମାର ମୋର ମନବାସନା ଚରିତାର୍ଥ ହେବ କି ନାହିଁ ?

ରାବଣ ମା'ଙ୍କ ଚରଣ ଛୁଇଁ ପ୍ରତିଜ୍ଞା ବାଣୀ ଶୁଣାଇଲା- ତୁମର ଅଭିଳାଷ ଅପୂର୍ଣ୍ଣ ରହିବ ନାହିଁ ଜନନୀ।

ନିକଷା ଆନନ୍ଦରେ ପୁତ୍ରକୁ କୋଳାଗ୍ରତ କଲେ। ଆଶୀର୍ବାଦ ଦେଇ ମୁଣ୍ଡ ସାଉଁଳେଇ ଦେଲେ।

ବର୍ତ୍ତମାନ ଯୁବକ ରାବଣର ଶୟନେ ସ୍ୱପନେ ଜାଗରଣେ ଏକମାତ୍ର ଲକ୍ଷ୍ୟ କି ଉପାୟରେ ସେ ଲଙ୍କାରୁ କୁବେରଙ୍କୁ ବିତାଡ଼ିତ କରି ଲଙ୍କାର ଅଧିପତି ହେବ। ଆଉ ମା'ଙ୍କର ଅଭିଳାଷ ପୂର୍ଣ୍ଣ ହେବ। ବିନା ତପସ୍ୟା ବର ପ୍ରାପ୍ତିରେ ଅଜୟ ବୀର ହେବା ଅସମ୍ଭବ। ଅସାଧ୍ୟ ତପସ୍ୟା ହିଁ ଆବଶ୍ୟକ।

ହିମାଳୟ ଶିଖରରେ ଅରଣ୍ୟ ସଂକୁଳ ଗୋକର୍ଣ୍ଣ ବନ। ରାବଣ ସେଠାରେ ଯାଇ ଗଭୀର ତପସ୍ୟାରେ ନିମଗ୍ନ ହେଲା। ରାବଣର ଜଗତ ବିରଳ ଦୀର୍ଘଦିନ ଧରି ତପସ୍ୟାରେ ଦେବଗଣ ଭୀତତ୍ରସ୍ତ ହୋଇଉଠିଲେ। ପିତାମହ ବ୍ରହ୍ମା ତପସ୍ୱୀ ରାବଣଙ୍କୁ ପରୀକ୍ଷା କରିବା ନିମନ୍ତେ ଉପସ୍ଥିତ ହେଲେ। ବ୍ରହ୍ମା ରାବଣକୁ ଧ୍ୟାନରୁ ଜାଗ୍ରତ କରାଇଲେ, କହିଲେ- ବତ୍ସ ! ତୋର ତପସ୍ୟାରେ ମୁଁ ସନ୍ତୋଷ ଲାଭ କରିଛି। ତୋର କି ପ୍ରାର୍ଥନା ଅଛି ମୋତେ ଜଣାଅ।

- ମୁଁ ଅମରତ୍ୱ ବର ପ୍ରାର୍ଥନା କରୁଛି ଦେବ !

- ତୁ ଅନ୍ୟ ବର ମାଗ ବତ୍ସ ! ଯେପରି ଜଳେ, ସ୍ଥଳେ, ଅନ୍ତରୀକ୍ଷେ ସର୍ବତ୍ର ତୋର ଗତି ଅବାଧ ହେବ। ମାତ୍ର ଅମରତ୍ୱ ସମ୍ଭବ ନୁହେଁ।

ରାବଣ ନିଜ କଥାରେ ଦୃଢ଼ରହି ପ୍ରକାଶ କଲା- ମୋର କେବଳ ଅମରତ୍ୱ ଆବଶ୍ୟକ। ଅମରତ୍ୱ ଭିନ୍ନ ଅନ୍ୟ କୌଣସି ବର ମୁଁ ମାଗିପାରିବି ନାହିଁ ପ୍ରଭୁ !

ବ୍ରହ୍ମା ନିରବ ରହିବା ଦେଖି ପୁନର୍ବାର ରାବଣ ଧ୍ୟାନମଗ୍ନ ହେଲା। ପୁଣି ଚାଲିଲା ବର୍ଷବର୍ଷ ଧରି ତପସ୍ୟା। ଏହି କଠୋର ତପସ୍ୟାରେ ରାବଣ ଗୋଟି ଗୋଟି କରି ନିଜର ମୁଣ୍ଡ କାଟି ଯଜ୍ଞକୁଣ୍ଡରେ ଆହୂତି ଦେଲା ବ୍ରହ୍ମାଙ୍କ ଉଦ୍ଦେଶ୍ୟରେ। କ୍ରମେ ତପସ୍ୟା କଠିନରୁ କଠିନତର। ସେତେବେଳକୁ ୯ଗୋଟି ମୁଣ୍ଡ କଟା ସରିଲାଣି। ଆଉ ବାକି ଅଛି ଗୋଟିଏ ମୁଣ୍ଡ। କଠିନ ତପସ୍ୟାରେ ଦେବଗଣ ତୃପ୍ତ।

ସ୍ୱର୍ଗରୁ ବାଜି ଉଠିଲା ଦେବବାଦ୍ୟ ଦୁନ୍ଦୁଭି। ଆକାଶରୁ ଖସିଲା ପୁଷ୍ପମାଲ୍ୟ। ବ୍ରହ୍ମା ଆଉ ସ୍ଥିରହୋଇ ବସିପାରିଲେନି। ସେ ନିଜେ ଆସି ରାବଣ ନିକଟରେ ଉପସ୍ଥିତ ହେଲେ। ସେତେବେଳକୁ ରାବଣ ଶେଷ ମୁଣ୍ଡଟିକୁ କାଟିବା ପାଇଁ ଉଦ୍ୟତ। ବ୍ରହ୍ମା ସଙ୍ଗେ ସଙ୍ଗେ ରାବଣର ହାତ ଧରି ପକାଇ ନିବାରଣ କଲେ।

- ବତ୍ସ ! ତୁମର କଠୋର ତପସ୍ୟାରେ ତ୍ରିଲୋକ ବିସ୍ମିତ। ତୁମର ପ୍ରାପ୍ୟ ବର ମୁଁ ଆଜି ତୁମକୁ ପ୍ରଦାନ କରୁଛି। ନର ବାନର ବ୍ୟତୀତ ଅନ୍ୟ କାହାଦ୍ୱାରା ତୁ ପରାଜିତ ବା ବଧ ହେବୁ ନାହିଁ। ସ୍ୱର୍ଗ-ମର୍ତ୍ତ-ପାତାଳରେ ତୁ ବିଜୟୀ ହେବୁ।

ରାବଣ ତୃପ୍ତ କଣ୍ଠରେ ଆସ୍ଫାଳନ କଲା- ଦେବତା, ରକ୍ଷ, ଯକ୍ଷ, ଗନ୍ଧର୍ବ, କିନ୍ନର ଏ ସମସ୍ତେ ମୋ ଦ୍ୱାରା ପରାଜିତ ହେବେ ତ? - ହଁ ବତ୍ସ ! କେବଳ ନର ବାନରଠାରେ ବ୍ୟତିକ୍ରମ। ରାବଣ ଭାବିଲା ନର ଓ ବାନର। ଏ ତ ଦୁଇଟି ତୁଚ୍ଛ ପ୍ରାଣୀ। ଏମାନେ ରାକ୍ଷସର ଭୋଜ୍ୟ। ବୃଦ୍ଧତ୍ୱ ହେତୁ ବ୍ରହ୍ମାଙ୍କର ବୋଧେ ବୁଦ୍ଧି ବି ଭ୍ରମ ଘଟିଲାଣି। ସେ ମନେମନେ ବହୁତ ହସିଲା। କୁମ୍ଭକର୍ଣ୍ଣ ମଧ୍ୟ ରାବଣ ପାଖରେ ବସି ତପସ୍ୟାରେ ସାହାଯ୍ୟ କରୁଥିଲା। ବ୍ରହ୍ମାଙ୍କୁ ନିକଟରେ ପାଇ ଅନୁରୋଧ କଲା- ପ୍ରଭୁ ! ମୋତେ ଦିନରାତି ଶୋଇବାକୁ ଆଜ୍ଞା ହେଉ। ପୁଣି ବ୍ରହ୍ମାଙ୍କ କାନ ପାଖକୁ ମୁହଁ ଆଣି ନିମ୍ନ ସ୍ୱରରେ କହିଲା- ପ୍ରଭୁ ! ଭାଇ ଯେମିତି ପ୍ରକୃତିର ନା ମୋତେ ଦିନରାତି ଯୁଦ୍ଧ କରାଇ ବହୁ କଷ୍ଟ ଦେବ। ବହୁତ ଖାଇବି ଦିନରାତି ଶୋଇବି। ସେ ବର ମୋତେ ଦିଅନ୍ତୁ।

- ତଥାସ୍ତୁ ! ବ୍ରହ୍ମା ହସି ହସି କୁମ୍ଭକର୍ଣ୍ଣଙ୍କୁ ସ୍ୱୀକୃତି ଦେଲେ। ରାବଣର (ସମ୍ବିତ) ଫେରି ଆସିଲା ପରେ ଜାଣିଲା ଯେ ଭାଇ କୁମ୍ଭକର୍ଣ୍ଣ ଅଘଟଣ କରି ବସିଛି। ଭାଇର ଭୁଲ ସଂଶୋଧନ ପାଇଁ କହିଲା-ପ୍ରଭୁ ! ବର୍ଷକେ ଥରେ କୁମ୍ଭକର୍ଣ୍ଣର ନିଦ୍ରାଭଙ୍ଗ ହେଉ।

ବ୍ରହ୍ମା ସ୍ମିତ ହସି କହିଲେ- ଆଚ୍ଛା ହେଉ କିଛି ଆପତ୍ତି ନାହିଁ। ମାତ୍ର କୁମ୍ଭକର୍ଣ୍ଣ ଯଦି ଅର୍ଦ୍ଧନିଦ୍ରାରେ ଉଠିବ ତେବେ ତା'ର ମୃତ୍ୟୁ ସୁନିଶ୍ଚିତ।

ରାବଣର ମାତାମହ ମାଲ୍ୟବାନ ବାରମ୍ବାର ରାବଣଙ୍କୁ ଉତ୍ତେଜିତ କଲେ ଲଙ୍କା ବିଜୟ ପାଇଁ। ମାତୁଳ ପ୍ରହସ୍ତ ମଧ୍ୟ ପ୍ରରୋଚନା ଦେଲା। ସମସ୍ତଙ୍କ ପ୍ରରୋଚନାରେ ପଡ଼ି ରାବଣ କୁବେରଙ୍କୁ ଜଣାଇଦେଲେ ଯେ ଲଙ୍କା ମୂଳତଃ ଆମର ପ୍ରାପ୍ୟ। ତୁମେ ନିଜେ ନିଜେ ଲଙ୍କା ଛାଡ଼ି ଯିବ ତ ଭଲ କଥା ନଚେତ୍ ଆମକୁ ଯୁଦ୍ଧ ଦ୍ୱାରା ଲଙ୍କା ଜୟ କରିବାକୁ ପଡ଼ିବ।

ସୁଧୀର, ଶାନ୍ତିପ୍ରିୟ କୁବେର ପିତା ବିଶ୍ରବାଙ୍କ ସଙ୍ଗେ ପରାମର୍ଶ କରି ଲଙ୍କା ପରିତ୍ୟାଗ ପୂର୍ବକ କୈଳାସର ଅଳକାପୁରୀକୁ ଚାଲିଗଲେ।

ରାବଣ ଅହଙ୍କାର ସହିତ ଲଙ୍କା ନଗରରେ ରାଜା ହେଲା। ବଳପୂର୍ବକ କୁବେରର ପୁଷ୍ପକ ବିମାନକୁ ମଧ୍ୟ ଛଡ଼ାଇ ରଖିଲା। ରାକ୍ଷସମାନଙ୍କର ଅଭିଳାଷ ପୂର୍ଣ୍ଣ। ସେମାନେ ପାତାଳ ପ୍ରବାସ ପରିତ୍ୟାଗ କରି ପ୍ରବେଶ କଲେ ପରମପ୍ରିୟ ସ୍ୱର୍ଣ୍ଣଲଙ୍କାରେ। ସମସ୍ତେ ଏକତ୍ର ହୋଇ ମହାମହୋତ୍ସବରେ ରାବଣର ରାଜ୍ୟାଭିଷେକ କାର୍ଯ୍ୟ ସମ୍ପୂର୍ଣ୍ଣ କଲେ।

*

ଦିନେ ଲଙ୍କେଶ୍ୱର ରାବଣ ସିଂହାସନରେ ବସି ବସି କାହିଁକି ବିରସ ହୋଇଉଠିଲା। ଦଶାନନ ବ୍ରହ୍ମାଙ୍କୁ ସ୍ମରଣ କଲା। ବ୍ରହ୍ମା ଉପସ୍ଥିତ ହେବାରୁ ରାବଣ ପଚାରି ବସିଲା,

-ପିତାମହ ! ଜୀବନର ଶେଷ ବିନ୍ଦୁ ମୃତ୍ୟୁ । ମୋର ମୃତ୍ୟୁ ବିଷୟରେ ଆପଣ ମୋତେ ସ୍ପଷ୍ଟ କରାନ୍ତୁ।

ରାବଣର ପ୍ରଶ୍ନ ଶୁଣି ବ୍ରହ୍ମା ପ୍ରଥମେ ବିଚଳିତ ହୋଇଉଠିଲେ । ଏବେ କରାଯିବ କ'ଣ ? ମିଛ ତ କହି ହେବନି । କିଛି ସମୟ ଚିନ୍ତା କଲାପରେ କହିଲେ,

-ରାବଣ ! ତୁ ଏବେଠାରୁ ସାବଧାନ ହୁଅ, ରାଜା ଦଶରଥଙ୍କ ପତ୍ନୀ କୌଶଲ୍ୟାଙ୍କ ଗର୍ଭରୁ ଏକ ପୁତ୍ର ଜନ୍ମ ହେବ । ତା'ର ନାମ ରହିବ ରାମ । ସେ ହିଁ ତୋ ମୃତ୍ୟୁର କାରଣ ହେବ । ରାଜା ଦଶରଥଙ୍କ ସହିତ କୋଶଳ ରାଜା ନିଜ କନ୍ୟାକୁ ବିବାହ ଦେବା ନିମନ୍ତେ ସ୍ଥିର କରିଛନ୍ତି। ଆସନ୍ତା କାଲି ସେମାନଙ୍କର ବିବାହ ।

ରାବଣ ଅସ୍ଥିର ହୋଇଉଠିଲା। ସେ ସଙ୍ଗେ ସଙ୍ଗେ ରାଜା ଦଶରଥଙ୍କ ସହ ଯୁଦ୍ଧ କରିବା ନିମନ୍ତେ ପ୍ରସ୍ତୁତ ହେଲା । ମୂଳୁମାଇଲେ ଯିବ ସରି, ଦେବଙ୍କ ସଙ୍ଗେ କିମ୍ବା କଳି ।

କୋଶଳପୁରୀ। ପୁଣ୍ୟାତ୍ମା କୋଶଳଙ୍କର ରାଜତ୍ୱ। କୋଶଳଙ୍କର ଅପରୂପା କନ୍ୟା କୌଶଲ୍ୟା। ଅଯୋଧ୍ୟା

ନରେଶ ଦଶରଥଙ୍କ ସହିତ କୌଶଲ୍ୟାଙ୍କ ବିବାହ ସ୍ଥିର ହୋଇଯାଇଥାଏ।

ବହୁ ସୈନ୍ୟସାମନ୍ତ ସହିତ ରାଜା ଦଶରଥ ବିବାହ ନିମନ୍ତେ କୋଶଳ ଅଭିମୁଖେ ଯାତ୍ରା କରୁଥାନ୍ତି । ସରଯୂ ନଦୀ ପାର ହେବା ସଙ୍ଗେ ସଙ୍ଗେ ପଶ୍ଚିମ ଆକାଶରେ ସଂଧ୍ୟା ନଇଁ ଆସିଲା । ଆକାଶରେ ଅର୍ଦ୍ଧଚନ୍ଦ୍ରର ବର୍ଣ୍ଣବିଭା । ରାଜା ଦଶରଥ ନଦୀ ତୀରରେ ବସି ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରୁଥିଲେ । କେତେକ ସହଚର ଜଳକ୍ରୀଡ଼ାରେ ବ୍ୟାପୃତ । ରାଜା ଦଶରଥ ନଦୀ ବକ୍ଷରେ ନୌବିହାର କରିବା ପାଇଁ ଚାହିଁଲେ । ସଙ୍ଗେ ସଙ୍ଗେ ରାଜାଙ୍କ ଆଜ୍ଞା ପାଳନ କରାଗଲା । ନୌକା ଉପରେ ବହୁମୂଲ୍ୟ ତୁଳିତଳ୍ପ । ରାଜା ଆଡ଼ମ୍ବର ସହିତ ନୌକା ଉପରକୁ ବିଜେକଲେ।

ସୁନ୍ଦରୀ ସୁକଣ୍ଠି ନାୟିକାମାନେ ମଧୁର କଣ୍ଠରେ ସଂଗୀତର ମୂର୍ଚ୍ଛନା ତୋଳିଲେ। ରାତି ଗଭୀରରୁ ଗଭୀରତର । ଆକାଶରୁ ଜ୍ୟୋସ୍ନା ରୂପାର ଫୁଲପରି ଝରି ଝରି ଯାଉଛି।

ହଠାତ୍ ଲଙ୍କେଶ୍ୱର ରାବଣର ଯୁଦ୍ଧ ଘୋଷଣା ।

ଦଶରଥ କିଂକର୍ତବ୍ୟବିମୁଢ଼ ହୋଇ ଉଠିଲେ । ଆତ୍ମରକ୍ଷା ପାଇଁ ଯେତେ ପ୍ରତିରୋଧ କଲେ ସୁଦ୍ଧା ରାବଣର ପ୍ରଚଣ୍ଡ ଆକ୍ରମଣରେ ପରାସ୍ତ ହେଲେ । ରାବଣ ସମସ୍ତ ସୈନ୍ୟସାମନ୍ତ ସହ ରାଜା ଦଶରଥଙ୍କୁ ସରଯୂ ନଦୀରେ ବୁଡ଼ାଇ ସଲିଳ ସମାଧି ଦେବାକୁ ଉଦ୍ୟମ କଲା ।

କିଏ କେଉଁଠି ବୁଡ଼ିଗଲେ ତା'ର ପତାନାହିଁ । ରାଜା ଦଶରଥ ଏବଂ ମନ୍ତ୍ରୀ ସୁମନ୍ତ କେବଳ ଦୈବୀ ବଳରୁ ବର୍ତ୍ତିଗଲେ । ସେମାନଙ୍କର ସହାୟ ଏବେ କେବଳ ଭଙ୍ଗା ଡଙ୍ଗାର ଖଣ୍ଡେ ପଟା। ଭାସମାନ ଅବସ୍ଥାରେ ବହୁ ସମୟ ନଦୀ ବକ୍ଷରେ ରହିବା ପରେ ପଟା ଖଣ୍ଡିତ ଏବେ ଲହରୀ ଆଘାତରେ ସମୁଦ୍ର ଅଭିମୁଖେ। ଦୁହେଁ ନିସ୍ତେଜ । ପଟା ଖଣ୍ଡିକୁ ସ୍ରୋତର ବିପରୀତରେ ଫେରାଇ ଆଣିବା ସେମାନଙ୍କ ଶକ୍ତିର ବାହାରେ।

ସେଇ ରାତିରେ ଦଶାନନ କୋଶଳ ନଗରୀରେ ପହଁଚିଯାଇଛି । ସମସ୍ତେ ବିବାହ ଉତ୍ସବରେ ମଗ୍ନ । ହଠାତ୍ ଲଙ୍କାପତି ରାକ୍ଷସ ସମ୍ରାଟର ଆକ୍ରମଣ । ରାବଣ ନାଁ ଶୁଣି ସମସ୍ତେ ଆତଙ୍କିତ । କେହି କେହି ପ୍ରାଣ ଭୟରେ ଛତ୍ରଭଙ୍ଗ ଦେଲେ । ଯେପରି ହଠାତ୍ ପ୍ରବାହମାନ ଘୂର୍ଣ୍ଣିବାତ୍ୟା ଜନପଦକୁ ନଷ୍ଟଭ୍ରଷ୍ଟ କରିଦିଏ, ସେପରି ରାବଣ ମୁହୂର୍ତ୍ତକ ମଧ୍ୟରେ କୋଶଳ ନଗରୀକୁ ଛାରଖାର କରିଦେଲା । ରାଜ ଅନ୍ତଃପୁରରୁ ତୋଳିନେଲା ରାଜକୁମାରୀ କୌଶଲ୍ୟାକୁ ବଳେ ବଳେ ।

ରାଜକୁମାରୀ ମୂର୍ଚ୍ଛାଗଲେ । ରାବଣ ମର୍ମାହ୍ତ । ସେ ଜାଣେ ନାରୀହତ୍ୟା ମହାପାପ । ପରନାରୀ ସ୍ପର୍ଶ ମଧ୍ୟ ନିନ୍ଦନୀୟ । ପୁଷ୍ପକ ବିମାନରେ ବସି ବସି ରାବଣ କିଛି ସମୟ ଚିନ୍ତାକଲା । ତା'ପରେ ଏକ ସୁରମ୍ୟ କାଠବାକ୍ସ ମଧ୍ୟରେ ରାଜକୁମାରୀଙ୍କୁ ଆବଦ୍ଧକରି ଚତୁର୍ଦ୍ଦିଗରେ ସମୁଦ୍ର ବେଷ୍ଟିତ ଏକ ନିର୍ଜନ ଦ୍ୱୀପରେ ରଥ ଅବତରଣ କରାଇଲା ।

ରାବଣ ତିନିଥର କରଶବ୍ଦ କଲା ପରେ ଏକ ବିରାଟକାୟ ତିମିମାଛ ସମୁଦ୍ରର ବକ୍ଷଚିରି ନିର୍ଜନ ଦ୍ୱୀପ ଅଭିମୁଖେ ପହଁରି ଆସିଲା । ତିମିର ମୁଖାଘାତ ପୁଚ୍ଛ ସଂଚାଳନରେ ପାହାଡ଼ ସମାନ ସାମୁଦ୍ରିକ ତରଙ୍ଗ ଦ୍ୱୀପର ବେଳାଭୂମିରେ ଆଘାତ ପାଇ ଭାଙ୍ଗି ପଡୁଥାଏ।

ରାବଣ ଦୃପ୍ତ କଣ୍ଠରେ ସେହି କରାଳ ମୁଖ ନାମକ ତିମିମାଛ ପ୍ରତି ଆଦେଶ ଦେଲା– ତୁ ଏ ଦ୍ୱୀପର ଚାରିପାର୍ଶ୍ୱରେ ପହରା ଦେଉଥିବୁ । ଯେମିତି କୌଣସି ବ୍ୟକ୍ତି ମୋ ଅଜ୍ଞାତରେ ଏ ଦ୍ୱୀପ ଭିତରକୁ ପ୍ରବେଶ କରି ନପାରନ୍ତି । ଯଦି ମୋ ଆଜ୍ଞାର ଅବଜ୍ଞା ହୁଏ, ତେବେ ତୋର ପ୍ରାଣ ଗଲାବୋଲି ଜାଣୁ ।

କରାଳ ମୁଖ ତିମି ରାଜାଜ୍ଞା ଆଦରର ସହିତ ପାଳନ କଲା । ରାବଣ ଏକ ବୃକ୍ଷ ଛାୟାରେ କାଠବାକ୍ସଟି ରଖି ପୁଷ୍ପକ ଆରୋହଣ ପୂର୍ବକ ଲଙ୍କା ଅଭିମୁଖେ ଯାତ୍ରାକଲା ।

କରାଳମୁଖ କରାଳ ଗତିରେ ଦ୍ୱୀପ ଚତୁଃପାର୍ଶ୍ୱରେ ଘୂରି ବୁଲୁଥାଏ । ବହୁଦିନ ପରେ ତା'ର ପ୍ରିୟତମା ତିମି ଉକ୍ରଟାକୁ ଦେଖି ସେ ନିଜର କର୍ତ୍ତବ୍ୟ ଭୁଲିଗଲା। ନାରୀର ପ୍ରେମ ନିକଟରେ ପ୍ରଭୁର ଭୟ ପ୍ରେମିକ ପକ୍ଷରେ ତୁଚ୍ଛ ।

କରାଳମୁଖ ଓ ଉକ୍ରଟା ପ୍ରେମ ସମ୍ଭାଷଣ କରୁ କରୁ ଦ୍ୱୀପରୁ ଦୂରେଇ ଗଲେ ମହାସମୁଦ୍ର ଆଡ଼କୁ । ଅଗଭୀର ଜଳରାଶି ସେମାନଙ୍କ ପାଇଁ ସୁଖକର ନୁହେଁ।

ଏହି ସମୟରେ ଭଙ୍ଗା ଡଙ୍ଗାର ପଟା ଖଣ୍ଡିକ ସମୁଦ୍ରର ଦିଗହୀନ ବକ୍ଷରେ ଭାସି ଭାସି ନିର୍ଜନ ଦ୍ୱୀପର ବେଳାଭୂମିରେ ମଥା ପିଟିଲା । ରାଜା ଦଶରଥ ଓ ମନ୍ତ୍ରୀ ସୁମନ୍ତ ସ୍ଥଳଭାଗ ପାଇ ଖୁସି ହେଲେ ଓ ସେଠାରୁ ଓହ୍ଲାଇ ଦ୍ୱୀପସାରା ବୁଲିଲେ । କ୍ଷୁଧା ଓ ତୃଷାରେ ସେ ଦୁହେଁ ଅସ୍ଥିର । ମନ୍ତ୍ରୀ ସୁମନ୍ତ କିଛି ଫଳ ଓ ମଧୁର ଜଳ ସଂଗ୍ରହ କରି ରାଜାଙ୍କୁ ଦେଲେ । ବିଶ୍ରାମ ପାଇଁ ବୃକ୍ଷ ଛାୟାକୁ ଯାଆନ୍ତେ ଦେଖିଲେ ଏକ ସୁନ୍ଦର କାଠବାକ୍ସ ଥୁଆ ହୋଇଛି । ବାକ୍ସଟିକୁ ସେମାନେ ଖୋଲିଲେ ।

– ଆରେ ଏତ କୋଶଳ ରାଜକୁମାରୀ କୌଶଲ୍ୟା । ଏପୁଣି ଏଠି କେମିତି ? ରାଜା ଦଶରଥ ସହଜରେ ବିଶ୍ୱାସ କରି ପାରୁନଥିଲେ ସୁଦ୍ଧା ଏକ ପ୍ରକାର ଚିତ୍କାର କରି ଉଠିଲେ।

– ମଣିମା ! ଏସବୁ ଦଶାନନ ରାବଣର କୃତ୍ୟ । ଆମକୁ ଯୁଦ୍ଧରେ ଅସ୍ତବ୍ୟସ୍ତ କଲାପରେ ବୋଧେ କୋଶଳରେ ପହଁଚିଛି ? କୋଶଳ ନରେଶଙ୍କୁ ପରାସ୍ତ କରି ଦେବୀ କୌଶଲ୍ୟାଙ୍କୁ ବନ୍ଦୀକରି ଏଠି ରଖିଛି ।

ମନ୍ତ୍ରୀ ସୁମନ୍ତ ଦଶରଥଙ୍କୁ ସତର୍କ କରାଇଦେଲେ । ରାଜା ଦଶରଥ ରାଜକୁମାରୀଙ୍କ ମୁହଁରେ ଶୀତଳ ଜଳ ସ୍ପର୍ଶ କରାଇ ସଂଜ୍ଞା ଫେରାଇ ଆଣିଲେ । ତା'ପରେ ପରସ୍ପର ମଧ୍ୟରେ ପରିଚୟ ଆଦାନ ପ୍ରଦାନ ପର୍ବ।

କୌଶଲ୍ୟା ଦୁଃଖ ଓ ଅନୁଶୋଚନାରେ କାନ୍ଦି ପକାଇଲେ।

– ଦେବୀ କୌଶଲ୍ୟା ! ବର୍ତ୍ତମାନ କାନ୍ଦିବାର ସମୟ ନୁହେଁ । ଲଗ୍ନ ସମୟ ଗଡ଼ିଯାଉଛି । ଯାହା ବିଧି ବିଧାନ ତାହା ମାନିବାକୁ ହେବ । ଏବେ ଗାନ୍ଧର୍ବ ରୀତିରେ ବିବାହ କାର୍ଯ୍ୟ ଶେଷ ହୋଇଯାଉ ।

ସୁମନ୍ତ ଏ ମଧ୍ୟରେ ଦୁଇଟି ଫୁଲମାଳ ପ୍ରସ୍ତୁତ କରିସାରିଥିଲେ । ସେ ଦୁହିଁଙ୍କ ହାତରେ ଫୁଲମାଳ ଦୁଇଟିକୁ ଧରାଇ ଦେଲେ ।

କ୍ଷଣକରେ ବିବାହ କାର୍ଯ୍ୟ ଶେଷ ହୋଇଗଲା ।

ବନଗହନରୁ କୋକିଳର କୁହୁତାନ, ଫୁଲେ ଫୁଲେ ନାଚୁଥିବା ଭ୍ରମରର କଳଗୁଞ୍ଜନ ଏ ବିବାହର ମାଙ୍ଗଳିକ ସଂଗୀତ । ବେତସଲତାର କଣ୍ଟକିତ ଛାୟା ଗହଳରୁ କୁମ୍ଭାଟୁଆର ଗୁରୁଗମ୍ଭୀର ନିସ୍ୱନ ପୁରୋହିତଙ୍କର ମନ୍ତ୍ରପାଠ ପରି ମନେହେଲା।

ଏ ଘୋର ଅରଣ୍ୟାନୀରେ ବିଶ୍ରାମ ପାଇଁ ନିରାପଦ ସ୍ଥାନ ବା କାହିଁ ? ଛତ୍ରେ ଛତ୍ରେ ହିଂସ୍ର ବନ୍ୟଜନ୍ତୁ ଓ ଶତ୍ରୁଭୟ । ରାଜଦମ୍ପତି ଭାଗ୍ୟକୁ ଆଦରି ସେହି କାଷ୍ଠପେଟିକା ମଧ୍ୟରେ ହିଁ ଆଶ୍ରୟ ନେଲେ ।

ମନ୍ତ୍ରୀ ସୁମନ୍ତ କିଛି ଫଳମୂଳ ସଂଗ୍ରହ କରିବା ନିମନ୍ତେ ଦ୍ୱୀପର ଅପର ଅଂଶକୁ ଚାଲିଗଲେ ।

କରାଳମୁଖ ପ୍ରିୟା ସଙ୍ଗମରୁ ଫେରିଆସି କ୍ଲାନ୍ତ ଭାବେ ବେଳାଭୂମିରେ ଶୋଇଗଲା । ଦୂରରୁ ଦେଖିଲା କାଷ୍ଠପେଟିକା ଯଥାରୀତି ଥୁଆ ହୋଇଛି । ଅନ୍ୟ କାହାରି ଉପସ୍ଥିତିର ସତ୍ତା ନାହିଁ ।

ଦରବାରରେ ସ୍ପର୍ଦ୍ଧାର ଆସ୍ଫାଳନ କରିବାରେ ଲାଗିଛି ରାବଣ । ସେ ବେଦପତି ପିତାମହଙ୍କ ବିଧି ବଚନକୁ ମିଥ୍ୟାରେ ପରିଣତ କରିପାରିଛି।

ଦଶରଥ ଓ କୌଶଲ୍ୟାଙ୍କର ମିଳନ ହେବା ଅସମ୍ଭବ । ଶତ୍ରୁଜନ୍ମ ହେବାର ଆଦୌ ପ୍ରଶ୍ନ ନାହିଁ । ଦଶରଥଙ୍କର ମାଂସ ଖଣ୍ଡକୁ ଜଳଚର ହିଂସ୍ର ପ୍ରାଣୀମାନେ ଶେଷକରି ଦେବେଣି । ଆଉ କୌଶଲ୍ୟାତ କାଷ୍ଠ ପେଟିକାରେ ବନ୍ଦିନୀ । ସେ ବୋଧେ ଖାଦ୍ୟପାନୀୟ ଅଭାବରେ ମୃତ୍ୟୁବରଣ କରିବଣି ।

ପରିଷଦବର୍ଗ ଉଲ୍ଲାସ ସହିତ ଅଟ୍ଟହାସ କଲେ । ସେମାନଙ୍କ ସମ୍ରାଟ ବିଧିଠାରୁ ବି ବଳିୟାର । ସାକ୍ଷାତ ଈଶ୍ୱର । ରାବଣ ମତଗର୍ବରେ ଉନ୍ନତ ହୋଇ

ପିତାମହଙ୍କୁ ଭେଟିଲା । ଅଟ୍ଟହାସ ପୂର୍ବକ ମନୋଭାବ ବ୍ୟକ୍ତ କଲା- ପିତାମହ! ଲୋକେ କହନ୍ତି ବ୍ରହ୍ମାର କଥା ବେଦର ଗାର । କିନ୍ତୁ ଆପଣଙ୍କ ଅନୁମାନ ଅଧୁନା ଅନ୍ୟଥା ହେଉଛି । ରାବଣ ନିକଟରେ ସମସ୍ତ ଦୈବୀଶକ୍ତି ହାର ମାନିଲାଣି । ...ଏଇତ ଆପଣଙ୍କ କଥା ମିଥ୍ୟାରେ ପରିଣତ ହୋଇଗଲା । ଆପଣ ବି ମୋ ନିକଟରୁ ପରାସ୍ତ । ମୋର ଷଡ଼ଯନ୍ତ୍ର ସଫଳ ହୋଇଛି....କଦାପି ଦଶରଥ ଓ କୌଶଲ୍ୟାଙ୍କର ମିଳନ ହୋଇପାରିବ ନାହିଁ ।

ବ୍ରହ୍ମା କିଛି ସମୟ ପାଇଁ ନିରବ ରହିଲେ । ଧ୍ୟାନସ୍ଥ ହେବା ପରେ ତାଙ୍କ ମୁଖମଣ୍ଡଳରେ ପ୍ରସନ୍ନତାର ଆଭା । ସେ ଧ୍ୟାନ ଭଙ୍ଗକରି ରାବଣମୁଖକୁ ଚାହିଁଲେ ।

ବ୍ରହ୍ମାଙ୍କ ମୁହଁରେ ହସ ଦେଖି ରାବଣର ଅହଂକାର ଭରା ଅଟ୍ଟହାସ କେଉଁଆଡ଼େ ଉଭେଇଗଲା । ଘଟଣା କ'ଣ ଜାଣିବା ପାଇଁ ତା' ମନ ଉଦ୍‌ବ୍ୟଗ୍ର ।

- ବତ୍ସ ରାବଣ ! ବ୍ରହ୍ମାବାକ୍ୟ କଦାପି ମିଥ୍ୟା ହୁଏନା । ଦଶରଥ ଓ କୌଶଲ୍ୟାଙ୍କର ବିବାହ ଏଇ ମୁହୂର୍ତ୍ତେ ହେଲା ଗାନ୍ଧର୍ବ ରୀତିରେ ଶେଷହେଲା । ନବଦମ୍ପତି ଖୁବ୍ ଶାନ୍ତିରେ ଅଛନ୍ତି ।

ରାବଣ ବିଚଳିତ ଭାବେ ପୁଷ୍ପକ ଆରୋହଣ ପୂର୍ବକ ସେହି ଦ୍ୱୀପରେ ପହଁଚିଲା । ବ୍ରହ୍ମାବି ସଙ୍ଗେ ସଙ୍ଗେ ଅନୁଗମନ କଲେ । ରାବଣକୁ ସମ୍ମୁଖରେ ଦେଖି କରାଳମୁଖ ଭୟଭୀତ । ବିନୀତଭାବେ କହିଲା- ମଣିମା! ସବୁଠିକ୍ ଅଛି । ମୋ ଆଖିରେ ଧୂଳିଦେଇ ଏ ଦ୍ୱୀପକୁ କିଏ ବା ଆସିବ ?

ରାବଣ କରାଳମୁଖର ଚାଟୁକ୍ତି ପ୍ରତି ଗୁରୁତ୍ୱ ନଦେଇ ଶିଘ୍ରଯାଇ ପେଟରାର ଢ଼ାଙ୍କୁଣୀ ଉନ୍ମୋଚନ କଲା ।

କାଷ୍ଠ ପେଟିକା ମଧ୍ୟରେ ଏକା କୌଶଲ୍ୟା ନୁହଁନ୍ତି ଦଶରଥ ମଧ୍ୟ । ରାବଣର ଭ୍ରୂ ବିସ୍ଫାରିତ ହୋଇ ଉଠୁଛି । ଆନନରେ ବିସ୍ମୟର ଭାବ । ବିନ୍ଦୁ ବିନ୍ଦୁ ସ୍ୱେଦ । କ୍ରୋଧରେ ଫାଟି ପଡ଼ିଲା ରାବଣ । ଏ ପ୍ରକାର ପରାଜୟକୁ ସେ କଦାପି ସହ୍ୟ କରିନପାରେ । ଚନ୍ଦ୍ରହାସ ଖଡ଼୍ଗକୁ କୋଷମୁକ୍ତ କରି ରାଜା ଦଶରଥଙ୍କୁ ହତ୍ୟା କରିବା ନିମନ୍ତେ ଉଦ୍ୟତ ହେଲା ।

ବ୍ରହ୍ମା ରାବଣର ହାତଧରି ନିବାରଣ କଲେ । ପ୍ରବୋଧନା ଦେଇ କହିଲେ ବତ୍ସ ରାବଣ ! ଏପରି କାର୍ଯ୍ୟ କରିବା ନିମନ୍ତେ ସାହସ କରନା । ଦେଖ ତୁ କୌଶଲ୍ୟାଙ୍କୁ ବନ୍ଦିନୀ କରିଥିଲୁ । ମାତ୍ର ନିୟତି ତାଙ୍କ ସହିତ ଉପଯୁକ୍ତ ସମୟରେ ଦଶରଥଙ୍କୁ ସଂଯୋଗ କରାଇପାରିଲା । ନିୟତି ନିକଟରେ କାହାରି କରଣୀ କାର୍ଯ୍ୟ କରେନାହିଁ । କିଏ କହିବ ଶ୍ରୀରାମ ମଧ୍ୟ ଏହି କାଷ୍ଠ ପେଟିକାରୁ ଜନ୍ମ ନହେବେ ? ଜାଣୁ ଜାଣୁ କାହିଁକି ବିପଦକୁ ନିମନ୍ତ୍ରଣ କରୁଛୁ ? ତୁ ରାଜା ଦଶରଥ ଓ କୌଶଲ୍ୟାଙ୍କୁ ଛାଡ଼ିଦେ । ଯିଏ ନିଜ କାର୍ଯ୍ୟରେ ଅବହେଳା କରି ତୋ ଶତ୍ରୁଙ୍କୁ ଏକତ୍ର ହେବାର ସୁଯୋଗ ଦେଲା ତାକୁ ପ୍ରଥମେ ଦଣ୍ଡ ପ୍ରଦାନକର ।

କରାଳମୁଖ ତିମି ମାଛ ଯେମିତି ଏତିକି ଶୁଣିଛି, ସମୁଦ୍ର ଭିତରେ କେଉଁଠି ଲୁଚିଗଲା । ରାବଣ ନିଜକୁ ବୃହତ ତିମିଙ୍ଗଳ ମାଛରେ ରୂପାନ୍ତର କରି ତିମିକୁ ଖୋଜିବା ପାଇଁ ସମୁଦ୍ର ସାରା ଖୋଜି ବୁଲିଲା ।

ରାବଣ ଭାଗ୍ୟବାଦୀ ନୁହେଁ । କର୍ମପ୍ରତି ତା'ର ଅଖଣ୍ଡ ବିଶ୍ୱାସ । ରାବଣ ସନ୍ୟାସୀ ରୂପରେ ଅଯୋଧ୍ୟା ଦରବାରରେ ରାଜା ଦଶରଥଙ୍କ ନିକଟରେ ପହଁଚିଲା । ରାବଣର ଗୁରୁଗମ୍ଭୀର ବେଦପାଠ ଦ୍ୱାରା ଅଯୋଧ୍ୟା ଦରବାର ମନୋରମ ପରିବେଶ ସୃଷ୍ଟିକଲା । ମହାଜ୍ଞାନୀ ଦଶରଥ ସନ୍ୟାସୀଙ୍କ ପ୍ରତି ପ୍ରୀତ ହେଲେ । ସେ ବ୍ରହ୍ମଚାରୀ ସନ୍ୟାସୀଙ୍କୁ ଅଭ୍ୟର୍ଥନା ଜଣାଇବା ସଙ୍ଗେ ସଙ୍ଗେ କହିଲେ, ମହାତ୍ମା ! ଆପଣଙ୍କ ପଦରଜ ମୋ ଦରବାରରେ ପଡ଼ିଥିବା ଯୋଗୁଁ ମୁଁ ଧନ୍ୟ । ଆପଣ ମୋଠାରୁ ଯେଉଁ ପ୍ରକାର ଦାନ ଚାହିଁବେ ମୁଁ ଦେବାପାଇଁ ପ୍ରସ୍ତୁତ । ବିନା ଦ୍ୱିଧାରେ ତାହା ମୋତେ ଜଣାଇ ଧନ୍ୟ କରାନ୍ତୁ ।

ରାବଣ ଛଳନାର ପ୍ରତୀକ । ସେ ନିଜର ପ୍ରକୃତ ଉଦ୍ଦେଶ୍ୟ ଲୁଚାଇ କପଟତା ପ୍ରକାଶ କରି କହିଲା, ରାଜନ ! ମୁଁ ସର୍ବତ୍ୟାଗୀ ସନ୍ୟାସୀ ପୁଣି ବ୍ରହ୍ମଚାରୀ । ଫଳମୂଳ ମୋର ଆହାର, ଝରଣାର ଜଳ ମୋର ପାନୀୟ । ଆପଣଙ୍କଠାରୁ କି ପ୍ରକାର ଦାନ ଅବା ଗ୍ରହଣ କରିପାରିବି ?

ଛଦ୍ମବେଶୀ ରାବଣ ଫେରି ଆସୁଥିଲା । ପୁଣି ଦଶରଥ ଅନୁନୟ ବିନୟ ପୂର୍ବକ ବାଧକଲେ । ସୁଯୋଗ ଅପେକ୍ଷାରେ ଥିଲା ରାବଣ । ବିନୀତଭାବେ କହିଲା, ମୁଁ ଯାହା ମାଗିବି ତାହା ଆପଣ ଓ ମୋ ବ୍ୟତୀତ ତୃତୀୟ ବ୍ୟକ୍ତି କେହି ଜାଣିବେ ନାହିଁ । ଦଶରଥ ସମ୍ମତି ପ୍ରକାଶ କଲେ । ରାବଣ ଦଶରଥଙ୍କୁ ଏକାନ୍ତକୁ ଡାକି ଅନୁରୋଧ କଲା- ମୋର ଯାଚଞ୍ଚା ହେଉଛି ସାମାନ୍ୟ । ଆପଣ ଆପଣଙ୍କ ଶକ୍ତିକୁ ମୋତେ ଦାନ କରନ୍ତୁ । ଯାହା ଫଳରେ ଆପଣ ଭବିଷ୍ୟତରେ ସନ୍ତାନ ସନ୍ତତିର ପିତା ହୋଇପାରିବେ ନାହିଁ । ଆପଣ ନିଃସନ୍ତାନ ହେବା ମୋର କାମ୍ୟ ।

ଶପଥ କଦାପି ପ୍ରତ୍ୟାହାର କରାଯାଇ ନପାରେ । ସୂର୍ଯ୍ୟବଂଶୀ ବଚନ ହରାଇବେ ନାହିଁ । ଦଶରଥ ତାହା ହିଁ କଲେ ।

ଛଦ୍ମବେଶୀ ରାବଣ କମଣ୍ଡଳୁରେ ଦଶରଥଙ୍କ ଶକ୍ତିକୁ ଧାରଣ କରି ବିଦାୟ ନେଲା ।

ଦଶରଥ ଦୂରରୁ ଦେଖିଲେ ସନ୍ୟାସୀ ରାବଣରୂପ ଧାରଣ କରୁଛି ।

ଛଳନା ଦ୍ୱାରା ସେ ପ୍ରତାରିତ ହୋଇଛନ୍ତି ତେବେ ।

ପୁତ୍ର ହିଁ ମାତାର ସବୁଠାରୁ ପ୍ରିୟ । ସବୁ ସମୟରେ ମଧ୍ୟ । ଭାଇବନ୍ଧୁ ସ୍ତ୍ରୀ ଏସବୁ ସାମୟିକ ପ୍ରିୟ । ଘଟଣା ସ୍ଥଳରେ ବିରୋଧ ବି ହୋଇପାରେ । କିନ୍ତୁ ଜୀବନ ଭିତରେ ମାଆ କଦାପି ପୁଅକୁ ଭୁଲିଯାଏନି । ପୁଅ ଯେତେ ଭୁଲ କଲେ ସୁଦ୍ଧା ପୁଅପାଇଁ ମାଆ ସର୍ବଦା କ୍ଷମାମୟୀ । ମାତା ପ୍ରତି ରାବଣର ଅଖଣ୍ଡ ବିଶ୍ୱାସ, ରାବଣ କମଣ୍ଡଳୁଟିକୁ ମାଆ ନିକଷାଙ୍କ ହାତରେ ଅର୍ପଣ କରି କହିଲା- ମାଆ, ତୁମେ ଏ ପାତ୍ରକୁ ଯତ୍ନରେ ରଖିଥିବ । ଏଥି ଭିତରେ ହଳାହଳ ବିଷ ଅଛି । କାହାରିକୁ ଦେବ ନାହିଁ । ଛୁଇଁବା ମାତ୍ରେ ଜୀବନ ଚାଲିଯିବ ।

ସେତେବେଳକୁ ରାବଣର ଧ୍ୱଂସମୁଖ, ଅତ୍ୟାଚାରରେ ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଥରହର ହୋଇ କମ୍ପୁଥାଏ । ଦେବଗଣଙ୍କ ଦୃଷ୍ଟିରେ ବିଶ୍ରବା ଦୋଷୀ । ସେ କୁଳୀନ ବ୍ରାହ୍ମଣ ହୋଇ କାହିଁକି ନିକଷା ଭଳି ରାକ୍ଷସୀକୁ ବିବାହ କଲେ । ଯାହା ଫଳରେ ଅସୀମ ଶକ୍ତିଶାଳୀ ରାକ୍ଷସ ପୁତ୍ର ଜନ୍ମ ହେଲା ।

ଦେବଗଣ ନୁହନ୍ତି ମହର୍ଷି ବିଶ୍ରବା ମଧ୍ୟ ଚିନ୍ତିତ ଓ ଅନୁତପ୍ତ ।

ବିଶ୍ରବା ନିକଷାଙ୍କ ଛଳନା ଜାଣିପାରି ଦିନେ ଭର୍ତ୍ସନା କଲେ । ନିକଷା ଅପମାନ ସହ୍ୟ କରିନପାରି ରାବଣ ପ୍ରଦତ୍ତ ବିଷପାତ୍ରକୁ ପାନ କରି ଦେଲେ ।

କିନ୍ତୁ ବିଷପାନ କରି ସେ ମରିବେ କଣ ତାଙ୍କ ତନୁ ତନିମାରେ ଗର୍ଭଲକ୍ଷଣ ଦେଖାଦେଲା । କିଛିଦିନ ପରେ ସେ ତାଙ୍କର ତୃତୀୟ ପୁତ୍ରକୁ ଜନ୍ମ ଦେଲେ ।

ଦଶରଥଙ୍କ ଶକ୍ତିରୁ ଜନ୍ମ ହୋଇଥିବା ଯୋଗୁଁ ପୁତ୍ର ରାକ୍ଷସ ନୁହେଁ । ପ୍ରକୃତି ବହୁତ ସୁଶୀଳ ।

ପୁତ୍ରର ନାମ ରଖାଗଲା ବିଭୀଷଣ । ରାବଣ ପ୍ରରୋଚନାରେ ବିଭୀଷଣ ମଧ୍ୟ ଗୋମୁଖୀ ପର୍ବତକୁ ଯାଇ କଠୋର ତପସ୍ୟା କଲା । ବ୍ରହ୍ମା ସନ୍ତୋଷ ହୋଇ ବିଭୀଷଣକୁ ବର ମାଗିବା ନିମନ୍ତେ କହିଲେ ।

ବିଭୀଷଣ ବିନୀତ ଭାବେ ଜଣାଇଲେ- ପ୍ରଭୁ! ମୋତେ ଏହି ବର ପ୍ରଦାନ କରନ୍ତୁ, ଜୀବନ ଥିବା ପର୍ଯ୍ୟନ୍ତ ମୁଁ ଯେପରି ସତ୍ୟ ଧର୍ମ ପଥରୁ ବିଚ୍ୟୁତ ହେବି ନାହିଁ ।

ବ୍ରହ୍ମା ବିଭୀଷଣ ପ୍ରତି ଦୟାସ୍ନିଗ୍ଧ ଦୃଷ୍ଟିରେ ଚାହିଁ ତଥାସ୍ତୁ କଲେ ।

କିନ୍ତୁ ରାବଣ ଦେବଗଣଙ୍କ ପ୍ରତି କ୍ଷୁବ୍ଧ....।

*ସଂପାଦକ, ପୁରାଣ ପତ୍ରିକା*
*ନିଆଳୀ- ୭୫୪୦୦୪, ଜି- କଟକ*
*ଦୂରଭାଷ: ୯୯୩୭୮୪୦୩୮୭*




# ଇନ୍‌ଭରଟର

## ସଂଯୁକ୍ତା ମହାନ୍ତି

ଠିକ୍ ଏଗାରଟା ବେଳକୁ ଶୋଇବାକୁ ଯାଏ ତ ଲୋଡ ସେଡିଂ ହେଲା। ବୈଶାଖ ମାସ। ଦୁନିଆ ଜଳୁଛି। ତାପମାତ୍ରା ଚାଲିଛି ଚାଳିଶ ଡିଗ୍ରୀ ସେଲେସିଅସ। ବିରାଟ ଗୋଟାଏ ହତାଶା ଦୁଇପକ୍ଷୀ ମେଲେଇ ଯେମିତି ବସି ପଡ଼ିଲା ସୁଲଗ୍ନା ଉପରେ। ଏବେ ସେ କରିବ କ'ଣ ? ଭାବିଲା ନା ଉଠିବନି। ଆଉ ବଳ ପାଇନି ଏକ ମୁହୂର୍ତ୍ତରେ ଉଠି ଚାଲିଯିବାକୁ। କବାଟ ଝର୍କା ସବୁ ବନ୍ଦ। ଶୀତତାପ ନିୟନ୍ତ୍ରିତ ଘର। ଉଠିକି ଝର୍କା ଖୋଲିବାକୁ ତା' ମନ ହେଲାନି। ବେଡ୍ ଉପରେ ପଡ଼ି ରହିଲା। ହୁଏତ ଆସିଯାଇପାରେ ବିଜୁଳି। ଭୟଙ୍କର ଫଣିବାତ୍ୟାର ଦ୍ୱିତୀୟ ଦିନ ସେ ଏମିତି ପଡି ରହିଥିଲା। ହାତ ପାଖରେ କାହିଁକି ଘରଯାକ ଖୋଜିଲେ ବି ଏବେ ଖୋଜି ପାଇବନି ବିଂଚେଣାଟାଏ। ସେସବୁ ଏ ସମୟରେ ବିଡମ୍ବନା।

କାହିଁ ଆସିଲାନି ତ କରେଣ୍ଟ। ଏବେ ଅନିଚ୍ଛା ସତ୍ତ୍ୱେ ସେ ଝର୍କା ପାଖକୁ ଉଠିଗଲା। ଖୋଲିଦେଲା ଝର୍କା। ହେଲେ ପବନ ବି ସ୍ଥିର, ସ୍ଥବିର। ସବୁ ଯେମିତି ଗୁମ୍‌ସୁମ୍। ଖାଲି କାଠଯୋଡ଼ିର ବଂଧ ଉପରେ ଛୁଟି ଚାଲିଛି ଗୋଟାଏ ଆମ୍ବୁଲାନ୍ସ। ଶୁଭୁଛି ତା'ର ସାଇରନ। କରୋନା ପରେ ଏ ଶବ୍ଦ ଟିକେ କମିଛି। ନହେଲେ ହୃତକମ୍ପ କରି ଛୁଟୁଥାଏ ନଈବଂଧରେ ଘନ ଘନ ଆମ୍ବୁଲାନ୍ସ। ଏବେ ଫେରି ଆସି ସେ ମଶାରି ଖୋଲିଦେଲା। ପୁନଶ୍ଚ ନିଜକୁ ଲମ୍ବେଇଦେଲା ବେଡ୍‌ରେ। ଅସହାୟ ଅବସ୍ଥାରେ ଭାବିଲା ମୁଖ୍ୟମନ୍ତ୍ରୀଙ୍କ କଥା। କହିଛନ୍ତି ଏ ଗରମରେ କରେଣ୍ଟ ଯିବନି। ତେବେ ଗଲା କାହିଁକି ? ପୁଣି ଶୋଇବା ବେଳକୁ! କ'ଣ କରୁଛନ୍ତି ଏ ସହରର ନାଗରିକ ! କାହିଁକି ଫୋନ କରୁନାହାନ୍ତି ଇଲେକ୍‌ଟ୍ରିକ ଅଫିସକୁ! ନା ସେମାନେ ଆଦିମ ମଣିଷ ପରି ସହିଯାଉଛନ୍ତି ଖରା, ବର୍ଷା, ଶୀତ ? ଫଣି ବାତ୍ୟା ଦିନ କିନ୍ତୁ ସେ ଏଇକଥା ଭାବି ଦ୍ୱିତୀୟ ଦିନର ରାତିଟା ବିତେଇଥିଲା। ସାରା ରାତି ପଡ଼ି ରହିଥିଲା ବେଡ୍‌ରେ। ହେଲା କ'ଣ ? ସକାଳୁ ଉଠି ମୁଣ୍ଡ ବୁଲାଇଲା। ଡାକ୍ତରୀ ପଢୁଥିବା ପୁତୁରାକୁ ପଚାରିଲା କ'ଣ ହେଉଛି ମୋର ? କହିଲା ଡିହାଇଡ୍ରେସନ। ପାଣି ପିଅ। ବାତ୍ୟା ଆସୁଛି ବୋଲି ଯେଉଁ ପାଣି ସାଇତା ହୋଇଥିଲା, ତା' ଏବେ ଆଉ ପିଇବା ପରି ଅବସ୍ଥାରେ ନାହିଁ। ତଥାପି ପିଇଥିଲା। ପୁତୁରା ସେଦିନ ରାତିରେ ଚାଲିଗଲା ଦୂର ସହରକୁ ପଢ଼ିବାକୁ।

ସେହି ତୃତୀୟ ଦିନ ରାତିରେ ହଁ ପାରିବ ବୋଲି ଭାବି ଶୋଇଥିଲା ତଳ ମହଲାରେ। ମଶାରି ନଟାଙ୍ଗିଲେ କଟକ ସହରର ମଶାର ଅରଣ୍ୟରେ ତୁମର ଅନଧିକାର ପରି, ସେମାନେ ଶୁଣ୍ଢ ମାରିମାରି ତୁମକୁ ନୟାନ୍ତ କରିଦେବେ। ପୁଣି ସେହି ପିଲାଦିନର ମ୍ୟାଲେରିଆ ନୁହେଁ, ସିଧା ଡେଙ୍ଗୁ। ତେଣୁ ମଶାରି ଟାଙ୍ଗି ସେ ଶୋଇଥିଲା। ହେଲେ ସାରା ରାତି ଅନିଦ୍ରା। ନା ସେ କରିପାରିଲା ନିଜକୁ ଆଦିମ ମଣିଷର ଦେହ ପରି। ଅସ୍ୱସ୍ତି ଘାରି ରହିଲା ତା' ପରଦିନ ସକାଳେ ବି। ସେ କାର୍‌ରେ ଏ.ସି. ଚଲେଇ ବସି ରହିଲା। ଭାବିଲା ଆଉ ନୁହେଁ। କେଉଁ ହୋଟେଲକୁ ବରଂ ଚାଲିଯିବ। ମାନେ କଟକ ବାହାରକୁ। ଢେଙ୍କାନାଳ, ଯାଜପୁର ରୋଡ୍, ଚଣ୍ଡିଖୋଲ, ଅନୁଗୁଳ, ଯେଉଁଠିକୁ ହେଲେ। କିନ୍ତୁ ତୃତୀୟ ଭାଇ ଯିଏ ଡ୍ରାଇଭ କରିପାରେ ତାକୁ କହି ପାରୁନଥାଏ। ପ୍ରାଣଟିକେ ରକ୍ଷା କର ବୋଲି। କାରଣ ସେ ଦୁଇ ତାରିଖ ଦିନ ସମ୍ବଲପୁରରୁ ଡ୍ରାଇଭ କରି ଆସିଥାଏ। ଏବେ ତ ଗେଁ ଗେଁ ହେବ। ପୁଣି ଯଦି ତା'ର ଧର୍ମପତ୍ନୀ ମନା କରିଦିଏ ଏତେ ସେବା କରିବା ଦରକାର ନାହିଁ, ତେବେ ହେବ କ'ଣ ? ସେ ଆଶଙ୍କା ବି ରହିଛି। ତେବେ ସେତ କାର୍ ଭିତରୁ ବାହାରି ନଥିଲା। ଭାଇର ଧର୍ମପତ୍ନୀ ଯାହାହେଉ ଆଦେଶ ଦେଲେ ଯାଅ ଏଇଠି କେଉଁଠି ଚଣ୍ଡିଖୋଲ, ଯାଜପୁରରୋଡ, ଢେଙ୍କାନାଳରେ ହୋଟେଲ ଥିବ, ଛାଡ଼ି ଦେଇ ଆସ।

ଓହୋଃ ! ଏବେ ମଣିଷର ମୁକ୍ତି। ପ୍ରଚଣ୍ଡ ବିଭତ୍ସ ତାଣ୍ଡବର ଯେଉଁ ଦୃଶ୍ୟପଟ, ଏ ଯେଉଁ ବିଷାକ୍ତ ପରିବେଶ, ସେଠୁ ଡରି ଚାଲିଯାଏ ଦୂରକୁ। ଯେଉଁଠି ସ୍ୱଚ୍ଛ ବାୟୁ ଥଣ୍ଡା ଘର, ଜୀବନ ବଂଚିବାକୁ ଡାକେ, ଅଥଚ ଏମିତି ବିଷାକ୍ତ ପରିବେଶ ନୁହେଁ।

ସେ ବାହାରି ଯାଇଥିବା କଟକଠାରୁ ଦୂରକୁ। ଯାଜପୁର ସେଡ୍, ଚଣ୍ଡିଖୋଲ କେଉଁଠି ହୋଟେଲ ଖାଲି ନାହିଁ। ଗତକାଲିଠୁ ଚାଲି ଆସିବାର ଥିଲା। ଢେଙ୍କାନାଳ ବଜାର ଯାକ ବୁଲିଲା। ହେଲେ ସବୁ ହୋଟେଲ ପୁରି ରହିଛି ଫଣି ଆକ୍ରାନ୍ତ ମଣିଷଙ୍କ ଦ୍ୱାରା। ଏମିତିକି ଅନୁଗୁଳ ପୂର୍ଣ୍ଣ। କାହା ଘରକୁ ବା କାହିଁକି ଯିବ ତା' ଉପରେ ବୋଝ ହେବାକୁ। ବଡ ଡର ତା'ର ମଣିଷର ଭିତର ବାହାର ବ୍ୟବହାରକୁ। ଖୁସୀରେ ଆନନ୍ଦରେ ଡାକି ରଖିବା ପରି ମଣିଷଟିଏ ସେ ଖୋଜି ପାଏନି ବୋଲି ତ କାହା ଘରକୁ ଯାଏନି। ଭାଇକୁ କହିଲା ଚାଲେ ସମ୍ବଲପୁର। ପୁଅ କାଲି ଯାଇଛି। ତାକୁ ହଷ୍ଟେଲରୁ ଡାକି ଆଣିବ। ସେଠି ରହିବା। ଆଖପାଖ ବୁଲିବା। ସେଇଆ ହିଁ ହେଲା। ଭାଇର ଅନିଚ୍ଛା ସତ୍ତ୍ୱେ ସେ ଯାହା ହେଉ ବିଚାରକଲା ଟିକେ ସାହାଯ୍ୟ ପାଇଁ। କାହା ଉପରେ ଆଜିକାଲି ଆଉ ଅଧିକାରକୁ ସାବ୍ୟସ୍ତ କରି ହୁଏନି। ବଡ ନିଃସଂଗ ହୋଇଯାଏ ମଣିଷ ସେଥିପାଇଁ। ସ୍ନେହ, ମମତା, ଅଧିକାରବୋଧକୁ ଜାହିର କରିବାର ଅଧିକାର ମଣିଷ ଯେଉଁଠି ଖୋଜିପାଏ, ତାକୁ ସେଠି ସିନା ଖୁସୀ ଲାଗେ। ଆଜିକାଲି ଖୁବ୍ ଦ୍ୱିଧାଗ୍ରସ୍ତ ଭାବେ ଜୀବନ କାଟିବାକୁପଡ଼େ ଅନ୍ୟର ଇଚ୍ଛା ଉପରେ। ତିନିଦିନ ତଳେ ଯେଉଁ ହୋଟେଲ ଛାଡ଼ି ସେମାନେ ଯାଇଥିଲେ, ପୁନଶ୍ଚ ସେଇଠି ରହିଲେ। ମେ ମାସର ପ୍ରଚଣ୍ଡ ତାପରୁ ନିସ୍ତାର ଥିଲା ଟିକେ।

ଆଜି କିନ୍ତୁ ସେ ଭାବି ପାରିଲାନି କ'ଣ କରିବ। ତା'ର ଦୁଇଟା ରୁମ୍। ଉପର ମହଲାରେ ଚାରିଟା ଘର। ମଝିଆଁ ଭାଇର ଦୁଇଟା ରୁମ୍‌ରେ ଇନଭରଟରର ସଂଯୋଗ ରହିଛି। ଫ୍ୟାନ, ବଲବ୍, କିଚେନ୍ ରୁମ୍‌ରେ ଲାଇଟ୍ ଜଳିବାକୁ ଲାଗିଛି। ରୋଷେଇ କଲାବାଲା ଆସେ। ସେ ଯେଉଁଠି ବସି ପରିବା କାଟେ, ତା' ମୁଣ୍ଡ ଉପରେ ଛୋଟ ଫ୍ୟାନ୍‌ଟେ ଲାଗିଛି। ଛୋଟମାନେ ତା'ର ବ୍ଲେଡର ଆକାର ଅଧା, ବଡ଼ ପଂଖାଠାରୁ। ସେଇଟା ରହିଛି ସଂଯୋଗ ଇନ୍‌ଭର୍‌ଟର ସାଂଗରେ। ଏବେ ସାଢ଼େ ଏଗାର ହେଲାଣି। ଆଉ ଘର ଭିତରେ ଶୋଇବା ସମ୍ଭବ ହେଉନି। ସେ ବାଧ ହୋଇ ଉଠିଲା। ହତାଶାଟାଏ ତା' ବୁକୁତଳେ ଝୁଲିରହିଲା ଏ ବେଳାରେ।

ସେହି ଛୋଟ ଫ୍ୟାନଟା। ତା'ରି ତଳେ ଏବେ

ଏକମାତ୍ର ଜାଗା ଯେଉଁଠି ପବନ ବାଜିବ। ଚେୟାରଟାଏ ଟାଣି ସେ ବସିଲା। ଆଖି ବୁଜି ହୋଇ ଆସୁଛି। କାହିଁକି ଆସୁନି ତ କରେଣ୍ଟ। ମୁଖ୍ୟମନ୍ତ୍ରୀଙ୍କ କଥା ତା' ହେଲେ ଭୁଲ? ଶୋଇପଡ଼ିଲେ କି ଏ ସହର ଲୋକ? କାହିଁକି ପାଟିତୁଣ୍ଡ କରୁନାହାନ୍ତି ତ। ଫୋନ୍‌ରେ ତ ଆଜିକାଲି ସବୁ ଯୁଦ୍ଧ। ତା' ହେଲେ କିଏ ଚଳେଇଛି ସେହି ଯୁଦ୍ଧ?। କେତେବେଳେ ଆସିବ କରେଣ୍ଟ? କେତେବେଳେ ସେ ଶୋଇବ?

ସେ ବସିଲା ସ୍ତବ୍ଧ, ନିଃଶ୍ଚଳ। ପାଖ ଘରେ ଶୋଇଛନ୍ତି ସାନ ଭାଇ, ଭାଉଜ। ନିଦରେ। ସୁଖନିଦ୍ରା। ଆଉ ଗୋଟିଏ ଘରେ ପୁଅ। ଗତ ରାତିରେ ଡ୍ୟୁଟିରେ ଥିଲା। ଯାଇଥିଲା ସକାଳ ସାଢ଼େ ଆଠଟାରେ। ଫେରିଛି ଆଜି ରାତି ନ'ଟାରେ। ଛତିଶ ଘଣ୍ଟା ଉପରେ ଡ୍ୟୁଟି। ହେ ଭଗବାନ! ଡାକ୍ତର ବୋଲି କ'ଣ ମଣିଷ ନୁହେଁ? ହୃଦରୋଗ ବିଭାଗର ପ୍ରଥମ ବର୍ଷର ସୁପର ସ୍ପେସିଆଲାଇଜେସନରେ ପଢୁଛି। ରାତିରେ ଡ୍ୟୁଟି ସରିବା ପରେ ସକାଳୁ ଭଲା ଟିକେ ଛାଡି ଦିଅନ୍ତେ ଶୋଇବାକୁ, ତା' ନାହିଁ। ଏକବାର ରାତି ହେଉଛି ଆସୁଆସୁ। ନିର୍ଦ୍ଦୟ ସରକାର। ଦିନରେ ଶୋଇ ସଂଧ୍ୟାକୁ ଯାଇ ଡ୍ୟୁଟି କଲେ ହୁଅନ୍ତାନି। କି ନିର୍ମମତା। ସେ ତ ଏ ଅବସ୍ଥାରେ ତା' ରୁମ୍‌ରେ ପଶି ପାରିବନି। କହିପାରିବନି ଯେ ଟିକେ ଘୁଂଚିଯା। ମୁଁ ଏଠି ଶୋଇପଡ଼େ। ବରଂ ସେ ଟିକେ ଶାନ୍ତିରେ ଶୋଉ। ପୁଣି କାଲି ସକାଳ ଆଠଟାରୁ ବାହାରିବ।

ସେ ବସି ରହିଲା। ନୀରବ ରାତ୍ର। ନିଃସଂଗ ହୋଇ ପଡୁଥିବା ମନଟିଏନେଇ। ଏତେ ବଡ଼ ଘର। ତଳେ ସାତ ପ୍ରାଣୀ, ଉପରେ ସେମାନେ ଚାରିଜଣ। କେତେ କୋଳାହଳ, କେତେ ଲୋକ। ଅଥଚ ଶୁନ୍‌ଶାନ୍ ଏ ରାତିରେ ତା'ର ନିଃସଙ୍ଗତା କିଏ ନେବ? କିଏ ଉଠିଆସି ପଚାରିବ "ଅପା! କ'ଣ ଶୋଇନା?" ସମସ୍ତେ ଏବେ ଗୋଟାଏ ଗୋଟାଏ ବିଚ୍ଛିନ୍ନ ଦ୍ୱୀପ।

ସେ ବସି ରହିଲା ନୀରବରେ। ନା... ସେ ଏମିତି ବସିଥିବ। କାହାକୁ ଡାକିବ? ଯେଉଁ ଭାଇଟି ସେ ଘରେ ଶୋଇଛି ସେ ବଡ଼ ବାସ୍ତବବାଦୀ। ତା' କାନରେ ଯେମିତି ଲାଗିଲା ସେ କହୁଛି "କ'ଣ ତୁମର ପଇସା ନାହିଁକି? କିଣୁନା ଗୋଟାଏ ଇନଭରଟର। କାହିଁକି ଗରମରେ ରହୁଛ କି?" ସେହି ବାସ୍ତବବାଦୀ ଠୋ...ଠୋ... ରୁକ୍ଷ କଠୋର ଶବ୍ଦ ଯେମିତି ତା' କାନରେ ପଶି ଆସିଲା। ସେ ଭାବିଲା ଠିକ୍। ୱାଜିବ୍ କଥା। ଭାବିଲା ସେ ଆଉ କିଛି ପ୍ରତିକ୍ରିୟା ଦେଖାଇବନି। ଏମିତି ବସି ରହିବ, ଯେମିତି ଷ୍ଟେସନରେ ଗାଡ଼ି ଲେଟ୍ ଥିଲେ ବସି ରୁହେ। ଯେମିତି ଅଧ ରାତିରେ ଗାଡ଼ି ପଂହଚିବାର ଥିଲେ ଅନିଦ୍ରା ହୋଇ ବାରମ୍ବାର ଘଡ଼ି ଦେଖେ। ସେମିତି ଇଏ ବି ଏକଦିନ। ଆହୁରି ଏମିତି କେତେକେତେ ଯେ ସମୟ ବାକି ରହିଛି କିଏ ଜାଣେ?

ମଣିଷର ପ୍ରକୃତି କେତେ ବିଚିତ୍ର ସତରେ। କେତେବେଳେ ତା' ଭିତରେ ଭଲ ମଣିଷ ଗୁଣଟିଏ ଉଙ୍କିମାରେ ତ ପୁଣି ଅହଂକାରର ପଶୁତ୍ୱ ସବାର ହୋଇ ପାଞ୍ଚବର୍ଷ ତଳେ ସେ ଇନଭରଟର ଲଗାଇଲାବେଳେ ଖୁବ୍ ସାଧାରଣ ଭାବେ ପଚାରିଥିଲା ତୁମେ କେଉଁ ଘରେ ଲଗାଇବ କୁହ ଦୁଇଟା ପଏଣ୍ଟରେ ଦେଇପାରେ। ସେ କହିଥିଲା ପଢ଼ା ଘରେ ଦେଇ ଦେ। ଫ୍ୟାନ ଆଉ ଗୋଟାଏ ଲାଇଟ୍‌ରେ। ଅନ୍ତତଃ ଖରାବେଳେ ଫ୍ୟାନଟା ବୁଲିଲେ ପଢ଼ିପାରିବି ଆଉ ରାତିରେ ଉଭୟ। ପାଞ୍ଚ ବର୍ଷ ଯାଏ ବେଶ୍ ଆରାମ୍‌ରେ ଚାଲିଲା ତା'ର ପଢ଼ାଘର କନେକ୍‌ସନ। ହେଲେ ଦିନେ ଅଚାନକ ଚଡକ ପଡ଼ିଲା। ତା'ର ପଢ଼ାଘର ଫ୍ୟାନ୍‌ଟା ଖୁବ୍ ପୁରୁଣା ଅବଶ୍ୟ ହୋଇଗଲାଣି। ତେବେ ବି ଭଲ ଚାଲେ। କିଛି ଦିନ ଶୀତ ଆସିବା ଆଗରୁ ଖରାପ ହୋଇଯାଇଥିଲା, ସାମାନ୍ୟ ସମସ୍ୟା ଲାଗି ରହୁଥିଲା। ମଝିଆଁର ତଳ ଭାଇଟି ତା'ର ସବୁ କାମ କରିଦିଏ। ସତେ କି ସେ ହିଁ ଠିକା ନେଇଛି। ତା' ଉପରେ ସମସ୍ତଙ୍କର ଚଢ଼ଉ। ସେ ତାକୁ ବହୁଥର କହିଛି ସଜାଡିବାକୁ। କିନ୍ତୁ ସେ କୌଣସି କାମକୁ ଦାୟିତ୍ୱ ନେଇ ଚଟାପଟ୍ କରେନି। ବଡ଼ ଢ଼ିଲା। ହଁ କରିବି କୁହେ। କିନ୍ତୁ ତିନି ଚାରିଥର ପଛରୁ ଧକ୍କା ମାରିବାକୁ ପଡେ। ଥରେ କହିଲ ଶୁଣିଲା ହଁ...ହଁ ମାରିଲା। ଦ୍ୱିତୀୟ ଥର ବିରକ୍ତ ହୋଇ କହିବ ଶୁଣିବନି। ପରେ ତୁମର ଧୈର୍ଯ୍ୟଚ୍ୟୁତି ଘଟିବ ଆଉ ରାଗିବ। ସେତେବେଳେ ଶୋଧା ଖାଇ ଉଠିବ। ଏସବୁ ଭିତରେ ଶୀତଦିନ ଆସିଯାଇଥିଲା। ଆଉ ଫ୍ୟାନ୍‌ର ଆବଶ୍ୟକତା ନଥିଲା। ସଜାଡିବା କଥା ଉଠିନି। ଦିନେ ଘର ଓଳାଉଥିବା ଆଉ ପୋଛୁଥିବା ସ୍ତ୍ରୀ ଲୋକଟି ଘର ଶୁଖିବ ବୋଲି ଫ୍ୟାନ ସୁଇଚ୍ ଅନ୍ କରେ ତ ସେହି ଇନ୍‌ଭରଟରର ମେସିନ ଖରାପ ହୋଇଯାଏ। ସେ ଯଦିଓ ବ୍ୟାଟେରୀ ବଦଳେଇଥିଲା, ମେସିନ୍‌ଟି ପାଞ୍ଚବର୍ଷ ଉପରେ ହେଲାଣି ବଦଳାଇନି।

ସେହି ଘଟଣାରେ ଉତ୍‌କ୍ଷିପ୍ତ ହୋଇ ମଝିଆଁ କଟୁକ୍ତି କରେ ତାକୁ। "ଦେବି ଧରି ଲାଇନ୍ କାଟି ଯେ ଅନ୍ଧାରରେ ବସିଥିବ।" ଯେମିତି କି କେହି ଚାକର ତା' ଅଣ୍ଡରରେ ଅଛି। ତା' ମୁହଁର ବିକୃତ ଭଂଗୀ, ଅସମ୍ମାନ ପୂର୍ଣ୍ଣ ଇଂଗିତରେ ସେ ବଡ ମର୍ମାହତ ହୁଏ। ତାକୁ ବା କିଏ କହିଥିଲା ଲଗେଇବାକୁ? ନିଜ ଆଡୁ ସେ ନରମ ହୋଇ ଭଲ ମଣିଷଟିଏ ପରି ପଚାରି ଲଗାଇଛି। ଅଥଚ ଏ ପ୍ରକାର ବିଚିତ୍ର ବ୍ୟବହାର। ଖରାପ ହୋଇପାରେ ଜିନିଷଟା। ନା କାମବାଲୀର ଦୋଷ ନା ତା'ର ଦୋଷ। ଅକସ୍ମାକ ଏମିତି ଘଟିବ ବୋଲି କିଏ ଜାଣିଥିଲା? କଥା କହିବାର ଭଦ୍ରତା, ଶାଳୀନତା ଅଠାବନ ବର୍ଷରେ କିଏ ଶିଖେଇବ? ମାଗି ନେଇପାରିଥା'ନ୍ତା। ଯାହା ଲାଗିବ, କହିଥା'ନ୍ତା। ତୁମ ପାଇଁ ଏଇଟା ଘଟିଲା, ଦିଅ। ତା' ହେଲେ ସେ ନିଃଶବ୍ଦରେ ବଢ଼େଇ ଦେଇଥା'ନ୍ତା। ଅଥଚ ତା'ର ଦୟାରେ ସେ ଯେମିତି ବଂଚିଛି, ଏମିତି ଅପମାନିତ କରିଥିଲା। ଉପଯାଜକ ହୋଇ ସେ କେଉଁଠି ଅନଧିକାର କାମ ବି କରେନି। ତା' ସ୍ତ୍ରୀ ବି ମୁହଁ କଠିନ କରି ପଚାରିଥିଲା ଏବେ କେତେଗୁଡାଏ ଟଙ୍କା ଲାଗିବ।

ସେ କୈଫିତ୍ ଦେବା ପରି କହିଥିଲା – ମୁଁ ଦେବୁକୁ ତ କହିଥିଲି କରିବାକୁ। ସେ ତ ହଡ଼ାବଳଦ। ଠିକ୍ ସମୟରେ କାମଟା କରିବନି ପିଠିରେ ପାଞ୍ଚଣ ନ ପଡ଼ିବା ଯାଏ।

ପ୍ରକୃତରେ ଏମିତି ବି ନଜିର ଅଛି, ମଝିଆଁର ଯେବେ ସେରେବ୍ରାଲ ମ୍ୟାଲେରିଆ ହୋଇଥିଲା, ସେଦିନ ତା'ର ସନ୍ଧ୍ୟା ଛ'ଟା ସୁଦ୍ଧା ବ୍ଲଡ ରିପୋର୍ଟ ଆଣିବାର ଥିଲା। ସେତେବେଳକୁ ତା'ର ଅଣ୍ଟାବିନ୍ଧା, ପେଟ ବିନ୍ଧା, ଉଚ୍ଚ ତାପ ଦେହରେ। ସେ ଛଟପଟ ହେଉଛି। ସେ କିନ୍ତୁ ଢ଼ିଲା ମାରିଥିଲା। ତା'ର ଦେଢ଼ଶାଶୁ କହିଲା ଚାଲିଲୁ ରିପୋର୍ଟ ଆଣି ଆସିବା, ତା' ପରେ ସେ ଗଲା। ପହଞ୍ଚିଲା ବେଳକୁ ଲୋକଟା କ୍ଲିନିକ୍‌ସ ବନ୍ଦ କରି ଚାଲିଯାଉଥିଲା। ଭାଗ୍ୟକୁ ଏମାନଙ୍କୁ ଦେଖି ପୁନଶ୍ଚ ଦୋକାନ ଖୋଲି ରିପୋର୍ଟ ଦେଲା। ସେହି ରିପୋର୍ଟ ଉପରେ ଥିଲା ଚୂଡ଼ାନ୍ତ ନିର୍ଣ୍ଣୟ ଯେ, ତା'ର ବ୍ରେନ ମ୍ୟାଲେରିଆ ବାହାରିଛି। ପେଟ ବିଂଧା ପାଇଁ ଗାଷ୍ଟ୍ରୋ ଡାକ୍ତରକୁ ଦେଖେଇଥିଲା, ଭାଗ୍ୟକୁ ସେ ଆଉଥରେ ପରୀକ୍ଷା କରେଇଥିଲା ମ୍ୟାଲେରିଆ ଯଦିଓ ଆଗରୁ ନେଗେଟିଭ ରିପୋର୍ଟରେ ଥିଲା। ଗାଷ୍ଟ୍ରୋବାଲା କହିଲା ଯାଅ ଏଥର ମେଡିସିନ ବାଲା ପାଖକୁ ସବୁଠୁ ଭଲ ନାମକରା ମେଡିସିନ ବାଲାକୁ ତା'ର ସଢୁ ଫାର୍ମାସିଷ୍ଟ ଜରିଆରେ ଫୋନ ଲଗେଇଲା ତ କହିଲେ ବହୁତ କ୍ରିଟିକାଲ। ତୁରନ୍ତ ମେଡିକାଲ ନିଅ। ଶ୍ରାବଣ ମାସ। ରାତି ନ'ଟା। ଦୁମୁଦୁମୁ ବର୍ଷା ହେଉଛି। ଅଣ୍ଟା ବିଂଧା ବଢୁଛି। ତୁରନ୍ତ ମେଡିକାଲ ଯିବା ଆଉ ଜୀବନ ମରଣର ଧାରରେ ଆଶାରେ ଲଟକି ରହିବା ଥିଲା ସବୁ ଭୟଙ୍କର ଦିନ ଯେତେ।

ବାପା ବୋଉଙ୍କର ଅସ୍ଥି ବିସର୍ଜନ ସଂଗମରେ ହେବା ପାଇଁ କେତେଥର କହିବା ପରେ ଦିନେ ଯେତେବେଳେ ସେ ଉତ୍‌କ୍ଷିପ୍ତ, ସେଦିନ ଦୌଡିଲା ଟିକେଟ କରିବାକୁ ଟ୍ରେନର। ସେହି ବର୍ଷ ନଯାଇଥିଲେ ପରବର୍ଷ ଭାଇଭାଉଜ ଯାଇପାରିନଥା'ନ୍ତେ। ସେଠୁ ଫେରିବାର ମାସକ ପରେ ଭାଉଜଙ୍କୁ ଧରିଲା କିଡ୍‌ନୀ ରୋଗ। ସମୟର ମୂଲ୍ୟ କେତେ ବେଶୀ! ସବୁକାମ

ଦାୟିତ୍ୱ ନେଇ ସାଂଗେସାଂଗେ କରିବ। ଏଠିବି ସେହି ଗୁଣ। ସେହି ଅବହେଳା।

ମଝିଆଁ ବିଶ୍ୱାସ କରେନି ତା'ର ଉତ୍ତର। ତା'ର ସ୍ୱାର୍ଥପର ମନୋବୃତ୍ତି। ସେ ଭାବେ ତା' ପରି ଅନ୍ୟମାନେ ମଧ୍ୟ ନିଜ ସ୍ୱାର୍ଥନେଇ କାମ କରୁଛନ୍ତି। ସେ ବୁଝେନା ଅବହେଳା କିଏ କଲେ। ଅକସ୍ମିକ କ'ଣ ଘଟିଲା। ରୁକ୍ଷ ଶବ୍ଦର ଅସହ୍ୟ ସଂଳାପ ତା' କାନରେ ବାଜିଲା।

– ତୁମେ କହିଲ, ସେ ପୁଣି ଶୁଣିଲାନି।

ଅବିଶ୍ୱାସ କେତେ ତା'ର। ଏତ ପୂରା କ୍ରୁର ଆଉରେଂଗଜେବଠୁ ବଳି। ସମସ୍ତଙ୍କୁ ଅସ୍ୱୀକାର। ସେ ହିଁ ଯାହା ଭାବୁଛି ତା' କେବଳ ସତ୍ୟ। ନିଜର ଭାବନା ଉପରେ ଦୃଢ଼ ହୋଇଯିବା।

ସେଦିନ ଅପମାନର ଭାରରେ ତା' ଆତ୍ମପୁରୁଷଟି ମୁଣ୍ଡ ନୁଆଁଇ ଠିଆ ହୋଇଥିଲା ଭିତରେ ଭିତରେ। ସେ ଲକ୍ଷ୍ୟକରେ ତା' ଡଳଭାଇକୁ ସେ କିଛି କହିପାରିବନି। ତା' ଉପରେ ସେ ବହୁ ପରିମାଣରେ ନିର୍ଭରଶୀଳ। ସବୁ କାମ ସେ ହିଁ କରିବ। ରାତି ଅଧରେ ଦରକାର ପଡିଲେ ଡ୍ରାଇଭ କରିବାଠୁ ଯାହା କାମ ସେ ହିଁ କରିବ। ତାକୁ କଅଁଳ କଥା କୁହେ ସେ। ତା' ସ୍ତ୍ରୀକୁ ବି ଭଲ ବ୍ୟବହାର କରେ। ନିଜ ସ୍ତ୍ରୀ, ପୁତ୍ର ସମସ୍ତଙ୍କୁ ତା'ର ଉତ୍ତମ ବ୍ୟବହାର। ତା'ଠୁ ଦଶବର୍ଷ ସେ ବଡ଼। ତଥାପି ତାକୁ ହିଁ ଏ ପ୍ରକାର ରୁକ୍ଷ ତାଚ୍ଛଲ୍ୟ ବ୍ୟବହାର ସବୁବେଳେ। ସେ ମନେମନେ ହସେ। କ'ଣ ଖାଇବାକୁ ନା ପିନ୍ଧିବାକୁ ନା ରହିବାକୁ ଦେଉଛି କି? ଏଘରଟା ତ ତା' ପଇସାରେ ତିଆରି। ସେଥିପାଇଁ ତ ଆତ୍ମା ଚଉତାରେ ସବୁ ରହିଛି। ଅଥଚ ହେୟଜ୍ଞାନ କରିବା, ରୁକ୍ଷ କଥା କହିଲାବେଳକୁ ସେ ଭୋଗିବ ଅନ୍ତର୍ଦାହ। ମଣିଷର ମଣିଷତ୍ୱ ଦିନେ ଅମଣିଷତ୍ୱରେ ପରିଣତ ହୋଇଯିବ ଆଉ ତାକୁ ଏ ଅସମ୍ମାନ ମିଳିବ, ସେ ରୁକ୍ଷତାର ଛାଇ ଯଦି ଟିକେ ବି ସମୟ ତାକୁ ଆଗରୁ ଶିଖାଇଥା'ନ୍ତା, ସେତ ଆଦୌ ଏଠି ଘର କରିନଥା'ନ୍ତା। ଅଲଗା ଘର କରି ରହିଥା'ନ୍ତା। ଅଳ୍ପ ବୟସରେ ସମସ୍ତେ ଭଦ୍ର, ବିନମ୍ର ଲାଗନ୍ତି। ଭାଇ, ଭଉଣୀ ହୋଇଥା'ନ୍ତି। ଏ ପ୍ରକାର ଗୋଟାଏ ଜୀବନର ରୂପ ଆରମ୍ଭ ହୁଏ ପରବର୍ତ୍ତୀ ବୟସରେ, ତା' ଜଣାନଥାଏ କାହାକୁ। ସମୟ କ'ଣ ସତରେ ବଦଳେ? ନା ମଣିଷ ବଦଳୁଥାଏ? କେଉଁ ବୈଜ୍ଞାନିକ ଏହି ରିଲେଟିଭିଟିକୁ ବାହାର କରିଛନ୍ତି କି କେଉଁ ସଂଜ୍ଞା ଦେଇ? ତା' ତାକୁ ଜଣା ନାହିଁ।

ସେହି ମେସିନ୍‌ଟାକୁ ସଜାଡିବାରେ ତା'ର ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ପରେ ଆଣିଥିଲା ଗୋଟାଏ ନୂଆ ମେସିନ। ସେତେବେଳେ ସେ ଦୁଇଜଣ କେହି ପଚାରିନଥିଲେ ଆଉ ଇନଭରଟରରେ ତା'ର କ୍ଷତି ରୁମ୍‌ରୁ ଫ୍ୟାନ, ଆଲୁଅ ଯୋଡା ହେବ କି ନାହିଁ। ସମୟକ୍ରମେ ସାନମଝିଆଁ ଫ୍ୟାନ୍‌ଟା ସଜାଡ଼ି ଆଣିଥିଲା। ଲଗେଇବା ଦିନ ପଚାରିଥିଲା ଇନଭରଟରରେ ଯୋଡ଼ିବା କଥା। ତାକୁ ମାଡି ପଡୁଥିଲା। ଅନଧିକାର ଚର୍ଚ୍ଚା ପରି ଲାଗୁଥିଲା। ସେ ନିଜକୁ ବଡ ଅସହାୟ ପରି କହି ଉଠିଲା – ନା... ନା... ଫ୍ୟାନ୍‌ରେ ଲଗାନା। ସେମାନେ ମୋତେ ବହୁତ ଅପମାନିତ କରିଛନ୍ତି। ଅବା ସେହି ଅପମାନର କଳାକଳା ଛାଇ ଏବେ ବି ତା' ଦେହମନକୁ ଡାଙ୍କି ଧରିଛି। ସେ ଟିକେ ନୀରବ ରହିଲା। କହିଲା – ତା' ହେଲେ ଲାଇଟ୍‌ରେ ଲଗେଇ ଦେଉଛି। "ଏଁ ...ଲାଇଟ୍‌ରେ?" ସେ ଚମକି ପଡ଼ିଲା ପରି କହିଥିଲା। ଅନ୍ୟର ଜିନିଷଟା ବ୍ୟବହାର କରିବାରେ ଯେଉଁ ଚାପ, ତା' ମନରେ ତରଂଗପରି ଖେଳିଗଲା। ପୁଣିଥରେ ସେ କହିଲା – ଲାଇଟ ପଏଣ୍ଟରେ ଲଗେଇ ଦେଉଛି। ସେ ଆଉ କିଛି କହିଲାନି। ଇଚ୍ଛା ନଥିଲା ସେ ଲଗାଉ। ତେବେ ସେ ଲଗେଇ ଚାଲିଗଲା।

ଆଜି ଏ ରାତିରେ ଅସହାୟ ଭାବେ ବସିରହି ମନେହେଲା କିଏ ହସୁଛି କ୍ରୁର ବାସ୍ତବତାର ହସ। ତାକୁ ଶୁଭୁଛି ସେହି ଅଟ୍ଟହାସ। "ତୁମର କ'ଣ ପଇସା ନାହିଁ? ଲଗେଇ ଦେଉନା ଗୋଟାଏ। ପ୍ରକୃତରେ ନଲଗେଇବାଟା ତା'ର ହିଁ ନିକମା ପଣ। ଘରସଂସାର, ପାର୍ଥିବ ଜିନିଷ, ଏସବୁ ପ୍ରତି ପିଲାଦିନୁ ସେ ଉଦାସୀନ। ସେଥିପାଇଁ ପିଲାଦିନେ ବଡବୋଉ କହୁଥିଲା ଉଦାସୀଟାଏ। ଗାଁ ସ୍କୁଲରେ ସାଂଗମାନେ ତାଙ୍କ ଗପସପରେ ପୂରଉ ନଥିଲେ। କି ସେ ସସବୁ ଘରସଂସାରର ନଗ୍ନ ଆଲୋଚନାକୁ ପସନ୍ଦ କରୁନଥିଲା। ଅଫିସରେ ବି ସହକର୍ମୀ କବିତା କୁହେ ତୁମେ ପାଞ୍ଚଟା ପରେ କାମ ସାରି ଚାଲିଯାଅ। ନିଜ ଦୁନିଆରେ ମଗ୍ନଥାଅ। କ'ଣ ହେଉଛି ଏଠି ଜାଣି ପାରନି। ହୋଇଥିବ, ତା'ର ହିଁ ସବୁ ଦୋଷ।

ବହୁଥର ସେ ସାନମଝିଆଁକୁ କହିଛି "ଆରେ ତୋ ଇନଭରଟରରେ ଅନ୍ତତଃ ମୋ ବେଡରୁମ୍ ଫ୍ୟାନ୍‌ଟା ଲଗେଇ ଦେ। ରାତିରେ ଲାଇନ ଗଲେ ଟିକେ ଶୋଇପାରିବି।" ତା'ର ଇନଭରଟର ତଳମହଲାରେ ମିଟର ସାଂଗରେ ଯୋଡା ହୋଇଛି। ଇଲେକ୍‌ଟ୍ରିକ ବିଲ ସେ ତାକୁ ଦେଇଦିଏ। ତଳୁ ଲାଇନ ଆଣିବାକୁ ପୁଣି ବ୍ୟବସ୍ଥା କରିବାକୁ ପଡିବ। କିନ୍ତୁ ସିଏ ଶୁଣେନି। ଦାୟିତ୍ୱହୀନତା। ପ୍ରାୟ ଚାରିବର୍ଷ ଧରି ଏକଥାଟା ସେ କହି ଆସିଛି। କ'ଣ ପାଇଁ ସେ ନୀରବ ରୁହେ। ହୁଁ ... କି ଚୁଁ କିଛି ଉତ୍ତର ଦିଏନି। ଆଡେଇ ଚାଲେ କଥାଟାକୁ। ଅପରିଷ୍କାର ବ୍ୟକ୍ତିତ୍ୱ। ହଁ କି ନାହିଁ ଗୋଟାଏ କଥା ତ କହିବୁ। ଏ ପ୍ରକାର ହଁ କି ନାହିଁ କରୁନଥିବା ଲୋକତ ଆହୁରି ବିପଜ୍ଜନକ। ସ୍ୱଚ୍ଛ ସମ୍ପର୍କ ରଖିବାକୁ କାହିଁକି ଆଜିର ମଣିଷ ଆଗଭର ନୁହେଁ, ତା' ସେ ଜାଣେନା।

ଆରାମରେ ସମସ୍ତେ ଶୋଇଛନ୍ତି। ସେ ବସିଛି ଚୁପ୍‌ଚାପ୍। ରାତିର ନିଃଶବ୍ଦ ପ୍ରହର। କୋଇଲିଟା ଏତିକି ବେଳିଆ ବୋବେଇ ଉଠିଲା ସାମ୍‌ନା ଆମ୍ବ ଗଛ ଭିତରୁ। ରାତି ଅଧରେ ତା'ର ବି କ'ଣ ବିପତ୍ତି ଘଟିଲା? ସେ ଟିକେ ଆଖିବୁଜି ବସିଥିଲା। ଏବେ ଆଖିମେଲି ଚାହିଁଲା ଝର୍କା ସେପଟକୁ। ହସିଲା ମନେମନେ। ମଣିଷ ଯେଉଁଠି ସଂଗ ଛାଡ଼ିଦିଏ, ସେଠି ଗଛଲତା, କାଉକୋଇଲି ସଂଗ ଦିଅନ୍ତି। ମନେ ପଡ଼ିଲା ରବୀନ୍ଦ୍ରନାଥଙ୍କର ଗୋଟାଏ ଧାଡ଼ି "ରତେର ପାକ୍ଷୀ ଗାଏ ଏକାକୀ ସଂଗୀବିହୀନ ଅନ୍ଧକାରେ ବାରେବାରେ।" ପକ୍ଷୀଟାର ଡାକ ଥମିଗଲା। ସେ ଏବେ ସିଧା ହୋଇ ବସିଲା।

ଆରାମ୍‌ରେ ସମସ୍ତେ ଶୋଇଥିଲେ। ଡହଳବିକଳ ଅସହାୟ ଅବସ୍ଥା କେବଳ ତା'ର। ଠିକ୍‌କଲା ଆଉ ନିଉଛୁଣିଆ ହୋଇ ଯା ତା' ପାଖରେ ପଶିବନି। କିଣି ଆଣିବ ବେଟାରୀ ଆଉ ମେସିନ୍‌ଟାଏ। କ'ଣ କରିବ ସେ। ଏଠି ଘୋରଜାଗାର ଅଭାବ। ଏଗାର ବର୍ଷ ତଳେ ସେ କ'ଣ ଏକଥା ଭାବି ନଥିଲା? ତାଙ୍କ ଅଫିସ ଅଫିସର ମାନଙ୍କୁ ଯେଉଁ ଫର୍ଣ୍ଣିଚର ଦିଏ ତା' ଭିତରେ ଇନଭରଟର ବି ଦେବାର ବ୍ୟବସ୍ଥା ରହିଛି। ତିନିବର୍ଷ ପରେ ବଦଳେଇ ଆଉ ଗୋଟାଏ କିଣିଲେବି ଅଫିସ ପଇସା ଦେବ। କିନ୍ତୁ ମଝିଆଁ ତ ଆଗରୁ ଇନଭରଟରଟାଏ ଆଣି ଥୋଇଦେଇଛି। ଆଉ ଜାଗା ନାହିଁ ରଖିବାକୁ କେଉଁଠି। ସେତେବେଳେ ସେ ଭାବିଥିଲା ହଁ ଘରେ ଗୋଟାଏ ତ ଅଛି। ଆଉ କ'ଣ ହେବ? ତା'ର ତ ଟ୍ରାନ୍ସଫର ଚାକିରି। ଆଜି ଏଠି ଅଛି, କାଲି ବାହାରକୁ ଚାଲିଯିବ। ସେଥିପାଇଁ ସେ କିଣିନଥିଲା। ଚାକିରି ସାରି ଫେରିଲାବେଳେ ସେ ତ ନମ୍ର ଭାବରେ ଆସି ପଚାରି ଦୁଇଟା ପଏଣ୍ଟରେ ଲଗେଇଦେଲା। ଆଉ ବା କ'ଣ ଦରକାର ଥିଲା କିଣିବା କୋଡିଏ ହଜାର ଟଙ୍କା ଖର୍ଚ୍ଚ କରି। କିନ୍ତୁ ମଣିଷ ପ୍ରକୃତିର ହଠାତ୍ ପରିବର୍ତ୍ତନ କେତେବେଳେ ଘଟିବ, ସେ କାହୁଁ ବୁଝିବ। ହୁଏତ ସେ ନିଜେ ଦାୟିତ୍ୱହୀନ କି ତା'ର ମନ ନଥାଏ ଏସବୁରେ ମୁଣ୍ଡ ପୂରେଇବାକୁ!

ଏବେ ସେ କ'ଣ କରିପାରେ? ଗୋଟାଏ ରାତି ନୁହେଁ ଯେତେ, ମଣିଷର ଅବଜ୍ଞା, ଉପେକ୍ଷା ତାକୁ କାହିଁ ବେଶୀ ବେଶୀ କ୍ଷତାକ୍ତ କରିପକାଇଲା। ସେ ବସିବସି ପାହାନ୍ତା ପହରକୁ ଶୋଇବାକୁ ଚାଲିଗଲା।

ସକାଳୁ ଉଠି ସାନ ମଝିଆଁକୁ ଫୋନ୍ କଲା। "ଏ ବୟାଳିଶ ଡିଗ୍ରୀ ଖରାରେ ସାରା ରାତି ଯେଉଁ ଗରମ।

ଲାଇନ ଚାଲିଗଲା । ତୁ ଆଜି ଯେ କୌଣସି ମତେ ଯାଇ ଇନଭରଟରର ପାଇଁ ଯାହା ଲାଗିବ, ନେଇ ଆସିବୁ।"

ସେ ଛୋଟିଆ "ହୁଁ ଟିଏ ମାରି ଫୋନ୍ ରଖିଲା। ତା' ମନର ଯନ୍ତ୍ରଣା, ମାନ୍ ଅଭିମାନର କୌଣସି ପ୍ରଭାବ ତା' ଉପରେ ପଡିଲାନି । କି ପଚାରିଲା ନାହିଁ ଗତ ରାତିରେ କେମିତି ଶୋଇଲ ? ସ୍ୱାର୍ଥପରତାର ସମସ୍ତ ସୀମା ଉଲ୍ଲଙ୍ଘନ କରି ସାରିଥିଲେ ସମସ୍ତେ। କେତେ ଶୀଥିଳ, ପ୍ରତିକ୍ରିୟାହୀନ ଏମାନେ । କୌଣସି କଥାକୁ ଗୁରୁତ୍ୱ ନାହିଁ। ଏମିତି କି କହିନି କାହିଁକି ଆଉ ଗୋଟାଏ କିଣିବ। ମୋ ଇନଭରଟରରୁ କନେକ୍ସନଟା କରିଦେଉଛି ମିସ୍ତ୍ରୀ ଡାକି । ତା' ମାନେ ତା'ର ଇଚ୍ଛାନଥିଲା ଦେବାକୁ। ସେଥିପାଇଁ ସେ ଚାରିବର୍ଷ ହେଲା ନୀରବ ରହୁଥିଲା। ଯିବ କି ନାହିଁ ପୁଣି ହଡାବଳଦକୁ ଠେଲା ମାରିବାକୁ ପଡ଼ିବ, ତା' ବି ସନ୍ଦେହ ଘେରରେ। ମଝିଆଁ ତ ସକାଳୁ ଉଠି ପଚାରିବ ନାହିଁ କିଛି। ତା'ର ମନତଳେ ଯେଉଁ ଭାଷା ଫୁଟେ, ତା' ସେ ଜାଣେ। ତାଙ୍କର କ'ଣ ପଇସା ନାହିଁ କି, ପଇସା ତକ କ'ଣ କରିବେ, ପର ଖାଇବେ। ଆରାମରେ ଚଳୁ ନାହାନ୍ତି। ଏଇୟା ସେ ନିଶ୍ଚୟ କହିବ। ତା' ସାଂଗରେ ସେ କଥା କହିବା ବନ୍ଦ କରିଦେଇଛି। କାଶ୍ମୀର ଇସୁ ଉପରେ ନେହେରୁ, ପଟେଲଙ୍କୁ ନେଇ ଆଲୋଚନା କଲାବେଳେ, ତା'ର ରୁଗଣ ଭାଷା, "ତୁମେ ନା ଗାଁ ମାଇକିନିଆଙ୍କ ପରି ମୂର୍ଖ, କିଛି ଜଣାନାହିଁ।" ତା'ର ଅଶାଳୀନ କଥାରେ ତା' ମୁଣ୍ଡ ଝାଇଁ ଝାଇଁ ହୋଇଗଲା। ତା'ର ସହଜେ ଉଚ୍ଚ ରକ୍ତଚାପ। ଲାଗିଲା ଏମିତି କଥାରେ ସେ ମୁଣ୍ଡ ଘୂରେଇ ପଡିବ କି ଯଦି ବ୍ରେନ ଷ୍ଟୋକ ହୋଇଯାଏ ? ୟା ଭିତରେ ସେ ବହୁବାର ଏମିତି କିଛି କିଛି କହିଛି। ସେ ବଡବାପା ପୁଅ ଭାଇକୁ କହିଲା ଏସବୁ। ସେ ତାକୁ ପଚାରିବାରୁ କହିଲା "ତାଙ୍କୁ କୁହ, ବଂଚିବାର ଇଚ୍ଛା ଅଛି ଯଦି, ମୋ ସାଂଗରେ ମଲାଯାଏ କଥା ହେବେନି।" ସେହିଦିନଠୁ ସେ ଆଉ କଥା ହୁଏନି।

ଏବେ ମଝିଆଁ, ସାନ ମଝିଆଁ ଯାଇଥିବେ ମର୍ଣ୍ଣିଂୱାକରେ। ସାନ ମଝିଆଁ ନିଶ୍ଚୟ କଥାଟା ପକାଇଥିବ। ହେଲେ ତା' ପାଖକୁ ଆସିଲା ବେଳକୁ ନ ଜାଣିଲା ପରି ଚୁପ୍ ରହିବ। ଦୁନିଆରେ ସବୁଠି ଏତେ ରୁଦ୍ଧଦ୍ୱାର କାହିଁକି? କି ଗୋପନୀୟତା ଏସବୁ? ସେ ଆଶ୍ଚର୍ଯ୍ୟ ହୁଏ। ମନଖୋଲି ମିଶ। ଶତ୍ରୁତା ଯଦି ଦେଖାଅ ତା' ବି କୁହ। ଭଲ ପାଇବା ଅଛି ଯଦି ତା'ବି କୁହ। ଖାଲି ଚୁପ୍। ସମସ୍ତେ ଏବେ କ'ଣ ପାଇଁ ଚୁପ୍। ଯେମିତି ବହୁ ଉଚ୍ଚତାରେ ପହଞ୍ଚିଲେ ଲାଗେ ବାୟୁମଣ୍ଡଳ ଯେଉଁଠି କମି ଯାଉଛି ଅକ୍ସିଜେନ ସେମିତି। ରୁଦ୍ଧଶ୍ୱାସହେବା ପରି।

ପୁନଶ୍ଚ ଦଶଟାବେଳକୁ ସେ ଫୋନ୍ କଲା। "ଇନଭରଟର କ'ଣ ବ୍ୟବସ୍ଥା କଲୁକି ?

– ବାର ହଜାର ପଡିବ ବ୍ୟାଟେରୀ। ମେସିନ୍‌ଟା ଅତି କମରେ ପାଞ୍ଚ ହଜାର। ତେବେ ପୁଅ ଯେଉଁଟା ହଷ୍ଟେଲରେ ବ୍ୟବହାର କରୁଥିଲା, ତାରି ମେସିନ୍‌ଟା ବସେଇ ଦେଉଛି। ଖାଲି ବାରହଜାର ଟଙ୍କାର ବ୍ୟାଟେରୀ କିଣି ଆଣିବା।

– ପୁଅର ଆଣନା। ତା' ବାପା ପୁଣି କେଉଁଦିନ କହିବ କାହିଁକି ତା'ର ଲଗେଇଲ। ଯଦି ଅସମ୍ମାନିତ କରେ ? ତୁ ଗୋଟାଏ ନୂଆ ନେଇଆ।

– ଘରେ ଅଛିତ ଗୋଟାଏ ?

– ଘରେ ଅଛି ଇଟା ପଥରରେ। ଏବେ ତ ତୋର ମୋର ଭାବନା। ପୁଣି କିଏ ଶୁଣିବ ତା'ଠୁ।

ସେ କିନ୍ତୁ ଚାପ ଦେଲା ନାଇଁ ଏଇଟାକୁ ଲଗେଇ ଦିଅ। ସେ ଘଡ଼ିଏ ଇତସ୍ତତଃ ହୋଇଗଲା। ପୁଣି ଏକ କୁତ୍ସିତ ଭବିଷ୍ୟତ ଯେ ଆସି ନଠିଆ ହୋଇଯିବ, କିଏ ଜାଣେ ?

ଦୋକାନରୁ ବ୍ୟାଟେରୀ ଆଣି ରଖିଲା। ସନ୍ଧ୍ୟାବେଳକୁ ମିସ୍ତ୍ରୀ ଡାକି ସେହି ମେସିନକୁ ବ୍ୟବହାର କରିଦେଲା। ବହୁ ଆଗରୁ ସେ ପୁଅ ବ୍ୟବହାର କରୁଥିବା ବ୍ୟାଟେରୀ ନେଇ ନିଜ ଦୋକାନରେ ଲଗେଇଛି କହିଲା। ପୁରୁଣା ମେସିନ୍‌ଟା ମଝିଆଁର ନେଇଯାଇଛି।

କିଛି ଦିନ ପରେ ମଝିଆଁର ପୁଅ ନିଜ ଆଡୁ ପଚାରିଲା।

– ତୁମେ ନୂଆ ଇନଭରଟର କାହିଁକି ଲଗେଇଲ ?

ସ୍ନିଗଧ ଛାୟା ଲୋକ ପରି ମଧୁର, ସୁନ୍ଦର, ଦର୍ଦ୍ଦଭରା ସେ ହସି ଦେଇ କହିଲା ତା' କଣ୍ଠର ମନେ ହେଲା ଭାସି ଆସୁଛି କେଉଁ ପ୍ରାଗୈତିହାସିକ ଯୁଗରୁ। ଅନେକ ମମତ୍ୱରେ ଭରା।

– ତୋ ବାପା ତ କହିଲା ଦୁଇଟା ପଏଣ୍ଟରେ ଲଗାଇବ।

ତେଣୁ ପଢ଼ିବା ଘରେ ଲଗେଇଥିଲି। ବେଡରୁମ୍‌କୁ ଦେବାକୁ ମନା କରିଥିଲା।

– ନାଇଁ। ଏତେ ଭୋଲଟେଜ ଟାଣେନି ଆଉ ଗୋଟାଏ ଲାଗିଲେ ହୋଇପାରିଥା'ନ୍ତା। ବେକାର ପୁଳାଏ ଟଙ୍କା ଖର୍ଚ୍ଚ କଲ।

– ହଁ। ସେଥିପାଇଁ ତ ମୁଁ ଏଗାର ବର୍ଷ ହେଲାଣି ଲଗାଉ ନଥିଲି। ଘରେ ଅଛି ତ ପୁଣି ଗୋଟାଏ କାହିଁକି ପଇସା ଖର୍ଚ୍ଚ କରି କିଣିବି ! ମୋ ଅଫିସ ଫର୍ଣ୍ଣିଚର ଭିତରେ ମିଳିପାରିଥା'ନ୍ତା। ପାଞ୍ଚ ବର୍ଷରେ ଆମେ ଆଉ ଅଫିସକୁ ଫେରାଉନୁ। ସେଇଟା ତୁମର। ତୋ ବାପାର ରୁକ୍ଷ ଅସମ୍ମାନିତ କରି କଥା କହିବାର ଢଙ୍ଗ ମୋତେ ଅପମାନ କ'ଣ ମୋ ଅନ୍ତର୍ମନକୁ ଛୋଟ କରିଦିଏ।

ସେ ବଖାଣି ବସିଲା ତା' ବାପାର କଥା। ତା' ଦାଦାର ନୀରବ ରହିବାର ଇଂଗିତ।

ସେ ମନ ଖରାପ କଲା। ଏମିତି ଭାଷାରେ କହିବା ଠିକ୍ ହୋଇନି ବୋଲି କହିଲା। ବଡ ଖୋଲା ପିଲାଟା। ନିରୀହ ବି। ଖଟିଖଟି ଦିନକୁ ତେରଘଣ୍ଟା ତା' ମନ ବଡ ବିଷାଦମୁଖୀ। କହି ପକାଇଲା – ହଁ। ମୋର ତ ଭାରି ଡର। କାଲେ ବିଦିଶାକୁ କ'ଣ କହିଦେବେ ଯଦି କେତେବେଳେ।

ବିଦିଶା ମାନେ ତା'ର ସ୍ତ୍ରୀ। ଏବେ ହଷ୍ଟେଲରେ ରହି ଦୂର ସହରରେ ପଢ଼େ। ପଢ଼ି ସାରିଲେ କଟକ ମେଡିକାଲ କଲେଜରେ ପୋଷ୍ଟିଂ ପାଇଁ ଚେଷ୍ଟା କରିବେ।

– ନା...ତାକୁ କିଛି ସଚେତନ ଅବସ୍ଥାରେ କହିବନି। ତୋ' ବୋଉ ବି ଜଗିଥାଏ। ତେବେ ନିଜ ଚାଲିଚଳଣ, କଥା ଉପରେ ଆୟତ ନାହିଁ ତ, ଯଦି ପାଟିରୁ ବାହାରି ପଡ଼େ, କହି ହେବନି।

ସେ କଲେଜରୁ ଫେରିଥିଲା। ଟିକେ କଥା ହେବାକୁ ସେ ତା' ରୁମ୍‌କୁ ଯାଏ। ବହୁତ ଭାବପ୍ରବଣ। ସମସ୍ୟା କଥା ଭାବି ବଡ ଚାପରେ ଥାଏ। ତା' ଉପରେ ତେରଘଣ୍ଟା ଖଟଣି। ଏବେ ରାତି ଦଶଟା ହେଲାଣି। ଆଉ ତାକୁ ଭାରାକ୍ରାନ୍ତ କରିବା ଠିକ୍ ନୁହେଁ। କିଏ ପେସେଣ୍ଟ ତାକୁ କହିଲା "ସେ ଡାକ୍ତର କୁଆଡେ ଗଲା, ତାକୁ ଡାକବେ।" ଏଇ କଥା ମୁଣ୍ଡରେ ପୁରେଇ ଅପମାନିତ ହେବାର ଜ୍ୱାଳା ଭୋଗୁଥିଲା। ମଣିଷର ଦିନକୁ ଦିନ ବ୍ୟବହାର ବଡ ଅଶାଳୀନ ହୋଇଯାଉଛି। ସେଥିପାଇଁ ସେ ଦୁଃଖିତ ଥିଲା। କାହିଁକି ଏ ଲାଇନ୍‌ରେ ଆସିଲା ଅନୁତାପ କରୁଥିଲା। ହେଲେ ଏବେ ଯେ ମଣିଷ ଚରିତ୍ରର ଅବକ୍ଷୟ ହୋଇଛି ଚତୁର୍ଦ୍ଦିଗରେ, କେବଳ ତା' ଲାଇନ୍ ନୁହେଁ। ସେ ବହୁତ ଦୁଃଖୀ ଲାଗୁଥିଲା। ତା' ମନକୁ ହାଲକା କରିବାକୁ ସେ କହିଲା – ଚାଲେ ଆଇସକ୍ରିମ ଖାଇବା।

ସେ ହସିଲା – ତୁମ ଗଳାଟା ଖରାପ ହେଲାଣି। ଥଣ୍ଡା ଖାଇଲେ କାଶୁଛ। ପୁଣି ଖଁ ... ଖଁ... ହେବ। ମୋତେ ଆସି କହିବନି ଦେଖ... ଦେଖ ବୋଲି।

–ଟିକେ ଖାଇଦେବା ଚାଲ। ମୁଁ ଆଣେ।

ସେ ଫ୍ରିଜ ପାଖକୁ ଗଲା ଆଉ ଦୁଇଟା ପ୍ଲାଷ୍ଟିକ କପ୍‌ରେ ଆଇସକ୍ରିମ ଆଣି ଆସିଲା।

ସେ ହାତ ବଢ଼ାଇ ନେବାବେଳେ ଭାବୁଥିଲା ପିଲାଦିନୁ ଯେମିତି ସେ ତା' ସାଂଗରେ ସାଂଗପରି ଚଳି ଆସିଛି, ଆଜି ବି କିଛି ବଦଳିନି। "ଆହାଃ... ମଝିରେ ତୁ ପ୍ରହ୍ଲାଦଟା କେଉଁଠୁ ଜନ୍ମ ହୋଇଛୁ, ତୋତେ ଡେଇଁପଡ଼ି ମୁଁ ଆଗକୁ ଯାଇ ପାରିନି।"

*ରାଜାବଗିଚା, କଟକ-୭୫୩୦୦୯*

*ଦୂରଭାଷ: ୯୪୩୭୬୭୨୫୮୫*

# ଶେଷ ସୋପାନର ସାଥି

## ଉଷା ଶତପଥୀ

ଅପ୍ରତ୍ୟାଶିତ ଭାବରେ ଗୋଟିଏ ବିବାହ ଭୋଜିରେ ମୋର ସଂପୂର୍ଣ୍ଣା ସହ ଭେଟ ହୋଇଗଲା । ତାର ପରିବର୍ତ୍ତିତ ପରିପାଟୀ ଦେଖି ମୁଁ ଯେତିକି ଆଶ୍ଚର୍ଯ୍ୟ ହେଲି ତା'ଠାରୁ ଅଧିକ ଖୁସି ହୋଇଗଲି । କାରଣ ତାର ମୁଖମଣ୍ଡଳରେ ପୂର୍ବଦିନର ଉଦାସୀ ବଦଳରେ ଖୁସିର ଝଲକ ଥିଲା ଓ ଶୂନ୍ୟ କପାଳରେ ଲାଲ ବିନ୍ଦିଟିଏ ସକାଳର ସୂର୍ଯ୍ୟପରି ଚକ୍‌ଚକ୍ କରୁଥିଲା ଏବଂ ତାର ବଡ଼ ବଡ଼ ଆଖି ଦିଓଟିରେ ଲୁହ ବଦଳରେ ବିଶ୍ୱାସ ଓ ପୂର୍ଣ୍ଣତାର ଆଲୋକ ଝଲମଲ୍ କରୁଥିଲା । ମୁଁ ଅବାକ୍ ହୋଇ ତା' ଆଡ଼େ ଚାହିଁ ରହିଥିଲା ବେଳେ ତାର ନଜର ମୋ ଉପରେ ପଡ଼ିଗଲା । ସେ ତତ୍‌କ୍ଷଣାତ୍ ମୋ ଆଡ଼କୁ ଦଉଡ଼ି ଆସି ମତେ କୁଣ୍ଢେଇ ଧରି କହିଲା, "ମାଉସୀ ଆସ । ମୁଁ ତମକୁ ଜଣଙ୍କ ସଙ୍ଗେ ପରିଚୟ କରେଇ ଦେବି ।" ଏକଥା କହିବା ସଙ୍ଗେ ସଙ୍ଗେ ସେ ମତେ ଭିଡ଼ି ଭିଡ଼ି ନେଇଗଲା ଓ ଜଣେ ଭଦ୍ରବ୍ୟକ୍ତିଙ୍କ ସମ୍ମୁଖରେ ମତେ ଠିଆ କରି କହିଲା, "ଇଯେ ହେଉଛନ୍ତି ଚନ୍ଦ୍ରଭାନୁ ଚୌଧୁରୀ । ମୋର ଅବଶିଷ୍ଟ ଦିନର ଜୀବନ ସାଥୀ । ମୁଁ ଦୁଇମାସ ତଳେ ତାଙ୍କୁ ବିବାହ କରିଛି । ସେ ସ୍ମିତ ହସି ଦୁଇହାତ ଜୋଡ଼ି ମତେ ନମସ୍କାର କଲେ । ମୁଁ ମଧ୍ୟ ତାଙ୍କୁ ପ୍ରତି ନମସ୍କାର ଜଣାଇଲି । ଭଦ୍ରବ୍ୟକ୍ତିଙ୍କର ଚେହେରା ବେଶ୍ ଆକର୍ଷଣୀୟ । ଉଚ୍ଚତା ପ୍ରାୟ ପାଞ୍ଚଫୁଟ ଦଶ ଏଗାର ଇଞ୍ଚ ହେବ । ଗୌରବର୍ଣ୍ଣ, ଉତ୍ତମ ସ୍ୱାସ୍ଥ୍ୟ । ମୁଣ୍ଡର କେଶ ଅଧାରୁ ବେଶୀ ଶୁଭ୍ରବର୍ଣ୍ଣ ଧାରଣ କରିସାରିଛି । ଷାଠିଏ, ପଞ୍ଚଷଠି ବୟସରୁ ଊର୍ଦ୍ଧ୍ୱ ବୟସ ହୋଇଥିବାର ମୁଁ ଅନୁମାନ କଲି । ତଥାପି ମୁଁ ସଂପୂର୍ଣ୍ଣାର ଭବିଷ୍ୟତର ସୁରକ୍ଷା ଓ ତା'ର ନିଃସଙ୍ଗତା ଦୂର ହେବା କଥା ଭାବି ହୃଦୟରେ ବେଶ୍ ଶାନ୍ତି ଅନୁଭବ କଲି । ସେମାନଙ୍କ ସହ କିଛି କ୍ଷଣ ଆଳାପ କଲାପରେ ସେମାନେ ମୋ ପାଖରୁ ବିଦାୟ ନେଇ ହାତ ଧରାଧରି ହୋଇ ଚାଲିଗଲେ । ସେମାନଙ୍କର ଅପସୃୟମାନ ଚେହେରାକୁ ମୁଁ ନିରୀକ୍ଷଣ କରୁଥିଲି ।

ସଂପୂର୍ଣ୍ଣା ମୋର ଜଣେ ଦୂର ସଂର୍ପକୀୟ ଭଉଣୀର ଝିଅ । ସେଇ ହିସାବରେ ସେ ମୋର ଭାଣିଜି । ଆମ ଦୁଇଜଣଙ୍କ ଘର ପାଖାପାଖି ଥିଲା । ସେତେବେଳେ ମୁଁ ନୂଆ କରି ଅଧ୍ୟାପିକା ଭାବରେ ରମାଦେବୀ ମହିଳା କଲେଜରେ ଯୋଗ ଦେଇଥାଏ । ମୋ ପାଖରେ ମୋ ଶାଶୁ- ଶ୍ୱଶୁର ରହୁଥାନ୍ତି । ମୋର ଛଅମାସର ଛୋଟ ପୁଅକୁ ମୁଁ ତାଙ୍କ ପାଖେ ଛାଡ଼ି କଲେଜ ଯାଏ । ମୋ ସ୍ୱାମୀ ପୁରୀ ଏସ.ସି.ଏସ୍ କଲେଜରେ ଅଧ୍ୟାପକ ଥିବାରୁ ପ୍ରତ୍ୟେକ ଦିନ ସକାଳୁ ସକାଳୁ ବାହାରିଥାନ୍ତି ଓ ରାତିକୁ ଘରକୁ ଫେରନ୍ତି । ତେଣୁ ପ୍ରତିଦିନ ସକାଳୁ ସବୁକାମ ସମୟ ଅନୁସାରେ କରିବାରେ ମୋର ବହୁତ ଅସୁବିଧା ହୁଏ ।

ସଂପୂର୍ଣ୍ଣାର ବାପା ମାନସ ବାବୁ ସେକ୍ରେଟାରୀଏଟ୍‌ରେ ଚାକିରୀ କରନ୍ତି । ତାର ମାଁ' ମମତା ଗୃହିଣୀ । ତାର ଆଉ ଦୁଇଟି ଭଉଣୀ । ବଡ଼ ଭଉଣୀ ଅପର୍ଣ୍ଣା ଓ ସାନ ଉଉଣୀ ଅର୍ଚ୍ଚନା । ବଡ଼ ଭଉଣୀର ବିବାହ ହୋଇସାରିଥାଏ । ସେ ତାର ଇଂଜିନିୟର ପତି ସହ ମୁମ୍ବାଇରେ ରହେ । ସଂପୂର୍ଣ୍ଣା ରମାଦେବୀ କଲେଜରେ ବି.ଏ ପଢୁଥାଏ । ତେଣୁ ସେ ପ୍ରାୟ ମୋ ସହ କଲେଜ ଯାଏ । କଲେଜ ଯିବାର ବହୁତ ସମୟ ପୂର୍ବରୁ ସେ ଆମ ଘରକୁ ଚାଲିଆସେ ଓ ଛୋଟ ବଡ଼ ଅନେକ କାର୍ଯ୍ୟରେ ମତେ ସାହାଯ୍ୟ କରେ । ସନ୍ଧ୍ୟାବେଳେ ମଧ୍ୟ ସେ ଆସି ମୋ ଛୋଟ ପୁଅକୁ ବୁଲେଇ ନେଇଯାଏ । ଏଇ ପରିପ୍ରେକ୍ଷୀରେ ତାଙ୍କ ଘର ସଙ୍ଗେ ଆମର ଗୋଟିଏ ମଧୁର ସଂପର୍କ ଗଢ଼ି ଉଠିଥାଏ । ବିଶେଷ କରି ସଂପୂର୍ଣ୍ଣା ସଙ୍ଗେ ମୋର । କାରଣ ସେ କଲେଜରେ ଘଟୁଥିବା ଛୋଟ ମୋଟ କଥା ସବୁ ମତେ କହେ । ମୋଠାରୁ ପାଠ ବୁଝେ ଓ ପ୍ରତି ବଦଳରେ ମୋର ଅନେକ କାମ କରିଦିଏ ।

ସଂପୂର୍ଣ୍ଣା ଦେଖିବାକୁ ଯେମିତି ସୁନ୍ଦର, ସେ ସେମିତି ମେଳାପୀ । ସବୁ ଜିନିଷ ଶିଖିବାରେ ତା'ର ବହୁତ ଆଗ୍ରହ । ତେଣୁ ରୋଷେଇ ହେଉ ବା ସିଲେଇ ହେଉ ସେ ଖୁବ୍ ଶୀଘ୍ର ଟିଭିରୁ ବା ସାଙ୍ଗମାନଙ୍କଠାରୁ ଶିଖିଯାଏ । ନୂଆ ନୂଆ ରେସିପି ସବୁ ମୋ ପାଇଁ କରି ଆଣେ । ମୋ ପାଇଁ ରୁମାଲ୍‌ରେ ଫୁଲ ପକେଇ ଦିଏ । ମୋ ପୁଅ ପାଇଁ ଡ୍ରେସ ତିଆରି କରିଦିଏ । ତେଣୁ ଧିରେ ଧିରେ ତା' ମୋ ଭିତରେ ଗୋଟେ ଅନ୍ତରଙ୍ଗ ସଂପର୍କ ଗଢ଼ି ଉଠିଥିଲା । ଯେହେତୁ ତାଙ୍କର ଅବସ୍ଥା ଏତେ ସ୍ୱଚ୍ଛଳ ନଥିଲା । ତା'ର ବାପା ବି.ଏ ପାଶ୍ କଲା ପରେ ତା'ର ବିବାହ କରିଦେବେ ବୋଲି ସ୍ଥିର କରିଥିଲେ । ସେ ଦେଖିବାକୁ ବେଶ୍ ସୁନ୍ଦରୀ ଥିବାରୁ ବିବାହ ପ୍ରସ୍ତାବ ମଧ୍ୟ ଆସୁଥିଲା । ଏପରି ସମୟରେ ଦିନେ ହଠାତ୍ ସଂପୂର୍ଣ୍ଣାର ପେଟରେ ଅସହ୍ୟ ଯନ୍ତ୍ରଣା ହେଲା । ତା' ସହ ପ୍ରଚୁର ରକ୍ତସ୍ରାବ ମଧ୍ୟ ହେଲା । ଦୁଇ ଚାରିଦିନ ସେମାନେ ଘରୋଇ ଚିକିତ୍ସା କଲେ । ସେଥିରେ କିଛି ଉପଶମ ହେଲା ନାହିଁ । ଏଣେ ଚାରି ପାଞ୍ଚ ଦିନ ସଂପୂର୍ଣ୍ଣା ଆମ ଘରକୁ ନ ଆସିବାରୁ ମୁଁ ତାଙ୍କ ଘରକୁ ଗଲି ଓ ସଂପୂର୍ଣ୍ଣାର ଅସୁସ୍ଥତା ବିଷୟରେ ଜାଣିବାକୁ ପାଇଲି । ମୋର ଜଣେ ବାନ୍ଧବୀ ସ୍ତ୍ରୀ ରୋଗ ବିଶେଷଜ୍ଞ ଥିବାରୁ ସଂପୂର୍ଣ୍ଣାକୁ ତାଙ୍କୁ ଦେଖାଇବାକୁ ମୁଁ ପରାମର୍ଶ ଦେଲି । ସବୁ ପରୀକ୍ଷା ନିରୀକ୍ଷା ପରେ ପରେ ଇଉଟ୍ରେସରେ ଟ୍ୟୁମର ହୋଇଥିବା କଥା ଜଣା ପଡ଼ିଲା । ତା ପରେ ଅପରେସନ୍ କରି ତା'ର ଟ୍ୟୁମରଟି ବାହାର କରି ଦିଆଗଲା । କିଛି ଦିନ ପରେ ସେ ସୁସ୍ଥ ହୋଇ ପୁଣି କଲେଜ ଗଲା ।

ବି.ଏ ପରୀକ୍ଷା ଶେଷ ହୋଇଗଲା ପରେ ମାନସ ବାବୁ ତା'ର ବାହାଘରର ଯୋଗାଡ଼ରେ ରହିଲେ । କିନ୍ତୁ ସଂପୂର୍ଣ୍ଣାର ଆଗକୁ ପଢ଼ିବାକୁ ଇଚ୍ଛାଥିଲା । ତେଣୁ ସେ ମୋର ସାହାଯ୍ୟ ଲୋଡ଼ିଲା । ମୁଁ ମାନସବାବୁ ଓ ମମତାଙ୍କୁ ବୁଝେଇ ଶୁଝେଇ ଏମ୍.ଏ ରେ ତା'ର ନାଁ ଲେଖେଇ ଦେଲି । ଯଥାରୀତି ଦିନ ଗଡ଼ିବାକୁ ଲାଗିଲା । ସଂପୂର୍ଣ୍ଣାର ବାହାଘର ପାଇଁ ପ୍ରସ୍ତାବ ବି ଆସୁଥାଏ । ବାହାଘର ପାଇଁ ପ୍ରସ୍ତୁତି ବି ଚାଲିଥାଏ । ଏମିତି ସମୟରେ ପୁଣି ଦିନେ ଦୁଃଖର ବାଦଲ ଘୋଟି ଆସିଲା । ସଂପୂର୍ଣ୍ଣାର ପେଟରେ ପୁଣି ଅସହ୍ୟ ଯନ୍ତ୍ରଣା ଆରମ୍ଭ ହେଲା । ପୁଣି ପରୀକ୍ଷା ନିରୀକ୍ଷା ସବୁ ଚାଲିଲା କିନ୍ତୁ ଏଥର ଯେଉଁ ରୋଗ ନିରୂପଣ ହେଲା ତାହା ଶୁଣି ସମସ୍ତେ ଦୁଃଖରେ ଭାଙ୍ଗି ପଡ଼ିଲେ । ଏଥର ଅପରେସନ୍ କରି ତା'ର ଇଉଟ୍ରେସ ରିମୁଭ କରିଦେବାକୁ ପଡ଼ିଲା । କିଛି ଦିନ ପରେ ସଂପୂର୍ଣ୍ଣା

ସୁସ୍ଥ ହେଲା ସତ କିନ୍ତୁ ତା'ର ବିବାହର ସ୍ୱପ୍ନ ସମସ୍ତଙ୍କ ଆଖିରୁ ଦୂର ହୋଇଗଲା ।

ସଂପୂର୍ଣ୍ଣାର ଅସୁସ୍ଥତା ପୂର୍ବରୁ ତା'ର ଗୋଟିଏ ଯାଗାରେ ବାହାଘର ପ୍ରାୟ ସ୍ଥିର ହୋଇଯାଇଥିଲା । କିନ୍ତୁ ଯେତେବେଳେ ସେମାନେ ଜାଣିଲେ ସଂପୂର୍ଣ୍ଣା ଭବିଷ୍ୟତରେ କେବେ ମାତୃତ୍ୱ ଲାଭ କରିପାରିବନି ସେତେବେଳେ ସେମାନେ ବାହାଘର ଭାଙ୍ଗିଦେଲେ । ଶରୀରର ଦୁର୍ବଳତା ସହ ବିବାହ ଭାଙ୍ଗି ଯିବାର ଦୁଃଖରେ ସଂପୂର୍ଣ୍ଣା ପୁରାପୁରି ଭାଙ୍ଗିପଡ଼ିଲା । ଏ ଭିତରେ ତା'ର କଲେଜ ଯିବା ମଧ୍ୟ ବନ୍ଦ ହୋଇଯାଇଥିଲା । ମାନସ ବାବୁ ଓ ମମତା ମଧ୍ୟ ତା'ର ବାହାଘର ବିଷୟ ଚିନ୍ତା ନକରି ଏବେ ଅର୍ଚ୍ଚନାର ବାହାଘରର ପ୍ରସ୍ତୁତିରେ ଲାଗି ପଡ଼ିଲେ । ସଂପୂର୍ଣ୍ଣା ଭଳି ଚଳଚଞ୍ଚଳ ଝିଅଟିଏ ହଠାତ୍ ସ୍ଥିର ହୋଇଗଲା । ତା'ର ଆଉ କୌଣସି କାମରେ ଆଗ୍ରହ ରହିଲାନି । ଆଗପରି ସେ ଆଉ ଆମ ଘରକୁ ମଧ୍ୟ ଆସିଲାନି ।

ଏପରି ସମୟରେ ଅର୍ଚ୍ଚନାର ବିବାହ ସ୍ଥିର ହୋଇଗଲା । ସେ ବିବାହର ଅଳ୍ପଦିନ ପରେ ତା'ର ପତି ଅନିରୁଦ୍ଧ ସଙ୍ଗେ ଆମେରିକା ଚାଲିଗଲା । ସମୟ ତା' ବାଟରେ ଆଗେଇ ଚାଲିଲା । ଅପର୍ଣ୍ଣା ବମ୍ବେରେ ଫ୍ଲାଟ କିଣି ସେଠାରେ ରହିଗଲା ଓ ଅର୍ଚ୍ଚନା ମଧ୍ୟ ଆମେରିକାରେ ସ୍ଥାୟୀ ବାସିନ୍ଦା ହୋଇଗଲା । କିନ୍ତୁ ସଂପୂର୍ଣ୍ଣା ପାଇଁ ସମୟ ଯେମିତି ସ୍ଥିର ହୋଇଯାଇଥିଲା । ନିଃସଙ୍ଗତା ଓ କର୍ମହୀନ ଜୀବନ ତା' ଉପରେ ବୋଝ ହୋଇ ତାକୁ ମାଡ଼ି ବସୁଥିଲା । ଏପରି ସମୟରେ ମୁଁ ତାକୁ ବି.ଏଡ୍ କରିବାକୁ ପରାମର୍ଶ ଦେଲି । ମୋ ଚେଷ୍ଟାରେ ସେ ବିଏଡ୍‌ରେ ସ୍ଥାନ ପାଇଗଲା । ବିଏଡ୍ କଲାପରେ ତାକୁ ଗୋଟିଏ ସରକାରୀ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଚାକିରି ମିଳିଗଲା । ଏବେ ତା'ର ସମୟ ସୁରୁଖୁରୁରେ କଟିବାକୁ ଲାଗିଲା । ତା'ର ଏ ପରିବର୍ତ୍ତନରେ ମୁଁ ବହୁତ ଖୁସିହେଲି ।

ଏ ଭିତରେ ମୋର ଶୈଳବାଳା ମହିଳା କଲେଜକୁ ଓ ମୋର ସ୍ୱାମୀଙ୍କ ରେଭେନ୍ସା କଲେଜକୁ ଟ୍ରାନ୍ସଫର ହୋଇଗଲା । ମୋ ଶାଶୁ-ଶ୍ୱଶୁରଙ୍କର ଦେହାନ୍ତ ହୋଇଯାଇଥିଲା । ମୋ ପୁଅ ବଡ଼ ହୋଇ ସ୍କୁଲରେ ପଢୁଥିଲା । ମୁଁ କଟକ ଆସିବାର କିଛି ଦିନ ପର୍ଯ୍ୟନ୍ତ ସଂପୂର୍ଣ୍ଣା ସହ ମୋର ଚିଠିପତ୍ର ଆଦାନ ପ୍ରଦାନ ଚାଲିଥିଲା । କିନ୍ତୁ ସମୟ କ୍ରମେ ତାହା ବନ୍ଦ ହୋଇଗଲା । ସଂପୂର୍ଣ୍ଣାର ସ୍ମୃତି ଧିରେ ଧିରେ ମୋ ମନରୁ ଉଭେଇଗଲା ।

ଦିନ ପରେ ଦିନ ବିତିଯାଉଥିଲା । ନିଜର କଲେଜ, ପୁଅର ପାଠପଢ଼ା, ଘରର ଦାୟିତ୍ୱ ଭିତରେ ମୁଁ ପୁରାପୁରି ବୁଡ଼ି ରହିଥିଲି । ଏପରି ସମୟରେ ଦିନେ ହଠାତ୍ ଏକ ନିମନ୍ତ୍ରଣ ପତ୍ରପାଇଲି । ତା' ଭିତରେ ଥିଲା ସଂପୂର୍ଣ୍ଣାର ହାତଲେଖା ଗୋଟେ ଚିଠି । ମୁଁ ଆଶ୍ଚର୍ଯ୍ୟ ହୋଇ ଚିଠିଟିକୁ ପଢ଼ିବାରେ ଲାଗିଲି । ସଂପୂର୍ଣ୍ଣା ଲେଖିଥିଲା, "ମାଉସୀ ! ବାପା ଏବେ ଶଯ୍ୟାଶାୟୀ । ଲିଭର ସିରୋସିସ୍‌ର ଟର୍ମିନାଲ ଷ୍ଟେଜ । ଡକ୍ଟର ଛଅମାସ ସମୟ ଦେଇଚନ୍ତି । ତେଣୁ ସେ ମା' ଓ ମୋର ଦାୟିତ୍ୱ ଜଣେ ଦେବତୁଲ୍ୟ ବଦାନ୍ୟ ବ୍ୟକ୍ତିଙ୍କ ହାତରେ ଦେଇଯିବାକୁ ସ୍ଥିର କରିଛନ୍ତି । ଆପଣ ନିଶ୍ଚୟ ଭାବୁଥିବେ ସେ ବଦାନ୍ୟ ବ୍ୟକ୍ତି କିଏ ? ସେ ମୋ ବିଷୟରେ ସବୁ କିଛି ଜାଣିଛନ୍ତି କି ନାହିଁ ? ସବୁ ଜାଣି ସେ କେମିତି ମତେ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ? ଅର୍ଥ ଲୋଭରେ ନୁହେଁ ତ ? ମୁଁ ଠକି ଯିବିନି ତ ? ମୋ ଚିଠିରୁ ଆପଣ ନିଶ୍ଚୟ ସବୁ ପ୍ରଶ୍ନର ଉତ୍ତର ପାଇଯିବେ ବୋଲି ମୋର ବିଶ୍ୱାସ ।

ଦେବାଂଶୁ ଜଣେ ଅନାଥ ଯୁବକ । ଏ ସଂସାରରେ ତାଙ୍କର ନିଜର ବୋଲି କେହି ନାହିଁ । ଏକ ଦୁର୍ଘଟଣାରୁ ହିଁ ବାପାଙ୍କ ସାଙ୍ଗେ ତାଙ୍କର ପରିଚୟ । ପରେ ପରେ ଘନିଷ୍ଟତା । ବାପାଙ୍କର ଚିକିତ୍ସା ସମୟରେ ତାଙ୍କର ନିଃସ୍ୱାର୍ଥପର ସେବା ହିଁ ତାଙ୍କୁ ବାପାଙ୍କର ନିକଟତର କରିଥିଲା । ତା'ପରେ ସେ ତାଙ୍କର ଅତୀତ ଓ ବର୍ତ୍ତମାନ ବିଷୟରେ ସବୁକଥା ବାପାଙ୍କୁ କହିଥିଲେ । ଧିରେ ଧିରେ ଆମ ଘର ସଙ୍ଗେ ତାଙ୍କର ସମ୍ପର୍କ ଦୃଢ଼ ହେବାକୁ ଲାଗିଲା । ଆମ ଘରକୁ ଯିବା ଆସିବା ଭିତରେ ଦିନେ ସେ ମୋ ବିଷୟରେ ମୋ ମା'ଙ୍କୁ ପଚାରିଲେ । ମୋ ମା'ଙ୍କ ପାଖରୁ ମୋର ଅବିବାହିତ ରହିବାର କାରଣ ଜାଣିବା ପରେ ମୋତେ ବିବାହ କରିବାକୁ ପ୍ରସ୍ତାବ ଦେଲେ । ହେଲେ ମୋ ମା-ବାପା ଦୁହେଁ ତାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଲେ । କହିଲେ ତା'ର ଗର୍ଭ ଧାରଣ କରିବା କ୍ଷମତା ନାହିଁ । ତୁମେ ତାହେଲେ ବାହା ହେବ କାହିଁକି ? ଏ ପ୍ରଶ୍ନ ଶୁଣି ସେ କ'ଣ କହିଲେ ଜାଣନ୍ତି ମାଇଁ- ସେ କହିଲେ ମୋ' ମା'ତ ମତେ ଗର୍ଭରେ ଧାରଣ କରିଥିଲେ । ତେବେ କାହିଁକି ମତେ ଉପହାସିତ ହେବା ପାଇଁ ଏ ନିର୍ଦ୍ଦୟ ଦୁନିଆଁରେ ଛାଡ଼ିଗଲେ । ମୋର ସନ୍ତାନ ନ ହେଲେ ବରଂ ମୁଁ ଏ ଦୁନିଆରେ ଥିବା ମୋ' ପରି ଅନେକ ସନ୍ତାନଙ୍କୁ ନିଜର ସନ୍ତାନର ସ୍ନେହ ଦେଇପାରିବି । ଏ କଥା ଶୁଣି ତାଙ୍କ ପ୍ରତି ମୋ ମନରେ ଶ୍ରଦ୍ଧା ଓ ସମ୍ମାନ ବଢ଼ିଗଲା ଓ ସମସ୍ତ ସନ୍ଦେହ ଓ ଅବିଶ୍ୱାସ ଦୂର ହୋଇଗଲା । ମୁଁ ଏ ବିବାହରେ ମୋର ସମ୍ମତି ଦେଇଦେଲି ।"

ଚିଠିଟି ପଢ଼ିସାରି ମୁଁ ବିସ୍ମିତ ହେଲି । ସଂପୂର୍ଣ୍ଣାର ବିବାହ ଉତ୍ସବରେ ଯୋଗ ଦେଇ ତାକୁ ଆଶୀର୍ବାଦ ଦେଇ ଆସିଲି । ସଂପୂର୍ଣ୍ଣାର ସୁଖୀ ଜୀବନ କଥା ଚିନ୍ତା କରି ମୁଁ ନିଶ୍ଚିନ୍ତ ହୋଇଗଲି । ଅଳ୍ପଦିନ ପରେ ମାନସବାବୁଙ୍କର ଦେହାନ୍ତ ହୋଇଗଲା । ତାଙ୍କର ଫ୍ଲାଟରେ ଦେବାଂଶୁଙ୍କ ସହ ସଂପୂର୍ଣ୍ଣା ଓ ମମତା ରହୁଥିବାର ଖବର ମୁଁ ପାଇଥିଲି ।

ସମୟର ପ୍ରବାହରେ କିଏ କେଉଁଆଡ଼େ ଭାସି ଯାଉଥିଲେ । ତା'ର ଖବର କେହି ରଖୁନଥିଲେ । ଏ ଭିତରେ ଆହୁରି ଦଶବର୍ଷ ବିତି ଯାଇଥିଲା । ମଝିରେ ମଝିରେ ସଂପୂର୍ଣ୍ଣାର ସୁଖୀ ପରିବାର ବିଷୟରେ କିଛି କିଛି ଖବର ମୋର ଜଣେ ଶିକ୍ଷୟିତ୍ରୀ ବନ୍ଧୁଙ୍କ ପାଖରୁ ପାଉଥିଲି । ଏମିତି ସମୟ କଟିଯାଉଥିବା ବେଳେ ଦିନେ ସଂପୂର୍ଣ୍ଣା ବିଷୟରେ ଗୋଟିଏ ଦାରୁଣ ଦୁଃସମ୍ବାଦ ପାଇଲି । ଯାହାକୁ ବିଶ୍ୱାସ କରିବାକୁ ମତେ ବହୁତ ସମୟ ଲାଗିଗଲା । ବିଧାତା ଯେ କାହିଁକି ସଂପୂର୍ଣ୍ଣାର ସୁଖକୁ ସହି ପାରୁନି ତା ମୁଁ ବୁଝିପାରୁନଥିଲି । ଯେଉଁ ଡାଳକୁ ସେ ଆଶ୍ରା କରୁଥିଲା ସେ ଡାଳଟା ଅଚାନକ ଭାଙ୍ଗି ପଡୁଥିଲା କାହିଁକି ? ଈଶ୍ୱରଙ୍କ ଉପରୁ ଆସ୍ଥା ତୁଟି ଯାଉଥିଲା ମୋର । ସଂପୂର୍ଣ୍ଣା ତ ତା' ନିଃସଙ୍ଗ ଜୀବନକୁ ଆଦରି ନେଇଥିଲା । କାହିଁକି ବିଧାତା ତା' ହାତକୁ ଦେବାଂଶୁ ପରି ଜଣେ ନିଷ୍ଠାବାନ, ସତ୍‌ଚରିତ୍ର ଲୋକ ସଙ୍ଗେ ଛନ୍ଦିଦେଲେ ? କେମିତି ଏତେ ବଡ଼ ଆଘାତକୁ ସହିବ ଝିଅଟା ? ଆଖିର ଲୁହକୁ ମୁଁ ଅଟକାଇ ପାରୁନଥିଲି ।

ସମୟ କିନ୍ତୁ ଅଟକି ଗଲାନି । ସଂପୂର୍ଣ୍ଣାର ଜୀବନ ବି ଅଟକି ଗଲାନି । ଦୁନିଆଁ ଯେମିତି ଚାଲିଥିଲା ସେମିତି ଚାଲିଲା କେବଳ ନଥିଲା ଦେବାଂଶୁ । ଦେବାଂଶୁର ଦୁର୍ଘଟଣାରେ ମୃତ୍ୟୁ ପରେ ପୁଣି ନିଃସଙ୍ଗ ହୋଇଗଲା ସଂପୂର୍ଣ୍ଣା । ଜୀବନର ଯେଉଁ ପଥକୁ ସେମାନେ ସାଥି ହୋଇ ଅତିକ୍ରମ କରିବେ ବୋଲି ଭାବିଥିଲେ ସେଇ ପଥରେ ଏକା ଏକା ଚାଲିଲା ସଂପୂର୍ଣ୍ଣା । ନିଜର ଦୁର୍ଭାଗ୍ୟ ପାଇଁ କାହାକୁ ବା ଦାୟୀ କରିବ ସେ ?

କାହାକୁ ବି ଦାୟୀ କରିନଥିଲା ସଂପୂର୍ଣ୍ଣା । ସମସ୍ତ ଦୁଃଖକୁ ହୃଦୟ ଭିତରେ ଚାପି ଦେଇ ଦେବାଂଶୁର ସ୍ମୃତିକୁ ପାଥେୟ କରି ଆଗେଇ ଚାଲିଲା ସେ । ଦେବାଂଶୁ ବିନା ବାଟ ଚାଲିବାରେ ଅଭ୍ୟସ୍ତ ହବା ପାଇଁ ତାକୁ ବେଶ୍ କିଛି ଦିନ ଲାଗି ଯାଇଥିଲା । କିନ୍ତୁ ସମୟ କ୍ରମେ ଅଭ୍ୟାସ ହୋଇଗଲା । ଏମିତି ଏମିତି କଟିଗଲା ଆହୁରି କୋଡ଼ିଏ ବର୍ଷ । ଅବସର ପାଇଁ ଆଉ ଦୁଇବର୍ଷ ବାକୀ ।

ବଡ଼ ଭଉଣୀ ଅପର୍ଣ୍ଣା ବମ୍ବେରୁ ଫେରି ଆସିଲା ଓଡ଼ିଶା । ତା'ର ସ୍ୱାମୀ ଅଭିଜିତ ଅବସର ପରେ ଭୁବନେଶ୍ୱରରେ ଫ୍ଲାଟଟିଏ କିଣି ଚାଲିଆସିଲେ । କାରଣ ତାଙ୍କର ଦୁଇପୁଅ ବିଦେଶରେ ରହିଗଲେ ସବୁଦିନ ପାଇଁ । ଅପର୍ଣ୍ଣାର ମା-ବାପା ତ ନଥିଲେ, ନିଜର ହୋଇ ଥିଲା କେବଳ ସାନଭଉଣୀ ସଂପୂର୍ଣ୍ଣା ।

ଅଭିଜିତଙ୍କର ଭାଇ-ଭଉଣୀ ସମସ୍ତେ ଭୁବନେଶ୍ୱରରେ। ବହୁତ ଦିନ ପରେ ଗୋଟିଏ ସହରରେ ରହୁ ଥିବାରୁ ପୂଜାପର୍ବ, ଭଲ ଦିନରେ ସମସ୍ତେ ଏକାଠି ହୁଅନ୍ତି। ଆନନ୍ଦ କୋଳାହଳ ଭିତରେ ଅପର୍ଣ୍ଣାର ଦିନ କଟିଯାଏ। ଯେତେବେଳେ ସେ ସଂପୂର୍ଣ୍ଣାର ଶୂନ୍ୟତା ଭରା, ନିଃସଙ୍ଗ ଜୀବନକୁ ଦେଖେ ତା'ର ଛାତି ବିଦୀର୍ଣ୍ଣ ହୋଇଯାଏ, କିନ୍ତୁ ସେ ନିରୁପାୟ। ଏ ଉତ୍ତୀର୍ଣ୍ଣ ବୟସରେ ସଂପୂର୍ଣ୍ଣା ପାଇଁ ସାଥିଟିଏ ପାଇବ ବା କୋଉଠୁ ? କିନ୍ତୁ କଥାରେ ଅଛି ଇଚ୍ଛାଥିଲେ ସୁଯୋଗ ହାତ ପାଖରେ ଆପେ ଆପେ ପହଞ୍ଚି ଗଲା। ତାହାରି ଫଳସ୍ୱରୂପ ଆଜି ସଂପୂର୍ଣ୍ଣାର ଶୂନ୍ୟ କପାଳରେ ଲାଲ ବିନ୍ଦି ଶୋଭାପାଉଛି ଆଉ ତା'ର ଶୂନ୍ୟ ଜୀବନ ପରିପୂର୍ଣ୍ଣ ହୋଇଯାଇଛି।

ସଂପୂର୍ଣ୍ଣା ଓ ଚନ୍ଦ୍ରଭାନୁଙ୍କର ମୋ ପାଖରୁ ବିଦାୟ ନବାର ଅନେକ ସମୟ ମୁଁ ତାଙ୍କ ଚଲାପଥକୁ ଚାହିଁ ରହିଥିଲି। ହଠାତ୍ ମୋର ବାନ୍ଧବୀ ବୈଜୟନ୍ତୀ ଯାହାର ନାତିର ବତ୍ରୋପନୟନ ଉତ୍ସବରେ ମୁଁ ଯୋଗ ଦେବାକୁ ଯାଇଥିଲି ତା'ର ଡାକରେ ମୋର ଧ୍ୟାନ ଭଙ୍ଗ ହେଲା। ସେ ମୋର ଆଶ୍ଚର୍ଯ୍ୟ ଚକିତ ମୁହଁରୁ ମୋର ଭାବ ପଢ଼ିପାରି କହିଲା, "ତୁ ନିଶ୍ଚୟ ସଂପୂର୍ଣ୍ଣା କଥା ହିଁ ଭାବୁଛୁ। ଚନ୍ଦ୍ରଭାନୁ ମୋ ସ୍ୱାମୀଙ୍କର ପିଲାଦିନର ବନ୍ଧୁ। ସେ କାନାଡ଼ାରେ ଇଂଜିନିୟର ଥିଲେ। ବିବାହ ପରେ ନିଜର ସ୍ତ୍ରୀ ସହ ସ୍ଥାୟୀ ବାସିନ୍ଦା ହୋଇ ସେଇଠି ରହିଗଲେ। ଅନେକ ବର୍ଷ ବିତିଗଲା। ତାଙ୍କର ପୁଅ ଝିଅ ମଧ୍ୟ ବିଦେଶରେ ବିବାହ କଲେ। ତେଣୁ ଭାରତ ଫେରି ଆସିବା କଥା ସେ ମନରୁ ପୋଛିଦେଲେ। କିନ୍ତୁ ମଣିଷ ଯାହା ଚାହେଁ ତା' କ'ଣ ସବୁ ସମୟରେ ହୁଏ। ବେଳେବେଳେ ଏମିତି ଘଟଣା ଘଟେ ଯାହା କେବେ ସେ କଳ୍ପନା କରିନଥାଏ। ବିଦେଶର ପ୍ରାଚୁର୍ଯ୍ୟ ଭିତରେ ବୁଡ଼ି ରହିଥିବାବେଳେ ପୁଅ ଚିରାଗ ଜର୍ମାନ ଝିଅ ମାର୍ଗାରେଟ୍‌କୁ ବାହା ହୋଇ ଜର୍ମାନି ଚାଲିଗଲା। ଭାଇର ପଛେ ପଛେ ଝିଅ ଚାନ୍ଦିନୀ ଋଷିଆର ପୁଅ ଆଲେକ୍ସକୁ ବାହା ହୋଇ ଋଷିଆ ଚାଲିଗଲା। ସେମାନଙ୍କର ଚାଲିଯିବାର କିଛିଦିନ ପରେ ତାଙ୍କ ସ୍ତ୍ରୀଙ୍କର ବିୟୋଗ ତାଙ୍କ ମନୋବଳକୁ ଭାଙ୍ଗି ଚୂର୍‌ମାର୍ କରିଦେଲା। ଅତୀତ ଏବେ ଜୀବନ୍ତ ହୋଇ ତାଙ୍କ ହୃଦୟରେ ବାରମ୍ବାର ଆଘାତ ଦେବାକୁ ଲାଗିଲା। ବାପା-ମାଙ୍କର ଶୋକାପ୍ଲୁତ ଚେହେରା ତାଙ୍କ ଆଗରେ ଆସି ଠିଆ ହେଲା। କାନାଡ଼ାରେ ଏକାକୀ ରହିବା ତାଙ୍କ ପକ୍ଷରେ ଅସମ୍ଭବ ହୋଇପଡ଼ିଲା। ସେ ଫେରି ଆସିଲେ ଓଡ଼ିଶା। କିନ୍ତୁ ଅନେକ ଡେରି ହୋଇଯାଇଥିଲା। ତାଙ୍କ ନିଜର ହୋଇ ଏଠି କେହି ନଥିଲେ। କେବଳ ଗୋଟିଏ ମାତ୍ର ବନ୍ଧୁଙ୍କର ନାଁ ସେ ମନେ ପକେଇ ପାରିଲେ। ସେ ହେଲେ ଅପର୍ଣ୍ଣାର ସ୍ୱାମୀ ଅଭିଜିତ୍। ଦୁହେଁ ପିଲାଦିନରୁ ଏକା ସଙ୍ଗେ ଇଂଜିନିୟରିଂ କରିଥିଲେ। ମୋ ବିଲଡ଼ର ସ୍ୱାମୀ ଅଭିଜିତଙ୍କର ବନ୍ଧୁ। ତାଙ୍କରି ପାଖରୁ ଅଭିଜିତ ଫ୍ଲାଟ କିଣିଥିଲେ। ତେଣୁ ଚନ୍ଦ୍ରଭାନୁଙ୍କ ପାଇଁ ବି ସେ ଆଉ ଗୋଟିଏ ଫ୍ଲାଟ କିଣି ଦେଲେ। ଚନ୍ଦ୍ରଭାନୁ ତ ଓଡ଼ିଶାରେ ନିଜ ଘରେ ନିଜେ ରହିଲେ କିନ୍ତୁ ଏକା ଏକା ଦିନରାତି କାଟିବା ତାଙ୍କ ପକ୍ଷେ ମୁସ୍କିଲ ହୋଇଗଲା। ନିଃସଙ୍ଗ ମୁହୂର୍ତ୍ତ ସବୁକୁ କଟେଇବାକୁ ତାଙ୍କର ଜଣେ ସାଥିର ଆବଶ୍ୟକତା ଥିଲା। ଦିନେ, ଦୁଇଦିନ ବା କେଇଘଣ୍ଟା ପାଇଁ ନୁହେଁ- ଅବଶିଷ୍ଟ ଜୀବନ ପାଇଁ। ଅପର୍ଣ୍ଣା ଯେମିତି ଅନେକ ଦିନ ଧରି ସଂପୂର୍ଣ୍ଣା ପାଇଁ ଏମିତି ଜଣେ ବ୍ୟକ୍ତିଙ୍କୁ ଖୋଜୁଥିଲା। ଚନ୍ଦ୍ରଭାନୁଙ୍କୁ ପାଇ ତା' ହାତରେ ସ୍ୱର୍ଗର ଚାନ୍ଦ ଖସିପଡ଼ିଲା ପରି ଅନୁଭବ ହେଲା। ସଂପୂର୍ଣ୍ଣାର ଅବଶିଷ୍ଟ ଜୀବନ ପାଇଁ ଚନ୍ଦ୍ରଭାନୁଙ୍କ ଠାରୁ ଅଧିକ ସୁଯୋଗ୍ୟ ନିର୍ଭରଯୋଗ୍ୟ ସାଥି ଆଉ କିଏ ହୋଇପାରେ ? ସେ ଓ ଚନ୍ଦ୍ରଭାନୁଙ୍କର ସହମତିରେ ତାଙ୍କ ରେଜିଷ୍ଟ୍ରି ବାହାଘର କରେଇ ଦେଲା।

ଏବେ ନୂଆ କରି ପୁଣି ଘର ବସେଇଛି ସଂପୂର୍ଣ୍ଣା। ଚାକିରିରୁ ଇଚ୍ଛାକୃତ ଅବସର ନେଇଯାଇଛି ସେ। ଏଇ ଉତ୍ତୀର୍ଣ୍ଣ ବୟସରେ ହରାଇଥିବା ସବୁ ଖୁସିକୁ ଆଞ୍ଜୁଳା ଭରି ସାଉଁଟିବାକୁ ଚେଷ୍ଟା କରୁଛି ସେ। ଆଉ ଚନ୍ଦ୍ରଭାନୁ ? ସଂପୂର୍ଣ୍ଣାକୁ ସମସ୍ତ ସୁଖ, ସାହଚର୍ଯ୍ୟ ଦେଇ ଯେମିତି ନିଜର ଅତୀତର ଭୁଲର ପ୍ରାୟଶ୍ଚିତ କରୁଛନ୍ତି। ଏବେ ନା' ଅଛି ଦେହର ଆକର୍ଷଣ ନା ଜୀବନକୁ ଉପଭୋଗ କରିବାର ନିଶା। କେବଳ ଅଛି ଶେଷ ଜୀବନରେ ଉଭୟ ଉଭୟଙ୍କୁ ସାଥି ଦେଇ ନିଃସଙ୍ଗ ମୁହୂର୍ତ୍ତଗୁଡ଼ିକୁ ସୁଖମୟ କରିବାର ପ୍ରଚେଷ୍ଟା; ଜୀବନରେ ଏଇ ଶେଷ କେତୋଟି ପାହାଚ ବିନା ବାଧାରେ ଅତିକ୍ରମ କରିବାର ପ୍ରୟାସ। ଅଦିନ ଝଡ଼ରେ ସାଥିହରା ହୋଇଥିବା ଦୁଇଟି ପକ୍ଷୀ ନୂଆ କରି ନିଡ଼ଟିଏ ରଚନା କରିବାର ଦୃଶ୍ୟ ଖୁବ୍ ମନମୁଗ୍ଧକର ଥିଲା। ବିଧାତାର ନିଷ୍ଠୁର ଆଘାତରେ କ୍ଷତବିକ୍ଷତ ଦୁଇଟି କ୍ଳାନ୍ତ ମଣିଷ ହାତ ଧରାଧରି ହୋଇ ଅବଶିଷ୍ଟ ଜୀବନକୁ ସୁରକ୍ଷିତ କରିବାର ସିଦ୍ଧାନ୍ତ ନେଇ ଆଗେଇ ଯାଉଥିଲେ।

*୨୦୫, ଯଦୁକୁଳ ଏନ୍‌କ୍ଲେଭ*
*ମହତାବ ରୋଡ୍‌ କଟକ*
*ଦୂରଭାଷ: ୬୩୭୦୮୦୯୩୦୧*



# ଅପହଞ୍ଚ ପଥିକ

## ସରୋଜ କୁମାର ସାହୁ

ଏକମାତ୍ର ଜୀବ ମଣିଷ, ଯିଏ ଭାବିଚିନ୍ତି କଥା କହିପାରେ । ଖରାପ କଥା, ଭଲ କଥା, ମିଛ କଥା, ସତ କଥା । କେତେ ସତ କେତେ ମିଛ, ଜାଣିବା ମୁସ୍କିଲ୍ । ମିଛ ସତ, ସତମିଛ ମିଶାମିଶି । ସତ ମିଛ ଭିତରେ ଆଗେଇବାକୁ ପଡ଼େ ପଥିକଟିଏ ହୋଇ ।

ସକାଳର ସୁଖପ୍ରଦ ସୁନେଲୀ କିରଣରେ ସର୍ବଂସହା ଧରିତ୍ରୀର ଚକ୍ଷୁନ୍ମୀଳନ ହୁଏ । ସୁଲୁସୁଲିଆ ବାଆରେ ଲହଡ଼ି ଭାଙ୍ଗୁଥାଏ ଧାନ କ୍ଷେତ । ମଝିରେ ଦୃଶ୍ୟମାନ ଏକ ଲମ୍ବା ରାସ୍ତା । ଯାହାର ଶେଷ ପ୍ରାନ୍ତ ବିଲୀନ ହୋଇଯାଇଥାଏ ଦିଗ୍‌ବଳୟ ସହିତ । ସେହି ରାସ୍ତାରେ ପାଦଥାପେ ପଥିକ, ଖାଲି ପାଦେ ସମୟର ଶୂନ୍ୟ ଆଞ୍ଜୁଳାରେ । ଗନ୍ତବ୍ୟ ସ୍ଥଳ, ଅଜଣା । ତଥାପି ଚାଲିଛି, ଆଗକୁ ଆଗକୁ । ଏକ, ଦୁଇ, ତିନି ଏଇମିତି ଅନେକ ମାଇଲ୍ ଅତିକ୍ରମ କରିଚାଲିଛି ।

କ'ଣ ଗୋଟେ ପଛରୁ ଆସୁଛି ! ବାୟୁ ମଣ୍ଡଳକୁ ଆନ୍ଦୋଳିତ କରୁଥିବା ପଦ୍ମଗନ୍ଧର ସୁମଧୁର ବାସ୍ନାରେ ଉତ୍ତେଜିତ ଘ୍ରାଣେନ୍ଦ୍ରିୟ । ପଛକୁ ବୁଲି ଚାହିଁଲା ପଥିକ । କିଏ ଜଣେ ଆସୁଛି । ଦେଖାଯାଉଥିଲା ଅଲଗା ନୂଆ ନୂଆ । ରଂଗୀନ୍ ପୋଷାକ ପରିହିତା କ୍ଷୀଣାଙ୍ଗୀ କିଶୋରୀ, କିଶୋରୀର ଶେଷାଶେଷି ।

କହିବାର କଥା, କିଶୋରୀ ରୂପକ ଲକ୍ଷ୍ମଣରେଖା ଡେଇଁବାକୁ ଆଉ ବେଶୀ ଦିନ ଲାଗିବନି । ଫ୍ରକ୍‌ର ତଳ ଭାଗରେ କଣ୍ଟ୍ରାଷ୍ଟ କଲରର ଲେସ୍, ଧୀର ସମୀରରେ ବେଶ୍ ଫୁର୍ଗୁ ଫୁର୍ଗୁ ହୋଇ ଉଡୁଥିଲା । କ୍ଷୀପ୍ର ଚଳମାନ ପାଦଦ୍ୱୟ ମନ୍ଥର ହେବାକୁ ଲାଗିଲେ । ପଥିକ ନିଜକୁ କ୍ଷଣେ ଦେଖିନେଲା । ତା' ନିଜ ଦେହରେ ପରିହୀତ ରଂଗୀନ୍ ପ୍ୟାଣ୍ଟ ଏବଂ ସାର୍ଟ ଦେଖି ଯେତେବେଳେ କୌତୁହଳ ଯାତ ହେଲା ମନରେ ଉଚ୍ଚାଟ ଆସିଲା ଠିକ୍ ସେତିକିବେଳେ ନଜର ପଡ଼ିଲା ନିଜର ଖାଲି ପାଦ ଉପରେ । ବୈଚିତ୍ରହୀନ ମନେହେଲା । ନା.. ନା.. ଏ ପ୍ରକାର ଅବସ୍ଥାରେ ଅଜଣା ସୁନ୍ଦରୀ ସହିତ ଆଳାପ କରିବା ଅବା ଯାତ୍ରା କରିବା ଦୁଇଟିଯାକ ଅନସ୍ୱୀକାର୍ଯ୍ୟ । ଗନ୍ତବ୍ୟସ୍ଥଳାଭିମୁଖେ ଯାତ୍ରା ପୂର୍ବକ ଅପରିଚିତ କିଶୋରୀ ସହିତ ଆଗେଇବା ପରିବର୍ତ୍ତେ ଫେରିଯିବାକୁ ଉଦ୍ୟତ ହେଲା ।

ମାତ୍ର ତାହା ମଧ ସମ୍ଭବ ହେଲାନି । କିଶୋରୀର ଧନୁରୁ ଲକ୍ଷ୍ୟଭେଦୀ ଅବାଞ୍ଛିତ ଶବ୍ଦତୀର ଛୁଟି ଆସିଲା ପଥିକ ଆଡ଼କୁ ।

କିଶୋରୀ ମୁହଁରେ ବେଖାତିର ହସ, ପଚାରିଲା – ଯିବ କୁଆଡ଼େ ?

ପଥିକ ଛେପ ଢୋକି କହିଲା – 'ଜାଣିନି' ଏବଂ ପଚାରିଲା – 'ତୁମେ କୁଆଡ଼େ ଯାଉଛ ।'

– 'ମୁଁ ବି ଜାଣିନି ।'

– 'କୁଆଡ଼େ ଯିବ ଜାଣିନ ଅଥଚ ଅନେକ ରାସ୍ତା ଅତିକ୍ରମ କରିଆସିଲଣି ?'

– 'ଖୋଜୁଚି ହଜିଯାଇଥିବା ମୋର ଏକ ମୂଲ୍ୟବାନ ଚିଜ ।'

ଏ କଥାରେ ସତ କେତେ ମିଛ କେତେ ? ଜଣା ନାହିଁ ।

କ୍ଷୀଣାଙ୍ଗୀ କିଶୋରୀ ଖିଲି ଖିଲି ହୋଇ ହସିଲା, ପଥିକ ଚାହିଁ ରହିଲା କିଶୋରୀ ମୁହଁକୁ, ମୁଖ ମଣ୍ଡଳରେ ହସର ଛୋଟ ସଂସ୍କରଣଟିଏ ସହିତ । କୁଆଡ଼େ କେହି ନାହାନ୍ତି । ଇଚ୍ଛା ହେଉଥିଲା ଚୋରା ଚୁମ୍ବନଟିଏ ଦେବାକୁ, ବାହୁ ବନ୍ଧନରେ କରାୟତ କରି ଶରୀରର ଉଷ୍ମତା ଅନୁଭବ କରିବାକୁ ହେଲେ ପାରିଲାନି । ସୁଯୋଗ ହାତଛଡ଼ା ହେଲା ସିନା ମିଠା କଥା କହି ତା' ହୃଦୟ ଜୟ କରିନେଲା ।

ୟା'ଭିତରେ ସେମାନେ ଚାଲିଆସିଲେଣି ଏକ ପ୍ରସସ୍ତ ରାସ୍ତା ଉପରକୁ । ଦି'କଡ଼ରେ ଧାଡ଼ି ବାନ୍ଧି ଛିଡ଼ା ହୋଇଛନ୍ତି ବିରାଟ ବୃକ୍ଷମାନ । ଅନତି ଦୂରରେ ସବୁଜ ଶାଢି ପରିବେଷ୍ଟିତ ଉତ୍ତୁଙ୍ଗ ପାହାଡ଼ । ଅଚାନକ ନିର୍ମଳ ଆକାଶ ରଂଗ ପରିବର୍ତ୍ତନ କଲା । ମାଡ଼ି ଆସିଲା କଳା ବାଦଲ । ପରିବେଶର ଦୀର୍ଘଶ୍ୱାସ, ହାବୁକା ହାବୁକା ପବନ । କୁଟି ଦେଇଗଲା ବର୍ଷା, ଘଡ଼ଘଡ଼ି, ବିଜୁଳି । କ୍ଷୀଣାଙ୍ଗୀ କିଶୋରୀର ଏକ ମାତ୍ର ଭରସା ପଥିକ । ମୁଖ ମଣ୍ଡଳରୁ ବହିଯାଉଥାଏ ଜଳଧାର । ପଡ଼ି ଯାଉଥାଏ ବିରାଟ ବୃକ୍ଷମାନ । ସେମାନେ ଥମିଗଲେ । ତାଳ ଦେଇ ନୃତ୍ୟ କରୁଥା'ନ୍ତି ବର୍ଷା, ବିଜୁଳି ଏବଂ ବଜ୍ରପାତ । ଓଦା ପୋଷାକରୁ ଝରି ପଡୁଥାଏ ବର୍ଷାପାଣି । ଅନେକ ସମୟ କଟିଗଲା ସେଇଠି । ପାଖରେ ଘର ନାହିଁ । ଯିବେ କୁଆଡ଼େ ?

ତା' ଭିତରେ ଚାଲିଥାଏ ଅନେକ କଥାବାର୍ତ୍ତା । ଭଲ କଥା, ଖରାପ କଥା । ସତ କଥା ଏବଂ ମିଛ କଥା ।

ବର୍ଷା ଥମିଗଲା, ଥମିଗଲା ପବନର ବେଗ । ଚାଲିଯାଉଥାଏ କ୍ଷୀଣାଙ୍ଗୀ କିଶୋରୀ । ବିସ୍ଫାରିତ ନୟନରେ ଚାହିଁ ରହିଥାଏ ପଥିକ । ସତେ ଯେପରି ଝଡ଼ ପରେ ଆଉ ଏକ ଝଡ଼ ହୃଦୟ ଭିତରେ ଘୁ ଘୁ ହୋଇ ବହିଯାଉଛି, ନିଜର ସନ୍ତୁଳନ ରକ୍ଷା କରିବା ନିହାତି ଜରୁରୀ । କିଛି ସମୟର ବ୍ୟଗ୍ରତା ପରେ ପଥିକ ସାଷ୍ଟମ ହେଲା, ଚଳନୀୟ କଣ୍ଠରେ ଗାଇ ଚାଲିଲା ସେଇ ପୁରୁଣା ଗୀତରୁ -- 'ରାଜା ଝିଅ ସଂଗେ କରିଥିଲି ଭାବ.....

ୟା' ଭିତରେ ଅନେକ ଦିନ ବିତିଯାଇଛି । ପଥିକ ଖୋଜୁଥିଲା ଏକଦା ହଜେଇ ଦେଇଥିବା ମୂଲ୍ୟବାନ ଚିଜଟିଏ । ଆଉ ତାହା ମିଳିବ ନା ନାହିଁ, ସେଥିପ୍ରତି ତା' ମନରେ ଘୋର ସଂଦେହ । ସିଏ ଗୋଟେ ବଦ୍ଧ ପାଗଳ ।

କେଉଁଠି ଗୋଟେ ଲୋଖାଥିଲା, ଦୁନିଆରେ ଦୁଇଜଣ ପଥିକ । ଜଣେ ସୂର୍ଯ୍ୟ, ଜଣେ ଚନ୍ଦ୍ର । ସେମାନେ ଅହରହ ଚାଲିଚନ୍ତି । ସିଏ ସୂର୍ଯ୍ୟ ହେବ ନା ଚନ୍ଦ୍ର । ଯାହା ବି ହେଉ ସିଏ ଚାଲିଛି । ସିଏ ମଧ ପଥିକ ।

ପଥ ସରେ ନାହିଁ । ଆକାଶର ରଂଗ ବଦଳିଯାଏ । ତୀବ୍ର ହୁଏ ଦ୍ୱିପ୍ରହର ଖରାର ପ୍ରକୋପ । ଅଳଶ ହୁଏ ପଥିକର ଶରୀର । ସିଏ କ୍ଲାନ୍ତ । ଚାହେଁ ଟିକିଏ ବିଶ୍ରାମ । ଗଛ ନାହିଁ, ଛାଇ ନାହିଁ । ତତଲା ରାସ୍ତାରେ ଆଗକୁ ଯିବା ଅସମ୍ଭବ ମନେହୁଏ । ସୁଅ ମୁହଁରେ ପତ୍ରଟିଏ ପରି ଆଗରେ ଦେଖାଯାଏ ଛୋଟ ଚାଳଘରଟିଏ । ସଅଳ ସଅଳ ପାହୁଣ୍ଡ ପକେଇ ପହଞ୍ଚିଯାଏ ସେଇଠି । ତା'ର ଦର୍କାର ବିଶ୍ରାମ । ଅନ୍ତତଃ ଘଡ଼ିଏ ଦି'ଘଡ଼ି ବିଶ୍ରାମ କରିନେଲେ ପୁଣି ଯାଇପାରିବ ଆଗକୁ । ଦରଆଉଜା ଦି'ଫାଳିଆ କବାଟରେ ଠକ୍ ଠକ୍ କଲା । କେହି ଆସିଲେନି । କବାଟ ଖୋଲି ଭିତରକୁ ପ୍ରବେଶ କଲା ।

କାନ୍ଥରେ ଟଙ୍ଗା ହୋଇଛି ଏକ ଫୋଟୋ ଫ୍ରେମ୍ । ବଡ଼ ବଡ଼ ଆଖିରେ ଅନେଇ ରହିଛି ପୂର୍ବ ପରିଚିତା କ୍ଷୀଣାଙ୍ଗୀ କିଶୋରୀ । ଚମକି ପଡ଼ିଲା ସିଏ । ନିରେଖି ଚାହିଁଲା । ସେଇ ପୂର୍ବ ପରିଚିତ କିଶୋରୀ । ଆଖିର ପଲକ ପଡ଼ିଲା ନାହିଁ । କ୍ଷଣେ ଆଖି ବନ୍ଦ କରି ପୁଣି ଚାହିଁଲା । କାନ୍ଥରୁ ଫଟୋ ଗାୟବ । ମୁହଁ ବୁଲେଇ ଭିତରକୁ ନଜର ପକେଇଲା । ଭିତର ଘରୁ ସୋରେ ଆଲୁଅ ଲମ୍ବି ଆସିଛି ତା’ ନିକଟକୁ । ଭିତରେ ପଲଙ୍କରେ ଶାୟିତ ଝୀନ ବସନ ପରିହୀତା ତାରୁଣ୍ୟର ଆଦ୍ୟକାଳେ ଉପଗତ ସୁନ୍ଦରୀ ରମଣୀ । କ୍ଷୀଣାଙ୍ଗୀ କିଶୋରୀ ସହିତ ଶାୟିତ ରମଣୀର ଅନେକ ସାମଞ୍ଜସ୍ୟ ରହିଛି । କହିବା ବାହୁଲ୍ୟ ତା’ର ଲାର୍ଜ ଭର୍ସନ । କେବଳ ମାତ୍ର ପରିବର୍ତ୍ତନ । କ୍ଷୀଣାଙ୍ଗୀ କିଶୋରୀର ସମତଳ ଶରୀର ଉଦ୍ଭିତ ଉଦ୍ଧତ ଯୌବନ ରସରେ ପରାଙ୍ଗପୁଷ୍ଟ । କୁହାଯାଇପାରେ ପଥିକକୁ ଆକର୍ଷିତ କରୁଥିବା ଏକ ଚୁମ୍ବକୀୟ କ୍ଷେତ୍ର । ମସ୍ତକରେ ସୁଶୋଭିତ ଘନକଳା କୁନ୍ତଳ । ଭୁଲିଗଲା କାନ୍ଥ ଫୋଟୋ ଫ୍ରେମ କଥା ଅଥଚ କଳ୍ପନା କରିପାରୁନି ଇଏ ଏଠାକୁ ଆସିଲା କିପରି ? ସ୍ୱଳ୍ପ ସମୟର ଫାଙ୍କ ଭିତରେ ଅସମ୍ଭବ ରୂପାନ୍ତର । ଆଶ୍ଚର୍ଯ୍ୟ, ପଥିକ ମୁଣ୍ଡ ଭିତରେ ଗୋଟାଏ ପିରକ ଲଗାଇ କିଏ ଜଣେ ହାତୁଡ଼ାରେ ଢାଇଁ ଢାଇଁ ପିଟୁଥିଲା । ନିଜ ନାସା ଏବଂ ଓଠ ମଧ୍ୟ ସ୍ଥଳୀରେ ହାତ ବୁଲାଇ ଆଣିଲା । ଅନୁଭବ କଲା ମୁଖମଣ୍ଡଳର ଭିନ୍ନତା । ନିଜ ଭିତରେ ମଧ୍ୟ ପରିବର୍ତ୍ତନର ସୁକ୍ଷ୍ମ କାରୁକାର୍ଯ୍ୟ ସ୍ୱରୂପ ଦୂଇପଟକୁ ଲମ୍ବିଯାଇଛି ନିଶ ଗୁଚ୍ଛ, ପୁରୁଷର ପ୍ରମାଣପତ୍ର । ତା’ର ମନେପଡ଼ିଗଲା ରାଜା ମହାରାଜା ମାନେ ନିଜ ଅଖଣ୍ଡ ରାଜତ୍ୱର ବୀରତ୍ୱ ତାଙ୍କ ମୋଟା ନିଶରେ ହାତମାରି ସଗର୍ବେ ଉପସ୍ଥାନ କରନ୍ତି । ସେପଟେ ରମଣୀ ହାସ୍ୟ ବଦନରେ ଉପଭୋଗ କରୁଥିଲା ପଥିକର ଏତାଦୃଶ ଅଭିନୟକୁ ।

ସ୍ୱାଗତ୍ କରୁଥିଲା ରହସ୍ୟମୟୀ ସୁନ୍ଦରୀ ରମଣୀ । ଆଲୋକ ସହିତ ଭାସି ଆସୁଥାଏ ଚନ୍ଦନ କସ୍ତୁରୀ ବାସ୍ନା । ଓ୍ୱାଃ..... ।

ସିଏ ଜାଣେ, ସିଏ ସ୍ଥିର । ମାତ୍ର ପୃଥିବୀ ଘୁରୁଚି ଅକ୍ଷ ଚାରିପଟେ ଏବଂ କକ୍ଷ ଚାରିପଟେ । ତାକୁ ତାଳ ଦେଇ ତା’ ନିଜ ଭିତରେ ସିଏ ଅନୁଭବ କରୁଥିଲା ଆଉ ଏକ ଘୂର୍ଣ୍ଣାୟମାନ ପୃଥିବୀ । ଅବଶ ପାଦ ଦ୍ୱୟରେ ବର୍ତ୍ତମାନ ଶତ ସିଂହର ବଳ । ପଥିକ ଆଗେଇ ଚାଲିଲା ସୁନ୍ଦରୀ ରମଣୀ ନିକଟକୁ ।

କମ୍ପିତ କଣ୍ଠରେ ପଚାରିଲା – ତୁମେ ସେଦିନ ଝଡ଼ର କ୍ଷୀଣାଙ୍ଗୀ କିଶୋରୀ ନା ।

– ମୁଣ୍ଡ ହଲେଇ ନିଜର ସମ୍ମତି ଜଣାଇଲା ରମଣୀ ।

– ତୁମେ ଏଠି !

– ଆଉ କିଛି କହିଲାନି, ରମଣୀ ଓଠରେ ଆଜି ଖିଲି ଖିଲି ହସ ନାହିଁ ବରଂ ସ୍ମିତ ହସରେ ସମ୍ପ୍ରସାରିତ ଓଠ, ଦେଖାଯାଉନଥିଲା ଦାନ୍ତ । ପିନ୍ଧିଚି ନାଲି ଶାଢି, ମୁଣ୍ଡରେ ଜରିପକା ଓଢଣା । କାନରେ ଝରାଲଗା କାନଫୁଲ । ପାଉଡ଼ର ମଖା ମୁହଁ, ପ୍ରିନ୍ସେସ୍ ଷ୍ଟାଇଲ୍ । ମୁଣ୍ଡଖୋଷାରୁ ଓହଳିଚି କେଉଁ ଏକ ବାସ୍ନା ଫୁଲର ଧଳା ଗଜରା । ବେକରେ ଲମ୍ବା ସ୍ୱର୍ଣ୍ଣାଳଙ୍କାର । ପୁରା ଏଲିଗାଣ୍ଟ ଲୁକ୍ ।

କ୍ରମଶଃ କୁଞ୍ଚିତ ହୋଇଆସିଲା ରମଣୀର ମୁଖ ମଣ୍ଡଳ, କେଉଁ ଏକ ବହୁ ପ୍ରତୀକ୍ଷିତ ଚିଜ ପାଇବାର ଆଶାରେ । ମନ୍ଥି ପକାଉଥିଲା ଦେହର ଆଦିମତାକୁ, ଡହ ଡହ ଦିଶୁଥିଲା ବିନା ନିଆଁରେ ଅନ୍ତର୍ଦାହ । ସଁ ସଁ ଶବ୍ଦ । ନିଶ୍ୱାସରୁ ନିର୍ଗତ ଉଷୁମ ବାମ୍ପ କୋଠରି ଭିତରେ ବ୍ୟାପି ଯାଉଛି । ଫିଙ୍ଗିଦେଲା ଝୀନ ବସ୍ତ୍ର । ଲଗାୟତ ଦୀର୍ଘଶ୍ୱାସ, ହୃତ୍‌ପିଣ୍ଡରେ ପ୍ରସାରଣ ସଂକୋଚନ । ପଥିକ, ମନଯବକାଚରେ ଦେଖିଲା– ରମଣୀର ନାସାମାର୍ଗ ଦେଇ ପ୍ରବେଶ କରୁଥିଲେ କୋଟି କୋଟି ଜୀବାଣୁ । ଜୀବାଣୁ ମାନଙ୍କ ଶରୀରରେ ମଧ୍ୟ ପ୍ରସାରଣ ସଂକୋଚନ । ଘୁରି ବୁଲୁଛନ୍ତି ରମଣୀର ଶୀରା ପ୍ରଶୀରାରେ । ବଢି ଚାଲିଚନ୍ତି ହୁ ହୁ ହୋଇ । ଦୁଇରୁ ଚାରି, ଚାରିରୁ ଆଠ, ଆଠରୁ ଷୋହଳ ହୋଇ । ପ୍ରତିଟି ରକ୍ତ କଣିକାକୁ ଅକ୍ତିଆର କରିନେଲେଣି । କ୍ରମଶଃ ସେମାନେ ପ୍ରବେଶ କରିବାକୁ ଲାଗିଲେ ପଥିକ ଦେହରେ । ରମଣୀ ଆଖିର ପଲକ ପଡ଼ିଲା ଏବଂ ଉଠିଲା, ଇଶାରା କଲା, ନିମନ୍ତ୍ରଣ କଲା । ନିମନ୍ତ୍ରଣ ସୃଷ୍ଟିକଲା ଏକ ଝଙ୍କାର ଏବଂ ଏକ ସ୍ରୋତ ।

ଇସ୍, କି କଥା !

ନାରୀତ୍ୱର ଅଖଣ୍ଡ ରାଜତ୍ୱରେ ପରାଜିତ ନିର୍ଲଜ ପୁରୁଷ !

ନା.. ନା.. ଏହା କଦାପି ହୋଇ ନପାରେ ।

ନିଜର ପୁରୁଷତ୍ୱର ପରାକ୍ରମ ପ୍ରଦର୍ଶନ କରିବାକୁ ହେବ ।

ପୌରୁଷତ୍ୱ ଗର୍ବରେ ଛାତି ଫୁଲାଇ ନିଶର ଦୁଇ ପାର୍ଶ୍ୱକୁ ମୋଡ଼ି ଚାଲିଲା ଦିଗ୍‌ବିଜୟୀ ବିରଟିଏ ପରି ।

ପ୍ୟାଣ୍ଟ ସାର୍ଟ ଝାଳରେ ତିନ୍ତି ଗଲାଣି । ଛି.. ଛି... ଏଗୁଡ଼ା ଦେହରୁ ଖୋଲିଦେବା ଦର୍କାର । ନିଜେ ବିବସ୍ତ୍ର ହେଲା । ସମଦଶା । ନିସ୍ତାର ନାହିଁ । ସଂକ୍ରମିତ ହେଲା ପଥିକ । ସେଦିନ ପାରିନଥିଲା ମାତ୍ର ଆଜି ନିଶ୍ଚୟ ଚୋରା ଚୁମ୍ବନ ଟିଏ ଆଙ୍କି ଦେବ । ନିଜ ବାହୁ ବନ୍ଧନରେ କରାୟତ କରି ତା’ ଦେହର ଉଷ୍ଣତା ଅନୁଭବ କରିବ । ଉଠି ଆସିଲା ପଲଙ୍କ ଉପରକୁ ।

ମିଳନ ପର୍ବର ଅନ୍ତିମ ଦୃଶ୍ୟ । ସମସ୍ତେ ନୀରବ । ନିଃଶୂନ୍ କୋଠରି । ପଲଙ୍କ ଉପରେ ଏପଟେ ପଥିକ ସେପଟେ ସୁନ୍ଦରୀ ରମଣୀ ଅଥଚ ସ୍ପର୍ଶ କରିପାରୁନି । ହାତ ପାଉନି । ନିସ୍ତେଜ ହୋଇ ଉଠୁଚି ତା ଶରୀର । ଯେତେ ଚେଷ୍ଟା କଲେ ମଧ୍ୟ ହାତ ଉଠେଇ ପାରୁନି । ଜବରଦସ୍ତ ଛୁଇଁବାକୁ ଚେଷ୍ଟା କଲା ହେଲେ ଧୁମ୍ କରି ପଡ଼ିଗଲା ପଲଙ୍କ ତଳକୁ । ଉଃ... ଆଃ.... ଆଉଚ୍..... ଶବ୍ଦରେ ପ୍ରକମ୍ପିତ ହେଲା ଘର । ପଥିକର ନିଦ ଧଡ଼କିନା ଭାଙ୍ଗିଗଲା । ଚାହିଁଲା ପଥିକ । କୋଠରି ଭିତରେ ଚାରିଆଡ଼ ଅନ୍ଧାର । ଆଶ୍ଚର୍ଯ୍ୟ ! ଅଦୃଶ୍ୟ ହୋଇଯାଇଛି ସୁନ୍ଦରୀ ରମଣୀ !

ଏ କଥା କେତେ ସତ କେତେ ମିଛ ? ସେକଥା କହିହେବନି । ସିଏ ତ ସ୍ୱପ୍ନ ଦେଖୁଥିଲା !

ତକିଆ ତଳୁ ଟର୍ଚ୍ଚ ବାହାର କରି ଦେଖିଲା କାନ୍ଥ ଘଣ୍ଟାର କଣ୍ଟାମାନେ ଚାଲିଚନ୍ତି । ଟିକ୍ ଟିକ୍ ଟିକ୍ ଟିକ୍ । ଏ ତିନିହେଁ ମଧ୍ୟ ପଥିକ । ଘଣ୍ଟାରେ ତିନିଟା ବାଜିଛି । ଆହୁରି ଅନେକ ରାତି ବାକି ଅଛି । ପାଣି ଗ୍ଲାସେ ପିଇ ପୁଣି ଶୋଇ ପଡ଼ିଲା । ସିଏ ଯେଉଁଠି ସେଇଠି, କେବଳ ଯାହା ସମୟର ପରିବର୍ତ୍ତନ । ବାସ୍ ।

*ପ୍ଲଟ ନଂ-୬୧୭/୨୦୦୭/୨୬୫୭,*
*ଲେନ୍ ନଂ.-୧୦, ଏରୋଡ୍ରମ ଏରିଆ,*
*ଭୁବନେଶ୍ୱର-୭୫୧୦୨୦*
*ଦୂରଭାଷ: ୯୭୭୭୦୩୪୯୬୭*

# ଅସୀମ

## ମୂଳ ମଲୟାଲମ - ଏସ୍.କେ. ପୋର୍ଟେକାଟ୍
## ଓଡ଼ିଆ ଅନୁସୃଜନ - ଲିଙ୍ଗରାଜ ମହାନ୍ତି

ଘୋଡ଼ା ପିଠିରେ ବସି ପାହାଡ଼ ଚଢୁଥିବା ବେଳେ ମୁଁ ସୁଉଚ୍ଚ ଉପତ୍ୟକାର ପ୍ରାକୃତିକ ପରିବେଶକୁ ଉପଭୋଗ କରିବା ଉଦ୍ଦେଶ୍ୟରେ ଏପଟ ସେପଟକୁ ଚାହୁଁଥିଲି। ଖରାର ତେଜ କ୍ରମେ ବଢ଼ିବାରୁ ପାହାଡ଼ରେ ଥିବା ଔଷଧୀୟ ବୃକ୍ଷଲତାଗୁଡ଼ିକ ବରଫର ଚାଦର ତଳୁ ଧୀରେ ପଦାକୁ ବାହାରୁଥିବା ପରି ମନେହେଉଥିଲା।

ଗତ ରାତିରେ ବରଫବର୍ଷା ହୋଇଥିବାରୁ ପର୍ବତର ଶିଖରରେ ଅଧିକାଂଶ ସ୍ଥାନ ପାଣ୍ଡୁର ବର୍ଣ୍ଣ ଧାରଣ କରିଥାଏ। ବରଫ ପଡ଼ିଥିବାରୁ ବିଭିନ୍ନ ସ୍ଥାନରେ ଅନେକ ପ୍ରକାର ଚିତ୍ର ଅଙ୍କା ହେବାପରି ମନେହେଉଥାଏ। କେଉଁଠି ବୋହୂଟିଏ ମଲ୍ଲିଫୁଲର ହାର ଗଳାରେ ଲମ୍ବାଇ ଛିଡ଼ା ହେବାପରି ଦିଶୁଥାଏ ତ କେଉଁଠି ମଲ୍ଲଯୋଦ୍ଧାମାନେ ରୌପ୍ୟ ମେଡ଼ାଲରେ ଆଚ୍ଛାଦିତ ହେଲାପରି ଦେଖାଯାଉଥାଏ। ଠାଏ ଠାଏ ସୈନିକମାନେ ଧଳା ରଙ୍ଗର ଚକ୍ ଚକ୍ କରୁଥିବା ରୁପା ଢାଲ ଧରି ଛିଡ଼ା ହୋଇଥିବା ପରି ମନେହେଉଥିଲା। ଦକ୍ଷିଣ ଦିଗରୁ ଥଣ୍ଡା ପବନ ପ୍ରବାହିତ ହେବାରେ ଲାଗିଥିଲା। ଭୂତପ୍ରେତଙ୍କ ପରି ବିରାଟ ଗଛଗୁଡ଼ିକ ନିଜର ଚେରଦ୍ୱାରା ପର୍ବତର ଶିଳାଖଣ୍ଡକୁ ଜାବୁଡ଼ି ଧରି ଦଣ୍ଡାୟମାନ ହୋଇଥିବା ଘଞ୍ଚ ବନାନୀର ଉତ୍ସବ ସ୍ଥଳକୁ ଆମେ ଯାତ୍ରା କରୁଥିଲୁ। ମୋର ବନ୍ଧୁମାନେ ଆନନ୍ଦ ମନରେ ମୋ ଆଗେଆଗେ ଘୋଡ଼ାରେ ବସି ଚାଲିଥିଲେ। ମୁଁ ସେମାନଙ୍କ ପଛରେ ଯାଉଥିଲି। ମୁଁ ଓ ଆମ ବନ୍ଧୁମାନଙ୍କ ଭିତରେ ବ୍ୟବଧାନ ପ୍ରାୟ ଏକ କିଲୋମିଟରରୁ ଅଧିକ ହେବ।

ମୋ ଘୋଡ଼ା ସଇସ ପଛରୁ ଆସି ଡାକିଲା, "ହୋସ୍.. ହୋ .. ହୋ... ।" ଏହି ହୋସ୍‌ର ମର୍ମ ହେଲା ଘୋଡ଼ାକୁ ସତର୍କତାର ସହ ଆଗେଇବାକୁ ନିର୍ଦ୍ଦେଶ ଦେବା।

ବାବୁ, ଲଗାମ ଢିଲା କର। ମୋ ପଛକୁ ଆସି ଘୋଡ଼ାର ଜିନ୍ ଭିଡ଼ି ଧରିବାକୁ ସଇସ କହିଲା।

ପାହାଡ଼ର ଶିଖର ସରିଗଲା। ଆଗକୁ ବିପଦସଙ୍କୁଳ ରାସ୍ତା। ଠିକ୍ ଭାବେ ଜିନ୍‌କୁ ନଧରିଲେ ଘୋଡ଼ା ନିଜର ଭାରସାମ୍ୟ ରକ୍ଷା କରି ନ ପାରି ପଡ଼ିଯାଇପାରେ। ମୁଁ ଘୋଡ଼ାର ଜିନ୍‌କୁ ଭିଡ଼ି ଧରିଲି। ଘୋଡ଼ା ଧୀରେ ପାଦ ପକାଇ ପାହାଡ଼ ତଳକୁ ଗଡୁଥିଲା।

ମୁଁ ପାହାଡ଼ ଚଢ଼ିଲାବେଳେ ଘୋଡ଼ା ସଇସକୁ ଦେଖି ନଥିଲି। ପାହାଡ଼ ଶିଖରରେ ପହଞ୍ଚିବା ପରେ ସଇସକୁ ଦେଖି ଭାବିଲି ଲୋକଟି କୌଣସି ଏକ ସର୍ଟ୍‌କଟ୍ ବାଟରେ ପହଞ୍ଚିଯାଇଛି। ମୋ ଜିନିଷପତ୍ର ଓ ଟିଫିନ କ୍ୟାରିୟରକୁ ଅଖାରେ ଭର୍ତ୍ତି କରି ପିଠିରେ ଝୁଲାଇ ସେ ମୋ ପଛେ ପଛେ ଚାଲିଲା।

ଶୀତଳ ପବନ ଯୋଗୁଁ ଲୋମମୂଳ ଟାଙ୍କୁରି ଉଠୁଥିଲା। ଲଗାମକୁ ଟାଣିଧରି ଘୋଡ଼ାକୁ ଛିଡ଼ା କଲି। ଶୀତରୁ ରକ୍ଷା ପାଇବା ପାଇଁ ମଫଲରକୁ ଭଲଭାବେ ଭିଡ଼ି ବାନ୍ଧିଲି। ଚତୁର୍ପାର୍ଶ୍ୱକୁ ଚାହିଁଲି। କାଶ୍ମୀରର ସେଇ ଅନୁପମ ଶୋଭାରାଶିକୁ ଛାଡ଼ି ଆଗକୁ ଯିବା ପାଇଁ ମନ ହେଉ ନଥାଏ। ସଇସ ଭାବିଲା ବୋଧହୁଏ ଭୟରେ ମୁଁ ଆଗକୁ ଯିବାପାଇଁ ଚାହୁଁନାହିଁ। ତେଣୁ ସେ କହିଲା, ବାବୁ, ଆଦୌ ଭୟ କରନ୍ତୁ ନାହିଁ। 'ରାଜା' ହେଉଛି ପ୍ରଶିକ୍ଷଣପ୍ରାପ୍ତ ବୁଦ୍ଧିମାନ୍ ଘୋଡ଼ା। ତା' ପିଠିରେ ସବାର ହୋଇଥିବା କୌଣସି ଲୋକକୁ ସେ ଆଜିପର୍ଯ୍ୟନ୍ତ ତଳେ ପକାଇ ଦେଇନାହିଁ।

ସଇସ, ରାଜା, ରାଜା' ସମ୍ବୋଧନ କରି ଘୋଡ଼ାଟିର ଲୋମଗୁଡ଼ିକୁ ଆଉଁସି ଦେଲା।

ପାହାଡ଼ ଶିଖର ଆଡୁ ବହି ଆସୁଥିବା ଥଣ୍ଡା ପବନ ଯୋଗୁଁ ମୋ ମୁହଁର ମାଂସପେଶୀ ସଙ୍କୁଚିତ ହୋଇଯାଉଥାଏ। ମୁଁ ଅନୁଭବ କଲି ବିନ୍ଦୁ ବିନ୍ଦୁ ବରଫ ମୋ ଦେହସାରା ଛାଇ ହୋଇଗଲାଣି। ମୋର ମନେହେଲା, ମୋ ମୁହଁର ମାଂସପେଶୀ ଖିନ୍‌ଭିନ୍ ହୋଇଗଲାଣି। ପାଖରେ ଛିଡ଼ା ହୋଇଥିବା ସଇସ ମୁହଁକୁ ଚାହିଁଲି। ସବୁଦିନେ ସେଇ ବରଫ ଓ ଥଣ୍ଡା ପବନ ଭିତରେ ଚଳପ୍ରଚଳ ହେଉଥିବା ସଇସ ମୁହଁରେ ମୁଁ କୌଣସି ପରିବର୍ତ୍ତନ ଲକ୍ଷ୍ୟ କରିପାରିଲି ନାହିଁ। ସତେ ଯେମିତି ସେ ସେଥିରେ ଅଭ୍ୟସ୍ତ ହୋଇଯାଇଛି।

ମୁଁ ପୁଣିଥରେ ତା' ମୁହଁକୁ ଚାହିଁଲି। ଅଳ୍ପ ବୟସର ବାଳକଟିଏ। ନିପଟ ଗାଉଁଲି ବାଳକ। ପୁରିଲା ପୁରିଲା ଗାଲ। ଏପର୍ଯ୍ୟନ୍ତ ନିଶ ଉଠିନାହିଁ। ଗୋଲଗୋଲ ଆଖି ଦୁଇଟି। ଦେହରେ ଚିରା ଓ ମଇଳା ପାଇଜାମା ଉପରେ ହାଫ୍ ଜ୍ୟାକେଟ୍‌ଟିଏ। ମୁଣ୍ଡରେ ଟୋପି ପିନ୍ଧି ବାଳକଟି ଦୟନୀୟଭାବେ ମତେ ଚାହିଁ ରହିଥିଲା। ବାହାର ଦୁନିଆ ସଂପର୍କରେ ଆଦୌ କିଛି ଜାଣି ନଥିବା ସେଇ ଅବୋଧ ବାଳକକୁ ପଚାରିଲି, "ତୋ ନାଁ କ'ଣ?"

ସେ ତଳକୁ ମୁହଁକରିକହିଲା, 'ଅସୀମ।'

- ତୋ ବାପା, ମା' ଅଛନ୍ତି?

- ନାହାନ୍ତି।

- ତା'ହେଲେ ?

- ଗୋଟିଏ ଭଉଣୀ ଛଡ଼ା ମୋର ଆଉ କେହିନାହାନ୍ତି।

ମୋ ପ୍ରଶ୍ନ ବାଳକଟି ମନରେ ସନ୍ଦେହ ସୃଷ୍ଟି କଲା। ତା' ପାଣ୍ଡୁର ମୁହଁରୁ ଜଣାପଡୁଥିଲା ମୁଁ ତାକୁ କାହିଁକି ଏସବୁ କଥା ପଚାରୁଛି? ମୋ ପରି ଯେତେ ଲୋକ ଆସିଛନ୍ତି କେହି ତ କେବେ ତାକୁ କିଛି ପଚାରି ନାହାନ୍ତି। ତା' ଦ୍ୱାରା ନିଜର ଜିନିଷପତ୍ର ବୁହାଇବା, ଯାତ୍ରା ଶେଷରେ ଘୋଡ଼ା ସବାରର ଭଡ଼ା ସହ କିଛି ବକ୍‌ସିସ୍ ଦେଇ ଯାତ୍ରୀମାନେ ନିଜ ବାଟରେ ଫେରିଯାଆନ୍ତି। କେହି କେବେ ତା ଦେହ କଥା ବା ପରିବାର କଥା ପଚାରନ୍ତି ନାହିଁ।

ମୁଁ ପଚାରିଲି, ଅସୀମ। ତୁ କେତେଦିନ ହେଲାଣି ଏ ବ୍ୟବସାୟରେ ଯୋଗଦେଲୁଣି?

ଗତବର୍ଷ ମୋ ବଡ଼ଭାଇଙ୍କ ଦେହାନ୍ତ ପରଠାରୁ ମୁଁ ସଇସ ହୋଇଛି।

ବଡ଼ ଭାଇଙ୍କୁ କେତେ ବୟସ ହୋଇଥିଲା?

ବୟସ ଯୋଗୁଁ ସେ ମରିନାହାନ୍ତି।

ତା'ହେଲେ?

ଦୁର୍ଘଟଣାରେ ସେ ମୃତ୍ୟୁ ବରଣ କଲେ।

କିପରି? ପାହାଡ଼ ଉପରୁ ତଳକୁ ଖସିପଡ଼ିଲେ?

ନା।

ତେବେ କିପରି?

ଅସୀମ ନିରବ ରହିଲା।

ଘୋଡ଼ାଟି ଆଉ ଆଗକୁ ଯିବାପାଇଁ ଅକ୍ଷମତା ପ୍ରଦର୍ଶନ କରିବାରୁ ଅସୀମ ଅନୁରୋଧ କଲା, ବାବୁ, ଟିକିଏ ଓହ୍ଲେଇ ପଡ଼ନ୍ତୁ। ଘୋଡ଼ା ପାଣି ପିଇବା ପାଇଁ ଖାଲ ପାଖକୁ ଯିବାକୁ ଚାହୁଁଛି। ଏଇ ପାହାଡ଼ ତଳକୁ ଗଲେ 'ହଫତଲୀନ' ନାମକ ଛୋଟିଆ ହ୍ରଦଟିଏ ଅଛି। ଆମେ ସେଠି କିଛି ସମୟ ପାଇଁ ବିଶ୍ରାମ ନେବା।

ଅସୀମ କଥା ମୁତାବକ ମୁଁ ଘୋଡ଼ା ପିଠିରୁ ଓହ୍ଲେଇ ପଡ଼ିଲି।

ଖାଲଡ଼ିପ, ଗଡ଼ାଣିଆ କାଦୁଅ ରାସ୍ତାରେ ଘୋଡ଼ା ଧୀରେ ଓହ୍ଲାଇ ସମତଳ ଅଞ୍ଚଳରେ ପହଞ୍ଚିଲା। ମୁଁ ସତର୍କତାର ସହ ଜିନ୍ ଧରି ରୋକାବ୍ ଉପରେ ଗୋଡ଼ ରଖି ବସିଥାଏ ଏବଂ ସର୍ପିଳ ଗତିରେ ଯାଇ ଯାହା ପ୍ରାୟ ଅଧଘଣ୍ଟାକ ପରେ ତଳେ ଥିବା କ୍ୟାମ୍ପଗୁଡ଼ିକ ଦେଖିବାରେ ସମର୍ଥ ହେଲି। ମୋ ଚର୍ତୁପାର୍ଶ୍ୱରେ ପ୍ରକୃତିର ଅନୁପମ ଶୋଭା। ଗୋଟିଏ ପଟରେ ନାନାଜାତି ପାହାଡ଼ି ଫୁଲର ବାସ୍ନା ଅନ୍ୟପଟରେ ଥାକ ଥାକ ହୋଇ ସଜ୍ଜିତ ହୋଇଥିବା ପାହାଡ଼ର ତଟଦେଶ। ତା' ତଳକୁ ଦିଗନ୍ତବ୍ୟାପ୍ତ ସବୁଜ ଘାସର ଗାଲିଚ। ସମତଳ ଅଞ୍ଚଳରେ ତିନୋଟି ପାହାଡ଼ି ଝରଣା ବୃତ୍ତାକାରରେ ଆସି ଏକତ୍ରିତ ହୋଇ ସମ୍ମିଳିତ ସ୍ୱରରେ ଯେଉଁ ସ୍ୱର ସୃଷ୍ଟି କରୁଛନ୍ତି, ତାହା ପାହାଡ଼ୀ କାକଳୀର ଭ୍ରମ ସୃଷ୍ଟି କରୁଛନ୍ତି। ସତରେ ଏତେ ସୌନ୍ଦର୍ଯ୍ୟ ପ୍ରକୃତି ତା' ବକ୍ଷରେ ସାଇତି ରଖିଛି ? ମୁଁ ବିସ୍ମିତ ହେଉଥିଲାବେଳେ ପିଲାଟି କହିଲା, "ବାବୁଜୀ ! ଆମେ ହଫତ୍‌ଲୀନରେ ପହଞ୍ଚିଗଲେ। ଏବେ ଆମେ ଏଠାରେ କିଛିସମୟ ପାଇଁ ବିଶ୍ରାମ ନେବା। ରାଜା ବି ଆମ ସହ ବିଶ୍ରାମ କରିବ।

ଅସୀମ ତା' କାନ୍ଧରେ ଝୁଲାଇଥିବା ଅଖାକୁ ବାହାର କରି ତଳେ ଥୋଇ ପଥର ଉପରେ ବସିଲା। ମୁଁ ଘୋଡ଼ା ପିଠିରୁ ଓହ୍ଲେଇ ଏକ ପଥର ଖଣ୍ଡ ଉପରେ ଯାଇ ବସିଲି।

ଖରା ଟାଣ ହେଉଥିବାରୁ ବରଫ ତରଳୁଥିଲା। ଘାସପଡ଼ିଆ ମଝିରେ ବାଦାମୀ ରଙ୍ଗର ପେଣ୍ଡୁ ସଦୃଶ ଚିହ୍ନମାନ ଦେଖାଯାଉଥିଲା। ମୁଁ ସେ ସବୁକୁ ନିରୀକ୍ଷଣ କରିବାରୁ ଅସୀମ କହିଲା, ସେସବୁ ମେଷପାଳକମାନଙ୍କର ପହୁଡ଼ି ଘର।

କିଛିସମୟ ପରେ ପଡ଼ିଆ ଭିତରେ ମେଷମାନେ ବୁଲୁଥିବା ପରି ଦେଖାଗଲା। ତା' ସେପଟରେ ପତ୍ରକୁଡ଼ିଆ। ଅସୀମ ସେ ଆଡ଼କୁ ଚାହିଁ ରହିଥିଲା। ତା' ଆଖିରୁ ମନେହେଉଥିଲା ଅସୀମ ମନେ ମନେ କିଛି ଭାବୁଛି। ସେ ଦୃଶ୍ୟ ତା' ମନରେ ଭୟ ବି ସଞ୍ଚାର କରିଛି।

ମୁଁ ପକେଟ୍‌ରୁ ସିଗାରେଟ୍ ବାହାର କରି ଅସୀମ ଆଡ଼କୁ ବଢ଼ାଇଲି। ସେ ଆନନ୍ଦରେ ସିଗାରେଟ୍‌ଟିକୁ ଏପାଖ ସେପାଖ କରି ଭଲଭାବରେ ଦେଖି ତା' ପକେଟ୍‌ରେ ରଖିଲା। ନିଜ ମୁଣିରୁ ମାଟି ହୁକା ବାହାର କରି ନିଆଁ ଲଗାଇଲା। ଆଖି ବନ୍ଦ କରି ହୁକା ଟାଣିଲା ଏବଂ ନିଜକୁ ଧୂମ କୁଣ୍ଡଳୀ ଭିତରେ ହଜାଇ ଦେବାକୁ ଚେଷ୍ଟା କଲା। ଧୂଆଁର ସେ ଆସ୍ତରଣ ଭିତରୁ ତାକୁ ବାହାର କରିବା ଉଦ୍ଦେଶ୍ୟରେ ମୁଁ କହିଲି, "ଅସୀମ ! ତୋ' ବଡ଼ଭାଇର ମୃତ୍ୟୁ ସଂପର୍କରେ କାହିଁକି କିଛି କହିଲୁ ନାହିଁ ତ ?"

ମୋ ପ୍ରଶ୍ନର ଉତ୍ତର ନଦେଇ ସେ ପୁଣିଥରେ ହୁକା ଟାଣି ଧୂଆଁ ଛାଡ଼ିଲା। ତା'ପରେ ହୁକାକୁ ତଳେ ରଖିଦେଇ କହିଲା, "ମୋ ଭାଇକୁ ସେମାନେ ଗୁଳିକରି ମାରିଦେଲେ।"

କେଉଁମାନେ ? ମୁଁ ଉତ୍କଣ୍ଠା ଓ ସହାନୁଭୂତି ସହକାରେ ପଚାରିଲି।

ଡୋଗ୍ରା ସୈନିକମାନେ।

କାହିଁକି ?

ମୋ ପ୍ରଶ୍ନର ଉତ୍ତର ନଦେଇ ପୁଣି ହୁକା ଟାଣିଲା। ମୁଁ ଡାକିଲି, ଅସୀମ।

ସେ ମୁଣ୍ଡଟେକି ଚାହିଁଲା।

ତୁମ ଭାଇଙ୍କୁ ଡୋଗ୍ରା ସୈନିକମାନେ ମାରିବାର କାରଣ କ'ଣ ?

ଗୁଳି କରି ମାରିଦେଲେ ବାବୁ। କହିସାରି ଅସୀମ ଦୂରକୁ ଚାହିଁଲା।

ତା' ଉତ୍ତରରୁ ମୁଁ କିଛି ବୁଝିପାରୁ ନଥିବାରୁ, ପଚାରିଲି, ତୋ' ଭାଇକୁ ମାରିବାର କାରଣ ନ କହି ଶେଷ କଥାଟା କହୁଛୁ କାହିଁକି ?

ଦୂର ଦିଗ୍‌ବଳୟ ଆଡୁ ଦୃଷ୍ଟି ଫେରାଇ ଆଣି ଅସୀମ କିଛି ସମୟ ପାଇଁ ଭାବନାରେ ବସିରହିଲା। ସତେଯେମିତି ସେ ଏବେ ଚିନ୍ତିତ ନାହିଁ ଯନ୍ତ୍ରଣା ଜର୍ଜରିତ। ସେ ହୁକାକୁ ହାତରେ ଧରିଲା। ଗଦ୍ ଗଦ୍ କଣ୍ଠରେ କହିଲା, କାଶ୍ମୀର ଛାଡ଼। ଏଇ ଶବ୍ଦ ଦୁଇଟି ମୋ ଭାଇ ପାଟିରେ ଉଚ୍ଚାରିତ ହେବା ହିଁ ତା' ମୃତ୍ୟୁର କାରଣ। ମୋ ଭାଇ ମେଣ୍ଢାପାଳକମାନଙ୍କ ସହ ଉତ୍‌ଫୁଲ୍ଲିତ ହୋଇ ପାହାଡ଼ ଉପରକୁ ଉଠିଗଲା। ଚିତ୍କାର କରି କହିଲା, କାଶ୍ମୀର ଛାଡ଼, ସେକ୍ ଅବଦୁଲ୍ଲା ଜିନ୍ଦାବାଦ୍। ଡୋଗ୍ରା ସୈନିକମାନେ ପାହାଡ଼ତଳେ ଲୁଚି ରହିଥିଲେ। ମୋ ବଡ଼ଭାଇ ତା' ସାଥୀମାନେ ଆନନ୍ଦ ଓ ଉଲ୍ଲାସର ସହ ଏପରି ସ୍ଲୋଗାନ୍ ଦେଇ ପାହାଡ଼ ତଳକୁ ଆସିବାମାତ୍ରେ ସୈନ୍ୟମାନେ ତତକ୍ଷଣାତ୍ ସେମାନଙ୍କ ଉପରକୁ ଗୁଳିବର୍ଷଣ କଲେ। ଗୁଳି ମୁହଁରୁ ବର୍ତ୍ତିବାର ଉପାୟ ନ ଥିଲା। ଏଇ ପାହାଡ଼ର ପାଦଦେଶରେ ସେଦିନର ଗୁଳିଚିହ୍ନ ରହିଛି। କେତେ ଯେ ନିରୀହ ଜନତା ଡୋଗ୍ରା ସେନାର ଗୁଳିରେ ମରିଛନ୍ତି ତା'ର ହିସାବ ନାହିଁ। ମାତ୍ର ସେଦିନର ସେହି ମୃତକମାନଙ୍କ ମଧ୍ୟରୁ ମୋ ଭାଇ ଜଣେ।

ଅସୀମର ଦୁଇ ଆଖିରୁ ଧାରଧାର ଲୁହ ବହିଯାଉଥିଲା। ସ୍ୱତନ୍ତ୍ରତାର ପଛରେ ଲୁଚି ରହିଥିବା ରକ୍ତଧାର ଏବଂ ସେଥିପାଇଁ ଗାଉଁଲି ବାଳକର ଆଖିରୁ ବହିଯାଉଥିବା ଲୁହର ଧାର ହୃଦୟକୁ ବିଗଳିତ କରୁଥିଲା।

ମୁଁ ସେଇ ସୁନ୍ଦର ଘାସ ଗାଲିଚାର ଆରପଟରେ ଥିବା ପାହାଡ଼ିମୁଣ୍ଡିଆ ଆଡ଼େ ଡରିଡ଼ରି ଚାହିଁ ରହିଲି। ସ୍ୱତନ୍ତ୍ର କାଶ୍ମୀର ଗଠନର ଅୟମାରମ୍ଭରେ ସ୍ୱତନ୍ତ୍ରତାପ୍ରେମୀ ମେଣ୍ଢାପାଳକଙ୍କୁ ମହାରାଜାଙ୍କର ସୈନିକମାନେ ଅମାନୁଷିକ ଭାବରେ ହତ୍ୟା କରିଥିବା, ମୁଁ ଶୁଣିଥିଲି। ମୁଁ ଆଜି ଆସି ଠିକ୍ ସେଇ ସ୍ଥାନରେ ପହଞ୍ଚିବା କଥା ଭାବିବା ମାତ୍ରେ ମୋ ଲୋମମୂଳ ଟାଙ୍କୁରି ଉଠିଲା। ମନ ଭୟଜଡ଼ସଡ଼ ହେଲା। ଅମୃତସରରେ ନରହତ୍ୟାର ଲୋମହର୍ଷଣକାରୀ ବୀଭତ୍ସ ଦୃଶ୍ୟ ମୋ ଆଖି ଆଗରେ ଚଳଚ୍ଚିତ୍ର ପରି ଝଲସି ଉଠିଲା।

ଅସୀମ କହିଲା, ସବୁଦିନ ପରି ସେଦିନ ବି ମୋ ବଡ଼ଭାଇ ସକାଳର ଜଳଖିଆ ଖାଇଲା। ମଧ୍ୟାହ୍ନରେ ଖାଇବା ପାଇଁ ରୁଟି ଓ ତରକାରୀ ଧରି ଏଇ ରାଜା ପିଠିରେ ବସି ଘରୁ ବାହାରିଗଲା। ସେଦିନ ଭାଇ ଘରୁ ଯିବାବେଳର ଦୃଶ୍ୟ ଏବେ ବି ମୋର ମନେ ଅଛି। ଉପରଓଳି ଆମେ ଭାଉଭଉଣୀ ଦୁହେଁ ଘର ପାଖରେ ଶୁଖିଲା ଜାଳ ଗୋଟାଉଥିବାବେଳେ ରାଜା ରକ୍ତ ଜୁଡୁବୁଡୁ ହୋଇ ଆମ ଘର ସାମ୍ନାରେ ପହଞ୍ଚିଲା। ତା' ପିଠିରେ ଭାଇ ବସି ନ ଥିବାରୁ ଆମେ ଜାଣିଗଲୁ ସେ ଭାଇକୁ ଡୋଗ୍ରାସୈନ୍ୟମାନେ ଗୁଳି କରିଛନ୍ତି।

କୋହଭରା କଣ୍ଠରେ ଅସୀମ ଏ ଦୁଃଖଦ ଘଟଣା ବର୍ଣ୍ଣନା କରୁଥିଲାବେଳେ ରାଜା ମୁହଁପୋତି ମୋ ପାଖରେ ଛିଡ଼ା ହୋଇଥିଲା। ସତେ ଯେମିତି ସେ ତା'ର ମୃତ ଖାଉଁନ୍ଦ ପ୍ରତି ସମବେଦନା ଜଣାଉଛି।

ଅସୀମ ମତେ ଚେତାଇଦେଲା, ବେଳ ଉଚ୍ଛୁର ହେଉଛି। ଆମକୁ ସନ୍ଧ୍ୟାପୂର୍ବରୁ ଚଳନଓ୍ୱାଡ଼ିରେ ପହଞ୍ଚିବାକୁ ହେବ।

ରାଜା ପିଠିରେ ବସି ମୁଁ ଫେରିଲାବେଳେ ନିଜକୁ ଗର୍ବିତ ମନେକରୁଥିଲି। ଅସୀମର ବଡ଼ଭାଇ ପରି ଜଣେ କ୍ରାନ୍ତିକାରୀ ଯୁବକକୁ ନିଜ ପିଠିରେ ବସାଇ ଯେଉଁ ଘୋଡ଼ା ସେଦିନ ସେଇ ଯୁବକକୁ ଶହୀଦ ହେବାର ଦେଖିଥିଲା, ସେଇ ଘୋଡ଼ା ପିଠିରେ ମୁଁ ଆଜି ବସିଥିଲି। ଜଙ୍ଗଲର ଶୋଭା ଆଉ ମୋ ମନ ଉପରେ କୌଣସି ପ୍ରଭାବ ପକାଉ ନଥିଲା। ମୋର ମନେହେଉଥିଲା ସେଦିନର ଲୋମହର୍ଷଣକାରୀ ନରହତ୍ୟା ଯୋଗୁଁ ସବୁଜ ବନାନୀ ଏବେବି ଲୁହ ଝରାଉଛି। ମୋ ଆଖି ବି ଜକେଇ ଆସିଲା।

ହଠାତ୍ ଅସୀମ ପଚାରିଲା, ବାବୁଜୀ ! ହୁସେନ୍ ଚାଚା କହୁଥିଲେ, ଚିନ୍ତାର ରକ୍ତ ପ୍ରସବ କରିବାର କ୍ଷମତା ନାହିଁ। ସ୍ୱତନ୍ତ୍ରତାର ପ୍ରସବ ଠିକ୍ ସେହିପରି। ଏହା କ'ଣ ସତ୍ୟ ?

ତା' ପ୍ରଶ୍ନର ଉତ୍ତର ଦେବାକୁ ମୁଁ ସେଦିନ ସଂପୂର୍ଣ୍ଣ ଅକ୍ଷମ ଥିଲି।

*ଅରଡ଼ିଆପଦା, ମହାଧରାପଡ଼ା,*
*କଟକ – ୭୫୪୦୦୧*
*ଦୂରଭାଷ: ୯୪୩୮୬୩୪୭୭୩*



# କେଶବତୀ କନ୍ୟା

ଦେବହୂତି କର

ଅପରାହ୍ନର ଚା' ପାଇଁ ରୋଷେଇଘରକୁ ଗଲାବେଳେ ହିଁ ନଜର ପଡ଼ିଗଲା ଶାଶୂଙ୍କ କେଶ ଉପରେ । ଆଖି ଫେରାଇ ପାରିଲାନି ସୌମ୍ୟା । ବାଃ, ଏତେ ଦୀର୍ଘ, ଏମିତି ଗହଳିଆ କେଶ, ପୁଣି ଏ ଉତ୍ତୀର୍ଣ୍ଣ ବୟସରେ ! ସିମ୍‌ରେ ଚା ପାଣି ବସାଇ ରୋଷେଇଘରର ଖୋଲା ଦରଜା ଦେଇ ଦୂରରୁ ଏକ ଲୟରେ ଚାହିଁରହିଲା ସେ ।

ଓସାରିଆ ବାରଣ୍ଡାରେ ମସିଣା ଉପରେ ବସିଥିଲେ ଶାଶୂ । ମନ୍ଦାରମା ତାଙ୍କ ବାଳ ମେଲେଇ ଆସ୍ତେଆସ୍ତେ ତେଲ ଲଗଉଥିଲା । ଶାଶୂଙ୍କ ଖୋଲାମୁଣ୍ଡରେ ଦେଖିବା ଏଇ ପ୍ରଥମ ତା'ର । ଛ'ମାସର ନୂଆବୋହୂ ସୌମ୍ୟା । ଅଷ୍ଟମଙ୍ଗଳା ପରେ ବାପଘରକୁ ଦିନକପାଇଁ ଯାଇ ଫେରିଲା ପରେପରେ ତ ସ୍ୱାମୀଙ୍କ ସହିତ ତାଙ୍କ ବସାଘରେ । ମଝିରେ ଅବଶ୍ୟ ଚାରିଦିନ ପାଇଁ ଆସିଥିଲେ ଘରକୁ । ସେତେବେଳେ ବି ନଜର ଯାଇ ନଥିଲା ତା'ର ।

ଓଢ଼ଣା ତ ଖସେନି ତାଙ୍କ ମୁଣ୍ଡରୁ । ତଥାପି ଓଢ଼ଣା ଫାଙ୍କରୁ ତାଙ୍କ ସଜଡ଼ା ବଡ଼ ଜୁଡ଼ାଟିକୁ ବେଳେବେଳେ ଦେଖୁଥିଲା । ହେଲେ ତା'ଉପରେ ଧ୍ୟାନ ଯାଇନଥିଲା । ସତ କହିବାକୁ ଗଲେ, ନୂଆବୋହୂ ଭାବରେ ନିଜର ଆଚରଣରେ, ଉଚ୍ଚାରଣରେ, ପ୍ରତ୍ୟେକ କଥାରେ ଏତେ ସତର୍କ ଥିଲା ଯେ, ଅଜଣାଘର – ଅଚିହ୍ନା ମଣିଷଙ୍କ ଭିତରେ ଆଉ କୁଆଡ଼ିକି ଚାହିଁବାକୁ ବେଳ ନଥିଲା ତା'ର ।

ଚା ଛାଣିବା ପୂର୍ବରୁ ସୌମ୍ୟା ଧୀର ପାଦରେ ଆସି ଠିଆ ହେଲା । ପଚାରିଲା – 'ମା, ଚା ଆଣିବି ?' ତା ପଚାରିବାର ଉଦ୍ଦେଶ୍ୟ ଥିଲା, ମୁଣ୍ଡ କୁଣ୍ଡଉଥିଲା ବେଳେ ଚା ପିଇବେ କି ନାହିଁ । ସେ ମୁଣ୍ଡ ହଲାଇ ସମ୍ମତି ଜଣାଇଲେ । ଚା ଦେବା ଆଳରେ ପୁଣି ଥରେ ତାଙ୍କ ସୁନ୍ଦର କେଶଦାମକୁ ଦେଖିନେଲା ସୌମ୍ୟା । ତା ମନ ଉଲ୍ଲସିତ ହୋଇଉଠିଲା ।

ରୋଷେଇଘର ଭିତରେ ଚା ପିଉପିଉ ପୁଣି ତା ଆଖି ଟାଣି ହୋଇଯାଉଥିଲା ସେଆଡ଼େ । ମନ୍ଦାରମା ଏବେ ଚିକ୍କଣ କରି ବେଣୀ ଗୁନ୍ଥି ନଉଥିଲା ତା'ର ଅଭ୍ୟସ୍ତ ହାତରେ । ଶାଶୂ ସେଇ ସୁଗଠିତ ଲମ୍ବବେଣୀକୁ ମୋଡ଼ି ଜୁଡ଼ା ବାନ୍ଧି ନିଜ ସଜରେ ଆସ୍ତେ କରି ହେୟାର୍‌ପିନ୍ ସବୁକୁ ଖଞ୍ଜି ଦେଉଥିଲେ । ମୁଗ୍ଧ ହେଉଥିଲା ସୌମ୍ୟା । ହଜିଯାଉଥିଲା ପୁଣି ପୁରୁଣା ସ୍ମୃତିରେ ।

ତା'ଆଈଙ୍କର ଠିକ୍ ଏମିତି ଲମ୍ବାବାଳ ଥିଲା । ଆଈ ଅପୂର୍ବ ସୁନ୍ଦରୀ । ଗୋରା ତକତକ ଚେହେରା । ଠିଆ ନାକ । ପାନ ଖାଇଲା ପରି ସୁନ୍ଦର ନାଲି ଓଠ । ଆଉ ସବୁଠୁ ସୁନ୍ଦର ତାଙ୍କର ଭଅଁର କଳା କେଶ । ପିଲାବେଳେ ସାରା ଖରାଛୁଟିଟା ତ ତା'ର ମାମୁଘରେ – ଆଈ ପାଖରେ ହିଁ ବିତୁଥିଲା ।

ଖରାଦିନେ, ଆଈ ଦଲାଣ ତଳେ ସପ ପାରି ଶୋଇଯାଆନ୍ତି । କୋଠାଘରର ଦଲାଣ ତଳ ବେଶ୍ ଶୀତଳ ଲାଗେ । ନାତିନାତୁଣୀଙ୍କୁ ଡାକନ୍ତି । ହେଲେ କିଏ ଶୁଣେ ତାଙ୍କ କଥା । ଯିଏ ଯାହାର ମାତିଥାନ୍ତି, କିଏ ଲୁଡୁ ଖେଳରେ ତ କିଏ ଦୋଳି ଖେଳରେ । କିନ୍ତୁ ସୌମ୍ୟା ଆଈଙ୍କ ପାଖରେ ଲେପ୍‌ଟେଇଯାଏ । କର୍ମଚଞ୍ଚଳ ଆଈଙ୍କ ପଖାଳଖିଆ ଦେହଟା ଅଳସରେ ଭରିଯାଏ । କ୍ଳାନ୍ତ ଆଖିରେ ନିଦ ଘାରି ଆସେ । ଆଈ ଛଟ୍ କରି ଶୋଇଯାଆନ୍ତି । ତାଙ୍କ ମୁକୁଳା କେଶ ବିଛେଇ ପଡ଼ିଥାଏ ସପଟା ସାରା ।

ସୌମ୍ୟାର ମନେ ପଡ଼ିଯାଏ – କେଶବତୀ କନ୍ୟା କଥା । ଆଈ ଗପ କହନ୍ତି – କେଶବତୀ କନ୍ୟା ଗପ । କେଉଁ ଦୂର ଦେଶର ରାଜା – ତା'ର ସୁନାନାକୀ ଝିଅ – ତା ମୁଣ୍ଡରେ ଗହଳ କେଶ, ଲମ୍ବା ଯେ ଲମ୍ବା । ଏତେ ଲମ୍ବା ଯେ ଯେବେ ରଜାଝିଅ ମୁଣ୍ଡ ଧୁଏ, ସାତଟା ଖଟରେ କେଶ ଶୁଖାଏ । ଦି'ଟା ଦାସୀ ଖଟୁଥାଆନ୍ତି ଖାସ୍ ସେଇ କେଶର ଦେଖାଶୁଣା କରିବାକୁ । ଦାସୀମାନେ ବଡ଼ ଯତନରେ ତା ବାଳ ଶୁଖାନ୍ତି । ଖେଳେଇ ଖେଳେଇ ଝୁଣା ଧୂଆଁ ଦିଅନ୍ତି । ସୁଗନ୍ଧିତ ଦ୍ରବ୍ୟ ଲଗାନ୍ତି ।

ଆଃ, ସୌମ୍ୟା ଧୀରେ ଆଈଙ୍କ ମୁଣ୍ଡ କଡ଼କୁ ନାକ ରଖେ । ହଁ ତ, ଆଈଙ୍କ କେଶରେ ବି ହାଲ୍‌କା ହାଲ୍‌କା ସୁଗନ୍ଧ । ଆଈ ବୋଧହୁଏ ମୁଣ୍ଡ ଧୋଇଛନ୍ତି । କୋଉଥିରେ ? ତାକୁ କି ଜଣା । ହେଲେ ବାସୁଛି ତ ।

ସୌମ୍ୟାର ହାତ ଆପେ ତାଙ୍କ କେଶଆଡ଼କୁ ଲମ୍ବିଯାଏ । କେତେ କଅଁଳ, କେଡ଼େ ଚିକ୍କଣ, ସତେ କି ସିଲ୍‌କ୍ ସୂତା । ସୌମ୍ୟା ଅଙ୍ଗୁଳି ବୁଲାଏ ଆସ୍ତେଆସ୍ତେ । ତେବେ ବି ଭାଙ୍ଗିଯାଏ ଆଈଙ୍କ ନିଦ । କଡ଼ ଲେଉଟାଉ ଲେଉଟାଉ ଆଖି ଫିଟାଇ ଦେଖନ୍ତି ସୌମ୍ୟା ମୁହଁକୁ । ସୌମ୍ୟାର ଭାବନା ସେତେବେଳ ଯାଏ ଅଟକିଥାଏ ସେଇ ରଜାଝିଅ ପାଖରେ, କେଶବତୀ କନ୍ୟାର ସୁଦୀର୍ଘ କେଶଠାରେ । ହଠାତ୍ ପଚାରିଦିଏ – 'ଆଈ, ସେ କେଶବତୀ କନ୍ୟାର କେଶ କ'ଣ ତମ କେଶଠୁ ଅଧିକ ନରମ, ବେଶୀ ଲମ୍ବା ? ଆଈ ହସନ୍ତି, କହନ୍ତି – 'ଆରେ, କେଶବତୀ କନ୍ୟା କିଏ, ମୁଁ କିଏ । ତୋତେ ସେ ଗପ କହିଛି ପରା । ସୌମ୍ୟା ତାଙ୍କ କାନ୍ଧରେ ହାତ ପକାଇ ଅଝଟ କଲା ପରି କହେ – 'ଆଉ ଥରେ ସେ ଗପ କୁହନା ଆଈ, ରଜାଝିଅ ତା ମୁଣ୍ଡର ଲମ୍ବାକେଶକୁ ସାତଟା ଖଟରେ ଖେଳେଇଦିଏ । ତା'ପରେ... ତା'ପରେ... ?

ଆଈ ଚମକିଲା ପରି ଉଠି ବସନ୍ତି । ଆଲୋ ହେ... ବାଡ଼ି ଅଗଣାରେ ଚିନାବାଦାମ ଶୁଖେଇଥିଲି, ଆଉ କ'ଣ ଥିବ? କାଉମାନେ ତ ଝାମ୍ପି ନେଇଥିବେଣି । ଚାଲ... ଚାଲ... । ଆଈ ଶାଢ଼ିକାନି ସମ୍ଭାଳି, ସେଇ ମୁକୁଳା ମୁଣ୍ଡରେ ତରତରରେ ବାଡ଼ିଆଡ଼କୁ ମୁହାଁନ୍ତି । ପଛେପଛେ ସୌମ୍ୟା ।

ଆଈ ଅଗଣା ଖଟରେ ବସି କେରିକେରି କରି

ଅଡୁଆ ଛଡ଼ାନ୍ତି । ଘଷିଘଷି ତେଲ ଲଗାନ୍ତି । ସୌମ୍ୟା ବସିଯାଏ ସାମ୍ନାରେ । ନିଠେଇ ଦେଖେ ଆଈଙ୍କ ମୁଣ୍ଡ କୁଣ୍ଡେଇବାର ଶୈଳୀ । ଜୁଡ଼ା ବାନ୍ଧିବାର କଳା ।

ରାତି ଖିଆପିଆ ସରିଲା ପରେ ବି କାମ ସରେନା । ଦିନଯାକର ବାକିଆ ଯାବତୀୟ ଛୋଟମୋଟ କାମ ତଦାରଖ କରି ଦାଣ୍ଡ କବାଟ ଦେଇ ବିଛଣାକୁ ଆସିବା ଯାଏଁ କିନ୍ତୁ ସୌମ୍ୟା ଚେଇଁଥାଏ । ଆଈ କାଳେ ଶୋଇ ପଡ଼ିବେ, ଏଣୁ ଖଟରେ ଗଡୁଗଡୁ କହେ – 'ଏବେ ତ ଗପ କୁହ ଆଈ ।' ଆଈ କହନ୍ତି – 'ହଁ, ଆଜି କହିବି ବୁଢ଼ାବାଘ କଥା ।' ସୌମ୍ୟା କହେ – ନାଇଁ... ନାଇଁ... । ଆଈ ପଚାରନ୍ତି – 'ଆଉ କ'ଣ ସାଧବଘର ବୋହୂ କଥା ?' ସୌମ୍ୟା ବ୍ୟସ୍ତ ହୋଇ କହିଉଠେ – ନାଇଁ ଆଈ, କେଶବତୀ କନ୍ୟା କଥା କୁହ ।' ଆଈ ହସନ୍ତି । କହନ୍ତି – 'ହଁ ତୁ ତ ସେଇ କେଶବତୀ କନ୍ୟାର ପ୍ରେମରେ ପଡ଼ିଯାଇଛୁ । ହଉ ଶୁଣ... ।'

ଆଈ ନିଜ ଦେହ ସଳେଖଇ, ତା ପିଠିରେ ହାତ ଥାପି, ଆଖିରେ ଆଖି ରଖି କଥା ଆରମ୍ଭ କରନ୍ତି – 'ହଁ, ରଜାଝିଅକୁ ହାଟ ବାଟ ମନା, ନଈ ପୋଖରୀରେ ଗାଧୋଇବା ମନା, କାଳେ ତାର ଗହଳ କେଶରେ କା'ର ନଜର ଲାଗିଯିବ । ହେଲେ ଦିନେ ରଜାଝିଅ ନଈକି ଗାଧୋଇ ଯିବାକୁ ମନକଲା । ରାଣୀ ମନା କଲେ । ରଜା ମନା କଲେ । କାହା କଥା ଶୁଣିଲାନି । ତା'ର ଏକା ଜିଦ୍, ସେ ନଈକି ଗାଧୋଇଯିବ ତ ଯିବ । ରଜାଝିଅ ବିଲେଇ ଗୁହ ଭଣଭଣ ମୂଷାମାଟି ସଣସଣ କୁଡ଼ିଆଘରେ ଦଉଡ଼ିଆ ଖଟରେ ମୁହଁମାଡ଼ି ଶୋଇଲା । ରଜାଘରେ ହୁରି ପଡ଼ିଲା – ଜେମା ରୁଷିଛି, ଜେମା ରୁଷିଛି । ଖାଇବା ବେଳ ହେଲା । ଦାସୀମାନେ ଆସି ଉଠାଇଲେ –

'ଉଠ ଉଠ ଗୋ, ଆମ ସୁନ୍ଦରୀ ଜେମା
ଉଠ ଉଠ ଗୋ
ସିନାନ ସାରିବା ମଣୋହି କରିବା
ଶୁଖିଲାଣି ତୁମ ମୁଖ ଚନ୍ଦ୍ରମା
ଉଠ ଉଠ ଗୋ ।'

ରଜାଝିଅ ଦାସୀଙ୍କ କଥା ଶୁଣିଲାନି । ସେମିତି ମୁହଁମାଡ଼ି ପଡ଼ି ରହିଲା । ରଜାଘର ମାଳୁଣୀ ଆସି ଡାକିଲା –

'ଉଠ ଉଠ ଗୋ... ଆମ ସୁନ୍ଦରୀ ଜେମା ଉଠଉଠ ଗୋ... ।'

ରଜାଝିଅ ଆଦୌ ଉଠିଲାନି କି ମୁହଁଟେକି ଚାହିଁଲାନି । ଧାଇମା ଆସି ସ୍ନେହରେ ଡାକିଲା–

'ଉଠ ଉଠ ଗୋ... ଆମ ସୁନ୍ଦରୀ ଜେମା ଉଠଉଠ ଗୋ... ।'

ରଜାଝିଅ ତେବେ ବି ଉଠେନି, ଶୋଇଥାଏ ଚୁପଚାପ୍ । ଏଣେ ଆଈଙ୍କ ଧୀର ଲହରିଆ ଗୀତର ଯାଦୁରେ ସୌମ୍ୟା ବି ଶୋଇଯାଏ ଚୁପଚାପ୍ । କେଶବତୀ କନ୍ୟାର କାହାଣୀ ରହିଯାଏ ସେତିକିରେ ।

ପ୍ରତି ଗୁରୁବାର, ସଂକ୍ରାନ୍ତିରେ ଆଈଙ୍କ ମୁଣ୍ଡଧୁଆ ଗାଧୁଆ । ତା ଉପରକୁ ବ୍ରାହ୍ମଣ ଘରର ବାରମାସରେ ତେର ପର୍ବ । ଆଈଙ୍କ ମୁକୁଳା କେଶ ଦେଖିଲେ ସୌମ୍ୟାର ଲୋଭ ବଢ଼େ । ତାକୁ ହାତରେ କେମିତି କେମିତି କରି ପକାଇବାକୁ ମନ ଉଚ୍ଚାଟ ହୁଏ । ଗୁଲୁଗାଲିଆ ସୁନ୍ଦରିଆ ଛୁଆଟିଏ ଦେଖିଲେ ଯେମିତି କୋଳ କରିବାକୁ, ଗେଲ କରିବାକୁ ଇଚ୍ଛା ହୁଏ, ଠିକ୍ ସେମିତି ।

ଆଈ ଗୋଡ଼ ଲମ୍ବେଇ ଫୁର୍ସତରେ ବସି ଚଉଳରୁ ଧାନ ଗୋଡ଼ି କାଢ଼ିଲା ବେଳେ ଅବା କୁଲାରେ ସଜନା ଶାଗକୁ ପତ୍ରପତ୍ର କରି ବାଛିଲା ବେଳେ ସୌମ୍ୟା ପାନିଆଁ ଧରି ବସିଯାଏ ତାଙ୍କ ପଛରେ । ଦରଶୁଖିଲା କେଶକୁ ନେଇ ତା'ଖେଳ ଆରମ୍ଭ କରିଦିଏ । କେବେ ସ୍କୁଲଝିଅଙ୍କ ପରି ଦୁଇକଡ଼କୁ ଦୁଇଟି ବେଣୀ ବାନ୍ଧେ । କେବେ ଖଟର ଦଉଡ଼ି ପରି ଏକ୍‌ଦମ୍ ସରୁସରୁ କରି କେରିକେରି ଗୋଛାଏ ବେଣୀ କରେ ତ ଆଉ କେବେ ଖଜୁରି ପଟି ଗୁନ୍ଥିଲା ପରି ପାଞ୍ଚକେରି କି ସାତକେରି ବେଣୀ ଗୁନ୍ଥେ । ମୋଟାମୋଟି କହିବାକୁ ଗଲେ, ସ୍କୁଲ ସାଙ୍ଗଙ୍କଠୁ ଶିଖିଥିବା ଯାବତୀୟ କଳାକୌଶଳର ପରୀକ୍ଷା ନିରୀକ୍ଷା ଆଈଙ୍କ ସେଇ ଦୀର୍ଘ କେଶ ଉପରେ ହୁଏ । ଆଃ, କି ବିମଳ ଆନନ୍ଦ ମିଳେ ସେଇଥିରୁ ।

ଆଈ କେବେ ବି ରାଗନ୍ତିନି । ହଁ, ହାତରେ କାମ ଥିଲାବେଳେ ଟିକେ ବ୍ୟସ୍ତ ହୁଅନ୍ତି । ନହେଲେ ସୁଧାର ଗାଈ କ୍ଷୀର ଦୁହିଁଲା ବେଳେ ଚୁପଚାପ୍ ଠିଆ ହେଲାପରି ଆଈ ବି ନିର୍ବିକାର ଭାବରେ ବସିଥାଆନ୍ତି । ଆଈ ବହି ବି ପଢ଼ନ୍ତି ଖୁବ୍ । ଆଜେବାଜେ ବହି ନୁହଁ, ବଡ଼ବଡ଼ ଖ୍ୟାତନାମା ଲେଖକଙ୍କର ଗଳ୍ପ, ଉପନ୍ୟାସ, ଅନୁବାଦ ସାହିତ୍ୟ । କେବେକେବେ ଜଗନ୍ନାଥ ତତ୍ତ୍ୱ କି କୋଉ ପୁରାଣର ଜଟିଳ ବିଷୟ ବି ପଢ଼ି ବୁଝିବାକୁ ଚେଷ୍ଟା କରନ୍ତି । ଜ୍ୟୋତିଷ ଶାସ୍ତ୍ରଠୁ କାଳିଦାସ, ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରେ ରୁଚି ରଖନ୍ତି । ସେଇଥିପାଇଁ ବୋଧହୁଏ ଆଈ ଜ୍ଞାନୀ ମଣିଷଟିଏ ପରି କଥାବାର୍ତ୍ତା କରନ୍ତି । କଥାକଥାକେ ଡ଼ଗଡ଼ମାଳି ଗୀତ ଶ୍ଳୋକ ବୋଲନ୍ତି । ନୀତିବାଣୀର ଉଦାହରଣ ଦେଇ ସମସ୍ୟା ସମାଧାନର ବାଟ ବତାନ୍ତି । ଆଉ ସେଇଥିପାଇଁ ସୌମ୍ୟାର ମନତଳେ ଆଈଙ୍କ ପ୍ରତି ଅଶେଷ ସମ୍ମାନ, ଅନେକ ଶ୍ରଦ୍ଧା ।

ଆଈ ଘରର ସକଳ ହାନିଲାଭ ବୁଝନ୍ତି । ଅଜା ତ ସବୁଦିନେ ବାହାରେ ବାହାରେ । କି କି କାମରେ ବ୍ୟସ୍ତଥାଆନ୍ତି କେଜାଣି, ମାସେ ଦି ମାସରେ ଘରକୁ ଆସନ୍ତି । ଦି ଚାରିଦିନ ରହି ପୁଣି ବାହାରି ଯାଆନ୍ତି । ଅଳ୍ପ କଥା କହନ୍ତି । ଶୃଙ୍ଖଳାରେ ଚଳନ୍ତି । ତାଙ୍କ ପାଖ ପଶିହୁଏନା । ଅଳିଅର୍ଦ୍ଦଳି କରିହୁଏନା । ବେଳେବେଳେ ସୌମ୍ୟାକୁ ଲାଗେ, ଅଜା ଆଦୌ ଆଈଙ୍କ ମନଲାଖି ହୋଇନଥିବେ । ଏମିତି ଶୃଙ୍ଖଳା ମଣିଷଟିକୁ କ'ଣ ଆଈ ଭଲ ପାଉଥିବେ ।

ସେତେବେଳେ ସୌମ୍ୟା ପଞ୍ଚମ ଶ୍ରେଣୀ ବାର୍ଷିକ ପରୀକ୍ଷା ଦେଇ ମାମୁଘରକୁ ଯାଇଥାଏ । ଅଜା ସେମିତି କୁଆଡ଼େ ଯାଇଥିଲେ ଯେ ରାତିକୁ ଫେରିଲେ । ପୁଣି ସକାଳୁ ସକାଳୁ ବାହାରିଗଲେ । ସୌମ୍ୟା ଉଠିଲାବେଳକୁ ଅଜା ଘରେ ନଥିଲେ । କି ମଣିଷ ! ସବୁବେଳେ ଖାଲି କାମ-କାମ, ଲୋକଙ୍କ ସମସ୍ୟା–ଜନସେବା । ଜନସେବା କ'ଣ, ପଞ୍ଚମ ଶ୍ରେଣୀର ସୌମ୍ୟା ତ କିଛି ବୁଝେନା । ହେଲେ ଗୋଟିଏ ପ୍ରଶ୍ନ ବେଳେବେଳେ ତାକୁ ଅଥୟ କରେ । ସେ ଦିନ ଦି ପହରେ ଆଈଙ୍କ ଗୋଡ଼ ଉପରେ ଗୋଡ଼ ଲଦି ଶୋଇ ଗେହ୍ଲେଇ ହେଇ ପଚାରିଦେଲା, ଆଈ, ସତ କହତ, ଅଜା ତମର ଏଇ ଲମ୍ବାବାଳକୁ ପସନ୍ଦ କରନ୍ତି ? କ'ଣ କହନ୍ତି ଯେ ?

ଆଈ ତା'କଥା ଶୁଣି ମୁରୁକେଇ ହସିଦେଲେ । ବଡ଼ ରହସ୍ୟମୟ ଢ଼ଙ୍ଗରେ କହିଲେ – 'ଶୁଣିବୁ କ'ଣ କହନ୍ତି ? ତୋ ଅଜା ଗୀତରେ କହନ୍ତି –

'ଘନ କୁନ୍ତଳାରେ, କାହିଁକି ବିରସ ଆଜ
ତୋ' ପାଇଁ ଆଣିଛି ଝରାମୋତିଫୁଲ
ବେଣୀ ବାନ୍ଧି ହୁଅ ସଜ ।
ଘନ କୁନ୍ତଳାରେ, କାହିଁକି ବିରସ ଆଜ ।'

ସୌମ୍ୟା ଉଲ୍ଲସିତ ହେଲା, 'ଆରେ ବାଃ, ଅଜା ଏତେ ସୁନ୍ଦର ଗୀତ ଜାଣନ୍ତି ? ଏବେ ତ କାଇଁ ତମକୁ ସେମିତି କହୁନାହାନ୍ତି ।' ଆଈ ଲାଜେଇଲା ପରି କହିଲେ – 'ଦୂର ହୁଣ୍ଡି, ଏବେ ତାଙ୍କୁ ଗାଇବାକୁ ବେଳ କାଇଁ, ମୋତେ ଶୁଣିବାକୁ ବେଳ କାଇଁ । ସେସବୁ ନୂଆନୂଆ ବାହାଘର ବେଳର କଥାନା ।'

ସେଇ କିଶୋରୀ ବୟସରେ ତା'ର ବି ଝୁଙ୍କ ଉଠିଥିଲାକେଶ ବଢ଼ାଇବାକୁ । ଦିନେ ଗେହ୍ଲେଇ ହେଇ ମା'ଙ୍କ ଆଗରେ ମନକଥା କହିଥିଲା । ମା କିନ୍ତୁ ପଦେ କଥାରେ କାଟିଦେଲେ – 'ମୁଣ୍ଡରେ ବୋଝେ ବାଳ ରଖିବୁ ଯେ ତାକୁ ଦେଖିବ, ଘରର ଯାବତୀୟ କଥା ବୁଝିବି ନା ପଢ଼ିଉଠି ଚାକିରି କରିବାକୁ ଯିବି ? ତା ଉପରେ ପୁଣି ସ୍କୁଲରୁ ସାଙ୍ଗମାନଙ୍କଠୁ ଉକୁଣୀ ଆଣିବୁ । ନା ବାବା ନା... ।'

ମା'ଙ୍କର ରୋକ୍‌ଠୋକ୍ କଥାରେ ଆଖି ଛଳଛଳ କରିଥିଲା ସୌମ୍ୟା । ପରେ ଅବଶ୍ୟ ଅନୁଭବ କରିଥିଲା, ତାଙ୍କ କଥାରେ ସତ୍ୟତା । ନିଜ ମନକୁ ବୁଝେଇଥିଲା, ବଡ଼ହେଲେ, ଯେତେବେଳେ ନିଜ

କାମ ନିଜେ କରିପାରିବ ତ ନିଶ୍ଚୟ ବାଳ ବଢ଼େଇବ। ଆଉ କେବେ ବି କଇଁଚି ଛୁଇଁଇବନି। ଦକ୍ଷିଣୀ ନର୍ତ୍ତକୀ ଭଳି ଚିକ୍କଣ କରି ଲମ୍ବାବେଣୀ ଛାଡ଼ି କଲେଜ ଯିବ। ତା ସାଙ୍ଗମାନେ ଈର୍ଷା କଲାବେଳେ ସେ ଆମୋଦିତ ହେବ। ଏମିତିରେ କଲେଜ କେରିଅରରେ ଖରାଛୁଟିରେ ତା ବାଳ ବେଶ୍ ବଢ଼ିଯାଉଥିଲା। ତେବେ ସତରେ ସେ ଯତ୍ନ ନେଇ ପାରୁନଥିଲା। ସେ ଖରାଦିନ ମାନଙ୍କରେ କୁଆଡୁ ଏତେ ଆଳସ୍ୟ ମାଡ଼ିବସେ କେଜାଣି, କେତେ କଥା କରିବାକୁ ଭାବିଥାଏ, ଅଥଚ ହାଲ୍କା ଫୁଲ୍କାରେ ଶୋଇବସି ଦିନ କଟିଯାଏ। ଆଉ କଲେଜ ଖୋଲିବାବେଳକୁ ପୁଣି କେଶତକ ସାଇଜ୍ କରିନିଏ।

ତା'ପରେ କ୍ରମେ ପାଠପଢ଼ା ଆଉ କେରିଅର୍ ଗଢ଼ିବାର ନିଶା ତଳେ ଅନ୍ୟ ସବୁକିଛି ଚାପି ହୋଇଯାଇଥିଲା, ଲାଞ୍ଚ ଦେଇ ପାରୁନଥିବା ଆଦର୍ଶ ପ୍ରାଇମେରୀ ଶିକ୍ଷକର ପେନ୍‌ସନ୍ ଫାଇଲ୍ ପରି। ଏବେ ଅବଶ୍ୟ ତା ବାଳତକ ହାତରେ ଜୁଡ଼ାଟିଏ ବୁଲେଇଲା ଭଳି ଟିକେ ଅଧିକ ଲମ୍ବା ହୋଇଯାଇଛି। ହେଲେ ଆଈଙ୍କ ଭଳି ତ ନୁହଁ ନା।

ରୋଷେଇ ଘରେ ଚ' ପିଉପିଉ ପୂର୍ବପଟ କାନ୍ଥ ଆଡ଼କୁ ଚାହିଁ ରହିଥିଲା ସୌମ୍ୟା, ସତେକି ସେଇ କାନ୍ଥରେ ତା ଅତୀତ ସବୁ ଜଳଜଳ କରି ଦେଖାଯାଉଥିଲା। ଶାଶୂଙ୍କ ଡାକରେ ସଚେତନ ହେଲା। ମନ୍ଦାରମା କାମ ସାରି ତା ଘରକୁ ଯିବାକୁ ବାହାରୁଥିଲା। ଦିପହର ରୋଷେଇର ବଳକା ଛତୁ ତରକାରି ଆଉ ଆମ୍ବିଳତକ ତାକୁ ଦେବାକୁ ସେ କହୁଥିଲେ। ତାଙ୍କ କଥା ଶୁଣି ବଡ଼ଯା ଫିସ୍‌ଫିସ୍ କରି କହୁଥିଲେ - 'ଟିକେ ମୁଣ୍ଡ କୁଣ୍ଡେଇ ଦଉଛି ବୋଲି ତା ଭାଉ ଦେଖ।'

ମନ୍ଦାରମା ଏମିତି ସବୁଦିନେ ଆସେ। ନିଠେଇନିଠେଇ ଶାଶୂଙ୍କ ମୁଣ୍ଡରେ ତେଲ ଘଷେ। କେରିକେରି କରି ଯତନରେ ଗହଳିଆ କେଶରୁ ଅଡୁଆ ଛଡ଼ାଏ। ଚା'ପିଏ, ଗପ କରେ ଆଉ ବଳକା ଯାହା ମିଳିଲେ ଧରି ତା ଘରକୁ ଯାଏ। ସେଦିନ ଖବର ପଠେଇଲା, ଜରୁରୀ କାମରେ ତା ବାପଘରକୁ ଯାଉଛି। ଦଶ ପନ୍ଦର ଦିନ ଲାଗିଯିବ ଫେରିବାକୁ।

ଅପରାହ୍ନର ଚା କପ୍‌ଟି ଶାଶୂଙ୍କ ହାତକୁ ବଢ଼ାଇଦେଇ ଚୁପ୍‌ଚାପ୍ ତାଙ୍କ ପାଖରେ ଠିଆହେଲା ସୌମ୍ୟା। ଶାଶୂଙ୍କ ନୁଖୁରା କେଶକୁ ଚାହିଁ ଆସ୍ତେ କହିଲା - 'ମା, ଆଜି ମୁଁ ଆପଣଙ୍କ ମୁଣ୍ଡ କୁଣ୍ଡାଇଦେବି ?' ଶାଶୂଙ୍କ କାନକୁ ତ ସୌମ୍ୟାର କଥା ଠିକ୍ ଶୁଭିଲା, ଅଥଚ ବିଶ୍ୱାସ ହେଲାନି ବୋଧହୁଏ। ସେ ଆଖି ଟେକି ଚାହିଁଲେ। ଚାହାଣିରେ ତାଙ୍କର ପ୍ରଶ୍ନବାଚୀ। ସୌମ୍ୟା ତା କଥା ଦୋହରାଇଲା - 'ହଁ, ମା, ମନ୍ଦାରମାଙ୍କ ଭଳି ହୁଏତ ଜାଣିବିନି। ହେଲେ ଚେଷ୍ଟା ତ କରିବି।'

'ହଁ ହଁ, କାହିଁକି ନୁହଁ' - ଶାଶୂଙ୍କ ସ୍ୱରରେ ଆଗ୍ରହ ସ୍ପଷ୍ଟ ବାରି ହେଉଥିଲା। ସୌମ୍ୟା ତରତରରେ ତେଲ ପାନିଆଁ ଧରି ବସିଗଲା ଶାଶୂଙ୍କ ପଛପଟେ, ସତେକି ପ୍ରଥମ ଥର ପାଇଁ ତାକୁ ଗୋଟିଏ ବଡ଼ ଦାୟିତ୍ୱ ମିଳିଯାଇଛି ଓ ତାକୁ ସୁଚାରୁ ରୂପେ ସଂପାଦନ କରି ନିଜର ଦକ୍ଷତା ପ୍ରତିପାଦନ କରିବାର ଅଛି। ଏଇ ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରିବାର ନୁହଁ। ପରମ ଆଗ୍ରହରେ ସୌମ୍ୟା ଶାଶୂଙ୍କ ଜୁଡ଼ା ଫିଟାଇଲା। ଧୀରେଧୀରେ ତେଲ ଲଗାଇ ଅତ୍ୟନ୍ତ ସନ୍ତର୍ପଣରେ ଅଡୁଆ ସବୁକୁ ଛଡ଼ାଇବାରେ ଲାଗିଲା, ସତେକି କାହାଣୀର ରଜାଝିଅ, ସୁନ୍ଦରୀ କେଶବତୀ କନ୍ୟା ତା ଆଗରେ କେଶ ମୁକୁଳାଇ ବସିଛି ଆଉ ସେ ସାମାନ୍ୟ ଦାସୀଟିଏ ମାତ୍ର। ଶାଶୂଙ୍କ ନରମ କେଶରେ ହାତ ବୁଲାଉବୁଲାଉ ସୌମ୍ୟା ସତରେ ହଜିଯାଉଥିଲା ସେଇ କାହାଣୀ ଭିତରେ। ଆଃ କି ସୁନ୍ଦର ବାସ୍ନା, କି ଅଦ୍ଭୁତ କୋମଳତା ! ଅତୀତର ସୁଖଦ ଅନୁଭବର ସୂକ୍ଷ୍ମଖିଅଟିଏ ଖୋଜି ପାଇଯାଇଛି ଯେପରି ସୌମ୍ୟା। ହୃଦୟରେ ପୁଲକ, ଶରୀରରେ ରୋମାଞ୍ଚ। ସେଇ ମୁହୂର୍ତ୍ତରେ ପୃଥିବୀର ସର୍ବଶ୍ରେଷ୍ଠ ସୌଭାଗ୍ୟବତୀ ବୋଲି ମନେ ହେଉଥିଲା ତାର। ଅନ୍ତରର ସହ କାମନା କରୁଥିଲା, ଘଣ୍ଟାକଣ୍ଟା ଏଇଠି ସ୍ଥିର ହୋଇଯାଆନ୍ତା କି ଜୀବନରେ ଆଉ କିଛି ବି କରିବାର ନ ଥାଆନ୍ତା କି !

ତୁଳସୀ ଚଉଁରାରେ ସଂଜ ଦେଇ ଫେରିଲାବେଳକୁ ଶାଶୂଙ୍କ ସ୍ୱର କାନରେ ପଡ଼ିଲା, ସେ ତାଙ୍କ ଶୋଇବା କୋଠରିରେ ବସି କାହା ସହ କଥା ହଉଥିଲେ - 'ହଁ ଲୋ, ମନ୍ଦାରମା ତା ବାପଘରକୁ ଗଲା ପରା। ଆଜି ସାନବୋହୂ ମୋ ମୁଣ୍ଡ ବାନ୍ଧିଦେଲା। ଯା'ହଉ ଭଲ ସଂସ୍କାର ପାଇଛି ଝିଅଟା। ନହେଲେ ବଡ଼ବୋହୂ କଥା ତ ଜାଣିଛୁ...।'

ସୌମ୍ୟା ମନେମନେ ହସିଲା, ଏ ଯୁଗରେ ବି ଶାଶୂମାନେ ଅପେକ୍ଷା ରଖନ୍ତି, ବୋହୂ ସକାଳୁ ଗାଧୋଇ ତାଙ୍କ ପାଦଧୁଆ ପାଣି ସେବନ କରୁ। ଦି'ପହରେ ତାଙ୍କ ମୁଣ୍ଡ କୁଣ୍ଡେଇଦଉ। ପାଦରେ ଅଳତା ଲଗେଇଦଉ। ଆଉ ସକଳ କାମ ସାରି ରାତିରେ ଗୋଡ଼ ଘଷିଦଉ। ଯା ହଉ, ତାକୁ ଖୁସି ଲାଗିଲା, ତା କାମ ଶାଶୂଙ୍କ ପସନ୍ଦକୁ ଆସିଛି। ଏଣିକି ଅନ୍ତତଃ ସେ ଏଠିଥିବା ଯାଏ ଆନନ୍ଦରେ ଶାଶୂଙ୍କ କେଶ ବାନ୍ଧିପାରିବ, ଏହା ତ ନିଶ୍ଚିତ ହୋଇଗଲା। ଏକ ମୋଟା ଅଙ୍କର ବିଲ୍ କ୍ଷଣକରେ ପାସ୍ ହୋଇଗଲେ ଠିକାଦାର ଯେମିତି ଗଦ୍‌ଗଦ ହୋଇଯାଏ, ଶାଶୂଙ୍କ ସ୍ୱୀକୃତିପୂର୍ଣ୍ଣ ବାକ୍ୟରେ, ତା ଗୋପନ ଅଭିଳାଷ ପୂର୍ତ୍ତିର କାମନାରେ ସୌମ୍ୟାର ପ୍ରାଣ ସେପରି ଉଲ୍ଲସିତ ହୋଇଉଠିଲା।

ସେଇ ସଂଜ ପହରଠୁ ଏକ ଖୁସିଖୁସି ଭାବ ତାକୁ ଆବୋରି ବସିଥିଲା। ରାତିରେ ନିଜ କୋଠରିରେ ବିଛଣା ସଜାଡୁସଜାଡୁ ସେ ମନେମନେ ସ୍ଥିର କଲା - ନାଃ, ଆଉ ନୁହଁ, ଏଥର କେଶ ବଢ଼ାଇବାକୁ ହେବ। କ୍ରମେ କେଶ ଲମ୍ବା ହୋଇଯିବ, ଶାଶୂଙ୍କ ଭଳି, ଆଈଙ୍କ ଭଳି... ନା ନା, ତା କେଶ ଆହୁରି ଲମ୍ବା, ଆହୁରି ଘନ ହେବା ଦରକାର, ଠିକ୍ କେଶବତୀ କନ୍ୟା ଭଳି। ସୌମ୍ୟା ଝରକା ସେପଟେ ଶୂନ୍ୟରେ ଦେଖୁଥିଲା କେଶବତୀ କନ୍ୟାର ତରଙ୍ଗାୟିତ କେଶ ଦୂରକୁ ଦୂରକୁ ଲମ୍ବି ଯାଉଥିବାର, ଆଉ ନିଜେ ସେଇ କେଶବତୀ କନ୍ୟା ପାଲଟିଯାଉଥିଲା। ହଜିଲା ଗୀତର ପଦଟିଏ ତା ପାଟିରୁ ଝରି ଆସୁଥିଲା 'ଘନ କୁନ୍ତଳାରେ... ଘନ କୁନ୍ତଳାରେ... କାହିଁକି ବିରସ ଆଜ...।'

*ମନ୍ଦାରବଗିଚପଡ଼ା, ଭବାନୀପାଟଣା*
*ଦୂରଭାଷ: ୮୮୯୫୪୭୮୩୩୪*

# ସୁଖ ଫେରେ.... ଦୁଃଖ ଫେରେ କେତେବାଟ ଦେଇ

ଚିନ୍ମୟ ରାୟ

ଏକ ଅଦେଖା ନଦୀର ନାଁ ସମୟ, ଅଦେଖା ସମୟର ନାଁ ମହାକାଳ, ସେଥିପାଇଁ ସମୟର ଧାରା, ସମୟର ପ୍ରବାହ କୁହାଯାଏ । କିଏ କେଉଁଠି ପହଂଚିଯାଏ ଜାଣିହୁଏନାହିଁ । ସମୟ ବିରୂପ କରେ, ସମୟ ଶ୍ରୀ ସମ୍ପନ୍ନ କରେ । ସମୟର ଧାରାରେ ସୁଖଦୁଃଖର ଉର୍ମି ଉଠୁଥିଏ.... ମଣିଷର ଅନ୍ତରସାକ୍ଷୀ କେବଳ ରହିଥାଏ । ଅବଶ୍ୟ ସମୟର ନଇ ଆଉ ଫେରେନାହିଁ.... ।

ଏମିତି କାଳର କୁଟିଳଗତିରେ ଚଉଦବର୍ଷର ଝିଅଟିଏ ତା' ବାପା ମା' ବର୍ଷା ଋତୁର ବଢ଼ିଲା ନଈରୁମାଛ ମାରିବାକୁ ଯାଇ ଆଉ ଫେରିଲେ ନାହିଁ । ସାହିର ଆଉ ଛ'ଜଣଙ୍କ ସହିତ ଦିହେଁ ଭାସିଗଲେ । ପଦ୍ମାନଦୀକୁ ଶତ୍ରୁଭାବିଲା ସେ ଝିଅ କାଇଁଚ । ସବୁଦିନକୁ ସାହିରେ, ବନ୍ଧୁବାନ୍ଧବ କହିଲେ, କୁଲକ୍ଷଣି ଏ ଝିଅଟା ଏତେ କମ୍ ବୟସରୁ ବାପା ମା'ଙ୍କୁ ହରାଇଲା । ଅଘଟଣର କିଛିଦିନ ପରେ ବିବାହିତା ବଡ଼ ଭଉଣିର ଦରଦ ହେତୁ ତାକୁ ଆପଣେଇ ନେଲା । ଭିଣୋଇ ଭଲ, ସେ ଉପରଠାଉରିଆ ମନ୍ତବ୍ୟକୁ ଗୁରୁତ୍ୱ ଦିଅନ୍ତି ନାହିଁ । ବରଂ କୁହନ୍ତି ଆମ କାଇଁଚର ଲକ୍ଷ୍ମୀହାତ-ସେଦିନ କି ତୃପ୍ତିକର ଦହିମାଂଜା, ସଜନା ଫୁଲ ରାଇତା ତିଆରି କରିଥିଲା । ସନ୍ଦେଶ ଭଲ ତିଆରି କରୁଛି.... ଆଉ କିଛି ଡିଜାଇନ୍ ତାକୁ ଶିଖାଇ ଦିଅ । ଆଉ ଗୋଟିଏ ପ୍ରଶଂସାପତ୍ର ଯୋଡ଼ି ଭଉଣି କହିଲା: ତୁମେ ଦେଖିନ ଏଇ ମଠରେ ଉତ୍ସବ ପାଇଁ କି ମନୋହର ମାଳା, ତୋଡ଼ା, ଝୁମ୍କା ଝରା ସେଦିନ ତିଆରି କରିଥିଲା । କାଇଁଚ କଳାବତୀ ନିଶ୍ଚୟ ।

କାଇଁଚ ଅଷ୍ଟମ ଯାଏଁ ପଢ଼ିଥିବାରୁ ଭଉଣୀଘର ଆଖପାଖରୁ ୩ୟ/୪ର୍ଥ ଶ୍ରେଣୀ ପିଲାଙ୍କୁ ଘରେ ସକାଳବେଳା ପଢ଼ାଇ ଯାହା ମାସିକ ଆୟ ମିଳିଲା, ଭଉଣୀକୁ ଧରାଇଦେଲା । ଭଉଣୀର ପୁଅ, ଝିଅ ଦିହେଁ ମାଉସୀ ପାଖରେ ଥାଇ କୁଆଡ଼େ ତାକୁ ଛାଡ଼ନ୍ତି ନାହିଁ । ଦିନ ପରେ ଦିନ ବିତିଲା । ଭିଣୋଇଙ୍କର ହାଓଡ଼ା ଷ୍ଟେସନ ନିକଟସ୍ଥ ତା' ଗୁମୁଟି ଭଳିକି ଭଳି ସନ୍ଦେଶ ତିଆରି କରୁକରୁ ଜନାଦୃତି ବଢ଼ିଲା । ସେଇ ଦୋକାନକୁ ସନ୍ଦେଶ ପସନ୍ଦ କରି ଖାଇବାକୁ, ଘରକୁ ନେବାକୁ ଆସୁଥିବା 'ମେଗା ଗାର୍ମେଣ୍ଟ ସୋ'ରୁମ୍'ର ଏରିଆ ମ୍ୟାନେଜରଙ୍କ ଦରଦ ହେତୁ କାଇଁଚ ଅଠରବର୍ଷରେ ସେଲ୍ସ ଗାର୍ଲ ହୋଇ ଯୋଗଦେଲା । ଭିଣୋଇ ଭଉଣୀ ଖୁସିହେଲେ ଯେହେତୁ ସେଇଠି ମହିଳା ଷ୍ଟାଫ୍ ଅଧିକଥିଲେ । ଦିନ ଏଗାରରୁ ପାଞ୍ଚ- ଛ' ଘଣ୍ଟା ଶ୍ରମଦାନରେ ଆୟ ଉତ୍ତମ ଥିଲା । ମାଲିକ କୋଟିପତି ଦେବେନ୍ ସିକ୍‌ଦାର ଦେବୋପମ ମାନବ ଥିଲେ । ବଟବୃକ୍ଷ କେତେ ଜୀବକୁ ଛାୟା ଓ ନିରାପଦ ଆଶ୍ରୟ ଦେବାଭଳି ଶତାଧିକ ଯୁବକ, ଯୁବତୀକୁ ବସ୍ତ୍ର ବିପଣିରେ ଦେବେନ୍ ଦାନାପାଣିର ଶାନ୍ତି ଦେଇଛନ୍ତି । ସେଇଠି କିଛି ପ୍ରୌଢ଼ା ମଧ୍ୟ କାମକରୁଥା'ନ୍ତି । ତାଙ୍କ ଜୀବନରେ ଚାପ ଅଧିକ । କାଇଁଚ ନିଜେ ଖାଇନଥିବ ସହକର୍ମୀଙ୍କୁ କିଣି ଖୁଆଇଦେବ । ଭିଣୋଇଙ୍କ ହାତ ପ୍ରସ୍ତୁତ ସନ୍ଦେଶ କେବେ ଖୁଆଇ କାଇଁଚ ଓରଫ୍ ମିଷ୍ଟି ତା'ର ଉପନାମ ହୋଇ ଗଲା । ସୋ'ରୁମ୍‌ରେ କାର୍ଯ୍ୟରତ ବୁଢ଼ୀମାଉସିଙ୍କର ଅସୁବିଧା ଜାଣି ନୂଆଶାଢ଼ୀ କାଇଁଚ ନିଜପାଇଁ କରିନଥିବ, ପୂଜାପର୍ବରେ ଟାଙ୍ଗାଇଲ୍ କଟନ୍‌ଶାଢ଼ୀ ଧରାଇ ଦରମାରୁ ମୋର କାଟିଦେବେ ଆକାଉଣ୍ଟାଣ୍ଟଙ୍କୁ ବାଧ୍ୟକରି କହିଥିବ । ଆଶ୍ରୟ ଦାତା ଭଉଣୀ ଭିଣୋଇଙ୍କର ଶୁଭ ମନାସି ସେ ମା' କାଳୀ, ମା' ତାରାଙ୍କ ପାଖେ ଦୀପ ଜଳାଇବ । ସେ ଦିହେଁ ଯଥାର୍ଥ ସୁରକ୍ଷା ଦେଇନଥିଲେ କ'ଣ ହୋଇ ଥା'ନ୍ତା ତା'ର ଜୀବନ ! କାଇଁଚ ଆଗକୁ ଭାବିପାରେନାହିଁ, ମୁଣ୍ଡ ଘୂରି ଆଖିରୁ ଲୁହ ଠପ୍ ଠପ୍ ଖସିଯାଏ । ରାତି ଆଠ.... ସିକ୍‌ଦାର ସାହେବଙ୍କର ଡାକରା ଆସିଲା । କାଇଁଚର ଘର ଆଗେ କାର୍ ଅଟକିଲା । ଆପାର୍ଟମେଣ୍ଟରୁ କିଛି ଅଶୁଭଦର୍ଶୀ ଲୋକେ ଉଙ୍କିମାରିଲେ । ଆଶ୍ରିତା ତରୁଣୀ ବୋଧେ ନୂଆଧନ୍ଦାରେ ଆଦିଠୁଁ ସାମିଲ ହେଲା, ମହିଳାମାନେ ମତଦେଲେ । କାଇଁଚ ସିକ୍‌ଦାର ସାହେବଙ୍କର ମତିଗତି ଭଲରୂପେ ଜାଣିଥିବାରୁ ଭଉଣିକୁ କହି ଯାନରେ ବସିଲା । ଗୋଦାମ ଦିଗେ ଗାଡ଼ି ଆଗେଇଲା । ଦଶମିନିଟ୍‌ରେ କାର୍‌ରୁ ଓହ୍ଲାଇ ଗେଟ୍ ପାଖେ ସିକ୍‌ଦାର ସାହେବଙ୍କୁ ଦେଖି ପ୍ରଣାମ କଲା । ଆସ ଆସ କାଇଁଚ ଆସ... । ଜରୁରୀ ଥିଲା ତ..... ? ଗତ ସପ୍ତାହରେ ଆମରି ଷ୍ଟାଫ୍‌ଙ୍କଠାରୁ ଶୁଣିଥିଲି ଡିସ୍‌ପ୍ଲେ ପାଇଁ ତୁମେ ଯେଉଁ ଶାଢ଼ୀ, ଡ୍ରେସ୍ ଆଇଟମ ସେଦିନ ବାଛିଥିଲ....ଦି' ଘଣ୍ଟାରେ ସେସବୁ ସେଲ୍‌ଆଉଟ ହୋଇଗଲା । ହଁ ଦି' ଦିନ ପରେ ଆମର ତିରିଶି ଜଣିଆ ଟିମ୍ ଓଡ଼ିଶା ଯିବ । ଭୁବନେଶ୍ୱର "କଳିଙ୍ଗ ଅଶୋକ ହୋଟେଲ୍", କଳ୍ପନା ଛକ.... ତୁମେ ଯିବ କି ? ଧିରେ କହିଲା ଭିଣୋଇକୁ ମୁଁ ପଚାରି କହିବି । ଠିକ୍ ଅଛି.... ସେଠି ଗୋଟିଏ ମାସର ପ୍ରଦର୍ଶନୀ.... କିଛି ଡିସ୍‌ପ୍ଲେ ଆଇଟମ୍ ବାଛି ଦିଅ । ତିରିଶିମିନିଟ୍‌ରେ କାଇଁଚ ଚାଳିଶିଟି ଶାଢ଼ୀ ଡିସ୍‌ପ୍ଲେ ପାଇଁ ଆଉ ବାଇଶିଟି ଡ୍ରେସ୍ ବାଛି ଦେଲା । କାର୍‌ରେ ଫେରିବା ଆଗରୁ ସିକ୍‌ଦାର ସାହେବ୍ ତିନିଶହ ଟଙ୍କା ଓ ମିଠା ପ୍ୟାକ୍ କାଇଁଚକୁ ଧରାଇ ଧନ୍ୟବାଦ କହିଲେ । ଘରେ ପହଁଚି କାଇଁଚର ଝିଆରି ପୁତୁରା ମିଠା ଖାଇଲେ । ଓଡ଼ିଶା ପଠାଇବାକୁ ଭିଣୋଇ ଭଉଣି ସହ ମତ ହେଲେ । ଅନ୍ୟ ବାନ୍ଧବୀଙ୍କଠୁ କାଇଁଚ ଶୁଣିଲା: ଓଡ଼ିଶାରେ ମହିଳାଙ୍କର ସାବିତ୍ରୀବ୍ରତ ଆଉ ଝିଅଙ୍କର ରଜ, ରାଜ୍ୟ ବ୍ୟାପି ଗଣପର୍ବ । ମଇ ୯,୧୦ରୁ ଜୁନ୍ ୧୪,୧୫ ପାଞ୍ଚ ସପ୍ତାହ ଧରି ବ୍ୟବସାୟ । "କୋଲୋକାତା ଟ୍ରେଡ୍‌ଫେୟାର" 'କଳିଙ୍ଗ ଅଶୋକ'ର ପଛଗେଟ୍‌ରେ ଏଇତୋରଣ.... ରଂଗୀନ୍ ଆଲୋକମାଳା ସଜ୍ଜିତ ପୁଣି ପ୍ରମୁଖ ଖବର କାଗଜରେ ବିଜ୍ଞାପନ ଦିଆଯାଇଛି । ଅଠର ଜଣ ଷ୍ଟାଫ୍‌ଙ୍କ ସହିତ କାଇଁଚ ଭୁବନେଶ୍ୱର ଯିବାକୁ 'ଧଉଳି ଏକ୍ସପ୍ରେସ୍'ରେ ବସିଛି । ମାଲପତ୍ର, ତମ୍ବୁ, କାଠବାଉଁଶ ବାହାର ସେଡ୍ ପାଇଁ ଲଦିକି ଦୁଇଟି ଲେଲ୍ୟାଣ୍ଡ ଟ୍ରକ୍ ଗତରାତିରୁ ଓଡ଼ିଶା ବାହାରିଯାଇଛି । ଧଉଳିର ମୁକୁଳାବଗିରେ ସେମାନଙ୍କର ଆଲୋଚନା: ଭୁବନେଶ୍ୱରରେ ପୂର୍ବବର୍ଷ ଭଲ ସେଲ୍ ହୋଇଥିଲା । ଏଥର ସମୟ କାଢ଼ି ଧଉଳିଗିରି, ନନ୍ଦନକାନନ ଆମେ ବୁଲିଆସିବା... ପ୍ରଦର୍ଶନୀ ସ୍ଥଳ କଳ୍ପନାଛକରେ ଅଟୋ, ଟାଉନ୍ ବସ୍‌ର ଖୁବ୍ ସୁବିଧା । ସମୟ ହେଲେ

ଜଗନ୍ନାଥଙ୍କୁ ଦର୍ଶନ କରିବା । କାଇଁଚର ଏ ପ୍ରଥମ ଥର ଗସ୍ତ ସବୁ ଶୁଣି କିଛି କହୁନଥାଏ ।

ପ୍ରଥମ ଥର ଦେଖିଲା କାଇଁଚ ପ୍ରଦର୍ଶନୀକୁ ଆସୁଥିବା ରାଜଧାନୀର ମହିଳାବର୍ଗ କେତେ ଭଦ୍ର, ସମ୍ଭ୍ରାନ୍ତ ଓ ରୁଚିଶୀଳ । ମହିଳାମାନେ ମୁଣ୍ଡରେ ଓଢ଼ଣା ଦେଇକି ପିଲାଙ୍କର ପୋଷାକ, ଲୁଗା ବାଛିଛନ୍ତି । ତା'ର ମନେ ପଡ଼ିଲା ଓ ସାଥୀଙ୍କୁ କହିଲା ମୋ'ର ଦୂର ସଂପର୍କୀୟ ମାଉସୀ ଜଣେ ମିଦ୍‌ନାପୁର ଉଡ଼େ ପରିବାରରେ ବିଭା ହୋଇଛନ୍ତି । ସହକର୍ମୀ କାକଳି ଓ ଭାସ୍ୱତୀ ପଚାରିଲେ ସେଇଟା କି ସାଙ୍ଗିଆ । କାଇଁଚ ବୁଝାଇଲା ମେଦିନୀପୁର ଓଡ଼ିଶାର ଥିଲା, ସେଇଠି କେତେ ମହାନ୍ତି...ମାଇତି ହୋଇଗଲା, ପଣ୍ଡା ପାଣ୍ଡେ ଆଉ ଜେନା ଦାନା ହୋଇଗଲେ । ଏଇତ ୪୦/ ୫୦ ବର୍ଷ ତଳର ପରିବର୍ତ୍ତନ । ବାଃ, ବାଃ ତୁ ହିଷ୍ଟ୍ରି ମାଷ୍ଟ୍ରାଣିରେ ବାବା.... କାକଳି ଓ ଭାସ୍ୱତୀଙ୍କୁ ଦୀପେନ୍ ବୁଝାଇଲା : କେତେ ବାର ତୁମକୁ କହିଛି ଆମ କାଇଁଚ ଫୁଟି ପାରିନଥିବା ଏକ କୁସୁମ । ତା'ର ମହକ ଦିନେ ନିଶ୍ଚୟ ବିସ୍ତାରିତ ହେବ । ଭୁବନେଶ୍ୱରରେ ଲଗାତର ବର୍ଷ ପରେ ବର୍ଷ ପ୍ରଦର୍ଶନୀ ଆସିବାରୁ ସେଇ ସ୍ଥାନରେ ଚାଲିଛି । କାଇଁଚ ପ୍ରାୟ ପ୍ରତିବର୍ଷ ଆସିଥାଏ । ମୁଁ ପ୍ରାୟ କ୍ରେତା ଓ ପରିଦର୍ଶକ ହୋଇ ଯାଏ । ଦେଖେ ପ୍ରଦର୍ଶନୀ ବିକାଳିଙ୍କ ଭିତରେ କେମିତି ନିଆରା ଲାଗେ କାଇଁଚ । ବର୍ଷ ପରେ ବର୍ଷ ସେଇ ପତଳା ଝିଅଟି ରଂଗୀନ୍ ଶାଢ଼ୀ ବିକ୍ରିକରେ ହସିହସି କିନ୍ତୁ ତା'ର ସୀମନ୍ତ ରଂଗୀନ୍ ହୁଏନାହିଁ । ଭାବେ ତିରିଶି ଟପିଯିବଣି ଆଉ କ'ଣ ସେ କେଉଁଠି ବିବାହ କରିବ! ୨୦୧୪, ୧୫,୧୬ ମସିହାରେ କିଛି ସଂକୁଚିତ ହୋଇ ଆସିଲା ସେହି ଟ୍ରେଡ୍‌ଫେୟାର । ଷ୍ଟାଫ୍‌କମ୍, ଷ୍ଟକ୍‌କମ୍, ଷ୍ଟଲ୍ ସୀମିତ । ସାଜସଜ୍ଜା ଆଉ ସେତେ ଗର୍ଜିଅସ୍ ନୁହେଁ । କେମିତି ଉତ୍ସାହହୀନ ପରିବେଶ । ମୁଁ ଜଣକୁ ପଚାରିଲି ମୋ' ଭାଣିଜୀ ପାଇଁ ଡ୍ରେସ୍ କିଣିଲାବେଳେ....୨୦୧୪ରୁ ଏମିତି କାଇଁକି ଏମିତି ବଦଳିଗଲା ଏଇ ବହୁବର୍ଷର ଫେୟାର । ଆଜ୍ଞା, ମୁରବୀ ଚାଲିଗଲେଣି ଆଉ କି ବିଭବ! ଓଃ... ସିକ୍‌ଦାର ସାହେବ ଆମର ମାଲିକ ୨୦୧୩ରୁ ଚାଲିଗଲେଣି, ସତୁରିବର୍ଷ ହୋଇଥିଲା ଯେ.... ତାଙ୍କର ସ୍ତ୍ରୀ, ପିଲେ....ହଁ ଅଛନ୍ତି । ଭାଇଭାଇରେ ଦିନୁଦିନ ବଢ଼ିଚାଲିଛି ଫାଟ । ବ୍ୟବସାୟ ଟଙ୍କାରୁ ଭାଗ କଥାର କେସ ଅଦାଲତକୁ ଗଲାଣି ।

ମୁଁ ସାହସକରି ସେଇ ବୟସ୍କା ଝିଅ (ପ୍ରାୟ ୨୯/ ୩୦) କାଇଁଚର କଥା ପଚାରିଦେଲି । ଖୁବ୍ ମୋର ଆଶଙ୍କା ଥିଲା ଭିନ୍ନ କିଛି ଶୁଣିବି । ଉତ୍ତର ଯାହା ଶୁଣିଲି ଚମକିପଡ଼ିଲି, ଆନନ୍ଦିତ ସତରେ ହେଲି । କାକଳି ଓ ଭାସ୍ୱତୀ ହସି କହିଲେ...ଦାଦା ତୁମେ ତା'ରେ ମନେରଖିଛ । ସେ ୨୦୧୬ରେ ବିହା କରଗଲ । ଓଃ ଭଲ ହେଲା, ସେଥିପାଇଁ ଏବେ ଆଉ ଦେଖୁନାହିଁ । ଆଉ କିଛି ସେ ଦୁହିଁଙ୍କୁ ନ ପଚାରି ପୂର୍ବ ପରିଚିତ ଦୀପେନ୍ ଓ ବାଦଲ ଦା'ଙ୍କୁ ପଚାରିଲି । ଦୁହେଁ କହିଲେ ଆମାର କାଇଁଚ ମେଁଟା ନା ବହୁସୁଗୁଣ ତା'ର ଥିଲା । ଅଠର ବର୍ଷରେ ଭିଣୋଇଘରୁ ସେଲ୍‌ସଗାର୍ଲ ହୋଇ ଆସିଥିଲା । ଏବେ ପଇଁତିରିଶି ହେବଣି । ତା'ର ମିଷ୍ଟରକୁ ପଇଁଚାଳିଶି, ଛୟାଳିଶି ହେବ.... ତା'ର ବିବାହବେଳେ ତାଙ୍କର ସାତଆଠ ବର୍ଷର ପୁଅଟିଏ ଥିଲା । ସ୍କୁଲରୁ ଫେରିଲାତ ନୂଆ ମା' କହି କହି ପାଖ ଛାଡ଼ିନଥାଏ । ହଁ କ'ଣ ତ ନାଁଟା ବାସ୍କର ଭାସ୍କର ନିକ୍ ନେମ୍ ଭାନୁ । ସେଇ ଭାନୁ ପାଇଁ କାଇଁଚର ଉପେକ୍ଷିତ ଭାଗ୍ୟ ବଦଳିଗଲା । କୋଟିପତି ଶ୍ରୀମାନ୍ ତାପସ ଗାଙ୍ଗୁଲିଙ୍କର ଧର୍ମପତ୍ନୀ ନିଜର କାର୍ ରାସ୍ତା-ଦୁର୍ଘଟଣାରେ ପନ୍ଦରଦିନ କୋମ୍ପାରେ ରହି ପାଞ୍ଚ ବର୍ଷତଳେ ଚାଲିଯାଇଥିଲେ । ଖାସ୍ ପୁଅର ଭଲ ଚାହିଁ ଗାଙ୍ଗୁଲି ସାହେବ କେତେ ବିବାହ ପ୍ରସ୍ତାବ ଏଡ଼େଇ ଦେଉଥିଲେ । ପୁଅ ଏବେ ବାପାଙ୍କର ଏକଥା ଜାଣିଲା....ସିଏ ତାଙ୍କ ଶିଳ୍ପର ଗୁମାସ୍ତାଙ୍କୁ କହି ବିଜ୍ଞାପନ ବାହାର କରିଦେଲା । କାଇଁଚ ପାଇଁ ଭଉଣୀ ଭିଣୋଇ ଏମିତି ଜରୁରୀ ବିଜ୍ଞାପନକୁ ସୁଯୋଗ ଭାବି ଆଶାରଖି ଆବେଦନ କରିଦେଲେ । ତିରିଶିବର୍ଷରେ ତା' ପାଇଁ ଆଉ ବା କିଏ ମିଳିଥା'ନ୍ତା !

ମାତୃ-ଚୟନ ବେଳେ ବାପାଙ୍କୁ ପାଖରେ ବସାଇ ଭାନୁ ଗାଙ୍ଗୁଲି ବାଛିଥିବା(ଫଟୋ) ବାଇଶିଜଣ ଝିଅଙ୍କର ସାକ୍ଷାତ୍‌କାର ନେଲା । ଜଣ, ଜଣ କରି ଡକାଯାଇ ଏଗାରଜଣ ରୁମ୍‌ରୁ ଖୁସିରେ ହସିକି ବାହାରିଲେ (ଯଦିଓ) ଭାନୁ ସେମାନଙ୍କୁ ପସନ୍ଦ କଲାନାହିଁ । ଶେଷରେ କାଇଁଚ ମଜୁମ୍‌ଦାର ପ୍ରବେଶ କଲେ । କାଇଁଚକୁ ପୁଅ ସେସବୁ ପ୍ରଶ୍ନ ପଚାରିଲା, ଯାହା ଅନ୍ୟକୁ ପଚାରିଥିଲା । ସେମାନେ ହସିକି ତା' ମୁଣ୍ଡ ସାଉଁଳି ଦେଇଥିଲେ । ଭାନୁ କାଇଁଚକୁ ଶେଷ ପ୍ରଶ୍ନକଲା । ତୁମେ ମୋ'ର ମା' ହେବତ ? ସହଜେ ଭାବପ୍ରବଣା କାଇଁଚ ଏଇ ପଦେକଥାରେ ଲୁହଖସାଇ ବାଳକକୁ ଜଡ଼ାଇ ଧରିଲା । ଦୁହେଁ ଆବେଗରେ ଛନ୍ଦିହେଲେ । ଶ୍ରୀମତ୍ ୧୦୮ ରାଧାସ୍ୱାମୀ ମଠରେ ବିବାହ ଓ ଭୋଜିପର୍ବ ସରିଗଲା । ମୁଁ ଏଇ ତଥ୍ୟ ଶୁଣିବାବେଳେ ଚାହିଁଲି......ଟିକେ ଗହଳି କମିବାରୁ ଭାସ୍ୱତୀ କାଉଣ୍ଟରରୁ ଚାଲିଆସି କହିଲା: ଦାଦା ଦେଖନା ଆମକୁ ତା'ର ବିବାହ ପରେ କାଇଁଚର ଏଇ ଉପହାର: ନାଲି ଧଳା ମାଳିରେ ଏଇ ସୁବର୍ଣ୍ଣ ଲକେଟ୍ । ଏମାନଙ୍କୁ ସବୁ ଭଲ ପୋଷାକ ମିଳିଛି । ହସିକି ଦୀପେନ୍ କହିଲେ: ଆମେ କେହି ଆଜ୍ଞା ସ୍ୱପ୍ନରେ ଭାବିନଥିଲୁ କାଇଁଚରଜୀବନ ଏମିତି ଔଜ୍ଜ୍ୱଲ୍ୟରେ ଝଲସିବ । ପୁଣି ଏଇ ବୟସରେ..... ସେ ବିବାହ କରିବ ଆଉ କୋଟିପତିସ୍ୱାମୀ ସହିତ ଓଲଟ ଯୌତୁକ ପାଇବ ଧନରତ୍ନର ଭଣ୍ଡାର ଓ ସୁପୁତ୍ର । ଆମେ ତା'ର କଥା ଶୁଣି ସମସ୍ତେ ମିଶିକି ହସିଲୁ । ସତେ ମୋ ମନଖୁବ୍ ତୃପ୍ତି ଲାଭ କଲା । ସେତିକିବେଳେ ଦିପେନ୍ ହସିକହିଲା: ମା' କାଳୀଙ୍କ କରୁଣା ଆଜ୍ଞା, ତାରାମାତାଙ୍କର ତା' ପ୍ରତି ଅନୁଗ୍ରହ । ଆଜି ରାଣୀପରି ସୌଭାଗ୍ୟବତୀ ହୋଇ ସେ ଗାଙ୍ଗୁଲୀ ସାହେବର ମାର୍ବଲ ଗ୍ରାନାଇଟ୍ ଖଂଜା ତ୍ରିତଳ ପ୍ରାସାଦରେ.... ସକାଳୁ ସଂଜ ସେବାକାରୀ ନିୟୋଜିତ । ସୁନା ନୁହେଁ ହୀରା, ମୋତି ପିନ୍ଧିବାର ସୁଦଶା । ସ୍ୱାମୀ ପୁଅ ସହ ବାହାର ଦୁନିଆ ଗସ୍ତରେ କିଛି ଦିନ ବିତୁଛି ।

କେବେ ଦିନେ ଆମର ସାଥୀ ସହିଯୋଗୀ, ସୁଖଦୁଃଖର ବନ୍ଧୁ ଥିଲାତ, ସୁଖରେ ନୁହେଁ ଆଜି ମହାସୁଖରେ ଅଛ । ଏତିକି କହି ଭାସ୍ୱତୀ ଆନନ୍ଦର ଲୁହ ପୋଛିଲା । ମୁଁ ଅନୁମାନକଲି ଦୁଇତିନି ବର୍ଷ ପରେ ବି କାଇଁଚକୁ ଏମାନେ ଭୁଲିପାରିନାହାନ୍ତି । ସିଏ ସାଥୀ ମାନଙ୍କ ମେଳରେ ୫/୬ବର୍ଷ ବିତାଇ ଯାଇଛି ।

୨୦୧୭ ମସିହା ପରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର 'କଳିଙ୍ଗ ଅଶୋକ ହୋଟେଲ୍,' କଳ୍ପନା ଛକର ପ୍ରଦର୍ଶନୀକୁ ସିଏ ଆସିବାର ନାହିଁ । ଶେଷଥର ୨୦୧୫ମସିହା କୋଲକତା ଟ୍ରେଡ୍‌ଫେୟାର୍ସ'କୁ ସେଲିଙ୍ଗଲେଡ଼ି ହୋଇ ଆସିଥିଲା । ରାସ୍ତା କଡ଼ର ତରୁ ଶାଖାରେ ଲଟାଇଥିବା କାଇଁଚ ଆଜି ଉଆସର ମଣ୍ଡା କାଇଁଚ ହୋଇ ସଂରକ୍ଷିତ । ମୋ ମନକୁ ଛୁଇଁଲା କାଇଁଚ ଜୀବନ ପାଇଁ ଗୀତରୁ ଦି'ପଦ- 'ସୁଖ ଫେରେ, ଦୁଃଖ ଫେରେ କେତେବାଟ ଦେଇ, କେବେ ହେଲେ ଫେରେନାହିଁ ସମୟର ନଈ' । ବର୍ଷପରେ ବର୍ଷ ଗଡ଼ିବ, କାଇଁଚ ଦିନେ ଭୁଲିଯିବ ପ୍ରଦର୍ଶନୀର ସାଙ୍ଗସାଥୀ ଆଉ ଭୁବନେଶ୍ୱର, ପୁଅ ପାଇଁ ଦାୟିତ୍ୱ ଥାଇ ବି ଯଦି ସନ୍ତାନ ହୋଇଥାଏ ତା' ପାଇଁ କର୍ତ୍ତବ୍ୟ କରିଚାଲିଥିବ ।

***ଅଧ୍ୟାପକ, ବି.ଜେ.ବି. ହାଇଅର ସେକେଣ୍ଡାରୀ, ଭୁବନେଶ୍ୱର***

# ବ୍ରେକ୍: ଟିକେ ଦୁଃଖ ପାଇଁ

## ଚକ୍ରଧର ସାହୁ

ମୋଟ ଉପରେ କାହାଣୀ ଠିକ୍‌ଠାକ୍ ଥିଲା। ଗତି ସାବଲୀଳ। ଚରିତ୍ରରେ... ବାପା, ଜଗନ୍ନାଥ ବାବୁ ଖୁବ୍ ସ୍ୱାଭିମାନୀ। ଭଦ୍ର, ଶିକ୍ଷିତ ଆଉ ଆତ୍ମବିଶ୍ୱାସୀ। ନିଜ ଜିଦ୍‌ରେ ଅଟଳ, ହେଲେ ସଦାଚାରୀ। ଅନ୍ୟାୟ ବିରୁଦ୍ଧରେ ପ୍ରତ୍ୟକ୍ଷ ବା ପରୋକ୍ଷରେ ଅହରହ ଲଢ଼େଇ ତାଙ୍କର।

ମାଆ, ଶ୍ରୀୟା ଚରିତ୍ରଟି ଖୁବ୍ ନୀରିହ। ଶାନ୍ତ, ସରଳ, ପତିପରାୟଣତା ଅପରିମିତ ତାଙ୍କର। ସର୍ବଦା ପତିଙ୍କ 'ହଁ'ରେ 'ହଁ'। ମନରେ 'ନା' ଆସିବା ପୂର୍ବରୁ ତାଙ୍କ ସହ ନିହାତି ବିଚାର ବିମର୍ଶରେ ବସି ଯାଆନ୍ତି। ନିଷ୍କର୍ଷରେ ଯୋଉ କାମ କରାଯାଏ ତାହା ତାଙ୍କ ଘର ପରିବାରର ମଙ୍ଗଳାର୍ଥେ।

ଜଗନ୍ନାଥ ଓ ଶ୍ରୀୟାଙ୍କ ମଧ୍ୟରେ ମାନ ଅଭିମାନ କି ଯୁକ୍ତିତର୍କ ପ୍ରାୟ ହୁଏନା। କେବଳ ଆପୋଷ ଆଲୋଚନାରୁ ଏକମତ ପ୍ରକାଶ ପାଏ। ତେଣୁ ଜୀବନ ପଥରେ ସଂସାର ରଥ ତାଙ୍କର ଅବାଧରେ ଗଡିଚାଲେ। ସେମାନଙ୍କୁ ନିରେଖିଲେ ଜାତକ ମେଳକରେ ଯେ ତାଙ୍କର ରାଜଯୋଟକ ପଡ଼ିଥିବ ତାହା ବେଶ୍ ଅନୁମେୟ। ଦିନେ ତାଙ୍କ ଭାଗ୍ୟର ମଧ୍ୟ ଏତେ ବଡ଼ ପରିବର୍ତ୍ତନ ହେବ, ବିଶ୍ୱାସ କରିପାରୁ ନଥିଲେ ଦୁହେଁ। ନିଜ ସଂସାରକୁ ନେଇ ଖୁବ୍ ଖୁସି ଥିଲେ।

କିନ୍ତୁ ସମିତି ଭାଗ୍ୟ ତାଙ୍କର କେବେ ବି ନଥିଲା। ଅତୀତ ଘୃଣ୍ୟ, ବିଷାଦିତ ଇତିହାସଟେ। ନିଜର ଅନିଚ୍ଛା ସତ୍ତ୍ୱେ ସେ ଦିନର ଘଟଣାବଳୀ ବେଳେ ବେଳେ ଧସେଇ ପଶିଆସେ ମନ ଭିତରକୁ। ତାର ପୃଷ୍ଠା ସବୁ ଆପଣାଛାଏଁ ମେଲେଇ ହୋଇପଡ଼େ ଆଖି ସାମନାରେ। ତଥାପି ଜଗନ୍ନାଥ ବାବୁ ଆଦୌ ଆଲୋକପାତ କରନ୍ତି ନାହିଁ ସେଗୁଡାକ ଉପରେ। ମାତ୍ର ଶ୍ରୀୟା ଗୋଟି ଗୋଟି କରି ମନେ ପକାଇ ଆଜିକାଲି ଖୁବ୍ ଆନନ୍ଦ ପାଆନ୍ତି।

ଜଗନ୍ନାଥ ବାବୁ ନ ଶୁଣିଲେ ମଧ୍ୟ ସେ ଉଖାରନ୍ତି ଉଚିତ ସମୟ ସୁଯୋଗ ଦେଖି। କହନ୍ତି, "ଯୌଥ ପରିବାର କାହାକୁ ଭଲ ଲାଗେ ନାହିଁ, କହିଲ...। କିନ୍ତୁ ପ୍ରକୃତ ଅର୍ଥରେ ତାହା ଗଠିତ ହୋଇଥିବା ଦରକାର ନା। ତମ ଘରେ ତ ମୁଣ୍ଡରେ ଓଢ଼ଣୀ ଟାଣିଲା ଦିନୁ ଓଲଟା ପରଖିଲି। ମୁଢ଼ିବାଲା ଆସିଲେ ଶୁଣିଲି ବଡ଼ ଜାଆଙ୍କ ଡାକରା ... ଶ୍ରୀୟା, ଟୋ ଟିଣ ଆଣ। ଧୋବା ଆସିଲେ ଲୁଗାପଟା ଆଣିବାର ବରାଦ। କ୍ଷୀର ବାଲା ପାଖରେ ଥୋଇବି ଆମ ନାଆଁର ବୋତଲ। ସେସବୁର ପାଉଣା କଥା ବଡ଼ ଭାଇ ହେଲେ ବୁଝନ୍ତେ। ନା, ମାସିକ ଘର ଖର୍ଚ୍ଚ ବାବଦ ଦେୟ ନେଲାପରେ ଏସବୁକୁ ଆଖି ବୁଜି ଦିଅନ୍ତି ସେ। ସେବର ଦୁଃସ୍ଥ କିରାଣୀଟାଏର ଦରମାରେ ପିଲାଙ୍କ ଜଳଖିଆ, ପାଠପଢ଼ା, ଔଷଧପତ୍ର ଆଦି ଅତିରିକ୍ତ ଖର୍ଚ୍ଚ ତୁଲାଇବା ଏକେବାର ଦୁଃସାଧ୍ୟ ହୋଇପଡ଼େ ପରା। ତହିଁକୁ ପରୋକ୍ଷରେ ଶୁଣିବାକୁ ପଡେ ଦରଦାମ ବୃଦ୍ଧିର ଅହରହ ପ୍ରଚାର। ବୁଝିବାକୁ ହୁଏ, ଘରୁ ଖର୍ଚ୍ଚ ପାଇଁ ଅଧିକ ଦେୟର ଯାତନା। ମଝିଆଁ, ଜାଆତ ପରମ ସ୍ୱାର୍ଥପର। ପାଖ ବାପଘରୁ ପ୍ରାୟ ଜିନିଷ ଆସିଯାଏ ବୋଲି କୌଣସିଥିରେ ଚିନ୍ତା ନଥାଏ ତାଙ୍କର। ଓଲଟା ମନ୍ଥରା ଗୁଣରେ କଳିମଞ୍ଜି ପୋତି ଦିଅନ୍ତି ଆମ ଦୁଇ ଜାଆଙ୍କ ମଧ୍ୟରେ। ଛୋଟ ଛୋଟ ଘଟଣାରେ କଳିଗୋଳ ଘଟି ଖୁବ୍ ଅଶାନ୍ତ ହୋଇପଡ଼େ ସମୁଦାୟ ଘର ପରିବେଶ।"

ଶ୍ରୀୟାଙ୍କ ଇତିହାସ ପଠନରୁ ବିରତ କରିବାକୁ ଜଗନ୍ନାଥ ବେଳେବେଳେ ବାଧ୍ୟ ହୁଅନ୍ତି ମୁହଁ ଖୋଲିବାକୁ। କୃତ୍ରିମ ବିରକ୍ତି ପ୍ରକାଶ କରି କହନ୍ତି – ଓହ... ସେ ଅତୀତକୁ କାହିଁକି ଏତେ ଘାଣ୍ଟୁଛ କହିଲ। ସେଥିରୁ କିଛି ଲାଭ ମିଳୁଛି। କେତେଥର କହିଛି ପରା, ସବୁବେଳେ ଆଗକୁ ଦେଖ। କାହିଁକିନା ଭବିଷ୍ୟତ ହିଁ ଆମ ଆଗରେ ଥାଏ। ଯେତେ ଚାହିଁଲେ ବି ଅତୀତକୁ ଫେରି ହୁଏନା କେବେ।

ଶ୍ରୀୟା ସଙ୍ଗେ ସଙ୍ଗେ ସ୍ୱାମୀଙ୍କ କଥାକୁ ସମ୍ମାନ ଦେଇ ନୀରବିଯିବାକୁ ମନସ୍ଥ କରନ୍ତି। ତା' ପୂର୍ବରୁ କିନ୍ତୁ ନିଜକୁ ବୋଧ କରିବା ପାଇଁ ଆଉ କେଇପଦ କଥା ଯୋଡ଼ନ୍ତି – ନାଇଁ, ତମେ କହୁନ ଯୌଥତା ମାନେ କ'ଣ ପରିବାର ଚଳାଇବା ପାଇଁ ଗୋଟେ ମିଳାଜୁଳା ପୁଞ୍ଜିନିବେଶ ଖାଲି। ମୋ' ମତ ହେଲା ... ଗୋଟେ ଯୌଥ ପରିବାରରେ ସମସ୍ତେ ଏକ ମନ, ଏକ ଆତ୍ମା ହୋଇ ରହିବା। ମନରେ କୌଣସି ଆବିଳତା ନରଖି, ସ୍ୱାର୍ଥ ତ୍ୟାଗ ପୂର୍ବକ ପରସ୍ପରକୁ ବିପଦ ଆପଦରେ ସହଯୋଗ କରିବା। ଏକ ଆରେକକୁ ଦୃଢ଼ ପ୍ରେମ ରଜ୍ଜୁରେ ବାନ୍ଧିବା ଏବଂ ଉପଯୁକ୍ତ ମର୍ଯ୍ୟାଦା ଦେବା।

ସେଇଠୁ ଜଗନ୍ନାଥ ବାବୁ ଟିକେ ଉଚ୍ଚ ସ୍ୱରରେ କହନ୍ତି – ହଉ ବାବା ହେଲା। ଏବେ ତୁମର ପ୍ରବଚନ ସେତିକି ଥାଉ। ତାହା କୋଉ କାମକୁ ନୁହଁ। ଏକଥା ମୁଁ କି ତୁମେ ନୁହଁ... ସମସ୍ତେ ଜାଣନ୍ତି। ସମସ୍ତେ ବୁଝନ୍ତି। ହେଲେ କିଏ କେତେକର ପାଳନ୍ତି। ବୁଝିଲ ...ଯୌଥ ପରିବାରରେ ପ୍ରତି ସଦସ୍ୟଙ୍କୁ ପରାଧୀନତା ଅହରହର କଷ୍ଟ ଦେଉଥାଏ। ଦାସତ୍ୱର ଶୃଙ୍ଖଳରେ ବାନ୍ଧି ହୋଇଥିବା ଭଳି ଅନୁଭବ ହୁଏ। ତେଣୁ ସେହି ପୀଡ଼ାକୁ ଚୁପ୍‌ଚାପ୍ ସହି ନପାରି ଯେଝା ଯେଝା ମୁକ୍ତିର ବାଟ ଖୋଜନ୍ତି। ସେ ଯାହାହେଉ ଏବେ ତମେ ମୁକ୍ତିର ଆନନ୍ଦ ପାଉଛନା ନାହିଁ। ଯୌଥ ପରିବାରରୁ ବିଚ୍ଛିନ୍ନ ହୋଇ ବି ଆତ୍ମୀୟ ସ୍ୱଜନମାନଙ୍କ ମନ ସହ ମନ ବାନ୍ଧି ପାରିଛ ତ।

ତା'ପରେ ଶ୍ରୀୟା ଆଉ ମୁହଁ ଖୋଲନ୍ତି ନାହିଁ। ଭାବନ୍ତି, ସତରେ ତ ଏଠି ଦୂରେଇ ରହିବି ଆତ୍ମ ସମ୍ପର୍କୀୟମାନଙ୍କର ଭଲ ମନ୍ଦ ଖବର ନେଇ ହେଉଛି ସ୍ୱାଧୀନ ଭାବରେ। କିନ୍ତୁ ଏକାଠି ଥିଲାବେଳେ କାହା କଥା ବୁଝିବାକୁ ସେମିତି ମୁକ୍ତ ମନଟେ କୋଉଠିଥାଏ! ପ୍ରଥମେ ପ୍ରଥମେ ଅବଶ୍ୟ ଖୁବ୍ ବିଚଳିତ ଥିଲା ଏ ମନ। ନୂଆ ଜାଗାରେ କାଳ ମହର୍ଗରେ ଘର ଖଣ୍ଡେ କରି ପରିବାର ବସେଇବା କ'ଣ କମ କଷ୍ଟ! ଖାଲି ମଙ୍ଗଳ ସୂତ୍ରକୁ ଛାଡ଼ି ହାତ, ବେକ, କାନ ସବୁ ଖାଲି କରିଦେବାକୁ ହେଲା ପରା। ଘର ଖର୍ଚ୍ଚ, ଔଷଧ ଖର୍ଚ୍ଚ, ପିଲାମାନଙ୍କ ପଢ଼ା ଖର୍ଚ୍ଚ ଆଦି ତୁଲାଉ ତୁଲାଉ ମଣିଷ ଋଣ ଭାରରେ ପୂରା ନଇଁଗଲା। ଅବଶ୍ୟ 'କଷ୍ଟ କଲେ କୃଷ୍ଣ ମିଳେ' ଉକ୍ତିଟି ସତ ହୋଇଗଲା ଆମ ପାଇଁ ମାତ୍ର କିଛି ବର୍ଷର ସଂଘର୍ଷ ପରେ। ଭୋକ ଉପାସରେ ରହି, ଚିନ୍ତାରେ କେତେ କେତେ ଉନ୍ନିଦ୍ର ରାତି ପୁହାଇ ଆମେ ଦୁଇ ପ୍ରାଣୀ ମୋଟ ଉପରେ ହୀନିମାନିଆ

ଜୀବନଟେ ଜୀଉଁଥିଲୁ। ସେଇଥି ପାଇଁ ଆଜି ଦୁନିଆର ସବୁ ସୁଖ ଆମ ହାତରେ। ଝିଅ ପାଇଛି ଗୋଟେ ମଜଭୁତ ହାତ। ପୁଅର ବି ହାତ ଖୁବ୍ ଦୃଢ଼ ତା’ ପରିବାର ସହ ଆମ ବାକୀ ଜୀବନକୁ ଭଲ କରି ସମ୍ଭାଳିବା ପାଇଁ।

: ହଇହୋ... କ’ଣ କରୁଛ ? ପିଲାମାନେ ପରା ଆଉ କେଇଟା ଦିନରେ ଏ ଘର ଛାଡ଼ିବେ। ମୋ’ କାମ ତ ସରିଲାଣି, ଏବେ ଟିକେ ମୋ’ ନାଣ୍ଡୁଳିକୁ ଆଣ। ତାକୁ ଭଲକି ଗେଲ କରିଥାଏ।

ଜଗନ୍ନାଥ ବାବୁଙ୍କ ଡାକରାରେ ହଠାତ୍ ନିଜ ଭାବନାରୁ ଓହରି ଆସନ୍ତି ଶ୍ରୀୟା। ପୁଅ ବୋହୂଙ୍କ ରୁମ୍ ଆଡ଼େ ଆଗେଇ ଯାଉ ଯାଉ କହନ୍ତି, ‘ରହିଥ, ମୁଁ ଦେଖେ ସେ ପିଲା କ’ଣ କରୁଛି ? ଶୋଇଛି କି ଖେଳୁଛି।’

କାହାଣୀରେ ଏଇ ହେଲା ଜଗନ୍ନାଥ ଓ ଶ୍ରୀୟାଙ୍କ ସୁଖର ସଂସାର। ହସଖୁସିରେ ସଦା ଝଲମଲ। ଏବେ ଆଉ କୋଉଥିକୁ ଦୁଃଖ ଯେ! ପିଠିରେ ଦାରିଦ୍ର୍ୟର କଷାଘାତ ନାହିଁ କି ମୁଣ୍ଡ ଉପରେ ଋଣର ଡେମୋକ୍ଲିସ ଖଣ୍ଡା ନାହିଁ। ଜଗନ୍ନାଥ ବାବୁ ଚାକିରିରୁ ଅବସର ନେଉ ନେଉ ପରସ୍ପରର ସହଯୋଗରେ ପିତୃମାତୃ କର୍ତ୍ତବ୍ୟରେ ପୂର୍ଣ୍ଣାହୁତି ପକାଇ ସାରିଛନ୍ତି ଦିହେଁ। ଘରକୁ ଏବେ ଏବେ ଦୁଇ ଦୁଇ ଜଣ ନୂତନ ସଦସ୍ୟ ମିଳି ଯାଇଥିବାରୁ ଖୁସି ତ ଆକାଶ ଛୁଆଁ। ବୋହୂଟା ଏଡ଼େ ସୌଭାଗ୍ୟବତୀ ଯେ ବିଭାଘରର ବର୍ଷକ ମଧ୍ୟରେ ଏ ବଂଶକୁ ଆଉ ପାଦେ ଆଗେଇ ନେଇଛି।

ନୂଆ ଚରିତ୍ରର ଆଗମନରେ କିନ୍ତୁ କାହାଣୀରେ ଟିକେ ଟ୍ୱିଷ୍ଟ ଆସିଛି। ସାବଲୀଳତା ବାଧାପ୍ରାପ୍ତ ହୋଇଛି। ହେଲେ ଜଗନ୍ନାଥ ଆଉ ଶ୍ରୀୟାଙ୍କ ପାଇଁ କିଛି ଫରକ ପଡ଼ିନାହିଁ ସଂସାର ରଥକୁ ଚାଳିବାରେ। ଖୁସିର ପ୍ରାଚୁର୍ଯ୍ୟ ତାଙ୍କ ଆଖିକୁ ଏମିତି ଝଲସାଇ ଦେଉଛି ଯେ ଦୁଃଖ ଆପଣାଛାଏଁ କୋଣଠେସା ହୋଇ ରହିଯାଇଛି କୋଉଠି। ନହେଲେ ... ବୋହୂକୁ ଆରମ୍ଭରୁ ଯେବେ ନୀରିକ୍ଷଣ କଲେ ତ ମୁଣ୍ଡ ପିଟିବା କଥା। ଛୋଟି ଗାଆଁଟିଏର ଗୋଟେ ଯୌଥ ପରିବାରରେ ବର୍ଦ୍ଧିତା ସ୍ୱଳ୍ପ ଶିକ୍ଷିତା ଗରିବ ଝିଅଟେ ସେ। ଖୁବ୍ ଖାପ ଖାଇବ ପୁଅକୁ ଆଉ ଘରକୁ ବୋଲି ଭାବିଥିଲେ ସେମାନେ। ଘରୁ ଖୁବ୍ ଭଲ ସଂସ୍କାର ପାଇଥିବ, ଏ ବିଶ୍ୱାସ ଥିଲା। ହେଲେ ପୁଅ ଜୀବନରେ ଆସିବା ପରେ ତା’ ଚାଲିଚଳନ, ହାବଭାବ ଦେଖି ଆଚମ୍ବିତ ହୋଇଗଲେ ସେମାନେ। ନାରୀର ଆଭୂଷଣ ଲଜ୍ୟା ତା’ଠି ଆଦୌ ନଥିଲା। ଘରର ପୁରୁଣା ସଦସ୍ୟଠୁ ବଳି ବାଚୁଳି ବାଜୁନଥିବା ବଚନ ତା’ର। ପୁଣି ବିଚାରଶୂନ୍ୟ ସବୁ। ଚତୁର୍ଥୀ ବାସିରୁ ନାଇଟି ଆଉ ଡ୍ରେସ ପରିଧାନରେ ପରିହିତା ହେଲା ସେ। ଘରକାମ, ଶାଶୁ ଶ୍ୱଶୁର ଏପରିକି ସ୍ୱାମୀ ସେବାରେ ଧ୍ୟାନ ଦେବ କ’ଣ, ବେଶଭୂଷା ହୋଇ ବାହାରେ ବୁଲିବା ନିଶାକୁ ସର୍ବଦା ଆପଣେଇଲା। ଏସବୁକୁ ନେଇ ଜଗନ୍ନାଥ ଓ ଶ୍ରୀୟା ଖୁବ୍ ଚିନ୍ତା ପ୍ରକଟ କରନ୍ତି ନିଭୃତ କୋଠରୀରେ। କିନ୍ତୁ କବାଟ ଖୋଲିଲେ ବିରସ ମନରେ ସରସତା ଭରି ମୁହଁ ଦେଖାନ୍ତି ସେମାନେ। ବୋହୂର ଢଙ୍ଗଢାଙ୍ଗକୁ ପିଲାଳିଆମୀ ଭାବି ହେୟଜ୍ଞାନ କରିଦିଅନ୍ତି ପ୍ରାୟ ସମୟ। ଆଶା ରଖନ୍ତି ଯେ ସେ ଆଗକୁ ନିଶ୍ଚେ ସୁଧୁରିବ। ତା’ପରେ ତାଙ୍କର ଚାକିରିଆ ପୁଅ ପ୍ରବାସୀ ତ, ସେ ତା’ ସାଥିରେ ରହିବ। କୋଉଥିପାଇଁ ଆପଡି କରି ଦୁହିଁଙ୍କୁ ଦୁଃଖୀ କରିବା କାହିଁକି, ଭାବନ୍ତି ସେମାନେ। ଭଗବାନଙ୍କୁ ଗୁହାରି କରନ୍ତି, କେମିତି ସବୁ କିଛି ଠିକ୍ ହୋଇଯାଉ।

ଅବଶ୍ୟ ଖୁବ୍ ଶୀଘ୍ର ଭଗବାନ ତାଙ୍କ ଡାକ ଶୁଣିଲେ। ପୁଅ ବୋହୂ ଶୁଭ ଖବରଟି ଦେଇ କହିଲେ, ଯେ ସେମାନେ ଜେଜେ ଜେଜି ହେବାକୁ ଯାଉଛନ୍ତି। ଜଗନ୍ନାଥ ଆଉ ଶ୍ରୀୟାଙ୍କ ଶ୍ରବଣରେ ତାହା ପଡ଼ିଲା ମାତ୍ରେ ସେମାନେ ତ ଗଗନରେ ଉଡ଼ିଲେ ସତେ। ଖୁସିର ଜୁଆର ଘରସାରା ମାଡିଗଲା ତାଙ୍କର। ନିର୍ଦ୍ଦିଷ୍ଟ ସମୟରେ ବୋହୂ ଆସି ତାଙ୍କ ପାଖରେ ରହିଲା। ସ୍ୱାମୀ ସ୍ତ୍ରୀ ଦୁହେଁ ତା’ର ସେବା ଯତ୍ନରେ ତିଳେମାତ୍ର ହେଳା ନ ହେବାକୁ ସର୍ବଦା ସଚେଷ୍ଟ ରହିଲେ। ବେଢଙ୍ଗୀ ସ୍ୱାର୍ଥୀବୋହୂର ଅବିବେକିତା ତାଙ୍କ ନଜର ଆଢୁଆଳରେ ଲୁଚିଗଲା କୋଉଠି ଅନିଶା କଲେନି ଆଦୌ। ପରିବାରର ସମସ୍ତଙ୍କ ମନରେ ଖାଲି ଦିନ ଗଣନା ଚାଲିଲା। ଅପେକ୍ଷା ରହିଲା ସେଇ ଶୁଭ ମୁହୂର୍ତ୍ତକୁ ଯେତେବେଳେ କୁଆଁ କୁଆଁ ରାବ ସହ କୁନି ଅତିଥିଟିର ଆବିର୍ଭାବ ହେବ ଆଉ ଅସରନ୍ତି ଖୁସିର ମାହୋଲଟେ ଭରିଯିବ ଘରେ।

ଦେଖୁ ଦେଖୁ ସେଇ ଶୁଭ ବେଳାଟି ଅକସ୍ମାତ ପହଞ୍ଚିଗଲା। ବୋହୂ ପ୍ରଥମ ଗର୍ଭରୁ ଜାତ ହେଲା ସୁସ୍ଥ ସୁନ୍ଦର ପୁତ୍ର ସନ୍ତାନଟିଏ। ଜଗନ୍ନାଥ ଓ ଶ୍ରୀୟାଙ୍କ ପୁଅର ପୁଅ ନାତି। ମେଡିକାଲରୁ ଆସି ଘରେ ପହଞ୍ଚିଗଲା ତ ଉଜ୍ଜ୍ୱଳି ଉଠିଲା ଘର। ସମସ୍ତଙ୍କ ମୁହଁରେ ଖାଲି ଖୁସିର ଛାପ। ଆଖିରେ ଆକୁଳ ବାତ୍ସଲ୍ୟତା। ମନରେ ମନେ ଉତ୍କଣ୍ଠା, ଶୀଘ୍ର କେମିତି ଏକୋଇଶିଆ ଯିବ। ସମସ୍ତେ କିଛି କିଛି ସମୟ ତାକୁ କୋଳରେ ଧରି ଅକୁଳାନ ମମତା ଅଜାଡ଼ି ଦେବେ ତା’ ଉପରେ। ତାରି ସ୍ପର୍ଶରେ ଜଞ୍ଜାଳ ଦଗ୍ଧ ଦେହ ମନରେ ଚନ୍ଦନ ପ୍ରଲେପର ଶୀତଳତା ଅନୁଭବ କରିବେ। ଦରୋଟି ହସରେ ତା’ର ଦୁଃଖର ସଂଜ୍ଞାକୁ ବି ଭୁଲିଯିବେ।

ନିର୍ଦ୍ଦିଷ୍ଟ ଦିନରେ ସେଇ ମାଙ୍ଗଳିକ ଅନୁଷ୍ଠାନଟି ସଂଘଟିତ ହେଲା। ମହା ଆଡମ୍ବରରେ ଝିଅଝିଆଣି, ବନ୍ଧୁବାନ୍ଧବ ଧରି ଏକୋଇଶିଆ ଉତ୍ସବଟି ସମାପନ କଲେ ଜଗନ୍ନାଥ ବାବୁ। ସେହି ଦିନ ହିଁ ପ୍ରାୟ କୁଣିଆ ଘରୁ ହସି ହସି ବିଦାୟ ନେଇଥିଲେ। ବୋହୂ ବାପଘର ପକ୍ଷର ସଦସ୍ୟମାନେ ମଧ୍ୟ। କିନ୍ତୁ ସେମାନଙ୍କର କାହା ମୁହଁରେ ସରସତା ନଥିଲା ଗୋଟେ ଛୋଟ ଘଟଣାକୁ ନେଇ। ଝିଅର ଖାସ୍ ସେବାଯତ୍ନ ପାଇଁ ଜଗନ୍ନାଥ ଓ ଶ୍ରୀୟାଙ୍କ ସମୁଦୁଣୀ ତ ପନ୍ଦର ଦିନ ହେବ ଆସି ରହିଥିଲେ ତାଙ୍କ ଘରେ। କେତେ କେତେ ବିଷର ବାରୁଦ ଖଞ୍ଜିଥିବେ ଝିଅ ମନରେ ତାହା ଅକଳନୀୟ। କିନ୍ତୁ ଏକୋଇଶିଆ ପୂର୍ବ ଦିନ ଯୋଉ ବିସ୍ଫୋଟକଟେ ଖଞ୍ଜିଲେ, ତା’ର ହଠାତ୍ ବିସ୍ଫୋରଣ ଘଟିଥିଲା ସମସ୍ତଙ୍କୁ ଅବଗତ କଲା ଭଳି ବୋହୂ ଘୋଷଣା କରିଥିଲା, “ମୋ ଛୁଆକୁ କାଲି କାହାକୁ ବି ଛୁଆଁଇ ଦେବି ନାହିଁ।” ଏକଥା ଶୁଣି ଜଗନ୍ନାଥ, ଶ୍ରୀୟା ଆଉ ପୁଅ ସିଦ୍ଧାନ୍ତ ତାଜୁବ ହୋଇଗଲେ ଏକେବାର। ମାଆ ଦ୍ୱାରା ପ୍ରରୋଚିତ ତା’ର ଏଭଳି ଅସ୍ୱାଭାବିକ ଆଚରଣକୁ ବରଦାସ୍ତ କରିପାରିଲେନି କେହି। ବାଧ୍ୟ ହୋଇ ଜଗନ୍ନାଥ ଓ ଶ୍ରୀୟା ସେମିତି ନ କରିବାକୁ ବୋହୂ ସ୍ୱାତୀକୁ ବୁଝାଇଥିଲେ। ଉପଦେଶ ଛଳରେ କହିଥିଲେ, “ଆରେ, ଯାହାପାଇଁ ଏ ଉତ୍ସବ ତାକୁ ତ ନେତ୍ର ପୂରାଇ ସମସ୍ତେ ଦେଖିବେନା। ହୁଏତ ସ୍ନେହପୂର୍ଣ୍ଣ ଭାବରେ କେହି କେହି ତା’ ମୁଣ୍ଡରେ, ଗାଲରେ କି ଥୋଡ଼ିରେ ହାତ ସାଉଁଳେଇ ଦେବେ। ସେଥିରେ ତା’ର କି ଅନିଷ୍ଟ ହେବ; ଓଲଟା ତା’ ପ୍ରତି ତାଙ୍କର ଖାଲି ଆଶୀର୍ବାଦ ଝରିବନା। ... ସେମାନେ କିନ୍ତୁ ଝିଅକୁ ଏଭଳି କୁଶିକ୍ଷା ଦେଇଥିବାରୁ ପରୋକ୍ଷରେ ବିରୋଧାଭାସର ତୀର ମାରିଥିଲେ ସମୁଦୁଣୀଙ୍କୁ ଯୋଉଥି ପାଇଁ ଲହୁଲୁହାଣ ହୋଇ ବିଦାୟ ବେଳରେ ସେ ବିରସ ମୁହଁ ଧରି ବାହୁଡ଼ିଥିଲେ।

ଏକୋଇଶିଆ ବାସିରେ ଝିଅ ଜ୍ୱାଇଁ ଓ ନାତି ସହିତ ବିଦାୟ ନେଲା ଘରୁ। ପିତୃତ୍ୱ ଛୁଟିର ମିଆଦ ପୂରି ଯାଇଥିବାରୁ ରାତି ଗାଡ଼ିରେ ପୁଅ ବାହାରିଗଲା ତା’ ଚାକିରି ଜାଗାକୁ। ଘରେ କେବଳ ଶାଶୁ, ଶ୍ୱଶୁର, ବୋହୂ ଓ ନାତି ରହିଲେ। ଘରସାରା ଛାଇଗଲା ଗୋଟେ ନିଶବ୍ଦ ଥମ୍‌ଥମ୍ ବାତାବରଣ। ଏମିତିରେ ତ ଘରେ ବୋହୂ ଥିଲେ ପରସ୍ପର ମଧ୍ୟରେ ଖୁବ୍ କମ କଥା ହୁଅନ୍ତି ଜଗନ୍ନାଥ ଓ ଶ୍ରୀୟା। ତାହା ପୁଣି ନିହାତି ଆବଶ୍ୟକ ପଡ଼ିଲେ। ତେଣୁ ଘରେ ଟିକେ କୋଳାହଳ ହୁଅନ୍ତା, ଶାଶୁ ସହିତ ବୋହୂ ସ୍ୱାତୀ ଯଦି ବାର୍ତ୍ତାଳାପ କରନ୍ତା। ହେଲେ ଦିନରାତି ପ୍ରାୟ କବାଟ କିଳି ସେ ଛୁଆକୁ ଧରି ରହିଲା। କେବଳ ତା’ର ଖାଇବା ସମୟରେ, ସ୍ନାନ ଶୌଚାଦିରେ ବ୍ୟସ୍ତ ଥିଲା ବେଳେ ନାତିକୁ ସମ୍ଭାଳୁଥିଲେ ଶ୍ରୀୟା। ରୋଷେଇ ବାସ ସହ ଘରର ଯାବତୀୟ କାମ ବି କରୁଥିଲେ ଅପରେସନ ଦ୍ୱାରା ପ୍ରସୂତି ହୋଇଥିବା ବୋହୂର ବିଶ୍ରାମ ପାଇଁ।

କ୍ରମଶଃ ବୋହୂର ଏତଦ୍ ଆଚରଣରେ ଖୁବ୍ କ୍ଷୁବ୍ଧ ହେଲେ ସ୍ୱାମୀ, ସ୍ତ୍ରୀ ଦୁହେଁ। ଶ୍ରୀୟା ତ ଜଗନ୍ନାଥଙ୍କ ପାଖରେ ପ୍ରାୟ ସମୟ ବିଳପିଲେ – ଦେଖ, ନିଜ ମାଆଠୁ ବଳି ଏଯାଏ ତା' ସେବା କରି ଆସୁଛି ମୁଁ। କୁଟା ଖଣ୍ଡିକୁ ଦି' ଖଣ୍ଡ କରିବାକୁ ଦେଉନି। ଏଥିରେ ସେ ପ୍ରକାଶ୍ୟରେ ମୋ ଗୁଣ ଗାଇବା କଥା। କିନ୍ତୁ ହସି ହସି ମୋ ସହ କଥା ପଦେ ହେଉଛି ... ନା ଛୁଆକୁ ଧରି ପାଖରେ ଆସି ବସୁଛି। ଏମିତି କାହିଁକି କରୁଛି ସେ ? ଆମେ ତା' ପ୍ରତି କିଛି ଦୋଷ କରିଛନ୍ତି ନା ତା' ମାଆ ପାଇଁ ବଦଳା ନେଉଛି ଆମ ଉପରେ !

ମନରେ ବହଳ ଦୁଃଖକୁ ଚାପି ଜଗନ୍ନାଥ ବାବୁ ତାଙ୍କୁ ବୁଝାଇବାକୁ ଚେଷ୍ଟା କଲେ ତାପରେ। ଆଶ୍ୱସନା ଭରା କଣ୍ଠରେ କହିଲେ – ନା ନା ... ତମେ ସେମିତି କାହିଁକି ଭାବୁଛ। ସେ ପ୍ରତିଶୋଧ ନୁହେଁ ବରଂ ପଶ୍ଚାତାପର ଅଗ୍ନିରେ ଜଳୁଛି ବୋଧେ, ସେଥିପାଇଁ ଲଜ୍ଜ୍ୟା ତା' ମୁହଁକୁ ବନ୍ଦ କରି ଦେଇଛି। ତମେ ବ୍ୟସ୍ତ ହୁଅନା। ସମୟ ସାଥିରେ ସେ ପୁଣି ସ୍ୱାଭାବିକ ହୋଇଯିବ। ସେ ବୁଝିବ ଯେ ଏ ଘରେ ନିଜେ ଖୁସିର ଝର ଫିଟାଇଛି ଯେତେବେଳେ ତା' ପ୍ରବାହକୁ ରୋକି କାହିଁକି ଅଣନିଃଶ୍ୱାସୀ କରିଦେବ ଏ ଘରର ଚଳଚଞ୍ଚଳ ଜୀବନ ସତ୍ତାକୁ।

ଧୀରେ ଧରେ ସମୟ ଗଡ଼ି ଚାଲିଲା ତା' ଅନ୍ତର୍ନିହିତ ପ୍ରକୃତିରେ। ପୁଅ ପରବର୍ତ୍ତୀ ଛୁଟି ଗୁଡ଼ିକରେ ଆସେ ପୁଣି ଫେରେ। ତା' ରହଣି କାଳରେ ଘର ପରିବେଶ ଟିକେ ଭିଡ଼ିମୋଡ଼ି ହୁଏ। କଡ଼ ଲେଉଟାଏ। ତା' ପରକୁ ଯେଉଁ ଗାମ୍ଭୀର୍ଯ୍ୟକୁ ସେହି ଗାମ୍ଭୀର୍ଯ୍ୟ। ଅନୁଭୂତ ହୁଏ, ସତେ କି ମାନମାରି ରୁଷିଛି ଜଗନ୍ନାଥ ଓ ଶ୍ରୀୟାଙ୍କ ସଂସାର।

ଏମିତି ହଠାତ୍ ଥରେ ପୁଅ ଆସିଲା ଛୁଟିରେ। ମାଆ ଆଗରେ ଦୁଃଖ ବଖାଣି କହିଲା – ଏକାକୀ ଚଳିବାରେ ଭାରି କଷ୍ଟ ହେଲାଣି ମାଆ। ହୋଟେଲ ଖାଦ୍ୟ ଆଦୌ ହଜମ ହେଉନି। ବାସି, ସଢ଼ାମଢ଼ା ଜିନିଷ ଖାଇ ଦେହ ଅସୁସ୍ଥ ହେଉଛି। ଶ୍ରୀୟା ହୃଦୟଙ୍ଗମ କଲେ ତା' ଦୁଃଖ। ସ୍ୱାମୀଙ୍କୁ ଜଣାଇବାରୁ ସେ ନିଜ ଅଭିଜ୍ଞତାରୁ ପୁଅ କଥାର ବାସ୍ତବିକତାକୁ ତତ୍‌କ୍ଷଣାତ୍ ବୁଝିଗଲେ। ଦୁହିଁଙ୍କ ଅନୁମତି ରହିଲା ସେମାନେ ଏବେ ଚାଲିଯାଆନ୍ତୁ ତାଙ୍କ ପ୍ରବାସକୁ।

ତା' ପରଦିନ ରବିବାର। ସକାଳୁ ସକାଳୁ ପୁଅ କାମ ଶେଷ କରି ସିଦ୍ଧାନ୍ତ ଓ ସ୍ୱାତୀ ନିଜେ ସଜ ହୋଇପଡ଼ିଲେ। ତାଙ୍କ କୋଳାହଳରେ ନିଦ ଭାଙ୍ଗିଯିବାରୁ ଶ୍ରୀୟା ମଧ୍ୟ ଉଠିପଡ଼ିଲେ ତାଙ୍କ ବିଛଣା ଛାଡ଼ି। ତରବର ହୋଇ ନିତ୍ୟକର୍ମ ସାରିଲେ ତ ଚା' ତିଆରି କରି ଗୋଟେ ଲେଖାଁ କପ୍ ଧରାଇଦେଲେ ସମସ୍ତଙ୍କୁ। ନାତିକୁ କୋଳରେ ଧରି ଚୁମା ଦେଲେ। ଗେଲ କଲେ ଲୁହ ଛଳଛଳ ଆଖିରେ। କୋହାତୁର କଣ୍ଠରେ ବିଳପିଲେ – ମୋ' ରଙ୍କୁଣୀଧନ, ତୋତେ ଛାଡ଼ିଦେଇ ମୁଁ କେମିତି ରହିବିରେ। ତୁ ପରା ମୋ ହସ ପେଡ଼ି। ତୋତେ ଦେଖିଦେଲେ ଦୁଃଖକଷ୍ଟ ସବୁ ପାଶୋରି ଦେଉଥିଲିରେ। ଏବେ ତୋ' ବିନୁ ଦିନ ମୋର କେମିତି କାଟିବି।

ହଠାତ୍ ବାହାରେ କାର୍‌ଗାଡିର ହର୍ଣ୍ଣ ଶୁଭିବାରୁ ସମସ୍ତେ ଟିକେ ଚହଲିଗଲେ ନିଜ ସ୍ଥିତିରୁ। ଘରୁ ବାହାରକୁ ଆସି ବୋହୂ ମୁଣ୍ଡିଆ ମାରିଲା ଶାଶୁ, ଶ୍ୱଶୁରଙ୍କୁ। ଶାଶୁ ପରାମର୍ଶ ଦେଲେ – ଧୀରେ ଧୀରେ ଦେଖିକି ଯିବ। ପହଞ୍ଚିକି ସଙ୍ଗେ ସଙ୍ଗେ ଫୋନ୍ କରିବ।

ସେଇଠୁ ପୁଅ ତତ୍ପରତାରେ ଥଙ୍ଗ ଥଙ୍ଗ ହୋଇ କହିଲା – ତୁ ବ୍ୟସ୍ତ ହନା ମା। ମୁଁ ଏମାନଙ୍କୁ ପହଞ୍ଚାଇ ଦେଇ ସଙ୍ଗେ ସଙ୍ଗେ ଏଇ ଗାଡ଼ିରେ ଫେରିଆସିବି ଏଠିକି। ମୋତେ ପୁଣି ରାତି ବସ୍‌ରେ ଚାକିରି ଜାଗାକୁ ଫେରିବାକୁ ହେବନା।

ତା' କହିବାର ତାତ୍ପର୍ଯ୍ୟକୁ ହଠାତ୍, ବାପା, ମା ଦୁହେଁ ବୁଝି ପାରିଲେନି। ସେମାନଙ୍କର ସେଇ ଅବୁଝା ମୁହୂର୍ତ୍ତରେ ଶାଶୁଠୁ ପୁଅକୁ ହାତେଇ ବୋହୂ ସିଧା ବାଟ କାଟିଲା ବାହାରକୁ।

ଜଗନ୍ନାଥ ବାବୁ ବୋଧହୁଏ ପର ମୁହୂର୍ତ୍ତରେ ପୁଅର କଥାକୁ ସାମାନ୍ୟ ଅନୁସରଣ କରିପାରିଥିଲେ। ମାତ୍ର ତା'ର ବିନ୍ଦୁ ବିସର୍ଗ ପର୍ଯ୍ୟନ୍ତ ସ୍ପଷ୍ଟ ହେବାକୁ ପଚାରିଲେ – ଆରେ, ତୁ ଏମିତି କ'ଣ କହୁଚୁ; ସେମାନଙ୍କୁ ଛାଡ଼ିଦେବୁ ଆଉ ତୁ ଫେରି ଆସିବୁ। ୟା' ମାନେ କ'ଣ ?

ଶ୍ରୀୟା ବି ତାଙ୍କ ସହିତ ପାଳି ଧରି ତାଙ୍କ ବ୍ୟାକୁଳତା ପ୍ରକାଶ କଲେ – ହଁରେ ସିଦ୍ଧୁ, ତୁ ଯାହା କହୁଚୁ, ଟିକେ ଖୋଲିକି କହ। ମୁଁ ତୋ' କଥାର ଅଗ ମୂଳ କିଛି ବି ଧରିପାରୁନି।

ସିଦ୍ଧାନ୍ତ ବାପା, ମାଆଙ୍କ ଆଖିରେ ଆଖି ମିଶାଇ ପାରିଲାନି ଜମା। ମୁହଁ ବୁଲାଇ ରୋଧିତ କଣ୍ଠରେ କହିଲା – ସେ ଏବେ ଯାଉ ତା' ବାପ ଘରକୁ। ପନ୍ଦର ଦିନ କେତେ ରହିଲେ ତା' ମନ ବଦଳିଯିବ। ତା'ପରେ ମୋ' ପାଖକୁ ଆସିଲେ ଆଉ ଯାଇପାରିବନି।

ଜଗନ୍ନାଥ ତା' କଥା ଶୁଣି ସାମାନ୍ୟ ଉତ୍ତେଜିତ ହୋଇ ପଡ଼ିଲେ। ଭ୍ରୁକୁଞ୍ଚିତ କରି ଚଢ଼ା ଗଳାରେ କହିଲେ– ହାଁ ... ଏ କେମିତିକା କଥା। ବୋହୂ କ'ଣ ଏମିତି ଅଡକରା ବାପଘରକୁ ଯାଏ। ତାହା ପୁଣି ଆମର ଅନୁମତି ନନେଇ। କାହିଁ ... କେହିତ ଆମକୁ ଫୋନଟେ ବି କରି ନାହାଁନ୍ତି। ନାଇଁ ନାଇଁ ଏମିତି ହେଇପାରିବନି ଜମା। ସେ ଏମିତି କେମିତି ଯିବାକୁ ବାହାରି ପଡୁଛି। ମୁଁ ବୋହୂକୁ ପଚାରେ।

ବାପାଙ୍କ ଉଗ୍ର ରୂପ ଦେଖି ସିଦ୍ଧାନ୍ତ ତରଛି ଗଲା ଏକେବାର। ଅତର୍କିତେ ତାଙ୍କ ବାଟ ଉଗାଳି ବିନମ୍ରତା ସହ କହିଲା– ନାଇଁ ବାପା, ତମେ ରହିଯାଅ। ତାକୁ ଆକଟିଲେ, ସେ ମନ ଖରାପ କରିବ। ବହେ କାନ୍ଦିବ ଏଇନା।

ପୁଅର ଆଚରଣ ଖୁବ୍ ଆଚମ୍ବିତ କରିଦେଲା ଜଗନ୍ନାଥଙ୍କୁ। ସେ ଆଗେଇବେ କ'ଣ, ଅନୁଭବ କଲେ ସତେ ଯେପରି ତାଙ୍କ ସର୍ବାଙ୍ଗ ଶରୀର ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇପଡ଼ିଛି। ତାଙ୍କ ମୁହଁରୁ ବି ତା'ପରେ ଆଉ ପଦୁଟିଏ ଭାଷା ସ୍ଫୁରିଲା ନାହିଁ।

ହେଲେ ଶ୍ରୀୟା ମୁହଁ ଖୋଲିଲେ ଛଳଛଳ ଆଖିରେ। ବାଷ୍ପରୁଦ୍ଧ କଣ୍ଠରେ କହିଲେ – ମାନେ, ତୁ ତା' ଆଖିରେ ଲୁହ ଦେଖି ପାରିବୁନି; ହେଲେ ଆମ ଆଖିରେ ଲୁହ ଦେଇ ପଥର ହେଇଯିବୁ; ଏଇଆ କହୁଚୁ ତ। ହଁଅଁ... ନ କହିବୁ କାହିଁକି। ତୁତ ଏବେ ବହୁତ ବଡ଼ ହୋଇଗଲୁଣି। କଥାରେ ଅଛି ପରା ... ନଈ ଛିଡ଼ିଗଲେ କି କରେ ନାଆ ନା କ୍ଷୀର ଛାଡ଼ିଗଲେ କି କରେ ମାଆ। କାଲି ଯେତେବେଳେ ବକଟେନାକୁ ହେଇଥିଲୁ ଆମ ଦୁଇ ଜଣଙ୍କ ହାତ ଧରି ମଝିରେ ଚାଲୁଥିଲୁ ପରା। ସେତେବେଳେ ଚାଲିବା ଶିଖୁଥିଲୁ ତୁ। ଆଉ ଆଜି ବଡ଼ ପାହୁଣ୍ଡ ପକାଇ ଏମିତି ଚାଲୁଛୁ ଯେ ତୋ ପାଖରେ ପହଞ୍ଚି ପାରିବୁ ନାହିଁ ଆମେ। ତୁ କ'ଣ ଏଇ ଶିକ୍ଷା, ଏଇ ସଂସ୍କାର ପାଇଥିଲୁ ଆମଠୁ ! ମୁଣ୍ଡକୁ ହାତ ପାଇଗଲାଣି ମାନେ କ'ଣ ତୁ ଆମକୁ ଟପିଯିବୁ। ତୋ' ଜନ୍ମଦାତା ବାପା ଆଉ ଜନ୍ମଦାତ୍ରୀ ମାଆକୁ। ଆମେ ବଞ୍ଚି ଥାଉ ଥାଉ ତୁ ଘରର ମୁଖିଆ ହୋଇଯିବୁ !

ସିଦ୍ଧାନ୍ତ ଚିନ୍ତା କରିପାରିଲା ନାହିଁ ବାପା, ମାଆଙ୍କୁ କ'ଣ କହି ବୁଝାଇବ। ତା'ପରେ ... ବୁଝାଇବା ପାଇଁଅଛି କ'ଣ ! ସେମାନେ ତ କିଛି ଭୁଲ କହୁନାହାନ୍ତି। ସେ ତ ସବୁ ସଂସ୍କାର ତାଙ୍କଠୁ ହିଁ ପାଇଛି। ସର୍ବଦା ସତ୍ୟ କହିବ, ଅସତ୍ ପଥରେ ଆଦୌ ଚାଲିବ ନାହିଁ। କାହା ପ୍ରତି ଅନ୍ୟାୟ ଯେପରି ନ କର, ଧ୍ୟାନ ରଖିବ। ଗୁରୁ ଗୁରୁଜନଙ୍କ ପ୍ରତି ମନରେ ଭକ୍ତି ଆଉ ସମ୍ମାନ ଆଣିବ। ଏମିତି କେତେ କ'ଣ। ହେଲେ ସେସବୁର ସେ ଧାର ବି ଧାରୁଛି ? ... ପିତାମାତା, ଯିଏ ଚଳନ୍ତି ଠାକୁର ତାଙ୍କର ଅବମାନନା କରୁନାହିଁ ? ତାଙ୍କ ବିନା ଅନୁମତିରେ ଏତେ ବଡ଼ ନିଷ୍ପତ୍ତିଟେ ନିଜେ ନେଇ ସେମାନଙ୍କର ନୀତି ଆଦର୍ଶକୁ ପାଦରେ ଦଳି ଦେଉନାହିଁ ? ତା' ପ୍ରତି ଉତ୍ସର୍ଗୀତ କୋମଳ ହୃଦୟକୁ ତାଙ୍କର ଛିନ୍ନବିଛିନ୍ନ ତ କରିଦେଉଛି। ତେବେ ତା' ଅସହାୟତା ଯାହା ବାପା,

ମାଆଙ୍କୁ ବି ଦୃଷ୍ଟ ସେଇ କଥା କହି ସେମାନଙ୍କୁ ବୁଝାଇବ ! ସେମାନେ ସତରେ କ'ଣ ଶାନ୍ତ ହୋଇଯିବେ ନିଜ ପୁଅର ଦୁଃଖ, ଅଶାନ୍ତିକୁ ହୃଦୟଙ୍ଗମ କରି ? ବୋହୂକୁ ଆକଟିଦେଲେ ତାକୁ ଯେ କି ଦଶା ଭୋଗିବାକୁ ପଡ଼ିବ ମନଃଚକ୍ଷୁରେ ଦେଖି ପାରିଲେ ସେମାନେ । ତାଙ୍କ ବୋହୂ ତ ଶାନ୍ତିରେ ଖୁଆଇପିଆଇ ଦେବ ନାହିଁ ସେମାନଙ୍କର ଏ ଜୀବନଧନକୁ । ତେବେ ଗୁଣମଣି ତାଙ୍କର ବିଦଗ୍ଧ ମନପ୍ରାଣ ନେଇ କେମିତି ଅଫିସ କାର୍ଯ୍ୟ କରିବ, ଛୁଆକୁ ବାତ୍ସଲ୍ୟ ଦେବ ଆଉ ଧର୍ମପତ୍ନୀକୁ ସହଯୋଗ କରିବ ସଂସାର ଜଞ୍ଜାଳରେ । ଏମିତି ଭାବି ଭାବି ଶେଷରେ ସିଦ୍ଧାନ୍ତ ନୀରବ ରହିଲା ପଛେ ସେମାନଙ୍କୁ ବୁଝାଇ ଆଶ୍ୱସନା ଦେବାକୁ କୌଣସି ଭାଷା ପାଇଲା ନାହିଁ । ବାପା, ମାଆଙ୍କୁ ପ୍ରଣିପାତ କରି ଚାଲି ଯାଉ ଯାଉ କହିଲା – ଆମର ବିଳମ୍ବ ହୋଇଯିବ । ମୁଁ ଆସୁଛି... ।

ପୁଅ ବାହାରିଗଲା ପରେ ଶ୍ରୀୟା ହଠାତ୍ ଧସ୍‌କି ପଡ଼ିଲେ ନାହିଁ । ସ୍ୱାମୀ ଜଗନ୍ନାଥଙ୍କୁ ଭଲ କରି ନୀରିକ୍ଷଣ କଲେ ସେଠିକ୍ ଅଛନ୍ତି କି ନାହିଁ ଜାଣିବାକୁ । କାହିଁକିନା କାଉଁରିଆ କାଠି ସେ । ଭାଙ୍ଗିଯିବେ, ହେଲେ ନଇଁବେ ନାହିଁ । ଆଉ ଏହି ଗୁଣକୁ ହିଁ ତାଙ୍କର ବେଶି ଭୟ । ସେ ନଇଁ ପଡ଼ିଲେ ନିଜର ଅସ୍ତିତ୍ୱ ରହିବ ଯାହା ତାଙ୍କର ବଳ । ହେଲେ ଯଦି ଭାଙ୍ଗିଯିବେ ...; ନିଜ ଦୁର୍ଭାବନାରେ ଆଶଙ୍କିତ ହୋଇ ତାଙ୍କୁ ପାଣିଗ୍ଲାସଟେ ବଢ଼ାଇଦେଲେ ସେ । କହିଲେ – ନିଅ, ପିଇ ଦିଅ ଟିକେ । ତଳକୁ ଯାଇ ସବୁ ଦରଜା ଗୁଡ଼ାକ ମୁଁ ବନ୍ଦ କରିଦେଇ ଆସେ । ତମ ପାଇଁ ଚା' କରିଦେବି ।

ଚା' ପର୍ବ ପରେ ସେମାନଙ୍କର ଜଳଖିଆ ପର୍ବ ସରିଲା । ତା'ପରେ ମଧ୍ୟାହ୍ନ ଭୋଜନ ବି । ସବୁ କିନ୍ତୁ ମନ୍ଥର ଗତିରେ । ନିରାଡମ୍ବର ଭାବେ ଆଉ ସ୍ୱାଦର ବିନା ବାଛ ବିଚାରରେ । ରାତ୍ର ଭୋଜନ ପୂର୍ବରୁ ଅର୍ଥାତ୍ ଉତ୍ତୀର୍ଣ୍ଣ ସନ୍ଧ୍ୟାରେ ପୁଅ ଫେରିଲା । କିନ୍ତୁ ତା'ଠି ଶ୍ୱଶୁର ଘର ଫେରନ୍ତା ଜ୍ୱାଇଁର ଚମକ ଆଦୌ ନଥିଲା । ଖୁବ୍ ମଳିନ ପଡ଼ିଯାଇଥିଲା ସଦ୍ୟ ଶାଶୁଘରେ ପାଦ ଦେଉଥିବା ନୂଆ ବୋହୂଟେ ପରି ।

ମାଆ ମନରେ ତ କେବଳ ବ୍ୟାକୁଳ ଭାବଟେ ଥିଲା ତା'ର ଅକର୍ମ ପାଇଁ । ଯଦିଓ ଲୁହଘଷା ରାଗଟିଏ ଥିଲା, ତା' ମୁହଁକୁ ଦେଖି ଭୁଲିଗଲେ ପୂରା । ନରମ ଗଳାରେ ପଚାରିଲେ, 'ଖାଇଛୁ... ?'

ସିଦ୍ଧାନ୍ତ ମୁହଁ ଖୋଲି 'ହଁ'ଟେ ବି କହିପାରିଲାନି ମା' ସମ୍ମୁଖରେ । ମୁଣ୍ଡ ଟୁଙ୍ଗାରିଲା ଯାହା । ତା'ପରେ ପଚାରିଲା – ବାପା... ?

ମା' କହିଲେ, "ଖଟରେ ଗଡୁଛନ୍ତି । କ'ଣ କହିବୁ କି ତାଙ୍କୁ ?" ସିଦ୍ଧାନ୍ତ ନୀରବ ରହିଲା ଆକଣ୍ଠ ଶବ୍ଦକୁ ଚାପି ।

ତା'ପରେ ମାଆ ପ୍ରବର୍ତ୍ତାଇଲେ – ତୁ ପରା ରାତି ଗାଡ଼ିରେ ତୋ ଚାକିରି ଜାଗାକୁ ଫେରିବୁ । ଆଗ ଯା' ତା' ହେଲେ ନିତ୍ୟକର୍ମ ସାରି ସଜଡ଼ାସଜଡ଼ି କର ।

ତା'ପରେ ... ସବୁ କାମଦାମ ସାରି ନିର୍ଦ୍ଦିଷ୍ଟ ସମୟରେ ଗାଡ଼ି ଧରିବାକୁ ପ୍ରସ୍ତୁତ ହୋଇଗଲା ସିଦ୍ଧାନ୍ତ । କିନ୍ତୁ ଘରୁ ବାହାରିବା ପୂର୍ବରୁ ବାପାଙ୍କ ପାଖକୁ ଯାଇ ଦୋଷୀଟିଏ ପରି ଠିଆ ହୋଇ ରହିଲା । ଲଜ୍ୟା ତା' କଣ୍ଠକୁ ଏମିତି ଚାପି ଧରିଥିଲା ଯେ 'ବାପା' ଶବ୍ଦଟି ମଧ୍ୟ ତା' ମୁହଁରୁ ସ୍ଫୁରିଲା ନାହିଁ ହଠାତ୍ ।

ସେଇଠୁ ଶ୍ରୀୟା ସ୍ୱାମୀଙ୍କୁ ସୂଚାଇଲେ – ଆଗୋ, କ'ଣ ହେଇଛି ତୁମର ! ସିଦ୍ଧୁ ପରା କ'ଣ କହିବ ବୋଲି ଜଗିଛି ତମ ପାଖରେ ।

ପତ୍ନୀଙ୍କ କଥା କର୍ଣ୍ଣଗୋଚର ହେଲାକ୍ଷଣି 'ଉଁ ..' କହି ମୁହଁରୁ ହାତ କାଢ଼ିଲେ ଜଗନ୍ନାଥ । ଖଟ ଉପରେ ବସିପଡ଼ି ସିଦ୍ଧୁକୁ ସିଧା ଚାହିଁ ପଚାରିଲେ – ତୁ ସିଟ୍ ରଖିବା ପାଇଁ କହି ଦେଇଚୁ ତ ?

ସିଦ୍ଧାନ୍ତ ଧୀର ସ୍ୱରରେ ଉତ୍ତର ଦେଲା – ହଁ, ଫୋନ୍ କରିଦେଇଥିଲି କଣ୍ଡକ୍ଟରକୁ ।

ତା'ପରେ ସେ ମାଆକୁ ଇଶାରରେ ତତ୍‌କ୍ଷଣାତ ବାହାରିବା କଥା ସୂଚାଇ ପଛକୁ ବୁଲିପଡ଼ିଲା । ମାଆ, ବାପା ଦିହେଁ ମଧ୍ୟ ସଙ୍ଗେ ସଙ୍ଗେ ତାକୁ ଅନୁସରଣ କଲେ । ଗେଟ୍ ପାଖରେ ପହଞ୍ଚିଲା ବେଳକୁ ସିଦ୍ଧୁ ଆଖିରେ ଲୁହ ଟଳମଳ । ରୁମାଲରେ ଆଖି ପୋଛୁ ପୋଛୁ ଉଦାସିଆ ଭାରି କଣ୍ଠରେ ସେ କହିଲା – ମୁଁ ଆସୁଛି । ତମେ ମନ ଦୁଃଖ କରିବନି ଜମା । ତମ ନାତି ଆଉ ବୋହୂକୁ ଧରି, ଦଶହରା ବେଳକୁ ନିଶ୍ଚୟ ଆସିବି । ତା'ପରେ ... ପୁଅ ଯେତେବେଳେ ବିଦାୟ ନେଇ ସେମାନଙ୍କ ଦୃଷ୍ଟି ପଥରୁ ଅନ୍ତରିତ ହେଲା, ସେମାନେ ଗେଟ୍‌ରେ ତାଲା ପକାଇ ଘର ଭିତରକୁ ଆସିଲେ । ଜଗନ୍ନାଥ ସେଇଠୁ ସିଧା ଖଟ ଉପରକୁ ଯାଇ ମୁହଁ ଉପରେ ହାତ ଢାଙ୍କି ପଡ଼ି ରହିଲେ । ତାହା ଦେଖି ଶ୍ରୀୟା ଭାରି ବ୍ୟସ୍ତ ହୋଇ ପଡ଼ିଲେ । ତାଙ୍କୁ ହଲାଇ ଦେଇ କହିଲେ – ହେଇ ... ତମେ କାନ୍ଦିବନା ଏଇନା । ମୁଁ, ଜାଣେ ତୁମକୁ ଭାରି କଷ୍ଟ ଲାଗିଛି ଏମାନଙ୍କ ଆଚରଣ । ହେଲେ, ମୋତେ କ'ଣ ଭଲ ଲାଗୁଛି, କହୁଛ । ତମେ ତ ଦେଖୁଛ, ମୁଁ ସେ ଝିଅର କ'ଣ ନ କରିଥିଲି କୁହ । ଆଉ ଶେଷକୁ ସେ କ'ଣ କଲା ? ... ହେଲେ ପୁଅଟା ଆମର ଗୋଟା ତୁଳସୀନା । କେଡ଼େ ନାଚାର ଆଉ ବିଚରା ବିଚରା ଲାଗୁଥିଲା ଦେଖିଲନି । ତା' ଅବସ୍ଥା ଦେଖି ମୁଁ ତ ଆମ ବିଷୟରେ ଭାବି ପାରୁନି ଆଉ । ପୁଅଟା ଯେ ତାକୁ ଜୀବନ ସାରା କେମିତି ବରଦାସ୍ତ କରିବ, ଚିନ୍ତାରେ ମୁଣ୍ଡ କାମ କରୁନି ।

ଜଗନ୍ନାଥ ଜାଣନ୍ତି, ଶ୍ରୀୟା ଖାଲି ମୁହଁରେ ବିଳାପ କରନ୍ତି ନାହିଁ । ଅନ୍ତର ଏମିତି ଦୁଃଖେଇ ଯାଏ ଯେ ତାଙ୍କ ଆଖିରୁ ପ୍ରତି ବାହୁନାର ତାଳେ ତାଳେ ଝରଝର ହୋଇ ଅଜସ୍ର ଲୁହ ଝରିପଡ଼େ । ତେଣୁ ତାଙ୍କ ପଣତ କାନି ଭିଜିବା ଆଗରୁ, ଅନ୍ତର ବତୁରିଯିବା ଆଗରୁ ଧଡ଼ପଡ଼ ହୋଇ ଖଟ ଉପରେ ବସି ପଡ଼ିଲେ । ଆଶ୍ୱାସି ଶାନ୍ତ କରିବାକୁ କହିଲେ – ଖୁବ୍ ଭଲ, ନାଇଁ ... । ତମେ ନିଜେ ପରା କୁହ, କେହି ଘରୁ ବାହାରକୁ ଯିବାବେଳେ ତା' ପଛରେ କାନ୍ଦିବା ଭଲ ନୁହେଁ । ତାହାହେଲେ ଏବେ କାହିଁକି ତମେ କାନ୍ଦି ବସିବ । ଆଉ ମୋତେ ଦେଖ, ମୁଁ ଟିକେ ବି କାନ୍ଦୁନି । ତା'ପରେ ଆମେ ଅଧୈର୍ଯ୍ୟ ହୋଇ କାନ୍ଦିବା କାହିଁକି । ଆମ ଏ ଜୀବନ କାହାଣୀ ତ ବିହି ଲେଖୁଛି, ହେଲେ ଅନ୍ତ କରି ନାହିଁନା । ଅହର୍ନିଶ ଲେଖୁ ଲେଖୁ ଥକି ପଡ଼ିଛି ଟିକେ । ତେଣୁ ବ୍ରେକ୍ ନେଇଛି କାହାଣୀରେ ଦୁଃଖପୂର୍ଣ୍ଣ ପରିସ୍ଥିତିଟେ ଟାଣି । ଏବେ ଚାଲ ଦୁଃଖକୁ ଆମେ ଭଲକି ପିଇଯିବା ଆଉ ଧୈର୍ଯ୍ୟ ଧରି ଅପେକ୍ଷା କରିବା ସେ ଆଗକୁ ଲେଖିବା ପର୍ଯ୍ୟନ୍ତ । ଏମିତି ଭାଙ୍ଗି ପଡ଼ିଲେ କ'ଣ ଚଳିବ ! ଯା' ବାଦେ କ'ଣ କାହାଣୀର ମୋଡ ବଦଳିବ ନାହିଁ ! ତେଣୁ... ଏବେ ଆଖିରୁ ଲୁହ ଝରିବାକୁ ଦିଅ ନାହିଁ । ସେଇ ନିୟତି ଉପରେ ଭରସା ରଖ । ସେ ଯା' ପରେ ନିହାତି ସୁଖ ହିଁ ଲେଖିବ ।

ସ୍ୱାମୀଙ୍କ ଆଶ୍ୱସନାରେ ତା'ପରେ ଆଖିରୁ ଲୁହ ପୋଛି ତାଙ୍କ ପାଖରୁ ଉଠି ଆସିଲେ ଶ୍ରୀୟା ରୋଷେଇ ଘରେ ପଶିଲେ । ଜଗନ୍ନାଥ ମୁହଁ ହାତ ଧୋଇ ଡାଇନିଂ ଟେବୁଲ୍ ପାଖରେ ସଜାଡ଼ି ହୋଇ ବସିଲେ । ହେଲେ ... କାହାଣୀରେ ବ୍ରେକ୍ ଟାଇମ୍ ଚାଲୁ ରହିଥିଲା ପୂର୍ବ ଭଳି । ଉଭୟଙ୍କ ପାଖରେ ଦୁଃଖ ଚକ୍‌କର କାଟୁଥିଲା ତାଙ୍କ ଦେହମନକୁ କବଳିତ କରିବା ପାଇଁ ।

*ଓମ୍ ବିହାର (ଲେନ୍-୨),*
*ହୋଟେଲ ଶ୍ରୀକ୍ଷେତ୍ର ସାମ୍ନା,*
*ଧାଙ୍ଗଡପଡା, ଆଟୋପୁର*
*କେନ୍ଦୁଝର - ୭୫୮୦୦୨*
*ଦୂରଭାଷ: ୮୨୪୯୫୦୨୨୧୨*

କବିତା

**ଆଦ୍ୟ ନିଳୟ**

# ବିହନରୁ ଧାନ

**ଅମରେଶ ପଟ୍ଟନାୟକ**

ମାଟି ଚଷି ବିହନ...
ଜିଆଇ ଜିଆଁଇ ବଢ଼ାଇବା ଭାବନା ଭିତରେ
ଅଭାବ ଅନାଟନ ଜଂଜାଳ...
ଅସହାୟ ଛଳ ଛଳ...
        ଅମଳା ଅବିତା ବେଳ...
ଅନାଦି ଅନନ୍ତ ପ୍ରବାହିତ ସ୍ରୋତ...
ସୁଖପ୍ରଦ ସ୍ୱାଚ୍ଛନ୍ଦ୍ୟ ସଂସାର
ଅଦୂର ରୁ ଦୂର
ଦୂରରୁ ସୁଦୂର
ଅବିରତ ବର୍ଷା କାଦୁଅ ଶୀତ
ଥୁରୁ ଥୁରୁ
ଖରାତରା...
        ଜଳିପୋଡ଼ି
        ତଥାପି ଆୟୁଷ...
ସ୍ୱପ୍ନସବୁ ପାଟିରେ ପେଟରେ
କେତେ ଦଳଖଳ
        ରାଜନୀତି କୂଟନୀତି
        କପଟ ଆଟୋପ ଗୋଳ...
କେଡ଼େ ଟିକେ ଜୀବନ...
କେଡ଼େ ଟିକେ ଜୀବ...
କେତେ ଯୁଦ୍ଧ ଅନାଚାର ଅତ୍ୟାଚାର
ଅଚାନକ ଯଦି ପୁଣି
        ୱାଏନାଡ୍ ଲାଟୁର ଜଗତସିଂହପୁର...
ତଥାପି...
        ଆସ୍ଥା ବିଶ୍ୱାସ ଅଧ୍ୟବସାୟ ଅବ୍ୟାହତ...
କ୍ଷେତ ଖତ
        କଣିକାଏ ହେବାଯାଏଁ...
ଧାନରୁ ନିର୍ମାଲ୍ୟ...
        ଭୋକ... ଭିକ... ଭାତ...।

*ଅନନ୍ତ ଆଲୋକ, ବାରିକ ସାହି, ଶଙ୍କରପୁର,*
*କଟକ-୭୫୩୦୧୨*

# ନୂଆ କବିତା

**ଇନ୍ଦିରା ଶୁଭଦର୍ଶିନୀ ତ୍ରିପାଠୀ**

ଲେଖିବି ଲେଖିବି ହେଇ
କବିତାଟିଏ ଲେଖିଦେଲି
କ'ଣ ଅଛି କବିତାରେ ! ନିଜକୁ ନିଜେ ପଚାରିଲି
ମନ କହିଲା କ'ଣ ଏକ ମନଗଢ଼ା
ଆଉ କଳପନା ସବୁ
ଖଞ୍ଜି ଖଞ୍ଜି ଗଢ଼ାହେଇଚି ଇମାରତ।
ମୁଁ କହିଲି ନାରେ ମନ ଫୁଟାଣି ମାରେନା
ଯା ପାଇଁ ଏ ଲେଖା,
ତା'ଠାରେ ଅଛି ଭାବ ବିହ୍ୱଳତା।
ଗତକାଲି ମେଘ ହେଲା ବେଳେ
ଆକାଶରୁ ଉଧାର ଆଣିଥିଲି ନୀରବତା
ତାକୁ ଆଜି ସୁଝି ଦଉଚି କଡ଼ା ଗଣ୍ଡା କରି।
ଏବେ ମୁଁ ଏକା ନାହିଁ।
ଅଛି ପବନ ଆବହାୱା ଓ ଗମ୍ଭୀରତା
ପାଖେ ସେ ଅଛନ୍ତି ସେଇମାନେ ଅଛନ୍ତି
ଅଛି ମୋର ମାଦକତା।
କୁନି ପକ୍ଷୀଟିଏ ପରଝାଡ଼ି କହୁଚି
ରହ ରହ ମଜାକ୍ କରୁନି
ସତରେ ଉଡ଼େଇ ନେବି ତୋ କବିତା ଲେଖା।
ମୁଁ କହୁଚି ନାରେ ପାଗଳି, ଏଇଠୁ ଏବେ ପଳା
ଜାଣିନୁକି କଳପନାରେ ଭାସିଲା ବେଳେ
ମୁଁ ଥାଏ ନିତାନ୍ତ ଏକା।

*ଦୂରଭାଷ: ୯୮୬୧୬୩୪୪୯୩*

# ପ୍ରତିମା

**ଅଶ୍ୱିନୀ କୁମାର ମିଶ୍ର**

ତୁମ କାନରୁ ପାଦଯାକେ
ସୁନା ଗହଣା
ଅଥଚ ତୁମର କନ୍ୟାସମ
ନବବଧୂଟିକୁ ଗ୍ରେଟେଇ ଖାଇଗଲା
ଯୌତୁକ ଅଂଟିଆ କିଂଭୀର
ଖାସ୍ ଏଇ ସୁନା ଟିକକ ପାଇଁ।

ତୁମେ ଯେଉଁ ଶିଖରରେ
ଥାଅନା କାହିଁକି, ମନସ୍କାମ ପାଇଁ
ପହଞ୍ଚିଯାନ୍ତି ବୁଜୁଳି ବୁଜୁଳି ଲଡୁ, ଛେନା
ତୁମେ ଅଲବତ୍ ଜାଣ
ସେଇ ଶିଖର ତଳି ଛୋଟ ଗାଁଆର ପିଲାଙ୍କୁ
ତାଙ୍କ ମା ମାନେ
କ'ଣ ଖୁଏଇ ପଠେଇଥାନ୍ତି
ବିଦ୍ୟାଳୟକୁ।

ତୁମ ପାଖରେ
କୁଡ଼ କୁଡ଼ ପାଟ, ପିତାଂବରୀ
ତୁମ ନୟନତାରାମାନେ
କିନ୍ତୁ ଅପେକ୍ଷା କରିଥାନ୍ତି
ବେହରଣ ପାଇଁ, ତାରରେ ଶୁଖୁଥିବା
କସ୍ତା ଶାଢ଼ୀକୁ।

ତୁମେ ଅଛ ବୋଲି ସଂସାର
ନା ସଂସାର ଅଛି ବୋଲି ତୁମେ
ତୁମେ ଜଗଦ୍ଧାତ୍ରୀ, ବିଧାତ୍ରୀ
ଅଥଚ ତୁମକୁ ଗଢ଼ିଥିବା ଜଣକ
ମଣିଷଟିଏ।

ତୁମେ ବିସ୍ତରି ଚାଲିଛ
ଦିନକୁ ଦିନ
ଗ୍ରାମ, ସହର, ଦେଶ, ବିଦେଶ
ବୀଣାଠୁ ତ୍ରିଶୂଳ ଯାକେ
ଯାନରେ, ବାହନରେ
ଖୋଳରେ, କରତାଳିରେ
ପ୍ରକଂପିତ ଭୂ-ମଂଡଳ
ସର୍ବଭୂତାନୀ ଟଳମଳେଇଲେବି
ତୁମେ ସ୍ଥିର,
ହୀମ ମଂଡଳଠୁ ମରୁପ୍ରାଂତର
ନାଲି, ହଳଦୀ, ସବୁଜ, ନୀଳ
ସବୁ ରଂଗ ତୁମରି କାୟାରେ
ଚିର ଏକାକାର।

ତୁମକୁ ଛୁଇଁପାରେନି
ମୁଦ୍ରାସ୍ଫୀତି, ମହାମାରୀ
ମଡ଼କ, ଦୁର୍ଭିକ୍ଷ
ଯେଣୁ ତୁମେ ମଧ୍ୟବିନ୍ଦୁଟିରେ
ସଦା ସ୍ଥିର, ଅବିଚଳ।

ସଂକଟର ନିଆଁରେ
ଛାରଖାର ପାଲଟୁଥିବା ମଣିଷ
ତୁମକୁ ଅନାଇ ରହିଥାଏ
ସାମାନ୍ୟ ମୋଚନ ପାଇଁ

ତାକୁ ବି ଧରମ ବେପାରୀ
ଲୋକ ଦେଖି ବାହାର କରେ
ଆଡୁଆଳରୁ, ସବୁ ସତ୍ତ୍ୱେବି
ମଣିଷ ଆଦୌ ଚାହେଁନି
ଆଡ଼େଇ ଯିବାକୁ
ତୁମ ରାଜତ୍ୱକୁ।

*ଏମ୍.-୧, ନେତାଜୀ ସୁବାସ୍ ଏନ୍‌କ୍ଲେଭ୍,*
*ଗାଡ଼କଣ, ଭୁବନେଶ୍ୱର-୭୫୧୦୧୭*

# ତମେ କାଳେ ସେହି...

ଡ. ଗୋପବନ୍ଧୁ ଦାଶ

ତମେ କାଳେ କେବେ ବିନା ଘୁଂଗୁରରେ
ନୂପୁର ଛଂଦର ତାଳ
ତମେ କାଳେ କେବେ ଉଆଁସୀ ରାତିର
ଭଗ୍ନ ହୃଦୟର କୋହ ॥

ତମେ କାଳେ ସେହି କାନ୍ଥ ଆଇନାରେ
ଅନୂଢ଼ା କିଶୋରୀ ମୁହଁ
ତମେ କାଳେ ସେହି ଉଛୁଣା-ପାଣିର
କାଗଜ ଡଂଗାର ମୋହ ॥

ତମେ କାଳେ ସେହି ଅମୁହାଁ ଦେଉଳେ
ଅପୂଜା ମୂରତି କାନ୍ତି
ତମେ କାଳେ ସେହି ଧୂସର ମରୁର
ଦିଗହରା ସହଯାତ୍ରୀ ॥

ତମେ କାଳେ ସେହି ଚପଳ ଛନ୍ଦା
ମେଘ ରାଇଜର ଜ୍ୟୋତି
ତମେ କାଳେ ସେହି ଅଫେରା ଝରଣା
ବିରହର ସୁର ଗୀତି ॥

ତମେ କାଳେ ସେହି ଭିଜା ବରଷାର
ପ୍ରୀତିଭରା ପଦ୍ମମଧୁ
ଅନ୍ତହୀନ ତୁମ ପ୍ରତୀକ୍ଷାର ପଥ
ପୁଲକ ଅପାର ସିନ୍ଧୁ ॥

ତମେ କାଳେ ମୋର ଶକ୍ତ ପଞ୍ଜରାରେ
ସୂକ୍ଷ୍ମ ଧାରାଟିଏ ହୋଇ
ତରଳିବ ତମେ ତରଳିବି ମୁହିଁ
ଶ୍ରାବଣର ଧାରା ହୋଇ ॥

# ବଧିର ବଂଶୀବାଦକ

ଡକ୍ଟର ନାରାୟଣ ପଣ୍ଡା

ତା'ର ସୁମଧୁର ବଂଶୀସ୍ୱନ
ଦୂର ବଣବିଲ ପାହାଡ଼ ସେପାଖରୁ
ପବନରେ ଭାସିଆସେ।
ଶୀତରାତିର ବର୍ଷାପରି
ଦେହରେ ଖେଳିଯାଏ ଶିହରଣ।

କ୍ଷଣକରେ
ଭୁଲିହୋଇଯାଏ ବିଷୟ ଦହନ।
ଭଂଗାମନରେ ଉଙ୍କିମାରେ
ଇନ୍ଦ୍ରଧନୁର ସପନ।

ତା' କାନରେ ପଡ଼େ ନାହିଁ
ଅନାଥ ଶିଶୁର କରୁଣ କ୍ରନ୍ଦନ।
ଅପାପବିଦ୍ଧ କିଶୋରୀର
ଲୁହଭିଜା ପ୍ରାର୍ଥନା।
ଧର୍ଷିତା ରମଣୀର
ବୁକୁଫଟା ନିବେଦନ।
ବେଳେବେଳେ ବିଭୋର କରେ
ଅଦୃଶ୍ୟ ବଂଶୀସ୍ୱନ।

ଶରଣ
ସଂପୂର୍ଣ୍ଣ ସମର୍ପଣ ପରେ
ମିଳେ କୋଟିବସ୍ତ୍ର।
ଅହଂକାର ଅବସାନ ପରେ
ମିଳେ ଦୁର୍ଲଭ ଦର୍ଶନ।
ଥକାମନ
ଭୁଲିଯାଏ ନିୟତିର ନିୟମ।

*ବଉଳପଦା, ବଳରାମପୁର, ଆଠଗଡ଼,*
*କଟକ-୭୫୪୨୯୫*



# ଅନୁକ୍ତ

ଅୟସ୍କାନ୍ତ

ରାତି ଅନେକ
ଶୋଇପଡ଼ିଲେଣି ସମସ୍ତେ,
କେବଳ ପେଚା, ଝିଙ୍କାରୀ, ଯୌନପାଗଳୀ-
ବେଙ୍ଗ, ଛକର ଆଲୁଅ ଓ ସାପଠୁ ସହର
ମାୟାବିନୀ କୁହୁକିନୀ ଏ ରାତି!
ଅଜଗର ପରି କଡ଼ ଲେଉଟୁଛି
ଏ କଳା ପିଚୁ ସଡ଼କ

ମୋ' ଅବୋଲକରା ସ୍ୱପ୍ନକୁ
ଡାକି କହିଲି, ସତ ହିଁ ନାହିଁ
ସତ ହେଲେ, ତୋତେ କେହି
ସ୍ୱପ୍ନ କହିବେ ନାହିଁ
ତକିଆ ଜାକି ସେ ଶାନ୍ତ
ଅଥଚ କୁନିପିଲାଟିଏ ପରି
ଶୋଇପଡ଼ିଲା
ମୋତେ କିନ୍ତୁ ନିଦ ନାହିଁ
ଶୁଆଇ ଦେଉନାହାନ୍ତି
କୁକୁରର ଲମ୍ବା ଭୋ'
ଦୁଷ୍ଟ ଶିଆଳ ଓ ଗୋପାଳଙ୍କ ଓଗାଳ ।

ଏବେ ତାଳ ବେତାଳ
ସମୟ ଉତ୍ତାଳ
ଜହ୍ନକୁ ଲୁଟିବାକୁ ଉଦ୍ୟତ
ତାରା ଡକେଇତ ଦଳ

ଅନେକ ବେଳ ଅଛି ହବାକୁ ଭୋର୍
ତମକୁ ମୋତେ ମାରିଛି, ସାପ ଗୋଖର!
ଅସହ୍ୟ
ହେ ସମୟ କ୍ଷମା ଦିଅ
ତୃପ୍ତିର ତକିଆରେ
ଆକାଂକ୍ଷାର ଆଖିପତା ବୁଜି
ଶୋଇପଡ଼େ ଟିକେ ।

*ଗ୍ରାମ୍ୟ ନିର୍ମାଣ ଉପବିଭାଗ*
*ରାଜକନିକା, କେନ୍ଦ୍ରାପଡ଼ା*
*ଦୂରଭାଷ: ୮୭୬୩୩୯୩୧୧୬*

# ଜୀବନ

ସୀମା ମିଶ୍ର

ଜୀବନ
ଜୀବନ କଣ
ଫାଲ୍ଗୁନ ପ୍ରଭାତର ପ୍ରୀତିବୁନ୍ଦା
ବା, ଝରାଶ୍ରାବଣର
ବିଗ୍ରହ ବିଧୂରିତ ବେଳା !
ଅବା କେଉଁ ଅଭୁଲା ଅତୀତର
ଆତ୍ମୀୟ ଅନ୍ତଯାତ୍ରା !

ସମାଧିସ୍ଥ ସମୟ
ଦେଖୁଥାଏ ସବୁକିଛି
କିଛି ନିର୍ଲିପ୍ତ ଅନୁରାଗରେ,
କିଛି ସୋହାଗ ସରାଗରେ
କଙ୍କରିତ ଶିଳାଭୂଇଁ ହେଉ
ବା ଦିଗନ୍ତ ବିସ୍ତାରୀ ଶ୍ୟାମଳ ତନ୍ମୟତା
ସବୁଜ ସମଷ୍ଟି ତ'
ସକଳ ସ୍ୱପ୍ନମୟତା ।

କିଏ କହିବ
ଜୀବନ କାହିଁକି କାହାପାଇଁ
ସତ ସକାଳର, ଏକ ସ୍ୱପ୍ନୋଚ୍ଛଳ ସମୟ
ଯାହା ସଜାଇଦିଏ ପ୍ରତୀକ୍ଷିତ ରାତିକୁ
ସ୍ୱପ୍ନିଳ ଅନୁରାଗରେ
ବିଧୂରିତ ବେଳାକୁ
ରାଗ ବିରାଗରେ ।

କିଏ କହିବ
ଜୀବନ କାହିଁକି ଶ୍ରାବଣ ସତର
ଏକ ଅଶ୍ରୁଉଚ୍ଛଳା ସଜଳ ବେଳାଟିଏ
ମେଘ ମେଦୁରିତ ଆକାଶର
ଏକଲା ତାରାଟିଏ
ଯାହା ଭବ୍ଧକରେ, ମୁଗ୍ଧ କରେ
ଲୁବ୍ଧ କରେ
ପାଛୋଟି ଆଣେ, ବିମୁଗ୍ଧ ବାଙ୍ମୟତାକୁ
କେଉଁ କୋହଭିତ ଦିଗବଳୟରୁ
ପଥଶ୍ରାନ୍ତ ବାଟୋଇକୁ ।
ଆଶା ନିରାଶାର, ଜୀବନ ଦହନରୁ
ଅୟୁତ ମହ୍ଲାରକୁ ।

ତଥାପି, ତମସାଚ୍ଛନ୍ନ ଅନ୍ଧକାରରେ
ଶ୍ରାନ୍ତ ପଥିକର ପଥଧାରରେ
ଜୀବନ ଯାତ୍ରାର ପ୍ରତିଟି ପ୍ରସ୍ତୁତିରେ
କାହାର ମୋଲାଏମ୍ ସ୍ପର୍ଶ
ମହକିତ ନିଶ୍ୱାସ
ସୂଚଇ ଦିଏ,
କିଏ ଜଣେ ଥାଏ, ଅତି ନିକଟରେ
ସ୍ୱାଗତ ଜଣାଇବାକୁ
ଅରୁଣାଭ ସକାଳକୁ ।
ଭୁଲାଇ ଦେବାକୁ
ଦୀର୍ଘରାତିର ନୀରବତାକୁ
ଆପଣେଇ ନେବାକୁ
ପ୍ରତି ସ୍ପର୍ଶ କାତର ମୁହୂର୍ତ୍ତକୁ
ଯାହାକୁ ଅନୁଭବି ହୁଏ
ପ୍ରତିଟି ନିଶ୍ୱାସରେ ବିଶ୍ୱାସରେ
କହିହୁଏ, ଆପଣାର
ଚିରକାଳ ।

*ସି/୫୫, ଉତ୍କଳ ରୟାଲ ରେସିଡେନ୍‌ସି,*
*ଗୌତମ ନଗର,*
*ଭୁବନେଶ୍ୱର-୭୫୧୦୧୪*

# ସୁନାଝିଅ

ପିନାକୀ ମିଶ୍ର

ଆପେ ଆପେ ଶିଖିଯା'
ଆଖି କୁଆଡ଼େ ନେବୁ, ପାଦ କୁଆଡ଼େ ପକେଇବୁ ।

ନିହାତି ଲୋଡ଼ା ନଥିଲେ ପରତେ ଯାଆନା,
ଏଠି ଅଲାଜୁକ ଆଖି ହଳହଳ
ବୟସର ବାଡ଼ବତା ନାହିଁ ଲୋ' ମାଧବୀ ।

ଗୋରୀଝିଅ ତୁ ମାଠିଏ ମହୁ
ନିଜ ବାଟକୁ ଅନେଇ ଚାଲୁଥା', ନଈ ତା'
ବାଟରେ ଯାଉ ।

କୁରୁସଭା କହ କି
ରୂପବତୀ ନଈଗାଧୁଆ କହ
ଗୋରା ତନୁରେ ଧାର ଧାର ଗୋପନ ଲୁହ,
ଲାବଣ୍ୟ ଝଲସେ ରତୁ ବଦଳିଲେ
ପବନର କାନକୁହା ଚାଲେ,
ଝିଅ ଯୁବତୀ ବାସେ ଯେ'-
ବାସିସକାଳେ ମରମଜଳା ତଳମୁହାଁ ।

ଇଏ ଗାଁପୋଖରୀ କଇଁ
ଢଳଢଳ ନୀଳପରାଗରେ,
ଦିଅଁକୁ ବୟାବନ୍ତ କହ
ଯଉବନ ଫର୍ଚ୍ଚା ଦିଶିଲେ ଛାତି ଦକଦକ ।

ତୋ' ଗୋଲାପୀ ଯଉବନ, ଗିନାହଳଦୀ ଦେହ
ଅଧୀରା ଶ୍ରାବଣ, ଅଳସୀ ଫଗୁଣ
ଭିତରେ ମହମହ ଚୋରା ଚଇତାଳି,
ତୋ' କୁଆଁରୀ ପାଦରେ ପୁନେଇଁ ଅଳତା
ଯୋଡ଼ାବେଣୀ କି ଚିବୁକ ଜାଇ
ଗାଲ ତ ଚେକେବଉଦ
ଆଖି ବରଗଛ ଦୋଳି, ଓଠ ଠୋ ଠା
ନୂପୁର ନଥିଲେ ବି- ତୁ ପା' ରାଧିକାଗୋରୀ ।

ଯେତିକି ଉଚ୍ଛାଳ, ସେତିକି ସମ୍ଭ୍ରମ
ଯେତିକି ହେମାଳ, ସେତିକି ଉଷୁମ
ବିଶ୍ୱାସଚାବି ଦେବୁ ବା କାହାକୁ !
ବାପା ଛତାଧରି ବାହାରନ୍ତି ବର ଖୋଜିବାକୁ ।

ତୋ ଉଲ୍ଲାସ - ସଜଦୁହାଁ କାଳିଗାଇ କ୍ଷୀର
ତୋ ଅନୁରାଗ - ପେନ୍ଥାଏ ମଧୁମାଳତୀ
ଗୋରୀଝିଅ ବେଶୀ ବେଶୀ ଚୁପ୍ ରହ
ନହେଲେ ନଈରେ ଜାଲପଡ଼ିବା ଥୟ ।

ସବୁ ଜାଣିଲୁଣି ତୁ ମାଧବୀ, ଖବର ଶୁଣି ଫୁ କରୁ
ନ ଶୁଣିଲା ପରି, ନ ଜାଣିଲା ପରି ଥା,
ଅନର୍ଥକୁ ଟାଣିହେବୁନି ଟି
ଜାଣିଶୁଣି ବନ୍ଧ ତଳେ ନ ପଡ଼ିଲେ ହେଲା ।

*"ଶୂନ୍ୟନୀଳ", ଚର୍ଚ୍ଚ ପାଖ, ଜେଲ ରୋଡ଼,*
*କେନ୍ଦୁଝର*
*ଦୂରଭାଷ: ୯୪୩୮୧୧୮୩୯୭*

# ପଉଷର ଖରାପରି

ମନୋଜ ମହାନ୍ତି

ପଉଷର ଖରାପରି
ବୟସ ଆସଇ ମୋର ସରିସରି
ତୁମ ହସ ଦିଶିଯାଏ
ଦୂର ଡାଳେ ଫୁଲଟିଏ ଫୁଟିଲା ପରି ।

ତୁମ ବାଟ ଚାହିଁ ଚାହିଁ
ଉଦାସ ଗୋଧୁଳି କେତେ ଯାଇଛି ବିତି
ଚଇତି କାନନ ପରି
ବାଦଶାହୀ ବୁକୁ ମୋର ଯାଇଛି ଶୁଖି
ସ୍ମୃତିର ବରଷା ଜଳେ
ଏଇ ମନ, ଏ ହୃଦୟ ଯାଏ ବତୁରି

ତୁମ ହସ ଦିଶିଯାଏ
ଦୂର ଡାଳେ ଫୁଲଟିଏ ଫୁଟିଲା ପରି ।

ତୁମ ମନ ସିଲଟରେ
କେଜାଣି ମୋ ନାଆଁ ଆଉ ଥିବକି ନଥିବ
ମୋତେ ଥରେ ଖୋଜିବାକୁ
ତୁମେ ଏଇ ଇଲାକାକୁ ସତେ କି ଆସିବ
ଅଜାଣତେ ମୋ ଓଠରୁ
ଗୀତପଦେ ହୋଇ ତୁମେ ପଡ଼ ସିନା ଝରି
ତୁମ ହସ ଦିଶିଯାଏ
ଦୂର ଡାଳେ ଫୁଲଟିଏ ଫୁଟିଲା ପରି ।

*ଭୁବନେଶ୍ୱର*
*ଦୂରଭାଷ: ୯୪୩୮୭୭୧୮୮୦*

# ଶାନ୍ତି ଆଶାରେ

## ପ୍ରଫେସର ଗିରିଜା ଶଙ୍କର ଶର୍ମା

ତା ଶରୀରର ମାନଚିତ୍ରରେ
ସୋମାଲିଆର କରୁଣ ଚିତ୍ର ।
କଂକାଳକୁ ଆବୃତ କରି
ତଳକୁ ଓହଳି ପଡ଼ିଥିବା ଚମଡ଼ାର
ଥଳି ଭିତରେ
ଆସ୍ଥାନ ଜମେଇଛି ଜୀବାତ୍ମାଟିଏ
ନିର୍ଗତ ନିଶ୍ୱାସ ପ୍ରମାଣ ଦିଏ
ସେ ଜୀବିତ, ସେ ବଂଚିଛି ।
ଚାହୁଁଛି ପୃଥିବୀରେ ଘଟୁଥିବା ଘଟଣା ଗୁଡ଼ିକୁ
ନିର୍ବିକାର ଭାବରେ ।

ସେ ଚିନ୍ତାକରେ, କିଛି କହେନି କାହାକୁ
କିନ୍ତୁ ଆତ୍ମସ୍ଥ କରିଥାଏ ସବୁ ଦୁଃଖ, ଗ୍ଲାନିକୁ
ଧର୍ମାଧର୍ମ ସଂଘାତକୁ ।
ସେ ଜାଣେ ପୃଥିବୀରେ ଧିରେ ଧିରେ
କମିଯାଉଛି ମଣିଷଙ୍କ ସଂଖ୍ୟା
ଅସୁରମାନେ କଳଙ୍କିତ କରୁଛନ୍ତି
ଇତିହାସର ଗାରିମା ।
ଏଇ କେତେ ଦିନ ତଳେ ଗଣବଳାତ୍କାରରେ
ନଅ ବର୍ଷର ଝିଅଟିର
ନିର୍ବାପିତ ହେଲା ଜୀବନ ଦୀପ
ଏମିତି ଘଟଣା ଦୁର୍ଘଟଣା ସବୁ
ଘଟୁଥାଏ ଏଠି ସବୁବେଳେ

ମାରପିଟ ଚୋରୀ ଚକାରୀକୁ କିଏ ବା ପଚାରେ ?

କେତେ ଯେ ରମଣୀୟ ସ୍ଥାନ ଥିଲା
ଏବେ କିନ୍ତୁ ସବୁଆଡ଼େ ହତାଶାର ଚିତ୍ର ।
ଗ୍ରହଣ ଗ୍ରସ୍ତ ସାରା ଆକାଶ ।

ଟିକିଏ ଚିନ୍ତା କରିବାର ସମୟ ଆସିଛି ।
ଶାନ୍ତିରେ ରହିବା ପାଇଁ ।
ବିଶ୍ୱକୁ ମଧୁମୟ କରିବା ପାଇଁ ।
ହାତରେ ହାତ ମିଶେଇ
ଚାଲ ଗାଇବା ସୁଖ ଶାନ୍ତି ମୈତ୍ରୀର ସ୍ୱର ।
ଶାନ୍ତି ଆସିବ ହିଁ ଆସିବ ।
ଖୋଲିବ ସଂଭାବନାର ଦ୍ୱାର ।

*ଧନକଉଡ଼ା, ସଂବଲପୁର*
*ଦୂରଭାଷ: ୮୯୧୭୪୯୪୦୯୫*

# ଘର ଫେରା ରାସ୍ତା

## ଦୀନବନ୍ଧୁ ପଣ୍ଡା

କେହି କେବେ ଭୁଲେ କି
ନିଜ ଘର ଫେରା ବାଟ ?
ଯେମିତି ଭୁଲନ୍ତିନି ବର୍ଷା-ବସନ୍ତ-ବୈଶାଖ
ଠିକ୍ ସମୟରେ ମାଟି ଉପରେ
ପାଦରଖି କରନ୍ତି ରାଜତ୍ୱ
ହେଲେ ସେଦିନ ହାଟ ଫେରା ବେଳକୁ ଭୁଲିଗଲି
ମୋ ଘର ଫେରା ବାଟ; ଏମିତି ଭୁଲିଯିବାର ତ
କିଛି ଗୋଟେ କାରଣ ଅଛି - ସେଦିନ ହାଟରୁ
କିଣା-କିଣି ସାରି
ଫେରିଲା ବେଳକୁ ମନେପଡ଼ିଗଲା;
ଗଲା ପାଳି ହାଟରେ
ମୋ' ପିଲା ଦିନର ସାଙ୍ଗ "ପିତନ"
ଯିଏ ପ୍ରଥମ ଶ୍ରେଣୀରୁ ନବମ ପର୍ଯ୍ୟନ୍ତ
ପଢ଼ିଥିଲା ମୋ ସହ
ହାଟରୁ ଏମିତି କିଛି କିଣିଲାବେଳେ ତାର
ଏକ ଟଙ୍କା ନିଅଣ୍ଟ ହେଲା; ଦୋକାନୀ ସହ ତାର
ବଚସା ବେଳେ ମୁଁ ପହଞ୍ଚି
ବଚସାରେ ହାରି ଯାଉଥିବା ମୋ ସାଙ୍ଗକୁ
ଉଦ୍ଧାରକରି ଏକ ଟଙ୍କା ଦୋକାନୀକୁ ଦେଇ ।।

ଏ ପାଳି ହାଟରେ ମୁଁ ସାଙ୍ଗ ପିତନକୁ ମନେ ମନେ
ଖୋଜୁଥାଏ; ହେଲେ ଦୂରରୁ ଦେଖିଲି
ସେଇ ପୁରୁଣା ଲୁଙ୍ଗି ଓ ଗେଞ୍ଜି ପିନ୍ଧି
ସେଇ ମାଟିଆ ବ୍ୟାଗ ଧରି ଆସୁଛି ।।
ତାକୁ ଡାକିବାକୁ ଇଚ୍ଛା ହେଲାନି;
ଏଇଥି ପାଇଁ ଯେ
ଆଉ ଦୁଇଜଣ ସାଙ୍ଗ ଦେଖା ହୋଇଗଲେ ହାଟରେ ।।
ଜଣେ "ଗୋପାଳ"- କେଉଟ ଘର ପୁଅ ଓ
ଆଉ ଜଣେ "ନିଧିଆ";
ଗୋପାଳ କିଛି ଚୂନା ମାଛ ଧରି
ହାଟରେ ବିକିବାକୁ ଆଣିଥାଏ- ଆଉ ନିଧିଆ
ଏବେ ଏବେ ପହଞ୍ଚିଛି ହାଟରେ ।।

ସେମାନେ ଦେଖା ହେଲାରୁ
କେତେ ପଛ କଥା ମନେପକେଇ କଥା ହେଲୁ;
କଥା ପ୍ରସଙ୍ଗରେ ମୋ ମୁହଁରୁ ବାହାରିଗଲା
"ପିତନ" କଥା; ଯାହା ଗତ ହାଟ ପାଳିର ।।

ମୋ କଥା ନ ସରୁଣୁ
ଗୋପାଳ ଆଉ ନିଧିଆ ଯା'କହିଲେ
ତା' ଶୁଣି ମୁଁ ଆବାକ୍ ହୋଇଗଲି;
ଏମିତି କେତେଥର ପିତନ
ସେମାନଙ୍କ ଠାରୁ ଟଙ୍କାଏ ଟଙ୍କାଏ ନେଇଛି ଯେ;
ଫେରାଇବାର ନା' ଧରିନି;
ଏମିତି କଥା ବେଳେ ମନେ ପଡ଼ିଲା
ପିତନର ପିଲା ବେଳର କଥା-
କ'ଣ ନଥିଲା ପିତନ ଘରେ; ଅମାପ ଧନ- ସଂପତ୍ତି
ଥିଲା ତା' ବାପାର ଯାହାର
ମାଲିକ ସେ ହୋଇପାରିଥାନ୍ତା
ହେଲେ ଆଜି ଗୋଟିଏ ଗୋଟିଏ ଟଙ୍କା
ନ ଫେରାଇ ପାରିବାରୁ ହାଟକୁ ଆସୁଛି ବିଳମ୍ବରେ ।।
ତା'କଥା ଭାବି ମୁଁ ହାଟ ଫେରା ଲୋକ ଜଣକ
ଭୁଲିଗଲି ମୋ ଘରଫେରା ରାସ୍ତା ।

*ହାଇଟେକ୍ ପ୍ଲାଜା, ବ୍ଲକ୍- ୩-ସି, ହାଉସ୍ ନଂ.- ୨/୧୩, ମାଧିପୁର, ସୁନ୍ଦରପଦା, ଭୁବନେଶ୍ୱର-୭୫୧୦୦୨*
*ଦୂରଭାଷ: ୯୪୩୭୧୩୫୬୧୪*



# ପ୍ରଦୂଷଣର ପରଦାରେ

## ପ୍ରଫେସର ଅରୁଣ ଚନ୍ଦ୍ର ସାହୁ

ପ୍ରଦୂଷଣର ପରଦାରେ
ଢାଙ୍କି ହୋଇଛନ୍ତି ତାରାମାନେ ଏବେ
ମୋଟେ ଦିଶୁନାହାନ୍ତି
ଏପରିକି ଅମା ଅନ୍ଧକାର ରାତ୍ରିରେ ।
ଆମର ପିଲାଦିନେ
ଗାଁ ଗଣ୍ଡାରେ ଆକାଶ ଥିଲା ନିର୍ମଳ
ରାତିରେ ତାରାମାନେ
ସେମାନଙ୍କର ଦପ୍ ଦପ୍ ମୁହଁମାନ
ସ୍ପଷ୍ଟଭାବେ ଦେଖଉଥିଲେ ଆମକୁ
କି ସୁନ୍ଦର ଚକ୍ ଚକ୍ ଦିଶୁଥିଲା
ସଂଧ୍ୟା ତାରା, କୁଆଁ ତାରା
ରାତିର ଆକାଶରେ ଉକୁଟି ଉଠୁଥିଲା
ପିଙ୍ଗଳ ମଙ୍ଗଳ ତ ଶୁଭ୍ର ଦିଶୁଥିଲା
ଶନି ଗ୍ରହ ସ୍ଥିର ଆଲୋକରେ ।
ପୂର୍ଣ୍ଣମୀରେ ଗୋଲଗାଲ ଜହ୍ନ
ମୋହି ନେଉଥିଲା ମନ
ଜହ୍ନର ଜୋଛନାରେ
ପୃଥିବୀ ହେଉଥିଲା ଚନ୍ଦ୍ରାଛନ୍ନ ।
ଗଭୀର ରାତ୍ରିରେ
ଦୂରରୁ ଶୁଭୁଥିଲା କାହାର
ମନଜିଣା ବଂଶୀସ୍ୱନ
ପୃଥିବୀ ମାତାର ସମ୍ମୋହିତ କୋଳରେ
ସମସ୍ତେ ଦେଖୁଥିଲେ ସବୁଜ ସପନ ।
ଅଚିନ୍ତାରେ, ଶାନ୍ତିରେ, ନିର୍ଭୟରେ
ସାତ୍ତ୍ୱିକ ଭାବନାରେ ମଜ୍ଜି
ବାହୁଥିଲେ ଜୀବନର ତରୀ
ଅର୍ଥପୂର୍ଣ୍ଣ ଥିଲା ମହାର୍ଘ ଜୀବନ ।
ଆଜିର ପୃଥିବୀ କିନ୍ତୁ ଧୂମାଚ୍ଛନ୍ନ
ସୁନାମୀ, ବାଦଲଫଟା ବର୍ଷା,
ପ୍ରଚଣ୍ଡ ଘୂର୍ଣ୍ଣିବାତ୍ୟା, ଅଂଶୁଘାତ
ଦାବାଗ୍ନି, ମରୁ-ମେରୁ ଝଡ଼ ଓ ସ୍ଖଳନ
ମନୁଷ୍ୟକୃତ ଅପରିମାଣଦର୍ଶିତାରେ ଆଚ୍ଛନ୍ନ
ଜଳ, ସ୍ଥଳ, ଆକାଶ, ପାହାଡ଼, ପର୍ବତ
ଚତୁର୍ଦ୍ଦିଗେ ପ୍ରଦୂଷଣର କରାଳ ଛାୟା
ଜୀବଜନ୍ତୁ ସଭିଏଁ ଆତଙ୍କିତ
ମୃତ୍ୟୁର ଦ୍ୱାରଦେଶରେ ଉପନୀତ
ତ କେତେକ ଚିରଦିନ ପାଇଁ
ଧରଣୀ ପୃଷ୍ଠରୁ ଅନ୍ତର୍ହିତ ।
ଆଖି ଫାଡ଼ି ଦେଖ ଏବେ
ପୃଥିବୀ ମାତାର ଚକ୍ଷୁ ରକ୍ତାଭ
କ୍ରୋଧ ଜର୍ଜରିତ
ନିଶ୍ଚୟ ସେ ନେବ ପ୍ରତିଶୋଧ
ତ୍ରିଶୁଳ ଧରି ସିଂହବାହନରେ
ହେବ ଅବତୀର୍ଣ୍ଣ
ପାପୀ, ଦୁରାଚାରୀ, ପ୍ରତାପୀମାନଙ୍କୁ
ସମୂଳେ କରିବାକୁ ନିଶ୍ଚିହ୍ନ ।
ପୁଣି ଥରେ ସତ୍ୟଯୁଗର କି
ହେବ ଆଗମନ !

*ଅବସରପ୍ରାପ୍ତ ଉଦ୍ଭିଦ ବିଜ୍ଞାନ ପ୍ରଫେସର,*
*ଅନ୍ୱେଷଣ,୫୨/୨, ଭାଗବତ କଲୋନୀ,*
*ଜି.ଜି.ପି.,*
*ଭୁବନେଶ୍ୱର-୭୫୧୦୨୫*
*ଦୂରଭାଷ: ୮୨୪୯୦୭୯୦୮୪*

# ଫୁଲ

## ତ୍ରିଲୋଚନ ମହାନ୍ତି

ମନର ଆବେଗଭରା ଆହ୍ୱାନଟିଏ
ସମୟର ଶୁଭ ସଙ୍କେତଟିଏ
କଳକଳ ମୁଖରିତ ତଟିନୀଟିଏ
ପ୍ରକୃତିର ଅପରୂପ କବିତାଟିଏ ।
ତା' ଜୀବନ ବଗିଚାରେ
ସଦା ଉନ୍ମୁକ୍ତ ଉଜ୍ଜ୍ୱଳ
କିନ୍ତୁ କ୍ଷଣସ୍ଥାୟୀ ପଥିକଟିଏ !!

ସେ ତ ପ୍ରେମର କୋମଳ ଆଲିଙ୍ଗନ
ସେ ତ ଉତ୍ସାହର ସୂକ୍ଷ୍ମ ନିବେଦନ
ସେ ତ ଆନନ୍ଦର ଅଫୁରନ୍ତ ଉଦ୍ୟାନ
ସେ ତ ରାତ୍ରିର ଶେଷ ବିସର୍ଜନ ।
ପୁଣି
ସେ ତ ମୁକ୍ତିର ସୁମଧୁର ସଙ୍ଗୀତ
ସେ ତ ପରଜାପତିର ମିତ
ସେ ତ ସାହସୀ ସକାଳର ସତ
ସେ ତ ଶାନ୍ତିର ରୂପେଲି କପୋତ
ସେ ତ ସମୟର ଗୋପନ ଗୁମ୍ଫାର ଗୀତ
ସେ ତ ମାଟିର ଦେହରେ ସମାହିତ
ସପନର ମିଛ ଆଉ ସତ ॥

ତା'ର
ସ୍ୱପ୍ନ ସବୁ ସୂର୍ଯ୍ୟର କିରଣ ପରି
ସ୍ନେହ ସବୁ ମାଟିର ପଣତ ପରି
ଶାନ୍ତି ସବୁ ଚନ୍ଦ୍ରମାର ପରଶ ପରି
ଆଶା ସବୁ ସାଗରର ଶୋଷ ପରି
ଆନନ୍ଦ ସବୁ ଆକାଶର ବୁକୁ ପରି !!

ତା' ଦେହର କଣ୍ଟାରେ
ବାରମ୍ବାର କ୍ଷତବିକ୍ଷତ ହେଇ
ତା' ପାଖୁଡ଼ାମାନଙ୍କର ଦେହତ୍ୟାଗ ସହ
ନିଶ୍ୱାସ ପ୍ରଶ୍ୱାସର ଆଦି ଅନ୍ତ ସହ
ଅନାୟସେ ଗାଇ ଚାଲିଥାଏ
ମାନବିକତାର ସଙ୍ଗୀତ ।
କାଳ କାଳ ପାଇଁ ହୋଇଥାଏ
ଚିର ପରିଚିତ
ଚିର ପ୍ରସ୍ଫୁଟିତ
ଚିର ବାସ୍ନାୟିତ
ସେ ପୁଣି ଲୁହର କାଳିରେ
ଅଙ୍କା ସରିନଥିବା ଶୋଷକଙ୍କର ଚିତ୍ର
ପୁଣି କେବେ ହସର ନଈରେ
ବିଶ୍ୱାସ ବୋଝେଇ ପ୍ରେମର ବୋଇତ ।

*ସନ୍ଥପଡ଼ା, ବନ୍ଧପଡ଼ା, ରାଜନଗର,*
*କେନ୍ଦ୍ରାପଡ଼ା*
*ଦୂରଭାଷ: ୮୨୮୦୧୯୯୭୭୫*

# କଳା ମଇଁଷି

## ମନୋରଂଜନ ଶରଣ

ଦେଇଛି ଲୁଚେଇ ବହି ଖାତା ତଳେ
ପୁରୁଣା ଚିଟାଉ କଳା ମଇଁଷିର,
ଅଲୋଡ଼ା ବାରତା ଯାଇଥିବ ଭୁଲି
ଜମିଲାଣି ଧୂଳି ହଜାରେ ଦିନର ।
ସୁଆଗିଆ ଭାଷା ଅଛି ଚିଟାଉରେ
"ପାହିଯିବ ରାତି ଆସି ଯିବୁ ଖରେ,
ଜାଣିଥା ନ ହେଲେ ବାଂଧି ଦେବି ପଘା
ନେଇଯିବି ଭିଡ଼ି ଅଫେରା ମୋ' ପୁରେ ।"
ନଇଁ ଗଲେ ସଂଜ ଫେରିବି ଘରକୁ
ଉଡ଼ି ବିଲ ବଣ ବାହୁଡ଼ା ଚଢ଼େଇ,
ଜାଣିଛି କିଏ ବା ଆସଂତା ସନକୁ
ଥିବ ଥୁଣ୍ଟା ଗଛ ଡାଳ ପତ୍ର ନାହିଁ ।
ପାଇବନି ହାତ ଗଛର ଡାଳକୁ
ଚଂପା ଫୁଲ ଗୁଡ଼ା ହସେ କିରି କିରି,
ଦେଖିବନି ଆଉ ହଳଦୀ ବସଂତ
ଖୋଲେ ନାହିଁ ପତା ନିଶା ଅଛି ଭରି ।

ଶୁଣିଛି ମୁଁ କେତେ ଜହ୍ନର ବଇଁଶୀ
ତାରା ମିଟି ମିଟି ମେଘର ବିଛଣା,
ଗଲାବେଳେ ବୁଲି ମଇଁଷି ସାଥିରେ
ଥାଉ ଖାଲ ଖମା ବାଟ କି ଅଜଣା।
ମତୁଆଲା ରାତି ମେଘ ଉଆସରେ
ବୋଲୁ ଅଛି ଗୀତ ମାଣକ ପୁରିଲା,
ଡାକେ ମଇଁଷୀକୁ ପଉଷ ହେମାଳ
ଋଲ ବେଗି ବେଗି ସେର ପୁରି ଗଲା।
ଫୁଲ ଦେବା ବେଳେ ବାପାଙ୍କ ଫଟୋରେ
ବଢ଼ଉଛି ହାତ ଯିବାପାଇଁ ବୁଲି,
ବୋଲୁଥିଲି ଗୀତ ବୋଉ ଫଟୋ ପାଖେ
ବାଟ ଦେଖା ମତେ, କାନି ଧରି ଥିଲି।
କେତେ ବା ଘୋଷିବି ମଞ୍ଚର ସଂଳାପ
ନୂଆ ବୋତଲରେ ପୁରୁଣା ମଦିରା,
ମନେ ଅଛି ଖାଲି କବିତା ଅଷ୍ଟକ
କାଳନ୍ଦୀ ତଟରେ କହ୍ନେଇ ଯାତରା।

ହସୁଛି ନେଫେଡ଼ି ଫଟୋ ଭିତରେ ମୁଁ
ପକେଇ ବେକରେ ଫୁଲ କାଗଜର,
ଟଗର ଗଛଟା ପାଚେରୀ ପାଖରେ
ପାରୁ ନାହିଁ ଯାଇ ବାଟ ବହୁ ଦୂର।
ଜମିଲାଣି ଧୂଳି ଫଟୋରେ ମୋଅର
ବଳ ନାହିଁ ହାତେ ପୋଛି ଦବା ପାଇଁ,
ପକେଇଛି ବାଂଧି ବୁଢ଼ିଆଣୀ ସୁତା
ମାଛ ପରି ଜାଲେ ରହିଛି ଅନେଇ।
ଯାଇ ପାରୁନାହିଁ କାଗଜ ଡଂଗାରେ
କଳା ଦରିଆରେ କେତେ କାତ ପାଣି,
ଲୁଚିଲା କୁଆଡ଼େ କଳା ମଇଁଷିଟା
ଦେଖେଇବ ରାସ୍ତା, ଥିବ ନିଶ୍ଚେ ଜାଣି।
ବାଂଧିଛି ପଘାଟା ମୋ ନାକ କଣାରେ
ଦେଇଛି ଜବାବ ସେ ପଟକୁ ନବ
ନୂଆ ମେଘ ଘରେ ଅନ୍ତରୀକ୍ଷ ତଳେ
ଧଳା ଜହ୍ନମାମୁଁ ଗୀତ ବୋଲୁଥିବ।

*୬୨, ଗୌତମ ନଗର, ଭୁବନେଶ୍ୱର-୧୪*
*ଦୂରଭାଷ: ୯୪୩୭୯୭୬୦୪୬୦*

# ବିଶ୍ୱ ଦାଣ୍ଡରେ ଗୁଣ୍ଡିଚା ଯାତ୍ରା

**ପାଣ୍ଡବ ନାୟକ (ଶିଶୁ)**

ଅନବସର ଘରେ ଉଠିଲେଣି ଜଗନ୍ନାଥ
ଭାଇ ଭଉଣୀ ସାଥେ
ଚକାପିଢ଼ାରେ ବସିଲେଣି
ଆଦ୍ୟ ଆଷାଢ଼ ବରଷେ
ବତୁରା ମାଟିର ବାସ୍ନା
ପବନ ପରଶେ।
ଅଙ୍ଗପୀଡ଼ା ଛାଡ଼ିନାହିଁ
ମନରେ ଚିନ୍ତିତ
ମା ଘର ଯିବେ ପ୍ରଭୁ
ପାଖେଇ ଆସଇ ତିଥ।
ନାକଚଣା ଦ୍ୱାରେ ଦେଖିବ ଗୁଣ୍ଡିଚା ମା
ସହିକି ପାରିବ
ସାଉଁଳି କାନ୍ଦିବ।
ଚିନ୍ତିଥିଲା
ବସାଇଲା ସୁନ୍ଦରତଟେ ବୈଷ୍ଣବ ଭୁବନ
ଗଢ଼ାଇଲା ଦାରୁଦିଅଁ
ଅଧାଗଢ଼ା ରୂପ ଦେଖି
କାନ୍ଦିଲା ସେଦିନ।
ତୋଳିଲା ଶ୍ରୀମନ୍ଦିର
ରତ୍ନବେଦୀରେ ଥାପିଲା
ବ୍ରହ୍ମାଙ୍କୁ ଆମନ୍ତ୍ରି ଆଣି
ବିଗ୍ରହରେ ଜୀବନ୍ୟାସ ଦେଲା
ତ୍ରୈଲୋକ ଜନଙ୍କ ଆତ୍ମାର ପୁଲକ ଧନ
ନିତି ଆସି ଶ୍ରୀମନ୍ଦିରେ କରନ୍ତି ଦର୍ଶନ।
ଜୀବନର ଲୀଳା ଏ ଭୂଇଁରେ
ବଡ଼ଦାଣ୍ଡରେ ରଥ ଗଡ଼େ
ମା ଘର ଯିବୁ
ବାଲ୍ୟ ବେଳ ମନେପଡ଼େ।
ସଜାଇ ଦେଇଥିବ ମା
ଶରଧାର କୁଞ୍ଜ କାନନ
ରହିଁଥିବେ ସାଥୀ ମେଳ
କଦମ୍ବ ଡାକଇ ଆସ ଆସ ବନମାଳି
ତା ଛାଇରେ ଖେଳିବାକୁ ଖେଳ।
ଶରତର ପୂର୍ଣ୍ଣଇନ୍ଦୁ ଜ୍ୟୋସ୍ନା ତଳେ
ମୁକ୍ତରାସ ଗୁଆଳିଙ୍କ ମେଳେ
ଶୀତର ଉମେଇ କଡ଼ରେ
ଲଉଡ଼ିର ଖେଳ ସାଥିଙ୍କ ମେଳରେ
ବସନ୍ତ ରଂଗ ପରଶ
ବସନ୍ତ ରାସରେ।
ଏ ଦେହରେ
କେମିତି ବାହାରିବୁ
ବଡ଼ଦାଣ୍ଡ ଘୋଷଯାତ୍ରାରେ
ବିଶ୍ୱଜନେ କି ବୋଲିବେ
ଏ ରୂପ ଦେଖିଲେ ବନ୍ଧୁ
ଛନ୍ଦି ହୋଇଯିବେ।
ହେ ମହାଜନ ଦଇତାପତିଏ
ଦେଖୁଛତ ଝାଡ଼ ଗ୍ରୀଷ୍ମ
ଆଷାଢ଼ରେ ଧୋଇ ହୋଇଯାଏ
ତରୁଲତା ଗୁଳ୍ମ ଆଦି ନବପଲ୍ଲବିତ
ଡାଳରେ ସବୁଜ ରଂଗର ଛନ୍ଦ
ଦେହକୁ ମାଜିଦେଇ ଔଷ ମଲମରେ
ନବ ଯୌବନ ରୂପ କରିଦିଅ
ଭ୍ରମିବି ବିଶ୍ୱଜନଙ୍କ ମେଳରେ
ଏତ ମାଟିର ସୌଗନ୍ଧ।
ଯେତେସବୁ ରେଷ୍ଟୁରା
ଧର୍ମଶାଳା ସାହି ଘର
ଏ ବୈଷ୍ଣବ ପୁରରେ
ପ୍ରବାସୀଏ ଭର୍ତ୍ତି
ଦେଖିବେ ଗୁଣ୍ଡିଚା ଯାତ୍ରା
ଏ ବିଶ୍ୱ ଦାଣ୍ଡରେ।
ଦେଖିବି ପ୍ରିୟଜନ
ମନ ହେଲାଣି ଉଚ୍ଚାଟ
ମେଘନାଦ ରୁଦ୍ଧ ସରହଦରୁ
ବାହାରକୁ ନେଇଯାଅ
ଖୋଲିଦିଅ ସିଂହଦ୍ୱାରର କବାଟ
ଏ ବିଶ୍ୱ ଦାଣ୍ଡରେ
ଗଢ଼ାଇ ନିଅ ତିନିରଥ
ତାଳଧ୍ୱଜ ଦେବଦଳନ ନନ୍ଦିଘୋଷ
ବନ୍ଧୁଏ ଆହ୍ଲାଦରେ ଟାଣିନେଉଥିବେ
ଶୁଭୁଥିବ ଜନସିନ୍ଧୁ ଘୋଷ।

*ପାର୍ବତୀ ନିବାସ, ସା/ପୋ- ଗୋଡିସାହୀ,*
*ଜି- ନୟାଗଡ଼*
*ଦୂରଭାଷ: ୯୮୬୧୯୮୧୬୫୬*



# ମୋବାଇଲ୍

## କ୍ଷମାନିଧି ଭୋଇ

ସମ୍ପ୍ରତି ପ୍ରେମିକାଠୁ ବି
ଆହୁରି ଜରୁରୀ ହୋଇପଡ଼ିଛି ମୋବାଇଲ୍।

ଯେତେବେଳେ ଦେଖିବ
ଲଟକି ରହିଛି ସିଏ ପାଖେ ପାଖେ
ଅହୋରାତ୍ର ବାଧ୍ୟ କରୁଛି ତା'କୁ ବ୍ୟବହାର ନିମିତ୍ତ
ଆଉ ମଣିଷକୁ ନଚାଉଛି
ତା' ଇଙ୍ଗିତେ କାଠ କଣ୍ଢେଇ ସଦୃଶ।

ଆଜିକାଲି କ'ଣ ସମ୍ଭବପର
ଦିନଟିଏ ବି ଚଳିବାକୁ ବିନା ମୋବାଇଲ୍‌ରେ
ତା' ନିଶାରେ ତ ମସଗୁଲ ପିଲାଠୁ ବୁଢ଼ା ପର୍ଯ୍ୟନ୍ତ।

ସଭିଏ ନିହାତି ତତ୍ପର
ନିଜ ମୋବାଇଲର ସେବା ଯତ୍ନରେ
ଠିକ୍ ଯେମିତି ଧ୍ୟାନ ରଖନ୍ତି
ଆପଣା ଶରୀର ଚର୍ଯ୍ୟାରେ।

ତା'ବୋଲି ତ ତା'କୁ ଧରି ରଖନ୍ତି
କିଏ ଅଣ୍ଟାରେ ତ କିଏ ଛାତିରେ
ଆଉ କିଏ ନିଜ ଝୁଲା ମୁଣିରେ।

ଏ ମୋବାଇଲ୍ ବ୍ୟତିରେକେ
ସତେ ଯେମିତି ପଙ୍ଗୁ ହୋଇପଡ଼େ ଆଜିର ମଣିଷ
ଅଚଳ ହୋଇପଡ଼େ ଅନଲାଇନ୍ ପାଠପଢ଼ାଠୁ
ପ୍ରେମିକ ପ୍ରେମିକାମାନଙ୍କ ମିଠା ମିଠା ବାର୍ତ୍ତାଳାପ।

ସବୁଠି ମୋବାଇଲର ଆବଶ୍ୟକତା
ତା' ବୋଲି ତ ସିଏ ଆଜିକାଲି ସଭିଙ୍କର ପ୍ରିୟ
ତା' ଯାଦୁକରୀରେ ସିଏ ସଭିଙ୍କୁ କରିଛି ପାଗଳ।

ଧନ୍ୟ ଧନ୍ୟରେ ତୁ ମୋବାଇଲ୍
କେ' ରହି ପାରିବେନି କେବେହେଁ
ତୋତେରେ ହରେଇ
ତୋ' ମାୟାଜାଲରେ ଯେହେତୁ ଆଜି ବନ୍ଧା
ସମଗ୍ର ସଂସାର।

ସମ୍ପ୍ରତି ସଭିଙ୍କ ପାଇଁ ଅନିବାର୍ଯ୍ୟ
ଏ ମୋବାଇଲର ବ୍ୟବହାର।

*ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦେଓଗାଁ,*
*ବଲାଙ୍ଗୀର-୭୬୭୦୨୯*
*ଦୂରଭାଷ: ୯୪୩୮୨୯୨୯୩୩*

# ସ୍ୱପ୍ନିଳ ଜୀବନ

## ନୀଳକଣ୍ଠ ସାହୁ

ରତିଏ ସୁଖ ପାଇଁ
ସାରାକାଳ ଝରିଯିବାର ପ୍ରତିବଦ୍ଧତା
ସ୍ୱର୍ଣ୍ଣିମ ଘଡ଼ିଟିଏ ପାଇଁ
ସୁଦୀର୍ଘ ପ୍ରତୀକ୍ଷା,
ଏସବୁ ଭିତରେ ବି
ଜୀବନ ସବୁକାଳେ
ଆହ୍ଲାଦର ସୁମଧୁର
ରାଗିଣୀଟିଏ
ଶୁଣାଉଥାଏ...
ପ୍ରେମର ସପ୍ତପଦୀ
ଲହରେଇ ଲହରେଇ।

ବିନ୍ଦୁଏ ସରାଗ ଏଠି
ସାଗର ତୋଳେ
ଟିପେ ଭରସା ବାଢ଼ିଦିଏ
ଅସୁମାରି ଜୀଇବାପଣ
ଟୋପାଏ ଶୋଷ ପାଇଁ
ଶ୍ରାବଣ ଝୁରେ ଅହରହ
ବିନ୍ଦୁଏ ବର୍ଷାରେ
ବତୁରି ଯାଏ ଜୀବନ।

ପାଇବାରେ ଏଠି
ଯେତିକି ପୁଲକ
ପାଇବାର ପ୍ରତୀକ୍ଷାରେ
ତା'ଠୁ ଅଧିକ
ପତ୍ରଝଡ଼ାରେ ବି
ଲୁଚିଥାଏ ଏଠି
ପୁଣି ପତ୍ରେଇ ଯିବାର
ଏକ ସବୁଜ ସନ୍ତକ।

ସବୁତ ଅସରା ଏଠି
କିଛି ବି କେବେ ସରେନା
ସବୁ ଶେଷ କେବଳ
ଭିନ୍ନ ଏକ ପ୍ରାରମ୍ଭର
ଶାଣିତ ସମ୍ଭାବନା।

*ବଦ୍ରିରାଜ ନଗର, ପ୍ରଥମ ଗଳି, ବ୍ରହ୍ମପୁର-୩*
*ଦୂରଭାଷ: ୯୮୬୧୮୯୬୩୧୪*

# ମୋ ପିଲାଦିନ

## ଗୋପାଳ ଚନ୍ଦ୍ର ମିଶ୍ର

ବସଇ ଯେବେ ନୀରବ ଧ୍ୟାନେ
ଭାବନା ଜାଲ ବୁଣଇ ମନେ,
ଜାଗଇ ହୃଦେ ପୁରୁଣା କଥା
ମୋ ରାଜ୍ୟ ସ୍ମୃତି ମନରେ ଗୁଣେ ॥

କେତେ ଯେ ଭଲ ସେଦିନ ଥିଲା
ହେଜଇ ଆଜି ମନରେ ବସି,
ଗହଳ ତୋଟା ମାଛ ପୋଖରୀ
ମାନସ ପଟେ ଆସଇ ଭାସି ॥

ଖରା ଦିନିଆ ଟାଣୁଆ ଖରା
ଗହଳି ଜମେ ସେ ଆମ୍ବ ତୋଟା,
ପବନ ତା'ର ସୁଲୁ ସୁଲିଆ
ସତେର ଲାଗେ ଆହାକି ମିଠା ॥

କଣ୍ଢେଇ କୋଳି ତା ତାଳଗଜା
ଖାଇଲେ ଲାଗେ ଆହା କି ମଜା,
ଶଗଡ଼େ ବୁଲା ବାଗୁଡ଼ି ଖେଳ
ଏବେ ବି ମନେ ରହିଛି ତାଜା ॥

ଆସିଲେ ରାତି ଲଣ୍ଠନ ବତୀ
ତେଜିଣ ବୋଉ ବାଢ଼େ ପଖାଳ,
ଶାଗ ଖରଡ଼ା ବଡ଼ି ଚଟଣି
କିଏ ବା ହେବ ତା ସମତୁଲ ॥

ଆସିଲେ ପୁଣି ଗାଧୁଆ ବେଳ
ପୋଖରୀ ତୁଠ ହୁଏ ଗହଳ,
ପାଣି ଯେ ତା'ର ଦି ଭାଗ ହୁଏ
ପହଁରି ଗଲେ ତା ଦୁଇ କୂଳ ॥

ଆସିଲେ ଶଶୀ ହେଉ ଯେ ଖୁସି
ପୀୟୁଷ ଝରେ ନୀଳ ଗଗନେ,
ତାରା ଭରା ଏ ଆକାଶ ଦେଖି
କେତେ ଯେ ରଙ୍ଗ ଲାଗେ ସପନେ ॥

ଅସ୍ପଷ୍ଟ ଆଜି ଦୂର ଅତୀତ
ମନେ ପଡ଼େନା ଅନେକ କଥା,
ଲହଡ଼ି ସମ ପିଟଇ ମଥା
ଭାବିଲେ ମନେ ଲାଗଇ ବ୍ୟଥା ॥

ସମୟ ତୋତେ କରୁଛି ଅଳି
ମୋ ପିଲାଦିନ ଫେରା ତୁ ଥରେ,
ନେଇଯା ଯେତେ ଧନ ଦରବ
ଲୋଡ଼ା ନାହିଁ ମୋ ଶପଥ କରେ ॥

*ଗ୍ରା.- ଅରିଲୋ, ପୋ.- ଶଂଖତ୍ରାସ,*
*ଜି.- କଟକ*
*ଦୂରଭାଷ: ୮୪୫୭୯୩୧୦୫୬*

# ଇସ୍ତାହାର

## ମହେନ୍ଦ୍ର କୁମାର ମଲ୍ଲିକ

ଇସ୍ତାହାର ଅସରନ୍ତି
ପ୍ରତିଶୃତି ବହୁଛି ଉଜାଣି
ଭୋଟରଙ୍କ ବିଶ୍ୱାସରେ
ରୂପପାଏ କେତେ ଇନ୍ଦ୍ରଧନୁ
ସୃଷ୍ଟିହୁଏ ନୀଳଢେଉ ସବୁଜ ବଳୟ
କୁହୁଡ଼ିର ନୂଆ ସ୍ୱପ୍ନ ଖଣି ॥

ପ୍ରତ୍ୟୟର ପ୍ରୋତ୍ସାହନ
କ୍ଷଣେ କ୍ଷଣେ ସୃଜିଦିଏ
ଆଶ୍ୱାସନା ଅନେକ ଯୁଗର
ମନ ଅଗଣାରେ ଉଠେ
ହିରଣ୍ମୟ ସୂର୍ଯ୍ୟର ସରାଗ
ଘୁଞ୍ଚିଯିବ ଗ୍ଲାନିବ୍ୟଥା
ସତେକି ଅପାର ॥

ଆତ୍ମୀୟତା ବନ୍ଧାପଡ଼େ
ମିଠା ମିଛ ଉଦ୍‌ଘୋଷଣା ପର୍ବେ
ଜୀବନର ଦୋଛକିରେ ପ୍ରହେଳିକା ମାୟାବର୍ତ୍ତେ
ଉଚ୍ଚକିତ ଉତ୍ସାହିତ ନରନାରୀ ସର୍ବେ ॥
ଉତ୍କଣ୍ଠାରେ ଶତପ୍ରଶ୍ନ
ଝରିପଡ଼େ ଅକାଳରେ ହସର ପାଖୁଡ଼ା
କାହାରିକୁ କହିହୁଏ ନାହିଁ
ରୂପାଜହ୍ନ ଅନ୍ତରାଳେ
ଲୁଚିଥିବା ଜୀବନ ଖସଡ଼ା ॥

ପାହିଯାଏ ରାତି
ସକାଳର ନାହିଁ ଚିହ୍ନବର୍ଣ୍ଣ
ମଣିଷର ମହୋତ୍ସବ ଭେଟୁଥାଏ ମାତ୍ର
ଶତାବ୍ଦୀର ବୈରୂପ ବିବର୍ଣ୍ଣ ॥

କାଶିଆ କପିଳାର କେବେ ହେବ ଭେଟ
ମନେମନେ ମରେ ଅବସୋସ
ସ୍ୱପ୍ନମାନେ ଭୋଗୁଛନ୍ତି ଗର୍ଭପାତ ଦୁଃଖ
ଗଣ୍ଡୁଷରେ ମୀନର ଆୟୁଷ ॥

ବିକ୍ରମ ବେତାଳ ଭଳି ଚାଲୁଥାଏ ଲମ୍ବା ରାସ୍ତା
ଇସ୍ତାହାର ସୁନେଲୀ ସପନ
ଦିନଆସେ ଦିନଯାଏ,
ବିବର୍ତ୍ତନ ପାଠଘର ଶୂନ
ଏଇତ ଜୀବନ ॥

*ଜି:ଏ- ୪୨୩, କୈଳାଶ ବିହାର, ଶୈଳଶ୍ରୀ*
*ବିହାର,*
*ଭୁବନେଶ୍ୱର-୨୧*
*ଦୂରଭାଷ: ୯୪୩୭୨୮୧୧୫୫*

# କାହିଁକି ମୁଁ ଲେଖୁଛି କବିତା

## ସ୍ୱୟଂପ୍ରଭା ରଥ

ଦିନଯାକ ବିତିଗଲା କିଛି ନକରି ନକରି
ରାତିଯାକ ଉଜାଗର ହୋଇ
ମୁଁ କାହିଁକି ଲେଖୁଛି କେଜାଣି ?
ଭାବୁ ଭାବୁ ରାତି ବାରଟା ହେଲାଣି
ପୁଣି ଭାବୁ ଭାବୁ ଦିନଟିଏ ଏମିତି ଆସିଲା
ମୋ ତନ୍ଦ୍ରାରେ ମୋ ଅର୍ଦ୍ଧ ନିଦ୍ରିତ ପଲକରେ
ମୁଁ ଉଠିଲି, ଯେବେ ଧୂଆଁ ଉଠିଥିଲା !
ମୋ ସାମ୍ନାରେ କେହିଜଣେ
ଅବିକଳ ମୋ ପରି ଦିଶୁଥିଲା !
ହାତରେ କଲମ ଧରି ଛିଡ଼ା ହେଲା !

ତା'ଦେହରେ ହଜାରେ କ୍ଷତର ଆବରଣ ଥିଲା
କ୍ଷତ ସବୁ ବେଶ୍ ତାଜା ତାଜା
ସବୁଜ ସବୁଜ, ହେଲେ ଲହୁ ବହୁନଥିଲା
ମୋ କଲମର ସ୍ୟାହି ସେଇଠୁ ହିଁ ଝରୁଥିଲା
ଆଖି ତାର ଭାରି ଭାରି ଥିଲା
ହେଲେ, ଲୁହର ବେହେଲାରେ ସୁରଟେ ନଥିଲା ।

ମୁଁ ଶୀଘ୍ର ଶୀଘ୍ର ସେ ସ୍ୟାହିରେ
ମୋ ଧଳା କାଗଜର ପୃଷ୍ଠାମାନଙ୍କୁ
ଭର୍ତ୍ତି ଭର୍ତ୍ତି କରିଦେଲି, ମୋ ଓଦା ଓଦା କବିତାରେ
ପୃଷ୍ଠା ସବୁ ସେତେ ଭରିଯାଉଥିଲା
ମୁଁ ଆଚମ୍ଭିତ ହୋଇ ଦେଖୁଥିଲି
ଧିରେ ଧିରେ ମୋ କବିତା ସବୁ
ତା ବେହରଣ, ତା'ର ଆଭୂଷଣ ହୋଇଗଲା ।
ମୁଁ ନିଜକୁ ପ୍ରଶ୍ନ କଲି
ଏମିତି ଅଲୌକିକ ଘଟଣା କେମିତି ଘଟିଲା ?
ମୋ ମଥାରେ, କାହା ହାତର ମୃଦୁ ଚାଳନରେ
ହଠାତ୍ ମୁଁ ଚମକି ଉଠିଲି
ମୋ, ଆଖି ଖୋଲିଗଲା
ଏବେ ମୋତେ ସଫା ସଫା ସବୁ ଦିଶୁଥିଲା,
ସେ ଅନ୍ୟ କେହି ନୁହେଁ...
ମୁଁ ହିଁ ସେ ଧୂଆଁରେ ଆସିଥିବା ଆଗନ୍ତୁକ !

କାହାକୁ ପ୍ରଭାବିତ କରିବାକୁ
କାହା ମନୋବିନୋଦନ ପାଇଁ, ଲେଖୁନି ମୁଁ
ଅବଶ୍ୟ ବେଳେ ବେଳେ, ତୁମ ଆଘାତ ମାନଙ୍କୁ
ମୁଁ ଭୋଗୁଛି, ମୋରି ଭିତରେ
ଏ ମୋର ହିଁ କ୍ଷତ, ମୋର ଘା'
ଯାହାକୁ ମୁଁ କସ୍ତୁରୀରେ ଗୋଳେଇ
ମହକେଇ ଦେଇଛି
ନରମ ନରମ କବିତାରେ ସଜାଡ଼ି ଦେଇଛି
ମୋ ସ୍ନେହର ଅଳଙ୍କାର ପିନ୍ଧେଇ ଦେଇଛି ।
ସେଇଥିପାଇଁ ତ ରାତି ରାତି ଉଜାଗର ମୁଁ
ଆଜି ହିଁ ଜାଣିଲି ମୁଁ,
କାହିଁକି ଲେଖୁଛି କବିତା ।

*ଫ୍ଲାଟ୍ ନଂ.- ୫୧୩,*
*୭୮ ଡ୍ରିମ୍‌ସ ଏପାର୍ଟମେଣ୍ଟ, ଘାଟିକିଆ,*
*ଭୁବନେଶ୍ୱର*



# ଗାଁ ଛାଡ଼ିବାର ବେଳ

**ଡ. ସୁରେଶ ଚନ୍ଦ୍ର ପଣ୍ଡା**

ସ୍ମୃତିକୁ ଭୁଲିହୁଏନି ବୋଲି
ଝୁରି ହେଉଛି ଚିରକାଳ ।

ତେବେ ଛାଡ଼ିବାକୁ ହେବ
ପିଲାବେଳ ଧୂଳିଖେଳର
ମୋ ପ୍ରିୟ ଜନ୍ମମାଟି
ଚାଳଛପର ଘର
ଯେଉଁଠି କେତେ କଣ ଘଟିଛି,
ପାଠପଢ଼ା ସାଙ୍ଗମେଳ
ବୋଉର ହାତ ପରସା
ସୁଆଦିଆ କେତେ ଖାଦ୍ୟଦ୍ରବ୍ୟ
ନନାଙ୍କ ସହ ଖାଇବାର ବେଳ
ଆଜି ଖୁବ୍ ମନେ ପଡୁଛି ।

ଇଚ୍ଛା ନଥିଲେ ବି ମଣିଷ ନାଚାର
ସକଳ ଅନୁଭବକୁ ପଛରେ ପକାଇ
ଖୋଜିବାକୁ ହେବ
ଆଉ ଏକ ଆଶ୍ରୟ ସ୍ଥଳ
ଜୀବନ ଜଂଜାଳର
ଦାୟିତ୍ୱ ମୁଣ୍ଡାଇବାକୁ
ଦୁଃଖ ଦୁର୍ଦ୍ଦଶାର ଖବରକାଗଜ ସବୁକୁ
ଦାଣ୍ଡପିଣ୍ଡା ଆକରେ
କାହାକୁ ଘର ବାହାରେ
କାହାକୁ ଗମ୍ଭାରା ଭିତରେ
ହାତରୁ ମାଉଁସ ଝାଡ଼ିଦେବା ଯନ୍ତ୍ରଣାକୁ
ରଖିଦେଇ ଆସିଲି ମସିଣାରେ
ଟୋପା ଟୋପା ଲୁହ ଯେତେ
ଭରିଦେଇ କାଚବୋତଲରେ
ଥୋଇଦେଲି ତୀର୍ଥଜଳ ଠାକୁରଙ୍କ ଘରେ ।

ଛାଡ଼ି ଆସିଲି ସିନା
କାହାକୁ ବାଡ଼ିପଟ ବଗିଚାରେ
ନଈ ତୁଠ ଧାରେ
ସାତତାଳ ପାଣିପଙ୍କତଳେ
ସିନ୍ଦୁକର ଫରୁଆ ଭିତରେ
ହେଲେ, ସବୁକିଛି ହସଖୁସି
ଖୁଚୁରା ପଇସା ପରି
ହାତରୁ ଖସିଗଲେ ବାଲିପରି
ଲାଗିଲା ଯେମିତି
ଆଉ କେବେବି ଗାଆଁକୁ ହେବନି ଫେରି ।

ସବୁକୁ ସଜାଡ଼ି ଦେବାପରେ
ଖୋଜିଲି ଜୀବନକୁ
ଜୀବନତ ନଥିଲା ତା' ସ୍ଥାନରେ
ଜାକିଜୁକି ହୋଇ ବସିରହିଥିଲା
ଘରର ଗୋଟାଏ କୋଣରେ
ଚାହିଁରହିଥିଲା ଶୂନ୍ୟକୁ
ଶୂନ୍ୟ ଦୃଷ୍ଟିରେ ।

*କଳିଙ୍ଗ ନଗର, ଭଞ୍ଜନଗର*
*ଦୂରଭାଷ: ୯୪୩୮୫୭୧୯୧୫*

# ଦେବୀ / ଦେବି

**ଡଃ ସରସ୍ୱତୀ ପଣ୍ଡା**

ସାରା ରାତି ମେଘ ମେଘ
ହେଲେ ଆକାଶ ଅଶିଣ
କୃତ୍ରିମ ରଙ୍ଗଶାଳାରେ
ହେଉଛି ନୃତ୍ୟରୁ ପାନୀୟ
ସବୁ ଭେଜାଲ ପରିବେଷଣ ।

ଆପତ୍ତି ଥିଲା ଅନେକ
କାରଣ ମୋର ସରିଆସୁଛି
ନିଦ, ନିଅଣ୍ଟ ପଡୁଛି ନଇ
ଅଚ୍ୟୁତଙ୍କ ପୁରୁଣା
ଅଷ୍ଟଗୁଜରୀ ମନେପଡୁନାହିଁ ।

ତମ ଦଶହରା ମୋ ଘରେ ନାହିଁ
ତୁମେ ପଠାଇଥିବା
ହ୍ୱାଟସଆପରେ ଛାୟା ନିମନ୍ତ୍ରଣ
ମୁଁ ଆଜିଯାଏଁ ଡରରେ
ଖୋଲିପାରୁନାହିଁ ।

ତୁମପାଇଁ ଦେବୀ ପୂଜା
ଲକ୍ଷଣୀୟ, ଅମୃତ ମଣିବି
ହେଲେ ମୁଁ ଦେବୀ, ଜାନୁଦେବି
ଯୌବନ ଦେବି, ଅନୁଭୋଗ ଦେବି,
କାଳକ ଆୟୁଷ ଦେବି, ବିବର୍ଣ୍ଣ-
ବୟସ ଦେବି, ରଙ୍ଗ ଦେବି,
ସାଙ୍ଗ ଦେବି, ନିଜକୁ ଦେବି
ଲାଜକୁ ଦେବି ।

ହେଲେ ତମେ କ'ଣ ଦେବ ?
ମାଗିଲା ବେଳକୁ...
ତମେ କହୁଛ,
କଲିକତାରେ...
ଇତର ହରତାଳ କଲେ...
ବୁଝିବି, ଶୁଣିବି
ଠୋସ୍ କାର୍ଯ୍ୟାନୁଷ୍ଠାନ ନେବି ।

ଦେବୀ / ଦେବି

*ପ୍ରାଧ୍ୟାପିକା, ଇଂରାଜୀ ବିଭାଗ,*
*ଏନ୍.ସି. କଲେଜ, ଯାଜପୁର*
*ଦୂରଭାଷ: ୯୩୩୭୧୨୦୦୩୮*

# ମା'ଙ୍କ ମେଲାଣି

**ସରୋଜିନୀ ମିଶ୍ର, ଏମ୍.ଏ.**

ମା ତୁମେ କ'ଣ ସତରେ ଚାଲିଗଲ ।
ତୁମେ ତ ଅଜର ଅମର ।
ତୁମେ କେଭେ ମରିପାରନା
ଅଖଣ୍ଡ ଜ୍ୟୋତିପରି ଜଳୁଥାଅ
ସଦାସର୍ବଦା ସମସ୍ତଙ୍କ ହୃଦୟରେ
ଏ ଯେଉଁ ଆଡ଼ମ୍ବର ଲୋକଦେଖା
ଏତ ମାତ୍ର କ୍ଷଣିକ ଆବାହନ ତୁମର ।
ତୁମେ ତ ଚିର ନମସ୍ୟା ।
ସର୍ବଦା ବନ୍ଦନୀୟା ।
ତୁମ ଯିବା ଆସିବାରେ କିଛି ବି ଯାଏ ଆସେନା ।
ତୁମେ ଶାଶ୍ୱତ ଜୀବନ୍ତ ସତ୍ତାଟିଏ ।
ଜଳୁଥାଅ ସଭିଙ୍କ ହୃଦୟରେ ।
ତୁମେ ନୁହେଁ ମୃଣ୍ମୟୀ
ବରଂ ହାଡ଼ ମାଂସର ପିତୁଳାଟିଏ ।
ସ୍ନେହ ପ୍ରେମ ଦୟା କ୍ଷମାର
ଆଧାରଟିଏ ।
ଯେ କି ସବୁ ସମୟରେ
ସନ୍ତାନକୁ ରକ୍ଷା କରିଥାଏ ।
ତୋଳି ଧରିଥାଏ
ନିଜର ପଣତ କାନିରେ ।
ହେ ବରଦା !
ହେ ଅଭୟ ଦା !
ପୁଣି ଥରେ ଆସ
ପୁଣି ଥରେ ଦେଖ
ନିଜର ସନ୍ତାନ ମାନଙ୍କୁ
ଶରତର ଏ ଶୁଭ ବେଳାରେ ।

କେ/୬, ଏମ୍.ଆଇ.ଜି.- ୩୫ ଏ,
କଳିଙ୍ଗ ବିହାର, ଭୁବନେଶ୍ୱର
ଦୂରଭାଷ: ୯୭୭୮୮୨୪୬୦୦

# ଏକାନ୍ତରେ ତୁମେ

**ବିରଜା ଦେବୀ**

ନିତି ରାତିରେ
ସ୍ୱପ୍ନରେ ତ ଶୁଭେ ବଂଶୀସ୍ୱନ
କେବେ କେବେ ଦେଖି ହୋଇଯାଏ
କମନୀୟ ରୂପମାଧୁରୀକୁ
କଦମ୍ବ ମୂଳରେ
ଅନାବୃତ ହୁଏ ମନ
ରାଧା, ଚନ୍ଦ୍ରାବଳୀ କିମ୍ବା
ପ୍ରିୟ ସଖି ଗୋପାଙ୍ଗନା ନୁହେଁ
ଶ୍ୟାମାଙ୍ଗୀ ମୁଁ ଏଣୁ ଶ୍ୟାମା
ଅପ୍ରାପ୍ତିର ସ୍ୱାଦ ଚାଖେ
ଏକାନ୍ତରେ; ଯାହା ଅଦୃଶ୍ୟ, ଅଶୃତ
ମନ କୁଞ୍ଜେ ନିତି କରେ କେଳି
ବଂଶୀ ବାଜୁଥାଏ,
ଆଲିଙ୍ଗନେ ପାହିଯାଏ ରାତି
ନିଜ ସହ ଏକା ଏକା ଅପହଞ୍ଚ ସେଇ ଇଲାକାରେ
ନିଃସଂଶୟେ କରେ ଲୀଳା
ଲୀଳାମୟ ସାଥେ ॥
ଶୂନ୍ୟତାର ଅଭାବବୋଧର
ଏ ଅବା ଅଲେଖା ସର୍ତ୍ତ
ଅତୃପ୍ତିରେ ତୃପ୍ତ,
ନିତି ରାତି, ଭାବନାରେ, କେବେ ବା ସ୍ୱପ୍ନରେ
ସାଜିଥାଏ ଶ୍ୟାମର ସଜନୀ
ଅନ୍ତରର ବ୍ୟଥା ବେଦନା ମୋ
ଜାଣେନା କିପରି ହଜେ
ବିମୁଗ୍ଧ ମୁଁ ମନେହୁଏ ସତେ ଯେହ୍ନେ
ପ୍ରିୟତମା କାହ୍ନୁ ମୋର ଏକାନ୍ତ ନିଜର ॥

*ସର୍ବୋଦୟ ଆଶ୍ରମ, ବାରିପଦା*

# ପିଲାଦିନ

**ସୁରଞ୍ଜନ ପାତ୍ର**

ପିଲାଦିନ ଏକ ଚନ୍ଦନ ବନ ମହମହ ଶିହରଣ
ଯେଉଁଠି ମନ ଚଢ଼ି ପକ୍ଷୀରାଜ
ସ୍ୱର୍ଗ କରେ ଆରୋହଣ।
ପବନରେ କେବେ ମୁଗ୍ଧ ଆଳାପ
ରଚେ ଏ ଚପଳ ବେଳା
କେବେ ଗୁନ୍ଥି ବସି ସଜାଇ ଦିଏ ସପନର ସୁନା ଖେଳା ॥

ଛାଇର ଛକରେ ବିଭୋର ଛନ୍ଦ ତୋଳେ ଏ ବୟସ ନିତି
ପରଜା ପତିର ଭଗ୍ନ ଡେଣାରେ ପଢ଼େ ଲୁହର ଗୀତି।
ତରାଟ ଫୁଲର ନିର୍ଲିପ୍ତ ଆଖି ଯାଏ ପିଲାଦିନେ ଲାଖି
ପାର୍ବଣ ବୁକେ ଜହ୍ନର କବିତା
କେହି ଜଣେ ଦିଏ ଲେଖି ॥

ପିଲାଦିନ ଅଟେ ନିର୍ଜନ ଦ୍ୱୀପେ ମୁକ୍ତାର ଅଭିସାର
କେତେ ଜହ୍ନରାତି ମଗ୍ନ ଯେ ଏଠି
ତୋଳି ସମ୍ପୃତିର ଘର।
ଲକ୍ଷେ ସମ୍ଭାବନା ଉଙ୍କି ଯେ ମାରେ
ଏ ବୟସ ପଥଧାରେ
ଭଲପାଇବାର ଅର୍ଘ୍ୟ ମୁଁ ଦେଖେ
ଏଇଠି ସାଧନା କରେ ॥

ବାରବାର ସ୍ତୁତି କରେ ମୁଁ ଏଠି
ପାଇବାକୁ ପିଲାଦିନ ବିବର୍ଣ୍ଣ ସମୟ
ମନ୍ତ୍ର ଉଚ୍ଚାରେ ହେବାକୁ ତା'ପାଶେ ଲୀନ ॥

*ସଂପାଦକ- 'ନୀହାର କନ୍ୟା ସାହିତ୍ୟ ସଂସଦ'*
*ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର,*
*ବାଲେଶ୍ୱର-୭୫୬୦୪୫*
*ଦୂରଭାଷ: ୮୧୧୭୮୦୫୯୫୯*

# ନିଆଁ

**ଘଇଁୟା ମୂରୁଖ**

ଦୁନିଆ ଜଳୁଚି ହୁତୁହୁତୁ ନିଆଁରେ
ସାଗର ବକ୍ଷରେ ଆକାଶରେ
ଜଂଗଲରେ ପରବତ ଶିଖରରେ
ବସ୍ତିରେ ନଗରରେ ଟଳିପଡୁଚି ଅଟ୍ଟାଳିକା
ଜଳୁଚି ଶସ୍ୟକ୍ଷେତ ଶସ୍ୟାଗାର
ଭୁଲିଯାଉଚଂତି ମଣିଷପଣିଆ
ନଗ୍ନ ଆଧୁନିକତା ହିଂସ୍ରତା
ମିଛ ବଡ଼ପଣର ମ୍ଳେଚ୍ଛ ଆଧୁନିକତାରେ।

ସୁଁ ସୁଁ କାଂଦୁଚି ଗଣତନ୍ତ୍ର
ଧ୍ୱଂସର ଦିହୁଡ଼ି ଭିତରେ ନିଆଁ
ବିଷମୟ ଜଳବାୟୁ
ଜିହ୍ୱାମେଲିଚି ଉତ୍ତାପ ହୀମପାହାଡ଼ରେ ଫାଟ
ସବୁଠିତ ଆତଂକବାଦର ଦହନ।

ପତି-ପତ୍ନୀ ଆଖିରେ-ହୃଦରେ ନିଆଁଝୁଲ
ବୁଢ଼ା ବାପା-ମାଆଙ୍କ ଭାଗ୍ୟାକାଶରେ-
ଶାସକ-ଧନୀ-ଅମଲାଂକ ଧମନୀରେ ହତାଦର ନିଆଁ
ହତାଶର ନିଆଁ ବେକାର ଛାତିରେ
ଲଂପଟି ଲଲାଟରେ ପଂଡିତ-ମୂରୁଖ ଭିତରେ
ମାୟା-ମୋହର ମତଲବର ନିଆଁ
ସଂପ୍ରଦାୟ-ସଂପ୍ରଦାୟ ଭିତରେ ପ୍ରତିହିଂସାର ନିଆଁ
ସବୁଠିତ ଅସୁରରାଜ୍‌ର ଆସୁରିକତା
କେବେ ନିର୍ବାପିତ ହବ ଏ ଅଗ୍ନିଉଦ୍‌ଗିରଣର ?
ଶାଂତି ବିରାଜିବ ଏ ସୃଷ୍ଟିରେ।

*ଜିରେଇଗଡ଼ି, ବାରାପୁର, ଅନନ୍ତପୁର,*
*ଭଦ୍ରକ-୭୫୬୧୬୨*
*ଦୂରଭାଷ: ୯୫୮୩୫୮୮୮୮୩*



# ଭାଷ୍ୟ

**କୁମୁଦ ଚନ୍ଦ୍ର ଦାଶ**

ଜୀବନ ତ ବିତିଗଲା
ଦେଖିଲି ମୁଁ କେତେ କେତେ ଦୁଃଖର ତାଣ୍ଡବ
ଲୋହିତ ଲୁହର ଲହୁମୟ ଲାସ୍ୟ
ମୋ ଅସ୍ମିତାର ନେପଥ୍ୟରେ କେତେବେଳେ
ଦାହର ଦାରୁଣ ସ୍ମୃତି
ଆକସ୍ମିକ କେତେ କେତେ କାରୁଣ୍ୟର କୋହ
ଇଚ୍ଛାହୁଏ ଲେଖିବାକୁ ତୀର୍ଯ୍ୟକ ଶବ୍ଦରେ
ସେ ସବୁର ବିଭୀଷିକାମୟ ଭୂମିକାର ଯନ୍ତ୍ରଣାର ଚିତ୍ର
ଜାଙ୍ଗମିକ ଭାସ୍ୟ

ସାରାଟା ଜୀବନ
ମୁଁ ଏକ ବଞ୍ଚିତ ମଣିଷ
ବଞ୍ଚିଛି ମୁଁ ଲୁହ ପିଇ ପିଇ
ଏଇ ପାପୁଲିରେ ମୋର ପୋଛି ତ ଦେଇଛି
କେତେ କେତେ ଲୁହ
ମୋ ଆଖି ପତାରେ
କେତେ କେତେ ଲୁହର ଶୁଖିଲା ଦାଗ
କେତେ ସ୍ମୃତି କେତେ ଯେ ବିସ୍ମୃତି
କେତେ କହଦହ

ସମ୍ପର୍କର ଆତ୍ମିକ ପୃଥିବୀ ମୋର
ଛଳନା ଓ ପ୍ରତାରଣାମୟ
ବିଶ୍ୱାସ ଘାରେ ବିଷଲିପ୍ତ ଅସଂଖ୍ୟ ମୁହୂର୍ତ୍ତ
ସାରା ସର୍ବାଙ୍ଗରେ
ଅଶୀଟି ସ୍ଥାନରେ ଅସୀ ଚିହ୍ନ
ଛାତି ସାରା ଆଘାତର ଅୟୁତ ଖସଡ଼ା
ବିବର୍ଣ୍ଣ ବିଷାଦର ବିଷାକ୍ତ ସଂକେତ

ସମ୍ପର୍କର ପୃଥିବୀଟା ଅଭିନୟ ଭରା
ଛଳନାର ସହସ୍ର ବଖରା
ଫୁଲର ପ୍ରତି ପାଖୁଡ଼ାରେ ତକ୍ଷକର ଫଣା
ପକ୍ଷୀର କାକଳି ପରି ସେମାନଙ୍କ
ଆର୍ଦ୍ର କଣ୍ଠ ତଳେ
ସମୟର ସାଂଘାତିକ ଚକ୍ରବ୍ୟୂହ
ଶେଷହୀନ ଷଡ଼ଯନ୍ତ୍ର ଶତ ପ୍ରବଞ୍ଚନା
ବିକଟ ବାଜଣା
ମାୟାବର୍ତ୍ତ ତଳେ
ମୁଁ ଭେଟିଛି କେତେ କେତେ ଅସୂୟାର
ପ୍ରେତଛାୟା
ମ୍ଳାନ ବିଡ଼ମ୍ବନା
ପୋଷାକର ରୂପରଙ୍ଗେ ଅର୍ବୁଦ ପେଖନା
ମିତ୍ରର ପରିଚୟରେ
ଶତ୍ରୁର ଶାଣିତ ଖଡ଼୍‌ଗ
ଲୋମଶ କଳ୍ପନା
ବିବର୍ତ୍ତିତ କେତେ କେତେ ରତୁଚକ୍ର ପାଣିପାଗ
ମୁଁ ଭୁଲିଛି ପଥ ଓ ପୃଥିବୀ
ବ୍ୟର୍ଥ ମୋର ସମସ୍ତ ପ୍ରୟାସ
ସମସ୍ତ ଏଷଣା
ସମ୍ମୁଖରେ ଯେତେ ସୁଖ
ସବୁଠି ତ ମୁଖାପିନ୍ଧା ମଣିଷର ମୁହଁ
ସବୁ ପରିଚିତ ତଳେ
ଛଦ୍ମତାର ମିଛ ଦମ୍ଭ
ଶଙ୍କିତ ଓ ଆତଙ୍କିତ ଅନ୍ତରାଳ
ବିଦୀର୍ଘ ବସୁଧା ମୋର ଅଶ୍ରୁ ତର୍ପଣର
ଅସୁଖର ସୁଅ
ମୁଁ ଏଠାରେ ଉବୁଟୁବୁ ରକ୍ତର ପ୍ରଗଲ୍‌ଭ ଉତ୍ସେ
ମୋ ନିଃସଙ୍ଗପଣ
ଅଶ୍ରୁର ଅଶ୍ରୁତ ଦୁର୍ଗେ ମୁଁ ଏକ ନିମଗ୍ନ ବିନ୍ଦୁ
ମୁଁ ନିଜେ ଇ ମୋ ନିଜ ଦର୍ପଣ
ଭାଜିଯାଏ ମୋର ଛାୟାବିମ୍ବ
ଶତ ଛିନ୍ନ ହୋଇ
ମୁଁ ଏଠି ଏକାକୀ ଠିଆ
ନିଜ ଛଡ଼ା ଆଉ କେହି ନାହିଁ
ମୁଁ ଏକ ନିର୍ଜନ ପାନ୍ଥ
ବିଷର୍ଣ୍ଣ ବାଟୋଇ

*ଅନୁଷ୍ଟୁପ*
*କଲେଜପଡ଼ା, ହକିମପଡ଼ା, ଅନୁଗୋଳ-*
*୭୫୯୧୪୩*
*ଦୂରଭାଷ: ୮୭୬୩୮୯୭୫୬୯*

# କାହିଁକି ଯେ

**ସନ୍ତୋଷିନୀ ଦାଶ (ଗିରି)**

ତୁମେ ନିଜ ଅସ୍ତିତ୍ୱକୁ
ପ୍ରମାଣ କରିବାକୁ ଯାଇ
ମୋତେ ଦୋଷୀ ସଜେଇଛ
ଅପବାଦର କଳଙ୍କ ବୋଳିଛ
ବିନା ଦୋଷରେ ଦଣ୍ଡିତ କରିଛ
ଅଥଚ କେବେ ଥରେ
ମୋ ଅଭିମାନ, ମୋ ସ୍ୱାଭିମାନକୁ
ସମ୍ମାନ ଦେଇଛ କି ?

ସ୍ୱାମୀଟିଏ ହୋଇ ନୁହେଁ
ବନ୍ଧୁଟିଏ ହୋଇ
କେବେ ଥରେ କୋଳେଇ
ନେଇଛ କି ?
ମନ କଥା ପଢ଼ିବାକୁ
ଚେଷ୍ଟା କରିଛ କି ?

ମୋ ଆଖିତଳ ଲୁହକୁ
କେବେ ଅନୁଭବ କରିଛ
କେବେ ହୀରାଲୀଳାର
ଲୋଭ ମୋର ନଥିଲା
କି କେବେ ନାହିଁ।
ବାସ, ଟିକିଏ ଶରଧାରେ
ମୁଁ ବନ୍ଦୀ ହେଇଯିବି
ପାରିବ ତ, ପରଖି ଦେଖ
ତୁମ ନିରୁତା ପ୍ରେମଟିକେ
ପାଇଁ,
ଯଦି ଦରକାର ପଡ଼େ
ହସି ହସି ଜହର ପିଇଯିବି...

*ଗୋପାଳପୁର, କେନ୍ଦୁଝର*
*ଦୂରଭାଷ: ୬୩୭୦୫୬୦୫୫୪*



# କଟକ

**କୁଳଦୀପ ଦାସ**

କଟକ, ତୋ ମାଟି ପାଣି ପବନର ଅଭୁଲା
ଆକର୍ଷଣ
ତୋ ଧୂଳିରେ ସମ୍ମୋହିତ ସୁଗନ୍ଧ
ଆବେଗଭରା ଭଲପାଇବା, ସୀମାହୀନ ନିବିଡ଼ତା
ଚୁମ୍ବକୀୟ ଆତ୍ମୀୟତା
ପ୍ରାଣରେ, ଲହୁରେ, ଶିରାପ୍ରଶିରାରେ ପ୍ରବାହିତ
ତୋ ପ୍ରେମର ଅମୃତ
ତୁ ସଂଗୀତର ଏକ ଝଙ୍କାର, କବିତାର ଉତ୍ସ
ତୁ ଆୟୁଷହୀନ, ମନମୋହିନୀ, ତୁ ଚିର ସୁନ୍ଦର
ତୁ ଅନୁପମ ଅନୁରାଗର ଅପୂର୍ବ ଅନୁଭବ।

କଟକ ସହର,
ତୋ ଛାତିରେ ସକାଳର ଆକାଶଟା ଦିଶେ ଭିନ୍ନ
ସ୍ୱର୍ଣ୍ଣାଭ କିରଣରେ ସୁନାଭଳି ଚମକୁଥାଉ
ସଞ୍ଜ ନଇଁଲେ ତୋ ନୀଳ ଆକାଶ ଚାଦର ତଳେ
ମତୁଆଲା କରେ ଖିଆଲି ରଂଗୀନ ସ୍ୱପ୍ନର ସମ୍ଭାର
କଟକ ତୁ ଏକ ଆନନ୍ଦର ସହର,
ଚଳଚଂଚଳ ଜୀବନ ତୋର
ତୋ ଠାରେ ଦୁଃଖ ନାହିଁ: ଭରିରହିଛି ହୃଦୟର
କୋମଳତା, ଭାବପ୍ରବଣତା
ତୋ ସ୍ନେହର ରତ୍ନଭଣ୍ଡାର, ଆଖିରେ ଲୁହ ଥିଲେ ବି
ତୋ ଉଷ୍ମତାର ସ୍ପର୍ଶରେ ଅପସରିଯାଏ ଦୁଃଖ।

ହଜାରେ ବର୍ଷ ପରେ ବି ତୋତେ ବାର୍ଦ୍ଧକ୍ୟ ଛୁଇଁନି
ତୁ ଚିର ଯୌବନା, ଚିର ସମ୍ଭାବନାର ଝରଣା
ବୋହି ଯାଉଛନ୍ତି ମହାନଦୀ, କାଠଯୋଡ଼ୀ
ଦୁଇ ପାର୍ଶ୍ୱରେ ତୋହର
ଗଙ୍ଗା ଯମୁନା ଠାରୁ ଆହୁରି ସ୍ୱର୍ଗୀୟ ରୂପ ତାଙ୍କର
ତୋ ପାଦ ସ୍ପର୍ଶରେ ପବିତ୍ର ହୁଏ ତାଙ୍କର ଜଳ
ବାରବାଟୀ ଦୁର୍ଗ କହେ ତୋର ଇତିହାସ,
ହୃତଗୌରବର ଗାଥା
ତୁ ତ ଜନନୀ, ଅତୁଳନୀୟ ତୋର ମାତୃତ୍ୱ
ତୋ କୋଳରେ ଜନମିଛନ୍ତି କେତେ ଯେ
ବୀର, ସଂଗ୍ରାମୀ, ପୁନ୍ୟାତ୍ମା, କବି, ଯଶସ୍ୱୀ
ପ୍ରେମ ତୋର ଅଟଳ, ତୁ ଅସରନ୍ତି ତ୍ୟାଗର ପ୍ରତୀକ
ପ୍ରତ୍ୟେକ ହୃଦୟର ସ୍ପନ୍ଦନ।

*ନନ୍ଦିସାହି, ରଂଗଭବନ, କଟକ*
*ଦୂରଭାଷ: ୯୮୬୧୨୯୫୩୦୮*

# ମୋ ପଛରେ କିଏ ସେ ଆସେ !

**ରଞ୍ଜନ ବାଗ**

ମୋ ଅଜାଣତରେ
ସବୁ ସମୟରେ ସେ
ମୋ ପଛେ ପଛେ ଆସୁଥିବାର
ଏମିତି ଅନୁଭବଟିଏ ହୋଇଥାଏ ।
କେତେ କେତେ କ୍ୟାଲେଣ୍ଡର
ବଦଳି ଯାଏ
ପୁଣି ନୂଆର ଆରମ୍ଭ ହୁଏ
ମୁଁ କିନ୍ତୁ ଚାଲିଛି ଯେ ଚାଲିଛି ।
ବାଟ ସରେ ନାହିଁ କି
ସେ ମୋ ପିଛା ଛାଡେ ନାହିଁ ।
ଏମିତି ଯାତ୍ରାରେ ମୁଁ ଯେବେ
ଥକିଯାଇ ଲଥିକିନା
ମାଟିରେ ବସିଯାଏ,
ସେ ବି ମୋ ଠୁଁ
ସାମାନ୍ୟ ଦୂରତାରେ ବସେ,
ଅନ୍ତରଙ୍ଗ ବନ୍ଧୁଟିଏ ପରି ।
ଯେଉଁ ସମୟରେ ମୋର
ଶକ୍ତି ଓ ସାମର୍ଥ୍ୟ
ହ୍ରାସ ପାଇଥିବାର
ଅନୁଭବ ହୁଏ
ଠିକ୍ ସେତିକି ବେଳେ
ସେ ମୋ ପାଖକୁ ଆସେ
ମୋ ହାତକୁ
ଶକ୍ତକରି ଧରେ ଆଉ
ଆଗକୁ ଆଗକୁ ନେଇଯାଏ ।
ତା'ର ସେହି ସ୍ୱର୍ଗୀୟ ସ୍ପର୍ଶରେ
ମୁଁ ନିଜର ଅସ୍ତିତ୍ୱ ଖୋଜୁଥାଏ ।
ପକ୍ଷୀମାନଙ୍କର କିଚିରିମିଚିରି
ଶବ୍ଦର ପ୍ରତିଧ୍ୱନି
କେବଳ ଶୁଭୁଥାଏ ।
ସେମାନେ ବୋଧହୁଏ
ଯିଏ ଯାହାର ନୀଡ଼କୁ
ଫେରିଆସିଥିଲେ ।
କିଛିକ୍ଷଣ ଅନ୍ତେ ମନ୍ଦିରରୁ
ସନ୍ଧ୍ୟା ଆଳତୀ ବେଳର ଘଣ୍ଟ ଧ୍ୱନି
ନିର୍ଦ୍ଦିଷ୍ଟ ତାଳରେ
ବାଜୁଥିବାର ବି ଶୁଭୁଥିଲା ।
ଚାରିପଟେ ଏବେ ଅନ୍ଧାରର ରାଜତ୍ୱ
ଆକାଶରେ ଦ୍ୱିତୀୟା ଜହ୍ନ ବି
ଅସ୍ପଷ୍ଟ ହୋଇସାରିଥିଲା
ସେ ସେମିତି ମୋ ହାତଧରି
ନେଇ ଯାଉଥିଲା ଆଗକୁ ଆଗକୁ
ଆହୁରି ଆଗକୁ ।
ଯାତ୍ରା ଆରମ୍ଭ ବେଳର
ଉଦ୍ଦେଶ୍ୟ ମୁଁ ଏବେ ବିସ୍ମୃତ ।
ଠିକ୍ ଏତିକିବେଳେ
ସେ ମୋ ହାତଛାଡ଼ି
କେଉଁଆଡ଼େ ଚାଲିଯାଇଥିଲା ।
ମୁଁ ଚିତ୍କାର କରିବାକୁ
ଯେତେ ଚେଷ୍ଟା କଲେବି
ମୋ ପାଟି ଆଉ ଖୋଲୁ ନଥିଲା ।

*ଏମ୍‌ଏ (ଓଡ଼ିଆ)*
*ବରିଷ୍ଠ ସାମ୍ବାଦିକ, ମଲ୍ଲିକାଶପୁର, ବାଲେଶ୍ୱର*
*ଦୂରଭାଷ: ୯୪୩୭୨୬୪୩୩୬*

# ଦୁର୍ଘଟଣା

**ଶର୍ମିଷ୍ଠା ପାଣିଗ୍ରାହୀ**

କେମିତି ଜାଣିଥାନ୍ତି ଥିଲା ବୋଲି
ଗୋଟେ ସ୍ନେହବୋଳା କ୍ଷଣିକର ସ୍ପର୍ଶ ହିଁ
ତାଙ୍କର ଗୋଟିଏ ଛୋଟିଆ ଆଘାତ !

ଦଳେ ପକ୍ଷୀ ଉଡ଼ିଗଲେ ଶୁଣି
ଡାଳ ଭାଙ୍ଗିବାର କଟ୍ କଟ୍ ଶବ୍ଦ !

ଝଡ଼ ବର୍ଷା ଅଳ୍ପ ଥମିଥିଲା
ତଥାପି ଅସ୍ପଷ୍ଟ ଥିଲା ରାସ୍ତା
ମନ୍ଦିର ଘଣ୍ଟା
କେତେବେଳୁ ବନ୍ଦ ହୋଇସାରିଥିଲା
ବେଶ୍ କିଛି ବ୍ୟବଧାନରେ
ଅଳ୍ପ କିଛି ଆଲୁଅ ଜଳି ଉଠୁଥିଲା।

ସେଦିନ ଅସୁର ପାଇଁ
ଆକାଶବାଣୀ ହେଲାବେଳେ
ଥିଲା କି ଏଭଳି କିଛି ଦୁର୍ଲ୍ଲଭ ସୂଚନା !

ଯେଉଁଠି ବର୍ତ୍ତମାନ ମୁଁ ଗୋଟେ
ନାଟକର ପରିଧାନକୁ
ବ୍ୟବଚ୍ଛେଦ କରୁ କରୁ

କ୍ଷତବିକ୍ଷତ ଆତ୍ମାରେ ମୋର
ଭରିଯାଉଥିଲା ସହସ୍ର ବିଡ଼ମ୍ବନା !

କିଏ ପ୍ରମାଣ କରିଥିଲା ଯେ
ଜୀବନ ଏକ ନାଟକ,
ହେଲେ ମୁଁ ତ ସୂତ୍ରଭଳି
ଯୋଡ଼ିଥିଲି ଅନେକ ଚରିତ୍ର,
ବର୍ଷ, ମାସ, ଦିନ ଓ ମୁହୂର୍ତ୍ତମାନଙ୍କୁ
ବିଛେଇ ଦେଇଥିଲି ମଞ୍ଚପରି
ବିରାଟ ଓ ପରିବ୍ୟାପ୍ତ ।

ପୂର୍ବାଶାର ରଙ୍ଗପରି
କେମିତି ଥିଲା ସେଦିନର
ଦୁର୍ଘଟଣା ଏତେ ସ୍ୱତଃସ୍ଫୁର୍ତ୍ତ ଯେ
ଅଚାନକ ଅବେଳରେ
କରିବାକୁ ପଡ଼ିଥିଲା
ସେଦିନ କାହାଣୀର ନାଟକରେ
ଅସଂପୂର୍ଣ୍ଣ ଯବନିକାପାତ !!

*ଗୋଲାତଲ୍ଲୀ ସାହି, ବ୍ରହ୍ମପୁର*
*ଦୂରଭାଷ: ୯୬୯୨୧୬୧୫୬୫*

# ନଈର ଢେଉ

**ତାରକ ମହାନ୍ତି**

ଜୁଇ ଜଳିଲା ବେଳେ କିଛି ଲୋକ
ବାଧ୍ୟରେ ଥାଆନ୍ତି ସେଇଠି,
ଅତଏବ ମଶାଣିରେ
ସେ ଭିତରେ ଭାଇ ଭାଇ ଲଢ଼େଇ
ଜମି ପାପକୁ ନେଇ ଠେଙ୍ଗା ମାଡ଼
ଗାଈ ବା ଛେଳି ଖାଇଥିବା
ଫସଲକୁ ନେଇ ମହାଭାରତ
ଏଗୁଡ଼ା ସହରୀ ଲୋକ ବୁଝନ୍ତି
ହେଲେ ଗାଁକୁ ଯାଇ କାହାକୁ
ବୁଝେଇ ପାରନ୍ତିନି
ଏଥିରେ ଦୁଇପ୍ରକାର ଲାଭ,
ଏକ : ସାମାନ୍ୟ ହସରେ
ଯଦି ସାହି ସାରା ବୁଝିଯିବେ
ବା କିଛି ଅଳ୍ପ ହାତଗୁଞ୍ଜା ବା
ଲାଞ୍ଚ କହିଲେ ଠିକ ହେବନି
ଦାଦା ହୁଅନ୍ତୁ କି ସାନଭାଇ
ନିଜ ସମ୍ପତ୍ତି ସୁରକ୍ଷା ପାଇଁ
ଏହା କଣ ଚକ୍ରାନ୍ତ ନୁହେଁ କି !

ସହରକୁ ବିପଦରେ ପଡ଼ି
ଗାଁରୁ ଆସୁଥିବା ଲୋକଙ୍କୁ
ନିଜ ପରିବାରର ବ୍ୟବହାର କଣ
କେତେ ଭଲପାଆନ୍ତି ଆମ
ସହରୀ ପୁଅ ଝିଅ
ଅବଶ୍ୟ ଗାଉଁଲି ସ୍ତ୍ରୀ ହାକୁ ହାକୁ ହୁଏ
ହେଲେ ସେ ଯଦି କେବଳ ଗୃହିଣୀ
ତା ହାତରେ କିଛି ନଥାଏ
କିନ୍ତୁ ଚାକିରିଆ ଉଭୟ
ଏଭଳି ପରିବାରରେ
ନିଆଁର ବର୍ଷା କିଭଳି ହୁଏ
କେହି ଜାଣିଥିଲେ କହିବ
କାରଣ ବୟସ ଭୁଲାଇଦେଲାଣି ।

ବଚସ୍କର ହେବାକୁ ଚାନ୍ଦା କଣ
ପୁରସ୍କାର କିଏ ଓ କାହିଁକି ଦିଏ
କାହାର କିଏ ପ୍ରିୟ ବା ଅପ୍ରିୟ
ଏଯାଏ ଏ କାହିଁକି ଯିବି ସନାତନ
ଦୁନିଆ ଲୁଟେରାଙ୍କର
ମିଛ କହିଲେ ରାଜଗାଦି
ହେଲେ ମୋ ଗାଁରେ ପ୍ରବଳ ଗଣ୍ଡଗୋଳ
କାରଣ ବୁଝିବ ଯଦି ପଚାରୁନ ପୋଲିସକୁ
ସେ ବା ଦୁନିଆରେ ଅଧିକ ସାବଧାନ
ପଚାର ଗାଁ ସରପଞ୍ଚଙ୍କୁ
ଓ୍ୱାର୍ଡ ମେମ୍ବରଙ୍କୁ
ପରେ ଆମ ବିଧାୟକ
କାରଣ କାହାକୁ କିଏ
ଏବଂ କେତେବେଳେ ମୁଣ୍ଡିଆ ମାରିଛି ।

ହଉ, ହେଲାଣି ତ ହୋଇଯାଉ
ଗାଁର ଉନ୍ନତି
ଆସିବ କେତେ, ଖର୍ଚ୍ଚ କେତେ
ଆମେ ଗାଁ ଲୋକ ପଚାରୁଚୁ
ତୁମେ ଯିଏ ଗାଁ ଛାଡ଼ି ସହରେ ରହିଲ
କାଇଁ ପଚାରୁଚ
ଗାଁ ତୁମର ଅଛି କେମିତି ।

ଭଲ କରିଛ,
ପିଲାଙ୍କୁ ଗାଁକୁ ନପଠାଇ
ସେଠି ପର୍ବ ବାର କିଛି ନାହିଁ
ଝିଅ ଖୋଜିବ ପାର୍ଲର
ଜଷ୍ଟ ଟୁ ଫ୍ରେସ
ପୁଅ ଫ୍ରେଞ୍ଚ ଷ୍ଟାଇଲ କରିବ
ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କଣ
ଆମ ଗାଁ କ୍ଷେତରେ ଥାଏ ?

ରୁଆଁ ବେଉସଣ ଓ ଅମଳ
କେଉଁ ସହରୀ ପୁଅ କହିବ
ଓର ଦୋଆର ବା ଘାସ ମାରିବାକୁ
ନମ୍ବା ମଇ କିଏ ଜାଣିଛି ?

ଏବେ ବାବୁ ସ୍ୱପ୍ନରେ ଭାସୁଛ
ଅମ୍ଳଜାନ କିଣିବାକୁ
ପୁଅ ଓ ବାପା ପକେଟ ଟାଣ
ତଥାପି ଗାଁ ବଂଚିଛି ।

*ସେକ୍ଟର-୬/୨୮୯, ନୀଳାଦ୍ରି ବିହାର,*
*ଭୁବନେଶ୍ୱର-୨୧*
*ଦୂରଭାଷ: ୯୪୩୭୧୩୩୭୭୭*






# ଜାନୁ ଭଗ୍ନ

## ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ

**(ଦୃଶ୍ୟ-୧)**

*(ବ୍ୟାସ ସରୋବରର ତଟଦେଶ। ଦୁର୍ବାସା ମହର୍ଷି ତପସ୍ୟାରତ। ଭଗ୍ନ ମନୋରଥ ନେଇ ପ୍ରବେଶ କରିଛନ୍ତି କୁରୁକୁଳ ଚୂଡ଼ାମଣି ମାନି ଦୁର୍ଯ୍ୟୋଧନ। ଦୁର୍ବାସା ମହର୍ଷିଙ୍କ ସମ୍ମୁଖରେ ଧ୍ୟାନରତ ହୁଅନ୍ତେ ଚକ୍ଷୁଫେଡ଼ି ଚାହିଁଛନ୍ତି ଦୁର୍ବାସା ମହର୍ଷି।)*

▶**ଦୁର୍ବାସା** - କିଏ? କୁରୁଚୁଡାମଣି ମାନି ଦୁର୍ଯ୍ୟୋଧନ?
ଯେ କି ବେଶ ତୁମର ଦୁର୍ଯ୍ୟୋଧନ,
ମନେ ତବ ନାହିଁ ସରସତା।
ମୁଖ କାନ୍ତି ମଳିନ ଧୂସର।
କ୍ଲାନ୍ତ ଦେହେ କ୍ଲାନ୍ତ ମନେ ଦିଶୁଅଛ ଅଶାନ୍ତ ଅବଶ।

▶**ଦୁର୍ଯ୍ୟୋଧନ** - ହଁ ମହର୍ଷି।
ସର୍ବ ଆଶା ଆସ୍ଫାଳନ ମୋର ହୋଇଅଛି ଚୂର୍ଣ୍ଣ।
ଜୟ ଆଶା ହୋଇଛି ଦୁରାଶା।

▶**ଦୁର୍ବାସା** - ଦୁର୍ଯ୍ୟୋଧନ!

▶**ଦୁର୍ଯ୍ୟୋଧନ** - ଗର୍ବ ଅହଂକାରେ ଅଂଧ ହୋଇ ଲିପ୍ତ ହେଲି କୁରୁକ୍ଷେତ୍ର ଯୁଦ୍ଧେ।
ଅକାରଣେ ହତ ହେଲେ ଯେତେ ମୋର ରଥୀ ମହାରଥୀ।
ଆଜି ମୁହିଁ ସୈନ୍ୟ ସେନା
ଅନେଶତ ଭ୍ରାତହାରି ଲୁଚିବାକୁ ଖୋଜୁଅଛି ନିରାପଦ ସ୍ଥାନ।

▶**ଦୁର୍ବାସା** - ନିରାପଦ ସ୍ଥାନ?

▶**ଦୁର୍ଯ୍ୟୋଧନ** - ହଁ ମହର୍ଷି।
କେଉଁ ନରାପଦ ସ୍ଥାନେ ଆତ୍ମଗୋପନ ନ କଲେ
ପାଣ୍ଡବଙ୍କଠାରୁ ପାଇବିନି କେବେ ମୁଁ ମୁକତି।

▶**ଦୁର୍ବାସା** - ତୁମ ପରି ଶୌର୍ଯ୍ୟବୀର୍ଯ୍ୟଧାରୀ ବୀର
ଶତ୍ରୁଭୟେ ଭୀରୁପରି ରହିବ ଗୋପନେ?

▶**ଦୁର୍ଯ୍ୟୋଧନ** - ହଁ ମହର୍ଷି!
ଶପଥ କରିଛି ଭୀମ।
ମୋତେ ନିଶ୍ଚୟ କରିବ ନିଧନ। ଆପଣ ବ୍ୟାସ ସରୋବରର ପ୍ରଧାନ ରକ୍ଷକ।
ମୋତେ ଅନୁମତି ଦେଲେ ବ୍ୟାସ ସରୋବରରେ ମୁହିଁ ରହିବି ଗୋପନେ। ପିତାଙ୍କଠାରୁ ଆଶୀର୍ବାଦ ନେଇ ଆସିଅଛି,
ତବ ପାଶେ ନେଇ ଅନୁମତି
ପ୍ରବେଶ କରିବି ନିଜେ ବ୍ୟାସ ସରୋବରର ଦୈପାୟନ ହ୍ରଦେ।

▶**ଦୁର୍ବାସା** - ବିବ୍ରତ ହୁଅନି ଦୁର୍ଯ୍ୟୋଧନ!
ଦୁର୍ବସା ମହର୍ଷି ନୁହେଁ କ୍ରୁର କି କୁଟିଳ,
କଟାଳ କରେନି କେବେ ବିନା କାରଣରେ। ତୁମର ଏହି ଘୋର ବିପଦରେ
ସହାୟତା ଦେବାକୁ ମୁଁ ଦେବିନାହିଁ କେବେ ପଛଘୁଞ୍ଚା।

▶**ଦୁର୍ଯ୍ୟୋଧନ** - (କାରୁଣ୍ୟରେ) ମହର୍ଷି!

▶**ଦୁର୍ବାସା** - ହଁ ଦୁର୍ଯ୍ୟୋଧନ!
ଦେଉଅଛି ଅନୁମତି
ବ୍ୟାସ ସରୋବରରେ ପ୍ରବେଶ କରି ରୁହ ଲୁଚି ଦୈପାୟନ ହ୍ରଦେ।
କିନ୍ତୁ ସହଦେବ ପରି ତ୍ରିକାଳଜ୍ଞ ଥାଉଁ ଥାଉଁ ପାଣ୍ଡବଙ୍କ ପାଶେ, ନିଜେ ଯଦୁପତି ଶ୍ରୀକୃଷ୍ଣ ଥାଇ ତାଙ୍କ ପାଶେ ସେମାନେ ତୁମର ଏ ଆତ୍ମଗୋପନ କି ନ ପାରିବେ ଜାଣି?

▶**ଦୁର୍ଯ୍ୟୋଧନ** - ଯାହା ହେଲେ ବି ମୋତେ ଆତ୍ମଗୋପନ କରିବାକୁ ହେବ
ସେହି ବ୍ୟାସ ସରୋବରେ ।

▶**ଦୁର୍ବାସା** - ତେବେ ଆଉ ବିଳମ୍ବରେ ନାହିଁ ପ୍ରୟୋଜନ।

**(ଗୀତ)**

ଦେଲି ଅନୁମତି ଯାଅ ଚାଣ୍ଡେ ବୀର
ନକରି ବିଳମ୍ବ ଆରେ
ଅତି ନିକାଂଚନ ଏହି ଶାନ୍ତ ସ୍ଥାନ
ପଶ ବ୍ୟାସ ସରୋବରେ।
ଯେତେ ଯିଏ ଦେଉ ଚରମ ଆହ୍ୱାନ
ଛାଡ଼ି ଆସିବନି କେବେ ସେହି ସ୍ଥାନ
ବନ୍ଧ ପରିକରେ ଗୋପନେ ସେ ସ୍ଥାନେ
ରହିବ ଅଟଳ ଧୀରେ। ।୧।

▶**ଦୁର୍ଯ୍ୟୋଧନ** - ଯଥାଜ୍ଞା ମହର୍ଷି!
ତବ ଆଶୀର୍ବାଦ ଘେନି ପ୍ରବେଶ କରୁଛି ମୁହିଁ ବ୍ୟାସ ସରୋବରେ।

*(ମହର୍ଷି ଦୁର୍ବାସାଙ୍କୁ ପ୍ରଣାମ କରିଛନ୍ତି। ମଞ୍ଚ ଅନ୍ଧାର)*

**(ଦୃଶ୍ୟ-୨)**

*(ଦ୍ୱିପାୟନେ ହ୍ରଦେ ଦୁର୍ଯ୍ୟୋଧନ ଶୟନ ରତ। ଦୁର୍ଯ୍ୟୋଧନଙ୍କ କେଶରେ ହସ୍ତ ପ୍ରସାରଣ କରି ଆଶୀର୍ବଜନ ଦେଉଛନ୍ତି ଲକ୍ଷ୍ମୀ)*

▶**ଲକ୍ଷ୍ମୀ** - ବତ୍ସ ଦୁର୍ଯ୍ୟୋଧନ।

▶**ଦୁର୍ଯ୍ୟୋଧନ** - କିଏ? କିଏ ତୁମେ ମହୀୟସୀ?
ମୋ ମସ୍ତକ ନିକଟେ ବସି କରୁଛ କ୍ରନ୍ଦନ?

▶**ଲକ୍ଷ୍ମୀ** - ତୋ ଭଳି ପୁତ୍ରକୁ ତେଜି
କାହା ସ୍କନ୍ଧେ ରଖିବି ମୁଁ ପାଦ?
ରାଜ୍ୟହରା ଶିରିହୀନ ହୋଇ
ପାଣ୍ଡବଙ୍କ ଭୟେ ଆସି ଏଠି ରହିଛୁ ଗୋପନେ।
ତଥାପି ମୋ ହୃଦୟରେ ଜାଗଇ ସ୍ପନ୍ଦନ।

▶**ଦୁର୍ଯ୍ୟୋଧନ** - କିଏ? କିଏ ତୁମେ ମାତଃ,
ମୋ ବିପଦ କାଳରେ ସମଦୁଃଖୀ ହୋଇ
ତୁମେ ମୋତେ ଦେଉଛ ସାନ୍ତ୍ୱନା?

▶**ଲକ୍ଷ୍ମୀ**- ଚିହ୍ନିପାରୁନାହୁଁ ମୋତେ?
କେମନ୍ତେ ମୋ ପରିଚୟ ଦେବିରେ କୁମାର।

▶**ଦୁର୍ଯ୍ୟୋଧନ** - ମାତଃ

▶**ଲକ୍ଷ୍ମୀ** - ତେବେ ଶୁଣ ଦୁର୍ଯ୍ୟୋଧନ!
ଦେଉଅଛି ପରିଚୟ ମୋର।

**(ଗୀତ)**

ଶୁଣଶୁଣରେ କୁମର ବୀର ଦୁର୍ଯ୍ୟୋଧନ
ମହା ପରାକ୍ରମୀ ତୁମେ। ଗାନ୍ଧାରୀ ନନ୍ଦନ।
ଶୁଣ ମୋର ପରିଚୟ ମୁଁ ବିଷ୍ଣୁ ଘରଣୀ
ତୋ ପାଇଁ ମୋ ଆଶୀର୍ବାଦ ହୋଇନାହିଁ ହାନି।
କମଳା ନାମ ଯେ ମୋର ପରିପୂର୍ଣ୍ଣ ଭବ
ସଭିଙ୍କୁ ଆଦର କା'ରେ ନାହିଁ ଘୃଣା ଭାବ।
ଆଜି ତୁହି ଶିରିହୀନ ରହିଛୁ ଗୋପନେ
ଦେଲି ତୋତେ ବରାଭୟ ଶଙ୍କା ହର ମନେ।

▶**ଦୁର୍ଯ୍ୟୋଧନ** - (ବିସ୍ମୟରେ ଅଧୀର ହୋଇ) ମାତା ଲକ୍ଷ୍ମୀ! ତୁମେ ମୋତେ ଦେଲ ବରାଭୟ।
ଏହାଠାରୁ ଆଉ ବଡ଼ କି ଅଛି ଜୀବନେ।
ତୁମେ ଚାହିଁଲେ କେହି ମୋତେ ଏ ବିଶ୍ୱରୁ ନପାରିବେ

ଟାଳି।

▶**ଲକ୍ଷ୍ମୀ** – ମୋ ବଚନ ଶୁଣ ଦୁର୍ଯ୍ୟୋଧନ! ରୁହ ଏଠି ନିଶ୍ଚିନ୍ତରେ ଦୃଢ଼ କରି ନିଜ ମନବଳ।

▶**ଦୁର୍ଯ୍ୟୋଧନ** – ତେବେ କ'ଣ ପାଣ୍ଡବମାନେ
ମୋତେ କେବେ ନ ପାରିବେ ବଧି।
କୁରୁକୁଳ ବଂଶମାନ ମୋର ରହିବ ଅମ୍ଳାନ?

▶**ଲକ୍ଷ୍ମୀ** – ତଥାପି ତଥାପି ରହସ୍ୟ ରହିଅଛି ଲୁଚି।

▶**ଦୁର୍ଯ୍ୟୋଧନ** – ରହସ୍ୟ?

▶**ଲକ୍ଷ୍ମୀ** – ହଁ ରହସ୍ୟ।
ତୋ ପରି ମହାବୀରକୁ ନିଧନ
କରିବା ନୁହଁଇ ସହଜ।
ପାଣ୍ଡବମାନେ ଯେତେ ଚେଷ୍ଟାକଲେ ବି
ଆଶା ତାଙ୍କ ହୁଅନ୍ତା ଦୁରାଶ।
କିନ୍ତୁ ବାସୁଦେବ ରହିଛନ୍ତି
ତାଙ୍କ ପାଶେ ସହାୟକ ହୋଇ।
ତାଙ୍କ ଚକ୍ରାନ୍ତରେ ଘଟିପାରେ କିଛି ଘନଘଟା।

▶**ଦୁର୍ଯ୍ୟୋଧନ** – ମାତା!
ତୁମେ ଚାହିଁଲେ ଘଟିବନି କୌଣସି ବିପଦ କି କରିବି? ପରାମର୍ଶ ଦିଅ ମୋତେ ମାତା।

▶**ଲକ୍ଷ୍ମୀ** – ପାଣ୍ଡବଙ୍କ ମଧ୍ୟେ ଅଛି ସହଦେବ, ଶାସ୍ତ୍ରଦର୍ଶୀ ତ୍ରିକାଳଜ୍ଞ ସେହି ଦ୍ୱିପାୟନ ହ୍ରଦେ ଏଠି ତୁ ରହିଛୁ ଲୁଚି,
ଏ ସନ୍ଧାନ ଦେବ ସେ ପାଣ୍ଡବେ। ନିଜେ ଚକ୍ରଧାରୀ କୃଷ୍ଣ ରହିଛନ୍ତି ପାଣ୍ଡବ ସପକ୍ଷେ।
ସେ ନିଶ୍ଚେ ଆସିବେ ଏହି ସରୋବର ତଟେ।

▶**ଦୁର୍ଯ୍ୟୋଧନ** – ତେବେ କି କରିବି? କି କରବି ମାତ! କେମନ୍ତେ ପାରିବି ବର୍ତ୍ତି।
କୁହନ୍ତୁମାତ ତା'ର ସହଜ ଉପାୟ?

▶**ଲକ୍ଷ୍ମୀ** – ଦ୍ୱିତୀୟ ପାଣ୍ଡବ ଭୀମ ସରୋବର ତଟେ ରହି ଦେବ ନିଶ୍ଚେ ସିଂହନାଦ ରଡ଼ି,
ତା'ର ତିନିରଡ଼ିକୁ ସମ୍ବରଣ କରି ତୁ ଯଦି ପାରିବୁ ରହି
ତେବେ କେହି ତୋତେ ନପାରିବେ ବଧି।
ନିଷ୍କଣ୍ଟକ ରାଜ୍ୟ ଭୋଗ କରିବୁ ତୁ ନିଶ୍ଚେ।

▶**ଦୁର୍ଯ୍ୟୋଧନ** – ମୁଁ ଶପଥ କରୁଛି ମାତ!
ଭୀମର ସିଂହନାଦ ଶୁଣି ଯେତେ ମୁଁ ବ୍ୟସ୍ତ ବିବ୍ରତ ହେଲେ ବି
ହ୍ରଦ ମଧ୍ୟୁ ହେବିନାହିଁ ଉତ୍‌ଥିତ ମୁଁ କେବେ।

▶**ଲକ୍ଷ୍ମୀ** – ତେବେ ଆଉ ଚିନ୍ତା କରନାହିଁ କୁରୁ ଚୂଡ଼ାମଣି!
ଭୀମର ସେ ସିଂହରଡ଼ି ସହ୍ୟ କରିଗଲେ ସତ୍ୟ ରକ୍ଷା କରି ବୃକୋଦର ଅନଳରେ ନିଜେ ହେବ ଦଗ୍ଧ,
ତୁ ଭୋଗ କରିବୁ ଅବଧରେ ହସ୍ତିନା କଟକ।

▶**ଦୁର୍ଯ୍ୟୋଧନ** – ହେ ମୋର କୃପାମୟୀ ମାତା!
ଯୋଡ଼ହସ୍ତେ କରୁଛି ପ୍ରଣାମ,
କରିବନି ପରିତ୍ୟାଗ ଏ ଅଧମକୁ କେବେ।

▶**ଲକ୍ଷ୍ମୀ** – ତୁ ଏବେ ଭୀଷଣ କ୍ଳାନ୍ତ ଦୁର୍ଯ୍ୟୋଧନ, ବିନା ଗ୍ଳାନି ବିନା ଆଶଙ୍କାରେ ମୋ କୋଳରେ ଘେନ ହେ ବିଶ୍ରାମ।

▶**ଦୁର୍ଯ୍ୟୋଧନ** – ହେ ମା' କରୁଣାମୟୀ!
ତୁମେ ଏକା ଏହି ମାନଗୋବିନ୍ଦର ବିପଦେ ସହାୟ।
*(ଲକ୍ଷ୍ମୀଙ୍କ କୋଳରେ ମଥା ରଖି ଦୁର୍ଯ୍ୟୋଧନର ବିଶ୍ରାମ, ମଂଚ ଅନ୍ଧକାର)*

**(ଦୃଶ୍ୟ-୩)**

*(କୁନ୍ତୀଙ୍କର ପ୍ରତୀକ୍ଷା। ଶ୍ରୀକୃଷ୍ଣଙ୍କ ସମେତ ପାଣ୍ଡବ ପାଞ୍ଚଭ୍ରାତାଙ୍କର ପ୍ରବେଶ)*

▶**ଯୁଧିଷ୍ଠିର** – ପ୍ରଣାମ ମାତ!

▶**କୁନ୍ତୀ** – ଯୁଧିଷ୍ଠିର।
ବିଳମ୍ବ କିମ୍ପାଇ ପୁତ୍ର?
କୁରୁକ୍ଷେତ୍ର ଯୁଦ୍ଧ କିବା ହୋଇଅଛି ଶେଷ?

▶**ଯୁଧିଷ୍ଠିର** – ହଁ ମାତ! ଯୁଦ୍ଧ ଆଜି ହୋଇଅଛି ଶେଷ।
ଯୁଦ୍ଧର ସିଦ୍ଧାନ୍ତ ବାର୍ତ୍ତା।
ତେବେ ସିନା କୁଶଳୀ କେଶବ।

▶**କୁନ୍ତୀ** – କହ ବନମାଳୀ
କୁରୁକ୍ଷେତ୍ର ଯୁଦ୍ଧ ଆଜି ହେଲାକି ସମାପ୍ତ?

▶**ଶ୍ରୀକୃଷ୍ଣ** – ସପ୍ତଦଶ ଦିବସର କୁରୁକ୍ଷେତ୍ର ଧର୍ମଯୁଦ୍ଧ ହୋଇଅଛି ଶେଷ।
କୌରବ ହାରିଛି ଆଜି
ଜିଣିଛନ୍ତି ଧର୍ମଜ୍ଞ ପାଣ୍ଡବେ।
ବିଜୟର ଟୀକା ଆଜି ପାଣ୍ଡବ ଲଲାଟେ।

▶**କୁନ୍ତୀ** – ଶ୍ରୀକୃଷ୍ଣ

▶**ଶ୍ରୀକୃଷ୍ଣ** – କର୍ଣ୍ଣ, ଶଲ୍ୟ, ଦ୍ରୋଣାଚାର୍ଯ୍ୟ କପଟୀ ଶକୁନି। କୃପାଚାର୍ଯ୍ୟ, ଦୁଃଶାସନ ଶତ କୁରୁଭ୍ରାତ କୌରବ ପକ୍ଷର ଯେତେ ରଥୀ ମହାରଥୀହୋଇଛନ୍ତି ହତ ଏହି କୁରୁକ୍ଷେତ୍ର ମହାସମରରେ।

▶**କୁନ୍ତୀ** – ସବୁ ପରାଜିତ ରଥୀ ମହାରଥୀନାମ କରିଲୁ ଉଲ୍ଲେଖ।
ଦୁଷ୍ଟ ଦୁର୍ଯ୍ୟୋଧନ ନାମ ତ ଧରିଲୁନି ମୁଖେ।
ସ୍ପଷ୍ଟ କରି କହ ବନମାଳୀ,
ନିଧନ ହୋଇଛି କିବା ଦୁଷ୍ଟ ଦୁର୍ଯ୍ୟୋଧନ?

▶**ଶ୍ରୀକୃଷ୍ଣ** – ଦୁର୍ଯ୍ୟୋଧନ ନିଧନ ଦୃଶ୍ୟ ଦେଖିନି ନୟନେ। ସଭିଏଁ ହାରିଲେ ପ୍ରାଣ କୁରୁକ୍ଷେତ୍ର ମହାସମରରେ,
ଦୁର୍ଯ୍ୟୋଧନେ ଥିବ କିବା ପ୍ରାଣ?

▶**କୁନ୍ତୀ** – କହ ମୋତେ ସ୍ପଷ୍ଟ କରି
କେଉଁ ବୀର ପୁତ୍ର ମୋର ବଧିଅଛି ଦୁର୍ଯ୍ୟୋଧନ ଯୁଦ୍ଧେ
ତା ମସ୍ତକ ଦେବି ଅର୍ଘ୍ୟ ଉଡ଼ାଇବି ଜୟ ବୈଜୟନ୍ତୀ।

▶**ଶ୍ରୀକୃଷ୍ଣ** – ଏପରି ବିଷମ ଯୁଦ୍ଧେ କେ କରିଛି ଦୁର୍ଯ୍ୟୋଧନ ହତ
ସ୍ପଷ୍ଟ କରି କହିବା ଦୁରୁହ।

**(ଗୀତ)**
ଶୁଣ କୋନ୍ତଭୋଜ ସୁତା ସମର ସମ୍ବାଦ
ସବୁ ରଥୀ ହେଲେ ହତ ଲଭିଛୁ ଆହ୍ଲାଦ।
ଭୀଷ୍ମ କଲେ ଶରଶଯ୍ୟା ହୋଇ ପରାଜିତ
କର୍ଣ୍ଣ ଦ୍ରୋଣ ଶଲ୍ୟ ବୀର ହେଲେ ଧରାଶ୍ରୀତ।
ଦୁଷ୍ଟ ଦୁଃଶାସନ ପୁଣି କୁଟିଳ ଶକୁନି
ଦେଇଛନ୍ତି ପ୍ରାଣ ଶାନ୍ତ ଲଭିଛି ଅବନୀ।
ବହିଗଲା ରକ୍ତ ନଦୀ ସାରା କୁରୁବଳ
ହତ ହେଲେ ଏ ଧରଣୀ ହୋଇଛି ନିର୍ମଳ।
ଏ ସମରେ କିଏ କଲା ଦୁର୍ଯ୍ୟୋଧନ ହତ
ସେ ଦୃଶ୍ୟ ମୁଁ ଦେଖିନାହିଁ କହୁଅଛି ସତ।

▶**କୁନ୍ତୀ** – କି କହିଲୁ? କି କହିଲୁ କୃଷ୍ଣ?
ତ୍ରିଭୁବନ କର୍ତ୍ତା ତୁହି ପାର୍ଥର ସାରଥୀ ହୋଇ
ନିୟନ୍ତ୍ରଣ କରୁଥିଲୁ ଏ ସାରା ସମର
ଦୁର୍ଯ୍ୟୋଧନ ହତ ଦୃଶ୍ୟ ସ୍ୱଚକ୍ଷୁରେ ପାରିନାହୁଁ ଦେଖି?
ତେବେ ନିଶ୍ଚେ ଦୁର୍ଯ୍ୟୋଧନ ହୋଇନି ନିହତ।

▶**ଯୁଧିଷ୍ଠିର** – ବିବ୍ରତ ହୁଅନି ମାତ।
ଦୁର୍ଯ୍ୟୋଧଢ଼ ମୃତ କି ଜୀବିତ ଜାଣି ହେବ ନିଶ୍ଚେ।

▶**କୁନ୍ତୀ** – ନିର୍ଲଜ! ହୋଇ ତୁ ପାଣ୍ଡବ ଶ୍ରେଷ୍ଠ ଧର୍ମରାଜ ସତ୍ୟର ସେବକ
ଦୁର୍ଯ୍ୟୋଧନେ ନିହତ ତୁ ନ ପାରିଲୁ କରି?

▶**ଯୁଧିଷ୍ଠିର** – (ଅନୁଚ୍ଚ ସ୍ୱରରେ) ମାତ!

▶**କୁନ୍ତୀ** – ଯେଉଁ ଦୁଷ୍ଟ ଦୁର୍ଯ୍ୟୋଧନ ଦେଇଥିଲା ଏତେ ପରାଭବ
ଖଟାଇଲା ବାରବର୍ଷ ବନବାସ ଏକବର୍ଷ ଅଜ୍ଞାତ ବାସରେ
ଦ୍ରୌପଦୀକୁ କରାଇଲା ବିବସନା କୁରୁସଭା ତଳେ।
ଦେଲା ନାହିଁ ପାଞ୍ଚଖଣ୍ଡ ପଡ଼ା
ସେ ଦୁଷ୍ଟକୁ ନ କରି ନିଧନ
କୁରୁକ୍ଷେତ୍ର ଯୁଦ୍ଧ ଶେଷ ବୋଲି କରୁଛ ଘୋଷଣା?
କହ ଭୀମ!
ବଧିଛୁ କି ଦୁଷ୍ଟ ଦୁର୍ଯ୍ୟୋଧନେ।

▶**ଭୀମ** – ମାତ!ବଧିଛି ମୁଁ ଶତ ସୈନ୍ୟ ସେନା ଦୁଃଶାସନ ସମେତ ବଧିଛି ମୁଁ କୁରୁଭ୍ରାତେ। ମୋ ଗଦା କବଳୁ କେବେ ଦୁର୍ଯ୍ୟୋଧନ ବର୍ତ୍ତିଥିବ
ଏ କଳ୍ପନା ପାରେ ନାହିଁ କରି।

▶**କୁନ୍ତୀ** – ଲାଗେ ନାହିଁ ଲଜ୍ଜା ତୋତେ
ପାରିଲୁନି ହତ କରି ସେ ଦୁଷ୍ଟ ଦୁର୍ଜନେ କହୁଅଛୁ ଏତେ କଥା ମୁହଁ ଟାଣ କରି?
(ଅର୍ଜ୍ଜୁନକୁ ଲକ୍ଷ୍ୟ କରି)
କହରେ ଅର୍ଜ୍ଜୁନ! ଗାଣ୍ଡିବ ଧାରଣ କରି ହୋଇଛୁ

ଗାଣ୍ଡିବୀ ମହା ପରାକ୍ରମୀ ବୋଲି ଜଗତ ବିଦିତ
ନିଧନ କରିଛୁ ଯେତେ ରଥୀ ମହାରଥୀ।
କହପୁତ୍ର! କରିଛୁ କି ଦୁର୍ଯ୍ୟୋଧନ ହତ।
▶**ଅର୍ଜ୍ଜୁନ** - ନା ମାତ! ରଥୀ ମହାରଥୀ ସାଥେ ଶତଶତ ସୈନ୍ୟ ସେନା କରିଛି ନିଧନ
ଦୁର୍ଯ୍ୟୋଧନ ହତ କଥା ପାରିବିନି ସ୍ପଷ୍ଟ କରି କହି।
▶**କୁନ୍ତୀ** - ନିର୍ଲଜ! ମହାବୀର ପାର୍ଥ ବୋଲି ଅକାରଣେ ଉଡ଼ାଉଛୁ ଧ୍ୱଜା। ସ୍କନ୍ଧରେ ଗାଣ୍ଡିବ ଧରି ବେଳାଉଛୁ ମହା ପରାକ୍ରମୀ। ଦୁର୍ଯ୍ୟୋଧନକୁ ହତ ନକରି ବିଜୟୀ ହୋଇଛ ବୋଲି ପିଟୁଛୁ ଡ଼ିଣ୍ଡିମ?
ଯୁଦ୍ଧ ଶେଷ ବୋଲି ପୁଣି କରୁଛ ଘୋଷଣା।
ନା, ଦୁର୍ଯ୍ୟୋଧନକୁ ହତ ନ କଲାଯାଏ ଏ ସମର ହେବ ନାହିଁ ଶେଷ।
▶**ଶ୍ରୀକୃଷ୍ଣ** - ସପ୍ତଦଶ ଦିବସ ଯୁଦ୍ଧ ହୋଇଅଛି ଶେଷ ଯଦି ଦୁର୍ଯ୍ୟୋଧନ ଥିବ ଜୀବନରେ ଆଗାମୀ କାଲି ସେ ନିଶ୍ଚେ ହୋଇବ ନିହତ।
▶**କୁନ୍ତୀ** - ଧିକ୍ ଧିକ୍ ତୁମ
ମହାବୀର ପଣ।
ଧିକ୍ ତୁମ ସମର କୌଶଳ
ନାହିଁ ତୁମ ସ୍ୱାଭିମାନ।
ଯେ ତୁମକୁ ସାରାଜୀବନ ଦେଇଅଛି ଏତେ ପରାଭବ।
ତୁମେ ତାକୁ ଦେଇଚ ମୁକତି କୁରୁକୁଳର ଅଗ୍ନିଶିଖା।
ଏପର୍ଯ୍ୟନ୍ତ ନିର୍ବାପିତ କରିନାହଁ ତୁମେ?
**(ଗୀତ)**
ଆରେ ରେ ନିର୍ଲଜ ବୀର ଧର୍ମରାଜ
ମୁଖେ ତୋର ନାହିଁ ଲାଜ
ହସ୍ତିନା ମୁକୁଟ ପିନ୍ଧିବାକୁ କିବା
ହୋଇଅଛ ଆଜି ସଜ
ତୋର ନାହିଁ କି ମାନ
କିଂପା ନ ବଧିଲୁ ଦୁର୍ଯ୍ୟୋଧନ।
ରେ ନିର୍ଲଜ ଭୀମ। ଏତେ ତୁ ବିକମା
ନାହିଁ ତୋର ସ୍ୱଭିମାନ
ଦୁଃଶା ରକ୍ତେ ବେଣୀ ବାନ୍ଧିଲୁ କୃଷ୍ଣାର
ଛାଡ଼ି ଦେଲୁ ଦୁର୍ଯ୍ୟୋଧନ
ଏ କି ତୋର ବିବେକ
ରଖିଛୁ କି ତୁ ପାଣ୍ଡବ ଟେକ।
▶**ଭୀମ** - (ଉଚ୍ଚ ସ୍ୱରରେ) ମାତା! ଅସହ୍ୟ, ଅସହ୍ୟ ଏ ଆକ୍ଷେପ ମାତା।
▶**କୁନ୍ତୀ** - (ଅର୍ଜ୍ଜୁନକୁ ଲକ୍ଷ୍ୟକରି)
କହରେ ଅର୍ଜ୍ଜୁନ
ସେ ଦୁଷ୍ଟ ଦୁର୍ଜନ। ପାରିଲୁନୁ ହତ କରି
ମହାବୀର ବୋଲି ଡିଣ୍ଡିମ ପିଟୁଛୁ
କେହି ନୁହେଁ ତୋର ସରି।
ଏ କି ପରିଚୟ
ଦୁର୍ଯ୍ୟୋଧନ ହତ ନୁହେଁ ଥୟ।
▶**ଅର୍ଜ୍ଜୁନ** - ନା, ମାତ! କାଲି ରଣେ ଦୁର୍ଯ୍ୟୋଧନେ
କରିବି ମୁଁ ହତ। ଯେଉଁଠି ଥିଲେ ବି ଲୁଚି।
ଆଣିବି ମୁଁ ତା'ର କେଶ ଧରି।
କରିକି ନିଧନ ତା'ରେ ସର୍ବ ସମକ୍ଷରେ।
▶**ଭୀମ** - ନା, ନା ରେ ଅର୍ଜ୍ଜୁନ! ଆଜି ଏଠି ଜନନୀ ସମ୍ମୁଖେ ମୁହିଁ କରୁଛି ଶପଥ।
କାଲି ନିଶ୍ଚେ ଦୁର୍ଯ୍ୟୋଧନେ ଦେବି ବିଶାବନ୍ଧୀ।
ସୂର୍ଯ୍ୟାସ୍ତ ପୂର୍ବରୁ ନ ପାରିଲେ ବଧି ତାରେ
ନିଜେ ମୋ ଜୀବନ ଦଗ୍ଧ କରିଦେବି ଜ୍ୱଳନ୍ତ ଅନଳେ।
▶**ଯୁଧିଷ୍ଠିର** - ଧନ୍ୟ ଧନ୍ୟ ବୃକୋଦର।
ତୋ ଶପଥ ହେବନାହିଁ ବୃଥା।
ପାରିବୁ ବଧି ତୁ ନିଶ୍ଚେ ସେ ମାନଗୋବିନ୍ଦେ।
▶**ଶ୍ରୀକୃଷ୍ଣ** - ତେବେ ଚାଲନ୍ତୁ ଭ୍ରାତ।
ଆଜରାତ୍ର, ବିଶ୍ରାମାନ୍ତେ ଆଗାମୀ କାଲି ପ୍ରଭାତରେ
ସୂର୍ଯ୍ୟୋଦୟ ପୂର୍ବେ
କରିଦେବା ଉନ୍ମୋଚନ। ଦୁର୍ଯ୍ୟୋଧନର ଆତ୍ମଗୋପନ ସ୍ଥଳ
କଳେ ବଳେ କୌଶଳେ ବଧିବା ତାହାକୁ।
▶**ଯୁଧିଷ୍ଠିର** - ଉଚିତ ପ୍ରସ୍ତାବ ସତେ ଦେଇଛ କେଶବ।
ଚାଲ ତେବେ ନିଭୃତରେ କରିବା ଯୋଜନା।
▶**ଶ୍ରୀକୃଷ୍ଣ** - ଆସ ତେବେ ସର୍ବେ।
*(ପାଣ୍ଡବ ପଞ୍ଚଭ୍ରାତ ସହିତ ପ୍ରସ୍ଥାନ। ତାଙ୍କ ଗତିପଥକୁ ଦୁଃଖ ଓ ବିସ୍ମୟରେ ଚାହିଁ ରହିଛନ୍ତି କୁନ୍ତୀ । ମଂଚ ଅନ୍ଧକାର ହୋଇଛି)।*

**(ଦୃଶ୍ୟ-୪)**

*(ପାଣ୍ଡବ ଶିବିରରେ ମନ୍ତ୍ରଣାରତ)*
▶**ଶ୍ରୀକୃଷ୍ଣ** - କାହିଁଗଲେ ସଖା।
କ୍ଲାନ୍ତ ଦେହେ କରି କି ନାହାନ୍ତି ପାର୍ଥ
ଶଯ୍ୟାତ୍ୟାଗ ଏବେ?
▶**ଯୁଧିଷ୍ଠିର** - ନା କେଶବ।
ଦୁର୍ଯ୍ୟୋଧନ ସଂଧାନ ନେବାକୁ ଯାଇଛି ଅର୍ଜ୍ଜୁନ
ନିଜେ ଆଦ୍ୟ ପ୍ରଭାତରୁ। ଏପର୍ଯ୍ୟନ୍ତ ଫେରିନାହିଁ ପାର୍ଥ।
ମିଳିନାହିଁ ଦୁର୍ଯ୍ୟୋଧନର ସନ୍ଧାନ ସମ୍ବାଦ।
▶**ଶ୍ରୀକୃଷ୍ଣ** - କି କରିବା ଏବେ।
ଏବେ ତ ଆମକୁ ସର୍ବେ ଶିବିର ଛାଡ଼ି ଯିବାକୁ ହେବ।
ମାନଗୋବିନ୍ଦ ସଂଧାନେ। କେଉଁ ଗୁପ୍ତ ଗୋପନ ସ୍ଥଳୀକୁ।
▶**ଯୁଧିଷ୍ଠିର** - ଏ ପର୍ଯ୍ୟନ୍ତ ଜାଣିତ ପାରିଲେ ନାହିଁ।
କେଉଁଠାରେ କରିଅଛି ସେ ଆତ୍ମଗୋପନ
କେମିତି ବା ଯିବା କେଉଁସ୍ଥଳେ?
▶**ଭୀମ** - ଏହି ତ, ଆସୁଅଛି ଧନଂଜୟ।
ଜଣାଯିବ ତାହାଠାରୁ ଦୁର୍ଯ୍ୟୋଧନର ପ୍ରକୃତ ସଂଧାନ।
▶**ଶ୍ରୀକୃଷ୍ଣ** - କୁହ ସଖା। ପାଇଲକି ଦୁର୍ଯ୍ୟୋଧନର କୌଣସି ସଂଧାନ?
▶**ଅର୍ଜ୍ଜୁନ** - ନା ସଖା। ଭ୍ରମି ଭ୍ରମି ବହୁ ଗୁପ୍ତ ସ୍ଥାନ ପାଇଲି ନାହିଁ କେଉଁଠି ଦୁର୍ଯ୍ୟୋଧନର ଗୋପନ ଶିବିର।
▶**ଯୁଧିଷ୍ଠିର** - ପାଇଲୁ ନାହିଁ ତୁ ଖୋଜି।
କୁରୁପତି ଦୁର୍ଯ୍ୟୋଧନର କୌଣସି ସଂଧାନ?
▶**ଅର୍ଜ୍ଜୁନ** - **(ଗୀତ)**
କି କହିବି ଜ୍ୟେଷ୍ଠଭ୍ରାତା!
କହିବାକୁ ମୋର ନ ଖୋଲେ ପାଟି
ସାରା ହସ୍ତିନା ମୁଁ ଭ୍ରମି ଯେ ଆସିଲି
ଭେଟି ପାରିଲିନି ସେ କୁରୁପତି
କି କହିବି ........। (୧)
ମିଳିଲାନି ତାଙ୍କ ସଂଧାନ
କରିଛନ୍ତି ଆତ୍ମଗୋପନ
କେମିତି କେଉଁଠୁ ପାଇବା ସଂଧାନ।
ଭାବି ଘୂରିଯାଏ ମୋ ଛାର ମତି। (୨)
▶**ଶ୍ରୀକୃଷ୍ଣ** - ଏହା ଏବେ ପ୍ରଧାନ ଚିନ୍ତାର କାରଣ
କି କରିବା? କି କରିବା ଏବେ?
କେମନ୍ତେ ବା କରାଯିବ ଦୁର୍ଯ୍ୟୋଧନ ଠାବ?
▶**ଅର୍ଜ୍ଜୁନ** - ସଖା!
▶**ଶ୍ରୀକୃଷ୍ଣ** - ହଁ ସଖା। ପାର୍ଶ୍ୱରେ ରହିଛି ଆମ୍ଭ ଶସ୍ତ୍ର ଶାସ୍ତ୍ର ବିଶାରଦ ବୀର ସହଦେବ। ଆଗତ ଭବିଷ୍ୟତ ବାଣୀ। ସବୁ ତାର ନଖ ଦର୍ପଣରେ ସେ କହିପାରିବ ନିଶ୍ଚେ ଦୁର୍ଯ୍ୟୋଧନର ପ୍ରକୃତ ଠିକଣା।
▶**ଯୁଧିଷ୍ଠିର** - ଉଚିତ ପରାମର୍ଶ ଦେଇଚ କେଶବ।
▶**ଶ୍ରୀକୃଷ୍ଣ** - କହ ସହଦେବ। କେଉଁଠି ଲୁଚିଛି ଯାଇ ସେ ମାନଭୋବିନ୍ଦ?
▶**ସହଦେବ** - ତ୍ରିପୁର ପାଳକ ଯିଏ କେଉଁକଥା ଅଜଣା ବା ତାଙ୍କୁ? ତଥାପି ମୋତେ ଯେବେ କରୁଛ ଜିଜ୍ଞାସା
ଦୁର୍ଯ୍ୟୋଧନଙ୍କ ସଂଧାନ ବାର୍ତ୍ତା ଜଣାଇବି ନିଶ୍ଚେ।
▶**ଭୀମ** - କହ କହ ସହଦେବ।
କେଉଁଠି ରହିଛି ଏବେ ଦୁଷ୍ଟ ଦୁର୍ଯ୍ୟୋଧନ?
▶**ସହଦେବ** - ଦୁର୍ଯ୍ୟୋଧନ ଲୁଚିଅଛି ବ୍ୟାସ ସରୋବରେ।
▶**ଯୁଧିଷ୍ଠିର** - ବ୍ୟାସ ସରୋବରେ?
▶**ସହଦେବ** - ହଁ ଭ୍ରାତ, ବ୍ୟାସ ସରୋବରର ପ୍ରଧାନ ରକ୍ଷକ।
ମହର୍ଷି ଦୁର୍ବାସାଙ୍କଠାରୁ ନେଇ ଅନୁମତି। ଦୁର୍ଯ୍ୟୋଧନ କରିଛି ଆତ୍ମଗୋପନ ଦୈପାୟନ ହ୍ରଦେ!
▶**ଭୀମ** - ଦୈପାୟନ ହ୍ରଦେ !

▶**ସହଦେବ** – ହଁ, ବିଶ୍ରାମ ନେଉଛି ମାନଗୋବିନ୍ଦ ଆନନ୍ଦରେ ଲକ୍ଷ୍ମୀଙ୍କ କୋଳରେ।
▶**ଶ୍ରୀକୃଷ୍ଣ** – ଲକ୍ଷ୍ମୀଙ୍କ କୋଳରେ ?
▶**ସହଦେବ** – ହଁ, ଲକ୍ଷ୍ମୀଙ୍କର ଘେନି କରାଭୟ ଦୁର୍ଯ୍ୟୋଧନ ନିର୍ଭୟରେ କରିଛି ଶୟନ।
▶**ଶ୍ରୀକୃଷ୍ଣ** – ଠିକ୍ ଅଛି। ଆଉ ବିଳମ୍ବରେ ନାହିଁ ପ୍ରୟୋଜନ।
ଚାଲ ସର୍ବେ ଯିବା ଏବେ ସରୋବର ତୀରେ।
▶**ଯୁଧିଷ୍ଠିର** – ହଁ, ଚାଲ ସର୍ବେ କେଶବଙ୍କ ସାଥେ।
*(ସମସ୍ତଙ୍କର ମଂଚରୁ ପ୍ରସ୍ଥାନ। ମଂଚ ଅନ୍ଧାର ହୋଇଛି)*

**(ଦୃଶ୍ୟ-୫)**

*(ବ୍ୟାସ ସରୋବର ମଧ୍ୟରେ କବଳିତ କୁରୁକୁଳ ଚୂଡ଼ାମଣି ମାନି ଦୁର୍ଯ୍ୟୋଧନ)।*
▶**ଦୁର୍ଯ୍ୟୋଧନ** – ଆଃ, କି କରିବି ? କି କରିବି ଏଠି ? ଚକ୍ଷୁରେ ମୋ ଅଜସ୍ର ଜ୍ୱଳନ ଆସେ ନାହିଁ ନିଦ୍ରା।
ମନେ ମୋର ଖେଳିଯାଏ କେତେ ଗ୍ଳାନି କେତେ ଯେ ଆଶଙ୍କା।
କାହିଁ ମୋର ରତ୍ନଝରା ହସ୍ତିନା ନଗର
କାହିଁ ଏହିଁ ଦ୍ୱୈପାୟକ ହ୍ରଦ।
କାହିଁ ମୋର ମୁଲାୟମ ତୁଳୀତଳ୍ପ ଶଯ୍ୟା।
କାହିଁ ଏହି ପଙ୍କର ବଳୟ। ଭାଗ୍ୟ ସହ ଚରମ ସଂଘର୍ଷ। ଆତ୍ମଗୋପନ କରିବାକୁ ହୁଏ ଆଜି। ବ୍ୟାସ ସରୋବରର ଏହି ଦ୍ୱୈପାୟନ ହ୍ରଦେ।
କି କରିବି ବିଧି ନିର୍ଦ୍ଦେଶକୁ।
ହସ୍ତିନା ମଉଡ଼ମଣି ବୀର ଦୁର୍ଯ୍ୟୋଧନ। ଶତ୍ରୁଭୟେ ଲୁଚିଅଛି ଆଜି ଦ୍ୱୈପାୟନ ହ୍ରଦେ।
ହାଃ...ହାଃ... ତଥାପି ଦମ୍ଭୋକ୍ତି କେବେ ଯାଇନାହିଁ ଭୁଲି। ବିନା ଯୁଦ୍ଧେ ଦେବିନାହିଁ ସୂଚ୍ୟାଗ୍ରେ ମେଦିନୀ।
ଆଃ ଯେ କ'ଣ ହେଲା। ବାମ ବାହୁ କି କାରଣେ ହୁଏ ପ୍ରକଂପନ।
ନା, ଅଛି ମୁହିଁ ଲକ୍ଷ୍ମୀ କୋଳରେ।
କେହି ମୋତେ ନ ପାରିବ ବଧି। କେ ଅଛି ବା ଗଡ଼ଜୟୀ ବୀର।
ଦ୍ୱୈପାୟକ ହ୍ରଦେ ପଶି ମୋ ସହିତ କରିବ ସମର।
**(ଗୀତ)**
କିଏ ଅଛି ଅବା ତ୍ରିପୁର ବିଜୟୀ
କରିବ ମୋ ସାଥେ ସମର
ମାତା ଲକ୍ଷ୍ମୀ ମୋର ଅଛନ୍ତି ସହାୟ
ଅଛି ଏ ବ୍ୟାସ ସରୋବର।
ଗଦା ଯୁଦ୍ଧେ ମୁଁ ଦିଗ୍‌ବିଜୟୀ
କାଳିମା ଯେ ପାରିନି ଛୁଇଁ
ହସ୍ତିନାର ମଣି ମୁଁ ମାନଗୋବିନ୍ଦ
କେ ବଧିବ ବିକ୍ରମୀ ବୀର।
ନା, ଅସମ୍ଭବ ଏହା ବା ଅଯଥା ଆଶଙ୍କାରେ ଘାରିହେ ନୁହେଁ ବାଞ୍ଛନୀୟ। ଯାଉଛି ମାତା ଲକ୍ଷ୍ମୀଙ୍କ କୋଳରେ ଘେନେ ଏଠି ଶାନ୍ତିମୟ ସୁଲଭ ବିଶ୍ରାମ।
*(ଆଖି ବୁଜିଛନ୍ତି। ମଂଚ ଅନ୍ଧାର ହୋଇଛି)*

**(ଦୃଶ୍ୟ-୬)**

*(ବ୍ୟାସ ସରୋବରର ତଟଦେଶ। ଶ୍ରୀକୃଷ୍ଣ ଓ ପଞ୍ଚପାଣ୍ଡବ ଆସି ଉପନୀତ ହୋଇଛନ୍ତି)*
▶**ଶ୍ରୀକୃଷ୍ଣ** – ଏହି ସେହି ବ୍ୟାସ ସରୋବର। ସରୋବରର ଦ୍ୱୈପାୟନ ହ୍ରଦେ
ଆତ୍ମଗୋପନ କରିଛି କୁରୁପତି ଗାନ୍ଧାରୀ ନନ୍ଦନ।
▶**ଯୁଧିଷ୍ଠିର** – କିପରି ଉତ୍‌ଥିତ ହେବ
ହ୍ରଦ ମଧ୍ୟୁ ସେ ମାନଗୋବିନ୍ଦ ?
▶**ଶ୍ରୀକୃଷ୍ଣ** – ସେହି ଚିନ୍ତା ଜାଗେ ମୋ ମାନସେ। ପାରେ ନାହିଁ ଜାଣି।
କିପରି ବାହାରିବ ଦୁର୍ଯ୍ୟୋଧନ ଆସିବ ସେ ସରୋବର ତୀରେ ?
▶**ଅର୍ଜୁନ** – ବିବ୍ରତ ହୁଅନ୍ତୁ ନାହିଁ ସଖା।
ଭେଦିବି ମୋ ମନଭେଦୀ ଶର।
କ୍ଷଣକେ ନିଧନ କରି କୁରୁ ଦୁର୍ଯ୍ୟୋଧନେ
ଆଣିବ ଏ ସରୋବର ତଟେ।
▶**ଭୀମ** – ନା ନାରେ ଅର୍ଜୁନ !
ରଖ ତୋର ମନଭେଦୀ ଶର।
ଏଚେତନା ଶୀଘ୍ର ପରିହର।
ସାକ୍ଷୀ ରଖି ଚନ୍ଦ୍ର ଦିବାକର।
ସାକ୍ଷୀ ରଖି ତ୍ରିପାଳକ ଚକ୍ରଧାରୀ କୃଷ୍ଣ।
କରିଛି ଶପଥ ମୁହିଁ ଜନନୀ ସମ୍ମୁଖେ
ମୁଁ ବଧିବି ହୀନ ଦୁର୍ଯ୍ୟୋଧନେ। ନ ପାରିଲେ ବଧି ତୀରେ
ସୂର୍ଯ୍ୟାସ୍ତ ପୂର୍ବରୁ ଦଗ୍ଧ ହେବି ଜ୍ୱଳନ୍ତ ଅନଳେ।
▶**ଶ୍ରୀକୃଷ୍ଣ** – ବିବ୍ରତ ହୁଅନି ଭ୍ରାତ।
ତୁମେ ବଧିବ ଦୁର୍ଯ୍ୟୋଧନେ ଘେନିଛ ଶପଥ।
ତୁମର ପ୍ରତିଜ୍ଞା ହେବ ଫଳବତୀ।
▶**ଯୁଧିଷ୍ଠିର** – କିପରି ଦୁର୍ଯ୍ୟୋଧନ ହ୍ରଦ ମଧ୍ୟୁ ହୋଇବ ଉତ୍‌ଥିତ।
ସେ ଉପାୟ କରନ୍ତୁ କେଶବ।
▶**ଶ୍ରୀକୃଷ୍ଣ** – ମୁଁ ତ ପାଉନି ଉପାୟ।
(ସହଦେବଙ୍କୁ ଲକ୍ଷ୍ୟ କରି)
କହ ସହଦେବ। କିପରି ହେବ ଉତ୍‌ଥିତ ଦୁର୍ଯ୍ୟୋଧନ ଏବେ।
▶**ସହଦେବ** – ଦୁର୍ଯ୍ୟୋଧନ ଲୁଚିଅଛି ହ୍ରଦ ମଧ୍ୟେ ଗୋପନରେ ଲକ୍ଷ୍ମୀଙ୍କ କ୍ରୋଡ଼ରେ।
ସହଜେ ସେ ଆସିବନି ସରୋବର ତଟେ।
▶**ଶ୍ରୀକୃଷ୍ଣ** – ତେବେ କି କରିବା କହ ସହଦେବ।
ସହଦେବ – ତୁମେ ଚକ୍ରୀ ତ୍ରିପୁର ପାଳକ।
କେଉଁକଥା ଅଜଣା ତୁମ୍ଭକୁ।
ମୋତେ ଯଦି ପୁଛିଲେ ସତ୍ୱରେ।
କହୁଛି ମୁଁ ତାହାର ଉପାୟ।
**(ଗୀତ)**
ମୋ କଥା ହେଜ ନୁହେଁ ଏ ସହଜ
ମଉଳିନି ଦୁର୍ଯ୍ୟୋଧନ ତେଜ
ଘେନଇ ବିଶ୍ରାମ ଘଟିନାହିଁ ଭ୍ରମ
ଲକ୍ଷ୍ମୀଙ୍କ ସହାୟେ ଅଛି ଆଜ।
ଆସିବନି ତଟେ ଆସିବିନି ତଟେ
ଶୌର୍ଯ୍ୟ ବୀର୍ଯ୍ୟ ରୂପ ମହାରଟେ।
ଶଙ୍କରଙ୍କୁ ପୂଜି ସିଂହନାଦ ହେଜି
ନ ଛାଡ଼ିଲେ ରଡ଼ି ଶୁଣିବନି
ଭୀମ ତିନିରଡ଼ି ଶୁଣି ଭିଡିମୋଡ଼ି
ସ୍ଥିର ନୀରବତା ଗଣିବନି
ଲକ୍ଷ୍ମୀ କୋଳଛାଡ଼ି ଲକ୍ଷ୍ମୀ କୋଳଛାଡ଼ି
ଆସିବ ସେ ତୀରେ ବୀରବାରି।
ସମ୍ମୁଖ ସମରେ ହେବ ଅବତୀର୍ଣ୍ଣ
ଗଦା ଯୁଦ୍ଧର ମହାସମର
ବଜ୍ର ଦେହ ତା'ର ହେବ ନାହିଁ ଜୁର
ସହଜେ ଯିବନି ପ୍ରାଣ ତା'ର
ଜାନୁ ହେଲେ ଭଗ୍ନ ଜାନୁ ହେଲେ ଭଗ୍ନ
ପ୍ରାଣ ଯିବ ତାର ଶେଷ ଲଗ୍ନ।
▶**ଶ୍ରୀକୃଷ୍ଣ** – ବେଶ୍, ଉତ୍ତମ ଉପାୟ ଆଜି ଦେଲୁ ସହଦେବ।
ଯାଅ ଭ୍ରାତା ଭୀମସେନ। ଶିବଙ୍କୁ ସନ୍ତୁଷ୍ଟ କରି ମାଗିଆଣ ସିଂହାନାଦ ଏବେ।
▶**ଭୀମ** – ଯଥାଜ୍ଞା କେଶବ।
କରୁଛି ମୁଁ ଶଙ୍କରେ ସ୍ମରଣ।
ଶିବଙ୍କର ବରଦାନେ ସିଂହନାଦ ଆଣିବି ସହନେ।
▶**ଶ୍ରୀକୃଷ୍ଣ** – ହଁ ଯାଅ ଚାଣ୍ଡେ ଆଣ ସିଂହନାଦ।
*(ଭୀମସେନଙ୍କର ପ୍ରସ୍ଥାନ। ତାଙ୍କ ଗତିପଥକୁ ଶ୍ରୀକୃଷ୍ଣ, ଯୁଧିଷ୍ଠିର, ଅର୍ଜୁନ, ନକୁଳ, ସହଦେବ ଚାହିଁ ବସଇଛନ୍ତି। ମଂଚ ଅନ୍ଧକାର ହୋଇଛି)*

**(ଦୃଶ୍ୟ-୭)**

*(ଭୀମଙ୍କର ଶିବ ଆରାଧନା)*
▶**ଭୀମ** – ହେ ପ୍ରଭୁ ସଦାଶିବ।
ହେ ଗଙ୍ଗାଧର କୈଳାସ ପତି।
ଦ୍ୱିତୀୟ ପାଣ୍ଡବ ଭୀମସେନ ନତଶିରେ ତବପାଦେ କରୁଛି ମିନତି।
ଡାକ ମୋର ଶୁଣ ବାରେ। କର ମୋତେ ବରଦାନ।
ଇଚ୍ଛା ମୋର କରହେ ସଂପୂର୍ଣ୍ଣ।
**(ଗୀତ)**
ଦେବ ଦେବ ମହାଦେବ ଶୁଣ ମୋ ମିନତୀ

ବ୍ୟାସ ସରୋବର ହ୍ରଦେ ଅଛି କୁରୁପତି।
ଚନ୍ଦ୍ର ସୂର୍ଯ୍ୟ ସାକ୍ଷୀ ରଖି କରିଛି ଶପଥ
ସୂର୍ଯ୍ୟାସ୍ତ ପୂର୍ବରୁ ତା'ରେ କରିବି ନିହତ।
ନ ପାରିଲେ ବଧିତାରେ ଦେବି ଆତ୍ମାହୁତି
ତେଣୁ ଶରଣରେ ତବ ଆହେ ଉମାପତି।
ଦିଅ ମୋତେ ସିଂହନାଦ ଦେବି ତିନିରଡ଼ି
ମୋ ଡାକରେ ଦୁର୍ଯ୍ୟୋଧନ ଆସିବ ଦଉଡ଼ି।
ସେ ଆସିଲେ ଗଦାଯୁଦ୍ଧେ ନେବି ତା ଜୀବନ
ବିଳୟ ଭଜିବ ଭବୁ ଦୁଷ୍ଟ ଦୁର୍ଯ୍ୟୋଧନ।
(ହସ୍ତ ଯୋଡ଼ି ତପସ୍ୟାରତ)
ଓଁ ନମଃ ଶିବାୟ
ଓଁ ନମଃ ଶିବାୟ
ଓଁ ନମଃ ଶିବାୟ
ଓଁ ନମଃ ଶିବାୟ
ଓଁ ନମଃ ଶିବାୟ
ଶିବ- କିଏ ? ଭୀମସେନ
ତବ ଏକନିଷ୍ଠ ତପସ୍ୟାରେ
ହୋଇଅଛି ତୁଷ୍ଟ
ସିଂହନାଦ ଦେଲି ବରଦାନେ
ସିଂହାନାଦ କଲେ ଉଚ୍ଚସ୍ୱରେ
ଦୁର୍ଯ୍ୟୋଧନ ପାରିବନି ସହ୍ୟକରି
ସଦର୍ପରେ ଆସିବ ସେ ଉଠି
ସରୋବର ତୀରେ ତା'ରେ
ଦୁର୍ମଦକୁ ହତ କରି ଶପଥ ତୁମ କରିବ ପୂରଣ।
ଭୀମ – ଯଥାଜ୍ଞା ପ୍ରଭୁ ଉମାପତି।
ସିଂହନାଦ ଦାନ ଦେଇ
ମୋ ଜୀବନ କରିଅଛ ଧନ୍ୟ।
ତୁମର ଏ ମହାଦାନ ଚିରକାଳ ରହିଯିବ ହେଇ ଇତିହାସ।
ଯାଉଅଛି ସରୋବର ତୀରେ
ଅପେକ୍ଷାରେ ରହିଛନ୍ତି କେଶବ ସହିତେ ମୋର ଆନଭ୍ରାତା ଗଣେ।
ଶିବ – ଯାଅ ଭୀମସେନ। ବିଳମ୍ବ ଯେ ନୁହଁଇ ବିଧେଇ।
(ଭୀମ ଶିବଙ୍କୁ ପ୍ରଣାମ କରି ମଂଚରୁ ପ୍ରସ୍ଥାନ। ଭୀମର ଗତିପଥକୁ ଚାହିଁ ବସିଛନ୍ତି କୈଳାସପତି ଶଙ୍କର। ମଂଚ ଅନ୍ଧାର ହୋଇଛି)

### (ଦୃଶ୍ୟ-୮)

(ବ୍ୟାସ ସରୋବର ତୀରେ ଶ୍ରୀକୃଷ୍ଣ, ଯୁଧିଷ୍ଠିର, ଅର୍ଜ୍ଜୁନ, ନକୁଳ ଓ ସହଦେବ ଆଦି ଭୀମଙ୍କୁ ପ୍ରତୀକ୍ଷାରତ)
ଯୁଧିଷ୍ଠିର – ଏ ପର୍ଯ୍ୟନ୍ତ ନ ଫେରିଲା ଭୀମ।
ସମୟ ଯେ ବଢ଼େ ବେଳୁ ବେଳ।
କି କରିବା କୁହହେ କେଶବ।
ଶ୍ରୀକୃଷ୍ଣ – ବ୍ୟସ୍ତତାରେ ନାହିଁ ପ୍ରୟୋଜନ।
ଶିବଙ୍କଠୁଁ ବର ଘେନି ନିଶ୍ଚେ ଆଜି ଫେରିବେ ପାବନୀ।
ସେ ଫେରିଲେ ସିଂହାନାଦ କରିବେ ବହନ।
ଅର୍ଜ୍ଜୁନ – ସାକ୍ଷୀ ରଖି ଚନ୍ଦ୍ର ଦିବାକର।
ସାକ୍ଷୀ ରଖି ଜନନୀ ସମ୍ମୁଖେ।
ଆସିଛନ୍ତି ଦ୍ୱିତୀୟ ପାଣ୍ଡବ।
ସୂର୍ଯ୍ୟାସ୍ତ ପୂର୍ବରୁ ନ ବଧିଲେ ଦୁଷ୍ଟ ଦୁର୍ଯ୍ୟୋଧନ।
ନିଜକୁ କରିବେ ଦଗ୍ଧ ତୃଷିତ ଅନଳେ।
ଶ୍ରୀକୃଷ୍ଣ – ବ୍ୟସ୍ତ ହୁଅନାହିଁ ସଖା।
ଯା' ପାର୍ଶ୍ୱେ ରହିଛି ଧର୍ମ। ତା'ର କେବେ ହେବନାହିଁ କ୍ଷତି।
ଭ୍ରାତା ଭୀମ ଆସିଯିବେ ଏବେ।
ସହଦେବ – ଏଇତ। ଆସୁଛନ୍ତି ଅଦୂରରେ ଭ୍ରାତା ବୃକୋଦର।
ଶ୍ରୀକୃଷ୍ଣ – ଆଉ ତେବେ ନକର ଆଶଙ୍କା।
ଭୀମ – ଏବେ କୁହନ୍ତୁ କେଶବ।
କି କରିବି ମୁହିଁ।
ଆଉ ନାହିଁ ଭୟ
ଆଣିଛି ଶିବଙ୍କଠାରୁ ସିଂହନାଦ ମାଗି।
ଶ୍ରୀକୃଷ୍ଣ – ବିଳମ୍ବରେ ନାହିଁ ପ୍ରୟୋଜନ। କର ଏବେ ତିନିବାର ସିଂହନାଦ ରଡ଼ି। ତୁମ ରଡ଼ି ଶୁଣି କୁରୁମଣି ପାରିବନି ସହି।
ପାରିବନି ରହି ସେ ନୀରବ।
(ଗୀତ)
କର ସିଂହନାଦ ହେ ମଧ୍ୟମ ଭ୍ରାତ
ସମୟ ଯାଉଛି ଗଡ଼ି ହେ
ମୋର କଥା ହେଜ ସମରରେ ଆଜ
ଦୁର୍ଯ୍ୟୋଧନ ଯିବ ଛାଡ଼ି ହେ
ଶୁଣି ତବ ରଡ଼ି ପାରିବନି ରହି
ଯେତେ ଲକ୍ଷ୍ମୀଙ୍କର ହେଉ ସେ ଆଶ୍ରୟୀ
ପାରିବନି ରହି ଲକ୍ଷ୍ମୀ କ୍ରୋଡ଼ ତେଜି
ଆସିବ ଏ ତୀରେ ମାଡ଼ି ହେ
ଭୀମ – ନା, ବିଳମ୍ବ ଆଉ ଯେ ମୋର ନୁହଁଇ ବିଧେୟ।
ଦେଉଅଛି ସିଂହ ରଡ଼ି ଏବେ।
(ଉଚ୍ଚ ସ୍ୱରରେ)
ରେ କୁରୁ କୁଳାଙ୍ଗାର ଦୁଷ୍ଟ ଦୁର୍ଯ୍ୟୋଧନ।
ବୀର ସମ ନ ଆସି ସମ୍ମୁଖେ।
ଭୀରୁ ପରି ଦୈପାୟନେ ଲୁଚିଛୁ କିଂପାଇ।
ଅଛି ଯଦି ବାହୁରେ ତୋ ଶକ୍ତି।
ଅଛି ଯଦି ତୋରରେ ସାହସ
ଯୁଝ ଆସି ଗଦାଯୁଦ୍ଧେ ମୋ ସହିତ ଏଠି।
ଶୁଣି ମୋର ଏହି ଦୁର୍ବାର ଆହ୍ୱାନ। କିଂପାଇ ରହୁ କହ ଆରେ ମୂଢ଼। ଆସ ଏଠି ସମ୍ମୁଖ ସମରେ। ଆଜି ଯୁଦ୍ଧେ ନେବି ତୋ ଜୀବନ।
(ବ୍ୟାସ ସରୋବର ଜଳ ମଧରେ ରହି କଂପି ଉଠିଛି ଦୁର୍ଯ୍ୟୋଧନ)
ଦୁର୍ଯ୍ୟୋଧନ – ଆଃ, ହୃଦୟରେ ଅଜସ୍ର କଂପନ।
ଆଉ ଏଠି ନ ପାରଇ ରହି କ୍ଷଣେ ସ୍ଥିର।
ଭୀମର ଏ ସିଂହନାଦ ରଡ଼ି।
ହୃଦୟ ମୋ କରଇ ବିଦୀର୍ଣ୍ଣ।
ମୁଁ ହସ୍ତିନା ମଉଡ଼ମଣି ବୀର ଦୁର୍ଯ୍ୟୋଧନ।
ସମ୍ମୁଖ ସମରେ ନ ଯୁଝି। ଭୀରୁ ପରି କାହିଁକି ରହିବି ଲୁଚି ଦୈପାୟନ ପଙ୍କର ବଳୟେ ?
ଯାହା ଥାଉ ଭାଗ୍ୟେ ମୋର
ହେବି ଆଜି ସମ୍ମୁଖୀନ ବୀରପରି ବୃକୋଦର ସାଥେ।
ମୋ ଗଦା ସମ୍ମୁଖୁ ଭୀମ ଆଜି ପାଇବନି ମୁକ୍ତି।
(ଲକ୍ଷ୍ମୀଙ୍କୁ) ମୁଁ ଆସୁଅଛି ମାତ !
ଲକ୍ଷ୍ମୀ – ଦୁର୍ଯ୍ୟୋଧନ। ଏ କି କଥା କହୁ ଆରେ ଦୁଷ୍ଟ।
ଭୀମର ପ୍ରଚଣ୍ଡ ରଡ଼ି ସହ୍ୟକରି ରହିବାକୁ ମୋ ସମ୍ମୁଖେ କରିଛୁ ଶପଥ।
ସେ ଶପଥ ଭୁଲି ଯାଉଛୁ ତୁ ପାଣ୍ଡବ ସାଥେ କରିବାକୁ ସମ୍ମୁଖ ସମରେ ?
ଯାହାଙ୍କର ସହାୟକ ନିଜେ କୃଷ୍ଣ ଚକ୍ରଧାରୀ ତ୍ରିପୁର ପାଳକ।
ଯାଉଛୁ ତୁ ତାଙ୍କ ସାଥେ କରିବୁ ସମର ?
ପାରିବୁକି ପାଣ୍ଡବଙ୍କୁ ପରାଜିତ କରି ?
(ଗୀତ)
କରୁଛି ବାରଣ ଆରେ ଦୁର୍ଯ୍ୟୋଧନ
ଯାଅ ନାହିଁ ଯାଅ ନାହିଁ ରେ
ଭୀମ ରଡ଼ି ଶୁଣି ନ ହୁଅ ପ୍ରବଳ
ଛୁଇଁବ କାଳିମା ଛାଇରେ
ଯାହାଙ୍କର ପକ୍ଷେ ଅଛନ୍ତି କେଶବ
ଧର୍ମ ନିଜେ ଯା'ରେ କରିଛନ୍ତି ଠାବ
ସେ ପାଣ୍ଡବ ସାଥେ ପାରିବୁକି ଯୁଝି
ହେବୁ ନିଜେ ଧରାଶାୟୀରେ।
ଦୁର୍ଯ୍ୟୋଧନ – ନା ମାତ ! ନ କର ବାରଣ।
ଭୀମର ସେ ସିଂହରଡ଼ି ମୋ ହୃଦୟ କରଇ ଅସ୍ଥିର।
ଭୀରୁ ପରି ନ ରହି ପାରିବି ଏଠି ସରୋବର ଜଳେ।
ଛାଡ଼ିଦିଅ, ଛାଡ଼ିଦିଅ ମାତ।
ଯିବି ଏବେ ଭୀମ ସାଥେ ସମ୍ମୁଖ ସମରେ।
ସିଂହ ଶିଶୁ ହୋଇ ଶୃଗାଳ ପରି ଏଠି ନ ପାରିବି ରହି।
(ଗୀତ)
ନକର ବାରଣ ମାତ ଯିବି ମୁଁ ସମରେ
ଜୀବନକୁ ଭୟ କରି ମୁଁ କି ରହିପାରେ

ବୀର ଡରେନା
ପରାଜିତ ହେଲେ ବି ସେ ମରେନା।
ହସ୍ତିନା ମଉଡ଼ମଣି ସିଂହଶିଶୁ ମୁହିଁ
କଳା କି କାଳିମା ମୋତେ ଛୁଇଁ ପାରେ ନାହିଁ।
ନୁହେଁ ଶୃଗାଳ
ଯିବି ରଣେ ମୋ ପଥ ନ ଓଗାଳ।
ମରିଲେ ମରିବି ଆଜି ନାହିଁ ମୋର ଭୟ
ସମରେ ରହିଛି ପରା ଜୟ ପରାଜୟ
ଯିବି ମୁଁ ମାତା
ଭୋଗି ବି ଯା’ ଭାଗ୍ୟେ ଥିବ ସାଇତା।
ନା ମାତ, ନକର ବାରଣ
ଭୀମ ରଡ଼ି ନ ପାରିବି ସହି
କ୍ଷତ୍ରିୟ ମୁଁ ଭୀରୁ ପରି ନ ପାରିବି ରହି ଏଠି ଲୁଚି
ଭୀମ ଗଦା ବାଉନ ଭାର
ମୋ ଗଦା ଯେ ବାସ୍ତରୀ ଭାର
ମୁଁ କିଂପା ନ ଘେନିବି ବିଜୟ ତା’ଠାରୁ ?
▶**ଲକ୍ଷ୍ମୀ** - ନା, ବତ୍ସ।
ସେ ପରି ତୁ କହନିରେ ପୁତ୍ର।
ନ ପାରିବୁ ଜିତି ତୁ ସମରେ।
ଛାଡ଼ି ଗଲେ ମୋ ସ୍କନ୍ଧ। ପଡ଼ିବ ତୋ ଅନେକ ବିପତ୍ତି।
ଅନିଷ୍ଟ ତୋ ଘଟିବ ନିଶ୍ଚିତ।
ହସ୍ତିନାର ମଉଡ଼ମଣି ହୋଇ।
ଅକାରଣେ ହୋଇବୁ ନିଧନ।
ମୋର ଉପଦେଶ ମାନି।
ନଯାଅ ତୁ ଭୀମ ସାଥେ ଯୁଝି ।
▶**ଭୀମ** - (ଉଚ୍ଚ ସ୍ୱରରେ) ରେ କୁରୁକୁଳର କଳଙ୍କ
ଦୁଷ୍ଟ ଦୁର୍ଯ୍ୟୋଧନ।
ମୋ ଆହ୍ୱାନ କି ହୁଏନି ଶ୍ରବଣ।
ଭୀରୁ ପରି ଲୁଚିଛୁ କିଂପାଇ।
ସରୋବର ତୀରେ ଆସି ଯୁଝି ମୋର ସାଥେ।
▶**ଦୁର୍ଯ୍ୟୋଧନ** - ନା ମାତ ! ଆଉ ବାରେ ନ କର
ବାରଣ। ନ ପାରିବି ରହି ଏଠି ଭୀମରଡ଼ି ଶୁଣି।
ଗଲେ ଯାଉ ପ୍ରାଣ ଯିବି ରଣେ।
ଯୁଝିବି ମୁଁ ବୃକୋଦର ସାଥେ।
▶**ଭୀମ** - ଶୁଣ ମୋର ଶେଷ ରଡ଼ିରେ ଦୁର୍ମଦ।
ହେ ଭୀରୁ କାପୁରୁଷ।
ସେଉଛି ମୁଁ ଅନ୍ତିମ ଆହ୍ୱାନ।
ସମରକୁ ଅଛି ଯଦି ଭୟ।
କର ଆସି ମୋ ନିକଟେ ଆତ୍ମ ସମର୍ପଣ।
▶**ଦୁର୍ଯ୍ୟୋଧନ** - ନା, ନୁହେଁ ଭୀରୁ କୁରୁଶ୍ରେଷ୍ଠ ବୀର
ଦୁର୍ଯ୍ୟୋଧନ।
ରେ ମୂଢ଼ ବୃକୋଦର। ଏହି ଦେଖ ତୋ ସମ୍ମୁଖେ
ହେଲି ସମ୍ମୁଖୀନ।
ଭାବିଛୁ କି ଅସମର୍ଥ ପାରିବିନି ଗଦା ଯୁଦ୍ଧେ ଯୁଝି।
ଶକ୍ତି ଥିଲେ ଯୁଝେ ମୋ ସଙ୍ଗତେ।
▶**ଲକ୍ଷ୍ମୀ** - ଯେ କ’ଣ କଲୁରେ ପୁତ୍ର।
ଏତେ ମୁହିଁ କରିଲି ବାରଣ।
ନମାନିଲୁ ମନା।
ଶପଥ ହାରି ତୁ ଗଲୁ ସରୋବର ତୀରେ।
ଭୀମ ସାଥେ କରିବାକୁ ସମ୍ମୁଖ ସମର।
ବେଶ୍ ଏବେ ଭୋଗ କର। କଲା କର୍ମ ଫଳ। ଆଜିଠୁ
ତେଜିଲି ତୋତେ ସ୍କନ୍ଧରୁ ଯେ ମୋର।
*( ଅନ୍ଧାରରେ ମ୍ଲାନ ହୋଇଆସିଛି ମଂଚ)*

**(ଶେଷ ଦୃଶ୍ୟ)**

*(ଦୁର୍ଯ୍ୟୋଧନ ଉଭା ହୋଇଛି ସରୋବର ତୀରେ)*
▶**ଦୁର୍ଯ୍ୟୋଧନ** - ହାଃ ...ହାଃ ଆରେ ରେ ହୀମତି
ଦୁଷ୍ଟ ଭୀମସେନ।
ମୁଁ ତୋର ଯେ ସମ୍ମୁଖରେ ଏବେ।
ବାସ୍ତରୀ ଭାରର ମୋର ଗଦା।
ତୋ ଠାରୁ ଯେ ବେଶି ବଳଶାଳୀ।
ଆଜି ମୋ ଗଦାରେ ତୋତେ କରିବି ନିଧନ।
▶**ଭୀମ** - ରେ ନିର୍ବୋଧ ଦୁର୍ଯ୍ୟୋଧନ !
ଯୁଝିବାକୁ ପ୍ରସ୍ତୁତ ତୁ ଯେବେ।
ଆଉ ବିଳମ୍ବରେ ନାହିଁ ପ୍ରୟୋଜନ।
ଧର ଗଦା କରରେ ସମର।
▶**ଦୁର୍ଯ୍ୟୋଧନ** - ଶକ୍ତିଶାଳୀ ଗଦା ମୋର। ରହିଅଛି
ତୃଷାର୍ତ୍ତ ପରାୟ।
ତୋତେ ଆଜି କରିବ ସେ ନିଷ୍ଟେ ଧରାଶୟୀ।
▶**ଭୀମ** - **(ଗୀତ)**
ରେ ମାନଗୋବିନ୍ଦ ପଡ଼ିଲା ବିପଦ
ପୂର୍ଣ୍ଣଚ୍ଛେଦ ତୋର ଜୀବନେ
ହେବୁ ଆଜି ଚୁର ରେ ହୀନ ପାମର
ପଠାଇବି ଯମ ସଦନେ।
▶**ଦୁର୍ଯ୍ୟୋଧନ** - **(ଗୀତ)**
ବୃଥା ବାର୍ତ୍ତାଳାପ ନ କର ଆକ୍ଷେପ
ଆସିଛି ମୁଁ ତୋର ଯମରେ
ତୋର ମୁଣ୍ଡ ଗଣ୍ଡି ଛିଣ୍ଡାଇବି ଆଜି
ଇଷ୍ଟ ଦେବ ଦୁଷ୍ଟ ସ୍ମରରେ।
▶**ଶ୍ରୀକୃଷ୍ଣ** - ବିଳମ୍ବ ଯେ ନୁହଁଇ ବିଧେୟ।
▶**ଦୁର୍ଯ୍ୟୋଧନ** - ମାୟାଧର ! ବୃଥା କିଂପା କର
ଆସ୍ଫାଳନ।
ନ ଲଙ୍ଘରେ ଯୁଦ୍ଧର ନିୟମ।
▶**ଶ୍ରୀକୃଷ୍ଣ** - ଯୁଦ୍ଧର ନିୟମ ?
▶**ଦୁର୍ଯ୍ୟୋଧନ** - ବୀର କରେ ବୀର ସାଥେ ରଣ।
ଏକ ବୀର ସଙ୍ଗେ ଏକାଧିକ।
ଲଢ଼ିବା ଯେ ନୁହେଁ ବାଞ୍ଛନୀୟ।
▶**ଶ୍ରୀକୃଷ୍ଣ** - ମୁଁ ଆଜି ଏକାକୀ ଏଠି
ସମ୍ମୁଖରେ ପଂଚଭ୍ରାତା ବୀର। ଲଙ୍ଘି ନାହାନ୍ତି କେବେ।
ଯୁଦ୍ଧର ନିୟମ।
ତୁମେ କିନ୍ତୁ ସପ୍ତରଥୀ ମିଳି ଚକ୍ରବ୍ୟୁହେ ବଧିଅଛ
ଅଭିମନ୍ୟୁ ପାର୍ଥର ନନ୍ଦନ। ଏହା କେଉଁ ବୀରପଣ।
ଏହା କିବା ଯୁଦ୍ଧର ନିୟମ ?
ଆଜି ଏଠି ତୁମେ ସାଥେ।
**(ଗୀତ)**
ହେ କୁରୁପତି ଶିଖାଅନାହିଁ ଯୁଦ୍ଧନୀତି
ତୁମ ପରି ଅଧମ ନୁହଁନ୍ତି ଏ ପାଣ୍ଡବ
ଧର୍ମଙ୍କ ସେ ଯେ ମହାମତି।
ସପତରଥୀ ମିଳି ଅଭିମନ୍ୟୁକୁ ଦଳି
କରିଛ କଳଙ୍କିତ ନୀତି
ହେ କୁରୁପତି ...।
କେହି କେବେ ଲଢ଼ିବେନି ଏକାଧିକ ବୀର।
ମୁଁ ବୀର ଆସିଛି ଏଠି କରିବି ସମର।
ମୁଁ ରାଜା କୁରୁକୁଳ ଚୂଡ଼ାମଣି ମାନି ଦୁର୍ଯ୍ୟୋଧନ
ମୁଁ କେବଳ ଲଢ଼ିପାରେ
ଅନ୍ୟ କେଉଁ ରାଜା ବିପକ୍ଷରେ।
ରାଜା ବିନା ଅନ୍ୟ କାହା ସାଥେ
ଲଢ଼ିବା ମୋ ନୁହେଁ ସ୍ପୃହଣୀୟ।
▶**ଶ୍ରୀକୃଷ୍ଣ** - ତୁମରି ଇଚ୍ଛା ହିଁ ଏଠି ହୋଇବ ପୂରଣ।
ଭୀମସେନ ଉପନୀତ ରାଜା ଭୂମିକାରେ।
ଲଢ଼ ଏବେ ତା’ ସହିତ।
ଆଜି ଏହି ସରୋବର ତୀରେ।
▶**ଦୁର୍ଯ୍ୟୋଧନ** - ବେଶ ଥାଉଁ ଥାଉଁ ଧର୍ମରାଜ
ଜ୍ୟେଷ୍ଠ ଯୁଧିଷ୍ଠିର।
ଭୀମ ଯଦି ଭୋଗକରେ ରାଜ ସିଂହାସନ।
ମୋର ତେବେ ନାହିଁ ଯେ ଆପତ୍ତି।
ଅବିଳମ୍ବେ ଲଢ଼ିବି ତା’ ସାଥେ।
▶**ଭୀମ** - ପ୍ରସ୍ତୁତ ମୁଁ। ଆସ, ଆସରେ କୁରୁ
କୁଳାଙ୍ଗାର
ଧର ଗଦା କରରେ ସମର।
▶**ଦୁର୍ଯ୍ୟୋଧନ** - ସାକ୍ଷୀ ରଖି ଚନ୍ଦ୍ର ଦିବାକର।
ସାକ୍ଷୀ ରଖି ଭୁବନ ମଣ୍ଡଳ।
କରିବି ମୁଁ ଭୀମସାଥେ ଦୁର୍ବାର ସମର। ଦେବି ତାକୁ
ଯଥା ପରାଭବ।
▶**ଭୀମ** - ଅଯଥା ବଡ଼ିମା ଆଉ ଦେଖାଅନି କୁରୁ
କୁଳାଙ୍ଗାର। ସମରେ ବଡିମା ତୋର ଦେବି ମୁଁ
ଛଡ଼ାଇ।
**(ଗୀତ)**
ଛଡ଼ାଇ ଦେବି ମୁଁ ଆଜି ବଡ଼ାଇ ତୋହର
ଗଡ଼ାଇ ପଡ଼ାଇ ପ୍ରାଣ କରିବି ବାହାର
ଯିବୁ ଯମପୁରରେ
ହାଡ଼ଗୋଡ଼ କରିବି ମୁଁ ଚୁରରେ।
▶**ଦୁର୍ଯ୍ୟୋଧନ** - ଜାଣୁନା କି ରେ ତୁ ମୂଢ଼ ମୋର

ପରାକ୍ରମ। ମୋ ବ୍ୟକ୍ତିତ୍ୱ ବଡ଼ପଣ ସମ୍ମାନ ସଂଭ୍ରମ।
ମୁଁ ମାନଗୋବିନ୍ଦରେ
କଳିଛୁ କି ମୋ ମାନ ସଂପଦରେ।
▶**ଭୀମ** – ଆଉ ଏତେ ବଡ଼ାଇ କରନିରେ ମୁଢ଼।
ଧର ଗଦା କରରେ ସମର।
▶**ଦୁର୍ଯ୍ୟୋଧନ** – ବେଶ୍ ପ୍ରସ୍ତୁତ ମୁଁ ।
*(ପ୍ରଚଣ୍ଡ ଗଦାଯୁଦ୍ଧ ହୋଇଛି। ଦୁର୍ଯ୍ୟୋଧନ ଭୀମଙ୍କୁ ଭୀଷଣ ଗଦାଘାତ କରୁଥିବା ବେଳେ ଭୀମର ପ୍ରହାର ଦୁର୍ଯ୍ୟୋଧନ ବଜ୍ର ଶରୀରକୁ ଆଘାତ ପ୍ରାପ୍ତ କରିପାରିନାହିଁ। ବିକଳ ବିବ୍ରତ ହୋଇ ଉଠିଛନ୍ତି ବୃକୋଦର)*
▶**ଅର୍ଜ୍ଜୁନ** – ସଖା !
ଏ କ'ଣ ସଖା। ଦୁର୍ଯ୍ୟୋଧନ କରୁଅଛି ବାରମ୍ବାର ଗଦାର ପ୍ରହାର।
ଭ୍ରାତ ମୋର ଦ୍ୱିତୀୟ ପାଣ୍ଡବ।
ହୋଇଲେ କି ହୀନ ବଳ ଆଜି ? ଦିଅ ସଖା ଅନୁମତି ମୋତେ।
ମୋ ଗାଣ୍ଡିବେ ଦୁର୍ଯ୍ୟୋଧନ କରିବି ନିଧନ।
▶**ଶ୍ରୀକୃଷ୍ଣ** – ନା ସଖା। ମାତା ଗାନ୍ଧାରୀଙ୍କ ଆଶୀର୍ବାଦେ
ବଜ୍ର ପାଲଟିଛି ଦୁର୍ଯ୍ୟୋଧନର ସମଗ୍ର ଶରୀର।
କୌଣସି ପ୍ରହାର ତାକୁ ପାରିବନି ଭେଦି।
କେବଳ ଜାନୁ ଯେ ତା'ର ହୋଇନାହିଁ ବଜ୍ର।
ଜାନୁକୁ କଲେ ପ୍ରହାର
ଅବିଳମ୍ବେ ଦୁର୍ଯ୍ୟୋଧନର ଜାନୁଭଗ୍ନ ହୋଇବ ଅଚିରେ।
ଜାନୁଭଗ୍ନ ହୋଇଗଲେ ହଜିଯିବ ସଙ୍ଗେ ସଙ୍ଗେ ତା' ଚଳନଶକ୍ତି।
ତେଜ ତା'ର ହୋଇବ ମଳିନ।
ଯନ୍ତ୍ରଣାରେ ଅବିଳମ୍ବେ ଲିଭିଯିବ ତା' ପ୍ରାଣ ପ୍ରଦୀପ।
▶**ଅର୍ଜ୍ଜୁନ** – ସଖା !
▶**ଶ୍ରୀକୃଷ୍ଣ** – ହଁ ଚାଲ ସଖା
ବୃକୋଦରଙ୍କ ଜାନୁକୁ ପ୍ରହାର କରିବାକୁ
ଦେବି ମୁହିଁ ପରୋକ୍ଷ ଇଙ୍ଗିତ।
*(ଅର୍ଜ୍ଜୁନ ଓ ଶ୍ରୀକୃଷ୍ଣ ଯୁଦ୍ଧର ନିକଟତର ହୋଇଛନ୍ତି ଏବଂ ଭୀମ ଶ୍ରୀକୃଷ୍ଣଙ୍କୁ ଦୃଷ୍ଟିବଦ୍ଧ କରନ୍ତେ ଶ୍ରୀକୃଷ୍ଣ ଦୁର୍ଯ୍ୟୋଧନର ଜାନୁରେ ପ୍ରହାର କରିବାକୁ ବାରମ୍ବାର ଇଙ୍ଗିତ ପ୍ରଦାନ କରିଛନ୍ତି। ଭୀମ ଦୁର୍ଯ୍ୟୋଧନର ଜାନୁକୁ ପ୍ରହାର କରନ୍ତେ ଦୁର୍ଯ୍ୟୋଧନର ଜାନୁଭଗ୍ନ ହୋଇଛି। ଭୀଷଣ ଯନ୍ତ୍ରଣାରେ ସେ ଭୂଶାୟିତ ହୋଇ ବିଳାପ କରି କାନ୍ଦି ଉଠିଛି। ମଂଚ ଅନ୍ଧାର ହୋଇଛି। ଅନ୍ତରାଳରୁ ଭାସି ଆସିଛି କରୁଣ ମୂର୍ଚ୍ଛନା)।*
**(ଗୀତ)**
ଦୁର୍ଯ୍ୟୋଧନ ଜାନୁଭଗ୍ନ କଲା ବୃକୋଦର
ଭୂଶାୟିତ ହୋଇ କାନ୍ଦେ କୁରୁପତି ବୀର।
ସବୁ ଦଂଭ ଦର୍ପ ତା'ର ଗର୍ବ ଅହଂକାର
ପୂର୍ଣ୍ଣଚ୍ଛେଦ ପଡ଼ିଲା ତା' ଜୀବନର ଭାର।
ଦ୍ରୋଣପୁତ୍ର ଅଶ୍ୱତ୍ଥାମା ହେଲେ ଉପଗତ
ସେନାପତି ଶାଢ଼ୀ ଦେଇ ନୁହଁଇ ନିଶ୍ଚିନ୍ତ।
ପଂଚୁ ପାଣ୍ଡବେ ନିଧନ ଥିଲା ତା' ନିର୍ଦ୍ଦେଶ
ଦ୍ରୌପଦୀ ପଂଚପୁତ୍ରଙ୍କୁ କରିଲା ବିନାଶ।
ତାହା ଦେଖି ଦୁର୍ଯ୍ୟୋଧନ ହୋଇଲା ଅଧୀର
ବୋଲଇ କବି ଉପେନ୍ଦ୍ର ଜୀବଗଲା ତା'ର।
(ବାଜିଉଠିଛି କନ୍‌ସଟ୍)

**ପଢ଼ନ୍ତୁ! ପ୍ରକାଶ ପାଇଛି**

**କବି ଓ ସ୍ତଂଭକାର**
**ଡକ୍ଟର ପ୍ରଫେସର ଉପେନ୍ଦ୍ର ନାୟକ ଙ୍କ**
**ଏକ ଅନବଦ୍ୟ ପ୍ରବନ୍ଧ ସଂକଳନ**

**"ଭିନ୍ନ ଦୃଷ୍ଟି ଭିନ୍ନ ଦିଗନ୍ତ"**

ପ୍ରକାଶକ – ଗାୟତ୍ରୀ, ଭୁବନେଶ୍ୱର

ଧର୍ମ

# ଭାବଗତ ଶ୍ରୀମଦ୍ ଭାଗବତ

ଇଂ ପ୍ରଶାନ୍ତ କୁମାର ଆଚାର୍ଯ୍ୟ

ପରମ କାରୁଣିକ ବିଶ୍ୱନିୟନ୍ତା ଭଗବାନଙ୍କ କୃପାରୁ ମିଳିଥିବା ମାନବଜନ୍ମର ବାସ୍ତବ ଉଦ୍ଦେଶ୍ୟ ଆତ୍ମସାକ୍ଷାତକାର ବା ଆତ୍ମକଲ୍ୟାଣ ବା ପରମାନନ୍ଦ ପ୍ରାପ୍ତି। ଜନ୍ମ ଓ ମୃତ୍ୟୁର ଅବଧି ହିଁ ଜୀବନ। ମନୁଷ୍ୟକୁ ଏ ଜୀବନ ସେଇ ପରମାନନ୍ଦଙ୍କୁ ଲାଭ କରିବା ଉଦ୍ଦେଶ୍ୟରେ ମିଳିଛି। ପରମାତ୍ମାପ୍ରାପ୍ତିକୁ ହିଁ ଜୀବନ୍ମୁକ୍ତି, ମୋକ୍ଷପ୍ରାପ୍ତି, ନିର୍ବାଣ, ପୂର୍ଣ୍ଣତାପ୍ରାପ୍ତି ଇତ୍ୟାଦି ନାମରେ ମଧ୍ୟ ଅଭିହିତ କରାଯାଇଛି। ପରମାତ୍ମା ଅଂଶୀ ଓ ଜୀବ ଅଂଶ। ଶରୀରଧାରଣ କରିଥିବା ପ୍ରତ୍ୟେକ ଜୀବ ପରମେଶ୍ୱରଙ୍କର ହିଁ ଅଂଶ। ପ୍ରତ୍ୟେକ ଜୀବ ଉପରେ ଅକାରଣେ ସ୍ନେହ କରୁଥିବା ଭଗବାନ ସର୍ବେଶ୍ୱର କଦାଚିତ୍ କୃପାକରି ଜୀବକୁ ଚିରକାଳ ପାଇଁ ଜନ୍ମଚକ୍ରର ଦୁଃଖ ଯାତନାରୁ ମୁକ୍ତ କରିବା ଲକ୍ଷରେ ମନୁଷ୍ୟଜନ୍ମ ପ୍ରଦାନ କରିଥାଆନ୍ତି। ଏଭଳି ପରମ ତଥା ଚରମ ଲକ୍ଷ୍ୟରେ ଉପନୀତ ହେବା ମନୁଷ୍ୟ ପକ୍ଷରେ ସରଳ ତଥା ସ୍ୱାଭାବିକ ହୋଇଥିଲେ ହେଁ ସାଂସାରିକ ଆସକ୍ତି, ପାର୍ଥିବ ମୋହ ବା ଜାଗତିକ ବସ୍ତୁଗତ ଆକର୍ଷଣ ଏଥିରେ ପ୍ରତିବନ୍ଧକ ସାଜେ। ମିଛ ମାୟାରେ ଆକୃଷ୍ଟ ହୋଇ ପଂଚପ୍ରପଂଚ ପଛରେ ଧାଇଁ ଧାଇଁ ନିଜର ଗନ୍ତବ୍ୟସ୍ଥଳକୁ ଭୁଲିଯାଏ। ଏ ଦୁର୍ଲଭ ମାନବ ଜୀବନର ଅପୂର୍ବ ସୁଯୋଗ ହରାଇ ବସେ। ସେ ଭୁଲିଯାଏ ଯେ ମର୍ତ୍ତ୍ୟଭୂମିକୁ ହିଁ ସକଳ ସାଧନାର ପରୀକ୍ଷାପୀଠ ଭାବରେ ଦେବତାମାନେ ମଧ ନିର୍ବାଚିତ କରିଆସିଛନ୍ତି। ଏକ ପକ୍ଷରେ ପ୍ରତ୍ୟକ୍ଷ ଭୋଗ୍ୟବସ୍ତୁ ଓ ଅପର ପକ୍ଷରେ ସାଧନା ସାପେକ୍ଷ ପରମାତ୍ମାଙ୍କ ଉପଲବ୍ଧି। ଉଭୟର ଆକର୍ଷଣ ଦୁର୍ବାର। ଏଇ ଦୁରୁହ ସଂଘାତ ଭିତରେ ଜୀବନ ନଦୀ ପ୍ରବାହିତ। ସଗୁଣ ଓ ସାକାର ଭଗବାନଙ୍କୁ ଅନନ୍ୟ ଭକ୍ତି କରୁଥିବା ମାନବକୁ ପରମାତ୍ମାଙ୍କ ଦର୍ଶନ, ପରମାତ୍ମାତତ୍ତ୍ୱ ଜ୍ଞାନ ଓ ପରମାତ୍ମାସ୍ୱରୁପର ପ୍ରାପ୍ତି – ତିନୋଟିଯାକ ହୋଇଥାଏ। ନେତ୍ର ଦ୍ୱାରା ଦର୍ଶନ ଭଳି ବୁଦ୍ଧି ଦ୍ୱାର ଜ୍ଞାନ ଓ ଆତ୍ମଦର୍ଶନ ପ୍ରାପ୍ତି ହୋଇଥାଏ। ସତ୍ୟ, ସଂଯମ ଓ ପବିତ୍ରତାର ସଂଯୋଗରେ ମଣିଷ ଦିବ୍ୟ ବ୍ୟକ୍ତିତ୍ୱଧାରୀ ହୋଇଥାଏ। ପ୍ରତି ମୁହୂର୍ତ୍ତରେ ନିଜ ଭୁଲ୍ ଭ୍ରାନ୍ତିର ସଂଶୋଧନ କରି ଉତରଣ ଦିଗରେ ସତତ ଅଗ୍ରସର ହେଉଥାଏ ବୋଲି ସେ ମନୁଷ୍ୟ। ମନୁଷ୍ୟ ଜନ୍ମ ହେଉଛି ଏକ ତପସ୍ୟା। ଦିବ୍ୟତାର ଉପଲବ୍ଧି ପାଇଁ ଭଗବାନ ମନୁଷ୍ୟକୁ ମଧ୍ୟ ସକଳ ସାମଗ୍ରୀ ଦେବାରେ ଊଣା କରିନାହାନ୍ତି ବରଂ ଢ଼େର ଦେଇଛନ୍ତି। ସ୍ୱଳ୍ପ ସମୟ ବିନିଯୋଗରେ ମନୁଷ୍ୟର ଉଦ୍ଧାର ହୋଇପାରୁଥିବା ସ୍ଥଳେ ଭଗବାନ ମନୁଷ୍ୟକୁ ବର୍ଷବର୍ଷ ଆୟୁଷ ଦେଇଛନ୍ତି। ସାଧାରଣ ବିଚାରରେ ତାହା ହୋଇପାରିବ କିନ୍ତୁ ସେଥିପାଇଁ ଅଶେଷ ବିଚାରଶକ୍ତି ଦେଇଥାନ୍ତି। ପରନ୍ତୁ ମନୁଷ୍ୟ ସର୍ବଦା ସ୍ୱାର୍ଥପୂର୍ଣ୍ଣ କରିବା, ପାଇବା, ହରାଇବା, ଇତ୍ୟାଦି ଇଚ୍ଛାକୁ ପୁରଣ କରୁକରୁ କୃତ୍ରିମ ସୁଖର ସ୍ରୋତରେ ପରମାତ୍ମାଙ୍କୁ ଭୁଲିଯାଉଛି। ସେହି ଉଦ୍ଦେଶ୍ୟକୁ ଭୁଲିଯାଉଥିବାରୁ ସବୁ ବାଧା ଓ ବିପତ୍ତିର ଦ୍ୱାରସ୍ଥ ହୋଇଯାଉଛି। ପରମାତ୍ମାଙ୍କ ପରମପ୍ରକାଶ ଦିଗକୁ ଦୃଷ୍ଟି ଫେରାଇ ନେବା ସହିତ ନିରନ୍ତର, ଅବିଚ୍ଛିନ୍ନ, ଅବିରାମ, କ୍ରମବର୍ଦ୍ଧିଷ୍ଣୁ ଅପାର ଆନନ୍ଦର ସ୍ୱାଦ ଆସ୍ୱାଦନ କଲାଭଳି ଦିଗ୍‌ଦର୍ଶନ ଓ ଉପଦେଶ ସମ୍ବଳିତ ଗ୍ରନ୍ଥ ହିଁ "ଶ୍ରୀମଦ୍ ଭାଗବତ"। ଶ୍ରୀମଦ୍ ଭାଗବତ ଏପରି ଏକ ପ୍ରଶସ୍ତ ରାଜରାସ୍ତା ଯେଉଁ ରାସ୍ତାର ପରିଣତି ପରମାତ୍ମାପ୍ରାପ୍ତି। ତାହାହିଁ ମୁକ୍ତି। ଜୀବନଚକ୍ରରୁ ଅବ୍ୟାହତି। ଏଣୁ ତ ଆମ ସଂସ୍କୃତିରେ ଭାଗବତ ହିଁ ଏକମାତ୍ର ପରମଗ୍ରନ୍ଥ। ଓଡ଼ିଆ ଭାଗବତରେ ସେଥିପାଇଁ କୁହାଯାଇଛି – "ପରମଗ୍ରନ୍ଥ ଭାଗବତ", "ଅଭ୍ୟାସ କରୁଥିବ ନିତ୍ୟ"।

ଭାଗବତ ଭଗବାନ ଓ ଭକ୍ତ ମଧ୍ୟରେ ଥିବା ନିବିଡ ସମ୍ପର୍କର ଏକ ଦୀର୍ଘନିର୍ଭରଯୋଗ୍ୟ ସେତୁ। ଭଗବାନଙ୍କ ମୁଖ ନିସୃତ ବା କଥିତ ହୋଇଥିବାରୁ ଏହାର ନାମ ଭାଗବତ।

> ***ଭକ୍ତି, ଜ୍ଞାନ, ବୈରାଗ୍ୟର ତତ୍ତ୍ୱଗ୍ରନ୍ଥ ହେଉଛି ଭାଗବତ। 'ଭାଗବତ' ଶବ୍ଦ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ନିବିଡ ପ୍ରେମର ଏକ ସ୍ପଷ୍ଟ ଝଲକ। "ଭଗବନ୍ତଂ ଅଧିକୃତ୍ୟ କୃତୋ ଗ୍ରନ୍ଥଃ ଭାଗବତମ୍" ଅର୍ଥାତ୍ ଯେଉଁ ଗ୍ରନ୍ଥର ମୁଖ୍ୟ ପ୍ରତିପାଦ୍ୟ ସ୍ୱୟଂ ଭଗବାନ, ତାହାର ନାମ ଭାଗବତ।***

ଦ୍ୱାପରର ଅନ୍ତିମକାଳରେ ଭଗବାନ ସ୍ୱଧାମ ପ୍ରତ୍ୟାବର୍ତ୍ତନ କରିବା ମନସ୍ଥ କରନ୍ତେ ଭକ୍ତ ଉଦ୍ଧବ ପଚାରିଥିଲେ ପ୍ରଭୁ ଆପଣ ଏ ସାକାରତନୁ ତିରୋହିତ କରିବାପରେ କଳିର ଅତିଷ୍ଠତାରେ ଜର୍ଜରିତ ପୃଥିବୀ କାହାର ଶରଣ ପଶିବ? ଭକ୍ତ ଜନ କିପରି ବଂଚିବେ? ଉଦ୍ଧବଙ୍କ ପ୍ରଶ୍ନ ଶୁଣି ଭଗବାନ ଭକ୍ତମାନଙ୍କର ଉଦ୍ଧାର ନିମିତ ନିଜର ସକଳଶକ୍ତି ଭାଗବତରେ ନ୍ୟସ୍ତ କରି ଅନ୍ତର୍ଦ୍ଧାନ ହୋଇ ଭାଗବତାର୍ଣ୍ଣବରେ ପ୍ରବିଷ୍ଟ ହୋଇଗଲେ। ସେଥିପାଇଁ ଏହି ଗ୍ରନ୍ଥକୁ ସ୍ୱୟଂ ଭଗବାନଙ୍କ ବିଗ୍ରହ ମନେକରି ଅନନ୍ୟ ଶ୍ରଦ୍ଧାର ସହ ଘରେ ଘରେ ପୂଜା କରାଯାଇଥାଏ। ପ୍ରତ୍ୟେକ ମନୁଷ୍ୟ ନିଜ ନିଜ କର୍ମକ୍ଷେତ୍ରରେ ପ୍ରଯୁକ୍ତ ଥାଇ ଭାଗବତ ରସ ଆସ୍ୱାଦନ କରିପାରେ। ସତ୍ୟର ସ୍ୱରୁପ ସହ ପରିଚୟ କରାଇବା ଓ ସଂସାରର କ୍ଷଣ ଭଙ୍ଗୁରତାର ଜ୍ଞାନ ଦେବାର ସରଳପଦ୍ଧତି ସମ୍ବଳିତ ଗ୍ରନ୍ଥ ଭାବେ ଶ୍ରୀମଦ୍ ଭାଗବତ ଏଣୁ ସଦା ଆଦୃତ। ଆଜିର ବିଜ୍ଞାନ ଯୁଗରେ ମଧ୍ୟ ଜନମାନସ ଏହି ଭାଗବତ ପ୍ରତି ଆକୃଷ୍ଟ ଓ ପ୍ରଭାବିତ। ଏହା ମାନବଜାତିକୁ ଚିରକାଳ ପାଇଁ ଭକ୍ତି ଜ୍ଞାନ ଓ ବୈରାଗ୍ୟର ଅଦ୍ଭୁତ ସମନ୍ୱୟର ଅମୃତ ବାଂଟିଚାଲିଛି। ବ୍ୟକ୍ତିତ୍ୱର ବିକାଶପାଇଁ ମଣିଷ ଶିକ୍ଷାଲାଭ କରେ। ବ୍ୟକ୍ତି କୌଣସି ନା କୌଣସି ଉପାୟରେ ସବୁ ବିଦ୍ୟା ପ୍ରାପ୍ତ ବି ହୋଇପାରେ। ମାତ୍ର ଆତ୍ମଜ୍ଞାନ ବିନା ସେ ବିଦ୍ୟାର ଉପଯୁକ୍ତ ବିନିଯୋଗ ହୋଇପାରେନା। ମନୁଷ୍ୟ ମାତ୍ରକେ ବିଦ୍ୟାର୍ଥୀ। ବିଦ୍ୟା ଅଧ୍ୟୟନ ଏକ ତପଶ୍ଚର୍ଯ୍ୟ। ସଚରାଚର ବିଦ୍ୟାମୟ ଶ୍ରୀମଦ୍ ଭାଗବତ ଗ୍ରନ୍ଥ ମଧ୍ୟ ସହଜରେ ହୃଦୟଙ୍ଗମ କରିହେଲାଭଳି ବିଦ୍ୟାର ଶ୍ରେଷ୍ଠଗ୍ରନ୍ଥ ଅଟେ। ସଂସାରରେ ନାନା ନୀତିନିୟମ ଅଛି। ଧିରେ ଧିରେ ସବୁ ଶିଖିବା ଉଚିତ୍। ସ୍ରଷ୍ଟାଙ୍କର ସୃଷ୍ଟିକୁ ସାର୍ଥକ କରେ ମନୁଷ୍ୟ। ସୃଷ୍ଟିର ଯେତେ ପଦାର୍ଥ, ସବୁ ମଣିଷର ଆବଶ୍ୟକତା ପୂରଣ ପାଇଁ ସୃଷ୍ଟି କରିଥାନ୍ତି ସ୍ରଷ୍ଟା। ମନୁଷ୍ୟହିଁ ସ୍ରଷ୍ଟାଙ୍କ ସୃଷ୍ଟିର ଅନୁଶୀଳନ, ଉପଯୋଗ ଓ ପ୍ରଯନ୍ କରିପାରେ।

ସମ୍ପଦର ସମବଣ୍ଟନ କରି ସମସ୍ତେ ନିଜ ନିଜର ମୌଳିକ ଆବଶ୍ୟକତା ପୂରଣ କରିବା ହେଉଛି ସୁସମାଜର ନିୟମ। ଭକ୍ତି, ଜ୍ଞାନ ଓ ବୈରାଗ୍ୟ ସମ୍ପଦର ସମବଣ୍ଟନରେ ଶ୍ରୀମଦ୍ ଭାଗବତ ପରାଙ୍ମୁଖ ନୁହେଁ। ସ୍ୱୟଂ ଭଗବାନଙ୍କର ସାକ୍ଷାତ ଶବ୍ଦମୟସ୍ୱରୂପ ଶ୍ରୀମଦ୍‌ଭାଗବତକୁ ଶ୍ରବଣ, ପଠନ, ପୂଜନ ଅଥବା କେବଳ ଦର୍ଶନ କଲେ ହିଁ ମନୁଷ୍ୟର ସକଳ ପାପ ନଷ୍ଟ ହୋଇଯାଇଥାଏ। ଏହି ଚେତନାରୁ ଓଡ଼ିଶାର ପୁରପଲ୍ଲୀରେ ଏକଦା ଭାଗବତଗାଦି (ଟୁଙ୍ଗି/ଘର) ସ୍ଥାପନ କରାଯାଇଥିଲା। ଅତଏବ ଜପ, ତପ ବା ଜ୍ଞାନ ଆଦି ସାଧନା ମୋକ୍ଷପ୍ରାପ୍ତିର ହେତୁ ହୋଇଥିବା ବେଳେ ଭାଗବତ ଏ ସମସ୍ତ ସାଧନାଠାରୁ ସ୍ୱତନ୍ତ୍ର। ଭାଗବତର ସହଜ, ସରଳ ଓ ସାବଲୀଳ ପଦାବଳୀ ଅତି ସାଧାରଣ ନିରକ୍ଷର ମଣିଷଠାରୁ ଉଚ୍ଚଶିକ୍ଷିତ ପର୍ଯ୍ୟନ୍ତ ସମସ୍ତଙ୍କୁ ଭକ୍ତିତଦ୍‌ଗତ ଭାବର ଦଉଡିରେ ବାନ୍ଧି ରଖିବାରେ ସକ୍ଷମ। ଏହାର ଜୀବନୋପଯୋଗୀ ତଥା ସ୍ମରଣଯୋଗ୍ୟ ପଦାବଳୀ ସହ ଓଡ଼ିଶାର ଜନଗଣ ଉଣାଅଧିକେ ବେଶ୍ ପରିଚିତ। ଅଷ୍ଟାଦଶ ପୁରାଣର ସ୍ରଷ୍ଟା ବ୍ୟାସଦେବଙ୍କ ପୁରାଣକୃତି ମଧ୍ୟରେ ଏକ ଅନୁପମ ସୃଷ୍ଟି ଶ୍ରୀମଦ୍ ଭାଗବତ। ଏହି ଉତ୍କୃଷ୍ଟ ପରମଗ୍ରନ୍ଥ ତ୍ରିତାପ ସନ୍ତାପିତ ମାନବ ହୃଦୟରେ ପରମାନନ୍ଦର ସ୍ରୋତସ୍ୱିନୀ ଗଙ୍ଗା ପ୍ରବାହିତ କରାଇବାରେ ଅଦ୍ୱିତୀୟ। ଭାଗବତରେ ଜୀବ ଅନୁଭବ କରିପାରେ ପରମେଶ୍ୱରଙ୍କ ବାଙ୍ମୟ ସ୍ୱରୂପକୁ। ସେଥିପାଇଁ ଭାଗବତର ସ୍କନ୍ଧ ସମୂହ ଭଗବାନଙ୍କର ଭିନ୍ନ ଭିନ୍ନ ଅଙ୍ଗରୂପେ ପରିକଳ୍ପିତ। ଜୀବର ଇହ ଓ ପରକାଳର ସାର୍ଥକ ତତ୍ତ୍ୱଜ୍ଞାନର ସରଳ ଓ ସ୍ୱଚ୍ଛନ୍ଦ ପରିପ୍ରକାଶ ପ୍ରରମଗ୍ରନ୍ଥ ଶ୍ରୀମଦ୍ ଭାଗବତ। ଏଣୁ ଭାଗବତ ସର୍ବଦା ଭାବଗତ। ଭାବର ଅଭାବରେ ଭାଗବତ ନଥାଏ। ପ୍ରତ୍ୟକ୍ଷ ଭାବେ ଭଗବତ ଉପଲବ୍ଧି ଭାଗବତର ଭାବଗତ ସ୍ରୋତରୁ ହିଁ ମିଳିଥାଏ। ଏହା ଏକ ସରଳରାସ୍ତା। ଭଗବତ ପ୍ରାପ୍ତି ପାଇଁ କୁହାଯାଏ ଯେ ଯେତେ ସନ୍ଥ ସେତେ ପଥ। ମାତ୍ର ଭାଗବତ ଯେଉଁ ପଥକୁ ଅନୁସରଣ କରିବାର ସୂଚନା ଦେଇଥାଏ ତାହା ମୂଳତଃ ପ୍ରେମ ଓ ଭକ୍ତିରସ। ଅବଶ୍ୟ ଏଥରେ ନିହିତ ତତ୍ତ୍ୱଜ୍ଞାନ ଅବର୍ଣ୍ଣନୀୟ। ଭକ୍ତି, ଜ୍ଞାନ, ବୈରାଗ୍ୟର ତତ୍ତ୍ୱଗ୍ରନ୍ଥ ହେଉଛି ଭାଗବତ। 'ଭାଗବତ' ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ନିବିଡ ପ୍ରେମର ଏକ ସ୍ୱଚ୍ଛ ସଂଯୋଜକ ସେତୁ। "ଭଗବନ୍ତଂ ଅଧିକୃତ୍ୟ କୃତୋ ଗ୍ରନ୍ଥଃ ଭାଗବତଃ" ଅର୍ଥାତ୍ ଯେଉଁ ଗ୍ରନ୍ଥର ମୁଖ୍ୟ ପ୍ରତିପାଦ୍ୟ ସ୍ୱୟଂ ଭଗବାନ, ତାହାର ନାମ ଭାଗବତ।

ପ୍ରାୟ ଷୋଡଶ ଶତାବ୍ଦୀବେଳକୁ ଓଡ଼ିଆ ଭାଗବତର ଜନ୍ମ। ଏଇ ସମୟକୁ କେବଳ ଓଡ଼ିଆ ଭାଷାରେ ନୁହେଁ ଅପରନ୍ତୁ ଭାରତର ଅନ୍ୟାନ୍ୟ ପ୍ରାନ୍ତୀୟ ଭାଷାରେ ମଧ୍ୟ ଭାଗବତ ଅନୁଦିତ ହୋଇଥିଲା। ତେବେ ମୂଳ କାହାଣୀକୁ ଆଧାର କଲେ ଭାଗବତ ଜନ୍ମ ପ୍ରସଙ୍ଗରେ ଦ୍ୱାପରଯୁଗର ଶେଷ ସୋପାନକୁ ଯିବାକୁ ହୋଇଥାଏ। ସେଥିରୁ ଜାଣିବାକୁ ମିଳେ ଯେ ଏକଦା ରାଜା ପରିକ୍ଷୀତ ମୃଗୟା ପାଇଁ ବଣକୁ ଯାଇଥିଲେ। ଫେରିବା ସମୟରେ ଖୁବ୍ କ୍ଳାନ୍ତ ଓ ତୃଷାର୍ତ୍ତ ହୋଇପଡିଲେ। ବଣ ମଧ୍ୟରେ ଥିବା ଋଷି ଆଶ୍ରମକୁ ତୃଷା ନିବାରଣ ପାଇଁ ଗଲେ। ମାତ୍ର ସେତେବେଳେ ଆଶ୍ରମର ଋଷି ଶମିକ ଧ୍ୟାନସ୍ଥ ଥିବାରୁ ରାଜାଙ୍କ ଆଗମନ ବିଷୟରେ ଜାଣିପାରିଲେ ନାହିଁ। ତୃଷାରେ ଆତୁର ରାଜା କ୍ରୋଧ ଜର୍ଜରିତ ହୋଇ ନିକଟରେ ପଡିଥିବା ଏକ ମୃତ ସର୍ପକୁ ଋଷିଙ୍କ ଗଳାରେ ଗୁଡେଇ ଦେଇଥିଲେ। କିଛି ସମୟପରେ ଋଷିକୁମାର ଶୃଙ୍ଗୀ ପିତାଙ୍କ ବେକରେ ମୃତ ସାପ ପଡିଥିବାର ଖବର ପାଇ ଅଭିଶାପ ଦେଲେ ଯେ ଯିଏ ମୋ ପିତାଙ୍କ ଗଳାରେ ସର୍ପ ରଖିଛି, ତାକୁ ସାତଦିନ ମଧ୍ୟରେ ସର୍ପରାଜ ତକ୍ଷକ ଦଂଶନ କରୁ। ବ୍ରହ୍ମ ଅଭିଶାପ କଥା ରାଜାଙ୍କ କାନରେ ପଡିଲା। ବ୍ରହ୍ମ ଅଭିଶାପ ବ୍ୟର୍ଥ ହବାର ନୁହେଁ। ଏଣୁ ଭାଳେଣି ପଡିଲା। ପ୍ରତିକାର ପାଇଁ ସେ ସମୟର ବରିଷ୍ଠ ମୁନୀଋଷି ଓ ଜ୍ଞାନିଙ୍କ ପରାମର୍ଶ ନିଆଗଲା। ନିଷ୍ପତ୍ତିର ନିଷ୍କର୍ଷ ହେଲା ଭାଗବତ ଶ୍ରବଣ। ଫଳତଃ ସନକ, ସନକାଦି ବ୍ୟୟୋଜ୍ୟେଷ୍ଠ ଓ ଶ୍ରେଷ୍ଠ ଋଷିମାନଙ୍କ ପରାମର୍ଶ କ୍ରମେ ଶୁକମୁନି ପରିକ୍ଷୀତଙ୍କୁ ଭାଗବତ ଶୁଣାଇଥିଲେ। ଅତଏବ ସେଦିନ ରାଜା ପରିକ୍ଷୀତଙ୍କୁ ବ୍ରହ୍ମଶାପ ଓ ମୃତ୍ୟୁଭୟ ଉଭୟ ଉପଦ୍ରବରୁ ରକ୍ଷା କରିବାର ମହାସୂତ୍ର ହୋଇଯାଇଥିଲା ଭାଗବତ ଅର୍ଥାତ୍ ମୁକ୍ତିର ସରଳ ମାଧ୍ୟମ ଭାଗବତ। ମହର୍ଷି ବ୍ୟାସକୃତ ଶ୍ରୀମଦ୍ ଭାଗବତ ସଂସ୍କୃତ ବାଙ୍ମୟ ମଧ୍ୟରେ ଏକ ପରମୋତ୍କୃଷ୍ଟ ସୃଷ୍ଟି। ଗୋସ୍ୱାମୀ ତୁଳସୀଦାସ, ସନ୍ଥ ଜ୍ଞାନେଶ୍ୱର ଓ ନାମଦେବ ପ୍ରମୁଖଙ୍କ ଭଳି ଓଡ଼ିଆରେ ଜଗନ୍ନାଥ ଦାସଙ୍କ ଲେଖନୀରୁ ଜନ୍ମ ନେଇଥିଲେ ଶ୍ରୀମଦ୍ ଭଗବତ। ଓଡ଼ିଶାରେ ଭାଦ୍ରବ ପୂର୍ଣ୍ଣିମାକୁ ଭାଗବତ ଜନ୍ମଦିବସ ରୂପେ ପାଳନ କରାଯାଏ। ଓଡ଼ିଆ ଆଧ୍ୟାତ୍ମ ସାହିତ୍ୟ ମଧ୍ୟରେ ଜଗନ୍ନାଥଦାସଙ୍କ ଭାଗବତ ଅତ୍ୟନ୍ତ ଲୋକପ୍ରିୟ ଓ ପ୍ରଣମ୍ୟ। ଏହା ଜାତୀୟ ଚରିତ୍ର ଗଠନର ଏକ ଉର୍ବର ଭିତିଭୂମି। ଭାଗବତକୁ ଆଧାର କରି କାହିଁ କେଉଁ ପ୍ରାଚୀନ ସମୟରୁ ଓଡ଼ିଶାର ସାକ୍ଷରତା ହାର ବୃଦ୍ଧି ହୋଇଥିଲା। ପୂର୍ବେ ଭାଗବତ ପ୍ରସାରର ମୁଖ୍ୟ ମାଧ୍ୟମ ଥିଲା ଭାଗବତ ଟୁଙ୍ଗୀ। ଟୁଙ୍ଗୀରେ ଭାଗବତ ଗୋସେଇଁ ବିରାଜିତ ରହି ଭକ୍ତି ନୈବେଦ୍ୟ ଗ୍ରହଣ କରୁଥିଲେ। ଭାଗବତ ସ୍ୱୟଂ ଶ୍ରୀହରି ସ୍ୱରୂପ ବୋଲି ଏକ ଧାରଣା ବଳବତ୍ତର ଥିଲା ଓ ରହିଛି ମଧ୍ୟ। ମନ ମନାନ୍ତରର ଆପୋଷ ସମାଧାନ, ଅପକର୍ମ ସ୍ୱୀକାର, ପାପମୁକ୍ତିର ପ୍ରଧାନ ମାଧ୍ୟମ ଥିଲା ଭାଗବତ। ଅର୍ଥାତ୍ ଭାଗବତ ଘରେ ଥିବା ଭାଗବତଗାଦୀ ଏକଦା ଆଧ୍ୟାତ୍ମିକ ଜ୍ଞାନ ବିତରଣ ଓ ଶାନ୍ତିର ସନ୍ଦେଶ ଦେବା ସହିତ ଥିଲା ଗ୍ରାମର ପ୍ରଧାନ ଜନଶିକ୍ଷା କେନ୍ଦ୍ର ଓ ବିଚରାଳୟ। ସର୍ବତୋ ଭାବେ ଭାଗବତ ଓଡ଼ିଆ ଚଳଣୀ, ଓଡ଼ିଶୀ ସଂସ୍କୃତି ଓ ଜନଜୀବନର ଏକ ଚଳନ୍ତି ଇସ୍ତାହାର। ଆଜି ମଧ୍ୟ ଏହାର ପ୍ରାସଙ୍ଗିକତା ସମାଜ ସଂସ୍କାର ଦୃଷ୍ଟିରୁ ଯଥେଷ୍ଟ ଗୁରୁତ୍ୱ ବହନ କରେ। ବ୍ୟକ୍ତି ସଂସ୍କାର ହିଁ ଏହାର ଅନ୍ତର୍ବାଣୀ। ଆଗାମୀ ପିଢ଼ୀ ପାଇଁ ଏହାର ବ୍ୟବହାରିକ ଦିଗ ଉନ୍ମୋଚିତ ହୋଇ ରହିବା ଏକାନ୍ତ ବିଧେୟ। ନମଇ ନୃସିଂହ ଚରଣ। ଅନାଦି ପରମ କାରଣ।

ଜୟ ଜଗନ୍ନାଥ । ଜୟ ଜଗତ୍‌ଗୁରୁ ।

*ମହା ସଚିବ, ପୀଠ ପରିଷଦ,*
*ଗୋବର୍ଦ୍ଧନ ମଠ, ପୁରୀ*
*ଦୂରଭାଷ: ୯୪୩୭୦୭୭୭୬୭*



# ହସୁରୀ

କ୍ଷୀରୋଦ ଦାସ

ବାପା ବୋଉ ତା ନାଁ ଦେଇଥିଲେ ହସୁରୀ। ଅବଶ୍ୟ ଜାତକ ନାଁ'ଟା ଥିଲା ଅନ୍ୟ ପ୍ରକାର। କନକ। ହେଲେ ସେ ନାଁ'ଟା ରହିଯାଇଥିଲା ତାଳପତ୍ରର ପୋଥି ଏବଂ ସ୍କୁଲ କଲେଜର ନଥି ଭିତରେ। ପିଲାଠାରୁ ବଡ଼ଯାଏ, ଜ୍ଞାତି କୁଟୁମ୍ବଠାରୁ ବନ୍ଧୁବାନ୍ଧବ ଯାଏ, ନିକଟ ସମ୍ପର୍କୀୟଠାରୁ ଦୂରଦୂରାନ୍ତ ଯାଏ, ସମସ୍ତେ ତାକୁ ସେଇ ନାଁ'ରେ ଡାକୁଥିଲେ। ଶୁଣାଯାଏ, ସେ ଯେତେବେଳେ ତା' ବୋଉ ପେଟରୁ ଜନ୍ମ ହୋଇ ଭୂମିରେ ପଡ଼ିଲା, ତା' କୁଆଁ କୁଆଁ କାନ୍ଦଟା କାଳେ ହସପରି ଶୁଭିଥିଲା ଉପସ୍ଥିତ ବନ୍ଧୁପରିଜନମାନଙ୍କୁ। ଗାଁ'ର ପାଣୁ ଅଜା ପାକୁଆ ପାଟିରେ କଳେ ହସକୁ ପାକୁଳେଇ ପାକୁଳେଇ ବାପାଙ୍କୁ କହିଥିଲେ, "ସଦାରେ ତୋ ଘରକୁ ଲକ୍ଷ୍ମୀ ବିଜେ କରିଛନ୍ତି। ଦେଖୁନୁ, ମାଟିରେ ପଡୁ ପଡୁ ପିଲାଟା କେମିତି ହସୁଛି କିର୍ କିର୍ ହେଇ! ହସୁରୀ ଟା!"

ବାସ୍ ସେଇ ଏନ୍ତୁଡ଼ିଶାଳରୁ ହିଁ ବାପା ତା' ନାଁ ଦେଇଥିଲେ ହସୁରୀ। ସଦ୍ୟ ଗର୍ଭବେଦନାରୁ ଖଲାସ୍ ପାଇଥିବା ତା ବୋଉ ମୁହଁରୁ ମେଞ୍ଚେ ସୁନେଲି ହସ ଉଙ୍କି ଆସୁଥିଲା। ଦୁଇପୁଅ ପରେ ଅନ୍ତରେ ଅନ୍ତରେ କନ୍ୟାରତ୍ନଟିଏ ଝୁରି ହେଉଥିବା ବାପାଙ୍କ ମନ କୁଣ୍ଢେମୋଟ ହୋଇଯାଉଥିଲା।

ସତକୁ ସତ ଝିଅଟା ପାଞ୍ଚ ମାସର ନ ହେଉଣୁ କଥା କଥାକେ ଏମିତି ଖିଲ୍ ଖିଲ୍ ହୋଇ ହସିଲା ଯେ, ତାକୁ ହସାଇବାକୁ ଚେଷ୍ଟା କରୁଥିବା ସ୍ତ୍ରୀ ଲୋକମାନେ ଫିକା ପଡ଼ିଯାଉଥିଲେ ତା ସାମ୍ନାରେ। ତା' କୁନି ନାଲି ନାଲି ପାକୁଆ ପାଟିର ହସ ସଞ୍ଚରି ଯାଉଥିଲା ସଭିଙ୍କ ମୁହଁକୁ। 'ହସୁରୀ କାଇଁକିରେ' ବୋଲି କହିଦେବା ମାତ୍ରେ ପିଲାଟା କିର୍‌କିର୍ ହୋଇ ହସି ଉଠୁଥିଲା ସଭିଙ୍କୁ ଚକିତ କରିଦେଇ। ତା' ବୋଉର ମୁହଁ ଉଜ୍ଜଳ ହୋଇ ଉଠୁଥିଲା ସ୍ନିଗ୍ଧ ଆନନ୍ଦରେ।

ହସୁରୀ ବର୍ଷକର ହେଲା। ଠୁକୁଠୁକୁ ଚାଲି ଶିଖୁଶିଖୁ ଲାଥ୍ ଲାଥ୍ ପଡ଼ିଲା। ପାକୁଆ ପାଟିରେ ଗୋଟିଏ ପରେ ଗୋଟାଏ ଦାନ୍ତ ଗଜୁରି ଉଠି ତା ହସକୁ ଆହୁରି ମନଲୋଭା କରିତୋଳିଲା। ତା' ଗୁଲ୍‌ଗୁଲିଆ ଚେହେରା ସାଙ୍ଗକୁ ମନଖୁସିଆ ହସ ଦେଖି ସମସ୍ତେ ତାକୁ ଆଦର କଲେ, କାଖେଇ କୋଳେଇବାକୁ ସୁଖ ପାଇଲେ। ଆଜି ଯା' ଘରେ ତ କାଲି ଆଉ କାହାଘରେ! ହସୁରୀ ବୋଉ ତ ଖୁସିରେ ପାଗଳ ପ୍ରାୟ! ଝିଅର ହସ ଦେଖି କୋଉ ମା' ଆତ୍ମହରା ନ ହୁଏ ଭଲା!!

ତିନି ଚାରିବର୍ଷ ହେବା ବେଳକୁ ସ୍ୱଭାବନୁଯାୟୀ ସେ ଆରମ୍ଭ କଲା ଦୁଷ୍ଟାମୀ। ଯାକୁ ଭାଙ୍ଗିବା, ସେଟାକୁ ପାଟିରେ ପୁରାଇବା ଆଦି ଯାବତୀୟ ବିରକ୍ତିକର କାର୍ଯ୍ୟରେ ଲିପ୍ତ ଥିବା ବେଳେ ବୋଉ ବେଳେବେଳେ ରାଗି ଉଠି ତାକୁ କସିକି ଚାପୁଡ଼ାଏ ଦେବାକୁ ହାତ ଉଞ୍ଚାଇବା ବେଳେ ହିଁ ହସୁରୀ ହସିଉଠେ କିର୍‌କିର୍ ହୋଇ। ବାସ୍ ବୋଉର ହାତ ଫେରିଆସେ ପରାସ୍ତ ହୋଇ।

ହସୁରୀ ସ୍କୁଲକୁ ଗଲା। ତା' ବାପା ରହୁଥିଲେ କଲିକତାରେ। ଅଭିଭାବକ ହୋଇ ତା' ଜେଜେ ଗଲେ ତା' ସାଙ୍ଗରେ ନାଁ ଲେଖେଇବା ଦିନ। ଗୁଗୁଚିଆ ଘାଷ ଭର୍ତ୍ତି କେନାଲ ବନ୍ଧେ ବନ୍ଧେ ଜେଜେଙ୍କ ହାତଧରି ଯାଉଥିବା ବେଳେ ଜେଜେ କହିଲେ, "ଲୋ ହୁଣ୍ଡୀ, ଇସ୍କୁଲରେ ଛୋପରୀଙ୍କ ପରି ହେବୁ ନାହିଁ। ମାଷ୍ଟ୍ରେ ପିଟିବେ। ମନ ଦେଇ ପାଠ ପଢ଼ିବୁ। ସିଧା ସିଧା ଯିବୁ, ସିଧାସିଧା ଫେରିବୁ, ହେଲା!!'

ହସୁରୀ ମୁଣ୍ଡ ଟୁଙ୍ଗାରିଲା।

ହେଲେ ସ୍କୁଲ୍‌ରେ ବି ସେୟା। ନୂଆ ନୂଆ ଟିକେ କୁନ୍ଥୁ କୁନ୍ଥୁ ହେଉଥିଲା। ଛ'ମାସ ବର୍ଷ ପରେ ବାହାରିଲା ତା'ର ଅସଲ ପ୍ରକୃତି। ଶ୍ରେଣୀରେ ପାଠ ପଢୁଥିବା ବେଳେ ଟି'କେ କଥାରେ ହସୁଥିଲା ଫେଁ ଫେଁ। ତା' ସାଙ୍ଗମାନେ ତାକୁ ଆହୁରି ହସାଇବାକୁ ଚାହିଁବା ବେଳେ ସେ ଜୋର୍ ଜୋର୍ ହସୁଥିଲା ଏବଂ ବେଳେବେଳେ 'ଇଲୋ ବୋଉଲୋ, ମୋ ପେଟ ଦରଜ ହେଇଗଲାଣି ଲୋ" ବୋଲି କହି ପେଟକୁ ଚାପିଧରି ହସି ହସି ଗଡ଼ିଯାଉଥିଲା। ଅଙ୍କ ପଢ଼ାଉଥିବା ରବିସାରଙ୍କଠାରୁ ବେତମାଡ଼ ଖାଉଥିବା ବେଳେ, ଇଂରାଜି ଆସୁନଥିବାରୁ ଜେନାସାର୍ ବାରଣ୍ଡାରେ ଆଣ୍ଠେଇ ଦେଇଥିବାବେଳେ, ମୁରଲୀ ସାର୍ ଇତିହାସ ପଢ଼ାଉଥିବାବେଳେ କନିଷ୍କଙ୍କ ମୁଣ୍ଡ ନଥିବା ଛବି ଦେଖି ଏତେ ଜୋର୍‌ରେ ହସୁଥିଲା ଯେ, ସାର୍ ତାକୁ ନିର୍ଦ୍ଦୟଭାବେ ପିଟି ପକାଉଥିଲେ ଟଗର ଛାଟରେ। କାନ୍ଦୁ କାନ୍ଦୁ ସେ ହସି ପକାଏ। ସାର୍ ବିରକ୍ତ ହୋଇ ପଳାନ୍ତି କ୍ଲାସ୍ ଛାଡ଼ି।

ମାଟ୍ରିକ ପାସ୍ କରି ହସୁରୀ ଗାଁ ପାଖ କଲେଜରେ ନାଁ ଲେଖେଇଲା। ଜେଜେ, ବୋଉ, ଭାଇମାନେ ମନା କରୁଥିଲେ। ହେଲେ ବାପା କଲିକତାରୁ ଚିଠି ଲେଖିଲେ "କହୁଚି ଯଦି ପଢ଼ିବା ପାଇଁ, ପଢୁ। ମୋର ତ ନ'ଟା ନୁହଁ, ଛ'ଟା ନୁହଁ, ବକଟେ ବୋଲି ଝିଅ। ତା'ର ଯାହା ଇଚ୍ଛା ତା' କରୁ। କଲେଜରେ ପାଠ ପଢ଼ିବା ତ କିଛି ନାକରା କଥା ନୁହଁ!!"

ପ୍ରକୃତି ନୈବ ମୁଚ୍ୟତେ... କଲେଜରେ ହସୁରୀର ପ୍ରକୃତି ବଢ଼ିଲା ସିନା, କମିଲା ନାଇଁ। କମନ୍ ରୁମ୍‌ରେ ବସିଥିବା ବେଳେ, ଟିଫିନ୍ ଖାଉଥିବାବେଳେ, ଏପରିକି ଇକୋନୋମିକ୍ସ କ୍ଲାସ ଚାଲିଥିବାବେଳେ ସାମାନ୍ୟ କଥାରେ ସେ ଏମିତି ହସେ ଯେ, ସମସ୍ତେ ତାକୁ ଅନାନ୍ତି ବୁଲି ବୁଲି। ତା'ର ଏଇ ଉଚ୍ଛୁଳା ହସ ଯୋଗୁ ଖୁବ୍ କମ୍ ଦିନରେ ସାରା କଲେଜରେ ସେ ପରିଚିତ ହୋଇଗଲା। କେତେକ ଟୋକା ତାକୁ ଡାକିଲେ ସ୍ମାଇଲ୍ କୁଇନ୍। କଲେଜର ହୀରୋ ବୋଲାଉଥିବା ବିମଳ ଦିନେ ଆସି ପହଞ୍ଚିଗଲା ଲେଡିସ୍ କମନ୍‌ରୁମ୍‌ରେ ଯେଉଁଠି ହସୁରୀ ଏକଲା ବସି ପଢୁଥିଲା ଗୋଟେ ପତ୍ରିକା। ବିନା ଉପକ୍ରମଣିକାରେ ବିମଳ ତାକୁ ପ୍ରେମ ନିବେଦନ କରନ୍ତେ, ହସୁରୀ ତା ମୁହଁକୁ ଚାହିଁ ଫେଁ କିନା ହସିଦେଲା ଯେ, ବିଚରା ବିମଳ ମୁହୂର୍ତ୍ତେ ଥମ୍' କରି ଠିଆ ହୋଇଗଲା ଏବଂ ବିରୁଡ଼ି ମାରିବା ପରି ପଳାଇଲା ସେଠୁ। ସେବେଠୁ ସେ କେବେ ବି ସାହସ କରିନି ତା'ର ସାମ୍ନାସାମ୍ନି ହେବା ପାଇଁ।

ହସୁରୀ ବଡ଼ ହେଉଥିଲା। ଯୌବନର ସୁନେଲି ରଂଗ ଧୀରେ ଧୀରେ ମାଖି ହୋଇଯାଉଥିଲା ତା' ଶରୀରରେ। ଉଜ୍ଜଳ ଗୋରା ରଂଗ ସାଙ୍ଗକୁ ସ୍ନିଗ୍ଧ ଚାହାଣୀ, ମଧୁର କଥା ସାଙ୍ଗକୁ ମନଭୁଲା ହସ ତାକୁ ଅନନ୍ୟ ରୂପରେ ତୋଳି ଧରିଥିବା ବେଳେ ହସୁରୀର

ହସ ଏଣିକି ତା ବୋଉକୁ ଆଉ ଭଲ ଲାଗିଲାନି। ମାଇକିନିଆ ଝିଅ ! କାଲି ଶାଶୁ ଘରକୁ ଯିବ। ଏମିତି ଘୋଡ଼ୀଙ୍କ ପରି ହେଁ ହେଁ ହେଲେ ଲୋକେ ବୋଲିବେ କ'ଣ ?"

କଲିକତାର ଟାୟାର କମ୍ପାନୀରେ ଚାକିରି କରୁଥିବା ତା' ବାପାଙ୍କର ଶବ ଯେଉଁ ଦିନ ଗୋଟେ କାର୍‌ରେ ଆସି ଦାଣ୍ଡ ଦୁଆରେ ପହଞ୍ଚିଲା, ହସୁରୀ ସେଦିନ କାନ୍ଦିଲା ଖୁନ୍‌ମିନ୍ ହେଇ। ବାପାଙ୍କ ଉପରେ ବାଡେଇ କଚାଡ଼ି ହୋଇ ଗଡ଼ିଗଲା ମାଟିରେ। ହେଲେ ତା' ମୁହଁର ଭାବଭଙ୍ଗୀଟା ଅନ୍ୟ ପ୍ରକାରେ ଦେଖାଗଲା ଲୋକମାନଙ୍କୁ। ଲୋକେ କୁହାକୁହି ହେଲେ, ବାପ ମଶାଣିକୁ ଯିବାବେଳେ ଝିଅ ହସୁଛି। ହସୁରୀ ସବୁ ଶୁଣିଲା। କପାଳକୁ ନିନ୍ଦି ଚୁପ୍ ରହିଲା। ଅଦୃଶ୍ୟ ବିଧାତା ଉଦ୍ଦେଶ୍ୟରେ ଗାଳିବର୍ଷଣ କଲା, ଯିଏ ତାକୁ ସେପରି ଗଢ଼ିଛି।

ଦିନ ବିତେ। ସବୁ ଦୁଃଖର ଘା' ଦିନେ ଶୁଖିବାକୁ ଆରମ୍ଭ କରେ। ବକଳ ବାନ୍ଧେ ଏବଂ ଖସିପଡ଼େ। ବାପାଙ୍କ ଦୁଃଖ ଭୁଲି ହେଇ ଆସିଥିବା ବେଳେ ବୋଉର ଚିନ୍ତା ବଢ଼ିଯାଉଥିଲା ତା' ପାଇଁ। ପୁଅମାନେ ସବୁ ଚାକିରି ବାକିରି କରି ପିଲା ମାଇପ ଧରି ଯେ ଯୁଆଡ଼େ ରହିଲେ। ଛ' ମାସେ ବର୍ଷରେ ଥରେ ଆସିବା ସାତ ସପନ। ଘରେ ମାତ୍ର ତିନି ପ୍ରାଣୀ କୁଟୁମ୍ବ। ହସୁରୀ, ବୋଉ ଓ ଜେଜେ। ଏକଦା ତା ହସ ଦେଖି ଖୁସିରେ ଆତ୍ମହରା ହୋଇଯାଉଥିବା ବୋଉ ଏବେ ତାକୁ ହସିବାର ଦେଖିଲେ ଆକଟ କରେ, ଚିଡ଼ିଚିଡ଼ି ହୁଏ। ବେଳେବେଳେ ମରମଘେନା କଥା ପଦେ ଦିପଦ ଶୁଣେଇ ଦିଏ।

ହେଲେ ହସୁରୀ ନିଜକୁ ସୁଧାରିବାକୁ ଚେଷ୍ଟା କରି ବିଫଳ ହୁଏ।

ତାକୁ ଯେତେବେଳେ ଉଣେଇଶି ବର୍ଷ ଚାଲିଲା,ତା' ମାମୁଁ ତା' ପାଇଁ ଆଣିଲେ ଗୋଟେ ବିଭାଘର ପ୍ରସ୍ତାବ। ଭୁବନେଶ୍ୱର ସେକ୍ରେଟାରୀଏଟ୍‌ରେ ପୁଅ ଚାକିରି କରିଛି। ମାସକୁ ଚାରି ପାଞ୍ଚ ହଜାର ଦରମା ପାଉଛି। ବାପା ଚାଲିଗଲାପରେ ଜେଜେ ହିଁ ଘରର ମୁରବି। ବୋଉ ଆଗଭର ହେଲା। ଝିଅ ଗିଅ। ଯେତେ ଶୀଘ୍ର ହାତକୁ ଦି'ହାତ କରିଦେଲେ କାମ ଶେଷ। ଜେଜେ ସମ୍ମତି ଜଣାଇଲେ।

ସେଦିନ ଘରକୁ କୁଣିଆ ଆସିଲେ ତାକୁ ଦେଖିବା ପାଇଁ। ପୁଅ, ପୁଅର ବାପା ଏବଂ ମା'। ହସୁରୀ ବୋଉ କାମରେ ଲାଗିଥାଏ। କୁଣିଆମାନଙ୍କ ପାଇଁ ପୁରୀ ତରକାରୀ, ମିଠାର ଆୟୋଜନ ହୋଇଥାଏ। ଯେତେହେଲେ ସହରିଆ ମଣିଷ। ତାଙ୍କୁ ତ ସେହିପରି ଚର୍ଚ୍ଚା କରିବାକୁ ପଡ଼ିବ। ବହୁତ ବଢ଼ିଆ ପ୍ରସ୍ତାବଟିଏ। ଯେମିତି ହାତଛଡ଼ା ନହୁଏ। ଏଇ କଥା ମନରେ ଚିନ୍ତାକରି ବୋଉ ଲାଗିଥାଏ କାମରେ, ମନଧ୍ୟାନ ଦେଇ। ହସୁରୀର ସାଙ୍ଗସାଥୀମାନେ ତାକୁ ସଜବାଜ କରି ବହୁତ କଥା ବୁଝାଇ ପଠାଇଲେ ସେମାନେ ବସିଥିବା ଦାଣ୍ଡଘରକୁ। ବୋଉ ତାକୁ କାନେ କାନେ କହିଥିଲା, ସେଠି ଯେପରି କିଛି ଅଘଟଣ ନ ଘଟାଉ ! !

ପାନ ଟ୍ରେ'ଟା ଧରି ହସୁରୀ ଧୀରେ ଧୀରେ ଗଲା। ନୂଆ ନୂଆ ଶାଢ଼ୀ ପିନ୍ଧିଥିବାରୁ ତାକୁ ଅକଳିଆ ଲାଗୁଥିଲା। ତା' ଗୋଡ଼ ଛନ୍ଦି ହୋଇ ପଡୁଥିଲା। ସମସ୍ତଙ୍କୁ ସଂଭ୍ରମ ନମସ୍କାର କରି ସେ ଠିଆହେଲା ସାମ୍ନାରେ, ତଳକୁ ମୁହଁ ପୋତି।

"ମା' ବସୁନୁ! ବସ୍ ବା।" ଶାଶୁ ହେବାକୁ ଆସିଥିବା ମଣିମାଳା କହିଲେ ଏବଂ ପଚାରିଲେ 'ତୋ ନାଁ କ'ଣ ମା ? କୋଉ ଯାଏ ପାଠ ପଢ଼ିଛୁ ? ବୁଣାବୁଣି ଆସେ ? ଚିକେନ୍ ଫ୍ରାଏଡ୍ ରାଇସ୍ ରୋଷେଇ କରି ଆସିବ ? ୱାସିଙ୍ଗ ମେସିନ୍ ଅପରେଟ୍ କରି ଜାଣିଛୁ ?

ହସୁରୀ ନର୍ଭସ୍ ହୋଇଯାଇ ମୁଣ୍ଡକୁ ଆହୁରି ତଳକୁ ଦାବିଦେଲା। ଝିଅଟି ଲାଜ କରୁଛି ଜାଣି ମଣିମାଳା ବିଶେଷ କିଛି ପଚାରିଲେ ନି। ହେଲେ ତା'ର ରୂପ ରଙ୍ଗ ଦେଖି ତାଙ୍କ ମନ ଖୁସି ହୋଇଗଲା। ସାଙ୍ଗରେ ଆଣିଥିବା ସୁନା ମୁଦିଟିକୁ ସେ ତାଙ୍କ ଭ୍ୟାନିଟ୍ ବ୍ୟାଗ୍‌ରୁ କାଢ଼ି ସେଇଠି ସଂଗେ ସଂଗେ ପିନ୍ଧାଇଦେବାକୁ ଝିଅ ଆଡ଼କୁ ଉହୁଙ୍କି ଆସୁଥିବା ବେଳେ ଦୈବାତ୍ ତାଙ୍କ ହାତ ବାଜିଗଲା ଚା ଟ୍ରେ'ରେ। ଝଣ୍ ଝଣ୍ ହୋଇ କପ୍ ପ୍ଲେଟ୍‌ଗୁଡ଼ା ତଳେ ପଡ଼ି ଚୁନା ହୋଇଗଲା। ଚା' କିଛି ତାଙ୍କ ଗୋଡ଼ରେ ପଡ଼ିଗଲା କି କ'ଣ ଓହୋ ବୋଲି କହି ସେ ଉଠିପଡ଼ିଲା ବେଳକୁ ତାଙ୍କ ଅଣ୍ଟାରେ ଖୋସା ଯାଇଥିବା ଓଜନିଆ ଚାବି ଲେଛାଟା ତଳେ ଖସି ପଡ଼ିଲା। ତାକୁ ଉଠାଇବାକୁ ଯାଉଥିବାବେଳେ ଚେୟାର ବାଡ଼ରେ ତାଙ୍କ ଶାଢ଼ୀଟା ଲାଗିଗଲା ଯେ, ସେ ଅଜାଡ଼ି ହୋଇ ପଡ଼ିଯାଉ ଯାଉ ଅଳ୍ପକେ ନିଜକୁ ସମ୍ଭାଳି ନେଲେ।

ବାସ୍, ହସୁରୀକୁ ଆଉ ସମ୍ଭାଳେ କିଏ ? ପ୍ରଥମେ ସେ ହସ ଚାପିରଖିଲା। ଧୀରେ ଧୀରେ ଓଠର ବନ୍ଧକୁ ହସ ଲଂଘିଲା। ତା'ପରେ ଖୁଁ ଖୁଁ, ତା'ପରେ ହେଁ ହେଁ ପରେ ପରେ ଫେଁ ଫେଁ ଏବଂ ସବାଶେଷରେ ହସର ଝର ଫିଟିଆସିଲା ବାଧାହୀନ ଭାବେ। ପୁଅ ପକ୍ଷର ସମସ୍ତେ ତାଜୁବ୍। ପୁଅର ବାପା ମା ହାଁ କରି ଅନାଇ ରହିଥିଲେ।

ହସୁରୀ ବୋଉ ପ୍ରମାଦ ଗଣିଲା। ତା' ମୁହଁ ଲଜ୍ଜାରେ କଳାକାଠ ପଡ଼ି ଆସୁଥିବା ବେଳେ ସମସ୍ତ ଆଶା ଭାଙ୍ଗି ଚୂରମାର ହୋଇଗଲା ଗୋଟାଏ ମୁହୂର୍ତ୍ତରେ। ହେଲେ ସମସ୍ତଙ୍କୁ ଚମତ୍କୃତ କରି ପୁଅ ଅମରେଶ କହିଲେ ଯେ, କିଛି ଅସୁବିଧା ନାହିଁ। ସେ ଏଇ ଝିଅଟିକୁ ହିଁ ବାହାହେବ।

ସତକୁ ସତ ଆଠଦିନ ପରେ ନିର୍ବନ୍ଧ ଏବଂ ମାସକ ପରେ ତା'ର ବାହାଘର ହୋଇଗଲା ଅମରେଶ ସହିତ।

ବାହାଘର ଦିନ। ସବୁଚାଲିଥିଲା ଠିକ୍‌ଠାକ୍। ବିବାହ ପର୍ବର ଶେଷ ପର୍ଯ୍ୟାୟରେ ଯେତେବେଳେ ହାତଗଣ୍ଠି ପଡ଼ିଲା, ଘଟିଲା ଦୁର୍ଘଟଣା। ବରର ହାତ ଯେମିତି ହସୁରୀ ହାତ ଉପରେ ରହିଚି, ତାକୁ ଭାରି କୁତ୍‌କୁତ୍ ଲାଗିଲା। ସେ ନିଜକୁ ରୋକି ଚେଷ୍ଟାକଲା ପ୍ରଥମେ। ଓଢ଼ଣା ତଳୁ ଚାହିଁଲା ଚାରିଆଡ଼କୁ। ତା' ଭିତରଟା ଆନ୍ଦୋଳିତ ହୋଇ ଉଠିଲା। ପ୍ରଥମେ ଆସ୍ତେ ଆସ୍ତେ ଏବଂ ପର ମୁହୂର୍ତ୍ତରେ କିର୍ କିର୍ ହୋଇ ଏକରକମ ଗଡ଼ିଗଲା ବେଦୀ ପାଖରେ। ବରପକ୍ଷର ସମସ୍ତେ ହାଁ କରି ଅନେଇଥିଲେ। ବୋଉ ଆଶଙ୍କାରେ କାନ୍ଦି ପକାଇଲା। ଭାଇ ଭାଉଜ କୁଣିଆ ମଇତ୍ର ଅସନ୍ତୁଷ୍ଟ ଦେଖାଗଲେ। ତାଙ୍କ ଅଲିଅଳ ନାତୁଣୀର ଜୀବନାକାଶରେ ଘନକଳାମେଘର ଆଶଙ୍କାରେ ଜେଜେ କାନ୍ଦ କାନ୍ଦ ଦେଖାଗଲେ। ଅମରେଶ କୌଣସି ପ୍ରକାରେ ଚଳାଇ ନେଲେ କଥାଟିକୁ। ବିଦା ହେଲା ବେଳେ ବି ସେମିତି। ବୋଉ, ଭାଉଜ, ସାଙ୍ଗସାଥୀମାନେ କାନ୍ଦି କାନ୍ଦି ନୟାନ୍ତ ହେବା ବେଳେ ସେସବୁ ଦେଖି ହସୁରୀକୁ ଭାରି ହସ ଲାଗୁଥିଲା। ଭାଉଜ ତାକୁ ଚିମୁଟି ଚିମୁଟି କାନ୍ଦିବାକୁ ପ୍ରବର୍ତ୍ତାଉ ଥିବାବେଳେ ସେ ହସକୁ ରୋକି ନ ପାରି ମୁହଁରେ ଲୁଗା ଦେଇ ଦେଇ ଗାଡ଼ି ପାଖକୁ ଯାଉଥିଲା।

ଗାଁଠାରୁ ଶହେ କୋଡ଼ିଏ କିଲୋମିଟର ଦୂର ତା' ଶାଶୁଘର ଭୁବନେଶ୍ୱର। ଆରମ୍ଭ ହେଲା ଅନ୍ୟ ଏକ ଜୀବନ। ଶ୍ୱଶୁର ରିଟାୟାର୍ଡ ଓ.ଏ.ଏସ୍ ଅଫିସର। ଭାରି ଗମ୍ଭୀର ତଥା ରାଗିରାଗି ଜଣାପଡ଼ନ୍ତି। ସବୁବେଳେ ଖବରକାଗଜ ଓ ଥୋଡ଼େ ପତ୍ରପତ୍ରିକା ଗହଣରେ ଡ୍ରଇଁରୁମ୍‌ରେ କିମ୍ବା ବାଲ୍‌କୋନୀରେ ବସିଥିବେ ଚୁପ୍‌ଚାପ୍। ଶାଶୁଟି ଭାରି ଗପୁଡ଼ି। ଗଜର ଗଜର ହଉଥିବେ ଦିନସାରା। କଥାକଥାକେ ଆକଟ କରନ୍ତି ତାକୁ। ପାନରୁ ଚୂନ ଖସିଲେ ମୁହଁ ଉପରେ ଟାଇଁ ଟାଇଁ କଥା କହିଦେବେ। ଅମରେଶ ସରକାରୀ ଚାକିରିଆ। ସକାଳୁ ତରତର ହୁଅନ୍ତି ଅଫିସ୍ ଯିବା ପାଇଁ। ସନ୍ଧ୍ୟା ଛ' ପୂର୍ବରୁ କେଉଁଦିନ ଫେରନ୍ତି ନାହିଁ। ଟିକେ ଗମ୍ଭୀର ସ୍ୱଭାବର ହେଲେକ'ଣ ହେବ, ହସୁରୀ ପାଖରେ ସେ ପିଲାଟିଏ। ସ୍ତ୍ରୀର ରୂପଗୁଣ ଦେଖି ମୁଗ୍ଧ ହୋଇ ଯା'ନ୍ତି। ଦୁନିଆ ଭୁଲିଯାଆନ୍ତି।

ହସୁରୀକୁ ଭାରି ଅଖାଡୁଆ ଲାଗୁଥିଲା ନୂଆ ନୂଆ ଜାଗା, ନୂଆ ମଣିଷ। ବେଳେବେଳେ କେମିତି ଅଣନିଶ୍ୱାସୀ ଅଣନିଶ୍ୱାସୀ ଲାଗେ, ମାଛକୁ ପାଣିରୁ ବାହାର କରି ଆଣି ଶୁଖିଲା ଖଡ଼ଖଡ଼ ମାଟି ଉପରେ ପକାଇ ଦେଲାପରି। ସେ ଜମା ସହଜ ହୋଇପାରୁ

ନଥିଲା ସେ ଘରେ। ବେଳେବେଳେ ମନ ହେଉଥିଲା, ପାର, ବାସନ୍ତୀ, କନକ, ଖୁଲଣା, ମଞ୍ଜୁ ଆଦି ସାଙ୍ଗଙ୍କ ଗହଣରେ ଯାଇ ଗଛରେ ଚଢ଼ି ପିଜୁଳି ତୋଳନ୍ତା। ରାତି ଅଧରୁ ଉଠି ଯା' ବାଡ଼ି ତା ବଗିଚାରେ ପଶି ଛପି ଛପି ଫୁଲ ଛିଣ୍ଡାନ୍ତା। ବେକେ ପାଣିରେ ପଶି ଦାଣ୍ଡ ଗଡ଼ିଆରୁ କଇଁଫୁଲ ତୋଳନ୍ତା। ହେଲେ ଏଠି ସେସବୁ କରିବା ସମ୍ଭବ ହେଉନାହିଁ ଜମା। ଗୋଟେ ବାଟନଥିବା ପଞ୍ଜୁରୀରେ ଆବଦ୍ଧ ହେବାପରି ଲାଗୁଛି। ବାହା ହୋଇ ଆସିବା ବେଳେ ବୋଉ ତା କାନେ କାନେ କହିଥିଲା, "ହସୁରୀ ଲୋ, ଆଜିଠାରୁ ତୁ ପରର ହେଲୁ। ଶାଶୁ ଶ୍ୱଶୁରଙ୍କ ସେବା କରିବୁ। ଯା' ନଣନ୍ଦଙ୍କ କଥା ଧରିବୁନି। ସ୍ୱାମୀ ଦିଅରଙ୍କ ମନେନେଇ ଚଳୁଥିବୁ... ସେଠି ଏମିତି ହେଁ ହେଁ ଫେଁ ଫେଁ ହବୁନାଇଁ। ଗୋଡ଼େ ଗୋଡ଼େ ଜଗିରଖି ଚଳିବୁ ଲୋ ବାୟାଣୀ...।"

ଶାଶୁଙ୍କୁ ଜମା ଭଲ ଲାଗୁନଥିଲା। ନୂଆ ଭୂଆଷୁଣୀଟା। ଘରକୁ ବୁଲି ଆସୁଥିବା ବାହାର ସ୍ତ୍ରୀ ଲୋକମାନଙ୍କ ସହିତ ଏମିତି ଫେଁ ଫେଁ ହଉଛି। ବାହାରକୁ ସିନା ସେମାନେ ଦାନ୍ତ ଦେଖାଉଛନ୍ତି, ହେଲେ ଭିତରେ ଭିତରେ କ'ଣ ଭାବୁଥିବେ? ପଡୋଶୀ ଘରର ସାମନ୍ତରାୟବାବୁଙ୍କ ସ୍ତ୍ରୀ ଆସିଥିଲେ ସେଦିନ ଘରକୁ। ମଣିମାଳା ତାଙ୍କୁ ଡକାଇଥିଲେ। ତାଙ୍କ ପାଖକୁ ଚା ବିସ୍କୁଟ ଟିକେ ଆଣି ହସୁରୀ ଆସି ନମସ୍କାର ହେଲା। ବସିଲା ଏବଂ ବିନା ସଂକୋଚରେ କଥାବାର୍ତ୍ତା ଆରମ୍ଭ କରି ସାମାନ୍ୟ କଥାରେ ଏମିତି ହସିଲା ଯେ, ବିଚରା ଭଦ୍ର ମହିଳା ଜଣକ ଅପ୍ରତିଭ ହୋଇ ଉଠି ପଳେଇଲେ ନିଜ ଘରକୁ, କାମର ବାହାନା ଦେଖାଇ।

ସେଦିନ ଶାଶୁ କଡ଼ାକରି ଦି'ପଦ ଶୁଣେଇଦେଲେ ତାକୁ- "ଏଇଟା ଭଦ୍ରଲୋକର ଘର ଏବଂ ତୁ ମନେ ରଖିବା ଉଚିତ୍ ଯେ, ତୁ ଏବେ ଜଣେ ସଂଭ୍ରାନ୍ତ ଘରର ବୋହୂ। ତୁ ଆଉ ଝିଅ ହୋଇନାହୁଁ ଯେ, ଯାହାଇଚ୍ଛା ତା' କରିଯିବୁ। ଯାହା ସାଙ୍ଗରେ ନାଇଁ ତା' ସାଙ୍ଗରେ ଘୋଡ଼ୀଙ୍କ ପରି ହସିବୁ। ସେଗୁଡ଼ା ଜମା ଚଳିବ ନାହିଁ ଏଠି। ଏଇଟା ତୋ ବୋପା ଘର ନୁହେଁ, ଶାଶୁଘର! ବୁଝିଲୁ ତ!"

କଳା ପଡ଼ିଗଲା ହସୁରୀର ମୁହଁ। କିଏ ଯେମିତି ଚାପୁଡ଼ାଏ ପକାଇଲା ତା ନରମ ଗାଲରେ। ସେ ବୁଝିପାରିଲାନି, ତା ବୋଉ ବୟସର ସ୍ତ୍ରୀ ଲୋକଟି ସହିତ ମନଖୋଲି ଦିପଦ କଥା ହେବା କିମ୍ବା ଟିକେ ହସିଦେବାରେ ଭୁଲ୍ ରହିଲା କେଉଁଠି? ସେ କାନ୍ଦ କାନ୍ଦ ହୋଇଗଲା। ଦି ବୁନ୍ଦା ଲୁହ ଟଳମଳ ହେଲା ତା' ଆଖି କୋଣରେ।

ରାତିରେ ଶୋଇବା ବେଳେ ହସୁରୀ ଏକଥା କହିଲା ଅମରେଶକୁ। ଅମରେଶ ନ ଶୁଣିଲା ପରି ରହିଲେ। ହସୁରୀକୁ ଆହୁରି କାନ୍ଦ ଲାଗିଲା। କାନ୍ଦୁକାନ୍ଦୁ ସେ ଆବିଷ୍କାର କଲା ଯେ, ଅମରେଶ ଶୋଇପଡ଼ିଲେଣି ଅନେକ ବେଳୁ। ମନକଥା ମନରେ ମାରି ହସୁରୀ ଚୁପ୍‌ଚାପ୍ ରହିଲା।

ସେଦିନ ଅମରେଶର ଅଫିସ୍ ସାଙ୍ଗ କେତେଜଣ ଘରକୁ ଆସିଥିଲେ ରାତ୍ରି ଭୋଜନ ପାଇଁ। ଶାଶୁ ବାରମ୍ବାର ତାଗିଦ୍ କରି କହିଥାନ୍ତି ଯେ ପୁଅ ସାଙ୍ଗମାନଙ୍କର ଖାଇବା ପିଇବାରେ ଯେମିତି କିଛି ଅସୁବିଧା ନ ହୁଏ। ରୋଷେଇ ଚାଲିଥାଏ। ଅମରେଶ ସାଙ୍ଗମାନଙ୍କ ଗହଣରେ ବସି ଡ୍ରଇଁରୁମ୍‌ରେ କ'ଣ ଆଲୋଚନାରେ ବ୍ୟସ୍ତ ଥାନ୍ତି। ହୋ ହୋ ହସରେ ସାରା ଘରଟା ସତେ ଅବା ଫାଟି ପଡୁଥାଏ। ରୋଷେଇଘର ଯାଏ ସେ ହସ ସଂଚରିତ ହୋଇଯାଉଥିଲା। ଚାରି ପାଞ୍ଚ କପ୍ ଚା ଧରି ହସୁରୀ ଆସୁଥିଲା। ସେମାନଙ୍କର ହସ ଦେଖି ନିଜେ ହସି ପକେଇଲା। ହସୁ ହସୁ ଚା ଟ୍ରେ'ଟି ଝଣ୍ କରି ଖସି ପଡ଼ିଲା ତା ହାତରୁ। ଭାଙ୍ଗି ଚୂରମାର। ଅମରେଶର ସାଙ୍ଗମାନେ ତଟସ୍ଥ।

"ତମେ ମଣିଷ ନା ପଶୁ! - ରାତିରେ ବିଛଣାରୁ ଯିବା ସମୟରେ ଅମରେଶ ଆରମ୍ଭ କଲା- "ଲୋକଲଜ୍ଜା ବୋଲି ଜିନିଷଟି ଅଛି ଟି ତମ ପାଖରେ! କ'ଣ ଭାବିଥିବେ ମୋ ସାଙ୍ଗମାନେ? ଏମିତି ଅଭଦ୍ରଙ୍କ ପରି ଅନ୍ୟ ଲୋକମାନଙ୍କ ସାମ୍ନାରେ ହସିବାକୁ ତମ ବିବେକ ବାରଣ କଲାନାଇଁ ତମକୁ!!"

ହସୁରୀ ହସି ହସି କହିଲା, "ତମେ ସବୁ ହସୁଥିଲ। ମତେ ହସ ଲାଗିଲା ଏମିତି ରାଗିଯାଉଛ କାହିଁକି?"

ନାଇଁ, ରାଗିବି କାଇଁକି? - ତାଚ୍ଛଲ୍ୟ ସ୍ୱରରେ ଅମରେଶ କହିଲା- "ଏପରି ମୋନାଲିସା ହସ ପାଇଁ ତମକୁ ବାହାବା ଦେବି ନା! ନନ୍‌ସେନ୍‌ସ୍। ଯା' ପରଠୁ ତମର ଏ ପ୍ରକାର ନିର୍ଲଜ୍ଜାମି ଯେପରି ମୁଁ ନ ଦେଖେ। ମାଇଣ୍ଡ ଇଟ୍!

ସ୍ତମ୍ଭୀଭୂତ ହୋଇଗଲା ହସୁରୀ। ଅସହାୟ ଦୃଷ୍ଟିରେ ଚାହିଁଲା ଅମରେଶ ଆଡ଼େ। ଅମରେଶ ସେପଟୁ ମୁହଁ ବୁଲାଇ ଘୁଙ୍ଘୁଡ଼ି ମାରୁଥିଲେ।

ଚୂଡ଼ାନ୍ତ ଅବସନ୍ନ ଓ କ୍ଳାନ୍ତି। ଏତେ ଅନୁଶାସନ ଓ ଶୃଙ୍ଖଳା ଭିତରେ ରହି ହୁଏନା ଜମା। ସେ ବିତାଉଥିଲା ଶାନ୍ତ ନୀରିହ, ପ୍ରତିବାଦହୀନ ଜୀବନଟିଏ। ତା' ଇଚ୍ଛାନୁସାରେ। ମନଇଚ୍ଛା ଗପୁଥିଲା, ମନଖୋଲି ହସୁଥିଲା, ବୋଉ, ଜେଜେ ସାଙ୍ଗସାଥିଙ୍କ ଗହଣରେ ପର୍ଯ୍ୟାପ୍ତ ଜୀବନ ବଞ୍ଚୁଥିଲା, କୁଆଡ଼େ ଗଲା ସେ ଜୀବନ। ପ୍ରଥମ ଥର ପାଇଁ ଗୋଟେ କୋହ ଆନ୍ଦୋଳିତ କରି ପକାଇଲା ତା' ଅନ୍ତରାତ୍ମାକୁ। କଇଁ କଇଁ କାନ୍ଦି ପକାଇବାକୁ ଇଚ୍ଛା ହେଲା ସେଇ ମୁହୂର୍ତ୍ତରେ।

ଯା' ପରଠୁ ହସୁରୀ ଟିକେ ସଚେତନ ହେବାକୁ ଚେଷ୍ଟା କଲା। କାହା ସାଙ୍ଗରେ ବିଶେଷ କଥାବାର୍ତ୍ତା ନାଇଁ, ଏପରିକି ଅମରେଶ ସହିତ ବି ନୁହେଁ। ସତେ ଯେମିତି ଯନ୍ତ୍ରଟିଏ। ବେଳେବେଳେ ତା' ଆଖି କୋଣରୁ ଗରମ ଲୁହ ଦୁଇ ଟୋପା ଝରି ଆସେ ଭିତରର ରାଶି ରାଶି ଅପ୍ରକାଶିତ ଆବେଗକୁ ପ୍ରକାଶ କରିନପାରି। ବୋଉ ମନେପଡ଼େ। ମନେପଡ଼େ କାହିଁ କେତେ ଦୂରରେ ଛାଡ଼ି ଆସିଥିବା ଅତୀତ। ଗାଁ ଦାଣ୍ଡ, ପୋଖରୀ, ବରଜୁ ବଡ଼ପାଙ୍କ ଆମ୍ବତୋଟା, ଖରାବେଳ, ଶଙ୍କରା ଅଜା ପିଜୁଳି ଗଛ, ହେମ ମାଉସୀ କାକୁଡ଼ି କିଆରୀ, ସାଙ୍ଗସାଥୀ। ଚାହୁଁ ଚାହୁଁ ତିନି ଚାରିବର୍ଷ ବିତିଗଲାଣି। ହେଲେ ତା' କୋଳ ଏ ପର୍ଯ୍ୟନ୍ତ ଶୂନ୍ୟ। ଶାଶୁ କ'ଣ କମ୍ କଥା କୁହନ୍ତି। ବାଞ୍ଝ, ଶୁଖିଲା କାଠ ଆଦି ଯାବତୀୟ ଗଞ୍ଜଣା ଦିଅନ୍ତି। ଦିଅନ୍ତୁ, ଭଗବାନ୍ ବଡ଼ଲୋକ। ସେ ବୁଝିବେ ସବୁ!

ସେଦିନ କି ଯୋଗରେ ରାତି ପାହିଥିଲା କେଜାଣି,ଗାଁରୁ ମାଉସୀ ପୁଅ ଚନ୍ଦନ ଭାଇ ଆସି ପହଞ୍ଚିଲେ। ଭାଇମାନେ ତ ନିଜ ଘର ସଂସାର କରି କିଏ କୁଆଡ଼େ ରହିଲେ। ଏଇ ଚନ୍ଦନଭାଇ ହିଁ ତାଙ୍କ ଘରର ସବୁ ହାନିଲାଭ ବୁଝନ୍ତି। ସମୟ ଅସମୟରେ ଆସି ଦୁଆରେ ଠିଆ ହୁଅନ୍ତି। ହସୁରୀକୁ ସେ କୋଳେଇ କାଖେଇ ବଡ଼ କରିଛନ୍ତି। ନିଜ ଭଉଣୀଠୁ ଅଧିକ ସ୍ନେହ କରନ୍ତି।

ଘରେ ସେତେବେଳକୁ କେହି ନଥିଲେ। ସବୁଦିନ ପରି ଅମରେଶ ପଳେଇଥିଲେ ଅଫିସ୍। ଶଶୁର ଯାଇଥିଲେ ଘରଠାରୁ ପାଞ୍ଚ କିଲୋମିଟର ଦୂର ବ୍ୟାଙ୍କକୁ, ପେନ୍‌ସନ୍ ଟଙ୍କା ପାଇଁ। ଶାଶୁ ଯାଇଥିଲେ ପଡ଼ିଶା ଘରକୁ। ଚନ୍ଦନ ଭାଇଙ୍କୁ ଦ୍ୱାରବନ୍ଧ ପାଖରେ ଦେଖି ଆତ୍ମହରା ହୋଇଗଲା ହସୁରୀ। ଆଖିକୁ ବିଶ୍ୱାସ କରିପାରିଲାନି ଯେ ବାହାଘରର ଚରିବର୍ଷ ପରେ ତା' ବାପଘରୁ ଜଣେ ଭାଇ ଆସି ତା' ଦ୍ୱାରବନ୍ଧ ପାଖରେ ଠିଆ ହୋଇଛି ଏବଂ ମୁର୍କେଇ ମୁର୍କେଇ ହସୁଚି। ଅଭିନବ ଆଶ୍ଚର୍ଯ୍ୟଟିଏ ଦେଖିବା ଭଳି ହସୁରୀ ଥମ୍ କରି ଠିଆ ହୋଇଗଲା। ତା' ଆଖି ଛଳଛଳ ହୋଇଗଲା ଏବଂ ମୁହଁ ସହସା ଧସ୍‌କି ପଡ଼ିଲା ଅସମ୍ଭବ କୋହରେ। ଭାଇକୁ କୁଣ୍ଢାଇ ଧରି କଇଁ କଇଁ ହୋଇ କାନ୍ଦି ଉଠିଲା ହସୁରୀ।

'କିଲୋ ହୁଣ୍ଡୀ' - ତା ପିଠିକୁ ଆଉଁସି ଦେଇ ଚନ୍ଦନ ଭାଇ ଆରମ୍ଭ କଲେ - "କାନ୍ଦୁଛୁ କାଇଁକି? ତୁ କାନ୍ଦିବା ଶିଖିଲୁ କେବେଠାରୁ??"

'ଯେଉଁଦିନ ତମେ ସମସ୍ତେ ମିଶି ଜୋରଜବରଦସ୍ତ ମତେ ଏଠିକି ପଠାଇଦେଲ।'

- କାନ୍ଦୁ କାନ୍ଦୁ ହସୁରୀ ଉତ୍ତର ଦେଲା।

ଭାଇକୁ ନେଇ ଭିତରକୁ ଗଲା ଏବଂ ସର୍ବତ

ଗ୍ଲାସଟେ ତିଆରି କରିଆଣି ତାଙ୍କ ହାତକୁ ବଢ଼ାଇ ଦେଉ ଦେଉ ବସିଗଲା ତାଙ୍କ ପାଖରେ। ବୋଉ, ଜେଜେ, ସାଙ୍ଗସାଥୀ, ତାଙ୍କ ଘରର ଧଳା ବିଲେଇ, ମାଉସୀ ଏବଂ ଗାଁର ଯାବତୀୟ ଭଲମନ୍ଦ କଥା ଗୋଟି ଗୋଟି କରି ପଚାରୁଥିବାବେଳେ ଚନ୍ଦନଭାଇ ହସି ହସି ମଜାଳିଆ ସ୍ୱରରେ କହି ଚାଲିଥାନ୍ତି ସବୁ କଥା। ହସୁରୀ କାନ୍ଦୁ କାନ୍ଦୁ ହସି ପକାଉଥାଏ। ହସି ହସି ବେଦମ ହୋଇଯାଉଥାଏ। ଲୁଗାପଟା ପ୍ରତି ନଜର ନଥାଏ ତା'ର। ଭାଇ ତ ! ଭାଇ ପାଖରେ ଭଉଣୀର ଲାଜ କ'ଣ ?

ଶାଶୁ କେତେବେଳୁ ଆସି ଠିଆ ହୋଇଥାନ୍ତି ସେପଟେ। ଘର ଭିତରେ ଅପରିଚିତ ଯୁବକଟିକୁ ଦେଖି ଏବଂ ତା' ସହିତ ବୋହୂର ବେହିଆମୀକୁ ଲକ୍ଷ୍ୟ କରି ଆଉ ସମ୍ଭାଳି ପାରିଲେ ନାହିଁ ନିଜକୁ। ଘର ଭିତରକୁ ପଶିଯାଇ ସେ ଚିତ୍କାର କଲେ, "କି ତାମ୍‌ସା ଚାଲିଚି ଏଠି ? ହଇଲୋ, ତୋ ମୁହଁକୁ ଟିକେ ଲାଜ ନାଇଁ, ମୋ ଘର ଭିତରେ ପର ପୁରୁଷ ସାଥୀରେ ଫେଁ ଫେଁ ହୋଇ ଲୀଳା କରୁଛୁ। ଆଜି ଆସନ୍ତୁ ତୋ ଶଶୁର, ଆସୁ ତୋ ସ୍ୱାମୀ...।"

ବୋଉ ! ହସୁରୀ ଚମ୍‌କି ପଡ଼ି କହିଲା, "ଏମିତି କ'ଣ ସବୁ କହୁଛ ? ଏ କେହି ପର ନୁହନ୍ତି। ମୋ ମାଉସୀ ପୁଅ ଭାଇ। ଚନ୍ଦନ ଭାଇ। ଗାଁରୁ ଆସିଛନ୍ତି ଏଇ ସାଙ୍ଗେ ସାଙ୍ଗେ। ମୋ ବୋଉ ପଠେଇଛି..."

'ରଖ ତୋ ଭାଇ। କହିଲା ନା କ'ଣ ଚନ୍ଦନ ଭାଇ !!' - ଶାଶୁ ଗର୍ଜନ କରି କହିଲେ ଏବଂ ଶଶୁର ଆସୁଥିବାର ଦେଖି ତାଙ୍କ ଆଗରେ ଫେରାଦ୍ ହେଲେ। ଶଶୁର କୋଉ ଭଲ କି ? ସେ ବି ତାଙ୍କ ସହିତ ମିଶିଗଲେ।

ସଦା ହସ ହସ ଚନ୍ଦନଭାଇ ନିର୍ବାକ ପାଲଟି ଯାଇ କହିଲେ, "ମୁଁ ଯାଉଛି ଲୋ ହସୁରୀ। ଆଉ ଏଠି ଦଣ୍ଡେ ରହିପାରିବି ନାହିଁ।" କହିଲେ ଏବଂ ଏକ ମୁହାଁ ହୋଇ ପଳେଇଲେ।

ହସୁରୀ ହତବମ୍ବ ହୋଇଗଲା। ସେ ହଠାତ୍ ବୁଝିପାରିଲା ନାହିଁ ଯେ ଆଖି ପିଛୁଳାକେ କ'ଣ ଘଟିଗଲା। ପରମୁହୂର୍ତ୍ତରେ ଏକ ଅଭୂତପୂର୍ବ କୋହ ଉଠିଆସିଲା ତା ଅନ୍ତସ୍ଥଳୀକୁ ଆନ୍ଦୋଳିତ କରି। ସେ କାନ୍ଦିଲା। ସେ କାନ୍ଦ ଏତେ ରିକ୍ତ, ଏତେ ଛେଉଣ୍ଡ ଯେ କେବଳ ସେ ଘର କାହିଁକି, ସତେକି ଚଉଦବ୍ରହ୍ମାଣ୍ଡ ବି ତରଳି ଯିବ ଦୁଃଖରେ ! ଏକା ନିଶ୍ୱାସକେ ଦଉଡ଼ି ଦଉଡ଼ି ସେ ଶୋଇବା ଘରକୁ ପଶିଗଲା ଏବଂ କଚାଡ଼ି ହୋଇ ପଡ଼ିଲା ବେଡ଼ରେ।

ଶାଶୁ ନଖାଇ ନପିଇ ଡ୍ରଇଁ ରୁମ୍‌ରେ ବସିଥିଲେ ପୁଅ ଆଗରେ ନାଲିସ୍ କରିବେ ବୋଲି। ସଂଧ୍ୟାବେଳେ ଅମରେଶ ଫେରୁ ଫେରୁ ସେ ଆଗେ ଅସରାଏ କାନ୍ଦି ପକେଇଲେ ଏବଂ ଏ ଘର ଭିତରେ ଏହିପରି ଜଘନ୍ୟ କ୍ରିୟାକାଣ୍ଡ ଚାଲିଛି ବୋଲି ପୁଅ ପାଖରେ ଫେରାଦ୍ ହେଲେ।

ହସୁରୀ ଭାବିଥିଲା, କେହି ନ ହେଲେ ନାଇଁ, ସ୍ୱାମୀ ହିଁ ତାକୁ ଠିକ୍ ବୁଝିବେ। ଏତେ ଦିନର ଘରସଂସାର ଭିତରେ ସେ କ'ଣ ତାକୁ ଚିହ୍ନି ନାହାନ୍ତି। ଏଇ ସାନ୍ତ୍ୱନା ଟିକକ ନେଇ ସେ ଆତୁର ହୋଇ ଅପେକ୍ଷା କରିଥିଲା ଅମରେଶଙ୍କୁ। କିଛି ନ ହେଲେ ତ ପଦେ ନରମ, ଆଶ୍ୱାସନାପୂର୍ଣ୍ଣ କଥା ଶୁଣିବାକୁ ମିଳିବ ତାଙ୍କଠାରୁ। "ପାଗେଳୀଟା, କିଛି ହୋଇନାଇଁ, ଏଇ ସାମାନ୍ୟ କଥାରେ ଏମିତି କାନ୍ଦି ପକାଉଛ। ବ୍ୟସ୍ତ ହୁଅନା, ସବୁଠିକ୍ ହୋଇଯିବ, ପ୍ଲିଜ୍...ଆଉ ...କାନ୍ଦନା..' ବୋଲି ସ୍ନେହବୋଳା ପଦେ କଥା ତ ମିଳିବ ତାଙ୍କଠାରୁ ! ସେତକ ପାଇଲେ ସେସବୁ ଦୁଃଖ, କଷ୍ଟ ଭୁଲିଯିବ। ସବୁ ଅପମାନକୁ ହଜମ କରିନେବ। ତା ଦୁନିଆ ହସି ଉଠିବ କଇଁ ଫୁଲ ପରି।

ହେଲେ ତା ସମସ୍ତ ଆଶା ଓ ଭାବନାକୁ ଧୂଳିସାତ୍ କରି ଗୋଟେ ଗୋଇଠାରେ କବାଟକୁ ମେଲା କରିଦେଇ ଅମରେଶ ଆସି ତା ସାମ୍ନାରେ ଠିଆ ହେଲେ ଏବଂ ବିନା ଉପକ୍ରମଣିକାରେ ପଚାରିଲେ, "ଆଜି ଦ୍ୱିପହରରେ ଘରେ କେହି ନଥିବା ବେଳେ କିଏ ଆସିଥିଲା ଏ ଘରକୁ ?"

ପ୍ରଶ୍ନଟି ଏତେ ଅଶ୍ଳୀଳ ଲାଗୁଥିଲା ଯେ ହସୁରୀ ଘୃଣାରେ ଶିହିରି ଉଠିଲା। "ମାନେ ? କ'ଣ କହିବାକୁ ଚାହୁଁଛ ତମେ ? ହସୁରୀ ପଚାରିଲା ଶଙ୍କିତ ସ୍ୱରରେ।

- କହୁଛି ଏ ଘରେ ମୋ ଅନୁପସ୍ଥିତିରେ କି ବୀଭତ୍ସ ପାପକାମ ସବୁ ଚାଲିଛି। କିଏ ଆସିଥିଲା ଆଜି ଖରାବେଳେ ?

- ଅମରେଶ କଠୋର କଣ୍ଠରେ କହିଲେ।

"ଚନ୍ଦନ ଭାଇ। ମୋ ମାଉସୀଙ୍କ ମଝିଆଁ ପୁଅ' - ଜବାବ୍ ଦେଲା ହସୁରୀ।

'ଭାଇ ନା ପୂର୍ବତନ ପ୍ରେମିକ !!'- ଯଥେଷ୍ଟ ବିଦ୍ରୂପତାର ସହିତ ପଚାରିଲେ ଅମରେଶ।

ଭାଙ୍ଗିପଡ଼ିଲା କି ମୁଣ୍ଡ ଉପରେ ଆକାଶ। ପାପ ଭାରରେ ଅତ୍ୟଧିକ ଭାରାକ୍ରାନ୍ତ ହୋଇ ଯାଇଥିବା ପୃଥିବୀକୁ ମୁଣ୍ଡ ଉପରୁ ଖସାଇଦେଲେ କି ବାସୁକୀ !! ହସୁରୀ ଅନୁଭବ କଲା ଯେ ତା' ଦେହ ସହିତ ତମାମ୍ ବ୍ରହ୍ମାଣ୍ଡ ସାଇଁ ସାଇଁ ଘୁରୁଛି। ତା ତଣ୍ଟି ଅଠା ଅଠା ହୋଇଗଲା। ସତେ କି ଭୟଙ୍କର ଭୂମିକମ୍ପଟିଏ ସୃଷ୍ଟି ହୋଇଗଲା ତା' ଶିରା ପ୍ରଶିରାରେ ! ତଥାପି ସେ ନିଜକୁ ସଂଯତ କରି କହିଲା, "ଏପରି ପାପ କଥା ଗୁଡ଼ା କିପରି ମୁହଁରେ ଧରୁଛ। ସେ ପରା ମୋ ଭାଇ।"

ଭାଇ। ମାଇଁ ଫୁଟ୍। - ଅମରେଶ ଉତ୍‌କ୍ଷିପ୍ତ ହୋଇ ଉଠିଲେ "ଯଦି ସେ ତମ ଭାଇ, ତାହେଲେ ଏମିତି ଚୋରଙ୍କ ପରି ପଳେଇଲା କାହିଁକି ? ତାକୁ ମୋ ଆସିବା ଯାଏ ଅପେକ୍ଷା କରିବାକୁ କହିଲ ନାଇଁ କାହିଁକି ?"

ହସୁରୀ କହିଲା, "କୋଉ ମୁହଁରେ ସେ ଆଉ ରହିଥାନ୍ତେ ଏ ଘରେ। ବୋଉ ଯେଉଁ ଭାଷା ପ୍ରୟୋଗ କଲେ, ସେଥିରେ କୋଉ ମଣିଷ ଏଠି ଦଣ୍ଡେ ରହିପାରିଥାନ୍ତା ଭଲା !!

ଲାଲ ପଡ଼ିଗଲା ଅମରେଶଙ୍କ ମୁହଁ। ଉଚ୍ଚ ସ୍ୱରରେ ସେ ଚିତ୍କାର କଲେ "କଥାକଥାକେ ମୋ ବାପା ଓ ବୋଉକୁ ଦୋଷଦେବା ତମର ଗୋଟେ ଅଭ୍ୟାସ ହୋଇଗଲାଣି ଦେଖୁଛି।

ନିଜେ ତ ଦୁଶ୍ଚରିତ୍ରା, ସେଥିରେ ବୋଉ ପଦେ କହିଦେଲା ବୋଲି ତମ ଦେହରେ ଲାଗିଗଲା।"

'ଶୁଣ !' ଟିକେ ଚୁପ୍ ରହି ଆଦେଶ ଦେବାପରି କହିଲେ ଅମରେଶ - ଏଗୁଡ଼ା ଚଳିବ ନାହିଁ ଏଘରେ। ଜମା ଚଳିବ ନାହିଁ। ମୋର, ଏ, ଘର ସର୍ବୋପରି ମୋ ବାପା ମା'ଙ୍କର ଗୋଟେ ଆଭିଜାତ୍ୟ ଅଛି, ସାମାଜିକ ପ୍ରତିଷ୍ଠା ଅଛି। ଯଦି ଖରାପ କାମ କିଛି କରିବାକୁ ଇଚ୍ଛା ଥାଏ ତେବେ ଫୁଟପାଥ୍‌କୁ ଓହ୍ଲାଇଯାଅ...।"

ଅଗ୍ନିକୁ ସାକ୍ଷୀରଖି ବାହାହୋଇଥିବା ସ୍ୱାମୀ କହୁଛନ୍ତି ଏକଥା ! ହସୁରୀକୁ ଲାଗିଲା ତା କାନ ଭିତରେ କିଏ ଯେପରି ତତଲା ଟହଟହ ଗୋଜଣାଟିଏ ମାଡ଼ି ଦେଉଛି। ତା ସମଗ୍ର ଶରୀର ଭିତରେ ମାରାତ୍ମକ ଗୋଟେ ଦଙ୍ଗା ସୃଷ୍ଟି ହୋଇଯାଉଛି ହାଡ଼ ରକ୍ତ ମାଂସକୁ ଫେଣ୍ଟି ପକାଇ। ତାକୁ ଚାରିଦିଗ ଅନ୍ଧାର ଦେଖାଗଲା। ବୋଧହୁଏ ଗୋଟିଏ ଯୁଗପରେ ଅସହାୟ ଦୃଷ୍ଟିରେ ଅମରେଶକୁ ଚାହିଁ ସେ ପଚାରିଲା - "କ'ଣ କହିଲ ?"

"କହିଲି, ଏ ଘରେ ହେଁ ହେଁ ଫେଁ ଫେଁ ଚଳିବ ନାହିଁ ଆଦୌ। ଏଠି ରହିବାକୁ ହେଲେ ତମକୁ କଠୋର ଅନୁଶାସନ ଭିତରେ ରହିବାକୁ ପଡ଼ିବ। ଯଦି ନିଜକୁ ବନ୍ଦୀ ବୋଲି ଭାବୁଛ, ତାହେଲେ ପଳାଅ।" - ଏତକ କହି ଅମରେଶ ସିଗ୍ରେଟ ଲଗାଇଲେ।

ହସୁରୀ ଅନୁଭବ କଲା ଏତେ ଦିନ ଧରି ଚାପି ହୋଇ ରହିଥିବା ତା ଭିତରର କ୍ରୋଧ କ୍ରମେ କ୍ରମେ ଭିଡ଼ିମୋଡ଼ି ହେଉଛି। କହିଲା, "ତୁମକୁ ଆଉ ତମ ବାପା ବୋଉଙ୍କୁ ଖୁସି କରିବା ପାଇଁ ମୁଁ ଆଉ ଏତେ ସତର୍କ ହୋଇ ଚଳିପାରିବି ନାହିଁ। କଥାବାର୍ତ୍ତା ନାହିଁ, ହସ ଖୁସି ନାହିଁ, ରିତୀମତ ଗୋଟେ ଯନ୍ତ୍ର। କେତେଦିନ ଆଉ ମୁଁ ତମମାନଙ୍କର ଯଥେଚ୍ଛାଚାରକୁ ହଜମ କରି କରି ଚାଲିଥିବି ?"

'ଯେତେଦିନ ଯାଏ ଏ ଘରେ ରହିଥିବ - ଅମରେଶ କହିଲେ।

'ଏଠି ବୋହୂ ହୋଇ ରହିବା ଗୋଟେ ଅଭିଶାପ।' ହସୁରୀ ଚ୍ୟାଲେଞ୍ଜ କଲାଭଳି କହିଲା, " କୋଉ ଜନ୍ମରେ କି ପାପ କରିଥିଲି, ତା'ରି ଫଳ ଭୋଗୁଛି ଏଠି।" ଗରମ ଲୁହ ବୋହି ଆସିଲା ତା ଗାଲ ଉପରେ ଦେଇ।

'ସତେ!! - ତାଚ୍ଛଲ୍ୟ ସ୍ୱରରେ ଅମରେଶ କହିଲେ, "ଏ ଘରେ ବୋହୂ ହେବା ଅଭିଶାପ, ନ ହେଲେ ତମେ ତ କୋଉ ରାଜାଘରେ ବାହା ହୋଇଥା'ନ୍ତ। ବୋପା ତ ନାହିଁ, ମା' ଜାନି ଯୌତୁକରେ ପୋତି ପକେଇଥିଲା ଆମକୁ ତ !"

"ବାପା! କୁଆଡ଼େ ଗଲ ମତେ ଏ ଅପନ୍ତରା ରାଇଜରେ ଏକୁଟିଆ ଛାଡ଼ିଦେଇ? ତମ ଅଲିଅଳି ଝିଅର ହସଦେଖି ପରା ତମେ ଦୁନିଆ ଭୁଲି ଯାଉଥିଲ। କୋଉ ଦିନ ଟିକେ ମୁହଁ ଶୁଖାଇଦେଲେ ପରା ତମ ଛାତିରେ କଣ୍ଟା ଫୋଡ଼ି ହୋଇ ଯାଉଥିଲା। ଦୁନିଆ ଆଗରେ ପରା କହି ବୁଲୁଥିଲ, ମୋ ଝିଅ ଖାଲି ହସିବାକୁ ଏ ଦୁନିଆରେ ଜନ୍ମ ହୋଇଛି। ହେଲେ ଯୋଉଠି ଥାଅ, ଥରେ ମାତ୍ର ଆସି ଦେଖିଯାଅ ତମ ଗେହ୍ଲି ଝିଅର ଅବସ୍ଥା।"- ଅସମ୍ଭାଳ କୋହରେ ଭୁଷୁଡ଼ି ପଡ଼ିଲା ହସୁରୀ।

ଦରଦୀ ମଣିଷଟିଏ ଆସନ୍ତା ନି! ଯାହା ଆଗରେ ସେ ଏକା ନିଶ୍ୱାସରେ ଗପି ଯାଆନ୍ତା ନିଜ ଅଭ୍ୟନ୍ତରର ଅସମ୍ଭାଳ ଦୁଃଖ। ସବୁ ଲାଜ ସରମ, ସବୁ ବୋହୂ ପଣିଆକୁ, ସବୁ ଅନୁଶାସନ ଓ ନାଲି ଆଖିକୁ ପଛରେ ପକାଇ ଗୁଡ଼ାଏ କାନ୍ଦି ପକାନ୍ତା ସେ ଗଳା ଫଟେଇ। ଝାଡ଼ିପକାନ୍ତା ସବୁ ରିକ୍ତତା, ସବୁ ହାହାକାର। ନିଜ ଭିତରର ଅପ୍ରକାଶିତ ଦୁଃଖ, କୋହର ଇସ୍ତାହାରକୁ ମୁଣ୍ଡରେ ବୋହି ବୋହି ବଂଚିବା ଆଉ ସମ୍ଭବ ହେଉ ନାହିଁ ଜମା।

: ଦେଖିଚି। ବହୁତ ଦେଖିଚି ମାଇକିନିଆ ମାନଙ୍କର ଲୁହ। ଖଃ କିଛି କଥା ନଥିବ, କିଛି କାରଣ ନଥିବ, ଏମିତି ଖିନ୍‌ମିନ୍ ହେଇ କାନ୍ଦିବେ ଯେ କିଏ ଯେପରି ତାଙ୍କୁ ହାଣି ପକାଇଲା!!" ଅମରେଶ କହିଲେ ଏବଂ ଯୋଗକଲେ, "କାନ୍ଦିବ ଯଦି, ପଳାଅ ବାହାରକୁ। ସେ ରାସ୍ତାରେ ବସ କାନ୍ଦିବ ଯେ ଯା' ଆସ କରୁଥିବା ମଣିଷମାନେ ଆହା - ଚୁ - ଚୁ କରିବେ। ଏଠି ତମ ସୁଆଙ୍ଗ ଦେଖିବାକୁ କେହି ନାହାନ୍ତି ...ବୁଝିଲ!"

ସେ ହସି ପାରିବନି କି କାନ୍ଦି ପାରିବନି ଏ ଘରେ? ଅନ୍ୟ କାହା ସହିତ ନ ହେଲା ନାହିଁ, ଗାଁରୁ ଆସିଥିବା ନିଜ ଭାଇ ସହିତ କଥା ଦି ପଦ ହୋଇପାରିବନି ମନଖୋଲି। କଥାହେଲେ ଦୁଶ୍ଚରିତ୍ରା ହୋଇଯିବ। କଳଙ୍କିନୀ ବନିଯିବ। ଏଇ କ'ଣ ଏ ଘରର ଆଦର୍ଶ। ଏଇ କ'ଣ ଉଚ୍ଚ ସୋସାଇଟିର ପରମ୍ପରା। ଏଇଟା ଘର ନା ନର୍କ?

ମନେପଡ଼ୁଛି, ଶାଶୁ ସେଦିନ ତାଙ୍କ ପୁଅକୁ କହୁଥିଲେ ତାକୁ ଶୁଣେଇ ଶୁଣେଇ- "କେତେ କେତେ ବଢ଼ିଆ ପ୍ରସ୍ତାବ ସବୁ ଆସିଥିଲା ତୋ ପାଇଁ। ଯାନି ଯୌତୁକରେ ପୋତି ପକାଇଥାନ୍ତେ ଏଘର। ହେଲେ ଆମ କଥାତ ତତେ ଗନ୍ଧେଇଲା। ସେ ଘୋଡ଼ାମୁହାଁର ହସ ଦେଖି ଭଳିଗଲୁ। ଏବେ ବସି ଚାଟୁଥା' ତା ହସକୁ!!"

ହସୁରୀର ମୁଣ୍ଡ ଝିମ୍ ଝିମ୍ କରିଦେଲା। ସେ ଭୋ ଭୋ ହୋଇ କାନ୍ଦି ଉଠିଲା।

'ବନ୍ଦ କର! ଆଇ ସେ ଷ୍ଟପ୍ ଇଟ୍' - ଚିତ୍କାର କଲେ ଅମରେଶ - 'ଏମିତି ଇତର ସ୍ତ୍ରୀ ଲୋକପରି ଗଳା ଫଟେଇ କାନ୍ଦି ଏ ଘରର ଇଜ୍ଜତ ଧୂଳିସାତ କରିବା ବୋଧହୁଏ ତମର ମତଲବ...।

ହସୁରୀର କାନ୍ଦ ଦ୍ୱିଗୁଣିତ ହେଲା। ନିଜକୁ ସମ୍ଭାଳିବାକୁ ଯାଇ ସେ କୋହର ବନ୍ୟାରେ ଭାସିଗଲା ସତେ ଅବା।

ସେତେବେଳକୁ ଶାଶୁ ଶଶୁର, ଦି ଜଣ ଚାକର ଚାକରାଣୀ ଆସି ଠିଆହୋଇସାରିଥାନ୍ତି ଦ୍ୱାରବନ୍ଧ ପାଖରେ। ଧୈର୍ଯ୍ୟଚ୍ୟୁତି ଘଟି ସାରିଥିଲା ଅମରେଶଙ୍କର। ଗୋଟେ ପ୍ରଚଣ୍ଡ ଆକ୍ରୋଶରେ ସେ ଉଠି ଆସିଲେ ଏବଂ ଠାଏ କରି ଚାପୁଡ଼ାଟିଏ ବସାଇଲେ ହସୁରୀ ଗାଲରେ।

ଜୀବନରେ ପ୍ରଥମଥର ପାଇଁ ଚାପୁଡ଼ାର ସ୍ୱାଦ ହଜମ କରୁ କରୁ ହସୁରୀ କଳନା କରୁଥିଲା- "ବାପର ସ୍ନେହଠାରୁ ସ୍ୱାମୀର ଚାପୁଡ଼ାର ଦୂରତ୍ୱ କେତେ? ମା'ର ମମତାଠାରୁ ଶାଶୁଙ୍କର ଘୃଣାର ଦୂରତ୍ୱ କେତେ? ଜୀବନଠାରୁ ମୃତ୍ୟୁର ଦୂରତ୍ୱ କେତେ?

ଅମରେଶଙ୍କର ରାଗ ଶାନ୍ତ ହୋଇ ନଥିଲା। ସେହିପରି ଉନ୍ମତ୍ତ ଅବସ୍ଥାରେ ସେ ଚିତ୍କାର କରି ଚାଲିଥିଲେ "ପଳା, ଏଘର ଛାଡ଼ି ଏଇ ମୁହୂର୍ତ୍ତରେ ପଳା। ଯଦି ନ ଯିବୁ, ଫୋପଡ଼ି ଦେବି ଫୁଟପାଥ୍‌କୁ ଜରିରେ ଆବର୍ଜନା ଫୋପାଡ଼ିଲା ପରି। ଶଳା ନିମକହାରାମ୍ ମାଇକିନା, କ'ଣ ବୋଲି ଭାବିଛୁ କି ଏ ଘରର ମଣିଷମାନଙ୍କୁ.....!!!

'କୁଆଡ଼େ ଯିବି?' ଅସହାୟ ଭାବେ କାନ୍ଦୁ କାନ୍ଦୁ ହସୁରୀ କହିଲା " ବାହାହୋଇ ତୁମ ହାତ ଧରି ଆସିଥିଲି କ'ଣ ଏ ଘରୁ ବାହାରି ଯିବାପାଇଁ। କୁଆଡ଼େ ଯିବି ନାହିଁ ମୁଁ। ଏଇଠି ରହିଥିବି ମରିବା ଯାଏ। ମଶାଣୀକୁ ଯିବାଯାଏ।

'ତୋତେ ଏ ଘରୁ ଯିବାକୁ ହିଁ ହେବ। ଆଉ ମୁହୂର୍ତ୍ତେ ବି ତୁ ଏଠି ରହିଲେ ଏ ଘରର ଶାନ୍ତି ନଷ୍ଟ ହୋଇଯିବ। ଆଇ ସେ ଗେଟ୍ ଆଉଟ୍ ଫ୍ରମ୍ ଦିସ୍ ହାଉସ୍..." ମାତାଲଙ୍କ ପରି ଗର୍ଜନ କରୁଥିଲେ ଅମରେଶ।

ନିଜକୁ ଶକ୍ତ କଲା ହସୁରୀ। ଲୁହଲାଳ ପୋଛୁ ପୋଛୁ ସେ କହିଲା, "ଚାପୁଡ଼ା କିମ୍ବା ବିଧା ଗୋଇଠା ମାରି ନାରୀକୁ ଆୟତ୍ତ କରାଯାଏନା, ଅମରେଶ। ଜାଣିରଖ, ପୁରୁଷର ନାଲିଆଖିକୁ ଡରିବାର ବେଳ ଆଉ ନାହିଁ। ଏ ଘରର ବୋହୂ ମୁଁ। ବୈଦିକ ରୀତିରେ ତମକୁ ବାହାହୋଇଛି ଯେତେବେଳେ ଏଠୁ ବାହାରିଯିବାର ପ୍ରଶ୍ନ ଇ ଉଠୁନାହିଁ। ଯଦି ଯାଏ, ତେବେ ଆଇନ୍ କାନୁନ୍ ମାଧ୍ୟମରେ ହିଁ ଯିବି।" ହସୁରୀ ଦମ୍ଭର ସହିତ ଏକଥା କହି ପଳେଇଲା ଆର ଘରକୁ।

ଆହତ ବାଘ ପରି ଫଁ ଫଁ ହେଉଥିଲେ ଅମରେଶ। ହସୁରୀର ଶେଷ କଥାପଦକ କେବଳ ତାଙ୍କୁ ନୁହେଁ, ତାଙ୍କ ବାପା ଓ ମା'ଙ୍କୁ ମଧ୍ୟ ସାବାଡ଼୍ କରିପକାଇଲା। ସମସ୍ତେ ବସି ପଡ଼ିଲେ କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାରେ, ଅନେକ ସମୟ ପର୍ଯ୍ୟନ୍ତ।

ସେଦିନ ରାତିରେ ସେ ଘର କାହିଁକି କେଜାଣି ଭାରି ରୁନ୍ଧି ହୋଇପଡୁଥିଲା। ଭୌତିକ ଭୌତିକ ଲାଗୁଥିଲା ତମାମ୍ ପରିବେଶଟା। ଲାଗୁଥିଲା ଗୋଟେ ଭୀଷଣ ଚକ୍ରାନ୍ତ ଯେପରି ଉଗ୍ର ରୂପନେଇ ଭିଡ଼ିମୋଡ଼ି ହେଉଚି ଘର ଭିତରେ। ଦାନ୍ତ କଡ଼ମଡ଼ କରୁଚି, ହାତ ମୁଠା ମୁଠା କରୁଚି ଅଭୂତପୂର୍ବ ଏକ ପ୍ରତିଶୋଧ ନେବାର ଆଶାରେ। ବହଳ କୁହୁଡ଼ିର ଆସ୍ତରଣକୁ ଭେଦ କରି ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ା ପ୍ରବଳ ଚେଷ୍ଟା କରୁଥିଲେ ନିଜକୁ ପ୍ରକାଶିତ କରିବା ପାଇଁ। କାଠୁଆ ଶୀତରୁ ରକ୍ଷା ପାଇବା ପାଇଁ ରୋଗୀଣା କୁକୁରଟିଏ କୋଉଠି ଗୋଟେ ଭେଁ ଭେଁ କାନ୍ଦୁଥିଲା ରହି ରହି। ଠିକ୍ ସେହି ସମୟରେ ସେ ଘର ଭିତରୁ ଗୋଟେ ଅସହାୟ ପ୍ରାଣୀ ତୁହାକୁ ତୁହା କରୁଣ ତଥା ଯନ୍ତ୍ରଣା ଜର୍ଜରିତ ଚିତ୍କାର ଗୁଡ଼ାଏ ଅଜାଡ଼ି ପକାଉଥିଲା ସାଂଘାତିକ ଏକ ଅଗ୍ନିକାଣ୍ଡରୁ ନିଜକୁ ବଂଚାଇବା ପାଇଁ।

*ଏ.ଜି. ଅଫିସ୍, ଭୁବନେଶ୍ୱର*
*ଦୂରଭାଷ: ୯୪୩୭୧୬୩୦୦୨*

# ଦି'ହାତ ଜାଗା

## ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର

ଆମ ଗାଁ ଯେ କେବେ ଖବରକାଗଜର ମୁଖ୍ୟ ପୃଷ୍ଠା ଓ ଟିଭି ନିଉଜ୍ ଚାନେଲ୍‌ର ବିତର୍କର ବିଷୟ ପାଲଟିବ, ଏହା ମୋର କଳ୍ପନାର ବାହାରେ ଥିଲା। ଏକଥା ବି ନୁହେଁ ଯେ ଆମ ଗାଁ ନାଁ କେବେ ଟିଭି କିମ୍ବା ଖବରକାଗଜରେ ବାହାରିନି। ବନ୍ୟା ଓ ବାତ୍ୟା ଖବରରେ ସ୍ଥାନ ପାଇଥାଏ କେବେକେବେ। ଥରେ ଅବଶ୍ୟ ଟିଭି ଚାନେଲରେ ଆମ ଗାଁ ସ୍ଥାନ ପାଇଥିଲା ଜଣକର ବ୍ୟକ୍ତିଗତ ସଫଳତାର କାହାଣୀକୁ ନେଇ। ଆମ ଗାଁର ପିଲାଟିଏ ସର୍ବଭାରତୀୟ ଏନ୍.ଡି.ଏ. ପରୀକ୍ଷାରେ ପ୍ରଥମ ହୋଇଥିଲାବେଳେ ନିଆଯାଇଥିଲା ତା'ର ସାକ୍ଷାତକାର। ସେହି ସମୟରେ ଦେଖାଇଥିଲେ ତାଙ୍କ ଘର, ଗାଁ ସ୍କୁଲ, ଗାଁ'ର ରାସ୍ତାଘାଟକୁ। ସେ ସାକ୍ଷାତକାର କାର୍ଯ୍ୟକ୍ରମକୁ ଦେଖି ମୁଁ ଖୁସିହୋଇଥିଲି ଯେ ଯାହାହେଉ ଏତେଦିନ ପରେ ସେ ପିଲାଟି ପାଇଁ ତ ଆମ ଗାଁ ଚର୍ଚ୍ଚାକୁ ଆସିଲା। ତା' ସଫଳତାରେ ସାରା ଗାଁ ଓ ସେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି ବୋଲି କୁହାଗଲା ସତ, ହେଲେ ତାକୁ ଗାଁରେ କେହି ଚିହ୍ନିଥିଲେ ନା ସେ ଗାଁ ସ୍କୁଲରୁ ପାଠପଢ଼ି ଏ ସଫଳତା ପାଇଥିଲା। ଭୁବନେଶ୍ୱରରେ ଉଚ୍ଚପଦସ୍ଥ ସରକାରୀ ଚାକିରିରେ ଥିବା ତା'ର ବାପା ଓ ଜନୈକ ସରକାରୀ ଶିକ୍ଷାନୁଷ୍ଠାନରେ ଥିବା ତା'ର ମା'ପୁଅର ଏହି ସଫଳତାକୁ ସର୍ବଜନବିଦିତ କରିବାକୁ ଏଭଳି ଏକ ପ୍ରୟାସ କରିଥିଲେ। ହାତୀ ବନସ୍ତରେ ବୁଲୁଥିଲେ ବି ରାଜାଙ୍କର, ତେଣୁ ସେ ଯେଉଁଠି ପାଠ ପଢ଼ି ଥାଉନା କାହିଁକି ଆମ ଗାଁର ନାଁ ରଖିଲା ତ, ଭାବି ମୁଁ ଗର୍ବିତ ହେଲି।

ହେଲେ ଆଜିର ଏ ଖବର ଓ ଆମ ଗାଁକୁ ନେଇ ଟିଭିର ଆଲୋଚନା ମୋତେ ବିଚଳିତ କରୁଥିଲା। ଏହାକୁ ଖବର କି ଅଖବର କୁହାଯିବ ମୁଁ ଭାବି ପାରୁନଥିଲି। ଭାଇଭାଗର ବଣ୍ଟା ଯାଇଥିବା ଡିହକୁ ଅନ୍ୟ ଏକ ଭାଇର ସାମାନ୍ୟ ଅତିକ୍ରମଣ ଜନିତ ଗଣ୍ଡଗୋଳ। ଗଣ୍ଡଗୋଳରୁ ହାତାହାତି ଓ ହାତାହାତିରୁ ହଣାହଣି। ତିନି ମୃତ ଓ ସାତ ଆହତ। ଆହତଙ୍କ ଭିତରୁ ଦୁଇଜଣଙ୍କ ଅବସ୍ଥା ସଙ୍କଟାପନ୍ନ, ତେଣୁ ମୃତକଙ୍କ ସଂଖ୍ୟା ବଢ଼ିପାରେ ବୋଲି ଆକଳନ। ଖବରକୁ ରୋଚକ ଓ ଉପଭୋଗ୍ୟ କରିବାକୁ ରିପୋର୍ଟର୍ ଲାଇଭ୍ କରି ଘଟଣାସ୍ଥଳରୁ ଖବର ପ୍ରସାରଣ। ସଂବାଦ ସଂଗ୍ରହ କରୁଥିବା ରିପୋର୍ଟର୍ ଜଣଙ୍କର ନିଶ୍ଚୟ କଳାତ୍ମକ ଦୃଷ୍ଟିକୋଣ ଅଛି। ପ୍ରଥମେ ସେ ଦେଖାଇଲେ ଆମ ଗାଁକୁ ଯିବାକୁ ହେଲେ କିପରି ପାରିହେବାକୁ ପଡୁଛି ନଈ। ଏକଥା ମଧ କହିବାକୁ ସେ ଭୁଲିଲେ ନାହିଁ ଯେ- ଦେଖନ୍ତୁ, କିପରି ବିପଦପୂର୍ଣ୍ଣ ନୌଯାତ୍ରା। ନଈ ସେପଟେ ଅଛି ସ୍କୁଲ, କଲେଜ, ଡାକ୍ତରଖାନା, ବ୍ୟାଙ୍କ୍। ଉଭୟ ଶିକ୍ଷା ଓ ଆର୍ଥିକ ଦୃଷ୍ଟିକୋଣରୁ କେବଳ ଏ ଗାଁ ନୁହଁ ପାଖଆଖ ଗାଁଗୁଡ଼ିକ ମଧ ଉନ୍ନତ ଓ ସମୃଦ୍ଧ, ମାତ୍ର ସେ ଅଞ୍ଚଳକୁ ଯିବା ପାଇଁ ଆଜିଯାଏ ନଈ ଉପରେ ପୋଲଟିଏ ନାହିଁ। ତେଣୁ ପ୍ରତିଦିନ ଶହ ଶହ ଛାତ୍ର, ଚାକିରିଆ, ବିଭିନ୍ନ କାର୍ଯ୍ୟରେ ଜିଲ୍ଲା ମୁଖ୍ୟାଳୟକୁ ଯାଉଥିବା ଲୋକେ, ଡାକ୍ତରଖାନାକୁ ଯାଉଥିବା ରୋଗୀ ଏଭଳି ବିପଦଶଙ୍କୁଳ ଯାତ୍ରା କରିବାକୁ ବାଧ୍ୟ ହେଉଛନ୍ତି।

ମୁଁ ଖୁସିହେଲି, ଯାହା ହେଉ ରିପୋର୍ଟରେ ଜଣକ ଏହି ବାହାନାରେ ଆମ ଅଞ୍ଚଳର ବହୁଦିନର ଆବଶ୍ୟକତାକୁ, ଦାବି ନହେଲାନାହିଁ ସୂଚେଇଦେଲେ ତ। ସେ ଡଙ୍ଗାରୁ ଓହ୍ଲାଇ ଉଠିଲେ ନଈବନ୍ଧକୁ। ଉଠୁଉଠୁ ଗୋଟିଏ ବିରଳ ଦୃଶ୍ୟ ଦେଖିବା ଭଳି ସାଥୀ କ୍ୟାମେରାମ୍ୟାନ୍‌କୁ କହିଲେ କ୍ୟାମେରା ପକାଇବାକୁ ଖରସ୍ରୋତାରୁ ବାହାରିଥିବା କାଣୀନଦୀର ମୁହାଣକୁ। ପାଖରେ ଥିବା ଜଣେ ଗାଁଲୋକକୁ ପଚାରିଲେ- ନଈର ନାଁ କ'ଣ ?

କାଣୀ – କାଣୀ ବୋଲି ଲୋକଟି ଦୁଇଥର ଚିଲ୍ଲାଇ କହିଲା।

ନଈ ଆରପଟ ଗାଁ'ର ନାଁ ?

ଏ ଦୁଇଟା ଗୋଟିଏ ଗାଁ – କଣ୍ଟିପୁର। ମଝିରେ ନଈ।

ରିପୋର୍ଟର ଜଣକ ଧାରାବିବରଣୀ ଦେବା ଭଳି କହୁଥିଲେ- ଦେଖନ୍ତୁ, ଖରସ୍ରୋତାର ଶାଖାନଦୀ କାଣୀ, କିପରି ମୁଣ୍ଡର ସିନ୍ଥାନୀ ପରି ଗାଁକୁ ଦୁଇଭାଗ କରି ବହିଚାଲିଛି କ୍ଷୀଣସ୍ରୋତା ହୋଇ। କୂଳେ କୂଳେ ଗାଁର ଘରଦ୍ୱାର। ଗାଁ ରାସ୍ତା ସବୁ କଂକ୍ରିଟ୍ ରାସ୍ତା। କ୍ୟାମେରାରେ ଦେଖାଇ ଦେଖାଇ ସେ ନେଇଗଲା ଗାଁ ସ୍କୁଲ ଓ ଡାକ୍ତରଖାନା ପାଖକୁ। ଶେଷରେ ପହଞ୍ଚିଲେ ଯାଇ ଘଟଣାସ୍ଥଳରେ। ସେ ସ୍ଥାନର ସବୁ ଘରର କବାଟ ଝରକା ବନ୍ଦ୍ ଥିଲା। ରିପୋର୍ଟର ଜଣକ ଯାଇ ଠିଆହେଲେ ଘଟଣା ଘଟିଥିବା ଡିହ ଉପରେ। କ୍ୟାମେରାର କ୍ଲୋଜ୍‌ଅପ ଦେଇ ସେ ବିବରଣୀ ଦେଉଥିଲେ- ଦେଖନ୍ତୁ, ଏଇ ହେଉଛି ସେହି ଜାଗା, ସେହି ଡିହ ଓ ଏହି ଦୁଇହାତ ଜାଗାର ଅତିକ୍ରମଣ ପାଇଁ ଘଟିଯାଇଛି ଏଭଳି ବୀଭତ୍ସ କାଣ୍ଡ। ତିନିତିନିଟି ମୃତ୍ୟୁ, ଜୀବନ ସହ ସଂଗ୍ରାମ କରୁଛନ୍ତି ଆଉ ଦୁଇଜଣ। ଦେଖାଉଥିଲେ ମାଟିରେ ପଡ଼ି ଶୁଖିଯାଇଥିବା ରକ୍ତର ଦାଗକୁ। ଖୋଜିଥିଲେ ସେହି ମାରଣାସ୍ତ୍ରମାନଙ୍କୁ ଯେଉଁଥିରେ ସଂଘଟିତ ହୋଇଥିଲା ହତ୍ୟା। ଯେହେତୁ ତାକୁ ପୁଲିସ୍ ଜବତକରି ନେଇସାରିଥିଲେ, ସେ ଦେଖାଇ ପାରିନଥିଲେ।

ଟିଭିର କ୍ୟାମେରାବାଲାଙ୍କୁ ଦେଖି ଗାଁର କିଛି ଲୋକ ଆସି ନିରାପଦ ଦୂରତ୍ୱରେ ଠିଆହୋଇ ଦେଖୁଥିଲେ ଏସବୁ। ସେମାନଙ୍କୁ ଦେଖି ରିପୋର୍ଟର ଜଣକ ପହଞ୍ଚିଗଲେ ପାଖରେ। ଚାହିଁଲେ ସେମାନଙ୍କଠାରୁ ବାଇଟ୍ ନେବାପାଇଁ। ସେ ଯେତେ ଜଣକ ପାଖକୁ ବୁମ୍ ନେଉଥିଲେ, ସେମାନେ କିଛି ଜାଣିନୁ କହି ମୁହଁବୁଲାଇ ନେଇଥିଲେ। ଶେଷରେ ପହଞ୍ଚିଲେ ଯାଇ ଜଣେ ବୁଢ଼ାଲୋକ ପାଖରେ, ତାଙ୍କୁ ଯେମିତି ପଚାରି ଦେଇଛନ୍ତି- ଘଟଣା କ'ଣ ଓ କେମିତି ଘଟିଲା ମଉସା ? ସେ ତତକ୍ଷଣାତ୍ ଉତ୍ତରଦେଲେ– ମୁଁ କ'ଣ ସେଠାରେ ଥିଲି ନା କ'ଣ, କହିପାରିବି ? ପୁଲିସ୍ ତ ଆସି ଅନୁସନ୍ଧାନ କରୁଛି, ବଳେ କହିବେନି କି। ତିନିଟା ସିନା ମରିଛନ୍ତି ଘଟଣା କ'ଣ କହି ପାରିବେନି, ଆଉ ସାତଟା ପା' ଖଣ୍ଡିଆଖାବରା ହୋଇପଡ଼ିଛନ୍ତି, ସେମାନେ କ'ଣ କହିପାରିବେନି ? ଯଦି ଜାଣିବାର ଅଛି ଯାଇ ସେମାନଙ୍କୁ ପଚାରୁନ।

ଗାଁକୁ ଦେଖୁଥିଲି ଟିଭିରେ ଅଥଚ ନା ଚିହ୍ନି ପାରୁଥିଲି ଗାଁ କୁ ନା ଗାଁ ଲୋକଙ୍କୁ। ଯୁବକମାନଙ୍କୁ ଚିହ୍ନିବାର ସମ୍ଭାବନା ତ ଆଦୌ ନଥିଲା, ବୁଢ଼ାବୁଢ଼ୀ ଲୋକଙ୍କୁ ବି ଚିହ୍ନି ପାରୁନଥିଲି। ବୟସ ବଢ଼ିବା ସହ ଚେହେରାବି ବଦଳିଯାଉଥିଲା ବୁଢ଼ାବୁଢ଼ୀଙ୍କର, ଚିହ୍ନିଥାନ୍ତି ବା କେମିତି। ମନେପକାଇ ପାରୁନଥିଲି

ସମାରୋହ

କେତେ ବର୍ଷ ହେଲାଣି ଯାଇନି ଗାଁକୁ। ପିଲାଦିନରୁ ତ ମରିଯାଇଥିଲା ବୋଉ, ବାପା ବଞ୍ଚିଥିବା ଯାଏ ଯାହା ଯିବାଆସିବା ଥିଲା ଗାଁକୁ। ସେ ଯିବାଆସିବା ବି କେଉଁ ଯିବାରେ ଗଣା ! ବର୍ଷରେ ଥରେ ଅଧେ। ସିଧା ଯାଇ ଘରେ ପହଞ୍ଚିବୁ ଏବଂ ସିଧା ବାହାରିବୁ ଘରୁ। ନଈପାରିରୁ ବର୍ତ୍ତିବା ପାଇଁ ଗାଡ଼ି ଧରି ଯାଇହେବ ବୋଲି ଯାଉଥିଲୁ ଖରାଦିନରେ, ଯେତେବେଳେ ନଈ ଉପରେ ଥାଏ ଖରାଟିଆ ଅସ୍ଥାୟୀ ପୋଲ।

ଗାଁକୁ ଗଲେ ମୋର ଯେ ଗାଁରେ ବୁଲିବାକୁ ଇଚ୍ଛା ନଥାଏ, ସେକଥା ବି ନୁହେଁ। ମନ ତ କହେ ବୁଲିବାକୁ ସବୁ ସାଙ୍ଗମାନଙ୍କ ଘର, ଯେଉଁମାନେ ରହିଗଲେ ଓ ଗାଁରେ ଚାଷବାସ କରୁଛନ୍ତି କିମ୍ବା ବେପାରବଣିଜ କରି ଚଳୁଛନ୍ତି, ଭେଟନ୍ତି ସେମାନଙ୍କୁ। ସେମାନଙ୍କ ଦୃଷ୍ଟିରେ ମୁଁ କୁଆଡ଼େ ଗୋଟେ ବଡ଼ ଚାକିରି କରିଛି ଏବଂ ମୋର ଚିହ୍ନାପରିଚୟ ସବୁଠି ଅଛି। ମୁଁ ଚାହିଁଲେ ପାଠଶାଠ ନ ପଢ଼ି ବେକାର ହୋଇ ବୁଲୁଥିବା ତାଙ୍କ ପିଲାମାନଙ୍କୁ କେଉଁଠି ନା କେଉଁଠି ଗୋଟେ ଗୋଟେ ଚାକିରିରେ ଲଗାଇ ଦେଇପାରନ୍ତି। ଭୀମ ବଳ କୁନ୍ତୀଙ୍କୁ ଜଣା ପରି ମୁଁ ଜାଣେ ମୋର ଶକ୍ତି ଓ କ୍ଷମତା, ମାତ୍ର ରୋକଠୋକ କରିପାରେନା, ମୋ ଦ୍ୱାରା ଚାକିରି ଦେବା କି କରାଇଦେବା ସମ୍ଭବ ନୁହେଁ ବୋଲି। ହଉ ଦେଖିବା କିମ୍ବା ଚେଷ୍ଟା କରିବା କହିଦେଇ ସେମାନଙ୍କ ପାଖରୁ ମୁକୁଳି ଆସେ, ହେଲେ ସେଇଟାକୁ ସେମାନେ ଧରିନିଅନ୍ତି ପ୍ରତିଶ୍ରୁତି ବୋଲି।

ମୋ ପ୍ରତିଶ୍ରୁତି ସେମିତି ପ୍ରତିଶ୍ରୁତିରେ ରହିଯାଏ। କେହି କେହି ବାରମ୍ବାର ଟେଲିଫୋନ୍ କରନ୍ତି, ଆଉ କିଏ କିଏ ତ ମୋ ଠିକଣା ଦେଇ ପିଲାଙ୍କୁ ପଠାଇଦିଅନ୍ତି ମୋତେ ଭେଟିବାକୁ। ସେମାନଙ୍କୁ ଇଣ୍ଟରଭିଉ ଦେବାକୁ ଓ ପଢ଼ାପଢ଼ି କରିବାକୁ କହି ବାଟଖର୍ଚ୍ଚ ଦେଇ ବିଦାକରେ। ଥରେ ସି.ଟି. ଟ୍ରେନିଂ କରିଥିବା ଗୋଟେ ପିଲାକୁ ତା' ବାପା ପଠାଇଦେଲା ମୋ ଠିକଣାଦେଇ। ସାଙ୍ଗର ପୁଅଟା, ଆସିଛି ଯେତେବେଳେ ରହିଲା ଆମ ଘରେ। ପିଲାଟା ଭଲ, ଘରେ ରହୁ ରହୁ ମୋ ପିଲା ଦିଇଟାଙ୍କ ପଢ଼ା ଦାୟିତ୍ୱ ନେଇଗଲା। ମୋ' ସ୍ତ୍ରୀଙ୍କୁ ତା'ର ବ୍ୟବହାର ଓ ପିଲାଙ୍କୁ ପଢ଼ାଇବାର ଶୈଳୀ ଏତେ ଭଲ ଲାଗିଲା ଯେ ତାକୁ ଘରର ଗୋଟେ ସଦସ୍ୟ ବୋଲି ମନେକଲେ ଏବଂ ମୋ ଉପରେ ଚାପଦେଲେ ତା ପାଇଁ ଚାକିରି ଯୋଗାଡ଼ାକରିବାକୁ। ଯୋଗକୁ ସେତେବେଳେ ମୁଁ ଥାଏ କୋରାପୁଟ ଜିଲ୍ଲାରେ। ସେଠାରେ ଶିକ୍ଷକ ଅଭାବ ଥାଏ। ଟିକିଏ ଧରାଧରି ଓ ଲାଗିଲା ପରେ ତାକୁ ଗୋଟେ ମାଷ୍ଟ୍ର ଚାକିରି ମିଳିଗଲା ନବରଙ୍ଗପୁରରେ। ଏ ଖବର ପହଞ୍ଚିଗଲା ଗାଁରେ। ଏଥିରେ ମୋ ଇଜ୍ଜତ ଯେତିକି ବଢ଼ିଲା ତା'ଠାରୁ ଅଧିକ ସମସ୍ୟା ସୃଷ୍ଟିହେଲା। ସେଥିପାଇଁ ମୁଁ ଗାଁକୁ ଗଲାକ୍ଷଣି ପହଞ୍ଚିଯାନ୍ତି ମୋର ସାଙ୍ଗସାଥୀ, ଭାଇବନ୍ଧୁ ଇତ୍ୟାଦି। ପ୍ରଥମେ ତ କହନ୍ତି ମୋ ଆସିବା ଖବର ପାଇ ଭେଟିବାକୁ ଓ ଦୁଃଖସୁଖ ହେବାକୁ ଆସିଛନ୍ତି ବୋଲି, କିନ୍ତୁ ଚା'ପାନ ସରୁ ସରୁ ଓଗାଳି ପକାନ୍ତି ଆସିବାର ଅସଲ ଉଦ୍ଦେଶ୍ୟ। ଏସବୁ ବିଷମ ସ୍ଥିତିକୁ ସାମ୍ନା ନକରିବାକୁ, ମୁଁ ଗାଁକୁ ଗଲେ ବି ବୁଲିପାରେନା ଗାଁରେ କିମ୍ବା ଶଙ୍ଖୋଳି ପାରୁନଥିଲି ବାଲ୍ୟବନ୍ଧୁମାନଙ୍କୁ।

ମନେ ମନେ ଭାବିଲି – ପ୍ରାୟ କୋଡ଼ିଏ ବର୍ଷ ହେବ ମୁଁ ଯାଇନି ଗାଁକୁ। ଏହା ସ୍ୱାଭାବିକ ଯେ ଏହା ଭିତରେ ବଦଳିଯାଇଛି ଗାଁର ରାସ୍ତାଘାଟ, ଘରଦ୍ୱାର, ସ୍କୁଲକଲେଜ, ଡାକ୍ତରଖାନାର ରୂପରେଖ। ମାତ୍ର ଯେଉଁ ଲୋକମାନଙ୍କୁ ଟିଭି ବୁମ୍ ଦେଖାଇ ପଚାରୁଥିଲେ, କାହିଁ ସେମାନଙ୍କ ଭିତରୁ ଜଣକୁ ବି ତ ଚିହ୍ନିପାରିଲିନି ? ଏବେ କ'ଣ ଗାଁ ସହ ଗାଁ ଲୋକ ବି ମୋ ପାଇଁ ଅଚିହ୍ନା ହୋଇଗଲେଣି ?

ସନ୍ଧ୍ୟାରେ ପୁନଶ୍ଚ ଏ ସମ୍ବନ୍ଧରେ ରଖାଯାଇଥିଲା ଏକ ଆଲୋଚନା। ବସିଲି ଶୁଣିବା ପାଇଁ। ଆଲୋଚନାଟି ଥିଲା ଖୁବ୍ ରୋଚକ ଓ ଚିନ୍ତା ଉଦ୍ରେକକାରୀ। ଶୀର୍ଷକ ଥିଲା 'ଦୁଇ ହାତ ଡିହ ଓ ତିନୋଟି ମୃତ୍ୟୁ'। ଆଲୋଚନାରେ ଭାଗ ନେଇଥିଲେ ସରକାରୀ ପକ୍ଷ ନେତା, ଦୁଇ ବିପକ୍ଷ ଦଳର ଦୁଇଜଣ ନେତା ଓ ମାନବୀୟ ମୂଲ୍ୟବୋଧ ଉପରେ ଗବେଷଣା କରିଥିବା ଜଣେ ପ୍ରାଧ୍ୟାପକ। କାର୍ଯ୍ୟକ୍ରମର ସଞ୍ଚାଳକ ମହୋଦୟ ପ୍ରଥମେ ବିପକ୍ଷ ଦଳର ନେତାଙ୍କୁ ଏ ବିଷୟରେ ମନ୍ତବ୍ୟ ରଖିବାକୁ କହିଲେ। ସେ ସିଧାସଳଖ କହିଲେ, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିରେ ଯେ ଚରମ ଅଧୋଗତି ଓ ଅବନ୍ନତି ଘଟିଛି, ଆଜିର ଏ ଘଟଣା ତାର ଜ୍ୱଳନ୍ତ ଉଦାହରଣ। ମୁଖ୍ୟମନ୍ତ୍ରୀ ଯେହେତୁ ନିଜ ହାତରେ ଗୃହ ବିଭାଗ ରଖିଛନ୍ତି, ଏହି ଅଭାବନୀୟ ଘଟଣା ପାଇଁ ସେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ଦରକାର। ସଙ୍ଗେ ସଙ୍ଗେ ମାଡ଼ିବସିଲେ ସରକାରୀ ଦଳର ନେତା। ଏହା ଥିଲା ଏକ ପାରିବାରିକ ସମସ୍ୟା। ପାରିବାରିକ ସମସ୍ୟା କଳହର ରୂପନେଲା, କଳହରୁ ହାତାହାତି, ପିଟାପିଟି ଓ ମୃତାହତ। ଏଥିରେ ସରକାରଙ୍କର କ'ଣ ଭୂମିକା ରହିଲା ଯେ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବେ ?

ଅନ୍ୟତମ ଆଲୋଚକ ପ୍ରାଧ୍ୟାପକ ଜଣକ ଖୁବ୍ ଗମ୍ଭୀର ଭାବରେ ଆରମ୍ଭ କଲେ- ମୁଁ ଏହାକୁ ଏକ ଆଇନଶୃଙ୍ଖଳା ପରିସ୍ଥିତି କିମ୍ବା ରାଜନୈତିକ ଦୃଷ୍ଟିକୋଣରୁ ଦେଖୁନାହିଁ। ଦେଖୁଛି ମାନବୀୟ ମୂଲ୍ୟବୋଧ ଓ ସମ୍ପର୍କର ଅବକ୍ଷୟର ଦୃଷ୍ଟିକୋଣରୁ। ଏ ଘଟଣାଟି ଏକ ପାରିବାରିକ କଳହ। ଜଣେ ଭାଇ ଗାଁରେ ରହୁନଥିବାରୁ ଆଉ ଜଣେ ଭାଗ ଭାଗ ହୋଇଥିବା ଡିହରେ ତା ଜାଗାକୁ ଦୁଇହାତ ମାଡ଼ିଯାଇ ଘର ତିଆରି କରିଥିଲା। ଏ ଖବର ପଡ଼ୋଶୀଙ୍କ ମାଧ୍ୟମରେ ପାଇ ବାହାରେ ରହୁଥିବା ଭାଇଟି ଗାଁକୁ ଆସିଥିଲା। ଭାଇ ଭାଇ ମଧ୍ୟରେ ଏକଥା ପଚରାପଚରି ସମୟରେ କଳହର ସୂତ୍ରପାତ ହେଲା। କଳହରୁ ହାତାହାତି ଏବଂ ହାତାହାତିରୁ ଯାଇ ପହଞ୍ଚିଲା ମୃତାହତ ହେବାଯାଏ। ସାମାନ୍ୟ ଦୁଇହାତ ଜାଗାପାଇଁ ଭାଇ ଭାଇ ଭିତରେ ଏ ଯେଉଁ କଳହ ସୃଷ୍ଟିହେଲା, ତାହା ସୂଚାଇ ଦେଉନିକି ସାଂପ୍ରତିକ ସମୟର ସମ୍ପର୍କର ସଙ୍କଟକୁ ?

ତାଙ୍କ କଥା ନସରୁଣୁ ବିପକ୍ଷ ଦଳର ଅନ୍ୟଜଣେ ସଦସ୍ୟ କହିଲେ ଆପଣ ଯେଉଁ ସମ୍ପର୍କର ସଙ୍କଟ କଥା କହୁଛନ୍ତି, ତାହା କ'ଣ ମହାଭାରତ ଯୁଗରେ ନଥିଲା କି ? ସେଠି ତ ସୂଚ୍ୟଗ୍ରେ ମେଦିନୀ ନଦେବା ଯୋଗୁଁ ଯୁଦ୍ଧ ହୋଇଥିଲା। ଏ କଥାକୁ ସମ୍ପର୍କର ସଙ୍କଟ କହିଦେଇ ଆମେ ଆମ ଦାୟିତ୍ୱ ଖସାଇ ଦେଇପାରିବା ନାହିଁ। ଏହା ସମ୍ପର୍କର ସଙ୍କଟ କଥା ନୁହେଁ ବରଂ ଆଇନଶୃଙ୍ଖଳା ଅଧୋଗତିର ପ୍ରଶ୍ନ। ଏ ରାଜ୍ୟରେ ଆଇନଶୃଙ୍ଖଳା କିଛି ଅଛିକି ? ଏଠାରେ ହତ୍ୟା, ବଳାତ୍କାର, ରାହାଜାନି ନିତିଦିନିଆ ଘଟଣା ହୋଇ ଲୋକଙ୍କର ଦେହସୁହା ହୋଇଗଲାଣି। ଆପଣ ବୋଧେ ଏବେ ଚାକିରୀରେ ଅଛନ୍ତି, ତେଣୁ କଥାଟାକୁ ବୁଲାଇବଙ୍କାଇ କହି ସରକାରଙ୍କ ଦୋଷଦୁର୍ବଳତା ଘୋଡ଼ାଇବାକୁ ଚେଷ୍ଟାକରୁଛନ୍ତି।

ସରକାରୀ ଦଳର ସଦସ୍ୟ ଜଣକ ମାଡ଼ିବସୁଥିଲେ ଏ କଥାକୁ, ମାତ୍ର ସଞ୍ଚାଳକ ଜଣକ ତାଙ୍କୁ କୁହାଇ ନଦେଇ ବ୍ରେକିଂ ନିଉଜ୍ ଦେଖାଇଲେ- ଟ୍ରିପଲ୍ ମର୍ଡ଼ର ଘଟଣାରେ ଗୁରୁତର ଆହତ ଆଉ ଜଣେ ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ। ବ୍ରେକିଂ ନିଉଜ୍ ପରେ ପରେ ରିପୋର୍ଟର ଲାଇଭ୍‌ରେ ଦେଖାଇଲେ ହସ୍ପିଟାଲର ଦୃଶ୍ୟ ଓ ତାଜାଖବର। ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଥିବା ଗୋଟେ ଝିଅର ମୁହଁ ପାଖରେ ବୁମ୍ ଦେଖାଇ ତା'ର ପରିଚୟ ଓ ଘଟଣା ସମ୍ପର୍କରେ ପଚାରିଲେ। ଝିଅଟି ଥିଲା ଅତିକ୍ରମଣ ହୋଇଥିଲା ଡିହ ମାଲିକଙ୍କ କନ୍ୟା। ତା' କହିବା ଅନୁଯାୟୀ ତାଙ୍କ ଡିହକୁ ମଡ଼ାଇ ତା' ଦାଦା ଘର କହୁଛନ୍ତି ବୋଲି ପଡ଼ୋଶୀଙ୍କଠାରୁ ଖବର ପାଇ ମାତ୍ର ଦୁଇଦିନ ତଳେ ସେମାନେ କୋରାପୁଟରୁ ଗାଁକୁ ଆସିଥିଲେ। ପହଞ୍ଚିବା ପରେ ଦାଦାଙ୍କ ସହ ବାପା ଏ ବିଷୟରେ ଆଲୋଚନା କଲେ। ଦାଦା କଥା ଶୁଣିଲେନି ଓ ଯାହା ହୋଇଛି ଠିକ୍ ହୋଇଛି ବୋଲି କହିଲେ। ଓଲଟି କହିଲେ- ମୁଁ ଯାହା କରିଛି ଠିକ୍ କରିଛି, ଯଦି ମୋ ନାଁରେ ନାଲିସ୍ କରିବାର ଅଛି କର। ବାପା ପୁଲିସ୍ ଥାନାକୁ ଗଲେ, ରିପୋର୍ଟ ଲେଖାଇଲେ। ଦାଦାଙ୍କର ଗାଁ ସରପଞ୍ଚ ସହ ଭଲ – ତାଙ୍କୁ ଧରି ସେ ଥାନାକୁ ଯାଇ ରିପୋର୍ଟକୁ ଚପାଇଦେଲେ। ଥାନାରୁ ଫେରିବା ପରେ କଥାକଟାକଟି ଯୁକ୍ତିତର୍କ ହେଉହେଉ ହାତାହାତି। ହାତାହାତିରୁ ହଣାକଟା। ବାପାଙ୍କୁ ସେଥିରୁ ନିବୃତ୍ତ କରିବାକୁ ଓ ଆକ୍ରମଣରୁ ରକ୍ଷା କରିବାକୁ ଯାଇ ମୋର ଏ ଅବସ୍ଥା।

ତମ ବାପା କ'ଣ କରୁଥିଲେ କୋରାପୁଟରେ ? ରିପୋର୍ଟର ପ୍ରଶ୍ନ କଲେ।

ଶିକ୍ଷକତା।

ତାଙ୍କ ନାଁ ?

ବଂଶୀଧର ଜେନା।

ବଂଶୀଧର ନାଁ ଟା ଶୁଣି ମୁଁ ଚମକିପଡ଼ିଲି। ଇଏ କ'ଣ ସେହି ଗୋପାଳ ପୁଅ ବଂଶୀ କି? ଯାହାକୁ ମୁଁ କୋରାପୁଟରେ ଚାକିରୀ କରାଇଦେଇଥିଲି? ପତ୍ନୀଙ୍କୁ ଡାକଛାଡ଼ିଲି- ଶୁଣୁଛ, ଶୁଣୁଛ ?

ରୋଷେଇଘରୁ ଥାଇ ସେ ଜବାବଦେଲେ- ହଁ ଶୁଣୁଛି, ଆଉ ଥରେ ଚା' ଦରକାର ତ ?

ଆରେ ନା ମ, ମୁଁ ଚା' ମାଗୁନାହିଁ, ଶୁଣ ବଂଶୀର କ'ଣ ହେଲା। ବଂଶୀ ! କେଉଁ ବଂଶୀ ?

ମୁଁ ଜାଣେ, ତମେ ତାକୁ ଭୁଲି ସାରିଥିବ। ଆରେ ଆମେ କୋରାପୁଟରେ ଥିଲାବେଳେ ଯିଏ ଆମ ପାଖକୁ ଆସି ରହୁଥିଲା। ଆମେ ତାକୁ ସେଠି ମାଷ୍ଟର ଚାକିରି କରାଇଦେଇଥିଲେ।

ହଁ, ହଁ, ମନେପଡ଼ିଲା। କ'ଣ ହେଲା ତା'ର ?

ତା'ର ମର୍ଡ଼ର ହୋଇଗଲା।

କ'ଣ ମାଓବାଦୀମାନେ, ଭାଓବାଦୀମାନେ ମାରିଦେଲେ ?

ନା, ନା, ମାଉବାଦୀ ନୁହେଁ, ଭାଓବାଦୀମାନେ ମାରିଦେଲେ।

ଏମାନେ ପୁଣି କେଉଁ ଦଳର ?

ମୋ'ଠାରୁ ସବୁ କଥା ଶୁଣିସାରିବା ପରେ ନଥିକରି ସୋଫା ଉପରେ ବସିଯାଇ କହିଲେ- କି ଦରକାର ଥିଲା ଦି' ହାତ ଜାଗା ପାଇଁ ଏତେ ଅଳିହକୁ ପଶିବାରେ ? ସେ ଦି'ହାତ ଜାଗା କ'ଣ ସ୍ୱର୍ଗକୁ ନେଇଥାନ୍ତା ?

ନେଲାତ- ସେହି ଦି'ହାତ ଜାଗା ତ ସ୍ୱର୍ଗକୁ ନେଲା, ନେଲାନି କେମିତି ? ତମେ ଏବେ ତା' ବିଷୟରେ କହିଲାବେଳେ କହୁଛ ନା କି ଦରକାର ଥିଲା ଦି'ହାତ ଜାଗା ପାଇଁ ଏତେ ଅଳିହକୁ ପଶିବାରେ, ନିଜ କଥା ଆସିଲାବେଳକୁ କ'ଣ କୁହ ? ମାଇପ ଆଗରେ ପାଇକପଣ, ଭାଇ ଆଗରେ ମୂଷା, ପାଟିରେ ମଣ୍ଡା ପଶିଥାଏ ଇତ୍ୟାଦି ଇତ୍ୟାଦି କେତେ କଥା। ଏଥର ତ ଘରୁ ଆସିଲାବେଳେ ପଣ କରି ବି ଆସିଛ ଇଂଚେ ଜାଗା ଛାଡ଼ିବ ନାହିଁ ବୋଲି।

ହଁ, ପଣ କରିଛି। ସେ କ'ଣ ଏକା ବାପର ପୁଅ ? ତମେ କ'ଣ କେଉଁଠୁ ଭାସି ଆସିଥିଲ ? ଆମେ ବାହାରେ ରହୁଥିଲେ ବୋଲି ଜୀବନସାରା ସବୁ ଖାଇଲେ। ଧାନ, ବିରି, ମୁଗ, ବାଦାମ, ନଡ଼ିଆ ସବୁ। କେବେ ଶ୍ରଦ୍ଧାରେ ଦେଇଛନ୍ତି କିଛି ? ଜମିବାଡ଼ିରୁ ଖାଇ ଖାଇ ପେଟ ପୂରିଲାନି ଯେ ବାଡ଼ି ଓ ତୋଟାର ଗଛବୃଛ ବିକି ବି ଖାଇଲେ। ଆଉ ଗୋଟେ ଭାଇ ଅଛି ବୋଲି କେବେ ହିସାବକୁ ନେଇଛନ୍ତି ? ଏକାଙ୍ଗ ଚକ୍ରବର୍ତ୍ତୀ ହୋଇ ବାପଧନକୁ ସବୁ ଅଂଗଧନ କଲେ। କେବେ ଗାଁକୁ ଗଲେ ଯୋଗୀଭିକାରିକୁ ଦେବା ପରି କ'ଣ ଟିକେ ଦେଇଦେବେ ଯେ ଶହେ ଷାଠିଏ କିଏ ଖାଇଯାଉଛି ପରି ମୁହଁଟାକୁ କରିଥିବେ। ଦେଖିଲନି ଗତଥର କଣି ବିରି ଓ ବାଦାମ ଗଣ୍ଡେ କେମିତି ଗରଗର ହୋଇ ଦେଲେ। ସେଥିପାଇଁ ତ ମୁଁ ଫେରିବାବେଳେ ପଣକରିଥିଲି- ଆଉ ଭାଗ ଛାଡ଼ିବିନି ବୋଲି। ମୁଁ ତମକୁ ସେଥିରେ ପଶିବା ପାଇଁ କହୁନି, ମୁଁ ପଶିବି। କି ମହାଭାରତ ହେବ ମୁଁ ଦେଖିବି।

କଥାଟା ବଂଶୀର ମୃତ୍ୟୁ କଥାରୁ ଯାଇ ଆମଘର କଥାରେ ପଶିବା ଦେଖି ଜାଣିଲି ଯେ କଥା ଏବେ ଲମ୍ବିବ ଢେର୍ ବେଳଯାଏ। ଗୋହି ଖୋଲା ଚାଲିବ। କିଏ କ'ଣ ଦେଲା ନଦେଲା, ବାହାଘର ପରଠାରୁ ଆଜିଯାଏର ଘଟଣା, କିଏ କେତେବେଳେ କ'ଣ କହିଥିଲା ତା'ର ଏକ ଲମ୍ବା ବିବରଣୀ। ମୁଁ ତ ବେଳେବେଳେ ଆଶ୍ଚର୍ଯ୍ୟହୁଏ ଯେ ସ୍ତ୍ରୀଲୋକମାନେ ଏତେଦିନର ଛୋଟିଆ ଛୋଟିଆ କଥାକୁ ଏମିତି କେମିତି ମନେରଖିଥାନ୍ତି ବୋଲି ! ଯଦି କେବେ ଥରେ କହିଦିଏ, ଏ ସ୍ମରଣଶକ୍ତିକୁ ପାଠରେ ଲଗାଇଥିଲେ ତମେ ନିଶ୍ଚୟ ବାଜିମାତ କରିଥା'ନ୍ତ ପାଠରେ। ତାଙ୍କ ପୋଥି ଖୋଲାରୁ ନିଷ୍କୃତି ପାଇବାକୁ ମୁଁ କଥାର ମୋଡ଼ ବଦଳାଇ କହିଲି- ଯାଅମ ଚା'କପଟିଏ କର।

ଚା' କରିବାକୁ ଉଠି ଯାଉ ଯାଉ କହିଲେ- ମୁଁ ଜାଣେ, ତମ ଘର କଥା ପଡ଼ିଲେ ତମକୁ ଗନ୍ଧେଇବ। ସବୁ ଭାଇ ଗୋଟିଏ ଲାଉର ମଂଜ ସବୁ ମାଡ଼ିବସି ଖାଉଥିବେ, ଯଦି ଭାଗମାଗିଲ ଏମିତି ଗଣ୍ଡଗୋଳ। ଯେଉଁ ଭାଇ ସାନ ଭାଇର ଡିହକୁ ଜବରଣ ମାଡ଼ିଯାଇ ଘର କରୁଥିଲା, ପ୍ରତିବାଦ କରିବାରୁ ଏ ହଣାକଟାକୁ କଥା ଗଲା, ତାକୁ ଭାଇ କହିବ ନା କଂସେଇ ? ଦି'ହାତ ଡିହ ପାଇଁ ରହ ଏବେ ସାରା ଜୀବନ ଜେଲରେ !

ମନେ ପକାଉଥିଲି ବଂଶୀଧରକୁ। ଖୁବ୍ ଭଲ ପିଲାଟିଏ ଥିଲା। ଆହା ଚାଣ୍ଡାଳଗୁଡ଼ା ତାକୁ ମାରିଦେଲେ !

ଆଲୋଚନା ପରେ ପରେ ଆରମ୍ଭହେଲା ସଂବାଦ। ପୁନଶ୍ଚ ଟ୍ରିପିଲ୍ ମର୍ଡ଼ର ହିଁ ଥିଲା ମୁଖ୍ୟ ଖବର। ଖବର ଭିତରେ ଆସିଲା ଆଉ ଏକ ଖବର – ଧୋୟା ଅଞ୍ଚଳ ବିକାଶ ପରିଷଦର ଦାବି ଓ ସେ ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା ପାଇଁ ଯୋଗାଯୋଗର ଆବଶ୍ୟକତାକୁ ଉପଲବ୍ଧି କରି ଖରସ୍ରୋତା ସେତୁକୁ ସରକାର ମଂଜୁର କରିଛନ୍ତି। ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ- ଆସନ୍ତା ଅଠର ମାସ ମଧ୍ୟରେ ସେତୁ ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ।

ଆମ ଗାଁକୁ ପୋଲ ହେବ। ଏ ଖବର ମୋତେ ଉଲ୍ଲସିତ କଲା। ବଂଶୀଧର ବୋଧେ ଥିଲା ଧର୍ମପଦ, ଯିଏ ମୁଣ୍ଡିମାରିଲା ପୋଲର। ମନେପଡ଼ିଲା ପିଲାଦିନର ସ୍ମୃତି। ଏକା ନଈ ବାର କୋଶ, ଯାହା କହନ୍ତି ତାକୁ ଅଂଗେ ଲିଭାଇଛି କେତେଥର। ଡଙ୍ଗା ନ ପାଇ କେତେ ରାତି ପୁହାଇଛି ନଈକୂଳରେ। ଥରେ ତ ପିଲାଛୁଆଙ୍କୁ ଧରି ନଈକୂଳରେ ପହଞ୍ଚିଲାବେଳକୁ ଝଡ଼ିବର୍ଷା, ଡଙ୍ଗା ସେପଟେ, ଭରା ନଈ। ଡାକ ଡାକି ଥକିଗଲା ସିନା, ନା ପବନ ମାଡ଼ରେ ମୋ ଡାକ ସେପଟକୁ ଯାଉଥିଲା ନା ଘାଟିଆ ଶୁଣୁଥିଲା। ବଢ଼ି ବଢ଼ି ଯାଉଥାଏ ରାତି, ବର୍ଷାର ବେଗ ବି ବଢୁଥାଏ। ଅନ୍ୟ ଉପାୟ ନପାଇ ବନ୍ଧେ ବନ୍ଧେ ଚାଲିଲୁ ଦୁଇ କିଲୋମିଟର ଦୂରରେ ଥିବା ଜଣେ ସମ୍ପର୍କୀୟ ମାମୁଘରକୁ। ତାଙ୍କ ଘରେ ପହଞ୍ଚିଲାବେଳକୁ ଛୁଆ ଦିଇଟା ବର୍ଷା ମାଡ଼ ଖାଇ ପୂରା କାଲୁଆ ହୋଇସାରିଥିଲେ। ଗାଁ କଥା, ପୁଣି ଝଡ଼ିବର୍ଷା ରାତି। ସେମାନେ ଖାଇପିଇ ଶୋଇସାରିଥିଲେ। ଆମ କବାଟ ବାଡ଼େଇବା ଶବ୍ଦ ଶୁଣି କବାଟ ଖୋଲିଲେ। ଯେତିକି ବିସ୍ମୟ, ତା' ଠାରୁ ଅଧିକ ଆନନ୍ଦ ପ୍ରକଟ କଲେ। ସଙ୍ଗେ ସଙ୍ଗେ ବୋହୂକୁ ଉଠାଇଲେ। ଆମକୁ ବଢ଼ାଇଦେଲେ ଶୁଖିଲା ଗାମୁଛା ଓ ଲୁଗା। ପିଲାଦିଇଟାକୁ ମାଇଁ ତ ନିଜେ ପୋଛାପୋଛି କରି ବୋହୂକୁ କହିଲେ- ଆଗ ସୋରିଷତେଲ ରସୁଣଫୁଟା, ମୁଁ ଛୁଆ ଦିଇଟାଙ୍କୁ ମାଲିସ୍ କରେ। ପରେ ଚକୁଳିଳ, ଭଜା ଓ କ୍ଷୀର ଗରମ କର। ଆଲୋ ଇଏ ତୋର ଦିଅର ହେବ, ଆଡ଼ ଆଡ଼ କାହିଁକି ହେଉଛୁ ? ଏବେ ସିନା ଚାକିରିବାକିରି କରି ବାହାରେ ରହୁଛନ୍ତି ବୋଲି ଆଉ ଦେଖା ସାକ୍ଷାତ ନାହିଁ, ନହେଲେ ପିଲାବେଳେ କେତେ ଅଳି ଅର୍ଦ୍ଦଳି କରନ୍ତି ଏଠି ତା' ସାନ ମାଆ ସହ ଆସି।

ଅତୀତ ସ୍ମୃତିରୁ ମୁକୁଳି ଏଭଳି ଏକ ଖୁସିଖବର ଦେବାକୁ ଡାକିଲି ପତ୍ନୀଙ୍କୁ। ହଁ ଚା' ନେଇଯାଉଛି ରୁହ, ସେଇ ମଲାଗଲା, ହଣାକଟା ଖବର କେତେ ଦେଖୁଥିବି ? ମୋର ତ ସେ ଖବର ଦେଖିଲେ ଦେହ ସହେନା। ମୋତେ ଚା' କପ୍ ବଢ଼ାଇ ଦେଉ ଦେଉ କହିଲେ – ତମକୁ ଭାରି ଗୌରବ ଲାଗୁଛି ନା ତମ ଗାଁ କଥା ଟିଭିରେ ଦେଖାଉଛି ବୋଲି ? ହଁ, କିଏ ଦେଉଳ ତୋଳି ନାଁ କରେ, କିଏ ବାଟରେ ହଗି।

ନା ନା, ମୁଁ ବଂଶୀର ମଲା ଖବର କି ତା ଶବ ଦେଖାଇବାକୁ ତମକୁ ଡାକୁନଥିଲି। ଡାକୁଥିଲି, କହିବାପାଇଁ ଯେ ଆମ ଗାଁକୁ ଏବେ ପୋଲ ହୋଇଯିବ।

ପୋଲ ! ହଁ ହଉ ଥାଉ ପୋଲ। ଗମନାଗମନର ସୁବିଧା ସିନା କରିଦେଇପାରିବ ପୋଲ, ହେଲେ ମନକୁ ତ ଯୋଡ଼ିପାରିବ ନାହିଁ। ଏବେ ଗାଁ ଆଉ ଗାଁ ହୋଇଅଛି ଯେ ତମେ ଖୁସିହେଉଛ ପୋଲ ହେଲା ଗାଁକୁ ଯିବା ସହଜ ଓ ସୁଗମ ହୋଇଗଲା। ସେଠି ଏବେ ଶାଗଖିଆକୁ ପେଜଖିଆ ସହିପାରୁନି। ପରସ୍ପର ଭିତରେ ପ୍ରତିଯୋଗିତା ଓ ଈର୍ଷାରେ ଜଳୁଛି ଗାଁ। ନଚେତ ଦି'ହାତ ଜାଗା ପାଇଁ କ'ଣ ହାଣ ଖାଇଥାନ୍ତା ବଂଶୀ ? କେତେ ଭଲ ପିଲାଟାଏ ନଥିଲା ସତରେ !

***ତଥାସ୍ତୁ, କଲ୍ୟାଣୀ ନଗର, ଫେଜ୍-୨,***
***ରଘୁନାଥପୁର ଜଲି, ପଟିଆ,***
***ଭୁବନେଶ୍ୱର-୭୫୧୦୨୪***
***ଦୂରଭାଷ: ୯୪୩୭୪୨୭୬୯୧***



# ତୀର୍ଥ

## ଗାୟତ୍ରୀ ଆର୍ଯ୍ୟ

କାର୍ ଚାଲିଥିଲା।

ପୁଅ ମୁଁ ଓ ଡ୍ରାଇଭର ଗାଡିରେ ଥିଲୁ। ପୁଅ ତା' ଗାଡ଼ି ନିଜେ ଚଲାଏ, ହେଲେ ଆମେ ଯାଉଥିବା ସ୍ଥାନ ସଂପର୍କରେ ଡ୍ରାଇଭର ପିଲାଟିର ଜ୍ଞାନ ଅଧିକ ଥିଲା।

ମାଓବାଦୀ ଏରିଆ।

ଖବରକାଗଜରୁ ପଢ଼ି ପଢ଼ି ଆସୁଛୁ ଦୀର୍ଘବର୍ଷ ହେଲା।

ପୁଅର ମାଲକାନଗିରି ଜିଲ୍ଲାରେ ଚାକିରି ସାତବର୍ଷ ପୂରିଗଲାଣି। ବୃତ୍ତିରେ ଡାକ୍ତର, ପୁଣି ଏଠାରେ ନିଜର କ୍ଲିନିକ୍ କରିଥିଲା। ହସପିଟାଲରୁ ଆସି ସେ ତା'ର ରୋଗୀଙ୍କ ଦୁଃଖ ସୁଖ ଯନ୍ତ୍ରଣାରେ ସାମିଲ୍ ହେଇଯାଉଥିଲା।

ଘରକୁ ଫେରିଲେ ମଧ୍ୟ ଢ଼େର୍ ବେଳଯାଏ ରୋଗୀମାନେ ତା' ମୁଣ୍ଡରେ ନାଚ କରୁଥିଲେ। କିଏ ବେଳ ଅବେଳରେ ଫୋନ୍ କରି ନାନା ଅଜବ ପ୍ରଶ୍ନ କରୁଥିଲେ।

ସବୁ ପ୍ରଶ୍ନର ଉତ୍ତର ଦଉଥିଲା। ବେଳେବେଳେ ଫୋନ୍ ସାଉଣ୍ଡ ଲୋ କରି ରଖୁଥିଲା। ପୁଅ ଏଠାକୁ ଆସିବା ଦିନୁ ମୋତେ ପ୍ରତିଶ୍ରୁତି ଦେଇ ଚାଲିଥିଲା ଯେ ମୋର ପିଲାଦିନର ଆଶ୍ରମ ସ୍କୁଲକୁ ମୋତେ ବୁଲେଇ ନବ। ଯେଉଁଠିକି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୁଁ ପାଠ ପଢ଼ିଥିଲି। ମୋ ବାପା ସେଠାରେ ଶିକ୍ଷକ ଥିଲେ।

ଏହା ଭିତରେ ତା'ର ଝିଅକୁ ପାଞ୍ଚବର୍ଷ ପୂରି ଗଲାଣି। ମୋ କଥା ତା'ର ମନେଥାଇ ମଧ୍ୟ ସେ ସୁବିଧା ସୁଯୋଗ କାର୍ଯ୍ୟକାରୀ ହେଇପାରୁନଥିଲା।

ଏଥର କିନ୍ତୁ ସେହି ମହାର୍ଘ ବେଳା ଉପନୀତ ହେଇଥିଲା। ତା' ନିଜ ତରଫରୁ ସମୟ କାଢ଼ି ମୋତେ ଏଇ ରବିବାର ଦିନ ଆଣି ଆସିଲା। ନାତୁଣୀ ଓ ବୋହୂ ତାଙ୍କର ରବିବାର ଛୁଟିକୁ ଉପଭୋଗ କରୁଥିଲେ ଅଳସଭାଙ୍ଗି।

ଆମେ ଚଟାପଟ୍ ସାମାନ୍ୟ ଜଳଯୋଗ ପରେ ବାହାରିଥିଲୁ।

ମତେ ବିଶ୍ୱାସ ହେଉନଥିଲା। ସତରେ କଣ ଆମେ ମୋ ସ୍କୁଲକୁ ଯାଉଥିଲୁ ?

ଗମ୍ପାକୋଣ୍ଡା ଆଶ୍ରମ ସ୍କୁଲ। ମାଲକାନ୍‌ଗିରି ସହରଠାରୁ ପ୍ରାୟ ତିରିଶି କିଲୋମିଟର ଦୂର ହେବ ବୋଧେ।

ପ୍ରତିଥର ପୁଅ ପାଖକୁ ଆସିବା ସମୟ ମୁଁ ସ୍ୱପ୍ନ ଦେଖେ ମୋର ସେଇ ଆଶ୍ରମ ସ୍କୁଲକୁ। ପୁଅ ପାଖରେ ସମୟ କେମିତି ବାଲି ମୁଠାରୁ ବାଲି ସରିବା ପରି ଝଅଟ ଝଅଟ ସରିଯାଏ। ଆସିବା ପାଇଁ ବସ୍‌ରେ ବସିଲେ ମୁଁ ବଣ ଜଙ୍ଗଲ ଘାଟି ଦେଖୁ ଦେଖୁ ହଜିଯାଏ ପୁଣି ମୋ ପୁରୁଣା ସ୍କୁଲର ସ୍ମୃତିରେ। ବସ୍ ଗୋବିନ୍ଦ ପାଲ୍ଲି, ବୈପାରୀଗୁଡ଼ା ଜୟପୁର କୋରାପୁଟ ହେଇ ସାଲୁର ଘାଟି ହେଇ ସୁଙ୍କିରେ ରହେ ରାତିର ଖାଦ୍ୟ ଖାଇବା ପାଇଁ। ଯାତ୍ରୀମାନଙ୍କ ଭୋଜନ ପରେ ଅଙ୍କାବଙ୍କା ସାଲୁର ଘାଟିରେ ଦୀର୍ଘ ସମୟ ବସ୍ ଓ ଡ୍ରାଇଭରର କସରତ ଚାଲିଥାଏ। ପାହାଡ଼ କଟା ହେଇ ରାସ୍ତା ତିଆରି ହେଇଥାଏ। ଗୋଟେ ପଟେ ପାହାଡ, ଅନ୍ୟ ପଟେ ଖାଇ ସୁଗଭୀର। ଆଖି ବୁଜି ହେଇଯାଏ।

ମୋତେ ଶୋଇ ପାରେନା ବସ୍‌ରେ। କାଚ ଭିତରୁ ଗଛଲତାର ଗହଳରେ ହଜିଯାଏ। ସ୍କୁଲ କଥା ମନେ ପକାଏ। ମୋର ମାନସ ପଟରେ ମୋ ସ୍କୁଲ ସବୁଦିନ ପାଇଁ ଅପହଞ୍ଚ ହେଇ ରହି ଯାଉଥିଲା। କାହିଁ କେତେ ଦିନ ଛାଡ଼ି ଆସୁଥିବା ସ୍କୁଲ ତା' ସ୍ମୃତି ମୋର ସେଇ ଅପଲକ କଅଁଳିଆ କିଶୋରୀ ମନର ଘଟଣା ମୋର ପିଛା ଛାଡ଼େନା କେବେ।

ମନ ଉହଲ ବିକଳ ହୁଏ ଥରେ ସେ ମାଟିକୁ ସ୍ପର୍ଶ କରିବାକୁ। ଅତୀତର ସବୁ କିଛି ସୁଖଦ ଅନୁଭୂତି ଅଟକିଯାଏ ସେଇ ଆଶ୍ରମରେ।

ସେଇଠି ବିତେଇଥିବା ସେଇ ପିଲାଦିନ ମତେ ବଞ୍ଚେଇ ରଖିଥାଏ। ମୁଁ ବଞ୍ଚେଇ ରଖିଥାଏ ସେ ସବୁ ମୋ ଛାତି ତଳେ, କେତେ ବାଆ ବତାସ, ଝାଞ୍ଜିପବନରୁ ଲୁଚେଇ।

ସେମାନେ କିନ୍ତୁ ବେଳେବେଳେ ଅମାନିଆଁ ହେଇ ବାହାରି ଆସନ୍ତି ଅତର୍କିତ ଭାବେ।

କାର୍ ଚାଲିଥିଲା ଏମ୍ ଭି ଆଡ଼କୁ। ବାଟରେ କେତେ ଗ୍ରାମ ପଡ଼ିଲା। ବଙ୍ଗୀୟ ଶରଣାର୍ଥୀ ମାନଙ୍କୁ ଥଇଥାନ କରିବା ପାଇଁ ସରକାରଙ୍କ ମାଲକାନିଗିରି ଭିଲେଜର ସ୍ଥାପନା। ବୁଦୁବୁଦିଆ ଜଙ୍ଗଲ ସବୁଜିମା ଓ ପାହାଡ ମାନଙ୍କର ଲୁଚକାଳି ଖେଳ ଚାଲିଥିଲା। ଆଗ ପରି ଘଞ୍ଚଜଙ୍ଗଲ ନଥିଲା। ଲୋକମାନେ ଜଙ୍ଗଲ କାଟି ପଦା କରି ସାରିଥିଲେ ପ୍ରାୟ। ତଥାପି ବାଟରେ ଥିବା ଅଳ୍ପ ଜଙ୍ଗଲିଆ ସ୍ଥାନରେ ପୁଅ ଗାଡି ରଖିଲା। ସେଠାକାର ଗଛଲତାଙ୍କ ଶ୍ୟାମଳ ସୌନ୍ଦର୍ଯ୍ୟରେ ବିମୋହିତ ହେଇ ମାଆ ପୁଅ ଫଟୋ ଉଠେଇଲୁ।

ପୁଅ ନିଜର ସେଲ୍‌ଫି ଓ ଫଟୋ ନେଲା।

ହଠାତ୍ ତା ବୃତ୍ତିରୁ କିଛି ସମୟ କାଢ଼ି ସେ ମୋ ସହିତ ଉପଭୋଗ କରୁଥିଲା ଜଙ୍ଗଲର ସବୁଜିମା। ତା' ପାଖକୁ ପ୍ରାୟ ଦୁଇବର୍ଷ ପରେ ଆସିଥିଲି। ମୋତେ ଖୁସି କରାଇବା ପାଇଁ ହଠାତ୍ ତା'ର ଏ ପୋଗ୍ରାମ ରଖିଥିଲା।

ସତରେ ମୋତେ ଚମକାଇ ଦେଇଥିଲା।

ଏହା କ'ଣ ସମ୍ଭବ ? ଏତେ ଦିନ ହେଲାଣି ଏ ସୁଯୋଗ ଆଗରୁ ଆସି ନଥିଲା। ପୁଅର ବାପା ଆଗରୁ ଜୟପୁରରେ କାର୍ଯ୍ୟରତ ଥିଲେ। ହେଲେ ସେତେବେଳେ ସମୟ ସୁବିଧା ସୁଯୋଗ ନଥିଲା। ବିଶେଷ କୋଳାହଳ ନଥିଲା ଗାଡ଼ି ମଟରଙ୍କର। ରବିବାର ଛୁଟିଦିନ ଥିଲା ତ।

ରାଜଧାନୀର ଭିଡ଼ ଗାଡି ମଟରର ପ୍ରବଳ ପ୍ରତିଯୋଗିତା ମନେ ପଡୁଥିଲା।

କାର୍ କାଚ ଖୋଲି ପବନ ପିଇ ପିଇ ଚାରିଆଡ଼କୁ ଦେଖୁଥିଲି।

ଧିରେ ଧିରେ ମନ ଫେରୁଥିଲା ପଛକୁ। ସମୟର ଚକ ଏତେ ଆଗକୁ ଆସିଥିଲା ଯେ ତାକୁ ପଛକୁ ଟାଣିବାକୁ ପଡୁଥିଲା। ଯେପରି ଡଙ୍ଗାକୁ ସ୍ରୋତର ବିପରୀତ ଦିଗରେ ବାହିବା କଷ୍ଟକର ହୁଏ।

ରାସ୍ତାଘାଟକୁ ଚିହ୍ନିଥିଲି। ହଁ ଏଇ ରାସ୍ତା ତ....

ଏକ ଅନିର୍ବଚନୀୟ ଉଲ୍ଲାସରେ ଭିଜୁଥିଲି।

କେତେବର୍ଷ ତଳେ ଏଇ ରାସ୍ତାରେ ଯାତାୟତ କରିଥିଲି। ସେତେବେଳେ ସାଥୀରେ ବାପା ବୋଉ ଓ ଛୋଟ ଭାଇଭଉଣୀ ଥିଲେ।

ଏବେ ପୁଅ ଆସିଛି ମୋର ....ଏଠାକୁ।

କମ୍ ବଡ଼ କଥା ନୁହେଁ ମୋ ପାଇଁ।

ଲାଗୁଥିଲା କାର୍ ଚାଳକ ବହୁତ ଶୀଘ୍ର ଗାଡ଼ି ଚଳାଉଛି। ମନ ହେଉଥିଲା କହିବାକୁ। ଆରେ ... ଧିରେ ଧିରେ ଚଲା। ଏତେ ତରତର କାହିଁକି ପହଞ୍ଚିଯିବାକୁ।

ମୁଁ ପୋଷ ପୋଷ କରି ରାସ୍ତାଘାଟର ଧୂଳି ପବନର ମିଠା ବାସ୍ନା ଜଙ୍ଗଲର ସବୁଜିମା। ପକ୍ଷୀର କାକଳିକୁ ହୃଦୟରେ ଅନୁଭବ କରି କରି ଚାଲୁଥାନ୍ତି। ରାସ୍ତା ସରୁ ନଥାନ୍ତା।

କିଛି ବାଟ ଗଲା ପରେ ପୋଟେରୁ ନଦୀ ଆସିଲା। ପୋଲ ଦୁର୍ବଳ ଓ ପୁରୁଣା ଥିଲା। ଲେଖା ଯାଇଥିଲା। 'ଭାରି ଯାନ ଯିବା ନିଷେଧ'।

ପୋଲଟା କେତେ ବର୍ଷର କିଏ ଜାଣେ ?

ଆମେ ଗଲାବେଳେ ଶେଷଥର, ନଦୀରେ ପୋଲ ନଥିଲା ସେ ସମୟରେ।

ବର୍ଷା ଦିନରେ ପ୍ରଖର ସ୍ରୋତ ହେଉଥିଲା। ଯାତାୟାତ ବନ୍ଦ ରହୁଥିଲା। ବର୍ଷା ଛାଡ଼ିବା କିଛି ସମୟ ପରେ ପାଣି ସବୁ କୁଆଡ଼େ ବୋହି ଯାଉଥିଲା। ଖରାଦିନେ ପ୍ରାୟ ଶୁଖିଲା ରହୁଥିଲା। ନଦୀରେ ପଶି ଯା ଆସ କରୁଥିଲେ ସମସ୍ତେ। କେତେ ବର୍ଷ ବିତିଗଲାଣି। ନଦୀରେ କେତେ ନା କେତେ ଜଳ ବହିଗଲାଣି। ସମୟର ସ୍ରୋତପରି।

ନଦୀର ପୋଲ ପାର୍ ହେଲା ପରେ ଆଉ ଅଳ୍ପବାଟ ଗଲାପରେ ଧିରେ ଧିରେ କାର୍ ଯାଇ ଗୋଟିଏ ସୁଦୃଶ୍ୟ ଗେଟ୍ ସାମ୍ନାରେ ରହିଲା। ଫଳକରେ ଲେଖାଥିଲା, ଗମ୍ପାକୋଣ୍ଡା ଆଶ୍ରମ ସ୍କୁଲ୍। ମୋର ଚିର ଇପ୍‌ସିତ ସ୍କୁଲ।

ଡ୍ରାଇଭର ବାବୁଙ୍କୁ ଏପଟର ରାସ୍ତା ସବୁ ମାଲୁମ୍ ଥିଲା। ନିଜ ଗାଡ଼ିରେ ଭଡ଼ା ଆଣି ଏପଟ ଏରିଆକୁ ଆସୁଥିଲେ। ରାସ୍ତାଘାଟ ସହିତ ମାଓବାଦୀଙ୍କ କାର୍ଯ୍ୟ କଳାପ ସଂପର୍କରେ ଜ୍ଞାନ ଥିଲା। ଗାଡିରୁ ଓହ୍ଲାଇ ସମସ୍ତେ ଗେଟ୍ ଭିତର ଦେଇ ଭିତରକୁ ପ୍ରବେଶ କଲୁ। ମୋର ଗୋଡ଼ ଛନିବାନ୍ଧି ହେଇ ଯାଉଥିଲା। ନୂଆ କରି ଝିଅ ଦେଖା ସମୟ ପରି।

କାହିଁକି କେଜାଣି। ହାତଯୋଡ଼ି ନମସ୍କାର କଲି ଓ ମାଟି ନେଇ ମଥାରେ ଲଗାଇଲି ମୋର ଶିକ୍ଷାଭୂମିର।

କେତେ ଘଟଣା ଅଘଟଣର ମୂକସାକ୍ଷୀ ଏଇ ଆଶ୍ରମ ସ୍କୁଲ।

ଗେଟ୍ ବାହାରେ ଥିବା ଲୁହାଦୋଳି ଖୋଜିଲି, ଯେଉଁଠି ଆମେ ଚାରିପାଞ୍ଚ ଜଣ ଝିଅ ମିଶିକି ଏକା ସାଙ୍ଗରେ ଦୋଳିରେ ଝୁଲୁ ଥିଲୁ ପରମ ଆନନ୍ଦରେ। ହାତରେ ଘୂରେଇ ଘୂରେଇ ଦୋଳି ଚାଲୁ କରିବାକୁ ପଡ଼ିଥିଲା କିଛି ସମୟ ପରେ ଦୋଳି ସବୁ ଆକାଶରେ ଉଡୁଥିଲା।

ସମୟର କରାଳ ଗର୍ଭରେ ସେ କେବେ ଠାରୁ ବଳି ପଡ଼ି ସାରିଥିଲା। ସ୍କୁଲ ପାଖରେ ଗଛଲତାର ଜଙ୍ଗଲ ନଥିଲା। ଦୋଳିରେ ଝୁଲୁଝୁଲୁ ସଂଧ୍ୟା ହେଇଗଲେ ଜଙ୍ଗଲରୁ ଭାଲୁ ଆସିବା ଡରରେ ଆମେ ସବୁ ଘରକୁ ଦୌଡୁଥିଲୁ।

ପ୍ରତିମା ମନେ ପଡ଼ିଲା। ଆଜି ସେ ମୋ ସହିତ ଥିଲେ ଆମେ ଦୁହେଁ ଆଗପରି ହାତ ଧରାଧରି ହେଇ ସାରା ସ୍କୁଲଟା ବୁଲି ଆସିଥାନ୍ତେ। ମନେ ପକାଇ ଥାନ୍ତେ କେଉଁଠି କ'ଣ ଥିଲା।

ଫାଇବ୍.ଟି ଆନୁକୁଲ୍ୟରେ ସବୁ ସ୍କୁଲର ରଙ୍ଗ ରୂପ ବଦଳି ଯାଇଥିଲା। ସ୍କୁଲ ଘର ସବୁ ସୁନ୍ଦର ଦେଖାଯାଉଥିଲା। ଆଗ ପରି ଟିଣ ଛପର ରଙ୍ଗ ଛଡ଼ା ପଲସ୍ତରା ଖସି ଯାଇ ନଥିଲା। ରବିବାର ଥିବାରୁ କୋଳାହଳ ନଥିଲା।

ଅଳ୍ପ ପିଲା ଏପଟ ସେପଟ ହେଉଥିଲେ।

ଶିକ୍ଷକମାନେ ଦୃଶ୍ୟ ହେଉନଥିଲେ। ପ୍ରାୟ ଅଧିକାଂଶ ଶିକ୍ଷକ କାଳିମେଳାରେ ଘରଭଡ଼ା ନେଇ ରହୁଥିଲେ। ସେଇଟା ଟାଉନ୍ ଥିଲା। ଦୋକାନ ବଜାର ଥିଲା।

ପ୍ରଥମରୁ ଆମେ ସ୍କୁଲର ଖେଳ ପଡ଼ିଆରେ ପ୍ରବେଶ କଲୁ। ପ୍ରଥମେ ବ୍ୟାୟାମଶାଳା ପରି ଲାଗୁଥିବା ଘରଟିଏ ଥିଲା। ସେଠାରେ କିଛି କିଛି ବ୍ୟାୟାମ ଉପକରଣ ଥିଲା।

ବାହାରେ ତିନି ଚାରୋଟି ଦୋଳି ଛୋଟ ଛୋଟ ପିଲା ଖେଳିବା ପାଇଁ ସବୁ ଖେଳ ଉପକରଣ ଥିଲା। ମୁଁ ଚିରାଚରିତ ଭାବେ ଦୋଳି ଦେଖି ଦୋଳିରେ ଝୁଲିଲି। ମୋତେ ଦେଖି ପୁଅ ଓ ଡ୍ରାଇଭର ବାବୁ ଝୁଲିଲେ।

ପୁଅ ସମସ୍ତଙ୍କ ଫଟୋ ଉଠାଇଲା।

ପାଖରେ ସିମେଣ୍ଟର ବେଦୀ ଥିଲା। ସେଇଟି ସ୍କୁଲର ଫଙ୍କସନ୍‌ରେ ଷ୍ଟେଜ୍ ଭାବେ ବ୍ୟବହୃତ ହେଉଥିବ। ସ୍କୁଲ ସାମ୍ନାରେ ପତାକା ଉତ୍ତୋଳନ ପାଇଁ ସିମେଣ୍ଟର ଗୋଲେଇ ଥିଲା।

ବିରାଟ ବିରାଟ ଗଛ ସବୁ ଆକାଶକୁ ମୁଣ୍ଡ ଟେକି ଥିଲେ। ଗଛ ଚାରିପଟେ ସିମେଣ୍ଟରେ ପିଣ୍ଡି ଥିଲା। ସେଠାରେ ବସିଲି।

ଗତ ରାତ୍ରିରେ ବର୍ଷା ହେଉଥିବାରୁ ଚାରିଆଡ଼େ ମାଟି ଓଦା ଓଦା ଲାଗୁଥିଲା। ଗଛଗୁଡ଼ିକୁ ଆଉଁସିଲି। ହୁଏତ ସେମାନେ ମୋତେ ଦେଖିଥିବେ ପିଲାଦିନେ। ମୁଣ୍ଡ ଟେକି ଚାହିଁଲି ତାଙ୍କୁ ସବୁ। ନଭଶ୍ଚୁମ୍ବୀ ପାଦପ ସବୁ ଯେମିତି ମତେ ଜିଜ୍ଞାସା କରୁଥିଲେ। "ଏତେ ଦିନ ଲଗାଇ ଦେଲ। ଏଠାକୁ ଆଉଥରେ ଫେରିବାକୁ ?" କେତେ ସଖା ସହୋଦର ଟଳି ପଡ଼ିଲେଣି।

କେତେ ଦିନ ଆଉ ନିଜକୁ ମଣିଷ ଓ ପ୍ରକୃତିର ହାତରୁ ରକ୍ଷା କରି ପାରିବେ ?

ସବୁ ଗଛମାନଙ୍କ ପାଖରେ ବସି ଫଟୋ ଉଠାଇଲି।

ପୁଅ ମୁଁ ଯେଉଁଠି ଛିଡ଼ା ହେଲି ବସିଲି ସବୁ ଫଟୋ ଉଠାଇଲା। ସେମାନେ ଦୁହେଁ ଦୋଳିରୁ ଉଠୁ ନଥିଲେ ଛୋଟ ଛୁଆଙ୍କ ପରି।

ସ୍କୁଲରେ କୋ ଏଜୁକେସନ୍ ଥିଲା। ସେତେବେଳେ ଖାଲି ପୁଅମାନେ ପଢୁଥିଲେ ଓ ଆମେ କେତେ ଜଣ ଶିକ୍ଷକଙ୍କ ଝିଅ ପଢୁଥିଲୁ। ଏବେ ପୁଅ ଝିଅ ମିଳିତ ଭାବରେ ପଢୁଥିଲେ। କେତେ ବାଳିକା ତାଙ୍କ ମେଟ୍ରନ୍‌ଙ୍କ ସହ ବଗିଚାରୁ ଘାସ ସଫା କରୁଥିଲେ। ସେମାନଙ୍କ ଦୃଷ୍ଟିରେ ପ୍ରଶ୍ନବାଚୀ ଚିହ୍ନ ଥିଲା।

"ଆରେ ସେମିତି କାହିଁକି ଚାହିଁଛ ? ଏଇଠି ତମେମାନେ ଯେମିତି ପଢୁଛ। ମୁଁ ବି ଏଇଠି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛି।"

ମୋ କଥା ଶୁଣି ଶୁଣି ବାଳିକାମାନେ ଖୁସି ହେଇ ଚାହିଁ ହସିଲେ। ଫଟୋ ଉଠାଇବା ପାଇଁ ଆମ ସହିତ ଏକାଠି ଠିଆ ହେଇଗଲେ। ପୁଅ ଓ ମୁଁ ମିଶି ତାଙ୍କ ସହିତ ଫଟୋ ଉଠାଇଲୁ।

ମୁଁ ତ ନିଜ ଭିତରେ ନଥିଲି। ପଞ୍ଚମ ଶ୍ରେଣୀର ଛାତ୍ରୀ ସେଇ ଦଶବର୍ଷର ବାଳିକା ହେଇ ଯାଇଥିଲି ମନେମନେ।

ଯିଏକି ପ୍ରତିମା, ସୁଷମା ଓ ନାନୀ ସହିତ ମିଶି ବଗିଚାରୁ ପାଚିଲା କାଜୁବାଦାମ୍, ପିଜୁଳି ଖାଉଥିଲା।

କି ସୁନ୍ଦର ଥିଲା ସେତେବେଳର ପରିବେଶ। ଏତେ ଘରଦ୍ୱାର ନଥିଲା। ଏତେ ଆଧୁନିକ ଖେଳ ଉପକରଣ ନଥିଲା। କିନ୍ତୁ ଫୁଲଫଳ ସବୁଜିମାରେ ସ୍କୁଲ ଭରା ଥିଲା। ଆଖି ଆଗରେ ଆମେ ରହୁଥିବା ଘର ସ୍କୁଲ ଘର ସବୁ ଉଭା ହେଲେ। ସେ ସମୟର ବ୍ୟକ୍ତିମାନେ ଆତଯାତ ହେଲେ ମୋ ଚାରିପଟେ।

ଏଇତ ଏଇଠି କେଉଁଠି କାର୍‌ପେଣ୍ଟର ସାରଙ୍କ କ୍ୱାର୍ଟର ଥିଲା। ସବୁଦିନ ତାଙ୍କ ଝିଅକୁ ଲହରେଇ ଡାକୁଥିଲେ ବଡ଼ ପାଟିରେ। "କଳାବତୀ ଯେ କଳାବତୀ ..........

ସତରେ କଳାବତୀ କୋକିଳଟିଏ ଥିଲା। ତାଙ୍କ ଡାକ କାନରେ ବାଜିଲା।

ବଗିଚାରେ ଖରାଦିନେ ମଲ୍ଲୀଫୁଲ ଫୁଟି ଭରା ହେଇଯାଉଥିଲା। ପ୍ରତ୍ୟୁଷରୁ ଫୁଲ ତୋଳିବା ପାଇଁ ଆମେ ହଡ଼ବଡ଼ ହେଇ ଉଠୁଥିଲୁ। ପ୍ରତିମା କି କଳାବତୀ ସବୁ ଫୁଲ ନେଇଯିବେ ଯଦି ?

ଆମେ ତିନିଭଉଣୀ ବେଣୀରେ କ'ଣ ଲଗେଇ ବୁଲିବୁ ?

ସେଇଦିନଠାରୁ ମଲ୍ଲୀଫୁଲ ପ୍ରେମରେ ପଡ଼ିଯାଇଥିଲି ଯେ ଆଜିଯାଏ ଫୁଲଟିଏ ଦେଖିଲେ ଆନମନା ହେଇଯାଏ, ଫେରି ଆସେ ମୋର ଏଇ ଅତୀତ ମାଟିକୁ ମନେମନେ।

ଗ୍ରୀଷ୍ମଛୁଟି ପରେ ଛାତ୍ର ଓ ଶିକ୍ଷକମାନଙ୍କ ପ୍ରାୟ ତାଙ୍କ ଘରକୁ ଯାଉଥିଲେ ଦୀର୍ଘ ଛୁଟିରେ। ସ୍କୁଲରେ ଦୁଇତିନିଜଣ ଶିକ୍ଷକ ରହୁଥିଲେ। ଆମ ବାପା କେବେ ଗାଁକୁ ଆମକୁ ନେଇ ଯାଉନଥିଲେ। ସାରା ଖରାଦିନଟା ଆମର ଏଇ ଆଶ୍ରମ ସ୍କୁଲରେ କଟୁଥିଲା। ମଲ୍ଲୀଫୁଲର ବାସ୍ନାରେ ସକାଳ, ଲଙ୍କା ଆମ୍ବର ନାଲି ଟହଟହ ରୂପ ଓ ମିଠା ଖଟା ସ୍ୱାଦରେ ଖରାବେଳ ଓ ଦୁଇପହରକୁ ବାଇଗଣ ପଲେଇ ଆମ୍ବର ସୁଆଦରେ କଟୁଥିଲା।

ରାତି ହେଲେ ଅସହ୍ୟ ଗୁଳୁଗୁଳି ସହିତ ମଲ୍ଲୀ କଢ଼ର ବାସ୍ନା ମିଶା ଚୋରା ଚଇତାଳି ବେଳେବେଳେ ଶୀତଳ କରୁଥିଲା।

ଘର ବାହାରକୁ ଆସିଲେ ଫୁଲମାନଙ୍କର ସୁଗନ୍ଧ ମିଶା ସମୀରଣ ମନ ଓ ଶରୀରକୁ ହାଲୁକା କରି ଦଉଥିଲା। ହେଲେ ବାହାରେ ବସିବା କି ଶୋଇବା ନିରାପଦ ନଥିଲା। ସରୀସୃପଙ୍କ ଭୟ ଲାଗି ରହୁଥିଲା। ବେଳେବେଳେ କେନ୍ଦୁ ଖାଇବାକୁ ଭାଲୁ ତା'ର ଛୁଆମାନଙ୍କୁ ନେଇ ଆଶ୍ରମ ସାରା ବୁଲୁଥିଲା ଜହ୍ନ ରାତିରେ। କୋକୁଆ ଭୟ ମାଡ଼ି ବସୁଥିଲା।

ପାଖ ପାହାଡ଼ରେ ନିଆଁ ଲାଗୁଥିଲା ଖରାଦିନେ। ପାହାଡ ଛାତି ଦାଉଦାଉ ଜଳୁଥିଲା ଆଉଟା ସୁନାପରି।

ହେଇ ସେହି ପାହାଡ ସବୁ ମୌନୀ ବାବାଙ୍କ ପରି ଦଣ୍ଡାୟମାନ କାହିଁ ଯୁଗରୁ।

ଏଇଠି ବଗିଚା ଥିଲା। ଏବେ ସେଠାରେ ଦ୍ୱିତଳ ପ୍ରାସାଦ। ବୋଧହୁଏ ପିଲାଙ୍କର ହଷ୍ଟେଲ୍।

ପ୍ରତିମା ସହିତ ଏଇଠି କଳି କରୁଥିଲୁ ମଲ୍ଲୀଫୁଲ ତୋଳୁତୋଳୁ।

ସେଇ ଫୁଲ ଓ ପ୍ରତିମା ଚଳଚ୍ଚିତ୍ରର ରିଲ ପରି ଉଭା ହେଉ ଉଭାନ୍ ହୋଇ ଯାଉଥିଲେ।

ପିଲାମାନେ ସବୁ ତାଙ୍କର ପୋଷାକ ସଫା କରିବାରେ ବ୍ୟସ୍ତ ଥିଲେ।

ହଷ୍ଟେଲର ରନ୍ଧାଶାଳରୁ ମସଲା କଷା ହେବାର ବାସ୍ନା ଆସୁଥିଲା। ଆଜି ରବିବାର ଆଇଁଷପାଳି।

ପୁରୁଣା ଟିଣଘର ଧାଡ଼ି ଅସଜଡ଼ା ହେଇ ଠିଆ ହେଇଥିଲା ଅତୀତର ମୂକସାକ୍ଷୀ ପରି। ହୁଏତ ବହୁତ ପୁରୁଣା। ମୋ ଦେଖିଥିବା ଘର ନୁହେଁ ତ ?

ପୁଅ ସେ ପୁରୁଣା ଟିଣଘରର ଫଟୋ ଉଠାଉଥିଲା।

ମୁଁ ତା' ହାତ ଧରି ଚାଲିଥିଲି ମୋ ପୁରୁଣା ସ୍ମୃତିକୁ ଖୋଜି ଖୋଜି ......।

ଏଇଠି ଆଗେ କ'ଣ ଥିଲା, ଏବେ କ'ଣ ଅଛି, ପୁଅକୁ କହୁଥିଲି।

ଖୋଜୁଥିଲି ସମସ୍ତଙ୍କୁ, ସିଲେଇ ସାର୍, ସାହୁ ସାର୍, ନାଥ ସାର୍, ବିଜୟଲକ୍ଷ୍ମୀ, ଗ୍ରାମ ସେବକ ସାର୍, ଲୋକନାଥ ଏମିତି ଅନେକଙ୍କୁ।

ହଠାତ୍ ସ୍କୁଲର ପିଅନ ଦୁଇଜଣ ଦେଖାହେଲେ। ଅଳ୍ପ ବୟସର ପିଲା ଦୁହେଁ।

କଥା ହେଲେ। ଏବେ ଏବେ ସେମାନେ ବଡ଼ ହେଇ ଏଠାରେ କାମ କରୁଛନ୍ତି। ତାଙ୍କ ଦେଖୁଥିବା ସ୍କୁଲ ଓ ମୋ ସ୍କୁଲ ଭିତରେ ଅନେକ ବର୍ଷର ବ୍ୟବଧାନ। ତାକୁ ଅତିକ୍ରମିବାକୁ ସମୟ ଲାଗିବ ଅନେକ।

ହଠାତ୍ ପଚାରି ବସିଲି, "ଆରେ ଏଠି ଗୋଟିଏ ବଡ ପଥରର କୂଅ ଥିଲା ....

ସେମାନେ ହସିଲେ, ଗୋଟିଏ ଛୋଟ କୂଅନନ୍ଦ ଆକୃତିର ସ୍ଥାନକୁ ଦେଖେଇ କହିଲେ।

ହେଇ ପରା, ଏଇଠି ଥିଲା କୂଅ ପୋତା ହେଇଗଲା ଗତବର୍ଷ। ତଥାପି ଖାଲ ଅଛି ଟିକେ। ହେଲେ ଢ଼େର୍ ଦିନ ଲାଗିଲା ପୋତିବା ପାଇଁ।

ସେଇ ସ୍ୱଳ୍ପ ପରିଧିଯୁକ୍ତ ସ୍ଥାନକୁ ଦେଖି ବିଶ୍ୱାସ କରିପାରୁନଥିଲି। କି ବିରାଟ ପଥରର ବଡ଼ କୂଅ ଥିଲା। ଦେଖିଲେ ଡର ଲାଗୁଥିଲା। ଯେଉଁଥିରେ ପାଣି କାଢ଼ିବା ପାଇଁ ପୁଲି ଲାଗିଥିଲା। ଗୋଟିଏ ବାଲ୍‌ଟି ଦଉଡି ସହିତ ବନ୍ଧା ହେଇଥିଲା ସର୍ବଦା।

ଖରାଦିନେ ଜଳସ୍ତର କମି ଯାଉଥିଲା। ପାଣି ପାଇଁ ହଇରାଣ ହେଉଥିଲୁ। ସକାଳୁ ପାଣି ଝରି କୂଅ ଭରି ଯାଉଥିଲା। ବର୍ଷା ଦିନେ ଭାରି ଭୟଙ୍କର ଦେଖା ଯାଉଥିଲା। କୂଅ ଭିତରକୁ ପଶିବା ପାଇଁ ପଥର ସବୁ ପାହାଚ ପରି କରାଯାଇଥିଲା।

ଥରେ ଛୋଟ ପିଲାଟିଏ ପାଣି କାଢ଼ିବା ବେଳେ କୂଅରେ ପଡ଼ିଥିଲା। କି ଭୟଙ୍କର ପରିସ୍ଥିତି, କି କୋଳାହଳ, ହଇଚଇ, ଆଶଙ୍କା ..... ସବୁ ଜଳ ଜଳ ହେଇ ଆଖି ଆଗରେ ଉଭା ହେଉଥିଲା।

ଗୋଟିଏ ସାହାସୀ ପିଅନ ଥିଲା। କୂଅ ଭିତରକୁ ପଶି ପିଲାଟିକୁ ଗାମୁଛାରେ ବାନ୍ଧି ନାଉ କରି ଆଣି ଆସିଲା। ପିଲାଟିର ୦ଠ ଫାଟି ଯାଇଥିଲା। କାଲିମେଳା ନେଇ ୦ଠ ସିଲେଇ କରାଗଲା। ଦେହ ଶୀତେଇ ଉଠୁଥିଲା। ପ୍ରତିଟି ସ୍ଥାନରେ ମୁଁ ହଜି ଯାଉଥିଲି ଅତୀତର ଛାଇରେ। ପୁଣି ଫେରୁଥିଲି ବର୍ତ୍ତମାନକୁ। ଜଣେ ଭଦ୍ରବ୍ୟକ୍ତି ଆସି ଆମ ସହିତ କଥାବାର୍ତ୍ତା କଲେ। ଆଶ୍ରମ ସ୍କୁଲ ବିଷୟରେ, ପ୍ରଥମେ ମାଇନର ସ୍କୁଲ ଥିଲା। ଏବେ ହାଇସ୍କୁଲ ହେଇ ପୁଅ ଝିଅ ମିଶି ପାଠ ପଢୁଛନ୍ତି। ଅଲଗା ଅଲଗା ହଷ୍ଟେଲରେ ରହୁଛନ୍ତି।

ବାଳିକାମାନେ ମୋତେ ଦେଖୁଥିଲେ ଆଶ୍ଚର୍ଯ୍ୟ ହେଇ।

"ଯେ ପୁଣି କେବେ ଏଠାରେ ପଢୁଥିଲେ ମ ?" ତାଙ୍କ ଚାହାଣୀରୁ ଯାହା ଜାଣୁଥିଲି। ଗପୁଡ଼ି ପ୍ରତିମା ଥିଲେ ପ୍ରତିଟି ସ୍ଥାନରୁ ଗଛଲତା ଫଳଫୁଲ ଖୋଜି ଥାନ୍ତେ। କାଜବାଦାମ୍ ଗଛ ଗୋଟିଏ ବି ନଥିଲା। ଫୁଲ ବି ଦେଖିଲି ନାହିଁ କେଉଁଠି। ହୁଏତ ଅତୀତର ଫୁଲ ବଗିଚା ଖୋଜୁ ଖୋଜୁ ଆଖି ପଡ଼ି ନଥିବ ଆଜିର ଫୁଲମାନଙ୍କ ଉପରେ।

ଉନ୍ନତିର ସ୍ୱର୍ଶ ଚାରିଆଡ଼େ। ପକ୍କା ସଡ଼କ, ଯାତାୟତ ସମସ୍ତ ସୁବିଧା ଏପଟ ଏରିଆରେ ଥିଲା। ବର୍ଷା ହେଲେ ବି ପୋଟେରୁ ନଦୀ କିଛି କରିପାରୁନଥିଲା। ଆଖ ପାଖରେ ଛୋଟ ଛୋଟ ଦୋକାନ ଥିଲା। ଆଗପରି କାଲିମେଳାରେ ସବୁ ସୁବିଧା ଥିଲା। ଚିକିତ୍ସା, ଡାକ୍ତର, ଦୋକାନବଜାର, ଚାରିପଟକୁ ଚାହୁଁଥିଲି। ପରିବା ଚାଷ ନଥିଲା। ଫୁଲ ପରି ଫଳ ବଗିଚା ଆଖିରେ ପଡ଼ିଲା ନାହିଁ। ଅମୃତଭଣ୍ଡା ଗଛଟିଏ ଦେଖିଲି ନାହିଁ କେଉଁଠି। ଆମ ସ୍କୁଲରେ ପରିବା ଚାଷ ହେଉଥିଲା। ପିଲାମାନେ ଶିକ୍ଷକ ସମସ୍ତେ ଖାଉଥିଲେ। ହଳ ଥିଲା, ବଳଦ ଥିଲା ଶଗଡ଼ ବି ଥିଲା।

ଆମେମାନେ ଗାଁକୁ ଗଲେ ବଳଦ ଗାଡିରେ ଯାଉଥିଲୁ ମାଲକାନଗିରି। ପ୍ରାୟ ସମସ୍ତେ ମାଲକାନଗିରିରୁ ନିଜ ଗନ୍ତବ୍ୟ ସ୍ଥଳକୁ ଯାଉଥିଲେ। କାଲିମେଳାକୁ ବସ୍ ଆସୁନଥିଲା। ଯାହା ଡାକ୍ତରଖାନା ଓ ସରକାରୀ ଜିପ୍ ଯାତାୟତ କରୁଥିଲା।

ଆଗରୁ ସ୍କୁଲରେ ଅଗଷ୍ଟପନ୍ଦର, ଜାନୁୟାରୀ ଛବିଶି ଓ ଗଣେଶ, ସରସ୍ୱତୀ ପୂଜା ଖୁବ୍ ମନଯୋଗ ସହକାରେ ପାଳନ କରାଯାଉଥିଲା। ସାରା ସ୍କୁଲକୁ ଆମ୍ବ ପତ୍ରର ତୋରଣରେ, କଦଳୀଗଛରେ ସଜାଇ ଦଉଥିଲେ ପିଲାମାନେ। ସେମାନେ ମେଢ଼ ତିଆରି କରୁଥିଲେ। ଶିକ୍ଷକମାନେ ତାଙ୍କୁ ସବୁ ଶିକ୍ଷା ଦଉଥିଲେ। ପଂକ୍ତି ଭୋଜନର ମଜା ଥିଲା।

ପିଲାମାନେ ନିଜ ପାଇଁ ପୋଷାକ, ଚେୟାର, ବେଞ୍ଚ, ଖଟ ତିଆରି ଶିଖିଥିଲେ ଏବଂ କରୁଥିଲେ। ବଗିଚାରେ କୃଷିକାମ କରୁଥିଲେ। ଫୁଲଫଳ ଗଛ ଲଗାଇବା ତାର ଯତ୍ନ ନବା ଶିଖୁଥିଲେ। ଫୁଲଫଳ ନିଜ ହାତରେ ଉପୁଜାଇ ଖୁସି ହେଉଥିଲେ। ମଝିରେ ମଝିରେ ବଣଭୋଜି ହେଉଥିଲା। ଜଙ୍ଗଲ ଭିତରକୁ ଯାଇ। ସେ ଗୋଟିଏ ଅଲଗା ଆନନ୍ଦ ପିଲାମାନଙ୍କ ପାଇଁ ଥିଲା। ପତ୍ରଦନାରେ ଭାତ ତରକାରୀ। ସେଠାକାର ବଣଭୋଜି ଅନୁଭବ ଓ ଖାଦ୍ୟର ସ୍ୱାଦ ଆଜିଯାଏ ମୋର ମନେ ଥିଲା। ଆଜି ମଧ୍ୟ ମନେ ପକାଇ ବଣଭୋଜିର ରୋମାଞ୍ଚ ଅନୁଭବ କରୁଥିଲି କାରଣ ସଂଧ୍ୟା ହେବା ପୂର୍ବରୁ ଫେରିବା ପାଇଁ ଯେଉଁ ବ୍ୟସ୍ତତା ମନେ ପଡୁଥିଲା। ନିକଟରେ ବାଘ ଭାଲୁ ସମସ୍ତେ ରହୁଥିଲେ। ବାଘର ହେଣ୍ଟାଳ ରାତିରେ ଶୁଣା ଯାଉଥିଲା। ସମସ୍ତେ ଚୁପଚାପ୍ ଶୁଣୁଥିଲୁ। ମହୁଲ ଫୁଲ ହେଲେ ଭାଲୁର ଯିବା ଆସିବା ବଢ଼ି ଯାଉଥିଲା। ତାରବାଡ଼ ଦିଆଯାଉଥିଲା ସ୍କୁଲର ଚାରିପଟେ। ହେଲେ କେତେ ବାଡ଼ ଦେଇ ହେବ ଶ୍ୱାପଦଙ୍କୁ ?

ସେ ଯୁବକ ଦୁହେଁ ବସି କଥା ହେଲେ ଆମ ସହିତ।

"ଆରେ ବାବୁ। ଏଠାରେ ଆମ୍ବଗଛ ଥିଲା ପଛପଟେ, ଅଛି ନା ନାହିଁ? ମୋ ବାପା ଏଠାରେ ବହୁତ ଆମ୍ବଗଛ ଲାଗଇ ଥିଲେ।"

"ଆଜ୍ଞା, ଆମ୍ବଗଛ ଅଛି, ପ୍ରଚୁର ଆମ୍ବ ବି ଫଳୁଛି। ଖରାଦିନେ ଆସିଥିଲେ ଦୁଇବସ୍ତା ଆମ୍ବ ଦେଇଥାନ୍ତୁ। ବହୁତ ଆମ୍ବ ହୁଏ।"

"ହଉ ଆମ ପାଇଁ ବ୍ୟସ୍ତ ହୁଅ ନାହିଁ। ଆମ ଭାଗ ଆମ୍ବ ତମେ ସବୁ ଖାଇଦବ। ଆମେ ବହୁତ ଖାଇଛୁ ଏଠାରେ ଥିଲାବେଳେ। ହଁ ପାଖରେ ବଡ଼ ବଡ଼ ବନ୍ଧ (ପାଣି ଜୋର) ଥିଲା। ବହୁତ ମାଛ ଥିଲା। ବାପା ଗାଁରୁ ଜାଲ ଆଣି ପ୍ରଚୁର ମାଛ ଧରୁଥିଲେ।"

"ହଁ ଅଛି ଯେ ହେଲେ ମାଛ କାଇଁ? ମାଲ୍‌କାନଗିରି ଭିଲେଜ ଲୋକଙ୍କ ପାଟିରୁ କିଛି ବଳୁନି। ଏବେ ବଡ଼ ବଡ଼ ପୋଖରୀମାନଙ୍କରେ ମାଛ ଚାଷ ହେଉଛି।

ଏ ଅଞ୍ଚଳରେ କୋୟା ଜନଜାତିଙ୍କ ବାସସ୍ଥାନ ଥିଲା। ଆମ ଜଙ୍ଗଲରେ କାଁ ଡାଁ ଗାଁ ଥିଲା। ଏବେ ସେମାନଙ୍କ ବଞ୍ଚିବାର ଶୈଳୀ ବଦଳି ଯାଇଥିଲା। ସରକାରଙ୍କ ପ୍ରଚେଷ୍ଟାରେ ପାଠ ପଢ଼ି ଗାଁମାନଙ୍କର ଉନ୍ନତି ହେଉଥିଲା।

ସେଇ ଯୁବକ ଦୁଇଜଣ ହୁଏତ ଏଇ ଆଖପାଖ ଗାଁର ହେଇଥିବେ। ସେମାନେ ଯୁବପିଢ଼ି। ଏହା ଭିତରେ ପଚାଶ ବର୍ଷ ବିତିଗଲାଣି। ଛାଡ଼ି ଆସିବାକୁ ମନ ଡାକୁନଥିଲା। ଏ ମାଟିର ପାଣି ପବନରେ ମୋର ପିଲାଦିନ ଲୁଚି ରହିଥିଲା। ସାରା ଜୀବନ ଏଠାକାର ସ୍ମୃତି ମୋତେ ଆନ୍ଦୋଳିତ କରି ରଖିଥିଲା ଓ ରଖିବ ଅବଶିଷ୍ଟ ଜୀବନ। ଜନଜାତିର ପିଲାମାନେ ଏଠାରେ ପାଠ ସହିତ ଶୃଙ୍ଖଳା, ସମୟାନୁବର୍ତ୍ତିତା, ଅଭିନୟ, ଗୀତ, ସବୁ ଶିଖୁଥିଲେ। ପିଲାଙ୍କୁ ନେଇ ଡ୍ରାମା କରାଯାଉଥିଲା।

ପିଲାଙ୍କ ସକାଳ ଆରମ୍ଭ ହେଉଥିଲା ପ୍ରାର୍ଥନା ଘଣ୍ଟାରୁ। ସମବେତ ହେଇ ପ୍ରାର୍ଥନା କରୁଥିଲେ। ପ୍ରାର୍ଥନା ପରେ ସଫେଇ, କୃଷିକାମ, ପଠନ, ସ୍ନାନ ପରେ ଭୋଜନ। ତାପରେ ସ୍କୁଲ ଯାଇ ପ୍ରାର୍ଥନା ପୁଣି ପାଠପଢ଼ା। ସେତେବେଳେ ସବୁ କାମ ତଦାରଖ ପାଇଁ ଜଣଜଣକୁ ବଛା ହେଉଥିଲା। ସେମାନଙ୍କୁ ମନ୍ତ୍ରୀ କୁହାଯାଉଥିଲା। ସେମାନେ ସବୁ ପିଲାଙ୍କୁ ଏକତ୍ର କରି କାମ କରୁଥିଲେ। ଖାଦ୍ୟ ମନ୍ତ୍ରୀ, ସଫେଇ ମନ୍ତ୍ରୀ, ପ୍ରାର୍ଥନା ମନ୍ତ୍ରୀ, ଖେଳମନ୍ତ୍ରୀ ....ଏମିତି .....।

ସବୁକାମ ପାଇଁ ଘଣ୍ଟା ବାଜୁଥିଲା। ପ୍ରାର୍ଥନା ହେଉ ବା ଭୋଜନ। ପିଲାମାନେ ଏକତ୍ରିତ ହେଉଥିଲେ। ଉପସ୍ଥାନର ବିବରଣୀ ମଧ୍ୟ ଥିଲା।

ସମସ୍ତ ଅନୁଶାସନରେ ଜନଜାତି ପିଲାଙ୍କୁ ଶିକ୍ଷା ଦାନ କରାଯାଉଥିଲା। ସ୍କୁଲରୁ ବାହାରିଲେ ସେମାନେ ସମୟାନୁବର୍ତ୍ତୀ କାମ କରି ନିଜକୁ ବ୍ୟବସ୍ଥିତ କରି ପାରିବାର ଇଚ୍ଛା ଶକ୍ତି ତାଙ୍କଠାରେ ଜାଗ୍ରତ କରାଯାଉଥିଲା। ସିଲେଇ, କୃଷି, କାଠକାମ, ଖେଳକୁଦ, ଅଭିନୟ, ଗୀତ ସବୁ ସେମାନେ ଶିଖୁଥିଲେ। ପିଲାମାନେ ନିଜେ ଡ୍ରମ ବଜାଇ ଅଗଷ୍ଟ ପନ୍ଦର ଓ ସାଧାରଣତନ୍ତ୍ର ଦିବସରେ ଦେଶାତ୍ମବୋଧ ଗୀତ ଗାଇ ପ୍ରଭାତ ଫେରି କରୁଥିଲେ ଗାଁ ଗାଁ ବୁଲି। ପିଲାମାନେ ସମବେତ ହେଇ ପ୍ରତ୍ୟୁଷରେ ସ୍କୁଲ ଆରମ୍ଭରୁ ଓ ସଂଧ୍ୟାରେ ପ୍ରାର୍ଥନା କରୁଥିଲେ।

ସେମାନଙ୍କ ସ୍ୱର ସେଇ ଶାନ୍ତ ଜଙ୍ଗଲର ବୁକୁଚିରି ସମସ୍ତଙ୍କୁ ସଚେତନ କରୁଥିଲା ...ଜାଗ ..... ଜାଗିଉଠ....ଜାଗିଉଠ....।

ଜାଗରଣ ଆସି ଯାଉଥିଲା। ଅବିଭକ୍ତ କୋରାପୁଟ ଜିଲ୍ଲାରେ। ଜନଜାତି ପିଲାମାନେ ସମସ୍ତ କ୍ଷେତ୍ରରେ ଜାଗି ଉଠୁଥିଲେ ଧିରେ ଧିରେ।

ମୁଁ ଫେରୁଥିଲି ପଛକୁ ଚାହିଁ ଚାହିଁ। ପୁଣି ରହି ଫେରି ଚାହୁଁଥିଲି। ପୁଅ ହାତଧରି ଗାଡିରେ ବସାଇ ଦେଲା। ଅଝଟିଆ ଛୋଟ ଝିଅଟିକୁ ମେଳାରୁ ଆଣିଲା ପରି।

*ଦୂରଭାଷ: ୯୪୩୮୦୪୦୩୦୧*

**ପ୍ରକାଶ ପାଇଲା !**

କବି **ପ୍ରଫେସର ଉପେନ୍ଦ୍ର ନାୟକ** ଙ୍କ

# ଛନ୍ଦକାବ୍ୟ ସମଗ୍ର

## (ପ୍ରଥମ ଭାଗ)

ପ୍ରକାଶକ - ଗାୟତ୍ରୀ, ଭୁବନେଶ୍ୱର

ମୂଲ୍ୟ - ସାତଶହ ଟଙ୍କା ମାତ୍ର

# ଗର୍ଭଧାରିଣୀ

## ଭାସ୍କର ଜେନା

ହଠାତ୍ ଆରତୀର ଅର୍ନ୍ତଧାନ ହେବାଟା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା । ନିଜ ନିଜ ମଧ୍ୟରେ ବହୁତ ଖୋଜା ଖୋଜି ପରେ ସେମାନେ ବାଧ୍ୟ ହୋଇଥିଲେ ପୋଲିସରେ ମିସିଂ ଆଫାୟାର ଦେବା ପାଇଁ । କିନ୍ତୁ ତା'ମଧ୍ୟରେ ପରସ୍ପର ପ୍ରତି ଆକ୍ଷେପ ଆରମ୍ଭ ହୋଇଯାଇଥିଲା । କେହି କେହି ଆରତୀର ଚରିତ୍ର ସଂହାର କରି ନାନା ଟିପ୍ପଣି ଦେଇଥିବା ବେଳେ, ଆଉ କେହି କେହି କହୁଥିଲେ ଆରତୀ ସେ ପ୍ରକାର ଝିଅ ନୁହେଁ । ସେ କେବେ ପ୍ରତିଶ୍ରୁତି ଖିଲାପ କରିବା ଝିଅ ନୁହେଁ । ହେଲେ ସେ ଚୁକ୍ତି ପତ୍ର ଖିଲାପ କଲା କାହିଁକି ? ତା'ଘରେ ତାଲା ପଡ଼ିଛି । ତା' ପିଲାମାନେ ମଧ୍ୟ ନାହାନ୍ତି । କାହାକୁ କିଛି ନକହି ସେ ଗଲା କୁଆଡେ । ମଧ୍ୟସ୍ଥି ଅରୁଣିମାଙ୍କୁ ଯୋଗାଯୋଗ କରିବାରୁ ସେ ମଧ୍ୟ ନାସ୍ତିବାଣୀ ଶୁଣେଇଥିଲେ । ସେ ଆରତୀ ସଂପର୍କରେ କିଛି ଜାଣିନାହାନ୍ତି ବୋଲି କହିଥିଲେ । ଆରତୀ ତାଙ୍କୁ କିଛି ନ ଜଣାଇ କୁଆଡେ ପଳେଇ ଯାଇଛି । ଅରୁଣିମା ହେଉଛି ଆରତୀର ଗଡ୍ ମଦର କହିଲେ ଭୁଲ ହେବନି । ସେ ଜୀବନ ପ୍ରତି ବିମୁଖ ହୋଇ ଆତ୍ମହତ୍ୟା କରିବାକୁ ଯାଉଥିବା ବେଳେ ଅରୁଣିମା ହିଁ ତାଙ୍କୁ ମୃତ୍ୟୁ ମୁଖରୁ ଟାଣି ଆଣି ନୂଆ କରି ଜୀବନ ଗଢ଼ିବାକୁ ସାହସ ଦେଇଥିଲା । ଅରୁଣିମାକୁ ନ ପଚାରି ନକହି ସେ କେବେହେଲେ କୌଣସି ନିଷ୍ପତ୍ତି ନେଇ ପାରିବା କଥା ନୁହେଁ ।

ଯଦି ଆମେ ଉପରୋକ୍ତ ପାରାଟିକୁ ତର୍ଜମା କରିବା ତାହେଲେ କାହାଣୀର ସୂତ୍ର ନିଶ୍ଚୟ ବାହାରିବ । ଆରତୀ ଅର୍ନ୍ତଧାନ ହୋଇଗଲା । କୁଆଡ଼େ ଗଲା ? କାହିଁକି ଗଲା ? ସେ ନିରୁଦ୍ଦିଷ୍ଟ ହେବା ପଛରେ ରହସ୍ୟ କ'ଣ ? ଏମିତି ଅନେକ କଥା ଚାରିଆଡ଼େ ଘୁରି ବୁଲୁଥିଲା ।

ଏଭଳି ଏକ ଅମିମାଂସିତ ପ୍ରଶ୍ନମାନେ ସମସ୍ତଙ୍କୁ ବ୍ୟଥିତ କରିବା ସ୍ୱାଭାବିକ । ଅଚାନକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଗଲେ ତା' ପଛରେ କିଛି କଥା, କିଛି କାହାଣୀ, କିଛି ରହସ୍ୟଜନକ ଘଟଣା ନିଶ୍ଚୟ ଲୁକ୍କାୟିତ ଭାବରେ ନିହିତ ଥାଏ । କ'ଣ ଭୁଲ୍ କରିଲି ? କିଛି ଘଟଣା ଘଟିଗଲେ ଆମେ ପରସ୍ପରକୁ ଦାୟୀ କରିଥାଉ ହେଲେ କେବେ ଆମେ କାରଣ ଖୋଜୁନାହୁଁ । ଜଣେ ଆଉ ଜଣକୁ ଦାୟୀ କରି କାଦୁଅ ଫୋପଡା ଫୋପଡ଼ି ହୋଇଥାଉ । କିନ୍ତୁ ମିଳିମଶି ଘଟଣାର କାରଣ ଖୋଜି ବାହାର କରିବାକୁ ଚେଷ୍ଟା କରିନଥାଉ । ନୂଆ ଘଟଣା ପୁରୁଣା ହୁଏ । ନୂଆ କାହାଣୀ ଘୋଷରା ହୋଇ ତା' ଗୁରୁତ୍ୱ ହରାଏ । ଆଉ ତା' ଉପରେ କେହି ବିଶେଷ ଗୁରୁତ୍ୱ ଦିଅନ୍ତି ନାହିଁ । ସେ ଘଟଣା ଲୋକମାନଙ୍କ ମନରୁ ପୋଛି ହୋଇଯାଏ ।

ଏବେ ଆସନ୍ତୁ ଜାଣିବା ଆରତୀ କିଏ ?

ଆରତୀ ଜଣେ ନିପଟ ମଫସଲ ଗାଁର ଗରିବ ଝିଅଟିଏ । ଆରତୀ ସାମଲ । ପିଲାଟି ଦିନରୁ ବାପା ମା'କୁ ହରାଇଲା ପରେ  ବଡ଼ଭାଇ ଭାଉଜଙ୍କ ଅନୁକମ୍ପାର ଛାଇ ତଳେ ଜୀବନ ଗଢ଼ିଥିଲା । ସମ୍ପତ୍ତି ବୋଲି ଦୁଇ ଡିସିମିଲ ଘରତଳି ଆଉ ଦି'ବଖରା କଚା ଘର । ବଡ଼ଭାଇ ନବୀନା ଯାହା ପର ଘରେ ମୂଲ ମଜୁରୀ ଲାଗି ଆଣେ ସେଥିରେ ତିନିଟା ପିଲା, ବଢ଼ିଲା ଝିଅ ଆରତୀ । ସ୍ୱାମୀ ସ୍ତ୍ରୀ ଛ'ପ୍ରାଣୀ କୁଟୁମ୍ବ ଚଳିବା କଷ୍ଟ ହୋଇପଡ଼େ । ଥରେ ଭୋଟ ବେଳେ ରାଜନୈତିକ ଶତ୍ରୁତାରୁ ଉପର ସାହିର ଦୁର୍ବୃର୍ତ୍ତମାନେ ତଳସାହିରେ ନିଆଁ ଲଗେଇ ଦେଲେ ଯେ ସେ ଘର ଦି'ବଖରା ଜଳିଗଲା । ନିଶ୍ୱ ହୋଇଗଲେ ନବୀନାର ପରିବାର । ଦିନରାତି ଗାଁ ଗଣ୍ଡାରେ ରାଜନୀତିର ଭୂତ ଢ଼େଇଁଲେ ।

ଶେଷରେ ଉପାୟଶୂନ୍ୟ ହୋଇ ଚାଲି ଆସିଥିଲା ସହରକୁ ମୁଣ୍ଡ ଗୁଂଜିବା ପାଇଁ । ଭାବିଥିଲା ଏ ସହରଟା ତା'ପାଇଁ ନିରାପଦ ଆଶ୍ରୟ ସ୍ଥଳ । ଘର ତଳି ବିକି ଦେଇ ଯେତିକି ଟଙ୍କା ଆଣିଥିଲା ତାହା ବସିଖାଇଲେ ନଈ ବାଲି ସରିଲା ପରି ଧୀରେ ଧୀରେ ସବୁ ସରିଗଲା । ନବୀନା ସହର ସାରା ବୁଲି ବୁଲି ହାଲିଆ ହୋଇ ପଡ଼ିଲା । ହେଲେ କାମ କାହିଁ ? ସହର ସାରା ବେକାର ମାନଙ୍କର ହାଉଯାଉ ଭିଡ଼ । ସବୁ ଆଡୁ ସହରକୁ ଧାଇଁଛନ୍ତି କାମ ଧନ୍ଦା ପାଇଁ । ହେଲେ ଏଠି କାମ କାହିଁ ?

ନବୀନା ସବୁଦିନ ମଣିଷ ହାଟକୁ ଯାଏ । ସଂଜବୁଡ଼େ ନିରାଶ ହୋଇ ମୁହଁ ଶୁଖେଇ ଘରକୁ ଫେରେ । ବସ୍ତିରେ ଘର ଖଣ୍ଡେ ଭଡ଼ା ନେଇ ରହୁଛି । ହେଲେ କାମ ମିଳୁନି । ମଣିଷ ହାଟର ଭିଡ଼ ଭିତରେ ଯେଉଁମାନେ କାମ ପାଆନ୍ତି ସେଠାରୁ ସେମାନେ ହସି ହସି ଚାଲି ଯାଆନ୍ତି । ଅନେକ ଲୋକ କାମ ନ ପାଇ ଫେରି ଆସନ୍ତି । ସେମାନଙ୍କ ମୁହଁ ଶୁଖିଯାଇଥାଏ । ଆଖି ଲୁହ ଥମ୍ ଥମ୍ । ଘରେ ପତ୍ନୀ ଅପେକ୍ଷା କରି ରହିଥାଏ ସ୍ୱାମୀ ରୋଜଗାର କରି ଆଣିଲେ ହାଣ୍ଡିରେ ଚାଉଳ ପଡ଼ିବ । ପରିବାର ଖାଡ଼ା ଖାଡ଼ା ଉପବାସ ।

ହଠାତ୍ ଜଣେ କଣ୍ଟ୍ରାକ୍ଟର ପାଖରେ କାମ ପାଇଲା ନବୀନା । ନବୀନାର ଖୁସି କହିଲେ ନ ସରେ । ନବୀନା ଆଉ ପତ୍ନୀ କୁମୁଦ ଦି'ଜଣ କଣ୍ଟ୍ରାକ୍ଟର ପାଖରେ କଂକ୍ରିଟ୍ କାମ କରୁଥିଲେ । ବଡ଼ ଓଭରବ୍ରିଜ୍ କାମ ହେଉଥିଲା । ମାସ ମାସ ଧରି କାମ ଚାଲିଥିଲା । ଭଲ ଦି' ପଇସା ମିଳୁଥିଲା । ସଂସାର ଠିକଣା ଢଙ୍ଗରେ ଚାଲୁଥିଲା । ଆରତୀ ଘରେ ରହି ରୋଷେଇ କାମ କରିବା ସାଙ୍ଗକୁ ପିଲାମାନଙ୍କୁ ସମ୍ଭାଳୁଥିଲା ।

ସବୁଦିନ ସମୟ ଠିକଣା ରାସ୍ତାରେ ଯାଏନା । ଏହାତ ସୃଷ୍ଟିର ନିୟମ ।

ହଠାତ୍ ଦିନେ ସେ ଓଭରବ୍ରିଜ୍‌ର କେତେ ଗୁଡ଼ିଏ ସ୍ଲାବ ଭୁଷୁଡ଼ି ପଡ଼ିଲା ।ସେଇ କଂକ୍ରିଟ୍ ସ୍ଲାବ ତଳେ କୋଡ଼ିଏ ପଚିଶ ଜଣ ଶ୍ରମିକ ଚାପି ହୋଇ ମରିଗଲେ । କେତେ ଖଣ୍ଡିଆ ଖାବରା ହେଲେ । ସେହି ମୃତଦେହ ଗୁଡ଼ିକ ମଧ୍ୟରେ ନବୀନା ଆଉ କୁମୁଦର ଶବ ଥିଲା । ମୁହୂର୍ତ୍ତକରେ ହଲଚଲ ହେଲା ଦେଶ ଦୁନିଆ । ବିଧାନସଭା ଉଠିଲା ପଡ଼ିଲା । ସରକାର ଟଳମଳ ହେଲା । ବିରୋଧୀ ନେତାମାନେ ନିଶ ଫୁଲେଇ ସରକାର ବିରୁଦ୍ଧରେ ଲମ୍ବା ଲମ୍ବା ଭାଷଣ ଝାଡ଼ିଲେ ।

ନିଆଶ୍ରା ହୋଇଗଲା ଆରତୀ ।

ତାକୁ ଚାରିଆଡ଼ ଅଂଧକାର ଦେଖାଗଲା । ସେ ଏବେ ଏକା ଏକା କରିବ କ'ଣ ? ତା'ଦେହରେ ଯୌବନର ଭରା କଳସୀ । ଟିକିଏ ଅସାବଧାନ ହେଲେ ଅଣେଇ ପଡ଼ିବ । ଚାରିପଟେ ଡ଼ାହାଣୀ କୁକୁର ମାନଙ୍କର ଭିଡ଼ । ଅବଶ୍ୟ ସାହାଯ୍ୟ ଟଙ୍କା କିଛି

ମିଳିଥିଲା। ସେଥିରୁ ଅଧେ ତିନିପା ଟଙ୍କା ଦଲାଲମାନେ ନେଇଗଲେ। ଯାହା କିଛି ମିଳିଥିଲା ତାହା ଧୀରେ ଧୀରେ ସରିଗଲା। ଆରତୀ ଏବେ ନିରୁପାୟ। ପଦାକୁ ଗୋଡ଼କାଢ଼ିଲେ ଝାମ୍ପି ନେବେ। ତା' ପାଖରେ କ'ଣ ସମ୍ବଳ ଅଛି ଯେ ସେ କିଛି ଭାଙ୍ଗି ଚଳିବ। ସମ୍ବଳ ବୋଲି ଯାହା ତା' ପାଖରେ ରୂପ ଯୌବନ ଅଛି। ସେ ବେଶ୍ୟାବୃତ୍ତି କରି କିଛି ଦିନ ଚଳିଯାଇପାରିବ। ହେଲେ ଏ ରୂପ ଯୌବନ କ'ଣ ସବୁଦିନ ରହିବ ? ତା' ପରେ... ?

ନିଜକୁ ନିଜେ ପ୍ରଶ୍ନ ପଚାରି ତା'ର ସନ୍ତୋଷଜନକ ଉତ୍ତର ଖୋଜୁଥିଲା ଆରତୀ। ଏମିତି ନିଜକୁ ବିକି ଭାଙ୍ଗି ବେଶ୍ୟା ବୃତ୍ତି କରି ହିନିମାନିଆ ଜୀବନଟେ ଜୀଇଁ ନିତି ନିତି ମରି ମରି ବଂଚିବାର ମାନେ କ'ଣ ? ବରଂ ନଦୀ ଗଣ୍ଡକୁ ଡେଇଁପଡ଼ି ସବୁଦିନ ପାଇଁ ଜୀବନର ଯବନିକା ଟାଣି ଦେବା ଭଲ। ସେ ଦିନ ଅନ୍ୟ ଉପାୟ ଶୂନ୍ୟ ହୋଇ ଆରତୀ ସେ ପିଲା ତିନିଟାକୁ ସାଂଗରେ ନଦୀ ପାଖକୁ ଯାଇଥିଲା ଆତ୍ମହତ୍ୟା କରିବାକୁ।

ଦେବଦୂତ ସାଜି ଅରୁଣିମା ଦିଦି ତାକୁ ମରଣ ମୁହଁରୁ ବଂଚେଇ ଦେଇଥିଲା। ଏବଂ କହିଥିଲା ଜୀବନର ମାନେ ନୁହେଁ ଆତ୍ମହତ୍ୟା କରିବା। ଯିଏ ଜୀବନ ଦେଇଛି ସେହିଁ କେବଳ ଜୀବନ ନେଇ ପାରିବ। ତୁ କିଏ ଜୀବନ ନେବାକୁ। ତୁ ବଂଚିବୁ। ଏତେ ବଡ଼ ପୃଥିବୀରେ ମାଟିକୁ ଭରସା କରି ଆକାଶକୁ ଛାତ କରି ଅନେକ ଲୋକ ବଂଚିଛନ୍ତି। ତୁ ସେମିତି ବଂଚିବୁ।

ହେଲେ କେମିତି ?

ଅରୁଣିମା ଦିଦି ଆରତୀକୁ ଗୋଟିଏ ଆଇଭିଏଫ ସେଣ୍ଟରକୁ ନେଇ ଯାଇଥିଲା। ଏବଂ କହିଥିଲା ଆରତୀ, ତୁ ତୋ ଗର୍ଭାଶୟକୁ ଭଡା ଲଗାଇ ଭଲ ଟଙ୍କା ରୋଜଗାର କରି ପାରିବୁ। ତୋ' ପିଲା ତିନିଟାଙ୍କୁ ପାଠ ଶାଠ ପଢ଼େଇ ମଣିଷ କରି ପାରିବୁ। ଅଗତ୍ୟା ଅରୁଣିମା ଦିଦିଙ୍କ କଥାରେ ଅରାଜି ହେବାର ଉପାୟ ନଥିଲା ଆରତୀର।

ଆରତୀ ବାହା ନହୋଇ, ପ୍ରେମ, ପ୍ରଣୟ, ସ୍ୱାମୀ ସୁଖ ସୋହାଗର ଆନନ୍ଦ ପାଇ ବାରମ୍ବାର ନିଜର ଗର୍ଭାଶୟ ଭଡାରେ ଦେଇ ମାତୃତ୍ୱର ମହାନତାକୁ ଅନୁଭବ କରୁଥିଲା। ବିଡମ୍ବନା ଏତିକି ଥିଲା ପିଲାଟିକୁ ଜନ୍ମ ଦେବା ପରେ ସେମାନେ ତା' କୋଳରୁ ପିଲାଟିକୁ ଛଡେଇ ନେଇ ଯାଉଥିଲେ। ସେ ଦୁଃଖରେ ଭାଂଗି ପଡୁଥିଲା। ଶୂନ୍ୟକୁ ହାତ ଟେକୁଥିଲା। କାନ୍ଦି କାନ୍ଦି ଭୂଇଁରେ ଗଡୁଥିଲା। ନିଜ ସଂଗେ ନିଜେ କଥା ହୋଇ ନିଜକୁ ଧିକ୍କାର କରୁଥିଲା। ହେଲେ ଅରୁଣିମା ଦିଦି ତାକୁ ସତର୍କ କରାଇ ଦେଇଥିଲେ – ଏତେ ଭାବପ୍ରବଣତା ହେବା ଠିକ ନୁହେଁ ଆରତୀ। ତୁ ମା' ନୁହେଁ ସାରୋଗେଟ ମଦର। ତୁ ତୋ ଗର୍ଭାଶୟକୁ ଭଡ଼ାରେ ଲଗାଇ ରୋଜଗାର କରୁଛୁ। ଏଇଟା ତୋ ପାଇଁ ଏକ ବ୍ୟବସାୟ। ଏହି ବ୍ୟବସାୟ ଦ୍ୱାରା ତୁ ରୋଜଗାର କରି ତୋ ପରିବାର ପ୍ରତିପୋଷଣ କରୁଛୁ। ଏତେ ଇମୋସନାଲ ହୋଇ ଯାଉଛୁ କାହିଁକି ? ଏଇଟା ତୋ ପାଇଁ ଏକ ସ୍ୱଚ୍ଛନ୍ଦରେ ଟଙ୍କା ରୋଜଗାର କରିବାର ତରିକା।

ଏବେ ତୁ ଭଲରେ ଅଛୁ। ବସ୍ତିରେ ନିଜସ୍ୱ ଉପାର୍ଜନରେ ଭଲ ଘର ଖଣ୍ଡେ ତିଆରି କରି ପାରିଛୁ। ତୋ ବଡ଼ ଭାଇ, ଭାଉଜ ତୋ ଦାୟିତ୍ୱ ଏବଂ ଭରସାରେ ଛାଡ଼ିଯାଇଥିବା ତିନୋଟି ପିଲାଙ୍କୁ ପାଠ ପଢ଼ାଉଛୁ। ତୁ ଧୀରେ ଧୀରେ ଗରିବୀ ମଧ୍ୟରୁ ବାହାରି ଆସୁଛୁ। ଏବେ ତୋର ବିଶେଷ କିଛି ଅସୁବିଧା ନାହିଁ।

ଅରୁଣିମା ଦିଦିଙ୍କୁ କିଛି ଉତ୍ତର କରିପାରୁ ନଥିଲା ଆରତୀ।

ଆରତୀ କେବଳ ଏତିକି ଭାବୁଥିଲା, ଅରୁଣିମା ଦିଦି ଜଣେ ନାରୀ ହୋଇ କେମିତି ବୁଝି ପାରୁନାହାନ୍ତି ଜଣେ ଅସହାୟ ମା'ର ଦୁଃଖକୁ ? ଟଙ୍କା ଦେଲେ ନାରୀ ମିଳିବେ ହେଲେ ମା, ଆଉ ମାତୃତ୍ୱ ମିଳିବ ନାହିଁ। ସେ ଝିଅଟିଏ ହୋଇ ଜନ୍ମ ହୋଇଥିଲା। ମନରେ କେତେ ସ୍ୱପ୍ନ ଥିଲା। ସମ୍ଭାବନା ଥିଲା। ସବୁ ଝିଅମାନଙ୍କ ପରି ସେ ମଧ୍ୟ ଭାବୁଥିଲା ତା' ପାଇଁ ଭଗବାନ ସୁନ୍ଦର ବରଟିଏ କେଉଁଠି ଲୁଚେଇ ରଖିଛନ୍ତି। ସେ ବର ଦିନେ ମନପବନ ପକ୍ଷୀରାଜ ଘୋଡା ଚଢ଼ି ତା' ପାଖକୁ ଆସିବ। ତାକୁ ଘୋଡ଼ାରେ ବସେଇ ଏକ ସୁନ୍ଦର ରାଜନଅରକୁ ନେଇଯିବ। ସେଠି ତାକୁ ରାଣୀ କରି ରଖିବ। ତା'ର ମଧ୍ୟ କେତେଟା କୁନିକୁନି ପୁଅ ଝିଅ ହେବେ। ସେ ତାଙ୍କୁ ଖେଳନା କରି ମନଭରି ଖେଳିବ। ଆଃ... ତା' ଜୀବନ କେଡ଼େ ମଧୁମୟ ସତେ !

କିନ୍ତୁ ତା' ଜୀବନରେ ଏ କ'ଣ ହେଲା ?

ଗୋଟିଏ ସ୍ୱପ୍ନ, ସମ୍ଭାବନା ବିକଷିତ ହେବା ପୂର୍ବରୁ ସେ ସବୁକିଛି ହଜେଇ ବସିଲା। କାହାକୁ ଏ କଥା କହିବ। କିଏ ସେ ତା' ଦୁଃଖ କଥା ଶୁଣି ତା' ଆଖିରୁ ଲୁହ ପୋଛି ଦେବ।

ଆପଣା ମନରେ ଛନ୍ଦି ହୋଇ ପଡୁଥିଲା ଆରତୀ।

ରାତି ପାହିଲେ ସେ ଆଇ.ଭି.ଏଫ ସେଣ୍ଟରକୁ ଯିବ। ନୂଆ ଅଫର ଆସିଛି। ଜଣେ ଧନୀ ଘରର ନବଦମ୍ପତ୍ତି ଆସିବେ। ପତ୍ନୀଙ୍କର ଜରାୟୁ ଛୋଟଥିବାରୁ ସେମାନେ ପିଲାଟିଏ ପାଇଁ ବ୍ୟସ୍ତ ହୋଇ ଉଠିଛନ୍ତି। ସନ୍ତାନଟିଏ ପାଇଁ ସେମାନେ ତା ଗର୍ଭାଶୟକୁ ଭଡା ସୂତ୍ରରେ ନେବେ। ବେଶ ଭଲ ପଇସା ମିଳିବ। ଏହାହିଁ ତା'ର ବ୍ୟବସାୟ ଜୀବନ ବଂଚିବାର ତରିକା।

କଣ୍ଟ୍ରାକ୍ଟ ସାଇନ ପରେ ଆରତୀ ଓଟିକୁ ଗଲା। ତା' ଗର୍ଭାଶୟରେ ମଣିଷ ମଂଜି ରୋପଣ କରାଯିବ। ଆରତୀ ପାଇଁ ଏସବୁ ନୂଆ କଥା ନୁହେଁ। ସବୁ କଥା ଠିକ୍‌ଠାକ ହେଲା। ଆରତୀ ପେଟରେ ପିଲାଟା ବଢ଼ିଲା। ହଠାତ୍ ତାକୁ କୁହାଗଲା ତୋ ପେଟରେ ପିଲାଟି ଝିଅଟିଏ ହେବାକୁ ଯାଉଛି। ସେମାନେ ଝିଅ ଚାହୁଁନାହାନ୍ତି। ପତିପତ୍ନୀଙ୍କ ମଧ୍ୟରେ ପ୍ରବଳ ତର୍କବିତର୍କ ଚାଲିଛି। ପତ୍ନୀ ଚାହୁଁଛନ୍ତି ତାଙ୍କର ପୁଅ ଦରକାର। ତାଙ୍କର ପ୍ରଥମ ସନ୍ତାନ ପୁତ୍ର ହେବା ଆବଶ୍ୟକ। ତେଣୁ ଗର୍ଭ ନଷ୍ଟ କରି ଆଉଥରେ ପୁଅ ପାଇଁ ତା' ଗର୍ଭାଶୟରେ ପୁନଃରାୟ ମଣିଷ ମଂଜି ରୋପଣ କରାଯିବ। ସେମାନଙ୍କର ଟଙ୍କାର ଅଭାବ ନାହିଁ। ଯେତେ ଟଙ୍କା ଦରକାର ଦିଆଯିବ।

ଚମକି ପଡ଼ିଥିଲା ଆରତୀ।

ପିଲାଟି ପୃଥିବୀର ଆଲୋକ ଦେଖିବ ବୋଲି ତା' ପେଟ ଭିତରେ ଡହଳବିକଳ ହେଉଛି। ସେ ମା' ହୋଇ ତାକୁ ମାରିଦେବ କେମିତି ?

ଆରତୀର କଥା କେହି ଶୁଣିନଥିଲେ। ଆରତୀ ମନା କରିବା ସତ୍ତ୍ୱେ ତାକୁ ଯୋର ଯୋବରଦସ୍ତ ଓ.ଟି.କୁ ନିଆଗଲା। ଆରତୀ ବିକଳରେ ଚିତ୍କାର କରୁଥିଲା। ହେଲେ ତା' କଥା କେହି ଶୁଣୁନଥିଲେ। ଯେହେତୁ ପିଲାଟି ବଡ଼ ହୋଇ ଯାଇଥିଲା। ତାକୁ କାଟି ଖଣ୍ଡ ଖଣ୍ଡ କରି ତା' ପେଟରୁ ବାହାର କରାଗଲା। ଆରତୀ କଷ୍ଟରେ ଚିତ୍କାର କରୁଥିଲା। କିନ୍ତୁ କେହି ତା' କଥା ଶୁଣୁନଥିଲେ। ସତେ ଯେମିତି ସେଇ ମୁହୂର୍ତ୍ତରେ ସେଇ ଚିହ୍ନା ଚିହ୍ନା ମୁହଁଗୁଡ଼ାକ ହଠାତ୍ ତା' ସାମ୍ନାରେ ମଣିଷରୁ କଂସେଇ ପାଲଟି ଯାଇଥିଲେ। ଯେମିତି ଦେବକୀ ଗର୍ଭରୁ କଂସ ତା' ଗର୍ଭସ୍ଥ ସନ୍ତାନକୁ ଛଡ଼େଇ ନେଇ ହତ୍ୟା କରୁଥିଲା, ଠିକ୍ ସେମିତି।

ଗୋଟିଏ ନାଟକର ଯବନିକା ପରେ ପୁଣି ନୂଆ ନାଟକ ଆରମ୍ଭ ହୋଇଥିଲା।

କିଛି ଦିନ ଅନ୍ତେ ପିଲାଟିଏ ତା' ପେଟରେ ହାତ ଗୋଡ଼ ଛାଟି ମା, ମା, ବୋଲି ଡାକୁଥିଲା। ପେଟକୁ ମୁଣ୍ଡିଆମାରି କହୁଥିଲା – ମା' ମୋତେ ଯେତେ ଶୀଘ୍ର ପାରୁଛ ପୃଥିବୀର ଆଲୋକ ଦେଖିବାକୁ ଦିଅ। ଆରତୀ ଖୁସିରେ ତା' ପେଟରେ ହାତ ମାରେ। ପିଲାଟିକୁ ଗେଲ କରେ। ଧୋରେ ବାଇଆ ଧୋ ଗୀତଗାଇ ଶୋଇ ପକାଏ। ପାଟିରେ ଚୁ ଚୁ କରି ଚୁମା ଦିଏ। ସେ ଭୁଲିଯାଇଥାଏ, ସେ ତା'ର ନିଜ ମା' ନୁହେଁ। ପିଲାଟି ଜନ୍ମ ହେଲେ ସେ ତା' ନିଜ ମା' ପାଖକୁ ଚାଲିଯିବ। ତଥାପି ସେ ମନକୁ ସାନ୍ତ୍ୱନା ଦିଏ। ବନସ୍ତରେ ହାତୀ ବଢ଼ିଲେ ବି ସେ ରଜାଙ୍କର। ମୋ ଛୁଆ ବଡ ହେଲେ ଯେତେବେଳେ ଜାଣିବ ମୁଁ ତା'ର

ପ୍ରକୃତ ମା, ମୁଁ ତା'ର ଗର୍ଭଧାରିଣୀ। ସେ ନିଶ୍ଚୟ ମୋ ପାଖକୁ ଧାଇଁ ଆସିବ। ମୋତେ କୁଣ୍ଢେଇ ଧରିବ। କହିବ ମା, ମୋତେ ଟିକିଏ ଗେଲ କରିଦେ। ମୋ ଗାଲରେ ସ୍ନେହ, ଶରଧାର ବୋକଟିଏ ଦେ।

ଆରତୀ ହଠାତ୍ ତା' ପ୍ରିୟ ନର୍ସ କମଳାଠାରୁ ଯାହା ଶୁଣିଲା ମୁହୂର୍ତ୍ତେ ସ୍ତବ୍ଧ ହୋଇଗଲା। ତା' ପାଟିରୁ କଥା ବାହାରିଲା ନାହିଁ। ସେ ବୋକା ପାଲଟିଗଲା। ତା' ଆଖିରୁ ଧାର ଧାର ଲୁହ ବହିବାରେ ଲାଗିଲା। ପଣତ କାନିରେ ଆଖିରୁ ଲୁହ ପୋଛି କହିଥିଲା – ଆମେ ଗରିବ ଲୋକ ବୋଲି ଏମାନେ କ'ଣ ଆମ ଉପରେ ଏମିତି ଅତ୍ୟାଚାର କରି ଚାଲିଥିବେ ? ମୁଁ କାଠ ପଥର ନୁହେଁ। ମୁଁ ରକ୍ତମାଂସଧାରୀ ନାରୀଟିଏ। ମୋର ବି ଜୀବନ ପାଇଁ ସ୍ୱପ୍ନ ଅଛି। ପତଳା ଟୁକୁଟୁକ୍ ମନଟିଏ ଅଛି। ହୃଦୟଟିଏ ଅଛି। ଇଚ୍ଛା, ଅଭିଳାଷ ଅଛି।

କମଳା ଆରତୀ କାନ ପାଖରେ ତୁନି ତୁନି କହିଥିଲା – ତୁ ଆଶ୍ଚର୍ଯ୍ୟ, ବିବ୍ରତ ହେଲେ ଚଳିବନି। ଧୈର୍ଯ୍ୟର ସହିତ ସବୁ କଥା ସମ୍ଭାଳିବାକୁ ହେବ। ତୋ' ଗର୍ଭରେ ପୁଣି ଝିଅଟିଏ ବଢୁଛି। ସେମାନେ ପୁଣି ତୋର ଗର୍ଭ ନଷ୍ଟ କରିବେ।

ଆରତୀ କମଳାକୁ କୁଣ୍ଢେଇ ଧରି କହିଥିଲା – ନା – ନା କମଳା ମୁଁ ଆଉ ଗର୍ଭ ନଷ୍ଟ କରିବାକୁ ଦେବିନି। ନା – ନା – ମୁଁ ଏ ସନ୍ତାନକୁ ଜନ୍ମ ଦେବି। ମୁଁ ତା'ର ମା। ସେମାନେ ଛୁଆ ନନେଲେ ମୋ ଛୁଆ ମୋ ପାଖରେ ରହିବ। ମୋ ମାତୃତ୍ୱକୁ ମୁଁ ବାରମ୍ବାର ହତ୍ୟା କରି ପାରିବିନି। ନା..... ନା..... ନା.... କମଳା ନା, ମୁଁ ପାରିବିନି।

କମଳା ଆରତୀ ଆଖିରୁ ଲୁହପୋଛି ଦେଇ କହିଥିଲା ଆରତୀ ନିଜକୁ ଦମ୍ଭ କରେ। ପଟ୍ଟନାୟକ ସାର୍ ସିଂଗାପୁର ଯାଇଛନ୍ତି। ଆସନ୍ତା ସପ୍ତାହରେ ଫେରିଲେ ତୋ ଗର୍ଭ ନଷ୍ଟ କରାଯିବ। ତୋ ପେଟରେ ପିଲାଟାକୁ ପୁଣି ହତ୍ୟା କରାଯିବ। ତା' ପୂର୍ବରୁ ତୁ କିଛି ଗୋଟାଏ ନିଷ୍ପତ୍ତି ନେ। କିଛି ବିକଳ୍ପ ଚିନ୍ତା କର।

କମଳା ଚାଲିଗଲାଣି।

ଆରତୀ ସେମିତି ସାରା ରାତି ଚେଇଁ ବସିଛି। ଝିଅଟି ତାର ପେଟରେ ହାତଗୋଡ ଛାଟି ଖେଳୁଛି। ଆରତୀକୁ ଯେମିତି ମନେ ହେଉଛି ଛୁଆଟି ତା'ର ବିକଳ ହୋଇ କହୁଛି – ମା, ମା ମୋତେ ମାରି ଦେନା ମା। ମୁଁ ବଂଚିବି। ମୁଁ ତୋରି କୋଳରେ ଜନ୍ମ ନେବାକୁ ଚାହେଁ। ଏ ପୃଥିବୀର ଆଲୋକ ଦେଖିବାକୁ ଚାହେଁ। ତୁ ମୋତେ ବଂଚେଇ ରଖ ମା। ମାରିଦେ' ନା ମା। ମୁଁ ତୋତେ କେବେ ଦୁଃଖ ଦେବିନି ମା। ମୁଁ ତୋର ଅଇଁଠା କଣ୍ଟା ଖାଇ ବଂଚିବି। ମୁଁ ତୋତେ ଦୁଃଖ, ଧନ୍ଦା କରି ପୋଷିବି। ମା' ଲୋ ମା, ତୁ ମୋତେ ମାରି ଦେ'ନା। ମୁଁ ତୋର କି ଅପରାଧ କରିଛି ମା ? ମୋତେ ବଂଚିବାକୁ ଦେ' ମା... ମା... ମା...

ଆପଣା ମନରେ ଦୁଃଖର ମେଳେଇ ପଡୁଥିଲା ଆରତୀ।

ପେଟରେ ହାତ ବୁଲେଇ ପିଲାଟିକୁ ଗେଲ କରି କହିଲା – ନା... ନା... ନା...ରେ ଧନ ... ନା। ମୁଁ ତୋତେ କେବେ ମାରିବାକୁ ଦେବିନି। ତୁ ନିଶ୍ଚୟ ପୃଥିବୀର ଆଲୋକ ଦେଖିବୁ। ମୋ ଧନ ମୋ କୋଳରେ ବଢ଼ିବୁ। ମୋ ଥନରୁ ତୋତେ କ୍ଷୀର ପିଆଇବି। ମୁଁ ତୋତେ ଝୁଲରେ ହାତୀ ଝୁଲ ... ଗୀତ ଗାଇ ମୋ କୋଳରେ ତୋତେ ଶୋଇ ପକାଇବି। ନା ଲୋ ଧନ ନା...। ମୋ ଧନକୁ କିଏ କାହିଁକି ମାରିବ। ଯିଏ ତୋତେ ମାରିବାକୁ ଆସିବନା, ମୁଁ ତାକୁ ଦୁର୍ଗା, କାଳୀ ହୋଇ ତା' ଅନ୍ତବୁଜୁଳା ଟାଣି ଆଣିବି। ତାକୁ ଝୁଣି ଝୁଣି ଖାଇଯିବି। ତା' ରକ୍ତ ଶୋଷି ନେବି। ତୁ ବଂଚିବୁ, ନିଶ୍ଚୟ ବଂଚିବୁ।

ରାତି ପାହିଲା ବେଳକୁ ସବୁ ଅଘଟଣ ଘଟି ଯାଇଥିଲା।

ବେଡ୍‌ରେ ଆରତୀ ନଥିଲା। ସେ କୁଆଡ଼େ ଅର୍ନ୍ତଧ୍ୟାନ ହୋଇଯାଇଥିଲା। ବହୁତ ଖୋଜା ଖୋଜି ହେଲା। କୁଆଡ଼େ ଗଲା ତାର ସଂଧାନ ମିଳିଲାନି। ତା' ଘରେ ତାଲା ପଡ଼ିଥିଲା। ତା' ଭାଇ ପିଲାମାନେ ମଧ ନଥିଲେ। ନୀଳ ଲୋହିତ ବାଧ୍ୟ ହେଲେ ଥାନାରେ ମିସିଂ ଏଫଆୟାର ଦେବାକୁ। ଶୋଳ ଥାନା ବୁଲିଆ ହେଲା। ତଥାପି କିଛି ଖବର ନଥିଲା ଆରତୀର।

ସୁନୀତାଙ୍କ ମୁଣ୍ଡ ଭିତରେ ଏକ ତେନ୍ତୁଳିଆ ବିଛା ସର, ସର ହୋଇ ଚାଲୁଥିଲା। ତାଙ୍କୁ ଗୁଡ଼ାଏ ଅନାବନା ଭାବନା, ଚିନ୍ତା ବ୍ୟସ୍ତ ବିବ୍ରତ କରୁଥିଲା। ବହୁତ ଖୋଜା ଖୋଜି ପରେ ମଧ ଆରତୀର ଖୋଜ ଖବର ମିଳୁନି। ଆରତୀ ତାହେଲେ ଗଲା କୁଆଡ଼େ। ମଧୁସ୍ମି ଅରୁଣିମା ମଧ ଆରତୀ ସଂପର୍କରେ କିଛି କହିପାରୁନି। ତା ହେଲେ ସେ ଗଲା କୁଆଡ଼େ ?

ସୁନିତାଙ୍କ ଛାତିରେ ରକାଟିଏ ପଶି ଯାଇଥିଲା। କିଛି ସମୟ ସେ ଅସହ୍ୟ ଯନ୍ତ୍ରଣାରେ ଝଟପଟ ହେଉଥିଲେ। ସାମାନ୍ୟ ଯନ୍ତ୍ରଣା ଉପଶମ ହେବାର ସେ ଭାବୁଥିଲା। ଆରତୀ ଗୋଟିଏ ଛୋଟ ଲୋକ, ନଷ୍ଟ ଚରିତ୍ର ଝିଅ। ସେ ପଳାଇ ଯାଇଛି ମାନେ ସେ ଛୁଆଟିକୁ ଜନ୍ମ ଦେବ। ତା'ପରେ ତାକୁ ବହୁମୂଲ୍ୟରେ ଦଲାଲଙ୍କୁ ବିକି ଦେବ। ଦଲାଲମାନେ ତା'ଉପରେ ନା ନା ଅତ୍ୟାଚାର କରିବେ। ମାଡ଼ ଛାଟ ମାରିବେ। ଟିକିଏ ବଡ଼ ହେବା ପରେ ତା' ଦେହରେ ହରମନ୍ ଇଞ୍ଜେକସନ୍ ଦେଇ ଅଳ୍ପ ବୟସରୁ ସେ ଯୌବନ ପ୍ରାପ୍ତ ହେବ। ତା'ପରେ କିଛି ଦିନ ଭି.ଆଇ.ପି ମାନଙ୍କ ପାଖରେ ଭଡ଼ାରେ ଲଗେଇ ମାଲେ ମାଲ ହେବେ। ତା'ପରେ ତାକୁ ଚଢ଼ା ଦାମ୍‌ରେ ବେଶ୍ୟାଳୟକୁ ବିକିଦେବେ। ଧୀରେ ଧୀରେ ସେ ଗର୍ଭ ନଷ୍ଟ କରି ଦୁର୍ବଳ ହେବ। ଦୁନିଆ ଯାକର ବେମାର ତାକୁ ମାଡ଼ି ବସିବ। ତାପରେ ଦଲାଲମାନେ ତା ଆଖି, କିଡ଼ନୀ ତାଡ଼ି ବିକି ଦେବେ। ଶେଷରେ ତାକୁ ଅଂଧୁଣୀ କରି ବିଭିନ୍ନ ଛକମାନଙ୍କରେ ବସାଇ ଭିକ ମଗାଇବେ।

ଚିତ୍କାର କରି ଉଠିଥିଲେ ସୁନୀତା।

ନୀଳ ଲୋହିତ ....ନୀଳ ଲୋହିତ .... ମୋ ଝିଅକୁ ଆଣିଦିଅ। ମୋ ଝିଅ ମୋର ଦରକାର। ତୁମେ କୌଣସି ପ୍ରକାର ମୋ ଝିଅକୁ ଆଣି ଦିଅ। ପ୍ଲିଜ୍ ନୀଳ ଲୋହିତ ପ୍ଲିଜ୍। ଆରତୀ ପେଟରେ ବଢୁଥିବା ମୋ ଝିଅକୁ ମୋତେ ଆଣିଦିଅ ନୀଳ ଲୋହିତ। ମୋ ଝିଅକୁ ମୁଁ ମୋ କୋଳରେ ଧରିବି। ଛାତିରେ ଚାପି ଧରି ତା କଅଁଳିଆ ଗାଲରେ ଚୁମା ଦେବି। ମୋ ଶୁଖିଲା ସ୍ତନରୁ ତାକୁ କ୍ଷୀର ପିଆଇବି। ପ୍ଲିଜ୍ ...ନୀଳ ଲୋହିତ ପ୍ଲିଜ୍। ତା ଖିଲି ଖିଲି ଦୋରଟି ହସ, ଥୁକଲ, ଥୁକୁଲ ଚାଲିରେ ମୋ ମନ ହୃଦୟ ଭରିଯିବ। ପ୍ଲିଜ୍ ନୀଳ ଲୋହିତ ପ୍ଲିଜ୍, ମୁଁ ମୋ ସୁନା ଝିଅର ମା ହେବାକୁ ଚାହେଁ। ମୋ ଝିଅକୁ ମୋତେ ଆଣିଦିଅ।

ଧାଇଁ ଆସିଥିଲେ ନୀଳ ଲୋହିତ।

ସୁନୀତା କାନ୍ଦି କାନ୍ଦି ଭୂଇଁରେ ଗଡୁଛି। ତା' ଆଖିରୁ ତା' ଝିଅ ପାଇଁ ଧାର ଧାର ଲୁହ ବହି ଯାଉଛି। ସେ ଏବେ କଣ କରିପାରିବେ ? ସେ ଯେ ନିରୁପାୟ। ସେ ବହୁତ ଚେଷ୍ଟା କଲେଣି। ହେଲେ ଆରତୀର କୌଣସି ସଂଧାନ ମିଳୁନି। ସବୁ ଥାନାକୁ ଆରତୀ ସଂପର୍କରେ ଜଣାଯାଇଛି। ସବୁ ଟି.ଭି ସମ୍ବାଦପତ୍ର ମାନଙ୍କରେ ମିସିଂ ଖବର ଫଟୋ ସହ ବିଜ୍ଞାପନ ବାହାରିଛି। ତଥାପି କିଛି ଫଳ ମିଳୁନି। ଖୋଜି ଖୋଜି ହତାଶ ହୋଇ ପଡ଼ିଲେଣି ନୀଳ ଲୋହିତ।

ଅଚଳାଚଳ ସମ୍ପତ୍ତି ନୀଳ ଲୋହିତଙ୍କର। ଦି'ଟା ଇଣ୍ଡଷ୍ଟ୍ରିର ମାଲିକ ସେ। କିନ୍ତୁ ସେ ଆରତୀ ପାଖରେ ଯେମିତି ଦିନକୁ ଦିନ ଛୋଟ ହୋଇ ଯାଉଛନ୍ତି। ଭୁଲି ଯାଇଛନ୍ତି ମଣିଷ ପଣିଆକୁ। ମାନବିକତା ସମ୍ବେଦନଶୀଳତାକୁ। ସେ ଗର୍ଭଧାରିଣୀ ମା। କେଉଁ ମା' ଏବେ ନିଜ ପିଲାକୁ ଏମିତି ଜନ୍ମ ନ ଦେଇ ହତ୍ୟା କରିବାକୁ ଚାହିଁବ। ପିଲାଟି ହୋଇପାରେ ତାଙ୍କ ରକ୍ତର। ତାଙ୍କରି ଜିନ୍। ହେଲେ ସେହିଁ ପ୍ରକୃତରେ ସେହି ପିଲାଟିର ମା। ଟଙ୍କା ଦେଇସିନା ମା'ର ଗର୍ଭାଶୟ କିଣାଯାଇପାରେ। ହେଲେ ମାତୃତ୍ୱ କିଣା ଯାଇପାରେନା।

ମୋ ଝିଅ ମୋ ଝିଅ କହି ସୁନୀତା ଚିତ୍କାର କରି କରି କାନ୍ଦି କାନ୍ଦି ଚଟାଣରେ ଗଡୁଛି। କାନ୍ଥରେ ମୁଣ୍ଡ ପିଟୁଛି। ଖିଆପିଆ ନାହିଁ। ସେ ଅସୁସ୍ଥ ହୋଇ ପଡ଼ିଛି। କ୍ରମେ କ୍ରମେ ତା' ଦେହ ଖରାପ ହେଉଛି। ସମୟ ଦିନ ଦିନ ସପ୍ତାହ ସପ୍ତାହ ଗଡ଼ି ଯାଉଛି। ଆରତୀର ସୁରାକ କିଛି ମିଳୁନି। ଡ଼ାକ୍ତର ସୁନୀତା ଦେବୀଙ୍କୁ ପରୀକ୍ଷା ନିରୀକ୍ଷା ପରେ ଜଣାଇ ଦେଇଛନ୍ତି ତାଙ୍କର କିଛି ରୋଗ ନାହିଁ। ହେଲେ ଧୀରେ ଧୀରେ ତାଙ୍କ ମାନସିକ ବିଗିଡ଼ି ଯାଉଛି। ଔଷଧ ଇଞ୍ଜେକସନ୍ କିଛି କାମ ଦେଉନି। ତେଣୁ ତୁରନ୍ତ ତାଙ୍କର ମାନସିକ ସ୍ଥିରତା ଆଣିବା ଦରକାର।

ବିବ୍ରତ ହୋଇ ପଡ଼ିଛନ୍ତି ନୀଳ ଲୋହିତ

ପୋଲିସ, ପ୍ରଶାସନ ହାତ ଟେକି ଦେଇଛି।

ଅନନ୍ୟ ଉପାୟଶୂନ୍ୟ ନୀଳ ଲୋହିତ

କ୍ରମେ ସୁନୀତାଙ୍କ ଦେହ ବିଗିଡ଼ିବାରେ ଲାଗିଛି। ନୀଳ ଲୋହିତ ବିଭିନ୍ନ ବଡ଼ ବଡ଼ ଡ଼ାକ୍ତର ଦେଖେଇ ସାରିଲେଣି। ଯେତେ ଯାହା କଲେ ଫଳ କିଛି ହେଉନି। ମୋ ଝିଅ, ମୋ ଝିଅ, ମୋ ଝିଅ ବୋଲି ରଡ଼ି ଛାଡ଼ି ଭୂଇଁରେ ଗଡୁଛି ସୁନୀତା। କୌଣସି ପ୍ରକାର ସେ ଭୂତକୁ ତା' ମୁଣ୍ଡରୁ ବାହାର କରି ପଦାକୁ ଫିଙ୍ଗି ହେଉନି। ଦିନକୁ ଦିନ କେଶ୍ କମ୍ପ୍ଲିକେଟେଡ଼୍ ହେଉଛି।

ଶେଷରେ ଡ଼ାକ୍ତର ତାଙ୍କୁ ପରାମର୍ଶ ଦେଉଛନ୍ତି ନୀଳ ଲୋହିତ ବାବୁ ଅନାଥ ଆଶ୍ରମରୁ ଆଉ ଗୋଟିଏ ଛୋଟ ଝିଅ ଛୁଆ ଆଣି ସୁନୀତା ଦେବୀଙ୍କ କୋଳରେ ଦେଇ କୁହନ୍ତୁ ଇଏ ତୋ' ଝିଅ। ସେ ଯଦି ସେହି ପିଲାଟିକୁ ସହଜରେ ଆଦରି ନେବେ ତାହେଲେ ସବୁକଥାର ସମାଧାନ ହୋଇଯିବ। ଆପଣଙ୍କୁ ଏମିତି ନାଟକ କରିବାକୁ ପଡ଼ିବ। ନ ହେଲେ ସୁନୀତା ଦେବୀଙ୍କ ଦେହ କ୍ରମଶ ଖରାପ ହେବାରେ ଲାଗିବ। ଦିନକୁ ଦିନ ସେ ଡ଼େଟୋରିଏଟ୍ କରିଯାଉଛନ୍ତି। କେତେବେଳେ କ'ଣ ହେବ କହି ହେବନି। କିଛି ବି ଅଘଟଣ ଘଟି ଯାଇପାରେ।

ବିଷମ ସଂକଟରେ ପଡ଼ି ଯାଇଥିଲେ ନୀଳ ଲୋହିତ

ଦିନ ଦିନ ହୋଇ ସମୟ ବହି ଯାଉଛି।

ନୀଳ ଲୋହିତ କ'ଣ କରିବେ ଏବଂ କ'ଣ ନ କରିବେ କିଛି ନିଷ୍ପତ୍ତି ନେଇ ପାରୁନାହାନ୍ତି। ସୁନୀତା ଯେତେବେଳେ ଜାଣିବ ଏ ଝିଅ ତା'ର ନୁହେଁ, ଏ ଝିଅ ଗୋଟିଏ ଅନାଥ ଆଶ୍ରମର ଅପସନ୍ତାନ। ଯାହା ବାପା, ମାଙ୍କର ପରିଚୟ ଜଣା ନାହିଁ। ସେ ଜାରଜ ସନ୍ତାନର ଅବସ୍ଥା କ'ଣ ହେବ ? ସେତେବେଳେ ସେ କ'ଣ କରିବେ ?

ମୁଣ୍ଡ ଘୁରେଇ ଦେଉଥିଲା ନୀଳ ଲୋହିତଙ୍କର।

ତାଙ୍କ ପ୍ରେମ, ପ୍ରଣୟ ଏବେ ସଂକଟରେ। ସେ ସୁନୀତାଙ୍କୁ ଭଲ ପାଇ ବାହା ହୋଇଥିଲେ। ସୁନୀତାଙ୍କୁ ସେ ତାଙ୍କ ଜୀବନଠାରୁ ଆହୁରି ଭଲ ପାଆନ୍ତି।

ଆପଣା ମନରେ ଅଣେଇ ପଡୁଥିଲେ ନୀଳ ଲୋହିତ। ଏହା ମଧ୍ୟରେ ଅନେକ ଦିନ ବିତିଗଲାଣି ଅଥଚ ଆରତୀର କିଛି ସଂଧାନ ମିଳିନି।

ଅଚାନକ ଦିନେ ଠିକଣା ଖୋଜି ଖୋଜି ଆରତୀ ଆସି ପହଞ୍ଚିଥିଲା ନୀଳ ଲୋହିତଙ୍କ ଘର ପାଖରେ। ନୀଳ ଲୋହିତ ଆରତୀକୁ ଦେଖି ଖୁସି ହୋଇ ଯାଇଥିଲେ। ଏବଂ ତତ୍‌କ୍ଷଣାତ୍ ସୁନୀତା ପାଖକୁ ଧାଇଁ ଯାଇ କହିଥିଲେ ସୁନୀତା ...ସୁନୀତା ....ଦେଖ ଦେଖ କିଏ ଆସିଛି ?

ଚମକି ପଡ଼ିଥିଲା ସୁନୀତା। ଖୁବ୍ କଷ୍ଟରେ କହିଥିଲା କିଏ ଆସିଛି ?

ନୀଳ ଲୋହିତ କହିଥିଲେ ସୁନୀତା, ଆରତୀ ଆସିଛି ତୁମ ଝିଅକୁ ତୁମକୁ ଉପହାର ଦେବା ପାଇଁ।

ଧାଇଁ ଆସିଥିଲେ ସୁନୀତା। ଆରତୀ କୋଳରୁ ଗୋରା ତକତକ ସୁନ୍ଦରୀ ଝିଅଟିକୁ ଏକ ପ୍ରକାର ଝାମ୍ପି ନେଇ ଛାତିରେ ଚାପି ଧରି ତା' କଅଁଳିଆ ଗାଲରେ ଚୁମା ଦେଇ ଗେଲ କରିବା ଆରମ୍ଭ କରି ଦେଇଥିଲେ। ନୀଳଲୋହିତ ଦେଖୁଥିଲେ ସୁନୀତା କେମିତି ମୁହୂର୍ତ୍ତ କେଇଟାରେ ସୁସ୍ଥ ହୋଇ ଉଠିଛି।

ଆରତୀ କହିଥିଲା – ବାବୁ, ଆମେ ହେଲୁ ଗରିବ ଲୋକ। ଆପଣମାନେ ଭାବନ୍ତି ଆମେ ସବୁ ଠକ, ଚୋର, ବଦମାସ। ଗରିବ ଲୋକମାନେ ପରିସ୍ଥିତିରେ ପଡ଼ି ଖରାପ କାମ କରିବାକୁ ବାଧ୍ୟ ହୁଅନ୍ତି ସତ ହେଲେ ସେମାନେ ଅମଣିଷ ନୁହନ୍ତି। ମୁଁ ଆପଣଙ୍କୁ ପିଲାଟିଏ ଜନ୍ମ ଦେବାକୁ ଗର୍ଭାଶୟ ଭଡ଼ା ଦେଇଥିଲି। କିନ୍ତୁ ଯେଉଁ ସର୍ତ୍ତ ଥିଲା, ସେ ସର୍ତ୍ତରେ କେଉଁଠି ଲେଖା ହୋଇନଥିଲା ପିଲାଟିକୁ ଜନ୍ମ ଦେବା ପୂର୍ବରୁ ମାରିଦେବା ପାଇଁ। ମୁଁ ରକ୍ତ ମାଂସରେ ତିଆରି ନାରୀଟିଏ। ସବୁ ନାରୀମାନଙ୍କ ପରି ମୁଁ ମହାନ ମାତୃତ୍ୱକୁ ଅନୁଭବ କରି ମା ହେବାର ସ୍ୱପ୍ନକୁ କେମିତି ଏଡ଼ାଇ ପାରିବି ବାବୁ। ଆପଣ ମୋ ଆଖି ସାମ୍ନାରେ ଗୋଟିଏ ପରେ ଗୋଟିଏ ମୋ ଗର୍ଭସ୍ଥ ସନ୍ତାନକୁ ହତ୍ୟା କରିବେ, ମୁଁ ମା ହୋଇ କେମିତି ସହି ପାରି ଥାଆନ୍ତି ବାବୁ। ତେଣୁ ମୋ ଗର୍ଭସ୍ଥ ସନ୍ତାନଟିକୁ ଜନ୍ମ ଦେବା ପାଇଁ ମୁଁ ଆପଣମାନଙ୍କଠାରୁ ଦୂରେଇ ଯାଇଥିଲି। ଏବେ ମୋ କର୍ତ୍ତବ୍ୟ ସରିଛି। ମୁଁ ଆପଣଙ୍କ ସର୍ତ୍ତ ଅନୁସାରେ ପିଲାଟିକୁ ଜନ୍ମ ଦେଇ ଆପଣଙ୍କୁ ଫେରାଇ ଦେବାକୁ ଆସିଛି ବାବୁ। ଯଦି ଆପଣଙ୍କ ମନରେ କଷ୍ଟ ହେଉଥିବ ତାହେଲେ ମୋତେ କ୍ଷମା କରି ଦେବେ। ମୁଁ ଜାଣିବାରେ ମୁଁ କିଛି ଭୁଲ କରିନି। ମୋ କର୍ତ୍ତବ୍ୟ ମୁଁ କରିଛି ମାତ୍ର।

ଆରତୀ ଫେରିଯିବାକୁ ଉଦ୍ୟତ ହେବା ବେଳେ ନୀଳ ଲୋହିତ କହିଥିଲେ ରୁହ ଆରତୀ। ମୁହୂର୍ତ୍ତେ ଅଟକି ଯାଇଥିଲା ଆରତୀ।

ନୀଳ ଲୋହିତ ଲୁହ ଥମ୍ ଥମ୍ ଆଖିରେ କହିଥିଲେ – ଆରତୀ ତୁମେ ଆମ ଭଳି ଧନଦୌଲତର ଅହଂକାରରେ ହଜେଇ ଦେଇଥିବା ମଣିଷପଣିଆକୁ ଫେରେଇ ଦେଇ ଆମକୁ ଯେଉଁ ମଣିଷପଣିଆକୁ ଚିହ୍ନେଇ ଦେଇଛି, ସେଥିପାଇଁ ତୁମ ନିକଟରେ ଆମେ ଋଣୀ। ତୁମେ ଆମକୁ ସନ୍ତତିଟିଏ ଦେଇ ଯେଉଁ ମହାନତା ଦେଖେଇଛ, ସେଥିପାଇଁ ତୁମେ ସବୁଦିନ ଆମ ପାଖରେ ମହାନ ହୋଇ ରହିବ।

ମୋ ପାଖରେ ଧନର ଅଭାବ ନାହିଁ। ଆରତୀ, ତୁମ ପରିବାରକୁ ମୁଁ ପୋଷ୍ୟଭାବରେ ଗ୍ରହଣ କରିବାକୁ ଚାହୁଁଛି। ତୁମ ଭାଇର ପିଲାମାନଙ୍କୁ ଭଲ ସ୍କୁଲରେ ପାଠ ପଢ଼ାଇବୁ। ବର୍ତ୍ତମାନ ତୁମକୁ ମୋ କମ୍ପାନୀରେ ଚାକିରୀ ଦେବା ସଙ୍ଗେ ସଙ୍ଗେ ତୁମ ବାହାଘର ମୁଁ ଧୁମ୍ ଧାମରେ କରିବି। ତୁମପାଇଁ ଏ ସହରରେ ରହିବା ପାଇଁ ଘର ତୋଳି ଦେବି। ହେଲେ ମୋର ଗୋଟିଏ ଅନୁରୋଧ ରକ୍ଷା କରିବ।

ଖୁବ୍ ଅସୁବିଧାରେ ପଡ଼ିଥିଲା ଆରତୀ। ଅନୁରୋଧ, ନୀଳ ଲୋହିତ ବାବୁ କଣ କହିବାକୁ ଚାହୁଁଛନ୍ତି ?

ସୁନୀତା ଧାଇଁ ଆସି କହିଥିଲା – ଆରତୀ, ମୁଁ ଏ ଝିଅର ମା' ହୋଇ ପାରେ କିନ୍ତୁ ତୁମେ ତା'ର ପ୍ରକୃତ ଗର୍ଭଧାରୀଣୀ ମା। ତୁମେ କୁଆଡ଼େ ଯିବନି। ଏଇଠି, ମୋ ପାଖରେ ରହିବ। ଘର ତିଆରି ହେଲା ପର୍ଯ୍ୟନ୍ତ ତୁମେ ଏଇଠି ଏଇ ଘର ଉପର ମହଲାରେ ରହିବ। ମୋ ଝିଅର ବ୍ରେଷ୍ଟ ଫିଡ଼ିଂ ଦରକାର। କାରଣ ବ୍ରେଷ୍ଟ ଫିଡ଼ିଂ ହେଉଛି ବେଷ୍ଟ ଫିଡ଼ିଂ। ନ ହେଲେ ମୋ ଝିଅ ଦୁର୍ବଳ ହୋଇଯିବ। ତା'ର ମାନସିକ ବିକାଶ ଘଟିବ ନାହିଁ। ସୁନୀତା ଝିଅକୁ ଆଣି ଆରତୀ ହାତରେ ଟେକି ଦେଇଥିଲେ।

***ଦୂରଭାଷ: ୯୮୬୧୯୮୭୦୭୧***

# ପ୍ରତ୍ୟାଖ୍ୟାନ ବିଷ

## ରାମଚନ୍ଦ୍ର ସାହୁ

ବର୍ଷା ଭିଜା ଆକାଶରେ ଉଚ୍ଚ ସ୍ୱରରେ ମେଘ ମହ୍ଲାର ନିନାଦିତ ହେଉଥାଏ। ଗଗନ, ପବନ, ମେଘ, ଧରା, ଆକାଶ ପ୍ରକମ୍ପିତ ହେଉଥାନ୍ତି ସେହି ନିନାଦରେ। ଆକାଶରେ ବିଜୁଳି ମଧ୍ୟ ଦାଉ ସାଧୁଥାଏ ଉନ୍ମତ୍ତ ନର୍ତ୍ତନରେ। ଦିଗ ବିଦିଗକୁ ସମ୍ପୂର୍ଣ୍ଣ କ୍ଷତାକ୍ତ କରୁଥାଏ ବିଜୁଳିର ଶାଣିତ ଧାରା। ବଡ଼ ବଡ଼ ବର୍ଷା ଟୋପା ମୋ ଛତାକୁ ନିରାଶ୍ରୟ କରି ଚାଲିଥାନ୍ତି। ସାଇକଲର ବେଗ ରୋଧି ହୋଇ ଯାଉଥାଏ। ତଥାପି ସାଇକଲ ଚଳାଉଥାଏ ମୁଁ ଗୋଟିଏ ହାତରେ ହ୍ୟାଣ୍ଡେଲ ଧରି। ବାମ ହାତରେ ଛତା ମୁଣ୍ଡ ଉପରେ। ବର୍ଷାର ବେଗ ମଧ୍ୟ ହ୍ରାସ ପାଇବାର ଦେଖା ଯାଉନଥାଏ। ଅବିଶ୍ରାନ୍ତ ବର୍ଷାର ଗତି ଅମାପ୍ୟ।

ବଜାରରୁ ଘରକୁ ଫେରୁଥାଏ। ପହଞ୍ଚିବାକୁ ଆଉ ମାତ୍ର ଏକ କିଲୋମିଟର ରାସ୍ତା ବାକି। ରାସ୍ତାକଡରେ କୃଷ୍ଣଚୂଡ଼ା ଗଛଟିକୁ ବର୍ଷା ଏବଂ ପବନ ସମ୍ମିଳିତ ଆକ୍ରମଣ କରୁଥାନ୍ତି। ସେଇଠି ଅଟକି ଗଲି ମୁଁ। ଗଛ ତଳେ ଖପର ଛାଆଣି ଛୋଟ ଝୁଂପୁଡ଼ି ଘରଟିଏ ମୁଣ୍ଡପାତି ସହି ନେଉଥାଏ ପାଣି ପବନର ପ୍ରବଳ ଆଘାତକୁ। ଯାହା ହେଉ ମୋତେ ଆଶ୍ରୟଟିଏ ମିଳିଗଲା। ସେଇଟି ଥିଲା ବାବାଜୀ ନନାଙ୍କର ପାନ ଦୋକାନ। ସାମ୍ନାକୁ ଲମ୍ବିଛି ଛୋଟ ବାରଣ୍ଡାଟିଏ। ଗ୍ରାହକମାନେ ସେହି ବାରଣ୍ଡାରେ ଠିଆ ହୁଅନ୍ତି। ନିଜର ଆବଶ୍ୟକ ସେବା ପାଇ ଫେରି ଯାଆନ୍ତି। ପାନ ସହିତ ପକୁଡ଼ି, ବରା ଆଉ ଆଳୁଚପ ପ୍ରଭୃତି ସେଠାରେ ଉପଲବ୍ଧ ହୋଇଥାଏ।

ବାରଣ୍ଡାରେ ଆଶ୍ରୟ ସିନା ହୋଇଗଲା ହେଲେ କ'ଣ ହେବ ମାଟି ଖପର ଫଟାଇ ଅନେକ ଜାଗାରେ ପାଣି ଗଳୁଛି। ମୁଁ ଛତା ଖୋଲି ଠିଆ ହେଲି। ବର୍ଷାର ଅବିରାମ ଗତି ଥମିବାର ନାଁ ଧରୁ ନଥାଏ। ବାରଣ୍ଡା ଉପରେ କିଛି ଅଂଶରେ ଖପର ନାହିଁ, କେବଳ ବାଉଁଶବତା ରହିଛି।

ହଠାତ ବାଇକର ବଜ୍ର ଶବ୍ଦ ମୋ କାନକୁ କମ୍ପାଇ ଦେଲା। ଆରୋହୀ ଖୁବ୍ ଦ୍ରୁତ ବେଗରେ ଗାଡ଼ି ଚଳାଉଥିଲେ। ବାରଣ୍ଡା ସାମ୍ନାରେ ଗାଡି ଅଟକିଲା। ମୋ ସାମ୍ନାରେ ଜଣେ ଅର୍ଦ୍ଧସ୍ନାତା ନବ ବିବାହିତା ଉଦ୍ଧତ ଯୌବନା ଯୁବତୀ। ଭିଜା ପଣତ କାନିରେ ମୁହଁ ପୋଛି ହୋଇ ସେ ନିଜ ସମୋଚ୍ଚ ଆକର୍ଷଣୀୟ ବକ୍ଷ ଦେଶ ଲୁଚାଇବାକୁ ଚେଷ୍ଟାକରୁଥିଲେ। ପୁରୁଷ ବନ୍ଧୁ ଆରୋହୀ ଗଛ ତଳେ ଆଶ୍ରୟ ନେଉଥାନ୍ତି। ବାରଣ୍ଡାର ଛପର ତଳେ ମୋ ଛତା ମୁକୁଳା ଅଛି। ଛପର ଫାଙ୍କରୁ ପାଣିର ସୁଅ ଅବିରାମ ଗତିରେ ବାରଣ୍ଡାକୁ ତିନ୍ତେଇ ଚାଲିଥାଏ। ମହିଳାଙ୍କ ମୁଣ୍ଡ, ଛାତି ଏବଂ ମୁହଁରେ ପାଣି ପଡୁଥାଏ।

- "ମୋତେ ଟିକିଏ ଛତା ତଳେ ଆଶ୍ରୟ ଦେବକି ? - ମୋ ପାଖକୁ ଆସନ୍ତୁ। ମୁଣ୍ଡରେ ପାଣି ଟୋପା ପଡୁଛି।" ମହିଳାଙ୍କ ହାଲ୍‌କା ଲିପଷ୍ଟିକ ବୋଳା ଅଧର ଭିତରୁ ସ୍ୱଚ୍ଛ ଧବଳ ଦନ୍ତ ପଂକ୍ତିର ସମାହାର ଖୁବ୍ ଆକର୍ଷଣୀୟ ହୋଇ ଉଠୁଥାଏ। ଅଧରର ସ୍ମିତ ହାସ୍ୟ ମୋ ମନକୁ ଆନନ୍ଦ ତଥା ମହାଆନନ୍ଦ ସୁଅରେ ଭରି ଦେଉଥାଏ। ମୁଁ ନିଜକୁ ସୁରକ୍ଷିତ ରଖି ଛତାଟି ତାଙ୍କ ମୁଣ୍ଡ ଉପରକୁ ଉଠାଇ ଧରିଲି। ସେ ନିଜକୁ ସୁରକ୍ଷିତ ମନେ କଲେ ସିନା ମୁଁ ନିଜକୁ ସଙ୍କୁଚିତ କରି ନେଉଥିଲି। କିଛି ଦୂରତା ରକ୍ଷା କରି ଠିଆ ହେଲି। ବର୍ଷାର ପ୍ରକୋପ ପୂର୍ବ ପରି ଜାରି ରହିଥାଏ।

ଅଜଣା ଅଚିହ୍ନା ନବ ବିବାହିତା ମହିଳା କାହିଁକି କେଜାଣି ମୋ ନିକଟତର ହେଉଥାନ୍ତି। ବାରଣ୍ଡାକୁ ବର୍ଷାଛିଟା ଆକ୍ରମଣ କରୁଥାଏ। ବନ୍ଦ କବାଟକୁ ଲାଗି ମୁଁ ଠିଆ ହୋଇଥାଏ। ତାଙ୍କର ନିକଟତର ହେଲେ ହୁଏତ ଅଭଦ୍ରାମି ହେବ ଭାବି ମୁଁ ଦୂରେଇ ରହୁଥାଏ। ଛତା ଆମ ଦୁହିଁଙ୍କ ମୁଣ୍ଡ ଉପରେ ଆମକୁ ସୁରକ୍ଷା ଦେବାରେ କୁଣ୍ଠିତ ନଥାଏ। ନିଜେ ବର୍ଷା ମାଡ ସହ୍ୟ କରି ଅପରକୁ ସୁରକ୍ଷା ଦେବାର ମହାନତାରେ ସେ ଗର୍ବୋନ୍ନତ ବକ୍ଷ ଫୁଲାଇ ଥାଏ। ଏହାହିଁ ତା'ର ପାରିଲା ପଣିଆ।

ମହିଳା ପୁଣି ମୋ ନିକଟତର ହେଲେ। ପୁନର୍ବାର ମୁଁ ନିଜକୁ ଦୂରେଇ ନେବାକୁ ଚେଷ୍ଟା କଲି। ମୋ ଦେହ ସହିତ ତାଙ୍କ ଦେହ ସମ୍ପୂର୍ଣ୍ଣ ଲାଗିଗଲାଣି। ବାରଣ୍ଡାରେ ସେମିତି ବର୍ଷାଛିଟା ପଡୁଛି କିନ୍ତୁ ତାଙ୍କ ଶାଢ଼ୀ ତଳ ଭାଗ ଓଦା ହେଉନାହିଁ। ବର୍ଷାଛିଟାଠାରୁ ସେ ଦୂରରେ ଅଛନ୍ତି। ବର୍ଷା ଛେଚି ଚାଲିଥିଲେ ମଧ୍ୟ ସେ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି ବୋଲି ମୋର ବୋଧ ହେଲା।

ଦୁଷ୍ଟ ପବନର ଗତି ଯେତିକି ମନ୍ଦମନ୍ଦ ହେଉଥାଏ ମହିଳାଙ୍କ ଶରୀରରୁ ସେତିକି ମଧୁର ସୁଗନ୍ଧ ମୋ ନାସିକା ମାର୍ଗକୁ ପୁଷ୍ଟ କରୁଥାନ୍ତି। କେବଳ ମଧୁର ସୁଗନ୍ଧରେ ମୁଁ ଆମୋଦିତ ହେଉନଥାଏ। ତାଙ୍କ ସାମ୍ପୁ ଧୂଆ ମୁକୁଳା କେଶରାଶି ସମୟେ ସମୟେ ପବନର ମୃଦୁ ଆକ୍ରମଣରେ ମୋ ମୁହଁରେ ଦୋଳି ଖେଳୁଥାନ୍ତି। ମୋ ସର୍ବାଙ୍ଗ ଅଜଣା ମଧୁର ଶିହରଣରେ ଆପ୍ୟାୟିତ ହେଉଥାନ୍ତି। ମନରେ ଭାବୁଥାଏ ବର୍ଷା ଆଉ କିଛି ସମୟ ଲାଗି ରହନ୍ତାକି, ମହିଳା ଜଣକ ମୋ ନିକଟରେ ଆଉ କିଛି ସମୟ ମୋ ଶରୀରକୁ ଲାଗି ଠିଆ ହୁଅନ୍ତେ। ତାଙ୍କ ମନକୁ କେଉଁ ଭାବନା ସ୍ପର୍ଶ କରୁଥାଏ ତାହା ମୁଁ କହି ପାରିବି ନାହିଁ କିନ୍ତୁ ମୁଁ ସମ୍ପୂର୍ଣ୍ଣ ଆୟତରେ ନିଜକୁ ରଖି ପାରୁ ନଥାଏ। ତାଙ୍କ ମସ୍ତକର ଆଲୁଳିତ କାକକୃଷ୍ଣ ଘଞ୍ଚ କେଶରାଶି ମୋତେ ବ୍ୟଥିତ କରି ଚାଲିଥିଲେ।

ବର୍ତ୍ତମାନ ଆମ ମୁଣ୍ଡ ଉପରେ ମୋର ବିରାଟ ଛତା। ବାରଣ୍ଡାରେ କେବଳ ଆମେ ଦୁହେଁ। କ'ଣ ହେବ ପରିସ୍ଥିତି ? ଆଶଙ୍କାରେ ମୁଁ ନିଜକୁ ସମ୍ପୂର୍ଣ୍ଣ ଅଣାୟତ୍ତ କରି ହଜାଇ ଦେଇଥାଏ। ନିର୍ଜନ ଇଲାକାରେ ଆମେ ନିର୍ବାକ।

କ୍ରମେ ଦୁଷ୍ଟ ପବନର କ୍ରୁରତା ହ୍ରାସ ପାଇବାକୁ ଲାଗୁଥିଲା। ମୃଦୁ ମଧୁର ବୃନ୍ଦ ଗାନରେ ପବନ ସାମାନ୍ୟ ଦୁଷ୍ଟାମି କରୁଥାଏ। ମହିଳାଙ୍କର ବସ୍ତ୍ରାଞ୍ଚଳ ମୋ ଶରୀରରେ ଚୁମ୍ବକୀୟ ସ୍ପର୍ଶ ଦେଇ ଅତିଷ୍ଠ କରି ଦେଉଥାଏ। ଆମେ ଦୁହେଁ ଯୁଗଳ ବିଗ୍ରହ ପରି ଖୁବ୍ ନିକଟତର। ତାଙ୍କ ଶରୀରର ଉଷ୍ମତା ମୋ ଅଙ୍ଗ ପ୍ରତ୍ୟଙ୍ଗକୁ ପ୍ରଶମିତ ହେଉଥାଏ। ଉଚ୍ଚ ତାପାକ୍ରାନ୍ତ ମ୍ୟାଲେରିଆ ରୋଗୀପରି ମୁଁ ଥରିବାକୁ ଲାଗିଲି। ମୋ ମନର ଉଷ୍ମତା ବିସର୍ଜିତ ହେଉଥାଏ। ଏତିକି ବେଳେ ସେ ମୋ ମୁହଁକୁ ଚାହିଁ ହସିହସି କହିଲେ - "ଆପଣ ଏପରି ଥରୁଛନ୍ତି କାହିଁକି ? ଦେହ ଖରାପ ଅଛି ନା କ'ଣ ?" - "ନାନା ମୋ ଦେହ ସମ୍ପୂର୍ଣ୍ଣ ସୁସ୍ଥ ଅଛି।"

ମୁଁ ସଂକ୍ଷିପ୍ତ ଉତ୍ତର ଦେଲି। ଅପେକ୍ଷା କରି ରହିଲି ତାଙ୍କର ବାକ୍ୟକୁ।

ଅପରିଚିତ ମହିଳା ମୋ ମୁହଁକୁ ନିରୀକ୍ଷଣ କରିବାକୁ ଲାଗଲେ। ତାଙ୍କର କଣ୍ଠସ୍ୱର ମୋତେ ପୂର୍ବ ପରିଚିତ ପରି ବୋଧ ହେଲା। ତାଙ୍କ ମୁହଁକୁ ଅନାଇଲି। ବହୁ ପୂର୍ବରୁ କେଉଁଠି ଦେଖିଥିଲା ପରି ମନେ ହେଲା। ମୁଁ ସ୍ମରଣ କରୁଥାଏ ଅତୀତକୁ।

କିଛି ସମୟ ପରେ ମହିଳାଙ୍କ ମୁଖର ଭଙ୍ଗି, ସ୍ୱର୍ଣ୍ଣାଭ ଅଙ୍ଗ ମୋ ଅନ୍ତରରେ ଗଭୀର ଆଲୋଡନ ସୃଷ୍ଟି କଲା। ମୁଁ ଅତୀତକୁ ଖୋଜୁଥିଲି। ସେ ସାମାନ୍ୟ ହସି କହିଲେ – "ମୋତେ ଚିହ୍ନି ପାରୁ ନାହାନ୍ତି। ମୁଁ ବିଚିତ୍ରା।"

ସତରେ ମୋର ବିରାଟ ଭୁଲ ହୋଇଯାଇଥିଲା। ଏତେ ସମୟ ଧରି ମୁଁ ବିଚିତ୍ରାକୁ କଥା କହୁ ନଥିଲି। ସେ କ'ଣ ଭାବୁଥିବ ସତରେ ? ପ୍ରଥମେ ପରିଚୟଟି ପଚାରି ଦେଇଥିଲେ ଭଲ ହୋଇଥାନ୍ତା।

– "ଆରେ ବିଚିତ୍ରା, ବଡ ବିଚିତ୍ର କଥା। ଆଜି ତୁମ ସହିତ ଏପରି ବର୍ଷଣ ଅପରାହ୍ନରେ ତୁମ ସହିତ ଦେଖା ହେବ ବୋଲି ମୁଁ କଳ୍ପନା କରି ନଥିଲି। ଭଲ ହେଲା ଦେଖା ହୋଇଗଲା।"

ମୋ ପାଟିରୁ କଥା ଛଡେଇ ନେଇ ସେ ଗଦ୍ ଗଦ୍ ସ୍ୱରରେ ଭାବବିହ୍ୱଳ ହୋଇ କହିଲା – "ତୁମ ଖବର କ'ଣ କୁହ ? ଅନେକ ବର୍ଷ ହେଲାଣି ମୁଁ ତୁମକୁ ଖୋଜୁଥିଲି। ବାଣୀ ବିହାରରୁ ବାହାରିବା ପରେ ମୁଁ ପରାଧୀନ ହୋଇଗଲି। ପରାଧୀନତାର ଚାପରେ ମୁଁ ଚାପି ହୋଇଗଲି। ପରିସ୍ଥିତି ମୋତେ ଦାସ କରି ଦେଲା। ତାଙ୍କର ତ ଟୁରିଂ ଜବ୍। କେତେ ବେଳେ କୋଲକାତା ତ କେତେବେଳେ ଦିଲ୍ଲୀ। ଘରେ ଖୁବ୍ କମ ସମୟ ରହନ୍ତି।"

ଇଏ ସେହି ବିଚିତ୍ରା, ଯାହା ସହିତ ମୁଁ ପୁରୀ ସମୁଦ୍ର କୂଳରେ ବୁଲୁଥିଲି। ସମୁଦ୍ରର ନୀଳିମାରେ ବିଚିତ୍ରା ନିଜ ମନକୁ ସଜେଇ ଦେଇଥିଲା ସେତେବେଳେ। ମୋ ମନକୁ ବାନ୍ଧି ରଖିବା ପାଇଁ ସେ ପ୍ରବଳ ଚେଷ୍ଟା କରିଥିଲା। ମୋ ନିରବତା ତା' ମନରେ ଗଭୀର କ୍ଷତ ସୃଷ୍ଟି କରିଥିଲା। ତା' ବ୍ୟାକୁଳତାକୁ ମୋ ନିଷ୍ଠୁର ନିରବତା ଜାଳି ଦେଇଥିଲା।

ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସଭା କକ୍ଷରେ ଚାଲିଥାଏ କବି ସମ୍ମିଳନୀ। ସମଗ୍ର ରାଜ୍ୟର ପ୍ରତିନିଧିମାନେ ସେଠାରେ ଉପସ୍ଥିତ ଥିଲେ। ନିକଟରେ ସମୁଦ୍ର ଗର୍ଜୁଛି। ସ୍ନାନାର୍ଥୀଙ୍କ ଭିଡ଼ରେ ସମୁଦ୍ର କୂଳ ବିବର୍ଣ୍ଣ ହୋଇ ଉଠୁଥାଏ। ଏତିକି ବେଳେ ମୁଁ ଆଗ ଧାଡ଼ିରେ ଅପେକ୍ଷା କରିଛି ମୋ କବିତା ପାଠ କରିବା ପାଇଁ। ବିଚିତ୍ରା ମୋ ଆସନ ନିକଟକୁ ଆସି ଧିର ସ୍ୱରରେ କହିଲା – "ଚାଲନ୍ତୁ ସମୁଦ୍ର କୂଳରେ କିଛି ସମୟ ବୁଲିବା।" ତା' ପ୍ରସ୍ତାବରେ ଚୁମ୍ବକୀୟତା ଭରି ରହିଥିଲା। ମୋତେ ଆକର୍ଷିତ କରି ଦେଲା ତା' ମଧୁର ବାକ୍ୟ। ତତ୍‌କ୍ଷଣାତ୍ ମୁଁ ତା ସହିତ ଚାଲିଗଲି। ଅନିନ୍ଦ୍ୟ ତା ଢ଼ଳଢ଼ଳ ଉଜ୍ଜ୍ୱଳ ନୟନ ଯୁଗଳର ଚାଳନା। ଅନୀର୍ବଚନୀୟ ତା' ବଚନର ଲାଳିତ୍ୟ। ମୁଁ ତ ଜଣେ ସାମାନ୍ୟ ମଣିଷ। ତା' ନୟନ ଜାଲରେ ଫସିଯିବା କିଛି ଅସମ୍ଭବ ନ ଥିଲା। ଦୀର୍ଘ ଦିନର ସାଧନା ପରେ ସିଦ୍ଧିଲାଭ କରିଥିବା ଋଷି ଜଣେ ମଧ୍ୟ ତା' ମଧୁର ବଚନର ଜାଲରୁ ବର୍ତ୍ତି ଯାଇ ପାରିବ ନାହିଁ।

ବର୍ଷାର ଗତି ଧିରେ ଧିରେ ଧିମେଇ ଆସୁଥିଲା। ଅତୀତରୁ ମୁଁ ନିଜକୁ ଫେରାଇ ଆଣିଲି। ସମ୍ବିତ ଫେରି ପାଇଲି। ପ୍ରକୃତିସ୍ଥ ହେବାର ପର ମୂହୁର୍ତ୍ତରେ ବିଚିତ୍ରା ମୋତେ ପ୍ରଶ୍ନ କଲା – "ତୁମେ ଏ ପର୍ଯ୍ୟନ୍ତ ବିବାହ କରି ନାହଁ କାହିଁକି ତୁମ ମୁହଁରେ ଭର୍ତ୍ତି ଦାଢ଼ି କହି ଦେଉଛି ତୁମେ ନିଜକୁ ଯାତନା ଦେଉଛ।" ବିଚିତ୍ରାର ପ୍ରଶ୍ନ ମୋତେ ଆଘାତ ଦେଲା। କ'ଣ ଉତ୍ତର ଦେବି ମୁଁ କିଛି ଭାବି ପାରୁ ନଥିଲି। ତା' ଆକ୍ରମଣରୁ ନିଜକୁ ରକ୍ଷା କରିବା ଅସମ୍ଭବ ହେଉଥାଏ।

– "ତୁମେ ମୋ ସମସ୍ୟା ଜାଣି ନାହଁ ବିଚିତ୍ରା। ମୁଁ ତୁମ ପ୍ରଶ୍ନରେ ବ୍ୟଥିତ। ସେଥିପାଇଁ ମୁଁ ନିଜେ ଦାୟୀ।" ମୁଁ ଏତିକି ସଂକ୍ଷିପ୍ତ ଉତ୍ତର ଦେବା ପରେ ତା' ମୁଖମଣ୍ଡଳର ପ୍ରତିକ୍ରିୟାକୁ ଅପେକ୍ଷା କରି ରହିଲି। ନିଜକୁ ମୁଁ ସଙ୍କୁଚିତ କରି ନେଉଥିଲି, କାରଣ ବିଚିତ୍ରା ଜଣେ ପୁରୁଷର ହାତ ଧରିଛି। ସେ ତା' ଜୀବନ ସଙ୍ଗିନୀ। ମୋର ପ୍ରେମିକା ନୁହେଁ।

ବିଚିତ୍ରାର ଗୋରା ତକ୍‌ତକ୍ ମୁଖମଣ୍ଡଳରେ ସୁବର୍ଣ୍ଣ ଜିଣା କାନ୍ତିର ଆଭାସ ମୋତେ ଚକିତ କରୁଥାଏ। ସମୁଦ୍ର କୂଳରେ ବୁଲୁବୁଲୁ ସେ ମୋତେ ପ୍ରସ୍ତାବ ଦେଇଥିଲା – "ମୁଁ ତୁମ ସନ୍ତାନର ଜନନୀ ହେବି। ଅନ୍ୟ କାହାରି ନୁହଁ। ତୁମେ କ'ଣ ଚାହୁଁଛ କୁହ ? ସେତେବେଳେ ମଧ୍ୟ ବିଚିତ୍ରା ମୋତେ ଗଭୀର ଆଶ୍ଳେଷ ଭରି ଦେଇଥିଲା। ମୁଁ ହତବାକ୍ ହୋଇ ଯାଇଥିଲି। ଆଶା କରି ନଥିଲି ତା' ଅଧରରୁ ଏପରି ଏକ ସ୍ପର୍ଶକାତର ପ୍ରସଙ୍ଗ ବିସ୍ଫାରିତ ହୋଇ ମୋତେ ଆଘାତ ଦେବ। କିଛି ସମୟ ପରେ ସମୁଦ୍ରର କଅଁଳ ବାଲୁକା ଶଯ୍ୟାରୁ ଫେରି ଆସିଥିଲୁ ଆମେ। ମୋ ଚିତ୍ତ ଅସ୍ଥିର ହୋଇ ଯାଇଥିଲା ସେଦିନ। ମୁଁ ନିଜକୁ ହଜାଇ ଦେଇଥିଲି ସେଦିନ ସମୁଦ୍ରର ଅତଳ ଗର୍ଭରେ। ଆଜି ସେହି ବିଚିତ୍ରା ମୋ ନିକଟରେ ନୁହେଁ କେବଳ, ଅତି ନିଟରେ। ମୋ ହେଦକୁ ଲାଗି ଠିଆ ହୋଇଛି। ମୁଁ ମୋ ଭବିଷ୍ୟତର ଶୂନ୍ୟତାକୁ ସେତେବେଳେ ଦେଖୁଥିଲି।

ବିଚିତ୍ରା ମୋର ପ୍ରେମିକା ଥିଲା ଅତୀତରେ। ଏଇଟା ନିଷ୍ଠୁର ସତ୍ୟ ଯେ ସବୁ ପ୍ରେମିକା ପତ୍ନୀ ହୋଇ ପାରନ୍ତି ନାହିଁ। ସମୟର ଅସହ୍ୟ ପ୍ରହାର ପରିସ୍ଥିତିକୁ ବଦଳାଇ ଦିଏ। ପ୍ରେମ ରାଜ୍ୟ ଶୁଷ୍କ ମରୁମୟ ପ୍ରାନ୍ତର ହୋଇଯାଏ। ପ୍ରେମର ସବୁଜିମା ହଜିଯାଏ। ଅଲୋଡ଼ା ହୁଏ ମନ।

ଆମ ଗାଁ ନିକଟସ୍ଥ ଛୋଟ ସହରର ଝିଅ ବିଚିତ୍ରା। ନ ହସିଲେ କଥା କହେ ନାହିଁ। ସହରୀ ଠାଣିରେ ତା'ର ଚଳଣି। ମୋର ବିପର୍ଯ୍ୟସ୍ତ ପୋଷାକ, ଅଯତ୍ନ ବେଶ ଦେଖି ସେ କହିଲା – "ତୁମେ ପୋଷାକ ପତ୍ରର ଯତ୍ନ ନେଉ ନାହଁ କାହିଁକି ? ଜଣା ପଡୁଛି ତୁମେ ବହୁତ ସମୟ ଅନ୍ୟ ମନସ୍କ ରହୁଛ ଠିକ୍ ନା ?"

– "ହଁ ସେଇଟା ତ ନିଶ୍ଚିତ। ବାଙ୍ଗଲୋରରେ ରହଣି କାଳ ମଧ୍ୟରେ ମୋ ଜୀବନ ଶୈଳୀ ବଦଳି ଯାଇଛି ଚିତ୍ରା। ମୁଁ ଆଉ ଅତୀତକୁ ଫେରି ପାରିବି ନାହିଁ। ହଜାଇ ଦେଇଛି ସୁବର୍ଣ୍ଣ ଅତୀତ।

ଚିତ୍ରା ନାମ ଶୁଣି ଖୁବ୍ ଆନନ୍ଦ ବିଭୋର ହୋଲା ବିଚିତ୍ରା। ଚିତ୍ରା ନାମରେ କେବଳ ମୁଁ ହିଁ ତାକୁ ଡାକୁଥିଲି। ସତରେ କେତେ ଆତ୍ମୀୟତା, କେତେ ମାଧୁର୍ଯ୍ୟ ଭରି ରହିଥିଲା ସେହି ନାମରେ।" ମୁଁ ଏବେ ଶୁଷ୍କ ମରୁଯାତ୍ରୀ। ହରେଇ ବସିଛି ସତେଜ ସବୁଜ ବନର ମାୟା।"

ମରୁଯାତ୍ରୀକୁ ଶୀତଳ ତରୁଛାୟା ପ୍ରାପ୍ତ ହୋଇପାରେ ନାହିଁ। ମୁଁ ନିଜକୁ ଶତବାର ଦୋଷୀ ସାବ୍ୟସ୍ତ କରି ଦଣ୍ଡିତ କରୁଛି। ମୁଁ ତାକୁ ମୋର ପାଣି ଗ୍ରହଣ କରିବାକୁ ଦେଇ ନଥିଲି। ବହୁଦିନ ତା' ପ୍ରେମରେ ଭିଜିଥିଲି।

ବର୍ଷା ସଂପୂର୍ଣ୍ଣ ବିରାମ ଘୋଷଣା କରୁଥିଲା। ମେଘ ମହ୍ଲାର ରାଗ ଆକାଶରେ ପ୍ରତିଧ୍ୱନିତ ହେଉ ନଥିଲା। ଆକାଶ ସ୍ୱଚ୍ଛ ହୋଇ ଯାଇଥିଲା। ଅଦୂରରୁ ଭାସି ଆସୁଥିଲା ବିଷାଦ ରାଗିଣୀର ସ୍ୱର।

*ମୁଁ- ତେନ୍ତୁଳିନଣ୍ଡା, ଡା.କା - ଡିମ୍ବୋ, କେନ୍ଦୁଝର*
*ଦୂରଭାଷ: ୭୮୯୪୫୬୦୦୮୮*

# କ୍ଷମା

## ମୂଳ ଫରାସୀ - ମୋପାସାଁ
## ଅନୁବାଦ - ଡ. ବିନୋଦିନୀ ପାତ୍ର

ସେ ଏମିତି ଏକ ପରିବାରରେ ବଢ଼ିଥିଲା ଯେଉଁଠି ସମସ୍ତେ ଦୁନିଆର ସମସ୍ତଙ୍କ ଠାରୁ ଅଲଗା ଭାବେ ନିଜ ଭିତରେ ବଞ୍ଚିବାକୁ ଭଲ ପାଆନ୍ତି। ସେହି ପରିବାର ରାଜନୀତି କଣ ବୁଝନ୍ତି ନି, ଯଦିଓ ସେମାନଙ୍କ କଥା ସରକାର ବଦଳିବା ବେଳେ ଟେବୁଲ ଉପରେ ଆଲୋଚନା ହୁଏ।

କିଣାଳୀ ମାନେ ସମୟ କ୍ରମେ ନିଜକୁ ବଦଳାନ୍ତି। ଗୋଟାକ ପରେ ଆଉ ଗୋଟାଏ ଫେସନ ବଦଳୁ ଥାଏ। କିନ୍ତୁ ସେ ପରିବର୍ତ୍ତନର କୌଣସି ପ୍ରଭାବ ଏ ପରିବାର ଉପରେ ପଡେନା କାରଣ ପୀଢ଼ି ପରେ ପୀଢ଼ି ଏମାନେ ପାରମ୍ପରିକତା ମଧ୍ୟରେ ଚଳି ଆସିଛନ୍ତି। ଯଦି କୌଣସି କୁତ୍ସା ଜନିତ ଘଟଣା ପାଖ ପଡିଶାରେ ଘଟେ ତ ଏମାନଙ୍କ ଘରର ଦେହଳି ଛୁଉଁ ଛୁଉଁ ତାହା ମରି ଯାଇ ଥାଏ।ବାପ ମା ଭିତରେ ଯଦି କିଛି କଥା ଥାଏ ତ ସେକଥା ଅତି ନିମ୍ନ ସ୍ୱରରେ ଆଲୋଚନା ହୁଏ।କାରଣ କାନ୍ଥର ବି କାନ ଅଛି ଯେ। ବାପା ଦାନ୍ତ ଚାପି ଧୀରେ ଧୀରେ କହନ୍ତି, "ତୁମେ ସେ ରିଭୋଲି ପରିବାରରେ କଣ ଘଟିଛି ସେ କଥା ଶୁଣିଲଣି ?"

ମା କୁହନ୍ତି, "ସେମିତି ହେବ ବୋଲି କିଏ ଅବା ଭାବିଥିଲା ଯେ।ବଡ ଭୟଙ୍କର କଥାରେ ବାବା"।

ପିଲାଏ କିଛି ସନ୍ଦେହ କରି ପାରନ୍ତିନି। ବର୍ଷ ବର୍ଷ ଧରି ସେମାନେ ନିଜ ଆଖି ଦେଖା ଓ କାନରେ ଶୁଣା କଥାକୁ ବିଶ୍ୱାସ କରିଥାନ୍ତି। ପ୍ରକୃତ ଘଟଣା ବିଷୟରେ ମନ ଓ ଆଖିକୁ ବନ୍ଦ କରି ଅଜଣା ରହିଥାନ୍ତି। ଲୋକେ ଯାହା ଭାବନ୍ତି ଓ ଯାହା କହନ୍ତି ତାହା କରନ୍ତି ନାହିଁ ବୋଲି ସେମାନେ ବୁଝିବାକୁ ଚେଷ୍ଟା କରନ୍ତିନି। ସରଳ ଲୋକମାନଙ୍କୁ ଠକି ଦିଆଯାଏ, ନିଷ୍ପାପର ମାନଙ୍କୁ ଥଟ୍ଟା କରାଯାଏ କି ଭଲ ଲୋକଙ୍କୁ ଖରାପ ବ୍ୟବହାର ମିଳେ ବୋଲି ସେମାନେ ବୁଝି ପାରନ୍ତିନି।

ସେ ପରିବାରରେ ଲୋକେ ମଲା ଯାଏଁ ବି ଏପରି ଏକ ଅନ୍ଧ ବିଶ୍ୱାସ ଓ ଭାବନା ନେଇ ବଞ୍ଚନ୍ତି। ଏମାନେ ଏତେ ସ୍ୱଚ୍ଛ ହୃଦୟର ଯେ ସେମାନଙ୍କ ଆଗରେ ଛଳନାକୁ ଖୋଲି ଧରି ଦେଖାଇ ଦେଲେ ବି ତାହାକୁ ସେମାନେ ବିଶ୍ୱାସ କରନ୍ତି ନାହିଁ କିମ୍ୱା କିଛି ତାଙ୍କ ଆଖି ଖୋଲି ପାରେନାହିଁ।

ଅନ୍ୟ ଯେଉଁ ମାନେ ଠକି ନାହାନ୍ତି କିନ୍ତୁ ପୂରା ପୂରି ଏ ସବୁ ନ ବୁଝିଭୁଲ୍ କରନ୍ତି। ତେଣୁ ସେମାନେ ହଇରାଣ ହୋଇ ବ୍ୟସ୍ତ ହୋଇ ଉଠନ୍ତି । କାରଣ ସେମାନେ ନିଜକୁ ଦୁର୍ଭାଗ୍ୟର ଓ ବିପରୀତ ପରିସ୍ଥିତିର ବା ଅତି ଦୁଷ୍ଟଲୋକମାନଙ୍କ ଖେଳ କଣ୍ଢେଇ ବୋଲି ଭାବନ୍ତି।

ସେ ସାଭିଗନଲ ପରିବାର ତାଙ୍କ ଝିଅ ବାର୍ଥାକୁ ଅଠର ବର୍ଷ ବୟସରେ ବିବାହ କରି ଦେଲେ। ଜର୍ଜ ବାରୋନ ନାମକ ଏକ ପ୍ୟାରିସୀୟ ସହ ତାର ପରିଣୟ ହେଲା। ଜର୍ଜ ଷ୍ଟକ୍ ଏକ୍ସଚେଞ୍ଜରେ ବ୍ୟବସାୟ କରୁଥିଲେ। ସେ ସୁଶୋଭନ, ସୁଶୀଳ ଓ ଆଉସବୁ ଭଲ ଗୁଣରେ ପରିପୂର୍ଣ୍ଣ ଥିଲେ ଯାହାକି ଗୋଟାଏ ବରଠାରେ ଥାଉ ବୋଲି ଆଶା କରାଯାଏ। କିନ୍ତୁ ସେ ତାଙ୍କ ହୃଦୟରେ ଶ୍ୱଶୁର ପରିବାରର ପୁରୁଣା କାଳିଆ ଅଭ୍ୟାସକୁ ଘୃଣା କରୁଥିଲେ ବୋଲି ସେ ନିଜ ସାଙ୍ଗକୁ ଶ୍ୱଶୁର କଥା କହିଲା ବେଳେ 'ମୋର ପ୍ରିୟ ପୁରୁଣା ଫସିଲ ବା କଙ୍କାଳ' ବୋଲି କହୁଥିଲେ।

ସେ ଏକ ଭଲ ପରିବାରର ସଦସ୍ୟ ଥିଲେ। ଝିଅଟା ପ୍ୟାରିସରେ ବସବାସ କରୁଥିବା ଏକ ଧନୀକ ପରିବାର ର ଝିଅ।

ସେ ତେଣୁ ପ୍ୟାରୀସର ପାରମ୍ପାରିକ ଲେଜିଅନ ବୋଲାଉ ଥିଲେ କିନ୍ତୁ ସେ ଏଇ ସ୍ୱନାମଧନ୍ୟ ସହର ବିଷୟରେ ପୂରାପୂରି ଅଜ୍ଞ ଥିଲେ। ଏହାର ସାମାଜିକ ଚଳଣୀ, ହସଖୁସି ଓ ଆଦବକାୟିଦା ଓ ଏଠାରେ ଜୀବନ ଧାରଣର ସାରଣୀ ବିଷୟରେ କିଛି ବି ଜ୍ଞାନ ତାଙ୍କର ନ ଥିଲା। ଏ ସହରର ରହସ୍ୟ ରୋମାଞ୍ଚ ଓ ଛଳ କପଟ କଥା କିଛି ଜାଣୁ ନ ଥିଲେ।

କେବଳ ଘର କଥା ଛଡା ତାଙ୍କ ଘରର ଗଳି ଉପ ଗଳି ବିଷୟରେ ତାଙ୍କର କିଛି ଧାରଣା ନ ଥିଲା। ଯେତେବେଳେ ସେ ପାରିସ ର ଆର ପଟକୁ ଯାଉଥିଲେ, ତାଙ୍କୁ ଲାଗୁଥିଲା ଯେମିତିକି ସେ ଏକ ଦୀର୍ଘ କଷ୍ଟକର ଯାତ୍ରା କରି ଆଉ ଏକ ଅଜଣା ଅନାବିଷ୍କୃତ ରାଜ୍ୟକୁ ଆସିଛନ୍ତି। ତେଣୁ ସଞ୍ଜ ବେଳେ ସେ ତାଙ୍କ ସ୍ୱାମୀ ଙ୍କୁ କହନ୍ତି ଯେ ସେ ଉପବନ ଭ୍ରମଣ କରି ଆସିଛନ୍ତି। ବର୍ଷକୁ ଥରେ ଦୁଇଥର ତାଙ୍କ ସ୍ୱାମୀ ତାଙ୍କୁ ଥିଏଟର ଦେଖାଇ ନିଅନ୍ତି। ଏସବୁ ଘଟଣା ତାଙ୍କ ମନରୁ କେବେ ଫିକା ପଡେ ନାହିଁ। ସେ ବିଷୟରେ ବହୁବାର ସ୍ୱାମୀ ଙ୍କ ସହ ଆଲୋଚନା କରନ୍ତି ସେ।

ଦୁଇ ତିନି ମାସ ପରେ ହଠାତ୍ ସେ ସ୍ୱାମୀଙ୍କୁ କହନ୍ତି ଯେ ସେ ଯେଉଁ ଅଭିନେତା ଜଣକ ଜେନେରାଲ ଭୂମିକା କରୁଥିଲା, ତାର ଟୋପିପିନ୍ଧା ମୁଣ୍ଡଟି ଏକ କୁକୁଡ଼ା ଗଞ୍ଜାର ମୁଣ୍ଡ ଭଳି ଦିଶୁଥିଲା, ନୁହେଁ ?

ତାଙ୍କର ଖୁବ୍ କମ୍ ସାଙ୍ଗ ଥିଲେ ଯେଉଁ ମାନେ କି ତାଙ୍କ ନିଜ ସମ୍ପର୍କୀୟ ପରିବାରର ଥିଲେ। ସେମାନେ ମାର୍ଟିନେଟ୍ ଓ ମିକାଲେନ ପରିବାରର ଥିଲେ। ତାଙ୍କ ସ୍ୱାମୀ ନିଜ ମର୍ଜିରେ ଜୀବନ ବଞ୍ଚୁ ଥିଲେ। ଯେତେବେଳେ ଇଚ୍ଛା ଘରକୁ ଫେରୁଥିଲେ । ଥରେ ଥରେ ତ କାମର ଆଳ ଦେଖାଇ ସକାଳ ଯାଏ ବାହାରେ ରହୁଥିଲେ। ନତୁବା କେବେ କେବେ ସରଳ ନିଷ୍କପଟ ସ୍ତ୍ରୀଙ୍କୁ ସନ୍ଦେହ କରିବାର ସୁଯୋଗ ନ ଦେବାକୁ ସେ ଘରେ ରହି ଯାଉ ଥିଲେ ବେଶ୍ କିଛି ଦିନ।

କିନ୍ତୁ ଦିନେ ସକାଳେ ଶ୍ରୀମତୀ ଏକ ସ୍ୱାକ୍ଷର ବିହୀନ ଚିଠି ପାଇଲେ। ସେ ବଜ୍ର ବିଦ୍ଧ ହୋଇ ଗଲେ ମଧ୍ୟ ଅସ୍ୱାକ୍ଷରିତ ଚିଠିଟିର ଛଳପୂର୍ଣ୍ଣ ଖବରରେ ଭରା ସେ ଚିଠିକୁ ତାଙ୍କ ସରଳ ମନ ସନ୍ଦେହ କଲାନାହିଁ। ଚିଠିର ଲେଖକ ତାଙ୍କୁ ସୁଖରେ ଦୁଃଖରେ, ବିପଦ ଆପଦରେ, ପ୍ରେମ ଓ ସତ୍ୟରେ ତାଙ୍କ ସହ ରହିବାର ପ୍ରତିଜ୍ଞା ରଖିଥିଲା।

ସେ ଚିଠିରେ ଲେଖା ଥିଲା ଯେ ତାଙ୍କ ସ୍ୱାମୀ ଗତ ଦୁଇବର୍ଷ ଧରି ମଡାମ୍ ରୋଷେଟି ନାମ୍ନୀ ଜଣେ ବିଧବା ସହ ସମ୍ପର୍କ ରଖିଛନ୍ତି।ପ୍ରତି ସଂଧ୍ୟାରେ ସେ ସେହି ସ୍ତ୍ରୀ ସହ ସମୟ ବିତାନ୍ତି।

ବାର୍ଥା ନିଜ ଦୁଃଖକୁ ଅତିକ୍ରମ କରିବା ବା ତାଙ୍କ ସ୍ୱାମୀ ଙ୍କ ଚୋରା ପ୍ରୀତି ଉପରେ ନଜର ରଖିବା,

କିଛି ଜାଣି ନ ଥିଲେ। ସେଦିନ ସ୍ୱାମୀ ଲଞ୍ଚ ପାଇଁ ଆସିଥିବା ବେଳେ ସେ ଚିଠିଟିକୁ ତାଙ୍କ ସାମନାରେ ରଖି ଦେଲେ ଓ କାନ୍ଦି ଉଠିଲେ। ତାପରେ ନିଜ ରୁମ୍ କୁ ପଳେଇ ଗଲେ।

ଜର୍ଜ ଏ ପରିସ୍ଥିତିର ସମାଧାନ ପାଇଁ ସମୟ ନେଲେ ଓ ନିଜ ଉତ୍ତର ପ୍ରସ୍ତୁତ କରିଲେ। ତାପରେ ସ୍ତ୍ରୀଙ୍କ ଦୁଆର ଖଟଖଟ କଲେ। ବାର୍ଥା ସଂଗେ କବାଟ ଖୋଲି ଦେଲେ ସିନା, ତାଙ୍କ ମୁହଁକୁ ଚାହିଁଲେ ନାହିଁ। ସ୍ୱାମୀ ତାଙ୍କୁ ଚାହିଁ ହସିଲେ। ତାଙ୍କୁ ନିଜ ପାଖକୁ ଟାଣି ନେଇ ସହଜ ଓ ମଜାଳିଆ ସ୍ୱରରେ କହିଲେ, "ପ୍ରିୟତମା ପ୍ରାଣଧନ, ମୋର ମାମ୍ ରୋଷେଞ୍ଚି ନାମରେ ଜଣେ ବନ୍ଧୁ ଅଛନ୍ତି ଏକଥା ସତ। ତାଙ୍କ ସହ ଗତ ଦଶ ବର୍ଷ ଧରି ମୋର ସମ୍ପର୍କ। ତାଙ୍କ ପ୍ରତି ମୋର ଖୁବ୍ ଉଚ୍ଚ ଧାରଣା ଅଛି। ଆଉ ମୁଁ ତମକୁ କହି ରଖୁଛି ଯେ ମୋର ଏମିତି କେତେ କେତେ ପରିଚିତ ବନ୍ଧୁ ଅଛନ୍ତି ଯାହାଙ୍କ କଥା ମୁଁ ତମକୁ କହିନାହିଁ କାରଣ ତୁମେ ସମାଜିକତା ରକ୍ଷା କରିବା ବା ନୂଆ ବନ୍ଧୁ ପରିଚିତି ଭଲ ପାଅନା। ଏଇ ଛୋଟ ସନ୍ଦେହର ଉନ୍ମୋଚନ ପାଇଁ ଲଞ୍ଚ ପରେ ଆମେ ଏଇ ଭଦ୍ର ମହିଳାଙ୍କ ଘରକୁ ଯିବା। ମୋର ବିଶ୍ୱାସ ତାଙ୍କ ସହ ତୁମର ଖୁବ୍ ଶୀଘ୍ର ବନ୍ଧୁତା ବନିଯିବ।

ବାର୍ଥା ଏକଥା ଶୁଣି ତାଙ୍କ ପତିଙ୍କୁ ଗାଢ ଆଲିଙ୍ଗନରେ ଚାପି ଧରିଲେ। ସ୍ତ୍ରୀ ପ୍ରକୃତିର କୁତୂହଳକୁ ପ୍ରଶମିତ କରିବା ଉଦ୍ଦେଶ୍ୟରେ ସେ ସେଠାକୁ ଯାଇ ସେ ଅଜ୍ଞାତ ବିଧବା ମହିଳା ଯାହାଙ୍କ ପ୍ରତି ସେ ଏଇ ମାତ୍ର ଈର୍ଷାତୁର ହୋଇ ପଡିଥିଲେ,ତାଙ୍କୁ ସାକ୍ଷାତ କରିବାକୁ ସମ୍ମତ ହେଲେ। ତାଙ୍କ ମତରେ ଗୋଟାଏ ବିପଦକୁ ଜାଣିଲ ତ ସେଥିପାଇଁ ସତର୍କ ରହିବା ଉଚିତ।

ଗୋଟାଏ ସୁନ୍ଦର ବିଲ୍ଡିଂର ଚତୁର୍ଥ ଚଟାଣରେ ଥିବା ଏକ ସୁରୁଚିପୂର୍ଣ୍ଣ ଫ୍ଲାଟରେ ସେ ପ୍ରବେଶ କଲେ। ପାଞ୍ଚମିନିଟ ପାଇଁ ଏକ ଡ୍ରଇଂ ରୁମ୍ ରେ ତାଙ୍କୁ ଅପେକ୍ଷା କରିବାକୁ ହେଲା। ଦାମୀ ପର୍ଦ୍ଦାଟଣା ହୋଇଥିବା ଯୋଗୁଁ ରୁମଟା ଟିକେ ଅନ୍ଧାରିଆ ଦିଶୁ ଥିଲା। ଦ୍ୱାର ଖୋଲି ଜଣେ କଳା ଗେଡୀ ଓ ମୋଟୀ ସ୍ତ୍ରୀଲୋକ ଆସିଲେ। ଆନନ୍ଦ ଓ ଆଶ୍ଚର୍ଯ୍ୟର ହସଟିଏ ତାଙ୍କ ମୁହଁରେ ଲାଖିଥିଲା। ଜର୍ଜ ସେ ଦୁଇଜଣଙ୍କୁ ପରିଚୟ କରାଇ ଦେଲେ।

ଇଏ ମୋ ସ୍ତ୍ରୀ। ଆଉ ଏ ହେଉଛନ୍ତି ମାମ୍ ଜୁଲି ରୋଷେଞ୍ଚି। ସେ ଯୁବ ବିଧବା ଜଣକ ଆନନ୍ଦିତ ହେଲେ। ଆଶ୍ଚର୍ଯ୍ୟ ବି ହୋଇଗଲେ ଓ ଆଗେଇ ଆସି ହ୍ୟାଣ୍ଡସେକ କରିବାକୁ ହାତ ବଢେଇଲେ। ସେ ଖୁସି ହୋଇ କହିଲେ ଯେ ମାମ୍ ବାରୋନ୍ ତ କାହା ସଙ୍ଗେ ମିଶନ୍ତି ନାହିଁ । ସେ ତାଙ୍କୁ ଦେଖାକରିବାକୁ ଆସିବା ଏକ ବଡ ଖୁସିର ଖବର।ଯେହେତୁ ସେ ଜର୍ଜ ସହିତ ଏତେ ଅନ୍ତରଙ୍ଗ।ତେଣୁ ତାଙ୍କ ପତ୍ନୀଙ୍କ ସହ ତାଙ୍କର ମିଶିବା ପାଇଁ ଓ ବନ୍ଧୁତା କରିବାକୁ ଆଗ୍ରହ ଥିଲା। ମାସର ଶେଷ ବେଳକୁ ଏ ନୂଆ ବନ୍ଧୁ ଦୁହିଁଙ୍କ ବନ୍ଧୁତା ପୂରା ପୂରି ନିବିଡ ହୋଇ ସାରି ଥିଲା। ଦିନକୁ ଥରେ କି ଦୁଇ ଥର ଦୁହେଁ ସାକ୍ଷାତ କରୁଥିଲେ, ସଂଧ୍ୟାରେ ଏକତ୍ର ଡିନର କରୁ ଥିଲେ, କେବେ ଜଣକ ଘରେ ତ ଆଉ କେବେ ଆର ଜଣକ ଘରେ। ଜର୍ଜ ଆଉ ଘର ଛାଡି ଯାଉ ନ ଥିଲେ କି ବେପାର ଆଳରେ ବାହାରେ ଡେରି ରାତି ଯାଏ ରହୁ ନ ଥିଲେ।

କିଛି ଦିନ ପରେ ମାମ୍ ରୋଷେଞ୍ଚିଙ୍କ ବିଲ୍ଡିଂରେ ଫ୍ଲାଟଟିଏ ଖାଲି ହେବାରୁ ଶ୍ରୀ ମତୀ ବାରୋନ୍ ସେ ଫ୍ଲାଟଟିକୁ ନେବାକୁ ଓ ତାଙ୍କ ନୂଆ ବାନ୍ଧବୀଙ୍କର ପାଖା ପାଖି ରହିବାକୁ ବ୍ୟସ୍ତ ହୋଇ ପଡିଲେ। ତା ହେଲେ ଦୁହେଁ ବେଶି ସମୟ ପରସ୍ପର ସହ ହସ ଖୁସିରେ କଟାଇ ପାରିବେ।

ଦୁଇବର୍ଷ ଧରି ଦୁଇ ବାନ୍ଧବୀଙ୍କ ଭିତରେ କିଛି ମତଭେଦ ନ ଥିଲା। ମନ ଓ ହୃଦୟର ଥିଲା ସେ ବନ୍ଧୁତା ଯେଉଁଠି ପରସ୍ପର ସହ ଅନୁରକ୍ତି ରହିଥିଲା। ବାର୍ଥାଙ୍କ ପାଟିରେ ସବୁବେଳେ ଜୁଲିର ନାମ ଥିଲା। ତାଙ୍କ ମତରେ ମାମ୍ ରୋଷେଞ୍ଚି ପରି ସୁଗୁଣ ସମ୍ପନ୍ନା ମହିଳା କମ୍ ଅଛନ୍ତି।

ଏବେ ସେ ସର୍ବତୋଭାବେ ସୁଖୀ,ଶାନ୍ତ ଓ ସନ୍ତୁଷ୍ଟ।

କିନ୍ତୁ ଥରେ ମାମ୍ ରୋଷେଞ୍ଚିଙ୍କ ଦେହ ଖରାପ ହେଲା। ବାର୍ଥା ତାଙ୍କୁ ଏକଲା ବିଛଣାରେ ଛାଡିଲେ ନାହିଁ। ଦିନରାତି ତାଙ୍କ ପାଖରେ ଦୁଃଖିତ ହୋଇ ଜଗି ରହିଲେ। ତାଙ୍କ ସ୍ୱାମୀ ବି ଆହୁରି ଦୁଃଖୀ ଲାଗୁଥିଲେ। ଦିନେ ଜୁଲିଙ୍କ ଡାକ୍ତର ଜର୍ଜ ଓ ତାଙ୍କ ସ୍ତ୍ରୀଙ୍କୁ ବାହାରକୁ ଡାକିନେଇ କହିଲେ ଯେ ଜୁଲିର ଅବସ୍ଥା ଖୁବ୍ ସଂଗୀନ। କିଛି ସୁଧୁରିବ ବୋଲି ସେ ଭାବୁ ନାହାନ୍ତି। ଏକଥା ଶୁଣି ସେ ସ୍ୱାମୀ ଓ ସ୍ତ୍ରୀ ଦୁହେଁ ଜୁଲିଙ୍କ ବିଛଣାର ଦୁଇ ପାଖରେ ବସି ରହି କାନ୍ଦିବାକୁ ଲାଗିଲେ। ବାର୍ଥା ତାର ବାନ୍ଧବୀକୁ ବାରମ୍ବାର ଚୁମା ଦେଉଥିଲେ। ଜର୍ଜ ଜୁଲିର ଗୋଡ ପାଖରେ ବସି ତାର ମୁହଁକୁ ନିର୍ବିଷ୍ଟ ଭାବେ ଚାହିଁ ରହୁଥିଲେ।

ତହିଁ ପରଦିନ ଜୁଲିର ଅବସ୍ଥା ଆହୁରି ବିଗିଡି ଗଲା। କିନ୍ତୁ ସଂଧ୍ୟାବେଳକୁ ସେ ଘୋଷଣା ଅଲେ ଯେ ଆଗ ଅପେକ୍ଷା ସେ ଏବେ ଟିକେ ଭଲ ଅନୁଭବ କରୁଛନ୍ତି। ଏବେ ବରଂ ତାଙ୍କ ବନ୍ଧୁ ଓ ବାନ୍ଧବୀ ନିଜ ଘରକୁ ଯାଇ ରାତ୍ରୀ ଭୋଜନ ନେଇ ବିଶ୍ରାମ ନିଅନ୍ତୁ।

ସେ ଦୁହେଁ ନିଜ ଡାଇନିଂ ଟେବୁଲରେ ଦୁଃଖିତ ହୋଇ ବସିଥିଲେ। ଖାଇବାକୁ ଇଚ୍ଛା କରୁ ନ ଥିଲେ। ସେତିକି ବେଳେ ଚାକରାଣୀଟି ଜର୍ଜଙ୍କୁ ଏକ ଚିରକୁଟ ଆଣି ଦେଲା। ସେଇଟାକୁ ପଢୁ ପଢୁ ସେ ମୃତବତ୍ ଶେତା ପଡିଗଲେ। ଡାଇନିଂରୁ ଉଠିପଡି ସେ ସ୍ତ୍ରୀଙ୍କୁ ବହୁ କଷ୍ଟରେ କୋହ ଭରା କଣ୍ଠରେ କହିଲେ ଟିକେ ଅପେକ୍ଷା କରିବ। ମୁଁ ଆସୁଛି ପାଞ୍ଚ ମିନିଟ ଭିତରେ। ଏଠା ଛାଡି କୁଆଡେ ଜମାଧାରୁ ଚାଲି ଯିବନି। ତାପରେ ନିଜ ରୁମ୍କୁ ଟୋପି ନେବାକୁ ଧାଇଁ ଗଲେ।

ବାର୍ଥା ତାଙ୍କ ପାଇଁ ଅପେକ୍ଷା କରି ବସିରହିଲେ। ମନେ ମନେ ଭୀଷଣ ବ୍ୟସ୍ତ ହେଉ ଥିଲେ। ମାତ୍ର ଅତି ଶାନ୍ତ ଓ ଅନୁଗତ ସ୍ୱଭାବର ହୋଇଥିବାରୁ ଜର୍ଜ ନ ଫେରିବା ଯାଏ ସେ ତାଙ୍କ ସାଙ୍ଗଙ୍କ ପାଖକୁ ମଧ ଗଲେ ନାହିଁ। ବହୁବେଳ ଧରି ଜର୍ଜ ଆଉ ଫେରିଲେନି।ବାର୍ଥା ଭାବିଲେ ସେ ନିଜେ ଯାଇ ଦେଖିବେ ତାଙ୍କ ସ୍ୱାମୀ ଗ୍ଲୋଭସ୍ ନେଇଛନ୍ତି କି ନା। ତାହେଲେ ସେ ତାଙ୍କୁ କଲ୍ କରିବେ କି ନାହିଁ ସ୍ଥିର କରି ପାରିବେ।

ସେ ଯାଇ ସେ ଦୁଇଜଣଙ୍କୁ ପାଖରେ ବସିଥିବାର ଦେଖିଲେ। ସେମାନଙ୍କ ପାଖରେ ଏକ କାଗଜ ମୋଡାମୋଡି ହୋଇ ପଡିଥିଲା। ସେ କାଗଜଟା ଯେ ଜର୍ଜଙ୍କୁ ଆଣି ଚାକରାଣୀ ଦେଇଥିଲା, ତାହା ସେ ଜାଣି ପାରିଲେ ଯାହାକୁ ତରବରରେ ସେ ଫିଙ୍ଗି ଦେଇଥିଲେ।

ନିଜ ଭିତରେ ସେ ଆଗରୁ କେବେ ଅନୁଭବ କରି ନ ଥିବା ଜ୍ୱଳନ ଅନୁଭବ କଲେ ଯାହା ତାଙ୍କୁ ସେ କାଗଜଟି ପଢିବାକୁ ଉସ କେଇଲା। ସେଥିରୁ ସେ ତାଙ୍କ ସ୍ୱାମୀ ଙ୍କର ଏପରି ତରବର ହୋଇ ଖାଇବା ଛାଡ଼ି ଚାଲିଯିବାର କାରଣ ଜାଣି ପାରିଲେ।ତାଙ୍କ ବିଦ୍ରୋହୀ ବିବେକ ଏହାକୁ ବିରୋଧ କରୁ ଥିଲା।। ଏବଂ ଏକ ଭୟାର୍ତ୍ତ ଉତ୍କଣ୍ଠା ଓ କୁତୂହଳ ତାଙ୍କୁ ଗିଳି ଦେଉ ଥିଲା। ବାର୍ଥା କାଗଜଟାକୁ ଉଠେଇ ନେଇ ସିଧା କଲେ। ତାହା ଜୁଲି ହାତର ଥରଥର ପେନ୍ସିଲରେଲେଖା ବୋଲି ଚିହ୍ନି ପଢିବାକୁ ଲାଗିଲେ।

"ଏକୁଟିଆ ଆସିବ ମୋର ଦୁଃଖି ପ୍ରିୟତମ।ଆସି ମୋତେ ଚୁମ୍ବନ ଦେବ।"

ପ୍ରଥମେ ବାର୍ଥା କିଛି ବୁଝି ପାରିଲେନି।କାରଣ ଜୁଲିର ମୃତ୍ୟୁ ଚିନ୍ତାରେ ସେ ଆବିଷ୍ଟ ଥିଲେ। ମାତ୍ର ହଠାତ୍ ସେ ଚିଠିର ରହସ୍ୟତାଙ୍କ ଠାରେ ଉଦ୍ଘାଟିତ ହୋଇଗଲା। ଏଇ ପେନ୍ସିଲ୍ ଲେଖା କେଇଧାଡି ତାଙ୍କର ଉପସ୍ଥିତି ଉପରେ ଏକ ଲୁରିଡ ଆଲୋକ ପାତ କଲା। ଏକ ନିନ୍ଦନୀୟ ସତ୍ୟକୁ ଖୋଲି ଧରିଥିଲା। ସମଗ୍ର ବିଶ୍ୱାସ ଘାତକତା ଓ କୂଟକପଟ ଯାହାର ଶରବ୍ୟ ସେ ଥିଲେ, ସବୁକୁ ଦେଖାଇ ଦେଲା ସେ କାଗଜ। ଦୀର୍ଘ ବର୍ଷର ଛଳନା ଓ ଯେପରି ଭାବେ ଜୁଲି ତାଙ୍କୁ ଏକ ସଖିକଣ୍ଢେଇ ବନାଇ ଥିଲେ, ସବୁକିଛି ସେ ବୁଝି ପାରିଲେ। ସଂଧ୍ୟାରେ ସେମାନଙ୍କୁ ପୁଣି

ସେ ପାଖାପାଖି ବସିବାର ଦେଖିଲେ । ଗୋଟିଏ ବହିରୁ ସାଙ୍ଗ ହୋଇ ମହମବତୀ ଆଲୁଅରେ ପଢୁଥିବାର ଦେଖିଲେ। ପ୍ରତି ପୃଷ୍ଠା ପଢି ସାରିବା ପରେ ସେମାନେ ପରସ୍ପରକୁ ଚାହୁଁ ଥିଲେ।

ତାଙ୍କର ସେ ଅସହାୟ ଜିଦ ଖୋର, ଯନ୍ତ୍ରଣାଦଗ୍ଧ ରକ୍ତାକ୍ତ ହୃଦୟଟି ନୈରାଶ୍ୟର ସୀମାହୀନ ଅତଳରେ ଖସି ପଡିଲା।

ଏବେ କାହାର ପାଦ ଶବ୍ଦ ଶୁଣି ସେ ନିଜ ରୁମକୁ ଯାଇ କବାଟ କିଳିଦେଲେ।

ଡା଼ ସ୍ୱାମୀ ତାଙ୍କୁ ଡାକି କହିଲେ ଶୀଘ୍ର ଆସ, ଆସ। ଶ୍ରୀମତୀ ରୋଷେଟିଙ୍କର ଶେଷ ସମୟ ଆସିଯାଇଛି।

ବାର୍ଥା ତାଙ୍କ କବାଟ ଖୋଲି ଦ୍ୱାର ମୁହଁରେ ଠିଆ ହେଇ କହିଲେ, ତୁମେ ଏକା ଏକା ଯାଅ। ସେ ତ ସେୟା ଚାହାନ୍ତି। ଜର୍ଜ ଦୁଃଖରେ ଅଧୀର ହୋଇ ତାଙ୍କୁ ବୋକାଙ୍କ ପରି ଚାହିଁ ରହିଲେ। ତାପରେ ପୁଣି କହିଲେ, ମୁଁ କହୁଛି ପରା ଶୀଘ୍ର ଆସ। ସେ ମରିଯିବେ ଏବେ। ବାର୍ଥା କହିଲେ ତୁମେ ଗଲେ ହିଁ ଠିକ୍ ହେବ।

ଶେଷରେ ଜର୍ଜ ସବୁ ବୁଝି ପାରିଲେ ଓ ଏକା ଏକା ସେ ମୁମୂର୍ଷୁ ମଣିଷଟା ପାଖକୁ ଗଲେ।

ସେ ଖୋଲା ଖୋଲି ଭାବେ ଲଜ୍ୟା ତ୍ୟାଗ କରି ଜୁଲିର ମୃତ୍ୟୁରେ ଶୋକ ପ୍ରକାଶ କଲେ।ତାଙ୍କ ସ୍ତ୍ରୀ ତାଙ୍କୁ ଚାହୁଁ ନ ଥିଲେ କି କଥା ବି କହୁ ନ ଥିଲେ।ଯିଏ ତାଙ୍କ ଜୀବନଟି ଐକାନ୍ତିକ ଭାବେ ଜିଦ୍‌ଖୋର ରାଗ, ଅହଂକାର ଓ ବିରକ୍ତିରେ ପରିବେଷ୍ଟିତ ହୋଇ ଭଗବାନଙ୍କୁ ପ୍ରାର୍ଥନା କରି କଟେଇ ଦେଉଥିଲେ । ସେଇ ଗୋଟିଏ ଘରେ ଟେବୁଲର ବିପରିତ ଭାଗରେ ବସି ସେମାନେ ନୀରବତା ଓ ନିରାଶାରେ ଜୀବନ କାଟୁଥିଲେ। ଆସ୍ତେ ଆସ୍ତ ଜର୍ଜଙ୍କ ଦୁଃଖ ହାଲୁକା ହୋଇ ଆସିଲା। ତଥାପି ବାର୍ଥା ତାଙ୍କୁ କ୍ଷମା ଦେଲେ ନାହିଁ। ତେଣୁ ସେମାନଙ୍କ ଜୀବନ ତିକ୍ତ ଓ

କଷ୍ଟମୟ ହୋଇ ଉଠୁ ଥିଲା। ବର୍ଷେ କାଳ ବାର୍ଥା ଓ ଜର୍ଜ ଦୁଇଜଣ ଅପରିଚିତଙ୍କ ଭଳି ସେ ଘରେ ରହିଲେ। ବାର୍ଥା ନିଜର ବିଚାର ଶକ୍ତି ଭୁଲି ଯାଇଥିଲେ।

ଦିନେ ସକାଳେ ସେ ବାହାରି ଯାଇ ଆଠଟା ବେଳକୁ ଏକ ବିରାଟ ଗୋଲାପର ଫୁଲତୋଡା ଧରି ଫେରିଲେ। ସେ ସ୍ୱାମୀଙ୍କୁ ଖବର ପଠେଇଲେ ଯେ ସେ ତାଙ୍କ ସହ କଥା ହେବାକୁ ଚାହାନ୍ତି। ଜର୍ଜ ହତଚକିତ ହୋଇ ଆଗ୍ରହର ସହ ଆସିଲେ।

ଆସ ଆମେ ଦୁହେଁ ସାଙ୍ଗ ହୋଇ ଯିବା। ଏ ଫୁଲ ତୋଡାଟି ଖୁବ୍ ଭାରି ଲାଗୁଛି, ଏଇଟା, ଟିକେ ଧର। ଗୋଟିଏ ଗାଡିରେ ଦୁହେଁ କବରଖାନାକୁ ଗଲେ। ଆଖିରେ ଲୁହଭରି ବାର୍ଥା ଜର୍ଜଙ୍କୁ କହିଲେ, ମୋତେ ଜୁଲିଙ୍କ କବର ପାଖକୁ ନେଇ ଚାଲ।

ଜର୍ଜ ଥରି ଉଠିଲେ। ସେ ତାଙ୍କର ଉଦ୍ଦେଶ୍ୟ କିଛି ବୁଝି ପାରିଲେ ନାହିଁ। ମାତ୍ର ଫୁଲତୋଡାଟି ଧରି ବାର୍ଥାଙ୍କୁ ସେଠିକି ନେଇ ଗଲେ। ଶେଷରେ ଏକ ଧଳା ମାର୍ବଲ ପ୍ଲେଟ ପାଖରେ ସେ ଅଟକି ଗଲେ। ଦେଖ ସେଇଟା ତାଙ୍କ କବର।

ବାର୍ଥା ଫୁଲତୋଡାଟି ଜର୍ଜଙ୍କଠାରୁ ନେଇ ସେଠି ଯାଇ ଆଣ୍ଠେଇ ପଡି ଫୁଲଟି କବର ଉପରେ ରଖିଲେ। ତାପରେ ସହୃଦୟ ନୀରବ ପ୍ରାର୍ଥନା କଲେ। ତାଙ୍କ ପଛରେ ତାଙ୍କର ସ୍ୱାମୀ ପୂର୍ବ ସ୍ମୃତି ସ୍ମରଣ ପୂର୍ବକ ଠିଆ ହୋଇଥିଲେ।

ବାର୍ଥା ଉଠି ପଡି ତାଙ୍କ ହାତ ଧରିଲେ। "ତୁମେ ଯଦି ଚାହିଁବ, ଆମେ ପୁଣି ବନ୍ଧୁ ହୋଇ ପାରିବା", ବାର୍ଥା କହିଲେ।


## କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ

**ଗଳ୍ପ ସଂକଳନ**

- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜଜେମା
- ଭୋକ
- ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ
- ପୂର୍ଣ୍ଣ ପ୍ରତ୍ୟୁଷ

**ଉପନ୍ୟାସ**

- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାଜାଇ
- ଶେଷଦୃଶ୍ୟ
- ମହାନାୟକ
- ପ୍ରିୟ ପଞ୍ଚକ

**ସଂପାଦନା**

- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ
- ଝିଅ



9437163002

# ସ୍ୱୀକାରୋକ୍ତି

## ଭାନୁମତୀ ସାହୁ

ଝରକା ପାଖରେ ଧୂଆଁ ଟିକିଏ ଉପରକୁ ଉଠି ପୁଣି ଝରକା ବାହାରର କୋହଲା ପାଗର ପବନ ସହିତ ମିଶି ଯାଉଥିଲା । ପାଟିର ଗରମ ସିଗାରେଟ ଧୂଆଁ ଅନ୍ଧାର ରାତିରେ ପ୍ରେହେଳିକାମୟ ଲାଗୁଥିଲା ଚିନ୍ମୟଙ୍କୁ ।

କାହିଁ ଦେହର ଉତ୍ତାପ ତ ବଢ଼ିଯାଉନି ? ତେବେ ସିଗାରେଟ୍ ଖଣ୍ଡିଏ ଟାଣିବା ଉଦ୍ଦେଶ୍ୟ କ'ଣ ? ନବ ବିବାହିତା ପତ୍ନୀର ସାନିଧ୍ୟ ପାଇଁ ସିଗାରେଟ୍ ଟାଣିବା ଜରୁରୀ କି ?

ମନେପଡ଼ିଗଲା ଚିନ୍ମୟଙ୍କର ବାପାଙ୍କ ସହ ସିଗାରେଟ୍ ଟାଣିଥିଲେ କୌଣସି ଏକ ଶୀତୁଆ ରାତିରେ । ଅଗଣା ବାରଣ୍ଡାରେ ଘୋଡ଼ା ଘୋଡ଼ି ହୋଇ ବସିଥିବା ବେଳେ ବାପା ଖଣ୍ଡିଏ ସିଗାରେଟ୍ ନିଜ ମୁହଁକୁ ଲଗାଇ ଧୂଆଁ ଛାଡ଼ି କହିଥିଲେ – ଚାଖେ ଟିକିଏ । ଏଇଟା ଦେହ ପାଇଁ ଅହିତକର । ଫୁସ୍ ଫୁସ୍ ଜନିତ ରୋଗ ହେବ । ତଥାପି ଲୋକମାନେ ସିଗାରେଟ୍ କି ବିଡ଼ି ଟାଣି କି ମଜା ନିଅନ୍ତି ତାହାର ଅନୁଭବ କରିବାକୁ ଆଜି ମୁଁ ଟିକିଏ ଟାଣି ତତେ ଚଖଉଛି । ଜାଣିବା କଥା ଯେ ଏହାର ଟାଣିବା ନିଶା ଶୁନ ବୋଲି ।

ଅବିବାହିତ ଥିବା ଚିନ୍ମୟଙ୍କ ଭାରି ଇଚ୍ଛା ହୁଏ ସିଗାରେଟ୍ ଟାଣିବାକୁ ସାଙ୍ଗମାନଙ୍କ ସହ । ଟଙ୍କା ହିଁ ବାଧକ ସାଜେ । ଏହା ସଙ୍ଗେ ସଙ୍ଗେ ନିଜର ଶରୀର କି କ୍ଷତି ହୋଇଯିବ ଆଶଙ୍କାରେ ଭୟ ମଧ୍ୟ ମନରେ ଆସେ । ଫେଣ୍ଟାଫେଣ୍ଟି ଇଚ୍ଛା ଅନିଚ୍ଛା ଭିତରେ ସେଦିନ ବାପାଙ୍କର ଅଧାପୋଡ଼ା ସିଗାରେଟ୍ ଟାଣିଲା ବେଳେ ମନରେ ଆସୁଥିଲା ନିଶା ହୋଇଯିବନି ତ ଆଉ ? କେଉଁ ବାପା ପୁଅକୁ ସିଗାରେଟ୍ ଖୁଆଇବା ବୋଧେ ପ୍ରଥମ ହୋଇପାରେ । ଚିନ୍ମୟ ହିଁ ବାପାଙ୍କ ସହ ଖୁବ୍ ଆରାମରେ ସାଙ୍ଗପରି କଥାବାର୍ତ୍ତା କରିପାରନ୍ତି ଚାକିରି କରିବା ପରେ । ବାପା ମଧ୍ୟ ଚାକିରିର ନିୟମ କାନୁନ ଶିଖାଇ ଦେଇଥାଆନ୍ତି । ସଚ୍ଚୋଟ ହେଲେ ପୂଜା ପାଇବ । ଠିକ୍‌ରେ ରିଟାୟାର୍‌ଡ଼ କରି ପେନସନ୍ ଗଣ୍ଡାକରେ ଶେଷ ଜୀବନ ଅତିବାହିତ କରିପାରିବ । ତେଣୁ ଚାକିରି ପ୍ରତି ନିଷ୍ଠାବାନ୍ ହେବା ନିହାତି ଜରୁରୀ । ଚାକିରି କ୍ଷେତ୍ରରେ କେତେକ ସ୍ଥାନରେ ଶତ୍ରୁ ଉତ୍ପନ୍ନ ହେବେ । ସେମାନଙ୍କଠାରୁ ମୁକୁଳିଯିବ ଈଶ୍ୱରଙ୍କ ବିଶ୍ୱାସରେ । ଘର, ପରିବାର ଓ ଚାକିରି କ୍ଷେତ୍ରରେ କେତେବେଳେ ସମୟ ସରିଯିବ ଭାବିଲା ବେଳକୁ କର୍ମମୟ ଜୀବନର ଅବସର ଆସି ପହଁଞ୍ଚି ଯାଇଥିବ । ସବୁଠି ପ୍ରିୟଭାଜନ ହେବାକୁ ଚେଷ୍ଟା କରିବ । ନିଜ ବୃତ୍ତିରେ ଅବହେଳା କରିବନାହିଁ । ଏତଦ୍ ସଙ୍ଗେସଙ୍ଗେ ନିଜ ଶରୀର ସହ ନିଜ ସନ୍ତାନଙ୍କ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବା ଜରୁରୀ ।

ପଣିକିଆ ଘୋଷେଇଲାପରି ବାପାଙ୍କ ଉପଦେଶ ପ୍ରତିଥର ତାଙ୍କ ସହ ଭେଟ ସମୟରେ ଶୁଣିବାକୁ ମିଳେ । କାରଣ ବାପା ଥିଲେ ଜଣେ ଆଦର୍ଶ ହାଇସ୍କୁଲ ଶିକ୍ଷକ । ତେଣୁ ଅଧ୍ୟାପକ ପୁଅକୁ ଆହୁରି କର୍ତ୍ତବ୍ୟ ଜ୍ଞାନ ବିଷୟରେ ସଚେତନ କରି କରି କହୁଥିଲେ– ଶେଷରେ ତୁ ପ୍ରଫେସର ହୋଇ ଅବସର ନେବାକୁ ମୋର ଇଚ୍ଛା ।

ଆଜି ବାପା ହଜିଯାଇଛନ୍ତି ଚିନ୍ମୟଙ୍କଠାରୁ, ନୁହେଁ ଅନ୍ୟମାନଙ୍କ ଗହଣରୁ । ବାପାଙ୍କୁ ମନ ଭିତରେ ରଖି ଚିନ୍ମୟ ଜୀବନର ଗତିକୁ ବୁହାଇ ଚାଲିଛନ୍ତି ଯେମିତି । ବାପାଙ୍କ ଉପଦେଶକୁ ପ୍ରତିବାଦ କରିବାର ଯୁ ସେତେବେଳେ ନଥିଲା । ବାପାଙ୍କ ଆଦର୍ଶକୁ ପାଥେୟ କରି ଚାଲୁ ଚାଲୁ ସେ ଯେତେବେଳେ ପ୍ରଫେସର ପୋଷ୍ଟରେ ଜଏନ୍ କଲେ ସେତେବେଳେ ଅବଶୋଷ ମନରେ ଉଙ୍କିମାରୁଥିଲା – ବାପା ଥାଆନ୍ତେ କି ହେଲେ ! ମୋଠାରୁ ବାପା ଆହୁରି ଖୁସି ହୋଇଯାଇଥାଆନ୍ତେ ।

ଚିନ୍ମୟ ବାପାଙ୍କ ସ୍ମୃତି ସାଉଁଟିଲା ବେଳେ କାହିଁକି ଦୁଇବୁନ୍ଦା ଲୁହ ଆପେ ଆପେ ଆଖିରୁ ଟପ୍ ଟପ୍ ହୋଇ ଗଳିଗଲା । ଆତୁର ହୃଦୟରେ ବାପା ବାପା କହି ଛୋଟ ପିଲାଟିର ଦୃଶ୍ୟ ଦେଖାଗଲା ।

ଅତୀତର ସ୍ମୃତିରେ ଚିନ୍ମୟଙ୍କ ମୁହଁରୁ ପୁଣି ଧୂଆଁ ଉଠୁ ଉଠୁ ବୋଧେ କୋଠରୀରେ ଗନ୍ଧର ବାୟୁ ଟିକକ ଘୁରିଗଲା କି କ'ଣ ? ଆଖି ମଳିମଳି ବେଡ଼ରୁମ୍‌କୁ ମାନସୀ ଚାହିଁ କହିଲା – କି ଉତ୍କଟ ଗନ୍ଧ ! ତମେ କ'ଣ ସିଗାରେଟ୍ ଟାଣୁଛ ?

ହଠାତ୍ ଚିନ୍ମୟ ଝରକା ଦେଇ ଅଧା ପୋଡ଼ା ସିଗାରେଟ୍‌କୁ ଫୋପାଡ଼ି ଦେଇ କହିଲେ – ଚାଖୁଥିଲି ଟିକିଏ । ତମକୁ ଗନ୍ଧ ହୁଏ ବୋଲି ଜାଣିଥିଲେ ଟାଣିନଥାନ୍ତି ।

ତେବେ ଅନ୍ୟବେଳେ ମୋ ଆଢୁଆଳରେ ତୁମେ ସିଗାରେଟ୍ ଟାଣୁଥାଅ କି ? ଆଉ ମୋ ସାମନାରେ ମିଛ କହିବାକୁ ପଛାଅ ନାହିଁ ଯେ ମୁଁ ସିଗାରେଟ୍ ଟାଣୁନଥିଲି । ଭାବୁଛ କ'ଣ ? ଆମର ଛୁଆ ମୋ ପେଟରେ ଅଛି । ଏହା ତା ପ୍ରତି କ୍ଷତିକାରକ ।

ବାପାଙ୍କ ପରି ସ୍ତ୍ରୀଠାରୁ ଉପଦେଶ ଶୁଣିବାକୁ ପୁରୁଷ ପକ୍ଷେ ଅଶୋଭନୀୟ ଯେମିତି । ଧରାପଡ଼ିଯିବା ଗ୍ଲାନିର ଚିହ୍ନବର୍ଣ୍ଣ ନାହିଁ ଚିନ୍ମୟଙ୍କର ମୁହଁରେ । ଅବଶେଷ ସିଗାରେଟ୍‌କୁ ମାନସୀ ଦେଖିନି । ତେଣୁ ସ୍ୱାମୀଦେବ ଗୋଟିଏ କି ଦୁଇଟି ଟାଣିଛନ୍ତି କିଏ ଦେବ ସାକ୍ଷୀ ?

ମାନସୀ ଚାହିଁଲା ଝରକା ଆଡ଼କୁ । ଝରକାର ଉପର ଫାଳ ଦୁଇଟି ଖୋଲା । ଏହି ଶୀତରାତିରେ ମଧ୍ୟ ଚିନ୍ମୟଙ୍କର ଅକ୍ସିଜେନ ଦରକାର । ଘରର କବାଟ ଝରକା ବନ୍ଦ କରି ଶୋଇଲେ ତାଙ୍କୁ ଅଣନିଃଶ୍ୱାସୀ ଲାଗେ । ତେଣୁ ମଝିରେ ମଝିରେ ଅଳ୍ପ ଝରକା ଖୋଲି ବାହାର ଶୀତଳବାୟୁକୁ ଚଳନ କରିବାକୁ ଇଚ୍ଛା କରନ୍ତି ଚିନ୍ମୟ ।

ନଭେମ୍ବର ମାସ ଫୁଲବାଣୀର । ଭଡ଼ାଘରଟି ମାଷ୍ଟରପଡ଼ାର ବଙ୍ଗାଳୀ ଦିଦିଙ୍କର । ଚାରି ବଖୁରୀ ଘର ଉପରେ କେବଳ ଟାଇଲି ଛପର ହୋଇଛି । ତା ତଳେ ତଲେଇ ହୋଇଛି । ଡ୍ରଇଁ ରୁମ୍‌ଟି ଛାତ ଘର । ଚାଳିଶ ବର୍ଷ ତଳେ ଫୁଲବାଣୀ ସହରରେ ଭଲ ଛାତଘର ଆଶା କରିବା ବୃଥା । କିନ୍ତୁ କଲେଜ ତ ସରକାରୀ । ସେଠି ପ୍ରଥମେ ଜଏନ୍ କରିବାକୁ ପଡ଼ିବ ବାଧ୍ୟବାଧ୍ୟକତାରେ । ସେଠାକାର ପରିବେଶ ପ୍ରତି ଦ୍ୱିଧାପ୍ରକାଶ କରି ଆଉ ସରକାରୀ ଚାକିରିକୁ ଛାଡ଼ିଦେଇପାରେ କି ? କିଏ ଓ.ଏ.ଏସ୍. ଚାକିରି ଛାଡ଼ି ଖଡ଼ାଖିଆ ଅଧ୍ୟାପକ ବୃତ୍ତିକୁ ଆପଣେଇଛି ମୁଁ ଶୁଣିନି ତ ?

ସେତେବେଳେ ସେ ବ୍ୟକ୍ତିଙ୍କ ପ୍ରଶ୍ନର ଉତ୍ତର ଦେଇ ଚିନ୍ମୟଙ୍କ ବାପା ଯୁକ୍ତି କରିଥିଲେ – ତାକୁ ସେ ଚାକିରିରେ ଅବସ୍ଥାପିତ ହେବା ଇଚ୍ଛା ନାହିଁ । ମୋ ପୁଅ ସରଳ, ଶାନ୍ତ ସ୍ୱଭାବର । ସେ କୌଣସି ଚାପରେ କାମ କରିବାକୁ ଅନିଚ୍ଛୁକ । ସେ କବି, ଲେଖକ ଓ ପଢ଼ା ପ୍ରତି ରୁଚିଶୀଳ । ତେଣୁ ନିଜ ମନମୁତାବକ ଚାକିରିରେ ଅବସ୍ଥାପିତ ହେଲେ ଜୀବନ ସୁଖ ଶାନ୍ତିମୟ ହେବ । ମୁଁ ତାକୁ କହି ଦେଇଛି ଜୀବନ ପାଇଁ ଖାଦ୍ୟର ଆବଶ୍ୟକତା ରହିଛି । ତୁ ରୂପା ଥାଳୀରେ ଖାଆ କି

ସୁନା ଥାଳୀରେ ଖାଆ ତା'ର କିଛି ଫରକ୍ ନାହିଁ । ଖାଦ୍ୟ ଖାଇ ସୁସ୍ଥ ରହିବା ନିହାତି ଜରୁରୀ ।

ବାପାଙ୍କ କଥା ଶୁଣି ସେଦିନ ଭଦ୍ରବ୍ୟକ୍ତି ଜଣକ କହିଥିଲେ – ଆପଣଙ୍କ ପରି ବାପା ପୁଅକୁ ଭଲ ଚାକିରି ଛାଡ଼ି ଆସିବାକୁ ଉପଦେଶ ଦେଇପାରନ୍ତି । ନଚେତ୍ ଟଙ୍କା ପଛରେ ସମସ୍ତେ ତ ବାୟା ।

ବାପା ହସିହସି କହିଥିଲେ – ମୋ ପୁଅଠାରୁ ଟଙ୍କା ବଡ଼ ନୁହେଁ । ସେ ଏହି ଅଧ୍ୟାପକ ଚାକିରି କରି ପ୍ରଫେସର ହେବ । ତା ଖୁସି ମୋର ଖୁସି ।

କ'ଣ ସେଠି ଠିଆହୋଇଛ କି ମୁଁ ଶୋଇପଡ଼ିଲେ ପୁଣି ସିଗାରେଟ୍ ଟାଣିବ ? ଘର ଭିତରେ ସିଗାରେଟ୍ କେଉଁଠି ଲୁଚାଇ ରଖିଛ କାହିଁ ମୋ ଆଖିରେ ପଡ଼ିନି । ତେବେ ମୋତେ ଲୁଚାଇ ଲୁଚାଇ ଆଉ କି କାମ କରୁଛ କି ? ରାତି ବାରଟା ହେଲାଣି । ଏଯାଏଁ ନ ଶୋଇ ମୋ ଗଭୀର ନିଦକୁ ଅପେକ୍ଷା କରିଥିଲ ବୋଧେ । ଏଥର ତମର ଚାଲ୍ ବୁଝିଗଲି । ଗାଁକୁ ଗଲେ ବାପାଙ୍କୁ କହିବି ତୁମ କଥା ।

ଝରକା ପାଖରୁ ଚାଲିଆସିଲେ ଚିନ୍ମୟ ବିଛଣା ଉପରକୁ । ରେଜେଇ ଭିତରେ ପଶିଯାଇ କହିଲେ – କି ଉଷୁମ ଲାଗୁଛି ।

ତୁମେ ମୁହଁ ବୁଲାଇ ଶୋଇପଡ଼ । ମୋତେ ତୁମ ପାଟିରୁ ବାହାରୁଥିବା ସିଗାରେଟ୍ ବାସ୍ନାର କଥା ବାନ୍ତି ଲାଗୁଛି । ସହଜରେ ମୁଁ ପାନ କି ଚା' କିଛି ଖାଇପାରେନି । ତୁମେ ଭାବିଥିବ ଏ ଫୁଲବାଣୀର ଶୀତରେ ମୋତେ ଚା' କଫି ପିଆଇ ଦେଇ ଅଭ୍ୟାସ କରିଦେବ ବୋଲି । କିନ୍ତୁ ଏହା କେବେ ସମ୍ଭବ ହେବନି । ପାନ ଛେପ ମୁଁ ତଣ୍ଟି ସେପଟକୁ ନେଇପାରିନି କେବେ । ହଁ ଥଣ୍ଡା ହେଲେ ଅଦା ମିଶା ଚାହା ପିଇଥାଉ ଢକ୍ ଢକ୍ କରି । କେବଳ ଔଷଧ ପରି ।

– ମୁଁ ଭାବୁଥିଲି ସିଗାରେଟ୍ ଟାଣିଲେ ଦେହର ଥଣ୍ଡା କମିଯିବ ବୋଲି ।

– ଭୁଲ୍ କହିଲ ତମେ । ମୋତେ ଭୁଲଉଛ ବୋଧେ । ରେଜେଇ ଭିତରେ ସ୍ୱେଟର ମଫଲର୍ ପିନ୍ଧି ଶୋଇଛ । ପୁଣି ଆଉ ରୁମ୍‌ରେ ଉହ୍ଲେଇରେ ରଡ଼ନିଆଁ ଜଳୁଛି ଯେ ଘର ଟିକିଏ ଉଷୁମ ଲାଗୁଛି । ମୋ ଆଗରେ ସିଗାରେଟ୍ ନ ଟାଣି ମୋ ଶୋଇବାକୁ ଅପେକ୍ଷା କରିଥିଲ କାହିଁକି ?

ଚୁପ୍ ପଡ଼ିଗଲେ ଚିନ୍ମୟ । ଅସୀମା ରାଗିଲେ ଚୁପ୍ କରି ଅଲଗା ଶୋଇ ପଡ଼ିବ । ଆଉ ମୁହଁକୁ ଚାହିଁବ ନାହିଁ । ଏପରି ଶୀତ ରାତିରେ ନବବିବାହିତା ପତ୍ନୀଙ୍କୁ ସେ କ'ଣ ନିରୀହ ପରି ଚାହିଁ ରାତି ବିତାଇ ଦେବେକି ? ପାଖ ହୁଡ଼ାଆଡୁ ଶୁଭୁଥିଲା ବିଲୁଆର ଡାକ । ଟିକିଏ ଦୂରରୁ ଭାସି ଆସୁଥିଲା ବାଜା ଧେଙ୍ଗେଡ଼ୀମାନଙ୍କ ନୃତ୍ୟର ତାଳେ ତାଳେ ଯେମିତି । ତେବେ ଏହି ଶୀତ ବରଫ ଟୋପା ରାତିରେ ନିଆଁଜାଳି ମହୁଲି ପିଇ ଧେଙ୍ଗେଡ଼ୀମାନେ କେତେ ମଜା ନିଅନ୍ତି ସେ କଥା ମାନସୀ ବୁଝି ପାରୁନି ବୋଧେ । କାରଣ ସେ ଆଦିବାସୀ ଜୀବନଶୈଳୀ ବିଷୟରେ କିଛି ଜାଣିନି । ସେଥିପାଇଁ ବସ୍ ଖଜୁରୀପଡ଼ା ପହଁଞ୍ଚିଲାବେଳକୁ ଆଶ୍ଚର୍ଯ୍ୟ ସ୍ୱରରେ ପଚାରିଲା – ଏଠୁ ଏତେ କନ୍ଧ ଆଦିବାସୀ ଲୋକ ଚଢ଼ିଲେଣି । ତେବେ ଫୁଲବାଣୀରେ ଆମପରି ଲୋକ ଅଛନ୍ତି ନା ନାହିଁ ?

– ସେଠି ସବୁପ୍ରକାରର ଲୋକ ମିଶି ରହିଛନ୍ତି । ସେଠି ପହଁଞ୍ଚିଲା ପରେ ଦେଖିବନି କି ?

ମାନସୀ ପରି ସରଳ ଝିଅଟିକୁ ସେଦିନ ଚିନ୍ମୟ ବୁଝାଇଦେଇ ମନେମନେ ଆଶ୍ୱସ୍ତ ହୋଇଥିଲେ । ତଥାପି ମନ ମଧ୍ୟରେ ସିଗାରେଟ୍ ଟାଣିବା ନିଶା ରହିଥିଲା । ତେଣୁ ଥଣ୍ଡା ରାତିରେ ଖଣ୍ଡିଏ ଟାଣିନେଲେ ଅସୁବିଧା କେଉଁଠି ! ବରଂ ରୁମ୍ ଭିତରେ ନ ଟାଣି ପଛପଟ ଘରକୁ ଯାଇ ଟାଣିନେଲେ ମାନସୀ ଜାଣିବ କେମିତି ? କହିଦେବେ – ଏକ, କି ଦୁଇ ଯାଇଥିଲି ।

ସତରେ ପୁରୁଷ ସ୍ତ୍ରୀକୁ ଡରୁଛି କାହିଁକି ? କ'ଣ କରି ପକେଇବ ସ୍ତ୍ରୀଟି ? ଏପରି ପ୍ରଶ୍ନ ଭିତରେ କେତେବେଳେ ଆଖିକୁ ନିଦ ଆସିଯାଇଛି ଆଉ ସ୍ୱପ୍ନରେ ଦେଖୁଛନ୍ତି – ଏକ ଗୁଲୁଗୁଲିଆ ପରୀଟିଏ ଦୌଡ଼ିଆସି କହୁଛି ବାପା ବାପା, ତମେ ମୋ ଚିନ୍ତା କରୁଛ କାହିଁକି ? ମୁଁ ଯେଉଁଦିନ ଡାକ୍ତରାଣୀ ହେବି ସେଦିନ ଦେଖିବ ମୁଁ ତମ ରୋଗ ଦୂର କରିଦେବି ।

ଆଖି ଖୋଲିଗଲା ଚିନ୍ମୟଙ୍କର । ନିଘୋଡ଼ ନିଦରେ ଶୋଇଛି ମାନସୀ । ତା ଉପରେ ହାତ ପକେଇ ଦେଲେ ଆସ୍ତେ ଆସ୍ତେ । ସେ ପୁଣି ଚେଇଁ ଉଠିଲେ ତାକୁ ନିଦ ହେବ ଡେରିରେ । ବିଛଣାରୁ ଉଠି ପଡ଼ି ତା ଗୋରା ସୁନ୍ଦର ମୁହଁକୁ କିଛି ସମୟ ଡିମ୍‌ଲାଇଟ୍‌ରେ ଚାହିଁ ବସିଲେ । ବୋଧେ ଝିଅଟିଏ ଆସିବ ମାନସୀ ପରି । ତା ମା' ପରି ବୁଦ୍ଧିଆ ହେବ । ଆଉ ସେ ସୁନାପିଲାଟିଏ ପରି ଝିଅର କଥା ଶୁଣି ହଁ ହଁ କରିବେ ।

ଚିନ୍ମୟଙ୍କର ଇଚ୍ଛା ହେଉଥିଲା ମାନସୀର ପେଟକୁ ଟିକିଏ ହାତମାରି ଆଉଁସି ଦେବାକୁ କି ତା ଗାଲ୍‌ରେ ଚୋକ ଦେବାକୁ । ପୁଣି ମନରେ ଭୟ ସଞ୍ଚାର । ମାନସୀର ବାନ୍ତି ଯୋଗୁ ଠିକ୍‌ରେ ଖିଆପିଆ କରିପାରୁନି । ପୁଣି ଠିକ୍‌ରେ ନ ଶୋଇଲେ ଶରୀର ଖରାପ ହେବ । ଆଉ ସେ ସିଗାରେଟ୍ ଟାଣିବେ ନାହିଁ । ବାପା ଚାଖିବାକୁ କହିଥିଲେ, ନୁହେଁ ଟାଣିବାକୁ । ବାପା ଶୁଣିଲେ ରାଗରେ ବର୍ଷିଯିବେ ପୁଅ ଉପରେ ।

ଅକସ୍ମାତ ଆଖି ଖୋଲିନେଲା ମାନସୀ । ଦେଖିଲା ଚିନ୍ମୟ ତାକୁ ଚାହିଁ ବସିଛନ୍ତି । ନିଜେ ସଙ୍କୁଚିତ ହୋଇ ମାନସୀ କହିଲା – ଏ ଥଣ୍ଡାରେ ନ ଶୋଇ ବସି କାହାକୁ ଦେଖୁଛ ?

– ତମକୁ ଦେଖି ଆତ୍ମତୃପ୍ତି ପାଉଛି ପରା । ତୁମେ ରାଗିକରି ଶୋଇପଡ଼ିଥିଲ । ଏବେ ଏହି ଶୋଇବା ମୁହଁରେ ରାଗର ଚିହ୍ନ ବର୍ଣ୍ଣ ନାହିଁ । ସତେ ଯେମିତି ପୂର୍ଣ୍ଣିମା ଜହ୍ନଟିଏ ମୋ ପାଖରେ ଆସି ଶୋଇଛି ।

– ସତରେ ତମେ କେମିତିଆ ଲୋକଟେ କେଜାଣି ? ଶୋଇ ପଡ଼ । ସତରେ ମୁଁ କ'ଣ ରାଗିଥିଲି ?

ଚିନ୍ମୟ କାଳବିଳମ୍ବ ନ କରି ପଶିଗଲେ ରେଜେଇ ଭିତରେ । କହିଲେ ଓଃ କି ଥଣ୍ଡା ଲାଗୁଛି । ନବବିବାହିତ ସ୍ତ୍ରୀ ପୁରୁଷ ଏଠିକୁ ଆସି ହନିମୁନ୍ କରିବା କଥା । ପାହାଡ଼ ଘେରା ଦିଗ୍‌ବଳୟରେ ସକାଳର କାକର ବିନ୍ଦୁ ସ୍ଫଟିକ ଗଛପତ୍ର ଘରଦ୍ୱାର ସବୁଆଡ଼େ ବିଛାଡ଼ି ହୋଇପଡୁଛି । ସକାଳୁ ସକାଳୁ ଗ୍ଲୋଭ୍ସ ହାତରେ ଓ ଗୋଡ଼ରେ ମୋଜାଯୋତା ନ ପିନ୍ଧି ବାହାରିଲେ ସ୍କୁଟର ଚଳେଇ ହେବନି । ଥଣ୍ଡା ଯୋଗୁଁ ସ୍କୁଟରରେ ଦଶଥର କିକ୍ ମାରିଲେ ଷ୍ଟାର୍ଟ୍ ହେଉଛି । ତମେ ପାଖରେ ଅଛ ବୋଲି ଏ ଶୀତଦିନ ଆହୁରି ସୁଖକର ଲାଗୁଛି ।

ମାନସୀ ସ୍ମିତହସି ଦେଇ କହିଲା – ଆଉ ଏଠି ମଧୁର କଥାରେ ମୋ ମନ ମୋହି ଦିଅନି । ଶୋଇପଡ଼ । ସକାଳୁ ଉଠିଲେ କ୍ଲାସ ଅଛି ।

– ଏହି ଫୁଲବାଣୀ ରହଣୀ ଆମ ଆଦ୍ୟ ଜୀବନର ସ୍ମୃତି ହୋଇ ଯୋଡ଼ି ହୋଇଯିବ ।

– ହଁ ନିଶ୍ଚୟ । ଏଠାର ସାଲୁଙ୍କି ନଦୀ, ନାରାୟଣୀ ମନ୍ଦିର ଆଉ ଆଦିବାସୀ ହାଟ ଓ ଆଦିବାସୀଙ୍କ ମେଳା ମଉଚ୍ଛବ ସବୁ ଆମ ମନକୁ ଆଚ୍ଛନ୍ନ କରି ରଖିଥିବ । ପରେ ଏ ସୁଯୋଗ ଆଉ ଆସିବ ନାହିଁ । କିନ୍ତୁ ତୁମର ସିଗାରେଟ୍ ଖାଇବା ସ୍ମୃତି ଏକ ଅଭୁଲା କ୍ଷତ ହୋଇ ମୋ ମନରେ ସବୁବେଳେ ନିଶ୍ଚୟ ରହିଥିବ ।

– ସତରେ ମାନସୀ, ତୁମର ଏ ଅଯାଚିତ ପ୍ରଶ୍ନର ଉତ୍ତର ମୁଁ ସିନା ଦେଇ ଦେଲି ନଚେତ୍ ଯିଏ ଦିନକୁ ଦଶଖଣ୍ଡ ସିଗାରେଟ୍ ଖାଏ ସେ ହସିହସି ତା ସିଗାରେଟ୍ ଧୂଆଁରେ ଉଡ଼ାଇଦେଇ କହିବ – ସିଗାରେଟ୍ ବିନା ମୁଁ ରହିପାରିବି ନାହିଁ । ଜାଣିଛ ନା ମୋ ସାଙ୍ଗ ରବି ଶୋଇବାପାଇଁ ବିଛଣାକୁ ଯିବାବେଳେ ସିଗାରେଟ୍ ଖଣ୍ଡିଏ ଟାଣି ଯାଏ । ତା ସ୍ତ୍ରୀ ତାକୁ ସହ୍ୟ କରେ କେମିତି ?

– ଓଃ ସେ ରବିବାବୁଙ୍କ କଥା କହୁଛ ତ ଯାହାକୁ ଆମ ଘରେ ତମେ ଛଅମାସ ପାଇଁ ରଖି ନିଜେ ମେସ୍‌ରେ ରହିଥିଲ । ଆଜି ମନେପଡ଼େ ଫୁଲବାଣୀ କଥା । ଗାଁରୁ ଚିଠି ଆସିଲେ ଖୁସି ଲାଗେ । ବାପା ମା', ବୋଉ ବାପାଙ୍କ ଚିଠି ସହ ଭାଇଭାଉଣୀଙ୍କ ଚିଠିର ସ୍ନେହର ଅକ୍ଷରରେ ମନର ଏକେଲା ଦୁଃଖ ଦୂର ହୋଇଯାଏ ଯେମିତି । ଚିଠିକୁ କେତେ ଆଗ୍ରହରେ ଚାତକପରି ଚାହିଁ ବସୁଥିଲେ ଆମେ । ମା'ଙ୍କ ଦେହ ଖରାପ ଶୁଣି ଗାଁକୁ ଚାଲି ଆସିବା ପରେ ମୁଁ ଆଉ ଫୁଲବାଣୀ ଯାଇନି । ଯେହେତୁ ଝିଅ ଜନ୍ମ ହେବାକୁ ଆଉ ଚାରିମାସ ଥିଲା ।

ବାପା ମା' କହିଲେ – ଏଠି ବୋହୂ ଥାଉ । ଆମେ

ତା କଥା ବୁଝିବୁ। ତୁ ମଝିରେ ମଝିରେ ଆସିବୁ। ତେଣୁ ଆମ ଭଡ଼ା ଘର ଓ ଜିନିଷପତ୍ର ସବୁ ରବିକୁ ଦେଇ ମୁଁ ମେସ୍ ପଳେଇଗଲି। ସେ ଓ ତା ସ୍ତ୍ରୀ ସେଠି କେଇମାସ ରହିଥିଲେ। ଘର ଛାଡ଼ିଗଲାବେଳକୁ ମୋର ଫଟୋ ହଜେଇ ଦେଇଥିଲା। ତା ସହ ଆଉ କେବେ କେଉଁଠି ଏକାଠି ହୋଇନୁ କି ଦେଖା ହୋଇନାହୁଁ। ଯିଏ ଯାହାର ବଦଳି ହୋଇ ବିଭିନ୍ନ କଲେଜରେ ଅବସ୍ଥାପିତ ହେଲେ। ଏବେ ରିଟାୟାର୍ଡ଼ କରି ଯିଏ ଯାହା ବାଟରେ ରହିଛନ୍ତି। ପ୍ରକୃତରେ କଲେଜ ଜୀବନ ଓ ଚାକିରି ଜୀବନ ଭାରି ଭଲ ଲାଗୁଥିଲା। ପ୍ରଥମ ଚାକିରିବେଳେ ଲାଗୁଥିଲା ତିରିଶ ବର୍ଷ ଉପରେ ଚାକିରି ଅଛି। ଚିନ୍ତା କ'ଣ? ଏବେ ଲାଗୁଛି କେତେଶୀଘ୍ର ପଞ୍ଚତିରିଶ ବର୍ଷର ଚାକିରି ଜୀବନ ସରିଗଲା। ଏବେ ସାଙ୍ଗମାନେ ଯିଏ ଯାହାର ପିଲାମାନଙ୍କ ପାଖରେ ଅଛନ୍ତି କି ନିଜେ ଏହି କ୍ୟାପିଟାଲ୍‌ରେ ରହିଛନ୍ତି। ବୟସ ହେଲେ ସ୍ମୃତିର ମହକ ବେଶି ମନକୁ ଆନମନା କରେ।

କଲିଙ୍ଗ୍ ବେଲ୍‌ର ଶବ୍ଦ ଶୁଣାଗଲାଣି। ଚିନ୍ମୟ କହିଲେ - ମାନସୀ ଯାଅ। କିଏ ଆସିଛନ୍ତି।

ମାନସୀ ଝରକା ଦେଇ ଦେଖିଲା ଝିଅର କାର୍ ଗେଟ୍ ବାହାରେ ଠିଆ ହୋଇଛି। ଟିକିଏ ପାଟିକରି କହିଲା - ଝିଅ ଆସିଛି।

ମାନସୀ ଷ୍ଟେୟାର୍ କେସ୍‌ରେ ଓହ୍ଲାଇ ତଳକୁ ଯାଇ କବାଟ ଖୋଲିଲା। ଝିଅ ଘର ଭିତରକୁ ପଶିଆସି କହିଲା - ମା' ମୁଁ ଆଜି ଏ ନୂଆ ଶାଢ଼ୀଟି ପିନ୍ଧିଛି। କେମିତି ଦିଶୁଛି କହିଲୁ ?

ଚିନ୍ମୟ ପାଟିରୁ ବାହାରି ଗଲା - ପରୀଟିଏ ପରି।

ମାନସୀ ଆଶ୍ଚର୍ଯ୍ୟ ହୋଇ ଚାହିଁଲା ଚିନ୍ମୟଙ୍କ ମୁହଁକୁ, ସେ କେବେ ଝିଅକୁ ଏପରି କହିବା ଶୁଣିନି। ଅଥଚ ଆଜି କେମିତି ଏ କଥା ପାଟିରୁ ଖସିଗଲା।

ଝିଅ ହସି ହସି କହିଲା - ବାପା ସ୍ୱପ୍ନ ଦେଖି କହୁଛ କି?

ଚିନ୍ମୟ ସତକଥା ମାନିଗଲେ ଛୋଟ ପିଲାଟିଏ ପରି।

କହିଲେ - ତୋ ଜନ୍ମ ପୂର୍ବରୁ ପରୀଟିଏ ପରି ତତେ ଦେଖିଥିଲି।

ଝିଅ ହସି ହସି କହିଲା - ମମି, ତତେ ବାପା ଏକଥା କହିଛନ୍ତି ନା ନାହିଁ ?

- କେବେ ତ ଶୁଣିନି ତାଙ୍କ ମୁହଁରୁ। ତେବେ କେଉଁଦିନ ସ୍ୱପ୍ନ ଦେଖିଲ କହିଲ?

- ଯେଉଁଦିନ ମୋର ସିଗାରେଟ୍ ଧୂଆଁରେ ତୁମର ନିଦ ଭାଙ୍ଗିଗଲା। ଆଉ ତୁମେ ରାଗି କରି ମୁହଁ ବୁଲାଇ ଥିଲ।

ଝିଅ ଚମକିଗଲା ପରି କହିଲା - ବାପା, ତୁମେ କ'ଣ ସତରେ ସିଗାରେଟ୍ ଟାଣିଥିଲ ?

- ହଁ ଟାଣିଛି।

- ମୁଁ ଆଜି ଜାଣୁଛି। କେମିତି ଲାଗୁଥିଲା?

- ତୁ ଡାକ୍ତରାଣୀ। ତତେ କ'ଣ ବୁଝାଇବି ? ମଦ, ସିଗାରେଟ୍ କିଛି ନୁହେଁ ଭଲ ଦେହପାଇଁ।

- ହଁ, ମୁଁ ଜାଣିଛି ଯେ। କିନ୍ତୁ ତମକଥାକୁ ବିଶ୍ୱାସ କରିପାରୁନି !

- ମୁଁ ପରା ମୋ ସ୍ୱୀକାରୋକ୍ତି ଦେଲି।

- ତେବେ ମମି ତମେ ସିଗାରେଟ୍ ବନ୍ଦ କରିଦେଲ ନା ଆଉ କିଏ?

- ଆଉ କିଏ ହୋଇପାରେ କହିଲୁ ଟିକିଏ ଭାବିଚିନ୍ତି ?

- ଓଃ ତେବେ ଜେଜେବାପା ହୋଇଥିବେ।

- ନା।

- ତେବେ କିଏ କୁହ ? ମମିକୁ ଡରିବା କଥା ନୁହେଁ। ମୋ ବାପାଙ୍କ ପରି କାହା ବାପା ନାହାଁନ୍ତି।

ଚିନ୍ମୟ କହିଲେ - ମୋ ପରୀ ପାଇଁ ମୁଁ ସିଗାରେଟ୍ ଟାଣିବା ଛାଡ଼ିଦେଲି।

ମାନସୀ କହିଲା - ତମ ମନରେ ଏତେ କଥା ଲୁଚାଇ ରଖିଥିଲ କ'ଣ ଝିଅ ପାଖରେ ଉତାରି ଦେବାକୁ କି?

ଚିନ୍ମୟ ଝିଅକୁ କୋଳେଇ ପକେଇ କହିଲେ- ମୋ ଝିଅ ପରି କାହାର ବୁଝିବା ଝିଅଟିଏ ଅଛି ଦେଖିଛ କି? ସେ ହିଁ ମୋ ଆଖିର ପରୀଟିଏ।

ତେବେ ଫୁଲବାଣୀ ଘରୁ ଆଉ ଦୁଇଖଣ୍ଡ ସିଗାରେଟ୍ ବହି ଥାକରୁ କାଢ଼ି ଫୋପାଡ଼ିଥିଲି ସେଇଟା କିଏ ଦେଇଥିଲା ?

ରବି ହିଁ ମୋତେ ସିଗାରେଟ୍ ଦେଇ କହିଥିଲା ଟାଣିଲେ ମନଟି ଫୁର୍ତ୍ତି ଲାଗିବ। ତେଣୁ କେଉଁଦିନ ସେଠି ଦୁଇଖଣ୍ଡ ରହିଥାଇ ପାରେ। ମୁଁ ମୋ ପରୀକୁ କଥା ଦେଲାପରେ ଆଉ ଖାଇନିକି ତମ ରାଗୁଆ ମୁହଁ ଚାହିଁବାକୁ ଇଚ୍ଛା କରିନଥିଲି।

ଝିଅ ହସି ହସି କହିଲା- ବାପା, ଦେଖିଲ ଏ ଶାଢ଼ୀଟି ତମ ମନକୁ ପାଉଛି।

ମାନସୀ ଥଟ୍ଟା କରି କହିଲା - ବାପା ହିଁ ଠିକ୍ ଉତ୍ତର ଦେବେ। ଲୁଚି ଲୁଚି ଝିଅପିଲାଙ୍କୁ ପରା କଲେଜ ସମୟରେ ଚାହୁଁଥିଲେ।

- ମମି ମିଛ କହୁଛୁ ତୁ। ମୋ ବାପା ଖୁବ୍ ଭଲ। ତତେ କ'ଣ ଚାହିଁ ଦେଖୁଥିଲେ କି?

- କି କଥା କହୁଚୁ ତୁ ? ତାଙ୍କ ଘର କୁଆଡ଼େ ଆମ ଘର କୁଆଡ଼େ। ମୁଁ ତାଙ୍କୁ ଦେଖିନଥିଲି ପୂର୍ବରୁ କେବେହେଲେ। ଆମର ପରା ଘର ତରଫରୁ ବିବାହ ହୋଇଗଲା। ଆଉ ଦେଖିଲି କେତେବେଳେ ? କନ୍ୟାଦେଖି ଯିବାବେଳେ ଯାହା ଦେଖିଥିଲି।

ଝିଅ ଚାଲିଗଲାଣି। ଚିନ୍ମୟ କହିଉଠିଲେ - ତମ ପରି ପରୀଟିଏ ଆସି ମୋତେ ସ୍ୱପ୍ନ ଦେଖାଇ ମୋ ଜୀବନରେ ରଙ୍ଗ ଭରି ଦେଇଥିଲା। ମୁଁ ତମପାଇଁ କବିତା ଲେଖୁଥିଲି ପରା।

- ନା, କେବେ ନୁହେଁ। କୌଣସି ପ୍ରେମିକା ପାଇଁ ଲେଖୁଥିବ। ଏବେ ମଧ୍ୟ ମନରେ ଭୟ ଅଛି ବୋଲି ତମ ପାଇଁ କହି ମୋତେ ଭୁଲାଇ ଦେବାକୁ ଚେଷ୍ଟା କରୁଛ। ଆଉ ଏ ବୟସରେ ମିଛ କହି ମୋ ମନକୁ ଭୁଲାଇବାକୁ ଚେଷ୍ଟା କରନି। ସତ କହିଦିଅ।

ହଠାତ୍ ଜଣେ ଝିଅଙ୍କ ଫୋନ୍ ଆସିଗଲାଣି। ସେ ଚିନ୍ମୟଙ୍କୁ ଖୁବ୍ ପ୍ରଶଂସା କରି କହିଲା - ଆପଣଙ୍କ କବିତାଟି ଖୁବ୍ ମନଛୁଆଁ ହୋଇଛି। ତେଣୁ ଫୋନ୍ ନ କରି ରହିପାରିଲି ନାହିଁ। ସାର୍ ଆପଣ କାହା ପାଇଁ କବିତା ଲେଖୁଥିଲେ?

ଚୁପ୍ ପଡ଼ିଗଲେ ଚିନ୍ମୟ। ଅଯାଚିତ ପ୍ରଶ୍ନର ଉତ୍ତର ଦେବାକୁ ଯଦିଓ ଶ୍ରେୟ ମନେ କରୁନଥିଲେ ତଥାପି ପ୍ରଶ୍ନର ଉତ୍ତର ଦେବାକୁ ହିଁ ପଡ଼ିବ।

ପୁଣି ଝିଅଟିର ସ୍ୱର ଶୁଣାଗଲା - ସାର୍ ନିଜ ପାଇଁ ଲେଖୁଥିଲେ ନା?

- ହଁ। କ୍ଷୀଣ ସ୍ୱରରେ ଉତ୍ତରଟି ଦେଇ ଫୋନ୍ ରଖିଲେ। ପାଖରେ ଠିଆହୋଇଥିବା ମାନସୀ କହିଲା - କହିଦେଲନି ପ୍ରେମିକା ପାଇଁ ଲେଖୁଥିଲି?

- ମୋ ପ୍ରେମିକା ? ଆଖି ତରାଟି ଦେଇ କହିଲେ ଚିନ୍ମୟ।

- ମୋତେ ସବୁ ଜଣା। ତମ ପ୍ରେମିକା ହିଁ ମୋତେ ସବୁ କହି ସାରିଥିଲା। ସେ ସବୁ କଥା ମୋର ହଜମ ହୋଇଗଲାଣି ବହୁତ ବର୍ଷ ପୂର୍ବରୁ। ଏବେ ସେଥିପ୍ରତି ଆଗ୍ରହ ନାହିଁ କି ଉଦ୍‌ବେଗ ନାହିଁ। କାହିଁକି ତୁମେ ଡରିଯାଉଛ ? ସତ କହିପାର।

- ମୋତେ ପ୍ରେମ କରିବାକୁ ଡର ମାଡ଼େ।

- ତେବେ ଝିଅଙ୍କ ସହ ଘଣ୍ଟା ଘଣ୍ଟା ଧରି ଗପ କରି କରି ସେମାନଙ୍କ ସାଙ୍ଗରେ ବୁଲିବାକୁ ଖୁସି ଲାଗେ ନା?

ହଠାତ୍ ପୁଅ ଘର ଭିତରକୁ ପଶି ଆସି କହିଲା - ବାପା ଆମ କଲେଜ ପିକ୍‌ନିକ୍‌ରେ ମୁଁ ଯିବି।

- ଠିକ୍ ଅଛି। ଯାଅ। ବୁଲା ବୁଲି କରି ମଜା କରିବ।

ମାନସୀ ତାଗିଦ୍ ସ୍ୱରରେ ପୁଅକୁ କହିଲା - ବେଶି ଉଲୁକୁମାତ ହେବୁନି। ଠିକ୍‌ରେ ଯାଇ ଠିକ୍‌ରେ ଘରକୁ ଫେରିବୁ।

- ତୋର ସବୁବେଳେ ଖାଲିଟାରେ ତାଗିଦ୍ ଦେବା ଭୁଲିବୁ ନାହିଁ।

- ଠିକ୍ କହିଲୁ। ସଂସାରରେ ଗୋଟିଏ ଭଲ ମଣିଷ ହେବା ପାଇଁ ଭଲ ଗୁଣ ରହିବା ନିହାତି ଦରକାର। ଏ କଥା କେବେ ଯେମିତି ଭୁଲିବୁ ନାହିଁ।

ଯିଏ ଯାହା ବାଟରେ ବାହାରି ଗଲେଣି। ଚିନ୍ମୟଙ୍କ କାମ ଆଉ କ'ଣ? ଟି.ଭି. ଦେଖ ନ ହେଲେ ମୋବାଇଲ୍‌ରେ ଛବି ଦେଖ କି ଆଉ କ'ଣ ଦେଖ।

ମୋବାଇଲ୍‌ର ପାଖ ଛାଡ଼ିବାକୁ ନାରାଜ ରାତି ନଅଟା ପର୍ଯ୍ୟନ୍ତ । ମାନସୀ ଉପର ଘର ପଢ଼ା ଟେବୁଲ୍ ପାଖକୁ ଗଲାଣି । ଏବେ ଚିନ୍ମୟଙ୍କ ନିରୋଳା ସମୟ । ସେ ସେଠି କ'ଣ ଲେଖା ଲେଖି କି ପଢ଼ାପଢ଼ି କରୁଥିବ । ଆଉ ଘଣ୍ଟାଏ ପର୍ଯ୍ୟନ୍ତ ତଳକୁ ଓହ୍ଲାଇବ ନାହିଁ । ସେ ଆସିଲେ ଅନ୍ୟକୁ ଫୋନ୍ ଲଗେଇ ଦେଲେ ସେ କ'ଣ ଖୋଜିବ ମୁଁ କ'ଣ କରୁଥିଲି ମୋବାଇଲ୍ ଖଣ୍ଡକରେ ? ଯେତିକି ଶାନ୍ତ ସେତିକି ରାଗୀ । ବେଳେବେଳେ କହିବ ତାଗିଦ ସ୍ୱରରେ – ମୋବାଇଲ୍ ଖଣ୍ଡକ ଲୁଚେଇ ଦେବି କେଇଦିନ ପାଇଁ ଯେ ତୁମ ଦେଖା ଛାଡ଼ିଯିବ । ଏଇଠି ଦିନ ରାତି ମୋବାଇଲ୍ ଖଣ୍ଡକ ଧରି ବସି ନେଟ୍ ଦେଖୁଛ କି କ'ଣ ଗାରଉଛ ମୁଁ ଆସିଲେ ଦେଖିବି । ତମେ ଯଦି ଆଜି ଗୋଟିଏ ବିଜ୍ଞାନ ଲେଖା ଲେଖି ନଥିବ ତେବେ ମୋବାଇଲ୍ ଧରିପାରିବନି ।

ଚିନ୍ମୟ ଜାଣନ୍ତି ମାନସୀ ଭାରି ରେଗେଡ଼ି ହୋଇ କାମ କରେ । ନିଜ ଲେଖାରେ ବହୁତ ଅବହେଳା ହେବାରୁ ଅଶାନ୍ତି ହୁଏ । ଝିଅ ଓ ପୁଅଙ୍କ ପିଲାଙ୍କ ମେଳରେ ଦିନସାରା କଟିଗଲାବେଳେ ଚିଡ଼ି ଉଠି କହେ – ଏବେ ଚାରିଟା ପିଲାଙ୍କୁ ମୁଁ ଜଗି ବସିବି କି ? ମୋ ଜ୍ଞାନ ତମ ଘରକୁ ଆସିବା ପରେ ହଜିଗଲା ଯେମିତି । ତମେ ମୋତେ ସମସ୍ତେ କି ସାହାଯ୍ୟ କରିଛ, ଆଖିରେ ଦେଖି ସାରିଛି । ମୁଁ ସମୟର ପ୍ରତ୍ୟକ୍ଷଦର୍ଶୀ । ପିଲାଙ୍କ ପାଇଁ, ତମ ପାଇଁ ସମୟକୁ ଫାଏଁ ଫାଏଁ ଉଡ଼ାଇ ଦେଲି । ଏବେ ଦଶବର୍ଷ ହେବ ନାତି ନାତୁଣୀଙ୍କ ପାଇଁ ଛୋଟ ପିଲାଙ୍କ ପରି ତଳଉପର ହୋଇ ଗୋଡ଼ ଫୁଲିଗଲାଣି । ମୋର ଚାଳିଶ ବର୍ଷ କୁଆଡ଼େ ଗଲା ଭାବିଲା ବେଳକୁ ଏକ ମାୟାର ପ୍ରଲେପ ମୋ ମନରେ ଜାତ ହୋଇସାରୁଛି । ମୁଁ ଭାବୁଛି ମୁଁ ଦୁଇଟା ଜୀବନଧାରୀ ମଣିଷ । ଗୋଟିଏ ମାୟା ଭିତରେ ପଶିଛି ତ ଆଉ ଗୋଟିଏ ମାୟାରୁ ଦୂରେଇ ଯାଇ ଟିକିଏ ଏକେଲା ମୁହୂର୍ତ୍ତ ଖୋଜୁଛି । ବେଳେବେଳେ ଏହି ଭାବନାରେ ମନ ଆକ୍ରାମାକ୍ରା ହେଉଛି । ତମେ ଚାଳିଶ ବର୍ଷ ତଳେ ଯାହା ଥିଲ କି ମୁଁ ଥିଲି ଏବେ ସବୁର ରୂପ ହଜିଗଲାଣି । ତେବେ ଚାଳିଶ ବର୍ଷ ମାୟା ସଂସାର ଭିତରେ ଆମେ ପଶିଯାଇଛେ ନିଶ୍ଚୟ ।

– ବେକାରିଆ ଭାବନା ତମ ମନରେ ଉଦ୍ରେକ ହେଉଛି । ତମେ ହିଁ ମୋ ଲେଖାର ପ୍ରେରଣା । ତମେ ହିଁ ମୋ ଉତ୍ସାହର ଉତ୍ସ । ତମ ଯୋଗୁ ମୋର ସବୁ ଉନ୍ନତି ହୋଇଛି ।

ହବନି କେମିତି ? ମୋର ଉତ୍ସାହର ଭଲପାଇବା ଭିତରେ ମୋ ରାଗଟି ଜଡ଼ିତ । ମୁଁ ଜାଣେ ତମକୁ ଜୋର୍ ଦେଇ କହିଲେ ବାଧହୋଇ ଲେଖାପଢ଼ା କରିବ । ତମର ଥେସିସ୍ ଲେଖିବା ବେଳେ କେମିତି ଲେଖିବି ଲେଖିବି ବୋଲି ଭାବୁଥିଲ । ଦିନେ ତମକୁ ତାଗିଦ୍ ସ୍ୱରରେ ପେନ୍ ଓ ପେପର ଦେଇ କହିଲି – କିଛି ଲେଖା ନ ସରିଲେ ଉଠିବ ନାହିଁ । ଜଣେ ଅଧ୍ୟାପକଙ୍କୁ ନିଜ ବିଷୟରେ ଲେଖିବାରେ ଅସୁବିଧା କେଉଁଠି ?

ହସିଲେ ଚିନ୍ମୟ । ତମେ ପିଲାଙ୍କ ପଢ଼ା ଓ ମୋ ପଢ଼ା ପ୍ରତି ଏତେ ସଜାଗ ଥିଲ ଯେ ଭାବୁଛି ତମ ପଢ଼ାପ୍ରତି କେତେ ଉତ୍ସାହିତ ଥିବ ।

ମୋ ପଢ଼ା ମୂଲ୍ୟ ଚୁଲିମୁଣ୍ଡକୁ ଚାଲିଗଲା ତମର ସିଗାରେଟ୍ ଧୂଆଁର କୁଣ୍ଡଳୀକୁ ଦେଖି । ମୋ ପଢ଼ା ଧୂମାୟିତ ହୋଇଗଲା । ମୋର ଭାବି ନ ଥିବା କଥା ଭିତରେ ତମର ଚେରାରେ ସିଗାରେଟ୍ ଟାଣିବା କଥା ଦେଖିଲା ପରେ ମୋର ତୁନି ମୁନି ଗୁଣ ହଜିଗଲା ଯେମତି ! ଭଲ ବାଟକୁ ଆଣିବାକୁ ହେଲେ ମିଇଁ ମିଇଁ ହୋଇ ଗୃହିଣୀ ହୋଇ ପାରିବି ନାହିଁ । ଘରର ଉନ୍ନତି ପାଇଁ ପ୍ରଥମେ ହିଁ ଧର୍ମପତ୍ନୀ ଅଣ୍ଟା ଭିଡ଼ିବ । ସନ୍ତାନମାନଙ୍କୁ ଯୋଗ୍ୟ କରିବା ଦାୟିତ୍ୱ ମାଆର । ଜନ୍ମିତ ଶିଶୁ ଅବୋଧ ଶିଶୁ । ତାକୁ ଯେମିତି ଗଢ଼ିବା ସେ ସେମିତି ମଣିଷ ହେବ । ମୁଁ ଯଦି ମୋ ଲେଖା କି ଚାକିରିକୁ ଜଗି ବସିଥାଆନ୍ତି ତେବେ ଘରେ ତାଗିଦ କରିବାକୁ ଲୋକ ନଥାନ୍ତେ । ତମେ ତ ସାଙ୍ଗ ସୁଖରେ ସମୟ ଅତିବାହିତ କରିବାକୁ ଚାହିଁଥାଅ । କ୍ଲାସ ସରିଲାପରେ ଦୁଇଘଣ୍ଟା ଗପସପ ନ କଲେ ତମ ଖାଦ୍ୟ ହଜମ ନ ହେଲେ ଘରକୁ ଫେରନି । ତମର ପିଲାଙ୍କୁ ମଣିଷ କରିବାର ସ୍ପୃହା ଥିଲା କି ? ଏବେ କହୁଛି ଅବସର ନେଇ ଘରେ ବସି ସମୟକୁ ସାରିବା ବଦଳରେ ଯାଅ ସାଥି ମେଳରେ ବୁଲାବୁଲି କରି ଖୁସିହୁଅ । କିନ୍ତୁ ତମେ କହୁଛ– ଏବେ ମୋର ଇଚ୍ଛା ନାହିଁ ବୁଲାବୁଲି କରିବାକୁ ।

– ବୟସ ଗଲା ବୋଲି ମନ ମଧ୍ୟ ବୁଢ଼ା ହୋଇଗଲା ନା କ'ଣ ? ମନ କ'ଣ ବୁଢ଼ା ହୁଏ କି ?

– ରୋଗ ବଇରାଗ ପରା ମନକୁ ମାରିଦେଲା । ଆଉ ଇଚ୍ଛା କ'ଣ ଅଛି କି ?

– ଯେତେବେଳେ ଘର ଭିତରେ ତମର ଉପସ୍ଥିତି ଦରକାର ଥିଲା ପିଲାଙ୍କ ତଦାରଖ ଟିକିଏ କରିବାକୁ ସେତେବେଳେ ସେଥିରେ ଅବହେଳା କରି ଦେଲ । ବର୍ତ୍ତମାନ ପିଲାମାନେ ନିଜ ବାଟରେ ନିଜକଥା ବୁଝିପାରୁଛନ୍ତି । ତାଙ୍କ ପାଇଁ ଆମର ପ୍ରୟୋଜନ ବେଶି ନୁହେଁ । ତଥାପି ଘରଭିତରେ ରହିବାକୁ ଭଲପାଉଛ ?

– ବୁଝିଲ କି ସମୟ ସହିତ ଇଚ୍ଛା ମଧ୍ୟ ମରିଯାଏ । ଏବେ ଔଷଧ ପତ୍ର ଖାଇ ଦେହର ତାକତ୍ କ'ଣ ବଢ଼ିବ ଓଲଟି ବୟସ ଯୋଗୁଁ ବଳ କମିଯାଉଛି । ଆଣ୍ଠୁ ଦରଜ । କାର୍ ଚଲେଇବାକୁ ଇଚ୍ଛା ନାହିଁ । ଜୀବନକୁ ରକ୍ଷାକରିବା ପାଇଁ ଔଷଧ ନ ଖାଇଲେ ଚଳିବନି । ଆଉ ଯିବି କୁଆଡ଼େ ବୁଲାଚଲା କରିବାକୁ ? ପୁରୁଣା ସମୟ ଫେରିବନି ଆଉ କେବଳ ତା'ର ସ୍ମୃତି ମନକୁ ତାଜା କରିଥାଉ ।

– ତେବେ ସିଗାରେଟ୍ ଟାଣିବ କି ?

– ସିଗାରେଟ୍ ଖାଇଲେ କଳିଜା କଣା ହୋଇଯିବ ।

– ଏତେ କଥା ଜାଣିଥିବା ଅଧ୍ୟାପକ ଜଣକ ସିଗାରେଟ୍ କେଉଁ ବିଶ୍ୱାସରେ ଟାଣୁଥିଲେ ?

– ସେତେବେଳର ଯୁବକର ଉଦ୍ଦାମତା ଆଉ ନାହିଁ ।

– ଠିକ୍ ଅଛି ଚାଲ ବଡ଼ ହୋଟେଲ୍‌ରେ ଡିନର କରିବା ।

– ନା ବାବା, କ'ଣ ବ୍ଲଡ୍‌ପ୍ରେସର ବଢ଼େଇବି କି ?

– ତେବେ ଚାଲ ଭଜନ କରିବା ।

ଠାକୁର ଘର ଧୂପକାଠି ସୁଗନ୍ଧରେ ରଜନୀଗନ୍ଧାର ବାସ୍ନା ଘରସାରା ଘୁରି ବୁଲୁଥିଲା । ନାତି ନାତୁଣୀ ଦୁଇଜଣ ଆସି ହାତଯୋଡ଼ି ଠିଆ ହୋଇଗଲେ । ଚାରିବର୍ଷର ନାତିଟି କହୁଛି – କି ସୁନ୍ଦର ବାସ୍ନା । ଠାକୁର ମୋ ଜେଜେଙ୍କ ଆଣ୍ଠୁ ଠିକ୍ କରି ଦିଅ ।

ଚିନ୍ମୟ ନାତିକୁ କୋଳକୁ ଆଣି ବସାଇଦେଲେ । କହିଲେ – ଠାକୁର ମୋ ଘର ପରିବାର ମଙ୍ଗଳ କର ।

ନାତି କହିଲା ଖନେଇ ଖନେଇ ଜେଜେ ତମ କଥା କୁହ ।

ମାନସୀ କହିଲା ହସି ହସି – ତୁ ଆମ ପାଇଁ କହି ଦେଲୁ । ଆମେ ତୋ ପାଇଁ କହି ଦେଲୁ ।

– ହଁ ହଁ । ଆମେ ସାଙ୍ଗ ପରା ।

ଜେଜେ ନାତିଙ୍କ ହସର ଉଚ୍ଛ୍ୱାସରେ ଘରର ମଧୁର ବାସ୍ନା ସତେ ଯେମିତି ବିଛାଡ଼ି ହୋଇ ପଡୁଥିଲା ଘରସାରା । ତେବେ ମାନସୀଙ୍କୁ ଲାଗୁଥିଲା ସେ କେତେ ସୁନ୍ଦର ମାୟାରେ ପଶିଯାଇଛି ଯେ ନିଜକୁ ଚିହ୍ନିବାକୁ ସମୟ ଖୋଜିନି । ତେବେ ମାୟା କ'ଣ ? ବିଶ୍ୱାସରେ ସୂର୍ଯ୍ୟ ପ୍ରତିଦିନ ଧରାପୃଷ୍ଠରେ ଅବତରଣ କରୁଛନ୍ତି । ସେଠି ମାୟାର ଭ୍ରମ ଅପେକ୍ଷା ବିଶ୍ୱାସର ଆସ୍ଥା ଦୃଢ଼ ଅଛି । ତେବେ ପରିବାର ଭିତର ବିଶ୍ୱାସ ମଜଭୂତ ରହିଲେ ମାୟାର ପ୍ରଲେପ ଆପେ ଆପେ ଦୂର ହୋଇଯିବ । ଏ ତ ସଂସାର । ଏଠି ଘର ସ୍ୱର୍ଗ ଓ ନର୍କରେ ପରିଣତ କରିବାକୁ ଯିଏ ଚାହେଁ ସେ ହିଁ ତା ପରାଭବ ଭୋଗିଥାଏ । ପ୍ରତି ପ୍ରଶ୍ନର ଉତ୍ତର ନିଜ ପାଖରେ ହିଁ ଥାଏ । ତେବେ ଚିନ୍ତା କାହିଁକି ?

*ଅନ୍ୱେଷଣ, ୫୨/ଫେଜ୍ -୨,*
*ଭାଗବତ ସନ୍ଧାନ କଲୋନୀ, ଜି.ଜି.ପି.,*
*ଭୁବନେଶ୍ୱର - ୭୫୧୦୨୫,*
*ଦୂରଭାଷ: ୬୩୭୧୮୧୩୬୫୫*

# ପରିଚୟ

## ନୃସିଂହ ବେହେରା

ଯେତେ ଚେଷ୍ଟା କଲେ ମଧ୍ୟ ଆର ପଟରୁ ଉତ୍ତର ମିଳୁନାହିଁ । ମିଳୁଛି ଯାନ୍ତ୍ରିକ ଶବ୍ଦରେ ଅପହଞ୍ଚର ସୂଚନା । ବିରକ୍ତିରେ ମୋବାଇଲ୍ ଥୋଇ ପଡି ରହିଲା ଏଲି । ନିଦ କଣ ଆସୁଛି ? ଆସୁଛି ଏକାକିତ୍ୱରୁ ଅସ୍ତ ବ୍ୟସ୍ତର ଆଧିପତ୍ୟ, ଆଗରୁ ତ କେବେ ଏମିତି ଲାଗେନି ? ସ୍ୱରାଜ ଅଫିସ୍ ଯିବା ସମୟ ତକ ସିଏ ଏକାକି ରହେ । ଏଇନେ ମାତ୍ର ତିନି ଘଣ୍ଟା ହୋଇଛି । ସ୍ୱରାଜକୁ ଟ୍ରେନରେ ବିଦାୟ ଦେଇ ସେ ଷ୍ଟେସନରୁ ଫେରିଛି । ପରେ ପରେ ମୋବାଇଲରେ ମଧ୍ୟ କେତେ ସମୟ କଥା ହୋଇ ସାରିଲାଣି । ତଥାପି ତାଙ୍କର ଅନୁପସ୍ଥିତି ଉପଲବ୍ଧି ତାକୁ ଅଥୟ କରିଦେଇଛି ,ସେ ନିଶ୍ଚୟ ସାଥୀରେ ଯାଇଥାନ୍ତା, କିନ୍ତୁ ସ୍ୱରାଜ କହିଲେ ଦେଖ, ମୁଁ ଅଫିସ୍ କାମରେ ଯାଉଛି, ମୋ ସାଥୀରେ ତମେ ଯିବା ସମ୍ଭବ ନୁହେଁ । ପରେ କେବେ ଛୁଟି ନେଇ ଆମେ ଚେନାଇ ଯାଇବୁଲି ଆସିବା । ଏବେତ ମାତ୍ର ଚାରି ଦିନର କଥା ।ତାହା ଶୁଣି ସେ ନିଜକୁ ନିଜେ ବୁଝେଇ ଦେଇଥିଲା ।ଏମିତି ଭାବନାରୁ ଅଲଗା ହୋଇ ମନ ବଦଳାଇବା ପାଇଁ ସେ ପୁଣି ମୋବାଇଲ୍ ସୁଇଚ୍ ଅନ୍ କଲା । ଅବାଞ୍ଛିତ ନିୟୁଜ ସବୁ ମୋବାଇଲ ସ୍କ୍ରିନ୍‌ରେ ଭାସି ଉଠିଲା । ଅନିଚ୍ଛାକୃତ ଭାବେ ସେ ଆଖି ପକେଇଲା, ହଠାତ୍ ଚେଙ୍କ ଖାଇବା ପରି ଚମକି ଉଠିଲା । କରମଣ୍ଡଳ ଏକ୍ସପ୍ରେସ ଦୁର୍ଘଟଣାର ସମ୍ମୁଖୀନ ହୋଇଛି । ବିପରୀତ ଦିଗରୁ ଆସୁଥିବା ଆଉ ଏକ ଟ୍ରେନ ସହ ତାର ମୁହାଁମୁହିଁ ଧକ୍କା ହୋଇଛି । ଦୁର୍ଘଟଣାଟି ଖୁବ୍ ଭୟଙ୍କର ସେ ଆଉ ଦେଖି ପାରିଲା ନାହିଁ । ମାତ୍ରାଧିକ ବିବ୍ରତରେ ଥରିବାକୁ ଲାଗିଲା । କିଛି ସମୟ ପରେ ସତ୍ୟତା ଜାଣିବାକୁ ଟିଭି ଅନ୍ କଲା । ଟିଭିର ବଡ ପରଦାରେ ଦୁର୍ଘଟଣାର ଦୃଶ୍ୟ ଦେଖି ସେ ଆତଙ୍କରେ ଭିଜିଗଲା । ଅହେତୁକ ଭୟରେ ସାରା ଶରୀରଟା ତାର ଶିହରି ଉଠିଲା । ସ୍ୱରାଜଙ୍କୁ କେନ୍ଦ୍ର କରି ଅନେକ ଦୁଶ୍ଚିନ୍ତା ତାଙ୍କୁ ଜଡେଇ ଧରିଲା । ସଂଘଠିତ ଦୁର୍ଭାବନାକୁ ଦୂରେଇ ବା ପାଇଁ ସେ ଅନେକ ଦେବାଦେବୀଙ୍କୁ ମନେ ମନେ ପ୍ରାର୍ଥନା ଜଣାଇଲା । ସେମାନଙ୍କ ଉଦ୍ଦେଶ୍ୟରେ କେତେ କଣ ମାନସିକ କଲା । ତଥାପି ସ୍ଥିର ହୋଇ ପାରିଲା ନାହିଁ । ଅସ୍ଥିରି ଚିତ୍ତରେ ମୋବାଇଲର ସାହାଯ୍ୟ ନେଲା ।କେଉଁଠାରୁ କିଛି ଉତ୍ତର ମିଳିଲା ନାହିଁ । ଦୁଶ୍ଚିନ୍ତା ଆଉ ଅନିଦ୍ରାରେ ରାତି ସରିଗଲା । ସକାଳୁ ସେ ଗୋଟିଏ ଟେକ୍ସି ଧରି ଦୁର୍ଘଟଣା ସ୍ଥଳରେ ପହଁଞ୍ଚିଲା । ଏକ୍ସିଡେଣ୍ଟର ବାସ୍ତବ ଦୃଶ୍ୟରେ ସେ ଆହୁରି ବିଚଳିତ ହୋଇଗଲା । କାରଣ ତାହାଥିଲା ତାର କଳ୍ପନାରୁ ଢେର ବେଶୀ ବିଭତ୍ସ ଓ ଭୟଙ୍କର ଟ୍ରେନର ଭଗ୍ନାଂଶ । ଆହତ ମଣିଷଙ୍କର ଆର୍ତ୍ତନାଦ ତତାରକ୍ତର ରଂଜିତ ପରିବେଶ ଦେଖି ତାର ମୁଣ୍ଡବୁଲାଇ ଦେଲା । ପଡିଯାଇଥାନ୍ତା, କିନ୍ତୁ କେହି ଜଣେ ତାକୁ ଧରି ବସାଇ ଦେଲେ ସେ ଭାବିଲା, ଏମିତି ହେଲେ ସେ କଣ ସହଜରେ ସ୍ୱରାଜଙ୍କର ସନ୍ଧାନ ପାଇବ ? ତାଙ୍କୁ ଖୋଜିବାହାର କରିବାକୁ ହେବ । ସେଥିପାଇଁ ସେ ଉପସ୍ଥିତ କର୍ମଚାରୀ ତଥା ସ୍ୱେଚ୍ଛାସେବୀଙ୍କୁ ବିନମ୍ର ନିବେଦନ ଜଣାଇଲା । ହେଲେ ସ୍ୱରାଜଙ୍କର ସନ୍ଧାନ ପାଇଲା ନାହିଁ ।

ସେ ଦେଖିଲା ଦୁର୍ଘଟଣା ଜନିତ ପରିସ୍ଥିତିରେ ଅଧିକାଂଶ ମର୍ମାହତ, ଅନେକ ମଧ୍ୟ ବ୍ୟସ୍ତ ବିବ୍ରତ, ପରିସ୍ଥିତିର ସାମ୍ନା କରିବା ପାଇଁ ନିଜର ମନକୁ ଆହୁରି ଦମ୍ଭିଲା କରିବାକୁ ଚେଷ୍ଟା କଲା । ଉପସ୍ଥିତ କର୍ମଚାରୀ ତଥା ସ୍ୱେଚ୍ଛାସେବୀଙ୍କର ସାହାଯ୍ୟରେ ଯଥା ସମ୍ଭବ ଅନୁସନ୍ଧାନ କଲା । ତଥାପି ସ୍ୱରାଜଙ୍କର ସନ୍ଧାନ ପାଇଲା ନାହିଁ । ତାର ଆକୁଳ ଅନୁନୟ ଶୁଣି ଜଣେ ଉପରିସ୍ଥ କର୍ମଚାରୀ କହିଲେ, ଆପଣଙ୍କ ତଥ୍ୟ ଆଧାରରେ ଆମେ ସବୁଠି ଦେଖି ସାରିଲୁଣି । କିନ୍ତୁ ଆପଣଙ୍କ ଲୋକର ଦେଖା ମିଳୁନାହିଁ । ହସ୍ପିଟାଲରେ ପହଁଞ୍ଚିଲା ସେଠାରେ ମଧ୍ୟ ସ୍ୱରାଜଙ୍କୁ ପାଇଲାନାହିଁ । ସେମାନେ ଜଣାଇଲେ ଯଉଁମାନେ ଅଧିକ ଗୁରୁତର ଆହତ ଅଥବା ମୃତ ତାଙ୍କୁ ଭୁବନେଶ୍ୱରକୁ ପଠାଇ ଦିଆଯାଇଛି । ସେଠାରେ ଆପଣଙ୍କ ଲୋକ ମିଳିଯାଇ ପାରନ୍ତି । ଏତିକି ଶୁଣିବା ପରେ ଆହୁରି ମର୍ମାହତ ହୋଲ ଏଲି । ସେ ଭାବିଲା, ଏମିତି ବିଚଳିତ ହେଲେ ଚଳିତ ଅସୁବିଧା ଦୂର ହେବ ନାହିଁ । ତେଣୁ ଅସରନ୍ତି ଭାବନା ନେଇ ସେ ଭୁବନେଶ୍ୱରରେ ପହଁଞ୍ଚିଲା , ହେଲେ ତାର ଦୁଃଖ ଘୁଞ୍ଚିଲା ନାହିଁ । ଆଖିରୁ ଅବଶ୍ୟ ଲୁହ ଶୁଖିଲାଣି, ହେଲେ ମନ ଭିତରେ ଆଶଙ୍କାର ଶାଖା ପ୍ରଶାଖା ଆହୁରି ପ୍ରସରି ଯାଉଥାଏ ।

ଅନେକ ଖୋଜା ଖୋଜି ପରେ ସେ ସନ୍ଧାନ ପାଇଲା । କିନ୍ତୁ ଜୀବିତ ଅବସ୍ଥାରେ ନୁହେଁ, ତାଙ୍କୁ ସନାକ୍ତ କରିବା ପରେ ସାଥୀରେ ଆଣିବାର ଯୋଜନା କଲା ।ନିର୍ଜୀବ ଦେହଟାର ହସ୍ତାନ୍ତର ଆରମ୍ଭରେ ସେ ପ୍ରତିରୋଧର ସମ୍ମୁଖୀନ ହେଲା । ଅନ୍ୟ ଜଣେ ଲୋକ ତାଙ୍କୁ ତାଙ୍କର ନିଜର ଲୋକ ବୋଲି ଦାବୀ ଜଣାଇଲେ, ଏକ ବିଷମ ସମସ୍ୟା ସମସ୍ତଙ୍କ ଆଗରେ ଉପସ୍ଥିତ ହେଲା, ଏମିତି ପରିସ୍ଥିତିରେ ସାମ୍ବାଦିକ ଜଣେ କହିଲେ, ଗୋଟିଏ ମୃତ ଦେହକୁ ଦୁଇଜଣ ଦାବୀ କରିବା କିଛି ବିଚିତ୍ର ନୁହେଁ । । ଯେମିତି ହେଉ ଯାହାକୁ ମିଳିଗଲେ ହେଲା । କାରଣ ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ ଯେଉଁଠି ପଚିଶି ଲକ୍ଷ ଟଙ୍କାର ଚେକ୍ ଧରାଇ ଦେଉଛନ୍ତି, ସେଇଠି ଯେମିତି ହେଉ ହାତେଇ ନେଲେ ହେଲା, ପ୍ରଲୋଭନ ନଥିଲେ ଏମିତି କଣ ଟଣା ଓଟରା ହୁଅନ୍ତା ? ତାଙ୍କର ଆକ୍ଷେପରେ ଏଲିର ମନ ଦେଖିଥିବା ଶବପରି ବିକୃତ ହୋଇଗଲା । ଅବଶ୍ୟ ସେ ଶତକଡା ଶହେ ନିଶ୍ଚିତ ନଥିଲା ପୋଷାକ ତଥା ଆକାର ପ୍ରକାରରୁ । କ୍ଷତବିକ୍ଷତ ଦେହ ଓ ମୁହଁ ଦେଖି ଚିହ୍ନିବା ସେତେଟା ସହଜ ନୁହେଁ, ଭାବନାର ଜାଲରେ ଛନ୍ଦି ହୋଇ ସେ ମୁକୁଳିବାକୁ ଚେଷ୍ଟା କଲା ।ଅଡୁଆ ପରିସ୍ଥିତିକୁ ଆଡେଇ ଯିବା ପାଇଁ ଉପାୟ ଖୋଜୁଥିବା ବେଳେ ନିର୍ଦ୍ଦେଶ ମିଳିଲା ଡି.ଏନ.ଏ ପରୀକ୍ଷା ପରେ ସବୁ ମୃତ ଦେହ ହସ୍ତାନ୍ତର କରାଯିବ । ତେଣୁ ମୃତ ବ୍ୟକ୍ତିର କେହି ଜଣେ ଆତ୍ମୀୟଙ୍କୁ ଆଣନ୍ତୁ , ଏତିକି କଥାରେ ଏଲି ଉପରେ ଆହୁରି ଅନ୍ଧାର ଓ ପ୍ରତିବନ୍ଧକ ଯେମିତି ଜମା ହୋଇଗଲା ।

ଚିନ୍ତାରେ ସେ ଏକ ପ୍ରକାର ରୁନ୍ଧି ହୋଇଗଲା । ତାଙ୍କର ନିଜ ଲୋକ ବା ରକ୍ତ ସଂପର୍କୀୟ କେହି ଯେମିତି ତାଙ୍କ ପାଖରେ ନାହାଁନ୍ତି । ତାର ମା ଥିଲେ ଭଲ ହୋଇଥାନ୍ତା, କିନ୍ତୁ ସେ ଥିଲେ ବୋଧ ହୁଏ ଏତେ ଦିନ ଏମିତି ରହି ପାରିନଥାନ୍ତା । ତାଙ୍କୁ ସେ ତ

କେବେ ଭଲ ଦୃଷ୍ଟିରେ ଦେଖୁନାହାଁନ୍ତି । ତାଙ୍କ ଆଖିରେ ସେ ଥିଲା ଯେମିତି ଏକ ଘୃଣ୍ୟ ଜୀବ । ତେଣୁ ସେ ତାର ଉପସ୍ଥିତିକୁ ନାକ ଟେକନ୍ତି, ରୋକ୍ ଠୋକ୍ ଭାବରେ ସବୁ କଥାରେ ଠୋକର ଦିଅନ୍ତି । ଆଗରୁ ବାରଣ ସତ୍ତ୍ୱେ ଦିନେ ସେ ଘିଅ ପାଇଁ ଠାକୁର ଘରକୁ ଚାଲିଗଲା, ଭାବିଥିଲ.ଶାଶୁ ବୋଧେ ଜାଣି ପାରିବେ ନାହିଁ । କିନ୍ତୁ ପରିସ୍ଥିତି ଓଲଟିଗଲା । ଦୃଷ୍ଟିପଡିବା ମାତ୍ରେ ଶାଶୁ ଗର୍ଜନ କରିଉଠିଲେ, କହିଲେ ତତେ ମୁଁ ବାରଣ କରିଥିଲି, ମୁଁ ବଞ୍ଚିଥିବା ଯାଏ କେବେ ମୋ ଠାକୁର ଘରେ ତୋର ପାଦ ଯେପରି ନ ପଡେ । ଏହା ପରେ ତା ଉଦ୍ଦେଶ୍ୟରେ ଅନେକ ଭର୍ତ୍ସନା ବର୍ଷିଚାଲିଲେ । ତାହା ଶୁଣି ରାଗରେ ତମ ତମ ହୋଇ ଘରୁ ବାହାରି ଯିବାକୁ ସେ ନିଜର ଲୁଗାପଟା ସଜାଡିଲା । ସ୍ୱରାଜ ତାକୁ ବୁଝାଇବାକୁ ଚେଷ୍ଟା କଲେ । ତେଣେ ମାର ବାହୁନି ବା ବନ୍ଦ ହେଉନଥାଏ । ସେଥିରେ ଉତକ୍ଷିପ୍ତ ହୋଇ ମା କୁ କହିଲେ ତୋର ପ୍ରକୃତି ବଦଳିଲା ନାହିଁ । ତୁ ତୋର ଠାକୁର ଘରକୁ  ନେଇରହ । ଆମେ ବରଂ ଘରୁ ବାହାରି ଯାଉଛୁ । ହାତ ଗୋଡରୁ ବଳ ସରିଲାଣି ତଥାପି ମୁହଁ ଟାଣ ସରୁନି, ନ ମରି କାହିଁକି ବଞ୍ଚିଛୁ କେଜାଣି ? ପୁଅର ଏଇ କେଇ ପଦ କଥାରେ ଏକା ବେଳେକେ ମାର ମୁହଁ ବନ୍ଦ ହୋଇଗଲା । ସେ ଚୁପ୍ ହୋଇ ତଳେ ବସି ପଡିଲା । କେତେ ସମୟ ପରେ ନିଜ ଶୋଇବା ଘରକୁ ଚାଲିଗଲା । ପରେ ପରେ ଶ୍ୱଶୁର ଅର୍ଥାତ କେଶବ ମିଶ୍ର ଘରକୁ ଫେରି ଦେଖିଲେ କୋଠରୀର ଦ୍ୱାର ଭିତର ପଟୁ ବନ୍ଦ ଅଛି । ସେ ଅନେକ ଡାକିବା ପରେ ମଧ୍ୟ କବାଟ ଖୋଲିଲା ନାହିଁ ।ସେ ଶେଷରେ ଦ୍ୱାର ଭଙ୍ଗା ହେଲା, ସିଲିଂ ଫ୍ୟାନରେ ତାଙ୍କର ଝୁଲନ୍ତା ଦେହ ଆବିଷ୍କୃତ ହେଲା । ଏଥିରେ ସମସ୍ତେ ମର୍ମାହତ ହେଲେ । ତାଙ୍କର ପାରମ୍ପରିକ କ୍ରିୟା ସରିବା ପରେ ଶ୍ୱଶୁରଙ୍କ ପାଖରୁ ସରସତା ମଧ୍ୟ ସରିଗଲା । ତାଙ୍କର କର୍ମ ତତପରତା ତଥା ବିଭିନ୍ନ ଅନୁଷ୍ଠାନରେ ସହଯୋଗ ଆଉ ପୂର୍ବପରି ରହିଲା ନାହିଁ । ଏକାକିତ୍ୱକୁ ବରି ନେଇ ସେ ଯେମିତି ଏକ ଭିନ୍ନ ମଣିଷ ହୋଇଗଲେ । ତାଙ୍କର ଏତାଦୃଶ ଆଚରଣକୁ ଲକ୍ଷ୍ୟ କରି ସ୍ୱରାଜ ବେଳେ ବେଳେ ବିରକ୍ତ ପ୍ରକାଶ କରନ୍ତି । ତାଙ୍କ ସହଯୋଗ ନେଇ ସେ ନିଜେ ଥରେ କହିଲା ଯେ, ଗଲାଣି ସେ କଣ ଫେରିଆସିବ ? ଏମିତି ଗୋଷ୍ଠୀ ଛଡାଭାବ ଦେଖାଉଛନ୍ତି କାହିଁକି ? ଯଦି ଭଲ ନ ଲାଗୁଛି ତେବେ ସନ୍ନ୍ୟାସୀ ହୋଇଯାଉ ନାହାଁନ୍ତି ? ତାର ଏହି କଥାକୁ ଶ୍ୱଶୁର ଅର୍ଥାତ କେଶବ ମିଶ୍ର ଆଢୁଆଳରେ ରହି ଶୁଣିଥିଲେ  ।କିଛି ଦିନ ପରେ ସେ ନିଜର ସମସ୍ତ ସଂପତ୍ତିକୁ ସ୍ୱରାଜଙ୍କ ନାଁରେ ଉଇଲ୍ କରି ଦେଲେ । ତାହା ସ୍ୱରାଜଙ୍କୁ ସମର୍ପି କହିଲେ ମୋର ବନ୍ଧୁମାନେ ଏଠାକାର ଜରା ନିବାସରେ ସହୁଛନ୍ତି । ମୁଁ ସେମାନଙ୍କ ପାଖରେ ରହିବାର ସବୁ ବନ୍ଦୋବସ୍ତ କରିସାରିଛି । ଗାଡି ଡାକିଛି ଆଜି ଚାଲିଯିବି । ଏଥର ଘର ଦ୍ୱାର ସବୁ ତମର, ନିଜର ଭବିଷ୍ୟତକୁ ଭଲ କରିବାକୁ ଚେଷ୍ଟା କର । ଏତିକି କହି ସେ ତାଙ୍କର ଆବଶ୍ୟକ ଜିନିଷପତ୍ର ନେଇ ଘରୁ ବାହାରି ଗଲେ । ସ୍ୱରାଜ କହିଲେ, ଠିକ୍ ଅଛି ତମର ସାଙ୍ଗ ସାଥୀଙ୍କ ସହଙ୍କ ସହ ରହିଲେ ମନ ବଦଳି ଯିବ । ପଛ କଥା ଆଉ ମନକୁ ଆସିବ ନାହିଁ । ସ୍ୱରାଜଙ୍କର କଥା କେଶବ ମିଶ୍ରଙ୍କୁ କୌଣସି ଭାବାନ୍ତର ଦେଲା ନାହିଁ । ସେମାନଙ୍କ ପାଖରେ ମଧ୍ୟ ଆଗବଳି ପ୍ରତିକ୍ରିୟା ରହିଲା ନାହିଁ । ସେ ଦିନ ସେ ଖୁସିରେ ଉଛୁଳି ଉଠିଥିଲା । ଏବେ ସେ ସ୍ୱାଧୀନ । ସେମାନେ ସବୁ ସଂପତ୍ତିର ମାଲିକ । ବୁଢା ତେଣେ ଜରା ନିବାସରେ ଯେମିତି ରହୁଛି ରହୁ । ତାଙ୍କ ସହିତ ସେ ଦିନରୁ କୌଣସି ସଂପର୍କ ନାହିଁ । ଆଜି  ନିଜର ଏଇ ବିପଦ ବେଳେ ସେ ତାଙ୍କ ପାଖକୁ ଯିବ ? ସାହାଯ୍ୟ ପାଇଁ ତାଙ୍କୁ ଗୁହାରି କରିବ ? ସେ ଯଦି ତାର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରନ୍ତି .... ? କାହିଁକି ନ କରିବେ ? ଏତେ ଦିନ ଯାଏ ସେମାନେ ତ ତାଙ୍କ ସହିତ ସଂପର୍କ ରଖି ନାହାଁନ୍ତି । ଏମିତି ଭାବନାରେ ପ୍ରଶ୍ନ ବାଚୀ ଶେଷରେ ସେ ସ୍ଥିର କଲା ଯାହା କରନ୍ତୁ ପଛେ ସେ ନିଶ୍ଚୟ ତାଙ୍କ ପାଖକୁ ଯିବ । ତାହାହିଁ କଲା । ଜରା ନିବାସରେ ପହଁଞ୍ଚି କେଶବ ମିଶ୍ରଙ୍କର ସାକ୍ଷାତ ପାଇଁ ପରିଚାଳକଙ୍କୁ ଅନୁରୋଧ କଲା । ସେ ତାଙ୍କୁ ଅପେକ୍ଷା କରିବାକୁ କହି ଭିତରକୁ ଖବର ପଠାଇଲେ । ମାତ୍ର କେଶବ ମିଶ୍ର ଆସିଲେ ନାହିଁ । ଆସିଲେ ତାଙ୍କର ଦୁଇ ବନ୍ଧୁ ଦିନେଶ ଓ ଗୋଲେଖ । ସେମାନେ ଏଲି ସହ ଆଗରୁ  ମଧ୍ୟ ପରିଚିତ । ଏଲି ସେମାନଙ୍କ ଆଗରେ ନିଜର ସବୁ କଥା ଜଣାଇ କୋହ ଆଉ ଲୁହରେ ଭିଜିଗଲା ।

ସେମାନେ ତାଙ୍କୁ ସାନ୍ତ୍ୱନା ଦେବା  ପରେ ଭିତରକୁ ଯାଇ କେଶବ ମିଶ୍ରଙ୍କୁ ସମସ୍ତ ତଥ୍ୟ ଦେଲେ । ସବୁ ଶୁଣିବା ପରେ ସେ ଏକ ଦୀର୍ଘ ଶ୍ୱାସ ଛାଡି ନିରବ ହୋଇ ଗଲେ ।ଏକ ଲୟରେ ଶୂନ୍ୟକୁ ଚାହିଁ ରହିଲେ । ସେ କିଛି ଥଳ କୂଳ ପାଇଲେ ନାହିଁ, ଭାବନା ଭିତରକୁ ଅତର୍କିତ ପଶି  ଆସିଲା ଅତୀତର ଆର୍ତ୍ତନାଦ । ଏଇ ଏଲିକୁ  ଯେତେବେଳେ ସ୍ୱରାଜ ନେଇ ତାଙ୍କ ଘରକୁ ଆସିଲା, ସେତେବେଳେ ତାର ଏଇ ଆକସ୍ମିକ ଅନୁପ୍ରବେଶରେ ପରିସ୍ଥିତି ହଠାତ୍ ବଦଳି ଗଲା । ପାଖ ପଡୋଶୀମାନେ ଘରକୁ ଆସି ଅନେକ ଟାହି ଟାପରା ଫିଙ୍ଗିଲେ ପ୍ରତିବେଶୀ ଜଣେ କହିଲେ କେଶବନନା ତମେ ପରା ଅନ୍ୟ ଜାତିରୁ ଝିଅକୁ ଆଣିବା ଅଥବା ଭଲ ପାଇ ବାହା ହେବାକୁ ଭାରି ଘୃଣା କରୁଥିଲ ? ଅନ୍ୟମାନଙ୍କୁ ତ କମ୍ ବିରୋଧ କରିନାହିଁ । ଏବେ ନିଜ ପୁଅ ବେଳକୁ କେମିତି ଚୁପ୍ ହୋଇ ଯାଉଛ ? ଆଉ ଜଣେ କହିଲେ, ନନା ଶୁଣୁଛ ବୋହୂଟି ତୁମର କୁଆଡେ ମତ୍ସ୍ୟଜୀବି ପରିବାରରୁ ଆସିଛି ? ଯାହା ହେଉ ତାକୁ ପଇସା ଖର୍ଚ୍ଚ କରି ଆଉ ମାଛ କିଣିବାକୁ ପଡିବ ନାହିଁ । ତା କଥାରେ ଯୋଗଦେଇ ଆଉ ଜଣେ କହିଲେ ଛାଡମ ଯେଉଁମାନେ ବେଶୀ ଦେଖେ ମାନଙ୍କୁ ପାଖରେ ସବୁ ଏମିତି ଦେଖାଯାଏ ।ଏ ସବୁ ଶୁଣି ସେତେବେଳେ ତାଙ୍କର ରକ୍ତ ଗରମ ହେଇଯାଉଥିଲା । କିନ୍ତୁ ପୁଅର ଅପକର୍ମ ପାଇଁ ସେ ଚୁପ୍ ରହିବାକୁ ବାଧ୍ୟ ହେଲେ । ପତ୍ନୀ ମଧ୍ୟ ପୁଅ ବୋହୂଙ୍କୁ ଗ୍ରହଣ କରିପାରିଲେ ନାହିଁ । ପରିସ୍ଥିତିକୁ ଆଡେଇ ଯିବା ପାଇଁ ସେମାନେ କିଛି ଦିନ ପାଇଁ କଟକରେ ଯାଇ ରହିଲେ ।

ସେ ସେମାନଙ୍କୁ ପାଖକୁ ନିୟମିତ ଟଙ୍କା ପଠାଉଥିଲେ । ପାଞ୍ଚ ମାସ ପରେ ତାଙ୍କୁ ମୁଣ୍ଡକୁ ଏକ ନୂଆ ପ୍ରସ୍ତାବ ଆସିଲା କିଛି ନିକଟ ସଂପର୍କୀୟଙ୍କୁ ନେଇ ଶ୍ରୀ କ୍ଷେତ୍ର ଯାଇ ବୋହୂକୁ ଜାତି କରାଇ ଘରକୁ ଆଣିଲେ । ହେଲେ ଶାଶୁ ବୋହୂକୁ ପୂର୍ବପରି ଆଦୌ ଗ୍ରହଣ କରିପାରିଲେ ନାହିଁ । ଇତି ମଧ୍ୟରେ ତାଙ୍କର ଅନୁରୋଧ କ୍ରମେ ସ୍ୱରାଜ ଏକ ଘରୋଇ କମ୍ପାନୀରେ ଯୋଗଦେଲା । ସେ ଭାବିଲେ ଏଣିକି ସବୁ କିଛି ଠିକ୍ ହୋଇଯିବ, ହେଲେ ତାହା ନ ହୋଇ ସବୁ ଓଲଟ ପାଲଟ ହୋଇଗଲା । ଏତିକି ବେଳେ ବନ୍ଧୁ ଦିନେଶ ତାଙ୍କୁ ହଲାଇ ଦେଇ କହିଲେ, ଆରେ ଏତେ କଣ ଭାବୁଛୁ ? ଅନେକ ବୁଝାଶୁଝା ପରେ କେଶବ ମିଶ୍ର ଭୁବନେଶ୍ୱର ଯିବାକୁ ରାଜି ହେଲେ । କିନ୍ତୁ ଡି.ଏନ୍.ଏ ଟେଷ୍ଟର ସହଯୋଗକୁ ସଂପୂର୍ଣ୍ଣ ଅସ୍ୱୀକାର କଲେ । ଶେଷରେ ଦୁଇ ବନ୍ଧୁଙ୍କ ସହ ହସ୍‌ପିଟାଲରେ ଯାଇ ପହଁଞ୍ଚିଲେ । ଅନୁସନ୍ଧାନ ପରେ  ବୋହୂର ସନାକ୍ତକୁ ସ୍ୱୀକାର କରି ପାରିଲେନି କେଶବବାବୁ ।

ସେ ଅଫିସରେ ଆଲୋଚନା କରୁଥିବା ବେଳେ ତାଙ୍କର ଜଣେ ପୂର୍ବ ପରିଚିତ ବନ୍ଧୁଙ୍କ ସହ ଦେଖା ହୋଇଗଲା । ତାଙ୍କୁ ଦେଖି ଖୁସି ଝଲସି ଉଠିଲା । ନମସ୍କାର ବିନିମୟ ପରେ କଥା ବାର୍ତ୍ତାରୁ ଜଣିଲେ ସେ ଏଠାକାର ଜଣେ ବଳିଷ୍ଠ ଡାକ୍ତର ।  ଗଭୀର ସମୁଦ୍ରରେ କୂଳ ପାଇବା ପରି ସେ ଯେମିତି ଆଶାର ନଉକା ପାଇଗଲେ । ତାଙ୍କୁ ନିଜର ସମସ୍ୟା ଜଣାଇଲେ । ସାହାଯ୍ୟ ପାଇଁ ବିନମ୍ର ନେବେଦନ କଲେ । ସବୁ ଶୁଣି ଡାକ୍ତର ବିନୟ କହିଲେ, ଏଇନେ ମୁଁ ବ୍ୟସ୍ତ ଅଛି, ଆପଣ ଅପେକ୍ଷା କରନ୍ତୁ ମୁଁ ଆସୁଛି, ଅପେକ୍ଷାର ପ୍ରତି ମିନିଟ୍ ସମସ୍ତଙ୍କ ପାଇଁ ଯୁଗଟିଏ ପରିଲାଗୁଥାଏ । କାହାରି ମୁହଁରୁ କଥା ବାହାରୁ ନଥାଏ । କେଶବ ଭାବିଲେ ଡାକ୍ତର ବିନୟ ଆଉ କଣ ଦେଖା

ଦେବେ ? ଆଜି ଯଦି ତାଙ୍କ ସହ ସାକ୍ଷାତ ନ ହୁଏ ତେବେ ସେ କଣ କରିବେ ? ବଡ ଲୋକଙ୍କର ପାଖରେ ପହଁଞ୍ଚିବା ତ ସେତେ ସହଜ ନୁହେଁ । ପୁଣି ଇଏତ ଡାକ୍ତର , ଶ୍ୱଶୁରୁଙ୍କ ମୁହଁକୁ ଚାହିଁ ଏଲି ମୁହଁ ତଳକୁ କଲା । ଭାବିଲା ଲୋକଟା ସତରେ କେତେ ନିର୍ବିଚଳ ? ନିଜ ପୁଅର ସଂସ୍କାର କରିବାରେ ସେମିତି ସହାନୁଭୂତି ନାହିଁ । କନ୍ତୁ ବାହାରକୁ ଆଦର୍ଶ ଦେଖେଇବାରେ ସୀମା ନାହିଁ । ଭିତରଟା ଯେମିତି କି ନିଆଁ ଲାଗିଗଲା ।

ସେ ତାଙ୍କୁ କଣ କହିବାକୁ ଯାଉଥିଲେ, ଏତିକି ବେଳେ ଡାକ୍ତର ବିନୟ ଆସି କେଶବ ବାବୁଙ୍କୁ କହିଲେ ଆସନ୍ତୁ । ପରେ ଆସିଥିବା ଆଉ କେତେ ଜଣଙ୍କୁ ଦେଖିଆସିବେ । ଅଗତ୍ୟା କେଶବ ବାବୁ ତାଙ୍କୁ ଅନୁସରଣ କଲେ । ଉପଯୁକ୍ତ ପ୍ରିକଶନ ନେଇ ଆଇ ସିୟୁ ଭିତରକୁ ଗଲେ । କେତେକଙ୍କୁ ଦେଖିବା ପରେ ଜଣଙ୍କ ପାଖରେ ସେ ଅଟକି ଗଲା । ତାଙ୍କର ବିମର୍ଷ ତଥା ବିଚଳିତ ଭାବ ଅପସରି ଗଲା ।ହଠାତ୍ ତାଙ୍କ ପାଟିରୁ ବାହାରି ପଡିଲା, ସ୍ୱରାଜ ପଡିରହିଥିବା ସ୍ୱରାଜ ଆଖି ଖୋଲିଲା ସେ ନିଜର ବାପାଙ୍କୁ ଚିହ୍ନି ପାରିଲା । କିନ୍ତୁ କିଛି କହି ପାରିଲା ନାହିଁ । ତାର ଚାହାଣିରେ ଏକ ପ୍ରଶାନ୍ତିର ଭାବ ଫୁଟି ଉଠିଲା । ସେ ଯେମିତି କହିବାକୁ ବାହୁଁଥିଲା, ଏମିତି ଦାରୁଣ ବିପର୍ଯ୍ୟୟ କବଳରୁ ଫେରି ମୁଁ ତୁମକୁ ଦେଖିବି ବୋଲି ଭାବିନଥିଲି ବାପା । କେଶବ ବାବୁ ସ୍ୱରାଜକୁ ଟିକେ ଆଉଁସି ଦେବାକୁ ହାତ ବଢାଇଲେ । ଡାକ୍ତର ଏଥିରୁ ତାଙ୍କୁ ବାରଣ କଲେ ।ସ୍ୱରାଜର ଚାରି ପାଖରେ ଚିକିତ୍ସା ବିଜ୍ଞାନର ଯନ୍ତ୍ର ସବୁ କାର୍ଯ୍ୟରେ ଲାଗିଥାନ୍ତି ।

ପ୍ରଗାଢ ପ୍ରଶାନ୍ତିରେ ପୁଅକୁ ନିରୀକ୍ଷଣ କରୁଥିଲାବେଳେ ଡାକ୍ତରଙ୍କ ଡାକରାରେ ସେ ବାହାରକୁ ଆସିଲେ । ତାଙ୍କ ମୁହଁରେ ବିକଶିତ ଖୁସିର ଝଲକ ଦେଖି ଦୁଇବନ୍ଧୁ ଜିଜ୍ଞାସା ଦୃଷ୍ଟିରେ ଚାହିଁଲେ । ଉଦ୍ବେଗ୍ୟ ଅନୁଭବୀ କେଶବ ବାବୁ ସ୍ୱରାଜର ସାଂପ୍ରତିକ ସ୍ଥିତିର ତଥ୍ୟ ଦେଲେ । ତାହା ଶୁଣି ସେମାନେ ଆଶ୍ୱସ୍ତ ହେଲେ । ଏକ ଅକଳ୍ପନୀୟ ଉଲ୍ଲାସରେ ଆତ୍ମହରା ହୋଇଗଲା ଏଲି । ତା ଆଖିରୁ କେଇ ଟୋପା ଲୁହଝରି ପଡିଲା । ଡାକ୍ତର ବିନୟ କହିଲେ, ପେସେଣ୍ଟ ସଂପୂର୍ଣ୍ଣ ବିପଦ ମୁକ୍ତ । ତାଙ୍କ ପାଇଁ ଆଉ କିଛି ଚିନ୍ତା ନାହିଁ, ଏବେ ମୁଁ ତାଙ୍କର ସଂପୂର୍ଣ୍ଣ ଦାୟିତ୍ୱ ନେବି । ଆପଣମାନେ ଆଉ ବ୍ୟସ୍ତ ହୁଅନ୍ତୁ ନାହିଁ । ଏସବୁ ଶୁଣିବା ପରେ ବନ୍ଧୁ ଗୋଲେଖ ମୁରୁକି ହସି କହିଲେ, ଦେଖ କେଶବ ତୁ ଆସିବାରୁ ସିନା ସ୍ୱରାଜ ମିଳିଲା, ଦିନେଶ ବାବୁ କହିଲେ ସେ କଥା ଠିକ୍, ହେଲେ ତୁ କାହିଁକି ଡି.ଏନ୍.ଏ ଟେଷ୍ଟକୁ ବିରୋଧ କରୁଥିଲୁ ? ବନ୍ଧୁଙ୍କର କଥାକୁ ଏଡାଇ ଯିବା ପାଇଁ କେଶବ ବାବୁ ଅନ୍ୟ ପ୍ରସଙ୍ଗ ଅବତାରଣା କଲେ । କିନ୍ତୁ ନିଜ କଥାରୁ ଜମା ଘୁଞ୍ଚିଲେ ନାହିଁ ଦିନେଶ । ତୋର କଣ କବିତା ଲେଖିବାକୁ ଇଚ୍ଛା ହେଲା ? ସ୍ମିତ ହସି କଥାଟି ଫୋପାଡି ଦେଲେ ଗୋଲେଖ ବାବୁ । ତାର କୌଣସି ଉତ୍ତର ନ ରଖି ପୁନଶ୍ଚ କହିଲେ କେଶବ ବାବୁ ।ସେହି ସମୟରେ ଏକ ଶିଶୁର କାନ୍ଦ ଶୁଭିଲା ମୁଁ ସେହି ଦିଗକୁ ଆଗେଇ ଗଲି । ଦେଖିଲି ଶାଳ ଗଛ ଆଡୁଆଳରେ ଏକାକି ପିଲାଟିଏ କାନ୍ଦୁଛି ।ଭାବିଲି ଆଖ ପାଖରେ ତାର ମା ହୁଏତ ଥିବ ? ତାକୁ କଣ ପିଲାର କାନ୍ଦ ଶୁଭୁନି ? ଏଣେ ତେଣେ ଚାହିଁ ବଡ ପାଟିରେ ଅନେକ ଡାକିଲି । କୌଣସି ଉତ୍ତର ଆସିଲା ନାହିଁ । ମୁଁ ପିଲାଟି ପାଖରେ ବସିଲି, ତା ଆଡକୁ ହାତ ବଢାଇବା ମାତ୍ରେ ସେ ମୋର ଆଙ୍ଗୁଠିକୁ ମୁଠେଇ ଧରିଲା । ଭାବିଲି ବଡ ଅଡୁଆରେ ପଡିଲା ମଣିଷ, ଅନେକ ସମୟ ଅପେକ୍ଷା ପରେ ଫେରିବାକୁ ମନସ୍ଥ କଲି, କିନ୍ତୁ ମୋର ପାଦ ଯେମିତି ଚଳିଲା ନାହିଁ ।

ଭାବିଲି ପିଲାଟିକୁ ଏକୁଟିଆ ଏମିତି ଛାଡିଗଲେ ନିଶ୍ଚୟ ବଣୁଆ ଜୀବଙ୍କର ଆହାର ହୋଇଯିବ । ତେଣୁ ଅନ୍ୟଉପାୟ ନ ଦେଖି ନିଜ ସାଥିରେ ନେଇ ଆସିଲି । ଘରେ ପହଁଞ୍ଚି ସବିତାଙ୍କୁ ସବୁ କହିଲି । ସେ ପିଲାର ମୁହଁକୁ ଓ ମୋ ମୁହଁକୁ ଚାହିଁ ରହିଲେ । ତାଙ୍କ ଚାହାଣିର ସମାଧାନ ସ୍ୱରୂପ କାଲି ଏହାକୁ ଥାନାରେ ପୋଲିସ୍ ଜିମା ଦେଇଦେବି । ସେମାନେ ଯାହା କରିବେ । ସବିତା ନୀରବତା ଭାଙ୍ଗି କହିଲେ ତମ ପରି ବୋକା ବ୍ୟାଙ୍କ ଚାକିରି ପାଇଲେ କେମିତି କେଜାଣି ? ଭଗବାନ ଆମର ଦୁଃଖ ଜାଣି ଏହାକୁ ଦେଇଛନ୍ତି । ତା ନ ହୋଇଥିଲେ ଜଙ୍ଗଲକୁ ପିଲାଟି ଆସିଲା ହେଉଁଠୁ ? ତାଙ୍କର କଥାକୁ ମୁଁ ବିରୋଧକରି ପାରିଲି ନାହିଁ । ଭାବିଲି ରାତି ପାହିଲେ ଯାହାହେବ ଦେଖା ଯିବ ।

ସବିତା ସାରା ରାତି ତାର ସେବାଯତ୍ନରେ ରହିଲେ । ପରେ ଅନୁସନ୍ଧାନରୁ ତାର କୌଣସି ସଂପର୍କୀୟଙ୍କ ସୂଚନା ମିଳିଲା ନାହିଁ । ତିନି ଦିନ ପରେ ମୋର କୋଲକତାକୁ ବଦଳି ହୋଇଗଲା । ଇତି ମଧ୍ୟରେ ସବିତା ତାର ନା ରଖିଥିଲେ ସ୍ୱରାଜ ସମସ୍ତେ ଜାଣିଲେ ସ୍ୱରାଜ ଆମର ଏକ ମାତ୍ର ସନ୍ତାନ । ସେ ତାକୁ ଯେମିତି ସ୍ନେହ କରୁଥିଲେ କେହି ନିଜର ପିଲାକୁ ଏତେ ଆଦର କରୁନଥିବ । ତାଙ୍କର ଅତ୍ୟଧିକ ମମତାରୁ ସେ ବେଳେ ବେଳେ ଲଗାମ ଛଡା ହୋଇଛି ।ଏତକ କହିବା ପରେ କେଶବ ବାବୁ ଏକ ଦୀର୍ଘଶ୍ୱାସ ଛାଡି ବନ୍ଧୁଙ୍କ ଆଡକୁ ଚାହିଁଲେ । ସେମାନେ ଏକ ଲୟରେ ତାଙ୍କ ଆଡକୁ ଚାହିଁ ରହିଥାନ୍ତି । ନୀରବତା ଭାଙ୍ଗି ସେ ବୋହୂ ଉଦ୍ଦେଶ୍ୟରେ କହିଲେ ଡାକ୍ତର ତ କହିଲେ ଆଉ କିଛି ଅସୁବିଧା ନାହିଁ । ସେ ମଧ୍ୟ ସମସ୍ତ ପ୍ରକାର ସାହାଯ୍ୟ କରିବେ ଏବେ ଆମେ ଆସୁଛୁ ? ତାଙ୍କର କଥା ଶୁଣି ଅନୁତାପରେ ବିଚଳିତ ହୋଇସାରିଥିଲେ ଏଲି ତା ଆଖିର ଲୁହ ହଠାତ୍ ଝରଣା ହୋଇ ଗଲା । କାନ୍ଦ କାନ୍ଦ ହୋଇ ସେ କହିଲା ଆପଣ ଆଉ ଜରା ନିବାସକୁ ଯାନ୍ତୁ ନାହିଁ ଆମ ସାଥୀରେ ରୁହନ୍ତୁ । ତାର ଅନୁନୟ ପ୍ରତି ସହାନୁଭୂତି ମିଶ୍ରିତ ଉତ୍ତର ମିଳିଲା । ନାହିଁରେ ମା , ମୁଁ ଯେଉଁଠି ଅଛି ଭଲରେ ଅଛି । ସେଠାରେ ଗୋଲେଖ, ଦିନେଶ ଓ ଅନ୍ୟ ବନ୍ଧୁମାନଙ୍କ ମେଳରେ ବେଶ୍ ଖୁସିରେ ଅଛି । ତାହାହିଁ ମୋର ଉପଯୁକ୍ତ ସ୍ଥାନ ତମ ପ୍ରତି ମୋର ଶୁଭେଚ୍ଛା ରହିଛି ଓ ରହିବ ।

*ରାଜକାନିକା, କେନ୍ଦ୍ରାପଡ଼ା*

*ଦୂରଭାଷ: ୯୯୩୮୬୪୬୦୩୪*





# ଅଦୃଶ୍ୟ

## ଲିପ୍ସା ପଟେଲ

ଏବେ ଯାହା କିଛି କଥାବାର୍ତ୍ତା ହୁଏ, ତାହା କେବଳ କସ୍ତୁରୀ ଓ ତରୁଣଙ୍କ ଭିତରେ ହିଁ ସୀମିତ ରହିଯାଏ। କସ୍ତୁରୀ ହିଁ ଥାଏ ସବୁଦିନ ତରୁଣଙ୍କ ଆଖି ସାମ୍ନାରେ, ଦିନରୁ ରାତି ଯାଏଁ, ସକାଳୁ ଆଖିଖୋଲିବାଠାରୁ ଆରମ୍ଭ କରି ରାତିରେ ନିଦ୍ରା ଯିବା ପର୍ଯ୍ୟନ୍ତ ସେ ସେମିତି ଝରକା ରେଲିଂରେ ଆଉଜି ହୋଇ ରହିଥାଏ। ତରୁଣ କିଛି କହିଲେ ସେ ଝୁଙ୍କି ଆସେ ତାଙ୍କ ପଟେ। ମନଦେଇ ତାଙ୍କ କଥା ଶୁଣେ। ନିଛାଟିଆ ଘର ଭିତରେ ଅନ୍ତତଃ ଏଇ କସ୍ତୁରୀ ଅଛି ବୋଲି ତରୁଣଙ୍କ ଶବ୍ଦ ସବୁ ବ୍ୟର୍ଥ ଯାଉନି !

ସକାଳୁ ପୁଅ ବୋହୂ ଚାଲିଯାନ୍ତି ନିଜ ନିଜ କାମରେ। ରାନ୍ଧୁଣୀଟା ଆସି ରୋଷେଇ କରିଦିଏ ଓ ତରୁଣଙ୍କୁ ଖାଇବା ଦେଇଦିଏ। ଏଇ କସ୍ତୁରୀ କିନ୍ତୁ ମୁହଁ ଫୁଲାଏ। ସେ ରାନ୍ଧୁଣୀ କମଳିନୀକୁ ଆଡ ଆଖିରେ ଚାହେଁନି। ତା'ର ଇଚ୍ଛା ହୁଏ ସେ ତରୁଣଙ୍କୁ ନିଜ ହାତରେ ଖୁଆଇଦିଅନ୍ତା; ମାତ୍ର ତା' ହାତ ତ ବନ୍ଧା ପଡିଛି ଏଇ ଝରକା ରେଲିଂରେ। ସେ କେବଳ ତରୁଣଙ୍କୁ ଦେଖିପାରିବ ଓ ଶୁଣିପାରିବ, ଏତିକି ହିଁ ସ୍ୱାଧୀନତା ମିଳିଛି ତାକୁ। ତରୁଣ ନିଜ ପକ୍ଷାଘାତ ଦେହଟିକୁ କମଳିନୀର ସହାୟତାରେ ଉଠାଇ, ଥରୁଥିବା ବାଁ ହାତରେ ଯାହା ଯେତିକି ଖାଇଦିଅନ୍ତି। କସ୍ତୁରୀ ମୁହଁ ଫେରାଇ ନିଜ ଲୁହକୁ ଲୁଚାଏ। ତରୁଣଙ୍କ ଏପରି ଅବସ୍ଥାରେ ମଧ୍ୟ ସେ ତାଙ୍କୁ ଛୁଇଁ ପାରୁନି, ଖୁଆଇ ପାରୁନି ବୋଲି ମନ ଊଣା କରେ।

ଏଇ କୋଠରୀ, ଏଇ ଖଟ, ଏଇ ଖୋଲା ଝରକା ଓ ସେଥିରେ ଆଉଜିହୋଇ ରହିଥିବା କସ୍ତୁରୀ...ଏତିକି ତ ଏବେ ତରୁଣଙ୍କର ସମ୍ବଳ। ପୁଅ, ବୋହୂଙ୍କୁ ଦୋଷ ଦେଇ ଲାଭ ନାହିଁ। କାରଣ ଏଇ ସହରର ହୁ, ହୁ ହୋଇ ବଢୁଥିବା ଦରଦାମ, ଜୀବନଶୈଳୀ ଓ ଉଚ୍ଚ ଅଭିଳାଷ ପାଇଁ ଦୁହିଁଙ୍କୁ ଚାକିରି କରିବା ନିହାତି ଜରୁରୀ। ନିଜର ସଉକ ନୁହେଁ ବରଂ ଏକ ବିବଶତାରେ ବନ୍ଧା ପଡିଛନ୍ତି ପୁଅ ଓ ବୋହୂ। ଏଇ ଘରେ ତରୁଣଙ୍କୁ ରହିବାକୁ ଦେଇଛନ୍ତି, ତାହା ହିଁ ଯଥେଷ୍ଟ। ଆଜିକାଲିର ପିଲାଙ୍କ ପରି କୌଣସି ବୃଦ୍ଧାଶ୍ରମରେ ଅବା ଚିକିତ୍ସା କେନ୍ଦ୍ରରେ ମାସିକିଆ ଖର୍ଚ୍ଚ ଦେଇ ତ ପକାଇ ଦେଇନାହାନ୍ତି, ସେଥିପାଇଁ ସେ କୃତଜ୍ଞ ବୀଣାଙ୍କ ପାଖରେ।

ବୀଣା ତାଙ୍କର ଜୀବନସଙ୍ଗିନୀ। ଦୀର୍ଘ ଚାଳିଶ ବର୍ଷର ଦାମ୍ପତ୍ୟ ମୋହର ଲାଗିଥିଲା ତାଙ୍କ ଜୀବନରେ। ଏଇ ଦୁଇ ବର୍ଷ ତଳେ ସେ ସମସ୍ତଙ୍କୁ ଛାଡି ଚାଲିଗଲେ; କିନ୍ତୁ ତରୁଣଙ୍କୁ ବେଶି ହିଁ ଏକଲା କରିଗଲେ। ଗଲା ବେଳେ ଏଇ କସ୍ତୁରୀର ମୋହରେ ବାନ୍ଧି ଦେଇଗଲେ। କସ୍ତୁରୀ ମଧ୍ୟ ବୀଣାଙ୍କ କଥା ମାନି ତରୁଣଙ୍କ କଥାକୁ ମନ ଦେଇ ଶୁଣୁଛି, ସୁଖ ଦୁଃଖ ବାଣ୍ଟୁଛି। ପୁଅକୁ ଭଲ ସଂସ୍କାର ଦେଇଥିଲେ ବୀଣା ବୋଲି ଆଜି ପକ୍ଷାଘାତ ରୋଗୀକୁ ଘରେ ସ୍ଥାନ ଦେଇଛି, ସମୟ ଥିଲେ ପାଖରେ ବସୁଛି। ଅନ୍ତତଃ ଘୃଣା ତ କରୁନି ! ଦୁଇ ଝିଅଙ୍କୁ ଚାକିରି କାଳ ଭିତରେ ହିଁ ବାହା କରାଇଦେଇଥିଲେ। ପୁଅ ନିଜ ଇଚ୍ଛାରେ ବାହା ହେଲେ ମଧ୍ୟ ବୋହୂଟା ଭଲ। ଘରକୁ ଠିକ ଭାବରେ ସମ୍ଭାଳି ନେଉଛି। ଏଇ ଚାକରବାକରଙ୍କୁ ଭଲ ଭାବରେ କାବୁ କରିପାରିଛି ନହେଲେ ଆଜିକାଲିକାର ଚାକର, ମାଲିକଠାରୁ ବଳି ନିଜକୁ ଭାବନ୍ତି। ଦେଖିବାକୁ ଗଲେ ଏଇ ପକ୍ଷାଘାତ ରୋଗ ବ୍ୟତୀତ ଆଉ ସବୁକିଛି ସୁଚାରୁରୂପେ ଚାଲିଛି ତରୁଣଙ୍କ ସଂସାରରେ। ମାତ୍ର କସ୍ତୁରୀର ଆନୁଗତ୍ୟ ଓ ସହଚର୍ଯ୍ୟରେ ଆଉ ବାଧକ ସାଜୁନି ଏଇ ବ୍ୟାଧି।

କମଳିନୀକୁ କହିଲେ ପୁରୁଣା ଗୀତ ଟିକେ ଟେପ ରେକର୍ଡରେ ବଜାଇଦିଏ। ତରୁଣଙ୍କ ସ୍ମୃତି ସବୁ ଓଦା ଓଦା ହୋଇଯାଏ। କସ୍ତୁରୀର ଅଙ୍ଗଭଙ୍ଗୀ ବଦଳିଯାଏ। ସେ ତରୁଣଙ୍କ ଆଖିରେ ଆହୁରି ଲାବଣ୍ୟମୟୀ ଦେଖାଯାଏ। ସେ ଲାଜେଇ ଲାଜେଇ ଝର୍କା ରେଲିଂକୁ ଆହୁରି ଜୋରରେ ଧରି ନିଜକୁ ସମ୍ଭାଳି ନିଏ। ରାନ୍ଧୁଣୀ କମଳିନୀ ତାକୁ ପାଣି ଟିକିଏ ଦେଲେ, ସେ ମୁହଁ ମୋଡ଼େ। ବଂଚିରହିବା ପାଇଁ ନିଜ ଶତ୍ରୁ ହାତରୁ ପାଣି ପିଇବାକୁ ପଡୁଛି ଦେଖ ବୋଲି ତରୁଣଙ୍କୁ ଅଭିଯୋଗ କରେ।

କମଳିନୀ ଚାଲିଗଲା ବେଳେ ଟେପ ରେକର୍ଡରକୁ ବନ୍ଦ କରିଦିଏ ଓ ଦର୍ଜାରେ ତାଲା ପକାଇଦିଏ। ତା'ପରେ ଆରମ୍ଭ ହୁଏ କସ୍ତୁରୀର କଥାବାର୍ତ୍ତା। ମନ ଖୋଲି ସେ ତରୁଣଙ୍କ ସହ ଗପେ। ତରୁଣ କେବଳ ଝରକା ସେପଟେ ଖୋଲା ଆକାଶକୁ ହିଁ ଦେଖିପାରନ୍ତି। ଝରକା ସେପଟର ଘରଦ୍ୱାର, ଲୋକବାକ ଓ କହିବାକୁ ଗଲେ ଝରକା ସେପଟର ପୃଥିବୀକୁ କସ୍ତୁରୀ ହିଁ ତରୁଣଙ୍କ ସାମ୍ନାରେ ବଖାଣେ। ତା' ଆଖିରେ ତରୁଣ ଦେଖନ୍ତି ସେଇ ପୃଥିବୀକୁ ଯାହାର ଦୃଶ୍ୟ ବିଗତ କିଛି ମାସ ଧରି ଦୂରେଇ ଯାଇଥିଲା ତାଙ୍କ ଆଖିରୁ।

ସନ୍ଧ୍ୟାରେ ପୁଅ, ବୋହୂ ଫେରିଲା ବେଳେ ନାତି ଟୋକାର ମେସେଜ ପାଇଲେ ଯେ ସେ ଓ ବଡ଼ ଝିଅର ପୁଅ, ଦୁଇ ଭାଇ ମିଶିକି ବାଙ୍ଗାଲୋରରୁ ଘରକୁ ଆସିବେ। କିଛି ଦିନ ବିତେଇବେ ସେମାନଙ୍କ ସହିତ। ଦୁଇ ଜଣ ବାଙ୍ଗାଲୋରରେ କମ୍ପ୍ୟୁଟର ଇଞ୍ଜିନିୟର। ଆର ସପ୍ତାହରେ ପହଞ୍ଚିବେ ସେମାନେ। ତରୁଣଙ୍କ କାନରେ ଏକଥା ପଡ଼ିଲାରୁ ସେ କାନ୍ଦି ପକାଇଲେ। ଯେଉଁ ଦୁଇଟି ନାତି ଟୋକାଙ୍କୁ ସେ ଦୁଇ କାନ୍ଧରେ ବସାଇ ସବୁଆଡେ ବୁଲାଉଥିଲେ, ଏବେ ସେମାନେ ତାଙ୍କୁ ଏଇ ଅବସ୍ଥାରେ ଦେଖି ନିଶ୍ଚୟ ଦୁଃଖ କରିବେ। ଯଦି ତାଙ୍କ ରୋଗକୁ ଦେଖି ଘୃଣା କରିବେ ତେବେ ତାହା ମୃତ୍ୟୁରୁ ବଳିଯିବ।

କସ୍ତୁରୀ ଠିକ ବୁଝିପାରୁଥିଲା ତରୁଣଙ୍କ କଷ୍ଟ। ସେ ଏକ ଲୟରେ ଅନାଇ ରହିଥିଲା ତାଙ୍କ ପଟେ। ତରୁଣ ତା' ସହ ଗପିଲେ ବିଗତ ଦିନମାନଙ୍କର କଥା। ଏଇ ଦୁଇଟି ନାତି ଟୋକାଙ୍କର ବଦମାସୀ ଓ ଚଗଲାମୀ କଥା। ମନ ଦେଇ ଶୁଣୁଥିଲା କସ୍ତୁରୀ।

ଆର ସପ୍ତାହରେ ପହଞ୍ଚିଗଲେ ଦୁଇ ନାତିଟୋକା। ତାଙ୍କୁ ଦେଖି ତରୁଣଙ୍କ ଆଖି ଭରିଗଲା। ଏତେ କୁନି କୁନି ପିଲା ଦିଟା ଏତେ ଶୀଘ୍ର ବଡ ହୋଇଯାଉଛନ୍ତି। ଗୋଟିଏ ନାତି ତାଙ୍କ ପାଇଁ ଆଣି ଦେଇଥିଲା ୱାଟର୍ ବେଡ ଓ ଅନ୍ୟ ଜଣକ ବାଇନା କୁଲର୍। ଦୁହେଁ ମିଶି ୱାଟର୍ ବେଡ୍‌ରେ ପାଣି ଭରି ସେଥିରେ ଶୁଆଇ ଦେଲେ ତରୁଣଙ୍କୁ। ଟିକିଏ ଅଖାଡୁଆ ଲାଗୁଥିଲା ତାଙ୍କୁ। ମାତ୍ର ଏଥିରେ ଶୋଇଲେ ଆଉ ବେଡ୍‌ସୋର୍ ହେବନି। ଓଃ ! ସତରେ କି କଷ୍ଟ ଦେହରେ ଏତେସବୁ ଘା'। ସେଇ ଦୂରବୀକ୍ଷଣ ଯନ୍ତ୍ରଟିକୁ ତାଙ୍କ ବେକରେ

ଗଳାଇଦେଲା ନାତିଟୋକା। ବାଁ ହାତରେ ତାକୁ ଆଖି ପାଖରେ ରଖି ସେ ଦେଖିପାରିବେ ଝରକା ସେପଟର ଦୃଶ୍ୟ। ଏବେ ଆଉ ଏକୁଟିଆ ବିରକ୍ତ ହେବେନି ବୋଲି ଏଇଟାକୁ ଆଣିଦେଇଛି ସେ। ୱାଟର୍ ବେଡ ପାଇଁ ଖଟର ଉଚ୍ଚତା ମଧ୍ୟ ବଢ଼ିଯାଇଛି ଓ ତରୁଣ ଠିକ ଭାବରେ ଦୂରବୀକ୍ଷଣ ଯନ୍ତ୍ରରେ ଦେଖି ପାରୁଛନ୍ତି ବାହାର ଦୁନିଆକୁ।

କସ୍ତୁରୀ କିନ୍ତୁ ଏବେ ପୂରା ଚୁପ। ତରୁଣ ତାକୁ କହିଲେ, ବାହାରେ ଗୋଟିଏ ଆମ୍ବଗଛ ଓ ସେଥିରେ ଗୁଣ୍ଡୁଚିମୂଷା ରହିବା କଥା ଏତେ ଦିନରୁ ତା" ମୁହଁରୁ ଶୁଣି ଆସୁଥିଲେ। ଆଜି ନିଜେ ଏଇ ଯନ୍ତ୍ର ମାଧ୍ୟମରେ ଏତକ ଦେଖି ସତରେ ସେ ଖୁବ୍ ଖୁସି। ସକାଳୁ ଜଳଖିଆ ଖାଇସାରିଲା ପରେ ପୁଣି ସେଇ ଯନ୍ତ୍ରକୁ ଆଖିରେ ଲଗାଇ ଝରକା ସେପଟେ ଦେଖିବାକୁ ଲାଗିଲେ ତରୁଣ। କେତେ କେତେ କୋଠାଘର ତିଆରି ହୋଇଗଲାଣି ତାଙ୍କ ଆଖପାଖରେ। ଏକଥା ବି କହିଥିଲା କସ୍ତୁରୀ। ଘର ତିଆରି ଯନ୍ତ୍ରସବୁର ଅସହ୍ୟ ଘର୍ଘର ଶବ୍ଦରେ କାନ ଫାଟିଯାଉଥିଲା ବେଳେ କସ୍ତୁରୀ କହୁଥିଲା କେମିତି କାମ ଚାଲିଛି ଏଇ ଆଖପାଖରେ। ବେଳେ ବେଳେ ନାତି ଦୁଇଟା ଆସି ତାଙ୍କ ସହ କଥାବାର୍ତ୍ତା କରୁଥିଲେ। କ'ଣ କ'ଣ ସେ ଦେଖୁଛନ୍ତି ଏଇ ଦୂରବୀକ୍ଷଣ ଯନ୍ତ୍ରଟିରେ ବୋଲି ପଚାରୁଥିଲେ। ନିଜ ଚେଷ୍ଟାରେ ଥଙ୍ଗେଇ ଥଙ୍ଗେଇ ଯେତିକି ପାରନ୍ତି ଉତ୍ତର ଦିଅନ୍ତି ତରୁଣ। ତାଙ୍କର ଡାହାଣ ପାର୍ଶ୍ୱ ପକ୍ଷାଘାତ ଆକ୍ରାନ୍ତ। ତେଣୁ ବାଁ ହାତରେ ହିଁ ଖାଆନ୍ତି ଓ ଅନ୍ୟ ଯାହା ଛୋଟ ଛୋଟ କାମ କରନ୍ତି। ସେଇ ବାଁ ହାତରେ ସାଉଁଳେଇ ଦେଲେ ଦୁଇ ନାତିଙ୍କର ମୁଣ୍ଡ।

ପରଦିନ ସକାଳୁ ପୁଣି ଆଗ୍ରହର ସହିତ ଦେଖିଲେ ସେଇ ଦୂରବୀକ୍ଷଣ ଯନ୍ତ୍ରଟିରେ। କସ୍ତୁରୀ ଆଉ ବତାଉନି ତାଙ୍କୁ ବାହାର ଦୁନିଆର କଥା। ମନେ ମନେ ସେ ନାତି ଦୁଇଟାକୁ ରାଗୁଛି। ଏଇ ଯନ୍ତ୍ରଟା ଧରାଇଦେଲେ ବୋଲି ଖରାପ ହୋଇଗଲା ସେମାନଙ୍କର ସମ୍ପର୍କ। ତରୁଣ ଆଉ ଶୁଣୁନାହାନ୍ତି ତା' କଥା କି ପଚାରୁନାହାନ୍ତି କିଛି। ସେ ଗୁମସୁମ ହୋଇ ସେମିତି ଆଉଜି ରହିଛି ଝରକା ପାଖରେ। ଆଜି କିନ୍ତୁ ତରୁଣ ଏମିତି କିଛି ଦୃଶ୍ୟ ଦେଖିଲେ ଯାହା ତାଙ୍କୁ ରୋମାଞ୍ଚିତ କରିଦେଲା। ତାଙ୍କ ମୁହଁରେ ସ୍ପଷ୍ଟ ବାରିହୋଇ ପଡୁଥିଲା ଏଇ ଉତ୍ତେଜନା। ଦୂର ଏକ କୋଠାର ଛାତରେ ସୁନ୍ଦରୀ ନାରୀଟିଏ ସଦ୍ୟ ପଖଳା କେଶକୁ କି ଆନନ୍ଦରେ ଝାଡୁଥିଲା ! ତା' ଓଦା ଲୁଗା ତଳେ ଝାପ୍ସା ଝାପ୍ସା ତା ଯୌବନ ଉତ୍ତାଳ ଢେଉ ଭାଙ୍ଗୁଥିଲା। କେମିତି ଏକ ଉତ୍ତେଜନାରେ ଭରିଗଲେ ତରୁଣ। କସ୍ତୁରୀକୁ ଟିକିଏ ଚଢ଼ା ଗଳାରେ କହିଲେ, ତୁ ମୋତେ ଠକୁଥିଲୁ। ଏତେ ସୁନ୍ଦର ପୃଥବୀଟାକୁ ତୁ ଠିକ୍ ଭାବରେ ମୋତେ ବଖାଣୁନଥିଲୁ।

କସ୍ତୁରୀ ମଧ୍ୟ ତା' ମନର ଅଭିମାନକୁ ତରୁଣଙ୍କ ଉପରେ ଶୁଝାଇ କହିଲା, ମୁଁ ସଞ୍ଜୟ ନୁହେଁ କି ତୁମେ ଧୃତରାଷ୍ଟ୍ର ନୁହଁ। ଏଇଠି କୌଣସି ମହାଭାରତ ଲେଖାଯାଉନି ଯେ ମୁଁ ତୁମକୁ ଟିକିନିଖି ବିବରଣୀ ଦେଉଥିବି। ପୁଣି ଏକ ଅଦ୍ଭୁତ ରୋମାଞ୍ଚରେ ତରୁଣ ସେଇ ଦୂରବୀକ୍ଷଣ ଯନ୍ତ୍ରଟିରେ ନିରୀକ୍ଷଣ କରିବସିଲେ; କିନ୍ତୁ ଆଉ ଦେଖା ଯାଉନି ସେହି ସ୍ତ୍ରୀଲୋକଟି। ବ୍ୟସ୍ତ ହୋଇ ଖୋଜିଲା ପରି ଆହୁରି ପାଖକୁ ନେଇ ଯାଉଥିଲେ ସେଇ ଯନ୍ତ୍ରଟିକୁ। କସ୍ତୁରୀ କଟାକ୍ଷ କରି କହିଲା, ଏତେ ଆଉ ଦେଖନି। ସେ ଲାବଣ୍ୟର ଜ୍ୟୋତିରେ ଆଖି କଣା ହୋଇଯିବ। ତରୁଣ ଏମିତି କଥା କସ୍ତୁରୀଠାରୁ ଶୁଣି ଚିଡ଼ିଗଲେ। ଓଲଟି ପ୍ରଶ୍ନ କଲେ, କାହିଁକି ତୁ ମୋତେ କହିନଥିଲୁ ସେ କୋଠାରେ ଏତେ ସୁନ୍ଦରୀ ସ୍ତ୍ରୀଲୋକଟିଏ ରହେ ବୋଲି ? କସ୍ତୁରୀ ଆଉ କିଛି କହିଲାନି।

ଦୂରବୀକ୍ଷଣ ଯନ୍ତ୍ରଟି ସହ ବେଶ ଉପଭୋଗ କରୁଛନ୍ତି ତରୁଣ। ସେ ଆଉ କସ୍ତୁରୀ ସହ ବେଶି କଥାବାର୍ତ୍ତା କରୁନାହାନ୍ତି। ନାତି ତାଙ୍କ ହାତରେ ସେଇ ଯନ୍ତ୍ରଟି ଧରାଇଦେବାର ତେର ଦିନ ହୋଇଗଲାଣି। ଏଇ ତେରଦିନ ଭିତରେ ତେର ଥର ମଧ୍ୟ ସେ କସ୍ତୁରୀ ସହ କଥାବାର୍ତ୍ତା କରିନାହାନ୍ତି। ହଠାତ୍ ନିଦରୁ ଉଠିଲା ବେଳେ କେମିତି ଚାଉଁ କିନା ତରୁଣଙ୍କ ଛାତି। କସ୍ତୁରୀ କହିଥିବା କଥାସବୁ ତାଙ୍କର ମନେ ପଡ଼ିଗଲା। ଏଇ ଯନ୍ତ୍ରଟିର ମୋହରେ ପଡ଼ି ଦୂର ଜିନିଷ, ଦୂର ବନ୍ଧୁ ତମକୁ ଏବେ ଭଲ ଲାଗୁଛନ୍ତି; ମାତ୍ର ମୁଁ ତ ପାଖରେ ଅଛି। ମୋ ପାଇଁ ଏଇ ଯନ୍ତ୍ର ଲୋଡ଼ାନାହିଁ। ଝରକା ପଟେ ଅନାଇଲେ, ଦେଖାଗଲାନି କସ୍ତୁରୀ। ସଙ୍ଗେ ସଙ୍ଗେ ଯନ୍ତ୍ରଟିକୁ ଆଖିରେ ଲଗାଇ ଦେଖିଲେ ଝରକା ପାଖରେ ଯେଉଁଠି କସ୍ତୁରୀ ଆଉଜି ହୋଇ ରହେ। କିନ୍ତୁ କସ୍ତୁରୀ ତା' ଜାଗାରେ ନାହିଁ। ଯନ୍ତ୍ରଟିକୁ ତଳେ ପକାଇ ଖୋଜିଲେ କସ୍ତୁରୀକୁ । ପାଟି କଲେ, ତାକୁ ଡାକିବାକୁ ଚେଷ୍ଟା କଲେ। ତାଙ୍କ ପାଟି ଶୁଣି ଦୁଇ ନାତିଟୋକା ଧାଇଁ ଆସିଲେ। ଅଜାଙ୍କ ପାଟିରୁ କସ୍ତୁରୀ ନାଁଟି ଶୁଣି ପରସ୍ପର ମୁହଁ ଦେଖାଦେଖି ହେଲେ। ବାଁ ହାତରେ ତରୁଣ ଝରକା ପଟେ ଠାରି ପଚାରିଲେ। ତଥାପି ସେମାନେ ବୁଝିପାରୁନଥିଲେ। ତୋ ଆଇ... ରଖି ଦେଇଥିଲା। ଏତକ ଶୁଣି ନାତିଟୋକା କହିଲା, ସେଇ ମନିପ୍ଲାଣ୍ଟ ଗଛ ? କାଲି ଇଣ୍ଟରନେଟରେ ଦେଖିଲି, ରୋଗୀଙ୍କ ବଖରାରେ ମନିପ୍ଲାଣ୍ଟ ରଖିବା ଅଶୁଭସୂଚକ; ତେଣୁ ତାକୁ ନେଇ ବାହାର ଗମଲାରେ ପୋତି ଦେଇଛି। ତୁମେ ଚିନ୍ତା କରନି ଅଜା, ତୁମ କସ୍ତୁରୀ ସୂର୍ଯ୍ୟ କିରଣରେ ବେଶ ଚମକୁଛି।

ତରୁଣ ଆଉ କିଛି ନକହି ସେମିତି ହିଁ ଅନାଇ ରହିଲେ ଝରକା ପଟେ। ନିଜଠାରୁ ଦୂରେଇ ଗଲେ ହିଁ କୌଣସି ବସ୍ତୁର ଅବା ମଣିଷର ମହତ୍ତ୍ୱ ଜଣାପଡେ ବୋଲି ଗୁମୁରି ଗୁମୁରି କାନ୍ଦୁଥିଲେ। ଆଜି କସ୍ତୁରୀ ଗୋଟିଏ ଘରେ ଥାଇ ମଧ୍ୟ ସେ ତାକୁ ଦେଖିବାରୁ ବଞ୍ଚିତ। ତାଙ୍କ ଆଖିରୁ ଲୁହର ଧାର ବହି ଚାଲିଥିଲା।

*ଭବାନୀପାଟଣା*



# ବାଲିଘର

## ଡକ୍ଟର କଳ୍ପଲତା ଦାସ

ସୁଚେତା ଗ୍ୟାସ୍ ଜଳାଇ ଚା' ତିଆରି କଲେ। କପେ ଚା' ହାତରେ ଧରି ଏଲି ରୁମ୍‌ରେ ପ୍ରବେଶ କଲେ। ଝରକା ପାଖ ଚୌକିରେ ବସି ଏଲି ବାହାରକୁ ଅନାଇଥିଲା। ସତେ ଯେପରି କାହାର ପ୍ରତୀକ୍ଷା କରିଛି। ସୁଚେତା ଏଲିର ମୁଣ୍ଡ ଆଉଁଷି ଦେଇ ଚା' କପ୍‌ଟି ବଢ଼ାଇ ଦେଲେ। ଢ଼ୋକେ ଚା' ପିଇ କପ୍‌ଟି ଟେବୁଲ ଉପରେ ରଖିଦେଲା ଏଲି। ଅନ୍ୟ ଦିନ ହୋଇଥିଲେ ବିନା ବାକ୍ୟ ବ୍ୟୟରେ ଚା' କପ୍‌ଟି ଶେଷ କରି କହିଥାଆନ୍ତା- "ମା! ଆପଣଙ୍କ ହାତ ତିଆରି ଚା'ର ଯେଉଁ ସ୍ୱାଦ, ମୁଁ ଯେତେ ଚେଷ୍ଟା କଲେ ମଧ ସେପରି ହୋଇପାରୁନାହିଁ।" ନୀରବତା ଭଙ୍ଗ କରି ସୁଚେତା ଏଲିର ଲୁହ ଛଳଛଳ ଆଖିକୁ ଚାହିଁ କହିଲେ - "ତିନିଦିନ ହେଲାଣି ପାଟିରେ ଦାନାଟିଏ ଦେଇ ନାହୁଁ, ଏମିତି ହେଲେ କେମିତି ଚଳିବ? ଅନ୍ତତଃ ଚା'ଟିକେ ପିଇଦେ।" ଏଲି କହିଲା- "ମା! ଆପଣଙ୍କୁ ସୌରଭର ରାଣ, ସତ କୁହନ୍ତୁ - ଏ ତିନି ଦିନ ଭିତରେ ଆପଣ କିଛି ଖାଇ ପାରିଛନ୍ତି? ନିଜର ଆଖିର ଲୁହକୁ ଲୁଚାଇବା ପାଇଁ ସୁଚେତା ଏଲି ରୁମ୍‌ରୁ ବାହାରି ଆସିଲେ। ଏଲି ମୁହଁରୁ ସୌରଭର ନାମ ଶୁଣି ସୁଚେତା ନିଜର ଛାତି ଭିତରଟା ଥରିଗଲା ଭଳି ଅନୁଭବ କଲେ।

ସୌରଭ- ଏଲି, ଗୌରବଙ୍କର ଏକୋଇର ବଳା ବିଶିକେଶନ, ତାଙ୍କର ଅଲିଅଳ ନାତି, ଯାହାକୁ ସେ ନିଜର ଜୀବନଠାରୁ ଅଧିକ ଭଲ ପାଉଥିଲେ। ନାମଟି କେବଳ ତାର ସୌରଭ ନଥିଲା। ତା'ର ରୂପ, ଗୁଣ, ଜ୍ଞାନ, ଚରିତ୍ର ସବୁଥିରୁ ସୁରଭି ବିଚ୍ଛୁରିତ ହେଉଥିଲା। ଘରର ପ୍ରଥମ ସନ୍ତାନ ହିସାବରେ ସମସ୍ତଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ସବୁ କିଛି ତା' ଉପରେ ଅଜାଡ଼ି ହୋଇ ପଡୁଥିଲା। ପିଲାଟି ଦିନରୁ ଚାଲିଚଳନ, ବ୍ୟବହାର, କଥାବାର୍ତ୍ତାରେ ସେ ସମସ୍ତଙ୍କର ମନ କିଣି ନେଉଥିଲା। କେବଳ ଭଲ ପାଠ ପଢୁ ନଥିଲା, ଖେଳ କୁଦରେ ମଧ ଧୁରନ୍ଧର ଥିଲା। ନର୍ସରୀଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସେ ସବୁବେଳେ ଶ୍ରେଣୀରେ ପ୍ରଥମ କିମ୍ବା ଦ୍ୱିତୀୟ ସ୍ଥାନରେ ରହୁଥିଲା। ତେଣୁ ସବୁ ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କର ସେ ପ୍ରିୟପାତ୍ର ଥିଲା। ସୌରଭ ସ୍କୁଲ ପଢ଼ିବା ବେଳର କଥା ମନେ ପକାଇବା ସମୟରେ ସୁଚେତାଙ୍କର ପ୍ରଥମେ ମନେ ପଡ଼େ ସୌରଭର ପ୍ରଥମ ସ୍କୁଲ ଯିବା ଦିନର କଥା। ସେଦିନ ସ୍କୁଲ ୟୁନିଫର୍ମ ପିନ୍ଧି, ପଛରେ ବ୍ୟାଗ୍ ଝୁଲାଇ ନାଚି ନାଚି ବାପା-ମାଙ୍କ ସହିତ ଉପରୁ ଓହ୍ଲାଇ ଆସିଥିଲା ସୌରଭ। ଏଲିର ନିର୍ଦ୍ଦେଶରେ ଜେଜେ ବାପା, ଜେଜେ ମାଙ୍କୁ ପ୍ରଣାମ କରିଥିଲା। ତଳୁ ଉଠାଇ ନେଇ କୁଣ୍ଢାଇ ପକାଇ ଗେଲ କରିଥିଲେ ସୁଚେତା। ସୁଚେତାଙ୍କ କୋଳରୁ ସୌରଭକୁ ଟାଣି ନେଇଥିଲେ ପ୍ରଣବ। କୋଳେଇ ନେଇ ଗେହ୍ଲା କରିଥିଲେ। କହିଥିଲେ - "କାଲିଭଳି ଲାଗୁଛି। ଏତେ ଟିକିଏ ହୋଇ କୁଆଁ, କୁଆଁ କାନ୍ଦୁଥିଲୁ। ଆଜି ବହି ବସ୍ତାନି ଧରି ସ୍କୁଲକୁ ବାହାରି ପଡିଲୁଣି - କେତେ ଶୀଘ୍ର ତିନି ବର୍ଷ କଟିଗଲା!" ଏକା ସାଙ୍ଗରେ ସମସ୍ତେ ହସି ଉଠିଥିଲେ। ପ୍ରଣବ କହିଥିଲେ - "ଦେଖିଲ ସୁଚେତା ଏତେ ଟିକି, ପିଲା, ପ୍ରଥମ ଦିନରେ କିପରି ଆଗ୍ରହର ସହିତ ବ୍ୟାଗ୍ କାନ୍ଧରେ ପକାଇ, ସ୍କୁଲ ଡ୍ରେସ ପିନ୍ଧି ବାହାରି ଯାଉଛି, ନିଶ୍ଚୟ ଖୁବ୍ ଭଲ ପଢ଼ିବ, ଜୀବନରେ ଖୁବ୍ ଉନ୍ନତି କରିବ," ସୁଚେତା ଆଉ ଦୁଇପଦ ଯୋଡି ଦେଇଥିଲେ। "ଭଗବାନ କରନ୍ତୁ - ଭଲ ପାଠପଢ଼ି ମଣିଷ ପରି ମଣିଷ ହେଉ। ବାପା - ମାଙ୍କର ଏବଂ ଏ ବଂଶର ନାମ ଉଜ୍ଜ୍ୱଳ କରୁ।" ଛୁଆକୁ ନେଇ ଗାଡିରେ ବସିଲା ବେଳେ ଏଲି କହିଥିଲା - "ଆପଣମାନଙ୍କର ଆଶୀର୍ବାଦ ଥିଲେ ସେ ନିଶ୍ଚୟ ଭଲ ମଣିଷ ହୋଇ ଆପଣମାନଙ୍କର ନାମ ଉଜ୍ଜ୍ୱଳ କରିବ।"

ସୌରଭ ପ୍ରତିଦିନ ଠିକ୍ ସମୟରେ ସ୍କୁଲକୁ ଯାଏ, ସ୍କୁଲରୁ ଫେରି ସ୍କୁଲ ବ୍ୟାଗ୍, ବହି, ଖାତା ଯଥାସ୍ଥାନରେ ରଖେ, ଖାଇସାରିଲା ପରେ ପ୍ରଣବ ଓ ସୁଚେତାଙ୍କ ପାଖରେ ବସି ଗାଲୁରୁ - ଗାଲୁରୁ କରି ଅନେକ କଥା ଗପେ। ସମୟ କାହାକୁ ଅପେକ୍ଷା କରେ ନାହିଁ। ସମୟ ଯେପରି ଗଡି ଚାଲିଥିଲା ସୌରଭ ସେହିପରି ଶ୍ରେଣୀ ପରେ ଶ୍ରେଣୀ ଅତିକ୍ରମ କରି ଚାଲିଥିଲା, ପାଠରେ ଯେପରି ମନ ଦେଉଥିଲା ଖେଳ,କୁଦ ବିଭିନ୍ନ ପ୍ରତିଯୋଗିତାରେ ମଧ ସେହିପରି ଭାଗ ନେଉଥିଲା। ସପ୍ତମ ଶ୍ରେଣୀ ପଢ଼ିବା ବେଳକୁ ସୌରଭ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ପ୍ରାୟ ତିରିଶିରୁ ଅଧିକ କପ୍ ଏବଂ ମେଡାଲ ଘରକୁ ଆଣିଥିଲା। ଡ୍ରଇଂ ରୁମ୍‌ର କାଚ ଆଲମାରି ମଧରେ ନିଜେ ସୁଚେତା ସେ ସବୁକୁ ସଜାଇ ରଖିଥିଲେ। ଅଷ୍ଟମ ଶ୍ରେଣୀଠାରୁ ପାଠର ଚାପ ଅଧିକ ହେଲେ ମଧ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଇତ୍ୟାଦି କେତେକ ପ୍ରତିଯୋଗିତାରେ ସୌରଭ ଭାଗ ନେଉଥିଲା ଏବଂ ସବୁଥିରେ ପ୍ରଥମ କିମ୍ବା ଦ୍ୱିତୀୟ ହୋଇ ତାହାର ଟ୍ରଫି ଏବଂ ପଦକ ସଂଖ୍ୟା ବଢ଼ାଇବାରେ ସକ୍ଷମ ହେଉଥିଲା। ଏହାଛଡା ବିଭିନ୍ନ ଅଲମ୍ପିଆଡରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କାର ପାଇବାରେ ସମର୍ଥ ହୋଇଥିଲା। ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସମଗ୍ର ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଖୁସିରେ ଗୌରବ ଏକ ବନ୍ଧୁମିଳନର ଆୟୋଜନ କରିଥିଲା। ପ୍ରଣବ ଏବଂ ଗୌରବଙ୍କର ସମସ୍ତ ଘନିଷ୍ଠ ବନ୍ଧୁ, ସମସ୍ତଙ୍କର ନିକଟ ସମ୍ପର୍କୀୟ, ସାହି ପଡିଶା, ସୌରଭର ସାଙ୍ଗ, ସାଥି ଓ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସୌରଭର ବିଦ୍ୟା, ବୁଦ୍ଧି, ବ୍ୟବହାରର ଭୁରି ଭୁରି ପ୍ରଶଂସା କରିଥିଲେ ସମସ୍ତେ। ପୁଅର ପ୍ରଶଂସାରେ ଗୌରବ ଏବଂ ଏଲି ଯେପରି ଆନନ୍ଦିତ ହୋଇଥିଲେ ପ୍ରଣବ ଏବଂ ସୁଚେତା ତତୋଧିକ ଆମୋଦିତ ହୋଇଥିଲେ। ସୌରଭ ପ୍ରଥମରୁ ହିଁ ଆର୍ଟସ ପଢ଼ିବା ପାଇଁ ମନରେ ସ୍ଥିର କରିଥିଲା। ସେଥିପାଇଁ ସୌରଭ ରେଭେନ୍ସା କଲେଜରେ +୨ ପଢ଼ିବାର ସିଦ୍ଧାନ୍ତ ନିଆ ଯାଇଥିଲା। ଯୋଗ୍ୟତା ଅନୁସାରେ ସୌରଭକୁ ଦିଲ୍ଲୀରେ ରହି +୨ ପଢ଼ିବାର ସମସ୍ତ ସୁଯୋଗ ଥିଲେ ମଧ ଏତେ କମ୍ ବୟସରୁ ପରିବାରଠାରୁ ଦୂରରେ ରହି ହଷ୍ଟେଲ ଜୀବନ ବିତାଇବା ପାଇଁ ସୌରଭକୁ ପରିବାରର ଅନୁମତି ମିଳିଲା ନାହିଁ। ତେଣୁ ସେ ରେଭେନ୍ସା କଲେଜରେ ହିଁ ତାର କଲେଜ ପାଠ୍ୟକ୍ରମ ଆରମ୍ଭ କରିଥିଲା। ନିଜର କୃତିତ୍ୱ ପାଇଁ ଜେଜେଙ୍କଠାରୁ ପାଇଥିବା ପୁରସ୍କାର ଚେତକ ସ୍କୁଟରରେ ସେ କଲେଜ ଯିବା ଆସିବା କଲା। ପ୍ରଥମେ ଯେଉଁଦିନ ସୌରଭ

ଚଣ୍ଡୀମନ୍ଦିରରୁ ସ୍କୁଟର ପୂଜା କରି ଆଣିଲା, ସେଦିନ ସନ୍ଧ୍ୟାବେଳେ ସୌରଭ ସୁଚେତାଙ୍କୁ ପଛରେ ବସାଇ ଘେରାଏ ବୁଲାଇ ଆଣିଥିଲା। ସୁଚେତା ସୌରଭ ପଛରେ ସ୍କୁଟରରେ ବସିବା ସମୟରେ ପ୍ରଣବ ଥଟ୍ଟା କରି କହିଥିଲେ – "ହୁସିଆର ହୋଇ ବସ, ଯଦି ଗଳି ପଡିବନା ହାଡ – ଗୋଡ ଭାଙ୍ଗିଲେ ଆଉ ଯୋଡ଼ି ହେବ ନାହିଁ।" ସୌରଭ ବାଧ କରି ସୁଚେତାଙ୍କୁ ଗୋଟିଏ ରେଷ୍ଟୁରାଣ୍ଟକୁ ନେଇ ଯାଇଥିଲା। ସେଠାରେ ଦୁଇଜଣ ଜଳଖିଆ ଖାଇଲା ପରେ ଘରର ଅନ୍ୟମାନଙ୍କ ପାଇଁ ମିଠା କିଣି ଆଣିଥିଲେ। ଘରେ ପହଞ୍ଚିଲା ପରେ ସୌରଭ କହିଥିଲା – "ଜେଜେ! ମା'ଙ୍କୁ ଅକ୍ଷତ ଅବସ୍ଥାରେ ଆଣି ପହଞ୍ଚାଇ ଦେଲି।" ହସି ହସି ସମସ୍ତେ ଗଡି ଯାଇଥିଲେ। କଲେଜ, ଟିଉସନ ଏବଂ ଘରେ ପାଠପଢ଼ା ମଧ୍ୟରେ ସୌରଭ ଏକ ପ୍ରକାର ନିଜକୁ ହଜାଇ ଦେଇଥିଲା କହିଲେ ଚଳେ। ଚାହୁଁ ଚାହୁଁ ଦୁଇଟି ବର୍ଷ କେମିତି କଟିଗଲା କେହି ଜାଣି ପାରିଲେ ନାହିଁ। କାଉନସିଲ ପରୀକ୍ଷାରେ ରାଜ୍ୟରେ ପ୍ରଥମ ହୋଇ ସୌରଭ ଦିଲ୍ଲୀରେ ନାମ ଲେଖାଇଲା। ଇତିହାସ ତାହାର ପ୍ରିୟ ବିଷୟ ହୋଇଥିବାରୁ ସୌରଭ ଇତିହାସ ଅନର୍ସ ନେଇ ଦିଲ୍ଲୀରେ ପାଠପଢ଼ିଲା। ସୌରଭର ମୂଳ ଲକ୍ଷ୍ୟଥିଲା ସିଭିଲ ସର୍ଭିସ ପରୀକ୍ଷା ଦେଇ ଭାରତୀୟ ପ୍ରଶାସନିକ କାର୍ଯ୍ୟରେ ଯୋଗଦେବ। ତେଣୁ ସେ ବି.ଏ.ରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଉତ୍ତୀର୍ଣ୍ଣ ହେଲା ପରେ ସିଭିଲ ସର୍ଭିସ୍ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିବାରେ ସମସ୍ତ ସମୟ ବିନିଯୋଗ କଲା। ଦିଲ୍ଲୀରେ ତା ପାଇଁ ଗୋଟିଏ ଭଡ଼ା ଘର ନିଆହେଲା। ଓଡ଼ିଶାରୁ ଚାକର ପିଲାଟିଏ ସହିତ ପ୍ରଣବ ସୁଚେତାଙ୍କୁ ନେଇ ସେଠାରେ ପହଞ୍ଚିଲେ। ସୌରଭର ଯେପରି ସାମାନ୍ୟତମ ଅସୁବିଧା ନହୁଏ, ପଢ଼ାପଢ଼ିରେ ଯେପିର ବ୍ୟାଘାତ ନ ଘଟେ ସେଥିପ୍ରତି ପୁରାପୁରି ଧ୍ୟାନ ଦେଇ ସବୁ ପ୍ରକାର ବ୍ୟବସ୍ଥା କରିଦେଇ ସୁଚେତା ଓ ପ୍ରଣବ ଫେରି ଆସିଲେ। ଯେଉଁ କେତେ ଦିନ ସୁଚେତା ଦିଲ୍ଲୀରେ ରହିଲେ ସୌରଭ ତାଙ୍କୁ ସଙ୍ଗରେ ନେଇ ବିଭିନ୍ନ ସ୍ଥାନ ବୁଲାଇ ଆଣିଲା। ସୁଚେତାଙ୍କୁ କହିଲା– "ମା! ମୁଁ ଆଇ.ଏ.ଏସ ପାଇଲା ପରେ ପ୍ରଥମେ ତମକୁ ଭାରତ ଦର୍ଶନ କରାଇବି।" ପ୍ରଣବ କହିଥିଲେ– "ହଁ ଗୋଟିଏ ସୁନ୍ଦର ଭାରତ ମାନଚିତ୍ର ବନ୍ଧେଇ କରି ମା'ଙ୍କୁ ଦେଇଦେ। ସକାଳେ ସନ୍ଧ୍ୟାରେ ସେ ଫଟୋ ପାଖରେ ଛିଡା ହୋଇ ଭାରତ ଦର୍ଶନ କରିବେ।" ସୌରଭ କହିଥିଲା – "ଜେଜେ ମୁଁ ଆଇ.ଏ.ଏସ ପାଇବି ଏକଥା ତମର ବିଶ୍ୱାସର ବାହାରେ ନା ମାଙ୍କୁ ଭାରତର ବିଭିନ୍ନ ସ୍ଥାନ ବୁଲାଇବି ସେ କଥା ତମର ବିଶ୍ୱାସର ବାହାରେ?" ପ୍ରଣବ ସୌରଭର ପିଠି ଥାପୁଡେଇ ଦେଇ କହିଲେ – "ଦୁଇଟି ଯାକ କଥାରେ ମୁଁ ପୁରା ବିଶ୍ୱାସ ରଖିଛି। ତୁ ନିଶ୍ଚୟ ଆଇ.ଏ.ଏସ ପାଇବୁ ଏବଂ ତୋର ମା'କୁ ଭାରତର ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲାଇବୁ।"

ପ୍ରଥମ ଥର ସୌରଭ ପ୍ରିଲିମିନାରିରେ ଉତ୍ତୀର୍ଣ୍ଣ ହୋଇ ମୁଖ୍ୟ ପରୀକ୍ଷା ପାଇଁ ଫର୍ମ ପୂରଣ କଲାଏବଂ ପଢ଼ାପଢ଼ିରେ ଲାଗି ପଡ଼ିଲା। କିନ୍ତୁ ମୁଖ୍ୟ ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରିଲା ନାହିଁ। ମୁଖ୍ୟ ପରୀକ୍ଷା ପରେ ସୌରଭ କିଛିଦିନ ପାଇଁ ଘରକୁ ଆସିଥିଲା। କିଛି ଦିନ ବିଶ୍ରାମ ନେବା ପରେ ସେ ଦିଲ୍ଲୀ ଫେରି ଯାଇଥିଲା। ଏଲି ଏବଂ ଗୌରବ ଦିଲ୍ଲୀ ଯାଇ କିଛି ଦିନ ସୌରଭ ସହିତ କଟାଇ ଫେରି ଆସିଥିଲେ। ତେଣୁ ମୁଖ୍ୟ ପରୀକ୍ଷା ଫଳ ବାହାରିବା ସମୟକୁ ସୌରଭ ଏକାକୀ ଦିଲ୍ଲୀରେ ଥିଲା। ପରୀକ୍ଷା ଫଳ ଶୁଣୁ ଶୁଣୁ ପ୍ରଣବ ଏବଂ ସୁଚେତା ବିମାନ ଟିକେଟ କରି ଦିଲ୍ଲୀରେ ପହଞ୍ଚି ଯାଇଥିଲେ। ସୌରଭ ମନ ଦୁଃଖ କରିବା ପାଇଁ ସମୟ ପାଇନଥିଲା। ଆଇ.ଏ.ଏସ ପରୀକ୍ଷାରେ ପ୍ରଥମ ଥରରେ କୃତକାର୍ଯ୍ୟ ହେବା ପିଲାଙ୍କ ସଂଖ୍ୟା ନିହାତି ନଗଣ୍ୟ। କେଉଁଠି ବା କେମିତି ଯଦି କେହି ସଫଳତା ଲାଭ କରିଥାଏ ସେ ବେଶ୍ କିଛି ବର୍ଷ ନିଜକୁ ଭଲ ଭାବେ ପ୍ରସ୍ତୁତ କଲାପରେ ପରୀକ୍ଷା ଦେଇଥାଏ। ଏହିପରି ବିଭିନ୍ନ କଥା କହି ସେମାନେ ସୌରଭକୁ ଦ୍ୱିତୀୟ ଥର ପାଇଁ ଖୁବ୍ ଭଲ ଭାବରେ ନିଜକୁ ପ୍ରସ୍ତୁତ କରିବା ପାଇଁ ଉତ୍ସାହିତ କଲେ। ତା' ସହିତ କିଛି ଦିନ ରହି ତା' ମନ ଓ ପ୍ରାଣରେ ନୂତନ ଉତ୍ସାହ ସାହସ ଏବଂ ଧୈର୍ଯ୍ୟର ମୂଳଦୁଆକୁ ମଜଭୁତ କରିବାରେ ସଫଳ ହୋଇଥିଲେ।

ସୌରଭ ସିଭିଲ ସର୍ଭିସ ପରୀକ୍ଷା ପାଇଁ ଦ୍ୱିତୀୟ ଥର ଫର୍ମ ପୂରଣ କଲା। ଯଥା ସମୟରେ ପ୍ରିଲିମିନାରୀ ଏବଂ ମୁଖ୍ୟ ପରୀକ୍ଷାରେ କୃତକାର୍ଯ୍ୟ ହେଲା। ମୌଖିକ ପରୀକ୍ଷାରେ ଭଲ କରି କୃତକାର୍ଯ୍ୟ ହେବାପାଇଁ ମୂଳ ଲକ୍ଷ୍ୟ ରଖିଲା। ମୌଖିକ ପରୀକ୍ଷା ପାଇଁ ପୁରା ଦମ୍‌ରେ ନିଜକୁ ପ୍ରସ୍ତୁତ କଲା। ଖାଇବା ପିଇବା ଭୁଲି ଖାତା, ବହି, ଇଣ୍ଟରନେଟ୍‌ରେ ନିଜକୁ ହଜାଇ ଦେଲା। ନିର୍ଦ୍ଧାରିତ ସମୟରେ ମୌଖିକ ପରୀକ୍ଷା ହେଲା। ସାକ୍ଷାତକାର ରୁମ୍‌ରୁ ବାହାରି ଆସିବା ସମୟରେ ସୌରଭର ମନ ବେଶ୍‌ଖୁସି ଥିଲା। କାରଣ ବୋର୍ଡରେ ବସିଥିବା ପ୍ରତ୍ୟେକ ସଦସ୍ୟଙ୍କର ପ୍ରଶ୍ନ ଉତ୍ତର ସେ ସଠିକ ଭାବରେ ଦେଇଥିଲା।

ପରୀକ୍ଷା ପରେ ସୌରଭ ଘରକୁ ଫେରି ଆସିଲା। ବାପା, ମା', ଜେଜେ ବାପା, ଜେଜେ ମା'ଙ୍କ ସହିତ ସିଭିଲ ସର୍ଭିସ ଫଳ ବାହାରିବା ଦିନକୁ ଅପେକ୍ଷା କରି ରହିଲା। ସେଦିନ ନେଟ୍‌ରୁ ତା'ର ପରୀକ୍ଷା ଫଳ ଦେଖି ସୌରଭ ନିଜର ଆଖିକୁ ବିଶ୍ୱାସ କରି ପାରିଲା ନାହିଁ। ସମଗ୍ର ଦେଶରେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିବ – ଏକଥା ତା'ର କଳ୍ପନାର ବାହାରେ ଥିଲା। ପୁରା ପରିବାରରେ ଖୁସିର ଲହରି ଖେଳିଗଲା। ଗୌରବଙ୍କଠାରୁ ଟଙ୍କା ଧରି ସୌରଭ ସ୍କୁଟରରେ ମିଠା କିଣିବା ପାଇଁ ବାହାରି ପଡ଼ିଲା। ପରଦିନ ପ୍ରତ୍ୟୁଷରୁ ସମସ୍ତେ ସାଙ୍ଗ ହୋଇ ଜଗନ୍ନାଥ ଦର୍ଶନରେ ଯିବାର ସ୍ଥିର ହେଲା। ଘରୁ ବାହାରି ପ୍ରଥମେ ସୌରଭ ଚଣ୍ଡୀମନ୍ଦିର ଯାଇ ପୂଜାର୍ଚ୍ଚନା କଲା, ତା' ପରେ କାଲ୍‌କାଟା ସୁଇଟସ୍ ଷ୍ଟଲରୁ ମିଠା କିଣି ଫେରିବା ସମୟରେ ତା'ର ମୋବାଇଲ୍ ଫୋନ୍ ବାଜି ଉଠିଲା। ଗୋଟିଏ ହାତରେ ମିଠା ପାକେଟ୍ ଅନ୍ୟ ହାତରେ ମୋବାଇଲ। ତରତର ହୋଇ ସ୍କୁଟର ପାଖକୁ ଆସୁଥିବା ସମୟରେ ପଛରୁ ଏକ ବାଇକ୍ ତାକୁ ଧକ୍କା ଦେଲା। ଭାରସାମ୍ୟ ହରାଇ ସୌରଭ ତଳେ ପଡ଼ିଯିବା ସମୟରେ ଆଗରୁ ଆସୁଥିବା ଏକ କାର ତା'ର ମୁଣ୍ଡ ଉପରେ ଚଢ଼ି ଚାଲିଗଲା। ନିମିଷକରେ ସବୁ ଶେଷ ହୋଇଗଲା। ମୁଣ୍ଡର ଖପୁରୀର ଚିହ୍ନ ବର୍ଣ୍ଣ ରହିଲା ନାହିଁ। ଲୋକମାନେ କ'ଣ ହୋଇଛି ବୁଝିବା ପୂର୍ବରୁ ଗୋଟିଏ ଅମୂଲ୍ୟ ଜୀବନ ପ୍ରଦୀପ ଲିଭିବାକୁ ମୁହୂର୍ତ୍ତେ ଲାଗିଲା ନାହିଁ। ପୋଲିସ ଗାଡ଼ି ପହଞ୍ଚିଲା। ପୋଷ୍ଟମର୍ଟମ ପାଇଁ ମେଡିକାଲ ନିଆଗଲା। ଏଣେ ଆଇ.ଏ.ଏସ ପରୀକ୍ଷା ଫଳ ବାହାରିବା ଏବଂ ସୌରଭର ଦ୍ୱିତୀୟ ସ୍ଥାନରେ ରହିବାର ସମ୍ବାଦ ପାଇଁ ବିଭିନ୍ନ ଟେଲିଭିଜନ ସଂସ୍ଥାର ରିପୋର୍ଟର ଏବଂ ସମ୍ବାଦପତ୍ରର ସାମ୍ବାଦିକମାନେ ମିଠା ହାଣ୍ଡିକୁ ଜନ୍ଦା ବେଢ଼ିଗଲା ପରି ସୌରଭର ଘର ଆଗରେ ଏକାଠି ହୋଇଗଲେ। ସେମାନେ ନିଜର କ୍ୟାମେରା, ଟେପ୍ ରେକର୍ଡର, ମାଇକ୍ରୋପୋନ୍ ପ୍ରସ୍ତୁତ କରିବାରେ ଲାଗିଥିବା ସମୟରେ ପ୍ରଣବଙ୍କ ଫୋନ୍‌କୁ କେହି ଫୋନ୍ କରି ସଡ଼କ ଦୁର୍ଘଟଣା ସମ୍ବାଦ ଦେଲା। ପ୍ରଣବ ନିଜ କାନକୁ ବିଶ୍ୱାସ କରିବେ ନା ଆଖି ଆଗରେ ଛିଡ଼ା ହୋଇଥିବା ଏହି ସବୁ କ୍ୟାମେରାମ୍ୟାନ ତଥା ସାମ୍ବାଦିକମାନଙ୍କ ଉପସ୍ଥିତିକୁ ବିଶ୍ୱାସ କରିବେ କିଛି ଜାଣିପାରୁନଥିଲେ।

*ସାବିତ୍ରୀ ନିବାସ, ବି: ୧୫୦୬/୧,*
*ସିଡଇଏ, କଟକ – ୭୫୩୦୧୪*

# ଶୂନ୍ୟ ଦେହୀ

## ପ୍ରଭାତ ସିହ୍ନା

ଶିଳ୍ପପତି ଦାଦୁଭାଇ ଜୈନ ବିଷର୍ଣ୍ଣ ମନ ନେଇ ନିଜ ବାସଭବନରେ ବସିଥା'ନ୍ତି। ପତ୍ନୀ ଅଖଜୀ ଆସି ପହଞ୍ଚିଗଲେଣି। ଦିହେଁ ବୈଠକ ଖାନାରେ ବସି ଭାବୁଥାନ୍ତି – ସେମାନେ ମାତ୍ର କେଇ ଘଣ୍ଟାର ଅତିଥି ଏଇ ଭବ୍ୟ ବାସ ଭବନରେ।

ପତ୍ନୀଙ୍କୁ ପ୍ରଶ୍ନ କଲେ ଜୈନବାବୁ। "ଆଗୋ! ବସିଛ କ'ଣ : ଯାଆ ରେଡ଼ି ହୋଇଯାଅ। ଆଜି ସଂଧ୍ୟାରେ ଆମକୁ ଟାଉନ୍ ହଲରେ ସମ୍ବର୍ଦ୍ଧନା ମିଳୁଚି ପରା। ପତ୍ନୀ ଅଖଜୀ ସେଇଠୁ ମୁହଁ ଆମ୍ବିଲା କରି ଉଦାସର ସହିତ କହିଲେ କି ....ହଅ! କ'ଣ ମିଳିବ ସେଥିରୁ। ପୁଅ ସଂସାର ପ୍ରତି ବୈରାଗ୍ୟ ଭାବ ରଖି ଚାଲିଗଲା ଯେ, ଏଯାଏଁ ଖୋଜ ଖବର ମିଳିଲାନି। ଭଗବାନ କେତେ କ୍ରୁର ଆମ ପ୍ରତି। କେତେ ଦୟାଳୁ!!

ପୁଅ ନିତ୍ୟା! ତା'ର ସ୍ୱଭାବରେ ପରିବର୍ତ୍ତନ ଚିନ୍ତାର କାରଣ ପାଲଟି ଥିଲା ଜୈନ ପାଇଁ। ଲଣ୍ଡନରେ ରହି ଏମ.ବି.ଏ ପାଠ ପଢୁଥିବା ପିଲାଟି ପୈତୃକ ବ୍ୟବସାୟ ସମ୍ଭାଳିବ କ'ଣ ସନ୍ନ୍ୟାସ ମାର୍ଗ ଚୟନ କରିବ ଦିନେ, ବିସ୍ମିତ ହେବାକୁ ପଡ଼େ। ସଂସାର ବୈରାଗ୍ୟର କାରଣ କ'ଣ ହୋଇପାରେ।

ପିତା ପୁତ୍ରଙ୍କ ମଧ୍ୟରେ ବୌଦ୍ଧିକ ତର୍କ କିଛି ନୂଆ କଥା ନୁହେଁ। ବିଦେଶକୁ ଉଚ୍ଚ ଶିକ୍ଷା ଗ୍ରହଣ କରି ଜୈନଗ୍ରୁପ ଅଫ. ଇଣ୍ଡଷ୍ଟ୍ରୀ ପ୍ରସଙ୍ଗ ଉଠିଲେ, ନିତ୍ୟା ଉତ୍ତର ରଖେ। ବ୍ୟାଡ଼୍। ଆପଣ କ'ଣ ପାଇଁ ଏତେ ପରିଶ୍ରମ କରୁଛନ୍ତି। ଆମର ତ ସମୁଦାୟ ତିନୋଟି ପାକସ୍ଥଳୀ। ଏତକ ପରିପୂର୍ଣ୍ଣ ସକାଶେ କ'ଣ ଏଇଟା କୋଟୀ ଟଙ୍କାର ପ୍ରୟୋଜନ ଅଛି? ଶ୍ରମିକ ସମସ୍ୟା, ଆନ୍ଦୋଳନ, ଟ୍ୟାକସ୍, ହାଉସିଙ୍ଗ୍, ଟାଉନସିପ୍, ଏନଭିରନମେଣ୍ଟ ପ୍ରୋବଲେମ୍, ପଲିଟିକାଲ୍ ଲିଆଜନିଙ୍ଗ୍...। ବହୁତ କିଛି। ସୋ ଦ୍ୟାଟ। ଲେଟସ ସେଲ୍ ଦିଜ୍ ଇଉନିଟ ଆଣ୍ଡ ଗୋଟୁ ହିମାଲୟାନ୍ ମାଉଣ୍ଟେନ ଭେଲି।

ବାବୁ କହିଲେ ....ତୁ ଏତିକି କେବଳ ଜାଣୁ। କମ୍ପାନୀ ନ ଚାଲିଲେ ଶ୍ରମିକ ପରିବାରରେ ଚୁଲ୍ଲୀ ଜଳିବନି। ପରିବାର ଖାଡ଼ା ଖାଡ଼ା ଓପାସ ରହିବେ। ସେମାନଙ୍କ ମୁହଁରେ ହସ ଫୁଟାଇବା ମୋର ଲକ୍ଷ୍ୟ ମାତ୍ର। ମୁନାଫା କମାଇବା ପର କଥା।

ମାତ୍ର ପୁତ୍ର ଭଗବାନଙ୍କ ଭାଷାରେ କଥା ହେଉଥିଲା। ଡାଡ। ଏ ଭବ ସଂସାର ଅଳିକ। ଦଲକାଏ ପବନରେ ଦିକ୍ ଦିକ୍ ଜଳୁଥିବା ଜୀବନ ସଳିତା ନିର୍ବାପନ ଅନିବାର୍ଯ୍ୟ। ମଣିଷ ଜାତି ସ୍ୱାର୍ଥପର। ପ୍ରାପ୍ତିରେ ଖୁସି: ଅପ୍ରାପ୍ତିରେ ଅବଶୋଷ। ସବୁ ଦୁଃଖର କାରଣ ହେଉଚି ଆକାଙ୍କ୍ଷା।

ଅଖଜୀଙ୍କୁ ସ୍ୱାମୀ କହିଲେ, କହୁ ନଥିଲି। ସେଦିନ ଖୁବ୍ ଦୂର ନୁହେଁ। ଯେବେ ତୁମ୍ଭ ପୁତ୍ର ଗୈରିକ ବସନ ନାଇ ହାତରେ କମଣ୍ଡଳୁ ଓ ତ୍ରୀଶୁଳ ଧାରଣ କରି କେଉଁ ଆଡ଼େ ଅଦୃଶ୍ୟ ହୋଇଯିବେ। ପୁଅ କହିଲା – ଡାଡ। ଏତେ ସମ୍ପତ୍ତି ଆମର ହବ କ'ଣ? ଐଶ୍ୱର୍ଯ୍ୟ ଆଉ ପ୍ରାଚୁର୍ଯ୍ୟ ମଣିଷକୁ ଲୋଭୀ କରିଦିଏ। ଜାଣନ୍ତିତ! ଲାଇଫ୍‌ର ପାସ୍ ବୁକ୍‌ରେ ଆମର ବ୍ୟାଙ୍କ ବାଲାନ୍ସ ନ ଥିଲେ ରିଲେସନସିପ୍‌ର ଚେକ୍ ଗୁଡାକ ବାଉନ୍ସ ହେବାକୁ ଲାଗେ। ହୁଏତ ଆପଣଙ୍କ ଶିଳ୍ପ ସାମ୍ରାଜ୍ୟର ଆମ୍ଭେ ଯୋଗ୍ୟ ଦାୟଦ ହୋଇ ନପାରୁ। ଆଉ ଆପଣ ରାଜା ମି.ଦାସଙ୍କ ଭଳି ସୁନା ରୂପା, ଟଙ୍କା ମୋହରେ ଯାହାକୁ ସ୍ପର୍ଶ କରିବେ ତାହା ଅବଶ୍ୟ ପ୍ରାପ୍ତ ହେବେ। ସନ୍ତାନ ଏବଂ ଖାଦ୍ୟ ଯଦି ଉଭୟ ଅବିକଳ ହେଇଯା'ନ୍ତି, ବଂଚି ପାରିବେ ତ! ଶଙ୍ଖ ମଲମଲ ଉଆସର ନିଭୃତ ଅଣସର ପ୍ରକୋଷ୍ଠ ମଧ୍ୟରେ ନିସଙ୍ଗ ଜୀବନ ଯାପନ କରୁଥିବେ। ସେତେବେଳେ ମୁଁ ନ ଥିବି। ଆପଣ ବରଂ ଆମ୍ଭଙ୍କୁ ତେଜ୍ୟ ପୁତ୍ର କରି ଦିଅନ୍ତୁ ... କାରଣ ଆପଣଙ୍କ ଆଶାବାଡ଼ି ଯୋଗ୍ୟ ଆମ୍ଭେ ନୋହୁଁ। ଶିଳ୍ପପତି ବାପା ମା' ନିର୍ବାକ ପାଲଟି ଯାଇଛନ୍ତି। ପୁଅ ଅନର୍ଗଳ ବକ୍ତବ୍ୟ ଜାରି ରଖିଛି।

"ଜୀବନ ଦୁଃଖମୟ। ମଣିଷ ଜନ୍ମ ନେଲେ ମୃତ୍ୟୁ ସୁନିଶ୍ଚିତ। ଜୀବନ କାଳ ମଧ୍ୟରେ ରୋଗ ବ୍ୟାଧି ଜରା ଗ୍ରାସ କରିବସେ।

ପୁତ୍ର ଲଣ୍ଡନରେ ଅବସ୍ଥାନ କାଳରେ ପିତାପୁତ୍ର ସହ ଯୋଡ଼ି ହୋଇଥା'ନ୍ତି ଦୂରଭାଷରେ। 'ତୋ' ପରି ବୟସରେ ମୁଁ ଶିଳ୍ପ ଜଗତରେ ଯାତ୍ରା ଆରମ୍ଭିଛି। କେବେ ପ୍ରଶ୍ନ କରିଚୁ ତୋ ଡ୍ୟାଡ୍‌ଙ୍କୁ। ଏ ଯାଗାରେ କେମିତି ପହଞ୍ଚିଲି। ଆଉ ଶୀଖରରେ ଆରୋହଣ ସକାଶେ କିଭଳି ସଂଘର୍ଷ କରିବାକୁ ହୋଇଛି।

ଏକ ଗରିବ ନିଶ୍ୱ ପରିବାରରେ ତୋ ଡାଡ୍‌ଙ୍କ ଜନ୍ମ। ପିଲାଟି ବେଳୁ ବାପ ମା'ଙ୍କୁ ହରାଇଛି।

ଦିନକର କଥା। ବର୍ଷା ହୋଇଥାଏ। ଭୋକରେ ଆଉଟୁପାଉଟୁ ହେଉଥାଏ। ଗୋଟେ କବାଡି ଖାନାକୁ ଗଲି। ସେଠି ଗୋଟେ ଦାଢ଼ିଆ ମିଆଁ ଚାଚା ବସିଥାଏ। ତାକୁ ପଇସାଟେ ମାଗିଲି। କହିଲି ଦିଦିନ ହେବ କିଛି ଖାଇନି। ସେ କହିଲା ଯା... ବାଟ ଘାଟରେ, ପ୍ଲାଷ୍ଟିକ ବୋତଲ, ପଲିଥିନ, କାଚ ବୋତଲ ଗୋଟେଇ ଆଣ। ଜରିଅଖାଟେ ନେ। ମୁଁ ସେୟା କଲି। ସଂଜସୁଦ୍ଧା ତାକୁ ସେଗୁଡାକ ମେଣ୍ଟାଇ ଦେଲି। ସେ ଦଶ ଟଙ୍କା ଦେଲା। ପେଟ ପୁରିଗଲା। ରାତିକୁ ଭଲ ନିଦ ହେଲା।

ଏମିତି ଫି ଦିନ କରୁଥିଲି। ବର୍ଷେ ବାଦେ ଚାଚା 'ହଜ୍' କରିବାକୁ ମକ୍କା ମଦ୍ଦିନା ଛୁଟିଲା। ମତେ ବସେଇ ଦେଇଗଲା ତା' ଗଦିରେ। ସେଇ ଯିବାଟାହିଁ ଥିଲା ତା'ର ଅନ୍ତିମ ଗସ୍ତକ୍ରମ ଓ ତୀର୍ଥାଟନ। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଦଳାଚକଟାରେ ଅନେକ ଲୋକ ପଞ୍ଚତ୍ୱ ପ୍ରାପ୍ତି ହୋଇଗଲେ। ତା'ରି ଭିତରେ କାଳେ ଚାଚା ଥିଲା। ଗଦିରେ ବେଶି ଖଟିବାକୁ ପଡୁଥିଲା। ଦିନେ ଖାଇସାରି ବିଶ୍ରାମ ନେଇଥାଏ। କବାଡି ଖାନାରେ ଥୁଆ ହେଇଥିବା ଆଳୁ ମାଳିଆ ବସ୍ତାରୁ ମୋବାଇଲ ଫୋନ୍ ରିଙ୍ଗ ଟୋନ୍ ଆବାଜ ଆସୁଥିଲା। ତାକୁ ଠାବ କରନ୍ତେ, ସେଟା ଥିଲା ଗୋଟେ ପୁରୁଣା ମୋବାଇଲ ଫୋନ୍। କେମିତି ପିଲାଏ କଣ୍ଟାକ୍ଟ କରିଛନ୍ତି।

କ୍ରୀଂ...କ୍ରୀଂ ହୋଇ ବାରମ୍ବାର ବାଜୁଥିଲା ସେଇଟା। କଲ୍ ରିସିଭ କଲି ସହସା। ସେପଟୁ ସ୍ୱର ଭାସି ଆସିଲା। ଦୟାକରି ଏଇ ଫୋନ୍‌ଟି କୋଉଠି ହଜି ଯାଇଥିଲା। କିଏ ପାଇଛି, ମୋର ଜାଣିବା ଦର୍କାର ନାହିଁ। ଫାଣ୍ଡିରେ ବି ମୋର ଶିକାୟତ କରିବାର ନାହିଁ। କେବଳ ମତେ ମିଳିବା ହେଉ। ବହୁତ କିଛି ଫଟୋଚିତ୍ର, ନମ୍ବର ଓ ଡାଟା ରହିଛି। ଆପଣ ଯିଏବି ହେଉ ନିର୍ଭୟରେ ଆସି ୱାପସ ଦେଇଦେଲେ ଭଲ ଇନାମ ମିଳିବ।

ଭାବିଲି – କ'ଣ କରିବି ? କାହାର ଉପକାରରେ ଲାଗିଲେ ସେବା ଭଲ। ପରଧନରେ ଲୋଭ ରଖିବା ଅନୁଚିତ। ବରଂ ଫେରସ୍ତ ଦେବି।

ଦାମିକା ମୋବାଇଲ ଫୋନ୍‌ର ମାଲିକ ଥିଲା ବଡେ ଦିଲୱାଲା। କାଚ ଘରେ ରହେ...। ଗୁପ୍ତା ମାରଓ୍ୱାଡିର ଭବ୍ୟ ଇମାରତ୍। ତାର ଗଣ୍ଡେ ଛ'ଟା କାରଖାନା ସିମେଣ୍ଟ, ଲୁହାଛଡ, ପ୍ଲାଷ୍ଟିକ, କେମିକାଲ। ସେବେକା ଟାଇମରେ ଗୁପ୍ତାଜୀ ତିନି ହଜାର ଟଙ୍କାର ଅଫର ଦେବା ସହ ତାଙ୍କ କାରଖାନାରେ ସୁପରଭାଇଜର କାମ ଦେବେ ବୋଲି କହିଥିଲେ। ମୁଁ ଅର୍ଥ ପ୍ରଲୋଭନରେ ବଶବର୍ତ୍ତୀ ନ ହୋଇ ଚାକିରି ଖଣ୍ଡେ ପାଇଲେ ବଂଚି ଯିବି ବୋଲି କହିଲି।

ତା'ପରେ ତାଙ୍କର ଗୋଟେ ଫ୍ୟାକ୍ଟ୍ରିରେ କାମ କଲି। ମୋ କର୍ମରେ ସେ ଖୁସୀ ହେଲେ। ଗୋଟେ କମ୍ପାନୀ ପରିଚାଳନା ଭାର ମୋ ଉପରେ ଛାଡ଼ି ଦେଇ ବିଦେଶ ଚାଲିଗଲେ। ମାସକ ପରେ ଆସି ଦେଖନ୍ତିତ କମ୍ପାନୀ ଲାଭ କରିଛି।

ସେଇ କାମ କରିବା ପରଠୁ ଏ ଦାଦୁଭାଇ ଜୈନ ଆଉ ପଛକୁ ଫେରି ଚାହିଁନି। ନିଜେ ସଂଚିତ ଅର୍ଥରେ କାରଖାନା ପ୍ରତିଷ୍ଠା କରି ପାରିଚି। ଆଜି ଏ ସରରେ ତୋ ଡାଡ୍ ଜଣେ ପ୍ରତିଷ୍ଠିତ ଶିଳ୍ପପତି। ଦୁଇଶକୋଟୀର ବ୍ୟବସାୟ ମାଲିକାନାରେ ଅଛି।

ପୁତ୍ରକୁ ଯେତେ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କଲେ କ'ଣ ହେବ ସେ ଏ କାନରେ ପୁରାଇ ସେ କାନରେ ବାହାର କରି ଦେଉଥାଏ। ପୁଅର ପ୍ରବଚନ ସୁରୁ ହେଉଥିଲା। ବ୍ରହ୍ମସତ୍ୟ ଜଗତ ମିଥ୍ୟା। ବଂଚିବା ପାଇଁ ଅଣଚାଷ ପବନ ଲୋଡା। ସେଇ ଅକ୍ସିଜେନ ପ୍ଲାଣ୍ଟ ବି ତୋ ବୋପାର। ଭେଣ୍ଟିଲେଟରରେ ରୋଗୀ ବଂଚି ରହେ। ତୋ ଭଗବାନଙ୍କୁ ମତେ ଦେଖାଇ ପାରିବୁ ପୁଅ। ପଚାରିଲେ ଜୈନ ବାବୁ।

ପୁଅ ବୋଇଲା – ପିତା ସ୍ୱର୍ଗଃ... ପିତା ଧର୍ମ, ପିତା ହିଁ ପରମ ତପ। ପବନ, ମୃତ୍ତିକା, ଜଳ, ଆପଣ... ସବୁ କିଛି ଈଶ୍ୱରଙ୍କ ପ୍ରତିରୂପ।

"ବାପ! ତୁ ଚାଲି ଆସେ। ମୁଁ ପ୍ଲେନ ଟିକଟ ପଠାଇ ଦେଉଚି। ତୋର ଏମ.ବି.ଏ. ପାଠ ପଢ଼ିବା ପ୍ରୟୋଜନ ନାହିଁ।

ବହୁତ କିଛି ପ୍ରଶ୍ନ ଉଙ୍କି ମାରୁଥିଲା ଯୁବକର ମନରେ। ବାଜପକ୍ଷୀ ପରି ଉଞ୍ଚା ଆକାଶରେ ଉଡୁଥିଲା। ଏୟାରପୋର୍ଟକୁ ପୁଅକୁ ରିସିଭ କରିବାକୁ କେହି ଗଲେନି।

"ଡାଡ୍। ଆପଣଙ୍କ ସିନା ଟାଇମ ନାହିଁ। କମ୍ପାନୀରେ ଏତେ ମ୍ୟାନେଜର କାମ କରୁଛନ୍ତି। କାହାକୁ ଜଣକୁ ହେଲେ ଏୟାରପୋର୍ଟତ ପଠାଇ ପାରିଥା'ନ୍ତେ ମତେ ରିସିଭ କରିବାକୁ। ସେମାନେ ମୋଟା ଅଙ୍କର ରାଶି ନେଉଛନ୍ତି କ'ଣ ପାଇଁ। ମୋ ପ୍ରେଷ୍ଟିଜ ରଖିଲେନି ଆପଣ ? ପୁଅ ରାଗିଯାଇଥିଲା।

"ତୋ' ଭଳି ଅକାଳ କୁଷ୍ମାଣ୍ଡକୁ ଫରେନରେ ପାଠ ପଢ଼େଇ, ପୁଣି ଲେଉଟି ଆଣିବାକୁ ମୋର ବିଗ୍ ଲସ୍ ବୋଲି ମନେ କଲିତ !" ଜୈନବାବୁ ଯା' କହିବା କଥା କହିଦେଲେ।

ପୁଅ ଗୃହରେ ପାଦ ଦେଉଁ ଦେଉଁ କହିଲା – ଆମ୍ଭଙ୍କୁ ଈଶ୍ୱରଙ୍କ ମାର୍ଗ ଅନ୍ୱେଷଣ କରିବାର ଅଛି। ଜ୍ଞାନ ମାର୍ଗ, ସତ ମାର୍ଗ, ବିଭୁ ମାର୍ଗ, ଶାନ୍ତି ଓ ସିଦ୍ଧି ମାର୍ଗର ପଥ ଉନ୍ମୋଚନ କରିବାର ଅଛି। ଜଗତର କଲ୍ୟାଣ ପାଇଁ ଆମ୍ଭେ ସର୍ବଦା ଉନ୍ମୁଖ।

ଏସବୁ ଭିତରେ ପ୍ରେମିକା ଏଲିଜାବେଥ ଦାସ୍‌ର ମୁଣ୍ଡ ଖରାପ ହୋଇଗଲାଣି। ସେ ଶୁଣିବାକୁ ପାଇଲା ଯେ ନିତ୍ୟା ପାଠ ପଢ଼ା ଅଧା ଛାଡି ଇଣ୍ଡିଆ ଫେରି ଆସିଚି। ତହୁଁ ଫୋନ୍ ଯୋଗେ ପଚାରିଲା। ନିତ୍ୟା "କ'ଣ ହେଲାକି ? ଯାହା ସବୁ ଶୁଣୁଚି ସତ ! ତମେ ଇଣ୍ଡିଆ ଆସିଛ ଅଥଚ ମତେ ଟିକେ ମ୍ୟାସେଜ କରିପାରଲନି। ଜାଣିଥିଲେ ତ ଏୟାରପୋର୍ଟରୁ ରିସିଭ କରି ନେଇ ଆସିପାରିଥା'ନ୍ତି। ଆଚ୍ଛା। ମୁଁ ଏତେ କରି ପଚାରୁଚି। ତୁମେ କିଛି କହୁନ, କାହିଁକି ? ପ୍ରୋବ୍ଲେମ କ'ଣ ! ମତେ କୁହନା। ମୁଁ କିଛି ତ ସଲ୍ୟୁସନ ବାହାର କରିପାରିବି ନା ! ମତେ ତୁମେ ପର ଭାବୁଛ କି ?"

ଶୁଣ ଏଲି। ତୁମର ମତେ ଓ୍ୱାନସାଇଡ ଲଭ୍ ଠିକ୍ ନୁହେଁ। ଭଲ ପାଇବାର ଅନନ୍ତ ଗଗନକୁ ତୁମେ ସ୍ପର୍ଶକରିଛ ଯେ ସେଠୁ ତଳକୁ ପଡ଼ିଲେ ତୁମ ଅବସ୍ଥା ହବ କ'ଣ ? କହିଲା ନିତ୍ୟା।

ସେଠୁ ଏଲିଜାବେଥ ଭୟ ପାଇବା ପରି କହିଲା – ମାନେ ? ମତେ ବାହା ହବନି ନା କ'ଣ ! ନିତ୍ୟା ବୁଝାଇବାକୁ ଚେଷ୍ଟା କରିଥିଲା। "ସବୁପ୍ରେମ କେବେ ସଫଳ ହୁଏନି। ଶ୍ରୀରାଧା ଭଲ ପାଉଥିଲେ ଶ୍ରୀକୃଷ୍ଣଙ୍କୁ। ମାତ୍ର ବିଭା ହେଲେ ଚନ୍ଦ୍ରସେଣାଙ୍କୁ। ଶ୍ରୀକୃଷ୍ଣ ଭଲ ପାଉଥିଲେ ଶ୍ରୀରାଧାଙ୍କୁ ମାତ୍ର ତାଙ୍କ ହାଣ୍ଡିରେ ଚାଉଳ ପକାଇଥିଲେ ରୁକ୍ମିଣୀ। ଯୁଗେଯୁଗେ ପ୍ରେମ ପାଠ ତ ଏଇମିତି। ଅସଫଳତାରେ ପ୍ରେମକୁ ଅନୁଭବ କରିହୁଏ। ଆଜିଠୁ ଏଲି ! ତୁମେ ମତେ ଭୁଲି ଯାଅ। ବ୍ରେକ୍ ଅପ ବୋଲି ଭାବି ନେଇପାର। ଭଲ ପାତ୍ର ଠିକଣା କରି କୋଉଠି ବିବାହ କରିନିଅ। ଆଉ ସୁଖରେ ଥାଅ ଭଲରେ ଥାଅ। ମୋ ଜୀବନର ରାସ୍ତା କଣ୍ଟକିତ। ଯେଉଁଠି ଲାଲ ଗୋଲାପର ଶେଯ ପାଇବନି ସୁଖ ନିଦ୍ରା ଯିବାକୁ। ମୋର ବାଟ ଆଧାତ୍ମ ମାର୍ଗରେ ... ତୁମ ରାସ୍ତା ସଂସାର ଧର୍ମରେ। ଦୁଇଟି ସମାନ୍ତରାଳ ସରଳରେଖା କେବେ ପରସ୍ପରକୁ ଭେଟିବାର ସମ୍ଭାବନା ନଥାଏ। ଜୀବନ ବଂଚିବା ବହୁତ ପୀଡା ଦାୟକ ଏଲିଜା।

ରାଗିକି ପାଚି ଲାଲ ପଡିଯାଇଥିଲା ଏଲିଜା। ଏତେ ଦିନ ଅପେକ୍ଷା କରେଇ ଶେଷକୁ ମତେ ନୀତିବାଣୀ ଶୁଣାଉଚ। ଜଣେ ସରଳନିଷ୍ପାପ କୋମଳମତୀ କନ୍ୟାକୁ ଭସେଇ ଦେବା ପାଇଁ ତୁମ ନିକଟରେ ଆଉ କିଛି ଯୁକ୍ତି ନଥିଲା ନିତ୍ୟା। ତୁମେ ଜଣେ ଫ୍ରଡ୍। ଫେକ୍। ଟୋଟାଲ ଡିଜାଷ୍ଟର।

ଠୋ ଠୋ କିନା କଷି ଦେଇଥିଲା ଦୁଇ ଚାପୁଡା ନିତ୍ୟାର ଗାଲରେ ଏଲିଜା। ନିତ୍ୟା ବାଁ ହାତରେ ଗାଲ ଆଉଁଷୁଥାଏ।

ଏଲିଜା ରାଗିଗଲେ ନିଆଁ ହୋଇଯାଏ। ମୋର ଏଇ କଥା ତୁମଠୁ ଶୁଣିଦେଇ ହାର୍ଟଫେଲ କେମିତି ହେଇନଗଲା। ତୁମେ ପଟାସିଅମ ସାଇନାଇଡ ହୋଇ ଯାଅ ଯେ ମୁଁ ପିଇଦେଇ ଶୋଇଯିବି।

ବହ୍ନିକନ୍ୟା ଏଲିଜାବେଥ୍ ଦାସ। ପୁଳାପୁଳା ପ୍ରତାରଣାର ଅଗ୍ନୀ ପିଣ୍ଡୁଳା ଓକାଳୁଥାଏ। ଓଡିଆ ସାହିତ୍ୟରେ ଗୋଲଡ ମେଡାଲିଷ୍ଟ। ଆଶ୍ରୁବର୍ଷଣ କରୁଥିଲା – ଆଉ କହୁଥିଲା – ନିତ୍ୟା। ମୁଁ ତୁମକୁ ଭଲପାଏ ଯାର। ଚତୁର୍ଥୀ ରାତ୍ରୀର ପ୍ରଦୀପ ପ୍ରଜ୍ୱଳନ ଆଲୁଅର ଆଭାସରେ ପ୍ରେମିକାରୁ ପତ୍ନୀ ପାଲଟିଥିବା ନାରୀ ନଷ୍ଟ ଅବୟବକୁ ଉପଭୋଗ କରିବା ବୋଧେ ତୁମ ଭାଗ୍ୟରେ ନଥିଲା। ଭୋଗରେ ତୁଳସୀ ପତ୍ର ପଡି ନଥିଲେ ଯେମିତି ବାସହୀନ, ସେମିତି ତୁମ ସ୍ପର୍ଶ ବିନା ଏ ଦେହ ଅର୍ଥହୀନ। ତୁମେ ରଙ୍ଗୀନ ପ୍ରଜାପତି ପରି ଉଡି ଉଡି ଆସି ମୋ ଦେହକୁ ନ ଚୁମିଲେ ଫୁଲ ଶେଯର ରାତ୍ରୀ ମାରା ହେଇଯିବନି ନିତ୍ୟା ?

ନିତ୍ୟା ଶେଷ ଥରକ କହିବା ଆରମ୍ଭ କଲା। 'ଏଲିଜା' ଅଘୋରୀ ବାବାଙ୍କୁ କେବେ ଦେଖିଚ। ସେଇମିତି ମତେ କଳ୍ପନା କର। ତମର ହେଇନପାରିବା ଏବଂ ତୁମେ ମୋର ଭାଗ୍ୟରେ ନଥିବା କାରଣରୁ...।

ଆଜିଠୁ ଆମର ଦେଖା ନହେଉ। କଟି। କଟି। ଡବଲ କଟି।

ଅମାନିଆ ଲୁହ ବହି ଆସୁଥିଲା ଚିବୁକ ଦେଇ। ଝିଅଟି ସେତିକିବେଳୁ କାନ୍ଦୁଚି।

ଘରକୁ ଫେରିଛି ପୁଅ। ମା' କହିଲା ଯେ ମୁଣ୍ଡ ଛୁଇଁ କହ। ମୋ କଥା ରଖିବୁ। ପୁଅ ସେଠୁ କହିଲା କି; ହଁ ମାମା। ସମ୍ଭବ ହେଲେ ନିଶ୍ଚେ ରଖିବି। କ'ଣ କୁହତ ଆଗ। ମା' କହିବାକୁ ଆରମ୍ଭ କଲା। ଦେଖ ବାବା। ଆମେ ବୁଢ଼ାବୁଢ଼ୀ ହେଇ ଗଲୁଣି। ଏ କମ୍ପାନୀ, ଫ୍ୟାକ୍ଟ୍ରି, ପ୍ୟାଲେସ୍ କିଏ ଦେଖା ଶୁଣା କରିବ।

ନିତ୍ୟା କହିଲା। ସେଇ କଥା ତ କହେ। ଜୀବନରେ ଆବଶ୍ୟକତାଠୁ ଅଧିକ କମେଇଲେ ଦୁଃଖ ବଢ଼େ। ଜୀବନ ବଂଚିବା ବୋଝ ପରି ଲାଗେ।

" ତୁ ମୁଣ୍ଡ ଖାଇବୁ ମୋର। ଫାଙ୍କି

ଯାଇପାରିବୁନୁ। ଝିଅଟେ ଦେଖୁଚି। ଭଲ ଝିଅଟେ। ବୋହୁ କରି ଆଣିବୁ ଭାବିଚୁ। ମନକୁ ଯିବତ ! ଆମକୁ ଭସେଇବୁନୁ। ନ ହେଲେ ତୋ ମାମା ଅନ୍ନ ଜଳ ସ୍ପର୍ଶ କରିବନି। କହିଦେଉଚି। ମା'ଟେ ଯେମିତି ପଥର ଆଗରେ ମୁଣ୍ଡିଆ ମାରି ନିବେଦନ କରୁଥିଲା। ପାଣିଟୋପେ ନିଗିଡ଼ିବାର ନାଁ ଧରୁନି କିନ୍ତୁ।

ବହୁ କଷ୍ଟରେ ସମ୍ମତି ପ୍ରକାଶ କଲା ପୁଅ। ହେବ ଯେବେ କହୁଚ ସିମୀତ ସଂଖ୍ୟକ ଆତ୍ମୀୟ ପରିଜନଙ୍କ ମଧ୍ୟରେ ଆୟୋଜନ କର। ମାତ୍ର ଡେଷ୍ଟିନେସନ ୱେଡ଼ିଂ ହିଁ ହେବ।

କିଏ ଜଣେ ଲଳନା ହାତେନାକୁ ଓଢ଼ଣା ଟାଣି ଥିରିଥିରି ପାଦରେ ବାସର ଘର ଭିତରକୁ ଆଗ ବାମ ପାଦ ବଢ଼ାଉଥିବ। ଜୀବନର ଖାଲିଥିବା ଘରକୁ ରଙ୍ଗ ତୁଳୀରେ ଭରି ଦେବ। ସପନର ମହଲ ଗଢ଼ି ଦେବ। ପ୍ରେମ ଦାବି କରିବ। ଲାଜରେ ଲାଲ ପଡ଼ିଯାଇଥିବ ତା'ର ମୁହଁ। ଅପେକ୍ଷା କରିଥିବ ଭଣଭଣ ସିନ୍ଦୁର ନାଇ ବରକୁ ତାର।

କୋଟି କୋଟି ଟଙ୍କାର ମାଲକାନୀ ହେବାକୁ ଆସିଥିବ। ମାତ୍ର ସ୍ୱୟଂ ସହରତଳି ଅଂଚଳର ଗୋଟେ ଛୋଟ ସରକାରୀ ଚାକିରିଆର କନ୍ୟା। ବାପ ତା'ର ପୋଷ୍ଟମାଷ୍ଟର ମାଖନଲାଲ ଫଡେଦାର। ନୂଆ କନିଆଁ ଆଖିରେ ଭସା ଭସା ମେଘ। ଖୁସୀର ବର୍ଷା ଅବତରି ଆଣୁଥିଲା ବାସର ଘରକୁ...। କେମିତି ହେଇଥିବ ତା' ବର। ଆଉ ଟିକେ ପରେ କୋଠରୀ ମଧ୍ୟକୁ ଝଡପରି ପଶିଆସି ଖିଡ଼କି ଲଗାଇ ଦେବ। ତା' ପରେ... ?

ପୁଅର ବିଭାଘର ହେଉଥିଲା ଉଦୟପୁର ରାଜବାଟୀ ମଧ୍ୟରେ। ଫୁଲର ହାଟ ବସିଚି ଯେମିତି। ରଙ୍ଗବେରଙ୍ଗର ଝଣ୍ଡା ଉଡୁଚି। ଗୋଲାପି ସହରର ମାୟା ସୃଷ୍ଟି କରୁଛି ପରିବେଶଟି।

ହାତଗଣ୍ଠି ପଡିଲାତ ଆକାଶ ମାର୍ଗରୁ ପୁଷ୍ପ ବୃଷ୍ଟି। ହେଲିକେପ୍ଟରର ଡେଣାରେ ଫୁଲର ସଉଦାଗର।

ଚତୁର୍ଦ୍ଦଶୀର ଚନ୍ଦ୍ରମା ଉଙ୍କି ଆସୁଥିଲା କାଚର ବାତାୟାନ ମଧଦେଇ। ନିଶାଟୁଲୁଟୁଲୁ ରାତି। ସ୍ୱପ୍ନ ସ୍ୱପ୍ନ ମାଦକତା। କିଏ ତୁମେ ମଦାଳସା ହେବ ରାତିର ଅତିଥି !

ମୁଣ୍ଡରେ ଓଢ଼ଣା ଥାଏ। ବରକୁ ଦେଖି ପାରୁନଥାଏ କନିଆଁ। ବରବି ସୁନା କନିଆଁକୁ।

ମୁହଁ ପୋତି କନିଆଁ କହିଲା କି, ହଇଗୋ, ଆଜି ଏ ରାତି ପାହିଯିବ କି ? ଦୁଷ୍ଟାମୀ ଶିଖିନାକି। ହେ ମୋର ମହମର ରାଜକୁମାର ! ତୁମ ଉଷ୍ମ ଆଲିଙ୍ଗନରେ ଆଉଟି ଦିଅ ସୁବର୍ଣ୍ଣ ପୁତୁଳି। ଆଗୋ ଅବଗୁଣ୍ଠନବତୀ। ହାତ କମ୍ପୁଚି ତମ ଓଢ଼ଣା ତବ ଉନ୍ମୋଚନ କରିବାକୁ। ତୁମ କୁଆଁରୀ ଦେଉଳର ପାପୀ ପୁଝାରୀ ହେବାକୁ ମୁଁ ଅନିଚ୍ଛୁକ। ମୁଁ ଆଖି ବୁଜିଲି। ତୁମେ ବି ବୁଜିଦିଅ ଦୁଇ ଚକ୍ଷୁ।

... ଏଲିଜା ! ଇସ୍ କି ଭୁଲ କଲି...।

... ନିତ୍ୟା !

ଇସ୍ କି ଭୁଲ କଲି...।

ବର କହିଲା – ମୁଁ ବରଂ ବିଛଣା ଚଦର ତକିଆ ନେଇ ଚଟାଣ ଠିଁ ଶୋଇ ପଡୁଚି। ଆମ୍ଭେ ବ୍ରତ ରଖିଚୁ। ନାରୀ ସ୍ପର୍ଶ ଅବାଂଛିତ।

କନିଆଁ ଚେଇଁ ଉଠିଲାଣି ନିଦରୁ। ନାଇଁ ଗୋ ପ୍ରିୟେ। ଏ ମିଳନର ରାତିକୁ କିଏ ପାଣଚିଆ କରି ଦିଏ ? ନିତ୍ୟା ତହୁଁ ଜବାବ ରଖିଲା। ପ୍ରିୟେ ! ଓଯେ ! ଓଯେ ! ! ଫୁଲ ଶଯ୍ୟା ମତେତ କଣ୍ଟାର ଶଯ୍ୟା ପରି ଲାଗୁଚି।

: ତୁମେ ପୁରୁଷ ନା ଲାଜକୁଳୀ ଲତା। ନିତ୍ୟା କ୍ରୋଧବଶତଃ କହିଲା କି, ଏଇଟା ମମ୍ମଙ୍କର ବିରାଟ ବଡ ଚକ୍ରାନ୍ତ। ଯେଉଁ କନ୍ୟା ସହ ଆମ୍ଭର ବ୍ରେକ୍ ହୋଇଛି, ସେଇଠି ପୁଣି ହନିମୁନ୍। ପ୍ରେମରେ ବିଦ୍ରୋହ ଥାଏ। ପ୍ରତାରଣା ବି ସ୍ୱାଭାବିକ। ସ୍ୱପ୍ନ, ସମ୍ଭାବନା, ପ୍ରତିଶ୍ରୁତି ମିଛ। ଯେଉଁ ପ୍ରେମ ପତ୍ରଟିକୁ ଚିରି ଦେଇ ଡଷ୍ଟବିନକୁ ଫିଙ୍ଗିଥିଲି ତାକୁ ପୁଣି ଉଠାଇ ଆଣି ଶବ୍ଦ ସଂଯୋଜନାବଶତଃ ନିମନ୍ତ୍ରଣ ପତ୍ର ବନେଇ ଦେଲ। ଆଃ...

ଥ୍ୟାଙ୍କ ୟୁ ନିତ୍ୟା। ଆଇ ଲଭ ୟୁ ଠୁ। ଭାବା ବେଗରେ ଉଚ୍ଛୁଳି ଉଠୁଥାଏ କୁଆଁରୀଜୀବନର ଆଦ୍ୟ ଯୌବନର ନଈ।

ମେଘ ମେଦୁର ଆକାଶ। ଗୋଟେ ଗୋଟେ ତାରା ଆକାଶରେ ଜୁଳୁଜୁଳିଆ ପୋକ ପରି ଚାହିଁଛନ୍ତି।

ସବୁ ଅଙ୍କ ଭୁଲ୍ ହେଇଗଲା ନିତ୍ୟା। ଡାକ୍ତରଙ୍କ ରିପୋର୍ଟ ଆସିଚି। ଏଲଜାବେଥ ଗୋଟେ ଖୁସି ଖବର ଦେଇଚି। ନିତ୍ୟା ଅଭିନନ୍ଦନ। ଖୁସି ହୁଅ କି ନହୁଅ। ତୁମେ ମୋ ଗର୍ଭସ୍ଥ ସନ୍ତାନର ପିତା ହେବାକୁ ଯାଉଚ। ଆସୁଚି ସେଇ ଦିନ, ଯେବେ ଜୈନ ଗ୍ରୁପ ଅଫ୍ ଇଣ୍ଡଷ୍ଟ୍ରିଜର ଚେୟାରମ୍ୟାନ ପଦରେ ଜଣେ ଆଗନ୍ତୁକ ବସିବେ।

ଚୁପ୍‌ଚାପ୍ ରାତି। ଟୁପ୍‌ଟାପ ମେଘ ଟୋପା। ମା'ର ପଣତ ଡାଙ୍କି ଦେଇ କିନା ଅମୃତ ଶୋଷୁଥିବ। ଏକ ନିଷ୍ପାପ ଶିଶୁ ଆଉ କେବେ ବି ବାପ ମୁହଁ ଦେଖିବାକୁ ପାଇବନି। କାଲିର ସକାଳ ତା' ପାଇଁ ଅପବାଦ ନେଇକିନା ଆସିବ। ମଠା କପଡ଼ାର କୁର୍ତ୍ତା ପାଇଜାମା ନାଇବା ହେ କାନ୍ଧରେ ପଶମର ଚଦର ପକେଇ ଯୁବରାଜ ଆଖି ବୁଲାଇ ଆଣିଲା – ମା' ପୁଅଙ୍କ ଉପରେ। ଆଗୋ ! ଆର ଜନ୍ମରେ ଦେଖା ହେବ କି ନା ... ଜାଣେନା। ବିଦାୟ ପୁତ୍ର ରାହୁଲ।

ଆମ୍ଭେ ଚଳିଲୁ ବନପ୍ରସ୍ଥ ଅନ୍ୱେଷଣରେ ...। ତପସ୍ୟା ଏକ କଠୋର ଅନୁଶାସନ। ମୋକ୍ଷପ୍ରାପ୍ତି ଉଦ୍ଦେଶ୍ୟରେ ଆମ୍ଭର ଏ ଯାତ୍ରା। ତୁମ୍ଭେ ପ୍ରୟାସ ଜାରି ରଖିଲେ, ଆମର କୋଉଠି ନା କୋଉଠି ଦେଖା ହବ। ଏକ ବଟ ଫଳ ଆମ୍ଭ ଅଣ୍ଟିରେ ଖୋସିଛୁ। ଆମ୍ଭର ବିଳୟ ହେବା ପୂର୍ବରୁ ବୀଜଟି ଅଙ୍କୁରୋଦଗମ ହୋଇ ଶାଖା ପ୍ରଶାଖା ମେଲାଇ ଛାୟା ପ୍ରଦାନ କରୁଥିବ। ବଟବୃକ୍ଷ ନିମ୍ନରେ ଥିବ ସାଧନାର ପୀଠ। ମେଡିଟେସନ।

ଭାଙ୍ଗିଯାଇଛି ନିଦ୍ରା ଏଲିଜାର। ଅଣ୍ଡାଳିଲା ପୁଅ ତ ଠିକ୍ ଅଛି ମାତ୍ର ନିତ୍ୟା ଯେ ଅନ୍ତର୍ଦ୍ଧାନ। ଏଲି ... ମତେ ପଛରୁ ଡାକିଲେକି ? ଡାକିବନି। ମୋର ଅସଫଳ ହେବ।

ଶିଳ୍ପପତି ଜୈନ ସାମ୍ରାଜ୍ୟର ପୁରୋଧାଙ୍କ ସମ୍ମୁଖରେ ଶିଶୁପୁତ୍ରକୁ କାନ୍ଧରେ ପକାଇ ଜଣେ ନାରୀର ପ୍ରଶ୍ନ। ଡାଡ୍ ! ଆମକୁ ବିଦାୟ ଦିଅନ୍ତୁ। ଆଉ କାହିଁକି ରୋକୁଛନ୍ତି। ଆପଣଙ୍କ ପୁତ୍ର ଆପଣଙ୍କ କଥାରେ ନାହାନ୍ତି। ସନ୍ନ୍ୟାସୀର ବଧୂ ଦେବାକୁ ମୁଁ 'ଜୈନ ହାଉସ୍'ରେ ବାମ ପାଦ ଆଗକୁ ବଢ଼ାଇ ନଥିଲି।

ଶିଳ୍ପପତି ପିତା ମ୍ରିୟମାଣ ଅବସ୍ଥାରେ ଉତ୍ତର ରଖିଲେ। ଯାହାକୁ ତୁ କାନ୍ଧରେ ଶୁଆଇଛୁ। ସେଇ ସୁପ୍ତ ସ୍ୱପ୍ନଟି ମୋର ଅନ୍ତିମ ଅବଲମ୍ବନ। ତାକୁ ନେଇ କୁଆଡ଼େ ଯାଉଚୁରେ ମା। ମୋ ଖେଳନା ସେ ... ମୋ ଇଣ୍ଡଷ୍ଟ୍ରୀର ଭବିଷ୍ୟତ।

ଏଲିଜାବେଥ ଲୁହ ପୋଛୁଥାଏ ପଣତକାନିରେ। "ତୋ କୋଳରେ ଉଦିତ ସୂର୍ଯ୍ୟ। ବଂଶବୃକ୍ଷଟିକୁ ବଂଚାଇ ରଖିବା ଜଣେ ମା'ର ଦାୟିତ୍ୱ। ହେଲେ ଜଣେ ନାରୀ ସମ୍ମୁଖରେ ବୃଦ୍ଧଙ୍କ ଆବେଦନ ବ୍ୟର୍ଥ ଗଲା।

ଏମିତି ଦିନେ ମଗଧର କପିଳବାସ୍ତୁ ରାଜପ୍ରସାଦ ମଧ୍ୟରୁ ନିଶାର୍ଦ୍ଧରେ ନିଖୋଜ ହୋଇଯା'ନ୍ତି ରାଜକୁମାର ଗୌତମ ବୃଦ୍ଧ। ପାଟରାଣୀ ଗୋପା ଓ ଶିଶୁ ରାହୁଲଙ୍କୁ ପଛ କରି ତଟନିରଂଜନା କୂଳକୁ ପ୍ରସ୍ଥାନ କରିଥିଲେ – ଅଶ୍ୱସ୍ଥ ବୃକ୍ଷ ସମୀପ ସିଦ୍ଧିପ୍ରାପ୍ତ ସ୍ଥଳ।

ବିଳାସବ୍ୟସନରୁ ବୈରାଗ୍ୟ ଚିନ୍ତନ। ନିତ୍ୟାର ଗନ୍ତବ୍ୟପଥ ଆମକୁ ଅନୁସରଣ କରିବାକୁ ହେବ। ଅଖଜୀ ! ତୁମର ମତ କ'ଣ ? ପଚାରିଲେ ଜୈନ ବାବୁ। ଗଲା ପୁତ୍ର ବାହୁଡି ନୋଇଲା। କ'ଣ ହେବ ଟଙ୍କା, ସୁନା ରୂପା, ଫ୍ୟାକ୍ଟ୍ରି। ଚାଲ ଦାନ କରିଦେଇ ତୀର୍ଥାଟନରେ ଚାଲିଯିବା।

ବାବୁ ତତ୍‌କ୍ଷଣାତ୍ ସହମତି ଭରିଥିଲେ। ଚାରିଧାମ ଭ୍ରମଣ କରିବା। ପୁତ୍ରକୁ ଠାବ କରିବା।

ଆଜି ସନ୍ଧ୍ୟାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି। ଶିଳ୍ପପତି ଦମ୍ପତିଙ୍କୁ। ତ୍ୟାଗ ଓ ମାନବସେବାର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ଗଣ୍ୟ କରାଯାଉଛି ଦୁହିଁଙ୍କୁ...

ଟାଉନ ହଲ ପ୍ରେକ୍ଷାଳୟରେ ଭରପୁର

ଜନଗହଳି। କରପୋରେଟ ଜଗତର ହସ୍ତୀ ଗଣ, ରାଜନେତା, ସାମାଜିକ କର୍ମୀ, ଗଣମାଧ୍ୟମ ସମୁହଙ୍କ ହସ୍ତରେ ଥିଲା ବିରାଟକାୟ ପୁଷ୍ପ ମାଲ୍ୟ, ଅଙ୍ଗବସ୍ତ୍ର, ପଦାରେ ଚାଲିଥିଲା ଆତସବାଜି ପ୍ରଦର୍ଶନ। ପ୍ରେକ୍ଷାଳୟ ଅନ୍ତରାଳେ ଘନ ଘନ କରତାଳି।

ସେମାନଙ୍କୁ ଯେଉଁ ଗାଡିଟି ବହନ କରି ଆଣିଥିଲା, ସେଇଟି ଉତ୍ସବ ସମାପନ ପରେ ଅଧାବାଟରେ ଓହ୍ଲାଇ ଦେଇ ଚାଲିଗଲା। ଆଗକୁ ଆଗକୁ ପଥବହୁଦୂର ନପଡିବି କେବେ ଥକି.. ଯେଯାଏଁ ପୁଅକୁ ନ ପାଇଛି, ଖୋଜୁଥିବି ଦିନରାତି।

ଦୁଇଶହ କୋଟି ଶିଳ୍ପସଂସ୍ଥାର ମାଲିକ ଟଙ୍କାଟିଏ ବି ଆଣିଲେନି। ରିକ୍ତ ହସ୍ତରେ କେମିତି ହେବ ତୀର୍ଥାଟନ।

ତିନିଧାମ ପରିଦର୍ଶନ ପରେ ଶେଷଧାମ ନୀଳାଚଳ। ଜଗନ୍ନାଥ ସଡ଼କକୁ ମୁଣ୍ଡିଆ ମାରିଲେ ବୃଦ୍ଧ ଦମ୍ପତି। ମହାପ୍ରଭୁଙ୍କ ଦର୍ଶନ ବାଦେ ବିଶ୍ୱର ମୁକ୍ତାକାଶ ମୁଫତ୍ ଭୋଜନାଳୟରେ କ୍ଷୁଧା ସହିତ ପୂଣ୍ୟ ଅର୍ଜନ କରୁଛନ୍ତି।

ସମୁଦ୍ର ବେଳାଭୂଇଁ। ଦୂର ଦିଗବଳୟ ଲୋହିତ ବର୍ଣ୍ଣ। ସରି ସରି ଝାଉ ବଣ। ମହୋଦଧି ସ୍ନାନ। କିଏ ସେଠି ଜଣେ ଅହୋରାତ୍ର ତପସ୍ୟାମଗ୍ନ। ମୁଣ୍ଡ ଓପରେ ବଟବୃକ୍ଷ। ମନୁଷ୍ୟାକୃତ ଉଇ ହୁଙ୍କା। ଖୋଳପା ମଧ୍ୟରେ ଯୁବ ସନ୍ନ୍ୟାସୀ। ମୁଦ୍ରିତ ନୟନ। ଆବିର୍ଭାବ ହେଲେ ଜଣେ ସାଧୁ। ଧଅସି ପଡ଼ିଲା ବାଲିର ବେଶ। ମୁଖନିସୃତ ବାଣୀ ଥିଲା ଓଃ ବୁଦ୍ଧଂ ଶରଣଂ ଗଚ୍ଛାମି। ସଂଘଂ ଶରଣଂ ଗଚ୍ଛାମି। ଧର୍ମଂ ଶରଣଂ ଗଚ୍ଛାମି। ସନ୍ନ୍ୟାସୀ କହିଲେ କି ପିତା ଦିବ୍ୟ ଦୃଷ୍ଟିବଳେ ଜାଣିପାରିଛି ଆପଣ ମୋ ପିତାମାତା। ସଂଘରେ ଯୋଗଦିଅନ୍ତୁ। ଆମ୍ଭେ ବୋଧିସତ୍ୱ ହେବାକୁ ଯାଉଛୁ। ଆଜିର ସନ୍ଧ୍ୟା ପବିତ୍ର ବୈଶାଖ ପୂର୍ଣ୍ଣିମା।

:ଆମ୍ଭେ ଶିଳ୍ପପତି ହେଇ ସଂଘରେ ରହି ଭିକ୍ଷାଂ ଦେହି କହିବୁ ?

: ସମ୍ପତ୍ତି ଦାନ ଖଇରାତ କରିବା ପରେ ଆପଣଙ୍କ ନିଜର ବୋଲି ଅଛି କ'ଣ ? ନଶ୍ୱର ଶରୀର ମନ ବିଲୟ ହେବାକୁ ଯାଉଛି। ସଂଗେ ସଂଗେ ଯୁବ ସନ୍ନ୍ୟାସୀ ନିର୍ବାକ ହୋଇଗଲେ। ବାପମା' ଛିଡା ହୋଇ ଦେଖୁଥା'ନ୍ତି। ଶରୀର ପରିଣତ ହୋଇଛି ବଟବୃକ୍ଷରେ। କଳ୍ପବଟ ମୂଳେ ହେଁ ଶୂନ୍ୟଦେହୀ।

*ତାରାକୋଟ, ଯାଜପୁର ରୋଡ*
*ଦୂରଭାଷ: ୯୪୩୮୧୧୧୩୦୯*



# ଆଁ କାଳିଆ ! ସୁଖ ଦୁଃଖ ଟିକେ ହେବା ?

## କୈଳାସ ରାଉତ

ଯାʼ ଭିତରେ ବିତି ଗଲାଣି ଅନେକ ଦିନ। କେବେଠାରୁ ଭାବି ହେଉଛି ଟିକେ ସୁଖ ଦୁଃଖ ହେବାକୁ। ହେଲେ, ଆବ୍ ଖଟୁ ନାଇଁ। ଯୁ ପାଉନାହିଁ। କଥା କʼଣ କି, ଟିକେ ମନଖୋଲି କଥା ହେବାକୁ ଏ ମନଟା ଭାରି ହାଇଁ ପାଇଁ ହେଉଚି। କଥା ଗୁଡାକ ପେଟ ଭିତରୁ ଉଠି ଆସୁଚି ସତ; ପାଟି ପାଖରେ ଧକ୍କା ଖାଇ ଅଟକି ଯାଉଛି। ଉଁକାରି ଆଣିଲା ବେଳକୁ, ମନକଥା ରହିଯାଉଚି ମନରେ। ପାଟି ହେଇ ଯାଉଚି ଆପୁ ଆପୁ। କୁଳାଣ ପାଉନାହିଁ କିଛି ବହିବାକୁ। ନକହି ବି ରହି ହେଉଚି କୋଉଠି। କେମିତି କହିବି ? କି ସମ୍ବୋଧନ କରିବି। ଯାହାଯାହା ଭାବିଚି ସବୁ ନିସଂକୋଚରେ କହି ପକେଇବି ନା କିଛି ରଖିନେବି ପେଟ ଭିତରେ, ମନ ସିନ୍ଧୁକରେ। ଏଇମିତିଆ ଦ୍ୱନ୍ଦ୍ୱଟିଏ ମୋତେ ଘାରିଚି।

ତଥାପି, ସାହସ ଯୁଟୋଉଛି। ଦମ୍ଭ ବାନ୍ଧୁଛି। ହିମ୍ମତ୍ କରୁଛି କହିବାକୁ। ହଁ, ସାହସ, ଦମ୍ଭ, ହିମ୍ମତ କରିବା କଥାଟା ବି ଭାରି ଅଡୁଆ ତଡୁଆ କଥା। ଆମ ଭଳି ମଣିଷମାନଙ୍କ ବୁକୁରେ, ମନରେ କେତେ ଅବା ସେ ଦ୍ରବ୍ୟଗୁଡିକ ତୁମେ ଦେଇଛ କି ? ଧେତ୍ ଏଣ୍ଟୁଅ ଧାଉଡି ସିଜୁବୁଦା ଯାଏ। ଏତିକି ଆମର ସାହସ। ତାʼ ନ ହେଇଥିଲେ ଟଙ୍କା କେଇ ହଜାର ବ୍ୟାଙ୍କ ଋଣ ପାଇଁ ଆମ ଭେଣ୍ଡାପୁଅ କʼଣ ବିଷ ପିଅନ୍ତା ? ଆମ ହିମ୍ମତ୍ କଥା କʼଣ ତୁମକୁ ଅଛପା ? ଦାଦନ ଯାଇଥିବା ଆମ ଗାଁ ଲୋକେ କଟା ହାତରେ ଘରକୁ ଫେରନ୍ତେ ? କୁଲି ଭୁତି କରିଥିବା ମଜୁରୀ ପାଇଁ ସାଆନ୍ତେଙ୍କ ଉଚ୍ଚ ପିଣ୍ଡା ତଳେ ଦୋଷୀ ଆସାମୀ ଭଳି ଗୋଡ଼ଭାଙ୍ଗି ଠିଆ ହୁଅନ୍ତେ ? ହଜାର ହଜାର କୋଟି ଟଙ୍କା ଚଳୁକରି, ଉଡ଼ାଜାହାଜରେ ଉଡ଼ି, ଦେଶଛାଡ଼ି, ଯିଏ ବିଦେଶରେ ପାଆନ୍ତି ଜୋଇଁ ପୁଅର ମାନ୍ୟତା, ତାଙ୍କ ସାହସ ସଙ୍ଗେ ଆମ ସାହସ କʼଣ ତୁଳନୀୟ ? ତାଙ୍କ ଛାତିରେ କଳିଜାଟା ତୁମେ ଏତେ ବଡ଼ କରିଦେଲ କାହିଁକି ? ଶୁଣିଛି, ତୁମ ଆଜ୍ଞା ବିନା, ତୁମ ଇଚ୍ଛାବିନା ଗଛରୁ ପାଚିଲା ପତ୍ରଟିଏ ଝଡେନା କି ନୂଆ ପତ୍ରଟିଏ କଅଁଳେନା। ସତରେ, ଯେତେସବୁ କାଣ୍ଡକାରଖାନା ସବୁ କʼଣ ତୁମରି ଇଚ୍ଛାରେ ହୁଏ। ହଉ, ହଉ, ଛାଡ଼ନ୍ତୁ ସେକଥା। ମୁଁ ମୋ ନିଜ ସୁଖ ଦୁଃଖ କହିବା ବେଳକୁ ମୁଣ୍ଡ ପୁରେଇ ଦେଲିଣି ପର କଥାରେ। କ୍ଷମା କରିଦେବେ।

ହଁ, ଏବେ ହବା ଟିକେ ଦୁଃଖ ସୁଖ। ତେବେ, କେମିତି ଆରମ୍ଭ କରିବା? କବିତ ଲେଖିଲେ – "କଳା ସାଆନ୍ତେ! ଅଛ କେମନ୍ତେ? ସୁଖ ଦୁଃଖ ଟିକେ ହେବା" ବୋଲି। ସତକଥା ହେଲା ଏକଥାଟା ବି ମୋ ମନକୁ ପାଉନାହିଁ। କବି ମହାଶୟ ସିନା କଥାଟା କହିଦେଲେ, ହେଲେ, କେତେ ଦୁଃଖ ସୁଖ ହେଇଥିବେ, ତାଙ୍କୁ ଜଣା, ତୁମକୁ ଜଣା। ସେ ପରା ମୂଳରୁ ତୁମକୁ ସମ୍ବୋଧନ କରିଦେଲେ 'ସାଆନ୍ତେ' ବୋଲି। ଏ ସମ୍ବୋଧନ ହିଁ ପ୍ରମାଣିତ କରିଦେଲା ତାଙ୍କ ଓ ତୁମ ଭିତରେ ଥିବା ବ୍ୟବଧାନର କଥା, ଦୂରତାର କଥା। ତୁମକୁ ସେ ମହାମହିମ ସାଆନ୍ତ ଜ୍ଞାନ କଲେ। ନିଜକୁ ଏକଦମ ଛୋଟ ଭାବି ଏମିତି ସମ୍ବୋଧନଟିଏ କରି ଦେଇଛନ୍ତି। ଆଚ୍ଛା, କହିଲେ ଦେଖି, ଜଣେ ମହାମାନ୍ୟ, ମହାପ୍ରତାପି ସାଆନ୍ତଙ୍କ ଦରବାରରେ ସାଧାରଣ ଲୋକଟି କେମିତି ଠିଆହୁଏ, କେମିତି ବସେ ? କେମିତି ଡରିମରି ଶଙ୍କୁଡି ଯାଇ, ମାପଚୁପରେ କଥା କହେ ? ସାଆଁନ୍ତେ ? ସବୁକାଳେ ସାଆନ୍ତେମାନେ ହିଁ ବସିବାକୁ ବାଧ ମହାର୍ଘ୍ୟ ମଣିମୁକ୍ତା ଖଚିତ, ଆରାମଦାୟକ ତକ୍ତପୋଷ ସୁଶୋଭିତ ସୁରମ୍ୟ ସିଂହାସନରେ। ସୁଦୃଶ୍ୟ ବେଶ ପରିପାଟି, ମୂଲ୍ୟବାନ ବସ୍ତ୍ର ସେ କରିଥିବେ ପରିଧାନ। ଚଉଡ଼ା କାନ୍ଧଟି ଉପରେ ପୁଣି କମକୋଟି ପାଟବସ୍ତ୍ର। ଚଉପାଶରେ ଘେରି ରହିଥିବେ କେତେ କେତେ ପାରିଷଦ, ପାତ୍ର ମନ୍ତ୍ରୀ। ଗୋଟେ ଅଜବ ଗାମ୍ଭୀର୍ଯ୍ୟ ଖେଳି ବୁଲୁଥିବ ସେ ସଂଭ୍ରାନ୍ତିଆ ପରିବେଶର ବାୟୁମଣ୍ଡଳରେ।

ଆଉ, କେଉଁ କାଳର ପେଡିସାଇତା ଦରମଳା ଧୋତିକୁ ମୁମୂର୍ଷୁ କମିଜ ଖଣ୍ଡିଏ, ପଞ୍ଜରାହାଡ଼ ଗଣି ହେଉଥିବା ଦେହରେ ଗଳେଇ, ନୁଖୁରା ଟାଙ୍ଗରା ମୁଁ ମାନେ ସେଠାରେ ହେଇ ପାରିବୁ କି ସ୍ୱାଭାବିକ? ହେଇ ପାରିବୁ ଖୋଲାମେଲା ? କହି ପାରିବୁ ଭାବିଥିବା ଆବେଗପୂର୍ଣ୍ଣ କଥାଗୁଡ଼ିକ ଅନ୍ତରଙ୍ଗ ଢଙ୍ଗରେ ? କେବେ ନୁହେଁ ନା। ହଁ, କେବେ ନୁହେଁ। ଅନ୍ତରଙ୍ଗ ଆଳାପ ତ ହୁଏ, ସମଦୁଃଖୀ ଆଉ ସମାସ୍କନ୍ଦ ସାଙ୍ଗରେ। ଏକଥାକୁ ତୁମେ କʼଣ କରି ପାରିବ ଅସ୍ୱୀକାର ?

ବିଭିନ୍ନ ସୂତ୍ରରୁ ଜାଣିଛି ତୁମ ସ୍ଥାବର ଅବସ୍ଥାର ସମ୍ପତ୍ତିର ବିଶାଳତା ବାବଦରେ । ତୁମ ରତ୍ନ ଭଣ୍ଡାର ହୀରା, ଲିଳା, ମୋତି, ମାଣିକ୍ୟରେ ଭର୍ତ୍ତି। ତୁମ ଗମ୍ଭୀରରେ ପଡ଼ିରହେ ମହଣ ମହଣ ଓଜନର ସୁନା, ରୂପା। କିଏ କେତେ କେଉଁ ଛଟକରେ ସେଥିରୁ ବୋହି ନିଅନ୍ତି ପୂଳା ପୁଳା। ହେଲେ, ଆମ ବାହାଯୋଗ୍ୟ ଝିଅଟି ନାକକୁ ଦିʼ ଅଣି ନିଅଣ୍ଟ ଦଣ୍ଡିଟିଏ ପାଇଁ । ହଜାର ହଜାର ଏକର ଭୂତଖିଆ ଭୂସମ୍ପତ୍ତିର ମାଲିକ ତୁମେ। ଚାରି ଡିସିମିଲ୍ ଘରଯୋଗ୍ୟ ଅରାଏ ଜମି ବି ନାହିଁ ଆମର। ଏଇଠି ପ୍ରାତଃ ସ୍ମରଣୀୟ ଭଜନ ସମ୍ରାଟ ୰ଭିକାରୀ ବଳଙ୍କ କଥାଟିଏ ମନେ ପଡୁଛି। ସିଏ ଗାଇଥିଲେ ଭଜନଟିଏ। "କାଳିଆରେ କାଳିଆ, କରିଦେ ମୋତେ ତୋ ଜମି ହଳିଆ।" ହଁ, ସେଇ କଥାତ ମୁଁ ବି କହୁଛି।

ତୁମେ ହଜାର ହଜାର ଏକର ଜମିର ସତ୍ତ୍ୱାଧିକାରୀ। ସେ ଜମି ସବୁକୁ ଉଠିଆ କରିବା ପାଇଁ ସେଥିରେ ଖଟୁଥିବେ ହଜାର ହଜାର ସଂଖ୍ୟାରେ ହଳିଆ, ମୂଲିଆ। ସେଇ ବିଚରାମାନେ କେବେ କʼଣ ତୁମ ସଙ୍ଗେ ହିଡମୁଣ୍ଡରେ ବସି କରିଛନ୍ତି ଅନ୍ତରଙ୍ଗ ଆଳାପ ? ହେଇଛନ୍ତି ଦୁଃଖ ସୁଖର ଦିʼ ପଦ କଥା ? ସମତାଳରେ କେବେ ତୁମ ସଙ୍ଗେ ହସିଛନ୍ତି ମନଖୋଲା ହସଟିକେ ? କେବେ ନୁହେଁ। ପୁଣ୍ୟଭୂମି ଭାରତବର୍ଷର ଏଇଟା ହେଉଛି ସବୁଠୁ ବଡ଼ ବିଡମ୍ବନାର ବିଷୟ। ଏଇଠି ଥାକକୁ ଥାକ କେତେ ପ୍ରକାରର କେତେ ପ୍ରଜାତିର ମଣିଷ। ଦଳେ ଖୁବ୍ ତଳେ ତ ଦଳେ ଖୁବ୍ ଉଚ୍ଚରେ। ଦଳେ ଅସୂର୍ଯ୍ୟାଂପଶ୍ୟା ତ ଦଳେ ଖରା ଖାଇ ଖାଇ ପାମ୍ପରା। ଆମେ ସବୁ ମଣିଷ ସମାନ। ଏହା କେବଳ ପୋଥିଗତ କଥା। ଗଣତନ୍ତ୍ରର ଏହା କେବଳ ଶ୍ରୁତିମଧୁର ଶବ୍ଦଟିଏ ମାତ୍ର। ସମାନ, ସମାନତା ନହେଇ ପାରିବାର କାରଣ

କ'ଣ ? କାରଣଟା ତୁମକୁ ଅଛପା ନୁହେଁମ। ତୁମେ ବଡମାନେ, ମହାମହିମମାନେ, ହଜୁର ସାଆନ୍ତମାନେ ତୁମ ଗମତ ପଣର ଖୋଳରୁ କେବେ ବାହାରି ପାରନା । ବାହାରି ପାର ନାହିଁ ଏଇଥି ପାଇଁ ଯେ, କାଳେ କମିଯିବ ତୁମର ବଡ଼ପଣ । କାଳେ ଆମ ମଳିମୁଣ୍ଡିଆଙ୍କ ମଳିଧୂଳି ଲାଗିଯିବ ତୁମ ସଫାସୁତୁରା ଦେହ ମୁଣ୍ଡରେ, ପୋଷାକ ପରିଚ୍ଛଦରେ।

ଏତେସବୁ କଥା ଯେ, ଭଜନ ସମ୍ରାଟ ଜାଣି ନଥିଲେ, ଏକଥା ନୁହେଁ। ସେ ସବୁ ଜାଣିଥିଲେ। ତଥାପି କୋଉ ଗୋଟେ ଆବେଗରେ ସେ କହିଦେଲେ ଜେଜାଣି, "କରିଦେ ମୋତେ ତୋ ଜମି ହଳିଆ" ବୋଲି।

ଯେତିକି ଜାଣିଛି, ଭଜନ ସମ୍ରାଟଙ୍କର ବିଶେଷ ଆର୍ଥିକ ସ୍ୱଚ୍ଛଳତା ନଥିଲା। ତଥାପି, ବିଦେଶରେ କଣ୍ଠ ସଙ୍ଗୀତ ପରିବେଷଣ ପାଇଁ, ପାଇଥିବା ପାରିତୋଷିକରୁ ସେ ଏକକାଳୀନ ଏକଲକ୍ଷ ଟଙ୍କା ଦାନ ସ୍ୱରୂପ ପକେଇ ଦେଇଥିଲେ ତୁମ ହୁଣ୍ଡିରେ । କଥାଟା ତ ଏଯାଏଁ ହଜମ ହୋଇନାହିଁ ମୋ ପେଟରେ।

ହଁ, ମୁଁ ଯୋଉ ଦୁଃଖ ସୁଖର କଥା କହୁଥିଲି, ସେ ଆଲୋଚନା, ସେ କଥାବାର୍ତ୍ତାରେ ଟିକିଏବି ନଥିବ ଗୋପନୀୟତା। ନଥିବ କିଛି ସଂଭ୍ରମତା। ପୁରା ଖୋଲା ମେଲା । ପାଟି ସିନା କଥା କହୁଥିବ ବାସ୍ତବରେ କଥାସବୁ ଥିବ ହୃଦୟର। ନିର୍ଭେଜାଲ ମନର। ମୁଁ କହିବି ମୋ ଦୁଃଖର କଥା। ତୁମେ ଶୁଣିବ ସଦ୍‌ଜ୍ଞାନ ଆଉ ସ୍ଥିର ଚିତ୍ତରେ। ତୁମ ପାଖରେ ଯଦି ଥିବ କିଛି ସମାଧାନର ପନ୍ଥା, ତ କରିବ। ନହିଲେ ନାହିଁ । କିନ୍ତୁ, ଶୁଣିବାରେ ଅବହେଳା କରିବ ନାହିଁ । ଖାଲି ଶୁଣୁଥିବ ଆଉ ଶୁଣୁଥିବ। ବୋଝ ବୋଝ ଦୁଃଖର ଭାର କମି କମି ଯାଇଥିବ ସେତକ ଶୁଣିବାରେ। ଭାଗ ଭାଗ ହେଇ ଯାଉଥିବ ଦୁଃଖର ଦୌରାତ୍ମ୍ୟ ଗୁଡିକ।

ତା' ପରେ ? ତା' ପରେ ତୁମେ ଆରମ୍ଭିବ ତୁମ ସୁଖର କଥା। ଏକାନ୍ତ ଅନ୍ତରଙ୍ଗ ବଂଧୁ ଓ ମୁଗ୍ଧ ଶ୍ରୋତାଟିଏ ଭଳି ମୁଁ ତଲ୍ଲୀନ ହେଇ ଶୁଣି ଚାଲିଥିବି ଚାଲିଥିବି ଯେ କଥା ସରିଲା ପର୍ଯ୍ୟନ୍ତ। ତୁମେ ହସୁଥିବ, ମୁଁ ହସୁଥିବି। ହୁଁ ମାରୁଥିବି। ଆଉ, ଭାବୁଥିବି ମୋ ବଂଧୁ ଯାହା ଯାହା କହୁଛନ୍ତି, ସେସବୁ ତ ଅବିକଳ ମୋରି କଥା। ତେବେ ସିନା ଜମିବ ସୁଖ ଦୁଃଖର କଥା।

ଏତେସବୁ କଥା କହିଲା ପରେ, ମୁଁ ଭାବୁଛି ତୁମେ ମୋ କଥାରେ ହେଇଥିବ ଏକମତ। କାହିଁକି ନା, ମୋ ଛୋଟିଆ ମୁଣ୍ଡର ଟିକିଏ ବୁଦ୍ଧିରେ ମୁଁ ଘାଣ୍ଟି ଗୋଳେଇ ସାରିଲିଣି ସାରା ଅତୀତକୁ। କେବଳ କୃଷ୍ଣସୁଦାମା ବ୍ୟତୀତ, ଅନ୍ୟ କୋଉ ଜାଗାରେ ମୋ ମନ ମାନିଲାନି। ସେଇ ଜାଗାରେ ମୋ ମନ ମାନିଲା ଯେ, ତା'ବି ପୁରାମାତ୍ରାରେ ନୁହେଁ। ତୁମେ ସିନା ଅନ୍ତର୍ଯ୍ୟାମୀ ସର୍ବଜ୍ଞ ବୋଲି, ଜାଣିପାରିଲ ସୁଦାମାର ଦୁଖଃ ସୁଖ। ହେଲେ, ଖୁବ୍ ଡେରି କରିଦେଲ। ଜାଣି ନପାରିଥିଲେ କଥାଟା ଚିରକାଳ ରହି ଯାଇଥାନ୍ତା ସାତତାଳ ପାଣି ପଙ୍କ ଭିତରେ ଥିବା ବୁଢ଼ୀ ଅସୁରୁଣୀର ଅଭେଦ୍ୟ କବଚ ଘେରା ସିନ୍ଧୁକ ଭିତରେ। ସୁଦାମା କ'ଣ କେବେ ଭରସି କରି କହି ପାରିଥାଆନ୍ତା ତୁମ ଆଗରେ, ତା' ଉତ୍କଟ ଦାରିଦ୍ର୍ୟର କଥା ତା' ଦୁଃଖ, ଉପୀଜନର ବ୍ୟର୍ଥ।

ସେଯାଏଁ ଯଦିଓ ମୁହଁ ଖୋଲି ନକହି ପାରିଲା, ତେବେ କ'ଣ ମୂଲ୍ୟଥିଲା ସେ ଆତ୍ମୀୟତାରେ ? ମୂଳ କଥାଟାତ ସେଇଠି। ଯୋଉଠି ଗୋଟେ ବାଡ ଥିବ, ଥିବ ପ୍ରତିବନ୍ଧକର ଅନ୍ଧ ଅର୍ଗଳି, ସେଇ ଫାଙ୍କରେ ତ ସବୁ- ବଂଧୁତା ଫାଙ୍କା ଫାଙ୍କା। ସୁଦାମା ପରା ଥିଲା ତୁମର ଏକାନ୍ତ ଆତ୍ମୀୟ ବାଲ୍ୟ ସାଥୀ । ଅବଶ୍ୟ, ସେ ସମୟଟା ଠିକ ଥିଲା। ସୁଦାମା କିଛି ବି ଲୁଚେଇନି ତୁମକୁ। ବରଞ୍ଚ ତୁମେ ଅନେକ କଥା ଗୋପନ କରି ରଖିଥିଲ ତା'ଠାରୁ।

ତୁମେ ଧୂଳି ଖେଳୁଥିଲ। ଧୂଳି ମୁଠାଏ ପୁରେଇଲ ପାଟିରେ। ସ୍ନେହମୟୀ ଜନନୀ ତୁମକୁ ଆଁ କରେଇ ପାଟିରୁ ଧୂଳି ବାହାର କରିବାକୁ ଚେଷ୍ଟା କଲେ। ଦେଖିଲା ବେଳକୁ ସେଠାରେ ଧୂଳି ବଦଳରେ ଦେଖା ଯାଉଛି ବିଶ୍ୱବ୍ରହ୍ମାଣ୍ଡ।

ତୁମ ଘନକୃଷ୍ଣ କୁଞ୍ଚୁକୁଞ୍ଚିଆ କେଶଗୁଡିକୁ ବାନ୍ଧିଦେଇ, ମାତା ଯଶୋଦା ତା' ଉପରେ ସଦ୍ୟ ମୟୂର ଚନ୍ଦ୍ରିକାଟିଏ ଖୋସି ଦିଅନ୍ତି। ଦୁଇ ହାତ ଭର୍ତ୍ତିକରି ଲହୁଣୀଭାଣ୍ଡରୁ ଲହୁଣୀ ଖାଇବା ସମୟରେ ସେ କେଶରାଜି ହେଇଗଲା ଉନ୍ମୁକ୍ତ। ଲହୁଣୀ ସରସର ଦୁଇ ହାତକୁ ଲହୁଣୀଭାଣ୍ଡରେ ରଖି, ତୁମେ ହେଲ ଚତୁର୍ଭୁଜମୂର୍ତ୍ତି। ଆଉ ଦୁଇଟି ହାତରେ ଫିଟି ଯାଇଥବା କେଶକୁ ପୂର୍ବବତ୍ ବାନ୍ଧିଦେଲ।

କାଳିନ୍ଦୀ ହ୍ରଦରେ ଜାଳୀୟ ଦଳନ କଲ, ଶିଶୁ ଥିଲା ବେଳେ। କାଣି ଆଙ୍ଗୁଠିରେ ସାତଦିନ ଯାଏ ଟେକି ରଖିଲ ମନ୍ଦର ଗିରିକୁ, ଗୋପବାସୀଙ୍କୁ ଇନ୍ଦ୍ରଙ୍କ କୋପଦୃଷ୍ଟିରୁ ରକ୍ଷା କରିବାକୁ। ହେ କେତେ ନାଇଁ କେତେ କଥା। ଷଣ୍ଢ, ବକା, ଅଘାମାନଙ୍କୁ ମାରି ପକାଇଲ। କ୍ଷୀର ପାନ କରୁ କରୁ ମାରି ପକେଇଲ ପୁତନାକୁ। ଯେତେ ଯେତେ ଅଲୌକିକ କାଣ୍ଡ କାରଖାନା କଲ। କେମିତି କରି ପାରିଲ ? କୋଉ ଶକ୍ତି ବଳରେ କରି ପାରିଲ ? ଏ ବାବଦରେ ଜାଣିବାକୁ କେବେ କ'ଣ ଆଗ୍ରହୀ ହୋଇ ନଥିବେ ତୁମର ପରମ ମିତ୍ର ସୁଦାମା ସମେତ ଅନ୍ୟ ସାଥୀଗଣ ? ତୁମେ କେବେ ବିସ୍ତୃତଭାବେ କହିଛ ଏ ରହସ୍ୟାବୃତ କଥାସବୁ ? ନା' କହି ନାହଁ। ବାଲ୍ୟସାଥୀ କଥା ଛାଡନ୍ତୁ। କେବେ କ'ଣ ସମ୍ୟକ ସୂଚନା ବି ଦେଇଛ ମା'ଯଶୋଦାଙ୍କ ସମ୍ମୁଖରେ। ମୁଁ ଭାବୁଛି, ତୁମେ ଏସବୁ କଥାର ରହସ୍ୟ ଏଇଥି ପାଇଁ ଉନ୍ମୋଚନ କରିନାହଁ, ଧରା ପଡିଯିବା ଭୟରେ। ଗୁମର ସବୁ ଖୋଲି ଯିବ, ଏଇ ଆଶଙ୍କାରେ। ସବୁ ବଡ଼ଘରର, ବଡଘର ପୁଅମାନଙ୍କର ଏମିତି କିଛି ସକାରାତ୍ମକ ହେଉ ବା ନକରାତ୍ମକ ହେଉ ଗୁମର ଥାଏ କାଳେ କାଳେ। ଲୋକେ କହନ୍ତିନି 'ବଡ଼ଘର ବଡ଼ଗୁମର କଥା' ବୋଲି।

ଏ ଗୁମର କଥାରେ ବଡ଼ଭାଗ ପୁଣି କଳା କିଟିମିଟି ଅନ୍ଧାର। ସେ ଅନ୍ଧାରି ଦିଗଟିକୁ ସୂର୍ଯ୍ୟାଲୋକ ଶତ ଚେଷ୍ଟା କରି ମଧ୍ୟ, କରିପାରେ ନାହିଁ ଆଲୋକିତ। ଅନ୍ଧାର ରହିଯାଏ ରହସ୍ୟାବୃତ ହେଇ।

ଆଉ, ସେ ରହସ୍ୟର ଅଗନା ଅଗନି ବନସ୍ତ ଭିତରେ ଲୁଚିଛପି ରହିଯାଏ ଅନେକ କଥା, ଅନେକ କାହାଣୀ। କେତେ ନାଇଁ କେତେ ଦୁଃଖ, ସୁଖର ରାତ୍ରୀଚର ପକ୍ଷୀମାନେ ଖୁବ୍ ତ ଡେଣା ଝାଡ଼ନ୍ତି, ଉଡ଼ନ୍ତି, ବୁଲନ୍ତି। ଶବ୍ଦ କେବଳ ଶୁଣାଯାଏ। ଦୃଶ୍ୟ କେବେ ବି ଧରା ଦିଏନା ଦର୍ଶକ ଆଖିରେ। ତୁମ ପାରିଲା ପଣର ପ୍ରଶସ୍ତି ସନନ୍ଦ ସେସବୁ। ତୁମ ଲୁକ୍କାୟିତ ଗମଡ଼ ପଣର ତାମ୍ରପଟ୍ଟା, ଚିରସ୍ଥାୟୀ ଦଲିଲ। ସେଇଟା ଖୋଲିଗଲେ, ତୁମେ ଅନନ୍ୟ ନୁହଁ।

ହେ କାଳିଆ ଠାକୁର ! କିଛି ଜାଣି ପାରୁଛ ? ମୁଁ କେତେ ମାତ୍ରାରେ ବ୍ୟଗ୍ର ତୁମ ସଙ୍ଗେ ଟିକେ ଦୁଃଖ ସୁଖ ହେବାକୁ? ପୁରା ଖୋଲା ମେଲା। ଟିକେ ବି ଯେମିତି ଖାଦ ନଥିବ ସେ ଦୁଃଖ ସୁଖରେ । ଟିକେ ବି ଛଳନା ନଥିବ ସେ କଥାବାର୍ତ୍ତାରେ। ହେଲେ, ହେଇ ପାରୁଛି କୋଉଠି ? ଯେତେ ଚେଷ୍ଟା କଲେ ବି, କୋଉଠି ନା କୋଉଠି ଝୁଣ୍ଟି ପଡୁଛି। ହେଇ, ଦେଖୁନା, ଯେମିତି ଜହୁ କହୁ କହି ଦେଲିଣି 'କାଳିଆ ଠାକୁର' ବୋଲି। 'ଠାକୁର'ଶବ୍ଦଟା ତୁମ 'କାଳିଆ' ନାଁ ପାଖରେ ବସେଇ ନଥିଲେ, ଚଳି ଥାଆନ୍ତା କି ? ହଁ, ମୁଁ ସ୍ଥିର ନିଶ୍ଚିନ୍ତ ଯେ, ତୁମେ କେବେ ଅସମ୍ମତ ହେଇ ନଥାନ୍ତ। ତେବେ, ଏ ଦେଶାଚାର କଥା, ପଣ୍ଡିତମାନଙ୍କ କଥା ? ତୁମ ଭକ୍ତମାନଙ୍କର କଥା ? ସେମାନେ ପରା କେତେ ନାଇଁ କେତେ ପେଖନାରେ ମୋତେ ନାକ ରଗଡ଼େଇ ଦେଇ ଥାଆନ୍ତେ।

ହଁ, ଆଉ ଗୋଟିଏ କଥା। କଥା ଆରମ୍ଭରୁ ପ୍ରଥମେ ପଡ଼ିଲି ଦ୍ୱନ୍ଦରେ। କ'ଣ ବୋଲି ଆଉ କେମିତି କରିବି ସମ୍ବୋଧନ। କିଛି ବୁଦ୍ଧିବାଟ ନପାଇ ଶେଷରେ ଆପଣେଇଲି ମଧ୍ୟମ ପନ୍ଥା। ଏଯାଏଁ ସମ୍ବୋଧନ କରି ଆସିଲି 'ତୁମେ' ବୋଲି। ମନ କିନ୍ତୁ ମାନୁନି ମ। 'ତୁ' ବୋଲି ସମ୍ବୋଧନରେ ଅଛି ଯେତେ ଆତ୍ମୀୟତା,

ଅଛି 'ତୁମେ' 'ଆପଣ'ରେ ସେତେ ଦୂରତା। 'ତୁମେ' 'ଆପଣ' ମାନଙ୍କ ପାଖରେ 'ତୁ' ଟି ଆଦୌ ହେଇ ପାରେନି ସହଜ, ସରଳ, ନିର୍ଭେଜାଲ, ଛଳନା ରହିତ।

କେଜାଣି, ପଣ୍ଡିତେ କେମିତି ବୁଝନ୍ତି ?

ଆମ ଦେଶରେ ସେତେବେଳେ ଥିଲେ ରଜା, ମହାରାଜା ମାଳମାଳ। ଏବେ ଦେଶଟା ରଜାଶୂନ୍ୟ। ମୁଣ୍ଡରେ ରତ୍ନଖଚିତ ବହୁମୂଲ୍ୟ ମୁକୁଟ ପିନ୍ଧା ରଜା, ପଗଡିପିନ୍ଧା ଜମିଦାର ନଥିଲେ ବି ସେମିତିଆ ଆଉ ଦଳେ ଅଛନ୍ତି। ହାକିମ, ବଡ଼ ହାକିମ, ତହୁଁ ବଡ ହାକିମ । ସେମାନେ ନିଯୁକ୍ତି ପାଆନ୍ତି ଲୋକପ୍ରିୟ ସରକାରଙ୍କ ଦ୍ୱାରା। ସରକାର ତାଙ୍କୁ ରାଜକୋଷରୁ ଦରମା, ବେତନ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସୁଯୋଗ ପ୍ରଦାନ କରି, ଗଣଙ୍କ ମଧ୍ୟକୁ ଅଡେଇ ନିଅନ୍ତି। ଜନଗଣଙ୍କ ସେବା କରିବାକୁ। ସେମାନେ ସେବକ ଅର୍ଥାତ ସେବା ପ୍ରଦାନକାରୀ, ଜନତା ଜନାର୍ଦନ ସେବାର ଗ୍ରହୀତା। କଥାଟା ତ ଭାରି ଶ୍ରୁତି ମଧୁର, ଚଉକସିଆ ଭଳି ଶୁଣଯାଏ। 'ଦାତା, ଗ୍ରହୀତାଟି ହୋଇଯାଏ କ୍ଷୁଦ୍ରରୁ କ୍ଷୁଦ୍ରତର। ସେବକର ମୋହରଟା ତ ଜଳେ ଦାଉଦାଉ ହେଇ, ହେଲେ, ଭିତରେ ଭିତରେ ହାକିମ ପଣିଆଟା ଦେଖାଇଥାଏ ଭାଉ। କଦବା କେମିତି ଆମେ ତାଙ୍କ ନିକଟକୁ ଯାଉ। କଳ ଅକଳରେ ନଗଲେ ନହୁଏ ବୋଲି ଯାଉ ସିନା, ଯୋଉ ଦୁଃଖରେ ଯାଇଥାଉ, ତାକୁ ସହଜଭାବରେ ପ୍ରକାଶ କରିପାରୁନା। ମିଶଲ, ଦପ୍ତର, ଥାନା, କଚେରୀର ମାଟି ମାଡୁମାଡୁ ଆମେ କାହିଁକି ସଙ୍କୁଡି ଯାଉ ଭିତରେ ଭିତରେ। ଭାଙ୍ଗି ଯାଏ ଆମର କଥା କହିବାର ଦମ୍ଭ। ପାଟି ଖନି ମାରିଯାଏ । ନିଗିଡ଼ି ପଡ଼େ ଶ୍ରମ ଝାଳ।

ଦୁଃଖ ସୁଖର କଥା ଦି' ପଦ, ଆମରି ଅଭିଯୋଗ ଟିକିଏ କରିବାକୁ ଗଲାବେଳେ, ବାଟସାରା ଭାବି ଭାବି ଯାଉ। ସେଠି ପହଞ୍ଚିଲେ ସବୁ ଭୁଲିଯାଉ। ଆମ ଦୁଃଖ ସୁଖର କଥା, ହାକିମ ଠି ପହଞ୍ଚେଇବା ପାଇଁ ଲୋଡ଼ାପଡ଼େ ଆଉ ଗୋଟିଏ ମାଧ୍ୟମ। ଆମେ କହିଥିବୁ 'କ' ବୋଲି, ଓକିଲ, ଚପରାଶି, ଅର୍ଦ୍ଦଳି, ମଧ୍ୟସ୍ଥି ସେ କଥାଟାକୁ ନେଇ, ହାକିମ ପାଖରେ ପହଞ୍ଚେଇଲା ବେଳକୁ ହୋଇଯାଏ 'ଠ'। ଏଇ 'କ' ଆଉ 'ଠ' ଭିତରେ ଦୂରତା ଯୋଜନା ଆମେ ମୁଁ ମାନେ ସବୁବେଳେ ପେସି ହେଇଯାଉ ଏଇ ବ୍ୟବଧାନର ଘଣାରେ। ପୋତିହେଇ ପଡୁ ଆଦବ୍ କାଇଦାର ଚୋରାବାଲିରେ।

ସେଇଥି ପାଇଁ ତ, ଖାସ ସେଇଥି ପାଇଁ ଆଜି ମୁଁ ମନ କରିଛି, ମୋ ସୁଖ ଦୁଃଖର କଥା ଏକଦମ ଖୋଲାଖୋଲି ଭାବେ ପ୍ରକାଶ କରିବି ତୋ (ତୁମେ ନୁହେଁକି ଆପଣବି ନୁହେଁ) ନିକଟରେ। ଠିକ ଗୋଟେ ଦରବୀ ବଂଧୁ ଭଳି। ତୁ ବି କହିବୁ ତୋ କଥା ମୋ ପାଖରେ ମନ ଖୋଲି। ସତରେ, କେତେ ମଜା ନହେବ କହିଲୁ।

ମୋ ଅପେକ୍ଷା ତୁ ଏକଥା ଭଲ ଭାବରେ ବେଶି ଜାଣିଛୁ ଯେ, ଦୁଇ ଅନ୍ତରଙ୍ଗ ବଂଧୁପାଖରେ, ସବୁ ଭୁଲ ଭଟକା ମାର୍ଜନୀୟ ବୋଲି। ମୋ ପ୍ରସ୍ତାବରେ ଏକମତ ହେଲେ, ତୋର ବଡ଼ପଣ କମିଯିବ ନାହିଁ। ତେ ମାନସମ୍ମାନ ଭୁଲୁଣ୍ଠିତ କେବେ ହେବ ନାହିଁ। ବରଂ, ତୋର ଉଦାରତାର ମହମହ ବାସ୍ନା ଚହଟି ଯିବ ଦିଗବିଦିଗ। ଯେମିତି ଚହଟିଥିଲା ବଂଧୁ ମହାନ୍ତିଙ୍କୁ ପେଜନଳା ପାଖରୁ କୋଳେଇ, ଉଠେଇ ଆଣିବା ବେଳେ। ଯେମିତି ଉଜ୍ଜଳି ଉଠିଥିଲା ବିଦୂର ଘରେ ଶାଗଭଜା ଆଉ ସୁଦାମା କାନୀରେ ବନ୍ଧା ହେଇଥିବା କେଇମୁଠା ଖୁଦଭଜା ଖାଇଲା ବେଳେ।

ଜଗତର ନାଥ ଜଗନ୍ନାଥ ନୁହେଁ। ତୋତେ ଲଳିତା, ବିଶ୍ୱାବସୁର ସରଳ, ତରଳ, ଚପଳ ନୀଳମାଧବ ହେବାକୁ ହେବ। ନଭଶ୍ଚୁମ୍ବୀ ଶ୍ରୀମନ୍ଦିର, ବଡ଼ଦାଣ୍ଡ, ବଡ଼ଠାକୁର ଭଳି ବିଶେଷଣଗୁଡା ଭାରି ଅଡୁଆ ବୋଲି, ତୁ ବି ମର୍ମେ ମର୍ମେ ଅନୁଭବ କରୁଛୁ ପ୍ରତିଦିନ, ପ୍ରତିମୁହୂର୍ତ୍ତରେ। ସତକଥାଟା ତ ଏୟା ଯେ, ତୋତେ ଟେକାଟେକି କରିବା ଲୋକର ପଛକୁ ଉଦ୍ଦେଶ୍ୟ କ'ଣ ? ତୁ ଧୀରେ ଧୀରେ ମୁଷ୍ଟିମେୟଙ୍କ ଠାକୁର ସିନା ହେଉଛୁ, ସବୁରି ବଂଧୁ ହେଇ ପାରୁନୁ।

କହିବାର ଅଛି ଅନେକ କଥା। ସୁଖ ଦୁଃଖର କଥା। ଶୁଣିବାର ଅଛି ବି ତୋ'ଠାରୁ ତୋ ସୁଖର ଦୁଃଖର କଥା। ଅନୁକୂଳ ପରିବେଶଟିଏ ସୃଷ୍ଟି କରିବାର ସାମର୍ଥ୍ୟ ବା ମୋର କାଇଁ? ତୁ କିନ୍ତୁ; ପାରିବୁ। ସୁଖଦୁଃଖ ହେବାର ଅଭିଳାଷ ପୋଷଣ କରି, ମୁଁ ରହିଛି ଅପେକ୍ଷାରେ । ମୋ ଅଭିଳାଷ ପୂରଣ କରିବାର ପ୍ରତ୍ୟୟଟି ବି ସାଇତି ରଖିଛି, ଛାତିରେ । ଦିନେ ନା ଦିନେ, ଅପେକ୍ଷାରତ ଦୀନ ବଂଧୁଟିକୁ ଭେଟିବାକୁ ତୁ ନିଶ୍ଚୟ ଓହ୍ଲେଇ ଆସିବୁ ରତ୍ନସିଂହାସନରୁ ତଳକୁ। ବଡ଼ଦାଣ୍ଡରେ ମୁଁ ଏକ ଲୟରେ ଚାହିଁ ବସିଥିବି ତୋ ଚକାନୟନକୁ। ତୋ ରଙ୍ଗା ଅଧରରୁ ଝରି ପଡୁଥିବା ଆତ୍ମୀୟତାର ହସର ପାଖୁଡ଼ା। ବାଇଶି ପାହାଚରୁ ଓହ୍ଲେଇ ତୁ ପାଦଦେବୁ ବଡ଼ଦାଣ୍ଡରେ। ରଥ ରଥୀ, ଗରୁଡ଼, ଅରୁଣ, ବାହାନର ଅଟୋପଣକୁ ବିସର୍ଜି ଦେଇଥିବ ନିଶ୍ଚୟ।

ଆମେ ଚାଲି ଚାଲି ଯିବା ଶରଧାବାଲିକୁ। ଚାଲୁଥିବା ସେ ଯାଏଁ ସେ ଯାଏଁ ନିର୍ଜନତା ଆମକୁ ନଭେଟିଛି। ସେଦିନ ପାଦ ତଳର ଶରଧାବାଲି ହେଇ ଉଠୁଥିବ କୃତ୍ୟକୃତ୍ୟ। ସାମ୍ନା ମହୋଦଧିର ନୀଳବିଚୀମାଳ ତା'ର ଚିରାଚରିତ ଗର୍ଜନ ତର୍ଜନକୁ ସ୍ୱ ଆୟତରେ ରଖି, ହେଉଥିବ ପୁଲକିତ। ଏକଦମ ଶାନ୍ତ ନୀରବିତ ଆକାଶରୁ ଝରଝର ହେଇ, ଝରିପଡୁଥିବ ସ୍ନିଗ୍ଧ କୋମଳ ଜ୍ୟୋସ୍ନାଲୋକ। ସାମୁଦ୍ରିକ ଜଳଜୀବମାନେ ଅତଳତଳ ଜଳରାଶି ଭିତରୁ ଉଠି ଆସିବେ ଉପରକୁ। ଆମେ ବସିଯିବା ବାଲି ଉପରେ ଚକାମାଡ଼ି। ମୋ ଚିରାଫଟା ମୁଣିରୁ ମୁଁ ବାହାର କରିବି, ମୋ ତୁଳସୀ ଚଉଁରାରୁ ଛିଣ୍ଡେଇ ଆଣିଥିବା ତୁଳସୀର ଜଟଟିଏ। ବାହାର କରିବି ଅମଉଳା ଦୟଣାର କ୍ଷୁଦ୍ର ଡାଳଟିଏ। ତୋ ହାତକୁ ଭେଟି ସ୍ୱରୂପ ବଢ଼େଇ ଦେବି। ପରମ ଆହ୍ଲାଦରେ ତୁ ଝାମ୍ପି ନେବୁ ମୋ ହାତରୁ । ଆଘ୍ରାଣ କରିବୁ ତୁଳସୀ ଓ ଦୟାଣାର ବାସ୍ନା। ବାସ୍ନାୟିତ ହେଇଯିବ ସମଗ୍ର ପରିବେଶ।

ଆମେ ଆମର ଉତ୍ସବ ଅନୁଷ୍ଠାନରେ ଅତିଥିର ମାନ୍ୟରେ ଡାକିଥାଉ, ମାନ୍ୟଗଣ୍ୟମାନଙ୍କୁ। ସେମାନେ ଯେତେବେଳେ ପଦାର୍ପଣ କରନ୍ତି, ଆମ ଆୟୋଜକ ମାନେ, ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାନ୍ତି। ଠିକ ସେତିକି ବେଳେ ଅନ୍ୟ ସଭାସଦ୍ ଦର୍ଶକ ବିପୁଳ କରତାଳି ପ୍ରଦାନ କରି, ଅନୁମୋଦନ କରନ୍ତି । ଠିକ ସେଇ ନ୍ୟାୟରେ ବା ବିଧିରେ ରାତ୍ରୀଚର ସାମୁଦ୍ରିକ ପକ୍ଷୀକୂଳ ସମବେତ କଳରବରେ କୋରସ୍‌ଟିଏ ସୃଷ୍ଟି କରନ୍ତେ।

କିଛି କ୍ଷଣ ନୀରବ ରହି ତୁ ପଚାରନ୍ତୁ, ମୋର କୁଶଳ ସମାଚାର। ମୋର ଭଲ ମନ୍ଦର ଗାଥା। ସୁଖ ଦୁଃଖର କଥା। ମୁଁ କହିବି – "ନା, ମୁଁ କାହିଁକି ଆଗେ ଆରମ୍ଭ କରିବି ? ସ୍ୱାର୍ଥପର ହେବି। ବରଂ, ତୁ କହ ତୋ କଥା। ଦୁଃଖ ସୁଖ ଟିକେ ହେବା ପାଇଁ ମୁଁ ପ୍ରସ୍ତାବ ଦେଇଛି ପ୍ରଥମେ। ତେବେ, ତୁ ନକହିବା ଆଗରୁ ମୁଁ ଯଦି କହିଦିଏ ଆଗତୁରା ମୋ କଥା, କ'ଣ ଠିକ ହେବ ? ମାନୁଛି, ତୁ କିଛି ଭାବିବୁ ନାହିଁ। କିନ୍ତୁ; ପଣ୍ଡିତେ କହିବେ "ଏଇଟା ପରମ ସ୍ୱାର୍ଥପରଟିଏ।"

ତା' ଛଡା ଦ୍ୱିତୀୟ କଥାଟି ହେଉଛି, ଆମ ଭଳି କୋଟି କୋଟି ମଳିମୁଣ୍ଡିଆଙ୍କ ଦୁଃଖ ସୁଖ ପୁଣି କ'ଣ ? ଆମେ ବୋଧହୁଏ ଜନ୍ମ ହେଇଛୁ ଚିରଦିନ ଅମାବାସ୍ୟାର ଅନ୍ଧାରରେ ସଢ଼ିବାକୁ। ଚାନ୍ଦିନୀରାତି ତ କେବଳ ସେଇମାନଙ୍କ ପାଇଁ। ବିଶେଷ କିଛି ଗୁରୁତ୍ୱବହନ କରେ ନାହିଁ, ଆମ ସୁଖ ଦୁଃଖର କଥା। ସେଇମାନଙ୍କ ବିଶି ଆଙ୍ଗୁଠିରୁ କୌଣସି, କାରଣ ବଶତଃ, ମଳିଚମ ଟିକେ ଉଠିଗଲେ, ଆମ ଗଣମାଧ୍ୟମ କେମିତି ବାହୁନି ବାହୁନି କାନ୍ଦନ୍ତି, ତୁ କ'ଣ ଜାଣିନୁ ?

ନା-ନା ରେ କାଳିଆ। ତୁ ମତେ ବାଧ୍ୟ କରନା । ବରଂ, ତୁ କହ ତୋ କଥା। ଅଳପ ବହୁତ କରି ଆମେ ପ୍ରତିଦିନ ଶୁଣୁଛୁ, ପଢୁଛୁ, ଦେଖୁଛୁ ତୋ ଦୁଃଖର କଥା। ତୁ କ'ଣ ଜାଣିପାରୁଛୁ ଆମେ କେତେ

ମର୍ମାହତ ହେଉଛୁ। ବିଶେଷ କରି, ଆମେ ଓଡ଼ିଆ ମାନେ ତୋତେ କେତେ ଭଲପାଉ, ତା' କ'ଣ ତୁ ମାପିନୁ। ସ୍ଥୂଳ ଦୃଷ୍ଟିରେ ଦେଖିଲେ, ତୁ ସିନା ରାଜାଧିରାଜ। ତଥାପି, ତୋତେ ଦିନେ ଦିନେ ତୋ ସେବକମାନେ ଭୋକରେ ଆଉଟି ପାଉଟି କରିପକାନ୍ତି। ତୋ ଭକ୍ତକୁ ତୋ ଆଖି ସାମ୍ନାରେ ନିର୍ଯ୍ୟାତନା ଦିଅନ୍ତି। ପିଟନ୍ତି ଲହୁ ଲୁହାଣ କରନ୍ତି। ଏସବୁ କ'ଣ କମ ଦୁଃଖ ତୋ ପାଇଁ। ଆହୁରି ଅନେକ ଅପ୍ରକାଶ୍ୟ ଦୁଃଖ ଅଛି ତୋର। "କା, ଆଗେ କହିବି ଦୁଃଖ ମୋର" ଭାବନାରେ ତୁ ଭାଳି ହେଉଛୁ । ସେଇ, ଅପ୍ରକାଶ୍ୟ ଦୁଃଖ ଗୁଡା କହିଦେ, ଏ ଅକିଞ୍ଚନଟି ପାଖରେ। କିଛି ହେଉ କି ନହେଉ, ତୋ ମନ ଟି ତ ଟିକେ ହାଲୁକା ହେଇଯିବ।

ମୁଁ ଆଦୌ ବାଧ କରିବି ନାହିଁ ତୋତେ। ଯେତିକି କହିଲି, ସେ କିଛି ନୁହେଁ। ଢେର କଥା କହିବାର ଅଛି। ଆଉ, ତୋ ଠାରୁ ଶୁଣିବାର ବି ଅଛି। ଭକ୍ତ ଡାକ ଦେଲା ସାତ ଶହ ପଚାଶ କୋଶ ଦୂରରେ ଥାଇ। ସାତଶହ ପଚାଶ କୋଶ ମାନେ ପନ୍ଦରଶହ ମାଇଲ ତୁ ପହଞ୍ଚି ଯାଇଥିଲୁ ସେଠାରେ। ମୁଁ ତ ଏଇ ଏଇଠି ଅଛି । ତୁ ନ ଆସିବୁ କିଆଁ କହିଲୁ।

ହଁ, ଏଇ ଯୁକ୍ତିରେ ତୁ ମୋ ଡାକରାକୁ, ମୋ ଅନୁରୋଧ କୁ ପ୍ରତ୍ୟାଖାନ କରି ଦେଇପାରୁ। କହିପାରୁ- ତୁ କ'ଣ ସେ ଭକ୍ତର ସମସରି ଯେ, ମୁଁ ତୋ ପାଖକୁ ଦଉଡ଼ି ଯିବି।" ସତକଥା। ମୁଁ ବି ମାନୁଛି। ମୁଁ କେବେ ସେ ଭକ୍ତର ସମସରି ହେଇ ପାରିବିନି। ତେବେ, ଆଉ ଗୋଟିଏ କଥା କହିବି। ତୁ ସେ କଥାଟି ମନଧ୍ୟାନ ଦେଇ ଶୁଣିବୁ। ଆଉ ତାରି ଉପରେ ନିଷ୍ପତ୍ତି ନେବୁ। ସେ କଥାଟି ହେଲା, ଏଇମ ହାତୀ କୁମ୍ଭୀରର କଥା। "ଲକ୍ଷେ ଯୋଜନରେ ଗଜ, ଡାକିଲା ହେ ଦେବରାଜ।" ଲକ୍ଷେ ଯୋଜନ ମାନେ ଚାରିଲକ୍ଷ କୋଶ। ଚାରିଲକ୍ଷ କୋଶ ହେଲା ଆଠଲକ୍ଷ ମାଇଲ। ଶୁଣିଥିଲୁ ତ ଗଜରାଜର କଥା। ତେବେ, ମୋ କଥା ନଶୁଣିବୁ କାହିଁକି ?

ହଁ, ଏଇୟା ହୋଇପାରେ । ସେ ତୋତେ ପ୍ରଭୁ, ତ୍ରାଣକର୍ତ୍ତା ଜ୍ଞାନ କରି ଡାକିଥିଲା। ତୁ ତାକୁ ତୋର ଭକ୍ତ ଜ୍ଞାନ କରି, ତା' ଜୀବନ ବଞ୍ଚାଇଲୁ। ମୁଁ, ତ ସେମିତି କରିନାହିଁ, ବା ମୁଁ ତୋତେ ପ୍ରଭୁ, ସାଆନ୍ତ ବୋଲି ଭାବି ନାହିଁ ସତ; ହେଲେ, ବଂଧୁ ବୋଲି ଜ୍ଞାନ କରିଛି ତ।

ଆଚ୍ଛା, କହିଲୁ ଦେଖି ସବୁ କଥା କ'ଣ ଖୋଲାଖୋଲି ଭାବେ ଭକ୍ତ କହିପାରେ ଭଗବାନଙ୍କ ପାଖରେ ? ସନ୍ତାନଟି କହିପାରେ ମୁହଁ ଖୋଲି ସବୁକଥା, ତା ମାଆ ବାପଙ୍କ ଆଗରେ। ଶିଶୁଟି, ଛାତ୍ରଟି ପୁରାପୁରି ଖୋଲାମେଲା ହେଇପାରେ ଗୁରୁ ଗୁରୁଜନ ପାଖରେ। ଅଜାଗା ଘାଆଟି ସେ କେବଳ ଦେଖେଇ ଦେଇପାରେ, ତା' ଅନ୍ତରଙ୍ଗ ବଂଧୁଟି ନିକଟରେ। ଆଉ କାହାକୁ ଦେଖାଇବାରେ ସେ ସଙ୍କୋଚବୋଧ କରିବ ନିଶ୍ଚୟ। ସେଇଥି ପାଇଁ ତ ମୁଁ ମୂଳରୁ ତୋତେ ବଂଧୁ ଜ୍ଞାନକରି ଡାକିଛି। ଆଜି ପାଇଁ ଏତିକି ଥାଉ ରେ କାଳିଆ। ଏବେ ଏବେ ଖବର ପାଇଲି, ତୋ ସେବାୟତମାନେ ତୋତେ କାଲେ ସାଷ୍ଟାଙ୍ଗ ଭୋକରେ, ଖାଡ଼ା ଉପବାସରେ ରଖୁ ଦେଇଛନ୍ତି ଦିନସାରା । ଦିନେ ଓଳିଏ ଭୋକରେ ରହିବାଟା ଆମମାନଙ୍କ ପାଇଁ, କିଛି ମାନେ ରଖେନା। ଆମେ ତ ଦିନ ଦିନ, ମାସ ମାସ ଭୋକ ସଙ୍ଗେ ମିତ ବସିପାରୁ। ଆମର ଜୀବନୀଶକ୍ତି ଖାଦ୍ୟ ନୁହେଁ, ବରଂ ଭୋକରେ ହେଇଛି ଦୃଢ଼ତର। କିନ୍ତୁ; ତୁ ତ ବଡ଼ ଘରର ପିଲା। ବଡ଼ଲୋକ। ସାଆନ୍ତ। ଗୋସାଇଁ। ରାଜା। ଦେବାଧିରାଜ ଓଳିଏ ଭୋକରେ ତୁ ଝାଉଁଳି ପଡ଼ିବୁ। ଭୋକିଲା ପେଟରେ, ମୋର ଭଲ କଥା ଗୁଡା, ତୋତେ ଖୁବ ପିତାପିତା ଲାଗିବ। ତେଣୁ, ଦୁଃଖ ପ୍ରକାଶ ପୂର୍ବକ ଆଜିପାଇଁ ରହୁଛି। ଆଉ, ଦିନେ ବସିବା। ହେବା ଦୁଃଖ ସୁଖରୁ ଦି ଚାରିପଦ କଥା।

*ଜୁନାଗଡ, କଳାହାଣ୍ଡି*
*ଦୂରଭାଷ: ୭୯୭୮୯୫୪୭୯୯*



# ଅନ୍ତିମ ଶୋଷ

## ଉମାଶଙ୍କର ଷଡଙ୍ଗୀ

ଅନ୍ଧାର କୋଠରୀ ଭିତରେ ଅତ୍ୟନ୍ତ ବ୍ୟଥିତ ଅବସ୍ଥାରେ ବସି ଶୁଭେନ୍ଦୁ ଭାବୁଥିଲେ ନିଜ ଜିଦ୍‌ର ଶିକାର ହୋଇ ନିମିଷକେ ଏକ ସଜଡା ସଂସାର ଉଜାଡି ନଷ୍ଟ କରିଦେଲେ। ସମସ୍ତ ଖୁସି ଦର୍ପ, ଗର୍ବ ଓ ପ୍ରତିଷ୍ଠା ହରାଇ ସେ ଯେପରି ପଙ୍ଗୁ ହୋଇ ଯାଇଛନ୍ତି।

ଶୁଭେନ୍ଦୁ ଓ କଳ୍ପନା ଏକ ୩୦ ବର୍ଷର ସୁଖୀ ଦାମ୍ପତ୍ୟ ଜୀବନ ବିତାଇଥିଲେ। ଗୋଟିଏ ପୁଅ ଓ ଗୋଟିଏ ଝିଅର ସଂସାର ସେମାନଙ୍କର। ସେମାନଙ୍କୁ ସୁଶିକ୍ଷିତ କରି ରୋଜଗାରକ୍ଷମ କରିବାରେ ସଫଳ ହୋଇଥିଲେ। ପୁଅ ଓ ଝିଅଙ୍କୁ ବିବାହ ଦେବା ପରେ ସେମାନେ ବିଦେଶରେ କାର୍ଯ୍ୟରତ। କେବେ ସମୟ ମିଳିଲେ ବାପମାଙ୍କୁ ଆସି ଦେଖି ଯାଆନ୍ତି। ଅନ୍ୟ ସମୟରେ ସ୍ୱାମୀ, ସ୍ତ୍ରୀଙ୍କ ଏକ ସୁଖୀ ସଂସାର ଦାମ୍ପତ୍ୟ ଜୀବନରେ ଶୁଭେନ୍ଦୁ ଏତେ ମଜ୍ଜି ଯାଇଥାଆନ୍ତି ଯେ ସ୍ତ୍ରୀ କଳ୍ପନାଙ୍କୁ ପ୍ରଶଂସା କରିବାରେ କେବେ ଥକନ୍ତି ନାହିଁ। ବନ୍ଧୁ ମହଲରେ ଯେବେ କଥା ହୁଅନ୍ତି ମୁଖ୍ୟତଃ ଏହାହିଁ ବିଷୟବସ୍ତୁ ହୋଇଥାଏ। ବନ୍ଧୁମାନେ କେବେ ଶୁଭେନ୍ଦୁଙ୍କୁ ନିରୁତ୍ସାହିତ କରିନାହାନ୍ତି। ବରଂ କିଏ କିପରି କେତେ ପଦ ମନେରଖି ନିମ୍ନମତେ ମନୋରଂଜନ କରିଥାଆନ୍ତି।

"ଯଦି ପତ୍ନୀ ଅଛି ତ ଦୁନିଆର ସବୁ କିଛି ହାତ ପାହାନ୍ତାରେ ଅଛି। ରାଜା ପରି ଜୀବନଟା କାଟି ହେବ। ଆପଣଙ୍କର ସମସ୍ତ ସୁବିଧା ଅସୁବିଧା ଓ ଅକାରଣ କ୍ରୋଧ ସମ୍ଭାଳିବାଠାରୁ ତୁମ ସୁଖ ଦୁଃଖର ସାଥି ହୋଇଥାଏ। ଚା' ଆଣ, ପାଣି ଆଣ, ଖାଇବା ଆଣ ଇତ୍ୟାଦି ଅନେକ ବରାଦ କରିହୁଏ। ଅନେକ ସମୟରେ ସ୍ୱାମୀର କଟୁ ଶବ୍ଦ ସହ୍ୟ କରି ମଧ୍ୟ ହସୁଥାଏ।"

ଅନ୍ୟ ଜଣେ ବନ୍ଧୁ – "ମୋତେ ସୁଯୋଗ ଦିଅ, ମୁଁ ଶୁଭେନ୍ଦୁଙ୍କୁ ସ୍ତ୍ରୀ ଜନିତ ସମ୍ପର୍କ ନେଇ ବହୁବାର ଶୁଣିଛି, ମନ ଛୁଇଁଲା ଭଳି ତାଙ୍କର ପରିବେଷଣ ହେଉଛି ସ୍ତ୍ରୀ ଚାଲିଗଲା ପରେ।" ଦିନେ ରାତିରେ ସ୍ତ୍ରୀଙ୍କ ଅଚାନକ ଦେହାନ୍ତ ହେବା ପରେ ସମସ୍ତ ବାକ୍ୟ ମର୍ମସ୍ପର୍ଶୀ। ପତ୍ନୀର ଆତ୍ମା ଯାଉ ଯାଉ କହୁଛି, ଏ ଜନ୍ମରେ ଆଉ ଭେଟ ହେବ ନାହିଁ। ପ୍ରତି ଜନ୍ମ ସାଥି ହୋଇ ରହିବାର ସଂକଳ୍ପ ସମ୍ଭବ ହେଲା ନାହିଁ। ଏଣିକି ସବୁ କିଛି ତୁମକୁ ସମ୍ଭାଳିବାକୁ ହେବ। ଏମିତି ଅନେକ କିଛି, ଯାହାକି ମନକୁ ଛୁଇଁଯିବ।"

ବାରମ୍ବାର ଏସବୁ ଶୁଭେନ୍ଦୁଙ୍କ ଠାରୁ ଶୁଣିବାରୁ ବନ୍ଧୁ ବାନ୍ଧବ ମହଲରେ ଧାରଣା ହୋଇଯାଇଥିଲା ଯେ ସେମାନେ ଏକ ଆଦର୍ଶ ଦମ୍ପତି। ଏଭଳି ଜୀବନର ଗତିପଥ ଚାଲିଥିବା ବେଳେ ଏକ କଳା ମେଘର ଆବିର୍ଭାବ ହୋଇଥିଲା। ଯାହାକି ଶୁଭେନ୍ଦୁଙ୍କ ମନରେ ଏକ ସନ୍ଦେହ ସୃଷ୍ଟି କରିଥିଲା।

ଦୀର୍ଘ ତିରିଶ ବର୍ଷ ଦାମ୍ପତ୍ୟ ଜୀବନ ଯାପନ ପରେ ଶୁଭେନ୍ଦୁ ଏକ ଅଡୁଆ ସୂତାର ଖିଅ ଆବିଷ୍କାର କରିଥିଲେ। ସେ ସୂତା ପ୍ରଚଣ୍ଡ ଆକାର ଧାରଣ କରି ପରିବାରର ସମସ୍ତ ସୁଖ ଧୂଳିସାତ କରିଦେଇଥିଲା।

ଶୁଭେନ୍ଦୁ ସବୁବେଳେ ହିନ୍ଦୀ ସିନେମା ଗୀତ ଶୁଣିବାକୁ ଭଲ ପାଆନ୍ତି। ଏକ ନିର୍ଦ୍ଦିଷ୍ଟ ଗୀତ ଶୁଣିବା ସମୟରେ କଳ୍ପନା ଗୀତଟିକୁ ନ ଶୁଣିବାକୁ ଅନୁରୋଧ କରନ୍ତି। ଅନେକ ବାର ସେ ଗୀତ ବଦଳାଇ କଳ୍ପନାଙ୍କ ବରାଦ ଗୀତ ଶୁଣନ୍ତି ଓ ଶୁଣାନ୍ତି। ହଠାତ୍ ଦିନେ ଶୁଭେନ୍ଦୁ ଭାବିଲେ ଏହି ଗୀତଟି ସହିତ ନିଶ୍ଚୟ କଳ୍ପନାଙ୍କର ପୂର୍ବ ଅନୁଭୂତି ଓ ସଂପର୍କ ରହିଛି। ଅନେକ ଥର ଭାବିଛନ୍ତି ଏଭଳି ଏକ ପ୍ରଶ୍ନ କଳ୍ପନାଙ୍କୁ ପଚାରିବା ପାଇଁ ଭାବନ୍ତି ଯଦି ସତ୍ୟତା ନଥାଏ ତେବେ ହୁଏତ କଳ୍ପନାଙ୍କର ପରିବାର ପ୍ରତି ନିଷ୍ଠା, ସେବା ଓ ତ୍ୟାଗକୁ ଅପମାନିତ କରିବ। ଏହି ସନ୍ଦେହ କାଳକ୍ରମେ ଶୁଭେନ୍ଦୁଙ୍କ ଚିନ୍ତାଧାରାକୁ ଛନ୍ଦି ବଡ଼ ଆକାର ଧାରଣ କଲା। ହଠାତ୍ ତାଙ୍କର ସେ ମନ ଫୁଲାଣିଆ ଜୀବନ ଶୈଳୀରେ ବ୍ୟତିକ୍ରମ ଦେଖାଗଲା। ଏଭଳି ପରିବର୍ତ୍ତନ ଦେଖି ବନ୍ଧୁମାନେ ଜାଣିବା ପାଇଁ ଅନେକ ଉପାୟ ଅବଲମ୍ବନ କଲେ। ଶୁଭେନ୍ଦୁ କିନ୍ତୁ ଦୁଃଖୀ ଦେଖାଯାଉଥିଲେ ଓ କାହାକୁ କିଛି କହୁନଥିଲେ।

ସନ୍ଦେହର ପ୍ରଥମ ସୋପାନରେ କଳ୍ପନାଙ୍କ ଅନୁପସ୍ଥିତିରେ ତାଙ୍କ ପୁରୁଣା ବହି ଓ ଦୀର୍ଘ ଦିନର ସାଇତା ଲୁଗାପଟା ଇତ୍ୟାଦି ଖୋଜି ନିରାଶ ହୋଇଥିଲେ। ଭାବିଲେ କଳ୍ପନାଙ୍କ କଲେଜ ବେଳର ଯଦି କୌଣସି ସାଙ୍ଗ ଦେଖା ହୁଅନ୍ତି ତେବେ ହୁଏତ ସମସ୍ତ ସତ୍ୟ ଜଣାପଡ଼ିଯାଆନ୍ତା।

ପର ପର୍ଯ୍ୟାୟରେ କଳ୍ପନାଙ୍କ ବ୍ୟାଚର କୌଣସି ଅଧ୍ୟାପକ ବନ୍ଧୁ ଖୋଜା ଚାଲିଲା। ଅନେକ ଦିନ ଖୋଜିବା ପରେ ସେହି କଲେଜରେ ଅଧ୍ୟାପକ କାର୍ଯ୍ୟ କରୁଥିବା ଜଣେ ବନ୍ଧୁ ଦେଖାହେଲେ। ସେ ଅବଶ୍ୟ କଳ୍ପନାଙ୍କୁ ଚିହ୍ନି ନଥିଲେ। ସେହି ବ୍ୟାଚର ଜଣେ କଳାକାର ଥିଲେ ଯାହାଙ୍କ ଗୀତ ଶୁଣିବା ପାଇଁ ପୁଅ, ଝିଅ ସମସ୍ତେ ପାଗଳ ଭଳି ହେଉଥିଲେ। କୌଣସି କ୍ଲାସ ଖାଲି ପଡ଼ିଲେ ତାଙ୍କୁ ଗୀତ ଗାଇବାକୁ ସମସ୍ତେ ଅନୁରୋଧ କରୁଥିଲେ। ବୋଧହୁଏ ସେ ବର୍ତ୍ତମାନ ସୁନ୍ଦରଗଡ଼ କଲେଜରେ କାର୍ଯ୍ୟରତ। ଏହାକୁ ଆଧାର କରି ଶୁଭେନ୍ଦୁ ଆଗେଇବାକୁ ମନସ୍ଥ କରି ସୁନ୍ଦରଗଡ଼ ପହଞ୍ଚିଲେ। ଅବଶ୍ୟ କଳ୍ପନାଙ୍କୁ କହିଥିଲେ ଯେ କଲେଜ କାମରେ ଯାଉଛନ୍ତି ଓ ତିନିଦିନ ପରେ ଫେରିବେ।

ସୁନ୍ଦରଗଡ଼ରେ ପହଞ୍ଚିବା ପରେ ସେ ଗାୟକ ବନ୍ଧୁଙ୍କୁ ଖୋଜିବାରେ କଷ୍ଟ କରିବାକୁ ପଡ଼ିଲା ନାହିଁ। ସେଠାରେ ମଧ୍ୟ ସେ ଗାୟକ ଅଧ୍ୟାପକ ଭାବରେ ସୁପରିଚିତ ଥିଲେ। ଏହି ଗୁଣକୁ ସୂତ୍ର କରି ଅଭୟଙ୍କ ସହ ବନ୍ଧୁତା ବଢ଼ାଇବା ପାଇଁ ଶୁଭେନ୍ଦୁଙ୍କୁ ବିଶେଷ ପରିଶ୍ରମ କରିବାକୁ ପଡ଼ିନଥିଲା। ପ୍ରଥମ ଦେଖାରେ ଯେ ଜାଣିଲେ ଯେ ଅଭୟଙ୍କ ଡାହାଣ ଗୋଡ ଏକ ଦୁର୍ଘଟଣାରେ କଟିଯାଇଥିଲା। ସେ ବର୍ତ୍ତମାନ କାଠଗୋଡ ଲଗାଇ ଚଳପ୍ରଚଳ କରୁଥିଲେ। ଶୁଭେନ୍ଦୁ ଅନୁମାନ କଲେ ଯେ ହୁଏତ ଏ ଭୟାବହ ଦୁର୍ଘଟଣା ତାଙ୍କ ଜୀବନର ଗତିପଥ ବଦଳାଇ ଦେଇଥିଲା ଓ ନିଜକୁ ସଂକୁଚିତ କରି ସେ ବଞ୍ଚିବା ଶିଖିଯାଇଥିଲେ। ଦୁଇଦିନ ଭିତରେ ଦୁହିଁଙ୍କ ବନ୍ଧୁତ୍ୱ ଗାଢ଼ ହୋଇଥିଲା ଓ ଶୁଭେନ୍ଦୁ ତାଙ୍କୁ ଭୁବନେଶ୍ୱରରୁ ଆସିବା ପାଇଁ ଅନୁରୋଧ କରିଥିଲେ। ଅନେକ ବାଧ୍ୟ କରିବା ପରେ ଅଭୟ ରାଜି ହୋଇଥିଲେ। ରେଲ ଯାତ୍ରା ସମୟରେ କଳ୍ପନା ମନା କରୁଥିବା ସେ ଗୀତଟିକୁ ଗାଇବା ପାଇଁ ଅନୁରୋଧ କରିଥିଲେ। ତାଙ୍କ କଣ୍ଠରେ ସେ ଗୀତଟି

ମନ୍ତ୍ରମୁଗ୍ଧ କରିଥିଲା ଶୁଭେନ୍ଦୁଙ୍କୁ। ସାମାନ୍ୟ ଆଶାର ସଂଚାର ମଧ୍ୟ ହୋଇଥିଲା। ମନେ ମନେ ଭାବୁଥିଲେ ଯେଉଁ ସତ୍ୟର ଆବିଷ୍କାର କରିବା ପାଇଁ ସେ ଏଭଳି ପଦକ୍ଷେପ ନେଇଛନ୍ତି ହୁଏତ କୃତକାର୍ଯ୍ୟ ହେବେ।

ଭୁବନେଶ୍ୱରକୁ ପାଞ୍ଚ ଘଣ୍ଟାର ରେଲ ଯାତ୍ରା ଥିଲା। ଶୁଭେନ୍ଦୁ ଓ ଅଭୟ ଦୁଇ ବନ୍ଧୁ ଭଳି ପାଖାପାଖି ବସି ଢ଼ିଙ୍କିଶାଳରୁ ଢ଼େଙ୍କାନାଳ ଯାଏଁ ଗପୁଥିଲେ। ଶୁଭେନ୍ଦୁଙ୍କ ମସ୍ତିଷ୍କ କିନ୍ତୁ ଭାରାକ୍ରାନ୍ତ ଥିଲା। ଘରେ ପହଞ୍ଚି ଅଭୟଙ୍କର କଳ୍ପନା ସହିତ ଦେଖା ହେବା ପରେ କିଭଳି ପରିସ୍ଥିତି ସୃଷ୍ଟି ହେବ ତାହା ତାଙ୍କ ଅନୁମାନ ବାହାରେ ଥିଲା। ହୁଏତ କଳ୍ପନା ନିଜକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବା ପାଇଁ ସବୁ କିଛି ଏଡାଇ ଯିବା ପାଇଁ ଆପ୍ରାଣ ଚେଷ୍ଟା କରିବେ। ଅଭୟଙ୍କର ଭୂମିକା ଉକ୍ତ ପରିସ୍ଥିତିରେ ଆକଳନ କରି ପାରୁନଥିଲେ। ଅବଶ୍ୟ ଏହି ୩ ଦିନର ପରିଚୟ ଓ ପରେ ଦୁହେଁ ପୁରୁଣା ବନ୍ଧୁ ଭଳି ବ୍ୟବହାର କରୁଥିଲେ। ଅଭୟଙ୍କୁ ଯାତ୍ରା ସମୟରେ ସମସ୍ତ ଅସୁବିଧାରେ ସାହାଯ୍ୟ କରୁଥିଲେ। ଦୁର୍ଘଟଣାରେ ଅଭୟଙ୍କର କଟି ଯାଇଥିବା ଗୋଡଟି ପ୍ରତି ବିଶେଷ କିଛି ଦୁଃଖିତ ହେବାର ଜଣାପଡୁନଥିଲେ। ସବୁବେଳେ କହୁଥିଲେ "ହୁଏତ ଏହା ମୋ ପ୍ରତି ଈଶ୍ୱରଙ୍କର ଏକ ସୁବିଚାର ଦଣ୍ଡ ଥିଲା। ଅବଶ୍ୟ ଖାଲି ଗୋଡ଼ ନୁହେଁ ଏହା ସହିତ ଜୀବନରେ ବହୁତ ଅମୂଲ୍ୟ ସମ୍ପର୍କ ମଧ୍ୟ ହରାଇଲି।" ସବୁ ଶୁଣି ଶୁଭେନ୍ଦୁ ଚୁପ ରହୁଥିଲେ ଓ କେବଳ ଆଗାମୀ ଝଡ଼ର ଆକଳନ କରୁଥିଲେ।

ଭୁବନେଶ୍ୱରରେ ରାତିଯାପନ ଶୁଭେନ୍ଦୁଙ୍କ ଘରେ କରିବା ପାଇଁ ସେ ଅଭୟଙ୍କୁ ରାଜି କରାଇ ନେଇଥିଲେ। ଏଣୁ ଶୁଭେନ୍ଦୁଙ୍କ ବାସସ୍ଥଳୀକୁ ଆସି ପହଞ୍ଚିଲେ। ଅଭୟଙ୍କୁ ଆଣି ବସାଇବା ପରେ କଳ୍ପନାଙ୍କୁ ଚା ପାଣିର ବନ୍ଦୋବସ୍ତ କରିବା ପାଇଁ କହିଥିଲେ।

କଳ୍ପନା ବୁଝି ପାରି ନଥିଲେ ଯେ କିଏ ସେ ବନ୍ଧୁ ଯାହାଙ୍କୁ ଏତେ ଆଗ୍ରହରେ ତାଙ୍କ ସ୍ୱାମୀ ଆଣିଛନ୍ତି।

ଦୀର୍ଘ ୩୦ ବର୍ଷର ବ୍ୟବଧାନ ପରେ ପରସ୍ପରକୁ ଦେଖି ଅବାକ ହୋଇଥିଲେ। ଅଭୟ ଆଶା କରିନଥିଲେ ଯେ ଏଭଳି ଏକ ପରିସ୍ଥିତିର ସମ୍ମୁଖୀନ ହେବେ।

ଶୁଭେନ୍ଦୁ ଭାବିବା ମୁତାବକ କିଛି ହୋଇନଥିଲା। କଳ୍ପନା ହାତରେ ଧରିଥିବା ଗ୍ଲାସଟିକୁ ଫିଙ୍ଗି ଦେଇ ଦଉଡ଼ି ଯାଇ ଅଭୟଙ୍କୁ କୁଣ୍ଢାଇ ଧରିଥିଲେ। ଅଭୟ ଏଭଳି ପରିସ୍ଥିତିରେ କଣ କରିବେ କିଛି ନିର୍ଣ୍ଣୟ କରିପାରିନଥିଲେ। କଳ୍ପନାଙ୍କ ବ୍ୟବହାର ଥିଲା ସତେ ଯେପରି ଦୀର୍ଘ ଦିନର ହଜିଯାଇଥିବା ପ୍ରିୟ ମଣିଷଟିକୁ ପାଇଛନ୍ତି। ପାଖରେ ଶୁଭେନ୍ଦୁ ଠିଆ ହୋଇଥିବାର କୌଣସି ପ୍ରତିଫଳନ ତାଙ୍କ ବ୍ୟବହାରରେ ନଥିଲା। କଳ୍ପନା ଅଭୟଙ୍କୁ ଆହୁରି ନିବଡ଼ ଭାବରେ ଜାବୁଡ଼ି ଧରି କାନ୍ଦି କାନ୍ଦି କଣ ଅସ୍ପଷ୍ଟ କହୁଥିଲେ ବୁଝା ପଡୁନଥିଲା।

ଶୁଭେନ୍ଦୁ ଭାବୁଥିଲେ ଏକ ଜିଦ୍‌ର ଆବିଷ୍କାର କରି ସେ ବଡ଼ ଭୁଲ କରିଛନ୍ତି। ଜୀବନଟା ଏତେ ସୁନ୍ଦର ଭାବେ ଚାଲିଥିଲା। ହୁଏତ ଆଉ କେତେଟା ବର୍ଷରେ ବାର୍ଦ୍ଧକ୍ୟ ଆସି ଥାଆନ୍ତା ଓ କେବେ ଅଶାନ୍ତ ଜଣାନପଡୁଥିବା କଳ୍ପନା ପ୍ରତି ତାଙ୍କର ସ୍ନେହ, ସମ୍ମାନ ଓ କୃତଜ୍ଞତା ସହ ଶେଷ ନିଶ୍ୱାସ ତ୍ୟାଗ କରିଥାଆନ୍ତେ। ଏତେ ଭଲ ପାଉଥିବା ସ୍ତ୍ରୀଟିର ସେ ଜୀବନ ବ୍ୟାପି ଶୋଷ ଅପୂରଣୀୟ ରହିଯାଇଥାଆନ୍ତା। ଏକ ସ୍ୱାମୀ ହିସାବରେ ସେ ନ୍ୟାୟ କରିଛନ୍ତି ଭାବି ଆତ୍ମ ସନ୍ତୋଷ ଲାଭ କରୁଥିଲେ ଓ ଉଭୟଙ୍କ ପ୍ରତି କୌଣସି କ୍ରୋଧ କିମ୍ବା ଘୃଣା ପ୍ରକାଶ କରିନଥିଲେ।

କଲେଜରେ ପଢ଼ିବା ବେଳେ ସେ ମଧ୍ୟ ଭଲ ପାଇଥିଲେ। ସେ ଭଲ ପାଇବା ଜୀବନ ଯାତ୍ରାରେ ପରିବର୍ତ୍ତିତ ଅବସ୍ଥାରେ ମଉଳି ଯାଏ। ସେ ସବୁର ପ୍ରଭାବ ଫିକା ପଡ଼ିଯାଏ ଓ ମଣିଷ ନୂଆ ପରିସ୍ଥିତିକୁ ଖାପ ଖୁଆଇ ଆଗେଇ ଯାଏ।

ସମୀକ୍ଷା କରି ବୁଝି ପାରୁନଥିଲେ ଯେ ଏକ ପ୍ରେମର ପ୍ରଭାବ ମଣିଷ ମନରେ ଏଭଳି ଏତେ ଦିନ ଧରି ବସାବାନ୍ଧି ରହିପାରେ ଓ ଏହାର ପରିପ୍ରକାଶ ପାଇଁ ଅହରହ ଛଟପଟ ହେଉଥାଏ। କୃଷ୍ଣ ରାଧାଙ୍କର ସେ ନିର୍ମଳ ଓ ଆଦର୍ଶ ପ୍ରେମର ସ୍ଥାୟୀତ୍ୱ ମଧ୍ୟ ସେଭଳି ସାମୟିକ ଥିଲା। ଏଭଳି ଅନେକ ପ୍ରଶ୍ନ ଓ ଅଛିଣ୍ଡା ଉତ୍ତରରେ ଛନ୍ଦି ହୋଇଯାଇଥିଲେ ଶୁଭେନ୍ଦୁ। ନିର୍ଣ୍ଣୟ କରି ପାରୁନଥିଲେ ଏଭଳି ଅବସ୍ଥାରେ ତାଙ୍କର ଭୂମିକା କଣ ?

ଉଭୟଙ୍କୁ ଚାହିଁ ଦେଖିଲେ ହଠାତ୍ କଳ୍ପନାର ଶରୀର ସ୍ଥିର ଓ ଅଚଳ ହୋଇଯାଇଛି। ବାହୁ ବେଷ୍ଟନି ଢ଼ିଲା ହେବା ସଙ୍ଗେ ସଙ୍ଗେ ସେ ତଳେ ପଡ଼ିଗଲେ। ଶୁଭେନ୍ଦୁ ସେ ନିର୍ଜୀବ ଶରୀରକୁ ପରୀକ୍ଷା କରି ଜାଣି ପାରିଲେ ଯେ କଳ୍ପନାଙ୍କ ମୃତ୍ୟୁ ହୋଇଛି। ମୃତ୍ୟୁର କାରଣ ଥିଲା ହୃଦଘାତ। ହୁଏତ ସବୁ କିଛି ପ୍ରାପ୍ତିର ଉତ୍ତେଜନା ସହି ନପାରି ଅଚାନକ ହୃଦଘାତ ଜନିତ ମୃତ୍ୟୁ ହୋଇଥିଲା। ଦୀର୍ଘ ବର୍ଷ ଧରି ପ୍ରେମିକର ପ୍ରତୀକ୍ଷା ଓ ପ୍ରାପ୍ତି ପରେ ଏହା ଥିଲା କଳ୍ପନାଙ୍କ ଅନ୍ତିମ ଶୋଷ।





# ବାଇ ଚଢ଼େଇର ଦୁଃଖ

**ସବିତା ରଥ**

ସାଂସାରିକ ଦୁଃଖରେ ଆକ୍ରାମାକ୍ତ ବୋଉ ଜୀବନରେ ଶେଷ ପର୍ଯ୍ୟାୟରେ ନିଜକୁ ବାଇଚଢ଼େଇର ଗୀତଗାଇ ବୋଧ ଦେଉଥିଲା ବାରମ୍ବାର। ଆମକୁ ବି ବୁଝାଇଦେଇଥିଲା ଜୀବନର ଯାବତ୍ୟ ବାଧାବିଘ୍ନ ସତ୍ତ୍ୱେ ରକ୍ତସମ୍ପର୍କ କୌଣସି ମତେ ହାତଛଡା ନକରିବା ଲାଗି ଲିପ୍ତ ଅଥଚ ବୋଉ କେତେଟିକେ ଜାଣିଥିଲା ଏ ପରିବର୍ତ୍ତନଶୀଳ ପୃଥିବୀର ବିଚିତ୍ର ସମୟକୁ। ଆଧୁନିକତାର ସ୍ପର୍ଶରେ କେତେ ସମ୍ପର୍କର କାଚଘର ଭୁଷୁଡି ପଡୁଛି ସ୍ୱାର୍ଥପରତାର ମୋହମୟତାରେ। ନିଜ ସମୟର ଚଳଣି ଓ ମଣିଷମାନଙ୍କୁ ନେଇ ଆତ୍ମସନ୍ତୁଷ୍ଟି ଲାଭ କରିସାରିଥିବା ବୋଉ ସେଇ ଛାଞ୍ଚରେ ହିଁ ଗଢ଼ିତୋଳିବାକୁ ଚାହିଁଥିଲା ତା'ର ସନ୍ତାନମାନଙ୍କ ସମୟ ଓ ସମ୍ପର୍କ ସବୁକୁ।

ସମସ୍ତଙ୍କ ବାହାଘର ପରେ ନିଶ୍ଚିନ୍ତ ହୋଇ ତୀର୍ଥଯାତ୍ରା କରିବାକୁ ମାନସିକ ଭାବେ ପ୍ରସ୍ତୁତ ହେଉଥିଲେ ବାପା ବୋଉ। ଧିରେ ଧିରେ ଜଞ୍ଜାଳଗ୍ରସ୍ତ ଜୀବନଟା ସ୍ୱାଭାବିକ ଓ ସହଜବୋଧ ହୋଇଯିବ ବୋଲି ଭାବିଥିଲା ସେଇ ସରଳ ନିରୀହ, ହୁଣ୍ଡୀ ବୋଉଟା। ଘରର ଆର୍ଥିକ ଅବସ୍ଥା ମଧ୍ୟ ସୁଧୁରି ଆସୁଥିଲା ବେଳକୁ ବେଳ। ବାପା ଓ ଭାଇମାନଙ୍କ ସମ୍ମିଳିତ ପ୍ରଚେଷ୍ଟାରେ ଘରର ପରିପାଟୀରେ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ସବୁ କିଛି ଠିକ୍ ହୋଇଯିବ, ସ୍ୱାଭାବିକ ସଂସାରତ ସୁରୁଖୁରୁରେ ଚାଲିବ ଏ ଭାବନାରେ ବୁଡ଼ିଯାଇଥିଲା ବୋଉ ବେଶ୍ କିଛି ଦିନ ଧରି।

ଅଥଚ ସମୟର ଗତି ବିଚିତ୍ର। ଅକସ୍ମାତ ଶ୍ୱାସଯନ୍ତ୍ରରେ କଷ୍ଟ ଅନୁଭବ କରି ଆମ ସମସ୍ତଙ୍କୁ ଛାଡ଼ି ଅବେଳଟାରେ ଚାଲିଗଲା ବୋଉ। କୌଣସି ଦିନ ଭାବି ନଥିଲୁ ଆମେ ବୋଉ ଏମିତି ଭାବରେ କାହାକୁ କିଛି ନଜଣାଇ ଚାଲିଯିବ ବୋଲି। ସବୁକିଛି ନିଃଶେଷ ହୋଇଗଲା ପରି ମନେହେଲା ସେଇ ଦିନଠାରୁ। ବୋଉର ଶୁଦ୍ଧିକାର୍ଯ୍ୟ ହିଁ ଶେଷ ସହାବସ୍ଥାନ ଥିଲା ଆମ ଭାଇଭଉଣୀମାନଙ୍କର। ଖୁବ୍ ଭଲରେ ଭଲରେ ମଧ୍ୟ ସରିଯାଇଥିଲା ବୋଉର କ୍ରିୟାକର୍ମ ସବୁ।

ସେଇଠୁ ଆରମ୍ଭ ହେଲା ସମ୍ପର୍କର ଏକ ନୂତନ ପର୍ଯ୍ୟାୟ। ପରସ୍ପରର ଦୋଷତ୍ରୁଟି ଖୋଜି ଦୋଷାରୋପ କରିବାର। ଦୂରେଇ ଯିବାର ପର୍ବ। କାହାର କେଉଁ ସ୍ୱାର୍ଥରେ ଏସବୁ ଘଟୁଥିଲା କିଛି ବି ବୁଝିପାରୁ ନଥିଲି ମୁଁ। ଯେତେ ଧରି ରଖିବାକୁ ଚେଷ୍ଟାକଲେ ବି ହୁଗୁଳା ହୋଇ ଯାଉଥିଲା ସମ୍ପର୍କର ଡୋର ସବୁ। ପ୍ରତିଟି କ୍ଷେତ୍ରରେ ମୁଣ୍ଡ ନୋଇଁବାକୁ, ଅପମାନିତ ହେବାକୁ ପଡୁଥିଲା ସମ୍ପର୍କ ବଞ୍ଚେଇ ରଖିବା ଲାଗି। ବାପା, ଭାଇମାନେ ଅଚିହ୍ନା ଅସହାୟ ମନେ ହେଉଥିଲେ ବେଳକୁ ବେଳ। ପରିସ୍ଥିତି ଜଟିଳ ହେଉଥିଲା। କ୍ରମଶଃ।

ପୈତୃକ ସମ୍ପତ୍ତିକୁ ନେଇ ଆସିଥିବା ନୂତନ ସରକାର ନିୟମ ହିଁ ଝିଅମାନଙ୍କୁ ଅଯାତଶତ୍ରୁ କରି ଦେଇଛି ବର୍ତ୍ତମାନ ସମୟରେ। ବାହାଘର ପରେ ଏଇ ସମ୍ପତ୍ତି ଆଳରେ ହିଁ ସେମାନଙ୍କ ଅସ୍ତିତ୍ୱ ବିଲୋପ କରିଦେବାର ଭୀଷଣ ଚକ୍ରାନ୍ତ ଚାଲିଛି ଆଜିକାଲି ଅଧିକାଂଶ ପରିବାରରେ। କେତେବେଳେ କୋଉ ସୂତ୍ରରେ ଆମ ବିରୁଦ୍ଧରେ ଏଇ କୂଟଚକ୍ରାନ୍ତର କେମିତି ଅୟାମାରମ୍ଭ ହେଲା ସେକଥା ଇଶ୍ୱରଙ୍କୁ ଜଣା। ଅଥଚ ଆମ ତିନି ଭଉଣୀଙ୍କର ହୃଦୟ ଖଣ୍ଡଖଣ୍ଡ ହୋଇ ଭାଙ୍ଗିଭୁଷୁଡି ପଡିଥିଲା ଗୋଟେ ବିଧ୍ୱସ୍ତ ପାହାଡପରି। ବିନ୍ଦୁବିସର୍ଗ ଭାବି ନଥିବା ବେଳେ ଅଯଥା ଦୋଷାରୋପ କରି ବଦ୍‌ନାମ କରିବାର ପ୍ରଚେଷ୍ଟା ମଧ୍ୟ କରାଗଲା। ଜରବଦସ୍ତ ସମ୍ପର୍କରୁ ବିଚ୍ଛିନ୍ନ କରିବା ଲାଗି ବିଭିନ୍ନ ଭାବରେ ପରୋକ୍ଷ ଓ ପ୍ରତ୍ୟକ୍ଷରେ ଅପମାନିତ ମଧ୍ୟ କରାଗଲା। ଅଥଚ ବୋଉର ସ୍ମୃତିକୁ, ଭାବିଭାବି ସବୁ କିଛି ବିଷ ନୀଳକଣ୍ଠ ପରି ପିଇବାକୁ ପଡିଥିଲା ମତେ। କାରଣ ସବୁଠୁ ବେଶୀ ସମ୍ପର୍କକୁ ଗୁରୁତ୍ୱ ଦେଇ ସମସ୍ତଙ୍କୁ ନିଜର ଭାବି ବିଶ୍ୱାସ କରିବାର ଅପରାଧ ମୁଁ ହିଁ କରିଥିଲି। ଯେତେ ଯାହା ହେଲେ ବି ସମ୍ପର୍କର କ୍ଷୀଣ ସୂତାଖିଅଟିକୁ ବଞ୍ଚେଇବା ଲାଗି ଚେଷ୍ଟା କରିଥିଲି। ପ୍ରକୃତରେ ଝିଅମାନେ ସମାଜରେ ସବୁବେଳେ ଗୌଣ ସ୍ଥାନ ହିଁ ରହିଥାଆନ୍ତି। ପାଠଶାଠ, ଯୋଗ୍ୟତା, ସାମାଜିକ ପ୍ରତିଷ୍ଠା ଯେତେ ଯାହା ଥିଲେ ବି ବାପଘରେ ତା'ର ପରିବାରରେ ଗୁରୁତ୍ୱ ବିଶେଷ କିଛି ନଥାଏ। ବାପଘରେ ବୁଝାମଣା କରି ଓ ବିବାହ ପରେ ଶାଶୁଘରେ କର୍ତ୍ତବ୍ୟ ପାଳନ କରିବାର ଦାୟିତ୍ୱବୋଧରେ ହୁଏତ ବଞ୍ଚି ରହିବାକୁ ପଡେ ତାକୁ। ଏଇକଥା ଧିରେ ଧିରେ ସମସ୍ତଙ୍କ ବ୍ୟବହାରରୁ ହିଁ ବୁଝିପାରୁ ଥିଲି ମୁଁ। ବିନା ଦୋଷରେ ସବୁଠି ଝିଅମାନଙ୍କୁ ଦୋଷୀ କରିଦେବାଟା ସମାଜର ପୁରୁଣା ବ୍ୟାଧି। ମୁଁ ହୁଏତ ପରିଚିତ ନଥିଲି ଏ ବ୍ୟାଧିଟି ସହ।

ଆଦର ସମ୍ମାନ ଥିବା ସ୍ଥାନକୁ ମରିଗଲେ ବି ଯିବା ଉଚିତ ନୁହେଁ ବୋଲି ବୁଝିଗଲା ପରେ ଜୀବନର ବଞ୍ଚିବାର ଶୈଳୀ ବଦଳେଇ ଦେବାକୁ ହେଲା ମତେ। ଅନାବଶ୍ୟକ ଭାବେ କାହାରି ସହିତ ଏକପାଖିଆ ସମ୍ପର୍କ ବାନ୍ଧିବାକୁ ଚେଷ୍ଟା କରିବାଟା ନିଜ ସହ ବିଶ୍ୱାସଘାତକତା ଛଡା କିଛି ନୁହେଁ। ସ୍ୱାର୍ଥ ଲିପ୍‌ସୁ ସମ୍ପର୍କର ମୂଲ୍ୟ ବୁଝୁ ନଥିବା ମଣିଷମାନଙ୍କ ପାଇଁ ନିଜକୁ କଷ୍ଟଦେବା କୋଉ ବୁଦ୍ଧିମତାର ପରିଚୟ। ଏକଥା ଭାବି ଆଜିକାଲି ନିଜକୁ ଖୁବ୍ ବେପରୱା କରିଦେଇଛି ମୁଁ। ମୋ ଭାବନାକୁ ବୁଝୁନଥିବା, ହୃଦୟକୁ ଚିହ୍ନୁ ନଥିବା ମଣିଷମାନଙ୍କୁ, ମୁଁ ହିଁ ହୃଦୟରୁ ନିଶ୍ଚିହ୍ନ କରିଦେଇଛି ସବୁଦିନ ପାଇଁ। ବଞ୍ଚିବାଟା ଖୁବ୍ ସ୍ୱାଭାବିକ, ସାବଲୀଳ ହୋଇଯାଇଛି ଆଜିକାଲି। ଈଶ୍ୱରଙ୍କ ନିକଟରେ ସମସ୍ତଙ୍କ ମଙ୍ଗଳକାମନା କରି ଅପହୃତ ସର୍ବସ୍ୱ ସ୍ମୃତିକୁ ଫିଙ୍ଗିଦେଇଛି ବିସ୍ମୃତିରେ ଅତଳଗର୍ଭରେ। ବୋଉ ପରି ନିଜକୁ ବାଇଚଢ଼େଇ ଗୀତ ଗାଇ ବୁଝେଇ ଦେବା ଛଡା ଆଉ କ'ଣ ବା ଉପାୟ ଅଛି ମୋର।

*ଶିକ୍ଷୟିତ୍ରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର*
*ଫକୀର ମୋହନ ନଗର*
*ବରମୁଣ୍ଡା ଭୁବନେଶ୍ୱର*
*ଦୂରଭାଷ: ୯୪୩୯୫୮୪୨୭୬*



# ରୋବର୍ଟ

## ବନମାଳୀ ସେନାପତି

ନିଦ ଭାଙ୍ଗିଲା ପରେ ଝରକା ଦେଇ ବାହାରକୁ ଚାହିଁଲେ ଅବିନାଶ ବାବୁ। ଅବସରପ୍ରାପ୍ତ ଉଚ୍ଚପଦସ୍ଥ ସରକାରୀ ପଦାଧିକାରୀ ସେ, ଅବିନାଶ ରାୟ, ଯାହାଙ୍କ କଲମରେ ଅନେକଙ୍କ ଭାଗ୍ୟ ବଦଳି ଯାଉଥିଲା। କେତେ ପଦୋନ୍ନତି କେତେ ନିଲମ୍ବନ ତାଙ୍କରି କଲମ ମୁନରେ ହୋଇଛି, ତା'ର ହିସାବବି ତାଙ୍କ ପାଖରେ ନାହିଁ। ପ୍ରଚଣ୍ଡ ସ୍ୱାଭିମାନୀ ଏହି ମଣିଷ ଜଣଙ୍କ କେବେ ତାଙ୍କର କାମରେ କାହା ସହ ସାଲିସ କରି ନାହାଁନ୍ତି। ତାଙ୍କର ଚରିତ୍ର ବିଷୟରେ ଅଫିସଠାରୁ ଆରମ୍ଭ କରି ଆତ୍ମୀୟ ସ୍ୱଜନ, ପଡାପଡୋଶୀ ଓ ପରିବାର ଲୋକ ଜାଣନ୍ତି। ସେ ନିଜ ବିବେକ ଅନୁଯାୟୀ କାର୍ଯ୍ୟ କରନ୍ତି। ଯାହା ଠିକ୍ ବୋଲି ଭାବନ୍ତି, ସେଇଟା ତାଙ୍କର ଶେଷ ନିଷ୍ପତ୍ତି। କେହି ତାକୁ ବଦଳେଇ ପାରିବେ ନାହିଁ। ତେଣୁ ସେ ଯେତେବେଳେ ଏପରି ଏକ ନିଷ୍ପତ୍ତି ଗ୍ରହଣ କଲେ, ଅନେକ ଲୋକ ଅବାକ ହୋଇଗଲେ। ଅବାକ ହେଲେ ବି ତାଙ୍କ ସମ୍ମୁଖକୁ ଆସି କେହି କିଛି କହିବାର ସାହସ କଲେ ନାହିଁ। ତାଙ୍କ ପଛରେ ସମସ୍ତେ କେବଳ କୁହାକୋହି ହେଲେ। କି ପ୍ରକାର ଡିସିସନ ? ଅବିନାଶ ବାବୁଙ୍କ ସ୍ତ୍ରୀ ସୁରଭି ଦେବୀ କିନ୍ତୁ ଆଶ୍ଚର୍ଯ୍ୟ ହେଲେ ନି। କାରଣ ଏତେ ବର୍ଷ ଧରି ଏଇ ମଣିଷଟି ସହିତ ସେ ରହି ଆସିଛନ୍ତି। ସେ ଠିକ୍ ଭାବେ ତାଙ୍କର ସ୍ୱରୂପକୁ ଚିହ୍ନିଛନ୍ତି। ଅବିନାଶ ବାବୁ ଯେ ଅନେକ ଭାବିଚିନ୍ତି ସିଦ୍ଧାନ୍ତ ନିଅନ୍ତି ସେ କଥା ଭଲ ଭାବରେ ସେ ସ୍ତ୍ରୀ ଭାବରେ ବୁଝିଛନ୍ତି।

କେବଳ ଅବିନାଶ ବାବୁ ନୁହଁନ୍ତି, ନିଜେ ସୁରଭି ଦେବୀ ମଧ୍ୟ ଅନେକ ନିଷ୍ପତ୍ତି ସ୍ରୋତର ପ୍ରତିକୂଳରେ ନିଅନ୍ତି। ତାହା ଅନେକଙ୍କୁ ଭଲ ନ ଲାଗିଲେ ବି ସେଥିପ୍ରତି ତାଙ୍କର ଖାତିରି ନଥାଏ। ଏଇ ଯେମିତି ସ୍କୁଲ ପରେ ସବୁ ପିଲା ପଡିଆକୁ ଖେଳିବାକୁ ଯାଉଥିବା ବେଳେ, ସେ ସେତେବେଳେ ତାଙ୍କ ପୁଅ ରୂପେଶକୁ ପଢ଼େଇବାକୁ ବସି ଯାଆନ୍ତି। ସେ ଭାବନ୍ତି ସ୍କୁଲରେ ତ ଖେଳିବାକୁ ଖେଳ ପିରିୟଡ ଅଛି। ତାଛଡା ରିସେସ୍‌ରେ ତ ପିଲାମାନେ ଖେଳୁଥିବେ। ତେଣୁ ସ୍କୁଲ ପରେ ଆଉଥରେ ଖେଳ ପଡିଆକୁ ନ ଯାଇ ପାଠ ପଢ଼ିଲେ କିଛି ଅସୁବିଧା ନାହିଁ। ତାଙ୍କ ଯୁକ୍ତି ଥିଲା ସ୍କୁଲ ପରେ ପିଲା ଖେଳିଲେ କ୍ଲାନ୍ତ ହୋଇ ପଡ଼ିବେ ଆଉ ସନ୍ଧ୍ୟାରେ ପାଠ ପଢ଼ିବା ଆରମ୍ଭ ମାତ୍ରେ ଢ଼ୋଳ ଆରମ୍ଭ ହୋଇଯିବ।

ଅବିନାଶ ରାୟ ବାହାରକୁ ଚାହିଁ ରହିଛନ୍ତି। କାରଣ ସେ ଜାଣିଛନ୍ତି ନାତି 'ବାବଲ'କୁ ନେଇ ରୂପେଶ ଆଜି ଆସିବ। ଏକଥା ସେ କାହାକୁ ଜଣେଇ ନାହାଁନ୍ତି। ସୁରଭି ଦେବୀଙ୍କୁ ମଧ୍ୟ ସେ କହିନାହାଁନ୍ତି। ବୃଦ୍ଧାଶ୍ରମରେ ତାଙ୍କର ସବୁଠାରୁ ମିଶ୍ର ବାବୁଙ୍କ ସହିତ ସେ ସବୁକଥା ସେୟାର କରନ୍ତି। କିନ୍ତୁ ଆଜି ତାଙ୍କ ପୁଅ ଆସିବା କଥାଟା କହି ନଥିଲେ। ଗତ ଦୁଇ ମାସ ତଳୁ ସେ ଆସିଲେଣି। ଅନ୍ୟମାନଙ୍କ ସହ ମନ ମିଳିଗଲାଣି କିନ୍ତୁ ନାତି ବାବଲ କଥାଟା ତାଙ୍କୁ ବେଶି କଷ୍ଟ ଦେଉଛି। ଘରେ ଥିବାବେଳେ ନାତି ହିଁ ଥିଲା ତାଙ୍କର ବେଷ୍ଟ ଫ୍ରେଣ୍ଡ। ଦିନ ସାରା ନାତି ପ୍ରଶ୍ନର ଉତ୍ତର ଦେଉଦେଉ ସମୟ କେମିତି ଗଡି ଯାଉଥିଲା ସେ ଜାଣିପାରୁନଥିଲେ। ତାହା ମଧ୍ୟ ଲୁଡୁ, କ୍ୟାରେମ, ଚେସ , ଟେନିସ ଖେଳରେ ମସଗୁଲ ହେଉଥିଲେ। ଖେଳୁଖେଳୁ ମଧ୍ୟ ଖେଳ ବିଷୟରେ ଅନେକ ଜଟିଳ ପ୍ରଶ୍ନ। ଅନ୍ୟ କେହି ଅଧିକ କଥା କହିଲେ ସେ ବିରକ୍ତ ହୁଅନ୍ତି କିନ୍ତୁ ନାତି କଥାରେ କେବେ ବି ସେ ବିରକ୍ତି ନୁହେଁ ବରଂ ଉତ୍ସାହିତ ହୋଇ ତାକୁ ଅଧିକ ପ୍ରଶ୍ନ ପଚାରିବାକୁ କୁହନ୍ତି। ନାତି ବାବଲର କଥା ମନେ ପଡିଲେ ଏକ ଅପରାଧ ବୋଧରେ ସେ ଘାଣ୍ଟି ହୋଇଯାଆନ୍ତି। ସାରା ଜୀବନ କେବଳ ଅଫିସର କାମ ଆଉ କ୍ୟାରିୟର ନେଇ ବ୍ୟସ୍ତ ରହିଲେ, ରୂପେଶ ପ୍ରତି ଟିକେ ବି ନଜର ଦେଲେନି। ସବୁ କିଛି ସୁରଭି ଦେବୀ ହିଁ ବୁଝୁଥିଲେ। ସୁରଭିଙ୍କର କିଛି କାର୍ଯ୍ୟରେ ସେ ଅତିଷ୍ଠ ହେଲେ ମଧ୍ୟ ସମୟ ନ ଦେଇ ପାରୁଥିବାରୁ ସେ ଚୁପ ରହୁଥିଲେ।

ରୂପେଶ ପିଲାବେଳେ ଗପ ଶୁଣିବାକୁ ବହୁତ ଭଲ ପାଉଥିଲା। ବୋଉ ତାକୁ ଅନେକ କାହାଣୀ କହୁଥିଲେ। ବୋଉ ଦୁନିଆରୁ ଚାଲିଗଲା ପରେ ରୂପେଶର ଗପ ଶୁଣିବା ଏକ ପ୍ରକାର ବନ୍ଦ ହୋଇଗଲା। ସେ ଗପ ଶୁଣିବା ପାଇଁ ଛଟପଟ ହେଲାବେଳେ ତାକୁ କିଛି ଶୁଣାଇ ଖୁସି କରି ଦେଇଥିଲି କିନ୍ତୁ ସୁରଭିର ଭୟରେ ନା ସେ ସବୁଦିନ ତାକୁ ଗପ କହିପାରିଥିଲେ ନା ତାଙ୍କ ପାଖରେ ଅଧିକ ସମୟ ଥିଲା। ସବୁ କିଛି ରୂପେଶ ସହି ଯାଉଥିଲା। ତା' କଥା ଭାବିଲେ ମନଟା ଆଜି ତାଙ୍କର ଆକ୍ରାମାକ୍ରା ହୋଇ ଯାଉଥିଲା।

x x x

ବାବା, ହେଇ ଦେଖ ଦେଖ.... ବାବଲର ଡାକରେ ଖବରକାଗଜରୁ ମୁହଁ ଫେରାଇଲା ରୂପେଶ। ସକାଳେ ଚା ପିଉ ପିଉ ସେ କେବଳ ହେଡିଂ ଗୁଡା ପଢ଼ି ଦେଉଥିଲା। ଦ୍ୱିପହର ଖାଇବା ପରେ ଭଲଭାବେ ପଢ଼ିବ। ଶନିବାର, ରବିବାର ଛୁଟି ଦିନରେ ସେ କାଗଜର ଆମୂଳଚୂଳ ପଢ଼ିଥାଏ। ଅନ୍ୟଦିନ ଗୁଡିକରେ ସମୟ ମିଳେନି। ଆଜି ଛୁଟିର ସକାଳରେ କାଗଜ ଉପରେ ଆଖି ପକାଉ ପକାଉ ବାବଲର ଡାକ... ବାବା ଦେଖିଲ କେମିତି ହୋଇଛି ... ଡ୍ରଇଁ ଖାତାଟିକୁ ସେ ରୂପେଶ ମୁହଁ ପାଖରେ ଧରିରଖେ। ଖବରକାଗଜକୁ ଥୋଇ ଦେଇ ରୂପେଶ କହିଲା - ବାଃ, ସୁନ୍ଦର ଚିତ୍ରଟିଏ। ଆଚ୍ଛା ଖାତାଟିକୁ ମୋତେ ଦେଲୁ, ଅନ୍ୟ ଛବିଗୁଡିକ ଦେଖିବା।

ଆରେ, ସବୁ ଛବିଗୁଡିକ ସୁନ୍ଦର ହୋଇଛି। ତୁ ନିଜେ ଆଙ୍କିଛୁ ସବୁ ?

- ହଁ। କହିଲା ବାବଲ।

- ଠିକ୍ ଅଛି। ଏବେ ତୋର ଯେବେ ଇଚ୍ଛା ହେବ ଛବି ଆଙ୍କିବୁ।

ରୋଷେଇ ଘରୁ ଥାଇ ବାବଲର ମମି ଡାକିଲା - ଚିତ୍ରଅଙ୍କା ସେତିକି ଥାଉ। ହୋମ୍‌ୱାର୍କ ଆରମ୍ଭ କର ଶୀଘ୍ର। ଟିକେ ପରେ ଖାତା ଦେଖିବି।

ରୂପେଶ କହିଲା - ଠିକ୍ ଅଛି ତୁ ଆଗ, ହୋମ୍‌ୱାର୍କ ଗୁଡା କରିଦେ। ସରିଗଲେ ଛବି ଆଙ୍କିବୁ।

- ହୋମ ୱାର୍କ ସରିଗଲେ, ମୁଁ ଆପଣଙ୍କ ସହ ଚେସ୍ ଖେଳିବି ବାବା।

- ଠିକ୍ ଅଛି। ମୁଁ ବଜାର କରି ଫେରି ଆସେ, ତୋ ସହ ଚେସ୍ ଖେଳିବି। ସପ୍ତାହର ଏଇ ଦୁଇଦିନ

ବାବଲ ତା' ପାଖ ଛାଡ଼ି ଯାଏନା। ଖେଳିବା, ଦୌଡ଼ିବା, ଗପ ଶୁଣିବା ପଢ଼ିବା ସବୁ ତା'ର ରୂପେଶ ପାଖରେ। ୪ଟା ବାଜିଲେ ରୂପେଶ ତାକୁ ନେଇ ଫୁଟବଲ ପଡିଆକୁ ଯାଏ। ବାବଲ ତା' ସାଙ୍ଗମାନଙ୍କ ସହ ଖେଳେ। ପ୍ରଥମେ ମମି ରାଜି ହେଉନଥିଲା। ଅନେକ ବୁଝାଇଲା ପରେ ରାଜି ହେଲା ଯେ ରୂପେଶ କିନ୍ତୁ ଯାଇ ତାକୁ ଜଗିବ। ସେଇଆ ହିଁ ହେଲା।

ବାବଲ ଖେଳିଲାବେଳେ ରୂପେଶର ମନେ ପଡିଯାଏତା' ପିଲା ଦିନର କଥା। ତା' ସାଙ୍ଗମାନେ ଯେତେବେଳେ ପଡ଼ିଆରେ ଫୁଟବଲ ଖେଳନ୍ତି। ତା' ମାଆ ତାକୁ ପାଠ ପଢ଼େଇବା ପାଇଁ ବସେଇ ଦିଅନ୍ତି। ପାଠ ପଢ଼ିବାରେ ଆଗ୍ରହ ନଥିଲେ ବି ମାଆ ଭୟରେ ବସିବାକୁ ପଡୁଥିଲା। ମାଆ ଭାବୁଥିଲା ଅଧିକ ସମୟ ପଢ଼ିଲେ, ସେ କ୍ଲାସରେ ଟପ୍ ହେବ। ହେଉଥିଲା ମଧ୍ୟ। କୌଣସି ଜିନିଷରେ ତା'ର ସ୍ୱାଧୀନତା ନ ଥିଲା। ମାଆର କଡା ଆକଟରେ ବାଲ୍ୟକାଳ, ସ୍କୁଲ ଜୀବନ କଟିଯାଇଥିଲା।

X X X

କେବେ ରବିବାର ଆସିବ। ସେଇ ଦିନକୁ ଅପେକ୍ଷା କରିଥାନ୍ତି ସୁରଭି ଦେବୀ। ରୂପେଶର କଥା ଯେତିକି ମନେ ପଡୁଛି ତା'ଠାରୁ ଅଧିକ ମନେପଡୁଛି ଚାରିବର୍ଷର ନାତିଟୋକା ବାବଲର କଥା। ତା'ର ଯେତେ ଅଳି, ଅଝଟ ସବୁ ତା'ର ତା' ଜେଜେ ସହିତ। ଜେଜେ ତା'ର ସବୁ କଥାରେ ହଁ ଭରନ୍ତି। ସେ ଯାହା ଜିଦ୍ କରେ କିଣି ଆଣି ଦିଅନ୍ତି। ଏମିତି କଥାରେ ଆପତ୍ତି ଉଠାନ୍ତି ସୁରଭି ଦେବୀ। ପିଲାଟିର ସବୁ ଜିଦ୍ ପୂରଣ କଲେ କ'ଣ ହେବ ତା'ର ଭବିଷ୍ୟତ? ଏବେଠାରୁ ଗାଇଡ ନକଲେ କ୍ୟାରିୟର ଯେ ଖରାପ ହୋଇଯିବ। ସେ ରୂପେଶର କ୍ୟାରିୟରକୁ ଗାଇଡ କରିଥିଲା ବୋଲି ଆଜି ସେ ଗୋଟିଏ ମଲ୍ଟି ନେସନାଲ କମ୍ପାନୀର ଇଂଜିନିୟର। ଆଉ କିଛି ଦିନ ଚା' କପ୍‌କୁ ହାତରେ ଧରି ବାରନ୍ଦାର ଗ୍ରୀଲ ଦେଇ ବାହାରକୁ ଚାହିଁ ସେ ଅନେକ କଥା ଭାବି ଚାଲିଥିଲେ। ବୃଦ୍ଧାଶ୍ରମରେ ଥିବା ସମସ୍ତ ଅନ୍ତେବାସୀ ଯେଉଁମାନଙ୍କ ସହ ତାଙ୍କର ମନ ମିଳିଥିଲା, ସେମାନଙ୍କୁ ସେ ତାଙ୍କ ପୁଅର ଅନେକ ପ୍ରଶଂସା କରନ୍ତି। ତାଙ୍କ ପୁଅ ଯେ ଗୋଟିଏ ବ୍ରିଲିୟାଣ୍ଟ ଛାତ୍ର ଥିଲା ଏକଥା କହିବାକୁ ସେ କେବେ ଭୁଲୁନଥିଲେ। ସେଠାରେ ଥିବା ଅନେକ ଦମ୍ପତି ସ୍ୱଚ୍ଛଳ ବର୍ଗର। ସୁରଭି ଦେବୀଙ୍କ କଥାରେ କେହି ଦ୍ୱିମତ ହୁଅନ୍ତି ନାହିଁ। ସୁରଭି ଦେବୀ କିନ୍ତୁ ରୂପେଶର ଏହି ସଫଳତାରେ ସନ୍ତୁଷ୍ଟ ନୁହଁନ୍ତି। ସେ ଚାହାଁନ୍ତି ରୂପେଶ ଆହୁରି ପରିଶ୍ରମ କରୁ। ଆହୁରି ଉପରକୁ ଯାଉ। ସେ ଜାଣନ୍ତି ରୂପେଶ ଯଦି ପରିଶ୍ରମ କରିବ, ସିନସିଅରିଟି ମେଣ୍ଟେନ କରିବ, ତା' ପାଇଁ କିଛି ଅସମ୍ଭବ ନୁହେଁ।

ଏବେ ତାଙ୍କର ଚିନ୍ତା ବାବଲ ପାଇଁ। ତା'କୁ ପ୍ରଥମରୁ ଗାଇଡ ନ କଲେ, ତା'ର ଭବିଷ୍ୟତ ଠିକ୍ ଭାବରେ ତିଆରି ହୋଇପାରିବ ନାହିଁ। ବୋହୂ ମା' ଉଚ୍ଚ ଶିକ୍ଷିତ। କେତେଦୂର ସେ ଗାଇଡ କରିବ ଦେଖାଯାଉ। ନାତିଟାର ପାଂପଢ଼ାଠାରୁ ଖେଳ କୁଦରେ ବେଶି ମନ। ଛୁଟିଦିନରେ ରୂପେଶ ତାକୁ ଖେଳ ପଡିଆକୁ ନେଇଯିବାଟା ତାଙ୍କର ଆଦୌ ପସନ୍ଦ ନୁହେଁ। ଏକଥା ରୂପେଶକୁ ବୁଝାଇବାକୁ ପଡିବ ଯେ ଏବେ ନୁହେଁତ କେବେ ନୁହେଁ। ରୂପେଶ ଆସିଲେ ତାକୁ ସତର୍କ କରାଇ ଦେବାକୁ ହେବ। ସେ ନିଶ୍ଚୟ ବୁଝିବ। ଆଉ ତା'ର ପ୍ରମୋଶନ ଖବରଟା ମଧ୍ୟ ଜାଣିବାକୁ ହେବ। ପ୍ରମୋଶନ ଅର୍ଥ ହିଁ ଟ୍ରାନ୍ସଫର। କେଉଁଠିକୁ ହେବ? ସେଠାରେ ଭଲ ସ୍କୁଲ ଅଛି କି ନାହିଁ? ରହିବାର ସୁବିଧା ଅସୁବିଧା ସବୁ ବୁଝିବାକୁ ହେବ।

X X X

"ବାବୁ, ମୁଁ ରେଡି"। ଖବରକାଗଜରୁ ମୁହଁ ଫେରାଇ ରୂପେଶ ଦେଖିଲା, ପ୍ୟାଣ୍ଟ ସାର୍ଟ ପିନ୍ଧି ବାବଲ ତା ନିକଟରେ ଠିଆ ହୋଇଛି।

"ଠିକ୍ ଅଛି ମୁଁ ମାତ୍ର ପାଞ୍ଚ ମିନିଟ ମଧ୍ୟରେ ରେଡି ହୋଇ ଯାଉଛି କହି ରୂପେଶ ପ୍ୟାଣ୍ଟ, ସାର୍ଟ ପିନ୍ଧି ପ୍ରସ୍ତୁତ ହୋଇଗଲା। ସେମାନେ ବୃଦ୍ଧାଶ୍ରମରେ ପହଞ୍ଚିଲା ବେଳକୁ ବ୍ରେକ୍‌ଫାଷ୍ଟ ଖାଇସାରି ଅବିନାଶବାବୁ, ସୁରଭି ଦେବୀ ଭୂପତି ବାବୁ, ମୀନା ଦେବୀ, ମିଶ୍ର ବାବୁ ବାରନ୍ଦାରେ ବସି ଗପସପରେ ମାତି ଯାଇଛନ୍ତି। ରୂପେଶ ଓ ବାବଲକୁ ଦେଖି ସମସ୍ତେ ଖୁସି ହୋଇଗଲେ। କିଛି ସମୟ ଗପରେ କଟିଯିବା ପରେ ବାବଲ କହି ଉଠିଲା – ବାବା ମୋ ଜିନିଷଟିକେ ଜେଜେ, ଜେଜୀମାଙ୍କୁ ଦେଖାନ୍ତୁ।

"କ'ଣ ଦେଖାଇବାକୁ ସେ କହୁଛି?" ସୁରଭି ଦେବୀ ରୂପେଶକୁ ପଚାରିଲେ।

"ବାବଲ କିଛି ଛବି ଆଙ୍କିଛି ତ, ସେଇଗୁଡିକ ଦେଖାଇବାକୁ ସେ କହୁଛି।"

ମୀନା ଦେବୀ କହିଲେ "ଦେଖିବା ଆମ ସୁନା ବାବଲ କେମିତି ଛବି ଆଙ୍କିଛି?"

ଛବିଗୁଡିକ ଦେଖି ଅବିନାଶ ବାବୁ, ଭୂପତି ବାବୁ ଓ ମୀନା ଦେବୀ କହି ଉଠିଲେ – କି ସୁନ୍ଦର ଛବି ଆଙ୍କିଛି ବାବଲ।

ଆଙ୍କି ଚାଲ ବାବା, "ତୋ ହାତର ଛବି ବହୁତ ଉଚ୍ଚକୋଟିର ହେଉ" କହିଲେ ମୀନାଦେବୀ।

ଏସବୁ କଥାରେ ସୁରଭି ଦେବୀ ଆଦୌ ଖୁସି ନ ଥିଲେ । ରୂପେଶ ଜାଣିପାରୁଥିଲା, ମା ଏଥିରେ ଖୁସି ନୁହେଁ। ସେ ଭାବୁଛି ବାବଲ ପାଠ ନ ପଢ଼ି ଖାଲି ଛବି ଆଙ୍କୁଛି ଆଉ ଖେଳୁଛି।

ବୃଦ୍ଧାଶ୍ରମର ମଧ୍ୟାହ୍ନ ଭୋଜନ ଅତି ଉଚ୍ଚମାନର ନ ହେଲେ ବି ନିମ୍ନମାନର ନୁହେଁ। ଆଉ ଅତିଥି ଅଭ୍ୟାଗତଙ୍କ ପାଇଁ ସଦା ଉନ୍ମୁକ୍ତ। ସେଇଠି ମଧ୍ୟାହ୍ନ ଭୋଜନ କଲେ ରୂପେଶ ଓ ବାବଲ। ଖାଦ୍ୟ ମଝିରେ ସୁରଭି ଦେବୀ ପଚାରିଲେ – ତୋ ପ୍ରମୋଶନ କଥା କ'ଣ ହେଲା? ଏତେ ଡେରି କାହିଁକି? କିଛି ପ୍ରୋବ୍ଲେମ ହେଲା କି?

ପ୍ରମୋଶନର ଉତ୍ତର ସିଧାସିଧା ନ ଦେଇ ରୂପେଶ କହିଲା – ପ୍ରମୋଶନ ବିଷୟରେ ମୁଁ ତୋ ସହ ପରେ କଥା ହେବି। ସେମାନଙ୍କ କଥା ମଝିରେ "ବାବଲ" କହିଲା – "ଜେଜେ, ଆଗାମୀ ରବିବାର 'ବାବା ମୋତେ ଗୋଟିଏ ନୂଆ ଜାଗାକୁ ନେବେ। ତୁମେ ଦୁଇ ଜଣ ଆମ ସହିତ ଯିବ।"

ରୂପେଶ କହିଲା – ହଁ ବାବା, ତୁମେ ଦୁଇଜଣ ରେଡିଥିବ ମୁଁ ଦଶଟା ପୂର୍ବରୁ ପହଞ୍ଚିବି।

ତା' ପର ରବିବାର ଠିକ୍ ସମୟରେ ସେମାନେ ଗୋଟିଏ ଧଳା ରଙ୍ଗବୋଳା ଘରର ଗେଟ୍ ପାଖରେ ପହଞ୍ଚିଲେ। ରୂପେଶ ଗାଡିରୁ ଓହ୍ଲାଉ ଓହ୍ଲାଉ କହିଲା – ମା, ଏ ହେଉଛି ଗୋଟିଏ ଅନାଥାଶ୍ରମ। ଏଠାରେ ମାତ୍ର କୋଡିଏ ଜଣ ପିଲା ରୁହନ୍ତି। ଏହାର ଦାୟିତ୍ୱ ନେଇଛନ୍ତି ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ – ଅଭୟ ଶଙ୍କର ବାବୁ। ସେ ଅବିବାହିତ। ଅବସର ପରେ ସେ ଗୋଟିଏ ଏନଜିଓ ସାହାଯ୍ୟରେ ଏହି କୋଡିଏ ଜଣ ପିଲାଙ୍କର ସମସ୍ତ ଦାୟିତ୍ୱ ନେଇଛନ୍ତି। ଚାଲ .... ଭିତରକୁ ଗଲେ ସବୁ ଜାଣିପାରିବୁ।

ରୂପେଶର କଥା ଶୁଣି ସୁରଭି ଦେବୀ ଆଶ୍ଚର୍ଯ୍ୟ ହେଲେ। ମନେ ମନେ ଭାବିଲେ – ଅନାଥ ଆଶ୍ରମକୁ ଆମକୁ ନେଇ ଆସିବାର କାରଣ କ'ଣ? ଏଠାକୁ ଆସି ବାବଲ ବହୁତ ଖୁସି। ରବିବାର ଯୋଗୁଁ ସବୁ ପିଲା ଖେଳୁଥିଲେ। ତେଣୁ ତାଙ୍କ ସହ ସେ ଯୋଗ ଦେଇଦେଲା, ଆଶ୍ରମର କାର୍ଯ୍ୟାଳୟରେ ବସି ଅଭୟ ଶଙ୍କର ବାବୁ, ଅବିନାଶ ବାବୁ, ସୁରଭି ଦେବୀ ଓ ରୁପେଶଙ୍କୁ ଆଶ୍ରମ ବିଷୟରେ ଅନେକ କହିଗଲେ। ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ମଧ୍ୟ ସେଇଠି ସ୍ଥିର ହୋଇଥିଲା।

ଘଣ୍ଟା ବାଜିବା ମାତ୍ରେ ସମସ୍ତ ପିଲା ନିଜନିଜର ଥାଳି, ଡାଟିଆ ଓ ଗ୍ଲାସ ଟ୍ୟାପରୁ ଧୋଇ ନିଜନିଜ ସ୍ଥାନରେ ବସିଗଲେ। ତିନିଜଣ ପିଲା ସମସ୍ତଙ୍କୁ ଖାଦ୍ୟ ପରିବେଷଣ କଲେ। ଅବିନାଶ ବାବୁଙ୍କୁ ପିଲାମାନଙ୍କର କାର୍ଯ୍ୟ, ଚାଲିଚଳନ ଖୁବ୍ ଭଲ ଲାଗୁଥିଲା। ସୁରଭି ଦେବୀ କେବଳ ବାଧ ବାଧକତାରେ ସବୁ କିଛି ଦେଖୁଥାନ୍ତି। ଶୀଘ୍ର ସେଠାରୁ ଚାଲିଯିବାକୁ ତାଙ୍କର ଇଚ୍ଛା ହେଉଥିଲା। ତାଙ୍କୁ ଏସବୁ କିଛି ଭଲ ଲାଗୁନଥିଲା।

ଅପରାହ୍ନରେ ସେମାନେ ବୃଦ୍ଧାଶ୍ରମକୁ ଫେରିବା ବେଳେ, ସୁରଭି ଦେବୀ କହିଥିଲେ – " ତୋ ପ୍ରମୋଶନ ବିଷୟରେ କିଛି କହିଲୁନି ଯେ ? ଆଉ ଗୋଟିଏ କଥା ମୁଁ ବୁଝି ପାରିଲି ଯେ ଆମକୁ ଏ ଅନାଥାଶ୍ରମକୁ ଆଣିବାର ଅର୍ଥ କ'ଣ ?

– ମା, ମୁଁ ପ୍ରମୋଶନ ନେଲିନାହିଁ।

ଆଶ୍ଚର୍ଯ୍ୟ ହୋଇ ସୁରଭି ଦେବୀ କହିଲେ – ଏମିତି ପାଗଳାମି କ'ଣ କେହି କରନ୍ତି ? କ'ଣ ପାଇଁ ନେଲୁ ନାହିଁ ଶୁଣେ ?

– ପ୍ରମୋଶନ ନେଲେ ମୋତେ ଟ୍ରାନ୍ସଫର କରାଯିବ। ସେଥିପାଇଁ ଆପତ୍ତି ନାହିଁ। କିନ୍ତୁ ସେ ନୂଆ ଜାଗାରେ ବାବଲ ପାଇଁ ଭଲ ସ୍କୁଲ ମିଳିବ କି ନାହିଁ। ସେ ନୂଆ ପୋଷ୍ଟରେ ଏତେ କାମର ଚାପ ଯେ ସକାଳ ଆଠଟାରୁ ଯାଇ ରାତି ନ'ଟା ପୂର୍ବରୁ ଫେରି ହେବନି।

–ଅସୁବିଧା କେଉଁଠି ରହିଲା। ଉଚ୍ଚସ୍ଥାନକୁ ଗଲେତ କାମର ଚାପ ବଢ଼ିବ। ଏକାଥରକେ କହିଗଲେ ସୁରଭି ଦେବୀ।

– ତା' ହେଲେ ମୁଁ ବାବଲକୁ ସମୟ ଦେବି କେତେବେଳେ ? ତାକୁ ଯଦି ଏବେଠାରୁ ଗାଇଡ ନ କରିବି...

– ତା' ମାମା ଅଛି ତାକୁ ଗାଇଡ କରିବ। ମୁଁ ତ ପୁଣି ତୋତେ ଗାଇଡ କରିଥିଲି। ତୋ ବାବା ତ ଅଫିସ କାମରେ ସବୁବେଳେ ବ୍ୟସ୍ତ ରହୁଥିଲେ।

–ହଁ, ସେକଥାଠିକ୍ ଯେ – ତା ମାମା ତାକୁ ଗାଇଡ କରିବ। କିନ୍ତୁ ବାପା ହିସାବରେ ମୋରତ କିଛି କର୍ତ୍ତବ୍ୟ ଅଛି। ମୁଁ ଚାହେଁ ବାବଲ ମଣିଷ ଭଳି ମଣିଷଟିଏ ହେଉ। ଆଉ ମୁଁ ତାକୁ ଆଶ୍ରମ କାହିଁକି ନେଇଥିଲି ଜାଣ ? ସେଠାରେ ସେ ଦେଖିବ ନିଜ କାମ କେମିତି ନିଜକୁ କରିବାକୁ ପଡ଼େ। ମୁଁ ଚାହେଁ ତା' ଭିତରର ଇଚ୍ଛା ଗୁଡିକର ବିକଶିତ ହେଉ। ସେଥିପାଇଁ ତା' ଚିତ୍ରାଙ୍କନକୁ ମୁଁ ବାଧା ଦେଇନି। ତା'ର ଇଚ୍ଛା ଖେଳିବାପାଇଁ, ମୁଁ ସେଇଥିପାଇଁ ତାକୁ ପଡିଆକୁ ନେଇକି ଯାଏ ଆଉ ନେଇକି ଆସେ। ଚିତ୍ର ଆଙ୍କିଲେ କି ଖେଳିଲେ ପାଠପଢ଼ାରେ କୌଣସି କ୍ଷତି ହେବନାହିଁ। ପୃଥବୀର ଅନେକ ଖେଳାଳି, ଶିଳ୍ପୀ ଉଚ୍ଚଶିକ୍ଷିତ।

ମା' ତୋର ମନେ ଅଛିନା – ଷଷ୍ଠ ଶ୍ରେଣୀରେ ପଢ଼ିଲା ବେଳେ ମୁଁ ଗୋଟିଏ ଗପ ଲେଖିଥିଲି। ଆଉ ସେ ଗପପଢ଼ି ତୁ ମୋ ଉପରେ ବହୁତ ବିରକ୍ତ ହୋଇଥିଲୁ। ଗପ ଶୁଣିବାକୁ ମୋତେ ବହୁତ ଭଲ ଲାଗେ। ଜେଜେ ଓ ଜେଜୀମା'ଙ୍କଠାରୁ ଗପ ଶୁଣେ କିନ୍ତୁ ତୁ ସେତକ ବି ବନ୍ଦ କରି ଦେଇଥିଲୁ। ମା, ତୁ ମୋତେ ଯାହା କରିବାକୁ ଦେଉନଥିଲୁ ମୁଁ ବାବଲକୁ ତାହା କରିବାକୁ ଦେବି। ମା, ପ୍ରକୃତରେ ମୁଁ ବାବଲକୁ ମଣିଷ କରି ଗଢ଼ି ତୋଳିବାକୁ ଚାହେଁ – ରୋବର୍ଟ ନୁହେଁ। ରୂପେଶର କଥା ଶୁଣି କୌଣସି ଉତ୍ତର ଦେଇପାରିନଥିଲେ ସୁରଭି ଦେବୀ।

ଚୁପ୍‌ଚାପ ବସି ମା ପୁଅଙ୍କ କଥା ଶୁଣୁଥିବା ଅବିନାଶ ବାବୁ କହିଲେ – ମୁଁ ତୋ ନିଷ୍ପତ୍ତିକୁ ସ୍ୱାଗତ କରୁଛି। ଯେଉଁଟା ମୁଁ ପାରିନଥିଲି, ତୁ ସେଇଟା ହିଁ କର। ଆଉ ଏହି ବୃଦ୍ଧାଶ୍ରମକୁ ଆସିବାର ଏକ ମାତ୍ର କାରଣ ହିଁ ବାବଲ। ମୁଁ ଜାଣିଥିଲି ସୁରଭି ଘରେ ରହିଲେ ସେ ବାବଲକୁ ମଣିଷ ନୁହେଁ ତୋ ଭଳି ଗୋଟେ ରୋବର୍ଟ କରିଦେବେ। ସମସ୍ତେ ଚୁପ୍ ଥିଲେ। ଗାଡି ବୃଦ୍ଧାଶ୍ରମ ଫାଟକ ନିକଟରେ ପହଞ୍ଚି ସାରିଥିଲା।

*ସମ୍ପାଦକ, ପରାଗ, ଆଳି, କେନ୍ଦ୍ରାପଡା*



# ଶେଷ ସ୍ୱୀକାରୋକ୍ତି ଶ୍ରଦ୍ଧେୟ ସନାତନ !

## ସୁଷମା ପରିଡ଼ା

ଆଜି ଏ ଚିଠିଟି ତୁମକୁ ଲେଖିବାର ମାନେ କିଛି ନାହିଁ ବୋଲି ଭଲ ଭାବରେ ଜାଣି ସୁଦ୍ଧା ଲେଖୁଛି, କାରଣ ଇଏ ସାମାନ୍ୟ ଚିଠି ଟିଏ ନୁହେଁ, ଇଏ ମୋ' ଅନ୍ତରାତ୍ମାର ନିର୍ମଳ ସ୍ୱୀକାରୋକ୍ତି। ଏତିକି କୃତଜ୍ଞତା ତୁମ ପାଖରେ ସ୍ୱୀକାର ନକରି ମୁଁ ସେପାରିକୁ ଯାଇ ଈଶ୍ୱରଙ୍କୁ ମୁହଁ ଦେଖାଇବି କେମିତି ଯେ ? ଇଏ କେବଳ କଥା ନୁହେଁ, ଜୀବନର ଅନ୍ତିମ ସୋପାନରେ ଠିଆ ହୋଇ ମୃତ୍ୟୁକୁ ଅପେକ୍ଷା କରୁଥିବା ଜଣେ ଅନ୍ତର୍ମୁଖୀ ମଣିଷର ହୃଦୟରେ ଜମାଟ ବାନ୍ଧି ରହିଥିବା ଦୁଃଖସୁଖର କଥା, ଯାହା ତୁମ ଜୀବଦ୍ଦଶାରେ ମୁଁ କେବେବି କହି ପାରିନଥିଲି ତୁମକୁ। ତୁମ ଯିବାରବୋଧହୁଏ ଚାରି ବର୍ଷରୁ ଊର୍ଦ୍ଧ୍ୱ ହୋଇଯିବଣି, କିନ୍ତୁ ବିଶ୍ୱାସ କର ସନାତନ ! ତୁମ ଅବର୍ତ୍ତମାନରେ ମୁଁ ତୁମକୁ ସବୁଠାରୁ ବେଶୀ ଝୁରି ହେଉଛିଫ ତୁମେ ମୋର ଭାଇ ବନ୍ଧୁ କୁଟୁମ୍ବ କି ସାଙ୍ଗସାଥୀ ପ୍ରିୟ ପରିଜନ କେହି ନୁହଁ, ତଥାପି ତୁମ ବିନା ମୁଁ ନିଜକୁ ସମ୍ପୂର୍ଣ୍ଣ ଏକଲା ମଣୁଛି, ସମୟ ଅସମୟରେ କିଛି ଦରକାର ପଡିଲେ ପାଟିରୁ ଅନାୟାସରେ 'ସନାତନ' ବୋଲି ଡାକଟେ ବାହାରି ଆସୁଛି। ବାସ୍ତବତା ଉପଲବ୍ଧି କଲେ ଆଖି ଲୁହ ଲୁହ ହେଉଛି। ଆଃ ...ସନାତନ ... ତୁମେ ସେମିତି ମୋ' ପାଖରେ ସଦାକାଳେ ରହି ନଥାନ୍ତ ?

।ମୋ ଆଖି ଆଗରେ ନାଚି ଯାଉଛି ତୁମ ସହିତ ମୋ'ର ପ୍ରଥମ ଭେଟର କଥା। ସେତେବେଳେ ଡିସେମ୍ବର ମାସ, ମୁଁ ନୂଆ କରି କଳାହାଣ୍ଡିର କୁସୁମ ଖୁଣ୍ଟି ଜଳସେଚନ ପ୍ରୋଜେକ୍ଟରୁ ସୁପରିଟେଣ୍ଡିଂ ଇଞ୍ଜିନିୟର ଭାବରେ ସଦ୍ୟ ବଦଳି ହୋଇ ଆସିଥାଏ। ଭୁବନେଶ୍ୱରର ଜଳସେଚନ ବିଭାଗର ମୁଖ୍ୟ ଦପ୍ତରକୁ। କଳାହାଣ୍ଡି ଜିଲ୍ଲାର ଏକ ଉପାନ୍ତ ଅଞ୍ଚଳରେ ଜନ୍ମିତ ମୁଁ ରାଉରକେଲାରେ ଇଞ୍ଜିନିୟରିଂ କଲେଜରେ ପାଠପଢ଼ା ସାରି ସାରା ପଶ୍ଚିମ ଓଡ଼ିଶାରେ ପନ୍ଦର ବର୍ଷ ଚାକିରି ପରେ ପ୍ରଥମ ଥର ପାଇଁ ଆସିଥାଏ ରାଜଧାନୀ ଭୁବନେଶ୍ୱରକୁ। ରାଜଧାନୀରେ ଆମ ଅଫିସର କିଛି ଲୋକଙ୍କ ବ୍ୟତୀତ ଆଉ କାହା ସହିତ ମୋ'ର ପରିଚୟ ନଥାଏ। ମୋ' ଅନ୍ତର୍ମୁଖୀ ସ୍ୱଭାବ ଯୋଗୁ ସହଜରେ କାହା ସହିତ ମିଶି ପାରୁନଥାଏ। ଭାଷାର ତାରତମ୍ୟ ହେତୁ କାହାର କଥା ମଧ୍ୟ ଠିକ୍‌ଠାକ୍ ବୁଝିପାରେ ନାହିଁ। କାଳେ ଅନ୍ୟମାନେ ମୋ' କଥା ବୁଝି ପାରୁନଥିବେ ସେଥିପାଇଁ ଯଥା ସମ୍ଭବ କମ୍ କଥା କହେ। ଶିକ୍ଷାବର୍ଷ ମଝିରେ ବଦଳି ହୋଇଥିବାରୁ ସ୍ତ୍ରୀ ପିଲାଙ୍କୁ ମଧ୍ୟ ସାଥିରେ ନ ଆଣି ଏକୁଟିଆ ରହିଥାଏ କ୍ୱାର୍ଟରରେ। କ୍ୱାର୍ଟରର ବିରାଟ ହତା ମଧ୍ୟରେ ଏକା ଏକା ମୁଁ କେମିତି ଗୋଟାଏ ଅଣ ନିଃଶ୍ୱାସୀ ହୋଇପଡେ ବେଳେବେଳେ। ସାମନାରେ ଲନ୍‌ଟିଏ ଥାଏ ତାହା କିନ୍ତୁ ଏମିତି ବିପର୍ଯ୍ୟସ୍ତ ଅବସ୍ଥାରେ ଥାଏ ଯେ ଘରଟା ଭୂତବଙ୍ଗଳା ଭଳି ଲାଗେ। ସେଇଥିପାଇଁ ସକାଳ ହେଲେ ମୁଁ ଶୀଘ୍ର ନିତ୍ୟକର୍ମ ସାରି ଅଫିସକୁ ଚାଲିଆସେ ଯେ ରାତି ଆଠଟା ନ'ଟା ବେଳକୁ ଫେରେ ଘରକୁ। ତୁମେ ସେତେବେଳେ ଆମ ଅଫିସରେ ଠିକା ମାଳୀ ଭାବରେ କାମ କରୁଥାଅ, ତୁମ ହାତର ଯାଦୁରେ ଅଫିସ ସାମ୍ନା ଲନ୍‌ଟି ନାନାପ୍ରକାର ଫୁଲରେ ଭର୍ତ୍ତି ହୋଇ ନନ୍ଦନକାନନ ଭଳି ସୁନ୍ଦର ଦିଶୁଥାଏ। ଏମିତିରେ ବଣଜଙ୍ଗଲ ନଦୀ ପାହାଡ ଭିତରେ ବଢ଼ିଥିବାରୁ ମୁଁ ଏବଂ ମୋ' ସ୍ତ୍ରୀ ଦମୟନ୍ତୀ ଟିକିଏ ଅଧିକ ପ୍ରକୃତି ପ୍ରେମୀ। ସେ ସମୟରେ ତୁମ ହାତର ବଗିଚା ହିଁ ମୋ'ର ଅଫିସ ପ୍ରତି ଆକର୍ଷଣର ଅନ୍ୟତମ କାରଣ ଥିଲା, ଆଉ ମୁଁ ସୁବିଧା ଖୋଜୁଥିଲି କେବେ ନିରୋଳାରେ ତୁମକୁ ପାଇଲେ ଅନୁରୋଧ କରିବି ମୋ' କ୍ୱାର୍ଟରର ଲନଟିକୁ ଟିକିଏ ବାଗେଇ ଦେବା ପାଇଁ। ସେଦିନ ମୁଁ ଅଫିସରେ ପହଞ୍ଚିଲା ବେଳକୁ କେହି ଆସି ନଥାନ୍ତି, ତୁମେ ସେଇ ସମୟରେ ଲନ୍‌ରେ ସୂର୍ଯ୍ୟମୂଖୀ ଗଛରେ ପାଣି ଦେଉଥାଅ। ଡାଲା ଭଳି ବଡ ଫୁଲଟି ଦେଖି ମୋ'ପାଦ ଅଟକି ଗଲା କ୍ଷଣକ ପାଇଁ, ସୂର୍ଯ୍ୟମୁଖୀ ଗଛ ଆଗକୁ ପିଟୁନିଆଁ ଫୁଲର ପଟାଳି, ସତେକି ରଙ୍ଗ ବେରଙ୍ଗର ମୁରୁଜ ପଡିଛି ସେଠି, ମୁଁ ଅପଲକ ନୟନରେ ଚାହିଁ ରହିଥାଏ ତା'କୁ। ନିବିଷ୍ଟ ଚିତ୍ତରେ କାମ କରୁଥିବା ତୁମେ, ହଠାତ୍ ମୋତେ ଦେଖି ଚାଲି ଆସିଥିଲ ମୋ' ପାଖକୁ। ନମସ୍କାରଟିଏ କରି ବିନମ୍ର ଭାବେ ପଚାରିଥିଲ।

– "କିଛି କାମ ଥିଲା କି ସାର୍। ଅଫିସ ଭିତରେ କେହି ନାହାନ୍ତି ବୋଧହୁଏ ? ? ସେଥିପାଇଁ ଆପଣ ଏଠାରେ ଖରାରେ ଠିଆ ହୋଇଛନ୍ତି ... ଆପଣ ଚାଲନ୍ତୁ ... ମୁଁ ଯାଉଛି ଆପଣଙ୍କର ରୁମ୍ ସଫାସୁତୁରା କରିଦେବି"।

ତୁମ ସ୍ୱରରେ ଥିବା ସେ ଆତ୍ମୀୟତା ମୋତେ ମୁଗ୍ଧ କରିଥିଲା। ମୁଁ ହସି ହସି କହିଥିଲି ...

– ନାହିଁ, ତୁମ ଫୁଲ ଗଛ ମତେ ଟାଣି ଆଣିଛି ଏଠିକି, ତୁମ ହାତରେ ଯାଦୁ ଅଛି। ଆଚ୍ଛା ! ତୁମ ନାଆଁଟି କ'ଣ କହିଲ ?

– ଆଜ୍ଞା, ସନାତନ, ସନାତନ ସାହୁ।

– କେତେଦିନ ହେଲା କାମ କରୁଛ ଏ ଅଫିସରେ ?

– ଆଜ୍ଞା, ଦି'ବର୍ଷ ହେଇଯିବ ବୋଧହୁଏ। ଜମିବାଡ଼ି ସେମିତି କିଛି ନାହିଁ। ଘରେ ପାଞ୍ଚ ପ୍ରାଣୀ କୁଟୁମ୍ବ, ପୁଅଟି ତୃତୀୟ ଶ୍ରେଣୀରେ ପଢୁଛି, ଗାଆଁରେ ମୂଲପାତି ମିଳିବା ଟିକିଏ ଅସୁବିଧା ହେଲାରୁ ଆମରି ଗାଁର ଜଣକ ସାଥିରେ ଚାଲି ଆସିଥିଲି ଭୁବନେଶ୍ୱର। ତା'ରି ସହିତ ରହିଛି ବସ୍ତିରେ, ଏଠାରେ ଠିକା କାମ କରୁଛି।

– କେତେ ଦରମା ପାଉଛ ?

– ଦିନକୁ ତିନି ଶହ ଆଜ୍ଞା, ମାସରେ ଯେତେଦିନ କାମ କରେ ସେଇ ହିସାବରେ ଦରମା ପାଏ। ନିଜ ଖର୍ଚ୍ଚ ପାଇଁଅଳ୍ପ କିଛି ରଖି ବାକି ଟଙ୍କା ଘରକୁ ପଠାଇଦିଏ।

– ସେତିକିରେ ଚଳିବା ବହୁତ କଷ୍ଟ ହେଉଥିବ ନିଶ୍ଚୟ।

– କ'ଣ କରିବି ଆଜ୍ଞା, ପାଠ ଶାଠ ତ ପଢ଼ିନି, ଅନ୍ୟ କିଛି କାମଧନ୍ଦା ମଧ୍ୟ ଜଣାନାହିଁ, ଗାଆଁରେ ଚାଷବାସ କରି ଚଳୁଥିଲି, ଏଠି ଏଇ ବଗିଚା କାମ କରୁଛି, ବେଳେବେଳେ ଅଫିସ ବାବୁମାନଙ୍କର ବୋଲହାକ କରିଦେଲେ କିଛି କିଛି ମିଳିଯାଏ। ସେଥିରେ କଷ୍ଟେମଷ୍ଟେ ଚଳିଯାଏ।

ସେଦିନ ସେତିକି କଥାବାର୍ତ୍ତା ଭିତରେ ତୁମ ପ୍ରତି

ମନରେ କେମିତି ଗୋଟାଏ ଦୟା ଭାବ ଆସିଥିଲା, ତୁମ ପାଇଁ କିଛି କରିବାର ଇଚ୍ଛା ଜାଗିଥିଲା ମନ ଭିତରେ। ଘରକୁ ଫେରିବା ବେଳକୁ ଆଖିରେ ପଡ଼ିଥିଲା ମୋ' ରହୁଥିବା କ୍ୱାର୍ଟରର ଘାସ ଭର୍ତ୍ତି ଲନ। ସେଇଠି ମନରେ ଉଙ୍କି ମାରିଥିଲା ତୁମ ହାତର ଯାଦୁକରୀ। ମନେ ମନେ ଭାବୁଥିଲି ବାହାର ପଟେ ଖାଲି ପଡିଥିବା ଆଉଟ୍ ହାଉସରେ ତୁମର ରହିବାର ବ୍ୟବସ୍ଥା କରିଦେଲେ ତ ହୁଅନ୍ତା। ତୁମ ହାତର ପରଶରେ ମୋ କ୍ୱାର୍ଟରଟି ମଧ୍ୟ ନନ୍ଦନକାନନ ହୋଇ ଯାଆନ୍ତା। ଏକୁଟିଆ ମଣିଷଟେ ମୁଁ, ହାତରେ ରାନ୍ଧିବାଢ଼ି ଖାଉଛି, ସେଥିରେ ଆଉ ଜଣେ ଆରାମରେ ଖାଇପିଇ ଚଳି ଯାଇ ପାରନ୍ତା। ତୁମେ ତୁମର ଅଫିସ୍ ଟାଇମ୍ ବାଦ୍‌ରେ ଏସବୁ କାମ କରି ତୁମ ପରିବାର ପାଇଁ ଆଉ କିଛି ଅଧିକ ଉପାର୍ଜନ କରିପାରନ୍ତ। ତା' ପରଦିନ ଅଫିସରେ ସେଇ ପ୍ରସ୍ତାବଟି ଦେଇଥିଲି ତୁମକୁ। ତୁମେ ଖୁବ୍ ଖୁସିରେ ଗ୍ରହଣ କରିଥିଲ ମୋର ପ୍ରସ୍ତାବ। ଦୁଇଦିନ ପରେ ତୁମେ ନିଜେ ଆସି ଆଉଟ୍ ହାଉସ୍‌କୁ ସଫାସଫି କରି ସେଇଠି ରହିଥିଲ। ବଡି ଭୋର୍‌ରୁ ଉଠି ମୋର ଘର ଦ୍ୱାର ଝାଡୁ ପୋଛା କରିବା ସହ ବଗିଚା କାମ କରି ମୋ ସହିତ ଅଫିସ ଯାଉଥିଲ ଏବଂ ସାଥୀ ହୋଇ ଅଫିସରୁ ଫେରିବା ପରେ ପୁଣି ଥରେ ଘର କାମରେ ଲାଗି ଯାଉଥିଲ। ଧୀରେ ଧୀରେ ଆମ ଭିତରେ କେମିତି ଗୋଟାଏ ଆତ୍ମିକ ସମ୍ପର୍କ ଗଢ଼ି ଉଠିଥିଲା। ତମେ ମୋ ହାତରୁ ରୋଷେଇବାସ, ଲୁଗାପଟା ସଫା ସୁତୁରା ଇତ୍ୟାଦି ଘରୋଇ କାମ ମଧ୍ୟ ଆବୋରି ବସିଥିଲ। ପ୍ରତିଦିନ ରାତିରେ ଘରକୁ ଫୋନ୍ କରି କଥା ହେବା ସମୟରେ ମୁଁ ତୁମ ବିଷୟରେ ଜଣାଉଥିଲି ଦମୟନ୍ତୀଙ୍କୁ। ସେ ସବୁ କଥା ଶୁଣି ଖୁବ୍ ଖୁସି ହେଉଥିଲେ, ତୁମେ ତାଙ୍କର ଅନୁପସ୍ଥିତିରେ ମୋର ସକଳ ଦାୟିତ୍ୱ ସମ୍ଭାଳି ନେଇଥିଲ ବୋଲି। ମୋ କଥାବାର୍ତ୍ତା ମାଧ୍ୟମରେ ସେ କଳ୍ପନାରେ ଦେଖି ପାରୁଥିଲେ ତୁମକୁ, ଅନୁଭବ କରୁଥିଲେ ତୁମର ଆପଣାପଣ।

ପିଲାଙ୍କର ବାର୍ଷିକ ପରୀକ୍ଷା ପରେ ଦମୟନ୍ତୀ ସେମାନଙ୍କୁ ସାଥିରେ ଧରି ଚାଲି ଆସିଥିଲେ ଭୁବନେଶ୍ୱର। ଦମୟନ୍ତୀ ତୁମକୁ ଆମ ପରିବାରର ଜଣେ ଭଳି ଆପଣେଇ ନେଇଥିଲେ। ମୋ ପୁଅ ସଞ୍ଜୟ ଏବଂ ରଞ୍ଜନ ତୁମକୁ ସନାତନ କାକା ବୋଲି ସମ୍ବୋଧନ କରି ଖୁବ୍ ଆଦର କରୁଥିଲେ। ପୁଅ ଦୁଇଜଣ ଭୁବନେଶ୍ୱରରେ ଡିଏଭି ସ୍କୁଲରେ ଆଡମିଶନ କରି ପଢ଼ିବା ଆରମ୍ଭ କଲା ପରେ ତୁମର ଦାୟିତ୍ୱ ଆହୁରି ବଢ଼ି ଯାଇଥିଲା। ସେମାନଙ୍କୁ ସ୍କୁଲ ବସ୍ ଯାଏଁ ପହଞ୍ଚାଇବା, ଫେରିବା ବେଳକୁ ସେମାନଙ୍କୁ ବସ୍‌ରୁ ଘରକୁ ଆଣିବା, ଦମୟନ୍ତୀଙ୍କୁ ବଜାରଘାଟ କରିବାରେ ତୁମେ ବ୍ୟସ୍ତ ରହୁଥିବାରୁ ଅଫିସର ଠିକା କାମ ପାଇଁ ବେଶୀ ସମୟ ଦେଇ ପାରୁନଥିଲ। ଦିନେ ଦମୟନ୍ତୀ କହିଥିଲେ "ସନାତନ ଆଉ ଅଫିସ କାମକୁ ନ ଯାଆନ୍ତୁ ବରଂ ଆମେ ସେତିକି ଦରମା ଟଙ୍କା ତାଙ୍କୁ ଦେଇଦେବା।" ତୁମେ ସେ ପ୍ରସ୍ତାବ ଶୁଣି କହିଥିଲ "ନାଇଁ ବାବୁ! ପିଲାଙ୍କ ପାଇଁ କେତେ ସମୟ ଲାଗୁଛି ଯେ? ଘରେ ବସି ବସି ସମୟ କଟିବନି ଅଳ୍ପ କେତେ ଘଣ୍ଟା ଅଫିସରେ କାମ କରି ଆସିବି।" ହେଲେ ଦମୟନ୍ତୀ ତୁମକୁ ଆଉ ଅଫିସରେ କାମ କରାଇ ଦେଇନଥିଲେ।

କିଛି ଦିନ ପରେ ତୁମ ବାପା ମାଆଙ୍କର ଦେହାନ୍ତ ହୋଇଯାଇଥିଲା। ଦମୟନ୍ତୀ ଆଉଟ୍ ହାଉସ୍ ପାଖରେ ଆଉ ଗୋଟିଏ ଘର କରି ତୁମର ସ୍ତ୍ରୀ ଆଉ ପୁଅକୁ ଗାଆଁରୁ ଆଣି ସେଠାରେ ରଖିବା ପାଇଁ ତୁମକୁ ମନେଇଥିଲେ। ଏଠାରେ ପୁଅର ପାଠପଢ଼ାର ସମସ୍ତ ଦାୟିତ୍ୱ ଆମେ ନେଇଥିଲୁ। ତୁମ ପୁଅ କିଶୋର ୟୁନିଟ୍ ୱାନ ବୟଜ ହାଇସ୍କୁଲରେ ପଢ଼ିଲା। ତୁମ ସ୍ତ୍ରୀ ଲଳିତା ଦମୟନ୍ତୀଙ୍କୁ ଦେବୀ ଭଳି ମାନୁଥିଲେ। କୃତଜ୍ଞତାର ନିଦର୍ଶନ ସ୍ୱରୂପ ସେ ତାଙ୍କର ସକଳ କାର୍ଯ୍ୟରେ ସାହାଯ୍ୟ କରୁଥିଲେ। କିଶୋର ମଧ୍ୟ ଆମ ପିଲାଙ୍କ ସହିତ ଖୁବ୍ ମିଳିମିଶି ଯାଇଥିଲା। ଆହାଃ କି ସୁନ୍ଦର ଥିଲା ସେ ଦିନ ସବୁ!

ସମୟର ସୁଅ ଖୁବ୍ ବେଗରେ ଧାଉଁଥିଲା। ଆମର ଦୁଇ ପୁଅ ସଞ୍ଜୟ ଏବଂ ରଞ୍ଜନ ଦୁହେଁ ଇଞ୍ଜିନିୟରିଂ ପଢ଼ିବା ପରେ ଭଲ ଚାକିରି ପାଇ ବିଦେଶକୁ ଚାଲିଗଲେ। ତୁମ ପୁଅ କିଶୋର ବିଏବିଇଡି ପାଶ୍ କରି ଶିକ୍ଷକତା ବୃତ୍ତିରେ ଯୋଗ ଦେଇଥିଲା କନ୍ଧମାଳର କେଉଁ ଏକ ଆଶ୍ରମ ବିଦ୍ୟାଳୟରେ। ଆମ ପାଠ ପଢୁଆ ପୁଅ ଦି'ଜଣ ବିଦେଶରେ ରହି ପୁରା ବିଦେଶୀ ହୋଇଗଲେ। ସେଠାରେ ନିଜ ଇଚ୍ଛାରେ ନିଜର ଜୀବନସାଥୀ ବାଛି ନେଇ ସଂସାର କଲେ। ଆରମ୍ଭରୁ ବର୍ଷକୁ ଥରେ ଆସୁଥିବା ପୁଅ ଦି'ଜଣଙ୍କର ଘରକୁ ଆସିବାର ବ୍ୟବଧାନ ବଢ଼ି ବଢ଼ି ଶେଷରେ ଶୂନ୍ ହୋଇଗଲା। ସମସ୍ତେ ନିଜ ନିଜର ଘର ସଂସାର ଏବଂ ଚାକିରିକୁ ନେଇ ଏତେ ବ୍ୟସ୍ତ ରହିଲେ ଯେ ଜନ୍ମ କଲା ବାପା ମାଆଙ୍କୁ ଦେଖିବାକୁ ସୁଦ୍ଧା ସମୟ ପାଇଲେ ନାହିଁ। ସେହି ସମୟ ମଧ୍ୟରେ ମୁଁ ଚାକିରିରୁ ଅବସର ନେଇ ଭୁବନେଶ୍ୱରରେ ଜାଗା କିଣି ନୂଆ ଘରଟିଏ କରି ରହିଲି। ଦମୟନ୍ତୀ ଆଉ ମୁଁ ତୁମମାନଙ୍କ ସ୍ନେହ ଶ୍ରଦ୍ଧାରେ ଏମିତି ବାନ୍ଧି ହୋଇ ପଡିଥିଲୁ ଯେ ତୁମକୁ ବାଦ୍ ଦେଇ ଆମ ଅସ୍ତିତ୍ୱର କଳ୍ପନା ମଧ୍ୟ କରିପାରୁନଥିଲୁ। ତୁମ ନାହିଁ, ନାହିଁର ଅବ୍ୟର୍ଥ ଔଷଧ ଥିଲେ ଲଳିତା, ଦମୟନ୍ତୀ ତା'ଙ୍କୁ ଛାଡ଼ି ଦଣ୍ଡେ ରହିପାରୁ ନଥିଲେ, ସେଥିପାଇଁ ତୁମ ଲାଗି ସ୍ୱତନ୍ତ୍ର ଦୁଇ ବଖରା ଘର ମଧ୍ୟ ତିଆରି କରାଇଥିଲେ। ଅଗତ୍ୟା ତୁମକୁ ମଧ୍ୟ ଆମ ସହିତ ଭୁବନେଶ୍ୱରର ସେ ନୂଆ ଘରେ ରହିବାକୁ ହେଲା।

କିଶୋରର ବାହାଘର ଆମେ ହିଁ କରେଇଥିଲୁ ସରସୀ ସହିତ। ସେ ମଧ୍ୟ ପେଷାରେ ଶିକ୍ଷୟିତ୍ରୀ ଥିଲା। ବାହାଘର ପରେ ବଦଳି ହୋଇ ଦୁହେଁ ଯାଜପୁରରେ ଦୁଇଟି ବିଦ୍ୟାଳୟରେ କାମ କରୁଥିବାରୁ ସେଠାରେ ଘରଭଡ଼ା ନେଇ ରହିଲେ। ଲଳିତା ଏବଂ ତୁମେ ପୂର୍ବ ଭଳି ଆମରି ସଙ୍ଗେ ରହିଲ। କିଶୋର ଠିକ୍ ତମରି ଭଳି ଗୁଣ ନେଇ ଜନ୍ମିଥିଲା। ତମରି ଆନୁଗତ୍ୟ, ତମରି ଆପଣାପଣ, ତମରି ଭଳି ସମର୍ପିତ ଭାବ ନେଇ ଆମକୁ ତା'ର ପରିବାରର ସଦସ୍ୟ କରିଦେଇଥିଲା। ପ୍ରତ୍ୟେକ ମାସରେ ତା'ର ପତ୍ନୀକୁ ଧରି ଆସୁଥିଲା ଆମ ଖବର ବୁଝିବାକୁ। ଦେହ ପା' ଖରାପ ହେଲେ ସବୁ କାମ ପଛରେ ପକାଇ ଧାଇଁ ଆସୁଥିଲା ଆମ ପାଖକୁ। ନିଜ ପୁଅ ଭଳି ସେବା ଶୁଶ୍ରୁଷା କରୁଥିଲା। ସବୁ ଦାୟିତ୍ୱ ମୁଣ୍ଡରେ ମୁଣ୍ଡେଇ ଥିଲା ସେ। ଦମୟନ୍ତୀ ପୁଅ ଦି'ଜଣଙ୍କୁ ଆଗଭଳି ଆଉ ଝୁରି ହେଉନଥିଲେ। ହେଲେ ତାଙ୍କର ଝୁରାପଣ ଆମ ସମସ୍ତଙ୍କ ଅଗୋଚରରେ ଭିତରେ ଭିତରେ ଘୁଣ ଭଳି ଖାଇ ଯାଉଥିଲା ତାଙ୍କୁ।

ଦୁଇ ହଜାର ଉଣେଇଶି ମସିହାର ଶେଷ ଭାଗରେ ଅଚାନକ ଭାବରେ ଆମ ଦେଶକୁ ପଶି ଆସିଲା କରୋନା ମହାମାରୀ। ଓଃ... କି ଭୟଙ୍କର ଥିଲା ତା'ର ପ୍ରଭାବ। କି ଧନୀ କି ଗରିବ ସମସ୍ତଙ୍କୁ ପ୍ରଭଞ୍ଜନ ଭଳି ଗ୍ରାସ କରିଗଲା ମୁଖ ବିସ୍ତାର କରି। ଛାରଖାର କରିଦେଲା ଅନେକ ଦେଶର ଧନ ଜୀବନକୁ। ସାରା ବିଶ୍ୱରେ ହାହାକାର ଖେଳିଗଲା। ପାଣି, ପବନକୁ ଆଧାର କରି ଡେଣା ମେଲାଇ ଦେଇଥିଲା ମହାକାଳ। ସେହି ମହାକାଳର ଆକ୍ରମଣର ଶୀକାର ହୋଇଥିଲା ଆମର ପରିବାର। ପ୍ରଥମେ କରୋନାରେ ଆକ୍ରାନ୍ତ ହୋଇଥିଲି ମୁଁ, ମୋ' ପରେ ପରେ ଦମୟନ୍ତୀ। ସେ ସମୟରେ କରୋନା ରୋଗୀ ବାପକୁ ମଧ୍ୟ ପୁଅଟିଏ ଛୁଉଁନଥିଲା ବେଳେ ନିଜ ଜୀବନକୁ ବିପନ୍ନ କରି ତୁମେ ଦିହେଁ ଧାଇଁ ଯାଇଥିଲ ଆମ' ପାଖରେ ରହି ସେବା ଶୁଶ୍ରୁଷା କରିବା ପାଇଁ। ଦମୟନ୍ତୀ ଏବଂ ମତେ କୋଭିଡ ହସ୍ପିଟାଲକୁ ନିଆଗଲା ଏକାନ୍ତବାସରେ ରଖି ଚିକିତ୍ସା କରିବା ପାଇଁ। ତୁମ ସ୍ତ୍ରୀ ଲଳିତା ଘରେ ରହି ପିଲାମାନଙ୍କର ଦେଖାଶୁଣା କରୁଥିଲେ ଏବଂ ତୁମେ ହସ୍ପିଟାଲ ଆଉ ଘର ମଝିରେ ଯୋଗସୂତ୍ର ରକ୍ଷା କରି ସବୁ ଜିନିଷ ସମ୍ଭାଳି ଥିଲ। ଅନେକ ଦିନ ପରେ ମୁଁ ସିନା ସୁସ୍ଥ ହୋଇଘରକୁ ଫେରିଥିଲି ହେଲେ ଦମୟନ୍ତୀ ଆଉ ଘରକୁ ଫେରିନଥିଲେ, ସେଇ ହସ୍ପିଟାଲରୁ ସିଧା

ସଳଖ ଚାଲି ଯାଇଥିଲେ ଆରପାରିକୁ। ତାଙ୍କୁ ମୁଖାଗ୍ନି ଦେବା ତ' ଦୂରର କଥା, ଶେଷବେଳେ ତାଙ୍କର ମୁହଁ ଟିକିଏ ଦେଖି ପାରିଲି ନାହିଁ ମୁଁ ଅଭାଗା। କଟକଣା ହେତୁ ପୁଅମାନେ ଆସି ପାରିନଥିଲେ ବିଦେଶରୁ। କିଶୋର ଆସି ପୁଅ ହୋଇ ଦମୟନ୍ତୀଙ୍କ ସମସ୍ତ କ୍ରିୟାକର୍ମ କରିଥିଲା।

ଦମୟନ୍ତୀଙ୍କ ପରେ ମୋ' ଶୂନ୍ୟ ଘରକୁ ଆଉ ମୋ' ରୋଗୀଣା ଶରୀରକୁ ସମ୍ଭାଳି ନେଇଥିଲ ତୁମେ ସ୍ୱାମୀ ସ୍ତ୍ରୀ ଦୁହେଁ। ଘରକୁ ଫେରିବା ପରେ ମଧ୍ୟ ମୁଁ କୋଭିଡର ପ୍ରଭାବରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇ ପାରିନଥିଲି। ଶାରିରୀକ ଦୁର୍ବଳତା ତ' ଥିଲା, ସେଥିରେ ପୁଣି ଦମୟନ୍ତୀଙ୍କ ଅବର୍ତ୍ତମାନକୁ ମୋଟେ ସହ୍ୟ କରିପାରୁନଥିଲି। କିଛି ଦିନ ପରେ ତୁମଠାରେ କୋଭିଡର ଲକ୍ଷଣ ଦେଖାଦେଲା, ତମ ପରେ ଲଳିତା ମଧ୍ୟ ସେହି ମହାମାରୀରେ ଆକ୍ରାନ୍ତ ହେଲେ। ଦୁହେଁ କୋଭିଡ ହସ୍ପିଟାଲରେ ଆଡମିଶନ ହେଲ। ମାତ୍ର ଦୁଇ ଦିନ ପରେ ତୁମେ ଚାଲିଗଲ ଆରପାରିକୁ। ଲଳିତା ଦୀର୍ଘ ବୟାଳିଶ ଦିନ ପରେ ସୁସ୍ଥ ହୋଇ ଫେରିଲେ ଘରକୁ। ସେଇ ଦିନମାନଙ୍କରେ କିଶୋର ଆଉ ସରସୀର ଅମାପ ଧୈର୍ଯ୍ୟ, ସେମାନଙ୍କ ହାଡଭଙ୍ଗା ପରିଶ୍ରମ ଏବଂ ନିଷ୍ପାପର ସେବା ମୁଁ ନିଜ ଆଖିରେ ଦେଖିଛି। ଛାତିକୁ ପଥର କରି, ଲୁହ ଲହୁ ଏକାକାର କରି କାମ କରିବା ମଧ୍ୟରେ କ୍ଷଣଟିଏ ହେଲେ ପାଶୋରି ଦେଇ ନାହାଁନ୍ତି ମୋତେ। ଯାହା ଯେମିତି ସେବା ଶୁଶ୍ରୁଷା ପାଇବାର କଥା ତାଙ୍କଠାରୁ ପାଇଛି ମୁଁ। ମୋ' ପୁଅ ଦି'ଜଣଙ୍କ ପାଇଁ ଅଲୋଡା ଏ ବୁଢ଼ା ବାପକୁ ତୁମ ପୁଅ ତା'ର କାୟମୋନାବକ୍ୟରେ ବାପର ସ୍ଥାନ ଦେଇଛି। ତୁମର କ୍ରିୟା କର୍ମ ସାରିବା ପରେ ମତେ ହାତ ଯୋଡ଼ି ଅନୁରୋଧ କରିଛି ଲଳିତା ସହ ତା'ର ବସାଘରକୁ ନେଇଯିବା ପାଇଁ। ହେଲେ ବିନମ୍ରତାର ସହିତ ତା'ର ଅନୁରୋଧକୁ ଟାଳି ଦେଇଛି। ମୁଁ ଏକା ଏଠାରେ ଚଳିଯିବି କୌଣସି ଅସୁବିଧା ହେବନି, ଦରକାର ହେଲେ ନିଶ୍ଚୟ ତୁମକୁ ଜଣାଇବି ବୋଲି କହି ସେମାନଙ୍କୁ ବୁଝାଇ ଶୁଝାଇ ବିଦା କରିଛି। ସିଏ ତା'ର କର୍ତ୍ତବ୍ୟ କରିଛି, ଏବେ ମୋ'ର ପାଳି।

ତୁମେ ନିଜେ କୁହ ତ' ସନାତନ ! ତୁମ ମାନଙ୍କ ପାଖରେ କେତେ ଆଉ ଋଣୀ ହୋଇ ପାରିଥାନ୍ତି ମୁଁ ? ସେଦିନରୁ ଆଜି ଯାଏଁ ତ' ତୁମ ଋଣର ଭାର ବୋହି ଚାଲିଛି ନା' !! ଆଉ ଧୈର୍ଯ୍ୟ କି ସାହସ ନାହିଁ, ବଞ୍ଚିବାର ମୋହ ମଧ୍ୟ ନାହିଁ। କେଜାଣି କେତେବେଳେ ଡାକରା ଆସିଯିବ ସେପାରିରୁ !! ସେଥିପାଇଁ ଆଗରୁ ସବୁ ବନ୍ଦୋବସ୍ତ କରି ରଖିଛି। ମୋ'ର ସ୍ଥାବର, ଅସ୍ଥାବର ସମସ୍ତ ସମ୍ପତ୍ତିକୁ କିଶୋର ନାମରେ ଉଇଲ କରି ମୋ'ର ଓକିଲ ଶ୍ରୀ ବ୍ରଜେଶ ପଢ଼ିହାରୀଙ୍କ ପାଖରେ ଦେଇ ସାରିଛି। ମୋ'ର ମୃତ୍ୟୁର ଖବର ପାଇବା ମାତ୍ରେ ସେ କିଶୋରକୁ ନିଶ୍ଚୟ ଡକାଇବେ। ସେ ହିଁ ମୋତେ ମୁଖାଗ୍ନି ଦେବ। ମୋ'ର ପୁଅମାନଙ୍କୁ ଡାକିବା ଆବଶ୍ୟକ ନାହିଁ। ଜୀଇଁଥିଲା ବେଳେ ତ' କେହି ପଚାରିଲେ ନାହିଁ ଆଉ ମଲା ପରେ ଆସି କ'ଣ ବା କରିବେ ? ଖାଲି ଗୁଡାଏ ଲୋକ ଦେଖାଣିଆ ପ୍ରହସନ କରି ସମ୍ପତ୍ତି ହାତେଇବାକୁ ଆସିବେ ସେମାନେ। ଲୋଡା ନାହିଁ ସେ ପ୍ରହସନ, ଲୋଡା ନାହିଁ ତାଙ୍କର ଲୋକ ଦେଖାଣିଆ ଆନ୍ତରିକତା। ମୁଁ ଖୁବ୍ ଖୁସିରେ ଅଛି। ମୋ'ର ପୁଅ ସେମାନେ ନୁହଁନ୍ତି। କିଶୋରକୁ ମୁଁ ଜନ୍ମ ଦେଇନାହିଁ ସିନା ମୁଁ ତା'ର ପାଳିତ ପିତା। ଛାଡ ସେକଥା ତୁମକୁ ଲେଖିଥିବା ଏ ଚିଠିଟି ତକିଆ ତଳେ ରଖିଛି। ଯଦି କାଲି ସକାଳୁ ମୋ'ର କିଛି ହୋଇଯାଏ ତେବେ ଏ ଚଠିଟି ନିଶ୍ଚୟ ସମସ୍ତଙ୍କ ନଜରରେ ପଡ଼ିବ। ତା'କୁ ପଢ଼ି ସମସ୍ତେ ଜାଣିବେ ମୋ' ଜୀବନର ଶେଷ ସ୍ୱୀକାରୋକ୍ତି। ତମେ ସାଙ୍ଗରେ ତାରା ମେଳରେ ନିଶ୍ଚୟ ଦେଖାହେବ ସନାତନ। ଆଶାକରେ ତମେ ସେତେବେଳ ଯାଏଁ ଅପେକ୍ଷା କରିବ ମତେ।

॥ଇତି॥

ତୁମର ବାବୁ

ସ୍ୱାକ୍ଷର – (ଶ୍ରୀ ଭବତୋଷ ସାମନ୍ତରାୟ)

*ଶାରଳା ଭବନ, ପୋତା ପୋଖରୀ, କଟକ-୪*

*ଦୂରଭାଷ: ୯୩୩୭୨୭୨୬୪୭*



# ଆଉ ଗୋଟେ ହୁମାୟୁନ

ସରୋଜକାନ୍ତ ଚୌଧୁରୀ

"ହାଇସ୍କୁଲରେ ମୁଁ ଛାତ୍ର ଥିଲାବେଳେ ଇତିହାସରୁ ପଢ଼ିଥିଲି ମୋଗଲ ସମ୍ରାଟ ବାବର ରୋଗଶଯ୍ୟାରେ ମୃତ୍ୟୁକୁ ଅପେକ୍ଷା କରିଥିବା ତାଙ୍କ ଆଦରଣୀୟ ପୁଅ ହୁମାୟୁନର ଜୀବନ ଭିକ୍ଷା କରିଥିଲେ ଆଲ୍ଲାଙ୍କ ନିକଟରେ ନିଜ ଜୀବନ ବିନିମୟରେ। କୁହାଯାଏ ସେଇ ପ୍ରାର୍ଥନା ପରେ ପରେ ହୁମାୟୁନ ସୁସ୍ଥ ହୋଇଥିଲାବେଳେ ବାବର ଅଜଣା ରୋଗରେ ପଡି ଅବଶେଷରେ ମାତ୍ର ଅଠଚାଳିଶ ବର୍ଷ ବୟସରେ ପ୍ରାଣତ୍ୟାଗ କରିଥିଲେ। କିନ୍ତୁ ବହୁଦିନ ହେଲା ଏଇ କଥାଟି ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ମୋର ବହୁତ ମନେପଡ଼େ। ବହୁଡା ଯାତ୍ରାର ପରେ ପରେ ବର୍ଷା ଭିଜା ଆଷାଢ଼ ମାସର ବର୍ଷୁକ ସନ୍ଧ୍ୟାର ଆଗମନରେ, ଝିଙ୍କାରୀର ଝିଇଁ, ଝିଇଁ ନାଦରେ।

ନିପଟ ମଫସଲର ବିଲ ବଣ, କିଆ କେତକୀ ବେଢ଼ା ଅଣଓସାରିଆ ରାସ୍ତା ଆଉ ଧୂଳି ଧୂଷରିତ ଗାଁ ଦାଣ୍ଡରେ ଖେଳି ବୁଲି ବଢ଼ି ଆସିଥିବା ଛଅ ସାତ ବର୍ଷର ବାଳକ ଆଖିରେ ଦେଖିବା ଦୃଶ୍ୟ ସବୁ ଆଜି ପ୍ରାୟ ଷାଠିଏ ବର୍ଷ ପରେ ହୁଏତ କିଛି ପିରମାଣରେ ଝାପ୍ସା କିନ୍ତୁ ମାର୍ମିକ ବେଦନାକୁ ଜାଗ୍ରତ କରିବାରେ ଅନେକ ବେଶି ସମର୍ଥ। ଆମେ ଥିଲୁ ଭାଇ ଭଉଣୀ ପାଞ୍ଚ ଜଣ। ବାପା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଚାକିରୀ କରିଥିଲେ। କେତେବେଳେ ଗାଁ ପାଖରେ ତ କେତେବେଳେ ଦଶପନ୍ଦର ମାଇଲ ଦୂରରେ। ଗମନାଗମନର ସୁବିଧା ନଥିଲା ବେଳେ ସେଇ ଦଶ ପନ୍ଦର ମାଇଲ ଲାଗୁଥିଲା କାହିଁ କେତେଦୂର। ମୋର କିନ୍ତୁ ମନେପଡେ ମୁଁ ତାଙ୍କ ପାଖରେ ଗାଁରେ ପ୍ରାୟ ସବୁବେଳେ ରହିଥିଲି ବୋଧେ । କାରଣ ତାଙ୍କ ସହ ପାଖ ନଈ କୂଳକୁ ଗାଧୋଇ ଗଲାବେଳେ ହେଉ କିମ୍ବା ଆମ ସାହି କୂଅ ପାଖରେ କାଠ ଖଟୁଲି ପକାଇ ଲୁଗା ସଫା କରିବା ଏବଂ ତା' ପରବର୍ତ୍ତୀ ବ୍ୟବସ୍ଥା ଯଥା ଲୁଗାରେ ମଣ୍ଡ ବା ରବିନ ନୀଳ ଦେବା ଏବଂ ଶୁଖାଇବା ସର୍ବଶେଷରେ ଜ୍ୱଳନ୍ତ କାଠ ଅଙ୍ଗାର ଭର୍ତ୍ତି ଲୁହାର ଇସ୍ତ୍ରୀ ବାକ୍ସ ଦ୍ୱାରା କଡା ଇସ୍ତ୍ରୀ କରିବା ବେଳେ ମୋତେ ସେ ଅଙ୍କ ବିଜ୍ଞାନର ଜଟିଳ ସୂତ୍ର ସବୁ ପଢ଼ାଉଥିଲେ। ଘର ପାଖରେ କୌଣସି ସ୍କୁଲରେ ଥିଲାବେଳେ ପ୍ରତିଦିନ ଯିବା ଆସିବା କରିବାରେ ତ ଅସୁବିଧା ନଥିଲା । ଆଉ ଯେତେବେଳେ ଦୂରରେ ଥାଆନ୍ତି ଗମନାଗମନର ସୁବିଧା ନଥିବାରୁ ସପ୍ତାହାନ୍ତ ଛୁଟିରେ ତଥା ଅନ୍ୟାନ୍ୟ ଛୁଟିରେ କେବଳ ଆସନ୍ତି ଯାହା। ପ୍ରାଥମିକ ସ୍କୁଲରେ ଗ୍ରୀଷ୍ମ ଅବକାଶ ବଡଦିନ ଇତ୍ୟାଦି ଅନେକ ଛୁଟିଥାଏ । ତେଣୁ ସେସବୁ ଦିନରେ ବାପା ଘରେ ଥିବାରୁ ତାଙ୍କ ସହିତ ବର୍ଷର ପ୍ରାୟ ସବୁଦିନେ ତାଙ୍କ ହେପାଜତରେ ପ୍ରାୟତଃ ପ୍ରାଥମିକ ଶିକ୍ଷା ଶେଷ କରିଥିଲି ବୋଲି ଏବେ ମନେ ପଡୁଛି। ପଞ୍ଚମ ଏବଂ ସପ୍ତମ ଶ୍ରେଣୀରେ ମୁଁ ବୃତ୍ତି ପାଇଥିଲି ତାଙ୍କର ମୋତେ ପାଠ ପଢ଼ାଇବା ଯୋଗୁଁ।

କେନ୍ଦ୍ରାପଡାଠାରୁ ପ୍ରାୟ କୋଡ଼ିଏ ପଚିଶ ମାଇଲ ଦୂରରେ ଆମ ଗାଁ। ବ୍ଲକ ମାର୍ଶାଘାଇ ଥାନା ପାଟକୁରା। ଏବେ ସେଇ ଥାନା ସେଇ ବ୍ଲକ, ଯଦିଓ କେନ୍ଦ୍ରାପଡ଼ା ସବଡିଭିଜନ ୧୯୯୩ ମସିହାରୁ ଜିଲ୍ଲା ହୋଇଗଲାଣି। ରାଜସ୍ୱ ରେକର୍ଡ ପତ୍ରରେ ଗାଁର ନାଆଁ ଖମଗାଁ ବିନ୍ଧା କିନ୍ତୁ ସ୍ଥାନୀୟ ଲୋକଙ୍କ ମୁହଁରେ ଡାକ ନାଁ ସେ ଗାଁର ଚୌଧୁରୀ ପାରୀ। ଚୌଧୁରୀ ଘର କହିଲେ ଆମ ଜେଜେ ଅଣ ଜେଜେବାପା ସେ ଅଞ୍ଚଳର ଜମିଦାର ଥିଲେ। ଆମର ଉଚ୍ଚା ପିଣ୍ଡା ଦମ୍ପିଲା ଖଞ୍ଜା ଘର ଏବଂ ପୁରୁଣା ଠାକୁର ବାଡ଼ି ସେସବୁ ଉଡ଼ିଯାଇଥିବା କର୍ପୂରର କନା ହୋଇ ପଡ଼ିଥିଲା। ସେସବୁ କହିଲା ବେଳେ ମୋର ମନେ ପଡ଼େ ଆଉ ଗୋଟେ କଥା ଯେ ଆମ ବୃହତ୍ତର ଚୌଧୁରୀ ପରିବାର ମଧ୍ୟରେ ମୋ ବାପା ଏବଂ ବଡ଼ ବାପା ମିଶି ପ୍ରାୟ ଚାରିଜଣ ପ୍ରାଥମିକ ସ୍କୁଲରେ ଶିକ୍ଷକ ଚାକିରୀ କରୁଥିବାରୁ ଏବଂ ଆଉ ଜଣେ ବଡ଼ବାପା ଦଫାଦାର ହିସାବରେ ମୂକରୀର ଥିବାରୁ ପାଖଆଖ ଗାଁମାନଙ୍କରେ ଆମ ପରିବାରର କିଛି ଅଧିକ ସମ୍ମାନ ଥିଲା। କିନ୍ତୁ ଜମିଦାରୀ ବିଲୋପ ସହିତ ସାମନ୍ତ ବାଦର ବିଘଟନରେ ଗାଁର ନାଁ ମଧ୍ୟ ଚୌଧୁରୀ ପାରୀରୁ ହୋଇଗଲା ଖମଗାଁ ବିନ୍ଧା। ଠାକୁର ବାଡ଼ି ଯାହାଥିଲା ଆଭିଜାତ୍ୟର ପ୍ରତୀକ ତାହା ବୋହି ପାରୁନଥିବା ଅଥବା ଓହ୍ଲାଇ ପାରୁନଥିବା ବୋଝ ଭଳି ତଥାକଥିତ ଜମିଦାର ଦାୟାଦମାନଙ୍କ ମୁଣ୍ଡରେ ସବାର ହୋଇ ରହିଗଲା। ଯନ୍ତ୍ରଣାଦାୟକ ଗରିବୀର ଆର୍ତ୍ତନାଦ, ଆଭିଜାତ୍ୟର ଛଳନା ମଧ୍ୟରେ ଚାପି ଦେବାକୁ ଚେଷ୍ଟା କରୁଥିଲେ ବୋଧେ ଆମ ବାପା ବଡ଼ ବାପାମାନେ। ସେତେବେଳର ଗ୍ରାମାଞ୍ଚଳର ଚିତ୍ରକୁ ଏବେ ମୋର ମନ ଭିତରକୁ ଆଣିଲା ବେଳେ ମନକୁ ସ୍ୱତଃ ଏଇ କଥାଟି କାହିଁକି ଆସିଯାଏ ମୁଁ ଜାଣିପାରେନା। କିନ୍ତୁ ପରିପକ୍ୱ ମାନସିକ ସ୍ତରର ପର୍ଯ୍ୟାଲୋଚନାରେ ଶେଷ ନିର୍ଯ୍ୟାସ ସବୁବେଳେ ଅବଶ୍ୟ ସୂଚାଏ ଯେ ପ୍ରକୃତ କଥା ତା' ନୁହେଁ ଯାହା ହେଲେବି ସେତେବେଳକାର ଗରିବୀ, ନିରକ୍ଷରତା ଓ ସାମାଜିକ ଗ୍ରାମ୍ୟ ବିଧି ବ୍ୟବସ୍ଥା ମଧ୍ୟରେ ଆମ ପରିବାର ଯେ ଉଚ୍ଚ ସମ୍ମାନର ହକ୍‌ଦାର ଥିଲେ ଏଥିରେ ସନ୍ଦେହ ନାହିଁ। ଗାଁ ଦାଣ୍ଡରୁ ବାଁ ପଟରେ ଏକ ବିରାଟ ବର୍ଗାକାର କ୍ଷେତ୍ର ଉପରେ ଚାରି ପଟରେ ଚାରୋଟି ବଡ ବଡ ଖଞ୍ଜା, ପ୍ରବେଶ ପଥରେ ଆମ ଅଧିଷ୍ଠାତୃଦେବ ଠାକୁର ବ୍ରଜ ବିହାରୀଙ୍କ ଆସ୍ଥାନ ଏବଂ ମଝିରେ ଦୋଳ ମେଳଣରେ ଠାକୁର ବିମାନ ସବୁ ବସୁଥିବା ବର୍ଗାକାର ଜାଗାର ଅବସ୍ଥିତି ଆଭିଜାତ୍ୟର ଯେ ମୂକସାକ୍ଷୀ, ବାହାର ଲୋକ ତା ଅନୁଭବ କରୁଥିବେ ନିଶ୍ଚୟ। ଏବେ ହୁଏତ ଜୀବନ ଜୀବିକାର ସହରାଭିମୁଖୀ ବ୍ୟବସ୍ଥାରେ ଆମେ ସବୁ ଗାଁରେ ନ ରହିବା ଯୋଗୁଁ ସେସବୁ ନିରିମାଖି ନିକାଞ୍ଚନରେ ପରିଣତ ହୋଇଯାଇଛି ଯାହା।

ବାପା ସେ ବର୍ଷ ଅଙ୍ଗୁଳାଇ ପାଖ ବରୋଇ ପ୍ରାଥମିକ ସ୍କୁଲକୁ ପ୍ରଧାନ ଶିକ୍ଷକ ହିସାବରେ ବଦଳି ହୋଇଯାଇଥାନ୍ତି। ସେତେବେଳେ ଗାଁମାନଙ୍କରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକମାନଙ୍କୁ ବହୁତ ଆଦର ସମ୍ମାନ ମିଳୁଥାଏ। ତାଙ୍କର ରହିବା ଓ ଖାଇବା ପିଇବା ସମ୍ପୃକ୍ତ ଗାଁ ଲୋକମାନେ ବୁଝନ୍ତି। ଅପରପକ୍ଷରେ ଗାଁର ମେଧାବୀ ଛାତ୍ରମାନଙ୍କର ପାଠପଢ଼ା ତଥା ପରୀକ୍ଷାରେ ଉନ୍ନତ ପ୍ରଦର୍ଶନ ଯେମିତି ସାର୍ ଆଜ୍ଞାଙ୍କର ବ୍ୟକ୍ତିଗତ ଦାୟିତ୍ୱ ହୋଇ ଯାଇଥାଏ। ବରେଇ ଗାଁରେ ମଧ୍ୟ ବାପାଙ୍କୁ ସେମିତି ଆଦର ସମ୍ମାନ ମିଳୁଥିଲା। ଅଧିକନ୍ତୁ ସେଠାରେ ଗୋଟିଏ ଗୋପାଳ ପରିବାର ସହିତ ଆମ ପରିବାରର ସୁସମ୍ପର୍କ ଗଢ଼ି ଉଠିଥିଲା ଯାହାକି ବହୁଦିନ ପର୍ଯ୍ୟନ୍ତ ଏପରିକି ବାପାଙ୍କ ମୃତ୍ୟୁ ପରେ ମଧ୍ୟ ବଜାୟ

ରହିଥିଲା । ମୋର ସ୍ପଷ୍ଟ ଭାବେ ମନେପଡ଼େ ଆମେ ଭାଇ ଭଉଣୀ ବେଳେବେଳେ ସେଠିକୁ ଛୁଟି କଟାଇବାକୁ ଯାଉଥିଲୁ । ବିଶେଷ କରି ମୋର ପଢ଼ାପଢ଼ିରେ ନିଘା କରିବା ପାଇଁ ବାପା ମୋତେ ଅନେକ ସମୟରେ ସେଠାକୁ ନେଇ ଯାଉଥିଲେ । ବରେଇ ଗାଁର ପ୍ରାୟ ପାଞ୍ଚ କିଲୋମିଟର ଦୂରରେ ଇଚ୍ଛାପୁର ଗାଁ, କେନ୍ଦ୍ରାପଡା ସହରାଞ୍ଚଳର ଉପକଣ୍ଠରେ, ବଳଦେବଜୀଉ ମନ୍ଦିର ପାଇଁ ପ୍ରସିଦ୍ଧ । ବଳଦେବଜୀଉଙ୍କ ସୁଆର ପଣ୍ଡା ଆମ ଗାଁକୁ ବର୍ଷକୁ ଥରେ ଦୁଇ ଥର ଲେଖାଏଁ ଆସନ୍ତି ଏବଂ ଆମେ ମନ୍ଦିର ଗଲେ ତାଙ୍କରି ଦ୍ୱାରା ଠାକୁରଙ୍କ ଦର୍ଶନ କରିଥାଉ । ସେ ବର୍ଷ ବାହୁଡା ପୂର୍ବ ଦିନ ଆମକୁ ବାପା ନେଇଯାଉଥିଲେ ବରେଇ ଗାଁକୁ ଉଦ୍ଦେଶ୍ୟ ଥିଲା ଇଚ୍ଛାପୁର ଯିବା ବାହୁଡା ଯାତ୍ରାରେ ରଥ ଉପରେ ଠାକୁର ଦର୍ଶନ । ବରେଇଠାରୁ ଅଙ୍ଗୁଳାଇ ବାଟ ଦେଇ ପକ୍କା ରାସ୍ତାରେ ଗଡୁଥିଲା ଆମ ରିକ୍ସା । ଜୀବନରେ ପ୍ରଥମ କରି ତିନି ଚକିଆ ସାଇକେଲ ରିକ୍ସା ଉପରେ ଭ୍ରମଣ ମୋତେ ଦେଇଥିଲା ଅଫୁରନ୍ତ ଆନନ୍ଦ ଖୁସି । ମେଘ ଭରା ଆଷାଢ଼ ଆକାଶ, ବାଟ ଯାକ ଅବଶ୍ୟ ବର୍ଷା ନଥିଲା । ଭରା କେନାଲ କଡଦେଇ ରାସ୍ତା ଉପରେ ଗତିଶୀଳ ରିକ୍ସା ସବୁଜ ଶ୍ୟାମଳ ଜଙ୍ଗଲିଆ କ୍ଷେତ ଦେଇ ଗଲାବେଳେ ମୋ ଶୈଶବ ଆଖିରେ ଅନେକ ନୂଆ ଅଭିଜ୍ଞତା ଆଣୁଥିଲା । ନିପଟ ମଫସଲୀ ବାଳକ ପାଇଁ ସହରତ ସହର ତା'ର ଉପକଣ୍ଠର ଦୁନିଆ ଲାଗୁଥିଲା ବହୁତ ଅଲଗା । ଶେଷରେ ଅଗଣିତ ଜନସମାଗମ ଭିତରେ ବିରାଟ ରଥ ଏବଂ ତା' ମଧ୍ୟରେ ନିବିଷ୍ଟ ଭାବେ ବଡ଼ ବଡ଼ ଚକା ଆଖିରେ ଅନାଇ ଥିବା ବଡ଼ ଠାକୁରଙ୍କ ଦର୍ଶନ ଅବଶିଷ୍ଟ ଦୁନିଆର ଭିଡ଼ଭାଡ଼ ଓ ବିରାଟତ୍ୱ ବିଷୟରେ ଜୀବନର ପ୍ରଥମ ଥର ପାଇଁ ଯେମିତି ସୂଚନା ଦେଇଥିଲା । ବାହୁଡ଼ା ରଥ ଯାତ୍ରା ଦେଖି ଆମେ ଫେରି ଆସିଥିଲୁ ବାପାଙ୍କ ସେଇ କାର୍ଯ୍ୟସ୍ଥଳକୁ ପୁଣି ସେଠାରେ ଆମର ପ୍ରିତିବନ୍ଧୁଙ୍କ ଘରେ ଦୁଇ ଦିନ କଟାଇ ଆମ ଗାଁକୁ ଫେରି ଆସିଲୁ ଏବଂ ଚିରାଚରିତ ସେଇ ଆମର ଜନ୍ମ ଭୂମିରେ ଶୈଶବର ଖେଳା ବୁଲା, ରଙ୍ଗୀନ ପ୍ରଜାପତି ଅଥବା କଙ୍କି ପଛେ ପଛେ ଧାଇଁବା, ଆଷାଢ଼ ବର୍ଷାରେ ଭିଜି ଗାଁ ଦାଣ୍ଡରେ ପଡ଼ିଥିବା ପାଣି ସୁଅରେ କାଗଜ ଡଙ୍ଗା ଭସାଇବାର ଆନନ୍ଦ ଭିତରେ କଟିଯାଉଥିଲା । ମନର ଅନାବିଳତା ମଧ୍ୟରେ ଜୀବନ ଯେ ହସଖୁସିର ନିଃର୍ଝରିଣୀ, ରଙ୍ଗ ରସ ଭରା ଫୁଲର ବଗିଚା ଏହାହିଁ ଥିଲା ସ୍ୱାଭାବିକ ଧାରଣା । ଆମ ଗାଁରେ ଧନୀ ଗରିବର ଭିନ୍ନତା ନଥିଲା ସେଥିପାଇଁ ପିଲାଦିନେ ମୋର ସେଇ ସାଙ୍ଗମାନେ ପରସ୍ପର ସହିତ ଆକଟହୀନ ଭାବରେ ଖେଳୁଥିଲେ ସାଙ୍ଗ ମେଳର ମଜା ନେଉଥିଲେ ।

ମୋ ବୋଉ ସେତେବେଳେର ଗ୍ରାମ୍ୟ ପରିବେଶରେ ଏକ ଆଦର୍ଶ ଗୃହିଣୀ ବୋଲି ମୋର କାହିଁକି ଏବେ ମନେ ହୁଏ ଯଦିଓ ସମୟର ଦୀର୍ଘତାରେ ତା' ଚେହେରା ମୋ ପାଇଁ ଅସ୍ପଷ୍ଟ । ଗମନାଗମନର ସୁବିଧା ନଥିଲା ବେଳେ ବାପା ଅନେକ ସମୟରେ ଚାକିରୀ କରିଥିବା ସ୍କୁଲରେ ରହିଯାଉଥିଲେ । ଆମେ ଭାଇ ଭଉଣୀ ପାଞ୍ଚ ଜଣକ ମଧ୍ୟରୁ ସବୁଠାରୁ ବଡ ଭଉଣୀର ବୟସ ପନ୍ଦର ଆଉ ସବା ସାନର ବୟସ ଦେଢ଼, ଦୁଗ୍ଧ ପୋଷ୍ୟ ଶିଶୁ । ଗୋରା ନହନହକା ଶରୀର ନେଇ ବୋଉ ମୋର ସକାଳଠୁଁ ରାତି ପର୍ଯ୍ୟନ୍ତ ପିଲାମାନଙ୍କୁ ଆକଟ କରି ପାଠ ପଢ଼ାଇବା ଠାରୁ ଘରର ଯାବତୀୟ କାମ ଭିତରେ ବ୍ୟସ୍ତ ରହୁଥାଏ । ବଡ ଭଉଣୀ ଟିକେ ଜାଣିବା ଶୁଣିବା ବୟସର ହୋଇଥିବାରୁ କିଛି ଅଂଶରେ ତାକୁ ସାହାଯ୍ୟ କରୁଥାଏ ଅବଶ୍ୟ । ଏବେକାର ଛୋଟ ପରିବାର ବିଶିଷ୍ଟ ଘର ଚଳାଇବାର ପ୍ରଚ୍ଛଦ ପଟରେ ସେସବୁ କଷ୍ଟକର ବ୍ୟସ୍ତତା ମୋ ଆଖି ଆଗରେ ଯେବେବି ଆଙ୍କି ହୋଇଯାଏ ମୁଁ ଭାବି ପାରେନି କିପରି କେମିତି ମୋ ବୋଉ ଏସବୁ କରିପାରୁଥିଲା । ନିପଟ ମଫସଲରେ ଷାଠିଏ ବର୍ଷ ତଳର କଥା ହାତର ହେଉ ବା କାନୁର ହେଉ ଘଡି ସେତେବେଳେ ଥିଲା କି ନାହିଁ ମୋର ଏବେ ମନେ ପଡୁନାହିଁ କିନ୍ତୁ ମନେ ପଡୁଛି ଗାଧୁଆ ବେଳ ତା'ର ହେଉଥିଲା ସୂର୍ଯ୍ୟ ମୁଣ୍ଡ ଉପରେ ଥିଲା ବେଳେ । ବୋଉ ଘରର ଯାବତୀୟ କାମ ଧନ୍ଦା ସାରି ସେତେବେଳେ ଗାଧୋଇ ଯାଉଥିଲା ପାଖ ଚିତ୍ରୋପ୍ତଳା ନଦୀକୁ ଯାହା ଥିଲା ତା'ର ଦୈନନ୍ଦିନ ଜୀବନ ପ୍ରଣାଳୀ । ବାହୁଡା ରଥଯାତ୍ରାର ଆଠଦିନ ଥାଏ ସେଦିନ । ସେଦିନ ବି ସେମିତି ଶ୍ରାବଣ ମେଘ ବିରତି ଅପରାହ୍ନରେ ବୋଉ ଯାଇଥିଲା ନଦୀକୁ ଗାଧୋଇବାକୁ । ତରତର ହୋଇ ଘରେ ପହଞ୍ଚୁ ନ ପହଞ୍ଚୁଣୁ ତା'ର ଝାଡା ହେଲା । ଦୁଇ ଚାରି ଥର ଲାଗ ଲାଗ ପତଳା ଝାଡା ନିପଟ ମଫସଲରେ ଅପହଞ୍ଚ ସ୍ୱାସ୍ଥ୍ୟ ସେବା ମଧ୍ୟରେ ପାଖ ମାଣିକପୁର ଗାଁର ଏକାଦଶୀ ମହାନ୍ତି ଟୁଣୁକା ଟୁଣୁକି ଡାକ୍ତର ହିସାବରେ ଏକମାତ୍ର ସାହା ଭରସା । ଡକା ହେଲା ତାଙ୍କୁ, ତାଙ୍କ ହିସାବରେ ଔଷଧପତ୍ର ଦେଲେ । କିନ୍ତୁ ରଖି ହେଲାନି ବୋଉର ଜୀବନ । ସେଦିନର ସୂର୍ଯ୍ୟ ଅସ୍ତ ବେଳକୁ ଜୀବନ ଦୀପ ଲିଭିଯାଇଥିଲା ତା'ର । କାନ୍ଦ ବୋବାଳି ଭିତରେ ଶୁଭୁଥିଲା ବଡବୋଉର କାନ୍ଦଣା 'ଚାଲିଗଲୁ କନଲୋ ଛୁଆ ପାଞ୍ଚଟିଙ୍କୁ ଛେଉଣ୍ଡ କରି' । ହଇଜା ମହାମାରୀ ଗାଁରେ ବ୍ୟାପୀ ଯାଇଥିବା ଡରରେ ଟାଟି କବାଟ ପଡି ଯାଇଥିଲା ସମସ୍ତଙ୍କ ଦୁଆରେ । ଅସମୀକୃତ ଅନ୍ଧକାର, ଝିପିଝିପି ବର୍ଷା ଭିତରେ ଅସହାୟ ଆମେ ପାଞ୍ଚ ଭାଇ ଭଉଣୀ । ଯାଇ ଆସି ଖବର ଦେବାର କଷ୍ଟକର ଯୋଗାଯୋଗ ବ୍ୟବସ୍ଥା ମଧ୍ୟରେ ବର୍ଷା କାଦୁଅରେ ପଡିଉଠି ବାପା ସେଦିନ ପହଞ୍ଚିଲା ବେଳକୁ ରାତି ଅଧ । ସେତେବେଳକୁ କିନ୍ତୁ ଅତିସାରର ଜୀବାଣୁ ସଂକ୍ରମିତ ହୋଇ ସାରିଲାଣି ମୋ ଦେହକୁ । ଶୋକ ସନ୍ତାପିତ ମୂହ୍ୟମାନ ଅବସ୍ଥାରେ ଭଗବାନଙ୍କ ନିକଟରେ ଶରଣ ନେବା ବ୍ୟତୀତ ବାପାଙ୍କ ନିକଟରେ ଆଉ କିଛି ଚାରା ନଥିଲା । ଇଷ୍ଟ ଦେବତା ବ୍ରଜ ବିହାରୀଙ୍କ ପାଖରେ ସାଷ୍ଟାଙ୍ଗ ଶାୟିତ ରହି ସେ ଆର୍ତ୍ତ ଚିତ୍କାର କରି ଉଠିଥିଲେ 'ହେ ପରମ ଆରାଧ୍ୟ ମୋ କୂଳ ଦେବତା ହେ ବିଶ୍ୱନିଅନ୍ତା କୂଳ ମୋର ଧ୍ୱଂସ କରି ଦିଅନା । ମୋତେ ନେଇ ଯାଅ ପଛେ ପ୍ରଭୁ, ମୋ ପୁଅକୁ ଭଲ କରିଦିଅ, ଦୁନିଆ ଦୁଆରେ ବଂଚାଇ ଦିଅ ତାକୁ ।' ଲୀଳାମୟ ଠାକୁର ବ୍ରଜ ବିହାରୀ ଶୁଣିଥିଲେ ସେଦିନ ତାଙ୍କର ଶୋକାପ୍ଳୁତ ଡାକ । ବିନା କୌଣସି ପଥି ଔଷଧରେ ମୁଁ ଭଲ ହୋଇ ଯାଇଥିଲି, ନୂଆ ଜୀବନ ପାଇ ଯାଇଥିଲି ।

ସମୟର ବହମାନ ଧାରାରେ ଜୀବନ ନଉକା ଆଗେଇ ଆସିଲାଣି ଅନେକ ବାଟ । ବୋଉ ଯାଇଥିଲା ସେତିକିବେଳେ ଯେତେବେଳେ ମୁଁ ପ୍ରଜାପତିର ରଙ୍ଗୀନ ଡେଣାକୁ ଧରି ଅଥବା କାଗଜ ଡଙ୍ଗା ଭସାଇ ଖୁସି ହେଉଥିଲି । ଏବେ ବୟସର ଉତ୍ତର ବେଳାରେ ତା'ର ସ୍ମୃତି ମାନସ ପଟରେ ଅସ୍ପଷ୍ଟ । କିନ୍ତୁ ବୋଉର ଅବର୍ତ୍ତମାନରେ ବାପା ଯେଉଁ ଉଭୟ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ତାହା ମନେପଡେ ଅନେକ ସମୟରେ । ବାପା ମୋ ପାଇଁ ତାଙ୍କ ଜୀବନର ପ୍ରତିଟି ମୁହୂର୍ତ୍ତ ବିନିଯୋଗ କରିଥିଲା ବେଳେ ମୁଁ କିନ୍ତୁ ହୋଇ ଯାଇଛି ତାଙ୍କ ପାଖରେ ଗଭୀର ଭାବରେ ଋଣୀ । ସେଥିପାଇଁ ଅବଶୋଷର ଅନ୍ଧାରରେ ମୁଁ ଅନେକ ସମୟରେ ହୋଇଯାଏ ବାଟବଣା । ବାପା ଏ ଦୁନିଆକୁ ଛାଡ଼ି ଯିବାର ବୟସରେ ମୁଁ ଏବେ ପହଞ୍ଚିଗଲା ପରେ ଅଧିକନ୍ତୁ ମୋ ଅନୁଭବ ଅଧିକ ଦୀର୍ଘ ଅଧିକ ଗଭୀର ହୋଇଯାଉଛି । ମୋତେ ସେ ଯୋଗ୍ୟ କରିଦେଇ ଥିଲେ । କିନ୍ତୁ କିଛି ଗୋଟାଏ ରୋଜଗାର କରି ଦମ୍ଭ ହୋଇ ଛିଡ଼ା ହେବା ଆଗରୁ, ପିତୃ ଋଣ ଶୁଝିବାର ସୁଯୋଗ ନଦେଇ ସେ ହୋଇଯାଇଥିଲେ ମହାକାଳ ମହାପଥର ଯାତ୍ରୀ । ଇତିହାସରୁ ଜାଣିଥିବା ମୋଗଲ ସମ୍ରାଟ ବାବରଙ୍କ ପୁଅ ହୁମାୟୁନ ପାଇଁ ଜୀବନ ଉତ୍ସର୍ଗ କାହାଣୀର ସତ୍ୟ ସମାନ୍ତରରେ ମୁଁ ଯେମିତି ହୋଇଗଲି ଆଉଗୋଟେ ହୁମାୟୁନ, ଅବଶୋଷ ଭରା କାହାଣୀର ଅନ୍ୟତମ ନାୟକ ।

*ପ୍ଲଟ ନଂ. ୧ ସି/ ୬୬, ସେକ୍ଟର-୯*
*ସିଡିଏ, କଟକ-୧୪*
*ଦୂରଭାଷ: ୯୪୩୭୩୬୦୯୮୧*



# କବିତା ବିକ୍ରୟ କେନ୍ଦ୍ର

## ମନୋଜ କୁମାର ଜେନା

ନରସିଂହ ଚୌଧୁରୀ କଲେଜ, ଯାଜପୁରର ଓଡ଼ିଆ ବିଭାଗରେ ଆୟୋଜିତ କବିତା ପାଠୋତ୍ସବରେ କଳିକାର ଶତୃଘ୍ନ ସହିତ ପ୍ରଥମ ଦେଖାହୁଏ। ଶତୃଘ୍ନର କବିତା ଆବୃତ୍ତି କରିବାର ଶୈଳୀ, ସମ୍ଭ୍ରାନ୍ତ କଣ୍ଠସ୍ୱର ଓ ତାର କବିତାରୁ ଝରି ପଡୁଥିବା ସ୍ୱତଃସ୍ଫୁର୍ତ୍ତ ଆବେଗ କଳିକାକୁ ବିମୋହିତ କରିଥିଲା। କବିତାର ଶବ୍ଦର ଗଜରା ତାର ଛାତିକୁ ଛୁଇଁ ଯାଇଥିଲା, କବିତାର ଭାବର ସମୁଦ୍ର ତାକୁ ଭସାଇନେଇଥିଲା ଅଜଣା ରାଇଜକୁ। କବିତା ପାଠୋତ୍ସବ ପରେ କଳିକା ନରମ ହସର କେତୋଟି ପାଖୁଡ଼ା ଶତୃଘ୍ନ ଉପରକୁ ଫୋପାଡି ଦେଲା। ଅଜଣକ ସୋରାଏ ବାସ୍ନା ଶତୃଘ୍ନଠି ନେସି ହୋଇଗଲା। ପ୍ରଣୟୀଟିଏ ହେବାର ଅପୂର୍ବ ଅନୁଭବ, ଅପୂର୍ବ ଗୁଞ୍ଜରଣ ଦୁଇଜଣଙ୍କ ସ୍ନାୟୁରେ ସ୍ନାୟୁରେ ଖେଳିଗଲା।

ଶତୃଘ୍ନ ଗଣିତ ଅନର୍ସ ନେଇ ପଢୁଥିବା ଛାତ୍ର, କିନ୍ତୁ କବିତା ହେଉଛି ତାର ପ୍ରୀତି ଓ ପ୍ରବୃତ୍ତି। କଳିକା ଅର୍ଥନୀତିର ଛାତ୍ରୀ। କବିତା ଲେଖି ପାରେନା, କିନ୍ତୁ କବିତାର ଆବୃତ୍ତି ଶୁଣିବାକୁ ତା ମନରେ ଅଫୁରନ୍ତ ଆଗ୍ରହ। ବର୍ଣ୍ଣ ଶ୍ୟାମଳ, ଗଠନ ଆକର୍ଷଣୀୟ। କଥାକୁହା ଆଖି-ମନେ ହୁଏ ଝରି ପଡୁଛି ଏକ କଳକଳ ନାଦିନୀ ଝରଣା। କଳିକାର ବାପା ଅଚଳାଚଳ ସଂପତ୍ତିର ମାଲିକ। କଳିକା ବାପା, ମାଆଙ୍କର ଅଲିଅଳୀ ଦୁଲାଳୀ। ଶତୃଘ୍ନ ଏକ ସାଧାରଣ ଅଭାବୀ ରକ୍ଷଣଶୀଳ ପରିବାରର ପିଲା। କୁଞ୍ଚିତ କେଶ, ଗୌରବର୍ଣ୍ଣ, ନମ୍ର, ବିନୟୀ, ଦେଖିବାକୁ ସୁନ୍ଦର, ସୁଠାମ।

ପ୍ରତି ଶନିବାର ଦିନ ଆୟୋଜିତ କବିତା ପାଠୋତ୍ସବକୁ କାକଳି ଧାଇଁଯାଏ ପାଗଳିନୀ ପ୍ରଜାପତିଟିଏ ପରି। ସେ କବିତା ଆସରରେ ଆଗ ଧାଡ଼ିରେ ବସିଯାଏ। ଶତୃଘ୍ନ ତାର କବିତାଟି ଧରି ମଞ୍ଚରେ କବିତା ଆବୃତ୍ତି କଲାବେଳେ କାହିଁକି କେଜାଣି ତାର ତାଳୁରୁ ଚଳିପା ପର୍ଯ୍ୟନ୍ତ ସଞ୍ଚରିଯାଏ ଶତ କଦମ୍ବର ରୋମାଞ୍ଚ। ପାଲଟିଯାଏ ଉଚ୍ଛୁଳା ନଈ।

ସେଦିନ କବିତା ପାଠୋତ୍ସବ ପରେ ଆକାଶର ଛାତି ଫଟେଇ ଅସରାଏ ମେଘ ବର୍ଷିଗଲା। ନଇଁ ଆସୁଥିଲା ସଂଧ୍ୟା। ସୁଲୁସୁଲିଆ ହେମାଳ ପବନ, ଝିପିଝିପି ବର୍ଷାର ଶୀତଳ ମୁଲାୟମ ସ୍ପର୍ଶ କାକଳିକୁ କରୁଥିଲା ଆନମନା। ମୁହଁ ସଞ୍ଜର ପଣତ ତଳେ ଘରକୁ ଫେରିଲାବେଳେ କଲେଜ ପରିସର ସାମ୍ନାରେ ଏକାକୀ ଶତୃଘ୍ନକୁ ଦେଖି ଅପ୍ରତିହତ ଆବେଗରେ ତାକୁ କୋଳେଇ ନେଇ ତାର ଆଶ୍ଳେଷ ଭିତରେ ବାନ୍ଧି ରଖିଲା। ଅପ୍ରସ୍ତୁତ ଅନୁଭବ କରୁଥିବା ଶତୃଘ୍ନ ତାର ଘନ ଆଶ୍ଳେଷରୁ ମୁକୁଳିବାକୁ ଯେତିକି ଚେଷ୍ଟା କରୁଥିଲା, କଳିକା ତାକୁ ସେତିକି ଜୋରରେ ଜାବୁଡ଼ି ଧରୁଥିଲା। ଆନନ୍ଦରେ ଜଡ଼ସଡ଼ ହୋଇ ଶତୃଘ୍ନ ଭାବୁଥିଲା - କି ଅଦ୍ଭୁତ ଝିଅ ଏ କଳିକା। କି ଆବେଗ କି ଭାବପ୍ରବଣତା! କଳିକାର ପ୍ରେମର ସୁଅରେ ଶତୃଘ୍ନ ଭାସି ଚାଲିଥିଲା ଏକ ଅଭୂତପୂର୍ବ ଆନନ୍ଦରେ।

ସମୟକ୍ରମେ ପ୍ରେମର କଳିକା ପ୍ରସ୍ଫୁଟିତ ହୋଇ ରଙ୍ଗ ଓ ସୁରଭିରେ ହସିବାକୁ ଲାଗିଲା। ବିଏ ପରୀକ୍ଷାରେ ଦୁଇଜଣ ଯାକ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହେଲେ। ମାର୍କସିଟ୍ ପାଇଁ କଲେଜ ଯାଇଥିବାବେଳେ ଏକ ନିର୍ଜନ ଶ୍ରେଣୀ ଗୃହରେ କଳିକା ହସି ହସି ଲୋଟିଯାଇଥିଲା ଶତୃଘ୍ନର ପ୍ରଶସ୍ତ ଛାତିରେ। ଆବେଗଭରା ସ୍ୱରରେ କହିଲା - ଚାଲ ଶତୃଘ୍ନ, ଆମେ ହଜିଯିବା ଆଉ ଚାଲିଯିବା ଏକ ରାଇଜକୁ। ଯେଉଁଠି ଥିବ ତୁମେ, ମୁଁ ଓ ନୀଳ ଆକାଶ। ତୁମେ କବିତା ଆବୃତ୍ତି କରିବ, ମୁଁ କୋଳରେ ଶୋଇ ଶୁଣିବି। ମନ ଭରି ଆକାଶରୁ ଝରୁଥିବା ବର୍ଷାକୁ ପିଇବା, ଜହ୍ନ ଓ ତାରାଙ୍କ ମେଳଣ ଭିତରେ ଆମେ ନିଜକୁ ହଜାଇଦେବା। ତୁମ ବିନା ପ୍ରତି ମୁହୂର୍ତ୍ତ ମୋ ପାଇଁ ଘନ ଅନ୍ଧକାର, ଦିବା ଶର୍ବରୀ ତୁମରି ସ୍ୱପ୍ନରେ ମୁଁ ମସଗୁଲ। ମୁଁ ଏବେ ପ୍ରେମ ପାଗଳିନୀ! ତୁମ ସହିତ ମୋର ସମ୍ପର୍କ ବୋଉକୁ କହିବା ପରେ ଆମ ଘରେ ସମସ୍ତେ ରାଗିକି ଚୁର୍। ବାପା କହୁଛନ୍ତି - ଆମ ହଳିଆର ପୁଅ ସାଙ୍ଗରେ ମୋ ଝିଅର ବାହାଘର କସ୍ମିନ୍ କାଳେ ହୋଇ ପାରିବନି, ପ୍ରଳୟ କରିଦେବି।

ଶତୃଘ୍ନ ଗୁରୁ ଗମ୍ଭୀର କଣ୍ଠରେ କହିଲା - ମୁଁ ବୋଉକୁ ତମ ବିଷୟରେ କହିବା ପରେ ସେ ଦୁଃଖରେ ଭାଙ୍ଗି ପଡିଲା। କହିଲା- ଏତେ ସୁନ୍ଦର ତୋର ଚେହେରା, ଗୋରା ତକ୍ ତକ୍, ରାଜକୁମାର ଭଳି ତୁ ଦେଖାଯାଉଛୁ। ତୋ ପାଇଁ ଧୋବ ଫରଫରର ବୋହୂଟିଏ ଆଣିବା ପାଇଁ ମୁଁ ସ୍ୱପ୍ନ ଦେଖୁଥିଲି। ତୁ ଗୋଟେ କାଳି ଝିଅକୁ କିଭଳି ପସନ୍ଦ କଲୁ? କାକଳିର ବାପା ପଇସାବାଲା, ମହାପ୍ରତାପୀ। ତାଙ୍କୁ ଗର୍ଭିଣୀ ଗାଈ ବାଟ ଛାଡ଼ିଦିଏ। ସେ ଆମକୁ ହୀନ ନଜରରେ ଦେଖନ୍ତି। ଏ ବାହାଘରକୁ ସେ କସ୍ମିନ୍ କାଳେ କରାଇ ଦେବେନି। ତୁ କାକଳିକୁ ସବୁଦିନ ପାଇଁ ଭୁଲିଯାଆ।

ଏପରି ପରିସ୍ଥିତିରେ କଣ କରିବା? - ଏକ ଅବୁଝା ପ୍ରଶ୍ନର ଉତ୍ତର ଖୋଜିବାକୁ କାକଳିକୁ ଶତୃଘ୍ନର ପ୍ରଶ୍ନ।

- କାଲି କାହାକୁ କିଛି ନ ଜଣାଇ ଅଲଗା ଅଲଗା ଭୁବନେଶ୍ୱର ଚାଲିଯିବା। ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ୪ଟା ବେଳେ ଦେଖାହେବା। କୌଣସି ଲଜିଂରେ ରହିଯିବା। ମୋର ଯେତିକି ସୁନା ଗହଣା ପିନ୍ଧିଛି, ତାର ମୂଲ୍ୟ ଦୁଇ ଲକ୍ଷ ଟଙ୍କା ହେବ। ସେଥିରେ କିଛି ଦିନ ଚଳି ତା'ପରେ ଗୁଜୁରାଣ ମେଣ୍ଟାଇବା ପାଇଁ କିଛି ବ୍ୟବସ୍ଥା କରିବା। ତୁମେ ଗଣିତରେ ଟିଉସନ୍ କରିବ। ଏ ବିଷୟରେ ଟିଉସନ୍ ପାଇଁ ଭୁବନେଶ୍ୱରରେ ଭଲ ଚାହିଦା ଅଛି।

- ତୁମେ ଯାହା କହୁଛ, ଠିକ୍ କହୁଛ। କିନ୍ତୁ ଲଜିଂରେ ନ ରହି ମୋ ସାଙ୍ଗ ରମେଶ ଭୁବନେଶ୍ୱରରେ ବ୍ୟାଙ୍କରେ କ୍ଲର୍କ ଚାକିରି କରୁଛି। ସେ ଅବିବାହିତ। ସେ ଲକ୍ଷ୍ମୀସାଗରରେ ଘର ନେଇ ଏକୁଟିଆ ରହୁଛି। ମୁଁ ତା ସାଙ୍ଗରେ କଥା ହେବି। ଆମେ ବରମୁଣ୍ଡା ନଯାଇ ରସୁଲଗଡ଼ରେ ୪ଟାରେ ପହଞ୍ଚି ସେଠାରୁ ଅଟୋରେ ଲକ୍ଷ୍ମୀସାଗର ଚାଲିଯିବା।

ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ନିର୍ଦ୍ଧାରିତ ସମୟରେ ଭୁବନେଶ୍ୱରରେ ପହଞ୍ଚି ଶତୃଘ୍ନର ବନ୍ଧୁ ରମେଶ ଘରେ ରହିଲେ। ସପ୍ତାହକ ପରେ ରମେଶ ଓ ବ୍ୟାଙ୍କ କର୍ମଚାରୀଙ୍କ ସାହାଯ୍ୟରେ ଓ ଉପସ୍ଥିତିରେ ଆର୍ଯ୍ୟ ସମାଜରେ ସେମାନଙ୍କ ବିବାହ ନିରାଡ଼ମ୍ବର ଭାବରେ ସମାହିତ ହେଲା। ବିବାହ ପରେ ଶତୃଘ୍ନ ଗଣିତ ଟିଉସନ୍ ଆରମ୍ଭ କରିଦେଲା। ପିଲାମାନଙ୍କ ସୁଅ ଛୁଟିଲା। ସକାଳ ଓ ରାତିରେ ଟିଉସନ୍ ଚାଲିଲା। ଦିନରେ ୧୦ଟାରୁ ପାଞ୍ଚଟା ପର୍ଯ୍ୟନ୍ତ ଶତୃଘ୍ନ ପାଇଁ କାମ ନଥିଲା।

ଦିନେ ଶତୃଘ୍ନକୁ କୋଳରେ ଶୁଆଇ ତାର ବାଳ ସାଉଁଳୁ ସାଉଁଳୁ କଳିକା ହସି ହସି କହିଲା - ବୁଝିଲ, ଦିନ ୧୦ଟାରୁ ୫ଟା ପର୍ଯ୍ୟନ୍ତ ତୁମର ତ କାମ ନାହିଁ। ସେ ସମୟରେ ତୁମେ କବିତା ବିକ୍ରି କଲେ, ଭଲ ହେବ। ପ୍ରବୃତ୍ତି ଯଦି ବୃତ୍ତି ହୁଏ, ତୁମ ମନରେ ଖେଳିଯିବ ଗଭୀର ଆତ୍ମସନ୍ତୋଷ।

ସମାରୋହ

ଶତ୍ରୁଘ୍ନ ହସି ହସି ଗଡ଼ିଗଲା। କହିଲା – ଆଜିକାଲି ପାଠକ ନାହାନ୍ତି। ଯେଉଁ କେତେକ ପାଠକ ଥାଆନ୍ତି, ସେମାନେ ବହି ନ କିଣି ମାଗି ଆଣି ପଢ଼ନ୍ତି। କବିତା କିଣିବା ପାଇଁ କେହି ଟଙ୍କାଟିଏ ଖର୍ଚ୍ଚ କରିବେନି। ମନରୁ ଏ ଉଦ୍‌ଭଟ ଚିନ୍ତା ଦୂରକର।

– ପଇସା ନ ମିଳୁ। ଏ ଘରର ମାଲିକଙ୍କ ରାସ୍ତା କଡ଼ରେ ଅତି ଛୋଟ ରୁମ୍‌ଟିଏ କେଇବର୍ଷ ହେବ ଖାଲି ପଡ଼ିଛି। ମଉସା ଆମକୁ ବିନା ଭଡ଼ାରେ ଦେବାକୁ ରାଜି ଅଛନ୍ତି। 'କବିତା ବିକ୍ରୟ କେନ୍ଦ୍ର' ବୋଲି ଫ୍ଲେକ୍ସ ବ୍ୟାନରଟିଏ ପ୍ରସ୍ତୁତ କରିଛି। କାଲି ସରସ୍ୱତୀ ପୂଜା, କାଲିଠାରୁ ୧୦ଟାରୁ ୪ଟା ଘରେ ନ ବସି ଆମେ ସେଇଠି ବସି ପଢ଼ିବା, ମୋବାଇଲ ଦେଖିବା। ଲୋକ କବିତା କିଣିଲେ ଭଲ, ନ କିଣିଲେ ବି ଚିନ୍ତା ନାହିଁ। ଟିଉସନ୍‌ରୁ ଯେଉଁ ପଇସା ମିଳିବ, ସେଥିରେ ଆମେ ଆଡ଼ଜଷ୍ଟ କରି ଚଳିଯିବା।

– କବି ଓ ଗାଳ୍ପିକମାନଙ୍କୁ ଦ୍ୱିତୀୟ ଈଶ୍ୱର ବୋଲି ଅଭିହିତ କରାଯାଏ। ଆମ ସାରସ୍ୱତ ସୃଷ୍ଟିକୁ ନେଇ ବ୍ୟବସାୟ କରିବା କଣ ଠିକ୍ ହେବ ?

– କବିଟିଏ ଖାଲି କଣ ତ୍ୟାଗର ପ୍ରତିମୂର୍ତ୍ତିଟିଏ ହୋଇ ରହିଯିବ। ତାର ସଂସାର ଅଛି, ପରିବାର ଅଛି। ତାର ତ ଟଙ୍କା ଦରକାର। ପଥର ଓ କାଠର ଶିଳ୍ପୀ ବିଭିନ୍ନ ମୂର୍ତ୍ତି ନିର୍ମାଣ କରି ବିକ୍ରି କରୁଛନ୍ତି। କବି କଣ ଖାଲି ଭାବପ୍ରବଣତାର ସୁଅରେ ଭାସି ଭାସି ନିଜର ପରିବାରକୁ ଭସେଇଦେବ ?

– ଏପରି କଲେ ମୋର ସାରସ୍ୱତ ପ୍ରତିଭା ମଉଳି ଯିବନି ?

– ନାଁ, ମଉଳିବ କାହିଁକି। ତୁମେ ତୁମର ନିଜର କବିତା ଲେଖି ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରିବ। କିଛି ସମୟ ପାଇଁ ବରାଦୀ କବିତା ଲେଖିଲେ କ୍ଷତି କଣ ? ବରାଦୀ କବିତାରେ ତୁମ ସୃଜନଶୀଳତା ପ୍ରତିଧ୍ୱନିତ ହେବ। ଆଜିର ଅବୋଧ ଦୁର୍ବୋଧ କବିତା କେତେ ଜଣ ପଢୁଛନ୍ତି ? କିନ୍ତୁ ବରାଦୀ କବିତା ପରିବାର, ବନ୍ଧୁବାନ୍ଧବ ଭିତରେ ଆଦର ପାଇବ, ଏ କବିତାରେ ରହିବ ଆତ୍ମୀୟତା ଓ ଆନ୍ତରିକତାର ଝଲକ। ଏହାକୁ ପଢ଼ିସାରି ପାଠକମାନେ ବାକ୍ସରେ ସାଇତି ରଖିବେ – ଏହା ପାଲଟିଯିବ ସ୍ମୃତିର ଶାମୁକା। କାକଳିର ଅକାଟ୍ୟ ଯୁକ୍ତି ଆଗରେ ଆତ୍ମସମର୍ପଣ କରିଥିଲା ଶତ୍ରୁଘ୍ନ।

ସରସ୍ୱତୀ ପୂଜାଦିନ ଗରାଖ ଈଶ୍ୱରଙ୍କ ଦେଖା ମିଳିଲାନି। ଶତ୍ରୁଘ୍ନ ଓ କଳିକା ମୋବାଇଲ ଦେଖି ଗପସପ ହୋଇ ପ୍ରଥମ ଦିନ ଆନନ୍ଦରେ କଟାଇଦେଲେ। ତା ପରଦିନ ଜଣେ ସମ୍ଭ୍ରାନ୍ତ, ଶିକ୍ଷିତା ବୃଦ୍ଧା ଦୋକାନ ଆଗରେ କାର ଅଟକାଇ ଶତ୍ରୁଘ୍ନ ଆଡ଼କୁ ଆସିଲେ। ବୋଧହୁଏ ମାଉସୀ କାହାର ଠିକଣା ଖୋଜୁଛନ୍ତି ଭାବି ଶତ୍ରୁଘ୍ନ ବିନମ୍ରତାର ସହ ପଚାରିଲା – ମାଉସୀ, କାହାକୁ ଖୋଜୁଛନ୍ତି ?

– ମୁଁ ତୁମ ପାଖକୁ ଆସିଛି। ପାଞ୍ଚଦିନ ପରେ ମୋର ନାତିର ଜନ୍ମଦିନ। ତାକୁ ମୁଁ ଭାରି ଭଲପାଏ, ସେ ଶିଶୁ ମନ୍ଦିରରେ ସପ୍ତମ ଶ୍ରେଣୀରେ ପଢ଼େ। ତା ଜନ୍ମଦିନରେ ମୁଁ କବିତା ଛାପି ତାକୁ ଉପହାର ଦେବି। ସେ କବିତାରେ ରହିବ ମୋ ଅନ୍ତରର କଥା, ହୃଦୟର ସ୍ପନ୍ଦନ। ମୋ ନାତି ଓ ଆମ ପରିବାର ବିଷୟରେ ସବୁ ବିଷୟ ଏହି କାଗଜରେ ଲେଖି ଦେଇଛି। ଆପଣ ସୁନ୍ଦର, ମନୋମୁଗ୍ଧକର କବିତା ଲେଖି ଶହେଟି କପି ପ୍ରିଣ୍ଟି କରି ଚାରି ଦିନ ପରେ ଦେବେ। ଏବେ ପାଞ୍ଚଶହ ଟଙ୍କା ଅଗ୍ରୀମ ଦେଉଅଛି। କବିତା ନେଲାବେଳେ ବାକି ପଇସା ଦେଇଦେବି। ଆପଣଙ୍କ ସର୍ଜନାର ମୂଲ୍ୟ ମୁଁ ତ ଦେଇପାରିବିନି। କିନ୍ତୁ ଆପଣ ଯାହା କହିବେ ମୁଁ ଖୁସି ମନରେ ଦେବି।

ଶତ୍ରୁଘ୍ନ ମାଉସୀଙ୍କୁ ବିଦାୟ ଦେବାପରେ ପ୍ରଥମ ଗରାଖ ଈଶ୍ୱରଙ୍କ ସମ୍ବନ୍ଧରେ କଳିକାକୁ କହିବାରୁ କଳିକା କହିଲା – ବୁଝିଲ ଶତ୍ରୁଘ୍ନ, ଆମେ ଜାଣିଥିଲେ ଡିମାଣ୍ଡ ବଢ଼ିଲେ ସପ୍ଲାଏ ବଢ଼େ। ବିଶିଷ୍ଟ ଅର୍ଥନୀତିଜ୍ଞ ଜେ.ବି. ସ. କିନ୍ତୁ କହିଥିଲେ – ସପ୍ଲାଏ ହିଁ ଡିମାଣ୍ଡ ସୃଷ୍ଟି କରେ। ଲୋକଙ୍କ ମନଲାଖି ଜିନିଷ ଠିକ୍ ଜାଗାରେ ସପ୍ଲାଏ ହେଲେ, ତା ପାଇଁ ଡିମାଣ୍ଡ ମନକୁ ମନ ସୃଷ୍ଟି ହୋଇଯିବ। ଲଣ୍ଡନର ରାଜରାସ୍ତାର ପାର୍ଶ୍ୱରେ ଲାପଟପ୍ ଧରି କବିମାନେ ବସି କବିତା ବିକ୍ରି କରନ୍ତି। ସେଠାରେ କବିତାର ଚାହିଦା ରହିଛି।

ତା'ପରଦିନ ଜଣେ ମଧ୍ୟବୟସ୍କ ଶିକ୍ଷିତ ବ୍ୟକ୍ତି ଶତ୍ରୁଘ୍ନ ପାଖରେ ପହଞ୍ଚି କହିଲେ – ମୋ ଝିଅର ବାହାଘର ଆଉ ଏକ ସପ୍ତାହ ପରେ ଅନୁଷ୍ଠିତ ହେବ। ମୋ ସହଧର୍ମିଣୀର ଇଚ୍ଛା ଯେ ତାର ଝିଅକୁ ଏକ କବିତା ବାହାଘର ଦିନ ଉପହାର ଦେବ। ଏ କବିତାରେ ଝିଅ ପ୍ରତି ତାର ସ୍ନେହ ମମତା ପ୍ରତିଫଳିତ ହେବ। ଆମର ତିନିଶହ କପି ପାଞ୍ଚଦିନ ପରେ ଦରକାର। କବିତାଟିକୁ ହ୍ୱାଟସ୍‌ଆପରେ ମୋ ପାଖକୁ ପଠାଇବେ। ମୁଁ ସ୍ୱୀକୃତି ଦେଲାପରେ ଆପଣ ଛପାଇବା ବ୍ୟବସ୍ଥା କରିବେ। କବିତା ପାଇଁ ଯାହା ଯାହା ବିବରଣୀ ଦରକାର, ମୋ ଠାରୁ ସଂଗ୍ରହ କରିନିଅନ୍ତୁ।

ଶତ୍ରୁଘ୍ନ ସେ ଦିନ ତା ଦୋକାନ ସାମ୍ନାରେ ଜଣେ ସୁନ୍ଦରୀ ସମ୍ଭ୍ରାନ୍ତ ମଧ୍ୟ ବୟସ୍କା ଭଦ୍ରମହିଳାଙ୍କୁ ଦେଖି କୌତୁହଳପୂର୍ଣ୍ଣ ଚାହାଣିରେ ପ୍ରଶ୍ନ କଲା – କଣ କାମ ଥିଲା ମାଡାମ ?

– ମୋ ବାପା, ମାଆଙ୍କର ବିବାହର ୫୦ ବର୍ଷ ପୂର୍ତ୍ତି ଅବସରରେ ଏକ ଉପହାର ଗୀତିକା ପ୍ରସ୍ତୁତ କରିବାକୁ ଚାହେଁ। ମୋ ବାପା, ମାଆଙ୍କ ଜୀବନର ଇତିବୃତ୍ତ ଓ ଆମକୁ ମଣିଷ କରିବାପାଇଁ ସେମାନଙ୍କ ତ୍ୟାଗ ଓ ବଳିଦାନର ନିଖୁଣ ଚିତ୍ର ଏହି କବିତାରେ ଉଦ୍‌ଭାସିତ ହେବ।

ଭଦ୍ର ମହିଳା ତାପରେ ତାଙ୍କ ବାପା, ମାଆ ଓ ପରିବାର ବିଷୟରେ ବିଶଦ ବିବରଣୀ ଶତ୍ରୁଘ୍ନ ଆଗରେ ଉପସ୍ଥାପିତ କଲେ।

ସେଦିନ ଜଣେ ଷୋଡ଼ଶୀକୁ ଦୋକାନ ସାମ୍ନାରେ ଦେଖି ଆଶ୍ଚର୍ଯ୍ୟ ହେଲା ଶତ୍ରୁଘ୍ନ। ଲାଜରେ ବତୁରି ବତୁରି କହିଲା – ଦୁଇଦିନ ପରେ ମୋ ବଏ୍ ଫ୍ରେଣ୍ଡର ଜନ୍ମଦିନ। ସେ ଭଲ ହୃଦୟସ୍ପର୍ଶୀ କବିତା ଲେଖେ। ତା ଜନ୍ମଦିନରେ ମୁଁ ଗୋଟିଏ କବିତା ତାକୁ ଉପହାର ଦେବାକୁ ଚାହେଁ। ଆପଣ କବିତାଟିଏ ଲେଖିଦେଲେ ମୁଁ ବହୁତ ଖୁସି ହେବି।

ଭୁବନେଶ୍ୱରରେ କବିତାର ଚାହିଦା ଦେଖି ଶତ୍ରୁଘ୍ନ ଖୁସି ହେଉଥିଲା । କଳିକାର ବ୍ୟବସାୟୀ ବୁଦ୍ଧିକୁ ମନେ ମନେ ତାରିଫ କରୁଥିଲା। ରାଜଧାନୀର ଏକ ପ୍ରଥମ କବିତା ବିକ୍ରୟ କେନ୍ଦ୍ର ଥିଲା କଳିକାର ବ୍ରେନ୍ ଚାଇଲ୍ଡ / ମାନସ ସନ୍ତାନ।

ଆଉ ଦିନେ ଜଣେ ଉଗ୍ର ଆଧୁନିକା ସୁନ୍ଦରୀ ରମଣୀ ଆନନ୍ଦରେ କୁରୁଳି କୁରୁଳି ଶତ୍ରୁଘ୍ନର ସାମ୍ନାରେ ଉପସ୍ଥିତ ହେଲେ। ତାଙ୍କ ଆଖିରେ ସ୍ୱର୍ଗକୁ ଛୁଇଁବାର ଅଭୀପ୍ସା ଲହଡ଼ି ମାରୁଥିଲା। ହସି ହସି କହିଲେ – ମୁଁ କବିତା ଲେଖେ, କିନ୍ତୁ ଭଲ ଲେଖି ପାରେନା। ପ୍ରତି ସପ୍ତାହର ଶନିବାର ସଂଧ୍ୟା ତାରା ସାହିତ୍ୟ ସଂସଦ ତରଫରୁ କବିତା ପାଠୋତ୍ସବ ଅନୁଷ୍ଠିତ ହୁଏ। ସେଠି କବିତା ଆବୃତ୍ତି କରିବାପାଇଁ ମୋର ଅଦମନୀୟ ଇଚ୍ଛା। ଆପଣ ପ୍ରତି ସପ୍ତାହରେ ମୋତେ ଗୋଟିଏ ଲେଖା କବିତା ଦେବେ।

ସେଦିନ ଜଣେ ଉଚ୍ଚାକାଂକ୍ଷୀ ସମ୍ଭ୍ରାନ୍ତ ପ୍ରୌଢ଼ 'କବିତା ବିକ୍ରୟ କେନ୍ଦ୍ର'ରେ ପହଞ୍ଚି କହିଲେ – ଆଜ୍ଞା, ମୁଁ ଜୀବନରେ ଅନେକ ପଇସା ରୋଜଗାର କରିଛି। ମୁଁ ଜଣେ ଅଗ୍ରଣୀ ବିଲ୍ଡର। ମୋ ପାଖରେ ଆକର୍ଷଣୀୟ ଅଟ୍ଟାଳିକା ଓ ଦାମୀ ଗାଡ଼ିର ସମ୍ଭାର। କିନ୍ତୁ ସମାଜରେ ମୁଁ ଜଣେ ଯଶସ୍ୱୀ କୀର୍ତ୍ତିମାନ ମଣିଷ ଭାବରେ ପ୍ରତିଷ୍ଠିତ ହେବାକୁ ଚାହେଁ। ଆପଣ ଶହେଟି ଉଚ୍ଚକୋଟିର କବିତା ମୋତେ ଦେବେ। ତାହାର ଯାହା ମୂଲ୍ୟ କହିବେ ମୁଁ ଦେବି। ମୁଁ ସେ କବିତାଗୁଡ଼ିକୁ ଏକ ପୁସ୍ତକରେ ପ୍ରକାଶିତ କରିବି। ଜୟଦେବ ଭବନରେ ଓଡ଼ିଶାର ଲବ୍ଧପ୍ରତିଷ୍ଠ ସାହିତ୍ୟିକମାନଙ୍କ ଗହଣରେ ଏ ପୁସ୍ତକର ଉନ୍ମୋଚନ ପର୍ବ ମହାସମାରୋହରେ ଅନୁଷ୍ଠିତ ହେବ। ୧୦୦ଟି କବିତା ଆପଣ ମୋତେ କେବେ ଦେଇପାରିବେ ?

ଅନେକ ପ୍ରଶ୍ନବାଚୀ ଓ ଦ୍ୱନ୍ଦ୍ୱରେ ଜଡ଼ସଡ଼ ହୋଇ ଶତ୍ରୁଘ୍ନ ଓ କଳିକା ପରସ୍ପରକୁ ଅନାଇ ରହିଥିଲେ।

*୧୫୭, ଗୌରୀଗାର୍ଡେନ, ଭୁବନେଶ୍ୱର-୨*
*ଦୂରଭାଷ: ୯୫୭୪୩୩୧୯୫୭*

# ସ୍ୱପ୍ନର ଦୁନିଆ

## ବିଭୁତି ଭୂଷଣ ନନ୍ଦ

ଏମ୍.ବି.ଏ. ପାଠ୍ୟକ୍ରମ ସରିବା ପରେ ଚାକିରୀ ଅନ୍ୱେଷଣରେ ଥାଏ ତମାସା। ବାପା ଲାଗି ପଡ଼ିଥାଆନ୍ତି ତେଣେ ବର ଖୋଜିବାରେ । ଉପଯୁକ୍ତ ପାତ୍ରଟିଏ ମିଳିଲେ ଝିଅର ବିବାହ କରି ନିଜର ଦାୟିତ୍ୱ ସମ୍ପନ୍ନ କରିବାପାଇଁ ବ୍ୟଗ୍ରଥାଆନ୍ତି ତମାସାର ବାପା ବିପ୍ର ବାବୁ। ଏତେ ଜଲଦି ବିବାହ କରିବାକୁ ତମାସା ରାଜି ନଥାଏ । ମା'ଙ୍କ ଦେହ ଖରାପ । ତାଙ୍କର ଦେଖା ଚାହାଁ କିଏ କରିବ । ବିଭିନ୍ନ କାରଣ ଦର୍ଶାଇ ସବୁ ପ୍ରସ୍ତାବଗୁଡ଼ିକୁ ଏଡ଼ାଇ ଦେଇଯାଉଥାଏ । ମାଙ୍କ ଅସୁସ୍ଥତା ଅସହ୍ୟ ଯନ୍ତ୍ରଣା ଦେଇ ବଢୁଥାଏ । ମା ଚାଲିଯିବା ପୂର୍ବ ସନ୍ଧ୍ୟାର ପ୍ରତିଶୃତି ତମାସା ପାଇଁ ଗୋଟିଏ ବିରାଟ ବୋଝ ପରି ଲାଗୁଥାଏ। ସାନଭାଇକୁ ପାଠ ପଢ଼ାଇ ମଣିଷ କରିବା। ଯିବା ଆଗରୁ ମା କହିଯାଇଥିଲେ। ଝିଅରେ ତୋ ସାନଭାଇ ତୋତେ ଲାଗିଲା। ସିଏ କ'ଣ ବା କରିବ ନିଜେ ତ ବେକାର। ବାପାଙ୍କର ପ୍ରାଇଭେଟ ଚାକିରୀରେ ଯାହା ଅଙ୍କିକିଛି ପଇସା ଆସୁଛି ତାହା । ଦୈନନ୍ଦିନ ଚଳିବାପାଇଁ ମଧ ହେଉନାହିଁ । ସେଥିରେ ପୁଣି ତା ବିବାହ ଖୋଜା ଚାଲିଛି । ବାପାଙ୍କୁ କ'ଣ କହିବ ଭାବି କିଛି କହିପାରୁନଥାଏ। ମାଙ୍କ ମୃତ୍ୟୁପରେ ବାପାଙ୍କ ମନରେ କଷ୍ଟ ଦେବାକୁ ଇଛା ହେଉନଥାଏ । ମନେ ମନେ ଭାବୁଥାଏ ଚାକିରୀଟିଏ ପାଇଗଲେ ହୁଏତ ଅନେକ କିଛି ସମାଧାନ ହୋଇଯାଆନ୍ତା । ବର୍ତ୍ତମାନ ବିବାହ ନ କରିବା ପାଇଁ ବାପାଙ୍କୁ ରାଜି କରାଇପାରନ୍ତା ।

ଏକ ଏନ୍.ଜି.ଓ.ର ମାଲିକ ମିଳନ ବାବୁଙ୍କ ସହିତ ତମାସାକୁ ପରିଚୟ କରାଇ ଦେଇଥିଲେ, ତମାସାର ସାଙ୍ଗର ବାପା । ତମାସାର ଆକର୍ଷିତ ସୌନ୍ଦର୍ଯ୍ୟ ଓ ପାଠ ପଢ଼ାର ସାର୍ଟିଫିକେଟଗୁଡ଼ିକ ମିଳନ ବାବୁଙ୍କୁ ପ୍ରଭାବିତ କରିଥିଲା । ମାସିକ ପଚିଶ ହଜାର ଟଙ୍କାର ବେତନରେ ଚାକିରୀରେ ଯୋଗଦେବା ପାଇଁ କହିଥିଲେ। ଯଦିଓ ଏମିତି ଗୋଟିଏ ଚାକିରୀ ତମାସାର ପସନ୍ଦ ନଥିଲା । କିନ୍ତୁ ପରିସ୍ଥିତିର ବାଧ ବାଧକତା ଯୋଗୁ ସେ ଖୁସି ଖୁସିରେ ଏହାକୁ ସ୍ୱିକାର କରିନେଇଥିଲା। ଖାଲି ସେତିକି ନୁହେଁ ଅନ୍ତରରୁ ତାର ମିଳନବାବୁଙ୍କ ପ୍ରତି କୃତଜ୍ଞତାର ସୁଅ ଛୁଟୁଥିଲା ।

ତମାସା ଥିଲା ପରିଶ୍ରମୀ ଓ ବୁଦ୍ଧିମତୀ । ମାସ କେଇଟା ଭିତରେ ସଂସ୍ଥାର ଭଲମନ୍ଦ ସବୁ କିଛି ଦାୟିତ୍ୱ ସମ୍ଭାଳି ନେଇଯାଇଥିଲା। ତାର କାର୍ଯ୍ୟ କରିବା ଶୈଳୀ ଓ ବ୍ୟକ୍ତିତ୍ୱ ଉଭୟ ପ୍ରତି ଆକୃଷ୍ଟ ଥିଲେ ମିଳନ ବାବୁ। ମନର କେଉଁଏକ କୋଣରୁ ତମାସା ପ୍ରତି ଦୁର୍ବଳତା କ୍ରମେ କ୍ରମେ ବଢ଼ି ଚାଲୁଥିଲା ତାଙ୍କର। ମଧ ବୟସ୍କ ମିଳନ ବାବୁଙ୍କୁ ତମାସା ଅନ୍ତରରୁ ସମ୍ମାନ କରେ । ଯଦିଓ ମିଳନ ବାବୁଙ୍କ ପାରିବାରିକ ଜୀବନ ବାବଦରେ ସଂସ୍ଥାର ଅନ୍ୟମାନଙ୍କ ଠାରୁ ସେ କିଛି କିଛି ଶୁଣିଛି। ମିଳନବାବୁ ଥିଲେ ଖ୍ରୀଷ୍ଟିଆନ । ସ୍ତ୍ରୀକୁ ଛାଡ଼ପତ୍ର ଦେଇନଥିଲେ ସୁଦ୍ଧା ନିଜ ପରିବାର ଠାରୁ ସେ ଅଲଗା ରହୁଥିଲେ। ଅନେକ ଥର ତମାସାକୁ ସେ ନିଜ ଘରକୁ ଲଞ୍ଚରେ ଡାକିଛନ୍ତି । ଉଭୟ ସଂସ୍ଥା ବାବଦରେ ଆଲୋଚନା କରିଛନ୍ତି । କିନ୍ତୁ ତମାସା ପ୍ରତି ଥିବା ଦୁର୍ବଳତା କେବେ ବି ତମାସାକୁ ଅନୁଭବ କରିବାପାଇଁ ସୁଯୋଗ ଦେଇ ନାହାନ୍ତି ମିଳନ ବାବୁ । ତମାସାର ଆର୍ଥିକ ସ୍ଥିତିରେ ଯଥେଷ୍ଟ ଉନ୍ନତି ଘଟିଛି। ତାର ଇଛାକୁ ସମ୍ମାନ ଦେଇ ବାବା ବିବାହ ଖୋଜିବା କାମ ଏକ ପ୍ରକାରର ସ୍ଥଗିତ ରଖିଛନ୍ତି । ଏକ ଭଲ କଲେଜରେ ଭାଇର ଏମ୍.ବି.ଏ.ରେ ନାମ ଲେଖାଇବା ଓ ସହରରେ ନିଜପାଇଁ ଗୋଟିଏ ଜାଗା କିଣିବାରେ ସମର୍ଥ ହୋଇଛି ତମାସା । ଏସବୁ ମିଳନ୍ ବାବୁଙ୍କ ପ୍ରତ୍ୟକ୍ଷ ହେଉବା ପରୋକ୍ଷ ସାହାଯ୍ୟ ଯୋଗୁଁ କେବଳ ସମ୍ଭବ ହୋଇଛି। ସଂସ୍ଥାକାର୍ଯ୍ୟରେ ଭ୍ରମଣରେ ଉଭୟ ଗଲେ ହୋଟେଲରେ ଉଭୟଙ୍କ ପାଇଁ ଅଲଗା ଅଲଗା ରୁମ୍ ବୁକ୍ ହୋଇଥାଏ । ତଥାପି ଉଭୟଙ୍କ ସମ୍ପର୍କ ବିଷୟରେ ଅଧସ୍ତନ କର୍ମଚାରୀଙ୍କ ଚୁପ୍‌ଚାପ୍ କଥାବାର୍ତ୍ତା କେତେବେଳେ କେମିତି କାନରେ ବାଜିଯାଏ । ଏହାଭିତରେ ଗୋଟିଏ ଦୁଇଟି ଭଲ ଅଫର ତମାସା ହାତଛଡ଼ା କରିଛି । ସଂସ୍ଥାପ୍ରତି ତାର ଅନୁରକ୍ତି ହେଉ ବା ମିଳନ ବାବୁଙ୍କ ସହିତ ସମ୍ପର୍କର ନିବିଡ଼ତା ... କିଛି ବି କାରଣ ହୋଇପାରେ ... ।

ଏତେ ନିବିଡ଼ ସମ୍ପର୍କ ଭିତରେ ମିଳନ ବାବୁ କେବେ ବି ପ୍ରେମର ନିବେଦନ କରିନାହାନ୍ତି କିମ୍ବା ସେପରି କିଛି ଇଙ୍ଗିତ ବି ଦେଇନାହାନ୍ତି । ଅନେକ ସମୟରେ ଧର୍ମ ଏକ ପ୍ରାଚୀର ସଦୃଶ ଠିଆ ହୋଇଛି। ତମାସାର ହିନ୍ଦୁ ରୀତୀନୀତୀ ପ୍ରତି ଅଗାଢ଼ ବିଶ୍ୱାସ ଓ ଭକ୍ତି ମିଳନ ବାବୁଙ୍କୁ ଆଗକୁ ବଢ଼ିବାରେ ବୋଧେ କେଉଁଠି ନା କେଉଁଠି ଅଟକାଇ ଦେଇଛି । ନିଜର ମନକଥା କହିବା ପାଇଁ ସେମିତି ପରିସ୍ଥିତି ବି ସେ ସୃଷ୍ଟି କରିପାରି ନାହାନ୍ତି। ପତ୍ନୀଙ୍କ ସହିତ ଛାଡ଼ପତ୍ର ହେବାପରେ ସମସ୍ତ ଦାୟିତ୍ୱ ତମାସାକୁ ଦେଇ କେଉଁ ଏକ ଅଜଣା ସ୍ଥାନକୁ ଗୋଟିଏ ସପ୍ତାହ ପାଇଁ ଚାଲିଯାଇଥିଲେ ମିଳନ ବାବୁ । ତମାସା ଠିକ୍ ବୁଝି ପାରୁଥିଲା ମିଳନ ବାବୁଙ୍କ ମାନସିକ ସ୍ଥିତି ସମ୍ପର୍କରେ। କିନ୍ତୁ ସାହସ ଜୁଟାଇ କିଛି କହିପାରୁ ନଥିଲା। ଅନେକ ସମୟରେ ତା ମନରେ ଏକଥା ବି ଆସେ ମିଳନ ବାବୁଙ୍କୁ ପ୍ରସ୍ତାବ ଦେବାପାଇଁ । କିନ୍ତୁ ମନରେ ଭୟ ଜାଗ୍ରତ ହୁଏ ଯେତେବେଳେ ସେ ବାପା ଓ ଭାଇର କଥା ଭାବେ। ବାପା ଜଣେ ଉଗ୍ର ହିନ୍ଦୁ। ଭାଇ ଯଦିଓ ତାକୁ ବିରୋଧ କରିବ ନାହିଁ, କିନ୍ତୁ ସମର୍ଥନ କରିବାର ବି ଆଶା କମ୍ । ଯେଉଁ ବ୍ୟକ୍ତିର ସାହାଯ୍ୟ ଯୋଗୁଁ ଆଜି ତାଙ୍କ ପରିବାର ଦାରିଦ୍ର୍ୟତାରୁ ଉଠି ଏକ ସମୃଦ୍ଧ ଜୀବନଯାପନ କରୁଛି ସେ ବ୍ୟକ୍ତିକୁ ସହଜରେ ସମସ୍ତେ ଗ୍ରହଣ କରିବେ ନାହିଁ । ଏକଥା ସେ ଭାବି ପାରୁନଥିଲା । କିନ୍ତୁ ତାହାହିଁ ଥିଲା ନିରାଟ ସତ୍ୟ । ଏକବିଂଶ ଶତାବ୍ଦୀରେ ଧର୍ମ ଧର୍ମ ଭିତରେ ବିଦ୍ୱେଷ ଏତେ ପରିମାଣରେ ବଢ଼ିଯାଇଛି, ଯେ ଭଲ ବ୍ୟକ୍ତିମାନେ ମଧ ସେଥିରୁ ନିସ୍ତାର ପାଉନାହାନ୍ତି । ଧର୍ମଭିତ୍ତିକ ରାଜନୀତୀ ଓ ପ୍ରତିଶ୍ରୁତି ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଦୁରତାକୁ ବଢ଼ାଇ ଦେଇଛି ସିନା ସମାଜର ଉନ୍ନତିରେ ସହାୟକ ହୋଇନାହିଁ ।

ତଥାପି ଏତେସବୁ ଭିତରେ ତମାସାର ମନ ମାନୁନଥିଲା । ଭାବୁଥିଲା ନିଜର ମନକଥା ଖୋଲି ମିଳନ ବାବୁଙ୍କୁ କହିଦେବ। ସତରେ କେତେ ବୋକା ଏଇ ମିଳନ ବାବୁ । ସେ କ'ଣ ଜାଣନ୍ତି ନାହିଁ ନାରୀ ସହଜରେ ମନର କଥା କହିପାରେନାହିଁ । ହୁଏତ ତାଙ୍କର ଟିକିଏ ଇଙ୍ଗିତ ତମାସାର ରାସ୍ତାକୁ ସହଜ କରିଦିଅନ୍ତା। ଏମିତି ସେ ଅନେକ ଭାବେ ... ଭାବି

ଭାବି ରାତି ପାହିଯାଏ । ଠିକ୍ ମୁହୂର୍ତ୍ତର ଅପେକ୍ଷାରେ ରହି ମନବ୍ୟସ୍ତ ଓ ବିବ୍ରତ ହୋଇପଡ଼େ । ପୁଣି ଭାବେ ସତରେ ସେ ନିଜେ କେତେ ସ୍ୱାର୍ଥପର ... ନିଜର ଆବଶ୍ୟକତା ଗୁଡ଼ାକ ପୂରାଣ କରିସାରିବା ପରେ ବି ପ୍ରତିଦାନରେ କିଛି କରିପାରି ନାହିଁ । ନା ସେ ଏଥର ମିଳନ ବାବୁଙ୍କୁ ନିଶ୍ଚୟ କହିବ । ପରଦିନ ଅଫିସରେ ବହୁତ ସାହସ ସଞ୍ଚୟ କରି ତିନିଦିନ ପାଇଁ କାଶ୍ମୀର ଯିବାର ପ୍ରସ୍ତାବ ଦେଇଥିଲା । ମିଳନବାବୁ ସ୍ତବ୍ଧ ହୋଇଯାଇଥିଲେ। ଖୁସିରେ ଆତ୍ମହରା ହୋଇ କ'ଣ କହିବେ ଭାବି ପାରି ନଥିଲେ। ପୁଣି ଏକ ନୂତନ ଜୀବନ ଆରମ୍ଭ କରିବାର ସ୍ୱପ୍ନ ଦେଖିଥିଲେ । ଡାଲ୍ ଲେକ୍‌ର ବୋଟ ହାଉସର ସେଇ ରାତି ଉଭୟଙ୍କ ଜୀବନର ଗତିପଥ ବଦଳାଇ ଦେଇଥିଲା । ତାପରେ ମନ୍ଦିରରେ ବିବାହ । ବାପା ପ୍ରଥମେ ରାଜି ନ ଥିଲେ ବି ଆସିଥିଲେ । ଭାଇ ସମେତ ପରିବାରର କେହି ଏତେ ବିରୋଧ କରିନଥିଲେ। କିନ୍ତୁ ମନ୍ଦିର ବିବାହର ଠିକ୍ ଆଠଦିନ ପରେ ପୁଣିଥରେ ଚର୍ଚ୍ଚରେ ବିବାହ। ବାପା ଖୁବ୍ ରାଗିଯାଇ ଥିଲେ । ତା ପରଠାରୁ ତମାସା ସହିତ ସମସ୍ତ ସମ୍ପର୍କଛିନ୍ନ କରିଦେଇ ଥିଲେ। ଭାଇ ଭଲ ଚାକିରୀଟିଏ କରିଛି । ବାପାଙ୍କ ଜୀବନରେ ହୁଏତ ତମାସାର ଆବଶ୍ୟକତା ଢ଼େର କମି ଯାଇଥିଲା । ଝିଅର ଖ୍ରୀଷ୍ଟିଆନ ରୀତିରେ ପୁଣିଥରେ ବିବାହକୁ ସେ ଜମା ହଜମ କରିପାରୁ ନଥିଲେ। ଦିନପରେ ଦିନ ବିତିଯାଇଛି । ତମାସାର ପୁଅ ଜନ୍ମଦିନରେ ମଧ ବାପା ଆସିନଥିଲେ । ଭାଇ ଲୁଚି ଲୁଚି ଆସି କିଛି ସମୟ ରହି ଚାଲିଯାଇଥିଲା ।

ଦୁଃଖ ତା ପରେ ସୁଃଖ ପୁଣି ଯଦି ଦୁଃଖ ଆସେ ତାହା ଯେକୌଣସି ମଣିଷକୁ ଭାଙ୍ଗିଦିଏ । ମିଳନ ବାବୁଙ୍କ ଏନ୍.ଜି.ଓ. ନକ୍ସାଲବାଦୀମାନଙ୍କୁ ମୁଳଧାରାକୁ ଫେରାଇ ଆଣିବା କାର୍ଯ୍ୟରେ ଇତିମଧ୍ୟରେ ନିଜକୁ ଜଡ଼ିତ କରି ଦେଇଥିଲା । ଏଥିପାଇଁ ତାଙ୍କୁ ସରକାରୀ ସ୍ତରରୁ ମୋଟା ଅନୁଦାନ ଓ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରରୁ ମଧ ମୋଟା ଆକାରରେ ଅର୍ଥ ମିଳୁଥିଲା । ଧିରେ ଧିରେ ପ୍ରତିଦ୍ୱନ୍ଦିଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା । ସରକାରୀ କଳ ଉପରେ ତାଙ୍କର ପ୍ରଭାବ କିଛି ବ୍ୟକ୍ତିଙ୍କ ପାଇଁ ଅସହ୍ୟ ଥିଲା । ନକ୍ସଲବାଦୀମାନଙ୍କର ଗୋଟିଏ ଉଗ୍ରଗୋଷ୍ଠୀ ମିଳନ ବାବୁଙ୍କ କାର୍ଯ୍ୟଧାରାକୁ ପସନ୍ଦ କରୁନଥିଲେ । ଅନେକ ଥରେ ତମାସା ଏସବୁ କାର୍ଯ୍ୟରେ ଲିପ୍ତ ରହିବାପାଇଁ ମିଳନବାବୁଙ୍କୁ ମନା ବି କରିଛି । ଭବିଷ୍ୟତ ବିପଦର ଆଶଙ୍କାରେ ପ୍ରାୟ ସମୟ ତା ମନ ବ୍ୟସ୍ତ ରୁହେ। ଦୃଢ଼ମନା ମିଳନ ବାବୁ ସମ୍ଭାବିତ ବିପଦକୁ ଭ୍ରୂକ୍ଷେପ ନକରି ତାଙ୍କ କାର୍ଯ୍ୟରେ ଆଗେଇ ଚାଲନ୍ତି । ବେଳେବେଳେ ତମାସାକୁ କୁହନ୍ତି... ଦେଖ ମୁଁ ତୁମ ଦୁଇ ଜଣଙ୍କ ପାଇଁ ପ୍ରଚୁର ଅର୍ଥ ରଖିଯାଇଛି । ଯଦି ମୋର କିଛି ହୋଇଯାଏ ଏସବୁ ସଂସ୍ଥାରୁ ଆବଶ୍ୟକ ପଡ଼ିଲେ ଓହରୀ ଯାଇ ପୁଅର ଭବିଷ୍ୟତ ଦେଖିବ । ତମାସା ଭୟଭୀତ ହୋଇଯାଏ କାନ୍ଦେ । କିନ୍ତୁ ବାଧ୍ୟରେ ସବୁ କିଛି ଗ୍ରହଣ କରିଯାଏ ।

ସେଦିନ ହଠାତ୍ ଖବର ଆସିଲା । ମାଲକାନଗୀରି ଯାଉଥିବା ସମୟରେ ମାଇନ୍‌ସ ବିସ୍ଫୋରଣରେ ମିଳନ ବାବୁ ଗୁରୁତର ଭାବେ ଆହତ । ହୋଇ ଭାଇଜାଗ୍‌ରେ ହସ୍‌ପିଟାଲରେ ଚିକିତ୍ସିତ। ତମାସା ଯାଇ ପହଞ୍ଚିଲାବେଳକୁ ସବୁ ସରିଯାଇଥିଲା। ତମାସା ମନରେ ଥିବା ସବୁ ଆଶଙ୍କା ଓ ଭୟରେ ସେଦିନ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଥିଲା । ସେ ପୁଣି ପୁରୁଣା ଜୀବନକୁ ଫେରି ଯାଉଥିଲା । ଆବଶ୍ୟ ପାର୍ଥକ୍ୟ ଏତିକି ଥିଲା ସେ ଅଚଳାଚଳ ସମ୍ପତ୍ତିରେ ମାଲିକ ହୋଇ ମଧ ଏକୁଟିଆ ହୋଇ ଯାଇଥିଲା। ମିଳନ ବାବୁଙ୍କ ସହିତ ଦଶବର୍ଷ ତମାସା ଜୀବନର ସେଇ ବିଶେଷ ମୁହୂର୍ତ୍ତ ଥିଲା । ଯାହାକି ତା ପାଇଁ ଥିଲା ସ୍ୱପ୍ନ ସଦୃଶ । ସ୍ୱପ୍ନର ଦୁନିଆରୁ ସେ ପୁଣି ଚେଷ୍ଟା କରୁଥିଲା ଫେରିଯିବାକୁ ବାସ୍ତବର ଦୁନିଆ ଆଡ଼େ ।

**ଗଣ୍ଡରପୁର, କଟକ,**
**ଦୂରଭାଷ: ୭୭୩୫୦୬୫୫୭୦**



# ଦେବଦାସୀ

## ପ୍ରତାପ ବିଶ୍ୱାଳ

ମନେ ନଥିଲା ଆଉ। ଟୁରିଷ୍ଟ ଗାଇଡ ଭାବେ ଦୀର୍ଘ କୋଡିଏ ବର୍ଷ ତଳର ଘଟଣାବି ମନେ ନ ରହିବା ସ୍ୱାଭାବିକ। ସୋଫିଆ ସେତେବେଳକୁ ବୋଧେ ଛ' ସାତବର୍ଷର। ତା' ମା' ଆଞ୍ଜେଲା ସହ ଭାରତ ପୁଣି ଓଡ଼ିଶା ଆସିଥିଲା ଗୋଟାଏ ଟୁରିଷ୍ଟର ପରିଚୟ ନେଇ। ଜଗନ୍ନାଥ ସଂସ୍କୃତିରେ ବିଦେଶୀମାନଙ୍କୁ ଶ୍ରୀ ମନ୍ଦିରକୁ ପ୍ରବେଶ ମନା ଏକଥା ଆଞ୍ଜେଲା ସେତେବେଳେ ଜାଣିଥିଲେ କି ନାହିଁ, ଏବେ ସେତେଟା ମୋର ମନେ ପଡୁନି। କିନ୍ତୁ ବେଶ୍ ସ୍ନେହି ମେଳାପିଥିଲେ। ଏବେ ଟିକେ ଟିକେ ମନ ଆଇନାରେ ଦିଶୁଛି ତାଙ୍କ ମୁହଁ। ମୁଁ ସେଦିନ ସେଠି ପହଞ୍ଚିଲା ବେଳକୁ ସୁରକ୍ଷା କର୍ମୀଙ୍କ ସହ ତାଙ୍କର ଯୁକ୍ତି ଚାଲିଥିଲା। ସେ କହୁଥିଲେ ମୁଁ ଭିତରକୁ ଯିବି। ମୁଁ ହିନ୍ଦୁ। କାରଣ ମୁଁ ବିଦେଶିନୀ ହେଲେ ବି ଜଣେ ହିନ୍ଦୁକୁ ବିବାହ କରିଛି, ବିବାହ ପରେ ହିନ୍ଦୁ ସଂସ୍କୃତିରେ ନାରୀଟିଏ ତା' ସ୍ୱାମୀର ପରିଚୟ ନେଇ ବଂଚେ। ତେଣୁ ମୁଁ ବିଦେଶିନୀ କେମିତି ହେଲି? ଇଏ ମୋ ଝିଅ, ଇଏ ହିନ୍ଦୁ ପିତାଙ୍କଠୁ ଜନ୍ମ।

କିନ୍ତୁ ସୁରକ୍ଷାକର୍ମୀମାନଙ୍କର ସେଇ ଗୋଟାଏ କଥା ଥିଲା। ନା, ବିଦେଶିନୀଙ୍କୁ କେବେ ମନ୍ଦିରକୁ ପ୍ରବେଶ କରାଇ ଦିଆଯିବନି। ଏହା ଏଠିକାର ନିୟମ। ଛୋଟ ଝିଅଟା ସୋଫିଆ ମନ୍ଦିର ଭିତରକୁ ଏତେ ଲୋକଙ୍କୁ ଯିବା ଆସିବାର ଦେଖି ସେ ତା' ମା'ର ଜିନପ୍ୟାଣ୍ଟକୁ ଧରି କିଛି ନ ବୁଝି ଅଳିକଲା ପରି କହୁଥିଲା। ମା' ଆମେ ଭିତରକୁ ଯିବା। କାନ୍ଦିଥିଲା ବି ଯିବା ପାଇଁ। ମା' ଆଖି ତାର ଲୁହରେ ଭିଜି ଯାଇଥିଲା।

ଝିଅକୁ କହିଥିଲେ ଆମକୁ ମନ୍ଦିର ଯିବା ମନା

: କାହିଁକି? ଅନ୍ୟ ସମସ୍ତେ ତ ଯାଉଛନ୍ତି। ଆମେ କାହିଁ ଯିବାନି? ସୋଫିଆ ପଚାରିଥିଲା।

: ବଡ ହେଲେ ବେଶି ପଢ଼ିଲେ, ବୁଝିଲେ ଜାଣିବୁ।

: ନା, ତୁମେ ଅବିକା କୁହ। ସେ ଅଳିକରି ମା' ପାଖରେ କାନ୍ଦି କାନ୍ଦି କହୁଥିଲା।

ମା' ତା'ର ମୋ ମୁହଁକୁ ଚାହିଁ କହିଥିଲେ, ସେତ ଜଗନ୍ନାଥ, ଜଗତର ଠାକୁର। ଜଗତର ନାଥ। ତାଙ୍କ ଭିତରେତ ଗୋଟିଏ ଧର୍ମ, ମାନବ ଧର୍ମ। ତାଙ୍କୁ ଜାତି, ଧର୍ମର କହି ଭେଦାଭେଦ କରିବା କ'ଣ ଦରକାର। ମୁଁ ତାଙ୍କୁ କିଛି କହିପାରିନଥିଲି ସେଦିନ। ବରଂ ତାଙ୍କର ସେ ଛୋଟ ଝିଅଟାର କାନ୍ଦ ମୋ ହୃଦୟକୁ ବିଦୀର୍ଣ୍ଣ କରି ଦେଇଥିଲା। ମୁଁ ତାକୁ ଆଣି ଜଗନ୍ନାଥଙ୍କ ଗରୁଡ ଖମ୍ବ ପାଖରେ ମୋ କାନ୍ଧରେ ବସାଇ କହିଥିଲି ଠାକୁର ତ ଭିତରେ। ତୁ ଏଇଠି ହାତ ଯୋଡ଼ିଦେ ଥରେ। ସେ ସବୁ ବୁଝିଯିବେ। ସେ କିନ୍ତୁ ମୋ କାନ୍ଧରେ ଥାଇ ହଠାତ୍ ଉତ୍‌ଫୁଲ୍ଲିତ ହୋଇ ଇଂରାଜିରେ ଯାହା କହିଲା ତା'ର ଓଡ଼ିଆ ଅନୁବାଦ ହେଲା। ମୁଁ ଦେଖିଲି, ମୁଁ ଦେଖିଲି...।

ମା' ତା'ର ମୋ ପାଖକୁ ଲାଗି ଆସି ତାକୁ ପଚାରିଲା: କ'ଣ ଦେଖିଲ ମାଇଁ ସୁଇଟ ବେବୀ?

: ମୁଁ ଠାକୁରଙ୍କୁ ଦେଖିଲି ମା'। ତିନିଟା ଠାକୁର। ତାଙ୍କ ଉଜ୍ଜ୍ୱଳ ଆଖି। ସେ ମୋତେ ହାତଠାରି ତାଙ୍କ ପାଖକୁ ଯିବାକୁ ଡାକୁଛନ୍ତି।

: ତୁମେ ଗୋଟାଏ ବୋକୀ ଝିଅ।

: ନାଇଁ ମା', ମୁଁ ଦେଖିଛି, ସେମାନେ ମୋତେ କୋଳେଇ ନେବାକୁ ହାତ ବଢ଼ାଉଛନ୍ତି।

: ଆଞ୍ଜେଲା କହିଥିଲେ। ବର୍ତ୍ତମାନ ସେ ବୋଧେ ପାଗଳୀ ହୋଇଯାଇଛି। କେଉଁ ସ୍ୱପ୍ନରାଜ୍ୟରେ ଅଛି।

ମୁଁ ତାକୁ ମୋ କାନ୍ଧରୁ ତଳକୁ ଓହ୍ଲାଇଲାବେଳେ ତା' ଆଖିର ଲୁହ କେଇଟୋପା ପଡ଼ିଥିଲା ମୋ ହାତରେ। କିନ୍ତୁ ତା' ମୁହଁକୁ ଚାହିଁଦେଖିଲି ସେ ବେଶ ପରିତୃପ୍ତ ହେଲା ପରି ଲାଗୁଥିଲା। ମୁଁ ବି ଭାବି ପାରିନଥିଲି କେମିତି ଏହା ସମ୍ଭବ। ବୁଝେଇ ପାରିନଥିଲି ଏତେ ଛୋଟ ଝିଅଟାର ଭାବାବେଗର ଭାଷାକୁ।

ସମୁଦ୍ର କୁଳକୁ ଯିବା ବାଟରେ ଆଞ୍ଜେଲା ମୋଠାରୁ ଅନେକ କଥା ପଚାରି ବୁଝିଥିଲେ। କେଉଁ ଯାଏ ପଢ଼ିଚୁ। କେତେ ଟଙ୍କା ଦିନକୁ ରୋଜଗାର କରୁଛୁ? ପିଲା, ମା' ବାପା ଅନେକ କିଛି। ମୁଁ ବି କଥା ପ୍ରସଙ୍ଗରେ ଯାହା ବୁଝିଥିଲି ସବୁ ଧର୍ମ, ସଂସ୍କୃତି ବିଷୟରେ ତାଙ୍କର ଅଗାଧ ଜ୍ଞାନ ଅଛି। ବିଶେଷ କରି ହିନ୍ଦୁ ଦର୍ଶନ, ପର୍ବପର୍ବାଣୀ, ରୀତିନୀତି ବିଷୟରେ ବି। ଯାହା ଜାଣିଲି ସେ ଇଟାଲିୟ ହେଲେ ବି ଜଣେ ଭାରତୀୟ ପଞ୍ଜାବୀଙ୍କୁ ବିବାହ କରିଥିଲେ। କିନ୍ତୁ ସେ ସମ୍ପର୍କ ବେଶୀ ଦିନ ତିଷ୍ଠି ପାରିନଥିଲା। ସୋଫିଆ ଜନ୍ମର ଦୁଇ ବର୍ଷ ନ ପୁରୁଣୁ ସ୍ୱାମୀ ତାଙ୍କୁ ଡିଭୋର୍ସ କରିଥିଲେ। ସେ ସମୟରେ ଚାହିଁଥିଲେ ସେ ଜଗନ୍ନାଥ ସଂସ୍କୃତି ଉପରେ କିଛି ପୁସ୍ତକ କିଣିବାକୁ, ଅନେକ ପୁସ୍ତକ କିଣିବା ସହ ପ୍ରାୟ ଆଠ, ଦଶଟା ଭିଡିଓ କ୍ୟାସେଟ୍ କିଣି ନେଇଥିଲେ। ଯେଉଁଥିରେ ଥିଲା ଭଜନ, ଓଡ଼ିଶୀ ନୃତ୍ୟ, ଦେବଦାସୀ ନୃତ୍ୟ ଇତ୍ୟାଦି। ଫେରିଲାବେଳେ କହିଥିଲେ ଗୋଟାଏ ତିନି ଜଣିଆ ଫଟୋ ଉଠାଇ ନେବାକୁ। ନେଇଥିଲେ ବି। ଟେଲିଫୋନ୍ ନମ୍ବର ମାଗିଥିଲେ। କିନ୍ତୁ ସେତେବେଳେ ତ ମୋବାଇଲ ନଥିଲା, ଘରେ ଲ୍ୟାଣ୍ଡଫୋନ୍ ବି ମୋର ନଥିଲା। ନିରାଶ ହୋଇଥିଲେ।

ସମୟ ଭୁଲାଇ ଦେଇଥିଲା ଏସବୁ କଥାକୁ। କୋଡିଏ ବର୍ଷ ତଳର ଖାତା ଚିର ମନର କେଉଁ କୋଣରେ ପଡ଼ିଥିଲା ତାକୁ ଖୋଜିବାକୁ ସମୟ ନଥିଲା କି ଆବଶ୍ୟକତା ପଡିନଥିଲା। କାଲି ମୋର ଜଣେ ଗାଇଡ ସାଙ୍ଗ ତା' ଫୋନ୍‌ଟା ଧରି ଦୌଡି ଦୌଡି ଆସି କହିଲା: ଆରେ ତୋତେ ଜଣେ ବିଦେଶୀ ମହିଳା ଖୋଜୁଛନ୍ତି। ତୋ ନାଁ କହି ଚିହ୍ନିଛନ୍ତି ବୋଲି ପଚାରିବାରୁ ମୁଁ ହଁ କହି ତୋତେ ଦେଖି ଦୌଡି ଆସିଲି। ଧରତ, ମୁଁ ଫୋନ୍ ଧରି ହ୍ୟାଲୋ କହିଲା ବେଳେ ସେ କହିଲେ ଆର ୟୁ ପ୍ରଣବ ଅଙ୍କଲ? ୟେସ କହିବା ମାତ୍ରେ ସେପଟୁ ଭାବଗଦ୍‌ଗଦ୍ ସ୍ୱରରେ ଶୁଭିଲା: ଆଇ ଆମ ସୋଫିଆ, ଫ୍ରମ୍ ଇଟାଲି, ରିମେମ୍ବର ମି।

ମନେ ପଡୁନଥିଲା ଯେତେବେଳେ କହିଲା ମାଇଁ ମଦର ନେମ୍ ଇଜ ଆଞ୍ଜେଲା। ଆଇ ୱାଣ୍ଟ ଟୁ ମିଟ୍ ୟୁ ଅଙ୍କଲ, ମୁଁ ତା' ପ୍ରଶ୍ନ ଉତ୍ତର ଦେବାକୁ କହିଥିଲି, ୟେସ, ଆଇ ରିମେମ୍ବର। ବଟ୍ ହ୍ୱେର ଆର ୟୁ?

କିଛି ଉତ୍ତର ଆସିବା ପୂର୍ବରୁ ଫୋନଟା କଟିଗଲା। ମୁଁ ମୋ ସାଙ୍ଗକୁ ପଚାରିଲି ସେ କେମିତି ଫୋନ୍ ନମ୍ବର ପାଇଲା ବୋଲି। ସେ କହିଲା ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ମୁଁ ୱେବସାଇଟରେ ଫୋନ୍ ନମ୍ବର ମୋର ଦେଇଛି। ପୁରୀ ଆସିବାକୁ ଥିଲେ କି ପହଞ୍ଚିଲେ ସେମାନେ ମୋତେ ଫୋନ୍ କରନ୍ତି, ଭେଟନ୍ତି।

ସମୟ ବୋଧେ ସେତେବେଳେ ଦିନ ନ ଟାକି ଦଶଟା ଥିଲା। ମୁଁ ଛିଡା ହୋଇ ମନେ ପକାଇବାକୁ ଚେଷ୍ଟା କରୁଥିଲି। ଆସ୍ତେ ଆସ୍ତେ ସବୁ ମନେ ପଡି ଯାଉଥିଲା। ଏହାର କିଛି ସମୟ ପରେ କିଛି ତାମିଲ ପର୍ଯ୍ୟଟକଙ୍କ ସହ କୋଣାର୍କ ଯାତ୍ରା ବେଳେ ମୁଁ ଭୁଲି

ଯାଇଥିଲି ସେ ସବୁ କଥା। ଫେରୁ ଫେରୁ ସନ୍ଧ୍ୟା ପ୍ରାୟ ଛ'ଟା। ସବୁଦିନ ପରି ମୁଁ ଘରକୁ ଫେରିବା ପୂର୍ବରୁ ଠାକୁରଙ୍କୁ ଦର୍ଶନ କରିବାକୁ ଯାଇ ଗରୁଡ ଖମ୍ବ ପାଖରେ ଦେଖେତ ଲୋକାରଣ୍ୟ। ସନ୍ଧ୍ୟା ଆଳତୀ ପାଇଁ ମନ୍ଦିରରେ ପହୁଡ ପଡିଛି। କିନ୍ତୁ ଗରୁଡ ସ୍ତମ୍ଭ ପଛକୁ ଗୋଟାଏ ବିଦେଶିନୀ ନୃତ୍ୟ କରି ଚାଲିଛି। ଛନ୍ଦାୟିତ ପଦଯୁଗଳ। ମୁହଁରେ ତା'ର ଭକ୍ତିପୂର୍ଣ୍ଣ ଭାବ। ହଳଦିଆ ରଂଗର ଚଉଡା ଧଡିର ଏକ ଅଙ୍ଗବସ୍ତ୍ରକୁ ପଞ୍ଚକଚ୍ଛା ଢଙ୍ଗରେ ପିନ୍ଧି ନାଚି ଚାଲିଛି। ଆଖିରୁ ତା'ର ବହି ଯାଉଛି ଧାର ଧାର ଅଶ୍ରୁ। ହାତ ଓ ଚାହାଣୀରେ ତା'ର ବିଭିନ୍ନ ମୁଦ୍ରାର ଭଙ୍ଗୀ। ଲୋକାରଣ୍ୟ ସେଠି। ନୃତ୍ୟରେ ବି ବିଭୋର ସେମାନେ। ଚାହିଁଥିଲି ତା' ସୁଲଳିତ ନୃତ୍ୟ ଆଡ଼େ। ହଠାତ୍ ମନେ ପଡ଼ିଗଲା ସୋଫିଆର ସେ ସୁନେଲି କୁଞ୍ଚକୁଞ୍ଚିକା କେଶ, ଟଣା ଟଣା ଆଖି। ଇଏ ସେଦିନର ସେ ସୋଫିଆ ନୁହେଁତ ! ମୋ ଭିତରେ ମୁଁ କେମିତି ଚହଲିଗଲି। ସୋଫିଆ କ'ଣ ଆଜି ସକାଳେ ଏଇ ସହରରେ କେଉଁଠି ଥାଇ ମୋତେ ଫୋନ୍ କରିଥିଲା। କ'ଣ କରିବି ମୁଁ ନିଜେ ବି ଜାଣିପାରୁନଥିଲି।

ମନ୍ଦିର ଭିତରେ ଆଳତୀ ସରିଥିଲା। ସେ କିନ୍ତୁ ନାଚି ଚାଲିଥିଲା ସିଂହଦ୍ୱାର ଆଡକୁ ଚାହିଁ। କିଂକର୍ତ୍ତବ୍ୟ ବିମୁଢ଼ ହୋଇ ଅନ୍ୟ ଲୋକମାନଙ୍କ ପାଖରେ ଛିଡ଼ା ହୋଇଥିଲି ମୁଁ। ନାଚି ନାଚି କିଛି ସମୟ ପରେ ସାଷ୍ଟାଙ୍ଗ ପ୍ରଣିପାତ ମୁଦ୍ରାରେ ଲମ୍ବ ହୋଇ ପଡ଼ିଗଲା ସେ। ଗରୁଡ ଖୁମ୍ବ ଆଗରେ। ମୁହଁଟା ଥିଲା ତା'ର ମନ୍ଦିରର ଦ୍ୱାର ଆଡ଼େ। ବିପର୍ଯ୍ୟସ୍ତ ଉନ୍ମୁକ୍ତ କେଶରାଶି ଭୂମିରେ ଲୋଟୁଥିଲା। କିଏ କହୁଥିଲା ପାଗଳୀତ କିଏ କହୁଥିଲା ପ୍ରଭୁଙ୍କ ପାଖରେ ପଡି ସେ ଗୁହାରି କରୁଛି।

ଗୋଟାଏ ଛୋଟ ବାଳକଟିଏ ହଠାତ୍ ଭିଡ ଭିତରୁ ବାହାରି ଆସିଲା। ବାଗୁଲିବାଳ, ଧଳା ଶୁଭ୍ର ଧୋତି ପରିହିତ କାନ୍ଧରେ ପିଉ ଗାମୁଛାଟାଏ, ହାତରେ ଧରିଛି ଗୋଟାଏ ତମ୍ବାର ଗଡୁ। ପାଖକୁ ଆସି ତା ମଥାକୁ ଉଠାଇ କୋଳରେ ଧରିଲା। ଗଡୁରୁ କିଛି ପାଣି ଆଣି ତା' ମୁହଁରେ ଛିଞ୍ଚିଲା। ଆଉ କିଛି ପାଣି ଓ ତୁଳସୀ ଆଣି ତାକୁ ଖୋଇଦେଇ ତା' ପାଖରେ ରଖି ଦେଲା କିଛି ତୁଳସୀପତ୍ର। କହିଲା: ଉଠ ଉଠ ଝିଅଟା ନିଦରୁ ଉଠିଲା ପରି ଉଠି ପାଖରେ ପିଲାଟିକୁ ଦେଖି ଆଶ୍ଚର୍ଯ୍ୟଚକିତ ହେଲା ପରି ପଚାରିଲା: ତୁମେ।

ପିଲାଟି ଝିଅଟା ଆଡକୁ ଚାହିଁ ହସିଦେଲା। ଦାନ୍ତ ନଫିଟା ହସ। କିଛି ନ କହି ପୁଣି ଭିଡ ଭିତରକୁ ଚାଲିଆସିଲା।

ଏସବୁ ହୋଇଯାଉଥିଲା ଯେପରି ଗୋଟାଏ ମ୍ୟାଜିକ ପରି। ଝିଅଟା ତା' ଦୁଇ ହାତକୁ ବଢ଼ାଇ କାନ୍ଦି କାନ୍ଦି ତା ଯିବାବାଟକୁ ଚାହିଁ କହୁଥିଲା: ରୁହ, ଶୁଣ ଟିକେ ପ୍ଲିଜ।

ସମସ୍ତେ ଆମେ ଭାବୁଥିଲୁ ପିଲାଟି ବୋଧେ ତା'ର ଭାଇ କି କିଏ ତା' ସାଙ୍ଗରେ ଆସିଛି।

ଆଉ ନିଜକୁ ସମ୍ଭାଳି ନ ପାରି ମୁଁ ତା ଆଗକୁ ଯାଇ କହିଲି: ତୁମେ ସୋଫିଆ ତ ?

ସିଏ ମୋ ମୁହଁକୁ ଚାହିଁ ଟିକିଏ ବି ବିଳମ୍ବ ନ କରି କହିଲା: ହଁ ଅଙ୍କଲ। ଦେଖ ସେ କେମିତି ଧୋକା ଦେଇ ଚାଲିଗଲେ ମୋତେ। ମୁଁ ମନପୁରାଇ ଭଲକରି ଦେଖିନି ତାଙ୍କୁ। କହୁ କହୁ ପିଲାଟା ଥୋଇ ଯାଇଥିବା ତୁଳସୀକୁ ସେ ତା'ର ଓଢ଼ଣୀରେ ବାନ୍ଧିଲା।

ପଚାରିଲି: ସିଏ ତୁମର କିଏ ?

: ସିଏ ମୋର ସବୁକିଛି। ଆଜକୁ ପ୍ରାୟ ଦୁଇଶହ ବର୍ଷ ପୂର୍ବେ ମୁଁ ଏ ମନ୍ଦିରରେ ଦେବଦାସୀ ଥିଲି। ତାଙ୍କରି ପାଖରେ ନିଜକୁ ସମର୍ପି ଦେଇଥିଲି। ତାଙ୍କ ଖୁସି ପାଇଁ ନାଚୁଥିଲି ଗାଉଥିଲି। ସେ ହିଁ ମୋ ଆରାଧ ସେହିଁ ମୋର ସ୍ୱାମୀ। ସେହିଁ ମୋର ସବୁ କିଛି। ଆପଣ ପ୍ରଣବ ଅଙ୍କଲ ନା ? ମୁଁ ତୁମକୁ ଫୋନ୍ କରିଥିଲି ଆଜି।

: ହଁ, ଶେଷ ଆଡକୁ ଫୋନ୍ କଟି ଯାଇଥିଲା। ତା' ଆଖିରୁ ଲୁହ ଶୁଖୁନଥିଲା। କୋହରେ ଭରି ରହିଥିଲା ତା' ସ୍ୱର। ଲୋକାରଣ୍ୟ ପରିବେଶ। କହିଲି ନିଜେ ପ୍ରାୟ ପ୍ରଭୁ ଆସି ତୁମକୁ ଉଠାଇ ଧରିଲେ। କ୍ଷଣିକ ହେଉ ବରଂ ଦର୍ଶନ ପାଇଲ ତୁମେ। ତୁମେ ପ୍ରକୃତରେ ଭାଗ୍ୟବତୀ ସୋଫିଆ।

ହଠାତ୍ ତା ପ୍ରଶ୍ନ। ମୁଁ ଏଥର ମନ୍ଦିର ଭିତରକୁ ଯାଇ ପାରିବିତ ଅଙ୍କଲ ? ମୋ ପରୀକ୍ଷାର ଶେଷ ହୋଇଯାଇଛି। ମୁଁ ଭଲ କରି ଦେଖିନି ମୋ ପ୍ରିୟତମକୁ। ଦୁଇଶହ ବର୍ଷ ପରେ ଆଜି ନିମିଷଟେ ମାତ୍ର ଦେଖା। ମନ୍ଦିରକୁ ଗଲେ ଭଲ କରି ଟିକିଏ ଦେଖିବି।

ସନ୍ଧ୍ୟା ଆଳତୀ ସରି ଯାଇଥିଲା। ଏଥର ବାହାରେ ଥିବା ଲୋକମାନେ ଠାକୁର ଦର୍ଶନକୁ ଯିବା କଥା। ଏଠି ଲୋକମାନଙ୍କର ଏତେ ଗହଳି ଦେଖି ସୁରକ୍ଷାକର୍ମୀମାନେ ଲୋକମାନଙ୍କ ଉଦ୍ଦେଶ୍ୟରେ କହୁଥାନ୍ତି। ଚାଲନ୍ତୁ ଚାଲନ୍ତୁ। ଏଠି କାହିଁକି ଗହଳି। ଦର୍ଶନ ଆରମ୍ଭ ହୋଇଗଲାଣି। ଯାଆନ୍ତୁ, ଯିଏ ଦର୍ଶନ କରିବା କଥା ଯାଇ ଦର୍ଶନ କରନ୍ତୁ।

ସୋଫିଆ ମୋଠୁ ଦୂରେଇ ଯାଇ ମନ୍ଦିରକୁ ପଶିବାକୁ ଗଲାବେଳେ ସୁରକ୍ଷାକର୍ମୀମାନେ ତାକୁ ଅଟକାଇ ଦେଲେ।

: ମୁଁ ଭିତରକୁ ଯିବି, ସେ କହିଲା

ସୁରକ୍ଷାକର୍ମୀମାନେ ବାରଣ କରି କହିଲେ: ମନ୍ଦିରକୁ କେବଳ ହିନ୍ଦୁମାନେ ପ୍ରବେଶ କରିବାର ନିୟମ ଅଛି। କୌଣସି ବିଦେଶିନୀ ଯାଇ ପାରିବେ ନାହିଁ।

: କିଏ କହିଲା ମୁଁ ହିନ୍ଦୁ ନୁହେଁ? ମା' ମୋର ଇଟାଲିୟନ ହେଲେ ବି ବାପା ମୋର ଶିଖ୍ ବ୍ରାହ୍ମଣ। ମୁଁ ମୋ ମା' ପାଖରେ ଇଟାଲିରେ ରହିଛି ସତ; କିନ୍ତୁ ହିନ୍ଦୁ ସଂସ୍କୃତି, ହିନ୍ଦୁ ରୀତିନୀତି, ହିନ୍ଦୁ ଧର୍ମ ବିଚାର ବିଷୟରେ ମୁଁ ବହୁତ ପଢ଼ିଛି। ଜାଣିଛି। ମୋର ଚେତନ, ଅବଚେତନ ମନରେ ମୁଁ ଏବେ ହିନ୍ଦୁ। ମନ୍ଦିର ଭିତରକୁ ଯାଇ ମୋର ପ୍ରାଣପ୍ରିୟକୁ ଦର୍ଶନ କରିବାକୁ ବଂଚିତ କରାଇବା ଆପଣମାନଙ୍କର ଉଚିତ ନୁହେଁ। ପଚାରନ୍ତୁ ଏ ଅଙ୍କଲଙ୍କୁ, କୋଡିଏ ବର୍ଷତଳେ ମା' ମୁଁ ଆସିଥିଲୁ। ସେତେବେଳେ ବି ଆମକୁ ବାରଣ କରାଯାଇଥିଲା ମନ୍ଦିର ଭିତରକୁ ଛଡା ଯାଇନଥିଲା। ଫେରିଗଲା ବେଳେ ଆମେ ହିନ୍ଦୁ ଧର୍ମର ଅନେକ ବହି କ୍ୟାସେଟ ନେଇ ଯାଇଥିଲୁ। ଅନେକ ବହିବି ମୁଁ ଏବେ ଇଣ୍ଟରନେଟ୍ରୁ ମଗାଇ ପଢୁଛି। କ୍ୟାସେଟ ଦେଖି ଗୀତ, ନାଚ ସବୁ ଶିଖିଛି। ଶରୀରରେ ନ ହେଲେ ବି ମନ, ହୃଦୟରେ ମୁଁ ହିନ୍ଦୁ। ହିନ୍ଦୁ ରକ୍ତରୁ ମୋର ଜନ୍ମ। ଦୟା କରନ୍ତୁ ମୋତେ। ଭିତରକୁ ଯିବାକୁ ଅନୁମତି ଦିଅନ୍ତୁ।

ଆଖିରେ ତା'ର ଲୁହର ଧାର। ବିନୀତ ଭାବେ ସେ ହାତ ଯୋଡ଼ି ଭିତରକୁ ଯିବାକୁ ସେ ଅନୁମତି ମାଗୁଛି। ସୁରକ୍ଷା କର୍ମୀମାନଙ୍କର କିନ୍ତୁ ସେମିତି ନାସ୍ତିବାଚକ ଉତ୍ତର। "ସମ୍ଭବ ନୁହେଁ, କେବେବି ଏହା ସମ୍ଭବ ନୁହେଁ, ଏହା ମନ୍ଦିର ନିୟମାବଳୀର ବାହାରେ।"

ସୋଫିଆ ଧାର ଧାର ବହି ଯାଉଥିବା ଲୁହରେ ଚାହିଁଲା ମୋ ମୁହଁକୁ। କହିଲି ସେ ନ ଚାହିଁଲେ ପତ୍ରଟିଏ ବି ହଲେ ନାହିଁ ଏ ପୃଥିବୀରେ। ତୁମର ପୂଣ୍ୟ ସେ ନିଜେ ତୁମକୁ ସ୍ପର୍ଶ କରି ଯାଇଛନ୍ତି। ସେତିକ ବି ତୁମ ପାଇଁ ବଡ ଭାଗ୍ୟ।

ସେ ଆଉ କିଛି ନ କହି ହଠାତ୍ ମୁହଁ ବୁଲାଇ ଫେରି ଆସିଲା ଯେଉଁଠି ସେ ନାଚୁଥିଲା। ଆଣ୍ଠୁମାଡି ପ୍ରାର୍ଥନା ମୁଦ୍ରାରେ ବସି ପଡ଼ି, ସେଠି ପଡ଼ିଥିବା କିଛି ଧୂଳିକୁ ଏକତ୍ରିତ କରି ତା' ମଥାରେ ଲଗାଇଲା। ଆଉ କିଛି ଧୂଳିକୁ ତା ଓଢ଼ଣୀରେ ବାନ୍ଧି କହିଲା ଅଙ୍କଲ ଶୁଖିଲା ମହାପ୍ରସାଦରୁ ଦୁଇଟା ପୁଡିଆ ଆଣିଦେବେ ? ମା' ଦେହ ଖରାପ। ସେ କହିଛି ମହାପ୍ରସାଦ ନେଇ କରିଯିବାକୁ। ମୁଁ ମାଗିଲେ ମୁଁ ଅଛୁଆଁ ବୋଲି ମୋତେ ଦେବେକି ନ ଦେବେ।

ପଚାରିଲି କେଉଁଠି ରହୁଛ ତୁମେ ?

: ରହିବିନି, ମା' ପାଖକୁ ଇଟାଲି ଯିବାକୁ ରିଟର୍ଣ୍ଣ ଟିକେଟ କରି ଆସିଛି। ରାତି ଏଗାରଟାରେ ଫ୍ଲାଇଟ। ଭୁବନେଶ୍ୱର ଯାଇ ଯିବାକୁ ପଡିବ। ମା' କହିଥିଲା ତୁମକୁ ଦେଖା କରିବାକୁ। ଦେଖାବି ହୋଇଗଲା ଭଲ ହେଲା। ପ୍ରଭୁଙ୍କ ସାନ୍ନିଧ୍ୟ ବି ପାଇଲି। ଶୀଘ୍ରଯାଇ ମୋତେ ଫ୍ଲାଇଟ ଧରିବାକୁ ପଡିବ। ମନେ ରଖିଥିବ ଅଙ୍କଲ୍ ମୋତେ।

ମୁଁ କିଛି କହିବା ପୂର୍ବରୁ ବସଷ୍ଟାଣ୍ଡ ଯିବାକୁ ଥିବା ଟାଉନ ବସ୍‌ରେ ସେ ବସିଗଲା। ମୁଁ ଚାହିଁଥିଲି ସେ ଆଡେ। ଭାବୁଥିଲି ମୋର ସୌଭାଗ୍ୟ, ଶୁଣିଥିଲି ସିନା ମନ୍ଦିରରେ ଦେବଦାସୀ ନୃତ୍ୟ କଥା। କିନ୍ତୁ ଆଜି ସ୍ୱଚକ୍ଷୁରେ ଦେଖିଲି ଦେବଦାସୀ ନୃତ୍ୟ ଓ ଦେବଦାସୀଙ୍କୁ।

*ସମ୍ପର୍କ: ସା/ମୋ ରାହାଡିଙ୍ଗା,*
*ଜିଲ୍ଲା: ଜଗତସିଂହପୁର*
*ଦୂରଭାଷ: ୯୪୩୭୭୪୫୯୮୩*



# ଭାଗ୍ୟରେଖା

## ଶୋଭନା ଜେନା

ବାପଘରକୁ ଆସିବାର ଦୁଇଦିନ ହୋଇନି ଗୀତାଭାଉଜ ୟା ଭିତରେ କେତେଥର ପଚାରିଲେଣି ଶୁଭ କେଉଁଦିନ ଶାଶୁଘରକୁ ଯିବ? ଶୁଣି ଶୁଣି ଖରାପ ଲାଗୁଛି। କେତେ ଅଲିଅଳିରେ ବଢ଼ିଥିଲା ଶୁଭ। କାଳେ ସିଏ ଜନ୍ମ ହେବା ପରେ ସବୁ କିଛି ଭଲ ହେଉଥିଲା ତାଙ୍କ ଘରେ। ତା ନାଁ ବି ରଖିଥିଲେ ଶୁଭଲକ୍ଷ୍ମୀ, ଡାକୁଥିଲେ ଶୁଭ। ଆଜି କିନ୍ତୁ ସେ ସମସ୍ତଙ୍କ ପାଇଁ ପାଲଟି ଯାଇଛି ଅଶୁଭ। କାରଣ ବାହାଘର ସତର ବର୍ଷ ପରେ ବି କୋଳଶୂନ୍ୟ, ବହୁ ଖ୍ୟାତିନାମା ଡାକ୍ତରଙ୍କୁ ଦେଖାଇଛନ୍ତି ତା ସ୍ୱାମୀ ପ୍ରକାଶ ହେଲେ ନିରାଶ ହୋଇଛନ୍ତି। ଡାକ୍ତରଙ୍କ କଥା ଅନୁସାରେ ଶୁଭ କେବେ ମାଆ ହୋଇପାରିବନି। ଏକଥା ଶୁଣିବା ପରେ ତା ଜୀବନ ଆକାଶରେ ଅମାବାସ୍ୟାର ଅନ୍ଧକାର ଘୋଟି ଯାଇଥିଲା। ଖିଲି ଖିଲି ହସୁଥିବା ପୂର୍ଣ୍ଣମୀର ଜହ୍ନଟା ହଠାତ୍ କେଉଁଆଡ଼େ ଲୁଚିଗଲା। ମନେପକାଉଥିଲା ଯେବେ ନୂଆ ନୂଆ ଶାଶୁଘରେ ପାଦ ଥାପିଥିଲା, ସମସ୍ତେ କେତେ ଆଦର ଯତ୍ନ କରୁଥିଲେ, କେତେ ଭଲପାଉଥିଲେ, ସକାଳୁ ରାତିପର୍ଯ୍ୟନ୍ତ ସଭିଙ୍କ ମୁହଁରେ ଖାଲି ଶୁଭ....ଶୁଭ। ମନେ ମନେ ଜ୍ୟୋତିଷଙ୍କୁ ଧନ୍ୟବାଦ ଦେଉଥିଲା। ଯାହା ହେଉ ତାଙ୍କ ଗଣନା ନିର୍ଭୁଲ ଥିଲା। ତା ଜନ୍ମ ବେଳେ ଜାତକ କରି କହିଥିଲେ ଏ ଝିଅର ଭବିଷ୍ୟତ ଉଜ୍ଜ୍ୱଳମୟ। ଆଉ ବାହାଘର ବେଳେ ହାତର ରେଖା ଦେଖି କହିଥିଲେ ନାଁଟି ଯେମିତି ଶୁଭ ଇଏ ଯେଉଁଠିକୁ ଯିବ ସବୁ ଶୁଭ ହେବ। ଭାଗ୍ୟରେଖା ଟାଣ ଅଛି କେବେ କେଉଁଠି ହାରିବନି। ଭାଗ୍ୟରେ ଖାଲି ଖୁସି ଆଉ ଖୁସି। ଶୁଭବି ଭଲ ଘର ଭଲ ବର ପାଇ ଖୁସିରେ ଫାଟିପଡୁଥିଲା। ପରିବାର ବେଶ୍ ଆନନ୍ଦରେ ଚାଲୁଥିଲା।

ସମୟ ସହ ଗଢ଼ି ଚାଲିଥିଲା ଦିନ, ମାସ, ବର୍ଷ ତା ସହ ବଦଳି ଯାଇଥିଲା ସବୁକିଛି। ହଠାତ୍ ଅଦିନିଆ ଝଡ଼ରେ ଶୁଭର ଖୁସି ପାଖୁଡ଼ା ଧୀରେ ଧୀରେ ମଉଳି ଯାଇଥିଲା। ଆଗପରି ତାକୁ କେହି ଭଲପାଉନାହାନ୍ତି କି ତା ଆବଶ୍ୟକତା ଲୋଡୁନାହାନ୍ତି, ଏମିତି ବି ତା ସ୍ୱାମୀ ପ୍ରକାଶ। ଯିଏ କି ତା ପାଇଁ ପାଗଳ ଥିଲେ, ଅଫିସ ଗଲେ ବି ଭିଡିଓ କଲିଂ କରି କହୁଥିଲେ ଜାଣିଛ ଶୁଭ ଗୋଟିଏ ମୁହୂର୍ତ୍ତ ବି ତୁମକୁ ଛାଡ଼ିବା ମୋ ପାଇଁ ଅସହ୍ୟ। ସବୁ କ'ଣ ମିଥ୍ୟା ଥିଲା। ପିଲାଟିଏ ଦେଇପାରିଲାନି ଏଥିରେ ତାର ବା କ'ଣ ଭୁଲ୍। ଯେଉଁଥିପାଇଁ ତାକୁ ଏତେ ବଡ଼ ଶାସ୍ତି ଭୋଗିବାକୁ ପଡୁଛି। ତା ମୁହଁ ଚାହିଁଲେ କାଳେ ଅଶୁଭ ସେ ଅଲକ୍ଷଣୀ ବାଞ୍ଝ। ସାହିପଡ଼ିଶାଙ୍କ ଟାହିଟାପରା ଘର ଲୋକଙ୍କ ଅକଥନୀୟ ନିର୍ଯ୍ୟାତନାରେ ଏକ ପ୍ରକାର ପାଗଳ ହୋଇଯାଇଥିଲା।

ମାନସିକ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଟିକେ ଆଶ୍ୱସନା ପାଇଁ ଦୌଡ଼ିଥିଲା ପ୍ରକାଶ ପାଖକୁ। ହେଲେ ପ୍ରକାଶ ସାନ୍ତ୍ୱନା ବଦଳରେ କହିଥିଲେ ବାଞ୍ଝକୁ ବାଞ୍ଝ କହିବନି ତ ଆଉ କଣ କହିବେ? ତମକୁ ଟିକିଏ ବି ଖରାପ ଲାଗୁନି ମୋ ପାଖକୁ ଆସିଛ। ସେଦିନ ଶୁଭ ପ୍ରକାଶଙ୍କ ଭିତରେ ତା ପ୍ରତି ଥିବା ଘୃଣା ଭାବକୁ ଲକ୍ଷ୍ୟ କରି ଭାବୁଥିଲା ଇଏ ମୋ ସ୍ୱାମୀ ପ୍ରକାଶ ତ? କେତେ ବଦଳିଯାଇଛନ୍ତି ସତେ। ଏବେ ସମସ୍ତଙ୍କ କଟୁ ଭାଷାକୁ ଦେହସୁହା କରିଦେଲାଣି। ବନ୍ଦୀଶାଳାର କଏଦୀ ପରି ପଡ଼ି ବାପାମାଆଙ୍କୁ ଖୋଜୁଛି। ଯିଏ ତା ଆଖିରେ ଲୁହ ଟିକିଏ ବି ଦେଖିପାରନ୍ତି ନାହିଁ, ତା ଚିନ୍ତାରେ ତ ଚାରିବର୍ଷ ହେଲା ଆରପାରିକି ଚାଲିଗଲେଣି ନିଜର କହିଲେ ତା ଭାଇ ଭାଉଜ। ମାମୁଁ କି ମାଉସୀ ତାକୁ ବି ପଚାରୁନାହାନ୍ତି। ବାପା ମାଆ ଥିବାବେଳେ ଶାଶୁଘରକୁ ଯିବା ଆସିବା କରୁଥିଲେ। ତାଙ୍କ ଅନ୍ତେ ସମ୍ପର୍କ କାଟି ଦେଲେଣି। ଏଇତ ଦୁନିଆ ଭାବି ଖୁବ୍ କାନ୍ଦେ। ପୁଣି ଆପେ ଆପେ ଆଖିର ଲୁହକୁ ନିଜ ହାତରେ ପୋଛି ନିଜକୁ ସାନ୍ତ୍ୱନା ଦିଏ। ଶାଶୁ କହିଛନ୍ତି ବଂଶରକ୍ଷା ପାଇଁ ପୁଅକୁ ଆଉଥରେ ବାହାଘର କରିବେ। ଶୁଭ ବି ଡିଭର୍ସ ପେପରରେ ଦସ୍ତଖତ କରିବାକୁ ରାଜି ହୋଇଛି ଆଉ କହିଛି ବାହାଘର ଠିକ୍ ହେଲେ ଏଘର ଛାଡ଼ି ଚାଲିଯିବ। ବହୁ ପ୍ରସ୍ତାବ ଆସୁଛି। କାହିଁକି ଆସିବନି ପ୍ରକାଶ ତ ବେଶ୍ ସୁନ୍ଦର ପୁଣି ବ୍ୟାଙ୍କ ମେନେଜର। ଶୁଭ କିନ୍ତୁ କିଛି ନ କହି ପାରୁଥିଲେ ବି ଭିତରେ ଭିତରେ ଜଳୁଥିଲା। ଭାବୁଥିଲା ପ୍ରକାଶ କେବଳ ମୋର। ଜଣେ ନାରୀ ସବୁ ଭାଗ କରିପାରିବ, ସ୍ୱାମୀଙ୍କୁ ନୁହଁ। ହେଲେ ପ୍ରକାଶ ତା ସହ କଥାବାର୍ତ୍ତା କରୁନଥିଲେ। ଶୁଭ କିଛି କହିଲେ ସେ ନଶୁଣିବା ଅଭିନୟ କରି ଚାଲିଯାଉଥିଲେ। ସେ ଯେମିତି ତାଙ୍କ ପାଇଁ ମୂଲ୍ୟହୀନ। କେବେ ତାଙ୍କ ପାଖକୁ ଗଲେ ଶାଶୁଙ୍କର ତାଗିଦ୍ ତୋ ଛାଇ ପଡ଼ିଲେ ତାର ଅମଙ୍ଗଳ ହେବ। ତୋ ନାଁ କିଏ ଦେଇଥିଲା ଲୋ ଶୁଭ ତୁଟା ଅଶୁଭ, ଅଲକ୍ଷଣୀଟା। ରକ୍ତମାଂସ ଶରୀର କେତେ ବା ସହିବ। ସବୁ ଶୁଣି ଶୁଣି ସହିପାରିଲାନି ବୋଲି ତ ମନକୁ ବୁଝାଇବା ପାଇଁ ବାପଘରକୁ ଆସିଛି। ଏଠି ତ ଭାଉଜଙ୍କର ବ୍ୟବହାର ତା'ଠୁ ବଳି, ଭାଉଜ ସିନା ପରଝିଅ ଭାଇ ତ ତା ନିଜର। ସିଏ ବି କେମିତି ବୁଝୁନି ତ ମନର କଥା। ଏଇ ଭାଇ ସେ କାନ୍ଦିଲେ କାନ୍ଧରେ ବସାଇ ସହରରୁ ଚାନ୍ଦ ନେଇଆସେ। ଘୋଡ଼ା ହୋଇ ପିଠିରେ ବସାଏ। କହେ ତୋ ଆଖିରୁ ଲୁହ ଝରିଲେ ମୋ ଆଖିରୁ ଲହୁ ବହେ। ତୁ ମୋତେ କାନ୍ଦିବୁନି। ଆଜି ଏସବୁ ଦେଖି କେମିତି ସହିପାରୁଛି ଜାଣିପାରେନି ବୁଝାଇ ପାରେନା ଅବୁଝା ମନକୁ।

ଶୁଭ...ଶୁଭ...ବସିଛ କଣ ଆସି ଘରଟା ଟିକେ ପୋଛି ଦିଅ। ଭାଉଜଙ୍କ ଡାକରେ ଶୁଭ ଚମକି ପଡ଼ି ଘର ଭିତରକୁ ଦୌଡ଼ିଲା। ଦେଖିଲା ଭାଉଜ ଗୁଡ଼ାଏ ଲୁଗାପଟା ପକାଇଛନ୍ତି। ଶୁଭକୁ ଦେଖି କହିଲେ ଘର ପୋଛି ଦେଇ ଏ ଲୁଗାପଟା ସଫା କରିନିଅ। ମୁଁ ଆଜି ମୋ ବାପଘରକୁ ଯାଉଛି। ମୋ ମାଆ ଦେହ ଭଲ ନାହିଁ ଖବର ଦେଇଛନ୍ତି। ଆଉ ତମେ କ'ଣ ତମ ଶାଶୁଘରକୁ ଯିବନିକି? ଶୁଭକୁ ଏ ପ୍ରଶ୍ନ ଭଲ ଲାଗୁନଥାଏ। ସିଏ ବି ଜାଣିପାରୁଥିଲା ବାପଘରକୁ ଯିବା କଥା ମିଛ। ତେଣୁ ବାଧ୍ୟ ହୋଇ କହିଲା ଭାଉଜ ମୁଁ ଆଜି ପଳାଇବି। ଏକଥା ଶୁଣି ଭାଉଜ କହିଲେ ତା ହେଲେ ଶୀଘ୍ର କାମ ସାରିଦିଅ ତୁମ ଭାଇ ତ ଘରେ ନାହାନ୍ତି ମୁଁ ତୁମକୁ ବସ୍‌ରେ ବସାଇ ଦେଇ ମୋ ବାପଘରକୁ ଯିବି। ଭାଉଜଙ୍କ କଥା ଶୁଣି ଶୁଭ ଅଶାନ୍ତ ମନକୁ ଶାନ୍ତ କରିବ କ'ଣ ଚିନ୍ତାରେ ମୁଣ୍ଡ

ଘୂରି କଚାଡି ହୋଇ ତଳେ ପଡ଼ିଗଲା। ଭାଉଜ ରାଗରେ ତମ୍‌ତମ୍ ହୋଇ ଶୁଭକୁ ତଲୁ ଉଠାଇଲେ। ଦେଖିଲେ ମୁଣ୍ଡରେ ଆଘାତ ଲାଗି ରକ୍ତ ଝରୁଛି ତଥାପି ତାଙ୍କ ମନରେ ଶୁଭ ପ୍ରତି ଟିକିଏ ବି ଦରଦ ନଥିଲା। ଆହୁରି ଚଢ଼ା ଗଳାରେ କହୁଥିଲେ ତମେ ନ ଯିବାର ଏଇଟା ବାହାନା ନୁହଁ ତ ? ଏହା ଶୁଣି ଶୁଭ କ୍ଷତାକ୍ତ ଦେହ ଭାରାକ୍ରାନ୍ତ ମନକୁ ନେଇ ସେହି ମୁହୂର୍ତ୍ତରେ ଘରଛାଡ଼ି ଶାଶୁଘରକୁ ପଳାଇ ଆସିଲା।

ଶାଶୁଘର ଦୁଆରେ ଠିଆ ହୋଇ କବାଟ ଠକଠକ୍ କଲା ଶୁଭ। କିଛି ସମୟ ପରେ ଶାଶୁ କବାଟ ଖୋଲି ତାକୁ ଦେଖି ଗର୍ଜି ଉଠି କହିଲେ ଆଲୋ, ଦୁଇଦିନ ହୋଇନି ପଳାଇଆସିଲୁ। ତୋ ଭାଇ ଭାଉଜ ତଡ଼ି ଦେଲେ ନା କ'ଣ ? ହଁ ତୋ ପରି ଅଲକ୍ଷଣୀକୁ କିଏ ବା ରଖିବ ? ଏଠିକୁ କ'ଣ ପାଇଁ ଆସିଲୁ କେଉଁଠି ମରିଗଲୁନି। ତୁ ରହିଲେ ମୋ ପୁଅର ବାହାଘର ହୋଇପାରିବନି। ଯା ପଳା ମୋ ଘରୁ । ଏମିତି କହି ଧଡ଼୍ କରି କବାଟ ଦେଇଦେଲେ।

ନିଜକୁ ସମ୍ଭାଳି ପାରିଲାନି ଶୁଭ। ଭାରି ଅସହାୟା ମନେ କଲା। ମନେ ପଡ଼ିଗଲା ଜ୍ୟୋତିଷଙ୍କ କଥା। କିଛି ବିଚାର ନ କରି ପାଖରେ ପଡ଼ିଥିବା ପିଠା ଖଡ଼ିକାକୁ ଆଣି ପାପୁଲିରେ ଥିବା ଭାଗ୍ୟରେଖା ସହ ହାତର ଶିରାକୁ ଗାଢ଼ କରି କାଟି ଦେଇଥିଲା। କିଛି ସମୟ ପରେ ରକ୍ତରେ ଜୁଡୁବୁଡୁ ହୋଇ ଯନ୍ତ୍ରଣା ଭିତରେ ବି ସାଉଁଟୁଥିଲା ଖୁସିମାନଙ୍କୁ ଆଉ କ୍ଷୀଣ ସ୍ୱରରେ କହୁଥିଲା କି ଶାନ୍ତି ....କେତେ ଆନନ୍ଦ....।

*କେନ୍ଦୁଝର*
*ଦୂରଭାଷ: ୯୪୩୭୦୯୨୬୫୫*




ଗୀତିକବି **ଚୈତନ୍ୟ ପ୍ରସାଦ ବେହେରା**ଙ୍କ ରଚିତ
ବିଦଗ୍ଧ ପ୍ରାଣର ରାଗାନୁରାଗ ଓ ରସ ସୁରସରେ
ପରିପୂର୍ଣ୍ଣ **ଗୀତିକବିତା** ସଂକଳନ
**"ଅତୀତର ଅନ୍ତାକ୍ଷରୀ"**
ଯାହାକି ଓଡିଶାର
ମହାମହିମ ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ ।
ଏଥିରେ ଏକଶହ ବତିଶି ଗୋଟି ଗୀତିକବିତା
ସ୍ଥାନିତ ହୋଇଛି ।
ଆଶା ପାଠକ ମାନଙ୍କ ହୃଦୟକୁ
ନିଶ୍ଚୟ ଛୁଇଁବ ।

ପ୍ରାପ୍ତିସ୍ଥାନ:
କିତାବ୍ ମହଲ୍, ଖୋର୍ଦ୍ଧା
ନାରାୟଣୀ ବୁକ୍ ଷ୍ଟୋର୍
ପୁରୁଣା ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର
ମୂଲ୍ୟ :ଟ.୩୦୦/-
ମୋ:୯୪୩୭୩୬୩୭୪୧

# ଅନ୍ଧାର ରାତିର ଦେବଦୂତ

ସମ୍ବେଦନା ମିଶ୍ର

ରାତି ପ୍ରାୟ ଗୋଟାଏ ହେବ। ରମେଶ ତା'ର ସ୍ତ୍ରୀ ସେବତୀକୁ ସାଙ୍ଗରେ ଧରି ପବନ ବେଗରେ ମୋଟରସାଇକେଲ ଚଳାଇ ଘରକୁ ଫେରୁଥାଏ। ଏତେଦିନ ପରେ ପୁରୁଣା ସାଙ୍ଗମାନଙ୍କ ସହ ସମୟ ବିତାଇଥିବାରୁ ଦୁହେଁ ଭାରି ଖୁସି ଥାଆନ୍ତି। କିନ୍ତୁ ଏତେ ରାତିରେ ପଞ୍ଚନାଥ ଛକ ଦେଇ ଘରକୁ ଫେରିବା ବେଳକୁ ଦୁହିଁଙ୍କୁ ଭାରି ଡର ବି ଲାଗୁଥାଏ। ରାସ୍ତାଘାଟ ପୁରା ଶୂନ୍‌ଶାନ। କାଁ ଭାଁ କେତେବେଳେ କେମିତି ଦ୍ରୁତ ବେଗରେ କାର୍‌ଟିଏ କିମ୍ବା ଟ୍ରକ୍‌ଟିଏ ଯାଉଛି। ନହେଲେ ପ୍ରାୟତଃ ସବୁ ରାସ୍ତା ଖାଁ ଖାଁ ଲାଗୁଛି। ମଝିରେ ମଝିରେ ପୁଣି ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ନ ଥିବାରୁ ଚୋର ଗ୍ୟାଙ୍ଗ୍ ସକ୍ରିୟ ମଧ୍ୟ ଥାଆନ୍ତି। ପୂର୍ବରୁ ଏମିତି ବହୁ ଦମ୍ପତ୍ତି ଚୋର ଓ ଡକାୟତମାନଙ୍କ ହାବୁଡ଼ରେ ପଡ଼ି କ୍ଷତିଗ୍ରସ୍ତ ହେବା କଥା ଖବରକାଗଜରୁ ପଢ଼ିଛି ରମେଶ। ତଥାପି ମନା କରିବା ସତ୍ତ୍ୱେ ନିଜର ତିନି ଭରିର ନୂଆ ସୁନା ହାରଟାକୁ ପିନ୍ଧି ଆସିଛି ସେବତୀ। ନିଛାଟିଆ ରାତିର ରାସ୍ତାକୁ ଶୀଘ୍ର ଶୀଘ୍ର ଅତିକ୍ରମ କରିବା ବେଳେ ରମେଶ ଓ ସେବତୀ କିନ୍ତୁ ଗୋବର୍ଦ୍ଧନର ବିବାହ ବାର୍ଷିକୀ ଭୋଜି ବିଷୟରେ ନିଜ ନିଜ ଭିତରେ ଆଲୋଚନା କରୁଥାନ୍ତି।

ଗୋବର୍ଦ୍ଧନ ପାଖାପାଖି ପନ୍ଦର ଦିନ ହେବ ରମେଶ ସହ ମିଶି ନିଜର ପଞ୍ଚମ ବିବାହ ବାର୍ଷିକୀପାଇଁ ସବୁ ପ୍ରକାରର ଆୟୋଜନ କରୁଥାଏ। ବହୁତ ସମୟ ପରେ ଗୋବର୍ଦ୍ଧନର ଘରେ ରମେଶର ସବୁ ପୁରୁଣା ସାଙ୍ଗମାନେ ଏକାଠି ହୋଇଥାନ୍ତି। ନ ହେଲେ ଅଶୋକ ଓ ବିଭୂତି ନିଜ ନିଜ କାମରେ ଏତେ ବ୍ୟସ୍ତ ଥାଆନ୍ତି ଯେ ରମେଶ ସହ ତାଙ୍କର କେବେ ବି ଦେଖାସାକ୍ଷାତ ହୁଏ ନାହିଁ। ଭବାନୀ ଓ ରାଧାକାନ୍ତ ମଧ୍ୟ ଦେଖା କରିବାକୁ ଚେଷ୍ଟା କରନ୍ତି ମାତ୍ର ଅଳ୍ପ ସମୟ କଥାବାର୍ତ୍ତା କରିବା ଭିତରେ ସେମାନେ ମଧ୍ୟ ନିଜ ନିଜ କାମରେ ଚାଲିଯାଆନ୍ତି। ମାତ୍ର ଆଜି ସବୁ ସାଙ୍ଗମାନେ ନିଜ ନିଜ ସ୍ତ୍ରୀମାନଙ୍କୁ ଧରି ଗୋବର୍ଦ୍ଧନର ଘରେ ପହଞ୍ଚିଲେ। ସେଥିପାଇଁ ରମେଶ ନିଜର ସବୁ ସାଙ୍ଗମାନଙ୍କୁ ଏକାଠି ପାଇ ବହୁତ ଖୁସିରେ ଥାଏ।

ରାସ୍ତାରେ ରମେଶ ନିଜର ସାଙ୍ଗମାନଙ୍କ ସହିତ ହୋଇଥିବା କଥାବାର୍ତ୍ତାର ସାରାଂଶ ସବୁ ସେବତୀକୁ ଶୁଣାଉଥାଏ। ସେ କହୁଥାଏ, "ଜାଣିଛ! ବିଭୂତି କହୁଥିଲା ଆଗାମୀ ମାସରେ ମଧ୍ୟ ଏହିପରି ଏକ ବନ୍ଧୁମିଳନର ଆୟୋଜନ କରିବା। ଯଦି କାହାର କିଛି ପ୍ରୟୋଜନ ଥାଏ ତାହାହେଲେ ତ ସେହି ବାହାନାରେ ଆମେ ସମସ୍ତେ ପୁଣି ଥରେ ଏକାଠି ହୋଇଯିବା। ନଚେତ୍ ସମସ୍ତେ ମିଶି ଗୋଟିଏ ଦିନ ଠିକ୍ କରିବା ଓ ସେହି ଦିନଟିକୁ ପୁରା ସକାଳୁ ରାତିଯାଏଁ ସମସ୍ତେ ମିଶି କଥାବାର୍ତ୍ତା, ହସଖୁସିରେ କାଟିବା। ଆହୁରି ଜାଣିଛ! ତା'କଥା ଶୁଣି ଭବାନୀ କହୁଛି,"ଚାଲ ସମସ୍ତେ ମିଶି କୌଣସି ଗୋଟିଏ ସୁନ୍ଦର ଜାଗାକୁ ବୁଲିବାକୁ ଯିବା ଓ କିଛି ଦିନ ସାଙ୍ଗ ହୋଇ ଏକାଠି ରହିବା।" କିନ୍ତୁ ଅଶୋକ ସେହି ସମୟରେ ପୁରା ଠିକ୍ କଥାଟା କହିଦେଲା, "ଆମେମାନେ ସମସ୍ତେ ଯେମିତି ହେଲେ ଛୁଟି ନେଇ ଯାଇପାରିବା କିନ୍ତୁ ଏ ଅଶୋକ ଆଉ ଗୋବର୍ଦ୍ଧନ ଭାରି ଅଳସୁଆ। ସବୁବେଳେ ଅଫିସ କାମ ଅଛି ଛୁଟି ମିଳୁନି କହି ସବୁ ପ୍ଲାନିଂକୁ ବରବାଦ କରିଦେବେ। ସେ ଯାହା ହେଉନା କାହିଁକି ଆମ ଭିତରେ ସବୁବେଳେ ଏମିତି ଜଣଜଣକୁ ଗେଲରେ ଦୋଷ ଦିଆନିଆ ଚାଲିଥାଏ। କିନ୍ତୁ ଆମେ ସମସ୍ତେ ଜଣେ ଜଣଙ୍କୁ ବହୁତ ଭଲ ପାଉ। ଆମ କଥା ତ ଜାଣିଲ! ଏବେ କହୁନ ତୁମେମାନେ କ'ଣ ସବୁ ଗପିଲ?"

ସେବତୀ କହିଲା, "କ'ଣ ଆଉ କହିବି ତୁମକୁ ଯେ! ଏ ଯେଉଁ ଅଶୋକର ସ୍ତ୍ରୀ ମାମିନା ନାହିଁକି ସେ ମୋତେ ତାସଲ୍ୟ କରି ପଚାରୁଛି ଏଇଟା କ'ଣ ନକଲି ନା ଅସଲି? ମୁଁ ଯେତେବେଳେ କହିଲି ଅସଲି ବୋଲି ମୋତେ କହୁଛି ହଁ ତୁମେ ସିନା ଏ ତିନି ଭରି ସୁନା ହାରଟା ପିନ୍ଧିଲ ହେଲେ ମୋତେ ସୁନା ପସନ୍ଦ ନାହିଁ, ତେଣୁ ମୁଁ ନୂଆ କିଛି କରିବାକୁ ମୌକା ମିଳିଲେ ଖାଲି ହୀରା ଉପରେ ହିଁ କିଣେ।" ଗୋବର୍ଦ୍ଧନର ସ୍ତ୍ରୀ ଆଜି ନିଜର ବିବାହ ବାର୍ଷିକୀରେ ଟିକିଏ କ'ଣ ସୁନ୍ଦର ହୋଇ ସଜେଇ ହୋଇଯାଇଛି ଯେ ଖାଲି ନିଜର ଫୋନରେ ବିଭିନ୍ନ ଭଙ୍ଗୀରେ ନିଜର ଫଟୋ ଉଠାଇବାରେ ହିଁ ବ୍ୟସ୍ତ। ଆଉ କୌଣସି କଥାରେ ତା'ର ଆଗ୍ରହ ନାହିଁ। କିଏ କ'ଣ ଖାଇବ, କାହାର କ'ଣ ଦରକାର ସେ ସବୁ ସେ କିଛି ବୁଝିବାକୁ ନାରାଜ। ବିଭୂତିର ସ୍ତ୍ରୀ ଯେଉଁ ସମ୍ବଲପୁରୀ ନୂଆ ପାଟଟା ପିନ୍ଧି ନଥିଲା କି ସେଥିରେ କାଳେ କ'ଣ ଖାଇବା ଜିନିଷ ପଡ଼ିଯିବ କି କୌଣସି ଦାଗ ରହିଯିବ ପଛରେ ଛାଡ଼ିବନି ଭାବି ସେ ଖାଲି ନିଜ ଶାଢ଼ୀ ସଜାଡ଼ିବାରେ ବ୍ୟସ୍ତ। ସବୁଠୁ ଭଲ ତ ରାଧାକାନ୍ତର ସ୍ତ୍ରୀ ସୁଲୋଚନା। ନା କାହାକୁ କିଛି କହେ ନା କୌଣସି ଜିନିଷ ଦେଖାଇ ହୁଏ। ବହୁତ ସାଧାସିଧା ସିଏ। ଏତେ ସମ୍ପତ୍ତିର ମାଲିକାଣୀ ହୋଇ ବି ତା ମନରେ ତିଳେ ମାତ୍ର ଗର୍ବ ନାହିଁ। ମୋତେ ସିଏ ଭାରି ଭଲ ଲାଗେ।"

କଥାବାର୍ତ୍ତା ଚାଲିବା ଭିତରେ ସେମାନେ ଏବେ ସବୁଠାରୁ ବିପଦ ସଂକୁଳ ପଞ୍ଚନାଥ ଛକ ପାଖରେ ପହଞ୍ଚି ଯାଇଥାନ୍ତି। ଏଇ ଗୋଟାକ ପଞ୍ଚନାଥ ଛକ ଓ ତା' ପାଖରେ ସେ ଓଭର ବ୍ରିଜ ଖଣ୍ଡକ ସୁବିଧାରେ ଶୀଘ୍ର ଶୀଘ୍ର ଅତିକ୍ରମ କରିଦେଲେ ଆଉ କିଛି ଚିନ୍ତା ନାହିଁ। ତା' ପରର ଅଧ କିଲୋମିଟର ରାସ୍ତା ଆଖି ପିଛୁଳାକେ ସରିଯିବ। ସେଥିପାଇଁ ରମେଶ ଦ୍ରୁତବେଗରେ ଗାଡି ଚଲାଉଥାଏ। ପଛକୁ ଅନେଇ ସେବତୀ ତା'ର ସ୍ୱାମୀ ରମେଶକୁ କହିଲା, "ମୋତେ ଲାଗୁଛି ଆମକୁ ଦିଇଟା ଚୋର ପିଛା କରୁଛନ୍ତି। ସେମାନେ ବୋଧହୁଏ ମୋ ଗଳାର ଏହି ସୁନାହାରଟାକୁ ଦେଖି ପକାଇଛନ୍ତି। ଆମେ କ'ଣ କରିବା?" ସେହିପରି, ଦ୍ରୁତବେଗରେ ମୋଟରସାଇକେଲ ଚଳାଉ ଚଳାଉ ରମେଶ କହିଲା, "କେତେଥର କହିଛି, ବାହାରକୁ ଆସିବା ବେଳେ ଏତେ ବଡ଼ ସୁନାହାରଟା ପିନ୍ଧିକି ଆସ ନାହିଁ। ମୋ କଥା କ'ଣ ତୁମେ କେବେ ଶୁଣ?" ସେତିକିବେଳେ ତାଙ୍କୁ ପିଛା କରୁଥିବା ମୋଟରସାଇକେଲ ଆରୋହୀ ଦି'ଜଣ ତାଙ୍କୁ ଅତିକ୍ରମ କରି ଆଗରେ ବ୍ରେକ୍ ଦେଲେ।

ତାଙ୍କୁ ଦେଖି ରମେଶ ମଧ୍ୟ ନିଜର ଗାଡ଼ିର ବ୍ରେକ୍ ଦେଲା। ସେତେବେଳକୁ ସେବତୀ ଭାବୁଥିଲା, "ହେ ଭଗବାନ! ଆଜି କ'ଣ ପାଇଁ ମୁଁ ଏ ସୁନାହାରଟାକୁ

ପିନ୍ଧି ଆସିଲି ? ଏହି ହାର ପାଇଁ ଏବେ ଆମ ଦୁହିଁଙ୍କର ଜୀବନ ବିପଦରେ ପଡ଼ିଲା ।"

ରମେଶ ମଧ୍ୟ ଡରି ଥରିବାକୁ ଲାଗିଲା ଓ ଭାବିଲା, "ଏବେ ଏହି ଦୁଇଜଣ ମୋଟରସାଇକେଲ, ଟଙ୍କା, ସେବତୀର ସୁନାହାର ସହ ନିଜ ପାଖରେ କି ପ୍ରକାର ମାରଣାସ୍ତ୍ର ରଖିଥିବେ ଯେ ଆମ ସହିତ କ'ଣ କରିବେ କେଜାଣି ? ଏତେ ରାତିରେ ଏଇଠୁ କାହାର ସାହାଯ୍ୟ ମିଳିବା ଅସମ୍ଭବ ଓ ସକାଳ ହେଲା ପରେ ଆମ ଅବସ୍ଥା କ'ଣ ହୋଇଥିବ ତାହା ଭଗବାନ ହିଁ ଜାଣନ୍ତି ।"

ସେ ଦୁଇଜଣ ମୋଟରସାଇକେଲ ଆରୋହୀ ଯେମିତି ନିଜ ଗାଡିରୁ ଓହ୍ଲାଇ ଛିଡା ହୋଇ ପରସ୍ପରକୁ ଟିକିଏ ଚାହିଁ ଆଗକୁ ଯେମିତି ପାଦ ବଢ଼ାଇଛନ୍ତି, ରମେଶ ଦୂରରୁ ପାଟିକରି କହିଲା, "ଭାଇମାନେ ଆମକୁ ଛାଡ଼ିଦିଅ । ଆମକୁ ମାର ନାହିଁ । ଘରେ ଆମର ପିଲାମାନେ ଆମକୁ ଅପେକ୍ଷା କରି ରହିଛନ୍ତି । ଆମେ ନ ରହିଲେ ତାଙ୍କ କଥା ବୁଝିବ କିଏ ? ତୁମେମାନେ ଆମ ପାଖରେ ଯାହା ଟଙ୍କା ସୁନା ଅଛି ସବୁ ନେଇ ଯାଅ ପଛେ ଆମକୁ ମାର ନାହିଁ । ଆମେ ପୋଲିସ ପାଖକୁ ମଧ୍ୟ ଯିବୁ ନାହିଁ । ଚୋରି କଥା କାହା ଆଗରେ କହିବୁ ନାହିଁ । ଆମକୁ ଦୟା କରି ଛାଡ଼ିଦିଅ । ଦୟା କର ! ଆମକୁ ମାର ନାହିଁ ।"

ତା'ପରେ ରମେଶ ସେବତୀକୁ କହିଲା, "ଶୀଘ୍ର କର ! ସେ ସୁନାହାରଟା ଆଗ ବେକରୁ କାଢ଼ । କିଛି ଲୋଭ କର ନାହିଁ । ଜୀବନଟା ବଞ୍ଚିଲେ ତ ହାର ପିନ୍ଧିବ । ମନା କରୁ କରୁ ପିନ୍ଧିଲ ! ଏବେ ତାରି ଯୋଗୁଁ ହିଁ ଆମ ଜୀବନସଙ୍କଟରେ ପଡ଼ିଛି । ସୁନାହାର ସହ ସେ କାନଫୁଲ, ଚୁଡ଼ି ସବୁ କାଢ଼ । ଏସବୁ ଟଙ୍କା ସୁନା ବଦଳରେ ଯଦି ଆମେ ଜୀବନ ବଞ୍ଚାଇ ଘରକୁ ଫେରି ପାରୁଛେ ତାହେଲେ ବଡ଼କଥା ହେବ ।"

ରମେଶର କଥା ଶୁଣି ସେବତୀ ଅନିଚ୍ଛା ସତ୍ତ୍ୱେ ନିଜ ବେକରୁ ସୁନାହାର, କାନରୁ କାନ ଫୁଲ, ହାତରୁ ଚୁଡ଼ି ଓ ମୁଦି ଆଦି ସବୁ କାଢ଼ି ଏକାଠି କଲା । ରମେଶ ମଧ୍ୟ ନିଜ ପାଖରେ ଥିବା ଟଙ୍କା, ହାତ ଘଣ୍ଟା ସବୁ ସେବତୀର ସୁନା ଗହଣାରେ ମିଶାଇ ରୁମାଲରେ ବାନ୍ଧି ସେହି ଦୁଇଜଣ ମୋଟରସାଇକେଲ ଆରୋହୀଙ୍କୁ ଦେଖାଇଲା ।

ରମେଶର କଥା ଶୁଣି ସେ ଦୁଇଜଣ ମୋଟରସାଇକେଲ ଆରୋହୀ ନିଜ ମୁଣ୍ଡରୁ ହେଲମେଟ ବାହାର କରି ଧୀରେ ଧୀରେ ସେମାନଙ୍କ ପାଖକୁ ଆସିଲେ ଓ ଦୁହେଁଚଢ଼ାଗଳାରେ ରମେଶ ଓ ସେବତୀକୁ ଗାଳି କରିବାକୁ ଲାଗିଲେ ଓ କହିଲେ, "ଓଃ ଭାଇ ! କି ପ୍ରକାର ଗାଡ଼ି ଚଳାଉଛ ତୁମେ ? ରାସ୍ତାରେ କିଏ ଅଛି, କ'ଣ ଅଛି ତୁମକୁ କିଛି ଦିଶୁନାହିଁ ! ଏତେ ଯଦି ତରତର ଘରକୁ ଯିବା ପାଇଁ ତାହେଲେ ଶୀଘ୍ର ବାହାରିଲନି । ଏ ରାତି ଗୋଟାଏରେ ସ୍ତ୍ରୀ ଲୋକକୁ ସାଙ୍ଗରେ ଧରି ତୁମେ କରୁଛ କ'ଣ ? ପାଖାପାଖି ଏକ କିଲୋମିଟର ହେଲାଣି ଆମେ ପଛରୁ ହର୍ଣ୍ଣ ମାରି ମାରି ଡାକୁଛୁ, ତୁମକୁ କ'ଣ ଶୁଭୁନି ? ତା'ପରେ ସେବତୀକୁ ମଧ୍ୟ ଗାଳି କରି କହିଲେ, " ଏତେ ମୋଟା ସୁନାହାରଟା ପିନ୍ଧି ରାତିରେ ବାହାରିବାକୁ ତୁମକୁ କିଏ କହିଥିଲା ? ସେହି ସୁନାହାର ପାଇଁ ହିଁ ଏବେ ତୁମର ଜୀବନ ଯାଇଥାଆନ୍ତା ! ବେକର ସୁନାହାରକୁ ଘୋଡ଼ାଇ ରଖିବା ପାଇଁଚେଷ୍ଟା କରିବା ଭିତରେ ତୁମର ଶାଢ଼ୀ ଯାଇ ଗାଡ଼ି ଚକରେ ଅଧା ଗୁଡ଼ାଇ ହେଲାଣି ତୁମର ନଜର ନାହିଁ । ପବନ ବେଗରେ ଗାଡ଼ି ଚାଲିଛି, ତା' ପରେ ତୁମର ଅବସ୍ଥା କ'ଣ ହୋଇଥାନ୍ତା ଜାଣିଛ ?"

ସେମାନଙ୍କ କଥା ଶୁଣି ରମେଶ ଓ ସେବତୀ ଆଶ୍ଚର୍ଯ୍ୟ ହେଉଥାନ୍ତି । ତା'ପରେ ଦୁହେଁ ପଛକୁ ଚାହିଁବାରେ ଜାଣିଲେ, ସତରେ ସେବତୀର ଶାଢ଼ୀକାନିର ଝାଲର ଧୂଆଁନଳୀ ଓ ଚକ ମଝିରେ ଅଧା ପଶି ରହିଥିଲା । ଶାଢ଼ୀଟି ଭାରିଥିବାରୁ ପବନର ବେଗରେ ଶାଢ଼ୀ ଟାଣି ହେବା ସେବତୀ ଜାଣିପାରିନଥିଲା । ସେ ଦୁଇଜଣ ଭଦ୍ରବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଆସି ଅତି ଯତ୍ନରେ ଧୀରେ ଧୀରେ ଶାଢ଼ୀର କାନିକୁ ଚକ ଭିତରୁ ବାହାର କରିଦେଲା ।

ସେମାନଙ୍କର ଡରିଯିବା ଦେଖି ସେ ଦୁଇଜଣ ମୋଟରସାଇକେଲର ଭଦ୍ରବ୍ୟକ୍ତି ତାଙ୍କୁ ସାନ୍ତ୍ୱନା ଦେଲେ ଓ ରମେଶକୁ କହିଲେ, "ଆରେ ଭାଇ ! ଆମେମାନେ ଲୁଟେରା କି ଚୋର ନୋହୁଁ । ଆମେମାନେ ମଧ୍ୟ କାମ ସାରି ଘରକୁ ଫେରୁଥିଲୁ । ସେହି ପଞ୍ଚନାଥ ଛକର ଆଉ ଟିକିଏ ପୂର୍ବରୁ ଆମେ ଦେଖିଲୁ ଭଉଣୀଙ୍କ ଶାଢ଼ୀର କାନି ତୁମ ଗାଡ଼ିର ପଛ ଚକରେ ପବନରେ ବାରମ୍ବାର ବାଜୁଛି ଓ ଛାଡୁଛି । ତାଙ୍କୁ ସତର୍କ କରିବା ପାଇଁ ଆମେ ତୁମକୁ ଯେତେ ହାତ ହଲାଇ ଡାକୁଛୁ ଓ ହର୍ଣ୍ଣ ଦେଉଛୁ ରହିବା ପାଇଁ ଓଲଟା ତୁମର ଗାଡିର ବେଗ ଆହୁରି ବଢ଼ିଚାଲିଲା । ସେଥିପାଇଁ ବାଧ୍ୟ ହୋଇ ଆମକୁ ତୁମ ରାସ୍ତା ଅବରୋଧ କରିବାକୁ ପଡ଼ିଲା । ସେମିତିରେ ଏ ରାସ୍ତା ଆମ ଘର ରାସ୍ତା ନୁହେଁ । ତଥାପି ତୁମକୁ ବଞ୍ଚାଇବାକୁ ଆମକୁ ଏପଟେ ଆସିବାକୁ ପଡ଼ିଲା ।"

ତା' ପରେ ସେମାନେ ରମେଶ ଓ ସେବତୀର ମନର ଡରକୁ ଜାଣିପାରି ସୁରକ୍ଷିତ ଭାବରେ ସାଙ୍ଗରେ ଆଣି ଘର ପାଖରେ ଛାଡ଼ିଦେଇ ନିଜ ରାସ୍ତାରେ ଫେରିଗଲେ । ମାତ୍ର ରମେଶ ଓ ସେବତୀ ନା ସେମାନଙ୍କର ନାଁ ଠିକଣା ପଚାରି ପାରିଲେ ନା ସେମାନଙ୍କୁ ଠିକ୍‌ରେ ଧନ୍ୟବାଦ କହିପାରିଲେ । ମାତ୍ର ସେ ଦୁଇଜଣ ମୋଟରସାଇକେଲ ଆରୋହୀ ଅପରିଚିତ ହୋଇ ମଧ୍ୟ ରମେଶ ଓ ସେବତୀ ମନରେ ସବୁଦିନ ପାଇଁ ଅନ୍ଧାର ରାତିରେ ଦେବଦୂତ ହୋଇ ରହିଗଲେ ।

*ପ୍ଲଟ ନଂ.୯୫୯/୧୦, ଘର ନଂ. ୨୧*
*ସମ୍ବିତ ଭିଲ୍ଲା, ଘାଟିକିଆ,*
*ଭୁବନେଶ୍ୱର: ୭୫୧୦୨୯*
*ଦୂରଭାଷ: ୯୯୩୭୭୨୩୫୭୯*

# ବିଜୟା

## ସୁରଭୀ ପତି

ମୋବାଇଲର ଘନଘନ ରିଂ ଟୋନ୍‌ର ଶବ୍ଦରେ ସୁତପା ତରବର ହୋଇ ଫୋନ୍ ରିସିଭ କରୁ କରୁ ସେପଟୁ ଗାୟତ୍ରୀର ସ୍ୱର ଭାଷି ଆସିଥିଲା । "ଶୁଣୁ ଆସନ୍ତା ରବିବାର ଦିନ ଆମ ବିବାହର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ହୋଟେଲ କ୍ରାଉନରେ ଲଞ୍ଚ ଆରେଞ୍ଜମେଣ୍ଟ କରୁଛୁ । ତୁ ଯେମିତି ହେଲେ ତୋର ସ୍ୱାମୀଙ୍କୁ ନେଇ ଆସି ପହଞ୍ଚିବୁ ।" ମଜାଳିଆ ସ୍ୱରରେ ଆଦେଶ ଦେବା ଭଙ୍ଗିରେ କହି ଚାଲିଥିଲା ଗାୟତ୍ରୀ । "ଏଥର ତୋ ପାଇଁ ଗୋଟେ ବେଷ୍ଟ୍ ସରପ୍ରାଇଜ ହେଉଛି ତୋର ବେଷ୍ଟ ଫ୍ରେଣ୍ଡ ବିଜୟାର ଠିକଣା ପାଇଛି । ଆଉ ମୋର ଇନ୍‌ଭିଟେସନରେ ସେ ବି ରାଜି ହୋଇଛି ଆସିବ ବୋଲି ।" ଯେମିତି ହେଲେ ଯାଇ ପହଞ୍ଚିବା ପାଇଁ ବାରମ୍ବାର ତାଗିଦ କରି ଫୋନ ରଖିଥିଲା ଗାୟତ୍ରୀ ।

ଏଇ କିଛି ବର୍ଷ ହେଲା ପ୍ରଯୁକ୍ତି ବିଦ୍ୟାର ଆଶୀର୍ବାଦରୁ ପୁରୁଣା ସାଙ୍ଗ କିଛି ଏକାଠି ହେବାର ସୁଯୋଗ ପାଉଛନ୍ତି । ତା' ସହିତ ଟେଲିଫୋନିକ ବାର୍ତ୍ତାଳାପ ଓ ହ୍ୱାଟସପ ଗ୍ରୁପ ସେ ସମ୍ପର୍କକୁ ଆହୁରି ମଜବୁତ୍ କରି ଦେଉଛି । ସୁତପାଙ୍କ ମନଟା କ୍ଷଣିକ ପାଇଁ ଭାବୁକ ହୋଇ ବିଜୟା ନାଁଟା ପାଖରେ ଅଟକି ଯାଇଥିଲା । ମଝିରେ ମଝିରେ କେବେ କେମିତି ଖିଆଲି ମନ ଭିତରକୁ ବିଜୟା ଭାବନାଟି ଚାଲି ଆସିଥାଏ ଆଉ ସେ କିଛି ସମୟ ପାଇଁ ଫେରିଯାନ୍ତି ରମାଦେବୀ କଲେଜରେ ବିତାଇଥିବା ଖୁସିର ମୁହୂର୍ତ୍ତଗୁଡ଼ିକୁ । କିନ୍ତୁ ସାଥୀମାନଙ୍କ ସହ ବହୁ ପଚରାଉଚରା ପରେ ବି ପାଇପାରନ୍ତିନି ବିଜୟା ସମ୍ପର୍କରେ କିଛି ସଠିକ୍ ଠିକଣା । ଅଜ୍ଞାତବାସ ପରି ନିଜକୁ ନିଜେ ଲୁଚାଇ ରଖିଥିଲା ପରି ନିରୁଦ୍ଦିଷ୍ଟ ଥାଏ ବିଜୟା ।

ତିରିଶି ବର୍ଷ ତଳେ ରମାଦେବୀ କଲେଜ୍‌ରେ ପଢ଼ିବା ବେଳେ ବିଜୟା ଓ ସୁତପା ଥିଲେ ପରସ୍ପରର ଘନିଷ୍ଠ ବାନ୍ଧବୀ । କଲେଜ ସମୟତକ କେହି କାହାଠାରୁ ଘଡ଼ିଏ ବି ଅଲଗା ହେଉନଥିଲେ । ବିଜୟା ଥିଲା ସୁଗଠିତ ଚେହେରା । ଗୌରବର୍ଣ୍ଣା, ଟଣାଟଣା ଆଖି, ଆଙ୍କିଦେଲା ପରି ଓଠର ଅଧିକାରିଣି ଏକ ଅତି ସୁନ୍ଦର ତରୁଣୀ । ସାଧାରଣ ବେଶ ପୋଷାକରେ ବି ତା'ର ଅସାଧାରଣ ସୌନ୍ଦର୍ଯ୍ୟ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରୁଥିଲା । ସୁନ୍ଦରତା ସହିତ ତା'ର ମୋଧବୀ ଗୁଣ, ନମ୍ର ସ୍ୱଭାବ, ଶାନ୍ତ ଶିଷ୍ଟ ଚରିତ୍ର ପାଇଁ ସେ ସହପାଠିନୀମାନଙ୍କ ସହିତ ଶିକ୍ଷୟିତ୍ରୀ ମହଲରେ ମଧ୍ୟ ସମସ୍ତଙ୍କର ପ୍ରିୟ ହୋଇ ପାରିଥିଲା । ସୁତପା ଗର୍ବ ଅନୁଭବ କରୁଥିଲା ବିଜୟାକୁ ନିଜର ଘନିଷ୍ଠ ବାନ୍ଧବୀ ରୂପେ ପାଇ । କଲେଜ ବ୍ରେକ ପିରିୟଡରେ ଘଣ୍ଟା ଘଣ୍ଟା ବସି ଗପିଲେବି ସେ ଦୁଇଜଣଙ୍କର ଗପ ସରୁନଥିଲା ।

ବି.ଏ. ଫାଇନାଲ ପରୀକ୍ଷାକୁ ଅଳ୍ପ କିଛି ଦିନ ବାକି ଥିବାବେଳେ ବିଜୟା ଚମକାଇ ଦେଲା ପରି ଆଭାଷ ଦେଇଥିଲା ତା'ର ବିବାହ ବିଷୟରେ । କଟକର ବିଶିଷ୍ଟ ଶିଳ୍ପପତି ସୌମ୍ୟଦର୍ଶୀ ପୁଣ୍ୟଶ୍ଳୋକ ପଟ୍ଟନାୟକଙ୍କ ସହ ତା'ର ବିବାହ ସ୍ଥିର ହୋଇଥିଲା । ତା' ପରଠାରୁ ସେ ବହୁତ ଖୁସି ରହୁଥିଲା ଓ ଦୁଇ ସାଙ୍ଗ ମଧ୍ୟରେ ବାର୍ତ୍ତାଳାପର ମୁଖ୍ୟ ବିଷୟ ତାର ଭାବି ସ୍ୱାମୀ ହିଁ ରହୁଥିଲେ । ବିଜୟାର ପରିବାର ଓ ତା'ର ଭାବି ସ୍ୱାମୀଙ୍କ ପରିବାର ଭିତରେ ଆଭିଜାତ୍ୟର ଖୁବ୍ ଅଧିକ ତାରତମ୍ୟ ଥିଲେ ବି ସର୍ବଗୁଣ ସମ୍ପର୍ଣ୍ଣା ବିଜୟାକୁ ବୋହୂ କରି ନେବାକୁ ତା'ର ଶ୍ୱଶୁର କୁଆଡ଼େ ସେ ସବୁକୁ ଅଣଦେଖା କରିଦେଇଥିଲେ । ତା'ର ସ୍ୱାମୀ ମଧ୍ୟ ସୁନ୍ଦରୀ, ଶିକ୍ଷିତା ବିଜୟାକୁ ପତ୍ନୀ ରୂପେ ପାଇବାକୁ ସେ ସବୁକୁଗୁରୁତ୍ୱ ଦେଇନଥିଲେ । ବିଜୟା ତା'ର ଶ୍ୱଶୁର ଘରର ଆଭିଜାତ୍ୟ, ଭାବି ସ୍ୱାମୀଙ୍କର ସୌନ୍ଦର୍ଯ୍ୟ, ଉଚ୍ଚଶିକ୍ଷା ଓ ଗୁଣଗ୍ରାମକୁ ବର୍ଣ୍ଣନା କରି ଆନନ୍ଦ ପାଉଥିଲା ଆଉ ସୁତପା ନିଜ ପ୍ରିୟ ସାଙ୍ଗର ସୌଭାଗ୍ୟକୁ ଦେଖି ସାଙ୍ଗ ଲାଗି ମନେ ମନେ ଖୁସି ଅନୁଭବ କରୁଥିଲା ।

ଚଟ ମଙ୍ଗଳ ପଟ ବିବାହ ନିତିରେ ତା'ର ବାହାଘରର ଦିନ ଧାର୍ଯ୍ୟ ହୋଇ ଯାଇଥିଲା । ବିଜୟା ସୁତପାକୁ ଅତି ଆଗ୍ରହର ସହ ତା'ର ବିବାହରେ ସାମିଲ ହେବାକୁ ବାଧ୍ୟ କରିଥିଲେ ବି ପରୀକ୍ଷା ମୁଣ୍ଡ ଉପରେ ଥିବାରୁ ସେ ସାଙ୍ଗ ବାହାଘରରେ ଇଚ୍ଛା ଥାଇ ମଧ୍ୟ ଯୋଗ ଦେଇ ପାରିନଥିଲା ।

ଫାଇନାଲ ପରୀକ୍ଷା ବେଳେ ବିଜୟା ତା'ର ସ୍ୱାମୀ ସହିତ ଆସି ପରୀକ୍ଷା ସବୁ ଦେଇ ଯାଉଥାଏ । ଅନ୍ତିମ ପରୀକ୍ଷାର ସମାପ୍ତୀ ଦିନ ବିଜୟା ସୁତପାଠାରୁ ବିଦାୟ ନେଇ କଳା ରଙ୍ଗର ଏକ ଲମ୍ବା ଦାମି ଗାଡିରେ ବସି ହାତ ହଲାଇ ବିଦାୟ ନେବାଟା ଥିଲା ଦୁଇ ସାଙ୍ଗ ମଧ୍ୟରେ ଶେଷ ସାକ୍ଷାତ । କିଛି ଦିନ ପର୍ଯ୍ୟନ୍ତ କାହାଠୁ କେମିତି ସୁତପା ବିଜୟା ବିଷୟରେ ଖବର ପାଉଥିଲା ଯେ ସେ ବହୁତ ଖୁସିରେ ଅଛି । କେବେ କେମିତି ଖବର ପାଉଥିଲା ବିଜୟାର ସାଙ୍ଗମାନଙ୍କ ସହ ସମ୍ପର୍କ ରଖିବାର ଅନାଗ୍ରହ ଭାବ ବିଷୟରେ । ପରେ ପରେ ନିଜ ମନ ଭିତରେ ପରିବର୍ତ୍ତିତ ସମୟାନୁସାରେ ବିଜୟା ଗର୍ବି ହୋଇଯାଇଥିବାର ଉପଲବ୍ଧି କରି ତା' ବିଷୟରେ ଜାଣିବାର ଆଗ୍ରହ ବି ସୁତପାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା । ଦୁଇଜଣଙ୍କର ସମ୍ପର୍କର ଡୋରି ସେହିଠାରେ ପୂର୍ଣ୍ଣଚ୍ଛେଦ ପଡିଯାଇଥିଲା ।

ନିର୍ଦ୍ଦିଷ୍ଟ ଦିନ ସ୍ୱାମୀଙ୍କର କିଛି ବ୍ୟକ୍ତିଗତ କାମ ଥିବାରୁ ଡ୍ରାଇଭର ସହ ସୁତପା ବାହାରି ପଡ଼ିଥିଲା ହୋଟେଲ କ୍ରାଉନ ଅଭିମୁଖେ । ଅଳ୍ପ କିଛି ବନ୍ଧୁବାନ୍ଧବଙ୍କୁ ଛାଡ଼ିଦେଲେ ପ୍ରାୟତଃ ଗାୟତ୍ରୀ ତା'ର ସାଙ୍ଗମାନଙ୍କୁ ହିଁ ଆମନ୍ତ୍ରିତ କରିଥିଲା । ଉପସ୍ଥିତ ସାଙ୍ଗମାନଙ୍କର ମଝିରେ ମଝିରେ ଦେଖାସାକ୍ଷାତ ହୋଇ ଯାଉଥିବାରୁ ଚିହ୍ନାଜଣା ହେବା ପାଇଁ ପ୍ରୟାସ ନଥିଲା । ତଥାପି ନିଜ ନିଜର କର୍ମଜଞ୍ଜାଳରୁ ମୁକ୍ତ ହୋଇ ପରସ୍ପର ଦେଖାସାକ୍ଷାତରେ କଲେଜ ସମୟର ପୁରୁଣା ସ୍ମୃତିକୁ ମନେପକାଇ ସମସ୍ତେ ହସଉଲ୍ଲାସ ଭିତରେ ପ୍ରଗଳଭା କିଶୋରୀଟିଏ ପରି ହୋଇ ଉଠୁଥାନ୍ତି ।

ଗହଳି ଭିତରେ ସୁତପାର ଖୋଜିଲା ଖୋଜିଲା ଆଖି କିନ୍ତୁ ଘୁରି ବୁଲୁଥାଏ ତାର ଅତି ପ୍ରିୟ ସାଙ୍ଗ ବିଜୟା ଉଦ୍ଦେଶ୍ୟରେ । ନିମନ୍ତ୍ରିତ ଅତିଥିମାନଙ୍କ ସ୍ୱାଗତ ଓ ଅଭ୍ୟର୍ଥନାରେ ବ୍ୟସ୍ତ ଥିବା ଗାୟତ୍ରୀକୁ ସେ ପଚାରି ପାରୁନଥାଏ ବିଜୟା ବିଷୟରେ । ତଥାପି ତା'ଠାରୁ ସାମାନ୍ୟ ଦୂରତାରେ ବସିଥିବା ତା'ର ସମବୟସ୍କା, ବେଶ ପରିପାଟୀ ଓ ଚେହେରାରୁ ସଂଭ୍ରାନ୍ତ ଶ୍ରେଣୀର ଲାଗୁଥିବା ସୁଶ୍ରୀ ମହିଳାଙ୍କ ଉପରକୁ ତା' ନଜର ବାରମ୍ବାର ଚାଲିଯାଉଥାଏ । ମହିଳାଙ୍କ ସୁନ୍ଦର

ଚେହେରା ଭିତରେ ଉଦାସ ଆଖି ଯୋଡ଼ିକ ତାଙ୍କର ହୃଦୟର ଦେବତାକୁ ସ୍ପଷ୍ଟ ସୁଚାଇ ଦେଉଥାଏ। ତଥାପି ମୁହଁରେ କୃତ୍ରୀମ ହସ ମାଖି ସେ ପାଖରେ ବସିଥିବା ସମବୟସ୍କା ଜଣଙ୍କ ସହ ଆଳାପରେ ବ୍ୟସ୍ତ ଥାନ୍ତି।

"କିଛି ଜଳପାନ କଲଣି ନା ଖାଲି ଗପୁଛ" ତାଙ୍କୁ ଲକ୍ଷ୍ୟ କରି ଗାୟତ୍ରୀର ଟିପ୍‌ପଣିରେ ନଜର ନ ଉଠାଇ ତାକୁ ଚାହିଁଲେ ସୁତପା। "ବିଜୟା ଆସିଛି ?" ସୁତପାଙ୍କ ପ୍ରଶ୍ନରେ ଗାୟତ୍ରୀ ସୁତପାଙ୍କ ହାତଧରି ଟାଣି ନେଇ ଠିଆ କରାଇ ଦେଇଥିଲା ସେଇ ନିର୍ଦ୍ଦିଷ୍ଟ ମହିଳାଙ୍କ ନିକଟରେ। ଦୁଇ ବେଷ୍ଟ ଫ୍ରେଣ୍ଡ ପ୍ରଥମ କରି ଦେଖାସାକ୍ଷାତ ହେଉଛ ଯେ କେହି କାହାକୁ ଚିହ୍ନି ପାରୁନ, ଦେଖେ ତୋର ତପୁକୁ। ମୁଁ ଜାଣିଛି ତୁ ବି ତୋର ତପୁକୁ ଦେଖିବାକୁ ବେଶି ଆସିଥିବୁ।" ବିଜୟାଙ୍କ ଉଦ୍ଦେଶ୍ୟରେ କହିଥିଲା ଗାୟତ୍ରୀ। "ହଉ ତୁମେ ଦୁଇଜଣ ଗପସପ କରୁଥାଅ ମୁଁ ଟିକେ ଆସୁଛି।"

ଖୁସିରେ ବିଜୟାକୁ କୁଣ୍ଢାଇ ପକାଇଥିଲା ସୁତପା। ବିଜୟା ବି ତା'ର ପ୍ରିୟ ତପୁଙ୍କୁ ଦେଖି ଉଦାସ ଆଖିରେ ତା'ର ଖୁସିର ଝଲକ ସ୍ପଷ୍ଟ ବାରି ହୋଇ ପଡୁଥିଲା। କେତେ କ'ଣ ଗପସପ, ମାନ ଅଭିମାନରେ ବିତି ଯାଇଥିଲା ଅନେକ ସମୟ। ସବୁ ଭିତରେ ସୁତପା ଲକ୍ଷ୍ୟ କରୁଥିଲା ବିଜୟା ତା'ର ସାଂସାରିକ ବ୍ୟକ୍ତିଗତ ଜୀବନ ବିଷୟରେ କୌଣସି ଆଲୋଚନା କରିବାକୁ ଯେମିତି ଚାହୁଁନଥିଲା। ସେ ସବୁ ବାର୍ତ୍ତାଳାପରୁ ସେ ଦୂରେଇ ରହିବାକୁ ଚେଷ୍ଟା କରୁଥିଲା। ମଝିରେ ମଝିରେ ତା'ର ନିରବତା କିଛି ଦୁଃଖ, ବେଦନାକୁ ହୃଦୟରେ ଚାପି ରଖିବାର ଆଭାସ ଦେଉଥିଲା। ସୁତପା ପଢ଼ିବା ପାଇଁ ଚେଷ୍ଟା କରୁଥିଲା ତା' ସାଙ୍ଗର ବେଦନାଶିକ୍ତ ହୃଦୟକୁ। ତା' ପ୍ରିୟ ସାଙ୍ଗର ଜୀବନରେ କ'ଣ ଏମିତି ଅସ୍ୱାଭାବିକତା ଘଟିଲା ଯେ ଏତେ ଚୁଲ୍‌ବୁଲି, ହସକୁରି ଝିଅଟି ସମୟକ୍ରମେ ଉଦାସିନତାରେ ନିଜକୁ ଏପରି ଜଡାଇ ରଖି ନିରବ ପାଲଟିଯାଇଛି। ଅନେକ ଅଛିଣ୍ଡା ପ୍ରଶ୍ନ ଅଡୁଆ ସୂତା ପରି ସୁତପା ମନ ଭିତରେ ଖେଳି ବୁଲୁଥିଲା। ତଥାପି ସ୍ଥାନ, କାଳ ପାତ୍ରର ଗୁରୁତ୍ୱକୁ ଉପଲବ୍ଧି କରି ବିଜୟାର ବ୍ୟକ୍ତିଗତ ଜୀବନକୁ ଉଖାରିବାକୁ ଚାହୁଁନଥିଲା ସୁତପା।

ହର୍ଷଉଲ୍ଲାସ, ମଜାମଜଲିସ୍ ଭିତରେ ଉତ୍ସବର ପରିସମାପ୍ତିରେ ସମସ୍ତ ସାଥୀମାନେ ପରସ୍ପରଠାରୁ ବିଦାୟ ନେଇ ଯିବାକୁ ପ୍ରସ୍ତୁତ ହେଲେ।

"ତୋର ହଜବେଣ୍ଡ ଆସିବେ ତୋତେ ନବାକୁ ?"

"ନାରେ ମୁଁ ଏବେ ସମ୍ପୂର୍ଣ୍ଣ ଏକାକୀ" ବିଜୟାର ଉତ୍ତରରେ ଛାତି ଭିତର ଧଡକିନା ହୋଇ ଉଠିଲା ସୁତପାର। ନିଜ ଅନ୍ତରଙ୍ଗ ବନ୍ଧୁ ସହ କିଛି ଏକାନ୍ତ ସମୟ ବିତାଇ ତା'ର ସ୍ୱାମୀ ଓ ପିଲାମାନଙ୍କ ବିଷୟରେ ଜାଣିବାର ଆଗ୍ରହକୁ ଚପାଇ ରଖିପାରିନଥିଲା ସୁତପା। ଅଗତ୍ୟା ପ୍ରସ୍ତାବ ରଖିଥିଲା ବିଜୟାକୁ ନେଇ ତା' ଘରେ ଛାଡ଼ିଦେବାର।

ବିଜୟାର ଇସାରାରେ ଗାଡି ଯାଇ ବିଜେପି ନଗରର ଏକ ସୁଉଚ୍ଚ, ସୁନ୍ଦର ଅଟ୍ଟାଳିକା ସାମନାରେ ଅଟକି ଥିଲା। ଜଣେ ପ୍ରୌଢ଼ା ମହିଳା ଆସି ଗେଟ୍ ଖୋଲିଥିଲେ। ବିରାଟ ବଙ୍ଗଳା ପରି ଘରର ସାମ୍ନା ପଟର ଏକ ବଡ ଭାଗ ଉଚ୍ଚ ଉଚ୍ଚ ବୃକ୍ଷଗୁଡିକ ଦ୍ୱାରା ପୁରି ରହିଥିଲା। ଦଶ, ବାର ଫୁଟ ଚଉଡାର ସିମେଣ୍ଟ ପଲସ୍ତରା ଦିଆ ରାସ୍ତା ଲମ୍ବି ଯାଇଥିଲା ଗେଟ୍‌ରୁ ଘରର ମୁଖ୍ୟ ଦ୍ୱାର ପର୍ଯ୍ୟନ୍ତ। ସେହି ସିମେଣ୍ଟ ରାସ୍ତାର କଡେକଡେ ଦିନେ ଯେ ଫୁଲଗଛଗୁଡିକର ଏକ ରଙ୍ଗିନ ବଗିଚା ଥିବ ଓ ସମୟକ୍ରମେ ତାହା ଉଜୁଡି ତାର ଚିହ୍ନ ଛାଡିଯାଇଥିବା ପରି ମନେ ହେଲା ସୁତପାକୁ।

"ଭିତରକୁ ଆ, ଚା' କପେ ପିଇ ଚାଲିଯିବୁ।" ନିଜେ ଓହ୍ଲାଇ ପଡି ଭିତରକୁ ଯିବା ପାଇଁ ସୁତପାର ହାତକୁ ଧରି ଇସାରା କଲା ବିଜୟା।

ବିରାଟ ଘର ଭିତରଟା ଶୂନ୍‌ଶାନ ଲାଗୁଥିଲା ସୁତପାକୁ। "ଘରେ କ'ଣ କେହି ନାହାନ୍ତି ?" "ନା ଭାଇନା ଆଜକୁ ୭ ବର୍ଷ ହେଲାଣି ଚାଲିଗଲେଣି। ଆଉ ପୁଅ,ଝିଅ ସବୁ ବାହାରେ ନିଜ ନିଜର ସଂସାରକୁ ନେଇ ଖୁସିରେ ଅଛନ୍ତି।" ଏବେ ଘରେ ମୁଁ ଓ ବହୁ ଆଗରୁ ଆମ ଘରେ କାମ କରୁଥିବା ଏହି ମାଉସୀ ଅଛନ୍ତି।

ଏତେ ବଡ଼ ଘରେ ଏକୁଟିଆ ରହୁଛି ବିଜୟା। ସବୁ କିଛି ରହସ୍ୟମୟ ପରି ଲାଗୁଥିଲା ସୁତପାକୁ। "ତୁ ଏଠି ଏକୁଟିଆ ନ ରହି ପିଲାମାନଙ୍କ ପାଖକୁ ଚାଲିଯାଉନୁ ?"

"ସେମାନଙ୍କ ଦୃଷ୍ଟିରେ ମୁଁ ଏକ ମାନସିକ ଅସନ୍ତୁଳନ ଥିବା ମହିଳା। ତେଣୁ ସେମାନେ କାହିଁକି ବା ମୋ ପରି ଏକ ଜଂଜାଳକୁ ମୁଣ୍ଡାଇବାକୁ ଚାହିଁବେ। ଅବଶ୍ୟ ମୁଁ ମଧ୍ୟ କେବେ ସେମାନଙ୍କ ପାଖକୁ ଯାଇନି। ସେମାନେ ଡାକିବା ସତ୍ୱେ ବି।"

ବିଜୟାର କଥାସବୁ କୁହେଳିକା ପରି ଲାଗୁଥିଲା ସୁତପାକୁ। ବିଜୟା ଚାଲିଯାଇଥିଲା ଭିତରକୁ ଚା' ଆଣିବା ପାଇଁ।

ଚା' ଦୁଇକପ୍ ଆଣି ଟିପୟ ଉପରେ ରଖି ସୁତପାକୁ ଲାଗି ବସିପଡ଼ିଲା ବିଜୟା। ଉଦାସ ଆଖିରେ ତା'ର ବହୁ ସମୟରୁ ଜଳଜଳ ହେଉଥିବା ଲୁହ ଟିକକ ବୋହି ପଡୁଥିଲା ତା'ର ଚିବୁକ ଦେଇ ତଳକୁ। ନିଜ ଘନିଷ୍ଠ ବାନ୍ଧବୀକୁ ନିକଟରେ ପାଇ ଲୁଚାଇ ରଖିଥିବା କୋହ ଓ ଲୁହ ଯେମିତି ଅମାନିଆ ପାଲଟି ଯାଇଥିଲା। ସାନ୍ତ୍ୱନା ଦେବା ଭଙ୍ଗିରେ ସୁତପା ଚାପି ରଖିଥିଲା ବିଜୟା ହାତକୁ ନିଜ ହାତ ମୁଠାରେ। କୋହଭରା କଣ୍ଠରେ ବିଜୟା ଖୋଲି ଦେଇଥିଲା ତା'ର ବିଗତ ଜୀବନରେ ଘଟି ଯାଇଥିବା ଦୁଃଖଭରା କାହାଣୀର ପୃଷ୍ଠା ସବୁ।

ବାହାଘରର କିଛି ବର୍ଷ ଖୁବ୍ ହସଖୁସିରେ କଟି ଯାଇଥିଲା ବିଜୟାର। ଏକ ସଂଭ୍ରାନ୍ତ ପରିବାରର ବୋହୂ। ପୁଣ୍ୟଶ୍ଳୋକଙ୍କ ପରି ଉଚ୍ଚ ଶିକ୍ଷିତ। ସୌମ୍ୟଦର୍ଶନ ବିଶିଷ୍ଟ ଉଦ୍ୟୋଗପତିଙ୍କର ସ୍ତ୍ରୀ ହେବାର ଗୌରବରେ ଉତ୍‌ଫୁଲ୍ଲିତ ହୋଇ ଉଠୁଥିଲା ବିଜୟାର ମନ। ଗାଡି, ମଟର, ଚାକର, ପୂଜାରୀ ଭିତରେ ଏକ ସ୍ୱଚ୍ଛନ୍ଦ ଜୀବନ ବିତାଉଥିଲା ସେ। ଶାଶୁ ଶ୍ୱଶୁର ବି ତାଙ୍କର ଏକ ମାତ୍ର ପୁତ୍ରର ପତ୍ନୀଭାବରେ ବିଜୟାଠାରେ ସ୍ନେହ, ଆଦର, ସମ୍ମାନ କେଉଁଥିରେ ବି ସାମାନ୍ୟତମ ଊଣା କରୁନଥିଲେ। ପୁଣ୍ୟଶ୍ଳୋକଙ୍କର ଥିଲାତା' ପ୍ରତି ଅଗାଧ ଭଲ ପାଇବା। ତାଙ୍କ ଅତୁଟ ପ୍ରଣୟ ରଜ୍ଜୁରେ ବିଜୟା ନିଜକୁ ସଂସାରର ସବୁଠାରୁ ସୌଭାଗ୍ୟଶାଳିନୀ ମନେ କରୁଥିଲା।

ପୁଅଝିଅଙ୍କ ଜନ୍ମ ପର୍ଯ୍ୟନ୍ତ ବିଜୟା ଜୀବନରେ ସବୁ କିଛି ସୁନ୍ଦର, ସାବଲିଳ ଭାବରେ ଚାଲିଥିଲା। କିନ୍ତୁ ଏ ଖୁସି ତା'ର ଚିରସ୍ଥାୟୀ ହୋଇପାରିଲା ନାହିଁ। ତା' ଜୀବନର ସବୁ ଖୁସି, ସୁଖ ସ୍ୱପ୍ନ ଶାନ୍ତି ଭାଙ୍ଗି ଚୂରମାର ହୋଇଗଲା। ଯେଉଁଦିନ ସେ ଏକ ବିଶ୍ୱସ୍ତ ସୂତ୍ରରୁ ଖବରପାଇଲା ପୁଣ୍ୟଶ୍ଳୋକଙ୍କର ତାଙ୍କ ଅଫିସର ପର୍ସନାଲ ଆସିଷ୍ଟାଣ୍ଟ ଅପୂର୍ବ ସହ ଅନୈତିକ ସମ୍ପର୍କ ବିଷୟରେ, ଆକାଶରୁ ଖସିପଡିଲା ଯେମିତି ବିଜୟା। ବିଚଳିତ ହୋଇ ଉଠିଲା ତା'ର ମନ ଓ ଶରୀର। ବିଶ୍ୱାସ, ଅବିଶ୍ୱାସର ଦ୍ୱନ୍ଦ୍ୱରେ ଛନ୍ଦି ହୋଇ ଅଣନିଶ୍ୱାସି ହୋଇ ଯାଉଥାଏ ତା'ର ମନ। ସାହସ କରି ସ୍ୱାମୀଙ୍କୁ ପଚାରି ପାରୁନଥାଏ ସେ। ଯଦି ଏ ଖବର ଗୁଜବ ହୋଇଥାଏ ସ୍ୱାମୀଙ୍କର ଭରସା ସେ ହରାଇ ବସିବନି ତ ?

କିନ୍ତୁ ଯେଉଁଦିନ ବିଜୟା ଘଟଣାର ସତ୍ୟତା ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ପାଇପାରିଲା, ତା' ପରଠାରୁ ବଦଳି ଗଲା ତା' ଜୀବନର ସବୁକିଛି। ଯେଉଁ ଘରେ ଦିନେ ଶାଶୁ,ଶ୍ୱଶୁର, ସ୍ୱାମୀ ସମସ୍ତଙ୍କର ପ୍ରିୟ ହୋଇ ସର୍ବେସର୍ବା ସାମ୍ରାଜ୍ଞୀ ପରି ଥିଲା ସେଠାରେ ନିଜେ ନିଜକୁ ଏକ ଅଲୋଡ଼ା ବସ୍ତୁପରି ଅନୁଭବ କଲା। ଅଭିମାନରେ ସମସ୍ତଙ୍କଠାରୁ ଦୂରେଇ ଯାଇଥିଲା ସେ। ପ୍ରଥମରୁ ପୁଣ୍ୟଶ୍ଳୋକଙ୍କର ସାମନାସାମନି ହୋଇ କୈଫତ ନେଇ ପ୍ରତିବାଦ କରିବାକୁ ଚେଷ୍ଟା କଲେ ବି ନିଜର ଅହଂ, ଅଭିମାନର ବଶବର୍ତ୍ତି ହୋଇ ସେଥିରୁ ନିବୃତ୍ତ ରହୁଥିଲା। ସ୍ୱାମୀଙ୍କର ଛଳନାର ମୁଖା ଖୋଲିଦେଇ ତାଙ୍କୁ ଉଚିତ ଶାସ୍ତି ଦେବାକୁ ଚାହିଁଲେ ବି ନିଜ ସ୍ୱଭାବ ତାକୁ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବାକୁ ଦେଉନଥିଲା।

ଏକ ପ୍ରିୟ ସହଚରୀ, ସହସଙ୍ଗିନୀ ହୋଇ ଘରେ, ବାହାରେ ସେ ନିଜ କର୍ତ୍ତବ୍ୟରେ ସାମାନ୍ୟତମ ତ୍ରୁଟି ବି ରଖିନଥିଲା। ତଥାପି ପୁଣ୍ୟଶ୍ଳୋକ ଅନ୍ୟଜଣେ ନାରୀ ପାଖରେ ସୁଖର ସନ୍ଧାନ କରିବାକୁ ସେ ସହଜରେ ଗ୍ରହଣ କରିପାରୁନଥିଲା। ପତ୍ନୀର ଦାୟିତ୍ୱ, ମାତୃତ୍ୱର କର୍ତ୍ତବ୍ୟ, ନାରୀତ୍ୱର ସମର୍ପଣ ଭାବକୁ ସୁଚାରୁରୂପେ ନିଭାଇ ସେଥିରେ ସେ ନିଜର ପୂର୍ଣ୍ଣତା ପ୍ରାପ୍ତୀ କରୁଥିଲା। ତଥାପି କ'ଣ ପାଇଁ ପୁଣ୍ୟଶ୍ଳୋକଙ୍କର ଏ ପ୍ରତାରଣା। ଅଭିମାନରେ କୁହୁଳି ଉଠୁଥିଲା ତା'ର ମନ। ନିଜକୁ ଅସମ୍ଭବ ଭାବରେ ସେ ଦୂରେଇ ନେଇଥିଲା ପୁଣ୍ୟଶ୍ଳୋକଙ୍କଠାରୁ। ଘରେ ଥାଇବି ପୁଣ୍ୟଶ୍ଳୋକଙ୍କ ପାଇଁ ସେ ଥାଇ ନଥିଲା ପରି ଥିଲା। ଅଭିମାନ ଆହୁରି ଜମାଟ ବାନ୍ଧୁଥିଲା ଯେତେବେଳେ ଶାଶୁଶ୍ୱଶୁର ସବୁ ଜାଣି ମଧ କାହାରି ପ୍ରତିବାଦର ସ୍ୱର ଶୁଭୁନଥିଲା। ନିଜର ଏକମାତ୍ର ପୁତ୍ରର ଅଯୌକ୍ତିକ ଖୁସି, ଅୟସ ଜୀବନଶୈଳୀକୁ ପ୍ରତିହତ ନକରି ନିରବ ରହିବାକୁ ଶ୍ରେୟ ମନେ କରୁଥିଲେ ସେମାନେ। କାହାର ଆଶ୍ୱସନାର ହାତ ଉଠି ଯାଇ ନଥିଲା ତା' ମୁଣ୍ଡ ଉପରକୁ। କେହି ଆଗେଇ ଆସୁନଥିଲେ ତା ସାଂସାରିକ ଜୀବନକୁ ଅକ୍ଷୁର୍ଣ୍ଣ ରଖିବାକୁ। କେହି ତା' ଅନ୍ତରର ବେଦନାକୁ ବୁଝିବାକୁ ଚେଷ୍ଟା କରୁନଥିଲେ।

ଏକ ଅଲଗା ଦୁନିଆରେ ବଂଚୁଥିଲା ବିଜୟା। ପତିପତ୍ନୀ ସମ୍ପର୍କରେ ତିକ୍ତତା ବଢ଼ିବାରେ ଲାଗିଲା। ଆଉ ତାକୁ ସଜାଡ଼ିବାର ସାମାନ୍ୟତମ ପ୍ରୟାସ ବି କରିନଥିଲା ବିଜୟା। ପୁଣ୍ୟଶ୍ଳୋକଙ୍କ ସହ ତା'ର କଥାବାର୍ତ୍ତା କେବେଠାରୁ ବନ୍ଦ ହୋଇଯାଇଥିଲା। ଖାଇଲେ ଖାଇଲା, ନହେଲେ ଉପାସରେ ଶୋଇ ଯାଉଥିଲା, କହିବାକୁ କେହି ନଥିଲେ। ଘର ଭିତରେ ଚାକର ପୂଜାରିଙ୍କର ଅଭାବ ନଥିଲା। ତେଣୁ ପିଲାଙ୍କ ଦାୟିତ୍ୱ ବି ତାକୁ ଅଣଦେଖା କରି ସବୁକିଛି ହୋଇ ଯାଉଥିଲା। ପିଲାମାନଙ୍କ ପାଇଁ ବି ସେ ଅଲୋଡା ହୋଇଯାଇଥିଲା।

ଦିନ ବିତିବା ସହିତ ବିଜୟା ମନ ଭିତରେ ଅଭିମାନର ନିଆଁ କୁହୁଳୁ ଥିଲା। ନିଜ ଆଭିଜାତ୍ୟର ଅହଙ୍କାରରେ ଅନ୍ଧ ଶାଶୁ, ଶ୍ୱଶୁର ବି ପୁଣ୍ୟଶ୍ଳୋକ କେହି ବି ତାକୁ ବୁଝାଇବାକୁ ଚେଷ୍ଟା କରିନଥିଲେ। ସମୟକ୍ରମେ ତା'ର ମାନସିକ ଅସନ୍ତୁଳନତା ଥିବା ଦର୍ଶାଇ ଘର ଭିତରେ ରହି ବି ତାକୁ ତା' ବାଟରେ ବଂଚିବା ପାଇଁ ଛାଡ଼ି ଦେଇଥିଲେ।

ସ୍ତ୍ରୀର ସ୍ନେହ, ପ୍ରେମ, ପରିବାରର କଟକଣାରୁ ବଂଚିତ ପୁଣ୍ୟଶ୍ଳୋକ ଅଧିକାଂଶ ସମୟ ନିଶାସକ୍ତ ରହୁଥିଲେ। ମଦ୍ୟପ ସାଙ୍ଗସାଥିଙ୍କ ସହ ମିଶି ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ସେମାନଙ୍କ ଗହଣରେ କାଟିବା ନିତିଦିନର ଅଭ୍ୟାସରେ ପରିଣତ ହୋଇଯାଇଥିଲା ତାଙ୍କର। ବେପରୱା ଜୀବନଶୈଳୀ, ଖାଦ୍ୟପେୟର ଅନିୟମିତତା ଓ ନିଶାଗ୍ରସ୍ତ ରହି ଧିରେ ଧିରେ ରଗ୍ଣ ହୋଇଯାଇଥିଲେ ସେ। ବହୁ ଡାକ୍ତରୀ ପରୀକ୍ଷାନିରୀକ୍ଷା ପରେ ସେ ଯେ ଏକ ଗୁରୁତର ରୋଗରେ ପଡ଼ିଚି ତାହା ଜଣାପଡ଼ିଥିଲା। ଉତ୍ତମ ଚିକିତ୍ସା ପାଇଁ ତାଙ୍କୁ ମୁମ୍ବାଇ ନେଇଯିବାକୁ ଡାକ୍ତର ପରାମର୍ଶ ଦେଇଥିଲେ।

ଜୀବନର ଅପରାହ୍ନରେ ନିଜ ଭୁଲକୁ ବୁଝି ପାରିଥିଲେ ପୁଣ୍ୟଶ୍ଳୋକ। ନିଜ ପତ୍ନୀର ଅସ୍ତିତ୍ୱକୁ କ୍ଷୁର୍ଣ୍ଣ କରି ସାମୟିକ ବାସନାର ବଶବର୍ତ୍ତୀ ହୋଇ ଏକ କୁତ୍ସିତ ରାସ୍ତାରେ ପଥହୁଡି ଯାଇଥିବାରୁ ଲଜ୍ଜା, ବିଷାଦ ଓ ଗ୍ଲାନିରେ ବିଜୟା ସହ ଆଖି ମିଳାଇ ପାରନଥିଲେ ସେ। ନିଜ ଭୁଲକୁ ଉପଲବ୍ଧି କରି ପଶ୍ଚାତାପର ଅଗ୍ନିରେ ଦଗ୍ଧିଭୂତ ହୋଇ ଯାଉଥିଲା ତାଙ୍କର ହୃଦୟ। ଜୀବନର ଶେଷ ମୁହୂର୍ତ୍ତ ଆସନ୍ନ ଜାଣି କ୍ଷମା ଜାଚନା କରି ଚାଲିଥିଲେ ବିଜୟ ଠାରୁ।

ଉଚ୍ଚତର ଚିକିତ୍ସା ଲାଗି ପୁଣ୍ୟଶ୍ଳୋକଙ୍କୁ ମୁମ୍ବାଇ ନେଇଯିବାକୁ ପରାମର୍ଶ ଦେଇଥିଲେ ଡାକ୍ତରମାନେ। ପୁଣ୍ୟଶ୍ଳୋକଙ୍କର ଅନୁରୋଧକ୍ରମେ ତାଙ୍କର ସହଯାତ୍ରୀ ହୋଇ ମୁମ୍ବାଇ ଯାଇଥିଲା ବିଜୟା। ରୋଗଗ୍ରସ୍ତ ସ୍ୱାମୀଙ୍କର ସେବା ଶୁଶ୍ରୁଷାରେ ସାମାନ୍ୟତମ ତ୍ରୁଟି ବି ରଖିନଥିଲା ସେ। ନିରବରେ ସବୁକିଛି କରି ଚାଲିଥିଲା। ସମସ୍ତ ପ୍ରକାର ଉନ୍ନତମାନର ଚିକିତ୍ସା ସତ୍ତ୍ୱେ ଡାକ୍ତରମାନଙ୍କ ଅକ୍ଳାନ୍ତ ପରିଶ୍ରମ ପରେ ବି ବଂଚାଇ ପାରିନଥିଲେ ପୁଣ୍ୟଶ୍ଳୋକଙ୍କୁ। ହସପିଟାଲର ବେଡ ଉପରେ ବିଜୟାର ହାତ ଦୁଇଟିକୁ ଜାବୁଡ଼ି ଧରି "ମୋର ଶେଷ ଅନୁରୋଧ ରକ୍ଷା କରି ମୋତେ କ୍ଷମା କରିଦେବ ବିଜୟା" କହି ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ପୁଣ୍ୟଶ୍ଳୋକ।

ମାନସିକ ଅସନ୍ତୁଳିତ ମନେ କରି ବନ୍ଧୁବାନ୍ଧବଙ୍କର ସମବେଦନାର ହାତ ବଢ଼ିଯାଇଥିଲା ତା' ନିକଟକୁ। ପୁଅଝିଅଙ୍କୁ ଉଚ୍ଚ ଶିକ୍ଷା ଦେଇ ରୋଜଗାରକ୍ଷମ କରାଇ ବିବାହ କରାଇ ଦେଇଥିଲେ ବିଜୟା। ଶାଶୁ ଶ୍ୱଶୁର ବି ପୁଣ୍ୟଶ୍ଳୋକଙ୍କର ବହୁ ଆଗରୁ ଚାଲିଯାଇଥିଲେ ଆରପାରିକୁ। ଏବେ ଘର ଭିତରେ ସେ ଏବଂ ତାଙ୍କର ଏହି ମାଉସୀ ଜଣଙ୍କ।

ବିଜୟା କାହାଣୀ ପରି ତା' ଜୀବନର ସତ୍ୟକୁ କହି ଚାଲିଥିଲା। ଆଉ ସୁତପା ଏକ ଲୟରେ ତା'ର ଆଖି ତଳେ ଜମାଟ ବାନ୍ଧିଥିବା ଲୁହକୁ ଲକ୍ଷ୍ୟ କରୁଥିଲା। ବିଜୟା ଆଖିରୁ ଦୁଇଧାର ଲୁହ ତା'ର ଗଣ୍ଡଦେଶ ସ୍ପର୍ଶ କରି ତଳକୁ ବୋହି ଯାଉଥିଲା। ନିଜର ଅନ୍ତରଙ୍ଗ ବାନ୍ଧବୀକୁ ତା' ଜୀବନର ଦୁଃଖଭରା ଗାଥା କହିସାରିବା ପରେ ସେ ବୋଧହୁଏ ନିଜକୁ ଖୁବ୍ ହାଲକା ମନେ କରୁଥିଲା। ବାଷ୍ପରୁଦ୍ଧ କଣ୍ଠରେ କହିଥିଲା "ବୁଝିଲୁ ତପୁ ମୋର ଦୁର୍ଭାଗ୍ୟ ପାଇଁ ମୁଁ ନିଜେ ହିଁ ଦାୟୀ ଥିଲି ମୋର ଅଭିମାନର ଯେ ଏତେ ବଡ ମୂଲ୍ୟ ଦେବାକୁ ପଡ଼ିବ ତାହା ସ୍ୱପ୍ନରେ ସୁଦ୍ଧା ଭାବିନଥିଲି। ମୋର ପରିପୂର୍ଣ୍ଣ ସଂସାରକୁ ଭାଙ୍ଗି ଦେବାରେ ମୁଁ ବି ପୁଣ୍ୟଶ୍ଳୋକଙ୍କ ସହ ସମଭାବରେ ଦୋଷୀ ଥିଲି। ତା'ର ଶାସ୍ତି ମୁଁ ସାରା ଜୀବନ ଭୋଗ କରିବି। ପୁଣ୍ୟଶ୍ଲେକଙ୍କର ଅବୈଧ ସମ୍ପର୍କକୁ ମୁଁ ଯଦି ନିରବ ନ ରହି ପ୍ରତିରୋଧ କରିପାରିଥାନ୍ତି, ତାହାଲେ ମୋ ଜୀବନର ଗତିପଥ ଆଜି ହୁଏତ ପଙ୍କିଳ ନ ହୋଇ ପିଚ୍ଛିଳ ହୋଇପାରିଥାନ୍ତା। ପୁଣ୍ୟଶ୍ଳୋକ ନିଜର ଦୋଷ ସ୍ୱୀକାର କରି ପଶ୍ଚାତପ ପୂର୍ବକ ଏ ସଂସାରରୁ ବିଦାୟ ନେଇ ଚାଲିଗଲେ। ମତେ କିନ୍ତୁ ମୋର ଭୁଲକୁ ସ୍ୱୀକାର କରି ସାରା ଜୀବନ କୁହୁଳି କୁହୁଳି ବଂଚିବାକୁ ପଡ଼ିବ।"

କଥା ହେବା ଭିତରେ ରାତି ଅଧିକ ହୋଇଯିବା ଦେଖି ପୁଣି କେବେ ଆସିବି, ଅନେକ କଥା ହେବାର ପ୍ରତିଶ୍ରୁତି ଦେଇ ବାହାରିବା ପାଇଁ ଉଦ୍ୟତ ହେଲା ସୁତପା, ତାକୁ ବଳେଇ ଦେବା ପାଇଁ ବିଜୟା ତା' ସହ ଗେଟ ପର୍ଯ୍ୟନ୍ତ ଚାଲିଆସିଥିଲା। ସୁତପାକୁ ବିଦାୟ ଦେଇ ବିଜୟା ବୁଲିପଡି ଘର ଉଦ୍ଦେଶ୍ୟରେ ଅଗ୍ରସର ହେଉଥିଲା। ସୁତପାକୁ ଲାଗୁଥିଲା ଯେମିତି ଜୀବନର ଅଙ୍କାବଙ୍କା ଚଲାପଥରେ କ୍ଳାନ୍ତଶ୍ଳାନ୍ତ ପରାଜିତ ପଥିକଟିଏ ଲକ୍ଷ୍ୟହୀନ ଭାବରେ ଆଗକୁ ବଢ଼ି ଚାଲିଛି। ଦୃଷ୍ଟିପଥରୁ ଅନ୍ତର ହେବା ଯାଏଁ ସୁତପା ଚାହିଁ ରହିଥିଲା ତା' ପ୍ରିୟ ସାଙ୍ଗର ଫେରିଯିବା ବାଟକୁ।

ଥକା ମନ ନେଇ ଗାଡି ଭିତରେ ବସି ଆଖି ବୁଜି ଦେଇଥିଲା ସୁତପା। ବିଜୟା ଜୀବନର ଅନେକ ପ୍ରଶ୍ନର ଉତ୍ତର ସେ ଖୋଜୁଥିଲା ନିଜଠାରୁ। ଶାସ୍ତି କିଏ କାହାକୁ ଦେଲା। ବିଜୟା ପୁଣ୍ୟଶ୍ଳୋକଙ୍କୁ ନା ନିଜେ ନିଜକୁ। ପୁଣ୍ୟଶ୍ଳୋକ ହୁଏତ ପଶ୍ଚାତାପ କରି ମରୋଣପରାନ୍ତ ଶାନ୍ତିଲାଭ କରିଥିବେ। କିନ୍ତୁ ବିଜୟା ! ସବୁ ପ୍ରକାର ଐଶ୍ୱର୍ଯ୍ୟ, ପ୍ରାଚୁର୍ଯ୍ୟ ଭିତରେ ଥାଇ ବି ସେଥିରୁ ନିର୍ଲିପ୍ତ ହୋଇ ଅଭିମାନରେ ସାରା ଜୀବନ କଟାଇଦେଲା। ତଥାପି କର୍ତ୍ତବ୍ୟର ଆହ୍ୱାନରେ ମୃତ୍ୟୁ ପଥଗାମୀ ସ୍ୱାମୀଙ୍କର ସହଯାତ୍ରୀ ହୋଇ ତାଙ୍କର ସେବାଶୁଶ୍ରୂଷାରେ ଟିକେ ବି ହେଳା କରିନଥିଲା।

ବିଜୟା ଲାଗି ଏତେଦିନ ଧରି ମନ ଭିତରେ ରଖିଥିବା ଭ୍ରାନ୍ତ ଧାରଣା ଯୋଗୁଁ ଅନୁତପ୍ତ ଅନୁଭବ କରୁଥିଲା ସୁତପା। ଅନୁଶୋଚନାରେ ମୁଣ୍ଡ ତା'ର ତଳକୁ ହୋଇଯାଇଥିଲା। ପାଟିରୁ ସ୍ୱତଃ ବାହାରି ପଡ଼ିଥିଲା "ଧନ୍ୟ ତୁ ବିଜୟା ! ଧନ୍ୟ ତୋର ସ୍ୱ ଇଚ୍ଛାରେ ନିଜ ପାଇଁ ବରଣ କରିନେଇଥିବା ଶାସ୍ତିକୁ।"

***ଚାଉଳିଆଗଞ୍ଜ, ଅପର୍ଣ୍ଣାନଗର, କଟକ***

# ଭଦ୍ରାପାର୍ଥର ସଂସାର

## ପଦ୍ମନାଭ ସାହୁ

ଝିଅର ଆସିବାଟାକୁ ଅପେକ୍ଷା କରି ରହିଥିଲା। କଲିଂବେଲ୍‌ର ଘଣ୍ଟି କାନରେ ବାଜିଲା। ସୁଭଦ୍ରା ତୁରନ୍ତ ଆସି ଗୃହର ପ୍ରବେଶ ଦ୍ୱାର ଖୋଲିଦେଲା। ବିଜେତା ଘର ଭିତରେ ପାଦଦେଇ ବ୍ୟାଗ୍ ଓ ଲ୍ୟାପ୍‌ଟପ୍ ପାର୍ଶ୍ୱ ଡ୍ରଇଂରୁମ୍‌ର ସୋଫା ଉପରେ ଥୋଇ ଦେଲା। ବାହୁ ପ୍ରସାରୀ ପରମ ଆହ୍ଲାଦରେ ଆସି ମମ୍ମିକୁ କୁଣ୍ଢାଇ ପକାଇଲା। ଶିଶୁ କନ୍ୟାକୁ ଆଦର କଲାଭଳି ସ୍ନାତକୋତ୍ତର ପଢୁଥିବା ଅଲିଅଳୀ ଦୁହିତାକୁ ସୁଭଦ୍ରା ବି ମୁହୂର୍ତ୍ତକ ପାଇଁ ସ୍ନେହ ଆବେଗରେ ଜଡ଼ାଇ ଧରିଲା। ନିକଟସ୍ଥ ସହରର ଏକ ନାମକରା ସ୍କୁଲ୍‌ରେ ପୁଅ ପଢୁଛି। ହଷ୍ଟେଲ୍‌ରେ ରହେ। ଆଗାମୀ କାଲି ପହଞ୍ଚିବ। ଆଜି ଶନିବାର, ସ୍ୱାମୀ ମଧ୍ୟ ଚାରି ପାଞ୍ଚଦିନ ଛୁଟିନେଇ ଘଡ଼ିକ ପରେ ଚାକିରୀ ଜାଗାରୁ ଆସିଯିବେ।

ବ୍ୟାଗ୍ ପତ୍ର ଧରି ନିଜ କୋଠରୀକୁ ଗଲା ବିଜେତା। ଝିଅଲାଗି ଜଳଖିଆ ବନ୍ଦୋବସ୍ତ କରିବା ସକାଶେ ସୁଭଦ୍ରା ରୋଷେଇ ଘରେ ପ୍ରବେଶ କଲା। ଝିଅ ସ୍ନାନସାରି ପୋଷାକ ବଦଳାଇ ବାହାରିବା ପୂର୍ବରୁ ତା ପାଇଁ ଖାଇବା ଟିକକ ଆଣି ଡ଼ାଇନିଂ ଟେବ୍‌ଲରେ ସଜାଡ଼ିଦେଲା। ଖାଇସାରି ଡ୍ରଇଂରୁମ୍ ସୋଫାରେ ଆସି ବସିଲା ବିଜେତା। ରିମୋଟ୍ ବୋତାମ ଚିପି ଟିଭି ଅନ୍‌କରି ଆପଣା ପସନ୍ଦର କାର୍ଯ୍ୟକ୍ରମରେ ଦୃଷ୍ଟି ନିବେଶକଲା। ସୁଭଦ୍ରା ଟେବ୍‌ଲରୁ ଅଇଁଠା ବାସନ ଗୋଟାଇ ୱାସ୍‌ବେସିନ୍‌ରେ ଧୋଇଧାଇ ଆସି ଦେଖେ ତ ଟିଭି ପ୍ରୋଗ୍ରାମ୍ ଚାଲିଛି, ଯାତ୍ରାକ୍ଲାନ୍ତି ଜନିତ ସେ ଶୋଇଯାଇଛି। ତାକୁ ଡ଼ିଷ୍ଟର୍ବ ନକରି, ବୈଠକଖାନାର ଗୋଟିକିଆ ଚେୟାରାଟିରେ ସେ ମଧ୍ୟ ଚୁପ୍‌ଚାପ୍ ବସି ଯାଇଥିଲା।

ଝିଅ ଶୋଇ ଯାଇଥିଲା, ପୁଅ ଆଗାମୀ କାଲି ଆସିବ, ସ୍ୱାମୀ ଘରେ ପହଞ୍ଚି ନଥିଲେ, ତାର ବି ଆଜି ଅଧାଦିନ ଅଫିସ୍; ହାତରେ କାମ ନଥିଲା। ବର୍ଷାଦିନିଆ ନଈର ସୁଅଭଳି ନିଜ ଘର ସଂସାରର ପୂର୍ବାପର ଅବସ୍ଥା ସଞ୍ଚରିବାକୁ ଲାଗିଲା ତା ମନ ମଗଜରେ।

'ପାର୍ଥ' ତା ସ୍ୱାମୀ, ସରକାରୀ ସ୍ୱାସ୍ଥ୍ୟ ବିଭାଗରେ ଚାକିରୀ କରନ୍ତି। ଘରଠାରୁ କର୍ମକ୍ଷେତ୍ର ପାଖାପାଖି ପଚାଶ କିଲୋମିଟର ଦୂର, ମଫସଲ ଇଲାକାରେ। ଯିବା ଆସିବାର ବିଶେଷ ସୁବିଧା ନାହିଁ। ସପ୍ତାହକୁ ସପ୍ତାହ ଶନିବାର ସନ୍ଧ୍ୟା ବାଇକ୍ ଯୋଗେ ଆସି ସୋମବାର ସକାଳୁ ପୁଣି କାମକୁ ଲେଉଟନ୍ତି। ଅନ୍ୟ ଛୁଟିଦିନମାନଙ୍କରେ ମଧ୍ୟ ତାଙ୍କୁ ସହଜେ କାମରୁ ଅବ୍ୟାହତି ମିଳେନି। ଝିଅ ରାଜଧାନୀ ବିଶ୍ୱ ବିଦ୍ୟାଳୟରେ ଜୀବ ରସାୟନ ଶାସ୍ତ୍ରରେ ପିଜି ନାମ ଲେଖାଇଛି। ଘରେ ପହଞ୍ଚିବା ଲାଗି ଚାରିପାଞ୍ଚ ଘଣ୍ଟାର ବସ୍ କିମ୍ୱା ଟ୍ରେନ୍ ଯାତ୍ରା କରିବାକୁ ପଡ଼େ। ଦଶମ ପାଶ୍‌କରି ଗଲାବର୍ଷ ଠାରୁ ପୁଅ ପାଖ ସହରର ଏକ ଆବାସିକ ସ.ବି.ଏସ୍.ସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦାଖିଲା ନେଇଛି।

କୋଡ଼ିଏ ବାଇଶି ବର୍ଷ ତଳର କଥା। ବି.ଏ. ପରୀକ୍ଷାର ଫଳ ପ୍ରକାଶ ପାଇନଥାଏ, ବିବାହ ବନ୍ଧନରେ ସେ ଛନ୍ଦି ହୋଇଗଲା। ବାପଘର ଛାଡି ଶ୍ୱଶୁର ଘର ଗାଆଁରେ ଆସି ରହିଲା। ସ୍ୱାମୀ ଚାକିରୀ ଜାଗାରେ। ପ୍ରତ୍ୟହ ଯିବା ଆସିବା କରି ସ୍ତ୍ରୀ ଏବଂ ପିତାମାତା କଥା ବୁଝୁଥିଲେ। ପ୍ରଥମେ ଝିଅ ଓ ତାର ଚାରିବର୍ଷ ଅନ୍ତରରେ ପୁଅ ଜନ୍ମହେଲା। ପିଲାଦୁହେଁ ଜନ୍ମ ହେବାର ଗୋଟେ ଯୋଡ଼େ ବର୍ଷ ଯାଇଛି କି ନାଇଁ ଆଗପଛ ହୋଇ ବୟସ୍କ ଶାଶୂଶ୍ୱଶୁର ଚାଲିଗଲେ। ମୁରବିଙ୍କ ଅନୁପସ୍ଥିତିରେ ପିଲାମାନଙ୍କୁ ଧରି ଗାଆଁରେ ଏକାଏକା ରହିବା ଆଉ ସମ୍ଭବ ହେଲାନି। ତା ଛଡ଼ା ସନ୍ତାନ ସନ୍ତତି ବଡ଼ ହେଉଥିଲେ। ତାଙ୍କ ପାଠପଢ଼ାକୁ ଦୃଷ୍ଟିରେ ରଖି ପତିଙ୍କ ପୈତୃକ ଗାଆଁ ଛାଡ଼ି ସହରର ଏକ ଭଡ଼ାଘରେ ଆସି ସେମାନେ ରହିଲେ। ବର୍ଷ କେଇଟା ଉତ୍ତାରୁ ସହରରେ ଜମିକିଣି ତହିଁରେ ଚଳିଯିବା ଭଳି ଘରଟେ ତୋଳି ସମ୍ପ୍ରତି ବାସ କରୁଛନ୍ତି।

-ସମୟ ଗଡୁଥିଲା ଆଗକୁ ଆଗକୁ। ସହର ବାସିନ୍ଦା ହେଲା ପରେ ତା ପାରିବାରର ଛବି ବଦଳିଗଲା। ପିତାମାତା ତାର ଥିଲେ ସରକାରୀ କର୍ମଚାରୀ। ମାତ୍ର ତିନିଟା ମାସର ବ୍ୟବଧାନରେ ଦୁଇଜଣଯାକ ଚାକିରୀରୁ ଅବସର ଗ୍ରହଣ କଲେ। ବାପାଙ୍କ ଯୌଥ ପରିବାର। ଗାଆଁରେ ଭାୟାଦି ଘର ଓ ଜମିବାଡି ରହିଥିଲା। ଅଭାବ କିଛି ନଥିଲା। ହେଲେ ଅବସର ପରେ ଦୁଇପ୍ରାଣୀ ଶାନ୍ତିରେ ସେଠାରେ ରହି ପାରିଲେ ନାହିଁ। ତାର ଏକ କାରଣ ମଧ୍ୟ ରହିଥିଲା। ବାପାଙ୍କ ପ୍ରଥମ ସ୍ତ୍ରୀର ପୁଅ 'ଭାଇ'। ସେ ତିନିଚାରି ବର୍ଷର ଶିଶୁ ହୋଇଥାଏ, ତା ଜନ୍ମଦାତ୍ରୀ ମାଆ ଚାଲିଗଲେ। ପୁଅର ଅସୁବିଧା ହେବ ଭାବି ବାପା ମଧ୍ୟ ଦ୍ୱତୀୟ ବିବାହପାଇଁ ମନଦେଇ ନଥିଲେ। ହେଲେ ନିୟତିର ନିର୍ଦ୍ଦେଶ ଥିଲା ଭିନ୍ନ। ଭାଇର ଦଶବର୍ଷ ବୟସ ବେଳକୁ ସହକର୍ମୀ ବନ୍ଧୁ କେତେଜଣଙ୍କ ପରାମର୍ଶ ମାନି ଏକା ଅଫିସ୍‌ରେ କାମ କରୁଥିବା ଜଣେ ସହକର୍ମୀ ବାନ୍ଧବୀଙ୍କ ସହିତ ସେ ଦ୍ୱିତୀୟ ବିବାହ କଲେ। ସେଇଠୁ ଆରମ୍ଭ ହେଲା ସାଂସାରିକ ଗଣ୍ଡଗୋଳ। ପରିବାର ଭିତରେ ଭୁଲ ବୁଝାମଣା ସୃଷ୍ଟିହେଲା।

ଘରଲୋକେ ତାଙ୍କ ଦ୍ୱିତୀୟ ବିବାହକୁ ଆନ୍ତରିକ ଗ୍ରହଣ କରିନଥିଲେ। ବାପା ଓ ନୂଆମା' ସହିତ ଚାକିରୀ ଜାଗାରେ ଆସି ରହିବା ପାଇଁ ଭାଇ ଅମଙ୍ଗ ହେଲା। ଜେଜେ ଓ ଜେଜେମା' ତତ୍ତ୍ୱାବଧାନରେ ଗାଆଁଘରଠି ସେ ରହିଲା। ବାପା କିନ୍ତୁ ପୁଅ ପ୍ରତି ଯତ୍ନଶୀଳ ଥିଲେ। ନିୟମିତ ଭାବେ ତାର ଟିଉସନ୍, ପାଠପଢ଼ା ଖର୍ଚ୍ଚ, ପୋଷାକ ପତ୍ର କିଣାକିଣି ଲାଗି ଟଙ୍କାପଇସା, ପକେଟ୍‌ମନି ଆଦି ଦେବାରେ ହେଳା କରୁନଥିଲେ। ସ୍କୁଲ୍‌ପାଠ ଶେଷକରି ସେ କଲେଜ ପଢ଼ିଲା। କଲେଜ୍ ପଢ଼ିଲାବେଳେ ମଧ୍ୟ ପୂର୍ବବତ୍ ତାର ସମସ୍ତ ପଢ଼ାଖର୍ଚ୍ଚ ତୁଲାଇଲେ। ପାଠପଢ଼ା ଅନ୍ତେ ଚାକିରୀ ଅନ୍ୱେଷଣରେ ସମୟ ଅପଚୟ ନକରି ବେଉସାରେ ସେ ମନଦେଲା। ବେପାର ସକାଶେ ବି ପିତାମାତା ତା ପାଇଁ ମୂଳଧନ ଯୋଗାଡ଼ କରି ଦେଇଥିଲେ। ତଥାପି ବିଡ଼ମ୍ବନାର ବିଷୟ ହେଲା, ଅବସର ପରେ ଦୁହେଁ ଆସି ଗାଆଁରେ ରହିବାରୁ ଘରେ ବିଶୃଙ୍ଖଳାମାନ ଦେଖା ଦେଲା।

ଦୁର୍ଭାଗ୍ୟ, ଠିକ୍ ସେତିକି ବେଳକୁ ବାପା ହଠାତ୍ ହୃଦରୋଗରେ ଆକ୍ରାନ୍ତ ହୋଇ ପଡ଼ିଲେ। ଗାଆଁଗଣ୍ଡାରେ ସ୍ୱାସ୍ଥ୍ୟ ଚିକିତ୍ସାର ଘୋର ଅଭାବ।

ବିଶେଷଜ୍ଞ ଡ଼ାକ୍ତରଙ୍କ ପରାମର୍ଶ ଲାଗି ବାରମ୍ବାର ତାଙ୍କୁ ସହର ଆଣିବା ପାଇଁ ହେଲା। ପତ୍ନୀ ବିଚାରୀ ହଇରାଣ ହରକତ ହୋଇ ସ୍ୱାମୀଙ୍କୁ ସାଙ୍ଗରେ ଘେନି ଥରକୁ ଥର ଡ଼ାକ୍ତରଙ୍କ ପାଖକୁ ଆସିଲେ। ଅସହାୟ ଦମ୍ପତିଙ୍କର ସନ୍ତାନ ସନ୍ତତି କହିଲେ ସେ ହିଁ ଏକମାତ୍ର ଝିଅ। ବାପାଙ୍କ ଲଗାତାର ଅସୁସ୍ଥତା ଏବଂ ମାଆର କ୍ଲେଶ ଦେଖି ଦୁଃଖରେ ପୂରାପୂରି ସେ ଭାଙ୍ଗି ପଡ଼ିଥିଲା। ଗତଦିନର ଘଟଣାଗୁଡ଼ିକ ମନେ ପଡ଼ିବାରୁ ସୁଭଦ୍ରା ଚକ୍ଷୁରୁ ଲୋତକ ଝରି ଆସିଲା।

ଜୀବନର ଦୁଃଖଦ ଘଟଣାମାନ ସ୍ମୃତିରେ ପଥରର ଗାରହୋଇ ରହିଯାଏ, ଆଦୌ ଲିଭେ ନାହିଁ। ମଣିଷକୁ ଏକାକି ପାଇଗଲେ, ଗ୍ରୀଷ୍ମର ତତଲା ଝାଞ୍ଜି ହେଇ ଅନ୍ତରକୁ ଘର୍ମାକ୍ତ କରିପକାଏ। ପୁରୁଣା ଦିନର କଥା ପୁନଃ ମାନସପଟରେ ତାର ପ୍ରତିବିମ୍ବିତ ହେଲା। ଦୁହିତା ସିଏ, ଦୁଇକୁଳର ହିତକାରିଣୀ। ରୋଗୀଣା ପିତାର ଭଗ୍ନ ସ୍ୱାସ୍ଥ୍ୟାବସ୍ଥା ଏବଂ ଜନ୍ମ ଦେଇଥିବା ମାଆର କଷ୍ଟ ଦେଖି ମନ ତାର ବିକଳ ହେଲା, ତାଙ୍କ ପାଖରେ ଯାଇ ଠିଆହେବ। ସେମାନଙ୍କ ସେବା କରିବ। ଅଥଚ, ବାପଘର ଗାଆଁରେ ଯାଇ ରହିବା ତା ପାଇଁ ତିଳେ ବି ସମ୍ଭବ ନଥିଲା। ବାହାରେ ଚାକିରୀ କରୁଥିବା ପତି ହେପାଜତରେ ପାଠ ପଢୁଥିବା ସାନଛୁଆ ଦି'ଟାକୁ ଛାଡ଼ି କେମିତି ବା ତାଙ୍କ ନିକଟରେ ଯାଇ ସେ ରହିପାରନ୍ତା !

ପାର୍ଥ ତା ପତି, ଭାରି ଦରଦୀ ମଣିଷ। ଶାଶୁ ଶ୍ୱଶୁରଙ୍କ ହିନିମାନ ଅବସ୍ଥା ସମ୍ବନ୍ଧରେ ଅବଗତ ଥିଲେ। ମୁଖ ଦେଖି ସ୍ତ୍ରୀର ଆନ୍ତରିକ ଆଗ୍ରହକୁ ଅଧ୍ୟୟନ କରି ପାରିଥିଲେ। ପ୍ରସ୍ତାବ ଦେଲେ, ତାଙ୍କୁ କୁହ ଏଇଠି ଆସି ରହନ୍ତୁ। ମୁଁ ତ ବାହାରେ, ଆମଝିଅ ବଡ଼ ହେଲାଣି। ହାଇସ୍କୁଲ୍ ପଢୁଛି। ପୁଅ ଚତୁର୍ଥ ଷ୍ଟାଣ୍ଡାର୍ଡ଼ରେ। ସେମାନେ ସ୍କୁଲ୍ ବାହାରି ଗଲାପରେ ତୁମେ ଏକ୍‌ଲା ରହୁଛ। ତାଙ୍କ ଆଇଅଜା ଏଠାରେ ରହିଲେ ଛୋଟ ଆମ ଏ ସଂସାରର କିଛି ବି ଅସୁବିଧା ହେବନାହିଁ। ଜ୍ୱାଇଁଝିଅ ଏକତ୍ରିତ ତାଙ୍କ ନିକଟକୁ ଗଲେ ଏବଂ ଦୁହିଁଙ୍କୁ ବୁଝାଇସୁଝାଇ ଆଦର ସହକାରେ ପାଛୋଟି ଆଣିଥିଲେ ନିଜ ଘରକୁ। ତଦୋପରାନ୍ତେ ଭଦ୍ରାପାର୍ଥ ପରିବାରର କାୟାକଳ୍ପ ଚାରିରୁ ବଢ଼ି ଛଅ ସଦସ୍ୟ ବିଶିଷ୍ଟ ହୋଇ ଯାଇଥିଲା।

ସମୟ ଗଡୁଥିଲା ଦିବସରୁ ମାସ, ମାସରୁ ବର୍ଷ। ପିତାମାତା ଝିଅଘରେ ରହିଲାପରେ ବାପାଙ୍କ ଚିକିତ୍ସାରେ ଅଗ୍ରଗତି ହେଲା। ଧୀରେଧୀରେ ସେ ସୁସ୍ଥହେଲେ। ନାତିନାତୁଣୀ ଗହଣରେ ସ୍ୱଭାବିକ ଦିନ କାଟିଲେ। ପୃଥିବୀର ଆହ୍ନିକଗତି ଯୋଗୁଁ ଗଛଛାଇର ସ୍ଥାନ ପରିବର୍ତ୍ତନ ହୁଏ। ଇ'ଆଡ଼େ କାଳର ଗତି ସହିତ ବାପାଙ୍କ ପୈତୃକଗ୍ରାମ ପରିବାରର ପରିସ୍ଥିତି କଡ଼ ଲେଉଟାଇଲା। କକାମାନେ ଭିନ୍ନେହୋଇ ଯେ ଯାହାର ସଂସାର ପାତି ଅଲଗା ରହିଲେ। ଜେଜେ ଓ ଜେଜେମା'ର ବୟସ ଖସିଲା ଦିନୁଦିନ। ବୁଢ଼ାବୁଢ଼ୀ ନାତି ବିଭାଘର ଦେଖିବେ ବୋଲି ଆଶା ପ୍ରକଟ କଲେ। ବାପାମାଆ ପାତ୍ରୀ ଠିକ୍‌କରି ଭାଇକୁ ବିଭା କରିଦେଲେ। ଗାଆଁରେ ଥିବା ନିଜ ଭାଗର ପୂରା ଘରଡ଼ିହ ଏବଂ ଜମିବାଡ଼ିର ମୋଟାଅଂଶ ମଧ୍ୟ ତା ନାଆଁରେ ଲେଖିଦେଲେ। ସେଇଠି ସେ ଥଇଥାନ ହୋଇଛି।

ପାର୍ଥ ଏଯାୟ ଚାକିରୀ ସ୍ଥାନରୁ ଆସି ପହଞ୍ଚି ନଥିଲେ। ସ୍ମୃତି ଉଖାରୁ ଉଖାରୁ ପତି ଅପେକ୍ଷାରେ ନିଦ୍ରିତା ଝିଅ ସମୀପରେ ବସିଥିଲା ସୁଭଦ୍ରା। ସାତବର୍ଷ ତଳେ ଦସ୍ୟୁସାଜି ତା ଜୀବନର ସବୁଠାରୁ ବଡ଼ସୁଖ ଲୁଟି ନେଇଥିବା କ୍ରୁର ଏକ କାଳଖଣ୍ଡ ତାର ମନେ ପଡ଼ିଲା। ବାପା ଡ଼ାକ୍ତରୀ ପରାମର୍ଶ ଏବଂ ନିୟମିତ ଔଷଧ ସେବନ ମଧ୍ୟଦେଇ ସୁସ୍ଥ ରହୁଥିଲେ। କେଉଁଠି କ'ଣ ବ୍ୟତୀକ୍ରମ ହେଲା କେଜାଣି, ହଠାତ୍ ହୃଦ୍‌ଘାତରେ ଆରପାରିକୁ ଚାଲିଗଲେ। ପରିବାର ଉପରେ ଦୁଃଖର ପାହାଡ଼ ଲଦି ହୋଇଗଲା। ବିପଦ କାଳରେ ଧୈର୍ଯ୍ୟର ସହ ତା ପତି ହିଁ ଉଭୟ ନିଜ ଓ ଶ୍ୱଶୁରଘର ଆଡ଼ିକାର ମୁରବି ଭଳି ଦାୟିତ୍ୱ ସମ୍ଭାଳି ଥିଲେ। ସ୍ତ୍ରୀର ଭାଇଭାଉଜ ଠାରୁ ଆରମ୍ଭ କରି ସେଠାକା କୁଟୁମ୍ବ ପରିଜନ ସଭିଙ୍କୁ ଡ଼ାକିଆଣି ଦିବଂଗତ ଶ୍ୱଶୁରଙ୍କ ଦାହସଂସ୍କାର ଏଠାରେ କରାଇଲେ। ଶୁଦ୍ଧିକ୍ରିୟାର ସମସ୍ତ କର୍ମକର୍ମାଣି ନିଜ ଘରଠି କଲେ। ପୂର୍ବକଥା ମନେପଡ଼ିଯିବାରୁ ବାପଛେଉଣ୍ଡ ଝିଅର ଶୀତଳ ନିଶ୍ୱାସ ସୁଭଦ୍ରା ନାକପୁଡ଼ା ଦେଇ ନିର୍ଗତ ହେବାକୁ ଲାଗିଲା।

ମଣିଷ ଜୀବନର ଅପସ୍ମୃତି ଗୁଡ଼ିକ ସତରେ ଭାରି ନଛୋଡ଼ବନ୍ଧା। ଛାଇହେଇ ପଛେପଛେ ଗୋଡ଼ାଇଥିବେ ଯେ ମନରୁ ହଟିବାର ନାଆଁ ଧରିବେନି। ସୁଭଦ୍ରାର ଚିନ୍ତା ଚେତନାକୁ ପୁନର୍ବାର ଭାରାକ୍ରାନ୍ତ କଲା ପିତାଙ୍କ ଦେହାନ୍ତ ପରେ ବର୍ଷ କେତୋଟା ନଯାଉଣୁ ପରିବାରକୁ କବଳିତ କରିଥିବା ଅନ୍ୟ ଏକ ଦାରୁଣ ଦୁଃଖ। ପତି ବିୟୋଗରେ ମ୍ରିୟମାଣ ହୋଇ ଖାଦ୍ୟପେୟ ଗ୍ରହଣରେ ଉଦାସିନତା ଏବଂ ଅବହେଳା ଯୋଗୁଁ ଅଭାଗିନୀ ତା ଜନନୀକୁ କ୍ୟାନ୍‌ସର୍ ଭଳି ଦୂରାରୋଗ୍ୟ ମାଡ଼ି ବସିଲା। ତାକୁ ବଡ଼ ଡ଼ାକ୍ତରଖାନା ନେଇ ଆଶ୍ୟକୀୟ ଚିକିତ୍ସା କରାଇଲେ ହେଁ, ଅନ୍ତିମ ପରିଣାମ ମିଳିଲା ଶୂନ। ଏବେଏବେ ବର୍ଷେହେଲା ସେ ପୁଣି ଇହଧାମରୁ ବିଦାୟ ନେଇ ଚାଲିଗଲା। ଗର୍ଭଧାରିଣୀ ମାଆର ମୃତ୍ୟୁକାଳୀନ ଯନ୍ତ୍ରଣାକାତର ମଳିନ ମୁଖଗୋଟି ଦୃଷ୍ଟିପଟଳରେ ପ୍ରତିଭାତ ହେବାରୁ ଅନ୍ତରର କୋହ ଆଖିଦେଇ ଗଣ୍ଡଦେଶକୁ ତାର ସମ୍ପୂର୍ଣ୍ଣ ଭିଜାଇ ଦେଇଥିଲା।

ସୁଭଦ୍ରାର ଏଥର ସ୍ମରଣ ହେଲା ଏକ ବିରଳ ଘଟଣା ଯାହା ତା ଜୀବନର ଗତିପଥକୁ ଭିନ୍ନଦିଗରେ ମୋଡ଼ି ଦେଇଛି। ସେଦିନ ଥିଲା ସ୍ୱର୍ଗବାସିନୀ ମାଆର ଏକାଦଶାହ ତିଥି। ବନ୍ଧୁବର୍ଗ ଜ୍ଞାତି ପରିଜନଙ୍କ ନିମନ୍ତେ ଦିବଂଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧା ନିବେଦନ ଓ ଶାକାନ୍ନ ଭୋଜନ ଗ୍ରହଣ କରିବାର ଦିବସ। ଶୁଦ୍ଧି ସମାଗମ ଅନ୍ତିମ ପର୍ଯ୍ୟାୟରେ। ପୁଣ୍ୟାତ୍ମାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ପାଇଁ ପୁଷ୍ପ ଚନ୍ଦନରେ ଶୋଭିତ ସ୍ୱର୍ଗତା ଜନନୀର ଫଟୋଚିତ୍ର ଯେଉଁଘରେ ରଖା ହୋଇଥିଲା, ସେଇଠି ସେ ଭଗ୍ନମନା ହୋଇ ଅସହାୟ ଭାବେ ବସି ରହିଥିଲା। ତାକୁ ବିବ୍ରତ କରୁଥିଲା ଆଗରେ ରହିଥିବା ସମସ୍ୟା। ମାତାପିତା ସଂସାର ଛାଡ଼ି ଚାଲିଗଲେ। କାମ ସରିଗଲା ପରେ ଝିଅପୁଅ ମଧ୍ୟ ପାଠପଢ଼ିବାକୁ ନିଜନିଜ ଶିକ୍ଷାୟୋତନ ବାହୁଡ଼ିବେ। ଚାକିରୀର କର୍ତ୍ତବ୍ୟ ପାଳନ ନିମନ୍ତେ ସ୍ୱାମୀ ଅଧିକାଂଶ ଦିନ ଘରେ ଅନୁପସ୍ଥିତ ରହିବେ। ଉଜୁଡ଼ା ପରିତ୍ୟକ୍ତ ସମ ବାସଗୃହଟାରେ ଏକାକିନୀ ସେ ସମୟ କାଟିବ କେମିତି ! ଘରର ଖାଁଖାଁ ପରିବେଶ ମାରି ଗୋଡ଼ାଇଲା ପରି ଲାଗିବ। ଦୁଶ୍ଚିନ୍ତାରେ ବସିଥିବା ବେଳେ, ଦେବଦୂତ ଭଳି ଗାଆଁ ଲେଖାଯୋଖାର 'ଦାଦା'ଜଣେ ସ୍ୱର୍ଗତା ମାଆର ଫଟୋରେ ଫୁଲଦେଇ ପ୍ରଣାମ ଜ୍ଞାପନ ପାଇଁ ଆସିଲେ। ତାକୁ ସେଠାରେ ବିରସ ବଦନରେ ଏକୁଟିଆ ବସିଥିବା ଦେଖି ସାନ୍ତ୍ୱନା ଦେଲେ ଆରେ ମାଆ, ଏହା ସଂସାରର ନିୟମ। ସମସ୍ତଙ୍କୁ ଦିନେ ନା ଦିନେ ଯିବାପାଇଁ ପଡ଼ିବ। ତେବେ ଝିଅଟେ ହୋଇ ତୁ' ଯେତିକି ମାତାପିତା ସେବା କରିଛୁ, ହୁଏତ ଅନ୍ୟ କେହି କରିନଥିବେ। ଜମ୍ମାରୁ ବ୍ୟସ୍ତ ହୋ'ନା ମାଆ, ଜଗନ୍ନାଥେ ତୋ ପରିବାରର ମଙ୍ଗଳ କରିବେ।

ଦାଦା ତା ଘର ଓ ପରବାର ବିଷୟରେ ଆଦ୍ୟରୁ ପ୍ରାନ୍ତ ଜାଣନ୍ତି। ପରାମର୍ଶ ଦେଲେ ଅତୀତରେ ତୁ' ଭଲଛାତ୍ରୀ ଥିଲୁ, ପ୍ରଥମ ଶ୍ରେଣୀରେ ଅନର୍ସ୍ ଲାଭକରି ବି.ଏ. ପାଶ୍ କରିଛୁ। କିଛି କିଛି କମ୍ପ୍ୟୁଟର୍ ଜ୍ଞାନ ବି ତୋର ଅଛି। ସରକାରୀ ଚାକିରୀ ପାଇଁ ତୋର ଆଉ ବୟସ ନଥିଲେ ନାଇଁ, ଆଜିକାଲି ସହରର ଚାରିଆଡ଼େ ଗଢ଼ି ଉଠିଛି ବଡ଼ବଡ଼ ଆବାସିକ ସ୍କୁଲ୍ ଓ କଲେଜ୍। ତୁମ ଘରର ପାଖାପାଖି ମଧ୍ୟ ଅନୁଷ୍ଠାନମାନ ରହିଛି। ବାୟୋଡ଼ାଟା ସହ ନିଜ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ସଂଗ୍ରଥିତ କରି ଦରଖାସ୍ତ ଦେଲେ ହୁଏତ ସାକ୍ଷାତକାର ପାଇଁ ଡ଼ାକରା ଆସିପାରେ। ସୁଫଳ ମିଳିଲେ ଜ୍ୱାଇଁଙ୍କୁ ଜଣାଇ କାମରେ ଯୋଗଦେବୁ। ସମୟର ସଦୁପଯୋଗ ହେବ, ବେଶୀ ନହେଲେ ମଧ୍ୟ ରୋଜଗାର କିଛି ହାତକୁ ଆସିବ। ଉପଦେଶ

ଦେଇ ସେଦିନ ସେ ଚାଲି ଯାଇଥିଲେ । ତା ସ୍ୱର୍ଗୀୟା ଜନନୀର ଶୁଦ୍ଧିକ୍ରିୟା ସମାପନ ହେଲା । ସ୍ୱାମୀ ଝିଅପୁଅ ଆପଣା ଆପଣା କ୍ଷେତ୍ରକୁ ପ୍ରତ୍ୟାବର୍ତ୍ତନ କଲେ । ସୁଭଦ୍ରାର ଆରମ୍ଭ ହେଲା ଚିକିରୀ ଅନ୍ୱେଷଣ ଅଭିଯାନ । ଛଅମାସରୁ ଉର୍ଦ୍ଧହେଲା ଉଚ୍ଚ ମାଧ୍ୟମିକ ଠାରୁ ଡ଼ିଗ୍ରୀଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେଉଥିବା ନିଜ ସହରର ଏକ ଆବାସିକ ଶିକ୍ଷାନୁଷ୍ଠାନର ସେ ଅଫିସ୍ କର୍ମଚାରୀ । ଚାକିରୀ ମିଳିଗଲା ପରେ ତାକୁନେଇ ଶଂକାଗ୍ରସ୍ତ ରହୁଥିବା ତା ପତି ବି ଖୁସି ଓ ଆଶ୍ୱସ୍ତ ।

ସୁଭଦ୍ରା ଗଭୀର ଭାବନାରେ ବୁଡ଼ି ରହିଥିଲା । ଝିଅ ବିଜେତା କେତେବେଳେ ନିଦରୁ ଉଠି ମାଆର ଚିନ୍ତାମଗ୍ନ ମୁଖଭାଗକୁ ଅନାଇ ରହିଥିଲା ଜାଣି ପାରିଲା ନାହିଁ । ଜିଜ୍ଞାସା କଲା, କ'ଣ ଏତେ ଭାବୁଛ ମମ୍ମି ? ଆଈର ପ୍ରଥମ ବାର୍ଷିକ ପୁଣ୍ୟତିଥି ତ ଆହୁରି ପାଞ୍ଚଦିନ ବାକି । ପୁରୋହିତ ଚିଠାଦେଲେ ଶ୍ରାଦ୍ଧକର୍ମର ଜିନିଷ ପତ୍ର ଯୋଗାଡ଼ ହେବ । ଟେଣ୍ଟହାଉସ୍, କାଟେରିଂ ଆଦି ପାଇଁ ବାପା ବଇନା ଦେଇ ସାରିଛନ୍ତି । ସେ ଆସିଲେ କାଲିଆଡ଼େ ମାମୁଁମାଇଁଙ୍କୁ ଡ଼ାକି ଜ୍ଞାତି କୁଟୁମ୍ବ, ବନ୍ଧୁବର୍ଗଙ୍କୁ କର୍ମରେ ଯୋଗଦେବା ପାଇଁ ଖବର ପଠାଇବେ । କାହିଁକି ଏତେ ଚିନ୍ତା ! କନ୍ୟା କଥାରେ ସୁଭଦ୍ରା ପ୍ରକୃତିସ୍ଥ ହେଲା । ସରକାରୀ କାମରୁ ଛୁଟିନେଇ ପାର୍ଥଙ୍କ ଘରକୁ ଆସିବା ସମୟ ହୋଇ ଯାଇଥିଲା । ଫାଟକ ଆଗରେ ବାଇକ୍ ଅଟକିବାର ଶବ୍ଦ ଶୁଣାଗଲା । ପତିକୁ ପାଛୋଟି ଆଣିବ ବୋଲି ତରତର ହୋଇ ଡ୍ରଇଂରୁମ୍‌ରୁ ସେ ବାହାରି ଗଲା ।

*ଦାରଗାଡ଼ାହି, ବାରିପଦା,*
*ଦୂରଭାଷ: ୯୪୩୭୨୧୮୬୦୮*



# ସ୍ୱର୍ଗକୁ ଦ୍ୱାର

## ରାଜକିଶୋର ପାଣିଗ୍ରାହୀ

ସୁର ସେଦିନ କହୁଥିଲା କିମ୍ବଦନ୍ତୀର ଏକ ନିର୍ଦ୍ଦିଷ୍ଟ ବୟସସୀମା ରହିବା ଦରକାର। ଇତିହାସର ପୃଷ୍ଠାକୁ ଯଦି ଓଲଟାଇ ଓଲଟାଇ ପଢ଼ିବା ଅନେକ ସତ୍ୟଘଟଣା ସହିତ କିମ୍ବଦନ୍ତୀର ଏକ ସାମଞ୍ଜସ୍ୟ ନିହାତି ରହିଥିବ। କିନ୍ତୁ ବର୍ତ୍ତମାନ ସମୟ ଆସି ଯେଉଁଠି ପହଞ୍ଚିଲାଣି କିମ୍ବଦନ୍ତୀର ବିଷୟବସ୍ତୁକୁ ଜାଣିଲା ପରେ ଲୋକେ ଆଉ ବିଶ୍ୱାସ କରିବା ସ୍ତରରେ ନାହାନ୍ତି। ବିଜ୍ଞାନ ଯୁଗରେ ସମସ୍ତଙ୍କୁ ଠୋସ ପ୍ରମାଣ ସହିତ ବିଷୟବସ୍ତୁକୁ ସିଦ୍ଧ କରିବା ଦରକାର।

ନୀଳ ଜଳରାଶି, ମଧ୍ୟରାତ୍ରର ଘନ ଅନ୍ଧକାର ଭିତରେ ନୀଳରଙ୍ଗ ବି ସେଠି ଅନ୍ଧାରର କଳାରଙ୍ଗ ସହିତ ମିଳେଇ ଯାଇଛି। ମହୋଦଧିର ଘୁ ଘୁ ଗର୍ଜନ ସହିତ ଦକ୍ଷିଣ ପବନର ପ୍ରବାହ, ସ୍ୱର୍ଗଦ୍ୱାର ନିକଟର ଆର୍ତ୍ତଚିତ୍କାର ସବୁକୁ ଉଡ଼େଇନେଇ ନିସ୍ତବଧ ରାତ୍ରର ନୀରବତାକୁ କିଛି ମାତ୍ରାରେ କ୍ଷୁର୍ଣ୍ଣ କରୁଛି। ସ୍ୱର୍ଗଦ୍ୱାର ସମ୍ମୁଖ ବିଦେଶୀ ମଦ ଦୋକାନ ପାହାଚ ଉପରେ ବସି ଟିକିଏ ଅନ୍ୟମନସ୍କ ହୋଇ ଜନ୍ମ ଆଉ ମୃତ୍ୟୁର ଦୁଇ ପାଖକୁ ନିଜ ଭିତରେ ତର୍ଜମା କରୁଥିବା ବେଳେ ସୁରର ଏପରି କିମ୍ବଦନ୍ତୀ ବିଷୟରେ ବ୍ୟାଖ୍ୟା ମୋତେ ମୋ ସ୍ଥିତାବସ୍ଥାକୁ ଫେରାଇ ଆଣିଥିଲା। ମୋର ଉତ୍ସୁକ ଦୃଷ୍ଟିକୁ ଦେଖି ସୁର କହିବା ଆରମ୍ଭ କଲା, ଆରେ ଏ ସ୍ୱର୍ଗଦ୍ୱାର ! ପୁରାଣ ବର୍ଣ୍ଣିତ କେବେ ରାଜା ଇନ୍ଦ୍ରଦେବ ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସି ଦର୍ଶନ ସାରି ଏହି ସ୍ଥାନରୁ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ। ଇନ୍ଦ୍ରଙ୍କର ଏହି ପ୍ରସ୍ଥାନକୁ ଜଣେ ସୁଆର ପିଛା କରି କରି ଆଉ ଦେଖି ଏଇଠି କାଠିଟିଏ ପୋତିଦେଇ ଏ ସ୍ଥାନଟିକୁ ଚିହ୍ନିତ କରି ଫେରିଯାଇଥିଲା ଶ୍ରୀମନ୍ଦିରକୁ। ଆଉ ତା' ପରେ ପ୍ରଘଟ କରିଥିଲା ଏହି କଥା କୁଆଡ଼େ। ଯାହା କେତେ ହଜାର ବର୍ଷତଳର ଏକ ଘଟଣା। ସମୟକ୍ରମେ ତାହା ଏକ ବିଶ୍ୱାସରେ ପରିଣତ ହୋଇ ଆମ ପୁରାଣରେ ବର୍ଣ୍ଣିତ ହୋଇଯାଇଛି। ଯାହାର କୌଣସି ତଥ୍ୟ ସମ୍ବଳିତ ନଥିପତ୍ରର ପ୍ରମାଣ ନାହିଁ।

ଧର୍ମଭୀରୁ ଆଉ ଧର୍ମବିଶ୍ୱାସ କରୁଥିବା ମନୁଷ୍ୟର ଏ ହେଉଛି ସ୍ୱର୍ଗଦ୍ୱାର। ସମାଜର ଟୀକାଟିପ୍ପଣୀ ପରି ପ୍ରତିଟି ମନୁଷ୍ୟର ଚିନ୍ତାଧାରା ଭିତରେ ଗୋଟିଏ କଥା ପଶିରହିଛି ଯେ କେବଳ ପୁଣ୍ୟକାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷ ହିଁ ମୃତ୍ୟୁ ପରେ ସ୍ୱର୍ଗପ୍ରାପ୍ତି ହୋଇଥାଏ। ଆଉ ପାପୀ ! ସେ କେବଳ ନର୍କ ପଥର ଯାତ୍ରୀ। ତେବେ ଆଧୁନିକ ସମୟର ଏ ସ୍ୱର୍ଗଦ୍ୱାର, ଏକ ପ୍ରଶ୍ନବାଚକ।

ଦକ୍ଷିଣ ପବନର ପୂର୍ଣ୍ଣ ପ୍ରୋତ୍ସାହନରେ ଲେଲିହାନ ଅଗ୍ନିଶିଖା ଭିତରେ ପାପ ଆଉ ପୁଣ୍ୟର ସମସ୍ତ କର୍ତ୍ତୃତ୍ୱ ଜଳି ମୁଠାଏ ମୁଠାଏ ପାଉଁଶ ହୋଇ ଚତୁର୍ଦ୍ଦିଗ ପଡ଼ିରହିଛି। ପ୍ରାଣଠୁ ବଳି ଭଲପାଉଥିବା ମଣିଷଟିକୁ ଶେଷ ବିଦାୟ ଦେବାବେଳେ ପ୍ରତିଟି ଆତ୍ମୀୟ ସ୍ୱଜନଙ୍କର ସେ ଯେଉଁ ଆର୍ତ୍ତଚିତ୍କାର, ସ୍ତ୍ରୀଟିର ସ୍ୱାମୀ ପାଇଁ, ପୁଅ ଝିଅଙ୍କର ନିଜ ପିତା ଆଉ ମାତାଙ୍କ ପାଇଁ, ଭାଇଟିର ଭଉଣୀ ପାଇଁ ଆଉ ଭଉଣୀର ଭାଇ ପାଇଁ ଏବଂ ମାଆ ଆଉ ବାପାଙ୍କର ସଦ୍ୟ ଜନ୍ମିତ ଶିଶୁଟିର ଅକଳା ବିୟୋଗ ପାଇଁ। ସାମାନ୍ୟ ସମୟର ବ୍ୟବଧାନ ଭିତରେ ଗୋଟିଏ ପରେ ଗୋଟିଏ ଶବ ଆସି ସ୍ୱର୍ଗଦ୍ୱାରରେ ପହଞ୍ଚିବାରେ ଲାଗିଥାଏ।

ପୁରାଣ ବର୍ଣ୍ଣିତ ସ୍ୱର୍ଗଦ୍ୱାର ଆଜି ପୁରାଣ ପୁସ୍ତକରୁ ଆସି ସରକାରୀ ପୁସ୍ତକ ଭିତରେ ସରକାରଙ୍କ ଦ୍ୱାରା ଏହାର ତଦାରଖ ପାଇଁ ପଞ୍ଜୀକୃତ। ଗଣତାନ୍ତ୍ରିକ ଶାସନରେ ଏଠି ଶବଟିକୁ ବିଦାୟ ଦେବା ପୂର୍ବରୁ ଏହାର ପଞ୍ଜୀକୃତର ଆବଶ୍ୟକତା ରହିଛି। ରାଜଧିରାଜ, ମହାରାଜ, ହରିଶ୍ଚନ୍ଦ୍ର ନିଜର ପ୍ରଜାମାନଙ୍କୁ ସର୍ବସ୍ୱ ଦାନ କରି ଦେଇ ଦିନେ ଶ୍ମଶାନରେ ଚଣ୍ଡାଳ ବୃତ୍ତିକରି ନିଜର ଗୁଜୁରାଣ କୁଆଡେ ମେଣ୍ଟାଉଥିଲେ। ଆଜି ରାଜା ହରିଶ୍ଚନ୍ଦ୍ରଙ୍କ ନାମ ସରକାରୀ ଯୋଜନାର ଏକ ଅଙ୍ଗ। ମନୁଷ୍ୟର ସମସ୍ତ ମୌଳିକ ଆବଶ୍ୟକତା ଭିତରେ ସରକାର ଶବଦାହ ପ୍ରଥାକୁବି ସମ୍ମାନ ଦେଇ ସ୍ୱର୍ଗଦ୍ୱାରରେ ଏହି ତତ୍କାଳୀନ ସେବା ବ୍ୟବସ୍ଥା ଯୋଗାଇ ଦେଇଛନ୍ତି। ସୁର କହୁଛି କିନ୍ତୁ ଶବଟିର ଦାହ ପାଇଁ ପଞ୍ଜୀକୃତ କରାଇସାରିବା ପରେ ଶବଟିର ପଞ୍ଜୀକୃତ ହୋଇଯାଇଥିବା ହେତୁ ସରକାରୀ ବ୍ୟକ୍ତିଜଣଙ୍କ କହୁଛି ସାର ଖୁସିରେ ଯାହା ଇଚ୍ଛା କିଛି ଦିଅନ୍ତୁ.....।

ବେଣାକର ପାଗଳ ! କୋକେଇରେ, ଆମ୍ବୁଲାନ୍ସ ଷ୍ଟ୍ରେଚରରେ ଆଉ ସପ ଉପରେ ଶୋଇଥିବା ସମସ୍ତ ଶବକୁ ନିରେଖି ଦେଖୁଥାଏ। ମାନସିକ ସନ୍ତୁଳନ ବିଗିଡି ଯିବା ପରେ ସେ ପାଗଳର ଆଖ୍ୟା ପାଇ କେଉଁଠୁ ଚାଲି ଆସିଛି ଏ ପବିତ୍ର ପୁରୀ ଧାମକୁ। ଦିନସାରା ପୁରୀ ଭିତରେ ଚତୁର୍ଦ୍ଦିଗ ବୁଲିବୁଲି, ମଧ୍ୟ ରାତ୍ରର ଏହି ତୃତୀୟ ପ୍ରହରରେ ଆସି ସବୁଦିନ ସ୍ୱର୍ଗଦ୍ୱାରଠାରେ ପହଞ୍ଚିଯାଏ। ଜୀବନ, ମୃତ୍ୟୁ, ସଂସାର, ସମାଜ, ପରିବାର, ଆଉ କିଏ ନିଜର ପୁଣିକିଏ ପର ଆଉ କେଉଁଟା ଭଲ ଆଉ କେଉଁଟା ମନ୍ଦ ଏ ସବୁର ପରଖ ଠାରୁ ସେ ବହୁତ ଦୂରରେ। ପଥପ୍ରାନ୍ତ ପ୍ରଦର୍ଶିତ କେଉଁ ଏକ ନୃତ୍ୟର ଛନ୍ଦ ତାର ଅସନ୍ତୁଳିତ ମାନସିକ ଭିତରେ ଏକ ଛାପ ହୋଇ ରହିଯାଇଛି। ଆଉ ବେଣାକର ଏପଟକୁ ସେପଟ ହୋଇ ଶବମାନଙ୍କ ସମ୍ମୁଖରେ ସେହି ନୃତ୍ୟକରି ଚାଲିଛି ଆଉ ମନେ ମନେ ଗୁଣୁଗୁଣୁ ହୋଇ କଣ ସବୁ କହିଯାଉଛି, ପୁଣି ଶାୟିତ ସମସ୍ତ ଶବକୁ ନିରେଖି ନିରେଖି ଦେଖୁଛି। ସତେଯେମିତି ଶାୟିତ ସମସ୍ତ ଶବ ଭିତରେ ଜୀବନର ସନ୍ଧାନ କରୁଛି। ଅସନ୍ତୁଳିତ ମାନସିକତା ଭିତରେ ବି ସେ ଲକ୍ଷ୍ୟ କରୁଛି ନିର୍ଜୀବ ଶରୀରଗୁଡ଼ିକ କିଛି ସମୟ ପରେ ଅଗ୍ନିଶିଖା ଭିତରେ ବିଲୀନ ହୋଇଯାଉଛି, କିଛି ସମୟ ସେହି ପଟକୁ ସ୍ତବ୍ଧ ହୋଇ ଚାହିଁ ରହି ବେଣାକର ପୁଣି ତାହାର ସେହି ନୃତ୍ୟଛନ୍ଦକୁ ଫେରି ଆସୁଛି।

ସୁରର ବାଖ୍ୟା ଭିତରୁ କେତେବେଳେ ଯେ ମୁଁ ଅନ୍ୟମନସ୍କ ହୋଇ, ବେଣାକାରର ଜୀବନ ରହସ୍ୟକୁ ଭେଦ କରିବା ଅପଚେଷ୍ଟା ଭିତରେ ସୁରର ବ୍ୟାଖ୍ୟା ଭିତରୁ ଖୁସି ଶବ୍ଦରେ ମୁଁ ପ୍ରକୃସ୍ଥିତ ହୋଇ ସୁର ମୁହଁକୁ ଚାହିଁରହିଛି। ଦୁର ଦିଗବଳୟ ଅନ୍ଧକାରର ରଙ୍ଗ ଟିକିଏ ଫିକା ଫିକା ହେବାକୁ ବସିଲାଣି, ଆଉ ରାତ୍ରର ଚତୁର୍ଥ ପ୍ରହର ତାହାର ବିଦାୟ ପଥରେ ପ୍ରସ୍ତୁତ। ସୁରର ବ୍ୟାଖ୍ୟା ଶୁଣିବା ଭିତରେ ମୋ ନିଜଲୋକଟିର ନିର୍ଜୀବ ଶରୀରଟି ଦୁଇମୁଠା ପାଉଁଶ ଭିତରେ ସୀମିତ ହୋଇଗଲାଣି। ଆଉ କିଛି ସମୟ ପରେ ସ୍ୱର୍ଗଦ୍ୱାରର ଚତୁର୍ପାର୍ଶ୍ୱ ଏକ କୋଳାହଳ ପରିବେଶରେ ପରିପୂର୍ଣ୍ଣ

ହୋଇଉଠିବ। ସମସ୍ତଙ୍କ ଚିତା ଏଠି ଧୂ ଧୂ ହୋଇ ଜଳୁଥିବ। ଆଉ ପଞ୍ଜିକରଣ କରୁଥିବା ସରକାରୀ ବାବୁ ଖୁସିରେ କିଛି ଦିଅ ବୋଲି ମାଗୁଥିବେ, ନନା ଜଣକ କହୁଥିବ ପଥ ଶ୍ରାଦ୍ଧ ପାଇଁ ଆପଣ ଠିକ ଠିକ ଯଦି ମୋ ପାଉଣା ଦେବେ ମୁଁ ପଥ ଶ୍ରାଦ୍ଧ ଏମିତି କରିବି ଯେ ତୁମଲୋକଟିର ଆତ୍ମା ଆଉ ଯମ ପୁରରେ ଦଣ୍ଡ ପାଇବ ନାହିଁ, କି ଅତୃପ୍ତ ହୋଇ ଏଠିସେଠି ବୁଲିବ ନାହିଁ। ଶବ ସଂସ୍କାରକ ଭାଇ କହୁଥିବ, ସାର୍ ହରିଶ୍ଚନ୍ଦ୍ର ଯୋଜନାରେ ମିଳୁଥିବା କାଠ ପାଇବନି ପୁରା ଶରୀର ପାଉଁଶ ହେବାକୁ, ଯାହାନେବା କଥା ଥରକେ ନେଇ ଯାଆନ୍ତୁ। ଅଧା ଜଳାଚିତାରେ ଯଦି ଆଉ କାଠମାଗିବେ ମୁଁ ଆଉ ସାର୍ ଆଣି ପାରିବିନି। ଆଉ ପରେ ପରେ ସ୍ତୁପୀକୃତ ପାଉଁଶ ଭିତରୁ ନିଆଁଖଣ୍ଡକୁ ଆଡ଼େଇ ଅସ୍ଥି ସଂଗ୍ରହ କରି କରି ଶବ ସଂସ୍କାରକ ଭାଇ ଜଣକ କହୁଥିବ, ଭଲ ଅସ୍ଥି ସବୁଶରୀରର ଠିକ୍ ଠିକ୍ ସ୍ଥାନରୁ ବାଛି ବାଛି ଦେଇଛି ବାବୁ, ସାରାରାତି ତ ଆପଣ ମୋତେ ଦେଖୁଛନ୍ତି। ସକାଳ ହେବାକୁ ଆସିଲାଣି, କ୍ରିୟାକର୍ମ କରିବା ପାଇଁ ସବୁ ଭଲ ଭଲ ଅସ୍ଥି ବାଛି ଦେଇଛି। ପ୍ରୟାଗରେ ବି ଆପଣ ଅସ୍ଥି ବିସର୍ଜନ କରିବେ ନା, ଅସ୍ଥି ଆପଣଙ୍କୁ ନିଅଣ୍ଟ ପଡ଼ିବନି। ଦିଅନ୍ତୁ ଚାହା ପାଣିଟିକେ ପିଇବା ପାଇଁ ଟଙ୍କା ଶହେ।

ବିଚିତ୍ର ଏ ମନୁଷ୍ୟ! ବଞ୍ଚିଥିବା ଅବସ୍ଥାରେ ପ୍ରତ୍ୟେକ ଦିନ ମୃତ୍ୟୁକୁ ଅତି ନିକଟରୁ ଦେଖି ବି ଅତ୍ୟଧିକ ଅର୍ଥ ଉପାର୍ଜନ ନିଶା ଏତେମାତ୍ରାରେ ବିଭୋର କରିରଖିଛି ଯେ ଅର୍ଥ ଉପାର୍ଜନର ସ୍ଥାନ, କାଳ, ପାତ୍ର, ସବୁକିଛି ଭୁଲିଯାଉଛି। ହୁଏତ ଇନ୍ଦ୍ରଦେବ ହିଁ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇ ଖୁସିହୋଇ ଇନ୍ଦ୍ରପ୍ରସ୍ଥକୁ ଏଠୁ ଯାଇଥିବେ, ପରବର୍ତ୍ତୀ ସମୟରେ ଏଠାକୁ ଆସିଥିବା କୌଣସି ବ୍ୟକ୍ତି କେବେ ଖୁସିହୋଇ ଆସି ନଥିବେ କି ଖୁସିହୋଇ ଫେରି ନଥିବେ। ମୃତ୍ୟୁ ମାଧ୍ୟମରେ କିଏ ଜୀବନ ଯନ୍ତ୍ରଣାରୁ ଏଠି ମୁକ୍ତି ପାଇଛି ତ ଆଉ କାହାର ମୃତ୍ୟୁ ନବ ବଧୁର ସୁନେଲି ସ୍ୱପ୍ନକୁ ଧୂଳିସାତ କରିଦେଇଛି। ନିଜଲୋକଟିକୁ ହରାଇ ବୁକୁଫଟା ଆର୍ତ୍ତ ଚିତ୍କାର ଭିତରେ ଅବଶ ହୋଇ ଶେଷରେ ମୃତ୍ୟୁ ପରି ଏକ ଧ୍ରୁବ ସତ୍ୟକୁ ସେ ଗ୍ରହଣକରି ନେଇଛି। କାହିଁକି ନା ଏହାର କୌଣସି ବିକଳ୍ପତା ସମ୍ମୁଖରେ ନାହିଁ ଆଉ ଖୁସିହେଲା କେତେବେଳେ ?

ଗୁରୁତ୍ୱପୂର୍ଣ୍ଣ ସରକାରୀ ନଥିପତ୍ର ଯେମିତି ନାଲିକନାରେ ବାନ୍ଧି ଦିଆଯାଏ, ସେମିତି ଛାତିଭିତରେ ବାଷ୍ପରୁଦ୍ଧ ହୋଇଥିବା ଅନେକ କୋହକୁ ଚାପି ନାଲିକନାରେ ବନ୍ଧାହୋଇଥିବା ଅସ୍ଥି କଳସକୁ ଧରି ଆକସ୍ମିକ ବିୟୋଗରେ ନିଜଲୋକଟିକୁ ହରାଇଥିବା ଆନ୍ତର୍ଦ୍ଦାହ ଭିତରେ ତାର ଉଜୁଡା ସଂସାରର ପୂର୍ଣ୍ଣ ଥଇଥାନର ରୂପରେଖକୁ ମନେ ମନେ ପ୍ରସ୍ତୁତ କରି ସ୍ୱର୍ଗଦ୍ୱାରରୁ ଭାରି ପାଦରେ ଫେରୁଥିଲି। ଆଉ ମନେ ମନେ କେବଳ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଜଣାଉଥିଲି, ପ୍ରଭୁ ପ୍ରତିଟି ମଣିଷର ଏପରି ଏକ ବିପର୍ଯ୍ୟୟ ସମୟରେ ଏମାନଙ୍କୁ ଟିକିଏ ସଦବୁଦ୍ଧି ଦିଅନ୍ତୁ ଅନ୍ତତଃ ମଣିଷ ପଣିଆଟିକକ ସେମାନଙ୍କର ବଞ୍ଚାଇ ରଖନ୍ତୁ ଅନ୍ୟ ମଣିଷ ବିପର୍ଯ୍ୟୟ ସମୟରେ।

*ସତ୍ୟଭାମା, ୧୫୧୦, ରୋଡ୍-୧,*
*ଭକ୍ତମଧୁ ନଗର, ଗଣ୍ଡମୁଣ୍ଡା,*
*ଭୁବନେଶ୍ୱର - ୭୫୧୦୩୦*
*ଦୂରଭାଷ : ୯୯୩୭୨୩୩୦୬୦*

**DM Associates**
**Chartered Accountants**
307, Block - A, 3rd Floor, Nirmala Plaza
Forest Park, Bhubaneswar
Ph.: +91 674 259511-13
Telefax : +91 674 2595912

*We undertake*
*Auditing, Taxation, Consultancy outsourcing*




**ମଧ୍ୟ ନିଳୟ**

# ଛଳନାର ଛାୟାପୁରୁଷ

**ସୌଭାଗ୍ୟବନ୍ତ ମହାରଣା**

ନୂଆଁ ଜୀବନଟେ ଖୋଜିବାର
ବିଷାକ୍ତ ବାହାନାରେ
ସେମାନେ କେବେଠୁ ଭୁଲିଗଲେଣି
ମାଟିର ମାୟାରୁ ନିଜକୁ ମୁକୁଳେଇ
ନିଜ ପ୍ରିୟ ଗାଁକୁ ଫେରିବାର ରାସ୍ତା।
ନିଜ ଭିଟାମାଟିର ଗନ୍ଧଠାରୁ
ଆହୁରି ଭଲଲାଗେ ସେମାନଙ୍କୁ
ସହରର ଜନଗହଳିରେ ଅଳିଆ ଆବର୍ଜନା ଓ
ପଚାମାଛର ଗନ୍ଧରେ ଅତିଷ୍ଠ ଆକାଶ।

ଅପରୂପ ଛଳନାରେ ଟାଣିହୋଇ
ଏଇନେ ସହର ମୁହାଁ ବିସ୍ଥାପିତ ଜୀବନରେ
ରୋଗୀଙ୍କ ଭିଡ଼ ଗିଳିପକାଏ ଭୋଗୀମାନଙ୍କୁ
କଳ କାରଖାନାର ବିଷାକ୍ତ ଧୂଳି ଓ ଧୂଆଁରେ
ନଷ୍ଟ ଜୀବନର ଏପିଟାଫ୍ ଲେଖିବାକୁ।

ଛଳନାର ବି ରଙ୍ଗ ଥାଏ, ରୂପ ଥାଏ, ରୋଷ ଥାଏ
ନିଜ ଦୁର୍ବଳତା ଲୁଚେଇବାକୁ
ଅନ୍ୟ ଆଗରେ ଜିଦ୍ କରୁଥାଏ
ଜୀବନଟେ ଜୀଇଁବାକୁ।
ସହରରେ ମୃତ୍ୟୁ ଓ ଜୀବନର ସହାବସ୍ଥାନ
ହୃଦୟଠାରୁ ଏତେ ପାଖାପାଖି ଯେ
ତଫାତ୍ ବାରିବାକୁ ସମୟ ମୁହଁ ମୋଡ଼େ
ନିଜ ନିଜ ଅନିଚ୍ଛା ସହ ସାଲିସ୍ କରି
ଦୈନିକ ଜୀବନଚର୍ଯ୍ୟାରେ ଆୟୁଷ୍ମାନ୍ ହେବାକୁ।

ଗୋଟେ ସଫା ଆକାଶର ନୀଳିମା
ନିଜ ସଜିଳ୍ ପଣ ସାଇତି ରଖିବାକୁ
ସୂର୍ଯ୍ୟର ସାମ୍ନାରେ ଏକଦା ଜିଦ୍ ଧରିଥିଲା।
କେଜାଣି ସପନ ଭିତରେ ହଜିଗଲା
ଧୂଳିଧାସର କୁଣ୍ଡଳିରେ
ଆକାଶର ବହୁବର୍ଣ୍ଣୀ ରୂପ
ମରୁଭୂମିରେ ବାଟ ଭୁଲି ଯାଇଥିବା
ଗୋଟେ ଶୋଷାତୁର ବାଟୋଇ ଭଳି।

ଅନ୍ଧାରର ତାରାଭର୍ତ୍ତି ଆକାଶରେ
ଅରୁନ୍ଧତୀ ତାରାକୁ ନ ଜାଣିଲା ପରି
ସେମାନେ ନିଜକୁ ଚିହ୍ନି ପାରିଲେନି
ନିଜର ମନର ମାନଚିତ୍ରକୁ ବୁଝିପାରିଲେନି।
ନିଜ ଦେହପାଖେ ଫିସ୍‌ଫିସ୍ କହୁଥିବା
ଚିହ୍ନା ଚିହ୍ନା ପବନର ପ୍ରତିବାଦକୁ, ପ୍ରାରବ୍ଧକୁ
ଯଥୋଚିତ ଗୁରୁତ୍ୱ ଦେଲେନି ସେମାନେ
ଶାଳବଣର ସବୁଜ ସଙ୍ଗୀତ କ୍ରମଶଃ ଭୁଲିଯିବାକୁ
ଛଳନାର ଛାୟା ପୁରୁଷଟେ
ସେମାନଙ୍କ ରକ୍ତର ଉଆସକୁ କବ୍‌ଜା କରିବା ପରେ।

*'ଭାରତୀ ଭବନ',*
*ଶିବସ୍ କଲୋନୀ, ଆୟକର ଭବନ ପଛ,*
*ସମ୍ବଲପୁର-୭୬୮୦୦୪*
*ଦୂରଭାଷ: ୯୪୩୭୪୫୭୭୩୬*

# ଜୀଅନ୍ତା ମଣିଷ

**ଗୁରୁକଲ୍ୟାଣ ମହାପାତ୍ର**

('ତଥାପି ମଣିଷ ନିଜକୁ ଜୀଇଛି ବୋଲି ଛଳୁଥାଏ- ସେଇ ଛଳନା ଇ ଜୀବନ - ସେଇ ଛଳନାକୁ ନେଇ - ସେଇ ମଲା ଜୀବନଟାକୁ ନେଇ ମଣିଷ ଜୀଅନ୍ତା ମଣିଷ ନିଜକୁ ମଲା ବୋଲି କହିବାକୁ, ସତକୁ ସତ ବୋଲି କହିବାକୁ ଯା'ର ସାହସ ନାହିଁ, ସେଇ- ତା'ରି ନାଁ- ଜୀଅନ୍ତା ମଣିଷ।' ସ୍ୱର୍ଗୀୟ ନିତ୍ୟାନନ୍ଦ ମହାପାତ୍ରଙ୍କର ଅନ୍ୟତମ ଶ୍ରେଷ୍ଠ ଉପନ୍ୟାସ 'ଜୀଅନ୍ତା ମଣିଷ' ମୁଖବନ୍ଧରୁ ଲେଖକଙ୍କ କଥା ଉଦ୍ଧୃତ ଯାହା ଏ କବିତାର ପ୍ରେରଣା।)

ଜନ୍ମ ଆଉ ମୃତ୍ୟୁ ଭିତରେ ମଣିଷର
ଥାଏ ଯେଉଁ ଦୀର୍ଘ, ନାତିଦୀର୍ଘ
କିମ୍ବା କ୍ଷୁଦ୍ର ବ୍ୟବଧାନର ଦୃଷ୍ଟାନ୍ତ,
ଆନ କିଏ ବିଶ୍ଳେଷଣ କରେ ନାହିଁ-
କରେ ନାହିଁ ତାକୁ।

ସେଥିପାଇଁ ଯାବତୀୟ ଭୁଲ ହୁଏ,
ସେହି ଭୁଲ ବୁଝାମଣାର ସଂଘର୍ଷ ମଧ୍ୟରେ
ବଞ୍ଚିବାକୁ ହୋଇଥାଏ ପୁଣି
ଅବଶିଷ୍ଟ ଏ ଜୀବନ ଯେ!
ଋକ୍ ବେଦଙ୍କ ସେ ଉପଦେଶ
'ମନୁର୍ଭବ ଜନୟା ଦୈବଂ ଜନମ'
ଅର୍ଥାତ୍ ଆଗ ମନୁଷ୍ୟ ହୁଅ ଆଉ
ତା'ପରେ ଦେବ ସନ୍ତାନ ଉତ୍ପନ୍ନ କର।
ତାକୁ ବି ମାନିବାକୁ ଅପ୍ରସ୍ତୁତ
ଆମେ ଯେତେ ସ୍ୱାର୍ଥାନ୍ଧ ମାନବ
ଏକବିଂଶ ଶତାବ୍ଦୀର।

ସକଳଙ୍କୁ ନିଜ ପରି ତ
ନିରେଖି ପାରିଲୁନି କେବେ ହେଲେ।
ଛଳନାର ମୁଖା ଭିତରୁ ଥାଇ
କୈତବ କଥା କହି କହି
ବଞ୍ଚିବାକୁ ହେବ ଅବଶିଷ୍ଟାଂଶ,
ବାଃ! କେତେ ଭଲ ନୁହେଁ ଆମେ?

ଯାହା ସତ, ତାକୁ ମିଥ୍ୟା ଆବରଣରେ
ଘୋଡ଼ାଇ ପକାଇ ଥାଉଁ ଆମେ
ଶ୍ରୀମଦ ଭଗବତ ଗୀତାରେ
ଈଶ୍ୱରଙ୍କ ବଚନିକା ଯାହା କୃତଜ୍ଞତାବୋଧର
ପ୍ରତୀକ ସେହି ପରଂପରାର
ଅନୁଶୀଳନ ନ କରି ତ ଆମେ
ବଡ଼ ବିପଦରେ ଏବେ!

ତଥାପି ଆମେ ଜୀଇଁଛୁ ଏଠି
କେବଳ ଶ୍ରେଷ୍ଠ ମନୁଷ୍ୟ ଜାତିର ଦ୍ୱାହି ଦେଇ
କ୍ଷଣିକ ଆନନ୍ଦରେ ବିଭୋର
ହୋଇଥାଉ ଆମେ ନିଜ ସୁଖ ପାଇଁ,
ଆପେ କିନ୍ତୁ ଆପଣାକୁ ଚିହ୍ନିବାକୁ
ଅସମର୍ଥ ଆମେ ମୃତ୍ୟୁ ମୁଖରେ-
ପଡ଼ିବା ଅବଧ୍।
ଧନ୍ୟ ଆମେ, ଧନ୍ୟ ଧନ୍ୟ।

*ଭୁବନେଶ୍ୱର*
*ଦୂରଭାଷ: ୯୪୩୭୦୧୨୧୨୩*



# ଏକମୁହାଁ

ଡକ୍ଟର କମଳାକୃଷ୍ଣ ତ୍ରିପାଠୀ

ସିନ୍ଦୂରା ଫାଟିବା ଆଗରୁ
ଯଦି ସଜେଇ ଦିଆଯାଉଥିବ
କୋଉ ରାସ୍ତାକୁ ତତଲା ନିଆଁରେ,
ଆଉ କେଉଁ ରାସ୍ତାକୁ ମୁନିଆଁ କଣ୍ଟାରେ
କୋଉଠି ପୁଣି ଥାକ ଥାକ ହେଇ ରଖାଯାଇଥିବ
ଫାଟକ ପରେ ଫାଟକ,
କେତେ ମିଛ ଧୈର୍ଯ୍ୟ ତିଆରି କରି
ମିଛରେ ମିଛରେ ପାଲଟୁଥିବ ସ୍ଥିତପ୍ରଜ୍ଞ
ଏକା ଏକା ଚାଲୁଥିବା ଲୋକ
ନିଛାଟିଆଟାରେ ?

ଯିଏ ପାଣି ପାଇଁ ଅନୁରୋଧ କରୁକରୁ
ପାଖରେ ପହଞ୍ଚି ଯାଉଥିବ ବିବିଧ ସ୍ୱାଦର ପଣା
କୋଉ ଭାବରେ ସିଏ ବୁଝାଇବ
ଶୋଷର ପରିଭାଷା !
ଚାଲିବା ଆଗରୁ ଯାହାର
ବିଛେଇ ଦିଆଯାଇଥିବ ପାଦ ପାଦରେ ପାଖୁଡ଼ା
ଫୁଲରେ ଫୁଲରେ ମଂଚର ଗାଲିଚା ,
କାହିଁକି ଖୋଜିବ ସିଏ
ଆବଡ଼ା ଖାବଡ଼ା ଧୂଳିଆ ଅଗଣା !

ଯୋଉ ଏକମୁହାଁ ଘରୁ ବାହାରିଲେ
କେବଳ ସୂର୍ଯ୍ୟାସ୍ତର ଦୃଶ୍ୟ ଦେଖିହୁଏ
କୋଉ ବାଟରେ ତା' ଘରକୁ ଆଲୋକିତ କରିବ
ସକାଳର ପ୍ରଥମ କିରଣ ।

ଯା' ଉଆସର ଚାରିଆଡ଼େ ଝର୍କା ଦୁଆର
ପ୍ରତି ମୁହୂର୍ତ୍ତକୁ ଅପେକ୍ଷା କରିଥାଏ
ମଧୁର ଝରଣ !
ତା' ପାଇଁ ଏକା ପରି ଦିଶେ ସାଗର ଆକାଶ
ଖରାରୁ ସେ ଦୁହିଁପାରେ ଶୀତଳତା
ମାଘରୁ ଓଟାରିଆଣେ ଉଷ୍ମମ ପରଶ ।

ସକାଳ ହେଲେ, ସଭିଏଁ ଚାହାନ୍ତି
ଆପଣା ଇଚ୍ଛାର ସଳଖ ବାଟ ।
ଇଚ୍ଛା କରନ୍ତି ପୁଣି ଖୋଲା ହୋଇଥିବା ଦୃଶ୍ୟ
ଯଥା ସମୟରେ
ଦିଗନ୍ତ ସେପାରିକୁ ଆବଦ୍ଧ କବାଟ !

ସଭିଏଁ ପାରି ହୋଇ ପହଂଚିପାରନ୍ତି ନାହିଁ ସାମାନ୍ୟ
କି ଅସହଜ କି ଅପହଂଚ କି ଅଦେଖା ରାସ୍ତାକୁ ॥
କାହାକୁ ଦୋଷ ଦେବା ?
ବାରମ୍ବାର ଝୁଂଟୁଥିବା ବାଟଚଲାଳିକୁ
ନା ସୁହଉ ନଥିବା ବାଟକୁ !

*ସର୍ଜନାଳୟ, ଦକ୍ଷିଣ ଲିଙ୍କ୍ ରୋଡ, ୨ୟ ଗଳି*
*ଜୟପୁର,(କୋରାପୁଟ)*
*ଦୂରଭାଷ: ୯୯୩୭୦୧୪୮୬୩*

# ଗରିବର ରାତି କ'ଣ ଦିନ କ'ଣ

ଡକ୍ଟର ଶ୍ରୀହରି ଧଳ

ଗରିବର
ରାତି କ'ଣ ଦିନ କ'ଣ
ରାତି ପାହିଲେ
ଅନ୍ଧାର ।
ଗୋଟେ ବୋଲି ଅନ୍ଧାର ବିଛି -
ବାଟ ।
ଯେଉଁଠି ଥାଏ
ଭୋକର ବାଘ
ସୂର୍ଯ୍ୟ ଉଁଏନି -
ଫଟା ଭାଗ୍ୟ ଫାଙ୍କରେ
ବିଛେଇ ପଡ଼େନି
ଖରାର ଆଶୀର୍ବାଦ
ଶୁଭେନି,
ଘଂଟ, ଭେରୀର ସାନ୍ତ୍ୱନା ।
ଭୋକ
ଘୋଷାରିନିଏ
ଛିଣ୍ଡା କନ୍ଥାରୁ
ଆଗକୁ ବିଛେଇ ପଡ଼େ
ତତଲା ବାଲିର -
ବାଟ ।
ଗରିବର
ଖାଲି ଗୋଟିଏ ଋତୁ
ଦୁଃଖ ।
ବଦଳୁ ନଥାଏ
କା' ସାନ୍ତ୍ୱନା, କା' ଦାତାପଣରେ
ମଳିଛିଆ ଭାଗ୍ୟ ।
ଗରିବର
ରାତି କ'ଣ ଦିନ କ'ଣ ?
ବେଢ଼ି ବସିଥାଏ
ଚାରିପାଖେ
ଅନ୍ଧାର କାନ୍ଥ ॥

*ତାଉଁତରା, କପାସି, ଚିତାଳୋ, ଯାଜପୁର*
*ଦୂରଭାଷ: ୮୧୧୭୦୮୧୯୦୬*

# ବାଘ

କୃଷ୍ଣ ମିଶ୍ର

ଲୋକଟା ଗୋଟେ ବାଘ
ଏବଂ ସେ ହାତରେ ଧରିଥିଲା, ସୁନା ତ ନୁହେଁ,
ସୁନା ପାଣି ପିଆ ଗୋଟେ ଚକ୍‌ଚକ୍ କଙ୍କଣ ।

ଯିଏ ତାକୁ ନିରୀକ୍ଷଣ କରୁଥିଲା,
ତା'ର ତ ଦୁର୍ଯ୍ୟୋଧନ ଆଖି,
ସେ କୋଉ ବଣିଆ ଯେ,
ଦେଖୁ ଦେଖୁ କଙ୍କଣକୁ ଚିହ୍ନିବ
ଏ ସୁନା କି ଖାଦ ?
ତାକୁ ଲାଗିଲା ଲୋକଟା ଶକୁନି ମାମୁଁ ।
ବାଘ ମାମୁଁ, ଶକୁନି ମାମୁଁ ଉଭୟେ ସମାନ
ଏବଂ ତା' ଆଖି ଦେଖୁଥିଲା
କଙ୍କଣ ଭିତରେ ଗୋଟେ ଗୁପ୍ତ ମାନଚିତ୍ର ।
ସେ ଦେଶାନ୍ତର ଗମନ କରି
ଉପନିବେଶ ସ୍ଥାପନ କରିବା ଲକ୍ଷରେ
ସେ ମାନଚିତ୍ରକୁ କେମିତି ହାତେଇବ ଲାଗିଲା
ଏବଂ ଜଟିଳ ଅଙ୍କ କଷିବାକୁ
ଲୀଳାବତୀ ସୂତ୍ର ଦରାଣ୍ଡିଲା ।
ଲୀଳାବତୀ ସୂତ୍ର କ'ଣ ଗାଣିତିକ ନା
ସେ ଢଙ୍ଗ ଗୋଟେ ନିର୍ଦ୍ଦିଷ୍ଟ ଧାରାର ?
ତାକୁ ମାଲୁମ୍ ନଥିଲା ଲୀଳାବତୀ ସୂତ୍ର
ଗୋଟେ ଅଜ୍ୟାମିତିକ ସ୍ୱତଃସିଦ୍ଧ ।
ତଥାପି ସେଇଆକୁ ପ୍ରୟୋଗ କରୁ କରୁ
ହଠାତ୍ ସେ ଗୋଟେ ପୋତ ଆରୋହଣ କରି
ମଝି ଦରିଆରେ ଭାସିଲା ।
ଯାହାହେଉ ସେ ଭାରତରେ ପହଞ୍ଚିଲା ଏବଂ
ଗଣତନ୍ତ୍ର ଆଳରେ ସେଠି ରାଜତନ୍ତ୍ର ଗଢ଼ିଲା ।

ଏତ ଗଲା ବାଘମାମୁଁ ହାତେର ଥିବା କଙ୍କଣଠୁଁ
ରାଜନୈତିକ ଫାଇଦା ହାସଲ ।
ଅର୍ଥନୈତିକ ଅଭିବୃଦ୍ଧିକୁ ମୂଲ୍ୟବାନ କଙ୍କଣ ଯଥେଷ୍ଟ
ଏବଂ ଶକୁନି ମାମୁଁ ଯେତେବେଳେ, ତହିଁ କି
ରାଜନୀତି ବିଶାରଦ
ତାଙ୍କୁ କ'ଣ ବଳେଇଯିବ ସାମାଜିକ ଅଗ୍ରଗତି ?

ଏବେ ସେ ଭାରତକୁ ମହାଭାରତ କରିବ ।
କ୍ଷତ୍ରି ପଣରେ ବିନା ଯୁଦ୍ଧରେ
କାହାକୁ ଛୁଞ୍ଚିଏ ବି ଦେବନି
ଆପଣାର ସାର୍ବଭୌମତାରୁ
ଏବଂ ବାଘ ମାମୁଁ ପରାମର୍ଶରେ
କୁରୁକ୍ଷେତ୍ରରେ ରକ୍ତନଦୀ ବୁହାଇବ ।

ତାକୁ ଏଥର କଙ୍କଣ ଭିତରେ ପରିଷ୍କାର

ଦେଖାଗଲା ମାନଚିତ୍ର ।
ମାନଚିତ୍ର ହାତେଇବାକୁ ଗୋଡ଼ ଧୋଇବ ବୋଲି
ସେ ପଙ୍କ ଗଡ଼ିଆରେ ପଶିଛି ତ,
ତା ପାଦ ଦବିଗଲା ତଳକୁ ତଳକୁ
ଏବଂ ଏଇ ସୁଯୋଗରେ
ବାଘ ତାକୁ ଶିକାର କଲା ।

*ଯୋତ, ଅଲଣାହାଟ, ଜଗତସିଂହପୁର*
*ଦୂରଭାଷ: ୯୯୩୮୧୬୦୦୭୪*

# ନିଦ ଭାଂଗିଗଲେ

## ସଦାଶିବ ଦାଶ

ଢେଉ ଢେଉକା ଅଂଧାରର କାଳିମା ଛାଇଗଲେ
କେଉଁଠୁ ମାଡ଼ିଆସନ୍ତି ନିଦ୍ରାମୟୀ, ଆଡ଼ପ ଚକ୍ଷୁରେ
ଆରମ୍ଭ ହୋଇଯାଏ ନିଜର ରୋଜବାଜୀ ଖେଳ
ନିଦ ଆଉ ରାତିର ଯୁଗଳବନ୍ଦୀରେ
ଶୋଇପଡ଼େ ଧରଣୀ ।

ନିଦର ଆଶ୍ୱସ୍ତିକର ନୀରବତାରେ
ମଣିଷ ନିଜକୁ ହଜେଇଦିଏ ଆତ୍ମବିସ୍ମୃତିରେ ।
ଅଂଗ, ପ୍ରତ୍ୟଙ୍ଗ, ଇଚ୍ଛାଶକ୍ତି, କର୍ମପ୍ରବଣତା
ସବୁ ଯେପରି ହାତକାତ ମେଲାଇ ପଡ଼ନ୍ତି ସୁଷୁପ୍ତିରେ,

କ'ଣ ହୁଏ ଅର୍ଦ୍ଧ ଚେତନ ସୁପ୍ତତାରେ
ମଣିଷ ଠାରୁ ସତ ସଚଳ ଭିତର ମଣିଷଟି
ହଜିଯାଏ ଆତ୍ମବିଭୋରତାର ଅନନ୍ତ ଶୟନରେ ।
ନିଜର ଗହିରୀପଣ ଆସିଗଲେ
କେଉଁଠି ଥାଆନ୍ତି ବିସ୍ମୃତ ଅବାସ୍ତବ ସ୍ୱପ୍ନମାନେ
ଲୀଳାଖେଳା କରନ୍ତି ଲୋକଟିର ଅର୍ଦ୍ଧଚେତନାରେ ।

ଅଂଧାର ନଥିଲେ ବି ନିଦ ନଆସିଲେ
ବଂଚି ରହିପାରେନି ମଣିଷର ସଜୀବପଣ ।
ସକାଳୁ ସକାଳୁ ଆଲୁଅକୁ ଖୋଜି ପାଇବାର
ନଥାଏ ମାନବ ଜନ୍ମର ପୂର୍ଣ୍ଣ ସାର୍ଥକତା ।

ନିଦ ବଂଚାଇ ରଖେ ଦୀର୍ଘକାଳ ଜୀବନକୁ
ଅଂଧାର ସଜୀବ କରାଏ ରଂଗଶୂନ୍ୟ ଆଲୋକକୁ ।
ନିଦ ଅଧାରୁ ଭାଙ୍ଗିଗଲେ
ଘାରେ ମାନସିକ ଅବସାଦର
ଅହେତୁକ ବିଷାଦବୋଧ ।

ଏବେ ନିଦ ହଜିଯାଉଛି ମଣିଷ ମଣିଷର
ଗୋଳଯୁଦ୍ଧରେ
ଭାବ ଅଭାବର ନିଷ୍ପେଷଣରେ ନିଦ ମିଳୁନି
ଅଂଧାରରୁ
ଧର୍ମୀୟ ଶୋଷଣର ଆତ୍ମଗ୍ଲାନିରେ ହଜିଯାଉଛି ନିଦ
ଯୁଦ୍ଧର ବିଭିଷିକାରେ ଧୂଆଁ ହେଉଛି ନିଦର ବାସ୍ତବତା
ମଣିଷ ସ୍ଥାବର ଜଂଗମ କୀଟରୁ ପୃଥିବୀ
ଏବେବି ଶୋଇପାରୁନାହାଁନ୍ତି ଶାନ୍ତିର ନିଦ ।

ଭାଂଗିଯାଉଛି ମେରୁର ବରଫ ଖଣ୍ଡ
ତରଳି ଯାଉଛି ସାତ୍ତ୍ୱିକ ତପସ୍ୟାର ମହାକର୍ଷଣ ।
ବଂଚିବାକୁ ହେଲେ ନିଦକୁ ଭାଂଗିବାକୁ ଦିଅନା
ତା ଚିରାଚରିତ ଧର୍ମର ପରିପାଳନରେ ।

*ବଟେଶ୍ୱରା, ସାଲେପୁର, କଟକ-୭୫୪୨୦୨*
*ଦୂରଭାଷ: ୮୨୮୦୧୩୩୭୧୨*

# ଜୀବନ

## ରମାକାନ୍ତ ଜେନା

ଏଇମିତି ଅନେକ ଘଟଣା
ମନ ଭିତରକୁ ଆସିଲେ
ଆପେ ଆପେ ବିବଶ ହୋଇପଡ଼େ
ସାରାଦେହ ।

ଜହ୍ନ ଆଲୁଅ ବି
ଭୂତପରି ଗୋଡ଼ାଏ
ଧୀରେ ଧୀରେ ଗଛରୁ ପତ୍ରସବୁ
ଆପେ ଆପେ ଝଡ଼ିପଡ଼ିବା ପରି
ଥୁଣ୍ଟା ହୋଇଯାଏ ମନ ।

ସବୁଥର ସେଇମିତି
ଶୂନ୍ୟ ପଡ଼ିଥାଏ ଦୁଇହାତ
ଖାଲି ଅପେକ୍ଷାଥାଏ
ସୂର୍ଯ୍ୟାସ୍ତର ମୁହୂର୍ତ୍ତ
ଗୋଧୂଳି ରଂଗର ଗୋଟେ ସାଦା ସଂଜ
ଚାଦର ପରି ଘୋଡ଼େଇ ଦିଏ
ଅତିକ୍ରମି ଆସିଥିବା ବୟସମାନଙ୍କୁ ।

ପବନରେ ନଥାଏ ଆପଣାପଣ
ସକାଳ ପୂରଣ କରିବାରେ ଅସମର୍ଥ
ହୋଇଯାଏ ସବୁ ଆଶା
ଫୁଲଟିଏ ଫୁଟିବା ପୂର୍ବରୁ
ହୋଇଯାଏ ବୃନ୍ତଚ୍ୟୁତ ।
ଶୁଖିଲା ନଦୀ ଛାତିରେ
ମୁହଁମାଡ଼ି କାନ୍ଦୁଥାଏ ସମୟ
ଭୁଲିଯାଇଥାଏ ବୋଇତ ବନ୍ଦାଣ
ମୋ ଇତିହାସ, ମୋ ଜୀବନ, ମୃତ୍ୟୁ ।

ସବୁ ସକାଳ ଏଇମିତି
ଗୋଟେ ଗୋଟେ ଚିତ୍ରକଳ୍ପ ପରି
କେତେକେତେ ଅର୍ଥରେ ସଜେଇ ହୋଇ
କେବଳ ଭୁଲେଇ ଦେବାକୁ ଚାହୁଁଥାନ୍ତି
ମୋର ଯେତେ ବ୍ୟଥା ବେଦନା
ଅଥଚ,
ଏତେବେଳକୁ କେହି କାହାକୁ
ଅପେକ୍ଷା ନ କରି
ଯେଝା ବାଟରେ ଯେଝା ଫେରୁଥାନ୍ତି
ଏକା ଏକା ।

ଏଥର ଦର୍ପଣରେ ଚିହ୍ନି ହେଉନଥାଏ
ନିଜ ମୁହଁ,
ମଲା ପ୍ରଜାପତିଙ୍କ ଗହଣରେ
ସ୍ୱପ୍ନସବୁ କାନ୍ଦୁଥାନ୍ତି ମୁହଁମାଡ଼ି
କାହିଁ କେତେ ଯୁଗରୁ କେଜାଣି !
ସବୁଠି ଏଥର
ଦୁଃଖକୁ ଅମୃତପରି ପିଇଯିବା ଛଡ଼ା
କ'ଣ କିଛି ଉପାୟ ଅଛି
କୁହତ !

*ସଂପାଦକ- 'ଗୋକର୍ଣ୍ଣିକା'*
*ଜାରକା, ଯାଜପୁର*
*ଦୂରଭାଷ: ୯୪୩୭୦୭୩୧୫୫*

# ଆସିବେ କି ମା'

## ଡକ୍ଟର ସୁଷମା ମିଶ୍ର

ଫୁଲ ପରି ଫୁଟେ ଉଚ୍ଚାଟ ମନ
ଗୁଳି ପରି ଫୁଟେ ଉତ୍ତୁରି ପଡୁଥିବା କ୍ରୋଧ
ଭାତ ପରି ଫୁଟେ ଅସୁମାରି ଦୁଃଖ
ତାରା ପରି ଫୁଟେ ସ୍ୱର୍ଣ୍ଣିମ ସ୍ୱପ୍ନ
ଏଇସବୁ ଫୁଟିବା ଭିତରେହିଁ
ଫୁଟିଥାଏ ଜୀବନ ।
ଆଜିକାଲି ମାନବିକତାକୁ ହତ୍ୟା କରି,
କଥା କଥାକେ ଫୁଟି ଯାଉଚି ଗୁଳି
ଜେହାଦର ବର୍ବରତାରେ କେବେ କେମିତି
ମଣିଷବି ବାରୁଦର ବୋମା ହୋଇ ଫୁଟୁଛି ।
ଚରମ ଆସୁରିକତାକୁ ମର୍ଦ୍ଦନ କରିବା ପାଇଁ
ଅବତରି ଆସିଲେଣି ପରା ଶକ୍ତିମୟୀ ମା' ।
ଏଇ କାଶତଣ୍ଡୀ ଫୁଟିବା ବେଳରେ
କୃପାମୟୀ ମା' ଅବା ଓହ୍ଲାଇ ଆସିଛନ୍ତି
ଲେଖିବାକୁ ଫୁଟିବାର ଗୀତ
ଦୁର୍ଗତ ମଣିଷର ରକ୍ତାକ୍ତ ଛାତିରେ ।

ଆଦିମାତା ବିରାଜିତା
ବିଷମ କାଳରେ
ଭରିଦେବାକୁ ଭଲପାଇବାର ଅଞ୍ଜନ
ଫୁଟିଯାଇଥିବା ଆମ ଚେତନା ଚକ୍ଷୁରେ।

*ସ୍ପନ୍ଦନ, ଖଣ୍ଡଗିରି ଏନକ୍ଲେଭ୍,*
*ଏମ୍.ଆଇ.ଜି.-୩୯, ଫେଜ୍-୧,*
*ଭୁବନେଶ୍ୱର-୩୦*

# ତାଳଗଛ

## ଦେବାଶିଷ ଚକ୍ରବର୍ତ୍ତୀ

ଆମେ କଣ କାଇଲି କଲୁ ଯେ
କବୀର୍‌ଙ୍କ ଭଳି ସନ୍ଥ ବି
ଶେଷରେ ଆମକୁ ନିନ୍ଦିଲେ
ହଃ, ଇଏ କୋଉ ନୂଆ କଥା କି
ଆମେ ସିନା ଛାତି ପତେଇ
ବଜ୍ର ବିଜୁଳିର ଦାଉ ଦାପଟକୁ
ଥାଉ ଆଗୁଳି
ହେଲେ ଆମପାଇଁ ସାଇତା ହୋଇ
ନଥାଏ କି ନିନ୍ଦା, ଅପଯଶ, ମାଡ଼ ଗାଳି ?

ସତରେ, ଆମେ କ'ଣ କାହାକୁ
ଯାଚି ଦେଇନୁ ଆଶ୍ରୟ କି ଆହାର ?
ପତ୍ର ଆମର ସାଜେନି କି
ନିରାଶ୍ରୟର କୁଡ଼ିଆର ଛପର ?
ତହିଁରୁ ତୁମେ ତିଆରୁନ କି
ଆସନ କି ବିଞ୍ଚଣା ?
କଳେହି ଶାଗୁର ଗଞ୍ଜଣା ପରି
ଦିକ୍ ଦାରିଆ ଦିପହରର ଦହଗଞ୍ଜିକୁ
କାଣିଚାଏ ହେଲେ ବି
ତାହା କରୁନି କି ଉଣା ?

ବାଲୁତ ବୟସର ଫଳ ଆମର
ସାଜେନି କି ସ୍ୱାଦିଷ୍ଟ ଆହାର ?
ଅଭାବର ଟାଣୁଆ ହାତ
ନିମ୍ନବିତ୍ତର ଇଚ୍ଛାକୁ ମନ୍ଥିଲା ପରି
ତୁମେ ଆମ ପାଚିଲା ଫଳକୁ ଚକଟି
ସେଇ ରସରେ ତିଆରୁନ କି
ମହୁ ପରି ମଧୁର ପିଠା
ଅଥଚ, ଆମରି ମୁଣ୍ଡରେ ବୋଳି ଚାଲିଛ
ତୁମ ଅପକର୍ମର ଅଠା ?

ଖାଲି କଣ ଏତିକି
ଶୁଖିଲା ଗଣ୍ଡିରେ ଆମର
ତୁମେ ତିଆରୁନ କି ହୁଲି ଡଙ୍ଗା କି ଘର ?
ତାକୁ ଚିରି କରି ଫାଳଫାଳ
ଜଗା ପାଇଁ କରୁନ କି ଚାରମାଳ
ତଥାପି, ଅଭାଗାର ଭାଗ୍ୟପରି
ଉଣା ହୋଇଛି କି ଅପବାଦ ଆମର ?

କୋଇଲିର କୁହୁରେ ଉଦାସୀର
ମନ ଚହଲିବା ପରି
ବାଇଚଢ଼େଇଙ୍କ କିଚିରି ମିଚିରି
ମନକୁ ଛୁଇଁ ଯାଏନି କି
ଅପାଣାପଣର ସୋରାଏ ମଳୟ ପରି ?
ହେଲେ ସଭିଙ୍କ କପାଳକୁ କଣ
ଲଭ୍ୟ ହୁଏକି ଏହି ସୁଖ ?
ଯେପରିକି ସବୁ ନିରାଶ୍ରୟଙ୍କ
କପାଳକୁ ଜୁଟେନି ସର୍କାରି ନିବାସ।

ସତରେ, କଣ ସବୁ କାଳରେ
ଆମପାଇଁ ସୁଖ ସାଜିଥିବ ପରଦେଶୀ
ଅଥଚ, ଏଇମିତି ଦୁଃଖକୁ କଜଳ କରି
ଆମେ ନାଉଥିବୁ ଆଠକାଳି ବାରମାସୀ ?

*ମଣ୍ଡୁଆ, କେନ୍ଦୁଝରଗଡ଼*
*ଦୂରଭାଷ: ୯୪୩୭୭୫୨୩୯୫*

# ପରିଚୟ

## ଚିନ୍ମୟ ବିବେକ

କିଏ ସେ
ଯେ ଅନ୍ଧାରକୁ
ତରଳାଇପାରେ ଆଲୋକରେ
ଆଲୋକକୁ ଏହାର ବିପରୀତରେ
ନୀରବତାକୁ ହାଣିହାଣି
ବିଞ୍ଚିଦେଇଯାଏ କୋଳାହଳ
ଅନ୍ଧାରରେ।

ରଜତ କାଶତଣ୍ଡୀର ଝାଲର
ବୁଣିଦେଇଯାଏ ପବନରେ
କିଏ ପୁଣି ମାରିଦିଏ ସବୁଜିମା
ଶୋଷିନିଏ ସମୁଦ୍ରର ଶୋଷ

ନୀଳାଭ ବ୍ୟୋମରେ ରଚିଦିଏ
ବାର ଅଭକ୍ଷହିଣୀ ସୈନ୍ୟ ପ୍ରାୟେ ମେଘ
କିଏ ଖେଳାଏ ବାତାବର୍ତ୍ତ
ମାଟି ପାଣି ଆକାଶରେ
ମୁଁ କେବଳ ନୀରବ ସାକ୍ଷୀଟିଏ ଏଥିକୁ
ମତେ କି ଜଣା ଏସବୁ
କରିବା ଲୋକଟି ସମ୍ପର୍କରେ
ପଚାରିପାର ଆଉ କାହାକୁ।

*ଦଇତାପଡା ସାହି, ମାର୍କେଟ ଲେନ,*
*ପୁରୀ -୭୫୨୦୦୧*
*ଦୂରଭାଷ: ୯୪୩୭୨୮୫୬୨୩*

# ଅନ୍ତରଙ୍ଗ ପିଲାଦିନ

## ବୃନ୍ଦାବନ ଦାସ

ସ୍ମୃତିର ଡହକ ଖରାରେ ଭିଜୁଥିବି
ଝୁରୁଥିବି
ଆଉ ଫେରିବନି ପିଲାଦିନ।

ଦିନେ କୋଇଲି କୁହୁରେ
ବାଟବଣା ହେଉଥିଲା ଚଇତି ବାଆ
ପତ୍ରସବୁ ଗୁଣୁଗୁଣେଇ ଗାଉଥିଲେ ଗୀତ
ସେଠି ଆଜି
ପରିତ୍ୟକ୍ତ ବନ୍ଧ୍ୟାଭୂଇଁ
ଗଛ ନାହିଁ ଡୋଟା ନାହିଁ ଛାଇ ନାହିଁ
ଆଗ୍ନେୟ ଲାଭାରେ ଜଳୁଛି ଦିହ।

ରାତି ନପାହୁଣୁ
କଡ଼ିସବୁ ନିଦ ମଳମଳ ଆଖିରେ
କାହା ଅପେକ୍ଷାରେ ବସୁଥିଲେ
ସୁରୁଜ ମୁରୁଜ ଢାଳିଲା ବେଳକୁ
ପୋଖରୀ ଭର୍ତ୍ତି କଇଁଙ୍କ ମୁହଁରେ ଥିଲା ଖାଲ
ଖିଲିଖିଲି ହସ
ଚହଲା ପାଣିରେ
ଚକ୍କର କାଟୁଥିଲେ ଦଳ ଦଳ ମୀନ।

କେତେବେଳେ ଯେ କଇଁ ଫୁଟି ମଉଳି ଯାଏ
କେତେ ଯେ ଜହ୍ନରାତି ପାହିଯାଏ
ତା'ର ହିସାବ ନାହିଁ କି ଭୋଗିବାକୁ ବେଳ କାହିଁ !
ଅନବରତ ଦୌଡ଼ରେ
ପଛ ରହିଯାଏ ଏତେ ପଛରେ ହାତ ପାଏନାହିଁ।

ଭୋକଥିଲା ଭିକ ନଥିଲା
ଦେହ ଥିଲା ଭେକ ନଥିଲା
ସବୁଥିଲା ପରି ବୋଉ ଥିଲା ବାପା ଥିଲେ
ଥିଲା ବାପାଙ୍କ ତାଗିଦ
ସାଙ୍ଗମେଳ ବାଟି ଖେଳ ବୋଉ ଚୋରି
କଙ୍କିଧରା ନିଛାଟିଆ ଖରାବେଳ
ବର ଓହଳ ଦୋଳି
ସବୁ ଥିଲା ଭର୍ତ୍ତି ଭର୍ତ୍ତି।

ଆଜି କେବଳ ଘୋର ଶୂନ୍ୟତା
ତା' ଭିତରେ ଅସଂଖ୍ୟ ଅଚିହ୍ନା ଅଚିହ୍ନା ମୁହଁ
ଖୁବ୍ ଘାରେ ବେଶୀ ବାଧେ
ଲମ୍ବି ଆସୁଥାଏ ଗୋଟେ ଲୋମଶ ହାତ
କ୍ଷତବିକ୍ଷତ କରୁଥାଏ
ଦେହ ମନ ହୃଦୟ
ଏତିକି ବେଳେ କଅଁଳ ଶିଶୁର ଦରୋଟି ହସ ପରି
ମୁହଁ ଦେଖାଏ ପିଲାଦିନ
ଲାଗେ, ଦେହକୁ ଭିଜେଇ ଦେଲାକି ଅସରାଏ ବର୍ଷା।

*ଅଧାପକ, ରାଜନୀତି ବିଜ୍ଞାନ ବିଭାଗ*
*ଡେରାବିଶ କଲେଜ, ଡେରାବିଶ*
*କେନ୍ଦ୍ରାପଡା - ୭୫୪୨୮୯*
*ଦୂରଭାଷ: ୯୭୭୭୮୪୩୦୩୧*

# କଲ୍ୟାଣୀ

**ପ୍ରତିଭା ପରିଡା**

ଶାଳପତ୍ରରେ ବାଆ ଦୋଳି ଖେଳୁଥାଏ...
ବାସନ୍ତୀ ଫୁଲକୁ କେହି ପଚାରେନି
ତା'ର ନାଁଆ ଆଉ ଗାଁଆର ଠିକଣା,
ଚାରିପାଖ ବାସ୍ନାମୟ
ରଙ୍ଗ ସବୁ ବିଞ୍ଚି ହୋଇ ପଡୁଥାଏ -

ତାରାର ରୋଷଣି ଜାଳି
ମଥାପରେ ଜଳୁଥାଏ ଜହ୍ନ...
ଭିଜିଯାଉଥାଏ ପ୍ରୀତିର ପାର୍ବଣ...
ତୁମେ ଏକ ଛଳଛଳ ନଈ
ତୁମ ପରଶରେ
ଯାହା ଝୁଲୁଥାଏ ସିକ୍ତ ମଧୁବନ -
ତୁମେ ଏକ ସାଇତା ଆଶ୍ୱାସନାଟିଏ ...
ମହିମ୍ନ ବିଶ୍ୱାସଟିଏ ...
ନିରୋଳା ସତ୍ୟର ଏକ ପବିତ୍ର ପୁଲକଟିଏ...
ଅଙ୍କୁରିତ ମମତା ସ୍ତବକଟିଏ ...
ତୁମେ ଏକ ସମର୍ପିତ କମ୍ର ଉଚ୍ଛ୍ୱାସଟିଏ...
ତୁମେ ପରା କରୁଣାର୍ଦ୍ର ଗାଢ଼ ଅନୁରାଗ...
ତୁମେ ପରା ପ୍ରେମ ପୁଣି ପ୍ରଣୟର
ବର୍ଣ୍ଣିଳ ବିଭବ -

ତୁମେ ପ୍ରଭାତୀର ଉଷାଲୋକ
ସନ୍ଧ୍ୟାର ଗୋପନ ପୂରବୀ...
ତୁମେ କ୍ଲାନ୍ତ ଜୀବନର
କରୁଣ ଜାହ୍ନବୀ -
ତୁମେ ଆଦ୍ୟ ଆଷାଢ଼ର ଆଳାପନୀ
ତନ୍ଦ୍ରାୟିତ ମଧୁର ସପନ...
ମୁଁ ତ ତୁଚ୍ଛ ମାନୁଷୀ ପ୍ରତୀକ୍ଷାଟିଏ
ଆଉ ଯେତେ ସବୁ ଆତ୍ମାର କମ୍ପନ-

# ଯୋଜନ ଗନ୍ଧା

**ହରିଶ୍ଚନ୍ଦ୍ର ବେହେରା**

ଅଦିନ କୁହୁଡ଼ି ଦେଖିଲେ
ଆଖି ଆଗକୁ ଆସିଯାଏ ଦୁଇ କୂଳ ଭାଙ୍ଗି
ବୋହି ଯାଉଥିବା ନଈ ଆଉ ନାଆଟିଏ

ଦେଖ ଦେଖ ସିଙ୍ଗାଣିନାକି ଝିଅଟି
ନାଆ ବାହୁଛି
କି ଛିନକାନିଆ ଦେହ
ଆଇଁଷିଣା ଗନ୍ଧ

କିଏ ଜଣେ କହି ପକେଇଲା ଏ କେଉଟ ସାହିର
ଗାଣ୍ଡୁ ବେହେରା ଝିଅ
ବାପକୁ ଶକ୍ତ ବେମାରି ମା' ପରଘରି
ଝିଅ ରୋଜଗାରରେ
ବଉଁଶ ଆତଯାତ
ନ ହେଲେ ଅଜଳା ରହେ ଚୂଲି
ଅନୂଢ଼ା କିଶୋରୀ
ଫୁଲ ପରି ନରମ ହାତରେ ବାହୁଥାଏ ନାଆ
ଡାକୁଥାଏ ଆସ ଆସ ପାରି କରିଦେବି ଏତେ
ଜୁଆରିଆ ନଈ

କଣ୍ଢେଇ ଖେଳର ଦିନ ସବୁ ବିତିଗଲା
ଟୋପା ଟୋପା ଅଭିମାନୀ ଲୁହ ହୋଇ
କେତେ ବସନ୍ତ ଆଉ ବର୍ଷା ଚାଲିଗଲେ ଏଇ ବାଟେ
କୁଣ୍ଠିତ କୁମାରୀତ୍ୱକୁ ଛୁଇଁ

ସଜ ସକାଳର ପବିତ୍ର ବିଶ୍ୱାସ ପାଖରେ
ଠିଆ ହୋଇଛନ୍ତି ଏ କେଉଁ ମୁନିବର
ନଈ ପାରି ହେବେ ଓଃ କି ଭାଗ୍ୟ ତା'ର
ପିନ୍ଧିଥିବା ପଣତରେ ପୋଛିଦେଲା ନାଆ ଆଉ ପାଦ

ନଈ ମଝିରେ ହଠାତ୍ ଭାସିଆସିଲା କେଉଁଠୁ
ମହ ମହ ଅଗୁରୁ ଧୂପ ବାସ୍ନା
ନାଆ ଚାରିପଟ ଢାଙ୍କି ହୋଇଗଲା ଅଦିନ କୁହୁଡ
କେଉଁଠି ଥିଲା
ସଂକ୍ଷିପ୍ତ ଋତୁଟିଏ ଉଲ୍ଲେହି ଆସିଲା ନଈ କୁ
ଶୁଭିଲା କଷି ବସନ୍ତର କୁ-ହୁ

ମତ୍ସ୍ୟ ଗନ୍ଧା ପାଲଟି ଗଲା ଯୋଜନ ଗନ୍ଧା

ସାହାନାଇ ବାଜିଲାନାହିଁ
ରୋଶଣି ଜଳିଲା ନାହିଁ
କୁମାରୀ କନ୍ୟା ହୋଇଗଲା ମଆଟିଏ
କୃଷ୍ଣଦୀପରୁ ଶୁଭିଲା ସଦ୍ୟଜାତ ଶିଶୁଟିର
ଅଥୟ କୁଆଁ

ଭାଙ୍ଗି ଆସିଥିଲା ନଈ
କୋରକିତ ପଦ୍ମକଢ଼ି କେମିତି ଫୁଟିଲା
କେହି ପଚାରିଲେ ନାହିଁ !!

*କଲ୍ୟାଣ ନଗର, ବାଲେଶ୍ୱର-୧*
*ଦୂରଭାଷ: ୯୪୩୭୮୧୩୭୦୮*

# ମମତା

**ଜଳଧର ସ୍ୱାଇଁ**

ଆଖିରୁ ଝରିଲେ ଲୁହ
ହୃଦୟ ରକତ
ଯେଉଁ ଶୀତଳ ହାତର ସ୍ପର୍ଶ
ଝରାପତ୍ର ପରି ଝରି ପଡ଼ିବାର
ମୁହୂର୍ତ୍ତରେ ବିହ୍ୱଳିତ କରେ
ଚରମ ଉନ୍ମାଦନାରେ
ପୋଛିଦିଏ ଲୁହ ରକ୍ତ
ସିଏହିଁ ତ ମମତାର ମଗ୍ନଚିତ୍ର
ଆତ୍ମା ପାଇଁ ଆତ୍ମାର ମହକ ॥
ଯେଉଁ ପବନ ଟିକକ
ଲିଭେଇ ଦିଏ ଅରଣ୍ୟର ରଡ଼-ନିଆଁ
ଭରିଦିଏ ସ୍ୱପ୍ନରେ ଚମକ
ମାଟିରୁ ଆକାଶ ଯାଏ ପରିବ୍ୟାପ୍ତ
ସେ ଏକ ଋତୁର ଗୀତ
ନିର୍ଜଳା ମୁହୂର୍ତ୍ତେ ପାଇଁ
ନିଃସ୍ୱ ପ୍ରାଣ ପାଇଁ
ସରଳ ଔଦାସ୍ୟ ଭରା
ଆତ୍ମୀୟ ତା'ର ଝଲକରେ
ଝଲମଲ କରୁଥିବା ପୀରତିର
ହରାଭରା କ୍ଷେତଟିଏ ସିଏ
ସିଏହିଁ ତ ସବୁଜ ବନସ୍ତ ॥
ତାକୁ କେହି କ'ଣ ଲୁଟିପାରେ
ସେତିକିହିଁ ତ ସଂବଳ କେବଳ
ତୃପ୍ତିର ରଙ୍ଗରେ ଭରିଦେବା ପାଇଁ
ଉଦାସ ଆକାଶ
ସେବି'ତ କିମିଆଁର ରଂଗଟିଏ
ନିଜସ୍ୱ ଢଙ୍ଗରେ ଯାହା
କଅଁଳେଇ ଦେଇପାରେ
ଥୁଣ୍ଟାଗଛ ଡାଳରେ ଡାଳରେ ପତ୍ର
ଦୀର୍ଘସ୍ଥାୟୀ କରିପାରେ
ଅସମୟେ ଝରିବାକୁ ବସିଥିବା
ପତ୍ରର ଆୟୁଷ ॥

*ପୂଜାରୀପୁଟ ରୋଡ଼,*
*କୋରାପୁଟ-୭୬୪୦୨୦*
*ଦୂରଭାଷ: ୯୮୬୧୫୫୩୫୩୯*

# ଛାଇ ତଳର ଶିଶୁ

**ଭରତ ବେହେରା**

ତାଳଗଛର କେତେ ଅବା ଛାଇ
ଦେବାଲାଗି ବନ୍ଧ ବରାଭୟ
ତା'ତଳେ ଶୋଇଥିବ ଦୁଧଖିଆ ଶିଶୁ
ମାଆ ବାପା ଗଢୁଥାନ୍ତି ରାସ୍ତା
ଆଉ କେବେ ପାଛିଆ ପାଛିଆ ନରମ ମାଟିରେ
ଶକ୍ତ କରୁଥାନ୍ତି ଦଣ୍ଡା ହିଡ଼ ବାଡ଼।
ବୁଲିଗଲେ ସୂର୍ଯ୍ୟ ବୁଲିଯାଏ ଛାଇ
ମୃଦୁ ମୃଦୁ ପବନରେ ଝଡ଼ି ପଡୁଥିବ
ତାଳ ଶଣ୍ଢାରୁ ଫୁଲ କେରି କେରି
ଦୁଧଖିଆ ଶିଶୁର ଆଖିରେ।
ଆଖି ମଳିମଳି କାନ୍ଦୁଥାଏ ଶିଶୁ
ଚୁମୁଳା ପାଛିଆ ଥୋଇ
କ୍ଷୀର ଦିଏ ମାଆ
ମେଣ୍ଟିଯାଏ ବାଳୁତର ଶୋଷ ଆଉ ଭୋକ।
ସେମାନଙ୍କ କୋଦାଳ ଚଟାରେ
ହାରିଯାଏ ବୈଶାଖର ଖରା
ନିଶ୍ଚୟ ସେମାନେ ହେଇଥିବେ
ଜନଜାତି ବଞ୍ଚିତ ମଣିଷ
ଋଖଣ୍ଡେ ପେଟର ଜ୍ୱାଳା
ବାଧ୍ୟ କରୁଥିବ, ଭୁଲିବାକୁ
ପାଗର ତାଡ଼ନା।
କାମବେଳ ସାରା ସେମାନେ ତିନ୍ତିଯା'ନ୍ତି
ଆପଣା ଦେହର ଲୁଣି ଲୁଣି ଝାଳ।
ସେମାନଙ୍କ ହାଡ଼ଭଙ୍ଗା ଖଟଣିକୁ ଦେଖି
ନିରବି ଯା'ନ୍ତି
ପତ୍ରଛାଇରେ ଥକ୍କା ମେଣ୍ଟୁଥିବା
ଗଛର ଚଢ଼େଇ।
ସେମାନେ ଯେଉଁଠି ଥାଆନ୍ତି
ଗାଁ ଗଣ୍ଡା ଇନ୍ଦିରା ଆବାସ
ସହରର ଝୁଗି, ବସ୍ତି, ଅନାବାଦୀ ଜାଗା
ନିଃସର୍ତ୍ତ ଗଢ଼ିଥାନ୍ତି ଦେଶ, ଅନ୍ତର୍ଦ୍ଦେଶ
ରାସ୍ତାଘାଟ, ବନ୍ଧବାଡ଼, କେନାଲ ପୋଖରୀ
ଅଥଚ ରହିଯା'ନ୍ତି ଚୁପ୍‌ଚାପ୍
ଆଲୁଅର ଅନେକ ଦୂରରେ।

*ଏମ୍.ଆଇ.ଜି.-୨୨, ଜିଏସ ନଗର,*
*ଜଗତପୁର, କଟକ-୭୫୪୦୨୧*
*ଦୂରଭାଷ: ୯୪୩୭୫୭୦୧୨୦*

# ଆକାଶ ବୁଝେନା

**ହଂସନାଥ ମୁଦୁଲି**

ଆକାଶ ବୁଝେନା ବାଦଲ କାହିଁକି
ଏତେ ଜଳ ଦିଏ ଢାଳି
ମୁଁ, ବି ବୁଝେନା ଲୁହ କାହା ପାଇଁ
ଏ ଆଖିରୁ ଯାଏ ଝରି ॥

କିଏ କାହିଁ ଆସି ଏ ମନ ବୁଝିବ
କାହାକୁ ଲୋଡ଼ିବି ମୁହିଁ !
ଆପଣାର ଯିଏ ଦୂରେ ଦୂରେ ଯାଏ
ସିଏ ଯଦି ବୁଝେ ନାହିଁ
ଏମିତି ବେଳରେ ଲୁହ ସାଥି ହୋଇ
ଦୁଃଖକୁ ଦିଏ ଉଝାଳି
ଏ ଆଖିରୁ ଯାଏ ଝରି ॥

ଆପଣାପଣରେ ବୁଝିବା ସହଜ
ଏ ମନର ହାବଭାବ
ଆପଣାର ବୋଲି କାହାକୁ କହିବ
ଜାଣିବାରେ ଅଭାବ
ମନ ଯେତେବେଳେ ଏକଥା ବୁଝେନା
ଲୁହ ଯେ ହୁଏ ବାଉଳି
ଏ ଆଖିରୁ ଯାଏ ଝରି ॥

*ଖଣ୍ଡଗିରି, (ଢୁମୁଢୁମା-କ),*
*ଭୁବନେଶ୍ୱର-୭୫୧୦୩୦*
*ଦୂରଭାଷ: ୯୭୭୭୯୬୮୭୧୯*

# ଉପପାଦ୍ୟ (୮)....

**ଗୋପାଳକୃଷ୍ଣ ଆଚାର୍ଯ୍ୟ**

ବେଳେବେଳେ ମନେପଡ଼ିଯାଏ ବଡ଼ିସକାଳ
କାଇଁକିନା ବସନ୍ତକୁ ବୁଝିବା ଆଗରୁ
ପାକଳ ହୋଇଯାଇଥିଲା ବୟସ
ପଲଖ ଧରି ଯାଇଥିଲା ଆଶ୍ଳେଷ
ଆଶୀଷ ପାଇବାକୁ ମଥାନୋଇଁଲି ଯେ
ପାଇଲି ପ୍ରଣିପାତ ଅଶେଷ
ଏହା ହିଁ ତ ଅବସୋସ,
ଆପାତତଃ ମୋର ପ୍ରାରବ୍ଧ
ମୋର କର୍ମଫଳ।
କେତେ ନେହୁରାନିମନ୍ତ ନହୋଇଛି କହୁନ
ମଳୟକୁ ମହାରାଜ କହି ଓଳଗିଲି
କଳକଣ୍ଠକୁ କାକୁତି ହେଲି
ମୋ ପାଇଁ ମଙ୍ଗଳାଚରଣ କରିବାକୁ
ଫୁଲକୁ ଫୁଙ୍ଗୁଳା ହେବାକୁ ନିବେଦିଲି
ଅପାଙ୍ଗକୁ ଅନୁରୋଧିଲି
କିଛି ବି ହେଲାନାଇଁ,
ମୋର କୋମଳମତି ସହ ଯୁଗଳବନ୍ଦୀ
ନଥିଲା ବୟଃଶ୍ରେଣୀ
ଯଦିଓ ଶୁଷ୍କଥିଲି ଅନୁଭୂତିର ପୟଃପ୍ରଣାଳୀ।
ମୋର ଠିକ ମନେ ଅଛି
ଯଉଁଦିନ ଶୃଗାଳ ପଛରେ ଧପାଲିଥିଲା
ହେରେ ହେରେ କରି ଧମାକସ ବର୍ଷା
ଶୃଗାଳ ପୁଚ୍ଛକୁଞ୍ଚନରେ ଭୋଗୁଥିଲା
ଅପାତ୍ରର ଅଚଞ୍ଚା ବର୍ଚ୍ଛା,
ମୋର ସାରାଦେହରେ ପିଛିଳି ଯାଇଥିଲା
ଇଚ୍ଛା, ଈର୍ଷା ଓ ପ୍ରତିହିଂସା।
ଆଉ ବେଳ ନାଇଁ ଢେଉ ଭାଙ୍ଗିବାକୁ
ମନ୍ଦିରରେ ମଦିରାମତ୍ତ ହେବାକୁ
ଏବକୁ ଜଳଜଳ ଜ୍ୱଳନ
ଜୀଇଁବାର ଅନ୍ୟନାମ ସାମାନ୍ୟକଥନ।
ମୋତେ ପ୍ରମାଣ କରିବାକୁ ହେବ
ପାପର ପରିଭାଷା ପ୍ରତିଶୋଧ ନୁହେଁ
ପୁଣ୍ୟର ଦିଶା ପ୍ରତିରୋଧ ନୁହେଁ
ସନ୍ନ୍ୟାସର ସଂଜ୍ଞା ସଂଗୁପ୍ତ ନୁହେଁ,
ଏଣୁ ମୋର ପୁରଶ୍ଚରଣ କେବଳ
ସମାନ୍ତର ସ୍ପର୍ଶ,
ଅଙ୍କକର୍ତ୍ତାର ଅନୁଶୀଳନ ଅଙ୍ଗୀରସ ॥

*ସହକାରୀ ପ୍ରୋଫେସର, ଓଡ଼ିଆ, ଷ୍ଟେଜ୍-୩,*
*ରମାଦେବୀ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱର*
*ଦୂରଭାଷ: ୯୭୭୬୫୪୬୧୩୦*



# ଶ୍ୟାମଳ ସ୍ୱପ୍ନ

## ଡା. ମନୋରଞ୍ଜନ ଦାଶ

ଯନ୍ତ୍ରଣାର ନଈରେ ପହଁରି
କ୍ଲାନ୍ତି ମେଣ୍ଟେଇ
ଜୀବନ ଜଞ୍ଜାଳରେ
ନିସର୍ଗରେ ବାଟ ଚାଲି
ଝୁଣ୍ଟିବାକୁ ଭୟ ଘାରେ...
ବିଶ୍ୱନିୟନ୍ତାଙ୍କୁ ପ୍ରାଣଭରି
ଅନେଇ ପ୍ରାର୍ଥନା କରେ,
ତୁମ ଇଚ୍ଛା ପୂର୍ଣ୍ଣହେଉ
ହେ ! ମହାବାହୁ !
ଛାତି ତଳର ବ୍ୟଥାକୁ
ଦେଖେଇ ପାରେନି !
ସେଇ ଅଦୃଶ୍ୟ ମୋ ପ୍ରାଣର
ଦେବୀଙ୍କୁ ଏକାନ୍ତରେ
ହୃଦୟର କଥା ଜଣେଇବା

ମୋ ପାଇଁ ସାନ୍ତ୍ୱନା,
ଆଉ ତା ପୁଣି
ମୋ ଭିତରେ
ଭରିଦିଏ ଅମୋଘ ଶକ୍ତି।
ଚାରିକଡ଼େ ମିଛ ଓ ଛଳନାର ଭଉଁରୀ।
ସଂଯତ ନ ହେଲେ
ଭାଙ୍ଗିଯିବ ମୋ ଶ୍ୟାମଳ ସ୍ୱପ୍ନ।
ନିଜେ ନିଜର ବିଭୋରତା।
କେତେ ପ୍ରଶ୍ନୀଳ ଆଖିକୁ
ଉତ୍ତର ମୋ ଖାଲି
ଦୀର୍ଘଶ୍ୱାସ ଓ ନୀରବତା।

*ପ୍ରଭାବତୀ ନିଳୟମ୍, ବେଲତଳ, ପଟ୍ଟାମୁଣ୍ଡାଇ,*
*ଜି:- କେନ୍ଦ୍ରାପଡ଼ା,*
*ଦୂରଭାଷ: ୯୪୩୭୩୧୭୭୨୨*

# କୀର୍ତ୍ତି

## ଡ. ଅନିଲ ନନ୍ଦ

ବାରପଣ ଭୋଗି ସାରିବା ବେଳକୁ
ବାକି ଚାରିପଣ ଥାଇ
ବଦଳି ଯାଏ ପୃଥିବୀ।

ନିଜ ସଂଗେ ଚାଲିଥିବା ଲଢ଼େଇ
ସ୍ଥଗିତ ରହେ ଅନିର୍ଦ୍ଦିଷ୍ଟ କାଳ
କାଳକୁ ପରାସ୍ତ କରିବାକୁ ଯାଇ
ମାଟି ସଂଗେ ବଢ଼ିଯାଏ ମିତ୍ରତା।

ଅପରାହ୍ନର ସ୍ତିମିତ ଆଲୋକରେ
ଚିହ୍ନି ହେଉଥାଏ ଏଥର
ପାନୀୟ ଜଳ ସଂକଟରେ
ବଢ଼ି ଚାଲିଥିବା କାମଳ ରୋଗ
କଳିଙ୍ଗ ଯୁଦ୍ଧ ପରେ
ବିପନ୍ନ ମାନଙ୍କୁ ମିଳିନଥିବା ରିଲିଫ୍।

ଯେଉଁ ଦେହମାନଙ୍କୁ
ପଥର କରି ସଜା ଯାଇଥିଲା ପାହାଚ
ଖରା ବର୍ଷାର ତୋଡ଼ ସହିବାକୁ
କରାଯାଇଥିଲା ଚଟାଣ
ସେହିମାନଙ୍କ ଛାତିରେ
ଫୁଟାଇ ଦିଆଯାଏ ସ୍ଥାପତ୍ୟର ଫୁଲ।

ନିଶାର ଜଘନ୍ୟ ଆଲିଙ୍ଗନରୁ
ବାହାରି ଆସୁଥାଏ ନିଶାଚର
ଫୁଲର ସୁରଭିରେ
ସୁବାସିତ କରୁଥାଏ ନିଜ ନାମ।

ଗୋଟାଏ ଯାଦୁ ଖେଳ ଚାରିକଡ଼େ
କର୍ମିଉଠେ ଝାଞ୍ଜ ମାଦଳ
ବହୁ ବର୍ଷଯାଏ ଚାଲିଥାଏ
ନାମଯଜ୍ଞ ଧର୍ମ ପ୍ରଚାର।

*କ୍ୟାମ୍ପସ-୯, କିଟ୍*
*ଦୂରଭାଷ: ୯୯୩୭୮୪୩୩୬୮*

# ପାଦ

## ଚିନ୍ତାମଣି ମହାଲିକ

ସେଦିନ ଗଙ୍ଗାନଦୀ ପାରି ହେଲାବେଳେ
ନିଜ ଟାଣପଣ ରଖି
ସେଇ ଦୁଇପାଦ ଧୋଇଲା କୈବର୍ତ୍ତ।
ଧୂର୍ତ୍ତ ବେପାରୀଟେ ପରି କଥାରେ କଥାରେ
ବିମୋହିତକରି ତୁମଠାରୁ ତୁମକୁ ଛଡ଼େଇ
କଲା ସିଏ ବେପାର ବଣିଜ ; ଆଜି ନଦୀପାର
କରି ଦେଉଛି ମୁଁ , କିନ୍ତୁ କାଲି ତୁମେ ଏ ଭବ ସାଗରୁ
ମୋତେ ପାରିକରି କରିବ ଉଦ୍ଧାର।

କଥା ମାନିନେଲ, ସୁନା ପୁଅଟିଏ ପରି
ଅବୁଝା ନହୋଇ ପାଦବି ବଢ଼ାଇ ଦେଲ...
ନାହିଁ କରିବାର କିଛିବୋଲି କିଛି ଉପାୟ
ନଥିଲା ତୁମର।

ସେତେବେଳେ ତୁମେ ତ ତୁମେହୋଇ ରହି ନଥିଲ,
କାହିଁକିନା ? ଭାବକୁ ନିକଟ ହେଲାବେଳେ
ନିଜ ଭିତରୁ ହଜିଯାଏ ନିଜ ପ୍ରଭୁପଣ।

କିନ୍ତୁ ; ପ୍ରିୟ ଅନୁଜ ଭରତର ତୁମ ପ୍ରତି
କେଉଁ ଭାବ ଅଭାବ ଥିଲାଯେ ?
ନିଜ ଭିତରେ ନିଜକୁ ଲୁଚେଇଦେଇ
ଭାଇହୋଇ ଭାଇ ସଙ୍ଗେ ଖେଳିଲ ନୀଳ ନୀଳ
ଛଳନାର ଖେଳ !

ଯେଉଁ ପଦ୍ମପାଦ ଦୁଇଟିର ଉପସ୍ଥିତି ଲୋଡ଼ୁଥିଲା
ଲୁହରେ ବତୁରା ଅଯୋଧ୍ୟା ନଅର,
ପ୍ରଭୁପଣ ଜାରିରଖି ଲେଉଟାଣି ବାଟକୁ ପାଦ
ନବଢାଇ, ବଢାଇଦେଲ ପାଦର ପାଦୁକା
ଯାହା ବନିଗଲା ଅଯୋଧ୍ୟାର ରାଜା।

ପିତୃସତ୍ୟ ପାଳି ବନବାସୀ ସାଜି କାଳକାଳ ପାଇଁ
ଯଶସ୍ୱୀର ଧ୍ୱଜା ଉଡାଇଲ,
ଏଣେ ତୁମ ଅନୁପସ୍ଥିତିରେ ପାଦର କଠଉ
ପୂର୍ଣ୍ଣକଲା ଅଯୋଧ୍ୟାର ଶୂନ୍ୟ ସିଂହାସନ
ଏବଂ ଦାସର ଦାସହୋଇ ତପସ୍ୱୀ ଜୀବନ
ବିତେଇଲେ ସେ ରାଜକୁମାର।

ସେତେବେଳେ କାହିଁ ହଜିଗଲା ତୁମ
ଓଦା ଓଦା ପ୍ରଭୁପଣ ଭାବଗ୍ରାହୀ ମନ ?

*କାଶୀପୁର-ବଳରାମପୁର*
*କେନ୍ଦୁଝରଗଡ -୭୫୮୦୦୧*
*ଦୂରଭାଷ: ୮୭୬୩୩୯୯୬୨୮*

# ମିଶ୍ରଣ ପର୍ବ

## ଶ୍ରୀ ଭୁବନେଶ୍ୱର ବିଶି

ଘଣ୍ଟ ବଜାଅ ହେ ଘଣ୍ଟୁଆଳମାନେ
ଏଥର ଶଙ୍ଖ ଚକ୍ର ଗଦା ପଦ୍ମ
ଏକାକାର ହେବେ ଗୋଟିଏ ହସ୍ତରେ
ବୁଡ଼ି ଯାଉଥିବା ଡଙ୍ଗାର
ମଙ୍ଗ ସଳଖିବାକୁ ଧାଇଁ ଆସିଛନ୍ତି
ବିଚ୍ଛିନ୍ନତାବାଦର ମାଝିମାନେ ॥
ଖଣ୍ଡ ଖଣ୍ଡ ବାଦୀ ଆଉ
ଶତ୍ରୁ ଦେଶର ଜୟକାର ଲଗାଉଥିବା
ପଞ୍ଚଭୁଲା ନାଗରିକ ପ୍ରତି
ବୈମାତୃକ ମନୋଭାବ ରହିବନି ଆଉ
ଏକାକାର ହୋଇଯିବ ଯେତେବେଳେ

ବିଜିତ ବିଜେତା ଦଳ ସବୁ
ଭାଗବାଣ୍ଟ ପାଇବାକୁ ଥିବେ ଏକାସନେ ॥
ଘଣ୍ଟ ବଜାଅ ହେ ଘଣ୍ଟୁଆଳମାନେ
ଈଶ୍ୱରଙ୍କ ନାମ ନେଇ ମନେ ମନେ
ଏଇନା ଚାଲିଛି ମିଶ୍ରଣ ପର୍ବ
କହି ହେବ ନାହିଁ
କିଏ ଯେ ବସିବ ସିଂହାସନେ ॥
ତମ ମତ ଯଦି ଶକ୍ତିଶାଳୀ ହୁଏ
ମୁକୁଳିତ ହେବେ ହୀନଜନେ
ବିଗତ ଦିନ ପରି ଶାନ୍ତି ବିରାଜିବ
ବନ୍ଦୀଘର ଯିବେ ଦୁରୁଜନେ ॥

*ରେଳବାଇ କଲୋନି, ଜୟପୁର,*
*କୋରାପୁଟ-୭୬୪୦୦୨*
*ଦୂରଭାଷ: ୭୫୮୭୪୪୫୮୦୩*

# ମହାଦେବୀ

## ରମେଶ ପତି

ମାତ୍ର ଗୋଟିଏ ଦିନରେ ସେ
ପୁନଶ୍ଚ କୁମାରୀ... !
ପ୍ରଥମ ମଧୁମୟ ରାତିରେ
କଳା ବାଦଲଟା ଗ୍ରାସକଲା
ତା' ଜୀବନର ଚତୁର୍ଦ୍ଦଶୀ ଚାନ୍ଦ।

ଫେରି ଆସିଥିଲା ତା' ପାଦ
ନିଜ ଜନ୍ମମାଟି, ଆପଣା ଗାଁ'କୁ...
ଆଃ, କି ଶାଂତି !
ଆଜି ବି ସେଇ
ଅଭୁଲା ଅତୀତର ସ୍ମୃତି
ମନକୁ ଆସିଲେ,
ଏକ କୋମଳ ଯଂତ୍ରଣାରେ ଥରିଉଠେ
ରେବିନାନୀ ଛାତି।

ନାରୀ ସ୍ୱାଭିମାନର ସୁରକ୍ଷା ପାଇଁ
ଏବେ ବି ଜାରି ରହିଛି ତା'ର
ଜୀବନ ଲଢ଼େଇ...
କିଛି କ୍ଷଣ ଉପଭୋଗ ପରେ
ଫୁଲର ପାଖୁଡ଼ାମାନଙ୍କୁ ଛିଂଡାଇ
ନର୍କକୁଣ୍ଡକୁ ଫିଙ୍ଗି ଦେଉଥିବା
କାପୁରୁଷମାନେ ଖୋଜୁଥାନ୍ତି
ଆଉ ଏକ ଫୁଲ।

ଦିନେ ପୁରୁଷ ମୁଖାଧାରୀ
ସେଇ ମଣିଷଟି ତା'ସାମ୍ନାରେ
ଠିଆହେଇଥିଲା ନିର୍ଜୀବ ମୂର୍ତ୍ତିଟିଏ ପରି,
ଲୁହରେ ଛଳଛଳ
ନୀରବ ଆଖି ଦୁଇଟି ବାରଂବାର କୁହେ :
କ୍ଷମାକର ପ୍ରିୟତମା,
ଅତୀତଟା ମୋ' ପାଇଁ
ଘୋର୍ ଅଭିଶାପ !

ଲକ୍ଷ ଲକ୍ଷ ନାରୀଙ୍କ
ଆଦର୍ଶ ପାଲଟିଥିବା ମହାଦେବୀ,
ପାଲଟିଯାଇଛନ୍ତି ଆଜି
ଝଡ଼ ପରଦିନ ସକାଳର ନିର୍ମେଘ ଆକାଶ।

ରେବିନାନୀର ଆଦର୍ଶ
ଏଠି ଫିକା ଫିକା ଲାଗେ
ପୁରୁଷ ପ୍ରାଧାନ୍ୟ ସମାଜର
ଅନୁତପ୍ତ ଲୁହ ନିକଟରେ... !

ଡହଡହ ଖରାକୁ ପିଠି କରି
ସାରା ଜୀବନ ଅନ୍ୟକୁ
ଛାଇ ଯୋଗାଇ ଆସିଥିବା
ଗଛଟି ଚାହେଁନା
ନୂଆ ଶାଖା ମେଲିବାକୁ।
ଆଉ କେହି ଜଣେ
ନିଜ ମୂଳରେ ଢାଳିଦେଉ
ଗୋଟେ ବାଲ୍ଟି ପାଣି।
ଡାଳଠୁଁ ମୂଳ ଯାଏ ସବୁ ଭେଟିଦେଇଯାଏ
ସାରାଜୀବନ କ୍ଷତାକ୍ତ କରିଥିବା
ମଣିଷ ହାତରେ... !

ଯେମିତି ମରିବା ଆଗରୁ
ଆଖି ଦୁଇଟି ଦାନ କରି
ଦୁନିଆଁର ଆଲୋକ ଦେଖାଇଥିବା ରେବତୀକୁ
ଦିନେ ଯିଏ ଅଂଧାରକୁ ଠେଲିଦେଇଥିଲା
ଅତି କଠୋର ଭାବରେ... ! !

*ସା- ଗୋବିନ୍ଦପୁର, ପୋ- ଜାହାନପୁର,*
*ଭାୟା- ଦେବୀଦ୍ୱାର,*
*ଜିଲ୍ଲା-ଯାଜପୁର, ପିନ୍-୭୫୫୦୦୭*
*ଦୂରଭାଷ: ୯୪୩୮୪୫୨୦୪୦*



# ବଂଚି ରୁହ ଅଶ୍ୱତ୍ଥାମା !

## ଚୈତନ୍ୟ ପ୍ରସାଦ ବେହେରା

ଯାହା ଥିଲା ମୋର ସବୁତ ନେଲ ହେ
ଭାଇବନ୍ଧୁ କବି ବର
ଆଉ ଅବା କିସ ଅଛି ବା ମୋହର
ଦେବା ପାଇଁ ଉପହାର
ନିସ୍ୱ ମୁଁ ଆଜି ଏକା,
କାହିଁ ଗଲ ତୁମେ କୃତଘ୍ନ ମଣିଷ
ସେଦିନର ବନ୍ଧୁ ସଖା ॥

ମୁଁ କି ଜାଣିଥିଲି ତୁମରି ଛଳନା
ଭଲ ପାଇବାରେ ଭେଳ
ମୁଁ କି ଜାଣିଥିଲି ସ୍ୱାର୍ଥପର ଅର୍ଥ
ଛଳନାର ମାୟା ଜାଲ
ବଂଚି ରୁହ ଅଶ୍ୱତ୍ଥାମା,
ମହାଭାରତର କଳଙ୍କିତ ବୀର
କ୍ଷମା ପାଇବନି ଜମା ॥

ତୁମେକି ବୁଝିବ କବିର ମହତ
କଳାକାର ମନ ଦୁଃଖ
ତୁମେ କି ବୁଝିବ ସାଧନା ପଥରେ
କେତେ ସେ ପାଇଛି ସୁଖ ! !
ତୁମେ ଖାଲି ଲୁଟି ନିଅ,
ଅପାତ୍ରରେ ଦାନ ଦେଇତ ସାରିଛି
ଏବେ ଗଡ଼ାଉଛି ଲୁହ ॥

ହୋଇ ପାରିଲନି ଏକଲବ୍ୟ ତୁମେ
ହେଲନି ଶିଷ୍ୟ ଆରୁଣି ! !
ବିଦ୍ୟା ବୋଲି ଧନ ମିଛେ ହରି ନେଇ
ଚିର ଦିନ ହେଲ ଋଣୀ
ତୁମେ ସବୁ ଭସ୍ମାସୁର,
ଦିନତ ଆସୁଛି ଅପେକ୍ଷା କର ହେ
ପଡିବ ନରକ ପୁର ॥

ସରିଲାଣି ବେଳ ସରିନି ଜଞ୍ଜାଳ
ସରିନି ସମାଜ ସେବା
ଯନ୍ତ୍ରଣା ଜୁଇରେ ଜଳୁଛି ଜୀବନ
କିଏସେ ବୁଝିବ ଅବା
କଳା, ସାହିତ୍ୟ, ସଂସ୍କୃତି,
ଜୀବନଟା ସାରା ଲେଖିଲି ଗାଇଲି
ଏଇ ମୋ ବଡ ସମ୍ପତ୍ତି ॥

*ଅଧକ୍ଷ, ଓଡିଶା ଅକ୍ଷୟ ମହାନ୍ତି ଫାଉଣ୍ଡେସନ୍*
*ଟ୍ରଷ୍ଟ, ଖୋର୍ଦ୍ଧା-୭୫୨୦୫୫*
*ଦୂରଭାଷ: ୯୪୩୭୩୭୩୭୪୧*

# ନାଲିମାଟିର ଦୂବରାଜ

**ସୁଶୀଲ କୁମାର ପାଣିଗ୍ରାହୀ**

ନାଲିମାଟିର କଣ ସୁଗନ୍ଧ ଅଛି ?

ମୋର ଏ ପ୍ରଶ୍ନର ଉତ୍ତର ଦେଲା
ଟକ୍ ମକ୍ ଟକ୍ ମକ୍ ଫୁଟୁଥିବା ମାଟିହାଣ୍ଡି

ସଂଚରିଗଲା ଦୂବରାଜର ବାସ୍ନା ତଡ଼ିତ୍ ହେଇ
ରକ୍ତରେ ଲସିକାରେ ସ୍ନାୟୁରେ ଗ୍ରନ୍ଥିରେ
ଭିତରେ ଭିତରେ....ସର୍ବାଙ୍ଗରେ

ଏହା ଦେଇଛି ଏ ମାଟି...ନାଲିମାଟି
ନିଜକୁ ବତୁରାଇ ଚିକିଟି ଚିପୁଡ଼ି ଜଳି ଜଳି ।

ଶଙ୍କର ମାଝି ! ତୁମେ ଚୁପ୍ ରହିବା ଠିକ୍ ହେଇନି
ଜାଣେ କେତେ ଭଲ ପାଅ ତୁମ ମାଟିକୁ
ତୁମ ରକ୍ତରେ ମହ ମହ ଏଇ ନାଲିମାଟି ।

ଏଇ ମାଟିର ଦୂବରାଜ ଧାନ
କୋଉ ରତନଠୁ କମ୍ କି ?
ହୃଦୟର ଔଜ୍ଜ୍ୱଲ୍ୟ, ପ୍ରେମ୍ୟ ଚିରକାଳର ଓ ମନ୍ତ୍ର
ସବୁଜ ଜୀବନକୁ ଆବାହନର ।

ସେ ମହକ ଭିତରେ ମାଟିର କେତେ ଯେ ଯନ୍ତ୍ରଣା
ହୁଏ କି ଜାଣି
ମମତା ଆସୁଥାଏ ଝରି, ଦିଶେ କି ?
କିଏ ପାଶୋରେ, ଶଙ୍କର !
ମାଆର ଟୋପାଏ ଟୋପାଏ କ୍ଷୀରରେ
ଗଢ଼ା ପରା କୋଟିଏ କୋଷ
କେମିତି ବା କିଏ କରିବ ଅସ୍ୱୀକାର
ତମାମ ଆୟୁଷ୍କାଳରେ ନାହିଁ ବୋଲି ସେଇ
ଅମୃତର ଅପାର୍ଥିବ ସ୍ପର୍ଶ ?

ଏ ନାଲିମାଟିର ଦୂବରାଜ
କେବେ ବି ତା'ଠି ଅକୁଳାଣ କି ଯାଚିଦେବାରେ
ଜହ୍ନର ଉଚ୍ଛୁଳା ହସ, ସୂରୁଜର ମୁଗ୍ଧ ଉଜ୍ଜଳାୟନ,
ପବନର ବକ୍ଷେ ଅନୁବାସିତ ବିଚରଣ,
ଫୁଲଙ୍କ ନିଃସର୍ତ୍ତ ପ୍ରେମ
ଦେଖ, ଏବେ ତୁମ ହୃଦୟ ଆକାଶ
ମନ ଏକ ବିହଙ୍ଗ
ଆତ୍ମା ବାଙ୍ମୟ ଦଶଦିଗ
ଅପ୍ରତିମ ଜୀବନକୁ କରିଛି ସତ୍ୟ, ଶିବ ଓ ସୁନ୍ଦର ।

ଶଙ୍କର କାହିଁକି କହିଲନି କିଛି, ଏତେ ଅନୁଗ୍ର !!
ମାଟି ପରି ତୁମେ ବି ?

ତୁମର କୃତଜ୍ଞତାର ଭାଷା ସତରେ ନିଆରା
ମୁଗ୍ଧ ପଣରେ ନିଃଶବ୍ଦ, ଖାଲି ପ୍ରୀତିଭରା
ସ୍ୱୟଂ ଯେମିତି ମୂର୍ତ୍ତ ମାତୃପ୍ରେମର ଉଜ୍ଜ୍ୱଳ ସନ୍ତକ
ମାଟିର ଅମୃତଧାରା ।

ଗୋଟିଏ ଗୋଟିଏ ବାସ୍ନାଭରା ଦୂବରାଜ ପରି ।
ଗାଇଚାଲିଛ ହସରେ ନିଃଶ୍ୱାସରେ ସ୍ୱପ୍ନରେ
ମୌନତାରେ...
ଜୀବନର ଅନୁପଦ...

ଆୟୁ ଦେହୀ
ଯଶୋ ଦେହୀ
ଧନଂ ଦେହୀ ।

*କଲ୍ୟାଣୀ ରେସିଡେନ୍ସି, ଫ୍ଲାଟ୍-୨୦୩, ଫାର୍ମ*
*ରୋଡ଼, ସମ୍ବଲପୁର-୨*
*ଦୂରଭାଷ: ୮୧୪୪୨୨୮୨୦୨*

# ଦୁଃଖ ହୃଦୟ ପସରା

**ବାସନ୍ତୀ ଦାସ**

କୁଆଁରୀ ବୟସରେ
ବାଣ୍ଟିଦେଲି ସ୍ୱପ୍ନ, ସେବା ସବୁ
ପିତା, ମାତା, ଭାଇ, ଭଉଣୀ ଏବଂ
ଗୁରୁ ଗୁରୁଜନ ସାଙ୍ଗ ସାଥିଙ୍କୁ ତ'
ବିବାହ ପରେ ପତି ଏବଂ ତା ସଂସାରର
ପ୍ରତ୍ୟେକ ଆତ୍ମୀୟଙ୍କୁ,
ନିଃସ୍ୱାର୍ଥପର ରୂପେ
ହେବି ବୋଲି ପ୍ରିୟ ସଭିଙ୍କର ।

ସନ୍ତାନ ପାଇଁ ତ୍ୟାଗ ସେବା ମମତାରେ
କରିନାହିଁ ଊଣା ନିଜକୁ ନିଃଶେଷ କରି
ବୁଣି ଦେଇଛି ଜୀବନର ସ୍ୱପ୍ନକୁ
ତାଙ୍କ ଚଲାପଥରେ କୁସୁମ ସଦୃଶ
ଈଶ୍ୱରଙ୍କୁ ସମର୍ପି ଦେଇଛି ଭାବ ଯେତେ
ହୃଦୟର ନିଗାଡ଼ି ଏକ୍ଲା ଥିବା ବେଳେ ।

ସମାଜକୁ କଣ ଦେଲି ବା ନେଲି
କରିବାକୁ ଚିନ୍ତା ବେଳ ମିଳିନାହିଁ କେବେ,
ଏବେ... ବୟସର ଅପରାହ୍ନରେ

କିଛି ନାହିଁ ମୋର ବୋଲି ଦୁନିଆରେ
ଲାଗେ ସବୁବେଳେ
ଈଶ୍ୱର ବି ଚୁପ୍ ଚାପ୍ ଦିଅନ୍ତିନି ଉତ୍ତର ମୋର
କ'ଣ ରହିଲା ଭୁଲ୍ ମୋର ?
ଦେବା ବଦଳରେ ପାଇଲିନି କିଛି
ମନ ଯାହା ଖୋଜେ, ଦେହ ଯାହା ଚାହେଁ
ତା କେବେବି ମିଳିନି ଆସି ଉପଗତ ଶେଷ ସମୟ ।

କେଜାଣି କାହିଁକି ବେଳେ ବେଳେ
ମନ ଉଚ୍ଚାଟ ହୁଏ ନୀରବରେ ବିଶ୍ଳେଷଣ କରେ
କଣ ଏମିତି ଭୁଲ୍ ହୋଇଗଲା ଜୀବନରେ
ଜାଣତରେ ବା ଅଜାଣତରେ...
ଯାହାର କଷଣ ଭୋଗୁଛି
ଜୀବନସାରା, ସୁଖ କେବେ ଦିଏ ନାହିଁ ଧରା
ଦୁଃଖ ସଦା ହୃଦୟ ପସରା ।

*ସଂପାଦିକା- "ଶିଳାଶ୍ରୀ", ଭୀମଟାଙ୍ଗୀ-୧,*
*ଫ୍ଲାଟ୍ ନଂ- ୨୩୮୦, ଭୁବନେଶ୍ୱର-୨*
*ଦୂରଭାଷ: ୯୮୫୩୯୯୩୯୯୩*

# ଦିନଟିଏ

**ରବି ଶତପଥୀ**

ସବୁଠି ଅଭାବର
ଲୁଚକାଳି ଖେଳ ଚାରୁଲତା !
ସବୁଠି ହଜିଯିବାର ଭୟ
ଘାରୁଛି ଦିନସାରା ।
ସବୁଠି ଗୋଟେ
ଶୀତଳଯୁଦ୍ଧ ପାଇଁ
ଚାଲିଛି ଷଡ଼ଯନ୍ତ୍ର
ଶାନ୍ତିର ନିର୍ମମ ହତ୍ୟା ପାଇଁ
ଚାରିଆଡ଼େ ଆୟୋଜନ ।

ଏବେ ପୂର୍ଣ୍ଣିମା ରାତିରୁ
ଜହ୍ନଟେ ହଜିଯିବା
ଆଉ ଆଶ୍ଚର୍ଯ୍ୟର
କଥା ନୁହେଁ ଚାରୁଲତା !
ଦିନରୁ ଆଲୁଅ ସରିଯିବା
ଆଉ ବିଚିତ୍ର ନୁହେଁ ।

ସଂଜ ଯେଉଁଠି
ଚୋରେଇ ନେଇପାରେ
ଫୁଲ ମାନଙ୍କର ବାସ୍ନା,
ସେଇଠି ଜୀବନ ପାଖରୁ

ସୁଖ କେହି ଛଡ଼େଇ ନେବା
କୋଉ ନୂଆ କଥା।
ସବୁ ଆଶ୍ଚର୍ଯ୍ୟ ଭିତରେ
ଦିନଟିଏ ସରିଯିବା
ଏବେ ଭାଗ୍ୟ ଚାରୁଲତା !
ଦିନଟେ ଭିତରେ ମୁହୂର୍ତ୍ତଟିଏ
ଭଲରେ ବଞ୍ଚି ରହିବା ତ,
ପରମ ସୌଭାଗ୍ୟ ॥

*ଅଧ୍ୟାପକ, ଓଡ଼ିଆ ବିଭାଗ, ନନ୍ଦପୁର କଲେଜ, କୋରାପୁଟ*
*ଦୂରଭାଷ: ୯୪୩୭୭୮୪୮୫୯*

# ପାହାଚ

## ଶରତ କୁମାର ଦାସ

ସେଦିନ ମୁଁ
ସମସ୍ତଙ୍କ ଅଲକ୍ଷ୍ୟରେ
ପାହାଚ ପାଲଟିଗଲି
ଯେଉଁଦିନ ମୋ ଦେହକୁ
ଇଟା, ବାଲି, ରଡ଼ରେ ତିଆରିକରି
ସିମେଣ୍ଟରେ ମଣୋହି କରି ଦିଆଗଲା

ସେଦିନଠୁ
ମୋ ଦେହ ଉପରେ
ଆରମ୍ଭ ହୋଇଗଲା
ଅତ୍ୟାଚାର
ସେମାନଙ୍କ ଯାତାୟାତର

ସେମାନେ କେବେ
ଭାବିଲେ ନାହିଁ
ଦେହର କଷ୍ଟ
ଓ ଛାତିର ବେଦନା ଧରି
କେମିତି ମୁଁ ବଞ୍ଚିବି ?

ମୁଁ ଦିନେ
ରୁଗ୍ଣ ଓ ଅବଶ ହୋଇ
ପରିତ୍ୟକ୍ତ ହୋଇଯିବି ବୋଲି
ସେମାନେ କେବେ
ଚିନ୍ତା ବି କଲେନି

ମୁଁ କିନ୍ତୁ
ମୋ ଅନାବୃତ ଦେହକୁ
ସେମାନଙ୍କ ପାଇଁ
ଉନ୍ମୁକ୍ତ ରଖିଥିଲି
ପାଛୋଟି ନେଲି
ପ୍ରତିଟି ପାଦକୁ
ମୁଣ୍ଡରେ ବୋଲିଲି
ସେମାନଙ୍କ ପାଦଧୂଳି
ଓ ଅହରହ ଭାବୁଥିଲି
କାଳେ ଦିନେ
ସେମାନଙ୍କ ଆଶୀର୍ବାଦରେ
ମୁଁ ଜୀବନ୍ୟାସ ପାଇବି ବୋଲି

*ବାଲିଆପାଳ, ବଇଁଶୀରିଆ, ଯାଜପୁର*
*ଦୂରଭାଷ: ୯୪୩୭୪୨୩୯୮୫*

# ଶୁଣିଲି

## ଭାରତ ମାଝୀ

ଶୁଣିଲି, ତମେ ଆଜିକାଲି
ପଦ୍ମଫୁଲ ଚାଷ କରୁଚ
ନିଆଳି ପାଖ କୋଉ ଫାର୍ମ ହାଉସରେ,
ଅଂଗ-ବଂଗ-କଳିଂଗେ ନାଁ ଡାକ
ଉତ୍କୃଷ୍ଟ ଫୁଲଚାଷୀ ଭାବରେ, ଏଇ ଶୁଣିଲି
ସେଇଠୁ ହିଁ ଲକ୍ଷେ ଭାର ଯାଇଥିଲା
କଂସରଜା ଘରଣୀଙ୍କ ଓଷାଟୋସାରେ।

ଜାମାଯୋଡ଼ ହେଇ କୁଆଡ଼େ ସାପମାନେ
ଦେଉଚଂତି ପହରା,
ସରସୀ ହୁଡ଼ାରେ ଅୟୁତ ଜହ୍ନରାତି
ମାରୁଚଂତି ଦଣ୍ଡ ବୈଠକ,
ସୋସିଆଲ ମିଡ଼ିଆ ଭର୍ତ୍ତି ଫୁଲଂକ ଭ୍ରୁ-ଟେକା,
ଆଖିମରା, ମୁହଁ ମଙ୍କା ରିଲ୍ସ,
କାନକୁ କାନ ଡେଉଁଚି କୁଆଡ଼େ ପ୍ରତିଦିନ
କେତେ କାହାଣୀ,
ତମେ ଏଇନା କୁଆଡ଼େ ଆମ ବୁଦ୍ଧ ପାର୍କର ଅର୍ବୁଦ
ଜହ୍ନର ମାଲିକାଣୀ !

ହଁ ଦୁଃଖ, ଏବେ ତମର ପଦ୍ମଫୁଟା ଜହ୍ନରାତିର
ନ୍ୟୁଜ୍ ନାହିଁ,
ଏ ନିର୍ବାଚନ ବେଳାର ଘନଘୋର ଦୁନ୍ଦୁଦଂଡ,
ଏ ବେଳରେ ମୁଁ ଓ ସାମ୍ବାଦିକ ବଂଧୁମାନେ ତ
ବିକ୍ରୀଯୋଗ୍ୟ ଷଣ୍ଢ।
ବିବିଧ ଚିହ୍ନର ମାର୍ଫତରେ,
ହେଲେ ଷଣ୍ଢ କି ଜାଣେ, ତା'ର କେତେ ପିଲା
କବିଲା ଏଇନା ବୁଲୁଚନ୍ତି ମାର୍କେଟରେ।

ନ୍ୟୁଜ୍ ହେବାର ଇଚ୍ଛା ?
ଶିଉଳି ଛଡ଼ାଇବାକୁ ଚଢ଼ିଯାଅ ଗାଁ ମନ୍ଦିରର
ଦଧିନଉତି, ବାନ୍ଧିଦିଅ ବାନା
ଛିଡ଼ା ହୁଅ ଆରତତାରଣ ଭଙ୍ଗୀରେ, ସହରର
ଟ୍ରାଫିକ୍ ପୋଷ୍ଟରେ
ଲେଖି ପକାଅ ଅଢ଼େ ମାଇଲିଆ ଲମ୍ବା କବିତା
ଯାବତୀୟ ମେଘଙ୍କ ହାତରେ ଧରେଇଦିଅ ଛତା,
ଫୁଲଚାଷର ତା କିତ୍ କିତ୍ ତା !

ତମ ପଦ୍ମଫୁଲକୁ ନେଇ
ଏଇନା ସେନସେକ୍ସରେ ଉଛାଳ,
ଦେଶସାରା ଟ୍ରାଫିକ୍ ଜାମ୍,
ଜୟ ଶ୍ରୀରାମ !

ଶୁଣିଲି ଆଜିକାଲି ତମେ ପଦ୍ମଫୁଲ ଚାଷ କରୁଚ
ନିଆଳି ପାଖ କୋଉ ଫାର୍ମ ହାଉସରେ,
ବଡ଼ ଦୁଃଖ, ଜନ-ଗଣ-ମନ-ଅଧିନାୟକ କେହି
ନଥିଲା ବେଳେ !

*୨୯୯/୧, ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧*

# ପାଶେ ପାଶେ ସଦା ରହି ଥାଅ

## ପୀୟୂଷ ପଟ୍ଟନାୟକ

ରାତ୍ରି କାହିଁ ମନେ ଆଣେ ବିସ୍ମୃତିର ଏତେ ସଂରଚନା
ଯାହା ମୁଁ ଚାହିଁନି କେବେ ଲିଭିଯାଉ ମନୁ ତୁମ ସ୍ମୃତି।
ଉଜାଗର ରହେ ରାତି, ଲିଭାଏ ଯେ ତୁମରି ଭାବନା
ମୋ ଅସ୍ଥି ମଜ୍ଜାରେ ଯାହା
ରକ୍ତ ହୋଇ ବହେ ଦିନ ରାତି।

ଶ୍ୟାମଳ କେଦାରେ ତୁମେ ଦୋଳାୟିତ ପବନର ସ୍ୱନ
ନୀଳ ଆକାଶର ସ୍ୱପ୍ନ ସାଂକେତିକ ଅଦୃଶ୍ୟ କଳ୍ପନା।
ବୃକ୍ଷର ଶୀତଳ ଛାୟା ସୁବିମଳ ପ୍ରଭାତ କିରଣ
ଜୀବନର ପ୍ରତିବିମ୍ବ ଜନ୍ମ ଜନ୍ମ ନୀରବ ସାଧନା।

ତୁମେ କେବେ ଭାସିଆସ ଅନ୍ଧାରର କୁହୁକିତ ସ୍ୱରେ
ରୋମାଞ୍ଚିତ ଦେହେ ମୋର
ଭରିଦିଅ ନୈଶ ଶିହରଣ।
ସେ ରାତିର ଝୁଲଣାରେ ବିକିରିତ ସ୍ମୃତିର ଆସରେ
ବିଭୋରିତ ମନେ ଆଣ
ବଞ୍ଚିବାର କେତେଯେ ନିକ୍ୱଣ।

ତୁମେ ଯେବେ ଅଛ ମୁଁ ଅଛି, ମୁଁନାହିଁ ତୁମେ
ଯେବେ ନାହଁ ବିସ୍ମୃତ ହୁଅନି କେବେ ପାଶେ
ପାଶେ ସଦା ରହି ଥାଅ ।

*ଦୂରଭାଷ: ୭୫୦୬୧୮୯୦୩୦*

# ପୁଣି ମେଘ !

## ରମେଶ ଚନ୍ଦ୍ର ସାହୁ

ପଟାପଟା ତ୍ରିପଣ୍ଡ କାଳିଆ
ବାଘ ପରି ମେଘ ଆସେ, ବସିବାକୁ ପାହାଡ ମଥାନ
ଗର୍ଜନରେ ଅଚାନକ ପରିବ୍ୟାପ୍ତ ସୌମ୍ୟ ନୀରବତା
ଗାଁ ଦାଣ୍ଡ ସହର ପେଣ୍ଠରେ
କେଶବାସ ଅସମ୍ଭାଳ କୁଆଁରୀଙ୍କ !
ଆତଙ୍କରେ ଫୁଲୁଥାଏ ମହାନଦୀ ପେଟ
ଆଖି ତା' ଅନ୍ୟ ମନସ୍କ ଓଠ ବି ଉନ୍ମନ ।
ଅଚାନକ ଉଦବେଳିତ ସମୁଦ୍ର ମୁହାଣ
ଶରଧାବାଲିରେ ନାଚେ ଅସଂଖ୍ୟ ସିତ୍କାର
ମେଘ କି' ସୁନା ଶିକୁଳି ଭାବ ସମ୍ମୋଧିର
ଆଣିଥାଏ ଥାକଥାକ କଳାମେଘୀ ଶାଢ଼ୀ
ବାନ୍ଧିବାକୁ ଆକାଶ ଓ ପୃଥିବୀର ହୃଦ;
ଲେଖି ପ୍ରଣୟ ଚିଟାଉ ସବୁଜ ପତ୍ରରେ
ଆଞ୍ଜୁଳାରେ ଛଳଛଳ କୁଆଁରୀ ଉଚ୍ଛ୍ୱାସ
ସୁକୁମାର କାଗଜ ବୁକୁରେ ହସେ ଅନାବନା ଶବ୍ଦ
ଭାଙ୍ଗିବାକୁ ସମୟର ସୀମା ସରହଦ ।
ମେଘ ଉହାଡ଼ରେ ବାଜେ କାହାର ଡମ୍ବରୁ
ଭାଙ୍ଗେ ଲାବଣ୍ୟବତୀର ରତିକ୍ଳାନ୍ତ ନିଦ
ଝରକା ଖୋଲି ସେ ଦେଖେ
ରାସ୍ତା ଘାଟ ଶୂନଶାନ ଭୋଗିବାକୁ ପ୍ରକୃତି ତାଣ୍ଡବ ।
କାଉଡ଼ିଆ ସଜବାଜ ଶ୍ରାବଣରେ କରିବାକୁ ଜଳ
ଅଭିଷେକ ସ୍ୱପ୍ନେଶ୍ୱର, ଉଗ୍ରେଶ୍ୱର,
ମହାବଳେଶ୍ୱର !
ଯକ୍ଷିଣୀର ଆଖି କିନ୍ତୁ ଓଦା ଓଦା
ଛାତିରେ ଛାତିଏ କୋହ ରୁଣୁଝୁଣୁ କେଉଁ ଯକ୍ଷ ପାଇଁ
ଦେହ ଥରେ ବିରହରେ, ଦିବ୍ୟ ଅନୁଭବ ! !

*ଅବସରପ୍ରାପ୍ତ ପ୍ରାଧ୍ୟାପକ*
*ରାସୋଳ, ଢେଙ୍କାନାଳ, ୭୫୯୦୨୧*
*ଦୂରଭାଷ: ୯୪୩୮୪୧୮୪୯୨*

# କରତାଳି

## ସନ୍ତୋଷ କୁମାର ମିଶ୍ର

ପାହାଚ ପାହାଚ ହୋଇ ପାହାଚ ଉଠିଚି
କୋଠା ପରେ କୋଠା ହୋଇ ଛାତ ଉପରକୁ
ଲୁହା ବା କାହିଁକି ଏଡ଼ିବ ଆକର୍ଷଣ ଉଠି ଛୁଇଁବାର
ଚୂଳ ଚୁମ୍ବକକୁ ।

ପାଦ ପରେ ପାଦ ଚଢିଲା ବେଳେ ପାହାଚର ଥାକ
ବେଳୁ ବେଳ ଲାଗେ ପା' ତଳ ପାକଳ ହେବାର ।

ହେଲେ ହଠାତ୍ କଣ ଗୋଟେ ହୁଏ
ଜଖମ ହୋଇ ପାଦଚକ ଅଟକିଯାଏ ଥକିବା ଆଗରୁ
ଆଣୁଏ ଅନୁଭୂତି ନଥିବାର ଅନୁଭୂତି
କାହୁଁ ହାକୁଟି ମାରେ ।

ସଂଶୟର ଜାଡ଼ ଶୀତରେ ଅସାଡ଼ ପାଲଟେ
ସମସ୍ତ ସମାଧାନର ଅବୟବ
କାଳର ତ୍ରିବେଣୀ ଘାଟରେ ଖାଲି ବୁଡ଼ ପକାଉଥାଏ
ନିରୀହ ପ୍ରତୀକ୍ଷା ।

ସମାନ ବଳ କଷି ଟାଣନ୍ତି ପାହାଚମାନେ ଉପରୁ ଓ
ତଳୁ ସିନା ସମ ବା ବିଷମ ମେରୁର ବିକର୍ଷଣ
ଆକର୍ଷଣ ଆଉ କିଛି ନଥାଏ
ପାଦ ଥିବା ପାହାଚ ଚେକାଏ ଅଠା ପାଲଟିଯାଏ;

ପୁଣି ସତ୍ତାର କେଉଁଠୁ କେଜାଣି
ଉଜାଣି ବହିବାକୁ ଲାଗେ ପୁଲାଏ
ଅମାନିଆ ପବନର ପଣ
ଯେ ନା... ପ୍ରତ୍ୟେକଟି ପାହାଚ ପ୍ରକ୍ଷେପିତ ପାହାଚ
ନିହାତି ଏବେ ଯାହା ଲୋଡ଼ା କିଛି ଜରୁରୀ ମରାମତି
ରଥୀ ଆଉ ସାରଥୀର ମିଳିତ ମରାମତି
କରତାଳି ତାତି ।

*୩୪୮/୫, ଆରତ, ଜୟଦୁର୍ଗା ନଗର*
*ଭୁବନେଶ୍ୱର-୭୫୧୦୦*
*ଦୂରଭାଷ: ୯୪୩୮୧୮୩୦୯୧*



# ଆଶାର ବୋଇତ

## ସୌଦାମିନୀ ମିଶ୍ର (ଦାଶ)

କାହା ଆଗମନେ ଅଦିନ ଆକାଶେ
ପୁଲକିତ ମେଘମାଳ
ଜାଣି ହୁଏ ନାହିଁ ଗ୍ରିଷମ ସମୟ
ଅଥବା ବରଷା କାଳ ।
ନିଷ୍ଠୁର ଦିବସ କରଇ ବିବଶ
ଆସିବନି ମଧୁରାତି
ଖୁସିର ଚନ୍ଦିନୀ ଚୁମିବ ମେଦିନୀ
ପ୍ରସମିବ ଧରା ତାତି ।
ନିଦ ପାଲିଙ୍କିରେ ସପନ ଖେଳଇ
ଅଯୁତ ଆଶାକୁ ନେଇ
କେଉଁ ଗନ୍ଧର୍ବର ଆସିବା ପଥରେ
କୁସୁମ ବିଛେଇ ଦେଇ ।
ଅଜଣା ତୁଠର ଶିଉଳି ଘାଟରେ
ଖୋଜେ କାହା ପାଦଚିହ୍ନ
ସ୍ମୃତିର ନଈରେ ଉଜାଣି ସୁଅରେ
ଭିଜୁଥାଏ ରାତିଦିନ ।
ଚଗଲା ପବନ ହୁଏ ଛନଛନ
ଛପି ଛପି ଛୁଇଁଯାଏ
ଅନ୍ୟମନସ୍କରେ ଅଳସୀ ନଈଟା
ଝୁଣ୍ଟିବାକୁ ଭଲପାଏ ।
ମନ ପକ୍ଷୀ ଉଡ଼େ ଡେଣା ଝାଡ଼ି ଝାଡ଼ି
ଗାଇ ବସନ୍ତର ଗୀତ
ପ୍ରୀତି ରଙ୍ଗ ବୋଳି ଫଗୁଣ ସାଥିରେ
ସରାଗେ ବସଇ ମିତ ।
ଆଶାର ବୋଇତ ଅସରନ୍ତି ପଥେ
ଏମିତି ଚହଲୁ ଥାଉ
ଦରିଆ କୂଳର ସ୍ୱାଗତ ଗୀତିକା
କାନ ପାଖେ ଶୁଭୁଥାଉ ।

*ସମ୍ପାଦିକା - 'ନିର୍ଝରିଣୀ' ଓ 'ଶ୍ୱେତପଦ୍ମା'*
*ସାହିତ୍ୟ ସଂସଦ, ବ୍ରହ୍ମପୁର*
*ଦୂରଭାଷ: ୭୯୭୮୬୧୧୮୦୧*

# ଖୋଲା ରହୁ

ବିଜୟ ମହାପାତ୍ର

ବହି ମନ ବର୍ଷା
କି ଖରାରେ ଖୋଲା ରହନ୍ତୁ ଛତା
ଆପେ ଆପେ ନିଜର ସ୍ୱରରେ କଳକଳ ହୋଇ
ନଈ ଗାଉଥାଉ ଗୀତ ରାତିସାରା ।
କିଶଳୟ ଚଂଚୁରେ ମାଜି ମାଜି ଅନାୟାସେ
ସଫା କରୁଥାଉ କୋଇଲି
କେଉଁ ଛାନ୍ଦ କି ଚଉପଦୀର ଅଭ୍ୟନ୍ତର
ତା'ହେଲେ ରକ୍ତମାନେ ଆଉ ମାଗିବେନି ମୁଣ୍ଡ
ଭୁସାଭୁସିରେ ବିନ୍ଧିହେଉନଥିବେ ପାଷାଣ୍ଡ !

ଆକାଶର ଏତେବଡ଼ ସିଲଟରେ ଆଙ୍କି ହେବ
ଖରା କି ବର୍ଷାଋତୁ ଏକାଥରେ ।
ଯେଉଁଠି ଥିବ ବାଦଲ
ସେଇଠି ଥିବ ଖରାଦିନିଆ ଧୁମାଳ
ଏତେବଡ଼ ନୀଳ ପାଂଶୁଳ
କ୍ଷଣକୁ କ୍ଷଣ ବଦଳୁଥିବା ଗାଲରେ କି
ଚିତ୍ର କରିହେବ ହୃଦୟରେ ବହୁଥିବା ଭାଷାରେ
ପ୍ରସାରିତ ଅକୁଳାଣ ପ୍ରେମର ଜୟଜୟକାର ।

ନଈ ଓ ସମୁଦ୍ରଙ୍କୁ କହିବା;
ତୁମେ ଉତ୍ତେଜିତ ନହୋଇ ନଭାଂଗ କୂଳ
ଉତାଳ ଲହରରେ ପୋଛିନିଅନି ପୁଅଝିଅଙ୍କ ଜଂଜାଳ;
କାର୍ତ୍ତିକ ପୁନେଇଁରେ ଭାସୁଥିବା କାଗଜ ଡଙ୍ଗାକୁ
ତୁମର ଗଜଗଜ ଜଳାବର୍ତ୍ତରେ ମାଡ଼ିଦିଅନା
ଫାଡ଼ିଦିଅନା ଫଣଫଣ ପ୍ରହରଣରେ ।

ତୁମେ ଯଥେଷ୍ଟ ସ୍ୱାଧୀନ ହୋଇସାରିଲଣି
ଡ୍ରୋଜର୍ ଲଗେଇ ଭାଙ୍ଗିସାରିଲଣି ଅନେକ
ପୂର୍ବୋତ୍ତର ଆକାଶରେ ଉଠୁଥିବା ମେଘଙ୍କୁ
ଯାହା ଲୋକଙ୍କ ପାଟିରୁ ଧୂଆଁ ହୋଇ ଦିନେ
ବାହାରିଥିଲା ଦୀର୍ଘଶ୍ୱାସ ହୋଇଯିବାର ବାହାନାରେ ।

ମଣିପୁର କେତେ ବାଟ ?
ଆଉ ଯାଇ ହେବନି
ପାଦ ତୁ ପଦ ଘୋଷୁଥା'
ମେଲା ହେବାର
ଖୋଲା ହେବାର ॥

*ଦୁର୍ଗାମାଧବ ନଗର, ଲେନ୍-୩,*
*ମହାଲକ୍ଷ୍ମୀ ବିହାର, ଭୁବନେଶ୍ୱର-୭୫୧୦୨୯*
*ଦୂରଭାଷ: ୮୨୪୯୦୭୯୮୫୩*

# ସତୁରି ଉତ୍ତରର ସତ

ଜ୍ୟୋତି ପ୍ରକାଶ କର

ଗୁମୁରୁଚି ପିଞ୍ଜରା ବନ୍ଧ ଜୀବ
ନିର୍ଜନ ଦ୍ୱୀପରେ ନିସ୍ତାରହୀନ ଭାବେ
ଆଉ ବା କେତେ ଦିନ...
ଅପେକ୍ଷା ନିଷ୍ଠୁର ସତ୍ୟର ସ୍ଥିତିକୁ ।
ଫୁଟା ଡଙ୍ଗା ଫଟା ଅଝାଲ ଭଙ୍ଗା ଆହୁଲା
ମଲା ନଈ ଶ୍ରୀହୀନ ଶରୀର ମଳିନ ମନ
ତଥାପି ଜୀବନ ନାଚୁଚି ନିୟତିର ନିର୍ଦ୍ଦେଶରେ,
ଅଲକ୍ଷିତ ଅନ୍ଧାରରେ
ଉଭେଇ ଗଲାଣି ସମ୍ପର୍କର ଛାଇ
ଅକଡ଼ରେ ଅକଶ ସାଧୁଚି ଅଦଡ଼ ବୟସ ।
ପଥିକ ତ ପାନ୍ଥଶାଳାର ସନ୍ଧାନରେ
ଫିଟି ଫିଟି ଆସୁଛି ବନ୍ଧନର ପାଶ
ଅନେକରୁ ଏକ ହେଇ
ସନ୍ତୁଳୁଚି ବାର୍ଦ୍ଧକ୍ୟର ବ୍ୟାଧି,
ମଇଳା ଆଇନାରେ
ଖୋଜିବାକୁ ପଡୁଚି ପୁରୁଣା ପ୍ରତିବିମ୍ବ ।
ରଖି ହେଉନି ନିଜକୁ ଓ ନିଜସ୍ୱକୁ
କ୍ଷୟ ହେଇ ଆସୁଥିବା ସମୟକୁ,
ଏଠି ନିରୁତା ଲୁହର ଲହରୀରେ
ଲହସି ଆସେ ନକଲି ମୁଖାର ମିଛ ହସ
ମେଘ ନୁହେଁ, ଲୁହରେ ଓଦା ଓଦା ଦେହ
ମେଲାଣି ନେଲେଣି ବର୍ଷା ବସନ୍ତ
ବୈଶାଖରେ ଶାଖା ହୀନ ଜୀବନର ରୂପ ।
ନା ବିରକ୍ତି ନା ଆସକ୍ତି, ଏକା ଏକା ମୂକ
ନିଭୃତରେ ନିଃସଙ୍ଗତାର ଭୂତ ଗ୍ରାସେ ।
ଢେଉ ସାମ୍ନାରେ ମୁଣ୍ଡ ନଇଁ ନଇଁ
ସହଜ ସରଳତା ସହ ସାଲିସ ପରେ ବି
ପ୍ରତିକୂଳରେ ପବନର ଗତି
ଏକାଧିପତ୍ୟ ଏଠି ଏକଲାପଣର ।
ଥେଣ୍ଟାଥେଣ୍ଟି ସେ ଓ ସେମାନେ
ବିଛାଡ଼ି ପଡୁଛି ଶାଣଦିଆ ଶବ୍ଦ
ପତ୍ରଝଡ଼ା ଥୁଣ୍ଟା ଥକାମରା ଚଉହଦୀକୁ,
ତଥାପି ଜୀଇବାକୁ ପଡୁଚି
ସରି ସରି ଆସୁଥିବା ସତ୍ତା
ସତୁରି ଉତ୍ତରର ସତ,
ଦଦରା ଦେହ ଓ ମଇଳା ମନକୁ
ନିତିନିତି ମରାମତି କରି ।

*ପ୍ଲଟ ନଂ.- ୪୯/ସି. ଶକ୍ତି ନଗର,*
*ପୋ.- ଅରୁଣୋଦୟ ମାର୍କେଟ୍,*
*ଲିଙ୍କ୍ ରୋଡ଼, କଟକ-୭୫୩୦୧୨*
*ଦୂରଭାଷ: ୯୪୩୮୫୩୨୪୫୭*

# ବଦଳି ଯାଇଛି ଠିକଣା ମୋର

ସତ୍ୟନାରାୟଣ ଆଚାର୍ଯ୍ୟ

ମିସ୍ କଲରୁ ପ୍ରେମ ହେଲା
କଥା ପରେ ମିଳାମିଶା ହୋଇ
ସଂପର୍କ ଆମ ନିବିଡ଼ ହେଲା
ଭଲପାଇବା ବଢ଼ି ଚାଲିଲା ॥

ପ୍ରିୟେ, ଜାତି, ବର୍ଣ୍ଣ ନମାନି ଆମେ
ଏକ ହେବାକୁ ସପନ ଦେଖି
କେତେ ରାତି ପାହିଲା ପରେ
ମନପ୍ରାଣ ଭାରି ଅସ୍ଥିର ହେଲା ॥

ଆମ ଭଲ ପାଇବାରେ ଲାଗିଲାକି ଗ୍ରହଣ
ମନରେ ସନ୍ଦେହର ବାଦଲ ଢାଙ୍କିଲା
ନିଜ ଜିଦିରେ ଉଭୟ ଅଟଳ ରହି
ନବୁଝିବାରୁ ଅନ୍ତରରେ ଫାଟ ବଢ଼ିଲା ॥

ତଥାପି ଆଶା ମନେ ରଖିଥିଲି
ପଛକଥା ଭୁଲିଯାଇ ଆସିବ ବୋଲି
ଅପେକ୍ଷା କରି ଶେଷରେ ବସିଲି
ଗାଡ଼ି ଆଗକୁ ଛୁଟି ଚାଲିଲା ॥

ତୁମ ଆସିବା ପଥକୁ ଆଉ ନଚାହିଁ
ଶେଷରେ ଅନ୍ୟର ପ୍ରଣୟରେ ଛନ୍ଦି ହୋଇ
ଘର ଗଢ଼ିବାକୁ ମନସ୍ଥ କରିଲି
ପ୍ରେମ ତାଲିକାରୁ ତୁମ ନାମ କଟିଲା ॥

ଆଉ କେବେ ଖୋଜିବନି ମୋତେ
ବହୁ ଡେରି କରିଦେଲ ତୁମେ
ମୋତେ କରିବାକୁ ନିଜର
ବଦଳି ଯାଇଛି ଏବେ ଠିକଣା ମୋର ॥

*ପ୍ଲଟ ନଂ.- ୭୧, ବାପୁଜୀ ନଗର,*
*ଭୁବନେଶ୍ୱର-୭୫୧୦୦୯*

# ମୌସୁମୀ

ବିଜୟଲକ୍ଷ୍ମୀ ମହାନ୍ତି

ମୌସୁମୀ ଗୋ ତୁମ ବିଦଗ୍ଧ ଧରାକୁ
ଯେବେ ଆସ ଅବତରି
ଶ୍ରାବଣର ପ୍ରୀତି ସ୍ପର୍ଶରେ
ଧରାକୁ ଦିଅ ଶୀତଳତା
ଭରି
ସ୍ୱାଗତ ଜଣାଏ ଏ ପ୍ରାଣୀ ଜଗତ
ଥାଇ ତୁମ ଅପେକ୍ଷାରେ
ଭିଜା ଅଙ୍ଗେ ଧରା ଭାବ ବିହ୍ୱଳିତ
ଭିଜା ବର୍ଷା ବାରିଧାରେ
ଆକାଶରୁ ଝରେ ମୋତିର ମାଳତୀ
ନୂପୁର ଶୃଙ୍ଗାର ସୁରେ
ଶୀତଳ ପବନ ପୁଲକିତ ପ୍ରାଣ
ମନେ ଉଦ୍ଦୀପନା ଖେଳେ
ପଲ୍ଲବିତ ହୁଏ ଧରଣୀ କାନନ
ସବୁଜିମା ଭରି ଅଙ୍ଗେ
ଚଷା ଭାଇ ମନେ ଶିହରଣ ଭରେ
ବର୍ଷା ରାଣୀ ନୃତ୍ୟ ରଙ୍ଗେ
ନିଦାଘ ଯାତନା ହୁଏ ଅବସାନ
ତପନ ତାପ ତୃଷିତ
ତୃପ୍ତିର ଝଲକ ଖେଳେ ପ୍ରାଣୀମନେ
ଚଉଦିଗ ଚଞ୍ଚଳିତ
ଆଦ୍ୟ ଆଷାଢ଼ର ପହିଲି ବର୍ଷାରେ
ଭିଜା ମାଟି ମହକିତ
ପ୍ରୀତି ଛନ୍ଦମୟ ବର୍ଷା ବାରିଧାରା
ସୃଷ୍ଟି ମଧୁ ରୋମାଞ୍ଚିତ
କି ସୁନ୍ଦର ଧରା ଜଳ ଧାରା ସ୍ପର୍ଶେ
ନଭେ ନବଘନ କାନ୍ତି
ପୀୟୁଷ ପ୍ଲାବନ ଏ ଧରଣୀ ରାଣୀ
ତୃପ୍ତି ସ୍ୱାଦ ଅସରନ୍ତି
ଲୋଟିବ କୁସୁମ ତରୁଲତା ଡାଳେ
ଫୁଟି ଅପୂର୍ବ ଲାବଣ୍ୟେ
ଅସୀମ ସୁଷମା ଧରଣୀ ଅନନ୍ୟା
ଅପୂର୍ବ ଏ ଧରା ଧାମେ।

*ନ୍ୟୁ କଲୋନୀ, (ଇ.ଏମ୍.କେ. ପ୍ରଡକସନ),*
*କେନ୍ଦୁଝରଗଡ଼, କେନ୍ଦୁଝର-୭୫୮୦୦୧*
*ଦୂରଭାଷ: ୮୨୮୦୫୮୮୮୦୬*

# ମନୋଭାବ

ଆଶୁତୋଷ କରଣ

ପଥର କାଟେ ପାଣି
ପାଣି କାଟିପାରେ ପଥର
ପାଣିରେ ପଥର ଖଣ୍ଡକ
ହୋଇପାରେ ପ୍ରାଣ।
ପଥେ ସଦ୍‌ଭାବନା ବଞ୍ଚାଇ
ଆଦର୍ଶ ଶୁଣୁଚି ଗାଳି
ଅଖଣ୍ଡ ଭୂଖଣ୍ଡ ପାଇଁ
ଆଜିଯାଏ ମେଣ୍ଟୁନି କଳି।
ଏଇ ସୁଯୋଗରେ
ନା ନେଇଯାଉଛି ନାଥୁରାମ
ଅଜଣା ଭୂଲ ଟିକକ ପାଇଁ
ଅସୂୟା ଭୋଗା ଭୋଗରେ
ମାନବତ୍ତମ ମୋହନ।
ଅସ୍ମିତା ଟିକ ଆମ ଟେକ
ନିଜର ପରି ବଞ୍ଚାଇବାର
ସମ୍ପର୍କ ସଞ୍ଚୟ
ବିଶ୍ୱ ନେତୃତ୍ୱରେ ଭାରତ
ଭାବରେ ରହିଛି ଦେଖ
ଆତ୍ମ ପରିଚୟ।
ପଥେ ପ୍ରାଣ କଚ୍ଛପ ଆରୋହଣ
ଉଡ଼ନ୍ତା ମନ ମିଳିଲେ
ଆମ୍ଭେିତ କରିପାରେ
ମହାକାଶ ମହାବତରଣ
ହେ ବନ୍ଧୁଗଣ।

*- ବିଦ୍ୱାନ -*
*କମାରିଆ ବଜାର, ତିହିଡ଼ି, ଭଦ୍ରକ*
*ଦୂରଭାଷ: ୭୩୭୭୫୯୬୦୬୧*



# ଉଁଆସୀ ରାତିର ଜହ୍ନ...

ଶିବ ଶଙ୍କର ଦାସ

ତୁମେ ଥିଲ ବୋଲି
ଗୋଲାପ ଗଛର କଣ୍ଟାକୁ
ମୁଁ ଖୁସିରେ ଆପଣେଇ ଥିଲି,
ତୁମେ ଥିଲ ବୋଲି
ନିହାତି ଏକାନ୍ତରେ ଫୁଟିଥିବା
ଗୋଟେ କ୍ୟାକ୍‌ଟସ୍‌ର ଫୁଲକୁ ବି
ମନଭରି ଭଲପାଇଥିଲି,
ତୁମେ ଥିଲ ବୋଲି
ଉଁଆସୀ ରାତିରେ ବି
ଜହ୍ନ ଲୁଚକାଳି ଖେଳୁଥିଲା
ଭସା ମେଘଙ୍କ ସାଥିରେ...,
ଆଉ ତୁମେ ଥିଲ ବୋଲି
ଖାଲି ପାଦରେ
ମୁଁ ଚାଲୁଥିଲି ଏକା
ଗୋଟେ ଉତ୍ତପ୍ତ ମରୁଭୂମିର
ପରସ୍ତ ପରସ୍ତ ବାଲିରେ... !
କିନ୍ତୁ, ସତରେ...
ତୁମେ ସେଦିନ
ଦୂର ଦିଗ୍‌ବଳୟ ଆରପଟେ
ଲୁଚି ଗଲାପରେ,
ଆଉ ଫେରିନି ଫଗୁଣ
କି ଅମାନିଆ ଶ୍ରାବଣ,
ଏବେ ଖାଲି ଗୁମୁରି ଗୁମୁରି କାନ୍ଦୁଛି
ଅଭିଶପ୍ତ ରାତ୍ରିର ପବନ... ! !
କହିପାରିବ,
ତୁମେ ଏବେ କେଉଁଠି... ?
ଫୁଟିଛ ଫୁଲଟିଏ ହୋଇ
କାହା ବଗିଚାରେ
ନା, ମିଶିଯାଇଛ ସବୁଦିନ ପାଇଁ
ଅସ୍ତଗାମୀ ସୂର୍ଯ୍ୟର ଲାଲିମାରେ... ? ?

*ବିଭାଗୀୟ ମୁଖ୍ୟ, ପ୍ରାଣୀ ବିଜ୍ଞାନ ବିଭାଗ,*
*ହିନ୍ଦୋଳ ମହାବିଦ୍ୟାଳୟ, ଢେଙ୍କାନାଳ-୨୦*
*ଦୂରଭାଷ: ୯୯୩୮୦୪୬୪୪୬*

# ବିଚିତ୍ର ଏ ଚଲାପଥ

**ମୁରଲୀଧର ମିଶ୍ର**

ଜନ୍ମରୁ ଆରମ୍ଭ ହୁଏ ଅବାରିତ ଯାତ୍ରା ଚଲା ପଥ
ଉପରେ
ସମାପ୍ତି ହୁଏ ମୃତ୍ୟୁରେ ।
ବିଚିତ୍ର ଏ ଚଲାପଥର ଭୂଇଁ
ଆଗକୁ ପାଦ ପକେଇଲା ବେଳେ
କାହାକୁ ସିଏ କେଉଁଠିକୁ ନେବ
କେହିବି ଜାଣିନଥାଏ
ସମ୍ଭବତଃ ଏକା ଜଣାଥାଏ
ତାକୁ ।

ସୂର୍ଯ୍ୟ ଉଇଁଲେ
ସକାଳ ହେଲେ
ନିଦ୍ରାର କୋଳ ପରିତ୍ୟାଗ କରି
ମାଟିରେ ପାଦ ରଖି
ଚାଲିବା ଆରମ୍ଭ କରେ
ଜଣା ନଥାଏ ତାକୁ
କଣ ଘଟିବ ଚଲା ପଥରେ ତାର
ଆସନ୍ତା ମୁହୂର୍ତ୍ତରେ,
ଜଣା ନଥାଏ ତାକୁ
ଆଦୌ ଜଣା ନଥାଏ
ସମୟ ସାଙ୍ଗରେ
କି ସର୍ତ୍ତ ଥାଏ ଚଲା ପଥର ।

ଅନେକ ସ୍ୱପ୍ନ ଓ ସମ୍ଭାବନାକୁ
ସାଙ୍ଗରେ ନେଇ
ଚାଲୁ ଚାଲୁ ଚଲା ପଥରେ
ହାତମୁଠା ଖୋଲି
ସମୟ ତାକୁ କଣ ଉପହାର ଦେବ !
କଣ୍ଟା କିମ୍ବା ଫୁଲ
ଅମୃତ କି ବିଷ
ସଫଳତାର ଆକାଶ କି
ଝଡ଼ର ସମୁଦ୍ର
ଜୀବନ କି ଜୀବନର ଶେଷ ସ୍ପର୍ଶ
ସମାଧିର ଶବ ।

ବିଚିତ୍ର ଏ ଚଲାପଥ
ତା ପିଠିରେ ପାଦ ରଖି
କେବଳ ତୁମେ ଚାଲିବ
ଆଖିରେ ତୁମର
ଆକାଶକୁ ଛୁଇଁବାର ସ୍ୱପ୍ନ ଥାଉ
ସଂଘର୍ଷର ରାଜପଥରେ
ଇଚ୍ଛାମାନଙ୍କୁ ଆପଣାର କରିବାର
ଦୁର୍ବାର ମୋହ ଥାଉ
କିମ୍ବା ନ ଥାଉ
ମୁହୂର୍ତ୍ତମାନଙ୍କୁ ଅଶ୍ୱ କରି
ଜୀବନର ସର୍ବ ଶେଷ ଶିଖର
ଛୁଇଁବାର ଆସ୍ପର୍ଦ୍ଧା,
କିଛି ଯାଏ ଆସେ ନାହିଁ
କେବଳ ପ୍ରତିଜ୍ଞା ଥାଉ
ଚାଲିବି ଚାଲିବି ନପଡ଼ିବି ଥକି
ମୁଦିବା ଆଗରୁ ଆଖି
ସାକ୍ଷୀ ଥାଅ ଖାଲି ତୁମେ
ହେ ବିଚିତ୍ର ଚଲା ପଥ ମୋର
ତୁମକୁ ମୋର ଶ୍ରଦ୍ଧାର ସମ୍ମାନ ।

*ଭାଗବତ ସଂଧାନ କଲୋନୀ, ଭୁବନେଶ୍ୱର*

# ଅଗ୍ନିଶିଖା

**ଶାନ୍ତି ମହାନ୍ତି**

ତୁମେ ମୋର କେଉଁ ମୁଦ୍ରିତ ସ୍ୱପ୍ନର
ପାଖୁଡ଼ାକୁ ନଛୁଇଁଛଯେ
ଆଜି ମୁଁ ମାଳ ମାଳ ସ୍ୱପ୍ନର
ଅଗଣାରେ ଏକା ଦିଶିବି
ତୁମେ ମୋର କେଉଁ ଅପହଞ୍ଚ
ଆଶାର ଆକାଶକୁ ନଦେଖିଛଯେ
ଆଜି ଆଶାଶୂନ୍ୟ ଏକ ଦିଗନ୍ତକୁ ନିଜର ଭାବିବି ?

ନିଜ ଅସ୍ତିତ୍ୱକୁ ପ୍ରଶ୍ନ କରୁଥିବା
ସବୁ ଅପାରଗ ଇଚ୍ଛାମାନଙ୍କୁ
ମୁଁ ଫେରାଇ ଦେବି,
ସେମାନେ ମୋ'ପରି ଦିଶୁଥିବା
ମୁଁ ନୁହନ୍ତି ।
ତୁମ ଅନୁଦାନର ସବୁ ସୁଦୀପ୍ତ ବେଳାର
ସାକ୍ଷୀ କେବଳ ମୁଁ
ବିନ୍ଦୁଏ ବିଶ୍ୱାସର ନିଗୂଢ଼ତା,
ଆନନ୍ଦଘନ ଏକ ପ୍ରାପ୍ତିର ସ୍ଥିର ପ୍ରତ୍ୟୟତା
ଯିଏ ହଜିଯିବ ନାହିଁ
ଶୁଖିଯିବ ନାହିଁ
ଦହନର ଆଶଂକାରେ
କାହାକୁ ଫେରାଇ ଦେବନି ।

ମୁଁ ନିରପରାଧ ସେହି ଅଗ୍ନିଶିଖା
କାହା ସ୍ୱପ୍ନକୁ ଛୁଇଁବିନି,
କାହା ପୃଥିବୀର ସବୁଜ ଉଲ୍ଲାସରେ
ବିବସ୍ତ୍ର କାମନାର ଅଗ୍ନି ଲେପିବିନି
ମୁଁ ନିଜ ଅଂଧାରକୁ ବାରବାର ଭେଟୁଥାଏ ଯାହା-
ଅଗ୍ନିଦାହ ଧାତୁର ସଜଳତା ନେଇ
ସୀମିତ ମନର ସେ ସୀମାରେଖା ଛୁଇଁ ।

# ସ୍ୱାଧୀନତା ଓ ସଂଘର୍ଷ

**ବିନୟ ଭୂଷଣ ପାଣିଗ୍ରାହୀ
(ମିଟୁ)**

ବିଶାଳ ଏ ଦୁନିଆ ଭିତରେ
ନା ଶତ୍ରୁ ମାତ୍ର ଜଣେ
ନା ଶିକୁଳି ଗୋଟିଏ,
ବନ୍ଧାହେବା - ମୁକୁଳିବା
ଥରକର କଥା ନୁହେଁ କେବେ
ମୁକ୍ତି ପାଇଁ ସଂଘର୍ଷ ନିରନ୍ତର ଚାଲେ
ପରାଧିନତା ଯେଣୁ ବିବିଧ ପ୍ରକାର ।

ବିଦେଶୀର ଶୃଙ୍ଖଳ
ହେଇପାରେ ଖୁବ୍ ଶକ୍ତ
ମାତ୍ର, ଥରେ ମୁକୁଳିଲେ ତହୁଁ
ପୁନଶ୍ଚ କବଳିତ କରିପାରେନାହିଁ
ମୁକ୍ତିର ଆନନ୍ଦ ଚାଖିଥିବା
ପରାଧୀନ ମଣିଷ ମାନଙ୍କୁ ।

ସ୍ୱାଧୀନ ମାନବ ଯେବେ
ନିଜକୁ ନଜେ ବାନ୍ଧିଦିଏ
କାମନାର କାମଫାଶରେ
ଜାଗ୍ରତ ହୁଅନ୍ତି ଯେବେ
ତା' ଭିତରେ ସୁସୁପ୍ତ
ପାଶବିକ ଭାବନା ସମୂହ
କ୍ରମେ କ୍ରମେ ଅବଲୁପ୍ତ ହୁଏ
ମାନବୀୟ ଚେତନାର ପ୍ରତିଟି ଦିଗନ୍ତ,
ସ୍ୱାଧୀନତା ହେଇଯାଏ
ଅର୍ଥହୀନ ଶବ୍ଦଟିଏ ମାତ୍ର,
ପରିବ୍ୟାପ୍ତ ଅନ୍ଧାର ଭିତରେ
ଆପଣାର ଆର୍ତ୍ତନାଦ ଆଚ୍ଛାଦିତ କରେ
ସ୍ୱଦେହ ଶୋଣିତ ବି ଲାଗଇ ମଧୁର ।

ସ୍ୱାଧୀନତା ନୁହେଁ କେବେ ଥରକର କଥା
ଏଥିପାଇଁ ଲୋଡ଼ା ପଡ଼େ

ବାରମ୍ବାର ସତେ ସଂଘର୍ଷର ଆରମ୍ଭଟେ ଥାଏ
ମାତ୍ର ତା'ର ମୂଳଚେର
ଖୋଜିବା କଠିନ ଯେତିକି
ଅନ୍ତ ତା'ର ଖୋଜିକି ପାଇବା
ଶତ ଗୁଣା ଦୁରୁହ ବ୍ୟାପାର ॥

*ହରସିଂହପୁର, ପୀରହାଟ ବଜାର, ଭଦ୍ରକ-୭୫୬୧୩୧*
*ଦୂରଭାଷ: ୯୯୩୭୫୪୮୪୩୧*

# ଚିତ୍ରକର ଓ କବି

**ଇଂ ବିଜନ କୁମାର ବେହେରା**

ତୁମେ ଚିତ୍ରକର, ତୂଳୀର ସ୍ପର୍ଶେ କର ଜୀବନ୍ତ
କ୍ୟାନଭାସରେ ଭରି ଦିଅ ଅନେକ ରଂଗ
କବି ମୁଁ ଶବ୍ଦ ସମ୍ଭାରରେ ଖୋଜେ ଅନନ୍ତ
କବିତାର ଅଙ୍ଗେ ଭରେ ଶବ୍ଦର ବିନ୍ୟାସ
ଲାସ୍ୟମୟୀର ଲାଳିତ୍ୟର ଭାବ କର ଚିତ୍ରିତ
କବି ପ୍ରାଣର ପ୍ରେମ କର ନିର୍ଯ୍ୟାସ
ଅଲୁଳାୟିତ କେଶ କରି କବରୀ ବନ୍ଧନ
ସୀମନ୍ତେ ଭରି ସିନ୍ଦୂର ମଥାରେ ମଥା ମଣି
ଶାଣିତ ନାସିକା ମୁଖ ମଣ୍ଡଳେ କର ଅଙ୍କନ
ମୁକୁତା ନାସାପୁଟିଆ ନାସାଗ୍ରେ ଶୋଭିତ
ବାମା ଗଣ୍ଡ ଦେଶେ ପୁଣି କଳାଜାଇ ଭରି
ଝରାଅ ବିମ୍ବାଧରୀ ଧାରେ ଝର ଅମୃତ
କଜ୍ଜଳ ଗାରେ ବଢ଼ାଅ ପଦ୍ମଲୋଚନ ମାଧୁର୍ଯ୍ୟ
ଅପାଙ୍ଗର ଭାବ ଭଙ୍ଗୀରେ କର ସମ୍ମୋହନ
କମ୍ବୁକଣ୍ଠେ ଧରି ନୁଆଁଣିଆ ସ୍କନ୍ଦର ସୌନ୍ଦର୍ଯ୍ୟ
ଗ୍ରୀବାରେ ଝଟକେ ମୋତି ମାଣିକ୍ୟର ମାଳ
ମସୃଣ ତ୍ୱଚା ଦେହ ସ୍ପର୍ଶେ ନାହିଁ ଯହିଁ ଜଳ
ପଦ୍ମ ପତ୍ରେ ଯେସନ ଜଳ ହୁଏ ଢଳ ଢଳ
ପିନ୍ଧାଇ ମୁଦ୍ରିକା ପଦ୍ମ କଢ଼ି ସମ ଅଙ୍ଗୁଳିରେ
ମୁଦ୍ରାରେ କରି ପ୍ରକାଶ ସବୁ ଶୃଙ୍ଗାର ରସ
କାଚ କାଞ୍ଚନେ ପୂରିତ ଚମ୍ପକ ସମବେନିକରେ
ବକ୍ଷରେ କୁଚକୁମ୍ଭ ଯୁଗଳ ନିବୀରେ ବେଷ୍ଟିତ
କ୍ଷୀଣ କଟୀ ସଂଗେ ଗୁରୁ ଜଘନ ମେଖଳାରେ
ଶୋଭିତ ପାଦେବନ୍ଧା ନୁପୁର ତା ଦେହେ
ଅଳତାଶିରା ରଚିତ
ଚିତ୍ରକର ତୁମେ ନମସ୍ୟ
କବିର ଭାବକୁ କରି ପ୍ରକାଶ
ତୁମେ ଚିତ୍ରକୁ କର ସଜୀବ
କବି କାବ୍ୟରେ ଭରେ ଜୀବନ
ଜନଗଣ ସଭିଙ୍କ ମନପ୍ରାଣ ଆନନ୍ଦେ ହୁଏ ହରଷ

# ପ୍ରବାହ

**ରୀନାରାଣୀ ରାଉତରାୟ**



ଗୋଟେ ନିର୍ଦ୍ଧାରିତ ସମୟ
ଏବଂ ଅଜଣା ରାସ୍ତାରେ ଯେତେଯେତେ
ଥକିପଡ଼େ ପାଦ ସେତିକି ଲମ୍ବିଯାଏ ରାସ୍ତା।

ସ୍ୱପ୍ନର ଦୁନିଆକୁ ପଛ କଲାବେଳେ
ଜୀବନକୁ ଛାଇଦିଏ ଦିଗନ୍ତ ବିସ୍ତାରି
ଜ୍ୟୋତିର୍ମୟ ବର୍ଣ୍ଣବିଭାର ଆକାଶ।

ବିନ୍ଦୁରୁ ବଳୟ ଆଡ଼କୁ ସଞ୍ଚରି
ଯାଉଥିବା ମୁଠେ ପ୍ରତ୍ୟୟ ପରି
ଆଞ୍ଜୁଳିରୁ ଉଛୁଳି ପଡୁଥିବା ପ୍ରାର୍ଥନା ହୋଇ।

ଜୀବନର ପ୍ରବାହ
କେବେ ବୁଣିଦିଏ ଓଠ କିଆରୀରେ ହସ
କେବେ ଭରିଦିଏ ନିଦାଘ ଗାଁରେ ଶୀତଳ ଛୁଆଁ
କେବେ ପୁଣି କୁହୁଡ଼ିର ବଳୟ ଆସ୍ତରଣ,
ମେଘର ମେଖଳା
ଏମିତି ହିଁ ବିଷାଦ ଓ ପରିତୃପ୍ତିରେ
ସମୟର ଢେଉସହ ଖେଳୁଥାଏ ତମାମ୍ ଆୟୁଶ।
ଦୁଃଖ ଓ ସୁଖର ଦୁଇକୂଳ ଛୁଇଁ ଜୀବନର
ଜୟଗାନ କରୁଥାଏ ଚିରକାଳ।

*ତାଳଚେର, ଅନୁଗୁଳ*

ସମାରୋହ

ରମ୍ୟରଚନା

# ନିଷ୍ଠେ କହିବାକୁ ହେବ !

## ରାଧାଶ୍ୟାମ ରାଉଳ

ନିଜର ସୁରକ୍ଷା ଓ ନିରାପତ୍ତା ପାଇଁ ଯେମିତି ନିଜକୁ ଲଢ଼ିବାକୁ ପଡେ, ସେମିତି ନିଜର ହକ୍ ହାସଲ ପାଇଁ ନିଜକୁ ନିଷ୍ଠେ କହିବାକୁ ହେବ। ଆଜିର ସମୟରେ କେହି ଅନ୍ୟମାନଙ୍କ ପାଇଁ କହୁଥିବାର ଉଦାହରଣ କ୍ୱଚିତ ଦେଖିବାକୁ ମିଳେ। କାହାର ଦାୟ ପଡ଼ିଛି ଯେ, ନିଜକଥା ନକହି ଅନ୍ୟପାଇଁ କହିବେ ? ହଁ କହିବେ ନାହିଁ କାହିଁକି ? ଅବଶ୍ୟ କହିବେ। କିନ୍ତୁ ମାଗଣାରେ କି ମୁଫତରେ ନୁହେଁ। କହିବା ପାଇଁ ପାଉଣା ଦେବାକୁ ହେବ। ବିନା ପାଉଣାରେ ଆଜିକା ଦିନରେ କିଏ କାହା ପାଇଁ କହୁଛି କହିଲେ ?

ମହକିଲ ପାଇଁ ଓକିଲ ଅଦାଲତରେ କହୁଛନ୍ତି। ନେତା ଜନତାଙ୍କ ପାଇଁ ବିଧାନସଭାରେ କି ସଂସଦ ଭବନରେ କହୁଛନ୍ତି। ସାହିତ୍ୟ ସାଂସଦ କି ସ୍ମୃତି ସଂସଦରେ ଆମନ୍ତ୍ରିତ ହୋଇଆସିଥିବା ବକ୍ତାଅତିଥିମାନେ ସାହିତ୍ୟ ବିଷୟରେ କହୁଛନ୍ତି, ଦିବଙ୍ଗତ ବରପୁତ୍ରମାନଙ୍କର ସ୍ମୃତିଚାରଣ ମଧ୍ୟ କରୁଛନ୍ତି। ଘଟସୂତ୍ର ଅଫିସ ଖୋଲି ମଧ୍ୟସ୍ଥିମାନେ ଉଭୟ କନ୍ୟାପକ୍ଷ ଓ ବରପକ୍ଷ ପାଇଁ କହୁଛନ୍ତି। ପୁରୋହିତ ଯଜମାନଙ୍କର ରିଷ୍ଟଖଣ୍ଡନ, ମନୋବାଞ୍ଛା ପୂର୍ଣ୍ଣ ପାଇଁ ଆରାଧଦେବୀ କି ଇଷ୍ଟଦେବୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ମନ୍ତ୍ର ଉଚ୍ଚାରଣ କରୁଛନ୍ତି।

ତେବେ ଆମ ଭିତରୁ କେହି କେହି ସ୍ୱେଚ୍ଛାକୃତ ଭାବରେ ଅନ୍ୟମାନଙ୍କ ପାଇଁ କହୁଛନ୍ତି। କିନ୍ତୁ ଅଧିକାଂଶ କ୍ଷେତ୍ରରେ ବିନା ସ୍ୱାର୍ଥରେ କିଏ କଣ ଅନ୍ୟମାନଙ୍କ ପାଇଁ କହୁଛି ନା କହିବ ?

ଆଜ୍ଞା, କଥାକୁ ନେଇ ସମସ୍ୟାର ଆକାର, ପ୍ରକାର, ସଂଜ୍ଞାସ୍ୱରୂପ ଓ ପରିସର। ଓକିଲ ମହକିଲଙ୍କୁ କହିବେ, "ହଁ ମୁଁ ତୁମ କଥା ଅଦାଲତରେ ଉପସ୍ଥାପନା କରିବି। ହାକିମଙ୍କ ନିକଟରେ ତୁମ ସପକ୍ଷରେ ଯଥାର୍ଥ ଯୁକ୍ତି ବାଢ଼ିବି, ତୁମ ବିଜୟକୁ ମୁଁ ସୁନିଶ୍ଚିତ କରିବି। ତେବେ ସେଥିପାଇଁ ତିନ କିସ୍ତିରେ ମୁଁ ସମୁଦାୟ ନେବି ମାତ୍ର ତିରିଶ ହଜାର।" ପୁରୋହିତ ଯଜମାନଙ୍କୁ କହିବେ, "ରିଷ୍ଟଖଣ୍ଡନ ପାଇଁ ଗ୍ରହଶାନ୍ତି ପୂଜା, ସର୍ବବିଧ କଲ୍ୟାଣ ପାଇଁ ସର୍ବ ଦେବଦେବୀ ସନ୍ତୁଷ୍ଟି ହୋମ, ଜପ, ତପ ଆଦି ପବିତ୍ର କାର୍ଯ୍ୟ ପାଇଁ ମୋର ଦକ୍ଷିଣା ବାବଦରେ ମୁଁ ନେବି ମାତ୍ର ଦଶହଜାର। ନେତା ବି କୋଉଁ ଛାଡିବା ଲୋକ କି ? ଜନତାଙ୍କ ଭୋଟ୍ ବଦଳରେ କ୍ଷମତାପ୍ରାପ୍ତ ହେବା ଉତ୍ତାରେ ସେମାନଙ୍କ ବିପଦ ବେଳରେ ସେମାନଙ୍କୁ ଜରୁର୍ ଭୁଆଁ ବୁଲେଇବେ। ସେମାନଙ୍କ ସମସ୍ୟା, ଅସୁବିଧା କଥା ବୁଝିବା ଆଳରେ ଭଲ ଅର୍ଥ ଆଦାୟ କରିବା ମତଲବରେ ଥିବେ।

ଏତାଦୃଶ ମତଲବୀ ଉଦ୍ଦେଶ୍ୟ ଓ ମନ୍ଦ ମାନସିକତାର ବିକଳ ଚିତ୍ର ଏବେ ପ୍ରାୟ ସର୍ବତ୍ର ପରିଲକ୍ଷିତ। ଯେଉଁମାନେ ଅନ୍ୟମାନଙ୍କ ପାଇଁ କହିବେ ବୋଲି ଆପାତତଃ ଧାରଣା ଆସିଥାଏ ମନରେ, ଯେହେତୁ ନିଜ ନିଜର ସ୍ଥିତି ସମ୍ଭାଳିବାକୁ ସେମାନେ ଅସମର୍ଥ, ତେଣୁ ସେମାନେ ଯେ ଅନ୍ୟମାନଙ୍କ ପାଇଁ କହିବେ, ଏକଥା ଯେତିକି ଅବାସ୍ତବ ସେତିକି ହାସ୍ୟାସ୍ପଦ ମଧ୍ୟ। ଅଧିକନ୍ତୁ ସେମାନେ ଅନ୍ୟମାନଙ୍କୁ ମହରଗରୁ ନେଇ କାନ୍ତାରରେ ପକେଇଦେବାର ସମ୍ଭାବନାକୁ ଆଦୌ ଏଡେଇ ଦେଇହେବ ନାହିଁ। ଆଜ୍ଞା, ମଧ୍ୟସ୍ଥିଙ୍କୁ ଅପେକ୍ଷା କରି ରହିଥିବେ, କିଛି ଶୁଭସୂଚନା ହୁଏତ ସେ ଆପଣଙ୍କ ପାଇଁ ଅତିଶୀଘ୍ର ଆଣିପାରନ୍ତି। ହେଲେ ଦୁଇପକ୍ଷର କଥାବାର୍ତ୍ତାରେ କେଉଁଠି ଟିକେ ବେଖାପ କି ଖଇଚା ହେତୁ କିମ୍ବା ପାନରୁ ଚୂନ ଖସିଯିବା ପରି ସେ ଦାବୀ କରୁଥିବା ଅର୍ଥ ଆଗତୁରା ନ ପାଇବା ହେତୁ, ଭଲ ପ୍ରସ୍ତାବଟିକୁ ସେ ହୁଏତ ଭଣ୍ଡୁର କରିଦେଇପାରନ୍ତି।

ନିତିଦିନ ଏମିତିକା ଉଦାହରଣ ଅନେକ ମିଳିବ ଆମ ସମାଜରେ। ଅନ୍ୟକୁ ଭରସା କରି ଭେଳା ବୁଡ଼ିଛି ଶେଷରେ। ଏଇ ପରିପ୍ରେକ୍ଷୀରେ ଏଠାରେ ଏକ ଛୋଟ ଉଦାହରଣର ଅବତାରଣା ଅବଶ୍ୟ କରାଯାଇପାରେ। ଯେମିତି ଆପଣ ନିଜେ କାର୍ ଡ୍ରାଇଭିଂ ନ ଶିଖି ଦେୟ କି ବେତନ ସୂତ୍ରରେ ଡ୍ରାଇଭର ଉପରେ ନିର୍ଭର କରିବେ ଏବଂ ଯଦି ବେତନ ପ୍ରାପ୍ତ ଡ୍ରାଇଭରର ଚରମ ଅବହେଳା ଓ ଅସାବଧାନତା ଯୋଗୁଁ ଆପଣ ଦୁର୍ଘଟଣାର ଶିକାର ହେବେ ଏବଂ ସେଥିରୁ ଅଳ୍ପକେ ବର୍ତ୍ତିଯିବେ ତେବେ ଅତଃପର ଆପଣ ନିଜକୁ ନିଜେ ବୁଝାଇବାକୁ ନିଶ୍ଚିତ ବାଧ୍ୟ ହେବେ, " ଓହୋ, ଡ୍ରାଇଭର ଉପରେ ନିର୍ଭର ନ କରି ଯଦି ମୁଁ ନିଜେ ଡ୍ରାଇଭିଂ କରୁଥାନ୍ତି, ହୁଏତ ଏ ଦୁର୍ଘଟଣାକୁ ମୁଁ ଏଡେଇ ପାରିଥାନ୍ତି।" ଠିକ୍ ସେଇଭଳି କଥା ଇଏ। ନିଜ କଥା ନିଜେ କହିବା ଦରକାର। ତା ନକରି ଅନ୍ୟମାନଙ୍କ ମୁହଁରେ ନିଜ କଥା କୁହାଯାଇପାରେ ପାର୍ଶ୍ୱ ପ୍ରତିକ୍ରିୟା ସାଙ୍ଗକୁ ଝମେଲା ଝିଂଝଟ ରହିଛି ଅନେକ।

କାର୍ଯ୍ୟନିର୍ବାହିକା ସମିତି ବୈଠକ ଚାଲିଥାଏ। ସଂଗଠନର ସଭାପତି ମହାଶୟ ହାଉହାଉ ହୋଇ ନିଜର ସିଦ୍ଧାନ୍ତ, ନିଷ୍ପତ୍ତି ଅବିରାମ ଶୁଣେଇ ଚାଲିଥାନ୍ତି, "ଏଇଟା ହେବ ନାହିଁ, ସେଇଟା ଅଲବତ୍ ହେବ। ଆଗାମୀ ଉତ୍ସବରେ ଅମୁକ୍ ବାବୁ ଅତିଥି ରହିବେ ସମିକ୍ ବାବୁ ମୁଖ୍ୟବକ୍ତା ହେବେ। ଲାଗୁଥିଲା ଯେମିତି, ସମ୍ପୂର୍ଣ୍ଣ ଏକଛତ୍ରବାଦ ରାଜ୍ ଚାଲିଛି ସଂଗଠନରେ। ବ୍ରହ୍ମା ବିଳବିଳେଇଲେ ବେଦ ପରି ସଭାପତି ଯାହା କହୁଥିଲେ ତାହା ବେଦର ଗାର। ଅନ୍ୟମାନଙ୍କର ସୁଚିନ୍ତିତ ମତାମତ ଓ ଗଠନମୂଳକ ପ୍ରସ୍ତାବକୁ ଗ୍ରହଣ କରିବାକୁ ସେ ଆଦୌ ପ୍ରସ୍ତୁତ ନଥିଲେ। ଦେଉଳ ଠାରୁ ମୁଖଶାଳା ବଡପ୍ରାୟ କାର୍ଯ୍ୟକ୍ରମର ସଫଳତା ଓ ସଂଗଠନର ସର୍ବାଙ୍ଗୀନ ଉନ୍ନତି ଓ ଗରିମା ଅକ୍ଷୁର୍ଣ୍ଣ ରକ୍ଷା କରିବା ଅପେକ୍ଷା ସବୁକ୍ଷେତ୍ରରେ ପ୍ରାଧାନ୍ୟ ଦିଆଯାଉଛି ପ୍ରିୟାପ୍ରୀତିତୋଷଣ ଓ ଚତୁରେ ଚତୁରେ କୋଳାକୋଳି ନୀତି ଉପରେ।

ଜନୈକ ସମିତି ସଭ୍ୟ ବିନୟାବନତ ଭଙ୍ଗୀରେ ସଭାପତି ମହାଶୟଙ୍କୁ କହିଲେ, "ଆଜ୍ଞା ଆପଣ ଯେ କୌଣସି କାର୍ଯ୍ୟକ୍ରମର ସମିତି ସଭ୍ୟଙ୍କୁ କହିବାକୁ ସୁଯୋଗ ଦେଉନାହାନ୍ତି କାହିଁକି ? ଅନ୍ୟମାନଙ୍କର ମତାମତକୁ ଅବଜ୍ଞା ଅଗ୍ରାହ୍ୟ କରି ଆପଣ ଏକତରଫା ନିଷ୍ପତ୍ତି ନେବା କେତେ ଗଣତାନ୍ତ୍ରିକ, କେତେ ଯଥାର୍ଥ ? ଆଉ କଣ ସମୟ ଅଛି, ସଂଗଠନ ବ୍ୟକ୍ତିକୈନ୍ଦ୍ରିକ ହେବ ? ଜଣକର କିମ୍ବା ଦୁଇ ତିନିଜଣଙ୍କ ମର୍ଜି, ମନମାରିଲେ କଣ ସଂଗଠନର କାର୍ଯ୍ୟକ୍ରମ ଆଗକୁ ବଢ଼ିପାରିବ ? କୋଟେରୀ କଲଚର୍ ଅର୍ଥାତ୍ ସ୍ୱତନ୍ତ୍ର

ଗୋଷ୍ଠୀ ସଂସ୍କୃତି ଆଉ ଚାଲୁନାହିଁ କି ଚାଲିବ ନାହିଁ। ସମିତିର ଅନ୍ୟମାନଙ୍କର ମତାମତ, ପ୍ରସ୍ତାବ, ପରାମର୍ଶକୁ ଆପଣଙ୍କୁ ଗ୍ରହଣ କରିବାକୁ ହେବ। ପ୍ରତ୍ୟେକ କାର୍ଯ୍ୟରେ ସ୍ୱଚ୍ଛତା, ନିରପକ୍ଷତା ଓ ସହଭାଗିତା ରହିବା ନିହାତି ଆବଶ୍ୟକ।"

ସମିତି ସଭ୍ୟ ବନ୍ଧୁଙ୍କର ଏଭଳି ସ୍ପଷ୍ଟୋକ୍ତିକୁ ସଭାପତି ମହାଶୟ ଦିହକୁ ନେଇଯାଇ ଉଚ୍ଚସ୍ୱରରେ ପ୍ରତିକ୍ରିୟାଶୀଳ ହୋଇ ଉଠିଲେ। ତାଙ୍କର ଦୁଇ ତିନି ତଥାକଥିତ ଅନୁଗତ ତାଙ୍କ ପ୍ରତିକ୍ରିୟା ବହ୍ନିରେ ଇନ୍ଧନ ଯୋଗାଇବା ହେତୁ ଫଳସ୍ୱରୂପ ବାହ୍ୱାଡମ୍ବରେ ଲଘୁକ୍ରିୟା ପରି ବୈଠକ ଭଣ୍ଡୁର ହେଲା। 'ତିନିତୁଣ୍ଡରେ ଛେଳି କୁକୁର' ସମ ସଂପୃକ୍ତ ସମିତି ସଭ୍ୟଙ୍କୁ 'ନିହାତି ବାଜେ, ବଦମାସ୍ ବେପରୁଆ, ବିଶୃଙ୍ଖଳାକାରୀ' ବୋଲି ବିବେଚନା କରାଗଲା।

ବାସ୍ ଏହାହି ଆମ ଭାଷା ସାହିତ୍ୟ, ସଂସ୍କୃତି, ନୃତ୍ୟ ଇତ୍ୟାଦି କ୍ଷେତ୍ର ପ୍ରତି ଘୋର ବିପର୍ଯ୍ୟସ୍ତ ଚରମ ଦୁର୍ଗତି। ତେବେ ଏ ଧରଣର କୂଟ କପଟ, ଚାଲ୍ ଚକ୍ରାନ୍ତ, କ୍ଷମତା, ଗର୍ବ, ଅହଙ୍କାର, ପରାକ୍ରମର ଧମକଚମକରେ ଡରି କି ଶଙ୍କି ନଯାଇ 'ଏବେ ନୁହେଁ ତ କେବେ ନୁହେଁ ନ୍ୟାୟରେ ଏକାଏକା ନୁହେଁ ବରଂ ଐକ୍ୟବଦ୍ଧ ଭାବରେ ମୁହଁ ଖୋଲିବାର ଆବଶ୍ୟକତା ରହିଛି। ଠିକଣା ସମୟରେ ନିଜନିଜର ସ୍ୱରୋତ୍ତୋଳନ କରିବା ନିହାତି ଜରୁରୀ।

ଜୀବନରେ ଅନେକ କ୍ଷେତ୍ରରେ ଆମେ ନିରବ ରହି ପରବର୍ତ୍ତୀ ସମୟରେ ପସ୍ତେଇଛୁ କିମ୍ୱା ପଶ୍ଚାତାପ କରିଛୁ। ସୁତରାଂ ନିଜ ପାଇଁ ନିଜେ କହିବା ସହିତ ଅନ୍ୟମାନଙ୍କ ପାଇଁ, ସମାଜ ପାଇଁ, ରାଷ୍ଟ୍ର ପାଇଁ କହିବାକୁ ହେବ। ନିରବ କିମ୍ୱା ପରିସ୍ଥିତି ପ୍ରତି ଉଦାସୀନ କି ବୀତସ୍ପୃହ ରହିବା କଣ ସ୍ପଷ୍ଟ ସମସ୍ୟାର ସମାଧାନ ନା ଅପ୍ରତ୍ୟାଶିତ ଆହ୍ୱାନର ମୁକାବିଲା? ନିରବତାକୁ ଭାଙ୍ଗି ମୁହଁ ଖୋଲିବା ଆଜିର ସମୟର ସବୁଠାରୁ ବଡ ଆବଶ୍ୟକତା। ଅନ୍ୟାୟ, ଅତ୍ୟାଚାର, ଅବିଚାର, ଦୁର୍ନୀତି, ଭ୍ରଷ୍ଟାଚାର, ଅପସଂସ୍କୃତି, କ୍ଷମତା ଓ ପଦପଦବୀର ଦୁରୁପଯୋଗ ବିରୁଦ୍ଧରେ ସକଳ ସମସ୍ୟା, ବାଧବାଧକତା, ଆହ୍ୱାନ, ପ୍ରତିକୂଳତାକୁ ମୁକାବିଲା କରି ନିଶ୍ଚେ କହିବାକୁ ହେବ। ଏଥିରୁ ନିବୃତ୍ତ ରହିବା ମହାବିପଦ।

*"ଇନ୍ଦ୍ରଧନୁ", ଡୁ୍ୟପ୍ଲେକ୍ସ - ୧୦/ବି*
*ବୀମାବିହାର, ମର୍କତନଗର, ସେକ୍ଟର - ୬,*
*କଟକ ,୭୫୩୦୧୪*
*ଦୂରଭାଷ: ୯୪୩୭୦୯୦୯୮୫*

An unit of
MAGNUM
Shoppers Club (P) Ltd

# S & SSAC

## S & SS Associates & Consultancy

( A unit of Magnum Shoppers Club Pvt. Ltd. )



A single window consultancy service in multiple fields to support and assist you

- To prepare Concept note & Project Report
- To take your Project Forward
- To know the Legal status of Land & Property
- In all matters related to Land & Real Estate
- For various approvals.
- To handle environment and mines related issues
- For Shipment and Logistic Solutions
- For Branding, Market Research & Marketing Solutions.
- With Legal consultancy
- In Insurance Solutions & Initiatives
- For Perfect Liasioning
- On Financial Management & Taxation Matters

*Contact for further details:*

*Mob.: + 91 94370 31392, Landline: +91 674 2393692*

*Email: sssassociatesss@gmail.com*

Second Floor, A-29/1, Kharvel Nagar, behind OSCARD Bank, Jawaharlal Nehru Marg, Unit-III, Bhubaneswar

ସମାରୋହ

# ପ୍ରଶ୍ନର ଉତ୍ତର ଠିକ୍ ଦେଲେ ତିନିମାସର ମାଗାଜିନ୍ ଫ୍ରି

## ପ୍ରବୀର ମହାନ୍ତି

ଆଗକାଳେ ଲୋକ ପାନଡିବା ପାଖରେ ରଖି ବୁଲୁଥିଲେ। ଘରେ ଘରେ ଥିଲା ପାନବଟା। ପାନବଟା କହିଲେ ସେଥିରେ କଟାଗୁଆ ଥିବ, ହାତ ତିଆରି ଗୁଣ୍ଡି,କେତକୀ ଖଇର,ଚୂନଘଡି ପ୍ରଭୃତି ପ୍ରଭତି। ଆଜିକାଲି ଆଉ ପାନଡବା ନାହିଁ କି ପାନବଟା ନାହିଁ। ଆଗେ ପୁଅ ଧରୁଥିଲେ ଭ୍ୟାନିଟି କିନ୍ତୁ ଏବେ ସ୍ତ୍ରୀଲୋକ ଧରିଲେଣି ଭ୍ୟାନିଟି। ପୁରୁଷ ଧରୁଥିଲେ ଭ୍ୟାନିଟି ମାନେ ସମସ୍ତେ ଗୋଟିଏ ଗୋଟିଏ ବଟୁଆ ଧରି ବୁଲୁଥିଲେ, ସେଥିରେ ପାନ ଓ ପାନମସଲା ସହିତ ଅନ୍ୟାନ୍ୟ ଦରକାରୀ ଜିନିଷ ମଧ୍ୟ ରଖୁଥିଲେ। ଛାଡ଼, ଆମେ ଏ ପ୍ରସଙ୍ଗ ଉପରେ ଆକ୍ରମଣ କରିବାକୁ ଚାହୁଁନୁ। ଆମର ମୁଖ୍ୟ ପ୍ରସଙ୍ଗ ହେଲା ଆଜିକାଲି ସମସ୍ତଙ୍କ ହାତରେ ଗୋଟେଗୋଟେ ମୋବାଇଲ୍। ଏମିତି ହେଲାଣି ଯେ ଗାଡ଼ିଆରେ ଗାଧେଇଲା ବେଳେ ମୋବାଇଲ୍‌କୁ ମୋଟା ଜରିରେ ଗୁଡ଼େଇ ପାଇକଛା ଖୋସାରେ ଖୋସି ଲୋକ ବୁଡ଼ ପକେଇ ଉଠିକି ପଳେଇ ଆସୁଛନ୍ତି। ଖାଲି କଣ ସେତିକି ଏ ଅଧମ ଲେଖକ ନିଜ ଗାଁକୁ  ଯାଇଥିବାବେଳେ ପଇଡ଼ ପିଇବାକୁ ଇଚ୍ଛା ହେବାରୁ ଜଣେ ଅଭିଜ୍ଞ ନଡ଼ିଆଗଛ ଚଢ଼ାଳୀକୁ ଡକାଗଲା। ସେ ତାଙ୍କର ମଜୁରି ତତ୍‌କାଳରେ ଫିକ୍ସ କଲେ। ଆମେ ସେଥିରେ ରାଜିହେଲୁ। ଭଗବାନ ଗଧପାଦ ଧରିଥିଲେ ଆମେ ବା ଯିବୁ କୁଆଡ଼େ? ତତ୍କାଳ ଫିକ୍ସ ହେଲା ମାନେ ଯେମିତି ରେଲୱେରେ ଟିକଟ କଲେ କାଳେ ଅଧିକ ପଇସା ଆଗ ଦେବାକୁ ପଡ଼େ ଏଠି ବେପାରଟି ସେୟା। ସେୟା ହେଲା , ଅଗତ୍ୟାକୁ ହାତ କାହାର ଆମ୍ଭେ କାନ ନାକ ମୋଡ଼ି ହୋଇ ସେଥିରେ ସମ୍ମତି ପ୍ରକାଶ କଲୁ। ଅଭିଜ୍ଞ ନାରୀକେଳ କର୍ତ୍ତନକାରୀ ଖପାଖପ୍ ଗଛଉପରକୁ ଉଠିଗଲେ। ଆମେ କିଛି ଦୂରରେ ଠିଆହୋଇ ତାକୁ ନିରୀକ୍ଷଣ କରୁଥାଉ। ହଠାତ୍ ଗୋଟିଏ କାଉପକ୍ଷୀ ଦୁଇ କରିଦବାରୁ ତାହା ଆମ୍ଭ ସଦ୍ୟ ଇସ୍ତ୍ରୀକରା ସାର୍ଟ ଉପରେ ପଡ଼ି ଭାରତର ମାନଚିତ୍ର ପରି ପ୍ରତୀୟମାନ ହେଲା। ଆମେ ବି ରୋମାଞ୍ଚିତ ହେଲୁ। ସଂଗେସଂଗେ ପାଣି ମଗେଇ ଏହାକୁ ପରିଚ୍ଛନ୍ନ କରି ଉଦ୍ୟତ ହୁଅନ୍ତେ ଏହା କଡ଼ାମାଦକ ଦ୍ରବ୍ୟର ଗନ୍ଧପରି ଆମ ଘ୍ରାଣେନ୍ଦ୍ରେୟକୁ ଅନୁଭୂତ ହେଲା। ଆମେ ଭାବିଲୁ ଏବେ ପକ୍ଷୀମାନେ କଣ ଜର୍ଦ୍ଦା ଖାଇଲେଣି ନା ସଫଲ ଖାଇଲେଣି ? ଏହା ପରିଚ୍ଛନ୍ନ କରିବା ସମୟରେ ହଠାତ୍ ଆମର ବାମପଟ ପ୍ୟାଣ୍ଟପକେଟ୍‌ରେ ଆବଦ୍ଧଥିବା ମୋବାଇଲ୍ ମହାତ୍ମା ଚିତ୍କାରକଲେ। ଆମେ ତାଙ୍କ ଖବର ବୁଝିବାକୁ ଚେଷ୍ଟାକରନ୍ତେ ସେପଟରୁ ଗୋଟେ ସ୍ୱର ଭାସିଆସିଲା– ବାବୁ ମୂର୍ଖ ପକେଇବିନା ନାଳି, ଆମ୍ଭେ ଏ ସମ୍ବନ୍ଧରେ କିନ୍ତୁ ବୁଝିନପାରି ପଚାରିଲୁ କିଏ କହୁଛ ? କଣ କହୁଛ ? ସେପଟରୁ ଉତ୍ତର ଆସିଲା ଆଜ୍ଞା ମୁଁ ମାଛ କହୁଛି ଗଛରୁ। ମୁଁ କହିଲି ଧେତ୍ ! ମାଛ କେବେଠୁ ଗଛରେ ରହିଲାଣି ? କଣ ବକଓ୍ୱାସ୍ କରୁଛ। ସେପଟେ କିନ୍ତୁ ପ୍ରଶ୍ନକର୍ତ୍ତା ମୃଦୁ ଅସନ୍ତୋଷ ପ୍ରକାଶକରି କହିଲେ – ଉଁ ...... ଯୋଗକୁ ଆମ୍ଭଭାଇ ବିବୁଲି ସିଏ ମୋ ପାଖରେ ଠିଆ ହୋଇଥିଲା। ସେ କହିଲା ସାନଭାଇ ନଡ଼ିଆ ଗଛରେ ଯିଏ ଚଢ଼ିଛି ତା ନା ହେଲା ମାଛ। ମୁଁ କହିଲି ସିଏପା ଫୋନ୍ କରୁଛନ୍ତି, ସିଏ କହିଲା – ହଁ ସେଇ କରୁଛି। ମୁଁ କହିଲି ମାନେ ! ସିଏ କହିଲା ସିଏ ନଡ଼ିଆ ଗଛ ଉପରୁ ଫୋନ୍‌କରି ତମକୁ କଣ ପଚାରୁଛି। ମୁଁ କହିଲି ସିଏ କଣ ଫୋନ୍‌ରେ ମତେ କହୁଛନ୍ତି ମୂର୍ଖ। ବିବୁଲି କହିଲା ସିଏ କଣ କହୁଛି। ମୁଁ କହିଲି ସେ କହୁଛନ୍ତି ବାବୁ ମୂର୍ଖ ନା ନାଳି। ସେ ମତେ କହିଲା ନାଁ ସେକଥା ସେ କହୁନି। ମୁଁ ସେ କଣ କହୁଚନ୍ତି ସେ ମତେ ବୁଝେଇଦେଲା – ସେ ମୁର୍ଖ ପଇଡ଼ ପକେଇବ ନା ନାଳି ? ଆମ୍ଭେ ତା ଉପରେ ଈଷତ୍ ବିରକ୍ତି ପ୍ରକାଶକରି କହିଲୁ ଆରେ ମୂର୍ଖ, ମୂର୍ଖ କଣ ? ବିବୁଲି ଆମର ଟିକେ ଦରହସା ଟା ସବୁକଥାରେ କମେଡ଼ି କରିବା ଓ ହସିବା ତାର ପ୍ରକୃତି। ସେ କହିଲା ଯେଉଁ ପଇଡ଼ରେ ଶସ ଲାଗିନଥିବ ଖାଲିପାଣି ଥିବ ତାକୁ ମୂର୍ଖପଇଡ଼ କୁହାଯାଏ ଆଉ ଯେଉଁଟାରେ ନାଳି ଅଛି ସେଟା ତ ନାଳି। ଆମ୍ଭେ କହିଲୁ ସିଏ ତ ଗଛଉପରେ ଅଛନ୍ତି, ମୋବାଇଲ୍‌ରେ ଫୋନ୍ କରୁଛନ୍ତି କେମିତି ? ସିଏ କହିଲା ସେଟା ତାର ମୋବାଇଲ୍ ନୁହେଁ କାନର ନୋଳି। ଆମ୍ଭେ କହିଲୁ ମାନେ ! ସେ ମତେ ବୁଝେଇଦେଲା ଗାଡ଼ିଆରେ ଗାଧେଇଲା ବେଳେବି ମୋବାଇଲ୍‌କୁ ଜରିରେ ଗୁଡ଼େଇ ଗାଧାଏ ଓ ନେଇକି ଆସେ। ମୋବାଇଲ୍‌ର ଏଇ ପ୍ରକାର ବ୍ୟବହାର ଶୁଣି ଆମ୍ଭେ ପାଖରେ ଥିବା ଗୋରୁକୁଣ୍ଡ ଉପରେ ହଠାତ୍ ସ୍ଥାନଗ୍ରହଣ କଲୁ। ଗୋରୁ କୁଣ୍ଡମାନେ ଯେଉଁଥିରେ ଗାଈଗୋରୁମାନେ ମୁହାଁ ହୁଅନ୍ତି। ଏହା କୁନ୍ଦାପଥରର ବଡ଼ସାଇଜ୍ ଗୋଟେ କୁଣ୍ଡ ଯାହା ପ୍ରାୟତଃ ବାଡ଼ିପଟେ ପଡ଼ିଥାଏ। ବିବୁଲି କହିଲା ସାନଭାଇ ମତେ ଏ ସାର୍ଟ ଦିଅ ମୁଁ ଟିକି କୁ କହିବି ଧୋଇଦେବ। ଟିକି ମାନେ ତା ସ୍ତ୍ରୀ, ଯେହେତୁ ସିଏ ସବା ସାନ ତା ସ୍ତ୍ରୀ ନା ଟିକି ଦିଆଯାଇଛି। ଟିକି ଆମର ସବୁକାମରେ ପାରଙ୍ଗମ। ଘରଟାଯାକର ପାଇଟି ଏକା ଉଡ଼େଇଦେବ। ଆମ୍ଭେ କହିଲୁ ନା ନା ପକ୍ଷୀଟା ତ ମଳତ୍ୟାଗ କରିଦେଲା ସେ କହିଲେ ନା ସାନଭାଇ ମୁଁ କହିଲି ଆଉ ସେ କହିଲା ଗଛଉପରକୁ ମାଛ ଦୋକ୍ତାଖାଇ ଛେପ ପକାଇଲା। ସେଇଟା ତମଉପରେ ପଡ଼ିଲା। ଅନ୍ୟମନସ୍କ ଭାବେ ଆମ୍ଭ ପାଟିରୁ ବାହାରିଆସିଲା କି ଯୁଗ ହେଲାରେ।

ଆଗେ ଅଧିକାଂଶ ଘରେ ବଜର ବଜର, କବର କବର, ଟପର ଟପର ଶୁଭାଯାଉଥିଲା। କାରଣ ଯୌଥପରିବାର ଥିଲା। ପିଲାମାନେ ବଡ଼ମାନେ ଆପୋଷରେ କଥାବାର୍ତ୍ତା ହେଉଥିଲେ,ଖେଳୁଥିଲେ ତେଣୁ ସବୁଘରେ କଥାବାର୍ତ୍ତା କାମଧନ୍ଦାର କିଚିରି ମିଚିରି ଆଓ୍ୱାଜ୍ ଶୁଭୁଥିଲା। ଏବେ କିନ୍ତୁ ସେକଥା ନାହିଁ। ସବୁଘର ଶାନ୍ତ,ନୀରବ ସମସ୍ତେ ଯନ୍ତ୍ରକୁ ଧରି ପେଟେଇଛନ୍ତି। ଝିଅହାତରେ ମୋବାଇଲ୍ ତ ମାଆ ହାତରେ ମୋବାଇଲ୍ ସମସ୍ତେ ଯନ୍ତ୍ର ଖେଞ୍ଚିବାରେ ବ୍ୟସ୍ତ। ଗୋଟାଏ ଭରି ସୁନାର ଦାମ୍ ସତୁରୀ ହଜାର ହେଲାଣି , ଗୋଟାଏ ମୋବାଇଲ୍‌ର ଦାମ୍ ତାଠାରୁ ଅଧିକା। ଇଏ ଗୋଟେ ମନୋରଞ୍ଜନର ହ୍ୱାଟ୍‌ନଟ୍ ଯନ୍ତ୍ର। ମୋବାଇଲର ଆତ୍ମକାହାଣୀ ଲେଖିବା ବି ଆମର ପ୍ରସଙ୍ଗ ନୁହେଁ। ଆମ ପ୍ରସଙ୍ଗ ହେଲା ଯାହାକୁ ସୁନ୍ଦରୀ ନକହିବ ତା ମୁହଁ ଏଡ଼େ। ତେଣୁ ତୋଷାମଦରେ ପିଏଚ୍.ଡି. କରିଥିଲେ ଆପଣଙ୍କୁ ଚାକିରୀ ବାକିରୀ

ହାକିମ୍‌ଗିରି ସବୁ ମିଳିବ ଏଇଟାବି ଆମ ପ୍ରସଙ୍ଗ ନୁହେଁ। ଜଣେ ଫରାସୀର ମହାନ୍ ବ୍ୟଙ୍ଗକବି କହି ଥିଲେ ଅଶିତିପର ମରୋଣନ୍ମୁଖ ବୃଦ୍ଧ କିମ୍ବା ବୃଦ୍ଧାଙ୍କୁ ଯଦି ତୁମେ ଆଖର ସମୟରେ 'ତମେ ବହୁତ ସୁନ୍ଦର ଦେଖାଯାଉଛ, ତମ ଚେହେରା ଦେବୀ ଦେବତାଙ୍କ ସାଙ୍ଗରେ ମିଶିଯାଉଛି, ତମର ଜୀବନବ୍ୟାପୀ ମହାନ୍ କାର୍ଯ୍ୟକଳାପକୁ ଲୋକମାନେ ସ୍ୱୀକୃତି ଦେବାକୁ ରୁଣ୍ଡ ହେଲେଣି' ତାର ନିଶ୍ଚିତ ଭାବେ ଦୁଇଘଣ୍ଟା ମୃତ୍ୟୁ ଗଡ଼ିଯିବ ଯଦି ତା ବ୍ରେନ୍ ଠିକ୍ କାମକରୁଥାଏ। ସେ କହିଥିଲେ ମଣିଷ ପାଖରେ ଶେଷନିଃଶ୍ୱାସ ଥିବା ପର୍ଯ୍ୟନ୍ତ କାମନା ହିଁ ଲାଗିକି ଥାଏ। ସେ କବି କୁଆଡ଼େ ନୋବେଲ୍ ପୁରସ୍କାର ପାଇଛନ୍ତି। ନାଇଁମ ଏ କଥାଟା ସମ୍ପୂର୍ଣ୍ଣ ମିଛ। ଖାଲି ପାଠକେ ଆପଣମାନେ ପଢ଼ାଟା ଚାଲୁରଖିବେ ବୋଲି ମୁଁ ଏ କଥାଟା ଫାନ୍ଦିକି ଲେଖିଦେଲି। ଏଇଟା ବି ଆମର ପ୍ରମୁଖ ପ୍ରସଙ୍ଗ ନୁହେଁ। ପ୍ରମୁଖ ପ୍ରସଙ୍ଗ ଆଉ ଘୋଡ଼ାଡିମ୍ବ। ଆପଣମାନେ ଆମ୍ଭ ଉପରେ ବିରକ୍ତ ହେବେଣି। ପ୍ରମୁଖ ପ୍ରସଙ୍ଗ କିନ୍ତୁ "ଗୋପରେ ବଢୁଛି କଳା କହ୍ନେଇ"। ଏଇଠି ଅଛନ୍ତି ଏଇଠି ନାହାଁ। ଏମନ୍ତ ହେଲାଯେ ଏବେ ଓଡ଼ିଶାରେ ଦି ଚାରି ବର୍ଷତଳୁ ପିଇବାପାଣି ଗାଁ ଗଣ୍ଡା ସବୁଆଡ଼େ ପହଞ୍ଚ ଗଲାଣି। ଆଗେ ପିଉଥିଲେ କୂଅପାଣି ତା ପରେ ପିଇଲେ ପାହାଡ଼ ଝରଣାର ତଳପାଣି, ତା ପରେ ପିଇଲେ କଳପାଣି, ଏବେ ପିଇଲେଣି ନଳପାଣି। ଖାଲି କଣ ପିଇଲେ ? ଉଦ୍‌ବୃତ୍ତ ପାଣିହେବାରୁ ସେଥିରେ ଗାଧେଇଲେ। ସିଏ ବ୍ଲିଚିଂଗୋଳା ପାଣି। ଲୋକେ ଗାଡ଼ିଆ,କୂଅ,ପୋଖରୀ,ନଈ,ଝରଣା ରେ ଗାଧୋଇ ନୂଆ ଯୁରିଆମରା ଖିଲିଖିଲିଆ ଧାନବୁଦା ପରି ଚୁଟି ବ୍ଲିଚିଂପାଣି ମାଡ଼ଖାଇ ଅତର୍କିତ ଭାବରେ ଅକସ୍ମାତ ରଙ୍ଗୀନ୍ ପ୍ଲାଷ୍ଟିକ୍‌ପାନିଆର ଗୋଡ଼ଧରି ମୁଣ୍ଡରୁ ବାହାରକୁ ପଳେଇଆସିଲେ। ଦୁନିଆର ଅଷ୍ଟମ ଆଶ୍ଚର୍ଯ୍ୟ ହେଲା ଯେଉଁମାନେ ଚନ୍ଦାପଣ ଭୋଗୁଛନ୍ତି (ମୋ ସମେତ) ସେମାନଙ୍କୁ ପଚାରିଲେ କହିପାରିବେ ନାହିଁ କୋଉ ସନ୍,କୋଉ ମାସ, କୋଉ ଲଗ୍ନ,କୋଉ ଦିନ ଚୁଟି ଖସିଲା, ଏକଥା କେହି କହିପାରିବେ ନାହିଁ। ସରା ଓଡ଼ିଶାର ଅଧିକାଂଶ ଲୋକଙ୍କର ଚୁଟି ଭୁସ୍‌ଭୁସ୍ ଖସିବାକୁ ଲାଗିଲା। ଆପଣ ଜାଣିଛନ୍ତି କି ନାହିଁ ଲକ୍ଷେ ସତରହଜାର ଛୟାଳିଶ ପ୍ରକାରର ଚୁଟି ଗୋଟିଏ ଆମେରିକାନ୍ ବହୁରାଷ୍ଟ୍ରୀୟ କମ୍ପାନୀ ସଂଗ୍ରହକରି ଜାପାନକୁ ପରୀକ୍ଷାକରିବା ନିମନ୍ତେ ପଠେଇଛି। ଏହା ଭାରତର ସବୁଠାରୁ ଆଶ୍ଚର୍ଯ୍ୟ ଓ ଦୁଃଖଦ ଘଟଣା। ଯେଉଁମାନେ ଚୁଟି ପରୀକ୍ଷା କରିବାକୁ ଦେଇଛନ୍ତି(ଓଡ଼ିଶାରେ ବହୁଲୋକ ଦେଇଛନ୍ତି) ସେମାନେ ତାଙ୍କ ନାଁ ଗୁପ୍ତ ରଖିବାକୁ କମ୍ପାନୀ ସହିତ ତାଙ୍କର ଏଗ୍ରିମେଣ୍ଟ ହୋଇଥିବାର ଶୁଣାଯାଏ। କାହିଁକି ନା ବ୍ୟାଙ୍କରୁ ଟଙ୍କା ସରିଗଲେ ଯେତିକି ଦୁଃଖ ନଲାଗିବ ମୁଣ୍ଡରୁ ଚୁଟି ଖସିଗଲେ ତାଠାରୁ ଶହେ ଗୁଣା ଅଧିକ ଦୁଃଖ ଲାଗିବ। ଜାପାନ୍ କାହିଁକି ପଠାଗଲା ଆମେରିକା, ଋଷିଆ ଚୀନ୍,କୋରିଆ, ଜର୍ମାନୀ ଏଠିକୁ କାହିଁକି ପଠାଗଲା ନାହିଁ। କାରଣ ଜାପାନର ଲୋକମାନେ ଶତକଡ଼ା ପଏଣ୍ଟ ୱାନ୍ ଚନ୍ଦାରୋଗରେ ପୀଡ଼ିତ ହୋଇଥାନ୍ତି। ବସ୍ତୁତଃ ଏ ସଦ୍ୟ ବର୍ଣ୍ଣିତ ବୃତ୍ତାନ୍ତଟି ଏକଦମ୍ ଡାହା ମିଛ।

ଆପଣମାନେ, ମୋର ପ୍ରିୟ ପାଠକମାନେ ପାଠକୀୟ ଟି.ଆର୍.ପି. ବଢ଼ିବ ବୋଲି ବାଧହୋଇ ଭୁରୁଡୁ ଦି ଥର ଉପସ୍ଥାପନା କରିଛି। ମୋର ମିଛଗୁଡ଼ିକ ବି ଜାପାନ ଯିବ ପରୀକ୍ଷାଗାରରେ ଟେଷ୍ଟହେବାକୁ। ନାଇଁମ ଗାଲୁଆଙ୍କର ବାରନୂଆଁ ଅଠାଅଶୀ ବାଟି............ ଆମର ବି ଏଇଟା ମୁଖ୍ୟ ପ୍ରସଙ୍ଗ ନୁହେଁ, ଆପଣ ରାଗିକି କହିବେ ଏ ହସ୍ତୀର ବାୟୁନିଷ୍କାସନ ପରି ପ୍ରସଙ୍ଗ ହେଲାଣି। ଆପଣ ଭାବିବେଣି ଠୁସ୍ ହେଇଯିବ, ବିଦ୍ୟାରାଣେ ସେମିତି ହବାରନାହିଁ। ଶହେଥର ବିଦ୍ୟାରାଣ ପକେଇଲେ ମୋର କଣ ହବ କାରଣ ମୁଁ କୋଉ ପଢୁଚି ଯେ....

ମୋବାଇଲ୍ କେଞ୍ଚୁ କେଞ୍ଚୁ ବାହରିଲା ୟୁଟ୍ୟୁବ୍। ୟୁଟ୍ୟୁବ୍ ମାନେ ତମେ ଟ୍ୟୁବ୍ ହୋଇଗଲ, ତମ ଉପରେ ମୋବାଇଲ୍‌ର ଯୋଉ ନବରଙ୍ଗି ଯାତ୍ରା ଟାୟାର ହୋଇ ଚଢ଼ିଯିବ। ସମୟ ଖାଇଦେବ... ବୟସ ଖାଇଦେବ... ବୁଦ୍ଧି ବି ଖାଇଦେବ। ତମେ ଟ୍ୟୁବ୍‌ହୋଇ ଟାୟାର୍ ଭିତରେ ଜାକିଜୁକି ହୋଇ ବସିଥିବ ସିଏ ଯୁଆଡ଼େ ଯିବ ତା ସାଙ୍ଗରେ ଗଡୁଥିବ। ଆଉଗୋଟେ ହେଲା ଗୁଗୁଲ୍ ସେଇଟା ସବୁଠୁ ବଡ଼ ଚଗୁଲ୍। ତମେ ସେ ଜଙ୍ଗଲରେ ପଶିଲେ ଆଉ ବାହାରି ଆସିପାରିବନାହିଁ। ଦେଖାଗଲା ଦଶୁଟା ଗାଣ୍ଡୁଆ, ଗୋଟାଏ ପିଉଳହଣ୍ଡା, ଗୋଟେ ଲୁହା ଖଣତା ଧରି କାଠଚୁଲି ଜଳେଇ ଗୋଟିଏ ଦୀର୍ଘକେଶୀ, କୃଷ୍ଣକାୟ, ଶୁଶ୍ରୁଧାରୀ, ପୋଟଳପରି ଆଖିକୁ କରି, ଗେରୁପାଇକଛା ଜବରମାରି, ଈଷତ୍ ଢୋଲ ବାହାର କରି କହୁଛି ମୁଁ କର୍ଣ୍ଣାଟକର ପାହାଡ଼ତଳ ଜଙ୍ଗଲରେ ରହୁଥିବା ଆଦିବାସୀ। ମୋର ବାପା, ତାଙ୍କ ବାପା ସମସ୍ତେ ଏହିକାମ କରୁଥିଲେ। ସେ ଗୋଟାଏ ପରେ ଗୋଟାଏ ଗାଣ୍ଡୁଆ ଦେଖେଇ ଦେଇଗଲା। ସବୁ ଗାଣ୍ଡୁଆରେ ଜଡ଼ିବୁଟି ଭର୍ତ୍ତିହୋଇ ଥୁଆହୋଇଥାଏ। ସେ ଡଗଡଗ କରି କହିଗଲା ଏଇଟା ହେଲା କଳାମର୍ଦ୍ଦନ, ଅଶ୍ୱଗନ୍ଧନ, ରକ୍ତଚନ୍ଦନ, କେଶବର୍ଦ୍ଧନ, ଚହଲା ମନ ଏମିତି ସବୁ କେତେ କଣ ଏଗୁଡ଼ାକ ସବୁ ବିପଦସଂକୁଳ ଅରଣ୍ୟ ଭିତରୁ ଆମେ ସଂଗ୍ରହ କରି ଆଣିଛୁ। ଏଥିରେ ଯେଉଁ ତେଲତିଆରି କରିଛୁ ସେଇଟା ହେଲା ଆଦିବାସୀ ତେଲ। ଏଇ ତେଲ ଲଗେଇଲେ ଚନ୍ଦାଜାଗାରେ ଚୁଟି ଉଠିବ,ଧଳାବାଳ କଳା ହେଇଯିବ। ଅଶିବର୍ଷର ବୃଦ୍ଧା ଲଗେଇଲେ ଷୋଡ଼ଶି ପରି କେଶ ତରଙ୍ଗାୟିତ ହେବ। କିନ୍ତୁ ହୁସିଆର୍,ଯେଉଁଠାରେ କେଶଉଠିବା କଥା ନୁହେଁ ସେଠି ଯଦି ଇଏ ପଡ଼ିଗଲା ଆଉ ଅନିଚ୍ଛାକୃତ ଭାବେ ଚୁଟିଉଠି ବଢ଼ିଲା ସେଥିପାଇଁ ମୁଁ ଦାୟୀନୁହେଁ। ଏହା କହି ସେ ତତ୍‌କ୍ଷଣାତ୍ ଦୌଡ଼ିଯାଇ ନିଜ ଚୁଟିକି ଖୋଲିଦେଲା। ତାର ଅଣ୍ଟାଲମ୍ବିତ କେଶରାଶି, ତାପରେ ଆଉ ଗୋଟିଏ ଈଷତ୍ କଳା ଯୁବତୀଟିଏ ଆସିଲା, ଶାଢ଼ୀ ପରିହିତା ସେ ଆସି ତା କେଶକୁ ଖୋଲିଦେଲା କଳା ମଚମଚ ଚୁଟି ଆଜାନୁ ଲମ୍ବିତ। ପୁଣି ଷ୍ଟେଜ୍‌କୁ ଆଉଗୋଟିଏ ପାର୍ଟିଅର୍ ଆସିଲାପରି ଆଉ ଗୋଟିଏ ଯୁବତୀ ଚାଲିଆସିଲା। ସେ ତାର ଚୁଟି ଖୋଲିଦ୍ୟନ୍ତେ ଏ ଭଉଣୀଙ୍କର ଆଆଣ୍ଠୁଲମ୍ବିତ କଳା ମଚମଚ ଘନ ସାନ୍ଦ୍ରତା କେଶରାଶି, ଆଉଜଣେ ଛିଟିକି ଚାଲିଆସିଲା... ଏ ଯୁବତୀ ଟି ଡେଙ୍ଗା ନୁହଁ କି ଗେଡ଼ା ନୁହଁ, ଗୋରା ନୁହଁ କି କଳା ନୁହଁ, ଶାଢ଼ି ପିନ୍ଧିନି କି ଡ୍ରେସ୍ ପିନ୍ଧିନି ତା ହେଲେ ପିନ୍ଧିଚି କଣ ? ପାଠକେ ଭାବୁଥିବେ, ସେ ଆଦିବାସୀବୁଣା ଗାମୁଛାକୁ ଗୁଡ଼େଇ ହୋଇଛି। ଯାହା ତାକୁ ଅତି ସୁଶୀଳା ଢଙ୍ଗରେ ଉପସ୍ଥାପିତ କରିପାରିଛି। ସେ କାଳବିଳମ୍ବ ନକରି ଖୋଲିଦେଲା ଚୁଟି। ଏ ବୋପାଲୋ ! ଏ ତରୁଣୀର ଆପାଦମସ୍ତକ କେଶାବୃତ ହୋଇଗଲା। ଚନ୍ଦ୍ରମୋହନ ବାବୁଙ୍କ ଘରସାରା ଲୋକ ଏ ଭିଡ଼ିଓ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ଚନ୍ଦ୍ରମୋହନ ବାବୁ ଅବସର ଗ୍ରହଣକରିବା ଆଜିକି ନଅବର୍ଷ ହୋଇଗଲା। ଶିଶୁକାଠ ରଙ୍ଗର ପୁରୁଷ, ଗଢ଼ଣ ସୁନ୍ଦର, ହେଲେ ତାଙ୍କୁ ଉପରୁ ଚୁଟିମାନେ ଇସ୍ତଫା ଦେଇ ଚାଲିଗଲେଣି। ଇସ୍ତଫା ଦବାକଥା କାହିଁକି କହିଲୁ ଚାକିରି ଥିଲାବେଳେ କି ବୟସଥିଲାବେଳେ ଚୁଟିମାନେ ଝଡୁଥିଲେ... ଉଠୁଥିଲେ। ତାଙ୍କର ବଦଳି ହେଉଥିଲା ଆଉ ଜଣେ ନୂଆ ନିଯୁକ୍ତି ପାଉଥିଲେ ହେଲେ ଏବେ ସେମାନେ ରିଟାୟାର୍ଡ୍ ହେଲେଣି ନହେଲେ ଇସ୍ତଫା ନେଇଗଲେଣି। ଚନ୍ଦ୍ରମୋହନ ବାବୁ ଭିଡିଓଦେଖି କହିଲେ ଏଗୁଡ଼ାକ ବେକାର କଥା ତାହାହେଲେ ତ ସମସ୍ତେ କେଶବତୀ କନ୍ୟା ହେଇଯିବେ। ଘରଭିତରୁ ଚିହିଁକି ଆସିଲେ ଧର୍ମପତ୍ନୀ ଫଟେଇ ଦେବୀ କହିଲେ ତମକୁ ଆଉ କଣ କହିବି ପୁଅ ବୋହୂ ଝିଅ ଜ୍ୱାଇଁ ନାତି ନାତୁଣୀ ଦେଖିଲଣି ତମର ସବୁ କଥାରେ ଖୁଣବାରିବା ତୁମର ଗୁଣ। ସବୁଥିରେ ନେଗେଟିଭ୍। ସତରେ ତମ ପରିକା ଲୋକର ସଂସାର କରିବାର ନଥିଲା। ଏଥର ଉତ୍ତର ଦେଲେ ଚନ୍ଦାବାବୁ କହିଲେ ନହେଲେ ତମେ ତ ଏକା ସଂସାର ଟାକୁ କରିଛ,ଛାଡ଼

ଆଉ ତମ ସାଙ୍ଗରେ ଯୁକ୍ତିକରି ଲାଭନାହିଁ। ଉଠି ପଳେଇଲେ ଚନ୍ଦା ବାବୁ ସହଜେ ନାଁ ଚନ୍ଦ୍ରମୋହନ, ମୁଣ୍ଡରୁ ଖସିଲାଣି ଚୁଟି, ଲୋକେ ଆଗରୁ ଡାକୁଥିଲେ ଚନ୍ଦାବାବୁ ଏବେ କିନ୍ତୁ ଚନ୍ଦାକେଇ,ଚନ୍ଦା ଭାଇନା, ଚନ୍ଦା ଡାକିଲେ ତାଙ୍କ ଦେହରେ ଚାଏଁକିନା ଲାଗିଯାଉଛି। ସାନ ନାତି ପାଟିକରି କହିଲା ଜେଜେ ଜେଜେ ତମେ ଏଥିରୁ ଗୋଟେ କିଣ ମ , ଫବେଇ ଦେବୀକି ଶୁଣେଇ ଶୁଣେଇ ଚନ୍ଦାବାବୁ କହିଲେ ମୁଁ ମରିବି ପଛେ ଯାକୁ କିଣିବିନି ଆଉ ମୋର କଣ ହେବ ? ଫବେଇ ଦେବୀ ରାଉଁକିନା ଜବାବଦେଲେ ତମେ ନ କିଣ ମୁଁ କିଣିବି।

ଏବେ ଫବେଇ ଦେବୀ ନାତୁଣୀ ସାଙ୍ଗରେ ଶୁଅନ୍ତି। ନାତୁଣୀ ସାଙ୍ଗରେ ରୁହନ୍ତି। ତାଙ୍କ ଦି ଜଣଙ୍କର ଗୋଟାଏ ରୁମ୍। ସେଠିକି ଭୁଲ୍‌ରେ ଚନ୍ଦାବାବୁ ଯାଆନ୍ତି ନାହିଁ। ଫବେଇ ଦେବୀ ତେଲମଗେଇ ଲଗେଇଲେଣି, ୧୫/୧୮ ଦିନ ଗଲାଣି। ଏବେ ନାତି,ନାତୁଣୀ ବୋହୂ ସମସ୍ତଙ୍କୁ ଦେଖେଇକରି କହୁଛନ୍ତି ଆଲୋ ଦେଖଲୋ ମୋର ଆଉ ଗୋଟାଏ ଚୁଟି ଝଡୁନି, ଧଳାବାଳ ବି କଳା ହେଇଗଲାଣି , ଚୁଟି ବି ବଢୁଛି। ତାଙ୍କ ଦେଖାଦେଖି ବୋହୂ,ନାତି,ନାତୁଣୀ ସମସ୍ତେ ଆଣିକି ଲଗେଇଲେଣି। ଚନ୍ଦାବାବୁ ଉପର ମହଲାରେ ରୁହନ୍ତି ଦିନସାରା ଆସି ତଳବୈଠକ ଘରେ ଟିଭି ଦେଖନ୍ତି, ପେପର ପଢ଼ନ୍ତି, ଆଉ ଏ ରହସ୍ୟ ଶୁଣନ୍ତି। ତାଙ୍କ ମନ ଖାଲି ରନ୍ଟେଇ ମନ୍ଟେଇ ହଉଥାଏ। ହେଲେ ଘରକୁ ତ ମଗେଇପାରିବେ ନାହିଁ। କିଛିଦିନ ପରେ ସମୁଦି ସମୁଦୁଣୀ ତାଙ୍କ ଘରକୁ ଆସିଲେ ବାରିପଦା ଲୋକ। ଭୁବନେଶ୍ୱର ରେ ରହିବେ, ପୁରୀ ବୁଲିଯିବେ ହେଲେ ସେମାନେ ବି ଆଦିବାସୀ ତେଲ ଲଗୋଉଛନ୍ତି। ସେ ଦୁଇଜଣ ଉପର ମହଲାରେ ରହିଲେ। ଦି ଦିନ ପରେ ସମୁଦୁଣୀ ତାଙ୍କ ଆଦିବାସୀ ତେଲ ପାଇଲେ ନାହିଁ। ଘର ଦୁଆର ଚାରିଆଡ଼େ ଖୋଜାହେଲା କୋଉଠି ନାହିଁ। ସମୁଦୁଣୀ ଭାରି ମନଦୁଃଖ କଲେ, ତେଲଟା ନବାକୁ କୋଉ ଡକେଇତ ଆସିବ। ଫବେଇ ଦେବୀ କହିଲେ ସମୁଦୁଣୀ ମୋ ତେଲ ତୁମେ ଲଗାଅ ସମୁଦୁଣି କହିଲେ ନାଇଁଲୋ ସମୁଦୁଣୀ ତୁମର ସରିଯିବ, ଫବେଇ ଦେବୀ କହିଲେ ମୁଁ ମଗେଇଦେବି ନାହିଁ କି। ମର୍ଣ୍ଣିଂଓ୍ୱାକ୍ ରେ ଗଲାବେଳେ କାମୁଡ଼ା ନନ୍ଦେ ଚନ୍ଦାବାବୁ କହିଲେ ଆଦିବାସୀ ତେଲ ଚୋରାରେ ହର୍ଷ ଦୋକାନରେ ବିକ୍ରି ହେଉଛି। ଚନ୍ଦାବାବୁ କହିଲେ ଏ ଦିନେ ମୁଁ ଆଦିବାସୀ ତେଲ ମାଗିବାକୁ ଯିବି ଲାଜ ମାଡ଼ିବ ନେଇଁ। କାମୁଡ଼ା ନନ୍ଦେ କହିଲେ ସାନ ନାତିକୁ ପଠେଇଦେବ। ଚନ୍ଦାବାବୁ କହିଲେ ସାନନାତି ପା ଖନା ଟା, ବଡ଼ନାତି କି ପା ସମୟ ନାହିଁ ପାଠ ପାଠ ପାଠ...... ଆଉ ସାନ ନାତିକି ଆଦିବାସୀ କହିଲେ ସେ କହିବ ଆଡ଼ିବାଟି। କାମୁଡ଼ା ନନ୍ଦ କହିଲେ ତାକୁ ଚୁଟିଧରି ଦେଖେଇଦେବ କହିବ ଏଇଟା ଉଠିବା ତେଲ ଦିଅ।

ସେ ଦୋକାନୀକୁ କହିଲେ ଦୋକାନୀ ଦେଇଦେବ। ଚନ୍ଦାବାବୁ ସେୟା କଲେ ସାନନାତିର ଚୁଟିଧରି କହିଲେ ଏଇଟା ଉଠିବାତେଲ ଦିଅ। ଆଉ ଆଣିଲାପରେ କାହାରିକୁ ଦେଖେଇବୁନି। ମତେ ଡାଇରେକ୍ଟ ଦେବୁ। ସାନନାତି ଦୌଡ଼ିକି ଗଲା। ସେ ଆଉ ତା ନିଜ ଚୁଟିକି ଧରିବା କଥାଟା ଭୁଲିଗଲା। କହିଲା ଉଠିବା ତେଲଟା ଦିଅ ଜେଜେ କହିଛନ୍ତି କାଗଜରେ ଗୁଡ଼େଇକି ଦେବ। ଦୋକାନୀ ଦେଇଦେଲା ନାତି ଆଣି ଜେଜେଙ୍କୁ ଦେଲା। ଘରସାରା ଲୋକ ଜାଣିଗଲେ ଜେଜେ ଆଦିବାସୀତେଲ ଆଣିଛନ୍ତି। ଘର ସମୁଦି, ସମୁଦୁଣୀ, ନାତିନାତୁଣୀ ଯେତେ ତେଲକୁ ମାଗୁଛନ୍ତି ଆଉ ଜେଜେ ଦେଉନାହାନ୍ତି। ଫବେଇ ଦେବୀ ରାଗିକି କହିଲେ ସେ ବୁଢ଼ାଦିନେ ଲଗେଇବେ ବୋଲି ରଖିଛନ୍ତି ପା ଅଲଜ୍ୟା। ଚନ୍ଦାବାବୁ ରାଗିକି କହିଲେ ଭଲକଲି,ବେଶ୍‌କଲି, ମୁଁ ଲଗେଇଲି। ବୋହୂ ବାହାରିଆସି କହିଲେ ବାବା ଆମଘରେ ତେଲପାଇଁ ମହାଭାରତ ହବା ଦରକାର ନାହିଁ, ତୁମେ ପାଟି ବନ୍ଦକର।

ପ୍ରଶ୍ନ ନମ୍ବର ୧- ସମୁଦୁଣୀ ଙ୍କର ତେଲ ଗଲା କୁଆଡ଼େ, ନେଲା କିଏ ?

ପ୍ରଶ୍ନ ନମ୍ବର ୨- ନାତିଟୋକା କି ତେଲ ଆଣିଥିଲା ତାକୁ କାହିଁକି ଚନ୍ଦାବାବୁ କାହାକୁ ଦେଖେଇଲେ ନାହିଁ ?




# ଅଫର୍

## ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

ଯୁବକଟିର ହାତକୁ ଝୁରିଛାପ୍ ପାଉଚ୍‌ଟା ବଢ଼େଇ ଦେଉଦେଉ ଲୋକଟା କହିଲା "ନିଅ ନିଅ। ତୁମେ ବି ମାରିନିଅ ଛାକେ।" ସଙ୍କୋଚ କରୁଥିଲା କି କଣ ଲୋକଟାର ହାତରୁ କିନ୍ତୁ ପାଉଚ ନେବାକୁ ଅମଙ୍ଗ ହେଉଥିଲା ଯୁବକଟି। ତାର ଥ ଥ ମ ମ ଅବସ୍ଥା ଦେଖି ସାଥୀ ଯୁବକଟି କହିଲା "ଆରେ ନେ.. ନେ..। ନୂଆବୋହୂ ପରି ଏମିତି କଣ ଲାଜେଇ ଯାଉଛୁ? ନେ.. ଛାକେ ମାରିକି ଦେଖ୍, ଦୁନିଆଁ କେମିତି ରଙ୍ଗୀନ ହୋଇ ଯାଉଛି ସଙ୍ଗେ ସଙ୍ଗେ। ଆରେ ଭାଇ, ବଡ଼ ବଡ଼ ଲୋକେ ପରା କହି ଯାଇଛନ୍ତି; 'ଯିଏ ନ ପିଏ ମଦ, ତା ବଅଁଶ ଯାକ ଗଧ।' ମାତ୍ର ଗୋଟିଏ ପାଉଚ ଥରେ ମାରିକି ଦେଖ୍, ତାପରେ କେମିତି ଫୁଃ.. କରି ଉଡ଼ି ଯାଉଛି ଯେତେସବୁ ଦୁଃଖ ଆଉ ଯନ୍ତ୍ରଣା। ଏଇଟା ମଦ ନୁହେଁ ବା ସାକ୍ଷାତେ ଅମୃତ। ସୁଖି ଜୀବନ ଜିଇଁବାର ଏକମାତ୍ର ମହୌଷଧୀ। ନଉନୁ। ବାବୁ ଖୁସିରେ ଦେଉଛନ୍ତି ଯେତେବେଳେ ନେବାକୁ ମନା କରନା। ନେ.. ନେ, ମୋ ଭାଇଟା ପରା.. ନେ। ଆଜି ଭଲ ନଲାଗିଲେ, ଆଉ କେବେ ପିଇବୁନି। ଆଜି ଏଇ ଥରକ ନେ। ତାପରେ ଏଇଥି ପାଇଁ ହେଲେ କୋଉଠି ତୋତେ ଟଙ୍କା ପଇସା ଦେବାକୁ ପଡୁଛି ଯେ। ପୁରାପୁରି ତ ମାଗଣା। ଆରେ ମାଗଣା ମିଳିଲେ ଲୋକେ ବିଷ ବି ଖାଇଦେବେ। ଆଉ ତୁ ଏଇ ସାମାନ୍ୟ ମଦ ପାଉଚଟା ନେବାକୁ ମନା କରୁଛୁ? ତାହା ପୁଣି । ଆଦରରେ ମିଳୁଥିବା ଦରବ। ଆମକୁ ହେଲେ କେହି ଯାଚି ଦିଅନ୍ତା ଏମିତି, ମୁଁ ତ ସବୁତକ କାମଧନ୍ଦା ଛାଡ଼ି ଖାଲି ପିଉଥାନ୍ତି ଦିନରାତି।"

"ହଁ, ହଁ, ତୁମ ପାଇଁ ମୋ ତରଫରୁ ଏଇଟା ଏକ ଅଫର୍। ମାନେ ସମ୍ପୂର୍ଣ୍ଣ ମାଗଣା। ନିଅ ନିଅ। କଣ ଏମିତି ଭକୁଆ ପରି ଚାହୁଁଛ ମୋ ମୁହଁକୁ? ନିଅ, ମାରିନିଅ ଛାକେ। ଆରେ ଭାଇ, ଭାଗ୍ୟରେ ଥିଲେ ଏମିତି ମାଲ୍ ମିଳେ ପିଇବାକୁ।"

ଶେଷରେ ଅନିଚ୍ଛା ସତ୍ତ୍ୱେ ମଦ ପାଉଚ୍‌ଟିକୁ ହାତରେ ଧରିଲା ଯୁବକଟି। କିଛି ସମୟ ଏପଟ ସେପଟ ଦେଖି ତା ଗୋଟିଏ କୋଣକୁ ଦାନ୍ତରେ କାଟି ଥୁ କରିଦେଲା ପଲିଥିନ୍ ଟୁକୁରାକୁ। ମଦୁଆମାନଙ୍କ କୋଉ ଅଜ୍ଞାତ ଦେବାଦେବୀ ଉଦ୍ଦେଶ୍ୟରେ ମାଟିରେ ଢାଳିଲା ଟିକିଏ ମଦ। ତାପରେ ପାଉଚ୍ ଟେକି ପାଟିରେ ଟିକିଏ ନେଲା। ହେଲେ ତାକୁ ଢୋକିବା ତ ଦୂରର କଥା, ସଙ୍ଗେ ସଙ୍ଗେ ମୁହଁକୁ କେମିତି ଗୋଟିଏ ବିଚିତ୍ର ଭଙ୍ଗୀକରି ଥୁ ଥୁ କରି ଥୁକିଦେଲା ପାଟିରେ ପୁରାଇ ଥିବା ମଦତକ। ପୁଣି ତା ସାଥୀ ଯୁବକର ମୁହଁକୁ ଚାହିଁ କହିଲା "ନାଇଁ ଭାଇ ନାଇଁ। ମୋ ଦେଇ ହେବନାହିଁ ଏଇ ମଦପିଆ କାମ। ଛିଃ.. କେମିତି ଗୋଟିଏ ଲାଗୁଛି। ପାଟିରେ ଦେଉ ଦେଉ ଝିମ୍ ଝିମ୍ କରୁଛି ମୁଣ୍ଡ। ଜିଭ ପୋଡ଼ିଗଲା ପରି ଲାଗୁଛି। ଆଉ ତାର କି ଗନ୍ଧ? ବାପ୍‌ରେ ବାପ୍, ନାକରେ ବାଜୁ ବାଜୁ ଅଇ ଉଠଉଛି। ନାଇଁ ବାବା ନାଇଁ, ଥାଉ ତୋର ମଦ। ତାକୁ ପିଇ ମୋତେ କୋଉ ରଙ୍ଗୀନ ଦୁନିଆଁ ଦେଖିବା ଲୋଡ଼ା ନାହିଁ କି କୋଉ ସ୍ୱର୍ଗସୁଖ ଭୋଗିବାର ଇଚ୍ଛା ନାହିଁ।"

"ଆରେ ଭାଇ, ସେ କିଛି ନୁହେଁ। ଫାଷ୍ଟ୍ ଟାଇମ୍ ନେଉଛୁ ତ, ସେଇଥି ପାଇଁ ଏମିତି ଟିକେ ଲାଗୁଛି। ପିଇବା ଅଭ୍ୟାସ ଥରେ ହୋଇଗଲେ ନା.. ତାପରେ ଜାଣିବୁ ତାହାର ମଜା କେତେ? ଆରେ ଆମେ ସବୁ କଣ ବୋକା ହେଇଛୁ ଯେ ଉଠୁଣୁ ବସୁଣୁ ମାଲ୍ ଖାଉଛୁ ଦିନରାତି?" ସାଥୀ ଯୁବକ ଜଣକ ହସି ହସି କହିଲା।

"ଏଇ ଚାଖ୍‌ନାରୁ ଟିକିଏ ପାଟିରେ ପକାଅ। ତେବେ ଯାଇ ସିନା ପାଇ ପାରିବ ମଦ ପିଇବାର ମଜା।" ଯୁବକଟିର ହାତକୁ କିଛି ଛେଳିପୁଟା ଭଜା ବଢ଼େଇ ଦେଉ ଦେଉ କହିଲା ଅଫର୍ ଯାଚୁଥିବା ସେଇ ଲୋକଟି। ପୁଣି ଅନ୍ୟ ଯୁବକର ମୁହଁକୁ ଚାହିଁ ପଚାରିବା ଢଙ୍ଗରେ କହିଲା "କଣ ଭାଇ, ସତ କହୁଛି ନା?"

ସାଥୀ ଯୁବକ ଜଣକ ଦୃଢ଼କଣ୍ଠରେ କହିଲା "ହଁ, ହଁ, ପୁରାପୁରି ସତ କଥା ମାଲିକ। ୟା ଭିତରକୁ ମିଛ ଆସିବ କୁଆଡୁ?" ପୁଣି ସୁର ଲୟ ଲଗେଇ ଗାଇବାକୁ ଲାଗିଲା "ଚାଖ୍‌ନା ସଙ୍ଗେ ମଦ ପିଅ, ଦୁନିଆଁ ଯାକର ସୁଖ ଲୁଟି ନିଅ। ଲୁଟି ନିଅ ଭାଇ ଲୁଟି ନିଅ।"

ଏବେ ତାଙ୍କ କଥା ରଖି ସୁନାପିଲା ପରି ମଦ ଆଉ ଚାଖ୍‌ନା ତକ ଖାଇଗଲା ଯୁବକଟି। ସେତେବେଳେ ଯୁବକଟିକୁ ନୂଆଁ ଜୋଇଁପୁଅ ଭଳି ଖାତିର୍‌ଦାରୀ କରୁଥାଏ ଲୋକଟି। ଟିକେ ଦୂରରେ ଥାଇ ଏଇ ସବୁ ନାଟ ଦେଖୁଥାନ୍ତି ବାବୁ ପରମାନନ୍ଦ ସମ୍ପୂର୍ଣ୍ଣ ନଦେଖିବା ଢଙ୍ଗରେ। ମାଗଣାରେ ମଦ ପାଉଚ୍ ଯାଚୁଥିବା ଏଇ ଲୋକଟାକୁ ଭଲ ଭାବରେ ଜାଣନ୍ତି ସେ। ତାଙ୍କ ଅଂଚଳର ଜଣେ କୁଖ୍ୟାତ ମଦ ବେପାରୀ ଇଏ। ଲୋକଟା ଭାରି ଧୂର୍ତ୍ତ ମଧ୍ୟ। ସାଧାରଣ ସମୟରେ କାହାକୁ କେବେ ପାଣି ଗ୍ଲାସ୍‌ଟିଏ ବି ମାଗଣାରେ ଦିଏନାହିଁ। ମଦ ପାଉଚ୍ ତ ଦୂରର କଥା ଦେହର ଜର ମଧ୍ୟ କାହାକୁ ଦେବନାହିଁ। କାହାକୁ କେବେ ଯଦି କିଛି ହେଲେ ଧାର ଉଧାର ଦେଇଛି ତ ତାକୁ ଗୁଣ୍ଡା ଲଗେଇ କୌଣସି ପ୍ରକାରେ ହକାଳି ଆଣିଛି ଚଢ଼ା ସୁଧ ସହିତ। ଏଇ ଅଂଚଳରେ ତା ଯୋଗୁଁ ଯେ କେତେ ପରିବାର ଦାଣ୍ଡର ଭିକାରୀ ହେଲେଣି, ତାର କିଛି ଇୟତ୍ତା ନାହିଁ। ଅଦିନରେ କେତେ ଲୋକ ଯେ ସ୍ୱର୍ଗକୁ ଟିକେଟ୍ କାଟିଲେଣି ତାର ମଧ୍ୟ ହିସାବ ରଖୁଛି କିଏ? ହେଲେ ଆଜି ଲୋକଟିର ଏ କି ନବୀନ ଅବତାର? ଗୁହର କଉଡ଼ି ଦାନ୍ତରେ କାଢ଼ିବା ଲୋକଟି ପୁଣି ଏତେ ବଦାନ୍ୟତା ଦେଖାଉଛି କଣ ପାଇଁ? ଘଟଣାଟା ବଡ଼ ରହସ୍ୟମୟ ଲାଗୁଥିଲା ବାବୁ ପରମାନନ୍ଦଙ୍କୁ। କିନ୍ତୁ ସେଦିନ ସେଇଠି କିଛି ନକହି ଘରକୁ ଚାଲି ଆସିଥିଲେ ସେ ଚୁପ୍‌ଚାପ୍। କାହିଁକି ନା ଏମିତି ସମୟରେ ଏଭଳି ଭୟଙ୍କର ଲୋକଙ୍କୁ କିଛି କହିବା ଅର୍ଥ ହେଉଛି ନିଜ ଜୀବନକୁ ବିପନ୍ନ କରିବା। ଆଉ ଜାଣି ଶୁଣି କିଏ ବା କାହିଁକି ମରଣା ଷଣ୍ଢକୁ ହୁଇସିଲ୍ ମାରି ଡାକିବ? କି ବିପଦ ମୁଣ୍ଡେଇବ? ସେଇ ଯୁବକମାନେ ମଧ୍ୟ ସେଇଠୁ ମଦ ନିଶାରେ ଚୁର୍‌ହୋଇ ଝୁଲିଝୁଲି ସେଦିନ ଫେରି ଯାଇଥିଲେ ତାଙ୍କ ଗାଆଁକୁ।

କିଛି ଦିନ ବିତିଗଲା। ଦିନେ ବାଟରେ ସେଇ ଲୋକଟା ସହିତ ମୁହାଁମୁହିଁ ଦେଖା ହୋଇଗଲା ବାବୁ ପରମାନନ୍ଦଙ୍କ। ନିଜ ମନରେ ଉବୁଟୁବୁ ହେଉଥିବା ଜିଜ୍ଞାସା ରୋକି ନପାରି ହଠାତ୍ ଲୋକଟାକୁ ପଚାରି ବସିଲେ ସେ। "କଣ ଭାଇ! ଆଜିକାଲି ଭଲ ଦି

ପଇସା ରୋଜଗାର ହେଉଛି ବୋଧହୁଏ ? ଲୋକଙ୍କୁ ଦାନଧର୍ମ କରିବା ବି ଆରମ୍ଭ କରି ଦେଲଣି ଯେ.. ?"

"ନାଇଁ ଆଜ୍ଞା, ସେତିକି ରୋଜଗାର କାହିଁ ଯେ କାହାକୁ ଦାନଧର୍ମ କରିବି ମୁଁ? ଆମ ପରି ଗରିବ ଲୋକର ବେପାର ଅବା କଣ ଯେ ଦାନ ଧର୍ମ ପାଇଁ ବଳିବ ? ଏଇ କୁଚିଆ ମଦ ବେପାରରୁ ଯାହା ମିଳୁଛି, ସେତକ ତ ଏଇ ପାପୀ ପେଟ ପାଇଁ ନିଅଣ୍ଟ।" ଲୋକଟା ନମ୍ରଭାବେ କହିଲା। ଟିକିଏ ରହି ପୁଣି ଚାପା ଗଳାରେ ପଚାରିଲା "କଥା କଣ ସାର୍ ? କେବେ ତ ଏମିତି ପ୍ରଶ୍ନ କରନ୍ତି ନାହିଁ ଆପଣ ? ଆମକୁ ଘୃଣା କରନ୍ତି କି କଣ ଯେ ଆମ ପରି ଛୋଟ କାଟିଆ ଲୋକଙ୍କୁ ଦେଖିଲେ ବାଟଭାଙ୍ଗି ଚାଲି ଯାଆନ୍ତି ଅନ୍ୟଦିନେ। ଆବଶ୍ୟକ ନଥିଲେ କେବେଦିନେ କଥା ମଧ୍ୟ ହୁଅନ୍ତି ନାହିଁ। ହେଲେ ଆଜି ଏମିତି ଅଖାଡୁଆ ପ୍ରଶ୍ନ ପଚାରୁଛନ୍ତି ଯେ ! ! ସାରୁ ଭିତରେ ମାରୁ ନାହିଁ ତ ? ପଚାରୁଛନ୍ତି ଯେତେବେଳେ କିଛି ଗୋଟେ ତ ଗହନ କଥା ଥିବ ନିଶ୍ଚୟ।"

"ନାଇଁ ଭାଇ ନାଇଁ। ତୁମେ ଡରିବା ଭଳି ସେମିତି କିଛି ଗହନ କଥା ନାହିଁ।" ହସି ହସି କହିଲେ ବାବୁ ପରମାନନ୍ଦ। "ସେଦିନ ସେଇ ଯୁବକଟିକୁ ମାଗଣାରେ ପାଉଚ୍‌ପାଣି ଦେଇ ନୂଆଁ ଜୋଇଁପୁଅ ପରି ଚର୍ଚ୍ଚା କରୁଥିଲ ଯେ.., ସେତକ ମୋ ଆଖିରେ ପଡ଼ି ଯାଇଥିଲା। ସେଇଥିପାଇଁ ପଚାରୁ ପଚାରୁ ପଚାରି ଦେଲି ଯାହା।"

"ଓହୋ.., ସେଦିନର କଥା ? ଆପଣ ଦେଖି ପକେଇ ଥିଲେ ତାହାହେଲେ ?" ଘୋଡ଼ା ପରି ହେଁ ହେଁ ହୋଇ ଲୋକଟା ହୃଦୟ ଖୋଲା ହସଟିଏ ହସି କହିଲା "ଓଃ.. ସେଇ କଥା ତ ସାର୍ ? ସେଇଟା ହେଉଛି ଅଫର୍, ବେପାର ବଢ଼େଇବାର ଗୋଟେ ଅଭିନବ ତରିକା। ଏଇ ଯେମିତି ବନିଶୀ କଣ୍ଟାରେ ଚିଙ୍ଗୁଡ଼ି ଲଗେଇ ଶେଉଳ ଧରନ୍ତି ମାଛଧରାଳିମାନେ। ଠିକ୍ ସେଇମିତି ନୂଆ ମଦୁଆକୁ ମଦ ପ୍ରତି ଆକୃଷ୍ଟ କରିବା ପାଇଁ ଏଇଟା ଗୋଟେ ଯୋଜନା ମାତ୍ର। ବଡ଼ ବଡ଼ କମ୍ପାନୀମାନେ ତାଙ୍କ ବିଜ୍‌ନେସ୍ ପ୍ରମୋସନ୍ ପାଇଁ 'ଟୁଥ୍ ପେଷ୍ଟ୍ ସାଙ୍ଗକୁ ଟୁଥ୍ ବ୍ରସ୍ ଫ୍ରି, ସାବୁନ ସାଙ୍ଗକୁ ତେଲ ପାଉଚ୍ ଫ୍ରି' ଏମିତି କେତେ କଣ ଅଫର୍ ଦେଇଥାନ୍ତି। ଆପଣ ତ ଜାଣନ୍ତି ସାର୍, କିଛିବର୍ଷ ତଳେ ଜିଓ କମ୍ପାନୀ  କେମିତି ମାଗଣା ମୋବାଇଲ୍ ସିମ୍ ସାଙ୍ଗକୁ ମାଗଣାରେ ଦେଉଥିଲା ଡାଟା ଟକ୍ ଟାଇମ୍। ହେଲେ ଏବେ ଆଉ ଦେଉଛି କି ? ଏବେ ତ କଡ଼ାଗଣ୍ଡା ସହ ଅସୁଲି କରୁଛି। କରୁଛି ନା ନାହିଁ କୁହନ୍ତୁ ? ସେଇ କମ୍ପାନୀ ମାଲିକକୁ କେହି କିଛି କହି ପାରୁଛନ୍ତି କି ଏବେ ?"

ହେଃ ହେଃ ହେଃ ହୋଇ ପୁଣି କହିବାକୁ ଲାଗିଲା ସେ "ପଡ଼ିଆ ଜମିରେ ବିହନ ବୁଣିଲେ ସିନା ଫସଲ ଅମଳ କରିବେ ଆପଣ। ନହେଲେ ଶୂନ୍ୟ ଆକାଶକୁ ଚାହିଁଥିବେ ଭକୁଆ ପରି। ଏଇ ମାଗଣା ପାଉଚ୍ ଯୋଗାଣ, ଗୋଟେ ଅଭିନବ ଅଫର୍ ଯୋଜନା ଆମ ବେପାର ବଢ଼େଇବା ପାଇଁ। ଏଇ ଯୋଜନାରେ ପ୍ରଥମ ଥର ପାଇଁ ମଦ ପିଉଥିବା ଲୋକଙ୍କୁ ସାତ ଆଠ ଦିନ ଏମିତି ମାଗଣାରେ ପିଇବାକୁ ଦିଆଯାଏ ଗୋଟିଏ ଗୋଟିଏ ପାଉଚ୍ ଆଉ ତା ସାଙ୍ଗକୁ ଦିଆଯାଏ ମଧ୍ୟ ମାଗଣା ଚାଖ୍‌ନା। ତା ସହିତ ଏମିତି ନୂଆ ଲୋକଙ୍କୁ ସାଙ୍ଗରେ ଧରି ଆସୁଥିବା ପୁରୁଣା ଗ୍ରାହକଙ୍କ ପାଇଁ ମଧ୍ୟ ଆମର ଗୋଟିଏ ଅଫର୍ ଯୋଜନା ପ୍ରଚଳିତ ଅଛି। ସେଇଟା ହେଲା, ଉଚିତ୍ ଦରରେ ଗୋଟିଏ ପାଉଚ୍ କିଣିଲେ; ତା ସହିତ ଅଫର୍‌ରେ ଦିଆଯାଏ ଆଉ ଗୋଟିଏ ପାଉଚ୍ ସମ୍ପୂର୍ଣ୍ଣ ମାଗଣାରେ। ଏମିତି କିଛିଦିନ ମାଗଣାରେ ମଦ ମାଂସ ଖାଇବାକୁ ଦେଇ ଦେଇ ଅଭ୍ୟସ୍ତ କଲା ପରେ ମୂଳସୁଧ ସହ ସବୁତକ ଖର୍ଚ୍ଚ କେଉଁ ଛଟକରେ କଲେକ୍‌ସନ୍ କରିନେଉ ଯେ ତାହା ଭଗବାନ ବି ଜାଣିବା ମୁସ୍କିଲ୍। ଆପଣ ବୋଧହୁଏ ଜାଣି ନାହାଁନ୍ତି ଆଜ୍ଞା, ଏଇ ନୂଆ ମଦୁଆମାନେ ହେଉଛନ୍ତି ଆମ ପାଇଁ ଗୋଟିଏ ଗୋଟିଏ ୱାଇଲ୍ଡ କାର୍ଡ଼। ଅର୍ଥ ଉପାର୍ଜନର ଏକ ସହଜ ସୁଗମ ମାଧ୍ୟମ। କାହିଁକିନା ଏପରି ମଦୁଆମାନେ ଥରେ ଅଭ୍ୟାସରେ ପଡ଼ିଗଲା ପରେ ନିଜ ନବବିବାହିତା ସ୍ତ୍ରୀ ହାତର ଖଡୁ କାଢ଼ି ବିକିଦେବେ ପଛେ, ହେଲେ ମଦ ଖାଇବାକୁ ଛାଡ଼ି ପାରିବେ ନାହିଁ ସହଜରେ। ଆଉ ଏମିତି ଲୋକଙ୍କୁ ଜୋଇଁପୁଅ କଣ କହୁଛନ୍ତି ସାର୍, ସେମାନେ ତ ଆମ ପାଇଁ ସାକ୍ଷାତ କୁବେରଙ୍କ ଅବତାର। ଲକ୍ଷ୍ମୀ ଠାକୁରାଣୀଙ୍କ ବରଦାନ।" ଏତକ କହିଲା ବେଳକୁ ଲୋକଟିର ମୁହଁରେ ଖେଳି ଯାଉଥିଲା ଏକ ଅଦ୍ଭୁତ ଚମକ।

ଏଇ ଶେଷ କେଇ ପଦ କଥା ଶୁଣୁ ଶୁଣୁ ଚମକି ପଡ଼ିଲେ ବାବୁ ପରମାନନ୍ଦ। "ଆରେ ବାପ୍‌ରେ ବାପ୍। ସାଧାରଣ ଲୋକଙ୍କୁ ମଦ ପ୍ରତି ଆକୃଷ୍ଟ କରି ଅପର୍ଯ୍ୟାପ୍ତ ଧନ ଉପାର୍ଜନ କରିବା ନିମନ୍ତେ ଏ କି ଭୟଙ୍କର ଷଡ଼ଯନ୍ତ୍ର ଏମାନଙ୍କର ? ଦେଶରେ ଏବେ ଯେଉଁ ସ୍ଥିତି ଲାଗି ରହିଛି, ଏମିତି ଅଫର୍ ଦେବା ଚାଲୁ ରହିଲେ ତ ଅଳ୍ପଦିନରେ ଘୋଡ଼ା ମଦୁଆ ହୋଇ ବାହାରିବେ ସାରା ଦେଶର ଶିକ୍ଷିତ, ଅଶିକ୍ଷିତ ଆଉ ଅର୍ଦ୍ଧଶିକ୍ଷିତ ବେକାର ଯୁବକମାନେ। ପିଇବାରେ ଥରେ ଅଭ୍ୟସ୍ତ ହୋଇଗଲା ପରେ ମଦ ଟିକକ ପାଇଁ ଅଫର୍‌ଦାତାର ବୋଲକରା ହୋଇ ରହିଥିବେ ସାରା ଜୀବନ। ଏଇ ଫର୍ମୁଲାକୁ ପାଥେୟ କରି ନିର୍ବାଚନ ବେଳେ ମଦମାଂସର ବଫର୍ ଷ୍ଟକ୍ ଅଫର୍ ଦିଅନ୍ତି ଆମ ମହାମାନ୍ୟମାନେ। ତାପରେ ଭୋଟବର୍ଷା ହେବା ନିଶ୍ଚିତ। କାରଣ ଟଙ୍କା ନେଇ ହୁଏତ ଠକି ଦେଇପାରେ ଜଣେ ସୁସ୍ଥ ସବଳ ମଣିଷ, କିନ୍ତୁ ମଦୁଆମାନେ ତାଙ୍କ ଜବାବ୍‌ରେ ପକ୍କା। ଏହା ଆମ ନେତାଙ୍କୁ ଭଲ ଭାବେ ଜଣା। ହେଲେ ଏମିତି ଲାଗି ରହିଲେ କ'ଣ ହେବ ଦେଶର ଭବିଷ୍ୟତ ? ସବୁଠି ଯଦି ରାଜୁତି କରିବେ ମଦୁଆ, ତେବେ ଏଇ ଦେଶକୁ ଜଗନ୍ନାଥ ହିଁ ଭରସା।" ଏତକ ଭାବିଲା ବେଳକୁ ଆଖି ଆଗରେ ତାଙ୍କର ଦିନବେଳା ବି ଉଡ଼ି ଯାଉଥିଲେ ଦଳ ଦଳ ଜୁଳୁଜୁଳିଆ ପୋକ। ସବୁକିଛି ଅନ୍ଧାରୁଆ ଦେଖା ଯାଉଥିଲା। ଆଗକୁ ଆଉ କିଛି ଭାବି ପାରୁ ନଥିଲେ ସେ।

*ଭାରତୀ କୁଟୀର,*
*ଡୁଙ୍ଗୁରିପାଲି–୭୬୭୦୨୩, ସୁବର୍ଣ୍ଣପୁର,*
*ଦୂରଭାଷ: ୮୨୪୯୮୦୭୨୬୭*

# ମଧବର୍ଗର କୁକୁର

## ମୂଳହିନ୍ଦୀ - ହରିଶଙ୍କର ପରସାଇ
## ଅନୁବାଦ: ଡଃ କିଶୋର ମହାନ୍ତି

ମୋ ବନ୍ଧୁଙ୍କର ଗାଡି ଗେଟ୍ ଭିତରକୁ ପ୍ରବେଶ କଲା। ବଙ୍ଗଲୋ ଭିତରକୁ ଗୋଡ ପଡିଛି କି ନାହିଁ ମୁଁ ପଚାରିଲି ଏଠି କୁକୁର ନାହାନ୍ତି ତ? ବଂଧୁ ମୋର କହିଲେ - "ତୁମର କୁକୁରକୁ ଭାରି ଭୟ ନା।" ମୁଁ କହିଲି - " ମଣିଷ ରୂପରେ କୁକୁରକୁ ମୁଁ ଡରେ ନାହିଁ। ଯେମିତି ହେଲେ ମୁଁ ତାକୁ କାବୁ କରିନେଇଥାଏ। କିନ୍ତୁ ପ୍ରକୃତ କୁକୁର ଯିଏ ତାକୁ ମୋତେ ବହୁତ ଭଲ ଲାଗେ।"

ଯୋଉ ଘରେ କୁକୁର ଅଛି ନା ମୋତେ ଆଦୌ ସେ ଘର ଭଲ ଲାଗେ ନା। ଯେଉଠି ସେମିତିକା ଘର କୁ ଯାଅ। ପ୍ରଥମେ ଭଦ୍ର ସହକାରେ କୁକୁର ଯେମିତି ହେଲେ ଭୁକି ସ୍ୱାଗତ ଜଣାଇବ। ନିଜ ସ୍ନେହରେ ନମସ୍ତେ କର ବା ନକର ପ୍ରଥମେ ସେ ଗାଳି ବର୍ଷଣ କରି ଦେଇଥିବ। " କାହିଁକି ଏଠିକି ଧରିଛୁ ବେ - ତୋ ବାପର ଏ ଘର? ପଳା ଏଠୁ। ଏମିତି କେତେ କଣ? ପୁଣି କୁକୁର କାମୁଡାକୁ ବି ଭାରି ଡର।

ଚାରିଥର କାମୁଡ଼ିଲେ ତ ଗଲା ଚଉଦ ଥର ଇଂଜେକ୍ସନ୍। ଡାକ୍ତର ପେଟରେ କେଞ୍ଚି ଦେବେ। ଏମିତିରେ ବି କିଛି ଲୋକ କୁକୁର ଭଳି ଅଛନ୍ତି। ଖୁବ୍ ବିଷାକ୍ତ। ଜଣେ ପରିଚିତ ବଂଧୁଙ୍କୁ କୁକୁର କାମୁଡି ଦେଇଥିଲା। ମୁଁ କହିଲି - ତାର କିଛି ହେବନି। ହାଲଚାଲ କଣ ସେ କୁକୁରକୁ ପଚାରି ଆଉ ଇଞ୍ଜେକ୍ସନ୍ ତାକୁ ଲଗା।"

ଜଣେ ନୂଆ ବଂଧୁ ଜଣକ ତାଙ୍କ ଘରକୁ ଚା' ପିଇବାକୁ ମତେ ଡାକି ଥିଲେ। ମୁଁ ତାଙ୍କ ଘର ପାଖରେ ପହଞ୍ଚିଛି ଯେମିତି ଗେଟ୍‌ରେ ହେଇଛି। ଲେଖାଅଛି ସେ ପ୍ଲେଟ୍‌ରେ "କୁକୁର ପ୍ରତି ସାବଧାନ" ମୁଁ ସେଠୁ ହଠାତ୍ ଡରି ମୁହଁ ବୁଲାଇ ସେଠୁ ଫେରି ଆସିଲି।

କିଛି ଦିନ ପରେ ଯେବେ ସେ ବଂଧୁ ମୋର ଦେଖା ହେଲେ ମତେ ପଚାରିଲେ - ଆପଣ ସେଦିନ ଚା' ପଇବାକୁ ଆସିଲେନି ତ? ମୁଁ ଉତ୍ତର ଦେଲି - "କ୍ଷମା କରିବେ ମୁଁ ଘର ଯାଏ ଯାଇଥିଲି। ସେଠାରେ ଲେଖାଥିଲା "କୁକୁର ପ୍ରତି ସାବଧାନ।" ମୁଁ ଜାଣିଥିଲି ଏଠି ଲୋକମାନେ ରହୁଛନ୍ତି। କିନ୍ତୁ ନେମ ପ୍ଲେଟ କୁକୁରର ଟଂଗା ହେଇଛି। ବିଚିତ୍ର କଥାଇଏ। ଏମିତି କିଛି କିଛି ଲୋକ ବି କୁକୁର ଠାରୁ ବେଇମାନ ବି ଅଛନ୍ତି।

ମାର୍କ ଟ୍ୱିଇକ୍ ଲେଖିଛନ୍ତି - ଆପଣ ଯଦି ଭୋକିଲା କୁକୁରକୁ ରୁଟି ଖାଇବାକୁ ଦେବେ ସେ ଆପଣଙ୍କୁ କାମୁଡିବ ନାହିଁ। କୁକୁର ଓ ମଣିଷ ଭିତରେ ଏହି ବିଶେଷ ଫରକ।

ଜଣେ ବଂଧୁଙ୍କ ଘରେ ମୋର ତିନିଦିନ ରହିବାର ଥିଲା। ମୋ ବଂଧୁ ଘଣ୍ଟି ଯେମିତି ବଜାଇ ଦେଲେ ଜାଲି ଭିତରୁ ଭୋ ଭୋ ବିଲେଇ ଶବ୍ଦ ଆସିଲା। ମୁଁ ଦି'ପାଦ ପଛକୁ ହଟିଗଲି। ଆମର ବଂଧୁ ଗୃହକର୍ତ୍ତା ଆସିଲେ, କୁକୁରକୁ ବଡ ପାଟିରେ ଗାଳି କଲେ- "ଟାଇଗର ହେ, ଟାଇଗର" - ତାର ଅର୍ଥ ଥିଲା।

ବାଘ, ଏ ଲୋକ କେହି ଚୋର କି ଡାକୁ ନୁହଁନ୍ତି। ତୁ ଏତେ ବାହାଦୂରୀ ଦେଖାନି ବା।"

କୁକରଟା ଜଂଜିରରେ ବଂଧା ହେଇଥିଲା। ସେ ଦେଖି ଦେଇଥିଲା କି ଆଗକୁ ତା ମାଲିକ୍ ନିଜେ ସାଥିରେ ଭିତରକୁ ନେଇ ଯାଉଚି। ତଥାପି ସେ ଭୁକୁଥିଲା। ମୁଁ ତା ପାଖ ଦେଇ ଡରରେ ଦୌଡ଼ି ପଳାଇଲି ଭିତରକୁ। ମୁଁ ଭାବି ଦେଲି ଇଏ ଉଚ୍ଚବର୍ଗୀୟ କୁକୁର। ଏମିତି ତ ଉପରୁ ଲାଗୁଥିଲା। ମୁଁ ଉଚ୍ଚବର୍ଗଙ୍କୁ ବେଶ୍ ସମ୍ମାନ କରେ। ମନେକର ସେ କୁକର ହେଉ, ସେ ଘରେ ମୋର ଅଜବ ପରିସ୍ଥିତି। ମୁଁ ଚିନ୍ତାଗ୍ରସ୍ତ ଥିଲି। ଏହି ଆଘାତ ଭିତରେ ଗୋଟାଏ ଉଚ୍ଚବର୍ଗୀୟ କୁକୁର ଆଉ ତା ଭିତରେ ମୁଁ ....। ସେ ମୋତେ କେମିତି ଘୃଣାରେ ଚାହିଁ ରହୁଥିଲା।

ସଂଜରେ ଆମେମାନେ ଘର ଆଗ ଲନ୍‌ରେ ବସିଥିଲୁ। ଚାକରଟି ଲନ୍‌ର ଚାରି କଡରେ ତାକୁ ବୁଲାଉଥିଲା। ମୁଁ ଦେଖିଲି ବାହାରେ ଫାଟକ ପାଖରେ ଚମ ଧୁଡୁଧୁଡୁ ଗଂଧରା କୁକୁର କେଇଟା ଆସିଯାଇଥିଲେ।

ଜଣାଯାଉଥିଲା, ସେମାନେ ବୁଲା କୁକୁର ଥିଲେ। ସେ ସେଇ କୁକୁରଗୁଡାଙ୍କୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁଲା। ପୁଣି ଏଠି ସେଠି ମୁହଁ ମାରି ଚାଲି ଆସିଲା। ସେଠୁ ବାହାର କୁକୁର ତାକୁ ଦେଖି ପଳାଇ ଯାଉଥିଲେ। ଗୃହକର୍ତ୍ତା ବଂଧୁ ମୋର କହିଲେ ଏ ଏମିତି ଘଟେ। ଘଟିବାଟା ସ୍ୱାଭାବିକ। ପ୍ରତିଦିନର ଦେହଘଷା ଘଟଣା ଯେତେବେଳେ ତାଙ୍କ କୁକୁର ବାହାରକୁ ଫିଟେ। ଏ କୁକୁର ତାକୁ ଦେଖି ସେମିତି ରହିଯାନ୍ତି।

ମୁଁ କହିଲି - ସେମାନେ ଆକୁ ଦେଖି ଭୁକିବା ଉଚିତ ନୁହେଁ। ତା ବେକରେ ପଟ୍ଟି ଓ ଜଂଜିର ଲାଗିଛି। ସେ ସୁବିଧା ଭୋଗୀ। ସେ କୁକୁର ଭୋକିଲା ଆଉ ବାରବୁଲା। ଏହା ସହ ଏମାନଙ୍କର କୌଣସି ସମତା ବି ନାହିଁ। ପୁଣି ଏମାନେ କାହିଁକି ତାକୁ ଚାଲେଞ୍ଜ ଦଉଛନ୍ତି?

ରାତିରେ ଆମେ ବାହାରେ ଶୋଇଲୁ। ଜଂଜିରରେ ବଂଧା ହେଇଥିବା ସେହି ଘର କୁକୁରଟା ପାଖରେ ନିଜ ଖଟିଆ ଉପରେ ମୋର ଥିଲା। ଏମିତି ହେଲାକି ଆଖାପାଖରେ ଯେତେ କୁକୁର ଗୁଡା ଭୁକିବାରେ ଲାଗିଲେ ଇଏ ବି ଭୁକିବାରେ ଲାଗିଲା। ଏ ତାଙ୍କ ସାଥିରେ ଏମିତି ଭୁକୁଛି କାହିଁକି? ଯେତେବେଳେ ସେମାନେ ପଡାରେ ଭୁକୁଛନ୍ତି ଏବି ସେମାନଙ୍କ ସ୍ୱର ସହ ସ୍ୱର ମିଳାଇ ଦଉଚି। ମୁଁ ଏଇଠି ଅଛି କିନ୍ତୁ ତୁମ ସାଥିରେ ଅଛି। ମୋତେ ଏ ବର୍ଗଙ୍କ ପ୍ରତି ଆଶଙ୍କା ଲାଗେ।

ଏ ଉଚ୍ଚବର୍ଗୀୟ କୁକୁର ନୁହେଁ, ମୋ ପଡୋଶୀରେ ବୁଲୁଥିବା ସାହେବଙ୍କର ଦୁଇଟା କୁକୁର ଥିଲା। ଏମାନଙ୍କର ରୂପ ଭେକ ସବୁ ଅଲଗା। ଏମାନଙ୍କୁ ଭୁକିବାଟା ଜଣା ନଥିଲା। ଆଖପାଖର କୁକୁର ଭୁକୁଥିବେ। କିନ୍ତୁ ସେ ଏଥିପ୍ରତି ଧ୍ୟାନ ଦିଅନ୍ତିନି। ଲୋକ ବାହାରକୁ ଯା'ନ୍ତି। କହନ୍ତି କିନ୍ତୁ ଏ କାହାର କିଛି କରେ ନାହିଁ। ଜାଣିବି ପାରେ ନାହିଁ। କେତେବେଳେ କେମିତି ମୁଁ ତାର ଧିର କୁହାଟ ଶୁଣିଛି - ସେ ବସିଥିବ ନଚେତ ବୁଲୁଥିବ। ଫାଟକ ଖୋଲା ହେଲା ତଥାପି ସେ ବାହାରକୁ ଯାଏ ନାହିଁ। ଏ ବଡ ଅଭିମାନୀ ଅହଂକାରୀ ଓ .... ଜଣାଯାଏ।

କିନ୍ତୁ ଏ କୁକୁର ବାରବୁଲା ସର୍ବହରା କୁକୁର ଯେମିତି ଭୁକନ୍ତି ଏ ସେମିତି ଏମାନଙ୍କ ଭୁକିବା ସହ ଭୁକି ସ୍ୱର ମିଳାଏ। କହେ - "ମୁଁ ତୁମ ସାଥିରେ ଅଛି-!" ଏ ମଧବର୍ଗୀୟ କୁକୁର। ମଧବର୍ଗୀୟ ଚରିତ୍ର

ଏ କୁକୁରର। କେବେ କେବେ ଉଚ୍ଚବର୍ଗୀୟ କୁକୁର ଭଳି ନାଟକ କରେ – ଆଉ ବାରବୁଲାଙ୍କ ସହ ମିଶି ଭୁକେ। ତୃତୀୟ ଦିନ ରାତିରେ ଆମେ ଯେତେବେଳେ ବାହାରୁ ଫେରିଲୁ ଦେଖିଲୁ କୁକୁର ସେମିତି ନିଶ୍ଚଳ ହୋଇ ପଡିଛି। ଆମର ପାଟିତୁଣ୍ଡ ଶୁଣି ସେ ଆଉ ଭୁକିଲା ନାହିଁ। କେମିତି ନରମ ସ୍ୱରରେ ପାଟିକଲା, ଖୁଁ ଖୁଁ ହେଲା। ଆମ ପାଖରେ ଦେଶୀ କୁକୁର ଭୁକିଥିଲେ। କିନ୍ତୁ ଏ ଆଉ ତାଙ୍କ ସାଥିରେ ଭୁକିଲା ନାହିଁ। ମୁଁ ଗୃହକର୍ତ୍ତାଙ୍କୁ ପଚାରିଲି "ଆଜି କ'ଣ ତୁମର କୁକୁର ଏକବାର ଶାନ୍ତ।"

ସେ କହିଲେ – ଆଜି ସେ ଖରାପ ଅବସ୍ଥାରେ ଅଛି। ଚାକରର ଭୁଲ ପାଇଁ ସେ ଫାଟକର ବାହାରକୁ ଚାଲିଯାଇଥିଲା ସେଠି ଦୁଇଟି କୁକୁର ବସିଥିଲେ। ତାକୁ କାମୁଡି ଦେଇଚନ୍ତି। ତା ଅବସ୍ଥା ଖରାପ ହୋଇଯାଇଛି। ତେଣୁ ସେ ଅସୁସ୍ଥ। ତା କାମୁଡିଥିବା ଜାଗାଟା ଭୀଷଣ ପୋଡୁଛି। ଡକ୍ଟର ଶ୍ରୀବାସ୍ତବଙ୍କୁ କହି ତାକୁ କାଲି ଇଂଜେକସନ ଦେଇଦେବି।

ମୁଁ ଟିକିଏ କୁକୁର ଆଡ଼କୁ ଭଲ ଭାବରେ ନିରୀକ୍ଷଣ କଲି। ଖୁବ୍ ଦୟନୀୟ ଅବସ୍ଥାରେ ପଡିଥିଲା। ମୁଁ ଭାବିନେଲି, ଏମିତି କେମିତି ଘଟିଲା। ସେ ଅକସ୍ମାତ ଫାଟକର ବାହାରକୁ ଚାଲି ଯାଇଥିବ, ସେ କୁକୁରଗୁଡା ଏହାକୁ ଦେଖି ଭୁକିଥିବେ – ସେମାନେ କହିଥିବେ – "ଆବେ ନିଜ ଗୋରୀକୁ ତୁ ଚିହ୍ନି ପାରୁନୁ– ଛଳନା, ନୈଟଙ୍କୀ କରୁଛୁ ଏମିତି ବେକରେ ପଟ୍ଟି ଆଉ ଜଂଜିର ପିନ୍ଧି ନିଜକୁ କଣ ଭାବୁଚୁ କିରେ – ମାଗଣା ଖାଉଛୁ, ଲନରେ ବୁଲୁଛୁ ଆମକୁ ନୀଚ ବୋଲି ଭାବୁଚୁ। ରାତିରେ ସଂକଟ ପଡିବାରୁ ଆମେ ଭୁକୁଛି। ତୁ ଆମର କି ସାଥ ଦେବୁରେ – କିନ୍ତୁ ଆମେ ଏମିତି ଭୁକିବୁ – ତୁ ବାହାରକୁ ବାହାରିଆ – ସେ ବେକରୁ ପଟ୍ଟି ଖୋଲିଦେ – ଜଂଜିର ଫୋପାଡି ଦେ – ଏ ଆରାମ ତୁ ଛାଡ଼ିଦେ – ଘୁରି ଘୁରି ଅଇଁଠା ଖା – ଚୋରେଇ ରୁଟି ଖା, ଧୂଳିରେ ଗଡ। ଏମିତି ଭୁକୁଥା – ରହ – ତୋ ବଡଲୋକୀ ପଣିଆ ଦେଖୁଛି। ସାଙ୍ଗେ ସାଙ୍ଗେ ତଳେ ପକାଇ ଦାନ୍ତ ଲଗାଇ ଚମ ରଗଡି ଖଣ୍ଡିଆ କରିଦେଲେ ... ଆଉ ସେ କୁକୁରଟି ଏକା ଏକା ତଳେ ଶୋଇ ରହି ମନେ ମନେ ନିଚବର୍ଗର କୁକୁରଙ୍କ କଥା ଚିନ୍ତା କରୁଥିଲା ବୋଧେ–।

*ଦୂରଭାଷ: ୯୪୩୭୭୨୮୪୭୫*



# ଭୋଜନ ରସିକ ଓଡ଼ିଆ

## ଗିରିଜା ମଂଜରୀ ପାଢ଼ୀ

ଆଜି ଜୀବନ କାଲିକି ନାହିଁ। ନିଶ୍ୱାସେ ନୈବ ବିଶ୍ୱାସ। ଏଣୁ ଖାଅ, ପିଅ, ମଉଜ କର। ଚାର୍ବାକଙ୍କ ମତରେ – "ଯାବତ୍ ଜୀବେତ୍ ସୁଖଂ ଜୀବେତ୍ ଋଣଂକୃତ୍ୱା ଘୃତଂ ପିବେତ୍" ଆହାର, ନିଦ୍ରା... ତ ମଣିଷର ଶ୍ରେଷ୍ଠ ଆନନ୍ଦ। ଓଡ଼ିଶାର ମଣିଷମାନେ ପୂର୍ବେ ଯେ ଭୋଜନ ରସିକ ନଥିଲେ, ଏହା ନୁହେଁ। ସନିଆ ନ ଖାଏ କ'ଣ! ଖାଏତ ଜଗନ୍ନାଥ, ଖାଏତ ଓଡ଼ିଆ। ଚର୍ବ୍ୟଚୋଷ୍ୟ ଲେହ୍ୟ, ପେୟ। ଓଡ଼ିଆ ଘରଣୀ ସଦା କାର୍ଯ୍ୟବ୍ୟସ୍ତ। ପ୍ରଧାନ କାମ ରନ୍ଧାବଢ଼ା। ସତ କଥା, ଆମ ଓଡ଼ିଶାର ପାରମ୍ପରିକ ଖାଦ୍ୟର ସ୍ଥାନ, ଅନ୍ୟ କେଉଁଠି ମିଳି ନଥାଏ। ଆମ ରାଇଜରେ ଆଠକାଳୀ, ବାରମାସୀ ପୂଜା ପରବ। ସେ ସବୁର ଏକ ସଂକ୍ଷିପ୍ତ ଟିପ୍‌ପଣୀ ଏଠାରେ ପ୍ରଥମେ ଦିଆଯାଇପାରେ। ତଦନୁସାରେ ପିଠାପଣା ଏବଂ ଅନ୍ୟାନ୍ୟ ରନ୍ଧନର ନୀତି ନିୟମ। ହେଲେ ସବୁର ଉଦ୍ଦେଶ୍ୟ ଗୋଟିଏ – ପେଟ ପୂଜା। ରସନା ପରିତୃପ୍ତି। କେତୋଟି ପର୍ବ ପର୍ବାଣୀରେ ଆମମାନଙ୍କ ଘରେ ପୂଜା ପାଇଁ କି, କି ସାମଗ୍ରୀ ତିଆରି ହୋଇ ପ୍ରସାଦ ରୂପେ ନୈବେଦ୍ୟ କରାଯାଏ, ତା'ର ବିବରଣୀ ସଂକ୍ଷେପରେ ଦିଆଗଲା। ବୈଶାଖ ମାସର ପଣା ସଂକ୍ରାନ୍ତି ଦିନରୁ ଓଡ଼ିଶାରେ ନୂଆ ବର୍ଷର ଆରମ୍ଭ। ବୃନ୍ଦାବତୀଙ୍କୁ ଗ୍ରୀଷ୍ମ ତାପରୁ ରକ୍ଷା କରିବା ପାଇଁ ଚଉରାକୁ ତାଳପତ୍ରରେ ଆଚ୍ଛାଦିତ କରାଯାଏଏବଂ ଅବିରତ ଜଳବିନ୍ଦୁ ଝରୁଥିବା ବସନ୍ତରା ଠେକି ଚଉଁରା ଉପରେ ବନ୍ଧାଯାଏ। ଏଠାରେ ପଣା, ଛତୁଆ ଭୋଗ ଦିଆଯାଏ। ବେଲ, ଛେନା, କଦଳୀ, ନବାତ ବା ମିଶ୍ରି ଅଦା, ଗୋଲମରିଚ ପଡ଼ି ଯେଉଁ ସୁସ୍ୱାଦୁ ପାନୀୟ ପ୍ରସ୍ତୁତ ହୁଏ, ତାହାର ନାମ ପଣା।

ଜ୍ୟେଷ୍ଠ ମାସରେ ତିନିଦିନ ରଜ ଉତ୍ସବ ପାଳିତ ହୁଏ। ଏହା ଏକ କୃଷିଭିତ୍ତିକ ପର୍ବ। ରଜ ତିନି ଦିନ ରଜ କମେଇରେ ଚାଷ ବାସ କାମ ହୁଏନି। ବସୁଧା ମାତାଙ୍କୁ ବିଶ୍ରାମ ଦିଆଯାଏ। ଦେବୀଙ୍କ ପ୍ରତୀକ ଝିଅ ବୋହୂଙ୍କୁ ବିଶ୍ରାମ ଦିଆଯାଏ। ଏହି ତିନିଦିନ ଘରେ ଘରେ ପିଠାପଣା, ଭୁରି ଭୋଜନର ବିଶେଷ ଆୟୋଜନ ହୋଇଥାଏ। ଏହି ପର୍ବର ବିଶେଷ ଆକର୍ଷଣ ରଜ ପୋଡପିଠା।

ଆଷାଢ଼ ମାସରେ ତାରିଣୀବ୍ରତରେ ଠାକୁରେ ରଥରେ ଥିବା ବେଳେ ତାରିଣୀ ମଙ୍ଗଳବାର ବ୍ରତ ପାଳିତ ହୁଏ। ଏହି ପର୍ବରେ ମା'ଙ୍କ ଉଦ୍ଦେଶ୍ୟରେ ଲାଲ ରଙ୍ଗର ବ୍ରତ ହାତରେ ବାନ୍ଧିଥାନ୍ତି। ଲାଲ ରଙ୍ଗର ଛଣା ମୋଦକ, ତରଣ, ଗୁଡ, ଅଟକାଳୀ ପୂଜା ହୁଏ।

ଶ୍ରାବଣ ମାସରେ ପଡେ ଚିତୋଉ ଉଆଁସ। ଚାଉଳ ନଡ଼ିଆର ଏହି ଅଣ ଲେଉଟା ପିଠା ଭୋଗ ଲାଗେ। ଚିତୋଉ ଏକ ସୁସ୍ୱାଦୁ ଏବଂ ନରମ ପିଠା। ଏହାପରେ ପଡେ ଗହ୍ମାପର୍ବ। ଏହାକୁ ବଳଭଦ୍ରଙ୍କ ଜନ୍ମ ଦିନ ଉପଲକ୍ଷେ ପାଳନ କରାଯାଏ। ଏହି ଦିନ ଗୋଧନଙ୍କୁ ପୂଜା କରାଯାଏ, ଗୋରୁ ଗାଈକୁ ପିଠାପଣା ଖାଇବାକୁ ଦିଆଯାଏ। ଭାଇ ଭଉଣୀଙ୍କ ମଧ୍ୟରେ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଏହି ଦିନ ଗହ୍ମାପର୍ବ ଉପଲକ୍ଷେ, ଗହ୍ମାମଣ୍ଡା ଭୋଗଲାଗେ। ଏହି ମଣ୍ଡା ବଡବଡ ଆକାରର ହୋଇଥାଏ। ପେଟରେ ପେଟେ ଲେଖା ଛେନା ନଡିଆପୁର। ଗୋଟାଏ ଖାଇଲେ ମନବୋଧ। ଦ୍ୱିତୀୟା ଓଷାର ଘାଣ୍ଟ ତରକାରୀର ତୁଳନା ନାହିଁ। ଭାଦ୍ରବ ମାସରେ ଅନେକ ପୂଜା। ଗଣେଶ ଚତୁର୍ଥୀରେ ଲଡୁ ମୁଆଁ, ସହିତ ନାଲି ଛଣା ମୋଦକ, ଏବଂ ଫଳମୂଳ ଭୋଗହୁଏ। ଏହାପରେ ଖୁଦୁରୁକୁଣୀ, ଅନନ୍ତ ବ୍ରତ ଷଠୀ, କୁକ୍‌ଖୁଟୀ, ବୁଧେଇ ଓଷା, ଭାଗବତ ଜନ୍ମ ବା ଅନନ୍ତ ବ୍ରତରେ ଘରେ ଘରେ ନାନା ପ୍ରକାର ପିଠାପଣାର ଆୟୋଜନ ହୋଇଥାଏ। ଅନନ୍ତ ବ୍ରତରେ ପୂପ ବା କାକରା ପିଠାର ଆକାର ବୃହତ୍। ଗୋଟାଏ ପିଠା ଖାଇବା ବି କଷ୍ଟକର। ପୁଣି କୃଷ୍ଣ ଜନ୍ମାଷ୍ଟମୀ – ଏହି ଉତ୍ସବରେ କୃଷ୍ଣପ୍ରେମୀ ଭକ୍ତମାନଙ୍କ ଘରେ ବିପୁଳ ସମ୍ଭାର ନାନା ପ୍ରକାର ପ୍ରସାଦର। କାକରା, ପୁରି, ତାଳବରା,ଲଡୁ, ମୋଦକ, କ୍ଷୀରି, ରାବିଡ଼ି, ସର, ପୁଳି, ଛେନା, ମିଠା, ସବୁ ଘରେ ପ୍ରସ୍ତୁତ ହୋଇ ଭୋଗ ଲାଗେ। ଓଡ଼ିଆ, ପର୍ବ ପର୍ବାଣୀରେ ଖାଇ ଖୁଆଇ ଆନନ୍ଦ ପାଏ। ଦଶହରାର କାକରା ପିଠାର ତୁଳନା ନାହିଁ। ବଡ ବଡ ଚକି ସାଇଜର। ଚାରିପାଖ କୋଟିକମ। ପେଟରେ ପାଏ ଖଣ୍ଡେ ଛେନା, ଗୁଡ ନଡ଼ିଆର ପାଗକରା ପୂର। କର୍ପୂର ମରିଚଗୁଣ୍ଡ ଛିଞ୍ଚା ଯାଇଥାଏ। ମହମହ ବାସନା। ଆଖିକୁ ସୁନ୍ଦର, ପାଟିକୁ ସୁଆଦ। ତାପରେ କୁଆଁର ପୂନେଇରେ ଚାନ୍ଦ ଚକଟା, ଧଳା ମଣ୍ଡା, ଧଳା କ୍ଷୀରି, ଚକୁଳୀ। ସବୁ ଧଳା। ଚାନ୍ଦ ପରି ଧୋବ ଫରଫର। କୁଆଁରୀ ଝିଅ କେତେ କ'ଣ ମନାସି ଚାନ୍ଦକୁ ଅର୍ଘ୍ୟ ଦେଇ ବନ୍ଦାପନା କରେ। କାର୍ତ୍ତିକ ମାସରେ ହବିଷ ରନ୍ଧନ। ନିରାମିଷ, ପବିତ୍ର। ରନ୍ଧନରେ ଏତେ ଆଡମ୍ବର ନାହିଁ। ଗୋଟାମୁଗ, ସାରୁ, କଞ୍ଚା କଦଳୀ, ଓଉଫଡା ପଡ଼ି, ଗୁଆ ଘିଅରେ ଜୀରା ଝୁଙ୍କ ଦିଆଯାଏ। ଏହି ରନ୍ଧନରେ ଗୋଟାଏ ପବିତ୍ର ଭାବ ମିଶିଥାଏ। କଦଳୀ ପତ୍ର ଉପରେ ଅରୁଆ ଶାଳି ଅନ୍ନ। ତା ଉପରେ ଖାଣ୍ଟି ଗୁଆଘିଅ। ପାଖରେ ଲୁଣ,ଲଙ୍କା, ଲେମ୍ବୁ ଆଉ ଗିନା ବା ଦନାରେ ସଜ ବସା ଦହି। ବାସ୍।

ଏହାପରେ ଆସେ ଦୀପାବଳୀ। ଓଡ଼ିଆ ଘରେ ଖୁବ୍ ଆଡମ୍ବରପୂର୍ଣ୍ଣ ରନ୍ଧନ ନ ହେଲେ ବି, ଓଡ଼ିଆ ପୟାଶ୍ରାଦ୍ଧ କରି ବଡବଡୁଆଙ୍କୁ ଶ୍ରାଦ୍ଧ ତର୍ପଣାଦି ଅର୍ପଣ କରେ। ଏହି ସନ୍ଧ୍ୟାରେ ମୁଆଁ, ଲଡୁ, ମିଠା ଓ ପିଠା ଭୋଗ କରି ପିତୃପୁରୁଷ (ବଡ ବଡୁଆ)ଙ୍କୁ ପୟା କାଠି ଜଳାଇ ବାଣ ଫୁଟାଇ ବିଦାୟ ଜଣାଏ ଏବଂ ଆଶୀର୍ବାଦ ମାଗେ। କାର୍ତ୍ତିକ ମାସରେ ପଡେ ବଡ ଓଷା। ଏଥିପାଇଁ ତରଣଭୋଗ ଏବଂ ଗଜମଣ୍ଡା ହୁଏ। ମୁହଁରେ କପଡା ବାନ୍ଧି ବଡ ନିଷ୍ଠାରେ ଭୋଗ ପ୍ରସ୍ତୁତ ହୋଇ ନୈବେଦ୍ୟ କରାଯାଏ। ପିଠାପଣା ଏବଂ ପିଠାର ସଂରଜାମ ଧରି ଧାଏଁ ଭଣଜାଭାଣିଜୀ ଘରକୁ। ସାଙ୍ଗରେ ଏଣ୍ଡୁରୀ ପିଠା।

ପ୍ରଥମାଷ୍ଟମୀର ଏଣ୍ଡୁରୀ ପିଠାର ତୁଳନା ନାହିଁ। ହଳଦୀ ପତ୍ରରେ ଏଣ୍ଡୁରୀ ପିଠାର ବାସ୍ନାରେ ଚଉଦିଗ ମହକି ଉଠେ। ଏହାପରେ ମାର୍ଗଶୀର ମାସର ପ୍ରତି ଗୁରୁବାରମାନ ବଡ ଶୁଚିରେ ପାଳିତ ହୁଏ। ଗୋମୟରେ ଲିପା ପୋଛା, ଝୋଟି ଚିତାରେ ପୂର୍ଣ୍ଣ। ଘରଦ୍ୱାର ଚମକୁଥାଏ ଚିତ୍ରଶାଳା ପରି। ଓଡ଼ିଆ ଘରଣୀ ମା' ଲକ୍ଷ୍ମୀଙ୍କ ପୂଜା ପାଇଁ ମନ ଖୁସିରେ ପିଠାପଣା କରି ଭୋଗ ଲଗାଏ। ଶେଷ ପାଳି ଗୁରୁବାର ଦିନ

ମାଣବସା। ଧନୀ ଦରିଦ୍ର ନିର୍ବିଶେଷରେ ସବୁରି ରନ୍ଧନଶାଳାରେ ସତେ ଯେମିତି ମହାଲକ୍ଷ୍ମୀଙ୍କ ନିବାସ। ଘରେ ଘରେ କ୍ଷୀରି, ଖେଚୁଡ଼ି, କାକରା, ମଣ୍ଡା, ଚିତୋଉ, ମୋଦକ, ଚକୁଳୀ ଦହି କଡମା ଭାତ ଓ ମହୁର। ଯେ ଯେତେ ପ୍ରକାର ରନ୍ଧନ କରି, ମା ଲକ୍ଷ୍ମୀଙ୍କୁ ନୈବେଦ୍ୟ କରି ପାରିଲା।

ମାଘ ମାସରେ ବାଗ୍‌ଦେବୀଙ୍କ ପୂଜା। ବିଦ୍ୟାର୍ଥୀମାନେ ସରସ୍ୱତୀ ପୂଜାଟିକୁ ଗଣେଶ ପୂଜା ପରି ପାଳନ କରିଥାନ୍ତି। ଫଗୁଣ ମାସରେ ଶିବରାତ୍ରି। ସାରା ଦିନ କେବଳ ପାଣି ପଣା ପାନୀୟ। ରାତିରେ ମହାଦୀପ ଉଠିବା ପରେ ପ୍ରସାଦ ସେବନ। ରାତ୍ରି ଉଜାଗର ହେତୁ ଲଘୁ ଭୋଜନ। ପାଲୁଅ କ୍ଷୀରି, ଛେନା ଖଇ ଚକଟା, ଫଳମୂଳ।

ଚଇତି ମାସରେ ରାମ ନବମୀ। ଏହା କୃଷ୍ଣ ଜନ୍ମାଷ୍ଟମୀ ଧାରାରେ ପାଳିତ ହୁଏ।

ଚଇତି ମାସରେ ଦାଣ୍ଡରେ ପଣା। ଘରେ ଅଟକାଳୀ, ଖେଚୁଡ଼ି ଡାଲମା ପ୍ରସ୍ତୁତ କରି ମା ମଙ୍ଗଳାଙ୍କୁ ଭୋଗ ଦିଆଯାଏ।

ଋତୁକାଳୀନ ପର୍ବ ପର୍ବାଣୀକୁ ଛାଡ଼ି ଦୈନିକ ଓଡ଼ିଆ ଘରଣୀର ପ୍ରଧାନ କାମ ଥିଲା ରୋଷେଇ ଘରେ ପଶି ପହର ପହର ଧରି 'ରନ୍ଧାବଢ଼ା'।

ଆଗ ସମୟରେ ଓଡିଆମାନଙ୍କର ଥିଲା ବଡ଼ ଯୌଥ ପରିବାର। କୁଟୁମ୍ବଙ୍କ ସଂଖ୍ୟା ଅଧିକ। ଏକା ସାଙ୍ଗରେ ଦୁଇଚାରିଜଣ ଗୃହିଣୀ ରୋଷେଇ ଘର ସମ୍ଭାଳୁ ଥିଲେ। ବଡ଼ ବଡ଼ କାଠ ଚୂଲୀରେ ବଡ଼ ବଡ଼ ହଣ୍ଡା ଡ଼େକ୍‌ଚି ବସାଇ ରନ୍ଧା ଯାଉଥିଲା। ଯୌଥ ପରିବାରର ସଦସ୍ୟମାନେ ଏକତ୍ର ଭୋଜନ କରୁଥିଲେ। ଭୂଇଁରେ ଆସନ ପକାଇ ବସୁଥିଲେ।

ସେମାନଙ୍କର ବ୍ରେକ୍‌ଫାଷ୍ଟ ମୁଖ୍ୟତଃ ପଖାଳ ବା ବଢ଼ାଭାତ ଥିଲା। ତେବେ ଶୀତ କିମ୍ବା ବର୍ଷା ଦିନରେ ଘରର ପୁରୁଷ ଏବଂ ପିଲାମାନଙ୍କ ପାଇଁ ଏପରି ଜଳଖିଆ ପ୍ରସ୍ତୁତ ହେଉଥିଲା। ପ୍ରାୟ ଦୁଇ ତିନି କେଜି ବଟୁରା ଚୂଡ଼ାରେ ଦୁଇ ସେର ଖାଣ୍ଟି କ୍ଷୀର, ଦୁଇ ଡ଼ଜନ କଦଳୀ, ଗୋଟାଏ କିଲୋ ଭାଲିଆ ଗୁଡ଼ ଆଉ ଅଧ ଗିନାଏ ଖାଣ୍ଟି ଗୁଆଘିଅ।

ପ୍ରତ୍ୟେକ କଂସାଏ ଲେଖା ଚୂଡ଼ା ଚକଟା ଖାଇ ଯେ ଯାହାର କାମକୁ ଯାଇଥିଲେ।

ଘରର ସ୍ତ୍ରୀଲୋକମାନଙ୍କର "ସକାଳ ଗାଧୁଆ, ପଖାଳ ଖିଆ।" ଏହି ପଖାଳ ଯେ, ଯାହା ପସନ୍ଦର ଖାଇଲା। ପଖାଳ ପ୍ରକାରେ ପ୍ରକାରେ। ବାସୀ ପଖାଳ, ସଜ ପଖାଳ, ଦହି ପଖାଳ, ଦୋରନ୍ଧା ପଖାଳ, ଆଦି ଆଦି। ଆଜି ଭାବିଲେ ହସ ଲାଗେ। ଆମ ଦେଶରେ ଏକ ନିର୍ଦ୍ଦିଷ୍ଟ ଦିନକୁ 'ପଖାଳ ଦିବସ'ରୂପେ ପାଳନ କରାଯାଉଛି। କରାଯିବନି କେମିତି ? ଓଡ଼ିଆ ଧୀରେ ଧୀରେ ସାହେବ ଖାନା (ପିଜା, ବରଗର, କେକ୍, ପେଷ୍ଟ୍ରି, ନୁଡୁଲ୍, ମୋମୋ) ଖାଇବାରେ ଯେ ଅଭ୍ୟସ୍ତ ହେଲାଣି। ସୌଭାଗ୍ୟକୁ ଗତ କରୋନା ମହାମାରୀ ସମୟରେ ସାରା ଜଗତ 'ପଖାଳ'ର ମହାତ୍ମ୍ୟ ବୁଝିଲା। ପଖାଳ ଏକ ଖାଦ୍ୟ ନୁହେଁ। ବରଂ ଏହା ଏକ ମହୌଷଧି ପରେ ଜାଣିଲା ଏକଥା। ପଖାଳ ବା ତା'ର ରୂପାନ୍ତର ଟଙ୍କ ତୋରାଣୀ କେଉଁ କାଳରୁ ଆମ ଜଗନ୍ନାଥଙ୍କ ପାଖରେ ପ୍ରସାଦ ଭାବରେ ଅର୍ପଣ କରାଯାଉଛି। ପଖାଳ ପ୍ରିୟ ଜଗନ୍ନାଥ ପଖାଳ ପ୍ରିୟ ଓଡ଼ିଆ। ପ୍ରସଙ୍ଗ କ୍ରମେ ଏଠାରେ ଆଉ ଏକ କଥା ଉଲ୍ଲେଖ ନକରି ରହିପାରୁନି। ଆଜି ପାଶ୍ଚାତ୍ୟ ନାମରେ ଓଡ଼ିଆ, ବର୍ଷର ନିର୍ଦ୍ଦିଷ୍ଟ ଦିନମାନଙ୍କୁ ବିଭିନ୍ନ ନାମରେ ପାଳନ କରୁଛି। ଯଥା -ପିତୃଦିବସ, ମାତୃଦିବସ, ପ୍ରେମ ଦିବସ, ପଖାଳ ଦିବସ ଆଦି ଆଦି। ସେ ଭୁଲିଯାଉଛି ଓଡ଼ିଆ ପୁଅ ପ୍ରତିଦିନ ପିତୃଦିବସ ମାତୃଦିବସ ପାଳନ କରେ। ପିତାମାତାଙ୍କୁ ଶ୍ରଦ୍ଧା ସମ୍ମାନ କରି ନିତି ପ୍ରଣାମ କରି ଆଶୀର୍ବାଦ ନିଏ। ପିତୃ ଆଜ୍ଞା ପାଳନ କରେ। ପିତାମାତାଙ୍କ ଭିତରେ ପ୍ରତିଦିନ ପାଳିତ ହୁଏ ତଥା କଥିତ ଭାଲେଣ୍ଟାଇନ୍ ବା ପ୍ରେମ ଦିବସ। ପ୍ରଥମେ ଯାହା ଆମ ଦେଶର ସଂସ୍କୃତିରେ ଥିଲା, ତାକୁ ଭୁଲି ଯାଇ କିଛି ଲୋକ ବିଦେଶରେ ଅପସଂସ୍କୃତିକୁ ଆପଣେଇ ଦିଗହରା ହେଉଛନ୍ତି। ସୁଖର ବିଷୟ ବିଳମ୍ବ ହେଲେ ମଧ ଓଡ଼ିଆ 'ପଖାଳ'କୁ ଫେରୁଛି। ଖାଦ୍ୟ ଗୁଣ ବୁଝୁଛି।

ଏବେ ପ୍ରସଙ୍ଗକୁ ଫେରି ଆସିବା।

ଓଡ଼ିଆ ଘରଣୀ ଦ୍ୱିପହରର ଭୋଜନ ପାଇଁ ପ୍ରସ୍ତୁତ କରନ୍ତି ନଅ ତୁଣ ଛଅ ଭଜା। ଅନ୍ନ ସାଙ୍ଗକୁ ବିଭିନ୍ନ ପ୍ରକାର ଡାଲି ବା ଡାଲମା। ସନ୍ତୁଳା, ଶାଗ ଖରଡ଼ା, ଛୁଇଁ, ବାଇଗଣ ବଡ଼ି ବେସର। ମଞ୍ଜାରାଇ, ଓଉଖଟା, ଚଟଣୀ, ପତ୍ରପୋଡ଼ା, ଚୂଲୀପୋଡ଼ା। କାଠ ଚୂଲୀରେ ସାରୁ, ଆଳୁ, ଭେଣ୍ଡି ବାଇଗଣ, ଜହ୍ନି, ଟମୋଟା ଏପରିକି ବଡ଼ି ଶୁଖୁଆ ବି ପୋଡ଼ା ହୁଏ। ଏହି ପୋଡ଼ାରେ କଞ୍ଚା ରସୁଣ, କଞ୍ଚାଲଙ୍କା ସୋରିଷ ତେଲ ପଡ଼ି ପାଗ ତିଆରି ହୁଏ। ମହମହ ବାସ୍ନା। ପାଟିରୁ ପାଣି ବାହାରି ଆସିବ।

ଓଡ଼ିଆ ରାନ୍ଧୁଣୀ ମଧ ଅଜବ। ଫୋପାଡ଼ିବାକୁ ଥିବା ଜିନିଷରେ ମଧ ରାନ୍ଧିପାରେ ଅପୂର୍ବ ରୁଚିକର ଖାଦ୍ୟ। ଯେମିତି କଦଳୀ ଚୋପାର ବରା। ଆଳୁ ଚୋପା, ଜହ୍ନିଚୋପା, ପାଚିଲା କଦଳୀ ଚୋପାର ଚଟଣୀ। ପରିବା କାଟି ସାରି ପନିକି ତଳର ପରିବା ଚୋପାରୁ ବାଛି ବାଛି ରାନ୍ଧେ ଚୋପାରାଇ। ବୋଇତାଳୁ ମଞ୍ଜିରେ କରେ ବରା। ପୋଇ, ଲାଉ ଡଙ୍କରେ କରେ ରାଇ। ପୁଣି ସାରୁ, ଓଲୁଅ ଡ଼ାଙ୍ଗରେ କରେ ଆମ୍ବିଳ। ଏହା ଛଡ଼ା ବିଭିନ୍ନ ପତ୍ରରେ ପିଠଉ ଦିଆ ଭଜା, ଫୁଲ ଭଜା ଯେମିତି ନିମ୍ବଫୁଲ, କଖାରୁ ଫୁଲ, କଦଳୀ ଫୁଲ (ଭଣ୍ଡା)ର ଭଜା। ପୁଣି ପତର ନୋଳାରେ ଚୂଲୀରେ ପୋଡ଼ି ତିଆରି ଥୁଏ। ଛତୁ ପୋଡ଼ା, ମଞ୍ଜା ପୋଡ଼ା, ଆମ୍ବଡ଼ା, ଓଉ, ଆମ୍ବିଳୀ ଭେଣ୍ଡି, ମାଛ ବା ଶୁଖୁଆର ନୋଳାପୋଡ଼ା। ପତ୍ର ପୋଡ଼ାର ସ୍ୱାଦ ଅପୂର୍ବ।

ଏବେ ଖୋଜିଲେ ବି ମିଳିବନି। ସେ ଯୁଗ ଗଲାଣି, ସେ ଚଳଣୀ କେବେଠୁ ଗଲାଣି। ଓଡ଼ିଆ ଘରେ ଶୀତ ଦିନର ମୂଳା କାଞ୍ଜି ଏବେ ଦୁର୍ଲଭ। ଏବେ ଆଧୁନିକ ମଡ୍ୟୁଲାର କିଚେନ୍। ରାନ୍ଧୁଣୀକୁ ଝାଳନାଳ ହୋଇ ପହର ପହର ଧରି ରାନ୍ଧିବାକୁ ପଡୁନି। ପ୍ରେସର କୁକରକୁ ଗ୍ୟାସରେ ବସାଇ ସେଁ କରି ସିଟି ମାରି ବା ମାଇକ୍ରୋୱେଭରେ ବସାଇ ରୋଷେଇ ଧନ୍ଦା ଶେଷ। ପୁଣି ରନ୍ଧା ଜିନିଷ ଫ୍ରିଜ୍‌ରେ ସାଇତି ଆଉ ଓଳି ଗରମ କରି ପୁନର୍ବ୍ୟବହାର।

ଆଜି ଏକକ ପରିବାରରେ ଗୃହସ୍ଥ ନିଜ ପକେଟକୁ ଚାହିଁ ପୁଣି ସ୍ୱାସ୍ଥ୍ୟକୁ ଚାହିଁ ଖାଇବାର ଦୁର୍ବାର ଲାଳସାକୁ ଦମନ କରିବାକୁ ବାଧ୍ୟ ହୁଏ। ଏ ଯୁଗରେ ସବୁ ସଂକ୍ଷିପ୍ତ। ମୁଠାଏ ଭାତ ସାଙ୍ଗକୁ ଅଧଗିନାଏ ଡାଲି। ପତଳା ଚକି ପରି ମାଛ ଭଜା ସାଙ୍ଗକୁ ଅବା ବେଙ୍ଗ ଗୋଡ଼ ପରି ଗୋଟାଏ ପିସ୍ ଚିକେନ୍। ଟେନିସ୍ ବଲ୍ ପରି ଟେଳାଏ ଆଳୁ ଭର୍ତ୍ତା। ଫଳ ପରିବା ମିଶା ପ୍ଲେଟଟିଏ ସାଲାଡ୍। ଆଜିର ସମୟରେ ଆମ୍ବିଳ, ବେସର, ପତ୍ର ପୋଡ଼ା, କାଞ୍ଜି, ଖୁଦ୍‌ପିଠା, ଓଉଖଟା, କଦଳୀଭଣ୍ଡା ତରକାରୀ, ମଞ୍ଜା ରାଇ କରିବାକୁ କାହାର ବେଳ ଅଛି। ଅନେକ ଗୁଡ଼ିଏ ଫଳ ପରିବା ଡ୍ରେସିଂ କରିବାର କଳା ବି କେତେ ଜଣଙ୍କୁ ଜଣା ଅଛି ?

ତେବେ ବ୍ୟାଗ ଧରି ବଜାର କରିବାକୁ ଗଲେ ପରିବା ପତ୍ର ଦେଖି ଭୋଜନ ଲାଳସା ଜାଗି ଉଠେ। ଶୀତ ଦିନର କଅଁଳ ଛନ୍‌ଛନ୍ କୋଶଳା ଶାଗ, କଷିମୂଳା, ସଜ କାକୁଡ଼ି ସବୁକୁ କଞ୍ଚା ଚୋବାଇ ଯିବାକୁ ଇଚ୍ଛା ହୁଏ। କଷି ପୋଟଳ, କଲରା, ଛଚିନ୍ଦ୍ରା ଦେଖିଲେ ନଡ଼ିଆ ପୋସ୍ତକ ପୂର ଦେଇ ଗୋଟାଭଜା ଖାଇବାକୁ ମନ ହୁଏ। ଆହୁରି ମନ ହୁଏ କ୍ଷୀର ଝରା ଟଟକା ଅମୃତଭଣ୍ଡା ସହିତ କଞ୍ଚା କଦଳୀ, ସାରୁ, ବାଇଗଣ, କଖାରୁ ଆଳୁ ବଡ଼ି ପକା ଘାଣ୍ଟ ବା ସନ୍ତୁଳା। ଚୂନ ରଙ୍ଗର ମାଟି ଆଳୁ ଚକା ଚକା କାଟି ପିଠଉ ମସଲା ଦେଇ ମୁସ୍‌ମୁସ୍ ଭଜା। କଅଁଳ ମଞ୍ଜା, ଲାଉ, ପାଣି କଖାରୁର ରାଇ। ପାକଳ ଓଉରେ ସୋରିଷ ବଟା ଗୁଡ଼ ଦେଇ ଖଟା, ଆଉ ଚୂନା ମାଛ ବେସର। ଏହି ମାଛର ଟମାଟୋ ବେସର ଗୋଳାଇ ପତ୍ର ପୋଡ଼ା ଅବା ଦିକ୍ ଦିକ୍ ଆଞ୍ଚରେ ବାଟିବସା। ରୋହୀ, ମିରକାଳୀ ମାଛର କଡ଼ାଭଜା, ଭାକୁର ମାଛର

କାଳିଆ। ସୋରିଷ ବଟା କଞ୍ଚାଲଙ୍କା ସୋରିଷ ତେଲ ପକାଇ ଇଲିସି ମାଛର ପାତୁରୀ ବା ଷ୍ଟିମ୍। ଚିଲିକା କଙ୍କଡ଼ା ଅବା ବାଗ୍‌ଦା ଚିଙ୍ଗୁଡ଼ିରେ ନଡ଼ିଆ ରସ ଦେଇ ମଲାଇ କରି। ବଡ଼ ମାଛରୁ ବିହନ ବାହାରି ପଡ଼ିଲେ ସିଝା ଆଳୁ ମସଲା ମିଶାଇ ମଞ୍ଜି ବରା। ଏହାକୁ ଗୋଲ ଗୋଲ କରି ଛାଣି ଆଳୁଦମ୍ ପରି ତରକାରୀ କଲେ, ହେଲା ବଲକରି। ମାଛର ଭଜାମୁଣ୍ଡ, ଲାଞ୍ଜ, ତେଲକୁ ନେଇ ପରିବା ସହିତ କଷି ତିଆରି ହୁଏ ମୁଡ଼ିଘାଣ୍ଟ। ଅନ୍ୟ ରୂପରେ ପୋଇ, ସାରୁ କଖାରୁ, ବାଇଗଣ, ମାଟି ଆଳୁ ସହିତ ମାଛର ମୁଣ୍ଡ, ଲାଞ୍ଜ ପକାଇ ଛେଞ୍ଚଡ଼ା ବି ହୁଏ। ଏହା ଖାଇବାକୁ ସୁଆଦିଆ। ହେଲେ ମଣିଷ ଏହାକୁ ଖାଇ ଛେଞ୍ଚଡ଼ା ହୁଏ। ଆଉ ଏହି ଛେଞ୍ଚଡ଼ାମୀଟା ବେଳେବେଳେ ଅସହ୍ୟ ଲାଗେ।

ଆଜି ଓଡ଼ିଶାର ପାରମ୍ପରିକ ଖାଦ୍ୟ ଯେମିତି ପଖାଳ, ପିଠାପଣା, କାଞ୍ଜି, ଦହିବରା, ତରି ତରକାରୀ, ମାଣ୍ଡିଆ ଆଦି ଅନେକ ପ୍ରକାର ଖାଦ୍ୟର ପ୍ରଚାର ପ୍ରସାର ଘଟୁଛି ଦେଶ ବିଦେଶରେ ସୋସିଆଲ୍ ମିଡ଼ିଆ ଜରିଆରେ। ଆଜି ବି ଆମ ପରିବାରରେ ସୁସ୍ୱାଦୁ ଖାଦ୍ୟ ରନ୍ଧନ କରୁଥିବା ଗୃହିଣୀମାନଙ୍କର ଆଦର ଓ ମର୍ଯ୍ୟାଦା ବଢ଼ିଛି। ଯେତେ ଆଧୁନିକା ଶିକ୍ଷିତା ହେଲେ ବି ରନ୍ଧନ ଓଡ଼ିଆ ନାରୀର ଏକ ମୌଳିକ କଳା।

ତେବେ ବଜାର ବ୍ୟାଗର ସମାଗ୍ରୀ ଦେଖି ଗୃହିଣୀ ଯଦି ମୁହଁ ଆମ୍ବିଳା କରି କହେ, ଚାଉଳ, ଡାଲିରେ ଏତେ ଗୋଡ଼ି, ସୁଜିରେ ଲୁହାଗୁଣ୍ଡ, ଚିନିରେ କାଚଗୁଣ୍ଡ, ଫୁଟଣରେ ଅସରପା ଲେଣ୍ଡି, ତେଲରେ ଅଗରା, ଘିଅରେ ମହମ, ପୋଟଳ, କଖାରୁ କାଙ୍କଡ଼, ଟମାଟୋ ଗାଜରରେ କ୍ଷତିକାରକ ରଙ୍ଗ, କଦଳୀ, ସେଓ, ଆମ୍ବ, ଅଙ୍ଗୁର ଆଦି ଫଳରେ କୀଟନାଶକ ରସାୟନ, ଦୁଧରେ ପାଉଡର ତେବେ ଖାଇବାରେ ଆଉ କ'ଣ ରହିଲା ?

ଏ ଯୁଗ ଭେଜାଲ ଯୁଗ। ଆକାଶ, ପାଣି, ପବନ, କିଛି ବି ଶୁଦ୍ଧ ନୁହେଁ। ଏଠି ଚିକିତ୍ସକ ଭେଜାଲ, ଔଷଧ ଭେଜାଲ, ପାଠ ଭେଜାଲ, ସାର୍ଟିଫିକେଟ୍ ଭେଜାଲ, କଥା ଭେଜାଲ, ଆଉ ସବୁ ଭେଜାଲକୁ ଫେଣ୍ଟି ଫାଣ୍ଟି ମଣିଷ ବି ଭେଜାଲ। ବିଦେଶରେ ଭେଜାଲ୍ ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ହୁଏ। ଆମର ଶୃଙ୍ଖଳା କାହିଁ, ଖାଲି ଅନୁକରଣ ନାଁରେ ହନୁକରଣ କରି ଆପଣେଇ ନେଇଛୁ ଅପସଂସ୍କୃତି। ବିଧାତା ଉପରୁ ଦେଖୁଛି, କେତେବେଳେ ମଣିଷକୃତ ଅପ୍ରାକୃତଖେଳକୁ ତା'ର ପ୍ରାକୃତିକ ଲୀଳାରେ ଶେଷ କରିବ। କିଏ ଜାଣେ। ଘରଣୀ ଆକାଶକୁ ଚାହିଁ ଦୀର୍ଘଶ୍ୱାସ ଛାଡ଼େ।

*ଏଲ ୩/୩, ଖାରବେଳ ନଗର , ଭୁବନେଶ୍ୱର*






## ଅନ୍ତଃ ନିଳୟ

# ମାୟାଜାଲ

### ଡକ୍ଟର ପ୍ରସନ୍ନ ପାଢ଼ଶାଣୀ

ନାଟୁଆ ହାଟୁଆ, ନଟଖଟ ବାଦୀ
ଠକଙ୍କ ଉସ୍ତାଦୀ ଚାଲ,
ଲାଞ୍ଚ ଝାଞ୍ଚ ପିଟି, ହେଇ ମାରିପିଟି
କନ୍ଦଳ ଲାଗିଲେ ଭଲ ।।

ଗୁଣ୍ଡା ରାଜ ମୁଣ୍ଡା, ରାଇଜ ପାଳକ
ରାତାରାତି ମାଲାମାଲ,
ଜୁଆକୁ ସକଟା, ନାରୀକୁ ଚକଟା
ଖୋସାମତିଆଙ୍କ ପାଲ୍ ।।

ଦାରୁ ମାରୁ ଦୁହେଁ, ଏକାଠି ହୋଇଣ
ବୁଝନ୍ତି ସଂସାର ହାଲ,
ଶତ ଲୋକ ପୋଟ, ଜଣେ କିଏ ମାରି
ଶୁଣିବା ଲୋକଟି କାଲ୍ ।।

ରାଜକୋଷ ଧ୍ୱଂସ, ଋଣଭାର ଦେଶ
କହୁଥାନ୍ତି ସବୁ ଭଲ,
କଳି କାଳ ରାଜା, ହେଲେ ବହୁ ପୂଜା
ମାରେ ମଜା ନାଲାନାଲ୍ ।।
ଚେହେରାଟି ଗୋଲଗାଲ୍,
ତେଣୁ ଘୋର ଦୁଃଖ, ଅଭାବ ସଂକଟ
କଳି ରାଜାର ଭିଆଣ ।।

ନିମିଷେ ବର୍ଷାରେ, ଝରଣା ଜଳରେ
ରଙ୍ଗମାଟି ନାଲାନାଲ,
କଳିଯୁଗ ରାଜା, ଓଳିଆରୁ ଗଜା
କିଏ ଭଲ କିଏ ଭେଲ ।।

ରାଜା ପାପ ତାପ, ମୁଣ୍ଡାଇଣ ପ୍ରଜା,
ଛଟପଟେ କଲ ବଲ,
ଭାବେ କବି ମୁହିଁ, ହେ ସର୍ବଈଶ୍ୱର
ତୁମେ କଳିର ଜଂଜାଳ ।।

ସଦ୍‌ଗୁରୁ ଧ୍ୟାନ, ରଖ ସର୍ବଜନ
ସେହିଟି ରତ୍ନ ଅମୂଲ,
ନିଜକୁ ନିଜରେ, ମିଶାଣ କରିଲେ
ତୁଟିଯିବ ମାୟାଜାଲ ।।

# ଛଳ

### ଦୁର୍ଗାଚରଣ ଷଡ଼ଙ୍ଗୀ

ତମ ଛଳ ଭୁଲେଇଦିଏ
କେଉଁ ଯୁଗ ସନ୍ଧିରୁ ସବାର ହୋଇଥିବା
ମୋ ଅଭିମାନ।
କେଜାଣି କାହିଁକି ସବୁ ଭୁଲିଯାଏ ମୁଁ
ଦିନ ମାସ ବର୍ଷ
ପାହାଡ଼ର କାକୁସ୍ଥ ପ୍ରତୀକ୍ଷା
ସଂଜର ନୀରବତା,
କାହାକୁ ମୁଁ ଖୋଜୁଥାଏ
ଏକାକାର କରି
କାଳେ ଡାକିଦେବକି ଅବେଳରେ
ଆସ ଆସ ବୋଲି ନାଁ ଧରି !

ହୁଏତ ଥିବି କି ନଥିବି ମୁଁ ତମ ଆଖ ପାଖରେ
ସରାଗ ନମେଣ୍ଟୁ ପଛେ
ତମ ଡାକ ଅସାର ନହେଉ
ମୁଁ ସେମିତି ହିଁ ଆଜ୍ଞାକାରୀ ହୋଇ ରହିଥାଏ
ଜାଣିଛି, ଉଚ୍ଛନ୍ନ ହୋଇ ତମେ
ଏମିତି ହିଁ ଡାକ ବେଳେ ବେଳେ
ହଉ, ଆଜି ନମିଳୁ ନାହିଁ
ମିଳିବନି କି ନିଶ୍ଚେଁ କାଲିକି !!

ତମ ଛଳରେ ଖୁନ୍ଦି ହୋଇଥାଏ
ଅନେକ ପୂର୍ଣ୍ଣଚ୍ଛେଦ, କମା, ପ୍ରଶ୍ନବାଚୀ
ଅନେକ ଫରମାସୀ
କେତେ ଯେ ଭୋଗେ ସେ ପାଇଁ ମଧୁର ଯନ୍ତ୍ରଣା
ସବୁ ଜାଣେ,
ସେଇ ଲୋଡ଼ିବା ପଣରେ
ବିଲ୍ୱମଙ୍ଗଳ ସାଜେ ମୁଁ
ନଈ ପହଁରେ, ପାଚେରୀ ଡିଏଁ
ଅବିରତ ଭୋଗୁଥାଏ ନାନାଦି ନିନ୍ଦା ଅପବାଦ
ଏ ଦେହସାରା।
ଏତେ ପରାଭବ ପାଏ ତଥାପି
ସଂସାରକୁ ଆଡ଼କରେ
ଉଭାନ ହୋଇଯାଏ ବେଳେବେଳେ
ମାନମହତ ଭୁଲେ ତମ ମିଛ ଛଳରେ
ଆଉଟୁ ପାଉଟୁ ହୁଏ କୂଳଛଡ଼ା
ଅଝାଲ ନାଆ ପରି
କାହିଁକି କେଜାଣି !
ଅଥଚ ମୁଁ ଜଗି ରହିଥାଏ ସେ ଛଳ ଡାକକୁ
ଜାଣି ଜାଣି ତଥାପି ଏବେବି।

ତମ ଛଳରେ ପ୍ରେମ ନଥାଏ
କେମିତି କହିବି ?
କେମିତି କହିବି ଭୋଗିନିକି
ତମ ଅନୁକମ୍ପାର ଆଲିଙ୍ଗନ ହଜାରେବାର
କାକର ଟୋପାଏରେ
କଅଁଳି ଯାଇନି କି ଦୁବଘାସ !
ତମ ସ୍ତନବୃନ୍ତରେ ପହଁରି ଯାଉଥିବା ଉଲ୍ଲାସପରି
ଭୋଗିନି କି ବର୍ଷ ବର୍ଷର ରୋମାଞ୍ଚ
ନିଜ ଲୋକପରି !!

ଆହାଃ କି ଆନନ୍ଦ !
ପାଇଛି ତ କାଳକ
ଆଜି ପାଇନି ବୋଲି କେମିତି ମନା କରିଦେବି ?

ଶୃଙ୍ଗାରର ସବୁ କମକୁଟ ତମେ ହିଁ
ଶିଖାଇଛ ହାତ ଧରି।
ଦେହରୁ ଉଡ଼େଇଦେଇଛ ଲାଜ
ସଂଭ୍ରମତାର ଓଢ଼ଣୀ, ମାଲ୍ୟାଣି ପରି
ମୁଁ ତରଳି ଯାଇଛି
ଡେଇଁ ଆସିଛି ବି ଅପବାଦର ତୁଚ୍ଛ ତିନିଗାର
ତମେ ଭୈରବୀ,
ମାୟା ଯୋଗିନୀର ମନ୍ତୁରା ପାଣିରେ
ବାରମ୍ବାର ଦେହ ପଖାଳିଛି
ଛଳ ଜାଣିନି ବୋଲି ତ ବଞ୍ଚିରହିଛି।

ଆଜି ଭାବୁଛି
ସେ ସବୁ ଥିଲା ଗୋ ତମର ଛଳ।
ଦେହ ରଙ୍କୁଣୀର ମିଛ ଖେଳ।
ମିଛ ଶୃଙ୍ଗାର
ସବୁକିଛି ମିଛ ମିଛର ଭୁଲାଣ
ଠିକ୍ ଯେମିତି ଚିନ୍ତାମଣିର ବିଲ୍ୱମଙ୍ଗଳ
ତମ ରାସ୍ତା ତମର
ମୋ' ରାସ୍ତା ଏବେ ମୋର !

ତମ ଛଳ
ତମକୁ ଉଲ୍ଲାସ ଦେଉ ମନାନାହିଁ
ଅଥଚ କହିପାରିବକି
ସେଇ ଉପର ସୁନ୍ଦର ଭୂଇଁରେ

ମୁଁ କ'ଣ ନଈବଢ଼ି ହୋଇ
କେବେ ତମ ଛଳନାର ବନ୍ଧ ଭାଙ୍ଗିନାହିଁ ? ?

*ଦୂରଭାଷ: ୯୪୩୮୫୩୫୫୭୭*

# କବିତା ପାଇଁ କବିତା

**ଭିକାରୀ ଧଳ**

ଏବେ ଏବେ ସବୁ କବିତା
ପଢ଼ି ସାରିଲା ପରେ
ତୁମ କଥା ମନେ ପଡିଲା
ଏଇଥି ପାଇଁ ଯେ,ତୁମେ
ମୋ କବିତାର ରାଜ୍ୟରେ କିପରି
ସରୁଧାରଟିଏ ହୋଇ ବହିଗଲ
ପାସୋର ହେବାର ସମୁଦ୍ର ଆଡକୁ।

ତୁମ କଥାବି କବିତା ପଢ଼ିବା ବେଳେ
ବହୁତ ମନେ ପଡେ
ସତେକି ତମେ କବିତାର ପ୍ରତିଟି ଶବ୍ଦ
ଅକ୍ଷର ଧାଡି ହୋଇ
ମୋ ଚାରିପଟେ
ଗୁଡେଇ ହୋଇ ପଡିଚ
ମୁଁ ତୁମ ଦାଉରୁ ରକ୍ଷା ପାଇବା ପାଇଁ
ଯେତେ ଭିଡି ମୋଡି ହେଲେବି
ମୁକୁଳି ପାରୁନି କାଳ କାଳ।

କବିତାର କବଳରୁ କବି କେବେ
ମୁକୁଳି ପାରେ କି ?
ମୁଁ ମୁକୁଳିଯିବି ତୁମ ମନ ଆକାଶରୁ
ଜହ୍ନ ହୋଇ ଯେତେଦିନ
ଜ୍ୟୋସ୍ନା ବିଞ୍ଚୁଥିଲି
ତୁମେ କଇଁଟିଏ ହୋଇ
ତୁମ ଆବେଗର ସରସି ଜଳରେ
କେମିତି ଚାହିଁ ରହିଥାଅ
ଗୋଟେ ଫୁଟନ୍ତା ମନକୁ
ସଦାକାଳ ଉଜାଗର କରି।

ଏ କବିତା, ତୁମ ମନ ଓ ଦେହ
ପାଇଁ ଲେଖା ଯାଇଥିବା
କେତେ ପଦ ଓ ଧାଡିର କଥା
ତୁମେ ଥାଅ କି ନଥାଅ
କିନ୍ତୁ ଥିବା ପରି ମନେ ହେଉଛ
କବିତା ଭିତରେ
ତେଣୁ ତୁମ ସାଥିରେ ମୁଁ
ସେମିତି ଲାଖିରହିଥିବି
ଏ ଜୀବନ ସାରା।

ଏବେ ଏବେତ କବିତା ପଢ଼ା ସରିଛି
ତଥାପି ତୁମେ ସରିନାହଁ ମୋ ଆଖିର ପଟଳରୁ
ସେମିତି ଶୁଭ୍ର ସଫେଦ ମନନେଇ ଚାହିଁ ରହିଛ
କେଉଁଠି ଦୃଶ୍ୟ ଅଦୃଶ୍ୟରେ ଯେ
ଘାଣ୍ଟି ଚକଟି ହେଉଛି ମୋର ଦେହ ମନ
ଓ ଚୈତନ୍ୟ।

କ'ଣ ଏମିତି ସଦାକାଳ ତୁମକୁ ଭାବି ଭାବି
ଜୀବନ ସାରିଦେବାକୁ ହେବ ମୋତେ ?
ତୁମେ ଚାହିଁ ରହିଥିବ ବାଦଲ ଫାଙ୍କରେ
ଜ୍ୟୋସ୍ନାକୁ ଦେଖିଲା ପରି
ମୋତେ ଦେଖୁଥିବ ଅଥଚ କିଛି କହୁନଥିବ
ମନେ ମନେ ପରସ୍ତେ ଦୁଃଖକୁ କେବଳ
ଘୋଡେଇ ରଖୁଥିବ
ଗୋଟାଏ ଲୋକ ଦେଖାଣିଆ ହସକୁ
କାହାକାହା ଆଗରେ ହସିଦେଇ।

*ନିଜିଗଡ଼କୁରୁଖି,ହରିରାଜପୁର, ଜଟଣୀ,*
*ପୁରୀ-୭୫୨୦୫୦*
*ଦୂରଭାଷ: ୯୪୩୭୨୮୩୯୦୭*

# ଅଫେରା ପଥ

**ଶରତ ଦାଶ**

ଫେରିବ କି ଆଉ ସେକାଳ ପଖାଳ
ଗଲାଦିନ ପ୍ରେମ ସ୍ନେହ
ଫେରିବ କି ଆଉ ନୟନଯୁଗଳୁ
ଝରିପଡ଼ିଥିବା ଲୁହ ॥

ଫେରିବ କି ଆଉ ପିଞ୍ଜରାକୁ ଯେଉଁ
ପକ୍ଷୀ ଗଲା ଦୂରେ ଉଡ଼ି
ଫେରିବ କି ଆଉ ତଟିନୀକୁ ଜଳ
ସାଗରକୁ ଗଲେ ଗଡ଼ି ॥

ଫେରିବ କି ଫୁଲ ବୃକ୍ଷର ଡାଳକୁ
ବୃନ୍ତଚ୍ୟୁତ ହେବା ପରେ
ଫେରିବ କି ଆଉ ବ୍ୟଞ୍ଜନକୁ ସ୍ୱାଦ
ଥରେ ପୋଡ଼ିଗଲା ପରେ ॥

ଫେରିବ କି ଆଉ ଆଉ ପୂର୍ବ ଆତ୍ମୀୟତା
ଭାଙ୍ଗିଗଲା ପରେ ମନ
ଫେରିବ କି ଟାଣ ମାଠିଆକୁ ଆଉ
ପଡ଼ି ହୋଇଗଲେ ଚୂର୍ଣ୍ଣ ॥

ଫେରିବ କି ଆଉ ହୃଦୟକୁ ପ୍ରେମ
ବିଶ୍ୱାସ ପଡ଼ିଲେ ଭାଜି
ଫେରିବ କି ଆଉ ନିଶ୍ୱାସକୁ ବାୟୁ
ଥରେ ଗଲାପରେ ହଜି ॥

ଫେରିବ କି ଆଉ ଶରୀରକୁ ପ୍ରାଣ
ଥରେ ଗଲାପରେ ଛାଡ଼ି
ଫେରିବ କି ପଛେ ହଜିଲା ସମୟ
ଯେତେ ହେଲେ ମୁଣ୍ଡକୋଡ଼ି ॥

ଫେରିବ କି ଆଉ ଅଫେରା ପଥରେ
ଚାଲିଗଲା ଯିଏ ଥରେ
ପାନ୍ଥଶାଳା କି ପଥିକର ସ୍ମୃତି
ହୃଦେ ଧରି ଝୁରିମରେ ॥

*ଭୁବନେଶ୍ୱର*

# ନାୟକ

**ଅରୁଣ କୁମାର ସାହୁ**

ମୁଁ ନାରୀ ନୁହେଁ
ଓଠ ଓ ଚକ୍ଷୁରେ
ବକ୍ଷ ଓ ଚାଲିରେ
ଗଣି ହେବ ମୋ ସୌନ୍ଦର୍ଯ୍ୟର ପ୍ରାପ୍ତ ସ୍ଥାନାଙ୍କ।

ଯେଉଁ ରୂପ
କୋମଳ ଓ କଠିଣର ସୀମାନ୍ତରେ
ଚର୍ଚ୍ଚିତ ଆସ୍ତରଣ
ପୁରୁଷ ମନରେ ଈର୍ଷା
ଓ ନାରୀ ଶରୀରରେ
ଆଣେ ଶିହରଣ
ଡାକିପାର କହିପାର
ଶୂନ୍ୟତାରେ ଆଲୋକିତ
ପ୍ରକୃତି କୋଳରେ ବସି
ଚିରଦିନ ଆଲୋକିତ
ମୁଁ ହିଁ ନାୟକ।

କେତେବେଳେ ଯୁଦ୍ଧକରି
ହୋଇନାହିଁ ତିଳେ ପରାଜିତ

କାହାକାହା ସାଥେ ପ୍ରେମକରି
ହୋଇନାହିଁ କେବେ ପ୍ରତ୍ୟାଖ୍ୟାତ
ଭଗବାନଙ୍କ ନାମ ନନେଇ ବି
ହୋଇନାହିଁ ଦୁଃଖି ରଙ୍କି
ଅକିଞ୍ଚନ ଅବା ଅଭିଶପ୍ତ।

ନାୟକର ଜୀବନରେ
ହସିଲେ ଶିହରଣ
ନହସିଲେ ବିସ୍ଫୋରଣ
ହାରିବାର ନାମ ଜୟ
ତ ଜିତିବା ବିଜୟ।

*ଜି ଏମ୍ (ନାଲକୋ)*
*ଦୂରଭାଷ: ୯୪୩୭୧୫୫୬୧୭*

# ଦର୍ପଣ : ତମେ

**ଶଶାଂକ ଚୂଡ଼ାମଣି**

ଆଜି ତମ ଦର୍ପଣ ଭାରି ହସୁଛି
ତମ ଖୁସିର ଛବି ତା' ଦେହରେ ଝଲସି ଉଠୁଚି।

ଆଜି ସେ ଦେଖିପାରୁଛି; ତମ ଐଶ୍ୱର୍ଯ୍ୟମୟ
କପାଳ,
ଥରିଲା ଥରିଲା ଓଠ ଓ କମ୍ପିତ ସ୍ତନ ଯୁଗଳ।

କିଏ ଜଣେ ସାଉଁଳଉଛି ତମ ଅଲରା କେଶ,
ସିନ୍ଥାରେ ସଜଳ ଦିଶୁଛି, ଅକସ୍ମାତ ପ୍ରଥମ ପ୍ରେମର
ସିନ୍ଦୂର
ତମ ମନ ଏବେ ପ୍ରେମର ରତ୍ନ ଭଣ୍ଡାର
କିଏ ପିଇଯାଉଛି ତମ ଆଖି ଲୁହ
ଅୟୁତ ଯୁଗର ଚାପିହୋଇ ରହିଥିବା କୋହ
କିଏ ସେ ପୁରୁଷ ! ପ୍ରଥମ ପରମ !
ତା ଆଗମନରେ ମହକିତ ତମ ଶେଯ,
କୃଷ୍ଣଚୂଡ଼ାମୟ ଏ ଖରାବେଳ।

ତମ ଦର୍ପଣ ଦେଖିସାରିଛି ତମ ବିଷାଦ ମୁହଁ
ବିବାହ ବିଚ୍ଛେଦର ଏକ୍‌ଲାପଣ
ସାଥି ଦେଉନଥିବା ସମୟ
ମନ ଚାହୁଁଥିବା ଅଭିସାର ଓ ପାପ ସଂଭୋଗର।

ଆଜି ତମ ଦର୍ପଣ ଭାରି ହସୁଛି
ତମ ଖୁସିରେ ସେ ବି ଆତ୍ମହରା ହୋଇଯାଉଛି
ସେ ଦେଖିପାରୁଛି ଆଜି ତମ ପିଲାବେଳ ଦୁଷ୍ଟାମୀର
ତମ ପ୍ରଥମ ପ୍ରତାରଣା ଓ ପ୍ରଥମ ପ୍ରେମ
କେଉଁ ଶ୍ୟାମଳ ପୁରୁଷ ଗଳାରେ ତୁମେ ଝୁଲି ରହିଛ !
ଯେମିତି ଝୁଲି ରହିଥାଏ ତମ ବଗିଚାରେ
କାହାକୁ ଆଶ୍ରୟ କରି ପ୍ରସ୍ଫୁଟିତ ରାଧା ତମାଳ।

*ପ୍ରାଧ୍ୟାପକ, ଓଡ଼ିଆ ଭାଷା, ସାହିତ୍ୟ ବିଭାଗ,*
*ମହର୍ଷି ମହାବିଦ୍ୟାଳୟ, ଭୁବନେଶ୍ୱର-୦୭*
*ଦୂରଭାଷ: ୯୮୬୧୦୭୨୧୪୯*

# ବିଶ୍ୱାସର ବିଶ୍ୱ

**ଡକ୍ଟର ମନୋରଞ୍ଜନ ବିଷୋୟୀ**

ଭ୍ରାତୃପ୍ରେମ, ମାତୃପ୍ରେମ
ଦେଶପ୍ରେମ କାହିଁ ?
ଗାନ୍ଧାରୀ ମାତାର ଦେହ
ପଣ୍ୟ ହୁଏ ଏଠି
ଭରତ ଭ୍ରାତୃର ବକ୍ଷେ
ଅସିଘାତ କରି
ଉନ୍ମତ୍ତ ହୁଅଇ ଆଜି
ଶତାବ୍ଦୀର ଭୂତ ।
ବିଶ୍ୱାସର ବୀଜ ରୋପି
ବିଶ୍ୱଶାନ୍ତି ପଥେ
ଉଡ଼ାନ୍ତି ବିଜୟ ବାନା ।
ଶତ ଶତ ଶାନ୍ତିର କପୋତ
ରଞ୍ଜିତ କରନ୍ତି ସଦା
ଅମ୍ବରଙ୍କ ବକ୍ଷ ।
କିନ୍ତୁ କାହିଁ ଶାନ୍ତି ?
କାହିଁ ଦେଶଭକ୍ତି ?
ତଥାପି ଆଜିର ମାନବ
ଦେଖେ ସେହି ଆଦାମଙ୍କ ସ୍ୱପ୍ନ
ଅଭିସାର ସାରି
ଶଶା ଦାନ୍ତରା ବକ୍ଷରେ
ଅଞ୍ଜନାର ପୁତ୍ର
ଅନିଶା କରଇ
ତପ୍ତ ରୌଦ୍ରପଥ ପରେ
କରିବ ତ ଜୟ ?
ଅବା ଫେରି
ନିରାଶ ହୃଦୟେ
ସହସ୍ରାକ୍ଷି ଦନ୍ତାଘାତେ
ହୋଇବ ଆକୁଳ ।

*ଦାମୋଦରପୁର, ଗଂଜାମ*
*ଦୂରଭାଷ: ୮୮୯୫୧୪୧୭୨୭*

# ସେଇ କେଉଁ ପ୍ରତିଷ୍ଠାନ ଭାଙ୍ଗି

**ଶିଶିର ନାୟକ**

ସେଇ କେଉଁ ପ୍ରତିଷ୍ଠାନ ଭାଙ୍ଗି
କିଏ ଜଣେ ଫେରିଆସେ
ହରେଇଥିବା ଜାଗା ଖୋଜେ
ଏକଦମ ସହଜ ହେଇଯାଏ
ନିଜେ ନିଜକୁ ଦଖଲ କରେ।

ସେଇ କେଉଁ ପ୍ରତିଷ୍ଠାନ ଛାଡ଼ି ଆସେ ବୋଲି
ନିଜ ରଂଗ ନିଜେ ବୋଲିହୁଏ ବୋଲି
ନିଜକୁ ଚିପୁଡ଼ି ସାରାଂଶରେ ମାତେ ବୋଲି
ମେଘଶୂନ୍ୟ ଆକାଶକୁ ପାଣି ଛାଟେ ବୋଲି
ତା' ନାଆଁରେ କାଳେ ଯା' ଇଚ୍ଛା ତା' ଋଲେ।

ସେଇ କେଉଁ ପ୍ରତିଷ୍ଠାନ ଭାଙ୍ଗି
କିଏ ଜଣେ ଝାଉଁଗଛରୁ ନିଆଁ ଲିଭାଏ
ପୋଡ଼ା ମାଟିରୁ ଅତର ଖୋଜେ
କାଦୁଅରୁ କାଚଗୁଣ୍ଡ ଅଲଗା କରେ
ଜଟିଳତାରୁ ସରଳତା ଛାଣିନିଏ
କଠିନତାକୁ ଚୁନା ଚୁନା କରିଦିଏ
କପଟତାରୁ ସତକଥା ବାଛିନିଏ।

ସେଇ କେଉଁ ପ୍ରତିଷ୍ଠାନ ଭାଙ୍ଗି
କିଏ ଜଣେ ପଳେଇ ଆସେ ବୋଲି
ତାକୁ ଜେଲ ପଠାଯାଏ
ଆଖିକୁ ତାର ପରାଧୀନ କରାଯାଏ
ତାର ଛାତିରେ ଫୁଟୁଥିବା ଫୁଲର ମହୁରେ
ବିଷ ଚରେଇ ଦିଆଯାଏ
ତାର ଶରୀରକୁ ଗରମ ପାଣି ଛଟାଯାଏ
ତାର ଜୀବନରୁ ଜୀବନ କାଢ଼ି ନିଆଯାଏ।

*ଘର ନଂ- ୧୦୪, ମଞ୍ଜନାଥ ଭିଲ୍ଲା, ଫେଜ୍-୨,*
*ବାଲିଅନ୍ତା,*
*ଭୁବନେଶ୍ୱର-୭୫୨୧୦୧*
*ଦୂରଭାଷ: ୯୯୩୭୪୯୦୬୪୭*





# ମୁଁ ଏବେ କେଉଁଠି

## ଅମିୟବାଳା ପଟ୍ଟନାୟକ

ଜାଣେନା ମୁଁ ଏବେ କେଉଁଠି
ଅର୍ଦ୍ଧଚେତନାର ଏଇ ଅନ୍ତିମ ପ୍ରହରେ
ଅସଂଲଗ୍ନ ସ୍ୱରମାନେ କଥାବାର୍ତ୍ତା କରନ୍ତି
ବିବ୍ରତ ହୁଅନ୍ତି,
ଆଖି ଖୋଲି ଚାରିଆଡ଼େ ଦେଖେ
ମୁଁ ଶୋଇଛି ଏବେ କେଉଁ ଅବସ୍ଥାରେ ॥

ଅଜ୍ଞାତ କୋଠରୀ ମଧ୍ୟେ
କିଏ ସିଏ ଅଛି ମୋ ପାଖରେ,
ମୁଁ ତାକୁ ଚିହ୍ନିବା ପାଇଁ ଚେଷ୍ଟା କରେ
ବାରମ୍ବାର କରେ,
ଦୀର୍ଘଶ୍ୱାସ ଯାଉଥାଏ ଆସୁଥାଏ ମୋ ଛାତି ଭିତରେ
ସତେ ଅବା ଦେହ ମୋର ଜଡ଼ିଭୂତ ପଲଙ୍କରେ
ବନ୍ଧା ହୋଇଛି ଶିକୁଳି ମୋ ଦୁଇ ପାଦରେ
ବହୁଦିନୁ ପୋଷି ରଖିଥିବା ଇଚ୍ଛା ସହ ମାଟିରୁ ଆକାଶ
ମୁଁ ବୋହୂଚୋରି ଖେଳେ !!

ଏ ବିପନ୍ନ ସହରରେ ରାତି ଅଧରେ
ପାଦରେ ଶିକୁଳି ପଡ଼େ
ସ୍ମୃତିମାନ ସ୍ୱପ୍ନ ହୁଏ, ଶ୍ରଦ୍ଧା ହୁଏ
ନୀରବରେ କଥା ଶୁଭେ ନିସର୍ଗ ନିଃସର୍ତ୍ତ
ଏବେ ଜୀବନଚର୍ଯ୍ୟାରେ ପର୍ବତ ଲଙ୍ଘିବାର ବେଳ
ତେବେ ସରିଗଲେ ଯାତ ସରିଯିବ କୋଳାହଳ !
ମୁଁ ପୁଣି ଲୁଚକାଳି ଖେଳେ !
ମୋ ସହିତ ଅଦମ୍ୟ ଇଚ୍ଛାରେ !!

*ଚର୍ଚ୍ଚରୋଡ଼, ବ୍ରହ୍ମପୁର-୭୬୦୦୦୧*

# ଆସ 'ମା' ପ୍ରକଟିତ ହୁଅ

## କିଶୋର କୁମାର ମହାନ୍ତି

ମଧ୍ୟ ରାତ୍ରରେ, କୌଣସି ଏକ ସ୍ୱପ୍ନର
ଭାବାବେଶରେ, ମନ ହୁଏ ଆଚ୍ଛାଦିତ ଓ
ଆହ୍ଲାଦିତ,
ଏକ ଅଦୃଶ୍ୟ ଶକ୍ତିର ଅନୁଭବ ଭରିଦିଏ
ଏହି ସ୍ପନ୍ଦିତ ପ୍ରାଣରେ ନବ ଉନ୍ମାଦନାର ସ୍ୱଟିକ
ସ୍ୱପ୍ନିଳ ରଜନୀ ହୋଇଯାଏ ପ୍ରଗଳଭ
କେଉଁ ଏକ ଦୀପ୍ତିମାନ ଓ ଉଦ୍ଭାସିତ
ଆଲୋକର ବର୍ତ୍ତୀକାରେ।

'ପୂଜାର' ଅବକାଶରେ, ଶାଶ୍ୱତ ଅଭିବ୍ୟକ୍ତି
ଓ ଉଦ୍ଦୀପନାର ଶିହରଣ ସୃଷ୍ଟି ହୁଏ,
ଜଗତ୍ ଜନନୀଙ୍କର ଧରାବଲୋକନରେ,
ଅପେକ୍ଷାରତ ପୃଥିବୀ ଶାରଦୀୟ
ମାଦକତାରେ ନାଚିଉଠେ
କାଶତଣ୍ଡୀ ଫୁଲ ଓ ମୃଦୁ
ସମୀରଣର ଆବରଣ ମଧ୍ୟରେ।

ଆମ୍ଭେମାନେ ଜଣେ ଜଣେ
ଭଦ୍ରଲୋକର ଖୋଳପା ଭିତରେ
ଭୀରୁ ଓ ପଳାତକ ଆଖ୍ୟା ନେଇ
ଦେଖୁ, କିପରି ସମାଜକୁ କଳୁଷିତ
କରୁଥିବା ଅସାମାଜିକ ଦାନବ ସବୁ
ଜାହିର କରନ୍ତି ସେମାନଙ୍କର ଉପସ୍ଥିତି
ବାଧାହୀନ ପାଶବିକତାର ତାଣ୍ଡବ ନାଚରେ।

ଏହି ସୁନ୍ଦର ପୃଥିବୀଟା ନୁହେଁ
ଅସାମାଜିକ ମାନଙ୍କର ଚରାଭୂଇଁ
ପାଷାଣ୍ଡମାନଙ୍କର ଅନ୍ତ ନିମିତ୍ତ
'ମା' ଙ୍କର ଧରିଥିବା ଉତ୍ତୋଳିତ ଖଣ୍ଡା
ଖସି ଆସି ଶେଷ କରିଦେଉ ସଇତାନ
ରୂପି ପାପିଷ୍ଠ ମାନଙ୍କୁ
ପୁନଃ ସ୍ଥାପିତ ହେବ, ଜୀବନର
ଜୟଗାନ କରି ଏକ ସୁସ୍ଥ ସମାଜର
ମୂଳଦୁଆ ! ବର୍ଷରେ
ଥରକର ଆଗମନରେ "ଦୁର୍ଗତୀ ନାଶିନୀ"
ନାମକୁ ଚରିତାର୍ଥ କରି
ସ୍ମିତହାସ୍ୟରେ ବିଦାୟ ନେବେ ମା।

*ପ୍ଲଟ୍ ନଂ-୨୮୮, କେ-୯/ଏ*
*ଭୁବନେଶ୍ୱର-୭୫୧୦୧୯*
*ଦୂରଭାଷ: ୯୪୩୭୪୪୫୬୪୬*

# ଚିତ୍ରଶାଳା

## ଡ. କୁଳମଣି ଓଝା

ଚଉପାଶେ ମୁକ୍ତମଂଚ-ଏକମୁଖୀ ମଂଚ;
ନାନା ଚିତ୍ର-ଚରିତ୍ରଂକ ଚାରୁ ଚିତ୍ରଶାଳା
ଏବେ ଏବେ ଝଲସି ଉଠୁଚି ଅକସ୍ମାତ୍
ଇଂଦ୍ରଧନୁର ଫେନିଳ ତରଂଗ ପରି
ଏଇ ଅଛି, ଏଇ ନାହିଁର ଖେଳ ଭିତରେ
କିଏ ଦୃଶ୍ୟମାନ, କିଏ ପୁଣି ନିମିଷେ ଉଭାନ।

ଚିତ୍ରର ଚରିତ୍ର ଅଛି; ଅଛି ପୁଣି ଚରିତ୍ରଙ୍କ ଚିତ୍ର
ଉଭୟଙ୍କ ମଗ୍ନ ସମାଗମ ଏକଇ ମଂଚରେ
ସାମନା ସାମନି ଆଗପଛ ବିବିଧ ବିଚାର
ଚରିତ୍ରଙ୍କ ସଚ୍ଚିତ୍ର ଭୂମିକା: ଚିତ୍ରଙ୍କ ଚରିତ୍ରାୟନ
ଅନବରତ ଅହର୍ନିଶ ଅଦଳବଦଳ ଦୃଶ୍ୟ
ଅଳ୍ପ ହାଲ୍କା ନୀଳ ଆଲୁଅରେ ପଶ୍ଚାତ୍ ପରଦା
କେବେ ପୁଣି ସଫେଦ ଦୃଶ୍ୟରେ କଳଙ୍କର ଛିଟା
ଏତେ ଯେ ଚରିତ୍ର, କାହା ସହ ଏକାତ୍ମ ହେବାକୁ
ଅଣ୍ଟେ ନାହିଁ ଆୟୁ; ଏମିତିକି ଜୀବନ କାଳକ।

ନିଶ୍ଚଳ ନିଃସଂଗ ବେଲାଳସେନ ପରି ମୌନ
ଚିତ୍ରଶାଳା ମୂକସାକ୍ଷୀ ଯେତେ ସବୁ ରଂଗମଖା
ଚିତ୍ର-ଚରିତ୍ରଙ୍କ
କା' ମୁହଁରେ ବୋଳାଯିବ କେବେ କେଉଁ ରଂଗ
କିଏ ରାଜା, କିଏ ପ୍ରଜା, ଯୋଗୀ ପୁଣି ଛତିଶ ପାଟକ
କିଏ ଅବା ଦେବଦେବୀ, ରାମ ଓ ରାବଣ
ଅନସୂୟା, ଦ୍ରୌପଦୀ, ସାବିତ୍ରୀ, କୈକେଇ, ମଂଥରା
କିଏ ଦୁର୍ଯ୍ୟୋଧନ, ଶକୁନି, ଅର୍ଜୁନ ଅବା ଭୀମସେନ
ଶ୍ରୀକୃଷ୍ଣ କେ, ପିତାମହ ଭୀଷ୍ମ, ଶିଷ୍ଟ ଯୁଧିଷ୍ଠିର
ନେପୋଲିୟନ, ହିଟଲର୍, କିଏ ପ୍ଲାଟୋ, ସକ୍ରେଟିସ
ଭିନ୍ନ ଭିନ୍ନ ଚରିତ୍ରରେ ଉଭା ଏଇ ଏକଇ ମଣିଷ
ମାଖୁଥାଏ ରଂଗ : ଧଳା, କଳା, ନୀଳ, ହଳଦିଆ
ବେହରଣ କେବେ ରାଜକୀୟ,
ଅବା କେବେ ଅନାବୃତ୍ତ
ଚିତ୍ରଶାଳା ନିରେଖି ଦେଖୁଚି ସବୁ ତୁମ-ଆମ
ସେମାନଂକ ଶୂନ୍ୟ ଗର୍ଭଗୃହ, ବାହାର ପରସ୍ତ।

ତଥାପି ତ ବଦଳିବ ଉଭୟଙ୍କ ଚିତ୍ରିତ ଚେହେରା
ବଦଳିବ ଚିତ୍ର ଆଉ ଚରିତ୍ରଙ୍କ ଭାଷା ଅଂତର୍ଗତ
ଚିତ୍ରଟିଏ ଅଂକାଯାଉ ଅବିକଳ ଚରିତ୍ରଙ୍କ ମୁହଁ;
ଚରିତ୍ରର ଆପାଦ ମସ୍ତକ ହେଉ ଚମକ-ଚିତ୍ରିତ !
ଚିତ୍ରଶାଳା ମୁହଁ ଖୋଲୁ, ଭରା ରାତି ସରି ସରିଯାଉ
ଉଜ୍ଜଳିଉଠୁ ସକାଳ ନୂଆ କେଉଁ ଅଦୃଶ୍ୟ
ଆଲୋକେ ଚଉପାଶେ ଦୃଶ୍ୟମାନ
ବର୍ତ୍ତମାନ, ଗତ ଓ ଆଗତ

ନୂଆ କେଉଁ ମଂଚସ୍ଥ ନାଟକେ ବିନିଦ୍ର ରଜନୀ ଶୁଭୁ
ଚିତ୍ର ଆଉ ଚରିତ୍ରଙ୍କ ଚିରଶାଂତ ମୁଖସ୍ଥ ସଂଳାପ।

*ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା*
*ଉପସଚିବ, ଦକ୍ଷିଣାଞ୍ଚଳ କାର୍ଯ୍ୟାଳୟ,*
*ହିଲ ପାଟଣା, ବ୍ରହ୍ମପୁର*
*ଦୂରଭାଷ: ୯୪୩୭୦୫୩୫୪୬*

# ଶରତ ଆକାଶ

## ଗଣେଶରାମ ନାହାକ

ଆକାଶ
ପୁଣି
ଶରତ କାକର ଆକାଶ
ବିଳସିତ ମେଘଖଣ୍ଡ
ବିଲୋକନରେ ଦିଶେ
ଭାରି ଶର୍ମଦ।
ଧାନ ବିଲର ସବୁଜ ପତ୍ରର ଲହଡି
କ୍ଷୀଣ ନଇଧାର
ଡୋଫା ପୋଖରୀର କଇଁଫୁଲ,
ପାହାନ୍ତିଆ ପ୍ରହରର ସୁଲୁସୁଲିଆ ପବନ,
ଦେଉଳର ନେତ ଲହର
ବିଶ୍ୱାସ ଜଗାଏ --
ଜୀବନ ଜୀଇଁବାର, ପୋଷେରକ୍ତ, ପାଉଁଲେ।

ନିଷ୍ପାପ ଜୀବନ
ଜୀବିକା ଲାଗେ ଶାନ୍ତ, ଶୀତଳ
ଆଉ ଉଲ୍ଲସିତ।

ସାରସ ଖେଳେ ସରୋବରେ
ଲାଗେ ମେଳ ମଉଜିଆ।
ବେଳେ ବେଳେ ଦୁଷ୍ଟପିଲା
ଟେକା ଫୋପାଡ଼େ
ବୁଝେନା ସେ --
"କାହାର ଖେଳ ଘରତ କାହାର କାଳ"
ଏଣେ ଚତୁର୍ଦ୍ଦିଗେ ଶୁଭେ
ଦେବୀଙ୍କ ଆବାହନୀ -
"ଯାଦେବୀ ସର୍ବଭୂତେଷୁ ...।"

*ଦାନୀପାଲି, ବୁଢ଼ାରଜା, ସମ୍ବଲପୁର -୪*
*ଦୂରଭାଷ: ୯୪୩୯୮୯୨୨୬୨*

# ଭାବ ଗାନ୍ଧାର

## ଅଜୟ ପ୍ରଧାନ

ବାହାରିଲି କଲିକତା ପୁରୁଣା ହ୍ୟାଣ୍ଡ ବ୍ୟାଗ ଧରି,
ହସନି ଭାଇ ।
ମୁଁ ଯାଉନି ଗଂଗାରେ ଅସ୍ଥି ଉଜେଇଁ।
ବର୍ଷାରେ ଦେଖିବି
ରାସ୍ତାରେ ଡଂଗା ଭାସୁଚି ନା ନାଇଁ!

ବଇନା ଦେଇଥିଲି ସିଟିଜେନ ଛତା ହଜାରେ ପିସ
ମିଶିବି ଆନନ୍ଦ ବଜାରରେ ଜୟ ଗୋସ୍ୱାମୀ
ତାପରେ 'ମେଘେ ଢାକେ ତାରା', ବାସ୍
ପ୍ରୋଗ୍ରାମ ଏତିକି ଏଥରର,
ଖୁବ୍‌ରେ ଯିବି କାଳିଘାଟ,ଲେକ୍ ମାର୍କେଟ!

ମୋର ଦେଖାହୁଏ ସବୁଥର
ଜଣେ ଭଦ୍ରମହିଳାଙ୍କ ସ' ଟ୍ରାମ୍'ରେ
ଏସ୍‌ପ୍ଲାନେଡ-ଖିଦିରପୁର୍ ରୁଟ୍'ରେ;
ବେଶ ଅମାୟିକ, ଶାନ୍ତ ଓ ସଂଜତ
ବହୁ କଷାଘାତ ଭିତରେ ତଥାପି ଜୀଇଥାଏ ବସଂତ!
ବର୍ଷାରେ ସେ କାଇଁକି ବାହାରଂତି କେଜାଣି!
ଏଥର ହେଇପାରେ ପୁଣି ସାକ୍ଷାତ।

ହ୍ୟାଣ୍ଡବ୍ୟାଗଟା ଦେଖିଲେ ଚିହ୍ନିପାରେ କଲିକତା ମତେ
ବେଶ୍ ସହଜରେ ନେଇଯାଏ ଟାକ୍ସି ଉତ୍କଳଭବନ
ଇତିହାସ ପୃଷ୍ଠା ଚିରି ଯୋଡ଼ାଯାଉଚି ନୂଆ କେତେ,
ଫ୍ଲାଇଓଭର୍ ଉପରେ ଫ୍ଲାଇଓଭର୍ ଜୀବନ
ତଳେ ପଡ଼ିଚି ମାଟି କାମୁଡ଼ି ଅଧାରୁ ଅଧିକ ସ୍ୱପ୍ନ।
ଧର୍ମାନ୍ତରୀକରଣ ଚାଲିଚି ନଗରୀମାନଙ୍କର;
ମୁଁ ହୁଏତ ପାଇବା ମୁସ୍କିଲ ହେଇଯିବ ଠିକଣା
ବନ୍ଧୁମାନଙ୍କର, ଏଇଟା ବି ହେଇପାରେ କଲିକତା
ଯିବା ଶେଷଥର!

ସେଠି କିଛି ନାଇଁ ଏଠି ବି ନାଇଁ କିଛି ମୋ ପାଇଁ
ବେପାର କରୁଚି ବେପାରୀ ନହେଇ ବଳେ,
ଯାଉଚି କେବଳ ଦେଖାହେଇଯିବ ବର୍ଷାରେ
ତାଙ୍କ ସ'କାଳେ !

ସବୁ ବାତିଲ କରି ବର୍ଷା ଝରୁ କଲିକତାରେ,
ଛତା ନଥିବା ବେଳେ!!

*ସୌଜନ୍ୟ- (ଆକାଶବାଣୀ, ପୁରୀ)*
*ଦଇତାପଡ଼ା ସାହି, ପୁରୀ-୧*
*ଦୂରଭାଷ: ୭୯୭୮୮୫୮୦୯୧*

# ଅନାମିକା

## ଡଃ ସୁରେନ୍ଦ୍ର ମିଶ୍ର

ଗୋଟେ ମୁହୂର୍ତ୍ତର ଅପାଶୋରା ମୁଦ୍ରା
ବି ହୋଇପାରେ ଅନାମିକା;
ବା ଗୋଟେ ପକ୍ଷେ ପଳାତକ ଇଚ୍ଛାର ହସ୍ତାକ୍ଷର
ଯାହା ଅହଃର୍ନିସ ପରିବର୍ତ୍ତନର
ସ୍ୱେଚ୍ଛାଚାରୀ କର୍ତ୍ତୃତ୍ୱ ରଖିଥାଏ ନିଜ ପାଖରେ।

କେତେବେଳେ ନିଃସଙ୍ଗତାର ଡେଣା ଯୋଡ଼ି
ତାକୁ ଉଡ଼ାଇଦିଏ ତ ଆଉ କେତେବେଳେ
ଗଛ ଛାଇରେ ଥକ୍‌କା ମାରୁଥିବା
ନିଃଶୁଳ୍କ ସୁଖମାନଙ୍କୁ
ବେଦଖଲ କରିଦିଏ ନିଜ ମାଲିକାନାରୁ।
ସ୍ୱପ୍ନସବୁର ଭବିଷ୍ୟତ ନକ୍‌ସା
ବି ତିଆରିହୁଏ ତା'ରି ଇଙ୍ଗିତରେ।
ସତରେ, ଭିନ୍ନ ଭିନ୍ନ ଋତୁରେ ଭିନ୍ନ ଭିନ୍ନ ଇନ୍ଦ୍ରଧନୁକୁ
ରଂଗେଇବାର କୌଶଳ ହିଁ ତାକୁ ଜଣା।

ସୁଖର ଅମରତ୍ୱକୁ ଆଡ଼େଇ ଦେଇ
ବେଳେବେଳେ ଅନାୟସସିଦ୍ଧ ଯନ୍ତ୍ରଣାରେ
ସିଏ ମୋହଗ୍ରସ୍ତ ହୁଏ।
ଆଞ୍ଜୁଳାଏ ଆନନ୍ଦ ପାଇଁ
ଇତଃସ୍ତତ ହେଉଥିବା ନିର୍ବୋଧ ମଣିଷମାନଙ୍କୁ
ମାଲୁଣୀ ବୁଢ଼ୀର ଠିକଣା କହିଦିଏ
ପୂର୍ବାଭ୍ୟାସ ବିନା।
ପ୍ରତ୍ୟେକ ଅନ୍ତରଂଗ ଆଶ୍ଳେଷକୁ
ଅଂଧପୁତୁଳିର ପୋଷାକ ପିନ୍ଧାଇ
ନିରୁଦ୍ଦିଷ୍ଟ ହୁଏ ଅନାମିକା।

ପୁଣିଦିନେ ସକାଳେ ହଠାତ୍
ଲାବଣ୍ୟବତୀର ରୂପ ସଂଭାର ନେଇ
ଅଭିସାରିକା ମୁଦ୍ରାରେ ଫେରେ ଅନାମିକା
ମୋ ଅଗଣାକୁ
ନଲେଉଟିବାର ଦୃଢ଼ ସଂକଳ୍ପ ଥାଏ ମନରେ
ଅମରତ୍ୱର ନିଃସର୍ତ୍ତ ସମର୍ପଣ ଥାଏ ହୃଦୟରେ।
ହଁ, ସେ ମୋର ବର୍ତ୍ତମାନ ଭବିଷ୍ୟତର
ଅମଳିନ ସ୍ୱାକ୍ଷର, ଅନାମିକା।

*ପ୍ରାକ୍ତନ ଅଧକ୍ଷ, ପାରାଦୀପ ମହାବିଦ୍ୟାଳୟ,*
*ପାରାଦୀପ*

# ଜୀବନ ସାଗର

ପ୍ରଣୀତା ମିଶ୍ର

ଜୀବନ ସାଗର ବିଜନ ବେଳାରେ
କେତେ ଯେ ତରଙ୍ଗ ରାଜି
ଆର୍ଦ୍ର କରିଥାଏ କେବେ ବେଳାଭୂମି
କେବେ ଝୁରେ ଖୋଜି ଖୋଜି ॥

କେତେ ଭଗ୍ନ ଶିଳା ବାଲୁକା ରାଶିରେ
କେତେ ଯେ ଶାମୁକା ସ୍ତୂପ
ସ୍ମୃତି ବିଜଡ଼ିତ ବେଳାଭୂମି ବକ୍ଷ
ତଥାପି ବସିଛି ମୂକ ॥

ଜୁଆର ଆସିଲା ଭଟ୍ଟା ବି ପଡ଼ିଲା
ଗଲା ବାଲିଘର ଧୋଇ
ତଥାପି ଜୀବନ ଛାଡ଼ିନି ଜୀଇଁବା
ଭବିଷ୍ୟତ ଆଶା ନେଇ ॥

ଲହରୀ ମାଡ଼ରେ ଭାଙ୍ଗିଛି ଆହୁଲା
ପଡ଼ିଛି ନାଆ ଓଲଟି
ସଳଖଇ ନାବ ପଡ଼େ ବାହିବାକୁ
ଜୀବନ ତରୀ ନାମଟି ॥

ଦୁଃଖ ସୁଖ ଯେହ୍ନେ ଜୀବନର ସାଥି
ଚଳିଥାନ୍ତି ସାଥେ ସାଥେ
ଦୁଃଖ ସିନା ଏଠି ତାଳଗଛ ଛାଇ
ଦୁଃଖ ମିଳେ ପଥ ପ୍ରାନ୍ତେ ॥

ଏ ଜୀବନ ଅଟେ ପ୍ରଭୁଙ୍କର ଦାନ
ସେ ତ ଗତି ମୁକ୍ତି ଦାତା
ସହି ଝଡ଼ଝଞ୍ଜା ବଇଶାଖୀ ଖରା
ଧାୟିବା ବିଶ୍ୱନିୟନ୍ତା ॥

ଭୁବନେଶ୍ୱର

# ଶବମାନଙ୍କ ଭିଡ଼

ସୁଶାନ୍ତ ଦାଶ

ଝର୍କା ସେପାଖେ
ଶବମାନଙ୍କ ଭିଡ ॥

ରଡି ଛାଡୁଥିଲେ କିଏ କିଏ
ଭୟରେ ଏଣେ ତେଣେ
ଚାରିଆଡ଼େ ଧାଉଁଥିଲେ
ଯେମିତି ମାଡ଼ିବସିବେ
କାହାକୁ ନା କାହାକୁ
ଏହିପରି ଭୟଙ୍କର ଦୃଶ୍ୟ
ବିସ୍ମୟ କରୁଥିଲା ସଭିଙ୍କୁ ।

କିନ୍ତୁ କୋଉଠି ବି
ଅଧାପୋଡ଼ା ମାଂସ ନଥିଲା
ହାଡ଼ ପାଉଁଶ କି
ଦରପୋଡ଼ା କାଠ ବି ନଥିଲା ।

ପୂର୍ବରୁ କେବେ ଏମିତି
ଦୃଶ୍ୟ ନଥିଲା କି ମୁଁ କେବେ
ଏ ପରି ଦେଖିନଥିଲି ।
ଏବେ ଶବମାନଙ୍କ ଭିଡ଼
ଦେଖିବା ପୂର୍ବରୁ ନିଜେ
ମୁଁ ଶବ ପାଲଟି ଯାଉଥିଲି ॥

*ନୀଳାଦ୍ରି ନିବାସ ୬-ବାପୁଜୀ ନଗର*
*ବ୍ରହ୍ମପୁର-୪ (ଓଡ଼ିଶା)*
*ଦୂରଭାଷ: ୯୪୩୭୦୨୫୦୯୭*



# ଦିନେ ନା ଦିନେ

ଯୋଗେନ୍ଦ୍ର ନାୟକ

ଅଂଧାରକୁ ଆତ୍ମୀୟ କଲା ଦିନୁ
ଆଲୁଅ ତାକୁ ଦିଶିଛି ଭୟଙ୍କର
ହେଲେ ଏ କଥା ଜାଣି ରଖିଥିବ
ଦିନେ ନା ଦିନେ ହଟିଯିବ ଅଂଧାର ।

ସେ ଅଂଧାର ଭିତରେ ମୁହଁମାଡ଼ି
ଶୋଇଛିତ ଶୋଇଥାଉ
ଅଂଧାରର ପାଶବ ଇଚ୍ଛା ମାନଙ୍କୁ ନେଇ
ଯେତେବେଳେ ଉଠିବ ଉଠୁ
ତା କାଳସୁଖର କଉଡ଼ି ଧରି
ଯେତେ ବୁଲୁଛି ବୁଲୁଥାଉ
ତାକୁ ତା ରାସ୍ତାରେ ଯିବାକୁ ଦିଅ ।

ଏବେ ସବୁଠି ଚର୍ଚ୍ଚା ତା ଅଂଧାରି ମୁଲକର କଥା
ଅଂଧାର ଭିତରେ ବସି
ତା ଫଟା ଓଠରେ ଗାଉଥାଏ ବେସୁରା ଗାଥା ।

ଆମକୁ ଜଣା ନ ଥାଏ
କେମିତି ନଈ ଉପରେ ନୂଆକରି
ତିଆରି ହୋଇଥିବା ପୋଲ
ରାତିକରେ ଭୁଷୁଡ଼ିଯାଏ
ଦିନ ଦି'ପହରେ ହୁଏ ହତ୍ୟା ଆଉ ବଳାତ୍କାର
ହୁ ହୁ ହେଇ ବଢ଼ିଯାଏ ଡ଼ାଲି ଓ ଅଣ୍ଡାର ଦର
ସବୁ କ'ଣ ତା କଲମ ମୁନର ଗାର !

ମିଛି ମିଛିକା ସ୍ୱପ୍ନ ଦେଖେଇ
କାଳେ ସେ ଭୁଆଁ ବୁଲାଏ
କୁକୁର ମୁହଁକୁ ରୁଟି ଫିଙ୍ଗି
ଭରୁଥାଏ ଭଣ୍ଡାରି ମାନଙ୍କ ଭଣ୍ଡାର ।

ଏଥିରେ କି ପଇତା ମାରାହୁଏ
ବାହା ବା ବୋଲାଉଥିବା ବଡ଼ପଣ୍ଡାର
ସବୁ ଦେଖି ଥେଇଥେଇ ନାଚୁଥାଏ ଅଂଧାର ।

ଆମକୁ କି ଜଣାଥାଏ
କେମିତି ଚାଲୁଥାଏ ଅଂଧାରି ମୁଲକର ପଶାଖେଳ
ପଦିଏ ସତକଥାରେ ଗୋଛିକଟେ
ଆରମ୍ଭ ହୁଏ ଶକୁନୀ ମାନଙ୍କ ମହାଭାରତ ଯୁଦ୍ଧ
କେମିତି ଆଲୁଅ ବର୍ଷାରେ ବି
ଉଜୁଡ଼ି ଯାଏ ସୁନାର ସଂସାର

ଅଂଧାର ଲୁଚିଲୁଚି ଗାଉଥାଏ କଳହଂସ କେଦାର।

କାଳେ ଭାସିଯିବେ ନିରନ୍ତର ଆଲୁଅ ବନ୍ୟାରେ
ଏଥକୁ ଭାରି ଡ଼ର
ନିର୍ମୋକି ବାବାଜିଏ ଅଂଧାରର ଢ଼ାଲ ଧରି
ଆଲୁଅ ଆଡ଼େ କ୍ଷେପୁଥାନ୍ତି ବର୍ଚ୍ଛା ପଥର ଧନୁତୀର
ଅଂଧାରର ଭାରି ଜୟଜୟକାର।

ଅଂଧାରର ଛାଇଟିଏ ମୁକୁଟ ପିନ୍ଧି ରଜା ହବାଦିନୁ
ଆଲୁଅକୁ ତାର ଭାରି ଡର
ପାଖେଇ ଆସୁଛି ବେଳ
ଦେଖିବ ଦିନେ ନା ଦିନେ ହଟିଯିବ ଅଂଧାର
ଆଲୁଅ ଖେଳିଯିବ ସଚରାଚର।

*ସ୍ୱତନ୍ତ୍ର କର୍ତବ୍ୟରତ ଅଧିକାରୀ,ମହିଳା ଓ ଶିଶୁ ବିକାଶ ବିଭାଗ,*
*ଲୋକସେବା ଭବନ, ଭୁବନେଶ୍ୱର-୧,*
*ଦୂରଭାଷ: ୯୪୩୭୩୦୧୫୨୭*

# ପରିଧି ଭିତରେ ଘୂରୁଛି ଆଜି ମୁଁ

**ବାବାଜୀ ଚରଣ ଜେନା**

ପରିଧି ଭିତରେ ଘୂରୁଛି ଆଜି ମୁଁ
ତୁମକୁ ଛୁଇଁବା ପାଇଁ
ଦୂରେଇ ଯାଉଛ କାହିଁକି କେଜାଣି
ଖାଲି ଟିକେ ଛୁଇଁ ଦେଇ
ପରିଧି ଭିତରେ ଘୂରୁଛି ... ॥

ଢେଉକୁ ଯେମିତି ଛୁଇଁବା ଆଗରୁ
ମିଶିଯାଏ ସାଗରରେ
ତୁମେ ବି ସେମିତି ଲୁଚି ଯାଉଅଛ
ଆଖିରୁ ମୋ ପଲକରେ
ଭଲ ଲାଗେ କିବା ଲୁଚକାଳି ଖେଳ
ଏ ମନରେ ଦୁଃଖ ଦେଇ
ପରିଧି ଭିତରେ ଘୂରୁଛି ... ॥

ସାଗର ସେପାରେ ତୁମ ମୁହଁ ନାଚେ
ଆଖି ମୋର ଝଲସାଇ
ଉଡ଼ି ଉଡ଼ି ଯାଇ ଛୁଇଁ ପାରେ ନାହିଁ
ଏଇ ମୋର ଡେଣା ଦୁଇ
ମନକଥାକୁ ମୋ ବୁଝିକି ନ ବୁଝି
ଚାହିଁଛି ମୁଁ ତୁମ ପାଇଁ
ପରିଧି ଭିତରେ ଘୂରୁଛି ... ॥

*ଅହଲ୍ୟା ନିବାସ, ପୋପରଢ଼ା,*
*କଟକ - ୪*
*ଦୂରଭାଷ: ୯୪୩୭୮୩୪୭୧୯*

# ନିର୍ଯ୍ୟାସ

**ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ**

ଗୋଟେ ସିଦ୍ଧାନ୍ତର ସଫଳ ମନ୍ତ୍ର ହିଁ
ସବୁ ଅନ୍ତର୍ନିହିତ ସମୀକ୍ଷାର ପରିପ୍ରକାଶ
ସେ ପରିପୂର୍ଣ୍ଣ କରେ ପ୍ରତିଟି ଭାବନାର ଅର୍ଥ
ଯେମିତି ଚିତ୍ରକର ତା'
ଚିତ୍ରରେ ଦେବାପରି ଶେଷ ସ୍ପର୍ଶ
ସେଥିପାଇଁ ଆଲମୀରା ଥାକରେ ଥିବା
ସବୁ ଅଭିଧାନ ବେଳେବେଳେ
ହୋଇପଡ଼ନ୍ତି ପୂରାପୂରି ବେଦମ ।

ସେ ସବୁର ହୋଇପାରେ
ଗୋଟେ ଗୋଟେ ଉଦାହରଣ
ମେଘସହ ମେଘର ଯୁଦ୍ଧ
ବିଜୁଳି ହୁଏ ଉଦ୍‌ଭାସିତ
ଦେବତା ଓ ଅସୁରମାନଙ୍କ ଅବସ
ସମୁଦ୍ର ମନ୍ଥନରୁ ମିଳିଲା ସେତେବେଳେ
ତାଙ୍କୁ ଅମୃତ ଆଉ ହଳାହଳ
ସେମିତି ଅନେକବେଳେ
ପାହାଡ଼ ଚଢୁଚଢୁ ବି ଖସିପଡ଼େ ମଣିଷ
ଖୋଜୁ ଖୋଜୁ ସେ ସେହି ନିର୍ଯ୍ୟାସ ।

ବୋଧହୁଏ ମିଳିଯାଇଥିଲା
ସେଦିନ ତାଙ୍କୁ ଅନ୍ୱେଷଣର ମାର୍ଗ
ବିତର୍କର ଅନ୍ତିମ ସୋପାନ
ଯେଉଁଥି ପାଇଁ ସେମାନେ
ପାଲଟି ଯାଇଥିଲେ ସେତେବେଳେ
ଜଣେଜଣେ ମହାପୁରୁଷ
ଯାହା ଆଜି ପାଇପାରୁନି ତାକୁ
ଭୁଲ କରି ଚାଲିଥିବା କିଛି ଲୋକ ।

ଯେମିତି ନିର୍ଭୁଲ ନୁହେଁ ମଣିଷ
ଠିକ୍ ସେମିତି ପରିବ୍ୟାପ୍ତ ପର୍ଯ୍ୟାଲୋଚନାକୁ
ଖୋଜିପାଇବା ହୁଏ ବେଳେବେଳେ କଠିନ
କିପରି ସେକଥା କୁହାଯିବ
ସାଇବାବା ଜହ୍ନରେ ଦିଶୁଥିଲେ କି ପ୍ରକୃତ
ତା'ର ନିର୍ଯ୍ୟାସ ମୋଟେ ପାଇବା ନୁହେଁ ସହଜ ।
ଆମେ ଦେଖାଇପାରିବା ନିଶ୍ଚୟ
କେମିତି ହାତ ତାଳିରେ ଜଳେ
ପୁଣି ଲିଭିଯାଏ ବିଜୁଳି ଆଲୁଅ
ବାଲିରୁ ବି ହୁଏ ବିଦ୍ୟୁତ ଉଦ୍ଭବ
ଲୁଣପାଣିର ପରିବର୍ତ୍ତନ ପାନୀୟ ଜଳ
ଏସବୁ ବିଜ୍ଞାନର ସମ୍ପୂର୍ଣ୍ଣ ନିର୍ଯ୍ୟାସ ।
ସେମିତି ଗୀତାର ବର୍ଣ୍ଣିତ
ଜୀବନ ତତ୍ତ୍ୱର ସାରାଂଶ
ଶିକ୍ଷକ କହନ୍ତି ଶ୍ରେଣୀରେ
ବିଷୟର ମାର୍ମିକ ପରିଚ୍ଛେଦ
ମନ୍ତ୍ରମୁଗ୍ଧ ସଂଗୀତ ଶୁଣାଏ
ଯେପରି ସ୍ୱରର ନିର୍ଯ୍ୟାସ

ସବୁବେଳେ ସମାନ ହୋଇପାରେନା
କିଛି ସାରମର୍ମ
ସେଥିପାଇଁ ପଥଭ୍ରଷ୍ଟ ହୁଏ ପଥିକ
ଯେଉଁଥି ପାଇଁ ପରମାଣୁର ନିର୍ମାଣ
ଧ୍ୱଂସ କରିପାରେ ତମାମ ଦେଶ ।

ତଥାପି ନିର୍ଯ୍ୟାସ ସର୍ବଦା
ସତ୍ୟ ଓ ଚିରନ୍ତନ
ବଦଳାଇଦିଏ ଜୀବନର ଗତିପଥ
ପୁଣି ମନକୁ କରେ ଗମ୍ଭୀର ମିଳେ ଆନନ୍ଦ
ପ୍ରାପ୍ତିର ସମ୍ଭବତଃ ହୀରା, ମୋତି ଓ ମାଣିକ
ଅନେକ ବେଳେ ସେ ଦିଏ ଦିଗ୍‌ଦର୍ଶନ
ଖୋଜୁ ଖୋଜୁ ଜୀବନର ନିର୍ଯ୍ୟାସ
ସେଦିନ ପୁଅ ସାରୀପୁତ୍ତ ଯେମିତି
ପାଲଟି ଯାଇଥିଲା ଭଗବାନ ବୁଦ୍ଧ ।

*ସଭାପତି 'ସଖା', ମୁଷାଙ୍ଗ,କୋହ୍ଲା, ତିହିଡ଼ି,ଭଦ୍ରକ*
*ଦୂରଭାଷ - ୮୮୯୫୫୮୮୯୦୫*



# ଧାନଫୁଲ

## ଅଧ୍ୟାପିକା ପ୍ରିୟଦର୍ଶିନୀ ନାୟକ

ଧାନଫୁଲର ମହମହ ବାସ୍ନା
ମନକୁ ଭାରି ମତୁଆଲା କରେ
ମଦିରାଠୁ ମାଦକତା
ଭରି ରହିଛି ତା ସୁଗନ୍ଧରେ।

ଧବଳ ଧବଳ ବର୍ଣ୍ଣର
ଟିକିଟିକି ପୁଷ୍ପର ସମ୍ଭାର
ଧାନ ଗଛର ଗର୍ଭାଶୟରେ
ଧାନ ଭୃଣ ସଜ୍ଜିକରଣ
ଖୁବ ମନୋଲୋଭା ଲାଗେ
'ଧାନଥୋଡ଼' ନାମରେ
ଚାଷୀ କରିଛି ତା' ନାମକରଣ।

ଦେଖିବାକୁ ଖୁବ
ଆକର୍ଷଣୀୟ ମନୋଲୋଭା
ବୀଜର ସ୍ୱାଦ ଖୁବ ନିଆରା
ରସ ତା'ର ଗୋରସ ପରି ଅମୃତ
ଟିକି ଟିକି ଫୁଲରୁ
ଜନ୍ମିତ ହୁଏ ଏ ଅମୃତଭରା କେଣ୍ଡା।

ହଳଦୀଗଣ୍ଠି ରଙ୍ଗର ଧାନକେଣ୍ଡା
ଦୂରରୁ ଠିକ କନକଲତା
ଏ କନକ ରାଜା ରାଣୀଙ୍କ
ଆଭୂଷଣ ନିମିତ୍ତ ସଜ୍ଜିତ ନୁହେଁ
ଏତ କୋଟି କୋଟି
ଜନତାଙ୍କ ମୁଖର ଆଧାର
କ୍ଷୁଧାର୍ଥ ପେଟର ଭୋକ
ମେଣ୍ଟାଉଥିବା ଅମୃତ।

ନିର୍ଜୀବ ପ୍ରାଣକୁ ଶକ୍ତି ଯୋଗାଇ
ପିଣ୍ଡରେ ଜୀବନ ସଂଚାରୁଥିବା
ପ୍ରାଣଦାତା ଏ କନକଲତା...
ସତରେ ଏ ଧାନଫୁଲ
ନିଆରା ଅତି ନିଆରା...।

*ଓଡ଼ିଆ ବିଭାଗ, ସିମୁଳିଆ କଲେଜ, ସିମୁଳିଆ, ବାଲେଶ୍ୱର*
*ଦୂରଭାଷ: ୯୦୯୦୨୦୨୧୬୬*

# ଛାଇବେଶ

## ବିପ୍ଳବ ରଞ୍ଜନ ପତି

ଦିନେ କେବେ ମୋ ଛାଇ ମୁଁ ହୁଅନ୍ତା
ମୁଁ ମୋ ଛାଇ
ଖୁବ ସନ୍ତର୍ପଣରେ ତୋ ଛାତି ତଳ
ସିସି ଟିଭି ଫୁଟେଜରେ ଦେଖିନିଅନ୍ତି
ଆମ ଭଲପାଇବାସବୁର ଭାଙ୍ଗିଯିବା ଦୃଶ୍ୟ
ତୁ କିନ୍ତୁ ଜାଣିପାରନ୍ତୁ ନାହିଁ

ଦେଖିନିଅନ୍ତି
ମ୍ୟାଗି ପ୍ୟାକେଟ ଭିତରେ କେମିତି
ଖୁବ ଜଡେଇ ହୋଇକି ଥାଏ ଆମ ସଂପର୍କ
ନୀରବ ନିବିଡ଼
ତାକୁ ଦୁଇ ମିନିଟର
କହି ଫଟାଫଟ ଭାଙ୍ଗି ଦିଆଯାଏ
ଟକମକ ଲୁହରେ ଫୁଟେଇଦେବାପରେ
ନିଜ ଭିତରେ ନିଜେ ଖୁବ ଭାଙ୍ଗିପଡ଼େ
ବାରମ୍ବାର ବେକଭାଙ୍ଗି ଶୋଇଯାଏ
ସବୁ ଅସ୍ତିତ୍ୱ
ବିଶ୍ୱାସର ହାଡ଼ ମାନେ ତରଳିଯାନ୍ତି
ଭିତରେ ଭିତରେ
ଗୋହି ଖୋଳିବା ପାଇଁ ପ୍ରସ୍ତୁତ
ଭିତରେଥିବା ସେ ମସଲା ପ୍ୟାକେଟ
ସଭିଙ୍କ ସ୍ୱାଦ ପାଇଁ ସେତକ ଯଥେଷ୍ଟ

ପ୍ରଶ୍ୱାସର ପବନ
ବିଶ୍ୱାସ ପାଇଁ ପ୍ରଶ୍ନ
ନିଶ୍ୱାସକୁ ନିଅଣ୍ଟ

ଜାଣିଛି ମେଞ୍ଚିଆଡି ପତ୍ର ପରି ପାଚି ପଚି
ସଜେଇ ପାରିନି ତୋ ପାପୁଲି
ପାଉଁଜି ପରି ଜଣେଇଦେଇନି
କାହାକୁ ତୋ ଯିବା ଆସିବା
ତୁଳା ପରି ନିଜକୁ ଯେତେ
ସ୍ୱଚ୍ଛ କି ସଂକ୍ରମଣରହିତ କରିଛୁ
ମୋ ଲୁହକୁ ମୁଁ ସାଲାଇନ ବୋତଲରେ ସାଇତିଛି
ତୋତେ ଶୋଷ ହେବା ଯାଏଁ

ଏବେ ଖରା ଭାରି ଆଲୋକିତ ଖୁସିରେ
ଛାତ ପୋଡ଼ିଜଳି ଯାଉଥିବା ବେଳେ
ଛାତି ମୋର ଗୋଟେ ସୋଲାର ପ୍ଲେଟ
ଯନ୍ତ୍ରଣା ଯା'ର ଭୋକ କି ଶୋଷ
ତା କୁହୁଳିବା କେବଳ
ତୋ କଳାଚଷମା ଆଗରେ
ଦେହ ଥାଇ ଦିନେ ଛାଇ
ଜଳିଯାଇପାରେ କାହିଁକିନା
ପତ୍ର ହେଇ ଦିନେ ଫୁଲପରି ଧରିନି ତୋତେ
ଛାଇ ଦେଇଥିବି କି ନା ଜାଣିନି
ତଥାପି ସଉକରେ ଛିଡ଼େଇ ଆଣି
ତୁ ପକେଇ ଦେବା ପରେ ବି
ମୁଁ ଆଉ କାହା ଲୋଭ କି ଭଲପାଇବା ଆଗେ
ଦେଖେଇନି
ବରଂ ନିର୍ମାଲ୍ୟ କରି ଶୁଖେଇ ରଖିଛି
ଅଇଁଠା ପରି ଲାଗିଥିବା
ତୋ ବଳକା ବାସି ଭଲପାଇବା

ବିଡ଼ମ୍ବନା
ପ୍ରେମ ଗୋଟେ ପାପର ପୋଷାକ
ତାକୁ ପିଠିରେ ପିନ୍ଧିବା ମନା

ଦେଖିବୁ
ତୋ ଠୁ ଏମିତି ହାରିବି ଯେ
ତୁ ଜିତିକି ବି କାନ୍ଦି ପକେଇବୁ

ଖୁସି ବି ଖୁବ ଅପ୍ରତ୍ୟାଶିତ ନୁହେଁ
ପତ୍ର ଜାଗାରେ ଏଣିକି ପାତ୍ର ଖୁବ ଚମକୁଛି
ତୋ ଛାତିତଳ ବାସନ ଷ୍ଟାଣ୍ଡରେ
ଭୀମ ଡିଟରଜେଣ୍ଟରେ ଧୋଇବା କି ମାଜିବା
ତୁ କେବେଠୁ ଶିଖିଗଲୁଣି ଜାଣିବା ପରେ
ଅନ୍ଧାରରେ ଛାଇଛାଡ଼ି ଫେରୁଛି ମୁଁ ଅଧ
ରାତିରେ ???

*ମମତାମନ୍ଦିର, ଝିଙ୍କିରିଆ, ଆରସା, ତିହିଡ଼ି, ଭଦ୍ରକ, ୭୫୬୧୩୯*
*ଭ୍ରାମ୍ୟଭାଷ-୭୦୦୮୦୫୯୭୦୧*

# ଆକାଂକ୍ଷିତା

## ଯଶସ୍ୱିନୀ ପଟ୍ଟନାୟକ

ହେ ମୋର ଆକାଂକ୍ଷିତ ଇଚ୍ଛା!
ତୁ ଅଟୁ ଧାରେ ନାଳି ଗାର!
ଅବା ଏକ ଜୀବନ୍ତ ଫୁଆର।

ସୂର୍ଯ୍ୟର ସୁନେଲୀ ଅରୁଣିମା!
ଚନ୍ଦ୍ରର କି କଳଙ୍କ କାଳିମା।

କ୍ଷିପ୍ରବେଗୀ କିଶୋରୀ ଅନୁଢ଼ା!

କେଉଁ ସିଂହାସନେ ଅଧିରୁଢ଼ା ।

ନୃତ୍ୟରତା ବିଶ୍ୱମୋହିନୀ !
ଉନ୍ମାଦ ଉଦ୍ଦାମ ସ୍ରୋତସ୍ୱିନୀ ।

ଅବା କେଉଁ ବନ୍ୟ ଝରଣା !
ଶୀତଳିଆ ଶାନ୍ତ ପ୍ରେରଣା ।

ରଙ୍ଗଭରା ମୟୂର ଚନ୍ଦ୍ରିକା !
ବୀର ରାଜପୁତ୍ର ଜୟଟୀକା ।

କାକଳିର କୁହୁକୁହୁ ତାନ !
ଅବା ମୃଗୁଣୀର ତ୍ରସ୍ତ ନୟନ ।

ପାହାଡ଼ର ଗର୍ବିତ ଠାଣି !
ଅବା ତପସ୍ୱୀର ଦୀପ୍ତ ଚାହାଣୀ ।

ନୀଳ କଇଁ ଚାନ୍ଦିନୀ ପ୍ରେମ !
କୂଳବଧୂ ନାରୀର ସଂଭ୍ରମ ।

ମତାଣିଆ ଖୋଲା କେଶବାସ !
ବନ୍ଧାପଡ଼େ ଭ୍ରମର ନିବାସ ।

ଅବା ନାରୀ ଚୂର୍ଣ୍ଣ କୁନ୍ତଳ !
ପ୍ରେମିକର ପ୍ରଣୟ ଆକୁଳ ।

ପ୍ରିୟାର ସେ ମନଲୋଭା ହସ !
ସ୍ୱପ୍ନଭିଜା ରାତ୍ରି ଚଉପାଶ ।

ପ୍ରିୟତମା ପ୍ରେମ ଅନୁରକ୍ତା !
ହୃଦ ସିଂହାସନେ ଅଭିଷିକ୍ତା ।

ଇଚ୍ଛା ମୋର ସ୍ୱର୍ଣ୍ଣ ପକ୍ଷଯୁକ୍ତା !
ନିଃସନ୍ଦେହ ବହୁ ଆକାଂକ୍ଷିତା ।

*ନାଳନ୍ଦା ପବ୍ଲିକ୍ ସ୍କୁଲ, ଭାତପଡ଼ା, କଟକ*

# ମା'

**କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ**

ମମତାର ଯେ ଉର୍ଜ୍ଜସ୍ୱଳ ଧାରା
ସହଣିକରେ ଯିଏ ମାଟିର ଧରା
ଯାର ରକ୍ତ ଅମୃତ
ଯାହାର ଗଲାଣୀ ପ୍ରେମାପ୍ଳୁତ
ସେ ସର୍ବସଂହା
ଭୋକ, ଉପାସ, ନିଖୁରା, ଚିରାଫଟା
ବାସିସଜ ତାପାଇଁ ଫରକ ନାଇଁ
ସନ୍ତାନଙ୍କ ପାଇଁ ସଦା ଉର୍ଦ୍ଧ୍ୱବାହୁ
ଭାରାନିବାରଣ ପାଖେ
ତା ଜୀବନ ଏକ ସ୍ରୋତସ୍ୱିନୀ
ବହୁଛିତ ବହୁଛି
କେତେବେଳେ ଅମଳ ମନ୍ଦାକିନୀ
ତ
ଆଉ କେତେବେଳେ
ଦୁଃଖ ଦୈନ୍ୟ ଅନାଟନର
ଅନଳରେ ବହ୍ନିମାନ
ହସ ଲିଭେନି ହୃଦୟ ଭାଙ୍ଗେନି
ଖଟଣୀ କରିପାରେନି ଖତମ୍
ତା ରହଣୀରେ ତା ଶିରାପ୍ରଶିରାରେ ତା ନିଶ୍ୱାସ
ପ୍ରଶ୍ୱାସରେ
ସଦା ମଙ୍ଗଳ ଧ୍ୱନି
ସେ ପରା ମା' ମମତାର, ସମତାର, ପୁଷ୍ଟିର,
ସନ୍ତୁଷ୍ଟିର, ସମଷ୍ଟିର
ସମବେଦନାର
ପୁଣି ଦିବ୍ୟ ସମ୍ଭାବନା ।

*ସଂପାଦକ- ପ୍ରାଚୀ ସାହିତ୍ୟ ସମିତି, ନିଆଳି, କଟକ*

# ରାତିର ପୋଷାକ

**ଜୟନ୍ତୀ ପଢ଼ିଆରୀ**

ଅସ୍ତମିତ ସୂର୍ଯ୍ୟର ଶେଷ କିରଣରେ
ମୁଁ ସଂଜର ପ୍ରଥମ ସ୍ପର୍ଶରେ
ବୋଧେ ପାଟଳ ଅନ୍ଧାର
କେବଳ ମୁହୂର୍ତ୍ତେ
ନିଜ ଅଜାଣତରେ ସ୍ୱାଗତ କରୁଥାଏ
ବହଳା ବହଳା ଅନ୍ଧାର ରାତିରେ
ଖୋଲି ଦେବାକୁ ମଣିଷର
ଆସକ୍ତ ପ୍ରାଣର ଇତିବୃତ୍ତ
ସମସ୍ତଙ୍କ ଅଜାଣରେ ମୋ ସତର୍କ ଆଖି
ଖୋଜୁଥାଏ ନଖ, ଦାନ୍ତ ସହ
କିଛି ପାଶବିକତାର ଉଲଗ୍ନ ନୃତ୍ୟ
ବ୍ୟଭିଚାରର କଳୁଷିତ ଚିତ୍ରପଟ୍ଟ ନୁହଁ
ଜାନ୍ତବତାର ଅଭିଷେକ
ମୁଁ ତ ଅନେକ ଆଗରୁ
ମୋ ଭିତରୁ ନିର୍ବାସିତ ହେବାପରେ
ମଳିନ ଅହଙ୍କାର
ତତଲା ରକ୍ତରେ ଭିଜିଥିବା ନୀଳଘାସ
ସନ୍ନ୍ୟାସି ଅଥବା ସଫେଦ ପୋଷାକ
ତଳେ ଲୁଚିଥିବା ଅମଣିଷ ପଣିଆର
ଚିତ୍ରରୁ ଚରିତ୍ର
ଲେଖି ନ ପାରିବାର ଯନ୍ତ୍ରଣାରେ
ଦେଖିବାଟି ସତ୍ୟ ।

ଏବେ ମୁଁ ମୋ ପ୍ରଶ୍ନରେ
ଛନ୍ଦି ହୋଇପଡୁଚି
ନିଜକୁ ପଚାରୁଚି, ସତ୍ୟ କଣ ଅପରାଧ ?
ମୁଁ ତ ଅସରା ଅନ୍ଧାର ନୁହେଁ
ଜହ୍ନର ଶେଷ ଟୋପାକ ଲୁହରେ
ଗାଧୋଇବା ପରେ
ସକାଳର କଅଁଳ କିରଣରେ
ମୁଁ କଦଳୀପତ୍ର ପରି ଥରୁଥାଏ
ପକ୍ଷୀ ଡାକରେ ପବନ ଗୀତରେ
କାଳେ କିଏ ଦେଖିଥିବ
କିଛି ବି ପଚାରିବ
କ'ଣ ଯେ କହିବି: ମୁଁ ତ
ଆତ୍ମସତ୍ତା ହରାଇଥିବା ଚିକିଟା ଅନ୍ଧାର
ରାତିର କଥାକୁ କହିବା ପ୍ରତିଶ୍ରୁତିରେ
ମୁଁ ଗୁମ୍ଫାରେ ଗାତରେ
ଅଧା ଅନ୍ଧାର ଆଉ ଅଧା ଆଲୁଅରେ
ହେଲେ କିଏ ବା କାହିଁକି କହିବ
ପଚାରିବ
ସକାଳୁ ସବୁ ଲୋକ ବଦଳେଇ ଦେଇଛନ୍ତି
ରାତିର ପୋଷାକ ।

*ସମ୍ପାଦିକା, ମଧୁରଭାରତୀ, ଭୁବନେଶ୍ୱର*
*ଦୂରଭାଷ: ୭୯୭୮୧୧୭୪୧୪*



# 'ମୁଁ' ଓ 'ଆମେ'

**ଅର୍ଚ୍ଚିତା ଦାସ**

'ମୁଁ'
ଅହଂର କାରାଗୃହେ ସ୍ୱଇଚ୍ଛାରେ ବନ୍ଦୀ,
ଶାଶ୍ୱତ ଜୀବନର ସୂକ୍ଷ୍ମ ରଜ୍ଜୁକୁ
ଅଳିକ ମୋହ ର ମାୟାଜାଲରେ ଛନ୍ଦି,
କେଉଁ ଏକ ଅଜଣା ସୁଖର ସନ୍ଧାନରେ
ଅଣନିଃଶ୍ୱାସୀ ଧାଇଁଥିବା ଅଶାନ୍ତ ଆତ୍ମାଟିଏ।
'ଆମେ'
ଅହଂ ରହିତ ଶୁଭ୍ର ତଟିନୀର ସ୍ୱଚ୍ଛ ଜଳଧାରେ
ଜୀବନର ମଧୁର ସଙ୍ଗୀତର ମୂର୍ଚ୍ଛନାରେ
ଦୋଳାୟିତ
ହୁଲି ଡଙ୍ଗାର ଆହୁଲାକୁ ସଳଖି ଧରିଥିବା
ଚତୁର ନାଉରୀଟିଏ।
'ମୁଁ'ର
ଯାତ୍ରା କେବଳ 'ମୋ'ର' ଯାଏ।
ତା'ପରେ ସବୁ ପଥ ଅଜଣା, ସବୁ ମୁହଁ ଅଚିହ୍ନା।
'ଆମେ'ର
କିନ୍ତୁ ଯାତ୍ରା ଅସରନ୍ତି,
ଚିହ୍ନା ଜଣା ସବୁ ପଥ
ସବୁ ପଥିକ ବି ସହଯାତ୍ରୀ।
'ମୁଁ'କୁ ଅଦୃଶ୍ୟ ଆତ୍ମୀୟଟିଏର ବି
ଲୁହର ଲହଡ଼ି, କୋହର ଦିହୁଡ଼ି,
ଖୁସିର ଚାଙ୍ଗୁଡି ତଥା ଶୋକର ଶଗଡ଼ି।
'ଆମେ'କୁ
କିନ୍ତୁ ସହଜେ ଦୃଶ୍ୟମାନ
ଇତରଟିଏର ବି ହସ ପଛର ଲୁହ,
ଶ୍ୱାସ ପଛର କୋହ,
ଦୁଃଖର ଏନ୍ତୁଡ଼ିଶାଳ ଆଉ
ସୁଖର ପ୍ରମୋଦ ବନ
'ମୁଁ'
ନିଜର ସତ୍ତା ହରାଇବାର
ଭୟ ଜଡସଡ ଭାବରେ ବୁଡ଼ି ରହି
ନିରୁଦ୍ଦିଷ୍ଟ ନିଜ ଇଲାକାରେ ବି।
'ଆମେ'ର
କିନ୍ତୁ ନଥାଏ ସତ୍ତା ହରାଇବାର ଭୟ
ଅବା ଅଳିକ ଜୀବନର ଅସାର ମୋହ।
ସିଏ ତ 'ଆମର' ଭାବରେ ମଜ୍ଜି
ଜୀବନାମୃତ ଆସ୍ୱାଦନରେ ବିଭୋର ଅହରହ।
ଏମିତି ହୁଅନ୍ତା କି
ହଠାତ୍ ଅହଂର ଶିକୁଳି ଖୋଲି
ନିଜର କୁଶଳୀ ହାତର
ସମସ୍ତ ଶକ୍ତି 'ଆମେ'କୁ ସମର୍ପି
'ମୁଁ' ବସିଯା'ନ୍ତା ହୁଲିଡଙ୍ଗାର
ମଙ୍ଗ ସଳଖି।
ଓ
ମହାଦ୍ରୁମ 'ଆମର'ରେ ନୂଆ ଏକ ନୀଡ଼ ରଚି
'ମୋର' ଗାଇ ଉଠନ୍ତା ଜୀବନର ମଧୁର ସଙ୍ଗୀତ
ତେବେ ତ ମଧୁମୟ ହୋଇଯାଆନ୍ତା ସାରା ଜଗତ।

*ବରମୁଣ୍ଡା, ଭୁବନେଶ୍ୱର*
*ଦୂରଭାଷ: ୮୭୫୮୭୪୫୮୭୬*

# ଆସିଲା ଦ'ଶରା

**ଡ.ଚିତ୍ରକାନ୍ତୀ ସେଠୀ**

ଦ'ଶରା ଆସିଲେ ଏଠି
କେତେ ଦୃଶ୍ୟ
ଆଖି ସାମ୍ନାରେ ନାଚିଯାଏ
ନଇ ପଠା ଖରିବଣ ପଟୁ
କାଶତଣ୍ଡୀ ଅଂଟାଭାଙ୍ଗି ନାଚେ
ପବନର ବେଗ ସଙ୍ଗେ
ନିଜକୁ ଖାପ ଖୁଆଇ
ମତୁଆଲା ହୋଇଯାଏ ସେ
ବିଭୋର ପଣରେ।

ଏଠି ଦ'ଶରା ଆସିଲେ
ବାପାଙ୍କ କଥା ଖୁବ ମନେପଡେ
ମଣିଷଙ୍କ ଭିଡ ସୁଅ କାଟି
ମୋ ହାତକୁ ଭିଡି
ଆଗକୁ ନେଉଥିବାବେଳେ
ଜେଜେମା' ପଛରୁ ଡାକନ୍ତି
ଆରେ ହେ ଦୀନବନ୍ଧୁ..!
ଛୋଟ ଛୁଆଟା ହଜିଯିବ ଏଠି
ତାକୁ ଭିଡିକି ଧରିଥା ହାତରେ।

ମହିଷାକୁ ବଧ କରୁଥିବା ଦୃଶ୍ୟ
ମୁଁ ଯେତେବେଳେ ପାଖରୁ ଦେଖେ
ଚିହିଁକି ଅ।ସି ବାପାଙ୍କୁ କୁଣ୍ଢାଏ
ଚିଲେଇକି କହେ
ବାପା ...
ଚାଲ ଆମେ ଘରକୁ ପଳାଇବା
ଭୟରେ ମୁଁ କାତରିଯାଏ।
ବାପା କୁହନ୍ତି
ତୁ ଡରୁଛୁ କାହିଁକିରେ
ଇଏ ପରା ଆମ ମା'
ଦୁର୍ଗା ମା'
ଏ ସୃଷ୍ଟିକୁ ସମ୍ଭାଳିବା ପାଇଁ
ଏହି ଅବତାରରେ
ଆସିଥାନ୍ତି ସେ ବାରମ୍ବାର
ସୁନ୍ଦର ଧରାକୁ।

ହେତୁ ହେଲାପରେ
ଏବେ ମୁଁ ବୁଝୁଛି
ଦୁର୍ଗା ତ ମୋ ମା'
କେବଳ ମୋର ନୁହେଁ ବରଂ ଜଗତର
ଆପେ ଆପେ ମଥା ନଇଁଯାଏ
ତାଙ୍କରି ପାଖରେ
ନିଜକୁ ସମ୍ପୂର୍ଣ ସମର୍ପି ଦେଲାପରେ

*ଅଧ୍ୟାପିକା, ଓଡିଆ ଭାଷା ସାହିତ୍ୟ ବିଭାଗ*
*ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ,*
*ରାଜକନିକା, କେନ୍ଦ୍ରାପଡା*

# ସମାରୋହ

**ଧୀରେନ ଆଚାର୍ଯ୍ୟ**

ଆୟୁଷର ଅବଗଣନାରେ
ଅବକ୍ଷୟୀ ଦେହ ଓ ବୟସ ସାଥେ
କଦାଚିତ୍ ସରି ସରି ଯାଏନାହିଁ
ମନ-ସାନସର ନିଜସ୍ୱ ଯୌବନ।
ବାରିବାରି ପତ୍ରଝଡା ପାରି
ଥୁଣ୍ଟା ଶାଖା ଅନ୍ଧଆଖି
ନୂଆପତ୍ର କଅଁଳାର ସ୍ୱପ୍ନ
ଦେଖପାରେ ବୋଲି
ନାଆଁ ତା' ଜୀବନ।
ଭାବମୟ ଜଳସ୍ତର
ମୂଳଚେର ଛୁଉଁଥିବା ଯାକେ
ଯେତେ ଅଡୁଆ ତଡୁଆ ଲାଗୁ,
ବଙ୍କା ଟଙ୍କା ଦିଶୁ କାହାଣୀର ଗତିଧାରା,
ଏ ଜୀବନ ଏକ ସଜଳ ସୀକୃତି,
ସ୍ମୃତିସ୍ନାତ ବିସ୍ମୟୀ ବିସ୍ମୃତି।
ଅନୁମାନିତ ସାଦା କାଗଜ ଛାତିରେ

ଭିନ୍ନ ସ୍ୟାହି, ଅଜଣା ଲିପିରେ
ଆପଣା କାହାଣୀ ଲେଖିଯିବା ଜୀବନର ଧର୍ମ।
କୋଉ ସକାଳ- ସଞ୍ଜ, ଦିନ-ରାତି
ସ୍ୱପ୍ନ ଦେଖା ପାଇଁ ଅସମୟ ନୁହଁ।
ହଁ, ମୋହଗ୍ରସ୍ତ ଝଡ କେବେକେବେ
ଭାଙ୍ଗିଦେଇ ଡାଳ
ଉଜାଡିବ ଫୁଲ ଫଳ,
ଢେଉର ଲହକା ଜିଭ ଚାଟିନେବ
ଅଧାଗଢ଼ା ବାଲିଘର।
ସିଏସବୁ ଦୀର୍ଘାୟିତ କାହାଣୀର
ଗୋଟେ ଗୋଟେ ମଧ୍ୟାନ୍ତର।
ତାପରେ ବି ପୃଷ୍ଠା ଲେଉଟିବ,
ଆଜିର ଅବଶ,କାଲିର ଉତ୍ସୁକ ହାତ
ନୂଆଏକ ମହଲର ନିଅଁ ପକାଇବ।
ଯଦିଓ ସେ ବସାର ବାସିନ୍ଦା ହେବାକୁ
ବତୁରା ଦେହ, ଉତୁରା ବୟସ
ଯୋଗ୍ୟ କି ଅଯୋଗ୍ୟ ...
ସିଏ ଏକ ଭିନ୍ନ କଥା,
ନିଃଶ୍ୱାସ ଅବଧି କିନ୍ତୁ ...
ନିରନ୍ତର ଭଙ୍ଗା ଗଢାର
ସ୍ୱପ୍ନ ସମାରୋହ

*ଦୂରଭାଷ: ୯୪୩୯୪୮୬୧୬୮*

# ଅଣସର

## ଡକ୍ଟର ରାମଚନ୍ଦ୍ର ପଲାଇ

ଅଣସର !
ଅଭିଷେକ ପାଇଁ
ଏକ ଅମୂର୍ତ୍ତ ଅବସର
ଆଲୋକର ଆବାହନ ପାଇଁ
ଏକ ଅନିର୍ବାର୍ଯ୍ୟ ଉପସ୍ଥାନ।

ଗହଗହ ଅନ୍ଧାରର
ବିକୀର୍ଣ୍ଣ ନୀରବତା ଭିତରେ
ଶବ୍ଦମୟ ଆଲୋକର ଫୁଲ ଫୁଟୁଥାଏ
ଠିକ ସୂର୍ଯ୍ୟୋଦୟ ପୂର୍ବରୁ ପଦ୍ମବନରେ
ଅବ୍ୟକ୍ତ ଅଭିସାର ପରି।

କିଛି ପୁରୁଣା ହଟିଯାଏ
କିଛି ପୁରୁଣା ନୂଆ ରହେ
ଦେହର ଭିତରେ, ବାହାରେ।

ରତ୍ନବେଦୀରୁ ଅଣସର ପିଣ୍ଡି
ଉପଶମ ପାଇଁ କେତେ ଯେ ନିଦାନ,
କେତେ ଉପଚାର
ଜନଲୋକ ପାଇଁ ଅନ୍ତରାୟ ହୁଏ
ନିବିଡ଼ ଅନ୍ଧକାର !

ସେଇ ଅନ୍ଧକାର
ସକଳ ଆଲୋକର ପିଣ୍ଡ
ସକଳ ଉନ୍ମେଷର ହେତୁ
ସବୁକିଛି ଥିବା ଓ ନ ଥିବାର
ଦୃଷ୍ଟ ଓ ଅଦୃଷ୍ଟର।

ଅଣସର !
ଅନେକ ସଂରଚନାର ମୂଳାଧାର
ମାନବୀୟ କ୍ଷେତ୍ରରେ ଦିବ୍ୟତ୍ୱର
ଅନନ୍ୟ ଅଧ୍ୟାସନ।

ଏମିତି ଅଣସର ଓ ନବ ଯୌବନ
ଚାଲିଥାଏ ସବୁଠାଇଁ,
ସବୁ ରାତି, ସବୁ ଦିନ
ସଂସ୍ଥିତି ଓ ରୂପାନ୍ତର ପାଇଁ
ଶରୀରର, ଚେତନାର।

*ଭାରତ ଭିଲ୍ଲା, ରୁଦ୍ରପୁର, ନହରକଣ୍ଟା,*
*ଭୁବନେଶ୍ୱର - ୭୫୨୧୦୧*
*ଦୂରଭାଷ: ୭୯୭୮୮୯୮୪୫୬*

# ଡାକ

## ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ

ଅନେକ ଦିନ ପରେ
ତୁମ ଦେଖା
ସେ ଛକରେ
ଯେଉଁଠି ଆମ ଆଖିମାନେ
ମିଶୁଥିଲେ ପ୍ରତିଦିନ
ଗହଳିଆ ପବନ ଭିତରେ
ମଣିଷଙ୍କ ଘଞ୍ଚ ଜଙ୍ଗଲରେ
ତୁମେ ମୁଁ
ବାଟ ଚାଲୁଥିଲେ
ସ୍ୱପ୍ନଙ୍କ ନୀରବ ପଟୁଆରର
ଅଣଚାଶ ନିଶ୍ୱାସର
ଘନ ଘୋର
ଲହଡ଼ି ଭିତରେ...

କେତେ
ସ୍ୱପ୍ନ ଆଉ ଭାବନାର
ଗହଳିଆ ନୀରବ ନିଦରେ
ପହଁରୁ ଥିଲେ ଆମେ
ନା
ଖାତିର ଥିଲା
ଡହ ଡହ ଖରାକୁ
ନା
ହାତଠାରି
ପାଖକୁ ଡାକୁ ଥିବା ଗଛକୁ
ନା ବାରମ୍ବାର ଅଳସ ଭାଙ୍ଗୁଥିବା ନିଆଁକୁ...

ତୁମେ ଆଉ ମୁଁ
ମିଶୁଥିଲେ ପ୍ରତିଦିନ
ବନ୍ଦ ଆଖିର କୋଠରୀ ଭିତରେ
ନିବୁଜ କରି ବାରମ୍ବାର କାନ୍ଦୁଥିବା
ହୃଦୟ ଭିତରେ
ତ
କେବେ କେବେ
ତୁମ ଦେହର ଉତ୍ତାପରେ
ସନ୍ତୁଳି ହେଉଥିବା
ମନରେ...

ଅନେକ ଦିନ ପରେ
ତୁମ ସହ ଦେଖା
ଏକାନ୍ତରେ
ଏବେ ସମୟରେ
ଦିନ ଦୁଇଟା ବାଜୁଛି
କିଛି ଶିଥିଳ ଶିରା ପ୍ରଶିରା କେବଳ
ଗହଳି ଲାଗିଛି
ହୁଏତ ଏ ଭିତରେ
ରକ୍ତ ମଧ୍ୟ ରଙ୍ଗ ଛଡ଼ା ହେଲାଣି
ତଥାପି ତୁମ ଦେହର ବାସ୍ନା
ଆଉ
ପାଦର ଘୁଙ୍ଗୁର
ବାରମ୍ବାର
ହାତ ଠାରି
ପାଖକୁ ଡାକୁଛି...

*ବ୍ରହ୍ମପୁର*



# ଅତୁଟ

## ରାଜଶ୍ରୀ ମହାପାତ୍ର

ନିଇତି ଦେଖେ ନିଇତି ଭାବେ
ମୋ'ଘର ଝରକା ବାଟେ
ମନ ଆକାଶଟା ମିଶିଯାଏ ସତେ
ଶୂନ୍ୟ ଆକାଶର ସାଥେ।
ଅଜାଡ଼ି ଦିଏ ସ୍ମୃତି ଅନୁଭୂତି
ହୃଦୟ ମୋର ନିଏ ବିରତି
ତୁ' ଚନ୍ଦ୍ରବିନ୍ଦୁ ଆକାଶର,
ଆଉ କୋଟି ହୃଦୟର
ମୁଁ ଢଳ ଢଳ ସାରୁପତ୍ର ଜଳ।
ତୁ ଖେଳୁ ସିନା ସରଗରେ ତୋର
ମୁଁ ଖେଳେ ମରତେ
ହେଲେ ଭାବ ପ୍ରୀତି ଆମ ରହିଛି ଅତୁଟ
ରହିଥିବ ସବୁଦିନ

*ଦେବଶ୍ରୀ,*
*ବାଲିଆପତା, ତମାଣ୍ଡୋ, ଭୁବନେଶ୍ୱର*
*ଦୂରଭାଷ: ୯୪୩୯୧୯୮୬୩୪*

# ଖରା

## ରବିରଶ୍ମି ସାହୁ

ଦାଣ୍ଡ ଘର କବାଟରେ ପିଠି ଡେରି
ଝାଇଁ ଝାଇଁଆ ଭାଷାରେ ଖରା ଯେବେ ଡାକେ,
କିଶୋରର ଉଦ୍ଦାମତା ପଛରେ ଲୁଚି ଯାଏ
ଦିନରାତି ବାଟ ଓଗାଳୁଥିବା ବାପାର ଡରଟା।
ବୁଲି ଅନାଏ ମୁଁ ହୋମ ଓ୍ୱାର୍କର ତାଲିକା ବୋଝରେ
କାନ୍ଥରୁ ଓହଳି ପଡିଥିବା କ୍ୟାଲେଣ୍ଡରକୁ,
ଆଖି ମିଳେଇ ପାରେନା ଢିମା ଢିମା ଆଖିରେ
ସମୟ ସୀମା ସୂଚେଇ ଚାଲିଥିବା ତାରିଖ ସବୁକୁ।
ଠିକ ସେତିକି ବେଳେ
ମେ ମାସ ପୃଷ୍ଠାର ଟୋପି ପିନ୍ଧିଥିବା ଝିଅଟି
ଆଖି ନଚେଇ ନଚେଇ କହେ,
ଚାଲିଯା, ଚାଲିଯା ଏ ସମୟ ଆଉ କେବେ
ଫେରିବ କି ନାହିଁ, ନହେଲେ ସବୁଦିନ ମୋତେ
ଏମିତି ଅନେଇ ଅନେଇ ରହିଯିବୁ ମୋ'ରି
କ୍ୟାଲେଣ୍ଡର ପୃଷ୍ଠାର ଫଟଟିଏ ହେଇ।
ବାସ, କୁଦି ପଡ଼ିବାକୁ ହୁଏ ଖରାର ପିଠି ଉପରକ
ଖରା ପିଠିରେ ଲାଉ ହେଇ
ବୁଲି ବୁଲି ସ୍ୱପ୍ନ ତୋଳିବାକୁ।

ବୋଳି ହେଇ ଦେହ ସାରା ଖରା ରଙ୍ଗ,
ଖରାରେ ବତୁରି ଯାଏ ସାରା ଦେହ ମୋର।
ଖରା କାନ୍ଧରେ ଭରା ଦେଇ ଚାଲିଲା ବେଳେ
ଶୁଣିବାକୁ ଭଲଲାଗେ ଖରା ଗପ।
ଖରାର ହଜାରେ ସାଙ୍ଗ, ଖରା ପାଖେ ଦୁନିଆ ଖବର,
ଖରା ହାଟେ ନେଣ ଦେଣ ଖଟା ମିଠା କେତେ
ରୋମାଞ୍ଚର ଡରି ଡରି ଝରକା ଫାଙ୍କରେ
ଖରାକୁ ଝୁରି ଝୁରି ଜଳୁଥିବା ଅଭିମାନ
ଦୁଇଟି ଆଖିର,
କିମ୍ବା ସ୍ୱପ୍ନକୁ ବନ୍ଧା ପକେଇ
ଅନିଦ୍ରା ରାତିର ହିସାବରେ ଛନ୍ଦି ହେଇ
ବାଟ ଭୁଲିଥିବା କେଉଁ ଅମାନିଆ ମନ।

ଖରା ସାଥେ ଚାଲୁ ଚାଲୁ ଅଜାଣତେ
ପହଞ୍ଚି ଯାଏ ମୁଁ ତୋଟା ପଟ ଖେଳ ପଡିଆରେ,
ଚକ ମକ ମୁହଁ ନେଇ ଖରା ବସେ
ବାଗୁଡ଼ି ଦାଣ୍ଡିଆ ଖେଳର ନିଷିଦ୍ଧ ପ୍ରାନ୍ତରେ,
ରାହା ନେବା ଆଗରୁ ମୁଁ ଅନାଏ ଖରାକୁ,
ହସ ଧାରେ ଫିଙ୍ଗି ଦେଇ ମୁଣ୍ଡ ସେ ହଲାଏ,
ଆଉ ମୁଁ ଡେଇଁ ପଡେ ଆରପଟ ଦଳ ଉପରକୁ।
କେବେ ପୁଣି ଖରା ମୋତେ ଟାଣିନିଏ
ପୋଖରୀ ହୁଡ଼ାକୁ।
ଅନ୍ୟମନସ୍କତାରେ ଯେବେ ମୁଁ ଘୁରି ବୁଲୁଥାଏ
ସେ ପାରିର ମନ ପରିଧିରେ,
ଚଗଲା ଖରାଟା ଧକ୍କାଟିଏ ଦିଏ ପଛ ପଟୁ
ମୁଁ ବୁଡେ ପୋଖରୀର ଚହଲା ପାଣିରେ,
ଅବୁହା ମନର ଢେଉ ଖେଳି ଯାଏ ଚାରିଆଡେ
ବିଞ୍ଚିଦେଇ ଏକ ସମ୍ଭାବନାର ବାସ୍ନାକୁ,
ଜାଣେନି ସେ ଢେଉ କେବେ ଛୁଇଁଛି କି ଆରପାରି
ଖିଆଲି ମନକୁ।

ଖରା ଗୀତେ ଝରିପଡ଼େ ଭରସାର କାଚ କେନ୍ଦୁ ପାଣି,
ଖରା ଟିକେ ଛୁଇଁ ଦେଲେ ଭରିଯାଏ
ଜୀବନରେ ରଙ୍ଗର ବର୍ଣ୍ଣାଳୀ,
ଖରା ବୁଣି ଚାଲିଥାଏ ଝାଞ୍ଜିର ମହକ,
ଅସମ୍ଭବ ଅଭିଳାଷେ, ମୋ ଭିତରେ ଫୁଟୁଥାଏ
ମଉଳି ଯିବାର ଏକ ଦୁର୍ବାର ପୁଲକ,
ତୋଳିବାକୁ ଖରା ଫୁଲ ହାତ ମୋର
ବଢିଯାଏ ନିତି ଫିଟାଇ ଶିକୁଳି,
ଖରା ପ୍ରେମେ ଭିଜି ଭିଜି
ଗୋଟାପଣେ ଯାଏ ମୁଁ ହେମାଳି।

ଦିନ ନଏଁ, ନଇଁଯାଏ ଚୁଲବୁଲ ହଜାର ଖରାର
ମନଟି, ଫେରିବାର ପ୍ରସ୍ତୁତିରେ
ଚକ ଚକ ମୁହଁ ତାର ଫିକା ପଡ଼ିଯାଏ,
ନିଃଶବ୍ଦର ଆବରଣ ତଳେ
ଶୋଇଯାଏ ଗାଧୁଆ ତୁଠଟି,
ମୁଁ ବି ଜାଣେ ଫେରିବାକୁ ହେବ
ମୋତେ ପୁଣି ସେଇ ବନ୍ଦ କୋଠରୀକୁ,
କ୍ୟାଲେଣ୍ଡର ପୃଷ୍ଠାର
ଢିମା ଢିମା ଆଖି ସାଙ୍ଗେ ପଞ୍ଝା ଲଢ଼ିବାକୁ।

*୨୦୦୭ ବ୍ରାଇଟନ ପାର୍କ ଡ୍ରାଇଭ,*
*ବେକର୍ସଫିଲ୍‌ଡ, କାଲିଫର୍ନିଆ ୯୩୩୧୧,*
*ଯୁକ୍ତରାଷ୍ଟ୍ର ଆମେରିକା*

# ପତ୍ରଝଡ଼ା ଋତୁ

## ଡଃ. ନୀଳମଣି ଲେଙ୍କା

ପତ୍ର ଝଡ଼ା ଋତୁ
ଥରେ ଆସିଗଲେ
ହସ ଦିଶେ ପଳାଶ ଫୁଲର
କୃଷ୍ଣଚୂଡ଼ା ହସ ଦେଖି ଋତୁରାଜ ଭେଟି ଦିଏ
ସପ୍ତରଙ୍ଗୀ ଅବିର ସମ୍ଭାର
ଆମ୍ବ ବଉଳର ପେନ୍ଥା
ଶୋଭା ପାଏ ଫଗୁଣ ଗଭାରେ
ଚୋରା ପ୍ରୀତି ମନଲୋଭା ବାଆ
ଆସ୍ତେ ଆସି ମୋତେ ଛୁଇଁ ଦିଏ
ତା'ପରେ କଡ଼ ଲେଉଟାଏ
ସବୁଜିମା ଘାସ ଗାଲିଚାରେ।

ପ୍ରେମର ଋତୁ ଏ ଫଗୁଣ
ବେପରୁଆ ବେଣୀ ଛାଟି ଯେତେବେଳେ ଘୁରି
ବୁଲେ
ସ୍ୱର ଶୁଭେ କୋଇଲି କଣ୍ଠରୁ
ସେତେବେଳେ କିଛିକ୍ଷଣ ପାଇଁ
ମୁଁ ଆନମନା ହୋଇଯାଏ
ଦିନେ ଏହି ଫଗୁଣ ଅବିର
ମୋ ନିସ୍ତେଜ ଶରୀରର
ଶୋକାକୁଳ ଶୋଭାଯାତ୍ରାରେ
ରଙ୍ଗାୟିତ କରିଦେଉଥିବ
ସମଗ୍ର ପରିବେଶ
ଶରଧାବାଲିରୁ ବଡ଼ଦାଣ୍ଡ
ଲଗାତର ଶୁଭୁଥିବ
ରାମନାମ ସତ୍ୟ ହେ
ହରି ନାମ ସତ୍ୟ ହେ
ଆଖିରୁ ଝରି ପଡୁଥିବ

ଅବାରିତ ଉଷ୍ମ ଲୁହ ବିନ୍ଦୁ ।।

ଏକଥା ଧ୍ରୁବ ସତ୍ୟ,
ପତ୍ର ଝଡ଼ା ଋତୁ ପରି ଦିନେ
ବିଶ୍ୱାସ ତୁଟେଇ ଦେଇ
ମୋ ଦେହକୁ ଛାଡ଼ି ଦେବ ଆତ୍ମା
କେଉଁ ଅଦୃଶ୍ୟ ଶକ୍ତିର ଡାକରାରେ
ପାପ ପୁଣ୍ୟର ହିସାବ ବୁଝାଇବାକୁ
ବାହାରି ଯାଇଥିବା ସେ
ଆଖି ପାଉନଥିବା
ଅଦୃଶ୍ୟ ରାଜ୍ୟକୁ ।।

*ପୋଖରୀଆପଡ଼ା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା*
*ଦୂରଭାଷ: ୯୪୩୮୩୨୯୯୫୦*

# ଝର୍କା

## ଜୟନ୍ତୀ ବିଶ୍ୱାଳ ବେହୁରିଆ

ଦେହର ପାହାଚ ଦେଇ
ଓହ୍ଲେଇ ଆସେ ପୃଥିବୀ ଉର୍ଦ୍ଧି
ମାତାଲ୍ ଅନ୍ଧାର
କିଛି ଅକ୍ଷର, କିଛି ବ୍ୟାକରଣ
କିଛି ଚୁମ୍ବନ ।

ପୃଥିବୀ ଏକ ଅସମାପ୍ତ ଦୀର୍ଘଶ୍ୱାସ
ନା ଏକ
ଉଜୁଡ଼ା କ୍ଷେତ୍ର ପରି ?

ଅନ୍ଧାରର ଝର୍କା ଦେଇ ଉଙ୍କିମାରେ
ଗୋଟେ ମଲା ସୂର୍ଯ୍ୟ ।

ଆଶା ଏଥର ଆମ ଭିତରେ ଜୀଇଁ
ରହିଥିବା
ଅବଶୋଷର ମିମାଂସା
ଖୋଜିବ ।

*କୃଷ୍ଣ ନଗର (ସମଲ ପୁର) ପୋ : ବାଲିଆ*
*ଜି: ବାଲେଶ୍ୱର*
*ଦୂରଭାଷ: ୮୯୮୪୬୪୨୫୦୩*

# କର୍ମକ୍ଷେତ୍ର

## ସନ୍ତୋଷ କୁମାର ଦେବତା

କର୍ମକ୍ଷେତ୍ର ମୋ ପାଇଁ ଧର୍ମକ୍ଷେତ୍ର,
କର୍ମରେ ହିଁ ଧର୍ମ ପାଳନ ଶ୍ରେଷ୍ଠତମ ବ୍ରତ ।

ମନେପଡ଼େ
ଜନ୍ମ ଓ ମୃତ୍ୟୁର ମୈଥୁନ ମଧ୍ୟରେ
ନିର୍ବୋଧ ଶିଶୁ ପରି ନିଜ ନିଜ ଅତୃପ୍ତ ମୁହୂର୍ତ୍ତ,
ମନେପଡ଼େ
କର୍ମକ୍ଷେତ୍ରରୁ ବିଶ୍ରାମନେଲେ
ଦିନର ସଜଳ ସଂଳାପ, ଅନ୍ଧାର ରାତିର ଅନର୍ଥ ।

ନୀରବ, ମଧୁମୟ ମଧ୍ୟାହ୍ନର ଶୀତଳ ପବନ
କି ଆଶ୍ଚର୍ଯ୍ୟ !
ସବୁ ସ୍ୱପ୍ନ ନିଷ୍କେସିତ, ସବୁ ଇଚ୍ଛା ବିକ୍ଷିପ୍ତ
ଯେତେବେଳେ ଧୀର ଧାରରେ କରତେ
ପାତାଳପୁର
ଛଳନାର ଛଳଛଳ ନଈ ପରି
ଘନିଷ୍ଠ ଘନର ବିଦ୍ରୂପ ନିର୍ଲ୍ଲଜ ନିଶାରେ
ଦେଖିପାରେନି
ନିଦରେ ବାଉଳା ମନ ସମୟର ଉତ୍‌ଥାନ ପତନ ।

ଧୁତୁଧୁତୁ ଚର୍ମ, ଅକାରଣ ଧର୍ମ ।
ବୃଦ୍ଧତ୍ୱ ପ୍ରାପ୍ତିପରେ ବି
ପାଇବାକୁ ଭାରି ଇଚ୍ଛା ରାତିର କୋମଳ କୋଳ
ପୂର୍ବଦିଗରେ ଦେଖିବାକୁ ବ୍ୟାକୁଳ
ଅନୁରାଗମୟ ବିଭୋର ସକାଳର ପୂର୍ବରାଗ,
ପଶ୍ଚିମରେ ନବବଧୂର ଓଢ଼ଣାତଳେ ଅନାତ୍ମୀୟ ସୁଖ ।

ମୋ' ନିର୍ଜନ ନିବାସରେ
କେହିଜଣେ ପଖାଳୁଛି ପଖାଳିଆ କେଶ
କେହିଜଣେ ଫିଟେଇ ଚାଲିଛି ମୋ' ବେଶ ବିନ୍ୟାସ
ଇଏ ମୋର କର୍ମକ୍ଷେତ୍ର, ପୁଣ୍ୟକ୍ଷେତ୍ର !
କେମିତି ଦେଖିବି କୁହ ପରବର୍ତ୍ତୀ ପର୍ଯ୍ୟାୟରେ
କର୍ମସ୍ଥଳରେ
ଶାଣିତ ଗୋଧୂଳିରେ ନାଚିନାଚି ଥକୁନଥିବା
କୁନିକୁନି ପାଦ ?

*ଅବସରପ୍ରାପ୍ତ ପ୍ରାଧ୍ୟାପକ*
*ଜ୍ୟୋତିନଗର, ମାଷ୍ଟର କଲୋନୀ*
*ପଦ୍ମପୁର, ଜି: ବରଗଡ*
*ଦୂରଭାଷ: ୯୪୩୮୦୯୮୯୫୩*

# ବୀଜମନ୍ତ୍ର

## ଅଧ୍ୟାପକ କୈଳାସ ଚନ୍ଦ୍ର ସାହାଣୀ

ଛଞ୍ଚାଣର ପଞ୍ଝାରେ ଛଟପଟ
ଶୁକ, ଶାରୀ, କୋଇଲିର କୋମଳ ଦେହ,
ଶାର୍ଦ୍ଦୁଳର ଦନ୍ତ କ୍ଷତରେ ରକ୍ତାକ୍ତ
ହରିଣ, ସମ୍ବର, ବରାହ, ଶଶା,
ଦରି ଶାୟୀ ଅହି ଫଣାରେ କାଳକୂଟ ବିଷ
ବିଷାଦିତ ମଣ୍ଡୁକର ଆର୍ତ୍ତ ଚିତ୍କାର ।

କିଏ ଗଢିଲା ଏ ବିଶ୍ୱ
ଭରିଦେଲା ଖାଦ୍ୟ ଖାଦକର ନିଷ୍ଠୁର ଆଚରଣ,
ସବୁଜିମା ଭରା ଅରଣ୍ୟ ଭିତରେ
କେବେ ନୀରବି ଯାଏ କୁହୁତାନ,
ମୃଗୁଣୀର ଚଳଚଞ୍ଚଳ ଆଖିରେ
ଭରିଯାଏ ଅନାଗତ ଆତଙ୍କର ତ୍ରାସ ।

ଇତର ଭିତରେ ବି ଏତେ ବିବିଧତା !
ମାଂସାସୀ ଓ ତୃଣଭୋଜୀ ଭିତରେ କେତେ
ତଫାତ୍ ସତେ ।
କୋଇଲି କଣ୍ଠର ମାଦକତା
କୁମ୍ଭାଟୁଆର ସ୍ତବ ପାଠ
କପୋତୀର କାନ୍ଦଣା 'ଉଠ୍ ପୁତା ଉଠ'
ଶୁଆ ଶାରୀଙ୍କ ବୋଲକରା କଥାକୁହା ସ୍ୱର
ହୃଦୟକୁ କେତେ ବିମୁଗ୍ଧ କରେ ସତେ !
ଅଥଚ,
କାଉର କା' ଭିତରେ ଲୁଚିଥାଏ
ଅନାଗତ ଭବିଷ୍ୟତର ଆତଙ୍କ,
ଛଞ୍ଚାଣର ଶକ୍ତ ପଞ୍ଝା ଓ ଚଞ୍ଚୁରେ
ରକ୍ତର ବର୍ଣ୍ଣାଳି,
ଶାଗୁଣାର ଦର୍ପିତ ପଦପାତରେ ଭୀତତ୍ରସ୍ତ
ଗୋଟେ ମୁମୂର୍ଷୁ ଜୀବନ !

ବିବିଧତା ଭିତରେ ଏକତା ଖୋଜୁଥିବା ମଣିଷ
ଏବେ ସଂଶୟରେ,
ସେ ବୁଝି ପାରେନି
ନିଜର ଶାନ୍ତିଭଙ୍ଗ କାହିଁକି ହୁଏ,
ନିଜ ଦୁଃଖରେ ନିଜେ ବଞ୍ଚିବାର
ସମସ୍ତ ପ୍ରଚେଷ୍ଟା ଭିତରେ
କାହିଁକି ଆତଙ୍କର ଛାଇଟିଏ ପ୍ରଲମ୍ବିତ ହୁଏ ।

ହିଂସ୍ରତା ହିଂସ୍ରପଶୁର ଏକ ପାଶବିକ ପ୍ରବୃତ୍ତି !
କୌଣସି ବେଦମନ୍ତ୍ର,
ଶାନ୍ତର ହବନ ତାକୁ ତୃପ୍ତ କରିପାରେନା,

ସେ ଶିକାର ଅନ୍ୱେଷଣରେ
ନିୟତ ନିଜକୁ ପ୍ରସ୍ତୁତ କରୁଥାଏ;
ତଥାପି ଜଙ୍ଗଲରୁ ପଳାତକ ସାଜନ୍ତିନାହିଁ
ନିରୀହ ପଶୁ ପକ୍ଷୀ କୁଳ,
ସେଇ ଚିରାଚରିତ ଭଙ୍ଗିମାରେ
ଅରଣ୍ୟ ରୋମାଞ୍ଚିତ ହୁଏ କେକାର ଉଦଣ୍ଡ ନୃତ୍ୟରେ !

ପଳାତକ ଗୋଟେ ଭୀରୁ ଶବ୍ଦ
ଗୋଟେ ହୀନ ବୀର୍ଯ୍ୟର ନଂପୁସକତା,
ପକ୍ଷୀଟିଏ ବି ବିହଙ୍ଗ ବୀପ୍ଲବ ସୃଷ୍ଟିକରିପାରେ
ଅନ୍ଧାର ପ୍ରତିବାଦରେ,
ପିମ୍ପୁଡ଼ିଟିଏ ବି କାମୁଡି ଦିଏ ସଂଘବଦ୍ଧ ଭାବେ
ଅରାତିର ପାଦ ପଡିଗଲେ,
କେହି ସ୍ଥାନଚ୍ୟୁତ ହୁଅନ୍ତିନି
ବରଂ ନିଜ ମାଟିରେ ଥାଇ ନିଜ ସୁରକ୍ଷା ପାଇଁ
ଐକ୍ୟବଦ୍ଧ ଲଢାଇର ସୂତ୍ରପାତ କରନ୍ତି !
କେବେ ଶିଖିବ ମଣିଷ
ଏଇ ଶେଷ ବୀଜମନ୍ତ୍ର !!

*ଗଡପଳାଶୁଣୀ କଲେଜ, ଢେଙ୍କାନାଳ*
*ଦୂରଭାଷ: ୯୪୩୭୮୪୩୨୧୯*

# ଦରଦୀ ଚାନ୍ଦ

## ବିଭୁତି ଭୂଷଣ ତ୍ରିପାଠୀ

ଚନ୍ଦ୍ର ବିଭୂଷିତ ରଜନୀ ବେଳ କାଳେ
ସଂସାର ଶୋଇଛି ନିଶବ୍ଦ କୋଳେ
ଦୂର ଝରକା ବାତାୟନେ କେଉଁ ରମଣୀ
ଲୋତକ ଝରାଏ ଚାନ୍ଦକୁ ନିଜର ମାନି

ମନେ ଜାଣେନି ସେ କାହିଁ କାନ୍ଦୁଛି
କିବା ତାର କିଛି ହଜି ଯାଇଛି
କିବା ଫେରିଯାଇ ସେ ସହଜ ହେବ
ଏ ବିରହ କଷ୍ଟୁ ମୁକ୍ତି ପାଇବ

ଶୀତଳ ଜୋଛନା ବ୍ୟର୍ଥ ହେଉଛି
ଦୀର୍ଘ ଶ୍ୱାସ ତାକୁ ଜାଳିଦେଉଛି
କିବା ଲାଭ ହେଲେ ସେ ପୂର୍ଣ୍ଣ ହେବ
ଚାନ୍ଦ ତା ମନର ଉତ୍ତର ଦେବ

ଭାଙ୍ଗି ପଡ଼ିଲାଣି କହିପାରେନି
ହୃଦୟ ବେଦନା ସହି ହେଉନି
ଥରେ ଦେଖିଥିଲା ଦୂରରୁ "ତାଙ୍କୁ"
ହଜାଇଲା ମନ ସବୁ ଦିନକୁ

ଅଭାବ ସେ ଭାବ ମନରେ ଭରେ
ମନେ ବାନ୍ଧିବାକୁ ଏ ମନ ଝୁରେ
ନ କମି ବେଦନା ବଢ଼ି ଚାଲିଛି
ତା ଲୁହ ତା କୋହ ଚାନ୍ଦକୁ କହୁଛି

ସ୍ମିତ ହସି କହେ ଚନ୍ଦ୍ର ରଜନୀ
ପ୍ରେମେ ହଜିଛୁ ତୁ ଜାଣି ପାରୁନି
ଅତିଥି ହୋଇ ଯେ ମନକୁ ଆସେ
ସମ୍ପୂର୍ଣ୍ଣ ଭାବରେ ହୃଦୟେ ବସେ

ତୋ ମନ ତୋ ପାଖେ କରେ ଜୁଲମ
ଏ କଷ୍ଟର ଅଟେ 'ସେ ଯେ' ମଲମ
ତୋ ମନ ତାପାଖେ ଯାଇଛି ହଜି
ତୋର ଉପଶମ ସେଠି ରହିଚି

ତୋ ପରି ପୀଡ଼ାରେ ସେ ଏବେ ଥିବ
ତୋତେ ପାଇ ତାର ଉଦ୍ଧାର ହେବ
ଅଛି ପ୍ରତୀକ୍ଷା ରେ ମୋର ଜୋଛନା
ଦେଖିବ ମିଳନ ନୁଆ ମୂର୍ଚ୍ଛନା

ଏବେ ଦୂରେ ଦେଖ ସୂର୍ଯ୍ୟ ଉଇଁବ
ତାର ରଶ୍ମିରେ ମୋ ବେଳ ବୁଡ଼ିବ
କଲ୍ୟାଣ କରୁଛି ଉପରେ ଥାଇ
ଏ ବିରହ ବେଦନା ରହିବ ନାହିଁ

*ପ୍ଲଟ ସଂଖ୍ୟା - ୭୭୫,*
*ପୁରୁଣା ପୋଷ୍ଟ ଅଫିସ୍ ଗଳି,*
*ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର*
*ଦୂରଭାଷ: ୯୪୩୭୭୬୪୩୭୦*

# ଅନ୍ତରଙ୍ଗ ଆଲିଙ୍ଗନ

## ସସ୍ମିତା ରାଉତ

ନିଦ ର ନଇରେ ଉବୁଟୁବୁ ରାତି
ଅନ୍ଧାରରେ ଜହ୍ନ ଦେଉଛି ଚିତ୍ର ପହଁରା
ମୁଁ ଏକୁଟିଆ ବିରହ ନିଆଁରେ ଜଳୁଛି।
ରାତିଟା ସବୁବେଳେ ନିଷ୍ଠୁର !
କେଜାଣି କାହା ଷଡ଼ଯନ୍ତ୍ରରେ ରାତି ହୁଏ ଖଣ୍ଡିତ
କିଏ ଛଡ଼ାଇ ନିଏ ନିସ୍ତବ୍ଧ ପ୍ରହରରୁ ନିସ୍ତରଙ୍ଗ।
ମୁଁ ଭୋଗିବାକୁ ଚାହୁଁଥିଲି ଅଭୁଲା ଶିହରଣ
ମୋ ଠାରୁ କୋଶ ଦୂର ଅନ୍ତରଙ୍ଗ ଆଲିଙ୍ଗନ।

ଅମୃତର ମନ୍ତ୍ରଟିଏ ଉଚ୍ଚାରଣ କରି
ମୁଁ ଫେରାଇ ଆଣିବାକୁ ଚାହୁଁ ଥିଲି
ମୋ ଠାରୁ ମୁହଁ ବୁଲେଇ ଚାଲିଯାଇଥିବା କ୍ଷଣ
ଚନ୍ଦ୍ରାଲୋକରେ ଛଟପଟ ହେଉଥିବା ମୋ ଆତ୍ମା
ବୁଣିବାକୁ ରହୁଁଥିଲା ସୁନେଲି ସ୍ୱପ୍ନର ସୌଧ।

ରାତିର ଅନ୍ଧାର ଖୁବ ଗାଢ଼ ହେଉଥିବା ବେଳେ
ସେଥିରେ ଛିଟିକି ପଡ଼ିଥିବା ଜ୍ୟୋତ୍ସ୍ନାରେ
ମୁଁ ଲେଖୁଥିବା ପ୍ରେମର ସରଳାର୍ଥରେ
ପୁରୁଣା ଦିନର ସ୍ମୃତି ଧସେଇ ପଶୁଥାଏ
ଏସବୁକୁ ବୁଝିବା ମୋ ସମର୍ଥ ବାହାର

ତୁମେ ମୋ ପାଇଁ ଅତୀତ
ମୁଁ ତୁମପାଇଁ ଅନାବଶ୍ୟକ
କାହିଁକି କେଜାଣି ନିଘୋଡ଼ ରାତିରେ
ଆକାଶରୁ ତାରା ଟିଏ ଖସିଲେ
ମୁଁ ତୁମ ପାଇଁ ଖୁସି ମାଗିବସେ
ଜାଣିଛି ତୁମ ଖୁସିରେ ମୋ ଭାଗନାହିଁ
ତଥାପି ନିଜକୁ ନିବୃତ କରିପାରେ ନାହିଁ
ତୁମ କଥା ଭାବିବାରୁ କେବେବି।

ସୋର ବାଲେଶ୍ୱର

# ୱାଇନାଡ଼ରେ ପ୍ରଳୟ

## ସ୍ନେହଲତା ରଥ

ସୃଷ୍ଟି, ସ୍ଥିତି ପ୍ରଳୟର ଏ ପୃଥିବୀ
ହଠାତ୍ ମାଟି ଅତଡ଼ା ଧସି
ୱାଇନାଡରେ ପ୍ରଳୟର ବିଭୀଷିକା
ବୀଭତ୍ସ ଦୃଶ୍ୟ
ଘରଦ୍ୱାର , ଯାନବାହାନ ମଣିଷ ସବୁ ଛାରଖାର
ଭାସିଯାଇଛି ଅନେକ ଜୀବନ
ଛିନଭିନ ପୃଥବୀ
ଅଦୃଶ୍ୟ ଲୋକ ପାଇଁ ଚିନ୍ତାଗ୍ରସ୍ତ ମନ
ଦୃଶ୍ୟମାନ ଧୂଳିର ଧରଣୀ କଣ
ସତରେ ଅଳୀକ ଓ କ୍ଷଣଭଙ୍ଗୁର ? ?
ପ୍ରଳୟର ଅତଳ ଗର୍ଭରେ ଦୁଃଖ, ଶୋକ ହା'
ହୁତାଶ ର ହିଲ୍ଲୋଳ
କିଟିମିଟି ଅନ୍ଧାରରେ ଶୁଭେ ଆର୍ତ୍ତନାଦ
ସ୍ୱପ୍ନରେ ଦିଶେ ମୃତ୍ୟୁର ଅଟ୍ଟହାସ୍ୟ
ଏଠିଖାଲି କୁଢକୁଢ ଭଗ୍ନାବଶେଷ

ଛାରଖାର ଏ ସହର
ଭୟ ମାଡିବସେ, ସବୁଆଡେ ଶୂନ ଶାନ
ତଥାପି ମଣିଷ ଅହରହ ଖୋଜୁଛି କାଳେ କେଉଁଠି
ମିଳିଯିବ ଅମୂଲ୍ୟ ଜୀବନ
ହୁଏତ କିଏ କାହାର ହୋଇଥବ ବନ୍ଧୁ ପରିଜନ
କାହିଁକି ଏ ଅସ୍ୱାଭାବିକତାର ବିକଟାଳ ରୂପ
ଇଏ ସବୁ ମଣିଷକୃତ କ୍ରିୟାର ପ୍ରତିକ୍ରିୟା
ନୁହେଁତ ! ! ! !
ଅସହ୍ୟ ହେଲା କି ମଣିଷର ରାଜତ୍ୱ
ଓ ପ୍ରବଞ୍ଚନାର ସାମ୍ରାଜ୍ୟ ? ?
ପ୍ରତିଜ୍ଞାବଦ୍ଧ ଆମେ ଗଢିବୁ ନୂଆ ପୃଥିବୀ
ସୁସ୍ଥ ଓ ସହଜ ମଣିଷର
ଆଉଥରେ ଆବାହାନୀ କରିବାକୁ ହେବ ପ୍ରକୃତିକୁ ।

*୪ବି -ଜୟଦୁର୍ଗା ନଗର*
*କଟକ ରୋଡ, ବମିଖାଲ,*
*ଭୁବନେଶର -୭୫୧୦୦୬*
*ଦୂରଭାଷ:୯୪୩୭୨୧୧୮୦୩*

# ଉଠ କବି, ଉଠ

## ସୁବାସ ଚନ୍ଦ୍ର ସାହାଣୀ

ମାଟି ମଣିଷର କବି ବେଦନା ପ୍ରାଣର ଛବି,
କୋଟି କଳ୍ପନା କଳା ଚେତନା ଉଦୟ ରବି
ଉଠ ହେତୁବାଦୀ, ସାମ୍ୟ ଚେତନା କବି ।
ଦେଖ ଦେଖ ମଣିଷ କେମିତି ମରେ,
ପୋକ ମାଛି ପରି ଆମରି ଆଗରେ !
କି ଯେ ଅସହାୟ କରୁଣ ବେଦନା ଧ୍ୱନି !
ତୁହାଇ ତୁହାଇ ମାଟି ଆକାଶର ବୁକୁ ଥରେ ।
ଏଇ ଏ ମାଟିରେ ... ଏତେ ଅନାଦର !
ହେୟ , ଘୃଣାରେ ମଣିଷ ମଣିଷ ମାରେ ! !
ଏତେ ଅପବାଦ, ଏତେ ସଂଘାତ ନିନ୍ଦା
କିଆଁ ଏ ମଣିଷ ଅଙ୍ଗୀକାର କରେ ?
କୁହ କବି କୁହ ! କୁହ କୁହ !
ମଣିଷଟା କିଆଁ ମଣିଷର ପାଇଁ ଶ୍ମଶାନ ଜୁଇରେ
ଜଳେ ? ଶୋଣିତର ସୁଅ ଛୁଟେ ...ରାଜ ରାସ୍ତାରେ,
କୋହ ଫଟା ଆର୍ତ୍ତଆର୍ତ୍ତି ସ୍ୱରେ !
କି ନିର୍ମ୍ମମ, ନିଷ୍ଠୁର ପଣରେ,
ଧର୍ମଟା ଏଠି ଅଧର୍ମର କଥା କୁହେ !
ଅପଦେବତାର ଅସ୍ତ୍ରାଘାତେ- ଅକାଳେ ଜୀବନ ଟଳେ !
ଧର୍ମ ତ ଶିଖାଏ ଧରା ବକ୍ଷରେ
ସୃଷ୍ଟି ସୃଜନ ଧାରାକୁ ଧରି ରଖିବାର ପ୍ରୀତି,
ଧୀର ଧୈର୍ଯ୍ୟ ଧାରଣ କ୍ଷମ ସହନଶୀଳ ନୀତି,
ପ୍ରେମ, ପ୍ରଣୟ ପ୍ରଚ୍ଛନ ପ୍ରାଣ ଦ୍ୟୁତି ।
ଧର୍ମ ହିଁ ମାଟି ମଟାଳ ବକ୍ଷେ -
ଶିଖାଏ ଜୀବନ ସଙ୍ଗୀତ ଗୀତି,
ଫୁଲର କୋମଳ ରୂପ ଛଟାରେ ସୁବାସ ଗନ୍ଧ ବହ
ଆଃ କି ସ୍ଥିତି ଭାବନା ଛନ୍ଦ, ଆତ୍ମ ପ୍ରୀତି,
ଏ କେଉଁ ଧର୍ମ କହ କହ ଆରେ ରକ୍ତ ପିପାସୁ ମତି
ଭୁଲି କି ଗଲୁଣୁ ସୃଷ୍ଟି ପ୍ରଳୟ ରୁଦ୍ର କରାମତି ?
ମଣିଷ ତ ଗୋଟିଏ ଜାତି, ନାହିଁ ତା' ବର୍ଣ୍ଣ
ବୈଷମ୍ୟ ସ୍ଥିତି,
ଲିଙ୍ଗ ଭେଦରେ ନାରୀ ପୁରୁଷର ଆଙ୍କି ପ୍ରକୃତି ସୃଷ୍ଟି ।
ହିନ୍ଦୁକୁ ମାରିଲେ ହିନ୍ଦୁ କିରେ ମରେ
ଅପବାଦ ହୁଏ ସିନା ସ୍ରଷ୍ଟାର ମହା କୃତି ?
ହୁନ୍ଦୁ ହିତ ଭାବନାର ଚିନ୍ତା ମୌଳିକ କଳା କୌମାର୍ଯ୍ୟ
ଦୟା, କରୁଣା, ସ୍ନେହ ପ୍ରୀତିପୂର୍ବାର
କୋଟିଏ ସୂର୍ଯ୍ୟ ରଶ୍ମି
ଚେତନା ରସ ରମ୍ୟ ଲୀଳାର ରଙ୍ଗ ଅଧର
ମାନବତା ଯା' ପ୍ରାଣ ପୁରକ ଅସ୍ମି ।
ପଥର ପ୍ରାଣେ, ପୁଣ୍ୟ ପ୍ରତ୍ୟୟ
ପ୍ରେମ ଛଳ ଛଳ କାନ୍ତି,
ନିମିଷେ ନିମିଷ ନୀରବ ଗର୍ଭେ ଆସ୍ଥାକୁ ଦିଏ ଛନ୍ଦି ..।
କି ଯେ ଆକୁଳ ! କି ବ୍ୟଗ୍ର ଥର ଥର..
ଆତ୍ମର ପ୍ରାଣ ପ୍ରାର୍ଥନା ମହାମତି ! !
ଦିବ୍ୟ କୋଳାହଳ ଆତ୍ମରତିର ପ୍ରୀତି ବାସ୍ନାରେ...
ହିନ୍ଦୁ ନା, ସିଏ ହୃନ୍ମୟ ହୃଦୟ
ଦିବ୍ୟ ଦେବତା ଦୀପ୍ତି ! !
ନୀଚ ମନା କେବେ ଉର୍ଦ୍ଧ୍ୱେ ଦେଖେନା...
ନାହିଁ ନାହିଁ ତା'ସେ କରାମତି ।
ମଦିରା ଶାଳାର, ମଧୁଶାଳା କବି କହ କହ !
କେଉଁ ରାତି ରତିରେ ରହିଛି ମଗ୍ନ
ତମ ଏ ସାଧନା -ପ୍ରୀତି ଆରାଧନା
ପାରିବ କି ଗଢି ଜୀବନ ଛନ୍ଦ ସକଳ ବାଧା ଭଗ୍ନ ?
ଭାଙ୍ଗେ ଯେଉଁଠି ଜୀବନ ବନ୍ଧ,
ଆକୁଳେ ଭଙ୍ଗାରେ ବ୍ୟାକୁଳେ ଜୀବନ ରନ୍ଧ୍ର ।
ମହା ମାଗ୍ନେୟ ଉଠ ପ୍ରାଜ୍ଞେୟ...
ଉଠ କାଣ୍ଡାରୀ ଧନୁର୍ଦ୍ଧର !
ମାନବବାଦ କୁଳ ରକ୍ଷକ ଉଠ ଉଠ କବି କୁଳ
ଶ୍ରୀହରି ଆଳୟ ବାଂମୟ ନିଳୟ ସାହିତ୍ୟ ଚିରକାଳ

*ସା-ବୋଇତାଳୁ ପାଟଣା,*
*ପୋଷ୍ଟ-ମୋହନପୁର,*
*ଭାୟା-ବିଞ୍ଝାରପୁର, ଜିଲ୍ଲା-ଯାଜପୁର*
*ପିନ୍-୭୫୫୦୦୪*
*ଦୂରଭାଷ: ୭୩୮୪୨୫୧୧୪୬*

# ଜହ୍ନରାତି

## ସୁରେଶ କୁମାର ନାୟକ

ଖୁଉବୁ ଭୋଗିଚି
ଅଖଣ୍ଡ ଜହ୍ନରାତି,ନିଖୁଣ ଜହ୍ନରାତି, ନୈଷ୍ଠିକ ଜହ୍ନରାତି
ଏ ନିଷ୍ପାପର ଜହ୍ନରାତିମାନେ
ଛାଇ ଭଳି ମୋ ସହଚର
ଆକୈଶୋର ।

ଧୋବାଘରୁ ଆସିଥିବା ଧୋବ ଫରଫର ବେଡସିଟ ପରି
କେବେ ଜହ୍ନରାତିକୁ ପାରି ଶୋଇଯାଏ ସାରାରାତି
ଛାତ ଉପରେ,
ତ କେବେ ଆକାଶର ମଣ୍ଡପରେ
ପେଟ୍ରୋମାକ୍ସ ଭଳି ଜହ୍ନକୁ ଟାଙ୍ଗି
ସାରାରାତି ସଂଳାପ କହୁଥାଏ ଗାଁ ମୁଣ୍ଡ
ଚଉପାଢୀରେ ।
ବାଦଲର ବୋଇତରେ ଜହ୍ନକୁ ଅପହରଣ କରି
ଦକ୍ଷିଣା ପବନ
ଦିଗ୍‌ବଳୟ ଆଡ଼େ ନେଇଯିବା ପରି
ଜହ୍ନରାତିକୁ ମୁଁ ସାଇକେଲ ଆଗସିଟରେ ବସେଇ
ନେଇଯାଏ ଅନୁପ୍ରିୟାର ଗାଁ,
ଅଧାଖୋଲା ଝର୍କାକୁ ଲାଗି
ତା ଶୋଇବା ଶେଯ ଉପରକୁ
ଜହ୍ନ ଆଲୁଅରେ ଲେଖା ରାଶିରାଶି ପ୍ରେମଚିଠି
ଫିଙ୍ଗିଦେଇ ଫେରିଆସେ
ଫୁଲ ଉଡ଼ୁଥିବା ଧାନବିଲର କଚ୍ଚା ରାସ୍ତାରେ ।
କେତେ କେତେ ବାଗରେ
ମୁଁ ଭୋଗୁଥାଏ ଏ ଜହ୍ନରାତି
କେତେ କେତେ ବାଗରେ ମୁଁ ଭୋଗୁଥାଏ ଜହ୍ନରାତି
ଦେହରେ ଶୁଖୁଆସୁଥିବା ଓଦାଲୁଗା ପରି
କାର୍ତ୍ତିକ ପୁନେଇର ଜହ୍ନରାତିରେ
ମୁଁ ମନର ତମାଳ ବନରେ ପାଳୁଥାଏ ରାସପର୍ବ,
ପୌଷର ଶିଶିରଭିଜା ଜହ୍ନରାତିରେ
ନିଜର ପୁଷ୍ପାଭିଷେକ କରେ ପ୍ରେମର
ରଙ୍ଗସିଂହାସନରେ,
ଗୋଟେ ଅବିର ରଙ୍ଗର ଜହ୍ନରାତିକୁ ଦେହରେ ବୋଳି
ମୁଁ ବନିଯାଏ ଦୋଳଗୋବିନ୍ଦ ଫାଲଗୁନ ପୂର୍ଣ୍ଣିମାରେ,
ଅଧା ପ୍ରେମ ଅଧା ବିରହ
ଅଧା ଶୀତଳ ଅଧା ତାତି
ବୈଶାଖ ପୂର୍ଣ୍ଣିମାର ରାତି
ମତେ ସିଦ୍ଧାର୍ଥରୁ ବନେଇଦିଏ ତଥାଗତ
ନିରଞ୍ଜନା କୂଳରେ ।

ମୋ କପାଳରେ କିଛି ଲେଖା ଥାଉ କି ନଥାଉ
ଜରୁର୍ ଲେଖାଅଛି ଜହ୍ନ ଓ ଜହ୍ନରାତି
ମାଇନର ପଢ଼ିଲାବେଳେ
କିଶୋରୀ ସହପାଠିନୀର ଫ୍ରକ୍ ତଳ
ଅନ୍ଧାରରେ ଦେଖିଥିଲି
ଉଇଁଆସୁଥିବା କଷି ଜହ୍ନ,
ଲେଖିଥିଲି ପ୍ରଥମ କବିତା।
ହାଇସ୍କୁଲ ବେଳେ
ନଡ଼ିଆ ବାହୁଙ୍ଗାର ଛାଇଛାଇକା
ଜହ୍ନ ଆଲୁଅରେ ଦେଖିଥିଲି
ଏମ୍.ଏ.ପଢୁଆ ଦେବୁ ଭାଇ
ଦି କ୍ଲାସ ଉପରେ ପଢୁଥିବା କବିତା ନାନୀର
ପ୍ରେମାଭିଷେକ,
ମାଇସଞ୍ଜ ବେଳେ
ରେଭେନ୍ସାର ଲେଡିଜ୍ ହଷ୍ଟେଲ ପାଚେରୀ କଡ଼
ଆଲୋକିତ ଅନ୍ଧାରରେ ଉଦେ ହେଉଥିଲା
ଯେଉଁ ନୀଳଜହ୍ନ,
ଯାହାର ତେଜସ୍କ୍ରିୟ କିରଣରେ
ଫୋଟକା ହୋଇଯାଉଥିଲା ଅନେକ ବିଦ୍ୟାର୍ଥୀଙ୍କ ଦେହ
ଗ୍ରାଜୁଏସନ୍ ପରେ ପରେ
ଦିନେ ସେ ଚନ୍ଦ୍ର ଚଡ଼କ ପକେଇ
ଗୋଟେ ଲୋକାଲ୍ ଟ୍ରେନରେ ବସି ଚାଲିଯାଇଥିଲା
ଉଇଁବାକୁ ଆଉ କାହା ଆକାଶରେ ଅହରହ,
ସବୁରି ଆଖିରେ ଭରିଦେଇ ଚକ୍ରବାକ ଲୁହ।

ଏବେ ଫି ପୂର୍ଣ୍ଣିମାରେ
ମୁଁ ଅନୁପ୍ରିୟାକୁ ମନେପକେଇ
କାଠଯୋଡ଼ି ବୁରୁଜ ଉପରେ ବସି ପିଏ
ପେଗ୍ ପରେ ପେଗ୍ ଜହ୍ନରାତି
ମାତାଲ ହେବାଯାଏ,
ଆରେ ମଦାଳସା....
ଝୁମି ଝୁମି ଗାଉଥାଏ ଚନ୍ଦ୍ରନିଶାରେ।

*ପ୍ଲଟ ନଂ.-୯୧*
*ଶତାବ୍ଦୀବିହାର, କୃଷକ ବଜାର*
*ଅଭିନବ ବିଡାନାସୀ, କଟକ-୧୪*
*ଦୂରଭାଷ: ୬୩୭୨୭୯୪୫୯୬*



# ଶରତେ ଶରତ ଉତ୍ସବ

**ରବୀନ୍ଦ୍ର କୁମାର ମହାପାତ୍ର**

ଶରତେ ଶରତ ଉତ୍ସବ, ସତେ ପ୍ରକୃତିର ବିଭବ।
ଆନ ଋତୁ ଶ୍ରେଷ୍ଠ ଶରତ, ହସିବେ ସ୍ୱର୍ଗ ମରତ।
ପ୍ରାଚୀ ଭାଲେ ଉଠେ ସୁରୁଜ, ଲୋହିତ ପଖାଳ ମୁରୁଜ।
ଚନ୍ଦ୍ରା ନିବାରୀ ଧୀରଜନ, ମନ୍ତ୍ର ଅର୍ଘ୍ୟେରେ ଜଳଦାନ।
ଓଁକାର ନାଦ ବିପ୍ରମୁନି, କେ ଗାଏ ଦେବୀ ଜୟ ଧ୍ୱନି।
ମର୍ତ୍ତ୍ୟେ ଦେବୀ ପକ୍ଷ ବିଦିତ, ବେଦମନ୍ତ୍ର ବାଦ୍ୟ ସ୍ୱାଗତ।
ବର୍ଷା ଅନ୍ତେ ନବ ଭାସ୍କର୍ଯ୍ୟ, ବାଦଲ ମଣ୍ଡିତ ବୈଦୁର୍ଯ୍ୟ।
କୃଷ୍ଣ ଧବଳ ମେଘମାଳା, ନୀଳ ଆକାଶେ ନୃତ୍ୟଖେଳା।
ବାଦଲ ଶୋଭିତ ତୋରଣ, ବୃଦ୍ଧ ବାଳ ମନ ହରଣ।
କେଉଁଠି ଦୃଶ୍ୟ ଗଜାନନ, କ୍ଷିପ୍ର ଧାବନ୍ତି ଶିବାଗଣ।
ଧଳା କଳାର ଛାୟା ପଥେ, ଯାନ୍ତି ସବିତା ନିଜ ରଥେ।
ଦୃଶ୍ୟ ଭାରତ ରେଖା ଚିତ୍ର, କେଉଁଠି ଦିଶେ ଜଗା ନେତ୍ର।
ଠାବେ ବିଚିତ୍ର ଯୁଦ୍ଧ ଯାତ୍ରା, ସୈନ୍ୟ ସାମନ୍ତ ଅତିମାତ୍ରା।
ପ୍ରତୀୟ ମାନ ଅଶ୍ୱଗଜ, ନୃପତି ଆଦେଶେ ଫଉଜ।
ଜଳ ଜଳ ଜଳଦ ମେଳ, ଗଗନେ ପ୍ରକୃତିର ଖେଳ।
ପୁନ ଚକିତ ଦୃଶ୍ୟ ରାଜି, ସୁବର୍ଣ୍ଣ ମାଣିକ୍ୟ ବିଭାଜି।
ରବି ଚଳନ୍ତି ମାତୃ କୋଳ, ଦର୍ଶନେ ଭାବୁକ ବିଭୋଳ।
ସୁଷମା ଦିଶେ ରବିକର, ବର୍ଣ୍ଣାଳୀ ନାନା ବାଦଲର।
ଶତ ବୈଦୁର୍ଯ୍ୟ ନୁହଁ ସରି, ନିଉନ ବିଭୂଷିତ ନାରୀ।
ସୁଦୃଶ୍ୟେ ମାନବ ପଟଳ, ମନଟି ମୋହେ କାଳ କାଳ।
ବାଦଲ ଖେଳାଖେଳି ସୁଖ, ଆକାଶ ପ୍ରକାଶିତ ହସ।
ପ୍ରକୃତି ଲୀଳା ଅପ୍ରମିତ, ସଂସାର ସଂପଦ ନିମିତ୍ତ।
ବିଭୁ ପ୍ରକୃତି ମକରନ୍ଦ, ସେ ପାନେ ପରମ ଆନନ୍ଦ।
ହୃଦ କପଟେ ବିଭୁ ଲୀଳା, ଅପ୍ରାପ୍ତ ନିୟତିର ଖେଳା।
ପ୍ରକୃତି ବ୍ରହ୍ମ ବ୍ରହ୍ମ ଜ୍ୟୋତି, ସମ ନୁହଁଇ ହୀରାମୋତି।
ଶରତ ଲୀଳା ଲଭୁଁ ନର, ପ୍ରକୃତି ପୂଜି ହୃଦେ ତାର।
ଶରତେ ଶରତ ଉତ୍ସବ, ସତେ ଶରତର ବିଭବ।

*ପ୍ଲଟ ନଂ.- ୨/୯୫, କଲ୍ୟାଣ ବିହାରଇ*
*ହାଇଟେକ ପ୍ଲାଜା ପାଖ,*
*ପୋ.- କୁହା, ସୁନ୍ଦରପଦା,*
*ଭୁବନେଶ୍ୱର-୭୫୧୦୦୨*
*ଦୂରଭାଷ: ୮୮୯୫୭୫୮୮୭୦*

# ଦୂର ଦିଗ୍‌ବଳୟ

**କବିତା ନାୟକ**

ଯେଉଁଦିନ ବାହା ହୋଇ
ଶାଶୁଘରକୁ ଆସିଲି
ଭୁଲିବାକୁ ବାଧ ହେଲି
ଆମ ଗାଁ, ତୋଟାମାଳ, ବିଲବଣ
ଆଉ ସାଙ୍ଗସାଥୀ, ପ୍ରିୟଜନ
ଅତି ଆଦରର ସ୍ନିଗ୍ଧା ନଦୀ
ଯେଉଁଠି ମୁଁ କରୁଥିଲି ସ୍ନାନ
ଏବଂ ଖୁସି ହେଉଥିଲି
ଦେଖି ଛୋଟ ଛୋଟ ମୀନ।

ଯେବେ ଯାଉଥିଲି ଗାଧୋଇ
ଗାଁ ଟୋକାମାନେ ରହୁଥିଲେ ଅନାଇ
ମୋ ରୂପକାନ୍ତି ସେମାନଙ୍କୁ କରୁଥିଲା ପାଗଳ
ମୋ ଋଲିରେ ସତେଅବା ଫୁଟୁଥିଲା ଫୁଲ
ଆଜି ହସମାଡ଼େ
ସେସବୁ ଗୋଟି ଗୋଟି ମନେ ପକାଇ
ଆଉ ରହିଯିବ ସ୍ମୃତି ହୋଇ
ମୋ ଜୀବନରେ ସବୁଦିନ ପାଇଁ।

ବଡ଼ ଦୁଃଖଦାୟକ ଝିଅ ଜନମ
ବାହା ହୋଇ ଯେବେ ଯିବାକୁ ଶ୍ୱଶୁର ସଦନ
ଭୁଲିବାକୁ ହୁଏ ନିଜ ଜନମସ୍ଥାନ
ବାପା ମାଆ ଆଉ ଭାଇ ଭଉଣୀ
ମନେ ପଡ଼ିଗଲେ ଝଡ଼ରେ ଆଖିରୁ ପାଣି
ଝିଅ ଜନମ ପର ଘରକୁ
ସଂସାରର ଏହି ନିୟମ
କିଏ କରିପାରିବ ତାକୁ ପରିବର୍ତ୍ତନ ?

ସ୍ୱାମୀ ସହ ହାତଛନ୍ଦି ଖୁସିରେ
ମୁଁ ଭ୍ରମିଲି ସାରା ପୃଥିବୀ
ଧିରେ ଧିରେ ଲିଭିଗଲା ଦୂର ଦିଗ୍‌ବଳୟରେ
ଆମ ଗାଁ ପ୍ରତିଛବି
ହସ୍ତରେ ଅଜାଡ଼ି ହେଲା ମୋ ଅଜସ୍ର ସୁଖ
ତଥାପି ଗାଁ ସୁଖଠାରୁ ବଳି ସୁଖ
ନାହିଁ ଏ ମହୀରେ
ତେଣୁ ମୁଁ ଝୁରୁଅଛି ନିତିଦିନ
ରହି ଏ ଦୂରଦେଶରେ।

*କାଶିପୁର, ବଳରାମପୁର କଲୋନୀ,*
*କେନ୍ଦୁଝର-୭୫୮୦୦୧*

# ଅପେରା

## ସଂଜୟ କୁମାର ତ୍ରିପାଠୀ

ଏ ପୃଥିବୀଟା
ଆଜି ଏତେ
ଅବାଧ ଲାଗୁଛି କାହିଁକି ?
ସମୁଦ୍ରର ସ୍ୱର ବି ଖାଁ ଖାଁ
ଏକ ଅଖଂଡ ନୀରବତା
ସସାଗରା ଧରାକୁ ବାନ୍ଧି ରଖିଛି
ସ୍ମୃତିର ଫସିଲ୍‌ରେ
ରାତ୍ରିର ଯଉବନରେ ଉଜାଣି ଯମୁନା
ପ୍ରଖର ସ୍ରୋତରେ ଭାସମାନ କାଗଜଡଂଗା
ବ୍ରୀଡ଼ାବତୀ ନାରୀର ମୋହାକର୍ଷଣରେ
ଅଭିଯାତ୍ରୀ ଅଭିମନ୍ୟୁ ଆଜି ପରାହତ
ପ୍ରାତଃ ଫର୍ଚ୍ଚା ଆକାଶରେ ରଂଗୀନ୍ ଉତ୍ସବ
ମୁଁ ପାଗଳା ବି ଝର୍କା ଖୋଲେ
ଇଂଦ୍ରଧନୁ ଦେଖିବାକୁ
ଆଉ ମୋ ଅଜାଣତରେ
ସମୁଦ୍ରର ନାବିକ ଲେଖିଥିଲେ
ସଂପର୍କର ସୁରମ୍ୟ ସୃଜନଭରା ଏକ ଶ୍ରାବଣୀ
କବିତା ।

*ସଂତୋଷ ବିହାର, ଗୋପାଲମାଲ, ବୁଢ଼ାରଜା,*
*ସମ୍ବଲପୁର-୭୬୮୦୦୪*
*ଦୂରଭାଷ: ୯୯୩୮୧୪୨୯୦୭*

# ଜୀବନ ଏମିତି

## ସବିତା ରାଣୀ ବେହେରା

ଜୀବନ ଏମିତି ଅଚିହ୍ନା ଚିହ୍ନ ଯେ
ମନତଳ ମନେ ଥାଏ
ଚହଲା ସ୍ମୃତିର ବହଳ ଶେଯରେ
ଅଭିମାନେ ଶୋଇଥାଏ ...॥

ଜୀବନ ଏମିତି ଧାରା ଶିରାବଣ
ନାଚେ ବରଷାର ତାଳେ
ଜୀବନ ଏମିତି ପ୍ରୀତି ପାରବଣ
ଶରଧାର ଧୂପ ଜାଳେ
ଜୀବନ ଏମିତି ଜହ୍ନରାତି ଯେ
ଜୋଛନାକୁ ଖୋଜୁଥାଏ...॥

ଜୀବନ ଏମିତି ମଧୁ ମଳୟ ଯେ
ମହମହ ହୋଇ ବାସେ
ଜୀବନ ଏମିତି ବୈଶାଖୀ ଖରା
ଡହଡହ ତାତି ଆସେ
ଜୀବନ ଏମିତି ଅମାବାସ୍ୟା ଯେ
ଅନ୍ଧାରରେ ହଜୁଥାଏ ...॥

ଜୀବନ ଏମିତି ଫଗୁଣର ଫଗୁ
ରକତରେ ଟଳମଳ
ଜୀବନ ଏମିତି ହିମ କାକର ଯେ
ଲୁହ କୋହ ଢ଼ଳଢ଼ଳ
ଜୀବନ ଏମିତି ସକାଳେ ସଂଜେ
ଆଳତିର ଥାଳି ହୁଏ...॥

*ସମ୍ପାଦିକା - ସ୍ମୃତି ସାନ୍ତ୍ୱନା*
*ଦୂରଭାଷ: ୯୪୩୭୨୪୪୩୨୦*

# ପ୍ରେମ ଏକ ନୀଳ ପକ୍ଷୀ

## ସୁକୁମାର ଦାସ

ରାତି ଓ ଦିନର ଚବିଶ ଘଣ୍ଟା ସେଇ ନିବେଦନ
ଯୌବନର ଶିହରଣ ଉଦ୍ଦାମତା ଏତେ ଅମାନିଆଁ
ତଥାପି ଚିନ୍ତା ଚେତନାର କୈବଲ୍ୟର ବୈଭବକୁ
ଭୁଲି ହୁଏନି ଝୁରି ହୁଏ ପ୍ରେମ ॥
ସବୁ ଲାଗେ ମିଠା ମିଠା ଅମୃତ ମଣୋହୀ
ଦୁଃଖ ଦାରିଦ୍ର ହାର ମାନିଯାଏ
ପ୍ରେମ ଏକ ଅମାନିଆଁ ନଈ
ଥରେ ଜୁଆର ଆସିଲେ ଲଙ୍ଘିଯାଏ ଦୁଇ କୂଳ
ଯମୁନାର ଜଳ ପରି ଉଜାଣି ବୋହି ଚାଲେ
କଦମ୍ବ ଡାଳରୁ ଶୁଭୁଥାଏ ଗୋପାଳିଆ ଟୋକାର
କୁହୁକର ବେପଥୁର ସ୍ୱର ॥
ତୁମେ କିନ୍ତୁ ନୀରବ, ଚିରକାଳ ନିଶ୍ଚଳ
କିଛି କଥା ନକହି ଅନୁଭବର ଆଉଟା ସୁନାକୁ
ହୃଦୟରେ ପୁଣି ଦିଅ ଯେ-
ଜଳି ପୋଡ଼ି ମରିବା ସାର ହୁଏ ଗୋପନରେ ॥
ଝରଣା ପରି ବୋହି ଚାଲେ ବେପଥୁ ମୃଦୁ ଆବାହନ
ଜ୍ୟୋତ୍ସ୍ନା କିମ୍ବା ଅନ୍ଧାର ରାତ୍ରି ଏକା ପରି ଲାଗେ
ପ୍ରେମର ବଂଶୀ ବାଜିଲେ
ଅମାନିଆଁ ହୁଏ ନୀଳ ଆଖି, ନୀଳ ସ୍ୱପ୍ନ,
ନୀଳ ଆଲିଙ୍ଗନ
ଶିହରଣ ଏପରି ଆସେ ଯେପରି
ରାତ୍ରି ଗୁଡ଼ିକ ନିର୍ଦ୍ଦୟ ହୋଇ ପାହିଯାନ୍ତି
ସକାଳର ସୁନାଝରା ଖରା ଆସିଲେ
ସେଇ ଶିହରଣ ଓ ମନ୍ତ୍ରମୁଗ୍ଧ ଆବେଗ
ଦେହ ଦେହାତୀତର ଅବୋଲକରା
ଆନମନା ସନ୍ଦେଶ -
ଲକ୍ଷ ଲକ୍ଷ ଯୋଜନରେ ତୁମେ ଥିଲେ ବି
ତୁମ ସହ ଭାବ ହୁଏ ମୋର ଆତ୍ମାର ଦଲିଲ ପଢ଼ିଲେ ।
କମ୍ପନ ଆସେ ଆତ୍ମା ସହ ଆତ୍ମାର ମିଳନ ପର୍ବ
ଆଖି ବୁଜି ଦେଲେ ଅବଚେତନରେ ସେହି ବିରହ
ମଧୁର ସମ୍ଭାଷଣ ଦେହ ନୁହେଁ
ଆତ୍ମାର ମଲାଟରେ ଯେପରି ଦୁଇଟି ଆତ୍ମା
ଗୋଟିଏ ପରିଧି ସମଗ୍ର ବିଶ୍ୱର ॥
କବିତାର ଅକ୍ଷର ଗୁଡ଼ିକ ଅତ୍ୟନ୍ତ ନିର୍ବୋଧ
ଛଳ ଛଳ ଭାବ ରାଜ୍ୟର ବିଶ୍ୱକର୍ମାର ବଂଶଧର
କେତେବେଳେ ହାଣି ଦିଅନ୍ତି ତ ପୁଣି କେବେ
ମିଳନ କରନ୍ତି --
ସେମାନେ ଚାଲାକି ଓ ବୈମାନୀ ଶିଖି ନାହାନ୍ତି ବୋଲି
ଚିରକାଳ କବିଟିଏ ସତ କଥା କହି ଫାଶି ଖୁଣ୍ଟକୁ ଯାଏ ॥
ପୁଣି କେବେ ନିବିଡ଼ ଅନୁଶୀଳନ ଭିତରେ ବିଶ୍ୱବାସୀ
କାତର ପ୍ରାର୍ଥନା କରନ୍ତି ସମ୍ପର୍କ ଯୋଡ଼ିବାରେ ॥
ମୁଁ ଚିରକାଳ ଶବ୍ଦର କପଟ ପଶାରେ ବଳି ପଡୁଛି
ପୁଣି ତାହାରି ପାଇଁ ଜୀବନ ଜୀଇଁବା ପାଇଁ
ବାଧ ଶିଶୁଟି ପରି ମାଆର ଛାତିରୁ
ଦୁଇଟୋପା କ୍ଷୀର ପାଇଁ କାନ୍ଦ ବୋବାଳି ଛାଡୁଛି
ପ୍ରେମ କିନ୍ତୁ ନିରୂପାୟ ଦାରୁଭୂତ ମୌନ ରଷିଟିଏ
ଭାବ ପ୍ରବଣତାମାନେ ଛାତି ତଳେ ଘର କରି
ଥରାଇ ଦିଅନ୍ତି ପଞ୍ଜରା ତଳର ହାଡ଼ -
ଏମିତି ଏକ ଅପୂର୍ବ ବନ୍ଧନ ଏଇ ପ୍ରେମ
ଆଜି ଅତି ଘୃଣାର ପାତ୍ରଟିଏ ଆଗାମୀ କାଲି ସେ
କିପରି ମଧୁର ମର୍ମରେ ତଲ୍ଲୀନ ପଥିକ ସାଜେ -
ମହାକାଳ ଓ ମୁହୂର୍ତ୍ତର ପରିଧି ସମସ୍ତଙ୍କୁ
ଦେଇଅଛି ପ୍ରେମର ବସୁନ୍ଧରା -
ଜୀବନର ଅନନ୍ତ ମହାମନ୍ତ୍ର ଏଇ ପ୍ରେମ -
ଯାହାର ସକଳ ଶକ୍ତି ଝରାଇ ଦିଏ ମଣିଷକୁ
ଜୀବଜନ୍ତୁ, ଆତ୍ମାକୁ
ଓ ହଜିଯାଏ ସବୁ ପ୍ରତାରଣାର ପର୍ବ ॥

*ପ୍ରାକ୍ତନ ଜଙ୍ଗଲ ବିଭାଗ ଅଧିକାରୀ, ସା/ପୋ. -*
*ଆରୁହାବୃତ୍ତି, ଦରିମୁଣ୍ଡା, ଭୋଗରାଇ,*
*ବାଲେଶ୍ୱର-୭୫୬୦୭୯*
*ଦୂରଭାଷ: ୭୯୭୮୨୬୨୮୭୪*

# ବିଭାବନ ବେଳ

ଡା. କୃଷ୍ଣଚନ୍ଦ୍ର ରଥ

ସଇ ସମୟର କଣ୍ଟ ଦେଇ
ସୁଖର ସାଥି ସଜାଇ
ସପନରେ ଦେଲ ଭସାଇ
ସବୁଜ ସରଗେ ଘର, ସାରେ ଗା ମା ମଧୁର ସ୍ୱର
ଝରାଫୁଲ ଶେଜ ବିଛାଇ ।
ସକାଳୁଆ ସମୟର ଲହରୀରେ
ଲଇଁ ଗଲା ଲାଭକ୍ଷତି ହିସାବ
ଏବେ ସକେଇ ସକେଇ କାନ୍ଦୁଛି
ମୋର
ଲହରୀଆ ଯୌବନ
ଲକ୍ଷଭେଦ ମାଖିଗଲା ପ୍ରୀତିଭଗ୍ନା ଛାତି ତଳେ
ଲେଉଟିଲା ନାହିଁ ସୁଖ ସମୟ
ଖଗୋଳଟା ସାରା ଖୋଜେ
ନୀଳ ସଙ୍ଗ ଖନା ମନ, ଖନ୍ଦାଟା ମୋ
ରହିଗଲା ଶୂନ୍ୟ, ଭଲ ପାଇବାର ମନ
ଖତେଇ ହେଲା ଜୀବନ
ଭଲପାଇ ହୋଇଗଲି ଖଦଡ଼ିଆ ନେତା
ଖରାଦିନ ଖରଡ଼ି ବାଘଟା ଦେଇଗଲା ଧୋକା ।
ଖରକା ଧରି ଖରକାଉଥିଲି, ନିତି
ଖତରା ଅତୀତ
ଖଲିପା ସାଜି ମୁଁ ମିଛ କବିତାରେ
ମାତି
ଭଗାରି ଖାଇଲେ ମୋ ସାରା ସମ୍ପତ୍ତି ।
ସମୟଟା ବଳବାନ, ବୋଧହୁଏ
ଅସମୟେ ଦେଇଥିଲ କଷ୍ଟ
ସଖୀ, ଅଭିମାନ ଛାଡ଼ ଏବେ ସ୍ମୃତିର କବିତା
ନୂତନ ଅଭ୍ୟୁଦୟର ଅଭ୍ୟର୍ଥନା କର
ଏହା ଅଟେ ସମୟର ବିଭାବନ ବେଳ ।

*କେ-୪, କଳିଙ୍ଗ ବିହାର, ପାତ୍ରପଡ଼ା,*
*ଭୁବନେଶ୍ୱର-୧୯*
*ଦୂରଭାଷ: ୯୪୩୭୧୬୩୭୬୩*



# ଶୀତ

କପିଳ ଚନ୍ଦ୍ର ମହାନ୍ତି

କୁହୁଡ଼ିର ରୂପା ରଂଗ ଶାଢ଼ୀ ତଳେ
ମୌନ ସକାଳ ଶୋଇଛି
ଶିର୍‌ଶିର୍ ଥଣ୍ଡା ହାୱାର ସ୍ପର୍ଶରେ
ରକ୍ତର ପ୍ରବାହ ବରଫ ପାଲଟୁଛି
ସ୍ମୃତି ଆଉ ସ୍ୱପ୍ନରେ ଜୁଡୁବୁଡୁ ଆଖି
ପହଁରି ଆସୁଛି, ମୁକ୍ତା ମଣ୍ଡିତ ଘାସର
ପାଦଚଲା ରାସ୍ତା ଅସହଜ ଲାଗୁଛି
ଦରଭଙ୍ଗା ଜୀବନ ନିଆଁଶାର ଧୂମମୟ
କୁହୁଡ଼ି ଭିତରେ ନିଃସଙ୍ଗ ଅସହାୟ
ଥୁଣ୍ଟା ଗଛ ତଳେ ଅବହେଳିତ ହୋଇ ବସିଛି
ରଂଗହୀନ ମାଇଲ ଖୁଣ୍ଟ ପରି,
ଅନାସକ୍ତ ଇଚ୍ଛାମାନେ କାରୁଣ୍ୟମୟ ଶବ୍ଦରେ ଶବ୍ଦରେ
ବିରାଗ ରାଗର ଶ୍ଳୋକ ଦୁଃଖ ଯନ୍ତ୍ରଣାର
ଯୋଡ଼ି ହୋଇଯାଏ ବିରହ କାବ୍ୟରେ ॥

ତମ ବିନା ଶୈତ୍ୟସିକ୍ତ ନିଶାର୍ଦ୍ଧ ରାତିରେ
ତମ ସ୍ମୃତିର ଚଦର ଘୋଡ଼ି ହୋଇ
ବସିଛି ନିଶ୍ଚେଷ୍ଟ ବୁଢ଼ାଟିଏ ପରି
ଥୁଣ୍ଟା ଗଛର କଂକାଳ ବିଦୀର୍ଣ୍ଣ କରି
ବହିଯାଉଛି ଝଡ଼, ଝଞ୍ଜା ଓ ବତାସ
ଥରାଇ ଦେଉଛି ମଞ୍ଜ
ଧ୍ୱଂସ୍ତ ହେଉଛି, ଝରି ପଡୁଛି କ୍ରମଶଃ
ମାଂସ ଓ ହାଡ଼ର ବଖରା ॥

ତମ ଅଦର୍ଶନରେ ଖାଁ ଖାଁ ଲାଗେ
ପ୍ରତୀକ୍ଷିତ ବେଳ କଟେ ନାହିଁ
ବସିଛି ମୁଁ ବରଫର ଷ୍ଟାଚ୍ୟୁ ପରି
ପରିତ୍ୟକ୍ତ ଗାଧୁଆ ତୁଠର ଘଷା ପଥର ଉପରେ
ବିଶାଦୀୟ ନଦୀବକ୍ଷର ବିଷଣ୍ଣ ଶୂନ୍ୟତାକୁ ମୁଣ୍ଡେଇ
ବିପନ୍ନ ମଲାମାଛ ପରି ଶୋଇଛି ବାଲିରେ
ଶୀତର ଅନ୍ତିମ ପ୍ରହରେ ॥

ଘୋଡ଼ା ଟାପୁରେ ବର୍ଷ ବର୍ଷ ବିତିଯାଏ
କେଉଁ ଛଟକରେ
ଅପେକ୍ଷିଛି ଚିରକାଳ ତମର ଆଗମନ ପାଇଁ
ତମେ ଦେବୀ ପ୍ରତିମା ପରି ଆବିର୍ଭାବ ହୁଅ ଦେହରେ
ସ୍ୱପ୍ନରେ ନା ସବୁ ଋତୁମାନଙ୍କରେ ॥

*ଅଯୋଧ୍ୟା ନଗର ପ୍ରଥମ ସରଣୀ,*
*ବ୍ରହ୍ମପୁର-୭୬୦୦୧୦*
*ଦୂରଭାଷ: ୭୫୩୯୮୧୨୯୫୧*

# ଅକ୍ଷୟ ତୃତୀୟା

ଆରତୀ ରାଣୀ ଡାକୁଆ

ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ଦିନ
ଅକ୍ଷୟ ତୃତୀୟା ନାମରେ ହୁଏ ପାଳନ ॥
ଏହା ଏକ କୃଷିଭିତ୍ତିକ ପର୍ବ ଅଟଇ
ଚାଷୀ ଭାଇ ଅଖିମୁଠି ଅନୁକୂଳ କରଇ ॥
ସତ୍ୟଯୁଗ ଆରମ୍ଭ ହୋଇଥିଲା ଏହି ଦିନେ
ଲୋକଙ୍କ ମଧ୍ୟେ ବିଶ୍ୱାସ ରହିଅଛି ମନେ ॥
ଭଗବାନ ବିଷ୍ଣୁ ଏହିଦିନ
ଯବଶସ୍ୟ କରିଥିଲେ ଉତ୍ପାଦନ ॥
ଏହିଦିନ ଦାନ, ଧର୍ମ, ସ୍ନାନ ଶ୍ରାଦ୍ଧକଲେ ପିତୃ ତର୍ପଣ
ଅକ୍ଷୟ ହୋଇବ ପୂଣ୍ୟ କହଇ ପୁରାଣ ॥
ଏହିଦିନ କୁଳବଧୂ ମାନେ ଷଷ୍ଠୀ ଦେବୀଙ୍କୁ ପୂଜନ୍ତି
ନିଜ ସନ୍ତାନ-ସନ୍ତତି ମାନଙ୍କର ମଙ୍ଗଳ ମନାସନ୍ତି ॥
ଶ୍ରୀଜଗନ୍ନାଥଙ୍କ ପରମଭକ୍ତ ଶ୍ରୀଜୟଦେବ ଏହିଦିନ
ହୋଇଲେ ଜନ୍ମିତ
ତାଙ୍କ ରଚନା 'ଶ୍ରୀ ଗୀତଗୋବିନ୍ଦ' ପାଇଁ ଏ ବିଶ୍ୱେ
ହୋଇଲେ ବିଖ୍ୟାତ ॥
କୃଷିର ଦେବତା ଶ୍ରୀ ବଳଦେବ ଜୀଉ ଭଗବାନ
ଅକ୍ଷୟ ତୃତୀୟାରେ ରେବତୀ ଦେବୀଙ୍କ ସହ ତାଙ୍କ
ବିବାହ ଉତ୍ସବ ହୁଏ ସଂପାଦନ ॥
ପବିତ୍ର ଅକ୍ଷୟ ତୃତୀୟାରେ କଲେ ଗଙ୍ଗା ସ୍ନାନ
ମହାପୂଣ୍ୟ ମିଳେ ବୋଲି ଅଛି ତ ବିଧାନ ॥
ରଥଯାତ୍ରା ପାଇଁ ଅକ୍ଷୟ ତୃତୀୟାରୁ
ରଥ କାମ ହୁଏ ଅନୁକୂଳ
ଚନ୍ଦନ ଯାତ୍ରାର ଶୁଭାରମ୍ଭ ହୁଏ
ଏହିଦିନ ଅଟେ ଶୁଭବେଳ ॥
ଅକ୍ଷୟ ତୃତୀୟାର ମହିମା ଓ ମହତ୍ୱ ଅଟେ ଅନନ୍ୟ
ଓଡ଼ିଆ ପର୍ବ-ପର୍ବାଣୀ ମଧ୍ୟରେ ପାଇଛି ବିଶେଷ ସ୍ଥାନ ॥

*ପ୍ରଧାନ ଶିକ୍ଷୟିତ୍ରୀ*
*ବନ୍ଧମୁଣ୍ଡା ସରକାରୀ ଉ.ପ୍ରା ବିଦ୍ୟାଳୟ*
*ମାୟାବରା, ପାଟଣାଗଡ, ବଲାଙ୍ଗୀର*



ସମାରୋହ

# ଫୁଲ ଫୁଟିବାର ବେଳ

**ରସାନନ୍ଦ ମହାପାତ୍ର**

ଫୁଲଟିଏ ଫୁଟି ଗଲେ
ବାସ୍‌ନାୟିତ ହୋଇଯା ସମୟ,
ପବନରେ ଦୋହଲୁଥିବା ମୁହୁର୍ତ୍ତମାନେ
ନିଜକୁ ସଂଜତ କରିନିଅନ୍ତି,

ଅକୁହା ଅକୁହା ଭାଷାରେ
ଶିରିଶରି ହୋଇଯାଏ ଅବୟବ,
ଫୁଲର ପରୱାନାରେ
ଅଙ୍କାବଙ୍କା ରାସ୍ତାଟି
ଆପଣାଛାଏଁ ସଳଖି ଯାଏ ॥

ଫୁଲଟିଏ ଫୁଟିଗଲେ
ଚଉରିଆଡ଼େ ଚହଲ ପଡ଼ିଯାଏ,
ଧୀରେ ଧୀରେ ସମ୍ଭୋଗର ସାଥୀମାନେ
ହସ୍ତ ପ୍ରସାରଣ କରି ମାଡ଼ି ଆସନ୍ତି
ଫୁଲ ବଖରାକୁ ।

ଏମିତି ବେଳେ ବେଳେ
ଅଫିସ୍ ବେଳ ଗଡ଼ିଯାଏ
ମନ୍ତ୍ରୀଙ୍କ ପ୍ରେଗ୍ରାମ୍ କାଣ୍ଟଛାଣ୍ଟ ହୁଏ।
ଫୁଲର ନିଶାରେ।
ଋତୁମାନଙ୍କୁ ଯତ୍ନକରି ଫୁଲ ଫୁଟେ,
ହାତରେ ଆଉଁସି ଦେଇ
ଗଛମୂଳରେ
ପାଣିମୁନ୍ଦିଏ ଢ଼ାଳିଦେଲେ
ଚେର ଗଜୁରି ଉଠେ,
ତା'ପରେ ବିଶ୍ୱସ୍ତତା ବଢ଼ିଯାଏ,
ଘନଘନ ଦାମ୍ପିକତାର
ପ୍ରସାର ଘଟେ ଯେ,
ଶତ ଚେଷ୍ଟା କରି ମଧ୍ୟ
ଫୁଲର ଚଉରାକୁ
ନିର୍ମୂଳ କରିହୁଏନି ବଗିଚାରୁ !
ଫୁଲ ଫୁଟିବାର ସ୍ୱତନ୍ତ୍ର ସମୟ ଅଛି
ଫୁଲରେ ଫୁଲରେ ସ୍ୱତନ୍ତ୍ର ରାସ୍ତା ଅଛି
ଫୁଲଟିକୁ ଆପଣେଇ ନେବାର
ସ୍ୱତନ୍ତ୍ର ତାରିକା ଅଛି
ତେବେ ମନଟା କାହିଁକି
ସ୍ୱପ୍ନରେ ସ୍ୱପ୍ନରେ
ଛନ୍ଦି ହୋଇଯାଏ କେଜାଣି !!

*ସଭାପତି, କାନ୍ତ ସାହିତ୍ୟ ପରିଷଦ*
*ଧାମନଗର, ଭଦ୍ରକ*
*ଦୂରଭାଷ: ୯୯୩୭୮୪୮୦୬୦*

# ମଲାଛାଇର ଭଗ୍ନାଂଶ

**ସୁଶାନ୍ତ କୁମାର ନାୟକ**

ସୂତା ଖିଅରେ
ଝୁଲି ରହେ
ଜୀବନର ବର୍ଣ୍ଣବୋଧ ।

ଅରଣା ମଇଁଷି ପିଠିରେ
ମୃତ୍ୟୁର ପୋଷାକ ପିନ୍ଧେ
ଅଭିଶପ୍ତ ସମୟର
ଫୁଙ୍ଗୁଳା ଦେହ ।

ନିଦର ଦାଢ଼ରେ
ଅଂଧାର ଖୋଜେ
ଆଲୁଅର ପ୍ରତିବିଂବ ।

ଦୀପଶିଖାର
ଶେଷ ସ୍ମୃତିରେ ଲୁଚିରହେ
ଜହ୍ନର କଳଂକ ।

ସଞ୍ଜର ପବନରେ
ଭାସୁଥାଏ
ରକ୍ତ ଜୁଡୁବୁଡୁ ନିଃଶ୍ୱାସ ।

ଶବ୍ଦର ଭ୍ରୁଣରେ
କଥା କହେ
ଶ୍ମଶାନର ପାଉଁଶ ।

ଗାତରୁ ବାହାରି
ମୂଷାମାନେ କାଟନ୍ତି
ମଲା ଦେହର ପୋଷାକ ।

ରାତିର ମଲାଟ ଚିରି
ଦେହର ଶିରାପ୍ରଶିରାରେ
ଜନ୍ମ ନିଏ
ଆଗାମୀ ଶତାବ୍ଦୀର ଭୋକ ।

ଅଭିନୟ ସାରି
ଆଲୁଅର ପାଦ ଶବ୍ଦରେ
ଘରକୁ ଫେରେ
ସକାଳର ସୂର୍ଯ୍ୟ ।

ମନ ଗହିରରେ ବଢ଼େ
ନଈର ସ୍ରୋତ
ବୟସର ଅପରାହ୍ନରେ
ମାଟି ଛୁଏଁ ଆକାଶ ।

ଅଲିଅଳ ଝିଅପରି
ଅନିର୍ଦ୍ଦିଷ୍ଟ ମୁହୂର୍ତ୍ତକୁ
ଅପେକ୍ଷା କରେ
ମଲାଛାଇର ଭଗ୍ନାଂଶ ।

*ପଞ୍ଚବଟୀନଗର-୨ୟ ଲେନ୍*
*ରାୟଗଡ଼-୭୬୫୦୦୧*
*ଦୂରଭାଷ: ୯୪୩୭୧୧୮୮୨୨*



କଥା ଓ କାହାଣୀ

ଶେଷ ପ୍ରସ୍ଥ

# ପାଚିଲା ତାଳ ଓ ନାନାବାୟା ଗୀତ

ଅରବିନ୍ଦ ଦାସ

ପାକଲା ତାଳ ଓ ତାଳ ଗଛର ତଳ ବରଡ଼ା ଖସିବାକୁ କିଏ ଅଟକାଇ ପାରିବ?

ବୋଉର ଏଇ କଥା ପଦକ ସବୁବେଳେ ମୋ କାନରେ ଗୁଞ୍ଜରିତ ହୁଏ।

– ପାଚିଲା ତାଳ ନେବେ ବାବୁ?"

ଲୋକଟାର ଡାକ ଶୁଣି ପଛକୁ ବୁଲିପଡ଼ି ଅନେଇଲି, ହାଟର ଗୋଟେ କଣକୁ ବସିଥିବା ଲୋକଟା ସାମ୍ନାରେ ଥିଲା ଦୁଇଟା ପାଚିଲା ତାଳ।

ଏତେ ଦିନ ପରେ ପାଚିଲା ତାଳ ଦେଖି ପିଲାଦିନ କଥା ମନେପଡ଼ିଗଲା।

ତାଳ ଗଛ, ବାଇଚଢ଼େଇର ବସା, ପାଚିଲା ତାଳ ଓ ବୋଉ। ବୋଉ ହାତ ତାଳ ପିଠା ଏବଂ ମୋତେ ଶୁଆଇ ପକାଇଲା ବେଳେ ସେ ଗାଉଥିବା ଟିକେ ଭିନ୍ନ ନାନାବାୟା ଗୀତ।

–ତାଳ କେତେ ଟଙ୍କା? ଜମାରୁ ଦୁଇଟା ତାଳ ବିକିବାକୁ ତମ ଗାଁରୁ ଏତେବାଟ ଏଇ ହାଟକୁ ଆସିଛ?"

ହସିଦେଇ କହିଲା,

– ନାଇଁ ବାବୁ, କଞ୍ଚା କଦଳୀ, ମଞ୍ଜା, ଭଣ୍ଡା, କଖାରୁ ମୁଁ ବିକିବାକୁ ଆଣିଥିଲି ଓ ଗୋଟେ ଫେଣା କଦଳୀ ଛଡ଼ା ସବୁ ସରିଗଲାଣି। ଆମ ପଡ଼ିଶା ଘର ବୁଢ଼ୀ ତା ଗଛ ପାଚିଲା ତାଳ ଦୁଇଟା ଜବରଦସ୍ତ ମୋ ହାତରେ ଏଇ ସହରରେ ରହୁଥିବା ତା ପୁଅ ପାଇଁ ପଠେଇ କହିଥିଲା, ଫୋନ କରିଦେଲେ ପୁଅ ଆସି ନେଇଯିବ। ପୁଅ କାଳେ ମା ହାତ ତିଆରି ତାଳ ପିଠା ଭଲ ପାଏ। ହେଲେ ଅନେକ ଦିନ ହେଲାଣି ତା ପୁଅ ଜମା ଗାଁକୁ ଯାଉନି କି ମାକୁ ପଚାରୁନି। ବୋହୂ ପିଠା କରି କାଳେ ପୁଅକୁ ଦେବ। ବୁଢ଼ୀ ପୁଅକୁ ଫୋନ କଲି ଯେ ସେ ଟୋକାର, ସେପଟୁ କିଛି ଉତ୍ତର ନାହିଁ। ହାଟ ବାରିରେ ତା' ବାରି ପନିପରିବା ମୋ ହାତରେ ଦିଏ ତା' ପୁଅ ପାଇଁ; ମୁଁ ସେ ପରିବା ବିକିଦେଇ ବୁଢ଼ୀ ପାଇଁ ପାନ, ଗୁଣ୍ଡି ନେଇଯାଏ। ହେଲେ ଏ ପାଚିଲା ତାଳ ଏଠି କିଏ ବା କିଣିବ?"

ଟିକେ ନିଶ୍ୱାସ ନେଇ ବୁଢ଼ା ପୁଣି କହିଲା,

– ତାଳ ପୋଡପିଠା, ତାଳ ଚକୁଳି, ତାଳ କାକରା ଆଜିକାଲି ଟାଉନରେ କିଏ କରୁଛି? ମୋର ଆଉ ଫେଣାଏ କଦଳୀ ସରିଲେ ପଳେଇବି। କେହି ନ ନେଲେ ଫୋପାଡି ଦେଇ ଯିବି। ସବୁଥର ଭଳି, ବୁଢ଼ୀକୁ ମିଛରେ କହିଦେବି ତା' ପୁଅ ନେଇ ଯାଇଛି ବୋଲି। ତେବେ ବାବୁ, ଯେତେ ଟଙ୍କା ମନ ହେଉଛି ଦେଇ ତାଳ ନେଇଯାଆନ୍ତୁ। ତାଳ ପିଠା ଆପଣ ଭଲ ପାଆନ୍ତି ବୋଧେ।"

ମୋ ମନ ଭିତରଟା କ'ଣ ହୋଇଗଲା। ପୁଅକୁ ତାଳ ପିଠା ଖୋଇବାର ଆଗ୍ରହ ନେଇ ଅନାଇଥିବା ସେଇ ମା। ଆହା, ବୁଢ଼ୀ ମଣିଷଟା ଅନେଇଥିବ ପୁଅ ବାଟକୁ, ତା' ଫୋନକୁ। ସବୁ ମା ମାନେ ସେମିତି।

ତାଳ ଦୁଇଟା ହାତରେ ଧରି ଟିକେ ଶୁଙ୍ଘିଲି।

ବୋଉ କଥା ମନେ ପଡୁଥିଲା ମୋର।

ପାଚିଲା ତାଳର ଏକ ମନ ମତାଣିଆ ବାସ୍ନା। ଆକ୍ତାମାକ୍ତା କରିଦିଏ ମନକୁ। କଳାହାଣ୍ଡିଆ ମେଘ ଭଳି କଳା ରଙ୍ଗର ତାଳ ଚୋପା ଓ ଭିତର ଉଜ୍ଜ୍ୱଳ କମଳା ରଙ୍ଗ। ତାକୁ ଚିପୁଡ଼ି ତାଳ ଦୋରୁଆ ବାହାର କରି ସେଥିରେ ପିଠା କରେ ବୋଉ।

ମନେ ପଡ଼ିଲା ସହଧର୍ମିଣୀଙ୍କ ମୁହଁ। ଏଇନା ତାଳ ନେଇକି ଗଲେ ହୁଏତ ଚିଡ଼ିବ। ନିକମା କାମ ତା' ଉପରେ ପକାଉଛି ବୋଲି କହିବ।

– ବାବୁ, ତାଳ ନେବେ?" ବୁଢ଼ା ପୁଣି ପଚାରିଲା।

– ନା, ଥାଉ ଆଉ କେବେ।" କହି ଚାଲି ଆସିଲି।

ଆଖି ସାମ୍ନାରେ ଭାସି ଉଠିଲା ଗାଁ ଘର ପଛ ବାରିରେ ଥିବା ତାଳ ଗଛ ଓ ସେଥିରୁ ଓହଳି ଥିବା ବାଇ ଚଢ଼େଇ ବସା ସବୁ। ଖରାଦିନେ ତାଳସଜ ଓ ଶ୍ରାବଣ ମାସ ବେଳକୁ ପାଚିଲା ତାଳ ଏବଂ ଅଶ୍ୱିନ ମାସରେ ତାଳ ଗଜା। ତାଳ ବରଡ଼ାରେ ଧାନଉଁଷା ଘର ଓ ଗୁହାଳଘର ଛପର ବି ହୁଏ। ବୋଉ ଶୁଖିଲା ତାଳ ପତ୍ରରେ ଚଟ, ବିଞ୍ଚଣା ବୁଣେ। ବୋଉ ଭାରି ଘରଣୀ, ସବୁ ଜିନିଷର ବ୍ୟବହାର ଜାଣେ।

ବଡ଼ ହୋଇ ଚାକିରୀ, ବାହା ହେଲା ପରେ ବିଭିନ୍ନ ଜାଗାକୁ ବଦଳି ଭିତରେ ବି ଗାଁ ଓ ବାପା, ବୋଉଙ୍କ ମୋହ ସବୁବେଳେ ମନକୁ ଉଚ୍ଚାଟ କରେ। ବୋଉ ଫୋନ୍ କରେ,

– ଶିବୁ, ତାଳ କାନ୍ଦି କଟା ହେବ। ତାଳ ସଜ ଖାଇବାକୁ କେବେ ଆସିବ? ପୁଣି କିଛି ମାସ ପରେ କୁହେ, ତାଳ ପାଚିଲାଣି। ଯେଉଁଦିନ ଆସିବ, ମୁଁ ସେଇଦିନ ପିଠା କରିବି।"

ପିଲାବେଳେ ତାଳ ଗଛରେ ବାଇ ଚଢ଼େଇ ବସା ପବନରେ ଦୋହଲୁ ଥିବାର ଦେଖି ମୁଁ ପଚାରେ,

– ବୋଉ, ତାଳ ଗଛରେ ଥିବା ସେଇ ବସାରେ, ବାଇ ଚଢ଼େଇ ଛୁଆଙ୍କୁ ଡର ମାଡେନା?"

– ବାଇ ଚଢ଼େଇର କି ଯାଏ, ବା କଲେ ବସା ଦୋହଲୁ ଥାଏ। ଛୁଆ ମାନେପୁରା ନିର୍ଭୟ। ତା' ମା ଜଗିଥିବ ପା। ଯେମିତି ମୁଁ ତୋତେ ଜଗେ।"

– ତୁ ମୋ ପାଇଁ ସେ ତାଳ ଗଛରେ ସେମିତି ଗୋଟେ ବସା କରି ଦେଉନୁ, ମୁଁ ଝୁଲିବି। ତୁ ସେଇ ତାଳ ଗୀତ ଟିକେ ବୋଲିଲୁ।"

ହସିଦେଇ ବୋଉ ତା' କୋଡକୁ ଟାଣି ଆଣି ମୋତେ ତା' ଦୁଇ ଗୋଡ଼ରେ ଗୁଗୁପାଆଞ୍ଚି କରି ତା ନିଜ ମନରୁ ଫାନ୍ଦି ନାନାବାୟା ଗୀତ ବୋଲେ,

"ଧୋରେ ବାଇଆ ଧୋ, ଯେଉଁ କିଆରୀରେ ଗହଳ ମାଣ୍ଡିଆ ସେଇ କିଆରୀରେ ଶୋ।"

– "ବାଇ ଚଢ଼େଇରେ ବାଇ ଚଢ଼େଇ
ତୋ ମା ଯାଇଛି ଗାଈ ଚରେଇ,
ଗାଇରୁ ଆଣିବ ପାଚିଲା ତାଳ
ତାକୁ ଖାଇ ମୋ ସୁନା ହୋଇବ ଗେଲ।"

(ବେଳ ବଦଳରେ ବୋଉ ତାଳକୁ ଯୋଡ଼େ)

ନିଦ ଆସିଯାଏ ମୋ ଆଖିକୁ।

ତାଳ ପିଠା ମୁଁ ଭଲ ପାଏ ବୋଲି ବୋଉ ପିଠା କଲାବେଳେ କୁହେ,

– ମୁଁ ବଞ୍ଚିଥିଲା ଯାଏଁ କରିକି ଦେବି। ମୁଁ ଚାଲିଗଲା ପରେ ଆଉ କିଏ କରିବ ତୋ ପାଇଁ? ପାଚିଲା ତାଳ ଓ ତଳ ବରଡାକୁ ଖସି ପଡ଼ିବାକୁ କିଏ ଅଟକାଇବ?"

ବିରକ୍ତ ହୋଇ ମୁଁ କହେ,

– ଯେତେଦିନ ଯାଏଁ ଏ ତାଳ ଗଛ ଅଛି, ତୁ ଏଇଠି ରହିବୁ, ଆଉ ମୁଁ ବାଇଚଢ଼େଇ ହୋଇ ତୋ କୋଳରେ ଶୋଇବି। ଗଛ ତଳେ ଚାରିପଟେ ଜାଲି ଲଗାଇଦେବି, ତାଳ ତଳେ ପଡ଼ିବନି।"

ମୋ କଥା ଶୁଣି ବୋଉ ହସେ, ଅବିଶ୍ୱାସରେ।

ବୋଉ ଆମକୁ ଡକାଏ, ପାଚିଲା ତାଳ ପିଠା ଖୁଆଇବା ପାଇଁ। ଗାଁରେ ପହଁଚିଲେ,

ବାପା ଆମକୁ ଦେଖି, ଖୁସି ହୋଇଯାଇ କୁହନ୍ତି,

– ତମେ ମାନେ ଆସିବ ବୋଲି, ତୋ ବୋଉ କାଉକୁ ଅଧ ବସ୍ତା ଚାଉଳ ଖୁଆଇ ସାରିଲାଣି।"

ତରବର ହୋଇ ବୋଉ ପାଚିଲା ତାଳ ଓ ଡେକଚି ଧରି ଗୋଟେ ଘରେ ପଶି ତାଳର ବହଳିଆ ରସ ଅର୍ଥର ଦୋରୁଆ ବାହାର କରେ। ପାଚିଲା ତାଳ ଓ ରସ ବାସ୍ନାରେ ବଡ଼ ବଡ଼ କଳା ମାଛି ଚାଲି ଆସନ୍ତି ବୋଲି କବାଟ ବନ୍ଦ କରି ବୋଉ କାମ କରେ। ଚାଉଳ ଚୁନାରେ ତାଳ ଦୋରୁଅ ମିଶାଇ ବୋଉ ଜନ୍ତଣି କରେ ପୋଡ଼ପିଠା ଓ କାକରା ପାଇଁ। ଚାଉଳ, ବିରି ବଟାରେ ତାଳ ରସ ମିଶାଇ ଚକୁଳି କରେ। ବାସ୍ନାରେ କମ୍ପିଉଠେ ଖଣ୍ଡମଣ୍ଡଳ। ନିତୁକୁ ପାଖରେ ବସାଇ ଶିଖାଇଲା ବେଳେ କୁହେ,

–ପୁଅଟା ମୋର ଟିକେ ଟକଳା। ଦେଶୀ ଜିନିଷ ଉପରେ ତା'ର ଲୋଭ। ମୋ ସୁନା ଝିଅଟା ପରା, ମୁଁ ନଥିଲା ବେଳେ ତା' ପାଇଁ ଏସବୁ ବନାଇଦେବୁ।

ମୁରୁକି ହସି ନିତୁ କହେ,

– ଏତେ ଗେହ୍ଲା କରିଛନ୍ତି, ତେଣୁ ଆପଣ ହିଁ କରିକି ଦେବେ।"

– ମୁଁ କ'ଣ ସବୁଦିନ ଥିବି ? ପାକଲା ତାଳ, ଥିର କିନା ଗଳି ପଡ଼ିବି।"

ବୋଉ ଆମକୁ ଠକି ଦେଇ ଚାଲିଗଲା।

ଭାରି ମନେ ପଡୁଥିଲା ଆଜି ବୋଉ।

ମୋବାଇଲରେ ନିତୁର ଫୋନ୍,

– ଏତେ ସମୟ ହେଲାଣି କି ହାଟ କରୁଛ ?

– ଶୁଣ, ହାଟରେ ପାଚିଲା ତାଳ ମିଳୁଛି। ଗୋଟେ ବୁଢ଼ୀ ତା' ପୁଅ ପାଇଁ ପଠାଇଥିଲା। ହେଲେ ସେ ପୁଅ ଆସିନି।" ସେପଟୁ ନିତୁର ସ୍ୱର,

– ସିଧା ସିଧା କୁହ ତାଳ ପିଠା ଖାଇବାକୁ ଇଚ୍ଛା ହେଉଛି ଓ ବୋଉଙ୍କ କଥା ମନେ ପଡୁଛି। ତମେ କ'ଣ ମୋତେ ଟିକେ ବିଶ୍ରାମ ଦେବ।"

– ତାଳ ମୁଁ ଆଣିନି।"

– ତାଳ ନେଇ ଆସ। କାଲି ରାତିରେ ବୋଉଙ୍କୁ ସ୍ୱପ୍ନରେ ଦେଖିଥିଲି। ତାଙ୍କ ନାତୁଣୀର କୁଆଁର ପୁନେଇ ପାଇଁ ତାଳ ଗଜା ଯୋଗାଡ଼ ପାଇଁ ମନେ ପକାଇଦେଉଥିଲେ।"

ଫୋନ୍ ରଖି ଖୁସି ହୋଇ ଚାଲିଲି ସେଇ ବୁଢ଼ା ପାଖକୁ। ଚାଲି ଯାଇ ନଥିବ ତ' ? ତାଳ ଥିବ ନା ନାହିଁ ? ବୁଢ଼ା ଯିବାକୁ ପ୍ରସ୍ତୁତ ହୋଇ ସାଇକେଲ ବାହାର କରୁଥିଲା।

ମୋତେ ଫେରି ଆସିବାର ଦେଖି ଆଶ୍ଚର୍ଯ୍ୟ ହୋଇଗଲା ବୁଢ଼ା।

କେତେ ଟଙ୍କା ଦେବି ବୋଲି ଭାବୁଥିଲି।

ପକେଟରୁ ପଚାଶ ଟଙ୍କା ବାହାର କରୁଥିଲି, ହେଲେ କ'ଣ ଭାବି ଶହେ ଟଙ୍କା ନୋଟ ବାହାର କରି ବୁଢ଼ା ହାତରେ ଦେଇ କହିଲି,

– ମଉସା, ତାଳ ଦୁଇଟା ଦିଅ। ଏଇ ଟଙ୍କାରେ ସେଇ ମାଉସୀଙ୍କ ପାଇଁ ପାନ, ଗୁଣ୍ଡି ଟିକେ ବେଶିକି ନେଇଯିବି। କହିଦେବ ତାଙ୍କ ପୁଅ ଦେଇଛି ବୋଲି।"

ବୁଢ଼ା ମୋ ମୁହଁକୁ ଟିକେ ବଲବଲ ହୋଇ ଚାହିଁଲା ଓ ତାଳ ଦୁଇଟା ମୋ ବ୍ୟାଗରେ ପୁରାଇଦେଇ କାନ୍ଦ କାନ୍ଦି ହୋଇ କହିଲା,

– ସେ ବୁଢ଼ୀ, ମୋ ସ୍ତ୍ରୀ ବାବୁ। କୁଳାଙ୍ଗାର ପୁଅଟା ଏଇଠି ରହୁଛି ହେଲେ ଆମକୁ ପଚାରୁନି। ଟଙ୍କା ଥାଉ। ଏଇ କଦଳୀ ଫେଣାଏ ଓ ତାଳ ଦୁଇଟା ସ୍ନେହରେ ଦେଉଛି। ବୁଢ଼ାବୁଢ଼ୀଙ୍କର ଆଶୀର୍ବାଦ ଭାବି ନେଇଯା ବାବୁ। ଭଗବାନ ତୁମକୁ କୋଟି ପରମାୟୁ ଦେଇଥାଆନ୍ତୁ।"

ବୁଢ଼ା ଆଖିରୁ ଲୁହ, ଥପଥପ ହୋଇ ଗଳି ପଡୁଥିଲା, ପାଚିଲା ତାଳ ଗଛରୁ ଖସିବା ଭଳି।

ବୁଢ଼ାର ସେଇ ଲୁହଭରା ଆଖିରେ ଗୋଟେ ମୁହଁ ଅସ୍ୱଷ୍ଟ ଭାବେ ଦିଶୁଥିଲା। ଜବରଦସ୍ତି ତା' ହାତରେ ସେଇ ଶହେ ଟଙ୍କା ଧରାଇ ଦେଲାବେଳେ, ମୋ ଆଖି ବି ଝାପସା ହୋଇ ଯାଉଥିଲା ବୋଉର ସ୍ମୃତିରେ।

ବୟସ ହୋଇଗଲେ ବୋଉମାନେ ପାଚିଲା ତାଳ ପରି ଖସି ପଡ଼ନ୍ତି, ହେଲେ ସେମାନଙ୍କ ସ୍ମୃତି ତାଳଗଛ ଭଳି ଠିଆ ହୋଇଥାନ୍ତି, ଆଉ ମୋ ଭଳି ପୁଅମାନେ ପାଚିଲା ତାଳ ବାସ୍ନାରେ ବିଭୋର ହୋଇ, ବୋଉର ନାନାବାୟା ଗୀତରେ ବାଇଚଢ଼େଇ ଭଳି ସ୍ମୃତିର ବସାରେ ଝୁଲୁଥାନ୍ତି।

ପାଚିଲା ତାଳ ଦୁଇଟା ମହ ମହ ହୋଇ ବାସୁଥିଲା।

*ବିଶାଖାପାଟଣା,*
*ଦୂରଭାଷ: ୯୧୭୭୬୦୫୧୦୫*

# ଜେନି

## ମୂଳ ଗଳ୍ପ - ଭିକ୍ଟର ହୁଗୋ (ଫ୍ରାନ୍ସ)
## ଓଡ଼ିଆ ରୂପାନ୍ତର - ଜୟକୃଷ୍ଣ ସାମଲ

*(ଲେଖକ ପରିଚିତି - ଫରାସୀ ଇତିହାସରେ ଭିକ୍ଟର ହୁଗୋ କେବଳ ଜଣେ କବି ଏବଂ ଗଳ୍ପକାର ହିସାବରେ ବିଖ୍ୟାତ ନୁହଁ, ସେ ସ୍ୱାଧୀନତାର ପ୍ରତୀକ । ଫ୍ରାନ୍ସର ନିଉ ନ୍ୟାସନାଲ ଆସେମ୍ବ୍ଲିକୁ ନିର୍ବାଚିତ ହୋଇଥିଲେ ସେ । ୧୮୫୧ ମସିହାରେ କୋଡ଼ିଏ ବର୍ଷ ପାଇଁ ନିର୍ବାସିତ ହୋଇଥିଲେ ଫ୍ରାନ୍ସରୁ । ୧୮୭୦ ମସିହାରେ ବୀର ପରି ଫେରନ୍ତି ସେ । ଫରସୀ ଲୋକମାନେ ତାଙ୍କୁ ଶ୍ରଦ୍ଧାର ସହ ବରଣ କରି ନିଅନ୍ତି । ଭିକ୍ଟର ହୁଗୋଙ୍କର ବିଖ୍ୟାତ ଲେଖା ମଧ୍ୟରେ 'ଦି ମିଜେରବଲ୍' ବହୁପଠିତ ଏବଂ ବହୁ ଆଲୋଚିତ । ପ୍ରତିଟି କବିତାରେ, କ୍ଷୁଦ୍ର ଗଳ୍ପରେ, ଉପନ୍ୟାସରେ ହୁଗୋ ଜୀବନର ଗୀତ ଗାଇଛନ୍ତି । ମଣିଷର ଅନ୍ତରରେ ସ୍ୱାଧୀନତାର ଆଲୋକ ଜାଳିଛନ୍ତି । ସାମାଜିକ ଅନ୍ୟାୟର ପ୍ରତିକାରଠାରୁ ସମାଜର ବଞ୍ଚିତ । ଅବହେଳିତ ମଣିଷର ଜୀବନଯାତ୍ରାର କଥା କହିଛନ୍ତି ବାରମ୍ବାର । ତାଙ୍କ ରଚନାର ଚରିତ୍ରଗୁଡ଼ିକ ସମସ୍ତେ ମାନବିକ ବିଶ୍ୱାସର ଐଶ୍ୱର୍ଯ୍ୟରେ ଧନୀ । ଭିକ୍ଟର ହୁଗୋ ଲେଖକ ହିସାବରେ ଏଠାରେ ଅନନ୍ୟ ହୋଇ ଉଠିଛନ୍ତି ।)*

ସେତେବେଳେ ରାତି । ଘରଟି ଦରିଦ୍ର, କିନ୍ତୁ ଉଷ୍ମତାରେ ଆରାମଦାୟକ, ଧୂସର ସନ୍ଧ୍ୟାଲୋକରେ ଗୃହସଜ୍ଜାରେ କିଛି ଅଂଶ ପ୍ରକାଶମାନ, ଚୁଲିରେ ଲିଭି ଲିଭି ଯାଉଥିବା କାଠର ନିଆଁର ଆଲୁଅରେ ଛାତ ବରଶାର ଅଂଶଟିକକ ଲାଲ ଦେଖାଯାଉଛି । ଗୋଟାଏ ପାର୍ଶ୍ୱର କାନ୍ଥସାରା ମାଛଧରାର ଜାଲ ଝୁଲୁଛି । କୋଠରୀର ଆଉ ଗୋଟାଏ କୋଣରେ ରଖାଯାଇଥିବା ହାଣ୍ଡି-କଡ଼ାଇ ହିଁ ମଝିରେ ମଝିରେ ନିଆଁର ଆଲୁଅରେ ଚିକ୍‌ଚିକ୍ କରି ଉଠୁଛି । ତା' ପାଖରେ ଗୋଟାଏ ଲମ୍ବା ବିଛଣାର ଝାଲର ଲଗାଯାଇଥିବା ଚଦର, ଗୋଟାଏ ବଡ଼ ଖଟ ସାରା ସ୍ଥାନ ଅଧିକାର କରି ପାଖରେ ଥିବା କେତୋଟି ବେଞ୍ଚ ପର୍ଯ୍ୟନ୍ତ ବିଛେଇ ହୋଇ ରହିଛି । ତା' ଉପରେ ନିଶ୍ଚିନ୍ତରେ ଶୋଇଛନ୍ତି ପାଞ୍ଚଟି ବାଳକ-ବାଳିକା, ପକ୍ଷୀ ବସାରେ ଶୋଇ ରହିଥିବା ଛୋଟ ଛୋଟ ପକ୍ଷୀ ଶାବକମାନଙ୍କ ପରି ନିଶ୍ଚିନ୍ତରେ ନିଦ୍ରା ।

ବିଛଣା ପାଖରେ, ଖଟର କୋଣରେ ମୁଣ୍ଡ ରଖି ଆଣ୍ଠୁ ମାଡ଼ି ବସି ରହିଛି ଯେଉଁ ମହିଳାଟି ସେମାନଙ୍କର ମା' । ମା' ଏକା । ଘରର ବାହାରେ ହିଁ ବିଶାଳ ଅନ୍ଧକାର ସମୁଦ୍ର, କଳା । ଫୁଲି ଉଠିଥିବା ସଫେଦ-ଢ଼େଉର ମୃଦୁ ଶବ୍ଦର କ୍ରମାଗତ ସଙ୍ଗୀତ । ମହିଳାଟିର ସ୍ୱାମୀ ଯାଇଛି ସମୁଦ୍ରକୁ । ପିଲାଦିନରୁ ହିଁ ସେହି ମଣିଷଟି ଜଣେ ମତ୍ସ୍ୟଜୀବୀ । ତା'ର ଜୀବନ ପାଣି ସାଙ୍ଗରେ ସଂଘର୍ଷର ଜୀବନ । ତା'ର ପ୍ରତିଦିନର ଜୀବନଯାତ୍ରାର, ସନ୍ତାନ ପାଳନର ପ୍ରଧାନ ସର୍ତ୍ତ ହିସାବରେ ସେମାନେ ମୁହଁରେ ଅନ୍ନ ଯୋଗାଇବାର ତାଗିଦଟା ସବୁଠାରୁ ବଡ଼ । ତେଣୁ ପ୍ରତିଦିନ ବର୍ଷା ହେଉ କିମ୍ବା ଝଡ଼, କିମ୍ବା ପ୍ରବଳ ଘୂର୍ଣ୍ଣିଝଡ଼, ତାକୁ ନୌକା ନେଇ ସମୁଦ୍ରକୁ ଯିବାକୁ ହୁଏ, ମାଛ ଧରିବାକୁ । ଏକାକୀ ମଝି ସମୁଦ୍ରରେ ସେ ଯେତେବେଳେ ତା'ର ଚାରିପାଖକୁ ବାନ୍ଧି ରଖିବା ପାଇଁ କାଠ କଡ଼ି ଲଗାଯାଇଥିବା ନୌକା ନେଇ ଭାସିଯାଏ, ତା'ର ଏକାକୀ ରହିଥିବା ସ୍ତ୍ରୀ ପୁରୁଣା ପାଲଗୁଡ଼ିକ କାଚି ଖରାରେ ଶୁଖାଇ ରଖେ, ମାଛ ଧରାର ଜାଲ ସିଲେଇ-କରି, ବନ୍‌ଶୀଗୁଡ଼ିକ ସଜାଡ଼ି କରି ରଖେ । ଆଉ ମଝିରେ ମଝିରେ ଉଦାସ ହୋଇ ନିଆଁ ଆଡ଼କୁ ଚାହିଁ ବସିରହେ ଯେଉଁ ନିଆଁରେ ପୁଅଝିଅର ପାଇଁ ମାଛର ତରଳ ଝୋଳ ତିଆରି ହେଉଛି ।

ପାଞ୍ଚଟି ସନ୍ତାନ ଶୋଇ ପଡ଼ିଲେ ହିଁ ସେ ଆଣ୍ଠୁମାଡ଼ି ବସି ହାତ ଯୋଡ଼ିକରି ପ୍ରାର୍ଥନା କରେ । ପ୍ରାର୍ଥନା କରେ ତା'ର ସ୍ୱାମୀ ପାଇଁ, ଯିଏ କ'ଣ ନା ସେତେବେଳେ ଲଢ଼ାଇ କରୁଛି ଅନ୍ଧକାର ଆଉ ଢେଉର ସଙ୍ଗରେ ।

ସତକଥା ହିଁ ଏହା ଏକ କଠିନ ଜୀବନଯାତ୍ରା । ମାଛ ଧରିବାକୁ ଯିବାକୁ ହୁଏ ଅନେକ ଦୂରକୁ, ସମୁଦ୍ରର ବଡ଼ ଢେଉଗୁଡ଼ିକ କୂଳରେ ଆସି ଭାଙ୍ଗିପଡ଼ନ୍ତି ସେମାନେ ଜାଗ୍ରତ ନିଦ୍ରାରୁ ଉଠିବାର ମୁହଁରେ । ଅଜଣା ଅସ୍ଥିରଗତି ସେଇ ଦୂରତ୍ୱ, ସେମାନଙ୍କର ଛୋଟ ଘରଠାରୁ ଅନେକ ଦୂର । ମରୁଭୂମି ପରି ନିର୍ଜନ । ପ୍ରତି ଝଡ଼ ରାତିରେ ଆଉ କୁହୁଡ଼ିର ସକାଳେ ସେଇ ଦୂରକୁ ଆବିଷ୍କାର କରିବାକୁ ହୁଏ ପବନ ଚିହ୍ନିବାର ଦକ୍ଷତା ଆଉ ଜୁଆର-ଭଟ୍ଟାର ଜ୍ଞାନ ଦେଇ । ଆଉ ସେଠାରେ ଭାଙ୍ଗିପଡ଼ିବା ଢ଼େଉଗୁଡ଼ିକ କେବେ କେବେବି ସବୁଜ ସାମୁଦ୍ରିକ ସାପ । କେତେବେଳେ ବି କଳା ଦୁରନ୍ତ ଘୂର୍ଣ୍ଣିର ଅନ୍ଧକାର । ସେଠାରେ ସମୁଦ୍ରର ଶୀତଳ ଏକାକୀତ୍ୱ, ସେ ଭାବେ ଜେନିର କଥା । ଜେନି, ତା'ର ପ୍ରିୟ ଆପଣାର ମଣିଷଟି, ଆଉ ତା'ର ଛୋଟ ଘର ଏବଂ ବାଲିକୁଦ ।

ସେତେବେଳେ ତା'ର ଆଖିରେ ଲୁହ ଆସେ ।

ଆଉ ସେତିକିବେଳେ ଜେନି ତା'ର କଥାହିଁ ଭାବୁଥିଲା, ପ୍ରାର୍ଥନା କରୁଥିଲା । ଉଡ଼ି ଯାଉଥିବା ସାମୁଦ୍ରିକ ମାଛରଙ୍କା ପକ୍ଷୀର କର୍କଶ ସ୍ୱର ଶୁଣି ଜେନି ଡରିଗଲା । ଦୂରର ବିଶାଳ ଢେଉର ରଙ୍ଗ ଦେଖି ଭୟଭୀତ ହୋଇପଡ଼ିଲା । କିନ୍ତୁ ଜେନି ଗୋଟାଏ କାରଣ ପାଇଁ କେବେହେଲେ ଭୟ କରେନା, ତାହା ହେଲା ଦାରିଦ୍ର୍ୟ । ସେମାନଙ୍କର ପୁଅଝିଅମାନେ ଶୀତ-ଗ୍ରୀଷ୍ମ ସାରା ଖାଲି ପାଦରେ ଘୂରି ବୁଲନ୍ତି । କୌଣସି ଦିନ ଗହମର ରୁଟି ଖାଆନ୍ତି ନାହିଁ, ଯବର ରୁଟି ଖାଆନ୍ତି । ତେବେ ଜେନି ଡରି ନଥାଏ ।

ହା ଇଶ୍ୱର ! ଏ କ'ଣ ହେଲା ? କମାରଶାଳାର ଚୁଲ୍ଲୀର ଗର୍ଜନ ପରି ପବନ ବହୁଛି ଯେ, ଜେନି ଭୟରେ କଂପି ଉଠିଲା । କିପ୍ରକାର ଅସହାୟ ତୁମେମାନେ, ଯେଉଁମାନଙ୍କର ସ୍ୱାମୀମାନେ ସମୁଦ୍ରକୁ ଯାଇଛନ୍ତି । କିପ୍ରକାର କରୁଣ ସେହି ବାର୍ତ୍ତା ଯାହା ମଝିରେ ମଝିରେ ହିଁ ବାଲିକୁଦ ଉପର ଦେଇ ଭାସି ଆସୁଛି । ଆମର ପ୍ରିୟଜନ-ସ୍ୱାମୀ, ପ୍ରେମିକ, ଭାଇ, ସନ୍ତାନ-ଘୂର୍ଣ୍ଣିଝଡ଼ରେ ପଡ଼ିଛନ୍ତି ।

ଆଉ ଜେନି.....ଜେନି ଆହୁରି ବି ବେଶି ଭୟ ପାଉଥିଲା, କାରଣ ତା'ର ସ୍ୱାମୀ ଏକାକୀ ସମୁଦ୍ରକୁ ଯାଇଛି ଆଜି । ସେମାନଙ୍କର ପିଲାଗୁଡ଼ିକ ଅନେକ ଛୋଟ, ଆଜି ବର୍ତ୍ତମାନ ମଝି ସମୁଦ୍ରକୁ ଯାଇ ବାପକୁ ସାହାଯ୍ୟ କରି ପାରିବେ ନାହିଁ । ହାୟ ଅଭାଗିନୀ ମା' ! ଜେନି ବର୍ତ୍ତମାନ ନିଜେ ମନକୁ ମନ କହୁଥିଲା, କେବେ ଯେ ବଡ଼ ହେବ ସୁନାମାନେ । ତାହାହେଲେ ତ ବାପ ପାଖକୁ ପଠାଇ ପାରିବି ତୁମ ମାନଙ୍କୁ ।

ବୋକାପରି ଭାବନା । ଆଉ କିଛି ବର୍ଷ ପରେ, ଯେଉଁଦିନ ଠିକ୍ ଠିକ୍ ଭାବରେ ପୁଅମାନେ ସେମାନଙ୍କ ବାପ ସଙ୍ଗରେ ଦୂର ସମୁଦ୍ରରେ ଘୂର୍ଣ୍ଣି ଝଡ଼ରେ ରହିବେ, ଜେନି ଏଇପ୍ରକାର କାନ୍ଦି କାନ୍ଦି ନିଜେ ମନକୁ ମନ କହିବ, 'ହାୟ ମୋର ସୁନା ପୁଅମାନେ କାହିଁକି ଏତେ ଶୀଘ୍ର ବଡ଼ ହୋଇଗଲ । ତାହାହେଲେ ତ ଘରେ ରଖି ପାରିଥାନ୍ତି । ସମୁଦ୍ରକୁ ଯିବାକୁ ହୋଇ ନଥା'ନ୍ତା ।'

ଜେନି ବତି ଆଡ଼କୁ ଚାହିଁଲା ଥରେ, ତା'ପରେ ନିଜର ପୋଷାକର ଆଡ଼କୁ । ନିଜେ ମନକୁ ମନ ମୁଣ୍ଡ ହଲାଇଲା, ସମୟ ହୋଇଛି । ଯାଇକରି ଦେଖେ, ମାସ୍ତୁଲ ଉପର ଆଲୁଅଟା ଦେଖାଯାଉଛି କି ନାହିଁ । ଦେଖେ ସମୁଦ୍ର ଟିକିଏ ଶାନ୍ତ ହେଲାକି ନାହିଁ ।

ଜେନି ବାହାରକୁ ଗଲା । ସମୁଦ୍ରର ଦିଗନ୍ତ ପର୍ଯ୍ୟନ୍ତ ଧୁ ଧୁ ଶୂନ୍ୟତା, କେବଳ ଗୋଟାଏ ଧଳା ଆଲୁଅର ଆଭା ଦେଖାଯାଉଛି । ବର୍ଷା ହେଉଥିଲା, ଥଣ୍ଡା ଥଣ୍ଡା କଳା ବର୍ଷା । ପଲ୍ଲୀର ଗୋଟାଏ ବି ଝରକା ଭିତର ଦେଇ ମଧ୍ୟ ଆଲୋକ ରେଖା ଆସୁନାହିଁ । ସମସ୍ତେ ଝରକା-ଦରଜା ବନ୍ଦକରି ଚୁଲିର ନିଆଁର ଉତ୍ତାପ ନେବାରେ ବ୍ୟସ୍ତ । ଦୂରର ପୋଡ଼ା ଘରଟିର ଆଡ଼କୁ ଆଖିଟା ଗଲା । ସେ ଘରର ଦରଜା ପବନର ଧକ୍କାରେ ଖୋଲୁଛି ଆଉ ବନ୍ଦ ହେଉଛି । ଘର ମଧ୍ୟରେ  ମଧ୍ୟରେ ନିଆଁ ନାହିଁ, ଆଲୁଅ ନାହିଁ ।

'ଏଇରେ' ଜେନି ଚିତ୍କାର କରି ଉଠିଲା, ଏଇ ଘରେ ତ ଏକାକୀ ବିଧବା ମହିଳାଟି ଅଛି । ସେ ତ ଅସୁସ୍ଥ । ଆହା, ବିଚାରୀ ଏକା ଏକା ରହେ ।

ସ୍ୱାମୀ ଘରେ ଥିଲେ ଜେନି ତାକୁ ଖବର ନେବାକୁ ପଠାଇ ପାରିଥା'ନ୍ତା । ପୁଅ ଝିଅମାନଙ୍କୁ ଏକଲା ଛାଡ଼ି ସେ ଘରଟାକୁ ଯାଇପାରିବ ନାହିଁ ବର୍ତ୍ତମାନ । କିନ୍ତୁ ଏଇ ମୁହୂର୍ତ୍ତରେ ଖୁବ୍ ଭାବନା ଆସିଲା ଜେନି ମନରେ ଅସହାୟ ଏକଲା ବିଧବା ମହିଳାର ପାଇଁ । ତା'ର ସ୍ୱାମୀ ସମୁଦ୍ରକୁ ଯାଇ ଆଉ ଫେରିଲାନି ଦିନେ । ଆହା, ଦୁଇଟି ଅବୋଧ ଶିଶୁ ନେଇ ଏକଲା ଥାଏ । ସେଇ ଘର ଆଡ଼କୁ ଆଗେଇ ଯାଇ ଦରଜାରେ ଆଘାତ କଲା ଜେନି । କେହି ଉତ୍ତର ଦେଲେନି । ସମୁଦ୍ର ଆଡ଼ରୁ ଥଣ୍ଡା ପବନ ଆସି ଥରାଇ ଦେଲା ଜେନିକୁ ।

ନିଶ୍ଚୟ ଅସୁସ୍ଥତା ଖୁବ୍ ବଢ଼ିଛି । ପିଲା ଦୁଇଟି କ'ଣ କରୁଛନ୍ତି କିଏ ଜାଣେ ।

ପୁଣି ଦରଜାରେ ଆଘାତ କଲା ଜେନି । ଖୁବ୍ ଜୋର୍‌ରେ ଡାକ ଦେଲା, 'ଏଇ ! ଶୁଣୁଛ, କିଏ ଅଛ ଭିତରେ ?

କେହି ଉତ୍ତର ଦେଲେନି ।

'ହାୟ ଭଗବାନ' କିପ୍ରକାର ନିଘୋଡ଼ ନିଦରେ ଶୋଇଛି ମଣିଷଟା । ଚୁଲିର ନିଆଁଟା ଲିଭିଯାଇଛି ସେ ବିଷୟରେ ଚେତା ନାହିଁ । ଏଇ ଥଣ୍ଡାରେ ପିଲା ଦୁଇଟି ମରିଯିବେ ଯେ ।

ଆପେ ଆପେହିଁ ଦରଜାର କବାଟ ଦୁଇଟା ଖୋଲିଗଲା ଏଇ ସମୟରେ । ଜେନି ଘର ଭିତରକୁ ପ୍ରବେଶ କଲା । ତା' ହାତର ବତିଟାର ଆଲୁଅରେ ଘରର ଭିତରଟା କିଛିଟା ଦୃଶ୍ୟ ହେଲା । ଅନ୍ଧକାରର ନିର୍ଜନ ଘର, ଛାତରୁ ଗୋଟାଏ ସ୍ଥାନରେ ଟୁପ୍ ଟୁପ୍ ଶବ୍ଦରେ ପାଣି ପଡୁଛି । ଘରର ଅନ୍ୟ ପାଖରେ ଶରୀର, ଗୋଟିଏ ଝିଅର ଶରୀର, ନିସ୍ପନ୍ଦ ସ୍ଥିର । ଖାଲି ପାଦ । ଦୃଷ୍ଟିହୀନ ଦୁଇଟି ମୃତ ଆଖି । ଥଣ୍ଡା ରକ୍ତହୀନ ଗୋଟାଏ ହାତ ଖଟର ପାଖଦେଇ ଝୁଲି ପଡ଼ିଛି ।

ଦୁଇଟି ଅବୋଧ ଶିଶୁର ମା', ଏକାହିଁ ପୃଥିବୀରେ ବଞ୍ଚି ରହିବାର ଲଢ଼ାଇଟା କରୁଥିଲା, ହସ ହସ ମୁହଁରେ, ସେ ଆଜି ଆଉନାହିଁ ।

ବିଛଣାର ଠିକ୍ ପାଖରେ ଦଉଡ଼ିର ଦୋଳିରେ ଘୁମନ୍ତ ଦୁଇଟି ଅବୋଧ ଶିଶୁ- ଗୋଟିଏ ପୁଅ ଗୋଟିଏ ଝିଅ । ସେମାନଙ୍କର ଘୁମନ୍ତ ମୁହଁରେ ମୃଦୁ ହସ, ବୋଧହୁଏ ସ୍ୱପ୍ନ ଦେଖୁଛନ୍ତି । ମା'ର ଗୋଟାଏ ହାତ ଜଣକର ଛାତି ଉପରେ, ମା' ବୋଧହୁଏ ବଞ୍ଚିଥିବାର ଶେଷ ମୁହୂର୍ତ୍ତରେ ଗରମ ଚାଦର ଦେଇ ଢାଙ୍କି ଦେବାକୁ ଚାହିଁଥିଲା ସେମାନଙ୍କୁ । ଚାଦରଟା ମାଟି ଉପରକୁ ଝୁଲିଛି । ନିଜେ ଯେତେବେଳେ ମୃତ୍ୟୁର ଶୀତଳତାରେ ପ୍ରବେଶ କରୁଛି, ସେତେବେଳେ ହୁଏତ ପୋଷାକର ଉଷ୍ମତାରେ ଘୋଡ଼ାଇ ଦେବାକୁ ଚାହିଁଥିଲା ଦୁଇଟି ସନ୍ତାନକୁ.... ବର୍ତ୍ତମାନ ମଧ୍ୟ ମା'ର ପୋଷାକର ଗୋଟାଏ ଅଂଶରେ ଘୋଡ଼ାଇ ହୋଇ ରହିଛି ସେମାନଙ୍କର ଛୋଟ ଶରୀର ।

ହାୟରେ ଅବୋଧ ଶିଶୁ ! ତୁମେମାନେ ଜାଣନା, ତୁମେ ଦୁଇଜଣ ଅନାଥ ହୋଇଛ । ବାହାରେ ବର୍ଷାର ଶବ୍ଦ ଆଉ ଢେଉର ଶବ୍ଦ ଘଣ୍ଟାର ଆଲାର୍ମ ଶବ୍ଦ ପରି ବାଜିବାକୁ ଲାଗିଲା । ଛାତର ଉପରୁ ଗୋଟାଏ ଟୋପା ବର୍ଷାପାଣି ଆସି ପଡ଼ିଲା ମୃତ ମା'ର କପାଳରେ, ତା'ପରେ ସେ ପାଣିର ଗୋଟାଏ ରେଖା ହୋଇ ଗଡ଼ି ଆସିଲା ଆଖିର ଉପର ଦେଇ ଅଶ୍ରୁରେଖାର ପରି ।

କିନ୍ତୁ ତା'ପରେ ଜେନି ଚୁପ୍‌ଚୁପ୍ ଏଇଟା କ'ଣ କଲା ? ମୃତ ମହିଳାର ପୋଷାକର ତଳରୁ କ'ଣ ନେଇ ଆସିଲା ? ଅଭାବରେ କ'ଣ ମୁଣ୍ଡ ଖରାପ ହୋଇଗଲା ଝିଅଟାର ? କାହିଁକି ଏତେ ବ୍ୟସ୍ତତା ? କମ୍ପିତ ପାଦରେ ତରବର ହୋଇ ଚାଲି ଚାଲି କ'ଣ ନେଇ ପ୍ରବେଶ କଲା ନିଜର ଘରେ ? କାହିଁ ଥରେବି ପଛକୁ ଫେରି ଦେଖିଲା ନାହିଁ ଆଉ ? କାହିଁକି ଏତେ ଛାତି ଥରୁଛି ଜେନିର ? ବିଛଣାର ଝାଲର ଦିଆ ଚାଦର ଉଠାଇ କ'ଣ ଲୁଚାଇ ରଖିଲା ତା'ମଧ୍ୟରେ ? କ'ଣ ଚୋରି କଲା ଜେନି ?

ଜେନି ଯେତେବେଳେ ଘର ମଧ୍ୟକୁ ଢୁକି ପଡ଼ିଲା, ସେତେବେଳେ ଆକାଶରେ ଅଳ୍ପ ଅଳ୍ପ ଧଳା ମେଘର ଆଲୁଅ । ବିଛଣା ପାଖରେ ଚେୟାରରେ ବସିଲା ଜେନି । ମୁହଁ ଶୁଖିଯାଇଛି, ଅନୁତପ୍ତ ଭଙ୍ଗିମା । ପାଖ ବିଛଣାର ମଝିରେ ମଝିରେ ତକିଆରେ ମୁଣ୍ଡ ରଖିଛି ଜେନି । କ'ଣ ଯେପରି କହୁଛି ନିଜ ମନକୁ ମନ । ଭସା ଭସା ବିଷର୍ଣ୍ଣ ସ୍ୱର, ବାହାର ସମୁଦ୍ରର ବିଷାଦର ସ୍ୱରପରି ।

'କ'ଣ ହେବ ! ହେ ଭଗବାନ, କ'ଣ କହିବେ ସେ ଫେରି ଆସି । ବିଚରା ମୋର ସ୍ୱାମୀ ! ଏମିତି ତ କେତେ କଷ୍ଟ । କେତେ ଲଢ଼େଇ । ଆଉ ମୁଁ କ'ଣ କଲି । ପାଞ୍ଚ ପାଞ୍ଚଟା ପୁଅଝିଅ । ସେମାନଙ୍କର ଖାଇବାର ବ୍ୟବସ୍ଥା କରିବାକୁ ଯାଇ ସେମାନଙ୍କ ବାପର ଆଖିରେ ନିଦ ନାହିଁ । ସେ ଲୋକଟା ଏତେ କଷ୍ଟ କରୁଛି, ତାଙ୍କର ଯତ୍ନ ନେବା ତ ମୋର କାମ । ତାହା ନକରି ମୁଁ ଏ କ'ଣ କଲି । ଆରେ, ଏଇ ତ ତାଙ୍କର ନୌକା । ନା, ନା ଏହା ତ ନୌକା ନୁହଁ ।

ଆଖି ପୋଛି ଉଠିବସିଲା ଜେନି, ଖୁବ୍ ଅନ୍ୟାୟ କରିଛି ମୁଁ । ଖୁବ୍ ଅନ୍ୟାୟ । ସେ ଯଦି ଆସି ମୋତେ ଖୁବ୍ ମାରେ, ତାହା ହେଲେବି ମୁଁ କହିବି ସେ ଠିକ୍ କରିଛି । ମୋର ଶାସ୍ତି ପାଇବା ଉଚିତ । ଏହି ତ ଆସୁଛି ତା'ର ନୌକା । ନା, ନା, ସେ ଅନ୍ୟ କେହି । ଟିକିଏ ବିଳମ୍ବ କରି ଆସିଲେ ହିଁ ଭଲ । ଟିକିଏ ସମ୍ଭାଳି ନେଇଛି ନିଏ ଏଇ ସମୟ ମଧ୍ୟରେ । ଦରଜାଟା ଟିକିଏ ଖୋଲି ରଖିବି ନା କ'ଣ । ଆଉ ମନରେ ଖୁବ୍ ଭୟ କରୁଛି । ସେ ଦରଜା ଦେଇ ପ୍ରବେଶ କରିବେ ଭାବିଲେ ହିଁ ଡର ଲାଗୁଛି ମୋତେ । କ'ଣ କହିବେ ମୋତେ ? ଖୁବ୍ ଡର ଲାଗୁଛି । ହା ଭଗବାନ !

ଦୁଇ ହାତରେ ମୁହଁ ଢାଙ୍କି ବସି ରହିଲା ଜେନି । ଅପେକ୍ଷାରେ, ଭୟରେ ।

ସେଇ ସମୟରେ ଟିକିଏ ଶବ୍ଦ କରି ଖୋଲିଗଲା ଦରଜାଟା । ସକାଳର ଆଲୁଅ ପ୍ରବେଶ କଲା ଘର ଭିତରକୁ, ଆଉ ପ୍ରବେଶ କଲା ଜେନିର ସ୍ୱାମୀ । ଓଦା ଜାଲଟା ଟଙ୍ଗାଇ ଦେଇ ଜୋରରେ ଡାକି ଉଠିଲା, 'ଜେନି, ତୁମେ କେଉଁଠି ? ହିୟର କମ୍‌ସ ଦି ନେଭି ।'

ନେଭି । ରାଷ୍ଟ୍ରର ନୌଶକ୍ତି । ଏଇ ଭାବରେ ନିଜକୁ ନେଇ ମଜା କରେ ଲୋକଟା । ଏବେବି ହସୁଛି ଖାଲି ହସୁଛି । ହା ହା କରି ହସି ଚାଲିଛି । ଘରକୁ ଫେରିବାର ହସ । ଜୟର ହସ ।

'ଆସି ଯାଇଛ ।' ଡେଇଁ ପଡ଼ିଲା ଜେନି,

ଦୁଇହାତରେ ଜାବୁଡ଼ି ଧରିଲା ସ୍ୱାମୀକୁ । ତା'ର ଓଦା ଜାମା ଉପରେ ନିଜର ମୁହଁଟା ଚପି ଧରିଲା ।

ଆସିଛି ଗୋ, ଜେନିର ମୁହଁଟା ତୋଳି ଧରିଲା ସ୍ୱାମୀ । ଏହି ସଦା ହାସ୍ୟମୟ ସନ୍ତୁଷ୍ଟ ମୁହଁଟି ଦେଖିବାର ପାଇଁ ହିଁ ତ ଘରକୁ ଫେରିବା । ସମସ୍ତେ ଯେତେବେଳେ ନୌକାର ଗଳ୍ପ କହନ୍ତି, ଗୋଟାଏ କଥା କହନ୍ତି । ନାଲିଶର କଥା, ଦାରିଦ୍ର୍ୟ ନେଇ ସ୍ତ୍ରୀ ଲୋକର ହତାଶାର କଥା, ଅବଶେଷ କରି ନିଜର ସ୍ତ୍ରୀକୁ ଗୋଟାଏ ଭଲ ସ୍ୱଚ୍ଛଳ ଜୀବନ ଦେଇ ପାରେନା ବୋଲି । ପ୍ରତ୍ୟେକ ଦିନ ଏକାପ୍ରକାର ଗଳ୍ପ । ଅସନ୍ତୋଷ, ଆଉ କାନ୍ଦଣାର ଗଳ୍ପ ।

ଜେନି ସେପରି ନୁହଁ । ସ୍ୱାମୀ ଘରକୁ ଫେରିଲେ ହିଁ ତା'ର ଆନନ୍ଦ । ଆଜି ପର୍ଯ୍ୟନ୍ତ ନିଜ ପାଇଁ ମୁହଁ ଖୋଲି କିଛି ମାଗିନି ଜେନି । କୌଣସି ଦିନ ମେଳାକୁ ବୁଲାଇ ନେବାକୁ କହିନି, ରଙ୍ଗିନ ଚୁଡ଼ି କିଣିଦେବାକୁ କହିନି, ପଲ୍ଲୀର ଅନ୍ୟ ବୋହୂମାନଙ୍କ ପରି ରୂପାର ନୁଥ ବା ଗହଣା ପାଇଁ ଅନୁରୋଧ କରିନି । ଶତଛିନ୍ନ ପୋଷାକ, ନିରାଭରଣ, ଟିକିଏ ବି ସଜେଇ ହୁଏନା ଜେନି.....ତେବେ ସ୍ୱାମୀ ଆଖିରେ ଜେନି ଅପରୂପା । ଜେନିର ହସ ହସ ମୁହଁଟିରେ ସାତ ରାଜ୍ୟର ଐଶ୍ୱର୍ଯ୍ୟ ଖୋଜି ପାଏ ମଣିଷଟା । ସେଇ ଅପରୂପର ଆଡ଼କୁ ଚାହିଁ କହେ ବର୍ତ୍ତମାନ, ଜାଣ, 'ଏଥର କପାଳଟା ଭଲ ନଥିଲା ।'

'କାହିଁକି ଗୋ ? ଖୁବ୍ ଖରାପ ପବନ ବୋହୁଥିଲା ଏଥର ? ଖୁବ୍ ବର୍ଷା ଆଉ ଝଡ଼ ?'

'ଭୟଙ୍କର ପବନ । ମରୁ ମରୁ ବଞ୍ଚିଗଲି ଏଥର ।'

ସତେ ନା କ'ଣ ? ମାଛ ଧରିବି ପାରିନ ?

'ନା ଗୋ । ଏଥର କୌଣସି ପ୍ରକାରରେ ଫେରିଛି । କିଛି ଭାବନା ତୁମେ । ତୁମକୁ ପାଇଲି ଏଇ ଦୁଇ ହାତରେ ମଧ୍ୟରେ ପୁଣି, ଆଉ କିଛି ଚାହେଁନା ମୁଁ । ଗୋଟା ବି ମାଛ ଧରି ହେଲାନି, ଓଲଟା ଜାଲଟା ଗୋଟାଏ ବଡ଼ ହାଙ୍ଗର ମାଛ ଆସି ଛିଡ଼ାଇ ଦେଇଗଲା । ପବନରେ ବୋଧହୁଏ ସଇତାନ ଆସିଥିଲା ଏଥର । ଥରେତ ନୌକା ଓଲଟିଗଲା । ତଳ କାଠରେ ଲାଗିଥିବା ଲୁହାଟା ଖୋଲିଯାଇ ପାଣିରେ ପଡ଼ିଗଲା । କିପରି ଯେ ଫେରି ଆସିଛି ।'

କହୁ କହୁ ହସି ଉଠି ସ୍ତ୍ରୀର କପାଳରେ ଧୀରେ ସ୍ପର୍ଶ କରି କହେ, 'ତୁମେ କୁହ, ତୁମେ କ'ଣ କରୁଥିଲ ଏତେ ସମୟ ଧରି ?'

ଭୟରେ ଜେନିର ଛାତିଟା ଥରି ଉଠିଲା । ଏତେ ଭଲ ପାଆନ୍ତି ସ୍ୱାମୀ, ତାଙ୍କୁ କ'ଣ ଏତେବଡ଼ ଅନ୍ୟାୟର କଥା କୁହାଯାଇ ପାରେ ? କୌଣସି ପ୍ରକାରେ ପ୍ରାଣ ନେଇ ଫେରିଛି ଲୋକଟା, ମାଛ ପାଇନି, ପୁଣି ସମୁଦ୍ରକୁ ନଯିବା ପର୍ଯ୍ୟନ୍ତ କିପରି ଭାବରେ ଖାଇବାକୁ ମିଳିବ କିଏ ଜାଣେ । ଏତେ ଭାବନାର ମଧ୍ୟରେ ଜେନିର ଅନ୍ୟାୟ କାମଟାର କଥା ଶୁଣିଲେ ରାଗି ଯିବନି ତ ? କିପରି ଭାବରେ କହିବ ଜେନି ।

'ମୁଁ ?' କଷ୍ଟକରି ଉଚ୍ଚାରଣ କଲା,' ନା, ସେପରି କିଛି ନୁହଁ । 'ଏଇ ପ୍ରତିଦିନର ପରି । ଟିକିଏ ସିଲେଇ କଲି । ସମୁଦ୍ରର ଗର୍ଜନ ଶୁଣୁଥିଲି । ଭୀତ ହୋଇ ପଡ଼ିଥିଲି ତୁମ ପାଇଁ' ।

'ଜାଣେ, ଶୀତ ସମୟରେ ବର୍ଷା – ଏଇ ସମୟଟା ହିଁ ଏପରି କଠିନ । କିନ୍ତୁ ବର୍ତ୍ତମାନ ମୁହଁ ଶୁଖାଇଛ କାହିଁକି, ଜେନି ? ମୁଁ ତ ଫେରି ଆସିଛି ।'

ଜେନି ସେତେବେଳେ ଥରି ଉଠି ବସିପଡ଼ିଲା ମାଟିରେ, ଅପରାଧୀର ଭାରରେ ଦୀନ ।

'ମୁଁ ଗୋଟାଏ କାମ କରି ପକାଇଛି ଗୋ', ଦୁଇ ହାତରେ ମୁହଁ ଢାଙ୍କିଛି ଜେନି । ଏଇ ଉତ୍ତର ଦିଗର ଘରର ମହିଳା କାଲି ରାତିରେ ମରିଯାଇଛି । ସେତେବେଳେ ପ୍ରାୟ ଅଧରାତି । ତା'ର ପୁଅ ଝିଅ ଦୁଇଟି, ଉଇଲିୟମ ଆଉ ମେଡ଼ଲିନ, ମନେଅଛି ତୁମର ? ଥରେ ସେ ଦୁଇଜଣଙ୍କୁ ନେଇ ଆସିଥିଲା ମହିଳାଟି ଏଠାକୁ ? ତୁମେ ସେମାନଙ୍କର ଘରର ଛାତ ମରାମତି କରି ଦେଇଥିଲ ସେଦିନ ? ତୁମେ ତ ଆଉ ଖବର ରଖି ପାରିନ । ମୁଁ ଦେଖିଛି ମଝିରେ ମଝିରେ । ଉଇଲିୟମ ଗୁରୁଣ୍ଡି ଗୁରୁଣ୍ଡି ଯିବାର ଦୃଶ୍ୟ ଅତି ସୁନ୍ଦର । ଆଉ ମେଡ଼ିଲିନ ତ ବର୍ତ୍ତମାନ ପେଟଉଛି ।'

ଆଉ କିଛି କହି ପାରିଲା ନାହିଁ ଜେନି, ଫୁଲି ଫୁଲି କାନ୍ଦିବାକୁ ଲାଗିଲା ।

ଜେନିର ସ୍ୱାମୀ ଟିକିଏ ଚୁପ୍ କରି ରହିଲା । ଗମ୍ଭୀର ହୋଇ ବସିଲା ଖଟର ଧାରକୁ ଲାଗି । ମୁଣ୍ଡରୁ ଲୋମର ଟୋପି ଖୋଲି ଫିଙ୍ଗିଦେଲା ଘରର କୋଣକୁ । 'ବୁଝିଛି ମୁଁ । କ'ଣ କହିବାକୁ ଚାହୁଁଛ ତୁମେ । ଆମର ପାଞ୍ଚଟା ଆଉ ଏଇ ଦୁଇଜଣ । ମୋଟ ସାତଜଣ । ସେଇ କଥାଟା ତ, ଜେନି ? ଆଉ ସବୁଠାରୁ ବଡ଼ କଥା, ବର୍ତ୍ତମାନ ଏଇ ଖରାପ ଆବ୍‌ହାଓଆରେ ମୁଁ ଅନେକ ଦିନ ସମୁଦ୍ରକୁ ଯାଇ ପାରିବି ନାହିଁ' ।

ଦୁଇହାତର ମଧ୍ୟରେ ଜେନିକୁ ଜାବୁଡ଼ି ଧରିଲା ମଣିଷଟା, 'କିନ୍ତୁ ଏହା ତୁମର ଦୋଷ ନୁହଁ । ମୋରବି ଦୋଷ ନୁହଁ । ଈଶ୍ୱର ଏହି ପ୍ରକାର ଇଚ୍ଛା କରିଛନ୍ତି । ସେ ଉଇଲିୟମ-ମେଡ଼ଲିନର ମା'କୁ ନେଇ ଗଲେ କାହିଁକି ? କାହିଁକି ବା ସେମାନଙ୍କ ବାପକୁ ମଝି ସମୁଦ୍ରରୁ ଡାକିନେଲେ ? ଜେନି ଗୋ, ମୁଁ ମୁର୍ଖ ମଣିଷ । ମୁଁ ତ କିଛି ବୁଝି ପାରେନା । ଲେଖାପଢ଼ା ଜାଣିଥିବା ପଣ୍ଡିତମାନେ ହୁଏତ କହି ପାରିବେ କାହିଁକି ଈଶ୍ୱର ଏପରି କରନ୍ତି । ମୁଁ କେବଳ ଏତିକି ବୁଝୁଛି, ଉଇଲିୟମ ଆଉ ମେଡ଼ଲିନର ନିଦ ଭାଙ୍ଗିଲେ ମା'କୁ ଦେଖିବାକୁ ନ ପାଇଲେ କାନ୍ଦିବେ । ଡରି ଯିବେ । ଯାଅ ଜେନି, ସେମାନଙ୍କୁ ନେଇ ଆସ । ଆମର ପାଞ୍ଚଜଣଙ୍କ ସହିତ ଆଉ ଦୁଇ ଭାଇ ଭଉଣୀ ହୁଅନ୍ତୁ । ମୁଁ କିଛିଟା ବେଶି କରି ମାଛ ଆଣିବି । ମୋ ଭାଗର ମାଛଟା ନହେଲେ ଦେଇଦେବି । ମୁଁ ପାଣି ପିଇବାକୁ ସବୁଠାରୁ ବେଶି ଭଲପାଏ ।'

ଜୋର୍‌ରେ ହସି ଉଠିଲା ଜେନିର ସ୍ୱାମୀ, 'ଯାଅ, ଏବେ ଠିଆ ହୋଇଛ କାହିଁକି ତୁମେ ? ନେଇ ଆସ ସେ ଦୁଇ ଜଣଙ୍କୁ ।'

ଜେନିର ମୁଖମଣ୍ଡଳରେ ପଡ଼ିଲା ଆସି ସକାଳର ଆଲୁଅ, ବିଛଣାର ଚାଦର ଘୁଞ୍ଚାଇ ଧରି ଚେରି କରି ଆଣି ଲୁଚାଇ ରଖିଥିବା ଧନର ଆଡ଼କୁ ଚାହିଁଲା ଥରେ । ମାୟାରେ, ଭଲପାଇବାରେ । ତା'ପରେ ସ୍ୱାମୀର ହାତ ଧରି ଟାଣିଲା, 'ଏଇ ଦେଖ ।'



# ଝଡ଼ ପରର ଆକାଶ

ରୁମ୍‌ଝୁମ୍ ନାୟକ

"ମାଆ ଏ ମାଆ, ଅନ୍ଧୁଣୀଟାକୁ ପଇସାଟିଏ ଦେଇଯା। ମାଆ ତମର ଧର୍ମ ହେବ। ତୁମ ପୁଅ ଶହେ ବର୍ଷ ବଞ୍ଚିବ। ପାଚିଲା ବାଳରେ ବୋହୂ ତୁମର ସିନ୍ଦୂର ନାଇବ ମାଆ। ବାବୁ, ଏ ବାବୁ, ଅନ୍ଧୁଣୀଟାକୁ ଦେଲେ ତୁମର ସରି ଯିବନି। ଗୋଟିକରୁ କୋଟିଏ ହେବ।"

ଗାଡ଼ିଟିଏ ରହିବାର ଶବ୍ଦ, କି ରିକ୍ସାବାଲାର ଟିଂ ଟିଂ ଶବ୍ଦ ସହିତ ସେ ପରିଚିତ। ଆଉ ତେ ଜାଣେ ମଧ୍ୟ କେଉଁ ପାଦ ଶବ୍ଦଟି ସ୍ତ୍ରୀ ଲୋକ, କେଉଁଟି ପୁରୁଷର। ସେହି ଅନୁସାରେ ସେ ଡାକ ଛାଡ଼େ। ଅନ୍ଧୁଣୀଟିର ବୟସ ଜାଣି ହୁଏନି, ଦେଖିଲେ ପଇଁତିରିଶ କି ଚାଳିଶ ମନେ ହେବ। ତା' ଦେହକୁ ଆବୁରି ଥାଏ ନାଲି ଛିଟ କସ୍ତାଟିଏ। ଫିକା ଶାଗୁଆ ରଙ୍ଗର ବ୍ଲାଉଜ, ସାୟାର ରଙ୍ଗ ବାହାରୁ ଜଣାଯାଏନି। ଡାହାଣ ହାତରେ ଖୁବ୍ ସନ୍ତର୍ପଣରେ ମୁଠେଇଥାଏ ମୋଟା ବାଡ଼ିଟିଏ। ପାଦ ଶବ୍ଦ ଟିକିଏ ପାଖେଇ ଆସିଲେ ତା' ହାତରେ ଛାତି ଉପରେ ଶାଢ଼ିଟିକୁ ଭିଡ଼ି ଧରେ ଆଉ ଡାହାଣ ହାତରେ ବାଡ଼ିଟାକୁ। ଯେମିତି ସେଇଟା ତା'ର ସମ୍ବଳ ଆଜି ଆଉ କାଲିର। ସାରା ଦିନର ରେଜା ପଇସାକୁ ସାଇଜ୍ ଅନୁସାରେ ଗଣେ। ଚାରଣା, ଆଠଣା, ଟଙ୍କେ, ଦି'ଟଙ୍କା ଅଲଗା ଅଲଗା କରି ରଖେ। ଦିନକୁ ଖୁବ୍ ବେଶିରେ ଦି'ଟଙ୍କା କି ତିନିଟଙ୍କା ଖର୍ଚ୍ଚ କରେ, ବାକି ସବୁ ତା ସାତ ସିଆଁ ଗଣ୍ଠିଲିରେ କୋଉ କାନିରେ ବାନ୍ଧି ରଖେ। କାହାପାଇଁ କେଜାଣି ? ସକାଳ ଯାଇ ସଞ୍ଜ ଆସେ। ଆଉ ଟିକେ ଜାକି ହେଇଯାଏ ସେ ଛିଣ୍ଡା କନ୍ଥା ଭିତରେ ନିଜକୁ ଲୁଚେଇ ହାତ ଦିଇଟି ଆଗକୁ ବଢ଼େଇଥାଏ ଯେମିତି ଜନ୍ମ ପରଠୁ ଜୀବନ ଆଡ଼କୁ। ଦିନ ରାତି ସେ ଦେଖିନି, ଅନ୍ଧାରରେ ଠିଆ ହୋଇ ଆଗକୁ ଚାହେଁ। ଅନ୍ଧାରଟା କେତେ ଗାଢ଼ ସେ ବୁଝିପାରେନି, ମାତ୍ର ତା' ଚାରିଆଡ଼ ଯେ ଅନ୍ଧାର ସେ ଜାଣିପାରେ। ସେ ଏବେ କୋଉଠି, ଜାଣିନି। ଆଗରୁ ଯେଉଁଠି ଥିଲା ସେଠି ତା' ସାଙ୍ଗେ କ'ଣ ଘଟିଲା ସେ ମନେରଖିବାକୁ ଚାହିଁନି। ଆଗକୁ ତା'ର କ'ଣ ହେବ ସେ ଭାବେନି। ବର୍ତ୍ତମାନ ପାଇଁ ସଂଗ୍ରାମ କରୁଛି ଏବଂ ବଞ୍ଚିବାକୁ ଚାହେଁ। କାହିଁକି....

ତିନିଦିନ ହେବ ଏଇଠିକୁ ଆସିଛି, ଆସିଛି ନୁହେଁ, ଆସିବାକୁ ବାଧ ହୋଇଛି। ଏଇ ନୂଆ ଜାଗାରେ ତାକୁ ଲଗେଇ କେତେ କଣ ଭିକ ମାଗନ୍ତି ସେ ଜାଣିପାରିନି। ମାତ୍ର ତା'ର ଏଠିକୁ ଆସିବାରେ କେହି ପ୍ରତିବାଦ କରି ନାହାଁନ୍ତି। ତା' ଛାତି ଭିତରେ ଘଡ଼ଘଡ଼ି, ଚଡ଼ଚଡ଼ି ମାରିଲେ ଆଖିରେ ବର୍ଷା ଝରେ। ସନ୍ତର୍ପଣରେ ଆଖି ପୋଛୁ ପୋଛୁ ପାଖରୁ କାହାର ଦୀର୍ଘଶ୍ୱାସ ଶୁଭେ। ଡରି ଯାଏ। ଭଲକି ଘୋଡ଼େଇ ହେବାକୁ ଚେଷ୍ଟା କରେ ଛିଣ୍ଡା କନ୍ଥାଟାରେ। ଖରାବେଳେ ବି ସେ ଘୋଡ଼େଇ ହୋଇଥାଏ। ତା' ନିର୍ଦ୍ଦିଷ୍ଟ ଦୁନିଆରେ ସେ ଆବଦ୍ଧ। ଦିନସାରା ଚାଲିଚାଲି ମୁହଁସଞ୍ଜ ବେଳକୁ ଯେଉଁଠି ଅଟକିଲା ସେଇଟା କୋଉ ଗାଆଁ ସେ ଜାଣିନଥିଲା।

x x x x

ବର୍ଷା ଛାଡ଼ିଯିବା ପରେ ରାସ୍ତା ପାଖ ବାଉଁଶ ବଣରେ ଜୁଳୁଜୁଳୁଆ ପୋକ ଛାଡୁଥିବା ଆଲୋକ ଝିଙ୍କାରୀରେ ଝିଁ ଝିଁ ଶବ୍ଦରୁ ସେ ଅନୁମାନ କରିପାରୁ ନଥିଲା ଏଇନେ କେତେଟା ବାଜିଥିବ ଆଉ କେତେ କୋଶ ବାଟ ଚାଲି ଚାଲି ଆସିଲାଣି, କୋଉଠୁ କୋଉଠିକୁ। ପେଟ ଯାଇ ପିଠିରେ ଲାଗିଲାଣି। ପିଠିକଥା ମନେ ପଡ଼ିବାରୁ ଚମକି ପଡ଼ିଲା ସେ। ତା'ର ଦେଢ଼ ବର୍ଷର ପୁଅ ଟୁକୁନ୍‌କୁ ସେ ନାଉକରି ଚଟାପଟ୍ ଚୂଡ଼ା ଭୁଜା ବାନ୍ଧୁଥିଲା ବୁରାରେ। ରାତିରୁ ଶୁଣିଛି ପବନ ହେବ। ଯିଏ ଯେଉଁଠି ଅଛ ଉଚ୍ଚା ପକ୍କା ଘର ଦେଖି ଆଶ୍ରା ନିଅ। ଦାଣ୍ଡ ଦରଜାଟା ଖାଲି ପିଟି ହେଉଥିଲା। ବାଡ଼ି ପଟ କବାଟଟାରେ ଶିକୁଳି ଲଗେଇ ଦେଇ ଆସି ଶଶୁରଙ୍କ ଶେଯ ପାଖରେ ବସିଲା ଚମ୍ପି। ଆଠମାସ ହେଲାଣି ହାତଗୋଡ଼ ଚଳୁନି। ଦି'ମାସ ହେଲାଣି ପାଟି ବି ପଡ଼ିଯାଇଥିଲା। ରତନା ସୁରଟ ଗଲାବେଳକୁ ବାପ ତା'ର କଥା କହୁଥିଲା। ତିନି ବଖରା ଘରେ ଚଳିବାକୁ ଶଶୁର ବୋହୂ ଦି'ଜଣ। ଯେମିତି ସେମିତି ଚଳୁଥିଲେ। ତିନିଟା ପେଟ ଅପୂରା ନଥିଲା। ହେଲେ ଯେଉଁଦିନ ପାଖ ଗାଆଁ ଘନିଆ ମୋଟର ସାଇକେଲ ଚଢ଼ି ତା' ଘର ଦେଇ ଉଡ଼ି ଚାଲିଗଲା, ସେଇ ଦିନଠୁ ରତନା ଆଉ ବିଲବାଡ଼ିରେ କାମଧନ୍ଦା କରିବାକୁ ଗଲା ନାହିଁ। ଗାଆଁ ସ୍କୁଲରେ ଘନିଆ ତା' ସାଙ୍ଗେ ପଞ୍ଚମ ଯାଏଁ ପଢ଼ିଛି। ରତନା ମାଇନର ପଢ଼ି ରହିଲା ବେଳକୁ ତା' ବୋଉ ମରିଗଲା। ନହେଲେ ସେ କ'ଣ ଘରେ ଥାଆନ୍ତା ! ଘନିଆ ସହ ସଲାସୁତୁରା କରି ସୁରଟ ଯିବାକୁ ଜିଦ୍ କଲା ରତନା। ସେ ଧୋତି ପିନ୍ଧେ, ଘନିଆ ପ୍ୟାଣ୍ଟ୍ ସାର୍ଟ, ଡାହାଣ ହାତରେ ଘଡ଼ି ବାନ୍ଧେ। ତା' ଛାଟକାଣ୍ଟ ରତନାକୁ ବାୟା କଲା। ବୁଢ଼ା ରୋଗଣା ବାପକୁ ଅନ୍ଧୁଣୀ ମାଇପ ଜିମାରେ ଛାଡ଼ି ରତନା ସୁରଟ ଚାଲିଗଲା ଘନିଆ ସାଙ୍ଗେ। ଦି' ମାସରେ ଥରେ ଟଙ୍କା ପଠାଏ, କେବେ କେମିତି ଗାଆଁ ପୋଷ୍ଟ ମାଷ୍ଟରଙ୍କ ଫୋନ୍‌କୁ ଫୋନ୍ କଲେ ତା' ଖବର ପାଏ ସେ। ପୁଅଟିକୁ ଚୂଡ଼ାଗୁଣ୍ଡ ଦିଏ, ଶଶୁରଙ୍କୁ ପେଜମିଶା ଭାତ ଖୁଆଇ ନିଜେ ଟିକେ ତୋରାଣି ପିଏ। ରତନା ପଳେଇ ଆସିଲେ ତା'ର ଦୁଃଖ ଯିବ। ଦୁଃଖକୁ ସେ ଡରିନି। ଦୁଃଖ ସାଙ୍ଗେ ହାତ ଧରାଧରି ହୋଇ ବଡ଼ ହୋଇଛି। ପନ୍ଦର ବର୍ଷରେ ରତନା ଘରକୁ ବୋହୂ ହୋଇ ଆଇଲା ପରେ ସେ ଜାଣିଲା ଖାଇପିଇ ବଞ୍ଚିବା ପରେ ଆଗକୁ ବି ଜୀବନ ଅଛି। ସୁଅ ମୁହଁରେ ପତର ପରି କମ୍ ସମୟରେ ବୋହିଗଲା ସୁଖର ଦିନଗୁଡ଼ା। ତା' ଭାବନାର ଗଣ୍ଠିଲି ଫିଟିଫିଟି ଆସିବା ବେଳକୁ ତା' ତାଟିଆରେ ଟନ୍ କରି ଟଙ୍କାଟିଏ ପଡ଼ିଲା। ହାତ ବଢ଼େଇ ନଥିଲା ସେ ତାଟିଆ ଆଡ଼କୁ। କିଛି ସମୟ ପାଇଁ ସେ ଭୁଲିଯାଇଥିଲା ସେ ଭିକାରୁଣୀଟିଏ। ଆଖିରୁ ବୋହିଆସିଲା ତତଲା ପାଣି।

ସକାଳୁ ସଞ୍ଜ, ସଞ୍ଜରୁ ସକାଳ କଟେଇବା ଭିତରେ ସେ ଧୀରେ ଧୀରେ ପରିବେଶ ସହିତ ନିଜକୁ ସାମିଲ କରିସାରିଲାଣି। ଏଇଟା ହନୁମାନ ମନ୍ଦିର। ମଙ୍ଗଳବାର, ଶନିବାର ଦିନ ଯାହା ରୋଜଗାର। ବାକିଦିନ ଚଳି ହୋଇଯାଏ ସେଇ ପଇସାରେ। ମନ୍ଦିର ପଛପଟେ କୋଉ ଯୁଗରୁ ଠିଆ ହୋଇ କାଠଚମ୍ପା ଗଛଟେ। ତାକୁ ବଢ଼େଇଛି ପକ୍କା ଚାନ୍ଦିନୀ। ଚାନ୍ଦିନୀ ସେ କଡ଼େ ମାଟିରେ ଅଖା ବିଛେଇ ଶୁଏ ସେ। ନଈରେ ଶୌଚ ହୁଏ। ତା' ଲମ୍ବା ବାଳକୁ ମୋଡ଼ି ମୋଡ଼ି ଗଣ୍ଠିଟିଏ ପକାଇ ଓଦା ଲୁଗାର ବେଢ଼ଣ ତିଆରି କରେ ତା ଆଖପାଖ ଘରର ଚାରିକଡ଼େ। ଭିତରେ ଶୁଖିଲା ଲୁଗାଟିଏ ପାଲଟୁ ପାଲଟୁ କେମିତି ଆନମନା

ହୁଏ। ତାକୁ ସିନା ଦେଖାଯାଉନି, ତାକୁ କିଏ ଦେଖୁନି ତ ? ସେଦିନ କି ବାର ଥିଲା କେଜାଣି ! ସଂକ୍ରାନ୍ତି କି ପୂନେଇଁ ଭାରି ଭିଡ଼ ମନ୍ଦିର ଭିତରେ। ତରବରକି ଗାଧୋଇ ଲୁଗା ଶୁଖେଇବାକୁ ଭୁଲିଯାଇଛି ଅନ୍ଧୁଣୀ। ଭକ୍ତ ସବୁ ପଳେଇବେ, ବାଳ ବାନ୍ଧିବାକୁ ବେଳ ନାହିଁ। ତା' ଜାଗାରେ ଯଦି ଆଉ କିଏ ବସି ଯାଇଥିବ ନା। ବାଡ଼ିଟା ଠକ୍ ଠକ୍ କରି ଯାଇ ବସିପଡ଼ିବ କ'ଣ କାହା ଦେହରେ ବାଡ଼ିଟା ବାଜିଲା, ଇଲୋ ମାଆଲୋ କହି ଘୁଞ୍ଚେଇ ଆଣିଲା ବାଡ଼ି। ପୁଣି ଆଉ ଠାଏ ଖାଲି ଦେଖି ଧୀରେ କି ବସିଲା। ସବୁଦିନର ଛିଣ୍ଡା କନ୍ଥାଟା ବି ଆଣିବାକୁ ମନେ ନାହିଁ ତାର। ତାକୁ କେମିତି ଡର ଡର ଲାଗିଲା। ଜାକିଜୁକି ହେଇ ଗୁଡ଼େଇ ହେଲା ନିଜ ଭିତରେ ତେଲୁଗୁଣି ପୋକ ପରି। ପିଠି ଉପରେ ଓଦା ବାଳଗୁଡ଼ା କେମିତି ସଳସଳ ହେଉଛି। ହାତ ଟେକି ବାଡ଼ିଟା ତଳେ ବାଡ଼ୋଉଛି।

କିଏ ଜଣେ ତା' ଡବାରେ ପଇସା ପକୋଉ ପକୋଉ ପଚାରିଲା, ଏଠି ଯୋଉ ଅନ୍ଧୁଣୀଟା ବସେ ତେ କ'ଣ ତୋ ମାଆ। ସେ କୁଆଡ଼େ ଗଲା। ଶଙ୍କିଗଲା ସେ। ତା' ପୁଙ୍ଗୁଳା ଦେହ, ଖୋଲା ବାଳ ତା'ର କାଳ ହେବାକୁ ବସିଛି। ଟିଣ ବେଲାଟା ଧରି ବାଡ଼ି ଖଡ଼ ଖଡ଼ କରି ସେ ଉଠି ଆସିଲା। ଆଜି ତା' ଭାଗ୍ୟ ଖରାପ। ପଛେ ପଛେ କିଏ ଆସିଲା ପରି ଲାଗିଲା। 'କିଏ କିରେ ?' 'ତୋ ନାଆଁ କ'ଣ କିଲୋ ? ତୋ' ଘର କେଉଁ ଗାଆଁ ?' ଅନ୍ଧୁଣୀ ପାଟି କଲା। 'ମତେ ଡରୁଛୁ କି ? ତୁ ଯାଆ ମୁଁ ବି ସେଇଆ। ତୋର ଆଖି ଦି'ଟା ନାହିଁ, ମୋର ହାତ ଦି'ଟା ନାହିଁ। ସେହି ନାହିଁ ନାହିଁ।'ମୁଁ ତତେ ସବୁଦିନେ ଦେଖେ, ହେଲେ ଆଜି କେମିତି ଅଲଗା ଲାଗୁଛୁ ତୁ। ଟିକିଏ ଠିଆ ହେଲା ଅନ୍ଧୁଣୀ। ତା' ପରେ ତା ଆଡ଼କୁ ବୁଲିପଡ଼ିଲା। କହିଲା ମୋତେ କୋଢ଼ ହେଇଛି। ତୁ ସେଇଟା ଦେଖିଛୁ ନା ନାହିଁ। ଲୋକଟି ହସିଲା। ତୁ ଯୋଉଠି ଶୋଉଛୁ ତା'ଠୁ ଟିକେ ଦୂରରେ ତତେ ଜଗିକି ମୁଁ ଶୁଏ। ତୁ ସକାଳୁ ଗାଧୋଇବାକୁ ଯିବା ଆଗରୁ ତୋ' ହାତଗୋଡ଼ରୁ କନା ଖୋଲୁ। ଅଖା ଭିତରେ ରଖୁ। ଫରୁଆରୁ ବାହାରି ପାଣିରେ ପଶୁ। ପାଣିରୁ ବାହାରି ପୁଣି ଫରୁଆ ଭିତରେ ପଶି ସାରିଲା ପରେ ମୁଁ ଭିକ ମାଗିବାକୁ ଚାଲିଯାଏ। ମତେ ଡରନା। ଦୁଇ ଜଣ ଆଗପଛ ହୋଇ ଚାଲୁ ଚାଲୁ ଅନ୍ଧୁଣୀଟି ଝୁଣ୍ଟିପଡ଼ିଲା ନଡ଼ିଆ ଷଢ଼େଇଟାରେ। ଧୀରେ କହିଲା ଲୋକଟା, ମୋରତ ହାତ ନାହିଁ ତତେ ଉଠେଇ ପାରିଲିନି। ହେଲେ ତୋ' ରାସ୍ତାରେ ଆଉ ଏମିତି କିଛି ଆସିବନି ଯାହାକୁ କି ତୁ ଝୁଣ୍ଟିକି ପଡ଼ିବୁ। ହସିଲା ଅନ୍ଧୁଣୀ, ନିଶବ୍ଦରେ। ଟିକେ ଜୋର୍‌ରେ ଜୋର୍‌ରେ ଆସି ଲୋକଟି ତା' ପାଖରେ ପହଞ୍ଚିଗଲା। ପାଖାପାଖି ଚାଲିଲେ ଦିହେଁ କାଠଚମ୍ପା ଗଛ ଚାନ୍ଦିନୀ ଆଡ଼କୁ। ଖରାଦିନିଆ ଦି'ପହରଟା ଚାରିଆଡ଼େ ଶୂନଶାନ। ଖଣ୍ଡିଆ ଝାଡୁଟାରେ ସଫା କରିଦେଲା ଅନ୍ଧୁଣୀ। ଶୁଖିଲା ପତ୍ରଗୁଡ଼ା ଆଡ଼େଇ ବସିବା ପାଇଁ ସଫା ଜାଗାଟିଏ ସଜାଡ଼ିଲା। ଲୋକଟି ବସିଲା ଗୋଡ଼ଦିଟା ତଳକୁ ଝୁଲେଇ ନିଶ୍ଚନ୍ତରେ। ଅନ୍ଧୁଣୀ ପଚାରିଲା ତୋର ହାତ ନାହିଁ, ତୁ ଖାଉ କେମିତି ? କ'ଣ ଖାଇଛୁ ସକାଳେ ? କିଛି ସମୟ ପରେ ଉତ୍ତର ଦେଲା ଲୋକଟି, ତୁ ତ ଆଜି କିଛି ଖାଇନୁ ସିଧା ନଈରୁ ଉଠି ମନ୍ଦିର ସାମ୍ନାକୁ ପଳେଇଲୁ। ମୁଣ୍ଡ ଗଣ୍ଠି କରିନୁ, ହାତ ଗୋଡ଼ରେ କନା ବାନ୍ଧିନୁ। ଛିଣ୍ଡା କନ୍ଥାରେ ନିଜକୁ ଲୁଚେଇ ହାତଦି'ଟା ପଦାକୁ କାଢ଼ିନୁ। ତତେ ସିନା ଅନ୍ୟ କେହି ଚିହ୍ନିଲେନି। ମୁଁ ତ ତୋର ସବୁ ରୂପ ଦେଖି ସାରିଛି। ଲାଜେଇଲା ଅନ୍ଧୁଣୀ। ଛାତି ଉପରେ ଶାଢ଼ୀଟାକୁ ସଜାଡ଼ି ଗଛ ଆଡ଼କୁ ଜାକି ହୋଇଗଲା। ଏଇଟା କୋଉ ମାସ ? ଫଗୁଣ ମାସ ହେବ ପରା, କହିଲା ଲୋକଟି। ଏଇ ଫଗୁଣ ମାସରେ ଆକାଶର ରଙ୍ଗଟା କେମିତି ? ଅନ୍ଧୁଣୀ ପଚାରିଲା।

ଦୀର୍ଘ ଶ୍ୱାସ ପକେଇ କହିଲା ଲୋକଟି ନାରଙ୍ଗୀ। ଧୀରେ ହସିଲା ଅନ୍ଧୁଣୀ। ମୁଁ କେବଳ କଳା ରଙ୍ଗଟା ଜାଣିଛି। ନାରଙ୍ଗୀଟା କ'ଣ କିରେ ? ଲୋକଟା କହିଲା, ତୋ' ମୁହଁଟା ଏବେ ସେହି ରଙ୍ଗ ଦିଶୁଛି। ଛି, ମୋର ଗୋଟେ ରଙ୍ଗ କ'ଣ ? ସତରେ ତୋ ଦେହଟା ଆଉଟା ସୁନା ପରି ଡହ ଡହ। ଶାଢ଼ୀଟା କାନ୍ଧ ଉପରେ ଘୋଡ଼େଇ ଆଣିଲା ଅନ୍ଧୁଣୀ। ତୁ ମତେ ଡରୁଛୁ କି ? ତୋର କ୍ଷତି କରିବା ପାଇଁ କ'ଣ ମୋର ହାତ ଅଛି ? ମୁଁ ତ ମାଦଳାଟାଏ। ଅନ୍ଧୁଣୀଟି ସମବେଦନାରେ ଅନେଇଲା। ତୋ' ନାଁ କ'ଣ ? ମୋ' ନାଁ ଯାହା ହେଉ, ତୁ ମତେ କ'ଣ ଡାକିବୁ କହୁନୁ ? ତୋର ଯାହା ଇଚ୍ଛା ସେଇଆ ଡାକ। 'ମୋ' ନାଁ ବାବନା', 'ମୋ ନା ଚମ୍ପା'। ଦୁହେଁ ହସିଲେ। ଲୋକଟା କହିଲା ମୋ ସାର୍ଟ ପକେଟ୍‌ରେ ଦି'ଟଙ୍କା ଅଛି। ଯାଆ କ'ଣ ଆଣିବୁ ଖାଇବା। ମୋ' ପାଖେ ରୁଟି ଅଛି, ଖାଉନୁ। ପୁଟୁଳି ଭିତରୁ ରୁଟି କାଢ଼ି ହାତରେ ବଢ଼େଇ ଧରିଲା ଅନ୍ଧୁଣୀ। ଲୋକଟି ଆଁ କଲା। ମୋ ପାଟିରେ ଦେ। ତୋ ପାଟିଟା କ'ଣ ମତେ ଦେଖା ଯାଉଛି। ତା' ମୁହଁକୁ ଅଣ୍ଡାଳି ଅଣ୍ଡାଳି ପାଟିରେ ରୁଟି ଖଣ୍ଡେ ଦେଲା। ଲୋକଟି ଆଖି ବୁଜି ବସି ରହିଲା। ତା' ଦେହସାରା କେମିତି ଏକ ଉଚ୍ଚାଟପଣା। ଅନ୍ଧୁଣୀ ତା' ଆଖି କାନ ଅଣ୍ଡାଳି ପାଟିରେ ରୁଟି ଖଣ୍ଡେ ଖଣ୍ଡେ ଦେଉଥାଏ। ଚୋବୋଉ ଚୋବୋଉ ପଚାରିଲା, ତୋ' ଘର କଥା କ'ଣ କହୁନୁ। ମୁଣ୍ଡ ଉପରେ ଖରାଟା ମନ୍ଦିର ବେଢ଼ାଦେଇ ନଈ ଉପରେ ଉହ୍ଲେଉଛି। ପାଣି ଉପରେ ଇନ୍ଦ୍ରଧନୁର ସାତ ରଙ୍ଗ। ଅନ୍ଧୁଣୀ ହସୁଛି। ତା' ଓଠରେ, ଗାଲରେ, ଜ୍ୟୋତିହୀନ ଆଖିରେ ଗୋଧୂଳି ଆକାଶର ରଙ୍ଗ ମିଶିଯାଇଛି।

ତା' ପରଦିନ ଦୁହେଁ ପାଖାପାଖି ବସିଥିଲେ। ଅନ୍ଧୁଣୀଟି ତା' ଜାଗାରେ ସେମିତି ହାତଗୋଡ଼ରେ କନା ବାନ୍ଧି ଛିଣ୍ଡା କନ୍ଥା ଭିତରୁ ହାତି କାଢ଼ି ଡାକ ଛାଡ଼ିଥାଏ, ବାବୁ ଅନ୍ଧୁଣୀକୁ ଦେଇଯାଅ। ତା'ର ନୂଆ ସାଥୀଟି କିନ୍ତୁ ଚୁପ୍ ହୋଇ ବସିଥାଏ ଆଖି ବନ୍ଦକରି। କ୍ଷଣକୁ କ୍ଷଣ ଦୁଃଖର ସ୍ୱର ବଦଳୁଥାଏ। ଶୋକର ଭାଷା କିନ୍ତୁ ସମାନ। ବାପ, ମାଆ, ସାଇପଡ଼ିଶା, ବନ୍ଧୁବାନ୍ଧବ– ସମସ୍ତଙ୍କ କ୍ଷୋଭକୁ ସାମ୍ନାକରି ପ୍ରେମିକାରୁ ସ୍ତ୍ରୀ କରିଥିବା ଦଶବର୍ଷର ସଂସାର, ତା'ପରେ ଆକ୍ସିଡେଣ୍ଟରେ ସେ ହରେଇ ବସିଲା ତା' ହାତ ଦି'ଟା। ଏତେ ବଡ଼ ବିପଦରେ ତାକୁ ସାହାରା ଦେବା ବଦଳରେ ଅଧାରାସ୍ତାରେ ବାଟବଣା ହେଇ ଚାଲିଯାଇଥିବା ମଣିଷଟାକୁ ସେ ବା କାହିଁ ଝୁରନ୍ତା। ତା' ଉଜୁଡ଼ା ସଂସାରରେ କାହାଣୀ ବେଶି ଲମ୍ବା ନ ହେଲେ ବି ଛୋଟିଆ ନୁହେଁ। ଅନ୍ଧୁଣୀଟି ତାକୁ ଭଲ ଲାଗିଛି। ଦୁଃଖୀ ଚିହ୍ନେ ଦୁଃଖୀକୁ। ଏକୁଟିଆ ପ୍ରାଣୀଟିଏ ସାଥୀ ଖୋଜେ, ଦେହ ପାଇଁ ନୁହେଁ ବଞ୍ଚିବା ପାଇଁ। ଅନ୍ଧୁଣୀର ଦେହରେ ଭରା ଯୌବନ। ବୟସ ଅତି ବେଶିରେ ଚବିଶ କି ପଚିଶ ହେବ। ତା' ହାତ ଗୋଡ଼ରେ କନା ବାନ୍ଧି ବସେ। ଗଲା ଆଇଲା ଲୋକେ ଦୂରରୁ ପଇସା ଫିଙ୍ଗି ଦିଅନ୍ତି ତା' ଟିଣ ଡାଟିଆ ଭିତରକୁ। ପାଖରେ ପାଦ ଶବ୍ଦ ଶୁଭିଲେ ଅନ୍ଧୁଣୀ ଜାକି ହୋଇଯାଏ। ଜନ୍ତୁମାନଙ୍କଠୁ ନିଜକୁ ବଞ୍ଚେଇବାର ଖୁବ୍ ଉପାୟଟିଏ ବାଛି ନେଇଛି ସେ। ମନେ ମନେ ହସିଲା ଲୋକଟି, ତା' ଘର କେଉଁଠି, କି ଜାତି ସେ ? ହିନ୍ଦୁ ନା ମୁସଲମାନ। କଣେଇ ଚାହିଁଲା ତା' ଆଡ଼େ। ସରୁ ସରୁ ଅଙ୍ଗୁଳିରେ ପଇସା ଗଣୁଛି ଅନ୍ଧୁଣୀ। ଅଣ୍ଟାଯାଏ ବ୍ଲାଉଜଟା ବେଢ଼େଇଛି। ହାତ ଦି'ଟାରେ ତିନି ଚାରିପଟ ପାଣିଚୂଡ଼ି ଚକ୍ ଚକ୍ କରୁଛି। ହିନ୍ଦୁ ହେଇଥିବେ ନିଶ୍ଚେ। ତା' ନିଜର କ'ଣ ଜାତି ସେ ଜାଣିନି। ଜନ୍ମ କଲା ମାଆ ତା'ର କୋଉ ପୋଖରୀ ତୁଠରେ କନାରେ ଗୁଡ଼େଇ ଛାଡ଼ିଦେଇ ଯାଇଥିଲା। ବଢ଼େଇଥିଲା ନିଶୁନପୁର ପୀରବାବାଙ୍କ ମୌଲବୀଙ୍କ କୋଠଚାକର ନରେନ୍ଦ୍ର ଭୋଇ। ତା'ର କୁଳ କ'ଣ ହରିଜନ ନା ମସୁଲମାନ ? ପୀରବାବାଙ୍କ ଦରଘାରେ ସେ ଦୌଡ଼ି ଦୌଡ଼ି ବଡ଼ ହେଇ ଯାଇଥିଲା। ସେ ଭଲ ସିଲେଇ କରୁଥିଲା। ନିଶୁନପୁର ମଲ୍ଲିକ ସାହେବଙ୍କ ଝିଅର ଦଶହଳ କୁର୍ତ୍ତା ସିଲେଇ କରି ରାତାରାତି ନାମକରା ଦରଜୀ ପାଲଟି ଯାଇଥିଲା ସେ। ହାତଗୋଡ଼ ସବୁ ଏକ ସଙ୍ଗେ ଚାଲୁଥିଲେ ତା'ର। ଭଲ ରୋଜଗାର ସହିତ ତା'ର ନାଁ ମଧ୍ୟ ହେଲା।

ମନ୍ଦିରରେ ଦୁଇ ପ୍ରହରର ଭୋଗଘଣ୍ଟି ତା' ଭାବନାର ଫିଟା ଗଣ୍ଠିଲିଟାକୁ ପୁଣି ଗଣ୍ଠି ପକେଇଦେଲା ।

x x x x

ମୁଣ୍ଡ ଉପରେ ପ୍ରଚଣ୍ଡ ଖରା । ଆଜି ତା'ର ଭିକଟିଣ ଖାଲି । ସେ ଆଖିବୁଜି ଅତୀତକୁ ଅଣ୍ଡାଲୁ ଅଣ୍ଡାଲୁ ସମୟ ତା' ପାଖରୁ ତଳକୁ ଖସି ଯାଇଛି । ଭୋକିଲା ପେଟରେ କି ସ୍ୱପ୍ନ ? ଭୋକର ରୂପ ଭିନ୍ନ ପ୍ରକାରର । ଦେହର ଭୋକ ପେଟର ଭୋକଠୁ କମ୍ ବିପଦଜନକ ନୁହେଁ । ଅନ୍ଧୁଣୀ ଆଡ଼କୁ ଚାହିଁଲା ସେ, ଅନ୍ଧୁଣୀ ପଇସା ଗଣି କାନିରେ ବାନ୍ଧୁଛି । ପେଡ଼ି ପୁଟୁଳା ଧରି ଉଠୁ ଉଠୁ ନୂଆ ସାଥୀକୁ ଚାହିଁଲା । ତା'ଠୁ କିଛି ଉତ୍ତର ନ ପାଇ ବାଡ଼ି ବାଡ଼େଇ ଆଗେଇଲା । ଭାତ ଦିଟା କିଣିବ । ଗରମ ଭାତର ସ୍ୱାଦ ଭୁଲି ଗଲାଣି ପାଟି । ମାଆ ପାଖରେ ଥିଲାବେଳେ ଚୁଲିମୁଣ୍ଡେ ଭାତ କଂସେ, ବଢ଼ି ପୋଡ଼ାଟେ, ନ ହେଲେ ଆମ୍ବୁଲ ଫଡ଼େ ଥୁଆ ହୋଇଥାଏ । ପାଟିରୁ ଲାଳ ଗଡ଼ି ଆସିଲା ଅନ୍ଧୁଣିର । ଆଖିପତା ଭିଜିଗଲା । କୋହ ଉଠିଲା ପେଟରୁ । ଭାତ ଖାଇବା ନିଶାଟା ଏକବାରେ ଓହ୍ଲେଇଗଲା ।

x x x x

ପବନ ଥମିଲା, ବର୍ଷା ବି କମିଗଲା । ହେଲେ କିଏ କୋଉଠି ହଜିଗଲେ, ମରିଗଲେ । ସର୍ବଗ୍ରାସୀ ପବନ ସବୁ ଉଡ଼େଇ ନେଲା, ଭସେଇ ନେଲା । ସମୁଦ୍ରଟା କେତେ ଜୀବନକୁ ଜଞ୍ଜାଳଠୁ ଦୂରେଇ ନେଲା । ମୁଗ ଦି' ଗୌଣି, ଚୂଡ଼ା ମାରଟେ, ଚାଉଳ ବୋରାଏ ବୋଲି ସମ୍ପତ୍ତି ତାଙ୍କର । ସବୁକୁ ଏକାଠି କରୁ କରୁ ମାଡ଼ି ଆସିଲା ପାଣି । କିଏ କୁଆଡ଼େ ଗଲେ । ପୁଅଟା କାନ୍ଧରୁ କେତେବେଳେ ଖସିଗଲା ଦଇବ ଜାଣେ । ବୁଡ଼ି ଯାଉଯାଉ କାଠ ଗଡ଼ଟିଏକୁ ଜାବୁଡ଼ି ଧରି ଉଠିବସିଲା ସେ । ପାଦ ତଳକୁ କ'ଣ ଗୋଟେ ଟେକି ଧରିଥାଏ । ମଢ଼ାଟିଏ କି କ'ଣ ! ପୁଅକୁ ଖୋଜିବାକୁ ତର ନାହିଁ । ଭୁସ୍ ଭୁସ୍ ପାଣି, ଘୁ ଘୁ ପବନ ସାଙ୍ଗକୁ ମୁଣ୍ଡ ଉପରେ ପ୍ରବଳ ବର୍ଷା । ତିନିଦିନ ଧରି ଏମିତି ପାଣିରେ ଭାସି ଭାସି ଆସି ଯେଉଁଠି ଲାଗିଲା ସେଠି ଆହୁରି ଭୟଙ୍କର ଜନ୍ତୁ ତାକୁ ବେଢ଼ିଗଲେ । ଅନ୍ଧୁଣୀ ଜାଣିବା ପରେ ତା' ପାଖରେ ସରକାରୀ, ବେସରକାରୀ ଲୋକଙ୍କ ଭିଡ଼ । କିଏ ତା' ଓଦା ଲୁଗା କାଢ଼ି ଶୁଖିଲା ଲୁଗା ଘୋଡ଼ୋଉ ଘୋଡ଼ୋଉ ତା' ଦେହକୁ ଛୁଇଁଲାଣି ତ ଯେମିତି ସେ ନିକିତିଟିଏ । ତାକୁ ଏପଟ ସେପଟ କରି ମାପ କରୁଥିଲେ ସେମାନେ । ଭାବନାର ସାତସିଆଁ କାନି ଭିତରୁ ତା' ଛୋଟ ପୁଅଟିର ମୁହଁ ମନେ ପଡ଼ିଲା । ବାଧିକା ଶ୍ୱଶୁରଟା ଅତଳ ପାଣିରେ ବୁଡ଼ି ମରିଥିବ ଆହା । ତାରି ପାଇଁ ଚୂଡ଼ା ଚାଉଳ ବାନ୍ଧୁ ବାନ୍ଧୁ ପାଣି କଢ଼େଇ ନେଲା ଦି'ଦିଟା ଜୀବନକୁ । ତା' ଆଖିରୁ ବୋହିପଡ଼ିଥିବା ଧାରକୁ ଓଠରେ ଶୋଷି ନେଲା ନୂଆ ସାଥୀଟା । ଚମକ ଖେଳିଗଲା ଅନ୍ଧୁଣୀ ଦେହରେ । ଆଖି ବୁଜିଦେଲା ଅନ୍ଧୁଣୀ । ମନେ ପଡ଼ିଲା ରତନା । ବଢ଼ିପାଣି ଆଇଲା ବେଳକୁ ରତନା ସୁରଟ ଚାଲିଯାଇଥିଲା । ପାଣି ଛାଡ଼ିଲା ପରେ ଗାଆଁକୁ ଫେରିଥିବ । କୋଉଠୁ ଠାବ କରିଥିବ ତା' ଭିଟାମାଟିକୁ, ଜୁଆନ ସ୍ତ୍ରୀକୁ, ଦୁଧଖିଆ ପୁଅ ଆଉ ବୁଢ଼ା ବାପକୁ । ଫେରିଯାଇ ପୁଣି ନୂଆ ସଂସାର ବାନ୍ଧିଥିବ । ଓଳିଏ ଖାଇଲେ ଆଉ ଓଳିଏ ଉପାସ । ତଥାପି ରତନା କଡ଼ରେ ଶୋଇଥିଲେ ସେ ହାତପାଆନ୍ତାରେ ଚାନ୍ଦ ପାଇଲା ପରି ମଣେ । ରତନା ମୁହଁରେ ଅଳ୍ପ ଅଳ୍ପ ନିଶ ତାକୁ ଭଲ ଲାଗେ । ସେ ବାଡ଼ି ବାଇଗଣ କି ଭେଣ୍ଡି ଦି'ଟା ନେଇ ହାଟକୁ ଯାଏ । ଫେରିଲା ବେଳେ ମୁଠାଏ ଚୁଡ଼ି, କେବେ କେମିତି ଟିକିଲି ଦି ପ୍ୟାକେଟ୍ ଶାର୍ଟ ପକେଟ୍‌ରେ ଲୁଚେଇ ରଖିଥାଏ ଚମ୍ପି ପାଇଁ । କେତେ ଟଣା ଓଟରାରେ ତାକୁ ଦିଏ । ତା' ବଦଳରେ ତା' ସୁନା ଦେହକୁ ଚୂନା କରି ପକାଏ । ଗୋଟି ଗୋଟି କରି ଛିଣ୍ଡେଇ ଦିଏ ଫୁଲର ପାଖୁଡ଼ା ସବୁ । କେବେ ବି ବୁଝେନି ତା' ମନକୁ । ଗାଆଁ ଛାଡ଼ିଲା ପରଠୁ ଆଉ ଦେଖନି ରତନାକୁ । ତା' ଝାଲୁଆ ଦେହରେ ବାସ୍ନା ଉଡ଼ିଗଲାଣି ଉଜୁଡ଼ା ପବନରେ । ଆଜି ପୁଣି ତା' ମନରେ, ଦେହରେ ସମ୍ଭାର । ତା'ର ବି ସାଥିଟିଏ ଦରକାର, ନୂଆଁ ସାଥୀର ବି । ସେମାନେ ଦୁନିଆଁ ପାଇଁ ଅଲୋଡ଼ା । ଦୁହିଁଙ୍କର ଏକା ଦୁଃଖ । ତା' ଚାରିକଡ଼େ କଣ୍ଟାର ଜାଲଟିଏ ବିଛେଇ ଜଗିବସିଥିବା ପ୍ରାଣିଟିକୁ ସେ ଟିକେ ସାହାରା ଦେଇପାରିବନି । ଏତେବଡ଼ ଦୁନିଆ । ଆଉ କେତେବର୍ଷ ତାକୁ ଏମିତି ବଞ୍ଚିବାକୁ ପଡ଼ିବ, କିଏ ଜାଣେ ? ମୁଣ୍ଡ ଉପରେ ଛାତ ନହେଲା ନାହିଁ, ନିର୍ଭୟରେ ଆଉଜିବାକୁ କାନ୍ଥଟିଏ ତ ମିଳିଛି । ମନ୍ଦିରରେ ସନ୍ଧ୍ୟା ଆଳତୀ ହେଲା ବୋଧେ । ହାତଯୋଡ଼ିଲା ଅନ୍ଧୁଣୀ । ତା' ପାଖକୁ ଘୁଞ୍ଚିଆସିଲା ନୂଆ ସାଥୀ ବାବନା ।

*ମାର୍ଫତ୍ ଆଡଭୋକେଟ୍ ଧରଣୀଧର ନାୟକ*
*ମଣି ନିଳୟ, ତଳତେଲଙ୍ଗା ବଜାର*
*କଟକ-୭୫୩୦୦୯*
*ମୋ:୯୪୩୭୦୧୬୩୦୩*



# ପ୍ରେମ ଚିରନ୍ତନ

## ଇନ୍ଦ୍ରମଣି ଜେନା

ଗରିବ ଯୁବକଟିଏ ସେଦିନ ଗାଁ’ରୁ ସହରକୁ ଯାଇଥାଏ । ଯିବାଟା ନିହାତି ଆବଶ୍ୟକ ନ ଥିଲା, କେବଳ ଗାଁ’ରେ ରହି ସହର ବିଷୟରେ ଶୁଣିଶୁଣି ଆକର୍ଷିତ ହୋଇଯାଇଥିଲା । ଯେଉଁଦିନ ତା’ର ଜଞ୍ଜାଳ ନ ଥିଲା, ସେ ସହରକୁ ଗୋଡ଼ ବଢ଼ାଇଲା । ସେଠାରେ ଯାଉଯାଉ ଲୋକ ଗହଳି ଭିତରେ ସେଇ ଝିଅଟିକୁ ଦେଖିଲା ।

କାହିଁକି କେଜାଣି ତାକୁ ଦେଖିବାମାତ୍ରେ ସିଏ କିଏ ଜାଣିବାପାଇଁ ଉତ୍ସୁକ ହୋଇ ଉଠିଲା । ମନେମନେ ଜାଣିନେଲା, ସେଇ କନ୍ୟାଟି ହିଁ ତା’ର ସ୍ୱପ୍ନର ରାଣୀ । ଏହା ମନକୁ ଆସିବା ମାତ୍ରେ ତା’ର ହୃତ୍‌ସ୍ପନ୍ଦନ ଦ୍ରୁତଗତିରେ ବୃଦ୍ଧିପାଇଲା ଏବଂ ନିଜର ବାକ୍‌ଶକ୍ତି କ୍ଷଣିକପାଇଁ ଥପ୍ ହୋଇଗଲା । ସେ ଏବେ ଘରକୁ ଧାଇଁ ପଳାଇଲା, ତା’ ଆଖିକୁ ଲୁହ ଆସିଗଲା । ସେ ନିଜର ପ୍ରେୟସୀକୁ ଦେଖି ବି କିଛି ମୁହଁ ଖୋଲି କହିପାରିନାହିଁ ବୋଲି । ବିଚରା ଯୁବକଟି ପ୍ରଥମ ଦେଖାରେ ପ୍ରେମ ଜାଲରେ ପଡ଼ି ଛଟପଟ ହେବାକୁ ଲାଗିଲା । ମନ ଭିତରେ ସେଇ ଝିଅଟିର ଛବି ନାଚ କରିବାରେ ଲାଗିଲା, ସେ ଅସ୍ଥିର ହୋଇ ପଡ଼ିଲା । ଆଖି ଖୋଲିଲେ କି ଆଖି ବୁଜିଲେ, ସେଇ ଅପାସୋରା ନୟନଟି ତା’ର ଚିନ୍ତା ଓ ଚୈତନ୍ୟକୁ ସମ୍ପୂର୍ଣ୍ଣ ଦଖଲ କରି ବସିଲା ।

ରାତିରେ ତା’ର ନିଦ୍ରାରେ ଘୋର ବ୍ୟାଘାତ ହେଲା । ନିଦ ଆସୁ ନ ଥାଏ; ଛାତି ଧଡ୍ ଧଡ୍ । କଡ଼ ଲେଉଟାଇବାରେ ସାରା ରାତି ସରିବାକୁ ବସିଲାଣି । ଶେଷକୁ ନିଜ ମନକୁ ବୁଝାଇଲା, ସେଇ ଝିଅଟି ତା’ର ଜୀବନସାଥୀ ହେଉ, ଏହା ହିଁ ତାହାର କାମନା । ଭଗବାନଙ୍କୁ ନିଜର ହୃଦୟ କଥା ଜଣାଇ ତା’ ସହିତ କିପରି ପ୍ରେମ ଫାଶରେ ପଡିବ, ସେ ବିଷୟରେ ଚିନ୍ତା କରିବାକୁ ଲାଗିଲା ।

ସତକୁ ସତ ଭଗବାନ ତା’ କଥା ଶୁଣିଲେ । ତା’ର ଇଚ୍ଛା ଏତେ ଶକ୍ତ ଏବଂ ପ୍ରଖର ଥିଲା, ସେ ଜିତି ଗଲା ଏବଂ ନିଜର କାମନା ଫଳବତୀ ହେଲା । ପରଦିନ ଯେମିତି ସେ ସହରରେ ପହଞ୍ଚିଛି, ସେ ଝିଅଟି ଆସି ତାକୁ ଚାହିଁଲା ଏବଂ ଜାଣିଗଲା ଯେ ସେଇ ଝିଅ ହିଁ ତା’ର ସ୍ତ୍ରୀ, ଏକାନ୍ତ ଭାବରେ ତା’ର ନିଜର । ଚିରକାଳ ପାଇଁ । ସେଥିପାଇଁ ତା’ ପାଖକୁ ଆସିଲା । ତା’ ମୁହଁରେ ବହୁତ ହସ ଥିଲା, ମନ ଆନନ୍ଦରେ ପରିପୂର୍ଣ୍ଣଥିଲା ଏବଂ ସେ ତା’ ପାଖକୁ ଆସି ବଡ଼ ଆତ୍ମୀୟତା ସହିତ ତା’ ଅନ୍ତରର କଥା କହିବାକୁ ଲାଗିଲା–

“ମୁଁ ତୁମର ଏବଂ ଏକାନ୍ତ ଭାବରେ ତୁମର, ଯାବତ୍ ସୂର୍ଯ୍ୟଚନ୍ଦ୍ର ରହିଛନ୍ତି, ମୁଁ ଚିରକାଳ ପାଇଁ ତୁମର ।”

ଦୁଇ ସପ୍ତାହ ପରେ ସେମାନଙ୍କର ପରିଣୟ ହେଲା, ସେମାନେ ହେଲେ ପୁରୁଷ ଓ ସ୍ତ୍ରୀ, ଜାୟା ଏବଂ ପତି । ଦୁନିଆରେ ସେମାନଙ୍କର ଏହି ପରିଚୟ । ସକଳ ଜୀବଜଗତରେ ଏମିତି ବନ୍ଧନ ହିଁ ଜୀବତ୍ୱର ପରିଚାୟକ । ଜଣଙ୍କ ବିନା ଆର ଜଣଙ୍କର ଅନ୍ୟଗତି ନାହିଁ । ସାତ ଜନ୍ମ କାହିଁକି, ଶତ ସହସ୍ର ଜନ୍ମରେ ସେମାନେ ଜାୟା ଓ ପତି । ଜନ୍ମ ପାର୍ଥିବ ଜଗତରେ ହେଲେହେଁ ଏହି ପରିଣୟ ସ୍ୱର୍ଗୀୟ, ତାହା ଅନନ୍ତ ବ୍ରହ୍ମାଣ୍ଡର ପ୍ରଜାପତିଙ୍କ ମଧ୍ୟସ୍ଥତାରେ ଅନୁଷ୍ଠିତ ହୁଏ । ତାହା ଅଦୃଶ୍ୟ, ଭାଗ୍ୟ ପରି ଅଦୃଶ୍ୟ ।

ଏହି ଅପୂର୍ବ ମିଳନ ଦେଖିବା ପାଇଁ ଭଗବାନ ବି ସ୍ୱର୍ଗରୁ ମର୍ତ୍ତ୍ୟକୁ ଚାହିଁ ରହିଲେ । ସେମାନଙ୍କର ପ୍ରେମ ଅନାବିଳ, ସ୍ୱର୍ଗୀୟ ଏବଂ ସୃଷ୍ଟିର ଉଦାହରଣ ଭାବରେ ରହିଥିଲା । କବିମାନେ ଅଶାନ୍ତିରେ କାନ୍ଦି ଉଠୁଥିଲେ, ଏପରି ନିରାମୟ ପ୍ରେମର ଅବତାରଣା କରିବାକୁ ତାଙ୍କ ପାଖରେ ଭାଷା ନ ଥିଲା । ସେମାନେ ପ୍ରେମଜଗତରେ ଅବର୍ଣ୍ଣନୀୟ ଥିଲେ । ଦୁନିଆର ସକଳ ପ୍ରେମିକ ବି ଏହି ଦମ୍ପତିକୁ ଈର୍ଷା କରୁଥିଲେ । ସେମାନେ ସମସ୍ତେ ଜାଣିପାରିଥିଲେ ଯେ ଜୀବନରେ ସେମାନଙ୍କ ପରି ଦାମ୍ପତ୍ୟ ଜୀବନ କେହି ବି ପାଇ ପାରିବେ ନାହିଁ ।

ଏହି ଧରିତ୍ରୀ ବକ୍ଷରେ ଦିନ ପରେ ଦିନ ବିତିଚାଲିଲା; ସେମିତି ବର୍ଷ ପରେ ବର୍ଷ । ଋତୁ ବି ବଦଳି ଚାଲିଲା; ରୂପ ବଦଳାଇବା ତ ଋତୁର ପ୍ରବୃତ୍ତି । ସମୟ ଶରୀରକୁ ପରିବର୍ତ୍ତନ କରିନିଏ, ଯୌବନକୁ ଚିରସ୍ଥାୟୀ କରି ରଖେନି । ପ୍ରବହମାନ ସମୟ ସ୍ରୋତରେ ଶରୀର ରୂପ ହରାଏ ।

ଦିନେ ଲୋକଟି ସକାଳୁ ସଅଳ ସଅଳ ନିଦରୁ ଉଠି ନିଜ ଶଯ୍ୟାକୁ ଚାହିଁଲା । ସେ ଯାହା ଦେଖିଲା, ନିଜକୁ ବିଶ୍ୱାସ କରିପାରିଲାନି । ତା’ର ଶଯ୍ୟାଶାୟିନୀ ଥିଲେ ଜଣେ ବୟସ୍କା ବୃଦ୍ଧା, ସାଦା ଭାଷାରେ ଜଣେ ମଳିଆ ମର୍କୁଟିଆ କୋଚଟୀ ମହିଳା । ସମୟର ସ୍ରୋତ ମୁହଁରେ ଟାଣି ଦେଇଛି ଅସଂଖ୍ୟ କୁତ୍ସିତ ରେଖା, କେଶକୁ ଝୋଟ ପରି ଧବଳାଇ ଦେଇଛି ଆଉ ମଖମଲ ଚମକୁ ଖଦଡ଼ା କରିଦେଇଛି । ସମୟ ସମସ୍ତ ଜୀବଧାରୀଙ୍କ ବାପା, ତାଙ୍କର ଏପରି କରିବାର ଶକ୍ତି କିଏ ଦେଇଛି ? ଟିକିଏ ବି ମମତା ନାହିଁ ନିଜ ସନ୍ତାନସନ୍ତତିମାନଙ୍କ ପାଇଁ ?

ମନରେ ବିକାର ଆସିଛି ମଣିଷର, ସେଇ ପୁରୁଷର, ସେଇ ପତିର ! ଏଇ ବୁଢ଼ୀ କଦାପି ନୁହେଁ ମୋର ସେହି ସ୍ତ୍ରୀ, ଜାୟା କି ଅର୍ଦ୍ଧାଙ୍ଗିନୀ !

ମୋର ସ୍ତ୍ରୀରତ୍ନ ସୌନ୍ଦର୍ଯ୍ୟରେ ବିଭୂଷିତା, ଯିଏ ଚମ୍ପକ ବର୍ଣ୍ଣା, ଚମ ଯାହାର ମଖମଲ ପକ୍ଷୀର କୋମଳ ପର ପରି ଆଉ ମୋତି ପରି ଚିକ୍କଣ, ତା’ର କେଶରାଶି କଜଳ ଠାରୁ ବି କଳା ଆଉ ତା’ର କଣ୍ଠସ୍ୱର କୋଇଲିର ମଧୁରତମ ସ୍ୱରରୁ ବି ମଧୁର । ଏଇ ବୃଦ୍ଧା କଦାପି ମୋ ଅର୍ଦ୍ଧାଙ୍ଗିନୀ ହୋଇ ନ ପାରେ, ଏହାର ପ୍ରେମ ଫାସରେ ମୁଁ କଦାପି ଫସି ନ ଥିଲି, ମୋର ପ୍ରେମ ଏତେଟା ଅନ୍ଧ ନୁହେଁ; ମୋର ପ୍ରୀତି ଏମିତି ଲୋଚାକୋଚା ଚମଡ଼ା ହୋଇ ନ ପାରେ । ଏହା ମୋ ବିଶ୍ୱାସର ବାହାରେ, ଏହା ମୋ ପ୍ରେମ ନୁହେଁ, ମୋର ପ୍ରେମର ମୃତ୍ୟୁ ଘଟିଛି । ମୋର ପ୍ରେମ ଆଜି ମୃତ ।

ନିଜ ଭାଗ୍ୟକୁ ଏମିତି ଧିକ୍କାର କରି ଲୋକଟି ଘରୁ ବାହାରି ଗଲା, କଦାପି ଏଠାକୁ ଆଉ ଫେରିବ ତା’ ମନରେ ନ ଥିଲା । କେହି ବି ଜାଣନ୍ତିନି ସେ କୁଆଡ଼େ ଗଲା । ତାକୁ କେହି ବି ଆଉ ଦେଖି ପାରିଲେନି ।

ସେଇ ସ୍ତ୍ରୀଲୋକ ଜଣକ ଉଠି ଶେଯରେ ନିଜ ସ୍ୱାମୀଙ୍କୁ ଦେଖି ନ ପାରି ଭାବିଲେ, ସେ ନିଶ୍ଚୟ

ରୋଷେଇଘରେ ଚା' ପ୍ରସ୍ତୁତ କରୁଥିବେ। ଦିନଟାର ଉଷ୍ମତା ଆସେ ତାଙ୍କର ସକାଳର ମୋହଭରା ଚା'ରୁ। ଆଜି ଦିନଟିକୁ ବି ସୁନ୍ଦର କରିବାକୁ କେତେ କଳ୍ପନା କରୁଥିବେ। ରୋଷେଇଘରକୁ ଗଲେ। ସେ ନାହାନ୍ତି।

ସେ ତା'ହେଲେ ବାଡ଼ି ପାଖ ଖଳାକୁ ଯାଇଛନ୍ତି, ଅନେକ ସମୟରେ ସେଠାକୁ ପଳାଇଯାଆନ୍ତି। ନିଜ ଶସ୍ୟ ଆଉ ପଶୁ ନିଜର ଜୀବିକା ଭାବରେ ସେଗୁଡିକୁ ସ୍ୱଚକ୍ଷୁରେ ଦେଖି ଆନନ୍ଦରେ ମନ ଭରିନିଅନ୍ତି। ଆସନ୍ତାକାଲିକୁ ଗୃହୀର ସମ୍ବଳ, କାଲିର ସଂସାର କେମିତି ସୁବିଧାରେ ଚାଲିବ, ସେଇ ଆଶା ଆଉ ବିଶ୍ୱାସ ଜନ୍ମିବ। ଆମ ଦାମ୍ପତ୍ୟର ଭବିଷ୍ୟତ। ମୁଁ ଖଳା ଆଡ଼େ ତାଙ୍କୁ ଖୋଜେ। ଏଠି ବି ସେ ନାହାନ୍ତି ! ଗଲେ କୁଆଡ଼େ ?

ନା, ସେ ନିଶ୍ଚୟ ଜମିରେ ଥିବେ। ମୋର ସ୍ୱାମୀ ଜମିରେ ଚାଷ କରୁଥିବେ। ବଞ୍ଚିବାର ଆଶା ଖାଦ୍ୟ। ନିଶ୍ଚୟ ଜମିକୁ ଯାଇଥିବେ; କିନ୍ତୁ ସେ ଜମିକୁ ଯାଇ ପାଇଲେନି। ଭାବିଲେ ମୁଁ କେତେ ବୋକୀ, ଏଇଟା ପରା ପୁଷମାସ। ଜମିରେ କିଛି କାମ ନ ଥାଏ, ହଳ ହୁଏନି। ସେ ସିଆଡ଼େ ଘରେ ମୋ ଅପେକ୍ଷାରେ ଥିବେ, ମୁଁ ସ୍ୱପ୍ନ ଦେଖିବା ପରି ଇଆଡ଼େ ସିଆଡ଼େ ଘୂରି ବୁଲୁଛି। ସେ ନିଶ୍ଚୟ ସକାଳର ଜଳଖିଆ ପ୍ରସ୍ତୁତ କରିସାରିବେଣି। ତାଙ୍କର ପ୍ରାତଃଭୋଜନ ମନ ଭରିଦିଏ ପ୍ରଭାତରୁ। ଦିନଟି ନିଶ୍ଚିନ୍ତରେ କଟିଯିବ। କ୍ଷୁଧା କେବେ ବି ଆସିବନି। ଏମିତି ଆମର ସୁଖମୟ ଜୀବନ ଅନିଶ୍ଚିତ ସମୟ ସ୍ରୋତରେ ନୌକାଟିଏ ପରି ସ୍ଥିର ହୋଇ ବହିଚାଲିଛି।

ରୋଷେଇ ଘରେ ବି ପାଇଲେନି ତାଙ୍କୁ।

ଘର ସାମନା ବାରଣ୍ଡାରେ ଆସି ବସିପଡ଼ିଲେ। କହିଲେ, ମୁଁ ଏଇଠି ଅପେକ୍ଷା କରିବି। ମୋ ସ୍ୱାମୀ ଫେରିବା ପର୍ଯ୍ୟନ୍ତ ବସି ରହିବି। ମୁଁ କିଛି ଖାଇବିନି ସେ ନ ଫେରିବା ପର୍ଯ୍ୟନ୍ତ। ଆମେ ଏକାଠି ଖାଉ, କେହି ଏକୁଟିଆ ବି ଖାଆନ୍ତିନି। ମୁଁ ବି ଜଳ ସ୍ପର୍ଶ କରିବିନି, କାରଣ ମୁଁ କେବଳ ଖାଇବା ପରେ ହିଁ ପାଣି ପିଏ। ମୁଁ ବି ଶୋଇବିନି। କୌଣସି ଉଜ୍ଜ୍ୱଳ ଜ୍ୟୋସ୍ନାରାତି ବି ମାଦକତାରେ ମୋତେ ନିଦରେ ଶୁଆଇ ପାରିବେନି, ନିଶାର୍ଦ୍ଧର ବିଲୁଆ କୁହାଟ ମୋତେ ଚଦର ଘୋଡ଼ି ହେବାକୁ ଉସ୍‌କାଇବନି। ମୁଁ ଯାହାର ଶଯ୍ୟାଶାୟିନୀ, ସେ ଶଯ୍ୟାରେ ନ ଥିଲେ ମୁଁ ବା ଶୋଇବି କେମିତି ?

ପ୍ରତ୍ୟୁଷରୁ ପ୍ରଦୋଷ ଏବଂ ପ୍ରଦୋଷରୁ ଆହୁରି ଆଗକୁ, ଏମିତି ଦିନ, ହପ୍ତା, ମାସ, ବର୍ଷ ବିତି ଚାଲିଛି ? ଚିରକାଳକୁ ପତ୍ନୀ ଅପେକ୍ଷମାଣା। ଦୁନିଆ ଚାଲିଛି ସମୟ ସ୍ରୋତରେ। ସେ ଚାହିଁ ବସିଛନ୍ତି। ପତିଦେବ ଫେରିବେ। ତାଙ୍କର ପ୍ରେମ ସକ୍ରିୟ, ତାହା ଅବ୍ୟର୍ଥ, ଅପ୍ରତିହତ। ମହାକାଳ ଯେତେ ଅସରନ୍ତି ହେଉ, ମହାକାଶ ଯେତେ ବିସ୍ତୃତ ହେଉ, ସମସ୍ତେ ସେହି ସକ୍ରିୟ ପ୍ରେମଭାବ ଆଗରେ ପରାସ୍ତ ହେବେ। ଅନ୍ନଜଳ ତ୍ୟାଗ କରି ରମଣୀ ଘର ବାରଣ୍ଡାରେ ପ୍ରତୀକ୍ଷାରେ ବସି ରହିଲେ।

ପ୍ରତିବେଶୀମାନେ ଜଣାଇଦେଲେ ତାଙ୍କ ସ୍ୱାମୀ ଆଉ ଫେରିବେନାହିଁ। ତଥାପି ସେ ନିଶ୍ଚଳ। ତାଙ୍କ ନିଜ ପିଲାମାନେ ବୁଢ଼ା ହୋଇ ଦେହ ତ୍ୟାଗ କଲେ, ମାତ୍ର ମୃତ୍ୟୁ ତାଙ୍କ ପାଖରୁ ଅପସରିଗଲା। ସେ ବଞ୍ଚିରହିଲେ, ଯୁଗ ଯୁଗକୁ। ସତ୍ୟ, ତ୍ରେତା, ଦ୍ୱାପର ଓ କଳିଯୁଗ ଧାଡ଼ି ଧାଡ଼ି ହୋଇ ଦୁନିଆରେ ଋତୁଚକ୍ର ପରି ଗତାଗତ ହେଲେ। କେତେ କାଳ ଗଲା। ଗୋଟିଏ କିଡା ନୁହେଁ, ସତ୍ୟ-ତ୍ରେତା-ଦ୍ୱାପର-କଳିର କେତେ କିଡା ଘୂର୍ଣ୍ଣନ କରି ଚାଲିଲା। ଦୁନିଆ ବି ଅନେକ ପ୍ରେମର ଲୀଳା ଦେଖି ଚାଲିଛି। କାଳଚକ୍ର ଗଡ଼ିଚାଲିଛି। ନିଃଶବ୍ଦରେ। ନିର୍ଜୀବ-ଜୀବ, ଅନ୍ଧାର-ଆଲୋକ ଦୁଃଖ-ସୁଖ ସବୁ ସେ ଚକ୍ରରେ ପେଷି ହୋଇଯାଏ। ଜୀବଜଗତ ଆଉ ପଞ୍ଚଭୂତ ମଧ୍ୟରେ ସମନ୍ୱୟ ଥାଉ କି ନ ଥାଉ। ଦେଶ ମହାଦେଶର ବି ସୀମା ଗଢ଼ି ଉଠିଲା, ସେଗୁଡ଼ିକର ବି ଲୟ ବିଲୟ ଘଟିଲା।

ସେଇ ପ୍ରେମର ଭାବାବେଗ ଶୁଣୁଛନ୍ତି ରମଣୀ। ତ୍ରେତୟା ଯୁଗର ଯୁଗପୁରୁଷ ଶ୍ରୀରାମ ଓ ସାଧ୍ୱୀ ସୀତାଦେବୀଙ୍କ ଠାରୁ ଦ୍ୱାପରରେ ନଟଖଟିଆ ଶ୍ରୀକୃଷ୍ଣଙ୍କର ରାଧାପ୍ରୀତି। ପୁରାଣ ପାହିଲା ବେଳକୁ ଲୁମ୍ବିନୀର ରାଜପୁତ୍ର ଗୌତମ ଆଉ ଯଶୋଧାରା। ଜମ୍ବୁଦ୍ୱୀପରେ ପ୍ରେମର ଧାରା ଯେତେ ପ୍ରଖର ହେଲେ ବି ତାହା ଇତିହାସରୁ ଅବଲୁପ୍ତ ହୋଇଚାଲିଛି। ଧରାର ଅନେକ କୋଣରେ ପ୍ରେମ ଦାନା ବାନ୍ଧିଛି। ଆଦାମ୍ ଓ ଇଭ୍ ତାଙ୍କର କାହାଣୀ ଗଢ଼ିଛନ୍ତି। କେଉଁଠି ଅର୍ଫିୟସ୍ ବି ଇଉରିଡାଇସ୍‌ଙ୍କ ସହିତ ପୂର୍ବ-ପ୍ରାଚ୍ୟରେ ଅମାତେରାସୁ ଓ ସୁସାନୁ; ସମ୍ରାଟ୍ ଜୁଆଜଙ୍ଗ ଓ ୟାଙ୍ଗ୍ ଗୁଫେଇ ଆଉ କେଉଁଠି ଫ୍ରେଜା ଓ ଓଦୁର ନିଜ ବହଳା ପ୍ରେମର ସୁଅ ସୃଷ୍ଟି କରନ୍ତି। ଜୀବନକୁ ବାଜି ଲଗାଇ କ୍ଲିଓପାଟ୍ରା ମାର୍କ ଆଣ୍ଟୋନିଙ୍କ ସହ ନୃତ୍ୟରତା, ରୋମିଓ ଓ ଜୁଲିଏଟ୍, ଲୈଲା-ମଜନୁ ଏମାନେ କୋଟିକରେ ଗୋଟିଏ ଲେଖାଏଁ ଉଦାହରଣ ମାତ୍ର। ଘରେ ଘରେ ପ୍ରେମର ଝଲକ। ପ୍ରେମ ନାହିଁ ତ ଜୀବନ ନାହିଁ।

ରମଣୀ ବସି ରହିଛନ୍ତି, ଶତାବ୍ଦୀ –ସହସ୍ରାବ୍ଦି ରେଳଗାଡି ପରି ଛୁକ୍ ଛୁକ୍ ହୋଇ ଗଡ଼ିଚାଲିଛନ୍ତି। ସେ ଗୋଟିଏ କଣ୍ଠସ୍ୱର ଶୁଣିବାକୁ ପାଇଲେ, "ଆଇ ମା', ତୁ କାହିଁକି ଏଇଠି ବସି ରହିଛୁ ? ମୁଁ କେତେ କୋଟି ଥର ପୃଥିବୀ ପରିକ୍ରମା କରିସାରିଲିଣି, ଆଉ ପ୍ରତିଥର ତତେ ଏଇଠି ବସିବାର ଦେଖୁଛି।"

ରମଣୀ ଶୁଷ୍କ କଣ୍ଠରେ ଗୋଟିଏ ପୁରାତନ ଭାଷାରେ ଉତ୍ତର ଦେଲେ, "ମୁ ମୋ ସ୍ୱାମୀଙ୍କ ଫେରିବା ବାଟକୁ ଚାହିଁ ବସିଛି।"

"ଆଉ ମୂର୍ଖାମି କରନା, ଆଇ ମା', ତୁମ ସ୍ୱାମୀ ନିଶ୍ଚିତ ଆରପୁରକୁ ଚାଲିଯାଇଛନ୍ତି। ସେ ଆଉ ଫେରିବେ ନାହିଁ," ଆଗନ୍ତୁକଙ୍କର ଉତ୍ତର।

"ଏଇଟା ଅସମ୍ଭବ, ବାଳକ, ଦେଖ ମୋର ପ୍ରେମ ଆଜି ଜୀବନ୍ତ ରହିଛି। ସେ କିପରି ମରି ପାରିବେ ?" ହସି ହସି ରମଣୀ ଉତ୍ତର ଦେଲେ।

"ଆଉ ଯଦି ତୁମ ସ୍ୱାମୀ ତୁମକୁ ଆଉ ଭଲ ପାଉ ନ ଥିବେ ?" ପ୍ରଶ୍ନ କଲେ ଆଗନ୍ତୁକ।

"ଅସମ୍ଭବ ଆଗନ୍ତୁକ, ଅସମ୍ଭବ ! ଦେଖ ମୋ ପ୍ରେମ ସକ୍ରିୟ, ପ୍ରାଣବନ୍ତ। ମୋ ସ୍ୱାମୀ ଯିବେ କୁଆଡ଼େ ?"

ଏବେ ଆଗନ୍ତୁକ ଡରିଗଲେ, ତାଙ୍କ ଆଡ଼କୁ ଆସିଲେ। ଅତି ସନ୍ନିକଟ ହେବାରୁ ସେ ବାରଣ୍ଡାରୁ ଉଠି ତାଙ୍କ ହାତ ଧରି ତାଙ୍କୁ ଘର ଭିତରକୁ ପାଛୋଟି ନେଲେ। ସେ ରୋଷେଇ କଲେ, ଦୁଇଜଣ ଖାଇ ବସିଲେ।

"ମୋ ସ୍ୱାମୀ, ମୋ ରଙ୍କରତନ, କୁଆଡ଼େ ତୁମେ ଚାଲିଗଲ ମୁଁ ତୁମକୁ ଖୋଜି ଖୋଜି ନୟାନ୍ତ ହେଲିଣି।"

"ମୁଁ ଘର ଛାଡ଼ି ଚାଲିଗଲି ଅତି ଦୂରକୁ କାହିଁକି ନା ମୁଁ ଅନୁଭବ କଲି, ମୁଁ ତୁମକୁ ଆଉ ଭଲ ପାଉନାହିଁ," କହିଲେ ସ୍ୱାମୀ।

"କାହିଁକି ?"

ପୁରୁଷ ଆଖି ବନ୍ଦ କରି ଏହି ପ୍ରଶ୍ନ ଉପରେ ଧ୍ୟାନ କରିବାକୁ ଲାଗିଲେ। ଯେତେବେଳେ ଆଖି ଖୋଲିଲେ, ନିରାଟ ସତ କଥାଟିଏ ମନ ଖୋଲି କହିଦେଲେ, "କାରଣ ତୁମେ ବୁଢ଼ୀ ହୋଇଗଲ ଏବଂ କୁତ୍ସିତ ରୂପ ଧାରଣ କରିଛ।"

ରମଣୀ ନିଜ ହାତକୁ ଦେଖିଲେ, ମୁହଁରେ ହାତ ବୁଲାଇ ପରଖିନେଲେ। କହିଲେ, "ସତରେ ମୁଁ ବୁଢ଼ୀ ଆଉ କୁତ୍ସିତ ହୋଇଯାଇଛି। ସତରେ ତୁମେ ମୋତେ ଭଲପାଉନ ?"

"ନା"

"ଯଦି ତୁମେ ମୋତେ ଭଲ ପାଉନ, ତେବେ ମୋ ପାଖକୁ ଫେରିଲ କାହିଁକି ?" ପଚାରି ଦେଲେ।

"କାରଣ ମୁଁ ଅନେକ ସହସ୍ରବର୍ଷ ବଞ୍ଚିଲିଣି, ତୁମ ବିନା ବି କେତେ ସହସ୍ରବର୍ଷ ଜିଇଁରହିଛି। ଏ ଧରା ମୋତେ ସବୁ ଦେଇଛି। ମୁଁ ଶହ ଶହ ରାଜ୍ୟର ଅଗଣିତ ସନ୍ତାନମାନଙ୍କ ଜନକ। ମୁଁ ସେମାନଙ୍କ ଜନ୍ମ ହେବା ଆଉ ମରିବା ଦେଖେ। ମୋର ଦୁନିଆରେ ଆଉ କିଛି ଦେଖିବାକୁ ବାକି ରହିଲାନି। ଭାବିଲି ଏଥର

ଘରକୁ ଫେରିଯିବି, ମୋର ଆଉ କେଉଁଠିକି ଯିବାର ନାହିଁ।"

ଦୁହେଁ ଅନେକ ମୁହୂର୍ତ୍ତ ନିରବ ରହିଲେ।

ପୁରୁଷର ସ୍ୱର – "ଏବେ ତୁମେ ସତ ଜାଣିଲ। ତୁମେ ମୋତେ ଘୃଣା କରୁଛ ?"

"ନା "

"କଅଣ ମୁଁ ଶୁଣୁଛି !"

ଗୋଟିଏ ଦୀର୍ଘଶ୍ୱାସ ନେଇ ପୁରୁଷ ଘରକୁ ପଶିଗଲା, ବେକରେ ଫାଶଟିଏ ବାନ୍ଧି ଦଉଡ଼ି ଦେଇ ମରିବାକୁ ଚାହିଁଲା; ମାତ୍ର ମୃତ୍ୟୁ ନ ଆସିବାରୁ କାନ୍ଦିବାକୁ ଲାଗିଲା।

କାନ୍ଦ ଶୁଣି ରମଣୀ ଭିତରକୁ ଆସି ତାକୁ ଫାଶରୁ ମୁକ୍ତ କଲେ। ତାଙ୍କୁ ଗାଧୋଇ ଦେଇ ଦାଢ଼ି ଖିଅର କରିଦେଲେ। ତାଙ୍କ କ୍ଷତର ଯତ୍ନ ନେଇ ଗୋଡ଼ହାତ ଘଷାଘଷି କରି ଯନ୍ତ୍ରଣାମୁକ୍ତ କଲେ। ଅନେକ ସମୟ ପରେ ସେ କହିବାକୁ ସକ୍ଷମ ହେଲେ।

"ମୁଁ କାହିଁକି ମରୁନି ? ସହସ୍ରବାର ମୁଁ ମରିବାକୁ ଚାହିଁଛି, ବିଭିନ୍ନ ଭାବରେ ଆଉ ମୁଁ ପ୍ରତି ପ୍ରକାରରେ ପରାସ୍ତ ହୋଇଛି।"

"ତୁମେ ମରି ପାରିବନି, ମୋର ପ୍ରାଣପ୍ରିୟ, ମରିପାରିବନି। କାରଣ ମୋର ତୁମକୁ ଭଲ ପାଇବା ଏବେ ଜୀବନ୍ତ ଆଉ ସକ୍ରିୟ," ମହିଳା ଆନନ୍ଦରେ ଗଦ୍ ଗଦ୍ ହୋଇ କହୁଥା'ନ୍ତି, "ଏବଂ ତାହା ଯେପର୍ଯ୍ୟନ୍ତ ସରି ଯାଇନି, ମୋ ଗଳାମାଳି, ତୁମେ କେବେ ବି ମରି ପାରିବନି।"

ବିଚରାର ଭୟ ଆସିଗଲା। ପଚାରିଦେଲା, "ତେବେ ତୁମେ ମୋତେ କେତେ ଦିନ ଭଲ ପାଉଥିବ ?"

"ତୁମେ ଭୁଲି ଗଲ କି ମୋର ପ୍ରାଣପ୍ରିୟ ସ୍ୱାମୀ, ପ୍ରଥମ ଦେଖାରେ ମୋର ପ୍ରତିଜ୍ଞା – ଚିରକାଳକୁ ଭଲ ପାଉଥିବି।"

*ସମାରୋହ, ୧୨୮, ଢୁମୁଢୁମା (କ),*
*ଖଣ୍ଡଗିରି, ଭୁବନେଶ୍ୱର-୩୦*
*ଦୂରଭାଷ: ୯୪୩୮୦୦୭୫୦୯*

**ବି. ଦ୍ର.:** ଏଇ ଲେଖକଙ୍କର ଧାରାବାହିକ ଉପନ୍ୟାସ **"ଶ୍ରୀ ଖାରବେଳ (ଖାରବେଳଙ୍କ କଳିଙ୍ଗ କାହାଣୀ)"** ର ପରବର୍ତ୍ତୀ ଅଧ୍ୟାୟ ଆସନ୍ତା ସଂଖ୍ୟାରେ ପ୍ରକାଶିତ ହେବ।





**ପଢ଼ନ୍ତୁ ! ପଢ଼ନ୍ତୁ !**

କବି **ଡକ୍ଟର କୁମୁଦିନୀ ପାଢ଼ୀ** ଙ୍କ

**କବିତା ସଂକଳନ**

**ଆମ୍ଭର ଆବେଦନ**

# କାଳିଝିଅ

## ସୀମାଞ୍ଚଳ ଦାଶ

ଆମ ପଡ଼ିଶା ଘର ଝିଅ ଉପରେ ବୋଉ ସବୁବେଳେ ହେଉଥିଲା ଖପ୍ପା। ତା' ସହ କେତେବେଳେ ଟିକିଏ ଗପିଲେ କି ସେ କୋଉଠି ଛିଡ଼ା ହୋଇଥିବା ଜାଗାକୁ ଗଲେ ବୋଉ ଡାକ ଛାଡୁଥିଲା ପଛରୁ – ଏ' ନାରୁ, ଆସିଲୁ ଘରକୁ ବାପା ଡାକୁଛନ୍ତି। ଅଥଚ ସେ ଭଲଭାବରେ ଜାଣିଥିଲା ବାପା ତାକୁ କେବେ ଡାକୁନଥିବେ। ବୋଉ ଯେବେ ଶୁଣିଲା ପଡ଼ିଶା ଘର ଝିଅ ଲୋନିର ଇତିହାସ ସେବେଠୁ ବିଗିଡ଼ି ଯାଇଥିଲା ତା'ଉପରେ। ବୀର ବାହାନାରେ ଲୋନି ସହ କଥା ହେବାକୁ ସାଙ୍ଗ ହେବାକୁ ମନା କରୁଥିଲା ତାକୁ। ଝିଅ ପିଲା ସେ ବଡ ହେଲାଣି ତା ସହ ମିଶିଲେ ଲୋକେ ଖରାପ ଭାବିବେ ଏଥିଲା ବୋଉର ତା'ପ୍ରତି ଆକଟକରି ଯୁକ୍ତି। ବେଳେବେଳେ ବାପା ବି ସମର୍ଥନ କରୁଥିଲେ ବୋଉ କଥାକୁ। ଅଥଚ ....

ପିଲାବେଳ ସବୁ ଠିକ୍ ଥିଲା। ଗାଁର ଅନ୍ୟ ସାଙ୍ଗସାଥୀ ପିଲାଙ୍କ ପରି ଲୋନି ବି ସାଙ୍ଗ ହେଉଥିଲା ତା'ସହ। ଖେଳୁଥିଲା ଲୁଚକାଳି କବାଡି ଧାଁ ଦୌଡ଼ ...ରୁମାଲ ଚୋରି ଖେଳ। ସ୍କୁଲରେ ତା'ସିଧା ଧାଡ଼ି ଅନ୍ୟ ଝିଅଙ୍କ ପାଖରେ ବସୁଥିଲା ଲୋନି। ଅନେକ ସମୟରେ ଆମ ଘରକୁ ଡାକି ଆସୁଥିଲା – ନାରୁ ଆ'ସ୍କୁଲ ଯିବା। ବନୀ, ଧଡିଆ, ଶୁକୁଟା, ଅଇଁଠୁ ପରି ସାଙ୍ଗସାଥୀଙ୍କ ସହ ଲୋନି ବି ଆସୁଥିଲା। କିଆରି କିଆରି ଧାନବିଲ ଡେଇଁ ଆଖୁ ଖାଇବାକୁ ପାଖ ଗାଁ ପଳାସପୁରକୁ। ସେ ବି ନଈରେ ପହଁରୁଥିଲା ଖାଲୁଆ ପକେଇ ମାଛ ଧରି ନେଉଥିଲା ଘରକୁ। ଖୁଦୁରୁକୁଣୀ ..ଗଣେଶ ପୂଜା, ସରସ୍ଵତୀ ପୂଜା ବେଳେ ରାତି ଦି'ଟା ଅଢ଼େଇଟାରୁ ଆସି ଉଭୟ ଝିଅ ପୁଅ ସାଙ୍ଗଙ୍କ ଘରେ ଡାକୁଥିଲା – ଉଠରେ ଫୁଲ ତୋଳି ଯିବା ପରା। ଉପର ସାହି ପିଲାଏ ସବୁ ନେଇଯିବେ ଉଠ ସଅଳ।

ଅଷ୍ଟମ ଶ୍ରେଣୀ ବେଳକୁ ଆମ ପଢ଼ା ସାଥୀଙ୍କ ଭିତରୁ ଅଧା ରହିଯାଇଥିଲେ। ଲୋନି, ଆଉ ଜଣେ ଝିଅ ସାଙ୍ଗ, ଧଡ଼ିଆ ଓ ମୁଁ ହାଇସ୍କୁଲ ପାଠ ପଢ଼ି ଯାଉଥିଲୁ ପଳାଶପୁର ଗାଁକୁ। ଆମ ଗାଁ ବେଲପଡ଼ାରୁ ପଳାଶପୁର ଗାଁ ଥିଲା ଦି'ମାଇଲ ବାଟ। ଝିଅମାନଙ୍କୁ ସାଙ୍ଗରେ ହେପାଜତ୍ କରି ନବା, ସ୍କୁଲ ଛୁଟି ପରେ ଆଣିବା ଦାୟିତ୍ଵ ଥିଲା ଆମ ଦୁହିଁଙ୍କର। ଅଗତ୍ୟା ଲୋନି ଓ ଶ୍ୟାମଳୀ ଉପରେ କେବେ ପଡୁ ନଥିଲା ଟିପେ ଧୂଳି।

ମାଟ୍ରିକ୍ ପାଶ ପରେ ସମସ୍ତେ କଲେଜ ପଢ଼ିବା ଯୋଗ୍ୟତା ରଖିଥିଲେ ବି' ଆମ ଗାଁରୁ ଏକା ମୁଁ କଲେଜ ପଢ଼ି ଯାଇଥିଲି କଟକ ସହରକୁ। ଧଡ଼ିଆ ଘର ଆର୍ଥିକ ଅବସ୍ଥା ଭଲ ନଥିବାରୁ ସେ ପଢ଼ି ପାରିନଥିଲା। ଲୋନି ଆଉ ଶ୍ୟାମଳୀ ଝିଅପିଲା ହେତୁ ସେମାନଙ୍କ ଘରେ ଅଧିକ ପଢ଼େଇ ନଥିଲେ ପାଠ।

ମାଟ୍ରିକ୍ ପଢ଼ା ଭିତରେ ଲୋନି ସହ ସାଙ୍ଗ ନ ହେବାକୁ ଘରୁ ମୋ ଉପରେ ଚାପ ପଡୁଥିଲେ ବି'କଲେଜ ପଢ଼ା ପରେ ସେ ଚାପ ହୋଇଥିଲା ଅଧିକ। ଛୁଟିରେ ଘରକୁ ଆସିଲେ ଲୋନି ମୋ ଆସିବା ଶୁଣି ଚାଲି ଆସୁଥିଲା ଆମ ଘରକୁ। ପଚାରୁଥିଲା କଲେଜ ପଢ଼ା କେମିତି। କେମିତି କଲେଜରେ ସାର୍‌ମାନେ। ସେ ବି' ବଖାଣୁଥିଲା ତା' କଲେଜର ହାଲତ। କଟକ ସହର ଗଳି କନ୍ଦି ପାଣି ପବନ ... ଲୋକବାକ...ଗାଡିମୋଟର...ଧୂଳିଧୂଆଁ ସବୁକୁ ଫେଣ୍ଟି ସେ ଲୋନି ଆଗରେ ରଖୁଥିଲା ଗୋଟେ କାଳ୍ପନିକ କଟକ ସହରର ନକ୍ସା ଚିତ୍ର। ତା'ସହ ଗପିଲା ବେଳେ ବୋଉ ଦାନ୍ତ ରଗୁଡୁଥିଲା ଭିତରେ। ସିଧାସଳଖ ଲୋନିକୁ ଘରୁ ତଡ଼ି ପାରୁନଥିଲେ ମଧ୍ୟ ଡବଡବ ଆଖିରେ ଆମ ଦୁହିଁଙ୍କୁ ଚାହୁଁଥିଲା। ଲୋନି ଘରୁ ଯିବା ପରେ ବୋଉ ବହେ ସମୟ ମୋ ଉପରେ ଗାରୁଗାରୁ ହେଉଥିଲା। ସେସବୁ କାନରେ ନ ପୂରାଇ ମୁଁ ଚାଲିଯାଉଥିଲି ନଈଆଡେ।

ଥରେ ବୋଉ ବାପାଙ୍କୁ କହୁଥିବା ଶୁଣିଲି – ବୁଝିଲ: ଆମ ନାରୁ ପଢ଼ା ପରେ ଗାଁରେ ନ ରହିବା ଭଲ। ଏଇ ଯୋଉ ପଡ଼ିଶା ଘର ବୁଦ୍ଧିଆ ପଢ଼ିଆଳୀ ପାଳିତା ଝିଅ ଖଣ୍ଡିକ। ସେ ଖାଇଦେବ ମୋ ଛୁଆଟାର ଭବିଷ୍ୟତ। ଛେଉଣ୍ଡ ପିଲା ଯାହା ତ'ଦିଶୁଛି, କାଳି-କୋଥଳି ହୋଇ ରୂପ ଭେକ। ବାପା ମା'ଙ୍କ ଠିକଣା ନାହିଁ। ନଈବାଲିରୁ ବୁଦ୍ଧିଆ ସାଉଁଟି ଆଣି ନିଆଁକୁ ପୁରେଇଛି ଅଣ୍ଟିରେ। ଦି'ଟା ଝିଅ ଥାଇ ଆହୁରି ଯାକୁଇ ଆଣି ପାଳିଛି। ବଢ଼ିଲା ଝିଅଟା ହେଲାଣି, ଟୋକିର ବାଗାବରଗ ଟିକେ ଅଛି। ନାରୁ ଆମର ଆସିଲେ ସିଧା ପଶୁଛି ଘରେ ଯେ ଚଙ୍କୁନି। ଏ ଟୋକା ଖଣ୍ଡକ ବି କମ କି ବଢ଼ିଲା ଝିଅଟା ଆଗରେ ଗପୁଛି କଟକ ସହର ଗପ। ଲାଜସରମ ନାହିଁ ଯାହା।

ମୋତେ ଖୁବ୍ ହସ ଲାଗିଥିଲା। ବୋଉର ଆଶଙ୍କା ଥିଲା – କାଳେ ପଡ଼ିଶା ଘର ଝିଅ ପଟେଇ ଦେବ ତା'ପୁଅକୁ। ପୁଅ ଜିଦ୍ ଧରିବ ତାକୁ ବୋହୂ କରି ଆଣିବାକୁ ଘରକୁ।

ପଢ଼ାପରେ ଗାଁକୁ ଆସି ଅଳ୍ପଦିନ ବସିଛି – ପୋଷ୍ଟାଲ ଡିପାର୍ଟମେଣ୍ଟରେ ପାଇଥିଲି ଚାକିରି। ଯୋଉ କିଛି ଦିନ ଗାଁରେ ଥିଲି ବୋଉର ନଜର ବନ୍ଦୀରେ କଟିଥିଲା ସମୟ। ଲୋନିଠାରୁ ମୋତେ ଦୂରେଇ ରଖିବାକୁ ବୋଉ ଦେଉଥିଲା ବିଭିନ୍ନ ପ୍ରସ୍ତାବ – ଯାଉନୁ ବାପା ମାଉସୀ ଘର ଆଡେ ବୁଲି ଆସିବୁ। ମାମୁଁ ଘର ଗାଁକୁ ଯାଉନୁ ଟିକେ। ପ୍ରଥମାଷ୍ଟମୀ ବେଳକୁ ମାମୁଁ ଆସିଥିଲେ, କେତେ କରି କହିଯାଇଛନ୍ତି। ଯା, ପ୍ରଥମ ଚାକିରି ଆରମ୍ଭ କରିଥିଲି ରାଜକନିକାରୁ। ଠା କୁ ଠା ପିଣ୍ଡି ବଦଳ ହେଲାପରି ବଦଳି ହୋଇ ଏବେ ରାଉରକେଲାରେ।

ଥରେ ଗାଁକୁ ଯାଇଥିବା ବେଳେ ଶୁଣିଲି– ଲୋନି କୁଆଡ଼େ ଉପରସାହି ମଦନ ମାହାରୀଙ୍କ ପୁଅକୁ ଭଲପାଉଛି। ଦୁହେଁ ଦୁହିଁଙ୍କୁ ଦଣ୍ଡେ ନ ଦେଖିଲେ ରହିପାରୁନାହାନ୍ତି। ମୁଁ ମନେ ମନେ ଖୁସି ହେଲି। ଯା ହେଉ ବୋଉର ନଜର ଏଣିକି ହଟିଯିବ ତା'ଉପରୁ। ହେଲେ ମାହାରୀ ପୁଅ ଠକି ଦେଲା ତାକୁ। ଜାତିଜାତକ ଜନ୍ମ ପରିଚୟ ସଙ୍କଟରେ ବଳି ପଡ଼ିଲା ତା' ଭଲ ପାଇବା।

ସମୟ ଏମିତି ବୋଦା ବଳି ଚଢ଼େଇଲା ପରି ବଳି ମୁହଁକୁ ଠେଲିଦିଏ ମଣିଷର ସବୁ ସୁଖସ୍ଵପ୍ନ। କାଚଘର ପରି ଟୁକୁରା ଟୁକୁରା ହୋଇଯାଏ ସମ୍ଭାବନାର ଉଆସ। ଲକ୍ଷେ ଫଗୁଣ ଧରି ଉଭା ହୋଇଥିବା ବୟସର ଭରା ନଈ ଶୁଖି ମାଡ଼ିଯାଏ ବାଲିଚର।

ସବୁ ସମୟର ବାହାଦୁରୀ।

ରୂପ ରଙ୍ଗରେ କଳା ଓ ପରିଚୟ ନେଇ ସଙ୍କଟ ଲୋନି ପାଇଁ ଜୁଟାଇ ପାରିନଥିଲା ସ୍ଵାମୀ ସନ୍ତାନର

ସଂସାର। ଯେତେ ଜୁଆଡୁ ପ୍ରସ୍ତାବ ଆସିଲେ ଭାଙ୍ଗି ଯାଉଥିଲା। ବେଳକୁ ବେଳ ହତାଶ ହୋଇପଡୁଥିଲା ପାଳିତ ବାପ ବୁଦ୍ଧିଆ ମାହାରୀ। ମୁଣ୍ଡ ଉପରେ ତିନି ତିନିଟା ବଡ଼ିଲା ଝିଅର ବୋଝ ତାକୁ କରି ଦେଉଥିଲା ଅଣନିଃଶ୍ୱାସୀ।

ଝିଅଙ୍କ ଚିନ୍ତାରେ ଗୋଟେ ବୋଲି କୋଳପୋଛା ପୁଅ ପାଇଁ ବୁଦ୍ଧିଆ ଦେଇପାରୁନଥିଲା ସମୟ। ହୋଇପଡୁଥିଲା ଉଦାସୀନ। ସ୍ତ୍ରୀ ତାର ଗଜର ଗଜର ହୋଇ କରି ଦେଉଥିଲା ଅଣାୟତା ଗୋଖର ସାପ ପୋଷିବା ଯାହା, ଘରେ ବଡ଼ିଲା ଝିଅ ରଖିବା ସେଇଆ ବୋଲି ଲୋନିକୁ ଦେଖାଇ କହୁଥିଲା ସେ। ଲୋନି ପାଇଁ ତାର ଅନ୍ୟ ଦି'ଝିଅଙ୍କ ପାଇଁ ବି ପ୍ରସ୍ତାବଟିଏ ଆସୁନି ବୋଲି ସବୁବେଳେ ଅଭିଯୋଗ ଶୁଣାଉଥିଲା ତା'ସ୍ତ୍ରୀ।

କ୍ରମଶଃ ପାଳିତ ଝିଅ ଲୋନି ପାଇଁ ବୁଦ୍ଧିଆ ହୋଇଯାଇଥିଲା କାକୁସ୍ଥ ଓ କାନ୍ଦୁଣ୍ଣମାନ୍ଦୁଣ୍ଣ। ଛାତି ଫଟେଇ ଉତୁରି ଆସୁଥିଲା ଖାଲି ଯାହା ନୀରବ ଦୀର୍ଘଶ୍ୱାସ।

ସେତେବେଳକୁ ମୁଁ ଥାଏ ଢେଙ୍କାନାଳରେ। ଚାକିରୀ କରିବାର ତିନିବର୍ଷ ଭିତରେ ମୋର ପ୍ରଥମ ବଦଳି ହୋଇଥାଏ ସେଠିକୁ। ନୂଆ ଜାଗା ନୂଆ ପରିବେଶରେ ପନ୍ଦରଟା ଦିନ କଟେଇଛି – ବାପାଙ୍କ ଦେହ ଖରାପ ଖବର ପାଇ ଯାଇଥିଲି ଗାଁକୁ। ଗାଁରେ ବାପା ବୋଉ ବ୍ୟତୀତ କେହି ନଥିଲେ। ଅପା ବାହା ହୋଇଯାଇଥିଲା କେବେଠୁ। ମୋ ବାହାଘର ବୋଉ କଥା ଉଠାଉଥିଲେ ବି, ମୁଁ ଦେଉନଥିଲି ଧରାଛୁଆଁ। ସେ ଥର ଧଡ଼ିଆ କହିଥିଲା ମୋତେ – ଜାଣିଛୁ ନାରୁ ! ଲୋନି କୁଆଡ଼େ ଗାଁ ଛାଡ଼ି ପଳେଇଛି।

ହଁ। ବିଶ୍ୱାସ କରିନଥିଲି ସହଜରେ। ଝିଅଟା ପଳେଇଛି କୁଆଡ଼େ ଗାଁରୁ। କୁଆଡେ ଯାଇଛି ? ନାଇଁ ମ, ତାଙ୍କର କୋଉ ବନ୍ଧୁବାନ୍ଧବଙ୍କ ଘରକୁ ବୁଲି ଯାଇଥିବ। ଗାଁରେ କଥା ଉଠିଥିବ ବୁଦ୍ଧିଆ ଝିଅ କୁଆଡେ ପଳେଇଛି। ଗାଁ ଲୋକେ କିଛି କେହି ଜାଣନ୍ତିନି ତ।

ଯାଉନୁ। ପନ୍ଦର କୋଡିଏ ଦିନ ହେଲାଣି, ଭୂଆଷୁଣୀ ଝିଅଟା ଗାଁରେ ନାହିଁ। ତାଙ୍କ ଘରେ ଚୁଲି ଜଳୁନି କି ହାଣ୍ଡି ବସୁନି। ଆମ ଗାଁ ସହ ଆଖପାଖ ଗାଁ ଲୋକେ ଜାଣି ଗଲେଣି ଏକଥା। ତୁ ବିଶ୍ୱାସ କରୁନୁ। କହିଲା ଧଡ଼ିଆ। ମୁଁ ପିଲାବେଳେ ବଡ଼ ବଡ଼ ମିଶାଣ–ଫେଡାଣ କଲା ପରି ଚିନ୍ତା କରୁଥିଲି। ଲୋନି .....

ବୁଦ୍ଧିଆ ଦା'ଙ୍କୁ ଭେଟିଲି। ସେ ଏତେ ଭାଙ୍ଗି ପଡ଼ିଥିଲେ ଯେ ତାଙ୍କ ମୁହଁରେ ଭାଷା ନଥିଲା। ବହେ ବେଳଯାଏ ମୋ ଆଗରେ ପିଲାଙ୍କ ପରି କାନ୍ଦିଲେ। କହିଲେ ବାପରେ, ତୁ ତ ସହର ବଜାରରେ ରହୁଛୁ ଦେଖିବୁ ଟିକେ। ଯଦି ତାକୁ .....

ତାକୁ ପାଇଲେ ହେଇଟି ବାପ – ସେ ପୋଡାମୁହିଁକୁ ଘୋଷାରି ନେଇ ଗାଡ଼ି ମୋଟର ମୁହଁକୁ ପେଲିଦବ। ଯାହା ଲୋକହସା ଆମକୁ ବାପ ସେ କଲାଣି। ଘରୁ ଗୋଡ କାଢ଼ି ଯିବା ଆଗରୁ ସେ ଅଲାଜୁକୀକୁ ବିଷ ମହୁରା ଟିକେ ମିଳିଲାନି। କାହାର ନାଇଁ କାହାର ଛୁଆ ସେ ନାହିନାଡ ଲାଗିଥିଲା ତମ ଦାଦା ଉଦୁଉଦିଆ ଦି'ପହରରେ ସାଉଁଟି ଆଣିଥିଲେ ଡହଡହ ତତଲା ନଈ ବାଲିରୁ। ଦେଣ ପାଉଣା ଦେଇଗଲା। ବୁଦ୍ଧିଆ ଦା'ଙ୍କୁ କୁହେଇ ନ ଦେଇ କହିଥିଲେ ଖୁଡୀ।

ମାସେ ଗଲା ...ଦି ମାସ ଗଲା ...ଗଲା ଛ'ମାସ ...ବର୍ଷେ ...ଆଉ ଗାଁକୁ ଫେରିନଥିଲା। ପଡିଶା ଘର ଝିଅ ଲୋନି। ମୁଁ ଯେତେବେଳେ ଗାଁକୁ ଗଲେ ବୋଉକୁ ପଚାରେ – ବୋଉ ଲୋନି ଖବର କଣ ? ଫେରିଲାଣି ଗାଁକୁ।

x x x

ଦି'ଦିନ ତଳେ ଚକ୍‌ମା ଦେଖାଇବା ପରି ମୋ ସାମନାରେ ଉଭା ହୋଇଗଲା ଲୋନି। ତାକୁ ଦେଖି ଯେତିକି ଖୁସି ହୋଇଗଲି, ସେତିକି ଦୁଃଖ ବି, ଅଫିସ ସାରି ମୁଁ ଘରକୁ ଫେରୁଛି, ମର୍କତ ନଗର ପାଖରେ ପଡ଼ିଲି ଟ୍ରାଫିକ ପୋଲିସ ହାବୁଡ଼ରେ। ହେଲମେଟ୍ ଚେକିଂ ଚାଲିଥିଲା। ମନେ ନାହିଁ ହେଲମେଟ୍ ଆଣିନି କହିବା ପରେ ପୋଲିସ୍ ମୋତେ ଏଣୁତେଣୁ ଜେରା କରିବା ଆରମ୍ଭ କରି ଦେଲା। ମୁଁ ଫାଇନ ଦେବାକୁ ପର୍ସ ବାହାର କଲି।

ପଛରୁ ନାରୁ ରହ ବୋଲି ପାଟିଟେ ଶୁଭିଲା। କିଏ ମୋତେ ଡାକିଲା। ପୁଣି ମୋ ପିଲାବେଳର ନାଁ ଧରି। ପଛକୁ ବୁଲି ପଡ଼ିବା ବେଳକୁ ପୋଲିସ ପୋଷାକରେ ଲୋନି ଆସୁଥିଲା। ମୋ ପାଖକୁ। ମୋ ପାଟିରୁ ବାହାରି ପଡିଲା – ଲୋନି ତୁ ?

ପାଖକୁ ଆସି ହସିହସି କହିଲା ସେ – ଚିହ୍ନିଲୁ ତ। ହେଲେ ! ଗାଡି ଧର ଆ କହି ସେ ଆଗରେ ଚାଲିଲା। ଫାଇନ୍ ରସିଦ୍ କାଟୁଥିବା ପୋଲିସ ଅଫିସରଙ୍କୁ କହିଲା – ବିଶ୍ୱାଳବାବୁ, ସାର୍ ଏ ମୋ ସାଙ୍ଗ ବିଶ୍ୱାଳବାବୁ ମୁରୁକିହସା ଦେଲେ। ମୋତେ ପାଖରେ ଥିବା ଗୋଟେ ପୋଲିସ୍ ସହାୟତା କେନ୍ଦ୍ରକୁ ଡାକି ନେଲା ଲୋନି। ସେଠି ଦୁହେଁ ବସିଲୁ।

କଥା ପ୍ରସଙ୍ଗରେ ପଚାରିଲି – ପାଞ୍ଚବର୍ଷ ବିତିଗଲାଣି ତୁ ଗାଁକୁ ଯାଉନୁ। ଏମିତି ହଠାତ୍ ନିଖୋଜ ହୋଇଯାଇ କ'ଣ ଠିକ୍ କଲୁ।

ଠିକ୍ ତ କରିନି। କିନ୍ତୁ....ଆଉ ମୋ ପାଇଁ ବିକଳ୍ପ ବାଟ କିଛି ନଥିଲାରେ ନାରୁ। ମୋତେ ନେଇ ଘରେ ଯେମିତି ଅଶାନ୍ତି ଲାଗି ରହିଲା, ମୋ ଯୋଗୁ ବଡଭଉଣୀମାନଙ୍କ ବାହାଘର ହୋଇପାରୁନି ବୋଲି ସବୁବେଳେ ବୋଉ ମନଉଣା କଲା। ମଦନ ମାହାରୀ ପୁଅକୁ ମନ ଦେଇ ଧୋକା ଖାଇବା ପରେ ଗାଁରେ ସମସ୍ତଙ୍କୁ ମୁହଁ ଦେଖାଇବାର ନୈତିକ ସାହସ ମୋର ଆଉ ନଥିଲା।

ମୋ ଭାଗ୍ୟକୁ ଅଦୃଶ୍ୟ ନିୟତି ପାଖରେ ସମର୍ପି ଦେଇ ଘରୁ ଗୋଡ କାଢ଼ିଲି। ଆଖି ଜୁଆଡେ ବାଟ କଢ଼ାଇବ ଯିବି ନ୍ୟାୟରେ ଯାଇ ପହଞ୍ଚିଲି ସମ୍ବଲପୁରରେ। ସେଠି ଗୋଟେ ଲୁଗା ଦୋକନରେ ସେଲସ୍ ଗାର୍ଲ ରହିଲି। ଛ'ମାସ ପରେ ପୋଲିସ ବିଭାଗର ଇଣ୍ଟରଭ୍ୟୁ ଦେଇ ପାଇଲି ଚାକିରି।

ଗାଁ ଯାଉନୁ। ପରିବାର ସହ ସଂପର୍କ ରଖୁନୁ। କହିଲି ମୁଁ। କିଏ କହିଲା ମୁଁ କାହା ସହ ସଂପର୍କ ରଖିନି ବୋଲି। ସମସ୍ତେ ତ ମୋ ମନରେ ଛାଇପରି ରହିଛନ୍ତି। ବଡ଼ଭଉଣୀ ଦି'ଜଣଙ୍କ ବାହାଘର ମଧ୍ୟସ୍ତି ମାଧ୍ୟମରେ କରାଇଛି ମୁଁ। ବରଘର ଯାହା ଟଙ୍କାର ଦାବି କରିଛନ୍ତି ଇପିଏଫ ଉଠାଇ ଦେଇଛି। ମାତ୍ର ବାପା ବୋଉ ଜାଣିଛନ୍ତି ତାଙ୍କ ଝିଅମାନେ ବିନା ଯୌତୁକରେ ବାହା ହୋଇଛନ୍ତି। ସମସ୍ତେ ଭଲରେ ଅଛନ୍ତି। ଅରୁ ବାପାଙ୍କ ସହ ବିଲବାଡି ବୁଝାସୁଝା କରୁଛି। ତାକୁ କୋଉଠି ଥଇଥାନ ପାଇଁ ଚେଷ୍ଟା କରୁଛି। ନ ହେଲେ ଲୋନ୍‌ଟିଏ କରେଇ ଦେଲେ ଗାଁରେ ବେପାରପାତି କରି ଚଳିବ।

ମୁଁ କଳ୍ପନାରେ ସୁଦ୍ଧା ଭାବି ପାରୁନଥିଲି ଗୋଟେ ଝିଅ ପୁରା ପରିବାର ପାଇଁ ଏତେ ତ୍ୟାଗ କରିପାରେ ! ପ୍ରଚ୍ଛଦ ପଟରେ ରହି .......

ନାରୁ ଛାଡ଼ ସେସବୁ। ଆଉ କହ ତୁ କେମିତି ଅଛୁ। ତୋର ବାହାଘର ସରିଲାଣି ପରା। କେମିତି ଅଛନ୍ତି ତୋ' ପିଲାମାନେ। ମୋତେ ପଚାରିଲା ଲୋନି।

ଭଲ ଅଛନ୍ତି ସମସ୍ତେ। ଗାଁରେ ଥିଲେ ପିଲାମାନେ। ରାଉରକେଲା ଟ୍ରାନ୍ସଫର ହୋଇ ଆସିବା ପରେ ବର୍ଷେ ହେଲା ସେମାନଙ୍କୁ ଆଣିଛି ପାଖକୁ। ସେକ୍ଟର – ୯ ରେ ରହୁଛି। ବାପା ବୋଉ ରହୁଛନ୍ତି ଗାଁରେ। ବାପାଙ୍କ ବଳ ଖସି ଗଲାଣି। ଆଉ ବିଲବାଡ଼ି କାମକୁ ପାରୁନାହାନ୍ତି। ହଳିଆଟେ କାମଦାମ ପାଇଁ ଠିକ୍ କରି ଦେଇଛି। ତୋ' ପିଲାମାନଙ୍କ କଥା କିଛି କହ। କ'ଣ କରୁଛନ୍ତି ତୋ'ବର।

ଫିକ୍ କରି ହସି ଦେଲା ଲୋନି। ମୁଁ କିଛି ବୁଝିନ ପାରି ତା'ମୁହଁକୁ ଚାହିଁଲି। ସେ କହିଲା – ମୋ ପରି ...ଅସୁନ୍ଦରୀ ଝିଅକୁ କିଏ ବାହା ହେବ କହିଲୁ ? ଜନ୍ମରୁ କାଳି ବୋଲି ଜନ୍ମ କଲା ବାପା ମା ଯୋଉଠି ନଈବାଲିରେ ଫିଙ୍ଗି ଦେଲେ; ସେଇଠି ଆଜିର ରୁଚି ସଂପନ୍ନ ମଣିଷଟିଏ କଣ ପାଇଁ କାଳି ଝିଅ ବାହା ହୋଇ ତା' ଜୀବନରେ କଳାମେଘର ଡିଥିକୁ ବରଣ କରିବ। କରିବ କେବେ ? ଭାଗ୍ୟ ଜୋର ଥିଲା ବୋଲି

ବଞ୍ଚିଗଲି । ଏତେ ସୁନ୍ଦର ଦୁନିଆକୁ ଦେଖିଲି । ରୀତି ନିତି ଜାଣିଲି । ମଣିଷର ସ୍ନେହ... ମମତା... ଭଲ ପାଇବାକୁ ଯେମିତି ପରଖିଛି; ତାର କ୍ରୁରତାକୁ ବି ବେଶ୍ ମାପିଛି । ଆଉ କଣ ଦରକାର ?

କେବେ ମୋ ଘର ଆଡେ ଆସ । ଲୋନିକୁ ନିମନ୍ତ୍ରଣ ଜଣାଇ ମୁଁ ଫେରିବାକୁ ଛିଡ଼ା ହେଲି । ସେ ସମ୍ମତି ଜଣାଇଲା ଯିବି – ନିଶ୍ଚିତ ଯିବି । ଭାଉଜଙ୍କ ହାତରନ୍ଧା ଖାଇବି । ତୋ'ପୁଅକୁ ଧରି ଖେଳିବି । କିନ୍ତୁ ଗୋଟେ ସର୍ତ୍ତରେ ....

ସର୍ତ୍ତ ? ପ୍ରଶ୍ନିଳ ଆଖିରେ ଚାହିଁଲି ତାକୁ ।

ହଁ ତୁ ପ୍ରୋମିଜ୍ କର, ମୁଁ ରାଉରକେଲାରେ ଅଛି ମୋତେ ଦେଖିଥିଲୁ ବୋଲି କେବେ କହିବୁନି କାହାକୁ ଗାଁରେ । ଏପରିକି ମୋ ବାପା ବୋଉଙ୍କୁ ବି ନୁହେଁ ।

ମାତ୍ର ବୁଝିପାରୁନି ତୋ' ସଂପର୍କରେ ତୋ' ବାପା ବୋଉଙ୍କୁ କହିବାରେ ଅସୁବିଧା କଣ ? ତାକୁ ଉତ୍ତର ଫେରେଇ କହିଲି ମୁଁ ?

ତୁ ବୁଝିପାରିବୁନି ସେସବୁ ନାରୁ । ଯୋଉ ପରିସ୍ଥିତିରେ ସେମାନଙ୍କୁ ନିନ୍ଦା ଅପବାଦରେ ଭସେଇ ଦେଇ ମୁଁ ଗାଁ ଛାଡ଼ି ଆସିଲି, କୋଉ ମୁହଁରେ ମୁଁ ସେମାନଙ୍କ ଆଗରେ ଛିଡ଼ା ହେବି । ବରଂ ସେମାନେ ଧରି ନିଅନ୍ତୁ ଦିନେ ନଈବାଲିରୁ ଯୋଉ ଝିଅଟିକୁ ସାଉଁଟି ଆଣିଥିଲେ ସେ ଝିଅ ପୁଣି ଏ ଦୁନିଆରେ ହାଉଜାଉରେ କୋଉଠି ହଜିଯାଇଛି । ସେଇଦିନୁ ଗାଁରୁ ଗୋଡକାଢ଼ି ଆସି ନିଖୋଜ ହୋଇଯାଇଛି ଯେ ଯାଇଛି ।

ଲୋନି ଆଖିରେ ଲୁହ ଚକ୍‌ଚକ୍ କଲା । ସେ ପାହୁଣ୍ଡ ପରି ଲମ୍ବା ନିଃଶ୍ୱାସଟିଏ ପକାଇ ଲୁହ ପୋଛିଲା ।

ରିଲାକ୍ସ ଲୋନି, ମୁଁ ତୋ' କଥା ରଖିବି କହି ତା'ପାଖରୁ ବିଦାୟ ନେଇ ଫେରିଲି । ସତରେ ପୃଥିବୀରେ ଏମିତି କେତେ ମଣିଷ ଅଛନ୍ତି ଯୋଉମାନେ ଜୀବନ କଣ ଗଢ଼ିବା ପୂର୍ବରୁ ନିଜ ଭିତରେ ଭୁଷୁଡିପଡନ୍ତି । ମହକ ବାଣ୍ଟିବା ପୂର୍ବରୁ ମଉଳିଯାଆନ୍ତି ।

ଏ' ଉଠ । ଟା ନିଅ । ଆଜି ଛୁଟି ବୋଲି କଣ ସନ୍ଧ୍ୟା ହେଲାଣି ଶୋଇଥିବ ନା' କଣ । ଉଠ । ମାର୍କେଟ ଟିକେ ଯିବା ପରା । ପତ୍ନୀ ନିରୂପମା ଡାକରେ ବେଡ଼ରୁ ଉଠି ବସିଲା ନାରୁ । ଟା' ଆଣି ପିଉପିଉ ନିରୂପମାକୁ ପଚାରିଲା – ପୁଅ କାହିଁ ।

ପଡୋଶୀ ପିଲାଙ୍କ ସହ ଖେଳୁଛି ପଛପଟ ବ୍ଲକରେ ।

*ଶଗଡ଼ିଆ ସାହ, ନୟାଗଡ଼ - ୨*

*With Best Compliments from:-*

# SUBHANKAR ASSOCIATES

BHUBANESWAR



# ଆଗନ୍ତୁକ

## ରଜତ ରଶ୍ମି ସ୍ୱାଇ

ଶାନ୍ତିରେ ଟିକେ ନିଃଶ୍ୱାସ ମାରିବାକୁ ଖୋଲା ପବନ ଖୋଜୁଥିଲା ଶ୍ରୀଜିତ୍। ମୁଣ୍ଡ ଉପରେ ମେଘ ଘୋଡ଼େଇ ହୋଇଥିବା ଗୁମ୍‌ସୁମ୍ ଆକାଶ। ଅସରାଏ ଥଣ୍ଡା ପବନରେ ସତେ ଯେମିତି ବର୍ଷା ହୋଇ ଝରିପଡ଼ିବ ସେ। ଫର୍ଚ୍ଚା ହୋଇଯିବ ଆକାଶର ଛାତି। ପରିଷ୍କାର ଦିଶିବ ସୂର୍ଯ୍ୟ।

ସେମିତି ଶ୍ରୀଜିତ୍‌ର ହୃଦୟଟା ଭାରି ଭାରି। କୋହ ସବୁ ଓଜନିଆ ପଥର ହୋଇ ଚାପି ହୋଇ ରହିଛନ୍ତି ଶ୍ରୀଜିତ୍‌ର ଛାତି ଉପରେ। କାହାର ଶୀତଳ ପରଶ ପାଇଲେ ତରଳିଯିବ ସବୁ ଅଭିମାନ ଓ କୋହ। ବର୍ଷ ବର୍ଷର ରୁନ୍ଧି ହୋଇଥିବା କୋହ ସବୁ ଝରି ପଡ଼ିବେ ଲୁହ ହୋଇ।

କାହିଁକି ଏମିତି ସବୁ ଘଟିଗଲା, ତାର କାରଣ ଖୋଜି ପାଉନଥିଲା ସେ। ଦାମ୍ପତ୍ୟ ମଧ୍ୟରେ ଥରେ ସନ୍ଦେହର ଝଡ଼ ଉଠିଲେ ତାହା ପ୍ରଶମିତ ହେବା ଖୁବ୍ କଠିନ।

ସହରକୁ ପଛ କରି ସମୁଦ୍ର ସାମ୍ନାରେ ବସିଥିଲା ସେ। ସମୁଦ୍ରର ଅଶାନ୍ତ ଢ଼େଉ ସବୁ ତା' ମନ ଭିତରେ ଉଠୁଥିବା କୋହକୁ ତାଳ ଦେଇ ପୁଣି କୂଳ ଛୁଇଁ ଫେରି ଯାଉଛନ୍ତି। ସ୍ମରଣ୍ୟା ସହ ଝଗଡ଼ା ହେବାର ଆଜିକୁ ତିନିଦିନ ହେଲାଣି। ମାତ୍ର ପରସ୍ପର ମଧ୍ୟରେ କଥାବାର୍ତ୍ତା ନାହିଁ। ସ୍ମରଣ୍ୟାର ମୁକ୍ତ ମାନସିକତା ସହ ଖାପ ଖୁଆଇ ଚଳିପାରୁନି ଶ୍ରୀଜିତ୍। ଚୁପ୍‌ଚାପ୍ ଓ ଗମ୍ଭୀର ସ୍ୱଭାବର ସ୍ମରଣ୍ୟା ପାଇଁ ଶ୍ରୀଜିତ୍ ଅନେକ ସମୟରେ ଆହତ ହେଉଛି। ମାନସିକ ଅସ୍ଥିରତା ସମ୍ପର୍କରେ ଫାଟ ସୃଷ୍ଟି କରୁଛି। ବିବାହକୁ ମାତ୍ର ତିନିଟି ବର୍ଷ ହୋଇଛି। ମାତ୍ର ଶ୍ରୀଜିତ୍ ଓ ସ୍ମରଣ୍ୟା ଏ ପର୍ଯ୍ୟନ୍ତ ପରସ୍ପର ସହ ଖାପଖୁଆଇ ପାରିନାହାନ୍ତି।

ଦାମ୍ପତ୍ୟ ଜୀବନ ଏମିତି ଏକ ସମ୍ପର୍କ ଯେଉଁଠିଲେ ଉଭୟଙ୍କୁ ପରସ୍ପରର ମାନସିକ ସ୍ଥିତିକୁ ଗୁରୁତ୍ୱ ଦେବାକୁ ପଡ଼ିବ। ହୃଦୟକୁ ବୁଝିବାକୁ ପଡ଼ିବ। ପରସ୍ପର ସହ ଖାପଖୁଆଇବା ସହିତ କିଛିଟା ତ୍ୟାଗ ଓ କିଛି ସହନଶୀଳତା ଦେଖାଇବାକୁ ପଡ଼ିବ।

ଶ୍ରୀଜିତର ମନେ ଅଛି, ତାର ପିଲାବେଳେ ବାପା ଓ ମା'ଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ମାତ୍ର ସେ ଝଗଡ଼ା ଥିଲା ମାତ୍ର କିଛି ସମୟ ପାଇଁ। କିଛି ଘଣ୍ଟା ପରେ ବାପା ଓ ମା' ହସିହସି କଥା ହେଉଥିଲା। ବାପା ଓ ମା'ଙ୍କ ଝଗଡ଼ା ସମାଧାନ ହୋଇ ଯାଇଥିବାରୁ ସେ ମଧ୍ୟ ଖୁସି ହେଉଥିଲା। ତାର ମା' ଥିଲେ ପାରମ୍ପରିକତା ଓ ଭାରତୀୟ ସଂସ୍କୃତିକୁ ଜାବୁଡ଼ି ଧରିଥିବା ଜଣେ ଗ୍ରାମୀଣ ମହିଳା। କିନ୍ତୁ ସ୍ମରଣ୍ୟା ଥିଲା ଆଜିକାଲିକା ଝିଅ। ଶିକ୍ଷିତା, ଆତ୍ମନିର୍ଭରଶୀଳ, ପାଶ୍ଚାତ୍ୟ ସଂସ୍କୃତି ଓ ଆଧୁନିକତାକୁ ଧରି ରଖିଥିବା ଜଣେ ଆଧୁନିକା ମହିଳା। ତେବେ ଶିକ୍ଷିତା ହେବାର ଅର୍ଥ ଏୟା ନୁହେଁ ଯେ ଭାରତୀୟ ସଂସ୍କୃତି ଠାରୁ ଦୂରେଇ ଯିବା। ଅନେକ ବିଦେଶିନୀ ଭାରତୀୟ ସଂସ୍କୃତି ପ୍ରତି ଆକୃଷ୍ଟ ହେଉଥିଲା ବେଳେ ଭାରତୀୟ ମହିଳାମାନେ ନିଜ ସଂସ୍କୃତି ଠାରୁ ଦୂରେଇ ଯିବା ଆଦୌ ସମୀଚୀନ ନୁହେଁ ବୋଲି ଶ୍ରୀଜିତ ମନେ କରେ।

ସେଦିନ ଅଫିସ୍‌ର ସକ୍‌ସେସ୍ ସେଲିବ୍ରେସନ୍ ପାର୍ଟିରେ ସେ ଏତେ ଡ୍ରିଙ୍କସ୍ ନେଲା ଯେ ଘରକୁ ଫେରିଲା ବେଳକୁ ପାଦ ଟଳମଳ। ଶ୍ରୀଜିତ ତାକୁ ଧରିଧରି କାର୍ ପର୍ଯ୍ୟନ୍ତ ଆଣିଲା। ଆପାର୍ଟମେଣ୍ଟ୍ ଭିତରକୁ ପଶିଲା ବେଳେ ସିକ୍ୟୁରିଟି ଗାର୍ଡଟି ବଲବଲ କରି ଚାହିଁଥିଲା ଉଭୟଙ୍କୁ। ଲିଫ୍ଟରେ ଫ୍ଲାଟ୍ ପର୍ଯ୍ୟନ୍ତ ଆସିବାରେ ସେ ନାକେଦମ୍ ହୋଇଗଲା। ଲିଫ୍ଟ ଡୋର୍ ଖୋଲି ସ୍ମରଣ୍ୟାକୁ ସିଧା ଛିଡ଼ା କରାଇବା ଭିତରେ ବାରମ୍ବାର ଲିଫ୍ଟର ଡୋର୍ ବନ୍ଦ ହୋଇଯାଉଥିଲା। ଶେଷରେ ସିକ୍ୟୁରିଟି ଗାର୍ଡ ଆସି ଲିଫ୍ଟର ଡୋର୍‌କୁ ଖୋଲି ଧରିରଖିଲା ପରେ ଦୁହେଁ ଭିତରକୁ ଗଲେ। ଫ୍ଲାଟ୍ ଖୋଲି ସିଧା ବେଡରୁମ୍ ଭିତରକୁ ନେଇ ତାକୁ ଶୁଆଇ ଦେଲା। ମାଡାମ୍‌ଙ୍କର ସକାଳେ ନିଦ ଭାଙ୍ଗିଲା ପରେ କହିଲା, ସରି, କାଲି ପାର୍ଟିରେ ଟିକେ ଅଧିକା ଡ୍ରିଙ୍କସ୍ ନେଇନେଲି। ଶ୍ରୀଜିତ କହିଲା, 'କଣ୍ଟ୍ରୋଲ୍ ଇୟୋର୍ ସେଲ୍ଫ ସ୍ମରଣ୍ୟା। କାଲି ତୁମକୁ ଘରକୁ ଆଣିବାରେ ମୁଁ ନାକେଦମ୍ ହୋଇଗଲି।' ସ୍ମରଣ୍ୟାକୁ ନିରେଖି ଦେଖୁଥିଲା ଶ୍ରୀଜିତ। ତଥାପି ତାର ହ୍ୟାଙ୍ଗଓଭର୍ କଟି ନଥିଲା।

ମୋବାଇଲ୍ ରିଂ ହେଲା। ଶ୍ରୀଜିତ ଭାବନାରେ ପୂର୍ଣ୍ଣଚ୍ଛେଦ ପଡ଼ିଲା। ସେପଟୁ ସ୍ମରଣ୍ୟାର ସ୍ୱର- ଟିକେ ଜଲଦି ଘରକୁ ଆସ। ଏତିକିରେ କଲ୍ କଟିଗଲା। ମେରିନା ବିଚ୍‌ର ବାଲି ଉପରୁ ଉଠିଲା ସେ। ଘରମୁହାଁ ହେଲା।

ଡ୍ରେସ୍ ଓ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ସବୁ ଟ୍ରଲି ବ୍ୟାଗ୍‌ରେ ପ୍ୟାକ୍ କରୁଥିଲା ସ୍ମରଣ୍ୟା। ଏ କ'ଣ! ସ୍ମରଣ୍ୟା କ'ଣ ଘର ଛାଡ଼ି କୁଆଡ଼େ ଯିବାକୁ ପ୍ରସ୍ତୁତ ହେଉଛି କି? ଶ୍ରୀଜିତ ବ୍ୟତିବ୍ୟସ୍ତ ହୋଇ ପଡ଼ିଲା।

- କୁଆଡ଼େ ବାହାରିଛ ?

ସ୍ମରଣ୍ୟା ଚୁପ୍।

- ଫର୍ ଗଡ୍ ସେକ୍। ପ୍ଲିଜ୍ ସେ ସମଥିଙ୍ଗ୍। ଆଇ ଜଷ୍ଟ୍ ହାରାସଡ୍ ଫର୍ ଲାଷ୍ଟ ୱାନ୍ ୱିକ୍। ହ୍ୱାଇ ଆର୍ ୟୁ ମେଣ୍ଟାଲି ଟର୍ଚର୍ଡ ମି?

- ଅଫିସ୍‌ର ଦୁବାଇ ଟୁର୍ ଅଛି। ଇଟ୍ ଇଜ୍ ଫର୍ ଟେନ୍ ଡେଜ୍।

ଆଉ କିଛି କଥାବାର୍ତ୍ତା ନାହିଁ। ସ୍ମରଣ୍ୟା ତାର ଲଗେଜ୍ ଧରି କ୍ୟାବ୍‌ରେ ବସି ଚାଲିଗଲା ଏୟାରପୋର୍ଟ।

ଚେନ୍ନାଇ ମହାନଗରରେ ପାଞ୍ଚଟି ଫ୍ଲୋର୍ ବିଶିଷ୍ଟ ଆପାର୍ଟମେଣ୍ଟ୍‌ରେ ଦୁଇଟି ବେଡରୁମ୍ ଥିବା ଗୋଟିଏ ଫ୍ଲାଟ୍‌ରେ ଶ୍ରୀଜିତ ଓ ସ୍ମରଣ୍ୟାଙ୍କ ଛୋଟ ଏକ ଘର। ଘରର ବାଲକୋନିରୁ ଦିଶେ ସୁଉଚ୍ଚ ଅଟ୍ଟାଳିକାମାନଙ୍କର ଦୃଶ୍ୟ। ଆପାଟମେଣ୍ଟ୍‌କୁ ଲାଗିଥିବା ରାସ୍ତାର ଦୁଇପଟେ ଧାଡ଼ିଧାଡ଼ି ପାମ୍‌ଗଛ। ପାମ୍ ଗଛଗୁଡ଼ିକ ଦିଶୁଥାନ୍ତି ଶୋଭାଯାତ୍ରାରେ ଯାଉଥିବା ଶୋଭାଯାତ୍ରାକାରୀଙ୍କ ପରି। ସ୍ମରଣ୍ୟା ଚାଲିଗଲା ପରେ ଡ୍ରଇଂରୁମ୍‌ର ଝର୍କା ଦେଇ ବାହାରକୁ ଚାହିଁଥିଲା ଶ୍ରୀଜିତ୍।

ବାଲକୋନି ବାହାରେ ଇଲେକ୍ଟ୍ରିକ୍ ତାରରେ ବସିଥିଲା ପକ୍ଷୀଟିଏ। ଏକା ଏକା। ଗୁମ୍‌ସୁମ୍। ଯେପରି ତାର ସାଥୀ ପକ୍ଷୀ ତାକୁ ଛାଡ଼ି ଚାଲିଯାଇଛି। ପିଲାବେଳ ସକାଳୁ ସେ ଘର ସାମ୍ନାରେ ଯୋଡ଼ି ପକ୍ଷୀ ଦେଖିବାକୁ ଖୋଜୁଥାଏ। ଯୋଡ଼ି ବଣି ହେଉ କି ଯୋଡ଼ି ପାରା ଦେଖିଲେ ଦିନଟି ଭଲରେ କଟେ ବୋଲି ତାର ଧାରଣା ଥାଏ। ଯଦି ସେ ସକାଳୁ ସକାଳୁ ଗୋଟିକିଆ ପକ୍ଷୀଟି ଦେଖେ, ତାର ମନ ଦୁଃଖ ହୋଇଯାଏ। ଭାବେ ଆଜି ଦିନଟି ଭଲରେ କଟିବନି। ଏ ଧାରଣା ତାର ବହୁତ ଦିନ ପର୍ଯ୍ୟନ୍ତ ଥିଲା। ଇଲେକ୍ଟ୍ରିକ୍ ତାରରେ ସେ ପକ୍ଷୀଟି ସେଇମିତି ବସିଛି। ଉଡ଼ିଯିବାକୁ ଯେମିତି ତାର ମନରେ କୌଣସି ସ୍ପୃହା କି ଆଗ୍ରହ ନାହିଁ। ମନ ମାରି ବସିଛି ସେ। କ'ଣ ତାର ଦୁଃଖ! ସତରେ ପକ୍ଷୀମାନଙ୍କର ଦୁଃଖ ଥାଏ କି! ଶ୍ରୀଜିତର ମାମୁଘରେ ଥିବା ଶାରୀଟି 'ପକ୍ଷୀ ଜନମରୁ ପାରିକର' ବୋଲି ସକାଳେ ସନ୍ଧ୍ୟାରେ ରାବୁଥାଏ। ମାମୁଘର ଆଈ କିନ୍ତୁ କୁହନ୍ତି ପକ୍ଷୀ ଜନମ ସବୁଠୁ ଭଲ। ଆର ଜନ୍ମରେ ସେ ପକ୍ଷୀ ହୋଇ ଜନମ ଜନ୍ମ ନେବେ ବୋଲି ଆଈ କୁହନ୍ତି। ତେବେ ଶ୍ରୀଜିତ ଯୋଗ ଦେଉଥିବା ସେଇ ହାଇପ୍ରୋଫାଇଲ୍ ସତ୍‌ସଙ୍ଗରେ ବାବା ଜଣକ କୁହନ୍ତି-

'ଜଗତ ଦୁଃଖମୟ, ଏହି ଦୁଃଖରୁ ପାରି ହେବାକୁ ହେଲେ ହରିନାମ ହିଁ କେବଳମ୍।' କେଜାଣି ! ଏ ଦୁନିଆରେ କାହାର ଦୁଃଖ ନାହିଁ ଯେ ! ବର୍ତ୍ତମାନ ସେଇ ଏକା ଏକା ଲାଗୁଥିବା ପକ୍ଷୀ ପରି ଶ୍ରୀଜିତର ଅବସ୍ଥା।

ମଣିଷ ସତରେ କେତେ ଏକୁଟିଆ ହାଏ ! ଭିଡ଼ର କୋଳାହଳ ଭିତରେ ଥାଇବି ଏକାକୀତ୍ୱର ଶୂନ୍ୟତା। ସବୁ ଥାଇ ବି କିଛି ନଥିବାର ଅନୁଭବ। ଚାରିପଟେ ଖାଲି ନାହିଁ ନାହିଁର ପ୍ରତିଧ୍ୱନି। ଶୂନ୍ୟତା ଖାଲି ଶୂନ୍ୟତା। ହୃଦୟର ଅନୁଭବ ବୁଝିବାକୁ ସାଥୀଟିଏ ଲୋଡ଼ା। ଦୁଃଖସୁଖ ବାଣ୍ଟିବାକୁ ସାଥୀଟିଏ ଲୋଡ଼ା। ବିଶେଷ କରି ବିପଦ ସମୟରେ ବେଶି ଦରକାର ପଡ଼େ ନିଜର ଲୋକଟିଏ। ସେଇ ସାଥୀଟି ଯଦି ଅବୁଝା ହେଲା, ତେବେ ମନକଥା କହିବା କାହାକୁ !

କାନ୍ଥରେ ଝୁଲୁଥିଲା ଦୁଇ ଜଣଙ୍କର ବାହାଘରର ଫଟୋ। ହସହସ ମୁହଁରେ ଦୁଇଜଣଙ୍କ ଫଟୋ। ଗୋଟିଏ ଅଫିସ୍‌ରେ ଦୁଇ ଜଣ ଥିଲେ ସହକର୍ମୀ। ସହକର୍ମୀରୁ ଜୀବନସାଥୀ। ପ୍ରଥମେ ବନ୍ଧୁତା, ପରେ ବନ୍ଧୁତାରୁ ପ୍ରେମ। ଦୁଇ ଜଣଙ୍କ ପରିବାର ସେମାନଙ୍କ ପ୍ରେମକୁ ସ୍ୱୀକୃତି ଦେଲେ। ପ୍ରେମ ବିବାହ ପରେ ଜୀବନଟା ସୁଗମ, ମନୋରମ ଉଦ୍ୟାନ ପାଲଟିଯାଏ ବୋଲି ଶ୍ରୀଜିତର ଧାରଣା ଥିଲା। ମାତ୍ର... !

ବିବାହର ତିନି ବର୍ଷ ମଧ୍ୟରେ ସନ୍ତାନଟିଏ ପାଇଁ ଶ୍ରୀଜିତ ଦୁଇ ତିନି ଥର ସ୍ମରଣ୍ୟାକୁ କହିଥିଲା। ମାତ୍ର ନିଜର ଚାକିରି ଜୀବନରେ ଉନ୍ନତ ଭବିଷ୍ୟତର ଦ୍ୱାହି ଦେଇ ସ୍ମରଣ୍ୟା ଗର୍ଭଧାରଣ କଥାଟିକୁ ବାରମ୍ବାର ଏଡ଼ାଇ ଆସିଛି। ସନ୍ତାନଟିଏର ବାପା ହେବାର ଆକାଂକ୍ଷାକୁ ଶ୍ରୀଜିତ ଏଯାବତ୍ ନିଜ ମନ ଭିତରେ ଚାପି ରଖିଛି। ଚେନ୍ନାଇ ସହରଟିର ଆବହାୱାରେ ପଶ୍ଚିମୀ ସଭ୍ୟତାର ଧାସ। ବଡ଼ବଡ଼ ସପିଂ ମଲ୍, ରେଷ୍ଟୁରାଣ୍ଟ ଓ ଡିସ୍କୋବାର୍ ଥିବା ଏହି ସହରରେ ଲିଭ୍ ଇନ୍ ରିଲେସନସିପ୍ ଏବେ କାୟା ବିସ୍ତାର କରିଛି। କାହାରି ଉପରେ କାହାର ଅଧିକାର ନାହିଁ କେବଳ ଜୀବନକୁ ଉପଭୋଗ କରିବାର ଅଛି। ସ୍ମରଣ୍ୟା ସେଇ ମତଲବରେ ଅଛି କି ! ତିନି ଚାରିଷ ତା' ସହିତ ସମ୍ପର୍କ ରଖି ତାକୁ ଡିଭୋର୍ସ ଦେଇଦେବ କି ? ଏଇ ଧାରଣା ଶ୍ରୀଜିତ ମନ ଭିତରେ ବଳବତ୍ତର ହେବାକୁ ଲାଗିଲା। ସୁଖ ସମୟରେ ସମସ୍ତେ ସାଥୀ। ବିପଦ ବେଳେ ଦୂରେଇ ଯାଆନ୍ତି।

ସମୟର ସୂଚନା ଦେଉଥିବା ମ୍ୟୁଜିକାଲ ୱାଲ୍‌କ୍ଲକ୍‌ଟିରେ ଠନ୍ ଠନ୍ କରି ବାରଟି ଘଣ୍ଟା ବାଜିଲା। ରାତି ବାରଟା ବାଜିଲାଣି। ଶ୍ରୀଜିତ ଆଖିରେ ନିଦ ନାହିଁ। ନିଦ ବା ଆସିବ କେମିତି ! ମାନସିକ ଅସ୍ଥିରତା ରହିଲେ ନିଦ ଆଖିର ପାଖ ମାଡ଼ିବ ନାହିଁ। ଶ୍ରୀଜିତ କାଚଝର୍କା ଦେଇ ବାହାରକୁ ଚାହିଁଲା। ଝର୍କା ବାହାରେ ଖୋଲା ନିର୍ମଳ ଆକାଶ। ଆକାଶର ଭସାଭସା ବଉଦଙ୍କ ମେଳରେ ଅଧା ଚାନ୍ଦ ହସୁଛି। ଶ୍ରୀଜିତ ବି ସେମିତି ଅଧା, ସେ ସମ୍ପୂର୍ଣ୍ଣ ହୋଇପାରିନି। ତାର ଜୀବନର ଅର୍ଦ୍ଧେକ, ହୃଦୟର ଅଧା ଭାଗ ତା' ପାଖରେ ନାହିଁ। ଶ୍ରୀଜିତ ମୋବାଇଲ୍ ଖୋଲିଲା। ସ୍ମରଣ୍ୟାକୁ ମେସେଜ୍ କଲା- ମିସ୍ ୟୁ। ସେପଟୁ କୌଣସି ଉତ୍ତର ନାହିଁ। ମେସେଜ୍‌ଟି ବ୍ଲୁ-ଟିକ୍ ହେଲା ଅର୍ଥାତ୍ ସ୍ମରଣ୍ୟା ମେସେଜ୍ ଦେଖିଲା କିନ୍ତୁ କୌଣସି ଉତ୍ତର ଦେଲାନି। ନିଜ ଭିତରର ଅଭିମାନରେ ଶ୍ରୀଜିତ ଫାଟି ପଡ଼ିଲା।

ଗୋଟିଏ ସପ୍ତାହ ହେଲାଣି ସ୍ମରଣ୍ୟା ଅଫିସ୍ ଟୁର୍‌ରେ ଦୁବାଇ ଗଲାଣି। ଏ ଭିତରେ ଗୋଟିଏ ଥର ବି ତାକୁ ଫୋନ୍ କରିନାହିଁ। ଦିନକୁ ଦିନ ଏକ ଭୟର ବାତାବରଣ ଭିତରେ ସେ ସମୟ ବିତେଇବାକୁ ଲାଗିଲା। ମନର ଉଦ୍‌ବେଳନ ବଢ଼ିବାକୁ ଲାଗିଲା। ସ୍ମରଣ୍ୟା ତାକୁ ଭୁଲିଗଲା କି ? ଦୁବାଇରୁ ଆଉ ଫେରିବନି କି? ଦଶଦିନ ପାଇଁ ମିଛରେ କହି ସେ ଦୁବାଇ ଅଫିସ୍‌କୁ ଟ୍ରାନ୍ସଫର ହୋଇଗଲା କି? ଏମିତି ନାନା ପ୍ରଶ୍ନ ଶ୍ରୀଜିତ ମନରେ ଆନ୍ଦୋଳିତ ହେବାକୁ ଲାଗିଲା।

ନାରୀଟିଏ ସ୍ୱାବଲମ୍ବୀ ହେଲେ ଆଉ ପୁରୁଷର ସାହଚର୍ଯ୍ୟ ଆବଶ୍ୟକ କରେନି। କେବଳ ଦେହର ଭୋକ ମେଣ୍ଟାଇବା ପାଇଁ ସାମୟିକ ସାଥୀ ଖୋଜି ନେଇପାରେ। ମାତ୍ର ପୁରୁଷକୁ ଆଉ ଗୁରୁତ୍ୱ ଦିଏନି। ଚେନ୍ନାଇ ଆଉ ବେଙ୍ଗାଲୁରୁରେ ରହୁଥିବା ତା'ର ଅଧିକାଂଶ ବନ୍ଧୁଙ୍କ କ୍ଷେତ୍ରରେ ସେ ଏପରି ଉଦାହରଣ ଦେଖିଛି। ଶ୍ରୀଜିତର ଜଣେ ବନ୍ଧୁ ଆମେରିକାରେ ଇଞ୍ଜିନିୟର। ସ୍ତ୍ରୀ ସହ ତା'ର ଝଗଡ଼ା ପରେ ସେ ଭାରତ ଫେରି ଆସିଲେ। ମାତ୍ର ତାଙ୍କ ସ୍ତ୍ରୀ ଆମେରିକାରେ ଏକୁଟିଆ ରହୁଛି। ଏମିତି ଅନେକ ଉଦାହରଣ ତାର ଆଖପାଖରେ।

ଶ୍ରୀଜିତ ଦିନକୁ ଦିନ ମାନସିକ ସ୍ତରରେ ଦୁର୍ବଳ ହୋଇ ପଡୁଥିଲା। ତାର ଚାରିପାଖରେ ନିରାଶା, ହତାଶାର ଧୂମିଳ ବାତାବରଣ। ବାଟବଣା ପଥିକ ପରି ବର୍ତ୍ତମାନ ତାର ଅବସ୍ଥା। କୁଆଡ଼େ ଯିବ , କ'ଣ କରିବ ! ସେ ଯେପରି ଖୋଜି ଚାଲିଥିବା ନିଜକୁ। ନିଜ ଭିତରର ସେଇ ପୂର୍ବର ମଣିଷଟିକୁ। ପ୍ରେମ ଓ ଦାମ୍ପତ୍ୟରେ ବିଫଳତା ମଣିଷକୁ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଭାଙ୍ଗିଦିଏ। ମଣିଷଟି ସେତେବେଳେ ସାହାରା ଖୋଜେ। ସାହାରା ନ ପାଇଲେ ସେ ସମ୍ପୂର୍ଣ୍ଣ ଲକ୍ଷ୍ୟଚ୍ୟୁତ ହୋଇଯାଏ।

ସେଦିନ ସେ ଅଫିସ୍ ପାଇଁ ପ୍ରସ୍ତୁତ ହେଉଥିଲା। ସ୍ମରଣ୍ୟାର ସାଙ୍ଗ କୃତ୍ତିକାର ଫୋନ୍ ଆସିଲା। କହିଲା, 'ସ୍ମରଣ୍ୟା ଦୁବାଇ ଅଫିସକୁ ଟ୍ରାନ୍ସଫର୍ ହୋଇଯାଇଛି। ତୁମ ସହିତ ତାର ମେଣ୍ଟାଲିଟି ମିଶୁନାହିଁ। ସେ ଡିଭୋର୍ସ ନେବାକୁ କହୁଥିଲା। ଏ ବିଷୟରେ ସେ ତୁମ ସହିତ କଥା ହୋଇଛି କି ?'

ଶ୍ରୀଜିତ କହିଲା, 'ନା! ସେ କେବଳ କହିଲା, ଦଶଦିନ ପାଇଁ ଦୁବାଇ ଟୁର୍‌ରେ ଯାଉଛି ବୋଲି। ତା' ପରେ ମୋତେ ଫୋନ୍ ନାହିଁ କି ମେସେଜ୍ ନାହିଁ। ଆଜି ତ ଦଶ ଦିନ ପୂରଣ ହେବାକୁ ଯାଉଛି। ସେ ଆଉ ଆସିବନି ବୋଲି ତୁମ ଦ୍ୱାରା ଫୋନ୍ କରାଇଛି। ହଉ ଠିକ୍ ଅଛି।'

ଶ୍ରୀଜିତ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଲା। ଯେଉଁ କଥାକୁ ସେ ଭୟ କରୁଥିଲା, ସେଇ କଥା ଘଟିବାକୁ ଯାଉଛି। ସ୍ମରଣ୍ୟା ଡିଭୋର୍ସ ନେବ। ସେ ସମ୍ପୂର୍ଣ୍ଣ ଏକା ହୋଇଯିବ। ପୂରା ଏକା। ମୋଟା ଅଙ୍କର ଦରମା, ଫ୍ଲାଟ୍, ଦାମୀ କାର୍ ତା'ର ସବୁ ଅଛି, ହେଲେ ନିଜର ଲୋକଟିଏ ନାହିଁ। ମନରେ ଶାନ୍ତି ନାହିଁ। ତଥାପି ନିଜକୁ ଦମ୍ଭ କଲା। ଜୀବନ ଏଇଠି ସରିଯିବନି। ଆଗକୁ ଆହୁରି ରାସ୍ତା ବାକି ଅଛି। ତାକୁ ଚାଲିବାକୁ ହେବ ଏକା ଏକା।

ନିରାଶାର ଅନ୍ଧକାରରୁ ବାହାରି ଆଲୋକର ସନ୍ଧାନରେ ଯିବାକୁ ହେବ। ସେଦିନ ସେ ଅଫିସ୍ ନଯାଇ ଲିଭରେ ରହିବ ବୋଲି ମେଲ୍ କଲା। ବେଡରୁମ୍‌ରେ ଶୋଇ ରହିଲା। କେତେବେଳେ ଖାଇଲା, କ'ଣ କଲା, କିଛି ଠିକ୍ ଠିକଣା ନାହିଁ। ସେମିତି ଶୋଇ ରହିଲା କଣ୍ଟା ପରି ଫୋଡ଼ି ହେଉଥିବା ଖାଲି ବେଡ୍‌ଟାରେ।

ଦିନ ଯାଇ ସନ୍ଧ୍ୟା ହେଲାଣି। ଅନଲାଇନ୍‌ରେ ଖାଇବା ସହିତ ନିଦ ବଟିକା ବି ମଗାଇଲା। ଆଜି ରାତିରେ ନିଦ ତ ହେବ ନାହିଁ। ନିଦ ବଟିକା ଖାଇବାକୁ ପଡ଼ିବ। ନିଦ ବଟିକାର ପୂରା ଷ୍ଟ୍ରିପ୍‌ଟାକୁ ଦେଖିଲା। ଦଶଟି ବଟିକା ଅଛି। ସବୁ ତକ ଖାଇଦେବ କି ? ନା, ସେ ଏମିତି ଭୀରୁ ପରି ଜୀବନ ହାରିଦେବ ନାହିଁ। ଜୀବନକୁ ସାମ୍ନା କରିବ। ଦେଖିବ, ଜୀବନ ତା' ପାଇଁ ଆଗକୁ କ'ଣ ରଖିଛି। ରାତିର ଖାଇବା ପରେ ନିଦ ବଟିକା ଦୁଇଟି ଢୋକି ଦେଲା। ବିଛଣାରେ ଗଡ଼ିପଡ଼ିଲା। କେତେବେଳେ ତାକୁ ନିଦ ହୋଇ ଯାଇଛି, ଜାଣିନାହିଁ।

କଲିଂବେଲ୍ ବାଜିଲା, ବେଡରୁମ୍‌ରୁ ଉଠି ଶ୍ରୀଜିତ୍ ଡୋର୍ ଖୋଲିବାକୁ ଗଲା। ଏତେ ସକାଳୁ ସକାଳୁ କିଏ ? ଡୋର୍ ଖୋଲିଲା। ସାମ୍ନାରେ ସ୍ମରଣ୍ୟା। ଶ୍ରୀଜିତ କିଂକର୍ତ୍ତବ୍ୟବିମୂଢ଼। ସ୍ମରଣ୍ୟା ଫେରି ଆସିଛି। ସ୍ମରଣ୍ୟା ମୁହଁରେ ହସ। ଶ୍ରୀଜିତ ଆଶ୍ଚର୍ଯ୍ୟଚକିତ। ସ୍ମରଣ୍ୟା ଏତେ ବଦଳିଗଲା କେମିତି? ଡିଭୋର୍ସରୁ ସିଧା ୟୁ- ଟର୍ନ। ହସହସ ମୁହଁରେ ଘରକୁ ଫେରି ଆସିଛି ସ୍ମରଣ୍ୟା।

ସ୍ମରଣ୍ୟା ବେଡରୁମ୍‌କୁ ଗଲା। ତା'ର ଲଗେଜ୍‌ରୁ ଗୋଟିଏ ଛୋଟିଆ କିଟ୍ ବାହାର କଲା। ଶ୍ରୀଜିତ ହାତକୁ ବଢ଼ାଇଦେଲା। ଛୋଟିଏ ଧଳା ସ୍କେଲ୍ ପରି ଜିନିଷରେ ଦୁଇଟି ନାଲି ଗାର ପଡ଼ିଥିଲା। ଶ୍ରୀଜିତ ହଠାତ୍ କିଛି ଜାଣି ପାରୁନଥିଲା। ସ୍ମରଣ୍ୟା କହିଲା – 'ଏଇଟା ପ୍ରେଗନେନ୍ସି କିଟ୍। ପଜିଟିଭ୍ ଆସିଛି।'

ଶ୍ରୀଜିତର ଯେପରି ଚଳତ୍‌ଶକ୍ତିହୀନ। ତା'ର ପାଦ ଯେପରି ମାଟିରେ ଲାଗୁନଥିଲା। ଯେପରି ସେ ଆକାଶରେ ଉଡ଼ି ବୁଲୁଛି। ସତରେ ସେ ବାପା ହେବାକୁ ଯାଉଛି ! ସ୍ମରଣ୍ୟା ମା' ହେବାକୁ ଯାଉଛି। ତାର ଆଖି ଆଗରେ ମାତୃତ୍ୱର ଅନୁଭବରେ ସ୍ମରଣ୍ୟା ପାଲଟିଯାଉଛି ସତେ ଯେପରି ସସାଗରା ଧରଣୀ ମାଆ। ତାରି କୋଳରେ ମୁଣ୍ଡ ରଖି ଶୋଇଯାଉଛି ଶ୍ରୀଜିତ ଛୋଟପିଲାଟି ପରି।

*ଠିକଣା: ଶବ୍ଦଲିପି, ପ୍ଲଟ ନଂ- କିଏ ୨୬୮,*
*କୈଳାସ ବିହାର, ଇନ୍‌ଫୋସିଟି ସାଇ ମନ୍ଦିର ପାଖ,*
*ଭୁବନେଶ୍ୱର- ୭୫୧୦୨୧*
*ଦୂରଭାଷ: ୮୨୪୯୨୮୮୨୧୪*

# ଅଭିମାନ

ରାଜଲକ୍ଷ୍ମୀ ଦାଶ

ଆଜି ମଙ୍ଗନ। ରାତି ପାହିଲେ ବାହାଘର। ଘର କାଲି ଏଇନେ ଉଠୁଥିବ ପଡୁଥିବ। କୁଣିଆ-ମଇତ୍ର, ବନ୍ଧୁ-ବାନ୍ଧବରେ ତଳ ଉପର ସବୁ ଖଞ୍ଜା ଭର୍ତ୍ତି ହୋଇଯାଇଥିବ। ବାର ଯେମିତି ଥିଲା ସେମିତି ଅଛି ନା କିଛି ବଦଳିଲାଣି ! କେଜାଣି - ଦେଢ଼ଶୁର ଯଦି କିଛି ନୂଆରେ କରିଥିବେ। ଗାଁକୁ ସିଏ ଯାଇଚି ଦୀର୍ଘ ପାଞ୍ଚ ବର୍ଷ ହେଲା।

ଘର କରି କାହା ଘରେ ଆଉ କଳି-କଜିଆ, ମାନ-ଅଭିମାନ, ପାଟିତୁଣ୍ଡ ନାହିଁ ଯେ ? ହେଲେ ସେ କଥାକୁ ଗଣ୍ଠିକରି କିଏ କ'ଣ ଏତେଦିନ ନିଜ ଲୋକଙ୍କ ପାଖରୁ ଦୂରରେ ରହିପାରେ ?

ସେଥର ଖରାଛୁଟିରେ ଗାଁରେ ରଜ ସଂକ୍ରାନ୍ତି ଯାତ୍ରା ପାଇଁ ଚାନ୍ଦା ଦେବାକୁ ନେଇ ଦୁଇ ଭାଇରେ ମତ ମିଳିଲା ନାହିଁ। ଦୁଇଟି ବୋଲି ତ ଭାଇ। ଜଣେ ଥାଏ ଗାଁରେ। ବିଲ-ବାଡ଼ି, ହଳିଆ-ବଳଦ, ଚାଷ-ବାସ, ତୋଟା ବାରି, ପୋଖରୀ ସବୁ ସମ୍ଭାଳୁଥାଏ। ଆଉ ଜଣେ ଥାଏ ସହରରେ। ବଡ଼ଭାଇ ତ ଆଉ ମାସକୁ ମାସ ସାନଭାଇ ପରି ଦରମା ପାଉନି। ତେଣୁ ଭାଇ-ବେଭାର, ବାହା-ପୁଆଣି, ଓଷା-ବାରରେ ନଗଦ ପଇସା ସବୁ ଦିଏ ସାନଭାଇ।

ଦୁଇ ଭାଇଙ୍କ ଭିତରେ ସମ୍ପର୍କ ଯିଏ ଦେଖିଛି ସିଏ ସିନା ଜାଣିଥିବ। ଏକାଠି ଖାଇବେ। ସାଙ୍ଗ ହୋଇ ବାରିପଟ ଗାଡିଆରେ ଗାଧୋଇବେ। ଦୁଃଖ-ସୁଖ ହେବେ। ଦୁଇ ଯା' ମଧ୍ୟରେ ସମ୍ପର୍କ କୋଉ ଅବା କମ୍ ଥିଲା ! ଯେମିତି ଏକା ମା' ପେଟର ଦୁଇ ଭଉଣୀ। ବଡ଼ ଯା'ର କୋଉ କଥାକୁ ହେଲେ ସାନ ଯା' ତଳେ ପକେଇ ଦିଏନାହିଁ। ଯୋଉ ଦିନ କେଇଟା ସିଏ ଗାଁରେ ରୁହେ କେତେ ପ୍ରକାରର ପିଠା, ଭଜା, ରାଇ ତର୍କାରି କରି ବଡ଼ ଯା' ତା'କୁ ଖାଇବାକୁ ଦିଅନ୍ତି।

ସଞ୍ଜ ହେଲେ ବାଡ଼ିରୁ ମଲ୍ଲୀ ତୋଳା ହୁଏ। ତା'କୁ ଯତ୍ନର ସହ ନିଜେ ଗୁନ୍ଥିବେ ବଡ଼ ଯା'। ଅଥଚ ଗଭାମଣ୍ଡନ କରିବ ସାନବୋହୂ। ଯଦି ସାଇ-ଭାଇରେ କିଏ ପଚାରିଦିଏ, "କିଲୋ ବଡ଼ବୋହୂ ତୁ ନିଜେ ଗଭାରେ ପିନ୍ଧୁନୁ ?" ବଡ଼ ଯା' ହସିଦେବେ ସୁନ୍ଦର କରି। ସେ ହସରୁ ସ୍ନେହ ଯେମିତି ଝରିଯାଉଥିବ। କହିବେ - "ସାନବୋହୂଟା ପିଲା ଲୋକ। ତା'ର ଏବେ ସଉକ କରିବା ବେଳ। ତା' ଛଡା ତା' ମୁଣ୍ଡରେ ଗହଳା କେଶରାଶି ମେଲି ତା'କୁ ଫୁଲହାର ଭଲ ମାନୁଛି।

ଯେତେଦିନ ସିଏ ବଡ଼ ଯା'ଙ୍କ ପାଖରେ ଗାଁରେ ରୁହେ ତାକୁ ମନେହୁଏ ଯେମିତି ସିଏ ଅବିବାହିତା ଝିଅଟିଏ। ବାପଘରେ ଫୁଲାଫାଙ୍କିଆରେ ଚଳୁଛି। କିଛି ଚିନ୍ତା ନାହିଁ, ଜଞ୍ଜାଳ ନାହିଁ, ଦାୟିତ୍ୱ ନାହିଁ।

ଆଉ ଯେତେବେଳେ ସେମାନେ ପରିତୋଷଙ୍କ ଚାକିରୀ ସ୍ଥାନକୁ ସହରକୁ ଲେଉଟି ଆଶୁଥିଲେ କେତେ ଯତ୍ନର ଅଖାରେ, ପଲିଥିନ୍‌ରେ, କାଚଜାରରେ ସବୁ ସଜଡା ଯାଉଥିଲା - ସରୁଚାଉଳ, ଚୁଡା, ବିରିଡାଲି, ବାରିନଡିଆ, ଆଚାର, ଗୁଆଘିଅ ପୁଣି ବଡ଼ ଯା'ଙ୍କ ହାତ ତିଆରି ବଡ଼ି, ଆରିସା ପିଠା, ହଳଦୀଗୁଣ୍ଡ। ଗାଁ ମୁଣ୍ଡ ଯାଏ ବାଟେଇ ଆସୁଥିଲେ ଦେଢ଼ଶୁର। ବସ୍‌ରେ ବସିଲା ବେଳଠୁ ସାନଯା' ମଞ୍ଜୁ କାନ୍ଦୁଥିଲା ଯେ ସହରରେ ପହଞ୍ଚିଲା ଯାଏ। କାନ୍ଦ ପୁଣି ବନ୍ଦ ହେଇଥିଲା ପରିତୋଷଙ୍କର ଟାଣୁଆ ଗାଳିରେ।

ଏମିତି ସୁଖରେ କଟୁଥିଲା ଦିନ। ହେଲେ କାହାର ଆଖି ପଡ଼ିଲା ତାଙ୍କ ହସଖୁସିର ପୂରନ୍ତା ସଂସାର ଉପରେ କେଜାଣି। ସଭିଏଁ କହୁଥିଲେ ଦୁଇ ଯାଆ ନୁହଁ ତ ଦୁଇ ଭଉଣୀ। ଦୁଇ ଭାଇ ନୁହେଁତ ଯେମିତି ସତେ ଅବା ରାମଲକ୍ଷ୍ମଣ। ସବୁ କିଛି ହଠାତ୍ ଓଲଟିଗଲା।

ସେଦିନ ଯେ ଚାନ୍ଦା ଦବାକୁ ନେଇ ଦୁଇ ଭାଇରେ ଗାଁ ଦାଣ୍ଡରେ କ'ଣ ପାଟିତୁଣ୍ଡ ହେଇଗଲା, ସେଇ କଥାଟା ଗୋଟାଏ ମଜଭୁତ ପାଚେରୀ ତିଆରି କରିଦେଲା। ବଡଭାଇ ଟାଣକରି କ'ଣ ପଦେ କହିଦେଲେ, ସାନଭାଇଙ୍କୁ ଅପମାନ ହେଇଗଲା। ଦୁଇ ଯାଆ କିଛି ବୁଝିବା ପୂର୍ବରୁ, କିଛି ସମାଧାନର ବାଟ ବାହାର କରିବା ଆଗରୁ ସାନଭାଇ ଜିଦ୍ କରି ଛୁଆପିଲା ଧରି ଖରାରେ ଖରାରେ ଗାଁ ଛାଡ଼ି ଚାଲି ଆସିଲେ। ମଞ୍ଜୁକୁ ପଦଟିଏ କଥା କୁହେଇ ଦେଲେ ନାହିଁ। ସାନଭାଇ ତ ଏମିତି ଭାଇ ଭାଇ କଳିରେ ଆନନ୍ଦ ପାଉଥିଲେ। ଶୁଣେଇ ଶୁଣେଇ ଏଣୁ ତେଣୁ କହୁଥିଲେ।

ବଡ଼ ଯା' ମଲ୍ଲୀ ମୂକ ପାଲଟି ଯାଇଥିଲେ। ଏଡ଼େ ଯତ୍ନରେ ଦିଅର ପାଇଁ ସିଏ ବଡ଼ିଚୁରା, ଶାଗଭଜା, ମାଛପୋଡ଼ା କରିଛନ୍ତି, ଅଥଚ ଏମିତି କ'ଣ ସବୁ ଘଟିଯାଉଛି ! ମଞ୍ଜୁର ମଧ୍ୟ କିଛି କରିବାର ନଥିଲା। ପିନ୍ଧା ଶାଢ଼ୀଟି ମଧ୍ୟ ପାଲଟିବା ପାଇଁ ପରିତୋଷ ଦେଲେ ନାହିଁ। ପିଲାଟା ବଡ଼ ମା' ଆଉ ଅପାମାନଙ୍କୁ ଛାଡ଼ିଯିବାକୁ ଏକଦମ୍ ନାରାଜ। ଗାଁ ଦାଣ୍ଡରେ ଅପମାନ ସହି ଆସିଥିବା ପରିତୋଷ ରାଗ ଶୁଝାଇଲେ ନିରୀହ ପିଲାଟାର କଅଁଳିଆ ପିଠି ଉପରେ। ବଡ଼ ଯା'ଙ୍କ ଆଖି ଆଗରେ କୌଣସି ଦିନ ପୁଅ ଦିହରେ କେହି ହାତ ଦେଇ ନଥିଲେ। ଦୁଇ ଭାଇଙ୍କର ସଂସାରରେ ଗୋଟିଏ ବୋଲି ପୁଅ। ଏ ବଂଶର ଭାବି ବଂଶଧର। ଦେଢ଼ଶୁରଙ୍କର ଦୁଇଟି ଝିଅ। କୋହଭରା କଣ୍ଠରେ ପଦିଏ କହିଲେ ମଲ୍ଲୀ - "ମୋ ଆଖି ଆଗରେ ତାକୁ ମାରନାହିଁ।" ପରିତୋଷ ଯେମିତି ଫଣା ଟେକିଲେ - "ମୋ ପିଲାକୁ ମୁଁ ମାଇଲି, ଯାହା କଲି କାହାର କ'ଣ କହିବାର ଅଛି ?"

"ମୋ ପିଲା ?" ଅସ୍ପଷ୍ଟ ଭାବେ ଉଚ୍ଚାରଣ କଲେ ମଲ୍ଲୀ,ତା'ପରେ କବାଟ ବନ୍ଦ କରି ନିଜ ଶୋଇବା ଘରେ ପଶିଗଲେ। ଆସିଲା ବେଳେ ତାଙ୍କୁ ମୁଣ୍ଡିଆଟିଏ ମଧ୍ୟ ମାରିପାରି ନାହିଁ ମଞ୍ଜୁ। ସେଇ ଯେ ଆସିଛି ଆଉ ପାଞ୍ଚ ବର୍ଷ ଭିତରେ ଥରେ ମଧ୍ୟ ଯାଇନାହିଁ। ଗାଁରୁ ମଧ୍ୟ କେହି ଆସିନାହାଁନ୍ତି। ଦୁଇ ଭାଇଙ୍କ ଭିତରେ ଏମିତି କ'ଣ ହୋଇଗଲା ଯେ ସେଇ କଥାକୁ ଗଣ୍ଠି କରି ଦିହେଁ ବସିଛନ୍ତି ? ସେଦିନ ଗାଁ ଦାଣ୍ଡରେ କ'ଣ ହେଲା, କିଏ କାହାକୁ କ'ଣ କହିଲା ଏ କଥା ଜାଣିବା ପାଇଁ ମଞ୍ଜୁର ସାମାନ୍ୟତମ ଆଗ୍ରହ ନାହିଁ। କୌଣସି ଦିନ ଏ ବିଷୟରେ ସେ ପରିତୋଷଙ୍କୁ ପଚାରି ମଧ୍ୟ ନାହିଁ। ରାଗ ବେଳରେ କିଏ କାହାକୁ କ'ଣ କହିଦେଲା ବୋଲି ତା'କୁ ଇ ଗଣ୍ଠିକରି ଧରି ବସିବା କଥାଟା ତା'କୁ ଭାରି ବାଧୁଛି। ସହରରେ ତା'କୁ ଯଦି ଏତେ ଖରାପ ଲାଗୁଛି, ଗାଁରେ ତା'ର ବଡ଼ ଯା'ଙ୍କୁ କେମିତି ଲାଗୁଥିବ !

# ସମାରୋହ

ପାଞ୍ଚ ବର୍ଷ ପରେ ଆଜି ଆସିଛି ଖଣ୍ଡିଏ ନିମନ୍ତ୍ରଣ ପତ୍ର। ନିଜ ଘରର ଲୋକଙ୍କୁ କିଏ ଏମିତି ନିମନ୍ତ୍ରଣ ପତ୍ର ପଠାଏ ? ସେମାନେ କ'ଣ ବନ୍ଧୁ ବାନ୍ଧବରେ ଗଣା ହୋଇଗଲେ ? ନାଁ ଦେଢ଼ଶୁର ଡାକି ଆସିଛନ୍ତି ନା ବଡ଼ ଯା' ଚିଠି ଦେଇଛନ୍ତି। ଅଥଚ ରାତି ପାହିଲେ ବଡ଼ ଝିଆରୀର ବାହାଘର ବୋଲି ସଠିକ୍ ଘୋଷଣା କରି ପହଞ୍ଚିଛି କାର୍ଡ ଖଣ୍ଡିକ। ଘରର ଝିଅ ବାହାଘର। ଅଥଚ ସେମାନେ ଜାଣିଲେ ଏତେ ଡେରିରେ। ସିଏ ପୁଣି ଜଣେ ସାଧାରଣ ଚିହ୍ନା ପରିଚିତ ଭାବରେ। ଏମିତି କ'ଣ ନିଜ ଭାଇକୁ କିଏ ନିମନ୍ତ୍ରଣ କରିପାରେ ?

ଖାଲି ନିମନ୍ତ୍ରଣ ପତ୍ର ଖଣ୍ଡିଏ ହୋଇଥିଲେ ଗାଁକୁ ଯିବା କଥା ସିଏ ଚିନ୍ତା କରି ମଧ୍ୟ ନଥାନ୍ତା ମାତ୍ର କାର୍ଡର ପଛପଟରେ ନାଲି କାଳିରେ ଲେଖା ହୋଇଥିବା ମାତ୍ର ଦୁଇଟି ଧାଡ଼ି ତା'ର ମନକୁ ଆନ୍ଦୋଳିତ କରିବା ପାଇଁ ଯଥେଷ୍ଟ ହୋଇଛି। ସେଇ ଦୁଇଧାଡି ଲେଖିଛି ତା'ର ଅତି ଆଦରର ଝିଆରୀ ସୋନୀ। ରାତି ପାହିଲେ ଯିଏ ବେଦିରେ ବସିବ।

ଲେଖିଛି – "ସାନବୋଉ, ତୁ ନିଶ୍ଚେ ଆସିବୁ, ମୋ କଥା ରଖିବୁ ବୋଲି ବଡ଼ ଆଶା ରଖିଛି।"

କ'ଣ କରିବ ଏବେ ମଞ୍ଜୁ। ଦେଢ଼ଶୁରବା ବଡ଼ ଯା' ଧାଡ଼ିଏ ମଧ୍ୟ ଲେଖିନାହାଁନ୍ତି। ଖବର ମଧ୍ୟ ଦେଇନାହାଁନ୍ତି। ଅଥଚ ଝିଅ ପରି ଭଲ ପାଉଥିବା ଝିଆରୀର ଏଇ ଦୁଇ ଧାଡ଼ିଆ ଚିଠିଟି ମଞ୍ଜୁକୁ ଗଭୀର ଭାବନା ଆଉ ଧର୍ମ ସଙ୍କଟରେ ପକେଇ ଦେଇଛି। ପରିତୋଷଙ୍କୁ ସିଏ ଜାଣେ। ତାଙ୍କର ଅଭିମାନ, ଜିଦ୍ ଆଗରେ ଆଉ ସବୁ ଜିନିଷ ତୁଚ୍ଛ। କୌଣସି ପ୍ରକାରରେ ତାଙ୍କୁ ସିଏ ଗାଁକୁ ଯିବା ପାଇଁ ମନେଇ ପାରିବନି। ଯଦି ଦେଢ଼ଶୁର ନିଜେ ଆସିଥାନ୍ତେ, ହୁଏତ କିଛି ହୋଇଥାନ୍ତା।

ସବୁଦିନ ପାଇଁ ପରଘରକୁ ଯାଉଥିବା ଝିଅଟାର ମନ କ'ଣ ସିଏ ଫିଙ୍ଗିଦେବ ! ବଡ଼ମାନଙ୍କର କଳିକଜିଆରେ ଝିଅଟାର ଦୋଷ ମଧ୍ୟ କ'ଣ ? ଝିଆରୀ ଆଉ ତା ଭିତରେ ସମ୍ପର୍କ ନିବିଡ଼ ଥିଲା। ଯାହା ବି ହଉ-ମଞ୍ଜୁ ଯିବା ପାଇଁ ସ୍ଥିର କଲା। ଯଦିବା ଦେଢ଼ଶୁର କିଛି କୁହନ୍ତି, ଅପମାନ ଦିଅନ୍ତି – ସେକଥା ସିଏ ଶୁଣିବ ନାହିଁ। ସିଏତ ଆଉ ଆଗଭଳି ଚାରିଛଅଦିନ ସେଠି ରହିବା ପାଇଁ ଯାଉନି ଖାଲି ଝିଅଟାକୁ ଟିକେ ଦେଖିନେବ ଆଉ ଚାଲିଆସିବ।

ପରିତୋଷଙ୍କର ଅଜସ୍ର ବାରଣ ସତ୍ତ୍ୱେ ପୁଅକୁ ଧରି ଗାଁକୁ ଗଲା ମଞ୍ଜୁ। ବସଷ୍ଟାଣ୍ଡରୁ ରିକ୍ସାରେ ବସି ଘରକୁ ଯିବାକୁ ପଡିବ। ରାସ୍ତା ସାରା ଏଣୁତେଣୁ ଭାବି ଚାଲିଛି ସିଏ। ପରିତୋଷକୁ ଲୁଚେଇ ସେ ତା'ର ଚେନ୍‌ଟା ଆଣିଛି। ଆଉ କ'ଣ ଖାଲି ହାତରେ ଝିଆରୀକୁ ଆଶୀର୍ବାଦ ଦେବ।

ସେଇ ରାସ୍ତା, ସେଇ ଧାଡ଼ି ଧାଡ଼ି ଘର, ଆମ୍ବତୋଟା, ନାଳବନ୍ଧ ସବୁ ସେଇମିତି ଅଛି, ଠିକ୍ ପାଞ୍ଚବର୍ଷ ତଳେ ଯେମିତି ଥିଲା। ଅଥଚ ମଣିଷମାନେ କେତେ ଶୀଘ୍ର ବଦଳିଗଲେ। ଦୀର୍ଘ ନିଃଶ୍ୱାସ ପକେଇଲା ମଞ୍ଜୁ। ସିଏ ଯେମିତି ଯା, ଦେଢ଼ଶୁରଙ୍କ ସ୍ନେହ, ଶ୍ରଦ୍ଧା, ବାଡିର କୋଳି, ପିଜୁଳିକୁ ସହରରେ ଝୁରି ହେଉଛି – ସେମାନେ କ'ଣ ତା' କଥା ସେତିକି ଭାବୁଥିବେ ?

ଘର ଆସିବା ଆଗରୁ ମୁଣ୍ଡରେ ଲୁଗାକୁ ଭଲରେ ସଜାଡ଼ି ଦେଲା। ଘର ବାହାରେ ଲୋକ ଭିଡ। ଗେଟ୍ ବନ୍ଧା ହୋଇ ସଜାସଜି ଚାଲିଛି। କାହାରି ମୁହଁକୁ ନ ଦେଖି ପୁଅର ହାତ ଧରି ତରତରରେ ଘର ଭିତରକୁ ପଶିଗଲା ମଞ୍ଜୁ। ସିଧାସିଧା ଯାଇ ପହଞ୍ଚିଲା ବଡ଼ ଯା'ଙ୍କ ଶୋଇବା ଘରେ। ଘର ସବୁ ତ ସେଇମିତି ଅଛି। ଖାଲି ଯାହା ବାହାଘର ପାଇଁ ନୂଆ ରଂଗ ଦିଆଯାଇଛି। ସାନବୋଉକୁ ଦେଖି ବାହାହେବାକୁ ଯାଉଥିବା ଝିଅଟା ଏତେ ଖୁସି ହୋଇଗଲା ଯେ ଦେଖଣାହାରି ମୁହଁ ମୋଡ଼ିଲେ। – "ରାତି ପାହିଲେ ପରଘରକୁ ଯିବ – ଝିଅଟା ହସୁଛି କେମିତି ମ ! ଆଜିକାଲିକା ଝିଅଲୋ ମା'।"

କାହିଁ ବଡ଼ ଯା'ଙ୍କୁ କୋଉଠି ଦେଖୁନି ମଞ୍ଜୁ। ସିଏ କ'ଣ ଏଯାଏଁ ତା'ର ଆସିବା ଖବର ଜାଣିନାହାଁନ୍ତି ? ଭୀଷଣ ଅଭିମାନ ହେଲା ତା'ର। ହଉ, ସିଏ ତ ନିର୍ଲଜ ପରି ଆସିଛି। ଏବେ ଆଦର, ଅଭ୍ୟର୍ଥନା ଖୋଜିଲେ କ'ଣ ମିଳିବ ?

ସାହିର ଖୁଡ଼ିଶାଶୁ ହିସାବ ହେବେ ଜଣେ କହିଲେ – "ତୁ ମଙ୍ଗନହାଣ୍ଡି ସଜାଡ଼ିବୁ।" ନିରବରେ ସବୁ କହୁଥିଲା ମଞ୍ଜୁ। ଏଯାଏଁ ସିଏ ପାଣି ଟୋପାଏ ପିଇନି। ପୁଅଟାକୁ ସାନ ଝିଆରୀ କୁଆଡ଼େ ନେଇଯାଇଛି। ପାଞ୍ଚବର୍ଷ ପରେ ଆସିଛି ପିଲାଟା। ଅଥଚ ଅଚିହ୍ନା ବୋଲି ଟିକିଏ ବାରୁନି। ଅପା, ଅପା କହି ଦୁଇ ଝିଆରୀଙ୍କୁ କୁଣ୍ଢେଇ ପକେଇଲା। ରକ୍ତର ଆକର୍ଷଣ ବୋଧେ ଏଇଆକୁ କହନ୍ତି।

ମଙ୍ଗନହାଣ୍ଡି ବସେଇ ସାରି ଉଠିପଡ଼ିଲା ବେଳକୁ ପାଖରେ ଯା' ଛିଡ଼ା ହୋଇଛନ୍ତି, ବଡ଼ କାଚ ଗ୍ଲାସରେ ଗ୍ଲାସଟେ ଦହି ସର୍ବତ ଧରି। ନଇଁପଡ଼ି ତାଙ୍କୁ ମୁଣ୍ଡିଆ ମାରିଲା ମଞ୍ଜୁ। ପାଞ୍ଚବର୍ଷ ପରେ ଦେଖା। କେତେ କଥା ଅଛି ତା'ର କହିବାର। କିନ୍ତୁ ଏତେ ଲୋକଭିଡରେ କ'ଣ ସିଏ କହିବ ? କେତେ କଷ୍ଟରେ କୋହକୁ ଚାପି ରଖିଲା। ସବୁ ଦିନ ପରି ଆଜି ମଧ୍ୟ ତା' ମନର କଥା ବୁଝିପାରିଲେ ବଡ଼ ଯା'। ଖାଲି ତା' ମୁଣ୍ଡକୁ ଟିକେ ଆଉଁଶି ଦେଲେ। ଆଉ କହିଲେ – "ତୋ ଝିଅର ବାହାଘର। ଆଜି ତୋର ଉପାସ। ଖାଲି ଏ ସର୍ବତ ଟିକକ ପିଇଦେ।" ଦୁଇ ଯା'ଙ୍କ ଭିତରେ ଆଉ କିଛି କଥା ହେଇନି। ସୁଯୋଗ ମଧ୍ୟ ମିଳିନି। ମଝିରେ ମଝିରେ ଲକ୍ଷ୍ୟ କରିଛି ମଞ୍ଜୁ – ବଡ଼ ଯା' ଲୁଗା କାନିରେ ଆଖି ପୋଛୁଛନ୍ତି। କେଜାଣି କାହିଁକି ତା'ର ମନେ ହେଉଛି ଏ ଲୁହ ଝିଅ ପରଘରକୁ ଚାଲିଯିବ ବୋଲି ନୁହଁ, ଏ ଯନ୍ତ୍ରଣା ପରିତୋଷଙ୍କ ଅନୁପସ୍ଥିତି ପାଇଁ।

ଝିଆରିକୁ ଦେଖିଦେଇ ପଦିଏକଥା କହି ଫେରିଯିବ ବୋଲି ଭାବିଥିଲା ସିଏ। ହେଲେ ଯା' ଯେତେବେଳେ କହିଲେ, "ତୋ ଝିଅର ବାହାଘର ସେଠି ଆଉ ବାହାଘର ନ ସରିବା ଯାଏ କୋଉଠି ଯାଇହଉଛି ?

ଝିଅଟା ବିଦାବେଳେ ମଞ୍ଜୁକୁ ଧରି ବିକଳ ହୋଇ କାନ୍ଦିଲା। ମଞ୍ଜୁର ଛାତି ଫାଟି ଯାଉଥାଏ। ଏତେଦିନକରେ ଜାଣିଲା ତା'କୁ ଶାଶୁଘରକୁ ବିଦାକଲାବେଳେ ତା' ବୋଉକୁ କେମିତି ବାଧିଥିବ।

ଝିଅ ବିଦା ହେଲା ପରେ ତା'ର ଆଉ ଏଠି ରହିବାର ମାନେ କ'ଣ ହୁଏ ? ତା'ରି ପାଇଁ ତ ସିଏ ଆସିଥିଲା।

ଏଠୁ ବସଷ୍ଟାଣ୍ଡ ଏକୁଟିଆ ଯିବ କେମିତି ? ରାସ୍ତା ଯେ ଜଣାନାହିଁ ସେକଥା ନୁହେଁ। ହେଲେ ଗାଁ ଦାଣ୍ଡରେ ବୋହୂଟା ପିଲାଟାକୁ ଚାଲି ଚାଲି ଗଲାବେଳେ ଯଦି କିଏ କିଛି ପଚାରି ଦେବ ! କିଏ ହେଲେ ଅଟୋଟିଏ ଡାକି ଦିଅନ୍ତା କି ?

ଝିଅ ବିଦା ପରେ ବଡ଼ଯା'ଙ୍କ ମନର ଅବସ୍ଥା ଯେମିତି ଥିବ, ଏଥିରେ ତାଙ୍କୁ ଯିବା କଥା କହିବ କେମିତି ? ଜିନିଷପତ୍ର କ'ଣ ଟା ସିଏ ଆଣିଥିଲା ! ହାତ ବ୍ୟାଗଟିରେ ପୁରେଇ ଯିବା ପାଇଁ ପ୍ରସ୍ତୁତ ହେଲା ମଞ୍ଜୁ। କେହି ତ ରହ ବୋଲି କହୁନି। କେହି ମଧ୍ୟ ଚାଲିଯା' ବୋଲି କହୁନି। ଏଥିରେ ନା ରହି ହେଉଛି, ନା ଯାଇ ହଉଛି। ସାରା ଘରଟା ବନ୍ଧୁବାନ୍ଧବରେ ପୂର୍ଣ୍ଣ। ବଡ଼ଯା'ଙ୍କୁ ଦେଖି ମଧ୍ୟ ପାରୁନି। କ'ଣ ଭାବି ଘର ଭିତରୁ ବାହାର ବାରଣ୍ଡାକୁ ଆସିଲା ମଞ୍ଜୁ। ପୁଅଟା କେଉଁଠି ଶୋଇଛି କି କ'ଣ ! ତାକୁ ପୁଣି ସଫା କରି ଡ୍ରେସ ପିନ୍ଧେଇବାକୁ ପଡ଼ିବ।

ହେଲେ ବାରଣ୍ଡାକୁ ଆସି ଏ କ'ଣ ଦେଖୁଛି ମଞ୍ଜୁ। ଅଗଣାର ସେ ପାଖରେ ଠିକ୍ ବାରଣ୍ଡା ତଳକୁ ଛିଡ଼ା ହୋଇଛି ପାରିତୋଷ ଆଉ ବାରଣ୍ଡା ଉପରେ ଦେଢ଼ଶୁର। କାଲିଠୁ ଆସିଲାଣି ସିଏ। ଅଥଚ ଏଯାଏଁ ଦେଢ଼ଶୁରଙ୍କୁ ଦେଖି ମଧ୍ୟ ନଥିଲା। ଦୁଇ ଭାଇ ଧୀରେ ଧୀରେ କ'ଣ ସବୁ କଥା ହଉଛନ୍ତି। ଯେମିତି କିଛି ଘଟିନଥିଲା ପରି।

ମଞ୍ଜୁ ଯେମିତି ଆକାଶରୁ ପଡ଼ିଲା। କେତେବେଳେ ଆସିଲେ ପାରିତୋଷ ? କେମିତି ତାଙ୍କର ଏତେ ଦିନର ରାଗ, ଅଭିମାନ, ଜିଦ୍ ସବୁ

ତରଳିଗଲା ? କାହାକୁ ପଚାରିବ ସିଏ ଏ ପ୍ରଶ୍ନ ? ହେଲେ ମନ ଭିତରଟା ତା'ର ଭୀଷଣ ହାଲ୍‌କା ଲାଗୁଥିଲା। ମନ ଉପରୁ ଯେମିତି ଗୋଟାଏ ଭାରି ବୋଝ ଉତୁରି ଯାଇଛି। ନିରବରେ ଘର ଭିତରକୁ ଲେଉଟି ଆସିଲା ସିଏ।

ଘର ଭିତରକୁ ପଶି ଆସି ଚୂପ୍‌ଚାପ ଛିଡା ହୋଇଥିବା ମଞ୍ଜୁକୁ ଦେଖି ବଡ଼ ଯା' ଯେମିତି ସବୁକଥା ବୁଝିପାରିଲେ। କହିଲେ – "ତୁ କ'ଣ ଭାବୁଛୁ ମୋତେ ଜଣାଅଛି। ତୋ'ର ପରି ଏଇ ପାଞ୍ଚବର୍ଷ ଧରି ମୁଁ ମଧ କମ ଯନ୍ତ୍ରଣା ପାଇନାହିଁ। ଆମେ ତ ପରଘରର ଝିଅ। ଆମକୁ ଯଦି ଏତେ ବାଧିଲା – ସେମାନେ ଏକା ରକ୍ତର ଦୁଇ ଭାଇ। ଏକା ନାହିଁ ଦୁଇ ଖଣ୍ଡ। ସେମାନଙ୍କର ମନର ଅବସ୍ଥା କ'ଣ ହଉଥିବ କହିଲୁ ?

ଗତକାଲି ତୋ' ଦେଢ଼ଶୁରଙ୍କ ମନକୁ କ'ଣ ଆସିଲା କେଜାଣି ନିଜେ ସାନଭାଇ ପାଖକୁ ଫୋନ୍ କଲେ। ଝିଅ ବାହାଘର ଠିକ୍ ହେବା ଦିନରୁ ମୁଁ କହି କହି ଥକିଛି। ଏକା ଜିଦ୍ ମୁଁ ତାକୁ ଡାକିବି ନାହିଁ। ମୋତେ ସିଏ ଗାଁ ଦାଣ୍ଡରେ  ଅପମାନ ଦେଇଛି। ତା' ପାଇଁ ମୁଁ ମରିଯାଇଛି। ହେଲେ ଶେଷରେ ବୋଧେ ଆଉ ସମ୍ଭାଳି ପାରିନାହାଁନ୍ତି। ତୁ, ତ ଆଗ ବାହାରି ଆସିଛୁ। ତେଣୁ ଏତେ କଥା ଜାଣିପାରିନୁ। ଘରେ ପହଞ୍ଚି ସାନଭାଇର ବଡଭାଇକୁ ଧରି ଯାହା କାନ୍ଦ ତୋତେ ଆଉ କ'ଣ କହିବି।"

ମଞ୍ଜୁ କାନରେ ଆଉ କିଛି ପଶୁ ନଥିଲା। ସିଏ ଖାଲି ଭାବୁଥିଲା, ଈଶ୍ୱର ତା'କୁ କେତେବଡ଼ ଦୟା ନ କରିଛନ୍ତି ? ତା'କୁ ପୁଣିଥରେ ତା'ର ନିଜର ଘର ଫେରେଇ ଦେଇଛନ୍ତି। ଏଇଟା କ'ଣ କମ୍ କଥା !

*କ୍ୱାର୍ଟର ନଂ. ଆଇଭି-୯/୧,*
*ୟୁନିଟ-୧, ଭୁବନେଶ୍ୱର*
*ଦୂରଭାଷ: ୯୪୩୯୪୯୦୭୦୬*



# ଜିଅନ୍ତା ଭୂତ

## କାଳିନ୍ଦୀ ଚରଣ ଭଞ୍ଜ

ରଘୁ ମାଝୀ ଘର କଳାହାଣ୍ଡିର ଏକ ନିପଟ ମଫସଲ ଆଦିବାସୀ ଅଞ୍ଚଳରେ। ମୋ ସହିତ ସାକ୍ଷାତ ହୁଏ ପାଖ ବ୍ଲକ ଅଫିସରେ ଯେଉଁଠିକୁ ମୁଁ ପ୍ରାୟ ଯାଉଥିଲି ପ୍ରତିବର୍ଷ। ବ୍ଲକରୁ ମୁଁ ଆଦିବାସୀ ଓ ଜନଜାତି ସମ୍ପର୍କରେ ଗବେଷଣାମୂଳକ ତଥ୍ୟ ସଂଗ୍ରହ କରିବା ମୋର ଲକ୍ଷ୍ୟ। ରଘୁ ଜଙ୍ଗଲରୁ ଝୁଣା, ମହୁ, ଲାଖ ସଂଗ୍ରହ କରେ ଓ ସେସବୁ ବ୍ଲକ ଅଫିସ ପାଖ ଏକ ଗୋଦାମରେ ବିକ୍ରୟ କରେ।

ରଘୁ ଏକ ସୁସ୍ଥ ସବଳ ବଳିଷ୍ଠ ଯୁବକ। ମୁଣ୍ଡରେ କୁଞ୍ଚିକୁଞ୍ଚିଆ କେଶ। ଲେଙ୍ଗଟା ଓ କାନ୍ଧରେ ଗାମୁଛା ଖଣ୍ଡେ ତା' ପୋଷାକ। ହାତରେ ଧନୁଶର ଓ ଛୋଟ ଟାଙ୍ଗିଆଟିଏ ଧରି ସେ ଘରୁ ବାହାରେ। ସନ୍ଧ୍ୟା ଆଗରୁ ଘରକୁ ଫେରେ। ଦିନେ ସେ ଜିନିଷ ବିକ୍ରୟ କରି କାଉଣ୍ଟରରୁ ବାହାରି ଆସିଲା ପରେ କାଉଣ୍ଟରରେ ବସିଥିବା ବାବୁଙ୍କୁ ତା' ନାଁ ପଚାରି ବୁଝିନେଲି। ରଘୁ ତରତର ହୋଇ ନିଜ ଘରକୁ ଫେରିବା ବାଟରେ ଡାଲି, ଚାଉଳ କିଣିବା ପାଇଁ ଚାଲିବା ଆରମ୍ଭରେ ମୁଁ ଡାକ ଛାଡିଲି ହେ ରଘୁ ଶୁଣ ଶୁଣ।

ରଘୁ ହତବାକ୍। ପଛକୁ ଚାହିଁ ଦେଖିଲା କେହି ତାକୁ ଜାଣିଥିବା ଜଣେ ହାକିମ, ହୁକୁମା ଡାକୁଛନ୍ତି।

ସେ ଅଟକିଗଲା। ମୁଁ ତାକୁ ପାଖ ଚା' ଦୋକାନ ଆଡକୁ ଆସିବା ପାଇଁ ଇଙ୍ଗିତ ଦେଲି। ଡରି ଡରି ଆସି କହିଲା ହଜୁର କୁହନ୍ତୁ 'କ'ଣ ଦରକାର'। ଅତି ପୁରୁଣା ଦୋସ୍ତ ଭଳି ତାକୁ କଥା କହି ଚା ବରାଦ କଲି। ମୁଁ ପିଇଲି ଓ ପିଆଇଲି। ଏ ମଧ୍ୟରେ ତା' ଘର କେତେଦୂର ଓ ଘରେ କିଏ କିଏ ଅଛନ୍ତି ପଚାରି ବୁଝିନେଲି। ସଂଜ ହେଲାଣି ତୁମେ ଯାଅ। କାଲି ଏ ସମୟରେ ମୋ ସହ ସାକ୍ଷାତ କରିବ ଏତିକି କହି ମୁଁ ଖଣ୍ଡେ ସିଗାରେଟରେ ନିଆଁ ଧରାଇଲି ଓ ତାକୁ ଖଣ୍ଡେ ବି ବଢ଼ାଇଦେଲି। ନେଉ ନଥିଲା। କିନ୍ତୁ ଅନେକ କହିବାରୁ ସିଗାରେଟରେ ନିଆଁ ଧରାଇ ମୋତେ ଜୁହାର କରି ଦ୍ରୁତ ଗତିରେ ଚାଲିଲା। ମୁଁ ପଛରୁ ଶୁଣି ପାରିଲି ରଘୁ ହାତରେ ସିଗାରେଟ ଧରି ଆଦିବାସୀଙ୍କ ଭାଷାରେ ଏକ ସଙ୍ଗୀତ ଗାଇ ଗାଇ ଅଦୃଶ୍ୟ ହୋଇଗଲା।

ପରଦିନ ମୁଁ କାର୍ଯ୍ୟ ସାରି ସେ କାଉଣ୍ଟର ପାଖ ଗଛକୁ ଆଉଜି ଖଣ୍ଡେ ସିଗାରେଟ ଟାଣି ପରଦିନ ପ୍ରୋଗ୍ରାମ ପାଇଁ ଚିନ୍ତା କରୁଥିବା ବେଳେ ରଘୁ ଦୂରରୁ ଦେଖି ପାରି ପାଖକୁ ଆସି ଜୁହାର କଲା। ମୁଁ ହସି ଦେଲି,

ସିଗାରେଟ ଖଣ୍ଡେ ମଧ୍ୟ ତାକୁ ବଢ଼ାଇ ଦେଲି। ଏବେତ ବନ୍ଧୁତା ବଢ଼ିଥିଲା। ଏଣୁ ସିଗାରେଟ ଖଣ୍ଡକ ଧରି ଲଗାଇବାକୁ ରଘୁ ଇସାରା ଦେବାରୁ ମୁଁ ମ୍ୟାଚବକ୍ସ ବଢ଼ାଇ ଦେଲି।

ରଘୁକୁ ମୁଁ କହିଲି ତୁମ ଦ୍ୱାରା ମୋର ଅନେକ କାମ କରିବାର ଅଛି। କାମ ସରଳ। ମୁଁ ଏଠାକାର ଗାଁକୁ ରାସ୍ତା ଜାଣେ ନାହିଁ। ତୁମ ମାନଙ୍କର ଭାଷା ବୁଝେନା। ଏଣୁ ତୁମେ ମୋତେ ଏହି ପାଖ ଗାଁକୁ ନେଇଯିବ ଓ ସେଠାରେ ମୁଁ ଜଣେ ସରକାରୀ ହାକିମ ଆସିଛି, ସେମାନଙ୍କ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରି ସରକାରଙ୍କୁ ଜଣାଇବାକୁ। ଏହା ଦ୍ୱାରା ସେମାନଙ୍କର ରାସ୍ତାଘାଟ, ଶିକ୍ଷା ଓ ପାଉଥିବା ସରକାରୀ ସୁବିଧା ବଢ଼ିବା କଥା ଜଣାଇଲି। ତା' ପରେ ମୋ କାମ କରିବି।

ଆରେ ରଘୁ ତୁ ଦିନକୁ କେତେ ପଇସା କମାଉଛୁ ? ରଘୁ– ଦିନକୁ ଦୁଇ ଚାରି ଟଙ୍କା ଭିତରେ। ସେଥିରେ ବର୍ଷା, ବାତ୍ୟାରେ ଜଙ୍ଗଲକୁ ଯାଇ ହୁଏନା ? ଦୁଃଖ କଷ୍ଟରେ ସଂସାର ଚାଲେ।

ବେଶ୍ ମୁଁ ତତେ ଦିନକୁ ପାଞ୍ଚ ଟଙ୍କା ମଜୁରି ଓ ଖାଇବାକୁ ଦେବି। ରାଜିତ।

ରଘୁ ବହୁତ ଖୁସି। ଏତେ ଟଙ୍କା ସେ କେବେ ଦିନକୁ କମେଇ ନାହିଁ କହି ତା' ପରଦିନ ମୋତେ ପାଖ ଏକ ଗାଁକୁ ନେଇ ଗୌନ୍ତିଆ ବା ପ୍ରଧାନ ସହ ସାକ୍ଷାତ କରାଇଲା। ପ୍ରଧାନ ବୃଦ୍ଧ କିନ୍ତୁ ଚଳଚଞ୍ଚଳ। ପିକା ଟାଣୁଥିଲେ, ମୋତେ ଦେଖି ଲିଭାଇ ଦେଇ ପାଖରେ ଥିବା ଖଟିଆ ପକାଇ ଦେଇ ବସିବା ପାଇଁ ଅନୁରୋଧ କଲେ। ଏ ମଧ୍ୟରେ ରଘୁ ମୋ ତାଙ୍କ ସହ ସାକ୍ଷାତର ଉଦ୍ଦେଶ୍ୟ ତାଙ୍କ ଭାଷାରେ ଶୁଣାଇଥିଲା।

ବୃଦ୍ଧ ପ୍ରଧାନ ଖୁବ୍ ଖୁସି ହୋଇ କହିଲେ – ଯାହାହେଉ ଏତେଦିନ ପରେ ରାଜଧାନୀରୁ ଜଣେ ହାକିମଙ୍କ ଆମ ଅପନ୍ତରା, ଜଙ୍ଗଲୀ ଗାଁରେ ପାଦ ପଡ଼ିଲା। ମୁଁ ପରିସ୍ଥିତି ହାଲୁକା କରିବା ପାଇଁ ଏକ ସୌଜନ୍ୟମୂଳକ ସାକ୍ଷାତରେ ଉପହାର ସ୍ୱରୂପ ଫରେନ ବ୍ରାଣ୍ଡର ଏକ ସିଗାରେଟ ପ୍ୟାକେଟ ଧରାଇ ଦେଲି। ବୃଦ୍ଧ ପ୍ୟାକେଟକୁ ଏ ପାଖ ସେ ପାଖ କରି କହିଲେ ବାବୁ ଏ ଗରିବ ମୁହଁରେ ଏ ଅପୂର୍ବ ଦରବ ଶୋଭା ପାଏନା। ଫେରାଇ ନିଅନ୍ତୁ। ଅନୁରୋଧ କରିବାରୁ ରଖିଲେ ଓ ମୋ ସାଥିରେ ମଧ୍ୟ କେତେଗୁଡ଼ିଏ ଘରକୁ ଯାଇ ମୁଁ ଚାହୁଁଥିବା ଆବଶ୍ୟକ ଇନଫରମେସନ ବା ଡାଟା ସଂଗ୍ରହ କରିବାରେ ଯଥେଷ୍ଟ ସାହାଯ୍ୟ କଲେ।

ସଞ୍ଜ ଆଗରୁ ବ୍ଲକ ଅଫିସକୁ ଫେରିବାକୁ ହେବ କହି ଉଠୁ ଉଠୁ ହେବାରୁ ମୋତେ ନିରାପଦରେ ପହଞ୍ଚାଇ ଦେବା ପାଇଁ ରଘୁ ସହ ଅନ୍ୟ ଏକ ଯୁବକକୁ ନିର୍ଦ୍ଦେଶ ଦେଲେ। ଏ ମଧ୍ୟରେ ବୃଦ୍ଧଙ୍କ ସ୍ତ୍ରୀ ଏକ ଗ୍ଲାସରେ ଉଷୁମ କ୍ଷୀର ଧରି ପିଇବାକୁ ଅନୁରୋଧ କଲେ। ଏହିପରି କେତେ ସପ୍ତାହ ଧରି ଅନେକ ଆଦିବାସୀ ଗ୍ରାମକୁ ଯାଇ ଡାଟା ସଂଗ୍ରହ କଲି। ରଘୁ ସର୍ବଦା ଛାଇ ଭଳି ଲାଗି ରହିଥାଏ ମୋ ପାଖେ ପାଖେ। ମଧ୍ୟାହ୍ନରେ ବେଳେବେଳେ ବସିଯାଉ ପଥପ୍ରାନ୍ତ ବୃକ୍ଷମୂଳେ। ଭୋକଶୋଷରୁ ରକ୍ଷା ପାଇଁ ମୁଁ ସାଥିରେ ନେଇ ଯାଇଥିବା ବିସ୍କୁଟ, ଫଳ ଖାଉ। ମୃଦୁ ପାନୀୟ ବିୟର ମଧ୍ୟ ବେଳେ ବେଳେ ପିଉ କିଛି ସମୟ ବିଶ୍ରାମ କରି ପୁଣି କାମରେ ଲାଗିଯାଉ।

ଦିନେ ରଘୁ କହିଲା – ହଜୁର ମୋତେ ଖୁବ୍ ଖୁଆଇଲେଣି, ଦୁଇଗୁଣା ମଜୁରି ବି ଦେଉଛନ୍ତି। ଏଣୁ ଦିନେ ଚାଲନ୍ତୁ ଆମ ଗାଁ ଦେଖିବେ ଓ ଆମ ଘରେ କୁଣିଆ ହୋଇ ରାତ୍ରିଟିଏ କଟାଇବେ। ମୋ ସ୍ତ୍ରୀ ସୀତା ରାଣ ନିୟମ ପକାଇ କହିଛି ଆମ ଗରିବ ଘରେ କୁଣିଆ ହେବାକୁ।

ମୁଁ ହସିଲି ଓ କହିଲି ତୁ ଗରିବ ଲୋକ, ଘରର ଅଭାବ, ଖାଇବାର ଅଭାବ, ମୋ ପାଇଁ କାହିଁକି ଖର୍ଚ୍ଚାନ୍ତ ହେବୁ ? କିନ୍ତୁ ସେ ଛାଡ଼ିବା ଲୋକ ନଥିଲା। ଜିଗର

କଲା। ପରଦିନ ମୋତେ ବ୍ଲକ ଅଫିସରେ ଛାଡିବ କ'ଣ ତା' ଘର ମୁହାଁ କରାଇଲା।

ସୀତା ମୁଁ ଯିବା କଥା ଜାଣିଥିଲା। ଆମକୁ ଦେଖି ଖଟିଆ ଖଣ୍ଡେ ଦ୍ୱାର ଦେଶରେ ପକାଇ ମୁରୁକି ହସି ଜୁହାର କରି ବସିବାକୁ ଅନୁରୋଧ କଲା।

ସୀତାର ବୟସ ବାଇସି ବା ଚବିଶ। ମଧ୍ୟମ ଉଚ୍ଚତା। ରଙ୍ଗ ସାମାନ୍ୟ ସାବନା। ଘନ କେଶ। ବଳିଷ୍ଠ ବାହୁ। ଆଦିବାସୀ ମହିଳାଙ୍କ ଷ୍ଟାଇଲରେ ବାନ୍ଧି ଥିଲା ଜୁଡା। ସେଥିରେ ବାନ୍ଧିଥିଲା ବଣମଲ୍ଲି। ବାସନା ଭୁରୁ ଭୁରୁ ଭାସି ଆସୁଥିଲା। ଦେହରେ ନା ବ୍ଲାଉଜ ନା ବ୍ରା। ଆଦିବାସୀ ମହିଳାମାନେ ପିନ୍ଧୁ ଥିବା ଏକ ଧଳା ଶାଢ଼ି ଥିଲା ପରିଧାନ, ପିନ୍ଧିବା ବସ୍ତ୍ର। ତା' ଉଚ୍ଚ ବୁକୁରେ ସୁଡ଼ଳ ମାଂସ ପିଣ୍ଡ ପରିଷ୍କାର ଦୃଶ୍ୟମାନ ହେଉଥିଲା। ମୁଁ ସେହି ଆଡକୁ ନୟନଭରା ଦୃଷ୍ଟି ମେଲାଇ ଚାହିଁ ରହିଲି। ଚକ୍ଷୁର ପଲକ ମୋତେ ପଡୁ ନଥିଲା। ମୋ ବୁକୁର ଲାଗିଥିଲା ମସ୍ତ କାମନାର ଜୁଆରଚ୍ଚାରଣ। ମୁଁ କେବେ ଜଣେ ଭରା ଯୌବନ ପ୍ରାପ୍ତ ମହିଳାର ଉନ୍ମୁଖ ବା ଅନାବୃତ ସ୍ତନ ଯୁଗଳ ଦେଖି ନଥିଲି। ପ୍ରଥମରେ ମୁଁ ପ୍ରେମ ପାଗଳ ନୁହେଁ ଓ ଦ୍ୱିତୀୟରେ ଥିଲି ଅବିବାହିତ।

ମନରେ ଥିବା ପାପାମନ ଦୂର ହେବା ଆଗରୁ ରଘୁର ଚାରି ବର୍ଷର ପୁଅ ଧୂଳିଧୂସରିତ ଦେହରେ ଦୌଡି ଆସି ଦେହରେ ଲେସି ହୋଇଗଲା। ସୀତା ତା ଦେହକୁ ଝାଡିଝୁଡି ଦେଇ ବାବୁ ଆସିଛି କହି ଭିତରକୁ ନେଇଗଲା।

ରଘୁ ହାତରେ ଢାଳେ ପାଣି ଓ ସୀତା ଏକ ପତ୍ର ଠୁଙ୍ଗାରେ ଠୁଙ୍ଗାଏ ବଣରୁ ସଂଗ୍ରହ କରି ଆଣିଥିବା ସୁମିଷ୍ଟ ଫଳ ମୂଳ ବଢ଼ାଇ ଦେଲା। ଫଳଗୁଡିକ ସୁସ୍ୱାଦୁ ଓ ରୁଚିକର ଥିଲା। କାନ୍ଦ କାନ୍ଦ ହୋଇ ମା ପିଛା ଛାଡୁ ନଥିବା ପିଲାକୁ କେତେଟା ଚକୋଲେଟ ବଢ଼ାଇ ଦେଲି। ଖୁସିରେ ନେଇ ନାଚି ଗଲା ଟୋକାଟା। ଉଠିବା ଆଗରୁ ମନରେ ଭାବିଲି ଯେ ମିଠା ଭଳି ଖୁଆଇଲା ସେ କେତେ ମିଠା ହୋଇ ନଥିବ।

ରଘୁ ମୋତେ ଗ୍ରାମର ପ୍ରଧାନଙ୍କ ପାଖକୁ ଦେଖା କରିବାକୁ ନେଇଗଲା। ପ୍ରଧାନ ଜଣେ ବୃଦ୍ଧ। ମୁଣ୍ଡରେ ଗୋଛାଏ ଚୁଳ, ମୋଟା ନିଶ ଓ ଖଟିଆରେ ବସି ଟାଣୁଥିଲେ ଗୋଟାଏ ପିକା। ଗୋଡ ଦୁଇଟିକୁ କେହି ଜଣେ ମହିଳା ମୋଡାମୋଡି କରୁଥିବାର ଦୂରରୁ ଦୃଶ୍ୟମାନ ହେଲା।

ରଘୁ ଖଣ୍ଡେ ଖଟିଆ ଆଣି ମୋତେ ବସିବାକୁ କହି ତଳେ ବସି ପଡ଼ିଲା।

ରାତି ଭୋଜନର ଏ ବ୍ୟବସ୍ଥା କରିଛି କି ପଚାରିଲେ ପ୍ରଧାନ ରଘୁକୁ ତାଙ୍କ ଭାଷାରେ। ମୁଁ ଯାହା ବୁଝିଲି ଏକ କଳା ଅଣ୍ଡାଦିଆ କୁକୁଡାର ମାଂସ ଓ ଡାଲିର ବ୍ୟବସ୍ଥା ପ୍ରଧାନ ବାବୁଙ୍କ ଘରେ ହେଲା। ସୂର୍ଯ୍ୟ ଅସ୍ତଗାମୀ ହେଲେ। ଅନ୍ଧାର ଘନୀଭୂତ ହେଲା। ଜଙ୍ଗଲରେ ବାଘର ହେଣ୍ଟାଳ ଓ ପେଚାର ଡାକ ମନରେ ଭୟ ସଂଚାର କଲା। ଏହି ଅବସରରେ ପ୍ରଧାନଙ୍କୁ ସେମାନଙ୍କ ଜୀବନଶୈଳୀକୁ ନେଇ ଅନେକ ପ୍ରଶ୍ନ ପଚାରି ବୁଝିଲି। ସେ କହିଲେ ଏହି ଜଙ୍ଗଲ, ପାହାଡ, ପଶୁପକ୍ଷୀ ମଧ୍ୟରେ ଆମେ ଜୀବନ ବିତାଇ ଥାଉଁ। ସେମାନେ ଆମର ସାଙ୍ଗ, ସାଥୀ ବା ସହୋଦର। ସେମାନଙ୍କ ପ୍ରତି ଆମ ଆଦିବାସୀମାନଙ୍କର ଭୟ ନଥାଏ, ଭୟ ଥାଏ ଭୂତ ପ୍ରେତ ଡାହାଣୀ ଚିରିଗୁଣୀଙ୍କ ପ୍ରତି।

ମୁଁ କିଛି ସମୟ ସ୍ଥିର ହୋଇ ପଚାରିଲି ଆଜ୍ଞା, ଭାଲୁ, ବାଘ, ହାତୀ ବା ଅନ୍ୟ ବନ୍ୟପ୍ରାଣୀଙ୍କୁ ଦେଖି ପାରୁଛନ୍ତି, ସେମାନେ ଆପଣଙ୍କ ଗୋରୁ ଗାଇ, ଛେଳି - ମେଣ୍ଢା ଓ ଏପରିକି ମଣିଷକୁ ଶିକାର କରନ୍ତି, ଫସଲ ନଷ୍ଟ କରନ୍ତି। କିନ୍ତୁ ଭୂତ କେବେ ଆପଣ ଦେଖିଛନ୍ତି କି ? ସେ ଏକ ପିଶାଚ, ପ୍ରେତ, ଅଶରୀର।

ପ୍ରଧାନ ବାବୁ ବସିଥିବା ଜାଗା ପରିବର୍ତ୍ତନ କଲେ, ପାଟିରେ ଖଇନି ପକାଇ ମୋଟା ନିଶ ହଳକୁ ସାଉଁଳେଇ ଦେଇ କହିଲେ - ଆଜ୍ଞା ଯାହା କହିଲେ ସତ, ଶରୀର ଥିଲେ ଆମେ କ'ଣ ସେମାନଙ୍କୁ ଛାଡନ୍ତୁ। ଆମ ଧନୁ, ବର୍ଚ୍ଛା, କୁରାଢ଼ିରେ ହାଣିମାରି ଆୟତ କରି ଦିଅନ୍ତୁ। କିନ୍ତୁ ସେମାନେ ପବନ ରୂପରେ ଶରୀରରେ ପ୍ରବେଶ କରି ରୋଗ ସୃଷ୍ଟି କରନ୍ତି। ହାବୁଡ଼େ ପଡ଼ିଲେ ନିସ୍ତାର ନାହିଁ। ରହନ୍ତି ଗଛ କୋରଡ ଡାଳରେ। ରାତିରେ ଖେଳନ୍ତି ଗଛ ବାଗୁଡି ସେମାନଙ୍କ ଭିତରେ। ଆମେ ତେଣୁ ନାନା ପ୍ରକାର ପୂଜା କରି ସେମାନଙ୍କୁ ଖୁସି କରାଉ। ଆଦିବାସୀଙ୍କ ଗୁଣି ଗାରିଡି ମନ୍ତ୍ର ତନ୍ତ୍ରରେ ସେମାନଙ୍କୁ ବଶିଭୂତ କରୁ।

ସେ ହାତ ଦେଖାଇ ଏକ ଦୂର ପାହାଡ ଉପରେ ଥିବା ଏକ ସରକାରୀ ଡାକବଙ୍ଗଳାରେ ଭୂତ ମାତିବାରୁ କିପରି ବ୍ୟବହାର ନ ହୋଇ ପଡ଼ିଛି। ସୁନ୍ଦର ବଙ୍ଗଳାଟି ବର୍ତ୍ତମାନ ଭୂତକୋଠି ନାମରେ ପରିଚିତ ହୋଇଛି। ଆମ କଥା ଛାଡନ୍ତୁ ସାହେବମାନେ ସେଠାକୁ ଯାଆନ୍ତି ନାହିଁ। ରାତ୍ରି ଯାପନ କରିବା ଦୂରର କଥା। ସେ ଭୂତୁଣୀ ଥିଲା ଜିଅନ୍ତା। ତା' ଗତିଥିଲା ପବନ ଭଳି। ତାକୁ ଦେଖି ଲୋକେ ରକ୍ତବାନ୍ତି କରି ମରନ୍ତି ଇତ୍ୟାଦି।

କଥୋପକଥନ ମଧ୍ୟରେ ପ୍ରଧାନଙ୍କ ପୁଅ ମୋତେ ଡାକିଲା ରଙ୍ଗଶାଳାକୁ। ଯାହାକୁ ସେମାନେ କହନ୍ତି ଆଖଡା ଶାଳ। ପହଞ୍ଚି ଦେଖିଲି ଯୁବକ ଓ ଯୁବତୀ ଦୁଇଦଳ ଆଦିବାସୀ ଢଙ୍ଗରେ ସଜେଇ ହୋଇ ନାଚଗୀତ କରିବା ପାଇଁ ପ୍ରସ୍ତୁତ। ମୁଣ୍ଡରେ ଜୁଡା, ସେଥିରେ ଖୋଷା ହୋଇଛି ନାନା ଜାତିର ଜଙ୍ଗଲର ସୁବାଷିତ ଫୁଲ। ଖୋଲା ମେଲା ନାଚ। ବୁଝି ନ ପାରିଲେ ବି ମନମୁଗ୍ଧ ହେଲା। ନାଚ, ଗୀତର କିଛି ଅଂଶ ପ୍ରଧାନଙ୍କ ପୁଅ ବୁଝାଇ ଦେଉଥିଲା। ନାଚ, ଗୀତ ପରେ ମୁଁ ସମସ୍ତଙ୍କୁ ଧନ୍ୟବାଦ ଦେଲି ଓ ସହରରୁ ନେଇଥିବା ଚକୋଲେଟ ଦୁଇ ପ୍ୟାକେଟ ଓ କିଛି ଟଙ୍କା ପୁରସ୍କାର ସ୍ୱରୂପ ଦେଇ ପ୍ରଧାନ ବାବୁଙ୍କ ଘରକୁ ଫେରିଲୁ। ଏଣେ ପ୍ରସ୍ତୁତ ହୋଇଯାଇଥିଲା ରାତ୍ରିର ଭୋଜନ। ଆସନ ତିନିଗୋଟି ମଧ୍ୟରେ ମୋର ଗୋଟିଏ ଥିଲା। ଶାଳପତ୍ର ଖଲି ମଧ୍ୟରେ ଅର୍ଦ୍ଧକିଲୋରୁ ଅଧିକ ଭାତ, ଥାଳିଏ ଚିକେନ ମାଂସ ଓ ଝୋଳ। ବେଲାଏ ଡାଲି ବି ବାଢ଼ି ଦେଲେ। ମୁଁ ଦେଖିଲି ଏହା ମୋ ପାଇଁ ଏକ ସପ୍ତାହର ଖାଦ୍ୟ। ଅନ୍ୟ ଏକ ପତ୍ର ମଗାଇ କିଛି ଭାତ ଅଲଗା ରଖି ଖାଇବା ଆରମ୍ଭ କଲି। ମୁଁ ଥିଲି ଭୋକିଲା। ଚିକେନ ଝୋଳ ମିଶାଇ ଗେବି ଦେଲି ପ୍ରଥମେ କେତେ ଗୁଣ୍ଡା। ଧୀରେ ଧୀରେ ଖାଇ ଶେଷ କରିବା ଆଗରୁ ପାଖରେ ବସିଥିବା ରଘୁ ଓ ପ୍ରଧାନ ପୁଅ ପ୍ରଥମ ପରଶା ଶେଷ କରି ଦ୍ୱିତୀୟ ଥର ଖାଇଲେ। ଯାହା ହେଉ ବହୁ ଦିନ ବ୍ୟବଧାନରେ ଏକ ତୃପ୍ତି କର ପେଟଭରା ଦେଶୀୟ ଖାଦ୍ୟ ଖାଇ ପରମ ଶାନ୍ତି ପାଇଲି।

ରାତ୍ରର ବିଶ୍ରାମ ପାଇଁ ଧାଙ୍ଗଡା - ଧାଙ୍ଗିଡୀ ଗୃହରେ ବ୍ୟବସ୍ଥା କରାଇଥିଲେ ପ୍ରଧାନ ବାବୁ। ଦୁଇଜଣ ଭେଣ୍ଡା ନିବୃତ ଗୃହରେ ଜଗିରହିଥିଲେ। ସେମାନେ ଶୋଇଗଲେ ନିଘୋଡ ନିଦରେ। କିନ୍ତୁ ମୋ ନିଦ ଭାଙ୍ଗି ଯାଉଥିଲା ବନ୍ୟଜନ୍ତୁଙ୍କ ଗର୍ଜନ ତର୍ଜନ ଚିତ୍କାରରେ। ପରଦିନ କ୍ୟାମ୍ପକୁ ଚାଲିଆସି ଫେରିଲି ହେଡ ଅଫିସକୁ।

**- ଦୁଇ -**

ମୁଁ ବୃତ୍ତିରେ ପରିସଂଖ୍ୟାୟକ ଓ ଜଣେ ଗବେଷକ। ସେଦିନ ରଘୁ ମାଝୀର ଗାଁର ପ୍ରଧାନ ବୁଢ଼ା ଭୂତ ସମ୍ବନ୍ଧରେ ଦେଇଥିବା ବୟାନ ଓ ଭୂତ ଯୋଗୁ ଡାକବଙ୍ଗଳା ପରିତ୍ୟକ୍ତ ହୋଇ ପଡିଛି ଓ ଦ୍ୱିତୀୟରେ ସେ ଭୂତ ଥିଲା ଜୀବନ୍ତ କଥାକୁ ମୁଁ ବିଶ୍ୱାସକୁ ନେଇ ପାରିନଥିଲି। ଏହାର ସତ୍ୟାସତ୍ୟ ଜାଣିବା ଓ ଘଟଣାଟିକୁ ଲୋକ ଲୋଚନକୁ ଆଣିବା ମୋ ମନରେ ଜାଗ୍ରତ ହୁଏ, ଉତ୍କଂମାରେ ସର୍ବଦା।

ସେ ସୁଯୋଗ ଆସିଗଲା। ଆଉ କେତେଜଣ ଗବେଷକଙ୍କୁ ନେଇ ମୁଁ ପହଞ୍ଚିଲି ପୂର୍ବ ବ୍ଲକ ଅଫିସରେ। ରଘୁ ମାଝିର ସହାୟତା ଲୋଡିଲୁ। ଜିଲ୍ଲା ଅଫିସକୁ ଯାଇ ଡାକ ବଙ୍ଗଳାର ଇତିହାସ ତା' ପରିବେଶ ଓ ସେଠାକୁ ଆସି ରାତ୍ରି ଯାପନ କରିଥିବା ଅତିଥିମାନଙ୍କ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କଲୁ।

ବୁଦ୍ଧିମାନ ଇଂରେଜ ଶାସକମାନେ ନିଜ ଶାସନକୁ ଦୃଢ଼ୀଭୂତ କରିବା ଉଦ୍ଦେଶ୍ୟରେ ପ୍ରତି ଜିଲ୍ଲା ବା ତାଲୁକର କିଛି ଦୂର ପାହାଡ, ପର୍ବତ ବା ଜଙ୍ଗଲ

ମଧ୍ୟରେ ଡାକବଙ୍ଗଳା ତୋଳିଥିଲେ। ଏହି ପରିବେଶ ଅତି ସୁଗମ୍ୟ। ପାଖରେ ନଦୀ, ବା ଝରଣା, ଉଚ୍ଚ ପାହାଡରୁ ବହୁଥିବା, ବିଭିନ୍ନ ଗଛବୃକ୍ଷ ଚତୁଃପାର୍ଶ୍ୱରେ ଥିବ। ବିଭିନ୍ନ ଋତୁର ପକ୍ଷୀରାବଙ୍କ ସ୍ୱନ ଶୁଭୁଥିବା ଏପରି ଜାଗା ନିର୍ଦ୍ଧାରଣ କରି ସୁରମ୍ୟ ଅଟ୍ଟାଳିକା ନିର୍ମାଣ କରିଥିଲେ ଓ ଚୌକିଦ୍ୱାର, ରୋଷେୟା ବ୍ୟବସ୍ଥା ଥାଏ ମଧ ସେଠାରେ।

ଏହି ଡାକ ବଙ୍ଗଳା ସରକାରୀ କର୍ମଚାରୀ ଓ ଭ୍ରମଣକାରୀଙ୍କ ଅସ୍ଥାୟୀ ବ୍ୟବହାର ପାଇଁ ନିର୍ଦ୍ଦିଷ୍ଟ ସରକାରୀ ପାନ୍ଥଶାଳା। ବିଶେଷତଃ ଇଂରାଜୀ ହାକିମମାନେ ଏଠାରେ ବର୍ଷର ବିଭିନ୍ନ ସମୟରେ ଡେରା ପକାନ୍ତି। ଜିଲ୍ଲାର ଶାନ୍ତି, ଶୃଙ୍ଖଳା, ପ୍ରଜାମାନଙ୍କ ଆପତ୍ତି ଅଭିଯୋଗ ବି ଶୁଣନ୍ତି। ଏଥିସହ ଭୂସଂପତ୍ତି, ରାଜସ୍ୱ ଆଦାୟ ସଂକ୍ରାନ୍ତ ମାମଲା ଦେଖନ୍ତି।

ଲକ୍ଷ୍ୟ ଓ ଉଦ୍ଦେଶ୍ୟ ମହତ। କିନ୍ତୁ ଏହି ଡାକବଙ୍ଗଳାଗୁଡ଼ିକ ସେମାନଙ୍କ ମନୋରଂଜନ ବା ଚିତ୍ତର ଆନନ୍ଦଦାୟକ କେନ୍ଦ୍ର ରୂପେ ପରିଚିତ। ସାହେବମାନେ ପରିବାର ନେଇ କିଛି ଦିନ ଡେରା ପକାନ୍ତି। ପ୍ରଜାଙ୍କୁ ଲଗାଇ ଅବାଧ ଶିକାର କରନ୍ତି। ମଦ ମାଂସରେ ମାତନ୍ତି। କିଏ କେତେଟା ବାଘ ଶିକାର କରିପାରିଲା ବହାଦୂରୀ ବି ନିଅନ୍ତି। ବାଘ ଚମଡା ଓ ହରିଣ ମୁଣ୍ଡ ନିଜ ଡ୍ରଇଂ ରୁମରେ ଝୁଲାଇ ନିର୍ଜନତାର ଗର୍ଜନ ଅନ୍ୟମାନଙ୍କୁ ଶୁଣାଇବା ପାଇଁ। ଏହି ସାହେବମାନେ ପରିବାର ନ ଆଣି ଯେବେ ସାଙ୍ଗସୁଖଙ୍କୁ ନେଇ ଆସନ୍ତି ଡାକବଙ୍ଗଳାର ପରିବେଶ ବଦଳିଯାଏ। ଗସ୍ତ ପୂର୍ବରୁ ଡାକବଙ୍ଗଳାର ତଳ ସ୍ତରର କର୍ମଚାରୀ ଚୌକିଦାର, ରୋଷେୟା, ପିଆଦା ଖବର ପାଇ କେଉଁ ଅଞ୍ଚଳରେ ସୁନ୍ଦରୀ ଝିଅ ବୋହୂ, ଖାସି କୁକୁଡା ଅଛନ୍ତି ତା'ର ସନ୍ଧାନରେ ଲାଗି ଯାଆନ୍ତି।

ସାହେବ ଦିନବେଳା ଅଫିସ କାମ, ଛୁଟି ଦିନରେ ଜଙ୍ଗଲରେ ଶିକାର କରି ମଜା ଉଠାନ୍ତି। ହରିଣ, ବାରହା ଶିକାର କରି ରାନ୍ଧଣା ହୁଏ, କେତେ ବା ଖାଇବେ ? ବଳକା କର୍ମଚାରୀ ଓ ଅନ୍ୟମାନଙ୍କୁ ବାଣ୍ଟି ସେମାନଙ୍କର ପ୍ରିୟପାତ୍ର ହୁଅନ୍ତି।

ପ୍ରକୃତ ରଙ୍ଗରସ ଆରମ୍ଭ ହୁଏ ଯେବେ ଅନ୍ଧାର ଘୋଟିଆସେ। ଟେବୁଲ ଉପରେ ସଜାହୋଇ ଯାଏ ବିଭିନ୍ନ ବ୍ରାଣ୍ଡର ଲିକର, ମଦ୍ୟପାତ୍ର ଓ ଗରମାଗରମ ଚିକେନ ଲେଗ୍ ବା ଅନ୍ୟ ବନ୍ୟପ୍ରାଣୀଙ୍କ ଫଡ଼ିଆ। ଯୋଗାଡ ହୋଇ ଆସିଥାନ୍ତି ନୃତ୍ୟ କରିବା ପାଇଁ ନାଚବାଲି। ସେମାନଙ୍କ ମଧ୍ୟରୁ କେତେକ ମଧ ବେଡ ପାର୍ଟନର ହୋଇଥାନ୍ତି ସାହେବଙ୍କ ସହିତ। କିଛି ଦିନ ରହଣି ସମୟରେ ଅନେକ ଯୁବତୀ ଓ ରମଣୀଙ୍କୁ ସଂଭୋଗ କରନ୍ତି ଓ ଛାଡିଦେଇ ଯାଆନ୍ତି ସେମାନଙ୍କ ଗର୍ଭରେ ଅନେକ ଜାରଜ ସନ୍ତାନ ସନ୍ତତି। ସୁଯୋଗ ପାଇଲେ ସେ କାମାନ୍ଧ, ଲୁଣ୍ଠନକାରୀ ସାହେବମାନେ ଗରିବ ଚୌକିଦାର ସଫେଇ କର୍ମଚାରୀମାନଙ୍କ ଝିଅ ବୋହୂ ଓ ସ୍ତ୍ରୀମାନଙ୍କୁ ଅତ୍ୟାଚାର କରନ୍ତି।

ଦେଶରେ ସ୍ୱାଧୀନତା ସଂଗ୍ରାମ ବଢ଼ି ବଢ଼ି ଚାଲିଲା। ବ୍ରିଟିଶରାଜ ଭାରତରେ ବେଶୀଦିନ ରହିବାର ସମ୍ଭାବନା କମ୍ ଉପଲବ୍ଧି କଲେ ଗୋରା ସାହେବମାନେ। ଏଣୁ ଯାହା ପାର ବାନ୍ଧ, ସୁଖ ଭୋଗ, ଯାହା ପାରୁଛ କର ମତଲବରେ ରହିଲେ ସେମାନେ।

ଉଦାହରଣ ସ୍ୱରୂପ କଳାହାଣ୍ଡି ଜିଲ୍ଲାରେ ଥିବା ଡାକବଙ୍ଗଳାର ଘଟଣାଟିକୁ ଗ୍ରହଣ କରାଯାଇପାରେ।

ଡାକବଙ୍ଗଳାଟି ବିରାଟ ଜଙ୍ଗଲର ଏକ ଛୋଟ ପାହାଡ ଉପରେ ନିର୍ମାଣ କରାଯାଇଥିଲା। କିଛି ଦୂରରେ ଏକ ପାହାଡିଆ ନଦୀରେ ଏହି ପାହାଡରୁ ନିର୍ଗତ ଚିରସ୍ରୋତା ଝରଣାଟିଏ ସେ ନଦୀରେ ମିଶିଥିଲା। ବଙ୍ଗଳାକୁ ବନ୍ୟଜନ୍ତୁଙ୍କ ଉପଦ୍ରବରୁ ରକ୍ଷା ପାଇଁ ଉଚ୍ଚ ପାଚେରି ନିର୍ମାଣ କରାଯାଇ ଫଳପୁଷ୍ପ ଉଦ୍ୟାନ କରାଯାଇଥିଲା। ଅବସର ସମୟରେ ଜଙ୍ଗଲର ଅନ୍ତେବାସୀ ଏଡା ମଧ୍ୟରେ ଭ୍ରମଣ କରି ଝରଣାର କୁଳୁକୁଳୁ ତରଙ୍ଗ, ସେଥିରେ ବାସ କରିଥିବା ଜଳଜୀବଙ୍କ ସହ ଖେଳନ୍ତି। ବଣ୍ୟଜନ୍ତୁ ଝରଣାର ଜଳପାନ କରୁ ଥିବାର ଦୃଶ୍ୟ, ବାଘ, ହରିଣଙ୍କ ମଧ୍ୟରେ ଛକାପଞ୍ଝା, ପକ୍ଷୀଙ୍କର କଳରବ ବେଶ୍ ଉପଭୋଗ୍ୟ ହୁଏ।

ବଙ୍ଗଳାର ପାଦଦେଶରେ ଛୋଟଛୋଟ କୁଡିଆ ଘରେ ବାସ କରନ୍ତି ଆଦିବାସୀ ବୋହୂ, କନ୍ଧ, ଯୁଆଙ୍ଗ ପରିବାର। ଅତି ବେଶୀରେ ତିରିଶ ବା ଚାଳିଶ ପରିବାର ଏକ ଲାଇନରେ କୁଡିଆ କରି ପରିବାର ସହ ରହି ଜଙ୍ଗଲର ଫଳମୂଳ, ପୋଡୁଚାଷ କରି ଜୀବିକା ନିର୍ବାହ କରନ୍ତି। ରଙ୍ଗ ଯାହା ହେଲେ ବି ସେମାନେ ସୁସ୍ଥ, ସବଳ ଓ ବଳବାନ।

ମିଃ ସ୍ମିଥ୍ ଓ ରୋମିଓ ନାମକ ଦୁଇଜଣ ସାହେବ ଖୁବ ପ୍ରକୃତିପ୍ରିୟ। ବଣ ଜଙ୍ଗଲରେ ଘୂରିବା, ଶିକାର କରିବା ସହ ସେଠାରେ ବାସ କରୁଥିବା ଆଦିବାସୀଙ୍କ ସରଳତାର ସୁଯୋଗ ନେଇ ସେମାନଙ୍କୁ ଶୋଷଣ କରନ୍ତି ଓ ଝିଅ ଓ ବୋହୂଙ୍କୁ ଉପଭୋଗ କରନ୍ତି।

ସେମାନେ ଯେବେ ବଙ୍ଗଳାକୁ ସରକାରୀ କାର୍ଯ୍ୟରେ ଆସନ୍ତି ଖୁବ ପୂର୍ବରୁ ଚୌକିଦାର, ଅନ୍ୟ କର୍ମଚାରୀଙ୍କୁ ସେ ଅଞ୍ଚଳର ସୁନ୍ଦରୀ ଝିଅଙ୍କ ଖବର ରଖି ଆବଶ୍ୟକ ସ୍ଥଳେ ଅର୍ଥଲୋଭ ଦେଖାଇ ନଚେତ କୌଶଳରେ ସେମାନଙ୍କୁ ହରଣଚାଳ କରି ଆଣିବା ପାଇଁ ଭିତିରିଆ ନିର୍ଦ୍ଦେଶ ଦେଇଥାନ୍ତି।

ଯେଉଁ ଝିଅ ବା ବୋହୂ ଯେଉଁମାନଙ୍କୁ ହରଣଚାଳ କରାଯାଇ ବଙ୍ଗଳାକୁ ଅଣାଯାଏ ସେମାନଙ୍କୁ ନାନା ପ୍ରକାର ଯୌନ ନିର୍ଯାତନା ଦିଅନ୍ତି। ଏହି ଯନ୍ତ୍ରଣାରେ କେତେକ ମଧ ମୃତ୍ୟୁବରଣ କରନ୍ତି ଓ କିଛି ମାନସିକ ଭାରସାମ୍ୟ ହରାଇ ପାଗଳ ବା ଶାରୀରିକ ଅସାମର୍ଥ୍ୟ ବା ବିକଳାଙ୍ଗ ହୋଇ ବଣ ଜଙ୍ଗଲରେ ଘୁରନ୍ତି ଓ ହିଂସ୍ର ଜନ୍ତୁଙ୍କ ଶିକାର ହୋଇ ଅକାଳେ ଜୀବନ ହାରନ୍ତି।

ଝିଅ ଓ ବୋହୂମାନଙ୍କ ହରଣଚାଳ ଅଞ୍ଚଳବାସୀଙ୍କ ମନରେ କୋକୁଆ ଭୟ ସୃଷ୍ଟି କଲା। ଏହା ଏକ ଭୌତିକ କାଣ୍ଡ; ଅର୍ଥାତ୍ ଭୂତ ପ୍ରେତଙ୍କ ଉପଦ୍ରବ ବୋଲି ମନରେ ଧାରଣା ଜନ୍ମିଲା। ଏଣୁ ସେ ଅଞ୍ଚଳର ପ୍ରଧାନ ବା ଗୌନ୍ତିଆ ସବୁ ଏକତ୍ର ହୋଇ କାରଣ ଖୋଜି ବସି କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିନଥିଲେ। କିନ୍ତୁ ସମସ୍ତେ ଏକମତ ହେଲେ ଏ ଅଞ୍ଚଳରୁ ଯଦି ଏମିତି ଝିଅ-ବୋହୂ ହରଣଚାଳ ହୋଇଯିବେ ଦିନେ ଏଠି ରହିବେ କିଏ ? ସେମାନେ ବୁଢ଼ାବଢ଼ି ହୋଇ ମରିଗଲା ପରେ ଏ ଜଙ୍ଗଲି ସମାଜ କ'ଣ ଧ୍ୱଂସ ପାଇଯିବ ? ଏଣୁ ଭୂତ ପ୍ରେତଙ୍କ ପୂଜାର ବିପୁଳ ଆୟୋଜନ କରି ଚାଲିଲେ। କିନ୍ତୁ ହରଣଚାଳ ଘଟଣା ଚାଲିଥାଏ ମଝିରେ ମଝିରେ। ଆତଙ୍କରେ ରହିଥାନ୍ତି ସ୍ଥାନୀୟ ବାସିନ୍ଦା। କାରଣ ରହିଲା ଅସ୍ପଷ୍ଟ। ଦୁଇ ଅଧିକାରୀଙ୍କ କାନରେ ଏ ଘଟଣା ପହଞ୍ଚିଲେ ବି ସେଥିପ୍ରତି ତାଙ୍କର ଭୟ ନଥାଏ। କିଏ ବା ତାଙ୍କର କ'ଣ କରିବ ? ସେମାନେ ତ ହର୍ତ୍ତା, କର୍ତ୍ତା ଦଇବ ବିଧାତା। ବରଂ ହସନ୍ତି ଓ ଭାରତୀୟମାନଙ୍କ ଅନ୍ଧବିଶ୍ୱାସ ଓ ଦୁର୍ବଳତାକୁ ନେଇ କଟୁ ମନ୍ତବ୍ୟ ଦିଅନ୍ତି।

ଏ ସାହେବ ଦ୍ୱୟଙ୍କ ମଧ୍ୟରେ ସହରୀ ମାଇପଙ୍କ ପ୍ରତି ଆସକ୍ତି ଥାଏ କମ୍। କାରଣ ସେଗୁଡା ନକଲି ଓ ଆଧୁନିକ। ଏଡସ ରୋଗର ସମ୍ଭାବନା ରହିଥାଏ। କିନ୍ତୁ ଜଙ୍ଗଲର ଏଇ ଧାଙ୍ଗଡୀମାନଙ୍କ ଭିତରେ ଅଛି କସ୍ତୁରୀ ମୃଗର ବାସ୍ନା। କୃଷ୍ଣ ଦେହର ସଶକ୍ତ ଗଠଣ, ସ୍ଫିତ ବକ୍ଷଦେଶ, କ୍ଷୀଣ କଟୀ, ଘନକୃଷ୍ଣ ବେଣୀ। ଆହା ! ଏମାନେ ତ ଅସଲି ମାଟିର କନ୍ୟା, ଏଇମାନେ ତ ଭାରତ। ଯେଉଁମାନେ ପରାଧୀନ, ଦୁର୍ବଳ, ଅଶିକ୍ଷିତ ସେ କେବେ ସୂର୍ଯ୍ୟାସ୍ତ ଯାଉ ନଥିବା ବ୍ରିଟିଶ ସାମ୍ରାଜ୍ୟ ବିରୁଦ୍ଧରେ କହିବା, ଲଢ଼ିବା ସହଜ ନୁହେଁ।

କିଛି ଦିନ ବ୍ୟବଧାନରେ ରଙ୍କ ମାଝି ଝିଅ ଫୁଡୁନା କେଉଁଆଡ଼େ ଗଲା ଯେ ଖୋଜ ଖବର ମିଳିଲାନି। ସେହି ଦୁଇ ସାହେବଙ୍କ ସେଥିରେ ହାତ ଥିଲା। ସେମାନଙ୍କର ମନେ ପଡ଼ିଯାଏ ଆଦିବାସୀ ଝିଅ ବୋହୂଙ୍କ ଉନ୍ମୁକ୍ତ ପୃଷ୍ଠଦେଶ, ଅର୍ଦ୍ଧ ଉନ୍ମୁକ୍ତ ବକ୍ଷ, ଛନ୍ଦମ ଚାଲି। ବାଃ ଯେମିତି ଏଇ କୃଷ୍ଣାଙ୍ଗୀମାନେ ଅସଲରେ କୁଞ୍ଜବନର ଗୋପୀ ! ଏଠି ଅନେକ ଅକ୍ଷତ କୁମାରୀ, ଏଠି ଅନେକ ବିଶ୍ୱସ୍ତ ସ୍ତ୍ରୀ। ଏହି ବିଶ୍ୱସନୀୟତାକୁ ଧ୍ୱଂସ କରିବାର ସେମାନଙ୍କର ଥିଲା ଆଦିମ ଆନନ୍ଦ। ଏହି ଧାରଣା ମନ ମଧ୍ୟରେ ଉଙ୍କି

ମାରୁଥିବା ସମୟରେ ଗୁପ୍ତଚର ଖବର ପହଞ୍ଚାଇଲା ହାତୀମରା ବସ୍ତିର ସୁନ୍ଦରୀ ଝିଅ ସୁକୁମା ବିଷୟରେ।

ସୁକୁମା ସାଧାରଣ ଆଦିବାସୀ ଝିଅମାନଙ୍କ ମଧ୍ୟରେ ଅନେକ ଭିନ୍ନ ଥିଲା। ଶୁଣାଯାଏ ସେ ଖାଣ୍ଟି ଆଦିବାସୀ ନୁହେଁ। ତା' ଜେଜମା କେଉଁ ସାହେବଙ୍କ ଘରେ କାମ କରୁକରୁ ତାଙ୍କର ରକ୍ଷିତା ହୋଇ ପାପ ଗର୍ଭରେ ସନ୍ତାନ, ସନ୍ତତି ପ୍ରସବ କରିଥିଲା। ଏଣୁ ସେ ବଂଶର ପରପୀଢ଼ିରେ ସାହେବଙ୍କ ଜିନ ରହିଥିବାରୁ ଦେହର ଗଠନ ଚେହେରାରେ ଭିନ୍ନତା ରହି ସୌନ୍ଦର୍ଯ୍ୟ ବୃଦ୍ଧି ଘଟିଥିଲା। ତା' ଯୌବନପ୍ରାପ୍ତି ପରେ ତା' ସୌନ୍ଦର୍ଯ୍ୟକୁ ନେଇ ଅନେକ ତାକୁ ନିଜର କରିବାକୁ ଚାହୁଁଥିଲେ। କିନ୍ତୁ ତା' ଭିନ୍ନ ରୂପ ନେଇଥିଲା ପରବର୍ତ୍ତୀ ସମୟରେ।

ଦିନେ ଜଙ୍ଗଲରେ ଫଳମୂଳ ସଂଗ୍ରହ କରିବା ପାଇଁ ସାଥିମାନଙ୍କ ସହ ଯାଇଥିଲା ସୁକୁମା। କୌଶଳକ୍ରମେ ସାହେବଙ୍କ ଦଲାଲ ବା ଚାମଚାମାନେ ଧରିନେଇ ବଙ୍ଗଳାରେ ଆବଦ୍ଧ କରିରଖି ବୁଝାଶୁଝା କରାଇ ସାହେବଙ୍କ ସହ ଯୌନ କ୍ରୀଡାରେ ମାତିବା ପାଇଁ ନିର୍ଦ୍ଦେଶ ଦେଲେ। ନଚେତ ଜୀବନ ବିପନ୍ନ ହେବ ଓ ମା ବାପ ତାର ଥାନା କୋର୍ଟକୁ ଟଣା ହେବେ।

ସୁକୁମା କିନ୍ତୁ ଏଥିରେ ଥିଲା ଅରାଜି ଓ ବୁଝି ସାରିଥିଲା ଯେଉଁ ଝିଅ ବୋହୂମାନେ ଗ୍ରାମ୍ୟ ଅଞ୍ଚଳରୁ ଉଭାନ ହେଇ ଯାଉଛନ୍ତି ତା' ଭୂତ ବା ପ୍ରେତଙ୍କ କାମ ନୁହେଁ। ଏହା ଏହି ଡାକ ବଙ୍ଗଳାକୁ ଆସୁଥିବା ସାହେବଙ୍କର ଚକ୍ରାନ୍ତ। ସେ ନିଶ୍ଚିତ ଥିଲା ସେ କେବେ ଏଠୁ ମୁକୁଳି ପାରିବ ନାହିଁ କିନ୍ତୁ ଯଦି ଯୌନ ନିର୍ଯାତନାରୁ ବଞ୍ଚେ ସେ ଅଞ୍ଚଳର ଝିଅ ବୋହୂଙ୍କର ଇଜ୍ଜତ ରଖିବ ଓ ଡାକବଙ୍ଗଳାରେ ଯେପରି ଏପରି ଦୁଷ୍କର୍ମ ବା ମନ୍ଦ କାର୍ଯ୍ୟ ନଚାଲେ ଦେଖିବ। ବଡ ସାହେବ ମିଃ ସ୍ମିଥ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରୁ କାର୍ଯ୍ୟସାରି ଘୋଡାରେ ଫେରିଲେ ସନ୍ଧ୍ୟାରେ। ନିତ୍ୟକର୍ମ ଶେଷ କରି ଚା ପାନ ପରେ କିଛି ସମୟ ବିଶ୍ରାମ କଲେ। ଏହି ସମୟ ମଧ୍ୟରେ ସଜା ଯାଇଥିଲା ରଙ୍ଗ ରସ, ମନୋରଂଜନ ବା ଆମୋଦ ପ୍ରମୋଦର ମୁହୂର୍ତ୍ତ। ଚିକେନ ବା ମଟନର ଚାଖଣା ସହ ପେଗ୍ ପରେ ପେଗ୍ ଲିକର ପାନ କଲେ। ମନେ ପଡ଼ିଗଲା ସେ ସୁନ୍ଦରୀ ଯୁବତୀ ସୁକୁମା କଥା। ଚିତ୍କାର କରିଡାକିଲେ ଲଛମନ କାହାଁଗୟା ଓ ମାଲ ଜଲଦି ଭେଜୋ।

ଚୌକିଦାର ଲଛମନ ହାଁଜୀ, ହାଁଜୀ କହି ହାଜର ହେଲା ଓ ବୁଝିପାରିଲା ସାହେବଙ୍କ ଉଦ୍ଦେଶ୍ୟ। ବିଳମ୍ବ ନ କରି ଖାଇବାକୁ ଦେଇ ଆବଦ୍ଧ କରି ରଖାଇଥିବା ସୁକୁମାକୁ ଜୋର କରି ସାହେବଙ୍କ ରୁମ୍‌ରେ ପୂରାଇ ବାହାରୁ ବନ୍ଦ କରି ଦେଲା।

ଭିତରେ କ'ଣ ଘଟୁଛି ସେ କଥା ଦେଖିବାର କାହାର ସୁଯୋଗ ନଥିଲା। କିନ୍ତୁ ବାହାରକୁ ଶୁଭୁଥିଲା ଓଃ ମରିଗଲି, ମରିଗଲି ରକ୍ଷା କର ଭଳି କରୁଣ ବା ଶୋକାବହ ଚିତ୍କାର। ଯେପରି ମହାବଳ ବ୍ୟାଘ୍ର ଶିକାରରେ ହରିଣ ଶାବକର ଅବସ୍ଥା ?

ରାତି ପାହି ସକାଳ ହେଲା। ସାହେବ ପ୍ରାତଃ ଭ୍ରମଣରେ ବାହାରିଗଲେ କିନ୍ତୁ ବିଚାରୀ ସୁକୁମା ଅଚେତ ଅବସ୍ଥାରେ ପଡିରହିଥିଲା ଏକ ପୁରୁଣା ଗଦି ଉପରେ। ଉନ୍ମୁକ୍ତ ଥିଲାତା' କେଶରାଶି, ସ୍ତନଯୁଗଳ ଓ ପିନ୍ଧିଥିବା ସ୍ୱଚ୍ଛ ବସ୍ତ୍ର ଖଣ୍ଡକ ହୋଇଥିଲା ଛିନ୍ନଭିନ୍ନ। ତାକୁ ଜୋର କରି ନିଶା ଦେଇ ରାତି ସାରା ପାଶବିକ ଅତ୍ୟାଚାର କରାଯାଇଥିଲା।

ବଙ୍ଗଳାର କେତେକ ମହିଳା କର୍ମଚାରୀ ତାକୁ ସୁସ୍ଥ କରାଇ ବୁଝାଶୁଝା କରି ପରଦିନ ଦ୍ୱିତୀୟ ସାହେବଙ୍କ ସୁଖ ସଂଭୋଗ ପାଇଁ ପ୍ରସ୍ତୁତ କରାଇଲେ।

ଏହିପରି କିଛି ଦିନ ଅମାନୁଷିକ ଅତ୍ୟାଚାର ଚାଲିଲା ସେ ନିରୀହା ଆଦିବାସୀ ଝିଅ ସୁକୁମା ଉପରେ। ଶେଷରେ ମୃତବତ ସୁକୁମାକୁ କର୍ମଚାରୀମାନେ ପକାଇ ଦେଇ ଆସିଲେ ବଙ୍ଗଳାର ପରିତ୍ୟକ୍ତ ଏକ ଜଙ୍ଗଲ ଏରିଆରେ।

ପ୍ରକୃତରେ ସୁକୁମା ମରି ନଥିଲା। ମରି ଯାଇଥିଲେ ତା' ମନରେ ଥିବା ସେ ଅଞ୍ଚଳର ଝିଅ ବୋହୂଙ୍କ ପ୍ରତି ହେଉଥିବା ଅତ୍ୟାଚାର ଦୂର କରିବାର ଇଚ୍ଛା ବା ପ୍ରୟାସ ବୋଧେ ଥଣ୍ଡା ପବନ ଦେହରେ ବାଜି ସେ ଧୀରେ ଧୀରେ ଚେଇଁ ଉଠିଲା। ଭୋକ ଓ ଶୋଷରେ ଜର୍ଜରିତ ସୁକୁମା ଅତି କଷ୍ଟରେ ପାଖ ଝରଣା କୂଳରେ ପହଞ୍ଚି ଆକଣ୍ଠ ଜଳ ପାନ କରି ସାଷ୍ଟାଙ୍ଗ ହେଲା। ଦେହର ପୀଡା ଓ ପେଟର ଜ୍ୱାଳା ଦୂର କରିବା ପାଇଁ ସେ ଜାଣିଥିବା କିଛି ଗଛ ଓ ଲତାର ଫଳମୂଳ ଖାଇ ଏକ ନିରାପଦ ଆଶ୍ରୟସ୍ଥଳ ବାଛି ନେଲା। ସେ ବୁଝିପାରିଥିଲା ଏହି ବଙ୍ଗଳାର କର୍ମଚାରୀ ଲୋକେ ସବୁ କାରଣର ମୂଳଉତ୍ସ। ଅର୍ଥ ଓ ଭୟରେ ସେମାନେ ସାହେବମାନଙ୍କୁ ସାହାଯ୍ୟ କରନ୍ତି। କିନ୍ତୁ ଏହି ଅଶିକ୍ଷିତ, ଧର୍ମାନ୍ଧଙ୍କ ଭୂତ ପ୍ରେତ ପ୍ରତି ପ୍ରବଳ ଭୟ ଥାଏ। ସେମାନଙ୍କୁ ଏ ଡାକବଙ୍ଗଳାରୁ ପ୍ରଥମେ କୌଣସି ପ୍ରକାରେ ବିତାଡିତ କଲେ ଅନ୍ୟକଥା ପରେ ଦେଖାଯିବ ଚିନ୍ତାରେ ରହିଲା ସୁକୁମା।

ତା' ପାଖରେ କେବଳ ସମ୍ବଳ ଥିଲା ମୃତ ଭାବି ଲୋକେ ତା' ଶରୀରରେ ଘୋଡାଇ ଦେଇ ଯାଇଥିବା କେତେଖଣ୍ଡ ସାଧାରଣ କପଡା। ତାକୁ ହିଁ ସମ୍ବଳ କରି ଡାଳ ପତ୍ରରେ ସଜେଇ ହୋଇ ଏକ ଭୂତୁଣୀ ରୂପରେ ନିଶାର୍ଦ୍ଧରେ ସେମାନଙ୍କ ଝରକା ଓ କବାଟରେ ପ୍ରବଳ ଟେକା ପଥର ବୃଷ୍ଟି କରି କିଳିକିଳା ରାବରେ ଭୟଭୀତ କରାଇଲା। ଏହା କିଛି ଦିନ ଚାଲୁ ରଖିଲା। ତା' ପରେ କିଛି ଦିନ ଝରକା କବାଟକୁ ନଖ ବା ପଥର ଖଣ୍ଡରେ ଆମ୍ପୁଡା ଆମ୍ପୁଡି କରି କହୁଥିଲା – ଖାଇବି ତୁମକୁ, ନିପାତ କରିବି ତୁମର ବଂଶଙ୍କୁ। ସେମାନଙ୍କ ପିଲା କବିଲା ଗୋଟେ ଭୂତ ମାତିଛି ଭୟରେ ସରକାରୀ ଘରଛାଡ଼ି ଗାଁକୁ ଚାଲିଗଲେ। ଯେଉଁ ପୁରୁଷ ଲୋକ ରହିଲେ ସେ ବଙ୍ଗଳାରୁ ଭୂତ ହଟାଇବା ପାଇଁ ପୂଜା ପ୍ରାର୍ଥନା କରାଇଲେ। ସବୁ ନିଷ୍ଫଳ ହେଲା। ନାରୀ ରୂପୀ ଭୂତୁଣୀ ସୁକୁମାର ଉତ୍ପାତ ସାହେବଙ୍କ ବଙ୍ଗଳା ଉପରେ ବି ପଡ଼ିଲା। ସେମାନେ କର୍ମଚାରୀଙ୍କ ପାଖରୁ ଶୁଣିଥିବା କଥା ସତ ମନେ କଲେ। ସାମୟିକ ଅଫିସ କାର୍ଯ୍ୟ ବା ଭ୍ରମଣ ଉଦ୍ଦେଶ୍ୟରେ ଆସୁଥିବା ଅତିଥିଙ୍କ ସଂଖ୍ୟା ଧୀରେ ଧୀରେ କମିଲା। କର୍ମଚାରୀମାନେ ଚାକିରି ଛାଡ଼ି ଗୃହକୁ ପଳାଇବା ଯୋଗୁଁ ଅତିଥିମାନେ ସେବା, ପରିଚର୍ଯ୍ୟା ନ ପାଇ ଫେରିଗଲେ।

ଲୋକେ ଏହି ଡାକ ବଙ୍ଗଳାକୁ ଭୂତ ବଙ୍ଗଳା କହି ଦିବାଲୋକରେ ଯିବାକୁ ମଧ୍ୟ ଭୟ କଲେ। ଫଳରେ ସରକାର ଏହାକୁ ପରିତ୍ୟକ୍ତ ବଙ୍ଗଳା ଘୋଷଣା କଲେ।

ଭୂତ ଯୋଗୁଁ ଅତିଥିଶାଳା ବନ୍ଦ ହୋଇଯିବା ସମ୍ବାଦ ପ୍ରଚାରିତ ହୋଇଗଲା ଦେଶ ବିଦେଶରେ। ଭୂତ ସମ୍ବନ୍ଧରେ ଅନେକ ଲେଖା ମଧ୍ୟ ପ୍ରକାଶ ପାଇଲା।

ସ୍ଥାନୀୟ ଅଧିବାସୀଙ୍କ ଝିଅ ବୋହୂ ହରଣଚାଲ ଡାକବଙ୍ଗଳାର ବିଦେଶୀ ସାହେବଙ୍କ ଦ୍ୱାରା ହେଉଥିବା ଜାଣିପାରି ସେମାନଙ୍କ ପ୍ରତି ଘୃଣା ଓ କ୍ରୋଧ ବଢ଼ିଥିଲା। ପରେ ସ୍ୱାଧୀନତା ସଂଗ୍ରାମୀମାନେ ଏହାକୁ ଏକ ଇସ୍ୟୁ କରି ବିଦେଶୀ ଶାସନରୁ ମୁକ୍ତି ପାଇଁ ଆହ୍ୱାନ ଦେଲେ।

ଆମ ଗବେଷଣାର ତଥ୍ୟଭିତ୍ତିକ ସତ୍ୟତା ପାଇଁ ଦିନେ ଖୋଜି ଖୋଜି ସୁକୁମାର ପୁରାତନ ଘରେ ପହଞ୍ଚି ଥିଲୁ। ଶୁଣିଲୁ ସୁକୁମା ପରବର୍ତ୍ତୀ ସମୟରେ ଡାକ ବଙ୍ଗଳା ଛାଡି ଫେରି ଆସିଥିଲା ନିଜ ଗ୍ରାମକୁ। ବିବାହ କରି ଘର ସଂସାର ବାନ୍ଧି ସୁଖରେ ଜୀବନ ନିର୍ବାହ କରିଥିଲା।

କିନ୍ତୁ ସ୍ଥାନୀୟ ଲୋକେ ତା' ନାମରେ ଏକ ମନ୍ଦିର ନିର୍ମାଣ କରି ପୂଜା ପାଠ କରୁଥିବାର ଖବର ସଂଗ୍ରହକଲୁ।

ଆମେ ଗବେଷକମାନେ 'ଜିଅନ୍ତା ଭୂତ' ଶିରୋନାମାରେ ଏକ ଚମତ୍କାର ଗଳ୍ପ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ କରି ଭୂତ ପ୍ରେତ ନାହାନ୍ତି ଏହା ଏକ ପ୍ରହେଳିକା ବା ଅନ୍ଧବିଶ୍ୱାସ ପ୍ରମାଣ କରାଇଥିଲୁ। ସୁକୁମା ତା'ର ଜ୍ୱଳନ୍ତ ଉଦାହରଣ ସେଥିରେ ଦର୍ଶାଇବାକୁ ଭୁଲି ନଥିଲୁ।

*୭୮୯, ଲକ୍ଷ୍ମୀସାଗର, ଭୁବନେଶ୍ୱର-୬*
*ଦୂରଭାଷ: ୯୮୬୧୨୫୭୩୩୩*

# କବିର କବିତା

## ପ୍ରଦ୍ୟୁମ୍ନ ପଟ୍ଟନାୟକ

କବିର ସାମଲ ପିଲା ବେଳୁ ପାଠରେ ଦୁର୍ବଳ। ଗଣିତ ଓ ବିଜ୍ଞାନ ପ୍ରତି ତା'ର ଅନାଗ୍ରହ। ଇଂରାଜୀ ଜ୍ଞାନ ସ୍ୱଳ୍ପ ହେଲେ ବି ପରୀକ୍ଷାରେ ପାସ ନିମନ୍ତେ ଚଳିଯାଏ। ସାମାଜିକ ବିଜ୍ଞାନ ପଢ଼ିବାକୁ ତାକୁ ଭଲ ଲାଗେ। ସାହିତ୍ୟ ପ୍ରତି ତା'ର ପ୍ରବଳ ଆକର୍ଷଣ। ଗାଁରେ ପାଲା, ଦାସକାଠିଆ, ଅପେରା ଆଦି ହେଲେ ରାତିରେ ତା' ଆଖିକୁ ନିଦ ଆସେନାହିଁ। ବୁଝୁ ନ ବୁଝୁ ଯାଇ ଆଗରେ ଅଖା ପାରି ବସିଯାଏ।

କଷ୍ଟେ ମଷ୍ଟେ ଗାଁ ଉଚ୍ଚ ବିଦ୍ୟାଳୟରେ ସବୁ ବିଷୟରେ ପାସ୍ କରି ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇ ଯାଉଥାଏ। ଏକା ଥରକେ ମାଟ୍ରିକ ବି ଡେଇଁଗଲା। ଯୁକ୍ତ ଦୁଇରେ ବିଜ୍ଞାନ ନ ପଢ଼ି କଳାରେ ନାମ ଲେଖାଇଲା। ଏଥର ନିଜ ଇଚ୍ଛାରେ ପାଠ। ଅପେକ୍ଷାକୃତ ଭଲ ନମ୍ବର ରଖିଲା। ବି.ଏ ପଢ଼ିବା ପାଇଁ ତା'ର ଆଗ୍ରହର ବିଷୟ ରାଜନୀତି ବିଜ୍ଞାନ ଏବଂ ଓଡ଼ିଆ ଭାଷା ସାହିତ୍ୟ ରଖିଲା। ପରୀକ୍ଷାରେ ପାସ୍ କରି କଳାରେ ସ୍ନାତକ ହୋଇଗଲା। ମାତ୍ର ବି.ଏ. ଡିଗ୍ରୀଧାରୀଙ୍କ ପାଇଁ ଚାକିରି କାହିଁ? ମନ ଚାହୁଁଥିଲା ରାଜନୀତି କରିବ। ନେତା ମନ୍ତ୍ରୀହେବ। କିଛି ନହେଲେ ଗାଁ ସରପଞ୍ଚ ହୋଇ ଯାଆନ୍ତ କି?

ରାଜନୀତି ପାଇଁ ଆବଶ୍ୟକ ସମ୍ବଳ ଏବଂ ସମର୍ଥକ। ଦୁଇଟିଯାକ ଉପାଦାନ ପରସ୍ପର ନିର୍ଭରଶୀଳ। ସମର୍ଥକ ବୁଝାଇବା ପାଇଁ ସମ୍ବଳ ଆବଶ୍ୟକ। ସମ୍ବଳ ଥିଲେ ଅନାୟାସରେ ସମର୍ଥକ ବୁଝାଇ ହୁଏ। ଚାଷୀ ଘର ପୁଅ କବିର। ବାପା ନାମ ମାତ୍ର ଚାଷୀ। ସ୍ୱଳ୍ପ ଜମି ବାଡି ଭାଗ ବଖରା କରି ବାପା ଘର ଚଳାନ୍ତି। ନିମ୍ନ ମଧ୍ୟବିତ୍ତ ପରିବାରରେ ସବୁବେଳେ ଅନଟନ। ଅର୍ଥ କେଉଁଠୁ ଆସିବ ରାଜନୀତି କରିବାକୁ? ତଥାପି ନିର୍ବାଚନ ସମୟ ଆସିଲେ ସେ ସମ୍ଭାଳି ହୋଇ ରହିପାରେନି। କେହିନା କେହି ନେତାଙ୍କର ଗୋଡାଣିଆ ହୁଏ। ଭୋଜିଭାତରେ ସାମିଲ ହେଉଥାଏ। କିଛି ଅର୍ଥ ବି ମିଳିଥିଲା। ପ୍ରାର୍ଥୀଙ୍କ ସପକ୍ଷରେ ନିଜ ଭୋଟ ସହ ଆଉ କିଛି ଭୋଟ ବୁଝାଇବାକୁ। ନିର୍ବାଚନ ଶେଷରେ ଯିଏ ଜିତିଲେ ବି କବିରର କିଛି ପରିବର୍ତ୍ତନ ହେଲାନାହିଁ। ଜାତି ଗଲା ସିନା ପେଟ ପୂରିଲା ନାହିଁ। ଅମୁକ ଦଳ ଲୋକ, ସମୁକର ଗୋଡାଣିଆ ଉପାଧି ମିଳିଲା ସିନା ନିଜର ସ୍ୱାଭିମାନୀ ପରିଚୟ କିମ୍ବା ଅର୍ଥ ଉପାର୍ଜନର ନିର୍ଭରଯୋଗ୍ୟ ସୂତ୍ର ମିଳିଲା ନାହିଁ। ଅଗତ୍ୟା ରାଜନୀତି ଆଡୁ ମୁହଁ ଫେରାଇବାକୁ ପଡିଲା।

ପରେ ବେକାର ବସି ବସି ନିଜ ଲୋକ ସାହି ପଡ଼ିଶା ସମସ୍ତଙ୍କର ଚକ୍ଷୁଃଶୂଳ ହେଉଥାଏ। ଚାକିରି ବାକିରି ଅନ୍ୱେଷଣରେ ଥାଏ। ତା' ସହ ଭାବିଲା ତା'ର ଅନ୍ୟ ଆକର୍ଷଣ ସାହିତ୍ୟ ପ୍ରତି ଧ୍ୟାନ ଦିଆଯାଉ। ଗାଁକୁ ଆସୁଥିବା ଖବର କାଗଜରୁ ଦେଖିବାକୁ ପାଏ ରାଜ୍ୟ ସାରା ବିଭିନ୍ନ ସ୍ଥାନରେ ସାହିତ୍ୟ ଆସର, ପୁସ୍ତକ ଉନ୍ମୋଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏସବୁ ଭୁବନେଶ୍ୱରରେ ସବୁଠୁ ଅଧିକ, ପ୍ରାୟ ଦୈନନ୍ଦିନ। ସାହିତ୍ୟ ସହ ରୋଜଗାର ସମ୍ଭାବନା ଦୃଷ୍ଟିରୁ ରାଜଧାନୀ ପ୍ରକୃଷ୍ଟ ସ୍ଥାନ ଭାବି କବିର ଭୁବନେଶ୍ୱର ଆସିବାକୁ ମନସ୍ଥ କଲା।

ଚାକିରି ଖୋଜିବାକୁ ଭୁବନେଶ୍ୱର ଯିବା କଥା ଘରେ ଜଣାଇବାରୁ ବାପା ଯୋଗାଡ଼ ଯନ୍ତ୍ର କରି କିଛି ଅର୍ଥ କବିର ହାତରେ ଦେଲେ। ଆଶା ପୁଅ ଯାଇ ଚାକିରି କରିବ। ନିଜ ଗୋଡରେ ଠିଆ ହେବ। ଗାଁରେ ବେକାର ବୁଲି ରାଜନୀତି କରିବା ପିଲାଙ୍କୁ ଲୋକେ ବାତରା କହନ୍ତି। ଭଦ୍ର ବିବେଚିତ କରନ୍ତି ନାହିଁ। ଭଲ ଆଖିରେ ଦେଖନ୍ତି ନାହିଁ।

କବିର ସ୍କୁଲ ବେଳର ସାଙ୍ଗ କରୁଣା ସାହୁ। ଗୁଡ଼ିଆ ଘର ପିଲା। ମାଟ୍ରିକ ଫେଲ ହେବା ପରେ କ'ଣ କରିବ ଭାବୁଥିଲା। କୌଳିକ ବୃତ୍ତି ତ କେବେଠୁ ଗଲାଣି। କିଛି ବୁଦ୍ଧି ନ ପାଇ ଭୁବନେଶ୍ୱର ପଳାଇଲା। ପାଞ୍ଚ ବର୍ଷ ହେଲାଣି ସେଠି ଅଟୋ ରିକ୍ସା ଚଳାଉଛି। ଦିନକୁ ପାଁଶ ହଜାରେ ରୋଜଗାର। ନିଜେ ଚଳି ଘରକୁ ଟଙ୍କା ପଠାଏ। ତା ବାପା ଦୁଇ ବଖରା ଘର କଲାଣି।

ରଜ ବେଳକୁ ଦୁଇଦିନ ପାଇଁ କରୁଣା ଆସିଥିଲା ଗାଁକୁ। କବିର ତାକୁ ତା' ମନ କଥା କହିବାରୁ କହିଲା, ଭଲ କଥା ତୁ ଚାଲ ମୋ ସହ। ଆମେ ଦୁଇ ସାଙ୍ଗ ମିଶି କରି ରହିବା। ମୁଁ ଗୋଟିଏ ବସ୍ତିରେ ବଖରାଏ ଘର ଭଡ଼ାରେ ନେଇଛି। ସେଠି ରହିବାରେ ତୋର କିଛି ଅସୁବିଧା ହେବନି। ରାଜଧାନୀରେ କେତେ କାମ। ଖୋଜିଲେ ମିଳିଯିବ। ପଇସା ସେଠି ଉଡୁଛି ପରା ଧରିପାରିଲେ ହେଲା।

କରୁଣା କଥାରେ କବିର ଉତ୍ସାହିତ ହୋଇଗଲା। ବାପା ଯୋଗାଡ କରିଥିବା ପଇସା ଧରି ରଜବାସିରେ କରୁଣା ସହ ଗାଁରୁ ବାହାରି ଆସିଲା ଭୁବନେଶ୍ୱର। ଦୁଇସାଙ୍ଗ ଗୋଟିଏ ଭଡ଼ାଘରେ ରହିବାରେ କିଛି ସମସ୍ୟା ନଥିଲା। ବରଂ କବିର ନିଜ ସହ ଆଣିଥିବା ଅର୍ଥରୁ କିଛି ଭଡ଼ା ବାବଦକୁ ଦେବାକୁ କହିବାରୁ କରୁଣା ମନା କରି କହିଲା, ଆଗତୁ ରୋଜଗାର କର ତା'ପରେ ଦେଖାଯିବ। ଯେ ପର୍ଯ୍ୟନ୍ତ ତୋତେ କିଛି କାମ ମିଳି ନାହିଁ ଆଉ ଦିନେ ସେ କଥା ଉଠାଇବୁ ନାହିଁ। ତୁ ଆସିଲୁ ମୋତେ ସାଙ୍ଗ ମିଳିଗଲା। ତା'ଠୁ ବଡ଼ କଥା ଆଉ କ'ଣ? ସବୁଦିନ ସକାଳୁ କରୁଣା ଅଟୋ ନେଇ ବାହାରି ଯାଏ ଫେରେ ରାତିକୁ। ତା'ର ଦିନଟା ଯାକର ଚା' ଜଳଖିଆ, ଭାତ ରୁଟି ଖିଆପିଆ ସବୁ ବାହାରେ।

କରୁଣା କାମକୁ ଯିବା ପରେ ଉଠେ କବିର। ନୂଆ ଜାଗା ରାତିରେ ଭଲ ନିଦ ହେଉନଥାଏ। ଗାଁରେ ସିନା ରାତିଟା ନିଷ୍କଳ ଖୁଡ଼ ନାହିଁକି ଖାଡ଼ ନାହିଁ। ଏଠି କିନ୍ତୁ ବସ୍ତିରେ କେତେ ଲୋକଙ୍କର ଅଧରାତିରେ ଉତ୍ପାତ। ଗାଳି ଗୁଲଜ ମାରପିଟ୍ କନ୍ଦାକଟା ନିଦ ଭାଙ୍ଗି ଦେଉଥାଏ। ସକାଳ ହେବା ଆଗରୁ ଆଖି ଲାଗିଯାଏ ଡେରିରେ ଖୋଲେ। ଉଠି ପଡ଼ି ସୂର୍ଯ୍ୟ ଉଇଁବା ଦେଖି କବିର ଚାଲିଯାଏ ରାସ୍ତା ଉପର ଚା' ଦୋକାନକୁ। ଦୁଇ ଟଙ୍କା ଦେଇ ଗୋଟେ କପ୍ ଚା ପିଏ। ଚା ପିଇବା କେବଳ ବାହାନା ମାତ୍ର। ଅସଲ ଉଦ୍ଦେଶ୍ୟ ଖବର କାଗଜ ଉପରେ ନଜର ପହଁରାଇବା। ପୃଷ୍ଠା ଓଲଟାଇ ଦେଖି ଯିବା ବେଳେ କବିରର ବିଶେଷ ଧ୍ୟାନ ଆଜିର କାର୍ଯ୍ୟକ୍ରମ ଉପରେ। ଆଜି କେଉଁଠିକୁ ଯିବେ ଶୀର୍ଷକରେ ଦେଖିନିଏ ସେଦିନର କାର୍ଯ୍ୟକ୍ରମର ସୂଚୀ। ସେ ଅନୁଯାୟୀ ସେ ସ୍ଥିର କରିନିଏ ବିଭିନ୍ନ ମନ୍ଦିର, ସଦନ, ଭବନମାନଙ୍କ ମଧ୍ୟରୁ କେଉଁଠିକୁ କେତେବେଳେ ଯିବାକୁ ହେବ।

ଗାଁରୁ ଆସିବା ପରେ ଦିନେ ଦୁଇଦିନ ଫୁରୁସତ୍ ଦେଖି କରୁଣା ତା' ଅଟୋରେ ବସାଇ କବିରକୁ ଭୁବନେଶ୍ୱର ବୁଲାଇ ଆଣିଥାଏ। କବିର କହିବା ଅନୁଯାୟୀ ବିଶେଷ କରି ତାକୁ ଦେଖାଇ ଦେଇଥାଏ ରବିନ୍ଦ୍ର ମଣ୍ଡପ, ଜୟଦେବ ଭବନ, ରେଡ଼କ୍ରସ ଭବନ, ସଂସ୍କୃତି ଭବନ, ଗୀତ ଗୋବିନ୍ଦ ସଦନ, ବୁଦ୍ଧ ମନ୍ଦିର ଆଦି ସ୍ଥାନ ଯେଉଁଠି ସାହିତ୍ୟ ଆସର ହୁଏ। ତା' ସହିତ ଦେଖାଇ ଦେଇଥାଏ ଗୋଟିଏ ଦୁଇଟି ଆହାର କେନ୍ଦ୍ର ଯେଉଁଠି ନାମକୁ ମାତ୍ର ଅର୍ଥ ବିନିମୟରେ ମିଳେ ପେଟ ଭରିବା ଭଳି ଖାଦ୍ୟ।

ଶନିବାର ରବିବାର ଛୁଟିଦିନମାନଙ୍କରେ ସାହିତ୍ୟ ଆସର ପୁସ୍ତକ ଉନ୍ମୋଚନ କେବେ କେବେ ଦିନରେ ଅନୁଷ୍ଠିତ ହେଉଥିଲେ ବି ପ୍ରାୟ ଅଧିକାଂଶ କାର୍ଯ୍ୟକ୍ରମ ହୁଏ ସନ୍ଧ୍ୟାବେଳେ। ପ୍ରଥମେ ପ୍ରଥମେ କବିର ସେପରି ଦୁଇ ତିନୋଟି କାର୍ଯ୍ୟକ୍ରମରେ ନିରୋଳା ସାହିତ୍ୟଉଦ୍ଦେଶ୍ୟ ରଖି ଭାଗ ନେବା ପରେ ଜାଣିଥିଲା ସେ ସଭାମାନଙ୍କରେ ଚା' ପାଣି, ଜଳଖିଆ ଏବଂ କେବେ କେବେ ଭୋଜନର ବ୍ୟବସ୍ଥା ବି ହୋଇଥାଏ। ସେ ଅନୁଯାୟୀ କବିର ଗାଁରୁ ଆସିବା ବେଳେ ଆଣିଥିବା ଯତ୍ କିଞ୍ଚିତ୍ ଅର୍ଥ ସରିଯିବା ଭୟରେ ନିଜର ଦୈନିଦିନ ଖର୍ଚ୍ଚକୁ ସୀମିତ ଏବଂ ସଂଯୋଜିତ କରି ନେଲା। ସକାଳେ ଚା' ବିସ୍କୁଟ ମଧ୍ୟାନରେ ଆହାର କେନ୍ଦ୍ର ଭୋଜନ ଏବଂ ସଂଧ୍ୟାରେ ସାହିତ୍ୟ ଆସରରେ ମିଳୁଥିବା ଚା' ଜଳଖିଆ କିମ୍ବା ରାତି ଭୋଜନ। ଜଳଖିଆ ଡବାରେ ଥିବା ଦୁଇଗୋଟି ବରା ସିଙ୍ଗଡା ଏବଂ ମିଠାରେ ପେଟ ନ ଭରିଲେ ବି ଆଉ ଅଧିକ ପଇସା ଖର୍ଚ୍ଚ କରି ଖାଇବାକୁ କବିର ଚାହୁଁ ନଥାଏ। ଦିନେ ଦିନେ ବି କୌଣସି କାର୍ଯ୍ୟକ୍ରମ ନ ଥିଲେ କିଛି ଖାଇବାକୁ ମିଳେ ନାହିଁ। ଯେବେ ମଧ୍ୟାନ ଭୋଜନ କିମ୍ବା ରାତ୍ରି ଭୋଜନର ବ୍ୟବସ୍ଥା ହୋଇଥାଏ ସେ ପେଟ ପୂରା ଖାଇନିଏ। ପୁଣି କେବେ କେବେ କରୁଣା ହୋଟେଲରେ ଖାଇଦେଇ ଆସି ନଥାଏ। ଦୁଇଜଣଙ୍କର ଖାଇବା ଭଳି ରୁଟି ତରକାରି ନେଇ ଆସିଥାଏ ବସାଘରକୁ। ମନା କରୁଥିଲେ ବି କବିରକୁ ବାଧ କରେ। ଦୁଇ ସାଙ୍ଗ ଗପସପ କରି ଖାଇବାର ମଜା ଉଠାନ୍ତି। କରୁଣା ତା ଦିନ ଯାକର ମେହେନତ ମଜଦୁରି କଥା କହେ। କବିର କିନ୍ତୁ ତା'ର ସାହିତ୍ୟାନୁଭବ କରୁଣା ଆଗରେ ବର୍ଣ୍ଣନା କରିପାରେ ନାହିଁ। ସେ ଭାବେ କାଲ ଆଗରେ ମୂଳା ଚୋବାଇବା ସଦୃଶ ହେବ। ତେଣୁ କେବଳ ହା ହାଁ କରେ।ବିନା କାମରେ ସେ କରୁଣା ଉପରେ ବୋଝ ହେଉଥିବା ଭାବି ତାକୁ ମାଡ଼ି ମାଡ଼ି ପଡୁଥାଏ। ସେ ତା' ଆର୍ଥିକ ଦୁରବସ୍ଥା ବୁଝାଇବାକୁ ଚେଷ୍ଟା କରେ। କରୁଣା ପଚାରିଲେ ଖାଇକରି ଆସିଛି କହିଦିଏ। ସାହିତ୍ୟ ଆସରରେ ଯୋଗ ଦେଇ ବସାକୁ ଫେରୁ ଫେରୁ ରାତି ନଅ କି ଦଶ ବାଜିଯାଏ। ଅଧିକାଂଶ ରାତି ଅଧା ପେଟରେ ଶୋଇଥାଏ। ତା' ଭଳି ତ ଦେଶରେ କେତେ ଲୋକ ଭୋକ ଉପାସରେ ରହୁଛନ୍ତି ସେଥିପାଇଁ ସେ ବ୍ୟସ୍ତ ହେଉନଥାଏ। ବରଂ କିଛି ଗୋଟେ କାମ ଧନ୍ଦା କରିବାକୁ ବ୍ୟାକୁଳ ହେଉଥାଏ। ସରି ଆସୁଥିବା ଗାଁରୁ ଆଣିଥିବା ଟଙ୍କାକୁ ନିତି ନିତି ଗଣୁଥାଏ। ହେଲେ କେବେ ବି ସାହିତ୍ୟ ଆସର ଯିବା ଛାଡେ ନାହିଁ। ଯୋଗକୁ ପାଖାପାଖି ଏକାବେଳେକେ ଦୁଇଟି ଆସର କିମ୍ବା ଉନ୍ମୋଚନ ଅନୁଷ୍ଠିତ ହେଉଥିଲେ ଚେଷ୍ଟା କରେ ଦୁଇଟି ଯାକରେ କିଛି କିଛି ସମୟ ବସି ଦୁଇଟି ଜଳଖିଆ ଡବା ହାତେଇ ନେବାକୁ। ସେଦିନ ଆଉ ଭୋକିଲା ପେଟରେ ଶୋଇବାକୁ ପଡୁ ନଥାଏ।

ସପ୍ତାହେ ପନ୍ଦର ଦିନ ମଧ୍ୟରେ ତା'ର ସମ୍ପୂର୍ଣ୍ଣ ଅଭିଜ୍ଞତା ହୋଇଗଲା। ସାହିତ୍ୟ ଚର୍ଚ୍ଚା ଯାହା ହେଉ ପଛକେ ପୁସ୍ତକ ଉନ୍ମୋଚନ ଉତ୍ସବରେ ଅପେକ୍ଷାକୃତ ବଡ଼ ଜଳଖିଆ ଡବା କିମ୍ବା ଭୋଜନ ମିଳୁଥାଏ। ତା'ବ୍ୟତୀତ ପ୍ରେମୀମାନଙ୍କୁ ଆଦରର ସହ ସ୍ୱାଗତ କରାଯାଏ ଉପସ୍ଥାନ ବଢ଼ାଇବା ଲାଗି। ନ ହେଲେ ଆମନ୍ତ୍ରିତ ଅତିଥି ବକ୍ତା ଦିଶନ୍ତି ନାହିଁ।

ତାଳି ପକା କପଡ଼ା ଭଳି ତା'ର ଏ ଦୈନନ୍ଦିନ ଟାଣଟୁଣ ଅନିଶ୍ଚିତ ଜୀବନକୁ ନେଇ ସେ ଚିନ୍ତିତ ହେବା ସହ କିଛି ଗୋଟେ କାମର ଅନ୍ୱେଷଣରେ ଥାଏ। ଦିନେ ସକାଳୁ ଚା' ପିଇସାରି ଖବର କାଗଜ ପଢ଼ିବା ବେଳେ ଦେଖିଲା ଚା' ଦେକାନୀ ଭାରି ବ୍ୟସ୍ତ। ଦୋକାନ ଆଗରେ ଲୋକଙ୍କ ଭିଡ଼। କିଏ ଚା ମାଗୁଛି ତ କିଏ କ୍ଷୀର। କାହାର ଖବରକାଗଜ ଦରକାର ତ କାହାର ସିଗାରେଟ୍ କିମ୍ବା ତମାଖୁ ପୁଡ଼ିଆ। ତା' ସାଙ୍ଗପିଲା ନଥିବାରୁ ଏକୁଟିଆ ଦୋକାନୀ ଗ୍ରାହକମାନଙ୍କୁ ସମ୍ଭାଳି ପାରୁନଥାଏ। କବିର ସ୍ୱତଃସ୍ଫୂର୍ତ୍ତ ଭାବେ ସାହାଯ୍ୟ କରିବାକୁ ଠିଆ ହୋଇଗଲା। ଟ୍ରେରୁ କ୍ଷୀର, ଜାରରୁ ବିସ୍କୁଟ, ଥାକରୁ ଖବରକାଗଜ ଗରାଖମାନଙ୍କୁ ବଢ଼ାଇ ଦେଲା। ପଇସା ଆଦାୟ କରି ଦୋକାନୀକୁ ଦେଲା। ବଳକା ପଇସା ଗ୍ରାହକଙ୍କୁ ଫେରାଇଲା। ତା' ସାହାଯ୍ୟ ଫଳରେ ଭିଡ଼ କମିଯିବାରୁ ପଚାରିଲା ଆଜି କାହିଁ ତୁମ ଯୋଡ଼ିଦାର ଦିଶୁ ନାହିଁ। ତୁମକୁ ଏକୁଟିଆ ସବୁ ସମ୍ଭାଳିବାକୁ ପଡୁଛି।

ଚା' ଦୋକାନୀ କହିଲା, "ସେ ପିଲା ମୋର ଯାର ଦୋସ୍ତ କିମ୍ବା ଭାଇ ବନ୍ଧୁ ନୁହଁ। ମୋ ପାଖରେ ରହି ମଜୁରି ନେଇ କାମ କରୁଥିଲା। ଗାଁରେ ବାପା ବେମାର କହି ଚାଲିଗଲା। କେବେ ଫେରିବ ଜଣାନାହିଁ। ଆଉ ଗାଁରୁ ଆସିବ କି ନାହିଁ ତା' ବି ଠିକ୍ ନାହିଁ। ଚା' ଦୋକାନୀର ମନ କହୁଥିଲା କବିର ଭଳି ଜଣେ କେହି ତାକୁ ସାହାଯ୍ୟ କରିବାକୁ ମିଳି ଯାଆନ୍ତାକି ସକାଳ ବ୍ୟବସାୟ ଭଲରେ ଚାଲନ୍ତା। ଚା' କ୍ଷୀରର ତ ଦୁଇ ତିନି ଘଣ୍ଟାର ବେପାର ତା'ପରେ ଦିନସାରା ଦୋକାନ ବନ୍ଦ। କବିର ଲାଜଛାଡ଼ି ମୁହଁ ଖୋଲି କହିଲା, 'ଭାଇ ତୁମ ପିଲା ଆସିବା ଯାଏ ମୁଁ ତୁମକୁ ସାହାଯ୍ୟ କରିବି ଯାହା ଇଚ୍ଛା ମଜୁରି ଦିଅ ପଛକେ ମୋର କାମ ଦରକାର।

ଚା' ଦୋକାନୀ କହିଲା, 'ତୁମେ ବାବୁ ଲୋକ କ'ଣ ଏକାମ କରିବ?'

– ନା' ଭାଇ ମୁଁ କେଉଁ ବାବୁ ଫାବୁ ନୁହଁ। ଗାଁ ଚାଷୀଘର ପୁଅ। ବି.ଏ ପାସ୍ କରି ବେକାର। ଚାକିରି ଖଣ୍ଡେ ପାଇଁ ଆସିଛି ସହର। ଯାହା ବି ହେଉ ମୋର କିଛି କାମ ଦରକାର।

କବିର କଥାରେ ଚା'ବାଲା ରାଜି ହୋଇଗଲା। ତାକୁ ସକାଳ ଛଅଟାରୁ ଆସି ନଅଟା ଯାଏ କାମ କରିବାକୁ କହିଲା। କାମ ତ ମାମୁଲି। ଚା' କ୍ଷୀର ଖବରକାଗଜ ବିକିବାରେ ଚା' ଦୋକାନୀକୁ ସାହାଯ୍ୟ କରିବା। ମଜୁରି ବାବଦକୁ ଦିନକୁ ଦୁଇଶହ ମିଳିବ। ସେଦିନ ବି କବିରକୁ ତା' କାମ ଲାଗି ଶହେ ଟଙ୍କା ଦେଇଥିଲା ଚା'ଦୋକାନୀ।

କବିର ତା' ଜୀବନର ପ୍ରଥମ ରୋଜଗାର ଶହେ ଟଙ୍କା ପାଇ ବହୁତ ଖୁସି ଥିଲା। ଆଗରୁ ରାଜନୀତି କରି ତା'ଠୁ ଅଧିକ ମିଳିଥିଲେ ସୁଦ୍ଧା ସେ ଇମାନଦାର ରୋଜଗାର ନଥିଲା। ଲାଞ୍ଚ ମିଛର କମାଇ ଥିଲା।ସେଦିନ ସଂଧ୍ୟାବେଳେ କରୁଣାକୁ ତା'କାମ ଜଣାଇ କହିଥିଲା, ତା'ର ଅନିଶ୍ଚିତତା ପବନରେ ଉଡୁଥିବା ଅସ୍ଥିର ପାଦ ଭୂଇଁକୁ ଛୁଇଁଛି। ଛୋଟ ବଡ଼ ବିଚାର ନ କରି କାମଟିଏ ମିଳିଛି। କି କାମ? ପଚାରିଲା କରୁଣା।

– ଚା' ଦୋକାନରେ ଚା' ବିକିବା କାମ।

ଆଶ୍ଚର୍ଯ୍ୟ ହୋଇ କରୁଣା କହିଲା, 'ଆରେ ସାଙ୍ଗ ତୁ ବି.ଏ ପାସ୍ କରି ଏଠି ଚା' ବିକିବୁ?

– ଦେଖ ଭାଇ ଗାଁରେ ଦୁଇବର୍ଷ ହେଲା ବେକାର ବୁଲୁଥିବା ବେଳେ ମୋ ବି.ଏ ଡିଗ୍ରୀ କଣା ପଇସାଟିର କାମ କରୁନଥିଲା। ଏଯାଏ ବି ଟଙ୍କାଟିଏ ବି ରୋଜଗାର କରିବାରେ ସହାୟକ ହୋଇ ପାରିନି। ଆଗକୁ କ'ଣ ହେବ ଜଣାନାହିଁ। ସହରକୁ ଆସି ତୋ ପାଖରେ ରହିବାରୁ ଦିନକୁ ତିନିଘଣ୍ଟା ମେହେନତ କରି ଦୁଇଶହ ଟଙ୍କା ମିଳିବାର ପ୍ରତିଶ୍ରୁତି ମିଳିଛି। ଲୋକ ଦେଖାଣିଆ ଡିଗ୍ରୀରୁ କ'ଣ ମିଳିବ କହିଲୁ। ତୋ ଅଟୋରେ ବସିବା ଆଗରୁ କେହି କ'ଣ ତୋ ସାର୍ଟିଫିକେଟ ଦେଖୁଛି ନା ତୋ'ପାଠ ପଚାରି ଅଟୋରେ ବସୁଛି। କେଉଁ କାମ ଛୋଟ ନୁହଁ। ମେହେନତ ସବୁଠୁ ବଡ଼ କଥା।

- ହଉ ଭାଇ ପ୍ରଭୁଙ୍କ ନାମ ନେଇ କାମ ଆରମ୍ଭ କର। ଚକାଡୋଳା ତୋ କଥା ଶୁଣିବେ। ତୋତେ ଦିନେ ବଡ କିଛି କରାଇବେ। ସେଇଥିପାଇଁ ବୋଧେ ତତେ ଗାଁରୁ ସହର ଆଣିଛନ୍ତି।

ଏଥର କବିର ସକାଳ ଛଅ ବାଜିବା ବେଳକୁ ଚା' ଦୋକାନରେ ପହଞ୍ଚି ଯାଉଥାଏ। ଦୋକାନୀ ସହ ମିଶି ଗ୍ରାହକ ସେବାରେ ଲାଗିଯାଏ ଦୁଇ ତିନିଘଣ୍ଟା। ସେ ଭିତରେ ଥରେ ଦୁଇଥର ଚା' ପିଇବା ସହ ବିସ୍କୁଟ ଖାଇବାକୁ ଆଉ ପଇସା ଖର୍ଚ୍ଚ କରିବାକୁ ପଡୁ ନଥାଏ। ତା ସହ ମୌଖିକ ଚୁକ୍ତି ଅନୁଯାୟୀ ତାକୁ ପ୍ରତିଦିନ ଦୁଇଶହ ଟଙ୍କା ମଜୁରି ମିଳୁଥାଏ।

ଚା'ଦୋକାନ କାମ ସାରି କବିର ଭଡ଼ା ଘରକୁ ଫେରି ଗାଧୁଆ ପାଧୁଆ କରେ। ତା'ପରେ କାମ ଖୋଜିବା ପାଇଁ ବାହାରି ପଡ଼େ। ଚାଲି ଚାଲି ଦୁଇତିନି ଘଣ୍ଟା ବୁଲାବୁଲି କରି ପହଞ୍ଚେ ଆହାର କେନ୍ଦ୍ର ପାଖରେ। ଦିନେ ମଧ୍ୟାହ୍ନ ଭୋଜନ ପାଇଁ ଆହାର କେନ୍ଦ୍ର ଯିବା ବାଟରେ ତା' ନଜର ପଡ଼ିଲା ଗୋଟିଏ ଜେରକ୍ସ ଦୋକାନ ଆଗରେ ଲେଖାଥାଏ ଓଡ଼ିଆ ଭାଷାରେ ଟାଇପିଷ୍ଟ ଆବଶ୍ୟକ। ସେ ଗାଁରେ ଦୁଇବର୍ଷ ବେକାର ଥିବାବେଳେ ପାଖ ଗାଁ ଛକରେ ଥିବା କମ୍ପ୍ୟୁଟର ଶିକ୍ଷା କେନ୍ଦ୍ରରେ ଓଡ଼ିଆ ଟାଇପ୍ କରିବା ଶିଖିଥିଲା। ସେଠି ଯାଇ ପଚାରିବାରୁ ତାକୁ କାମ ମିଳିଗଲା। ଏକ ପ୍ରକାର ଠିକା କାମ। ଗୋଟିଏ ପୃଷ୍ଠା ଟାଇପ୍ ପାଇଁ ଦଶଟଙ୍କା ପ୍ରାପ୍ୟ। କବିର ସେଥିରେ ରାଜି ହୋଇଗଲା। ବସିବା ଠାରୁ କାଶିବା ଭଲ। ବେକାର ବୁଲିବା ଅପେକ୍ଷା କିଛି ତ କାମ ମିଳିଲା। କିନ୍ତୁ ତା' ଗୋଟିଏ ସର୍ତ୍ତ, ସେ ଦିନ ଦଶଟାରୁ ସନ୍ଧ୍ୟା ପାଞ୍ଚଟା ଯାଏ କାମ କରିବ ତା'ପରେ ନୁହଁ। କାରଣ ତାକୁ ସବୁଦିନ ସାହିତ୍ୟ ସଭାକୁ ଯିବାକୁ ଥାଏ। ତା' ମାଧ୍ୟମରେ ତାକୁ ଖୁସି ମିଳିବା ସହ କିଛି ଭୋଜନର ବ୍ୟବସ୍ଥା ହୋଇଯାଏ।

ଆଗ ଦିନକୁ ଦଶ ବାର ପୃଷ୍ଠାରୁ ଆରମ୍ଭ କରି ଅଭ୍ୟାସ କ୍ରମେ ପଚିଶ ତିରିଶ ପୃଷ୍ଠା ଯାଏ ଟାଇପ କରି ଦେଉଥାଏ। ସେଥିପାଇଁ ହାରାହାରି ଦିନକୁ ଦୁଇଶହରୁ ଊର୍ଦ୍ଧ୍ୱ ଉପାର୍ଜନ ହେଉଥାଏ। ଏଣିକି ତାକୁ ଆହାର କେନ୍ଦ୍ର ଯିବାକୁ ବେଳ ନଥାଏ କି ସେ ତା' ଉପରେ ନିର୍ଭର କରୁନଥାଏ। ନିଜ ରୋଜଗାରରେ ଦିନକୁ ଥରେ ତା'ମନ ମାଫିକ୍ ଭୋଜନ କରିନିଏ। ଦୁଇଟି ଯାକ କାମ ମିଶାଇ ମାସକୁ ଦଶବାର ହଜାର ଟଙ୍କା ରୋଜଗାର କରିବାକୁ ସେ ସକ୍ଷମ ହେବା ପରେ ପ୍ରଥମ ମାସ ଗାଁକୁ ତିନିହଜାର ଟଙ୍କା ପଠାଇ ଦେଲା। ଟଙ୍କା ପାଇଁ ଗାଁରେ ତା' ବାପା ମା ବହୁତ ଖୁସି ହୋଇଗଲେ। ଯାହା ହେଉ ପୁଅ ସହରରେ କାମ କରି ଘରକୁ ଟଙ୍କା ପଠାଇଲାଣି। କବିର ବେକାର ଥିବାବେଳେ ବାପା, ମା' ହତୋତ୍ସାହିତ ହୋଇ ଯାଇଥିଲେ। କେବେ ଦିନେ ଯେ ପୁଅ ରୋଜଗାରକ୍ଷମ ହେବ ସେ ବିଶ୍ୱାସ ତାଙ୍କର ନଥିଲା। ତାଙ୍କର ସେ ବିଶ୍ୱାସକୁ ଆହୁରି ଦୃଢ଼ କରିବାକୁ କବିର ପାଖରୁ ମାସକୁ ମାସ ତିନିହଜାର ଟଙ୍କା ନିୟମିତ ମିଳିବାକୁ ଲାଗିଲା। ତା' ବାପା ଗାଁରୁ କରିଥିବା ଉଧାର କରଜ ସବୁ ଶୁଝି ହୋଇଗଲା।

ସବୁଦିନ ସାହିତ୍ୟ ଆସରରେ ଉପସ୍ଥିତ ରହୁଥିବାରୁ ସାହିତ୍ୟିକ ମହଲରେ କବିର ଏକ ପରିଚିତ ଚେହେରା ହୋଇ ଯାଇଥାଏ। ଆଗ୍ରହ ବଶତଃ ଆଲୋଚ୍ୟ ବିଷୟ ବସ୍ତୁକୁ ଧ୍ୟାନ ପୂର୍ବକ ଶୁଣେ। କେବେ ସେସବୁ ତା'ମନକୁ ଛୁଏଁ ତ କେବେ ଜଳଖିଆ ଡବା ମିଳିବା ଆଶାରେ ତାକୁ ବାଧ୍ୟ ହୋଇ ଶୁଣିବାକୁ ପଡୁଥାଏ। ବିଭିନ୍ନ ଆସରକୁ ନେଇ ତା'ର ଅଭିଜ୍ଞତା ଭିନ୍ନ। ଓଡ଼ିଆ ସାହିତ୍ୟର ପଥିତ ଯଶା ସାରସ୍ୱତ ସାଧକମାନଙ୍କର ଜନ୍ମୋତ୍ସବ କିମ୍ବା ଶ୍ରାଦ୍ଧୋତ୍ସବରେ ସେମାନଙ୍କର ଅବଦାନର ସ୍ମୃତିଚାରଣ ହୁଏ। ତାଙ୍କ ପ୍ରଶଂସାରେ ଶତମୁଖ ହୁଅନ୍ତି ମଞ୍ଚାସୀନ ଅତିଥି ଏବଂ ବକ୍ତାଗଣ। ସେପରି ପୁସ୍ତକ ଉନ୍ମୋଚନ ଅବସରରେ ବଡ଼ ବଡ଼ ସାହିତ୍ୟିକମାନେ ଉପସ୍ଥିତ ହୋଇ ଉନ୍ମୋଚିତ ପୁସ୍ତକ ଉପରେ ଆଲୋକପାତ କରିଥାଆନ୍ତି। ଆଲୋଚନା ପ୍ରସଙ୍ଗରେ ପୁସ୍ତକର ରଚନା ଶୈଳୀ ଏବଂ ରଚୟିତା ବା ରଚୟିତ୍ରୀଙ୍କର ଗୁଣଗାନ କରିବା ସ୍ୱାଭାବିକ। କବିତା ଆସରରେ ଅଭିଜ୍ଞତା କିନ୍ତୁ ଅନ୍ୟ ପ୍ରକାର। ସେଥିରେ ପ୍ରାୟ ଉପସ୍ଥିତ ବ୍ୟକ୍ତିମାନେ ସକ୍ରିୟ ଅଂଶଗ୍ରହଣ କରିଥାଆନ୍ତି। ମଞ୍ଚ ଉପରେ ଯାଇ ସ୍ୱରଚିତ କବିତା ପାଠ କରିବାକୁ ପଡ଼େ। ସେପରି ସଭାରେ କବିରକୁ ମଧ୍ୟ ଜଣେ କବି ଭାବେ ବିବେଚିତ କରାଯାଉଥାଏ। ସେଥିପାଇଁ ସେ ବି ପ୍ରସ୍ତୁତ ହୋଇ ଯାଉଥାଏ। ଅନ୍ୟମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ବି କବିତା ଲେଖିବା ଆରମ୍ଭ କରି ଦେଇଥାଏ। ମଞ୍ଚ ଉପରକୁ ଯାଇ ନିଜ କବିତା ଆବୃତ୍ତି କରୁଥାଏ।

କବିତା ଆସର ଏବଂ ସାହିତ୍ୟ ଆସର ଗୁଡ଼ିକରେ ଏକାଠି ହେଉଥିବା ସାହିତ୍ୟ ପ୍ରେମୀମାନଙ୍କ ମଧ୍ୟରେ ପୁରୁଷ ଅପେକ୍ଷା ଅଧିକ ଥାଆନ୍ତି ମହିଳା ତନ୍ମଧ୍ୟରେ ସଭାରେ ଯୋଗ ଦେବାକୁ। ଦିନେ କବିର ଏବଂ କବିତା ଅକସ୍ମାତ ପାଖାପାଖି ବସିଥିଲେ ଏବଂ ଜଣକ ପରେ ଜଣେ ସ୍ୱରଚିତ କବିତା ପାଠ କରିଥିଲେ। ହୃଦୟକୁ ଛୁଉଁ କି ନ ଛୁଉଁ ଦୁହେଁ ଦୁହିଁଙ୍କ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଥିଲେ। ତା'ପରେ ପ୍ରତ୍ୟେକ ସାହିତ୍ୟ ଆସରରେ କବିର ଅପେକ୍ଷା କରୁଥାଏ କବିତାକୁ। କବିତା ବି ଇଚ୍ଛା କରୁଥାଏ କବିର ପାଖରେ ବସିବାକୁ। ଉଭୟେ ଉଭୟଙ୍କ ସୃଜନକୁ ମନଧ୍ୟାନ ଦେଇ ଶୁଣୁଥିଲେ। କବିରର କବିତାରେ ଗ୍ରାମୀଣ ଜୀବନର ଚିତ୍ର, ଅଭାବର ଛବି ପ୍ରତିବିମ୍ବିତ ହେଉଥିବା ବେଳେ କବିତାର ରଚନାରେ ପରିସ୍ଫୁଟିତ ହେଉଥାଏ କାରୁଣ୍ୟର ଦୁଃଖଦ ଭାବ।

ପରିଚୟ କ୍ରମଶଃ ଆତ୍ମୀୟତାର ରୂପ ନେଇଥାଏ। କେହି କାହାକୁ କିଛି ନ ଲୁଚାଇ ନିଜ ନିଜର ନିଛକ ବାସ୍ତବତା ସହ ପରିଚିତ କରାଇ ଦେଇଥାଆନ୍ତି ସଭା ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ। କବିର ନିଜର ନିରଳସ ଜୀବନ, ଅନିଶ୍ଚିତ ଉପାର୍ଜନ ଏବଂ ସ୍ଥାୟୀ ଚାକିରି ବିହୀନ ସ୍ଥିତି ନିଃସଂକୋଚରେ ଜଣାଇବା ପରେ କବିତା ବି କହିଥିଲା ତା'ଦୁଃଖଦ ଜୀବନର ଗାଥା। ତା'ର ଅନାଥିନି ଅବସ୍ଥା। ସେମାନେ ଉପର ତଳ ହୋଇ ତିନି ଭଉଣୀ। ଅଭାବୀ ପରିବାର। ବାପା ମା' ମେହେନତ ମଜଦୁରି କରି ଘର ଚଳାନ୍ତି। ଝିଅ ତିନୋଟିଙ୍କର ପାଠପଢ଼ା ବ୍ୟବସ୍ଥା କରି ଦେଇଥାଆନ୍ତି। ଦିନେ ଅପରାହ୍ନରେ ଝଡ଼ ତୋଫାନ ହେବାରୁ ଗୋଟିଏ ଗଛ ତଳେ ଆଶ୍ରୟ ନେଇଥିଲେ କ୍ଷେତରେ କାମ କରୁଥିବା ମୂଲିଆ ମୂଲିଆଣୀମାନେ। ବଜ୍ରପାତରେ ସେମାନଙ୍କ ମଧ୍ୟରୁ ତିନିଜଣଙ୍କ ମୃତ୍ୟୁ ହେବା ସହ ଆଉ ଦୁଇଜଣ ଆହତ ହୋଇଥିଲେ। ମୃତକମାନଙ୍କ ମଧ୍ୟରେ ଥିଲେ କବିତାର ବାପା ଏବଂ ମା'। ସେତେବେଳେ କବିତା ଦଶମ ପରୀକ୍ଷା ଦେଇଥାଏ। ତା' ତଳ ସରିତା ଅଷ୍ଟମ ଏବଂ ସବାସାନ ବିନିତା ପଞ୍ଚମ ଶ୍ରେଣୀରେ ପଢୁଥାଆନ୍ତି।

ଏକାବେଳେକେ ତିନିଭଉଣୀ ଅନାଥ ହେବା ସହ ନିରାଶ୍ରୟା ହୋଇଗଲେ। ଗ୍ରାମବାସୀମାନେ ମିଶି ବାପା ମା'ଙ୍କ ଶବ ସତ୍କାର କଲେ। ତାଙ୍କର ଭବିଷ୍ୟତ ଅନ୍ଧକାର ହୋଇଯିବା ସହ ବର୍ତ୍ତମାନ ବିପର୍ଯ୍ୟସ୍ତ ହୋଇ ଯାଇଥିଲା। ରହିବାକୁ ଭଲ ଘରଟିଏ ଖାଇବାକୁ ଅନ୍ନ, ସୁରକ୍ଷା ପାଇଁ ତାଙ୍କର କେହି ସାହାରା ନଥିବା ସମ୍ବାଦ ପ୍ରକାଶ ପାଇବା ପରେ ଜଣେ ବଦାନ୍ୟ ବ୍ୟକ୍ତିଙ୍କର କୃପାଦୃଷ୍ଟି ପଡ଼ିଲା। ସେ ନିରାଶ୍ରୟା ତିନିଭଉଣୀଙ୍କୁ ତାଙ୍କ ଆଶ୍ରୟକୁ ନେଇଥିଲେ। ରହିବାକୁ ଘର, ଗ୍ରାମାଚ୍ଛାଦନର ବ୍ୟବସ୍ଥା ସହ ପାଠ ପଢ଼ାର ସମସ୍ତ ଖର୍ଚ୍ଚ ବହନ କରିଥିଲେ। କେବଳ ସେତିକି ନୁହଁ ତିନୋଟି ଯାକ ଝିଅ ପାଠ ପଢ଼ା ସାରି ଆତ୍ମନିର୍ଭରଶୀଳ ହେବା ଯାଏ ତାଙ୍କ ସହାୟତା ଜାରି ରଖିବାର ଆଶ୍ୱାସନା ଦେଇଥିଲେ। ତାଙ୍କ ପ୍ରତିଶ୍ରୁତି ରକ୍ଷା କରି ନିୟମିତ ଆର୍ଥିକ ସହାୟତା ମଧ୍ୟ ଦେଉଥିଲେ। କବିତା ବାପା ମା'ଙ୍କ ବିୟୋଗ ଦୁଃଖକୁ ଭୁଲି ପାଠପଢ଼ିବାରେ ମନ ଦେଲା। ତା' ସହ ଅନ୍ୟ ଦୁଇଭଉଣୀଙ୍କ ମୁରବି ଭାବେ ତାଙ୍କ ଦାୟିତ୍ୱ ବୁଝୁଥାଏ। କବିତା ଏବଂ ସରିତା ଗୋଟିଏ ବର୍ଷରେ ଏମ.ଏ ଏବଂ ବି.ଏ ପାସ କରିଗଲେ। ସେ ବଦାନ୍ୟ

ବ୍ୟକ୍ତି ଦୁଇ ଭଉଣୀଙ୍କୁ ତାଙ୍କ ଦ୍ୱାରା ପରିଚାଳିତ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ନିଯୁକ୍ତ ଦେଇ ସ୍ୱାବଲମ୍ବୀ କରାଇ ଦେଲେ। ବଡ଼ ଦୁଇ ଭଉଣୀ ସ୍ୱୟଂ ସମ୍ପୂର୍ଣ୍ଣା ହୋଇଯାଇଥିବା ବେଳେ ସବୁଠୁ ସାନ ବିନିତା ଯୁକ୍ତ ଦୁଇ ପଢୁଥାଏ।

କବିତାର ଦୁଃଖଭରା ଆତ୍ମକାହାଣୀ ଶୁଣି କବିର ଯେତିକି ସମବେଦନା ପ୍ରକାଶ କରିଥିଲା ତା'ଠୁ ଅଧିକ ଅନୁପ୍ରାଣିତ ହୋଇଥିଲା। ଦୁନିଆରେ ସେ ଏକୁଟିଆ ନିଃସମ୍ବଳ ଆର୍ଥିକ ରୂପେ ଦୁର୍ବଳ ନୁହଁ ତା'ଠୁ ଅଧିକ ନିଶ୍ୱ ବିପର୍ଯ୍ୟସ୍ତ ବି ଅଛନ୍ତି ଯାହାଙ୍କର ଦୁଃଖ ଅପ୍ରମିତ। କବିତାର ପ୍ରେରଣାରେ ସେ ବି ଘରୋଇ ଭାବେ ପରୀକ୍ଷା ଦେଇ ଓଡ଼ିଆ ସାହିତ୍ୟରେ ସ୍ନାତକୋତ୍ତର ହୋଇଗଲା। ତା' ସହ ସରକାରୀ ଚାକିରି ପାଇଁ ଆବେଦନ କରି ପରୀକ୍ଷା ଦେଉଥାଏ। ତା' ଆତ୍ମବିଶ୍ୱାସ କ୍ରମଶଃ ବୃଦ୍ଧି ପାଉଥାଏ। ସେ ତା'ର ଟା'ବିକିବା ଏବଂ ଡିଟିପି କରିବା କାର୍ଯ୍ୟ ଜାରି ରଖିଥିଲେ ମଧ୍ୟ ଆଉ ଭୋଜନ ନିମନ୍ତେ ଆହାର କେନ୍ଦ୍ର ଯାଉ ନଥାଏ କି କେବଳ ନିଜର କ୍ଷୁଧା ମେଣ୍ଟାଇବାକୁ ସାହିତ୍ୟ ସଭାର ଜଳଖିଆ ଡବା ଉପରେ ନିର୍ଭର କରୁନଥାଏ। କିନ୍ତୁ ତା'ର ସାହିତ୍ୟ ପ୍ରତି ବଢ଼ି ଯାଇଥିବା ଅନୁରାଗ ଏବଂ କବିତା ପ୍ରତି ଆସକ୍ତି ତାକୁ ଟାଣି ନେଉଥାଏ ପୁଣି ସେହି ଭବନ, ସଦନ, ମନ୍ଦିର ଗୁଡ଼ିକୁ।

ଏ ମଧ୍ୟରେ କବିର ଏବଂ କବିତା ଯଥେଷ୍ଟ ନିକଟତର ହୋଇ ଯାଇଥିଲେ। ତାଙ୍କ ମଧ୍ୟରେ ଯେଉଁ ସୂକ୍ଷ୍ମ ସଂପର୍କଟି ଅଙ୍କୁରୋଦ୍‌ଗମ ହୋଇଥିଲା ତାକୁ ପ୍ରେମ ବ୍ୟତୀତ ଅନ୍ୟନାମ ଦେବା ପ୍ରୟୋଜନ ନଥିଲା। ପ୍ରେମ ତ ଏକ ଅଦୃଶ୍ୟ ପକ୍ଷୀଟିଏ ଯିଏ ହୃଦୟ କନ୍ଦରରେ ଗୋପନରେ ନୀଡ଼ ବନାଇଥାଏ। ରଙ୍ଗିନ ପ୍ରଦୀପଟିଏ ମନ ଉପବନରେ ଡେଣା ମେଲି ଉଡ଼ି ବୁଲୁଥାଏ। ଅନିର୍ବଚନୀୟ ଆକର୍ଷଣରେ ସମ୍ମୋହିତ କରୁଥାଏ।

ପରସ୍ପରର ଭାବାବେଗକୁ ଅଧିକ ଆଲୋଚ୍ୟ ବିଜ୍ଞାପିତ ନ କରି ଦୁହେଁ ସ୍ଥିର କଲେ ବିବାହ ବନ୍ଧନରେ ବାନ୍ଧି ହୋଇଯିବେ। ବିଶେଷ ନ ହେଲେ ବି କବିରର ନିଜ ପରିଶ୍ରମ ଏବଂ ଉଦ୍ୟମ ଫଳରେ କିଛି ରୋଜଗାର ହୋଇଯାଉଥିଲା। ତା' ଦ୍ୱାରା ଆର୍ଥିକ ସହାୟତାରେ ତା' ସାନଭାଇ ପ୍ରବିର ପାଠ ସାରି ଚାକିରି କରିଯାଇଥିଲା। ସରକାରୀ ବିଦ୍ୟାଳୟରେ ଶିକ୍ଷକତା କରୁଥାଏ। ବାପା ମା'ଙ୍କ ଦାୟିତ୍ୱ ସହ ଘର କଥା ବୁଝେ। ସେପରି କବିତା ଏବଂ ସରିତା ଦୁଇଭଉଣୀ ଚାକିରି କରି ଆତ୍ମ ନିର୍ଭରଶୀଳ ହୋଇବା ପରେ ସାନଭଉଣୀ ବିନିତାକୁ ପଢ଼ାଉଥାଆନ୍ତି। ତଥାପି ସେ ବଦାନ୍ୟ ବ୍ୟକ୍ତିଙ୍କ ସହାୟତା ବନ୍ଦ ହୋଇନଥାଏ। ବିନିତା ସ୍ୱାବଲମ୍ବୀ ହେବା ଯାଏ ମିଳିବାର ପ୍ରତିଶ୍ରୁତି ଥିଲା।

କବିର ଏବଂ କବିତା ସ୍ଥିର କଲେ ବୃଥା ବାହ୍ୟ ଆଡ଼ମ୍ବର ନ ଦେଖାଇ ନିରାଡ଼ମ୍ବର ସହକାରେ କେଉଁ ମନ୍ଦିରରେ ଯାଇ ବିବାହ କରିନେବେ। ସେ ବଦାନ୍ୟବକ୍ତି ମନ୍ଦିରରେ ଉପସ୍ଥିତ ରହି କନ୍ୟାଦାନ କରି ଆଶୀର୍ବାଦ କରିଥିଲେ ନବବଧୂଙ୍କୁ। କବିରର ମାଆ ବାପା ଭାଇ ଗାଁରୁ ଆସି ବିବାହରେ ଯୋଗ ଦେଇଥିଲେ। ତା 'ବ୍ୟତୀତ ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ଥିଲା ପିଲାଦିନର ସାଙ୍ଗ କରୁଣା ଅଟୋ ଡ୍ରାଇଭର ଯାହାର ସହାୟତାକୁ ସେ କେବେ ଭୁଲି ପାରିବ ନାହିଁ। ଯୋଗକୁ କବିରର ସେହିଦିନ ଭାଗ୍ୟୋଦୟ ହୋଇଥିଲା। କବିତାକୁ ସେ ଜୀବନ ସାଥୀ ରୂପେ ପାଇବା ସହ ସେକ୍ରେଟାରିଏଟ୍‌ରେ ଚାକିରି ପାଇଁ ପରୀକ୍ଷା ଫଳ ବାହାରିଥିଲା। ଯେଉଁଥିରେ ସେ କୃତକାର୍ଯ୍ୟ ହୋଇଥିଲା।

ବିବାହ ଉପରାନ୍ତ ଗୋଟିଏ ଛାତ ତଳେ ସହାବସ୍ଥାନ କରିବାକୁ ଲାଗିଲେ ନବବିବାହିତ ପତିପତ୍ନୀ। ଏକା ସଙ୍ଗେ ସାହିତ୍ୟ ସଭାରେ ଉପସ୍ଥିତ ରହୁଥିଲେ। ଯେଉଁଦିନ ଦୁହିଁଙ୍କ ବିବାହର ପ୍ରଥମ ବାର୍ଷିକୀ ପାଳିତ ହେଉଥିଲା ସେଦିନ ଉନ୍ମୋଚିତ ହୋଇଥିଲା ଦୁହିଁଙ୍କ ଯୁଗ୍ମ ପ୍ରୟାସରେ ଲିଖିତ କବିତା ପୁସ୍ତକ 'କବିର କବିତା'।

*ଫ୍ଲାଟ ନମ୍ବର -୧୦୧*
*ପ୍ରକାଶ ଦୀପ ଟାୱାର*
*ଜୟଦୁର୍ଗା ନଗର, ଭୁବନେଶ୍ୱର*




**ପଢ଼ନ୍ତୁ ! ପଢ଼ନ୍ତୁ !**

କବି **ଡକ୍ଟର ଗୋପବନ୍ଧୁ ଦାଶ** ଙ୍କ

**କବିତା ସଂକଳନ**

**ଛାଇର ଶବ୍ଦ**

# ଆଭିଜାତ୍ୟ

ଡକ୍ଟର ମଧୁସ୍ମିତା ମିଶ୍ର

କାଲି ରାତିରୁ ସ୍ୱର୍ଣ୍ଣ ଅରୁଣକୁ ବସାଇ ଉଠାଇ ଦେଉନାହାନ୍ତି।

ସକାଳୁ ସକାଳୁ ଅରୁଣ ଦେଖିଲା, ମମି ଦିଅଁଙ୍କ ଘରେ ଅଛନ୍ତି, ପୂଜା କରୁଛନ୍ତି।

ମମି ବାହାରି ପଡ, ମୁଁ ହସପିଟାଲ ଯିବା ପୂର୍ବରୁ ତୁମକୁ ଅଜା ଘରୁ ବୁଲାଇ ଆଣି ଛାଡି ଦେଇ ଯିବି। ଅରୁଣ ଗାଡି ଚଲାଉଥିଲା। ସ୍ୱର୍ଣ୍ଣ ଅରୁଣ ପାଖରେ ବସିଥିଲେ, ଭାବନାରେ ବୁଡି ଯାଇଥିଲେ, କ'ଣ ବା ଆଉ ଯାଇ ଦେଖିବେ। ଘର ତ ଭଙ୍ଗା ସରିଥିବ।

ଥୋରିଆ ସାହିରେ ଘର ପାଖରେ ପହଞ୍ଚି ଯାଇଥିଲେ।

ଗୋଟିଏ ପଟେ ଜେସିବି ମେସିନ୍। ରାସ୍ତା ଆର ପଟେ ଦୁଇଟି ୪୦୭ ଟ୍ରକ୍ ପାଖରେ ସାତ ଆଠ ଜଣ ମୂଲିଆ ଆଦେଶ ଅପେକ୍ଷାରେ ବସିଛନ୍ତି।

ସ୍ୱର୍ଣ୍ଣ ଲୁଗା କାନିରେ ଆଖି ପୋଛୁଥିଲେ। ଅରୁଣ ଓହ୍ଲାଇ ଆସି ସ୍ୱର୍ଣ୍ଣଙ୍କ ପାଖ ଦୁଆରଟି ଖୋଲି ତାଙ୍କୁ ବାହାରକୁ ଆସିବାକୁ ଦେଲା।

ବାପାଙ୍କ ଘର ବିଶ୍ୱବନ୍ଧୁ ସାଧନା ସଦନ ଧୂଳିସାତ ହୋଇ ସାରିଥିଲା। ପରସ୍ତ ପରସ୍ତ ହେଇ ଭଙ୍ଗା ଇଟା, ନାଲି ରଙ୍ଗର ସିମେଣ୍ଟ ଖଣ୍ଡ, ଗୁଣ୍ଡ ବାଲି ଆଦି ସ୍ତୁପ ଆକାରରେ ଗଦା ହୋଇଥିଲା। ଅରୁଣ ସ୍ୱର୍ଣ୍ଣଙ୍କୁ ଛାଡିଦେଇ ଟିକିଏ ଆଗେଇ ଗଲା, ଭଙ୍ଗା ଇଟା ମାର୍ବଲ ସ୍ତୁପକୁ ଆଡେଇ ଖେଳେଇ ଚାଲିଲା। ବୋଧହୁଏ କ'ଣ ଗୋଟିଏ ଖୋଜୁଥିଲା ଆଉ ପାଇଲା ମଧ୍ୟ। ବାହାର କରି ଆଣି ଦେଖୁଥିଲା ଅରୁଣ। ହାତରେ ଆଜି ବି ଜଳୁଛି ଦାଉ ଦାଉ ହେଇ ନେମପ୍ଲେଟଟି କଳା ମାର୍ବଲ ଉପରେ ସୁନେଲି ରଙ୍ଗରେ। ଓଡ଼ିଆରେ ଲେଖା ହେଇଛି ବିଶ୍ୱବନ୍ଧୁ ସାଧନା ସଦନ, ଡକ୍ଟର ବିଶ୍ୱବନ୍ଧୁ ରଥ, ଥୋରିଆ ସାହି, କଟକ

କାଲି ରାତିରେ ଗୁନି ମାଉସୀ ଫୋନ କରି ମମିକୁ ଅଜା ଘର ଭଙ୍ଗା ହେବା କଥା ଜଣାଇଥିଲେ।

ଅରୁଣର ଆଖି ସାମ୍ନାରେ ଭାସି ଉଠୁଥିଲା ପିଲାଦିନ ସ୍ମୃତି।

ଥୋରିଆ ସାହିରେ ପଶିଗଲେ, କିଛି ବାଟ ଗଲା ପରେ ବାଁ ପଟକୁ ହଳଦିଆ ରଙ୍ଗର ଦୁଇ ମହଲା ଘର। ଗେଟ ଭିତରକୁ ପଶିଗଲେ ବାଁ ପଟକୁ ଛୋଟିଆ ଗୋଟିଏ ବଗିଚା ଆଡକୁ ଅଛି, ବଗିଚାଟି ପୁରା ଘରକୁ ଘେରେଇ କରି ରଖିଛି। ବଗିଚା ଭିତରେ ନଡିଆ ଆମ୍ବ ଗଛ ସହ ନାନାଦି ଫୁଲ ଗଛ। ଡାହାଣ ପଟକୁ ଗ୍ୟାରେଜ ଆଉ ଗାଈ ଗୁହାଳ। ସିଧା ଗଲେ ପରିଷ୍କାର ନାଲି ଚଟାଣକୁ ବାରଣ୍ଡା ଆଉ ବାରଣ୍ଡା ଦୁଇ ପଟକୁ ମାମୁଁ ମାଉସୀମାନଙ୍କ ବିଭିନ୍ନ କୋଠରୀ। ବାଁ ପଟକୁ ଉପରକୁ ଲମ୍ବିଯାଇଛି ସିଡି। ଉପର ମହଲାରେ ଏକା ରକମ ନିର୍ମାଣ। ବାରଣ୍ଡାର ବାଁ ଦିଗରେ ଆର୍ମ ଚୌକି। ଡାହାଣ ପଟକୁ କିଛି ବାଟ ଆଗେଇ ଗଲେ ଛୋଟ ଏକ ବାଲକୋନୀ, ଯାହାକୁ ଅଜା କହୁଥିଲେ ଆମାକାଶ।

ଦୁଇ ପଟକୁ ତଳ ମହଲା ପରି ଶୋଇବା ଘର।

ଅଜା ଥିଲେ ଡାକ୍ତର ବିଶ୍ୱବନ୍ଧୁ ରଥ, ଷାଠିଏ ଦଶକର ନାମଜାଦା ପ୍ରସିଦ୍ଧ ଡାକ୍ତର ଯିଏ ଗରିବ ଲୋକଙ୍କୁ ମାଗଣା ଚିକିତ୍ସା କରୁଥିବା ବେଳେ ପରାମର୍ଶ ପାଇଁ ମଧ୍ୟବିତ୍ତଙ୍କଠାରୁ ପାଞ୍ଚଟଙ୍କା, ଆଉ ଥିଲାବାଲାଙ୍କଠାରୁ କୋଡିଏ ଟଙ୍କା ଲେଖାଏଁ ନେଉଥିଲେ। ମେଡ଼ିସିନ ତ ପ୍ରାୟ ସମସ୍ତଙ୍କୁ ମାଗଣା ହିଁ ଦେଉଥିଲେ କହିଲେ ଚଳେ। ସେଥିରୁ ଗୋଟେ ଅଜା ଆଈଙ୍କ ଶୋଇବା ଘର, ଆଉ ଗୋଟିଏ ବୈଠକଖାନା ଯେଉଁଠି ଅଜା ସକାଳେ ସନ୍ଧ୍ୟାରେ ରୋଗୀ ଦେଖନ୍ତି।

ଥରେ ବାପାଙ୍କର ଚାକିରି ବେଳେ ଦୁଇ ବର୍ଷ ପାଇଁ ଆମେରିକା ଯିବାକୁ ପଡିଥିଲା। ସେତେବେଳେ ଅରୁଣ ଆଉ ତା ମମି ସ୍ୱର୍ଣ୍ଣ ଅଜାଘରେ ରହୁଥିଲେ। ବୋଧହୁଏ ସେତେବେଳେ ସେ ନବମ ଶ୍ରେଣୀରେ ପଢୁଥିଲା କି କ'ଣ ? ମନେପଡ଼େ ଦିନେ ସନ୍ଧ୍ୟା ସମୟରେ ଅଜାଙ୍କ ଜଣେ ରୋଗୀ, ଯିଏ ଜଣେ ବିଖ୍ୟାତ ଶିଳ୍ପପତି ଥିଲେ। ସେ ଆଣି ଏହି ନେମପ୍ଲେଟଟି ଅଜାଙ୍କୁ ଦେଇଥିଲେ ଯାହାକି ଅଜାଙ୍କର ବହୁତ ପ୍ରିୟ ଥିଲା।

କଳା ପ୍ରଚ୍ଛଦରେ ସୁନେଲି ଅକ୍ଷରରେ ଲେଖା ହୋଇଥିଲା। ବିଶ୍ୱବନ୍ଧୁ ସାଧନା ସଦନ, ଡକ୍ଟର ବିଶ୍ୱବନ୍ଧୁ ରଥ, ଥୋରିଆ ସାହି କଟକ। ଅରୁଣ ଗାଡି ଚଲାଉଥିଲା, ସ୍ୱର୍ଣ୍ଣ କିଛି କଥା କହିବା ଓ ଶୁଣିବା ସ୍ଥିତିରେ ନଥିଲେ। ଅରୁଣର ମନେ ପଡୁଥିଲା, କେମିତି ଅଜା ବିଶ୍ୱବନ୍ଧୁ ବାବୁ ଥରେ କହିଥିଲେ, ତୁ ଜଣେ ଡାକ୍ତର ହେବାକୁ ଚେଷ୍ଟା କରିବୁ। ଡାକ୍ତର ଭାବରେ ତୁ ସବୁ ପ୍ରକାରର ମଣିଷମାନଙ୍କ ସେବା କରିପାରିବୁ, ମାନବ ସେବା ହିଁ ମାଧବ ସେବା। ପରେ ସମୟକ୍ରମେ ଜାଣିବାକୁ ପାଇଥିଲା ଏଲୋପାଥିକ ଡାକ୍ତର ହୋଇଥିଲେ ବି ଅଜା ବିଶ୍ୱବନ୍ଧୁ ବାବୁ ଜଣେ ଭଲ ଜ୍ୟୋତିଷ ଥିଲେ। ତାଙ୍କର ହୋମିଓପାଥିରେ ବି ଗଭୀର ରୁଚି ଓ ଜ୍ଞାନ ଥିଲା।

ଅଜା, ଆଈଙ୍କର ନଅ ଜଣ ସନ୍ତାନ ଥିଲେ ସେଥିରୁ ପାଞ୍ଚ ପୁଅ ଓ ଚାରି ଝିଅ ଥିଲେ। ଅଜାଙ୍କର ତ ସମ୍ଭ୍ରାନ୍ତ ଆଭିଜାତ୍ୟପୂର୍ଣ୍ଣ ପରିବାର ଥିଲା ତା' ସାଙ୍ଗକୁ ଆଈ ଭିଙ୍ଗାରପୁର ଚୌଧୁରୀ ଜମିଦାର ପରିବାରରୁ ଆସିଥିଲେ। ତେଣୁ ଅଜାଘରର ଚଳଣି ପୁରା ଧନାଢ଼୍ୟ ଥିଲା କହିଲେ ଚଳେ।

ହଠାତ୍ ଦିନେ ଡାକ୍ତର ରଥ ଆଖି ଡାକ୍ତରଙ୍କୁ ନିଜ ଆଖି ଦେଖେଇ ଘରକୁ ଫେରିଥିଲେ। ଛାତିଟା ଘଡଘଡ ହେଉଥିଲା। ସ୍ତ୍ରୀ ସାଧନାଙ୍କୁ ଡାକିଥିଲେ, କହିଥିଲେ ମୋ ମୁଣ୍ଡଟା ବହୁତ ବିନ୍ଧୁଛି ଟିକିଏ ତୁ ଯେମିତି ଆଉଁସି ଦେଉ ସେମିତି ଆଉଁସି ଦେ ଆଉ ମୋ ପାଦ ଦୁଇଟା ତୋ କୋଳରେ ରଖି ଟିକିଏ ଚିପି ଦେ। ସେତେବେଳକୁ ଅରୁଣ ଡାକ୍ତର ହେଇ ସାରିଥିଲା ଖବର ପାଇ ସେ ଆସି ପହଞ୍ଚି ଯାଇଥିଲା। ଇଂଜେକସନ ଦେଲା ବେଳକୁ ରକ୍ତ, ସିରିଞ୍ଜରେ ବାହାରି ଆସିଥିଲା। ଆଉ ସେତେବେଳକୁ ସବୁ ସରି ଯାଇଥିଲା। ମୃତ୍ୟୁର କିଛି ଦିନ ପରେ ଡାକ୍ତରଙ୍କ ଷ୍ଟଡିରେ ଡାଇରୀ ଭିତରୁ ତାଙ୍କ ଜ୍ୟୋତିଷୀ ହିସାବ ଦେଖିବାକୁ ମିଳିଥିଲା। ଯେଉଁଥିରେ ତାଙ୍କର ମୃତ୍ୟୁ ତାରିଖ ନାଲି କାଳିରେ ତଳେ ଗାର ଦିଆଯାଇ ଲେଖା ଯାଇଥିଲା ଯାହାକି ସାଧନା ଦେବୀ ମଧ୍ୟ ଜାଣିନଥିଲେ।

ଅଜା ଯିବା ପରେ ଆଈ ସେହି ବିଶ୍ୱବନ୍ଧୁ ସାଧନା ସଦନରେ ରହୁଥିଲେ। କିନ୍ତୁ ସାଧନା ଦେବୀଙ୍କର ଥାଟ କିଛି କମି ନଥିଲା। ଚଉଷଠି ମସଲା ଥିବା ରୂପା ପାନବଟାରୁ ପାନ ଖାଉଥିଲେ। ଶୋଇବା ଖଟରେ ଧୋବ ଫରଫର ବିଛଣା ଚାଦର ଉପରେ ମଲି ଫୁଲର ବାସନା, ପୁରୁଣା ଆର୍ମ ଚୌକିରେ ବସି ପାନ ଚୋବାଉ ଚୋବାଉ, ହଳିଆ, କୋଠିଆମାନଙ୍କୁ ଆଦେଶ ଦେଉଥିଲେ। ଘର କଡକୁ ଥିବା ବଗିଚା ଯାହାକି ଅନ୍ୟୂନ ଗୋଟେ କିଲୋମିଟର ପଛକୁ ଲମ୍ବିଥିଲା ସେଠି ସକାଳ ନଟା ବେଳକୁ ପାନ ବଟା ଧରି ପରିବା ଗଛ ତଦାରଖ କରିବା ଏକ ଦୈନନ୍ଦିନ ଅଭ୍ୟାସ ଥିଲା ଆଉ ତାଙ୍କୁ ଅନୁସରଣ କରୁଥିଲା ତାଙ୍କର ପ୍ରିୟ କୁକୁର ରୋଜି।

ଆଈ ସାଧନା ଦେବୀ ବର୍ଷକେ ଦୁଇ ଥର ପଖାଳ ଖାଉଥିଲେ। ଥରେ ପଖାଳ ଖାଇବାକୁ ବସିଲେ, ପଖାଳ କଂସା ପାଖରେ ଥାଳି ଭର୍ତ୍ତି ଭିନ୍ନ ଭିନ୍ନ ପ୍ରକାରର ଖାଦ୍ୟ, ବଡ଼ି ଚୂରା, ଆଳୁ ଭର୍ତ୍ତା, ପୋଟଳ କଶା, ବାଇଗଣ

ଭଜା, ଶାଗ, ପାମ୍ପଡ, ଦହି ବାଇଗଣ ତା ସାଙ୍ଗକୁ ଆଉ ଗୋଟିଏ କଂସାରେ ହାତ ଧୋଇବା ପାଇଁ ପାଣି ଯେପରି ଖାଉଥିବା କଂସାର ତୋରାଣି ହଳଦୀ ବା ମସଲା ରଙ୍ଗର ନ ହୋଇଯାଏ, ସେଥିପାଇଁ ଥରେ ପଖାଳ କଂସାରୁ ଭାତ ଗୁଣ୍ଡା ପାଟିରେ ପୂରାଇଲେ, ଖାଲି ପାଣି ଥିବା କଂସାରେ ହାତଧୁଆ ହେଇ ପୁଣିଥରେ ପଖାଳ କଂସାରେ ହାତ ପଶେ। ତେଣୁ ତାଙ୍କ ପଖାଳ କଂସାର ତୋରାଣିର ରଙ୍ଗ ଯେମିତିକୁ ସେମିତି ଥାଏ।

ପୁଅ, ଝିଅ ତଥା ନାତି ନାତୁଣୀମାନେ ଖାଇବାବେଳେ ଆଇ ଠିଆ ହେଇ କିଏ କ'ଣ ଖାଇଲେ, ନ ଖାଇଲେ, କାହାକୁ କ'ଣ ଭଲ ଲାଗେ ସବୁ କିଛି ତଦାରଖ କରୁଥିଲେ। ଅଜା ମରିବାର ତିରିଶ ବର୍ଷ ପରେ ଆଇଙ୍କର ଦେହାନ୍ତ ହୋଇଥିଲା। ପ୍ରଥମେ ଦଶବର୍ଷ ଖଣ୍ଡେ ଆଇ ବିଶ୍ୱ ସଦନରେ ଏକୁଟିଆ ରହୁଥିଲେ। ଦିନେ ପୁଷ ମାସରେ ବାପ ଘରେ ଖାଇବା ପାଇଁ ଝିଅମାନଙ୍କୁ ଡକରା ଆସିଥିଲା। ସମସ୍ତେ ଯାଇଥିଲେ ଆଉ ଅଜାଙ୍କର ସମସ୍ତ ସମ୍ପତ୍ତି ବିକା ହେବା ପାଇଁ ମାମୁଁମାନେ ସେମାନଙ୍କଠାରୁ ଦସ୍ତଖତ କରାଇ ନେଇଥିଲେ। ଯାହାକି ପରେ ଜଣା ପଡ଼ିଥିଲା। କେବଳ ସବା ସାନ ଝିଅ ଗୁନି ସେତେବେଳେ ବାହା ହୋଇନଥିଲା। ତାଠାରୁ ମଧ୍ୟ ଦସ୍ତଖତ କରାଇ ନେଇଥିଲେ। ଗୁନିର ବିବାହ ପରେ ଆଇ ସହ କଥା ହେବା ପାଇଁ ବି ସେ ବିରାଟ ଉଆସ ପରି ଘରେ କେହି ନଥିଲେ। ଧୀରେ ଧୀରେ ଆଇଙ୍କର ଜୋସ ଓ ହୋସ କମୁଥିଲା। କାମ କରା ଲୋକେ କିଛି କଥା ମାନନ୍ତି ନାହିଁ। ମଝିଆ ମାମୁଁଙ୍କ ପିଅନଟିଏ ଆଇଙ୍କ ପାଖରେ ଦେଖା ରେଖା କରିବା ପାଇଁ ରହୁଥିଲା ଯିଏ କି ପ୍ରତି ମାସରେ ପ୍ରଥମ ସପ୍ତାହରେ ପେନ୍‌ସନ୍‌ତକ ଦସ୍ତଖତ କରାଇ ନେଇଯାଉଥିଲା। ସେ ପେନ୍‌ସନ୍ ଟଙ୍କା କୁଆଡେ ଯାଉଥିଲା ଜଣା ପଡୁନଥିଲା। ଦିନେ ମଝିଆ ମାମୁଁ ଯିଏ କି ଜଣେ ଆଇ ଏସ ଅଫିସର ଥିଲେ। ଆଇଙ୍କୁ ନିଜ ପାଖକୁ ଦିଲ୍ଲୀ ନେଇ ଯାଇଥିଲେ। ଏମିତି ନୁହେଁ ଯେ ଝିଅମାନେ ନାତି ନାତୁଣୀମାନେ ଯାଇ ଦେଖା କରୁନଥିଲେ ହେଲେ ଆଇଙ୍କୁ ଦେଖିଲେ ଲାଗୁଥିଲା ଯେପରି ସେ ଭୀତଗ୍ରସ୍ତ ହେଇ ରହୁଥିଲେ। ବିଶେଷ କାହା ସହ କଥାବାର୍ତ୍ତା କରୁ ନଥିଲେ। ପରେ ଜଣା ପଡିଥିଲା, ଦୁଇ ମାମୁଁ ବଡ ଓ ସାନ ମଝିଆ ମାମୁଁ କଟକରେ ରହିଲା ବେଳେ ଆଇଙ୍କୁ କୋର୍ଟ ନେଇ ଘରଟି ନିଜ ନିଜ ନାଁରେ କରେଇ ନେଇଥିଲେ।

ଅରୁଣ ସଚେତନ ହେଲା, ବର୍ତ୍ତମାନ କୁ ଫେରି ଆସିଲା।

ଅରୁଣ ସ୍ୱର୍ଣ୍ଣକୁ ଧରି ଯାଉଥିଲା। ସେମାନେ ପହଞ୍ଚି ଯାଇଥିଲେ। ଆଜି ବି ଏସ ସଦନର ଉଦ୍ଘାଟନ।

ସ୍ୱର୍ଣ୍ଣଙ୍କୁ କହୁଥିଲା ଅରୁଣ, ତୋର ମନେ ଅଛି ମମି ଥରେ ଅଜା ତୋତେ ରଖିବା ପାଇଁ ଗୋଟେ କାଗଜ ପ୍ୟାକେଟ ଦେଇଥିଲେ ଆଉ ତୋତେ କହିଥିଲେ ମୁଁ ଡାକ୍ତର ହେଇ ସାରିଲେ ସେଇଟା ମୋତେ ଦେବା ପାଇଁ। ତୁ ସେଇଟା ବ୍ୟାଙ୍କ ଲକରରେ ରଖି ଦେଇ ଭୁଲି ଯାଇଥିଲୁ। ମୋତେ ତୁ ଚାରି ବର୍ଷ ତଳେ ଥରେ କହିଥିଲୁ ତୋ ବୋହୂମାନେ ମୋ ସ୍ତ୍ରୀ ସୀମାର ଗହଣାତକ ଅଲଗା ଲକର କରି ରଖିବାକୁ। ଆମେ ଦୁହେଁ ତୋ ସହ ଯାଇ ନୂଆ ଲକରରେ ରଖିବା ପାଇଁ ତୋ ପୁରୁଣା ଲକରରୁ ଗହଣା କାଢ଼ି ଆଣିଥିଲୁ। ତା ସହ ଅନେକ ବର୍ଷ ତଳେ ଅଜା ଦେଇଥିବା କାଗଜ ଖଣ୍ଡକ ବାହାରିଥିଲା। ସେଇଟା ଥିଲା ଅଜାଙ୍କର ଶିପ ସରୁବାଲିରେ ମୋ ପାଇଁ କିଣିଥିବା ଜମିର ଦଲାଲ। ଅଜାଙ୍କର ସ୍ୱପ୍ନର ନର୍ସିହୋମଟିଏ କରିବା ପାଇଁ ସେଥିରେ ମଧ ସେ ଗୋଟିଏ ଚିଠି ଲେଖିଥିଲେ।

ମୁଁ ସେବେଠାରୁ ସେହି କାମ ଆରମ୍ଭ କରିଦେଇଥିଲି। ଆଜି ତାର ଉଦ୍ଘାଟନ କରିବେ।

ଗୁନି ମାଉସୀଙ୍କ ପୁଅ ଲଳିତ ଯିଏ କି ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ। ସେ ଉଦ୍ଘାଟନ କରିବେ।

କାର ଗୋଟିଏ ବିରାଟ ପରିସରରେ ଅଟକିଥିଲା।

ଗୋଟିଏ ପଡିଆରେ ସମସ୍ତ ଅତିଥି ବସିବା ପାଇଁ ଆୟୋଜନ କରାଯାଇଥିଲା। ମନ୍ତ୍ରୀ ଲଳିତ ଆସି ପହଞ୍ଚି ଯାଇଥିଲେ। ମନ୍ତ୍ରୀ ଚାଲି ଆସି ବୟସ୍କ ବ୍ୟକ୍ତିଙ୍କୁ ଫିତା କାଟିବା ପାଇଁ କଇଁଚିଟିଏ ଧରାଇ ଦେଲେ। ନାଲି ଫିତା କଟା ସରିଲା ପରେ ନାଲି ପରଦା ଆଢୁଆଲୁ ଦିଶୁଥିଲା କଳା ମାର୍ବଲ ଉପରେ ସୁନେଲି ଅକ୍ଷରରେ ଲେଖା ହେଇଥିବା ବିଶ୍ୱବନ୍ଧୁସାଧନା ସଦନ।

ବହୁ ଚିହ୍ନା ପରିଚିତ ବୟସ୍କ ଲୋକ ଥିଲେ ସେଠି ସ୍ୱର୍ଣ୍ଣଙ୍କ ଭାଇ ଭଉଣୀମାନେ ମଧ ଥିଲେ। ଗୋଟିଏ ପରିସରରେ ଶହେଟି ଘର ଥିଲା। ସବୁ ଘରଗୁଡ଼ିକ ଷ୍ଟୁଡିଓ ଆପାର୍ଟମେଣ୍ଟ ଥିଲା।

ଲଳିତ ମାନେ ସ୍ୱର୍ଣ୍ଣଙ୍କ ପୁତୁରା ଲୁଲୁ ଫିତା କାଟିବା ପରେ ଅରୁଣ କହିବା ପାଇଁ ଉଠି ଥିଲା। କୁହନ୍ତି ବାପାମା ଚାଲିଗଲେ ପିଲାମାନେ ଅନାଥ ହେଇଯାନ୍ତେ ହେଲେ ପିଲାମାନେ କରଛଡା ଦେବା ପରେ ବାପାମା ଅନାଥ ହେବା ପୂର୍ବରୁ ଏହି ବିଶ୍ୱବନ୍ଧୁ ସାଦନା ନିବାସ ସେମାନଙ୍କୁ କୋଳେଇ ନେବାର ଏହା ଏକ କ୍ଷୁଦ୍ର ପ୍ରୟାସ।

ଆମ ଅଜା ସ୍ୱର୍ଗତ ଡାକ୍ତର ବିଶ୍ୱବନ୍ଧୁ ରଥଙ୍କର ଗୋଟିଏ ନର୍ସିଂ ହୋମ କରିବା ସ୍ୱପ୍ନ ଥିଲା। ତତ୍‌କାଳିକ ନ୍ୟାୟରେ ପ୍ରଚଳିତ ସମାଜର ଆହ୍ୱାନ କ୍ରମେ ଆମେ ଏହି ବିଶ୍ୱ ବନ୍ଧୁସାଧନା ସଦନ ଗଢ଼ିଛୁ। ସମସ୍ତ ଅବସର ପ୍ରାପ୍ତ ବୟସ୍କ ବ୍ୟକ୍ତି ପୁରୁଷ ସ୍ତ୍ରୀ ନିର୍ବିଶେଷରେ ସବୁ ଭାଷା ଭିତିରେ, ଧର୍ମ, ଜାତି, ବର୍ଣ୍ଣ ନିର୍ବିଶେଷରେ ଏଠାରେ ରହିବା ପାଇଁ ଇଚ୍ଛୁକ। ଅନ୍ୟ ଅର୍ଥରେ କହିବାକୁ ଗଲେ ସ୍ୱଳ୍ପ ଜମା ପୁଞ୍ଜି ବିନିଯୋଗ କରି ଏଠାରେ ବାସିନ୍ଦାମାନେ ରହିପାରିବେ। ସମସ୍ତେ ନିଜ ନିଜ ଘରେ ରହିବେ କିନ୍ତୁ ଏକାଠି ଖାଇବେ, ଏକାଠି ଗପିବେ, ଖେଳିବେ, ପୂଜାପର୍ବ ପାଳିବେ। ଆମେ ଶହେଟି ଘର କରିଛୁ ଯେଉଁଠାରେ ପ୍ରତ୍ୟେକ ଘରେ ଗୋଟିଏ ଶୋଇବା ଘର ଆଉ ଗାଧୁଆ ଘର, ଟିଭି, ଫ୍ରିଜ୍ ଏସି ଅଛି। ଏହି ବିଶ୍ୱ ସାଧନା ସଦନରେ ନବେଟି ଘର ବାକି ପାଞ୍ଚଟି ଘରେ ପାଞ୍ଚ ଜଣ ଲୋକ ରହିବେ ଯେଉଁଥିରୁ ଜଣେ ମ୍ୟାନେଜର। ଦୁଇଜଣ ରୋଷେଇଆ ଆଉ ଦୁଇଜଣ ଝାଡୁ ପୋଛା କରିବାକୁ ରହିବେ। ଅବଶିଷ୍ଟ ପାଞ୍ଚଟି ଘର ବିଶେଷ କ୍ଷେତ୍ରରେ ଅନୁଧ୍ୟାନ ପୂର୍ବକ ଦୁସ୍ଥ ଦୁର୍ବଳ ତଥା ଅନଗ୍ରସର ଶ୍ରେଣୀର ଲୋକମାନଙ୍କୁ ଦିଆଯିବ। ସବୁଠାରୁ ପ୍ରମୁଖ ବିଷୟ ହେଉଛି ଯେ ଏଠାରେ ଯେଉଁମାନେ ରହିବେ ସେମାନେ ନିଜ ନିଜ ଦକ୍ଷତା, ରୁଚି ଓ ସାମର୍ଥ୍ୟ ବଳରେ ସବୁ କାମ ହାତରେ କରିବେ। ଅନ୍ୟ ଅର୍ଥରେ ଡାକ୍ତର ସମସ୍ତଙ୍କ ସ୍ୱାସ୍ଥ୍ୟ କଥା ବୁଝିବେ। ଆଇନଜୀବୀ ଆଇନ ଗତ ସମସ୍ୟା ବୁଝିବା ବେଳେ ଯେଉଁ ନାରୀମାନଙ୍କୁ ସିଲାଇ, ରୋଷେଇ, ପାଠ ପଢ଼ାଇବାକୁ ଭଲ ଲାଗେ ସେମାନେ ସେଇଯା ହିଁ କରିବେ। ଆପଣମାନଙ୍କ ବିନିଯୁକ୍ତ ଟଙ୍କାରେ ଜରୁରୀ କାଳୀନ ସେବା ପାଇଁ ଗାଡି ଦୁଇଟି ମଧ୍ୟ କିଣା ହେଇଛି।

ସଭା କାର୍ଯ୍ୟ ଚାଲିଥିଲା। ଏହି ସମୟରେ ଲଳିତ ଆସି ହାତ ଧରି ସ୍ୱର୍ଣ୍ଣଙ୍କୁ ମାଇକ ଧରାଇ ଦେଇଥିଲା।

ମୋ ବାପା ସ୍ୱର୍ଗତ ଡାକ୍ତର ବିଶ୍ୱବନ୍ଧୁ ରଥ ଗୋଟିଏ ନର୍ସିଂହୋମ ଗଢ଼ିବାର ସ୍ୱପ୍ନ ଦେଖିଥିଲେ। ଆଜି ତାଙ୍କର ସ୍ୱପ୍ନ ସାର୍ଥକ ହୋଇଛି। ଏ ସମୟର ଆବଶ୍ୟକତା ହେଉଛି ନିଃସଙ୍ଗତାରେ ସାଥିଟିଏ ପାଇବା, ତେଣୁ ଏହି ବି ଏସ ସଦନରେ ପାଇବା ହରାଇବାର ଉର୍ଦ୍ଧ୍ୱ ପରିଧିରେ ପରିଣତ ବୟସରେ ପହଞ୍ଚିବା ସମସ୍ତ ଅନ୍ତେବାସୀ କହିବା ପାଇଁ ଶୁଣି ଶୁଣାଇବା ପାଇଁ ବନ୍ଧୁଟିଏ ପାଇବେ।

ଦୂରରୁ ଠିଆ ହେଇ ଅରୁଣ ଆଉ ଗୁନି ସ୍ୱର୍ଣ୍ଣଙ୍କୁ ଦେଖୁଥିଲେ। ମନେ ପଡୁଥିଲେ ସତେ ଯେମିତି ଶ୍ୱେତବସ୍ତ୍ର ପରିହିତା ସାଧନା ଦେବୀ ଠିଆ ହେଇ କହୁଥିଲେ ସେହି ।ସେହି ନିର୍ଭୀକ ବ୍ୟକ୍ତିତ୍ୱ ସେହି ଦାମ୍ଭିକତା ସ୍ପଷ୍ଟବାଦିତା।

ଗୁନି କହୁଥିଲା, କୁଳାଙ୍ଗାର ଭାଇମାନେ ଯାହା କରି ନ ପାରିଲେ ତାହା ସ୍ୱର୍ଣ୍ଣ ନାନୀର ଉପଯୁକ୍ତ ଦାୟାଦ ଅରୁଣ କରି ଦେଖାଇଲା।

ଅରୁଣ କହିଲା ଗୁନି ମାଉସୀ ଅତୀତକୁ ବଦଳାଇପାରିବାନି। ଭିବଷ୍ୟତ ଆମ ପାଇଁ ଅଜଣା। ହେଲେ ତୁମମାନେ ପରସ୍ପରକୁ ଦେଖିପାରିବ। ମନ କଥା କହିପାରିବ। ଜଣେ ଅନ୍ୟ ଜଣଙ୍କୁ ତ ଶୁଣି ପାରିବ।

ସେମାନେ ହୁଏତ ଭାବୁଥିଲେ।

ସବୁ ଭାଇଭଉଣୀମାନେ ପରସ୍ପର ମୁହଁ ଚାହାଁ ଚାହିଁ ହେଉଥିଲେ ତାହେଲେ ଆମେ କ'ଣ ସମସ୍ତେ ଏଠି ରହିବା ?

*ମାର୍ଫତ, ପ୍ରଫେସର ଶ୍ରୀନିବାସ ପାଠୀ*
*ମିଜୋରମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ*
*ଆଇଜଲ, ମିଜୋରମ*
*ଦୂରଭାଷ: ୯୪୩୭୭୬୨୭୩୨*

# କନ୍ୟାଦେଖା, କାଙ୍କଡ଼ କିଣା

## ରମେଶ ପଟ୍ଟନାୟକ

ଜଣେ ଅଜଣା ଝିଅକୁ ଦେଖି ତମର ପ୍ରେମ ହୋଇଯାଇଛି। ତା ନାଁ କ'ଣ ହୋଇଥିବ?

ତୁମେ ଦୁଇଜଣ ପରସ୍ପରର ଆମ୍ନାସାମ୍ନା ହୋଇ ବସିଛ ଦଶ ମିନିଟ୍ ପାଇଁ। ବାସ୍! ତମ ଦିହିଁଙ୍କ ମଧ୍ୟରେ କୌଣସି କଥାବାର୍ତ୍ତା ନାହିଁ... ଅଛି ଆୟତାକାର ଟେବୁଲ୍‌ଟିଏ। ଟେବୁଲ୍ ଉପରେ କପେ କଫି ଥୁଆ ହୋଇଛି। ତମେ ଅଛ ଦୁଇଜଣ। ଆଉ ଗୋଟେ କଫିର ଅପେକ୍ଷା କରିଛ।

ୱେଟର ଆସିଲେ ଆଉ ଏକ କଫିର ଅର୍ଡର ଦିଆଯିବ। କିନ୍ତୁ ଅର୍ଡର ଦିଆଯାଇନି ଏ ପର୍ଯ୍ୟନ୍ତ। ଜଣେ ଆରଜଣକୁ ଦେଖିଦେଲେ ଯଦି ଭଲ ପାଇବା ହୋଇଗଲା ତାହା କି ପ୍ରେମ? ଦେହଜ ଆକର୍ଷଣ। ମାନେ ଇନଫାଚୁଏସନ୍। ବାରମ୍ବାର ଝିଅର ଆଖି, ନାକ, ଭ୍ରୂ, କପାଳ ଓ ଓଠ ତୁମକୁ ଟାଣୁଛି। କଳା ବାଳକୁ ବାନ୍ଧି ଧଳାରଙ୍ଗର କ୍ଲିପ୍। କାନରେ ଦୋହଲୁଛି ବଡ ରିଙ୍ଗ, ରୂପା କିମ୍ବା ପ୍ଲାଷ୍ଟିକ୍। କାନ ଅନୁପାତରେ ରିଙ୍ଗ ଟିକିଏ ବଡ ଦିଶୁନି? ରିଙ୍ଗ ତଳକୁ ଛୋଟ ସବୁଜ ରଙ୍ଗର ପଥରଟିଏ ଚକମକ୍ କରୁଛି।

ସେ ଝିଅର ନାଁ ତମେ ଜାଣି ନାହଁ କିନ୍ତୁ ଜାଣିବାର ଇଚ୍ଛା ଅଛି। ତେବେ ମୁହଁର ଗଢ଼ଣ ଅଛି ଏକ ଚମତ୍କାର ପେଇଣ୍ଟ ପରି। ତାର ନାକ କଡକୁ ଅଛି ଛୋଟ ଫୁଲଷ୍ଟପ ପରି କଳାଜାଇ। ତା ନାଁ ହେବା ଉଚିତ୍ କଙ୍ଗନା। ତମେ କଣ ଆଶା କରୁଛ ତା ପାଖରୁ? କିଛି ନାହିଁ। କାରଣ ଭଲ ପାଉଥିଲେ ପ୍ରତ୍ୟାଶା କିଛି ନଥାଏ।

କଫି ଥଣ୍ଡା ହୋଇଯାଇଛି, ଆପଣ ନିଅନ୍ତୁ ପ୍ରଥମେ, କହି ତମେ ଝିଅ ଆଡ଼କୁ କଫି କପ୍ ବଢ଼େଇ ଦେଉଛ।

ସେ କଫି ଆପଣଙ୍କ ପାଇଁ। ମୁଁ କଫି ପିଏ ନାହିଁ, କହି କପ ତମ ଆଡକୁ ଘୁଞ୍ଚାଇ ଦେଲା ସେ ଝିଅ। ତା'ର ପାଖରେ ଯେଉଁ ଭଦ୍ରମହିଳା ବସିଥିଲେ ସିଏ ବି କହିଲେ; ଆପଣ ନିଅନ୍ତୁ। ଝିଲ୍ଲି ଚାହା କଫି କିଛି ପିଏ ନାହିଁ।

ଓହୋ ଏଇ ଝିଅର ନାମ ଝିଲ୍ଲି। ତମେ ଜାଣିପାରିଲ। ମହିଳାଙ୍କ ଡାହାଣ ପାଖରେ ଆଉ ଜଣେ ସୁନ୍ଦରୀ ଅଛନ୍ତି। ବଡ଼ଭାଇଙ୍କର ପସନ୍ଦ ହେଲେ ସେ ହେବ ତମର ଭାଉଜ। ତାଙ୍କ ଆଡ଼କୁ ତମେ ଆଦୌ ଲୋଲୁପ ଦୃଷ୍ଟିରେ ଚାହିଁବ ନାହିଁ। କ୍ରିମିନାଲ ଆଖି ସବୁଠାରୁ ବିପଦଜନକ। ଏହା ମୋହିନୀ ମନ୍ତ୍ର ପରି ଅଜଣା ସ୍ତ୍ରୀଙ୍କୁବି ପଥ ଭ୍ରଷ୍ଟ କରିଦିଏ।

ଇତି ମଧ୍ୟରେ ଝିଲ୍ଲି ଆଖି ଉଠାଇ ତୁମ ଆଡକୁ ଦୁଇ ତିନିଥର ଦୃଷ୍ଟି ଦେଲାଣି। ସେ କିନ୍ତୁ କିଛି କଥାବାର୍ତ୍ତା କରୁନଥାଏ। ତମେ ବି ଚୁପ୍ କରି ବସିଛ, ଯେମିତି ଏ ପରିସ୍ଥିତିରେ ତମର କୌଣସି ଅବଦାନ ନାହିଁ। କିମ୍ବା ତମର କିଛି କରିବାର ନାହିଁ।

ଦେଖିବାକୁ ଗଲେ ତମେ ଏଇ ସୃଷ୍ଟି ନାଟକର ପ୍ରକୃତ ହିରୋ, ଗଳ୍ପ ନାୟକ। ତମକୁ କେନ୍ଦ୍ର କରି ନାଟକ ରଚନା କରାଯାଇଛି। ଘଟଣାସ୍ଥଳରେ ତମ ବୋଉ, ଭାଇ, ସଂଭାବ୍ୟ ଭାଉଜ ଓ ତାଙ୍କର ବୋଉ ଅଛନ୍ତି। ତାଙ୍କୁ ନାମ ବାମ ଆଡକୁ ଯେଉଁ କମ ବୟସର ତରୁଣୀ ବସିଛନ୍ତି ତାଙ୍କ ମନେମନେ ତମେ ତର୍ଜମା କରୁଛ। କିନ୍ତୁ ତମେ କଣ ପାଇଁ ତାଙ୍କ ଆଡେ ଦୃଷ୍ଟି ଦେଇଛ? ତମେ ତାଙ୍କୁ ଭଲ ପାଇ ବସିଛକି? ନା ତାଙ୍କୁ ତମ ପ୍ରେମ ପ୍ରକଟ କରିବାର ସୁଯୋଗ ଖୋଜୁଛ? ଏମିତି ତମେ ଭାବରାଜ୍ୟରେ ରହିଛ କିଛି ସମୟ।

ପିଜି ପରେ କଣ କରିବେ? କିଛି ଯୋଜନା ଅଛି? ବଡଭାଇ ପଚାରିଲେ। ଏହାର ଉତ୍ତର କେହି ଦେଲେ ନାହିଁ।

କହୁନୁ ଝରଣା, ସେ କ'ଣ ପଚାରୁଛନ୍ତି। ପିଜି ପରେ ପଢ଼ିବୁ? ସେ ତୋତେ ପ୍ରଶ୍ନ କରୁଛନ୍ତି। ବୋଉ ଝରଣାଙ୍କୁ ସ୍ମରଣ କରାଇଦେଲେ।

ଜାଣିନାହିଁ.... ପିଏଚ୍.ଡି.ସିଟ୍ ମିଳିଲେ କରିବି ଗବେଷଣା, କହିଲେ ଝରଣା।

ଗବେଷଣା ପାଇଁ ସିଟ୍ ମିଳିଲେ ପଢ଼ିବେ ତିନିବର୍ଷ?

ତା କଥା ଧରନ୍ତୁନି। ଆପଣଙ୍କ ଘରେ ଅନୁମତି ଦେଲେ ପଢ଼ିବ, ନହେଲେ ନାଇଁ, କହିଲେ ଝରଣାର ବୋଉ।

ବୋଉ, ବଡ଼ଭାଇ ଖାଇଲେ ଦୋସା। ଝରଣା ଓ ତାଙ୍କ ବୋଉ ପିଇଲେ କଫି। ତମେ ଗୋଟିଏ ଢ଼ୋକରେ ସାରିଦେଲ କଫି।

ତମର କଫି ଥଣ୍ଡା ହୋଇ ଯାଇଥିଲା? ପଚାରିଲେ ଝିଲ୍ଲିର ବୋଉ। ଅର୍ଥପୂର୍ଣ୍ଣ ହସ ଝିଲ୍ଲିର ମୁହଁରେ।

ତା'ପରେ ଭାଇ, ଝରଣା ଓ ତାଙ୍କ ବୋଉ ଘରଦ୍ୱାର ରନ୍ଧାବଢ଼ା ସଂପର୍କରେ ଆଲୋଚନା ଜାରି ରଖିଲେ। ତମେ କେତେ ପଢ଼ିଛ, କିଏ କେତେ ପଢ଼ିଛି? ତମର କେତେ ସମ୍ପତ୍ତି ଅଛି ଓ ଆମର କେତେ ଅଛି ?

ତମେ ଝିଲ୍ଲି ସହ ମଧ୍ୟେ ମଧ୍ୟେ ଦୃଷ୍ଟି ବିନିମୟ ଓ କ୍ରମେ ସ୍ମିତହାସ୍ୟ ଦେଣନେଣ ଜାରି ରଖିଲ। ତମେ ଜାଣିଛ, ଏହା ସଭ୍ୟ ଆଚରଣ ନୁହେଁ, ପ୍ରଥମ ସାକ୍ଷାତରେ। ଚାହିଁଲେ ଏହା ନୈତିକ ଆଚରଣ ସଂହିତାର ଉଲ୍ଲଙ୍ଘନ ବୋଲି ଯେ କେହି ତମ ନାମରେ ମକଦ୍ଦମା କରି ଦେଇପାରେ।

ଆଚରଣବିଧିରେ ଉଲ୍ଲଙ୍ଘନ କେମିତି ହେଲା? ତମେ ପଚାରି ପାର। ଭାରତୀୟ ପିଙ୍ଗଳ ଧାରା ୩୫୪ (ବି) ଅନୁସାରେ ଜଣେ ପୁରୁଷ ସ୍ତ୍ରୀଙ୍କ ଇଚ୍ଛା ବିରୁଦ୍ଧରେ ସୌଜନ୍ୟ ରହିତ ଦୃଷ୍ଟି ବିନିମୟ କଲେ ତାହାକୁ ଅଶ୍ଳୀଳ ଇଙ୍ଗିତ କୁହାଯିବ। ତାହା ସମ୍ମାନ ହାନିକର ମନେହେଲେ ସେ ସ୍ତ୍ରୀ ତମ ନାମରେ ଥାନାରେ ଅଭିଯୋଗ କରିଦେଇ ପାରିବେ। ଅନାୟାସରେ ତମେ ତିନିବର୍ଷ ଜେଲଦଣ୍ଡ ଭୋଗିପାରିବ। ବଦାନ୍ୟ ବିଚାରକ ଥିଲେ ତମ ଉପରେ ଜୋରିମାନାବି ଲାଗିପାରେ।

ଚାକିରୀ ଯୋଜନା କିଛି ଅଛି? ବଡ଼ଭାଇ ପୁଣି ପଚାରିଲେ।

ସେକଥା କିଛି ଭାବ ନାହିଁ, କହିଲେ ଝରଣା।

ପ୍ରଶ୍ନୋତ୍ତର ସରିଲା ନା ଆଉ କିଛି ବାକି ଅଛି? ବୋଉ ପଚାରି ଦେଲେ ବଡ଼ଭାଇଙ୍କୁ। ପରସ୍ପରର ଫୋନ୍ ନମ୍ବର ନେଇ ଯାଇଥାଅ। ପରେ ଆମେ ଫୋନରେ ବି ଚର୍ଚ୍ଚା ଜାରୀ ରଖିପାରିବା, ସେ ସଂଯୋଗ କଲେ।

କିନ୍ତୁ ତମେ କଣ ଭାବୁଚ ବଡ଼ଭାଇ ଝରଣାଙ୍କୁ ବିବାହ ପାଇଁ ସ୍ୱୀକାର କରି ନିଅନ୍ତୁ। ସେମାନଙ୍କ ସଂପର୍କ ଯୋଡ଼ିଦେଲେ ହୁଏତ ତମ ରାସ୍ତା ସୁଗମ ହୋଇପାରିବ ? କିଛି କହିହେବ ନାହିଁ ଏଇ ଜୀବନରେ। ତମର ବୋଧହୁଏ ହୃଦବୋଧ ହେଉଥିବ ଯେ ଜୀବନ ଏକ ଆକସ୍ମିକ ଝଡ଼। ଝଡ ପରି ଜୀବନରେ କୌଣସି ଘଟଣାର ପୂର୍ବ ସୂଚନା ନଥାଏ। ତଥାପି ମଣିଷକୁ ସେଥିପାଇଁ ସଦା ପ୍ରସ୍ତୁତ ହୋଇ ରହିବାକୁ ହେବ: ଝଡ଼ ବର୍ଷା, ଶୀତ ଓ ବସନ୍ତ।

ଏଣିକି ଫେରିବାର ବେଳ ନୂଆ ବନ୍ଧମାନଙ୍କ ସାମୂହିକ ଶୁଭକାମନାରେ ପ୍ରତିଧ୍ୱନି ଭିତରେ ତମେ ଅନିଶ୍ଚିତ ମୁଦ୍ରାରେ ଠିଆହେଲ : ସେମାନଙ୍କ ଆର୍ଶୀବାଦ ଓ ପ୍ରଣୟାନୁରାଗ ଭିତରେ ତମେ ଭିଜିଯିବ ନା ହୋଟେଲ ବାହାରେ ଭୁଲିଯିବ ସବୁକିଛି ?

ପୃଷ୍ଠଭୂମିରେ କୋଳାହଳ, ଅଥଚ ତମେ ନିଶ୍ଚଳ ଅଛ ନିଜ ଭିତରେ। ଝିଲ୍ଲିର ଦୃଷ୍ଟି ଓ ଦେହର ବାସ୍ନା ତମକୁ ବିମୁଗ୍ଧ କରି ରଖିଛି ଅନେକ ସମୟ। ତମେ ସେସବୁକୁ ପୋଛି ଦେଇ ପାରୁନ ତମ ନିମଗ୍ନ ଚେତନ ବସ୍ତିରୁ।ତମେ ଛାଡିପାରୁନ ଝିଅର ହାତ ଓ ଓଢ଼ଣୀ ଯାହା ବସା ବାନ୍ଧି ଦେଇଛି ତମ ମସ୍ତିଷ୍କର ସୁକୁମାର ସ୍ନାୟୁ ଅଞ୍ଚଳରେ।

ସମସ୍ତେ ଠିଆ ହେଲେ, ସାଉଁଟି ନେଲେ ନିଜ ନିଜ ପ୍ରିୟ ବସ୍ତୁ ସମୂହ: ଭ୍ୟାନିଟି ବ୍ୟାଗ, ମୋବାଇଲ ଫୋନ, କାର୍ ଓ ଘରର ଚାବି।

ଫୋନ୍ ନମ୍ବର ସବୁ ନେଇଛ ତ ? ଝିଲ୍ଲିର ବୋଉ ସ୍ମରଣ କରାଇ ଦେଲେ।

ତମେ ଯେମିତି ଅନିଚ୍ଛାରେ ଟିପି ନେଉଛ, ଝିଲ୍ଲିର ମୋବାଇଲ ଫୋନ ନମ୍ବର। ଭାବୁଛ, ସତରେ କଣ ଝିଲ୍ଲି କେବେ ତମକୁ ଫୋନ କରିବ ? ସ୍ୱତଃ ପ୍ରବୃତ୍ତ ହୋଇ ?

ବାହାରିବା ପୂର୍ବରୁ ତମେ ଝିଲ୍ଲିର ଗୋପନ ଦୃଷ୍ଟିର ସାମ୍ନା କଲ ପୁଣିଥରେ। ଅନ୍ୟମାନଙ୍କ ଦୃଷ୍ଟି ଆଢୁଆଳରେ ସ୍ମିତ ହସିଦେଲା ଝିଲ୍ଲି। ଏଇ ହସ ତୁମକୁଦ୍ୱନ୍ଦ୍ୱରେ ପକାଇଦେଇଛି ନିଶ୍ଚୟ। ତମେ ଏ ହସ ଉପରେ ଭରସା କରି ଆଗକୁ ବଢ଼ିପାରିବ ? ନା ଏସବୁ ତୁମ ମନର ଭ୍ରାନ୍ତ ଧାରଣା ?ତମେ ଝିଲ୍ଲିକୁ କିଛି ମନଖୋଲି ପଚାରି ଦେଲନି ? ଫଳରେ ତମ ଦିହିଁଙ୍କୁ ଆଚ୍ଛାଦିତ କରିଦେଇଥିବା ନିରବତାରେ ପର୍ଦ୍ଦାଫାଶ ହୋଇଯାଇଥାନ୍ତା। ନା। ସେ ସୁଯୋଗ ହାତଛଡ଼ା ହୋଇଗଲା। ତମେ ଚାଲିଚାଲି ନିଜ କାର୍ ପାଖକୁ ଆସିଯାଇଥିଲ। ସେତେବେଳେକୁ କଣଟାଏ ଭୁଲିଗଲା ପରି ଲାଗିଲା ତୁମକୁ।

ଜୀବନ ସେମିତି ଅସଂଖ୍ୟ ଭୁଲଭଟକାର ସମନ୍ୱୟ ହୋଇଥିବା ଅସହ୍ୟ ମନେ ହେଲେ ତମେ କେତେବେଳେ ଲମ୍ଫ ଡିଆଁ ମାରି ଦେଇଛ ନ ହେଲେ ଏହା ଅଲଂଘ୍ୟ ବୋଲି ଛାଡିଦେଇଛ। ଆଜି ଜାଣିଶୁଣି ସୁଯୋଗକୁ ତମେ ଅଣଦେଖା କରିଦେଲ।

ବାଇ, ବାଇ, ସିୟୁ ...ତମେ କହିଦେଲ।

ସୌଜନ୍ୟ ଦୃଷ୍ଟିରୁ ହାତ ହଲେଇ ଦେଇଥିଲା ଝିଲ୍ଲି। ସେ ଚାଲିଗଲା ପରେ ତମେ କାର୍ ସିଟରେ ବସିରହିଲ କିଛି ସମୟ। ରିଅର୍ ମିରରରେ ଦେଖିଲ ଝିଲ୍ଲି ତା ପରିବାର ସହିତ ସହରର ଗହଳି ଭିତରେ କେଉଁଠି ନିଖୋଜ ହୋଇ ଯାଉଛି।

ତମ ହୃଦୟ ଭିତରେ ଦ୍ୱନ୍ଦ୍ୱ। ଏହାର ବିପରୀତତମ ଚାରିପାଖ ସହରରେ ଅଛି ଉତ୍ତେଜନା ଯାହା ତମକୁ ଆନ୍ଦୋଳିତ କରୁଛି। ଜୀବନରେ ସବୁ ବାସ୍ତବତା କ'ଣ ଏମିତି ଅନିଶ୍ଚିତ ଓ ସଂଭାବନାମୟ ? ନା ଅଚିରେ ଅନ୍ୟ କେଉଁ କଫି ଟେବୁଲ ଆରପାଖେ ସେହି ତନ୍ୱୀସହ ପୁଣି ସାକ୍ଷାତ ହୋଇଯିବ ? ଓ ନିରବତାର ଫର୍ଦ୍ଦା କଟିଯିବ ସୁବଦିନ ପାଇଁ ?

ଗାଡ଼ିନେଇ ତମେ ସେହି ସ୍ଥାନ ଛାଡିଯାଇଛ। ଜନଗହଳିରୁ ଏକାକୀତ୍ୱ ଭିତରକୁ। ସକାଳୁ ତମେ ଦେଖିଥିବା ସଂଭାବନା ଟିକକ ବି ଭୁଲି ଯାଇଥିବ ସନ୍ଧ୍ୟାରେ।

କାହିଁ କହିଲୁନୁ ଝିଅ ତୋର ପସନ୍ଦ ହେଲା କି ନାଇଁ ? ଘରେ ବୋଉ ପଚାରିଲା ବଡ଼ଭାଇଙ୍କୁ। ବାପା ଦିଶିଲେ ଉଦଗ୍ରୀବ। ତମେ ବି ଦିଶିଲ ଉତ୍କଣ୍ଠିତ।

ବଡ଼ଭାଇ ଟିକିଏ ଚୁପ୍ ରହିଗଲେ।

ଏତେ ଭାବୁଛୁ କଣ ? ହଁ କି ନା କହିଦେଉନୁ ?

ନା, ଟିକଏ ସମସ୍ୟା ରହିଯାଇଛି, କହି ଦେଲେ ବଡ଼ଭାଇ।

ଏଥିରେ ଏତେ ସମସ୍ୟା କଣ ? ବୋଉ ପଚାରି ଦେଲା। କିନ୍ତୁ ତମେ ଏଥିରେ ଆଚମ୍ବିତ ହେବାର ଖୋରାକ ଅଛି।

ତାଙ୍କ ବାପାମାଙ୍କ ସହ କଥାବାର୍ତ୍ତା କରିଦେଖ। ଝରଣାର ସାନ ଭଉଣୀ ଝିଲ୍ଲି ସହ ସମ୍ବନ୍ଧ ଯୋଡ଼ି ହେବ କି ? ବଡ଼ଭାଇ ପଚାରି ଦେଲେ।

ଯେ କି ପାଗଳାମୀ ? ବଡ଼ଝିଅ ଦେଖିବାକୁ ଯାଇଛ, ଆଉ ସାନଝିଅର ହାତ ମାଗୁଛ। ଏମିତି ହୁଏନାହିଁ। ଜୀବନ କଣ ପରିବା କିଣାବିକା ହୋଇଛି ? କହିଦେଲା ବୋଉ: ତୋର ଯଦି ଇଚ୍ଛା ନାହିଁ ମୂଳରୁ ମନା କରିଦେ। ଆଉ ଏତେ ଆଡକୁ ମୁଣ୍ଡ ପୁରାନା....।

*ପ୍ଲଟ ନମ୍ବର ୮୧୫,*
*ବାସନ୍ତୀ ଭିଲ୍ଲା, ୪/୧ ଝାରପଡା*
*ଭୁବନେଶ୍ୱର ୭୫୧୦୦୬*
*ଦୂରଭାଷ: ୮୨୪୯୫୨୭୭୫୮*

# ବାପା ଫେରିଆସ...

## ନଗେନ୍ଦ୍ର ନାଥ ପଟ୍ଟନାୟକ

ଶରତ ଏବେ ଏବେ ବାପାଙ୍କ ମୁଖାଗ୍ନିଦେଇ ଘରକୁ ଫେରିଲା । ଶ୍ମଶାନରେ ଚିତାଗ୍ନିର ଲେଲିହାନ ଶିଖା ହୁତୁହୁତୁହୋଇ ଜଳିଉଠୁଥିଲା । ଜୀବନ ତମାମ ସେଇ ନିପଟ ମଫସଲି ଗାଁ ଘରେ ରହିଥିଲେ ବାପା । ହେଲେ ରିକ୍ତ ହସ୍ତରେ ଇହଧାମରୁ ବିଦାୟନେଇ ଯାଇଥିଲେ । ତାଙ୍କର ସର୍ବସ୍ୱ ଏଇ ଧରାଧାମରେ ରହିଯାଇଥିଲା । ଶରତର ମନେ ପଡୁଥିଲା ସେଦିନର କଥା ଯେତେବେଳେ ସେ ଚାକିରିରେ ଯୋଗଦେବା ଲାଗି ସହର ଅଭିମୁଖେ ଯାତ୍ରା କରିଥିଲା । କେତେ ନେହୁରା ହୋଇ କହିଥିଲା-ବାପା ! ଚାଲ ମୋ ସଙ୍ଗରେ, ମୋ ପାଖରେ ରହିବ-ମାମା ତ ଅଫେରା ରାଇଜରେ । ଏଇଠି ଏକଲା ରହି କ'ଣ କରିବ ? ବାପା କିନ୍ତୁ ଅସ୍ୱସ୍ତିବୋଧ କଲେ । ସେଇ ପୈତୃକ ସମ୍ପଦକୁ ଆବୋରି ବସିଥିଲେ ସେ । ନିଜ ଜିଦ୍‌ରେ ଅଟଳ । ଭିଟାମାଟି ପ୍ରତି ମାୟାମମତା ତୁଟି ନଥିଲା ତାଙ୍କର । ବାପା ଭାବବିହ୍ୱଳ କଂଠରେ କହୁଥିଲେ-ଦି ବଖୁରିଆ ଖପରିଲ ପୈତୃକ ଘର, ଜମିବାଡ଼ି, ପାଳିତ ଗାଈଗୋରୁ ସବୁକିଛି ଛାଡ଼ି କେମିତି ତୋ ସାଙ୍ଗରେ ଯିବି ? ହଁ ହପ୍ତାଏ ପନ୍ଦର ଦିନ ରହଣି ଠିକ୍ ଅଛି । ବେଳେବେଳେ ବାପା ଏତେ ଜିଦି କରନ୍ତି ଯେ ଚିଡ଼ିଚିଡ଼ି ହୋଇଯାଆନ୍ତି । ତାଙ୍କ କଂଠସ୍ୱର ବେଦନାରେ ଭାରିହୋଇଯାଏ । ଅନ୍ତଃସ୍ଥଳ ପ୍ରଚଣ୍ଡ ଆଘାତରେ ପ୍ରକମ୍ପିତ ହୋଇଉଠେ । ମୁହଁରେ ଅତୃପ୍ତି ଓ ଉଦ୍‌ବେଗ । ଅବୁଝା ଆଖିରେ କହନ୍ତି - ତୁମେମାନେ ଏ ଇ-ଯୁଗର ପିଲା, ମୋ କଥା କାହୁଁ ବୁଝିପାରିବ । ମୋ ଅନ୍ତରାତ୍ମା ସହିତ କେତେ କଣ ଯୋଡ଼ିହୋଇ ରହିଛି ଏଠି । ଏଠୁ ମୁଁ କସ୍ମିନକାଳେ ଯାଇପାରିବି ନାହିଁ ।

ଶରତ ଚେହେରାରେ ବିବଶପଣ ବେଶ୍ ବାରିହୋଉ ଉଠୁଥିଲା । ଜୀବନର ଦୋଛକିରେ ଛିଡ଼ାହୋଇଥିଲା ସେ । ମନରେ ପ୍ରବଳ ଇଚ୍ଛା ଥିଲେ ବି ଗାଆଁକୁ ଆସିପାରୁ ନଥିଲା । ଆଚ୍ଛାଖାସା ଚାକିରି ଖଣ୍ଡେ ତା ଭାଗ୍ୟକୁ ଜୁଟିଥିଲା । ମୋଟା ଅଙ୍କର ଦରମାରେ ତା ପକେଟ ଫୁଲି ଉଠୁଥିଲା । ଚାକର ବାକର ଓ ଗାଡ଼ିଘୋଡ଼ା ସବୁ ଖଂଜା ସେଥିରେ ପୁଣି ପିଲାପିଲିଙ୍କ ଉତମମାନର ଶିକ୍ଷା ବ୍ୟବସ୍ଥା ଓ ଅନ୍ୟାନ୍ୟ ଆକର୍ଷଣୀୟ ମନୋଲୋଭା ସୁବିଧା ସୁଯୋଗଗୁଡ଼ିକୁ କରଛଡ଼ାକରି ଗାଆଁ ଆସିବାଟା କଣ ବୁଦ୍ଧିମତାର କାର୍ଯ୍ୟ ! ଗାଁ ବାଲାଏ ଛିଛାକର କଲେ । ସେମାନଙ୍କ ଶାଣିତ କଟାକ୍ଷ ଶରତ ହୃଦୟରେ ତୀରଭଳି ବିନ୍ଧ କରି ଖିନ୍ନଭିନ୍ନ କରି ଦେଉଥିଲା । କାହା ମୁହଁରେ କଣ ତୁଣ୍ଡି ବାନ୍ଧିହେବ । ସଜ ମାଛରେ ପୋକ ପକେଇବାରେ ଅଭ୍ୟସ୍ତ । ବାରଲୋକ ବାରକଥା କହିଲେ । ଥୋକେ ଦେଖେଇ ଶୁଣେଇ କହିଲେ–କି ପୁଅ ଜନ୍ମକଲା କେଜାଣି ବିଚାରୀ ବୁଢ଼ାବାପଟାକୁ ନିଜ ପାଖରେ ରଖୁନାହିଁ । ଅଲୋଡ଼ା ଓ ଅପାଂକ୍ତେୟ ହୋଇ ପଡ଼ୁ ରହିଛି ବିଚାରୀ ବାପାଟା । କର୍ତ୍ତବ୍ୟବିମୂଢ଼ ଶରତ ଏବେ କଣ ବା କରିବ ? ତା ମନ ସିଲଟରେ ସରସତା ନିଭି ଯାଇଥିଲା ଏବଂ ହୃଦୟରେ ଘୂର୍ଣ୍ଣିଝଡ଼ ତାଣ୍ଡବ ରଚୁଥିଲା । ପିଲାଏ କ'ଣ ସର୍ବଦା ଭୁଲକରି ବସନ୍ତି ? ଲୋକଙ୍କ ଟାହିଟାପରା, ଥଟ୍ଟା ପରିହାସ କେତେ ବାଧୁ ନଥିବ ବାପାଙ୍କୁ । ତଥାପି ବାପା ନଛୋଡ଼ବନ୍ଧା, ରୋକଠୋକ ମନାକରି ଦେଉଛନ୍ତି । ଏମିତି ନୁହେଁ ଯେ ସବୁ ପିଲାପିଲି ବୁଢ଼ାବାପାଙ୍କୁ ପାଖରେ ରଖିବାକୁ ଅମଙ୍ଗ ହୁଅନ୍ତି । ତେବେ ସମସ୍ତେ କଣ ସଂସ୍କାରହୀନ ? କିନ୍ତୁ ମାମା ପାପା କାହିଁକି ପିଲାପିଲିଙ୍କ ଭାବନାକୁ ବୁଝିପାରନ୍ତି ନାହିଁ ? ଆଖିର କଥାକୁ ନ ପଢ଼ି ଅବୁଝା ହୁଅନ୍ତି ।

ଏମିତି ଭାବନାରେ ବୁଡ଼ିରହିଲେ କେବେକେବେ ଶରତର ରାଗ ଆସେ ପାପାଙ୍କ ଉପରେ । ଖାଲି ଭାବିବ ସେ ବାପାଙ୍କର ମୋ ପ୍ରତି ଟିକିଏ ଭଲପାଇବା ଥିଲେ ମୋ କଥାଟା ମାନି ଯାଆନ୍ତେ । ହେଲେ ପାପାକଣ କେବେ ପୁଅ କଥାକୁ ସ୍ୱୀକାରକରନ୍ତି ? ଏମିତି ନୁହେଁ ଯେ ପାପା କେବେବି ଆସନ୍ତି ନାହିଁ ପୁଅ ପାଖକୁ । କିନ୍ତୁ ଆସିବା ମାତ୍ରେ ଭିଟାମାଟିକୁ ଫେରିଯିବାକୁ ବ୍ୟାକୁଳ ହୋଇଉଠନ୍ତି ।

ବାପାଙ୍କର ସଦାବେଳେ ଆପର୍ତି ଅଭିଯୋଗ ଫର୍ଦ୍ଦ-ତୋ ଘରେ ମୁଁ ଶ୍ୱାସରୁଦ୍ଧ ହୋଇଯାଉଛି । ଅପରାଧୀ କଏଦୀଙ୍କ ଭଳି ଚାରିକାନ୍ଥ ଭିତରେ ବନ୍ଦୀହୋଇ ରହୁଛି । ମଫସଲି ଗାଁରେ ସଭିଏଁ ଭାଇଚାରା ଭାବରେ ବନ୍ଧା । ଗାଁ ଜୀବନର ଶାନ୍ତ, ସୁନ୍ଦର ଓ ନୈସର୍ଗିକ ରୂପ ଛାଇପରି ଗାଆଁବାଲାଙ୍କ ପଛେ ପଛେ ଚାଲିଥାଏ । ଗାଉଁଲି ଲୋକେ ସ୍ୱାର୍ଥ କେନ୍ଦ୍ରିକ ନୁହଁନ୍ତି । ବରଂ ଆନର ବିପଦ ଆପଦରେ ଅକୁଂଠ ଚିତରେ ସାହାଯ୍ୟ ସହଯୋଗ ରହସ୍ତ ପ୍ରସରି ଦିଅନ୍ତି । ଗାଁ ମାଟିର ମହକ, ପରିବେଶ, ବାଲ୍ୟ ସ୍ମୃତି ବିଶ୍ୱାସ, ସଂସ୍କୃତି, କାହାଣୀ ଓ କିମ୍ବଦନ୍ତୀ ପଲ୍ଲୀ ଜୀବନଧାରାକୁ ଗଢ଼ିତୋଳିଛି । ତା ଛଡ଼ା ସ୍ନେହ ସମ୍ପର୍କ, ସାନିଧ୍ୟ, ସମର୍ପଣ ସବୁକିଛି ଏ ଗାଁରେ । ଗାଁ ଲୋକଙ୍କ ସାଥିରେ ହସଖୁସିରେ ଦିନ ବିତିଯାଏ, କିନ୍ତୁ ସହରରେ କାହା ପାଖରେ ଫୁରସତ୍ ନ ଥାଏ । ସମସ୍ତେ ନିଜ ନିଜର କର୍ମଜଂଜାଳରେ ବ୍ୟସ୍ତ । କାହାକୁ ତରସହୁଛି ପଦେ ଅଧେ ଗପସପ କରିବା ପାଇଁ । ତୁମେ ପତି-ପତ୍ନୀ ଦୁହେଁ ପିଲାଛୁଆଙ୍କ ଅଳିଅର୍ଦ୍ଦଳି ପୂରଣକରି ନିଜ ନିଜର କାମକୁ ଯାଉଛ ଏଣେ ଦିନସାରା ପିଲାପିଲିଙ୍କ ସ୍କୁଲ ଯିବା ଆସିବା ଆଉ ଟ୍ୟୁସନ ପାଠ । ଘରେ ପାଦ ଥାପୁ ଥାପୁ ସମସ୍ତେ ଯନ୍ତ୍ରବତ୍ ମୋବାଇଲ ପ୍ରତି ଆସକ୍ତ । ମୋବାଇଲ ଉପରେ ଦୃଷ୍ଟି ନିବଦ୍ଧ କରି ଅଙ୍ଗୁଳି ଚାଳନାରେ ବ୍ୟସ୍ତ ରହୁଛ । ଦିନ ତମାମ ମୁଁ କଣ କରିବି ଯେ ?

ବାପାଙ୍କ ଅଭିଯୋଗ ଏକଦମ୍ ଶତପ୍ରତିଶତ ପ୍ରମାଣସିଦ୍ଧ, କିନ୍ତୁ ବାପାଙ୍କୁ ଏକୁଟିଆ ଦେଖିଲେ ପୁଅ କେମିତି ଅଣନିଃଶ୍ୱାସୀବୋଧ କରେ ସେ କଥା ବାପା କେବେବି ବୁଝନ୍ତି ନାହିଁ । ଶରତ୍ ନିଜକୁ ବଡ଼ ଅସହାୟ ମଣୁଥିଲା । ମନଟା ତାର ବିଷେଇ ଉଠିଲା । ସଦାବେଳେ ଅପରାଧୀଙ୍କ ଭଳି ଅନୁଭବ କରୁଥିଲା । ତା ଜୀବନ ଯେମିତି ଖଣ୍ଡ ବିଖଣ୍ଡି ତହୋଇ ଦି ଫାଳ ହୋଇଯାଇଛି । ଅଧା ମନ ପାପାଙ୍କ ଚିନ୍ତାରେ, ଆଉ ଅଧେ ନିଜ ଘର ପରିବାର ଦକରେ ଘାରିହେଉଥିଲା ।

ପୁଣି ଆଉଦିନେ ସେଇ ଗାଁ ଭିଟାମାଟି, ଘର ସହିତ ଜଡ଼ିତ ସଜୀବ ତିକ୍ତ-ମଧୁର ସ୍ମୃତି, ମୁକ୍ତସ୍ୱଚ୍ଛ ପବନ, ଘନିଷ୍ଠ ସାଙ୍ଗମାନଙ୍କ ସହିତ ଆତ୍ମୀୟତା ସବୁକିଛିକୁ ପଛରେ ଛାଡ଼ି ଚିର ନିଦ୍ରାରେ ଶୋଇଯାଇଥିଲେ ବାପା । ନିଜ ମନ ଓ ହୃଦୟରେ

ଦାରୁଣ କଷ୍ଟ ଯନ୍ତ୍ରଣା ସହି ସେ ଆମ ଗହଣରେ ରହିଥିଲେ ହୁଏତ କିଛିଦିନ ଜିଇଁଥାନ୍ତେ ।

ପୀଡା ବେଦନାକୁ ହୃଦୟ ଭିତରେ ଲୁଚାଇ, ମନରେ ଦୁଶ୍ଚିନ୍ତାର କଳା ଢାଙ୍କୁଣି ଘୋଡେଇ ଏବଂ ଲୁହ ଆଉ କୋହରେ ନିଜକୁ ବୁଡେଇ ଶରତ ସମୟଚକ ସହ ତାଳଦେଇ ଧୀରେ ଧୀରେ ଆଗକୁ ଆଗାଉଥିଲା । ଶରତ କାଲି ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛି ଆଜି ସକାଳୁ ସକାଳୁ ଅଷ୍ଟ୍ରେଲିଆରୁ ଝିଅର ଫୋନ । ଅଲିଅଳୀ ଝିଅ ମନରେ ମମତାର ଝଡ । ସେପଟୁଆ ବେଗ ଉଚ୍ଛ୍ୱସିତ କଂଠରେ ଝିଅଟି କହିଲା-ପାପା ! ଆପଣବି ଏବେ ଏଠିକୁ ଆସିବାକୁ ତୟାର ହୋଇଯାନ୍ତୁ, କଣ ଏମିତି ଧନ ସମ୍ପଦ ରୁଣ୍ଡେଇଛ ଯେ ସେ ଭାରତରେ ! ଏବେ ପୁଅ-ବୋହୂ ଆଉ ନାତି ନାତୁଣୀଙ୍କ ମେଳରେ ରହି ଶାନ୍ତିରେ ସମୟ କାଟିବ । ମୁଁ ଫ୍ଲାଇଟ୍ ଟିକେଟ ଅନଲାଇନ୍ ଜରିଆରେ ବୁକ୍‌କରି ଦେଇଛି । ସେଥିକୁ ମୋଟେ ଚିନ୍ତାକରନି । ନାତିଟୋକାଟା ବି ଗୁଲୁରୁ ଗୁଲୁରୁ ସ୍ୱରରେ ବଡପାଟିରେ ଜେଜେଙ୍କୁ ଆସିବାକୁ ନିମନ୍ତ୍ରଣ ଜଣାଇ କହିଲେ –ଜେଜେ ତୁମେ ଆମ ପାଖକୁ ଆସୁନ କାଇଁକି । ଆମେ ତମଠୁ ମଜାଳିଆ ଗପ କାହାଣୀ ଶୁଣିବୁ । ଖେଳକୁଦ କରିବୁ । ଫୋନଟିକୁ ପୁଅ ହାତରୁ ଝିଙ୍କିନେଇ ଝିଅ ପୁଣି ଯୋଗକଲା – ବାପା ଆଉ ଡେରିକଲେ ଚଳିବନି । ଶୀଘ୍ର ଆସ ଆମ ପାଖକୁ । ନାତିନାତୁଣୀମାନେ ତୁମକୁ ଝୁରିହେଉଛନ୍ତି । ତୁମ କଥା ତାଙ୍କର ବେଶ୍ ମନ ପଡୁଛି ।

ବାପା ମଧ ଗାଁରୁ ସହର ଆଉ ସହରରୁ ଗାଁ ମାସେ ଦିମାସରେ ହଁ ଯାଆଆସ କରୁଥିଲେ ହେଲେ ବିଦେଶରୁ ଫେରିବା କଣ ଏତେ ସହଜ ? ଏହି ଅନନ୍ତ ଅନିଶ୍ଚିତତା ଭିତରେ ଦିନ ବିତି ଯାଉଥିଲା ଆଉ ସେ ବିଏ ହି ଦ୍ୱନ୍ଦ୍ୱରେ ଗୋଳେଇ ପୋଳେଇ ହୋଇ ଶୋଇବାକୁ ଚାଲିଗଲେ । ପୁଅର ମାନସପଟରେ କେତେ ଅଭୁଲ ଦୃଶ୍ୟ ଚଳଚ୍ଚିତ୍ର ଭଳି ନାଚିଉଠିଲା । କେତେକେତେ ପିଛିଲା କଥା ସବୁ ଉଙ୍କିମାରୁଥିଲା । ସୁନେଲି ସ୍ୱପ୍ନରେ ପୁଅ ଶରତ ଦେଖିଲା ବାପା ତା ମୁଣ୍ଡକୁଲାଗି ବସିଛନ୍ତି ଆଉ କହୁଛନ୍ତି –ମୁଁ କହିଥିଲି ନା ପରେ ବୁଝେଇବି ବୋଲି । ହଁ ବାପୁଜୀ, ଆପଣ ଠିକ୍ କଥାଟା କହିଥିଲେ, ମୁଁ ବୁଝିପାରି ନଥିଲି କହି ସେ ନିଘୋଡ ନିଦରେ ବାପାଙ୍କ ସରାଗସିକ୍ତ କୋଳରେ ମୁଣ୍ଡରଖି ଭୋ ଭୋ ହୋଇ କାନ୍ଦି ପକାଇଲା । ଆଜି ବର୍ଷକ ପରେ ଆଖିରେ ଖୁବ୍ ଗାଢ ନିଦର ଅଂଜନ ଲେସିହୋଇଯାଇଛି । ଆଖିମେଲିବା ମାତ୍ରେ ଅନୁଭବ ହେଲା ସେ ଶରତରୁ ଶରତବାବୁ ବନିଯାଇଛି । ସେ ଝିଅକୁ ଫୋନରେ କହିଲା- ଶୁଣ ଝିଅ, ଟିକଟ୍‌ବୁକ କରନି । ଏମିତି କିଛିଦିନ ବାପାଙ୍କ ପରିକା ଜୀବନ ଜିଇଁବାକୁ ଚାହୁଁଛି । ଶରତବାବୁଙ୍କ ମନରେ ବର୍ଷ ବର୍ଷ ଧରି ଜମାଟ ବାନ୍ଧିଥିବା ଅପରାଧବୋଧ ଧୀରେ ଧୀରେ ତରଳି ଯାଉଥିଲା ।

*ପ୍ରାକ୍ତନ ଅତିରିକ୍ତଶାସନ ସଚିବ, ଓଡିଶାସରକାର*
*ଓଷ୍କାରସିଟି, ଲେନ ନଂ-୯, ପ୍ଲଟ ନଂ-୪୫୬*
*ଲକ୍ଷମୀସାଗରକେନାଲରୋଡ୍, ଭୁବନେଶ୍ୱର*
*ଦୂରଭାଷ: ୯୪୩୮୩୩୨୧୩୮*

ପଢନ୍ତୁ ପଢନ୍ତୁ ପଢନ୍ତୁ
କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟଙ୍କ
ଦ୍ୱିତୀୟ କବିତା ଗ୍ରନ୍ଥ
ମଚିଁଖେପ



-: ପ୍ରକାଶକ :-
ଝିଁଗ
ପ୍ରକାଶନୀ, ତିହିଡ଼ି
ମୂଲ୍ୟ : ୮୦ଟଙ୍କା
ଯୋଗାଯୋଗ :
ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ
ମୁଷାଗ, କୋଠ୍ଠ, ତିହିଡ଼ି, ଭଦ୍ରକ
ମୋ: ୮୮୯୫୫୮୮୯୦୫, ୭୭୭୮୨୮୬୮୦୨

# କଳାବତୀ ମାନ୍ଧାତା

ଜାନକୀ ବଲ୍ଲଭ ମହାପାତ୍ର

ଜନ୍ମରୁ ଅନ୍ଧାରରେ ମିଶିଗଲା ପରି ତା'ଦେହର ରଙ୍ଗ। ନିବିଡ ଭାବରେ ଜଡି ରହିଥାଏ ଝିଅଟି ଦେହରେ ସେଇ କଳାରଙ୍ଗ; ସତେ ଯେମିତି କିଟିମିଟି ଅନ୍ଧାର ହିଁ ତାକୁ ଜାବୁଡି ଧରିଛି। ଝିଅଟି ବି ଅନ୍ଧାରକୁ କୋଳେଇ ନେଇଛି ଆଦର କରି।

ଆଲୋକ ନ ଥିବାଟା ଖାଲି ଅନ୍ଧାର ନୁହେଁ, ଅନ୍ଧାରର ବି ଅଛି ଗୋଟେ ସ୍ୱତନ୍ତ୍ର ସ୍ଥିତି, ଏକ ନିଆରା ପରିଚିତ। ଯେମିତି ଅନ୍ଧାର ତା' ସ୍ୱାଭିମାନୀ ଚେହେରା ଧରି ଆଲୋକକୁ ସାମନା କରେ ସେମିତି ଏ ଝିଅଟି ସାମନା କରୁଛି ରଙ୍ଗ ବିଦ୍ୱେଷୀ ସମାଜକୁ।

ଝିଅର ଭିବଷ୍ୟତ ବି ଅନ୍ଧକାରମୟ! କେମିତି ବିବାହ କରିବ ଏ ଝିଅଟି? କିଏ ତାକୁ କାହିଁକି ପସନ୍ଦ କରିବ? ଯଦି ବା କିଏ ରାଜିହୁଏ ତେବେ ଯୌତୁକର ରାଶି ନିର୍ଣ୍ଣୟ କରିବ ତା ଯୋଟକ। ଅଧିକ ପାଠ ପଢ଼ିଲେ ତା ବିବାହ ସୁବିଧାରେ ହୋଇପାରିବ ନା କମ୍ ପଢ଼େଇ ଜୋଇଁ ଖୋଜିବା ଠିକ୍ ହେବ? ଏମିତି ସବୁ ଆଲୋଚନା ଘରେ ଓ ବାହାରେ। ସେ ଯେମିତି ଗାଁଟା ଯାକର ବୋଝ! ଝିଅଟି ଖୁସି ଯେ ଭଲରେ ହେଉ ଅବା ମନ୍ଦରେ, ତା ପାଇଁ ଅନ୍ତତଃ ଚିନ୍ତିତ ଅଛନ୍ତି ଅନେକ ଲୋକ।

କିଶୋରୀ ଝିଅଟି ଗୋଟେ ଚୁଲବୁଲି ପ୍ରଜାପତି। ନିଜ ଅଜାଣତରେ କେତେବେଳେ ସେ ଛାଡ଼ି ଆସିଲା ସେ ବୟସକୁ ସେକଥା ଅନୁଭବ କରିପାରିଲାନି। ଯୌବନର ଆଗମନରେ ତା ଶରୀରର ଗଠନ ଓ ମୁହଁର ଗଢ଼ଣରେ କିଛିଟା ଆଖିଦୃଶିଆ ପରିବର୍ତ୍ତନ ହେଲା ସିନା, ତା'ଉପରୁ ରଙ୍ଗର କଳଙ୍କ ହଟିଲା ନାହିଁ। ଶ୍ମଶାନର ନିଆଁରେ ପୋଡିଗଲା ପରେ ବୋଧହୁଏ ସ କଳଙ୍କ ଯାଇ ଲିଭିବ।

ଭଗବାନ କାହିଁକି କଳାରଙ୍ଗର ପୁଟ ଦେଇ ତାକୁ ତିଆରି କଲେ ତା ଉତ୍ତର ତାଙ୍କ ଭିନ୍ନ ଆଉ କିଏ ଦେବ? ଗାଁ ମୁଣ୍ଡ ମନ୍ଦିରରେ ବସିଥିବା ଠାକୁରଙ୍କୁ ସେ ପଚାରିଛି ସେ ପ୍ରଶ୍ନ। ଠାକୁର ଉତ୍ତର ଦେବେ କ'ଣ? ନିଜକୁ ଦୋଷୀ ଭାବନ୍ତି ବୋଧେ ତା' ପ୍ରଶ୍ନ ଶୁଣି। ସେମିତି ଜୁଳୁଜୁଳୁ କରି ଅନେଇ ଥାନ୍ତି ତା ମୁହଁକୁ; ଯେମିତି ଭୁଲଟିଏ କରି ପକେଇଛନ୍ତି ତାକୁ ଗଢ଼ିଲା ବେଳେ।

ପାଠପଢ଼ାରେ ଯଦିଓ ଆଗରେ ରହୁଥିଲା ଝିଅଟି, ଶ୍ରେଣୀରେ ପ୍ରଥମ ହୋଇ ପାରିଲା ନାହିଁ କେବେ। ଦେହର ରଙ୍ଗ ସେଥିପାଇଁ ବାଧକ ଥିଲା ନିଶ୍ଚିତ, ନ ହେଲେ ବୋର୍ଡ ପରୀକ୍ଷାରେ ସେ କେମିତି ତାଙ୍କ ସ୍କୁଲରେ ପ୍ରଥମ ହେଲା? ବୋର୍ଡ ପରୀକ୍ଷାର ପରୀକ୍ଷକମାନେ ତା ଶରୀରର ରଙ୍ଗକୁ ଦେଖିପାରି ନାହାନ୍ତି; କେବଳ ତା ଉତ୍ତର ଖାତାକୁ ତଉଲି ନମ୍ବର ଦେଇଛନ୍ତି।

ସବୁ ବିଦ୍ରୁପକୁ ସହ୍ୟ କରି ନିଜକୁ ସଜାଡି ନେବା ବ୍ୟତୀତ ତା ପାଖରେ ଆଉ କ'ଣ ବା ରାସ୍ତା ଥିଲା ସେ ବୟସରେ?

ଦଶମ ଶ୍ରେଣୀ ପରେ ଝିଅଟି ଆସିଲା ଗୋଟେ ବଡ ସହରକୁ। ପାଠ ପଢ଼ିବ କଲେଜରେ। ଭଗବାନ ତାକୁ ଅଲଗା ପ୍ରକାରେ ଗଢ଼ି ପୃଥିବୀକୁ ଛାଡ଼ିଛନ୍ତି। ସେ ଅନ୍ୟମାନଙ୍କ ଠାରୁ ଅଲଗା ଜୀବନ ଜୀଇଁବ। ଏଇ ଭାବନା ତାକୁ ଦେଇଛି ବଞ୍ଚିବାର ପ୍ରେରଣା।

ନାଁ ଲେଖେଇବାକୁ ଥିବା ଧାଡ଼ିରେ ଛିଡାହେଇଛି ଝିଅଟି। ଧାଡିଟିର ଆଗକୁ ବଢ଼ିବାର ଗତି ଧୀର ଯେ, ପିଲାମାନଙ୍କ ଧୈର୍ଯ୍ୟଚ୍ୟୁତି ହେବା ସ୍ୱାଭାବିକ। ସେମାନଙ୍କ ସମ୍ମିଳିତ କୋଳାହଳ ଭିତରେ ପଛରୁ କିଏ ଜଣେ ପାଟିକରି ଡାକିଲା - ପିନାକୀ!

ସେ ଡାକିବାଟା ଥିଲା ଗୋଟେ କାନଫଟା ଚିତ୍କାର! ସେ ଶବ୍ଦରେ ସମସ୍ତଙ୍କ ଆଖି ଖୋଜିବୁଲିଲା ଚିତ୍କାରର ଉତ୍ପତ୍ତି ସ୍ଥଳ, କିଛି ଗୋଟେ ଅଘଟଣର ଆଶଙ୍କାରେ।

ଝିଅଟି ଥିଲା ସ୍ଥିର, ମୋବାଇଲ ପର୍ଦ୍ଦାରେ ତା'ଆଖି। ତା' ଆଗରେ ଛିଡା ହୋଇଥିବା ପିଲାଟିର ମୁହଁ ପଛକୁ ବୁଲିଲା ସେ ଡାକର ଉତ୍ତର ଦେବା ମୁଦ୍ରାରେ। ତେବେ ଇଏ ହେଉଛି ପିନାକୀ! ଏତେ ଗୋରା ଥାଆନ୍ତି ମଣିଷ? ଆଗରୁ ସେ ଦେଖିନଥିଲା ଏମିତି ଦୁଧଅଳତା ରଙ୍ଗର ମୁହଁ! ସେ ମୁହଁର କହଁରା ଆଖି ଡୋଳା ଦୁଇଟିରେ ଯେତେବେଳେ ମିଶିଗଲା ତା' ଆଖି, ଏକ ତୁଚ୍ଛ ହୀନମନ୍ୟତାର ଭାବ ଅଙ୍କୁରିତ ହେଲା ତା'ମନରେ।

ପଛରୁ ପୁଣିଥରେ ରଡି ଛାଡିଲା ସେ ପିଲା - ଟିକେ ଛାଡିକି ରହରେ କଳା ଲାଗିଯିବ ଦେହରେ।

ପିନାକୀ ଅପ୍ରସ୍ତୁତ ହେଲା। ବୋଧହୁଏ ଅସନ୍ତୁଷ୍ଟ ବି।

ଏଥିରେ ଝିଅଟି ହୁଏତ କାନ୍ଦି ପକେଇବା କଥା। ପ୍ରାୟତଃ ଏମିତି ପରିସ୍ଥିତିରେ କାନ୍ଦିବା ହିଁ ଏକମାତ୍ର ପ୍ରତିବାଦର ପ୍ରକ୍ରିୟା ହୋଇଥାଏ। କିନ୍ତୁ ସେମିତି କିଛି କନ୍ଦାକଟା କଲାନାହିଁ ସେ। ତା ପାଇଁ କିଛି ନୂଆ ନୁହେଁ ଏମିତି ଅଙ୍କାବଙ୍କା କଥାରେ ଭରି ରହିଥିବା ତାଚ୍ଛଲ୍ୟ!

କ୍ରିୟାର ପ୍ରତିକ୍ରିୟା ଅବଶ୍ୟ ହେଲା, କିନ୍ତୁ ଭିନ୍ନ ପ୍ରକାରର। ସମସ୍ତଙ୍କୁ ଆଚମ୍ବିତ କରି ହସିହସି ପଛକୁ ଚାହିଁ, ଡାହାଣ ହାତ ଉପରକୁ ଟେକି ଝିଅଟି କହିଲା, "ନାଇସ୍ କମେଣ୍ଟ୍ ବ୍ରଦର୍! ଆମ୍ କଳାବତୀ, କଳାବତୀ ମାନ୍ଧାତା!"

ଜଳୁଥିବା ନିଆଁରେ ହଠାତ୍ ବର୍ଷିଲା ଶୀତଳ ଜଳର ଅସରାଏ ମେଘ। ହସର କୋଳାହଳ ବନ୍ଦ ହୋଇଗଲା; ଦ୍ରୁତ ଗତିରେ ଯାଉଥିବା ଗାଡିରେ ଅତର୍କିତ ବ୍ରେକ୍ ଲାଗିବା ପରି।

ଏପରି ଏକ ଅଭିନବ ପ୍ରତିକ୍ରିୟା କେହି ହୁଏତ ଆଶା କରିନଥିଲେ। କମେଣ୍ଟ୍ ମାରିଥିବା ପିଲାଟି ତ ଜମା ନୁହେଁ। ଗାଁରୁ ସହରର ଏଇ ବଡ କଲେଜକୁ ପ୍ରଥମଥର ଆସିଥିବା ଡେଙ୍ଗୀ କାଳୀଝିଅର ସାହସ ତ କମ୍ ନୁହେଁ!

କଳାବତୀ ପାଇଁ ସମବେଦନା ଥାଉ କି ନଥାଉ ଅନ୍ତତଃ କିଛି ଛାତ୍ରଛାତ୍ରୀ ଖୁସି ହେଲେ ଯେ ଭବିଷ୍ୟତରେ ଝିଅଙ୍କୁ କମେଣ୍ଟ ମାରିବା ପୂର୍ବରୁ ସେ ଗୋଷ୍ଠୀଟି ଥରେ ଚିନ୍ତା କରିବେ।

କେବଳ ପାଠପଢ଼ାରେ ସମୟ କଟେନି। ଆଉ କିଛି ହବିକୁ କଳାବତୀ ଏଯାଏ ଆପଣାଇ ପାରିନି। କେତେ ଆଉ ଘାଣ୍ଟିବ ମୋବାଇଲ୍ ପର୍ଦ୍ଦାକୁ! ସେ ଶୁଣିପାରିବା ଭଳି କେହି ତାକୁ କମେଣ୍ଟ ମାରନ୍ତି ନାହିଁ। ଗାଁ ପାଖର କେହି ପଢ଼ନ୍ତି ନାହିଁ ଏ କଲେଜରେ। ଗାଁରେ ଅନ୍ତତଃ ପିଲାମାନଙ୍କ କମେଣ୍ଟ ଯୋଗୁଁ ତାଙ୍କ ସଙ୍ଗେ ଝଗଡ଼ା କରିପାରୁଥିଲା। ଏଠି ସେତକ ଟାଇମ୍ ପାସ୍ ବି ନାହିଁ।

ଏବେ; ସେ ନିଜକୁ ଏକେଲା ପାଉଛି। ତା'ରୁମ୍‌ରେ ଆଉ ଦୁଇଟି ଝିଅ। ଦୁହେଁ ଘନିଷ୍ଠ ବାନ୍ଧବୀ। ଦୁହିଁଙ୍କ ସମ୍ପର୍କ ଏତେ ନିବିଡ ଯେ ସେଠି କଳାବତୀ ପାଇଁ ଟିକେ ବି ଶୂନ୍ୟସ୍ଥାନ ନାହିଁ। ଔପଚାରିକତା ଦୃଷ୍ଟିରୁ ସେମାନେ କହୁଥିବା କଥା ଗୁଡ଼ିକ ତାକୁ କଷ୍ଟ ଦିଏ।

ଚୁପିଚୁପି କଥା କହନ୍ତି ରାତିଅଧ ଯାଏଁ। କାନରେ ପଡ଼ିଯାଏ ସେମାନଙ୍କ କଥାବାର୍ତ୍ତାର କିଛି ଭଗ୍ନାଂଶ। ଏକାନ୍ତରେ ସମୟ କାଟିବାରେ ଅନଭ୍ୟସ୍ତ କଳାବତୀ ଆହୁରି ଏକେଲା ହୋଇଯାଏ ସେ କଥା ଶୁଣି।

କଳାବତୀର ନାହାନ୍ତି ଆପଣାର କେହି ବନ୍ଧୁ କି ବାନ୍ଧବୀ। କେହି ଜଣେ ତା ସଙ୍ଗେ ବନ୍ଧୁ ବାନ୍ଧିବାକୁ ଆଗ୍ରହ ପ୍ରକାଶ କରିନାହିଁ। ନିଜ ଆଡୁ ସେ ବଢ଼େଇଥିବା ବନ୍ଧୁତାର ହାତ ଗ୍ରହଣୀୟ ହୋଇପାରିନି କାହାର।

ରାତିର ଅନ୍ଧାର ହିଁ କଳାବତୀର ଜନ୍ମରୁ ବାନ୍ଧବୀ। ସ୍ନେହୀ ମା'ଟିଏ ପରି ତାକୁ କୋଳେଇ ନିଏ ରାତ୍ରି। ସେଥିପାଇଁ ବୋଧହୁଏ ସଂଜ ନଇଁ ଆସିଲେ ସେ ନିଜକୁ ସହଜ ମନକରେ। ଯେତିକି ଗାଢ଼ ହୁଏ ରାତ୍ରିର ଅନ୍ଧକାର ସେତିକି ସୁରକ୍ଷିତ ମଣେ ସେ ନିଜକୁ।

ପିନାକୀ! ସେଇ ଗୋରା ଚକଚକ ପିଲାଟିର କହଁରା ଆଖିରେ କଲେଜର ପ୍ରଥମଦିନ ସେ ଅନୁଭବିଥିଲା ଯେ' ନାଚାରପଣକୁ, ତା ହୀନମନ୍ୟତାକୁ। ଏଇ କିଛିଦିନ ହେବ ସେ ଆବିଷ୍କାର କରିଛି ସେଇ ଆଖି ଦୁଇଟିର ସ୍ଥିର ଦୃଷ୍ଟି ତା'ଉପରେ। ସାମନାକୁ ନ ଆସି ତାକୁ ଅନେଇ ରହୁଛି ଟିକେ ଦୂରରୁ ପିନାକୀ! ଆଖିରେ ଆଖି ମିଶିଗଲେ ଲାଜୁଆ ହସି ମୁହଁ ବୁଲାଉଛି। ଏମିତି ଆଚରଣର ଅର୍ଥ ବୁଝି ନ ପାରି କଳାବତୀ ଗମ୍ଭୀର ହୋଇଯାଉଛି।

ସେଦିନ ହଷ୍ଟେଲକୁ ଏକା ଫେରୁଥିବା କଳାବତୀ ଅନୁଭବ କଲା ପିନାକୀ ବୋଧହୁଏ ଚାହୁଁଛି ତା' ସାଥିରେ କଥା ହେବାପାଇଁ। ହସରୁ ସରୁ ଧାରଟିଏ ଓଠରେ ଓହଳେଇ ସେ କହିଲା – ପିନାକୀ, ବହୁଦିନ ହେବ ମତେ ପିଛା କରୁଛ କିନ୍ତୁ ତମେ ଯେ ମତେ ଷ୍ଟକିଙ୍ଗ୍ କରୁନାହିଁ ସେକଥା ମୋର ହୃଦବୋଧ ହେଉଛି। ତେବେ?

ପିନାକୀ, କଳାବତୀ ପାଖକୁ ଟିକେ ଲାଗି ଆସିଲା। କଳାବତୀ ଦୁଇପାହୁଣ୍ଡ ପଛକୁ ଘୁଞ୍ଚିଯାଇ କହିଲା – ଦୂରେଇ ଠିଆ ହୁଅ। ମୋ କଳାରଙ୍ଗ ଲାଗିଯିବ ତମ ଗୋରା ଦେହରେ।

କଳାରଙ୍ଗ ତ ଲାଗିଲା ନାହିଁ କିନ୍ତୁ ଗୋଲାପିରଙ୍ଗ ବୋଳି ହୋଇଗଲା ପିନାକୀର ପୁଚୁକା ଗୋରା ଗାଲରେ। କଳାବତୀ ହସିଲା ମନଖୋଲା। କହିଲା ପୁଅ ପିଲାମାନେ ମୋ ପାଖରେ ଏମିତି ଲାଜ କରନ୍ତି ବୋଲି ଆଗରୁ ମୋର ଧାରଣା ନଥିଲା।ସେମାନେ ମତେ ଦେଖିଲେ ହୁଏତ ଘୃଣା କରନ୍ତି, କିମ୍ବା କମେଣ୍ଟ୍ ମାରନ୍ତି।

ପିନାକୀ କହିଲା – ସେବେଠୁ ତୁମକୁ କ୍ଷମା ମାଗିବାକୁ ଅପେକ୍ଷା କରିଛି ସେ ଦିନର କମେଣ୍ଟ୍ ପାଇଁ ମୁଁ ଲଜ୍ଜିତ! ଏମିତି ତାଚ୍ଛଲ୍ୟ କରିବା ଅଧିକାର କାହାର ନାହିଁ। ରାସିଷ୍ଟ ଚିନ୍ତାଧାରା।

ସୂକ୍ଷ୍ମ ନିହାଣ ମୁନରେ ତୁମକୁ ତିଆରି କରାଯାଇଛି। ଏମିତି କଳାତ୍ମକ ନାରୀ ମୁଁ ପ୍ରଥମ ଦେଖୁଛି।

କଳାବତୀ କିଛି ପ୍ରତିକ୍ରିୟା ଦେବା ଆଗରୁ କାନ୍ଧରେ ଓହଳିଥିବା ଝୁଲା ବ୍ୟାଗରୁ କାଗଜ ଗୁଡ଼ିଆ ଜିନିଷଟି ତା ହାତକୁ ଦେଇ କହିଲା ପିନାକୀ– ଏଇଟି ତୁମକୁ ଉପହାର। କେବେଠୁ ଧରି ବୁଲୁଛି, ସଙ୍କୋଚ ଲାଗୁଥିଲା ଦେବାକୁ। ଷ୍ଟକିଙ୍ଗ୍ ନୁହେଁ ତୁମକୁ ଦେଖିବାକୁ ଅପେକ୍ଷା କରୁଥିଲି, ଯେମିତି ଭଲଭାବରେ ଆଙ୍କି ପାରିବି ତମର ଚିତ୍ର।

କଳାବତୀ ଆଶଙ୍କିତ କି ଚିତ୍ର ଆଙ୍କିଛି ଏ ପିଲା!

– ଏବେ ଦେଖନାହିଁ, ରୁମ୍‌କୁ ନେଇ ନିରୋଳାରେ ଦେଖିବ।

– ନାହିଁ, ମୁଁ ତୁମ ଆଗରେ ଦେଖିବାକୁ ଚାହେଁ ତୁମ ଉପହାର।

ପ୍ୟାକି ଖୋଲି ଫ୍ରେମ୍ କରା ଚିତ୍ରପଟକୁ ଆଖି ଆଗରେ ରଖିଲା କଳାବତୀ। ପୂର୍ଣ୍ଣ ଅବୟବର ପୋର୍ଟ୍ରେଟ୍। ଆଶ୍ଚର୍ଯ୍ୟ ଏମିତି ଅବିକଳ ଚିତ୍ର ଆଙ୍କି ପାରୁଛି ପିନାକୀ। ସେ ନିଜେ କେବେ ନିଜକୁ ଦେଖିନି ଭଲକରି। ଦର୍ପଣ ଆଗରେ ଛିଡ଼ା ହେଲେ ଭଗବାନଙ୍କ ଉପରେ ଅଭିମାନ ହିଁ ହୁଏ। କିନ୍ତୁ ଏବେ ସେ ଅନୁଭବ କରୁଛି ଯେମିତି ସେ ଛିଡା ହୋଇଛି ଆଗରେ, ଦୁଇଖଣ୍ଡ ଖାତାବହିକୁ ଛାତିରେ ଜାକି।

ମୁହଁ ଟେକି ପିନାକୀକୁ ଖୋଜିଲା। ସେ ନଥିଲା ପାଖରେ। ସେ କ'ଣ ଏମିତି ମଗ୍ନ ହୋଇ ଦେଖୁଥିଲା ତା'ଚିତ୍ରକୁ ଯେ ପିନାକୀ ଚାଲିଯିବାଟା ସେ ଜାଣିପାରି ନାହିଁ! ଆଶ୍ଚର୍ଯ୍ୟ!

ଏବେ ନିଜ ସାଙ୍ଗେ ନିଜେ ଚୁପିଚୁପି କଥା ହେଉଛି କଳାବତୀ। ରୁମ୍ ଝିଅଙ୍କୁ ସେ କହୁଛି ମନେ ମନେ – ତୁମେ ଲୁଚେଇ ରଖ ତୁମ ଗୁପ୍ତକଥାର କାହାଣୀ, ମୁଁ ବି ଗୋପନ ରଖିବି ମୋ ଜୀବନର ଆଶ୍ଚର୍ଯ୍ୟ ଘଟଣାମାନ।

କେହି ନଥିଲା ବେଳେ ଭିତରପଟୁ କବାଟକିଳି ଚିତ୍ରଟି ଖୋଲି ଦେଖେ କଳାବତୀ। ମନ ପୂରେନି ଯଦିଓ, ପୁଣି ସୁରକ୍ଷିତ କରି ରଖିଦିଏ ଲୁଗାପଟା ଥିବା ଟ୍ରଙ୍କରେ।

କଲେଜ ଯିବା ରାସ୍ତାରେ କଳାବତୀ ଦେଖିଲା ପିନାକୀ ଆସୁଛି ଦୂରରୁ। ଏତେ ଦୂରରୁ ବି ଆଜିକାଲି ଚିହ୍ନିବାରେ ଅସୁବିଧା ହେଉନି।

– କୁଆଡେ ଯାଉଛ ପିନାକୀ। ସେଇ ଦିନଠାରୁ ତୁମକୁ ଖୋଜୁଛି।

– କ'ଣ ଗାଳି ଦେବ? ମୁଁ ବି ଭାବିଲି ଗାଳି ପଡୁ ପଛେ ଅନ୍ତତଃ ଥରେ ତୁମକୁ ଦେଖା କରିନିଏ। ସେଥିପାଇଁ ଆସୁଥିଲି ତୁମ ପାଖକୁ।

– ତୁମକୁ ପୁଣି ଗାଳି ଦେବି? ତୁମ ସଙ୍ଗେ ସମ୍ପର୍କ ଆରମ୍ଭ ହୋଇଛି ଗୋଟେ ବିଚିତ୍ର କମେଣ୍ଟକୁ ନେଇ। ତୁମେ ମତେ ଯେତିକି ଜାଣିଛ ମୁଁ ବୋଧେ ସେତିକି ଜାଣିଛି; ଅତି ସାମାନ୍ୟ, କିନ୍ତୁ ଆମେ କେହି କାହାକୁ ଏଯାଏ ଚିହ୍ନିନେ। ତୁମେ ନ ଚିହ୍ନି କାହିଁକି ଚିତ୍ରଟି ଆଙ୍କିଲ କୁହତ?

– ମୁଁ ଚିତ୍ର ଆଙ୍କିବାକୁ ଭଲପାଏ। ପାଠପଢ଼ା ନୁହେଁ। ଚିତ୍ରକଳା ମୋର ପ୍ରଥମ ପସନ୍ଦ। ମଣିଷମାନେ ହିଁ ମୋ ଚିତ୍ରକଳାର ବିଷୟ। ବିଭିନ୍ନ ମଣିଷଙ୍କ ପୋର୍ଟ୍ରେଟ୍ କରିବା ପଇଁ ମୁଁ ଘୂରି ବୁଲେ।

– ତୁମେ ମତେ ମଣିଷଟିଏ ବୋଲି ଭାବି ଚିତ୍ର ଆଙ୍କିଛ। ଅନ୍ୟମାନେ ତ ମତେ ଭାବନ୍ତି ଅନ୍ୟ କେଉଁ ପ୍ରଜାତିର ପ୍ରାଣୀ! ତୁମେ ଆଙ୍କିଥିବା ଚିତ୍ରକୁ ଦେଖିଲେ ଲାଗୁଛି ଦର୍ପଣ ଆଗରେ ଠିଆ ହୋଇଛି। ଯେତେ ପ୍ରଶଂସା କଲେ ବି କମ୍ ହେବ। ତୁମ ଚିତ୍ରକଳାର। ବୁଲିବୁଲି ହଷ୍ଟେଲ ସାରା ସମସ୍ତଙ୍କୁ ଦେଖେଇବାକୁ ଇଚ୍ଛା ହେଉଛି କିନ୍ତୁ ମୋ ଲାଜ ମତେ ଖାଉଛି।

ଚିତ୍ରକରଙ୍କ ଆଖି ଖୋଜୁଥାଏ ଭିନ୍ନ ଧରଣର ଚେହେରା, ଯିଏ ସାଧାରଣ ମଣିଷଙ୍କଠାରୁ ଦିଶେ ଅଲଗା। ମୁଁ ତ ଦିଶେ ସେମିତି ବାନର ଜାତୀୟ କେଉଁ ପ୍ରାଣୀ ଭଳି। ଯାହା ମୁଁ ଶୁଣି ଆସିଛି ପିଲାଦିନୁ।

– ତମେ ବୋଧେ ଭଲକି ଦେଖିନାହିଁ ତୁମକୁ। ଦେଖିଚ କି କୋଣାର୍କ କି ଖଜୁରାହୋ ନାରୀ ମୂର୍ତ୍ତି କିମ୍ବା ସେମାନଙ୍କ ଛବି?

ସେମିତି ତୁମ ଶରୀରର ଗଠନ। କେହି ଜଣେ କୁଶଳ ଭାସ୍କର୍ଯ୍ୟ ଶିଳ୍ପୀର ହାତ ଅଛି ତୁମକୁ ଗଢ଼ିବାରେ।

ଏତେ ବଡ ମାନ୍ୟତା ପାଇବାକୁ ମୁଁ ଯୋଗ୍ୟ ନୁହେଁ। ମୋ ଗୋଡ ଦୁଇଟା ମାଟି ଉପରେ ଥାଉ। ଆକାଶରେ ଉଡି ବୁଲିବାକୁ ମୋ ଦେହରେ କିଏ ଡେଣା ଲଗେଇ ନ ଦେଇ।

– ତୁମେ ଚିହ୍ନିନ ତୁମ ପାଖରେ ଥିବା ଈଶ୍ୱରଦତ୍ତ ସମ୍ପତ୍ତିକୁ। ଡେଣା ତୁମ ଦେହରେ ଲାଗିକି ଅଛି। ତୁମକୁ ନିଜେ ଉଡିବା ଶିଖିବାକୁ ପଡିବ। ଏମିତି ସାଧାରଣ ସ୍ତ୍ରୀ ଲୋକଙ୍କ ଜୀବନ ଜୀଇଁବାକୁ ତମେ ଜନ୍ମ ନେଇନ। ଯେଉଁଥିରେ ପ୍ରେମ, ସଂସାର ପିଲାଛୁଆ ଓ ମୃତ୍ୟୁ ଧାଡ଼ିରେ ସଜେଇ ହୋଇ ଆସନ୍ତି।

– ପିଲାଦିନୁ ବିକଳାଙ୍ଗ ପରି ମୋର ପରିଚୟ। ଯଦିଓ ତ୍ରିପଣ୍ଡକାଳି ମୁଁ ସେଥିରେ କାଣିଚାଏ ଯୋଗଦାନ ନଥିଲା ମୋର। ଅଥଚ ମତେ ହିଁ ନିଜ ପକ୍ଷ ସମର୍ଥନରେ ଯୁକ୍ତି କରିବାକୁ ପଡୁଥିଲା। ହାଇସ୍କୁଲ୍ ଯିବାବେଳକୁ ମୁଁ ବୁଝିଯାଇଥିଲି ଯେ ଘରେ ଦେଇଥିବା 'ସୌମ୍ୟା ସୁସ୍ମିତା' ନାଁଟା ମୋ ଚେହେରାକୁ ଖାପ ଖାଉନି। ସେଇ ନାଁ ଭିନ୍ନ ଅନ୍ୟ ଅନେକ ନାଁରେ ମତେ ଡାକୁଥିଲେ ଗାଁରେ ଯାହାର ଅର୍ଥ ଥିଲା – 'କାଳି'। ଆଫିଡେଭିଟ୍ କରି ମୁଁ ନିଜେ ବାଛିନେଲି 'କଳାବତୀ' ନାଁକୁ!

ଯେଉଁ ଦୋଷ ସ୍ୱକୃତ ନୁହେଁ ଜନ୍ମଗତ, ତାକୁ ଭାଗ୍ୟର ବିଡମ୍ବନା ଭାବି କଳାବତୀ ବି କାହିଁକି ମୁଣ୍ଡପାତି ସହି ନେଉଛି ସବୁ ଲାଞ୍ଛନା! ସେଥିରୁ ସେ ମୁକୁଳିବାକୁ ହେଲେ ନିଜ ଅକ୍ଷମତାକୁ ଅସ୍ତ୍ର କରିବା ଉଚିତ ହେବନିକି? ଯେମିତି ଗୋଟେ ଗୋଡ ନଥାଇ ଭାରତନାଟ୍ୟମ ନାଚୁଛନ୍ତି ସୁଧା ଚନ୍ଦ୍ରନ କି ଏଭେରେଷ୍ଟ ଚଢ଼ିଛନ୍ତି ଗୋଡ ନଥିବା ଅରୁଣିମା ସିହ୍ନାମାନେ! ପିନାକୀର ଏ ମତ କାନକୁ ଭଲ ଶୁଭୁଥିଲେ ବି ଗ୍ରହଣ କରିନେବା କଳାବତୀ ପାଇଁ କଷ୍ଟକର।

ଶାରୀରିକ ଓ ମାନସିକ ସ୍ତରରେ ଅସାମର୍ଥ୍ୟ ବ୍ୟକ୍ତିମାନଙ୍କୁ ଆଉ ବିକଳାଙ୍ଗ କୁହାଯାଉନି। ସେମାନେ କେବଳ ଅନ୍ୟଠାରୁ ହୁଏତ ଦୁର୍ବଳ। କିନ୍ତୁ ବିକଳାଙ୍ଗ ନୁହଁନ୍ତି। ସେମାନେ ଭିନ୍ନକ୍ଷମ-ଭିନ୍ନ ଭାବରେ ସକ୍ଷମ।

ପିନାକୀ କହୁଛି କଳାବତୀ ଏମିତି ଗୋଟେ ଜୀବିକା ଆପଣାଉ ଯେଉଁଥିରେ ସେ ତା' ନିଜ ଶରୀରର ରଙ୍ଗ ପାଇଁ ପାଉଥିବା ଲାଞ୍ଛନାର କାନମୋଡି ଜବାବ ଦେଇପାରିବ। ତା' ସୌନ୍ଦର୍ଯ୍ୟକୁ ନେଇ ତ ପ୍ରଶ୍ନ! ତେବେ ସେ ସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେବା ଉଚିତ ହେବ!

– ଏମିତି କ'ଣ ପାଗଳଙ୍କ ପରି କହୁଛ ପିନାକୀ? ଶେଷରେ ତମେ ବି ମତେ ଛିଗୁଲେଇବା ଆରମ୍ଭ କରିଦେଲ? ମୁଁ ପାଠ ପଢ଼ିବାକୁ ଆସିଛି ଏଠିକୁ, କଳା ଚମଡାକୁ ଧଳା କରି ସୁନ୍ଦରୀହେବା ନିଶାରେ ନୁହେଁ।

– ମୁଁ ସିରିଅସ୍!

କିଛି ଦିନ ତଳେ ପିନାକୀ କହିଥିବା ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାର କାହାଣୀ ଗୁଞ୍ଜରିତ ହେଲା ତା' କାନରେ ବିଂଶ ଶତାବ୍ଦୀର ମଧ୍ୟ ଭାଗରେ ସୁନ୍ଦରୀ ପ୍ରତିଯୋଗିତାକୁ ପ୍ରଚାରିତ ଓ ପ୍ରସାରିତ କରାଇ ଭାରତ ସହିତ ଏସିଆ ଓ ଆଫ୍ରିକୀୟ ରାଷ୍ଟ୍ରମାନଙ୍କରେ ଗୋଟିଏ ଚକ୍ରାନ୍ତ ଆରମ୍ଭ ହେଲା ବହୁ ଦେଶୀୟ ପ୍ରସାଧନ ସାମଗ୍ରୀ କମ୍ପାନୀମାନଙ୍କ ଦ୍ୱାରା।

ଯୋଜନାରେ ସଂଯୋଜିତ ହେଲା ସେମାନଙ୍କ ଅନେକ ପ୍ରୋୟୋଜିତ କାର୍ଯ୍ୟକଳାପ। ଉଚ୍ଚବର୍ଗ ଓ ମଧ୍ୟବିତ୍ତ ପରିବାରର ଝିଅମାନଙ୍କୁ ପ୍ରଲୋଭିତ କରି ସେମାନେ ନିଜର ପ୍ରସାଧନ ସାମଗ୍ରୀକୁ ବହୁଗୁଣରେ ବିକ୍ରି କରିବାକୁ ସକ୍ଷମ ହେଲେ। ଭାରତୀୟ କମ୍ପାନୀମାନେ ମଧ୍ୟ ଆଗେଇ ଆସିଲେ ଏ ବ୍ୟବସାୟରେ। ଭାରତୀୟ ସଂସ୍କୃତିର ପରିପନ୍ଥୀ, ସୁନ୍ଦରୀ ପ୍ରତିଯୋଗିତା ଆରମ୍ଭ ହେଲା ଦେଶରେ। ଏଥିରେ ଲାଭବାନ ହେଲେ ପ୍ରସାଧନ ସାମଗ୍ରୀ ଓ ଡିଜାଇନର ପୋଷାକ ତିଆରି କରୁଥିବା କମ୍ପାନୀ ଓ ପ୍ରତିଯୋଗିତାର ଆୟୋଜକ ଗଣ।

ପ୍ରଥମେ ଏଥିରେ ଗୌରବର୍ଣ୍ଣର ଯୁବତୀମାନଙ୍କର ପ୍ରାଧାନ୍ୟ ଥିଲା; କାଳି ଯୁବତୀଙ୍କ ସ୍ଥାନ ନଥିଲା। କିନ୍ତୁ ସମୟ ବଦଳିଲା। ପ୍ରତିଯୋଗିତାରେ କଳାରଙ୍ଗର ଝିଅମାନେ ବି ବିଶ୍ୱସୁନ୍ଦରୀ ପ୍ରତିଯୋଗିତାରେ ସଫଳ ହେଲେ।

ସୁନ୍ଦରୀ ପ୍ରତିଯୋଗିତାମାନଙ୍କର ଅତୀତ ଓ ବର୍ତ୍ତମାନକୁ ନେଇ ସବୁ ଖବର ରଖିଛି ପିନାକୀ।

ସେଦିନ ସେ କାହିଁକି ତାକୁ ଏତେ ସବୁ କଥା ଶୁଣେଇଲା ତା'ର ଅର୍ଥ ଓ ଉଦ୍ଦେଶ୍ୟ ବୁଝିବାକୁ ସେ ସକ୍ଷମ ନଥିଲା। କିନ୍ତୁ ଆଜି ବୁଝୁଛି ପିନାକୀ ମନରେ ଥିବା କଥା। କାଳିଝିଅଙ୍କର ସୁନ୍ଦର ଚିତ୍ର ଅଙ୍କା ଯାଇପାରେ, ସେମାନେ ବି ବିଶ୍ୱସୁନ୍ଦରୀର ମୁକୁଟ ପିନ୍ଧି ପାରନ୍ତି! ପିନାକୀ ଚାହୁଁଛି ସେମିତି କିଛି ଗୋଟାଏ ସ୍ୱପ୍ନ ଦେଖିବାର ସାହସ କରି ସେ ଆଚମ୍ବିତ କରିଦେଉ ଅନ୍ୟମାନଙ୍କୁ।

ନାଲି ଗୋଲାପର ରଙ୍ଗ ମୋଟ ଉପରେ ନାଲି ନୁହେଁ! ନାଲି ରଙ୍ଗଟିକୁ ସେ ନିଜ ଭିତରେ ରଖି ନପାରି ତାକୁ ତ୍ୟାଗ କରିଦିଏ ଆଉ ସେଥିପାଇଁ ଆଖିକୁ ସେଇଟି ନାଲି ଦିଶେ। ନାଲି ଗୋଲାପ, ଯାହା ନିଜେ ଦେଖେଇ ହୁଏ ସେ ତା ନୁହେଁ। ଆମେ ଠକିଯାଉ ତା'ରଙ୍ଗର ସୌନ୍ଦର୍ଯ୍ୟରେ! କଳା ରଙ୍ଗ କିନ୍ତୁ ଅନ୍ୟ ସବୁ ରଙ୍ଗଙ୍କୁ ଶୋଷିନିଏ ନିଜ ହୃଦୟରେ! କେଉଁ ଗୋଟିଏ ରଙ୍ଗଙ୍କୁ ବି ସେ ତ୍ୟାଗ କରେ ନାହିଁ। ସେଥିପାଇଁ ସମସ୍ତଙ୍କ ଆଖିକୁ ସେ ଦିଶେ କଳା।

ବିଜ୍ଞାନ ସମ୍ମତ ଏ କଥାସବୁ ପିନାକୀ କହି ତାକୁ ସାନ୍ତ୍ୱନା ଦିଏ। ସେ ଯୁକ୍ତି କରେ – କଳାରଙ୍ଗ ବିଶାଳ ହୃଦୟବତ୍ତାର ଏକ ଉଦାହରଣ ନୁହେଁ କି? ସିଏ ଆମକୁ ଦେଖାଏ ଯାହା, ସତରେ ସେ ନିଜେ ସେଇଆ। ନାଲିରଙ୍ଗ ପରି ସେଥିରେ ନଥାଏ ତିଳେମାତ୍ର କୁଟିଳତା!

କଳାବତୀ ଖୁସିହୁଏ ପିନାକୀଙ୍କର ଯୁକ୍ତି ଶୁଣି। ସେ ତାକୁ ଶିଖାଉଛି' ସ୍ୱପ୍ନ ଦେଖିବାର କୌଶଳ!

ଜଣେ ସ୍ୱପ୍ନ ଦେଖିପାରେ – ସେ ପୃଥିବୀର ସବୁଠାରୁ ଧନୀ ବ୍ୟକ୍ତି ହୋଇଯାଇଛି। ଜଣେ ସ୍ୱପ୍ନ ଦେଖେ ସେ ଦିନେ ସିନେମା ଜଗତର ସବୁଠାରୁ ଆଦୃତ ଚେହେରା ହୋଇଯାଇଛି। ଜଣେ ଭାବେ ସେ ଲେଖିଥିବା ଗୋଟେ ଉପନ୍ୟାସ ନୋବେଲ ପୁରସ୍କାର ପାଇ ଯାଇଛି। କାରଣ ମନପାଇଁ କିଛି ବାଡବତା ନାହିଁ। ବନ୍ଧନ ନାହିଁ। ଉଡ଼ି ବୁଲିବାକୁ ପଡ଼ିଛି ତା' ଆଗରେ ସୀମାହୀନ ଆକାଶ!

ବେଳେବେଳେ ପିନାକୀ କହୁଥିବା କଥା ସମ୍ଭବ ଲାଗୁଛି–ସେ ଜିତିପାରିବ ଏ ସୁନ୍ଦରୀ ପ୍ରତିଯୋଗିତା। ଜିତିଯାଇ ଗୋଟେ ଇତିହାସ ସୃଷ୍ଟି କରିବ ତା ନୁହେଁ, ତା' ଲଢ଼େଇର ଏକାଧିକ ରଣକ୍ଷେତ୍ର ଭିତରେ ହୁଏତ ସେଇଟା ହୋଇପାରେ ଆଉ ଗୋଟାଏ ଯୁଦ୍ଧ ଭୂଇଁ। ସେ ସହିଦ ହେବାର ଥିଲେ ହେବ, ସେଥିପାଇଁ ସେ ଖାତିର କରିବ କାହିଁକି?

ଅନେକ ଝିଅ ତାଙ୍କ ଶରୀରର ରଙ୍ଗ ଯୋଗୁ ନିନ୍ଦିତ, ଲାଞ୍ଛିତ! ତାହି ଟାପରାର ଉପଲକ୍ଷ୍ୟ ହୋଇ ଦୁର୍ବିସହ ଜୀବନ ବିତାଉଛନ୍ତି। ତେଣୁ ସେ ଦୁନିଆ ଆଗରେ ପ୍ରମାଣିତ କରିବା ଉଚିତ ହେବ ଯେ ... କ'ଣ ପ୍ରମାଣିତ କରିବ ସେ? କ'ଣ ପ୍ରତିପାଦିତ କରିପାରିବ ସେ ଏ ରାସିଷ୍ଟ ସମାଜ ପାଖରେ? ଅନେକ ଅଦୃଆ ସୂତାରେ ଛନ୍ଦି ହୋଇଯାଉଛି କଳାବତୀ। ତା'ର ବି ଅଛି ଏକ ସ୍ୱତନ୍ତ୍ର ଜୀବନ ଦର୍ଶନ! ଯେଉଁଠି ଅଙ୍ଗ ପ୍ରଦର୍ଶନ ପାଇଁ କାଣିଚାଏ ସ୍ଥାନ ନାହିଁ। ଶରୀରକୁ ଅନ୍ୟମାନଙ୍କ ଆଗରେ ପ୍ରଦର୍ଶିତ କରି ସେ କାହିଁକି ପ୍ରତିଯୋଗିତାରେ ଭାଗ ନେବ?

ପିନାକୀର ପରାମର୍ଶକୁ ଗ୍ରହଣ କରିପାରିବନି ସେ। ନା, ନା, ନା – କଳାବତୀ ତା' ଶେଷକଥା ଶୁଣେଇଦେଲା।

ପୁଣି କିଛି ଦିନ ପରେ ପିନାକୀ ଫୁଟେଇଲା ବୋମାଟିଏ – ଗୋଟେ ଆନ୍ତର୍ଜାତିକ ବିଜ୍ଞାପନ ସଂସ୍ଥା ପୋଟ୍ରେଟ୍ ଅଙ୍କନ ପ୍ରତିଯୋଗିତା କରୁଛି। ଜିତିଲେ ପୋଟ୍ରେଟ୍‌ର ମଡେଲ ଓ ଚିତ୍ରଶିଳ୍ପୀଙ୍କୁ ଆର୍ଥିକ ପୁରସ୍କାର ସହିତ କମ୍ପାନୀରେ ଦୁହିଁଙ୍କୁ ଚାକିରି ମିଳିବ। ସେଥିପାଇଁ ଏକ ଥ୍ରୀ -ଡି ପୋଟ୍ରେଟ୍ ପଠାଇବାକୁ ହେବ। କଳାବତୀ ହେଉ ତା ମଡେଲ! ତା' ଆଗରେ ପୋଜ ଦେଇ ସେ ବସିବ ଦିନକୁ ଘଣ୍ଟା ଘଣ୍ଟା, ପୋଟ୍ରେଟ୍ ସରିବା ଯାଏ। ତା' ପୁଣି ସୂତାଖଣ୍ଡେ ବି ଦେହରେ ନ ରଖି।

ପିନାକୀର ଏମିତ ପ୍ରସ୍ତାବ ଯଦି ସେ ପାଇଥାନ୍ତା କିଛି ବର୍ଷ ଆଗରୁ ହୁଏତ ଚପଲ ଉଠେଇ ମାରିଥାନ୍ତାତା' ମୁହଁରେ। କିନ୍ତୁ ଆଜି କ'ଣ ହେଲା? ବରଂ ତା' ପାଟିରୁ ବାହାରିଗଲା – ଏମିତି ଏକ ବାଚାଳତା ପୂର୍ଣ୍ଣ ପ୍ରସ୍ତାବ ତୁମଠାରୁ ପାଇବା ପରେ ବି ମୁଁ ପ୍ରତିକ୍ରିୟା ବିହୀନ। କିନ୍ତୁ ମୁଁ ଜାଣିନାହିଁ କାହିଁକି ମୁଁ ଚୁପ୍ ରହିଛି। ମୋର ମୌନତାକୁ ତୁମେ ସମ୍ମତି ବୋଲି

ଭାବି ନେଇପାର। କିନ୍ତୁ ମନେ ରଖିବ ସେଥିପାଇଁ କେବେ ଯେମିତି ଆତ୍ମଗ୍ଲାନି ନ ଆସୁ ଆମର।

ସାତଦିନ ଧରି ଆଙ୍କି ଚାଲିଛି ପିନାକୀ କଳାବତୀର ପୋଟ୍ରେଟ୍; ତାକୁ ଉଲଗ୍ନ ବସେଇ। ମଡେଲ ପ୍ରତି ତା' ବ୍ୟବହାର କିନ୍ତୁ ଜଣେ ଅଭିଜ୍ଞ ଚିତ୍ରଶିଳ୍ପୀ ପରି। ଆରମ୍ଭରୁ ସ୍ଥିରଚିତ୍ତ! ମନରେ କେବଳ ଗୋଟିଏ ଲକ୍ଷ୍ୟ ଚିତ୍ରପଟର ସଫଳତା!

ଖୁଣ୍ଟକୁ ଆଉଜି, ଦୁଇ ଗୋଡକୁ ଛନ୍ଦି ଅର୍ଦ୍ଧସୁପ୍ତ ଅବସ୍ଥାରେ କଳାବତୀ ପୋଜ ଦେଇଛି। ଅସହଜଭାବ ଆଉ ନାହିଁ। ବେଳେବେଳେ ପିନାକୀ ପାଖକୁ ଆସି ତା' ମୁହଁ, ହାତ କି ଗୋଡ଼କୁ ଧରି ସଠିକ୍ ଆଙ୍ଗଲ୍‌ରେ ରଖୁଛି। ସେ ସ୍ପର୍ଶରେ ଶିହରିତ ହେଉଛି କଳାବତୀ; କିନ୍ତୁ ପିନାକୀର ହାତ ପଥରପରି ନିର୍ଜୀବ, ଥଣ୍ଡା!

ପୋଟ୍ରେଟ ସରିବା ପରେ କହିଲା କଳାବତୀ – ଏବେ ତୁମେ ମୋର ସମସ୍ତ ଗୋପନୀୟ ଅଙ୍ଗ, ମୋ କୁମାରୀତ୍ୱ ମୋ ଅହଂକାର, ମୋ ଗର୍ବ ଓ ଗୌରବକୁ ବାନ୍ଧି ଦେଇଛ ଏ ଚିତ୍ରପଟରେ। ଯେଉଁ ସବୁ ଅଙ୍ଗପ୍ରତ୍ୟଙ୍ଗକୁ ଦର୍ପଣ ଆଗରେ ଏକାକୀ ଦେଖିବାର ସାହସ ମୋର ନଥିଲା ତାକୁ ତୁମ ତୂଳିକା ସ୍ପର୍ଶରେ ଜୀବନ୍ତ କରିଛ। ଏଇଟି ପୁରସ୍କୃତ ହେବ କି ନାହିଁ ମୁଁ ଜାଣିନି କିନ୍ତୁ ସଯତ୍ନରେ ସାଇତି ରଖିଥିବା ମୋ ସ୍ୱାଭିମାନକୁ ପ୍ରତିଯୋଗିତାକୁ ପଠେଇ ସାର୍ବଜନନୀ କରିବା ପୂର୍ବରୁ ମୋର ଗୋଟିଏ ସର୍ତ୍ତ!

– କି ସର୍ତ୍ତ?

– ପ୍ରଥମେ ମୋତେ ବିବାହ କର, ତା' ପରେ ଅନାବରଣ କର ମୋତେ ଦୁନିଆ ଆଗରେ। ଏହା ମୋର ସର୍ତ୍ତ!

ପିନାକୀ ଚୁପ୍ ଓ ଗମ୍ଭୀର!

– ଚୁପ୍ ରହିଲ କାହିଁକି? କିହଦିଅ ଯେ ତୁମ ବାପା, ମା ରାଜି ହେବେନି ଗୋଟେ କାଳି ଝିଅକୁ ଘରକୁ ନେବାକୁ ନଚେତ୍ କୁହ ତୁମର ଅଛି ଜଣେ ବାକ୍ ଦତ୍ତା, ଅଥବା ସେମିତି କିଛି କାହାଣୀ...

– ନାଁ ସେ ସବୁ କିଛି ନୁହେଁ। ମୋ ଜୀବନର ସବୁ ସତ୍ୟ ତୁମ ଜାଣତରେ ଅଛି କେବଳ ଗୋଟିକୁ ଛାଡ଼ି। ସେ ସତ୍ୟ ଜାଣିଲେ କହିବ ମୁଁ ଗୋଟେ ବିଶ୍ୱାସଘାତକ! ପ୍ରତାରକ!

– ମିଛ କହି ଠକିଲେ ସିନା ମୁଁ ଭାବିବି ମୋ ବିଶ୍ୱାସକୁ ତୁମେ ଆଘାତ କଲ, ସତ କହିବତ ପୁଣି ପ୍ରତାରକ କେମିତି ହେବ? ତୁମ ଚରିତ୍ର ତ ଦୃଶ୍ୟମାନ ସ୍ୱଚ୍ଛକାଚ ଭଳି। ପୋଟ୍ରେଟ ଆଙ୍କିବା ବେଳର ତୁମର ସଂଯମତା ମୁନିଋଷିଙ୍କ ପରି। ମୋ ଭଳି ଗୋଟେ କାଳି ଝିଅର ବିବାହ ଏକ ସ୍ୱପ୍ନ! ମୁଁ ପୁଣି କୋଉ ସୁନାକୁଅରେ ମୁହଁ ଧୋଇଚି ଯେ ଆଶା କରିବି ତୁମ ଭଳି ଜଣେ ରୂପବନ୍ତ ଚିତ୍ରକରକୁ ବିବାହ କରିବି। ଶିଳ୍ପୀର ମଡେଲ ହେବା ପାଇଁ ଜନ୍ମ ନିଅନ୍ତି ମୋ ପରି ଝିଅ; ବିବାହ ତାଙ୍କ ପାଇଁ ଦିବାସ୍ୱପ୍ନ!

– ଦିବା ସ୍ୱପ୍ନ? ତା'ବି ନାହିଁ ମୋ ଭାଗ୍ୟରେ। ବିବାହ ମୋ ପାଇଁ ଏକ ଅପହଞ୍ଚ ସ୍ୱପ୍ନ! ବିବାହ କରି ସୁଖୀ କରିବାର କ୍ଷମତା ନାହିଁ ମୋର। ମୁଁ ବିକଳାଙ୍ଗ, ଭିନ୍ନକ୍ଷମ! ମୁଁ ପାରିବି ନାହିଁ ବିବାହ କରି, କେବଳ ତୁମକୁ ନୁହେଁ କାହାକୁ ବି। ମୁଁ ଶାପଗ୍ରସ୍ତ ଶ୍ରୀଖଣ୍ଡୀ; ଜଣେ କ୍ଳୀବ ମଣିଷ!

– ମୁଁ କିନ୍ତୁ ପାରିବି ପିନାକୀ! ଏ କ୍ଷଣସ୍ଥାୟୀ ଦେହ ମୋ ଜୀବନର ସର୍ବସ୍ୱ ନୁହେଁ। ତୁମେ ଭିନ୍ନକ୍ଷମ ବି ନୁହଁ, ତୁମେ ଜଣେ ସକ୍ଷମ ଚିତ୍ରକର! ଉତ୍ତମ ପୁରୁଷ!

*ବି-୩୦୧, ପର୍ଲ ରେସିଡେନ୍ସି, ଦୁର୍ଗାମାଧବ ନଗର - ଲେନ୍ ୮, ଭୁବନେଶ୍ୱର - ୭୫୧୦୨୯*
*ଦୂରଭାଷ: ୯୦୪୦୦୫୫୧୫୮*


# କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ

ଗଳ୍ପ ସଂକଳନ
- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜଜେମା
- ଭୋକ
- ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ
- ପୂର୍ଣ୍ଣ ପ୍ରତ୍ୟୁଷ

ଉପନ୍ୟାସ
- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାଜାଈ
- ଶେଷଦୃଶ୍ୟ
- ମହାନାୟକ
- ପ୍ରିୟ ପଞ୍ଚକ

ସଂପାଦନା
- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ
- ଝିଅ



9437163002

# ପୁନର୍ଜନ୍ମ

## ବିଜୟିନୀ ତ୍ରିପାଠୀ

ସମୁଦ୍ରର ବେଳାଭୂମିରେ ବସି ବାରମ୍ବାର କୂଳରେ ମଥା ପିଟୁଥିବା ବଡ ଛୋଟ ଲହଡିକୁ ମୁଁ ଚାହିଁ ରହିଥିଲି। ମନରେ ପ୍ରଶ୍ନ ଉଠୁଥିଲା ବାର ବାର ସେମାନେ ପିଟି ହୋଇ ଫେରିଯାଉଛନ୍ତି, ଅଥଚ କ୍ଲାନ୍ତ ହୋଇ ପଡୁନାହାନ୍ତି। ତାହେଲେ ମୁଁ କାହିଁକି କ୍ଲାନ୍ତ ହୋଇପଡୁଛି, ଜୀବନ ଯୁଦ୍ଧରେ ହାରି ଯାଉଛି। ଅସୀମ ସମୁଦ୍ରର ସୀମାରେଖା ଖୋଜିବା ମୋର ବୋକାମି ଛଡା କ'ଣ ହୋଇପାରେ। କିଛି ଦୂର ପର୍ଯ୍ୟନ୍ତ ଅଶାନ୍ତ ଲହଡି ମନରେ ଭ୍ରମ ସୃଷ୍ଟି କରନ୍ତି, ତାପରେ କିନ୍ତୁ ସମୁଦ୍ର ସ୍ଥିର, ଶାନ୍ତ। ସନ୍ଧ୍ୟା ବେଳର ସମୁଦ୍ରର ରୂପ ସମ୍ଭାର ଖୁବ୍ ଚିତାକର୍ଷକ। ସୂର୍ଯ୍ୟାସ୍ତ ପୂର୍ବରୁ ସମୁଦ୍ର ବକ୍ଷରେ ପଡୁଥିବା ଲାଲ, ନାରଙ୍ଗୀ ଆଉ ହଳଦି ରଙ୍ଗର କିରଣ ମନକୁ ମନ୍ତ୍ରମୁଗ୍ଧ କରିଦିଏ, ମୁଁ କିନ୍ତୁ ନିର୍ବିକାର ଥିଲି। ମୋ ପାଇଁ ସାରା ସଂସାର ରଙ୍ଗହୀନ ମନେ ହେଉଥିଲା।

ମୁଁ ଅବିନାଶ – ଏକ ନାମକରା ମଲ୍ଟି ନାସନାଲ କମ୍ପାନିରେ ଡାଇରେକ୍ଟର। ମୋ ବୟସ ପଞ୍ଚାବନ ବର୍ଷ। ଛୋଟରୁ ଏ ପର୍ଯ୍ୟନ୍ତ କେବଳ ସଫଳତା ଦେଖିଛି। ଏଇ ସଫଳତାର ଶୀର୍ଷକୁ ଛୁଇଁବା ପାଇଁ ମୋତେ କୌଣସି ବାଧାବିଘ୍ନ ସାମନା କରିବାକୁ ପଡିନି। ଏଇଟା ନଶ୍ଚୟ ଗୋଟେ ଚମତ୍କାର କୁହାଯାଇପାରେ। ମୁଁ ବେଳେବେଳେ ଭାବେ ମୋର ଜନ୍ମ ହୁଏତ ଖୁବ୍ ଗୋଟେ ଶୁଭ ମୁହୂର୍ତ୍ତରେ ହୋଇଥିଲା। ସଫଳତାର ଗୋଟିଏ ପରେ ଗୋଟିଏ ପାହଚ ଅତିକ୍ରମ କଲାବେଳେ ମୁଁ କେବେ ପଛକୁ ଫେରି ଚାହିଁନି କହିଲେ ହୁଏତ ଭୁଲ୍ ହୋଇପାରେ, ପଛକୁ ଚାହିଁବାକୁ ମୋର ସମୟ ନଥିଲା। କିଛି ଲୋକ ଭାବୁଥିଲେ ମୁଁ ମୁହଁରେ ସୁନାଚାମୋଚ୍ ନେଇ ଜନ୍ମ ହୋଇଛି ବା ମୋ ପାଖରେ ଯାଦୁ କି ଛଡି ଅଛି, ଆଉ କିଛି ଲୋକ ଇର୍ଷାରେ ଜଳି ଯାଉଥିଲେ। ସେମାନଙ୍କର ପ୍ରଶଂସା ଓ ଇର୍ଷା ଦେଖି ମୁଁ ନିଜକୁ ଜଣେ ସଫଳ ମଣିଷ ଭାବେ ଗର୍ବ ଅନୁଭବ କରୁଥିଲି।

ଏତେ ସଫଳତାର ଶୀର୍ଷରେ ପହଞ୍ଚି ମୁଁ ସମୁଦ୍ରର ଏଇ ଜନମାନବ ଶୂନ୍ୟ, ନିକାଞ୍ଚନ ବେଳାଭୂମିରେ ଏକା ଏକା ବସିଛି କାହିଁକି ? ସନ୍ଧ୍ୟା ବେଳେ ନୀଳସାଗରର ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଏକାଧିକ ବେଳାଭୂମି ସଜେଇ ହୋଇ ଅପେକ୍ଷା କରିଛନ୍ତି, କିନ୍ତୁ ମୁଁ ଏକ ନୂତନ ପଞ୍ଚତାରକା ହୋଟେଲ୍‌ର ନିଛାଟିଆ ସ୍ଥାନରେ ନୀରବରେ ବସି ପଚାଶ ବର୍ଷ ଜୀବନର ହିସାବ ନିକାଶ କରୁଛି। ସମୁଦ୍ରର ଲହଡି ପରି ଗୋଟେ ଘଟଣା ମନର ପରଦାରେ ମଥା ପିଟି ପୁଣି ଫେରି ଯାଉଥିଲେ। ହଁ, ଏଇଟା ମୋ ସଫଳ ଜୀବନର ଗୋପନ ପୃଷ୍ଠା, ଯାହାକୁ କେବଳ ମୁଁ ହିଁ ପଢୁଥିଲି। କାରଣ ଏଇ ଆଘାତ ମୋତେ ଏପରି ଭାବରେ କ୍ଷତବିକ୍ଷତ କରିଥିଲା।

ଯାହା କାହାରିକୁ ଦେଖେଇ ହେବନି,ଦେଖିଲେ ବି କେହି ବିଶ୍ୱାସ କରିବେନି। ଯେଉଁଠି ମୁଁ ମୋ ନିଜ ପରିସ୍ଥିତିକୁ ବିଶ୍ୱାସ କରିପାରୁନି, ଅନ୍ୟଜଣକୁ କହିବି କେମିତି। ସଫଳତାର ସୁଖରେ ଯେତିକି ଆତ୍ମବିଭୋର ଥିଲି, ଅସଫଳତାର ଦୁଃଖ ମୋ ହୃଦୟକୁ ସେତିକି କ୍ଷତବିକ୍ଷତ କରିଦେଲା। ଏପର୍ଯ୍ୟନ୍ତ ସଫଳତା ପ୍ରାପ୍ତିର ନିଶାରେ ବୁଡି ରହିଥିଲି। ଯେତେବେଳେ ଅସଫଳତା ଆସି କବାଟ ବାଡେଇଲା, ମୁଁ ତାକୁ ସହଜରେ ମାନିନେଇ ପାରିଲିନି।

ପ୍ରଥମ ଧକ୍କା ହେଲା – ମୋର ଏକମାତ୍ର ପୁଅ ଏକ ସୁନାମଧନ୍ୟ ପ୍ରାଇଭେଟ୍ ଇଂଜିନିୟରିଂ କଲେଜରେ ପଢୁଥିଲା। ଦୁଇବର୍ଷ ପରେ ଡ୍ରଗସ୍ ଓ ଡ୍ରିଙ୍କସ୍‌ରେ ଜଡିତ ହୋଇ ଧରାପଡି କଲେଜରୁ ବହିଷ୍କାର ହେଲା।

ଦ୍ୱିତୀୟ ଧକ୍କା ହେଲା ମୋ ଝିଅ। ସେ ଆମର ପ୍ରଥମ ସନ୍ତାନ ଥିଲା। ମୋ ପତ୍ନୀଙ୍କର ବିଶ୍ୱାସ ଥିଲା ଆମଘରକୁ ଲକ୍ଷ୍ମୀ ଆସିଛି। ସେଇ ଝିଅ ଦିନେ ଇଚ୍ଛା ବିରୁଦ୍ଧରେ ଅନ୍ୟ ଧର୍ମର ପୁଅକୁ ରେଜିଷ୍ଟ୍ରି ମ୍ୟାରେଜ କରି ଆମଠାରୁ ଦୂରକୁ ଚାଲିଗଲା। ଆମର ସୁଖଭରା ସଂସାରରେ ସେଇ ପୁଅ ଝିଅ ହିଁ ଆମର ଗର୍ବ ଓ ଗୌରବ ଥିଲେ। ଏତେ ବଡ ଝଟକା ମୋ ପତ୍ନୀ ସହ୍ୟ ନକରିପାରି ଡିପ୍ରେସନ୍‌କୁ ଚାଲିଗଲେ। ଏତେ ଦୁଃଖଦ ପରିସ୍ଥିତିରେ ବି ମୁଁ ମୋର ମାନସିକ ସନ୍ତୁଳନ ହରାଇ ନଥିଲି। ବେଳେବେଳେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ, ଦୁଃଖ କେବେ ଏକା ଆସେନି ଏଇ ବାକ୍ୟଟା ବୋଧହୁଏ ମୋ ପାଇଁ ଲେଖାଯାଇଛି। କାରଣ ହଠାତ୍ କମ୍ପାନିର କ୍ଷତି ହେଲା, ପ୍ରତିଷ୍ଠାରେ ଆଞ୍ଚ୍ ଆସିଲା ଆଉ ସେଇ ଅଧଃପତନ ପାଇଁ ମୁଁ ନିଜକୁ ଦାୟି ମନେକଲି।

ଏପର୍ଯ୍ୟନ୍ତ ସଫଳତାର ସିଡିରେ ଶିଖର ଛୁଇଁବା ପରେ କ୍ରମାଗତ ଅସଫଳତାର ବୋଝ ସହ୍ୟ କରିବାର ମାନସିକ ଶକ୍ତି ମୁଁ ଯେମିତି ହରେଇ ବସିଥିଲି।

ଫଳସ୍ୱରୂପ ଏଇ ନିକାଞ୍ଚନ ସ୍ଥାନକୁ କିଛି ସମାଧାନର ଆଶା ନେଇ ଆସିଛି। ମୋ ପାଇଁ ଜୀବନ ଏବେ ମୂଲ୍ୟହୀନ ମନେହେଉଥିଲା, ଚତୁର୍ଦ୍ଦିଗରେ କେବଳ ଅନ୍ଧକାରର ରାଜତ୍ୱ। ଜାଣେନା ଏପରି ଭୟଙ୍କର ପରିସ୍ଥିତିକୁ କେମିତି ସମ୍ଭାଳିବି।

ମୋ ମନ ବାରମ୍ବାର ଗୋଟିଏ ରାସ୍ତାରେ ଯିବାକୁ ଚାହୁଁଥିଲା – ସମସ୍ତଙ୍କ ଠାରୁ ଅନେକ ଦୂରକୁ ଚାଲିଯିବି, ନିଜକୁ ଶେଷ କରିଦେବି ଅର୍ଥାତ୍ ସହଜ ଭାଷାରେ କହିବାକୁ ଗଲେ ଆତ୍ମହତ୍ୟା କରିବି। ଏହାବ୍ୟତୀତ ମୋ ପାଇଁ ଅନ୍ୟ କୌଣସି ଉପାୟ ନଥିଲା। ଆପଣମାନେ ଭାବୁଥିବେ – ଆତ୍ମହତ୍ୟା ପାଇଁ ଗୋଟିଏ ମୁହୂର୍ତ୍ତ ଯଥେଷ୍ଟ, ଅନେକ ଉପାୟ ବି ଅଛି। ପାଗଳଙ୍କ ପରି ଏତେ ଦୂରକୁ ଆସିବାର ଆବଶ୍ୟକତା କଣ ଥିଲା ?

ମୃତ୍ୟୁକୁ ଭୟ କରିବା ମନୁଷ୍ୟ ପାଇଁ ଅସମ୍ଭବ, ମୃତ୍ୟୁକୁ ଆଲିଙ୍ଗନ କରିବା ମଧ୍ୟ ଏକ ପ୍ରକାର ପରାଜୟ। ସେଥିପାଇଁ ମୋ ପରିଚିତଙ୍କ ସାମନାରେ ଆତ୍ମହତ୍ୟା କରି ହାସ୍ୟାସ୍ପଦ ହେବା ପାଇଁ ଚାହୁଁନଥିଲି। ଭାବିଲି ମୁଁ ଏପରି ଏକ ଅଜଣା ସ୍ଥାନରେ ନିଜକୁ ଶେଷ କରିଦେବି, କେହି ଜାଣିବି ପାରିବେନି। ଏତେ ବିଶାଳ ସଂସାରରେ ମୁଁ ଚାଲିଗଲା ପରେ ମୋତେ ଝୁରିବା ପାଇଁ କେହି ନାହିଁ। ନା ମୋ ପୁଅ ଖୋଜିବ ନା ଝିଅ ମୋ ପାଇଁ କାନ୍ଦିବ।

ପତ୍ନୀଙ୍କର ବର୍ତ୍ତମାନର ମାନସିକ ସ୍ଥିତି ଏ ସବୁ ବୁଝିବା ଅବସ୍ଥାରେ ନଥିଲା। କିନ୍ତୁ ସ୍ଥିର କରିପାରୁନଥିଲି – ନିଜକୁ କେଉଁଠି କେମିତି ଶେଷ

କରିବାରେ ସଫଳ ହେବି। ତାହେଲେ ଯାଇ ଲୋକଲୋଚନରୁ ଅଦୃଶ୍ୟ ହୋଇପାରିବି।

ଆଜିର କାଳରାତ୍ରୀ ମୋ ପରିକଳ୍ପନା ପାଇଁ ଉପଯୁକ୍ତ ଥିଲା। ମୋତେ କେବଳ ସାହସ ସଞ୍ଚୟ କରି ସିଧା ସମୁଦ୍ର ଭିତରକୁ ଯିବାର ଥିଲା।

ସୂର୍ଯ୍ୟାସ୍ତ ପରେ ପରେ ଅନ୍ଧକାର ମାଡି ଆସିଲା। ଜାଣେନା କେତେ ସମୟ ମୁଁ ସମୁଦ୍ରତଟରେ ବସି ବାରମ୍ବାର ଲହଡିକୁ ବାଲିରେ ଧକ୍କା ଖାଇ ଫେରୁଥିବାର ଦେଖୁଥିଲି। ଆଖପାଖରେ କେହି ନଥିଲେ। ଦିନବେଳା ଏଇ ନିକାଞ୍ଚନ ସ୍ଥାନରେ କେହି ଦେଖାଯାଆନ୍ତିନି, ଏବେ ତ ସହଜେ ଅନେକ ରାତ୍ରି ହେଲାଣି। ସନ୍ଧ୍ୟା ପରେ ପରେ ଅଳ୍ପ ଦୂରରେ ଜଣେ ବିଦେଶିନୀ ସୁଇମିଙ୍ଗ୍ କରୁଥିଲେ। ମୁଁ ଯେଉଁ ହୋଟେଲ୍‌ରେ ରହୁଥିଲି, ମୋ ପାଖ ରୁମ୍‌ରେ ସିଏ ବୋଧହୁଏ ରହୁଥିଲେ। ସିଏ ହୋଟେଲ୍‌କୁ ଫେରି ଯାଇଥିବେ ନିଶ୍ଚୟ।

ଧିରେ ଧିରେ ରାତ୍ରିର ବୟସ ବଢ଼ିବା ସହିତ ଅନ୍ଧକାରର ଗଭୀରତା ବି ବଢୁଥିଲା। ଆଉ ମୋର ବଞ୍ଚିବାର ସ୍ପୃହା କମି କମି ଆସୁଥିଲା। ଅଦୃଷ୍ଟକୁ କ୍ଷମା ମାଗି ଆଗକୁ ପାଦ ବଢ଼ାଇଲି। ପାଦେ ପାଦେ ସମୁଦ୍ର ଭିତରକୁ ଆଗେଇଗଲା ବେଳେ ମନେହେଲା ସମୁଦ୍ରରେ ହୁଏତ ଗଭୀରତା ନାହିଁ। ଲହରୀ ସବୁ ମୋ ଅବଶ ପାଦକୁ ଛୁଇଁ ଯାଉଥିଲେ ସତେ ଅବା ଭିତରକୁ ଯିବାପାଇଁ ମୋତେ ନିମନ୍ତ୍ରଣ କରୁଛନ୍ତି।

ଛୋଟ ଛୋଟ ମାଛମାନେ ଗୋଡରେ ବାଡେଇ ହୋଇଯିବା ମୁଁ ଅନୁଭବ କରି ପାରୁଥିଲି। ଶାମୁକା ଓ ପଥର ପାଦରେ ମୋର ଫୋଡ଼ି ହେଉଥିଲା। ଧିରେ ଧିରେ ଗଭୀରତା ବଢୁଥିଲା କାରଣ ମୋ କାନ୍ଧ ପର୍ଯ୍ୟନ୍ତ ପାଣି ଆସିଯାଇଥିଲା। ସେତେବେଳେ କିଛି ପୁରୁଣା ସ୍ମୃତି ମୋତେ ବିଚଳିତ କଲା, ମନରେ ଅଦ୍ଭୁତ ଭାବନା ସବୁ ଆସିଲା, ତଥାପି ମୁଁ ଆଗକୁ ବଢୁଥିଲି। ଲବଣାକ୍ତ ପାଣି ପାଟି ଭିତରକୁ ପଶି ଯାଉଥିଲା, ଜଳବିନ୍ଦୁ ଛିଟିକା ପଡ଼ି ଆଖି ବି ପୋଡୁଥିଲା। ମୋତେ ଲାଗୁଥିଲା ଯେମିତି ଅସୀମ ଗଭୀରତାକୁ ମୋତେ କେହି ଟାଣି ନେଇଯାଉଛି। ସେତେବେଳକୁ ଲହରୀର ତୀବ୍ରତା ବଢ଼ିଯାଇଥିଲା।

ମୋର ମନେହେଲା, ମୁଁ ଯେମିତି ଆଉ ମୋ ଆୟତରେ ନାହିଁ। ଚୁମ୍ବକ ପରି କିଛି ଗୋଟେ ମୋତେ ଭିତରକୁ ଟାଣି ନେଇଯାଉଛି, କେହି ମୋତେ ଧକ୍କା ଦେଉଛି। ଫୁଟ୍‌ବଲ୍ ପରି ଲହରୀର ଧକ୍କାରେ ଏପଟସେପଟ ହେଉଥିଲି। ଆଖି କାନ, ନାକ, ପାଟିରେ ଲବଣାକ୍ତ ପାଣି ପ୍ରବେଶ କରି ମୋ ସ୍ମୃତି ସବୁ ଧୁଆଁଳିଆ ହୋଇଯାଉଥିଲା। ମୁଁ ସମୁଦ୍ରର ଗଭୀରତା ଭିତରେ ହଜିଯାଉଥିବା ସମୟରେ ମୋର ମନେ ହେଲା କାହାର ଏକ ବଳିଷ୍ଠ ହାତ ମୋତେ ଗଭୀରତା ଭିତରୁ ଟାଣିବାକୁ ଚେଷ୍ଟା କରୁଛି।

ହୋସ୍ ଆସିବା ପରେ ଦେଖିଲି ବାଲି ଉପରେ ମୋ ପାଖରେ ନୀଳରଙ୍ଗ ସ୍ୱିମିଂ ସୁଟ୍‌ରେ ସେଇ ବିଦେଶିନୀ ଜଣକ ବସିଛନ୍ତି ଏବଂ ହୋଟେଲର ଦୁଇ ତିନିଜଣ କର୍ମଚାରୀ ଠିଆ ହୋଇଛନ୍ତି।

ମୁଁ କ'ଣ ମରିନି? ମୋତେ କୂଳକୁ ଆଣିଲ କିଏ?

ହୋଟେଲ ମାଲିକ ଆସିଗଲେ। ସାଙ୍ଗରେ ଯାହାକୁ ଆଣିଥିଲେ ସେ ବୋଧହୁଏ ଡକ୍ଟର। ବିଦେଶିନୀ ନିଜ ଭାଷାରେ ଅଳ୍ପଅଳ୍ପ ହିନ୍ଦି ମିଶେଇ ଘଟଣା ବିଷୟରେ ଅନର୍ଗଳ କହି ଚାଲିଥିଲେ। ସେମାନଙ୍କ କଥାରୁ ବୁଝିଲି, ସେଇ ବିଦେଶିନୀ ମୋତେ ବଞ୍ଚାଇଛନ୍ତି। ଡକ୍ଟର କହିଲେ, ସେମିତି ଭୟ ପାଇବାର କିଛି ନାହିଁ। ଆଜି ରାତିଟା ବିଶ୍ରାମ ନେଲେ କାଲି ସେ ଠିକ୍ ହୋଇଯିବେ। ସେମାନେ ମୋତେ ରୁମ୍‌କୁ ନେଇ ଆସିଲେ। ସେତେବେଳକୁ ଯଦିଓ ମୁଁ ସମ୍ପୂର୍ଣ୍ଣରୂପେ ସ୍ୱାଭାବିକ ହୋଇନଥିଲି, ତଥାପି ବୁଝିପାରିଥିଲି, ଏଇ ପ୍ରଚେଷ୍ଟାରେ ମଧ୍ୟ ମୁଁ ବିଫଳ ହୋଇଛି – ଦୁର୍ଭାଗ୍ୟବଶତଃ ମୁଁ ଏବେ ବି ବଞ୍ଚିଛି।

ମୋତେ କିନ୍ତୁ ଖୁବ୍ କ୍ଲାନ୍ତ ଲାଗୁଥିଲା। ଶାରୀରିକ ତଥା ମାନସିକ ସ୍ତରରେ ମୁଁ ଏତେ ଦୁର୍ବଳ ଅନୁଭବ କରୁଥିଲି, ଚେଷ୍ଟାକଲେ ବି ମୋର ପଦେ କଥା କହିବାର ଶକ୍ତି ନଥିଲା। ବିଦେଶିନୀ ଶୁଭରାତ୍ରୀ କହି କବାଟ ବନ୍ଦ କରି ତାଙ୍କ ରୁମ୍‌କୁ ଚାଲିଗଲେ।

ବିଫଳତାର ଆକ୍ରୋଶରେ ବୋଧହୁଏ ପ୍ରଥମ ଥର ଆହା କହି ମୁଁ ଜୋର୍‌ରେ ଚିତ୍କାର କଲି, ଯେମିତି ମୋ ଛାତି ଭିତରେ ଆଜି ପର୍ଯ୍ୟନ୍ତ ଚାପି ହୋଇଥିବା ଦୁଃଖର ପାହାଡରେ ବିସ୍ଫୋରଣ ଘଟିଲା। ତାପରେ ମୁଁ କେତେବେଳେ ଶୋଇଯାଇଛି ଜାଣିପାରିନି।

ସକାଳେ ଉଠି ଦେଖିଲି ବାହାରେ ଖରା ଆସିଯାଇଥିଲା। ବାଲକୋନୀରେ ଚେୟାର ପକାଇ ବସି ଶାନ୍ତ ନୀଳ ସାଗରକୁ ନିରୀକ୍ଷଣ କରୁଥିଲି। ହଠାତ୍ ପାଖ ବାଲ୍‌କୋନୀରୁ ସୁପ୍ରଭାତ ଶୁଣି ଚାହିଁଲି, କାଲିର ସେଇ ବିଦେଶିନୀ ହସୁଛନ୍ତି। ଉଭୟ ବାଲ୍‌କୋନୀ ପାଖାପାଖି ଥିଲା।

ସେ ନିଜର ପରିଚୟ ଦେଲେ। ନାଁ ତାଙ୍କର ସୁଜାନ୍, ସେ କିଛି ଦିନ ପୂର୍ବରୁ ଭାରତ ଆସିଥିଲେ। ଗତକାଲି ପୁରୀ ଆସିଛନ୍ତି। ସେ ଜଣେ ଲେଖିକା।

ଔପଚାରିକତା ବଶତଃ ମୁଁ ବି ମୋ ପରିଚୟ ଦେଲି। ତାପରେ ଗତକାଲିର ଅଘଟଣ ପାଇଁ ଅବସୋସ ପ୍ରକାଶ କରି ସେ କହିଲେ – ଯେହେତୁ ମୁଁ ଲେଖାଲେଖି କରେ ଆଉ ପ୍ରକୃତିକୁ ନେଇ ଲେଖିବାରେ ମୋର ବିଶେଷ ଆଗ୍ରହ, ସେଥିପାଇଁ ନିରୋଳାସ୍ଥାନରେ ମୋର ପ୍ରାୟ ସମୟ କଟେ। ଏକଥା ସତ ଯେ ମୁଁ ସ୍ୱିମିଂ ପାଇଁ ଯାଇଥିଲି, କିନ୍ତୁ ନୀଳ ସାଗରର ବିସ୍ତୀର୍ଣ୍ଣ ବେଳାଭୂମିରେ ନିରୋଳାରେ ବସି ପ୍ରକୃତିକୁ ମୋ ଲେଖନୀ ମୁନରେ କେମିତି ରୂପ ଦେବି, ସେଇକଥା ଭାବୁଥିଲାବେଳେ ଆପଣଙ୍କୁ ଦେଖିଲି। ପ୍ରଥମେ ଭାବିଲି ଆପଣ ବୋଧହୁଏ ମୋ ପରି ସ୍ୱିମିଂ ଭଲ ପାଆନ୍ତି, କିନ୍ତୁ ମନରେ ସନ୍ଦେହ ଆସିଲା କାରଣ ଆପଣ ସ୍ୱିମିଂ ସୁଟ୍‌ରେ ନଥିଲେ। ତାପରେ ମୁଁ ଦେଖିଲି ଆପଣ ଭିତରକୁ ଟାଣି ହୋଇ ଯାଉଛନ୍ତି ଏବଂ ଅସହାୟ ହୋଇପଡୁଛନ୍ତି। ତେଣୁ ମୁଁ ସଙ୍ଗେ ସଙ୍ଗେ ସାହାଯ୍ୟ କରିବା ଉଚିତ ଭାବି ଆପଣଙ୍କୁ ଟାଣି ଆଣିଲି।

ମୋର ନିଜ ଉପରେ ଭିଷଣ ରାଗ ହେଉଥିଲା। ଜଣେ ବିଦେଶିନୀ ମୋ ପରି ଏକ ଭୀରୁ କାପୁରୁଷର ଜୀବନ ବଞ୍ଚାଇଲା, ତାଠାରୁ ବେଶି ଲଜ୍ୟାଜନକ ବିଷୟ କ'ଣ ବା ହୋଇପାରେ।

କିଛି ସମୟ ସେ ନୀରବ ହୋଇ ଯାଇଥିଲେ। ମୋର ବି କିଛି କହିବାର ନଥିଲା।

ତାପରେ ହଠାତ୍ ସେ ପଚାରିଲେ – ଆପଣ କ'ଣ ଆତ୍ମହତ୍ୟା କରୁଥିଲେ? ସରି – ଏପରି ଅସଙ୍ଗତ ପ୍ରଶ୍ନ ପଚାରିବା ଉଚିତ ନୁହେଁ, ତଥାପି ଆପଣଙ୍କର ସମସ୍ୟାଟା କ'ଣ ହୋଇପାରେ ମୁଁ ଜାଣିବାକୁ ଚାହେଁ, ହୁଏତ ସମାଧାନ କରିବାରେ କିଛି ସାହାଯ୍ୟ କରିପାରେ।

କିନ୍ତୁ ତାଙ୍କ ସହିତ ମୋର ସମସ୍ୟା ଓ ଅସଫଳତାର କାହାଣୀ ଚର୍ଚ୍ଚା କରିବା କ'ଣ ଆବଶ୍ୟକ, ଲାଭ ବି କ'ଣ। ମୁଁ କିଛି ଉତ୍ତର ଦେଲିନି।

– ମୁଁ ଆପଣଙ୍କୁ ବାଧ୍ୟ କରୁନି। ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଜୀବନର ନିର୍ଣ୍ଣୟ ନେବାର ଅଧିକାର ନିଶ୍ଚିତ ଭାବରେ ଅଛି। କିନ୍ତୁ ମୋର ମତରେ ଆତ୍ମହତ୍ୟା ନିହାତି ଏକ ଭିରୁ, ଘୃଣିତ ନିର୍ଣ୍ଣୟ – ଭଦ୍ର ମହିଳା ଗମ୍ଭିର ହୋଇ କହିଲେ।

କେଜାଣି କାହିଁକି ଏ ପର୍ଯ୍ୟନ୍ତ ମୁଁ ବିଦେଶିନୀଙ୍କୁ ମାଫ୍ କରିପାରୁନଥିଲି, ବରଂ ତାଙ୍କ ପ୍ରତି ମୋ ମନରେ କ୍ରୋଧ କ୍ରମଶଃ ବଢୁଥିଲା। ବିରକ୍ତ ହୋଇ କହିଲି – ମୋତେ ବଞ୍ଚାଇବା ପାଇଁ ଆପଣଙ୍କୁ କିଏ କହିଥିଲା? ସୁଜାନ୍ ମୋତେ ଚାହିଁ କହିଲେ – ନିଜ ଆଖି ସାମ୍ନାରେ କାହାକୁ ମରୁଥିବାର ଦେଖି ଅଣଦେଖା କରିବା ତ ମନୁଷ୍ୟତ୍ୱ ନୁହେଁ। ଆପଣଙ୍କୁ ଦେଖି ବୁଝିପାରୁଛି ଆପଣ ଜଣେ ଭାରତୀୟ, ଯେଉଁ ଦେଶ ନିଜର ସଂସ୍କୃତି, ତତ୍ତ୍ୱଦର୍ଶୀତା ଓ ଦର୍ଶନ ଶାସ୍ତ୍ର ପାଇଁ ସାରା ବିଶ୍ୱରେ ସମ୍ମାନୀତ। ମୁଁ ବି ଜୀବନର ଅର୍ଥ ଓ ଅର୍ଥହୀନ ଜୀବନ ବିଷୟରେ ଆପଣଙ୍କ ଦେଶର ତତ୍ତ୍ୱଜ୍ଞାନ ବିଶେଷଜ୍ଞଙ୍କ ଲିଖିତ ପୁସ୍ତକରୁ ଜ୍ଞାନ ଆହରଣ କରିଛି।

ଆଶ୍ଚର୍ଯ୍ୟ ହୋଇ ପଚାରିଲି – ଆପଣ ଅଧ୍ୟୟନ ବି କରନ୍ତି ? ଆପଣ ନିଜକୁ ଜଣେ ଲେଖିବା ବୋଲି କହୁଥିଲେ ନା ?

ହସିଲେ ସୁଜାନ୍ ତାପରେ କହିଲେ – ଯିଏ ଲେଖେ ତାକୁ ତ ପଢ଼ିବାକୁ ପଡ଼େ, ନପଢ଼ିଲେ ଲେଖିବି କେମିତି । କିଛି ମୁହୂର୍ତ୍ତ ରହି ଯାଇ କହିଲେ, ମୁଁ ଭାରତର ଦର୍ଶନ ଶାସ୍ତ୍ର ଉପରେ ରିସର୍ଚ୍ଚ କରୁଛି ।

ସୁଜାନ୍‌ଙ୍କର ଜ୍ଞାନ ଓ ଗବେଷଣା ପାଖରେ ମୁଁ ହାର୍ ମାନିଗଲି । ଧିରେ ଧିରେ କହିଲି – ଜୀବନର ଏମିତି ଏକ ଦୋଛକିରେ ପହଞ୍ଚିଗଲି ଯେଉଁଠାରୁ ଫେରିବାର ରାସ୍ତା ନଥିଲା । ମୋର ମନେହେଲା ମୃତ୍ୟୁ ହିଁ ସବୁ ସମସ୍ୟାର ଏକମାତ୍ର ସମାଧାନ ।

ନା– ସେଇଟା ଆପଣଙ୍କର ଭୂଲ୍ ଧାରଣା – ସୁଜାନ୍ କହିଲେ ଯଦି ସବୁ ସମସ୍ୟାର ସମାଧାନ ମୃତ୍ୟୁ ହୁଅନ୍ତା, ତାହେଲେ କେହି ବଞ୍ଚିବା ଯୋଗ୍ୟ ରହନ୍ତେନି । ଆପଣ ବରଂ ମନଭିତରେ ଥିବା ସମସ୍ତ ଗ୍ଲାନି ମୋ ସାମନାରେ ପ୍ରକାଶ କରିଦିଅନ୍ତୁ । ଆମ ଦୁଇଜଣଙ୍କ ମଧ୍ୟରେ କୌଣସି ପୁରୁଣା ପରିଚୟ ନାହିଁ । ତେଣୁ ଆପଣ ନିଜର ଦୁଃଖ ମୋତେ କହିଦେଲେ କିଛି ଲାଭ ବା କ୍ଷତି ହେବାର ଭୟ ବା ଆଶଙ୍କା ନାହିଁ । କିନ୍ତୁ କେବେ କେବେ ଛାତି ଭିତରେ ଚାପି ହୋଇଥିବା ବ୍ୟଥାକୁ କାହା ସହିତ ଆଲୋଚନା କଲେ ସମାଧାନର ରାସ୍ତା ବି ମିଳିଯାଇପାରେ ।

ମୁଁ ନୀରବରେ ସମୁଦ୍ରରେ ଉଠୁଥିବା ଲହରୀମାନଙ୍କୁ ଚାହିଁ ରହିଥିଲି । ମୋର ମନେହେଲା ମୁଁ ଯଦି ଭଦ୍ରମହିଳାଙ୍କ ସାମ୍ନାରେ ମୋର ଉତ୍ଥାନ ପତନର କାହାଣୀ କହିଦିଏ ତାହେଲେ ଅନ୍ତତଃ ଲହରୀ ପଛରେ ଥିବା ସମୁଦ୍ର ପରି ମନଟା ବି ମୋର ଶାନ୍ତ ହୋଇଯିବ ।

X X X X

ମୋ କାହାଣୀ ଶୁଣିବା ପରେ ସୁଜାନ କହିଲେ – ସତରେ ଆପଣଙ୍କ ଦୁଃଖ ମୋତେ ବି ଦୁଃଖୀ କରିଦେଲା । ଜୀବନରେ ଆଜି ପର୍ଯ୍ୟନ୍ତ ସଫଳତାର ସିଢ଼ି ଚଢ଼ିବାରେ ଅଭ୍ୟସ୍ତ ହଠାତ୍ କରିବାରରେ ଗୋଟିଏ ପରେ ଗୋଟିଏ ଦୁର୍ଘଟଣା ଆପଣଙ୍କୁ ବାଧିଛି ନିଶ୍ଚୟ । କିନ୍ତୁ ଆପଣ କେବେ ଭାବିଛନ୍ତି, ଏସମସ୍ତ ଅସ୍ଥିରତାର କାରଣ ଆଉ କେହି ନୁହେଁ, ଆପଣ ନିଜେ ? ଆଉ ଆପଣଙ୍କର ମନର ଅସ୍ଥିରତା ଅଫିସ୍ କାମରେ ପ୍ରଭାବ ତ ନିଶ୍ଚୟ ପକାଇବ । ଆଜି ଯଦି ପୁଅ ଡ୍ରଗସ୍ ଡ୍ରିଙ୍କସ୍‌ରେ ନିଜକୁ ବୁଡେଇଛି, ଝିଅ ଯଦି ଅନ୍ୟ କାହା ସହ ଚାଲିଗଲା, ପତ୍ନୀ ଯଦି ଆଜି ବିଷାଦଗ୍ରସ୍ତା, ସବୁର କାରଣ ହେଉଛି ସେମାନଙ୍କ ଉପରେ ଆପଣଙ୍କର ଏକାଧିପତ୍ୟ ଅଧିକାର ସାବ୍ୟସ୍ତ ।

– କିନ୍ତୁ କେମିତି ? ସେମାନଙ୍କର ସୁଖ ସୁବିଧା, କୌଣସିରେ ମୁଁ ଊଣା କରିନି । ଆଉ ତ ଅଧିକା କିଛି କରିପାରି ନଥାନ୍ତି – ମୁଁ ହତାଶ ସ୍ୱରରେ କହିଲି ।

ସେ କହିଲେ – କେବଳ ସୁଖସୁବିଧା ଦେଇଦେଲେ ସମସ୍ତ ଦାୟିତ୍ୱ ଶେଷ ହୁଏନି, ଆପଣ ଯେଉଁମାନଙ୍କୁ ପରିବାର ମାନୁଛନ୍ତି, ସେମାନଙ୍କୁ ଆପଣ କେବେ ବି ବୁଝିବାକୁ ଚେଷ୍ଟା କରି ନାହାନ୍ତି । ଗତକାଲିର ଘଟଣା ତାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ । ଯେତେବେଳେ ଆପଣଙ୍କୁ ଆଶାନୁରୂପ ସଫଳତା ନମିଳିଲା ଆପଣ ଆତ୍ମହତ୍ୟା କରିବାର ନିଷ୍ପତ୍ତି ନେଇଗଲେ । ହୁଏତ ଆପଣଙ୍କ ପୁଅ ଯାହା ଚାହୁଁଥିଲା ନପାଇବାରୁ ବିପଥଗାମୀ ହେଲା । ହୋଇପାରେ ଆପଣଙ୍କ ଝିଅ ଜାଣିଥିଲା ତାର ପସନ୍ଦ ଆପଣ ନାପସନ୍ଦ କରିଦେବେ । ଏ ସମସ୍ତ ଧକ୍କା ପରେ ଆପଣଙ୍କର ପତ୍ନୀ ବିଷାଦଗ୍ରସ୍ତା ହେବା ସ୍ୱାଭାବିକ କାରଣ ଆପଣଙ୍କଠାରୁ ସେ ସେତିକି ସହଯୋଗ, ସହାନୁଭୂତି ପାଇନାହାନ୍ତି ।

– କିନ୍ତୁ ସେମାନଙ୍କର ସମସ୍ତ ଇଚ୍ଛା ସେମାନେ ଚାହିଁବା ପୂର୍ବରୁ ମୁଁ ପୂରଣ କରିଛି – ମୁଁ ବ୍ୟସ୍ତ ହୋଇ କହିଲି ।

ହଁ – ମୁଁ ଅନେକ ଭାରତୀୟ ପରିବାର ଏଇ ଭୂଲ୍ କରିବାର ଦେଖିଛି । ସ୍ୱାମୀ ସ୍ତ୍ରୀ ଉପରେ, ମାତାପିତା ଛୁଆଙ୍କ ଉପରେ ନିଜର ଇଚ୍ଛା ଓ ସ୍ୱପ୍ନକୁ ଚାପି ଦିଅନ୍ତି, ଯେଉଁଟା କି ଉଚିତ ନୁହେଁ । ପ୍ରତ୍ୟେକଙ୍କର ହୃଦୟ ଅଛି, ବିଭିନ୍ନ ପ୍ରକାର ଇଚ୍ଛା ଅଛି ଆଶା ଆକାଂକ୍ଷା ଅଛି, ଏକଥା ଆମେ ଭୂଲିଯିବା କେମିତି । ଆପଣ କେବେ ପୁରା ପରିବାର ସହିତ ବସି ସମସ୍ତଙ୍କର ମତାମତ ନେଇ କିଛି ନିଷ୍ପତ୍ତି ନେଇଛନ୍ତି କି ?

ଉତ୍ତର ଦେବା ପାଇଁ ମୋ ମୁହଁରେ ଭାଷା ନଥିଲା । ସେ କିନ୍ତୁ କହି ଚାଲିଥିଲେ – ଏମିତିକି ଆଜି ବି ଆପଣଙ୍କର ଆତ୍ମହତ୍ୟାର ନିଷ୍ପତ୍ତିରେ ଆପଣଙ୍କର ମନର ଅହଙ୍କାର ରହିଛି । ଯଦି ଆପଣ ଅକସ୍ମାତ ଆଜି ସଫଳ ହୋଇଥାନ୍ତେ, ଆପଣଙ୍କ ପତ୍ନୀଙ୍କ ଅବସ୍ଥା କ'ଣ ହୋଇଥାଆନ୍ତା ଥରେ ଭାବିଛନ୍ତି ? ପ୍ରତ୍ୟେକ ମନୁଷ୍ୟର ନିଜସ୍ୱ ଦୃଷ୍ଟିକୋଣ ରହିଛି । ଆପଣଙ୍କ ମୃତ୍ୟୁରେ ପରିବାରର ସମସ୍ୟା କେବେବି ସୁଧୁରି ନଥାନ୍ତା । ମୃତ୍ୟୁକୁ ଆଲିଙ୍ଗନ କରିବାକୁ ଯାଇ ଆପଣ ନିଜକୁ ନିହାତି ସ୍ୱାର୍ଥପର ପ୍ରମାଣ କରିଦେଲେ । ଏଥର ଘରକୁ ଯାଇ ଘର ଲୋକଙ୍କ ସହିତ ମନଖୋଲି ଆଲୋଚନା କରନ୍ତୁ, ସମସ୍ୟାର ସମାଧାନର ସୂତ୍ର ନିଶ୍ଚୟ ପାଇଯିବେ ।

ଭଗବାନ ଆପଣଙ୍କୁ ମୋ ଦ୍ୱାରା ନୂତନ ଜୀବନ ଦେଇଛନ୍ତି । ମଣିଷ ଜୀବନ ଖୁବ୍ ବେଶି ମୂଲ୍ୟବାନ । କେମିତି ଭାବରେ ଜୀବନ ନିର୍ବାହ କରିବେ, ସେଇଟା ଆପଣଙ୍କ ଇଚ୍ଛା ଉପରେ ନିର୍ଭର କରେ । ଭଗବାନ ଆପଣଙ୍କୁ ଉଚିତ ରାସ୍ତା ଦେଖାନ୍ତୁ

– ସୁଜାନ ରୁମ୍ ଭିତରକୁ ଚାଲି ଯାଇଥିଲେ । ତାଙ୍କର ପ୍ରତ୍ୟେକଟି ଶବ୍ଦର ସତ୍ୟତା ମୋ ଜ୍ଞାନ ବୃଦ୍ଧି ଅହଙ୍କାର ସବୁ ଜାଳି ପୋଡ଼ି ଧ୍ୱଂସ କରିଦେଲା । ମୋର ମନେହେଲା ଯେମିତି ମୋର ପୁନର୍ଜନ୍ମ ହେଲା । ଅନେକ ଡେରି ପର୍ଯ୍ୟନ୍ତ ମୁଁ ସେମିତି ବସି ରହିଲି ।

କିଛି ସମୟ ପରେ ମୁଁ ପୁଣି ଥରେ ଅନ୍ୟମନସ୍କ ଭାବରେ ସମୁଦ୍ର ତଟକୁ ଆଗେଇଗଲି । ଏବେ କିନ୍ତୁ ମୋ ମନରେ ପରିବର୍ତ୍ତନ ଆସି ଯାଇଥିଲା । ସମୁଦ୍ର ପାଣିରେ ଝଲସୁଥିବା ସୂର୍ଯ୍ୟକିରଣ ମୋ ମନରେ ବି ନୂତନ ଆଶା ଭରିଦେଲା । ଏବେ ମୁଁ ବୁଝିପାରିଲି କେବଳ ମୋର ନୁହେଁ, ସମସ୍ତଙ୍କର ହୃଦୟ ଅଛି ଏବଂ ପ୍ରତ୍ୟେକଙ୍କ ଚିନ୍ତାଧାରାକୁ ସମ୍ମାନ ଦେବା ଉଚିତ ।

*୧୬୪ ନର୍ଦନହାଇଟ, ନନ୍ଦନବିହାର, ପଟିଆ,*
*ଭୁବନେଶ୍ୱର - ୭୫୧୦୨୪*
*ଦୂରଭାଷ: ୯୦୪୦୮୫୬୬୪୪*

# ଚକ୍ରବ୍ୟୂହରେ ଅଭିମନ୍ୟୁ

## ଦାଶରଥି ଭୂୟାଁ

ଅଭିମନ୍ୟୁ ଗାଁ ଛାଡିବାବେଳେ ଆକାଶ ଧୀରେ ଧୀରେ ଲାଲ ରଙ୍ଗରେ ପରିଣତ ହେବାକୁ ଯାଉଥିଲା । ରେଳ ଷ୍ଟେସନରେ ପହଂଚିବା ପରେ ବାତିଖୁଂଟର ଆଲୁଅ ଜଳିବା ପରେ ଷ୍ଟେସନ ତା ଆଡକୁ ଆସୁଥିବା ଟ୍ରେନ୍ ଗୁଡିକୁ ଦେଖିବା ଆରମ୍ଭ କଲା । ଘଂଟି ବାଜିବା ମାତ୍ରେ ଟ୍ରେନ୍ ପ୍ଲାଟଫର୍ମରେ ପହଂଚିଥିଲା । ପିତାଙ୍କ ପାଦ ଛୁଇଁ ଅଭିମନ୍ୟୁ ତୃତୀୟ ଶ୍ରେଣୀ ବଗିରେ ଚଢ଼ିଥିଲେ । ଦୁଇ ମିନିଟ୍ ପରେ, ସାପର ଫଣା ପରି ହଲୁଥିବା କିଛି ପାପୁଲି ପଛରେ ରହିଯାଇଥିଲେ । ଟ୍ରେନଟି ନିଜର ଗନ୍ତବ୍ୟ ପଥରେ ଆଗକୁ ଆଗକୁ ଯାଉଥିଲା ।

ଟ୍ରେନର ପ୍ରତ୍ୟେକ ହ୍ୱିସିଲ ସହିତ ଅଭିମନ୍ୟୁ ଭିତରେ ଏକ ନୂଆ କମ୍ପନ ସୃଷ୍ଟି ହେବାକୁ ଲାଗିଲା । ନୂତନ ସ୍ଥାନର ଅଜ୍ଞାତ ଏବଂ ଅହେତୁକ ଭୟ ହେତୁ ମନ ପଛକୁ ଫେରି ଆସୁଥିଲା । ଟ୍ରେନ୍ ଭିତରେ ଭିଡ ମଧ୍ୟରେ ମଧ୍ୟ ଅଭିମନ୍ୟୁ ବହୁତ ଏକୁଟିଆ ଅନୁଭବ କରୁଥିଲେ । ସେହି ଏକାକୀତ୍ୱ ସହିତ, ଅତୀତର ସମସ୍ତ ମୁହୂର୍ତ୍ତ ତାଙ୍କୁ ବହୁତ କଷ୍ଟ ଦେବା ଆରମ୍ଭ କରିଦେଇଥିଲା । ସେହି ଏକାକୀ ଭାବନାକୁ ଦୂର କରିବା ପାଇଁ ତାଙ୍କ ମନ ବାରମ୍ବାର ଅତୀତକୁ ଫେରିବା ଆରମ୍ଭ କଲା । ବର୍ତ୍ତମାନ ହେଉଛି ନିଜ ପାଇଁ ସବୁକିଛି ତାହା ଜାଣି ସୁଦ୍ଧା ସେ ଅତୀତର କବଜାରୁ ନିଜକୁ ଅଲଗା କରିବାରେ ଅସମର୍ଥ ହେଲେ । ଆଲୋକରେ ଉଜ୍ଜ୍ୱଳ ଚନ୍ଦ୍ର, ତାଙ୍କର ଦର୍ଶନ ଆକାଶ ଏବଂ ସମୁଦ୍ର ମଧ୍ୟରେ ଦୃଶ୍ୟମାନ ହେଉଥିବା ଅସ୍ପଷ୍ଟ ଦିଗବଳୟ ଆଡକୁ ତାଙ୍କ ଦୃଷ୍ଟି ଚାଲିଗଲା । ସବୁଜ ସୁନ୍ଦର ସୁନ୍ଦର ଗ୍ରାମାଂଚଳର ସମସ୍ତ ସ୍ମୃତି ତାଙ୍କ ମାନସ ପଟରେ ଦୃଶ୍ୟମାନ ହେଲା । ସେ ସେହି ହଜିଯାଇଥିବା ସ୍ମୃତିରୁ ପିତାଙ୍କ କଥା ମନେ ପକାଇବା ମାତ୍ରେ ଅଭିମନ୍ୟୁଙ୍କ ଛାତି ଭିତରେ ଘନୀଭୂତ ହୋଇଥିବା ବରଫ ତରଳିବା ଆରମ୍ଭ କଲା । ପିତାଙ୍କ ସମସ୍ତ ଶବ୍ଦ ତାଙ୍କୁ ମଧୁର ଅନୁଭବ ଦେଉଥିଲା । ପିତାଙ୍କ ପ୍ରତ୍ୟେକ ଶବ୍ଦ କେବଳ ଶବ୍ଦ ନଥିଲା, ବରଂ ମାନବିକତାର ପ୍ରତ୍ୟେକ ବୀଜ-ମନ୍ତ୍ର ଥିଲା ।

ପିତାଙ୍କ ସେହି ମହାନ ବୀଜ ମନ୍ତ୍ରଗୁଡ଼ିକ ପୁଣି ଥରେ ତାଙ୍କ କାନରେ ପୁନର୍ବାର ଗୁଜରାଣ ହେବାକୁ ଲାଗିଲେ । ଷ୍ଟେସନ ଛାଡ଼ିବାବେଳେ ବାପା କହିଥିଲେ ଯେ ତୁ କର୍ତ୍ତବ୍ୟକୁ କେବେ ଅବହେଳା କରିବୁ ନାହିଁ । ସର୍ବଦା ସଚ୍ଚୋଟ ଭାବରେ ଜୀବନଯାପନ କରିବୁ । ରାମନଗରରେ ପହଂଚିବା ମାତ୍ରେ ଚିଠି ଲେଖିବୁ । ଯଦି ସମ୍ଭବ, ପ୍ରତ୍ୟେକ ମାସର ବେତନରୁ ଅଳ୍ପ ପରିମାଣ ପଠାଇଲେ, ତୋ ଅଧ୍ୟୟନ ପାଇଁ ବନ୍ଧକ ରଖାଯାଇଥିବା ଜମିକୁ ମୁକୁଳାଇବି । ପିତା ଅର୍ଜୁନ ସାହୁ ଗାଁର ଜଣେ ସାମାନ୍ୟ କୃଷକ । ଆଜି ସେ ପୁଅ ଅଭିମନ୍ୟୁଙ୍କୁ ନିଜର କର୍ମ ଏବଂ ପରିଶ୍ରମ ବଦଳରେ ତାଙ୍କୁ ସାମର୍ଥ୍ୟ କରିବାରେ ସକ୍ଷମ ହୋଇଛନ୍ତି । ସେ ଆଜି ପୁଅ ଅଭିମନ୍ୟୁଙ୍କୁ ବନ ବିଭାଗର ଅଧିକାରୀ ଭାବରେ ଦେଖିବାର ସୌଭାଗ୍ୟ ଅର୍ଜନ କରିଛନ୍ତି ।

ନୂତନ ସ୍ଥାନ, ନୂତନ ଚାକିରି । ସେ କିପରି ନିଜକୁ ପରିସ୍ଥିତି ସହିତ ଖାପଖୁଆଇବାକୁ ସମର୍ଥ ହେବେ ? ଏଇଭଳି ଅଜ୍ଞାତ ଭୟରେ ଅଭିମନ୍ୟୁଙ୍କ ଯାତ୍ରା ସରିଯାଇଥିଲା । ସେ ସକାଳେ ଟ୍ରେନରୁ ଓହ୍ଲାଇବା ମାତ୍ରେ ସେ ତାଙ୍କ କାର୍ଯ୍ୟାଳୟର ବଡ ବାବୁଙ୍କୁ ଭେଟିଥିଲେ । ପୂର୍ବ ପରିଚୟର ଅଭାବ ହେତୁ ବଡ ବାବୁ ତାଙ୍କୁ ସ୍ୱାଗତ କରିବା ପାଇଁ ଇଂରାଜୀରେ "ସ୍ୱାଗତ ଅଭିମନ୍ୟୁ ବାବୁ" ରେ ପ୍ଲାକାର୍ଡ ଧରି ଷ୍ଟେସନରେ ଠିଆ ହୋଇଥିଲେ । ଅଭିମନ୍ୟୁ ବଡ ବାବୁଙ୍କ ସାନ୍ନିଧ ପାଇଁ ଥିବାରୁ ଖୁସି ହୋଇଥିଲେ । ଜଳଖିଆ ଖାଇବା ପରେ ଦୁହେଁ ରାମନଗର ଆଡକୁ ଚାଲିଗଲେ ।

ବଡ ବାବୁ ଜଙ୍ଗଲ ବିଭାଗ କାର୍ଯ୍ୟାଳୟରେ ପାଦ ଦେବାବେଳେ ଆଠ ଯୁଗଳ ପ୍ରଶାନୁକୂଳ ଆଖି ତାଙ୍କ ଉପରେ ଲାଗିଥିଲା । ପିଅନ ତ୍ରିନାଥ ଗୌଡ଼ ତୁରନ୍ତ ତାଙ୍କ ହାତରୁ ଛତା ନେଇ ଆଲମାରୀ ପଛପଟେ ଥିବା ଏକ କୋଣରେ ରଖିଲେ । ଥଣ୍ଡା ପାଣି ଆଣିବା ପାଇଁ ନିକଟସ୍ଥ ନାଳ କୂଅ ଆଡକୁ ଗଲା । ଏକ ନିର୍ଦ୍ଦିଷ୍ଟ ଦୂରତାରେ ବସିଥିବା ଆଠ ଯୋଡି ଆଖି, ନିଜ ନିଜ ଆଖିଡୋଳାର ଏକ୍ସ-ରେ କିରଣ ମାଧ୍ୟମରେ ବଡ ବାବୁ ମଧ୍ୟରେ ଲୁକ୍କାୟିତ ବାସ୍ତବତାକୁ ଖୋଜିବାକୁ ଲାଗିଲେ । ସମସ୍ତଙ୍କ ମୁହଁରେ ସମାନ ପ୍ରଶ୍ନ । ନୂଆ ସାର୍ କିପରି ହେବେ ? ସମସ୍ତ କର୍ମଚାରୀ ଜାଣନ୍ତି ଯେ ଆଜି ନୂଆ ସାହେବ ଯୋଗଦେବେ । ବଡ ବାବୁ ନୂତନ ସାହେବଙ୍କୁ ସ୍ୱାଗତ କରିବା ପାଇଁ ରେଳ ଷ୍ଟେସନକୁ ଯାଇଥିଲେ । ସେ ତାଙ୍କୁ ଅଫିସିଆଲ୍ କ୍ୱାର୍ଟରରେ ଛାଡି ବର୍ତ୍ତମାନ ଫେରିଥିଲେ । ସେଥିପାଇଁ ସମସ୍ତଙ୍କ ଭିତରେ ନୂଆ ସାର୍ ବିଷୟରେ ଜାଣିବାକୁ ଆଗ୍ରହ ବଢୁଥିଲା ।

ବଡ ବାବୁ ଚେୟାରରେ ବସିବା ମାତ୍ରେ ସମସ୍ତଙ୍କ ପାଟିରୁ କେବଳ ଗୋଟିଏ ପ୍ରଶ୍ନ ବାହାରିଲା । ବଡ ବାବୁ ! ନୂଆ ସାର୍ କେମିତି ? ବଡ ବାବୁ କୌଣସି ଉତ୍ତର ନଦେଇ ପାନ ଚୋବାଇ ଚୋବାଇ ଫାଇଲ୍ ଉଲଟାଇବାରେ ଲାଗିଲେ । କର୍ମଚାରୀଙ୍କ କୌତୁହଳ ବଢିବା ସହିତ ବଡ ବାବୁଙ୍କ ଗମ୍ଭୀରତା ମଧ୍ୟ ବଢ଼ିଲା । ତେବେ, ସମସ୍ତଙ୍କ ଆଖି ବଡ ବାବୁଙ୍କ ପାନପାକୁଳା ମୁହଁ ଆଡକୁ ଲାଗିଥିଲା । ସମସ୍ତେ ଜାଣିଥିଲେ ପାନ ଚୋବାଇବା ସମୟରେ ବଡ ବାବୁ କିଛି କହିବେ ନାହିଁ ।

ବଡ ତାଙ୍କ ପାଦ ନିକଟରେ ରଖାଯାଇଥିବା ଏକ ପିକଦାନରେ ଛେପ ପକାଇଲେ । ଆଙ୍ଗୁଠି ସାହାଯ୍ୟରେ ଲାଗିଁଥବା ଥିବା ଲାଲ-ଲାଲ ରଙ୍ଗର ବୁନ୍ଦା ସଫା କଲେ । ତା'ପରେ ଟେବୁଲ ଉପରେ ରଖାଯାଇଥିବା ପାଣିରେ ପରିପୂର୍ଣ୍ଣ ଏକ ଗ୍ଲାସ୍ ପିଇବା ପରେ, ସମସ୍ତ କର୍ମଚାରୀଙ୍କୁ ଚାହିଁ କହିଲେ – "ହଁ, ତୁମେ ସମସ୍ତେ ପଚାରୁଥିଲ, ନୂଆ ଅଫିସର ବିଷୟରେ ...ବୁଝିଲ, ତାଙ୍କ ହାବଭାବରୁ ଯାହା ଜଣା ପଡୁଛି ନୂଆ ଅଫିସର ଜଣେ ସରଳ ଓ ନିଷ୍କପଟ ବ୍ୟକ୍ତି । ଆପଣ ମାନେ ଜାଣନ୍ତି, କଲେଜର ବାରଣ୍ଡା ରୁ, ସେ ସିଧାସଳଖ ଏହି ବିଭାଗରେ ଯୋଗ ଦେଇଛନ୍ତି ଭିତରକୁ ଯାଉଛନ୍ତି । ତାଙ୍କୁ ବନ ବିଭାଗର ଏବିସିଡି ଜଣା ନାହିଁ । ମୁଁ ତାଙ୍କୁ ରେଳ ଷ୍ଟେସନରେ ପ୍ରଥମ ଶ୍ରେଣୀ ବଗିରେ ଖୋଜୁଥିଲି, ଏବଂ ବାବୁଜୀ ଗାନ୍ଧୀ ଶ୍ରେଣୀ ବଗିରୁ ଓହ୍ଲାଇ ଥିଲେ । ହାତରେ ଏକ ଛୋଟ ଆଟାଚି ଏବଂ ପଲିଥିନ ବ୍ୟାଗରେ ଥିବା ଅନ୍ୟ କିଛି ଜିନିଷ । ଯେତେବେଳେ ମୁଁ ନିଜକୁ ତାଙ୍କ ସହିତ ପରିଚିତ କଲି, ସାହେବ ମୋତେ ପ୍ରଥମେ

ଜୋଡ ହାତରେ ନମସ୍କାର ଜଣାଇଲେ । ମୁଁ ଯେତେବେଳେ ଆପତ୍ତି କଲି,ସେ କହିଲେ ଆପଣ ମୋ ବାପାଙ୍କ ତୁଲ୍ୟ । କିଏ ପ୍ରଥମେ ପ୍ରଣାମ କରିବା ଉଚିତ୍ ? କାର୍ଯ୍ୟାଳୟର କଥା ଅଲଗା । ନୂତନ ଅଧିକାରୀଙ୍କ ବିଷୟରେ ଏହା କହିବା ପରେ ବଡ ବାବୁ ଅଭିମାଣୁ ଅଭିମନ୍ୟୁଙ୍କୁ ଥିବା କ୍ୱାର୍ଟର୍ସ ଆଡକୁ ଚାଲିଗଲେ । ତା'ପରେ ସମସ୍ତ କର୍ମଚାରୀ ସେମାନଙ୍କ କାର୍ଯ୍ୟରେ ବ୍ୟସ୍ତ ରହିଲେ ।

ନୂତନ ଅଧିକାରୀଙ୍କ କ୍ୱାର୍ଟର୍ସ ରେ ପହଂଚି ଯୋଗଦାନ ରିପୋର୍ଟ ପ୍ରସ୍ତୁତ କଲେ । ଅଭିମନ୍ୟୁ ଉଦାସର ପଶିଥିଲେ ବଡ଼ବାବୁ ପଚାରିଲେ, ସାର୍ ଯାତ୍ରା ଜନିତ ଥକ୍କା ଦୂର ହୋଇଛି କି ନାହିଁ ?

ଅଭିମନ୍ୟୁ କହିଲେ – କ୍ୱାର୍ଟରରେ ପହଂଚିବା ପରେ ସେ ବିଶ୍ରାମ ନେବାପାଇଁ ଶୋଇପଡିଥିଲେ। ବର୍ତ୍ତମାନ ଉଠିଲି । ଚା ପିଇବାକୁ ଇଛା ହେଉଛି କିନ୍ତୁ ଆକାହାପାଖରେ ଆଖ ପାଖରେ କୌଣସି ଚା ଦୋକାନ ନାହିଁ ।

– "ସାର! ପିଅନ ତ୍ରିନାଥ ଗୌଡ଼ ଆପଣଙ୍କ ପାଇଁ ଜଳଖିଆ ଆଣି ନାହାଁ କି? ଆପଣ ବିଶ୍ରାମ ନେବା ପୂର୍ବରୁ ମୁଁ ତାଙ୍କୁ ଚା ଏବଂ ଜଳଖିଆ ଆଣିବାକୁ କହିଥିଲି । ଏହି ତ୍ରିନାଥ ଗୌଡ଼ ମଧ୍ୟ ଜଣେ ମହାନ୍, ସାର୍! ଯେଉଁମାନେ ଆପଣଙ୍କ ପୂର୍ବରୁ ଥିଲେ, ସେମାନେ ତାକୁ ନିଜ ମୁଣ୍ଡରେ ବସାଇ ରଖିଥିଲେ । ମୁଁ ଚା ଆଣିବାକୁ ଯାଉଛି, ସାର୍ । ଯେତେବେଳେ ବଡ ବାବୁ ବିଦାୟ ନେବାକୁ ଯାଉଥିଲେ, ଅଭିମନ୍ୟୁ ତାଙ୍କୁ କହିଲେ – ଏକ ଗୁରୁତ୍ୱପୂର୍ଣ୍ଣ କଥା ଅଛି । ଶୁଣ! ମୁଁ ଅବିବାହିତ, ତେଣୁ ଯଦି ତୁମେ ଘର କାମ ପାଇଁ କୌଣସି ପୁଅକୁ ଯୋଗାଡ଼ କରିପାରିବ ତେବେ ଭଲ ହେବ।"

ବଡ ବାବୁ ପ୍ରଲୋଭିତ କରି କହିଲେ – ସାର, ଆପଣ କାହିଁକି ଏହା କହୁଛନ୍ତି! କାର୍ଯ୍ୟାଳୟରେ ଚାରିଜଣ ପିଅନ ଏବଂ ଜଗୁଆଳି ଥିବାବେଳେ ଆପଣଙ୍କ ପାଇଁ ରୋଷେଇୟାର ଆବଶ୍ୟକତା କ'ଣ ? ସେମାନେ ସବୁ କରିବେ

ଅଭିମନ୍ୟୁଙ୍କ ଏସବୁରେ ପସନ୍ଦ ନାହିଁ । ତେଣୁ ସେ ଉତ୍ତର ଦେଲେ- "ବଡ ବାବୁ, ସେମାନେ ସମସ୍ତେ ସରକାରୀ କର୍ମଚାରୀ। ମୁଁ ସେମାନଙ୍କୁ କିପରି ଘରେ କାମ କରିବି ? ,

– "ସାର ! ସାର! ଆପଣ ନିଜେ ସରକାର ଅଟନ୍ତି। ଯଦି ସରକାରୀ କର୍ମଚାରୀମାନେ ସରକାରଙ୍କ କାର୍ଯ୍ୟ କରିବେ ନାହିଁ, ତେବେ କିଏ କରିବ ? ଆପଣଙ୍କ ପୂର୍ବରୁ ଥିବା ଅଫିସର ମାନେ ଥିଲେ ପିଅନ ଓ ଚପରାଶି ମାନଙ୍କୁ ଘର କାମ କରିବା ପାଇଁ ବ୍ୟବହାର କରୁଥିଲେ । କେହି କେହି ବଜାରରୁ ପନିପରିବା ଆଣୁଥିଲେ, କେହି କେହି ରୋଷେଇ କରୁଥିଲେ, ଆଉ କେହି ସାହେବଙ୍କ ପିଲାମାନଙ୍କୁ ସ୍କୁଲ କୁ ନେବା ଆଣିବା କରୁଥିଲେ । ,

"କିନ୍ତୁ ଏସବୁ ମୋ ଦ୍ୱାରା ହେବ ନାହିଁ, ବଡ ବାବୁ । ସେବକ ମିଳିବା ପର୍ଯ୍ୟନ୍ତ, ମୁଁ ନିଜ ହାତରେ ଖାଦ୍ୟ ପ୍ରସ୍ତୁତ କରିବି । ମୋତେ ମଧ୍ୟ ରୋଷେଇ କରିବା ଆସେ । ହାଇସ୍କୁଲ୍ ପାସ୍ କରିବା ପରେ ମୁଁ ସହରରେ ରହି ଅଧ୍ୟୟନ କରୁଥିଲି । ସେଠାରେ ରୋଷେଇ କରବା ଶିଖିଚି ଏହି ଅଳ୍ପ ଟଙ୍କା ନିଅ, ଦୟାକରି ବଜାରରୁ କିଛି ରୋଷେଇ କରିବା ସାମଗ୍ରୀ ଆଣ । ,

"ସାର ! ମୋତେ ଆଉ ଗାଲରେ ଚାପୁଡ଼ା ମାରନ୍ତୁ ନାହିଁ । ମୁଁ ଆଉ ଏହାକୁ ସହ୍ୟ କରି ପାରିବି ନାହିଁ। " ଏହା କହି ବଡ଼ବାବୁ ଅଭିମନ୍ୟୁଙ୍କ ପାଦ ପାଖରେ ବସିଗଲେ ।

ଅଭିମନ୍ୟୁ ଭଦ୍ର ଭାବରେ କହିଲା, "ବଡ ବାବୁ, ତୁମେ ଏ କଣ କରୁଛ ? ମୁଁ ତୁମର ପୁଅର ବୟସର

ବଡ଼ବାବୁ କହିଲେ -"ତା'ହେଲେ ଆପଣ କାହିଁକି ମୋର କଥାକୁ ଅଣଦେଖା କରୁଛନ୍ତି ? ମୁଁ ଥାଉ ଥାଉ ଆପଣ ନିଜ ହାତରେ ରୋଷେଇ କରି ଖାଇବ । ମୋତେ ଦୁଃଖ ଲାଗିବ କି ନାହିଁ? ଆଜି ରାତିରେ ଆପଣ ମୋର ଅତିଥି ହେବେ । ଆସନ୍ତାକାଲି ସକାଳୁ ମୋ ବଡ ଝିଅଆ ଆପଣଙ୍କ ତୁମ ପାଇଁ ଖାଦ୍ୟ ରାନ୍ଧିବ । ସାର୍ ! ଯାଉଛି ମୁଁ ଆପଣଙ୍କ ପାଇଁ ବଜାରରୁ କିଛି ରୋଷେଇ ସାମଗ୍ରୀ ଆଣିବି। "

– "ଠିକ ଅଛି, ବଡ ବାବୁ, ଯେତେବେଳେ ତୁମେ କହୁଛ, ମୁଁ ଆଜି ରାତିରେ ତୁମ ସହିତ ରାତ୍ରୀ ଭୋଜନ କରିବି । କିନ୍ତୁ ଆସନ୍ତାକାଲିଠାରୁ ଜଣେ ସେବକଙ୍କ ଯୋଗାଡ଼ କରିବାକୁ ପଡିବ । ହଁ, ରୋଷେଇ ପାଇଁ ଆବଶ୍ୟକ ପଡୁଥିବା କିଛି ଜିନିଷ ଆଣନ୍ତୁ । ଆଗାମୀ ମାସରେ, ଦରମା ପାଇବା ପରେ, ଅନ୍ୟ ସମସ୍ତ ଜିନିଷ କିଣିବା । ମୋ ପାଖରେ କିଛି ଟଙ୍କା ଅଛି, ନିଅ ।

– "ଆପଣ ମୋତେ ସମସ୍ତ ଟଙ୍କା ଦେଉଛନ୍ତି ସାର୍ ପୁରା ମାସ କିପରି ଚାଲିବେ ? ତାହା ଆପଣଙ୍କ ପାଖରେ ଥାଉ । ମୁଁ ସବୁକିଛି ଆଣିବି। " ଏହା କହି ବଡ ବାବୁ ବଜାରକୁ ଗଲେ। ପ୍ରାୟ ଦୁଇ ଘଂଟା ପରେ ବହୁ ସାମଗ୍ରୀ ନେଇ ଏକ ରିକ୍ସା ପହଂଚିଲା । ଗୋଟିଏ ପରେ ଗୋଟିଏ ସାମଗ୍ରୀ ଘରଭିତରକୁ ଅଣାଗଲା । ଅଭିମନ୍ୟୁ କେବଳ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲେ। ତାଙ୍କ ମୁହଁରୁ କୌଣସି ଶବ୍ଦ ବାହାରୁ ନଥିଲା। ଅଭିମନ୍ୟୁ ସବୁକିଛି ମୂଲ୍ୟାଙ୍କନ କରିବାକୁ ଲାଗିଲେ। ସମଗ୍ର ମୂଲ୍ୟ ଦୁଇ ହଜାର ଟଙ୍କାରୁ କମ୍ ହେବ ନାହିଁ।

ଅଭିମନ୍ୟୁ କେବଳ ବିସ୍ମିତ ହୋଇ ଚାହିଁ ରହିଥିଲେ। ତାଙ୍କର ଉଦାସୀନତା ଦେଖି ବଡ ବାବୁ କହିଲେ, ସାର ! ଆପଣ ଆଉଁଆ ଆଦୌ ଚିନ୍ତା କରନ୍ତୁ ନାହିଁ । ଏହି ଜୀବନରେ ଅଧିକାରୀଙ୍କ ସେବାରେ ବହୁ ଅର୍ଥ ଖର୍ଚ୍ଚ କରିଛି ଓ ସତ କହିବି , ସାର ! ଆଜି ଏହି ଜିନିଷ କିଣିବା ପାଇଁ ମୁଁ ଗୋଟିଏ ପଇସା ମଧ୍ୟ ଖର୍ଚ୍ଚ କରି ନାହିଁ । ଏହି ସହରର କୁଖ୍ୟାତ କାଠ କଳ ମାଲିକ ଦାଣ୍ଡପାଣି ପ୍ରଧାନ ଏହି ସବୁ ଜିନିଷ ପଠାଇଛନ୍ତି । ସମସ୍ତ ଆଲୁମିନିୟମ ସାମଗ୍ରୀ କାଠ ବ୍ୟବସାୟୀ ହାଡୁ ସାମଲ ପଠାଇଛନ୍ତି । ସାର! ମୁଁ କେବଳ ରିକ୍ସା ଭଡା ଦେଇଛି। " ବଡ ବାବୁ ଉପରେ ଟିକେ ବିରକ୍ତ ହୋଇ ଅଭିମନ୍ୟୁ କହିଲେ – ମୁଁ ସେମାନଙ୍କୁ ଜାଣେ ନାହିଁ, ତେବେ ମୋ ପାଖକୁ ଏତେ ଜିନିଷ ପଠାଇବାର ମତଲବ କ'ଣ ?

ବଡ ବାବୁ ବ୍ୟାଖ୍ୟା କଲେ, "ସାର ! ସେମାନେ ଏହି ସହରର ସବୁକିଛି । ମୁଁ ବହୁତ ମନା କଲି କିନ୍ତୁ ସେମାନେ ଶୁଣିଲେ ନାହିଁ । କହିଥିଲେ ଯେ ଏହି ପରମ୍ପରା ଆମ ଅଂଚଳରେ ଦୀର୍ଘ ଦିନ ଧରି ଚାଲିଆସୁଛି । ଆମେ କିପରି ଭାଙ୍ଗିବା ? ମୁ କେତେ ବୁଝିଲି ତଥାପି ସେମାନେ ଶୁଣିଲେ ନାହିଁ ସେମାନେ କହିଲେ ତୁମେ ସାମଗ୍ରୀ ସହିତ ଯାଅ । ଆଜି ରାତିରେ ଆମେ ତୁମର ନୂଆ ସାରଙ୍କୁ ଭେଟିବାକୁ ଯାଉଛୁ । ସେମାନଙ୍କ କଥାକୁ ଅଣଦେଖା କରିବା ଅର୍ଥ ବିପଦକୁ ବରଣ କରିବା । ଆପଣ ସାର୍ ଜାଣି ନାହାଁନ୍ତି, ସେମାନଙ୍କର ହାତ ବହୁତ ଲମ୍ବା । ଦେଶର ରାଜଧାନୀ ପର୍ଯ୍ୟନ୍ତ । "ସାର! ଦଣ୍ଡପାଣି ପ୍ରଧାନ ଏବଂ ହାଡୁ ସାମଲ ଆପଣଙ୍କ ପୂର୍ବରୁ ଏଠାରେ ଥିବା ଅଧିକାରୀମାନଙ୍କୁ ପ୍ରତିମାସରେ ଉପହାର ଦେଉଥିଲେ। ଆଉ ଆପଣ... ?

ଅଭିମନ୍ୟୁ ଅସନ୍ତୋଷ ବ୍ୟକ୍ତ କରି କହିଲେ – "ନା ବଡ ବାବୁ, ଏସବୁ ମୋ ସହିତ ହୋଇପାରିବ ନାହିଁ। ଆପଣ ପୁନର୍ବାର ପୂର୍ବ ଅଧିକାରୀଙ୍କ ଉଦାହରଣ ଦିଅନ୍ତୁ ନାହିଁ। "

ଏହି ସମୟରେ ବନ ବିଭାଗର ବରିଷ୍ଠ ଅଧିକାରୀମାନେ ପହଂଚିଥିଲେ। ଜିପରୁ ବାହାରିବା ମାତ୍ରେ ସେମାନଙ୍କୁ ଅଭିବାଦନ ଜଣାଇ ଅଭିମନ୍ୟୁ ସେମାନଙ୍କୁ ଘର ଭିତରକୁ ନେବାକୁ ଚାହୁଁଥିଲେ। କିନ୍ତୁ, ବାହାରେ ଠିଆ ହୋଇଥିବା ବରିଷ୍ଠ ଅଧିକାରୀ କହିଲେ, "ତୁମର ଯୋଗଦାନ ଖବର ପାଇବା ମାତ୍ରେ ମୁଁ ଆସିଲି। ତିନି ଦିନ ଧରି ପାଟ୍ରୋଲିଂର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରି ମୁଁ ଏହି ଅଂଚଳରେ ରହିଆସୁଛି । ଆଜି ମୁଁ ତୁମକୁ ସାଙ୍ଗରେ ନେଇ ଏଠାରେ ଥିବା ଅପହଂଚ ସ୍ଥାନକୁ ଯିବାକୁ ଚାହୁଁଛି। "ଅଭିମନ୍ୟୁ ପଚାରିଲେ- " ସାର! କେଉଁ ସମୟରେ ଯିବା ?

ଯଦି ଆପଣ ଏଠାରେ ରାତ୍ରୀ ଭୋଜନ ପରେ ବାହାରିବେ ତେବେ ଭଲ ହେବ । ବରିଷ୍ଠ ଅଧିକାରୀ କହିଲେ ଯେ ତୁମେ ବର୍ତ୍ତମାନ ଜିପ୍ ରେ ବସ । ବାଟରେ, କୌଣସି ଢ଼ାବା ଦେଖି ଖାଇବା । ଜିପ୍ ଭିତରକୁ ଯିବା ପୂର୍ବରୁ ଅଭିମନ୍ୟୁ ବଡ ବାବୁଙ୍କ କାନରେ କହିଥିଲେ, ଆମେ ରାତିରେ କିମ୍ବା ସକାଳେ ଫେରିବା କୌଣସି ନିଶ୍ଚିତତା ନାହିଁ। ତେଣୁ ରାତ୍ରୀ ଭୋଜନ ପାଇଁ ଅପେକ୍ଷା କରନ୍ତୁ ନାହିଁ ।

ପ୍ରାୟ ପଚିଶ ମାଇଲ୍ ଯାତ୍ରା କରିବା ପରେ, ଏକ ନିଛାଟିଆ ରାସ୍ତା ପାର୍ଶ୍ୱର ଏକ ଢ଼ାବା ସାମ୍ନାରେ ଜିପ୍ ଅଟକି ଗଲା । ଜିପ୍ ଅଟକିବା ମାତ୍ରେ ଢ଼ାବା ମାଲିକ ଜିପ୍ ପାଖକୁ ଦୌଡ଼ି ଆସି ଅଧିକାରୀଙ୍କ ଆଦେଶକୁ ଅପେକ୍ଷା କରି ଠିଆ ହେଲା । ଅଧିକାରୀ ଜିପରି ଓହ୍ଲାଇ ତାଙ୍କ ସହ କଥା ହେବା ଆରମ୍ଭ କଲେ। ତା'ପରେ ଢ଼ାବା ମାଲିକ ନୋଟ୍ ଭର୍ତ୍ତି ଏକ ଖାମ ଅଧିକାରୀଙ୍କ ହାତକୁ ବଢ଼ାଇ ଦେଇ କହିଲେ – "ହାଡୁ ସାମଲଙ୍କ ଟ୍ରକ୍ ପହଂଚି ସାରିଛି ସାର । ସେ ଆପଣଙ୍କ ପାଇଁ ଏହି ଟଙ୍କା ଦେଇଛନ୍ତି। " ଜିପ୍ ଛାଡିବା ପୂର୍ବରୁ ଅଧିକାରୀ ଢ଼ାବା ମାଲିକଙ୍କୁ ଖାଦ୍ୟ ବଙ୍ଗଳାକୁ ଖାଇବା ପଠାଇବାକୁ କହିଲେ।

ଜିପ୍ ଜଙ୍ଗଲ ରାସ୍ତାରେ ଆଗକୁ ଯାଉଥିଲା । ବରିଷ୍ଠ ଅଧିକାରୀଙ୍କ କାର୍ଯ୍ୟକଳାପ ଅଭିମନ୍ୟୁଙ୍କ ହୃଦୟରେ ଗଭୀର ଅସନ୍ତୋଷ ସୃଷ୍ଟି କରୁଥିଲା, କିନ୍ତୁ ସେ କିଛି କହିବାକୁ ଅସମର୍ଥ ହେଲେ । କିଛି ସମୟ ପରେ ଜିପ୍ ଆସି ଜଙ୍ଗଲୀ ଗାଁର ଏକ ନିଛାଟିଆ କୋଣରେ ଅଟକି ଗଲା। ଏକ ସମତଳ ପଥର ଉପରେ ନିର୍ମିତ ଏକାକୀ କୁଟୀରରୁ ଦୀପ ର ଏକ ଦୁର୍ବଳ ଆଲୋକ ପ୍ରକାଶ ହେଉଥିଲା । ଜିପ ଶବ୍ଦ ଶୁଣି ଜଣେ ମଧ୍ୟବୟସ୍କ ମହିଳା ବାଉଁଶ ଅଗଣା ପାର ହୋଇ ବାହାରକୁ ଆସିଥିଲେ। କୁଟୀରର କବାଟ କୋଣରେ ଜଣେ ଯୁବତୀ ଠିଆ ହୋଇଥିଲେ । ଜିପ ଡ୍ରାଇଭର ଯାଇ ମହିଳାଙ୍କ ସହ କିଛି ବାର୍ତ୍ତାଳାପ ପରେ ଫେରି ଆସିଥିଲେ। ତା'ପରେ ଜିପ୍ ବନ ବିଭାଗର ଡାକବଙ୍ଗଳାକୁ ଫେରିଥିଲା। ସେତେବେଳକୁ ଅଭିମନ୍ୟୁ ଭୋକରେ ପୀଡିତ ଥିଲେ। ଡାକବଙ୍ଗଳାର ଡାଇନିଂ ଟେବୁଲକୁ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ପଦାର୍ଥରେ ସଜାଯାଇଥିଲା । ଅଭିମନ୍ୟୁ ଖାଇବାକୁ ଅସ୍ଥିର ହେଉଥିଲେ ମଧ୍ୟ ବରିଷ୍ଠ ଅଧିକାରୀ ଖାଦ୍ୟ ଖାଇବା ର ନାମ ନେଉନଥିଲେ। କିଛି ସମୟ ପରେ ଡ୍ରାଇଭର ଏକ ବୋତଲ ଏବଂ ଦୁଇଟି ଗ୍ଲାସ ଆଣି ରଖିଲା । ଅଧିକାରୀ ଉଭୟ ଗ୍ଲାସରେ ପାନୀୟ ଢାଳି ଅଭିମନ୍ୟୁ ଆଡକୁ ଏକ ଗ୍ଲାସ ବଢ଼ାଇ ଦେଇ କହିଲେ ନିଆନ୍ତୁ । ଅଭିମନ୍ୟୁ ମନା କରି କହିଲେ, ସାର ! ମୁଁ କୌଣସି ମାଦକ ପାନୀୟ ପାନ କରେ ନାହିଁ ଓ ଅଧିକାରୀ ହସି ହସି କହିଲେ – "ଅଭିମନ୍ୟୁ ବାବୁ। ତୁମକୁ ଯଦି ଜଙ୍ଗଲରେ କାମ କରିବାକୁ ପଡିବ, ତେବେ ତୁମକୁ ବଣୁଆ ମଣିଷର ରକ୍ତ ପିଇବାକୁ ପଡିବ । ନଚେତ୍ ଆପଣ ଏଠାରେ କାମ କରିବାକୁ ସମର୍ଥ ହେବେ ନାହିଁ । ,

ମଦ୍ୟପାନ କରିବା ପରେ ଅଧିକାରୀ କାହା ସହିତ ଫୋନରେ ଏଣୁ ତେଣୁ ଗପିବାକୁ ଲାଗିଲେ । ଏହି ସୁଯୋଗର ସୁଯୋଗ ନେଇ ଅଭିମନ୍ୟୁ ତାଙ୍କ ଖାଦ୍ୟ ସମାପ୍ତ କରି ଅନ୍ୟ ଏକ କୋଠରୀରେ ଶୋଇବାକୁ ଗଲେ। ଅଭିମନ୍ୟୁ ସକାଳୁ ମର୍ନିଙ୍ଗ ଓ୍ୱାକ ପାଇଁ ବାହାରକୁ ଆସିବା ବେଳେ ଦେଖିଲେ ଯେ ଜଣେ ଯୁବତୀ ଅଧିକାରୀଙ୍କ କୋଠରୀରୁ ବାହାରକୁ ବାହାରି ବଙ୍ଗଳାର ପଛପଟ ଦେଇ ଯାଉଛନ୍ତି।

ସକାଳ ଭ୍ରମଣରୁ ଫେରୁଥିବାବେଳେ ଅଭିମନ୍ୟୁ ଦେଖିଲେ ଯେ ଅଧିକାରୀ ବାରଣ୍ଡାରେ ବସି ଖରା ପୁଉ ଛନ୍ତି । ଅଭିମନ୍ୟୁ ତାଙ୍କ ଶୁଭ ସକାଳ କହି ଅଭିବାଦନ ଜଣାଇଲେ ଓଅଧିକାରୀ ଜଣକ ତାଙ୍କୁ କହିଲେ, ମୋର ମୁଣ୍ଡ କାହିଁକି ଭାରୀ ଲାଗୁଛି ମୁଁ ଜାଣେ ନାହିଁ। ତେଣୁ ଆଜି ମୁଁ ଏଠାରେ ବିଶ୍ରାମ ନେବି ଏବଂ ସନ୍ଧ୍ୟାରେ ଫେରିବି । ବର୍ତ୍ତମାନ ଡ୍ରାଇଭର ଆପଣଙ୍କୁ ନେଇ ଛାଡି ଆସିବ । ,

ସକାଳ ଆଠଟା ବେଳକୁ ଜିପ୍ ତାଙ୍କ କ୍ୱାର୍ଟର୍ସ ସାମ୍ନାରେ ପହଂଚି

ଲା । ଘରର ମୁଖ୍ୟ ଦ୍ୱାର ଖୋଲା ଦେଖି ସେ ଆଶ୍ଚର୍ଯ୍ୟ ହେଲେ । ତଥାପି ଦ୍ୱିଧାରେ ସେ ଘରେ ପ୍ରବେଶ କଲେ । ରୋଷେଇ ଘରୁ କାହାର ଶବ୍ଦ ଗୁଣୁ ଗୁଣୁ ଗାଇବା ଗୀତ ଶୁଭୁଥିଲା । ରୋଷେଇର ସୁସ୍ୱାଦୁ ଗାନ୍ଧାରୀ ଜାଣିବାକୁ ପାଇଲେ ଯେ ରୋଷେଇ ଘରେ କେହି ଜଣେ ଖାଦ୍ୟ ରାନ୍ଧୁଛନ୍ତି। ସେ କିଏ ହୋଇପାରେ ସେ ସମ୍ପର୍କରେ ତାଙ୍କୁ ଅଧିକ ଚିନ୍ତା କରିବାକୁ ପଡ଼ିଲା ନାହିଁ । ସେ ଖଟ ଉପରେ ଚୁପ୍ ହୋଇ ବସିଲେ । ତାଙ୍କ ମନରେ ବିଦ୍ରୋହର ନିଆଁ ଜଳୁଥିଲା। କିନ୍ତୁ ସେ ଏହାକୁ ପ୍ରକାଶ କରିବାରେ ଅସମର୍ଥ ଥିଲେ। ରୋଷେଇ ଘରରୁ ପ୍ରବାହିତ ନରମ ଗୀତର ତରଙ୍ଗ ତାଙ୍କ ଛାତିକୁ ଦୋହଲାଇ ପାରିଲା ନାହିଁ । ବରଂ, ସେହି ଗୀତର ତରଙ୍ଗଗୁଡ଼ିକ ଭୟଙ୍କର ରୂପ ନେଉଥିଲା । ତାଙ୍କ ଛାତି ଭିତରେ ଗଚ୍ଛିତ ଥିବା ସମସ୍ତ ବିଶ୍ୱାସ ଭାଙ୍ଗିବାକୁ ଲାଗିଲା । କୋଠରୀର ଏକ କୋଣରେ ବୁଢିଆଣୀ ଜାଲରେ ମାଛିଟିଏ ମୁକୁଳିବାକୁ ଛଟପଟ ହେଉଥିଲା । ଅଭିମନ୍ୟୁ ବୁଢିଆଣୀ ଜାଲକୁ ଚାହିଁ ଚାହିଁ ରହିଥିଲେ । ଠିକ୍ ସେହି ମାଛି ପରି ସେ ଦୁର୍ନୀତିର ଜାଲରେ ଛନ୍ଦି ହେବାକୁ ଯାଉଛନ୍ତି । ଢାଲ, ବର୍ଚ୍ଛା ଏବଂ ବାହୁବଳୀରେ ସୁସଜ୍ଜିତ ଅଭିମନ୍ୟୁଙ୍କ ପରି ସେ ଚକ୍ରବ୍ୟୁହରେ ସେ ଛନ୍ଦି ହେବାକୁ ଯାଉଛନ୍ତି। ତାଙ୍କ ମନ ମଧ୍ୟରେ ବିଦ୍ରୋହର ସମସ୍ତ ଶବ୍ଦ ବାରମ୍ବାର ଏକୀଭୂତ ହୋଇ ହଠାତ୍ ବିସ୍ଫୋରଣ ହେଲା । ପରାଜୟକୁ ଅତିକ୍ରମ କରିବାର ସମସ୍ତ କୌଶଳ ସେ ହୃଦୟଙ୍ଗମ କରିବାକୁ ଲାଗିଲେ ।

କୋଠରୀର ଏକ କୋଣରେ ବୁଢିଆଣୀ ଜାଲରେ ମାଛିଟିଏ ମୁକୁଳିବାକୁ ଛଟପଟ ହେଉଥିଲା । ଅଭିମନ୍ୟୁ ବୁଢିଆଣୀ ଜାଲକୁ ଚାହିଁ ରହିଥିଲେ । ଠିକ୍ ସେହି ମାଛି ପରି ସେ ଦୁର୍ନୀତିର ଜାଲରେ ଛନ୍ଦି ହେବାକୁ ଯାଉଛନ୍ତି । ଢାଲ, ବର୍ଚ୍ଛା ଏବଂ ବାହୁବଳୀରେ ସୁସଜ୍ଜିତ ଅଭିମନ୍ୟୁଙ୍କ ପରି ସେ ଚକ୍ରବ୍ୟୁହରେ ସେ ଛନ୍ଦି ହେବାକୁ ଯାଉଛନ୍ତି। ତାଙ୍କ ମନ ମଧ୍ୟରେ ବିଦ୍ରୋହର ସମସ୍ତ ଶବ୍ଦ ବାରମ୍ବାର ଏକୀଭୂତ ହୋଇ ହଠାତ୍ ବିସ୍ଫୋରଣ ହେଲା । ପରାଜୟକୁ ଅତିକ୍ରମ କରିବାର ସମସ୍ତ କୌଶଳକୁ ସେ ହୃଦୟଙ୍ଗମ କରିବାକୁ ଲାଗିଲେ । ଏହି ସମୟରେ ବଡ଼ବାବୁଙ୍କ ଝିଅ ଗୋଟିଏ ପ୍ଲେଟରେ ଜଳଖିଆ ଆଣି ତାଙ୍କ ହାତକୁ ବଢ଼ାଇ ଦେଇ କହିଲେ ସାର ଆପଣ ନିଜ ହାତରେ ଖାଇବେ ନା ମୁଁ ଖୁଆଇ ଦେବି ଓ ସେତିକି ବେଳେ ଘର ଭିତରକୁ ପଶି ଆସିଲେ ବଡ଼ବାବୁ, ତାଙ୍କ ସହିତ ଥିଲେ ହାଡୁ ସାମଲ, ଦାଣ୍ଡପାଣି ପ୍ରଧାନ ଏବଂ ସ୍ଥାନୀୟ କେତେଜଣ ସାମ୍ବାଦିକ ଓ ସେମାନଙ୍କ ହାତରେ ଥିଲା ଦାମୀ ଫୁଲ ତୋଡ଼ା । ଅଭିମନ୍ୟୁଙ୍କ ହାତକୁ ଫୁଲ ତୋଡ଼ା ବଢ଼ାଇ ଦେବା ମାତ୍ରେ ସାମ୍ବାଦିଙ୍କଙ୍କ କ୍ୟାମେରାରେ ବନ୍ଦୀ ହୋଇଥିଲା ଚକ୍ରବ୍ୟୁହର ଭିନ୍ନ ଭିନ୍ନ ଛବି ।

***ପ୍ରଫେସର, ନାଗାଲାଣ୍ଡ କେନ୍ଦ୍ରୀୟ***
***ବିଶ୍ୱବିଦ୍ୟାଳୟ, ଲୁମାମୀ,***
***ଜିଲ୍ଲା –ଜୁନ୍‌ହେବୋଟୋ,***
***ନାଗାଲାଣ୍ଡ-୭୯୮୬୨୭***
***ଦୂରଭାଷ -୭୦୦୮୧୩୨୧୩୪***

# ନଈକୂଳ ବୁଢ଼ାବୃକ୍ଷ

## ଭାଗିରଥି ବେହେରା

ଗାଆଁର ଘାଇ ଉପରେ ଥିବା ଏକମାତ୍ର ବୃକ୍ଷମୂଳ ଭଙ୍ଗଚଉଁରା ଉପରେ ବିଷର୍ଣ୍ଣ ମନରେ ବସିଛନ୍ତି ସତୁରୀ ବୟସର କୁଳମଣି ମାଷ୍ଟ୍ରେ। ସକାଳୁ ପାହାନ୍ତିଆ ବେଳୁ ଆସି ବସିଲେଣି ଯେ, ଦିନ ଏଗାରଟା ହେଲାଣି ଜାଣିପାରିଲେ ନାହିଁ ସେ।

ତାଙ୍କ ଗାଆଁର ଗୋଟିଏ ପଟ ଲମ୍ବା ପଥୁରିଆ ପାହାଡ଼ର ଗଡାଣିଆ ଅଞ୍ଚଳ। ଅର୍ଥାତ୍ ପାହାଡ଼ର ପାଦ ଦେଶ ଯୋଗୁଁ ଏ ଗଡାଣିଆ ଯଦି ପ୍ରବଳ ବର୍ଷା ହୁଏ, ପାହାଡରୁ ପାଣିଝର ହୁଏ ତେବେ ଆରପଟେ ସମତଳ ଅଞ୍ଚଳରେ ଥିବା ସାହି ସବୁ ପାଣି ଘେରରେ ରହେ ଯେ ପର୍ଯ୍ୟନ୍ତ ପାଣି ନଶୁଖିଛି, କି ନ ନିଷ୍କାସିତ ହୋଇଛି ସେପଟେ ନଈ ଆଡ଼କୁ।

ଚାଳିଶ ବର୍ଷ ପୂର୍ବେ ମାତାପିତାହରା କୁଳମଣି ବାବୁ ଏଠିଥିବା ଏକମାତ୍ର ସ୍କୁଲରେ ଶିକ୍ଷକତା ପାଇଁ ଆସିଥିଲେ। ସେବେଠୁ ସେ ମାଷ୍ଟ୍ରେ ଓ ଏଇ ଗାଆଁ ହିଁ କର୍ମଭୂମି। ଦିନେ ପ୍ରବଳ ଝଡ଼ିବର୍ଷା ହେଲା ଓ ଗାଆଁ ସ୍କୁଲ ଭାସିଗଲା। ମାଷ୍ଟ୍ରେ ଗାଆଁ ଲୋକଙ୍କୁ ନେଇ କଲେକ୍ଟର ଅଫିସ ଗଲେ। କଲେକ୍ଟର ତହସିଲଦାର ବାବୁଙ୍କୁ ଦାୟିତ୍ୱ ଦେଲେ ଗାଆଁ ଲୋକଙ୍କ ସହ ମିଶି ସମାଧାନ କରିବାକୁ।

ଶେଷରେ ତିଆରି ହେଲା ଘାଇ। କିନ୍ତୁ ଘାଇ ଲମ୍ବିଲା ନଈକୁ ଯାଇ ମିଶୁଥିବା ନାଳ ସହ। ପଥର ମାଟିରେ ତିଆରି ବନ୍ଧ ବନ୍ଧା ହେଲା। ଏହି କାମର ଶୁଭାରମ୍ଭ ମାଷ୍ଟ୍ରେଙ୍କ ହାତରେ ହେଲା ଏବଂ ସେଥିପାଇଁ ସେ ନାଳ ଓ ନଈ ମିଶୁଥିବା ସ୍ଥାନରେ ଗଛଟିଏ ଲଗେଇ ଗାଆଁ ଦେବୀଙ୍କୁ ସେ ପ୍ରତିଷ୍ଠା କଲେ।

ସମୟ ବଦଳିଲା, ଗାଆଁ ବଦଳିଲା। ଚାଳିଶ ବର୍ଷର ଜୀବନ ଲମ୍ବା ଜୀବନ। ଅଧିକାରୀଙ୍କୁ କହି ନୂତନ ସ୍କୁଲ ତିଆରି ହେଲା। ପୁଣି ସେଠି ଶିକ୍ଷୟିତ୍ରୀ ରୂପେ ଯୋଗ ଦେଲେ କନକ ଦେବୀ। କନକ ଦେବୀ କୁଳମଣି ମାଷ୍ଟ୍ରେଙ୍କ ଶିକ୍ଷା ଓ ସମାଜ ସେବା ଦେଖି ଅଭିଭୂତ ହେଲେ ଏବଂ ବିବାହର ପ୍ରସ୍ତାବ ଦେଲେ। ମାଷ୍ଟ୍ରେଙ୍କ ଏକମାତ୍ର ସର୍ତ୍ତଥିଲା ଏ ଗାଆଁ ହିଁ ଏବେ ତାଙ୍କର ପରିଚୟ ଓ ମରଣ ଭୂମି। ପୁଣି ବିବାହର ପରେ ତିନି ପୁଅ ଗୋଟିଏ ଝିଅ। ବଡ଼ପୁଅ ଏବେ ସସ୍ତ୍ରୀକ ସହରରେ। ମଝିଆ ପୁଅ ଏବେ ବିଦେଶରେ। ସବା ସାନଝିଅ ଯାହାକୁ ଜନ୍ମଦେଉ ଦେଉ କନକ ତାଙ୍କୁ ଏକା କରି ଚାଲିଗଲେ ସେ ଏବେ ବିଧବା ଓ ନିଜ ଶାଶୁ ଶ୍ୱଶୁରଙ୍କ ସେବାରେ।

ରହିଗଲା ସବା ସାନପୁଅ। ବିବାହିତ କିନ୍ତୁ ବେକାର। ତା'ର କେବଳ ଗୋଟିଏ କାମ ବାପାଙ୍କୁ ଛାଡି କୁଆଡେ ନ ଯିବା ଓ ଗାଆଁ ପାଇଁ କିଛି କରି ଏଇଠି ହିଁ ଶେଷ ନିଶ୍ୱାସ ତ୍ୟାଗ କରିବା।

ଏ ମଧ୍ୟରେ ଘାଇ ଏବେ ବନ୍ଧରେ ପରିଣତ ହୋଇଛି। ଆଧୁନିକ ପ୍ରଣାଳୀରେ ବନ୍ଧା ହୋଇ ସିମେଣ୍ଟ ଓ ଲୁହାରେ ମଜବୁତ୍ ହୋଇଛି। ସ୍କୁଲ ଏବେ ଉଚ୍ଚ ବିଦ୍ୟାଳୟ କିନ୍ତୁ ଗାଁର ଅନ୍ୟ ପଟେ ହୋଇଛି। ଇତି ମଧ୍ୟରେ କୁଳମଣି ମାଷ୍ଟ୍ରେ ଅବସର ନେଇଛନ୍ତି।

ଯଦି କିଛି ନ ବଦଳିଛି ତେବେ ଏହି କୋଣ ଯେଉଁଠି ଦେବୀଙ୍କ ନାମରେ ଚୁଆ ସିନ୍ଦୂର ପିନ୍ଧା ଖଣ୍ଡିଏ ଗୁଜିଆ ପଥର। ଜରାଜୀର୍ଣ୍ଣ ଅବସ୍ଥାରେ ସେ ପୁରୁଣା ବୃକ୍ଷ ଓ ଅଧା ଖାଇ ଯାଉଥିବା ଘାଇ ଅର୍ଥାତ୍ ମାଟିବାଲି ଖସି ପଳେଇଥିବା ଘାଇ।

କେତେଥର ସେ ଗାଆଁ ଲୋକଙ୍କୁ କହିଲେଣି, ଯୁବକ କ୍ଲବକୁ ଅନୁରୋଧ କଲେଣି। ଯେହେତୁ ଦେବୀ ହିଁ ଏହି ନଈକୂଳ ଗାଆଁକୁ ଜଗି ରକ୍ଷା କରିଛନ୍ତି ଏବଂ ବୃକ୍ଷଟି କେବେ ବି ନଈରେ ସମାଧି ନେଇପାରେ। ଏ ଡର ତାଙ୍କ ମନରେ ବସା ବାନ୍ଧିଛି।

ଡର କଥା ଭାବନାରେ ଆସିବାରୁ ଚମକି ଉଠିଲେ ବୃଦ୍ଧ ମାଷ୍ଟ୍ରେ। ଚାରିଆଡକୁ ଅନେଇଲେ। ସାମନାରେ ଟାଙ୍ଗରା ପଥୁରିଆ ପାହାଡ ଠିକ୍ ଏଇ କେତେ ଦିନ ହେଲା ତାଙ୍କ ବିଷର୍ଣ୍ଣ ମନ ପରି।

ସାନପୁଅ ଅଜୟର ଅସଜଡା ସଂସାର ତାଙ୍କ ମନରେ ଡର ପୁରେଇଛି। କଲେଜ ସମୟରେ ତା ସାଙ୍ଗରେ ପଢୁଥିଲା ପ୍ରତିମା, ତାଙ୍କ ପିଲାଦିନର ବନ୍ଧୁ କନ୍ୟା। ବନ୍ଧୁତାକୁ ସମ୍ପର୍କରେ ବାନ୍ଧିବାକୁ ଯାଇ ସେ ଦୁହିଁଙ୍କ ବିବାହ ହେଲା। ଯେହେତୁ ଅଜୟ ଓ ପ୍ରତିମା ଦୁହେଁ ଜାଣିଥିଲେ ବିବାହରେ ଅସୁବିଧା ନଥିଲା। ପୁଣି ସ୍ୱୟଂ ଦୁଇ ବନ୍ଧୁଙ୍କ ପାଖରେ ଯଥେଷ୍ଟ ଜମିବାଡ଼ି ଥିଲା ଯାହା ଦ୍ୱାରା ଅଜୟ ଯେ ଚାକିରି ବିନା ଅଯୋଗ୍ୟ, ଏକଥା ବି ଉଠିନଥିଲା।

କିନ୍ତୁ ଅସୁବିଧା ଆରମ୍ଭ ହେଲା ସେତେବେଳେ, ଯେବେ ବୋହୂ ପ୍ରତିମା ଗାଁରେ ରହିବାକୁ ଚାହିଁଲା ନାହିଁ ଏବଂ ଅଜୟ ନିଜ ବାପାଙ୍କୁ ଗାଁରୁ ଦୂରେଇବାକୁ ଚାହିଁଲା ନାହିଁ। ତେଣୁ ଦୁହିଁଙ୍କ ଭିତରେ କଥା କଟାକଟି, ତାପରେ ଝଗଡ଼ା ମନ ମାଳିନ୍ୟ। ଦୀର୍ଘ ତିନି ବର୍ଷ ହେଲା ବୋହୂ ସହରରେ, ତା' ବାପ ଘରେ।

ଏ ମଧ୍ୟରେ ବୋହୂକୁ ଆହୁରି ଜିଦିଆ କରିଦେଲା ତା' ବାପା ଅର୍ଥାତ୍ କୁଳମଣି ବାବୁଙ୍କ ବାଲ୍ୟବନ୍ଧୁଙ୍କ ମୃତ୍ୟୁ। ଏବେ ତ ତା' ଶିକ୍ଷା ଦୀକ୍ଷା ଓ ଚାକିରି ହିଁ ଏକା ବଞ୍ଚି ସ୍ୱାଧୀନ ରୂପେ ନିର୍ଣ୍ଣୟ ନେବାର ଅହଙ୍କାର। ସ୍ୱାମୀ ବୋଲି ଜୀବନରେ ଜଣେ ଯେ କେତେ ଦରକାର ସେ ବୁଝିବ କେମିତି !

ତେଣୁ ବାଧ ହୋଇ ଶେଷରେ କୁଳମଣି ବାବୁ ଗତକାଲି ହିଁ ବୋହୂକୁ ଶେଷଥର ପାଇଁ ଡାକିଛନ୍ତି ବୁଝାସୁଝା କରିବାକୁ ଓ ସେମାନଙ୍କ ଦାମ୍ପତ୍ୟ ବଞ୍ଚେଇ ଦେବା ପାଇଁ।

ବୋହୂକୁ ଡାକିଦେଲେ ସିନା, କେମିତି ସମାଧାନ ହେବ ଏ ସମସ୍ୟା ରାସ୍ତା ମିଳୁନାହିଁ। ତେଣୁ ସକାଳୁ ସକାଳୁ ଦେବୀଙ୍କ ପାଖରେ ଏ ଘାଇରେ।

ମନେ ମନେ ସେ ପ୍ରାର୍ଥନା କଲେ - ମା ଗୋ ତୁ ତ କରୁଣାମୟୀ କଷ୍ଟ ନିବାରୁଣୀ । ତୋତେ କି ଅଛପା ମୋ ଦୁଃଖ। ତୋ ଆଶୀର୍ବାଦରେ ହିଁ କେତେ ପିଲାଙ୍କ ଜୀବନ ସୁଧାରିଥିବା ଏ ମାଷ୍ଟ୍ର ଆଜି କେତେ ନିଃସଙ୍ଗ ଓ ଦୁର୍ବଳ ନିଜ ପିଲାର ଜୀବନ ନେଇ। ବୋହୂକୁ ଏଠି ଆସିବାକୁ ହେବ ନଚେତ ପୁଅକୁ ବୋହୂ ପାଖକୁ ଯିବାକୁ ହେବ। ନଚେତ୍ ପୁଅକୁ ନେଇ ମୋତେ ହିଁ ସହର ଯିବାକୁ ହେବ। କିନ୍ତୁ ତୋତେ ଛାଡି କୁଆଡେ ଯିବି। ଏଇଠି ହିଁ ଜୀବନ ତମାମ ରହିବି ବୋଲି କଥା ଦେଇ ହିଁ ତୋତେ ପ୍ରତିଷ୍ଠା କରିଥିଲି। ତୁ ହିଁ ଆମ ତିନି ଜଣଙ୍କ କଷ୍ଟରେ ରହି ନ୍ୟାୟ କର ମା। ଯାହା ପାଇଁ ସଭିଙ୍କ ମଙ୍ଗଳ ହେବ। ସର୍ବେ ଭବନ୍ତୁ ସିଖିନଃ। କେବଳ ସେତିକି ନୁହଁ ମା। ଯେଉଁ ବୃକ୍ଷ

ମୂଳେ ତୁ ଆଶ୍ରୟ ନେଇଛୁ ତାକୁ ବି ତ ସଜାଡ଼ିବାକୁ ହେବ। ଆଜି ମୋ ପୁଅବୋହୂର ସୁଖର ସଂସାର ସଜାଡ଼ି ତୋ କାମରେ ଯେମିତି ଲାଗିବି ସେ ବଳ ବୟସ ଦେ।

ଘରକୁ ଫେରିବାକୁ ଉଠିଲେ ମାଷ୍ଟ୍ରେ। ଯିବା ପୂର୍ବରୁ ବୃକ୍ଷଟିକୁ ଟିକେ ଆଉଁସି ପକେଇଲେ। ଆଖିରେ ଲୁହ। ବୃକ୍ଷ ତାଙ୍କ ଭଳି ଜରାଜୀର୍ଣ୍ଣ।

ଘରେ ପହଞ୍ଚିଲା ବେଳକୁ ବୋହୂ ବଡ ଆଦର ସତ୍କାର କଲା। ଭଲ ବ୍ୟଞ୍ଜନ କରି ଖୁଆଇଲା ଯେମିତି କିଛି ଅସୁବିଧା ନାହିଁ। ଅଜୟ ସହ ତା'ର ଝଗଡ଼ା କିନ୍ତୁ ସେ ଶ୍ୱଶୁରଙ୍କୁ କେବେ ହତାଦର କରିନାହିଁ।

ମାଷ୍ଟ୍ରେଙ୍କୁ ଲାଗିଲା ପରିସ୍ଥିତି ସଂଭାଳି ଯିବ ଦେବୀଙ୍କ ଆଶୀର୍ବାଦରୁ। ବୋହୂ ପଚାରିଲା - "ବାବା! କାହିଁ ଅଜୟ ତ ସକାଳୁ ଘରେ ନାହିଁ। ତାଙ୍କୁ ନ ଡାକିଲେ କେମିତି ହେବ। ମୁଁ ବି ତ ତାଙ୍କ ନିର୍ଣ୍ଣୟ ଶୁଣିବି।

ବୋହୂର କଥା ଶୁଣି କୁଳମଣି ମାଷ୍ଟ୍ରେ କହିଲେ - "ମା ଲୋ ତୁ ତ ମୋ ବୋହୂ ନୁହଁ, ଝିଅ। ମୋ କାମ ତୋ ପାଖରେ ସେ କୁଳାଙ୍ଗାର କ'ଣ କରିବ। ଯଦି ତୋର ଆପତ୍ତି ଅଛି ତେବେ ତାକୁ ଡକେଇ ପଠେଇବି।"

ପ୍ରତିମା ଚୁପ୍ ରହିଲା। ତା'ର ଚୁପ୍ ରହିବା ଦେଖି ମାଷ୍ଟ୍ରେ କହିଲେ,- "ତୁ ତୋ ଏଇ ଗାଁର ନଇକୂଳେ ଥିବା ସେ ବୁଢ଼ା ବୃକ୍ଷକୁ ଦେଖିଛୁ।"

ବୋହୂ ମୁଣ୍ଡ ଟୁଙ୍ଗାରି ହଁ କରିବାରୁ ମାଷ୍ଟ୍ରେ ପୁଣି ଆରମ୍ଭ କଲେ - "ମୋର ଜୀବନ ଠିକ୍ ସେହି ନଇକୂଳ ବୃକ୍ଷ ପରି। କେବେ ଝଡ଼ିଯିବି କହି ହେବନି। ତେଣୁ ଭାବୁଛି ଶେଷଥର ପାଇଁ କିଛି ଅନୁଭୂତିର କଥା କହିବି। ଅନ୍ତତଃ ଲାଗିବ ମୁଁ ତୁମ ମାନଙ୍କ ସଂସାର ସମ୍ଭାଳିବାକୁ ଚେଷ୍ଟା ତ କରିଛି।"

ନିଜ ବୃଦ୍ଧ ଆଖିରୁ ଲୁହ ପୋଛିଲେ ସେ। ବୋହୂକୁ କହିବାକୁ ଲାଗିଲେ - "ସହର ହେଉ କି ଗାଆଁ ଜୀବନରେ ଶାନ୍ତି ଟିକେ ଦରକାର। ବୋଧେ କନକ ତୋ ଶାଶୁ, ସହର ଛାଡି ମୋ ପାଖରେ ରହିଗଲା ଓ ଏଇଠି ସଂସାର ବି ଛାଡ଼ିଲା। ସୁଖ ଶାନ୍ତି ସେଇଠି ଯେଉଁଠି ପରିବାର ଓ ଆପଣାର ଲୋକ। ଏବେ ଆଉ ଗାଆଁ ଓ ସହର ଭିତରେ ଫରକ କିଛି ନାହିଁ। ମୋ ବନ୍ଧୁ ତୋ ବାପା ବି ସଂସାରରେ ନାହିଁ। ଭାବୁଛି ସଂସାରରେ ତୋ ସ୍ୱାମୀ, ମାନେ ଅଜୟ ହିଁ କେବଳ ତୋର। ତୁ ବି ନିଜେ ଜାଣୁ ସେ କେତେ ଯୋଗ୍ୟପିଲା। ମୋ ପରେ ଏ ସମ୍ପତ୍ତି ଓ ଗାଆଁରେ ମୁଁ ଅର୍ଜିଥିବା ମାନ ସମ୍ମାନ ତା'ର। ଅର୍ଥାତ୍ ତୋର ନୁହଁକି? ପୁଣି ଏ ସମାଜରେ ସ୍ତ୍ରୀର ମାନସମ୍ମାନ ସ୍ୱାମୀର ସାନ୍ନିଧ୍ୟରେ ହିଁ ଥାଏ। ହଁ ଯଦି ତା ପାଖରେ କୌଣସି ବଦଭ୍ୟାସ କିମ୍ବା ତୋ ପ୍ରତି ହତାଦର ଭାବ ଥାନ୍ତା ତେବେ ତା କାନମୋଡ଼ି ସମ୍ପତ୍ତିରୁ ବେଦଖଲ କରେଇ ଦିଅନ୍ତି। ଯେଉଁ ପୁରୁଷ ନିଜ ଗାଁକୁ ନିଜ ବାପାକୁ ଏତେ ଭଲପାଇ ସ୍ତ୍ରୀଠୁ ଦୂରେଇ ରହିପାରେ, ସେ ସୁଖଠୁ ତୁ ବଞ୍ଚିତ କେମିତି? ମୁଁ କହୁନି ତୁ ଭୁଲ, କିନ୍ତୁ ଏଥିରେ ଅଜୟକୁ କ'ଣ କହିବି। ସେ ନିଜ ସ୍ତ୍ରୀ ପାଖରେ କାହିଁକି ରହୁନି ବୋଲି ତାକୁ ଘରୁ ବାହାର କରିଦେବି କି?"

ଚୁପଚାପ୍ ହୋଇ ଶୁଣୁଥିଲା ପ୍ରତିମା। ଏଇ ଖଣ୍ଡମଣ୍ଡଳରେ ସବୁବେଳେ ବଳିଷ୍ଠ ବକ୍ତବ୍ୟ ପାଇଁ ଯାହାର ନାଆଁ, ତାଙ୍କରି କଣ୍ଠ ଆଜି କ୍ଷୀଣ ଓ ଦୁର୍ବଳ ଏକଥା ପ୍ରତିମା ମନରେ ଭୟ ଜାତ କରାଉଥିଲା। ଏଇ ସମୟରେ ତାକୁ ଅଜୟର ଉପସ୍ଥିତି ଆବଶ୍ୟକ ପଡୁଥିଲା, କିନ୍ତୁ ରାସ୍ତା ସେ ନିଜେ ବନ୍ଦ କରିଦେଇଛି।

- "ତୁ କିଛି କହିବୁ ମା?"

କିନ୍ତୁ ପ୍ରତିମା ନିରବ। ଏକ ଦୀର୍ଘ ନିଃଶ୍ୱାସ ନେଲେ କୁଳମଣି ମାଷ୍ଟ୍ରେ। ତା ପରେ କହିଲେ - "ମୋର ଶେଷ କଥା ରହିବ ଭଲରେ ଚିନ୍ତା କରି ଆଜି ମୋତେ କୁହ। ଯଦି ମୋ ବନ୍ଧୁ ଥାଆନ୍ତେ ତେବେ ମୁଁ ତୋତେ ଡାକି ନଥାନ୍ତି କାରଣ ଜାଣିଥାନ୍ତି ଯେ ତୋ ସପକ୍ଷରେ କିଏ ଅଛି। ତେଣୁ ମୋର ପ୍ରଥମ କର୍ତ୍ତବ୍ୟ ତୋ ନିର୍ଣ୍ଣୟ ପ୍ରତି ଗୁରୁତ୍ୱ ଦେବା। ଯଦି ତୁ ତୋ ନିର୍ଣ୍ଣୟରେ ଅଟଳ ତେବେ ମୁଁ ଓକିଲକୁ ଜାଣିଛି। ସେ ତୋ ଅଧିକାର ଦେବାରେ ସାହାଯ୍ୟ କରିବ। ତୁ ଅଜୟଠୁ ଅଲଗା ହୋଇ ନିଜ ସ୍ୱଚ୍ଛନ୍ଦ ଜୀବନ ବିତେଇ ପାରିବୁ। ରହିଲା ମୋ ଅଜୟର କଥା। ମୁଁ ଗର୍ବିତ ଯେ ତା ଭଳି ପୁତ୍ର ପାଇଛି। ସ୍ୱାର୍ଥର ଦୁନିଆରେ ମୋ ଅନ୍ୟ ଦୁଇ ପୁଅ ତ ନିଜ ରାସ୍ତାରେ। ଅନ୍ତତଃ ମୋ ପୁଣ୍ୟ କର୍ମର ଫଳ ହିଁ ଅଜୟ।

ସେଇଠୁ ଉଠିଲେ କୁଳମଣି ମାଷ୍ଟ୍ରେ। ସନ୍ଧ୍ୟା ହେବାକୁ ବସିଲାଣି। ପୁଅଟା ଯାଇଥିଲା ନଇକୂଳ ବୁଢ଼ାବୃକ୍ଷ ବିଷୟରେ ସରପଞ୍ଚ ସହ କଥା ହେବାକୁ। କେଜାଣି କ'ଣ ହେଲା। ତାଙ୍କୁ ପୁଣି ଯାଇ ମନ୍ଦିର ପୂଜକଙ୍କୁ ଭେଟିବାକୁ ହେବ।

- "ହଉ ମା ପ୍ରତିମା। ତୋର ମନେ ଅଛି ତ, ଯେଉଁଦିନ ତୁ ଏ ଘରକୁ ବୋହୂ ହେଇ ଆସିଥିଲୁ ସେହିଦିନ ହିଁ ଦେବୀଙ୍କ ମନ୍ଦିର ତିଆରି ସରିଥିଲା। କିନ୍ତୁ ଦେବୀ ନଇକୂଳ ବୃକ୍ଷ ମୂଳରୁ ବାହାରି ମନ୍ଦିରରେ ପ୍ରତିଷ୍ଠା ଏଯାଏଁ ହେଇ ନାହାନ୍ତି। ସେ ବିଷୟରେ ମୁଁ ଯାଉଛି କଥା ହେଇ ଆସିବି ମନ୍ଦିର କମିଟି ସହ। ନ ହେଲେ ସେ ବୃକ୍ଷଟା ଭୁଷୁଡ଼ି ଗଲେ ମୋ ମାଆ ଆଶ୍ରୟହୀନା ହୋଇଯିବେ। ବିଶ୍ୱାସ ତୁ ରଖ କି ନ ରଖ, ଏ ଗାଁକୁ ବିପଦ ମାଡ଼ି ବସିବ। ଅଜୟ ଆସିଲେ କହିଦେବୁ ଟିକେଡେରି ହେବ।"

ବୃଦ୍ଧ କୁଳମଣି ମାଷ୍ଟ୍ରେ ଘରୁ ପାଦ କାଢ଼ି ବାହାରକୁ ଯାଉଥିଲେ ପୁଣି ଫେରି କହିଲେ - "ଭଲ ହେବ, ମୁଁ ବଞ୍ଚିଲା ପର୍ଯ୍ୟନ୍ତ ଏକାଠି ରୁହ, ତା ପରେ ନିଜ ଜୀବନ ପାଇଁ ଇଚ୍ଛା ଅନୁସାରେ ବ୍ୟବସ୍ଥା କରିବ।"

ବୋହୂର ଆଖି ଆଗରୁ ଶ୍ୱଶୁର ଅଦୃଶ୍ୟ ହେଉଥିଲେ। ପ୍ରତିମା ପାଖରେ କୌଣସି ଉତ୍ତର ନଥିଲା।

----

ରାତିରେ ବାପାଙ୍କ ଫେରିବାର ବିଳମ୍ବ ହେଉଥାଏ। ବାହାରେ ଝିପଝିପ୍ ବର୍ଷା। ବୋଧେ କୋଉଠି ଅଟକି ଯାଇଛନ୍ତି ବୋଲି ଭାବି ବସିଲା ଅଜୟ। ସ୍ତ୍ରୀ ପ୍ରତିମା ବାବାଙ୍କ ସହ କଥା ହେବାଠୁ ନିରବ କିନ୍ତୁ ମନରେ ଶଙ୍କା। କେବଳ ନିଜ ଜିଦ୍ ଯୋଗୁ ଅଜୟ ଆଗରେ ହାରିବାକୁ ଚାହୁଁ ନଥିଲା। ଆକାଶରେ କଳା ମେଘ ଘୋଟି ଆସିଥିଲା।

ସକାଳ ହେଲାବେଳକୁ ପ୍ରବଳ ବର୍ଷା। ଧାରା ଶ୍ରାବଣ ପରି ବର୍ଷା। ଘାଇ ଫୁଲି ଉଠିଛି। ପ୍ରବଳ ପବନ ଠିକ୍ ବାତ୍ୟା ପରି। ଯେଉଁ ନଈ ଦଶ ବର୍ଷ ହେଲା ଶୁଖିଲା ହେଇ ପଡ଼ିଥିଲା, ହଠାତ୍ ଖବର ମିଳିଲା ଉପର ମୁଣ୍ଡରୁ ପାଣି ଛଡା ହୋଇଛି।

ଦୁଇଦିନର ବର୍ଷା ଥମିବା ପରେ ଗାଆଁରେ ହୁରି ପଡ଼ିଗଲା ନଈ କୂଳର ବୃକ୍ଷ ଉପୁଡ଼ି ପଡ଼ିଯାଇଛି। ତା' ତଳେ ଦେବୀ ମା'ଙ୍କୁ କୁଣ୍ଢେଇ ଧରି ମାଷ୍ଟ୍ରେ ପଡ଼ିଛନ୍ତି ଘାଇ ତଳେ।

ଏ କଥା ଶୁଣି ଅଜୟ ଗାଆଁ ଲୋକଙ୍କ ସହ ପାଗଳ ପ୍ରାୟେ ଧାଇଁଛି ଘାଇକୁ। ଏପଟେ ଘର ଦୁଆର ବନ୍ଧକୁ ଧରି ନିଜକୁ ସମ୍ଭାଳୁଥିବା କୁଳମଣି ମାଷ୍ଟ୍ରେଙ୍କ ବୋହୂ ପ୍ରତିମା। ଏଇଥର ସବୁଦିନ ପାଇଁ ଗାଆଁରେ ରହିଯିବାକୁ ଆସିଥିଲା ବୋଲି କହିବାକୁ ଆଉ ସୁଯୋଗ ମିଳିନଥିଲା ତାକୁ।

ଜୀବନ ପରା ନଈକୂଳ ବୃକ୍ଷ ପରି। ଜଳର ସୁଅରେ କେବେ ଖସି ପଡ଼ିବ କିଏ କହିବ।

***ସମ୍ପାଦକ, ଗଞ୍ଜାମର କବିତା ଘର***
***ବାରିବନ୍ଧ, ଆଙ୍କୁଲି, ବ୍ରହ୍ମପୁର, ଗଞ୍ଜାମ***
***ଦୂରଭାଷ: ୮୭୬୩୨୦୨୬୨୨***

# ସନ୍ଦେହକୁ ସନ୍ଦେହ

## ବୀରେଶ୍ୱର ମହାନ୍ତି

ଶୀତଦିନେ ସଂନ୍ଧ୍ୟାଟା ବେଶ୍ ତରତରରେ ଥାଏ । କେତେବେଳେ କେଉଁ ଛଟକରେ ଘର ଭିତରେ ପ୍ରବେଶ କରି ଆସ୍ଥାନ ଜମେଇ ଦିଏ, ସେ କଥା ଚଟ୍‌କିନା ମାଲୁମ୍ କରି ହୁଏନା । ଦ୍ୱିପ୍ରହର ଭୋଜନ ଉପରାନ୍ତେ ସାମାନ୍ୟ ବିଶ୍ରାମ ନେଉନେଉ ନରମା ଖରା ସତ୍ୱର ନିଷ୍ପ୍ରଭ ପଡ଼ିଆସେ । ପାଣିଚିଆ ଦିବାକର ଛପି ଯାଆନ୍ତି ଦୂର ଦିଗ୍‌ବଳୟ ପାହାଡ଼ ଉହାଡ଼ରେ । ସମସ୍ତଙ୍କ ଅଲକ୍ଷ୍ୟରେ ସଂଧ୍ୟାର ପିଠିରେ ଲାଉ ହୋଇ ଶୀତ ବି ଘର କୋଣ– କନ୍ଦିରେ ତା'ର ଉପସ୍ଥିତି ଜାହିର କରେ । ସେମିତି ଏକ ଶୀତଭିଜା ସଂନ୍ଧ୍ୟାରେ ବ୍ୟସ୍ତ ବିବ୍ରତ ହୋଇ ନିଜ ଶାଲ୍‌କୁ ଖୋଜି ଚାଲିଥିଲା ପ୍ରୀତି ।

ପ୍ରତିବର୍ଷ ଶୀତ ଋତୁ ଧରା ସ୍ପର୍ଶ କରୁକରୁ ଶୀତ ବସ୍ତ୍ରକୁ ବାହାର କରି ବ୍ୟବହାର ଉପଯୋଗୀ କରିବା ଉଦ୍ଦେଶ୍ୟରେ ତତ୍ପର ହୋଇଯାଏ ପ୍ରୀତି । ଏ ବର୍ଷ ବି ସେଇ ସମାନ କଥା । ଶୀତର ପ୍ରାଧାନ୍ୟ ବୃଦ୍ଧି ପାଉଥିବାରୁ ସେ ସମସ୍ତ ଶୀତ ବସ୍ତ୍ର ବାହାର କରି ଥାକ ମାରିବାରେ ବ୍ୟସ୍ତ । ମାତ୍ର ତା'ର ପ୍ରିୟ ବଟଲ୍ ଗ୍ରୀନ୍ ଶାଲ୍‌ଟା କାହିଁ ଆଖିରେ ପଡୁନି । ଦି'ଟା ଯାକ ଷ୍ଟିଲ୍ ଆଲମାରୀ ତନ୍ନତନ୍ନ କରି ଉପର ତଳ ଖୋଜି ନୟାନ୍ତ ହେଲାଣି । ତରବରରେ ଖୋଜୁଖୋଜୁ ଅନ୍ୟ ପରିଧାନ ବସ୍ତ୍ର ସବୁ ଲୋଟାକୋଟା ହୋଇ ବିକ୍ଷିପ୍ତ ଭାବରେ ପଡ଼ିଥିବାର ଦେଖି ବ୍ୟସ୍ତ ହୋଇ ପଡୁଥିଲା ସେ ।

ହୁଗୁଳା ମନ ସାଙ୍ଗକୁ ବିସ୍ମରଣ ରୋଗ ଏବେ ତାକୁ ହଲାପଟା କରୁଛି । ଚାବିକାଠି, ଲୁଗାପଟା, ଟଙ୍କାପଇସା ହେଉ କି ସୁନାଗହଣା ହେଉ, ସବୁଥିରେ ଏ ସମସ୍ୟା ତାକୁ କଲବଲ କରେ । ନିରାପଦ ଭାବି ଦରକାରୀ ଚିଜଟିଏ ଏମିତି ଏକ ସ୍ଥାନରେ ରଖି ଦିଏ ଯେ ଆବଶ୍ୟକ ସମୟରେ ତାକୁ ଖୋଜି ଠାବ କରିବାପାଇଁ ନାକେଦମ୍ ହେବାକୁ ପଡ଼େ । ଆଜି ସେମିତି ଏକ ପରିସ୍ଥିତିକୁ ସାମ୍ନା କରୁଛି ସେ । ହୁଏତ ଅତି ଯତ୍ନରେ ଶାଲ୍‌ଟା କେଉଁଠି ସାଇତି ରଖିଛି ଯେ ହଠାତ୍ ସ୍ମରଣକୁ ଆସୁନି ।

ଏଇ ଶାଲ୍ ଖଣ୍ଡକୁ ନେଇ ଖୁବ୍ ବେଶୀ ଭାବପ୍ରବଣ ପ୍ରୀତି । ବାହାଘରର ପ୍ରଥମ ବାର୍ଷିକୀରେ ପ୍ରୀତି–ଉପହାର ସ୍ୱରୂପ ଏଇଟିକୁ ସେ ପାଇଥିଲା ପ୍ରଣୟଙ୍କଠୁ । ଇତିମଧ୍ୟରେ ପାଞ୍ଚଟି ବସନ୍ତ ଅତିବାହିତ ହୋଇଯାଇଥିଲେ ମଧ୍ୟ ପ୍ରତି ଶୀତ ଋତୁରେ ସେ ଏହାକୁ ଅତି ଆଦର ଯତ୍ନ ସହ ବ୍ୟବହାର କରି ଆସୁଛି । ଶାଲ୍‌ଟି ଦେହରେ ବେଢ଼େଇ ହୋଇ ପଡ଼ିଥିଲେ ସବୁବେଳେ ମନେ ପଡ଼ିଯାନ୍ତି ପ୍ରଣୟ । ସେଥିପାଇଁ ବ୍ୟସ୍ତ ବିବ୍ରତ ହୋଇ ପ୍ରୀତି ଖୋଜି ଚାଲିଥିଲା ତା'ର ମନ ମଧ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଶାଲ୍ ଖଣ୍ଡକୁ । ନା ଆଉ ହେବନି । ଯେତେ ଖୋଜିଲେ ବି ଶାଲ୍ ଖଣ୍ଡକ ହାତରେ ଲାଗୁନି । କ୍ରମେ ଧୈର୍ଯ୍ୟହରା ହୋଇ ପଡୁଥିଲା ସେ । ଇତସ୍ତତଃ ହୋଇ ଏଣେତେଣେ ଖେଳେଇ ହୋଇ ପଡ଼ିଥିବା ଲୁଗାଗୁଡ଼ିକୁ ଆଲମାରୀରେ ସଜେଇ ରଖିବାର ସ୍ପୃହା ମଳିନ ପଡ଼ିଆସୁଥିଲା । ଲୁଗାଗୁଡ଼ିକୁ ଏକ ମୋଞ୍ଚାକରି ଉଠେଇ ନେଇ ଖଟର ପାର୍ଶ୍ୱରେ ଗଦେଇ ରଖିଦେଲା ବେଳକୁ କଲିଂବେଲ୍‌ର ଶବ୍ଦ ।

ଘର ଭିତରକୁ ପଶିଆସି ଥାକେ ଲୁଗାପଟା ଖଟର ଗୋଟେ ପାର୍ଶ୍ୱରେ ଗଦା ହୋଇଥିବାର ଦେଖି ପ୍ରଣୟ ପ୍ରଶ୍ନିଳ ଚକ୍ଷୁରେ ଅନେଇ ରହିଲା ପ୍ରୀତିକୁ ।

– "ମୋ ବଟଲ୍ ଗ୍ରୀନ୍ ଶାଲ୍‌ଟା ପାଉନି ମ !" ବ୍ୟସ୍ତ ହୋଇ କହିପକେଇଲା ପ୍ରୀତି ।

– "ଘରେ କେଉଁଠି ଥିବ, ସେଥିପାଇଁ ଏତେ କାକୁର୍ତ୍ତିଆ କିଆଁ ?"

– "ଦି'ଟା ଯାକ ଆଲମାରୀ ତ ଖୋଜି ସାରିଲିଣି । ଆଉ କେଉଁଠି ଥିବ ଯେ !"

– " ମାନେ, ଘରୁ ଆଉ କିଏ ନେଇଗଲା ନା କ'ଣ ?"

– " ମୁଁ ତ ସେଇ କଥା ଭାବୁଛି ।"

– " ହଉ ଆଗେ ଚା' କପେ ଦେଲ । ପରେ ବୁଝିବା ସେ କଥା ।"

ପ୍ରୀତି ଚା' ବନେଇବାକୁ ଗଲା ସିନା, ମନ ଅଟକିଛି ଶାଲ୍ ଖଣ୍ଡିକ ପାଖରେ । ପ୍ରଣୟଙ୍କୁ କେମିତି ବୁଝେଇ କହିବ ଯେ ବିବାହ ପ୍ରଥମ ବାର୍ଷିକୀର ଉପହାର ତା' ପାଇଁ କେତେ ମୂଲ୍ୟବାନ ।

ଓଠରେ ଚା କପ୍‌ର ସ୍ପର୍ଶ ଦେଉଦେଉ ପ୍ରଣୟ ଭାବୁଥିଲା, ଅନେକ ଭଲ ଗୁଣ ମଧ୍ୟରେ ଏଇ ଛୋଟିଆ ବେଢ଼ଙ୍ଗିଆ ଗୁଣ ଟିକକ କେମିତି ପ୍ରୀତି ମନରେ ବସା ବାନ୍ଧି ରହିଛି କେଜାଣି ! କିଛି ଗୋଟାଏ ଜିନିଷ ଅକଳିଆ ସ୍ଥାନରେ ରହିଯିବା ଯୋଗୁଁ ନ ମିଳିଲେ ହଠାତ୍ ତା' ମନରେ ସନ୍ଦେହଟିଏ ସ୍ଥାନ ମାଡ଼ିବସେ । କିଏ ଉଠେଇ ନେଲା କି ଆଉ !

ସେଦିନ ରାତିରେ ଶାଲ୍ କଥା ଭାବୁଭାବୁ ପଲକ ପଡୁ ନ ଥିଲା ପ୍ରୀତିର । ମନରେ ବିଭିନ୍ନ ପ୍ରକାର ଭାବନା ଉବୁଟୁବୁ ହେଉଛି । ଦି' ତିନିମାସ ତଳେ କିଛି ପୁରୁଣା ଲୁଗା ଦୀନବନ୍ଧୁ ଅନାଥାଶ୍ରମକୁ ଦାନ କରିଛି । ତା' ଭିତରେ ରହିଯାଇଥିବା କିଛି ଅସମ୍ଭବ ନୁହେଁ, ଅବା ଚମ୍ପା ଲୋଭ ସମ୍ଭାଳି ନ ପାରି କେତେବେଳେ ସୁବିଧା ଦେଖି ତା' ଅଲକ୍ଷ୍ୟରେ ଉଠେଇ ନେଇଯାଇଛି ।

ବିଳମ୍ବରେ ନିଦ୍ରାଯିବା ହେତୁ ପ୍ରୀତିର ଶଯ୍ୟା ତ୍ୟାଗ ସମୟ ଉଛୁର ହେଲାଣି । ଆଖି ଖୋଲୁଖୋଲୁ ଶାଲ୍ କଥା ମନେ ପଡ଼ିବା ମାତ୍ରେ ଛାତି ଚାଉଁକିନା ହେଇଗଲା । ଶାଲ୍‌ଟା ଅକସ୍ମାତ୍ ଉଭାନ ହୋଇଗଲା କୁଆଡ଼େ ?

ଘର କାମ ପାଇଁ ଚମ୍ପା ଆସି ବାସନ ମଜାମଜି ସାରିଦେଇ ଚା' ବସେଇ ସାରିଲାଣି । ସକାଳୁସକାଳୁ ତା' ହାତ ପ୍ରସ୍ତୁତ ଚା କପେ ପାଇଲେ ପ୍ରୀତିର ମନ ଖୁସି ହୋଇଯାଏ । ଚା' ପାନ ପୂର୍ବରୁ, ପରେ କିଛିନା କିଛି ଗପସପ କରେ ତା' ସହ । ଆଜି କିନ୍ତୁ ସେ କଥାର ବ୍ୟତିକ୍ରମ ଧରିଛି । ମିଳୁ ନ ଥିବା ଶାଲକୁ ନେଇ ମନ ତା'ର ବିଚଳିତ । ଖୁସି ଗପ କରିବ କ'ଣ ? ମନେମନେ ଭାବୁଥିଲା କେମିତି ତା'କୁ ପଚାରିବ ଶାଲ୍ କଥା ? ଆରମ୍ଭ କରିବ କେଉଁଠୁ ?

ଚମ୍ପା ଦିଦି ବୋଲି ଡାକେ ପ୍ରୀତିକୁ । ଆଜି ଦିଦିଙ୍କ ନିରବତା କେମିତି ଅସ୍ୱାଭାବିକ ଲାଗୁଥିଲା ତା'କୁ । ନିଜକୁ ଅଟକେଇ ପାରିଲାନି ଆଉ । ଚା' କପ୍ ବଢ଼େଇ ଦେଉଦେଉ କହିଲା–"ଆଜି ଏମିତି ଚୁପ୍‌ଚାପ୍ କାହିଁକି ଦିଦି ।"

– " ଆରେ ମୋର ସେ ବଟଲ୍ ଗ୍ରୀନ୍ ରଙ୍ଗର ଶାଲ୍‌ଟା କେଉଁଠି ରଖି ଦେଇଛି ଯେ ମିଳୁନି । ଖୋଜି ଖୋଜି ଥକି ଗଲିଣି । ଦି'ଟା ଯାକ ଷ୍ଟିଲ୍ ଆଲମାରୀ ବି ଘାଣ୍ଟି ସାରିଲିଣି ।"

ଟିକେ ଅଟକିଗଲେ ବି ହାଲୁକାରେ କଥାକୁ ନେଇ ଚମ୍ପା କହିଲା – "ତୁମର ତ ଭୁଲା ମନ ଦିଦି । କେଉଁଠି କେମିତି ରଖିଦେଇଥିବ ଅନ୍ୟମନସ୍କରେ, ଏବେକୁ ଠିକ୍ ମନେ ପଡୁନି । ମୁଁ ଉପର ଓଳିକୁ ଆସିଲେ ମିଶିକି ଖୋଜିବା ।"

ସୂର୍ଯ୍ୟ ମୁଣ୍ଡ ଉପରୁ ତଳକୁ ଗଡ଼ିବା ଆରମ୍ଭ କଲେଣି । ଖିଆପିଆ ସରିବା ପରେ ଭାରୀ ମନ ନେଇ ଖଟରେ ଗଡୁଛି ପ୍ରୀତି । ଶାଲ୍ କଥା ମନରୁ ଲିଭୁନି । ହଠାତ୍ ମନେ ପଡ଼ିଗଲା ଶାଶୂଙ୍କ କଥା । ସେ କହନ୍ତି, କିଛି ଜିନିଷ ହଜିଗଲେ ଲୁଗା କାନିରେ ଗଣ୍ଠି ପକେଇ "ଖାଣ୍ଡିଆ ବାବା" ଙ୍କୁ ମାନସିକ କଲେ ହଜିଥିବା ଜିନିଷ ନିଶ୍ଚୟ ମିଳିଯାଏ । ଜିନିଷ ମିଳିବା ପରେ ଭାତ, ଶାଗ ରାନ୍ଧି ଗୋଟିଏ ପତ୍ରରେ ବାଢ଼ି ବାଢ଼ି ପଟେ "ଖାଣ୍ଡିଆ ବାବାଙ୍କ" ଉଦ୍ଦେଶ୍ୟରେ ଅର୍ପଣ କରାଯାଏ । ଆଉ ବିଶେଷ କିଛି ଚିନ୍ତା ନ କରି ପ୍ରୀତି ତରବରରେ ମାନସିକଟାଏ କରି କାନିରେ ଗଣ୍ଠି ପକେଇ ଦେଲା । ଶୀତ ଦିନ । ଗଡୁଗଡୁ ଆଖି ପତା ମୁଦି ହୋଇଯାଇଛି । ବାସନମଜା ଖଡ଼ଖଡ଼୍ ଶବ୍ଦରେ ନିଦ ତୁଟିଗଲା ପ୍ରୀତିର ।

– "ତୁ କେବେଠୁ ଆସିଲୁଣି ଚମ୍ପା ?"

– " ତୁମେ ତ ଦାଣ୍ଡ କବାଟ ବନ୍ଦ ନ କରି ଶୋଇପଡ଼ିଛ ଦିଦି । ତମକୁ କଞ୍ଚା ନିଦରୁ ନ ଉଠେଇ ମୁଁ ମୋ କାମରେ ଲାଗିଛି । ଶୀତ ଦିନ ତ, ଦେଖୁଦେଖୁ ଡ଼େଇଁ ପଡ଼ିବ ।"

କାମଦାମ ସାରି ଚା' କପ୍ ବଢ଼େଇ ଦେଉଦେଉ ଚମ୍ପା କହିଲା – " ଶାଲ ପାଇଁ ମନ ଦୁଃଖ କି ଦିଦି ?" କହୁକହୁ ତାଜା ଉପରକୁ ଲକ୍ଷ୍ୟ ପକେଇଲା । ତଳଉପର ହୋଇ ତିନିତିନିଟା ଆଟାଚି ଥାକ ମରା ହୋଇ ଥୁଆ ହୋଇଛି ।

– " ତାଜା ଉପର ଆଟାଚି ସବୁ ଦେଖିଛ ଦିଦି ?"

– " ନା, ନା ସେଠି ନ ଥିବ । ତେବେ ତୋ ମନ କହୁଛି ଯେବେ, ଖୋଜେ ।"

ଚେୟାର ପକେଇ ଗୋଟାଗୋଟା କରି ତିନି ଆଟାଚି ତଳକୁ ଓହ୍ଲେଇ ଆଣିଲା ଚମ୍ପା । ପ୍ରୀତିକୁ ଚକିତ କରି ପ୍ରଥମ ଆଟାଚିରୁ ହିଁ ଖବର କାଗଜରେ ଗୁଡ଼ା ହୋଇ ରହିଥିବା ଶାଲ୍‌ଟା ମିଳିଗଲା ।

ଆଶ୍ୱସ୍ତ ଅନୁଭବ କରୁଥିଲା ପ୍ରୀତି । ମନରେ ଆନନ୍ଦର ସୀମା ନାହିଁ । ପର୍ସରୁ ତତ୍‌କ୍ଷଣାତ୍ ଶହେ ଟଙ୍କିଆ ନୋଟ୍ ଖଣ୍ଡେ ବାହାର କରି ହସିହସି ବଢ଼େଇଦେଲା ଚମ୍ପା ହାତକୁ । କେବଳ ଆଜି ନୁହେଁ, ଭଲରେ ମନ୍ଦରେ ସେ ତା'କୁ ଏମିତି କିଛି କିଛି ଆର୍ଥିକ ସାହାଯ୍ୟ କରି ଆସିଛି । କ୍ଷଣିକ ଆବେଗର ବଶବର୍ତ୍ତୀ ହୋଇ ସେ ଖୁସି ହୋଇଯାଇଥିଲା ସିନା ଚମ୍ପା ଗଳାପରେ ସନ୍ଦେହର ଏକ ଦାନା ତା' ମନରେ ବାନ୍ଧି ଆସୁଥିଲା । ସେ ଶୋଇଥିବା ସମୟରେ କୌଶଳ କରି ଚମ୍ପା ଆଟାଚିରେ ଶାଲ୍‌ଟା ରଖିଦେଇନି ତ ଆଉ ! ଆଟାଚିରେ ହଠାତ୍ ଥିବ ବୋଲି ସେ ଜାଣିଲା କେମିତି ? ଦ୍ୱନ୍ଦ୍ୱର କୁହୁଡ଼ିରେ ସନ୍ତରଣ କରୁଥିଲା ପ୍ରୀତି ।

ପରଦିନ ଦ୍ୱିପ୍ରହର ରନ୍ଧାରନ୍ଧି ପର୍ବ ସମାପନ ଉପରାନ୍ତେ ମାନସିକ ପୂରଣ ଉଦ୍ଦେଶ୍ୟରେ ତରତର ହୋଇ କଦଳୀ ପତ୍ରରେ ଭାତ, ଶାଗ ବାଢ଼ି ଦେଇ ବାଡ଼ି ପଟେ ରଖି ଆସିବା ପରେ କାନିରେ ପଡ଼ିଥିବା ଗଣ୍ଠିକୁ ଖୋଲିଦେଲା ପ୍ରୀତି । କାନିରେ ପଡ଼ିଥିବା ଗଣ୍ଠିଟା ଖୋଲିଗଲା ସିନା, ମନର ଗଣ୍ଠିଟା ସେମିତି ଅଫିଟା ରହିଗଲା । ଶାଲ୍ ନ ମିଳିବା, ପୁଣି ପରେ ମିଳିବାର ରହସ୍ୟ କ'ଣ ହୋଇପାରେ ? ପ୍ରଣୟ ସହ ଏ ବାବଦରେ କିଛି ଆଲୋଚନା କଲେ ଭାରାକ୍ରାନ୍ତ ମନରୁ ବୋଝ ଓହ୍ଲେଇ ଯାଇପାରେ ଅବା ।

ଅଫିସ୍ ଫେରନ୍ତା ସହସା ଚା' କପେ ପାଇଗଲେ ପ୍ରଣୟ ବେଶ୍ ତାଜା ଅନୁଭବ କରେ । ରିମ୍‌ଝିମ୍ ବର୍ଷାର ମଉୁଆଲା ପାଗ ହେଉ, କଡ଼କଡ଼ିଆ ମାଞ୍ଜ ଥରା ଶୀତ ହେଉ ଅଥବା ଚେୟାଳିଶ ଡିଗ୍ରୀର ନିଦାଘ ତାତି ହେଉ ଚା'କୁ କେବେ ମନା କରିପାରେନି ସେ । ସଞ୍ଜ ହେଉ କି ସକାଳ ହେଉ, ଚା' ପିଇବା ଏକ ବାହାନା ମାତ୍ର । କ୍ରିକେଟ୍ ଖେଳରେ ଭାରତ ବିଜୟୀ ହେଲେ ଖୁସିରେ ଚା, ପରାଜୟ ଲାଭ କଲେ ବି ବିଷାଦରେ ଚା' । ବେଳ ହେଉ କି ଅବେଳ ହେଉ, କେହି ଅତିଥି ଘରକୁ ଆସିଲେ ସେମାନଙ୍କୁ ଚା ପାନ ପାଇଁ ଜିଗର କରେ । ସେଇ ମଉକାରେ ନିଜ ପାଇଁ କପେ ହେଇଯିବ ପରା ! ବାଣୀବିହାରରେ ଅଧ୍ୟୟନ ସମୟରୁ ହିଁ ନିଶାର୍ଦ୍ଧରେ ଚେଇଁ ରହି ପଢ଼ିବା ବାହାନାରେ ଚା'ର ଅଭ୍ୟାସ ପଡ଼ିଯାଇଛି ବୋଲି ସେ କହେ, ଯାହା ଅଦ୍ୟାବଧି କାଏମ୍ ରହିଛି ।

ପ୍ରଣୟ ଅଫିସ୍‌ରୁ ଫେରି ଲୁଗା ବଦଳେଇବା ମଧ୍ୟରେ ଚା କରି ସାରିଥିଲା ପ୍ରୀତି । ଚା କପ୍‌ଟା ତା' ହାତକୁ ବଢ଼େଇ ଦେଇ କହିଲା – "ଜାଣିଛ, ମୋ ଶାଲ୍‌ଟା ତାଜା ଉପରେ ଥିବା ଆଟାଚିରେ ଥିଲା ମ ।"

ସାଂସାରିକ ଜଞ୍ଜାଳ ମଧ୍ୟରେ ସମୟର ଚକ୍ର ପାଦେ ପାଦେ ଆଗକୁ ମାଡ଼ିଚାଲେ । ମାତ୍ର ଯେତେ ପ୍ରୟାସ କଲେ ମଧ୍ୟ ଅଯଥାରେ ଅନ୍ୟକୁ ସନ୍ଦେହ କରିବା ପ୍ରକ୍ରିୟାରୁ ମୁକ୍ତି ପାଇ ପାରିନି ପ୍ରୀତି । ଏଥିପାଇଁ ଅନେକ ସମୟରେ ସେ ବିଷାଦର ଶୀକାର ମଧ ହୁଏ । ଆଶ୍ୱାସନା ଦେଇ ପ୍ରଣୟ କହେ, ଭୁଲିଯିବା ଏକ ମାନସିକ ଅବ୍ୟବସ୍ଥା । ଓବେସିଭ୍ କମ୍ପଲସିଭ୍ ଡ଼ିସଅର୍ଡରର ଏକ ଲକ୍ଷଣ ମଧ ହୋଇପାରେ । ଯୋଗ, ପ୍ରାଣାୟାମ୍ ଆଦିର ସାହାଯ୍ୟ ନେଇ ମନକୁ ସ୍ଥିର ରଖିବା ପାଇଁ ଯତ୍ନ କଲେ, ହୁଏତ ଏ ପ୍ରକାର ଅବସ୍ଥା କିଛି ପରିମାଣରେ ଲାଘବ ହୋଇପାରେ । ପରିସ୍ଥିତି ନିଜର ଆୟତ୍ତକୁ ନ ଆସିଲେ ସମ୍ପୃକ୍ତ ଡାକ୍ତରଙ୍କର ପରାମର୍ଶ ନିଆଯିବା ବିଧେୟ ।

ସେଦିନ ଥିଲା ଏକ ବର୍ଷା ଭିଜା ଅପରାହ୍ନ । ବାଲ୍‌କୋନିରେ ବସି ରିମ୍‌ଝିମ୍ ବର୍ଷାକୁ ଉପଭୋଗ କରୁଥିଲା ପ୍ରୀତି । ଆଜି ନୁହେଁ, ସବୁଦିନେ ସେ ଏମିତି ବର୍ଷାର ତାଳ-ଛନ୍ଦରେ ଆତ୍ମହରା ହୁଏ । ପତ୍ରରୁ ପତ୍ରକୁ ଝରି ପଡୁଥିବା ଜଳବିନ୍ଦୁକୁ ଦେଖି ଭାବ ବିଭୋର ହୁଏ । ପ୍ରକୃତିର ବୈଚିତ୍ର୍ୟମୟ ଦୃଶ୍ୟକୁ ଅବଲୋକନ କରୁକରୁ ଅପେକ୍ଷା କରି ରହିଥିଲା ଚମ୍ପାକୁ । ସଅଳ ଆସି ଉପର ଓଳି କାମ ସାରି ଦେଲେ ଅଫିସ୍‌ରୁ ଫେରିବା ମାତ୍ରେ ପ୍ରଣୟ ସହ ଏକ ବନ୍ଧୁମିଳନରେ ଯୋଗ ଦେବାର କାର୍ଯ୍ୟକ୍ରମ ପୂର୍ବରୁ ସ୍ଥିରୀକୃତ ହୋଇ ସାରିଛି ।

ସଂଧ୍ୟା କାର୍ଯ୍ୟକ୍ରମର ପ୍ରାକ୍ ପ୍ରସ୍ତୁତି ଅବସରରେ ଗହଣା ବାକ୍ସରୁ ଛୋଟ କାନଫୁଲଟିଏ କାଢ଼ି ପିନ୍ଧୁପିନ୍ଧୁ କଲିଂ ବେଲ୍ ବାଜିଉଠିଲା । କାନଫୁଲକୁ ଡାଇନିଂ ଟେବୁଲରେ ରଖି ଦ୍ୱାର ଉନ୍ମୁକ୍ତ କରି ଦେଖିଲା ହସହସ ମୁହଁରେ ଠିଆ ହୋଇଛି ଚମ୍ପା । ଘରକୁ ପଶୁପଶୁ ଡାଇନିଂ ଟେବୁଲ ଉପରେ ଥିବା କାନଫୁଲ ଉପରେ ଲକ୍ଷ୍ୟ ପଡ଼ିଗଲା ତା'ର ।

– " ଏ କାନଫୁଲଟା ଭାରି କୁନୁମୁନିଆ ହୋଇଛି ଦିଦି । ଏଟା ତ କାହିଁ କେବେ ବି ପିନ୍ଧନି ।"

– " ହଁ ମ, ଆଉ ନଜର ପକାନା । ଦେଲୁଦେଲୁ ମୋତେ ଟିକେ କାନରେ ପିନ୍ଧେଇଦେଲୁ ।"

ବନ୍ଧୁମିଳନରୁ ପ୍ରତ୍ୟାବର୍ତ୍ତନ କରୁକରୁ ବିଳମ୍ବିତ ରାତ୍ର । ତା' ସାଙ୍ଗକୁ ତୁହାକୁ ତୁହା ଭୀଷଣ ବର୍ଷା ବାଧକ ସାଜିଛି । ପାର୍କିଂକୁ ଯାଇ କାରରେ ବସିବା ଏବଂ କାରରୁ ଓହ୍ଲାଇବା ଭିତରେ ପ୍ରୀତି-ପ୍ରଣୟ ଦିହେଁ ପ୍ରାୟ ଓଦା ହୋଇ ସାରିଥିଲେ । ଘରେ ପହଞ୍ଚିବା ପରେ ତରବରରେ ଲୁଗାପଟା ବଦଳାଇ କାନଫୁଲକୁ ଓହ୍ଲେଇ ରଖିଦେଲା ପ୍ରୀତି । ବନ୍ଧୁମିଳନରେ ଖିଆପିଆ ପର୍ବର ସମାପ୍ତି ଘଟିସାରିଥିଲା । ବର୍ଷାଭିଜା ନରମ ରାତିରେ ଦୁହିଁଙ୍କର କ୍ଳାନ୍ତ ଆଖିପତା କ୍ରମେ ଅବଶ ହୋଇ ଆସୁଥିଲେ ।

ପରଦିନ ପ୍ରୀତିର ନିଦ ଭାଙ୍ଗୁଭାଙ୍ଗୁ ଚାରିଆଡ଼େ ଖରା ବିଞ୍ଚି ହୋଇ ପଡ଼ିସାରିଲାଣି । ପ୍ରଣୟ ଚମ୍ପାକୁ ଦ୍ୱାର ଖୋଲିଛନ୍ତି ନିଶ୍ଚୟ । ନିତ୍ୟକର୍ମ କରିବା ଭିତରେ ମନେପଡ଼ିଗଲା କାନଫୁଲ କଥା । ଗତ କାଲି ରାତିରେ କେଉଁଠି କେମିତି ରଖିଦେଇଛି, ଠିକ୍ ମନେ ପକେଇପାରୁନି । ଆଲମାରୀ, ଥାକ, ଏପଟ ସେପଟ ଚାରିଆଡ଼ ତା'ର ସନ୍ଧାନୀ ଚକ୍ଷୁ ବୁଲି ଆସିସାରିଲାଣି ।

କାନଫୁଲଟା କାହିଁ ନଜରରେ ପଡୁନି । ଛୋଟ କାନଫୁଲଟା କେଉଁ ଜିନିଷ ଭିତରେ ଯଦି ପଶି ରହିଯାଇଥିବ, ଆଉ ପାଇବା ମୁସ୍କିଲ୍ । ଏଇ ଭୁଲିବା ବଦଗୁଣ ପାଇଁ ନିଜ ଉପରେ ନିଜେ ବିରକ୍ତ ହେଉଥିଲେ ମଧ୍ୟ ପ୍ରଣୟକୁ ଭରସା କରି କିଛି ପଚାରି ପାରୁ ନଥିଲା । ନିତିଦିନିଆ ମଲୁକୁ କିଏ ଗୁରୁତ୍ୱ ଦେବ ଯେ !

ଚମ୍ପା ତା' କାମରେ ଲାଗିଛି । ତାକୁ କିଛି ପଚାରିବାକୁ ଦ୍ୱିଧା ଅନୁଭବ କରୁଥିଲା ପ୍ରୀତି । ବାସିକାମ ସାରି ଚା' କପ ବଢ଼େଇ ଦେଉଦେଉ ଚମ୍ପାର ଆଖି ପଡ଼ିଗଲା ତା' ଖାଲି କାନ ଉପରେ ।

- "କେଡ଼େ ସୁନ୍ଦରିଆ କାନଫୁଲଟା ଖୋଲି ଦେଇ କାନକୁ ଲଙ୍ଗଳା କରି କାହିଁକି ବସିଛ ଦିଦି ?"

କିଛି ଉତ୍ତର ଫେରେଇବାକୁ ଇଚ୍ଛା ହେଉ ନ ଥିଲା ପ୍ରୀତିର । ଚମ୍ପାର ପ୍ରଶ୍ନ କଟା ଘା'ରେ ଚୂନ ସଦୃଶ ବୋଧହେଉଥିଲା ତାକୁ । କ'ଣ ଉତ୍ତର ଦେବ ଯେ । କାନଫୁଲ ନ ମିଳିବା ବିଷୟରେ ଜାଣିଲେ ଚମ୍ପା ଯଦି ଲୋଭ ସମ୍ବରଣ କରି ନ ପାରି କିଛି ଗଡ଼ବଡ଼ କରିପକାଏ ! ପୁଣି ସନ୍ଦେହର ପରିଧି ମଧ୍ୟରେ ଚମ୍ପାର ଆବିର୍ଭାବ ହୋଇସାରିଥିଲା ।

ଏଇ କାନଫୁଲଟି ପାଇଁ ପ୍ରୀତି ର ଦୁର୍ବଳତା ସହଜରେ ଧରାପଡ଼ିଯାଏ । ଆଉଥରେ ଏପଟ ସେପଟ ହୋଇ ମନକୁମନ ଖୋଜିବାକୁ ଲାଗିଲା । ତା'ର ସ୍ପଷ୍ଟ ମନେ ଅଛି, ସେ କାନଫୁଲ ଖୋଲିଛି । ତେବେ ରଖିଲା କେଉଁଠି ?

ଇତିମଧ୍ୟରେ ରୋଷେଇ ଘର କାମ ସାରି ଚମ୍ପା ଗାଧୁଆ ଘର ଧୋଇବାରେ ଲାଗିଛି । ସେଇ ସୁଯୋଗରେ ରୋଷେଇଘର ଥାକ ତନ୍ନତନ୍ନ କରି ଖୋଜି ଚାଲିଛି ପ୍ରୀତି । କଥାଟିଏ ମନକୁ ଘାରୁଛି । ରୋଷେଇ ଘରେ କାମ କଲା ବେଳେ ଚମ୍ପା ହାତରେ କାନଫୁଲ ପଡ଼ିଗଲାକି ଆଉ ! କାନଫୁଲଟା କୁନୁମୁନିଆ ହୋଇଛି ବୋଲି ସେ କହୁଥିଲା । ମଣିଷ ମନ ତ ! କେତେବେଳେ ଦୁର୍ବଳତା ଗ୍ରାସିଯିବ, କିଏ ଜାଣେ ? ଲୋଭ ସମ୍ଭାଳି ନ ପାରି ଚମ୍ପା ଯଦି ... । ମନ ଡାକୁ ନ ଥିଲେ ବି ସେ ତାକୁ ସନ୍ଦେହ କରିବାରୁ ବିରତ ହୋଇପାରୁ ନ ଥିଲା ।

ବିଷର୍ଣ୍ଣ ମନରେ ଅନ୍ୟମନସ୍କ ହୋଇ ଡାଇନିଂ ଚେୟାରରେ ବସିଗଲା ପ୍ରୀତି । ଗାଧୁଆ ଘରୁ ଦିଦି ଦିଦି କହି ବାହାରି ଆସୁଛି ଚମ୍ପା । ହାତରେ ତା'ର ସେଇ ସୁନା କାନଫୁଲ ।

- " ଏ କାନଫୁଲ ହଳକ ଗାଧୁଆ ଘର ଥାକ କୋଣରେ ତମ ଓଦା ଲୁଗା ତଳେ ଥିଲା ଦିଦି । ଲୁଗା ଧୋଇବା ପାଇଁ ଗଲାବେଳେ ଆଖିରେ ପଡ଼ିଲା । ଛୋଟିଆ ଜିନିଷଟା, କେଉଁଠି ଯଦି ହଜି ଯାଇଥାନ୍ତା ।"

ଆଖି କାନକୁ ବିଶ୍ୱାସ କରି ପାରୁ ନ ଥିଲା ପ୍ରୀତି । ଯାହାକୁ ସନ୍ଦେହ କରୁଥିଲା ସେହିଁ କାନଫୁଲ ପାଇ ତା' ଆଗରେ ଥୋଇ ଦେଇଛି । ନିଜକୁ ନ୍ୟୁନ ମନେ କରୁଥିଲା ଚମ୍ପା ଆଗରେ । ବସ୍ତିର ସଂଘର୍ଷମୟ ଅଭାବ ଅନାଟନ ଜୀବନ ମଧ୍ୟରେ ବି ସଚ୍ଚୋଟ ପଣିଆ ଗୁଣକୁ ସେ ପରିହାର କରିନି । କୃତଜ୍ଞତାପୂର୍ଣ୍ଣ ଅପଲକ ନୟନରେ ଚମ୍ପାକୁ ଅନେଇ ରହିଥିଲା ପ୍ରଣୟ ।

ନିଜର ଭୁଲାପଣ ଏବଂ ସନ୍ଦେହପୂର୍ଣ୍ଣ ବ୍ୟବହାରରେ ଲଜ୍ଜିତ ଅନୁଭବ କରୁଥିଲା ପ୍ରୀତି । ପକ୍ଷାନ୍ତରେ ଚମ୍ପାର ମହତପଣିଆକୁ ମନ ଭିତରେ ପ୍ରଶଂସା କରି ଚାଲୁଥିଲା । ଚେୟାରରୁ ଉଠିପଡ଼ି ପାଞ୍ଚଶହ ଟଙ୍କିଆ ନୋଟ୍ ଖଣ୍ଡେ ଆଣି ତାକୁ ବଢ଼େଇ ଦେଇ କହିଲା- "ମୋତେ ବଡ଼ ଦୁର୍ଯୋଗରୁ ରକ୍ଷା କରିଦେଲୁଲୋ ଚମ୍ପା । କହନ୍ତି ପରା ସୁନା ହଜିଲେ ଅଶୁଭ ।"

ଚମ୍ପାର ପ୍ରସ୍ଥାନ ପରେ ନିଜର ଚରିତ୍ରକୁ ନିଜେ ବିଶ୍ଳେଷଣ କରୁଥିଲା ପ୍ରୀତି । କିଛି ଗୋଟାଏ ଜିନିଷ ନ ମିଳିଲେ ସେ ହଠାତ୍ ଅନ୍ୟଜଣଙ୍କୁ ସନ୍ଦେହ କରେ କାହିଁକି ? ପୁଣି ଚମ୍ପା ପରି ଜଣେ ବିଶ୍ୱସ୍ତ ଝିଅକୁ, ଯାହାକୁ ସେ ଅତି ଭଲପାଏ । ଏପରି ବିରୋଧାଭାଷର କାରଣ କ'ଣ ହୋଇପାରେ ! ପ୍ରଣୟ ଭାଷାରେ ଏହା ଏକ ମାନସିକ ଅବ୍ୟବସ୍ଥା ନୁହେଁ ତ ? ଭାବୁଭାବୁ ହଠାତ୍ ତା'ର ମନେ ପଡ଼ିଲା ସେ ବଟଲ ଗ୍ରୀନ୍ ଶାଲ୍ କଥା । ସେ ନିଜେହିଁ ସେ ଶାଲ୍‌କୁ ଆଟାଚି ଭିତରେ ରଖି ଭୁଲିଯାଇ ଚମ୍ପାର ଆଚରଣକୁ ଅଯଥା ସନ୍ଦେହ କରିଥିଲା ।

ଅନ୍ୟ ମନସ୍କ ହୋଇ ବସିଥିବା ପ୍ରୀତିର ମନରେ ଚାଲିଥିବା ଦ୍ୱନ୍ଦ୍ୱକୁ ହୁଏତ ପଢ଼ି ପାରୁଥିଲା ପ୍ରଣୟ । ସେ ଜାଣେ, ସ୍ତ୍ରୀ ତା'ର ଜଣେ ଦରଦୀ ସମ୍ବେଦନଶୀଳ ବ୍ୟକ୍ତିତ୍ୱ । ଅନ୍ୟକୁ ବିପଦ ଆପଦରେ ସାହାଯ୍ୟ ପାଇଁ କସ୍ମିନକାଳେ ପଶ୍ଚାତ୍‌ପଦ ହୁଏନା । ହୁଏ ତ ଓବେସିଭ୍ କମ୍ପଲସିଭ୍ ଡିସଅର୍ଡର ର ଶୀକାର ହୋଇ ସେ ଅଯଥା ସନ୍ଦେହ କରିବସେ ।

ନିଜର ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିନେଇଥିଲା ପ୍ରୀତି । ଭୁଲାପଣ ତଥା ଅଯଥା ସନ୍ଦେହର ପ୍ରାୟଶ୍ଚିତ ପାଇଁ ଗୋଟାଏ ଦିନ ମୌନବ୍ରତ ସହ ଉପବାସର ସିଦ୍ଧାନ୍ତ ନେଇଥିଲା ସେ । ପ୍ରଣୟ କି ଚମ୍ପା କାହା ଆଗରେ ନିଜର ଦୁର୍ବଳତା ପ୍ରକାଶ ନ କରି ଉପବାସର ପରଦିନ ନିଜ ସ୍କୁଟି ନେଇ ଅଗ୍ରସର ହେଲା ନିକଟସ୍ଥ ଯୋଗ, ପ୍ରାଣୟାମ କେନ୍ଦ୍ର ଅଭିମୁଖେ । ଆବଶ୍ୟକ ହେଲେ ଡାକ୍ତରଙ୍କ ପରାମର୍ଶ ନେଇ ଓବେସିଭ୍ କମ୍ପଲ୍‌ସିଭ୍ ଡିସ୍‌ଅର୍ଡ଼ରର ଚିକିତ୍ସା କରିବ । ସନ୍ଦେହକୁ ସନ୍ଦେହ କରିବାର ଆବଶ୍ୟକତା ଅନୁଭବ କରୁଥିଲା ପ୍ରୀତି ।

ମେଘାଚ୍ଛନ୍ନ ଆକାଶରୁ କଳାବାଦଲ କ୍ରମେ ଅପସରି ଯାଉଥିଲା ।

*ସି- ୧୦୫, ଶୁଭମ୍ ରୟାଲ୍ ଆପାର୍ଟମେଣ୍ଟ,*
*ଘାଟିକିଆ, ଭୁବନେଶ୍ୱର*
*ଦୂରଭାଷ: ୯୯୩୮୬୧୫୬୭୧*

# ହଜିଲା ଆକାଶ

## ବିଜୟ ପଟ୍ଟନାୟକ

ଅନୁଭାଇରେ !

ଆଜି ଗୋଟେ ଦୁଃସାହସିକ ଅଭିଯାନ କରୁଛି। ଏମିତି ବସିଥିଲି। ଲୁବ୍‌ନା ଶୋଇଛି। ଇଏ ଅଫିସରେ। ଫ୍ଲାଟ୍‌ରେ ମୁଁ ଏକା। ହଠାତ୍ କାହିଁକି ମନହେଲା ହଜେଇ ଦେଇଥିବା ଦିନଗୁଡ଼ାକୁ ଖୋଜିବାକୁ। ବର୍ତ୍ତମାନ ଖୋଜିବାକୁ ଆରମ୍ଭ କରିଛି। ଆଖିବୁଜି ସାଉଣ୍ଟିବାକୁ ଚେଷ୍ଟା କରୁଛି। ଆଖି ଖୋଲିବାକୁ ସାହସ ହେଉନି। କାଳେ କିଏ ଦେଖିନେବ ! ହସୁଛୁ କି ? ମତେ ଏମିତି ଲାଗୁଛି। ଆଖି ବୁଜିଲେ ମୁଁ ଭାବୁଛି ମୁଁ ସମସ୍ତଙ୍କର ଦୃଷ୍ଟି ଅନ୍ତରାଳରେ। କିଛି କିଛି ଦିନ ମିଳିଯାଉଛନ୍ତି, କିନ୍ତୁ ସେମାନେ ହାତରେ ରହିବା ପାଇଁ ନାରାଜ। ପରମୁହୂର୍ତ୍ତରେ ଡିଆଁ ମାରି ପାର୍...।

ମନେ ପକାଡ ଦେଖି ସେ ପ୍ରଥମ ପ୍ରଥମ ଦିନର କଥା ସବୁ ! ଏବେ ବି ମନେ ପଡ଼ିଲେ ମୁଁ ଚୁପ୍‌କିନା ହସିଦିଏ। ଇଏ ଦିନେ ପଚାରିଲେ– 'କାହିଁକି ହସିଲ ?' ଗୋଟେ ମିଛ କହି ଦେଲି ତାଙ୍କୁ। ତୁମ ପୁଅ ଗୁଡ଼ାଙ୍କୁ ତ ଠକି ଦେବା ନିହାତି ସହଜ।

ମୋର କଲେଜରେ ସେକେଣ୍ଡ ଇଅର। ଲୋରୀ ଅପାର ଫାଇନାଲ୍ ଇଅର। ସେ କଲେଜର ଅପ୍ରତିଦ୍ୱନ୍ଦୀ ଭାବେ ନିର୍ବାଚିତ କଲ୍‌ଚରାଲ୍ ସେକ୍ରେଟାରୀ। ପଦାର୍ଥ ବିଜ୍ଞାନର ଛାତ୍ରୀ। ମାତ୍ର ସାହିତ୍ୟ, ଡ୍ରାମା, ଡିବେଟ୍, ଡ୍ୟାନ୍‌ସ ସବୁଥିରେ ତାର ନିପୁଣତା। କଲେଜରେ ଲୋରୀ ଶତପଥୀ ଏକ ସମ୍ମାନଜନକ ନାଁ। ପ୍ରଫେସର ମାନଙ୍କର ତା' ଉପରେ ଅନେକ ଆଶା। ୟୁନିଭର୍ସିଟିରେ ପୋଜିସନ୍ ରଖିବ। ବାପାଙ୍କର ବି ସମସ୍ତ ଆଶା, ଆକାଙ୍‌କ୍ଷା ତା'ରି ଉପରେ ନ୍ୟସ୍ତ। ଦେଖିବାକୁ ଗଲେ ସାରା କଲେଜ ଆଉ ଆମ ଛୋଟ ସହର, ଲୋରୀ ଶତ୍‌ପଥୀ ଠାରେ ଭବିଷ୍ୟତର ସମ୍ଭାବନା ଦେଖନ୍ତି। କଲ୍‌ଚରାଲ୍ ସେକ୍ରେଟାରୀ ହିସାବରେ କଲେଜର ସବୁ କ୍ଲାସର ପୁଅ ଓ ଝିଅମାନଙ୍କ ସହିତ ତା'ର ସ୍ନେହର ସଂପର୍କ। ସମସ୍ତଙ୍କର ସେ ଲୋରୀ ଅପା। ଅଧିକାଂଶ ସମୟ ଆମ ଘରେ କଲେଜଯାକର ପିଲାମାନଙ୍କର ଭିଡ଼।

କଲ୍‌ଚରାଲ୍ ସେକ୍ରେଟାରୀ ସାଙ୍ଗକୁ ଥାର୍ଡ଼ ଇଅର କମର୍ସର ଗୋଟେ ପୁଅ ଆସିଷ୍ଟାଣ୍ଟ କଲ୍‌ଚରାଲ ସେକ୍ରେଟାରୀ ହୋଇ ନିର୍ବାଚିତ ହୋଇଥାଏ। ସେ ଅନୁରାଗ ମହାପାତ୍ର, ଲୋରୀ ଅପାର ଡାହାଣ ହାତ। ଅପାକୁ ସେ ବଡ଼ ଭଉଣୀର ସମ୍ମାନ ଦିଏ। ଅପା ବି ତା'କୁ ଅନ୍ୟମାନଙ୍କ ଅପେକ୍ଷା ଟିକେ ଅଧିକା ଆଦର କଲା ପରି ମତେ ଲାଗେ। ତା'କୁ ଘରେ ପ୍ରଶଂସା କରେ। ପ୍ରଥମେ ଆମେ ତିନି ଭଉଣୀ ଅନୁରାଗକୁ ଅପାର ଚାମଚା ବୋଲି ଥଟ୍ଟା କରୁଥିଲୁ। ଅପା କିନ୍ତୁ ରାଗିଯାଏ। କହେ– "ଅନୁରାଗ ପରି ପିଲାଟେ ମିଳିବା ମୁସ୍କିଲ୍। କେତେ ବଡ଼ ଘରର ପୁଅ ! ହେଲେ, ଇଗୋ ବୋଲି ଜିନିଷଟା ତା' ମନରେ ନଥାଏ। ଟିକେ ଦୁଷ୍ଟ ହେଲେ ବି ଭାରୀ ସ୍ନେହୀ। କଲେଜ କଲ୍‌ଚରାଲ ଆକ୍ଟିଭିଟି ତ ତା' ବ୍ୟତୀତ ମୋ ପକ୍ଷରେ କରିବା ସମ୍ଭବ ହୁଅନ୍ତାନି।"

ଘରେ ଆମେ ଚାରି ଭଉଣୀ। ଲୋରୀ ଅପା, ମୁଁ, ନୁରୀ ଓ ଶାରୀ। ନୁରୀ ଓ ଶାରୀ ଏବେ ବି ହାଇସ୍କୁଲରେ ଅଛନ୍ତି। ସବୁଦିନ ଅନୁରାଗର ଅପା ସହ କିଛି ନା କିଛି କାମ ଥାଏ। କ୍ରମେ କ୍ରମେ ସେ ଆମ ପରିବାର ସହିତ ମିଶିଗଲା। ଘରେ ପୁଅ ନଥିବାର ଅଭାବ ବାପା, ମା'ଙ୍କ ମନରେ ଥିଲା। ଆମେ ଚାରି ଭଉଣୀ ବି ଗୋଟେ ଭାଇର ଅନୁପସ୍ଥିତି ବେଳେବେଳେ ଅନୁଭବ କରୁ। ବୋଧହୁଏ ଅନୁରାଗ ସେ ଜାଗାଟା ସେ ପୁରଣ କରିଦେଲା। ବାପା, ବୋଉ, ନୁରୀ ଓ ଶାରୀ ସମସ୍ତଙ୍କ ସହିତ ସେ ବହୁତ ମିଶିଯାଏ। ନୁରୀ ଆଉ ଶାରୀ ତ ଅନୁଭାଇ, ଅନୁଭାଇ କହି ତା' ପଛରେ ଲାଗିଥା'ନ୍ତି। କ୍ୟାରମ୍ ଖେଳଠୁ, ପର୍ବ ପର୍ବାଣୀ ପର୍ଯ୍ୟନ୍ତ ସବୁଥିରେ ତା'ର ଅବାଧ ପ୍ରବେଶ। ତା'ର ବ୍ୟବହାର ଓ କଥା କହିବା ଷ୍ଟାଇଲ୍ ପରକୁ ଆପଣାର କରିନେବା ପାଇଁ ଯଥେଷ୍ଟ ବୋଲି ସମସ୍ତେ କହନ୍ତି। କଲେଜରେ ବି ସେ ଅପା ପରି ପପୁଲାର। କିନ୍ତୁ ମତେ କେମିତି ଟିକେ ଅଲଗା ଲାଗେ। ସହଜେ ତ ମୁଁ ବାହାରେ କାହା ସାଂଗେ ମିଶେନି। ମୋର ସାଂଗ– ବୋଉ ଓ ତିନି ଭଉଣୀ। ଏତେ ସହଜରେ ମୋ'ର କାହା ସହିତ ମନ ମିଶିବା ହେଇପାରେନି। ମୋ'ର ଏଇଟା ଗୋଟେ ଦୋଷ ବୋଲି ଲୋରୀ ଅପା ସଦାବେଳେ କହେ। ହେଲେ, ପରୀ ତ ଲୋରୀ ହୋଇ ପାରିବନି ! ସେ ଅଲଗା... ! ତେଣୁ ମୁଁ ଅନୁରାଗ ସହିତ ସହଜ ହୋଇପାରୁନଥାଏ। ସେ ବି ମୋ ସହିତ କଥା ହୁଏନି।

ନୂଆକରି କଲେଜରେ ପାଦଦେଇଥିବା ପୁଅ ଝିଅଙ୍କ ମନରେ ପ୍ରଜାପତିର ପର ଲାଗିଯାଇଥାଏ। ଖାଲି ରଂଗବେରଂଗର ସ୍ୱପ୍ନ। ହାଇସ୍କୁଲରୁ ଗୋଟେ ଧାରଣା ଥାଏ କି କଲେଜଟା ପ୍ରେମ କରିବା ପାଇଁ ଏକ ସ୍ୱର୍ଗ। ଆଖିରେ ଆଖି ମିଶିଲା ମାତ୍ରେ ପ୍ରେମ ! ତା' ପରେ ଖାଲି ଉଡ଼ିବା ଆଉ ଉଡ଼ିବା। ସବୁ ଝିଅ ଆମର ବ୍ୟସ୍ତ ରହିଲେ ଗୋଟେ ଗୋଟେ ପ୍ରେମିକର ଅନୁସନ୍ଧାନରେ। କିଏ କେତେ ଶୀଘ୍ର ବଏଫ୍ରେଣ୍ଡ ଯୋଗାଡ଼ କରିପାରିଲା, ବାହାଦୁରୀ ନେବା ପାଇଁ ଗୋଟେ ବଡ଼ ଯୋଗ୍ୟତା ହେଲା। ମୁଁ କିନ୍ତୁ ଏଥିରେ ସାହସର ଅଭାବ ଅନୁଭବ କଲି। କାଇଁ କେହି ବି ଆଗେଇ ଆସିଲେନି ମୋ ଆଡ଼କୁ ! ଭାବିଲି ଏସବୁ ବେକାର କଥା। ପଢ଼ାପଢ଼ିରେ ମନ ଦେଲି।

ହଁ, କଲେଜ କଥା। ସାଇନ୍‌ସ୍, ଆର୍ଟସ୍ ଓ କମର୍ସ ବ୍ଲକ ସବୁ ଅଲଗା ଅଲଗା। କିନ୍ତୁ ଆମ ଆର୍ଟସ୍ ବ୍ଲକ୍‌କୁ ଲାଗି କମର୍ସ ବ୍ଲକ୍‌ର କିଛି କ୍ଲାସ୍ ହୁଏ। କମର୍ସରେ ତ ଝିଅ ନଥାନ୍ତି। ତେଣୁ କମର୍ସ ପିଲାମାନେ ପ୍ରାୟ ଦୁଷ୍ଟାମୀ କରନ୍ତି ଆଉ ଅନ୍ୟ କ୍ଲାସର ଝିଅମାନଙ୍କୁ କମେଣ୍ଟ କରନ୍ତି। ଅନୁରାଗର ଆଠ ଦଶଜଣିଆ ଗୋଟେ ଗ୍ରୁପ୍ ଥାଏ। ସେମାନେ ଏକାଠି ବୁଲନ୍ତି ଓ ଏକାଠି ଝିଅମାନଙ୍କୁ କମେଣ୍ଟ କରନ୍ତି। ହେଲେ, ସେମାନଙ୍କ କମେଣ୍ଟରେ ଆଜେବାଜେ କଥା ନଥାଏ। କାହା ମନକୁ ଆହତ ନହେଲା ପରି କୁହନ୍ତି। କୌଣସି ଝିଅ ଭଲ ଡ୍ରେସ୍ ପିନ୍ଧିଥିଲେ କମ୍ପ୍ଲିମେଣ୍ଟ୍‌ସ ଦିଅନ୍ତି। କାହାର ଜନ୍ମଦିନ ଥିଲେ ହାପ୍ପି ବାର୍ଥଡେ କୁହନ୍ତି। ଲେଡିଜ୍ କମନ୍ ରୁମ୍‌ରେ ପ୍ରାୟ କମର୍ସ ପିଲାଙ୍କ କଥା ନେଇ ହସଖୁସୀ ହୁଏ। ଉପରେ ଉପରେ ବିରକ୍ତ ହେଲେ ବି, ଲୁଚେଇ ଲୁଚେଇ ସମସ୍ତେ କମର୍ସ ବ୍ଲକ୍ ଆଡ଼େ ନଜର ପକାନ୍ତି। କିଛି ଗୋଟେ କାମ ଥିବାର ବାହାନା କରି ତୁମମାନଙ୍କ ସାମ୍ନାରେ ବେଶୀ ହଲେଇ ଚାଲିଯାଆନ୍ତି। ତୁମ ମହଲର ଚାପା ହସର ତରଙ୍ଗ ଆମ ଭିତରେ ଖେଳିଯାଏ। କଲେଜ୍‌ରେ ଏତେ ପୁଅ

କମେଣ୍ଟ କରନ୍ତି । ମାତ୍ର ତୁମ କମେଣ୍ଟରେ କେମିତି ଗୋଟେ ମିଠା ଆକର୍ଷଣ ଥାଏ । ଚକୋଲେଟ୍ ଖାଇଲା ପରି ଲାଗେ । ଏଇଟା ମୁଁ କହୁନି । ସମସ୍ତେ ଏମିତି କହନ୍ତି । ଏତେ ମଜ୍ଜା ଲାଗେ, କ'ଣ କହିବି ତତେ ? କିନ୍ତୁ ଲୋରୀ ଶତ୍‌ପଥୀର ଭଉଣୀ ହିସାବରେ ମତେ କେହି ବି କମେଣ୍ଟ କରନ୍ତିନି ।

ଅନାମିକାକୁ ତୁ ତ ଜାଣୁ ! କେତେ ଚୁପ୍ ଚାପ୍ ଝିଅ ! ଦିନେ ସେ ଗୋଟେ ସୁନ୍ଦର ଫୁଲପକା ଶାଢ଼ୀ ପିନ୍ଧି କଲେଜ ଆସିଥିଲା । ତୁ ସେଦିନ ତା'କୁ 'ଫୁଲ୍‌ଝରୀ' ବୋଲି କମେଣ୍ଟ କଲୁ । ତୋ' ସାଙ୍ଗମାନେ ତ ସବୁ ହସିଲେ । ଆମ ଝିଅମାନଙ୍କ ଭିତରେ ହସର ଲହରୀ ଖେଳିଗଲା କମନ୍ ରୁମ୍‌ରେ ପହଞ୍ଚିଲା ପରେ । ତା' ନାଁ ସେଇଦିନଠୁ ଆମ ଭିତରେ 'ଫୁଲ୍‌ଝରୀ' ହେଇଗଲା । ସେଇ ଦିନଠୁ ତତେ ଦେଖିଲେ ହିଁ ସିଏ ଆମମାନଙ୍କ ଆଗରେ ଧୁମ୍ ଗାଳିଦିଏ । କହେ ବଜାରୀ, ଛତରା, ଲୋଫର । ହେଲେ- ତୁ ଯେଉଁଦିନ କମେଣ୍ଟ ନକରୁ ତା' ମୁହଁ ଫିକା ପଡ଼ିଯାଏ । ତତେ ଯେଉଁଦିନ ନଦେଖେ ତା'କୁ ଭଲ ଲାଗେନି । ମତେ ବାରମ୍ବାର ପଚାରେ- "କିଲୋ ପରୀ ! ଆମ ବ୍ଲକ୍‌ଟା କାହିଁକି ଆଜି ଖାଲି ଖାଲି ଲାଗୁଛି ? କମର୍ସ ପିଲାଙ୍କର ଆଜି କ୍ଲାସ୍ ନାହିଁ ବୋଧେ !" ମୁଁ ତ ପ୍ରଥମେ କିଛି ବୁଝି ପାରୁନଥିଲି । ଦିନେ ଦେଖିଲି ତା' ଖାତାରେ ତୋ' ନାଁଟା ଚିକି ଚିକି ଅକ୍ଷରରେ । ତା'କୁ ପଚାରିଲି ତୁନି ତୁନି । ସେ କିଛି କହିଲାନି । ଖାଲି ହସିଦେଲା । ପଚାରିଲା- "ଏଇ ! ଅନୁରାଗ ତୁମ ଘରକୁ ଆସେ ନା ?" ମୁଁ 'ହଁ ' କହିଲି । ଅନୁଭାଇରେ ! କ'ଣ କହିବି ? ସେଇ ମୁହୂର୍ତ୍ତରେ ମୋ ଛାତି ଭିତରେ ଟିକ୍ କରି କ'ଣ ଗୋଟେ ଆବାଜ୍ ହେଲା । କ'ଣ ହେଲା କେଜାଣି ? ତା' ପ୍ରତି ମୋର ଗୋଟେ ପ୍ରତିଦ୍ୱନ୍ଦ୍ୱୀ ମନୋଭାବ ଆସିଗଲା ।

ହଠାତ୍ ସେଇ ମୁହୂର୍ତ୍ତରେ ଭାବିଲି ତୋ' କଥା । ତୁ' ତ ଏତେ ପାଖରେ ଥିଲୁ ! ଅନାମିକା ଆଉ ଅନ୍ୟ ଝିଅଙ୍କ ଠାରୁ ଶୁଣି ଭାବୁଥିଲି- "ତୁ ଗୋଟେ ଲୋଫର ହୋଇଥିବୁ ।" କିନ୍ତୁ ଘରେ ତ ତୋ'ର ଗୋଟେ ସଂପୂର୍ଣ୍ଣ ଅଲଗା ଇମେଜ୍ । ଘରେ ସମସ୍ତଙ୍କ ସହିତ ହସ ଖୁସୀ ହେଲେବି, ମୋ ସାମ୍ନାରେ ତୋ'ର ସବୁ ଚଞ୍ଚଳତା କୁଆଡ଼େ ମିଳେଇଯାଏ । ସାମ୍ନା ସାମ୍ନି ଦେଖାହେଲେ ତଳକୁ ମୁହଁ ପୋତି ଚାଲିଯାଉ ! କିଛିଦିନ ପରେ ମୁଁ ଦେଖେ ତ, ମୋ ମନ ସାରା ତୋ'ର ଛବି । ମୋ ଅଜାଣତରେ ଧୀରେ ଧୀରେ କେମିତି ମୋ ଭିତରେ ପ୍ରବେଶ କରିଯାଇଥିଲୁ । ସେଇ କେତେଦିନ ମୁଁ ପାଠ ପଢ଼ିପାରିଲିନି, ନଭେଲ ପଢ଼ିପାରିଲିନି କି ଏକୁଟିଆ ବସି ପାରିଲିନି । ବହି ଭିତରେ ଖାଲି ତୋ'ରି ମୁହଁ, ତୋ'ରି କଥା । ତୋ' ସହିତ କଥା ହେବାର ଚାନ୍ସ୍ ତ ନଥିଲା ! ତଥାପି ସନ୍ଦେହ ଟିକେ ଟିକେ ଥାଏ । ଦିନେ ସାହସ କରି ଲୋରୀ ଅପାକୁ ପଚାରିଲି- "ଅନୁରାଗ କେମିତିକା ପିଲା ?" ସେ ବୋଧେ ଆମ ଦି'ଜଣଙ୍କୁ ନେଇ କିଛି ଅନୁଭବ କରୁଥିଲା । ମତେ ଅନେଇକି କହିଲା- "He is very safe."

ଅପା କଥାର ପ୍ରମାଣ ପାଇଲି ସେଦିନ । ଘରେ କେହି ନଥିଲେ । ତୁ ଅପା ପାଖକୁ କ'ଣ ଗୋଟେ କାମରେ ଆସିଥିଲୁ । କବାଟ ଫିଟେଇଦେଇ ତତେ ଦେଖି ମୁଁ ପୁରା ଛାନିଆଁ ହୋଇଗଲି । କିନ୍ତୁ ମତେ ଦେଖି ତୁ ବୋଧେ ବେଶୀ ଛାନିଆଁ ହୋଇଯାଇଥିଲୁ । ବସିବାକୁ କହିଲେ ବି ବସିଲୁନି । ପଚାରିଲେ ପଦକରୁ ଦି'ପଦ ଉତ୍ତର ଦେଲୁନି । ବାସ୍, ସେଇ ମୁହୂର୍ତ୍ତରେ ମୁଁ ତୋ ମନଟାକୁ ଏକ୍ସରେ କରିଦେଲି । ଦୁଷ୍ଟ ଅନୁରାଗ ମହାପାତ୍ର ଭିତରେ ବି ଗୋଟେ ଶାନ୍ତ ସରଳ ଅନୁଭାଇ ଅଛି ବୋଲି ମୁଁ ସେଇଦିନ ଜାଣିଦେଲି । ବାରମ୍ବାର କହିଲା ପରେ ତୁ ବସିଲୁ... ମତେ ଆଶ୍ଚର୍ଯ୍ୟ କଲାଭଳି ତୁ ଗୋଟେ ପ୍ରଶ୍ନ ପଚାରିଦେଲୁ- "ସହର ବତୀ ଗଲାଣି ଲିଭି, ସରିନି ମୋ ପତ୍ର ଲେଖା"... ବିଷୟରେ । ଏଇ ଗୀତଟା ମୁଁ ମୋ ରୁମ୍‌ରେ ଥାଇ ବୋଲିଲାବେଳକୁ ତୁ ଦିନେ ଶୁଣିଦେଇଥିଲୁ । ତୁ ମତେ ତା'ର ଲିରିକ୍‌ସ ମାଗିଲୁ... । ସେଇ ପଦେ କଥାରେ ମୋ' ସହରର ସମସ୍ତ ବତୀ ଉଦ୍‌ଭାସିତ ହୋଇଉଠିଲେ । ମୁଁ ହୋଇଗଲି ତୋ'ର ଚିତ୍ରଲେଖା । ଇସ୍... ଏତେ ଖୁସୀ... ଜୀବନରେ ପ୍ରଥମଥର ପାଇଁ ଗୋଟେ ପୁଅଠାରୁ ମୁଁ ପ୍ରଶଂସା ଶୁଣିଲି । ତା'ପରେ, ମଝିରେ ମଝିରେ ତୋ ସହ ଦେଖା ଲୋରୀ ଅପା ସୌଜନ୍ୟରୁ । କଲେଜ ବା ଏଣୁତେଣୁ ବିଷୟରେ ଗୋଟେ ଦି'ଟା ପ୍ରଶ୍ନ ମୋ ତରଫରୁ ବା ତୋ ତରଫରୁ । ଚାରିଟା ବେଳେ ସେଇ ପଦେ ଦି'ପଦ କଥା ମତେ ପାଗଳୀ କରି ଦେଉଥିଲା । ଅନେଇ ରହୁଥିଲି ତୋ'ରି ବାଟକୁ ସାରାଦିନ । କେମିତି କେଜାଣି, ଆମ ଝିଅ ମହଲରେ ଜାଣି ଦେଲେ- 'ମୁଁ ତତେ କୁଆଡ଼େ ପ୍ରେମ କରୁଛି !' ମତେ ଖୁସୀ ଯେତିକି ଲାଗିଲା, ଦୁଃଖ ତା'ଠୁ ବେଶୀ । ପ୍ରେମ ବୋଲି ଜିନିଷଟାର ସ୍ୱରୂପ ମୁଁ ତୋ'ଠୁ ଦେଖି ପାରିନଥିଲି ସେ ପର୍ଯ୍ୟନ୍ତ । ଖାଲି କଲେଜ ଓ ପାଣିପାଗ ବିଷୟରେ ଦି'ପଦ କଥାବାର୍ତ୍ତା କ'ଣ ଯଥେଷ୍ଟ ? ଅନାମିକା ମତେ କହେ- "ତୁ ବହୁତ ଲକ୍କିରେ ପରୀ" ।

କିଛିଦିନ ପରେ ମୁଁ ଲକ୍ଷ୍ୟ କଲି, ତୁ କ୍ରମଶଃ ମୋ ପ୍ରତି ସଚେତନ ହୋଇପଡୁଛୁ । କଥାବାର୍ତ୍ତାରେ ପୂର୍ବର ପ୍ରଗଳ୍‌ଭତା ଆଉ ନାହିଁ । ମାପିଚୁପି କଥାବାର୍ତ୍ତା କରୁଛୁ । ତୋ' ଶବ୍ଦ ଗୁଡ଼ାକର ଗଭୀରତା ମାପିବା ପାଇଁ ମୁଁ ଅକ୍ଷମ ହେଉଥିଲି । ମୁଁ କିନ୍ତୁ ସଫା ଜାଣିଦେଲି ତୋ'ର ଦୁର୍ବଳତା । ହେଲେ, ତୁ' ତ ନୀରବ ରହିଲୁ । ମୁଁ କେମିତି ମୁହଁ ଖୋଲିଥାଆନ୍ତି ? ପୁଅମାନେ ତ ପ୍ରଥମେ ମୁହଁ ଖୋଲନ୍ତି । ଏଇଟା ଫରମୁଲା । ମୁଁ କେମିତି ବ୍ୟତିକ୍ରମ ହେଇଥାଆନ୍ତି ? ତା' ଛଡ଼ା, ମୁଁ ତ ଟିକିଏ ଚୁପ୍‌ଚାପ୍ । ଚାଲିଲା କିଛିଦିନ ଅନ୍ତଃସ୍ରୋତ ଆମ ଭିତରେ ।

ଲୋରୀ ଅପା ୟୁନିଭର୍ସିଟିରେ ପୋଜିସନ ରଖି ପାଶ କଲା । International Studies ପଢ଼ିବାକୁ ଊଘଟ ଚାଲିଗଲା । ତୋ'ର ବି ଯିବା ଆସିବା ବନ୍ଦ ହୋଇଗଲା । ବହୁତ କଷ୍ଟରେ ! ସେଇ ୧୫-୨୦ ଦିନ । ମୁଁ ଭାବୁଥିଲି ତୁ ବି ଏମିତି ଯନ୍ତ୍ରଣା ଭୋଗୁଥିବୁ । ଦିନେ ଡକେଇଦେଲି ତତେ ଲୋରୀ ଅପାର ଗୋଟେ ବହିପାଇଁ । ତତେ ବି ସେ ଏ ବିଷୟରେ ଚିଠି ଲେଖିଥିଲା । ଦୀର୍ଘ ଗୋଟିଏ ବର୍ଷର ପ୍ରତୀକ୍ଷା ! ସେ'ଦିନ ସନ୍ଧ୍ୟା ପରେ ତତେ କେବେ ଏକା ଭେଟି ନଥିଲି । ତୁ ଅନୁଭବ କରି ପାରିବୁନିରେ ଅନୁଭାଇ ! କି ଉଦ୍‌ବିଗ୍ନତାର ସହ ମୁଁ ସେଦିନ ତୋ' ବାଟକୁ ଅନେଇ ବସିଥିଲି । ଶେଷରେ ତୁ ଆସିଲୁ । ପ୍ରଥମ କରି ତତେ ଏକୁଟିଆ ଭେଟୁଛି ଏତେ ଦିନ ପରେ ! ଗୁଡ଼ାଏ ରୁଦ୍ଧ ବେଦନା ହାଲୁକା ହୋଇଗଲା ତତେ ସେଦିନ ଏତେ ପାଖରେ ଦେଖି । ପ୍ରତି ମୁହୂର୍ତ୍ତରେ ଇଚ୍ଛା ହେଉଥିଲା ତତେ ଚାପି ଧରିବାକୁ । ଜମା ଛାଡ଼ିବାକୁ ଇଚ୍ଛା ହେଉନଥିଲା । କେତେ କଣ ଭାବିଥିଲି ତତେ କହିବା ପାଇଁ । ହେଲେ ସବୁ ଭୁଲିଗଲି ତତେ ଦେଖିନେଇ । ତୋ ମୁହଁଟାକୁ ମୁଁ ସେମିତି ଚାହିଁ ରହିଥିଲି ନିର୍ନିମେଷ ନୟନରେ । ତୋ' ଛାତି ଭିତରର ଟିକ୍‌ଟିକ୍, ମୋ ଛାତି ଭିତରେ ଅନୁଭବ କରିପାରୁଥିଲି । ବହୁତ ମଜା ମଜା କଥା ତୁ କହିଲୁ । ମୋ ଓଠ ଦି'ଟା କିନ୍ତୁ ଚିପି ହୋଇ ରହି ଯାଇଥିଲେ । ତୁ'ତ ମୋ କଥାଗୁଡ଼ା ସବୁ କହି ଦେଉଥିଲୁ । ମୁଁ ଅଧିକାଟା କ'ଣ କହିଥାନ୍ତି ଯେ ? ଦୁଇ ତିନି ଘଣ୍ଟା ସେଦିନ କେମିତି ଚାଲିଗଲା ମୁଁ ଜାଣିପାରିଲିନି । ରାତି ସାରା କେବଳ ସ୍ୱପ୍ନ ଆଉ ସ୍ୱପ୍ନ । ତୁ ମତେ ଯେମିତି ମନ୍ତ୍ର କରିଦେଲୁ । ମନ ରାଇଜଟା ମୋ'ର ତୋ'ର ହୋଇଗଲା । ଆମେ ଦି'ଜଣ ବହୁତ ପାଖାପାଖି ହୋଇଗଲେ । ତୋ ବିନା ମୋର ସତ୍ତା ଖୋଜିପାଇଲିନି । ଦି'ଜଣ ଏକା ଏକା ବସି ଗପିବାରେ କେତେ ଆନନ୍ଦ ସତରେ ? ଜାଣିଛୁ ? ତୋ ପୂର୍ବରୁ କୌଣସି ପୁଅର ଛାଇ ମୋ ମନର ପରିଧି ଛୁଇଁ ନଥିଲା । ତୋ'ର ବି ସେୟା ବୋଲି ଯେଉଁ ଦିନ କହିଲୁ, ଏତେ ଖୁସୀ ହୋଇଗଲି ଯେ ରାତିସାରା ଶୋଇ ପାରିଲିନି ।

ମନେ ଅଛି କିରେ ! ତୋ'ର ସେଇ କବିତାଟା କଥା ? ଗୋଟେ ଗପ ବହି ଭିତରେ ଦେଇଥିଲୁ । ତୁ ଗୋଟେ କବି ବୋଲି ମୁଁ ଜାଣି ନଥିଲି । ମତେ ତୁଳନା କରିଥିଲୁ କେଉଁ ରୂପରାଇଜର 'ଲାଲ୍ ପରୀ' ସହିତ ! କେଉଁ ଏକ ନିର୍ଜନ ଦ୍ୱୀପର ନିର୍ବାସିତ ଦର୍ପଣରେ ତୁ

ମୋର ପ୍ରତିଛବି ଆବିଷ୍କାର କରିଥିଲୁ । ମୁଁ ନିଜକୁ ବିଶ୍ୱାସ କରିପାରୁନଥାଏ ଯେ ସେଇ କବିତାଟା ମୁଁ ନିଜେ! ତୁ' ତ ସିଧା ଦେଇପାରିଥାନ୍ତୁ, ଲୁଚେଇ କରି କାହିଁକି ଦେଲୁ? ତୁ କ'ଣ ସେ ପର୍ଯ୍ୟନ୍ତ ସନ୍ଦେହ କରୁଥିଲୁ ମୋ ଭଲପାଇବାକୁ? ମୋ ନାଁଟା ସିଧା ନଥିଲେ ବି ମତେ ଟିକେ ଟିକେ ଖୁସୀ ଲାଗୁଥାଏ– ଯା'ହେଉ ମୁଁ ଅନୁଭାଇର କବିତା ହୋଇଗଲି! ଏମିତି କେତେଦିନ ଗଲା ତୁ ଜାଣିଥିବୁ। ମୋ ମନର ସବୁ ପୃଷ୍ଠା ଗୁଡ଼ା ତୋ ଆଗରେ ଖୋଲି ସାରିଲା ପରେ ବି ତୁ ମତେ 'I Love You' କହିପାରିଲୁନି? ତୁ କ'ଣ ସତରେ ମୋ ହୃଦୟ ତନ୍ତ୍ରୀର ଝଙ୍କାର ଶୁଣି ପାରିନଥିଲୁ? ମୁଁ କିନ୍ତୁ ତୋ' ହୃଦୟର ପ୍ରତିଟି ରାଗିଣୀ ଅନୁଭବ କରି ପାରୁଥିଲି। ତୋ' ପାଟିରୁ ଏଇ ତିନିଟା ଶବ୍ଦ ଶୁଣିବା ପାଇଁ ମୁଁ କେତେ ଉତ୍ସୁକ ଥିଲି ତତେ କେମିତି ବୁଝେଇବି ଯେ?

କିଛିଦିନ ପରେ ତୁ ହଠାତ୍ ଆଉ ଗୋଟେ ଅନୁଭାଇ ହୋଇଗଲୁ। ଏତେ ଗମ୍ଭୀର, ଏତେ ଉଦାସ, ଏତେ ଚୁପ୍‌ଚାପ୍ ମୁଁ ତତେ କେବେ ଦେଖିନଥିଲି। ତୁ ସଦାବେଳେ ମଉଜ ମଜଲିସ୍ କରୁ, ଏଇ ଗୁଣଟା ମୋର ସବୁଠୁ ପସନ୍ଦ ଥିଲା। ସେଥିପାଇଁ ମୁଁ ତୋ ପାଖକୁ ଟାଣି ହୋଇ ଯାଇଥିଲି। ତୋ'ର ଏଇ ଉଦାସୀନତା ମୁଁ କେମିତି ସହ୍ୟ କରିପାରିଥାଆନ୍ତି?

ପ୍ରାୟ ଗୋଟେ ମାସ ତୁ ଆମ ଘରକୁ ଆସିଲୁନି। ନୂରୀ, ଶାରୀ ବଜାରରେ ଦେଖି ଡାକିଲେ ବି ତୁ ଆସିଲୁନି। ଶେଷରେ ପୂଜା ଛୁଟୀରେ ଲୋରୀ ଅପା ଆସିଲା। ତା'କୁ ବି ତୁ ଦେଖା କରିବାକୁ ଆସିଲୁନି। ଶେଷକୁ ସେ ତୁମ ଘରକୁ ଯାଇ ଜବରଦସ୍ତି ତତେ ଡାକି ଆଣିଲା। ଯେତେ ପଚାରିଲେ ବି ତୁ ତା'କୁ କିଛି କହିଲୁନି। ଶେଷରେ ସେ ତୋ ସାଂଗ ସଂପଦ୍ ଠାରୁ ଶୁଣିଲା ଯେ... ତୁ ଗୋଟେ ଅଜଣା ଅଚିହ୍ନା ଚିନ୍ତାରେ ଘାରି ହେଉଛୁ। କାହାକୁ କିଛି କହୁନୁ କି ଶୋଇ ବି ପାରୁନୁ କୁଆଡ଼େ! ଯୋଉ ଯନ୍ତ୍ରଣା ମୁଁ ଅନୁଭବ କଲି କଣ କହିବି? ସେ ପର୍ଯ୍ୟନ୍ତ ମୋର ସେମିତିକା ଅନୁଭବ ନଥିଲା। ତୋ'ର ଖୁସୀ ପାଇଁ ମୁଁ ସବୁ କିଛି ଜଳାଞ୍ଜଳୀ ଦେଇ ଦେବାକୁ ପ୍ରସ୍ତୁତ ହୋଇଗଲି। ମୋ'ର ବିଶ୍ୱାସ ଥିଲା, ତୁ ମତେ ନିଶ୍ଚୟ କହିବୁ ତୋ' ମନର କଥା। ପନ୍ଦର କୋଡ଼ିଏ ଦିନ ତୋ ସହିତ କଥା ହେଇ ପାରିଲିନି। ଦେଖାହେଲେ ବି ତୁ ମୁହଁ ଫେରାଇନେଇ ଚାଲିଗଲୁ। ଲୋରୀ ଅପା ଓଁଘଟ ଫେରିଗଲା। କ'ଣ ତୋ'ର ହେଉଥିଲା ମୁଁ କେମିତି ଜାଣନ୍ତି? ଅନେକ ଚେଷ୍ଟା ପରେ ତୋ'ଠୁ ପାଇଲି କାଗଜ ଖଣ୍ଡେ। ପଢ଼ିଲି ତା'କୁ କାନ୍ଦି କାନ୍ଦି। ମୋ ପରି ଗୋଟେ ଝିଅ ପାଇଁ ତୁ ଏତେ କଷ୍ଟ ସହୁଛୁ ଜାଣି ମୁଁ ଆଶ୍ଚର୍ଯ୍ୟ ହେଲି। ମୁଁ ବୁଝି ପାରୁନଥିଲି ତୁ ମତେ ଅବିଶ୍ୱାସ କରିବାର କାରଣ କ'ଣ? ମୁଁ ତତେ ଜୀବନରୁ ବେଶୀ ଭଲପାଏ ବୋଲି ତୁ କ'ଣ ଅନୁଭବ କରିପାରିନଥିଲୁ? ତୁ ବୋକାଟେରେ!.... ଝିଅପିଲା କ'ଣ ଏମିତି କହନ୍ତି ମୁହଁ ଖୋଲି? ସେମାନଙ୍କ ମୁହଁ ଖୋଲିବାକୁ ହୁଏ ଚେଷ୍ଟା କରି। ତୁ' ତ ସାମାନ୍ୟ ଚେଷ୍ଟା କରିଥିଲେ ମୋ ଓଠରେ ସେଇ ତିନିଟା ଶବ୍ଦ ଭରି ଦେଇ ପାରିଥାନ୍ତୁ। ଯାତ୍ରା ପାର୍ଟିର ତୃତୀୟ ଶ୍ରେଣୀର ନାୟିକା ପରି କ'ଣ ମତେ କହିବାକୁ ପଡ଼ିଥାନ୍ତା– "ଅନୁଭାଇ! ମୁଁ ତୁମକୁ ପ୍ରାଣଭରି ଭଲପାଏ। ଛାତି ଚିରି ଦେଖାଇଦେବି।" କିନ୍ତୁ ଏପରି କହିବାରେ ମୋର ବିଶ୍ୱାସ ନଥିଲା। ତୁ କ'ଣ ଏତିକି ବୁଝି ପାରି ନଥିଲୁ ଯେ ମୁଁ କହିଥାନ୍ତି? ପୁଅ ପିଲା ତୁ। ଏତେ ଡରୁଆ ହେଲେ ଚଳିବ?

ଏଇରେ...! ତୁ ତ ବାହାରକୁ ଏତେ ଖେଳୁଆଡ଼ ପରି ଜଣାପଡୁ। ଭିତରେ ଏତେ ନରମ କେମିତି? ମୁଁ କେବେ ଭାବି ନଥିଲି ତୁ ଏତେ କୋମଳ ହୋଇଥିବୁ ବୋଲି। ଦଶଟା ଝିଅଙ୍କୁ ସାମ୍ନା ସାମ୍ନି କମେଣ୍ଟ କରୁଥିଲୁ, ଅଥଚ ଗୋଟାଏ ଝିଅ ଆଗରେ ମନର କେତେଟା ପୃଷ୍ଠା ଖୋଲି ଦେବା ପାଇଁ ସାହସ ତୋ'ର ନଥିଲା? ତତେ ଆଉ କ'ଣ କହିଥାନ୍ତି ଯେ? ଚିଠିଟା ପଢ଼ି ଡରିଗଲି। ମୋ ଛାତିରେ ସାହସର ଏକାନ୍ତ ଅଭାବ ଅନୁଭବ କଲି। କ'ଣ ତତେ ଉତ୍ତର ଦେବି ଠିକ୍ କରିପାରିଲିନି। ତତେ ଏତେ ବେଶୀ ଭଲପାଇ ବସିଥିଲି ଯେ ତୁ ମତେ ଛାଡ଼ି ଦେଲେ ମୁଁ ବଞ୍ଚିପାରିବି କି ନାହିଁ ସନ୍ଦେହ ଥିଲା। କିନ୍ତୁ ତୋ'ର କଥା ଯଦି ଗ୍ରହଣ କରିନେଉଛି ଅନେକ ଝଡ଼ର ସମ୍ମୁଖୀନ ହେବାକୁ ପଡ଼ିବ। ଅବଶ୍ୟ ତୁ ମୋ'ଠୁ କୌଣସି ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ମାଗି ନଥିଲୁ। ତୋ'ର କେବଳ ଦରକାର ଥିଲା ମୋର ସବୁତକ ସ୍ନେହ। ତଥାପି ଭବିଷ୍ୟତରେ ଯଦି ସେପରି ପରିସ୍ଥିତି ଆସେ, ତାକୁ ଭେଟିବା ଭଳି ସାହସୀ ଝିଅ ମୁଁ ନୁହେଁ। ତା'ଛଡ଼ା ଆମେ ଯଦି ଭାବ ପ୍ରବଣତାର ବଶବର୍ତ୍ତୀ ହୋଇ କୌଣସି ଚରମ ପଦକ୍ଷେପ ନେବା, ଆମ ଦି'ଟା ପରିବାର ତା'କୁ କାହିଁକି ଏତେ ସହଜରେ ଗ୍ରହଣ କରିନେବେ? ସେଥିପାଇଁ ଇଚ୍ଛା କଲି ଆମ ଭଲପାଇବାରେ କୌଣସି ସର୍ତ୍ତ ବା ସମ୍ଭାବନା ନରହୁ। ତୁ ବି ଏଇଟାକୁ କେମିତି ଏତେ ସହଜରେ ଗ୍ରହଣ କରିନେଲୁ ମୁଁ ଆଶ୍ଚର୍ଯ୍ୟ ହୁଏ। ମୋ'ର ଧାରଣା ଥିଲା ଯେ, କୌଣସି ପୁଅ କେବେ ବିନା ସ୍ୱାର୍ଥରେ ପ୍ରେମ କରନ୍ତିନି। ତୁ ସତରେ ଏକ ବ୍ୟତିକ୍ରମ ଏଇ ନିୟମର।

ଅନୁଭାଇରେ! ଗୋଟିଏ ଜିନିଷ ତୋ'ର ମୋ ପାଇଁ ଅନ୍ଧକାରରେ ରହିଗଲା। ଏତେ ମିଳାମିଶା, ଘଣ୍ଟା ଘଣ୍ଟା ଧରି ଗପିଲା ମଧ୍ୟରେ ତୁ କେବେ କାଇଁ ତ ମୋ ଦେହ ବିଷୟରେ ଅନୁସନ୍ଧିତ୍ସୁ ହୋଇନୁ। ସତ କହତ ଦେଖି, କେବେ କଣ ତୁ ମନତଳେ ଅନୁଭବ କରିନୁ ଉଷ୍ମତା? ଗୋଟେ ଝିଅ ସହ ଏତେ ଘନିଷ୍ଠ ହୋଇସାରିଲା ପରେ, ତା' ମନର ପ୍ରତିଟି ତରଙ୍ଗରେ ତୋ' ମୁହଁ ପ୍ରତିବିମ୍ବିତ ହୋଇସାରିଲା ପରେ ବି ତୁ ସେମିତି ଅନାକର୍ଷିତ ରହିଗଲୁ?

ମନେ ପଡ଼େ ମୋ'ର ବେଳେବେଳେ ସେ ସବୁ ମୁହୂର୍ତ୍ତ। ଦି'ଜଣ ବସି ଗପିଲାବେଳେ କରେଣ୍ଟ ଚାଲିଯାଏ। ତୁ ସଙ୍ଗେ ସଙ୍ଗେ ପାଟିକରୁ "ଏଇରେ ପରୀ। କ୍ୟାଣ୍ଡଲ ଜଳା ତ ଶୀଘ୍ର।" ମୁଁ କିନ୍ତୁ ସେମିତି ଅନ୍ଧାରରେ ବସି ତୋ ମନର ପୃଷ୍ଠାଗୁଡ଼ା ଚୁପଚାପ୍ ଖୋଲୁଥାଏ। ଟିକିଏ ଡେରୀ ହେଲେ ରାଗୁ। ସତରେ କ'ଣ ତତେ ଅନ୍ଧାରରେ ଏତେ ଡରଲାଗେ? ମତେ କିନ୍ତୁ ଜମା ଲାଗେନା। ବରଂ ଇଣ୍ଟରେଷ୍ଟିଙ୍ଗ୍ ଲାଗେ। ତୋ' ସହିତ ଥିଲେ ମୋ'ର ଆଫ୍ରିକା ଜଙ୍ଗଲକୁ ବି ଭୟ ନଥିଲା।

ଆଉ ଥରକର କଥା। ମତେ ତୁ କଣ ଗୋଟେ ଅଜଣା ଜିନିଷ ପାଇଁ ପ୍ରତିଶ୍ରୁତି ମାଗିଲୁ। ମୁଁ ନିର୍ଦ୍ୱନ୍ଦ୍ୱରେ ରାଜି ହୋଇଗଲି। ତୋ'ର ଦରକାରବେଳେ ମାଗିନବୁ ବୋଲି କହିଲୁ। ମୁଁ ତ ବିନ୍ଦୁ ବିସର୍ଗ ବି ବୁଝିପାରିଲିନି। କ'ଣ ସେ ଜିନିଷଟା ଅନୁଭାଇ ମାଗୁଛି? ପରେ କିନ୍ତୁ ଜାଣିଦେଲି। ହସିଲି। ଭାବିଲି, ଦେଖିବା ଅନୁଭାଇ କେତେ ସାହସୀ? ସତରେ, ତୁ ଡରୁଆଟା। ସେଥର ଯାଉଥିଲୁନା ଦିଲ୍ଲୀ ଦୁଇ ତିନି ମାସ ପାଇଁ କ'ଣ ଗୋଟେ ପଢ଼ିବା ପାଇଁ? ମତେ କହିଲୁ ମାଗିବୁ ବୋଲି ପୂର୍ବଦିନ ସନ୍ଧ୍ୟାରେ। ହେଲେ ହଜାରେ ଥର ପଚାରିଲା ପରେ ବି ସେ ଜିନିଷଟାର ନାଁ ତୋ ଜିଭରେ ଲେଉଟିଲା ନାହିଁ। ମୋ ହାତଟାକୁ ଦି'ହାତରେ ନେଇ ବି ଓଠରେ ଲଗେଇ ପାରିଲୁନି। ଡରୁଆ ନମ୍ବର ଓ୍ୱାନ୍। ମୋ ବାହାଘର ପୂର୍ବରୁ ଚିଠିରେ ଲେଖିଥିଲୁ ସେ ଜିନିଷଟାର ନାଁ– 11.9.19². ହସି ହସି ମୁଁ ବେଦମ୍। ସିଧା ସିଧା କହିଦେଇପାରିଲୁନି KISS ବୋଲି? ସେଥିପାଇଁ ଏତେ ବଡ଼ କୋଡ଼ଓ୍ୱାର୍ଡ଼! ତୁ ବୋଧେ ଜାଣିନୁ, ପ୍ରତି ଝିଅ ନିଜ ପ୍ରେମିକଠାରୁ କିଛି ନ ହେଲେ ବି ଅତି କମ୍‌ରେ ଗୋଟେ ଚୁମା ଆଶା କରନ୍ତି। ତୁ ଏଇ ଚିରନ୍ତନ ସତ୍ୟଟାକୁ ଜାଣି ପାରିଲୁନି! ତୋ' ଚିଠି ପାଇଲା ପରେ ଅନେକ ସୁଯୋଗ ମୁଁ ତତେ ଦେଇଛି ତୋ ପ୍ରାପ୍ୟଟା ମୋଠୁ ଆଦାୟ କରିନେବା ପାଇଁ। ହେଲେ ତୁ ପାରିଲୁନି। ମୋ'ର ବି ଗୋଟେ ଅବଶୋଷ ରହିଗଲା। ଏଥିପାଇଁ ଯେ, ତୁ' ତ ସିଗ୍ରେଟ୍ ଖାଉନି (ଇଏ କିନ୍ତୁ ପ୍ରଚୁର ଖାଆନ୍ତି।) ତେଣୁ ତୋ ଓଠ ଦି'ଟା ୟାଙ୍କ ଅପେକ୍ଷା ବେଶୀ ମିଠା ହୋଇଥିବ ନିଶ୍ଚିତ! ସତ କହୁଛିରେ ୟାଙ୍କୁ ଲୁଚେଇବି ବରଂ ତତେ ଲୁଚେଇବି କାହିଁକି? ଛୋଟ ଗୋଟେ ଅପ୍ରାପ୍ତିର ଅଶ୍ୱସ୍ତି ମନରେ ରହିଗଲା।

ଲୋରୀ ଅପାର ତ ଆହୁରି ଅନେକ ପାଠ ପଢ଼ିବାର

ଥିଲା । ତା'ର ଆକାଶ ଛୁଇଁବାର ଇଚ୍ଛାକୁ ବାପା ସୀମିତ କରିଦେବାକୁ ଚାହୁଁ ନଥିଲେ । ଏଣେ ତାଙ୍କ ରିଟାୟାରମେଣ୍ଟ ପାଖେଇ ଆସୁଥାଏ । ଆମ ତିନି ଭଉଣୀଙ୍କ ଦାୟିତ୍ୱ ଅପା ପାଇଁ ରଖିବାକୁ ବାପାଙ୍କର ଇଚ୍ଛା ନଥାଏ । ମୋ'ର ବି.ଏ ପରୀକ୍ଷା ଅଳ୍ପ ଦିନଥାଏ । ଗୋଟେ ବାହାଘରରେ ଜିତେନ୍‌ଙ୍କ ସହିତ ଦେଖା ହୋଇଗଲା । ପଦେ ଦି'ପଦ କଥା ତା'ଙ୍କ ସହିତ । ସପ୍ତାହକ ଭିତରେ ତା'ଙ୍କ ଘରୁ ପ୍ରସ୍ତାବ ଆସିଗଲା । ଭଲ ଘର, ଭଲ ପିଲା, ଭଲ ଚାକିରୀ, ବାପାଙ୍କର ଅରାଜି ହେବାର କିଛି ନଥିଲା । ତେଣୁ ପରୀକ୍ଷା ପରେ ହିଁ ବାହାଘର ପାଇଁ ବାପା ରାଜି ହୋଇଗଲେ । ହଠାତ୍ ଗୋଟେ ଘୂର୍ଣ୍ଣିଝଡ଼ ଭିତରକୁ ମୁଁ ଶୋଷି ହୋଇଗଲି । ଏତେ ଅକସ୍ମାତ୍ ଆସିଲା ଯେ ମୁଁ କିଂକର୍ତ୍ତବ୍ୟ ବିମୂଢ଼ ହୋଇରହିଗଲି । ଅପା ପରି ବ୍ରିଲିଆଣ୍ଟ ନହେଲେ ବି ଆଉ କିଛି ପାଠ ପଢ଼ିବାର ଆଶା ଥିଲା । ଜାଣି ପାରିଲିନି କ'ଣ କରିବି ? ତୁ'ତ ପାଠ ପଢ଼ିବା ପାଇଁ ଅନ୍ୟ ସହରକୁ ଚାଲିଯାଇଥିଲୁ । ଅପାଠୁ ଗୋଟେ ଚିଠି ପାଇଲି । ଲେଖିଥିଲା- "ପରୀ ! ବାପାଙ୍କ କଥା ମାନିବା ଆମର କର୍ତ୍ତବ୍ୟ । ଚାରି ଝିଅ ଆମେ । ତା'ଙ୍କ ମନରେ ଆଘାତ ନଦେବା ପାଇଁ ଚେଷ୍ଟା କରିବା । ତୋ' ମନରେ କିଛି ପ୍ରଶ୍ନ ଥିଲେ ମତେ କହିବୁ । ଚେଷ୍ଟା କରିବି ସମାଧାନ ପାଇଁ ।" ବୋଧେ ଆମ ବିଷୟରେ ତା'ର ଗୋଟେ ଫିକା ଧାରଣା ଥିଲା ।

ମତେ କିନ୍ତୁ ଗୋଟେ ନିଷ୍ପତ୍ତି ନେବାର ଥିଲା । ଗୋଟେ ପଟେ ବାପା, ବୋଉ, ଆରପଟେ ତୁ ! ତୋ' ଉପରେ ତ ମୋର ପ୍ରଗାଢ଼ ବିଶ୍ୱାସ ଥିଲା । ଲୋରୀ ଅପାକୁ ଚିଠି ଲେଖିଲି- "ପ୍ରଶ୍ନ ତ କିଛି କିଛି ଅଛି । କିନ୍ତୁ ସହଜ ଉତ୍ତର କିଛି ନାହିଁ । ବାପାଙ୍କ ପାଇଁ ମତେ ସବୁକୁ ଜଳାଞ୍ଜଳି ଦେବାକୁ ପଡ଼ିବ ଯେତେ କଷ୍ଟ ହେଲେବି । ଆଶାକରେ ତୁ ବୁଝିଯିବୁ । You know, I am safe."

ବାହାଘର ଆଉ ଅଳ୍ପଦିନ ଥାଏ । ତୁ ଲେଖିଥିଲୁ ଜିତେନ୍‌ଙ୍କ ବିଷୟରେ ଜାଣିବାକୁ । ମୋର ଇଚ୍ଛା ହେଉଥିଲା ଜଣାଇ ଦେବା ପାଇଁ ସେ କେତେ ଭଲ । ହେଲେ, ରହିଗଲି । ଭାବିଲି ତୋ' ମନଟା ସେମିତି ସତେଜ ସୁନ୍ଦର ହୋଇ ରହିଥାଉ । ମୁଁ ଥରେ କହିଥିଲି ନାଁ, ମୁଁ ଯେଉଁଠି ଥିଲେ ବି ତତେ ଭଲପାଇବି ଆଉ ମୋର ମନଟା ତୋ'ରି ପାଖେ ପାଖେ ଥିବ । ଏ ପଦଟାରେ ମୁଁ କୌଣସି ପରିବର୍ତ୍ତନ ଇଚ୍ଛା କରିନି । ନିହାତି ସତ ଏ ପଦଟା । ତତେ ମୁଁ କେବେ ଭୁଲି ପାରିବିନି । ଜିତେନ୍‌ଙ୍କୁ ବାହାହେଲା ପରେ ଘରକାମ କରିବା ଭିତରେ, ଲୁବ୍‌ନା ସହିତ ଖେଳିବା ସମୟରେ, ତାଙ୍କ ଛାତି ଉପରେ ଶୋଇ ରହିଥିଲାବେଳେ ବି ତୁ ମୋ ମନରେ ଆସୁ । ନାରୀ ତା' ପ୍ରଥମ ପ୍ରେମିକକୁ ମଲାଯାଏ ମନେ ରଖେ । ତମେ ପୁରୁଷଗୁଡ଼ା ସବୁ ଧୋକାବାଜ୍... ଏ ମା'- ଭୁଲ୍ କହିଦେଲି । ଅନ୍ତତଃ ତୋ' ଜାତିର ପୁଅଗୁଡ଼ା ସେମିତି ନୁହଁନ୍ତି । ମୁଁ ଭଲକରି ଜାଣେ, ତୁ ଏବେ ବି ମତେ ନିଶ୍ଚୟ ପୂର୍ବପରି ଭାବୁଥିବୁ । ଖାତାରେ ମୋ ନାଁ ଲେଖୁଥିବୁ ଅବସର ବେଳେ । ବୁଝିଲୁ ? ମୁଁ ମନେ ମନେ ଗର୍ବ କରେ ଯେ ମୋର ପ୍ରଥମ ପ୍ରେମ ଗୋଟେ ପୁଅ ସାଂଗେ ହୋଇଥିଲା, ଯେ ସମସ୍ତଙ୍କ ଠାରୁ ଅଲଗା । ହଁ, ତୁ କହିଥିଲୁ ନାଁ, ବାହାଘର ପୂର୍ବରୁ ମୁଁ ତତେ ଅବହେଳା କରୁଛି । ଆଉ ଚିଠି ଦେବାରେ ଆଗ୍ରହୀ ନୁହେଁ । ସତ କଥାଟା ତତେ କହୁଛି ଶୁଣ ! ନିର୍ବନ୍ଧ ପରେ ଜିତେନ୍‌ଙ୍କଠାରୁ ପ୍ରତିଦିନ ଚିଠି ଓ ଫୋନ୍ ମତେ ଅସ୍ତବ୍ୟସ୍ତ କରି ରଖିଥିଲା । ମୋର ଚିଠି କି ଫୋନ୍ ପାଇଁ ଇଚ୍ଛା ଥିଲା କି ନାହିଁ ଠିକ୍‌ରେ କହିପାରିବିନି । କିନ୍ତୁ ଆଉ କିଛି ରାସ୍ତା ନଥିଲା । ସଂପୂର୍ଣ୍ଣ ଜୀବନଟା ଯାହା ସହିତ ବନ୍ଧା ହୋଇଗଲା, କେମିତି ଇଗ୍‌ନୋର କରିଥାନ୍ତି ତା'ଙ୍କୁ ? ଶତଇଚ୍ଛା ସତ୍ତ୍ୱେ ବି ମତେ ସମୟ ମିଳେନି ତୋ' ପାଖକୁ ଦି'ଧାଡ଼ି ଲେଖିଦେବା ପାଇଁ । ତୋ ପାଖକୁ ଚିଠି ଲେଖିବା ପାଇଁ ତ ଅଲଗା ଗୋଟେ ମାନସିକ ପ୍ରସ୍ତୁତି ଦରକାର ! ସେତିକି ହେଇପାରୁନଥିଲା । ଅନେକ ଅନୁତପ୍ତ ମୁଁ ଏ ଅବହେଳା ପାଇଁ । ମୁଁ ଜାଣିଛି ତୁ ନିଶ୍ଚୟ ମୋ ଚିଠିକୁ ଅପେକ୍ଷା କରୁଥିବୁ । କିନ୍ତୁ ଉପାୟ ନଥିଲାରେ ! କ୍ଷମା କରିଦେବୁ । ଏହା ସତ୍ତ୍ୱେ ବି ତୁ ନିୟମିତ ଚିଠି ଦେଉଥିଲୁ । ସେଇଥିପାଇଁ ତ 'ତୁ', 'ତୁ' !

ଆରେ ଅନୁଭାଇ ! ଶେଷ ବେଳକୁ ତୁ ମତେ ଘୃଣା କରିନୁ ତ ? ଜିତେନ୍‌ଙ୍କୁ ଈର୍ଷା କରିନୁ ତ ? କାଇଁ ଦିନେ ହେଲେ ତ ଏ ପ୍ରକାର ଭାବନାର ଛାଇ ମୁଁ ତୋ ମୁହଁରେ ଲକ୍ଷ୍ୟ କରିପାରିଲିନି । ତତେ କେମିତି ଲାଜ ଲାଗେନା କେଜାଣି, ଜିତେନ୍‌ଙ୍କ କଥା କହି ମତେ ଚିଡ଼ାଉ ! ତା'ଙ୍କ ସହିତ ରୋମାନସ୍ କରୁଛି ଜାଣି ବି ତୁ ଅପରିବର୍ତ୍ତିତ ରହିଗଲୁ । କିନ୍ତୁ କାହିଁକି ? ତୋ ପ୍ରେମିକାକୁ ଆଉ ଜଣେ ଛଡ଼େଇ ନେଉଛି । ଅଥଚ ତୁ ତା'ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଉଛୁ ? ଆଉ ତତେ ଯିଏ କହିଥିଲା- "ଅନୁଭାଇ ! ଆମ ଦି'ଜଣକ ଭିତରେ ତୃତୀୟ ବ୍ୟକ୍ତିର ଅନୁପ୍ରବେଶ ଘଟିବନି । (ମୋର ବାହାଘର ପୂର୍ବରୁ ଅନ୍ତତଃ) ତମେ ଏ ବିଷୟରେ ନିଶ୍ଚିତ ରହିପାର" । ଠିକ୍ ସେଇ ଝିଅଟା ଏବେ ଆଉ ଜଣକ ସାଂଗରେ ହାତ ଛନ୍ଦି ଡେଇଁ ଡେଇଁକା ଚାଲିଯାଉଛି, ତତେ ଏଇଟା ବାଧିଲାନି ? ତୁ ମନଦୁଃଖ କଲୁନି ? ଅପମାନ ବୋଧ କଲୁନି ? ଅନାମିକା କହୁଥିଲା- "ଅନୁରାଗ ଚନ୍ଦ୍ର ମଣ୍ଡଳରୁ ଆନୀତ ଗୋଟାଏ ସ୍ୱତନ୍ତ୍ର ଧାତୁରେ ଗଢ଼ା । ଏ ପାର୍ଥିବ ଦୁନିଆଁର ଉପାଦାନ ତା' ମନରେ ଖୁବ୍ କମ୍ ।" ମୁଁ ଆଶ୍ଚର୍ଯ୍ୟ ହୁଏ, ଏତେ ଦୂରରେ ଥାଇ ସେ ଏତେ ସଠିକ୍ କେମିତି ଜାଣି ଦେଲା ? ଏତେ ପାଖରେ ଥାଇ ମୁଁ ଜାଣିପାରିଲିନି । ସତରେ ! ତୁ ମତେ ଆଶ୍ଚର୍ଯ୍ୟ କରିଦେଲୁ । ଅନେକ ଥର ଚେଷ୍ଟା କରିଛି ତୋ' ମନ ଭିତରକୁ ଉଙ୍କି ମାରିବା ପାଇଁ । ଯଦି ଈର୍ଷା ନଥାଏ, କିଛି ଭରିଦେବା ପାଇଁ । ମାତ୍ର ମୁଁ ହାରିଗଲି । ତୁ ସେମିତି ବରଫ ପରି ଶୀତଳ ରହିଗଲୁ । ଈର୍ଷାର ଉଷ୍ମତା ତତେ ସ୍ପର୍ଶ କରି ପାରିଲାନି ।

ଆଉ ଗୋଟେ କଥା ! ଅନେକ ଥର ତତେ କହିବି ବୋଲି ଭାବିଛି କିନ୍ତୁ କହିପାରିନି । ମତେ ତୁ ଖରାପ ଭାବିପାରୁ । କିନ୍ତୁ ଏଇଟା ନିହାତି ସତ କଥା । ନିଜକୁ ଟିକେ ଚେଞ୍ଜ୍ କର୍ । ନହେଲେ ଅସୁବିଧା ହେବ ତୋ' ନିଜପାଇଁ । କହୁଛି ଶୁଣ୍... ତୁ ଏତେ ଖିଆଲୀ କେମିତି ହେଲୁ କିରେ ? ତତେ ଏତେ ଭଲପାଇସାରିଲା ପରେ ବି ମୁଁ ତୋ'ର ସେଇ ଭାବପ୍ରବଣତା ପସନ୍ଦ କରିପାରୁନଥିଲି । ଏତେ ଖୁସିରେ ହସ ହସ ହୋଇ ଗପସପ କରୁଥିବୁ । ହଠାତ୍ ତୋ'ର କ'ଣ ହୁଏ କେଜାଣି, ତୁ ହୋଇପଡୁ ଅସମ୍ଭବ ଧରଣର ଗମ୍ଭୀର । ଯେଉଁ ମୁହଁରେ ପୂର୍ବ ମୁହୂର୍ତ୍ତରେ ହସର ଫୁଆରା ଛୁଟୁଥାଏ, ଏତେ ଜଲ୍‌ଦି ସେଇଟା କେମିତି ରୂପାନ୍ତରିତ ହୁଏ ଗୋଟେ ତରଙ୍ଗ ବିହୀନ ଗଭୀର ସମୁଦ୍ରରେ ! ମୁଁ ଆଶ୍ଚର୍ଯ୍ୟ ହୁଏ । ସେତେବେଳେ ତୋ' ମନର ଗଭୀରତା ମାପିବାରେ ମୁଁ ଅସମର୍ଥ ହୋଇପଡ଼େ । ତତେ କ'ଣ କହି ବୁଝାନ୍ତି ଯେ ? ତୁ ଖରାପ ଭାବିବୁନିରେ.... ଝିଅମାନେ ଖିଆଲି ପୁଅମାନଙ୍କୁ ଜମା ପସନ୍ଦ କରନ୍ତିନି । ଝିଅଙ୍କ ମନ ଗୋଟେ ଅରମା ବଣ ପରି । ତା' ଭିତରକୁ ପଶିବାକୁ ଆବଶ୍ୟକ ସାହସ, ଧୈର୍ଯ୍ୟ ଆଉ ଶକ୍ତି । କଣ୍ଟାଝଣ୍ଟା ସଫା କରି ଗୋଟେ ନୂଆ ସାମ୍ରାଜ୍ୟ ସୃଷ୍ଟି କରିବାକୁ ପଡ଼ିବ । ନହେଲେ ତମେ କେବେହେଲେ ସେ ରାଜ୍ୟର ବାସୀନ୍ଦା ହୋଇପାରିବନି । ମୋର ସବୁଠୁ ବେଶୀ ଡର ଥିଲା, ତୁ କ'ଣ କରିବୁ ମୋ ବାହାଘର ପରେ ? ମୋ ଉପରେ ଅଭିମାନ କରି ନିଜକୁ ଦଣ୍ଡ ଦେବୁନି ତ ? ଶୁଣରେ ! ତୁ ଟିକେ ମନକୁ ଦୃଢ଼ କର । ଏସବୁ ଖିଆଲୀ ଢ଼ଙ୍ଗ ଛାଡ଼ିଦେ । ଦେଖିବୁ କେତେ ଝିଅ ଟାଣି ହୋଇ ଆସିବେ !

ଶୁଣ ! ଶେଷ ପର୍ଯ୍ୟନ୍ତ ବି ଅନାମିକା ତୋ' କଥା ପଚାରୁଥିଲା । ସେ ବି ସେମିତି ଗୁଡ଼େ ଆଦର୍ଶ ପଛରେ କୁହୁଡ଼ି ପହଁରିବା ଝିଅ । ମୋ ସହିତ ତୋ'ର ଘନିଷ୍ଠତା ଜାଣିଲା ପରେ ବି ସେ ଅନେଇଥିଲା, ତୁ କୁଆଡ଼େ ତା' ପାଖକୁ ଫେରି ଆସିବୁ । ଏଡ଼ିକି ବୋକୀ ସେଇଟା ! ତତେ ଅନେକ ଝୁରିଲା । ଏବେ ଶୁଣିଲି ତା'ର ବାହାଘର ହୋଇଗଲାଣି । ତତେ ମୁଁ କେବେ ତା' କଥା କହିନି । କେମିତି କହନ୍ତି ଯେ ? ଈର୍ଷାର

ଛୋଟ ବତୀଟିଏ ମୋ ଭିତରେ ଦିକ୍‌ଦିକ୍ କରି ଜଳୁଥିଲା ତା' ପାଇଁ !

ହଁ... ଜିତେନ୍‌ଙ୍କ କଥା ତୁ ତ ଟିକେ ଟିକେ ଜାଣିଥିବୁ। ସେ ମତେ କେତେ ଭଲପାଆନ୍ତି ତୋ'ର ଜାଣିବାକୁ ଆଗ୍ରହ ହେଉଥିବ। ସେ ମତେ ଭଲପାଆନ୍ତିନି ବୋଲି କହିପାରିବିନି। କିନ୍ତୁ ବାହାଘର ପରେ ତାଙ୍କଠି ପୂର୍ବର ସେ ଉଷ୍ଣତା ମୁଁ ଲକ୍ଷ୍ୟ କରିପାରୁନି। ବିଭିନ୍ନ ସମୟରେ ତୁ ମତେ କେତେଟା ଗିଫ୍ଟ ଦେଇଥିଲୁ ଭଲ ପାଇବାର ସ୍ମାରକୀ ହିସାବରେ। ସେ ବି ମତେ ଭଲପାଆନ୍ତି। ତାଙ୍କର ଗିଫ୍ଟ କ'ଣ ଜାଣୁ ? ବାହାଘରର ବର୍ଷେ ନପୁରୁଣୁ ଗୋଟେ ଟିନି କଣ୍ଢେଇ... 'ଲୁବ୍‌ନା'। ତୁ ତ ଥରେ ମତେ ମାଗୁଥିଲୁ ଟିନି କଣ୍ଢେଇ। ଚିଠିରେ ଲେଖିଥିଲୁ ତୁ ମୋ'ଠୁ କେବଳ ଆଶାକରୁ ଟିକି ଟିକି ଦି'ଟା ନାଲି ଓଠ। ଆଉ ତାକୁ'ଇ ତୁ ଦି'ଟା ଚୁମା ଦେଇ ପାଇଯିବୁ ମୋ'ଠୁ ନପାଇଥିବା ଜିନିଷଟା। ଅନୁଭାଇରେ ! ଅପେକ୍ଷା କରିଛି ମୁଁ ସେଇ ଦିନଟାକୁ ଯେଉଁ ଦିନ ତୁ ଲୁବ୍‌ନାକୁ କୋଳକୁ ନେବୁ। ତୋ ପ୍ରାପ୍ୟଟା ତୁ ତା'ଠୁ ଆଦାୟ କରିନେଲେ ମୁଁ ଋଣମୁକ୍ତ ହୋଇଯିବି। ତା' ନହେଲେ, ଜୀବନ ସାରା ସଢୁଥିବି, ପ୍ରତିଦାନରେ କିଛି ଦେଇ ନପାରିଥିବାରୁ।

ବାହାଘର ପରେ ଆମେ ଦି'ଜଣ ଘରକୁ ଫେରିଥାଉ। ମୁଁ ତ ଜିତେନ୍‌ଙ୍କୁ ତୋ' କଥା ସବୁ କହିଦେଇଥିଲି ବାହାଘର ପୂର୍ବରୁ ଆଉ ପରେ। ସେ ସବୁ କଥା ସେ ବେଶ୍ ଖେଳାଳୀ ମନୋବୃତ୍ତି ନେଇ ଗ୍ରହଣ କରୁଛନ୍ତି ବୋଲି କହିଲେ। ମାତ୍ର... ସେଦିନ ତତେ ଆମ ଘରେ ଦେଖି ନ ଜାଣିବା ପରି ଅଭିନୟ କଲେ। ତୁ ବୋଧେ ଏଇଟାକୁ ସିରିଅସ୍‌ଲି ନେଲୁ, ନୁହେଁରେ ? ମୁଁ କ'ଣ କରିଥାଆନ୍ତି ଯେ ? ମୁଁ ତ କହିଦେଲି ଇଏ ହେଉଛନ୍ତି ଅନୁରାଗ ମହାପାତ୍ର, ଲୋରୀ ଅପାର ସାଂଗ। ସବୁ ଜାଣି ବି ସେ "Ok ok" କହିଲେ। ମୋ'ର କର୍ତ୍ତବ୍ୟ କ'ଣ ଥିଲା ? ତୁ ସେଦିନ ମୁହଁରେ ଜବରଦସ୍ତି ହସ ଫୁଟାଇ ଚାଲିଗଲୁ। ମୁଁ ବୁଝିପାରିଲି ତୋ' ମନ ତଳର ବେଦନା। ଅନୁଭାଇରେ ! ତୋ'ଠୁ ଦୂରେଇ ଆସିଥିଲେ ବି ତତେ ପର କରିପାରିବିନି। ମନ ଉପବନରେ ଏକ ନିଭୃତ କୋଣରେ ତୋ'ର ପ୍ରତିମୂର୍ତ୍ତି। ସେଠି ଆଉ କାହାର ଛାଇ ପଡ଼ିବନି। ବିଶ୍ୱାସ କର, ଜିତେନ୍ ବି ବାଦ୍ ଯିବେନି। ତୁ ମତେ ଭୁଲିଯା- ଗୋଟେ ଭଲଝିଅ ଦେଖି ବାହା ହୋଇପଡ଼। ମତେ ଯେତିକି ପ୍ରେମ ଦେଇଥିଲୁ, ସେଥିରୁ ଚେନାଏ ରଖି ବାକି ତକ ଫେରେଇ ଦଉଛି। ସେଥିରେ ଆଉ କିଛି ଯୋଗ କରି ତା'କୁ ଭଲ ପାଆ। ଦେଖିବୁ, ଜୀବନରେ କେତେ ସୁଖ ଅଛି ! ତୋ' ରାସ୍ତାରେ କଇଁ ଫୁଟୁ। ମୁଁ ଖୁସୀ ହେବି। ନହେଲେ... ସତ କହୁଛିରେ ! ଜମା ଶାନ୍ତିରେ ରହି ପାରିବିନି।

ସନ୍ଧ୍ୟା ହୋଇଆସିଲାଣି। ଲୁବ୍‌ନା ଏବେ ବି ଶୋଇଛି। ୟାଙ୍କର ଆସିବା ବେଳ ହେଇଗଲାଣି। ସହରବତୀ ସବୁ ଜଳି ଉଠିଲେଣି। ମୋ'ର କିନ୍ତୁ ଆହୁରି ଅନେକ ଅଧ୍ୟାୟ ବାକୀ ରହି ଯାଇଛି। ଆଜି ପାଇଁ ଶେଷ କରିବାକୁ ପଡ଼ିବ ଏବେ। କିନ୍ତୁ...

"ଯାଉନି ହାତ ଲେଖିବା ପାଇଁ ଇତି ତୁମ ଚିତ୍ରଲେଖା..."

ଅନୁଭାଇରେ ! ତୁ ମୋ ପାଇଁ ଗୋଟେ ରୋମାଣ୍ଟିକ୍ ନଭେଲରେ ଆରମ୍ଭ ହୋଇ ଶେଷ ହେଇଗଲୁ ଗୋଟେ ଟ୍ରାଜିକ୍ କ୍ଷୁଦ୍ର ଗଳ୍ପରେ...।

X X X X

**ପରୀରେ !**

ଏବେ କାହିଁକି ଆକାଶଟା ଶୂନ୍ୟ ଶୂନ୍ୟ ଲାଗୁଛି। ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର ସମସ୍ତେ ଯେମିତି ମହାଶୂନ୍ୟରେ ଲୀନ ହୋଇଯାଇଛନ୍ତି। ସତେ ଯେମିତି ମୋ ଆକାଶଟା ହିଁ ହଜିଯାଇଛି ! କେତେଦିନ ହେଲା ତତେ ହରେଇଲିଣି କେଜାଣି ? ଲାଗୁଛି କେତେ ଯୁଗ ବିତି ଗଲାଣି। କେଉଁଠି ହଜେଇଲିଣି ବି ଜଣା ନାହିଁ। ଏକା ସାଂଗରେ ତ ହାତ ଧରାଧରି ହୋଇ ଆସୁଥିଲେ। ଆକାଶରେ ହଠାତ୍ ଗୋଟେ ବିଜୁଳୀର ଚମକ ! ଆଖି ଝଲସି ଗଲା। ତା' ପରମୁହୂର୍ତ୍ତରେ ଦେଖିଲି ତୁ ସାଥୀରେ ନାହୁଁ। ତତେ ତ ସବୁଦିନ ପାଖରେ ଦେଖି ପାରିବିନି ବୋଲି ଜଣାଥିଲା ! କିନ୍ତୁ ଏତେ ଜଲ୍‌ଦି ଅଲଗା ହେଇଯିବା ବୋଲି ଧାରଣା ନଥିଲା। ସେଇଦିନଠୁ ଏକା ଏକା ଜୀବନ। ହେଲେ ତୁ କୋଉଠି ? ତୁ କହିଥିଲୁ ନା ଥରେ- "ଯେତେବେଳେ ଯେଉଁ ପରିସ୍ଥିତିରେ, ଯେତେ ଦୂରରେ ଥିଲେ ବି ତମେ ଭାବିବ, ତମ ପରୀ ତମ ପାଖେ ପାଖେ ଅଛି।" ସେଇଦିନଠାରୁ ଏଇ କଥା ପଦକୁ ଅବିଶ୍ୱାସ କରିବାକୁ ସାହସ କରିନି। ବେଳେବେଳେ ଇଚ୍ଛା ହୁଏ ସେଇ ଦିନର ପୃଷ୍ଠାଗୁଡ଼ାକ ଆଡ଼େଇବାକୁ। ହେଇ; ଏବେ ଦେଖୁଛି କେଇ ପୃଷ୍ଠା ପଛକୁ...

ଲୋରୀ ଶତପଥୀ (ଲୋରୀ ଅପା) ଗୋଟେ ଆଞ୍ଜେଲ ପରି ମୋ ଜୀବନକୁ ଆସିଥିଲା। ବୟସରେ ଗୋଟେ ବର୍ଷର ଫରକ। କିନ୍ତୁ ତା'ର ଜ୍ଞାନ, ଗାରିମା- ବେଦ, ଇତିହାସର କୌଣସି ବିଦୂଷୀ ମହିଳାଙ୍କଠାରୁ କମ୍ ନଥିଲା। କଲେଜର ସବୁଠୁ ବ୍ରିଲିଆଣ୍ଟ ଷ୍ଟୁଡେଣ୍ଟ ହିସାବରେ ମୁଁ ତା'କୁ ଦୂରରୁ ସମ୍ମାନ କରୁଥିଲି। କିନ୍ତୁ ଆସିଷ୍ଟାଣ୍ଟ କଲ୍‌ଚରାଲ୍ ସେକ୍ରେଟାରୀ ହିସାବରେ ନିର୍ବାଚିତ ହେଲା ଦିନଠୁ ତା'ର ଚୁମ୍ବକୀୟ ବ୍ୟକ୍ତିତ୍ୱରେ ମୁଁ ଆକର୍ଷିତ ହୋଇଯାଇଥିଲି। ବାପା ମା'ଙ୍କର ଏକମାତ୍ର ସନ୍ତାନ ହିସାବରେ ଅନ୍ୟମାନଙ୍କର ଭଉଣୀ ଦେଖିଲେ ଇର୍ଷା ଲାଗୁଥିଲା। ଠିକ୍ ଲୋରୀ ଅପା ଭଳି ଗୋଟେ ଭଉଣୀ ଖୋଜୁଥିଲି। ପ୍ରଥମ କଲ୍‌ଚରାଲ ମିଟିଙ୍ଗରେ ହିଁ ମତେ ସିଏ କହିଲା- "ଅନୁରାଗ ! ବର୍ଷଟେ ଆମେ କଲେଜ ପାଇଁ କାମ କରିବା। ତା'ପରେ, କିଏ କୁଆଡ଼େ ଚାଲିଯିବା। କିନ୍ତୁ ପରସ୍ପରକୁ ଭୁଲିଯିବାନି। ତୁ ଆଜିଠୁ ମୋ'ର ସାନ ଭାଇ। ତତେ ମୁଁ 'ଅନୁ' ବୋଲି ଡାକିବି। ରାଜିତ ?"

"ମୁଁ ବହୁତ ଖୁସୀ ହେବି ଲୋରୀ ଅପା। ତୁମ ସାନଭାଇ ହେବା ମୋର ସୌଭାଗ୍ୟ।"

ସେଇ ଦିନଠୁ ମୁଁ ଲୋରୀ ଅପା ଓ ତା'ଙ୍କ ଘର ପାଇଁ 'ଅନୁ' ହୋଇଗଲି। ନୁରୀ ଓ ଶାରୀ ଦି'ଟା ଟିକି ଟିକି ଝିଅ ମିଳିଗଲେ ଲୁଡୁ, କ୍ୟାରମ୍ ଖେଳିବାକୁ, ଚିଡ଼େଇବାକୁ। ଲୋରୀ ଅପା ପାଖକୁ ଗଲେ କେତେବେଳେ ମୋ ସାଇକେଲ୍ ଚାବି ହଜିଯାଏ। କଲେଜ୍ କଲ୍‌ଚରାଲ୍ କାମ କଲା ବେଳକୁ ଭାଙ୍ଗି ଯାଇଥିବା ମୁନର ପେନ୍‌ସିଲ୍ ବା ରିଫିଲ୍ ସରିଯାଇଥିବା ଡଟ୍‌ପେନ୍ ମତେ ଧରେଇ ଦେଇ କବାଟ ଫାଙ୍କରେ ଦେଖୁଥାନ୍ତି ଦି' ଜଣ ଯାକ। ଭଙ୍ଗା ପେନ୍‌ସିଲ୍ ବା କାଳି ନଥିବା ପେନ୍ ଧରି ଲେଖିବା ଆରମ୍ଭ କରିବା ମାତ୍ରେ ଖିଲଖିଲ୍ ହସିଦେଇ ଦୌଡ଼ି ପଳାନ୍ତି। ଲୋରୀ ଅପା କେତେବେଳେ ରାଗେ ତ, କେତେବେଳେ ହସେ। ମତେ କିନ୍ତୁ ସବୁବେଳେ ଭଲ ଲାଗେ ଦି'ଟା ସାନ ଭଉଣୀଙ୍କର ଆପଣାର ଭାବ।

ଲୋରୀ ଅପା ଘରେ ଆଉ ଗୋଟେ ଝିଅଥାଏ।... ପରୀ...। ଲୋରୀ ଅପାଠୁ ସାନ, ମୋ ତଳ ବ୍ୟାଚ୍‌ରେ ଆର୍ଟସ୍ ପଢୁଥାଏ। ସେ କିନ୍ତୁ ମୋ ସାମ୍ନାକୁ ଆସେନା କି ମୁଁ ତା' ସହିତ କଥା ହୁଏନା। ଦୂରରୁ ଦେଖି ହିଁ ମୁଁ ଆଡ଼େଇ ହୋଇ ଚାଲିଯାଏ। ଲୋରୀ ଅପା କହେ- "ପରୀକୁ ଆମର ଏକୁଟିଆ ଭଲଲାଗେ। ସାଂଗ ସାଥୀ ତା'ର ନଥାନ୍ତି। ଖାଲି ଗପ ବହି ପଢ଼େ, ରେଡିଓ ଗୀତ ଶୁଣେ ଆଉ ରେଡିଓରୁ ଗୀତ ସବୁ ଟିପିକି ରଖେ। ବେଳେବେଳେ ତା' ରୁମ୍‌ରେ ଥାଇ ଗୀତ ଗାଏ।"

ଥରେ ମୁଁ ତା' ଗୀତ ଶୁଣିଦେଲି...

"ସହରବତୀ ଗଲାଣି ଲିଭି, ସରିନି ମୋ ପତ୍ର ଲେଖା,

ଯାଉନି ହାତ ଲେଖିବା ପାଇଁ ଇତି ତୁମ ଚିତ୍ରଲେଖା...।"

ଗୀତଟା ତ ମୁଁ ଆଗରୁ ଥରେ ସଜଫୁଲରୁ ଶୁଣିଥିଲି। କିନ୍ତୁ ସେଦିନ ଶୁଣି ମୋ ହୃଦୟର ସବୁତକ ତନ୍ତ୍ରୀ ଦୋହଲିଗଲେ। ସୁନ୍ଦର ଗୀତଟିକୁ ପରୀ ଆହୁରି ସୁନ୍ଦର ଭାବରେ ଗାଉଥିଲା। ଗୀତଟିର ଲିରିକ୍‌ସ ପାଇବାକୁ ଇଚ୍ଛା ହେଲା।

ଦିନେ ସନ୍ଧ୍ୟା ବେଳେ ଲୋରୀ ଅପାକୁ ଗୋଟେ ଡ୍ରାମା ବହି ଦେବି ବୋଲି ଆସିଥିଲି। କଲିଂ ବେଲ୍ ମାରିଲି। କବାଟ ଖୋଲିଲା ପରୀ। ତା'କୁ ସାମ୍ନା ସାମ୍ନି ଦେଖି ହଡ଼ବଡ଼େଇ ଗଲି। ପଚାରିଲି- "ଲୋରୀ ଅପା ?"

"ସମସ୍ତେ ତଳ ବଜାରର ମାମୁଁ ଘରକୁ ଯାଇଛନ୍ତି। ଆସ ବସ। ସେମାନେ ଘଣ୍ଟେ ଭିତରେ ଆସିଯିବେ।"

ଘଣ୍ଟେ ମୁଁ ସେଠି ବସିବି ଏକା ଏକା ? ଡରିଗଲି।

"ନାଁ ନାଁ, ଏଇ ବହିଟା ରଖ। ଅପାକୁ ଦେଇଦେବ। ମୁଁ ଆସୁଛି।"

"ଠିକ୍ ଅଛି ଯେ, ପାଞ୍ଚ ମିନିଟ୍ ତ ବସ !"

ଅଗତ୍ୟା ସୋଫାରେ ବସିଲି। ଘର ଭିତରକୁ

କବାଟ ପାଖରେ ସେ ଛିଡ଼ା ହୋଇଥିଲା। ବାହାର କବାଟ ଓ ଦି'ଟା ଯାକ ଝରକା ପୁରା ଖୋଲି ଦେଲି। ଟିକେ ଫର୍ଚ୍ଚା ଲାଗିଲା!

ହେଲେ କଥା କ'ଣ ହେବି? ମୋ ପାଖରେ କିଛି ନଥିଲା କି ତା' ପାଖରେ କିଛି ନଥିଲା। ଦୁଇତିନି ମିନିଟର ନୀରବତା ପରେ ହଠାତ୍ ମନେ ପଡ଼ିଗଲା– "ସହରବତୀ...।" ଉଦ୍ଭ୍ରାମି ଦୃଷ୍ଟିରୁ ଗୋଟେ ପଦ କଥା ତ ହୋଇପାରିବ! ପଚାରିଲି–

"ତମେ ରେଡ଼ିଓରୁ ଗୀତ ଶୁଣ?"

"ହଁ।"

"ହେଲେ ପୁରା ଗୀତଟାକୁ କେମିତି ମନେ ରଖ? କେବଳ ଶୁଣି ଶୁଣି ମନେ ରଖିବା କଷ୍ଟ ନୁହେଁ କି?"

"କଷ୍ଟ କାହିଁକି ହେବ? ଗୀତ ବାଜିଲା ବେଳକୁ ଯେତିକି ପାରିବ ସେତିକି ରଫ୍ ଖାତାରେ ଲେଖିଦେଇଥିବ। ପୁଣି ବାଜିଲେ ଛାଡ଼ିଥିବା ପଦତକ ଭର୍ତ୍ତି କରିଦେବ। ଏମିତି ଦି' ତିନି ଥରରେ ହିଁ ପୁରା ଲିରିକ୍ସ ଲେଖିନେଇ ହେବ। ଗୀତଟା ବି ପୁରା ମନେ ରହିଯିବ। ହେଲେ ତମେ କେମିତି ଜାଣିଲ ଏତେ କଥା? ନିଶ୍ଚୟ ଲୋରୀ ଅପା ତମକୁ କହିଛି। ପାଠ ଛାଡ଼ି ରେଡ଼ିଓ ଶୁଣିବା ପାଇଁ ସବୁବେଳେ ମତେ ରାଗୁଛି। ତା'କୁ ଆଜି ପଚାରୁଛି, ତମକୁ କାହିଁକି ସେ କହିଲା।"

"ଆରେ ନାଁ, ନାଁ। ଅପା କାହିଁକି ମତେ କହିବ? ମୁଁ ସେଦିନ ଶୁଣିଦେଇଥିଲି 'ସହରବତୀ... ଗଲାଣି ଲିଭି' ଗୀତଟା। ବହୁତ ସୁନ୍ଦର ଗୀତଟା। ତମେବି ବହୁତ ସୁନ୍ଦର ବୋଲୁଥିଲ। ମତେ ତ ସମ୍ପୂର୍ଣ୍ଣ ମେସ୍ମରାଇଜ୍ଡ ହେଇଗଲା ପରି ଲାଗିଲା।"

"କାଳେ କିଏ ଶୁଣିଦବ ବୋଲି ମୁଁ ଘର ଭିତରେ ହିଁ ବୋଲେ। ଭଲ କି ମନ୍ଦ ମୁଁ ଜାଣେନା। ମୋ ନିଜ ପାଇଁ ହିଁ ମୁଁ ଗୀତ ବୋଲେ।"

"ଠିକ୍ ଅଛି। କିନ୍ତୁ ଗୋଟେ ଛୋଟ ଅନୁରୋଧ। ପୁରା ଗୀତଟାର ଲିରିକ୍ସ ମତେ ଦେଇପାରିବକି?"

"ଦେବି ଯେ, ତମେ ଆଉ କାହାକୁ କହିବନି। ନହେଲେ କଲେଜରେ ସମସ୍ତେ ମାଗିବେ। କିନ୍ତୁ ମୋର ବି ଗୋଟେ ସର୍ତ୍ତ ଅଛି।"

"କୁହ–"

"ଲୋରୀ ଅପାଠୁ ଶୁଣିଛି, ତମ ଘରେ ପ୍ରସିଦ୍ଧ ଲେଖକମାନଙ୍କର ବହୁତ ଓଡ଼ିଆ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ବହି ରହିଛି। ଗୋଟେ ସର୍ତ୍ତ... ତମେ ଗୋଟେ ବହି ଦେଲେ, ମୁଁ ଗୋଟେ ଗୀତ ଦେବି।"

"କିଛି ଅସୁବିଧା ନାହିଁ... ମୁଁ ରାଜି..."

"ଟିକେ ଅପେକ୍ଷା କର।" ସାଂଗେ ସାଂଗେ ଯାଇ ଗୀତଟା ଲେଖିକରି ନେଇ ଆସି କହିଲା–

"ମନେ ରଖିଥା! ଏ ଗୀତ କେବଳ ତମରି ପାଇଁ। ଆଉ କାହାକୁ ଦେବନି। ମୋ ପାଇଁ 'ନୀଳଶୈଳ' ବହି ଆଣିଦେବ।"

ୟା' ଭିତରେ ଅଧ ଘଣ୍ଟେ ବିତି ଯାଇଥିଲା। 'ଗୁଡ୍ ନାଇଟ'। କହି ଉଠିଲି।

ଘରେ ଦେଖିଲି, ଗୋଲ୍ ଗୋଲ୍ ଅକ୍ଷରରେ ଲେଖା ଏଇ ସୁନ୍ଦର ଗୀତଟିକୁ। ସାଂଗେ ସାଂଗେ ମନେ ରଖିଦେଲି। ରାତି ସାରା ଗୁଣୁ ଗୁଣୁ ଗାଉଥାଏ ଗୀତଟା, ଚେଇଁ ରହି ବା ଶୋଇରହି। ହୃଦୟକୁ ଛୁଇଁ ଯାଇଥିବା ଜୀବନର ପ୍ରଥମ ଗୀତ ବୋଧେ!

ସେଇ ଦିନରୁ ରେଡ଼ିଓ ଗୀତ ହିଁ ପଦେ ଦି' ପଦ କଥା ହେବା ପାଇଁ ଛୋଟ ଗୋଟେ ରାସ୍ତା ଖୋଲିଦେଲା। ପରୀର ଗୀତ ସବୁ ରେଡ଼ିଓରୁ ଶୁଣିଲା ପରେ ରେଡ଼ିଓ ସହିତ ଗୋଟେ ଭାବଦୋସ୍ତି ହେଇଗଲା। କଟକ ରେଡ଼ିଓ ସେଣ୍ଟରର ଅକ୍ଷୟ ମହାନ୍ତି, ପ୍ରଣବ ପଟ୍ଟନାୟକ, ତୃପ୍ତି ଦାସ, ଝରଣା ଦାସଙ୍କ ଦୁନିଆଁର ବାସିନ୍ଦା ହୋଇଗଲି। 'ସଜଫୁଲ' 'ଆପଣମାନଙ୍କ ଅନୁରୋଧରେ', 'ଚଳଚ୍ଚିତ୍ର ସଂଗୀତ'ରେ ଏଇମାନଙ୍କୁ ଶୁଣିବା ପାଇଁ ଗୋଟେ ସପ୍ତାହ ଅପେକ୍ଷା କରିବାକୁ ପଡୁଥିଲା। ଥରେ କଟକ ଆସି ସାଇକେଲ୍‌ରେ ମଧୁପୁର କୋଠି (AIR କଟକ) ଦେଖିଆସି ପରୀକୁ ଗୋଟେ ସଂକ୍ଷିପ୍ତ ବିବରଣୀ ଦେଇଥିଲି।

ଲୋରୀ ଅପା ଘରକୁ ଆସିଲେ କଲେଜ ପ୍ରୋଗ୍ରାମ ବିଷୟରେ ଅଧଘଣ୍ଟେ ଘଣ୍ଟେ କଥାବାର୍ତ୍ତା। କିନ୍ତୁ ପରୀ ସହ ଗୋଟେ କିମ୍ବା ଦୁଇମିନିଟର ପଦେ ଦି'ପଦ କଥା ରେଡ଼ିଓ ଗୀତ ବା ବହି ବିଷୟରେ। କିଛିଦିନ ମଧ୍ୟରେ ଲୋରୀ ଅପା ବି ଆମ ରେଡ଼ିଓ ଗୀତ ଓ ବହି ରାଜ୍ୟର ଅଂଶ ହୋଇଗଲା। ଫାଇନାଲ୍ ଇଅରରେ ପାଠ ବହି ପଢ଼ିବା ପାଇଁ ତ ତା' ପାଖେ ସମୟ ନିଅଣ୍ଟ! ତଥାପି ନଭେଲ ପାଇଁ କିଛି ସମୟ ସେ ବାହାର କରିନିଏ। ପରୀଠୁଁ ଶୁଣିହିଁ ସେ ବାଛି ବାଛି ବହି ପଢ଼େ।

ଲୋରୀ ଅପା B.A ପରେ JNU ଚାଲିଗଲା। ମୋର ବି ତାଙ୍କ ଘରକୁ ଯିବା ବନ୍ଦ ହୋଇଗଲା। ନିଜ ମନକୁ ଆକଟ କରିବାକୁ ପଡ଼ିଲା। କିଛିଦିନ ପରେ ଲୋରୀ ଅପାର ଚିଠିଟେ ପାଇଲି ତାଙ୍କ ଘରୁ ଗୋଟେ ବହି ତା' ପାଖକୁ ପାର୍ସଲ କରିଦେବା ପାଇଁ। ତା' ସହିତ ତା'ର ଅଭିଯୋଗ ଥିଲା ଯେ ମୁଁ କାହିଁକି ତାଙ୍କ ଘରକୁ ଯିବା ଆସିବା ବନ୍ଦ କରିଦେଇଛି? ଶାରୀ, ନୁରୀ ଆଦି ସମସ୍ତେ ଆମ ଦି'ଜଣଙ୍କୁ ମିସ୍ କରୁଛନ୍ତି। ମଝିରେ ମଝିରେ ବୁଲି ଆସିବା ପାଇଁ ଲେଖିଥିଲା।

ସେଦିନ ଦ୍ୱିତୀୟ ଥର ପାଇଁ ପହଞ୍ଚିଲି ଲୋରୀ ଅପାର ଅନୁପସ୍ଥିତିରେ। ଏଥର ତ ସମସ୍ତେ ଥିଲେ। ନୁରୀ ଓ ଶାରୀଙ୍କ ସହିତ କିଛି ସମୟ କ୍ୟାରମ୍ ଓ ପରୀ ସହ କିଛି ଗପ। ପୂର୍ବର ଚୁପଚାପ୍ ପରୀ ଏବେ କିନ୍ତୁ ପରିବର୍ତ୍ତନ ହୋଇ ଯାଇଥାଏ ଗୋଟେ ପ୍ରଗଲ୍ଭା ବାଳିକାକୁ।

କିଛିଦିନ ପରେ ମୁଁ କ୍ରମଶଃ ପରୀ ପ୍ରତି ଦୁର୍ବଳ ହୋଇ ପଡୁଥିବାର ଅନୁଭବ କରୁଥିଲି। ରେଡ଼ିଓ ଗୀତ ଓ ବହିର ପରିଧି ଭିତରୁ ବାହାରି ଗଲା ପରି ଲାଗୁଥାଏ। କାଚକାନ୍ଥର ଦୁଇ ପାର୍ଶ୍ୱରେ ଆମେ ଦି'ଜଣ ଖାଲି ଅଭିନୟ କରି ଚାଲିଥିଲୁ ନିଜ ମନ ସହ ଲୁଚକାଳୀ ଖେଳି। ସାମ୍ନାସାମ୍ନି ହେବାର ସାହସ ନଥିଲା। ମୋ ପାଇଁ ସବୁଠୁ ବଡ଼ ପ୍ରାଚୀର ଥିଲା ଲୋରୀ ଅପାର ବିଶ୍ୱାସ। ତା' ପରିବାରରେ ମୋ ପାଇଁ ଅଶାନ୍ତି ସୃଷ୍ଟି ହେଉ, ମୁଁ ଚିନ୍ତା କରିପାରୁନଥିଲି। ଅନେକ ଯନ୍ତ୍ରଣା ସେଇ କେତେଦିନ। ଶେଷରେ ଅସହ୍ୟ ବେଦନାରେ ବାଲିଗରଡ଼ା ଖଣ୍ଡେ ନିକ୍ଷେପ କଲି କାଚ କାନ୍ଥକୁ। କାଚ ଟୁକୁରା ଟୁକୁରା ହୋଇଗଲା। ମାତ୍ର, ଗୋଟେ ନୂଆ ପରୀ ମୋ ସାମ୍ନାରେ ଛିଡ଼ା ହୋଇଥିଲା।

ମୋର ଗୋଟେ ପୃଷ୍ଠାର ଚିଠିର ଉତ୍ତର ତୁ ଚାରି ପୃଷ୍ଠାରେ ଦେଇଥିଲୁ। ମୋ'ରି ପରି ସମସ୍ତ ଅନୁଭବ ତୋ ମନ ଭିତରେ ଲହଡ଼ି ଭାଙ୍ଗୁଥିଲେ। ମୋ'ରି ପରି ଯନ୍ତ୍ରଣା ତୁ ବି ଭୋଗୁଥିଲୁ। ବିନିଦ୍ର ରଜନୀ ତୁ ବି ବିତାଉଥିଲୁ। ଜୀବନର ସମସ୍ତ ଭଲ ପାଇବା ବୋଧେ ସମପରିମାଣରେ ଉଭୟ ପାର୍ଶ୍ୱରୁ ରହିଥିଲା। ମାତ୍ର ତୋର ଏକ ନୂଆ ଉପପାଦ୍ୟ, ନୂଆ ଯୁକ୍ତି। ପରସ୍ପର ପ୍ରତି ଭଲପାଇବାର ନାଁ ପ୍ରେମ ନହୋଇ ଆଉ ଗୋଟେ କ'ଣ ହେଲେ ଅସୁବିଧା କ'ଣ? ଆମ ଭଲ ପାଇବା ଭିତରେ ଲୋରୀ ଅପାର ବିଶ୍ୱାସ ସହ ନୁରୀ ଓ ଶାରୀଙ୍କର ନିର୍ଦ୍ଦୋଷ ସ୍ନେହ ମିଶିଯିବାରେ ଅସୁବିଧା କ'ଣ? କୌଣସି ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ନଥାଇ ପ୍ରେମ କ'ଣ ସମ୍ଭବ ନୁହେଁ? ତୁ ଲେଖିଥିଲୁ– "ମୁଁ ତୁମର ପ୍ରେମକୁ ପ୍ରତ୍ୟାଖ୍ୟାନ କଲି ବୋଲି ଭାବିଲେ ମୁଁ ସବୁଠୁ ବେଶି ଆହତ ହେବି। ଏକା ଧାରରେ ମୁଁ ତୁମର ଅନ୍ତରଙ୍ଗ ବନ୍ଧୁ, ଆଦରର ଭଉଣୀ ଓ ହୃଦୟର ନିକଟତମା ପ୍ରେମିକା ହେବାକୁ ଚାହେଁ। ମତେ ଦୟା କରି ସୀମିତ କରିଦିଅ ନାହିଁ।"

ପରୀ! ଗୋଟେ ନୂଆ ସଂପର୍କର ଧାରଣା ତୁ ଦେଇଥିଲୁ। ଗୋଟେ ନୂଆ ଅନୁଭୂତି–ଅବ୍ୟକ୍ତ, ଗୋଟେ ନୂଆ ସ୍ପନ୍ଦନ–ମନଛୁଆଁ, ଗୋଟେ ନୂଆ ସଂପର୍କ–ସମସ୍ତ ସ୍ୱାର୍ଥ ରହିତ। ସତରେ! ଏପରି ଗୋଟେ ସମ୍ଭାବନା ମୋ କଳ୍ପନା ଭିତରେ ନଥିଲା। ଭାବିଲି, ପରୀତ ଠିକ୍ କହୁଛି। ଏଥିରେ ସମସ୍ତଙ୍କର ମଙ୍ଗଳ।

ଆଉ ଗୋଟେ ନିହାତି ଅସଜ ପ୍ରଶ୍ନ ମତେ କରିଥିଲୁ... "ଅନୁଭାଇ! ତୁମେ କ'ଣ ମୋ ଦେହଟାକୁ ଭଲ ପାଅ?" ଏଇ ଧାଡ଼ିଟାକୁ ପଢ଼ି ମୋ ମୁଣ୍ଡ ଘୁରି ଯାଇଥିଲା। ହାଏ ହାଏରେ ବୋକୀ ଝିଅଟା...! ତତେ କେମିତି ବୁଝେଇଥାନ୍ତି ଏତେ ବଡ଼ କଥା? ଏଇଟା ତ ଅନୁଭବର କଥା! ମୋ ସହିତ ଏତେ ମିଶି ସାରିଲା ପରେ କ'ଣ ଏଇ ପ୍ରଶ୍ନଟା ଏବେ ବି ତୋ ମନରେ ଅସମାହିତ ଥିଲା? ଘଣ୍ଟା ଘଣ୍ଟା ଧରି ତୋ ସହିତ ବସିବା ସମୟରେ କେବେ ତୁ ଦେଖିଛୁ ମୋ ଆଖିରେ ସେମିତିକା ଭାବନାର

ଛାଇ ? ? ନାଁ ରେ... ସେମିତିକା ଧାରଣା ମୋ ମସ୍ତିଷ୍କରେ ସ୍ଥାନ ପାଇ ନଥିଲା। ତା' ବୋଲି ମୁଁ କହୁନି ଯେ ମୁଁ ନିହାତି ସୁପୁରୁଷ। ମୋ ମନରେ ଯେତେ ଆବର୍ଜନା ଥିଲେ ବି ତୋ' ପାଇଁ ସବୁ ସ୍ଫଟିକ ସ୍ୱଚ୍ଛ। ତୋ' ପାଖରେ ବସିଥିଲେ ମୁଁ ମୋ' ଦି'ପାଖରେ ସୁମେରୁ ଓ କୁମେରୁର ଶୀତଳତା ଅନୁଭବ କରେ। କାରଣଟା କଣ ଜାଣିଛୁ ? ଲୋରୀ ଅପାର ସ୍ନେହମୟ ଆଖି ଦି'ଟା। ଦୁନିଆଁରେ ମୁଁ ସମସ୍ତଙ୍କୁ ଠକି ଦେଲେବି, ତା' ଆଖିକୁ ଠକି ପାରିବିନି। ହଁ, ତୁ ଜାଣିନୁ ଗୋଟେ କଥା। ଆମ ନୂଆ ସଂପର୍କର ପ୍ରାଣ ପ୍ରତିଷ୍ଠା ପରେ ପରେ ମୁଁ ଆମ ଦି'ଟା ଚିଠିର ଜେରକ୍ସ କପି ଲୋରୀ ଅପା ପାଖକୁ ପଠେଇ ଦେଇଥିଲି। ଭୁଲ ମାନି ଯାଇଥିଲି। ତା'ଠୁ କିନ୍ତୁ ଗୋଟିଏ ଲାଇନ୍‌ର ଉତ୍ତର ଆସିଥିଲା। "Love U Anurag ! I Know, U R absolutely Safe."

ପୁଣି ଗୋଟେ ଅଡୁଆ କଥା ! କାମନାର ଉଷ୍ମତା କେବେ ବି ମୋ ମନକୁ ସ୍ପର୍ଶ କରିନଥିଲେ ବି ଗୋଟିଏ ଜିନିଷ ପାଇଁ ଟିକେ ଅବଶୋସ ରହିଯାଇଥିଲା। ଅନେକ ଥର ଚେଷ୍ଟା କରିଛି କହିବାକୁ। ହେଲେ ମୋ ପାଟିକୁ ଯେମିତି କିଏ ଚାପିଧରେ। ଠିକ୍ କି ଭୁଲ ଜାଣିନି। ହେଇପାରେ ଏକ ଅପରାଧ। କିନ୍ତୁ ଏମିତି ଗୋଟେ ଖିଆଲ ଥିଲା ! ଏ ପର୍ଯ୍ୟନ୍ତ ମୋ ଓଠ ଦି'ଟା ଶୁଖିଲା ରହିଗଲା।

ତୋ'ର ବାହାଘର ପୂର୍ବରୁ ତୁ ପଚାରିଥିଲୁ "ଅନୁଭାଇ ! ସତ କହିବ, ତମର କିଛି ଅପ୍ରାପ୍ତି ବା ଅବଶୋସ ରହିଯାଇନି ତ ମୋ ତରଫରୁ ?" ପଛରେ କହିବି କହି ରହିଗଲି। କିଛିଦିନ ପରେ ଏଇ କଥାଟା ଗୋଟେ ଚିଠିରେ ଲେଖିଦେଇଥିଲି ନାଁ ? ହେଲେ ତୁ ତ ଆଉ ଜଣଙ୍କର ହୋଇ ସାରିଥିଲୁ। ଅନ୍ୟର ସମ୍ପତ୍ତି ଜବରଦଖଲ କରିବା ନିହାତି ଅନ୍ୟାୟ। ତୋ'ଠୁ ତ ଭଲପାଇବା ଛଡ଼ା ଆଉ କିଛି ଆଶା କରିନି। ଶେଷ ମୁହୂର୍ତ୍ତରେ ତୁ କାହିଁକି କହିଥାନ୍ତୁ- "ଅନୁଭାଇଟା ସାଇଲକ୍, ମର୍ଚ୍ଚାଣ୍ଟ ଅଫ ଭେନିସ୍। ଚକ୍ରବୃଦ୍ଧି ହାରରେ ମୂଳ ସହ ସୁଧ ଆଦାୟ କରେ। ଦେହରୁ ରକ୍ତ ନଝରାଇ ମାଂସ କାଟି ନିଏ।" ମୁଁ ଅପେକ୍ଷା କରିଛି ସେଇଦିନକୁ, ଯେଉଁଦିନ ତୁ ମତେ ଉପହାର ଦେବୁ ଗୋଟେ ଚିନି କଣ୍ଢେଇ। ମୁଁ ତା'ଠୁ ମୋର ପ୍ରାପ୍ୟଟା ଠିକ୍ ଠିକ୍ ଆଦାୟ କରିନେବି। ଥରେ କୋଳରେ ଚାପି ଧରିବା ପାଇଁ ଦେବୁ ତ ? ?

ଶେଷ ଚିଠିରେ ତୁ ଲେଖିଥିଲୁ- "ଅନୁଭାଇ ! ତୁମେ କ'ଣ ମୋ ଭଲପାଇବାଟାକୁ ସନ୍ଦେହ କର ? ଥରେ ମୋ ଆଖିକୁ ନିରୀକ୍ଷଣ କର। ଦେଖିବ, ତୁମ ପାଇଁ ସବୁ କିଛି ପବିତ୍ର ଆଉ ସ୍ୱଚ୍ଛ। ବିଶ୍ୱାସ କର, ମୋ ଭଲ ପାଇବାରେ ଏତେ ଟିକେ ବି ଖାଦ ନାହିଁ। ତୁମ ଜୀବନରୁ ବିଦାୟ ନେଉଛି ସତ, ଯୁଗ ଯୁଗ କଥା କହିପାରୁନି , ଏଇ ଜନ୍ମରେ ତୁମକୁ ଭୁଲିପାରିବିନି। ଜୀବନ ସାରା ତୁମେ ମୋ ଭିତରେ ରହିଯିବ। ଯେତେ ଦୂରରେ ଥିଲେବି, ମୋର ସ୍ନେହ, ପ୍ରେମ ତୁମକୁ ଘେରି ରହିଥିବ। ପ୍ରଥମ ଚିଠିରେ ମୁଁ ତୁମର ଇଚ୍ଛା, ଆକାଙ୍କ୍ଷାକୁ ଅଲଗା ଗୋଟେ ମୋଡ଼ ଦେଇଥିଲି କେବଳ ସମାଜ ଓ ପରିବାର ଭୟରେ। ଏବେ ତୁମ ଇଜ୍‌ଲାସର କାଠଗଡ଼ାରେ ଛିଡ଼ା ହୋଇ ଛାତିରେ ହାତ ଦେଇ ସ୍ୱୀକାରୋକ୍ତି ଦେଉଛି- ଜୀବନର ପ୍ରଥମ ପ୍ରେମ, ଜୀବନର ସମଗ୍ର ପ୍ରେମ ଓ ଜୀବନର ସର୍ବୋତ୍ତମ ପ୍ରେମ କେବଳ ତୁମରି ପାଇଁ।"

ଆରେ ହଁ ! ଗତ ବର୍ଷ ଓଡିଶା ଆସିଥିଲି। ଅନାମିକା ସହ ହଠାତ୍ ରାଜଧାନୀ ମାର୍କେଟରେ ଦେଖା ହୋଇଗଲା। ମୁଁ ତ ତା'କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲି। ନିଜକୁ ଲାଜ ଲାଗିଲା ତା' ସାମ୍ନାକୁ ଯିବା ପାଇଁ। ହେଲେ, ସେ ତା' ଆଡୁ ଆଗ ନମସ୍କାର କଲା। ପଚାରିଲା- "ଅନୁଭାଇ ! ଚିହ୍ନି ପାରୁଛ ? ମୁଁ ଅନାମିକା, ତୁମ ପାଇଁ 'ଫୁଲ୍‌ଝରୀ'... ମନେ ପଡ଼ିଲାତ ?" ଶେଷକୁ ହସିଦେଲା ସେ। ମୋର ମୁଣ୍ଡ ନଇଁଗଲା ଲାଜରେ। ସିଧା ତା'କୁ ଚାହିଁ ପାରୁନଥିଲି। ତା' ମିଷ୍ଟରଙ୍କୁ ଡାକି ପରିଚୟ କରାଇଦେଲା। ବେଶ୍ ମେଳାପୀ ସେ। ଜବରଦସ୍ତି ରେଷ୍ଟୁରାଣ୍ଟକୁ ଡାକିନେଲା। କଲେଜ ସାଂଗମାନେ କିଏ କୋଉଠି ଅଛନ୍ତି ହିଁ ଏକମାତ୍ର ବିଷୟ ଅଧଘଣ୍ଟାଏର କଥାବାର୍ତ୍ତାର। ତଳକୁ ମୁହଁ ପୋତି କେବଳ ହଁ ନାହିଁରେ ଉତ୍ତର ଦେବାଛଡ଼ା ମୋର ଆଉ କିଛି କରିବାର ନଥିଲା। ଜୋର୍ କରି ସେ ବିଲ୍ ଦେଲା। ନିଜ ପ୍ରତି ସମବେଦନା ଅନୁଭବ କଲି। ଯେଉଁ ଝିଅକୁ ମୁଁ କମେଣ୍ଟ କରିକରି ବିରକ୍ତ କରିଦେଉଥିଲି, ତା'ଠୁ ଏତେ ଆତିଥେୟତା ? ? ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ଭୁଲ ମାଗିବା ପାଇଁ ଇଚ୍ଛା ଥିଲେ ବି ସେ ସେମିତି ଭାବିବାକୁ ଦେଲାନି। କିନ୍ତୁ କାହିଁକି ସେ ମୋ ସହ ଏତେ ସହଜରେ ବ୍ୟବହାର କଲା ? ତା'ର ଉତ୍ତର ମୁଁ ଏବେ ବି ଖୋଜୁଛି।

ବାହାଘର ପୂର୍ବରୁ ତୁ ମୋ'ଠୁ ପ୍ରମିଜ୍ କରେଇନେଇଥିଲୁ ଯେ ତୋ ଗଲା ପରେ ମୁଁ କାନ୍ଦିବିନି ! ଲୋରୀ ଅପା ବି ମୋତେ ସଂସାରର ନିୟମ ବୁଝେଇଦେଲା ପାଖରେ ବସେଇ। ସେ କହିଲା- "ଅନୁରାଗ ! ଅନେକ ସମୟରେ ମୁଁ ନିଜ ସହିତ ଯୁକ୍ତିତର୍କ କରେ କିଏ ମୋର ବେଶୀ ନିଜର... ତୁ ନାଁ ପରୀ ? ଏ ପର୍ଯ୍ୟନ୍ତ ଗୋଟେ ନିର୍ଦ୍ଦିଷ୍ଟ ଉତ୍ତର ମୋ ମନରେ ଆସିପାରିନି। ମୁଁ ତମ ଦି'ଜଣଙ୍କୁ ଜାଣିଛି। ଅନ୍ୟ ଗୋଟେ ଗ୍ରହର ବାସୀନ୍ଦା ତମେ। ଯେମିତି ଥିଲ, ସେମିତି ରହ। ଅଲଗା ହେଇଗଲ ବୋଲି ଭାବିବନି।" ମୋ ଆଖିରୁ ଝରି ଆସୁଥିବା କେତୋଟି ଲୁହ ବୁନ୍ଦାକୁ ଲୋରୀ ଅପା ପୋଛି ଦେଇ କହିଲା- "ସ୍ନେହ ପ୍ରେମ ସରିଗଲା ପରି ଜିନିଷ ନୁହେଁରେ ଅନୁରାଗ ! ପରୀ ଗଲା ପରେ ତୁ କେବେବି ଭାବିବୁନି ସେ ତୋ ଜୀବନରୁ ଚାଲିଗଲା। ଆମେ ସମସ୍ତେ ତୋ' ସହିତ ରହିଛୁ, ରହିବୁ। ମନ ଦେଇ ପାଠ ପଢ଼। Delhi School of Economics ଆଉ London School of Economics ତୋର ଲକ୍ଷ୍ୟ ହେବା ଉଚିତ୍। ଦେଶର ବଡ଼ ବଡ଼ Economist ମାନଙ୍କ ଭିତରେ ତୋ ନାଁ ରହୁ। ଆମେ ସମସ୍ତେ ଖୁସି ହେବୁ।"

ମୁଁ କିନ୍ତୁ ତମ ଦି'ଜଣଙ୍କୁ କଥା ଦେଇ ବି ରଖିପାରିଲିନି। ତୋ' ବାହାଘର ପୂର୍ବଦିନ ସଜାସଜି କାମ ସାରି ଘରେ ରାତିରେ ଡେରୀରେ ପହଞ୍ଚିଲି। ମୋ ରୁମ୍‌ରେ ପହଞ୍ଚିଗଲା ପରେ ଜାଣିନି କ'ଣ ହେଲା- ହଠାତ୍ ଲୁହର ବନ୍ଧବାଡ଼ ସବୁ ଭାଙ୍ଗି ଯାଇଥିଲା। କଇଁ କଇଁ ହୋଇ ମୁଁ କାନ୍ଦୁଥିଲି ସାରାରାତି.... ସକାଳ ପାହିଲାଯାଏ। ଏବେବି ମନେ ପଡ଼ିଲେ ମୁଁ ଭାବେ କେମିତି ଏମିତି ହେଲା ? ଏତେ ଲୁହ କୋଉଠି ଥିଲେ କେଜାଣି ? ?

ଲୋରୀ ଅପାର ସେଇ କଥା ପଦକ ମତେ ଆଜି World Bank ର Economist ହିସାବରେ ନିଉୟର୍କରେ ସ୍ଥାପିତ କରିଦେଇଛି। ଲୋରୀ ଅପା ଏବେ ଇଉରୋପରେ କୌଣସି ଏକ ରାଷ୍ଟ୍ରରେ ରାଜଦୂତ ଭାବେ କାର୍ଯ୍ୟରତ।

ଆଜି ଏତେଗୁଡ଼ା ପୃଷ୍ଠା ଓଲଟେଇ ଦେଲିଣି। ଆଜିପାଇଁ ଏତିକି। ଅନାମିକା ଆଉ ତୁ ଯେଉଁଠି ଥିଲେ ବି ତୁମ ରାସ୍ତାରେ ଜୁଇ ଫୁଲ ଝରୁଥାଉ।

ରାତି ସରିଆସିଲାଣି। ନିଉୟର୍କର City lights ସବୁ ଲିଭି ଗଲେଣି...........ଚିତ୍ରଲେଖା ଏବେ କ'ଣ କରୁଥିବ କେଜାଣି ? ? ?

ପରୀରେ ! ତୁ ମୋ ଜୀବନରେ ଗୋଟେ ମିନି କବିତାରେ ଆରମ୍ଭ ହୋଇ ଶେଷ ହୋଇଗଲୁ ଏକ ମହାକାବ୍ୟରେ...

*ଫ୍ଲାଟ୍ ନଂ.- ୧୩୦୨, ଟାୱାର-ବି,*
*ବ୍ୟୋମ, ଜେଡ୍-୧ ଇଷ୍ଟେଟ୍ସ,*
*ନନ୍ଦନକାନନ ରୋଡ୍, କିଟ୍,*
*ଭୁବନେଶ୍ୱର-୭୫୧୦୨୪*
*ଦୂରଭାଷ: ୯୪୩୭୦୨୫୪୨୯*

# ବିବଶ ବୟସ

ଜ୍ୟୋତ୍ସ୍ନା ସାମନ୍ତରାୟ

ନିରାଶା ନୟନ, ଗତିହୀନ ସ୍ୱପ୍ନ, ଜୀବନ କୋଳାହଳ ଶୂନ୍ୟ। ଆକାଶ ଆଖିରୁ ଝରି ପଡୁଥିଲା ଟପ୍ ଟପ୍ ପାଣି। ଅସହ୍ୟ ନିରବତା ଗ୍ରାସ କରିଥିଲା ସମଗ୍ର ସତ୍ତା। ଅନ୍ତରରେ ଅବସାଦର ଅବିଶ୍ୱସନୀୟ ଛାଇ।

ଦୀର୍ଘ ସତୁରୀ ବର୍ଷରେ ସେ ଅତିକ୍ରମ କରି ଆସିଥିଲେ ଅନେକ ଉଠାଣି ଗଡ଼ାଣି ରାସ୍ତା, ହେଲେ କେବେ ଥକି ପଡ଼ିନଥିଲେ। ବାହାରକୁ ପରିପୂର୍ଣ୍ଣ ଦିଶୁଥିବା ସଂସାର ପାଇଁ ମନ ପ୍ରାଣ ଢାଳି ସେବା ଯତ୍ନ କରିଥିଲେ। ସ୍ୱାମୀଙ୍କର ପଦୋନ୍ନତି, ଦୁଇ ପୁଅଙ୍କର ସଫଳତାର ଶ୍ରେୟ ତାଙ୍କୁ ହିଁ ଦିଆଯାଇଥିଲା। ସମସ୍ତଙ୍କର ଓଠରେ ଗାୟତ୍ରୀ ଦେବୀଙ୍କର ଭୂୟସୀ ପ୍ରଶଂସା। ଶ୍ରେଷ୍ଠ ମାଆର ଭୂମିକା ନିଭେଇବା ପାଇଁ କମ୍ କଷ୍ଟ ସ୍ୱୀକାର କରିବାକୁ ପଡ଼ିନଥିଲା ତାଙ୍କୁ। ରାତି ଚାରିଟାରୁ ଉଠି ଘର କାମ ଓ ପିଲାଙ୍କର ପାଠପଢ଼ା ସବୁ କରିଥିଲେ ଏକା ଏକା। ପିଲାମାନେ ନିଜର ଲକ୍ଷ୍ୟ ସାଧନ ପାଇଁ ଯେତେ ଆଗକୁ ଆଗକୁ ଯାଉଥିଲେ, ଗାୟତ୍ରୀ ଦେବୀ ସେତେ ଆନନ୍ଦରେ ଅଧୀର ହେଉଥିଲେ। ଉଚ୍ଚ ଶିକ୍ଷିତ ହୋଇ ପିଲାମାନେ ବଡ଼ ଚାକିରି ପାଇଲା ଦିନ ଆନନ୍ଦରେ ଶୋଇ ପାରିନଥିଲେ ଗାୟତ୍ରୀ ଦେବୀ।

ଜୀବନରେ ଅଧିକ ଅର୍ଥ ରୋଜଗାର ହିଁ ସଫଳତା। ସେଇ ଚିନ୍ତାଧାରାରେ ଆକ୍ରାନ୍ତ ହୋଇଥାଏ ମଧ୍ୟବିତ୍ତଙ୍କର ମାନସିକତା। ଗାୟତ୍ରୀ ମଧ୍ୟ ସେହିପରି ଭାବିଥିଲେ। ପିଲାଙ୍କୁ ସତ୍‌ଶିକ୍ଷା ଦେଇଥିଲେ ଆଜି ଏଇ ଅବସ୍ଥା ଭୋଗ କରିବାକୁ ପଡ଼ି ନଥାନ୍ତା ତାଙ୍କୁ।

ସୁସନ୍ତାନ ପାଇ ଜୀବନକୁ ଦିନେ ଧନ୍ୟ ମନେକରିଥିଲେ। ଆଖିରେ ସୁନେଲି ସ୍ୱପ୍ନ ସଜେଇ ଥିଲେ। ହେଲେ ସବୁ ଅକାରଣ। କାହାର ନଜର ଲାଗିଗଲା ଯେମିତି ତାଙ୍କର ସୁଖ ସୌଭାଗ୍ୟରେ। ପିଲାମାନଙ୍କର ଅନ୍ୟ ଜାତିରେ ମନ ରାଜି ବିବାହ ଓ ସ୍ୱାମୀଙ୍କର ହୃଦ୍‌ଘାତରେ ମୃତ୍ୟୁ, ଅସହ୍ୟ ଦୁଃଖରେ ଭାଙ୍ଗି ପଡ଼ିଥିଲେ ଗାୟତ୍ରୀ ଦେବୀ। ନିରବରେ ଚାହିଁ ରହିଥିଲେ ଅଫେରା ଅତୀତକୁ। ଫେରି ଆସନ୍ତାନି ସେଇ ସୁଦିନ, ଆଖିରୁ ଲୁହ ପୋଛିଲେ ଗାୟତ୍ରୀ ଦେବୀ। ହଜିଲା ଅତୀତଟିଏ ଆଖି ଆଗରେ ଝଲସି ଗଲା।

ବିବାହ କରି ଶାଶୁଘରକୁ ଆସିଲା ବେଳକୁ ତାଙ୍କୁ ଅଠର ପୂରି ଉଣେଇଷ। ସଦ୍ୟ କିଶୋରୀ ଦେହରେ ବାଡୁଅ ପାଣି ପଡ଼ିବା ମାତ୍ରେ ସେ ପାଲଟି ଯାଇଥିଲା ପରିପୂର୍ଣ୍ଣା ଗୃହିଣୀଟିଏ। ଦୁର୍ବଳ ଦେହ ହେଲେ ବି ଦୃଢ଼ ମନୋବଳ ନେଇ ବୃଦ୍ଧ ଶ୍ୱଶୁର ଓ ଶାଶୁଙ୍କର ସେବାରେ ଟିକେ ବି ଅବହେଳା କରି ନଥିଲେ ଗାୟତ୍ରୀ। କାୟା ପଛରେ ଛାୟା ପରି ସ୍ୱାମୀଙ୍କର ସୁଖ ଦୁଃଖକୁ ନିଜର କରି ଆଦରି ନେଇଥିଲେ। ଚଳନ୍ତି ଦେବତା ଶାଶୁ ଶ୍ୱଶୁରଙ୍କ ପାଦ ପୂଜାରୁ ଆରମ୍ଭ କରି ସେବା ଶୁଶ୍ରୁଷା ପର୍ଯ୍ୟନ୍ତ ସବୁ କାମ ଆନନ୍ଦରେ କରୁଥିଲେ। ଅନୁତାପ ନାହିଁ କି ଅଭିଯୋଗ ନାହିଁ।

ମନ ପ୍ରାଣ ଢାଳି ନିଜ ହାତରେ ଗଢ଼ିଥିଲେ ଏକ ସୁନ୍ଦର ସଂସାର। ସ୍ୱାମୀଙ୍କର ଦୂର ସହରରେ ଚାକିରି। ସପ୍ତାହରେ ଥରେ ଘରକୁ ଆସନ୍ତି। ବେଳେ ବେଳେ କାମ ପଡ଼ିଲେ ଆସନ୍ତି ନାହିଁ। ଘରକୁ ଶନିବାର ରାତିରେ ଆସି ସୋମବାର ସକାଳ ନ ହେଉଣୁ କର୍ମସ୍ଥଳୀକୁ ଚାଲିଯାଆନ୍ତି। ବୃଦ୍ଧ ପିତାମାତାଙ୍କ ଦାୟିତ୍ୱ ନ୍ୟସ୍ତ ଥାଏ ଗାୟତ୍ରୀଙ୍କ ଉପରେ, କେବେ ଅବିଶ୍ୱାସ କରିନାହାନ୍ତି ତାଙ୍କୁ ସ୍ୱାମୀ, ସେ ବି କେବେ ଅଭିଯୋଗ କରି ନାହାଁନ୍ତି ଶାଶୁ ଶ୍ୱଶୁରଙ୍କର ନାମରେ।

ହସ ଖୁସିରେ ବିତି ଯାଇଥିଲା ଦିନ ମାସ ବର୍ଷ। ବାହାଘର ବର୍ଷେ ନପୁରୁଣୁ କୋଳରେ ପ୍ରଥମ ସନ୍ତାନ କୈବଲ୍ୟ। ଏମିତି ଦୁଇ ବର୍ଷ ଭିତରେ ଦୁଇଟି ପୁଅ। ଘର କାମ ସହିତ ପିଲାଙ୍କର ଅବହେଳା କେବେ କରି ନଥିଲେ। ପିଲାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚେଇବା ପାଇଁ ସବୁ ପ୍ରକାର ସହଯୋଗ କରିଥିଲେ। ସିଟି ଟ୍ରେନିଂ ନେଇଥିଲେ ବି ପିଲାଙ୍କର ଭବିଷ୍ୟତ ପାଇଁ ଶିକ୍ଷକ ଚାକିରି ପ୍ରତ୍ୟାଖ୍ୟାନ କରି ପିଲାଙ୍କର ଯତ୍ନ ନେଇଥିଲେ। ଅବଶ୍ୟ ପିଲାମାନେ ଗାଁ ସ୍କୁଲ ଛାଡ଼ି ସହରକୁ ପଢ଼ିବା ପାଇଁ ଆସିଲା ବେଳକୁ ଶାଶୁ ଓ ଶ୍ୱଶୁରଙ୍କର ଦେହାନ୍ତ ହୋଇ ସାରିଲାଣି।

ଗାୟତ୍ରୀ ଦେବୀ ଚାକିରି କଥା ଭାବିଲା ବେଳକୁ ବୟସ ଅତିକ୍ରାନ୍ତ। ପିଲାଙ୍କ ସଫଳତା ଦେଖି ନିଜକୁ କୃତାର୍ଥ ମନେ କରିଥିଲେ। ଚାକିରି ପାଇଁ ଅବସାଦ ନାହିଁ କି ଅବସୋସ ନାହିଁ।

ସମୟ ସହିତ ଖାପ ଖୁଆଇ ଚାଲୁ ଚାଲୁ ବୟସ ଅତିକ୍ରାନ୍ତ ଅନ୍ତରରେ ଅହେତୁକ ନିସ୍ତବ୍ଧତା ସମଗ୍ର ସତ୍ତାକୁ ଆବୋରି ବସିଛି। ବାହାରେ କି ଭିତରେ କୋଳାହଳ ନାହିଁ, ଅଳି ଅର୍ଦ୍ଦଳି ନାହିଁ। ଭାରାକ୍ରାନ୍ତ ମନ ନେଇ ଆଗକୁ ବଢ଼ି ପାରିନଥିଲେ ଗାୟତ୍ରୀ ଦେବୀ।

ସମୟ ସହିତ ରକ୍ତ ସମ୍ପର୍କ ଶୀଥିଳ ହୋଇ ଯାଇଥିଲା, ଭିତରେ ଭିତରେ ଭାଙ୍ଗିରୁଚି ପଡୁଥିଲେ ଗାୟତ୍ରୀ ଦେବୀ। ଅସହାୟତାର କରୁଣ ଚିତ୍ରପଟଟିଏ ଆଜି ସିଏ। ସ୍ୱାମୀ ଗଲା ପରେ ମାନସିକ ସ୍ତରରେ ଭାରସାମ୍ୟ ହରେଇ ବସିଥିଲେ ଗାୟତ୍ରୀ ଦେବୀ। ବଞ୍ଚିଥିଲେ ଗଛଲତାର ଜୀବନ। ପାଖରେ ରଖିବାକୁ ପିଲାମାନଙ୍କର ଅକ୍ଷମତା ଓ ବୋହୂମାନଙ୍କର ଅଣଦେଖା ତାଙ୍କୁ ବିବ୍ରତ କରିଥିଲା।

ବିଷାଦର ବିଭୀଷିକା ଦେହ ମନକୁ ଆକ୍ରାନ୍ତ କରିଛି। ଅନ୍ତରରେ ଅହେତୁକ ନିରବତା ସମଗ୍ର ସତ୍ତାକୁ ଆବୋରି ବସିଛି। ସମ୍ପର୍କର ଫୁଲ ପାଖୁଡ଼ା ଝରି ପଡ଼ିଛି। ଯାହା ବିନା ଘର ଚଳୁ ନଥିଲା ଦିନେ, ଅତିକ୍ରାନ୍ତ ବୟସରେ ସେ ଆଜି ବୋଝ। ଅତୀତ ପାଇଁ ଅଭିମାନ ନାହିଁ, ଅଭିଯୋଗ ନାହିଁ, ଅଛି କେବଳ ଅନୁଶୋଚନା। ନିଜ ସୁଖକୁ ବଳି ଦେଇଥିଲେ। ଯେଉଁ ପିଲାଙ୍କ ସୁନେଲି ଭବିଷ୍ୟତ ପାଇଁ ସେମାନେ ଆଜି ସ୍ୱାର୍ଥପର। ନିଜର ତିନି ମହଲା କୋଠା ଘରେ ତାଙ୍କର ସ୍ଥାନ ନାହିଁ। ଗାଁ'ରୁ ଆସି ସହରରେ ଘର କରିବା ଏତେ ସହଜ ନଥିଲା।

ସ୍ୱାମୀଙ୍କର କିରାଣୀ ଚାକିରିର ସ୍ୱଳ୍ପ ବେତନ ଭିତରେ ଘରର ଖର୍ଚ୍ଚ କାଟଛାଟ କରି, ସହରରେ ଜାଗାଟିଏ କିଣି ଘରଟିଏ କରିବା ସହଜ ନଥିଲା। ଘରଟିଏ କରିବା ପାଇଁ ସେ କେତେ ରାତି ଉପାସରେ ଶୋଇଥିଲେ, କେତେ ଦିନ ପଖାଳ ପିଆଜରେ କଟେଇ ଥିଲେ, ଆଜି ଭାବିଲା ବେଳକୁ ଦୁଃଖ ଲାଗୁଛି। ଘରକୁ ମଜବୁତ୍ ରଖିବା ପାଇଁ ଇଟା ସିମେଣ୍ଟ

କାନ୍ଥ, ଶାଗୁଆନ କବାଟ ଭିତରେ ଦୁର୍ବଳ ସମ୍ପର୍କ, ଭାଙ୍ଗି ଦେଇଛି ଆଶା ଭରସା। ଜରାଜୀର୍ଣ୍ଣ ବୟସକୁ ନେଇ ଆଦରି ନେଇଛନ୍ତି ଜରାଶ୍ରମ। ଉଜୁଡ଼ି ଯାଇଛି ସ୍ୱପ୍ନ।

ବଢୁଛି ବୟସ, କମୁଛି ଆୟୁଷ, ଅସ୍ପଷ୍ଟ ଦିଶୁଛି ଆକାଶ। ଆଶା ଆଶ୍ୱାସନା ନାହିଁ, ପ୍ରେମ ପ୍ରତୀକ୍ଷା ନାହିଁ। ପିଲାଙ୍କର ଫୋନ ମାସକୁ ଥରେ ବି ଆସେନି। ମଲା ଗଲା ଖବର ପାଇଲେ ଆସିବେ କି ନାହିଁ ସନ୍ଦେହ। ଅନିଶ୍ଚିତ ଭବିଷ୍ୟତ ପାଇଁ ଚିନ୍ତା ନାହିଁ। ଆଖି ବନ୍ଦ କଲେ ଗାୟତ୍ରୀ ଦେବୀ। ମାନସିକ ଅସୁସ୍ଥତା, ଚିନ୍ତା ଓ ଆଶଙ୍କା ଭିତରେ ଶେଷ ଜୀବନ ଏମିତି କଟିବ କେବେ ଆଶା କରି ନଥିଲେ। ଯାହା ହେଉ ଏସବୁ ଦୁର୍ଭାଗ୍ୟ ଭୋଗ କରିବାକୁ ତାଙ୍କ ସ୍ୱାମୀ ନାହାଁନ୍ତି। କେତେବେଳେ କୌଣସି ଦାୟିତ୍ୱ ନ ନେଇ ସୁଖରେ ଚାଲିଗଲେ। ବାହାଘର ପରଠାରୁ ସବୁ ଦାୟିତ୍ୱ ମୁଣ୍ଡେଇ ମୁଣ୍ଡେଇ ଶେଷ ଜୀବନରେ ଭୋଗିବାକୁ ଥିଲା। ମାୟା ମୋହରେ ସାରା ଜୀବନ ଘାଣ୍ଟି ହୋଇ ଏବେ ସେ ଦେଖୁଛନ୍ତ ସବୁ ଶୂନ୍ୟ। କେହି ନୁହେଁ କାହାର।

ଭାଙ୍ଗିଯାଇଛି ବିଶ୍ୱାସ, ବଢ଼ିଛି ବ୍ୟାକୁଳତା। ତାଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରି ଦେଇଛି ଦୁନିଆଁ। ବିପର୍ଯ୍ୟସ୍ତ ବିବଶ ବୟସ, ସରି ଆସୁଛି ସମୟ। ଆଉ ଅତୀତକୁ ଚାହିଁବେନି, ଦୃଢ଼ ନିଷ୍ପତ୍ତି ନେଲେ ଗାୟତ୍ରୀ। କାହିଁକି ଅତୀତକୁ ଭାଳି ଭାଳି ବର୍ତ୍ତମାନକୁ ନଷ୍ଟ କରୁଛନ୍ତି ସିଏ। ପିଲାଙ୍କ ସହିତ ସମୟ ସରି ଯାଇନି। ଆହୁରି ଅନେକ ପିଲା ଅଛନ୍ତି, ତାଙ୍କୁ ସତ୍‌ଶିକ୍ଷା ଦେବେ, ମଣିଷ ପରି ଗଢ଼ିବେ। ଚାହିଁଲେ ପାଖ ଅନାଥାଶ୍ରମକୁ।

ଏଇ ସୁନ୍ଦର ପୃଥିବୀକୁ ଆପଣାର କରିବାକୁ ହେବ ଏଇ ଅନାଥ ପିଲାଙ୍କୁ ନେଇ। ଟିକିଏ ସ୍ନେହରେ କେତେ ନିଜର ହୋଇଯାଆନ୍ତି ଏମାନେ। ରକ୍ତ ସମ୍ପର୍କର ଉର୍ଦ୍ଧ୍ୱରେ ନୂଆ ଜୀବନ ହାତ ଠାରି ଡାକୁଛି କୋଳେଇ ନେବାକୁ। ଆବେଗରେ ଉଦାସ ଉଭେଇ ଗଲା, ହସିଲେ ଗାୟତ୍ରୀ ଦେବୀ ଅନେକ ଦିନ ପରେ। ଟିକିଏ ସମୟ ହେଲେ ଅନାଥ ଶିଶୁମାନଙ୍କ ସାଥିରେ ସମୟ କାଟନ୍ତି। ନିଜ ଶକ୍ତି ଅନୁଯାୟୀ ସାହାଯ୍ୟ କରନ୍ତି। ଅପୂର୍ବ ଆନନ୍ଦରେ ଝଲମଲ ହୁଏ ହୃଦୟ।

ଏଇ ଜରାଶ୍ରମରେ ସୁନୀତା, ଶେଫାଳି, ମିତା, ମମତା, ଅନିତା, ମନିଷା, ମୋହିନୀ, ରାଣୀ ଆଦିଙ୍କୁ ନେଇ ନୂଆ ସଂସାରକୁ ପାଖରୁ ଦେଖିଲେ ଅତି ନିଜର। ଦେହ ଖରାପ ହେଲେ ପାଖରେ ବସନ୍ତି, ଆଉଁସି ଦିଅନ୍ତି। ବିନା ସ୍ୱାର୍ଥରେ ଅନ୍ତେବାସୀମାନେ ଗୋଟିଏ ପରିବାର ପରି ଚଳନ୍ତି। ସାହାଯ୍ୟ ଓ ସହଯୋଗରେ ସମ୍ପର୍କଟିଏ ଆପଣାର।

ସେମାନେ ସମସ୍ତେ ସମଭାଗ୍ୟ ନେଇ ଜରାଶ୍ରମରେ ଏକାଠି ହୋଇଛନ୍ତି। ସମସ୍ତେ ପିଲାମାନଙ୍କ ଦ୍ୱାରା ତିରସ୍କୃତ। ଅଧିକାଂଶଙ୍କ ପିଲା ଉଚ୍ଚ ଶିକ୍ଷିତ ଓ ଧନୀ।

ଶେଷରେ ଏତିକି ବୁଝିଲେ ଗାୟତ୍ରୀ ଦେବୀ, ଧନ ଅନ୍ଧ କରେ ମଣିଷକୁ। ଉଚ୍ଚ ଶିକ୍ଷିତ ହେବା ଅର୍ଥ ନୁହଁ ମାନବିକତାକୁ ଭୁଲିଯିବା, ଅମଣିଷ ହେବା।

ପିଲାମାନଙ୍କୁ ଉଚ୍ଚ ଶିକ୍ଷିତ କରିବା ଅପେକ୍ଷା ସତ୍‌ଶିକ୍ଷା ଦେବା ନିହାତି ଦରକାର। ମନେ ମନେ ଶପଥ ନେଲେ ଗାୟତ୍ରୀ ଦେବୀ। ଅନାଥାଶ୍ରମର ପିଲାମାନଙ୍କୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ। ସବୁ ପିଲାଙ୍କର ପଢ଼ିବା ଦାୟିତ୍ୱ ନେଲେ। ଅନେକ ଅନ୍ତେବାସୀ ସାହାଯ୍ୟ ଓ ସହଯୋଗର ହାତ ବଢ଼େଇ ଦେଲେ।

ମାୟା ମୋହର ଉର୍ଦ୍ଧ୍ୱରେ ସୁନ୍ଦର ନିସ୍ୱାର୍ଥପର ସମ୍ପର୍କଟିଏ ଗଢ଼ିଉଠିଲା। ସେଠାରେ ଭୁଲି ଯାଇଛନ୍ତି ଅସହାୟ ଅତୀତକୁ। ଯେଉଁ ସମ୍ପର୍କ ପାଇଁ ନିଜକୁ ତିଳତିଳ କରି ଦଗ୍ଧ କରିଥିଲେ, ସେଇ ସମ୍ପର୍କର ସୂତ୍ର ଆଜି ଅତି ଦୁର୍ବଳ, ସେ ହୃଦୟଙ୍ଗମ କରି ପାରିଛନ୍ତି। କିଛି କରିବାକୁ ହେବ ସୁସ୍ଥ ସମାଜ ପାଇଁ, ଅବହେଳିତ ଶିଶୁମାନଙ୍କ ପାଇଁ କିଛି କରିବାର ପ୍ରୟାସ ଭିତରେ ସରି ସରି ଆସୁଛି ଆୟୁଷ। ସମୟ ସବୁବେଳେ ସମାନ ଯାଏନି। ଆଜି ଯିଏ ରାଜା କାଲି ସିଏ ଫକୀର। ସତୁରୀ ବର୍ଷର ଶୂନ୍ୟତା ଭିତରେ ପୁଣି ଥରେ ପରିପୂର୍ଣ୍ଣତାର ଝଲକ। ଆଖି ବନ୍ଦ କଲେ ଗାୟତ୍ରୀ ଦେବୀ। ଅଚିହ୍ନା ଚଢ଼େଇର ସ୍ୱର ସୁଦୂର ଅନ୍ଧାରରେ ମିଳେଇ ଯାଉଛି। ଜୀବନ ଆଜି କୋଳାହଳ ପୂର୍ଣ୍ଣ, ନାହିଁ ଅବସାଦ, ନାହିଁ ଅପୂର୍ଣ୍ଣତା। ଜୀବନର ଶେଷ ଭାଗରେ ଗାୟତ୍ରୀ ଦେବୀ ଦେଖୁଛନ୍ତି ପୂର୍ଣ୍ଣତାର ପ୍ରତିବିମ୍ବ।

*ଜ୍ୟୋତି ବିହାର, ବିଡ଼ାନାସି,*
*କଟକ-୭୫୩୦୧୪*
*ଦୂରଭାଷ: ୮୨୪୯୦୬୧୮୬୭*



# ନୀଳାଦ୍ରି ବିଜେ

## ଚୌଧୁରୀ ବରଦାପ୍ରସନ୍ନ ଦାସ

ଦେଶର ଜଣାଶୁଣା କ୍ରୀଡ଼ାବିତ୍ ହୃଦୟଙ୍କ ପାଇଁ ଆସୁଥିବା ଫୋନ୍ କଲ୍‌ଟି ଲାଗୁଥିଲା ସଂପୂର୍ଣ୍ଣ ଅପ୍ରତ୍ୟାଶିତ । ଫୋନ୍ ଆସୁଥିବା ନମ୍ବରଟି ଯେ ତାଙ୍କର ଅଜଣା, ସେ କଥା ନୁହେଁ। ଏକଦା ସେଇ ନମ୍ବରଟି ଥିଲା ତାଙ୍କ ପାଇଁ ସବୁବେଳେ ନିଜର ଓ ଡାକୁଥିବା ଲୋକର ସ୍ୱର ଶୁଣିବାକୁ ସେ ଅଧୀର ହୋଇ ଉଠୁଥିଲେ। ଗପୁ ଗପୁ କେତେବେଳେ ସମୟ ସରିଯାଏ ଲାଗେନା। ହେଲେ ଆଜି ସେଇ ଫୋନ୍ ନମ୍ବରରୁ କଲ୍ ଆସୁଥିବା ଦେଖି ସେ ଖାଲି ଆଶ୍ଚର୍ଯ୍ୟ ହୋଇଗଲେ ନାହିଁ ବରଂ ମନେମନେ ଭୟ ପାଇଗଲେ।

ବାଟରେ କିଛି ଅଘଟଣ ଘଟିନିତ ? ତାଙ୍କଠାରୁ ବିଦାୟ ନେଲାପରେ ହଂସିକା ଭଲରେ ପହଁଚିବା ପର୍ଯ୍ୟନ୍ତ ତାଙ୍କର କିଛି ଦାୟିତ୍ୱ ଅଛି ବୋଲି ସେ ଅନୁଭବ କରୁଥିଲେ। ଆହୁରି ଆଶ୍ଚର୍ଯ୍ୟ ଲାଗିଲା କାରଣ ନମ୍ବରଟିର ଲୋକେସନ୍ ଥିଲା ଓଡ଼ିଶା। ହଂସିକାତ ଏଇ ସମୟରେ ଲଣ୍ଡନ ଛୁଇଁ ସାରିଥିବା କଥା। ସେ ଓଡ଼ିଶାରେ କେମିତି ? ମୁମ୍ବାଇର ଇଂଟରନ୍ୟାସନାଲ ଏୟାରପୋର୍ଟରେ ତ ସେ ଛାଡ଼ିଆସିଥିଲେ ତାକୁ। ଅପହୃତା ହୋଇନି ତ ସେ ! ସାଥିରେ ଥିବା ପଂଚବର୍ଷର ଝିଅଟା କଥା ଭାବି ଶିହରି ଉଠିଲେ।

ହଂସିକା ତାଙ୍କର ସ୍ତ୍ରୀ। ନିଜ ଭାବନାକୁ ଭୁଲ୍ ଭାବିଲେ ହୃଦୟ। ନା, ହଂସିକା ତାଙ୍କର ସ୍ତ୍ରୀ ଥିଲେ। ଏବେ ନାହାଁନ୍ତି। ଆପୋସରେ ଅଲଗା ହୋଇ ଯାଇଅଛନ୍ତି ଏଇ ଦଂପତି। ଛାଡ଼ପତ୍ର କାଗଜରେ ଦସ୍ତଖତଟିଏ କରି ଶେଷ କରିଦେଇଛନ୍ତି ଏକାଠି ରହିବାର ଶପଥକୁ। ସଂପର୍କର ସ୍ମାରକୀ ଝିଅଟିକୁ ସାଙ୍ଗରେ ନେବାପାଇଁ ଚାହିଁଥିଲେ ହସିଂକା। ହୃଦୟଟା ଚିରିହୋଇ ଗଲାପରି ଲାଗିଲେବି ସେ ସହି ନେଇଥିଲେ କାରଣ ପିଲାଟିବେଳୁ ସେ ବୁଝିଛନ୍ତି ମାଆ ପଛେ ଧାନକୁଟୁଣୀ ହେଉ କି ମୂଲିଆଣୀ ହେଉ ସେ ପିଲା ପାଖରେ ବାପଠାରୁ ଅଧିକ। ଅବଶ୍ୟ ଛାଡ଼ପତ୍ର କ'ଣ ବୁଝି ନଥିବା ପାଂଚବର୍ଷର ପିଲାଟା। ଭାବିଥିଲା ସେ ମା' ସାଥିରେ କୁଆଡ଼େ ଉଡ଼ାଜାହାଜରେ ଯିବ।

ହଂସିକା ବିଦେଶୀ ଝିଅ। ବାପଘର ସ୍କଟ୍‌ଲ୍ୟାଣ୍ଡ। ଧର୍ମ ଅନୁସାରେ ସେ ଖ୍ରୀଷ୍ଟିୟାନ ଧର୍ମରେ ବିଶ୍ୱାସୀ। ଲଣ୍ଡନରେ ଏକ ଖେଳ କାର୍ଯ୍ୟକ୍ରମରେ ଦର୍ଶକଙ୍କ ମନଜୟ କରିପାରିଥିଲେ କ୍ରୀଡ଼ାବିତ୍ ହୃଦୟ। ତାଙ୍କର ଦକ୍ଷତା ପ୍ରଦର୍ଶନ ଯେ ସେଦିନ ଆକସ୍ମିକ ଥିଲା ତା' ନୁହେଁ ବରଂଥିଲା ସଫଳତାର ଧାରା। ଖବର କାଗଜ ମାନଙ୍କର କ୍ରୀଡ଼ା ପୃଷ୍ଠାରେ ତାଙ୍କ ନାମ ଝଲସି ଉଠିଥିଲା। ପ୍ରଶଂସାରେ ସାମ୍ବାଦିକ ମାନଙ୍କ କଲମ ମୁଖର ହୋଇ ଉଠିଥିଲା। ପାଖରେ ପ୍ରଶଂସକ ମାନଙ୍କ ଭିଡ଼ ଜମିଥାଏ। ସମସ୍ତଙ୍କ ଭିତରେ ନିଆରା ଦେଖାଯାଉଥିବା ଝିଅଟା ଥିଲା ହଂସିକା।

ବେଳେବେଳେ ମଣିଷକୁ କିଛି ମୁହଁ ନିଜର ନିଜର ଲାଗେ। ଧରି ରଖିବାକୁ ଇଛାହୁଏ। ସେଲଫି ନେବାପାଇଁ ପାଖକୁ ଆସିଲାବେଳେ ହସିଂକାର ଆଖିରେ କ'ଣ ଦେଖିଲେ କେଜାଣି ଟିକିଏ ଅଧିକ ପାଖକୁଲାଗି ଆସିଲେ। ବୁଲିଚାହିଁ ଟିକିଏ ହସିଦେଇଥିଲା ଏଇ ବିଦେଶିନୀ । ହସିଂକା ବି ଥିଲା କଳା ଜଗତରେ ବେଶ୍ ସଂଭାବନାମୟୀ ପ୍ରତିଭା। ମାନସିକ ଆକର୍ଷଣରେ ପାଖେଇ ଆସିଥିଲେ ସେମାନେ। ଇଂଲଣ୍ଡ ଏବେବି ଭାରତରୁ ସାତଦରିଆ ତେରନଇ ପାରି ଦେଶ ହେଲେବି ବିଜ୍ଞାନ ଆଜି ଦୂରତ୍ୱକୁ ସୀମିତ କରିଦେଇଛି। ଦିନକୁ ଦିନ ଏମାନେ ଟେଲିଫୋନ୍, ଇଂଟରନେଟ୍ ଭିଡ଼ିଓ କଲ୍ ମାଧ୍ୟମରେ ଯୋଡ଼ି ହେଲେ। ଭାବପ୍ରବଣତାର ସାଗରରେ ଉଭୟେ ଉବୁଟୁବୁ ହେଲେ। ଉଭୟେ ସିଦ୍ଧାନ୍ତ ନେଲେ ଏକାଠି ଘର କରିବେ। ଗୋଟିଏ ମୁହୁର୍ତ୍ତ ନୁହେଁ ସବୁ ମୁହୂର୍ତ୍ତକୁ ମନେ ରଖିଲାଭଳି କରିବେ। ସେଇ ସ୍ୱପ୍ନରେ ବିଭୋର ଏଇ ଭିନ୍ନ ଦେଶ ଭିନ୍ନ ଧର୍ମର ମଣିଷ ଦିଓଟି ଭଲପାଇବାର ଧର୍ମରେ ଦିକ୍ଷୀତ ହୋଇ ମୁମ୍ବାଇ ନଗରୀରେ ଘରଟିଏ ଗଢ଼ିଲେ।

କ୍ରୀଡ଼ା କାର୍ଯ୍ୟକ୍ରମରେ ହୃଦୟଙ୍କସହ ଯାଉଥିଲେ ହଂସିକା ଆଉ କଳା କାର୍ଯ୍ୟକ୍ରମରେ ହସିଂକାଙ୍କ ସାଥୀରେ ବି ହୃଦୟ। ଭାରତର ଖବର କାଗଜ ପୃଷ୍ଠାରେ ଖେଳ ଆଉ କଳାକୃତି ସହ ନିଜର ସାମାଜିକ ସଂପର୍କ ପାଇଁ ବେଶ୍ ଚର୍ଚ୍ଚିତ ହୋଇ ଉଠିଲେ ଏଇ ଦଂପତି।

ହୃଦୟଙ୍କ ପଛରେ ଥିଲା ଗୋଟାଏ ଯୌଥ ପରିବାରର ଅତୀତ। ବାପା, ବୋଉ, ଭଉଣୀ ଆଉ ଭାଇଙ୍କୁ ନେଇ ତାଙ୍କର ପରିବାର। ଗାଉଁଲି ହେଲେବି ସରଳ। ରହୁଥିଲେ ଓଡ଼ିଶାର ଗୋଟିଏ ଛୋଟିଆ ଗାଁ'ରେ। ସହର ତ ସହର ପୁଣି ମୁମ୍ବାଇ ନଗରରେ ରହିବା ତାଙ୍କ ପରିବାରର ସ୍ୱପ୍ନର ବାହାରେ ଥିଲା। ଯଦି ମୁମ୍ବାଇ ଆସି ଥାଆନ୍ତେ ତେବେ ହୁଏତ କୋଉ ବସ୍ତୀରେ ଆଶ୍ରୟ ନେଇ ଥାଆନ୍ତେ। କେବେବି ଆଜିପରି ବହୁ କକ୍ଷ ବିଶିଷ୍ଟ ଆକାଶଛୁଆଁ ଫ୍ଲାଟରେ ନୁହେଁ। ଯିବା ଆସିବା କରିଥାଆନ୍ତେ ମୁମ୍ବାଇ ନଗରୀର ଜୀବନରେଖା ଲୋକାଲ ଟ୍ରେନ୍‌ରେ। କେବେବି ଗୋଟାଏ ଦାମୀ କାର୍‌ରେ ନହେଁ।

ସଫଳତା ତାଙ୍କୁ ଖାଲି ସମ୍ମାନ, ପରିଚିତି ନୁହେଁ ପ୍ରଚୁର ଅର୍ଥବି ଦେଇଛି। ଉପରକୁ ଉଠିଲାପରେ ବି ହୃଦୟ ଭୁଲି ପାରି ନଥିଲେ ନଡ଼ିଆ ବଗିଚାରେ କୋଡ଼ି କୋଦାଳ ଧରି ଖଟି ଖଟି ତାଙ୍କପାଇଁ କ୍ରୀଡ଼ା ଉପକରଣ କିଣି ଦେଉଥିବା ବାପାଙ୍କୁ। କସ୍ତା ଲୁଗା ପିନ୍ଧିଲେବି ମା'ଙ୍କର ମନ ଥିଲା ଉଚ୍ଚ। "ତୁ ପାରିବୁ" ବୋଲି ପ୍ରତ୍ୟୟ ଦେଉଥିଲେ ହୃଦୟଙ୍କୁ। ବଡ଼ଭାଇ ଛୋଟ ବ୍ୟବସାୟଟିଏ କରୁଥିଲେ ବି ନିଜେ ଅଭାବରେ ରହି ହୃଦୟକୁ କେବେ ଅଭାବ କ'ଣ ଜାଣିବାକୁ ଦେଉ ନଥିଲେ। ଆଉ ସାନ ଭଉଣୀଟି ଥିଲା ସଖୀ କଣ୍ଢେଇଟିଏ।

ପରିବାର ଲୋକେ ଘରର ଭାବ ଅଭାବ ହୃଦୟଙ୍କୁ ନ ଜଣେଇଲେ ବି ସେ ଭଲଭାବରେ ବୁଝିଥିଲେ ଘରର ପ୍ରତ୍ୟେକଟି ମଣିଷ ତାଙ୍କ ପାଇଁ କରୁଥିବା ତ୍ୟାଗକୁ। ଅନେକ ଲୋକେ ପ୍ରାଚୁର୍ଯ୍ୟ ଭିତରକୁ ଗଲାପରେ ଲୁଚେଇ ରଖନ୍ତି ଅତୀତକୁ। ଦୂରେଇ ଦିଅନ୍ତି ଏକଦା ତାଙ୍କ ପାଇଁ କଷ୍ଟ ସହିଥିବା ମଣିଷ ମାନଙ୍କୁ। ହେଲେ ହୃଦୟଙ୍କର ହୃଦୟ ଥିଲା ଅଲଗା। ନିଜେ ସଫଳତା ପାଇଲା ପରେ ସମସ୍ତଙ୍କୁ ନେଇ ଆସିଥିଲେ ପାଖକୁ। ହୃଦୟ ସମସ୍ତ ସଫଳତାର ଶ୍ରେୟ ଦିଅନ୍ତି ବାପା, ମା' ଆଉ ପରିବାରଙ୍କୁ।

ଏଇ ହସଖୁସିର ସଂସାର ଭିତରକୁ ଆସଲେ

ହଂସିକା। ଗୋରା ଦେଶର ଝିଅ। ସେଠି ପରିବାରର ସଂଜ୍ଞା ଅଲଗା। ବୃଦ୍ଧ ବାପ ମା' ରହନ୍ତି ଏକେଲା, ନହେଲେ ଜରାଶ୍ରମରେ। କେବେ ପିଲାମାନଙ୍କ ପାଖକୁ ଆସିଲେ ଆସନ୍ତି ଅତିଥି ପରି। ଆସନ୍ତି, ଡ଼ାଇନିଂ ଟେବୁଲରେ ବସି ଖାଆନ୍ତି। କୁଣିଆ ପରି କେତେ ଘଂଟା ମାପିଚୁପି ଚଳନ୍ତି। ଶେଷରେ ବାଏ ବାଏ କରି ଶୁଭରାତ୍ରୀ କହି ଚାଲିଯାଆନ୍ତି। ହୁଏତ ଗଲାବେଳେ କିଛି ଛାଡ଼ିଗଲାପରି ଯାଆନ୍ତି। ହେଲେ ଭାବପ୍ରବଣତା ଏଠି ଗୋଟେ ଦୁର୍ବଳତା। ଭାରତ ବର୍ଷରେ ପିଲାମାନଙ୍କ ପାଇଁ ଜେଜେ ଜେଜେମା, ବାପ, ମା'ଙ୍କ ଠାରୁ ଅଧିକ। ବାପ, ମା'ଙ୍କ ଠାର ଗାଳି ଖାଇଲେ ସେମାନେ ଲୁଚନ୍ତି ଏଇ ମାନଙ୍କ କୋଳରେ। ହେଲେ ତା' ଦେଶରେ "ଜେଜେ ଜେଜେମା" ଦିବସ ପାଳିତ ହୁଏ। ଚକୋଲେଟ ଆଇସ୍କ୍ରିମ୍‌କୁ ନେଇ ଏହାର ପରିସୀମା। ମନ ଭିତରେ କିଛି କୋହ କାନ୍ଦ କେଉଁଠି ଥିଲେବି ତାକୁ ସମସ୍ତେ ଲୁଚେଇ ରଖନ୍ତି। ନିଜର କାହା ଭିତରେ ବାଂଟିବାର ସୁଯୋଗ ସେଠି କମ୍। ଏଥିପାଇଁ କ୍ଷୋଭ ବି ନାହିଁ। ଆବେଗ ନୁହେଁ କୃତ୍ରିମତା ସେଠି ସଂପର୍କର ଆଧାର।

ମୁମ୍ବାଇରେ ପରିବାରର ଏଇ ନୂଆ ପରିବେଶ ହଂସିକା ପାଇଁ ଅଶ୍ୱସ୍ତିକର ନହେଲେବି ଏକୁଟିଆ ବୁଲିଥିବା ବାଆଁରା ପକ୍ଷୀକୁ ଗହନ କେବେ ଭଲ ଲାଗିବନି। ହସିଂକାକୁ ଭଲ ଲାଗିଲାନି ମଧ୍ୟ। ଏତେଦିନ ଧରି ସଂପର୍କର ସଂଜ୍ଞାକୁ ସେ ଯେପରି ବୁଝିଥିଲା ସେଥିରୁ ବିଚ୍ୟୁତିକୁ ଗ୍ରହଣ କରି ପାରିଲାନି। ମନ ଚାହେଁ କୋଳାହଳଠୁ ଦୂରରେ ରହିବା। ପୁଣି ଏଠି ସ୍ୱାମୀ ଭିନ୍ନ ଅନ୍ୟ ମାନଙ୍କର ଆଦର, ଆବେଗ, ଯତ୍ନ ତାକୁ ଅଭିଭୂତ କରେ। ଶାଶୂ,ଶ୍ୱଶୁର ଆଉ ଅନ୍ୟ ନିରୀହ ମଣିଷ ମାନଙ୍କୁ ପାଖରୁ ଦୂରେଇଦେବାକୁ ମନ କହେନି। କିନ୍ତୁ ଭିତରେ ଗ୍ରହଣ କରି ପାରେନି। ଏତେବର୍ଷର ପାଶ୍ଚାତ୍ୟ ପରିବାର ପରଂପରାରୁ ନିଜକୁ ମୁକ୍ତ କରି ପାରେନି। ଆରପଟରେ ଏଠିକାର ନିବିଡ଼ ସଂପର୍କର ପରସରେ ବାନ୍ଧିହୋଇଯାଏ। ବିଶ୍ୱାସ ଏ ମାଟିର ଅଳଙ୍କାର। ଭାଂଗି ପାରେନି କି ଗ୍ରହଣ କରି ପାରେନି। ଆଶ୍ଚର୍ଯ୍ୟ ହୁଏ, ଏଠି ଠାକୁର ଠାକୁରାଣୀବି ପରିବାରର ଲୋକ।

ମନର ଏଇ ଅକୁହା ଦ୍ୱନ୍ଦ ଭିତରେ ସେ ଅନେକ ସମୟରେ ଉଦାସ ଦେଖାଯାଏ। ପବନରେ ଲହରି ଭାଙ୍ଗୁଥିବା ତରଙ୍ଗ ନିଥର ହୋଇଯାଏ। ହଂସିକାର ମନ କଳାକାରର ମନ। ନିଶ୍ଚୟ ସରଳ ଢଳଢ଼ଳ। ଗରଳର ସ୍ଥାନନାହିଁ। ଏଇ ଦ୍ୱଂଦ ଭିତରେ ଗଢ଼ି ଯାଉଥିବା ସଂସାରରେ ଝିଅଟିଏ ଆସିଲା। ହୃଦୟ-ହଂସିକାଙ୍କ ସଂସାର ରଥ ଗଡ଼ିଚାଲିଥାଏ। ତଥାପି ଏଇ ମାନସିକ ଦ୍ୱଂଦରୁ ମୁକୁଳିବା ପାଇଁ ପ୍ରସ୍ତାବଦେଲା, ସେ ସ୍କଟ୍‌ଲ୍ୟାଣ୍ଡ ଫେରିଯିବ। ହୃଦୟ ଯେତେ ପଚାରିଲେବି କିଛି କହେ ନାହିଁ, ଖାଲି ଉଦାସ ରହେ। ମନ ଭିତରେ ଥିବା ବିବେକ ତା ପାଟିରେ ହାତଦିଏ। ଏପରି ନିରୀହ ମଣିଷମାନଙ୍କ ମନରେ କଷ୍ଟଦେବାକୁ ଭାବି ପାରେନା। ଏମିତି ଦ୍ୱଂଦଭିତରେ ହସିଂକାକୁ ବହୁତ ଭଲ ପାଉଥିବା ହୃଦୟ ରାଜି ହୋଇଯାଏ ତା'ର ଇଚ୍ଛା ଅନୁସାରେ ନିଜ ଦେଶକୁ ଫେରିଯିବାପାଇଁ ଏପରି ଛାଡ଼ପତ୍ର ପାଇଁ ସେମାନେ କୋର୍ଟ କଚେରୀକୁ ଯାଇ ପରସ୍ପର ବିରୁଦ୍ଧରେ ଆରୋପ କରି ନାହାଁନ୍ତି କିମ୍ବା ଭରଣ ପୋଷଣ ଦାବୀ କରିନାହାଁନ୍ତି। ଏପରିକି ଛୋଟ ପିଲାଟାର ମାଲିକାନା ଦାବୀ କରି ନାହାଁନ୍ତି। କେବଳ ଶାଶୁଶ୍ୱଶୁର ସ୍ୱତଃ ଜକେଇ ଆସୁଥିବା ଲୁହକୁ ଜାକି କହିଥିଲେ "ମା'ଠାରୁ ପିଲାକୁ ଦୂରେଇ ରଖିବା କଥା ଖାଲି ଜଣେ ଜହ୍ଲାଦ କହିପାରେ"। ଛୋଟ ଭଉଣୀ ଆଉ ବଡ଼ଭାଇ ଖାଲି ଚାହିଁଥିଲେ। ଘର ଛାଡ଼ିବାବେଳ ପର୍ଯ୍ୟନ୍ତ ବି ହସିଂକା ଦ୍ୱଂଦରେ ରହିଥିଲା ହେଲେ ଅନେକଦିନ ଧରି ଦୃଢ଼ ଭାବରେ ରହିଥିବା ପାଶ୍ଚାତ୍ୟ ପରଂପରା ସବୁ ଭାବପ୍ରବଣତାର ରଜ୍ଜୁକୁ ଛିଡ଼ାଇ ଦେଲା। ହେଲେ ହୃଦୟଙ୍କ ପରିବାରରୁ ସ୍ୱର ଶୁଭୁଥିଲା, ଯେଉଁଠି ରୁହ ଭଲରେ ରୁହ। ଶାନ୍ତିରେ, ଅଶାନ୍ତିରେ ନୁହେଁ। ପ୍ରକାଶ ନ କରିଥିଲେ ବି ହୃଦୟ ଅନୁଭବ କରି ପାରି ଥାଆନ୍ତି ହଂସିକାର ଦ୍ୱନ୍ଦକୁ।

ଫୋନ୍‌ଟା ସେମିତି ରିଂ ହେଉଥାଏ। ମନରେ ଶଙ୍କା ଆଉ ଭୟକୁ ଶେଷ କରିବାକୁ ହୃଦୟ ଫୋନ୍ ଅନ୍ କଲେ। ତୁଣ୍ଡରୁ ବାହାରିଗଲା, 'ତମେ'? ଟିକିଏ ରହିଯାଇ ପଚାରିଲା, "ଭଲରେ ଅଛତ"? ସେପଟରୁ ଶୁଭିଲା ହଂସିକାର ମୃଦୁ ହସ। ଜୋରରେ ନୁହେଁ ବରଂ ଧୀରେ, ସଂଭ୍ରମରେ। ତମେ ଓଡ଼ିଶା କେମିତି ଗଲ? ତମକୁ ତ ମୁଁ ମୁମ୍ବାଇର ଇଂଟରନ୍ୟାସନାଲ ଏୟାରପୋର୍ଟରେ ଛାଡ଼ି କରି ଆସିଥିଲି? ଏକାଥରକେ ସବୁପ୍ରଶ୍ନ ଗୁଡ଼ାକ ପଚାରି ଯାଉଥଆନ୍ତି ହୃଦୟ। ଅପହରଣର ଭୟ ବିବ୍ରତ କରିପକାଇଲା ହୃଦୟଙ୍କୁ। ତାଙ୍କର ବ୍ୟସ୍ତତା ଅନୁଭବ କରି ହଂସିକା କହିଲା ନା ମୁଁ ପୁରୀ ଆସିଛି।

ହଂସିକା ପୁରୀ ଯାଇଛି ! ସେ କ'ଣ ସନ୍ନ୍ୟାସିନୀ ହେବ ନା କ'ଣ। ସ୍କଟଲ୍ୟାଣ୍ଡ ଯାତ୍ରାଟା କେମିତି ପୁରୀ ଯାତ୍ରା ହେଲା ରହସ୍ୟମୟ ଲାଗିଲା ତାଙ୍କୁ। ମନ ଭିତରର ଏଇ ଦୀର୍ଘଦିନର ସଂଘର୍ଷ କ'ଣ ଆଧ୍ୟାତ୍ମିକ ପଥରେ ଅନୁଗାମୀ କରେଇଲା ? ହସିଂକା ଆଉ ତା'ର ଛୋଟ ଝିଅ ଯେ ଅପହୃତ ହୋଇନାହାନ୍ତି ସେ କଥା ସେ ବିଶ୍ୱାସ କଲା ଯେତେବେଳେ ଛୋଟ ଝିଅଟା ବି ତାଙ୍କ ସାଙ୍ଗରେ ଖୁବ୍ ସହଜରେ କଥା ହେଲା। ତା'ପରେ ହଂସିକା ତାଙ୍କୁ ଭିଡ଼ିଓ କଲ୍‌କରି ଦେଖାଇଲା ସତରେ ସେମାନେ ବଡ଼ଦାଣ୍ଡରେ ଛିଡ଼ା ହୋଇଛନ୍ତି। ରଥ ପରଦିନର ଘଟଣା। ଠାକୁର ନୀଳାଦ୍ରି ବିଜେ କରି ସାରିଛନ୍ତି। ସୁଦୃଶ୍ୟ ରଥ ଏବେ ବି ବଡ଼ଦାଣ୍ଡରେ ଅଛି। ବଡ଼ଦାଣ୍ଡରେ ଗହଳ ଚହଳ ନାହିଁ।

ଭିଡ଼ିଓ କଲ୍‌ରେ ଲାଗିଲା ହଂସିକା ହୃଦୟକୁ କେମିତି ଗୋଟାଏ ଅଲଗା ଭାବରେ ଚାହୁଁଛି। ଯେମିତି ଚାହିଁଥିଲା ପ୍ରଥମ ଦେଖାରେ। ସେ ଅଟକି ପାରିଲେନି ଯେତେବେଳେ ହଂସିକା ତାଙ୍କୁ ଅନୁରୋଧ କଲା, ପୁରୀ ଆସିବାକୁ। ରାଜିରୁଜାରେ ଛାଡ଼ପତ୍ର ବେଳେ ସେମାନେ ଅବଶ୍ୟ ସାରା ଜୀବନ ବଂଧୁ ହୋଇ ରହିବେ ବୋଲି କଥା ହୋଇଥିଲେ। ତଥାପି ଆଜି ହଂସିକାର ଆଚରଣ ଦେଖି ସେ ଭାବୁଥିଲେ ସେ ଅନେକାଂଶରେ ପାଗଳୀ ହୋଇଯାଇ ନାହିଁ ତ? କିଛି ବୁଝି ପାରିଲାନି ସେ ଯେତେବେଳେ ହଂସିକା କହିଲା, ହଁ ପୁରୀ ଆସିଲା ବାଟରେ ଭୁବନେଶ୍ୱରରୁ କିଛି 'ରସଗୋଲା' ଆଣିବ। ଏଭଳି ଗୋଟାଏ ଅନୁରୋଧ କରିବାର ଶୁଣି ସେ ସନ୍ଦେହ କଲେ, ହସିଂକା ପ୍ରାୟ ସତରେ ମାନସିକ ସୁସ୍ଥତା ହରେଇଛି। ଯାହାହେଉ ସବୁ ରହସ୍ୟର ଅନ୍ତ ଘଟାଇବାକୁ ସେ ଭୁବନେଶ୍ୱରରୁ ଯିବା ପାଇଁ ବିମାନରେ ବସିଲେ। ତଥାପି ମନରେ ଭୟଥାଏ, ବିଭୁପାଦରେ କାମନା କରୁଥାଆନ୍ତି ହଂସିକା ଭଲରେ ଥାଉ। ଏଭଳି ଚିନ୍ତାଯେ ହଂସିକା ପାଇଁ ଭଲ ପାଇବା ଯୋଗୁଁ ତା' ସଂପୂର୍ଣ୍ଣ; ଠିକ୍ ନୁହେଁ ଯଦି ଭାରତରେ ହଂସିକାର କିଛି ଅସୁବିଧା ହୁଏ କି ଅଘଟଣ ଘଟେ ତେବେ ଖବରକାଗଜ ଆଉ ଟି.ଭି. ଭୟଙ୍କର ଭାବରେ ସେ ଖବର ପ୍ରଚାର କରିବେ। ସେଲିବ୍ରିଟ୍‌ଙ୍କ ଗୋପନ କଥା ସାଂବାଦିକଙ୍କ ପାଇଁ ଗୋଟାଏ ତାଜା ଖବର। ଆସିଲାବେଳେ ବୋଉ ତାଙ୍କର କହୁ ଥିଲା, ଠାକୁରେ କାଇଁତାକୁ ଡାକିକରି ନେଇଛନ୍ତି କି ଲୀଳା କରିବେ କେଜାଣି?

ପୁରୀର ହେଟେଲ୍ ରୁମ୍‌ରେ ହଂସିକାର କଥା ଶୁଣୁଥିଲେ ହୃଦୟ। ସେଦିନ ତୁମେ ଆମକୁ ଏୟାରପୋର୍ଟରେ ଛାଡ଼ିଗଲାପରେ ଆମକୁ ଜଣାଇ ଦିଆଗଲା ସାରା ବିଶ୍ୱରେ ମାଇକ୍ରୋସଫ୍ଟ ସର୍ଭରର କମ୍ପ୍ୟୁଟର ବ୍ୟବସ୍ଥାରେ ଅଚଳ ଅବସ୍ଥା ଦେଖାଯାଇଛି। ବୋର୍ଡ଼ିଂ ପାସ୍ ଓ ଅନ୍ୟାନ୍ୟ କାଗଜ କତ୍ର ପ୍ରସ୍ତୁତ ହୋଇ ପାରୁନାହିଁ। ଫ୍ଲାଇଟ୍ କେତେ ଡ଼େରିହେବ କହିହେବ ନାହିଁ। ଏୟାରପୋର୍ଟ ଲାଉଞ୍ଜରେ ଅପେକ୍ଷା କରିବା ଛଡ଼ା ଅନ୍ୟଗତି ନାହିଁ। ହଠାତ ସାମନାରେ ଥିବା ଟି.ଭି. ସ୍କିନ୍‌ରେ ଗୋଟାଏ ଦୃଶ୍ୟ ଆସିଲା। ପୁରୀ ବଡ଼ ଦେଉଳର ଠାକୁର ଗୋଟାଏ ବିରାଟ ରଥରୁ କାଠର ଚାଳମାଳ ଉପରେ ଅଟକି ରହିଛନ୍ତି। ଦୂରରେ ଗୋଟାଏ ଉଚ୍ଚା ପାଚିରି ସେପଟେ ଗୋଟାଏ ମଣ୍ଡପଉପରେ କଣ୍ଢେଇପରି ନାରୀ ପ୍ରତିମାଟିଏ। କଥାକୁହା ଆଖି। ଖୁବ୍ ସୁନ୍ଦର ଭାବରେ ଘୋଷକ

ବୁଝାଉଥିଲେ ଏଇ ମନ୍ଦିରର ଠାକୁର ଜଗନ୍ନାଥ ଭଉଭଉଣୀଙ୍କୁ ନେଇ ନଅଦିନ ପାଇଁ ତାଙ୍କର ଜନ୍ମ ସ୍ଥାନକୁ ଯାଇଥିଲେ। ସାଂଗରେ ପତ୍ନୀ ଲକ୍ଷ୍ମୀଙ୍କୁ ନେଇ ନଥିଲେ। ରାଗରେ ଲକ୍ଷ୍ମୀ ପଛେ ପଛେ ଯାଇ ଜନ୍ମବେଦୀ ବାହାରେ ଥିବା ରଥର ଖଣ୍ଡେ ଭାଙ୍ଗିଦେଇ ଗୋଟାଏ ଗଳି ରାସ୍ତାରେ ପଳାଇ ଆସିଥିଲେ।

ଖୁବ୍ ସୁନ୍ଦର ଭାବେ ଘୋଷକ ବୁଝାଉଥିଲେ ଲକ୍ଷ୍ମୀ ଠାକୁରାଣୀ ହେଲେବି ସେ ନାରୀ। ପତି ପାଖରେ ସେ ସବୁବେଳେ ଏକ ଚାଟିଆ ଅଧିକାର ନେଇ ଚଳନ୍ତି। ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଗଲେ ଅଥଚ ସେ ଗଲେ ନାହିଁ। ଏକଥାଟା ବାଧିଲା ତାଙ୍କୁ। ହେଲେ ସେଇ ପାଚିରି ସେପାଖ ଭେଟ ମଣ୍ଡପରୁ ଚାରମାଳ ଉପରେ ଥିବା ସ୍ୱାମୀ ଜଗନ୍ନାଥଙ୍କ ସହ ଆଖି ମିଶିଲା ପରେ ତରଳିଗଲେ ସେ। ତଥାପି ମନ୍ଦିରର ବିରାଟ କବାଟ ବନ୍ଦକରି ସେ ଅପେକ୍ଷା କଲେ। ଦ୍ୱାର ନ ଖୋଲିବାକୁ ଗୀତରେ ଗୀତରେ ଯୁକ୍ତି କଲେ। ତା'ପରେ ସବୁ କଳିତକରାଳ ତୁଟିଗଲା ଆଉ ଶ୍ରୀମନ୍ଦିରରେ ଭାଇ ଭଉଣୀ ପରିବାର ଧରି ରହିଲେ ଠାକୁର। ଏଇ ପରଂପରା ଭାରତରେ ଯୌଥ ପରିବାରର ଆଧାର ବୋଲି କହିଲେ।

ମନେପକାଇଦେଇ ହଂସିକା କହିଲେ, ମୁଁ ତମ ସାଥୀରେ ଆସି ପହଁଚିଲା ପରେ ତୁମର ମା' କହିଥିଲେ "ତୁ ମୋର ଲକ୍ଷ୍ମୀ"। ବୁଝି ପାରି ନ ଥିଲି ମୁଁ। ହେଲେ ସେଦିନ ଘୋଷକ ବୁଝାଉଥିଲେ ଏ ସଂସାରରେ ପ୍ରତ୍ୟେକ ନାରୀ ମା' ଲକ୍ଷ୍ମୀଙ୍କର ଅଂଶ। କହୁଥିଲେ ହଂସିକା, ଆମ ଦେହଠାରୁ ଆହୁରି ବଡ଼ ପ୍ରାୟ ପରସ୍ପରପ୍ରତି ଭଲ ପାଇବା ଆଉ ବିଶ୍ୱାସ। ଆମର ମାଟିର ଦେହ ଭିତରେ ଯେଉଁ ପବନ ତାକୁ ଜୀବନ୍ତ କରିଛି ସେ ହେଲେ ଜଗନ୍ନାଥ। ସେ ଆକାର ସେ ନିରାକାର, ସେ ଏକ ଚେତନା।

ତଥାପି ଫ୍ଲାଇଟ୍ ବିଳମ୍ବ ହେଉଥାଏ। କ୍ଲାନ୍ତିରେ ଟିକେ ଘୁମେଇ ପଡ଼ିଥିଲି ମୁଁ। କହୁଥିଲେ ହଂସିକା। ସ୍ୱପ୍ନରେ ଦେଖିଲି ସେଇ ମହାମିଳନର ଶେଷ ପର୍ବରେ ଜଗନ୍ନାଥ ମା' ଲକ୍ଷ୍ମୀଙ୍କୁ ମିଠା ଖୁଆଇ ଦେଉଛନ୍ତି। ଆଉ ହସୁଛନ୍ତି ଠାକୁରାଣୀ। ମିଳେଇ ଯାଉଛି ଜିଦ୍ ଆଉ ବିଷାଦର ହିମଗିରି। ଜାଣିଚନା, ମତେ ଲାଗିଲା ଠାକୁରାଣୀଙ୍କ ଜାଗାରେ ମୁଁ ଅଛି। ତମ ଘରଟା ପାଲଟି ଯାଇଛି ଶ୍ରୀମନ୍ଦିର।

ଏତିକିବେଳେ ଏୟାରପୋର୍ଟରେ ଆନାଉନ୍ସ୍‌ମେଂଟ ଆସିଲା ଫ୍ଲାଇଟ ସଂପୂର୍ଣ୍ଣ କ୍ୟାନସେଲ୍। ଟିକେଟ୍ ପଇସା ଫେରାଇ ନେବାକୁ ଅନୁରୋଧ। ଯୋଗକୁ ଭୁବନେଶ୍ୱରକୁ ଫ୍ଲାଇଟ୍ ମିଳିଗଲା। ତା ପରେ ଅନ୍ତରର ଏକ ଅକୁହା ପ୍ରେରଣାରେ ମୁଁ ପୁରୀ ଚାଲିଆସିଛି। କଥାଟାକୁ ପୂରଣ କରି ହୃଦୟ କହିଲେ, "ଆଉ ଜଗନ୍ନାଥ ତାଙ୍କ ପାଟିରେ ଏମିତି ରସଗୋଲା ଖୁଆଇ ଦେଉଛନ୍ତି।" ହଂସିକାଙ୍କ ପାଟିରେ ରସଗୋଲାଟିଏ ଖୁଆଇଦେଲେ ହୃଦୟ। ଶିରାଗୁଡ଼ାକ ପିଚିକି ପଡ଼ିଲେ ବାହାରକୁ। କିରିକିରି ହୋଇ ହସି ଉଠିଲା ଛୋଟ ଝିଅଟା। ତା' ପରଦିନ ନୀଳାଦ୍ରି ବିଜେର ଏଇ ଚିରନୂତନ ସଂସ୍କରଣକୁ ଏକାଠି ଇଂଟରନେଟ୍‌ରେ ପୋଷ୍ଟକରିଦେଲେ ଏଇ ନବଦଂପତି। ମିଳେଇ ଯାଇଥିଲା ପୂର୍ବ-ପଶ୍ଚିମର ପାଚିରି।

*ବାରଙ୍ଗ, କୋଠିଆଁ, ଜଗତସିଂହପୁର*
*ଦୂରଭାଷ: ୯୯୩୭୦୯୨୨୫୯*




**ପଢ଼ନ୍ତୁ ! ପଢ଼ନ୍ତୁ!**

**ସରୋଜ କୁମାର ସାହୁ ଙ୍କ**

**ଗଳ୍ପ ସଂକଳନ**

**ସୂର୍ଯ୍ୟାସ୍ତ ପୂର୍ବରୁ**

# ଛେଳି

**ସୁଷମା ଦାଶ**

ସାରା ରାତି ଆଖିକୁ ନିଦ ବି ଆସିନି। କଡ଼ ଲୋଉଟାଇ କେତେବେଳେ ଯେ ରାତି ପାହିଗଲା ମୋତେ ଜଣା ପଡ଼ିଲାନି। ଅବଶ୍ୟ ମୋ କଡ଼ ଲେଉଟାଇବାରେ ଓ ଦୀର୍ଘ ନିଃଶ୍ୱାସ ନେବାର ଶବ୍ଦରେ ଗୀତାର ବାରବାର ନିଦ ଭାଙ୍ଗୁଥିଲା।

ସେ ଆଖି ମିଞ୍ଜି ମିଞ୍ଜି କରି ବିଡ଼୍ ବିଡାଇ ବିରକ୍ତି ହେଇ କହୁଥିଲା – ହେ ପ୍ରଭୁ ଲୋକଟାକୁ ରାତିରେ ବି ଟିକେ ନିଦ ନାହିଁ। ଓଃ ! ଏକା ଏଇ ମଣିଷଟି ସତେ କି ଦୁନିଆର ସବୁ ଭାର ମୁଣ୍ଡେଇ ରଖିଛି। ଜଗତର ସେବାକାରୀ ଗୋପବନ୍ଧୁ !

ତା'ର ଏଇ ତାଚ୍ଛଲ୍ୟ କଥାର ସ୍ୱର ଶେଷ ବେଳକୁ ଭାରି କୋମଳ ହେଇଆସେ। ଟିକେ ପାଖକୁ ଘୁଞ୍ଚିଆସି ପିଠି ଥାପୁଡ଼ାଇ କହେ, "ବ୍ୟସ୍ତ ହୁଅନି । ଆଖି ବୁଜ ନିଦ ବଳେ ବଳେ ହେଇଯିବ।"

ଏଭଳି ସ୍ଥିତିରେ ଆଖିରେ ନିଦ କେମିତି ବା ଆସିବ ? ସେ କିନ୍ତୁ ଠିକ୍ ଜାଣେ ଏ କଥା ।

ଘରୁ ବାହାରି ଆସିବାକୁ ଅନେକ ସମୟ ବିତିଗଲାଣି। ଚାରି ପାଞ୍ଚ ଦିନ ଭୀଷଣ ବର୍ଷା ପରେ ପରେ ଆଜି ଅନ୍ଧକାର ଉଭେଇ ସୂର୍ଯ୍ୟ ଆସିଛି । ବଢି ପରର ଏଇ ପାଣିଚିଆ ଟାଇଁ ଟାଇଁ ଖରା ଦେହକୁ ଭାରି ଅସହ୍ୟ ଲାଗେ।

ମୋ ମଥା ଉପରେ ଏବେ ପ୍ରଖର ସୂର୍ଯ୍ୟଙ୍କ ତେଜ। ଭୀଷଣ ଭୋକ। ପାଖରେ ଥିବା ପାଣି ଓ ବିସ୍କୁଟ ପ୍ୟାକେଟ ଯାହା ଗୀତା ଜବରଦସ୍ତ ଦେଇଥିଲା ତାହା ଭୋକିଲା ପିଲାଙ୍କୁ ବାଣ୍ଟି ଦେଇଛି କେତେବେଳୁ। ରିଲିଫ ଏଯାଏଁ ବି ଆସିନି। ଉଦ୍ଧାର କାର୍ଯ୍ୟ ଚାଲୁରହିଛି। ପରେ ଯାହା ରିଲିଫ ବଣ୍ଟା ହେବା କଥା ଦେଖାଯିବ।

ଆଉ ବେଶି କିଛି କାମ ନାହିଁ ଏଇ ଗାଁରେ। ଘେରି ଥିବା ଗହଳି ଭାଙ୍ଗିଗଲାଣି କେବେଠୁ। ଫେରି ଗଲେଣି ସରପଞ୍ଚ, ନେତାଏ ଯିଏ ଯାହା ବାଟରେ।

କ୍ଲବ୍ ଘରେ ରୋଷେଇ ହେଉଛି। ମଟନ୍ ଝୋଳ ଉଷୁନା ଭାତ। କହିଯାଇଛନ୍ତି ଯିବାକୁ। ଉଦ୍ଧାର କାର୍ଯ୍ୟରେ ଲାଗିଥିବା ଲୋକଙ୍କୁ ଖାଇବା ପାଇଁ ଦିଆହେଉଛି ଆଜି ସେଠି।

ଏବେ ପଞ୍ଚାୟତ ଅଫିସରେ ଘନ ଘନ ମିଟିଂ। ଆଉ ଛଅ ମାସ ପରେ ଇଲେକ୍ସନ ହେବାକୁ ଥିଲାବେଳେ ବିରୋଧୀ ଦଳଙ୍କର ଅନେକ ଟଣାଓଟରା। କେବେ ଜାତିଆଣ ନାଁ ରେ ଦଙ୍ଗା 'ସାଦ ତ, କେତେବେଳେ ନିଆଁ ଜାଳି ସହରରେ କର୍ଫ୍ୟୁ।

ବୁଝି ହୁଏନି ଏସବୁରେ ମିଳେ କ'ଣ ? ନିରୀହ ଜନତା ସବୁବେଳେ ଦୁଇଦଳ ମଝିରେ ପଶି ବଳୀ ପଡ଼େ । ବାଜି ମାରିନିଏ ଦଳ ଶାସନଗାଦୀ ହାତେଇ। ଅନେକ ବେଳେ ଶାସନ କଳର ସ୍ଥାଣୁତା, ନିରୂତା ପ୍ରୋତ୍ସାହିତ କରାଏ ଏଭଳି ସ୍ଥିତିର।

ଏଇ ଯେମିତି ମଣିପୁରରେ ବଳିଦିଲା ନାରୀଟିଏ। ଘଟଣା ପଛରେ ଯେଉଁ କାରଣ ଥାଉ ନା କାହିଁକି ଏମିତି ରାସ୍ତା ଉପରେ ନାରୀଟିର ନଗ୍ନଦେହରେ ହାତ ମାରି କରି ଚଲେଇ ନେଇ ଗଣଧର୍ଷଣ କରିବା – ଛି!

ଆଉ ଅଧିକ ଭାବି ହେଉନି ଏମିତି ଲଜ୍ଜାଜନକ କଥା। କ୍ରୋଧରେ ହାତ ମୁଠା ମୁଠା ହେଇ ଯାଉଛି। ରକ୍ତ ଉଠିଯାଉଛି ମଥାକୁ ।

ସବୁଦିନ କିଛି ନା କିଛି ଏମିତି ଘଟଣା ଛାତିକୁ ଥରେଇ ଦେଇ ଘଟୁଛି। କେଉଁଠି ଚଉଦ ବର୍ଷର ନାବାଳିକାକୁ ଗଣଧର୍ଷଣ କରି ଜିଅନ୍ତା ପୋଡ଼ି ମାରି ଦେଲେଣି ତ, କେଉଁଠି ଗୋଡ଼ାଇ ଗୋଡ଼ାଇ ମାରି ଦେଲେଣି କାହାକୁ କିଏ ଧର୍ମ ନାଁରେ ? ଯଦି ଏମିତି ଧର୍ମ ନାଁ ଓ ଜାତି ନାଁ ନେଇ ମରାମରି ହେବେ ତେବେ ଢେର ଭଲ କୌଣସି ଧର୍ମ ନରହୁ ଏ ଜଗତରେ। ଜାତି ନରହୁ ମଣିଷ ସମାଜରେ। ମାନବିକତା ହିଁ ମଣିଷର ଧର୍ମ ହେଉ। ଏକ ଜାତି, ମଣିଷ ଜାତି ହି ହେଉ ।

ଛୋଟ ମୁଣ୍ଡରେ ଏତେ କଥା ପଶି ବା ଲାଭ କ'ଣ? ବଡ଼ବାବୁ ମାନଙ୍କର ଟିକେ ବୋଲ ହାକ କରି ଦିନ ଗଡିଯାଏ। ଆଉ ଏଥିରୁ ଚଳିଯାଏ ସଂସାର।

ଆଖି ଆଗରେ ମାଳ ମାଳ ଧାନ ଜମି ପାଣିରେ ବୁଡି ରହିଛି। ଆଉ କିଛି ଦିନ ଯାଇଥିଲେ ପାଚିଲାଧାନ ଦେଖି ହସି ଉଠିଥାନ୍ତା ଚାଷୀ । ହେଲେ ସବୁ ଚାଟିନେଲା ବନ୍ୟା । ଅଭାବୀର ଦୁଃଖ ସବୁ ଏମିତି ଦୀର୍ଘଶ୍ୱାସ ହେଇ ବାହାରି ଯାଏ ଯାହା ଶୂନ୍ୟରେ। ସେ ଜୀବନ ସହ ସାଲିସ କରି ବଞ୍ଚିବା ଶିଖିଯାଏ ଧୀରେ ଧୀରେ।

ସରକାରୀବାବୁ ମାନେ ଆସିବେ ସ୍ଥିତି ଦେଖି ଯେଉଁ କ୍ଷତିପୂରଣ କରିବେ ସେଥିରୁ ଅଧାରୁ ଅଧିକ ଯିବ ବାଟ ମାରଣାରେ ଆଉ ଯେଉଁ ଚେନାଏ ପଡିବ ତା ଭାଗରେ ସେଥିରେ କ'ଣ ପୂରିଯିବ ଚାଷୀର କ୍ଷତ ?

ମୁଁ ଟିକେ ବସିଡ଼ିଲି ବନ୍ଧ ଉପରେ। କାଲି ରାତିରେ ବନ୍ଧ ଉଜାଡ଼ି ଦେଇଛି କେତେ ଧନ ଜୀବନ। ଅଥଚ ଆଜି ଶୋଇଛି ଏମିତି ଯେ ଯେମିତି କିଛି ହେଇନି। କିଛି ଜାଣିନି ।

ଆଣ୍ଠୁଏ ପାଣିରେ ପଶି ପଶି ଅଧ ଘଣ୍ଟାଏ ଚାଲିଲା ପରେ ଏଇଠି ବସି ପଡ଼ିଲି। ଆଉ ପାହୁଣ୍ଡେ ଚାଲିବାକୁ ଟିକେ ବି ବଳ ନଥିଲା।

ଗାଁ ପଡ଼ିଆରେ ବୋଟ୍‌ରେ ଗଲା ବେଳେ ପାଣି ଭିତରେ ଥିବା ଗଛ ଉପରେ ଜୀବନ ବିକଳରେ ଚଢି ଯାଇଥିବା ନାଲି ବଡ଼ ବଡ଼ ପିମ୍ପୁଡ଼ି କାମୁଡ଼ାରେ ଦେହଯାକ କୁଣ୍ଡାଇ ହେଇ ନାଲି ଚକା ଚକା ବିଶି ଚରି ଯାଇଛି ହାତ ଗୋଡ଼ ଯାକ ।

ସେଇ ଜାଗାକୁ ଛୁଇଁ ହେଉଛି ନା କୁଣ୍ଡାଇ ହେଉଛି। ସେ ଫଳି ଯାଉ, କିଏ ପଚାରେ ସେସବୁକୁ। ବିଛା ଦଂଶନ ଜ୍ୱାଳା ଏବେ ବି ପାଦରେ ଅନୁଭବ କରୁଛି ।

ଉଦର ଜଳିଯିବା ବେଳେ, ଜୀବନ ଚାଲିଯିବା ବେଳେ ଏସବୁ ତୁଚ୍ଛ ।

ସକାଳୁ କ'ଣ ଖାଇ ଆସିଛି ଏବେ ଆଉ ମନେ ନାହିଁ। ସାପ, ବିଛା ଚାରିଆଡ଼େ ନିଜ ଜୀବନକୁ ଭୟ କରି ବୁଲୁଛନ୍ତି । ଆଣ୍ଠୁଏ ପାଣି ଭିତରେ ବି ସାପ ସବୁ ପହଁରି ଚାଲି ଯାଉଥାନ୍ତି ପାଖ ଦେଇ। ଛାତି ଟିକେ ଥରି ଉଠେ, କିନ୍ତୁ ନିଜ କର୍ତ୍ତବ୍ୟ ପାଖରେ ଏସବୁ ମଳିନ ପଡେ ।

ବୋଟ୍ ଯାଇଛି ଏଇଠୁ ଟ୍ରାକ୍ଟରରେ ବୁହା ହେଇ ଆଗ ଗାଁ ପାଖ ବିଲକୁ। ଚାରିଜଣ ଉଦ୍ଧାର ପାଇଁ ଅପେକ୍ଷା କରିଛନ୍ତି ସେଠି । ଗଛ ଉପରେ ରାତି କଟିଛି । ବିକଳ ହେଇ ନେହୁରା ହେଇଗଲେ ତାଙ୍କୁ ଉଦ୍ଧାର ପାଇଁ କିଛି ଗାଁ ଲୋକ ।

ଖଣ୍ଡେ ଦୂରେ ଠିଆ ହେଇଛି ଲୋକଟିଏ। ହାଡ଼

ମାଳ ସାର ମଣିଷଟେ । ଅଣ୍ଟା ପାଖରୁ ଧନୁଭଳି ବଙ୍କା ହେଇରହିଛି ମେରୁଦଣ୍ଡ ବେକ ଯାଏ । ପିଠିର ହାଡ଼ ଗଣି ହେଇ ଯାଉଛି । ଘନ ନୀଳ ରଙ୍ଗର ଖୋର୍ଦ୍ଧା ଲୁଙ୍ଗି ଚାରି ଭାଙ୍ଗ ହେଇ ଗୁଞ୍ଜି ଦେଇଛି ନାଇ ପାଖରେ । ମୁହଁରେ ସଂକୋଚ ଭାବ । କିଛି କହିବାକୁ ଚାହୁଁଛି କିନ୍ତୁ ସାହସ କୁଳାଇ କହି ପାରୁନି । ପେଜୁଆ ଆଖିରେ ଅନେକ ଆଶା ।

ମୁଁ ହାତଠାରି ମୋ ପାଖକୁ ଡାକିଲି ।

ସେ ଯେମିତି ଅପେକ୍ଷା କରିଥିଲା ମୋ ଡାକକୁ ।

ଦୌଡ଼ି ଆସି ମୋ ଗୋଡ଼ ଦୁଇଟାକୁ ଜାବୁଡ଼ି ଧରି କାନ୍ଦିଲା । ଅଚାନକ ଏମିତି ଏକ ଘଟଣାରେ ମୁଁ ହତବାକ୍ ହେଇପଡିଲି । ହାତ ଦୁଇଟିକୁ ମୋ ଗୋଡ଼ ଉପରୁ ଉଠାଇବାକୁ ଯେତେ ଚେଷ୍ଟା କଲି ସେ କିନ୍ତୁ ଆଦୌ ଛାଡିଲା ନାହିଁ । ତାକୁ କ'ଣ କହି ସାନ୍ତ୍ୱନା ଦେବି ମୁଁ ବୁଝିପାରିଲି ନାହିଁ ।

– କ'ଣ ହେଇଛି କୁହ ? କିଛି ନକହି ଏମିତି ଖାଲି କାନ୍ଦିଲେ ମୁଁ ଜାଣିବି କେମିତି ?

– ବାବୁ ମୋତେ ଟିକେ ସାହାଯ୍ୟ କରନ୍ତୁ । ଗରିବ ଲୋକଟେ ବାବୁ ମୁଁ । ମୋ ଜୀବନର ସର୍ବସ୍ୱ ସେଠି ମୃତ୍ୟୁର ଅପେକ୍ଷାରେ ।

ଏତକ କହି ସେ ଗାଁ ବିଲ ପାଖ ଜାଗା ଆଡେ ତା ଆଙ୍ଗୁଳି ଦେଖାଇ ଖାଲି କଇଁ କଇଁ ହେଇ କାନ୍ଦିବାକୁ ଲାଗିଲା ।

ମୁଁ ମୁହୂର୍ତ୍ତରେ ଭାବିଗଲି ଅନେକ କଥା । ତା' ପରିବାରରୁ କେହି ଅଟକି ଯାଇଛି କି ସେଠି ? ଆସିରିନି ଗତ ରାତିରୁ ?

ସକାଳୁ ଅଚାନକ ପାଣି ଛଡ଼ାଯାଇଛି ଉପର ବ୍ୟାରେଜରୁ । ଶୁଖିଲା ଥିବା ଜାଗା ସବୁ ଚାହୁଁ ଚାହୁଁ ଜଳରେ ପ୍ଳାବିତ । କିଏ ଗାଈଗୋରୁ ଛାଡ଼ି ଦେଇଛି ପଡ଼ିଆକୁ ଚରିବାକୁ, ତ କିଏ ବିଲକାମ ପାଇଁ ବିଲକୁ ଯାଇ ଅଟକି ଯାଇଛନ୍ତି ।

ସେ ଆଡ଼େ ଆଖି ପକେଇ ଦେଇ ନିଜେ ଶିହିରିତ ହେଇଗଲି । ନା, ପାଣିର ପ୍ରବଳ ସ୍ରୋତ ସେଠି ଏବେ । ମଝିରେ ଏକ ଉଚ୍ଚା ଜାଗା ଉପରେ ଦିଶି ଯାଉଛି କିଛି ଛାତିଥରା ଦୃଶ୍ୟ । ଦଶରୁ କୋଡ଼ିଏ ଛେଳି ଠିଆ ହେଇଛନ୍ତି । ଏବେ ସେଠିକୁ ଯିବା ମାନେ ମୃତ୍ୟୁକୁ ଆବାହନ କରିବା ସହ ସମାନ ।

ଓଡ୍ରାଫ ଟିମ୍ ଗାଁରୁ ବାହାରି ଯାଇଛନ୍ତି ନିକଟବର୍ତ୍ତୀ ପାଖ ଗାଁକୁ । ଲୋକଟି ବିକଳରେ ଚାହିଁ ରହିଛି ଶେଷ ଆଶା ନେଇ ମୋରି ମୁହଁକୁ ।

ମୁଁ ଚାହିଁଦେଲି ଥରେ ସେଇ ପାଣି ମଝିକୁ ଯେଉଁଠି ତା'ର ଛେଳିମାନେ ଅଛନ୍ତି ।

ପାଣି – ଚାରିଆଡେ ପାଣି । ଆଖି ଫେରି ଆସୁଛି ବାଧା ପାଇ କିନ୍ତୁ ପାଣିର ଶେଷ ହି ନାହିଁ ।

ତା ସ୍ୱପ୍ନ, ତା ଆଶା ତା ଭରସା ତା ଦମ୍ଭ, ତା ରକ୍ତ, ହାଡ଼ ମାଂସ ସବୁ ଏବେ ଜଳଘେରରେ ବନ୍ଦୀ ।

ସେ କେତେ ଦିନ ରାତି ମାସ ଧରି ଖରା ଶୀତ ବର୍ଷା ଖାଇ ଆଖିରେ ଆଖିଏ ସ୍ୱପ୍ନ ରଖି ବଢାଇଛି ଛେଳି । ଛନ ଛନ୍ ସବୁଜ ଡାଳପତ୍ର କାଟି ଆଣିଛି ଯତ୍ନରେ । ଟିପରୁ ଝରିଯାଇଛି ରକ୍ତ ସେ ନଜର ଦେଇନି । ନଜର ଦେଇନି ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ସେ ସବୁଜପତ୍ର ସନ୍ଧାନରେ ଆସି ପହଁଚି ଯାଇଛି କେତେବେଳେ ।

ସବୁ ଛେଳିକୁ ଗୋଟିଏ ଗୋଟିଏ ନାଁ ଦେଇ ସ୍ନେହରେ ଡାକିଛି । ତାଙ୍କ ଝାଉଁଳିଆ ମୁହଁଟିମାନ ଦେଖିଲେ ବ୍ୟସ୍ତ ହେଇ ପଡିଛି । ପଶୁଡାକ୍ତରଙ୍କୁ ପଚାରି ବୁଝିଛି ରୋଗବାଗ ।

ସ୍ନେହରେ ଆଉଁସି ଦେଇଛି – ଖାଆ, ତୁ ଖାଇଲେ ସିନା ବଢ଼ିବୁ । ମୋ ଆଶା ସ୍ୱପ୍ନ ସବୁ ତୋ ବଢ଼ିଲା ଦେହ ସହ ବଢେ । ତୁ ଯେତେ ବଢିବୁ ତୋର ଆଦର ସେତେ ସେତେ ବଢିବ ।

ନିଜେ ଇ ଅନ୍ୟମନସ୍କ ହେଇ ଯାଇଛି ନିଜ କଥାରେ । ଛଳଛଳ ଆଖି ପୋଛି ନେଇଛି । ଛେଳି ତା କାନ୍ଧ ଉପରେ ମୁହଁ ରଖି ଘଷି ହେଇଛି । ତା ଆଖିର ନିରୀହ ଚାହାଣି ନେଇ ଚାହିଁ ରହିଛି ମାଲିକକୁ ସମବେଦନାରେ ।

– ବାବୁ ଚାରିଟା ଛେଳି ହଜିଯାଇଛି କାଲିଠୁଁ । ଗାଁ ଭିତରେ କେଉଁଠି କାଳେ ରହିଯାଇଥିବ ଭାବି ଖୋଜୁ ଖୋଜୁ ଅଚାନକ ପଡ଼ିଆରେ ପାଣି ମାଡ଼ି ଆସିବାର ଖବର ପାଇଲା ବେଳକୁ ପାଣି ଏତେ ହେଇ ଯାଇଥିଲା ଯେ ଉଦ୍ଧାର ପାଇଁ ଯାଇ ପାରିଲି ନାହିଁ ।

ଯା ଭିତରେ କ୍ଲବ୍ ଘରୁ ଦୁଇ ଥର ଫୋନ ଆସିଲାଣି ।

– ନରମ ମଟନ୍ ଝୋଳ ସରିଯିବ । ଜଲଦି ଆସେ । ମୁଁ ଯାଉଛି କହି ଫୋନ ରଖିଦେଲି ।

ମୁଁ ଆଉ ଥରେ ବୁଢ଼ାର ବିକଳ ମୁହଁକୁ ଚାହିଁ ରହିଲି । ଦ୍ୱନ୍ଦ୍ୱରେ ମୁଁ । ବୁଢ଼ା ଏବେ ବି ଆଶାୟୀ । ତା'ର ବିଶ୍ୱାସ ମୋ ଉପରେ ଅତୁଟ ।

ମୁଁ ଆଖି ଫେରାଇ ନେଲି ତା ମୁହଁରୁ । ସାହସ କୁଳାଇ ଉଠିଲି ଏଥର ।

ବୁଢ଼ାର ସବୁ ସ୍ୱପ୍ନ କ'ଣ ଭାସିଯିବ ? କିନ୍ତୁ ଏତେ ପାଣି । ବୋଟ୍‌କୁ ଡାକିବ ପୁଣିଥରେ ଏଠିକୁ । ହେଲେ ଆଉ ଚାରିଟା ହଜିଯାଇଥିବା ଛେଳି ...

ହଁ, ମୋତେ ହିଁ କିଛି କରିବାକୁ ପଡ଼ିବ । ଉଦ୍ଧାର ପାଇଁ ରାତି ସାରା ଶୋଇ ପାରିନି ତ !

ଅଚାନକ ଛଲାଙ୍ଗ୍ ଏକ ଶବ୍ଦରେ ମୁଁ ଚମକି ପଡିଲି । ଶବ୍ଦ ଉଦ୍ଦେଶ୍ୟରେ ଆମେ ଦୁହେଁ ଚାହିଁ ଦେଖିଲୁ ପାଣି ଉପରକୁ । ଧଣ୍ଡଟେ

ବେଙ୍ଗଟାକୁ ଟାଣି ନେଇଗଲା ପାଣି ଭିତରକୁ ।

ସେଇ ମୁହୂର୍ତ୍ତରେ ବୁଢ଼ା ମୁହଁଟା ଠିକ୍ ଏକ ଛେଳି ଭଳି ଦିଶିଗଲା ପାଣି ଉପରେ ପ୍ରତିବିମ୍ବିତ ହେଇ, ଆଉ ଖଣ୍ଡ ଖଣ୍ଡ ତରଙ୍ଗାୟିତ ହେଇ ଭାସିଗଲା ଦୂରକୁ ବହୁ ଦୂରକୁ । ମୁଁ ଆତଙ୍କିତ ହେଇ ନିଜ ମୁହଁକୁ ଦେଖିଲି ମୋ ନିଜ ମୁହଁ ବି ଛେଳି ଭଳି ଦିଶିଲା ପାଣିରେ ! ହାତରେ ମୁହଁକୁ ଛୁଇଁ ଆଖିର ଧୋକ୍କା କି ନାହିଁ ପରଖି ନେଇ ଥରି ଉଠିଲି ।

ଏବେ ମୋତେ ଋଣଗ୍ରସ୍ତ ଚାଷୀ ସବୁ ରାସ୍ତାକଡ଼ରେ ଛାଲ ଉତୁରା ଛେଳି ପରି ଟଙ୍ଗା ହେଇଥିବାର ଦିଶିଗଲା । କ୍ଲବ ଘରେ ଖାଇବା ଥାଳିରେ ଛେଳିମୁହଁ । ସବୁଆଡ଼େ ମୋତେ ଖାଲି ଛେଳିମୟ ଦିଶୁଥିଲା ।

ଛେଳି ଛେଳି ଛେଳି !!

ଓଃ !

ମୁଁ ନିଜ ମୁଣ୍ଡକୁ ଦୁଇ ହାତରେ ଚାପିଧରି ଦୌଡ଼ିବାରେ ଲାଗିଲି ...... ।

*କେ-୪୦୩, ଟ୍ରାଇଡେଣ୍ଟ ଗାଲାକ୍ସି,*
*ପାଇକରାପୁର, ଘାଟିକିଆ,*
*କଳିଙ୍ଗନଗର, ଭୁବନେଶ୍ୱର-୭୫୧୦୨୮*
*ଦୂରଭାଷ: ୭୦୦୮୨୧୦୯୭୦*

# କାଉ ବସାରେ କୋଇଲି

## ରବି ନାରାୟଣ ନନ୍ଦ

ରେଲୱେ ଷ୍ଟେସନରେ ଟ୍ରେନରୁ ଓହ୍ଲେଇପଡିବା ପରେ ସୁର ବାବୁଙ୍କର ଆଖି ଘୁରି ଆସିଲା ଚାରିଆଡେ ଦେଖିବାକୁ କାଳେ କେହି ତା'ଙ୍କୁ ନେବାକୁ ଆସିଛନ୍ତି। ଲଗେଜ ଧରି ପ୍ଲାଟଫର୍ମ ବାହାରକୁ ଆସି ଦେଖିବାକୁ ପାଇଲେ ଜଣେ ଲୋକ ଯେକି ତାଙ୍କର ନାମରେ ଏକ ପ୍ଲାକାର୍ଡ ଧରି ଠିଆ ହୋଇଥିଲା। ଉତ୍ସୁକତାର ସହିତ ତା'ଙ୍କୁ ପଚାରିବାରୁ ଜାଣିଲେ ଯେ, ତାଙ୍କୁ ନେବା ପାଇଁ ଧୀର ବାବୁ ଗାଡି ପଠେଇଛନ୍ତି। ପତ୍ନୀ ସାବିତ୍ରୀ ଓ ଝିଅ ଅନି (ଅନନ୍ୟା)କୁ ସାଥିରେ ନେଇ ସେ ବସିଗଲେ ପଠାଯାଇଥିବା ହଣ୍ଡା କାରରେ ପଛ ସିଟ୍‌ରେ। ସାଙ୍ଗରେ ଥିବା ଅଳ୍ପ କିଛି ଆସବାବପତ୍ର ଡିକିରେ ରଖିଦେଇଥିଲେ। ପୂର୍ବରୁ ସମସ୍ତ ଆସବାବପତ୍ର ପରିବହନ ସଂସ୍ଥାରେ ପଠାଇବାର ବନ୍ଦୋବସ୍ତ କରି ସେ ଟ୍ରେନରେ ବସିଛନ୍ତି। ଇତି ମଧ୍ୟରେ ପ୍ରତି ଦୁଇ ତିନି ମାସରେ ଥରେ ଭୁବନେଶ୍ୱର ଆସୁଥିଲେ ମଧ୍ୟ ପରିବାର ସହିତ ପ୍ରଥମ ଥର ପାଇଁ ସେ ଭୁବନେଶ୍ୱର ଆସୁଛନ୍ତି ସାତ ବର୍ଷପରେ। ଇତି ମଧ୍ୟରେ ପ୍ରତିବର୍ଷ ଥରେ ଦୁଇଥର ସେ ଜଗତସିଂହପୁରଠାରେ ଥିବା ନିଜର ପୈତୃକ ନିବାସକୁ ପରିବାର ସହ ଆସିଥିଲେ ମଧ୍ୟ ଭୁବନେଶ୍ୱର କେବେ ଆସିନାହାନ୍ତି। ସୌଭାଗ୍ୟବଶତଃ ଗୋଟିଏ ଦୁଇବଖରା ବିଶିଷ୍ଟ କ୍ୱାର୍ଟର୍ସ ମଧ୍ୟ ବିଭାଗ ପକ୍ଷରୁ ପାଇଯାଇଛନ୍ତି। ତା ଫଳରେ ସେ ଦୁଇଦିନ ପାଇଁ ଜଳସେଚନ ବିଭାଗର ଅତିଥି ଭବନରେ ଅବସ୍ଥାନ କରି ସିଧା ସଳଖ ଜିନିଷପତ୍ର ଧରି କ୍ୱାର୍ଟରରେ ପ୍ରବେଶ କରିବେ।

ଉତ୍ସୁକତାର ସହିତ ସୁରବାବୁ ଡ୍ରାଇଭରକୁ ପଚାରିଲେ –

ଏଇଟା କ'ଣ ଟ୍ୟାକ୍ସି ?

ଆଜ୍ଞା ନାଁ ଏଇଟା ବାବୁଙ୍କର ନିଜ ଗାଡି। ଏଇଠି ଅତିଥିମାନଙ୍କ ପାଇଁ କାର୍ଯ୍ୟରେ ଲାଗେ। ଆଉ ଗୋଟିଏ ହୁଣ୍ଡାଇ ଆଇ ଟେନ୍.... ବାବୁଙ୍କର ପିଲାମାନଙ୍କର ଡ୍ୟୁଟି କରେ। ବାବୁ ନିଜେ ଗୋଟିଏ ଇନୋଭା ଟୟୋଟା ଏବଂ ମର୍ସିଡିସ ଅଦଳବଦଳ କରି ଚଢ଼ନ୍ତି। ଆପଣଙ୍କ ପାଇଁ ଦୁଇ ଦିନ ଲାଗି ବାବୁ ମୋତେ ଏ ଡ୍ୟୁଟି ଦେଇଛନ୍ତି।

ସୁରବାବୁ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଧୀର ବାବୁଙ୍କର ଏତେ ଅଧିକ ଅଭିବୃଦ୍ଧି ବିଷୟରେ ଜାଣି, ତାଙ୍କ ସହିତ ବରାବର ଯୋଗାଯୋଗ ଅଛି ସୁରବାବୁଙ୍କର। କିଛି ସର୍ତ୍ତ ମୁତାବକ ପରିବାର ସହିତ ସେ ସମ୍ପର୍କ ରଖି ନାହାନ୍ତି ଏବଂ ତାଙ୍କର ଆର୍ଥିକ ପରିସ୍ଥିତି ଓ ବ୍ୟବସାୟ ବିଷୟରେ ନା ସେ କେବେ କିଛି ଖବର ରଖିଛନ୍ତି ନା ଧିର ବାବୁ କେବେ ତାଙ୍କୁ କିଛି ଜଣାଇଛନ୍ତି। ସେ ଧିର ବାବୁଙ୍କୁ ଜାଣନ୍ତି ଜଣେ ଭଲ, ଦକ୍ଷ ଓ ସଫଳତାକୁ ଛୁଇଁପାରିଥିବା ଜଣେ କଣ୍ଟ୍ରାକ୍ଟର ଭାବରେ। ଏକଥା ଅବଶ୍ୟ ସତ, ଉଦଯୋଗୀକୁ ସବୁବେଳେ ଲକ୍ଷ୍ମୀ ସାହା ହୁଅନ୍ତି ଏବଂ ଧିର ବାବୁଙ୍କର ଉଦଯୋଗ ଓ କର୍ମନିଷ୍ଠା ନିଶ୍ଚିତ ଭାବରେ ସମସ୍ତଙ୍କ ପାଇଁ ଅନୁକରଣୀୟ ଥିଲା। ତାଙ୍କର ଠିକାଦାର ବ୍ୟବସାୟରେ ନିଷ୍ଠା, ଉତ୍ସାହ ଓ ଅଗ୍ରଗତି ଦେଖି ସେ ମଧ୍ୟ ତାଙ୍କୁ ବହୁତ ଆଗକୁ ଯିବା ନିମନ୍ତେ କେତେଥର ସଦିଚ୍ଛା ଦେଇଥିବା ତାଙ୍କର ଏବେବି ମନେ ଅଛି। ଏଇ ସାତବର୍ଷ ମଧ୍ୟରେ ଧିର ବାବୁ ଯେତିକି ଆଗକୁ ଚାଲିଗଲେଣି ତାହା ସେ କଳନା ବି କରିପାରୁନଥିଲେ। ତାଙ୍କର ବ୍ୟବସାୟ ଓ ଆର୍ଥିକ ସ୍ଥିତି ଉପରେ ଅଧିକ କିଛି ପଚାରି ଡ୍ରାଇଭର ଆଗରେ ଧିର ବାବୁଙ୍କ ତାଙ୍କର ସମ୍ପର୍କକୁ ସେ ନ୍ୟୁନ କରିଦେବାକୁ ଋହୁଁନଥିଲେ ମଧ୍ୟ ତାଙ୍କର ସେଇ ବିଷୟରେ ଜାଣିବା ପାଇଁ ଉତ୍ସୁକତା ବହୁ ଗୁଣରେ ବଢ଼ିଯାଇଥିଲା।

କଳାହାଣ୍ଡି ବଦଳି ହେବା ପୂର୍ବରୁ ସେ ବେଶ୍ କିଛି ଦିନ ଧରି ଭୁବନେଶ୍ୱରରେ ନିର୍ମାଣ ବିଭାଗର ଡିଭିଜନ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ ଏବଂ ସେତିକିବେଳେ ହିଁ ଧିର ବାବୁଙ୍କ ସହିତ ଆରମ୍ଭ ହୋଇଥିଲା ସମ୍ପର୍କ। ଜଣେ ଅତି କର୍ମଠ ଓ ସଚ୍ଚା ଠିକାଦାର ରୂପେ ଧିର ବାବୁ ସମସ୍ତଙ୍କର ଶ୍ରଦ୍ଧାଭାଜନ ଥିଲେ ଓ ସେ ନିଜେ ମଧ୍ୟ ତାଙ୍କୁ ବେଶ୍ କିଛି ସାହାଯ୍ୟ କରୁଥିଲେ ବିଭିନ୍ନ ସରକାରୀ କାର୍ଯ୍ୟ ସୂଚାରୁ ରୂପେ କରାଇନେବା ପାଇଁ। କ୍ରମେ ବଢ଼ି ଉଠିଥିଲା ଦୁଇଜଣଙ୍କ ମଧ୍ୟରେ ବନ୍ଧୁତା ଓ ତାହା ହେବାକୁ ଲାଗିଥିଲା ନିବିଡରୁ ନିବିଡତର। ପରସ୍ପର ଘରକୁ ପରିବାର ବର୍ଗଙ୍କର ଯିବା ଆସିବା, ପର୍ବପର୍ବାଣୀ ମାନଙ୍କରେ ପିଠା ଦିଆନିଆ, ମିଳିତ ଭାବରେ ପରିବାରରେ ଭୋଜନ, ସିନେମା ଦେଖା, ପିକ୍‌ନିକ୍ ଯିବା, ବଜାର ବୁଲିବା ଭଳି ସମସ୍ତ କାର୍ଯ୍ୟ ଦୁଇ ପରିବାର ଏକାଠି କରିବାରେ ଆନନ୍ଦ ପାଉଥିଲେ। ଧିର ବାବୁ ବହୁ ଧନୀ ନହେଲେ ମଧ୍ୟ ତାଙ୍କର ବ୍ୟବସାୟରେ ସଫଳତା ତାଙ୍କୁ ଆର୍ଥିକ ସ୍ୱଚ୍ଛଳତା ଦେଇଥିଲା ଏବଂ ତାଙ୍କର ପତ୍ନୀ କାଦମ୍ବିନୀ ଓ ଦୁଇଟି କନ୍ୟା ତଥା ଗୋଟିଏ ପୁଅକୁ ନେଇ ଥିଲା ତାଙ୍କର ହସଖୁସିର ସଂସାର। ଅପରପକ୍ଷରେ ସୁରବାବୁ ଦଶବର୍ଷ ହେଲାଣି ବିବାହ କରିଥିଲେ ମଧ୍ୟ କୌଣସି ସନ୍ତାନର ଜନକ ହୋଇନଥିବା ତାଙ୍କ ପାଇଁ ଓ ସାବିତ୍ରୀଙ୍କ ପାଇଁ ଥିଲା ଅଶେଷ କଷ୍ଟଦାୟକ। ତାଙ୍କର ଭୁବନେଶ୍ୱର ରହଣି ମଧ୍ୟରେ ବହୁ ଡାକ୍ତରଙ୍କ ସହିତ ଯୋଗାଯୋଗ କରିଥିଲେ ମଧ୍ୟ ଉଭୟେ ଗୋଟିଏ ସନ୍ତାନର ଜନକ ଓ ଜନନୀ ହେବା ସମ୍ଭବ ନୁହେଁ ବୋଲି ସମସ୍ତେ ସ୍ପଷ୍ଟ ଭାବରେ ଜଣାଇ ଦେଉଥିଲେ। ମାନସିକ ରଖିବା ଓ ଅନ୍ୟାନ୍ୟ ଉପାୟ ଆଦରିବା ପରେ ମଧ୍ୟ କୌଣସି ଫଳ ନମିଳିବା ପରେ ଉଭୟେ ବେଶ ହତାଶ ହୋଇଯାଇଥିଲେ।

ଚରମ ମନସ୍ତାପ ଭିତରେ ସେଦିନ ସେ ତାଙ୍କର ଜୀବନର ବିଫଳତା ଓ ଦୁଃଖ ବଖାଣିଥିଲେ ଧିର ବାବୁଙ୍କ ନିକଟରେ। ଧିର ବାବୁଙ୍କର ଗୋଟିଏ ପ୍ରସ୍ତାବ ହଠାତ୍ ତାଙ୍କର ମୁଖମଣ୍ଡଳକୁ ଉଜ୍ଜଳ କରିଦେଲା। ତାପରେ ଧିର ବାବୁ, ସାବିତ୍ରୀ ସେ ନିଜେ ଓ କାଦମ୍ବିନୀ ଏକତ୍ର ବସି ସେଇ ପ୍ରସ୍ତାବଟି ଉପରେ ଆଲୋଚନା ଆରମ୍ଭ କଲେ। ଧିରବାବୁ ଓ ସାବିତ୍ରୀ ତିନୋଟି ସନ୍ତାନପରେ ଆଉ ସନ୍ତାନ ପାଇଁ ଇଚ୍ଛା କରୁନଥିଲେ ମଧ୍ୟ ସାବିତ୍ରୀ ଅନ୍ତଃସତ୍ତ୍ୱା ଥିଲେ। ଉଭୟେ ଅତି ଗୁରୁତର ସହିତ ଗର୍ଭନଷ୍ଟ କରିବା ପାଇଁ ଚିନ୍ତା କରୁଥିଲା ବେଳେ ନିଜର ପ୍ରିୟ ବନ୍ଧୁ ସୁରବାବୁ ଓ ତାଙ୍କର ପତ୍ନୀ ସାବିତ୍ରୀଙ୍କର ବିବଶତା ତାଙ୍କୁ ବ୍ୟଥିତ କରି ଏଇ ପ୍ରସ୍ତାବଟି ଦେବା ପାଇଁ ଅନୁପ୍ରେରିତ କରିଥିଲା। ଉଭୟେ ସେଇ ସନ୍ତାନଟିକୁ ନଷ୍ଟ ନ କରି

ସୁରବାବୁ ଓ ତାଙ୍କ ପତ୍ନୀଙ୍କୁ ଦେବା ପାଇଁ ଇଚ୍ଛା ପ୍ରକାଶ କରିବା ପରେ ସେମାନେ ସେଇ ପ୍ରସ୍ତାବରେ ରାଜି ହୋଇଯାଇଥିଲେ । ଏହି ରାଜିରୁଜା ଭିତରେ ଗୋଟିଏ ସର୍ତ୍ତ ଆରୋପ କରିଥିଲେ କାଦମ୍ବିନୀ । ସର୍ତ୍ତଟି ହେଲା ଯେ ପୁତ୍ର ସନ୍ତାନଟିଏ ଜନ୍ମ ନେଲେ ସେ ତାକୁ ଦେଇପାରିବେନି କିନ୍ତୁ ଯେହେତୁ ସେ ଦୁଇଟି ଝିଅର ଜନନୀ ତେଣୁ ଏଇଟି ଝିଅ ଜନ୍ମ ହେଲେ ତାହାକୁ ଦେବାରେ ତାଙ୍କର କିଛି ଆପତ୍ତି ନାହିଁ । ତାଙ୍କର ଓ ସାବିତ୍ରୀଙ୍କର ଏଥିରେ ଅରାଜି ହେବାର କିଛି ନଥିଲା କାରଣ ଝିଅଟିଏ ହେଉ ପଛକେ ଏକ ଭଲ ଜଣାଶୁଣା ପରିବାରରୁ ଆସିଲେ ବେଶ୍ ଭଲ ।

କିଛି ମାସ ପରେ କନ୍ୟା ସନ୍ତାଟିଏ ଜନ୍ମ ଦେଇଥିଲେ କାଦମ୍ବିନୀ ଏବଂ ସର୍ତ୍ତ ଅନୁଯାୟୀ ସେଇ କନ୍ୟା ସନ୍ତାନଟିକୁ ଉଭୟେ ହସ୍ତାନ୍ତର କରିଦେଇଥିଲେ ସୁରବାବୁଙ୍କର ପରିବାରକୁ । ଏଇ ସମୟରେ ଗୋଟିଏ ଅସମାହିତ ପ୍ରଶ୍ନ ମଧ୍ୟ ଉଭୟ ପରିବାରକୁ ବିଚାରକୁ ନେବାକୁ ପଡ଼ିଲା । ସେଇଟି ହେଲା ଗୋପନୀୟତା ରକ୍ଷା । ଉଭୟେ ଏକମତ ହେଲେ ପିଲାର ପ୍ରକୃତ ପରିଚୟ ଅନ୍ୟ କାହରିକୁ ଜଣାଯିବ ନାହିଁ । ଏଭଳି କି ବୟସ ବଢ଼ିଲା ପରେ ସେଇ ଝିଅଟିକୁ ମଧ୍ୟ ନୁହେଁ । ଦ୍ୱିତୀୟତଃ ଧିରବାବୁ ଓ ତାଙ୍କ ପରିବାର ସେଇ ପିଲାଠା'ରୁ ସବୁବେଳେ ଦୂରତା ରକ୍ଷା କରି ନିଜର ତା'ପ୍ରତି ଆକର୍ଷଣକୁ ପ୍ରକାଶ ହେବାକୁ ଦେବେ ନାହିଁ । ଉଭୟ ପରିବାର ପାଇଁ ଆପାତତଃ ଏଇ ସବୁ ଗ୍ରହଣୀୟ ହେଲା ପରେ ଝିଅଟି ଆସି ଲାଳିତ ପାଳିତ ହେଲା ସାବିତ୍ରୀଙ୍କ ଦ୍ୱାରା । ଚାହୁଁ ଚାହୁଁ କେତେବେଳେ ପାଞ୍ଚ ବର୍ଷ ବିତିଯାଇଥିଲା ଏବଂ କୁନିଝିଅଟି ଅନନ୍ୟା ନାମ ନେଇ ସ୍କୁଲ ଯିବା ମଧ୍ୟ ଆରମ୍ଭ କରିଦେଇଥିଲା । ସୁରବାବୁ ଓ ଧିରବାବୁ ନିଜ ମଧ୍ୟରେ ବନ୍ଧୁତ୍ୱ ଅକ୍ଷୁର୍ଣ୍ଣ ରଖିଥିଲେ ଏବଂ ଝିଅର ଭଲମନ୍ଦ ଖବର ସବୁ କିଛି ଧିରବାବୁ ପାଇଯାଉଥିଲେ ତାଙ୍କଠାରୁ । ଅନନ୍ୟାକୁ ଦେଖିବା ପାଇଁ ତା'କୁ ଜନ୍ମ କରିଥିବା ମାଆର ଅତ୍ୟଧିକ ଆଗ୍ରହ ଧିରବାବୁ ପ୍ରକାଶ କଲେ ମଧ୍ୟ ଉଭୟେ ଏଇ ବିଷୟରେ ଅଧିକ ଅଗ୍ରସର ନହେବା ପାଇଁ ସହମତ ହୋଇଥିଲେ । ଧିରବାବୁ ଓ କାଦମ୍ବିନୀଙ୍କ ପ୍ରତି ସେ ଏତେ କୃତଜ୍ଞ ଥିଲେ ଯେ ସେମାନଙ୍କ କଥାକୁ ନାହିଁ କରିବାକୁ ତାଙ୍କର ସାହସ ପାଉନଥିଲା ।

ଏ ଭିତରେ ଗୋଟିଏ ଛୋଟିଆ ଅଘଟଣ ଘଟିଥିଲା । ଧିରବାବୁଙ୍କର ପୁଅ ଜନ୍ମ ଦିନ ପାଳନ ସମୟରେ । ପାଞ୍ଚବର୍ଷ ଭିତରେ କେବେ ବି ଅନନ୍ୟାକୁ ନେଇ ଧିରବାବୁଙ୍କ ଘରକୁ ଯାଉନଥିବା ସାବିତ୍ରୀ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରିତ ହୋଇ ଯାଇଥିଲେ ଅନନ୍ୟାକୁ ନେଇ । କେଜାଣି କାହିଁକି ସେଠାରେ ଦୀର୍ଘ ଛଅ ସାତ ଘଣ୍ଟାର ରହଣୀ ମଧ୍ୟରେ ଅନନ୍ୟା ଅହେତୁକ ଭାବରେ ଆକର୍ଷିତ ହୋଇଥିଲା ଧିରବାବୁଙ୍କ ସ୍ତ୍ରୀ ଓ ପିଲାମାନଙ୍କ ପ୍ରତି । ସେଇ ଘରର ପରିବେଶ ତା'କୁ ଅତ୍ୟଧିକ ଆକର୍ଷିତ କରିଥିଲା । ଅନନ୍ୟାର ଏତେ ଆତ୍ମୀୟତା ଓ ଆକର୍ଷଣକୁ ଲକ୍ଷ୍ୟ କରି କାଦମ୍ବିନୀ ମଧ୍ୟ ଆତ୍ମହରା ହୋଇଯାଇଥିଲେ । ପରିସ୍ଥିତି ଏଭଳି ହୋଇଥିଲା ଯେ ଅନନ୍ୟା ସହ ଅଧିକ କିଛି ସମୟ କଟାଇବା ପାଇଁ ସେ ସାବିତ୍ରୀଙ୍କୁ ବାଧ୍ୟ କରିଥିଲେ ସେଇ ରାତିଟି ରହିଯିବା ପାଇଁ । ଗୋପନୀୟତା ପ୍ରଘଟ ହୋଇନଥିଲା ସତ, କିନ୍ତୁ ଏଇ ଯେଉଁ ଅଦ୍‌ଭୁତ ଆକର୍ଷଣ ଏହା ଯେ ଦିନେ ଝଡ଼ ସୃଷ୍ଟି କରିବ ଏ ବିଷୟରେ ଆଶଙ୍କା ପ୍ରକାଶ ପାଇଥିଲା ଧିରବାବୁ ଓ ସୁରବାବୁଙ୍କ ମନରେ । ଉଭୟେ ନିଷ୍ପତ୍ତି ନେଇଥିଲେ ଆସନ୍ତା ସାତବର୍ଷ ପାଇଁ ଉଭୟ ପରିବାର ଯେଭଳି ଆଉ ମିଳିତ ନହୁଅନ୍ତି ସେ ବିଷୟରେ ଉଭୟେ ଯତ୍ନବାନ ହେବେ । ତୁରନ୍ତ ଗୋଟିଏ ମାସ ମଧ୍ୟରେ ବଦଳି ଯୋଗାଡ଼ କରି ସିଏ ସ୍ୱେଚ୍ଛାରେ ଚାଲିଗଲେ ସୁଦୂର କଳାହାଣ୍ଡି । ସେଇ ଦିନଠାରୁ ଉଭୟ ପରିବାର ମଧ୍ୟରେ ସଂପର୍କ ବନ୍ଦ । କେବଳ ତାଙ୍କର ଯାହା ଧିରବାବୁଙ୍କ ସାଙ୍ଗରେ ମଝିରେ ମଝିରେ ସାକ୍ଷାତ ଆଲୋଚନା ସାମୟିକ ଭାବରେ ଏବଂ ପ୍ରାୟତଃ ଟେଲିଫୋନ ଯୋଗେ ହୋଇଥାଏ ।

ଏତେ ଦିନ ପରେ ଆଜି ଭୁବନେଶ୍ୱରରେ ସପରିବାର ପହଞ୍ଚିଲା ପରେ ତାଙ୍କର ରହଣିର ବନ୍ଦୋବସ୍ତ କରିଛନ୍ତି ଧିରବାବୁ ଅତିଥିଭବନରେ । ପହଞ୍ଚିବାର କିଛି ସମୟ ପରେ ଧିର ବାବୁ ମଧ୍ୟ ଆସି ପହଞ୍ଚିଗଲେ ସଂଖୁଳିବା ପାଇଁ । ଧିରବାବୁ ତେର ବର୍ଷର ଝିଅ ଅନନ୍ୟାକୁ ଦେଖି ତାଙ୍କର ଆଖିକୁ ବିଶ୍ୱାସ କରିପାରିଲେନି ଯେ ଜଣେ ଝିଅ ଏତେ ସୁନ୍ଦର ହୋଇପାରେ । ସତେ କିବା ରାଜକୁମାରୀଟିଏ । ତାଙ୍କ ଦୁଇ ଝିଅଙ୍କଠାରୁ ରୂପରେ ଢ଼େର ଗୁଣ ସୁନ୍ଦର । ଆକର୍ଷିତ ହୋଇ ଉଠୁଥିଲେ ମଧ୍ୟ ସର୍ତ୍ତମୁତାବକ ସେ ସଂଯମ ହୋଇଗଲେ । ଏବେ ସୁରବାବୁ ଜାଣିବାକୁ ପାଇଲେ ଯେ ଧିରବାବୁ ଏ ମଧ୍ୟରେ ହୋଇସାରିଛନ୍ତି ଜଣେ ସୁପରକ୍ଲାସ କଣ୍ଟ୍ରାକଟର ଏବଂ ବିଭିନ୍ନ ଜାଗାରେ ବିଭିନ୍ନ ବିଭାଗରେ ଶହେ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପରେ କାର୍ଯ୍ୟ କରୁଛନ୍ତି । ତାଙ୍କର ନିଷ୍ଠା ଓ ଉନ୍ନତିର ଭୁରି ଭୁରି ପ୍ରଶଂସା କରି ଚାଲିଲେ ସେ ।

ଏବେ ଆରମ୍ଭ ହେଲା ଅନନ୍ୟାର ପଢ଼ାପଢ଼ି କଥା ।

ଧିରବାବୁଙ୍କର ସୁସଂପର୍କ ଓ ପ୍ରତିପତ୍ତିକୁ ଆଧାର କରି ଅନନ୍ୟାର ନାଆଁ ଲେଖା ହେଲା ଡି.ଏ.ଭି ସ୍କୁଲରେ ଯେଉଁଠାରେ ଉଚ୍ଚତର ଶ୍ରେଣୀରେ ପଢୁଥାଆନ୍ତି ଧିରବାବୁଙ୍କର ଦୁଇ ଝିଅ । ଏଭଳି ସୁଯୋଗକୁ ଅଣଦେଖା କରି ଅନନ୍ୟାର ଭବିଷ୍ୟତକୁ ଅନିଶ୍ଚିତ କରିବାର ସପକ୍ଷରେ ଯାଇପାରିନଥିଲେ ସେ । ଧିରବାବୁ ଅନନ୍ୟାର ନାମ ଲେଖାଇବାର ସମସ୍ତ ଦାୟିତ୍ୱ ନେଇ ତାଙ୍କର ବୋଝ ହାଲୁକା କରିଦେଇଥିଲେ ।

ସ୍କୁଲରେ ଧୀରବାବୁଙ୍କର ଦୁଇ ଝିଅଙ୍କ ସହିତ ଆତ୍ମୀୟତା ବଢ଼ି ଉଠିଥିଲା ଅନନ୍ୟାର ଆପେ ଆପେ । ରକ୍ତର ଡାକ କୌଣସି ବାଧାବନ୍ଧନକୁ ମାନିବା ପାଇଁ ପ୍ରସ୍ତୁତ ନଥିଲା ଯେପରି । ସେଇ ଦୁଇ ଭଉଣୀ କାରରେ ଯିବା ଆସିବା କରୁଥିଲାବେଳେ ଅନନ୍ୟା ଯାଉଥିଲା ସ୍କୁଲ ବସ୍‌ରେ । କେବେକେବେ ଦୁଇ ଭଉଣୀଙ୍କ ସହ ମିଶି କାରରେ ଘରକୁ ଆସୁଥିଲେ ମଧ୍ୟ ସେମାନଙ୍କ ଘରକୁ ଅନନ୍ୟା ଯିବା ପାଇଁ କେବେହେଲେ ସାବିତ୍ରୀ ଦେବୀ ଅନୁମତି ଦେଉନଥିଲେ । ଏପରିକି ଏଭଳି ଅନୁରୋଧ କେବେହେଲେ ନ କରିବାକୁ ସେ ଅନନ୍ୟାକୁ ରାଣ ନିୟମ ପକାଇଥିଲେ । ଏଭଳି ରୁକ୍ଷତା ଓ ଦୃଢ଼ତା ଅନନ୍ୟା ବୁଝି ପାରୁନଥିଲେ ମଧ୍ୟ ତା' ଲାଗି ତାହା ଗ୍ରହଣୀୟ ହେଉନଥିଲା । ମଣିଷର ତ ସ୍ୱଭାବ, ଯେଉଁ ବିଷୟ ତାକୁ ବାରଣ କରାଯାଏ, ତା'ରି ପ୍ରତି ତା'ର ସୃଷ୍ଟିହୁଏ ଅହେତୁକ ଆଗ୍ରହ । ଏଇ ଆଗ୍ରହଟି ସବୁବେଳେ ଅନନ୍ୟାକୁ ଅପେକ୍ଷାମାନ କରି ରଖିଥିଲା ସେଇ ଦୁଇ ଭଉଣୀଙ୍କ ଘରକୁ ଯିବାର ସୁଯୋଗ ପାଇବା ନିମନ୍ତେ ।

ଇତି ମଧ୍ୟରେ ଚାରିବର୍ଷ ବିତିଯାଇଥିଲା ଏବଂ ଧିର ବାବୁଙ୍କର ଝିଅ ଦୁଇଜଣ ସ୍କୁଲରୁ ବିଦାୟ ନେଇ ଉଚ୍ଚ ଶିକ୍ଷା ପାଇଁ ଯିବା ବେଳ ଆସିଯାଇଥିଲା । ଏଇ ସୁଯୋଗରେ ଜୋର ଜବରଦସ୍ତି ସାବିତ୍ରୀଙ୍କ ଅନୁମତି ନେଇ ସେଇ ଦୁଇଭଉଣୀଙ୍କ ସହ କାରରେ ସେମାନଙ୍କ ଘରକୁ କେଇ ଘଣ୍ଟାପାଇଁ ଯାଇଥିଲା ଅନନ୍ୟା । ଆଶ୍ଚର୍ଯ୍ୟ ହୋଇଯାଇଥିଲା ସେଇ ଘରର ଚାକଚକ୍ୟ, ଐଶ୍ୱର୍ଯ୍ୟ ଓ ଚଳଣି ଦେଖି । ତା' ମନକୁ ଆସିଥିଲା ସିଏ କ'ଣ ଜୀବନରେ ସତରେ କେବେ ଏଭଳି ସୁଖର ଅଧିକାରୀ ହୋଇପାରିବ ! ସେଇ କେଇ ଘଣ୍ଟାର ସୁଖଦ ସ୍ମୃତି, କାଦମ୍ବିନୀଙ୍କର ଅନାବିଳ ସ୍ନେହ ଓ ଆଦର ତାକୁ ସମ୍ମୋହିତ କରି ଦେଇଥିଲା । ତା'ର ଆଶାର ଆଉ ଟିକିଏ ଡେଣା ମେଲେଇ ଦେଇ କାଦମ୍ବିନୀ ମଧ୍ୟ ଭାବବିହ୍ୱଳ ହୋଇ ସ୍ୱତଃପ୍ରବୃତ୍ତ ହୋଇ କହି ପକାଇଥିଲେ - ଏଇଟା ତୋ'ରି ଘର ଲୋ ମାଆ । ଯେତେବେଳେ ଚାହିଁବୁ ଆସି ବୁଲି ଯାଉଥିବୁ । ତୁ ଖବର ଦେଲା ମାତ୍ରେ ମୁଁ ଗାଡି ପଠାଇ ଦେବି ।

ନିଜ ଘରକୁ ଫେରିଲା ପରେ ଅନନ୍ୟାକୁ ସବୁକିଛି ଅନ୍ଧାରିଆ ଅନ୍ଧାରିଆ ଲାଗୁଥିଲା । ତା' ମନରେ ବସା ବାନ୍ଧି ରହିଯାଇଥିଲା ଧିର ବାବୁଙ୍କର ସେ ଚକଚକିଆ ଘର ଓ ସେଠାରେ ତାକୁ ମିଳିଥିବା ଢ଼େର

ଖାତିରଦାରୀ। ଅନନ୍ୟାର ଏଇ ସ୍ୱପ୍ନିଳ ଭାବୁକତା ଓ ଅନାବିଳ ଆକର୍ଷଣକୁ ସାବିତ୍ରୀ ଠିକ୍ ଭାବରେ ପଢ଼ିନପାରି ଅଣଦେଖା କରିଦେଇଥିଲେ। କ୍ରମେ ଏହାର ସୁଯୋଗ ନେବାରେ ସାମାନ୍ୟ ଅବହେଳା କରିନଥିଲା ଅନନ୍ୟା। ମାସକୁ ଥରେ ଦୁଇଥର ସେଇ ସ୍ୱପ୍ନର ମହଲ ଆଡ଼େ ସେ ଚାଲିଯାଇ ଆଦର ଅଭ୍ୟର୍ଥନା ସହ ବେଶ୍ ଦାମୀ ଦାମୀ ସାମଗ୍ରୀ ଭେଟି ନେଇ ଫେରୁଥିଲା। ସେଗୁଡିକ ଲୁଚେଇ ରଖି ସାବିତ୍ରୀଙ୍କୁ ଦେଖିବାର ସୁଯୋଗ ମଧ୍ୟ ଦେଉନଥିଲା। ଏଇ କ୍ରମବର୍ଦ୍ଧିଷ୍ଣୁ ସମ୍ପର୍କ ଗୋଟିଏ ମୋହଗ୍ରସ୍ତ ବାଳିକାକୁ ତା'ର ପାଳିତା ମାତା ପିତାଙ୍କଠାରୁ ଧୀରେ ଧୀରେ ଦୂରେଇ ନେଇ ନିକଟତର କରେଇ ନେଉଥିଲା ତା'ର ନିଜ ରକ୍ତର ପିତାମାତାଙ୍କ ସହ। ଅପରପକ୍ଷରେ ଗୋପନୀୟତା ରକ୍ଷା କରିବାକୁ ସଂକଳ୍ପ ନେଇଥିବା ଧ୍ରୁବ ବାବୁ ଓ କାଦମ୍ବିନୀ କ୍ରମେ ଦୁର୍ବଳ ହୋଇ ଉଠୁଥିଲେ ନିଜର ସମ୍ପର୍କ ଆଗରେ। ଅନିନ୍ଦ୍ୟ ସୁନ୍ଦରୀ ଅନନ୍ୟା ଧ୍ରୁବବାବୁଙ୍କର ଦୁଇ ଝିଅ ଉଚ୍ଚଶିକ୍ଷା ପାଇଁ ଓଡ଼ିଶା ବାହାରକୁ ଯାଇଥିଲା ବେଳେ ସେଇ ଦୁଇ ଜଣଙ୍କର ହୃଦୟରେ ସ୍ଥାନ ଅଧିକାର କେରି ନେଇଥିଲା। ସୁରବାବୁ ଓ ସାବିତ୍ରୀ ତା'ର ବାପା ଓ ମାଆ ହେଲେ ମଧ୍ୟ ସେ ନିଜ ଅଲକ୍ଷରେ ଧ୍ରୁବ ବାବୁ ଓ ସାବିତ୍ରୀଙ୍କୁ ନିଜର ବାପା ମାଆର ସ୍ଥାନ ଦେଇ ସାରିଥିଲା।

ଲେଡିଗୁଡ କହୁଣୀକୁ ବୋହିଯିବା ଆରମ୍ଭ ହୋଇଯାଇଥିଲେ ବି ଧ୍ରୁବ ବାବୁ ଓ କାଦମ୍ବିନୀ ଏ ସଂକ୍ରାନ୍ତରେ ଜାଣି ନଜାଣିଲା ଭଳି ପ୍ରଦର୍ଶନ କରୁଥିଲେ କାରଣ ତାଙ୍କର ନିଜର ରକ୍ତ ପ୍ରତି ସେଦୁହେଁ ପ୍ରବଳରୁ ପ୍ରବଳତର ଦୁର୍ବଳ ହୋଇ ଉଠିଥିଲେ। ଅନ୍ୟପଟେ ସୁରବାବୁ କାର୍ଯ୍ୟବ୍ୟସ୍ତତା ନିମନ୍ତେ ଓ ସାବିତ୍ରୀ ତାଙ୍କର ଅତ୍ୟଧିକ ସରଳତା କାରଣରୁ ଏହାର ଟେରସୁଦ୍ଧା ପାଇପାରିନଥିଲେ। ଗୋପନୀୟତା କ୍ଷିପ୍ରଗତିରେ ଅଗ୍ରସର ହେଉଥିଲା ପ୍ରକାଶ ଆଡକୁ। ଏମିତି ବେଶ୍ କିଛି ଦିନ ବିତି ଗଲାପରେ ସାବିତ୍ରୀ ଲକ୍ଷ୍ୟ କଲେ ବାରମ୍ବାର ଅନନ୍ୟାର ଘରେ ଅନୁପସ୍ଥିତି ଓ ଗୋଟିଏ ଦିନ ସେ ଆବିଷ୍କାର କଲେ ଅନନ୍ୟାର ଆଲମାରୀରୁ ଦାମିକା ପୋଷାକ, ମୂଲ୍ୟବାନ ଘଡି, ଅତର ଓ ଅଳଙ୍କାର। ଏସବୁ କିଣିବା ସାମର୍ଥ୍ୟ ଆସିଲା କେଉଁଠୁ ଅନନ୍ୟାର! ସେ'ତ ତାଙ୍କୁ ଏତିକି ଟଙ୍କା କେବେ ଦେଇନାହାନ୍ତି। ତେବେ ସେ କ'ଣ କେଉଁ ପୁରୁଷ ବନ୍ଧୁକୁ କହି ଏସବୁ ସଂଗ୍ରହ କରୁଛି। ତା'ର ଚରିତ୍ର ଉପରେ ସନ୍ଦେହ କରି ନିଜର ନିପାରିଲା ପଣକୁ ଢେର ଧିକ୍କାର କଲେ ସେ।

ବିଳମ୍ବିତ ରାତିରେ ଅନନ୍ୟା ସେଦିନ ଫେରିଲା ପରେ ସୁରବାବୁ ଓ ସାବିତ୍ରୀ ତାଙ୍କ ଶାଣିତ ପ୍ରଶ୍ନରେ ତା'କୁ ଜର୍ଜରିତ କରି ଚାଲିଲେ ଦୀର୍ଘ ସମୟ ଧରି, କାହା ସାଙ୍ଗରେ ସମ୍ପର୍କ ରଖିଛୁ – ଏ ସବୁ ତତେ କିଏ କାହିଁକି ଦେଉଛି – ତୁ ଏତେ ସମୟ କୁଆଡ଼େ ବାହାରେ ରହୁଛୁ – କି ଭୁଲ କାମ କରିଛୁ ସତ କରି କହ। ଦୀର୍ଘ ସମୟ ମୌନ ରହିବା ସମୟରେ ଅନନ୍ୟା ଭାବି ଚାଲିଥିଲା – ଏମାନେ କ'ଣ ସତରେ ମୋର ବାପା ମାଆ! ଏମାନେ କାହିଁ ମତେ ଭଲ ପାଇଲା ଭଳି ଲାଗୁନାହିଁ ବରଂ ମୋତେ ଇର୍ଷା କରୁଛନ୍ତି ଏବଂ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି ଯଦିଓ ମୁଁ କିଛି ବି ଭୁଲ କରିନାହିଁ। ହଁ ମୁଁ ମୂଲ୍ୟବାନ ଜିନିଷ ଆଣି ସେମାନଙ୍କୁ ଦେଖାଇନାହିଁ; କିନ୍ତୁ ମୁଁ ତ ଚୋରି କରି କିମ୍ବା କିଛି ଭୁଲ କାମ କରି ଏସବୁ ଆଣିନି। ଆଣିଛି ତ ସେମାନଙ୍କର ନିକଟତମ ବନ୍ଧୁ ପରିବାର ନିକଟରୁ – ମନ ତା'ର ବିଷାକ୍ତ ହୋଇ ଉଠୁଥିଲା ସୁରବାବୁ ଓ ସାବିତ୍ରୀଙ୍କ ଆଚରଣରେ। ଅନନ୍ୟାର ଦୀର୍ଘ ସମୟ ନୀରବତା ଓ ନିରୁତ୍ତରତାରେ ଅତିଷ୍ଠ ହୋଇ ଉଠି ଉଭୟେ କ୍ରୋଧାନ୍ୱିତ ହୋଇ ଉଠିଥିଲେ ସତ ଜାଣିବା ପାଇଁ।

ଅନନ୍ୟାର ମନ ଆହୁରି ବିଦ୍ରୋହୀ ଉଠିଥିଲା। ହଠାତ୍ ସେ ଜବାବ୍ ଦେଇ ଉଭୟଙ୍କୁ ତାଜୁବ କରିଦେଲା। ତୁମେମାନେ ମୋତେ ଭଲ ପାଅନି ଓ ମୋର ଭଲ ମଧ୍ୟ ଚାହଁନି। ମୁଁ ଟିକିଏ କୋଉକଥାରେ ସୁଖ ପାଇଲେ ତୁମେ ଦୁହେଁ ସହିପାରୁନ। ତୁମେ ଦୁହେଁ କେବେବି ମୋର ସୁଖ ସ୍ୱାଛନ୍ଦ୍ୟ ପାଇଁ କିଛି ବି କରିନ। ତୁମମାନଙ୍କଠାରୁ ତ ଅନେକ ଭଲ ଧ୍ରୁବ ଅଙ୍କଲ ଓ କାଦମ୍ବିନୀ ଆଣ୍ଟି। ସେମାନେ ମୋ କଥା ଯେତିକି ବୁଝନ୍ତି ତୁମେ ଦିହେଁ କେବେହେଲେ ସେମିତି କରିନ।

ଆଚମ୍ବିତ ହୋଇଗଲେ ସୁରବାବୁ ଓ ସାବିତ୍ରୀ। ରକ୍ତର ସମ୍ପର୍କ କଥା କହିବା ଆରମ୍ଭ କଲାଣି। ଏବେ ସେମାନେ କିଏ? ତଥାପି ଅନନ୍ୟାକୁ ବୁଝାଇବାକୁ ଯାଇ କହିଲେ ଦେଖ୍ ମାଆ, ଆମ ପାଖରେ କ'ଣ ଏତିକି ଧନ ଅଛି ଯେ ତତେ ଏତେ ମୂଲ୍ୟବାନ ଜିନିଷ ଦେଇପାରିବୁ? ଆମ ଝିଅ ହୋଇ ତୁ କ'ଣ ଏତିକି ବୁଝିବୁ ନାହିଁ?

ତେବେ ମୋର ଦୋଷ କେଉଁଠି ରହିଲା? ତୁମେମାନେ ଦେଇନ, ସେ ଅଙ୍କଲ ଆଣ୍ଟି ଦେଇଛନ୍ତି। ସେମାନେ ବି ତ ତୁମର ନିଜ ଲୋକନା – ଗମ୍ଭୀର କଣ୍ଠରେ କହିଲା ଅନନ୍ୟା।

ଏ ଯୁକ୍ତି ଆଗରେ କିଛି ଆଉ କହିବାକୁ ନଥିଲା, ବହୁତ ଚେଷ୍ଟା କରି ଉଭୟେ ଅନନ୍ୟାକୁ ବୁଝାଇପାରିଲେନି।

ପରଦିନ ରବିବାର ଥିଲା। କାହାକୁ କିଛି ନକହି ଚୁପଚାପ ଅନନ୍ୟା ଚାଲିଗଲା ଘରୁ। ଅନେକ ସମୟ ସାବିତ୍ରୀ ଖୋଜାଖୋଜି କରିବା ପରେ ଅନନ୍ୟା ଧ୍ରୁବ ବାବୁଙ୍କ ଘରକୁ ଯାଇଛି ବୋଲି ଜାଣିବାକୁ ପାଇଲେ। ସେତେବେଳେ ତାଙ୍କର ଅନୁଭବ ହେଲା ରକ୍ତର ଡାକ ଏବେ ତା'ର ରଙ୍ଗ ଦେଖାଇବା ଆରମ୍ଭ କରିଛି। କେତେ ଦୂର ସାମନା କରିହେବ – ଏହା ଥିଲା ଏକ ବିରାଟ ଆହ୍ୱାନ।

ଏବେ ସୁରବାବୁ ଧ୍ରୁବ ବାବୁଙ୍କ ସହ ଆଲୋଚନା କରିବା ଉଚିତ ମନେ କଲେ। ସୁରବାବୁ କହିଲେ – ଦେଖ ବନ୍ଧୁ ଆମେ ଗୋପନୀୟତାର ସଂକଳ୍ପ ନେଇଥିଲେ। ଏବେ କେମିତି ଏହି ସମସ୍ୟାର ମୁକାବିଲା କରିବା। ମୋର ଆର୍ଥିକ ଅବସ୍ଥା ତୁଳନାରେ ତୁମର ଧନ କାହିଁ କେତେ ଅଧିକ, କେମିତି ଅବା ମୁଁ ସେଇ ସୁଖ ଦେଇପାରିବ ଯାହା ସେ ତୁମେ ଦେଇଥିବା ଚେନାଏରୁ ପାଉଛି।

ଧ୍ରୁବ ବାବୁଙ୍କ ଉତ୍ତର ବି ସୁରବାବୁଙ୍କୁ ସ୍ତମ୍ଭୀଭୂତ କରିଦେଇଥିଲା। ବନ୍ଧୁ! ଝିଅ ତୁମର ଯେତିକି ମୋର ବି ସେତିକି। ଆଉ କେହି ଜାଣୁବା ନଜାଣୁ ଆମେ ଦୁହେଁ ତ ଏହା ଜାଣୁ। ମୋ ପରିବାରର ଅନ୍ୟ ପିଲାମାନେ ଏତେ ସୁଖ ସମ୍ଭୋଗ ଏବଂ ପ୍ରାଚୁର୍ଯ୍ୟ ଭିତରେ ଚଳୁଥିଲା ବେଳେ ଅନନ୍ୟାର ଦୂରାବସ୍ଥା ମୋ ପାଇଁ ଦୁର୍ବିସହ। ମୋତେ ଅନ୍ତତଃ ତା' ପାଇଁ କିଛିତ କରିବାକୁ ଦିଅ। ମୁଁ କ'ଣ ଅନନ୍ୟାକୁ ଫେରେଇଦେବାକୁ ତମକୁ କହୁଛି? ଅବଶ୍ୟ ଦିନ ଥିଲା ଯେତେବେଳେ ଦୁଇରୁ ତିନିଝିଅ ହେବା ମୋତେ କଷ୍ଟକର ଲାଗିଥିଲା, ଆଜି ତ ମୋର ସାମର୍ଥ୍ୟ ଅନୁଯାୟୀ ମୁଁ ଆହୁରି ତିନୋଟି ଝିଅ ହେଲେ ମଧ୍ୟ ଆନନ୍ଦିତ ହେବି। ତା'ର ପିତା ମାତା ହିସାବରେ ତୁମେ ଉଭୟେ ଟିକିଏ ତା'ର ସୁଖ ଓ ଆନନ୍ଦକୁ ପ୍ରାଧାନ୍ୟ ଦିଅ।

ଥମଥମ ହୋଇଗଲା ପାଟି ସୁରବାବୁଙ୍କର। ଏଭଳି ଗୋଟିଏ ଦିନ ଏତେ ଶୀଘ୍ର ଆସିବ ବୋଲି ସେ କେବେହେଲେ ଭାବିନଥିଲେ। କେବଳ ନିଜର ଯୁକ୍ତି ରଖିବାକୁ ଯାଇ କହିଲେ– ଠିକ୍ ଅଛି ଧ୍ରୁବ ବାବୁ! ଏଇ ସୁଖ ଐଶ୍ୱର୍ଯ୍ୟ ଦିନେ ଅନନ୍ୟାକୁ ତୁମର ନିକଟତର କରାଇ ମୋଠାରୁ ଛଡାଇ ନେବନି ତ! ମୋର କେବଳ ସେତିକି ଭୟ।

ସୁର ବାବୁ ଦେଖ, ସମୟ ଉପରେ ସବୁ ଛାଡ। ଯାହାତ ହେବାର ଥିବ ହେବ। ଆମ ବିଲୁଆ ବିଚାର ମୂଲ୍ୟହୀନ। ସମୟକୁ ତା'ର ଖେଳ ଖେଳିବାକୁ ସୁଯୋଗ ଦିଅ, ଆମେ ଦୁହେଁ ନିମିତ୍ତ ମାତ୍ର।

ଘଟଣା ଆହୁରି ତୀବ୍ର ମୋଡ ନେବା ଆରମ୍ଭ କରିଥିଲା ଧ୍ରୁବବାବୁଙ୍କର ଦୁଇ ଝିଅଙ୍କର ବିବାହ ଉତ୍ସବରେ। ସେ ଦୁଇ ଜଣଙ୍କ ମଧ୍ୟରୁ ଜଣେ ବିବାହ କରୁଥାଏ ଜଣେ ଡାକ୍ତରଙ୍କୁ। ସେଇ ଡାକ୍ତରଙ୍କର ମାଆ

ମଧ୍ୟ ଜଣେ ଲେଡି ଡକ୍ଟର, ଯିଏ ଏଇ ଦୁଇ ଭଉଣୀଙ୍କ ସହ ଅନନ୍ୟାର ମଧ୍ୟ ଜନ୍ମ କରାଇଥିଲେ। ହାତଗଣ୍ଠି ଫିଟେଇବାକୁ ଭଉଣୀକୁ ଖୋଜା ପଡିଲାରୁ ସୁରବାବୁଙ୍କର ସମ୍ମତି ନେଇ ଧିର ବାବୁ ଡାକିଲେ ଅନନ୍ୟାକୁ ଏବଂ କହିଲେ ସୁରବାବୁଙ୍କ ଝିଅ ଭଉଣୀ ହିସାବରେ ହାତଗଣ୍ଠି ଫିଟାଇବ।

ଏହି ସମୟରେ ତୀର୍ଯ୍ୟକ୍ ଦୃଷ୍ଟିରେ ଲେଡି ଡାକ୍ତର ଚାହିଁଲେ କାଦମ୍ବିନୀଙ୍କ ଆଡ଼େ। ଇଏ କ'ଣ ତୁମର ସେଇ ତୃତୀୟ ଝିଅ ସମୁଦୁଣୀ – ଚାପା ଗଳାରେ କହିଲେ। ପାଖରେ ଛିଡା ହୋଇ ନନ୍ୟା କାନରେ ଏକଥା ପଡିଯାଇଥିଲା ସମସ୍ତଙ୍କ ଅଲକ୍ଷ୍ୟରେ। ବିବାହ ଉତ୍ସବ ସରି ଝିଅ ବିଦା ହେଲା ପରେ ଆରମ୍ଭ ହୋଇଥିଲା ମହାଭାରତ, ଜିଦ୍ ଧରି ଦାବି କରିବସିଲା ଅନନ୍ୟା ନିଜର ପ୍ରକୃତ ପରିଚୟ। ଉଭୟ ଧିର ବାବୁ ଓ ସୁରବାବୁଙ୍କୁ ତା'ର ମୁଣ୍ଡ ଛୁଆଁଇ ସତ କହିବାକୁ ଜିଦ୍ ଧରିଲା। ଶେଷରେ ସତ କଥା ପଦାକୁ ଆସିଗଲା। ସୁରବାବୁ ଆତଙ୍କିତ ଝିଅକୁ ହରାଇବା ଭୟରେ। ଧିର ବାବୁଙ୍କର ଆଶା ଓ ଆକାଂକ୍ଷା ତାଙ୍କର ଝିଅକୁ ଫେରି ପାଇବା ପାଇଁ। ଏବେ ପ୍ରଚଣ୍ଡ ଘଡିସନ୍ଧି ଭିତରେ ଅନନ୍ୟା। ସୁଶିକ୍ଷିତା ସୁନ୍ଦରୀ ଅନନ୍ୟା ସମସ୍ତ ପ୍ରାଚୁର୍ଯ୍ୟ ଭୋଗ ବିଳାସ, ଏକ ସୁଖଦ ଜୀବନ ପାଇବ ଧିରବାବୁଙ୍କୁ ପିତା ରୂପେ ଗ୍ରହଣ କଲେ। ଅପରପକ୍ଷେ ନିଜର ଜୀବନକୁ ତିଳ ତିଳ କରି ଜାଳି ତା'କୁ ଆଣି ଏଇଠି ପହଞ୍ଚେଇଥିବା ସୁରବାବୁ କ'ଣ ପରିଣତ ବୟସରେ ଅପାଙ୍କ୍ତେୟ ହୋଇଯିବେ ? ଧିର ବାବୁଙ୍କର ଉଜ୍ଜ୍ୱଳ ମୁହଁ ତାକୁ ଯେତିକି ଆନନ୍ଦିତ କରୁଥିଲା ତା'ଠାରୁ ଅଧିକ ବ୍ୟଥିତ କରୁଥିଲା ସୁରବାବୁଙ୍କର ହତାଶାରେ ଶୁଖିଯାଇଥିବା ମୁହଁ। ଉଭୟଙ୍କ ପାଖରେ ସେ ଦେଖୁଥିଲା ତା' ପାଇଁ ଆକର୍ଷଣ କିନ୍ତୁ ଭିନ୍ନ ଭିନ୍ନ ଢ଼ଙ୍ଗରେ, ଭିନ୍ନ ଭିନ୍ନ ରୂପରେ। ତେବେ ସତ ଜାଣିଲା ପରେ କି ନିଷ୍ପତ୍ତି ନେବ ତେବେ ସିଏ ? ?

ଗୋଟିଏ ପଟେ ଆଶା ଉତ୍ସାହର ମୁହଁ ଆଉ ଗୋଟିଏ ପଟରେ ଶଙ୍କିତ ବିଷାଦଗ୍ରସ୍ତ ମୁଖ ମଣ୍ଡଳ। କାହାକୁ ନିଜର କରିବେ କୃଷ୍ଣ, ନନ୍ଦ – ଯଶୋଦାଙ୍କୁ ନା ବସୁଦେବ–ଦେବକୀଙ୍କୁ। କାଉ ବସାରେ କୋଇଲି କ'ଣ ସତରେ ରହିବ ? ବିଷମ ସମସ୍ୟା ମଧ୍ୟରେ ବୁଦ୍ଧି ହଜିଯାଉଥିଲା ଅନନ୍ୟାର।

*ସି–୧୬୩, ବି.ଡି.ଏ. ଏଚ୍.ଆଇ.ଜି. ଡୁପ୍ଲେକ୍ସ,*
*ପ୍ରଜ୍ଞା ବିହାର, ବରମୁଣ୍ଡା,*
*ଭୁବନେଶ୍ୱର–୭୫୧୦୦୩*
*ଦୂରଭାଷ: ୯୪୩୭୦୩୧୩୯୨*




**ପଢ଼ନ୍ତୁ ! ପଢ଼ନ୍ତୁ !**

**ଦିନେଶ ମହାପାତ୍ର ଙ୍କ**

**କବିତା ସଂକଳନ**

**ଛିନ୍ନମସ୍ତାର ଫୁଲ**

## ଜ୍ୟୋତିଷ ବିଚାର



# ମାସିକ ରାଶିଫଳ

## (ତା: ୧୫/୧୦/୨୦୨୪ ରୁ ତା: ୧୪/୧୧/୨୦୨୪)

ଜ୍ୟୋତିର୍ବିଦ- ବିଶ୍ୱନାଥ ନାୟକ

ଓଁ ଧ୍ୟାୟେତ୍ ସୁବର୍ଣ୍ଣ ବର୍ଣ୍ଣାଭାଂ ତ୍ରିନେତ୍ରାଂ ଋରୁହାସିତନୀଂ। ସର୍ବ ଲକ୍ଷଣ ସମ୍ପନ୍ନା ମେର୍ଦ୍ଦନ୍ଦୁକୃତ ଶେଖରାଂ ॥
ଚତୁର୍ଭୁଜାଂ ଶଙ୍ଖଚକ୍ରଧରାଂ ବାଳା ସ୍ୱରୂପିଣୀମ୍। ଉଦ୍ୟତ୍ ତ୍ରିଶୂଳ ନିର୍ଭିନ୍ନାଂ ମହିମାଂ ସିଂହ ବାହିନୀମ୍ ॥



**ମେଷ:-** ମାସଟି ଆପଣଙ୍କ ପକ୍ଷେ ଶୁଭାଶୁଭ ମିଶ୍ରିତଫଳ ବହନ କଲେବି ଅଶୁଭ ଅପେକ୍ଷା ଶୁଭଫଳର ମାତ୍ରା ଅଧିକ ପ୍ରଦାନ କରି ଆନନ୍ଦିତ କରିବ। ବିଶେଷ କରି ମାସର ପ୍ରଥମାର୍ଦ୍ଧରେ ଆଖି ଦୃଶିଆ ଶୁଭଫଳ ଅନୁଭବ କରିବେ। କର୍ମକ୍ଷେତ୍ରରେ ଅଗ୍ରଗତିକୁ ଆଧାର କରି ଉନ୍ନତିର ଦିଗକୁ ଧାବିତ ହେବେ। ସରକାରୀ କଳରୁ ପ୍ରୋତ୍ସାହନ ମିଳିବା ଯୋଗେ ଉତ୍ସାହିତ ହୋଇପାରନ୍ତି। ପୂର୍ବରୁ ଅଧା ପନ୍ତରିଆ କାର୍ଯ୍ୟର ପୂର୍ଣ୍ଣତା ଦେବାରେ ସକ୍ଷମ ହେବେ। କେତେକ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ପଛରେ ପଡ଼ିଲେବି କର୍ମର ଗତି ଅଟକିବ ନାହିଁ। ଆତ୍ମୀୟମାନେ ଅସୂୟାଭାବ ପ୍ରକାଶ କରିପାରନ୍ତି। ବିବାଦୀୟ କ୍ଷେତ୍ରରୁ ସମ୍ମାନ ପ୍ରାପ୍ତିହେବ। ସାମାଜିକ ସ୍ତରରେ ନିମ୍ନଗତି ହେବାର ଆଶଙ୍କା ନାହିଁ। ବେପାର ବାଣିଜ୍ୟ ପୂର୍ବ ତୁଳନାରେ ସୁଧାର ହେବ। ଆର୍ଥିକ ଦିଗ ପ୍ରତି ଚିନ୍ତିତ ହେବେ ନାହିଁ। ମୂଲ୍ୟବାନ ଦ୍ରବ୍ୟ କ୍ରୟ ସାଙ୍ଗକୁ ଗଠନମୂଳକ କାର୍ଯ୍ୟରେ ଉତ୍ତମ ମନୋନିବେଶ କରିବେ। ସୁଖ ଭ୍ରମଣ ସାଙ୍ଗକୁ ବନ୍ଧୁ ମିଳନର ଯୋଗ ଆନନ୍ଦିତ କରିବ। ସ୍ଥାନାନ୍ତର ଯୋଗ ଅଛି। ଛୁଆପିଲା ଓ ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ମଝିରେ ମଝିରେ ଚିନ୍ତିତ କରାଇପାରେ। ଲୋକ ସଂପର୍କ ବୃଦ୍ଧି ଯୋଗେ କଠିନ କାର୍ଯ୍ୟକୁ ସାଧନ କରିବେ। ଥଣ୍ଡାଦୋଷ ଓ ପେଟରୋଗରେ ଆକ୍ରାନ୍ତ ହେବାର ନାହିଁ। ପାରିବାରିକ ଜୀବନ ଦୁର୍ବିସହ ହେବନାହିଁ। ମହିଳାମାନେ ପରିବାରର ମୁଖ୍ୟ ହେବେ। ସାମାଜିକ କର୍ମରେ ନିଜକୁ ନିୟୋଜିତ କରିବେ। ବିଦ୍ୟାର୍ଥୀମାନେ ପରିଶ୍ରମ ଯୋଗେ ଆଗଧାଡ଼ିରେ ରହିବେ।

ଅଶୁଭ ଦିବସ:- ୧୬, ୧୭, ୨୦, ୨୧, ୨୭, ୨୮, ୧୨, ୧୩ ଅଷ୍ଟମଚନ୍ଦ୍ର:- ୩, ୪, ୫ ଘାତଚନ୍ଦ୍ର:- ୧୮, ୧୯, ୧୪ ବାକିଦିନ ଶୁଭ।



**ବୃଷ:-** ମାସଟି ଆପଣଙ୍କ ପକ୍ଷେ ଶୁଭଲାଭ ପ୍ରଦାୟକ ହେବ। ଆନନ୍ଦ ଉଲ୍ଲାସର ସହିତ ସମୟ ବିତାଇବାବେଳେ ଦାୟିତ୍ୱ ଓ କର୍ତ୍ତବ୍ୟର ମାତ୍ରା ଅଧିକ ହୋଇପାରେ। କର୍ମର ଗତି ଓ ମାନ ଉଚ୍ଚ ଧରଣର ହେବ। ମାସର ଶେଷ ଭାଗରେ ଶୁଭଫଳର ମାତ୍ରା ଅଧିକ ଅନୁଭବ କରିବେ। ମନୋବଳ ଓ ଆତ୍ମବଳ ବୃଦ୍ଧି ଯୋଗେ କର୍ମରେ ଅନୁପ୍ରେରିତ ହେବେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରି ମୌଳିକତା ପ୍ରଦର୍ଶିତ କରାଇବେ। ଉପରିସ୍ଥ ମାନଙ୍କଠାରୁ ପ୍ରେରଣା ଓ ସାହାଯ୍ୟ ମିଳିବ। ଅଭିଳାଷ ପୂରଣ ହେବା ଫଳରେ ମନର ଅବସାଦ ଦୂରୀଭୂତ ହେବ। ସାମାଜିକ ସ୍ତରରେ ମର୍ଯ୍ୟାଦାବନ୍ତ ହେବେ। ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ। ଭବିଷ୍ୟତ ଯୋଜନାରେ ନିଜକୁ ସାମିଲ କରିପାରନ୍ତି। ବିବାଦୀୟ କ୍ଷେତ୍ର ସହଜହେବ। ବେପାର ବାଣିଜ୍ୟରେ ପଛେଇଯିବାର ନାହିଁ। ଆର୍ଥିକ ଦିଗ ପୂର୍ବ ତୁଳନାରେ ସୁଧାର ହେଲେବି ଆୟ ତୁଳନାରେ ବ୍ୟୟର ପରିମାଣ ଅଧିକ ହୋଇପାରେ। ବନ୍ଧୁ ଗହଣରେ ସମୟ ବିତିବ। ଭ୍ରମଣ ଯୋଗେ ଶାନ୍ତି ପାଇବେ। ରକ୍ତ ସଂପର୍କୀୟମାନେ ଈର୍ଷା କରିପାରନ୍ତି। ବିଶେଷ ଧରଣର ରୋଗଭୋଗର ଆଶଙ୍କା ନଥିଲେବି ଥଣ୍ଡାଜ୍ୱର ଓ ଦେହପୀଡ଼ା ଦେଖାଦେବ। ପାରିବାରିକ ସ୍ତରରେ ସାମାନ୍ୟ ମନୋମାଳିନ୍ୟ ଦେଖାଦେଲେବି ତାହା ବୁଝାମଣାରେ ସୁଧୁରିଯାଇପାରେ। ମହିଳାମାନେ ଅଭିମାନ ତ୍ୟାଗ କଲେ ଅଭିଯାନରେ ଅଗ୍ରଗତି କରିବେ। ବିଦ୍ୟାର୍ଥୀମାନେ କ୍ଳାନ୍ତି ଅନୁଭବ କରିବେ।

ଅଶୁଭ ଦିବସ:- ୨୨, ୨୩, ୧୪ ଅଷ୍ଟମଚନ୍ଦ୍ର:- ୬, ୭ ଘାତଚନ୍ଦ୍ର:- ୨୯, ୩୦, ୩୧ ବାକିଦିନ ଶୁଭ।



**ମିଥୁନ:-** ପୂର୍ବ ତୁଳନାରେ ଚଳିତ ମାସରେ ଅଧିକ ଶୁଭଫଳ ଆଶା କରାଯାଇପାରିବ। କାମ୍ୟ କର୍ମରେ ବାଧା ଉପୁଜିବାର ଆଶଙ୍କା ନାହିଁ। ନୂତନ ଆଗ୍ରହ ଓ ଉତ୍ସାହର ସହିତ କର୍ମପଥରେ ଆଗେଇବେ। ଅଏସ ଆରାମ ଓ ଭୋଗ ବିଳାସ ପ୍ରତି ସମୟର ଅଭାବ ଘଟିପାରେ। ଧର୍ମ ଆଡ଼କୁ ମନ ପରିବର୍ତ୍ତନ ହେବ। ଭୁଲ ଅର୍ଥ ନିମିତ୍ତ ଶୋଚନା କରିପାରନ୍ତି। ଆପଣାରମାନେ କ୍ରମଶଃ ଦୂରେଇଯିବା କାରଣରୁ ଆପଣା ଚେଷ୍ଟାରେ ଆଗେଇବେ। ସାମାଜିକ ଭାବମୂର୍ତ୍ତିରେ ମଇଳା ଲାଗିବାର ନାହିଁ। ସାମାଜିକ କର୍ମରେ ନିଜକୁ ସାମିଲ କରି ପ୍ରଶଂସାର ପାତ୍ର ହେବେ। ଆର୍ଥିକ ଦିଗ ପୂର୍ବ ତୁଳନାରେ ସଙ୍କୁଚିତ ହେଲେବି ନିଅଣ୍ଟିଆ ପରିବେଶ ସୃଷ୍ଟି ହେବନାହିଁ। ଶତ୍ରୁମାନେ ଦୁର୍ବଳ ହୋଇ ପଡ଼ିବା କାରଣରୁ ସରଳ ଜୀବନଯାପନ କରିପାରନ୍ତି। ବିବାଦୀୟ କ୍ଷେତ୍ରରେ ବିଚାର ନିମିତ୍ତ ସମୟର ଆବଶ୍ୟକତା ଅଛି। ବେପାର ବାଣିଜ୍ୟରୁ ଶୁଭ ଲାଭର ଯୋଗ ଅଛି। ଭ୍ରମଣ ଯୋଗେ ଶାନ୍ତି ପାଇବେ। ମନର ଅଭିଳାଷ ପୂରଣ ହେବ। ରକ୍ତଚାପ ଓ ରକ୍ତ ଜନିତ

ରୋଗର ଶିକାର ହେବେ। ପାରିବାରିକ ଭାରସାମ୍ୟ ରକ୍ଷା ହେବ। ପରିବାରର ସଦସ୍ୟମାନଙ୍କ ନିମନ୍ତେ ଚିନ୍ତିତ ରହିବେ। ମହିଳାମାନେ ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ତତ୍ପର ହେବେ। ଗୁରୁଦାୟିତ୍ୱ ବହନ କରିବାକୁ ପଡ଼ିବ। ବିଦ୍ୟାର୍ଥୀମାନେ ବିପଦମୁକ୍ତ ହେବେ।

ଅଶୁଭ ଦିବସ:- ୨୪, ୨୫, ୨୬ ଅଷ୍ଟମଚନ୍ଦ୍ର:- ୮, ୯ ଘାତଚନ୍ଦ୍ର:- ୧୫, ୧୦, ୧୧ ବାକିଦିନ ଶୁଭ।



**କର୍କଟ:-** ଶୁଭାଶୁଭ ମିଶ୍ରିତ ଫଳ ପ୍ରଦାନ ମାଧ୍ୟମରେ ମାସଟି ଗଡ଼ି ଚାଲିବ। ପ୍ରଥମାର୍ଦ୍ଧଟି ଆରାମପ୍ରଦ ହେବାବେଳେ ଦ୍ୱିତୀୟାର୍ଦ୍ଧଟି ସମସ୍ୟାବହୁଳ ଯୋଗେ ବ୍ୟସ୍ତତା ବୃଦ୍ଧିପାଇପାରେ। କର୍ମକ୍ଷେତ୍ରରେ ଗତାନୁଗତିକତା ରକ୍ଷାକରି କର୍ତ୍ତବ୍ୟ ପରାୟଣତାକୁ ପ୍ରମୁଖତା ଦେଇ ଆଗକୁ ଆଗେଇବେ। କର୍ତ୍ତବ୍ୟକୁ ମୁଖ୍ୟ ଆଧାର କରିବା ଫଳରେ ଅନ୍ୟାନ୍ୟ ପ୍ରସଙ୍ଗ ପ୍ରତି ବିଶେଷ ଧ୍ୟାନ ରହିବ ନାହିଁ। ସାମାଜିକ ସ୍ତରରେ ସ୍ଥାନ, ମାନ ଓ ପ୍ରତିଷ୍ଠାରେ ପ୍ରତିକୂଳ ପ୍ରଭାବର ଆଶଙ୍କା ନାହିଁ। ସାମୟିକ ଏକଲାବୋଧ କରିବେ। ବେପାର ବାଣିଜ୍ୟ ପୂର୍ବବତ୍ ଚାଲୁରହିବ। ଲକ୍ଷ୍ୟ ହାସଲ ସାମାନ୍ୟ ବିଳମ୍ବିତ ହେଲେବି ବିପରୀତ ଦିଗମୁଖୀ ହେବନାହିଁ। ଶତ୍ରୁ ପ୍ରାବଲ୍ୟ ହ୍ରାସ ପାଇବ। ଆର୍ଥିକ ଦିଗରୁ ନିରାଶ ହେବେନାହିଁ। ପଇସାପତ୍ର କାରବାରରେ ସତର୍କତା ଲୋଡ଼ା। ଯାନବାହାନରେ ସଂଯମତା ରକ୍ଷାର ଆବଶ୍ୟକତା ଅଛି। ନୂତନ ପ୍ରକଳ୍ପ ପ୍ରତି ଆଗ୍ରହୀ ହେବେ। ଯୌଥ କାରବାରରୁ ଲାଭବାନ ହୋଇପାରନ୍ତି। ତୀର୍ଥ ଭ୍ରମଣ ଓ ଆଧ୍ୟାତ୍ମିକ ବିଶ୍ୱାସ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନଦେବା ଜରୁରୀ। ପିତ୍ତ ପ୍ରକୋପ ବୃଦ୍ଧି ପାଇବ। ପାରିବାରିକ ଜୀବନ ମଧ୍ୟମ ଧରଣର ହେବ। ମହିଳାମାନେ ବନ୍ଧୁ ଚର୍ଚ୍ଚାରେ ସମୟ ବିତାଇବେ। କର୍ତ୍ତବ୍ୟକୁ ପ୍ରମୁଖତା ଦେବା କାରଣରୁ ନିଜ ପ୍ରତି ଅଣହେଳା କରିପାରନ୍ତି। ବିଦ୍ୟାର୍ଥୀମାନେ ଉଚିତ ପଥରେ ଗତିଶୀଳ ହେବେ।

ଅଶୁଭ ଦିବସ:- ୧, ୨ ଅଷ୍ଟମଚନ୍ଦ୍ର:- ୧୫, ୧୦, ୧୧ ଘାତଚନ୍ଦ୍ର:- ୨୭, ୨୮ ବାକିଦିନ ଶୁଭ।



**ସିଂହ:-** ମାସଟି ଆପଣଙ୍କ ନିମିତ୍ତ କୌଣସି ନକାରାତ୍ମକ ପରିବେଶ ସୃଷ୍ଟି କରିବ ନାହିଁ। ଈଶ୍ୱର ଚିନ୍ତନ ଓ ମନୋବଳକୁ ଏକତ୍ରିତ କରି ପରିସ୍ଥିତିର ଉତ୍ତମ ମୁକାବିଲା କରି କର୍ମପଥରେ ଆଗେଇବେ। କର୍ମକ୍ଷେତ୍ରରେ କିଛି ଅବାଞ୍ଛିତ ଲୋକଙ୍କର ଭିଡ଼ ଜମିବା ଫଳରେ କର୍ମର ଗତି ମନ୍ଥର ହୋଇପାରେ। ବୁଝାମଣାକୁ ପ୍ରାଧାନ୍ୟ ଦେଲେ ଉପେକ୍ଷାର ଶିକାର ହେବାକୁ ପଡ଼ିବନାହିଁ। ସାମାଜିକ ସ୍ତରରେ ଜଗିରଖି ଚଳିଲେ ବହୁଜନ ସମର୍ଥନ ମିଳିବ। ଉପରିସ୍ଥ ମାନଙ୍କର କ୍ରମଶଃ ଆସ୍ଥାଭାଜନ ହେବେ। ଆତ୍ମ ଅଭିମାନକୁ ପରିତ୍ୟାଗ କଲେ ପ୍ରଶଂସା ସାଉଁଟିବେ। ବନ୍ଧୁ ସହଯୋଗରୁ ଆଶ୍ୱସ୍ତ ମିଳିବ। ବନ୍ଧୁ ମନୋମାଳିନ୍ୟ ଦୂରେଇଯାଇପାରେ। ବେପାର ବାଣିଜ୍ୟରେ ମନଉଣା ହେବନାହିଁ। ଆର୍ଥିକ ଦିଗ ସବଳ ରହିବ। ବୃହତ୍ତର ଯୋଜନାରେ ନିଜକୁ ସାମିଲ କରିବା ଯୋଗେ ବିଶ୍ରାମ ନମିଳିପାରେ। ଆନୁଷ୍ଠାନିକ କର୍ମରେ କର୍ମକୁଶଳତା ଲକ୍ଷ୍ୟଣୀୟ ହେବ। ମଧ୍ୟସ୍ଥତା କାର୍ଯ୍ୟରେ ସଫଳତା ପ୍ରାପ୍ତ ହେବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବା ଆବଶ୍ୟକ। ବଡ଼ ଧରଣର ରୋଗବ୍ୟାଧିର ଶିକାର ହେବେନାହିଁ। ପାରିବାରିକ ସ୍ଥିତି ମଝିରେ ମଝିରେ ମାନସିକ ଚାପ ସୃଷ୍ଟି କରିବ। ମହିଳାମାନେ ଯେତେ ଖଟିଲେବି ସମାଲୋଚନା ପାଖ ଛାଡ଼ିବ ନାହିଁ। ବିଷୟା ପ୍ରତି ଅନାଗ୍ରହ ପ୍ରକାଶ ପାଇବ। ବିଦ୍ୟାର୍ଥୀମାନେ ଚିନ୍ତିତ ହେବେ।

ଅଶୁଭ ଦିବସ:- ୧୮, ୧୯, ୨୯, ୩୦, ୩୧, ୩, ୪, ୫ ଅଷ୍ଟମଚନ୍ଦ୍ର:- ୧୬, ୧୭, ୧୨, ୧୩ ଘାତଚନ୍ଦ୍ର:- ୮, ୯ ବାକିଦିନ ଶୁଭ।



**କନ୍ୟା:-** ଆପଣଙ୍କ ନିମିତ୍ତ ମାସଟି ପୂର୍ବ ତୁଳନାରେ ଅଧିକ ଶୁଭଫଳ ବହନ କରିବ। ଦୁର୍ବଳ ମାନସିକତାର କବଳିତ ହୋଇ ଅନେକ ସମୟରେ ସୁଯୋଗ ଆହ୍ୱାନକୁ ଗ୍ରହଣ କରିବାରେ ବିଳମ୍ବ ହେବ। ଉପଯୁକ୍ତ ଲାଭ ଉଠାଇବାରେ ଅସମର୍ଥ ହେବେ। କର୍ମସ୍ଥଳୀରେ ଉତ୍ତମ ଭୂମିକା ସଂପାଦନର ସମ୍ଭାବନା ଭରପୁର। ଶତ୍ରୁ ତଥା ନକାରାତ୍ମକ ପରିବେଶ ଦୁର୍ବଳ ହୋଇପଡ଼ିବା କାରଣରୁ ଆଶ୍ୱସ୍ତ ହେବେ। ପ୍ରତିଦ୍ୱନ୍ଦୀ ମାନଙ୍କୁ ଏଡ଼ାଇଦେଇ ନିଜବାଟରେ ଚାଲିବେ। ସାମାଜିକ ସ୍ତର ମନ ମୁତାବକ ହେବ। ବହୁଜନ ସମର୍ଥନ ପାଇ ପ୍ରଫୁଲ୍ଲିତ ହେବେ। ବିବାଦୀୟ କ୍ଷେତ୍ରରୁ ଫାଇଦା ଉଠାଇପାରନ୍ତି। ବେପାର ବାଣିଜ୍ୟର ଧାରା ପ୍ରସାରିତ ହେବ। ସ୍ଥାନ, ମାନ ଓ ପ୍ରତିଷ୍ଠା ଲାଭ ଯୋଗ ଅଛି। ଆର୍ଥୀକ ଦିଗ ପ୍ରତି ଚିନ୍ତିତ ହେବାର ନାହିଁ। ବନ୍ଧୁ ମେଳରେ ଓ ଦେବ ଦର୍ଶନରେ ସମୟ ବିତାଇବେ। ଗୃହକୁ ମୂଲ୍ୟବାନ ସୌଖୀନ ଦ୍ରବ୍ୟ ଆଣିବା ସହିତ ଗୃହକୁ ସଜାଇପାରନ୍ତି। ଭ୍ରମଣରୁ ଶାନ୍ତି ପାଇବେ। ବକେୟା ଅର୍ଥ ହାତକୁ ଆସିବ। ଶାରିରୀକ ଦୁର୍ବଳତା ସାଙ୍ଗକୁ ଉଦରପୀଡ଼ା ଆକ୍ରାନ୍ତ କରିପାରେ। ପାରିବାରିକ ସ୍ଥିତି ମଜବୁତ ରହିବ। ମହିଳାମାନେ ଭୋଗବିଳାସରୁ ବଞ୍ଚିତ ହେବେନାହିଁ। ହାତରେ ଦୁଇପଇସା ପୈଠ କରିବାର ସୁଯୋଗ ମିଳିବ। ଆଭୂଷଣ ପ୍ରାପ୍ତି ଯୋଗ ଅଛି। ବିଦ୍ୟାର୍ଥୀମାନେ ଶୁଭ ସମ୍ବାଦର ପ୍ରତୀକ୍ଷା କରିବେ।

ଅଶୁଭ ଦିବସ:- ୨୦, ୨୧, ୬, ୭ ଅଷ୍ଟମଚନ୍ଦ୍ର:- ୧୮, ୧୯, ୧୪ ଘାତଚନ୍ଦ୍ର:- ୨୨, ୨୩ ବାକିଦିନ ଶୁଭ।



**ତୁଳା:-** ମାସଟିରେ ଶୁଭାଶୁଭ ମିଶ୍ରିତ ଫଳ ଭୋଗ କରିବେ। ମନୋବଳକୁ ଏକତ୍ର କରି କର୍ମକୁ ପ୍ରମୁଖତା ଦେଇ କର୍ତ୍ତବ୍ୟପଥରେ ଆଗେଇବେ। କେତେକ ସ୍ଥଳରେ ପରିସ୍ଥିତି ସହ ଲଢ଼େଇକରି ବିଜୟର ସ୍ୱାଦ ଚାଖିପାରନ୍ତି। ଲକ୍ଷ୍ୟସ୍ଥଳ ପ୍ରାପ୍ତି କ୍ରମଶଃ ନିକଟରୁ ନିକଟତର ହେବ। ସହକର୍ମୀମାନେ ସହଯୋଗର ହାତ ବଢ଼ାଇପାରନ୍ତି। କର୍ମ ଯେତେ କଠିନ ହେଲେବି ତାହା ସଂପାଦନରେ ସମର୍ଥ ହେବେ। ସାମାଜିକ ସ୍ତରରେ ନିଜକୁ ଖାପଖୁଆଇ ଚଳିବାରେ ବାଧା ଉପୁଜିବ ନାହିଁ। ଶତ୍ରୁମାନେ କ୍ରମଶଃ ଦୁର୍ବଳ ହୋଇପଡ଼ିବେ। ବେପାର ବାଣିଜ୍ୟ ପୂର୍ବଭଳି ଚାଲୁ ରହିବ। ବକେୟା ଅର୍ଥ ପ୍ରାପ୍ତି ସାଙ୍ଗକୁ ଋଣ ପରିଶୋଧରେ ସମର୍ଥ ହେବେ। ଗୃହ ନିର୍ମାଣ କର୍ମରେ ଆଗ୍ରହ ବଳିବ। ମନର କଥା ମନରେ ମାରିବା ଛଡ଼ା ଅନ୍ୟ ଉପାୟ ନାହିଁ। ଯାନବାହାନରେ ସତର୍କତା ଅବଲମ୍ବନ ନ କଲେ ଦୁଶ୍ଚିନ୍ତା ଗ୍ରସ୍ତ ହେବେ। ପରିବାର ଓ ବନ୍ଧୁବାନ୍ଧବମାନଙ୍କ ନିମିତ୍ତ ଖର୍ଚ୍ଚର ପରିମାଣ ଅଧିକ ହୋଇପାରେ। ପିତ୍ତଶ୍ଲେଷ୍ମା ଜନିତ କ୍ଲେଶ ଭୋଗ କରିବାକୁ ହେଲେବି କର୍ତ୍ତବ୍ୟନିଷ୍ଠତା ଯୋଗେ ତାହା ଗୌଣ ହୋଇଯିବ। ପାରିବାରିକ ସ୍ତରରେ ଅନ୍ୟମାନଙ୍କର ଦାବି ଓ ଅସନ୍ତୋଷ ବୃଦ୍ଧି ପାଇପାରେ। ମହିଳାମାନେ ମିଶ୍ରିତଫଳର ଉପଭୋକ୍ତା ହେଲେବି ଭୋଗ ବିଳାସରୁ ବଞ୍ଚିତ ହେବେନାହିଁ। ବିଦ୍ୟାର୍ଥୀମାନେ ପ୍ରତିଷ୍ଠା ଲାଭର ସୁଯୋଗ ପାଇବେ।

ଅଶୁଭ ଦିବସ:- ୨୨, ୨୩, ୮, ୯ ଅଷ୍ଟମଚନ୍ଦ୍ର:- ୨୦, ୨୧ ଘାତଚନ୍ଦ୍ର:- ୬, ୭ ବାକିଦିନ ଶୁଭ।



**ବିଛା:-** ମାସଟି ମିଶ୍ରଫଳ ଦାୟକ ହେଲେବି ମାନସିକ ଉଦ୍‌ବେଗର କବଳିତ ହୋଇପାରନ୍ତି। ସାମର୍ଥ୍ୟ ଅପେକ୍ଷା ଦାୟିତ୍ୱର ବୋଝ ଅଧିକ ହୋଇପାରେ। ମାସର ଦ୍ୱିତୀୟାର୍ଦ୍ଧରେ ଖର୍ଚ୍ଚର ପରିମାଣ ଅଧିକ ହେବାଯୋଗେ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। ଦୈବୀକୃପା ସହିତ ଗଭୀର ଆତ୍ମବିଶ୍ୱାସ ଦ୍ୱାରା ସମସ୍ତ ପରିବେଶକୁ ଆୟତ୍ତ କରିବେ। ଶତ୍ରୁ ପ୍ରତିହତ କରିବାରେ ସମର୍ଥ ହେବା ଫଳରେ ନିରୁପଦ୍ରବ ଜୀବନଚର୍ଯ୍ୟା କାଏମ ରଖିହେବ। ବ୍ୟକ୍ତିଗତ କର୍ମ ଓ ସାମାଜିକ କର୍ମରେ ନିଜକୁ ନିୟୋଜିତ କରିପାରନ୍ତି। ବେପାର ବାଣିଜ୍ୟର ଧାରା ପୂର୍ବଭଳି ଚାଲୁରହିବ। ବିବାଦୀୟ କ୍ଷେତ୍ରରେ ବିଡ଼ମ୍ବିତ ହେବେ ନାହିଁ। ଆର୍ଥିକ ଦିଗ ବହୁ ଉଚ୍ଚକୋଟୀର ନହେଲେବି ପ୍ରତୀକ୍ଷିତ

ହେବାର ନାହିଁ। ଯାନ କ୍ରୟ ନିମିତ୍ତ ଆଗ୍ରହୀ ହେବେ। ମନପସନ୍ଦର ଭୋଜନ ମିଳିବ। ଭ୍ରମଣ ଜନିତ ଶାନ୍ତି ପାଇବେ। ଦେବ କର୍ମରେ ନିଜକୁ ନିୟୋଜିତ କରିବେ। ଉଚ୍ଚବର୍ଗର ଲୋକମାନଙ୍କ ସହିତ ଉତ୍ତମ ସଂପର୍କ ସ୍ଥାପନ ହେବ। ଗୃହପାଳିତ ପଶୁମାନଙ୍କ ପ୍ରତି ବିପଦ ଆସିପାରେ। ଗଣ୍ଠି ଦରଜ ଓ ଚକ୍ଷୁପୀଡ଼ାକୁ ବାଦଦେଲେ ଅନ୍ୟ ରୋଗର ଶିକାର ହେବେନାହିଁ। ପାରିବାରିକ ଜୀବନ ସୁଖମୟ ହେବ। ମହିଳାମାନେ ଅଧିକ ଆଗ୍ରହର ସହିତ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ନିର୍ବାହ କରିବେ। ବିଦ୍ୟାର୍ଥୀମାନେ ସନ୍ତୋଷ ପ୍ରାପ୍ତ ହେବେ।

ଅଶୁଭ ଦିବସ:- ୧୫, ୨୪, ୨୫, ୨୬, ୧, ୨, ୧୦, ୧୧ ଅଷ୍ଟମଚନ୍ଦ୍ର:- ୨୨, ୨୩ ଘାତଚନ୍ଦ୍ର:- ୨୦, ୨୧ ବାକିଦିନ ଶୁଭ



**ଧନୁ:-** ମାସଟି ଆପଣଙ୍କ ପକ୍ଷେ ପୂର୍ବାପେକ୍ଷା ଶୁଭକର ହେବ। ଅସ୍ଥିରତା ଓ ଅନିଶ୍ଚିତତା ବହୁ ପରିମାଣରେ ଲାଘବ ହେବା ଯୋଗେ ଅନ୍ୟମନସ୍କତା ଦୂରହୋଇ ଦୃଢ଼ତା ପ୍ରକାଶ ପାଇବ। ବ୍ୟବସ୍ଥିତ ଚିତ୍ତ ହୋଇ ଲକ୍ଷ୍ୟ ସାଧନରେ ଧାବିତ ହେବେ। କର୍ମକ୍ଷେତ୍ରର ଗତି ଆଖିଦୃଶିଆ ହେବ। ଶତ୍ରୁବାଧା ବହୁ ପରିମାଣରେ ପ୍ରଶମିତ ହେବା କାରଣରୁ ଆଶ୍ୱସ୍ତ ହେବେ। ବିଶ୍ରାମହୀନ ପରିଶ୍ରମ ଲାଗୁ ରହିବ। ଆତ୍ମୀୟମାନଙ୍କ ସହିତ ବିରୋଧାଭାଷ ପରିଲକ୍ଷିତ ହେବ। ଭୋଗ ବିଳାସର ସାଧନ ଥାଇ ମଧ୍ୟ ସମୟର ଅଭାବ ଘଟିବ। ସାମାଜିକ ସ୍ତରରେ ଉଚ୍ଚମାନ୍ୟତାର ଅଧିକାର ପାଇବେ। ବେପାର ବାଣିଜ୍ୟରେ ପଛେଇଯିବାର ଆଶଙ୍କା ନାହିଁ। ଭ୍ରମଣ ସୁଖକର ହେବ। ସୌଖୀନ ବସ୍ତୁର ଅଧିକାର ମିଳିବ। ବନ୍ଧୁ ମେଳରେ ସମୟ ବିତାଇବେ। ଆର୍ଥିକ ଦିଗ ଆନନ୍ଦପ୍ରଦ ହେବ। ଜୀବନ ଶୈଳୀରେ ଉନ୍ନତି ଦେଖାଦେଇପାରେ। ଠିକାଦାରୀ ସଂସ୍ଥାରୁ ଦୁଇପଇସା ହାତେଇବେ। ଉଚ୍ଚ କର୍ତ୍ତୃପକ୍ଷଙ୍କ ଶ୍ରଦ୍ଧାଭାଜନ ହେବେ। ସ୍ୱାସ୍ଥ୍ୟ ସଂକ୍ରାନ୍ତରେ ବ୍ୟଥିତ ହେବାପରି ଆଶଙ୍କା ନାହିଁ। ପାରିବାରିକ ଜୀବନ ସୁଖଦୁଃଖ ବାଣ୍ଟି ଚଳିବାରେ ବିତିବ। ମହିଳାମାନେ ଉଚ୍ଚ ଆଶା ପୋଷଣ କରିବେ। ମନରେ ଅବଶୋଷ ଦେଖାଦେବ। ପରିବାର ପ୍ରତି ଉତ୍ସର୍ଗୀକୃତ ହେବେ। ଆଭୂଷଣ ପ୍ରାପ୍ତି ଯୋଗ ଅଛି। ବିଦ୍ୟାର୍ଥୀମାନେ ନିଜକୁ ସୁଧାରିନେଇ ଉଚିତ ମାର୍ଗରେ ଗତି କରିବେ।

ଅଶୁଭ ଦିବସ:- ୧୮, ୧୯, ୨୭, ୨୮, ୩, ୪, ୫ ଅଷ୍ଟମଚନ୍ଦ୍ର:- ୨୪, ୨୫, ୨୬ ଘାତଚନ୍ଦ୍ର:- ୧୬, ୧୭, ୧୨, ୧୩ ବାକିଦିନ ଶୁଭ।



**ମକର:-** ପୂର୍ବ ତୁଳନାରେ ମାସଟି ଆରାମପ୍ରଦ ହେବ। ଅଧିକରୁ ଅଧିକ ଅନୁକୂଳ ପବନ ବହିବା ଯୋଗେ ଉନ୍ନତିପଥରେ ଆଗୁସାର ହେବା ନିମନ୍ତେ ପଥ ପରିଷ୍କାର ରହିବ। ମନରୁ କେତେକ ଆଶଙ୍କା ଅପସରି ଯିବା କାରଣରୁ ଗନ୍ତବ୍ୟ ପଥରେ ବିନାବାଧାରେ ଆଗେଇବେ। ଗଡ଼ି ଚାଲିଥିବା ଅସୁସ୍ଥି ଓ ଦୁଶ୍ଚିନ୍ତାର ମୁକ୍ତି ମିଳିବ। ଶତ୍ରୁମାନେ ଦୁର୍ବଳ ହୋଇପଡ଼ିବେ। ବ୍ୟକ୍ତିଗତ ତଥା ବ୍ୟଷ୍ଟିଗତ କାର୍ଯ୍ୟରେ ଆଗୁଆ ହୋଇ ପ୍ରଶଂସିତ ହୋଇପାରନ୍ତି। ମନୋବଳ ଓ ଦୈବୀବଳ ଉପଯୋଗ କରି କଷ୍ଟକର କାର୍ଯ୍ୟକୁ ସହଜ ସରଳରେ ପରିଣତ କରିବେ। ସାମାଜିକ ସ୍ତରରେ ଲୋକମାନ୍ୟ ହେବେ। କର୍ମର ପରିସର ବୃଦ୍ଧି ପାଇବ। ପୂର୍ବ ତୁଳନାରେ ବେପାର ବାଣିଜ୍ୟରେ ସୁଧାର ଆସିବ। ଦୂରଯାତ୍ରା ପ୍ରାୟ ନିଶ୍ଚିତ। ବିବାଦୀୟ କ୍ଷେତ୍ରରୁ ଫାଇଦା ଉଠାଇବେ। ଆର୍ଥିକ ଦିଗ ମଜବୁତ ରହିବ। ପତିତ ଧନ ହାତକୁ ଆସିବାର ସମ୍ଭାବନା ଅଧିକ। ଭୋଗ ବିଳାସର ସାଧନ ପ୍ରାଚୁର୍ଯ୍ୟ ଥିଲେବି କର୍ମମୁଖର ଯୋଗେ ସେ ସବୁକୁ ଉପଭୋଗ କରିବାରେ ସୁଯୋଗର ଅଭାବ ଘଟିବ। ସୌଖୀନ ଦ୍ରବ୍ୟ ଆଣିପାରନ୍ତି। ସାହାଯ୍ୟ ମନୋବୃତ୍ତି ଯୋଗେ ଆତ୍ମତୃପ୍ତି ଲାଭ କରିବେ। ସୃଜନଶୀଳ ଚିନ୍ତାଧାରାର ପରିପ୍ରକାଶ ଘଟିବ। ପିତ୍ତଦୋଷ ଓ ଚକ୍ଷୁଦୋଷ ଦେଖାଦେବ। ପାରିବାରିକ ଜୀବନରେ ଅଶାନ୍ତି ଘଟିବାର ନାହିଁ। ମହିଳାମାନେ ନିଜ ପାଇଁ, ପରିବାର ପାଇଁ ଓ ସମାଜ ପାଇଁ କର୍ତ୍ତବ୍ୟ କରି ଯଶସ୍ୱିନୀ ହେବେ। ବିଦ୍ୟାର୍ଥୀମାନେ ଉଚ୍ଚଆଶା ଫଳବତୀ କରିବେ।

ଅଶୁଭ ଦିବସ:- ୨୦, ୨୧, ୨୯, ୩୦, ୩୧, ୬, ୭, ୧୪ ଅଷ୍ଟମଚନ୍ଦ୍ର:- ୨୭, ୨୮ ଘାତଚନ୍ଦ୍ର:- ୨୭, ୨୮ ବାକିଦିନ ଶୁଭ।



**କୁମ୍ଭ:-** ମାସଟି ଆପଣଙ୍କୁ ଶୁଭଫଳ ପ୍ରଦାନ କରି ଉତ୍ସାହିତ କରିବ। କେତେକ ଜଟିଳ ସମସ୍ୟାର ସୁସମାଧାନ ହେବା ଫଳରେ ଆଶ୍ୱସ୍ତିଲାଭ କରିବା ଫଳରେ କର୍ତ୍ତବ୍ୟ କର୍ମରେ ଆଗୁସାର ହେବାର ଉତ୍ସାହ ବୃଦ୍ଧି ପାଇବ। ମୌଳିକ ଚିନ୍ତାଧାରାର ସ୍ଫୁରଣ ଘଟାଇ କର୍ମ କରିବାର କ୍ଳାନ୍ତି ଓ ଅବସାଦର ଅବସାନ ଘଟାଇବେ। ଉପରିସ୍ଥ ତଥା ଆତ୍ମୀୟମାନଙ୍କର ପ୍ରେରଣା ପାଇବାରେ ଊଣା ହେବନାହିଁ। ସ୍ୱାସ୍ଥ୍ୟଗତ ଦୁଶ୍ଚିନ୍ତା ବହୁ ପରିମାଣରେ ହ୍ରାସ ପାଇବ। ଶତ୍ରୁମାନେ ବିଲୀନ ହୋଇପାରନ୍ତି। ବିବାଦୀୟ କ୍ଷେତ୍ରରେ ବିଜୟୀ ହେବାର ସମ୍ଭାବନା ଅଧିକ। ସ୍ନାୟୁତାରୁ ମୁକ୍ତି ପାଇବେ। ସାମାଜିକ ସ୍ତରରେ ବଡ଼ ସମର୍ଥନ ମିଳିବ। ଆର୍ଥିକ ଦିଗ ପୂର୍ବ ତୁଳନାରେ ସୁଧାର ହୋଇପାରେ। ଅଟକିଥିବା ଅର୍ଥ ହାତକୁ ଆସିବ। ବେପାର ବାଣିଜ୍ୟରେ ଆଗ୍ରହ ଦ୍ୱିଗୁଣିତ ହେବ। ବନ୍ଧୁ ସମାଗମ ସାଙ୍ଗକୁ ମାଙ୍ଗଳିକ କାର୍ଯ୍ୟରେ ତତ୍ପରତା ପ୍ରକାଶ ପାଇବ। ଗୃହ ନିର୍ମାଣ ଓ ମରାମତିରେ ମନ ବଳାଇବେ। ଖାଦ୍ୟ ରୁଚି ବଢ଼ିବ। ଅକସ୍ମାତ ମୋଟା ଅଙ୍କର ଅର୍ଥ ପ୍ରାପ୍ତି ଯୋଗ ଅଛି। ଦାନ୍ତ ଓ ଶିରରେ ଯନ୍ତ୍ରଣା ଅନୁଭବ କରିବେ। ପାରିବାରିକ ଜୀବନରେ ଅନ୍ୟମାନଙ୍କ ନିମିତ୍ତ ବ୍ୟଥିତ ହେବେ। ମହିଳାମାନେ ସୁଖ ଭୋଗରୁ ବଞ୍ଚିତ ହେବେନାହିଁ। ଦୈବୀ କୃପାରୁ ସିଦ୍ଧି ଲାଭ କରିବେ। ବିଦ୍ୟାର୍ଥୀମାନେ ପାରଦର୍ଶିତା ଦେଖାଇବେ।

ଅଶୁଭ ଦିବସ:- ୨୨, ୨୩, ୮, ୯ ଅଷ୍ଟମଚନ୍ଦ୍ର:- ୨୯, ୩୦, ୩୧ ଘାତଚନ୍ଦ୍ର:- ୬, ୭ ବାକିଦିନ ଶୁଭ।



**ମୀନ:-** ମାସଟି ଆପଣଙ୍କ ପକ୍ଷେ ଶୁଭାଶୁଭ ମିଶ୍ରିତଫଳ ପ୍ରଦାୟକ ହେବ। ଅନେକ ବାଧାବିଘ୍ନକୁ ଅତିକ୍ରମ କରି ଗତି କରିବା ଫଳରେ କର୍ମର ଗତି ସାମାନ୍ୟ ମନ୍ଥର ହେଲେବି କାର୍ଯ୍ୟ ଅଟକିବାର ଆଶଙ୍କା ନାହିଁ। ପୂର୍ବରୁ ଯୋଜନା କରିଥିବା କାର୍ଯ୍ୟ ବିଳମ୍ବିତ ହୋଇପାରେ। ଅସ୍ଥିରତା ଓ ଅବ୍ୟବସ୍ଥିତତା ବେଳେବେଳେ ମନରେ ନକାରାତ୍ମକ ଭାବ ଉଦ୍ରେକ କରାଇଲେବି ଦୃଢ଼ ମନୋବଳ ଓ ଈଶ୍ୱର ବିଶ୍ୱାସ ଦ୍ୱାରା ତାହାର ନିରାକରଣ କରିବାରେ ସମର୍ଥ ହେବେ। ବେପାର ବାଣିଜ୍ୟ ପୂର୍ବ ତୁଳନାରେ ସାମାନ୍ୟ ଶିଥିଳ ହୋଇପାରେ। ସାମାଜିକ ସ୍ତରରେ ଉଚ୍ଚମାନ୍ୟତାର ଅଧିକାର ମିଳିବ। ଲୋକ ସଂପର୍କ ଓ ବିଶ୍ୱସ୍ତତା ଯୋଗେ ଅସମ୍ଭବକୁ ସମ୍ଭବରେ ପରିଣତ କରିବେ। ଭ୍ରମଣ ଜନିତ ତଥା ବନ୍ଧୁବାନ୍ଧବମାନଙ୍କ ନିମିତ୍ତ ଖର୍ଚ୍ଚ ବୃଦ୍ଧି ପାଇବ। ଆର୍ଥିକ ଦିଗରୁ ବିଶେଷ ଚିନ୍ତିତ ହେବାର ନାହିଁ। ଶତ୍ରୁମାନେ ଚଲାପଥରୁ ଅପସରି ଯିବେ। ବିବାଦରେ ଉତ୍ତମ ସମାଧାନର ପଥ ପରିଷ୍କାର ହେବ। ଖାଦ୍ୟପେୟ ଓ ସ୍ୱାସ୍ଥ୍ୟ ସଂକ୍ରାନ୍ତରେ ଧ୍ୟାନ ଦେବାର ଆବଶ୍ୟକତା ଅଛି। ପିତ୍ତଦୋଷ ଓ ପେଟରୋଗ ଦେଖାଦେବ। ପାରିବାରିକ ସ୍ତରରେ ଧୈର୍ଯ୍ୟ ଧାରଣ କଲେ ପରିବେଶ ବିଗିଡ଼ିବ ନାହିଁ। ମହିଳାମାନେ ଉତ୍ତମ ବିଚାର ଓ କର୍ତ୍ତବ୍ୟ ଦ୍ୱାରା ସମସ୍ତ ପରିସ୍ଥିତିକୁ ଉତ୍ତମ ପରିଚାଳନା କରିବେ। ଦୈନନ୍ଦିନ ଜୀବନରେ ବାଧା ଉପୁଜିବ ନାହିଁ। ବିଦ୍ୟାର୍ଥୀମାନେ ନିଜ କର୍ତ୍ତବ୍ୟ ପଥକୁ ପ୍ରାଧାନ୍ୟ ଦେବେ।

ଅଶୁଭ ଦିବସ:- ୧୮, ୧୯, ୨୪, ୨୫, ୨୬ ଅଷ୍ଟମଚନ୍ଦ୍ର:- ୧, ୨ ଘାତଚନ୍ଦ୍ର:- ୧୫, ୧୦, ୧୧ ବାକିଦିନ ଶୁଭ।

***ନୂଆଗାଁ, ଇଟିପୁର, ଖୋର୍ଦ୍ଧା***
***ଦୂରଭାଷ: ୬୩୭୨୫୯୬୯୧୯***

ତନ୍ମାତ୍ର

# ଓଡ଼ିଆ ଚଳଚ୍ଚିତ୍ର - ୨୦୨୪

## ସଦ୍ୟ ମୁକ୍ତିଲାଭ କରିଥିବା କେତୋଟି ଚଳଚ୍ଚିତ୍ର ସଂପର୍କରେ




ଆଇ ଲଭ୍ ୟୁ ୨:- ବ୍ୟାନର- ବସନ୍ତ ନାୟକ ଏଣ୍ଟରଟେନ୍‌ମେଣ୍ଟ, କାହାଣୀ ଓ ପ୍ରଯୋଜନା- ସଞ୍ଜୟ ନାୟକ (ଟୁଟୁ), ନିର୍ଦ୍ଦେଶନା- ସୁଧାଂଶୁ ମୋହନ ସାହୁ, ସଙ୍ଗୀତ- ପ୍ରେମାନନ୍ଦ। ଅଭିନୟରେ ଅଛନ୍ତି ଆଦିତ୍ୟ ମହାପାତ୍ର (ନବାଗତ), ଅପ୍‌ସରା ରାଣୀ, ସନ୍ତୁ ନିଜେ, ବବି ମିଶ୍ର, ମିତାଲି ସରଘରିଆ, ସୁନିଲ କୁମାର, ଚୌଧୁରୀ ଜୟପ୍ରକାଶ ଦାସ, ଭୂପତି ତ୍ରିପାଠୀ ପ୍ରମୁଖ।

ପ୍ରେମକୁ ନା ବାନ୍ଧିପାରିଛି ସମାଜର ବେଡ଼ି ନା ଅଟକେଇ ପାରିଛି ଭୌଗଳିକ ସୀମାରେଖା। ନାୟକ ସଞ୍ଜୟ ଆଉ ନାୟିକା ଗୀତା। ଜଣଙ୍କ ଆଖିରେ ଗାୟକ ହେବାର ସ୍ୱପ୍ନ ତ ଜଣେ ସୁନ୍ଦର କବିତା ଲେଖି ପ୍ରତିଷ୍ଠିତ ଲେଖିକା ହେବାର ସ୍ୱପ୍ନ। ପ୍ରେମଟିଏ ଗଢ଼ିଉଠିବା ପାଇଁ ସେତିକି ତ ଯଥେଷ୍ଟ। ନିଜ ଆକାଶରେ ସେମାନେ ପରସ୍ପରକୁ ପ୍ରେମ କରିବସନ୍ତି। ଇତିହାସ ସାକ୍ଷୀ ଅଛି ଗଭୀର ପ୍ରେମ କଠୋର ପରୀକ୍ଷା ମାଗେ। ହେଲେ ସେଇ ନିରୀହ ହୃଦୟ ଦୁଇଟା କ'ଣ ଜାଣିଥିଲେ, ଏ ପ୍ରେମ ତାଙ୍କୁ ଦିନେ ଏମିତି ମାଗିବ ବୋଲି। ନାୟକ ସଞ୍ଜୟ କାଶ୍ମୀରରେ ଭଉଣୀ, ଭିଣୋଇଙ୍କ ସହ ରୁହେ। ନାୟିକା ଗୀତା ଓଡ଼ିଶାରେ ରୁହେ। ଏକ ଲେଖକ ସମ୍ମିଳନୀରେ ଯୋଗଦେବା ପାଇଁ ଗୀତା କିଛି ଦିନ ପାଇଁ କାଶ୍ମୀର ଯାଏ। ସେଠାରେ ସଞ୍ଜୟ ସହ ଦେଖାହୁଏ। ଦୁହେଁ ଦୁହିଁଙ୍କୁ ଭଲପାଇ ବସନ୍ତି। କିନ୍ତୁ କେହି ମୁହଁ ଖୋଲି କହିପାରନ୍ତି ନାହିଁ। ଭିଣୋଇଙ୍କ ଷଡ଼ଯନ୍ତ୍ରରେ ଲେଖକ ସମ୍ମିଳନୀରେ ବୋମା ବିସ୍ଫୋରଣ ହୁଏ। ବହୁ ଲୋକ ପ୍ରାଣହରାନ୍ତି। ସଞ୍ଜୟକୁ ସନ୍ତ୍ରାସବାଦୀ ଭାବି ଗିରଫ କରେ ପୋଲିସ ଓ ତାକୁ ଫାଶୀ ଦଣ୍ଡ ମିଳେ। ପୋଲିସ୍ କବଳରୁ ସଞ୍ଜୟ ଫେରାର ହୋଇ ଓଡ଼ିଶା ଚାଲିଆସେ ଓ ଗୀତାକୁ ଖୋଜେ। ଗୀତାକୁ ଖୋଜି ପାଇଲାବେଳେ ପୋଲିସ୍ ତାକୁ ପୁଣି ଗିରଫ କରି କାଶ୍ମୀରକୁ ନେଇଯାଏ। ସଞ୍ଜୟକୁ ଫାଶୀ ଦେବା ପୂର୍ବରୁ ପୋଲିସ୍ ପାଖରେ ସବୁ ସତ କଥା ପହଞ୍ଚିଯାଏ। ସଞ୍ଜୟ ବଦଳରେ ତା'ର ଭିଣୋଇକୁ ଫାଶୀ ଦିଆଯାଏ। ଭିଣୋଇ ଫାଶୀ ପାଇବା ପୂର୍ବରୁ ତା'ର ଆଖିକୁ ଗୀତାକୁ ଦାନ କରେ। ଶେଷରେ ଗୀତା ଓ ଆଉ ସଞ୍ଜୟର ମିଳନ ହୁଏ।




ଭଗିଆ ଭାରିଯା:- ବ୍ୟାନର- ହରିବୋଲ ମିଡ଼ିଆ ଆଣ୍ଡ ଏଣ୍ଟରଟେନ୍‌ମେଣ୍ଟ, ପ୍ରଯୋଜନା- ଡ. ଭୀଷ୍ମ ପ୍ରସାଦ ରଥ ଓ ହରିହର ମହାପାତ୍ର, ନିର୍ଦ୍ଦେଶନା- ମୃତ୍ୟୁଞ୍ଜୟ ସାହୁ, ସଙ୍ଗୀତ- ମଳୟ ମିଶ୍ର। ଅଭିନୟରେ ଅଛନ୍ତି ହରିହର ମହାପାତ୍ର, ଦେବଯାନୀ ଦେହୁରୀ, ବବି ମିଶ୍ର, ପୁପିନ୍ଦର, ଦେବୁ ବ୍ରହ୍ମା, ବ୍ରଜ ସିଂ, ତୃପ୍ତି ସିଂହ୍ନା, କାଳିଆ, ଭକ୍ତି, ମାମୁନି, ଶୁଭଶ୍ରୀ, ଦୀପକ ପ୍ରମୁଖ।

'ଭଗିଆ ଭାରିଯା' ଚଳଚ୍ଚିତ୍ରଟି ଏକ ଗ୍ରାମ୍ୟ ସଂସ୍କୃତି ସହିତ ଜଡ଼ିତ ଏକ କାହାଣୀ। ଯେଉଁଠି ଗୋଟେ ଘରୋଇ ମହିଳା କିଭଳି ସୋସିଆଲ ମିଡ଼ିଆ ସହିତ ନିବିଡ଼ ହୋଇ ନିଜେ ହିରୋଇନ୍ ହବାର ସ୍ୱପ୍ନ ଦେଖୁଛି ଓ ସଂଗ୍ରାମ କରୁଛି। ମୋବାଇଲରେ ତା'ପାଖରେ ଥିବା ନୃତ୍ୟ ଓ ଅଭିନୟକୁ ରିଲ୍‌ସ କରି ସୋସିଆଲ ମିଡ଼ିଆରେ ଛାଡ଼ି ଦେଉଥାଏ। ଏମିତି ଏକ

ରିଲ୍‌ସ ପ୍ରତିଯୋଗିତାରେ ଜଣେ ଚଳଚ୍ଚିତ୍ର ପ୍ରଯୋଜକ ତାକୁ ଆଗାମୀ ଫିଲ୍ମରେ ସୁଯୋଗ ଦେବାପାଇଁ ଡକାନ୍ତି। ହିରୋଇନ୍ ହେବାପାଇଁ ସ୍ୱାମୀ ଭଗିଆର ସମ୍ପୂର୍ଣ୍ଣ ବାରଣ ସତ୍ତ୍ୱେ ଚରିତ୍ରହୀନ ପ୍ରଯୋଜକ ପାଖରେ ନିଜକୁ ସମର୍ପି ଦିଏ ମହିଳା। ରୋଜଗାର କରେ ଅଜସ୍ର ଟଙ୍କା ଏହି ନର୍କଗାମୀ ହୋଇ। ଶେଷରେ ପ୍ରତାରିତ ହୋଇ ଆତ୍ମହତ୍ୟା କରେ। ଯେଉଁ ସ୍ୱାମୀ ଭଗିଆ ସ୍ତ୍ରୀକୁ ପରଦା ଉପରେ ନାୟିକାରୂପେ ଦେଖିବାର ସ୍ୱପ୍ନ ଦେଖୁଥିଲା ତାହା ଚୁରମାର୍ ହୋଇଯାଏ। ଶେଷରେ ସେ ସେହି ଚରିତ୍ରହୀନ ପ୍ରଯୋଜକକୁ ହତ୍ୟା କରି ପ୍ରତିଶୋଧ ନେଇ ନିଜେ ଆତ୍ମହତ୍ୟା କରେ।




'ଆଶ୍ରମ':- ବ୍ୟାନର- ଅନିଶ ଏଣ୍ଟରଟେନ୍‌ମେଣ୍ଟ, ପ୍ରଯୋଜକ- ତପନ କୁମାର ଦାଶ, ନିର୍ଦ୍ଦେଶନା- ସୁଧାଂଶୁ ମୋହନ ସାହୁ, ସଙ୍ଗୀତ- ଅଭିଜିତ୍ ମଜୁମଦାର। ଅଭିନୟରେ ଅଛନ୍ତି ମହାଶ୍ୱେତା ରାୟ, ଅଭିଷେକ୍ ଗିରି, ସୂର୍ଯ୍ୟମୟୀ ମହାପାତ୍ର, ଶ୍ୱେତା ଆଚାର୍ଯ୍ୟ, ବିଜୟିନୀ, ଗୋଲିଆ, ନବ ଆଚାର୍ଯ୍ୟ, ପ୍ରଲିପ୍ତା, ତୁଷାର ଆଚାର୍ଯ୍ୟ, କଳ୍ପନା, କଲ୍ୟାଣୀ, ମନୋରଞ୍ଜନ, ପୁନମ ପ୍ରିୟଦର୍ଶିନୀ, ଅରବିନ୍ଦ ପ୍ରମୁଖ। ଶିଶୁ କଳାକାର- ସାନ୍‌ଭି। ଏହି ଚଳଚ୍ଚିତ୍ରଟି ୧୩ ସେପ୍ଟେମ୍ବର ୨୦୨୪ ରେ ମୁକ୍ତିଲାଭ କରିଛି।

ମଧ୍ୟବିତ୍ତ ପରିବାରର ଉଚ୍ଚ ଆକାଂକ୍ଷା ଧରୀ ଝିଅ ଶ୍ରଦ୍ଧା ଆଖିରେ ଅସୁମାରୀ ସ୍ୱପ୍ନ। ଇଚ୍ଛା ନଥାଇ ସେ ବାହାହୁଏ ଧନୀ ପରିବାରରେ ଶଙ୍କରକୁ। ଶଙ୍କର ଜଣେ ଶାସ୍ତ୍ରୀୟ ସଙ୍ଗୀତ ଶିଳ୍ପୀ। ଶ୍ରଦ୍ଧା ଓଡ଼ିଶୀ ନୃତ୍ୟଶିଳ୍ପୀ। ଶ୍ରଦ୍ଧା ପରିବାରରୁ ସମର୍ଥନ ପାଇ ଆଇଏଏସ୍ ଅଫିସର ହୁଏ; କିନ୍ତୁ ପରିବାରକୁ ଉତ୍ତରଦାୟାଦଟିଏ ଦେବାକୁ ସମର୍ଥ ହୁଏନି। ପରିବାରର ଚାପରେ ଶଙ୍କର ସନ୍ତାନ ପାଇଁ ଶ୍ରଦ୍ଧାକୁ ଛାଡ଼ପତ୍ର ଦେବାକୁ ରାଜି ହୁଏନି। ମାନସିକ ଚାପରେ ଶଙ୍କର ହୃଦ୍‌ଘାତରେ ପ୍ରାଣ ହରାଏ। ପୁଅକୁ ଝୁରି ଝୁରି ମାଆ ଆରପାରିକୁ ଚାଲିଯାଆନ୍ତି। ୬୦ ବର୍ଷ ବୟସରେ ଶ୍ରଦ୍ଧା ଅବସର ନେଇ ଘରକୁ ଫେରନ୍ତି। ସେତେବେଳକୁ ପରିବାରରେ ଶ୍ରଦ୍ଧା ଏକା। ଜାତି ଲୋକ ତାଙ୍କ ସମ୍ପତ୍ତି ହଡ଼ପ୍ କରିବାକୁ ଚେଷ୍ଟା କରି ବିଫଳ ହେବାପରେ ଶ୍ରଦ୍ଧା ନାମରେ କୁତ୍ସା ରଚନା କରନ୍ତି। ମାତ୍ର ତାହା ଶ୍ରଦ୍ଧା ଉପରେ କିଛି ପ୍ରଭାବ ପକାଏନି। ଶ୍ରଦ୍ଧା ବରିଷ୍ଠ ନାଗରିକମାନଙ୍କ ଅସହାୟତା ଅନୁଭବ କରି ନିଜ ସମ୍ପତ୍ତିର ସଦ୍‌ଉପଯୋଗ ପାଇଁ ଅଭାବୀ ନିଃସଙ୍ଗ ବରିଷ୍ଠ ମଣିଷଙ୍କ ପାଇଁ ଆଶାର ଆଶ୍ରୟ ଭାବରେ ନିଜ ଘରଟିକୁ ଦାନ କରିଦିଅନ୍ତି। ତାହାହିଁ 'ଆଶ୍ରମ'। ଉପକାର ନୁହେଁ, ଉପଚାରର ଛୋଟିଆ ମାଧ୍ୟମ।




ଆଭା:- ବ୍ୟାନର- ଓମ୍ ବାବା ପ୍ରଡ଼କ୍‌ସନ୍‌ସ, କାହାଣୀ ଓ ପ୍ରଯୋଜକ- ପ୍ରବୀର ମହାପାତ୍ର, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା- ପଲ୍ଲବ ରାୟ, ସଙ୍ଗୀତ- ଅଭିଜିତ୍ ମଜୁମଦାର। ଅଭିନୟରେ ଅଛନ୍ତି ଅନୁ ଚୌଧୁରୀ, କେଦାର ମିଶ୍ର, ଶ୍ୱେତା ଆଚାର୍ଯ୍ୟ, ସୋନା ମଲ୍ଲିକ, ନିହାରିକା ରାଉତ, ବିଶାଲ ସାହୁ, ଦୁର୍ଗା ପ୍ରସାଦ, ସ୍ମୃତିରଞ୍ଜନ ନାୟକ, ସ୍ମୃତିରେଖା ଦାସ, ଶୁଭମ୍ ରାୟଗୁପ୍ତା, ସୌରଭୀ ବିଶ୍ୱାସ, ଅସୀମା ଦେ, ନୟନ ବାନାର୍ଜୀ, କାକଳୀ ବିଶ୍ୱାସ, ସଂଗ୍ରାମଜିତ୍ ବାନାର୍ଜୀ।

ଆଶା ଏକ ଗରିବ ସାନ୍ତାଳି ପରିବାରରେ ଜନ୍ମ ହେଇଥିଲା। ସେ ବିକଳାଙ୍ଗ ହେଇ ଜନ୍ମ ହୋଇଥିବାରୁ ତା ମା' ତାକୁ ଜମା ବି ଭଲପାଉନଥିଲା। ଘରେ ପଇସା ପତ୍ର ଅଭାବରୁ ମା' ତା' ସହିତ ବହୁତ ଖରାପ ବ୍ୟବହାର କରୁଥିଲା। ସେ ପିଲାବେଳୁ ସମସ୍ତଙ୍କ ସହ ଅନାଦର ଭଳି ବ୍ୟବହାର କରୁଥିଲା। ସେ ବିକଳାଙ୍ଗ ବୋଲି କେହି ବି ତା'ର ଦେଖାଶୁଣା କରୁନଥିଲେ। କିନ୍ତୁ ତା' ଭିତରେ ଗୋଟେ ରଚନାତ୍ମକ କ୍ଷମତା ଲୁଚି ରହିଥିଲା। ସେ ତା'ର ସେହି କଳା ଚେତନା କ୍ଷମତାକୁ ବିଭିନ୍ନ ପ୍ରକାର ଚେଷ୍ଟାରେ ଦେଖେଇବାକୁ ଚାହୁଁଥିଲା। ତା'ପରେ ତା' ଜୀବନକୁ ଜଣେ ଶୁଭକାଂକ୍ଷୀ ହେଇ ଆସିଲେ ଏବଂ ତାକୁ ଏକ ପ୍ରସିଦ୍ଧ କଳାକାର ହେବାରେ ସାହାଯ୍ୟ କଲେ।




'ସମୀକ୍ଷା':- ବ୍ୟାନର- ବି କ୍ୟୁବ୍ ଏଣ୍ଟରଟେନ୍‌ମେଣ୍ଟ, ପ୍ରଯୋଜକ- ବିକାଶ ଚନ୍ଦ୍ର ପଟ୍ଟନାୟକ, ଚିତ୍ରାନାଟ୍ୟ ଓ ନିର୍ଦ୍ଦେଶନା- ରଞ୍ଜନ ମିଶ୍ର।

ସମାରୋହ

ଅଭିନୟରେ ଅଛନ୍ତି ଧୀର ମଲ୍ଲିକ, ଧରିତ୍ରୀ ଖଣ୍ଡୁଆଳ, ପ୍ରଭଞ୍ଜନ ମିଶ୍ର, ଅଭିଳାଷ ହୋତା, ବିକାଶ ଚନ୍ଦ୍ର ପଟ୍ଟନାୟକ, ଅଭିପ୍ସା ପଣ୍ଡା, ବୁଲ୍ଲି ପ୍ରଧାନ, ରଶ୍ମିତା ନାୟକ, ଭରଦ୍ୱାଜ ମିଶ୍ର, ଦିଲ୍ଲୀପ କୁମାର ବେହେରା ପ୍ରମୁଖ।

ଚଳଚ୍ଚିତ୍ରଟିର କାହାଣୀ ତ୍ୟାଗ ଓ ସଂଘର୍ଷ ଉପରେ ପର୍ଯ୍ୟବେସିତ। ଜଣେ ଅସୁସ୍ଥ ବୃଦ୍ଧଙ୍କର ମାନସିକ ଓ ଶାରୀରିକ ସମସ୍ୟା ଏଥିରେ ପ୍ରତିଫଳିତ ହୋଇଛି। ପରିବର୍ତ୍ତିତ ସାମାଜିକ ସମସ୍ୟା କିପରି ଧୀରେ ଧୀରେ ବୟସ୍କଙ୍କୁ ଏକା ବଞ୍ଚିବାକୁ ଓ ମରିବାକୁ ବାଧ୍ୟ କରେ ଏବଂ କିପରି ଏହି ସମସ୍ୟାର ସମାଧାନ ହୋଇଛି ତାହା ଏହି ଚଳଚ୍ଚିତ୍ରରେ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି। ଚଳଚ୍ଚିତ୍ର ମାଧ୍ୟମରେ ସମାଜ ପାଇଁ ଏକ ସ୍ୱତନ୍ତ୍ର ବାର୍ତ୍ତା ରହିଛି। ଏହା ଦ୍ୱାରା ଜଣେ ବ୍ୟକ୍ତି ନିଜ ଭୁଲ୍‌କୁ ସୁଧାରିବା ସହିତ ଅବାଟରେ ଯାଉଥିବା ବ୍ୟକ୍ତି ବିଶେଷ ନିଜକୁ ସୁଧାରି ପାରିବ। ମୁଖ୍ୟତଃ ଏହିସବୁ ଉପରେ ‘ସମୀକ୍ଷା’ ଚଳଚ୍ଚିତ୍ରର କାହାଣୀ ଗତିଶୀଳ।

## ମୁକ୍ତିଲାଭ ପ୍ରସ୍ତୁତି ପଥରେ ଥିବା ଚଳଚ୍ଚିତ୍ର




**କର୍ମ:-** ଅମୀୟ ପଟ୍ଟନାୟକ ପ୍ରଡକ୍ସନ୍‌ର ଏକ ଆକ୍ସନଧର୍ମୀ ଚିତ୍ର ‘କର୍ମ’ରେ ଆସୁଛନ୍ତି ନାୟକ ଅନୁଭବ ଯେଉଁଥିରେ କି ମୁଖ୍ୟ ଆକର୍ଷଣ ହେବ ତାଙ୍କର ଆକ୍ସନ। ତାଙ୍କ ସହ ସୂର୍ଯ୍ୟମୟୀ, ଦିବ୍ୟା, ସାନୁଜ, ମନମୟ ଦେ, ତାପସ ସରଘରିଆ, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମାଳିଠିଆ, ଉଦିତ ଗୁରୁ ପ୍ରମୁଖ ଅଭିନୟ କରିଛନ୍ତି। ନିର୍ଦ୍ଦେଶନା- ଅନୁପମ ପଟ୍ଟନାୟକ, ସଙ୍ଗୀତ- ଆଶିଷ ପ୍ରଧାନ।

**ଖୋକା ଭାଇ ତମ ପାଇଁ:-** କୁହୁ ସିନେ ଫିଲ୍ମସ ଓ ଭଦ୍ରା ମୋସନ ଷ୍ଟୁଡିଓର ମିଳିତ ଉଦ୍ୟମରେ ପ୍ରସ୍ତୁତ ହେଉଛି ‘ଖୋକା ଭାଇ ତମ ପାଇଁ’ ଚିତ୍ର। ପ୍ରଯୋଜକ- ଶୁଭେନ୍ଦୁ ସାହୁ, ସଂଳାପ- ଭରଦ୍ୱାଜ ପଣ୍ଡା, ଗୀତ ଓ ସଙ୍ଗୀତ- ସ୍ୱର୍ଗତ ଅକ୍ଷୟ ମହାନ୍ତି, ସଙ୍ଗୀତ ପରିଚାଳନା- ମିତ୍ରଭାନୁ ମହାନ୍ତି। ବିଭିନ୍ନ ଭୂମିକାରେ- ସ୍ୱରାଜ ବାରିକ, ଅଙ୍କିତା ଦାଶ, ଶ୍ୱେତା ଆଚାର୍ଯ୍ୟ, ଉପାସନା ମହାନ୍ତି, ଶକ୍ତି ବରାଳ ପ୍ରମୁଖ। ଚିତ୍ରଟି ମୁକ୍ତି ପ୍ରତୀକ୍ଷାରେ।

**ସନମ୍ ତୁ ସୁହାନା:-** ନବଦମ୍ପତି ସଞ୍ଜୟ ଓ ନନ୍ଦିନୀ ସହରରେ ଗୋଟେ ଘର କିଣି ନୂଆ ଜୀବନ ଆରମ୍ଭ କରନ୍ତି। ସେଇ ଘରେ ସୁରେଖା ନାମ୍ନୀ ଜଣେ ଝିଅର ଆତ୍ମା ରହିଥାଏ। ସୁରେଖା ନନ୍ଦିନୀ ଶରୀରରେ ପ୍ରବେଶ କରି ତା’ ପ୍ରତି ଅନ୍ୟାୟ କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଶୋଧ ନିଏ। ଏଇଭଳି ଏକ କାହାଣୀକୁ ନେଇ ବିନି ପଟ୍ଟନାୟକ ଫିଲ୍ମସ୍ ବ୍ୟାନରରେ ନିର୍ମାଣ ହୋଇଛି ‘ସନମ ତୁ ସୁହାନା’। କାହାଣୀ ଓ ପ୍ରଯୋଜନା- ବିନି ପଟ୍ଟନାୟକ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା- ଅଶ୍ୱିନୀ ଗଡ଼ନାୟକ, ସଙ୍ଗୀତ- ମଳୟ ମିଶ୍ର। ଭୂମିକାରେ- ଜ୍ୟୋତି, ସଙ୍ଗୀତା, ଶ୍ରୀୟା, ଜୀବନ ପଣ୍ଡା, ସୋନୁ, କାଳି, ଶଙ୍କର, ଗୁଡ୍ଡୁ, ରତ୍ନାକର, ଶୁଭଶ୍ରୀ, ଅଶ୍ୱିନୀ, ଫକୀର। ଚିତ୍ରଟି ଖୁବ୍‌ଶୀଘ୍ର ମୁକ୍ତିଲାଭ କରିବ।

**ଚାନ୍ଦ ଚକୋରୀ:-** ଅବିନାଶ ଓ ସ୍ମୃତି କଲେଜରେ ପଢ଼ିଲାବେଳେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠେ। ଚାକିରୀ ପାଇ ଅବିନାଶ ବାଙ୍ଗାଲୋର ଚାଲିଯାଏ। ଏଣେ ସ୍ମୃତି ଗର୍ଭବତୀ ହୁଏ। ଅବିନାଶର କ୍ୟାରିୟର ଉପରେ ପ୍ରଭାବ ପଡ଼ିବ ଭାବି କାହାକୁ କିଛି ନକହି ଘରୁ ଚାଲିଯାଇ ତା’ର ସାଙ୍ଗ ରାଜେଶ ପାଖରେ ରୁହେ। ହଠାତ୍ ଅବିନାଶ ଦୁହିଁଙ୍କୁ ଦେଖିବା ପରେ ସ୍ମୃତିକୁ ଘୃଣା କରେ। ଶେଷରେ ଏହାର ପରିଣାମ କ’ଣ ହୁଏ ? ଖୁବ୍‌ଶୀଘ୍ର ମୁକ୍ତିଲାଭ କରିବାକୁ ଥିବା ରାଜେନ୍ଦ୍ର ମହାନ୍ତିଙ୍କ ନିର୍ଦ୍ଦେଶିତ ଚିତ୍ରଟି ହେଲା ‘ଚାନ୍ଦ ଚକୋରୀ’। ପ୍ରଯୋଜିକା- ଗାୟତ୍ରୀ ଦାଶ, କାହାଣୀ- କୁମାର ଶ୍ରୀ ସାହୁ ଓ ଦୀପକ ରଞ୍ଜନ, ସଙ୍ଗୀତ- ବିଶ୍ୱରୂପ ମହାନ୍ତି। ବିଭିନ୍ନ ଭୂମିକାରେ- ଅମନ, ଶ୍ରଦ୍ଧା ପାଣିଗ୍ରାହୀ, ମିହିର ଦାସ, ପ୍ରିୟମ୍ବଦା, ଗାୟତ୍ରୀ ଦାଶ, ରାଜେଶ ପାଢ଼ୀ, ଅଭିଜିତ୍ ମଜୁମଦାର ପ୍ରମୁଖ।

**ଦୁର୍ଗା:-** ଅନାସମିସ୍ ପ୍ରଡ଼କସନ୍‌ସ ନିବେଦିତ ଦୁର୍ଗାପୂଜା ଅବସରରେ ନୂଆ ଚିତ୍ର ‘ଦୁର୍ଗା’ ମୁକ୍ତିଲାଭ କରିବାକୁ ଯାଉଛି। ପ୍ରଯୋଜକ କୁମାର ପ୍ରୀତମ ସାହୁ, କାହାଣୀ ଓ ନିର୍ଦ୍ଦେଶନା- ତାପସ ସରଘରିଆ, ସଙ୍ଗୀତ- ଅଭିଜିତ୍ ମଜୁମଦାର, ଅଭିନୟରେ- ପୁନମ ମିଶ୍ର, ଇଷା ଦଲ୍ଓ୍ୱାର, ଅଭିଷେକ ଗିରି, ରାଜ ରାଜେଶ, ସରୋଜ ପରିଡ଼ା, ପୁଷ୍ପା ପଣ୍ଡା, ହରିହର ମହାପାତ୍ର, ଶକ୍ତି ବରାଳ, ବିଦୁସ୍ମିତା ଦାସ ପ୍ରମୁଖ।

*ସୌଜନ୍ୟ: ଆଦିକନ୍ଦ ରାଉତ*
*ଚଳଚ୍ଚିତ୍ର ଜଗତ*

## ଖେଳ ଓ ଖେଳାଳୀ

# ଶ୍ରେଷ୍ଠ ୫ ଜଣ ଭାରତୀୟ ଟେଷ୍ଟ ଅଲରାଉଣ୍ଡର




କ୍ରିକେଟ ଦଳରେ ଯେମିତି ସ୍ୱତନ୍ତ୍ର ଭାବରେ ସ୍ପେସାଲିଷ୍ଟ ବ୍ୟାଟର ଓ ସ୍ପେସାଲିଷ୍ଟ ବୋଲର ଥାଆନ୍ତି, ଠିକ୍ ସେହିଭଳି ଦଳରେ ଉଇକେଟ କିପର ଏବଂ କିଛି ଅଲରାଉଣ୍ଡର ରହିବା ଏକ ସର୍ବନିମ୍ନ ଆବଶ୍ୟକତା। ଏଇ ଅଲରାଉଣ୍ଡରମାନେ ଭଲ ବ୍ୟାଟିଂ କରି ଦଳର ସ୍କୋରକୁ ସମ୍ଭାଳି ନେଇପାରନ୍ତି ଓ ଉତ୍ତମ ବୋଲିଂ ଦ୍ୱାରା ବୋଲିଂ ଆକ୍ରମଣକୁ ଶାଣିତ କରିଥାଆନ୍ତି। ଏମାନେ କାମଚଳା ବୋଲର ବା ବ୍ୟାଟର ହୋଇଥିଲେ ସାଧାରଣ ଅଲରାଉଣ୍ଡର ରୂପେ ବିବେଚିତ ହୁଅନ୍ତି। କିନ୍ତୁ ଉଭୟ ବ୍ୟାଟିଂ ଓ ବୋଲିଂରେ ଭଲ ପ୍ରଦର୍ଶନ କଲେ ଏମାନଙ୍କୁ ଶ୍ରେଷ୍ଠ ଅଲରାଉଣ୍ଡର ଭାବରେ ଗଣତି କରାଯାଏ। ଏମାନଙ୍କ ଭିତରୁ କିଏ ବୋଲିଂ ବିଭାଗରେ ମୁଖ୍ୟତଃ ସ୍ଥାନ ପାଇଁ ଉପଯୋଗୀ ବ୍ୟାଟିଂ ମଧ୍ୟ କରିଥାନ୍ତି ଏବଂ ଆଉ କେତେକ ଆଗଧାଡିର ବ୍ୟାଟର ହେବା ସହିତ ବୋଲିଂ ଆକ୍ରମଣର ନେତୃତ୍ୱ ମଧ୍ୟ ନେଇ ପାରନ୍ତି।

ଉଦାହରଣ ସ୍ୱରୂପ ଅଷ୍ଟ୍ରେଲିଆର ମାକ୍ସୱେଲ ଜଣେ ଟାଣୁଆ ବ୍ୟାଟର ହେବା ସହିତ ଦଳରେ ଜଣେ ଉପଯୋଗୀ ସ୍ପିନର ଭାବରେ ମଧ୍ୟ ବୋଲିଂ ଆକ୍ରମଣ ସମ୍ଭାଳିଥାଆନ୍ତି। ଦକ୍ଷିଣ ଆଫ୍ରିକାର ପୂର୍ବତନ ଖେଳାଳୀ ପୋଲକ ମୂଳତଃ ଜଣେ ଆକ୍ରାମକ ବୋଲର ହେବା ସହିତ ମଧ୍ୟଭାଗରେ ଦଳ ପାଇଁ ବ୍ୟାଟିଂ କ୍ଷେତ୍ରରେ ଏକ ମଜବୁତ ଖୁମ୍ବ ଭାବରେ ଖେଳିଥାଆନ୍ତି। ଇଂଲଣ୍ଡର ଇଆନ ବୋଥମ ମଧ୍ୟ ଉଭୟ ବ୍ୟାଟର ଓ ବୋଲର ଭାବରେ ଆକ୍ରମଣର ନେତୃତ୍ୱ ନେଇଥାଆନ୍ତି ଏବଂ ଉଭୟରେ ଚମତ୍କାର ପାରଦର୍ଶିତା ଦେଖାଇ ପୃଥିବୀର ଜଣେ ଶ୍ରେଷ୍ଠ ଅଲରାଉଣ୍ଡରର କୀର୍ତ୍ତିମାନ ଅର୍ଜନ କରିଛନ୍ତି।

ଏବେ ଭାରତୀୟ କ୍ରିକେଟର କିଛି ଦିଗ୍‌ଗଜ ଅଲରାଉଣ୍ଡରଙ୍କ ବିଷୟରେ ଦୃଷ୍ଟିପାତ କରି ସେମାନଙ୍କ ଉପରେ କିଛି ତଥ୍ୟ ଉପସ୍ଥାପନ କରାଯାଉଛି। ସତୁରି ଦଶକରେ ଭାରତୀୟ କ୍ରିକେଟରେ ଏକ ନୂତନ ଅଭ୍ୟୁଦୟ ଘଟିଥିବାବେଳେ ଗାଭାସ୍କର, ବିଶ୍ୱନାଥ, ଚେତନ ଚୌହାନ ଓ ୱାଡେକରଙ୍କ ଭଳି ପାରଦର୍ଶୀ ବ୍ୟାଟରମାନେ ବିଶ୍ୱ କ୍ରିକେଟରେ ନିଜ ପ୍ରଦର୍ଶନ ଜାରି ରଖିଥିଲେ। ଏଇ ସମୟରେ ବେଦୀ, ଚନ୍ଦ୍ରଶେଖର, ପ୍ରସନ୍ନା, ଭେଙ୍କଟରାଘବନ ମଧ୍ୟ ସ୍ପିନର ଭାବରେ ବିଶ୍ୱ କ୍ରିକେଟରେ ବୋଲିଂ ବିପକ୍ଷରେ ଅସମ୍ଭବ ପ୍ରଦର୍ଶନ କରିଥିଲେ।

**ବିନୁମଙ୍କଡ:** ଜଣେ ଭଲ ଅଲରାଣ୍ଡର ସତୁରି ଦଶକର ଶେଷ ଭାଗରେ ଉପରୋକ୍ତ ଖେଳାଳୀମାନଙ୍କ ପରେ ପରେ ନିଜର କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ପଚାଶ ଦଶକରେ ଅଭ୍ୟୁଦୟ ଘଟିଥିଲା କେବଳ ଜଣେ ବିଶିଷ୍ଟ ଅଲରାଉଣ୍ଡରଙ୍କର। ସେଇ ମହୀୟାନ ଅଲରାଉଣ୍ଡର ହେଲେ ବିନୁମଙ୍କଡ ଯିଏ କି ବିଶ୍ୱ କ୍ରିକେଟରେ ଜଣେ ଶ୍ରେଷ୍ଠ ବ୍ୟାଟର ଓ ଜଣେ ଶ୍ରେଷ୍ଠ ବୋଲର ଭାବରେ ତାଙ୍କ ସମୟରେ ପ୍ରତିପତ୍ତି ଓ ପ୍ରଭାବ ବିସ୍ତାର କରିଥିଲେ।

ଏଇ କିମ୍ବଦନ୍ତୀ ଭାରତୀୟ କ୍ରିକେଟର ୧୯୪୭ରୁ ୧୯୫୯ ମଧ୍ୟରେ ୪୪ଟି ଟେଷ୍ଟମ୍ୟାଚ ଖେଳିଥିଲେ ଓ ଭାରତୀୟ ଦଳର ଅଧିନାୟକତ୍ୱ ମଧ୍ୟ କରିଥିଲେ। ବିନୁ ମଙ୍କଡ ଥିଲେ ଜଣେ ଓପନର ଅର୍ଥାତ୍ ପାଳି ଆରମ୍ଭକାରୀ ବ୍ୟାଟର ଏବଂ ଜଣେ ବାମହାତୀ ସ୍ପିନ ବୋଲର। ୩୧.୪୭ ହାରରେ ୪୪ ଟେଷ୍ଟରେ ସେ ସମୁଦାୟ ସ୍କୋର କରିଥିଲେ ୨୧୦୯ ରନ୍। ଏଥିରେ ଅନ୍ତର୍ଭୁକ୍ତ ଥିଲା ୫ଟି ଶତକ ଓ

୬ଟି ଅର୍ଦ୍ଧଶତକ ଏବଂ ତାଙ୍କର ସର୍ବାଧିକ ସ୍କୋର ଥିଲା ୨୩୧ ରନ। ୧୯୮୩ରେ ଗାଭାସ୍କର ହିଁ ଏହି ସର୍ବାଧିକ ୨୩୧ ରନ୍‌ର ରେକର୍ଡକୁ ଭଙ୍ଗ କରିଥିଲେ ଜଣେ ଭାରତୀୟ ଭାବରେ। ମାତ୍ର ୨୩ଟି ଟେଷ୍ଟରେ ସେ ୧୦୦୦ ରନ୍ ପୂରଣ କରିବା ସହିତ ୧୦୦ ଉଇକେଟ ଦଖଲ କରିବାରେ ଥିଲେ ବିଶ୍ୱର ସର୍ବପ୍ରଥମ ଖେଳାଳି ଏବଂ ପ୍ରାୟ ପଚିଶ ବର୍ଷ ପରେ ଇଂଲଣ୍ଡର ଇଆନ ବୋଥାମ ଏଇ ରେକର୍ଡ ଭାଙ୍ଗିଥିଲେ। ସେ ଦଖଲ କରିଥିବା ସମୁଦାୟ ୧୬୨ ଉଇକେଟ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲା ଦୁଇଟି ଦଶ ଉଇକେଟ ନେଇଥିବା ମ୍ୟାଚ୍ ଏବଂ ୮ଟି ୫ରୁ ଊର୍ଦ୍ଧ୍ୱ ଉଇକେଟ ନେଇଥିବାର ପାଳି। ତାଙ୍କ ସମୟରେ ସେ ଥିଲେ ବିଶ୍ୱର ସର୍ବଶ୍ରେଷ୍ଠ ବାମହାତି ସ୍ପିନର ଏବଂ ଶ୍ରେଷ୍ଠ ସ୍ପିନ ବୋଲର- ଅଲରାଉଣ୍ଡର। ତାଙ୍କର ଉଇକେଟ ନେବାର ହାରାହାରି ଥିଲା ୩୨.୩୨। ୧୯୫୬ରେ ନ୍ୟୁଜିଲାଣ୍ଡ ବିରୁଦ୍ଧରେ ନିଜର ୨୩୧ ରନ୍‌ର ପାଳି ଖେଳିଲା ବେଳେ ପଙ୍କଜ ରାୟଙ୍କ ସହ ୪୧୩ ରନ ଓପନିଂ ଯୋଡ଼ିରେ ସ୍କୋର କରିଥିଲେ ଯାହାକି ଏକ ବିଶ୍ୱ ରେକର୍ଡ ଭାବରେ ୫୨ ବର୍ଷ କାଳ କେହି ଭାଙ୍ଗି ପାରିନଥିଲେ। ସେ ସମୟରେ ସେ ହିଁ ଥିଲେ ଏକମାତ୍ର ବ୍ୟାଟର ଯେକି ୧ ରୁ ୧୦ ଯାଏ ସମସ୍ତ ସ୍ଥାନରେ ଖେଳିଥିଲେ। ଜଣେ ସର୍ବକାଳୀନ ଶ୍ରେଷ୍ଠ ଅଲରାଉଣ୍ଡର ଭାବରେ ଆଇସିସି ହଲ ଅଫ ଫେମ୍‌ରେ ସ୍ଥାନ ପାଇଥିଲେ। ଦେଖିବାକୁ ଗଲେ ବିନୁମଙ୍କଡ ହିଁ ଥିଲେ ଟେଷ୍ଟ କ୍ରିକେଟରେ ପ୍ରଥମ ଅଲରାଉଣ୍ଡର ଯେକି ତାଙ୍କ ସମୟରେ ବିଶ୍ୱଶ୍ରେଷ୍ଠ ଭାବରେ ସ୍ୱୀକୃତି ପାଇଥିଲେ। ତାଙ୍କ ପରେ ପରେ ଷାଠିଏ ଦଶକରେ ଅଲରାଉଣ୍ଡର ଭାବରେ ପ୍ରଭାବ ବିସ୍ତାର କରି କପିଳଦେବଙ୍କ ଆଗମନ ପର୍ଯ୍ୟନ୍ତ ବିଶ୍ୱର ଶ୍ରେଷ୍ଠ ଅଲରାଉଣ୍ଡରର ସ୍ୱୀକୃତି ପାଇଥିଲେ।

**କପିଳଦେବ:**

ବିନୁମଙ୍କଡଙ୍କ ପରେ ଯଦି ଭାରତର ଆଉ ଜଣେ କେହି କ୍ରୀକେଟ ଖେଳାଳୀ ଅଲରାଉଣ୍ଡର ଭାବରେ ବିଶ୍ୱରେ ପ୍ରସିଦ୍ଧି ଲାଭ କଲେ ସେ ହେଲେ କପିଳଦେବ। କପିଳଦେବଙ୍କର ଆବିର୍ଭାବ ହୁଏ ଜଣେ ଦ୍ରୁତ ବୋଲର ଭାବରେ ସତୁରୀ ଦଶକର ଶେଷ ଭାଗରେ ଯେତେବେଳେ ପାକିସ୍ତାନରେ ଖେଳାଯାଉଥିବା ଟେଷ୍ଟ ଶୃଙ୍ଖଳାରେ ସେ ଦ୍ରୁତ ବୋଲର ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତି। ବଲକୁ ଜୋରଦାର ପ୍ରାହାର କରିପାରୁଥିବା ଜଣେ ବ୍ୟାଟର ଭାବରେ ମଧ୍ୟ ସେଇ ଟେଷ୍ଟ ଶୃଙ୍ଖଳାରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ନିଜର ଦ୍ରୁତ ବୋଲିଂରେ ଅଧିକ ଉଇକେଟ ହାସଲ କରିପାରିନଥିଲେ ମଧ୍ୟ ତାଙ୍କର ବୋଲିଂରେ ବେଶ୍ ହଇରାଣ କରିଥିଲେ ପାକିସ୍ତାନ ବ୍ୟାଟରଙ୍କୁ। ସେଇ ଶୃଙ୍ଖଳାରେ ତୃତୀୟ ଟେଷ୍ଟରେ ସେ ୩୩ଟି ବଲରେ ୨ଟି ଛକା ସହ ଗୋଟିଏ ଅର୍ଦ୍ଧଶତକ କରିବା ସହ ସେଇ ଟେଷ୍ଟରେ ଦ୍ୱିତୀୟ ପାଳିରେ ଆଉ ଗୋଟିଏ ଅର୍ଦ୍ଧଶତକ ମାରିବା ଥିଲା ତାଙ୍କର ବ୍ୟାଟିଂ ଦକ୍ଷତାର ପ୍ରମାଣ। ପାକିସ୍ତାନରେ ଭାରତ ୨-୦ରେ ପରାସ୍ତ ହୋଇଥିଲେ ମଧ୍ୟ କପିଳଦେବଙ୍କର ଆବିର୍ଭାବ ଏକ ନୂତନ ଯୁଗର ଆରମ୍ଭର ପୂର୍ବ ସୂଚନା ଥିଲେ। ଠିକ୍ ପରେ ପରେ ଇଣ୍ଡିଜ ବିରୁଦ୍ଧରେ ଖେଳିଥିବା ଶୃଙ୍ଖଳାରେ ୧୨୪ ବଲରେ ତାଙ୍କ ଜୀବନର ପ୍ରଥମ ଶତକ ହାସଲ କରିବା ସହିତ ୧୭ ଉଇକେଟ ଦଖଲ କରିବା ତାଙ୍କୁ ଜଣେ ଉଦୀୟମାନ ପ୍ରତିଭାସମ୍ପନ୍ନ ଅଲରାଉଣ୍ଡର ରୂପେ ସାରା ବିଶ୍ୱରେ ପରିଚିତ କରାଇଥିଲା।

କପିଳଦେବ ୧୩୧ଟି ଟେଷ୍ଟ ଖେଳି ୮ଟି ଶତକ ଓ ୨୭ଟି ଅର୍ଦ୍ଧଶତକ ସହିତ ୩୧.୦୫ ହାରରେ ସମୁଦାୟ ସ୍କୋର କରିଥିଲେ ୫୨୪୮ ରନ୍। ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ଥିଲା ୧୬୩। ଏତଦ୍ ବ୍ୟାତୀତ ୨୯.୬୪ ହାରରେ ୪୩୪ ଉଇକେଟ ମଧ୍ୟ ସେ ଦଖଲ କରିଥିଲେ। ଏଥିମଧ୍ୟରୁ ୨୩ଟି ପାଳିରେ ୫ କିମ୍ବା ତଦୁର୍ଦ୍ଧ୍ୱ ଉଇକେଟ ଦଖଲ କରିବାର କୃତିତ୍ୱ ମଧ୍ୟ ସେ ହାସଲ କରିଛନ୍ତି। କୌଣସି ପାଳିରେ ତାଙ୍କର ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ ହେଲା ୮୩ ରନ ବିନିମୟରେ ୯ଟି ଉଇକେଟ। ଭାରତୀୟ ଦଳର ଅଧିନାୟକତ୍ୱ କରି ସେ ଭାରତକୁ ବିଶ୍ୱକପ୍ ବିଜୟୀ କରାଇବା ପରେ ଇଂଲଣ୍ଡ ବିରୁଦ୍ଧରେ ଖେଳାଯାଇଥିବା ଶୃଙ୍ଖଳାରେ ଉଲ୍ଲେଖନୀୟ ବିଜୟ ହାସଲ କରିଥିଲେ। ଆଜି ଦିନରେ ତାଙ୍କୁ ବିଶ୍ୱର ଅନ୍ୟତମ ସର୍ବକାଳୀନ ଶ୍ରେଷ୍ଠ ଅଲରାଉଣ୍ଡର କୁହାଯାଉଥିଲେ ମଧ୍ୟ ୫୦୦୦ ରନ୍ ସହ ୪୦୦ରୁ ଊର୍ଦ୍ଧ୍ୱ ଉଇକେଟ ନେବାର ରେକର୍ଡ ପଚିଶ ବର୍ଷରୁ ଊର୍ଦ୍ଧ୍ୱ ଅତୁଟ ରହିଛି। କହିବାକୁ ଗଲେ ସେ କେବଳ ଭାରତର ଶ୍ରେଷ୍ଠ ଅଲରାଉଣ୍ଡର ନୁହନ୍ତି ବରଂ ବିଶ୍ୱର ସର୍ବକାଳୀନ ଶ୍ରେଷ୍ଠ ଅଲରାଉଣ୍ଡର କାରଣ ତାଙ୍କ ସହ ତୁଳନା କରାଯାଉଥିବା ଇଆନ ବୋଥାମ, ରିଚାର୍ଡ ହେଡଲି ଓ ଇମ୍ରାନ ଖାଁ ତାଙ୍କର କୀର୍ତ୍ତିମାନ ସହ ଏ ପର୍ଯ୍ୟନ୍ତ ସମକକ୍ଷ ହୋଇପାରିନାହାନ୍ତି।

**ରବି ଶାସ୍ତ୍ରୀ:**

ସତୁରୀ ଦଶକର ଶେଷ ଭାଗରେ କପିଳଦେବଙ୍କ ଆବିର୍ଭାବ ପରେ ୮୦ ଦଶକର ପ୍ରଥମ ଭାଗରେ ଅଭ୍ୟୁଦୟ ହୋଇ ଥିଲା ରବି ଶାସ୍ତ୍ରୀଙ୍କର। ବିନୁମଙ୍କଡଙ୍କ ପରି ସେ ଥିଲେ ଜଣେ ଡାହାଣହାତୀ ବ୍ୟାଟର ଏବଂ ବାମହାତି ସ୍ପିନବୋଲର ଅଲରାଉଣ୍ଡର। ୬ଫୁଟ ୩ ଇଞ୍ଚ ବିଶିଷ୍ଟ ରବି ଶାସ୍ତ୍ରୀ ଟେଷ୍ଟ ପଦାର୍ପଣ କରିଥିଲେ ୧୯ବର୍ଷ ବୟସରେ ଏବଂ ୮୦ଟି ଟେଷ୍ଟ ମ୍ୟାଚ ଖେଳି ସେ ୩୫.୭୯ ହାରରେ ୧୧ଟି ଶତକ ଏବଂ ୧୨ଟି ଅର୍ଦ୍ଧଶତକ ସହିତ ସମୁଦାୟ ସଂଗ୍ରହ କରିଥିଲେ ୩୮୩୦ ରନ୍। ଏଥି ମଧ୍ୟରେ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ସ୍କୋର ଥିଲା ୨୦୬ ରନ୍। ବୋଲିଂ ବିଭାଗରେ ସେ ୪୦.୯୬ ହାରରେ ସମୁଦାୟ ଦଖଲ କରିଥିଲେ ୧୫୧ଟି ଉଇକେଟ। ଏଥି ମଧ୍ୟରୁ ଦୁଇଟି ପାଳିରେ ୫ କିମ୍ବା ତଦୁର୍ଦ୍ଧ୍ୱ ଉଇକେଟ ନେଇଥିଲେ ଏବଂ ତାଙ୍କର ଶ୍ରେଷ୍ଠ ବୋଲିଂ ସଫଳତା ଥିଲା ୭୫ ରନ୍ ବିନିମୟରେ ୫ ଉଇକେଟ। ଦଳରେ ସେ ବିନୁମଙ୍କଡଙ୍କ ଭଳି ବିଭିନ୍ନ ସ୍ଥାନରେ ବ୍ୟାଟିଂ କରିଥିଲେ ମଧ୍ୟ ମୁଖ୍ୟତଃ ସେ ଅଧିକାଂଶ ଟେଷ୍ଟରେ ଓପନର ଭାବରେ ଭୂମିକା ନିର୍ବାହ କରୁଥିଲେ। ସେ କିଛି

ସମୟ ପାଇଁ ଦଳର ଉପଅଧିନାୟକ ହେବା ସହିତ ଗୋଟିଏ ଶୃଙ୍ଖଳାରେ ଅଧିନାୟକତ୍ୱର ସୁଯୋଗ ପାଇଥିଲେ। ଜଣେ ଅଲରାଉଣ୍ଡର ଭାବରେ ସେ ତାଙ୍କ ସମୟରେ ଜଣେ ଶ୍ରେଷ୍ଠ ସ୍ପିନବୋଲର ଅଲରାଉଣ୍ଡର ଭାବେ ପ୍ରସିଦ୍ଧି ଲାଭ କରିଥିଲେ। ବିନୁ ମଙ୍କଡଙ୍କ ପରେ ସେହିଁ ଥିଲେ ଏଭଳି ଅଲରାଉଣ୍ଡର ଯାହାଙ୍କ ଉପରେ ଭାରତୀୟ ଦଳ ନିର୍ଭର କରି ପାରୁଥିଲା। ଭାରତର ଏ ପର୍ଯ୍ୟନ୍ତ ପାଞ୍ଚ ଜଣ ଶ୍ରେଷ୍ଠ ଟେଷ୍ଟ ଅଲରାଉଣ୍ଡରଙ୍କ ମଧ୍ୟରେ ସେ ନିଃସନ୍ଦେହରେ ଅନ୍ୟତମ।

**ରବି ଚନ୍ଦ୍ରନ ଅଶ୍ୱିନ:**

ଏହି ଶତାବ୍ଦୀର ଦ୍ୱିତୀୟ ଦଶକର ଆରମ୍ଭରେ ଅଭ୍ୟୁଦୟ ହୋଇଥିଲା ଆଉ ଜଣେ ଭାରତୀୟ ଅଲରାଉଣ୍ଡରଙ୍କର ଯିଏ ନିଜର ଯାଦୁକରୀ ସ୍ପିନ ବଲରେ ଭାରତୀୟ ଦଳକୁ ଟେଷ୍ଟ କ୍ରିକେଟରେ ଶ୍ରେଷ୍ଠ ସ୍ଥାନରେ ପହଞ୍ଚାଇ ପାରିଛନ୍ତି। ଉଭୟ ବ୍ୟାଟିଂ ଓ ବୋଲିଂ ଦକ୍ଷତାରେ ସେ ରବି ଶାସ୍ତ୍ରୀଙ୍କଠାରୁ ଉତ୍କୃଷ୍ଟତର ବୋଲିଂ ପ୍ରମାଣିତ କରିଛନ୍ତି। ବିନୁମଙ୍କଡଙ୍କ ତୁଳନାରେ ତାଙ୍କର ବ୍ୟାଟିଂ ଦକ୍ଷତା କିଛିଟା କମ ହୋଇଥିଲେ ମଧ୍ୟ ବୋଲିଂ ଦକ୍ଷତାରେ ସେ ଅଧିକ କୃତିତ୍ୱ ହାସଲ କରିଛନ୍ତି। ଭାରତୀୟ ବୋଲରମାନଙ୍କ ମଧ୍ୟରେ କୁମ୍ବଲେଙ୍କ ପରେ ପାଞ୍ଚ ଶହରୁ ଅଧିକ ଉଇକେଟ ହାସଲ କରିବାରେ ସେ ହେଲେ ଏକ ମାତ୍ର ବୋଲର। ୧୦୨ଟି ଟେଷ୍ଟ ମ୍ୟାଚ ଖେଳି ୨୩.୬୫ ହାରରେ ଏପର୍ଯ୍ୟନ୍ତ ସେ ନେଇଛନ୍ତି ୫୨୭ ଉଇକେଟ ଯେଉଁଥିରେ ଅନ୍ତର୍ଭୁକ୍ତ ଅଟେ ୩୭ଟି ୫ ଉଇକେଟ କିମ୍ବା ତଦୁର୍ଦ୍ଧ୍ୱ ଉଇକେଟ ନେଇଥିବା ପାଳି ଏବଂ ୮ଟି ୧୦ ଉଇକେଟ ହାସଲ କରିଥିବା ମ୍ୟାଚ। ଅଶ୍ୱିନଙ୍କର ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ ହେଲା ୫୯ ରନ୍ ବିନିମୟରେ ୭ଟି ଉଇକେଟ। ଜଣେ ବ୍ୟାଟର ଭାବରେ ୬ଟି ଶତକ ଓ ୧୪ଟି ଅର୍ଦ୍ଧଶତକ ଏବଂ ୧୨୪ ରନ୍ ଶ୍ରେଷ୍ଠ ବ୍ୟକ୍ତିଗତ ସ୍କୋର ସହ ୨୬.୭୪ ହାରରେ ସେ ଏ ପର୍ଯ୍ୟନ୍ତ ସଂଗ୍ରହ କରିଛନ୍ତି ସମୁଦାୟ୩୪୨୩ ରନ୍। ଅଶ୍ୱିନ ଏବେ ଭାରତୀୟ ଟେଷ୍ଟ ଦଳର ଜଣେ ପ୍ରମୁଖ ଖେଳାଳି ଏବଂ ୩୮ବର୍ଷ ବୟସରେ ମଧ୍ୟ ଆହୁରି କିଛି ଦିନ ଖେଳିବା ଦକ୍ଷତା ରଖିଛନ୍ତି। ବିଶ୍ଳେଷଣ କଲେ ଦେଖାଯାଏ ଯେ ସେ ଏ ପର୍ଯ୍ୟନ୍ତ ଭାରତର ଶ୍ରେଷ୍ଠ ବୋଲର - ଅଲ୍‌ରାଉଣ୍ଡର ଏବଂ ମଙ୍କଡ, କପିଲା, ଶାସ୍ତ୍ରୀଙ୍କଠାରୁ ବ୍ୟାଟିଂ ଦକ୍ଷତାରେ କମ୍ ହୋଇଥିଲେ ମଧ୍ୟ ବୋଲିଂ ଦକ୍ଷତାରେ ସେ ସମସ୍ତଙ୍କଠାରୁ ଆଗରେ। ସେ ମଧ୍ୟ ନିର୍ବିବାଦରେ ଶ୍ରେଷ୍ଠ ୫ଜଣ ଭାରତୀୟ ଟେଷ୍ଟ ଅଲ୍‌ରାଉଣ୍ଡରଙ୍କ ମଧ୍ୟରୁ ଜଣେ।

**ରବୀନ୍ଦ୍ର ଜାଡେଜା:**

ଅଶ୍ୱିନଙ୍କ ସହ ସମାନ ତାଳ ଦେଇ ଆଉ ଜଣେ ଭାରତୀୟ ଅଲ୍‌ରାଉଣ୍ଡରଙ୍କର ଆବିର୍ଭାବ ହୋଇଥିଲା ଏହି ଶତାବ୍ଦୀର ଦ୍ୱିତୀୟ ଦଶକରେ। ସେ ହେଲେ ବାମହାତୀ ବ୍ୟାଟର ଓ ବୋଲର ରବୀନ୍ଦ୍ର ଜାଡେଜା। ସେ ଏପର୍ଯ୍ୟନ୍ତ ଖେଳିଛନ୍ତି ୭୨ଟି ଟେଷ୍ଟ ମ୍ୟାଚ ଯେଉଁଥିରେ ସେ ୩୬.୧୪ ହାରରେ ୪ଟି ଶତକ ଓ ୨୦ଟି ଅର୍ଦ୍ଧଶତକ ଏବଂ ୧୭୫ରନ୍‌ର ଶ୍ରେଷ୍ଠ ବ୍ୟକ୍ତିଗତ ସ୍କୋର ସହିତ ସମୁଦାୟ କରିଛନ୍ତି ୩୦୩୬ ରନ୍। ସ୍ପିନ୍ ବୋଲର ଭାବରେ ସେ ୨୪.୧୩ ହାରରେ ଦଖଲ କରିଛନ୍ତି ୩୦୦ ଉଇକେଟ। ଯେଉଁଥିରେ ସେ ୧୩ ଥର ଗୋଟିଏ ପାଳିରେ ୫ କିମ୍ବା ତଦୁର୍ଦ୍ଧ୍ୱ ଉଇକେଟ ଏବଂ ୨ଟି ମ୍ୟାଚରେ ଦଶଟି ଉଇକେଟ ନେଇଛନ୍ତି। ତାଙ୍କର ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ ୪୨ ରନ୍ ବିନିମୟରେ ୭ ଉଇକେଟ୍।

ପୂର୍ବରୁ ଅନ୍ୟ ଦୁଇ ଶ୍ରେଷ୍ଠ ସ୍ପିନ୍ ଅଲ୍‌ରାଉଣ୍ଡର ମଙ୍କଡ ଓ ରବି ଶାସ୍ତ୍ରୀଙ୍କ ଭଳି ସେ ବାମହାତୀ ସ୍ପିନର ହୋଇଥିଲେ ମଧ୍ୟ ଜଣେ ବାମହାତୀ ବ୍ୟାଟସମ୍ୟାନ। ଅପରପକ୍ଷରେ ଅନ୍ୟଦୁଇ ଶ୍ରେଷ୍ଠ ଅଲ୍‌ରାଉଣ୍ଡର କପିଳଦେବ ଓ ତାଙ୍କର ସାଥି ଖେଳାଳୀ ଅଶ୍ୱିନ ଡାହାଣ ହାତି ବ୍ୟାଟର ଓ ଡାହାଣ ହାତି ବୋଲର ମଧ୍ୟ। ଉପରୋକ୍ତ ଦୃଷ୍ଟିକୋଣରୁ ଜଣେ ସମ୍ପୂର୍ଣ୍ଣ ବାମହାତି ଅଲ୍‌ରାଉଣ୍ଡର ଭାବରେ ଜାଡେଜାଙ୍କର ସ୍ଥାନ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର। ୩୬ବର୍ଷ ବୟସରେ ସେ ଆଜି ମଧ୍ୟ ଭାରତୀୟ ଦଳରେ ଜଣେ ନିର୍ଭରଯୋଗ୍ୟ ଖେଳାଳି ଯେକି ଗୋଟିଏ ପଟେ ବାମହାତି ସ୍ପିନ ଆକ୍ରମଣର ନେତୃତ୍ୱ ନେବା ସହିତ ମଧ୍ୟମଭାଗ ଓ ଶେଷଭାଗର ବ୍ୟାଟିଂ କ୍ରମର ଖେଳାଳିଙ୍କୁ ନେଇ ଦଳ ପାଇଁ ନିର୍ଭରଯୋଗ୍ୟ ସ୍କୋର ନେଇପାରନ୍ତି। ଆଜି ଦିନରେ ଅଶ୍ୱିନ ଓ ଜାଡେଜାଙ୍କର ମିଳିତ ସ୍ପିନ ଆକ୍ରମଣ ଭାରତୀୟ ଦଳ ପାଇଁ ଏକ ଶକ୍ତିଶାଳୀ ଅଙ୍ଗ। ବୋଲର ମାନଙ୍କର ଅପେକ୍ଷାକୃତ କମ୍ ବ୍ୟାଟିଂ ଦକ୍ଷତାର ଦୁର୍ବଳତାକୁ ଦୂର କରି ସେମାନେ ଅନ୍ତତଃ ଦଳ ପାଇଁ ବୋଝ ହାଲ୍‌କା କରିବାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ପୂର୍ବରୁ ଦିଲୀପ ଦୋଷୀ - ଶିବଲାଲ ଯାଦବ, ଭେଙ୍କଟ ରାଘବନ - ବେଦୀଙ୍କ ଭଳି ପ୍ରସିଦ୍ଧ ସ୍ପିନର ଯୋଡ଼ିଙ୍କଠାରୁ ଅନେକ ପରିମାଣରେ ଉତ୍କୃଷ୍ଟତର ପ୍ରଦର୍ଶନ କରୁଛନ୍ତି ଅଶ୍ୱିନ - ଜାଡେଜାଙ୍କ ଯୋଡ଼ି। ଆଜି ଦିନରେ ଏହି ଦୁଇ ଅଲ୍‌ରାଉଣ୍ଡର ଯୋଡ଼ି ବୋଧହୁଏ ସର୍ବଶ୍ରେଷ୍ଠ ଏବଂ ଭାରତୀୟ ଦଳକୁ ଶକ୍ତିଶାଳୀ କରି ଉଚ୍ଚସ୍ଥାନରେ ରଖିବା ପାଇଁ ମୁଖ୍ୟ ଆୟୁଧ।


ପରମ୍ପରା ଦ୍ୱାରା ସଶକ୍ତ,
ଉତ୍କର୍ଷତା ପାଇଁ
ଅନୁପ୍ରାଣିତ
ଶୁଭ ଦୁର୍ଗା ପୂଜା !
ପାର୍ବଣର ଶୁଭ ଅବସର ଆପଣଙ୍କ ପାଇଁ
ପ୍ରଗତି, ସମୃଦ୍ଧି ଏବଂ ଆନନ୍ଦ ଭରା ହେଉ ।
नालको NALCO
ordinary people, extraordinary attitude
nalcoindia NALCO_India nalco_india nalco_india nalcoindia


FESTIVE BONANZA
Unlock many more exclusive festive offers
Discover brand new collection of Luggage, Handbags, Backpacks & Travel Accessories
PANDA
GEAR
SHOP ₹2999, GRAB A FREE BACKPACK (₹699)
SHOP ₹5999, GRAB A FREE TOTE BAG (₹999)
SHOP ₹7999, GRAB A FREE DUFFLE BAG (₹1299)
*Conditions apply
UP TO 50 % OFF*
5% EXTRA CASHBACK* SBI card
*Min. Trxn.: ₹3,000; Max. Cashback: ₹400 per card account.
Validity: 01 Oct - 14 Nov 2024. T&C Apply.
PANDA TRAVEL MART
CHANDRASEKHARPUR: 8480612003 | ASHOK NAGAR: 8480612001 | MARKET BUILDING: 8480612002
INDIA'S LEADING STORE FOR LUGGAGE, BACKPACK, LADIES HANDBAG AND ACCESSORIES

JCB



Indian's Largest Manufacturer of Construction Equipment

Kalinga Automobiles Pvt. Ltd.

Plot : 6C/6D, Sector-A, Zone-B, Mancheswar I . E, BBSR-10
Branch- Berhampur, Boudh, Dhenkanal, Jajpur, Paradeep, Bhadrak
0674-2583022, 9938449909, 9937292002

torrent
ADVERTISERS

R.Shed No.37,Rasulgarh Ind. Estate
Bhubaneswar - 751010, Odisha
Mob - 9437021015
Email - torrentadv1 @gmail.com

Branch Office
Cuttack, Sambalpur, Rourkela, Behrampur, Puri

- Deals In -
Hoarding, Bulletin, Kiosks, Backlit, Mobile Van
Hi-tech Bus Shelters

SABURI®
PLYWOOD

www.saburiply.com
1800 313 666 000

VALLEY
BUILDERS

INNOVATE . ELEVATE . TRANSCEND


Begin your
Happily
ever
after
with us
Specially Curated Menu
Bespoke Decor
Trained Event Crew
AA Convention Complex
a destination of your dream events.......
AIIMS Square, Patrapada, Bhubaneswar
Contact for Booking : 9861717767 / 9861717768
jjcreativevision / abcl-01/23

Postal Regd. No. CK (C)/91/2024-2026
The Samaroha Puja Special October - 2024 Vol. - 34 Issue - 1 RNI Regd. No. : 034056/1981


KCC
KALINGA COMMERCIAL CORPORATION LTD
BHUBANESWAR

# KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is-*
*Unity &*
*Teamwork with*





*Commitment and*
*Dedication*



*Our Motto –*
*No Words but Deeds*



*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**